# ଶ୍ରେଷ୍ଠ ଓଡ଼ିଆ ଗଳ୍ପ ସଂକଳନ

ସଂକଳକ:
## ମହାପାତ୍ର ନୀଳମଣି ସାହୁ

ଓଡ଼ିଶା ସାହିତ୍ୟ ଏକାଡ଼େମୀ

# ଶ୍ରେଷ୍ଠ ଓଡ଼ିଆ ଗଳ୍ପ ସଂକଳନ

ସଂକଳକ :
ମହାପାତ୍ର ନୀଳମଣି ସାହୁ

ଓଡ଼ିଶା ସାହିତ୍ୟ ଏକାଡେମୀ

# ଶ୍ରେଷ୍ଠ ଓଡ଼ିଆ ଗଳ୍ପ ସଂକଳନ

ସଂକଳକ :
ମହାପାତ୍ର ନୀଳମଣି ସାହୁ

ପ୍ରକାଶକ :
ଓଡ଼ିଶା ସାହିତ୍ୟ ଏକାଡେମୀ
ଭୁବନେଶ୍ୱର-୭୫୧୦୧୪

ପ୍ରଥମ ପ୍ରକାଶ : ୧୯୮୫

ଛପା ସଂଖ୍ୟା : ୧୧୦୦

ମୁଦ୍ରଣ :
ପୁଷ୍ପଗିରି ପ୍ରେସ୍,
କଟକ-୭୫୩୦୦୨

ମୂଲ୍ୟ : **ଷାଠିଏ ଟଙ୍କା**

## SRESTHA ODIA GALPA SANKALANA

*Compiled by*
Mahapatra Nilamani Sahoo

*Published by*
Orissa Sahitya Akademi,
Bhubaneswar-751014

First Edition : 1985

Number of Print : 1100

*Printed at* :
Puspagiri Press,
Cuttack-753002

Price : Sixty Rupees

# ଦି’ ପଦ

ଓଡ଼ିଶା ସାହିତ୍ୟ ଏକାଡେମୀଙ୍କ ଆନୁକୂଲ୍ୟରେ ବର୍ତ୍ତମାନ ‘ଶ୍ରେଷ୍ଠ ଓଡ଼ିଆ ଗଳ୍ପ ସଂକଳନ’ ଆତ୍ମପ୍ରକାଶ କରିବାକୁ ଯାଉଛି । ଏଥିପୂର୍ବରୁ କବିତା ଓ ପ୍ରବନ୍ଧକୁ ସମ୍ବଳ କରି ଦୁଇଟି ସଂକଳନ ପ୍ରକାଶିତ ହୋଇସାରିଛି । ଏହି ସଂକଳନଟିର ସଂପାଦନା ଦାୟିତ୍ୱ ସଂପନ୍ନ କରିଛନ୍ତି ଓଡ଼ିଶାର ଅନ୍ୟତମ ପ୍ରଖ୍ୟାତ କଥାଶିଳ୍ପୀ ମହାପାତ୍ର ଶ୍ରୀ ନୀଳମଣି ସାହୁ ଏବଂ ନିଜସ୍ୱ ଦୃଷ୍ଟିକୋଣରୁ ଏଥିରେ ସନ୍ନିବିଷ୍ଟ ଗଳ୍ପଗୁଡ଼ିକ ସେ ନିର୍ବାଚନ କରିବା ସଙ୍ଗେ ସଙ୍ଗେ ଓଡ଼ିଆ ଗଳ୍ପ ସାହିତ୍ୟ ଉପରେ ଏକ ଉପାଦେୟ ଭୂମିକା ମଧ୍ୟ ସେ ସଂଯୋଜନ କରିଛନ୍ତି । ଏଥିପାଇଁ ଏକାଡେମୀ କର୍ତ୍ତୃପକ୍ଷଙ୍କର ସେ ସାଧୁବାଦର ପାତ୍ର । ଓଡ଼ିଆ ଗଳ୍ପଜଗତର କଥାସମ୍ରାଟ ଫକୀରମୋହନଙ୍କଠାରୁ ଆରମ୍ଭ କରି ସମକାଳୀନ କଥାଶିଳ୍ପୀ ପଦ୍ମଜ ପାଲଙ୍କ ପର୍ଯ୍ୟନ୍ତ ସର୍ବମୋଟ ଏକଷଠିଟି ଗଳ୍ପ ଏହି ସଂକଳନରେ ସନ୍ନିବିଷ୍ଟ ଏବଂ ପ୍ରତ୍ୟେକଟି ଗଳ୍ପ କଥାଶିଳ୍ପୀମାନଙ୍କର ସୃଷ୍ଟି ପ୍ରତିଭାର ଏକ ଏକ ପ୍ରତିନିଧିସ୍ଥାନୀୟ ଗଳ୍ପ । ଏହି ସଂକଳନର ଆୟତନ ଓ ପୃଷ୍ଠାସଂଖ୍ୟାର ପରିସୀମା ଦୃଷ୍ଟିରୁ ଇଚ୍ଛାସତ୍ତ୍ୱେ ବହୁ ଲେଖକଙ୍କର ଗଳ୍ପକୁ ସଂକଳକ ସ୍ଥାନ ଦେବାର ସୁଯୋଗରୁ ବଂଚିତ ହୋଇଛନ୍ତି । ସେଥିପାଇଁ ଆବଶ୍ୟକ ହେଲେ ଆଉ ଏକ ଗଳ୍ପ-ସଂକଳନ ପ୍ରକାଶ କରିବାର ବାସନା ମଧ୍ୟ ଏକାଡେମୀ କର୍ତ୍ତୃପକ୍ଷଙ୍କର ରହିଛି । ଏହି ସଂକଳନଟି ଓଡ଼ିଶାର ସୁଧୀ ଓ ବିଦଗ୍ଧ ପାଠକମହଲରେ ଆଦୃତ ହେଲେ ସଂକଳକଙ୍କର ଶ୍ରମ ସାର୍ଥକ ହେବା ସଙ୍ଗେ ସଙ୍ଗେ ଏକାଡେମୀ କର୍ତ୍ତୃପକ୍ଷଙ୍କର ଲକ୍ଷ୍ୟ ଓ ଅଭିଳାଷ ମଧ୍ୟ ଚରିତାର୍ଥ ହେବ ବୋଲି ବିଶ୍ୱାସ ।

**ଚିନ୍ତାମଣି ବେହେରା**
ସଂପାଦକ,
ଓଡ଼ିଶା ସାହିତ୍ୟ ଏକାଡେମୀ

ତା ୩୦ । ୫ । ୮୫

# ମୁଖବନ୍ଧ

ଆମ ଓଡ଼ିଆ ସାହିତ୍ୟରେ କାହାଣୀ-ପରମ୍ପରା ବେଶ୍ ପ୍ରାଚୀନ । ଗୋପାଳ ପ୍ରହରାଜଙ୍କ 'ଉତ୍କଳ-କାହାଣୀ' ଏବଂ ଡକ୍ଟର କୁଞ୍ଜବିହାରୀ ଦାଶଙ୍କର 'ଲୋକଗଳ୍ପ ସଂଚୟନ'ରୁ ଆମ କାହାଣୀକଳାର ଉତ୍କର୍ଷ ବୁଝାପଡ଼େ । ତେବେ ଅଷ୍ଟାଦଶ ଶତାବ୍ଦୀରେ ବ୍ରଜନାଥ ବଡ଼ଜେନା ହିଁ ସର୍ବପ୍ରଥମେ କଥକତା ଶୈଳୀରେ 'ଚତୁର ବିନୋଦ' ଗଳ୍ପଗ୍ରନ୍ଥ ପ୍ରଣୟନ କରିଥିଲେ । ଏହା ଥିଲା ଚାରିଭାଗରେ ବିଭକ୍ତ—ନୀତିବିନୋଦ, ପ୍ରୀତିବିନୋଦ, ହାସ୍ୟବିନୋଦ ଓ ରସବିନୋଦ । ନାମକରଣରୁ ବୁଝାପଡ଼େ ଯେ, ଏହା ଶ୍ରୋତାମାନଙ୍କର ବିନୋଦନ ପାଇଁ ରଚିତ ହୋଇଥିଲା । ଏକ କାଳରେ ଓଡ଼ିଶାରେ ଭ୍ରାମ୍ୟମାଣ ଯାତ୍ରାବାଲା ଓ ସଙ୍ଗୀତଜ୍ଞମାନଙ୍କ ପରି ଗଳ୍ପ-କଥକମାନେ ଗ୍ରାମେଗ୍ରାମେ ବୁଲି ବହୁ ମନୋରଞ୍ଜନ ଗଳ୍ପ କହି ଶ୍ରୋତାମାନଙ୍କୁ ଆନନ୍ଦ ପ୍ରଦାନ କରୁଥିଲେ । ଏମାନେ 'ଗଳ୍ପସାଗର' ନାମରେ ଆଖ୍ୟାତ ହେଉଥିଲେ । ରାଜଦ୍ୱାରରେ ମଧ୍ୟ ଏମାନଙ୍କୁ ବେଶ୍ ସମ୍ମାନ ଓ ସମାଦର ମିଳୁଥିଲା । ଏକ ବିଶେଷଧରଣର କଥନଭଙ୍ଗୀ ଓ ସାବଲୀଳ ଅଥଚ କଳାତ୍ମକ ନାଟକୀୟ ସ୍ୱର ସହଯୋଗରେ କଥକମାନେ ସେହି ସବୁ ଗଦ୍ୟ ପଦ୍ୟ ମିଶ୍ରିତ ଗଳ୍ପଗୁଡ଼ିକୁ ବ୍ୟାଖ୍ୟାନ କରୁଥିଲେ । 'ଚତୁର ବିନୋଦ' ସେହି ଢଙ୍ଗରେ ରଚିତ ଏବଂ ଏହାହିଁ ଆମର ଲିଖିତ ଗଳ୍ପସାହିତ୍ୟର ଆଦ୍ୟ ନମୁନା । ତା'ପରେ ଊନବିଂଶ ଶତାବ୍ଦୀର ଶେଷଭାଗକୁ—ଅର୍ଥାତ୍ ୧୮୯୮ ମସିହାରେ ଆମେ ଫକୀରମୋହନଙ୍କର "ରେବତୀ" ଭଳି ଏକ ପୂର୍ଣ୍ଣାଙ୍ଗ ଆଧୁନିକ ଗଳ୍ପ ଦେଖିବାକୁ ପାଇଲୁ । ତତ୍ ପୂର୍ବରୁ ଅବଶ୍ୟ ୧୮୯୭ ମସିହାରେ କବି ମଧୁସୂଦନଙ୍କ ଲିଖିତ "ହେମମାଳା" ନାମରେ ଏକ ପ୍ରଣୟପ୍ରଧାନ ରୋମାନ୍ସ ପ୍ରକାଶ ପାଇଥିଲା । ତା'ହେଲେବି ଫକୀରମୋହନ ହିଁ ଆମ ଆଧୁନିକ ଗଳ୍ପ ସାହିତ୍ୟର ଆଦ୍ୟସ୍ରଷ୍ଟା ଓ ସେ ହିଁ ଆମର ପରବର୍ତ୍ତୀ ଗଳ୍ପ-ସାହିତ୍ୟର ବିକାଶ ଲାଗି ସୁଦୃଢ଼ ଭିତ୍ତି ପକାଇଦେଇ ଗଲେ । କଥା-ସାହିତ୍ୟରେ ଅଦ୍ଭୁତ ପ୍ରତିଭାଧର ଏହି ଲେଖକଙ୍କର ବହୁ ଗଳ୍ପ ଭିତରୁ ରେବତୀ, ରାଣ୍ଡୀପୁଅ ଅନନ୍ତା, ପେଟେଣ୍ଟ ମେଡ଼ିସିନ୍ ଓ ଅଧର୍ମବିତ୍ତ ପ୍ରଭୃତି ଗଳ୍ପ ଓଡ଼ିଆ ସାହିତ୍ୟରେ ଯୁଗ ଯୁଗ ଧରି କ୍ଲାସିକ ହୋଇ ରହିବେ । ଫକୀର ମୋହନ ତାଙ୍କ ସମୟର ସାମାଜିକ ପରିବେଶରୁ ହିଁ ତାଙ୍କର ଚରିତ୍ର ଓ କଥାବସ୍ତୁ ସଂଗ୍ରହ କରିଛନ୍ତି । ସମାଜର ବିଭିନ୍ନ ଅନୁଷ୍ଠାନ, ସଂସ୍କାର, ରୀତିନୀତି ଏବଂ ସେ କାଳର ସାମାଜିକ ନୈତିକତାର ଆଦର୍ଶ ସଙ୍ଗେ ତା'ର ବିରୋଧୀଗୋଷ୍ଠୀମାନଙ୍କର ସଂଘର୍ଷ—ପରସ୍ୱାପହାରୀ, କୁଟିଳ ଚକ୍ରାନ୍ତକାରୀ, କୃପଣ, ଲମ୍ପଟ ଓ ପ୍ରମତ୍ତ

ଯନ୍ତ୍ରମାନଙ୍କର କାଣ୍ଡକାରଖାନା—ଦୈବୀ ଓ ସାମାଜିକ ଆପଦ ବିପଦ ଭିତରେ ବ୍ୟକ୍ତିର ସଂଗ୍ରାମୀ ଆରମ୍ଭ—ଇତ୍ୟାଦିକୁ ନେଇ ସେ ବହୁ ଗଳ୍ପ ଲେଖିଛନ୍ତି । ହାସ୍ୟ ଓ ବ୍ୟଙ୍ଗ ବିଦ୍ରୂପ ମାଧ୍ୟମରେ ସେ ବହୁ ପ୍ରଚଳିତ କୁସଂସ୍କାର ଉପରେ ବାକ୍ୟାଘାତ କରିଛନ୍ତି । ତାଙ୍କର ଭାଷାଶୈଳୀ ଯେପରି ସ୍ୱାଭାବିକ, ସେହିପରି ଜୀବନ-ରସରେ ଜୁଡ଼୍ବୁଡ଼୍ ।

ସେହି କାଳରୁ 'ଉତ୍କଳ ସାହିତ୍ୟ' ଓ 'ମୁକୁର' ମାସିକ ପତ୍ରିକା ଦ୍ୱୟ ଗଳ୍ପ ପ୍ରକାଶରେ ଖୁବ୍ ଆଗ୍ରହ ପ୍ରକାଶ କରିବାରୁ ଓଡ଼ିଆ ଭାଷାରେ ଆଧୁନିକ ଗଳ୍ପ ରଚନାର ପରମ୍ପରା ସୃଷ୍ଟିହେଲା । ସମୟକ୍ରମେ ଦିବ୍ୟସିଂହ ପାଣିଗ୍ରାହୀ, ଗୋଦାବରୀଶ ମିଶ୍ର, ଦୟାନିଧି ମିଶ୍ର, ବାଙ୍କାନିଧି ପଟ୍ଟନାୟକ, ଚିନ୍ତାମଣି ମହାନ୍ତି, ଲକ୍ଷ୍ମୀକାନ୍ତ ମହାପାତ୍ର ପ୍ରମୁଖ ଲେଖକମାନେ ବହୁ ସାମାଜିକ ସମସ୍ୟାକୁ ନେଇ ଗଳ୍ପରଚନା କଲେ । ସମାଜର ଅବହେଳିତ ଉପଦ୍ରୁତ ଉପେକ୍ଷିତ ଓ ନଗଣ୍ୟ ବୋଲି ବିବେଚିତ ଶ୍ରେଣୀରୁ ହିଁ ଗଳ୍ପର ଚରିତ୍ର ଓ ବିଷୟବସ୍ତୁ ନିଆଗଲା ଏବଂ ସେହି ଗଳ୍ପ ସବୁ ପାଠକମାନଙ୍କ ଦ୍ୱାରା ଆଦୃତ ହେବା ଫଳରେ, ଗଳ୍ପରଚନା ଏକ ବିଶେଷ ସାହିତ୍ୟକୃତି ରୂପେ ସୁପ୍ରତିଷ୍ଠା ଲାଭ କଲା । 'ଯୁଗବୀଣା', 'ସହକାର', 'ନବଭାରତ', 'ଡଗର', 'ଆଧୁନିକ' ପ୍ରଭୃତି ମାସିକ ସାହିତ୍ୟ ପତ୍ରିକାଗୁଡ଼ିକରେ ଏହି ସବୁ ଲେଖକମାନଙ୍କର ଗଳ୍ପ ପ୍ରକାଶ ପାଇଲା । ୧୯୩୩ ଓ ୧୯୩୬ ମସିହାରେ 'ଯୁଗବୀଣା' ଓ ନବଯୁଗ ସାହିତ୍ୟ ସଂସଦର ମୁଖପତ୍ର 'ଆଧୁନିକ' ପତ୍ରିକାରେ ଗଳ୍ପ ଲେଖି କାଳିନ୍ଦୀ ଚରଣ ପାଣିଗ୍ରାହୀ, କମଳାକାନ୍ତ ଦାସ, ଅନନ୍ତ ପ୍ରସାଦ ପଣ୍ଡା, ହରିଶ୍ଚନ୍ଦ୍ର ବଡ଼ାଳ, ଭଗବତୀ ପାଣିଗ୍ରାହୀ, ବ୍ରଜକିଶୋର ରାୟ, ରାଜକିଶୋର ପଟ୍ଟନାୟକ, ଗୋଦାବରୀଶ ମହାପାତ୍ର, ନିତ୍ୟାନନ୍ଦ ମହାପାତ୍ର, ପ୍ରାଣବନ୍ଧୁ କର, କାହ୍ନୁଚରଣ ମହାନ୍ତି, ଗୋପୀନାଥ ମହାନ୍ତି, ସଚ୍ଚି ରାଉତ-ରାୟ ପ୍ରମୁଖ ପ୍ରତିଭାଧର କବି ଓ ଲେଖକମାନେ ଗାଳ୍ପିକ ଭାବେ ଖ୍ୟାତି ଲାଭ କଲେ ।

ଦ୍ୱିତୀୟ ମହାଯୁଦ୍ଧ ପର୍ଯ୍ୟନ୍ତ ଆମ ଗାଳ୍ପିକମାନଙ୍କର ଗଳ୍ପର ବିଷୟବସ୍ତୁ ଥିଲା ମୁଖ୍ୟତଃ ସାମାଜିକ । କେତେକ ସ୍ଥଳରେ ଯୁବକ ଯୁବତୀଙ୍କର ପ୍ରେମ ଜନିତ ବ୍ୟାପାର ଏବଂ ପଲ୍ଲୀଗ୍ରାମ ଗୁଡ଼ିକ ହିଁ ଗଳ୍ପର ବିଷୟବସ୍ତୁ ଲାଗି ପରିବେଶ ଯୋଗାଉଥିଲା । କେତେକ ଗଳ୍ପରେ ନୂତନ ଇଂରାଜୀ ଶିକ୍ଷିତ ସରକାରୀ କର୍ମଚାରୀ-ମାନଙ୍କ ଜୀବନାଲେଖ୍ୟ ମଧ୍ୟ ରହୁଥିଲା । ତଥାପି କିନ୍ତୁ ଓଡ଼ିଶାରେ ଆଧୁନିକ ଧାରାରେ ନଗରଜୀବନର ସୂତ୍ରପାତ ହୋଇ ନଥିଲା କିମ୍ବା ଓଡ଼ିଶାରେ ଶିଳ୍ପ ସଭ୍ୟତାର ପ୍ରସାର ଆରମ୍ଭ ହୋଇନଥିଲା । କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁର, ବ୍ରହ୍ମପୁର ପ୍ରଭୃତି ସହରଗୁଡ଼ିକ କେବଳ ନାମ ମାତ୍ର ରହିଥିଲେ ଏବଂ ଓଡ଼ିଶାର

ସାଧାରଣ ଜୀବନ ଥିଲା କୃଷିଭିତ୍ତିକ । ଏପରିକି ରାଜ୍ୟର ଅର୍ଥନୀତି ମଧ୍ୟ ହେଇ କୃଷିକୁଇ କେନ୍ଦ୍ରକରି ତିଷ୍ଠି ଥିଲା । ସରଳ ଓ ବିଶେଷ କିଛୁ ଘଟଣା ବିହୀନ ନାଗରିକଙ୍କ ନିର୍ଦ୍ୱନ୍ଦ୍ୱ ଜୀବନଧାରା ଭିତରୁ ଗଳ୍ପଲାଗି ଖୋରାକ ପାଇବା ସହଜ ନଥିଲା । ତେଣୁ ସେ କାଳର ଅଧିକାଂଶ ଗଳ୍ପରେ ଲେଖକର କଳ୍ପନା ହିଁ ଥିଲା ମୁଖ୍ୟ । ସେଥିଲାଗି ପତ୍ରପତ୍ରିକାରେ ଅଧିକାଂଶ ବେଳେ ବିଦେଶୀ ଗଳ୍ପଗୁଡ଼ିକୁ ଅନୁବାଦ କରି ପ୍ରକାଶ କରାଯାଉଥିଲା । ପ୍ରଜାପୀଡ଼କ ଜମିଦାର, ଲାଭଖୋର ମହାଜନ, ଲାଞ୍ଚଖୋର ପୋଲିସ ଓ ରାଜସ୍ୱ ବିଭାଗ କର୍ମଚାରୀବୃନ୍ଦ, ନୃଶଂସ ଧର୍ମଧ୍ୱଜୀ କୁସଂସ୍କାର ପାଳକ ପୁରୋହିତ ଶ୍ରେଣୀ, ଭଣ୍ଡ ସନ୍ନ୍ୟାସୀ ଓ ମାତା ଇତ୍ୟାଦିଙ୍କୁ ନେଇ ଗଳ୍ପ ରଚନା କରିବା ବ୍ୟତୀତ ଆଉ ଅନ୍ୟ ବିଷୟବସ୍ତୁ ନଥିଲା । ତେବେ, ପାରିବାରିକ ଦୁଃଖ ସୁଖ ଓ ବିବାଦ ସମ୍ବନ୍ଧ ଆଦିକୁ ନେଇ ମଧ୍ୟ ବହୁ ଗଳ୍ପ ଲେଖା ଯାଉଥିଲା । ନିରୀହ ଅସହାୟ ମଣିଷଟି ଉପରେ ଦୈବ ବିପତ୍ତିକୁ ନେଇ ମଧ୍ୟ ବହୁ କରୁଣ ରସାତ୍ମକ କାହାଣୀ ଲେଖାଯାଇଛି ।

କିନ୍ତୁ ଦ୍ୱିତୀୟ ମହାଯୁଦ୍ଧ ପରେ ଏବଂ ସ୍ୱାଧୀନତା ପ୍ରାପ୍ତି ପରେପରେ ହିଁ ଓଡ଼ିଆ ଗଳ୍ପ ସାହିତ୍ୟ ଲାଗି ଦିଗଦିଗ ଖୋଲିଗଲା । ଉଚ୍ଚଶିକ୍ଷାର ବ୍ୟାପକ ପ୍ରସାର, ବିଭିନ୍ନ ରାଜନୈତିକ ସଂସ୍ଥା ଗୁଡ଼ିକର ଉଦୟ, ଅର୍ଥନୈତିକ ବିପ୍ଲବ, ବିଭିନ୍ନ ଧରଣର ସାମାଜିକ ଓ ସରକାରୀ ଅନୁଷ୍ଠାନ, ପ୍ରତିଷ୍ଠାନ, ଗୋଷ୍ଠୀ, ସଂପ୍ରଦାୟ, ଗ୍ରାମଗୋଷ୍ଠୀ ଯୋଜନା, ବିଭିନ୍ନ ପ୍ରକାର ଶିଳ୍ପ ପ୍ରତିଷ୍ଠା ଓ ଉଦ୍ୟୋଗ, ନୂତନ ନୂତନ ସହର ନିର୍ମାଣ, ବିଭିନ୍ନ ପ୍ରକାର ବୃତ୍ତି ବା ଠିକାଦାରୀ ଅଭ୍ୟୁଦୟ, ବିଭିନ୍ନ ପ୍ରକାର ଯୋଜନା ଓ ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟକାରିତା, ଗ୍ରାମ୍ୟଜୀବନ ଭିତରେ ସହରୀ ସଭ୍ୟତାର ଅନୁପ୍ରବେଶ, ସାଂସ୍କୃତିକ ଆନ୍ଦୋଳନ,ଏକ ନୂତନ ଅପସଂସ୍କୃତିର ପ୍ରସାର, ଜମିଦାରୀ ପ୍ରଥାର ବିଲୋପ ଓ ଏକ ନୂତନ ଓ ଜଟିଳ ଅମଲାତନ୍ତ୍ରର ଅଭ୍ୟୁଦୟ, ଏକ ନୂତନ ମଧ୍ୟବିତ୍ତ ଗୋଷ୍ଠୀର ଜନ୍ମ, ସାଧାରଣ ଲୋକର ରାଜନୈତିକ ଅଧିକାର, ନିର୍ବାଚନ, କଳାବଜାର, ପୁରାତନ ଜାତିଭେଦ ସ୍ଥାନରେ ନୂତନ ଜାତିଭେଦର ଉଦୟ, ନିରୀହ ଓ ଭଲ ମଣିଷଟି ପ୍ରତି ନୂତନ ଉପାୟରେ ପ୍ରବଞ୍ଚନା, ଅତ୍ୟାଚାର—ସମାଜବାଦୀ ଗଣତନ୍ତ୍ରର ପ୍ରଚଳନ ଏବଂ ଦେହି ବ୍ୟବସ୍ଥା ଭିତରେ ବି ବ୍ୟକ୍ତି ମଣିଷଟିର ଅସହାୟତା—ଜଟିଳ ଓ ଦୁଃସାଧ୍ୟ ଜୀବନ-ସଂଗ୍ରାମ—ଗାନ୍ଧୀବାଦୀ ଦର୍ଶନ ଓ ମାର୍କସବାଦୀ ଦର୍ଶନର ସଂଘର୍ଷ—ଅନିୟନ୍ତ୍ରିତ ଓ ଅଶିକ୍ଷିତ ଦରିଦ୍ର ଜନସଂଖ୍ୟାର ଆଶାତୀତ ବୃଦ୍ଧି ଏବଂ ତଦ୍‌ଜନିତ ବେକାର ସମସ୍ୟା—ନୂତନ ଯୁବସମାଜର ଅଭ୍ୟୁଦୟ ଓ ବିଦ୍ରୋହ—ପୁରାତନ ସଂସ୍ଥା ଓ ମୂଲ୍ୟବୋଧଗୁଡ଼ିକର ପତନ ମାତ୍ର ନୂତନ ସଂସ୍ଥା ଓ ମୂଲ୍ୟବୋଧଗୁଡ଼ିକର ଅପ୍ରତିଷ୍ଠା—ସୁବିଧାବାଦୀ-ଗୋଷ୍ଠୀ ଓ ପ୍ରବଞ୍ଚିତଗୋଷ୍ଠୀ ଭିତରେ ସନ୍ଦେହ, ଈର୍ଷା, ବିବାଦ, ଧର୍ମଘଟ,

ସତ୍ୟାଗ୍ରହ—ଟ୍ରେଡ୍ ଇଉନିୟନ ଗୁଡ଼ିକର ପ୍ରସାର—ହରିଜନ, ଗିରିଜନ ଓ ସବର୍ଣ୍ଣ ସମସ୍ୟା—ଆଞ୍ଚଳିକ ଭେଦଭାବ—ଧର୍ମକେନ୍ଦ୍ରିକ ଗୋଷ୍ଠୀବାଦ—କ୍ଷମତାଲୋଭୀ ରାଜନୀତି ଓ ରାଜନୈତିକ ଅସ୍ଥିରତା—ରାଜନୀତିକୁ ଆଶ୍ରୟ କରି ଟାଉଟର ଗୋଷ୍ଠୀର ଅଭ୍ୟୁଦୟ—ଦିଲ୍ଲୀଠାରୁ ଅନ୍ତରଙ୍ଗ ପର୍ଯ୍ୟନ୍ତ ସବୁ ନିମ୍ନ-ସ୍ତରର ରାଜନୈତିକ ଟାଉଟରମାନଙ୍କର ହଟଚମଟ ଲୀଳା—ଯୌତୁକପ୍ରଥାର ନୂତନ ରୂପରେ ଅଭ୍ୟୁଦୟ - କନ୍ୟାଦାୟ - ନାରୀଶିକ୍ଷାର ବ୍ୟାପକ ପ୍ରସାର— ନାରୀ ସ୍ୱାଧୀନତା—ସରକାରୀ ଓ ବେସରକାରୀ ସଂସ୍ଥାମାନଙ୍କରେ ନାରୀମାନଙ୍କର କର୍ମଚାରୀ ରୂପେ ନିଯୁକ୍ତି—ଇତ୍ୟାଦି ବହୁ ନୂତନ ବ୍ୟାପାର ସମାଜରେ ସୃଷ୍ଟି ହୋଇଗଲା। ଫଳରେ ବ୍ୟକ୍ତିର ଜୀବନଧାରା ଆଗ ଅପେକ୍ଷା ଅଧିକ ଜଟିଳ ଓ ସଂଘର୍ଷମୟ, ଦ୍ୱନ୍ଦ୍ୱମୟ ହୋଇଗଲା। ଏହି ସବୁ ଅବସ୍ଥା ଭିତରୁ ଉପାଦାନ ସଂଗ୍ରହ-କରି ଆମ ସାହିତ୍ୟରେ ବିଶିଷ୍ଟ ଲେଖକମାନେ ବହୁ ବୈଚିତ୍ର୍ୟପୂର୍ଣ୍ଣ ଗଳ୍ପ ଲେଖି ଅଛନ୍ତି। ସ୍ୱାଧୀନତା ପରବର୍ତ୍ତୀ କାଳରେ ସବୁକ୍ଷେତ୍ରରେ ନିର୍ମଦ୍ୟୋଗ ଅଭିବୃଦ୍ଧି ହୋଇଥିବା ଯୋଗୁଁ—ବହୁକାଳରୁ ପ୍ରାକ୍-ସ୍ୱାଧୀନତା ଯୁଗର ବହୁ ଆଶା, ସ୍ୱପ୍ନ ଓ କଳ୍ପନା ଧୂଳିସାତ୍ ହୋଇଗଲା। ଫଳରେ ତାକୁ ନେଇ ବହୁ ବ୍ୟଙ୍ଗ-ବିଦ୍ରୂପାତ୍ମକ ଗଳ୍ପ ଲେଖା ହେଲା ଏବଂ ବହୁ ଗଳ୍ପରେ ସ୍ୱପ୍ନଭଙ୍ଗ ଜନିତ ହତାଶା ଓ ବ୍ୟର୍ଥତାବୋଧ ପ୍ରକାଶ ପାଇଲା। ଏହି ଯୁଗର ଗାଳ୍ପିକମାନଙ୍କ ଭିତରେ କାଳିନ୍ଦୀଚରଣ ପାଣିଗ୍ରାହୀ, ରାଜକିଶୋର ପଟ୍ଟନାୟକ, ରାଜକିଶୋର ରାୟ, ଗୋପୀନାଥ ମହାନ୍ତି, ପ୍ରାଣବନ୍ଧୁ କର, କମଳାକାନ୍ତ ଦାସ, ସଚ୍ଚି ରାଉତରାୟ ଓ ନିତ୍ୟାନନ୍ଦ ମହାପାତ୍ର ପ୍ରମୁଖ ପ୍ରଧାନ।

ଏହି ସମୟରେ କ୍ରମଶଃ ବିଶ୍ୱର ରାଜନୈତିକ ଓ ଅର୍ଥନୈତିକ ପରିସ୍ଥିତି ମଧ୍ୟ ଅତି ବେଗରେ ପରିବର୍ତ୍ତିତ ହେବାକୁ ଲାଗିଲା। ମନୀଷୀମାନେ ସାମାଜିକଭାବେ ଓ ବ୍ୟକ୍ତିଗତଭାବେ ମୁକ୍ତି, ଶାନ୍ତି, ନିରାପତ୍ତା ଦେବାଲାଗି ଯେଉଁ ସବୁ ରାଜନୈତିକ ଓ ଅର୍ଥନୈତିକ ଦର୍ଶନ ସବୁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ, ସେଗୁଡ଼ିକ ଦେଖାଗଲା କ୍ରମଶଃ ବିଫଳ ହୋଇଯାଉଛି। ସାମ୍ୟବାଦ, ପୁଞ୍ଜିବାଦ, ଗଣତନ୍ତ୍ର, ସମାଜବାଦ ଆଦି ଶବ୍ଦଗୁଡ଼ିକର ଅର୍ଥ କ୍ରମଶଃ ପରିବର୍ତ୍ତିତ ହେଇଚାଲିଲା। ଚରମପନ୍ଥୀ ସାମ୍ୟବାଦୀ ରାଷ୍ଟ୍ର ବୋଲାଉଥିବା ଚୀନଦେଶ ସହିତ, ପ୍ରଥମ ସାମ୍ୟବାଦୀ ଦେଶ ରୁଷିଆର ବିରୋଧ ଓ ପୁଞ୍ଜିବାଦୀଦେଶ ବୋଲି ଅପବାଦିତ ଆମେରିକା ସହିତ ଚୀନର ମିତ୍ରତା—ଚୀନ ସହିତ ଭାରତର ସଂଘର୍ଷ ଓ ପାକିସ୍ତାନ ସହ ଚୀନର ବନ୍ଧୁତା—ଭାରତ ପାକିସ୍ତାନ ସଂଘର୍ଷ—ପାକିସ୍ତାନରୁ ବଙ୍ଗଳାଦେଶର ବିଚ୍ଛିନ୍ନତା-ଆଫ୍ରିକା ମହାଦେଶରେ ନବଜାଗରଣ ଓ ନୂତନ ନୂତନ ଜାତି ଓ ରାଷ୍ଟ୍ରମାନଙ୍କର ଅଭ୍ୟୁଦୟ ଓ ସ୍ୱାଧୀନତା—ପୃଥିବୀରେ ଯେତେବେଳେ ଅଧିକାଂଶରେ ସତ୍ୟ-

ପ୍ରତିଯୋଗିତା—ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ଅନବରତ ଶୀତଳ ଯୁଦ୍ଧ ବା ସ୍ନାୟୁ ସମର—ସାରାବିଶ୍ୱର ବୈଷମ୍ୟମୂଳକ ଭୋଗବାଦୀ ଅର୍ଥନୈତିକ ବ୍ୟବସ୍ଥାରେ ବିପୁଳ ପ୍ରାଚୁର୍ଯ୍ୟ ସହିତ ଶୋଚନୀୟ ଅଭାବର ସହାବସ୍ଥାନ—ଏକ ଅବହେଳିତ, ଅନଗ୍ରସର ଓ ସର୍ବହରାଙ୍କୁ ପ୍ରପୀଡ଼ିତ ତୃତୀୟ ବିଶ୍ୱର ଅଭ୍ୟୁଦୟ—ପ୍ରସାରବାଦୀ ଅର୍ଥନୀତି—ସମଗ୍ର ବିଶ୍ୱରେ ରାଷ୍ଟ୍ରରାଷ୍ଟ୍ର, ଜାତି ଜାତି ଭିତରେ ଘୋର ଅବିଶ୍ୱାସ, ପ୍ରତିଦ୍ୱନ୍ଦ୍ୱିତା ଓ କଣ୍ଠାଗତର ପ୍ରତିଯୋଗିତା—ଏବଂ ଏହା ସଙ୍ଗେ ସଙ୍ଗେ ମଧ୍ୟ ବିଜ୍ଞାନକ୍ଷେତ୍ରରେ ମନୁଷ୍ୟର ବିପୁଳ ସାଫଲ୍ୟ—ମହାକାଶ ଅଭିଯାନ—ଚନ୍ଦ୍ର ବିଜୟ—ଇତ୍ୟାଦି ବହୁ ବିସ୍ମୟକର ଜଟିଳ ପରିସ୍ଥିତିର ଉଦ୍ଭବ ହୋଇ ବ୍ଲିଲି ପ୍ରତିଦିନ। ସମଗ୍ର ମନୁଷ୍ୟ ସମାଜର ସ୍ଥିତି କ୍ରମଶଃ ବଡ଼ ଦୁଃସହ ହୋଇ ଉଠିଲା। ମନୁଷ୍ୟର ସଭ୍ୟତା ଓ ସଂସ୍କୃତି—ଯାହାକୁ ଲକ୍ଷ ଲକ୍ଷ ବର୍ଷ ଧରି ମନୁଷ୍ୟ ବହୁ ଶ୍ରମ ଓ ତ୍ୟାଗ ସ୍ୱୀକାର କରି—ବହୁ ଜ୍ଞାନ ବିଜ୍ଞାନର ସହାୟତାରେ ଅର୍ଜ୍ଜନ କରି-ଅଛି—ତାହା ହଠାତ୍ ବିପନ୍ନ ଓ ବିପର୍ଯ୍ୟସ୍ତର ସମ୍ମୁଖୀନ ହୋଇଗଲା। ରାଜନୈତିକ କ୍ଷମତାଧାରୀ ରାଷ୍ଟ୍ରଯନ୍ତ୍ରର ସାର୍ବଭୌମତା ଆଗରେ ବ୍ୟକ୍ତି ନିଜକୁ ଅତ୍ୟନ୍ତ ନଗଣ୍ୟ, ଅବଦମିତ ଓ ଅବହେଳିତ ମନେକଲା। ଗଣତନ୍ତ୍ର, ସାମ୍ୟବାଦ ବା ସମାଜବାଦ ନାମରେ କେତେକ କ୍ଷମତାଲିପ୍ସୁ ଲୋକଙ୍କୁ ଭୋଟ୍ ଦେଇ-ସାରିଲା ପରେ ବ୍ୟକ୍ତିତାର ଅଜାଣତରେ ନିଜର ସ୍ୱାଧୀନତା ହରାଇ ବସିଲା। କ୍ରମଶଃ ଦେଖାଗଲା ଯେ ସାମ୍ୟବାଦୀ ରାଷ୍ଟ୍ରମାନଙ୍କରେ ବ୍ୟକ୍ତି ତା'ର ବ୍ୟକ୍ତିତ୍ୱକୁ ଖୋଜି—ପାଖରେ ବଳି ଦେଇ ନିଜେ ଏକ ନିସ୍ତେଜ, ନିର୍ବେଦ ବା ଅର୍ଦ୍ଧଚେତନ ଅବସ୍ଥାରେ ଗୋଷ୍ଠୀ ପାଖରେ ବାଧ୍ୟ ହୋଇ ଦାସତ୍ୱ କରୁଛି। ଗୋଷ୍ଠୀ ସ୍ୱାର୍ଥ ବା ଗୋଷ୍ଠୀ ଦର୍ଶନକୁ ଉପେକ୍ଷା କରି ସେ ସ୍ୱାଧୀନ ଭାବରେ କିଛି ଚିନ୍ତା କରି ପାରୁ-ନାହିଁ—ଅନୁଭବ କରିପାରୁ ନାହିଁ—କାର୍ଯ୍ୟ ମଧ୍ୟ କରି ପାରୁନାହିଁ। ଏଣେ ମୁକ୍ତିବାଦୀ ରାଷ୍ଟ୍ରମାନଙ୍କରେ ବ୍ୟକ୍ତିକୁ ଯୋଉ ତଥାକଥିତ ସ୍ୱାଧୀନତା ଦିଆଗଲା—ସେ ସ୍ୱାଧୀନତା ମୂଳରେ ଥିଲା ନିଜ ଜୀବନକୁ ଯେ କୌଣସି ପ୍ରକାରେ ଉପଭୋଗ କରିବା ଲାଗି ଅନ୍ୟ ପ୍ରତିଦ୍ୱନ୍ଦ୍ୱୀ ବ୍ୟକ୍ତିମାନଙ୍କ ସହିତ ନିତ୍ୟ ପ୍ରତିଯୋଗିତା ବା ଲଢେଇ। ଫଳରେ, ଜୀବନକୁ ସର୍ବତୋଭାବେ ଉପଭୋଗ କରିବାର ନାନାଦି ଫନ୍ଦୀଫିକର ଓ କୌଶଳ ଜାଣିଥିବା ଅନାତ୍ମବାଦୀ ବୁଦ୍ଧିମାନ ଲୋକମାନେ ସେମାନଙ୍କର ବିଚକ୍ଷଣ କର୍ମକୌଶଳ ଦ୍ୱାରା ଧନ, କ୍ଷମତା ଓ ଭୋଗ ସାମଗ୍ରୀ ଗୁଡ଼ିକର ସର୍ବୋଚ୍ଚ ଅଧିକାରୀ ହେଲେ। ଏହି ହୃଦୟହୀନ ଅନାତ୍ମିକ କୌଶଳୀ ଲୋକମାନେ ହିଁ ସମାଜର ସବୁ ବ୍ୟବସ୍ଥାକୁ ନିଜ ହାତରେ ଅଧିକାରରେ ରଖି ପାରିଲେ। ସାହିତ୍ୟ, ସଂସ୍କୃତି, କଳା ଏପରିକି ଧର୍ମ ବ୍ୟବସ୍ଥା ଓ ସଂସ୍ଥା ଗୁଡ଼ିକ ବି ଏହିମାନଙ୍କ ଅଙ୍ଗୁଳି ନିର୍ଦ୍ଦେଶରେ ପରିଚାଳିତ ହେଲା। ଏପରିକି ଏମାନେ ରାଜନୀତିକୁ ମଧ୍ୟ ନିଜ ଅକ୍ତିଆରରେ ରଖିଲେ। କ୍ଷମତା ଓ ଧନ ପରସ୍ପରର

ପରିପୋଷକ ହେଲେ । ଏଇଅବସ୍ଥା ସାରାବିଶ୍ୱରେ ମଣିଷ ପ୍ରତି ଏକ ସଙ୍କଟମୟ ପରିସ୍ଥିତି ସୃଷ୍ଟି କରିଦେଲା । ସବୁ ମାନବୀୟ ଆଦର୍ଶ, ମୂଲ୍ୟବୋଧ, ନୀତି, ରୁଚି ଇତ୍ୟାଦି ଘୋର ବିପର୍ଯ୍ୟୟର ସମ୍ମୁଖୀନ ହେଲେ । ଯେ କୌଣସି ଉପାୟରେ ଧନ ଓ କ୍ଷମତାଅର୍ଜନ ଏକ ସାମାଜିକ ଦର୍ଶନ ରୂପେ ପ୍ରତିଷ୍ଠିତ ହୋଇଯିବାରୁ ମାନବିକତାର ଭିତ୍ତି ଦୋହଲି ଗଲା । ମଣିଷ ମଣିଷ ଭିତରେ ସମ୍ପର୍କଟି ହୋଇ-ଉଠିଲା ପ୍ରତିଦ୍ୱନ୍ଦ୍ୱିତାମୟ—ବାଣିଜ୍ୟିକ—ହିଂସା—ବିଦ୍ୱେଷମୂଳକ । ପାଶ୍ଚାତ୍ୟ ଧନଶାଳୀ ରାଷ୍ଟ୍ରମାନଙ୍କରେ ପରିବାରମାନ ଭାଙ୍ଗିଗଲେ । ବ୍ୟକ୍ତି ନିଜକୁ ମୁକ୍ତ ବା ସ୍ୱାଧୀନ କରୁକରୁ ଅନ୍ୟଠାରୁ ବିଚ୍ଛିନ୍ନ ହୋଇଗଲା । ପ୍ରଥମେ ସେ ବିଚ୍ଛିନ୍ନ ହୋଇଗଲା ପରିଜନ ଠାରୁ—ତା'ପରେ ବିଚ୍ଛିନ୍ନ ହୋଇଗଲା ଈଶ୍ୱରଙ୍କ ଠାରୁ—ଶେଷରେ ଏ ସବୁର ପରିଣତି ସ୍ୱରୂପ ନିଜଠାରୁ ନିଜେ ବିଚ୍ଛିନ୍ନ ହୋଇଗଲା । ବ୍ୟକ୍ତି ଅନୁଭବ କଲା ଆତ୍ମନିର୍ବାସନର ଅସହାୟତା । ତା'ର ଚତୁଃପାର୍ଶ୍ୱର ସମାଜ ଓ ପ୍ରକୃତି ତାକୁ ଅପରିଚିତ ବୋଧହେଲା—ପ୍ରତ୍ୟେକ ବ୍ୟକ୍ତି ତାକୁ ମନେ ହେଲେ ତା'ର ପ୍ରତିଦ୍ୱନ୍ଦ୍ୱୀ ଭଳି । ବ୍ୟକ୍ତିର ଆଶଙ୍କା ବଢ଼ିଗଲା—ସଂଶୟ ବଢ଼ିଗଲା । ଆଦିମ ମଣିଷ ଦିନେ ବାହ୍ୟ ପ୍ରକୃତିକୁ ସନ୍ଦେହ କରୁଥିଲା—ଆଶଙ୍କା କରୁଥିଲା । କିନ୍ତୁ ଆଧୁନିକ ସଭ୍ୟ ଓ ସଂସ୍କୃତି ସମ୍ପନ୍ନ ମଣିଷର ସନ୍ଦେହ ଓ ଆଶଙ୍କା ହେଲା ତା'ର ପଡ଼ୋଶୀକୁ । ଏହି ପଡ଼ୋଶୀଟି ତାର ନିଜର ପିତା, ମାତା, ଭାଇ, ପତ୍ନୀ, ପୁତ୍ର, କନ୍ୟା ଏବଂ ଆଉ ଯେକେହି ହୋଇପାରେ । ଫଳରେ ମଣିଷ ହୋଇଉଠିଲା ସାମାଜିକ ସ୍ତରରେ ଅସହାୟ, ନିଃସଙ୍ଗ, ଆତଙ୍କିତ—ଏକୁଟିଆ ।

ଏବେ କିନ୍ତୁ ଜ୍ଞାନ ବିଜ୍ଞାନର ପ୍ରଭୂତ ବିସ୍ତାର ଘଟି ଚାଲିଲା । ବସ୍ତୁ ଓ ଜୀବନ ସମ୍ପର୍କରେ ନୂତନ ନୂତନ ତଥ୍ୟ ଓ ତତ୍ତ୍ୱମାନ ଆବିଷ୍କୃତ ହେଲା । ବିଶ୍ୱନିୟତିର କ୍ଷେତ୍ରରେ ଆକସ୍ମିକତା ବାଦ ଓ ଅନିୟନ୍ତ୍ରଣ ବାଦ ପ୍ରମାଣିତ ହୋଇଗଲା ବିଜ୍ଞାନ ଦ୍ୱାରା । ସେଥିପାଇଁ ଦର୍ଶନ କ୍ଷେତ୍ରରେ ମଧ୍ୟ କାର୍ଯ୍ୟକାରଣ ବାଦ ବା ପୂର୍ବାପର ସଂଗତି ବାଦର ଆଉ କିଛି ମୂଲ୍ୟ ରହିଲା ନାହିଁ । ମନୋବିଜ୍ଞାନ, ସମାଜ ବିଜ୍ଞାନ, ନୃତତ୍ତ୍ୱ, ପ୍ରାଣୀ ବିଜ୍ଞାନ ପ୍ରଭୃତିରେ ପ୍ରତିଦିନ ଗବେଷଣା ଲବ୍ଧ ନୂତନ ନୂତନ ଆଶ୍ଚର୍ଯ୍ୟ ତଥ୍ୟ ଓ ତତ୍ତ୍ୱମାନ ପ୍ରକାଶ ପାଇବାକୁ ଲାଗିଲା । ମଣିଷ ପକ୍ଷରେ ଏ ପୃଥିବୀ ଆଉ ନିରାପଦ ମନେ ହେଲା ନାହିଁ । ଏଣେ ପୃଥିବୀ ବାହାରେ ମହାକାଶ ଅଭିଯାନରେ ମଣିଷ ଯେତିକି ସାଫଲ୍ୟ ଅର୍ଜନ କଲା, ମହାକାଶର ଭୟାବହ ଅନନ୍ତ ବିସ୍ତୃତି ସମ୍ପର୍କରେ ମଧ୍ୟ ସେ ସେତିକି ଅଧିକ ସଚେତନ ହୋଇଉଠିଲା । ମଣିଷ ଯେତିକି ଯେତିକି ଜ୍ଞାନ ବିଜ୍ଞାନର ଅଧିକାରୀ ହେଲା—ସେତିକି ସେତିକି ନିଜର ନିରୁପାୟ ଅଜ୍ଞତା ବିଷୟରେ ଅଧିକ ସଚେତନ ହୋଇପଡ଼ିଲା । ସେ ଯେ ନିଜେ ଗୋଟିଏ ଅନିୟନ୍ତ୍ରିତ ଅଜଣା ଆକସ୍ମିକ ଘଟଣାଚକ୍ରରେ ସୃଷ୍ଟି ଅନନ୍ତ

ରହସ୍ୟ ମଣ୍ଡଳ ଭିତରେ ଅସହାୟ ଅବସ୍ଥାରେ ରହିଛି—ଏହିକି ଅନୁଭବ କରିବା ମାନେ ଏବଂ ଏହିକି ଉପରେ ଚେତନ ହେବା ମାନେ ଇ, ତା'ଭିତରେ ଆପଣା ଉପରେ ସ୍ୱାନମନ୍ୟତା ଜାଗ୍ରତ ହୋଇଗଲା ଏବଂ ଏହି ଅସହାୟ ନିରୁପାୟ ସ୍ୱାନମନ୍ୟତାରେ ମ୍ରିୟମାଣ ହୋଇ ମଣିଷ ପୃଥିବୀରେ ମନସ୍ତାତ୍ତ୍ୱିକ ଭାବରେ ବା ଆଧ୍ୟାତ୍ମିକ ଭାବରେ ନିଃସଙ୍ଗ ଓ ଏକୁଟିଆ ମନେକଲା । ତା'ଉପରେ ଗୋଟିଏ ପଟେ ବହୁ ରୂପରେ ଓ ବହୁଭାବରେ ମେଳ ବାନ୍ଧିଥିବା ଅନିୟନ୍ତ୍ରିତ ପ୍ରତିଦ୍ୱନ୍ଦ୍ୱିତା-କାମୀ ବିଭିନ୍ନ ଗୋଷ୍ଠୀ, ସମାଜ, ଅନୁଷ୍ଠାନ, ସଂଘ ବା ମହାକ୍ଷମତାଶାଳୀ ରାଷ୍ଟ୍ରଶକ୍ତିର ବଳପୂର୍ବା ଦୁଃସହ ଗ୍ରାସ—ଏବଂ ଅନ୍ୟପଟେ ଏହି ଆକସ୍ମିକତା ଓ ନିରର୍ଥକତାରେ ପରିପୂର୍ଣ୍ଣ, ମହାଦୁର୍ବୋଧତାରେ ଦୁର୍ଜ୍ଞେୟ ଓ ଦୁସ୍ତର, ଅନନ୍ତ ବିଶାଳିକାରେ ପରିପୂର୍ଣ୍ଣ ବିଶ୍ୱନିୟନ୍ତାର ଦୁଃସହ ଗ୍ରାସ । ଏହି ଦୁଇଗ୍ରାସ ଭିତରେ ପଡ଼ି ଆଧୁନିକ ଅନୁଭୂତିଶୀଳ ମଣିଷ ତା ଜାଣତରେ ବା ଅଜାଣତରେ ଅନୈଃଶ୍ୱାସୀ ହୋଇ ଉଠିଲାଣି । ତା'ର ଅସ୍ତିତ୍ୱ, ସ୍ତବ୍ଧ, ତ୍ରସ୍ତ, ଖର୍ବ ଓ ସଂଶୟୀ ହୋଇ ପଡ଼ୁଛି ।

## ବ୍ୟକ୍ତିବାଦୀ ଚେତନାର ଉଦୟ :

ଏହି ପରିପ୍ରେକ୍ଷୀରେ ପାଶ୍ଚାତ୍ୟ ଜଗତରେ ଅସ୍ତିତ୍ୱବାଦୀ ଦର୍ଶନହିଁ କଥା ଓ ନାଟ୍ୟ ସାହିତ୍ୟର ମୂଳ ଉତ୍ସ ହୋଇଛି । ଏହି ଦର୍ଶନକୁ ଅବଲମ୍ବନ କରି ଜ୍ୟାଁ ପଲ-ସାର୍ତ୍ରେ, ଆଲବର୍ଟ କାମ୍ୟୁ, କାଫ୍କା ପ୍ରଭୃତି ଦାର୍ଶନିକ ସାହିତ୍ୟିକମାନେ ଗଳ୍ପ, ଉପନ୍ୟାସ, ନାଟକ, ପ୍ରବନ୍ଧାଦି ଲେଖିଛନ୍ତି ଏବଂ ସେମାନଙ୍କ ପ୍ରଭାବ ଜାଣତ ବା ଅଜାଣତରେ ଆମ ଓଡ଼ିଆ ଗଳ୍ପ ସାହିତ୍ୟରେ ମଧ୍ୟ ପଡ଼ିଥାଇପାରେ । କିନ୍ତୁ କାହାର ପ୍ରଭାବ ନ ପଡ଼ିଲେ ବି ଆଧୁନିକ ମଣିଷର ଆତ୍ମା ଯୋଉ ଅସ୍ତିତ୍ୱବାଦୀ ଯନ୍ତ୍ରଣା ଅନୁଭୋଗ କରୁଛି ଓ ତହିଁରୁ ମୁକୁଳିବାକୁ ଯୋଉ ଯୋଉ ଆଧ୍ୟାତ୍ମିକ ପ୍ରୟାସ କରୁଛି—ତା'ର ପ୍ରତ୍ୟକ୍ଷ ପରିଚୟ ଆମର ଆଧୁନିକ ଗଳ୍ପ ସାହିତ୍ୟରୁ ମଧ୍ୟ ମିଳି ପାରିବ । ତେଣୁ ୧୯୫୦ ମସିହା ପରବର୍ତ୍ତୀ ଗାଳ୍ପିକମାନଙ୍କ ଗଳ୍ପରେ ଆମେ କେବଳ ସମାଜ-ଚେତନା ପାଇବା ନାହିଁ—ବ୍ୟକ୍ତି ଚେତନା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଥିବାର ହିଁ ଦେଖିବା । ଆଧୁନିକ ଗଳ୍ପରେ ଚରିତ୍ରଟିଏ କେବଳ ସାମାଜିକ ସମସ୍ୟା ଗୁଡ଼ିକର ସମ୍ମୁଖୀନ ହେଉନାହିଁ—କେବଳ ସମାଜ ବିରୋଧରେ ଅଭିଯୋଗ କରୁନାହିଁ—ସଂଘର୍ଷ କରୁନାହିଁ—ସଂଗ୍ରାମ କରୁନାହିଁ—ବ୍ୟକ୍ତି ସ୍ୱୟଂ ନିଜର ସମ୍ମୁଖୀନ ହେଉଛି । ନିଜକୃତ ସମସ୍ୟା ଗୁଡ଼ିକର ବି ସମ୍ମୁଖୀନ ହେଉଛି । ବ୍ୟକ୍ତି କିପରି ନିଜର ମନସ୍ତତ୍ତ୍ୱ ଦ୍ୱାରା ନିଜେ ସଙ୍କଟାପନ୍ନ ହେଉଛି—କିମ୍ବା କିପରି ନିଜର ଅନ୍ତଃପ୍ରକୃତିରୁ ଉଦ୍ଭୂତ ବିଭିନ୍ନ ସମସ୍ୟା ଦ୍ୱାରା ଆପେ ଆକ୍ରାନ୍ତ ହେଉଛି—ନିଜ ସଙ୍ଗେ ନିଜେ ସଂଘର୍ଷ ବା ସଂଗ୍ରାମ କରୁଛି—ନିଜକୁ ନିଜେ ଅନ୍ୱେଷଣ କରୁଛି—

ନିଜର ଅସଲ ସ୍ୱରୂପକୁ ଖୋଜୁଛି—ଏବଂ ନିଜର ସଂକୀର୍ଣ୍ଣ ଦେହ, ପ୍ରାଣ ଓ ମନର ଚେତନା ଓ କର୍ମ ପରମ୍ପରାର ସୀମାକୁ ଅତିକ୍ରମ କରି ଆଉ ଏକ ଉର୍ଦ୍ଧ୍ୱ ସ୍ତରର ଆତ୍ମିକ ଚେତନାରେ ଉଦ୍‌ବୁଦ୍ଧ ହୋଇ ଯଥାର୍ଥ ଓ ଉଦାର ବିମଳ ଆନନ୍ଦ ପାଇବାକୁ ସଂକଳ୍ପ କରୁଛି—କିମ୍ବା କୋଉ କୋଉ ସ୍ଥଳରେ ବ୍ୟକ୍ତି କିପରି ଆପଣା ନିମ୍ନ ପ୍ରକୃତିରୁ ଉତ୍‌ଥିତ ମାନବ ଅଥବା ଦୈହିକ କ୍ରିୟା ପ୍ରତିକ୍ରିୟାରେ ପଡ଼ି ଯନ୍ତ୍ରଣା କାତର ହୋଇ ପଡ଼ିଥିଲାବେଳେ ହଠାତ୍ କିପରି ଆକସ୍ମିକ ଭାବେ ତା' ନିଜର ଅନ୍ତରାତ୍ମା ବା ଆତ୍ମା ପୁରୁଷଠାରୁ ବା ନିଜର ବୋଧି-ମନ (Intuitive Mind) ଠାରୁ କିଛି ଗୋଟାଏ ଆଲୋକିତ ବା ଜ୍ୟୋତିର୍ମୟ ବା ଦିବ୍ୟାନୁଭୂତିର ଉପଲବ୍‌ଧି ବା ଭାବାବେଗ ଲାଭ କରିପାରୁଛି—ଏଇ ସବୁର ପରିଚୟ ଆମେ ଆମର ଆଧୁନିକ ଗଳ୍ପ ଗୁଡ଼ିକରେ ପାଇ ପାରିବା । ଯେଉଁ ସବୁ ଗଳ୍ପରେ ବ୍ୟକ୍ତି ସାମାଜିକ ସମସ୍ୟା ଗୁଡ଼ିକ ଦ୍ୱାରା ଆକ୍ରାନ୍ତ ଅଥବା ସାମାଜିକ ସମସ୍ୟା ଗୁଡ଼ିକ ସଙ୍ଗେ ସଂଗ୍ରାମ କରୁଥିବାର ବିଷୟ ହିଁ ଏକମାତ୍ର ଅବଲମ୍ବନ—ସେଗୁଡ଼ିକ କେବଳ ସାମାଜିକ ଗଳ୍ପ ଏବଂ ଯେଉଁ ସବୁ ଗଳ୍ପରେ ବ୍ୟକ୍ତି ଓ ସମାଜ ଉଭୟର ସମସ୍ୟା ବର୍ଣ୍ଣିତ ଓ ବ୍ୟକ୍ତିର ସାମାଜିକ ବ୍ୟକ୍ତିତ୍ୱ ସଙ୍ଗେ ବ୍ୟକ୍ତିଗତ ବ୍ୟକ୍ତିତ୍ୱର ମଧ୍ୟ ପରିଚୟ ଦିଆଯାଇଛି—ସେଗୁଡ଼ିକ ଉଭୟ ଚେତନାର ଗଳ୍ପ । କିନ୍ତୁ ଯୋଉ ସବୁ ଗଳ୍ପରେ ବ୍ୟକ୍ତି କେବଳ ନିଜେ ହିଁ ନିଜର ସମସ୍ୟା ହୋଇଥାଏ—ସେଗୁଡ଼ିକ ସମ୍ପୂର୍ଣ୍ଣତଃ ବ୍ୟକ୍ତି ଚେତନାବାଦୀ ଗଳ୍ପ । ଗୋଟିଏ ବ୍ୟକ୍ତି ସମାଜର କୁସଂସ୍କାର ଦ୍ୱାରା ପୀଡ଼ିତ ହେଉଛି—ବା ଜମିଦାର କି ପୋଲିସ ଦ୍ୱାରା ନିଷ୍ପୀଡ଼ିତ ହେଉଛି—ଓ ନିଜେ ସେଥିପାଇଁ ବିଦ୍ରୋହ କରୁଛି—ଏ ବିଷୟ ନେଇ ଯୋଉ ଗଳ୍ପ ତାହା ପୂର୍ଣ୍ଣତଃ ସମାଜ ଚେତନାର ଗଳ୍ପ । ଏହି ସମାଜଚେତନା ଗଳ୍ପର କ୍ରମବିକାଶରେ ସମାଜବାଦୀ ଗଳ୍ପ ଗୁଡ଼ିକ ମଧ୍ୟ ପରବର୍ତ୍ତୀ କାଳରେ ଲେଖାଯାଇଛି—ଏବଂ ସେ ସବୁ ଗାଳ୍ପିକ ମାନଙ୍କ ଭିତରୁ କେହି କାର୍ଲ ମାର୍କସ, କେହି କେହି ବା ମହାତ୍ମା ଗାନ୍ଧୀଙ୍କ ସମାଜଦର୍ଶନ ଦ୍ୱାରା ପ୍ରଭାବିତ ହୋଇଛନ୍ତି ।

ସ୍ୱାଧୀନତା ପରବର୍ତ୍ତୀ ଗାଳ୍ପିକମାନଙ୍କ ଭିତରେ—ବିଶେଷତଃ ୧୯୪୭-୧୯୪୮ ଠାରୁ ଗଳ୍ପ ଲେଖି ମଧ୍ୟ ଯେଉଁମାନେ ୧୯୬୦-୬୫ ବେଳକୁ ଆପଣାର ପ୍ରତିଭା ସାଧନା ଓ ସ୍ୱାତନ୍ତ୍ର୍ୟରେ ସୁପ୍ରତିଷ୍ଠିତ ହେଲେ, ସେମାନଙ୍କ ଭିତରେ ଗୋପୀନାଥ ମହାନ୍ତି, ସୁରେନ୍ଦ୍ର ମହାନ୍ତି, ବାମାଚରଣ ମିତ୍ର, କିଶୋରୀ ଚରଣ ଦାସ, ମହାପାତ୍ର ନୀଳମଣି, ଅଖିଳ ମୋହନ ପଟ୍ଟନାୟକ, ବସନ୍ତ କୁମାର ଶତପଥୀ, ଅଚ୍ୟୁତାନନ୍ଦ ପତି, ମନୋଜ ଦାସ, ଶାନ୍ତନୁ କୁମାର ଆଚାର୍ଯ୍ୟ, କୃଷ୍ଣପ୍ରସାଦ ମିଶ୍ର ପ୍ରମୁଖ କଥାକାରମାନେ ଓଡ଼ିଆ ଗଳ୍ପ ସାହିତ୍ୟର ଭଣ୍ଡାରକୁ ଅମୂଲ୍ୟ ରତ୍ନରାଜିରେ ସମୃଦ୍ଧ କରିଛନ୍ତି ଏବଂ ଏମାନେ

ନିରବଚ୍ଛିନ୍ନ ଭାବେ ୧୯୮୦ ମସିହା ପର୍ଯ୍ୟନ୍ତ ବି ଗଳ୍ପ ଲେଖି ଆସୁଛନ୍ତି ଏବଂ ଆଜି ମଧ୍ୟ ସେମାନେ ସମାଜ ଓ ବ୍ୟକ୍ତି ଚେତନା ସମ୍ବଳିତ ଯୁଗର ସୁଖଦୁଃଖକୁ ଅବଲମ୍ବନ କରି ଯୁଗୋତ୍ତୀର୍ଣ୍ଣ ଗଳ୍ପମାନ ରଚନା କରି ଚାଲିଛନ୍ତି, ଏବଂ ଏଙ୍କ ମାନଙ୍କ ପରମ୍ପରାକୁ ଅନୁସରଣ କରି ଓ କେତେକାଂଶରେ ଅତିକ୍ରମକରି ଯେଉଁ ନବୀନ ପ୍ରତିଭାବନ୍ତ ଗାଳ୍ପିକମାନେ ଆମ ସାହିତ୍ୟରେ ଉଦୀୟମାନ ହୋଇ ସେମାନଙ୍କର ପ୍ରତିଭା ରଶ୍ମିରେ ଆମର ପୂର୍ବାଶାକୁ ଆଶାର ଅରୁଣାଲୋକରେ ସମୁଜ୍ଜ୍ୱଳ କରୁଛନ୍ତି—ସେମାନଙ୍କ ମଧ୍ୟରେ ରବି ପଟ୍ଟନାୟକ, ଚନ୍ଦ୍ରଶେଖର ରଥ, ବୀଣାପାଣି ମହାନ୍ତି, ରାମଚନ୍ଦ୍ର ବେହେରା, ଜଗଦୀଶ ମହାନ୍ତି, ଯଶୋଧାରା ମିଶ୍ର ପ୍ରମୁଖ ଗାଳ୍ପିକମାନେ ବିଦଗ୍ଧ ସମାଜ ଦ୍ୱାରା ସମାଦୃତ ହୋଇଛନ୍ତି । କିନ୍ତୁ ବର୍ତ୍ତମାନ ଓଡ଼ିଶାରେ ବହୁ ପତ୍ରପତ୍ରିକା ପ୍ରକାଶ ପାଉଥିବାରୁ ବହୁ ନୂତନ ଲେଖକ ସେ ସବୁରେ ଗଳ୍ପ ଲେଖି ପ୍ରତିଷ୍ଠା ଅର୍ଜନ ଲାଗି ସାଧନା ମଧ୍ୟ କରୁଛନ୍ତି ।

ସ୍ୱାଧୀନତା ପରବର୍ତ୍ତୀ କାଳରେ ବିଶେଷତଃ ୧୯୫୦ ମସିହାଠାରୁ 'ଝଙ୍କାର' ପତ୍ରିକାରେ ବିଶେଷତଃ ଏହି ନୂତନ ଯୁଗର ବାର୍ତ୍ତା ବହନ କରି ଆଧୁନିକ ଗଳ୍ପମାନ ପ୍ରକାଶ ପାଇଲା ଏବଂ ତା ସଙ୍ଗେ ସଙ୍ଗେ 'ଡଗର', 'ଆସନ୍ତା କାଲି', 'ସମାବେଶ', 'ଦିଗନ୍ତ' ପ୍ରମୁଖ ପତ୍ରିକା ଗୁଡ଼ିକ ମଧ୍ୟ ଏହି ଅଧୁନିକ ଗଳ୍ପ ଗୁଡ଼ିକୁ ପ୍ରକାଶ କଲେ । ୧୯୫୦ ମସିହା ପରଠାରୁ ବିଶେଷତଃ ୧୯୬୦ ମସିହା ପରଠାରୁ ଓଡ଼ିଆ ଗଳ୍ପ ସାହିତ୍ୟ ବହୁ ଜଟିଳ ଧାରା ଉପଧାରା ମଧ୍ୟରେ ପ୍ରବାହିତ ହୋଇ-ଚାଲିଛି । କେବଳ ଏକ ନିର୍ଦ୍ଦିଷ୍ଟ ନୈତିକ ଦୃଷ୍ଟିକୋଣ, ବା ସାମାଜିକ ସମସ୍ୟା-ବଳିର ବାହ୍ୟ ବିଭବ ଉପରେ ଆଧୁନିକ ଗାଳ୍ପିକର ଦୃଷ୍ଟି ଆଉ ନିବଦ୍ଧ ନୁହେଁ । ତା'ର ବହିଃଦୃଷ୍ଟି ଯେମିତି ବର୍ତ୍ତମାନ ସୁଦୂର ପ୍ରସାରୀ, ତା'ର ଅନ୍ତର୍ଦୃଷ୍ଟି ମଧ୍ୟ ସେମିତି ବର୍ତ୍ତମାନ ଗଭୀରରୁ ଗଭୀରତର ଆଡ଼କୁ ମେଲି ଯାଉଛି । ମଣିଷମନର ଅତି ବ୍ୟକ୍ତିଗତ ଗୋପନ ଅନୁଭୂତିମାନ, ବହୁ ଗୁପ୍ତ ଓ ଗୂଢ଼ କୁଚେଷ୍ଟା, ବିଶେଷ ଧରଣର ମଣିଷମାନଙ୍କ ଆତ୍ମୋପଲବ୍ଧିରେ ଚେତନାର ବିଭିନ୍ନ ସ୍ତର ଉଦ୍‌ଘାଟନ, ବ୍ୟକ୍ତିଗତ ଓ ସାମାଜିକ ଭାବାଦର୍ଶ ଭିତରେ କେବେ ସଂଗତି, ପୁଣି କେବେ ବା ସଂଘର୍ଷ ଜନିତ ଅତି ସୂକ୍ଷ୍ମ ଓ ଅତି ଜଟିଳ ପରିସ୍ଥିତି ଓ ପ୍ରତିକ୍ରିୟା—ଏବଂ ସର୍ବୋପରି ଆଧୁନିକ ଗଳ୍ପ ଲେଖକର ସ୍ୱୀୟ ଜୀବନ-ସାଧନାରେ ଆପଣାର ବ୍ୟକ୍ତିତ୍ୱ ନିର୍ଭର ବହୁ ସମ ଓ ବିଷମ ମନୋବୃତ୍ତିର ଉଦ୍‌ଘାଟନ—ଏହି ସବୁ କଥା ଆଧୁନିକ ଗଳ୍ପ ଗୁଡ଼ିକର ବିଷୟବସ୍ତୁ ଓ ଆଙ୍ଗିକକୁ ରୂପାୟନ କରୁଛି । ଆଧୁନିକ ଗଳ୍ପ ଆଉ ସରଳ ସହଜ ଘଟଣା-ନିର୍ଭର ଓ କୌଣସି ଏକ ପାରମ୍ପାରିକମାନ ପ୍ରାଚୀର ବେଷ୍ଟିତ ଟାଇପ୍ ଚରିତ୍ରମାନଙ୍କର ଚଢ଼ଆଖାନା ମାତ୍ର ନୁହେଁ । ଆଧୁନିକ ଗଳ୍ପ ଗୁଡ଼ିକରେ ଆମେ ଦେଖିବା କେଉଁଥିରେ ହୁଏତ ବିଶେଷ ବାହ୍ୟ ଘଟଣା

ନିରପେକ୍ଷ ଭାବେ ଆତ୍ମ ସଚେତନ ମଣିଷର ଅନ୍ତର୍ଲୋକର ବହୁ ଗୁପ୍ତ କୋଠରୀ ଉଦ୍‌ଘାଟିତ ହୋଇଛି । ପୁଣି ଆଉ କୋଉ ଗଳ୍ପରେ ଦେଖିବା ବ୍ୟକ୍ତିଗତ, ପାରିବାରିକ, ଗୋଷ୍ଠୀଗତ ମଣିଷର ଚେତନାରେ ବିଶେଷ ପରିସ୍ଥିତିରୁ ଉଦ୍‌ଭୂତ ବିଶେଷ ଧରଣର ଅନୁଭୂତି, ଚିନ୍ତା, ଭାବାବେଗ ଓ ଭାବାଦର୍ଶ ଗୁଡ଼ିକର ଅତି ସୂକ୍ଷ୍ମ ନାଟକୀୟ ସଂଘାତ, ଦ୍ୱନ୍ଦ୍ୱ ବା ସମାଧାନଶୂନ୍ୟ କିଛି ଗୋଟାଏ ବୌଦ୍ଧିକ ଉପଲବ୍ଧି । ପୁଣି ଅନ୍ୟ କୋଉ କୋଉ ଗଳ୍ପରେ ଦେଖିବାକୁ ପାଇବା ମନୁଷ୍ୟର ଅନ୍ତର୍ଲୋକରେ ବହୁ ଅବଦମିତ ପ୍ରବୃତ୍ତି ଓ କୁଣ୍ଠାମାନଙ୍କର କୋଳାହଳ, ଉତ୍‌କ୍ଷେପ ଓ ତା'ର ଭିତରେ ପୁଣି ଆତ୍ମିକ ମଣିଷଟିର ବନ୍ଧନ ମୁକ୍ତ ହୋଇ ଊର୍ଦ୍ଧ୍ୱ ଚେତନାଲାଭ କରିବାକୁ ବ୍ୟାକୁଳ ଆସ୍ପୃହା, ସଂପ୍ରାର୍ଥନାମୟୀ ଆକୁତି, ନିଷ୍କପଟ ସ୍ୱୀକାରୋକ୍ତି ଓ ଉନ୍ମେଷିତ ଚେତନାର ବିଭିନ୍ନ ସ୍ତରକୁ ସମାରୋହଣ । ପୁଣି ଆଉ କୋଉ କୋଉ ଗଳ୍ପରେ ପ୍ରକାଶ ପାଇଥାଏ ଉଚ୍ଛୃଙ୍ଖଳ ବୁର୍ଜୋଆ ସଭ୍ୟତା ପ୍ରତି ଓ କ୍ଷମତାଧିକାରୀ ମାନଙ୍କର ମିଥ୍ୟାଚାର, ଛଳନା, ଶୋଷଣ ମନୋବୃତ୍ତି ଓ ଅପକର୍ମ ଗୁଡ଼ିକ ପ୍ରତି ନିର୍ମମ କଟାକ୍ଷ, ନିନ୍ଦାଭର୍ତ୍ସନା, ବା ତୀକ୍ଷ୍ଣ ଶାଣିତ ବିଦ୍ରୂପ । ସମାଜରେ ପ୍ରତିଷ୍ଠିତ ଅଥଚ ଅସାର ଅର୍ଦ୍ଧମୃତ ମୂଲ୍ୟ ଗୁଡ଼ିକ ଉପରେ ଚାବୁକ୍ ପ୍ରହାର କରି ମଧ୍ୟ ବହୁ ଗଳ୍ପ ଲେଖାଯାଇଛି । ଆଉ କେତେକ ଆଧୁନିକ ଗଳ୍ପରେ ସାମାଜିକ କାରଣରୁ ବା ମନସ୍ତାତ୍ତ୍ୱିକ କାରଣରୁ ବା ଆଧ୍ୟାତ୍ମିକ କାରଣରୁ ନିଃସଙ୍ଗ ହୋଇ ପଡ଼ିଥିବା, ଆଉଟବାଇଆ ବୋଲି ମନେ ହେଉଥିବା, ଆଧୁନିକ ମଣିଷମନର ଅନେକାନେକ ସଂଗୁପ୍ତ ବେଦନା, ବହୁ ସୂକ୍ଷ୍ମାତିସୂକ୍ଷ୍ମ ଅଭିଳାଷ—ଅଥବା ଆତ୍ମସଚେତନ ବ୍ୟକ୍ତିମାନଙ୍କର ଅହଂଗତ ଆକାଂକ୍ଷା ବା ବାସନା ସମ୍ଭୂତ ଆତ୍ମଗତ ଆସ୍ପୃହାର ବୁଦ୍ଧିଗତ ଓ ବୋଧିଗତ ସୂକ୍ଷ୍ମଦ୍ୱନ୍ଦ୍ୱ—ଆତ୍ମ ସଂରକ୍ଷଣ, ଆତ୍ମ ପ୍ରକାଶ, ଆତ୍ମ ପ୍ରତିଷ୍ଠା ଓ ଆତ୍ମବିକାଶ କ୍ଷେତ୍ରରେ ବ୍ୟକ୍ତିର ନିଜ ସଙ୍ଗେ ଓ ଅପର ସଙ୍ଗେ ସଂଘର୍ଷ—ଏବଂ ବୁଦ୍ଧିର କାରାଗାର ଭିତରେ ବ୍ୟକ୍ତିପ୍ରାଣର ଦାବୀ ଓ ଆତ୍ମପୁରୁଷର ଆକୂତି ପ୍ରଭୃତି ଅତି ସୂକ୍ଷ୍ମ ସୁକୁମାର ବିଷୟମାନ ପ୍ରକାଶ ପାଇଥାଏ । ସେହିପରି ଆଉ କେତେକ ଗଳ୍ପରେ ପ୍ରେମ, ମୃତ୍ୟୁ, ପାପ, ଦୁଃଖ ଓ ନିୟତି ଭଳି ଚିରନ୍ତନ ମୌଳିକ ଆଧ୍ୟାତ୍ମିକ ସମସ୍ୟାକୁ ଗଳ୍ପର ଥିମ୍ ରୂପେ ଗ୍ରହଣ କରାଯାଇଛି ।

କିନ୍ତୁ ଆଗାମୀ ଯୁଗର ଅଧିକାଂଶ ଉଦୟମାନ ଗାଳ୍ପିକଙ୍କ ଗଳ୍ପରୁ ଆଶ୍ଚର୍ଯ୍ୟ ଭାବେ ରୋମାଣ୍ଟିସିଜମ୍ ଲୋପ ପାଇ ଯାଇଛି ବୋଲି ଆଶଙ୍କା ହୁଏ । ବରଂ ଅଧିକାଂଶ ଗାଳ୍ପିକ ଇଚ୍ଛାକୃତଭାବେ ଆଣ୍ଟିରୋମାଣ୍ଟିକ୍ ମନୋଭାବରୁ ଗଳ୍ପ ଲେଖୁଛନ୍ତି ବୋଲି ସନ୍ଦେହ ଆସେ । ଆଗାମୀ ଯୁଗର ବହୁ ଗାଳ୍ପିକମାନଙ୍କ ଲିଖିତ ଗଳ୍ପ ଗୁଡ଼ିକର ଭାଷାଶୈଳୀ ଋଜୁ ଓ ଉତ୍ତାପବିପନ୍ନ—ତୀକ୍ଷ୍ଣ ଓ

କର୍କଶ-ମୁଁ କାର ଧର୍ମୀ ଓ ଆଘାତ ସର୍ବସ୍ୱ । ତୀବ୍ର ପ୍ରତିକ୍ରିୟା ଜନିତ ଉଚ୍ଚସ୍ୱରରେ ଭର୍ତ୍ସନାବାଦ ହିଁ ଏମାନଙ୍କର ବକ୍ତବ୍ୟ । ସମାଜରେ ଯେଉଁ ଧନ,କ୍ଷମତା ଓ ଯୌନ ଉପଭୋଗର ଲିପ୍ସା ପ୍ରବଳ ହୋଇଉଠିଛି—ଏବଂ ସେହି ପରିପ୍ରେକ୍ଷୀରେ ଆଧୁନିକ ଯୁବ ପ୍ରାଣରେ ଯେଉଁ ହତାଶା, ବ୍ୟର୍ଥତାବୋଧ, ହୀନମନ୍ୟତା ଓ ସ୍ଥିତି ସଂଶୟ ଦେଖା ଦେଇଛି—ଆଗାମୀ ଯୁଗର ଗାଳ୍ପିକମାନେ ସେଇ ସବୁକୁ ନେଇ ଗଳ୍ପମାନ ଲେଖୁଛନ୍ତି । ମୋଟ ଉପରେ ଆଧୁନିକ ଯୁଗର ସାମାଜିକ ସଙ୍କଟ ଓ ଯନ୍ତ୍ରଣାହିଁ ହୋଇ ଉଠିଛି ଆଧୁନିକ ଯୁବଲେଖକମାନଙ୍କର ଗଳ୍ପ ରଚନାର ପ୍ରଧାନ ଉପଜୀବ୍ୟ । ବର୍ତ୍ତମାନର ଭଗ୍ନ ପ୍ରାୟ, କ୍ଷୟିଷ୍ଣୁ ଓ ବ୍ୟକ୍ତି ପୀଡ଼କ ସମାଜ ଓ ସଭ୍ୟତାକୁ ନଗ୍ନଭାବେ ଉଚ୍ଚାରରେ ବିଦ୍ରୂପ କରି ଜଗଦୀଶ ମହାନ୍ତିଙ୍କର "ବାହାରେ ଠିଆ ହୋଇଥିବା ଲୋକମାନେ" ଗଳ୍ପଟି ଲିଖିତ । ଏହା'ର ଭାଷାଶୈଳୀ ଆପାତତଃ ଅଶ୍ଳୀଳ ଓ ରୁକ୍ଷ ମନେ ହେଲେ ବି—ଗଳ୍ପର ଅନ୍ତର୍ଧ୍ୱନିଟି ଗଭୀର ଭାବେ କରୁଣ କିନ୍ତୁ ଯଶୋଧାରା ମିଶ୍ରଙ୍କ "ଗୋଟିଏ ରାଜାଙ୍କ ଗଳ୍ପ"ର ଭାଷାଶୈଳୀ ଖୁବ୍ ସହଜ ଆଉ ସୁକୁମାର । ଏବଂ ବର୍ତ୍ତମାନ ସମାଜର କ୍ଷୁଦ୍ର ମାନସିକତା ଭିତରେ ଅତୀତର ଏକ ସମ୍ଭ୍ରାନ୍ତ ଅଥଚ ମୁମୂର୍ଷୁ ମୂଲ୍ୟବୋଧର ପୁନଃ ସଞ୍ଜୀବନ ବା ପ୍ରତିଷ୍ଠା ହେତୁ ଗଳ୍ପଟିର ଆବେଦନ ମହିମାମୟ । କିନ୍ତୁ ଉଭୟେ ବଳିଷ୍ଠ ରଚନାଶୈଳୀ ଓ ଅନ୍ତର୍ଦୃଷ୍ଟିର ଅଧିକାରୀ । ଅବଶ୍ୟ ଆଗାମୀଯୁଗର ପ୍ରକାଶିତ ଅଧିକାଂଶ ଗାଳ୍ପିକଙ୍କ ଗଳ୍ପରୁ ସେମାନଙ୍କର ଜୀବନର ବ୍ୟାପକ ଓ ଗଭୀର ଅଭିଜ୍ଞତା ବା ଉପଲବ୍ଧିର ପରିଚୟ ମିଳେ ନାହିଁ । ମିଳେ ମଧ୍ୟ ନାହିଁ ଏକ ସ୍ୱତନ୍ତ୍ର ବଳିଷ୍ଠ ରଚନା ଶୈଳୀର ପରିଚୟ ।

## ଓଡ଼ିଆ ଗଳ୍ପ ସାହିତ୍ୟର ଭବିଷ୍ୟତ :

ତେବେ ସବୁଦିଗରୁ ବିଚାର କରି ଖୁବ୍ ଦୃଢ଼ ଭାବରେ କହିହେବ ଯେ ୧୯୫୦ ପରବର୍ତ୍ତୀ ଆଧୁନିକ ଓଡ଼ିଆ ଗଳ୍ପସାହିତ୍ୟ ତା'ର ପରିମାଣାତ୍ମକ ଓ ଗୁଣାତ୍ମକ ପରିସର ଭିତରେ ଖୁବ୍ ବିସ୍ତୃତି , ଗମ୍ଭୀରତା, ଜଟିଳତା ଓ ଉଚ୍ଚତା ଅର୍ଜନ କରିସାରିଲାଣି । ଭାବସମ୍ପଦ ଓ ଶୈଳୀସମ୍ପଦରେ ଆମ ଗଳ୍ପ ସାହିତ୍ୟ ଭାରତୀୟ ଅନ୍ୟାନ୍ୟ ପ୍ରାଦେଶିକ ଗଳ୍ପସାହିତ୍ୟ ସଙ୍ଗେ ସମକକ୍ଷ—ଏବଂ କେତେକ ଦିଗରୁ ମଧ୍ୟ ଅଧିକ ସମୃଦ୍ଧିର ଅଧିକାରୀ । ଏବଂ ଆମର କେତେକ ବିଶିଷ୍ଟ ଗାଳ୍ପିକଙ୍କର ଗଳ୍ପମାନ ଇଂରାଜୀଭାଷାରେ ଅନୂଦିତ ହୋଇ ଆନ୍ତର୍ଜାତିକ ସ୍ତରରେ ବିଦଗ୍ଧ ସାହିତ୍ୟିକ ଓ ପାଠକ ମାନଙ୍କ ଦ୍ୱାରା ବହୁମାନ ପୁରଃସର ଆଦୃତ ଲାଭ କଲାଣି । ଏଠାରେ ଆଉ ଗୋଟିଏ କଥା ମଧ୍ୟ ନିଶ୍ଚିନ୍ତରେ କହିହେବ ଯେ ଆଧୁନିକ ଓଡ଼ିଆ ଗଳ୍ପ ସାହିତ୍ୟରେ ଯେଉଁ ବିଶିଷ୍ଟ ଲେଖକମାନେ ୧୯୪୮-୫୦ ମସିହାଠାରୁ ଅଦ୍ୟାବଧି ଗଳ୍ପମାନ ଲେଖିଚାଲିଛନ୍ତି, ସେମାନେ ସମସ୍ତେ ଆପଣାର ମୌଳିକ ଓ ବଳିଷ୍ଠ ଭାଷାଶୈଳୀ ଏବଂ ମୌଳିକ ଓ ବିଚିତ୍ର ବିଷୟବସ୍ତୁ

ଅବଲମ୍ବନରେ ଏକୁଁ ଆରେଇ ଅନନ୍ୟତାର ଅଧିକାରୀ । ସେମାନଙ୍କ ନିରବଚ୍ଛିନ୍ନ ସାଧନାବଳରେ ସ୍ୱାଧୀନତାପର ଓଡ଼ିଆ ଗଦ୍ୟ ସାହିତ୍ୟ ମଧ୍ୟଯୁଗୀୟ ଓଡ଼ିଆ କାବ୍ୟ ସାହିତ୍ୟ ପରି ଆଶାତୀତ ଭାବେ ହମୁଦ୍ଧି ଲାଭ କରିଛି । କେହି କେହି ସାହିତ୍ୟ-ପର୍ଯ୍ୟବେକ୍ଷକଙ୍କ ମତରେ ଆଧୁନିକ ଓଡ଼ିଆ ସାହିତ୍ୟର ଅନ୍ୟାନ୍ୟ ବିଭାଗ ମଧ୍ୟରେ ଆମ ଗଳ୍ପସାହିତ୍ୟହିଁ ଅଧିକ ମୌଳିକତା ଓ ଉତ୍କର୍ଷ ପ୍ରଦର୍ଶନ କରିପାରିଛି । କହିବା ବାହୁଲ୍ୟ ଯେ, ଆମର ଗଳ୍ପ ସାହିତ୍ୟ ହିଁ ଓଡ଼ିଶାରେ ସାହିତ୍ୟ ପଠନର ସ୍ପୃହା ଜାଗ୍ରତ କରି ଆଶାତୀତ ଭାବେ ପାଠକ ସଂଖ୍ୟା ବୃଦ୍ଧି କରି ପାରିଛି । ପରି-ଶେଷରେ ଏହା ମଧ୍ୟ ନିର୍ମଳ ମନରେ ଆଶାକରାଯାଇ ପାରେ ଯେ, ଆମ ଗଳ୍ପ-ସାହିତ୍ୟର ଭବିଷ୍ୟତ ଆହୁରି ସମ୍ଭାବନାମୟ ଓ ସମୁଜ୍ଜ୍ୱଳ ହୋଇ ରହିଛି ।

## ସଂକଳନର କୈଫିୟତ :

ସଂପ୍ରତି ରାଜ୍ୟ ସାହିତ୍ୟ ଏକାଡେମୀଙ୍କ ଦ୍ୱାରା ଅନୁରୁଦ୍ଧ ହୋଇ ଏହି ସଂକଳନଟିର ସମ୍ପାଦନା କରିବାକୁ ହେଲା । ଏହି ସଂକଳନଟିର ନାମ "ଶତାବ୍ଦୀର ଶ୍ରେଷ୍ଠ ଗଳ୍ପ" ରଖାଯିବାକୁ ଏକାଡେମୀ ସ୍ଥିର କରିଛନ୍ତି । ଏହି ଧାରାରେ ପୂର୍ବରୁ "ଶତାବ୍ଦୀର ଶ୍ରେଷ୍ଠ କବିତା" ମଧ୍ୟ ସଙ୍କଳିତ ଓ ସମ୍ପାଦିତ ହୋଇ ପ୍ରକାଶ ପାଇଛି । ଏକାଡେମୀ "ଶତାବ୍ଦୀର ଶ୍ରେଷ୍ଠ ପ୍ରବନ୍ଧ" ନାମରେ ଆଉ ଖଣ୍ଡିଏ ସମ୍ପାଦିତ ସଙ୍କଳନ ମଧ୍ୟ ପ୍ରକାଶ କରି ସାରିଛନ୍ତି । ନିଶ୍ଚିତଭାବେ ଏହା ଏକ ପ୍ରଶଂସନୀୟ ଉଦ୍ୟମ ।

କିନ୍ତୁ ମୁସ୍କିଲ୍ କଥାହେଲା—ଗୋଟିଏ ଶତାବ୍ଦୀର ଗାଳ୍ପିକମାନଙ୍କ ଦ୍ୱାରା ଲିଖିତ ସହସ୍ର ସହସ୍ର ଗଳ୍ପ ଭିତରୁ ଶ୍ରେଷ୍ଠ ଗଳ୍ପ କେତୋଟି ବାଛିଦେବା ଆଦୌ ସହଜ ନୁହେଁ—ସମ୍ଭବ ମଧ୍ୟ ନୁହେଁ । ତା'ଛଡ଼ା, ବହୁ ଦିନରୁ ଗଳ୍ପ ଲେଖିଥିବା ଖ୍ୟାତମାନ ବରିଷ୍ଠ ଗାଳ୍ପିକଙ୍କର ଶ୍ରେଷ୍ଠ ଗଳ୍ପଟିକୁ ବାଛିଦେବା ମଧ୍ୟ ସମ୍ଭବ ନୁହେଁ । ଏପରିକି ଏବଂବିଧ ଲେଖକଙ୍କର ପ୍ରତିନିଧିମୂଳକ ଗଳ୍ପଟିଏ ମଧ୍ୟ ବାଛିହେବ ନାହିଁ । ଉଦାହରଣ ସ୍ୱରୂପ, ସୁରେନ୍ଦ୍ର ମହାନ୍ତିଙ୍କର "ଶ୍ରୀକୃଷ୍ଣଙ୍କର ଶେଷ ହସ" ଶ୍ରେଷ୍ଠ ପ୍ରତିନିଧିମୂଳକ ଗଳ୍ପ କି 'ବାସିମଡ଼ା', 'ମଙ୍ଗଳର ମୃତ୍ୟୁ' ପ୍ରଭୃତି ଶ୍ରେଷ୍ଠ ପ୍ରତିନିଧିମୂଳକ ଗଳ୍ପ—କେମିତି ବାଛି ହେବ ? କିଶୋରୀ ଚରଣ ଦାସଙ୍କ "ସଙ୍ଗୀତାର ବାପା" ଶ୍ରେଷ୍ଠ କି "ନାଲି ଗୁଲୁଗୁଲୁ ସାଧବ ବୋହୂ" ଶ୍ରେଷ୍ଠ ଅଥବା ପ୍ରତିନିଧିମୂଳକ ବୋଲି ଆମେ କେମିତି କହି ପାରିବା ? ଗୋପୀନାଥ ମହାନ୍ତି, ଅଖିଳ ପଟ୍ଟନାୟକ, ମନୋଜ ଦାସ, ବାମା ଚରଣ ମିତ୍ର ପ୍ରମୁଖମାନଙ୍କର ତହୁଁ ଭିନ୍ନ ତହୁଁ ଭିନ୍ନ ଓ ତହୁଁ ବଳି ତହୁଁ ବଳି ଗଳ୍ପ ଗୁଡ଼ିକ ଭିତରୁ ଯଥାର୍ଥ ଶ୍ରେଷ୍ଠ ପ୍ରତିନିଧିମୂଳକ ଗଳ୍ପଟିଏ ବାଛିଦେବା ଆଦୌ ସମ୍ଭବ ନୁହେଁ । ଏହାର

ଅନ୍ୟତମ କାରଣ ହେଲା—ଏହି ବିଶିଷ୍ଟ ଗାଳ୍ପିକମାନେ ସମାଜ ଚେତନା ଓ ବ୍ୟକ୍ତି ଚେତନା—ଉଭୟ ଚେତନାକୁ ନେଇ ବହୁ ଗଳ୍ପ ଲେଖିଛନ୍ତି । ବିଭିନ୍ନ ରଚନାଶୈଳୀର ପ୍ରୟୋଗ ଓ ପରୀକ୍ଷା କରିଛନ୍ତି । ଏ ସ୍ଥଳେ, ଗୋଟିଏ ସଙ୍କଳନରେ ଜଣେ ବିଶିଷ୍ଟ ଲେଖକଙ୍କର ବହୁ ଓ ବହୁବିଧ ଗଳ୍ପଗୁଡ଼ିକ ଭିତରୁ ଗୋଟିଏ ମାତ୍ର ଗଳ୍ପ ପ୍ରକାଶ କରି ଆମେ ତାକୁ ପ୍ରତିନିଧିମୂଳକ ଶ୍ରେଷ୍ଠ ଗଳ୍ପ ବୋଲି କହିବା ଅସମୀଚୀନ ନୁହେଁ କି ? "ଶତାବ୍ଦୀର ଶ୍ରେଷ୍ଠ କବିତା ସଂକଳନ"ରେ ଅନ୍ତତଃ ଏତିକି ସୁବିଧା ଥିଲା ଯେ ଜଣେ ଜଣେ ସୁପ୍ରତିଷ୍ଠିତ କବିଙ୍କର ଦୁଇ ତିନୋଟି କବିତା ଦିଆଯାଇ ପାରିଲା । ଏ ସ୍ଥଳେ କିନ୍ତୁ ଅସୁବିଧାଟି ହେଉଛି—ଗଳ୍ପଗୁଡ଼ିକ କବିତା ଭଳି କ୍ଷୁଦ୍ରାକାର ନୁହେଁ । ଅନ୍ତତଃ ଦଶ ପନ୍ଦର ପୃଷ୍ଠାରୁ ଗଳ୍ପଟିଏ ସାଧାରଣତଃ ସାନ ହୋଇ ପାରେନା । ଅଥଚ ଏଣେ ପୁଣି ସଂକଳନ ଗ୍ରନ୍ଥଟିର ପୃଷ୍ଠା ସଂଖ୍ୟା ନିର୍ଦ୍ଦିଷ୍ଟ ସୀମାରୁ ଅଧିକ ହେବା ଉଚିତ୍ ନୁହେଁ ବୋଲି ନିର୍ଦ୍ଦେଶ ରହିଛି ।

ଏହି ସଂକଳନଟି ସମ୍ପାଦନ କଲାବେଳେ ଆଉ ଗୋଟିଏ ଅସୁବିଧାର ମଧ୍ୟ ସମ୍ମୁଖୀନ ହେବାକୁ ପଡ଼ିଲା । ତା'ହେଲା—ବିଂଶ ଶତାବ୍ଦୀଟି ସରିବାକୁ ଆଉ କୋଡ଼ିଏଟି ବର୍ଷ ବାକି ରହିଛି । ଏହି ଆଗାମୀ ଦୁଇଦଶନ୍ଧି ମଧ୍ୟରେ ଆହୁରି ପ୍ରତିଭାବାନ ନବୀନ ଗାଳ୍ପିକମାନଙ୍କର ଉଦୟ ହେବ ଏବଂ ବର୍ତ୍ତମାନ ମଧ୍ୟ ସେତେଦୂର ଜାଜ୍ୱଲ୍ୟମାନ ହୋଇ ନଥିବା ନବୀନ ଗାଳ୍ପିକମାନେ ଆପଣା ସାଧନା ବଳରେ ଆଗାମୀ ଦୁଇ ଦଶନ୍ଧି ଭିତରେ ଖୁବ୍ ଅଧିକ ଜାଜ୍ୱଲ୍ୟମାନ ହେବେ । ଅଥଚ ଏଥିରେ ଆମେ ସେହି ସବୁ ପ୍ରତିଭାବାନ ଗାଳ୍ପିକମାନଙ୍କର ପ୍ରାଥମିକ ସ୍ତରର ଗଳ୍ପଟିଏ ବାଛିଛୁ—(ଯଦିଓ ଗୁଣାତ୍ମକ ଦୃଷ୍ଟିରୁ ସେ ଗଳ୍ପ ଖୁବ୍ ଉତ୍କୃଷ୍ଟ) ଏବଂ କେତେକଙ୍କର ମଧ୍ୟ ଆଦୌ ବାଛିନାହୁଁ । ଏସ୍ଥଳେ ଏ ସଂକଳନଟି ଏ ଶତାବ୍ଦୀର ପ୍ରତିନିଧିମୂଳକ ଶ୍ରେଷ୍ଠ ଗଳ୍ପ ସଂକଳନ ବୋଲି ଆମେ କେମିତି ବା ଦମ୍ଭୋକ୍ତି କରି ପାରିବା ? ଏହି ସମସ୍ୟାର ସମାଧାନ ପାଇଁ ମୁଁ ଏକାଡେମୀକୁ ଏହି ସଂକଳନଟିର ଦ୍ୱିତୀୟ ଭାଗ ପ୍ରକାଶ କରିବାକୁ ପରାମର୍ଶ ଦେଇଛି ।

ଏତଦ୍ ସତ୍ତ୍ୱେପି, ଏହି ଦୁରୂହ ସଙ୍କଳନଟି ସାଙ୍ଗ କରିବାକୁ ପଡ଼ିଲା । ଏଥିଲାଗି ମତେ ବର୍ଷାଧିକ କାଳ ବହୁ ପରିଶ୍ରମ କରିବାକୁ ପଡ଼ିଛି । ବହୁ ଗଳ୍ପଗ୍ରନ୍ଥ ସଂଗ୍ରହ କରି, ବହୁ ନୂତନ ଓ ପୁରାତନ ପତ୍ରପତ୍ରିକା ସଂଗ୍ରହ କରି ସହସ୍ରାଧିକ ଗଳ୍ପ ଅଧ୍ୟୟନ କରିବାକୁ ପଡ଼ିଛି—ଓ ସେ ଭିତରୁ ଯଥା ସମ୍ଭବ ପ୍ରତିନିଧି ସ୍ଥାନୀୟ ଭଲ ଗଳ୍ପଟିଏ ବାଛିବାକୁ ପଡ଼ିଛି । ମୋର ମନେ ହୁଏ, ଆଉ ଜଣେ ଏ କାର୍ଯ୍ୟଟି କରିଥିଲେ ହୁଏତ ଭିନ୍ନ ଗଳ୍ପ ସବୁ ବାଛିଥାନ୍ତେ ଏବଂ ତାହା ହୁଏତ ଏହାଠାରୁ

ଅଧିକ ପ୍ରତନଧି ସ୍ଥାନୀୟ ଓ ଉତ୍କୃଷ୍ଟତର ଗଳ୍ପ ସଂକଳନଟିଏ ହୋଇ ପାରିଥାନ୍ତା । କିନ୍ତୁ ତାହା ମଧ୍ୟ ଶେଷକଥା ହୋଇପାର ନଥାନ୍ତା । କାରଣ, ଏ କାର୍ଯ୍ୟଟି ସେହିପରି ଦୁଷ୍କର ଓ ସଂକଳନର ରୁଚି, ଜ୍ଞାନ ଓ ବୋଧ ନିର୍ଭର ବ୍ୟାପାର ।

ତଥାପି ମତେ ଏହି ଦୁଷ୍କର କାର୍ଯ୍ୟଟିକୁ କରିବାକୁ ପଡ଼ିଲା । ସେଥିଲାଗି ମୁଁ ଗୋଟିଏ ଉପାୟ ଚିନ୍ତା କଲି । ତା'ହେଲା—ଏହି ସଂକଳନଟି ଶତାବ୍ଦୀର ଶ୍ରେଷ୍ଠ ଗଳ୍ପର ସଂକଳନ ହେଉ ନ ହେଉ—ଅନ୍ତତଃ ଶତାବ୍ଦୀର ବିଶିଷ୍ଟ ପ୍ରତିଭାବାନ ଗାଳ୍ପିକମାନଙ୍କର କେତୋଟି ଭଲ ଗଳ୍ପର ସଂକଳନ ହେଉ ଏବଂ ଏହି କେତୋଟି ଗଳ୍ପ ଭିତରେ ଗୋଟିଏ ଶତାବ୍ଦୀର ଓଡ଼ିଶା ଏବଂ ତାʼର ଅଧିବାସୀଙ୍କର ବିଚିତ୍ର ଜୀବନଲୀଳାର ରସାତ୍ମକ ଆଲେଖ୍ୟ ଯଥା ସମ୍ଭବ ଚିତ୍ରିତ ହୋଇଥାଉ । ସେଥିଲାଗି, ମୁଁ ଏପରି କେତୋଟି ଗଳ୍ପ ବାଛିଛି—ଯାହାକି ସେହି ବିଶିଷ୍ଟ ଗାଳ୍ପିକଙ୍କର ଲିଖିତ ଭଲ ଗଳ୍ପମାନଙ୍କ ଭିତରୁ ନିଶ୍ଚୟ ଅନ୍ୟତମ ହୋଇଥିବ ଏବଂ ଓଡ଼ିଆ ଜାତିର ବିଚିତ୍ର ଜୀବନଲୀଳାର ଏକ ବିଶେଷ ଛବି ବା ସମସ୍ୟା ସେଥିରେ ଚିତ୍ରିତ ହୋଇଥିବ । ଓଡ଼ିଶାରେ ଗୋଟିଏ ଶତାବ୍ଦୀ ଭିତରେ ସାମାଜିକ ଜୀବନରେ ବହୁ ବହୁ ଘଟଣା ଦୁର୍ଘଟଣା ଘଟିଛି । ଯଥା—ପ୍ରଥମ ଓ ଦ୍ୱିତୀୟ ମହାଯୁଦ୍ଧର ପ୍ରଭାବ—ସ୍ୱାଧୀନତା ଆନ୍ଦୋଳନ—ସ୍ୱତନ୍ତ୍ର ପ୍ରଦେଶ ଗଠନ—ସ୍ୱାଧୀନତା ପ୍ରାପ୍ତି — ଗଣ ନିର୍ବାଚନ—ପଞ୍ଚାୟତିରାଜ - ଧାର୍ମିକ ଓ ସାମାଜିକ ଆନ୍ଦୋଳନ—ସାମ୍ପ୍ରଦାୟିକ କନ୍ଦଳ—ବନ୍ୟା, ବାତ୍ୟା, ମରୁଡ଼ି, ଦୁର୍ଭିକ୍ଷ ପ୍ରଭୃତି ପ୍ରାକୃତିକ ଦୁର୍ଯୋଗ, ରାଜନୈତିକ ହଟଚମଟ - ଇତ୍ୟାଦି ଇତ୍ୟାଦି । ଏହାଛଡ଼ା ମଧ୍ୟ, ଓଡ଼ିଶାର ଭୌଗୋଳିକ ଛବି,ଏହାର ବିଚିତ୍ର ରୁଦ୍ର ସୁନ୍ଦର ପ୍ରକୃତି ଏହାର ବିଭିନ୍ନ ବୃତ୍ତିଧାରୀ ମଣିଷ—ଏହାର ବିଭିନ୍ନ ଜାତି ଉପଜାତି (ହରିଜନ, ଗିରିଜନ)—ଏହାର ବିଭିନ୍ନ ଡାଏଲେକ୍ଟ ବା କଥ୍ୟଭାଷା—(ସମ୍ବଲପୁରୀ, ଗଞ୍ଜାମୀ, ବାଲେଶ୍ୱରୀ) ଓଡ଼ିଆମାନଙ୍କର ବିଭିନ୍ନ ସାମାଜିକ ଅନୁଷ୍ଠାନ, ପୂଜାପାର୍ବଣ—ଏ ରାଜ୍ୟର ଅଧିବାସୀମାନଙ୍କ ବିଭିନ୍ନ ବିଶ୍ୱାସ ଓ ଧାରଣା, ଏ ରାଜ୍ୟର କୃଷୀ, ଶ୍ରମିକ, ପୁରୋହିତ, ହାକମ, ବ୍ୟବସାୟୀ, ଯାତ୍ରାବାଲା, କାରିଗର, ଧନୀ, ଦରିଦ୍ର, ସନ୍ନ୍ୟାସୀ, ଶିକ୍ଷକ, ରାଜନୈତିକ ନେତା, ଡାକ୍ତର, ହିନ୍ଦୁ, ମୁସଲମାନ ଖ୍ରୀଷ୍ଟିଆନାଦି ବିଭିନ୍ନ ଧର୍ମ ସଂପ୍ରଦାୟ ପ୍ରଭୃତି ସବୁ ପ୍ରକାର ମଣିଷ ଓ ଜୀବନ ଧାରାର କଥା ଯେମିତି ନିର୍ବାଚିତ ଗଳ୍ପମାନଙ୍କରେ ଯଥା ସମ୍ଭବ ପ୍ରକାଶ ପାଇବ—ଏବଂ ସେ ସବୁ ସହିତ ବିଭିନ୍ନ ସମୟରେ ଓଡ଼ିଶାର ବୌଦ୍ଧିକ ଆନ୍ଦୋଳନରୁ ଉଦ୍‌ଭୂତ ନୂତନ ଚିନ୍ତା, ଭାବାଦର୍ଶଗୁଡ଼ିକ ମଧ୍ୟ ଯେପରି ନିର୍ବାଚିତ ଗଳ୍ପଗୁଡ଼ିକରୁ ବ୍ୟଂଜିତ ହେଉଥିବ ସେ ଦିଗରେ ମଧ୍ୟ ସମ୍ୟକ୍ ସାବଧାନୀ ଦୃଷ୍ଟି ରଖିବାକୁ ପଡ଼ିଛି । ପୁଣି ବିଭିନ୍ନ ଧରଣର ମୌଳିକ ଓ ବିଳକ୍ଷଣ ରଚନାଶୈଳୀ ଓ ବିଭିନ୍ନ ଧରଣର ବିଷୟବସ୍ତୁ,

ଆଧାରିତ ଗଳ୍ପ ମଧ୍ୟ ବାଛିବାକୁ ପଡ଼ିଛି । ଯଥା, ଐତିହାସିକ, ସାମାଜିକ, ଆଧ୍ୟାତ୍ମିକ, ପୌରାଣିକ ଓ ରୋମାଣ୍ଟିକ୍ ପ୍ରସଙ୍ଗ ମୂଳକ ଇତ୍ୟାଦି ଇତ୍ୟାଦି ।

କହିବା ବାହୁଲ୍ୟ ଯେ, ୧୯୫୦ ମସିହା ପରଠାରୁ ଆଜି ପର୍ଯ୍ୟନ୍ତ ବହୁ ଗାଳ୍ପିକ ଗଳ୍ପ ରଚନାରେ ବ୍ରତୀ ହୋଇଛନ୍ତି । କିନ୍ତୁ ଶ୍ରେଷ୍ଠ ବା ପ୍ରତିନିଧି ସ୍ଥାନୀୟ ଗଳ୍ପଟିଏ ସେଗୁଡ଼ିକ ଭିତରୁ ନିର୍ବାଚନ କଲାବେଳେ ମୋତେ ଗଳ୍ପଟିର ରଚନାଶୈଳୀରେ କୌଣସି ବିଶେଷତ୍ୱ, ସ୍ୱାତନ୍ତ୍ର୍ୟ, ମୌଳିକତା, ସ୍ୱାଭାବିକତା, ସରସତା ଓ ଜୀବନୀଶକ୍ତି ଅଛି କି ନାହିଁ ତାହା ଦେଖିବାକୁ ପଡ଼ିଛି । ତା'ଛଡ଼ା ମଧ୍ୟ ଦେଖିବାକୁ ପଡ଼ିଛି ଗଳ୍ପଟିର ବିଷୟବସ୍ତୁରେ କୌଣସି ଗୁରୁତ୍ୱ, ଅଭିନବତ୍ୱ, ବାସ୍ତବତା ଓ ବିଚିତ୍ରତା ଅଛି କି ନାହିଁ ! ଆଉ ମଧ୍ୟ ଦେଖିବାକୁ ପଡ଼ିଛି - ଗଳ୍ପଟିରେ ଲେଖକଙ୍କର ସୃଜନାତ୍ମକ କଳ୍ପନା ଶକ୍ତି, ଜୀବନ ସଂପର୍କରେ ବ୍ୟାପକ ଓ ଗଭୀର ଅଭିଜ୍ଞତା, ଦୂରଦୃଷ୍ଟି ବା ଅନ୍ତର୍ଦୃଷ୍ଟିର କଳାତ୍ମକ ପ୍ରତିଫଳନ ହୋଇଛି କି ନାହିଁ । ଆହୁରି ମଧ୍ୟ ବିଚାର କରିବାକୁ ପଡ଼ିଛି—ଗଳ୍ପଟିର ପ୍ରଭାବ ଫଳରେ ପାଠକ ମନରେ ବା ହୃଦୟରେ ଜୀବନ ପ୍ରତି ଆସ୍ଥା, ଉତ୍ସାହ, ଉଦ୍ଦୀପନା, ବିଶ୍ୱାସ ବା କୌଣସି ବୃହତ୍ତର ବା ଗଭୀରତର ଚେତନାର ଉପଲବ୍ଧି ସୃଷ୍ଟି ହୋଇ ପାରୁଛି କି ନାହିଁ । ପରିଶେଷରେ ମୁଁ ଦେଖିଛି— ନିର୍ବାଚିତ ଗଳ୍ପଟି ଯେପରି ଗୋଟିଏ ନିର୍ଦ୍ଦିଷ୍ଟ ସମୟ ଓ ସ୍ଥାନକୁ ନେଇ ଏବଂ ଗୋଟିଏ ନିର୍ଦ୍ଦିଷ୍ଟ ଅଞ୍ଚଳର ମଣିଷକୁ ନେଇ ରଚିତ ହୋଇଥିଲେ ବି ତାହା ଯେପରି ଚିରନ୍ତନ ବିଶ୍ୱସାହିତ୍ୟର ଅନ୍ତର୍ଭୁକ୍ତ ହୋଇପାରିବାଭଳି (Classical) ଯୋଗ୍ୟତା ଅର୍ଜନ କରିଥିବ ।

ମୋଟ ଉପରେ ଏହି ସଂକଳନଟି ସଂପନ୍ନ କଲାବେଳେ ମତେ ଯଥାସାଧ୍ୟ ସଚେତନ ଭାବେ ଚେଷ୍ଟା କରିବାକୁ ପଡ଼ିଛି——ଯେପରିକି ଏହି ଗଳ୍ପ ସଂକଳନଟି ପାଠକଲାପରେ ଜଣେ ମାର୍ମିକ ପାଠକ, ଓଡ଼ିଆ ଜାତିର ଗୋଟିଏ ଶତାବ୍ଦୀ ବିଧୃତ—ଜୀବନଲୀଳାର ଯଥାସମ୍ଭବ ପ୍ରତିଛବି ଦେଖିବାକୁ ପାଇବ—ଏବଂ ଗୋଟିଏ ଜାତିର ଜୀବନ ଦର୍ଶନର ଯଥା ସମ୍ଭବ ପ୍ରତିଧ୍ୱନି ଶୁଣିବାକୁ ପାଇବ । ଏବଂ ତତ୍ ସଙ୍ଗେ ସଙ୍ଗେ ମଧ୍ୟ ଚିରନ୍ତନ ମାନବର ଜୀବନଲୀଳା ଓ ଜୀବନଦର୍ଶନର ପ୍ରତିଛବି ଓ ପ୍ରତିଧ୍ୱନି ଏଗୁଡ଼ିକରୁ ଦେଖିବାକୁ ଓ ଶୁଣିବାକୁ ମିଳିବ ।

ନିର୍ବାଚିତ ଗଳ୍ପଗୁଡ଼ିକ ଉପରେ ମୋର ଦୃଢ଼ ଧାରଣା ହେଲା ଏଗୁଡ଼ିକ ଯେପରି ଭାଷା ଓ ବିଷୟ ଦୃଷ୍ଟିରୁ ଖାଣ୍ଟି ଓଡ଼ିଆ ଜୀବନର ଛବି— ସେହିପରି ମଧ୍ୟ ଏଗୁଡ଼ିକ ବିଭିନ୍ନ ଭାଷାରେ ଅନୂଦିତ ହେଲେ—ସର୍ବଭାରତୀୟ ଓ ଆନ୍ତର୍ଜାତିକ ସ୍ତରର ବିଦଗ୍ଧ ପାଠକସମାଜ ଦ୍ୱାରା ଚିରନ୍ତନଗଳ୍ପ ସାହିତ୍ୟରୂପେ ସମାଦୃତ

ହୋଇପାରିବ । କାରଣ, ଏହିସବୁ ନିର୍ବାଚିତ ଗଳ୍ପଗୁଡ଼ିକ ଗୋଟିଏ ଜାତି,ଗୋଟିଏ ରାଜ୍ୟ ଓ ଗୋଟିଏ ନିର୍ଦ୍ଦିଷ୍ଟ ସମୟର ଘଟଣାକୁ ନେଇ ଲିଖିତ ହୋଇଥିଲେ ବି— ଏଗୁଡ଼ିକରେ ବିଶ୍ୱମାନବର ଚିରନ୍ତନ ଜୀବନ ଲୀଳାର ରହସ୍ୟ, ମର୍ମ, ଅର୍ଥ ଓ ଛବି ଲେଖକର ସ୍ୱକୀୟ ସୃଜନାତ୍ମକ ଅପୂର୍ବ ଭାଷାଶୈଳୀରେ ଲିପିବଦ୍ଧ ରହିଛି । ମୋର ଦୃଢ଼ ବିଶ୍ୱାସ ଯେ, ଏହି ଗଳ୍ପଗୁଡିକ ନିଶ୍ଚିନ୍ତଭାବେ ଆମ ଗଳ୍ପାମୋଦୀ ପାଠକ ପାଠିକାମାନଙ୍କୁ ଜୀବନ ସଂପର୍କରେ ଆନନ୍ଦ ଓ ଆଲୋକର ବାର୍ତ୍ତା ଯୋଗାଇ ଦେଇ ପାରିବେ ।

**ମହାପାତ୍ର ନୀଳମଣି ସାହୁ**

# ସୂଚୀ


| ବିଷୟ | ଲେଖକ | ପୃଷ୍ଠା |
|---|---|---|
| ଅଧର୍ମ ବିତ୍ତ | ୰ ଫକୀରମୋହନ ସେନାପତି | ୧ |
| ସେବତୀର ଶବ | ୰ ଗୋଦାବରୀଶ ମିଶ୍ର | ୨୦ |
| ମାଳତୀ | ୰ ବାଙ୍କନିଧି ପଟ୍ଟନାୟକ | ୩୫ |
| ରୂପର ମୂଲ୍ୟ | ଶ୍ରୀ ଦୟାନିଧି ମିଶ୍ର | ୪୦ |
| ବିଖ୍ୟାତ କଟକରୁ ଅଖ୍ୟାତ ପଲ୍ଲୀ | ୰ ଗୋଦାବରୀଶ ମହାପାତ୍ର | ୫୨ |
| ଧର୍ମଶାଳା | ଡକ୍ଟର ହରେକୃଷ୍ଣ ମହତାବ | ୫୮ |
| ଡାହାଣୀ ଆଲୁଅ | ଶ୍ରୀ ଉପେନ୍ଦ୍ର କିଶୋର ଦାସ | ୭୨ |
| ହାପୁଆ | ଶ୍ରୀ କାଳନ୍ଦୀ ଚରଣ ପାଣିଗ୍ରାହୀ | ୮୬ |
| ପଶୁ | ଶ୍ରୀ ରାଜକିଶୋର ପଟ୍ଟନାୟକ | ୯୫ |
| ହଷ | ଶ୍ରୀ ହରିଶ୍ଚନ୍ଦ୍ର ବଡ଼ାଲ | ୧୦୫ |
| ହେଡ଼ମାଷ୍ଟର | ଶ୍ରୀ ବିଭୂତିଭୂଷଣ ତ୍ରିପାଠୀ | ୧୧୮ |
| ଭିକ୍‌ସା | ଶ୍ରୀ ଅନନ୍ତ ପ୍ରସାଦ ପଣ୍ଡା | ୧୨୬ |
| ମୁଣ୍ଡି ସାହାଡ଼ା | ଶ୍ରୀ କାହ୍ନୁଚରଣ ମହାନ୍ତି | ୧୩୧ |
| ଭ୍ରମର | ଶ୍ରୀ ସତ୍ୟାନନ୍ଦ ବେହୁରା | ୧୩୬ |
| ବାଜିଆ ପ୍ରସଙ୍ଗ | ଶ୍ରୀ ପୁଳିନ୍ ବିହାରୀ ରାୟ | ୧୪୨ |
| ଶିକାର | ୰ ଭଗବତୀ ଚରଣ ପାଣିଗ୍ରାହୀ | ୧୫୧ |
| ଘାସିପଡ଼ାର ମାୟା | ଶ୍ରୀ କମଳାକାନ୍ତ ଦାସ | ୧୫୫ |
| ମାଙ୍କଡ଼ ଦଆଣି | ଶ୍ରୀ ନିତ୍ୟାନନ୍ଦ ମହାପାତ୍ର | ୧୬୬ |
| କେହି ନୁହେଁ | ଶ୍ରୀ ସଚ୍ଚିଦାନନ୍ଦ ରାଉତରାୟ | ୧୮୩ |
| ଫିମ୍ପୁଡ଼ି | ଶ୍ରୀ ଗୋପୀନାଥ ମହାନ୍ତି | ୧୯୪ |
| ବଉଳ | ଶ୍ରୀ ରାଜକିଶୋର ରାୟ | ୨୧୦ |
| ଷଣ୍ଢହତ | ଶ୍ରୀ ପ୍ରାଣବନ୍ଧୁ କର | ୨୧୬ |
| ମାଡ଼ାଗ୍ରସ୍ତୀ | ଶ୍ରୀ ବସନ୍ତ କୁମାର ଶତପଥୀ | ୨୨୩ |
| [illegible] ସିଙ୍ଗ | ୰ ବାମାଚରଣ ମିଶ୍ର | ୨୩୩ |

| ବିଷୟ | ଲେଖକ | ପୃଷ୍ଠା |
|---|---|---|
| ପେଡ଼ିଭରି ତମ୍ବା | ଶ୍ରୀ ଭୁବନେଶ୍ୱର ବେହେରା | ୧୪୩ |
| ଭ୍ରାନ୍ତ ଯମକ | ଶ୍ରୀ ବ୍ରହ୍ମାନନ୍ଦ ପଣ୍ଡା | ୧୫୫ |
| ଶ୍ରୀକୃଷ୍ଣଙ୍କ ଶେଷହସ | ଶ୍ରୀ ସୁରେନ୍ଦ୍ର ମହାନ୍ତି | ୧୬୨ |
| ମହ ନନ୍ଦ | ବସନ୍ତ କୁମାରୀ ପଟ୍ଟନାୟକ | ୧୭୨ |
| ସଙ୍ଗୀତାର ବାପା | ଶ୍ରୀ କିଶୋରୀ ଚରଣ ଦାସ | ୧୮୦ |
| ଗୋଟିଏ ସନ୍ଧ୍ୟାର ପ୍ରଳାପ... | ମହାପାତ୍ର ନୀଳମଣି ସାହୁ | ୧୯୯ |
| ଅଶୁଭ ପୁତ୍ରର କାହାଣୀ | ଶ୍ରୀ ଅଚ୍ୟୁତାନନ୍ଦ ପତି | ୩୧୧ |
| ଉପକଥାର ନାୟକ | ଶ୍ରୀ ରାଜକିଶୋର ମହାନ୍ତି | ୩୧୭ |
| କଇଁଚ | ଶ୍ରୀ ବିଜୟକୃଷ୍ଣ ମହାନ୍ତି | ୩୩୦ |
| ଚନ୍ଦ୍ରର ଅଭିଶାପ | ଶ୍ରୀ ଅଖିଳ ମୋହନ ପଟ୍ଟନାୟକ | ୩୪୮ |
| ବନ୍ୟା ପରେ | ଶ୍ରୀ ଚନ୍ଦ୍ରଶେଖର ରଥ | ୩୬୫ |
| ସୀମାବନ୍ଧ | ଶ୍ରୀ ସାତକଡ଼ି ହୋତା | ୩୭୭ |
| ବୁଢ଼ୀ କରସାଙ୍କ | ଶ୍ରୀ ଦୁର୍ଗାମାଧବ ମିଶ୍ର | ୩୯୨ |
| ଭସା ମେଘ | ଶ୍ରୀମତୀ ନନ୍ଦିନୀ ଶତପଥୀ | ୪୦୦ |
| ମୁଖା | ଡଃ କୃଷ୍ଣପ୍ରସାଦ ମିଶ୍ର | ୪୦୭ |
| ପିଠି | ଶ୍ରୀ ଶାନ୍ତନୁ କୁମାର ଆଚାର୍ଯ୍ୟ | ୪୧୭ |
| ମର୍କଟିକା | ଶ୍ରୀମତୀ ରାଜେଶ୍ୱରୀ ଦଳବେହେରା | ୪୨୮ |
| ବାଉଁଶରାଣୀ | ଶ୍ରୀ ଅବନୀ କୁମାର ବରାଳ | ୪୩୭ |
| ବିପ୍ଳବର ଅନ୍ୟ ନାମ | ଶ୍ରୀ ଦଶରଥ ସାମଲ | ୪୪୪ |
| ଭୁତୁଣୀ : ଏକ ବିଦାୟ | ଶ୍ରୀ ମନୋଜ ଦାସ | ୪୬୫ |
| କବନ୍ଧ | ଶ୍ରୀ ରବି ପଟ୍ଟନାୟକ | ୪୭୭ |
| ଇନ୍ଦ୍ରଧନୁର ରଙ୍ଗ | ଶ୍ରୀମତୀ ବୀଣାପାଣି ମହାନ୍ତି | ୪୯୭ |
| ଅନ୍ତଃସ୍ୱର | ଶ୍ରୀ ନିମାଇଁ ପଟ୍ଟନାୟକ | ୫୦୮ |
| ସମାନ୍ତର ସରଳରେଖା | ଶ୍ରୀ ବିଭୂତି ପଟ୍ଟନାୟକ | ୫୧୬ |
| ଇନଭେଣ୍ଟ୍ରି | ଶ୍ରୀ ରମେଶ ଧଳ | ୫୨୬ |
| ମାଷ୍ଟର ମିଆଁ | ଶ୍ରୀ ହରିହର ଦାଶ | ୫୩୪ |
| ଅମୂର୍ତ୍ତି | ଶ୍ରୀମତୀ କନକ ଦେବୀ | ୫୪୫ |
| ସମୁଦ୍ର | ଶ୍ରୀ ଗଣେଶ୍ୱର ମିଶ୍ର | ୫୬୧ |
| ନିଶା | ଶ୍ରୀ ପୂର୍ଣ୍ଣାନନ୍ଦ ଦାଣୀ | ୫୬୭ |
| ଭୂତର ଛୁଆ | ଶ୍ରୀ ନାରାୟଣ ପ୍ରୁଷେଠ୍ | ୫୮୩ |

| ବିଷୟ | ଲେଖକ | ପୃଷ୍ଠା |
|---|---|---|
| ସାଧାରଣ ସଭା | ଶ୍ରୀ ପ୍ରଫୁଲ୍ଲ କୁମାର ତ୍ରିପାଠୀ | ୫୯୫ |
| ଦ୍ୱିତୀୟ ଶ୍ମଶାନ | ଶ୍ରୀ ରାମଚନ୍ଦ୍ର ବେହେରା | ୬୦୬ |
| ଚନ୍ଦ୍ରସେଣାର ଦୁଃଖ | ଶ୍ରୀ ପଦ୍ମଜ ପାଲ | ୬୧୮ |
| ପଦବୀ | ଶ୍ରୀ ପ୍ରସନ୍ନ କୁମାର ପାଟଶାଣୀ | ୬୨୯ |
| ଗୋଟିଏ ରଜାଙ୍କ ଗପ | ଶ୍ରୀମତୀ ଯଶୋଧାରା ମିଶ୍ର | ୬୩୧ |
| ବାହାରେ ଠିଆହୋଇଥିବା ଲୋକମାନେ | ଶ୍ରୀ ଜଗଦୀଶ ମହାନ୍ତି | ୬୪୫ |
| କାନ୍ଦୁରି | ଶ୍ରୀ ଦାଶ ବେନହୁର | ୬୬୪ |

# ଅଧର୍ମ ବିତ୍ତ

## ଫକୀରମୋହନ ସେନାପତି

ବିଜେ ନରହରିପୁର ଶାସନମୁଣ୍ଡ ସାହାଳାଦରକୁ ଛାଡ଼ି ପଚିଶ ଛ ଠିଏ କଦମ ଦୂରରେ ବଳଦେବଙ୍କ ପୂଜାପିଣ୍ଡି ବା ପୂଜାମଣ୍ଡପ । ଗ୍ରାମ ଦିଗକୁ ଛାଡ଼ି ପିଣ୍ଡିର ଆଉ ତିନିପଟରେ ପାଞ୍ଚସାଲି, ଦଶସାଲି, ମଧଭଲା ଅଧା ପୁରୁଣା ବୁଢା, ଗଣ୍ଡାଏରେ ଶହେସାତ ନଡ଼ିଆଗଛ । ଏଗୁଡ଼ିକ ଶାସନ ମହାଜନଙ୍କ କୋଠ ଗଛ । ଫଳ ଏକ ସଙ୍ଗରେ ତୋଳାଯାଇ ଭାଗପିଛେ ବାଣ୍ଟା ହୁଏ ।

ସକାଳଓଳି ବେଳପଡ଼ିକ ସମୟରେ ନଡ଼ିଆଗଛ ମୂଳରେ ଜଣେ ପ୍ରବୀଣ ବ୍ରାହ୍ମଣ ଗୋସାଇଁ ବିଜେ ହୋଇଛନ୍ତି । ପୁରୁଖା ପୁରୁଖା ଭଲଆ ଆଉ ମର୍ଯ୍ୟାଦାବନ୍ତ ପୁଣି ଦୂର ଗାଁରୁ ଆସିଥିବା ବନ୍ଧୁମାନେ ନଡ଼ିଆପତ୍ର ବୁଟା ଚଟେଇରେ ବସିଛନ୍ତି, ଆଉ ସମସ୍ତଙ୍କର ଭୂମ୍ୟାସନ । ସାନ ପିଲାଗୁଡ଼ାକ ସକାଳୁ ସଞ୍ଜଯାଏ ନଡ଼ିଆବୁରେଇ ତଳେ ଧାଁ ଦଉଡ଼ ଦୋହୋ ପାଟିକରି ଖେଳୁଥାନ୍ତି, ହେଲେ ଆଜି ସେମାନଙ୍କ ପାଟିରେ କଥା ନାହିଁ । ଯୋଡ଼ିକୁ ଯୋଡ଼ି ପୁଞ୍ଜାକୁ ପୁଞ୍ଜା ପିଲା ଖୁବ୍ ଦୂରରେ ବୁରେଇ ଭିତରେ ବୁଲିବୁଲି ଗୋସାଇଁମାନଙ୍କ ସଭା ଦେଖୁଛନ୍ତି । ସେମାନେ ବି ମନଭିତରେ ଯେମନ୍ତ ବୁଝିଛନ୍ତି ଆଜି ଗାଁରେ ଭାରି ଗୋଟାଏ କ'ଣ ହେବ । ଶାସନଗୋସାଇଁମାନଙ୍କୁ ଛାଡ଼ି ଆହୁରି ବି ଆଠ ଦଶ ଜଣ ଦୂରଦୂରନ୍ତର ଗାଁରୁ ଗୋସାଇଁମାନେ ଆସି ଉପସ୍ଥିତ, ବିପଦଗ୍ରସ୍ତ ବନ୍ଧୁମାନଙ୍କୁ ସଂଝୁଲିବାପାଇଁ ଆସିଛନ୍ତି । ଭେଣ୍ଟିଆ ଜଗୁପଣ୍ଡାଏ ଦୁଇଗୋଡ଼ପାପୁଲିରେ ଗୋଟିଏ ପଥରକୁଣ୍ଡି ଜାକିଧରି ମୁଣ୍ଡପୋତି ଗୋଟାଏ ନାସଘୋଟା ବାଡ଼ିରେ ଘଷର ଘଡ଼ର କରି ନାସ ଘୋଟୁଥିଲେ । ଘୋଟା ହୋଇଗଲା । ଅଗେ ମୁରବି ଭଲଆ ଲୋକଙ୍କ ଆଗରେ, ପଛକେ ଆଉ ଆଉ ମହାଜନଙ୍କ ଅଗରେ କୁଣ୍ଡି ଦେଖାଇଲେ । ସମସ୍ତେ ଟିପେଟିପେ ନାସ ନେଇ ସୁଁ ସୁଁ କରି ନାକ ଦୁଇ ପୁଡ଼ାରେ ଗୁଞ୍ଜି ଦେଲେ ।

ନାସ ଶୁଙ୍ଘାଶୁଙ୍ଘି ବାଦେ ପ୍ରଥମେ ଲକ୍ଷ୍ମଣ ମିଶ୍ରେ ପଚାରିଲେ "ମାମୁଁ, କର୍ଜାଟା ତୁମ ଅଂଗିତା, ନା ଅଜାଙ୍କ ଦେହକର ?" (ଲକ୍ଷ୍ମଣ ମିଶ୍ରେ ଦିବାକର ଦ୍ୱିବେଦୀଙ୍କ ଭଣଜା, ଏଣ୍ଟ୍ରାନସ ପାସ୍, ଗୋଟାଏ ମାଇନର ସ୍କୁଲର ହେଡ଼୍‌ମାଷ୍ଟର । ମାମୁଁଙ୍କ ବିପଦ କଥା ଶୁଣି ଆଉ ଆଉ ବନ୍ଧୁଙ୍କ ପରି ସଂଝୁଲି ଆସିଛନ୍ତି ।)

ଦ୍ୱିବେଦୀଏ କହିଲେ, "ନାହିଁ ନାହିଁ, ବାପା ! ମୋ ଅଂଗିତା ଯୋଡ଼ାଏ ପଇସା ବି ନୁହେଁ । ବାପା ତାଙ୍କ ମରିଆଁ ଝିଅ ଭାଗ୍ୟନାମ୍ନୀ ମଙ୍ଗଳକୃତ୍ୟକୁ ସାହୁ ପାଖରୁ ଶହେ ଟଙ୍କା ଝଣ୍ଟେ ତାଳପତ୍ର ଗୁଜା ଲେଖିଦେଇ ଆଣିଥିଲେ । ତହିଁଆର ବରଷ ପଞ୍ଚ ଶହି ଟଙ୍କା ନେଇ ସାହୁ ପାଖକୁ ଗଲେ । ମନରେ ଜାଣିଥିଲେ, କଳାନ୍ତର ଛଡ଼ାଇ-ଦେଇ ମୂଳକୁ ବାକି ପଇଠ କରିଦେବେ । ମହାଜନ ଟଙ୍କା ଦେଖି ଜିଭ କାମୁଡ଼ି ପକାଇ କହିଲା,'ଏ···ଏକଣ ଗଦେଇ କକେଇ ? ଶୁଣିଲି, ତୁମେ ପରା ଧାନ ବିକି ଏ ଟଙ୍କା ରଖିଛ । ରାମ··· ରାମ··· ରାମ ! ଏଟା କି କଥା ? କୁଟୁମ୍ବଦାରିଆ ଘର, ଧାନ ହେଉଛି ଜୀବନ, ଧାନ ହେଉଛି ଲକ୍ଷ୍ମୀ, ତାକୁ କ'ଣ ବିକନ୍ତି ? କେତେ ବା ଧାନ ପାଇଛ—ଉଠାଅ, ଉଠାଅ, ଟଙ୍କା ଉଠାଅ । ତୁମେ ମୋ କୁଳପୁରୋହିତ, ସହଜରେ ଧର୍ମର କକେଇ । ଟଙ୍କାଟା ତୁମ ପାଖରେ ଥିଲେ ଯେ, ମୋ ପାଖରେ ଥିଲେ ସେ । ଯାଅ ଯାଅ, ଏହି ଟଙ୍କାରେ ଧାନ କିଣିପକାଅ । ନ ହିଁ ନାହିଁ, ଗାଁରେ ଦଶ ଯଜମାନ ଘରେ ବାହାନହଣା ପଡ଼ିଗଲା ତ ଏକାଦିନକରେ ଟଙ୍କା ପଇଠ ।' ବାପ ତ ଥିଲେ ମରହଟିଆ ସାଦାସିଧା ଲୋକ, ସାହୁର ମିଠା କଥାରେ ଏକ ବେଳକେ ତରଳିଗଲେ । ବାପା କ୍ୟାଁ, ତୁମେ ଯାଅ ନ, ଶୁଣିବ କେତେ ମିଠା କଥା, କେତେ ଧର୍ମଧ୍ୱା କଥା । ମନରେ କରିବ, ଏହାପରି ସରଳ, ପରୋପକାରୀ, ଧାର୍ମିକ ଲୋକ ଜଗତରେ ନାହିଁ । ଏଇ ଯେ ତୁମ ଆଗରେ ବସିଛନ୍ତି ରାମ ମହାପାତ୍ରେ, ସଦାଶିବ ମିଶ୍ରେ, ବିଶ୍ୱନାଥ ଶତପଥୀଏ, ଶ୍ୟାମ ପତ୍ରୀଏ, ସମସ୍ତଙ୍କର ଠିକ୍ ଏହିପରି ହାଲ । ଝିଅପୁଅ ବାହାକୁ ଟଙ୍କା ଆଣିଥିଲେ, ସମସ୍ତଙ୍କର ତିରିଶ ତିରିଶ ମାଣ ଶାସନ ଭାଗ ଜମି ଆମ ଜମି ସହିତ ଏକା ତାରିଖରେ କଟକ ଜଜ କୋର୍ଟରେ ନିଲାମ ହୋଇଯାଇଛି । ଗୋରୁ ଖୋଜରେ ଖୋଜେ ବି ଜମି କାହାର ନାହିଁ । ଆହୁରି ବି ଛ'ଜଣ ମହାଜନଠାରୁ କରଜ ଖାଇଥିଲେ, ମୂଳ କଳାନ୍ତରରେ ବୁଡ଼ି ରହିଲେଣି । ସେମାନଙ୍କର ବି ଆଉ ବର୍ଷେ ଛ'ମାସ ବାଦେ ଜମିବାଡ଼ି ଗଲା ପରି । ନିଚ୍ଛା ଏହି ଶାସନରେ ? ଏ ଅଞ୍ଚଳ ଦଶଖଣ୍ଡ ଗାଁରେ ଯାହା'ର ଭଲ ଜମି ଖଣ୍ଡେ ଦେଖିଲାତ, ଶୁଙ୍ଘି ଶୁଙ୍ଘି ବୁଲୁଥିବ । କାହାରି ଦରକାର ପଡ଼ିଲେ ରାତଅଧରେ ଟଙ୍କା ଗଣିଦେବ । ଥରେ ଯଦି ଟଙ୍କା ତା ଘରୁ ଉଠାଇଲ ତ, ଦିନ ପୂରୁଣରେ କ'ଣ ଶୁଝିଛି । କଳାନ୍ତର, କଳାନ୍ତର, କଳାନ୍ତର, ତହିଁର କଳାନ୍ତର ଲଟ ଲାଗିରହିଛି । କରଣ-ଗୁଡ଼ାକ ବି ସେହିପରି ମିଳିଯାଇଛନ୍ତି । କିଏ ପାଞ୍ଚଟଙ୍କା ପଇଠ କଲା ତ, ପାଞ୍ଜିରେ ବସିଲା ଦେଢ଼ଟଙ୍କା । ହଁ, କ'ଣ କହୁଥିଲି, ବାପା ତ ତା କଥାରେ ଭୁଲି ଟଙ୍କା ବାହୁଡ଼ାଇ ଆଣି ପୁଣି ଧାନ କିଣି ଥୋଇଲେ ! ତହିଁଆର ବରଷ କତରୁ ପାଣି ହେଲା ଛନ୍‌ଛୁଟ୍, ଧାନ ଭଲ ଫଳିଲା ନାହିଁ । ସେହି ସମୟରେ ପୁଣି ତୁମ ସର ମଞ୍ଜରୀର ବିଭା ସମସ୍ୟା ଉପସ୍ଥିତ । ୯ ବର୍ଷ ପୂରିପାଉଛି, 'ଦଶବର୍ଷା ନୁ କନ୍ୟକା', ବିଭା ନ ଦେଲେ କନ୍ୟାଦାନ ଫଳ ନାହିଁ । ବାପ ଯାଇ ସାହୁ ଦୁଆରେ ହାଜର ।

ସାହୁ ତ ଘାଲେଇ ପଡ଼ ବେଳ ଉଣ୍ଟୁଥିଲା, ଦାଉ ପଡ଼ିଗଲା । ସାହୁ କଅଁଳେଇ କଅଁଳେଇ ମୁରୁକି ମୁରୁକି ହସି କହିଲା, 'ହେଉ ହେଉ, କକେଇ, ଘେନ ଯାଅ, ଏଘର ଟଙ୍କା ସେଘରକୁ ଯିବ, କଥା କ'ଣ ? ଆହେ ଗୁମୁକରଣେ, ଅଇଲ, କକେଇ କିଛି ଟଙ୍କା ଧାର ନେବେ । ଆଗ ଟଙ୍କାଟାର ମୂଳକଳାନ୍ତର ହିସାବ କଲ ?' ଗୁମୁକରଣ ବଦେଇ ମହାନ୍ତିଏ ହିସାବ କରି କହିଲେ, 'ଆଗ·ଟଙ୍କା ମୂଳକଳାନ୍ତର ମିଶି ହେଲା ଅଢ଼େଇଶ । ହାଲକୁ ଶହେ ନେଲେ ହେବ ସାଢ଼େ ତିନିଶ ଟଙ୍କା ।' ଏତେ ଟଙ୍କା ଶୁଣି ବାପା ଚମକିପଡ଼ିଲେ । ସାହୁ ବାପାଙ୍କ ମନକଥା ବୁଝିପାରି କହିଲା, 'ହେଉ ହେଉ, କକେଇ, ଚିନ୍ତା କ'ଣ ? ଦେବାନେବା ବେଳ ତ ଅଛି । ଆପଣ ମୋ କୁଳପୁରୋହିତ, ଦେବାବେଳେ ଦି'ଶ ଶହେ ଛୁଡ଼ି ନେଇଗଲେ ମୋର କ'ଣ ସରିଯିବ ?' ବିଭାଲଗ୍ନ ଆଉ ଆଠଦିନ । ଟଙ୍କା ନହେଲେ ନୁହେ । ବାପା ସାହୁ କଥାରେ ହଁ ଭରିଲେ, କହିଲେ, 'ହେଉ, ଗୁଜା ଲେଖାଯାଉ' । ସାହୁ ଦଣ୍ଡେଯାଏ ଗୁମ୍ ମାରି ବସି କହିଲା, 'ବୁଝିଲେ କକେଇ, ଏଇଟା ହେଲା କଳିକାଳ । ଏ ଗୁମାସ୍ତା କରଣ-ଗୁଡ଼ାଙ୍କୁ ପରତେ ନାହିଁ । ଗୁଜା କେତେବେଳେ କ'ଣ କରି ପକାଇବେ, ମୋତେ ପଛକେ ଆପଣ ଦୋଷ ଦେଉଥିବେ । ଟଙ୍କାଟା ଗୋଟାଏ ଟିପକରି ରେଜେଷ୍ଟରି କରି ପକାଇଲେ ଭଲ ହେବ, କାହାରି ଉଁ ଚୁଁ କରିବାର ବାଟ ନଥିବ । ଏଥିରେ କେତେ ବା ଖରଚ ? ଖରଚଟା କ'ଣ ଆପଣ ଉଚ୍ଛୁଗୁଳା ଘରୁ ଆଣି ଦେଉଛନ୍ତି ?' ଟିପ ଲେଖାପଢ଼ା ରେଜେଷ୍ଟ୍ରି ହୋଇଗଲା । ଯାହା ହେବାର ତ ହେଲା, ଟଙ୍କା ଦିଅ । ଟଙ୍କା ଗଣି ଦେବାକୁ କଣ ନା ଟ୮୭୧ । 'କି ହୋ, ଟଙ୍କା ଊଣା କିଆଁ ?' ଗୁମାସ୍ତା ବୁଝାଇ ଦେଲା, ସିନ୍ଦୁକ ପୂଜା ଶତକଡ଼ା ଯୋଡ଼ାଏ ଟଙ୍କା, ଗୁମାସ୍ତା ଖର୍ଚ୍ଚ ଦୁଇଟଙ୍କା, ଲକ୍ଷ୍ମୀ-ନାରାୟଣ ବାଲଭୋଗ ଦୁଇଟଙ୍କା, ରେଜେଷ୍ଟ୍ରି ଖର୍ଚ୍ଚ ଗୁମାସ୍ତା କଟକ ଖୋରାକୀ ସବୁ ସବୁ ରକମ ମିଶାଇ ସାଢ଼େ ଛ' ଟଙ୍କା । ଗାଏ ସବୁପଦକୁ ବାରଟଙ୍କା ଆଠଅଣା । ପୁରୋହିତେ, ଆପଣ ତ ଜଣେ ପଣ୍ଡିତ, ଏତିକି ବୁଝିପାରୁ ନାହାନ୍ତି ? ଆପଣ ତ ରୋଜନା' କେତେ କାରବାର ଦେଖୁଛନ୍ତି । ଆପଣଙ୍କ ପାଖରୁ କ'ଣ ଟଙ୍କାଏ ମଙ୍ଗାଏ ହଉ ହୁନ୍ଦିକରି ନେଲେ ସା'ନ୍ତଙ୍କ ଗନ୍ତାଘର ପୂରିଯିବ ?' ତମସୁକ ରେଜେଷ୍ଟରି ପାଖରୁ ଗୃହବର୍ଷ କାଲ ସେଥିରେ କିଛି ନାମଗନ୍ଧ ନାହିଁ । ବାପା ତା ଦୁଆରକୁ ଗଲେ ଭକ୍ତି କ'ଣ ଦେଖିବ ! 'କକେଇ ! ଆପଣ ଅଇଲେ, ଓଳଗି···ଓଳଗି, ଆରେ, ପିଢ଼ାଟା ଦେ'ରେ, ଆରେ ପାଦଧୁଆ ଜଳ ଦେ'ରେ' ଡାକ ପଡ଼ିଯିବ । ଗଲା ତେଚେସ୍ତ୍ରା ବାପାଙ୍କର ଯେମିତି ବିଯୋଗ ହୋଇଯାଇଛି, ମହାଜନକୁ ତ ପଡ଼ିଗଲା ପୋ'ବାର । ମୂଳ କଳାନ୍ତର ଭିଡ଼ିଦେଇ ବାରଶ କେତେଟଙ୍କା କେତେ ଅଣାରେ କଟକ ଅଦାଲତରେ ନାଲିସ୍ ଦାଏର କରିଦେଲା । ମୁଁ ଯାଇ ମହାଜନ ପାଖରେ ପଡ଼ିଲି । କହିଲା, ଆରେ ଭାଇ ଦିନୁ, ଗୁମାସ୍ତାମାନେ ମୋ ଅଜାଣନ୍ତରେ ନାଲିସ୍ କରିଦେଇଛନ୍ତି । ଯା ଯା, ତୁ ହାକିମ ପାଖରେ ଟଙ୍କାଟା ମାନିଥା, ପଛକେ ବୁଝାସୁଝା ହେବା ।'

ମୋ ମନଟା ଛକଉଥାଏ । କଟକ ଯିବାକୁ ମନ ବଳୁ ନଥିଲା, ଉପରେ ଯାଇ ତା ଓକିଲ କହିବା ପ୍ରମାଣେ ହାକିମ ପାଖରେ ଜବାବ ଦେଇଆସିଲି । ଏହିଟା ହେଲା ଗଲାବରଷ କଥା । ମୁଁ ଆଉ କିଛି ଜାଣେ ନାହିଁ । କେତେବେଳେ ଡିଗ୍ରୀ ହେଲା, କେତେଟଙ୍କା ଡିଗ୍ରୀ ହେଲା, ଆଉ କ'ଣ ହେଲା, ମତେ କିଛି ଜଣା ନାହିଁ । ଶୁଣିଲି, ଗଲା ମକର ମାସ ସାତଦିନରେ ମୋର ଗୃହ ପାଞ୍ଚ ହଜାର ଟଙ୍କାର ସମ୍ପତ୍ତି ସାତଶହ ଟଙ୍କାରେ ନିଲାମ ହୋଇଗଲା । ମହାଜନ ଆପେ ନିଲାମ ଧରିଛି । ତା ଗୁମାସ୍ତା କହେ, ମୋ ଉପରେ ଆହୁରି ଛ ଶହ ଟଙ୍କା ପାଉଣା । ଆମର ଶାସନ ପାଣିଗ୍ରାହୀ ଭାଗ ପଚିଶ ମାଣ, ତା ମଧ୍ୟରେ ଏହି ଯେ ଦକ୍ଷିଣ ଦିଗରେ କିଆବଣଟା ଦେଖୁଛନ୍ତି, ସେହିଟା ଏକଚକିଆ ପନ୍ଦରମାଣ ମାଲଜମି, ଖରି କଳନ୍ଦା । ମୁଁ ବୁଝୁଛି, ଏ ଜମିଟା ଉପରେ ତା'ର ଦଶ ପନ୍ଦର ବରଷ ହେଲା ନଜର ପଡ଼ିଲାଣି । ଯେବେ ଏ ଗାଁ କୁ ଆସେ, ସେ ଜମିଟା ପାଖକୁ ଯାଇ ଚଉଦିଗ ବୁଲି ବୁଲି ଦେଖେ । 'କେତେ ଧାନ ଫଳେ, କି ଧାନ ହୁଏ' ଦଶ ଥର କରି ପଚାରିବ । ମୋ ମନ ହେଲେ ଛକଉଥାଏ । ବିଚାରି କରେଁ—କାହିଁ, ଭଲାରେ ଭଲ କହି, ଏ ଜମିଟା କଥା ପୁହେ ତ ପୁହାଇ ପଚାରୁଛି କାହିଁ ? ଆଉ ପାଞ୍ଚଜଣ ମହାଜନଙ୍କର ଠିକ୍ ଆମ ମାମଲା ପରି ଡିକ୍ରୀ କରି ଜମିବାଡ଼ି ସବୁ ନିଲାମ କରିନେଇଛି ।

ଲକ୍ଷ୍ମଣ ମିଶ୍ରେ କହିଲେ, "ମୁଁ ଦେଖୁଛି, ଏଇଟା ସାଇଲକ୍ ।" ଭଗବତ ପଣ୍ଡାଏ କହିଲେ, "ନା ନା, ସେଇଟା ଏ ସାଇଲେକ ନୁହେଁ, ତା'ଘର ମହାମପୁର··· ଏ ଗାଁ କୁ ଦେଢ଼କୋଶ ଦୂର ନଈକୂଳରେ ।" ଲକ୍ଷ୍ମଣ ମିଶ୍ରେ କହିଲେ, "ନାହିଁ ନାହିଁ, ମୁଁ ସେକଥା କହୁନାହିଁ; ବିଲାତରେ ଗୋଟିଏ ଏହି ରକମ କଳନ୍ତରିଆ ଲୋକ ଥିଲା, ତା ନାମ ସାଇଲକ୍ ।" ହରେଇ ତିଆରୀଏ କହିଲେ, "ସେ ଯାହା ହେଉ, ଏବେ ଉପାୟ କ'ଣ ?" ଲକ୍ଷ୍ମଣ ମିଶ୍ରେ ମହାଜନମାନଙ୍କୁ ଅନାଇ ହାତ ଯୋଡ଼ି ଭୂଇଁରେ ମୁଣ୍ଡ ଲଗାଇ କହିଲେ, "ଗୋସେଇଁ ମହାପ୍ରଭୁମାନେ ! ମୁଁ ପିଲାଟା, ମୋ ଅପରାଧ ଘେନିବେ ନାହିଁ, ଗୋଟିଏ କଥା କହିବି, ଏଥିରେ ସାହୁର କିଛି ଦୋଷ ନାହିଁ, ଆପଣମାନଙ୍କ ମୂର୍ଖପଣ । ଆପଣମାନଙ୍କ ପାପରୁ ସବୁ ସାରି ଦରିଦ୍ର ହୋଇ ବସୁଛନ୍ତି ।" ବୁଢ଼ା ଅନନ୍ତ ପାଢ଼ୀଏ ଟିକିଏ ଉଷ୍ମ ଭାବରେ କହିଲେ, "ହୋଇ ହୋ ଲକ୍ଷ୍ମଣ ! ଆମ୍ଭମାନଙ୍କର ପାପ କ'ଣ ? ମୂର୍ଖପଣ କ'ଣ ଦେଖିଲ ?"

ଲକ୍ଷ୍ମଣ ମିଶ୍ରେ ପୁଣି ଦଣ୍ଡବତଟାଏ କରି କହିଲେ, "ଆଜ୍ଞା ମାଅନ୍ତେ ! ମୋ ଉପରେ ଖପା ହେଲେ ପରା ? ଦେଖନ୍ତୁ, କେଉଁ ମହାତ୍ମା ଶାସନ ବସାଇ ଏତେ ନିଷ୍କର ଜମି ଛାଡ଼ିଦେଇ କହିଥିଲେ, 'ଆପଣମାନେ ଶାସ୍ତ୍ର ଅଧ୍ୟୟନ ଅଧ୍ୟାପନା କରିବେ, ଦାତାଙ୍କୁ ତିନିକାଳ ସନ୍ଧ୍ୟାରେ ଆଶୀର୍ବାଦ କରିବେ ।' ତାହା କରୁଛନ୍ତି ନା ? ବୋଲନ୍ତୁ ଭଲ, ଏତେ ବଡ଼ ଶାସନଟାରେ ଗୋଟିଏ ବେଦ ଚୌପାଢ଼ି

ନାହିଁ । ଗୁଡ଼ା ନାସ ଶୁଂଘି ଭାଙ୍ଗ ପିଇ ଚୌପଡ଼ ଖେଳି ଦିନ କାଟିବେ ! ଦାତାଙ୍କୁ ତ୍ରିକାଳ ସନ୍ଧ୍ୟାରେ ଆଶୀର୍ବାଦ ଥାଉ, ପବିତ୍ର ବ୍ରାହ୍ମଣ କୁଳରେ ଜାତ ହୋଇ କେତେଜଣ ତ୍ରିକାଳ ସନ୍ଧ୍ୟାରେ ଗାୟତ୍ରୀ ଜପ ସନ୍ଧ୍ୟାବନ୍ଦନାଦି ନିତ୍ୟକର୍ମ କରନ୍ତି ? ଏଇଟା କ'ଣ ପାପ ନୁହେଁ ? ଆଉ ଗୋଟିଏ କଥା, କୁଆଡ଼ୁ ଖାଇବେ ଭାବନା ନାହିଁ, ଧାଇଁ ଯାଇ ମହାଜନ ଦୁଆରେ ଖତା ଲେଖି ବସିବେ, ପୁଅଝିଅ ବାହାଘରକୁ ଆପଣା ବଡ଼ପଣ ଦେଖାଇବା ଲାଗି ଅକାରଣେ ଟଙ୍କା ଗୁଡ଼ାଏ ସାରିବେ । ଆପଣା ଅବସ୍ଥାକୁ ଚାହିଁ ଯେ ନ ଚଳେ, ସେ ମୂର୍ଖ ନୁହେଁ ତ ଆଉ କ'ଣ ? ଏଇ ଦେଖନ୍ତୁ, ଅତି ପବିତ୍ର ଶାସନ ହଳ ଭୂମିରେ ଇତର ଜାତି ଢେର ଭୋଗ ଅଧିକାରୀ ହୋଇ ବସିଲେଣି । ଏହା ଆପଣମାନଙ୍କର ପାପ ଆଉ ମୂର୍ଖତାର ଫଳ ନୁହେଁ କି ? ଆପଣମାନେ ତ ଦୁଃଖଦୁର୍ଦ୍ଦଶାକୁ ଲୋଡ଼ିଆଣିଛନ୍ତି, ଏଥିପାଇଁ ଦାୟୀ ହେବ କିଏ ?"

ମାଧ ପାଣିଏ କହିଲେ, "ଲକ୍ଷ୍ମଣ ଯାହା କହିଲେ ସତ, ଲୋକପଣି ସତ । ହେଲେ ଏଣିକି ଯାହା ଗୋଟାଏ ବୁଝିସୁଝି କରିଯିବ । ବର୍ତ୍ତମାନ ଉଦ୍ଧାର ପାଇବାର ବାଟ କ'ଣ ?"

ଲକ୍ଷ୍ମଣ ମିଶ୍ର—ଆପଣମାନେ କ'ଣ ଉପାୟ ସ୍ଥିର କରିଛନ୍ତି ?

ଆନନ୍ଦ ମିଶ୍ର—ଆମ୍ଭେମାନେ କ'ଣ, ମାଲିକ ମାଲ କିଏ ? କର୍ମକର୍ମଣି କଥା ବୋଲି, ଦଶଜଣ ବାହାରି ପଡ଼ିବୁଁ ।

ଲକ୍ଷ୍ମଣ ମିଶ୍ର—ମାମୁଁ ! ଜମି ନିଲାମ ବାବଦେ ସାହୁ ପାଖକୁ ଯାଇଥିଲେ, କ'ଣ କହିଲା ?

ଦିବାକର ଦ୍ୱିବେଦୀ—ଯାଇଥିଲି । ଦଶଥର ଗଲିଣି, ଭେଟ ମିଳେ ନାହିଁ । ବାଧିକା ପଡ଼ିଛି, କଥା ବୋଲି ପାରିବ ନାହିଁ, ବାନ୍ଧାନା କରି ଶୋଇପଡ଼େ । ନେହିଲେ ବାଡ଼ି ପଠାଉଛି ଆଉ ଗାଁକୁ ବାହାରିଯାଏ । ମୋ କନ୍ଦାକଟା ଦେଖି ସାହୁଆଣୀ କମଳା ଓ ତାଙ୍କ ପୁଅ ବିଦ୍ୟାଧର ଦୁହେଁଯାକ କାନ୍ଦିପକାନ୍ତି । ମୋତେ ବହୁତ ବହୁତ ଆଶ୍ୱାସ ଦେଇ କହିଲେ, ମୋ ଜମି ମୋତେ ଦିଆଇଦେବେ । କେଜାଣି କପାଳରେ କ'ଣ ଅଛି । ମା'ପୁଏ ଦୁହେଁଯାକ ଯେପରି ଦୟାଳୁ ସେପରି ଧାର୍ମିକ, କାହାରି ଦୁଃଖ ଦେଖିପାରନ୍ତି ନାହିଁ । କୁବେର ସାହୁଟା ଯେପରି ନିଷ୍ଠୁର ସେହିପରି କୃପଣ । ହାତରୁ ପାଣି ଗଳିବ ନାହିଁ । ହେଲେ, ମା ପୁଅଙ୍କ ଆଗରେ କେହି ଓପାସ ରହିପାରେ ନାହିଁ । ସାହୁଟା କରଜ ଟଙ୍କା ଲାଗି କାହାରି ଘରଦ୍ୱାର ନିଲାମ କରିନେଲେ ଏମାନେ ଲୁଚାଇ ତାକୁ ଟଙ୍କା ଧାନ ଦେଇ ତା କୁଟୁମ୍ବ ପୋଷନ୍ତି ।

ଲକ୍ଷ୍ମଣ ମିଶ୍ରେ—ଗୋଟାଏ ଆଶା ଅଛି ସତ, ହେଲେ ସେଥିକି ନିର୍ଭର କରି ରହିବାଟା ନିରାପଦ କଥା ନୁହେଁ । ଆପଣାର ବି ଗୋଟାଏ ବାଟ କାଟି ରଖିବା ଅନ୍ତତଃ ଉଚିତ୍ । ଉକୁଣିକା ତାକୁ କେହି ଜମି ଦଖଲ ଦିଅ ନାହିଁ । ମାମୁଁ, ତୁମେ କହୁଛ ପାଞ୍ଚହଜାର ଟଙ୍କାର ସମ୍ପତ୍ତି ସାତଶହ ଟଙ୍କାରେ ନିଲାମ କରିନେଇଛି । ଏହି କଥା ଓଜର କରି ସାନ ନିଲାମ ପାଇଁ ହାକିମଙ୍କ ପାଖରେ ଦରଖାସ୍ତ କର । କିଛି ଖରଚପତ୍ର କଲେ ଢେର ଦିନଯାଏ ମାମଲା ତାରିଖ ଗଡ଼ିଯିବ । ଏଣେ ତୁମେ ମା ପୁଅଙ୍କୁ ଧରି ପଡ଼ିଥାଅ । ଆଜିକା କଥା କାଲିକି ଅନ୍ତର । ଏଥି ମଧ୍ୟରେ ଆଉ ଗୋଟିଏ କିଛି ବାଟ ଫିଟି ଯାଇପାରେ ।

ମିଶ୍ରଙ୍କ କଥା ଶୁଣି ସମସ୍ତ ମହାଜନ ଭାରି ଆନନ୍ଦରେ ଏକାବେଳକେ ପାଟି କରି କହିଲେ, "ଦୀର୍ଘଜୀବୀ ହୁଅ, ରାଜରାଜେଶ୍ୱରୀ ଭବ । ନୋହିଲେ କଣ ଆଣ୍ଟୁଲାକୁ ଆଣ୍ଟୁଲା ଟଙ୍କା ଗଣି ହାକିମ ଘର ପାଠ ପଢ଼ିନ୍ତି ! ଦେଖ ତ, ଆମେ ଏତେଗୁଡ଼ାଏ ଲୋକ ଅନ୍ଧାରରେ ଅଣ୍ଡାଳି ହେଉଥିଲେ, କିଛି ବାଟ ଦିଶୁ ନ ଥିଲା, ପିଲାଟି କମିତିକା ଗୋଟାଏ ବାଟ କାଢ଼ି ପକାଇଲା !"

ବୁଢ଼ା ଦନେଇ ମହାପାତ୍ରେ ଟାଣରେ ଦୁଇଟିପ ନାସ ଶୁଙ୍ଘି ଦେଇ ଟେନେଇ ଟେନେଇ କହିଲେ, "ବୁଝିବାଁ ହେଲେଁ ମହାଜନଁ ଗୋଁସାଇଁମାନେଁ,

ଅଁ ଧର୍ମି ନାଥଁ ବଟେଁ ବିଧୁଁ ତଁ
ସିଁ ବାଁବେଲେଁ ଯାଁଏଁ ମୂଁଳି ସହିଁ ତଁ ।

ସମସ୍ତେ ତ ଜାଣନ୍ତି, ତାହାର ସବୁ ଧନଗୁଡ଼ାକ ତଣ୍ଟିଚିପା ମଣିଷରକ୍ତ । ମହାଜନିଆଟାରେ ଲକ୍ଷାବଧି ଟଙ୍କାର ମାଲିକ ହୋଇ ବସିଲା । ଯିମିତି ଖିମା ଟଙ୍କରେ ମାଲିକ ହୋଇଛି, ସେହିଧନକୁ ତ ବଢ଼ି ଯାଉଛି, ଆଉ କ'ଣ ! ଏଇ ଯେ କୁନ୍ଦ୍ରାଘର ଦେଖୁଛ, ସେଇଟା ତା ନିଜ ଘର ନୁହେଁ । ଖିମ ସାହୁ ବୋଲି ଜଣକର ଘର । ଖିମାଟା ବି ଥିଲା କୁନ୍ଦ୍ରାକୁ ବଳି ତଣ୍ଟିଚିପା, ମଷ ବୋଲି ସରିଛି । ପୁଅଝିଅ ଘରେ କିଛି ନ ଥିଲା, ଗୋଟାଏ ପୋଷା ପୁଅ କରିଥିଲା ଯେ ସେଟା ମଦଖାଇ ଗଞ୍ଜେଇ ଟାଣି ମଲା । କୁନ୍ଦ୍ରା ତା ଜାତିପୁଅ ଲାଗିକି କେହି ନୁହେଁ, ତା ଘରେ କାରବାରିଆ ଥିଲା । ଖିମାକୁ ଖୁବ୍ ପଟେଇ ରଖିଥାଏ । ଖିମା ଯିମିତି ଆଖି ବୁଜିଛି କୁନ୍ଦ୍ରା ଚକ୍ରବାକର ସମସ୍ତଙ୍କୁ ହାତକରି ଓକିଲ ମୁକ୍ତାର ଧରି ପୋଷ୍ୟପୁତ୍ର ବୋଲି ସରକାରରୁ ବାହାଲ ହୋଇ ଆସିଲା । ପାପୀଟାର ଧନ ପାଣିପରି ବଢ଼ି ଯାଉଛି । ଏବେ କାଣ ଠକ୍ କରି ଛିଡ଼ାପଡ଼ିବ । ଦେଶଯାକ ସନ୍ତାଇ ମାରିଲାଣି । ହଜାର ହଜାର ଲୋକଙ୍କ ଆହା କାନ୍ଦୁଛି, ଯାହାର ଯେ କିଛି କରି ନାହିଁ ସେ ବି ଗାଳି ଦେଉଛି । ଏହି ମୋ କଥା ବୁଝନା, ପୁଅବିଭାକୁ ପଚିଶଟଙ୍କା କରଜ ଆଣିଥିଲି, ପନ୍ଦର ବରଷରେ ତୁଛା

କଲନ୍ତର ଅଡ଼େଇଶ ଟଙ୍କା ଶୁଝିଛି, ପାଞ୍ଚଥର ଟିପ ବଦଳା ବଦଳି କରି ଶେଷରେ ନାଲିଶରେ ପାଞ୍ଚଶ ଟଙ୍କା ଡିଗ୍ରୀ କରି ମୋର ତେରଖଣ୍ଡି ତେରଶି ମାଣ ଜମି ନିଲାମ କରି-ନେଲା । ତେତିକି ଥିଲା କୁଟୁମ୍ବଙ୍କ ଭରସା । ତାଙ୍କ ମୁହଁରେ ପାଣି ଟୋପାଏ ଦେବାକୁ ଭରସା ନାହିଁ । ଦିନରାତି ଆମ୍ବାପୁରୁଷ କାନ୍ଦିଲା ହେଉଛନ୍ତି, ଆଖିରୁ ପାଣି ଶୁଖୁନାହିଁ । ଏହି ପଞ୍ଚ ପରମେଶ୍ୱର ଶୁଣନ୍ତୁ, ମୁଁ ପଇତା ଛୁଇଁ କହୁଛି, ଆଜଠୁଁ ତିନିପକ୍ଷ, ତିନିମାସ, ତିନିବରଷ ମଧ୍ୟରେ ତାହାର ସର୍ବନାଶ ହେବ । ଏହା ଯଦି ନ ହୁଏ ମୁଁ ଅବ୍ରାହ୍ମଣ, ଏ ବ୍ରହ୍ମଗଣ୍ଠି ଛିଣ୍ଡାଇ ପକାଇବି । ସେ ତ ତେରଦିନ ଆଗରୁ ଯାଇଥାନ୍ତା, କେବଳ ମାପୁଅଙ୍କ ଧର୍ମରୁ ବର୍ତ୍ତି ରହିଛି ।"

ଲକ୍ଷ୍ମଣ ମିଶ୍ରେ—ମାମୁଁ ! ସାହୁଆଣୀ ଆଉ ବିଦ୍ୟାଧର ପାଖକୁ ଯିବା ଆସିବା କରୁଛନ୍ତି ତ ? ସେହିମାନଙ୍କୁ ଧରି ପଡ଼ିଥାନ୍ତୁ ।

ମାମୁଁ—ହଁ, ବାପା ! ମୋର ଆଉ ଉପାୟ କ'ଣ ? ଦିନେ ଦି'ଦିନ ବାଦେ ସେମାନଙ୍କ ପାଖକୁ ଯାଏଁ । ମୋର ତ ଗୋରୁ ବାଛୁରି ଘରତଳ ଜମି ସୁଦ୍ଧା ନିଲାମ ହୋଇଯାଇଛି, ଆଉ ଉପାୟ କିଛି ନାହିଁ । ସାହୁଆଣୀ ମୋ ଦୁଃଖ ଶୁଣି କାନ୍ଦି ପକାଏ । ସେହି ତ କୋଡ଼ିଏ ନଉତି ଧାନ ଆଉ ପାଞ୍ଚଟା ଟଙ୍କା ଦେବାରୁ ଆଜିଯାଏ ଚଳୁଛି । କାଲି ରାତିରେ ବି ବିଦ୍ୟାଧର ପାଖକୁ ଯାଇଥିଲି । ସେ ତ ମତେ ଠାଣି ଜବାବ ଦେଇ କହିଲା, "ନନା ! କାନ୍ଦନା । ଯେପରି ହେଉ ତୁମ ଜମି ତୁମକୁ ଦେବି । ମୁଁ ବାହାଘରରୁ ବାହୁଡ଼ି ଆସିବା ଯାଏ ସବୁର କର । ତୁମେ ତ ଆମ କୁଳ-ପୁରୋହିତ, ସଙ୍ଗରେ ତ ଅବଶ୍ୟ ଯିବ । ଶୁଣିଛି ମୋ ଶ୍ୱଶୁରର ଦଶଲକ୍ଷ ଟଙ୍କାର ବିଷୟ, ସେ ବି ତୁମକୁ ଅବଶ୍ୟ ଭଲରୂପେ ମେଲାଣି ଦେବେ ।

କୁବେର ସାହୁ କହେ, "ମୋର କରଜା କଲନ୍ତରକୁ ଲୋଡ଼େ କିଏ ? ମୋର ଗଡ଼ଜାତ ଥାଉ ।" ଗଡ଼ଜାତ ସୋନପୁରଠାରୁ ଦଶପଲ୍ଲାଯାଏ ତାହାର ଦଶ ପନ୍ଦରଟା ଗୋଦାମ । ଫି ଗୋଦାମରେ ଜଣେ ଜଣେ କରଣ, ଜଣେ ଜଣେ କାରବାରିଆ, ତାର ନିଜର କୋଡ଼ିଏ ସରକ ବାରଗୋଡ଼ିଆ, ପନ୍ଦରଗୋଡ଼ିଆ, ଡୁଗଲି, ଚକ୍ ଚକ୍ ନାଆ ଅଛି । ବର୍ଷାଦିନେ ସେଥିରେ ସରକ ନେଆଣ କରେ । ନାଆ ଛାଡ଼ି ଖରାଦିନରେ ସରକ ନେଆଣ କରିବା ସକାଶେ ପାଞ୍ଚ ପାଞ୍ଚ ଗୋଡ଼ିଆ ଯୋଡ଼ିଏ ଥୋରି ବଳଦ ଅଛି ।

ବୌଦ ଏଲକା ହରିହରପୁର ଗୋଟିଏ ବଡ଼ ମହାଜନୀ ଗାଁ—ଠିକ୍ ମହାନଦୀ କୂଳରେ । ଗ୍ରାମର ସମସ୍ତେ ପ୍ରାୟ କାରବାରିଆ ବେପାରୀ । ପ୍ରଧାନ ମହାଜନଙ୍କ ନାମ କୁବେର ସାହୁ । ନାମର ଉପଯୁକ୍ତ ମଧ୍ୟ ଗୁଣ । ଲୋକଟି ବଡ଼ ଧାର୍ମିକ, ସତ୍ୟବନ୍ତ ।

ପାଞ୍ଚ ସାତ ଲକ୍ଷ ଟଙ୍କାର ବନ୍ଦସ୍ତ, ଘରେ ଠାକୁର ବାଡ଼ି, ସଦାବ୍ରତ। ସାହୁ ବୁଢା ହୋଇ ପଡ଼ିଲେଣି; ଆଉ ଏବେ ବେପାର ବଣିଜରେ ମନ ନାହିଁ। ସବୁବେଳେ ପୂଜାପାଠ ହରିନାମ ଭଜନରେ ଲାଗିଥାଏ। ସାହୁ ଅପୁତ୍ରିକ, ଗୋଟିଏ କୋଳ ଝିଅ, ନାମ ପଦ୍ମାବତୀ — ବୟସ ପନ୍ଦର ଯାଇ ଷୋଳ ପଶିଛି। ପାଟକଜାତରେ ଏତେ ବଡ଼ ଅଣ୍ଡିଆ କନ୍ୟା ଘରେ ରଖିବାକୁ ମନା। ସାହୁର ଇଚ୍ଛା, ଗୋଟିଏ ଘରଜୁଆଁଇଁ ରଖିବ। ପାତ୍ର ଖୋଜୁ ଖୋଜୁ ଦିନ ଚାଲିଗଲା, କନ୍ୟା ଘରେ ରହିଛି। କନ୍ୟାଟି ସମସ୍ତ ସମ୍ପତ୍ତିର ଉତ୍ତରାଧିକାରିଣୀ। କୁବେରର ନଜର ପଡ଼ିଲା, ଯୁଧିଷ୍ଠିର ଧନଟା କେମିତି ଘରେ ପଶେ। ସେ ଭଲକରି ଜାଣେ ଯୁଧିଷ୍ଠିର ଘରଜୁଆଁଇ ରଖିବ, ଅନ୍ୟଆଡ଼େ କନ୍ୟାକୁ ବିଭା ଦେବ ନାହିଁ। ତା ମନକଥା ମନରେ ଥାଏ।

କୁବେର ବର୍ଷକୁ ଥରେ ସୋନପୁର ଆଡ଼କୁ କୋଠି ତକେଶି କରିବାକୁ ଯାଏ। ଦୁଇବର୍ଷ ଭିତରେ ଦୁଇ ତିନଥର କରି ଯାଆସ କରୁଛି। ସୋନପୁର ଯିବାବେଳେ ନାଆ ହରିପୁର ଗାଁ ତଳବାଟରେ ଯାଏ। ଦୈବାତ୍ ହେଇ ଗାଁ ପାଖରେ ସଞ୍ଜ ହୋଇପଡ଼େ। କୁବେର ଗାଁ ପାଖ ନଦୀର ଆର କୂଳରେ ନାଆ ଲଗାଇ ବେଳେବେଳେ ବାସ କରେ। କୁବେର ଘରେ କେବେ ସନ୍ଧ୍ୟା କି ହରିନାମ କରିବାର କେହି ଦେଖି-ନାହିଁ। ସେ ଠାଏ ବଡ କୋଥଳି ସଙ୍ଗରେ ଘେନି ଯାଇଥାଏ, ନଦୀକୂଳରେ ମେଲାଇ ଦେଇ ତିନି ଚାରି ଘଡ଼ି ଯାଏ ଅଖି ବୁଜି ବସି ଜପ କରେ। ସେତିକବେଳେ ଚାରିଆଡ଼କୁ ଅନେଇ ତୁନି ତୁନି କାରିବାରିଆଙ୍କ ସଙ୍ଗରେ ମାଲ କିଣାବିକା କଥା ଚଳେ। ହାଟିହାଟିଚାରିକୁ ଶୁଭୁ, ଏଥିପାଇଁ କୁବେର ବେଳେ ବେଳେ ଘଣ୍ଟା ବଜାଏ।

ଯୁଧିଷ୍ଠିର ସାହୁ କୁବେର ସାହୁର ନାମ ଶୁଣିଥିଲେ, ଦେଖା ସାକ୍ଷାତ ନଥିଲା। କୁବେର ସାହୁ ନଦୀକୂଳରେ ଅଛନ୍ତି ଶୁଣି ଯୁଧିଷ୍ଠିର ଡଙ୍ଗା ଖଣ୍ଡିକରେ ବସି ନଦୀପାର ହୋଇଗଲେ। କୁବେର ଖବର ନେଇଥାଏ। ଯୁଧିଷ୍ଠିରଙ୍କ ପହଞ୍ଚିବା ବେଳକୁ କୁବେର ସାହୁଏ ଧ୍ୟାନରେ ବସିଛନ୍ତି। ଘଣ୍ଟାଏ ଦି'ଘଣ୍ଟା ବିତିଗଲା, ଧ୍ୟାନ ଭାଙ୍ଗୁନାହିଁ। ଧ୍ୟାନ ଦେଖି ଯୁଧିଷ୍ଠିର ତ ଚକିଗଲେଣି। ଧ୍ୟାନ ଭାଙ୍ଗିଗଲା। କୁବେର ସାହୁ ଯିମିତି ଖବର ପାଇଛି, ଧାଇଁଯାଇ ଯୁଧିଷ୍ଠିରଙ୍କ ଗୋଡ଼ତଳେ ପଡ଼ିବାକୁ ଯାଉଥିଲା, ଯୁଧିଷ୍ଠିର କହିଲେ, "ହାଁ ହାଁ! ଏ କ'ଣ କରୁଛନ୍ତି—ଏ କ'ଣ କରୁଛନ୍ତି? ଆପଣ ଧର୍ମପରାୟଣ, ମୁଁ ପାପୀ, ମୋ ଗୋଡ଼ତଳେ ପଡ଼ିବେ?" କୁବେର କହିଲେ, "ଏ କ'ଣ? ଆପଣ ସ୍ୱଜାତିର ମଉଡ଼ମଣି। ଘଣ୍ଟାଏ ହେଲା ବସିଲେଣି, ମୋର ଅପରାଧ କ୍ଷମା କରନ୍ତୁ।" ଯୁଧିଷ୍ଠିର କହିଲେ, "ନାହିଁ ନାହିଁ, ମୁଁ ଆପଣଙ୍କର ଧ୍ୟାନଭଙ୍ଗ କରାଇଲି ପରା! ମୋତେ କ୍ଷମା କରନ୍ତୁ।" ଦୁଇଜଣ କୁଣ୍ଢିଆ କୁଣ୍ଢେଇ ହୋଇ ଏ କହୁଛି ମୋତେ କ୍ଷମା କରନ୍ତୁ, ସେ କହୁଛି ମୋତେ

କ୍ଷମା କରନ୍ତୁ । ଦୁଇଜଣ ସାଷ୍ଟାଙ୍ଗ ହୋଇ ଖଣ୍ଡିଏ କମ୍ବଳରେ ବସିଲେ । ଯୁଧିଷ୍ଠିର ପ୍ରସ୍ତାବ କଲେ, 'ଆଜ୍ଞା ଆପଣ ହେଲେ ଆମ ଜାତିର ମଉଡ଼ମଣି । ମୋ କୁଡ଼ିଆ ପାଖରେ ପଦାରେ ମାତ୍ର ବଢ଼ାଇବେ, ମୋର ଯେ ମହାପାପ ହେବ । ଉଠି ଆଜ୍ଞା ହେଉ ବିଜେ କରନ୍ତୁ—ମୋ କୁଡ଼ିଆରେ ପାଦଧୂଳି ଦେଉନ୍ତୁ । ମୋ କୁଡ଼ିଆ ଟିକେ ପବିତ୍ର ହେଉ ।'

ଦୁଇ ସାହୁ ଯାଇ ଠାକୁର ମେଲରେ ବସିଲେ । ଠାକୁର ଆଗରେ ଆସନରେ ବସିବାକୁ ମନା, ଦୁହେଁଯାକ ଭୂଇଁରେ ବସିଲେ । ରାତିଅଧଯାଏ ଦୁଇସାହୁଙ୍କ ମଧ୍ୟରେ କଥାଭାଷା ଚାଲିଲା । ଏ କଥା, ସେ କଥା, ବେପାରବଣିଜ କଥା ହେଉଁ ହେଉଁ ବାହା ପ୍ରସଙ୍ଗ ପଡ଼ିଗଲା । କୁବେର କହିଲେ 'ମୁଁ ବାପା ମୁହଁରୁ ଢେରଥର ଶୁଣିଛି, ଆଗେ ଗଡ଼ଜାତ ମୋଗଲବନ୍ଦି ମଧ୍ୟରେ ବି ନେଣଦେଣ ଚାଲୁଥିଲା । ଦୁଇକି ତିନି ବୋହୂ ସବୁକି ଗଡ଼ଜାତ କନ୍ୟା ମୋଗଲବନ୍ଦିରେ ଥିଲେ, ମୋଗଲ-ବନ୍ଦି କନ୍ୟାବି ଗଡ଼ଜାତରେ ଥିଲେ । ନିହାତି ଦୂରଦୂରାନ୍ତ ବୋଲି ଉଣା ଅଧିକ ପଚିଶବର୍ଷ ହେଲା ବାହା ନେଣଦେଣ ବନ୍ଦ ।' କଥା ଚାଲୁଚାଲୁ ପଦ୍ମାବତୀ ସଙ୍ଗରେ ବିଦ୍ୟାଧରର ବାହାପ୍ରସଙ୍ଗ ସ୍ଥିର ହୋଇଗଲା । କୁବେର କହିଲା, 'ଆଜ୍ଞା ମୁଁ ମୋଗଲବନ୍ଦି କାମ ଚଳାଇବି, ବିଦ୍ୟାଧର ବର୍ଷଯାକ ଏହିଠାରେ ରହି କାମ ଚଳାଇବ । ବିଦେଇତ ଆପଣଙ୍କ ପୁଅ ହେଲା । ପିଲାଲୋକ ଜାତି ବେବସା ବୁଝିନାହିଁ । ଆପଣଙ୍କ ଚରଣଧୂଳି ତା ମୁଣ୍ଡରେ ଲାଗିଲେ ସବୁ ଶିଖି ଯିବ ଯେ ।' ବାହା ବିଷୟରେ ଆଉ କିଛି ସନ୍ଦେହ ନାହିଁ । ଏକାବେଳକେ ଦିନ ଠିକ୍ ହୋଇଗଲା, ଆସନ୍ତା ମକର ଶୁକ୍ଳ ସପ୍ତମୀ । ବଡ଼ଘର କଥା ବଡ଼ବାଜେ, ଦିନକ ମଧ୍ୟରେ କାଲିଆର ଅଧାଅଧି ଲୋକ ଜାଣିଗଲେ, କୁବେର ସାହୁ ପୁଅ ବିଦ୍ୟାଧର ସଙ୍ଗରେ ଯୁଧିଷ୍ଠିର ସାହୁ ଝିଅ ପଦ୍ମାବତୀର ବାହା ।

ବାହାପ୍ରସଙ୍ଗ ଛିଡ଼ିବା ବାସିଦିନ ସନ୍ଧ୍ୟାବେଳେ ଦୁଇ ସମ୍ବନ୍ଧୀ ଦେବତାଙ୍କ ନାଟମନ୍ଦିରରେ ବସିଛନ୍ତି । କୁବେର ସାହୁ ଏକଥା ସେକଥା ଉତ୍ତାରେ କହିଲେ, 'ସମୁଧିଏ ! ସୋନପୁରରେ ମୋର ଢେର କାମଥିଲା, ଦେଖୁଛି ମୋର ଯିବାର ହେଉନାହିଁ । ଏଇ ବୁଝନ୍ତୁ ମକର ମାସ ତ ମକର ମାସ, ଛାଡ଼ିଦେଉନ୍ତୁ, କକଡ଼ାଟା ଚାଲୁଛି, ଏଇଟା ବି ଧରେଟ ଭିତରେ ନୁହେଁ । ବାକି ରହିଲା ସିଂହକଡ଼ିରୁ ଧନୁଯାଏ ମଝିରେ ପାଞ୍ଚଟା ମାସ । ଏଇମଧ୍ୟରେ ସବୁ ଆୟୋଜନ, ଠିକ୍ ଠିକଣା କରିବାକୁ ହେବ । ତା ପୁଣି ନାଆ ଉଠାଣି ମାମଲା, ବାଟରେ ଉଣା ପୁରା ମାସେ କାଳ ଛାଡ଼ି ଦେଉନ୍ତୁ । ମାସ ଚାରିଟା ରହିଲା ହାତରେ । ମୁଁ କହୁଛି କାଲି ସକାଳେ ଚାଲିଯାଏଁ । ଆଜ୍ଞା ! କ'ଣ ଆଜ୍ଞା ହେଉଛି ?' । ଯୁଧିଷ୍ଠିର ସାହୁଏ ଦଣ୍ଡେ ଆଖିବୁଜି ବସି କହିଲେ 'ଆଉ ଯୋଡ଼ାଏ ଦିନ ରହିଗଲେ ଭଲ ହୁଅନ୍ତା ପରା । ହେଉ, ଆପଣ ଯେପରି ଭଲ ବୁଝନ୍ତି, କରନ୍ତୁ ।'

ମହାମପୁରରେ ଚହଳ ପଡ଼ିଯାଇଛି, ସାହୁଙ୍କର ପୁଅ ବିଦ୍ୟାଧରର ବିଭା । ହେଲେ, ଗୋଟାଏ ଶ୍ରେଣୀ ଲୋକଙ୍କ ଘରେ ଉଡ଼ି ପଡ଼ିଛି । କୋଡ଼ିଏ ଖଣ୍ଡ ଗାଁରେ ସାହୁର ଦୁଇ ତିନିଶ ଭଲ ଖାତକ । ଧାନ ବୋଲ ଟଙ୍କା ବୋଲ, ତା'ଘରୁ ନ ଖାଇଛି କିଏ ? ସାହୁ ସମସ୍ତଙ୍କୁ ଧରି ବସିଛି, ପୁଅର ବିଭା, ନ ଦେଲେ ନୁହେଁ । ନୋହିଲେ ମୂଳଟା ଆଉ କଳାନ୍ତରଟା ଛଡ଼ାଇ ଦିଅ । ପଇସାଏ ବି କଳାନ୍ତର ରଖିବ ନାହିଁ । ଆଜି ଭାଦୁଅ ମାସ, ଲୋକଙ୍କ ଘରେ ଟଙ୍କା ତ ଟଙ୍କା, ପିତାନଳିତା ମଞ୍ଜି ନାହିଁ ଯେ ଦେବ । ଜଣ ଜଣକ ଘରେ ଯୋଡ଼ା ଯୋଡ଼ା ପିଆଦା । ସମସ୍ତେ ସାହୁ ଦୁଆରେ ଉପାସ ଭୋକରେ ପଡ଼ି ଡାକ ଛାଡ଼ୁଛନ୍ତି, ଶୁଣୁଛି କିଏ ? ଯୋକେ ଖାତକ ଦଶ ବାର ବରଷର ପୁରୁଣା କରଜାର ମୂଳକଳାନ୍ତ ହିସାବ କରି ତମସୁକ ରେଜେଷ୍ଟରି କରାଇଦେଇ ଖସିଯାଇ ପାଇଲେ । ତମସୁକରେ ବାଲିବାଡ଼ି ଘରଦୁଆରସବୁ ବନ୍ଧା ରହିଲା । ସାହୁଆଣି ସବୁ ଶୁଣୁଥିଲେ । ଦୁଇଦିନ ହେଲା ଅନ୍ନଛାଡ଼ି ବସିଲେଣି । ଗୋଟିଏ ବୋଲି ପୁଅ, ତାଙ୍କ ଇଚ୍ଛା, ଶୁଭ କାର୍ଯ୍ୟଟା ମଙ୍ଗଳରେ ହେଉ । ନା, କିଛି ନହୋଉଣୁ ଶହକୁ ଶହ ଲୋକ ରଡ଼ି ଛାଡ଼ୁଛନ୍ତି, ଧର୍ମ ଏତେ ସହଜ କ୍ୟାଁ ? ବେକରେ ପଟକା ପକାଇ ସାହୁ ଗୋଡ଼ତଳେ ପଡ଼ିଗଲେ, ଢେର କାକୁତି କଲେ, ଢେର କାନ୍ଦିଲେ, ଫଳ ହେଲା କ'ଣ ନା, ସ୍ୱାମୀ ପାଖରୁ କଟୁ କଥାରେ ଗାଳିଗୁଲଜ ଗୁଡ଼ାଏ । ମାଇପି ଲୋକ କ'ଣ କରିବେ, ମାଙ୍ଗି ଚୁନ ହେଲେ ନାହିଁ । କରଣମାନଙ୍କୁ ଡାକି ମାଆ ପୁଅ କଅଁଳରେ, କେତେକ ହାକିମି ବୋଲରେ ବୁଝାଇଦେଲେ, "ଖବରଦାର ! କାହାକୁ କଷ୍ଟ ଦେଇ ଟଙ୍କା ଅସୁଲ କରନାହିଁ ।" ସାହୁ କରଣକୁ ଗାଳି ଫଜିତ କରୁଛି, କାହିଁକି ଟଙ୍କା ଅସୁଲ ହେଉନାହିଁ ? ହଁ ହିସାବ ହେଉଛି, ହଁ ଟିପା ଲେଖାଯାଉଛି—ଏମିତି କେତେ ଦିନ କାଟିଲେ । ଯେଉଁ ଯାଗାରେ ସାହୁ ନିତାନ୍ତ ଜଗିବସେ, ସାହୁଆଣୀ ଚୁନ ଚୁନ ଟଙ୍କା ଗଣି ଦିଅନ୍ତି ।

ଏଣେ ବିଭା ସରଞ୍ଜାମ କଣାକଣି ଧୂମ୍ ଲାଗିଛି । ବାଣବାଲା ଆଗତୁରା ବଇନା ଧଇଲା, ଲୁଗା ମୋଟକୁ ମୋଟ କଟେଇ ଘରେ ଜମା, ମଶଲାମଶଲ କିଣିବା ଲାଗି ଯୋଡ଼ାଏ କରଣ କଟକ ଧାଇଁଲେ । ହେଲେ, ସାହୁକୁ ଏଟା ଭଲ ଲାଗୁନାହିଁ । ତାହାର ଇଚ୍ଛା, ପୁଅ ବିଭା ବାହାନାରେ ଖାତକଙ୍କ ପାଖରୁ ଟଙ୍କା ରୁଣ୍ଡାଇ ନେବ । ସାହୁଆଣୀ ବାପ ଜଣେ ଧନବନ୍ତ ଲୋକଥିଲା—ସେ ନିର୍ବଂଶ, ତାହାର ସବୁ ସମ୍ପତ୍ତି ସାହୁଆଣୀ ପାଇଛନ୍ତି । ସାହୁଆଣୀଙ୍କର ଇଚ୍ଛା, ନିର୍ବଂଶିଆ ଧନ ଘରେ ରଖିବେ ନାହିଁ, ଦାନ ପୁଣ୍ୟରେ ଖରଚ କରିବେ । ତାଙ୍କ ଦାନ ଢ଼'କାନିଆ ପୁଅ ବି ଜାଣେନାହିଁ । ସାହୁଆଣୀଙ୍କର ଇଚ୍ଛା, ପୁଅର ମଙ୍ଗଳକୃତ୍ୟ ଖୁବ୍ ଆଡ଼ମ୍ବରରେ ହେଉ, ସମସ୍ତେ ଖାଇ ପିଇ ଆନନ୍ଦ ଉତ୍ସବ କରନ୍ତୁ । ବାକ୍ସ ଏକାବେଳକେ ଉଦୁଆଁ । ସାହୁ ଏକଥା ହିଁ ଜାଣେ । ପୁଅ ବିଭାକୁ ପଇସାଏ ବି ଛାଡ଼ୁନାହିଁ, ପୁଣି ବଳକା ଖରଚ ଦେଖି ଭାରି ଦିକ୍‌ଦାର ।

ପନ୍ଦର ଖଣ୍ଡ ସରକି ଚକଚକିଆ ନାଆ, ଗୁଡ଼ାଏ କାଠୁଆ ସଜ ହେଲା । ପୁରୋହିତ ବ୍ରହ୍ମା, ଜ୍ୟୋତିଷ, କରଣ, ଝାଣ୍ଟୁଆ ଝାଣ୍ଟୁଆ କେତେ ଜଣ ଦେଶ ଲୋକ, ଭଣ୍ଡାରୀ, ଗଉଡ଼, ଷାଠିଏ ସତୁରି ଜଣ ସରକି ଲୋକ ବରଯାତ୍ରରେ ଯିବେ । ନଈରେ ଉଚ୍ଛୁଳିକା ପାଣି ଛୁନ୍ ଗ୍ରେଟ—ହରିଣି ଖୋଳିବା କାଠୁଆ ହତା ଯନ୍ତ୍ର ଧରି କୋଡ଼ିଏ ସରକି ମୂଲିଆ ବି ସଙ୍ଗରେ ଯାଉଛନ୍ତି । ଉଠାଣି ଯିବାକୁ ଚବିଶ ପଚିଶ ଦିନରୁ ଊଣା ଲାଗିବ ନାହିଁ । ହେଲେ, ସାହୁଆଣୀ ଦେଢ଼ମାସର ରୋଷେଇ ସରଞ୍ଜାମ ଜଳଖିଆ ସରଞ୍ଜାମ ଦେଲେ । ଖଣ୍ଡ ଅଖଣ୍ଡ ଅଛୁ, କେଜାଣି ବାଟରେ ମଠ ହୋଇଯିବ ।

ସାହୁଆଣୀ ଯେପରି ଦାନଶୀଳା, ଦୟାବତୀ--ସେହିପରି ସବୁ କାମକୁ ଆଗ । କାଉ କା’ କଢ଼ିରୁ ଅଧରାତି ଯାଏ ଚରିଖିପରି ଘୁରୁଥିବେ, ଟିକିଏ ହେଲେ ହାଲିଆ ହୋଇ ପଡ଼ିବାକୁ ନାହିଁ । ଘର ଖନ୍ଦାରେ ଦୁଇ ଓଳି ଶହେ ଖଣ୍ଡି ଯାଏଁ ପତ୍ର ପଡ଼େ । ହାଡ଼ିଆଣୀ ପାଲୁଣୀଗୁଡ଼ା ପାଛିଆ ଗୋଟିଏ ଗୋଟିଏ ଧରି ବାଡ଼ି ଦୁଆର ପଟରେ ବସିଥାନ୍ତି । ସାହୁଆଣୀ ସମସ୍ତଙ୍କ କଥା ବୁଝନ୍ତି । ସମସ୍ତଙ୍କୁ ଦେଇ ଥୋଇ ଆପେ ଖାଆନ୍ତି । ସାହୁଆଣୀ କଥା କେହି ବୁଝିବାକୁ ନାହିଁ; ମାତ୍ର ପୁଅ ବିଦ୍ୟାଧର, ମା’ ଖାଇଲା ନ ଖାଇଲା ବୁଝେ—ବାଧିକା ପଡ଼ିଲେ ପାଖରେ ବସି ଗୋଡ଼ ହାତରେ ହାତ ବୁଲାଏ ।

ଆଜି ପୁଷ ୧୫ ଦିନ ବରଯାତ୍ରା ପାଇଁ ଠିକ୍ ହୋଇଛି । ନଈକୂଳରେ ଅଧ କୋଶ ଯାଏ ନାଆ କାଠୁଆ ଧାଡ଼ି କି ଧାଡ଼ି ଖଟା । ନାଉରିଆମାନେ ଆହୁଲା, କାତ, ନା-ଟଣା ଦଉଡ଼ି, ହରିଣିଖୋଳା ହତା ଯନ୍ତ୍ର ଧରି ହାଜର । କୋଡ଼ିଏ ଖଣ୍ଡ ସରକି ଗାଁରୁ ପିଲାପିଲି ଧରି ମାଇକିନିଆ ମରଦ ନଈ ଦୁଇ କୂଳରେ କାତାର ଦେଇ ଛିଡ଼ା ହୋଇଛନ୍ତି । କିଛି ଦୂର ନଈବାଲିରେ ଢୋ ଢୋ କରି ଗଛବାଣ ଫୁଟିଲା । ସଙ୍ଗେ ସଙ୍ଗେ ଶଙ୍ଖ ହୁଳହୁଳି ଉଚ୍ଛୁଳିପଡ଼ିଲା । ସମସ୍ତେ ବିଦ୍ୟାଧରକୁ ସୁଖପାନ୍ତି, ମନ ମଧ୍ୟରେ ତାହାର ମଙ୍ଗଳକାମନା କଲେ । ବରଯାତ୍ରା ଆଗରୁ ଘରଅଗଣା ଭିତରେ ପିଣ୍ଡି ଉପରେ ନାନ୍ଦୀମୁଖୀ ଶ୍ରାଦ୍ଧ ବଢ଼ିଲା । ବିଦ୍ୟାଧର ବେଦୀରୁ ଉଠି ମା ପାଖରୁ ମେଲଣି ଘେନିବାକୁ ଯାଇ ଗୋଡ଼ତଳେ ପଡ଼ିଲା, ମା ପାଦରୁ ଧୂଳିନେଇ ମୁଣ୍ଡରେ ଲଗାଇଲା । ମା ତୁଳସୀ ମୂଳରୁ ମାଟି ନେଇ ତା ମୁଣ୍ଡରେ ଟିକା କରିଦେଲେ । ସେତିକି ବେଳେ ବିଦ୍ୟାଧର ମା ମୁହଁକୁ ଅନାଇ ଦେଖିଲା, ମୁହଁଟି ସିଠୁଆ କଳା ପଡ଼ିଯାଇଛି । ଆଖି ଡୋଳା ଯୋଡ଼ାକ ଭିତରକୁ ପଶିଗଲାଣି । ବିଦ୍ୟାଧର ଚମକି ପଡ଼ି କହିଲା, “ଏ କ’ଣ ମା ! ତୁ ଏମିତିକା ଦିଶୁଛୁ କ୍ୟାଁ ? ଜର ହେଲାଣି କି ? ମୁଁ ଶୁଣୁଛି, ଚାରିଦିନ ହେଲା ତୁ ଖୁଁ ଖୁଁ କାଶୁଛୁ । ନା, ନା, ତୋତେ ଛାଡ଼ି ଯିବାକୁ ମୋ ମନ ବଳୁନାହିଁ ।”

ମା—ଏ କ'ଣରେ ବାପ ! ଏ କି କଥା ? ଏତେବେଳେ କ'ଣ ଏପରି କଥା କହନ୍ତି ? ବାଟରେ ତୋତେ ଗ୍ରାମଦେବତା ରକ୍ଷା କରିବେ, ଜଗନ୍ନାଥ ମହାପ୍ରଭୁ କଲ୍ୟାଣ କରିବେ । ମୋର କିଛି ହୋଇନାହିଁ । ଏହି କେତେ ଦିନ ଖଟି ଭିଡ଼ ପାଇଟିରେ ଲାଗିଥିଲି, ଖିଆ ପିଆ ଠିକ୍ ନଥିଲା । ଗ୍ରାମ ଦେବତାଙ୍କୁ ଦଣ୍ଡବତ କରି ଦହିମାଛ କରିଯା । "ମଙ୍ଗଳଂ ଭଗବାନ ବିଷ୍ଣୁଃ—" ମନ୍ତ୍ରପଢ଼ି ପୁରୋହିତ ବର ଅନୁକୂଳ କରାଇ ଦେଲେ ।

ହରିପୁରରେ ପହଞ୍ଚିବାକୁ ହାତଗଣତି ଠିକ୍ ପଚିଶଦିନ ଲାଗିଲା । ସଙ୍ଗରେ ଦଫେ ଗୋଟିପୋ ଗାଆଣିଆ ଥିଲେ । ଭଲ ଜାଗା ପାଇଲେ ଦିନେ ଦିନେ ସଞ୍ଜବେଳେ ନାଟ ଗାଆଣ ହୁଏ । ନଦୀକୂଳ ପାଟିଆ କୋଶକ ବାଟରୁ ଲୋକେ ଧାଇଁଆସି ଗାଆଣ ଶୁଣନ୍ତି ।

ଯୁଧିଷ୍ଠିର ସାହୁଙ୍କ ଘର କୋଶକ ଦୂରରୁ ସଞ୍ଜବେଳୁ ରୋଷନାଇ ଲାଗିଲା । କଟକୀ ଭୂଇଁଚମ୍ପା, ଚନ୍ଦ୍ରଉଦଆ, ଗନ୍ଧବାଣ ସଙ୍ଗରେ ଯାଇଥିଲା । ଯୁଧିଷ୍ଠିର ସାହୁ ବି ଢେର ବାଜା, ବାଣ ଠିକ୍ କରିଥିଲେ । ଦଶକୋଶ ବାଟରୁ ଲୋକେ ଚଢ଼ା ଗୁଡ଼ଲ ହାଣ୍ଡି ରୋଷନାଇ ଦେଖିବାକୁ ଆସିଥିଲେ । ବାହୁଡ଼ିବା ବେଳେ ବୋଲାବୋଲି ହୋଇ ଗଲେ, ଗୋଟାଏ ରଜାପୁଅ ବାହାରେ ବି ଏତେ ଆଟୋପ ହେବନାହିଁ ।

ବିଭା ବଢ଼ିଲା, ଅଷ୍ଟମଙ୍ଗଳା ବି ହୋଇଗଲା । ଏବେ ବରକନ୍ୟା ବିଦା କଥା । ହଁ ଆଜି, ହଁ କାଲି, ହଁ ଆସନ୍ତା ଶୁକ୍ରବାର— ରବିବାର ଏହିପରି କରୁ କରୁ ମାସେ କାଳ ବିତିଗଲାଣି । ଶେଷରେ ଦିନେ ଯୁଧିଷ୍ଠିର ସାହୁ କୁବେର ସାହୁଙ୍କୁ କହିଲେ, ସମୁଧିଏ ! ନଈରେ ନାହିଁ ଜଳ— ଢେର ଜାଗା ହୁଣି ଖୋଳିବାକୁ ହେବ— ଢେର ବିଳମ୍ବ ହେବ । ଏଣେ ବର୍ଷା ପଡ଼ି ଆସିଲାଣି । ତୁମ ଆମ କଥା ଯାହା ହେଉ, ପିଲାଯୋଡ଼ିକ ଯାଉଛନ୍ତି, ସୋଇଲି ପରିବାରି ଦିଜଣ ସାଙ୍ଗରେ ଥିବେ, ସେମାନଙ୍କର ବଡ଼ କଷ୍ଟ ହେବ । ମୁଁ କହୁଛି, ଗହଣ ଲୋକଙ୍କୁ ବିଦାକରି ଦେଉନ୍ତୁ, ପିଲାଟି ଆଉ ଆପଣ ଦୁଇଜଣ ରହନ୍ତୁ । ପହିଲି ଆଷାଢ଼, ମିଁମିଠ ନଈରେ ପିତାପାଣି ପଡ଼ିବ, ନାଆମେଲି ଦେବେ । ଆପଣ କ'ଣ ଏବେ ପରଲୋକଯେ ଜଗିଜାଗି କଥା କହିବ ? ଏହି ଦେଖନ୍ତୁ, ଚଞ୍ଚଳ ସବୁ ଆୟୋଜନ କରିବାକୁ ପଡ଼ିଲା, ପିଲାମାନଙ୍କୁ ତ ଦିଖଣ୍ଡ ଗହଣାଗାଣ୍ଠି ଦେବାକୁ ହେବ । ଦେଖୁଛନ୍ତି ତ ପୁତ୍ରାଏ ବଣିଆ ଦିନରାତି ପାଇଟିରେ ଲାଗିଛନ୍ତି । ଚଞ୍ଚଳର କାମନୁହେ— ଟିକିଏ ମଠ ନହେଲେ ସବୁ ଠିକ୍ ହୋଇ ପାରିବ ନାହିଁ । ଆଉ ଆଉ ପାଞ୍ଚ ଚଳତ ଦେବାକୁ ହେବ । ଆଠଖଣ୍ଡ ନାଆ ଗହଣରେ ଦେବ, ଢଆର ସରିନାହିଁ । ନଈକୂଳରେ ଯାଇ ଦେଖନ୍ତୁ, ଅଧା ଅଧି ବି ହୋଇନାହିଁ ।" କୁବେରସାହୁ ମନ ମଧ୍ୟରେ ଭାବିଲା, "ଏହିତ ଖୋଲ

ଶୋଡ଼ିଆ ସାତଖଣ୍ଡ ନାଆ ଉଆର ଲାଗିଛି. ଗହଣା ଗାଣ୍ଠି ବି ତିଆର ଲାଗିଛି, ପିଲାଟା ଘରକୁ ଚଞ୍ଚଳ ଯାଇ କ'ଣ କରିବ ? ପଇସାର ଫନ୍ଦା ଫିକିରରେ ମନ ନାହିଁ, ମା ପୁଏ ଯୋଡ଼ିକ ଯାକ ସ୍ତ୍ରୀଙ୍କ ଦଅ, ତାଙ୍କୁ ଦଅ, ଘରୁ ଚଳ ବସ୍ତ୍ର ବାଣ୍ଟରେ ଲାଗିଥିବେ । ଉଚ୍ଛୁଙ୍କା ଏତିକି ଲାଭ, ବୁଢ଼ା ଆଖି ବୁଜିଲେ ସବୁ ମୋର । ନା ନା, ବୁଢ଼ାର ମନ ଭାଙ୍ଗିବା ଭଲ ନୁହେଁ ।" ଘର ପାଖରେ କୁବେର ସାହୁ ମୁହଁରୁ କେବେ କେହି ଠାକୁର ନାମ ଶୁଣିନାହିଁ, ସବୁବେଳେ କାଳାନ୍ତର ଲାଭ ହିସାବ । ହରିହରପୁରକୁ ଆସିବାଦିନୁ ସବୁବେଳେ ମୁହଁରେ 'ଜଗନ୍ନାଥେ—ଜଗନ୍ନାଥେ—ନୀଳାଚଳନାଥ' ଲାଗି ରହିଛି । କୁବେର ଆଖିବୁଜି କହିଲା, "ହେଉ ହେଉ, ସମୁଧିଏ ! ଆପଣ ଯାହା ଆଜ୍ଞା କରିବେ, କିଏ ଅନାସ୍ଥା କରିବ ? ଆପଣ ତ ସବୁ ଜାଗାରେ ମାଲିକ ।" ଗହଣରେ ସବୁ ଲୋକଙ୍କୁ ବିଦାକରି ଦିଆଗଲା, କେବଳ ବାପେ ପୁଏ ଆଉ କେତେଟା ଚାକର ରହିଲେ ।

କୁବେର ସୋନପୁର, ବୌଦ ସବୁ କୋଠିର କରଣ କାରବାରିଆଙ୍କୁ ଲେଖି ଦେଲା, "ମଫସଲରେ କିଛି ପାଉଣା ରଖିବନାହିଁ । ସବୁ ନାଆରେ ସଉଦା ବୋଝାଇ କରି ପହିଲୁ ଆଷାଢ଼ରେ, ଯିମିତି ନଈରେ ପିଠାପାଣି ପଡ଼ିବ, ହରିହରପୁର ଘାଟରେ ନାଆ ଧରି ହାଜର ହୋଇଯିବ ।" ଏଣେ ଘରଠାରେ ସାହୁଆଣୀ ବାତୁଣା ଧରିଲେଣି । କବିରାଜ କହିଲା "ଏଇଟା ରାଜଯକ୍ଷ୍ମା—ଶିବଙ୍କ ଅସାଧ୍ୟ ।" କରଣମାନଙ୍କୁ ଡାକି ସାହୁଆଣୀ ସାବଧାନ କରାଇଦେଲେ, ଖବରଦାର ! ହରିହରପୁରକୁ ମୋ ବେମାରି କଥା ଲେଖିବ ନାହିଁ, ପୁଅ ଶୁଣିଲେ ଘାବରି ଯିବ ।"

ବିଦ୍ୟାଧର ଶ୍ୱଶୁରଘରେ ରାଜଭୋଗରେ ଅଛି । କନ୍ୟାଟି ଯେମନ୍ତ ସୁନ୍ଦରୀ ଗୁଣବତୀ, ସେହିପରି ପତିବ୍ରତା ! ତେବେବି ଆଠଦିନକୁ ଆଠଦିନ ଘରପାଖରୁ ମା'ଙ୍କ ସମ୍ବାଦ ନ ପାଇଲେ ଆକୁଳ ହୋଇ ପଡ଼େ । ଶେଷ ଚିଠିରୁ ଶୁଣିଲା ମା'ଙ୍କ ବେମାରି ଭଲ ହୋଇ ଗଲାଣି, ଏବେ ସେ ନିଶ୍ଚିନ୍ତ । ତେବେ ମା ବୋହୂକୁ ଦେଖି, ଏହି କଥା ମନରେ କରି ବେଳେ ବେଳେ ଚଞ୍ଚଳ ହୋଇପଡ଼େ ।

ସୁଖର ଦିନ ଘୋଡ଼ା ଛୁଟିଲା ପରି ଧାଇଁଛି । ସମୁଧିଙ୍କ ସାହୁ ଘରେ ଆନନ୍ଦ ଉତ୍ସବରେ ଚାରିହଁ ଚାରିହଁ ଚାରିମାସ ଚାଲିଗଲା । କନ୍ୟା ବିଦାପାଇଁ ଯାହା ଯାହା ଲୋଡ଼ା, ସବୁ ଠିକ୍ ଠାକ୍ ହୋଇଗଲାଣି । ଦଶଖଣ୍ଡ ନୂଆ ତିଆରି ନାଆ ତୁଠରେ ଧାଡ଼ି କରି ଖଞ୍ଜା ହୋଇଛି । ସବୁ ନାଆ ଚନ୍ଦ ବଦନ ମଣ୍ଡନା, ଦୁଇ ମଙ୍ଗରେ ଫରଫର ହୋଇ ପତାକା ଉଡ଼ୁଛି । ଏଗୁଡ଼ିକ ଯୌତୁକ ନାଆ । ସେଥି ମଧ୍ୟରେ ଯୋଡ଼ାଏ ନାଆ ସୁନ୍ଦର ମଣ୍ଡନା । ଖଣ୍ଡିକରେ ଝିଅ, ଆଉ ଖଣ୍ଡିକରେ ଜ୍ୱାଇଁ ବସିଯିବେ । ଆଷାଢ଼ ମାସ ଯିମିତି ପଶିଛି, ନାଆସବୁ ବୋଝାଇ ଲାଗିଲା । ବାସନ ପେଡ଼ି, ଆଡ଼ଖୁରା, ଲୁଗାପେଡ଼ି, ଶିଳ, ଶିଳପୁଆ, ଗ୍ରନ୍ଥି ଶ୍ରୀ ମୁଠାଯାଏ ଘରକରଣା ଜିନିଷ, ଦୁଇ ବରଷ

ଚଳିବା ମାଫିକ ଦାନ୍ତକାଠି ଖଣ୍ଡିକ ସୁଦ୍ଧା ଛ'ଖଣ୍ଡ ନାଆରେ ବୋଝାଇ ହେଉଛି । ଯୁଧିଷ୍ଠିର ସାହୁଙ୍କର ତାଗିଦ୍— ଖବରଦାର, ବୁଝି ଶୁଝି ଦିଅ ଝିଅ ଦୁଇ ବରଷଯାଏ ଶ୍ୱଶୁର ଘରେ ପାଣି ମନ୍ଦାକ ଗୁଣ୍ଡ ଯେମନ୍ତ ଆଉ କିଛି ଛୁଇଁବ ନାହିଁ । ଲୋକେ ବୋଲନ୍ତି ଯୌତୁକ ଜିନିଷର ଦାମ ପଚିଶ ହଜାର ଟଙ୍କାରୁ ଊଣା ନୁହେଁ ।

କୁବେର ସାହୁକାର ଦୂର ଦୂରାନ୍ତର କୋଠିମାନଙ୍କରୁ ଡରଣଖଣ୍ଡ ସତେକି ନାଆ ସରଳ ବୋଝାଇ କରି ସେଠାରେ ଉପସ୍ଥିତ । ନାଆ ସବୁ ପୁରା ବୋଝାଇ, ପାଣିଲହଡ଼ି ଚାଳକୁ ଛୁଇଁ ଦେଉଛି । କୋଣେଯାଏ ସବୁ ନାଆ ଝଟା ହୋଇଛି । ଆଜିହୁଁ ଦେଖଣାହାରିମାନେ ମଫସଲରୁ ଆସି କୂଳରେ କାତାର ଦେଲେଣି ।

ଆଷାଢ଼ କୃଷ୍ଣ ଦଶମୀ ଦିନ ଯାତ୍ରା ଠିକ୍ ହେଲା । ରଥ କାଠ ମେଲଣି ଭଲଆ ପାଣିକୁ ଚାହିଁ ବସିଛନ୍ତି—ନୋହିଲେ ନାଆ ସବୁ ଭିଷ୍ମ ପାରିହୋଇ ପାରିବ ନାହିଁ । ଠିକ୍ ପୂରା ପାଣି ବି ହୋଇଗଲା । ଆଜି ଯାତ୍ରାର ଦିନ । ହଜାର ହଜାର ଦେଖଣାହାରି ନଈ ଦୁଇ କୂଳରେ କାତାର ଦେଇ ଛିଡ଼ା ହୋଇଛନ୍ତି । ଗୋଟାଏ ଗୋଟାଏ ନାଆରେ ଚାରି ଚାରିଜଣ ଆହୁଲା ଧରି ଛିଡ଼ା ହୋଇଗଲେ । ପଛରେ ମଙ୍ଗଧରା । ଆଗମଙ୍ଗ ଉପରେ ବାଟ କଢ଼ାଣିଆ ଛିଡ଼ା । ଏହି କଢ଼ାଣିଆ ଛିଡ଼ା ନହେଲେ ନାଆ ଭୀଷ୍ମପାରି ହୋଇ ପାରିବ ନାହିଁ ।

ଆଠମଲ୍ଲିକ ଉପରକୁ ମୁଣ୍ଡାପଡ଼ା ଗାଁଠାରୁ କଇଁସା ଗଡ଼ ଯାଏ ଝୋଲ ସତର ମାଇଲ ଭିତରେ ଭୀଷ୍ମ ପଡ଼େ । ବଡ଼ ବଡ଼ ପଥର ସବୁ ମୁଣ୍ଡଟେକି ନଦୀ ମଧ୍ୟରେ ସଭାକରି ବସିଲା ପରି ବସିଛନ୍ତି । ବଢ଼ି ପାଣିରେ ସେହି ପଥର ସବୁ ବୁଡ଼ିଗଲେ ତା ଉପର ଦେଇ ନାଆ ସବୁ ଭାସିଯାଏ । କେତେ ପଥର ବୁଡ଼େ ନାହିଁ । ଚୁଡ଼ାଏ ପଥର ଉପରେ ଚାଖଣ୍ଡେ, ଚାରିଆଙ୍ଗୁଳ ଜଳ । ନାଉରିଙ୍କୁ ପଥର ଦିଶେ ନାହିଁ । ଏ ଭୀଷ୍ମ ଯାଗାଟାରେ ନଈ କମ୍ ଓସାର ଯୋଗୁଁ ପାଣିର ଭାରି ତୋଡ଼, ଘଣ୍ଟାକ ମଧ୍ୟରେ କୋଡ଼ିଏ ମାଇଲବାଟ ନାଆ ଭାସିଯାଏ । ସେହି ଭୀଷ୍ମ ମଧ୍ୟରେ ଅଙ୍କାବଙ୍କା ସାପଚଲା ପରି ବାଟ । ନାଆ ସେହି ବାଟେ ଯାଏ । ସେ ବାଟଟା କଢ଼ାଣିଆକୁ ଜଣା । ସେ ଜାଗାରେ ପାଣିର ଭାରି ତୋଡ଼, ପଥରରେ ବାଜି ଏପରି ଶବ୍ଦ କରେ ଯେ କଢ଼ାଣିଆ କଥା ପଛ ମଙ୍ଗଧରାକୁ ଶୁଭେ ନାହିଁ । କଢ଼ାଣିଆ ଦୁଇ ହାତରେ ବାଟ ଠାରି ଦେଉଥାଏ । ଭୀଷ୍ମ ପାରି କରିଦେଇ ବାଟକଢ଼ା କଇଁସାଗଡ଼ଠାରେ ନାଆରୁ ଓହ୍ଲାଇ ପଡ଼େ । ତା କାମ ଛିଡ଼ିଲା । ତିନିଦିନ ହେଲା ଶ୍ରାବଣ ପଶିଥିଲା, ଭାରି ପାଣି, ଭାରି ଝଡ଼ । କାଲି ସଞ୍ଜରୁ ପାଣି ଛାଡ଼ିଛି । ସକାଳେ ଆକାଶ ନିର୍ମଳ, ସୂର୍ଯ୍ୟ ଦେବତା ଜ୍ୱଳନ୍ତ ସୁନା ପେଣ୍ଡୁ ପରି ଉଇଁ ଆସିଲେ । ଫେରଥରେ ସାହୁ ଘରଭିତରୁ ଭାରି କାନ୍ଦଣା ଶଙ୍ଖ ହୁଳହୁଳି ଶୁଭିଲା । ବରକନ୍ୟା ନାଆରେ ବସିଲେ । 'ଜୟ ଜୟ ଗଙ୍ଗାମାତା' କହି କହି ନାଉରିମାନେ

ଆଗେ ବରକନ୍ୟା ନାଆ ମେଲି ହେଲେ, ତା ପଛକୁ ତା ପଛକୁ ସବୁ ନାଆ ମେଲିଗଲା । ଦୁଇ କୂଳରୁ ହଜାର ହଜାର ଲୋକ ହରିବୋଲ, ପକାଉଛନ୍ତି ।

ଆଗ ନାଆ ଭାସିଯାଇ ଦୁଇକୋଶ ଦୂର ଶ୍ୟାମପୁର ଗାଁ ସଳଖରେ ଝିମିଟି ପହଞ୍ଚିଛି, ସୂର୍ଯ୍ୟ ଦେବତା ବୁଡ଼ିଗଲେ । ନାଉରୀଏ ଜାଣନ୍ତି, "ଉଇଁ ନଦଶେ, ହସି ପଶେ, ବାପା ବୋଲେ ପୁତା ନଷ୍ଟେ ବରଷେ । ନଈ ଦୁଇ କୂଳ ଲୋକେ ଛିଡ଼ା ହୋଇ ଅନାଇଛନ୍ତି, ନାଉରୀଏ ଭାରି ଆନନ୍ଦରେ 'ହରିବୋଲ' ଦେଇ ନାଆ ବାହି ଯାଉଛନ୍ତି । ଯୋଡ଼ାଏ ନାଆ ଖଜାପିଠା ବୋଝାଇ, ନାଆ ଖଟାଇ ଖାଇବେ । ଏତିକିବେଳେ ଉତ୍ତର ପଶ୍ଚିମ କୋଣରୁ ହେଁସଖଣ୍ଡେ ପରି ଖଣ୍ଡେ ସାନ ଧୂଳିଆ ମେଘ ଉଇଁ ଆସିଲା । ସିଲି ସିଲି ପବନ ଝଲକିଲା । ନାଉରୀଏ ଡରିଗଲେ । ଆଉ ସମସ୍ତେ ବାହଣରେ ଲାଗିଛନ୍ତି । 'ଜେଜେ-ଗଙ୍ଗାମାତାକି ଜୟ'ଗୀତଗାଇ ଆହୁଲା ବାହୁଛନ୍ତି । ନାଆ ଝିମିଟି ମୁଣ୍ଡାପଡ଼ା ଗାଁ ମୁଣ୍ଡ ଛୁଇଁଛି, କଥା ପଦକେ ଗୋଟା ଆକାଶ ମେଘ ଘୋଡ଼ାଇ ପକାଇଲା, ସଙ୍ଗେ ସଙ୍ଗେ ପବନ, ତା ପଛକୁ ପାଣି । ପବନ ତ ପବନ, ଏପରି ଘୂରୁଣ୍ଡିଆ ପବନ କାଳେସକାଳେ ଦେଖିବାର ନାହିଁ । ବେତନାସି ଗୋଚ୍ଛରେ ବାଡ଼େଇଲା ପରି ନାଉରୀମାନଙ୍କ ଦେହକୁ ପାଣିଗୁଣ୍ଡ ମାରୁଛି । ଦନଯାକ ବରଷା ଖାଇ ଯେଉଁମାନେ ନାଆ ବାହୁଥାନ୍ତି ଦଣ୍ଡେକ ମଧ୍ୟରେ ସେ ନାଉରି ଗୁଡ଼ାକ ହାଲିଆ ହୋଇ ପଡ଼ିଲେଣି । ଦୁଇକୂଳରୁ ଡାକ ପଡ଼ୁଛି "ନାଉରୀ, କୂଳ ଭିଡ଼ା, କୂଳଭିଡ଼ା ।" ବାଟକଢ଼ା ଡାକୁଛି, "ମଙ୍ଗୁଆଳି କୂଳ ଦେଖା—ଆରେ କୂଳକୁ ଦେଖା ।" ନାଆ କଣ ମଙ୍ଗ ମାନୁଛି । ଘୂରୁଣ୍ଡିଆ ପବନ ନାଆର ଆଗ ମଙ୍ଗ ପଛକୁ କରି ଦେଉଛି, କେବେ ନାଆକୁ ଚକାପରି ବୁଲାଇ ଦେଉଛି । ନଈ କୂଳର ଭାରି ଭାରି ପୁରୁଣା ଆମ୍ବ, ବର, ଓସ୍ତ ଗଛଗୁଡ଼ାକ ମାରିଝଗଛ ପରି ଉପୁଡ଼ି ପଡ଼ୁଛି । ପୁଙ୍ଖାଲ ଗୋଟାଏ ଭାରି ଦମକା ପବନ ବାଡ଼େଇ ଦେଲା । ନାଆ ଉପର ମଙ୍ଗଧରା, ବାହାଣିଆ, ବାଟକଢ଼ା ସବୁଗୁଡ଼ାକ ଝପ୍‌ଝାପ୍ କରି ନଈରେ ପଡ଼ିଗଲେ । ତର୍ଣ୍ଣିଆ ଦେଇ ସେମାନଙ୍କୁ କିଏ ଯେମନ୍ତ ପାଣିରେ ମାଡ଼ିଦେଲା । ନାଆ ଗୁଡ଼ାକ ଗୋଟାକ ଉପରେ ଗୋଟାଏ ବାଡ଼େଇ ହେଉଛନ୍ତି, ଗୁଡ଼ାଏ ଠୋକର ଖାଇ ଭାଙ୍ଗି ଗୁଣ୍ଡା ହୋଇ ଗଲାଣି । ଆଉ ଦଣ୍ଡେ ସତାର କରିଥିଲେ, ନାଆ ସବୁ ସୁଅ ପାଣିରେ ପଡ଼ି ଭାସି ଯାଇଥାନ୍ତା, ମାତ୍ର କଇଁଆ ଗଡ଼ ମୁଣ୍ଡରେ ନଈ ମଝିରେ ଗୋଟାଏ ବଡ଼ ଭୀଷ୍ମ ମହାକାଳ ଦୂତପରି ଛିଡ଼ା ହୋଇଥିଲା, ସବୁ ନାଆ ତା ଉପରେ ବାଡ଼େଇ ହୋଇ ଭାଙ୍ଗି ଚୂନା ହୋଇଗଲା । ଖଣ୍ଡେ ନାଆ ବର୍ତ୍ତି ପାରିଲା ନାହିଁ । ମନୁଷ୍ୟ ବା ବୋଝାଇ ଜିନଷ କାହାର ଚିହ୍ନ ବର୍ତ୍ତି ନାହିଁ, ଗୁଡ଼ାଏ ପଟା ଭାସି ଭାସି ଯାଉଛି ।

ଆଜକୁ ଠିକ୍ ହାତଗଣନ୍ତା ହେଲା ବରଷେ । ଯୋଗ ଦେଖ, ଆଜି ବି ମିଥୁନ କୃଷ୍ଣଦଶମୀ । ମହାନଦୀ ଦୁଇକୂଳ ଖାଉଛି, ଉଛୁଳି ପଡ଼ିଲା ଭଳି । ଲଙ୍ଗଳକଣ୍ଠା ଗାଁ ତଳେ କୂଳ ଉପରେ ଯୋଡ଼ାଏ କୁସୁମ ଗଛରେ ଯୋଡ଼ାଏ ଲମ୍ବ ଲମ୍ବ ଦଉଡ଼ିରେ

ଯୋଡ଼ାଏ ଝାଡ଼ୁଆ ନାଆ ଆଗ ମଙ୍ଗଖଟା ହୋଇଛି । ଟାଣ ସୁଅରେ ନାଆ ପଛମଙ୍ଗ ଅଳ୍ପ ଅଳ୍ପ ବାଙ୍କି ହେଉଛି । ବେଳେ ବେଳେ ନାଆ ଯୋଡ଼ାକ ନାଚି ଉଠୁଛନ୍ତି । ନାଉରୀ ଗୁଡ଼ାକ ଦିନଯାକ କାତ ପେଲି ଥକି ଯାଇଥିଲେ । ସିମିତି ପଡ଼ି ଯାଇଛନ୍ତି, ନଘୋଡ଼ ନିଦ, ଘୁଙ୍ଗୁଡ଼ି ମାରୁଛନ୍ତି । ଆକାଶରେ ଗୋଟାଏ ହେଲେ ତାରା ନାହିଁ, ଘୋର ଅନ୍ଧାର । ବେଳେ ବେଳେ ଲତା ବିଜୁଳି ଚମକି ଯାଉଛି । ଗୋଟିଏ ଭେଣ୍ଡିଆ ଖଣ୍ଡେ ନାଆ ପଛ ମଙ୍ଗରେ ଗାଲରେ ହାତ ଦେଇ ବସି କ'ଣ ଚିନ୍ତା କରୁଛି । ରାତି ଅଧାଅଧି ଗଡ଼ିଗଲାଣି, କାହିଁ ଶୋଇବାକୁ ଯାଇନାହିଁ । ତପସ୍ୟା କଲାପରି ଆଖିବୁଜି ଉଇହୁଙ୍କାଟି ପରି ତୁନି ହୋଇ ବସିଛି । ମଙ୍ଗଟା ଠିକ୍ ଗାଧୁଆ ତୁଠରେ ଅଣ୍ଟାଏ ହରକ ପାଣିରେ ଭାସୁଛି । ଏତିକି ବେଳେ ତୁଠର କିଛି ଦୂରରୁ 'ହେ ଠାକୁରେ । ହେ ଗଙ୍ଗାମାତା ! ମୋ ଧର୍ମ ରଖ !' ବିକଳ ରଡ଼ି ଶୁଣି ମୌନୀ ଭେଣ୍ଡିଆଟି ଚମକି ପଡ଼ିଲା । ଯେମନ୍ତ ଦେଖା ପ୍ରତିମାଟିଏ ଧାଉଁଛି, ତା ପଛରେ ଯେମନ୍ତ ଗୋଟାଏ କାଳିଆ ଭୂତ ମତୁଆଲା ମଣିଷପରି ଟଳିଟଳି ପଡ଼ି ଉଠି ଗୋଡ଼ାଉଛି । ନିତାନ୍ତ କର୍କଶ ଭାଷାରେ ପାଟିକରି କହୁଛି "ଏ ବରଷକୁତା ତୋ ପିତ୍ତ ଲାଗିଛି, କଥା ଶୁଣୁନଥିଲୁ ପରା ? ଆଜି ଆସ୍ତୁ ବେଳେ, ଆସ୍ତୁ ଜାଗାରେ ଆପେ ଆପେ ଭେଟ ମିଳିଗଲା । ତା'ଜାଲୁ ମୋ' ମାକୁ ତା ବୋପାଆସି ରଖୁ । ମୋ ବୋହୂ ତୋତେ ଜଗି ବସିଥିଲା ପରା ? କେହି ତୋ ପିଠିରେ ପଡ଼ୁନାହିଁ ?" ଯୁବତୀଟି ଆକୁଳରେ ରଡ଼ିଛାଡ଼ୁଛି, "ମହାପ୍ରଭୁ ! ମୋ ଧର୍ମ ରକ୍ଷାକର । ମା ଗଙ୍ଗା ! ମୋତେ କୋଳକୁ ନିଅ । ମୋ ସ୍ୱାମୀ— ମୋ ମୁଣ୍ଡରେ ମଣି—ମୋ ପ୍ରାଣର ଦେବତାକୁ କୋଳକୁ ନେଇଛ ମୋତେ ନିଅ ।"

ନାଆ ମଙ୍ଗ ପାଖକୁ ଘଟଣାଯାଗା ପାଞ୍ଚ ଛଅ ହାତ ଛଡ଼ା । ଯୁବତୀ ଆଉ ଆଗନ୍ତୁକ ଭିଡ଼ାଭିଡ଼ି ଲାଗିଛନ୍ତି । ମଙ୍ଗ ଉପରଲୋକ ଯୁବତୀର ସ୍ୱର ଶୁଣି ଚମକିପଡ଼ିଲା । ତେତିକି ବେଳେ ବିଜୁଳିଟାଏ ଚମକି ଗଲା । ଯୁବକ ଆଖିକୁ ଝକଝକ ପଦ୍ମାବତୀ ରୂପପରି ଦିଶିଗଲା । ଆଉ ସମ୍ଭାଳି ପାରିଲା ନାହିଁ । ଆଗରେ ଗୋଟାଏ କାଠୁଆ ଆହୁଲା ପଡ଼ିଥିଲା, ତାକୁ ଧରି ମଙ୍ଗଠାରୁ ସାତ ଆଠ ଦୂରକୁ ହୁଙ୍କାର ଦେଇ ଯେମିତି ଡେଇଁ ପଡ଼ିଛି, ସେହି ଉଦଣ୍ଡ ରାକ୍ଷସଟାର ମୁଣ୍ଡରେ ଟାଣ ଏକ ପ୍ରହାର ପଡ଼ିଛି ଲୋକଟା 'ବାପାରେ' ବୋଲି କହି ନଈ ଭିତରେ ସାତ ଆଠହାତ ଦୂରକୁ ଛିଟିକି ପଡ଼ିଲା । ପାଣିଟା ଟବ୍‌କରି ଯାହା ଶୁଭିଛି, ତେତିକି । ଯୁବକ ଆଉ ପାହାରେ ବାଡ଼ାଇବାକୁ ଆହୁଲା ଉଞ୍ଚାଇଲା— ମଣିଷର ଚିହ୍ନ ନାହିଁ । ଯୁବତୀ ବିଜୁଳି ଆଲୁଅରେ ଏତିକି ମାତ୍ର ଦେଖିଲା, ଯେମନ୍ତେ ଆକାଶରୁ ଗୋଟିଏ ଦେବତା ଖସିପଡ଼ି ପାଷଣ୍ଡ ହାତରୁ ତାକୁ ରକ୍ଷାକଲେ । ଆକୁଳରେ "ମୋ ପ୍ରଭୁ ! ଦେବତା" ଏତିକି କହି ଯୁବକକୁ କୁଣ୍ଢାଇ ପକାଇଲା, ଆଉ ତାହାର ଜ୍ଞାନ ନାହିଁ ।

ଯୁବକ ବଡ଼ କଷ୍ଟରେ ଯୁବତୀଟିକୁ ନାଆ ମଙ୍ଗ ଉପରକୁ ଟେକିନେଇ ନାଉରୀମାନଙ୍କୁ ଉଠାଇଲା । ନାଆ ଚାଳ ଟେକିଦେଇ ଅତି କଷ୍ଟରେ ଯୁବତୀକୁ ନାଆ ଭିତରେ ଶୁଆଇଲା । ବିଦ୍ୟାଧର ଦେଖିଲା, ଯୁବତୀର ଚେତା ନାହିଁ, ମୁଣ୍ଡ ଲମ୍ବ ବାଳରୁ ଝରଝର କରି ପାଣି ବହିପଡ଼ୁଛି, ଦେହ ଗୋଟାକ କାଦୁଅ ଲଟପଟ, ଲୁଗା ଚିପୁଡ଼ି ଦେଲେ ପାଣି ବୋହିପଡ଼ିବ । ବିଦ୍ୟାଧର ବଡ଼ ହରବରରେ ପଡ଼ିଲା । ଭଲକରି ଚିହ୍ନିଲାଣି ସତ, ତେବେ ବି ଡରମାଡ଼ୁଛି । ପାଖରେ କେହି ନାହିଁ, ଯୁବତୀଟି କିପରି ଲୁଗା ପାଲଟିବ ? ହଠାତ୍ ହାତରେ ନଜର ପଡ଼ିଗଲା, ଆଙ୍ଗୁଳିରେ ମୁଦି । ଆପଣା ମୁଦି ବୋଲି ଚିହ୍ନିଲା, ଆଉ ସନ୍ଦେହ ନାହିଁ । ଲୁଗା କାହିଁ ? ଆପେତ ଦ' ଛୁଟିଆ— ଆପଣା ପାଛୁଡ଼ା ଖଣ୍ଡି ଯୁବତୀକୁ ପିନ୍ଧାଇ ଦେଇ ତାର ଦେହର କାଦୁଅ ପାଣି ପୋଛି ପକାଇଲା ।

ଶ୍ୟାମ ସାହୁ ବିଦେଇର ନଦନ ମଲାଶୁର । ଘର କୋରମେ ଇଲାକା ଖାଲପାଲ । ସାହୁ ଜଣେ କାରବାରିଆ ମଧଭଲ ଲୋକ । ବିଭା ସମୟରେ ବିଦ୍ୟାଧର ତାକୁ ଚିହ୍ନିଥିଲା, ଘର ଠିକଣା ଜାଣିଥିଲା । ଯୁବତୀର ଚେତା ବସୁନାହିଁ । ନାଆରେ ସବୁବେଳେ ଉଦ୍ବେଗରେ ନାଆଁ ଥାଏ । ଲୁଗା ପେଣ୍ଡୁଳାକରି ବିଦ୍ୟାଧର ଯୁବତୀକୁ ସେକୁଥାଏ । ରାତି ଆଉ ପିଛିଲା ପହରରେ ସରିକି ଅଛି, ବିଦ୍ୟାଧର ନାଉରୀମାନଙ୍କୁ ଡାକି କହିଲା, "ତୁମ୍ଭେମାନେ ଯେବେ ଦିନ ପ୍ରହରକ ଭିତରେ ନାଆ ନେଇ ଖାଲପାଲ ତୁଠରେ ଭିଡ଼ାଇ ପାରିବ, ଜଣକା ପାଞ୍ଚ ପାଞ୍ଚ ଟଙ୍କା ବକ୍‌ସିସ ଦେବି ।" ନାଉରୀମାନେ ବସି ବିଚାର କଲେ ଖାଲପାଲ ଏଠାରୁ ଚାରିକୋଶ ବାଟ— ଏତେବେଳୁ ନାଆ ମେଲିଦେଲେ କସ୍ତାକସ୍ତିରେ ନାଆ ପହଞ୍ଚିଯିବ । ଆକାଶରେ ଆଉ ମେଘ ନାହିଁ, ଟିକିଏ କାଳିଜହ୍ନିଆ ପଡ଼ିଗଲା । ନାଆଟା ଦକ୍ଷିଣ କୂଳ ଧରି ଯାଉଥିଲା । ଖାଲପାଲ ହେଉଛି ଉତ୍ତର କୂଳରେ । ଯିମିତ ରାତି ପାହିଛି, ନାଉରୀଏ ନାଆ ମେଲି ଦେଲେ ।

× × ×

ଯୁବତୀ ଗୋଟିଏ କୋମଳ ବିଛଣାରେ ପଡ଼ିଛି, ଚେତା ନାହିଁ । ନାକରେ ତୁଳା ଦେଇ ଦେଖାଗଲା, ଅଳ୍ପ ଅଳ୍ପ ପବନ ଚାଲୁଛି । ଗ୍ରାମର ପୁରୁଣା ବୈଦ୍ୟ ବଳେଇ ବାହିନୀପତି ଭଲ ରୂପେ ନାଡ଼ି ଚିପି କହିଲେ, "କେବଳ ଇନ୍ଦ୍ରିୟ ଦୌର୍ବଲ୍ୟ—ବିପଦର ଆଶଙ୍କା ନାହିଁ ।" ଲଗ ଲଗ ତିନି ପାନ କସ୍ତୁରୀଭୂଷଣ ରସ, ଅଦାରସ, ମହୁ ଅନୁପାନରେ ପିଆଇ ଦେଇ କହିଲେ, "ଏହି ଔଷଧର କ୍ରିୟା ଆରମ୍ଭ ହେଲେ ଚେତନା ବସିବ ।" ଘଟଣାର ଦ୍ବିତୀୟ ଦିନ ଉପରଓଳି ଯୁବତୀ ଟିକିଏ ଆଖି ମେଲି ଚାହିଁଲା । ଚାଳବାଡ଼ ସବୁଆଡ଼କୁ ଆଖି ବୁଲାଇ ଅନାଇଲା— ଦେଖିଲା ଗୋଟିଏ ପ୍ରୌଢ଼ା ସ୍ତ୍ରୀ ପାଖରେ ବସି ଧୀରେ ଧୀରେ ତା ଦେହରେ ହାତ ବୁଲାଉଛି । ଯୁବତୀର ଚେତା ବସିଲାଣି । ଅତି କ୍ଷୀଣ ସ୍ୱରରେ ତାକୁ ପଚାରିଲା, ମୁଁ କେଉଁଠି ଅଛି ? ପ୍ରୌଢ଼ା ଅତି ଧୀରେ ଅତି କୋମଳରେ କହିଲା "ମା ପଦ୍ମାବତୀ

ମୁଁ ପରା ତୋର ମାଉସୀରେ—ମୋତେ କ'ଣ ଚହ୍ନିପାରୁ ନାହୁଁ ?" ପଦ୍ମା ଉଠି ବସିଲାଣି । କାନ୍ଥବାଡ଼ ଧରି ସକାଳ ସଞ୍ଜ ଟିକିଏ ଟିକିଏ ବୁଲାବୁଲି ହୁଏ । ବୈଦ୍ୟରାଜଙ୍କ ବ୍ୟବସ୍ଥା, ଟିକିଏ ଟିକିଏ ଦୁଧ ଦିଆଯାଉଛି, ଅନ୍ନ ପଥ୍ୟ ଦିଆଯାଇନାହିଁ ।

ଝିଅ ଜୁଆଁଇଁ ପହଞ୍ଚିବା କ୍ଷଣି ସାହୁ ଚାରିଜଣ ଭେଣ୍ଡିଆ ପାଇକ ହାତରେ ଯୁଧିଷ୍ଠିର ସାହୁ ପାଖକୁ ଖବର ଚାଲି ଦେଇଥିଲି । ଆଜି ଦଶମ ଦିନ । ତିରିଶ ଜଣ ବଣୁଆ ଅପଟ ଚୌଖଣ୍ଡି ପାଲିକି ଧରି ହରିହରପୁରରୁ ଆସି ଉପସ୍ଥିତ । ଯୁଧିଷ୍ଠିର ସାହୁ ଲେଖିଛନ୍ତି, "ବାଟରେ ଆଠଜାଗା ଟପା ଆପଟ ବସିଲା । ତେଣୁ ଦିନେ ଝିଅ ଜୁଆଁଇଁଙ୍କୁ ଧରି ମଉସା ମାଉସୀ ଆସିବେ । ଚାରିଦିନ ବାଟ ଦୁଇଦିନରେ ଆସିବ । କିଛି ମଠ କରିବ ନାହିଁ ।" ମହା ଆନନ୍ଦରେ ଉତ୍ସବରେ ଯୁଧିଷ୍ଠିର ସାହୁ ଝିଅ ଜୁଆଁଇଁଙ୍କୁ ଘରକୁ ନେଲେ । କେତେଦିନ ପର୍ଯ୍ୟନ୍ତ ମନ୍ଦିରରେ ହରିଲୁଟ, କୀର୍ତ୍ତନ, ବୈଷ୍ଣବଖିଆ, ପ୍ରସାଦ ସେବା ଚାଲିଲା ।

ଘୋର ଦୁର୍ଯ୍ୟୋଗ, ଘୋର ଦୁର୍ଦ୍ଦିନ ଉତ୍ତାରେ ତରୁଣାରୁଣ ଆଲୋକ ବଡ଼ ପ୍ରୀତିକର, ବଡ଼ ଆନନ୍ଦଦାୟକ ଜଣାଯାଏ । ବିଦ୍ୟାଧର, ପଦ୍ମାବତୀ ଦୁଇଜଣ ଦିନରାତି ଚକ୍ୱା ଚକୋଇ ପରି ଉଆସ ଭିତରେ ପଦ୍ମାବତୀ ଖଞ୍ଜାରେ ବସି ଆନନ୍ଦ ଉତ୍ସବରେ ଦିନ କାଟୁଥାନ୍ତି । ନାଆ ଭଙ୍ଗାଠାରୁ ବହୁତେ କାଳ କିଏ କିପରି ଥିଲା, ସେହି ଦୁଃଖ କାହାଣୀ କେହି କାହାକୁ ପଚାରି ନାହିଁ । ଆଜି କଥା କଥାକେ ସେହି କଥା ପଡ଼ିଗଲା । ବିଦ୍ୟାଧର କହିଲା, "ନାଆ ଯିମିତି ଭାଙ୍ଗିଗଲା ମୁଁ ଖଣ୍ଡିଏ ପଟା ଉପରେ ପେଟେଇ ପଡ଼ି ଭାସୁଥାଏ । ତୁମେ କୁଆଡ଼େ ଗଲ ଅନାଇଲି । ତୁମେ ବି ଖଣ୍ଡେ ପଟା ଉପରେ ପଡ଼ି ଭାସୁଥିଲ, ଏତେ କେବଳ ଦେଖିଥିଲି । ପଛକୁ ଶୁଣିଲି, ତହିଁ ଆରଦିନ ସକାଳେ ନଦୀ ମଧ୍ୟରେ ଭାସି ଭାସି ଯାଉଥିଲି, ଖଣ୍ଡେ ନାଆର ନାଉରୀମାନେ ଦେଖି ମୋତେ ଉଠାଇ ନେଲେ । ଚାରିଦିନ ବାଦେ ମୋର ଚେତା ଆସିଲା, ଅନାଇ ଦେଖିଲି ଗୋଟାଏ ବଡ଼ ଘରେ ଶୋଇଛି । ପଛକୁ ଶୁଣିଲି, ସେଇଟା ଗୋବିନ୍ଦପୁର ଗାଁର ଗୋପାଳଜୀ ମଠ, କଟକଠାରୁ ଦୁଇକୋଶ ତଳକୁ । ବୁଢ଼ା ମହନ୍ତ ଲଳିତା ଦାସ ବାବାଜୀ ମତେ ବଞ୍ଚାଇବା ପାଇଁ ଖୁବ୍ ଯତ୍ନ କରୁଥାନ୍ତି । ମାସକ ବାଦେ ଚାଲି ବୁଲି ପାରିଲି । ତୁମ ବାପା ଯେଉଁ ସୁନା ଶିବ ତାଇଟା ଦେଇଥିଲେ, ଅଣ୍ଟାରେ ଥିଲା, ମହନ୍ତଙ୍କୁ ଦେଲି । ବିକି ମୋ ପିନ୍ଧେ ଖରଚ କରିବାକୁ କହିଲି । ମହନ୍ତ ନାହିଁ ନାହିଁ କରି ନେଲେ । ମୋର ଟିକିଏ ବଳ ଆସିଥାଏ, ତୁମ କଥା ବାପାଙ୍କ କଥା ମନରେ ପଡ଼ିଲେ ପୁଣି ଦଶପନ୍ଦର ଦିନ ପଡ଼ିଯାଏଁ । ଏହିପରି ଆଠଦଶ ମାସ କାଳ ବିତିଗଲା । କଟକ ଜିଲ୍ଲାରେ ବାପାଙ୍କର ନାମଡାକ । ଲଳିତା ଦାସେ ବାପାଙ୍କ ନାମ ଶୁଣି ମୋତେ ଆହୁରି ଅଧିକ ଯତ୍ନ କଲେ, ଆମ ଘରଠାକୁ ଖବର ପଠାଇଲେ । ଲୋକେ ବାହୁଡ଼ି ମୋ ମାତାଙ୍କ ବିଯୋଗ କଥା କହିଲେ । ମୁଁ ଆହୁରି ବି ମାସେ ଯାଏଁ ବିଛଣାରେ ପଡ଼ି ରହିଲି । ତହିଁ ଉତ୍ତାରେ ସ୍ଥିର କଲି, ଘରକୁ ଯିବି ନାହିଁ,

ସନ୍ନ୍ୟାସୀ ହୋଇ ତୀର୍ଥରେ ବୁଲିବ । ଦେହରେ ବଳ ହେବାରୁ ଚାଲି ଚାଲି ଘରକୁ ଗଲା । ଘରେ ଯାଇ ଯାହା ଦେଖିଲା ଦଣ୍ଡେ ରହିବାକୁ ଇଚ୍ଛା ବଳିଲା ନାହିଁ । ପୂର୍ବଗୃହୀତ ଦ୍ୱିବାକର ଦ୍ୱିବେଦୀ, ଶାସନର ଅର୍ଦ୍ଧ ଆଉ ଯେଉଁମାନଙ୍କର ଜମି ବାପା ନିଲାମରେ ଧରି ନେଇଥିଲେ, ଡକାଇ ସମସ୍ତ ଜମି ଫେରାଇ ଦେଲା । ରେଜେଷ୍ଟ୍ରୀ, ଅଣରେଜେଷ୍ଟ୍ରୀ, ଗୁଡ଼ା ଯେତେ ଦଲିଲ ଥିଲା, ଆଉ ଧାନ କରଜା ପାଞ୍ଜି, ସବୁ ପୋଡ଼ି ପକାଇ ଖାତକମାନଙ୍କୁ ଖବର ଦେଲା, ଆଉ ସେମାନଙ୍କୁ ଟଙ୍କା ଦେବାକୁ ହେବ ନାହିଁ । ଧାନ, ଗୋରୁ, ବାସନକୁସନ ଯାହା କିଛି ଥିଲା ଦେଶ ଲୋକଙ୍କୁ ବାଣ୍ଟିଦେଇ ଦିନେ ରାତିରେ କାହାକୁ କିଛି ନ କହି ଘରୁ ବାହାରି ଆସିଲା । ମନରେ କଲା ଆଉ ତ ଗୁରୁଜନ କେହି ନାହିଁ, ଶ୍ୱଶୁରଙ୍କୁ ଶେଷ ଦର୍ଶନ କରି ତାଙ୍କ ପାଦଧୂଳି ମୁଣ୍ଡରେ ଦେଇ ବାହାରି ଯିବ । କଟକ ଯାଏ ଆସିଲା । ଝାଡ଼ ମୁଲକରେ ବାପାଙ୍କୁ ସମସ୍ତେ ଜାଣନ୍ତି । ମହାନଦୀ କୂଳ ଗଡ଼ଗଡ଼ିଆ ପାଖ ଘାଟରେ ଖଣ୍ଡେ ସୋନପୁରୀ ନାଆରେ ଉଠି ବସିଲା । ଆସୁ ଆସୁ ଲଙ୍ଗଳକଣ୍ଟାଠାରେ, ପଦ୍ମାବତୀ ପଣତକାନିରେ ବିଦ୍ୟାଧର ମୁହଁ ବୁଜିଧରି କହିଲା 'ଆଉ କିଛି କହନା' । ବିଦ୍ୟାଧର ଆତ୍ମକାହାଣୀ ବର୍ଣ୍ଣନ ସମୟରେ ପଦ୍ମା ଆଖିରୁ ଦୁଇଧାର ଲୋତକ ବହୁଥାଏ ।

ବିଦ୍ୟାଧର କହିଲା, 'ଏବେ ତୁମ କଥା କହ' । ପଦ୍ମା ମୁହଁ ପୋଛି ଆତ୍ମକାହାଣୀ କହିବାକୁ ଲାଗିଲା, "ମୁଁ ଲଙ୍ଗଳକଣ୍ଟା ଦିନେଇ ଦଳେଇ ଘରେ ଥିଲି । ଦଳେଇ ଗାଁ ମଧ୍ୟରେ ଥିଲାବାଲା ଲୋକ । ଗ୍ରାମର ସମସ୍ତ ଲୋକ ମାନନ୍ତି । ଘର ଆଗରେ ଗୋଟିଏ ଠାକୁର ମନ୍ଦିର କରିଛି, ସଦାବର୍ତ୍ତ ଦିଏ । ଶୁଣିଲି, ମୁଁ ତୁଠରେ ଅଚେତ ହୋଇ ପଡ଼ିଥିଲି । ଦଳେଇ ଘର ମାଇପେ ମୋତେ ଗୋଟାଇ ନେଇ ଯାଇଥିଲେ । ଦଳେଇ ଆଉ ତା ଭାରିଯା ମତେ ବଡ଼ ଆଦରରେ ରଖିଥିଲେ । ଝିଅଠୁ ବଳି ସ୍ନେହ କରନ୍ତି । ମୋ ପାଇଁ ମନ୍ଦିରରୁ ପ୍ରସାଦ ଆସେ । ମୁଁ କାନ୍ଦିଲେ ଦଳେଇ ଭାରିଯା ସାନ୍ତ୍ୱନା ଦିଏ, ମୋତେ ବାପା ପାଖକୁ ପଠାଇ ଦେବାକୁ କହେ । ଦଳେଇ ଯେମିତି ଧାର୍ମିକ, ତା ପୁଅଟା ସେହିପରି କୁଳାଙ୍ଗାର, ପାଷଣ୍ଡ । ମଦ, ଆପୁ, ଗଞ୍ଜେଇ କିଛି ନିଶା ତାକୁ ଅଣ୍ଟେ ନାହିଁ । ଘରେ ଯୁବତୀ ବୋହୂ, ତାକୁ ଅନାଏ ନାହିଁ । ଗାଁ ଝିଅ ବୋହୂ ତା ଡରରେ ଘରୁ ବାହାରନ୍ତି ନାହିଁ । ମୋ ଉପରେ ଅତ୍ୟାଚାର କରେ, ନାନା କୁକଥା କହେ । ଦଳେଇ ଭାରିଯା ସେଥିଲାଗି ମୋତେ କାଖ ଗଣ୍ଠିଲି କରି ରଖିଥାଏ । ମୁଁ ବି ତା ଶରଣ ପଶିଥାଏଁ । ତଥାପି ଟିକିଏ ବେଳ ପାଇଲେ ମୋତେ ନାନା କୁକଥା କୁହେ । ଆଉ ସହି ପାରିଲି ନାହିଁ । ସେଦିନ ରାତିରେ ବୁଡ଼ି ମରିବା ପାଇଁ ଆସିଥିଲି । ଦୁଷ୍ଟଟା ବାଟରେ ଧରିଥିଲା, ତୁମେ ରକ୍ଷା କଲ । ସେତେବେଳେ ତୁମକୁ ଚିହ୍ନି ନ ଥିଲି । ମନରେ କଲି, ପ୍ରଭୁ ସ୍ୱର୍ଗରୁ ଓହ୍ଲାଇ ଆସି ମୋତେ କୋଳ କରିନେଲେ !"

ଯୁଧିଷ୍ଠିର ସାହୁ ଆଉ ବିଷୟ ଆଶୟ କିଛି ବୁଝେ ନାହିଁ । ଝିଅ ଜୋଇଁଙ୍କୁ ସବୁ ସଁପି ଦେଇ ଦିନରାତି ବସି ହରିନାମ ଜପୁଥାଏ ।

---

# ସେବତୀର ଶବ

ଗୋଦାବରୀଶ ମିଶ୍ର

ରାମଚନ୍ଦ୍ର ପ୍ରତ୍ୟେକ ସ୍ତ୍ରୀବ୍ୟକ୍ତିର ଶବପାଖକୁ ଯାଇ, ତାହା ଚିତ୍ ହୋଇ ପଡ଼ିଥିଲେ, ଛାତିରୁ କନାର ଆବରଣ ଟେକି ବା ମୁହଁ ମାଡ଼ି ପଡ଼ିଥିଲେ, ହାତରେ ଗଡ଼ାଇ, ଟିକିଏ ଚାହେଁ ଏବଂ ସଙ୍ଗେ ସଙ୍ଗେ ନୈରାଶ୍ୟରେ ଅନ୍ୟ ଶବପାଖକୁ ଚାଲିଯାଏ । ଏହିପରି ପ୍ରତିଦିନ ସେ ପ୍ରାୟ ଆଠଦଶଟା ଶବ ପରୀକ୍ଷା କରେ । କେତେବେଳେ ସହରରେ ଗଳିଗଳି ସାହି ରାସ୍ତାକୁ ରାସ୍ତା ବୁଲି ବୁଲି ସେ ଶବ ଖୋଜିବାକୁ ଲାଗେ । ଆଉ କେତେବେଳେ ପଲ୍ଲୀଗ୍ରାମମାନଙ୍କୁ ଯାଇ ଶ୍ମଶାନକୁ ଶ୍ମଶାନ ବୁଲେ । କ୍ରମେ ପଲ୍ଲୀଗ୍ରାମମାନଙ୍କରେ ଘର ନାମ "ମଶାଣି ଚଣ୍ଡିଆ"ହେବାକୁ ବସିଲା । ସହରରେ ଲୋକେ ତାକୁ ଜଣେ ସରକାରୀ କର୍ମଚାରୀ ବୋଲି ମନେ କଲେ; ଧରିନେଲେ ଯେ ଶବ ତଦନ୍ତ କରିବାକୁ ତାକୁ ନିଯୁକ୍ତ କରାଯାଇଛି । ଆଉ କେହି କେହି ଭାବନ୍ତି; "ଏ ଜଣେ ସେବା ସମିତିର କର୍ମୀ । ସରକାରୀ ମନ୍ତ୍ରୀତ ଖାଲି କହି ଲାଗିଛନ୍ତି ଯେ ନଖାଇ ଜଣେ ବି ଓଡ଼ିଆ ମରୁନାହିଁ; ଏ ବୋଧହୁଏ ତାକୁ ମିଛ ବୋଲି ପ୍ରମାଣ କରିବାକୁ ପ୍ରତ୍ୟେକ ଶବକୁ ଚାହୁଁଛି । ତେବେ କଥା ହେଉଛି, ଖାଲି ସ୍ତ୍ରୀ ଲୋକଙ୍କ ଶବ କାହିଁକି ଦେଖୁଛି ? କୌଣସି ପୁରୁଷ ଲୋକର ଶବ ପାଖକୁ ମାଡ଼ୁନାହିଁ ।" ଏହିପରି ଭାବି ସେମାନେ କୌଣସି ସ୍ଥିର ସିଦ୍ଧାନ୍ତରେ ପହଞ୍ଚି ପାରନ୍ତି ନାହିଁ । ଗୋଟାଏ ନିଷ୍ପତ୍ତି କରିନେଲା ବେଳକୁ ଏକ ସନ୍ଦେହ ଆସି ମାଡ଼ି ବସେ । ସନ୍ଦେହ ଭିତରେ, ଚହଲା ମନ୍ଥିଲା ପରି ମନ୍ଥୁ ମନ୍ଥୁ, ମନ୍ଥନ ଫଳରେ ଏତେ ଉତ୍ତାପ ବାହାରେ ଟୋପାଏ ସୁଦ୍ଧା ଲହୁଣୀ ଭାସେ ନାହିଁ । ତେଣୁ ଲୋକେ ବଜାର ହୋଇ ମନକୁ ମନ କହନ୍ତି, "ଆମର ଏ ଚପୁକୁଟାରେ କି ଲାଭ" ?

କିନ୍ତୁ ରାମଚନ୍ଦ୍ର ନିଜର କାମଟାକୁ ଥରେ ମଧ୍ୟ ଚପୁକୁଟା ବୋଲି ଭାବି ନାହିଁ । ସେ ନିତିସକାଳୁ ଉଠି ବାହାରିଯାଏ ଓ କେବଳ ଶବ ମୁହଁ ଚାହିଁ ଚାହିଁ ସନ୍ଧ୍ୟାକୁ ବସାକୁ ଫେରେ । ଥରେ ନିରାଶ ହେଲେ ସେ ମନେ ମନେ ଧରିନିଏ ଯେ ତା ଆଶାର ଶତକଡ଼ା ପରିମାଣ ବଢ଼ିଛି । ଅତଏବ ପରଦିନ ସେ ଅଧିକ ଆଶା ପୋଷଣ କରି ବାହାରିପାରେ । କେତେବେଳେ ଲୋକେ ତାକୁ ବାଲେଶ୍ୱରରେ ଦେଖନ୍ତିତ,ପୁଣି କେତେବେଳେ ସୁଦୂର ଭଦ୍ରକରେ ଦେଖିବାକୁ ପାଆନ୍ତି । ସୋର ଅଞ୍ଚଳର ପଲ୍ଲୀଗ୍ରାମଗୁଡ଼ିକ ତାର ବାଦ ଯାଏ ନାହିଁ । ମୋଟ ଉପରେ, ଶବର ସଂଖ୍ୟା ଯେଉଁଠାରେ ଯେତେ ବେଶି, ତାର ଦର୍ଶନ ସେଠାରେ ସେତିକି ଅଧିକ ମିଳେ । ବୁଲିବୁଲି ସେ କଳା ପଡ଼ିଗଲାଣି; ତା ଗୋରା ଦେହ

ତମାମ, ପୋଡ଼ା ବାଇଗଣ ପରି, ଗୋଟାଏ ମସିଆ ଚମ ଆବରଣ ଢ଼ାଙ୍କି ସାରିଲଣି । ଆଖି ଦୁଇଟା ସବୁବେଳେ ଶବ ମୁହଁ ଗୁହ୍ଁ ଗୁହ୍ଁ ନଜର କ୍ଷୋଭ ହରାଇ ଦେଲଣି । ତଥାପି ତା ପାଦ ଅସ୍ଥ ହେଉନାହିଁ; ଲୋକ ଗହଳ ଦେଖି, ଚଇତ ଘୋଡ଼ା, ଯେତେ ଥକିଥିଲେ ସୁଦ୍ଧା, ନାଚ ଉଠିଲା ଭଳି, ଶବ ଦେଖିଲା ମାତ୍ରେ ସେ ଦେଖିବାକୁ ଧାଇଁଯାଉଛି । କୌଣସି ଠାରେ ଶବର ତ ଅଭାବ ନାହିଁ । ୧୯୪୩ ମସିହାର ଶରତ କାଳଟା ଯାକ ଯମ ଦେବତା ଓଡ଼ିଶାର ଉପକୂଳ ଅଞ୍ଚଳମାନଙ୍କରେ କର ସଂଗ୍ରହରେ ଲାଗିଛନ୍ତି । ଖାଦ୍ୟ ଅଭାବରେ ଶହ ଶହ ଲୋକ ମରୁଛନ୍ତି । କିଏ କେଉଁଠାରେ ଢଳି ପଡ଼ୁଛି । ଯେ ଯେଉଁଠାରେ ପଡ଼ୁଛି, ପଡ଼ି ରହୁଛି । ସହର ମାନଙ୍କରେ ଅବଶ୍ୟ ମେହେନ୍ତର ଦଳକେ ଥରେ ଉଠାଇ ନେଉଛନ୍ତି । କିନ୍ତୁ ମଫସଲ ଅଞ୍ଚଳରେ ସବୁଦିନ ମଡ଼ା ପଡ଼ିରହି ସଢ଼ୁଛନ୍ତି । କେଉଁଠାରେ ମୁଣ୍ଡ ଗଡ଼ୁଛି; କେଉଁଠାରେ କଙ୍କାଳ ପଡ଼ିଛି; କେଉଁଠାରେ ଅବା ବିଲୁଆ କୁକୁର ନରମାଂସ ଖାଇବାଲାଗି ନିଜ ନିଜ ମଧ୍ୟରେ କଳି କରି ଚିତ୍କାରରେ ଆକାଶ ଫଟାଉଛନ୍ତି; ପୁଣି ଆଉ କେଉଁଠାରେ ଶାଗୁଣା ପଲ ବେଢ଼ି ରହୁଛନ୍ତି । ନୁଆଣିଆ ଆଡ଼କୁ ପୃଥିବୀରେ ଖାଲ ଯେ ପାଣି ଗଡ଼ିଯାଏ ତା ନୁହେଁ; ନୁଆଣିଆ ବେଶୀ ହେଲେ ବଡ଼ ବଡ଼ ପଥର ଓ କାଠ ଗଣ୍ଡିମାନ ମଧ୍ୟ ଗଡ଼ିବାର ଦେଖାଯାଏ । ଯେଉଁଠାରେ ଦରିଦ୍ର ଲୋକେ ଖାଇବାକୁ ପାଆନ୍ତି ନାହିଁ, ଜର ହାଇଜା ଆଦି ମହାମାରୀ ମାନଙ୍କର ଆବିର୍ଭାବ ସେହିଠାରେ ହିଁ ହୋଇଥାଏ । ଏମାନଙ୍କ ଭଳି ଦୁର୍ଭିକ୍ଷର ଅନ୍ତରଙ୍ଗ ବନ୍ଧୁ ଆଉ କେହିନୁହନ୍ତି । ଚିତ୍ରଗୁପ୍ତଙ୍କ ପାଖେ କ'ଣ କରୁଥିବେ କେଜାଣି, ସରକାରୀ କାଗଜପତ୍ର ତିଆରି କରିବା କର୍ମଚାରୀଙ୍କ ଆଗେ ଦୁର୍ଭିକ୍ଷକୁ ପଛରେ ପକାଇ ଦେଇ, ଏହିମାନେ ଯାଇ ଠିଆ ହୋଇଯାନ୍ତି । ତେଣୁ ସରକାରୀ ଅଦାଲତର ବିଚାରରେ ଅପରାଧୀ ହୁଅନ୍ତି ଏହିମାନେ; ଦୁର୍ଭିକ୍ଷ ସୁନାପୁଅ ହୋଇ ଖସିଯାଏ ।

୧୯୪୩ ମସିହା ଶରତ ଋତୁର ଦୁଇମାସ କାଳ ଓଡ଼ିଶାରେ ଜର ହାଇଜା ଅମାଶୟ ହୃଦରୋଗ ପ୍ରଭୃତି ପଞ୍ଝାକୁ ପଞ୍ଝା ଲୋକ ବୋହି ନେବାରେ ଲାଗିଲେ । ଖାଦ୍ୟର ଅଭାବ ସରକାରୀ ଦୃଷ୍ଟିରେ ପଡ଼ିପାରିଲା ନାହିଁ । ଅତଏବ ପୁରପଲ୍ଲୀ ସବୁଆଡ଼ୁ ଧାନ ଚାଉଳ ଆଦି ଛଣାହୋଇ ବାହାରକୁ ଚାଲିଯିବାରେ ଲାଗିଲା । ବାଘ ଜଙ୍ଗଲରେ ଗୋପନରେ ମନୁଷ୍ୟ ଖାଏ । ଧରାପଡ଼ିଲେ ତାକୁ ଲୋକେ ମାରି ପକାନ୍ତି । ସେଥିପାଇଁ ଗଣ୍ଡା ଗଣ୍ଡା ଶିକାରୀ ଗୁଳି ବାରୁଦ ଧରି ବୁଲନ୍ତି । କିନ୍ତୁ କଥାଟା ବାହାରକୁ ନଫିଟିଲେ ବାଘ ଖୋଜି ଖୋଜି ଦିନକୁ ଦିନ ବେଶୀ ବେଶୀ ଖାଇବାରେ ଲାଗେ । ସେତେ-ବେଳେ ଓଡ଼ିଶାରେ ତାହାହିଁ ହେଉଥିଲା ।

ଦିନେ ଦଳେ ଲୋକ ଗୋଟାଏ ସଡ଼କରେ ଯାଉଥିଲେ । ଖଣ୍ଡେ ଦୂରରେ ସେମାନଙ୍କ ଆଗେ ଆଗେ ଆଉଜଣେ ଚାଲିଥିଲା । କେତେ ବାଟ ଯାଇ ସେ ସଡ଼କ ତଳକୁ ଗଡ଼ି ଗୋଟାଏ ମଡ଼ା ପାଖକୁ ଗଲା । ତାକୁ ଛୁଡ଼ିଦେଇ ପୁଣି ଅଳ୍ପବାଟରେ

ପଡ଼ିଥିବା ଆଉ ଗୋଟାଏ ମଡ଼ାକୁ ଧରି ହାତରେ ଗଡ଼ାଇଲା । ତା ନିକଟରୁ ମଧ୍ୟ ସେ ନିରାଶ ହୋଇ ଫେରିଲା ବେଳକୁ, ଏ ଲୋକ ଦଳକ ପହଁଞ୍ଚି, କିଛି ନବୁଝିପାରି ପଚାରିଲେ, "ଆଚ୍ଛା ତୁମେ ଏପରି ମଡ଼ା ଖୋଜି ବୁଲୁଚ କାହିଁକି ?" କିନ୍ତୁ ପ୍ରଶ୍ନର ଉତ୍ତର କିଛି ମିଳିଲା ନାହିଁ । ସେମାନେ ସେତକରେ ନିରସ୍ତ ନ ହୋଇ ପୁଣି ନାନା ପ୍ରକାର ପ୍ରଶ୍ନ ପଚାରି ଲାଗିଲେ, ଲୋକଟି ମୂକ ହୋଇ ଠିଆ ହେଲା ମାତ୍ର, କିଛି କହିଲା ନାହିଁ । ଶେଷରେ ଜଣେ ପଚାରିଲା, "କ'ଣ ତୁମର କେହି ପ୍ରିୟ ଲୋକ ମରିଯାଇଛି, ଯେ ଦେଖୁଚ ?" ଲୋକଟି ଆଉ ଧୈର୍ଯ୍ୟ ଧରି ରହିପାରିଲା ନାହିଁ; ଅଷ୍ଟାଙ୍ଗ ଶରୀରର ଦୁଃଖ କଣ୍ଠବାଟେ ପ୍ରକାଶ କରି, ଭେ ଭେ କାନ୍ଦି ପକାଇଲା । ମାତ୍ର ପାଟିରୁ ଆଉ କିଛି କଥା ବାହାରିଲା ନାହିଁ ।

ଲୋକ ଦଳକ ଠିଆହୋଇ କେତେ କଳ୍ପନା ଜଳ୍ପନାରେ ଲାଗିଲେ । କିଏ କେତେ ପ୍ରକାର ଅନୁମାନ କଲେ । ସେମାନଙ୍କ ମଧ୍ୟରୁ ଜଣେ କହିଲା, "କି ସମୟ ହେଲା କି ! ମଣିଷ ମାଉଁସ ମଣିଷ ଖାଇବା କାଳ ଏ । ବେପାରୀ ବ୍ୟବସାୟୀମାନେ ଖାଲି ପଇସା ଗୁଣିମାରେ ଲାଗିଲେ । ଆଉ ଧାନ ଗୁଡ଼ାକ-ବାଏଁ ବାଏଁ ଉଡ଼ି ଚାଲିଲା ବିଦେଶକୁ । ଇଥେରେ ମଣିଷ ବଞ୍ଚିବ କ'ଣ ? ଯୁଆଡ଼େ ଚାହିଁମ, ଖାଲିମୁର୍ଦ୍ଦାର । କି ବୁଝାମଣା କି ?"

"ସାକ୍ଷାତ ଭାପୁର ନ୍ୟାସୁତ ।"
"ରାମ ରାମ ରାମ ।"

ସଡ଼କ ତଳେ ଲୋକଟି ତନ୍ନ ହୋଇଥିଲା, ମୁହଁ ବୁଲାଇ ଚାହିଁଲା । ପଚାରିଲା, "କ'ଣ ମୋତେ ଡାକିଲ ?" ଏତେ ପ୍ରଶ୍ନ ଯାହା କରିପାରି ନଥିଲା ହଠାତ୍ ଆପେ ଆପେ ହୋଇଗଲା । ଲୋକଟି ପାଟିରେ କଥା ବାହାରିଲା । ତେଣୁ ପଥିକ ଦଳଙ୍କ ଭିତରୁ ଜଣେ ବିଳମ୍ବ ନକରି କହିଲା, "ନା'ତ; ଆମେ ଡାକି ନାହିଁ କେହି । ତେବେ ତୁମେ ଏଣିକି ଆମ, କଥାବାର୍ତ୍ତା ହବା ତୁମ ନାଁ କ'ଣ, ଭାଇ ?" "ମୋ ନାଁ ? କାହିଁକି ? ମୋ ନାଁ ରାମଚନ୍ଦ୍ର, ନା ରାମିଆ । ମୋର ପୁଣି ଗୋଟାଏ ନାଁ କ'ଣ ?"

ବିଧାତା ବିପକ୍ଷରେ ସାରା ସଂସାରରେ ଗୋଟାଏ ବଡ଼ ଅଭିଯୋଗ ହୁଏ ଯେ ସେ ଲୋକଙ୍କ ମଧ୍ୟରେ ପକ୍ଷପାତ କରୁଛି । ଏ ଅଭିଯୋଗର ସତ୍ୟତା ଆଉ ଯେଉଁଠାରେ ଯାହାହେଉ, ସେକଥା ସମ୍ପର୍କରେ ସାମାନ୍ୟ ବିନ୍ଦୁଏ ସୁଦ୍ଧା ନଥିଲା । ତା ପେଟ ଯେତିକ ଖାଙ୍କା, ଅଙ୍ଗପ୍ରତ୍ୟଙ୍ଗ ସେତିକ ସୁନ୍ଦର । ନିତାନ୍ତ ଦରିଦ୍ର ଘରେ ତାର ଜନ୍ମ । ଷଠୀ ତାକୁ ଗଢ଼ି ସାରି ବୋଧହୁଏ ବୁଝିଲା ଯେ ଦୁଃଖୀର କୁଡ଼ିଆ ଛଡ଼ା ଅନ୍ୟ କେଉଁଠାରେ ନେଇ ତାକୁ ଥୋଇଲେ, ସାରା ପୃଥିବୀର ସବୁ ବଡ଼ ଲୋକଙ୍କ ପ୍ରତି

ତୋର୍ ଅନ୍ୟାୟ ବିଚାର ହେବ୍ । ନାମକରଣ ଦିନ ଯେତେବେଳେ ମା', "ସେବତୀ" ନାମ ଦେବାକୁ କହିଲା, ବାପା ମନେ ମନେ ଧରିନେଲା ଯେ ଆଗରୁ ଦୁଇଟି ଅକ୍ଷର "ବିଣ" ଉଚ୍ଚାରହୁଛି । କଢି ଟି ଫୁଟିଲେ ବାସିନପାରେ, ମାତ୍ର ରୋଗ-ବୈରାଗରେ ଦୁନିଆରେ ଖୁବ୍ କାମ ଦେଖାଇବ । ଏପରିକି ପଦିକୁ ସୁଦ୍ଧା ମହୋଷଧିର ଗୁଣରେ ବଳୀୟାନ୍ କରିବ । ଲକ୍ଷ୍ମଣଙ୍କ ଶକ୍ତି ଭେଦବେଳେ ଏହି ପଦିକୁ ଚିହ୍ନି ନପାରି ହନୁମାନ ତ ଫେର ଗୋଟାଏ ପର୍ବତ ସହସ୍ର ସହସ୍ର କୋଶ ନିଜ ପିଠିରେ ବୋହି ନେଇଥିଲା ।

ସେବତୀର ବାପା ତାକୁ ତା ମା' ଠି ତାଠାରୁ ଦୁଇ ବର୍ଷ ବଡ଼ ଭାଇପାଖେ ଛାଡ଼ି ଅକାଳରେ ଚାଲିଗଲା । ଯିବାବେଳେ କହିଗଲା, "ଗଦେଇ ବୋଉ, ମୁଁ ତ ଆଖି ବୁଜିଲି । ପିଲା ଦି'ଟା ତୋ କୋଡ଼ରେ ରହିଲେ । ଦେଖ୍, ଧର୍ମବେଦୀରେ ତୋର ମୋର ହାତ ଧରାଧରି ହୋଇଥିଲେ । ସେ ଧର୍ମ ରଖି ଚଳିବୁ । ମୁଁ ନିତି ଅର୍ଜିଲେ ଆଣି ଖାଇବା ଲୋକ । ବାଡ଼ି ଚୌବଦରେ ଗୋଟେ ହେଲେ ଜମିବାଡ଼ି ରଖିନାହିଁ । ଅଛି କେବଳ ଏହି ଡିହ ବାଖରାକ । ଆଉ ଯାପରେ ଏଇ କୁଡ଼ିଆ ଖଣ୍ଡି । ଏଇଥିରେ ଦୁଇ ପ୍ରାଣୀ ମୁଣ୍ଡ ଗୁଞ୍ଜି ମାଟି କାମୁଡ଼ି, ଅଠର ବରଷ ପଡ଼ି ରହିଲେ ।" ତା ଆଖିରେ ଲୁହ ଚଳ ଚଳ ହୋଇଗଲା । ତଥାପି ସେ ପୁଣି କହିଲା, 'ଆମେ ନଥିଲା ଲୋକ, ହେଲେ, ମୁଁ ନିତେଇ ଗୁମାନ ସିଂହ ପୁଅ, ଆଉ ତୁ ରାଧୁ ହରିଚନ୍ଦନ ନାତୁଣୀଟି । ଏଇ କଥାଟା ମନେ ରଖିଥିବୁ । କୋଠା କୁଟିବୁ, ବାଟରେ ଶାଗ କଅଁଶି ହାଣିବୁ; ପିଲା ଦି'ଟାଙ୍କ ତୁଣ୍ଡରେ ଢୋକ ଦବୁ । ପେଟ ବିକଳରେ ବିଲ ବାଡ଼ରେ କାମ କରିବାକୁ ବାହାରି ପଡ଼ିବୁ ନାହିଁଟି । ଲୋକେ ଛି ଛି କରିବେ । ଆମର୍ ପରା ଖଣ୍ଡେଇତ ଘର । ଘରେ ପଶିଲେ ଚୂଲି ନିଜକୁ ବାହାରକୁ ନାଁ'ଟାତ ବଡ଼ । ମୁଁ ଯାଉଚି; ଗଦେଇ ବୋଉ ।"

କହି, ସେ ଭାର୍ଯ୍ୟା ଆଡ଼କୁ ଦୁଇଟା ନିହାତି ଦୁର୍ବଳ କେବଳ ହାଡ଼ ଚମର ହାତ ଟେକିଲା, ଗଦେଇ ବୋଉ ମୁଣ୍ଡ ନୁଆଁଇ ଆଣି ଦୁଇ ହାତ ଭିତରେ ରଖିଦେଲା । ଅଠର ବର୍ଷ ତଳର କଥା କ୍ଷଣକ ମଧ୍ୟରେ ବିଜୁଳି ଝଲକ ପରି ଗୋଟାଏ ଛାତିରୁ ଆଉ ଗୋଟାଏ ଛାତିରେ ଯାଇ ପଶିଗଲା । ସେ'ଟା ହୋଇଥିଲା ଦୁଇଟି ଫୁଟନ୍ତ ଜୀବନର ଅନନ୍ତ ମିଳନର ବେଳ; ଏଟା ହେଉଛି ସେହି ଜୀବନ ଦୁଇଟିର ଅନ୍ତିମ ବିଚ୍ଛେଦର ସମୟ, ଯାହାପରେ କି ଆଉ ମିଳନର ଆଶା ହୁଏତ ନାହିଁ । ଚାରିଟା ଆଖିରୁ ଚାରିଧାର ଲୁହ ବୋହିବାକୁ ଲାଗିଲା । ଗଦେଇ ବୋଉ ପନ୍ଦର ଦିନ ହେଲା ନଖାଇ ନପିଇ ଏକ ଧ୍ୟାନରେ ସ୍ୱାମୀର ଛିଣ୍ଡା ପଟି ଖଣ୍ଡିକ ପାଖେ ବସିଥିଲା । ଦିନେ ଭାବି ନଥିଲା ଯେ ତା ମୁହଁରୁ ଏହି କଥା ଗୁଡ଼ାକ ଶୁଣିବ । ଶୁଣି, ସେ ଶୋକରେ ବିହ୍ୱଳ ହୋଇ ପଡ଼ିଲା ।

ସ୍ୱାମୀର ଥଣ୍ଡା ଦେହ ତାଙ୍କୁ କ୍ରମେ କାଠର ଲାଗି ଆସିଲା । ଯେତେବେଳେ ସେ ଉଠି ଆଖି ପିଞ୍ଛାଇ ଲୁହ ପୋଛୁ ଚାହିଁଲା, ହଠାତ୍ ଚମକି ପଡ଼ିଲା । ଦେଖିଲା, ସ୍ୱାମୀର ଆଖି ଦୁଇଟି ଜଳ ଜଳ ଦିଶୁଛି, ମାଛି ପତା ପଡ଼ୁ ନାହିଁ, ଦେହଟା ପଡ଼ି ରହିଛି, କିନ୍ତୁ ପ୍ରାଣବାୟୁ ଉଡ଼ିଯାଇଛି । ସେ ଠିଆ ନୋହିପାରି କଚାଡ଼ି ହୋଇ ଭୂଇଁରେ ପଡ଼ିଗଲା । ଶବ୍ଦ ଶୁଣି ପୁଅଝିଅ ଆସି ପହଞ୍ଚି ଗଲେ ।

ଗଦେଇ ନିତାନ୍ତ ନାବାଳକ, ମୋଟେ ଚଉଦ ବର୍ଷ ବୟସର ପିଲା । ସ୍ୱାମୀର ଅନ୍ତିମ କାଳର କଥା ଶିରୋଧାର୍ଯ୍ୟ କରି, ମା ଦୁଇ ପିଲାଙ୍କୁ କୋଳରେ ଧରି, ପଞ୍ଚତିରିଶ ବର୍ଷ ବୟସରେ ବୁଢୀ, ପନ୍ଦର ବର୍ଷର ଭୁଆସୁଣୀ ବୋହୂ ପରି, ଘର ଭିତରେ କୁଣ୍ଠା କୁଣ୍ଠି ଚାଲିବାକୁ ଲାଗିଲା । ବର୍ଷେ ଦିନଟାକୁ ସେବତୀର ଆଖିରେ ଜ୍ୟୋତି ଫୁଟି ଆସିଲା । ଦିନେ ମା ଗଦେଇକୁ ଡାକି କହିଲା, 'ପୁଅ, ସେବତୀକୁ ଆଉ ଚାହିଁ ହେବ ନାହିଁ ଏଣିକି । ସେ ତାର ବୋଉ କାନ୍ଥର ପଡ଼ିବ । ବିଧାତା ପୁରୁଷ ଅଳିଆ ଗଦା ଭିତରେ ଏମିତି ଖଣ୍ଡେ ଖଣ୍ଡେ ସୁନାମୁଣ୍ଡା କେଉଁଠାରେ କିପରି ପକାଇ ଦେଇଛି । ଆମେ ସିନା ତା ମହତ ରଖିଲେ ହେବ । ବଳିଆର ସିଂହ ଘର ପୁଅ ସମଟି ହ'ନ୍ତା କି । ଯେମିତି କୁଳ, ସେମିତି ରୂପ !'

"ଆଉ କହିଲୁ ନାହିଁ, ହେମିତି କାଙ୍ଗାଳ ? ମୋ ସଙ୍ଗାତ ନା ?"

"ହଁ ପୁଅ । ଆମ ନଅଙ୍କିଆ କପାଳକୁ ଆଉ ଦଶ ହଜାର ଘର ପିଲା କୁ'ଆଡୁ ମିଳିବ ? ସିଏତ ମହତରେ ଆମଠୁ ପାହାଚେ ବଡ଼ ।"

"ଖାଲି ମହତ କାହିଁକି ? ସବୁଥିରେ ପାହାଚେ ବଡ଼, ବୋଉ । ଆମର ତ ହେଲେ ଘର ଡିହ ବଖରାଏ ଅଛି । ତାର ତା'ବି ନାହିଁ; ପର ଡିହରେ କୁଡ଼ିଆ ତେଶ ରହିଛି ।"

"ହେଲେ, ଖରା ହିମତ ଥିବା ପିଲା । ତୋ ବାବୁ ପରା ଆଖି ବୁଜିଲା ବେଳେ କହିଥିଲେ, ମହତ ଜଗି ଚଳିବ । ବଡ଼ ପୁରୁଷମାନେ ତ ମଧ୍ୟ ସେହିକଥା କହିଚନ୍ତି, ରେ ପୁଅ । କ'ଣନା, ଆଲୋ ସଖି, ଆପଣା ମହତ ଆପେ ରଖି । ସମ କଥାଟି ହେଲେ ଖରା ଭଲ ହୁଅନ୍ତା । ସେବତୀକୁ ତା'ର ବେକରେ ବାନ୍ଧିଦେଲେ, ମୁଁ ନିଶ୍ଚିନ୍ତ ହୁଅନ୍ତି ।"

ବୁରୁଞ୍ଜପୁର 'ଦଳବେହେରା ଆପଣାର ପରିଜନମାନଙ୍କୁ ବସାଇ ଦିନେ କହିଲେ, "ତୁମେ କ'ଣ ଭାବୁଚ, ମୁଁ ଏତିକରେ ଚୁପ ହେଇଯିବ ? ଏ ରକ୍ତରେ ସେ କଥା ନାହିଁ । ମୁଁ ଯାହା ଥରେ ଧରିଚି, କରିବ କରିବ କରିବ । ହଟିଯିବା ମୋ ଜାତକରେ ନାହିଁ ।"

"ଆପଣ କେବେ କୋଉଠି ହଟିଚନ୍ତି ଯେ ଏବେ ଏ ମାଗିଖାଇଟା ପାଖେ ହଟିଯିବେ !"

"ହଁ, ହେ, ଟଙ୍କା ଟିପିଲେ ମୁଣ୍ଡରେ ପିଉ । ସେ ଫେର୍ କହିବେ କ'ଣ ନା, ଆମେ କଏ, ସିଏ କଏ ! ଆମେ କଏ, ତା ତ ଜଣା ଅଛୁ । ସିଏ କଏ ଦେଖେଇଦବା । ଏବେ କଣ, ବୁଝିଲ ନା ?"

"ଗୁମାନ ଫୁମାନ ସବୁ ଭାଙ୍ଗି ଦଉଚ । ସେ ଭାଇଗାଟା ଥିଲେ ଏମିତି ହଅନ୍ତା ନାହିଁ ମ । ସେତେ ଭେଖାନ ହେଲେ କ'ଣ ହବ, ଲାଇଁପାଇଁ ଭଲ ଲୋକ ଭଲଆ କଥାବାର୍ତ୍ତା କରେ । ଗାଲ ଚିପିଲେ ଦୁଧ ବାହାରିବ, ଏବେ ଏ ପୁଅ ଗୁଖଣ୍ଡିକର ଏ କାରମତି ! ବୁଢ଼ୀଟାର କି ଆସୁଉ ? ସେ ଯେମିତି ଚଲେଉଚ, ସିଏ ସେମିତି ଗୁଲୁଚି । ଟୋକାଟାର ଖାଲି ମନ ମ । ସେ ତ ଖାଲି ଗୁହିଁବସିଚ, ଡାକଦେଲେ ଗୁଲଆସିବ । ହେଲେ, ସେ କ'ଣ ଗ୍ରୁଡ଼ିବେ ?"

ଦଳବେହେରାଙ୍କର ପ୍ରାଧାନ୍ୟ ଖାଲି ଯେ କୁରୁଞ୍ଜପୁରରେ ଖଟେ, ତା ନୁହେଁ । ଆଖ ପାଖ ପାଞ୍ଚଖଣ୍ଡ ଗାଁରେ ସେ ଜଣେ ମାନ୍ୟ ଲୋକ । ବାଡ଼ିସୁବାଡ଼ି ଖୁବ୍ ଅଛି । ତାଙ୍କର ମୁହଁକୁ ଚାହିଁ ହଜାରେ ଲୋକ ଚଳନ୍ତି; ତାଙ୍କ ଇଙ୍ଗିତରେ ବସନ୍ତି ଉଠନ୍ତି । କିନ୍ତୁ ଦୂର ଗ୍ରାମମାନଙ୍କରେ ତାଙ୍କର ସେ ଅନୁପାତରେ ସୁଖ୍ୟାତି ନାହିଁ । ଭୋଜି-ଭାତରେ ଅନେକେ ତାଙ୍କ ଦ୍ୱାର ମାଡ଼ନ୍ତି ନାହିଁ । ତାଙ୍କର ଏକେ ତ ବିଶେଷ କୁଳ ଗୌରବର ଅଭାବ; ନିଜର ମଧ୍ୟ ବ୍ୟକ୍ତିତ୍ୱ ନାହିଁ । ସଂସାରରେ ଧନସମ୍ପଦ ଅନେକ କାର୍ଯ୍ୟ ସାଧନ କରିପାରେ, କିନ୍ତୁ ଏକାବେଳକେ ସବୁ କରିବାକୁ ଅକ୍ଷମ ହୁଏ । ଯାହା କରିବାକୁ ଅକ୍ଷମ ହୁଏ, ଗଦେଇର ମନ ମନାଇବା ତା ଭିତରୁ ଗୋଟିଏ । ଦଳବେହେରା ତାକୁ ବାପ ଧନ କରି ଅନେକ ବୁଝାଇଲେ । ସେଥିରେ କାର୍ଯ୍ୟୋଦ୍ଧାର ନ ହେବାର ଦେଖି ଧମକ ଚମକ ପ୍ରୟୋଗ କଲେ; ଅନ୍ୟ ଲୋକଙ୍କ ଦ୍ୱାରା ନାନା ପ୍ରକାର ଚେଷ୍ଟା କରାଇଲେ । ଏ ସବୁ ପରେ ମଧ୍ୟ ଗଦେଇ କହିଲା, "କାହିଁକି ଗୁଡ଼ାଏ ଏସବୁ ଚେଷ୍ଟା କରୁଚ ? ଦେଖ, ଆମେ କଏ, ସେ କଏ । ଆମର ତିନ ଓଳିରେ ଓଳିଏ ଚୁଲି ଲାଗୁଚି । ତାଙ୍କର ରୁପା କବାଟକୁ ସୁନା ଶିକୁଳି । ଏକଥା କେବେ ମାନ୍ୟ ହବନାହିଁ ।"

ଦଳବେହେରା ଶୁଣି ମନକୁ ମନ କହିଲେ, "ଟୋକାଟା କି ଚଟକଣି ନ ମାଇଲା ! କହିଲା କ'ଣ ନା, ଆମେ କଏ, ସେ କଏ । ତା ମର୍ମ ସେ କଥାରେ ଯାହା କହିଲା, ତା ନୁହେଁ ତ । ଅସଲ ମର୍ମ ହୋଉଚି, ଆମେ ହେଲୁ ଗୁମାନସିଂହ ବଂଶର, ଆଉ ସେ ହେଲା ଅନାଡ଼ି ଲେଙ୍କା ନାତି । ଏବେ ସିନା ପଇସା ହେଲାରୁ ଦଳବେହେରା ବୋଲୋଉଚି । ହେଲେ, ମଣିଷର ବଡ଼ପଣିଆ କ'ଣ ଏମିତି ମପାଯାଏ ? ବାପ ଚଉଦ ପୁରୁଷରେ କେବେ ଡାମ୍ଫଣ ଅଗରେ ଘିଅ ଖାଇଥିଲେ; ଏବେ ତ ଅବସ୍ଥା ଫିଅଣ୍ଟା ଫିକାଲା । ଏତେ ବଡ଼ ଅପମାନ ସହି ମୁଁ ମୁହଁ ଦେଖେଇବି

କିପରି ? ଲୋକେ କ'ଣ ଭାବିବେ ! କହିବେ ନାହିଁ ସିନା ମୁହଁ ଉପରେ କିଛି ; ମନେ ମନେ ତ ଧରିନେବେ, ଏ ଭ୍ରମର ଦଳବେହେରାଟା ଗୋଟାଏ ଖାଲି କଥାକୁହାଳିଆ ଲୋକ । ଧାଉଁଥିଲେ ଗୋଡ଼ାଉଥିବ, ଗୋଡ଼େଇଲେ ଧାଉଁମା ହେଲେ, ମୋ ବଳ କଳ କ'ଣ ଖଟୁଛି ! ସେ ତ ବାହାର ଗାଁ ଲୋକ । ତେବେ, ମୁଁ କି କ'ଣ ସହଜରେ ଛାଡ଼ିଦବା ଜନ ? ଲୁହାର କୋଟେ, କମାରର କୋଟେ । କୋଉ ଦଆଁ ଭିଲ ପୋଡ଼େ ? ଯାହା ଦିନଯାକ କୁହୁଳି କୁହୁଳି ରହିକି ଜଳେ । ଦିନରେ ଜଳିଲେ ତ ଲୋକେ ଜଳୁ ଜଳୁ ପାଣି ଢାଳି ନିଭେଇଦେବେ ।"

ଭ୍ରମର ଦଳବେହେରାଙ୍କ ହୃଦୟ ଦିବସରେ ଦାଉ ଦାଉ ଜଳିବା ଭଳି କିନିଷ ନୁହେଁ । ତାହା ଦିବସ ତମାମ କୁହୁଳି ରହିକି ଜଳେ । ତେଣୁ ଆପାତତଃ ସବୁ ଚୁନ ଚାନ ହୋଇଗଲା । ତାଙ୍କର ବୟସ ଚାଳିଶ ବର୍ଷ ଆଖ ପାଖ ହେବ; ଚବିଶ ବର୍ଷ ବେଳେ ଯେଉଁ ପୁଅ ଜନ୍ମ ହୋଇଥିଲା, ତା'ର ଛ' ବର୍ଷ ଆହୁରି ପୂରିନାହିଁ । ଦଶବର୍ଷ ପୂର୍ବେ ତାଙ୍କ ସଂସାର ଉଦ୍ୟାନ ଯେଉଁ ଫୁଲର ସୌରଭରେ ଚହଟି ଉଠିଥିଲା, ତାହା ଗୋଟିଏ ଫଳ ପ୍ରସବ କରିଛି ସତ, ତଥାପି ମହକି ନାହିଁ । କିନ୍ତୁ ଦଳବେହେରା କୌଣସି କଥା କେବେ ଉପରେ ଉପରେ ବୁଝନ୍ତି ନାହିଁ; ସେ ଭିତରେ ପଶି ତଥ୍ୟ ବାହାର କରନ୍ତି । ସେ ମନକୁ ମନ କହନ୍ତି, "ଭ୍ରମର, ମୁଁ ସାମାନ୍ୟ ଜୀବ ନୁହେଁ; ଫୁଲର ଉପରେ ବସି ଭିତରୁ ମହୁ ଟାଣି ଆଣିବା ହେଲା ମୋ'ର କାମ ।" ତେଣୁ କଥାରେ ସେ କହନ୍ତି, ଏକ ଆଖି ଆଖି ନୁହେଁ, ଏକ ସାକ୍ଷୀ ସାକ୍ଷୀ ନୁହେଁ, ତା'ର ମର୍ମ ସେ ଠିକ୍ ବୁଝନ୍ତି । ଅତଏବ ସେବତୀର ହାତ ଧରିବା-ପାଇଁ ସେ ଏତେ ବ୍ୟାକୁଳ । କିନ୍ତୁ ତାଙ୍କର ବ୍ୟାକୁଳତା ଯେତେ ବେଶୀ, ପ୍ରତିଘାତ ସେତିକି ଅଧିକ ମଧ୍ୟ ପାଉଛନ୍ତି । ଗଦେଇ ମୁହେଁ ମୁହେଁ ମନା କରିଦେଇଛି; ତା ମା' ନାରୀସୁଲଭ ଢଙ୍ଗରେ କହୁଛି, "ମୁଁ ମାଇପି ଲୋକ, ମୋ କଥାରେ କ'ଣ ଥାଏ ? ପୁଅକୁ ବୁଝାଅ ।"

କାଳପାରାବାରରେ ପୃଥିବୀପୋତ ସୂର୍ଯ୍ୟ ଦେବତାଙ୍କ ଚତୁପାଖେ ତିନି ଥର ପ୍ରଦକ୍ଷିଣ କରିସାରି ଚତୁର୍ଥ ଥର ଚାଲିଛି । ଏ ମଧ୍ୟରେ କେତେ ଘଟଣା ଘଟିଗଲଣି । ମନୁଷ୍ୟ ଇହଧାମ ଛାଡ଼ି ଚାଲିଯାଏ, କିନ୍ତୁ ଗଲାବେଳେ ସେ ଯେଉଁ ପାଦଚିହ୍ନ ପକାଇଯାଏ, ତାହା ସହଜରେ ଲିଭେ ନାହିଁ; ବରଂ ଗୋଟିଏ ଗ୍ରେଣ୍ଟିଆ ବାଟ ସୃଷ୍ଟି କରେ । ସେ ବାଟେ ପୁଅପତ୍ନୀଙ୍କ ହୃଦୟରୁ ସ୍ନେହଧାରା ମରଧାମରୁ ଅମରପୁରୀକୁ ଯେପରି ଚାଲିବାରେ ଲାଗେ, ସେ ଗଲାବେଳେ ଯାହା ସ୍ଥାବର ଅସ୍ଥାବର ସମ୍ପତ୍ତି ଛାଡ଼ି ଯାଇଥାଏ, ସେଥିରୁ ମଧ୍ୟ ଅଳ୍ପାଧିକ ଚାଲିଯାଏ । ଯାହାର ଅଧିକ ଥାଏ, ସେଥିରୁ ଅଳ୍ପ ସିନା ଯାଏ; ମାତ୍ର ଯାହାର ସମ୍ବଳ ଅଳ୍ପ, ତା'ର ସମଗ୍ର ପଳାଏ । ଖାଇଗ ଗୁମାନସିଂହର ଶ୍ରାଦ୍ଧଘର ଚଳାଇବାରେ ଘରଡିହ ଖଣ୍ଡିକ ବନ୍ଧକ

ଦିଆଯାଇଛି । କେବଳ ତା' ଉପର କୁଡ଼ିଆଟି ବର୍ତ୍ତମାନ ତା'ର ଉତ୍ତରାଧିକାରୀମାନଙ୍କର ଏକମାତ୍ର ସମ୍ପତ୍ତି ରୂପେ ଗଣ୍ୟ ହେବାକୁ ଅଛି । ବାପାଙ୍କ ଅନ୍ତେ ମା' ଗଦେଇ ଓ ସେବତୀ ଦୁହିଁଙ୍କୁ ନତ୍ତୁରଛି । ଗଦେଇ ପାରିଗଲାଣି ; ଅନ୍ତତଃ ତା'ର ନାବାଳକ ଦୋଷ କଟିଆସିଲାଣି । ସେ ଏବେ କିଛି କିଛି ରୋଜଗାର କରୁଛି । ତା ଅନୁପାତରେ ମା'କୁ ଟିକିଏ ନିଶ୍ୱାସ ମାରିବାକୁ ସମୟ ମିଳୁଛି । କ୍ରମେ ରାମଚନ୍ଦ୍ରର ଯିବା ଆସିବା ବଢ଼ିଛି । ଏବେ ସେ ଗଦେଇର ସଙ୍ଗାତ । ସେ ସମ୍ପର୍କଟା ପୁଣି ଦୁଇଟି ଅସମାନ ପକ୍ଷଭିତରେ ନୁହେଁ । ଉଚ୍ଚ ସ୍ଥାନର ପାଣି ତଳ ଆଡ଼କୁ ଗଡ଼ିଆସି ଅନ୍ୟ ପାଣିରେ ମିଶିଲେ, ହୁଏତ ସେଥିରେ ଅନଧିକାର ଚର୍ଚ୍ଚା ହୁଏ । ତଳ ପାଣି ଉପରର ଆକ୍ରମଣରେ ବିହ୍ୱଳ ବିବ୍ରତ ହୋଇପଡ଼େ; କିମ୍ବା ଉପର ପାଣି ଅନୁଭବ କରେ ଯେ ତାର ସମ୍ପଦ କାହିଁକି, ଅସ୍ତିତ୍ୱ ସୁଙ୍ଖା ତଳ ପାଣି ଅପହରଣ କରିନେଉଛି । ଦୁଇଟି ଅସମାନ ପକ୍ଷଭିତରେ ମିଳନ ହେଲେ, ଏହାହିଁ ହୋଇଥାଏ ତା'ର ଅବଶ୍ୟମ୍ଭାବୀ ପରିଣାମ । ଗଦେଇ ଓ ରାମଚନ୍ଦ୍ର ଭିତରେ ଯେଉଁ ବନ୍ଧୁତା, ତା' ଏ ଶ୍ରେଣୀର ନୁହେଁ । ସମାଜ ସୋପାନରେ ଦୁହେଁ ଏକା ସ୍ତରର ଲୋକ, ଯେପରିକି ସମାନ ଉଚ୍ଚତାରେ ଥିବା ଦୁଇଟି କୁଣ୍ଡର ପାଣି । କେହି ପେଟକୁ ମୁଠାଏ ଭୂରି ଦାନା ବା ପିଠିକି ଖଣ୍ଡିଏ ଭଲ କନା ପାଆନ୍ତି ନାହିଁ । ଏହାହିଁ ହେଉଛି ଦୁହିଁଙ୍କ ମଧ୍ୟରେ ମିଳନର ସୂତ୍ର । ଏ ସୂତ୍ରରେ ଟଣାଓଟରା ନାହିଁ ; ସୁତରାଂ ଏ ଛିଣ୍ଡିଯିବାର କ୍ଷନଷ ନୁହେଁ । ପରସ୍ପର ପ୍ରତି ତ୍ୟାଗର ଧାରରେ ଏହାର ଗଠନ ।

ସବୁ ସୁରୁଖୁରୁରେ ଚାଲିଥିଲା । ଆଜି ରାମଚନ୍ଦ୍ର ଗଦେଇ ଘରକୁ ଆସିଲେ, କାଲି ଗଦେଇ ରାମଚନ୍ଦ୍ର ଘରକୁ ଯାଇ ଦେଖାସାକ୍ଷାତ କଥାବାର୍ତ୍ତା କରି ଆସେ । କିନ୍ତୁ ଦିନେ ହଠାତ୍ ଗୋଟିଏ ପୂର୍ଣ୍ଣଚ୍ଛେଦ ପଡ଼ିଗଲା । ଗଦେଇ ମା' ରାମଚନ୍ଦ୍ରକୁ ଯେଉଁ କଥାଟା କହିବାକୁ ବହୁଦିନ ଧରି ଚେଷ୍ଟା କରୁଥିଲା, ଅଥଚ ତା' ଜିଭ ଲେଉଟି ନ ଥିଲା, ସେ କଥାଟା ଆଉ ପେଟରେ ରଖି ନ ପାରି କହିଦେଲା । ସେପରି ଗୋଟିଏ କଥା ଶୁଣିବ ବୋଲି ରାମଚନ୍ଦ୍ର କେବେ ଆଶଙ୍କା କରି ନ ଥିଲା । ଗଦେଇ ଘରେ ସୋରିଷଟାଏ ଫୁଟିଲେ, ତାକୁ ଜଣାପଡ଼ିଯାଏ । ସେଠାର କୌଣସି କଥା ତାକୁ ଅଛପା ନାହିଁ । ଗଦେଇ ମା' ତୁଣ୍ଡରୁ ପ୍ରସ୍ତାବଟା ଶୁଣି ସେ ମନକୁ ମନ ଭାବିଲା, "ଏ କିପରି କଥା ! ତେଣେ ଦଲବେହେରା ଟାକି ବସିଛି । କିଛି ସୁରାକ ପାଇ ନ ଥିଲେ କ'ଣ ସେ ଦାଣ୍ଡରେ ହାଟରେ କହିବୁଲୁଥାନ୍ତା ? ଏଣେ ମା' ଗୁହାଁଚି ମୋତେ ଫାନ୍ଦରେ ପକେଇବାକୁ । ଏଠିକୁ ଯାଆସ କଲେ ସିନା ଲଠା । ସେଟାର ମୁହଁ ତ ମୁଁ ଦିନେ ହେଲେ ଚାହିଁନାହିଁ । ଗଦେଇ ସିନା ମୋ ସଙ୍ଗାତ, ଆଉ ତା'ବୋଉ ମୋ ସଙ୍ଗାତ ମା ।"

ଗଦେଇ ମା'ର ଛୋଟିଆ କୁଡ଼ିଆଘରଟି ଭିତରେ ଗୋଟାଏ ପ୍ରବଳ ବତାସ ବୋହିବାକୁ ଲାଗିଲା । ଗଦେଇ କହିଲା, "ମା, ତୁ ତାକୁ ବିଗାଡ଼ିଦେଇଚୁ । ସେ ତ

ମୋତେ ଆଉ ମଙ୍ଗୁନାହିଁ ଆମ ଦୁଆର ମାଡ଼ିବାକୁ ; କହୁଚ, ତୁମର ବଡ଼ଲୋକିଆ ବନ୍ଧୁ, ସାତଶେଣୀଆ ଘର ଟେକିବ, ମତେ କାହିଁକି ଆଉ ପଚାରିବ ? ମୁଁ ଯେତେ ବୁଝୋଉଚ, ସେ କିଛି ଶୁଣୁନାହିଁ । ଗୋଟାଏ କଥା ଯାହା ବୁଝିପାଉଚ, ତାକୁଇ ଧରି ବସିଚ ।"

କାହାରି କାହାରି ଜିଦ୍ ପାଣିର ଗାର ପରି ମୁହୂର୍ତ୍ତକରେ ନିଭିଯାଏ । ଆଉ ଯେଉଁମାନେ ମାଟିବନ୍ଧ ପକାଇ ବସନ୍ତି, ସେମାନେ ମଧ୍ୟ ବର୍ଷେ ଛ' ମାସ ପରେ ଦେଖନ୍ତି ଯେ ଖରା ବର୍ଷା ଖାଇ ବନ୍ଧ ଭାଙ୍ଗିବାକୁ ବସିଲାଣି । ରାମଚନ୍ଦ୍ରର ତାହାହିଁ ଘଟିଲା; କାଳ ସ୍ରୋତରେ ତା ମାଟିବନ୍ଧଟା ଯେତେ କ୍ଷୀଣ ହେଲା, ଗଦେଇର ସ୍ନେହ ଆକର୍ଷଣରେ ସେ ସେତିକି ତା ଘର ଆଡ଼କୁ ଆଗେଇ ଆସିଲା । ଦିନେ ଅକସ୍ମାତ୍, ଗଦେଇ ଘରେ ନାହିଁ, ମା' ସହିତ ଠାକୁର ଦର୍ଶନ କରିବାକୁ ଦେଉଳକୁ ଯାଇଛି, ରାମଚନ୍ଦ୍ର ଆସି ତା' ଘରେ ପହଞ୍ଚି, ଖବର ପାଇ, ଫେରିଯାଉଥିଲା । ପଛରୁ ଡାକ ଶୁଣିଲା, "ରାମ ଭାଇ" । ରାମଚନ୍ଦ୍ରର ଛାତିରେ ହଠେ ଗୋଟାଏ ପଥର ଦୁମ୍‌କିନା ପଡ଼ିଗଲା ; ସେ ଯେଉଁ ପାଦ ଯେଉଁଠାରେ ପକାଇଥିଲା, ଠିକ୍ ସେହି ଭାବରେ ଗୋଟାଏ ଟସି ପ୍ରତିମା ପରି ଠିଆ ହୋଇଗଲା ।

ସେବତୀ ଆସି କହିଲା, "ରାମ ଭାଇ, ଏପରି ଗୋଟାଏ ଅପବାଦ ଦବା କ'ଣ ହେଲାଟି କି ? ସୀତା ଦେବୀ ଅଗ୍ନି ପରୀକ୍ଷାରେ ପାରିହୋଇ ମା' ବସୁନ୍ଧରା କୋଡ଼କୁ ଚାଲିଗଲେ । ସେ ତ ହେଲେ ରାବଣ ସାଙ୍ଗରେ ରଥରେ ବସି ଯାଇଥିଲେ, ତା' ରାଜ୍ୟରେ ଯାଇ ରହିଥିଲେ । ହେଲେ ମଧ୍ୟ, ଅପବାଦ ସହିପାରିଲେ ନାହିଁ । ଏ ତ ଖାଲି ନିଆଁ ନଥାଇ ଧୂଆଁ । ମୁଁ ଛାତିଭିତର ଦେଖେଇ ଦଉଚି, ଦେଖ, ରାମ ଭାଇ, ଏଠି ଦଳବେହେରାର ଟସି ଲେଖା ହେଇଚି, ନା 'ତୁମର' ।" ରାମଚନ୍ଦ୍ର ଦୁଆରେ ଠିଆ ହୋଇ ଶୁଣୁଛି, ସେବତୀ କୁଡ଼ିଆ ଭିତରୁ କହୁଛି । ମାତ୍ର ସେବତୀ ପାଟିରୁ କଥା ବନ୍ଦ ହେବା ସଙ୍ଗେ ସଙ୍ଗେ, ରାମଚନ୍ଦ୍ର ଦେଖିଲା, ସେ ପଣତ କାନିଭିତରୁ ଗୋଟାଏ ଛୁରୀ ବାହାର କରି, ନିଜ ଛାତିକି ଦେଖାଇଲା । ରାମଚନ୍ଦ୍ର ଯାଇ ତା' ହାତ ଧରି ପକାଇଲା ବେଳକୁ କାମ ସରି ସାରିଲାଣି । ସେବତୀ ଛାତିରୁ ପିଚ୍ ପିଚ୍ ହୋଇ ରକ୍ତ ବୋହିଗଲା । ତା' ମଧ୍ୟରେ ସେ କହିଲା, "ରାମ ଭାଇ, ମୁଁ କଣ ତୁମ ଆଖିରେ ଗୋଟାଏ ଅସତୀ ହେଇ ମରନ୍ତି ? ଏବେ ତ ମତେ ତୁମେ ଚିହ୍ନିଲ, ମୁଁ ନିଶ୍ଚିନ୍ତରେ ମରିପାରିବି ।" ତା' ପାଟିରୁ ଆଉ କଥା ବାହାରିଲା ନାହିଁ । ସେବତୀ ରକ୍ତସ୍ନାନ ହୋଇ ତଳେ ଶୋଇପଡ଼ିଲା । ରାମଚନ୍ଦ୍ରର ଆଖି ବୁଜି ହୋଇଗଲା । ସେ ଅନୁଭବ କଲା ଯେ ତା' ପିଣ୍ଡଟା କେବଳ ରହିଛି ; ମାତ୍ର ସେଥିରେ ପ୍ରାଣ ନାହିଁ । ସେ ପରିସ୍ଥିତିରେ କ'ଣ କର୍ତ୍ତବ୍ୟ, ବୁଝିବା ତା ପକ୍ଷେ ଅସମ୍ଭବ ହୋଇପଡ଼ିଛି ।

ଅନେକ ଦିନ ପଡ଼ି କଡଗ୍ରରେ ଲାଗିରହି, ସେବତୀ ଝାଡ଼ି ଝୁଡ଼ି ହୋଇ ଅବଶ୍ୟ ଉଠିଲା । କେବଳ ସ୍ମୃତିରେ ଗୋଟାଏ ବଡ଼ କ୍ଷତ ଚିହ୍ନ ସ୍ପଷ୍ଟ ରୂପେ ରହିଗଲା । କିନ୍ତୁ ସେ କ୍ରମେ କ୍ରମେ ଯେତିକି ଉଠିବାକୁ ଲାଗିଲା, କୁଇଁଟା କ୍ଷୁଦ୍ର ପରିବାର ସେତିକି ସେତିକି ତଳକୁ ପଡ଼ିଲେ । ଗଦେଇ ଓ ତା ମା' ମିଶି ଯାହା ରୋଜଗାର କରନ୍ତି, ସେଥିରେ ଖାଇବାଟା ଯେମିତି କେମିତି ଅବଶ୍ୟ ଚଳନ୍ତା । ମାତ୍ର ସେବତୀର ଚିକିତ୍ସା ଓ ଶୁଶ୍ରୂଷା ତାଙ୍କୁ ବଳେଇଗଲା । ସେଥିପାଇଁ ଉଭୟଙ୍କୁ ନିଜ ନିଜ ପେଟରୁ କାଟି ତାହା କରିବାକୁ ପଡ଼ିଲା । ରାମଚନ୍ଦ୍ର ମଧ୍ୟ ଦିନଯାକ ମେହନତ କରି ରାତିରେ ଆସି ସେବତୀର ଶୁଶ୍ରୂଷାରେ ଲାଗେ । ସେତିକିବେଳକୁ ୧୯୪୨ ମସିହାର ଦାରୁଣ ସଙ୍କଟ ସମୟ ଆସି ପହଞ୍ଚିଛି । ୧୯୪୩ କୁ ତାହା ଯେ କି ଆକାର ଧରିବ, ବୁଝିହେଉ-ନାହିଁ । ଜିନିଷପତ୍ରର ଦାମ୍ ବଢ଼ିବା ଅନୁପାତରେ ମଜୁରି ବଢ଼ିନାହିଁ । ହାତକୁ ଯାହା ପଇସା ଆସୁଛି, ପାଣି ପରି ବୋହିଯାଉଛି; ଅଥଚ ପେଟର କଣେ ପୁରୁ ନାହିଁ ।

କ୍ରମେ ଅବସ୍ଥା ସାଙ୍ଘାତିକ ହୋଇଆସିବାରୁ ଗଦେଇ ଓ ରାମଚନ୍ଦ୍ର ନିଜ ନିଜର ଭାଗ୍ୟ ପରିବର୍ତ୍ତନ କରିବାପାଇଁ ଗୋଟିଏ ପ୍ରଶସ୍ତ ଉପାୟ ଧରିଲେ । ସେବତୀ ଓ ମା'ର ଭରଣ ପୋଷଣ ନିମନ୍ତେ ଏକାବେଳକେ ଥୋକ ପଚିଶ ଟଙ୍କା ଆଣି ଧରିଦେଲେ । ତୁଳସୀ ଦୁଇ ପତରୁ ବାସେ । ନୂଆ ପହ୍ଲା ଗୋଟିଏ ଧରୁ ଧରୁ ଯେ ହଠାତ୍ ଅଧଶହେ ଟଙ୍କା ହାତରେ ଆସି ପଡ଼ିବ, ଏହା କମ୍ କଥା ନୁହେଁ । ଗଦେଇ ମା ଟଙ୍କାଗୁଡ଼ାକ ପଚିଶ ଥର ଗଣିଲା, ବଜାଇଲା ଓ ଓଲଟ ପାଲଟ କଲା । ଏତେ ଟଙ୍କା ସେ ଏକାବେଳକେ ଜୀବନଯାକ କେବେ ଦେଖି ନ ଥିଲା । ବୁଢ଼ୀଟା ପ୍ରାଣରେ ଗୋଟିଏ ନୂଆ ଜୀବନ ଖେଳିଗଲା । ପ୍ରତ୍ୟେକେ ଭାବିଲେ ଯେ ଏତେଦିନେ ତାଙ୍କ ଦଶା ପାଲଟିଛି ।

ତିରିଶ୍ ଜଣଙ୍କ ଭିତରେ ଦୁଇ ଜଣ ହୋଇ ଗଦେଇ ଓ ରାମଚନ୍ଦ୍ର ଯେଉଁଦିନ ନିରାକାରପୁର ରେଳଷ୍ଟେସନରେ ଗାଡ଼ି ଚଢ଼ିବାକୁ ଗଲେ, ଗଦେଇ ମା ଦୁହିଁଙ୍କର ମୁଣ୍ଡ ଆଉଁସିଦେଲା, ଦୁହିଁଙ୍କୁ କୁଣ୍ଢାଇ ଧରି ଆଖି ଛଳ ଛଳ କଲା । ରେଙ୍ଗୁନ୍, ଆସାମ କେତେ ବାଟ, ସେଠାରେ ରହିବା କେତେ ଦୂର ସୁଖକର ବା କଷ୍ଟସାଧ୍ୟ, ସେଠାକୁ ଗଲେ ଲୋକେ କେତେ ଦିନରେ ଫେରି ପାରନ୍ତି, ଏସବୁ କଥା ତାକୁ କିଛି ଜଣାନାହିଁ । ତା ମନରେ ଭରସା ଯେ ଦୁଃଖରାତି ଶୁଭକ୍ଷଣରେ ପାହିଛି; ତେଣୁ ପିଲାଦୁଇଟି ସର୍ବଶୁଭରେ ଫେରିଆସିବେ । ଶୁଭବେଳେ ଆଖିରୁ ଲୁହ ଗଡ଼ାଇବା ବିଧି ନୁହେ ବୋଲି ସେ ସବୁ ଲୁହ ଆଖିରେ ମାରି ରହିଲା । କେବଳ କହିଲା, "ମା ମଙ୍ଗଳା, ଭଲରେ ଫେରାଇଆଣ ।" ଲେଉଟ ଚକୁଳି ଦୁହିଁଙ୍କି ପେଟେ ପେଟେ ଖାଇବାକୁ ଦେଇଥିଲା । ତା'ର ବିଶ୍ୱାସ ଯେ ତା ନିଜର କରାମତି ଦେଖାଇବ ।

ରାମଚନ୍ଦ୍ର ସେବତୀଠାରୁ ବିଦାୟ ନେଲାବେଳେ କହିଗଲା, "ମାସ ଚାରିଟାରେ ଆମେ ଫେରିଆସିବୁ, ସେବତୀ ! ତୁ କାନ୍ଦିବୁ ନାହିଁ, ମନମାରି ବସିବୁ ନାହିଁ, ମା ପାଖେ ସୁଖରେ ରହିବୁ । ଚାହୁଁ ଚାହୁଁ ସମସ୍ତ କୁଆଡ଼େ ଚାଲିଯିବ । ମୁଁ ନ ଗଲେ ଚଳିବ କିପରି ? ପଇସାପଦେ ଆଣି ଡିହ ଖଣ୍ଡେ କିଣି କୁଡ଼ିଆ ବକଟେ ତିଆରିଲେ ସିନା ଘରଦୁଆର କିଛି ରହିବ । ମୋ ଲାଗି ଭାବିବୁ ନାହିଁ । ରବିବାରକୁ ରବିବାର ଖଣ୍ଡେ ଖଣ୍ଡେ ଚିଠି ଦେଉଥିବୁ । ତୋ ପାଠପଢ଼ା ଏତିକିବେଳକୁ କାମ ଦେଖାଇଲା । ମୁଁ ଯାଉଛି, ରହ ।" ସେବତୀ ତା ହାତଟା ନିଜ ହାତରେ ଧରିଥିଲା; ଛାଡ଼ିଦେଲା । କେବଳ କହିଲା, "ରାମ ଭାଇ !" ତା କଣ୍ଠ ରୁଦ୍ଧ ହୋଇଗଲା; ପାଟିରୁ ଆଉ କଥା ବାହାରିଲା ନାହିଁ । ରାମଚନ୍ଦ୍ର ନିଜ ପାଞ୍ଝିକାନିରେ ତା ଆଖିରୁ ଲୁହ ପୋଛିଦେଇ, ଗଣ୍ଠି ପକାଇ, ପୁଣି ନାହି ପାଖେ ଖୋସିଲା ।

ଜାପାନ ସେତେବେଳକୁ ବର୍ମା ଦଖଲ କରିସାରିଛି । ତା'ର ଆଉ ଅଗ୍ରସର ହେବା ବାଟ ବନ୍ଦ କରିବାଲାଗି ଏଣେ ଆସାମରେ ନାନା ପ୍ରକାର କାମ ଲାଗିଛି । ଭାରତବର୍ଷର ସବୁଆଡ଼ୁ ଲକ୍ଷ ଲକ୍ଷ ଲୋକ ଆସି ରୁଣ୍ଡ ହୋଇଛନ୍ତି । ଦିନରାତି ପାଳିକ୍ରମେ କାର୍ଯ୍ୟ ଚାଲିଛି । ଦିନ କେତେବେଳେ ଯାଉଛି ଓ ରାତି କେତେବେଳେ ଆସୁଛି, ଜଣାଯାଉ ନାହିଁ । ଚାରିଆଡ଼େ ହଜାର ହଜାର ବିଜୁଳିବତୀ ଝୁଲାଯାଇଛି । ଛକଡ଼ିପୁରଠାରୁ ଏହା ଯେ କେତେ ଭିନ୍ନ କହିହେଉନାହିଁ । ତେବେ ଗଦେଇର ସେଠାରେ ରହିଛି ମା ଓ ରାମଚନ୍ଦ୍ରର ରହିଛି ସେବତୀ । ସେବତୀର ମୁହଁ ଦେହ ହାତ କିଛି ତାର ଆଖିରେ ପଡ଼ୁନାହିଁ । କେବଳ ତା ଛାତିର କ୍ଷତଚିହ୍ନଟା ଚନ୍ଦ୍ରମଣ୍ଡଳର କଳଙ୍କ ପରି ସର୍ବଦା ପାଞ୍ଚଶ କୋଶ ଦୂରରୁ ଦାଉ ଦାଉ ଜଳୁଛି । ସେ ମନେମନେ ଭାବୁଛି, "ଛି, ମୁଁ କି ଅନ୍ଧ ପାଲଟିଗଲି ! କେଡ଼େ ଚିହ୍ନ ହରାଉ ନ ଥିଲି । ହୃଦୟ ଚିରି ସେ ଦେଖାଇ ନ ଥିଲେ, ମୁଁ କଣ ଦେଖିଥାନ୍ତି ? କେବେ ଫେରିବି, ନା ତାକୁ ଆଣି ଗଳାରେ ଝୁଲେଇବି ।" ଭାବି ଭାବି ସେ କେତେବେଳେ କେତେ ସ୍ୱପ୍ନ ଦେଖେ ; ଅଟିର ଲୁହ ଆଖିରେ ମାରେ । କେତେବେଳେ ଅବା ନାହି ପାଖରୁ ପାଞ୍ଝିକାନି ଫିଟାଇ ପୋଛି ପକାଏ । ସେତେବେଳେ ମନକୁ ମନ ବରିରେ, "ଆଜି ତା ଲୁହରେ ମୋ ଲୁହ ମିଶାଉଛି ; ଫେରିଗଲେ ହୃଦୟରେ ହୃଦୟ ମିଶାଇବି ।" ମାତ୍ର ହଠାତ୍ ଫେରିବାର ଉପାୟ ନାହିଁ; ମୁଣ୍ଡ ଚାରିମାସକୁ ବନ୍ଧା ହୋଇଛି ।

ଗଦେଇ ଓ ରାମଚନ୍ଦ୍ର ତିନିମାସ କାମ କଲେ, ମାସକୁ ପଚାଶ ଟଙ୍କା ହିସାବରେ ଦେଢ଼ ଶ' ଟଙ୍କା ଜମାଇଲେ । ଫେରିବାଦିନ ପାଖେଇ ଆସିଲା ଭାବି, ଦୁହିଁଙ୍କ ମନ ଉଡ଼ିବାକୁ ଲାଗିଲା । ମାସ ଚାରିଟା ଖଟି ହାତରେ ଦୁଇଶହ ଟଙ୍କା ଧରି ଘରକୁ ଫେରିବେ; ତାଙ୍କ ଦରିଦ୍ର ନଅଣ୍ଟିଆ ଜୀବନରେ ଏହା କିଛି ସାମାନ୍ୟ କଥା ନୁହେଁ । କିନ୍ତୁ ଦିନେ ହଠାତ୍ ଗଦେଇ ଜରରେ ପଡ଼ିଲା । ଚାରି ଛ' ଦିନ ପରେ ଦୁହିଁଙ୍କର

କାମକୁ ଯିବା ବନ୍ଦ ହେଲା । କ୍ରମେ ଜଣାପଡ଼ିଲା, ଶରଦେଇର ଜର ସାଧାରଣ ଜର ନୁହେଁ, କାଶକଫ ରୋଗ । ତାକୁ ଡାକ୍ତରଖାନାକୁ ନିଆଗଲା । ରାମଚନ୍ଦ୍ର ସାଙ୍ଗେ ସାଙ୍ଗେ ଚାଲିଲା ।

ସେବତୀ ପ୍ରତି ସପ୍ତାହରେ ଖଣ୍ଡେ ଚିଠି ଲେଖେ । ତା' ଅବଶ୍ୟ ଶରଦେଇ ପାଖକୁ, ରାମଚନ୍ଦ୍ର ପାଖକୁ ନୁହେ । କିନ୍ତୁ ତାକୁ ଲାଗେ ରାମଚନ୍ଦ୍ର ବୁଝେ ଯେ ତା' ନିଜ ପାଖକୁ ଆସିଛି । ସେଥିରୁ ସେ ନିଜ ହୃଦୟର ବିରହ ଜ୍ୱାଳା ନିଭେଇବାପାଇଁ ଯଥେଷ୍ଟ ସ୍ନେହଧାରା ପାଏ । ବର୍ଷାଧାରା ଭୂପୃଷ୍ଠରେ ସବୁଜ ଭରେ । ନଦୀ ମଧ୍ୟ ସେଥିରେ ପ୍ରଫୁଲ୍ଲିତ ହୋଇ କୂଳବନ୍ଧ ଲଙ୍ଘି ବହିଯାଏ । ସେବତୀର ଚିଠି ଆସିଲେ ରାମଚନ୍ଦ୍ର ପ୍ରାଣରେ ଆନନ୍ଦ ଲହରୀ ଖେଳିଉଠେ । ଦିନେ ସେବତୀଠାରୁ ଖଣ୍ଡିଏ ଚିଠି ଆସିଲା । ସେତେବେଳକୁ ଶରଦେଇ ସଙ୍କଟାପନ୍ନ ଅବସ୍ଥାରେ ଡାକ୍ତରଖାନା ଖଟିଆରେ ପଡ଼ିଛି । ଥର ଥର ହାତରେ ରାମଚନ୍ଦ୍ର ଚିଠିଟି ଫିଟାଇ ପଢ଼ିଲା । ସେଥିରେ ଲେଖାଥିଲା, "ଭାଇ, ଆମ ଘରଡିହ ଯେ ବନ୍ଧା ପଡ଼ିଥିଲା ତା ବଦଳରେ ଖଣ୍ଡି କୁରେଇପୁର ଦଳବେହେରା କିଣିନେଲା, ମିଆଦ ଆଣି ଘର କୋରଖ କଲେ । ପଚିଶ ଟଙ୍କାରୁ ବାକୋଡ଼ି ତିନିଟଙ୍କା ବାକି ଥିଲା । ତାକୁ ନେଇଗଲେ । ଘରୁ ଆମକୁ କାଢ଼ିଦେଲେ । ବୋଉ ମନ୍ଦେ ଧନ ଗଛମୂଳେ, କୁକୁର ତା ଛୁଆଙ୍କୁ ଜଗିଲାପରି, କେତେଦିନ ରହିଲା । ତୁ ପ୍ରବାସ ଯାଇଛୁ । ତଳେ ଏଗୁଡ଼ାକ ଲେଖି ପଠାଇବାକୁ ବୋଉ ମନା କରିବାରୁ ମୁଁ ଏତେ ଦିନରୁ ଗୋଟିକରେ ହେଲେ ଲେଖି ନ ଥିଲି । କାଲି ବୋଉ ଆଖି ବୁଜିଦେଇ ଚାଲିଯାଇଛି । ମୁଁ ଆଉ କାହାକୁ ଧରି ରହିବି ? ବୁଢ଼ୀଆଡ଼େ ଶହଶହ ଲୋକ ପେଟବିକଳରେ ମରୁଛନ୍ତି । ମୁଁ ଯାଉଛି, ସେଇମାନଙ୍କ ସାଙ୍ଗେ ଧୂଳିମାଟିରେ ମିଶିବାକୁ । ତୁ ଫେରିଲେ, ଆଉ ତୋର ଭଉଣୀ ମୁହଁ ଦେଖିବୁ ନାହିଁ । ତୁ ଭଲରେ ଫେରିଆ । ରାମ ଭାଇଙ୍କି କହିବୁ, ମୁଁ ଗଲି । ସେ ମୋ କଥା ମନରୁ ପୋଛିଦେବାକୁ ତାଙ୍କୁ ବୁଝାଇବୁ । ଆଉ କଣ ଲେଖିବି ! ତୁ ଆଉ ରାମଭାଇ ଘରଦ୍ୱାର କରି ରହ । ଆର ଜନମରେ ଯାଇ ପୁଣି ଦେଖା । ତୋର ହାନ ଭଉଣୀ 'ସେବି' ।"

ଚିଠିଖଣ୍ଡ ରାମଚନ୍ଦ୍ର ହାତରୁ ଖସିପଡ଼ି ପବନରେ ଉଡ଼ି ଚାଲିଗଲା । ସେ ଯେ କେତେ ସମୟ ବେହୋସ ହୋଇ ବସିରହିଲା ସେକଥା ତାକୁ ଜଣାନାହିଁ । ଧଡ଼୍ ଧାଡ଼୍ ଖଡ଼୍ ଖାଡ଼୍ ଶବ୍ଦ ଶୁଣି ତାର ସଂଜ୍ଞା ହେଲା । ସେ ଆଖି ଫିଟାଇ ଯେତେବେଳେ ଚାହିଁଲା, ଦେଖିଲା, ଶରଦେଇ ଆଉ ଖଟିଆରେ ନାହିଁ । ତାକୁ ଦୁଇଜଣ ଲୋକ ଗୋଟାଏ ଦୋଳାରେ ପକାଇ ଟେକି ଧରିଛନ୍ତି । ସେ କିଛି ବୁଝି ନ ପାରି ପଚାରିଲା, "ରୋଗୀଟାକୁ ଏପରି କୁଆଡ଼େ ବୋହିନେଇ ଯାଉଛ ?"

"ଏ କଣ ରୋଗୀ ? ଏ ତ ମଡ଼ା । ତୁ କଣ ପଥରଟାଏ ନା ନିଦରେ ଶୋଇଥିଲୁ ?"

ରାମଚନ୍ଦ୍ର ଗାଁକୁ ଫେରିଆସି ଦେଖିଲା, ଗଦେଇର ଘରଖଣ୍ଡିକ ଦଳବେହେରାଙ୍କ ବଗଲରେ ଅଛି । ସେ ତ ସେକଥା ଦେଖିବାକୁ ଆସି ନ ଥିଲା । ଆସିଥିଲା ଇହଧାମରୁ ଚାଲିଯିବା ଆଗରୁ ସେବତୀର ମୁହଁଟି ଟିକଏ ଦେଖିବା ପାଇଁ । ସେ ଯେ ଗାଁ ଛାଡ଼ି କୁଆଡ଼େ ଚାଲିଯାଇଛି, ତାର ସୁରାଖ କିଛି ପାଇଲା ନାହିଁ । ବ୍ରହ୍ମଗିରି ଅଞ୍ଚଳର ତଳମାଳ ଇଲାକା ପରି ସ୍ଥାନମାନ ରାଜ୍ୟ ପୃଷ୍ଠପଟରେ ଆଉ ଅଛି କି ନା କେଜାଣି । ନୂଆ ପୁରୁଣା ସନ୍ଧିବେଳେ ସବୁ ସାଧାରଣ ସମୟରେ ସେଠାରେ ଲୋକେ ହା-ଅନ୍ନ, ହା-ଅନ୍ନ ହୋଇ ପ୍ରାଣ ହରାନ୍ତି । ଏବେ ୧୯୮୩ ମସିହା ଶରତ୍‌କାଳଟା ଯାକ ବହୁତ ଲୋକ ମରି ଗଡ଼ୁଛନ୍ତି । ରାମଚନ୍ଦ୍ର ପ୍ରତି ଗାଁ ବୁଲି ଖୋଜିଲା ; କୌଣସିଠାରେ ସେବତୀକୁ ପାଇଲା ନାହିଁ । ହାଇଁ ହାଇଁ ହୋଇ ବୁଲୁଥିବା ଲୋକଙ୍କୁ ଗୋଟି ଗୋଟି କରି ଗୋଡ଼ଠାରୁ ମୁଣ୍ଡ ପର୍ଯ୍ୟନ୍ତ ଚାହିଁଲା । ପ୍ରତ୍ୟେକ ଶବ ପାଖକୁ ଯାଇ ତନ୍ନ ତନ୍ନ କରି ଦେଖିଲା । ତଥାପି ତା'ର ସତ୍ତା ଏକାବେଳକେ ଲୋପ ପାଇଯାଇଛି ବୋଲି ତା'ର ବିଶ୍ୱାସ ହେଲା ନାହିଁ । ସେ ମନକୁ ମନ ଭାବିଲା, "ଅଉ କୁଆଡ଼େ ଚାଲିଯାଇଚ ! ବାନ୍ଧିରଖିବାକୁ ଆଉ କ'ଣ ଅଛି ଯେ ଏଠି ମାଟି କାମୁଡ଼ି ପଡ଼ିରହନ୍ତା ?"

ତେଣୁ ରାମଚନ୍ଦ୍ର ଉତ୍ତରରୁ ଦକ୍ଷିଣ ଓ ଦକ୍ଷିଣରୁ ଉତ୍ତର ଏପରି ଭାବରେ ଓଡ଼ିଶାର ସ୍ୱର୍ଣ୍ଣଟା ଉପକୂଳ ଜିଲ୍ଲା ବୁଲିବାରେ ଲାଗିଛି । ତା'ର ଭୋକଶୋଷ ନାହିଁ, ଖରାବର୍ଷା ତାକୁ ବାଧୁନାହିଁ; ଦିନରାତି ମଧ୍ୟରେ ତାକୁ ପ୍ରଭେଦ ଜଣା ପଡ଼ୁନାହିଁ । କେଉଁଟା ସେବତୀର ଶବ ଓ କେଉଁଟା ନୁହେଁ, କେବଳ ମୁହଁ ଦେଖି ସେ ଚିହ୍ନିବାକୁ ଅକ୍ଷମ ହୋଇପଡ଼ୁଛି । ତା' ପରେ ପୁଣି ହଡ୍ଡୁ ସରୀସୃପଙ୍କ ପରି ସବୁ କଙ୍କାଳ ଦେଖିବାକୁ ସମାନ ।

ସେଥିରେ ଗୋରା କଳା, ମୋଟା ସରୁର ପାର୍ଥକ୍ୟ ନ ଥାଏ । ସବୁ କେବଳ ଗୋଟାଏ ଜାତି ନରକଙ୍କାଳ । ନରର ନରତ୍ୱ ଯିବା ସଙ୍ଗେ ସଙ୍ଗେ ସେ କଙ୍କାଳରେ ପରିଣତ ହୋଇଛି । କେଉଁ କଙ୍କାଳ ଭିତରୁ ହୁଏତ ପ୍ରାଣବାୟୁ ଉଡ଼ିଯାଇନାହିଁ, ସେଥିପାଇଁ ତାହା ଚାଲୁଛି । ଆଉ ଯାହାଭିତରୁ ସେହି ବାୟୁ ଟିକକ ଉଡ଼ିଯାଇଛି, ତାହା ଶବ ରୂପରେ ପଡ଼ି ରହୁଛି । ଶବରାଶି ମଧ୍ୟରେ ଠିକ୍ କେଉଁଟି ସେବତୀର ବାଛିବାକୁ ହେଲେ ଗୋଟାଏ ପ୍ରବଳ ଚିହ୍ନ ଦରକାର । ସେ ଚିହ୍ନ ତା' ଛାତିର କ୍ଷତ । ସେହି କ୍ଷତ ସହିତ ରାମଚନ୍ଦ୍ରର ଗୋଟାଏ ବିଷମ ସ୍ମୃତି ଜଡ଼ିତ ରହିଛି । ଆଜି ତା'ର ସେକଥା ମନେ ଅଛି କି ନା କେଜାଣି, ତାହା ବୁଝିବା ମୁସ୍କିଲ । କିନ୍ତୁ ପ୍ରତ୍ୟକ୍ଷ ଦେଖାଯାଉଛି ଯେ ରାମଚନ୍ଦ୍ର ସେବତୀକୁ ଖୋଜି ଲାଗିଛି । ସେଥିପାଇଁ ମୁହଁ ମାଡ଼ି ପଡ଼ିଥିବା ଶବ ଗୁଡ଼ାକ ଗୋଟି ଗୋଟି କରି ଥରକୁ ଥର ଓଲଟାଇ ଦେଖୁଛି । କିଏ କ'ଣ କହୁଛି, ସେଥିପ୍ରତି ତାର ଭ୍ରୂକ୍ଷେପ ନାହିଁ ।

ସେ ବର୍ଷ ବାଲେଶ୍ୱର ଜିଲ୍ଲାର ଦଶା ଗାଆଣୀ ଗାଇବ ନାହିଁ । ବଡ଼ି ବତାସିରେ ଖାଲି ବାଡ଼ି ଘର ଦ୍ୱାର ସବୁ ଯାଇଥିଲା । ତଥାପି ବାକି ଯାହା ରହିଯାଇଥିଲା, ତହିଁରୁ ଅନେକ ଉତ୍ତରରେ ମେଦିନୀପୁର ଚାଲିଗଲା । ବେପାରୀମାନେ ବ୍ୟବସାୟରେ ପଇସା ଗୁଣିବାରେ ଲାଗିଲେ । ଶୁଖିଲା ପତ୍ର ପରି ଶହ ଶହ ଲୋକ ଝଡ଼ିପଡ଼ିଲେ । ରୂପାନ୍ତର ଧରି କେତେକ ସଙ୍ଘ ଲୋକଙ୍କ ମୁହଁରେ ଠୋକ ଦେବାକୁ ଆସି ବସିଗଲେ । ହାକିମହୁକୁମା ଅବସ୍ଥା ଦେଖିବାକୁ ଆସିଲେ ସେହିମାନଙ୍କ ମୁହଁ ଦେଖନ୍ତି । ମେଘ ଯେପରି ସ୍ୱର୍ଗରୁ ବର୍ଷେ, ପୃଥିବୀର ପାଣି ସେହିପରି ତାକୁ ଶୋଷିନେଇ ନିଜେ ପୁଷ୍ଟ ହୁଏ । ମାତ୍ର ମେରୁପ୍ରଦେଶ ପରି କେତେକ ସ୍ଥାନରୁ ମେଘ ପାଣି ଶୋଷିନେଇ ପୁଣି ସେହିଠାରେ ଢାଳେ ନାହିଁ, ଅନ୍ୟତ୍ର ବୋହି-ନେଇଯାଇ ଢାଳିଦିଏ । ତେଣୁ ସେହି ପ୍ରଦେଶରେ ଜୀବଜନ୍ତୁ ଜୀବନ ଧରି ରହିପାରନ୍ତି ନାହିଁ । ଏବେ ସମଗ୍ର ଓଡ଼ିଶାର ଓ ବିଶେଷରେ ବାଲେଶ୍ୱର ଜିଲ୍ଲାର ସେହି ଅବସ୍ଥା ଘଟିଅଛି ।

କିନ୍ତୁ ମରୁଭୂମି ମଧ୍ୟରେ ଉର୍ବର ଦ୍ୱୀପଖଣ୍ଡମାନ ମଧ୍ୟ ଥାଏ । ସେହିପରି ଏକ ଦ୍ୱୀପଖଣ୍ଡରେ ବାଲେଶ୍ୱର ସହରର ଗୋଟାଏ ଚାଉଳ କାରଖାନାରେ ପୂର୍ବଦିନ ରାତିରେ ଭୋଜି ହୋଇଥିଲା । କାରଖାନା ମାଲିକ ବଙ୍ଗ ପ୍ରଦେଶକୁ ଚାଉଳ ପଠାଇବା ନିମନ୍ତେ ଅନୁମତି ପାଇଥିବା ଯୋଗେ ଆନନ୍ଦରେ ବାବୁଭାୟା ଓ ଧୋବ-ଧାଉଳିଆମାନଙ୍କୁ ଖାଇବାକୁ ଡାକିଥିଲେ । ମଉଜ ମଜଲିସ୍ ସାରି ଖାଇ ଖାଇ ପ୍ରାୟ ଭୋର ହୋଇଯାଇଥିଲା । ଅଇଁଠା ପତ୍ର ସବୁ ସକାଳେ ବାହାରକୁ ଫିଙ୍ଗି ଦିଆଗଲା । ଦଳେ କଙ୍କାଳ ମୂର୍ତ୍ତି ସଙ୍ଗେ ସଙ୍ଗେ ଆସି ବିକଟ ହାସ୍ୟରେ ଚାରିପାଖେ ଜୁଟିଗଲେ । ବାଟରେ ଜଣେ ପଥିକ ଯାଉଥିଲା । ସେହି ଦୃଶ୍ୟ ଦେଖି ସେ ଅନୁଭବ କଲା, ସତେ ଯେପରି ତାର ହୃତ୍ପିଣ୍ଡ ବନ୍ଦ ହୋଇଆସୁଛି । ଆଉ ଟିକିଏ ନିକଟକୁ ଅଗ୍ରସର ହେବାପରେ ସେ ଦେଖିଲା, ଗୋଟିଏ କଙ୍କାଳ ମୂର୍ତ୍ତି ଖଣ୍ଡେ ଦୂରରେ ପାଚେରିକି ଆଉଜି ଠିଆ ହୋଇଛି; ଅନ୍ୟାନ୍ୟମାନଙ୍କ ସହିତ ଯାଇ ପୂର୍ବରାତ୍ରି ଭୋଜିର ଅବଶେଷରେ ଜଠର ଜ୍ୱାଳା ନିବାରଣ କରୁନାହିଁ । ଦେଖି ତା'ର ପାଦ ଆଉ ଚାଲିଲା ନାହିଁ । ହଠାତ୍ ସେ ଶୁଣିଲା "ରାମ ଭାଇ" ! ଏ ଯେ ଖୁବ୍ ପରିଚିତ ସ୍ୱର, କେବଳ ଗୋଟାଏ ଫଟା ଦଦରା ଯନ୍ତ୍ର ଭିତରବାଟେ ଆସୁଛି ।

ରାମଚନ୍ଦ୍ର ଧାଇଁ ଚାଲିଗଲା । କିନ୍ତୁ ଡାକିବା ଲୋକକୁ ଦେଖି ଚିହ୍ନିପାରିଲା ନାହିଁ । ତେବେ ତା'ର ଜୀର୍ଣ୍ଣ ପରିଧେୟର ବିସ୍ତୃତ ଛିଦ୍ର ବାଟେ ଗୋଟାଏ ପ୍ରକାଣ୍ଡ କ୍ଷତଚିହ୍ନ ଦାଉ ଦାଉ ହୋଇ ରାମଚନ୍ଦ୍ରର ଆଖିରେ ପଡ଼ିଗଲା । ତା ପାଟିରୁ ସ୍ୱତଃ ଗୋଟିଏ ପ୍ରଶ୍ନ ବାହାରିପଡ଼ିଲା, "କଣ, ସେବତୀ ?" ସେବତୀ ଉତ୍ତର ଦେଇପାରିଲା ନାହିଁ, କେବଳ ରାମଚନ୍ଦ୍ରର ଛାତିକି ଢଳିପଡ଼ିଲା । ଚାରିଟା ହାତ ପରସ୍ପର ସହିତ

ଛନ୍ଦାଛନ୍ଦ ହୋଇଗଲା । ରାମଚନ୍ଦ୍ର 'ସେବତୀ' ସେବୀ','ସେବ' ବୋଲି କେତେ ଡାକିଲା । ଉତ୍ତରରେ କିଛି ସମୟ କେବଳ 'ହୁଁ' ଶବ୍ଦ ଶୁଣିଲା; ମାତ୍ର ତା ପରେ ଆଉ ସେହି ଟିକକ ଶବ୍ଦ ଶୁଭିଲା ନାହିଁ । ଗୋଟାଏ କ୍ଷୁଦ୍ର ପ୍ରାଣବାୟୁ ମରଜଗତରୁ ଅମର ଧାମକୁ ଉଡ଼ିଚାଲିଗଲା । ପଡ଼ିରହିଲା କେବଳ ଜଡ଼ ପିଣ୍ଡଟାଏ ଓ ତା ପାଖେ ଜଣେ ନିରାଶ ଯୁବକର ଅନ୍ତରଆତ୍ମା ।

କେତେକ ସମୟ ପରେ ମ୍ୟୁନିସିପାଲିଟି ମେହେନ୍ତରମାନେ ମଢ଼ା ଉଠାଇବାକୁ ଆସି ସେବତୀର ଶବଟା ଯେତେବେଳେ ଟଣାଓଟରା କଲେ, ରାମଚନ୍ଦ୍ର ତାକୁ ଧରି କାନ୍ଧରେ ରଖି, ମୋଢଗଞ୍ଜ, ସୁନହଟ ପାରିହୋଇ ପଳାଇଲା, ସତେ ଯେପରି ଦସ୍ୟୁ ହାତରୁ ସେ ଅମୂଲ୍ୟ ନିଧି ଉଦ୍ଧାର କରିବାକୁ ଧାଇଁଛି । କିନ୍ତୁ ସେଥିରେ ମଧ୍ୟ ଯାହି ମିଳିଲା ନାହିଁ । ସେ ଯେଉଁ ଆଡ଼େ ଗଲା, ଦଳ ଶାଗୁଣା ବିଲୁଆ କୁକୁର ତା ପଛ ପଛେ ଗୋଡ଼ାଇବାରେ ଲାଗିଲେ । ସେତେବେଳେ ତାକୁ ଗୋଟାଏ ବୁଦ୍ଧି ଦେଖାଗଲା । ତା ଆଗରେ ନୀଳ ସମୁଦ୍ରବକ୍ଷରେ ତରଙ୍ଗମାଳା ମୁଣ୍ଡ ଟେକି କୂଳଆଡ଼କୁ ଗୋଟିକ ପରେ ଗୋଟିଏ ଅଗ୍ରସର ହେଉଥିଲେ । ସେ ପାଟି ଫିଟାଇ ପଚାରିଲା, "କଣ, ଆମକୁ ଡାକୁଚ ?" ଲହରୀଗୁଡ଼ାକ କଳକଳ ତାନରେ କି ଭାଷା କହୁଥିଲେ କେଜାଣି, ସେ ବୁଝିଲା, ସେମାନେ ଉତ୍ତର ଦେଉଛନ୍ତି, "ହଁ" । ତେଣୁ ନିଜ ବୁକୁରେ ଶବଟିକୁ ଜାକି ଧରି ସମୁଦ୍ର ଭିତରେ ପଶିଗଲା । କୂଳରେ ଯେ ଦୁଇ-ଚାରିଜଣ ନିଜ ନିଜ ଧନ୍ଦାରେ ଲାଗିଥିଲେ, କେତେକ ସମୟ ପାଣିଭିତରେ କିଛି ଚିହ୍ନ-ବର୍ଣ୍ଣ ଦେଖିଲେ ନାହିଁ । ମାତ୍ର କେତେ ସମୟ ପରେ ଲହରୀ ଦୁଇଟା ଶବ ଏକାଠି ଆଣି ବାଲି ଉପରେ ଫୋପାଡ଼ିଦେଇ ଚାଲିଗଲା ।

# ମାଳତୀ

## ସ୍ୱର୍ଗତ ବାଙ୍କନିଧି ପଟ୍ଟନାୟକ

ରାତ ଅଧିକୁ ବଳି ପଡ଼ିଲାଣି । ଆକାଶ ନିବିଡ଼ ମେଘାଚ୍ଛନ୍ନ । କିଛି ସମୟ ଆଗରୁ ଅସରାଏ ଖୁବ୍ ଟାଣୁଆ ବର୍ଷା ହୋଇଯାଇଛି । କିନ୍ତୁ ଝଡ଼ ତୋଫାନ ବନ୍ଦ ହୋଇନାହିଁ । ଚଉଆଡ଼େ ଘୂ-ଘୂ-ସୁ-ସୁ ଶବ୍ଦ ଶୁଣାଯାଉଛି । ପବନ ବଡ଼ ବଡ଼ ଗଛ-ଗୁଡ଼ାକ ସଙ୍ଗେ ଏକ ଉତ୍କଟ କ୍ରୀଡ଼ାରେ ମତ୍ତ । ଚିଲିକା ବକ୍ଷରେ ମଧ୍ୟ ତାଣ୍ଡବ ନୃତ୍ୟ ଲାଗିଅଛି । ଢେଉଗୁଡ଼ାକ ଅଶାନ୍ତ ଚଞ୍ଚଳ ଶିଶୁଦଳ ପରି ଉଚ୍ଛୃଙ୍ଖଳ ଭାବରେ ଗୋଡ଼ା-ଗୋଡ଼ି ହୋଇ ତଟ ଉପରେ ଆସି କଳ କଳ ଶବ୍ଦ କରି ପଡ଼ିଯାଉଛନ୍ତି । କୂଳରେ ବନ୍ଧା ହୋଇଥିବା ନୌକାଗୁଡ଼ିକ ଏ ତାଣ୍ଡବ ଲୀଳାରେ ଯୋଗଦେବା ନିମନ୍ତେ ନିଜ ନିଜର ବନ୍ଧନରଜ୍ଜୁକୁ ଅସହିଷ୍ଣୁ ଭାବରେ ଟଣାଓଟରା କରୁଛନ୍ତି ଏବଂ ସଙ୍ଗେ ସଙ୍ଗେ ନିଜର ନିଃସହାୟ ଅବସ୍ଥା ବୁଝି ଖାଲି ଗୁଡ଼ାଏ ମନେ ମନେ ଭଟର ଭଟର ହେଉଛନ୍ତି । ଏ ସମୟରେ ସୁଦ୍ଧା କଦବା କ୍ୱଚିତ୍ ଖଣ୍ଡେ ଖଣ୍ଡେ ମାଛଧରା ଡଙ୍ଗା ମଧ୍ୟରୁ କ୍ଷୁଦ୍ର ଆଲୋକ ରେଖାଟିଏ ଜଳରେ ପ୍ରତିବିମ୍ବିତ ହେଉଛି ।

ଅଦୂରବର୍ତ୍ତୀ ଧୀବର ପଲ୍ଲୀଟି ନିର୍ଜନ ନିସ୍ତବ୍ଧ । କେବଳ ଗୋଟିଏ କ୍ଷୁଦ୍ର କୁଟୀରରୁ ଗୋଟିଏ କ୍ଷୀଣ ଆଲୋକରେଖା ଆସି ମଟିଦାଣ୍ଡରେ ପଡ଼ିଅଛି । ଘରଟି ନୀଚ ଓ ଗ୍ରାମର ଅନ୍ୟାନ୍ୟ ଘରଠାରୁ ଟିକିଏ ଅଲଗା । ଘରର କବାଟ ଭିତରୁ କିଳା ହୋଇଥିଲେ ମଧ୍ୟ କବାଟ ଫାଙ୍କ ଦେଇ ଭିତର ଆଲୁଅ ପଦାକୁ ବାହାରୁଅଛି । ଭିତରେ ମିଞ୍ଜି ମିଞ୍ଜି ହୋଇ ଯେଉଁ ଦୀପଟି ଜଳୁଛି ତାହା ଅନ୍ଧାର ଯେତେ ଦୂର କରୁନାହିଁ, ଘରେ ତାହା ଅପେକ୍ଷା ବେଶି ଧୂଆଁର ସୃଷ୍ଟି କରୁଅଛି । ଘର ଭିତରେ ଖଣ୍ଡିଏ କାଠର ଭିଡ଼ି ଓ କେତେଗୁଡ଼ିଏ ଶିକା ଉପରେ ହାଣ୍ଡି, ପଲମ, ବାଉଁଶିଆ, ଡାଲି ପ୍ରଭୃତି ଛଡ଼ା ଅନ୍ୟ କୌଣସି ମୂଲ୍ୟବାନ ଜିନିଷ ଦୃଷ୍ଟିଗୋଚର ହୁଏ ନାହିଁ । ଘରର ଫାଙ୍କା ସ୍ଥାନରେ ଦୁଇ ତିନି ଖଣ୍ଡ ଛିଣ୍ଡା ମସିଣା ଉପରେ ଗୋଟେ ବଡ଼ ତିନୋଟି ଶିଶୁ ବିପର୍ଯ୍ୟସ୍ତ ଭାବରେ ନିଦ୍ରାମଗ୍ନ । କାହା ଉପରେ ଖଣ୍ଡେ ଲୁଗା ପଡ଼ିଛି ତ କାହା ଉପରେ ନାହିଁ । ଘରର ଏକ ପାଖରେ ଥାଳି, କଂସା ପ୍ରଭୃତି କେତେଖଣ୍ଡ ବାସନକୁସନ ପଡ଼ିଛି । ଆଉ ଏକ ପାଖରେ ଗୋଟିଏ ମଳିନବଦନା ସ୍ତ୍ରୀଲୋକ କାନ୍ଥକୁ ଆଉଜି ଆଉ ଗୋଟିଏ କ୍ଷୁଦ୍ର ଶିଶୁକୁ କୋଳରେ ଧରି ଅର୍ଦ୍ଧସୁପ୍ତ ଅବସ୍ଥାରେ ବସି ଢୁଳାଉଛି । କେତେବେଳେ ଶିଶୁଟି କାନ୍ଦିଉଠିଲେ ସ୍ତ୍ରୀଲୋକଟି ତାକୁ ସାନ୍ତ୍ୱନା ଦେଉଛି ; ପୁଣି କେତେବେଳେ ଚମକି ପଡ଼ିଲା ପରି ଉଠି ଦୁଆରଆଡ଼କୁ ଉତ୍ସୁକ

ଝୁବରେ ଅନାଇ ରହୁଛି ଓ କାନ ଡେରୁଛି । କିଛି ସମୟ ପରେ ପୁଣି କଅଣ ଭାବି ଟିକିଏ ଆଖି ବୁଜି କାନ୍ଥକୁ ଆଉଜି ପଡ଼ୁଛି । ଏହିପରି ଝୁବରେ ଯେପରି କାହାର ପ୍ରତୀକ୍ଷାରେ ରହି ସେ ଥରକୁ ଥର ଉଠୁଛି ଓ ଥରକୁ ଥର ନିଦ୍ରାର ତାଡ଼ନାରେ ଟିକିଏ ଶୋଇପଡ଼ୁଛି । ଶେଷରେ ସେ ଦୁଆର ଫିଟାଇ ବାହାରକୁ ଯାଇ ଦେଖିଲା ଯେ ଆଉ ଅନ୍ଧାର ନାହିଁ, ତ୍ରୟୋଦଶ ଚନ୍ଦ୍ରାଲୋକରେ ଶୁଭ୍ର ଓ ଉଜ୍ଜ୍ୱଳ ଦେଖାଯାଉଛି । ଆକାଶରେ ଆଉ ବେଶି ମେଘ ନାହିଁ । ପବନର ବେଗ ମଧ୍ୟ ଟିକିଏ କମିଆସିଛି ।

ସେ ହ୍ରଦଆଡ଼କୁ ଚାହିଁ ଦେଖିଲା, କେଉଁଠାରେ ଜନମାନବର ସଞ୍ଚାର ନାହିଁ । ମେଘ କୋଳରେ ଚନ୍ଦ୍ର ହସୁଛି । ତାରାଗୁଡ଼ିକ ମିଟି ମିଟି କରି ଚାହିଁ ରହିଛନ୍ତି । ଆଉ ଖଣ୍ଡେ ଖଣ୍ଡେ ମେଘ ଆକାଶରେ ଭାସି ବୁଲୁଛନ୍ତି । ସ୍ତ୍ରୀଲୋକଟିର ନାମ ମାଳତୀ, ବୟସ ବାଇଶି ତେଇଶି ହେବ । ତାର ସ୍ୱାମୀ ସୁବଳ ବେହେରା ଦିପହରରୁ ଡଙ୍ଗା ନେଇ ମାଛ ଧରିବାକୁ ଯାଇଛି । ଏତେବେଳଯାଏ ଦେଖା ନାହିଁ । ମାଳତୀ ଆଉ ଥରେ ଚିଲିକା ଆଡ଼କୁ ଚାହିଁଦେଇ ଦୀର୍ଘ ନିଶ୍ୱାସଟିଏ ପକାଇ ଘର ଭିତରକୁ ଅଗ୍ରସର ହେଲା । ପୁଣି କଅଣ ଭାବି ଘରେ ଶିକୁଳି ଲଗାଇଦେଇ କିଛି ଦୂରରେ ଥିବା ଗୋଟିଏ କୁଡ଼ିଆ ଆଡ଼କୁ ଗଲା ।

ସେ କୁଡ଼ିଆରେ ଥାଏ ସାବି । ସେ ବଡ଼ ଦୁଃଖିନୀ । ତା'ର ସ୍ୱାମୀ ନାହିଁ କି ଅନ୍ୟ କେହି ସାହା ଭରସା ନାହିଁ । ଅଛନ୍ତି ଖାଲି ଦୁଇଟି ଅପୋଗଣ୍ଡ ଶିଶୁ । ସେହି ଶିଶୁ ଦୁଇଟି ପାଇଁ ଯେପରି ସେ ସଂସାରରେ ବଞ୍ଚିରହିଛି । ସେହିମାନେ ହିଁ ତା'ର ଗୋଡ଼ର ଶାଙ୍କୋଳି, ପୁଣି ସେହିମାନେ ହିଁ ତାର ଅନ୍ଧକାରମୟ ଜୀବନର ଏକମାତ୍ର ଆଲୋକରେଖା । କେତେବେଳେ ମାଛ ଶୁଖୁଆ ବିକି, କେତେବେଳେ କାହାର କାମଧନ୍ଦା କରିଦେଇ ଯାହା ପାଏ ସେଥିରେ ତା'ର ଓ ପିଲାମାନଙ୍କର ଖାଲି ବଞ୍ଚି-ରହିବାକୁ ମଧ୍ୟ କଷ୍ଟକର ହୁଏ । ଏଡ଼େ ବଡ଼ ଗାଁଟାଯାକରେ କେବଳ ସୁବଳ ବେହେରା ଯୋଗୁଁ ସେ ଆଜି ପର୍ଯ୍ୟନ୍ତ ପିଲାଟିମାନଙ୍କୁ ବଞ୍ଚାଇପାରିଛି ।

ସୁବଳର ଦେହ ଯେପରି ସୁଦୀର୍ଘ ଓ ବଳିଷ୍ଠ, ତାର ମନଟି ସେହିପରି ଉଦାର ଓ ପ୍ରଶସ୍ତ । ତାର ରୋଜଗାର ନିଜ ପରିବାରର ଭରଣପୋଷଣ ପାଇଁ ଯଥେଷ୍ଟ ନ ଥିଲେ ସୁଦ୍ଧା ସେ ସାବିର ପିଲାମାନଙ୍କୁ ସେଥିରୁ ଏକାବେଳକେ ବଞ୍ଚିତ କରେ ନାହିଁ । ଛୋଟ୍ଟିଆ ପିଲାମାନେ ଯେତେବେଳେ "କକା", "କକା" କହି ତା' ପାଖକୁ ଦଉଡ଼ି ଆସନ୍ତି ସେ ସେମାନଙ୍କୁ ସ୍ନେହରେ କୋଳକୁ ଟାଣିନିଏ ଓ ସେମାନଙ୍କ ସଙ୍ଗେ ବାଳକ ପରି ଖେଳକୌତୁକରେ ମାତିଯାଏ ।

ଏଥିରେ ଯଦି କେହି ବାଧା ଦେଉଥାନ୍ତା, ସେ ମାଳତୀ ; କିନ୍ତୁ ମାଳତୀ ପକ୍ଷରେ ତା'ର ସ୍ୱାମୀର ସବୁ କାର୍ଯ୍ୟ ସୁନ୍ଦର, ତା'ର ଗୁଣ ସୁନ୍ଦର, ଦୋଷ ସୁନ୍ଦର,

ରୂପ ସୁନ୍ଦର, ଗୁଣ ସୁନ୍ଦର । ମାଳତୀର ନିଜର ବୋଲି କିଛି ଗୋଟାଏ ନାହିଁ । ତା'ର ବାପ ବାନ୍ଧିଆ ବେହେରା ଗ୍ରାମର ଜଣେ ମାତବର ଲୋକ । ଦଶ ପଚାଶ ଗାଁରେ ତା'ର ନାମ ଡାକ । ପାଞ୍ଚ ସାତ ଖଣ୍ଡ ନାହା ତାର ଭଡା ଲାଗେ । ସଦାବେଳେ କାରବାର ଲାଗିରହିଥାଏ । ଭଲ ଘରଟିଏ ଦେଖି ଝିଅକୁ ବାହା ଦେବ ବୋଲି ତାର ଭାରି ଇଚ୍ଛା ଥିଲା । ଭଲ ପାତ୍ର ମଧ୍ୟ ମିଳିଥିଲା । କିନ୍ତୁ ସୁବଳର ରୂପ, ଗୁଣ ମୋହରେ ମାଳତୀ ସବୁ ଛାଡ଼ି ଦାରିଦ୍ର୍ୟକୁ ବରଣ କଲା । ବାପର ବୁଝାସୁଝା, କ୍ରୋଧ, ବିରାଗ କୌଣସି କଥାକୁ ଭ୍ରୂକ୍ଷେପ ନ କରି ସେ ଆସି ସୁବଳର କୁଟୀରରେ ଆଶ୍ରୟ ଗ୍ରହଣ କଲା । ସେହିଦିନୁ ସୁବଳ ମାଳତୀର ଇଷ୍ଟଦେବତା ।

ସୁବଳ ଚାଲିଯାଏ ମାଛ ଧରିବାକୁ, ଆଉ ମାଳତୀ ଘରେ ତା'ର ଭାବନାର ପସରା ମେଲାଇଦେଇ ବସିଯାଏ । ସେ ଭାବନାର ଅନ୍ତ ନାହିଁ । ସମ୍ଭବ ଅସମ୍ଭବ ସବୁ ପ୍ରକାର ଚିନ୍ତା ଆସି ମାଳତୀର ମନକୁ ଆଲୋଡ଼ିତ କରିପକାଏ । ସେ ଯନ୍ତ୍ର ପରି ଘରକାମ ସବୁ କରିଯାଏ । କିନ୍ତୁ ତା'ର ମନ ପଡ଼ିଥାଏ ଯାଇ ସେହି ଚିଲିକାର ସୁଦୂର ନୀଳ ବକ୍ଷରେ । ସୁବଳର ଡଙ୍ଗାଟି କିପରି ପାଣି ଉପରେ ଚାଲୁଥିବ, କିପରି ହଲୁଥିବ, ପଦେ ପଦେ କେତେ ବିପଦ ଆସି ବାଟ ଓଗାଳୁଥିବ, ସୁବଳ କିପରି ତାର ବଳିଷ୍ଠ ଭୁଜରେ କ୍ଷେପଣୀ ଧରି ଭୀମ ବିକ୍ରମରେ ସେସବୁ ଅତିକ୍ରମ କରୁଥିବ—ଓଃ, କି କଷ୍ଟକର ଏ ନାଉରି ଜୀବନ ! ଖରା ନାହିଁ, ଶୀତ ନାହିଁ, ଝଡ ନାହିଁ, ବର୍ଷା ନାହିଁ,ସବୁବେଳେ ପେଟ ପାଇଁ କି ଭୀଷଣ ସଂଗ୍ରାମ ! ବିପଦ ସଙ୍ଗେ କି ଅବିଶ୍ରାନ୍ତ ଯୁଦ୍ଧ !

ମାଳତୀ ସାଙ୍ଗର କୁଡ଼ିଆ ଆଡ଼କୁ ଏତେ ନିର୍ଜନ ରାତିରେ ଯିବାର କାରଣ ହେଉଛି ଯେ, ସାଙ୍ଗ ବୁଢ଼ୀର ପାଞ୍ଚ ଦିନ ହେଲା ବାଧିକା ପଡ଼ିଛି, ତାର ଉଠିବାକୁ ବଳ ନାହିଁ । ମାଳତୀ ମଝିରେ ମଝିରେ ଯାଇ ତାକୁ ଜୋର୍ କରି ପାଣି ଟିକିଏ କି ତୋରାଣି ଟିକିଏ ପିଆଇ ଦେଇ ଆସେ । ପିଲାଟିମାନଙ୍କୁ ଘରକୁ ଆଣି ଗଣ୍ଡାଏ କଅଣ ଖାଇବାକୁ ଦେଇଦିଏ । ଆଉ ଟିକିଏ ଭୁଲାଇ କରି ରଖିଦିଏ । ସାଙ୍ଗର କୁଡ଼ିଆ ଖଣ୍ଡି ମଧ୍ୟ ଭାଙ୍ଗି ପଡ଼ିବା ଉପରେ ବସିଲାଣି । ସୁବଳ କେତେଥର ତାକୁ ଟିକିଏ ଛୁଆଣି ଛପର କରି ସଜାଡ଼ି ଦେବାକୁ ବସିଲାଣି; କିନ୍ତୁ ଲଗାଣ ବର୍ଷା ଯୋଗୁଁ କିଛି କରିପାରୁ ନାହିଁ । ଆଉ ତାକୁ ହେଲେ କଅଣ ତର ଅଛି । ଦିନେ ଦି'ଦିନ ନିଜର ବ୍ୟବସାୟ ବନ୍ଦ କରି କେଉଁଠାକୁ ଯାଇ ନଡ଼ା ଦଶ ବୋଝ କି କାଠ ବାଉଁଶ ଦି'ଖଣ୍ଡ ଆଣିଲେ ସିନା ହେବ । ଏକା ଲୋକ, କେଉଁ ଆଡ଼କୁ ପାରିବ ସେ ?

ମାଳତୀ ସାଙ୍ଗର କୁଡ଼ିଆ ଘର ପାଖକୁ ଯାଇ ଦେଖିଲା, ଘରଟା ଖଣ୍ଡିଆ ଭୂତପରି ଦାନ୍ତ ନିକୁଟି ଛିଡ଼ା ହୋଇଛି । ଘରର ନଡ଼ା କୁଟା ସବୁ ପବନରେ ତଳେ ଓଜାଡ଼ି ହୋଇ ପଡ଼ିଛି, ଆଉ ଘର ଭିତରେ ଦର ଦର ହୋଇ ବର୍ଷାପାଣି

ପଡ଼ୁଛି । ଘରଆଡ଼େ ଖାଲି ଖାଁ ଖାଁ ହେଉଛି । ମାଳତୀକୁ ସ୍ଥାନଟା କିପରି ମାଡ଼ିପଡ଼ିଲା ପରି ଲାଗିଲା । ସେ ଘର ପାଖକୁ ଯାଇ 'ସାବି' 'ସାବି' ବୋଲି ଅନେକ ଥର ଡାକିଲା ; କିନ୍ତୁ କିଛି ସୋର୍ ଶବଦ ପାଇଲା ନାହିଁ । ଶେଷରେ କବାଟରେ ହାତ ମାରି ଦେବାରୁ କବାଟ ଠିଆ ମେଲା ହୋଇଗଲା, ଆଉ ସାଙ୍ଗେ ସାଙ୍ଗେ ଘୁ ଘୁ କରି ଗୁଡ଼ାଏ ଶୀତଳ ପବନ ଘର ଭିତରେ ପଶିଗଲା । ପିଲା ଦି'ଟା ଚରିଚରେଇ ଉଠିଲେ ; କିନ୍ତୁ ସାବିର ଟିକିଏ ଊଁ ଚୁଁ ନାହିଁ କାହିଁକି ? ଏଡ଼େ ବଡ଼ କନ୍‌କନିଆ ଥଣ୍ଡା ପବନରେ ତାର ନିଦ ଭାଙ୍ଗୁ ନାହିଁ କିପରି ? ସେ ସାବି ପାଖକୁ ଯାଇ ତାର ଦେହରେ ହାତ ମାରି ଦେଇ ଚମକି ପଡ଼ିଲା—ଦେହଟା ଯାକ ହିମ କାକର ! ମାଳତୀ ବୁଝିପାରିଲା ଯେ ସାବିର ପ୍ରାଣ ଅନେକ ଆଗରୁ ପିଣ୍ଡ ଛାଡ଼ି ଚାଲିଗଲାଣି । କ'ଣ କରିବ, ତାକୁ କିଛି ବୁଦ୍ଧି ଦେଖାଗଲା ନାହିଁ । ସେ କେତେବେଳ-ଯାଏ ଏକା ହୋଇ ବସିରହିଲା । କିଛି ସମୟ ପରେ ନିଦ୍ରିତ ଶିଶୁ ଦୁଇଟିଙ୍କୁ ଧରି ସେ ନିଜ ଘରକୁ ଫେରିଆସିଲା ।

ସେମାନଙ୍କୁ ମଶିଣାରେ ଶୁଆଇ ଦେଲା ପରେ ମାଳତୀ ମୁଣ୍ଡରେ ଭାବନାର ଜୁଆର ଆସିଗଲା । ସେ ଭାବିଲା, ସାବି ତ ମରି ସରଗକୁ ଚାଲିଗଲା । ସେ ଖାଲି ଘାଣ୍ଟି ହେବାକୁ ରହିଲା । ସେ ଘାଣ୍ଟି ହେଲେ କିଛି ଚିନ୍ତା ନ ଥିଲା; କିନ୍ତୁ ସୁବଳ ଯେ ତା ସଙ୍ଗେ ଘାଣ୍ଟି ହୋଇଯିବ । ସେମାନଙ୍କର ପାଞ୍ଚ ପାଞ୍ଚଟା ପିଲା, ସେମାନଙ୍କ ପାଟିରେ ଦି'ବେଳା ଦି'ମୁଠା ଲେଖାଏଁ ଆଧାର ଦେବାକୁ ତାର ବଳ ନାହିଁ । ପୁଣି ଭଗବାନ ଦେଲେଣି ଆଣି ବୋଝ ଉପରେ ନଳିତା ବିଡ଼ା । ସମ୍ଭାଳି ନ ପାରି ଯେନ ତ ଆସିଲା; ପିଲା ଦୁଇଟାଙ୍କୁ ଏବେ କରେ କ'ଣ ? ସୁବଳ ଦେଖିଲେ କ'ଣ କହିବ, କ'ଣ କରିବ, ତାର ଠିକଣା କ'ଣ ? ଏହିପରି ନାନା ଚିନ୍ତା ତା ମୁଣ୍ଡରେ ଖେଳିଗଲା ।

ରାତି ପାହି ଆସିଲାବେଳକୁ ସୁବଳ ଆସି ପହଞ୍ଚିଲା ତାର ଜାଲ ବିଡ଼ା ଧରି । ମାଳତୀ କବାଟ ଫିଟାଇଦେଇ ପଦାକୁ ଧଡ଼ ପଡ଼ ହୋଇ ବାହାରି ପଡ଼ିଲା । ସୁବଳ ତାକୁ ଦେଖି ହସି ହସି କହିଲା, "ନାଦକେଲ ପାରି ଫେରିଲେ ହରି ।" ମାଳତୀ କହିଲା, "ଆହା ହା, ନାଦକେଶ୍ୱ ! କୋଉ ଏକ ସକାଳୁ ଯାଇଛ ଯେ ପୁଣି ଆସି ଧନ ଉଣ୍ଡିବାକୁ ବସିଲେଣି । ଏଡ଼େ ବଡ଼ ଝଡ଼ ତୋଫାନରେ ଲୋକେ କ'ଣ ମାଛ ଧରିବାକୁ ଯାଆନ୍ତି ? ନ ହେଲେ ସେ ମାଛ, ନ ହେଲେ ସେ ପଇସା ! କାହିଁକି, ଆମ ଜୀବନ କ'ଣ ଜୀବନ ନୁହେଁ ?" ସୁବଳ କହିଲା, "ନାହିଁ ଲୋ, ଆଜି କି ଦୁର୍ଯୋଗରେ ବାହାରିଥିଲି, ମାଛଫାଛ କିଛି ନାହିଁ । ଖାଲି ଭୁଆଁ ବୁଲି ସାର ହେଲା, ଲାଭ ଭିତରେ ଯେ ଜାଲ ଖଣ୍ଡି ଛିଣ୍ଡି ଯାଇଛି ।"

ଏ କଥା ଶୁଣି ମାଳତୀର ଛାତି ଭିତର ଥରିଉଠିଲା । ସେ ଗୋଟାଏ କ'ଣ ବାହାନା କରି ଘର ଭିତରକୁ ଚାଲିଗଲା । କିଛି ସମୟ ପରେ ଆସି କହିଲା, "ଏ ଶୁଣିଲଣି, ସାବିତି ଆଜି ରାତିରେ ମରିଗଲା ।" "ଏଁ, କେତେବେଳେ ?" ଏତିକି କହିଦେଇ ସୁବଳ ଗୁମ୍ ହୋଇ ବସି ରହିଲା । ପରେ କହିଲା, "ଭଗବାନଙ୍କର ଏ କି ବିଚାର ! ହଉ, ତୁ ଯା, ପିଲା ଦି'ଟାକୁ ଦେଖ ଆ । ମୁଁ ମଢ଼ା ଉଠାଇବାର ବ୍ୟବସ୍ଥା କରେଁ । ଆମର ପାଞ୍ଚଟି ପିଲା ଥିଲେ, ଏବେ ହେଲେ ସାତଟି । ଯେତେବେଳେ ଯାହା ଯୋଗ, ସେଥିକି ଉପାୟ କଣ ? ଆଉ ଭାବିବାକୁ ବେଳ ନାହିଁ, ତୁ ଯା ।"

ସୁବଳର କଥା ଶୁଣି ମାଳତୀ ମୁଣ୍ଡରୁ ବଡ଼ ବୋଝଟାଏ ଖସିପଡ଼ିଲା । ସେ ସୁବଳକୁ ପିଲାଙ୍କ ଶୋଇବା ସ୍ଥାନକୁ ଟାଣିନେଇ କହିଲା, "ହେଇ ଦେଖ, ଇଏ କଅଣ !" ସୁବଳ ଆଉ କଥା ବୋଧ ଦେଇ କହିପାରିଲା ନାହିଁ । କେବଳ ମାଳତୀକୁ ଆଉଜାଇ ଆଣିଲା ।

# ରୂପର ମୂଲ୍ୟ

ଶ୍ରୀ ଦୟାନିଧି ମିଶ୍ର

## ପ୍ରଥମ ପରିଚ୍ଛେଦ : ଜଦାପ୍ୟୁ

"ତଦ୍‌ଗଚ୍ଛ ସିଦ୍ଧ୍ୟୈ କୁରୁ ଦେବକାର୍ଯ୍ୟମ୍ ।" (କୁମାରସମ୍ଭବମ୍)

ସମ୍ବଲପୁରର ପଶ୍ଚିମ ଦିଗରେ ସହରଠାରୁ ପ୍ରାୟ ଏକମାଇଲ ଦୂରରେ ମଦଲିଆ ମୁହାଣ । ଏଠାରେ ଗୋଟିଏ ପ୍ରାଚୀନ ମନ୍ଦିର ଅଛି । କଳନାଦିନୀ ଚଞ୍ଚୋଚ୍ଛଳା ମନ୍ଦିରର ଚରଣ ପ୍ରକ୍ଷାଳିତ କରି ଶିଳାବନ୍ଧୁର ମାର୍ଗରେ ଅଗ୍ରସର । ଲୋକେ କହନ୍ତି, ମନ୍ଦିରରେ ପ୍ରଚୁର ଧନରତ୍ନ ଓ ଅସ୍ତ୍ରଶସ୍ତ୍ର ଲୁକ୍‌କାୟିତ ଅଛି । ଏ ଉକ୍ତିର ସତ୍ୟତା ନିରୂପିତ କରିବାକୁ ଆମ୍ଭମାନଙ୍କର ଶକ୍ତି ନାହିଁ । ଆଜଯାଏ କେହି ଏ ବିଷୟରେ ଅନୁସନ୍ଧାନ କରିନାହାନ୍ତି । ଏବଂବିଧ ପ୍ରକୃତତତ୍ତ୍ୱ ସଂଗ୍ରହ ଓଡ଼ିଶାର ଆଧୁନିକ ଜଳବାୟୁର ପ୍ରତିକୂଳ ପରା ! ସେ ଯାହାହେଉ, ମନ୍ଦିରକୁ ନୀଳମାଧବଙ୍କ ମନ୍ଦିର ବୋଲି କହନ୍ତି । ଏଠାରେ ଦେବପୂଜାର କୌଣସି ଚିହ୍ନ ପରିଲକ୍ଷିତ ହୁଏ ନାହିଁ । ମନ୍ଦିରରେ କୌଣସି ଦେବବିଗ୍ରହ ମଧ୍ୟ ନାହିଁ । ମନ୍ଦିରର ଏପରି ନାମକରଣ କିପରି ହେଲା, ପୁରାତତ୍ତ୍ୱଜିଜ୍ଞାସୁମାନଙ୍କ ଅନୁସନ୍ଧେୟ । ପୁଣି ଏଠାରେ କୌଣସି ନଦୀର ସଂଗମସ୍ଥଳ ନ ଥିଲେ ସୁଦ୍ଧା ସ୍ଥାନଟିର ନାମ ମଦଲିଆ ମୁହାଣ କାହିଁକି ହୋଇଅଛି ? ବୋଧହୁଏ କାଳକ୍ରମେ ସେ ନଦୀ ଲୋପ ପାଇଅଛି କିମ୍ବା ଦୁର୍ଗରକ୍ଷାର୍ଥ ସମ୍ବଲପୁରର ନରପତିମାନେ ନଦୀର ଗତିକୁ ପରିବର୍ତ୍ତିତ କରିଥିବେ । ନଦୀ-ସଙ୍ଗମ-ସୂଚକ ପ୍ରଶସ୍ତତା କେବଳ ମୁହାଣ ନାମର ସାର୍ଥକତା ସମ୍ପାଦନ କରୁଅଛି ।

ଜଗତରେ ବିଭବ ହିଁ ସମସ୍ତ ଆକର୍ଷଣର କେନ୍ଦ୍ର । ମନୁଷ୍ୟର ଦୃଷ୍ଟି ଯେପରି ଊର୍ଦ୍ଧ୍ୱକୁ ଚାହିଁ ଚାହିଁ ଊର୍ଦ୍ଧ୍ୱମୁଖୀ ହୋଇଗଲାଣି । ପ୍ରଜା ଜମିଦାରର ଅନୁସରଣ କରୁଅଛି । ଜମିଦାର ରାଜାର ଅନୁସରଣ କରୁଅଛି । କିନ୍ତୁ ଲୋକଲୋଚନ ଅଗୋଚରରେ ଯେ କେତେ ଶତ ପ୍ରାଣୀ ଦୁର୍ବିଷହ ଯାତନା ଭୋଗ କରୁଛନ୍ତି, ତହିଁର ଖବର ରଖୁଛି କିଏ ?

ନୀଳମାଧବଙ୍କ ମନ୍ଦିର ଅଧୁନା ଜୀର୍ଣ୍ଣକଳେବର । ତାହାର ସେ ପୁରାତନ ଗୌରବ ଆଉ ନାହିଁ । ମନ୍ଦିରବାଟେ କେତେ ଶତ ଲୋକ ପ୍ରତିଦିନ ଯାତାୟାତ କରୁଛନ୍ତି ; କିନ୍ତୁ କେହି ଦିନେ ମନ୍ଦିର ଆଡ଼କୁ ମୁହଁ ଫେରାଇ ଦେଖୁ ନାହାନ୍ତି ।

ମନ୍ଦିରଟି ପୁରାତନର ଗୋଟିଏ ଅଂଶ; ତାହା ବର୍ତ୍ତମାନର କିଛି ନୁହେଁ । କିନ୍ତୁ ଏହାର ଅବସ୍ଥା ଚିରଦିନ ଏପରି ନ ଥିଲା । ଆମ୍ଭେମାନେ ଯେଉଁ ସମୟର କଥା କହୁଅଛୁଁ, ସେ ସମୟରେ ମନ୍ଦିରର ପୁରାଣ ମହିମା ଜଗତକୁ ମୁଗ୍ଧ ବିସ୍ମିତ କରୁଥିଲା ।

ବିମଳା ପ୍ରତିଦିନ ସନ୍ଧ୍ୟା ସମୟରେ ମନ୍ଦିରକୁ ଆସେ ଓ ନିଜ ମନକୁ ଗୀତ ଗାଇ ପୁଣି ଚାଲିଯାଏ । ସେଠାରେ ପ୍ରକୃତିର ଚାରୁ ଛବି ଦେଖି, ପ୍ରକୃତିର ସୁମଧୁର ସଙ୍ଗୀତ ଶୁଣି ସେ ସଙ୍ଗୀତମୟ ପ୍ରାଣରେ ନିଜେ ଗୀତ ଗାଏ । ସେ ସଙ୍ଗୀତର ତୁଳନା ଜଗତରେ ବିରଳ । ତାହା ମନ୍ଦାକିନୀର ସ୍ୱଚ୍ଛ ସ୍ରୋତ ସଦୃଶ ଆକାଶବକ୍ଷରେ ମୃଦୁମନ୍ଦ ଭାବରେ ନୃତ୍ୟ କରେ ।

ଆଜି ଜ୍ୟେଷ୍ଠ ପୂର୍ଣ୍ଣିମା । ପୂର୍ଣ୍ଣଚନ୍ଦ୍ର ପ୍ରାଚୀଲଲାଟରେ ଚନ୍ଦନ ବିନ୍ଦୁରୂପେ ବିରାଜିତ ହୋଇ ସୁଧାମୟ ଜ୍ୟୋତ୍ସ୍ନାରେ ଜଗତକୁ ସିକ୍ତ କରିଛନ୍ତି । ଆକାଶର ସ୍ଥାନେ ସ୍ଥାନେ କ୍ଷୁଦ୍ର କ୍ଷୁଦ୍ର ମେଘଖଣ୍ଡ । ନଭଃପ୍ରାଙ୍ଗଣରେ ଚନ୍ଦ୍ର ଏହି ମେଘଗୁଡ଼ିକ ସଙ୍ଗେ ଲୁଚକାଳି ଖେଳ ଖେଳୁଅଛି । ଏପରି ଆନନ୍ଦ ଓ ନିରାନନ୍ଦର ସନ୍ଧି-ସମୟରେ ଏ ନିର୍ଜନ ସ୍ଥଳରେ ବିମଳା ନୀଳମାଧବ ମନ୍ଦିରରୁ ବହିର୍ଗତ ହୋଇ ସୋପାନାବଳୀ ଉପରେ ଯାଇ ବସିଲା । ବିମଳାର ବୟସ ପ୍ରାୟ ଚଉଦ ବର୍ଷ ହେବ । ପରିଧେୟ ଗୋଟିଏ ନୀଳରଙ୍ଗର ଶାଢ଼ି, ନାସିକାରେ ଦଣ୍ଡୀ ଏବଂ ହସ୍ତରେ ସ୍ୱର୍ଣ୍ଣବଳୟ । ତାହାର କାନ୍ତି ଚମ୍ପକପୁଷ୍ପ ସଦୃଶ, ବେଣୀ ଅସଂଯତ । ନୈଶ ସମୀର ବିମଳାର କପାଳନ୍ୟସ୍ତ ଅଳକ ସଙ୍ଗେ ନୃତ୍ୟ କରି ତାହାର ମୁଖକୁ ମେଘଦ୍ୱାରା ଅର୍ଦ୍ଧଲୁକ୍କାୟିତ ଚନ୍ଦ୍ରମାର କାନ୍ତିରେ ବିଭୂଷିତ କରୁଅଛି । ବିମଳାର ମନ ଆଜି ଚିନ୍ତାମଗ୍ନ, ମୁଖ ଗମ୍ଭୀର । ସେ ଯେପରି କାହାକୁ ଖୋଜୁଛି, କିନ୍ତୁ ପାଉନାହିଁ । ସେ ହସ୍ତୋପରି ଗଣ୍ଡଦେଶ ନ୍ୟସ୍ତ କରି ଆକାଶର ଚନ୍ଦ୍ର ଆଡ଼କୁ ଅନାଇଲା । ଚନ୍ଦ୍ରର ଲୁଚକାଳି ଖେଳ ଦେଖି ମନମଧ୍ୟରେ କଣ ଭାବି ଗୀତ ଗାଇବାକୁ ଲାଗିଲା—

କରି କପଟ ପ୍ରବଞ୍ଚନା ?
ଆହେ ଶଶଧର ସୁଧାର ଆକାର ଶୁଣ ବାରେ ମୋ ପ୍ରାର୍ଥନା ॥
ସରୋବର ବକ୍ଷେ ନୀର-ଆସନେ
ଖେଳେ କୁମୁଦିନୀ ମନ୍ଦ ପବନେ,
ଲୁଚକାଳି ଖେଳେ ମାତି ଅବହେଳେ ଦେଉଛ କପଟ ଯାତନା ॥
ତବ ଆଲିଙ୍ଗନ ସୁଧାନିର୍ଝର
ଅଟେ କୁମୁଦିନୀ ହୃଦସମ୍ବଳ,
କାଦମ୍ବିନୀ କୋଳେ ଲୁଚି ଅନ୍ତରାଳେ ନ ଲୁଚୁଅ ସେ କୋଛନା ॥

କରୁଛି ମିନତି, କୁମୁଦବନ୍ଧୁ,
ଦେଖାଅ ନିର୍ମଳେ ବଦନ ମଧୁ,
ସୁଧା-ପାରାବାରେ ଭାସି ପ୍ରେମଭେଳେ ଲଭିବ ଧନୀ ସାନ୍ତ୍ୱନା ।।

ସ୍ୱରଲହରୀ ବନ୍ଦ ହେଲା; କିନ୍ତୁ ବିମଳାର ପ୍ରାଣ ଅଧୁନା ସଙ୍ଗୀତମୟ । ସଙ୍ଗୀତ ବନ୍ଦ ହେଲେ ସୁଦ୍ଧା ଜଗତ ତାଙ୍କୁ ସଙ୍ଗୀତମୟ ଦିଶିବାକୁ ଲାଗିଲା । ରଜନୀର ନିସ୍ତବ୍ଧତା କେଉଁଆଡ଼େ ଉଭେଇଗଲା । ଜଗତର ଅଜ୍ଞାତରେ, ନିସ୍ତବ୍ଧତାର ଅଜ୍ଞାତରେ ଧରଣୀବକ୍ଷରେ ସୁମଧୁର ସଙ୍ଗୀତରାଜ୍ୟ ପ୍ରତିଷ୍ଠିତ ହେଲା ।

ବିମଳା ଆବେଗରେ, ଉଚ୍ଛ୍ୱାସରେ ଆତ୍ମବିସ୍ମୃତ ହୋଇ ନିବିଷ୍ଟଚିତ୍ତରେ ମହାନଦୀ ବକ୍ଷରେ ଜ୍ୟୋତ୍ସ୍ନାର ସୁମଧୁର ଲାସ୍ୟ ଦେଖିବାକୁ ଲାଗିଲା । କିନ୍ତୁ ଏ କଣ ? ତା ମନ ଏପରି ଚଞ୍ଚଳ କାହିଁକି ? ଏ କାହାର ପଦଶବ୍ଦ ? ଏ କାହାର ଉଷ୍ଣ ନିଶ୍ୱାସ ? ବିମଳା ପଛକୁ ଫେରି ଅନାଇଲା । କି ସୁନ୍ଦର ଯୁବାମୂର୍ତ୍ତି, ଯେପରି ନୀଳ ବ୍ୟୋମପଟରେ ଚିତ୍ରିତ ତରୁଣ ଅରୁଣ ମୂର୍ତ୍ତି ! ସେ ମୂର୍ତ୍ତି ଦେଖି ବିମଳା ମୁଗ୍ଧ ହୋଇଗଲା । ତାହାର ନୟନ ସମକ୍ଷରେ ଯେପରି ସୌନ୍ଦର୍ଯ୍ୟଭଣ୍ଡାରର ସର୍ବଶ୍ରେଷ୍ଠ ମଣି ପ୍ରତିଭାତ ହେଲା । ସେ ଯୁବକଙ୍କ ନିକଟକୁ ଯାଇ କମ୍ପିତ କଣ୍ଠରେ କହିଲା, "ଆଜିଯାଏ ତୁମର ଶରୀରର ଦୁର୍ବଳତା ଯାଇନାହିଁ । ତା ପରେ ପୁଣି ଏତେ ପରିଶ୍ରମ ! ମୋ ରାଣ, ଦେହରେ ବଳ ହେବାଯାଏ ଆଉ ରାତିରେ ଏପରି ବୁଲ ନାହିଁ ।"

ବିମଳାର କଥା ଶୁଣି ଯୁବକର ସମଗ୍ର ଶରୀର କଣ୍ଟକିତ ହୋଇଗଲା । ବିମଳାର ଅଜ୍ଞାତରେ ତାଙ୍କର ନୟନକୋଣରେ ଅଶ୍ରୁକଣା ବିଲୀନ ହୋଇଗଲା । ସେ ତାହାର ହସ୍ତ ଧରି କହିଲେ, "କାହିଁକି, ବିମଳା ! ମୋର ଦେହ ତ ବେଶ୍ ସବଳ ହେଲାଣି । ଆଜି ସନ୍ଧ୍ୟାବେଳେ ମହାନଦୀ ଆରପାରିରେ ଗୋଟିଏ ନିଆଁହୁଳା ଦେଖାଯାଉଥିଲା । ସେଠାକୁ ଯାଇ ଦେଖେ ଯେ ମରହଟ୍ଟାମାନେ ଦଳବଳ ବାନ୍ଧି ଆସିଛନ୍ତି । ସେଦିନ ନାନାସାହେବ ଭୋଁସ୍ଲା ଯେଉଁ ଅପମାନ ପାଇଥିଲେ, ତହିଁର ପ୍ରତିଶୋଧ ନେବାପାଇଁ ଏ ଆୟୋଜନ । ମୁଁ ଏକ୍ଷଣି ଦୁର୍ଗକୁ ଯାଇ ଏ ସମ୍ବାଦ ଦେବି ।"

ଯୁବକ ନୀରବ ହେଲେ । ଯୁବତୀଠାରୁ ଉତ୍ତର ପ୍ରତ୍ୟାଶା କରି ତା' ମୁହଁକୁ ଅନାଇବାକୁ ଲାଗିଲେ । ଅଶ୍ରୁସିକ୍ତଲୋଚନା ବିମଳା ରୁଦ୍ଧ କଣ୍ଠରେ କହିଲା, "କିନ୍ତୁ ତୁମ ଦେହ ଯେ ଭଲ ହୋଇନାହିଁ ।"

ଯୁବକ କହିଲେ, "ଦେହ ପାଇଁ ଏତେ ଚିନ୍ତା କାହିଁକି ? ଯଦି ଦରକାର ହୁଏ, ଯୁଦ୍ଧକ୍ଷେତ୍ରକୁ ଯିବାକୁ ହେବ ।"

ବିମଳାର ଜ୍ୟୋତ୍ସ୍ନା-ପ୍ରତିଫଳିତ ଅଶ୍ରୁସିକ୍ତ ଗଣ୍ଡ ପ୍ରତି ଯୁବକଙ୍କ ଦୃଷ୍ଟି ପଡ଼ିଲା । ତାଙ୍କ ହସ୍ତ ଶିଥିଳ ହୋଇଗଲା । ସେ ଆଉ ବିମଳାର ହସ୍ତ ଧରି-ପାରିଲେ ନାହିଁ । ବିମଳା ନୀରବରେ କ୍ରନ୍ଦନ କରିବାକୁ ଲାଗିଲା । ଏ ସମୟରେ ଯଦି ଆକାଶର ତାରକାଖଚିତ ଗୁରୁ ଚନ୍ଦ୍ରାତପ ଭାଙ୍ଗି ଯାଇ ଯୁବକଙ୍କ ମସ୍ତକ ଉପରେ ପଡ଼ିଥାନ୍ତା, ତାହାହେଲେ ସେ ତିଳେମାତ୍ର ଦୁଃଖିତ ହୋଇ ନ ଥାନ୍ତେ । କିନ୍ତୁ ବିମଳାର ହୃଦୟର ଆବେଗ ଦେଖି ସେ ଆଉ ସମ୍ଭାଳି ପାରିଲେ ନାହିଁ । ତାଙ୍କ ଚକ୍ଷୁ ମଧ୍ୟ ଲୋତକପୂର୍ଣ୍ଣ ହୋଇଗଲା । ପରେ ବହୁ କଷ୍ଟରେ ଆତ୍ମସଂଗୋପନ କରି କହିଲେ, "ଛି ବିମଳା, ଦେଶର ଶତ୍ରୁକୁ ଦାଣ୍ଡଦୁଆରେ ଦେଖି ଏପରି କଥା କହୁଛ !"

ବିମଳା ମସ୍ତକ ଉତ୍ତୋଳନ କରି ସ୍ଥିର ଦୃଷ୍ଟିରେ ଯୁବକଙ୍କ ମୁଖକୁ ଅନାଇଲା । ତାହାର ମୁଖର ରଙ୍ଗ ଅଧୁନା ପରିବର୍ତ୍ତିତ—ନୟନ ଅଶ୍ରୁବିମୁକ୍ତ । ସେ ଯୁବକଙ୍କ ହସ୍ତକୁ ବାରମ୍ବାର ଚୁମ୍ବନ କରି କହିଲା, "ଦେଶର କାର୍ଯ୍ୟ—ଦେବତାଙ୍କ କାର୍ଯ୍ୟ—ମୁଁ ବାଧା ଦେବି ନାହିଁ—ଯାଅ । କିନ୍ତୁ…"

ବିମଳାର କଣ୍ଠରୁଦ୍ଧ ହୋଇଗଲା । ତା' ମୁଖରୁ ଆଉ କଥା ବାହାରି-ପାରିଲା ନାହିଁ । ଯୁବକ ସହାସ୍ୟ ବଦନରେ କହିଲେ, "ଯଦି ଈଶ୍ୱରଙ୍କ ଇଚ୍ଛା ହୁଏ, ନିଶ୍ଚୟ ଦେଖାହେବ ।" ଏହା କହି ସେ ବିମଳାଠାରୁ ବିଦାୟ ନେଇ ବୃକ୍ଷାନ୍ତରାଳରେ ଅଦୃଶ୍ୟ ହୋଇଗଲେ ।

## ଦ୍ୱିତୀୟ ପରିଚ୍ଛେଦ : ବିଶ୍ୱାସଘାତକ

"I give him curses, yet he gives me love."

—Shakespeare

"ଏତେ ରାତିରେ ନିର୍ଜନରେ ପରପୁରୁଷ ସଙ୍ଗେ, ଛି, ବିମଳା !"

ବିମଳା ପଛକୁ ଅନାଇ ଦେଖିଲା, ଆଉ ଜଣେ ଯୁବକ ଛିଡ଼ା ହୋଇ ତାକୁ ଏପରି କହୁଛନ୍ତି । ଯୁବକଙ୍କୁ ଚିହ୍ନିବାପାଇଁ ବିମଳାର ବେଶି ବିଳମ୍ବ ହେଲା ନାହିଁ । ସେ ଶୈଶବରୁ ପିତୃମାତୃହୀନା । ସମ୍ବଲପୁର ରାଜ୍ୟର ସ୍ୱାଧୀନ ନରପତି ଜୟନ୍ତ ସିଂହଙ୍କର ସେନାପତି ବୀରେଶ୍ୱର ସିଂହଙ୍କର ଲାଳନ ପାଳନରେ ବର୍ଦ୍ଧିତା ହୋଇ ଭକ୍ତିଭାଜନ ପିତା ଏବଂ ସ୍ନେହମୟୀ ମାତାଙ୍କୁ ସୁଦ୍ଧା ଭୁଲିଯାଇଥିଲା । ବୀରେଶ୍ୱର ତାହାର ପିତା ଓ ମାତା ଦୁହିଁଙ୍କ ସ୍ଥାନ ଅଧିକାର କରିଥିଲେ । ସେ ତାକୁ ନିଜ ଝିଅରୁ ବଳି ସ୍ନେହ କରୁଥିଲେ । ବିମଳା ମଧ୍ୟ ବୀରେଶ୍ୱରଙ୍କ ପରିବାରକୁ ନିଜ ପରିବାର ବୋଲି ଭାବୁଥିଲା । ବୀରେଶ୍ୱରଙ୍କର ଏକମାତ୍ର ପୁତ୍ର ଉଦ୍ଧତପ୍ରତାପ ସିଂହଙ୍କୁ ସେ ନିଜ ଅଗ୍ରଜପ୍ରାୟେ ଭକ୍ତି କରୁଥିଲା । ଉଦ୍ଧତପ୍ରତାପଙ୍କ କଥା ଶୁଣି ତାଙ୍କ ନିକଟକୁ ଯାଇ କହିଲା, "ଦାଦା, ବାପା ତ

କହୁଛନ୍ତି, ରାତରେ କେବେ କପରି ଏଠାକୁ ଆସୁଥିବୁ ବୋଲି । ମୋ ମନରେ କଷ୍ଟ ଥିଲେ ମୁଁ ଏଠାକୁ ଆସି ଗୀତ ଗାଏ—ଗୀତ ଗାଇ ଗାଇ ତାପିତ ପ୍ରାଣକୁ ଶୀତଳ କରେ । ତୋ ଦୁଃଖିନୀ ଭଉଣୀ ଉପରେ କାହିଁକି ରାଗୁଛ ?"

"କିନ୍ତୁ ପରପୁରୁଷ ସଙ୍ଗେ !" ଏହା କହି ଉଦ୍ଧତପ୍ରତାପ ଜିଭ କାମୁଡ଼ି ବିମଳାର ମୁଖ ଆଡ଼କୁ ଅନାଇଲେ । ଲଜ୍ଜାରେ ବିମଳାର ମୁଖ ତଳକୁ ହୋଇଗଲା । ଉଦ୍ଧତପ୍ରତାପ ପୁନରାୟ କହିଲେ, "ବିମଳା ! ତୋ ପିଲାଳିଆ ସ୍ୱଭାବ କେବେ ଛାଡ଼ିଲୁ ନାହିଁ । ତୁ ବଡ଼ ହେଲୁଣି, ସଂସାରର ଗତିରୀତି ସବୁ ଦେଖିଲୁଣି । ତୋର ଏ ବୟସରେ ଅନ୍ୟ ଲୋକ ସଙ୍ଗେ ନିର୍ଜନରେ କଥାବାର୍ତ୍ତା କରିବା ଠିକ୍ ନୁହେଁ ।"

"କିନ୍ତୁ ପ୍ରସନ୍ନକୁମାର ଯେ ମୋର ପିଲାକାଳର ସଙ୍ଗୀ । ତାଙ୍କ ସଙ୍ଗେ ଏକାନ୍ତରେ କଥାବାର୍ତ୍ତା କଲେ ଦୋଷ କ'ଣ ?"

"ସେ ତୋର ପିଲାକାଳ ସାଥୀ ହୋଇପାରନ୍ତି । ପିଲାବେଳେ ସେ ସବୁ ଶୋଭା ପାଉଥିଲା । ଆଜି ତୋର ଏ ଆଚରଣ ଶୁଣିଲେ ବାପା କ'ଣ କହିବେ ?"

"ଛି, ଦାଦା ! ତୁ ଶିକ୍ଷିତ ଯୁବକ ହୋଇ ଏପରି କହୁଛୁ ?"

"ନା ବିମଳା, ତୁ ଏପରି କଲେ ମୋ ମନରେ କଷ୍ଟ ହେବ । ପ୍ରସନ୍ନକୁମାରଙ୍କ ଚରିତ୍ର ଭଲ ନୁହେଁ । ଅସଚ୍ଚରିତ୍ର ଲୋକଙ୍କ ସଙ୍ଗେ ତତେ ଦେଖିଲେ ମୁଁ ରାଗିବି ।"

ପ୍ରସନ୍ନକୁମାର ବିମଳାର ଅନ୍ତରଙ୍ଗ ପ୍ରତିବେଶୀ । ପିଲାଦିନରୁ ଦୁହେଁଯାକ ଏକାସାଙ୍ଗରେ ଖେଳୁଥିଲେ···ଦୁହେଁ ଦୁହିଁଙ୍କ ଦୁଃଖରେ ଦୁଃଖୀ ଓ ସୁଖରେ ସୁଖୀ ହେଉଥିଲେ । ଦୁହେଁ ଗୋଟିଏ ବୃନ୍ତର ଯୁଗଳ ପୁଷ୍ପ ସଦୃଶ ଶୋଭା ପାଉଥିଲେ । ଦୁହିଁଙ୍କ ପ୍ରାଣ ଏକ, ମନ ଏକ । ପ୍ରସନ୍ନକୁମାରଙ୍କ ନିନ୍ଦା ଶୁଣି ବିମଳା ମନରେ କଷ୍ଟ ହେଲା । ସେ ଉଦ୍ଧତପ୍ରତାପଙ୍କ ଉଦ୍ଦେଶ୍ୟ ବୁଝିପାରିଲା । ଉଦ୍ଧତପ୍ରତାପ ବିମଳାର ସୌନ୍ଦର୍ଯ୍ୟ-ମୁଗ୍ଧ, ତା'ର ପ୍ରଣୟପ୍ରାର୍ଥୀ । ବିମଳା ତାଙ୍କୁ ଅନେକ ଥର ବୁଝାଇ କହିଥିଲା···ତାଙ୍କୁ ଭଗିନୀର ସ୍ନେହ, ଦୟା, ଭକ୍ତି ଅର୍ପଣ କରିଥିଲା । କିନ୍ତୁ ଉଦ୍ଧତପ୍ରତାପ ତହିଁରେ ସନ୍ତୁଷ୍ଟ ନ ହୋଇ ତା' ହୃଦୟରାଜ୍ୟର ରାଜା ହେବାକୁ ଇଚ୍ଛା କରିଥିଲେ । ତାଙ୍କ ଅଭିଳାଷ ସିଦ୍ଧି ପଥରେ ପ୍ରସନ୍ନକୁମାରଙ୍କୁ ପ୍ରଧାନ ଅନ୍ତରାୟ ଭାବି ତାଙ୍କ ବିରୁଦ୍ଧରେ ନାନା ମିଥ୍ୟାପବାଦ ରଚନା କରି ବିମଳା ସଙ୍ଗେ ତାଙ୍କ ଦେଖା-ସାକ୍ଷାତ୍ ବନ୍ଦ କରିଦେଲେ । ଦଗ୍ଧହୃଦୟା ବିମଳା ମନ୍ଦିରକୁ ପ୍ରତିଦିନ ଗୀତ ଗାଇବା ଛଳରେ ଆସି ପ୍ରସନ୍ନକୁମାରଙ୍କ ସଙ୍ଗେ ଦେଖାକରିଯାଏ । ଏ କଥା ମଧ୍ୟ ଉଦ୍ଧତପ୍ରତାପଙ୍କୁ ଅସହ୍ୟ ହୋଇପଡ଼ିଲା । ସେମାନଙ୍କର ସେ ମଧୁର ଆଳାପ, ପରସ୍ପର ହୃଦୟଦ୍ୱାର ଉଦ୍‌ଘାଟନ ବନ୍ଦ କରିବା ସକାଶେ ସେ ଚେଷ୍ଟା କରିବାକୁ

ଲଗିଲେ । ଆଜି ତାଙ୍କ ମୁଖରୁ ଏ ଅସଙ୍ଗତ, ଅଗଠିତ କଥା ଶୁଣି ବିମଳା କହିଲା, "ଦାଦା, ମୁଁ ନାନା ଦୋଷରେ ଦୋଷୀ ହୋଇପାରେ; କିନ୍ତୁ ପ୍ରସନ୍ନକୁମାର ନିର୍ଦ୍ଦୋଷ । ମୁଁ ତାଙ୍କୁ ଭଲକରି ଜାଣେ । ଯଦି ମୋତେ ଭଉଣୀ ବୋଲି ସ୍ନେହ କରୁ, ଏପରି କଥା କେବେ କହିବୁ ନାହିଁ ।"

"ମୁଁ ପୁଣି କହୁଛି ପ୍ରସନ୍ନକୁମାର ଅସଚ୍ଚରିତ୍ର । ବାପା ମଧ୍ୟ ଏ କଥା ଜାଣନ୍ତି । ବାପାଙ୍କ ଆଦେଶମତେ ମୁଁ ଏଠାକୁ ଆସିଛି । ଆଉ ଏଣିକି ତୁ ଘରୁ ବାହାରି-ପାରିବୁ ନାହିଁ ।"

ଉଦିତପ୍ରତାପଙ୍କ କଥା ଶୁଣି ବିମଳା ଦଳିତା ଫଣିନୀ ସଦୃଶ କ୍ରୋଧରେ ଜର୍ଜରିତ ହୋଇଗଲା । ସେ ତାଙ୍କ କିଛି କହିପାରିଲା । ଅବଳା ନାରୀ ତଳକୁ ମୁହଁ କରି କାନ୍ଦିବାକୁ ଲଗିଲା । ବିମଳାର ଏ ଅବସ୍ଥା ଦେଖି ଉଦିତପ୍ରତାପଙ୍କ ନୟନକୋଣରେ ଈଷତ୍ ଆନନ୍ଦ-ରେଖା ଫୁଟିଉଠିଲା । ତାଙ୍କ ଓଷ୍ଠପ୍ରାନ୍ତରେ କୁଟିଳ ହାସ୍ୟର ଜ୍ୟୋତି ପ୍ରକଟିତ ହୋଇ ପରମୁହୂର୍ତ୍ତରେ ବିଲୀନ ହୋଇଗଲା । ବିମଳାକୁ ଚତୁର୍ଦ୍ଦିଗ ଘୋର ତମସାଚ୍ଛନ୍ନ ପ୍ରତୀତ ହେଲା । ସେ କମ୍ପିତ କଣ୍ଠରେ କହିଲା, "ଦାଦା, ତୋର ଏସବୁ କୃତ୍ୟ ବୃଥା । ମୁଁ ତତେ ଭଗିନୀର ସର୍ବସ୍ୱ ଅର୍ପଣ କରିସାରିଛି । ଏଥିରୁ ବେଶି ତୁ ଆଉ କିଛି ପାଇପାରିବୁ ନାହିଁ । ତୁ ମୋତେ ବାନ୍ଧିପାରୁ ; କିନ୍ତୁ ମୋ ହୃଦୟକୁ ବାନ୍ଧିପାରିବୁ ନାହିଁ । ଉପରେ ଈଶ୍ୱର ଅଛନ୍ତି ।"

ଏହା କହି ସେ ଦ୍ରୁତପଦକ୍ଷେପରେ ସେଠାରୁ ଗ୍ଲଲଗଲା । ବିମଳାର ଭାବ ଦେଖି ଉଦିତପ୍ରତାପ ପ୍ରମାଦ ଗଣିଲେ । ପାଳିତା କନ୍ୟାର ପୁଣି ଏତେ-ଦୂର ଆସ୍ପର୍ଦ୍ଧା ! ସାରଖଣ୍ଡ ଛତ୍ରପତି ମହାରାଜାଙ୍କ ସେନାପତି ପୁତ୍ରକୁ ଖାତିର କରେ ନାହିଁ ! କ୍ରୋଧରେ ତାଙ୍କ ମୁଖ ଲାଲ ହୋଇଗଲା । ଦଶନରେ ଅଧର ଚାପି ବିମଳାର ଏ ଆଚରଣର ପ୍ରତିଶୋଧ ନେବା ନିମନ୍ତେ ସେ ବିମଳାର ଅନୁସରଣ କଲେ ।

## ତୃତୀୟ ପରିଚ୍ଛେଦ : ଷଡ଼ଯନ୍ତ୍ର

"ଶିବିରେ ପ୍ରତୀକ୍ଷା କରି ବହୁଦିନ
ଶତ୍ରୁ ଯୋଦ୍ଧେ ହୋଇଛନ୍ତି ଧୈର୍ଯ୍ୟହୀନ,
ସ୍ୱଦେଶେ ବାହୁଡ଼ି ଯିବାକୁ ବାସନା-
ବର୍ଣ୍ଣ କରୁଛନ୍ତି ବିଜନେ ମନ୍ତ୍ରଣା ।"

(କାନ୍ଦକେଶ୍ୱରୀ)

ଏ କେତେଦିନ ହେଲା ବିମଳାର ମନରେ ଜମା ସୁଖ ନାହିଁ । ଉଦିତପ୍ରତାପଙ୍କ କଟୂକ୍ତି—"ତୁ ଆଉ ଘରୁ ବାହାରିପାରିବୁ ନାହିଁ" ସର୍ବଦା

କର୍ଣ୍ଣକୁହରରେ ପ୍ରତିଧ୍ୱନିତ ହେଉଅଛି । କି ! ସରଳା ବାଳିକାର ସ୍ୱାଧୀନ ମତ ଉପରେ ଏ ଅତ୍ୟାଚାର ! ବିମଳା ଉଦିତପ୍ରତାପଙ୍କୁ ସ୍ପଷ୍ଟରୂପେ କହିଅଛି ଯେ ସେ ତାଙ୍କ ପ୍ରଣୟାକାଙ୍କ୍ଷିଣୀ ନୁହେଁ । ତଥାପି ତାକୁ ଶୃଙ୍ଖଳିତ କରିବାପାଇଁ ଏ ପ୍ରୟାସ କାହିଁକି ?

ପୂର୍ବେ ବିମଳା ନିଜ ହସ୍ତରେ ସବୁ ଗୃହକର୍ମ କରୁଥିଲା । କିନ୍ତୁ ଆଉ ଏଣିକି ସେ ଆଡ଼କୁ ଜମା ମନ ଗଲା ନାହିଁ । ତାହାର ମାନସ-ଚକ୍ଷୁ ସମକ୍ଷରେ ପ୍ରସନ୍ନକୁମାରଙ୍କ ପ୍ରେମମୟୀ ପ୍ରତିମା ଅହରହ ନୃତ୍ୟ କରିବାକୁ ଲାଗିଲା । ସେ ତାଙ୍କୁ ଛାଡ଼ି କିପରି ଆଉ ଅନ୍ୟ ବିଷୟ ଭାବିପାରିବ ? ତା'ର ବିମଳ ପ୍ରେମର ପ୍ରବଳ ବନ୍ୟାରେ ଶତ ଉଦିତପ୍ରତାପ ବାଲିବନ୍ଧ ପ୍ରାୟ ଭାସିଯିବେ ।

ପ୍ରଥମେ ପ୍ରଥମେ ବିମଳା ମନଦୁଃଖରେ ଘରକଣରେ ବସି ଭାବନା କରୁଥାଏ । ଭାବି ଭାବି ଲୋତକରେ ଗଣ୍ଡଦେଶ ସିକ୍ତ କରେ । ଭୋଜନରେ କିମ୍ବା ଶୟନରେ ତା'ର ଆଉ ଆସ୍ଥା ନାହିଁ । ଶରୀର ଦିନକୁ ଦିନ କୃଶ ହୋଇଗଲାଣି । ତାହାର ଶାରୀରିକ ଓ ମାନସିକ ପରିବର୍ତ୍ତନ ଦେଖି ପରିବାରସ୍ଥ ସମସ୍ତେ ଚିନ୍ତାକୁଳ ହୋଇପଡ଼ିଲେ । ତାକୁ ସାନ୍ତ୍ୱନା ଦେବା ନିମନ୍ତେ ଅନେକ ଯତ୍ନ କଲେ; କିନ୍ତୁ ସେମାନଙ୍କ ସମସ୍ତ ଚେଷ୍ଟା ବ୍ୟର୍ଥ ହେଲା । ଗୃହ ବର୍ତ୍ତମାନ ତାହା ପକ୍ଷରେ କାରାଗାର । ଏ କାରାଗାରରୁ ମୁକ୍ତି ପାଇଲେ ରକ୍ଷା ।

କିଛିଦିନ ଗଲା ପରେ ଅକସ୍ମାତ୍ ରଷ୍ଟ ହେଲା ଯେ ବିମଳା ନିରୁଦ୍ଦିଷ୍ଟା ହୋଇଛି । ସେ କେଉଁଠିକି ଗଲା, କେହି ଜାଣନ୍ତି ନାହିଁ । ତାକୁ ଖୋଜିବାପାଇଁ ବୀରେଶ୍ୱର ଚାରିଆଡ଼କୁ ଲୋକ ପଠାଇଲେ; କିନ୍ତୁ ବିମଳାର ସନ୍ଧାନ ମିଳିଲା ନାହିଁ । ରାଜ୍ୟଯାକ ଚାରିଆଡ଼େ ଚହଳ ପଡ଼ିଗଲା । ସମସ୍ତଙ୍କ ମୁଖରେ ବିଷାଦର କାଳିମା । ବୀରେଶ୍ୱରଙ୍କୁ ଆଉ କିଛି ଭଲ ଲାଗୁନାହିଁ । ସଂସାର ତାଙ୍କୁ ବିଷମୟ ପ୍ରତୀତ ହେଉଛି । ବିମଳା ବିଷୟରେ ଅନେକ ଲୋକ ଅନେକ କଥା କହୁଛନ୍ତି । କିଏ କହେ ବିମଳା ପାଣିରେ ବୁଡ଼ି ମରିଛି । ତାହାର ମତ ସମର୍ଥନ କରିବା ସକାଶେ କେହି କହେ ଯେ ସେ ବିମଳାର ମୃତ ଦେହ ଦେଖିଛି । ଏପରି ନାନା ମୁଖରେ ନାନା କଥା ଶୁଣାଗଲା ।

ଏ ସମ୍ବାଦ ଯାଇ ଉଦିତପ୍ରତାପଙ୍କ କାନରେ ପଡ଼ିଲା । ସେ ଅଧୁନା ସମ୍ବଲପୁର ଦୁର୍ଗରେ ଯାଇ ମରହଟ୍ଟାମାନଙ୍କ ସଙ୍ଗେ ଭୀଷଣ ଯୁଦ୍ଧରେ ପ୍ରବୃତ୍ତ ଅଛନ୍ତି । କ୍ରମାନ୍ୱୟ ଛ'ମାସ କାଳ ମରହଟ୍ଟାମାନେ ଦୁର୍ଗ ଅଧିକାର କରିବାକୁ ଚେଷ୍ଟା କଲେ, କିନ୍ତୁ ଓଡ଼ିଆମାନଙ୍କ ବୀରତ୍ୱ ସମ୍ଭାଳି ନ ପାରି ପ୍ରତିଥର ପଛଘୁଞ୍ଚା ଦେବାକୁ ବାଧ୍ୟ ହେଲେ । ଦୁର୍ଗ ମଧ୍ୟରେ ଆଦୌ ପ୍ରବେଶ କରିପାରିଲେ ନାହିଁ ।

ଏଆଡ଼େ ଉଦ୍ଧତପ୍ରତାପଙ୍କର ପୂର୍ବପରି ଉତ୍ସାହ ନାହିଁ । ଯୁଦ୍ଧ କରିବାକୁ ତାଙ୍କୁ ଆଉ ଭଲ ଲାଗୁନାହିଁ । ତାଙ୍କର ଏପରି ଭାବ ଦେଖି ପ୍ରସନ୍ନକୁମାର ବ୍ୟଥିତ ହେଲେ । ଈର୍ଷାପରବଶ ହୋଇ ଉଦ୍ଧତପ୍ରତାପ ସମରାଙ୍ଗନରେ ପ୍ରସନ୍ନକୁମାରଙ୍କ କ୍ଷତି କରିବାକୁ ଚେଷ୍ଟା କରିଥିଲେ, କିନ୍ତୁ ଭଗବାନ ଏ ବିପଦରୁ ରକ୍ଷା କଲେ । ପ୍ରସନ୍ନକୁମାର ଏପରି ଦକ୍ଷତା ସହକାରେ ଯୁଦ୍ଧ କରିବାକୁ ଲାଗିଲେ ଯେ ଜୟନ୍ତ ସିଂହ ତାଙ୍କର ରଣକୌଶଳରେ ଅତ୍ୟନ୍ତ ସନ୍ତୁଷ୍ଟ ହୋଇ ତାଙ୍କୁ ତୋରଣରକ୍ଷୀ ସୈନିକମାନଙ୍କ ଅଧିନାୟକ ପଦରେ ନିଯୁକ୍ତ କଲେ । ଏ ଗୁରୁଦାୟିତ୍ୱ ମସ୍ତକରେ ବହନ କରି ସଂସାରର ସମସ୍ତ ଚିନ୍ତା ଭୁଲି ପ୍ରସନ୍ନକୁମାର କର୍ତ୍ତବ୍ୟପଥରେ ଅଗ୍ରସର ହେଲେ ।

କିନ୍ତୁ ପ୍ରସନ୍ନକୁମାରଙ୍କ ଉନ୍ନତି ଉଦ୍ଧତପ୍ରତାପଙ୍କୁ ଭଲ ଲାଗିଲା ନାହିଁ । ପ୍ରସନ୍ନକୁମାରଙ୍କୁ ଦେଖିଲେ, କେଜାଣି କାହିଁକି, ତାଙ୍କ ମୁହଁ କ୍ରୋଧରେ ଲାଲ ହୋଇଯାଏ । ତାଙ୍କ ଚକ୍ଷୁରୁ ଅଗ୍ନି-ସ୍ଫୁଲିଙ୍ଗ ନିର୍ଗତ ହୁଏ । ଯେଉଁଦିନ ଉଦ୍ଧତ-ପ୍ରତାପ ବିମଳାର ନିରୁଦ୍ଦିଷ୍ଟ ହେବାର ସମ୍ବାଦ ଶୁଣିଲେ, ସେହିଦିନ ତାଙ୍କର ମୁଖ ଗମ୍ଭୀର ହୋଇଗଲା, ଯେପରି ସେ ସବୁବେଳେ କ'ଣ ଚିନ୍ତା କରୁଛନ୍ତି । ରଣ-କୋଳାହଳ ଆଉ ତାଙ୍କ ପ୍ରାଣକୁ ନଚାଇ ପାରିଲା ନାହିଁ । ସେ ନୀରବରେ ନିର୍ଜନରେ ବସି ଚିନ୍ତା କରିବାକୁ ଲାଗିଲେ ।

କିଛିଦିନ ପରେ ପୁଣି ଦୁର୍ଗଭିତରେ ହୁରି ପଡ଼ିଗଲା, ଉଦ୍ଧତପ୍ରତାପ ଦୁର୍ଗରେ ନାହାନ୍ତି । ସରଳ-ହୃଦୟ ପ୍ରସନ୍ନକୁମାର ଏଥିର କାରଣ କିଛି ବୁଝିପାରିଲେ ନାହିଁ । ଯୁଦ୍ଧ ସମୟରେ ସେନାପତିପୁତ୍ରଙ୍କ ଉଦ୍ଧତ ଆଚରଣ ଦେଖି ସମସ୍ତେ ବ୍ୟଥିତ ହେଲେ । କିନ୍ତୁ ଜଗତର ଦୁଃଖ ହେଉ ବା ସୁଖ ହେଉ, ସମସ୍ତେ ନିଜ ନିଜ କାର୍ଯ୍ୟ ନେଇ ବ୍ୟସ୍ତ । ମନୁଷ୍ୟ ଦେବତା ନୁହେଁ—ସମସ୍ତେ ସମସ୍ତେ ହେବାକୁ ଚେଷ୍ଟା କରିଥାଏ ମାତ୍ର । ସଂସାରରେ ଏହି ଦେବତ୍ୱାଭିଲାଷୀ ମନୁଷ୍ୟଙ୍କ ସଂଖ୍ୟା ନିତାନ୍ତ କମ୍···ନାହିଁ କହିଲେ ଚଳେ । ପ୍ରକାଶ୍ୟରେ ହେଉ ବା ଗୋପନରେ ହେଉ, ସଭିଏଁ ନିଜ ନିଜ ସ୍ୱାର୍ଥରେ ମାତିଛନ୍ତି । ଯେଉଁମାନେ ଏହି ନିୟମର ବହିର୍ଭୂତ, ସେମାନେ ନମସ୍କରଣୀୟ ।

ଓଡ଼ିଆମାନଙ୍କ ହସ୍ତରେ ବାରମ୍ବାର ପରାସ୍ତ ହୋଇ ମରହଟ୍ଟାମାନେ ଅତିଶୟ କାତର ହୋଇପଡ଼ିଥିଲେ । ଓଡ଼ିଶାକୁ ଜୟ କରିବା ସେମାନେ ଯେପରି ସହଜ ବୋଲି ଭାବିଥିଲେ, କାର୍ଯ୍ୟରେ ତହିଁର ଠିକ୍ ବିପରୀତ ଦେଖିବାକୁ ପାଇଲେ । ସ୍ୱାଧୀନ ଜାତିକୁ ପରାଧୀନ କରିବା ସହଜ କଥା ନୁହେଁ ।

ସମ୍ବଲପୁରାଧିପତି ଅଭୟ ସିଂହଙ୍କ ହସ୍ତରେ ମରହଟ୍ଟାମାନେ ଯେ ପରାଜୟ ସ୍ୱୀକାର କରିଥିଲେ, ତହିଁର ଯନ୍ତ୍ରଣା ଆଜିଯାଏ ଯାଇନାହିଁ । ତା'ପରେ ପୁଣି

ଜୟନ୍ତ ସିଂହଙ୍କ ହସ୍ତରେ ଏ ଅପମାନ ! ନାନାସାହେବ ଭୌଁସ୍ଲା ଏପରି ଅବସ୍ଥାରେ କ'ଣ କରିବେ, କିଛି ଠିକ୍ କରିପାରିଲେ ନାହିଁ । ସମସ୍ତ ସାମନ୍ତମାନଙ୍କୁ ଏକତ୍ରିତ କରି ସେ ମନ୍ତ୍ରଣା କରିବାକୁ ଲାଗିଲେ । ଦୁର୍ଗକୁ ଅଧିକାର କରିବାର ଅନେକ ଉପାୟ ଉଦ୍ଭାବିତ ହେଲା, କିନ୍ତୁ ସେଗୁଡ଼ିକ ଅସମ୍ଭବ ଜ୍ଞାନରେ ପରିତ୍ୟକ୍ତ ହେଲା । ମରହଟ୍ଟା ଶିବିରରେ ବିଷାଦର ରାଜ୍ୟ ପ୍ରତିଷ୍ଠିତ ହେଲା ।

ନାନାସାହେବ ଚିନ୍ତାକୁଳ ମନରେ ଶିବିର ପରିତ୍ୟାଗ କରି ମହାନଦୀ କୂଳରେ ବିଚରଣ କରିବାକୁ ଲାଗିଲେ । ଜ୍ୟୋତ୍ସ୍ନାସ୍ନାତ ଲହରୀ ପର୍ବତର ସ୍ୱର୍ଗୀୟ କାନ୍ତି ତାହାଙ୍କର ଦୃଷ୍ଟିପଥାରୂଢ଼ ହେଲା । କି ଅଲୌକିକ ସୌନ୍ଦର୍ଯ୍ୟ ସମ୍ମୁଖରେ ସୌନ୍ଦର୍ଯ୍ୟରେ କମ୍ପମାନା କଳନାଦିନୀ ପର୍ବତ-ସ୍ରୋତସ୍ୱତୀ । ମସ୍ତକରେ ନୀଳ ଆକାଶ, ସତେ ଯେପରି ଉପରୁ ନୀଳିମା ଅପ ଅପ ହୋଇ ପଡ଼ୁଛି । ନାନାସାହେବ ମୁଗ୍ଧ ନେତ୍ରରେ ଏ ଅପରୂପ ସୌନ୍ଦର୍ଯ୍ୟ ଦେଖିବାକୁ ଲାଗିଲେ । କିନ୍ତୁ ପର ମୁହୂର୍ତ୍ତରେ ସବୁ ଅନ୍ଧକାର ହୋଇଗଲା । ପ୍ରକୃତିର ସେ ଚାରୁଶିଳ୍ପ କେଉଁଆଡ଼େ ଉଭେଇଗଲା । ସେ ବିଷଣ୍ଣ ମନରେ ରୋଦନ କରିବାକୁ ଲାଗିଲେ ।

କିଛିକ୍ଷଣ ପରେ ଚକ୍ଷୁ ଉନ୍ମୀଳନ କରି ଦେଖିଲେ ଯେ ଜଣେ ଯୁବକ ମହାନଦୀ ବକ୍ଷରେ ଶିଳା ଉପରେ ବସିଛନ୍ତି । ଯୁବକଙ୍କ ପରିଚ୍ଛଦ ଦେଖି ତାଙ୍କୁ ଶତ୍ରୁପକ୍ଷୀୟ ଭାବି ଭୀଷଣ ଗର୍ଜନ ସହ ତାଙ୍କ ଉପରେ ଲମ୍ଫ ପ୍ରଦାନ କଲେ । କିନ୍ତୁ ଯୁବକ ପର୍ବତପ୍ରାୟ ଅଟଳ । ପ୍ରତ୍ୟାକ୍ରମଣର ଚେଷ୍ଟା ମାତ୍ର ବିରହିତ । ସେ ନାନାସାହେବଙ୍କ ଆଡ଼କୁ ନୀରବରେ ଅଗ୍ରସର ହୋଇ ତାଙ୍କୁ ଆଲିଙ୍ଗନ ପାଶରେ ଆବଦ୍ଧ କଲେ । ଯୁବକଙ୍କର ଏପରି ରୀତି ଦେଖି ନାନାସାହେବ ଆଶ୍ଚର୍ଯ୍ୟାନ୍ୱିତ ହୋଇଗଲେ । ସେମାନଙ୍କ ମଧ୍ୟରେ ଅନେକ କଥାବାର୍ତ୍ତା ହେଲା; କିନ୍ତୁ ସେ ଗୁପ୍ତ କଥାବାର୍ତ୍ତା କେହି ଶୁଣିନାହାନ୍ତି । ଏଣୁ ପାଠକମାନଙ୍କୁ ତାହା ଉପହାର ଦେଇ ନ ପାରି ଆମ୍ଭେମାନେ ଦୁଃଖିତ । କେବଳ ଲୋକଙ୍କ ମୁହଁରୁ ଶୁଣିଛୁଁ ଯେ ସେ ଯୁବକଙ୍କ ନାମ ଉଦିତପ୍ରତାପ ।

## ଚତୁର୍ଥ ପରିଚ୍ଛେଦ : ଘୋର ଅନ୍ଧକାର

"ଧନ୍ୟ ସେ ପ୍ରୀତିକ          ମରଣ-ଭୀତିକ
ପ୍ରୀତି ସେ ପାରଇ ଜିଣି,
ଶିରୀଷ-ମୃଦୁଳା          ଲବଣୀ-ପିଚ୍ଛଳା
ପ୍ରୀତି କଲା ସାହସିନୀ ।"

(କେଦାରଗୌରୀ)

"କିନ୍ତୁ ଏ ରକ୍ତପାତରେ ତୁମ୍ଭର ଲାଭ ?"

"ଲାଭ ! ଦେଶର ଶତ୍ରୁକୁ ବିନାଶ କରି ଜନ୍ମଭୂମିର ସ୍ୱାଧୀନତା ରକ୍ଷା କରିବ । ଏହା କ'ଣ କ୍ଷତ୍ରିୟ ବୀରର ଚରମ ଲାଭ ନୁହେଁ ?"

"ଏପରି ଭାବିବା ମୂର୍ଖତା ଭିନ୍ନ ଆଉ କିଛି ନୁହେଁ । ମରହଟ୍ଟାମାନେ ଚିର ବିଜୟୀ । ସେମାନଙ୍କ ସଙ୍ଗେ ଯୁଦ୍ଧ କରି ପରାଜିତ ହେବ । ବରଂ ସେମାନଙ୍କୁ ସାହାଯ୍ୟ କଲେ ଜମି-ଜାଗିର ପାଇ ବଡ଼ଲୋକ ହୋଇପାରିବ ।"

"ହେ କି ଉଦ୍ଦତପ୍ରତାପ ! ତୁମ ମୁହଁରେ ଏପରି କଥା ! କ୍ଷମା କରିବ । ମୁଁ ସେ କାର୍ଯ୍ୟ କରିପାରିବି ନାହିଁ । ଆଜି ଯୁଗ ଧର୍ମ ଅଛି । ପୂର୍ବପରି ଆଜି ସୁଦ୍ଧା ଚନ୍ଦ୍ର ସୂର୍ଯ୍ୟ ଉଦିତ ହେଉଛନ୍ତି । ତୁମେ ସେ କୁଟିଳ ମନ୍ତ୍ରଣା ଛାଡ଼ । ଦେଶର ଶତ୍ରୁକୁ ବିନାଶ କରି ଧନ୍ୟ ହୁଅ ।"

"ଶତ୍ରୁ ବିନାଶ ! ଯୁଦ୍ଧ ! ନା, ଜୟପରାଜୟର ଅନିଶ୍ଚିତ ସ୍ଥାନକୁ ଯିବା ମଧ୍ୟ ଠିକ୍ ନୁହେଁ ।"

"ନା, ହେଲା ! ସେପରି କହନା ।" ଏହା କହି ପ୍ରସନ୍ନକୁମାର ତୀକ୍ଷ୍ଣ ଦୃଷ୍ଟିରେ ଉଦ୍ଦତପ୍ରତାପଙ୍କ ମୁଖଆଡ଼କୁ ଅନାଇବାକୁ ଲାଗିଲେ । କିନ୍ତୁ ଉଦ୍ଦତପ୍ରତାପ ସ୍ଥିରସଙ୍କଳ୍ପ । ସେ ମରହଟ୍ଟାମାନଙ୍କ ବିରୁଦ୍ଧରେ ଯୁଦ୍ଧ କରିବେ ନାହିଁ । ପ୍ରସନ୍ନକୁମାରଙ୍କ କଥା ଶୁଣି ତାଙ୍କର ଭ୍ରୂ-ଯୁଗଳ ଈଷତ୍ କୁଞ୍ଚିତ ହେଲା । ନୟନରୁ ବହ୍ନି ଜ୍ୟୋତି ନିର୍ଗତ ହେଲା । ସେ କିଛି ନ କହି ବଂଶୀବାଦନ କଲେ । ବଂଶୀବାଦନ ସଙ୍ଗେ ସଙ୍ଗେ ବହୁସଂଖ୍ୟକ ମରହଟ୍ଟା ସୈନିକ 'ବମ୍ ବମ୍ ମହାଦେଓ' ରବ କରି ତୋରଣ ଆଡ଼କୁ ଧାବମାନ ହେଲେ ଓ ପ୍ରସନ୍ନକୁମାରଙ୍କୁ ଘେରି ପକାଇଲେ । ପ୍ରସନ୍ନକୁମାର କିଂକର୍ତ୍ତବ୍ୟବିମୂଢ଼ ହୋଇ ଏସବୁ ଦେଖିବାକୁ ଲାଗିଲେ । ଉଦ୍ଦତପ୍ରତାପ ପ୍ରତିହିଂସା ସାଧନର ଉପଯୁକ୍ତ ସମୟ ପାଇ ଖଡ଼୍ଗ-ହସ୍ତରେ ପ୍ରସନ୍ନ-କୁମାରଙ୍କ ଆଡ଼କୁ ଧାବମାନ ହେଲେ । କିନ୍ତୁ ପ୍ରସନ୍ନକୁମାରଙ୍କ ମୁଣ୍ଡ ନ ଛିଣ୍ଡୁଣୁ ପଛରୁ କିଏ ଆସି ତାଙ୍କ ମସ୍ତକକୁ ଶରୀରରୁ ବିଚ୍ଛିନ୍ନ କଲେ । ସୈନିକମାନେ ବିସ୍ମୟାବିଷ୍ଟ ନେତ୍ରରେ ଦେଖିଲେ ଯେ, ଜଣେ ସନ୍ନ୍ୟାସିନୀ ଉଦ୍ଦତପ୍ରତାପଙ୍କ ଛିନ୍ନ ମସ୍ତକକୁ ହସ୍ତରେ ଧରି କେଉଁଆଡ଼େ ଚାଲିଗଲା । ତାକୁ ଖୋଜିବାପାଇଁ ସେମାନେ ଅନେକ ଚେଷ୍ଟା କଲେ ; କିନ୍ତୁ କୌଣସିଠାରେ ପାଇଲେ ନାହିଁ । ପ୍ରସନ୍ନକୁମାର ବିସ୍ମିତ ସ୍ତମ୍ଭିତ ହୋଇ ଏହା ଦେଖିବାକୁ ଲାଗିଲେ ।

ଉଦ୍ଦତପ୍ରତାପଙ୍କ ମସ୍ତକ ଶରୀରରୁ ବିଚ୍ୟୁତ ହେଲା । ସେଥି ସଙ୍ଗେ ସଙ୍ଗେ ସମ୍ବଲପୁରର ସ୍ୱାଧୀନତା-ରବି ମଧ୍ୟ ଅସ୍ତମିତ ହେଲା । ମରହଟ୍ଟାମାନେ ଅପ୍ରତ୍ୟାଶିତ ଭାବରେ ସମଲାଇ ଫାଟକବାଟେ ଦୁର୍ଗମଧ୍ୟରେ ପ୍ରବେଶ କରି ଜୟନ୍ତ ସିଂହ ଓ ତଦୀୟ ପୁତ୍ର ମହାରାଜା ସାଏଙ୍କୁ ବନ୍ଦୀ କଲେ । ସମ୍ବଲପୁର ଦୁର୍ଗ ଶତ୍ରୁମାନଙ୍କ ହସ୍ତଗତ ହେଲା । ପ୍ରସନ୍ନକୁମାର ପ୍ରାଣପଣେ ଚେଷ୍ଟା କରି ସୁଦ୍ଧା ଦୁର୍ଗ ରକ୍ଷା

କରିପାରିଲେ ନାହିଁ । ତାଙ୍କ ଆହତ ଶରୀର ଧରଣୀଶାୟୀ ହେଲା । ସମ୍ବଲପୁର ମୁଖ ବିଷାଦ-କାଳିମା ରଞ୍ଜିତ ହେଲା । ସ୍ୱାଧୀନ ଜାତି ପରାଧୀନ ହେଲା ' ହାୟ ଉଦାତ୍ତପ୍ରତାପ ! ଶେଷକୁ ବିମଳାର ରୂପର ମୂଲ୍ୟ ସ୍ୱରୂପ ସ୍ୱଦେଶର ସ୍ୱାଧୀନତା ବିକ୍ରୟ କଲ ! ! !

× × × ×

କିନ୍ତୁ ଏ ସନ୍ନ୍ୟାସିନୀ କିଏ ? ତମୋମୟୀ ରଜନୀରେ ଶ୍ମଶାନରେ ବସି କଣ କରୁଛି ? ସନ୍ନ୍ୟାସିନୀ ବ୍ୟଥିତ ମନରେ, ଆକୁଳ ପ୍ରାଣରେ ଆକାଶକୁ ଅନାଇ ଗାଇବାକୁ ଲାଗିଲା :

କର୍ମ ଦୋଷ୍ୟାମୟ ହୋଇଣ ନିର୍ଦ୍ଦୟ
ଦେଲ ଏ ହୀନ ଜନମ,
କାହିଁ କାହିଁ ହରି ଗଲଣି ତ ସରି
ଯୋଡ଼ି ଏ ହୀନ କରମ ॥ ୧ ॥
ହେଲି ମୁଁ ସଂସାରେ
ଘୋର ଅଭିଶାପ,
ଯହିଁ ଗଲି ତହିଁ
ବାଢ଼ୁଅଛି ପାପ ;
ଜଗତର ତପ୍ତ ଲୋତକ-ପ୍ରବାହେ
ହେଉଅଛି ଭାସମାନ ॥ ୨ ॥
ଅଶାନ୍ତିର ମନ୍ତ୍ର
ପଢ଼ିଲି ଜଗତେ,
ବୁଡ଼ିଅଛି ଏବେ
ସ୍ୱଦେଶ ରକତେ;
ଧିକ ମୋର ରୂପ ଧିକ ଯଉବନ
ଧିକ ମୋର ଏ ଜୀବନ ॥ ୩ ॥
ଅପାର ସଂସାର
ଅପାର ଯାତନା
ଦେଉଅଛି ମୋତେ
ବିଷମ ଲାଞ୍ଛନା;
ପ୍ରେମମୟ ହରି କରୁଣା ବିତରି
ପାଦପଦ୍ମେ ଦିଅ ସ୍ଥାନ ॥ ୪ ॥

ଶ୍ମଶାନକୋଡ଼ରେ ଶାୟିତ ଯନ୍ତ୍ରଣାକାତର ପ୍ରସନ୍ନକୁମାର ଏ ସୁମଧୁର ସଙ୍ଗୀତ ଶୁଣି ମୁଗ୍ଧ ହୋଇଥିଲେ । ତାଙ୍କର ରୁଧିରାକ୍ତ ମୁଖରେ ହାସ୍ୟର ବିମଳ ରେଖା ଝଲସି ଉଠିଲା । କେଉଁ ଅଜ୍ଞାତ ପ୍ରଦେଶରୁ ଅମୃତ ଝଙ୍କାର ଆସି ତାଙ୍କୁ ଗୋଟିଏ ମୋହମୟ ଶାନ୍ତିମୟ ରାଜ୍ୟକୁ ନେଇଗଲା । ସେଠାରେ ସେ ସ୍ୱର୍ଗର ଛବି ଦେଖିବାକୁ ପାଇଲେ । କିଏ ଯେପରି ତାଙ୍କ ନିକଟକୁ ଆସି ଚିରପରିଚିତ ବୀଣାଝଣା ସ୍ୱରରେ ତାଙ୍କୁ ଡାକି ଗୋଟିଏ ସ୍ୱପ୍ନମୟ କୁଞ୍ଜରେ ତାଙ୍କୁ ବସାଇ ନିଜେ ତାଙ୍କ ନିକଟରେ ବସିଲା । ପ୍ରସନ୍ନକୁମାରଙ୍କ ଶରୀର ପୁଲକିତ ହୋଇଗଲା । ସେ ଅଲୌକିକ ସୌନ୍ଦର୍ଯ୍ୟ, ଅପ୍ସରାସମ୍ଭବ ଜ୍ୟୋତି, କିନ୍ନରକଣ୍ଠ ତାଙ୍କ ମନରେ ଯେପରି ପ୍ରାଚୀନ ସ୍ମୃତି ଅଙ୍କିତ କଲା । ସେ ଚକ୍ଷୁ ଖୋଲି ଦେଖିଲେ, ତାଙ୍କ ନିକଟରେ ଜଣେ ମୁକୁଳିତ କେଶପାଶା, ଗୈରିକ ବସନା, ଅନିନ୍ଦ୍ୟସୁନ୍ଦରୀ ସନ୍ନ୍ୟାସିନୀ-ମୂର୍ତ୍ତି ବସିଛନ୍ତି । ତାଙ୍କୁ ଦେଖି ପ୍ରସନ୍ନ କୁମାରଙ୍କ ଶରୀରରେ ସିଂହ-ବିକ୍ରମ ଉଦିତ ହେଲା । ସେ ଗାତ୍ରୋତ୍ଥାନ କରି ସନ୍ନ୍ୟାସିନୀଙ୍କୁ ଆଲିଙ୍ଗନ କରି କହିଲେ, "ବିମଳା ! ବିମଳା···" ଆଉ କହିପାରିଲେ ନାହିଁ । ତାଙ୍କ ଶରୀର ଅବସନ୍ନ ହୋଇଗଲା । ଶରୀରର କ୍ଷତସ୍ଥାନ ମାନଙ୍କରୁ ପ୍ରବଳ ବେଗରେ ରୁଧିର ବହିବାକୁ ଲାଗିଲା । ପ୍ରାଣହୀନ ପିଣ୍ଡ ଧରାଲୁଣ୍ଠିତ ହେଲା ।

ବିମଳା ଏହା ଦେଖି ବିକଳରେ ରୋଦନ କରିବାକୁ ଲାଗିଲା । ତାହାର ଜୀବନର ଧ୍ରୁବତାରା ଅସ୍ତମିତ ହେଲା । ସେ ଉତ୍ତରୀୟ ମଧ୍ୟରୁ ତୀକ୍ଷ୍ଣ ଛୁରିକା ବାହାର କରି ନିଜ ବକ୍ଷଦେଶରେ ବିଦ୍ଧକଲା ।

ଯନ୍ତ୍ରଣା ପ୍ରତି ଲକ୍ଷ୍ୟ ନ କରି ରୁଧିରାକ୍ତ କଳେବରରେ ପ୍ରସନ୍ନକୁମାରଙ୍କ ରୁଧିରାକ୍ତ ଶରୀରକୁ ଆଲିଙ୍ଗନ କଲା । ଆହା ! ସେ ଅନ୍ତିମ ଆଲିଙ୍ଗନ···ସେ ଅନ୍ତିମ ଚୁମ୍ବନ କେତେ ପବିତ୍ର···କେତେ ମଧୁର ! ସେ ଲୋତକରେ ଅମୃତ, ରକ୍ତରେ ମନ୍ଦାକିନୀ !

ଏ ସ୍ୱାର୍ଥତ୍ୟାଗର ପବିତ୍ର ତପୋବନ ହିଁ ସ୍ୱର୍ଗ !

# ବିଖ୍ୟାତ କଟକରୁ ଅଖ୍ୟାତ ପଲ୍ଲୀ

## ଗୋଦାବରୀଶ ମହାପାତ୍ର

ଓଡ଼ିଶାର ଖୁବ୍ କମ୍ ଲୋକ ଯେଉଁ ଗାଆଁଖଣ୍ଡିକୁ ଜାଣିଛନ୍ତି ସେହି ଗାଆଁଟା ନାଁ ହେଉଛି 'ସିଆଳି'। ସିଆଳି ଗାଆଁକୁ ବେଶି ଲୋକ ଜାଣିବାର କିଛି କାରଣ ନାହିଁ। ସେ ଗାଆଁ ଭିତରେ ପକାଘର ନାହିଁ। ସେ ଗାଆଁକୁ ଭଲ ବାଟ ନାହିଁ। ସେ ଗାଆଁର ଲୋକେ ମଧ୍ୟ ପାଠ ପଢ଼ି ନାହାନ୍ତି। ଗୋବର ଗାଡ଼ିଆରେ କଇଁ ଫୁଟିଲା ପରି ଗୋପାଳ ଯେ କିପରି ସେଠାରେ ଫୁଟିଲା, ତାହା ହେଉଛି ଓଡ଼ିଶାର ନାନା ଆଶ୍ଚର୍ଯ୍ୟଜନକ ଘଟଣା ଭିତରୁ ଗୋଟିଏ।

ଓଡ଼ିଶା ମୁଲକରେ ସିଆଳି ବୋଲି ଗୋଟିଏ ଗାଆଁ ଅଛି; ଆଉ ସେହି ଗାଆଁରେ ତା'ର ଘର ବୋଲି ଗୋପାଳ କେବେ ଭୁଲରେ ସୁଦ୍ଧା କାହା ଆଗରେ ନିଜର ପରିଚୟ ଦିଏ ନାହିଁ। ଗାଆଁ ନାଁ ପଚାରିଲେ ସେ ଗୋଟାଏ ଗୁଲିକ କରି ଆନାର ନାଁଟା କହିଦିଏ। କଥାଟା ସେଥିରେ ପ୍ରାୟ ଘୋଡ଼େଇ ହୋଇଯାଏ।

ସିଆଳିର ଲୋକେ ମୁଣ୍ଡେ ଝୋଲା ଗୁଣ୍ଡେ ମାରି ପେଟ ପୋଷନ୍ତି। କିଏ ମୂଲ ଲାଗେ, କିଏ ପନିପରିବା ବିକେ ବା ପାଇଟି ନ ପାଇଲେ ଭିକ ମାଗି ଚଳେ। ଏଗୁଡ଼ାକ ସମାଜର ନିତାନ୍ତ ତଳଶ୍ରେଣୀ ଲୋକଙ୍କ କାର୍ଯ୍ୟ, ଗୋପାଳ ଏକଥା ପାଠ ପଢ଼ି ବୁଝିଛି। ତେଣୁ ସେ କଟକର ପକାଘର ଭିତରେ ଏଗୁଡ଼ାକୁ ଆତ୍ମୀୟ ଦୃଷ୍ଟିରେ ବା ଶ୍ରଦ୍ଧାଚକ୍ଷୁରେ ଦେଖେ ନାହିଁ। ଏକଥା କଳ୍ପନା କଲେ ତା'ର ଲୋମ ଟାଙ୍କୁରିଉଠେ। ଭାବେ, ସିଆଳି ଗାଆଁଟା ଯେବେ ସମତଳ ଅଞ୍ଚଳରେ ତ ସେ ଆସି ବସିଛି ଗୌରିଶଙ୍କର ଶୃଙ୍ଗରେ। ତା'ର ପାଠଠାରୁ ଗାଁଲୋକଙ୍କ ସ୍ଥାନ କେତେ ତଫାତ!

ପିଲାଦିନର ଅନେକ କଥା ପକାଘର ଭିତରେ ଗୋପାଳର ମନେପଡ଼େ; ମାତ୍ର ଗୋଟିଏ କଥାକୁ ସେ କେବେହେଲେ ମନରୁ ପାସୋରିପାରେ ନାହିଁ। ସେ ନିତାନ୍ତ ଶ୍ରେଷ୍ଠ ଥିଲାବେଳେ ତା'ର ବାପା ଜଣେ ତହସିଲଦାରଙ୍କ ପିଆଦା ଥିଲେ। କାଠବିକା ବ୍ୟବସାୟ ଛାଡ଼ି ସେ ପିଲାକୁ ଧରି ତହସିଲଦାରଙ୍କୁ ଗୋଟିଏ ବର ମାଗିଥିଲେ। ପାଞ୍ଚବର୍ଷ ପରେ ବଦଳି ହେବା ସମୟରେ ତହସିଲଦାରବାବୁ ଅନୁରକ୍ତ ଭୃତ୍ୟ ପ୍ରତି ବଡ଼ ଶୁଭଦୃଷ୍ଟି ପକାଇଲେ। ତାହାରି ଫଳରେ ଗୋପାଳ କଟକ କଲେଜ ପର୍ଯ୍ୟନ୍ତ ଯାଇପାରିଛି। ଏବେ ତହସିଲଦାର ନାହାନ୍ତି, କି ତା'ର ବାପା ନାହାନ୍ତି।

ଯେଉଁ ସମୟର କଥା କୁହାଯାଉଛି, ସେତେବେଳେ ଉତ୍କଳମଣିଙ୍କ କରୁଣ ଆହ୍ୱାନରେ ଓଡ଼ିଶା ବୁକୁର କଠୋର ପଥରଖଣ୍ଡ ସୁଦ୍ଧା ତରଳିଯାଉଥିଲା ।

-ମହାନଦୀର କରାଳ ବନ୍ୟାରେ ଶହ ଶହ ଲୋକ ଭାସିଗଲେ, ହଜାର ହଜାର ଘର ଭାଙ୍ଗିଗଲା, ବିଲ ଉପରେ ସାତଫୁଟ ପାଣି ଠିଆହେଲା, ଗଛ ଉପରେ ମଣିଷ ଆଶ୍ରୟ ନେଲା, ସ୍ଥଳ ନ ପାଇ ଚାଳ ଉପରେ ମାଆ ସନ୍ତାନ ପ୍ରସବ କଲା, ଭୂଇଁ ନ ପାଇ ପିତା ପୁତ୍ରର ଶବକୁ ଜାକିଧରି ଗଛରେ ଲୁଚିରହିଲା—ଏସବୁ କାହାଣୀ ଶୁଣି ପଥର ତରଳିବା ଅସମ୍ଭବ କାହିଁ ?

ଉତ୍କଳମଣିଙ୍କର ଏ ଡାକ ସମସ୍ତଙ୍କ କାନରେ ବାଜିଲା । କଲେଜ ଭିତରେ ଏକ କୋଠରିରେ ଗୋପାଳ ମଧ୍ୟ ଏକଥା ଶୁଣିଲା । ଦଳ ଦଳ ଛାତ୍ର ବନ୍ୟାରେ ଲମ୍ଫ ଦେବାକୁ ବାହାରିଲେ । ବନ୍ୟାର ଏ ଅତ୍ୟାଚାରରେ କେତେକ ଯୁବକ ପ୍ରାଣରୁ ଏପରି ତପ୍ତଶ୍ୱାସ ଉଠିଲା, ସେ କଲେଜ ଭିତ୍ତିପର୍ଯ୍ୟନ୍ତ ଥରିଗଲା—ଓଡ଼ିଶା ଯେବେ ଗଲା, କାହା ପାଇଁ କଲେଜ ?

ଗୋପାଳ ତ ସେଦିନ ଭାତଥାଳି ପାଖେ ବସିଲା ନାହିଁ; ରାତିରେ ଶେଯରେ ଶୋଇପାରିଲା ନାହିଁ ମଧ୍ୟ । ସନ୍ଧ୍ୟାବେଳୁ ସେ ଚଉକି ଉପରେ ବସି ବସି ଚିନ୍ତା କଲା । ତା'ର ଚିନ୍ତା ଭିତରେ ଗୋଟିଏ ଅତୀତ ଜୀର୍ଣ୍ଣଜଗତର ନିତାନ୍ତ ଅସ୍ପଷ୍ଟ ଛାୟା ଦେଖାଗଲା । କି ଧାନଶୂନ୍ୟ ବେଶ ସେହି ଜଗତର । ଗାଁ ଗହଳର କୋଳାହଳ ଭିତରେ ଗୋଟିକର ମୁହଁରେ ହେଲେ ହସ ନାହିଁ, ବିଲରେ ପାଣି, ଘରେ ପାଣି, ପ୍ରତି ଆଖିରେ ପାଣି । ବିଲ ପଡ଼ିଆରେ କୂଳଥଳ ମିଳୁନାହିଁ, ହୃଦୟରେ ଭାବନାର କୂଳଥଳ ମିଳୁନାହିଁ; ଏ ପ୍ରାଚୀନ ଜାତିଟାର ଶକ୍ତିଶାଳୀ ବଂଶଧରଗଣ ଶକ୍ତି ହରାଇ କୁଆଡ଼େ ଭାସିଯାଉଛନ୍ତି ତାହା କଳନା କରିହେଉନାହିଁ । ସବୁଆଡ଼େ ହାହାକାର, ସବୁଆଡ଼େ ଚିତ୍କାର । ସେହି ଭିତରେ ଗୋପାଳ ଦେଖିପାରିଲା ତା'ର ସେହି ପୂର୍ବ-ପରିଚିତ ସିଆଳି ଗାଁର ଚିତ୍ର । ସେ ଗାଁର ଲୋକେ ଭାସିଯାଇଛନ୍ତି; ଗାଁର ପୂର୍ବପରି ସେହି ଭାଗବତଘରଟା ଆଉ ନାହିଁ । ଗ୍ରାମଦେବତୀ ବାଉତେଇଙ୍କ ମଣ୍ଡପର ପଥରଖଣ୍ଡ କେବଳ ପାଣି ଉପରକୁ ଦେଖାଯାଉଛି । ଗାଁର ଯେଉଁ ଉଚ୍ଚ ମଶାଣି ଭୂଇଁ ଖଣ୍ଡିକ ସମସ୍ତଙ୍କର ଆଶ୍ରୟ ସ୍ଥଳ, ସେଠାରେ ବଡ଼ ବରଗଛକୁ କିଏ ଆଶ୍ରୟ ଦେଇପାରିନାହିଁ । ତାର ବୁକୁ ଦାଉଁ ଦାଉଁ ପଡ଼ିଲା, ଉଠିଲା । କେବେ ତ ସେ ପକାଘରେ ବସି ସିଆଳି କଥା ଭାବିନାହିଁ, ଏତେଦିନେ ସେହି ସ୍ମୃତି କାହିଁକି ଜାଗିଲା, ସେ ତତ୍ତ୍ୱ ସେ ଖୋଜିବାକୁ ଚେଷ୍ଟା କଲାନାହିଁ । ସେ କେବଳ ଆଖି ଆଗରେ କେତେଗୁଡ଼ିଏ ବିଭଙ୍ଗ ଚିତ୍ର ଦେଖିଲା; ବେଳେବେଳେ ଚମକିଲାପରି ଚଉକିରେ ସିଧାହୋଇ ବସି ଗୋଟାଏ ଦୀର୍ଘଶ୍ୱାସ ଛାଡ଼ିଲା, କଇଁଫୁଲ ପରି ଧଳା ଶେଯଟାରେ ସେ ବହୁବାର ଏପାଖ ସେପାଖ କଡ଼ ଲେଉଟାଇଲା; ଆଖି ଫିଟାଇ

ରଖି ଯାହା ଚନ୍ଦ୍ରକଳା ଆଖି ମୁଦିରଖି ସେହି କଥା ମଧ୍ୟ ଭାବିଲା । ଗୋଟାଏ କ୍ଷୁଦ୍ର ପଲ୍ଲୀର ହତଭାଗାଙ୍କ ଚିତ୍କାର ତା'ର ପ୍ରାଣକୁ ବେଳେବେଳେ ଚମକାଇଦେଲା । ବରଫ-ଶୁଭ୍ର କାନ୍ଥ ଦେହରେ ସେ ପ୍ରେତଚ୍ଛାୟା ଦେଖିପାରିଲା । କିଏ କହିଲା, 'ଗୋପାଳ, ଗୋପାଳ, ଗୋପାଳ', କିଏ କହିଲା—'ବାବୁରେ', କିଏ କହିଲା—'ଧନରେ', କିଏ କହିଲା—'ଗୋପାଳବାବୁ !' ଗୋପାଳ ଆଉ ଶୋଇବ କି'ଣ ?

ଦିନେ ସ୍ୱେଚ୍ଛାସେବକଦଳ ବନ୍ୟା ଅଞ୍ଚଳରେ କାମ କରିବାପାଇଁ ଯେତେବେଳେ ବାହାରିଲେ ଗୋପାଳ ମଧ୍ୟ ସେମାନଙ୍କ ସଙ୍ଗେ ବାହାରିଲା । ବାହାରିବା ଆଗରୁ ସ୍ୱେଚ୍ଛାସେବକମାନଙ୍କୁ ବହୁତ ଆୟୋଜନ କରିବାକୁ ହେଲା । କେତେ ଦିନପାଇଁ ଲୁଗାପଟା ଓ ଖାଦ୍ୟପେୟର ବ୍ୟବସ୍ଥା ହେଲା । କଲେଜ ଭିତରୁ ଗାଁ ଭିତରକୁ ଯିବା ଅନ୍ୟ ସ୍ୱେଚ୍ଛାସେବକଙ୍କ ପକ୍ଷରେ ଯାହା ହେଉନା କାହିଁକି ଗୋପାଳ ପକ୍ଷରେ ଗୋଟାଏ ନୂତନ କଥା । କଲେଜରୁ ଗାଆଁ ତ କମ୍ ତଫାତ୍ ନୁହେଁ । କେତେଦିନ ରହିବାକୁ ହେବ କିଏ ଜାଣେ ? ସେଥିପାଇଁ ଦଶ ଖଣ୍ଡ ଅଧିକା ଲୁଗା ନ ହେଲେ ନ ଚଳେ । ଯେଉଁଠାରେ ଲୋକେ ଖାଇବାକୁ ପାଉନାହାନ୍ତି ସେଠାରେ ପ୍ରତିଦିନ ଜଳଖିଆ ବା ମିଳିବ କୁଆଡ଼ୁ ! ତେଣୁ ଇସ୍ତିରିଦିଆ ଲୁଗାଗୋଛା ସହିତ କମଳା, ଅଙ୍ଗୁର, ଖଜୁରି, ଚିନି, ଅଟା, ଷ୍ଟୋଭ ପର୍ଯ୍ୟନ୍ତ ବ୍ୟବସ୍ଥା ଗୋପାଳ ଅନ୍ୟମନସ୍କ ଭାବରେ କରିପକାଇଲା । ବନ୍ୟା-ସ୍ରୋତ ପଛେ ପଛେ ସ୍ୱେଚ୍ଛାସେବକ-ସ୍ରୋତ ଗାଆଁ ଗହଳକୁ ଚାଲିଲେ ।

ଦିଗନ୍ତବିସ୍ତୃତ ବିଲ ପଡ଼ିଆ - ସେ ଭିତରେ ମଫସଲର ଚିହ୍ନ ସୁଦ୍ଧା ନାହିଁ । ବନ୍ୟାର କରାଳ ଜିହ୍ୱା ସବୁ ଶେଷ କରିଦେଇଛି । ଦୂରରୁ ଦେଖିଲେ ଠାଏ ଠାଏ ଗଛ ଗହଳରେ କେତୋଟା ଘର ଦେଖାଯାଉଛି; ତାହାର ଭିତରେ ହତଭାଗା ଚାଷୀଭାଇଙ୍କର ସଂସାର । ସେ ଭିତରକୁ ଯିବାକୁ ହେଲେ କାଦୁଅ, ପାଣି, କଣ୍ଟା, ଖୁଣ୍ଟା, ଅମଡ଼ା ରାସ୍ତା—ସବୁ ଭେଟିବାକୁ ପଡ଼ିବ । ସେ ଭିତରର ଜୀବନ ସେବା କରିବାକୁ ହେଲେ ନିଜକୁ ମଶା, ମେଲେରିଆ, ଜ୍ୱର, ମହାମାରୀ ବସନ୍ତର ସମ୍ମୁଖୀନ କରିବା ଛଡ଼ା ଅନ୍ୟ ପନ୍ଥା ନାହିଁ । କଟକ ବ୍ରହ୍ମପୁରର ରାଜରାସ୍ତା ସେଠାରେ ନାହିଁ, କି ପୁରୀର ବଡ଼ଦାଣ୍ଡ ସେଠାରେ ନାହିଁ । ତେଣୁ କଟକ କୋଠରିଠାରୁ ଯେ ଏହା ବହୁତ ଦୂରରେ, ତାହା ଗୋପାଳ ବୁଝିବାକୁ ବାକି ରହିଲା ନାହିଁ ।

କଟକ ଛାଡ଼ିଗଲାବେଳେ ଗୋପାଳର ମନ ଯେପରି ଥିଲା, ବନ୍ୟା ଅଞ୍ଚଳର ମାଧପୁର କେନ୍ଦ୍ରକୁ ଆସିଲାବେଳକୁ ତହିଁର ଘୋର ପରିବର୍ତ୍ତନ ଘଟିଯାଇଛି । ଛଅଦିନର ରାସ୍ତା, ତାକୁ ଲାଗିଛି ଠିକ୍ ଛଅବର୍ଷ ପରି । ଚାଲିଆସିବାରେ ତା'ର

ଚାରିଟା ଇସ୍ତିରିଦିଆ ଧୋତି କାଦୁଅ ଛିଟିକି ନଷ୍ଟ ହୋଇଯାଇଛି । ସାଙ୍ଗରେ ବୋହିଥିବା ସୁଟେଇର ଛଣା ପାଣି ସରିସିବା ଫଳରେ ବାଟରେ ଭଲ ପାଣି ଟୋପାଏ ପିଇବାକୁ ମିଳିନାହିଁ । ଜୋତା ଲଗାଇବାର ଆଦୌ ସୁବିଧା ଘଟିନାହିଁ । ତେଣୁ ଅନଭ୍ୟସ୍ତ ଗୋଡ଼ରେ ଦୁଇଟା କଣ୍ଟା ଗଳିଛି ଓ ଗୋଟାଏ ଗେଣ୍ଡା କାଟିଛି । ଆଣିଥିବା ଜଳଖିଆ ଅଧାରୁ ବେଶି ଶେଷପାଇଛି । ଏପରି କ୍ଷେତ୍ରରେ ତା'ର ମନ ଖୁବ୍ ବିଗିଡ଼ିଯାଇଛି ।

ଚାଉଳଦିଆ କେନ୍ଦ୍ର—କେବଳ ସେଠାରେ ଜନସମୁଦ୍ର । ଦରିଦ୍ର ନିଃସହାୟ ପଲ୍ଲୀବାସୀ ସ୍ତ୍ରୀପୁତ୍ର ପିଲାକୁଟୁମ୍ବ ଧରି ମୁଠାଏ ମୁଠାଏ ଚାଉଳ ପାଇଁ ସେଠାରେ ଜମା ହୋଇଛନ୍ତି—ମୁଠାଏ ପାଇଲେ ପୁଅଠାରୁ ବାପ, ଭାଇଠାରୁ ଭାଇ ଛଡ଼ାଇଟାଣି ଗିଳିପକାଇବାରେ କୁଣ୍ଠାବୋଧ କରୁନାହାନ୍ତି । ସେଠାରେ ଗୋପାଳର କର୍ତ୍ତବ୍ୟ ? ସେ ଗୋଟାଏ ଦୀର୍ଘଶ୍ୱାସ ପକାଇଲା । ତାପରେ ଧୀରେ ଧୀରେ ରୁମାଲରେ ମୁହଁ ପୋଛି, ତାର ଇସ୍ତିରିଦିଆ ଲୁଗା କାହା ଦେହକୁ ନ ଲାଗିଲା ପରି ବଡ଼ ସାବଧାନରେ ଠିଆହେଲା । କିନ୍ତୁ ଚାରିଆଡ଼େ ତ କଙ୍କାଳ, ଚାରିଆଡ଼େ ତ ଦରିଦ୍ର, ସେ କାହାକୁ କରଛୁଡ଼ ହୋଇ ରହିବ ? ଦିନେ ଦୁଇଦିନ ଗଲା, ସେ ମୁଠିଚାଉଳ ଦେବାରେ ଅଭ୍ୟସ୍ତ ହେଲେ ମଧ୍ୟ ଲୋକଙ୍କ ବ୍ୟବହାରରେ ନିତାନ୍ତ ଉତ୍ୟକ୍ତ ହୋଇଉଠିଲା । କିଏ ପାଖକୁ ମାଡ଼ିଆସୁଛି, କିଏ ଉପରେ ପଡ଼ୁଛି, କିଏ କୁଞ୍ଚ କାନି ଧରି ଭିଡ଼ୁଛି, କିଏ ହାତ ଧରି ଟାଣୁଛି । ପ୍ରତି ମୁହୂର୍ତ୍ତରେ ତାକୁ ବ୍ୟତିବ୍ୟସ୍ତ ହେବାକୁ ପଡ଼ୁଛି । ମନ ନିତାନ୍ତ ତିକ୍ତ ହୋଇଉଠୁଛି । କେଡ଼େ ବୋକା ଲୋକଗୁଡ଼ାକ ! ଭଦ୍ରାମି ଜାଣନ୍ତି ନାହିଁ । ଖାଇବାକୁ ନାହିଁ ବୋଲି ଭଦ୍ରଲୋକର ଲୁଗା ଭିଡ଼ିବେ ? ଛି !

ଖାଲି ଯେ ଗୋପାଳ ଏକଥା ମନରେ ଭାବିଲା, ତା ନୁହେଁ, କାର୍ଯ୍ୟରେ ମଧ୍ୟ ଦେଖାଇଦେଲା । ବିରକ୍ତ ହେଲା, ନାକ ଟେକିଲା, ହାତ ଛୁଞ୍ଚାଡ଼ିଲା, ଫୋପାଡ଼ିଲାପରି ଚାଉଳ ଦେଲା । ଦରିଦ୍ର ପଲ୍ଲୀବାସୀ ତଥାପି ଶିଖିପାରିଲେ ନାହିଁ, ଏଇ ହେଉଛି ଗୋପାଳ ମନରେ କଷ୍ଟ ।

ଗୋପାଳଠାରୁ ସମସ୍ତେ ଚାଉଳ ନିଅନ୍ତି; କିନ୍ତୁ ଗୋପାଳ ଦେଖେ, ଅର୍ଗଳ ପାଖେ ଗୋଟିଏ ବୁଢ଼ା କେବଳ ଠିଆହୋଇ ଫେରିଯାଏ । ସେ ପାଖକୁ ଆସି ମାଗେ ନାହିଁ, କି ମାଗିବାପାଇଁ କାହାକୁ କହେ ନାହିଁ । ଗୋପାଳ ତାକୁ ଦେବ ବୋଲି ବିଚାରେ, ମାତ୍ର ଗହଳି ପାରହୋଇ ଯାଇ ଦେଇପାରେ ନାହିଁ । ଦିନେ, ଦୁଇଦିନ, ଚାରିଦିନ ଗଲା । ବୃଦ୍ଧର ସେହି କରୁଣ ଦୃଷ୍ଟି ଗୋପାଳ ଭୁଲି-ପାରିଲା ନାହିଁ । କେବଳ ପରିଚିତ ମୁହଁ ପରି ତାକୁ ଜଣା ପଡ଼ିଲା । ଦିନେ ଆଗରୁ ଲୋକ ଆଡ଼େଇ ଆଡ଼େଇ ସେ ଯାଇ ବୃଦ୍ଧ ପାଖରେ ପହଞ୍ଚିଲା । ପଚାରିଲା—

"ନେଲଣି ?"

ବୃଦ୍ଧ ମୁଣ୍ଡ ହଲାଇ କହିଲା—"ହଁ"।

"ତେବେ ଠିଆ ହୋଇଛ ?"

ବୃଦ୍ଧ ତା'ର ଶୁଖିଲା ଧଳା ଛେପ ଲାଗିଥିବା ଓଠକୁ ଶୁଖିଲା ଜିଭରେ ଗୋଟି ଥରେ ଦାଅର ପାଟି ବୁଲାଇଲା। ତା'ପରେ ଗୋପାଳ ମୁହଁକୁ ଥୁ ଥୁ କରି ଦୁଇଲଣ୍ଡା ଛେପ ପକାଇ ଆଖିତରାଟି ଚାହିଁରହିଲା।

ଖୁବ୍ ଚହଳ ତ ପଡ଼ିଗଲା। ଗୋପାଳର ମୁହଁ କଳା ପଡ଼ିଗଲା। ସମସ୍ତେ କହିଲେ, "ସିଆଳର ସାନ୍ତ୍ୱନା କଲେ କ'ଣ ?" ଗୋପାଳ ସେ ରାତି ରାତି ରାଗ, ଅପମାନ, ବିରକ୍ତିରେ କଟକ କୋଠରି ଅଭିମୁଖେ ଯାତ୍ରା କଲା। ତା'ର ଚାରିଦିନ ପରେ କଟକରେ ଉତ୍କଳମଣି ସାଧାରଣ ସଭାରେ କାନ୍ଦି କାନ୍ଦି ହାତ ପ୍ରସାରି ମାଗିଲେ, "କାହାର ଛିଣ୍ଡାଲୁଗା ଅଛି, ତାହା ମଧ୍ୟ ଦେଲେ ଦରିଦ୍ରର ସେବାରେ ଲାଗିବ।"

ଦରିଦ୍ରର ସେବା ! ଛିଣ୍ଡାଲୁଗା ! ଗଭୀର ବିରକ୍ତିରେ ମୁଣ୍ଡ ପୋତି ବସିରହି କଲେଜ ଘରେ ଗୋପାଳ ପୁଣି ଚମକିଲା। ନିଜର ଲୁଗାକୁ ଚାହିଁଲା, ଦେଖିଲା ଖଣ୍ଡିଏ ସୁଦ୍ଧା ଚିରା ଲୁଗା ନାହିଁ। ପୁଣି ମୁଣ୍ଡ ପୋତିଲା, ପୁଣି ଟେକିଲା। ଯେ ଭଦ୍ରାମି ଜାଣେ ନାହିଁ, ତା'ର ପୁଣି ସେବା କରିବାକୁ ହେବ ! ଗୋପାଳ ଏଥର ତତ୍ତ୍ୱ ଖୋଜି ପାଇଲା ନାହିଁ। ଛିଣ୍ଡାଲୁଗା, ପୁରୁଣାଲୁଗା, କାହାପାଇଁ ? ଗୋପାଳ ମୁଣ୍ଡ ଟେକି ନିଜର ଲୁଗାକୁ ପୁଣି ଚାହିଁଲା—ସଫା ଆଖି ମେଲାକରି ଦେଖିଲା—ସେହି ଲୁଗାରେ ସେହି ଅର୍ଗଳି ପାଖ ବୃଦ୍ଧର ଛବି। ଆଖି ମଳିଲା, ରୁମାଲରେ ଆଖି ପୋଛିଲା। ରୁମାଲକୁ ଚାହିଁ ଦେଖିଲା, ସେଥିରେ ଛେପ ଲାଗିନାହିଁ। ତଥାପି ସେହି ବୃଦ୍ଧ ଆଖି ଆଗରେ ! ବୃଦ୍ଧ···ବାସ୍ତବିକ ବୃଦ୍ଧ। କେବଳ ହାଡ଼ ଉପରେ ଚମ ଘୋଡ଼ଣି ହୋଇଛି। ବିରାଟ ବପୁର କଙ୍କାଳ ସେ। ସେ କାନ୍ଦୁ ନାହିଁ; ସେ ହସୁ ନାହିଁ। ଉଲଗ୍ନ ବେଶରେ ଲୁଗାର ପ୍ରତି ସୂତା ଦେହରେ ସେ ଜଡ଼ିତ ହୋଇ ରହିଛି। ଉତ୍କଳମଣିଙ୍କର ଏହି କି ସେହି ଦରିଦ୍ର !! ଏହାରି ଦେବାପାଇଁ ଛିଣ୍ଡା ଲୁଗା ! ଗୋପାଳ ମୁହଁ ପୋଛି ଠିଆ ହେଲା। ଦୁଆରମୁହଁରେ ଶବ୍ଦ ହେଲା—'ଦିଅ ଲୁଗା, ଦିଅ, ଲୁଗା ଦିଅ'। ସ୍ୱେଚ୍ଛାସେବକଙ୍କ ମୁହଁକୁ ଚାହିଁ ଗୋପାଳ ପ୍ରଥମେ କିଛି କହିପାରିଲା ନାହିଁ। ଜଣେ କହିଲା, "ସେଟା ଦିଅ", ଜଣେ କହିଲା—"ଏଟା ଦିଅ"। ଗୋପାଳ ମନା କଲା ନାହିଁ, ହାତରେ ଭିଡ଼ିଆଣି ବଢ଼ାଇଦେଲା। ସତେଯେପରି ସେହି ସ୍ୱେଚ୍ଛାସେବକଙ୍କ ଭିତରେ ସେହି ବୃଦ୍ଧଙ୍କୁ ସେ ଦେଖିପାରିଲା। ଖଣ୍ଡକୁ ଖଣ୍ଡ ଲୁଗା, କାମିଜ ଦେଉ ଦେଉ ପଚାରିପକାଇଲା—"କ'ଣ

ବୁଢ଼ା ପାଇଁ ?" ହମନ୍ତେ ହସିଉଠି କହିଲେ, "ନା, ପିଲା, ବୁଢ଼ା, ବୁଢ଼ୀ, ଯୁବକ, ଯୁବତୀ, ସମସ୍ତଙ୍କ ପାଇଁ ।" ଗୋପାଳ ମୁହଁ ପୋଛି ପୁଣି ମୁହଁ ପୋଛୁଲା ।

ଏହି ଘଟଣାର ମାସକ ପରେ ଗୋପାଳ ଯେତେବେଳେ ଆଖି ଛଳଛଳ କରି, ଆଶ୍ରୁ ଭିଆଁ ଲୁଗା ଖଣ୍ଡିଏ ପିନ୍ଧି ମାଧପୁର କେନ୍ଦ୍ରର ସେହି ଅର୍ଗଳ ପାଖେ ଠିଆହୋଇ ଗୁହାଳ ଦେଉଥିଲା, ସିଆଳି ଗାଁର ବୃଦ୍ଧ ସାନ୍ତରା ବାଢ଼ି ଭରାଦେଇ ଗୋପାଳର ହାତ ଧରି କହି ପକାଇଲେ—

"ବାବୁ, ଉତ୍କଳମଣିଙ୍କ ସାଥିରେ ତୁ ଏବେ ଗାଆଁକୁ ଫେରିଆସିଲୁ ?"

ଗୋପାଳର ମୁହଁ ହସରେ ଫାଟିଗଲା; କହିଲା, "ହଁ, ଫେରିଆସିଲି ତମର ଯୋଗୁଁ । ତମର ସ୍ନେହ ମୋ ଆଖିରେ ଲୁହ ପାଲଟିଗଲା । ଏବେ ବୁଝୁଛି, ସେହି ସ୍ନେହ ଦନ୍ତ୍ରେ ପ୍ରାଣର ପ୍ରତିବାଦ !"

# ଧର୍ମଶାଳା

ଡକ୍ଟର ହରେକୃଷ୍ଣ ମହତାବ୍

ସାମନାରେ ଛୋଟ ଟେବୁଲ୍‌ଟିଏ । ଟେବୁଲ୍ ଉପରେ ପୁରୁଣା ଖବରକାଗଜ ଖଣ୍ଡେ ଟେବୁଲ୍ କ୍ଲଥ୍ କାମ ଦେଉଛି । ହାତ ନ ଥିବା କାଠ ଚୌକିଟିରେ ବସି ଟେବୁଲ୍ ଉପରେ ରଖାହୋଇଥିବା କେତେ ଖଣ୍ଡ ବହି ଏପାଖ ସେପାଖ କରି ଦେଖୁଛନ୍ତି ରାଧାମୋହନ । ବହି କେତେଖଣ୍ଡ ଭିତରୁ ଗୋଟିଏ ହେଉଛି ଗୀତା, ଆଉ ଗୋଟିଏ ଇଂରାଜୀରେ ଅନୁବାଦିତ କୋରାନ, ଆଉ ଏକ ସଂକ୍ଷିପ୍ତ ବାଇବେଲ୍ । ଯା' ଛଡ଼ା ଆଉ ମଧ୍ୟ ଛୋଟବଡ଼ ବହି କେତେ ଖଣ୍ଡ ଅଛି । କୌଣସି ଏକ ନିର୍ଦ୍ଦିଷ୍ଟ ବହି ଅଧ୍ୟୟନ କଲାଭଳି ରାଧାମୋହନ ଜଣାଯାଉ ନ ଥାନ୍ତି । କିଛି ସମୟ ଗୀତାର କେତେ ପୃଷ୍ଠା ପଢ଼ି ପୁଣି କୋରାନ ଆଡ଼କୁ ହାତ ବଢ଼ାନ୍ତି । ପୁଣି କ'ଣ ଭାବି ତାକୁ ଛାଡ଼ି ବାଇବେଲ୍‌କୁ ଖୋଲନ୍ତି । ସେଥିରୁ କିଛି ପଢ଼ି ଉପରକୁ ଚାହିଁ ଗମ୍ଭୀର ଭାବରେ କିଛିକ୍ଷଣ ଭାବନ୍ତି । ଏହିପରି ଅବସ୍ଥାରେ ସେ ନିଜ କୋଠରିରେ ଥିବା ସମୟରେ ଚନ୍ଦ୍ରମଣି ହଠାତ୍ କୁଆଡ଼ୁ ଆସି "ନମସ୍କାର, ରାଧାମୋହନ" କହି କହି ସାମନାରେ ଆସି ଠିଆ ହୋଇଗଲେ । ହଠାତ୍ ନିଦ ଭାଙ୍ଗିଗଲା ପରି ହୋଇ ରାଧାମୋହନ ଅଗକୁ ଚାହିଁ ଅନ୍ୟମନସ୍କ ଭାବରେ କହିଲେ, "କି ଚନ୍ଦ୍ରମଣି, କେବେ ଆସିଲ ? ବସ ବସ ।" ତା' ପରେ ନିଜେ ଉଠିଯାଇ ଟିକିଏ ଦୂରରେ ଥିବା ଷ୍ଟୁଲ୍ ଗୋଟିଏ ଆଣି 'ବସ' ବୋଲି କହିଲେ । ରାଧାମୋହନ ବର୍ତ୍ତମାନ ତାଙ୍କର ଗଭୀର ଚିନ୍ତାରୁ ମୁକ୍ତ । 'ବହୁଦିନ ପରେ ଦେଖା, କୁଆଡ଼େ ଥିଲ, କ'ଣ କରୁଛ, ସ୍ୱାସ୍ଥ୍ୟ କିପରି ଅଛି' ଇତ୍ୟାଦି ସମ୍ବିତ ଜିଜ୍ଞାସା କଲେ । ଏସବୁ କଥାର ଉତ୍ତର ନ ଦେଇ ଚନ୍ଦ୍ରମଣି ଅଧା ପରିହାସ ଅଧା ଗାମ୍ଭୀର୍ଯ୍ୟ ବ୍ୟଞ୍ଜକ ସ୍ୱରରେ ପଚାରିଲେ, "ତୁ ଆଗେ କହ ତ ତୁ ଏପରି ଦୀନ ଅବସ୍ଥାରେ ବସିଛୁ କାହିଁକି ? ତୋର ସେ ବଡ଼ ଟେବୁଲ୍ କାହିଁ, ସେ ସୁନ୍ଦର ପ୍ଲାଷ୍ଟିକ୍ ଟେବୁଲ୍‌କ୍ଲଥ କାହିଁ, ସେ ସ୍ପ୍ରିଙ୍ଗ ଦିଆ ଚେୟାର କାହିଁ ? ଘରେ ଖଣ୍ଡେ ଚେୟାର, ତା'ର ପୁଣି ହାତ ନାହିଁ । ଆଉ ସବୁ ଆସବାବ ଗଲା କୁଆଡ଼େ ? ପୁଣି ସାମନାରେ ପଡ଼ିଛି ଗୀତା । କଅଣ ତୁ ସନ୍ନ୍ୟାସୀ ହୋଇଗଲୁଣି କି ?" ଅଳ୍ପ ହସି ଦେଇ ରାଧାମୋହନ କହିଲେ, "ତୁ ଜାଣିନାହୁଁ, ଯା ଭିତରେ ବର୍ଷେ ଜେଲ୍ ଭୋଗି ସାରିଲିଣି । ତୁ ବା ଜାଣିବୁ କିପରି ! କାହାର ଗିରଫ୍ତାରି ବା ଜେଲ୍ ଯିବା ଖବର ତ ପ୍ରକାଶିତ ହେବ ନାହିଁ ବୋଲି ଆଦେଶ । ଜେଲ୍ ଭିତରେ ମୋତେ ଯେତିକି ଆସବାବ ଦିଆଯାଇଥିଲା, ସେଥିରେ ବର୍ଷକ ଭିତରେ ମୁଁ ଏପରି ଅଭ୍ୟସ୍ତ ହୋଇ

ଯାଇଛି ଯେ ଆଉ ସାଡ଼ମ୍ବର ଟେବୁଲ୍ ଚୌକି ଆସବାବ ମୋତେ ସୁଖ ଲାଗୁନାହିଁ । ସେ ସବୁ ଆଡ଼ମ୍ବର ଭିତରେ ରହି ପୁଣି ସେଥିରୁ ଯେବେ ବଞ୍ଚିତ ହେଲେ ମନଟା ଖରାପ ହେବ, ଏଣୁ ଠିକ୍ ସେହିପରି ଅବସ୍ଥାରେ ରହିଲେ ଜେଲ୍ ଗଲେ ଅନ୍ତତଃ ଏ କାରଣରୁ ଚିତ୍ତ ବିକ୍ଷେପ ଘଟିବ ନାହିଁ । ମୁଁ ଧରିନେଇଛି ଯେ ମୁଁ ଜେଲ୍‌ରେ ହିଁ ଅଛି ।" ଅଧୀର ଓ ଗମ୍ଭୀର ହୋଇଯାଇ ଚନ୍ଦ୍ରାମଣି କହିଲେ, "କେଉଁଥିରେ ତୋତେ ଜେଲ୍ ହେଲା ? ତୁ ତ..." ଆଉ କିଛି କହିବାକୁ ନ ଦେଇ ରାଧାମୋହନ ଉଚ୍ଚ ସ୍ୱରରେ କହି ହସିଲେ, "କେଉଁଥିରେ କାହିଁକି ମୋତେ ଜେଲ୍‌କୁ ନିଆ ହୋଇଥିଲା ମୁଁ ଜାଣେ ନାହିଁ । ଜେଲ୍‌କୁ ନିଆହେବା ଲୋକଙ୍କୁ ସେ ସବୁ ଜଣାଇ ଦିଆ ହେବ ନାହିଁ ବୋଲି ନୂଆ ଆଇନ୍ ହୋଇଛି । ତୁ ଏ ଦେଶରେ ଥିଲୁ ନା ଆଉ କେଉଁଠି ଥିଲୁ ? ତୁ କ'ଣ କିଛି ଖବର ରଖିନାହୁଁ କି ?" ଚନ୍ଦ୍ରାମଣି ମୁଣ୍ଡ କୁଣ୍ଡାଇ କୁଣ୍ଡାଇ କହିଲେ, "ଖବର ରଖେ, ଯେତିକି ଖବରକାଗଜରେ ବାହାରେ । ଆଉ ତ ବହୁତ କଥା ଶୁଣାଯାଏ । ସେଥିରୁ କେତେ ଯେ ସତ, କେତେ ମିଛ, ଜାଣିବା ଅସମ୍ଭବ । ମିଛ ତ ବହୁତ । ଏଣୁ କୌଣସି ଶୁଣା କଥାକୁ ବିଶ୍ୱାସ କରେଁ ନାହିଁ । ଅନେକ ଜେଲ୍ ଯାଇଛନ୍ତି, ମୁଁ ଜାଣେ; କିନ୍ତୁ ତୁ ଜେଲ୍ ଯିବୁ, ଏହା ମୁଁ ଆଶା କରି ନ ଥିଲି ।" ରାଧାମୋହନ କହିଲେ, "ଛାଡ଼ ସେ କଥା । ବର୍ତ୍ତମାନ ଅବସ୍ଥାରେ ସେ ସବୁ ଦେଶଦ୍ରୋହିତା ବେଆଇନ୍ ।"

ଚନ୍ଦ୍ରାମଣି—ଦେଶଦ୍ରୋହ ବା ବେଆଇନ, ଏ ସବୁ ମୁଁ ବୁଝେ ନାହିଁ । ମୁଁ ଚଳନ୍ତି ରାଜନୀତିରେ ଆଦୌ ନୁହେଁ । ମୁଁ ମୋ ନିଜ କାମରେ ଥାଏ ।

ରାଧାମୋହନ—କ'ଣ ତୋର ନିର୍ଦ୍ଦିଷ୍ଟ କାମ, କେଉଁଠି ଥିଲୁ, କେବେ ଆସିଲୁ ?

ଚନ୍ଦ୍ରାମଣି—ମୁଁ ଏନାକେତେ ବମ୍ବେରେ ଥିଲି । ସେଠି କିଛିଦିନ ରହିଲା ପରେ ଦିଲ୍ଲୀ ଗଲି, ସେଠୁ କେନେଡ଼ା ଗଲି । କେନେଡ଼ାରୁ ଫେରି କୋରାପୁଟ ଯାଇଥିଲି । କୋରାପୁଟରୁ ଏହି ବାଟେ ପୁଣି ବମ୍ବେ ଯାଉଛି । ସେଠୁ ପୁଣି କେନେଡ଼ା ।

ରାଧାମୋହନ—ତୋ ରହିବା ଯିବା ତ ଏତେ ଖାପ୍‌ଛଡ଼ା ଜଣାଯାଉଛି । ତୋର ନିର୍ଦ୍ଦିଷ୍ଟ କାର୍ଯ୍ୟ କ'ଣ କିଛି ତ ମୁଁ ବୁଝିପାରୁନାହିଁ ।

ଚନ୍ଦ୍ରାମଣି—ତୁ ଜାଣୁ, କଲେଜରେ ପଢ଼ିବା ଦିନରୁ ମୁଁ ମନସ୍ତତ୍ତ୍ୱ ଗବେଷଣାରେ ଆଗ୍ରହୀ । ତୁ ତ ଇତିହାସବାଲା । ମୁଁ କିନ୍ତୁ ଫିଲସଫିବାଲା । ସମାଜର ବିଭିନ୍ନ ଶ୍ରେଣୀର ଲୋକଙ୍କ ଚେତନା ବିକାଶ ଅନୁଧ୍ୟାନ କରିବା ମୋର କାମ । ବମ୍ବେ, ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ଏ ବିଷୟରେ ଗବେଷଣା ଚାଲିଛି । କେନେଡ଼ାରେ ଏ

ଦିଗରେ ଗବେଷଣା ବହୁଦୂର ଅଗ୍ରସର ହୋଇଛି । କେନେଡ଼ା ସରକାରଙ୍କ ଏକ ସ୍କଲରସିପ୍ ପାଇ ମୁଁ ଚାଲିଗଲି । ଏଠାର ଅନୁନ୍ନତ ଆଦିବାସୀଙ୍କ ଚେତନା ବିକାଶ ଅନୁଧ୍ୟାନ ପାଇଁ ମୁଁ କୋରାପୁଟ ଯାଇଥିଲି ।

ରାଧାମୋହନ—ଆଦିବାସୀଙ୍କ ଚେତନା ବିକାଶ ତ ଦୂରର କଥା । ଆମ ଶ୍ରେଣୀ, ତୋର ଶ୍ରେଣୀ ଲୋକଙ୍କ ଚେତନା ବିକାଶ କଥା କେବେ ଅନୁଧ୍ୟାନ କରିଛୁ ? ସେହି ବିଷୟ ହିଁ ମୁଁ ଇତିହାସ ଛାତ୍ର ହୋଇ ସୁଦ୍ଧା ବର୍ତ୍ତମାନ ଗବେଷଣା କରୁଛି । ସେଇଥିପାଇଁ ଏ ଧର୍ମପୁସ୍ତକ ସବୁକୁ ଓଲଟାଇ ଦେଖୁଛି ।

ଏ କଥାକୁ ହେୟ ଜ୍ଞାନ କଲାପରି ହୋଇ ଚନ୍ଦ୍ରାମଣି କହିଲେ, "କ'ଣ ତୋ ଗବେଷଣା ସଂକ୍ଷେପରେ କହି ତ ?"

ରାଧାମୋହନ—ମୋର ଗବେଷଣା କହେ, ତୋ, ଆମ ଶ୍ରେଣୀର ଲୋକ ଆଖିରେ ଦେଖିବା, କାନରେ ଶୁଣିବା, ସର୍ବାଙ୍ଗରେ ଅନୁଭବିବା ଏ ସଂସାରଟାକୁ ସମ୍ପୂର୍ଣ୍ଣ ମାୟାଜାଲ, ମିଛ ମନେକରେ ଆମେ ବାସ କରୁ ଏପରି ଏକ ରାଜ୍ୟରେ ଯାହାର ଦୈନନ୍ଦିନ ଜୀବନ ସହିତ କିଛି ସମ୍ପର୍କ ନାହିଁ । ଏହି ବେଦ, ଗୀତା, କୋରାନ୍, ବାଇବେଲ୍ ସବୁ ବୁଝାଇବାରେ ଲାଗିଛନ୍ତି, ମୃତ୍ୟୁ ପରେ ସୁଖଶାନ୍ତି କିପରି ମିଳିବ । ମୃତ୍ୟୁ ପରେ ଯାହା ହେବ ହେବ, ଏ ବର୍ଷ ଆର ବର୍ଷ ତା ପର ବର୍ଷ କ'ଣ ହେବ ? ଗୀତା ତ ବୁଝାଉଛି, କ'ଣ କଲେ ମୃତ୍ୟୁ ପରେ ଆଉ ଜନ୍ମିବାକୁ ପଡ଼ିବ ନାହିଁ । ଏ ଜୀବନର ସୃଷ୍ଟି ଯେ ସୃଷ୍ଟିକର୍ତ୍ତାଙ୍କର ଏକ ପ୍ରକାଣ୍ଡ ଭୁଲ ଏହାହିଁ ଆମର ଚେତନା । ତେଣୁ ଦେଶସାରା ଖାଇବାକୁ ନ ପାଇ ପିନ୍ଧିବାକୁ ନ ପାଇ ପାଠ ପଢ଼ିବାକୁ ନ ପାଇ କିଛି ନ ପାଇ ହା ହତାଶ ହେଉଥିଲେ ମଧ୍ୟ, ତୁ, ମୁଁ ମଧ୍ୟ ସେହି ହତାଶ ର ଶିକାର ହୋଇଥିଲେ ମଧ୍ୟ, ଆମେ ତାକୁ ସେପରି ଗୁରୁତ୍ୱ ଦେଉନାହୁଁ । କୌଣସି ପ୍ରକାରେ ଭଜେ ଚଳିଯାଇ ଏ ଜୀବନଟାକୁ ଶେଷ କରିଦେଲେ କାମ ସରେ, ଏହି ହେଉଛି ଆମର ଚେତନା ।

ଚନ୍ଦ୍ରାମଣି—ତୁ ଯେଉଁ ସମାଜର ଅବସ୍ଥା କଥା କହୁଛୁ ସେ ସବୁ ତ ରାଜନୈତିକ ଲୋକଙ୍କ ଭାବିବାର ବା ସେ ଦିଗରେ କାର୍ଯ୍ୟକାରକ ହେବାର କଥା । ତୁ ରାଜନୀତିରେ ଅଛୁ ବୋଲି ସେ ସବୁ ପ୍ରତି ତୋର ମନ ଯାଉଛି । କିନ୍ତୁ କୋରାପୁଟ ଜଙ୍ଗଲର ଆଦିବାସୀ ଲୁଗା ପିନ୍ଧେ ନାହିଁ, ଏକ ଦୁଇ ଗଣି ପାରେ ନାହିଁ, ବର୍ଷା ଖରାରୁ ରକ୍ଷା ପାଇବାପାଇଁ ଘରଟିଏ ଦରକାର ବୋଲି ସେ ଜାଣେ ନାହିଁ । ଦେଶ ସମାଜ ତ ଦୂରର କଥା, ତା ନିଜ କଥା ମଧ୍ୟ ଚିନ୍ତା କରିବାପାଇଁ ତା'ର ମସ୍ତିଷ୍କ ବିକଶିତ ହୋଇନ ହିଁ । ଏଥିପ୍ରତି ତୁମ ରାଜନୈତିକ ଲୋକଙ୍କ ଦୃଷ୍ଟି ପଡ଼ୁଚି କି ?

ରାଧ ମୋହନ—ତା'ହେଲେ ତ ସେମାନେ ଶାନ୍ତିରେ ଅଛନ୍ତି । ଅମେ ତ ଭଲ ଖାଇବ ପାଇଁ, ଭଲ ପୋଷାକ ପାଇଁ, ଭଲ ଘରଟିଏ କରିବାପାଇଁ, ସନ୍ତାନ-

ସନ୍ତତି ସୁଖରେ ରହିବାପାଇଁ, ନିଜେ ମଧ୍ୟ ଜୀବନଟାକୁ ଉପଭୋଗ କରିବାପାଇଁ ଯେପରି ବ୍ୟସ୍ତ, ଚିନ୍ତିତ ଓ ଉଦ୍‌ବିଗ୍ନ, ପୁଣି ସେ ସବୁ ଚିନ୍ତା, ଉଦ୍‌ବେଗ ଓ କାର୍ଯ୍ୟ ଫଳ ମୃତ୍ୟୁ ପରେ ଭୋଗିବାକୁ ହେବ ବୋଲି ମନରେ ଯେ ଭୟ, ଏଥିରୁ ତ କୋରାପୁଟ ଆଦିବାସୀମାନେ ମୁକ୍ତ । ଥାନ୍ତୁ ସେମାନେ ନିଶ୍ଚିନ୍ତରେ । ତାଙ୍କୁ ଟାଣି ଆଣି ଶାସ୍ତ୍ର-ବର୍ଣ୍ଣିତ ମାୟାଜାଲରେ ପକାଇ ଆମ ପରି ଘଣ୍ଟାଚକଟା କରିବା ଦରକାର ନାହିଁ ।

ଚିନ୍ତାମଣି—ମୁଁ ଦେଖୁଛି, ଏହି ବର୍ଷକ ଭିତରେ ତୁ ସମ୍ପୂର୍ଣ୍ଣ ନିରାଶାବାଦୀ ହୋଇଗଲୁଣି । ତୋର ମନସ୍ତତ୍ତ୍ୱ ଗବେଷଣା ଆବଶ୍ୟକ କରୁଛି । ଜେଲରେ ବୋଧହୁଏ ତୋର ନିରାଶା ଜନ୍ମିଲା । ତୁ ତ ପୂର୍ବେ ଏପରି ନଥିଲୁ । ଆଚ୍ଛା, ସେକଥା ପରେ ହେବ । ଆଉ ରାଜନୀତିର ଖବର କ'ଣ ? ତୁମେ ନେତାମାନେ ଖେଳରେ ଯେପରି ଦୁଇପକ୍ଷ ଦଉଡ଼ିକୁ ଟାଣି ନିଜ ପକ୍ଷକୁ ନେବାପାଇଁ ଗୋଇଠି ମାଡ଼ି ଦାନ୍ତ କାମୁଡ଼ି ସମସ୍ତ ବଳ ପ୍ରୟୋଗ କର, ସେହିପରି ଗଣତନ୍ତ୍ର ଓ ସମାଜବାଦକୁ ଏପରି ଟଣା ଓଟରା କଲଣି, ଶେଷରେ ସେ ଦୁଇ ବସ୍ତୁ ଯେ କଅଣ ଲୋକେ ଜାଣିବେ ନାହିଁ । କେବଳ ଦେଖିବେ କେଉଁ ପକ୍ଷ ଜିତିଲା । ଦୁଇ ପକ୍ଷରେ ତାଳି ମାରିବାପାଇଁ ଲୋକେ ଅଛନ୍ତି । ବର୍ତ୍ତମାନ ତୋ ପକ୍ଷ ହାରିଯାଇଛନ୍ତି ବୋଲି ତୁ ନିରାଶ । କହିଦେଇ ଚିନ୍ତାମଣି ଜୋରରେ ହସିଲେ ।

ରାଧାମୋହନ ଗମ୍ଭୀର ହୋଇଯାଇ କହିଲେ, "ଦେଖ୍ ଚିନ୍ତାମଣି, ତୁ ତ ଏଠି ପ୍ରାୟ ଦୁଇ ବର୍ଷ ହେଲା ନ ଥିଲୁ । ତୋ ସାଙ୍ଗରେ ମୋର ଦେଖା ପ୍ରାୟ ବର୍ଷକ ପରେ । ଏଣୁ ତୁ ଜାଣିନାହୁଁ ମୋଠି ସେ ପରିବର୍ତ୍ତନ ଘଟିଛି । ବର୍ତ୍ତମାନ ମୁଁ ରାଜନୀତିରେ ନାହିଁ ବୋଲି କହିବାଟା ଠିକ୍ ହେବ ନାହିଁ । ବର୍ତ୍ତମାନ ରାଜନୀତି ମୋତେ ଫୋପାଡ଼ିଦେଇଛି । କେବଳ ମୋତେ ନୁହେଁ, ମୋ ପରି ଅନେକଙ୍କୁ ଫୋପାଡ଼ିଦେଇ ରାଜନୀତି ଚାଲିଛି, ଯେପରି ମିଲ୍‌ରେ ଚୋକଡ଼କୁ ଫୋପାଡ଼ିଦେଇ ଗହମ ଅଟା ହୁଏ । ପୁରୁଣାକୁ ଫୋପାଡ଼ି ନ ଦେଲେ ନୂଆ ଉଠିପାରିବେ ନାହିଁ, ଏ ମଧ୍ୟ ଏକ ଦର୍ଶନ । ଆମକୁ ଯେଉଁମାନେ ଫୋପାଡ଼ିଦେଇଛନ୍ତି ସେମାନଙ୍କୁ ଅନ୍ୟମାନେ ଫୋପାଡ଼ିଦେବାକୁ ବସିଛନ୍ତି, ଏହି ହେଉଛି ରାଜନୀତିର ଅବସ୍ଥା ।"

ଚିନ୍ତାମଣି—ତୁ ଏ କଥା କହିଲେ ମୁଁ ବିଶ୍ୱାସ କରିବ ? ରାଜନୀତି ତୁ ଛାଡ଼ିପାରିବୁ ନାହିଁ କି ରାଜନୀତି ତୋତେ ମଧ୍ୟ ଛାଡ଼ିପାରିବ ନାହିଁ । ରାଜନୀତିରେ ତ ତୁ ନାହୁଁ, ତୋତେ ଜେଲ୍ ନେଲେ କାହିଁକି ?

ରାଧାମୋହନ ହସି ହସି କହିଲେ, "ସେ ତ ମନସ୍ତତ୍ତ୍ୱବିଷୟକ ଗବେଷଣା ଆବଶ୍ୟକ କରେ । ତୁ ଜାଣୁ, ଆଜିକାଲି ଚୋର ଡକାୟତି ଏତେ ବେଶି ହେଉଛି,

ପୋଲିସ ସବୁଗୁଡ଼ାକର ତଦନ୍ତ ଠିକମତ କରିପାରୁନାହାନ୍ତି । କିନ୍ତୁ ତଦନ୍ତ କରି କିଛି ରିପୋର୍ଟ ନ ଦେଲେ ଚାକିରିରେ ବାଧା ଆସିବ, ଖବର କାଗଜରେ ସମାଲୋଚନା ବାହାରିବ, ତେଣୁ ପୋଲିସ ଏକ ଦାଗୀ ତାଲିକା ରଖିଥାନ୍ତି । ଥରେ ଯେ ଅପରାଧରେ ଜେଲ୍ ଗଲା ତା'ର ନାମ ଚଢ଼ିଲା ସେ ଦାଗୀ ତାଲିକାରେ । ପରେ କେଉଁଠି ଚୋରି ଡକାୟତି ହେଲେ ପୋଲିସ ଦାଗୀ ତାଲିକାରୁ କେତେକଙ୍କୁ ଧରି ପ୍ରମାଣ ସଜେଇ କଚେରିରେ ହାଜର କରାନ୍ତି । ସିନ୍ଧକାଠି, ତାଲା ଭାଙ୍ଗିବା ଯନ୍ତ୍ର ଇତ୍ୟାଦି ଥାନାରେ ରହିଛି । ସେସବୁ ପ୍ରମାଣ ସ୍ୱରୂପ ସବୁ ମୋକଦ୍ଦମାରେ ଦାଖଲ ହୁଏ । ସେହି ପ୍ରମାଣ ବଳରେ ଧରିଆଣିଥିବା ଦାଗୀକୁ ଜେଲ୍ ହୁଏ । ପ୍ରଥମ ଅପରାଧ ପରେ ସାଧୁ ଜୀବନ ଯାପନ କରି ନିର୍ଦ୍ଦୋଷ ଜୀବିକା ଅର୍ଜନ କରିଥିଲେ ମଧ୍ୟ ଯେ ଦାଗୀ ସେ ଚିରକାଳ ଦାଗୀ । ମୁଁ ସେହିପରି ଏକ ରାଜନୈତିକ ଦାଗୀ । କେଉଁଠି କିଛି ଆନ୍ଦୋଳନ ହେଲେ ମୁଁ ସେ ସମ୍ବନ୍ଧରେ କିଛି ନ ଜାଣିଥାଏ ପଛକେ ମୋତେ ଧରିନେବାର କାରଣ ହେଉଛି ମୁଁ ଦାଗୀ ତାଲିକାଭୁକ୍ତ ।

ଚନ୍ଦ୍ରାମଣି—ତୁ ରାଜନୀତି ପ୍ରତି ଏତେ ବୀତସ୍ପୃହ ହେଲୁ କେବେଠୁ ? ବର୍ତ୍ତମାନ ତ ରାଜନୀତିରେ ତୋର ମାତିଯିବା କଥା ।

ରାଧାମୋହନ—ରାଜନୀତିରେ ମୁଁ ବୀତସ୍ପୃହ ନୁହେଁ, ରାଜନୀତି ମୋ ପ୍ରତି ବୀତସ୍ପୃହ ।

ଚନ୍ଦ୍ରାମଣି—କ'ଣ ଏକ ନୂଆ ଥିଓରି ତୁ ବାହାର କରିଛୁ ! ଶୁଣିବା ସେ ଥିଓରି ।

ରାଧାମୋହନ—ମୋର ଥିଓରି ଏହି ; ବିପ୍ଳବ କହିଲେ ଯାହା ବୁଝାଏ ତାହା ସଙ୍ଗଠିତ ହୋଇଛି ସଶସ୍ତ୍ର ବାହିନୀଙ୍କ ସାହାଯ୍ୟରେ ଓ ଯୁଦ୍ଧଜନିତ ଅବସ୍ଥାରେ । ଫ୍ରାନ୍ସର ସୈନ୍ୟବାହିନୀ ସାହାଯ୍ୟ କରି ନ ଥିଲେ ଆମେରିକାର ବିପ୍ଳବ ସଫଳକାମ ହୋଇପାରି ନ ଥାନ୍ତା । ପ୍ରଥମ ବିଶ୍ୱଯୁଦ୍ଧଜନିତ ଅବସ୍ଥାରେ ରୁଷିଆର କମ୍ୟୁନିଷ୍ଟ ବିପ୍ଳବ, ପୁଣି ଦ୍ୱିତୀୟ ବିଶ୍ୱଯୁଦ୍ଧଜନିତ ଅବସ୍ଥାରେ ଚୀନର କମ୍ୟୁନିଷ୍ଟ ବିପ୍ଳବ । ବିନା ବିପ୍ଳବରେ ଭାରତ ସ୍ୱାଧୀନ ହୋଇଛି; ସେହିପରି ଅନେକ ଦେଶ ହୋଇଛନ୍ତି । ଭାରତରେ କିନ୍ତୁ ଗାନ୍ଧିଜୀ ରାଜନୀତି ପରିଚାଳନା କରିବାପାଇଁ ଗୋଟିଏ ଶୃଙ୍ଖଳାବଦ୍ଧ ପୁରୁଷ ବା ଜେନେରେସନ ସୃଷ୍ଟି କରିଗଲେ । ସେ ପୁରୁଷ ଗଲା, ଗାନ୍ଧିଙ୍କ ନୀତି ବି ଗଲା; ଗାନ୍ଧି ବର୍ତ୍ତମାନ ଜେଲ୍‌ରେ । ତୁ ଶୁଣିଲେ ହସିବୁ, ଜେଲରେ ପ୍ରତିଦିନ ସକାଳେ ଗାନ୍ଧିଜୀଙ୍କ ପ୍ରାର୍ଥନା "ରଘୁପତି ରାଘବ ରାଜାରାମ" କଏଦିମାନେ ସମବେତ ହୋଇ ବୋଲନ୍ତି । ପୁଣି ଜେଲରେ କଏଦିମାନେ ଭୋଟ ଦେଇ ସେମାନଙ୍କର ଏକ ପଞ୍ଚାୟତ ନିର୍ବାଚନ କରନ୍ତି । ସେହି ପଞ୍ଚାୟତର ମତ ନେଇ ବା ତାକୁ ଖୁସ୍ ରଖି ଜେଲ୍ କର୍ତ୍ତୃପକ୍ଷ ଚଳନ୍ତି । ଗାନ୍ଧିଜୀଙ୍କ ପ୍ରାର୍ଥନା ଓ ନୀତି ବାହାରେ ପରିତ୍ୟକ୍ତ, କିନ୍ତୁ ଜେଲରେ

ଜୀବିତ ଅଛି । ବର୍ତ୍ତମାନ ଲୋକ ଭେଳେଇ ଓ ଘେରାଉ କରି କର୍ତ୍ତୃପକ୍ଷଙ୍କଠାରୁ କାମ ହାସଲ କରିବାକୁ ଅହିଂସାତ୍ମକ ବୋଲି କୁହାଯାଉଛି । ଜଣକୁ ଶହେ ଜଣ ସମ୍ପୂର୍ଣ୍ଣ ନିରସ୍ତ୍ର ଲୋକ ଘେରିଯାଇ ଜୋର ଜବରଦସ୍ତ କଲେ ସେ ନିଶ୍ଚୟ ଆତ୍ମରକ୍ଷା ପାଇଁ ଅସ୍ତ୍ର ବ୍ୟବହାର କରିବ । ଏ ସାଧାରଣ କଥାଟାକୁ 'ଅହିଂସାତ୍ମକ ଜନତା ଉପରେ ଗୁଳି ବର୍ଷଣ' ବୋଲି ଗାନ୍ଧିଜୀଙ୍କ ନାମରେ ଚତ୍କାର କରାହେଉଛି । ଅହିଂସାର ଆବରଣରେ ଗତ କରୁଥିବା ହିଂସା ଟିକ୍କ ଖୀନ ହେଉଛି ଅନ୍ୟ ପକ୍ଷର ସ୍ୱାଭାବିକ ହିଂସାର । ଏଥିରେ ମେଷ-ପରିଚ୍ଛଦଧାରୀ ଦୁର୍ବଳ ବାଘ ହୃଷ୍ଟପୁଷ୍ଟ ବଳଶାଳୀ ବାଘଦ୍ୱାରା ଧ୍ୱସ୍ତ ହୋଇ-ଯାଉଛି । ଅହିଂସାତ୍ମକ ରାଜନୀତି କହିଲେ ଗାନ୍ଧିନୀତି । ସେ ତ ପରୋକ୍ତ୍ୟକ୍ତ । ଯେ-କୌଣସି ଆବରଣରେ ହିଂସାଚରଣ ତ ଏ ନିରସ୍ତ୍ର ଦେଶରେ କେବେ ହେଲେ କାର୍ଯ୍ୟକାରୀ ହେବ ନାହିଁ । ଶୁଦ୍ଧ ଅହିଂସାତ୍ମକ ଆନ୍ଦୋଳନ ପାଇଁ ଯେଉଁ ନୈତିକତା ଆବଶ୍ୟକ, ତାହା ମୋର ନାହିଁ ବା ଦେଶର ବର୍ତ୍ତମାନ କାହାରି ନାହିଁ । ହିଂସା ତ ଚଳିବ ନାହିଁ । ଏଣୁ ପ୍ରଚଳିତ ବ୍ୟବସ୍ଥାକୁ ମାନିନେଇ ଚଳିବା ଭିନ୍ନ ଅନ୍ୟ ଉପାୟ ନାହିଁ । ଇତିମଧ୍ୟରେ ନିଜର ଓ ଜନତାର ନୈତିକ ଚେତନା ଜାଗ୍ରତ କରିବାପାଇଁ ଯାହା କିଛି କରିବାକୁ ହେବ—ଏହି ହେଲା ମୋର ଧାରଣା । ଛାଡ଼ ସେ ସବୁ କଥା—ଯେଉଁଠାରୁ ମୋ ମନକୁ ହଟାଇବାପାଇଁ ଗୀତା, କୋରାନ, ବାଇବେଲ୍ ପଢ଼ୁଛି, ତୁ ସେଇଠିକି ମୋ ମନକୁ ପୁଣି ଟାଣିନେଉଛୁ । ଛାଡ଼, ଅନ୍ୟକଥା ପକା । ଘରେ ତୋର ସମସ୍ତେ ଭଲ ? ତୋର କେନେଡ଼ା ଜୀବନ କିପରି ?

ଚନ୍ଦ୍ରାମଣି—ରହ, ତୁ ଯିବୁ କୁଆଡେ ! ତୁ ଏକ ପ୍ରତିଷ୍ଠାର କେନ୍ଦ୍ର ହୋଇଛୁ ଶୁଣି ତ ମୁଁ ତୋ ସହିତ କଥା ହେବାକୁ ଆସିଲି । ମନେ ଅଛି, କଲେଜ ଛାଡ଼ିବା ବେଳକୁ ଆମର ପ୍ରତିଜ୍ଞା ? କୁଆଡ଼େ ଗଲା ସେ ଜୀବନ ! ମୋର, ଅନ୍ୟ-ମାନଙ୍କର ତ ଯାଇଛି କେଉଁଦିନୁ । ବାକି ଥିଲୁ ତୁ; ତୁ ବି ଗଲୁ । ଆମ ପୁରୁଷଟା ଏପରି ନିରର୍ଥକ ହୋଇଯିବ ?

ରାଧାମୋହନ—ତୁ ଏକ ଅସମୟରେ ଆସିଲୁ । ଏଠି କିଛିଦିନ ରହ । ଧୀରେ ସୁସ୍ଥେ କଥା ହେବା । ମୋ ମନ ବର୍ତ୍ତମାନ କର୍ତ୍ତାରେ ବାଡ଼ା ଭଜା ହେବା ପରି ଅବସାଦରେ ଭଜା ହେଉଛି । ତୁ ଆସିବୁ ଅନ୍ୟ ସମୟରେ । ଏଠି ରହୁଛୁ କେଉଁଠି ?

ଚନ୍ଦ୍ରାମଣି—ଆଚ୍ଛା, ମୁଁ ସନ୍ଧ୍ୟାବେଳକୁ ହେଉ ବା କାଲି ବଡ଼ିସକାଳୁ ହେଉ, ଆସିବି । ମୋତେ କିନ୍ତୁ ସ୍ପଷ୍ଟ ସବୁ କହିବାକୁ ହେବ । କାରଣ ମୁଁ ମନସ୍ତତ୍ତ୍ୱବିଦ୍ । ହସି ହସି ଏହା କହି ଚନ୍ଦ୍ରାମଣି ଉଠି ଚାଲିଗଲେ ।

ଚନ୍ଦ୍ରାମଣି ଓ ରାଧାମୋହନ ସମବୟସ୍କ: ଏକା ସାଙ୍ଗରେ କଲେଜରେ ପଢ଼ୁଥିଲେ । ଏକ ସମୟରେ ଏମ୍. ଏ. ପାସ୍ କଲେ । ଶରତ ଓ ଜଗଦୀଶ ମଧ୍ୟ

ଏହି ସମୟରେ ଏମ୍‌. ଏ. ପାସ୍ କଲେ । ଏ ଚାରିଜଣ ଏକାଠି ହଷ୍ଟେଲରେ ଥିଲେ । ଏମାନେ ଏକ ବିପ୍ଳବର ଶପଥ ନେଇଥିଲେ, ବିଂଶ ଶତାବ୍ଦୀର ସମସ୍ତ ବିପ୍ଳବୀଙ୍କର ନାମରେ । ଲେନିନ୍, ଗାନ୍ଧୀ, ମାଓ ସେ ତୁଂ ଓ ହୋ ଚି ମିନ୍ ପ୍ରଭୃତି ଯେତେ ପ୍ରଚଳିତ ବ୍ୟବସ୍ଥାକୁ ଭାଙ୍ଗି ନୂଆ କରି ସମାଜ ଗଠନ କରିବାପାଇଁ ବିପ୍ଳବ କରିଥିଲେ, ଏ ସମସ୍ତେ ଥିଲେ ଉକ୍ତ ଚାରିଜଣଙ୍କର ଉପାସ୍ୟ । ଏମାନଙ୍କ ଦଳର ନାମ କିଛି ନ ଥିଲା । କେବଳ ସାଙ୍ଗସାଥୀ ହିସାବରେ ଜୀବନକୁ ଏକ ବିପ୍ଳବ ମାର୍ଗରେ ନେବେ ବୋଲି ଜୀବନର ପ୍ରଥମ ତରଙ୍ଗରେ ଉଦ୍‌ବୁଦ୍ଧ ହୋଇଥିଲେ । ଏମାନେ ମଧ୍ୟ ଛାତ୍ରନେତା ବା ଯୁବନେତା ବୋଲି ପରିଚିତ ଥିଲେ । ଅଧ୍ୟାପକମାନେ ମଧ୍ୟ ଏମାନଙ୍କୁ ଭୟ କରୁଥିଲେ କାଳେ ଏମାନେ କିଛି ଗଣ୍ଡଗୋଳ ସୃଷ୍ଟି କରିବେ । ଥରେ ଏମାନଙ୍କୁ ଲକ୍ଷ୍ୟ କରି ରାଜନୀତି ବିଜ୍ଞାନର ଜଣେ ଅଧ୍ୟାପକ କହିଥିଲେ, "ଅବିବାହିତ ଅବସ୍ଥାରେ ବିପ୍ଳବର କଳ୍ପନା ଯେଉଁମାନେ କରନ୍ତି ସେମାନେ ଗାନ୍ଧୀଙ୍କୁ ଏକ ଚରମପନ୍ଥୀ ବିପ୍ଳବୀ ଓ ଲେନିନ୍, ମାଓଙ୍କୁ ଚରମପନ୍ଥୀ ବୋଲି ମାନନ୍ତି । ସେମାନେ ନିଜକୁ ମାର୍କସପନ୍ଥୀ କମ୍ୟୁନିଷ୍ଟ ବୋଲନ୍ତି । ପୁଣି ବିବାହିତ ହେଲେ ସେମାନେ କମ୍ୟୁନିଷ୍ଟ ପଦରୁ ହଟି ଆସି ଭାଷଣ-ସର୍ବସ୍ୱ ସୋସାଲିଷ୍ଟ ହୁଅନ୍ତି । ପୁଣି ଏଥିରୁ ଟିକିଏ ହଟି ନିଷ୍କ୍ରିୟ ସର୍ବୋଦୟବାଦୀ ହୁଅନ୍ତି । ପିଲାଛୁଆ ହୋଇଗଲେ ସବୁଥିରୁ ହଟି ଏମାନେ ଆରାମପ୍ରିୟାସୀ କଂଗ୍ରେସ ଲୋକ ହୋଇଯାନ୍ତି । ତା'ପରେ ଆରାମର ସହିତ ସମାଜର ପରିବର୍ତ୍ତନ କରିବାପାଇଁ ଆଗେ ନିଜକୁ ଆରାମରେ ରଖିବାପାଇଁ ଯତ୍ନବାନ ହୁଅନ୍ତି ।" ଏ ପରିହାସର ଉତ୍ତର ଦେଇ ଉକ୍ତ ଚାରିଜଣଙ୍କ ମଧ୍ୟରୁ ରାଧାମୋହନ ଦୃଢ଼ ଭାବରେ କହିଥିଲେ, "ବିପ୍ଳବ ପାଇଁ ଆମେ ଜୀବନ ଉତ୍ସର୍ଗ କରିଛୁ, ଆଉ ସେଥିରୁ ହଟିବୁ ନାହିଁ ।" ପ୍ରକୃତରେ ଏମାନେ ବିପ୍ଳବର କଳ୍ପନାକୁ ସମ୍ପୂର୍ଣ୍ଣ ନିଜର କରିନେଇଥିଲେ । ଆବେଗ ବାଷ୍ପ ପରି ନିୟନ୍ତ୍ରିତ ନ ହେଲେ ଉଡ଼ି ଉଡ଼ି ଯେ କେତେ ଉପରକୁ ଯାଏ ତାହା ଆବେଗଗ୍ରସ୍ତ ଲୋକ ପ୍ରଥମ ଅବସ୍ଥାରେ ଜାଣିପାରେ ନାହିଁ । ରାଧାମୋହନ ଓ ତାଙ୍କ ସାଙ୍ଗମାନେ ଥରେ ପୁରୀକୁ ରଥଯାତ୍ରା ଦେଖିବାପାଇଁ ଯାଇଥିଲେ । ସେଠିକାର ସମସ୍ତ ଦୃଶ୍ୟ ଦେଖି ସମୁଦ୍ରକୂଳରେ ଚାରିଜଣଯାକ କହିଦେଲେ, "ଏ ଜଗନ୍ନାଥ ମନ୍ଦିରକୁ ଡିନାମାଇଟ୍ ଦେଇ ଭାଙ୍ଗି ନ ଦେଲେ ଓଡ଼ିଆ ଜାତିର ଉନ୍ନତି ହେବ ନାହିଁ । ମହାପ୍ରସାଦ ଖାଇ ଖାଇ ଯେଉଁ ଜାତି ଜଗନ୍ନାଥ ସବୁ କରିଦେବେ ବୋଲି ବିଶ୍ୱାସ କରେ, ସେ ଜାତି ଦରିଦ୍ର, ଭୀରୁ, କାପୁରୁଷ ହେବ ହିଁ ହେବ । ଏ ବିରାଟ ସୌଧଟି ନୁହେଁ ଯେ, ଏ ହେଉଛି ପ୍ରଗତିପଥରେ ଏକ ବିରାଟ ମେରୁ ପର୍ବତ । ମନ୍ଦିରକୁ ଭାଙ୍ଗି ଜଗନ୍ନାଥଙ୍କୁ ବଡ଼ଦାଣ୍ଡରେ ଗଡ଼ାଇ ନଦେଲେ ଓଡ଼ିଆ କେବେ ସାହସୀ, ବୀର, ମେଧାବୀ ହୋଇ ପୃଥିବୀବକ୍ଷରେ ମଥା ଟେକିପାରିବେ ନାହିଁ···ଇତ୍ୟାଦି···ଇତ୍ୟାଦି ।" ଏହିକୁ ଯେ କେବଳ ନିଜ ନିଜ ମଧ୍ୟରେ କଥା ହେଲେ ତାହା ନୁହେଁ, ସିଂହଦ୍ୱାରରେ ହିଁ

କରି ମାଇକରେ ଉଚ୍ଚସ୍ୱରରେ ମଧ୍ୟ ଏହା ଘୋଷଣା କଲେ । କେହି କହିଲେ ଏମାନେ ପାଗଳ, ଆଉ କେହି କେହି ଯୁବକ ଏମାନଙ୍କ କଥାରେ ଉନ୍ମାଦନା ଅନୁଭବ କଲେ । ଯାହାହେଉ, ଏସବୁ ଛାତ୍ରଜୀବନର ଆବେଗ, ଯେଉଁ ଜୀବନରେ ଜୀବିକା ବା ସଂସାରର ଚିନ୍ତା ନ ଥାଏ, ମଣି ହେବା ପୂର୍ବରୁ ଡ୍ରାମୁଡ଼ିଆର ଜୀବନ ଯେପରି । ସେହି ଯୁବସୁଲଭ ଆବେଗର ଏକ ପ୍ରଧାନ ଅଂଶ ହେଉଛି ପ୍ରେମ । ନଷ୍ଟଚରିତ୍ର ଯୁବକଙ୍କ କଥା ଛାଡ଼ିଦେଲେ ଯେଉଁମାନେ ଉଚ୍ଚାଭିଳାଷୀ, ଜୀବନରେ କୃତିତ୍ୱ ଅର୍ଜ୍ଜନ କରିବାପାଇଁ ଆଗ୍ରହୀ, ସେମାନେ ଖୋଜିବୁଲନ୍ତି ଏପରି ସହଧର୍ମିଣୀ, ଯେ ତାଙ୍କୁ ସାଧାରଣ ଜୀବନରେ ସାହାଯ୍ୟ କରିବ । ସହଶିକ୍ଷା ପ୍ରବର୍ତ୍ତନ ଫଳରେ ଏପରି ପ୍ରଣୟିନୀ ମିଳିବାରେ କିଛି ଅସୁବିଧା ନାହିଁ । ସହଧର୍ମିଣୀ ସହକର୍ମିଣୀ ପାଇବା ମଧ୍ୟ ଉଚ୍ଚାଭିଳାଷର ଏକ ଅଙ୍ଗ । ଚିନ୍ତାମଣିଙ୍କ ଉଚ୍ଚାଭିଳାଷ ପ୍ରଥମେ ଏ ଦିଗରେ ପୂରଣ ହେଲା । ସେ ବିବାହ କଲେ ତାଙ୍କର ସାଙ୍ଗରେ ପଢ଼ୁଥିବା ଫିଲସଫିରେ ଏମ୍. ଏ. ସୁଶୀଳାକୁ । ଚିନ୍ତାମଣି ନିଜେ ଫିଲସଫିରେ ଏମ୍. ଏ. । ତେଣୁ ସେ ବନ୍ଧୁମାନଙ୍କ ଭିତରେ କହିହେଲେ, ସମାନଧର୍ମିଣୀକୁ ପାଇ ସେ ଜୀବନରେ କହୁତ କିଛି କରିପାରିବେ । ରାଧାମୋହନଙ୍କୁ ଛାଡ଼ି ଅନ୍ୟ ଦୁଇଜଣ ସାଙ୍ଗ ଶରତ ଓ ଜଗଦୀଶ ମଧ୍ୟ ବିବାହ କଲେ । ଏକା ରହିଗଲେ ରାଧାମୋହନ । ସେ ବରାବର ଯୁକ୍ତି କରନ୍ତି, ବିବାହ ଜୀବନର ସହାୟକ ନୁହେଁ, ଏହା ଏକ ବନ୍ଧନ; ବିବାହ ପରେ ବିବାହିତ ବ୍ୟକ୍ତିକୁ ତିନିଗୋଡ଼ିଆ ଦଉଡ଼ କରିବାକୁ ହେବ । ଏହାର ଅନ୍ୟ ପକ୍ଷ ଯୁକ୍ତି ସବୁ ମଧ୍ୟ ତାଙ୍କର ବନ୍ଧୁମାନେ ବାଢ଼ନ୍ତି । ଯାହାହେଉ, ଚାରିଜଣ ସାଙ୍ଗଙ୍କ ଭିତରୁ ତିନିଜଣ ହୋଇଗଲେ ବିବାହିତ ଓ ଜଣେ ରହିଗଲେ ଅବିବାହିତ । ଚାରିଜଣଯାକ ଭଲ ମେଧାବୀ ଛାତ୍ର । ମେଧା ପ୍ରଦର୍ଶନ କରିବାପାଇଁ ସମସ୍ତେ ଆଗ୍ରହୀ । କିନ୍ତୁ କ୍ଷେତ୍ର କାହିଁ ? ଶିଳ୍ପ ବିକାଶ ଯେପରି ହୋଇନାହିଁ ଯେ ସେ କ୍ଷେତ୍ରରେ ଜଣେ ସହଜରେ କୃତିତ୍ୱ ଅର୍ଜ୍ଜନ କରିପାରିବ । ରାଜନୀତି କ୍ଷେତ୍ର ଏକ ସମୟରେ ପ୍ରଶସ୍ତ ଥିଲା । ସେ ପଡ଼ିଆରେ ଖେଳିବାପାଇଁ ବହୁ ଉଚ୍ଚାଭିଳାଷୀ ଯୁବକ ବାହାରୁଥିଲେ ; ଖେଳ ଦେଖାଇ ନିଜେ ସନ୍ତୋଷ ଲାଭ କରୁଥିଲେ ଏବଂ ଦର୍ଶକମଣ୍ଡଳୀର ଉଚ୍ଛ୍ୱସିତ ପ୍ରଶଂସା ଅର୍ଜ୍ଜନ କରୁଥିଲେ । କିନ୍ତୁ ସେ କ୍ଷେତ୍ର କ୍ରମେ ଏପରି ସଂକୀର୍ଣ୍ଣ ହେଲାଣି, ପଡ଼ିଆ ଚାରିପାଖଯାକ ଜବରଦଖଲ କରି ଏତେ ଲୋକ କୋଠାବାଡ଼ି କରିଗଲେଣି ଯେ ସେଠି ବହୁ ଖେଳାଳିଙ୍କ ପାଇଁ ସ୍ଥାନ ନାହିଁ । କୌଣସି ଖେଳର କେବଳ ଗୋଟିଏ ଟିମ୍ ଛଡ଼ା ଅନ୍ୟ ଟିମ୍ ପାଇଁ ମଧ୍ୟ ସ୍ଥାନ ନାହିଁ । ସେହି ଗୋଟିଏ ଟିମ୍ ଅପ୍ରତିଦ୍ୱନ୍ଦୀ ପ୍ରାୟ ହୋଇ ସବୁଥର ଜିତି ସିଲ୍ଡ୍ ପାଉଛି ବୋଲି ମଧ୍ୟ ସମ୍ବାଦପତ୍ର ଓ ରେଡ଼ିଓ ପ୍ରଚାର କରୁଛନ୍ତି । ଅନ୍ୟ ଟିମ୍ ଯେ କେହି ନାହାନ୍ତି ଓ ଖେଳପଡ଼ିଆ ଯେ ସଂକୀର୍ଣ୍ଣ ହୋଇଗଲାଣି, ଏ କଥାଟି ପ୍ରଚାରରେ ଏପରି ଉହ୍ୟ ଥାଏ ଯେ ବାହାରର ଲୋକେ ସମସ୍ତେ ମନେକରନ୍ତି

ଯେଉଁ ଗୋଟିକ ଟିମ୍ ଖେଳୁଛି ସେହି ହେଉଛି ସର୍ବୋତ୍ତମ । ରାଧାମୋହନ ଓ ତାଙ୍କ ସାଙ୍ଗମାନେ ସ୍ୱାଧୀନ ଭାରତରେ ରାଜନୀତି କ୍ଷେତ୍ରରେ ଅବତୀର୍ଣ୍ଣ ହେବେ ବୋଲି ଅଭିଳାଷ ପୋଷଣ କରୁଥିଲେ । କିନ୍ତୁ ଛାତ୍ରଜୀବନ ଶେଷ ହେବାବେଳକୁ ସେ କ୍ଷେତ୍ରର ଦଶା ପୂର୍ବବର୍ଣ୍ଣିତ ଅବସ୍ଥାରେ ପହଞ୍ଚିଲାଣି । କିନ୍ତୁ ଅଭିଳାଷ ତ ଠେଲିହୋଇ ପ୍ରକାଶ ପାଇବାରେ ବ୍ୟସ୍ତ । ଶରତ ଓ ଜଗଦୀଶ ଆଇ. ଏ. ଏସ୍. ପ୍ରତିଦ୍ୱନ୍ଦ୍ୱିତାରେ ଯୋଗ ଦେଲେ । ସେଥିରେ ସେମାନେ ଜୟୀ ହେଲେ । ଶରତ ହୋଇଗଲେ ଆଇ. ଏ. ଏସ୍. ଓ ଜଗଦୀଶ ହୋଇଗଲେ ଆଇ. ପି. ଏସ୍. । ଜଣେ ଜିଲ୍ଲା ମାଜିଷ୍ଟ୍ରେଟ ଓ ଆଉ ଜଣେ ପୋଲିସ ସୁପରିଣ୍ଟେଣ୍ଡେଣ୍ଟ । ଚିନ୍ତାମଣି ସେଥିରେ ଅକୃତକାର୍ଯ୍ୟ ହୋଇ ଶିକ୍ଷା ବିଭାଗରେ ଅଧ୍ୟାପକ ହେଲେ ଓ ଅଧ୍ୟାପକ ହିସାବରେ ନାମ ମଧ୍ୟ କଲେ । ଫରେନ୍ ସ୍କଲରସିପ୍ ପାଇ ବର୍ତ୍ତମାନ କେନେଡ଼ାରେ ମନସ୍ତତ୍ତ୍ୱ ଗବେଷଣା କାର୍ଯ୍ୟରେ କିଛିକାଳ ପାଇଁ ଅଛନ୍ତି । ଏକା ରହିଯାଇଛନ୍ତି ରାଧାମୋହନ ରାଜନୀତିରେ । ଅନ୍ୟମାନେ ବିଭିନ୍ନ ଦିଗକୁ ଚାଲିଗଲେ ମଧ୍ୟ ଏକ ସମୟରେ ଯେ ସେମାନେ ରାଜନୈତିକ ଅଭିଳାଷ ପୋଷଣ କରୁଥିଲେ ଏବଂ ତାକୁ ଘୋଷଣା କରି ଛାତ୍ରବନ୍ଧୁଙ୍କଠାରୁ ବାହାବା ପାଉଥିଲେ, ସେଥିରୁ ସେମାନେ ଅପସରି ଯାଇଛନ୍ତି; ଏ ଭାବନାକୁ ସେମାନେ ଏକ ମାନସିକ ଗ୍ଲାନି ବୋଲି ମନେକରି ନିଜ ମନକୁ ନିଜେ ବୋଧ ଦିଅନ୍ତି । ପୂର୍ବତନ ଛାତ୍ରବନ୍ଧୁଙ୍କ ସାଙ୍ଗରେ ଦେଖାହେଲେ ସେମାନେ କିପରି ରାଜନୀତି କ୍ଷେତ୍ରରେ ସାହାଯ୍ୟ ପହଞ୍ଚାଉଛନ୍ତି, ସେ ସବୁ କହି ଆତ୍ମସନ୍ତୋଷ ଲାଭ କରନ୍ତି । ପୋଲିସ୍ ସହିତ ଏକମତ ନ ହୋଇ କିପରି ସେ ଅନେକଙ୍କୁ ମିଛା ଆଇନ୍ କବଳରୁ ରକ୍ଷା କରିଛନ୍ତି, ପୋଲିସ୍‌କୁ ନିୟନ୍ତ୍ରଣ କରି କିପରି ରାଜନୈତିକ କାର୍ଯ୍ୟରେ ଅନେକଙ୍କୁ ପରୋକ୍ଷରେ ସାହାଯ୍ୟ କରୁଛନ୍ତି, ଏହା ହେଲା ଶରତଙ୍କର ନିଜର ମାନସିକ ଦ୍ୱନ୍ଦ୍ୱର ବିବରଣୀ । ସେହିପରି ଜଗଦୀଶ କେତେକ ଡି. ଆଇ. ଆର୍. ରେ ଧରା ହୋଇଥିବା ବନ୍ଦୀମାନଙ୍କୁ କେବଳ ଏକ ମାମୁଲି ଏଗ୍ରିମେଣ୍ଟ ଲେଖାଇ ମୁକ୍ତ କରାଇଛନ୍ତି, କିଛି କାରଣ ଥିଲେ ମଧ୍ୟ କିପରି ସେ ଅନେକଙ୍କୁ ମିଥ୍ୟା ଆଇନରେ ପକାଉନାହାନ୍ତି ଏସବୁ କହନ୍ତି । ଚିନ୍ତାମଣିଙ୍କର ତ ଏପରି କୈଫିୟତ ନିଜକୁ ନିଜେ ଦେବାର ଅବକାଶ ନାହିଁ । ତଥାପି ସେ ଟାଣିଓଟାରି କୈଫିୟତ୍ ଯେ ଆବିଷ୍କାର ନ କରିଛନ୍ତି ତାହା ନୁହେଁ । ସେ କୈଫିୟତ୍ ସେ ରାଧାମୋହନଙ୍କୁ ଦେଲେ ତାଙ୍କ ସହିତ ଦ୍ୱିତୀୟ ସାକ୍ଷାତ ସମୟରେ ।

ବଡ଼ିସକାଳୁ ରାଧାମୋହନ ମୁହଁ ନ ଧୋଇ ଦାନ୍ତ ସୁଦ୍ଧା ନ ଘଷି ବାରନ୍ଦାରେ ଏକ ଚୌକିରେ ବସିଛନ୍ତି; ଚିନ୍ତାମଣି ଆସି ପହଞ୍ଚିଗଲେ । ପାଖରେ ପଡ଼ିଥିବା ଆଉ ଏକ ଚୌକିରେ ବସିପଡ଼ି ସେ ଆରମ୍ଭ କଲେ, "ରାଧାମୋହନ, ମୁଁ ଖୁବ୍ ସକାଳୁ ଚାଲିଆସିଲି; କାରଣ ସି. ଆଇ. ଡି. ମାନେ ତୋ ଘର ଚାରିପଟେ

ଛୋଟେ ଜଗିଛନ୍ତି; କିଏ ଆସିଲା, କିଏ ଗଲା, କି କଥା ହେଲା, ସବୁ ଖବର ରଖିଛନ୍ତି । ସି. ଆ. ଡି. କି ଖବର ରଖିବେ, ସ୍ୱା'ଙ୍କର ବୁଦ୍ଧି କେତେ, ଏ ତ ରାତି ପାହାନ୍ତିଆ ନିଦରେ ଶୋଇପଡ଼ିବେ, ଉଠିବେ ସାତଟା ଆଠଟା ବେଳକୁ । ଯା'ହେଉ, ମୁଁ ଏତିକି କହିବାପାଇଁ ଆସିଛି । ଆମ ଭିତରେ ତୁ ଏକା ରାଜନୀତିରେ ଅଛୁ; କେବେ ରାଜନୀତି ଛାଡ଼ି ନାହିଁ । ସବୁଦିନ କ'ଣ ସମାନ ଯିବ, ରାଜନୀତି ପୁଣି ଓଲଟିବ । ରାଜନୀତି କ୍ଷେତ୍ରରେ ତୁ ଆମ ଗ୍ରୁପ୍‌ର ପ୍ରତିନିଧି । ନିରାଶ ହୁଅ ନାହିଁ, ସେଦିନ ତୋ କଥା ଶୁଣି ମନଟା ମୋର ଭାରି ଖରାପ ହୋଇଗଲା । ତୁ ଭାବ ନାହିଁ ଯେ ମୁଁ ରାଜନୀତିରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ । ତୁ ତ ଜାଣୁ ସୁଶୀଳାର ସ୍ୱଭାବ; ମୁଁ ଆଶା କରିଥିଲି ସେ ମୋତେ ସାହାଯ୍ୟ କରିବ ବୋଲି, କିନ୍ତୁ ସେ ବର୍ତ୍ତମାନ ମୋର ଗଳଗ୍ରହ ହୋଇଛି । ତା'ର ଦାବୀ ପୂରଣ କରିବାରେ ମୋର ଦିନ ଯାଉଛି । ତଥାପି ମୁଁ ମୋ କାମ ଭିତରେ ବରାବର ରାଜନୈତିକ 'ଦୃଷ୍ଟିକୋଣକୁ ବଜାୟ ରଖିଛି । ଏଇ ଯାଇଥିଲି କୋରାପୁଟକୁ, ସେଠି ନକ୍‌ସାଲାଇଟ୍ ଖୋଜିବା କାର୍ଯ୍ୟକ୍ରମରେ । ନିରୀହ ଆଦିବାସୀମାନଙ୍କ ଉପରେ ଅତ୍ୟାଚାର କରୁଛନ୍ତି ଦେଖିଲି, କଥାବାର୍ତ୍ତା ପ୍ରସଙ୍ଗରେ ଆଦିବାସୀ ନେତାମାନଙ୍କୁ ଉତ୍ସାହ ଦେଲି । ଜଣେ ଦି'ଜଣ ନକ୍‌ସାଲାଇଟ୍ ନେତାଙ୍କ ସାଙ୍ଗରେ ଗୋପନରେ ଦେଖା ହୋଇଥିଲା, ତାଙ୍କୁ ମଧ୍ୟ ଉତ୍ସାହ ଦେଲି । ସେଠାରେ ଜଗଦୀଶ ଏସ୍. ପି. ଅଛି; ତାକୁ ମଧ୍ୟ କହିଲି ସାହାଯ୍ୟ କରିବାକୁ; ସେମାନେ ତାଙ୍କ ପଛାରେ ଥାଆନ୍ତୁ । ତୁ ତୋ ପଛାରେ ରହି ସେମାନଙ୍କୁ ସାହାଯ୍ୟ ପହଞ୍ଚା । ତୁ ନିରାଶ ହେଲେ ତ କଥା ସରିଗଲା ।'' ବକ୍ତୃତା ଦେଲା ପରି ଏକ ନିଶ୍ୱାସରେ ଚିନ୍ତାମଣି ଏତେଗୁଡ଼ାଏ କଥା କହିଗଲେ । କାରଣ, ସେ ତରତର ହେଉଛନ୍ତି ସି. ଆ. ଡି. ଫାଟକ ପାଖକୁ ଆସିବା ପୂର୍ବରୁ ଚାଲିଯିବାପାଇଁ । ରାଧାମୋହନ ଏ ବକ୍ତୃତା ଶୁଣି ମନେ ମନେ ଯେ ବିରକ୍ତ ହେଉଥା'ନ୍ତି ଏହା ତାଙ୍କ ଲାଲ ପଡ଼ିଆସୁଥିବା ମୁହଁରୁ ଜଣାପଡୁଥାଏ । ଚିନ୍ତାମଣିଙ୍କ କଥା ସରିବା ପରେ ସେ ଗଳା ସଫା କରି ଚୌକି ଉପରେ ଟିକିଏ ଆଗକୁ ଝୁଙ୍କି ପଡ଼ି ବସି ଦୃଢ଼ ଭାବରେ କହିଲେ, "ବୁଝିଲୁ ଚିନ୍ତାମଣି, କଲେଜ ଏକ ଧର୍ମଶାଳା; ସେଠି ଯେତେ ଦିନ ରହିଲେ ଏକ ସଙ୍ଗରେ ବହୁତ କଥା ଭାବିଲେ, ଭବିଷ୍ୟତ ଚିନ୍ତା କଲେ, କିନ୍ତୁ ପରେ ଯେ ଯୁଆଡ଼େ ଚାଲିଗଲେ ତାଙ୍କ କାମରେ । ଆଉ ସେ ଧର୍ମଶାଳା କଥା ଭାବି ଲାଭ କଅଣ ? ତୁ ତୋ ଜୀବନକୁ ସୁଖୀ କର, ସେହିପରି ଶରତ ଓ ଜଗଦୀଶ, ମୋତେ ଛାଡ଼ି ଦେ, ମୁଁ ମୋ ବାଟ ଖୋଜି ଯାଏ । ତୁ ଆଉ ଲୁଚି ଲୁଚି ଆସି ବକ୍ତୃତା ଶୁଣାନା । ତୁ ଟଙ୍କା ରୋଜଗାର କରିବୁ, ଭାରିଜାର ଦାବୀ ପୂରଣ କରିବୁ, ଆଉ ନକ୍‌ସାଲାଇଟ୍-ମାନେ ଗୁଳିରେ ମରିବେ, ମୁଁ ଜେଲ ଯିବି, ପୁଣି ତୋ ଠାରୁ ବକ୍ତୃତା ଶୁଣିବି । ଏ ବଡ଼ ବିରକ୍ତିଜନକ ଭୂମିକା ।'' ଏତିକି ଶୁଣି "ତୋ ମନ ବର୍ତ୍ତମାନ ଭଲ ନାହିଁ, ମୁଁ ଯାଉଛି, ପରେ ଆସିବି'' କହି ଚିନ୍ତାମଣି ତରତର ହୋଇ ଉଠିଲେ ।

ଚନ୍ଦ୍ରାମଣି ରହୁଥାନ୍ତି ରାଜମହଲ ହୋଟେଲରେ । ତାଙ୍କ ସ୍ତ୍ରୀ ସୁଶୀଳା ମଧ୍ୟ ସେଇଠି ଥାଆନ୍ତି । ଚନ୍ଦ୍ରାମଣି ରାଧାମୋହନଙ୍କ ପାଖରୁ ଫେରିଯାଇ ହୋଟେଲରେ ପହଞ୍ଚି ଦେଖନ୍ତି ଯେ ପ୍ରାୟ ପଚିଶ ଜଣ ସଶସ୍ତ୍ର ପୋଲିସ ହୋଟେଲକୁ ଘେରି ରହିଛନ୍ତି । ଚନ୍ଦ୍ରାମଣି ଭାବିଲେ ଯେ କାହାରିକୁ ହୋଟେଲରେ ମିସା ବା ଡି. ଆଇ. ଆର୍. ରେ ଗିରଫ୍ତାର କରିବାପାଇଁ ପୋଲିସ ଆସିଛନ୍ତି । ପୋଲିସ କାହାରିକୁ ଭିତରକୁ ଛାଡ଼ୁନାହାନ୍ତି । ଚନ୍ଦ୍ରାମଣି ନିଜ ନାମ ଓ ସେ ଏକ ଅଧ୍ୟାପକ ବୋଲି କହିବାମାତ୍ରେ ତାଙ୍କୁ ଭିତରକୁ ଆଗ୍ରହ ସହକାରେ ଛାଡ଼ିଦିଆଗଲା । ସେ ଭିତରକୁ ଯାଇ ଦେଖନ୍ତି, ତାଙ୍କର ରୁମ୍‌ରେ ପୋଲିସ ଅଫିସର ଦୁଇଜଣ ବସି ସୁଶୀଳାଙ୍କୁ ପଚରାପଚରି କରୁଛନ୍ତି । ଚନ୍ଦ୍ରାମଣିଙ୍କୁ ଦେଖି ପୋଲିସ ଅଫିସରମାନେ ଚୌକିରୁ ଉଠିପଡ଼ି ନମସ୍କାର କଲେ । ବିନମ୍ର ସହକାରେ କହିଲେ, 'ଚାଲନ୍ତୁ' । ଚନ୍ଦ୍ରାମଣି ବିସ୍ମିତ ହୋଇ ପ୍ରଥମେ କିଛି ବୁଝି ପାରିଲେ ନାହିଁ । ତା'ପରେ ଯେତେବେଳେ ଜାଣିଲେ ପୋଲିସ ତାଙ୍କୁ ଗିରଫ୍ତାର କରିବାପାଇଁ ଆସିଛି, ସେ ଅପ୍ରତିଭ ହୋଇ ଖଟ ଉପରେ ବସିଗଲେ । ସୁଶୀଳା ମଧ୍ୟ କାନ୍ଦିପକାଇଲେ । ନିଜକୁ ନିଜେ ସମ୍ଭାଳିନେଇ ଚନ୍ଦ୍ରାମଣି ପଚାରିଲେ, "ମୋ ବିରୁଦ୍ଧରେ ଅଭିଯୋଗ କ'ଣ ?" ସିନିଅର୍ ପୋଲିସ ଅଫିସର ନମ୍ର ଭାବରେ କହିଲେ, "ଆଇନ୍ ଅନୁସାରେ ତାହା କାହାରିକୁ କୁହାଯିବ ନାହିଁ ।" ଟିକିଏ ତେଜ ପ୍ରକାଶ କରି ଚନ୍ଦ୍ରାମଣି କହିଲେ, "ଏ ଦେଶରେ ଆଇନର ଶାସନ ଅଛି ନା ନାହିଁ ?" ପୋଲିସ ଅଫିସର ହସି ହସି କହିଲେ, "ଆଇନର ଶାସନ ଅଛି ବୋଲି ତ ଆଇନ ଅନୁସାରେ ଆପଣଙ୍କୁ ଗିରଫ୍ତାର କରାଯାଉଛି ।" ମୁଣ୍ଡ ତଳକୁ କରି ଚନ୍ଦ୍ରାମଣି କିଛି ଭାବିପାରିଲେ ନାହିଁ । ସୁଶୀଳା ମଧ୍ୟ ଅବାକ୍ ହୋଇ ଏକ କୋଣରେ ଛିଡ଼ା ହୋଇଥାନ୍ତି । କିଛିକ୍ଷଣ ସମ୍ପୂର୍ଣ୍ଣ ନୀରବତା ପରେ ପୋଲିସ ଅଫିସରମାନେ କହିଲେ, "ଆମେ ବାହାରେ ଅପେକ୍ଷା କରୁଛୁ । ଆମ ସାଙ୍ଗରେ ଯିବାପାଇଁ ଆପଣ ଶୀଘ୍ର ପ୍ରସ୍ତୁତ ହୁଅନ୍ତୁ ।" ଏହା କହି ସେମାନେ ବାହାରକୁ ଚାଲିଗଲେ ।

ସୁଶୀଳା କାନ୍ଦି କାନ୍ଦି ଚନ୍ଦ୍ରାମଣିଙ୍କୁ କୁଣ୍ଢାଇପକାଇ ଅସ୍ପଷ୍ଟ ସ୍ୱରରେ କହିବାରେ ଲାଗିଲେ, "ତୁମକୁ ମନା କରୁଥିଲି, ତୁମେ ସେ ନକ୍ସାଲାଇଟ୍‌ଙ୍କ ଆଡ୍‌ଡାକୁ ଗଲ କାହିଁକି, ପୁଣି ରାଧାମୋହନଙ୍କ ଘରକୁ ବାରମ୍ବାର ଗଲ କାହିଁକି ?" ଚନ୍ଦ୍ରାମଣି ଚୁପ୍ ଚୁପ୍ ହୋଇ କହିଲେ, 'ଏଇ କ'ଣ ମୋ ବିରୁଦ୍ଧରେ ଅଭିଯୋଗ ?' ସୁଶୀଳା କହିଲେ ହଁ, ସେଇ ଅଭିଯୋଗ । କାରଣ ମୋତେ ପୋଲିସ ପଚାରିଲେ, ତୁମେ କୋରାପୁଟର ନକ୍ସାଲାଇଟ ଅଞ୍ଚଳ ଗୁଣୁପୁର ଯାଇଥିଲ କି ନାହିଁ; ପୁଣି ରାଧାମୋହନଙ୍କ ସାଙ୍ଗରେ ତୁମର ସମ୍ପର୍କ ଅଛି କି ନାହିଁ ?" ଚନ୍ଦ୍ରାମଣି ସୁଶୀଳାଙ୍କ ଆଡ଼କୁ ନିଟେଇ ଚାହିଁ କହିଲେ, "ତୁମେ କ'ଣ କହିଲ ?" ମୁଁ କହିଲି, "ତୁମେ ଗୁଣୁପୁର ଯାଇଥିଲ ଆଦିବାସୀଙ୍କ ମନସ୍ତତ୍ତ୍ୱ ଗବେଷଣା କରିବାପାଇଁ, ଆଉ ରାଧାମୋହନ ତୁମର, ଆମର କଲେଜ ସାଙ୍ଗ—ସେଇଆ ସମ୍ପର୍କ ।" ଚନ୍ଦ୍ରାମଣି ଗୁମ୍ ମାରି କିଛି ସମୟ ବସିରହିଲେ;

ସୁଶୀଳା ମଧ୍ୟ ତାଙ୍କ ଆଡ଼କୁ ଅନାଇ ନୀରବରେ ଛିଡ଼ା ହୋଇ ରହିଥାନ୍ତି । ତା'ପରେ ଚନ୍ଦ୍ରାମଣି ଉଠିପଡ଼ି କହିଲେ, "ହଉ, ବିଛଣାପତ୍ର, ଲୁଗାପଟା ବାନ୍ଧିନିଅ । ତୁମେ ଦିନାକେତେ ଏଠି ରହ; କଅଣ ହେଉଛି, କେଉଁଠିକୁ ନେଉଛନ୍ତି ବୁଝିବ । ତା'ପରେ ଯଦି ଜେଲ ହୋଇଯାଏ · ଆଁ ·· କଅଣ କରିବ, ଭାବି ଦେଖ ।" ସୁଶୀଳା କାନ୍ଦି-ପକାଇଲେ । "ଆଚ୍ଛା, ପରେ ସେକଥା ଭାବି ସ୍ଥିର କରାହେବ । ଲୁଗାପଟା ମୁଁ ସଜାଡ଼ିନିଏ ।"

ଚନ୍ଦ୍ରାମଣି ପ୍ରସ୍ତୁତ ହୋଇ ବାହାରକୁ ଆସିବା ପୂର୍ବରୁ ସୁଶୀଳାଙ୍କୁ କହିଲେ, "ଏକ ଅଦ୍ଭୁତ ଅପ୍ରତ୍ୟାଶିତ ପରିସ୍ଥିତିରେ ପଡ଼ିଗଲି । ହଉ, ଦେଖାଯିବ ।" ହଠାତ୍ ଆଘାତ ପାଇଯାଇ ମନ ପ୍ରଥମେ ଦବିଯାଏ, ପୁଣି ତା'ର ସ୍ଥିତିସ୍ଥାପକତ୍ୱ ହେତୁରୁ ପୂର୍ବାବସ୍ଥାକୁ ଫେରିଆସେ; ପୂରା ଆସି ନ ପାରିଲେ ମଧ୍ୟ କିଛି ପରିମାଣରେ ଆସିଯାଏ । ଚନ୍ଦ୍ରାମଣି ଆଉ ସେପରି ବିବ୍ରତ ନୁହନ୍ତି; ସେ ବାହାରକୁ ଆସି ପୋଲିସ୍ ଅଫିସରମାନଙ୍କୁ କହିଲେ, "ନିଅ, କେଉଁଠିକି ନେବ ।" ଅଫିସର ନମ୍ରତା ସହକାରେ କହିଲେ, "ଆମେ ସର୍ଭିସ୍ କରୁଛୁ; ଆଦେଶାନୁଯାୟୀ କାମ କରୁଛୁ" ଇତ୍ୟାଦି କହି ତଳେ ଅପେକ୍ଷା କରିଥିବା ଏକ ଟେକ୍ସି ପାଖକୁ ନେଇଗଲେ । ଚନ୍ଦ୍ରାମଣି ବସିଲେ ପଛ ସିଟ୍‌ରେ । ଦୁଇ ପାଖରେ ଦୁଇ ଜଣ ପୋଲିସ୍ ଅଫିସର । ଆଗ ସିଟ୍‌ରେ ଡ୍ରାଇଭର ପାଖରେ ଦୁଇ ଜଣ ପୋଲିସ୍ କନଷ୍ଟେବଲ । ସୁଶୀଳାଙ୍କୁ ସେ ଟ୍ୟାକ୍ସି ପାଖକୁ ଗ୍ରହଣ କରିଆଗଲା ନାହିଁ । ଟ୍ୟାକ୍ସିରେ ସମସ୍ତେ ବସିଗଲା ପରେ ପୋଲିସ୍ ଅଫିସର ଡ୍ରାଇଭରକୁ କହିଲେ, "ଚଲ୍ ସମ୍ବଲପୁର ।" ଚନ୍ଦ୍ରାମଣି ବିସ୍ମିତ ହେଲେ । "ସେହି ଜେଲରେ ରହିବାପାଇଁ ଆଦେଶ ହୋଇଛି ।" ଏହା କହି ତାଙ୍କ ଉପରେ ଜାରି ହୋଇଥିବା ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ଆଦେଶଟି ତାଙ୍କ ହାତକୁ ପୋଲିସ୍ ଅଫିସର ବଢ଼ାଇଦେଲେ । ଆଦେଶରେ ଲେଖାଅଛି, "ଆଭ୍ୟନ୍ତରୀଣ ଶାନ୍ତିଶୃଙ୍ଖଳା ରକ୍ଷା କରିବାରେ ତୁମକୁ ମିସା ଆଇନ୍ ଅନୁଯାୟୀ ସମ୍ବଲପୁର ଜେଲ୍‌ରେ ବନ୍ଦୀ ଭାବରେ ରଖାଯିବ ।" ତଳେ ଦସ୍ତଖତ କରିଛନ୍ତି ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ୍ ଶରତ । ଦସ୍ତଖତ ଦେଖି ଚନ୍ଦ୍ରାମଣି ପଚାରିଲେ, "ଶରତ କଣ ବର୍ତ୍ତମାନ ପୁରୀରେ ଜିଲ୍ଲା ମାଜିଷ୍ଟ୍ରେଟ୍ ଅଛି କି ?" ପୋଲିସ୍ ଅଫିସର କହିଲେ, "ହଁ, ସେ ମୟୂରଭଞ୍ଜରେ ଥିଲେ, ମାସେ ହେଲା ପୁରୀକୁ ଆସିଛନ୍ତି ।" ଚନ୍ଦ୍ରାମଣି ନିଜ ମନକୁ କହିହେଲେ, "ଶରତ ମୋର କ୍ଲାସ୍‌ମେଟ୍, ଆମେ ଖୁବ୍ ସାଙ୍ଗ ।" ନିର୍ଦ୍ଦୟ ପରିହାସ କରି ପୋଲିସ୍ ଅଫିସର କହିଲେ, "ସାଙ୍ଗ ବୋଲି ତ ସେ ଆପଣଙ୍କୁ ଭଲ ଭାବରେ ଜାଣନ୍ତି; ତେଣୁ ସେ ଏ ଆଦେଶ ଜାରି କରିଛନ୍ତି ।" ଚନ୍ଦ୍ରାମଣି ମୁଣ୍ଡ ତଳକୁ କରିଦେଲେ ।

ଏଣେ ତ ଦଳେ ପୋଲିସ୍ ଚନ୍ଦ୍ରାମଣିଙ୍କୁ ସମ୍ବଲପୁର ନେଇଗଲେ; ଆଉ ଦଳେ ପୋଲିସ୍ ରାଧାମୋହନଙ୍କୁ ଘେରାଉ କଲେ । ସେତେବେଳକୁ ରାଧାମୋହନ ଦାନ୍ତ ଘଷିସାରି କ୍ଷୌର ହୋଇ ପଢ଼ାପଢ଼ି କରିବାପାଇଁ ପ୍ରସ୍ତୁତ ହେଉଥା'ନ୍ତି ।

ପୋଲିସ୍ ଅଫିସର ଜଣେ ଘର ଭିତରକୁ ଯାଇ ତାଙ୍କୁ ଥାନାକୁ ଯିବା ପାଇଁ କହିଲେ । ଅନ୍ୟମନସ୍କ ଭାବରେ ରାଧାମୋହନ ପଚାରିଲେ,"କାରଣ ?" ପୋଲିସ୍ ଅଫିସର କହିଲେ "ସେଠି ଆପଣଙ୍କୁ କେତେ ବିଷୟରେ ଇଣ୍ଟରୋଗେସନ୍ ହେବ ।" "ହଁ" କହିଦେଇ ରାଧାମୋହନ ବାହାରିଲେ । ଥାନାରେ ଦୁଇ ପାଖରେ ବସି ଦୁଇ ଜଣ ଅଭିଜ୍ଞ କ୍ରାଇମ୍ ବ୍ରାଞ୍ଚର ଅଫିସର । ମଝିରେ ବସିଲେ ରାଧାମୋହନ । ଦୀର୍ଘ ଦୁଇଘଣ୍ଟା କାଳ ଇଣ୍ଟରୋଗେସନ୍ ଚାଲିଲା । ସବୁ ପ୍ରଶ୍ନୋତ୍ତର ଟେପ୍‌ରେକର୍ଡ ହେଉଥାଏ । ଏ ଟେପ୍‌ରେକର୍ଡ ଯିବ କେନ୍ଦ୍ର ଅଫିସକୁ । ସେଠି କମ୍ପ୍ୟୁଟର ସାହାଯ୍ୟରେ ଯାଞ୍ଚ କରାଯିବ । ତା'ପରେ ଯାହା ହେବ । ଇଣ୍ଟରୋଗେସନ୍‌ର ସାରମର୍ମ ହେଉଛି, ଚନ୍ଦ୍ରାମଣି ରାଧାମୋହନଙ୍କ ସହିତ ଘନିଷ୍ଠ ଭାବରେ ସଂପୃକ୍ତ । ଚନ୍ଦ୍ରାମଣିଙ୍କର ନକ୍ସାଲାଇଟ୍‌ଙ୍କ ପ୍ରତି ସହାନୁଭୂତି ଅଛି । ଏଣୁ ରାଧାମୋହନଙ୍କର ମଧ୍ୟ ନକ୍ସାଲାଇଟ୍‌ମାନଙ୍କ ସହିତ ସମ୍ପର୍କ ନାହିଁ ବୋଲି ରାଧାମୋହନ କହିବାରୁ ଜଣେ ପୋଲିସ୍ ଅଫିସର କହିଲେ, "କୋରାପୁଟ ଏସ୍. ପି. (ଜଗଦୀଶ) ଚନ୍ଦ୍ରାମଣିଙ୍କର କୋରାପୁଟ ଗସ୍ତର ପୂରା ବିବରଣୀ ଦେଇ ଲେଖିଛନ୍ତି, କେଉଁଠି ନକ୍ସାଲାଇଟ୍ ନେତାମାନଙ୍କ ସହିତ ଦେଖା, କେଉଁ ଆଦିବାସୀମାନଙ୍କୁ ଉତ୍ସାହ ପ୍ରଦାନ ଇତ୍ୟାଦି କେତେକ ଆଦିବାସୀ ଏ କଥା ସ୍ୱୀକାର କରିଛନ୍ତି । ଏସବୁ ତଥ୍ୟ ଶୁଣି ରାଧାମୋହନ ସ୍ପଷ୍ଟ ଭାବରେ କହିଲେ, ସେ ରାଜନୀତିରେ ଆଉ ନାହାନ୍ତି । ସେ ଏକ ନଗଣ୍ୟ ବ୍ୟକ୍ତି ବୋଲି ତାଙ୍କୁ ବନ୍ଧୁମାନେ କହନ୍ତି, ସେ ପ୍ରତିକ୍ରିୟାଶୀଳ ହୋଇଗଲେଣି ବୋଲି ବନ୍ଧୁମାନେ କହନ୍ତି ; କାରଣ ସେ ଭାବିଚିନ୍ତି ସ୍ଥିର କରିଛନ୍ତି ପ୍ରଚଳିତ ବ୍ୟବସ୍ଥାକୁ ମାନିନେଇ ଚଳିବାକୁ ହେବ । ଜଣେ ଚତୁର ପୋଲିସ୍ ଅଫିସର ପଚାରିଲେ, "ଆପଣ ତା'ହେଲେ ମାର୍କଟାଇମ୍ କରୁଛନ୍ତି, ସୁବିଧା ସୁଯୋଗ ହେଲେ ପୁଣି ଆନ୍ଦୋଳନ ଚଳାଇବେ ।" ରାଧାମୋହନ ଟିକିଏ ଚୁପ୍ ରହିଯାଇ କହିଲେ, "ଭବିଷ୍ୟତରେ ମୁଁ କ'ଣ କରିବି ଆଜି କହିପାରିବି ନାହିଁ । କିନ୍ତୁ ମୁଁ ହିଂସାତ୍ମକ ଆନ୍ଦୋଳନର ବିରୋଧୀ । ଏପରିକି ଘେରାଉ, ଧାରଣା ଇତ୍ୟାଦି ପରୋକ୍ଷ ହିଂସା ବୋଲି ଏ ସବୁକୁ ମୁଁ ନିନ୍ଦା କରେ ।" ପୋଲିସ୍ ଅଫିସର କହିଲେ, "ତେବେ ଚନ୍ଦ୍ରାମଣିଙ୍କ ସହିତ ଆପଣଙ୍କର ଏତେ ଘନିଷ୍ଠତା କାହିଁକି ?"

ରାଧାମୋହନ—"କଲେଜରେ ଆମେ ସାଙ୍ଗ ଥିଲୁଁ । ସେ ଦେଖା କରିବାକୁ ଆସିଥିଲେ । ମୁଁ କ'ଣ ମନା କରିଥା'ନ୍ତି ? ମୁଁ ଯେ ମନୁଷ୍ୟ.. ସାଧାରଣ ଭଦ୍ରତା ବନ୍ଧୁତା ଇତ୍ୟାଦି ମନୁଷ୍ୟର କର୍ତ୍ତବ୍ୟ ।" ପୋଲିସ୍ ଅଫିସର କହିଲେ, "ସେହିପରି କଲେଜ ସାଙ୍ଗ କୋରାପୁଟ ଏସ. ପି. । ତାଙ୍କ ସହିତ ଦେଖା କରିବାପାଇଁ ଚନ୍ଦ୍ରାମଣି ଚାହିଁଥିଲେ, କିନ୍ତୁ ସେ ମନା କରିଦେଲେ । ସେହିପରି ସାଙ୍ଗ ପୁରୀର ଜିଲ୍ଲା ମାଜିଷ୍ଟ୍ରେଟ୍, ସେ ତ କେବେ ଆପଣଙ୍କୁ ଦେଖା କରିବାକୁ ଆସୁ ନାହାନ୍ତି ବା ଆପଣ ତାଙ୍କ ପାଖକୁ ଯାଉନାହାନ୍ତି ।" ରାଧାମୋହନ ଗମ୍ଭୀର ଭାବରେ

କହିଲେ, "ମୁଁ ମନୁଷ୍ୟ ହୋଇ ଅଛୁ । ସେମାନେ ଆଉ ସେ ପଦବାଚ୍ୟ ନାହାନ୍ତି ।"

ଇଣ୍ଟରୋଗେସନ୍ ସରିଗଲା । ରାଧାମୋହନ ଘରକୁ ଫେରିଲେ । ଶୁଣିପାରିଲେ, ଚନ୍ଦ୍ରାମଣିଙ୍କୁ ଗିରଫ୍ତାର କରି କୁଆଡ଼କୁ ନେଇଗଲେଣି । ସେ ବ୍ୟସ୍ତ ହୋଇ ଗଲେ ସେ ହୋଟେଲକୁ, ସୁଶୀଳାଙ୍କୁ ସାନ୍ତ୍ୱନା ଦେବା ପାଇଁ । ରାଧାମୋହନଙ୍କୁ ଦେଖି ରାଗରେ ଅଧିଆ ସୁଶୀଳା କହିଲେ, "ତୁମେ ତାଙ୍କ ମୁଣ୍ଡ ଖରାପ କଲ । ତୁମର ତ ଲଙ୍ଗୁଳି କଟା ହୋଇଛି, ତାଙ୍କ ଲାଙ୍ଗୁଳକୁ ତୁମେ କାଟିଲ । ତୁମେ ଯାଅ ଏଠୁ ମୁଁ କିଛି କଥାବାର୍ତ୍ତା ହେବାକୁ ଚାହେଁ ନାହିଁ ।" ସେଠାରୁ ଫେରିଆସି ରାଧାମୋହନ ଭାବିଲେ ପୁରୀ ଜିଲ୍ଲା ମାଜିଷ୍ଟ୍ରେଟ୍ ଶରତଙ୍କୁ ଦେଖାକରି କହିବେ ଅକାରଣରେ କାହିଁକି ଚନ୍ଦ୍ରାମଣିଙ୍କୁ ଗିରଫ୍ତାର କରାହେଲା । ଟେଲିଫୋନ୍ ଉଠାଇ ପୁରୀ ଜିଲ୍ଲା ମାଜିଷ୍ଟ୍ରେଟ୍ଙ୍କୁ ଏକ ଲାଇଟ୍ନିଙ୍ଗ୍ କଲ୍ କଲେ । ସେଠି ଜିଲ୍ଲା ମାଜିଷ୍ଟ୍ରେଟ୍ ଫୋନ୍ ଧରିଲେ ମଧ୍ୟ ରାଧାମୋହନଙ୍କ ନାମ ଶୁଣି ହଠାତ୍ ଛାଡ଼ିଦେଲେ । ରାଧାମୋହନ ଜାଣିଲେ ଯେ ଶରତ କୌଣସି ସମ୍ପର୍କ ରଖିବାକୁ ଚାହୁଁ ନାହିଁ । "ମନୁଷ୍ୟତ୍ୱ କ'ଣ ଏ ଦେଶରୁ ଚାଲିଗଲା ?"—ଦୀର୍ଘନିଶ୍ୱାସ ପକାଇ ମନକୁ ମନ ଏକଥା କହି ରାଧାମୋହନ ଗୀତା ଖୋଲି ପଢ଼ିବା ଆରମ୍ଭ କଲେ ।

ସେହିଦିନ ସୁଶୀଳା ପୁରୀ ଯାଇ ଶରତଙ୍କ ସହିତ ଦେଖା କରିବାପାଇଁ ଚେଷ୍ଟା କରିଥିଲି । କିନ୍ତୁ ତାଙ୍କୁ ବା ତାଙ୍କ ସ୍ୱାମୀ ଚନ୍ଦ୍ରାମଣିଙ୍କୁ ସେ ଆଦୌ ଚିହ୍ନି ନ ଥିଲା ପରି ଶରତ ସୁଶୀଳାଙ୍କୁ କହିଲେ । କିଛିଦିନ ପରେ ରାଧାମୋହନଙ୍କୁ ଯେଉଁ ଇଣ୍ଟରୋଗେସନ୍ ହୋଇଥିଲା ତା'ର ଟେପ୍‌ରେକର୍ଡ଼କୁ ପର୍ଯ୍ୟାଲୋଚନା କରି କେନ୍ଦ୍ର ଅଫିସ ସ୍ଥିର କଲେ, ରାଧାମୋହନଙ୍କ ନୈରାଶ୍ୟ ଅସ୍ଥାୟୀ; ତାଙ୍କଠାରୁ ପୁନର୍ବାର କୌଣସି ନା କୌଣସି ଆନ୍ଦୋଳନ ଆଶଙ୍କା କରାଯାଇପାରେ । ଏଣୁ ତାଙ୍କୁ ବାହାରେ ଛାଡ଼ିଦେବା ଠିକ୍ ହେବ ନାହିଁ । ସେ ଗିରଫ୍ତାର ହେଲାବେଳେ ଗୀତା, କୋରାନ୍ ଓ ବାଇବେଲ ସବୁ ବାନ୍ଧି ସାଙ୍ଗରେ ନେଇଗଲେ ।

କିଛିଦିନ ପରେ ସୁଶୀଳାଙ୍କ ଗ୍ୟାରେଣ୍ଟିରେ ଚନ୍ଦ୍ରାମଣିଙ୍କୁ ମୁକ୍ତ ଦିଆ-ହୋଇଛି । ସେ ଭାରତକୁ ବର୍ଷକ ଭିତରେ ଆସିବେ ନାହିଁ ବୋଲି ଲେଖିଦେଇ ନେପାଳ ଚାଲିଯାଇଛନ୍ତି ।

# ଡାହାଣୀ ଆଲୁଅ

ଉପେନ୍ଦ୍ର କିଶୋର ଦାସ

(ଏକ)

ପୁଣି ବର୍ଷା ହେଲା । ପବନ-ପହୁଡ଼ା ତାଳଗଛ ମଥାନ ଉପରେ ଚଉଦ-ମେଳଣର ଯୋଡ଼ି-ନାଗରା ବଜାଇ ।

ରାତି ଅନ୍ଧାର-ହଜା ଝଣଝଣ ବର୍ଷେଇଁ ଛୁଟରେ, ଭଙ୍ଗା ମାଟି ଘରଟିଏ, ବର୍ଷା ଝାଙ୍କର ଦାଉରେ ଛଣ ଛପରତକ ତାର କେଉଁକାଳୁ କୁଆଡ଼େ ଉଡ଼ିଗଲାଣି । କଣ୍ଟା-ବଣ ଭିତରେ ଖାଲି ଗୋଟାଏ ଉଈ ଢିହ, ଆଉ ଦଦରା କାନ୍ଥ କେତେ ଫାଟ । ବତାସ ଦାଉରେ ସେତକ ବି ଏଇଲାଗେ ପଡ଼ିଯିବ ହଠାତ କି ?

ଘଡ଼ିକ ପରେ ବର୍ଷା ଥମି ଆସିଲା । ଅଙ୍ଗାରବୋଳା ରଙ୍ଗଦେହରେ ବିଜୁଳି ଝକ୍‌ମକ୍ ମାରି ବତାସ ଝପଟିଗଲା ଗଜା-ଧାନ ଗଛ ମେଳରେ ଢହଲ ପକାଇ ଦେଇ ।

ଘର ପଛପଟ ଝଙ୍କା ବରଗଛ ଭିତରୁ ଜାଅନ୍ଧା ଅନ୍ଧାର ଗଣ୍ଡିକ ପରି ଗୋଟାଏ ବାଦୁଡ଼ି ଉଡ଼ିଆସି ଆଉ ଗୋଟାଏ ଗଛରେ ଝୁଲିଲା । ଡେଣା ଝାପଟରେ ତା'ର ଗଛ ତଳେ ଟପ ଟପ ହୋଇ ବର୍ଷା ହୋଇଗଲା ଆଉ ଥରେ । ବିଲ ଗହୀର ଆର ପାଖେ ମଶାଣି ଦଣ୍ଡାରେ ସେତିକି ବେଳେ ଗୋଟାଏ ବଡ଼ ଆଲୁଅ ମସାଲ ପରି ଦପ୍ ଦପ୍ ହୋଇ ଜଳି ଉଠି ସେହି ବରଗଛ ତଳଯାଏ ଆସିଲା । ତା'ପରେ ହଠାତ୍ ଲିଭିଗଲା ।

ଗଛ ଉପରେ ବାଦୁଡ଼ିଟା ଡମକା ପଡ଼ି କହିଲା, କିଏ ?

ଦଣ୍ଡକେ ଆଲୁଅଟା ପୁଣି ଜଳି ଉଠିଲା ଦାଉ ଦାଉ ହୋଇ । କହିଲା, ସେଇ—

"କିଏ ? ମୁଁ ତ ଚିହ୍ନି ନାହିଁ !"

—ଚିହ୍ନି ନାହିଁ ? ଆଲୁଅ ହସିଲା; ଏଇ ଘର ପାଖରେ ବରଗଛରେ ଅଛୁଟି ? ଅନେକ ଦିନ ଆଗେ ଏ ଘରେ କିଏ ଥିଲା ଜାଣିନାହିଁ କିଛି ?

—ନା, ଦୁଇମାସ ହେଲା ଜମା ମୁଁ ଏଠିକି ଆସିଚି ।

—ଚାରିମାସ ମୋଟେ ? ତେବେ ଆଉ ଜାଣିବୁ କୁଆଡ଼ୁ ? ସେ ଢେର ଦିନର କଥା । ବୋଧହୁଏ ତିନି କି ଚାରି ବର୍ଷ ହେଲାଣି । ଏ ଘରେ ସେତେବେଳେ ଥିଲୁଁ ମୁଁ ଆଉ ମୋର ସ୍ୱାମୀ । ସଂସାରରେ ଦୁଃଖ କ'ଣ, ଦିନକ ପାଇଁକି ଜାଣି ନ ଥିଲି ତାଙ୍କ ଲାଗି । କିନ୍ତୁ ଦଣ୍ଡକେ କ'ଣ ହୋଇଗଲାଟି ! ଆଲୁଅଟା ଥରେ ଥରଉଠି ମିଞ୍ଜି ମିଞ୍ଜି ହୋଇଆସିଲା ।

ଦଣ୍ଡେ ଗଲା ।

ପୁଣି କହିଲା, ଆଜିକାଲି ଭାବିଲେ ସ୍ୱପ୍ନ ପରି ଲାଗେ ସେକଥା ସବୁ । ଏ ଅବସ୍ଥାରେ ବି ଛାତି ମନ୍ଥି ହୋଇଯାଏ କାନ୍ଦରେ । କିନ୍ତୁ ଛାଡ଼ ସେ କଥା । ନୂଆକରି ସେ ଦୁଃଖ ଡାକି ଆଣିବାକୁ ମୋର ଆଉ ମନ ନାହିଁ ।

ବାଦୁଡ଼ିଟା କେଁ କେଁ ହୋଇ ଗଛ ତଳ ଡାଳକୁ ଆହୁରି ଓହ୍ଲାଇ ଆସିଲା । କହିଲା, ନାଇଁ କୁହ, କୁହ ସେ କଥା । ଶୁଣିବାକୁ ମୋର ଭାରି ମନ ହେଉଛି ।

—ଶୁଣିବୁ ? ହଉ ଶୁଣ ତେବେ । ଆଲୁଅ ଆରମ୍ଭ କଲା : ଢେର ଦିନ କଥା ହୋଇଗଲାଣି । ଏଇକ୍ଷିଣା ଏମିତି କାନ୍ଥରୁ ବଣ ହୋଇଯାଇଛି ସିନା, ଏଇ ଘର ଦିନେ ପୁଣି ଲୋକ ଗହଳରେ ଖାଲି ହସୁଥିଲା, ମୁଁ ଯେତେବେଳେ ପ୍ରଥମେ ଏଠିକି ଆସେଁ । ସ୍ୱାମୀ ମୋର କାହିଁକି କେଜାଣି କଟକରୁ ପଢ଼ା ଛାଡ଼ିଦେଇ ଘରେ ଆସି ବସିଥିଲେ । କମିତ୍ୟଘର ପରେ ଆଉ ସେ କଟକକୁ ଯାଇନାହାନ୍ତି । ସେକଥା, ସେଇ ପ୍ରଥମ ରାତି କଥା ମନରୁ ପାସୋର ଯିବ ନାହିଁ କେବେ । ଦୂର ସମ୍ପର୍କର ଜଣେ ନଣନ୍ଦ ହେବେ ସେ ; ମତେ ଯେତେବେଳେ ଆଣି ଏଇ ଘରର ଗୋଟାଏ ବଖରା ଭିତରକୁ ପେଲିଦେଇ ବାହାର କବାଟ କିଳିଦେଲେ ଘର ଭିତରେ ଗୋଟାଏ କୋଣରେ ପିତଳ ଦୀପଟା ମିଞ୍ଜି ମିଞ୍ଜି ହୋଇ ଜଳୁଛି । ଘର ମଝିରେ ଖଣ୍ଡେ ଅଣ୍ଟାସାଙ୍ଗ ଖଟ ଉପରେ ବିଛଣା ପଡ଼ି । କବାଟ ପାଖେ ଠିଆ ହୋଇ ପରମ ସଂକୋଚରେ ଦେହ ଗୋଟାକ ମୋର ଝାଳରେ ବୁଡ଼ିଗଲା ।

ସ୍ୱାମୀ ଖଟ ଉପରେ ଶୋଇଥିଲେ, କାନ୍ଥ ଆଡ଼କୁ ମୁହଁକରି । ପାଉଁଜୋଡ଼ା ଝମ ଝମ ଶୁଣି ଫେରି ଚାହିଁଲେ । ତା'ପରେ ଖଟରୁ ଉଠିଆସି ମୋ ହାତ ଧରି ଡାକିଲେ, ଆସ !

ଥରଥରାପତ୍ର ପରି ଥରୁଥାଏ ମୋ ହାତ ଦିଟା ତାଙ୍କ ହାତ ଭିତରେ ସେତେବେଳେ । ଦଣ୍ଡେ ଗଲା, ଦୁହେଁଯାକ ଚୁପ୍‌ଚାପ୍ । ହାତକୁ ମୋର ଖୁବ୍ କୋଳରେ ଚୁମୁଟି ଦେଇ ସେ ହସିଲେ; କହିଲେ, ଆହା ଲଜ୍ଜାବତୀ ଲତା ! ଦି'ବର୍ଷ ଆଗରୁ ମୋରି ଆଗରେ ପରା ଘୋଡ଼ା ପରି ଡେଉଁଥିଲ ବାପଘରେ ତମର । ଲାଜ ମାଡ଼ୁ ନାହିଁ ଆଜି ଏତେ ଛଇ ହେବାକୁ ?

ମନେ ମନେ ହସିଲି । ସତରେ ତ, ପିଲାଟି ଦିନୁ ମୁଁ ଦାସଭାଇ ବୋଲି ପାଣି ପିଉ ନ ଥିଲି ଯାଙ୍କ ପେଇଁ ! ଏ ପୁଣି ମୋତେ ବାହା ହୋଇବସିବେ, ଏ କଥା କିଏ ଜାଣିଚି !

ଟାଣି ଟାଣି ସେ ମତେ ଖଟ ପାଖକୁ ନେଇ ଶୁଆଇଦେଲେ । ଓଢ଼ଣା କାଢ଼ି ଦେଇ ମୁହଁକୁ ଦି' ହାତରେ ଟେକି ଧରି ଡାକଲେ—ରଧି !

ଜବାବ ଦେଲି ନାହିଁ ନାଜରେ ।

କଥା କହିବୁ ନାହିଁ ମତେ ? ସେ ପଚାରିଲେ ।

ତଥାପି କିଛି କହିଲି ନାହିଁ ।

ଦି'ଟା ବର୍ଷରେ କ'ଣ ଏତେ ପର ହୋଇଗଲି ତୋ ପାଖେ ? କଥା ପଦେ କହିବୁ ନାହିଁ ? ହଉ ତେବେ ମୁଁ ଯାଉଛି । ସେ ଖଟ ଉପରୁ ଉଠିଲେ ଘର ଛାଡ଼ି ଚାଲିଯିବାକୁ । ବାଧ ହୋଇ କହିଲି, କ'ଣ ?

ସୁଖରେ ତାଙ୍କ ମୁହଁ ପୂରିଉଠିଲା । ଖଟ ଉପରେ ବସି ଦି' ହାତରେ ମତେ ତାଙ୍କ କୋଡ଼ ପାଖକୁ ଟାଣିନେଇ କହିଲେ, ଦି'ବର୍ଷ ତଳ କଥା ମନେ ପଡ଼ୁଚି ତୋର, ରଧି, ଖରାବେଳେ ଦିନେ ତମ ଭାଉଜ ଆମ ଦିହିଙ୍କି ଗୋଟାଏ ଘରେ ପୂରାଇ କବାଟ ଲଗାଇ ଦେଇଥିଲେ ଅନ୍ଧାରେ ଅବେ ? ସେହିଦିନୁ ଜାଣିଲି, ତତେ ପାଇବା ଆଶା ଏମିତି ଅସମ୍ଭବ ନୁହେଁ ମୋ ପକ୍ଷରେ । ତା' ଆଗରୁ ତମ ଘରେ ତ କେହି ରାଜି ହେଉ ନ ଥିଲେ ମୋ ସାଙ୍ଗେ ତତେ ବାହା ଦବାକୁ, ନୁହେଁ ?

ଲଜ ସଙ୍କୋଚ ଅନେକ କମିଆସିଲା ତାଙ୍କ କଥାରେ । କହିଲି, ବୋଉର କିନ୍ତୁ ମନ ଥିଲା ଭାରି ।

ମୁଁ ସେ କଥା ବୁଝିଥିଲି । ତା ନୋହିଲେ ଆମ ବୃନ୍ଦାବନ ତୋ ସାଙ୍ଗେ ବାହା ହବା କଥା ଯୋଉଦିନ ତମ ବାପା ମତେ କହିଲେ, ତମ ଘରକୁ ଯିବା ସେହିଦିନୁ ମୋର ସରିଯାଇଥାନ୍ତା ।

ସଂସାରରେ କନ୍ୟା ତମକୁ ଅପୂର୍ବ ହୋଇ ନ ଥାନ୍ତେ, ମୁଁ କହିଲି । ସେ ହସିଲେ ; କହିଲେ, ମିଳିଥାନ୍ତେ ପରା ! କିନ୍ତୁ କାହା ପାଇଁ ଆଜିଯାଏ ମୁହଁରେ ଧରି ନ ଥିଲି ସେ କଥା ?

ଲଜ୍ଜା ଆଉ ଆନନ୍ଦରେ ଉଲୁସିଉଠି କହିଲି : ମୁଁ ଜାଣେ । ପାଗଳଙ୍କ ପରି ସେ ମତେ ଛାତି ଉପରେ ଭିଡ଼ି ଧରି କହିଲେ, ମୋ ଭାଗ୍ୟ, ମୋ ଭାଗ୍ୟ ସେ, ରଧି ! ଜୀବନରେ ସବୁଠୁଁ ବଡ଼ ଗୁହାରି ଭଗବାନ ମୋର ଶୁଣିଛନ୍ତି । ଆଜି, ଏତେ ପାଖରେ ତତେ ପାଇ, ତେବେ ବି କେମିତି ବିଶ୍ୱାସ ହେଉ ନାହିଁ ମୋର, ପାଇଛି ବୋଲି !

ମୁହଁ ତାଙ୍କର ଆସ୍ତେ ଆସ୍ତେ ମୋ ଓଠ ପାଖକୁ, ଖୁବ୍ ପାଖକୁ ଲଇଁଆସିଲା । ଝିଡ଼କି ବାଟେ ମେଘୁଆ ପବନ ସେତିକିବେଳେ ଘର ଭିତରୁ ଦୀପଟା ଲିଭାଇଦେଇ ବାହାରିଗଲା ।

( ଦୁଇ )

ଏତିକିଯାଏ କହି ଆଲୁଅ କ'ଣ ଭାବି ଟିକେ ତୁନି ହେଲା । ଗଛ ଉପରୁ ବାଦୁଡ଼ି ପଚାରିଲା, ହଁ, ସେଉଠୁ ?

ଆଲୁଅ ପୁଣି ଆରମ୍ଭ କଲା ।

ପ୍ରାୟ ବର୍ଷେ ବିତିଗଲା ଏଥି ଭିତରେ । କିନ୍ତୁ ସେଇ ଦିନଟା ବିଶେଷ କରି ମୋ ଜୀବନ ଭିତରେ ମନେରହିବା ଭଳି । କାହିଁକି ନା, ସେହି ପହିଲି ଦିନୁ ମୁଁ ଜାଣିପାରିଲି ସେ ମତେ କେତେ ଭଲ ପା'ନ୍ତି । ସ୍ୱାମୀ, ଆଉ ଗୋଟିଏ ଆଈଶାଶୁ, ଏ ଛଡ଼ା ଏ କୁଳରେ ମୋର ଆଉ କେହି ନ ଥିଲେ । ଆଈଶାଶୁଙ୍କୁ ପୁଣି ଭଲ ଦିଶେ ନାହିଁ । ମତେ ସେଥିପାଇଁ ନୂଆବୋହୂର ନାଜ ଛାଡ଼ି ସବୁ କାମ କରିବାକୁ ହେଲା ସେହିଦିନଠୁଁ ।

ସେ ବି ଆଉ ମତେ ଛାଡ଼ି କଟକ ଗଲେ ନାହିଁ । ଯେମିତି ଆଖିରୁ ଦଣ୍ଡେ ଅନ୍ତର କରି ସେ ଚଳିପାରିବେ ନାହିଁ କେଉଁଠି ! ଶୋଇବା ଘରଟିରେ ସକାଳୁ ସଞ୍ଜଯାଏ ମୁହଁ ମୁହାଁମୁହିଁ ହୋଇ ଦିହେଁଯାକ ବସିଥାଉଁ । କେତେ ଦେଶର କେତେ ଆଶ୍ଚର୍ଯ୍ୟ କଥା ପଡ଼େ । ଗପୁ ଗପୁ ସଞ୍ଜ ହୋଇଯାଏ, ଆମ କଥା ସରେ ନାହିଁ ।

ଦିନେ । ଏମିତି ସେଦିନ ଭାରି ବର୍ଷା । ସେ କୁଆଡ଼େ ଯାଇଥିଲେ । ଦାଣ୍ଡ ପିଣ୍ଡାରେ ଠିଆ ହୋଇ ଚାହିଁଛି ଦିଗବୁଡ଼ା ବିଲ ଅସରନ୍ତି ଭିତରେ ବର୍ଷାପବନର ଲୁଚକାଳି ଖେଳ ଆଡ଼କୁ । ସେ ପଛରୁ ଆସି ମୋ ଆଖି ବନ୍ଦ କରି ଧରିଲେ । ଚମକିପଡ଼ି କହିଲି: ମୁଁ ଜାଣେ—

ପଚାରିଲେ, କିଏ ?

ସେଇ…

ନାଁ ନ କହିଲେ ଛାଡ଼ିବି ନାହିଁ ।

ହସମାଡ଼ିଲା କଥା ଶୁଣି । କହିଲି : ମୁଁ ଜାଣେ ନାହିଁ, ଯା ।

ଆଖି ଛାଡ଼ି ମୋ କାନ୍ଧ ଉପରେ ହାତ ରଖି ସେ କେତେ ଶରଧାରେ ଡାକିଲେ— ରଭ !

ଉଁ—

କେମିତି ବର୍ଷା ?,

ଭାରି !

ଏତେବେଳଯାଏ ଝିଅ ମନ କ'ଣ ହେଉଥିଲା ପରି ତାହାକୁ ନ ଦେଖି ।

ସେ ହସିଲେ ମୋ ଆଡ଼େ ଚାହିଁ ।

ଝିଅ ନାକ ମାଡ଼ିଲା । ସେକଥା ଗୋଳେଇ ଦେବାକୁ ପଚାରିଲି, କୁଆଡ଼େ ଯା'ଇଥିଲ କି ଆଜି ?

କହିଲେ, ଆମ ଜମିଦାରଙ୍କ ଘରକୁ । ଅନେକ ଦିନ ପରେ ଆମ ବୁଢ଼ା ଜମିଦାରଙ୍କ ପୁଅ ବୃନ୍ଦାବନ ଆସିଚି । ଭାବିଲି, ଦେଖା କରିଆସେ ଟିକେ ।

ବୃନ୍ଦାବନ ! ଏ ସେଇ ବୃନ୍ଦାବନ ନୁହେଁ ତ ? ଯାହା ସାଙ୍ଗେ ଏଥି ଆଗରୁ ମୋ ବାହାଘରର ସବୁ ଅଥ୍ୟ ହୋଇଯାଇଥିଲା । ପଚାରିଲି, ବୃନ୍ଦାବନ କିଏ କହେ ?

ଆଶ୍ଚର୍ଯ୍ୟ ହୋଇ ସେ ମୋ ମୁହଁକୁ ଚାହିଁଲେ । କହିଲେ, ଏତେ ଜଲ୍‌ଦି ଭୁଲିଗଲୁଣି ? ଦି' ବର୍ଷ ତଳେ ମୁଁ ଆଉ ବୃନ୍ଦାବନ ପରି ସାଙ୍ଗ ହୋଇ ତମ ଘରରୁ ଯାଉଥିଲୁଁ । ତୋ'ସାଙ୍ଗେ ପୁଣି ତା'ର ବାହାଘର ପ୍ରସ୍ତାବ ଚାଲିଥିଲା । ମନେ ନାହିଁ ?

କହିଲି, ହଁ ମନେ ପଡ଼ିଲା ।

ଆଗେ ଆମ ଘରକୁ ଆସୁଥିଲା ବରାବର, ଯେବେ ଏ ଗାଁକୁ ଆସେ । ଆଉ ମୋ ବାହାଘର ପରେ ଆସିନାହିଁ । ଦିନେ ତୋ ନାଁ କହି ଡାକିଆଣିବି ତାକୁ ।

କହିଲି, ନାହିଁ ନାହିଁ, ମୋ ନାଁ କାହିଁକି କହିବ ? ଛି-ଛି, ତମେ ତମର ଡାକିଆଣିବ ।

ଆଚ୍ଛା, ହଉ, କହି ସେ ଲୁଗା ପାଲଟିବାକୁ ଘର ଭିତରକୁ ଚାଲିଗଲେ । ଭିତରଘରୁ ଚୌକେଇଟା କାଢି ପରିବା ବନେଇବସିଲି ରାତି ପାଇଁ ।

( ତିନି )

ଦିନେ ସତରେ ସେ ବୃନ୍ଦାବନଙ୍କୁ ଡାକିଆଣିଲେ ।

ସଞ୍ଜବେଳେ ଝୁଣା ପକାଇବାକୁ ଘର ଭିତରକୁ ଯାଇଚି, ବାହାରେ କାହା ପାଟି ଶୁଭିଲା । ଚାହିଁଲି, କବାଟ ପାଖେ ସେ ଆଉ ବୃନ୍ଦାବନ ।

ମତେ ଦେଖି ବୃନ୍ଦାବନ ଦୁଆରମୁହଁରୁ ଟିକେ ଘୁଞ୍ଚିଗଲେ । ଝୁଣା ପକାଇ ମୁଁ ତରବରରେ ସେ ଘରୁ ପଳାଇଗଲି । ଘର ଭିତରେ ତାଙ୍କ ତୁଣ୍ଡ ଶୁଭୁଥାଏ । ଜଳାକବାଟି ପାଖେ ଚାହିଁଲି । ଏଇ ସେଇ ବୃନ୍ଦାବନ, ବରଷ ଦି'ଟାରେ ଏତେ ବଦଳି ଗଲେଣି ନା ? ଆଗ ପିଲାଳିଆ ଚେହେରା ଆଉ ନାହିଁ । ଏହିକ୍ଷଣି ସେମିତି ପୂରା ବାବୁ ।

ତାଙ୍କ ସଙ୍ଗେ ସେ ଗପ କରୁ କରୁ କହିଲେ, ଆଜିକାଲି ତୁ ତ ଖୋଦ୍ ଜମିଦାର । ଗରିବ ଘରେ ବସିଚୁ ବୋଲି କହିବାକୁ ବି ନାକ ମାଡ଼ିଲାଣି ଏଣିକି ।

ବୃନ୍ଦାବନ କହିଲେ, କେତେ ଥଟ୍ଟା କର ତମେ ଦାସଭାଇ ! ଏଇ ଘରେ ପିଲାଟି କାଳରୁ ମୁଠି ଚୁଡ଼ା ଖାଇ ଖାଇ ପରା ଏ ଦେହରେ ଅଧେ ରକ୍ତ ହୋଇଥିବ । ସେକଥା କ'ଣ ଭୁଲିଗଲଣି ଏତେ ଶୀଘ୍ରେ ?

ତେବେ ଜମିଦାର···

ବୃନ୍ଦାବନ ଅସନ୍ତୁଷ୍ଟ ହୋଇ କହିଉଠିଲେ, ଫେର୍ ଯଦି ଜମିଦାର ଜମିଦାର ହେବୁ, ଆଉ ଆସିବି ନାହିଁ ଏଠିକି, ଜାଣିଥା ।

ସେ ହସିଲେ । କହିଲେ, କୋଉ ଏବେ ଆଜଯାଏ ଆସୁଥିଲୁ ? ଡାକିଲଠଁ ସିନା !

ତଳକୁ ମୁହଁପୋତି ବୃନ୍ଦାବନ କହିଲେ; ନାଇଁ କାମଦାମ ଗହଳରେ ଆସି ପାରି ନଥିଲି । ଏଣିକି ବରାବର ଆସିବି ।

ଝିଡ଼ିକି ପାଖେ ଅଜାଣତରେ କେତେବେଳେ ମୋ ହାତକାଚ ବୋଧହୁଏ ଟିକେ ବାଜିଉଠିଥିବ, ବୃନ୍ଦାବନ ମୁହଁ ଫେରାଇ ଝିଡ଼ିକି ଆଡ଼େ ଟିକେ ଚାହିଁଲେ; ତା'ପରେ ହଠାତ୍ ଉଠି କହିଲେ, ଆଜି ଯାଉଚି ଦାସଭାଇ, କାମ ଅଛି । ଆଉ ଦିନେ ଆସିବି ।

ଆଗରେ ଆଲୁଅ ଦେଖାଇ ସେ ପଦାକୁ ଆସିଲେ । ତାଙ୍କ ପଛେ ପଛେ ବୃନ୍ଦାବନ । ଘରୁ ବାହାରିଲାବେଳେ କାହିଁକି କେଜାଣି ବୃନ୍ଦାବନ ଏ ଆଡ଼େ ସେ ଆଡ଼େ ଥରେ ଚାହିଁଲେ । ତା' ପରେ ପିଣ୍ଡାରୁ ଓହ୍ଲାଇ ଦଣ୍ଡକ ଭିତରେ ଗଛ ଗହଳି ଭିତରେ ଆଢୁଆଳ ହୋଇଗଲେ ।

ବୃନ୍ଦାବନଙ୍କୁ ଖଣ୍ଡେ ଦୂର ବଳାଇଦେଇ ସ୍ୱାମୀ ଫେରିଆସିଲେ । ପିଣ୍ଡା ଖୁଣ୍ଟକୁ ଆଉଜି ସେତେବେଳଯାଏ ଠିଆ ହୋଇଥାଏ ମୁଁ ତାଙ୍କୁ ଚାହିଁ ।

ପାଖକୁ ଆସି ପଚାରିଲେ, ଦେଖିଲ ବୃନ୍ଦାବନକୁ ?

ଅନ୍ୟଆଡ଼େ ମନ ଥିଲାପରି ଖାଲି କହିଲି—ହୁଁ ।

ଭାରି ଭଲ ପିଲାଟିଏ, ନୁହେଁ ? ସେ କହିଲେ ।

କହିଲି, କେଜାଣି ହେଇଥିବ !

ତହିଁ ଆରଦିନ ବୃନ୍ଦାବନ ପୁଣି ଆସିଲେ ଆମ ଘରକୁ ବୁଲି । ଦାଣ୍ଡଘରେ ତାଙ୍କୁ ବସାଇ ସ୍ୱାମୀ ମତେ ଆସି ପଚାରିଲେ, ମା' କୋଉଠି ?

ପୂଜା କରୁଛନ୍ତି ଆରଘରେ । କାହିଁକି ?

ବୃନ୍ଦାବନ ଖୋଜୁଛି, ଦେଖା କରିବ ।

ବୃନ୍ଦାବନଙ୍କୁ ଡାକିବାକୁ ସେ ଚାଲିଗଲେ ।

ମା'ଙ୍କ ସାଙ୍ଗେ ଦେଖାକରି ଫେରିଲାବେଳେ ଆଡ଼ହୋଇ ମୁଁ ଘର ଭିତରକୁ ପଶିଗଲି । ପିଣ୍ଡାରେ ବୃନ୍ଦାବନ ମତେ ଦେଖିପାରି ପଚାରିଲେ, ସେ କିଏ, ରଥ ନା, ବାସନ୍ତି ?

ସେ କହିଲେ, ହଁ ।

ମଲା, ମତେ ପୁଣି ଏତେ ଲାଜ ! ସେଦିନ ମୋ'ର ଆଗରେ ଲଙ୍ଗଳା ହୋଇ ଡେଉଁଥିଲା ପରା ! ଆଜି ପୁଣି ଭାଉଜ ଆସନ ଦଖଲ କରି ବସିଲେଣି । ଲାଜ ଛୁଟୁ ନାହିଁ ତଥାପି ।

ସେଉଠୁ ମତେ ଲକ୍ଷ୍ୟ କରି ବଡ଼ ପାଟିରେ ବୃନ୍ଦାବନ କହିଲେ, ମୁଢ଼ି ଆଉ ନଡ଼ିଆ, ବୁଝିଲ ଭାଉଜବୋଉ, ଆଜି ନ ଖାଇଲେ ତମ ଶ୍ରୀହସ୍ତରୁ ମୁଁ ଉଠୁ ନାହିଁ ଏଠୁଁ, ଜାଣିଥା ।

ଥାଳି ଗୋଟାକରେ ମୁଢ଼ି ନଡ଼ିଆ ସଜାଡ଼ି କବାଟ ପାଏ ଗଲି, ଯୋଉ ଘରେ ସେମାନେ ବସିଥିଲେ । ଭିତରକୁ ଯିବାକୁ କେମିତି ଭାରି ଲାଜ ମାଡ଼ିଲା ।

ଘର ଭିତରୁ ସ୍ୱାମୀ ଡାକିଲେ, କାହିଁ, ଆସିଲ ! ବୃନ୍ଦାବନ ଏଣେ ଅଥୟ ହେଲେଣି ।

ମୁଣ୍ଡରେ ଲୁଗା ଟିକେ ଟାଣିଦେଇ ଘର ଭିତରକୁ ଗଲି ।

ମୋ ଆଡ଼କୁ ଚାହିଁ ହସି ହସି ବୃନ୍ଦାବନ କହିଲେ, ଏତେ ପର ହୋଇଗଲି ମୁଁ ? ମତେ ଚିହ୍ନି ପାରୁଛ ନା ?

କିଛି ଜବାବ ଦେଲି ନାହିଁ ।

ସ୍ୱାମୀ କହିଲେ, ମଲା, ବୃନ୍ଦାବନଟାକୁ ଏତେ ଲାଜ ପଡ଼ୁଛ !

ମତେ ମନେ ପଡ଼ୁଛି ? ବୃନ୍ଦାବନ ପୁଣି ପଚାରିଲେ ।

ବାଧ୍ୟ ହୋଇ କହିଲି, ହଁ ।

କାହିଁ, କିଛି ତ ପଚାରିଲ ନାହିଁ !

କ'ଣ ପଚାରିବି ?

ବାପା ବୋଉ ତମର କେମିତି ଅଛନ୍ତି ? ଆଉ, ଆଉ ଗୋଟାଏ କଥା···

ଆଶ୍ଚର୍ଯ୍ୟ ହୋଇ ତାଙ୍କ ଆଡ଼େ ଚାହିଁଲି ।

ସେ କହିଲେ, ଆଉ ମୁଁ ତମକୁ ଏଣିକି ଭାଉଜବୋଉ ବୋଲି ଡାକିବି ନା ସେଇ ରଥ ବୋଲି ଡାକିବି ? ବୃନ୍ଦାବନ ବଡ଼ପାଟି କରି ହସିଉଠିଲେ ।

ମଲା ଯା, ନିଆଁ ଲଗା ବରାଡ଼ଟା ଭିତର ଘରକୁ ପଶିଲାଣି, କହି ମୁଁ ସେଠୁ ପଳାଇଆସିଲି ।

## ( ଏଗାର )

ସେଇ ଦିନଠାରୁ ବୃନ୍ଦାବନ ଗ୍ରାମ୍ୟ ସବୁଦିନେ ଆସନ୍ତି ଆମ ଘରକୁ । ଆସିଲେ ମୋ ସଙ୍ଗେ ଥଟ୍ଟା ନକଲ୍ ହେବା ଯେମିତିକି ତାଙ୍କର ଗୋଟାଏ କାମ ହୋଇଛି । ମତେ କିନ୍ତୁ କାଠ କାଠ ଲାଗେ କେମିତି ଆଗ ପରି ତାଙ୍କ ସଙ୍ଗେ ସହଜ ଭାବରେ ମିଶିବାକୁ । କିନ୍ତୁ ସେ କ'ଣ ଛାଡ଼ିବା ଜନ୍ତୁ ! ଏମିତି କଥା ପଦେ ପଦେ ପଗୁର-ବସନ୍ତି ଯେ ଜବାବ ନ ଦେବାକୁ ବାଟ ନ ଥାଏ । ସ୍ୱାମୀ ଦିନେ ଦିନେ ଟିକେ ବିରକ୍ତ ହୁଅନ୍ତି । କହନ୍ତି, ଯେ ଏତେ ନାଜ କରୁଚି, ତତେ କ'ଣ ଭଲ ଲାଗୁଚି ତା ସଙ୍ଗେ ଦୁଗୁଣେଇ ହବାକୁ ? ମୋ ଉପରେ କି ତାଙ୍କ ଉପରେ ବିରକ୍ତ ହୋଇ ସେ ଏ କଥା କହନ୍ତି, ମୁଁ ବୁଝିପାରେନା । କିନ୍ତୁ ଆଜି ଭାବୁଚି, କେତେ ଉଚିତ ଥିଲା ମୋର ସେତିକାବେଳେ ସେକଥା ବୁଝିପାରିବା !

ଜୀବନଭରି ଏ ଦୁଃଖ ଯନ୍ତ୍ରଣା ତାହାହେଲେ ମତେ ଆଉ ସହିବାକୁ ପଡ଼ି ନ ଥାନ୍ତା । କିନ୍ତୁ କ'ଣ ହବ ! ସୁଖସୌଭାଗ୍ୟର ଦିନ ତ ମୋର ସରିଆସିଥିଲା ତାଙ୍କ ହିସାବରେ, ସିଏ ଏ ଦିନଗତି କରୁଛନ୍ତି ।

ଦିନେ ସକାଳେ, ମେଘ ଛାଡ଼ିଯାଇ ସେଦିନ ଗଛପତ୍ର ଦିହରେ କଅଁଳ ସୁନେଲି ଉଦକ ଜଡ଼ିଯାଇଛି । ଅଗଣାରେ ବିଛଣା ତକିଆ ଖରାରେ ଦେଉଚି । ଘର ଭିତରୁ ସେ ଡାକିଲେ—ରତ୍ନ !

ତରତରରେ ଶେଜ ତକିଆ ମେଲାଇ ଦେଇ ଘର ଭିତରକୁ ଆସିଲି । ଖଟ ଉପରେ ସେ ବସିଥିଲେ । କହିଲେ, ବସ୍ ଟିକେ, କାମ ଅଛି ।

ପାଖରେ ଯାଇ ବସିଲି । ମୋର ଗୋଟାଏ ହାତ ତାଙ୍କ କୋଳ ଉପରକୁ ଟାଣିନେଇ ସେ କହିଲେ, ଏତେ ଦିନ ତ ଦୁଃଖକଷ୍ଟରେ ଚାଲିଗଲା ; ଏଣିକି କ'ଣ ହବ ?

ଆଶ୍ଚର୍ଯ୍ୟ ହୋଇ ପଚାରିଲି, କ'ଣ ଚାଲିଗଲା ?

ଆମରି ଘରକଥା କହୁଛି । ମୁଁ ତ ବର୍ଷେ ହେଲା ଗାଁରେ ଆସି ବସିଲି । କଟକରେ ଥିଲେ ସୁଜନର ଚାକିରି ଖଣ୍ଡେ କୋଉଠି ଦେଖିଥାନ୍ତି ଅବା ! ଘରେ ବସି ଖାଇଲେ କେତେ ଦିନ ଯିବ ? ଜମିବାଡ଼ି ଗୁଡ଼ାଏ ସେମିତି ଥାଆନ୍ତା ଭଲ, ପେଟପାଇଁ ଭାବନା ପଡ଼ନ୍ତା ନାହିଁ । ଏଣିକି କୋଉଠି ରୋଜଗାରର ଫନ୍ଦା ନ ଦେଖିଲେ ଚଳିବ କୁଆଡ଼ୁ !

ତେବେ କ'ଣ କଟକ ଯିବ ? ଡରି ଡରି ପଚାରିଲି ।

ତଳକୁ ମୁହଁ ପୋତି ସେ ଆସ୍ତେ ଆସ୍ତେ କହିଲେ, ତା' ଛଡ଼ା ଆଉ ଉପାୟ କ'ଣ ?

ଭୟରେ ଛାତି ଭିତର କ'ଣ ହୋଇଗଲା ମୋର ସେକଥା ଶୁଣି । ଗଳାକୁ ତାଙ୍କର ଦି' ହାତରେ ବେଢ଼ାଇ ଧରି ବିକଳ ହୋଇ କହିପକାଇଲି : ନାଇଁ, ନାଇଁ, ତମେ କଟକ ଯାଅନା । ମୁଁ ମରିଯିବି ତା'ହେଲେ । ତାଙ୍କ ଛାତିରେ ମୁହଁ ଲୁଚାଇ ଝର ଝର ହୋଇ କାନ୍ଦି ପକାଇଲି ।

କେତେକ୍ଷଣ ପରେ ସେ ମୋ ମୁହଁକୁ ଟେକିଧରି କାନିରେ ଲୁହ ପୋଛି-ଦେଲେ । ହସି ହସି କହିଲେ, ମୁଁ କ'ଣ ସତରେ କଟକ ଚାଲିଯିବି ତତେ ଛାଡ଼ି ?

ତଥାପି ସନ୍ଦେହ କରି ପଚାରିଲି, ଆଉ ଏଇକ୍ଷିଣା କହିଲ ?

ମିଛରେ ସେମିତି କହୁଥିଲି ନା । ତେବେ ବୃନ୍ଦାବନ ଦିନେ ମତେ କହୁଥିଲା, ଜମିଦାରୀ ସିରସ୍ତାରେ ଏଇଠି ଖଣ୍ଡେ ଚାକିରି ଦେବ ।

ଆଗ୍ରହରେ କହିପକାଇଲି : ହଁ, ହଁ, ତମେ ସେଇଠି ଚାକିରି କର, ଭଲ ହବ । ମତେ ଛାଡ଼ି ଆଉ କଟକ ଫଟକ ପଳାଅନା ।

ସେ କହିଲେ, ଆଜି ସଞ୍ଜବେଳେ ଆସିବ ସେ । ମୁଁ ବୁଝିକରି କହିବି ବୋଲି କହିଚି ତାକୁ ଚାକିରି କଥା ।

ତହିଁ ଆରଦିନ ସତରେ ସେ ଚାକିରି ପାଇଲେ । ବେଳ ଘଡ଼ିକଠଉଁ ଖାଇପିଇ ଚାଲିଯାନ୍ତି ସେ କଚେରି । ସଞ୍ଜବେଳେ ଯାଇ ଫେରନ୍ତି ଘରକୁ । ଦିନେ ଦିନେ ରାତି ହୋଇଯାଏ ଅନେକ । ଆକୁଳ ଅପେକ୍ଷାରେ ଚାହିଁ ଚାହିଁ ସେଦିନ ଆଖିରୁ ପାଣି ଝରେ ।

ଦିନେ, ଖରାବେଳଠଉଁ ସେଦିନ ଭାରି ମେଘ ଉଠେଇଥାଏ । ସେ ଘରେ ନ ଥିଲେ । ଖଟ ଉପରେ ପଡ଼ି ପଡ଼ି ଶୋଇବାକୁ ଚେଷ୍ଟା କରୁଚି, ଦୁଆର-ମୁହଁ ପାଖେ ପାଟି ଶୁଭିଲା । ଚାହିଁ ଦେଖିଲି, ବୃନ୍ଦାବନ । ଧଡ଼ପଡ଼ ହୋଇ ଖଟ ଉପରେ ଉଠି ବସିଲି । ସେ ମୋ ପାଖକୁ ଆସି ହସି ହସି ପଚାରିଲେ, ନିଦ ମାଡ଼ୁ ନାଇଁ ପରା ଶୋଇ ଶୋଇ ?

କହିଲି, ନାହିଁ ।

କେମିତି ଲୋକ ସେ କେଜାଣି, କହୁଁ କହୁଁ ଆସି ଖଟ ଉପରେ ମୋ ପାଖଟାରେ ବସିପଡ଼ିଲେ । ପଚାରିଲେ, ବଡ଼ ମା' କାହାନ୍ତି ?

ସେଦିନ କାହିଁକି ଭାରି ଡର ମାଡ଼ିଲା ତାଙ୍କ ବ୍ୟବହାର ଦେଖି । କହିଲି, ସେ ଶୋଇଛନ୍ତି ।

ଦଣ୍ଡେ ଗଲା ।

ସେ ଆଗେ କଥା କହିଲେ । ଡାକିଲେ--ରାଧା !

କ'ଣ ?

ଦ' ବର୍ଷ ତଳକଥା ମନେପଡ଼େ ତୋର ? ସେଦିନ ଏମିତି ବର୍ଷା । ଓଳିତଳ ପାଣିରେ ଭସାଇବାକୁ ମତେ ତୁ କାଗଜଡଙ୍ଗା ତିଆରି କରିବାକୁ କହିଲୁ । ପଚାରିଲି, କ'ଣ ଦବୁ ଡଙ୍ଗା କରିଦେଲେ ? ମନେପଡ଼େ, ସେଦିନ କହିଥିଲୁ ମୁଁ ତମକୁ ବାହା ହେବି । ସେଇଦିନୁ ଏ ଧାରଣାଟା ମୋ ମନରେ ଏକାବେଳକେ ଜଡ଼ିରହିଛି ।

ଆଜି ସ୍ୱାଁଙ୍କର ଏ କି କଥା ! ଭାରି ଅଡ଼ୁଆ ଲାଗୁଥାଏ ମତେ । କ'ଣ କରିବି, କାଠ ପିଡ଼ୁଲି ପରି ବସିରହିଲି ।

ସେ କହିଗଲେ : ଆଜିଯାଏ ସେଥିପାଇଁ ସେମିତି ଏକୁଟିଆ ଅଛି । କେତେ ଜାଗାରୁ ସମ୍ବନ୍ଧ ଫେରାଇଦେଲିଣି । କାହା ପାଇଁ ଏ ସବୁ, ଜାଣୁ ? କାହା ରୂପ-ଗୁଣର ତୁଳନା ପୃଥିବୀ ଭିତରେ ଆଜିଯାଏ ପାଇନାହିଁ ବୋଲି ସେଇଦିନୁ ଏମିତି ଏକୁଟିଆ ହୋଇ ଗୃହୀ ବସିଚି, ଜାଣୁ, ରାତି !

ବାହାରେ ଝର ଝର ହୋଇ ବର୍ଷା ଆରମ୍ଭ ହେଲା । 'ଦୁଆରୁ ଲୁଗା ତୋଳି-ଆଣେ' ବୋଲି କହି ସେଘରୁ କୌଣସିମତେ ପଳାଇ ଆସିଲି, ଏକାଥରକେ ମା' ଘୋଉଠି ଶୋଇଥିଲେ ।

ଗୋଡ଼ଶବ୍ଦ ଶୁଣି ମା ପଚାରିଲେ, କିଏ ? ଆସ୍ତେ ଅସ୍ତେ ପାଖକୁ ଯାଇ ତାଙ୍କ ଗୋଡ଼ ଘଷିବସିଲି । ଦାଣ୍ଡଘରକୁ ପୁଣି ଯିବାକୁ ମୋର ଆଉ ସାହସ ହେଲା ନାହିଁ ।

× × ×

ସେଦିନ ରାତିରେ, ଖାଇସାରି ଖଟ ଉପରେ ସ୍ୱାମୀଙ୍କ ପାଖରେ ଶୋଇ କହିଲି, ବୃନ୍ଦାବନ ଆଜି ଆସିଥିଲେ ଏଠିକି ।

ଭାରି ଆଶ୍ଚର୍ଯ୍ୟ ହୋଇ ସେ ପଚାରିଲେ, କେତେବେଳେ ? କହିଲି, ଦ'ପହରେ ତମେ ନଥିଲା ବେଳେ ।

କଥା ଶୁଣି ତାଙ୍କ ମୁହଁଟା କେମିତି କଳା ପଡ଼ିଗଲା । କହିଲେ, ଭାରି ବେହିଆ ଏ ବୃନ୍ଦାବନଟା । ତୁ ତା ସାଙ୍ଗେ ସାବଧାନ ହୋଇ ଚଳୁଥିବୁ । ତହିଁ ଆର ଦିନଠୁଁ ସେ କାମକୁ ଯିବା ବେଳ ବଦଳାଇଦେଲେ । ଦ'ପହରେ, ଟିକେ ଶୋଇ ଗଡ଼ିଇ ନେଉଟିଗଲା ପରେ ବାହାରନ୍ତି; ଆସୁ ଆସୁ ରାତି ସେମିତି ଅନେକ ହୋଇଯାଏ । ଭାବିଲି, ଆଉ ବୋଧହୁଏ ବୃନ୍ଦାବନ ମତେ ବିରକ୍ତ କରିବାକୁ ଆସିବେ ନାହିଁ ।

( ପାଞ୍ଚ )

ବୃନ୍ଦାବନ ଲୁହକୁ କାଣନ୍ତୁ ନା କଣ ! ଉପରଓଳି ସ୍ୱାମୀ ଯେବେ ଯେମିତି କାମକୁ ଚାଲିଯାଇଛନ୍ତି, ସେ କୁଆଡ଼ୁ ଆସି ପୁଣି ପହଞ୍ଚିଗଲେ । ନ ଦେଖିଲି ପରି ହେଇ ମୁଁ ସେଘରୁ ବାହାରି ଯାଉଥିଲି, ଡାକଲେ—"ରତି" ।

ବାଧ୍ୟ ହୋଇ ଫେରି ଚାହିଁଲି । ପଚାରିଲି, କାହିଁକି ଡାକୁଚ ? ମୋର କାମ ଅଛି ଯାଉଚି ।

କାମ ଅଛି ବୋଲି ଖଣ୍ଡେ ପାନ ବି ମିଳିବ ନାହିଁ ? ସେ କହିଲେ ।

ଭାରି ଚଢ଼ି ମାଡ଼ୁଥାଏ । କ'ଣ କରିବି, ପାନ ଆଣି ଦେଲି । ନଇଲେ, ଏ ଯଦି ଚଢ଼ିଯା'ନ୍ତି, ସ୍ୱାମୀଙ୍କର ଚାକିରିଖଣ୍ଡ ଯେ ଯିବ ।

ଘର ଭିତରେ ଜଳାକବାଟି ପାଖରେ ସେ ଠିଆ ହୋଇଥିଲେ । ପାନ-ଥାଳିଆ ଥୁଇଁ ମୋ ହାତଟା ଧରିପକାଇ କହିଲେ, ମୋ କଥା ଶୁଣିବୁ ନାହିଁ ଥରେ ?

ଝଟକରେ ହାତଟା ଛଡାଇନେଇ ପଚାରିଲି, କି କଥା ?

ସେ କହିଲେ, ଶୁଣି ବିଶ୍ୱାସ ଯିବୁ ମୋ କଥାରେ ? ମୁଁ…ମୁଁ ତ କେତେ ଆଶା କରି ଏଠିକି ଆସେ, ତୋ ମୁହଁରୁ ଖାଲି ପଦେ କଥା ଶୁଣିବାକୁ !

ହାଡ଼ ଜଳିଗଲା କଥା ଶୁଣି । କ'ଣ କରିବି, ଚୁପ୍ ହୋଇ ଶୁଣିବାକୁ ହେଲା ସବୁ । ସେ କହିଲେ, ଏ ଦୁ'ବର୍ଷ ଏକପ୍ରକାର ନିଶ୍ଚିନ୍ତ ହୋଇଥିଲି ତତେ ନ ଦେଖି । ଏଣିକି ସତରେ କହୁଚି, ମତେ ଖାଇବା ପିଇବା ବିଷ ପରି ଲାଗିଲାଣି ତୋ କଥା ଭାବି, ରତି ! ହଉ ମୋ ଠାରୁ ଏମିତି ଦୂର ହୋଇ ରହିବୁ ସବୁଦିନ ? ପାଖକୁ ଆସି ସେ ପୁଣି ମୋ ହାତ ଧରିଲେ ।

ଦେହ ଗୋଟାକ ଥରଉଠିଲା ମୋର ରାଗରେ । ଆଉ ସମ୍ଭା'ଳି ପାରିଲି ନାହିଁ । ଜୋରରେ ହାତଟା ତାଙ୍କର ଛୁଆଡ଼ିଦେଇ ଘରୁ ବାହାରିଗଲି । ଗଲାବେଳେ କହିଲି, ଭଦ୍ରଲୋକ ଯଦି ହୋଇଥିବ ତମେ, ଆଉ ଦିନେ ଏ ଘର ଦୁଆର ମୁହଁ ମାଡ଼ିବ ନାହିଁ, କହିଦଉଚି ।

ମୋ ପଛେ ପଛେ ସେ ବାହାରକୁ ଆସିଲେ । ଫେରିଗଲାବେଳେ ଖାଲି ଏତିକି ତାଙ୍କ ପାଟିରୁ ଶୁଭିଲା, 'ଆଚ୍ଛା, ହଉ' । ମୁଁ ଶୁଣି ନ ଶୁଣିଲା ପରି ଚାଲିଆସିଲି ।

ସବୁଦିନ ପରି ସେଦିନ ବି ସ୍ୱାମୀ ଅନେକ ରାତିରେ ଘରକୁ ଫେରିଲେ । ଖାଇବସି ପଚାରିଲେ, ଆଜି ବୃନ୍ଦାବନ ଆସିଥିଲା ?

କହିଲି, ହଁ ।

ଅଳିକା କଥା ତାଙ୍କ ଆଗେ କହିଦବାକୁ ଭାରି ମନ ହଉଥାଏ । କିନ୍ତୁ କହିବି କହିବି ବୋଲି କିଛି କହିପାରିଲି ନାହିଁ ନାଜରେ ।

ଆଉ କିଛି ନ ପଚାରି ଖାଇସାରି ସେ ଉଠିଗଲେ । ହାତ ଧୋଇ ଚୁପ୍‌ ହୋଇ ଯାଇ ଖଟ ଉପରେ ଶୋଇପଡ଼ିଲେ । ମୋର ବି ଆଉ ସାହସ ହେଲନାହିଁ ତାଙ୍କୁ ବିରକ୍ତ କରିବାକୁ ସେଦିନ ।

ଦି'ଦିନ ପରେ ଶୁଣିଲି, ସେ ଜମିଦାରଘର ଚାକିରି ଛାଡ଼ିଦେଇଛନ୍ତି ।

( ଛଅ )

ଏତେଯାଏ କହି ଆଲୁଅ ପୁଣି ଥରେ ଚୁନ ହେଲା । ତେଜ ତାର ଖୁବ୍‌ ମିଞ୍ଜି ମିଞ୍ଜି ହୋଇଆସିଲା; ସତେ ଏଇକ୍ଷଣି ଲିଭିଯିବ !

ଗଛ ଉପରୁ ବାଦରଟା ବେସ୍ତ ହୋଇ ଡାକିଲା, ମଲ ମଲ, କଥାଟା ଏମିତି ଅଧା କରି ଚାଲିଯିବ କି ? ସେଉଠୁଁ କ'ଣ ହେଲା କୁହ, କୁହ—

ଖୁବ୍‌ ଧୀରେ, ଖୁବ୍‌ ଚୁନ ଚୁନ, ଆଲୁଅ ସେଉଠୁ ଆରମ୍ଭ କଲା : ମୋ କଥା ଆଉ ବେଶି ନାହିଁ । ଏଣିକି ଯୋଉକଥା କହିବି, ବଡ଼ କରୁଣ, ବଡ଼ ବୁକୁଫଟା ସେ କାହାଣୀ । ଏ ଅପିଣ୍ଡ ପ୍ରାଣରେ ବି ଆଜିଯାଏ ସେ କଥାଗୁଡ଼ାକ ନିଆଁ ପରି ଜଳୁଚି, ଦିନରାତି !

ତା'ପରେ ସେ ତ ଚାକିରି ଛାଡ଼ିଦେଲେ । ମନେ ମନେ ଖୁବ୍‌ ଖୁସି ହୋଇ ଭାବିଲି, ଯା' ହଉ ଏଥର ବୃନ୍ଦାବନଙ୍କ ହାତରୁ ରକ୍ଷା ପାଇଲି ମୁଁ । କିନ୍ତୁ ଯାହା ପାଇଁ ଏତେ ଆନନ୍ଦ, ସେ ସ୍ୱାମୀ କାହିଁକି ଆଗ ପରି ମୋ ସଙ୍ଗେ ଆଉ ସହଜରେ ମିଶିପାରିଲେ ନାହିଁ ସେହିଦିନ ଠାଉଁ । କେମିତି ମତେ ସବୁବେଳେ ଭଲକରି କଥା କହନ୍ତି ନାହିଁ, ଖାଲି କରଛଡ଼ା ଦେଇ ବୁଲନ୍ତି । ଦରକାର ପଡ଼ିଲେ ଯାହା ଦି'ଟା ଗୋଟାଏ କଥା କହନ୍ତି, ସେତିକି ବି ପୁଣି ମୁହଁ ଶୁଖେଇ । ଭାବିଲି, ମୋର ସୁଖର ଦିନ ଏଣିକି ସରିଆସିଲା ।

କାହିଁକି ସେ ମୋ ଉପରେ ଚିଡ଼ିଛନ୍ତି, ଦିନେ ଦିନେ ପଚାରିବାକୁ ଭାରି ମନହୁଏ; କିନ୍ତୁ ମୁହଁକୁ ଚାହିଁ ତାଙ୍କର ସାହସ ହୁଏନା ପଚାରିବାକୁ ସେକଥା । କାଲେ ବେଶି ଚିଡ଼ିବେ ! ରାତିରେ ସେ ଶୋଇପଡ଼ିଲା ପରେ ଚୁନ ଚୁନ ଅନେକ ବେଳଯାଏଁ କାନ୍ଦେ । ବେଳେ ବେଳେ ଭାବେ, ଏ ନିଉଛୁଣା ଜୀବନଟାରେ ଆଉ କଅଣ ଦରକାର ? ପୋଖରୀର ଅଥଳ ପାଣିରେ ଗୋଡ଼ ଖସାଇବାକୁ ଭାରି ମନହୁଏ । ଏଇ କଥା ଭାବି ନିଚ୍ଛାଟିଆ ଦି'ପହରେ କେତେଥର ପୋଖରୀକି ମଧ ଯାଏ; କିନ୍ତୁ ଯାହା ଲାଗି ମୁଁ ଏ ଘରକୁ ଆସିଚି, ସେ ଯେ ମୋ ପେଟରେ । ମରିବାର ମୋର କ'ଣ ଅଛି ଏଇକ୍ଷଣି ?

ଆସ୍ତେ ଆସ୍ତେ ଘରକୁ ଲେଉଟିଆସେ ।

ଆଜି କିନ୍ତୁ ମନେହଉଚି, ସେତେବେଳେ ଯଦି ମୁଁ ମରିଥାନ୍ତି, ତାହାହେଲେ କାମ ଛିଣ୍ଡି ଯାଇଥାନ୍ତା ଏକା ଥରକେ । ଆହୁରି ହିନସ୍ତା, ଆହୁରି ଦହଗଞ୍ଜ ସ୍ୱାଠୁଁ ବଳି, ଯାହା ମୋ କପାଳରେ ଥିଲା ତାକୁ ଭୋଗ କରନ୍ତା କିଏ ?

ଆଉ ଦିନେ, ସେ ଦିନ ବି ଏମିତି ଝଡ଼, ଏମିତି ବର୍ଷା । ସାରା ସୃଷ୍ଟି ଉଜାଡ଼ି-ଦବାକୁ ସେଦିନ ଯେମିତି କଳା ବଉଦ ମେଳରେ ପ୍ରଳୟର ଧାରା ଫିଟିଥାଏ । ପାଣି ପବନ ଜୋରରେ ଗଛପତ୍ରଗୁଡ଼ାକ ଠକ ଠକ ହୋଇ କମ୍ପୁଥାନ୍ତି । ସକାଳୁ ମୋ ସ୍ୱାମୀ କ'ଣ ଗୋଟାଏ ଅଳ୍ପ କଥାରେ ମୋ ଉପରେ ଭାରି ରାଗି କୁଆଡ଼େ ଚାଲି-ଯାଇଥିଲେ । ସଞ୍ଜ ଆସି ହୋଇଗଲା; ଘର ବାହାର ଚାହିଁ ଚାହିଁ ଆଖିରୁ ମୋର ପାଣି ମଲା, ସେ ଫେରିଲେ ନାହିଁ । ମୋ ମନ ଭାରି ଉଚାଟ ହୋଇଗଲା ! କାହିଁକି ମିଛରେ ତାଙ୍କ କଥାରେ ଜବାବ ଦେଇ ମଲି । ଏତେବେଳଯାଏ କୁଆଡ଼େ ଗଲେ ! କ'ଣ କଲେ !

ଦାଣ୍ଡପିଣ୍ଡାରେ କାହା ପାଟି ଶୁଭିଲା । ସେ ଆସିଲେ କି ଆଉ, ଦଉଡ଼ିଗଲି ଦାଣ୍ଡପିଣ୍ଡାକୁ । କିନ୍ତୁ ସେ କାହାନ୍ତି ? ଏ'ତ ବୃନ୍ଦାବନ !

ମତେ ଦେଖି ବୃନ୍ଦାବନ ଭାରି ବ୍ୟସ୍ତ ହୋଇ କହିଲେ, ରଥ, ଆଲୁଅଟା ନେଇ ଆସିଲୁଟି ବାଡ଼ିଆଡ଼କୁ । ଦାସଭାଇଙ୍କି ବାଟରେ କ'ଣ ଗୋଟାଏ କାମୁଡ଼ି-ଦେଲା । ଜଲଦି ।

ଦଣ୍ଡକେ ଆଖି ଆଗରେ ମତେ ସବୁ ଅନ୍ଧାର ଦିଶିଗଲା । ଭାବିବାର ସେତେବେଳେ ମୋର ଆଉ ବେଳ ନ ଥିଲା । ଘର ଭିତରୁ ଆଲୁଅଟା ନେଇ ମୁଁ ପଦାକୁ ବାହାରି ପଡ଼ିଲି । ମୋ ଆଗେ ଆଗେ ବୃନ୍ଦାବନ ।

କ'ଣ କାମୁଡ଼ିଲା, କେମିତି କାମୁଡ଼ିଲା ! ସାପ ହୋଇଥିବା ନୁହେଁ ତ ! ଏଇ ଚିନ୍ତା ମୋ ମୁଣ୍ଡରେ ପଶି ବୁଦ୍ଧି ଜ୍ଞାନ ସବୁ ମୋର କୁଆଡ଼େ ହଜାଇଦେଲା ! ଉତ୍କଣ୍ଠାରେ କେତେ ବାଟ ଚାଲିଆସିଲି ଜଣାଗଲା ନାହିଁ । ହଠାତ୍ ମନେ ହେଲା, ମୁଁ କୁଆଡ଼େ ଆସୁଚି । ଏଟା ଯେ ଗାଁ ଦାଣ୍ଡ, ଆମ ବାଡ଼ି ତ ରହିଗଲାଣି କେତେ ପଛରେ । ଆଉ ଆଗକୁ ଗଲି ନାହିଁ; ସେଇଠି ଠିଆ ହୋଇ ଡାକିଲି, ବୃନ୍ଦାବନ ଭାଇ !

କାହାନ୍ତି କିଏ ? ଏ ବଣ ବାଟ ଭିତରେ ମୁଁ ଏକା । ଡରରେ ଛାତି ଭିତର ରକ୍ତ ମୋର ପାଣି ହୋଇଗଲା ।

ମେଘ ଛାଡ଼ିଯାଇଥିଲା ସେତେବେଳକୁ । ବାଟ ଘାଟ ସୁରୁଖ କରି ବଉଦ ଫାଙ୍କରେ ସେତେବେଳେ ଚନ୍ଦ୍ରମାର ଚୂନକାମ ହେଉଥିଲା ଅନ୍ଧାରର ଶିଉଳାଲଗା ଗାଇଜରେ । ମନରେ ଖୁବ୍ ହିମ୍ମତ କରି ଆଖି ବୁଜି ଘର ଆଡ଼କୁ ପଳେଇ ଆସିଲି ଏକା ଦଉଡ଼ରେ । କବାଟ ପାଖେ ଆସି ଥକା ହୋଇ ଠିଆ ହୋଇଗଲି ।

ଘର ଭିତରେ ଆଲୁଅ ଜଳୁଚି । ମୋ ସ୍ୱାମୀ ଘର ମଝିରେ ଠିଆ ହୋଇଛନ୍ତି କବାଟ ଆଡ଼କୁ ଚାହିଁ ।

ସାପ ଫାପ କାମୁଡ଼ିବା କଥା ତାହାହେଲେ ସବୁ ମିଛ । ଏତକ ବୃନ୍ଦାବନଙ୍କ ଫିକର ।

ମତେ ଦେଖି ସେ ପାଖକୁ ଆସିଲେ । ରାଗରେ ଦାନ୍ତ କାମୁଡ଼ି ପଚାରିଲେ, କୁଆଡ଼େ ଯାଇଥିଲୁ, ସତ କହ ।

ମୋ ମୁଣ୍ଡ ସେତେବେଳକୁ ବୁଲଉଥାଏ । କିଛି କହିପାରିଲି ନାହିଁ । ସେ ଗର୍ଜନ କରି କହିଲେ, ମୁଁ ସବୁ ଜାଣେ । ଦରକାର ନାହିଁ ଶୁଣିବା । ଚାଲି ଯା ମୋ ଆଗରୁ । ହଠାତ୍ ସେ ମୋତେ ଖୁବ୍ ଜୋରରେ ପଛକୁ ପେଲିଦେଲେ ।

ଟାଳ ସମ୍ଭାଳି ନ ପାରି ମୁଁ ମୁହଁମାଡ଼ି ପଡ଼ିଗଲି । ଦୁଆରବନ୍ଧରେ ପେଟଟା ଖୁବ୍ ଜୋରରେ ବାଡ଼େଇ ହୋଇଗଲା ପଡ଼ିଲାବେଳେ । ସ୍ରୁତ ଚଗହୋଇ ପାଣିଧାର ପରି ପାଟିବାଟେ ରକ୍ତ ବୋହିଗଲା, ଏତିକି ମୋର ମନେ ଅଛି । ତା ପରେ ଆଉ କ'ଣ ହେଲା ଜାଣେ ନା; ସାଙ୍ଗେ ସାଙ୍ଗେ ମୋର ଚେତା ହଜିଗଲା । ସେମିତି ଅଚେତା ଅବସ୍ଥାରେ ପେଟରୁ କୁଆଡ଼େ ମୋର ମରା ପିଲାଟିଏ ଜନ୍ମ ହେଲା । ତା ସାଙ୍ଗେ ସାଙ୍ଗେ ସନ୍ନିପାତ । ଏତେ କଷ୍ଟରେ ବଞ୍ଚିବା ଆଶା ଯାହା ଟିକେ ଥିଲା, ତା' ବି ଗଲା ।

ତହିଁଆର ଦିନ ବୃନ୍ଦାବନ ଆଉ ସମ୍ଭାଳି ନ ପାରି ସବୁ କଥା ମୋ ସ୍ୱାମୀଙ୍କ ପାଖେ ମାନିଗଲେ । ସ୍ୱାମୀ ପାଗଳ ପରି ଦୌଡ଼ି ଆସି ମୋ ହାତ ଧରି ଭେ ଭେ ହୋଇ କାନ୍ଦିପକାଇଲେ । କହିଲେ, ରତି ! ଏଇ ଥରକ ମତେ ତୁ କ୍ଷମା ଦେ । ମୁଁ ମଣିଷ ନୁହେଁ···ମୁଁ ପଶୁ । ତାଙ୍କ ବିକଳ ଦେଖି ଏତେ କଷ୍ଟରେ ପୁଣି ବଞ୍ଚିବାକୁ ମୋର ମନହେଲା । କିନ୍ତୁ କ'ଣ ହେବ; ଦିନ ତ ମୋର ସରି ଆସିଥିଲା । ଆଉ ଦଣ୍ଡକ ପରେ ମୋର ସବୁ ଶେଷ ହୋଇଗଲା ।

ପିଲାଙ୍କ ପରି ମତେ ଦି' ହାତରେ କୁଣ୍ଢାଇ ଧରି ସେ କହିଲେ ରତି, ରତି ! ଆ, ଫେରିଆ ! ଆଉ ତୋ ଉପରେ ରାଗିବି ନାହିଁ, ଫେରିଆ ।

ସେଇଦିନୁ ସେ ପାଗଳ ହୋଇ କୁଆଡ଼େ ଚାଲିଗଲେ ।

ତା ପରେ ମତେ ସମସ୍ତେ ଏଇ ବିଲ ଆରପଟ ମଶାଣିକି ଆଣିଲେ । ମୋ'ର ସେ ମରା ପିଲାଟିକି ଆଗରୁ ଆଣି ଏଇ ମଶାଣିରେ ଆଉଠାଏ କେଉଁଠି ପୋତିଥିଲେ । ଜୁଇନିଆଁର ସର୍ବଗ୍ରାସୀ ବାହୁବେଢ଼ାରେ ଘଡ଼ିକେ ଏ ଦେହ ଜଳିପୋଡ଼ି ପାଉଁଶ ହୋଇଗଲା । ବାକି ରହିଗଲା ଖାଲି ଗୋଟାଏ ଆଲୁଅ, ଇମିତି ମୋର ଦେହ ପରି, ଖୁବ୍ ବଡ଼, ଖୁବ୍ ତେଜ ।

ଆଲୁଅ ଲୀନ ହେଲା ।

ଗଛ ଉପରୁ ବାଦୁଡ଼ିଟା ପାଟିକରି ପଚାରିଲା, ସେଇଥିପାଇଁ, ଅନ୍ଧାର ହେଲେ ବିଲ ପଡ଼ିଆରେ ଆଲୁଅ ଜଳାଇ ତମରି ପିଲାଟିକି ଖୋଜି ବୁଲ କି ସବୁଦିନେ ?

ଉତ୍ତର ନାହିଁ । ଆଲୁଅ ସେତେବେଳକୁ ଲିଭିଯାଇଥିଲା ।

... ... ... ...

ତୋଟା ଅଡ଼େ, ଗଛପତ୍ର ଝୁଙ୍କାଇ ବତାସ ପବନ ବୋହିଗଲା ସୁ-ସୁ-ସୁ···

# ସାପୁଆ

## କାଳନ୍ଦୀଚରଣ ପାଣିଗ୍ରାହୀ

କଟକ ଷ୍ଟେସନରୁ ରେଳରେ ଚଢ଼ି ଦକ୍ଷିଣମୁହାଁ ଗଲେ କାଠଯୋଡ଼ି ପାରି ହୋଇ ଆଗ ପଡ଼େ ବାରଙ୍ଗ, ତା'ପରେ ମଞ୍ଚେଶ୍ୱର । ମଞ୍ଚେଶ୍ୱରକୁ କେହି କେହି ରେଳଯାତ୍ରୀ କୌତୁକ କରି କହୁଥାନ୍ତି, ମ୍ୟାଞ୍ଚେଷ୍ଟର । ଏଠାରେ ଗୋଟାଏ କାଚ କାରଖାନା ହେବ ବୋଲି କେଉଁକାଳୁ ଘରତୋଳା ସରିଛି । କାରଖାନାର ଦେଖା ନାହିଁ । ଓଡ଼ିଶା ସରକାର ଏ ପଟକୁ ରାଜଧାନୀ ଘୁଞ୍ଚାଇବେ ବୋଲି ମଧ୍ୟ ଶୁଣାଯାଏ ।

ମଞ୍ଚେଶ୍ୱରଠାରୁ ପଟିଆ ଗାଁଟି ବାଟ ଦୁଇ ତିନି ମାଇଲ । ଗାଁ ମୁଣ୍ଡରେ ଗୋଟାଏ ବଡ଼ ଆମ୍ବ ତୋଟା ତଳେ ଧାଡ଼ିମୂଳିଆ ସାନ ସାନ ଛପର ଘର । ସୈନ୍ୟ ଛାଉଣି ତମ୍ବୁ ପଡ଼ିଲା ଭଳି ଦୂରକୁ ଦିଶେ । ଘରଗୁଡ଼ିକରେ ରହନ୍ତି ସାପ ଓ ସାପୁଆକେଳା ।

ରଜ ସମୟ । ଦିନକୁ ଦିନ ଏହି ଘରଗୁଡ଼ିକ ମଣିଷ ଗହଳରେ ଫାଟି ପଡ଼ୁଛି । ରଜସଂକ୍ରାନ୍ତିଠାରୁ ଦଶହରାଯାକେ ସେଠାରେ ସାପୁଆମାନେ ଜମା ହୁଅନ୍ତି । ତା'ପରେ ସବୁ ଶୂନ୍‌ଶାନ୍ ।

ଦଳି ଦଳି ମରଦ ମାଇପେ କେତେ ଗାଁଇଁ ବୁଲି ଫେରିଆସୁଛନ୍ତି । ମଦନ ବେହେରା ଭାରଟାକୁ କାନ୍ଧରୁ ଓହ୍ଲାଇ ତଳେ ରଖିଦେଲା । ଘର ଭିତରେ ଗୋଟାଏ ପାଖରେ ଅସ୍ଥାୟୀ କୁଡ଼ିଆ କରିବାକୁ ଏକ ରକମ ଫୋଲ୍‌ଡିଂ ଛାଟି, ଲୁଗା, କନ୍ଥା, ହାଣ୍ଡି ପଲମ; ଆରପାଖେ ସାନବଡ଼ ଚକା ଚକା ପେଡ଼ି ।

ସାନ ପେଡ଼ିରେ 'ଗୋବନ୍ଦ ମୂଷା' । ନୂଆ ବୋହୂ ହୋଇ କୂଅ ଭିତରୁ ବେଗ ବେଗ କରି ସେ ପାଣି କାଢ଼େ, ମାନ୍ୟ ଲୋକ ଆସୁଥିବେ ବୋଲି ଏଣିକି ତେଣିକି ବୁଲି ଧାନ ଶୁଖାଏ, ପୁଣି ଦେଢ଼ଶୂର ଆସିଲେ ତରତର ହୋଇ ଘରକୁ ପଳାଏ ।

ବଡ଼ ବଡ଼ ପେଡ଼ିରେ ଅହିରାଜ, ନାଗ, ଡମ୍ପ — କିଏ ସାତକୋଷିଆ, କିଏ ମଣିନାଗ, କିଏ କପିଳାସ ଅବା ହରଶଙ୍କର ପର୍ବତରୁ ଧରାହୋଇ ଆସିଛନ୍ତି । ମଦନ ପେଡ଼ି ଫିଟାଇ ତାହା ଭିତରେ ଟିକିଏ ଫୁଙ୍କି ଦେଇ ଗାଏ—

"କଂସର ଘରଣୀ ପଦ୍ମାବତୀ ରାଣୀ
ସେ କଲା ଧନୁଧର ଉପାଃ
ଲକ୍ଷେ ଖର ପଦ୍ମ ଦେବୁ ରେ କହ୍ନାଇ
ନ ଥିବ ପାଙ୍କୁଡ଼ା ମିଶା
କ ଗୋବନ୍ଦ ହରି ।"

ସାପଟା ଫଣା ଟେକି ଗର୍ଜନ କରେ, ଜିଭ ଲହ ଲହ କରି ସଗୋରେ ମଦନ ଉପରକୁ ଚୋଟ ମାରେ । ଦେଖଣାହାରିଙ୍କ ଛାତି ଦୁଲୁକିଉଠେ । ମଦନ ପାଟି କରେ, "ଖାଇଲା, ଖାଇଲା, ବୁଢ଼ା, ଗଦ ଅଛୁ ଶୁଙ୍ଘେଇଦେବ । ମାରିପାରିବୁ ନାହିଁ ।"

ହଷ୍ଟ ଆଗରୁ ମେଘ ଅନ୍ଧାର ଆମ୍ବ ତୋଟାରେ ଘନେଇ ଆସିଛି । ଟୋପୁ ଭଲ ଝିପି ଝିପି ପାଣି ବର୍ଷି ଆମ୍ବପତରୁ ଟୋପା ଆକାରରେ ଅସ୍ ଅସ୍ ତଳକୁ ଖସୁଛି । ଖର ବେହରୁ ଲଣ୍ଠନଟା ଫିଟାଇ ମଦନ ଆଲୁଅ ଜାଳିଲା । ଘର ଆଗ ସାନ ପିଣ୍ଡି ଉପରେ ସଉକୀ ତା'ର ମୁଣ୍ଡ ବୋହଟାକୁ ଥୋଇଲା । ପିଠିରେ ଲୁଗା ଖାଉଁଳରେ ବନ୍ଧା ଯାଇଥିବା ଦୁ'ବର୍ଷର ପିଲାଟିକୁ ବୋହ ପାଖରେ ରଖିଦେଇ ଚାଲିଲା ଘର ପଛଁରେକୁ ।

ମେଘୁଆ ହେଲେ ବି ଖାଲରେ ଦହ ଉଦା ହୋଇଯାଉଛି । ଶିରପା ଖଣ୍ଡ ମୁଣ୍ଡରୁ ଫିଟାଇ ମଦନ ସେହି ଖରକୁ ଆଉଜି ସେଥିରେ ଟିକିଏ ବସି ହେଲା । ତାହାର ସ୍ତ୍ରୀ ସଉକୀ ଘର ପଛଁରୁ ସାଗ ମାଠିଆ ଧରି ବାହାରିଗଲା ପାଣି ଆଣିବାକୁ । ମଦନ ସେହିପରି ଖରକୁ ଆଉଜି ହାତକଟା ଫତେଇ ପକେଟରୁ ବିଡ଼ି ଦିଆସିଲି କାଢ଼ି ଲଗେଇଲା । ସ୍ତ୍ରୀ ପାଣି ଆଣି ରୋଷେଇ ଯୋଗାଡ଼ କଲା । ସେଥିପାଇଁ ଆଉ କାହାଠୁଁ ତା'ର କିଛି ସାହାଯ୍ୟ ଲୋଡ଼ା ନାହିଁ । ଏଣେ ମଦନ ମହା ଆରାମରେ ବିଡ଼ି ଟାଣୁଛି । କାହାରି ମୁହଁରେ କଥା ନାହିଁ । ପିଣ୍ଡା ଉପରେ ଥୁଆ ହୋଇଥିବା ଦୁ' ବର୍ଷର ପିଲାଟା ବି ଏକ ଅତି ଉଚ୍ଚ ଧରଣର ବିଦେଶୀ ନର୍ସିଂ ହୋମରେ ଶିକ୍ଷିତ ହେଲା ଭଳି ଚୁପ ହୋଇ ପଦାଗହଳର ପାଣି ଅପ ଅପ ଶୁଣୁଥାଏ ।

ବିଡ଼ିଟଣା ସରିଲା ପରେ ଟିକିଏ ଥଣ୍ଡା ପବନ ବାଜି ମଦନର ଆଖି ଦୁଇଟି ଢୋଳେଇ ହୋଇ ଆସିଲା ।

ହାତରେ, ମୁଣ୍ଡରେ, ପିଠିରେ ଟୋପା ଟୋପା ପାଣି ପଡ଼ୁଥାଏ । ତେଣିକି ପରୁଆ ନ କରି ଗଭୀର ନିଦରେ ସେ ଶୋଇଗଲା ।

ସଉକୀର ଡୋହଲଟରେ ନିଦ ଭାଙ୍ଗିଲାରୁ ସେ ଶୁଣିଲା, "ଉଠ୍ ତ, ଭିତରକୁ ଚାଲ୍ !" ନିଦ ମଳ ମଳ ହୋଇ ସେ ଉଠିଲା । ପାଣି ତାଳଟା ନେଇ ହାତ ମୁହଁ

ଧୋଇ ଘର ଭିତରେ ପଶିଲା । ଗୋଟାଏ ପାଖରେ ଦ'ବର୍ଷର ପିଲାଟି ଶୋଇପଡ଼ିଛି । ଚୁଲିରୁ ନିଆଁ ତାଙ୍କ କମି ଆସିଲାଣି । ଚକ୍ ଚକ୍ ହୋଇ ମଜା ଯାଇଥିବା ବଡ଼ କଂସା ଭିତରୁ ଗରମ ଭାତ ଆଉ ଡାମିଡ଼ା ଶୁଖୁଆ ତରକାରୀର ବାମ୍ଫ ବାହାରୁଚି ।

ଖୁସି ହୋଇ ମଦନ ପଚାରିଲା, "ଭାରି ତ ସହଳ ହୋଇଗଲା ।"

'ହଉ, ବସ୍', ସହଳ କ'ଣ ? ରାତି କେତେ ହେଲାଣି !'

ସତକୁ ସତ ପହରିଆ ଚଟେଇ କୁମ୍ଭାଟୁଆ ଡାକ ଗୁଡ଼ିଏ ରାତି ଅଧ ହେବାର ଜଣାଇଦେଲେ । ପଡ଼ୋଶୀ ଘରମାନଙ୍କରୁ କାହାର ପାଟିଗୁଣ୍ଡ ଶୁଭୁ ନାହିଁ । ଦୂରରୁ ରହି ରହି ଯୋଡ଼ାଏ ବୁଲା କୁକୁର ବାଦବୁଦିଆ କଣ୍ଠ ଗୁଚ୍ଛାରେ ସରୁସ୍ୱର ଲମ୍ବାଇ ଭୁକୁଛନ୍ତି ।

ଖାଇସାରିଲା ବେଳକୁ ଘର ଭିତରେ ଖଣ୍ଡେ ଖଜୁରି ପଟି ପରା ହୋଇଥିଲା । ତାହାର ଉପରେ ମଦନ ଲମ୍ବ ହୋଇ ପଡ଼ିଗଲା । ସଉଣୀ କେତେବେଳେ କ'ଣ ଖାଇ ଶୋଇଲା, ସେ ଖବର ତାକୁ ବୁଝିବାକୁ ହେଲା ନାହିଁ । ଘର ଭିତରେ ବି ଫିଲ୍ଟର ପରି ଆମ୍ବ ପତ୍ରରୁ ଗୁଳା ଉପରେ ପୁଣି ଗୁଳା ସନ୍ଧିରୁ ମଦନ ଆଉ ସଉଣୀ ଦେହରେ ଥପ୍ ଅପ୍ ପାଣି ପଡ଼ୁଥାଏ । ପେଡ଼ିଭିତରେ ସାପ ଗର୍ଜିଲା, ମୂଷା ଚିଁ ଚିଁ ହେଲା, ଦୂରରେ ବୁଲା କୁକୁର ରହି ରହି ଭୁକିଲେ, ଚଟେଇ ଉପରେ ପଡ଼ି ମଦନ ସଉଣୀଙ୍କର ନାକ ବି ସେଥି ସଙ୍ଗେ ଡାକିଲା ।

କେଳାସାଇ ଘର ସବୁ ରଜ ଗଲେ ଛପର ହୁଏ । ଗାଁଟାଯାକ ସମସ୍ତେ ତ ବାରଘାଇଜ ବୁଲୁଥାନ୍ତି । ଛପର କରିବ କିଏ ? କବାଟ ଖଣ୍ଡମାନ ପୁଣି ଶିଳ, ପନକ ଆଉ ଆଉ ଘରକରଣା ଜିନିଷ ପଟିଆ ଗାଁର ସବ ସବୁପି ଲୁଚାଇ ମଇଦ ଘରେ ରଖିଦେଇ ଯାଆନ୍ତି । ରଜକୁ ଲେଉଟି ଘର ଛପର କରି ବର୍ଷା ଦିନଟା ସେଠାରେ କଟାନ୍ତି ।

ସକାଳୁ ଉଠି ଦାନା ଦଲେଇ ଘରୁ ମଦନ ତାର କବାଟ ଖଣ୍ଡି ଆଣିବାକୁ ଗଲା । ଶିବ ପଧାନକୁ ଆଗରୁ ବାହନା ଦେଇ ଯାଇଥିଲା, ନଡ଼ା ଆଣି ଘର ଛପର କରିବ । ଆଗ ଦାନା ଦୁଆରେ ପହଞ୍ଚି ଯାହା ଦେଖିଲା ସେଥିରେ ତାକୁ ତାଟକା ଲାଗିଲା । ଦାନା ଘରୁ କଂସା, ଲୋଟା, କବାଟ, ଗାଈ ସବୁ ବାହାରି ଦାଣ୍ଡ ମଝିରେ ଗଦା ହୋଇଛି । ତାହା ଭିତରେ ମଦନର କବାଟ ଆଉ ପାରଶୁଆ ହେଁସ ଖଣ୍ଡ ବି ସେମିତି ଗୁଡ଼ା ହୋଇ ପଡ଼ିଚି । ଦଲେଇ ବଚରା ମୁଣ୍ଡରେ ହାତ ଦେଇ ବସିଚି, ଆଉ ତା'ର ଘରମଣିଷ ଘରୁ ବାହୁନା ପକେଇଚି ।

ଦାଣ୍ଡ ମଝିରେ କେତେ ଲୋକ ଠୁଳ ହୋଇଛନ୍ତି । କାହାରି ମୁହଁରେ କଥା ନାହିଁ । ଜମିଦାରଙ୍କ ଗୁମାସ୍ତା ଅଭି ବେକରେ ହାଉଦା ପକାଇଥିବା ଅଦାଲତ

ପିଅନଙ୍କୁ ବି ସେଠାରେ ଦେଖିଲା । ଜମିଦାର ଗୁମାସ୍ତାକୁ ସେ ଚହ୍ନେ । ପଚାରି ବୁଝିଲା, ଖଜଣା ନାଲିସ ହୋଇ ଧାନା ଦଲେଇର ଘର କ୍ରୋକ ହୋଇଛି । କ୍ରୋକ ଜିନିଷ ନିଲାମ ହୋଇ ଖଜଣାକୁ ପୈଠ ହେବ ।

ଧାନା ଦଲେଇ ମଦନର ପିଲାଦିନର ସାଙ୍ଗାତ । ମହାପ୍ରସାଦ ବନ୍ଧୁ ହିସାବରେ ତାହା ପୁନେଇରେ ବେଶିର ଦିଆନିଆ ବି ଚଳେ । ଦୁହିଁଙ୍କ ଭିତରେ ପାଣି ଗଳେ ନାହିଁ । ଦୂରରୁ ମଦନକୁ ଦେଖିପକେଇ ଧାନାର ଏମିତି କୋହ ଉଠିଲା ଯେ, ସେ ଆଉ ବସି ନ ପାରି ଗାମୁଛାରେ ଆଖି ଘୋଡ଼େଇ ଘର ଭିତରକୁ ପଳେଇଲା । ତାହାର ପର ମଣିଷର ବାନ୍ଧୁନା ଆହୁରି ତେଜି-ଉଠିଲା ।

ଜମିଦାରଙ୍କର ଏହି ମଧୁଆ ଗୁମାସ୍ତାକୁ ଦେଖିଲେ ମଦନର ହାଡ଼ ଜଳେ । ତା' ମୁହଁ ଚାହିଁବାକୁ ଇଚ୍ଛା ହୁଏ ନାହିଁ । ଏହି ଲୋକଟା କେଲା ସାହିରେ ଖଜଣା ବସେଇବାକୁ କେତେଥର ଡଗର ଧରିଲାଣି । ମଦନ କେବେହେଲେ ଯୋଗରୁ ସେଠାରେ ମୁହଁ ମୁରେଇ ପାରି ନାହିଁ । ମଧୁ ଗୁମାସ୍ତାକୁ ଦେଖିଲେ ମଦନ ବାଟ ବଙ୍କେଇ ଚାଲିଯାଏ । ତାକୁ ଦଣ୍ଡବତ ହେବାକୁ ଇଚ୍ଛା ହୁଏ ନାହିଁ । ତେବେ ଆଜି ଆଉ ଉପାୟ କ'ଣ ? ଧାନା ଦଲେଇର ଘର କ୍ରୋକ୍ । ସେ କଥା ମଦନ ବୁଝିବ ନାହିଁ ତ ଆଉ କିଏ ?

ସିଧା ଯାଇ ଗୁମାସ୍ତାକୁ ପଚାରିଲା, "ବାବୁ ଆଜ୍ଞା, ଖଜଣା ବାକି ତା'ର କେତେ ହେବ କି ?"

ଗୁମାସ୍ତା ଫିଙ୍ଗା ଫୋପଡ଼ା କରି କହିଲେ, "କିରେ, ତା' ପାଇଁ କାହିଁକି ତୋ ମୁଣ୍ଡ ବଥେଇଲା ? ନିଜେ ତ ଚାରିଟା ପଇସା ଖଜଣା ଦେଇପାରୁନୁ । କୁଳୁଆଁକୁ କିଆଁ କାନ୍ଦୁ ଗରୁ !"

କଥାଗୁଡ଼ାକ ମଦନକୁ ବିରୁଡ଼ି ମାରିଲା ଭଳି କାଟିଲା । ଆଉ ବେଳ ହୋଇଥିଲେ ପଦକୁ ପଦେ ଜବାବ ଦେଇଆନ୍ତା । ବହୁକଷ୍ଟରେ ନିଜ ମୁହଁ ସମ୍ଭାଳି କହିଲା, "ନାହିଁ ଆଜ୍ଞା, ପଚାରୁଥିଲି ବୁଝିବି ବୋଲି । ମୋର ପରା କବାଟ ଗଣ୍ଡି ତା ଭିତରେ ଅଛି ।"

"ସେଥିକି କାହାରି ବଳ ନାହିଁ, ବୁଝିଲୁ ? ଧାନା ତ ତୋର ଖର ଖବୁସି ଲୋକ । କାହିଁକି, ତା' ପାଇଁ ଟଙ୍କା କେତୁଟା ଦେଇପକଉନୁ । ତୋର ହେଲେ କେତେ, ଆଉ କାହାର ହେଲେ କେତେ । ଖଜଣା ନାଲିସ୍, ବୁଝିଲୁ ! ତା' ଘରୁ ଯାହା ବାହାରିବ ସବୁ ନିଲାମ ହେବ ।"

"କେତେ ଖଜଣା, ସା'ନ୍ତ ? ସେଇ କଥା ଟିକିଏ ପଚାରୁଚ ! ଆମେ ଭିକାରି ମୁଣ୍ଡି, ଖଜଣା ଦେବାକୁ କାହୁଁ ସାହସ କରିବୁଁ ?"

"ଭିକାରି ମୁଣ୍ଡି କାହିଁକି ? ତମ ରୋଜଗାର ଯାହା ସେକଥା କ'ଣ ଆମକୁ ଲୁଚେଇବ ? ହଉ, ଭଲ ହେଲା । କହିଦେଉଛି ପିଅନ ବାବୁ, ଘାନା ଦଖଲିର ଉପରେ କେତେ ପାଉଣା ? ଏ ତାର ପ୍ରୀତି ବନ୍ଧୁ । ନଗଦ ଟଙ୍କା ଦେଲେ ତା' ଜିନିଷ ସେ ରଖିବ ।"

ପିଅନ ବାବୁ ଟୋକ ପରେଆନା କାଢ଼ି ହିସାବ କରି କହିଲେ, "ଘର କିସ୍ତିର ଖଜଣା ସୁଧମୂଳ ମିଶି ଦଶଟଙ୍କା, ଆଉ ଖର୍ଚ୍ଚାବର୍ଚ୍ଚା ହୋଇ ପାଞ୍ଚଟଙ୍କା ତେର ଅଣା । ଏରୂପ ଗାଏ ମୋଟ ପନ୍ଦର ଟଙ୍କା ତେର ଅଣା ।"

ଘରକୁ ଲେଉଟି ମଦନ ସାଙ୍ଗେ ସାଙ୍ଗେ ଟଙ୍କାତକ ଆଣି ପିଅନ ହାତରେ ଗଣିଦେଲା । ସାହି ଗୋଟାକର ଲୋକେ କାବା ହୋଇଗଲେ । ଜଣେ ଦି'ଜଣ ପୁରୁଣା ମଣିଷ ମଦନକୁ ଖୁବ୍ ସାବାସ୍ କଲେ । ମଧୁ ଗୁମାସ୍ତାଙ୍କ ମୁହଁଟା କେଦର ପଡ଼ିଗଲା ।

ଦିନ ଆଠଟା ଯାଇଛି କି ନାହିଁ, ଚପରାସି ପିଆଦା ଧରି ଗୁମାସ୍ତା ଆସି କେଲା ସାହିରେ ହାଜର । "ଘର ପିଛା ଅଣାଏ ଲେଖାଁ ଖଜଣା ଦେବାକୁ ହେବ । ସମସ୍ତେ ତମେ ରୋଜଗାରପଣ କରୁଚ । ରାଜସ୍ୱ ନ ଦେବ କାହିଁକି ?"

ମଦନ କହିଲା, "ଆଜଯାକେ ତ ଦଉ ନ ଥିଲୁଁ; ଆଜି କାହିଁକି ଦବୁଁ ?"

ଗୁମାସ୍ତା ଯୋଷା ହୋଇ କହିଲେ, "ଆଜଯାକେ ଦଉ ନ ଥିଲ, ତୁମକୁ ଦୟା କରି ଛାଡ଼ିଦିଆଯାଇଥିଲା । ଏବେ ତ ଘରଦୁଆର କରି ରହିଲଣି ।"

"ମାସ ଛ'ଟା ଘରେ ରହିବୁଁ କି ନାହିଁ, ସେଥିପାଇଁ ଖଜଣା ଦେବୁଁ ?"

"ଦିନୁଟାଏ ରହିଲେ ବି ଖଜଣା ଲାଗିବ, ବୁଝିଲୁ ? ଦେଖିବୁ ବାକିବକେୟା ଆଉ ଏଣିକି ପଡ଼ିବ ନାହିଁ ।"

"ବାକିବକେୟା କ'ଣ, ବାବୁ ! ଆଜି ଖଜଣା ଦେଲେ କାଲି ତମେ ଘର କୋରକି କରିବ । ଜମିଦାରଙ୍କର ଆମେ କ'ଣ ଖାଇଲୁ, ଯାହାଲାଗି ସେ ଖଜଣା ମାଗୁଛ ? ଗଛରୁ ଆମ୍ବ କଣ୍ଟିଟାଏ କି ଗାଡ଼ିଆରୁ ମାଛଟାଏ ପାଇଁ ତ ଆମେ ହକଦାର ନୋହୁଁ । କୂଅରୁ ମୁନ୍ଦେ ପାଣି କାଢ଼ି ପିଇବାକୁ ତ ମନା । ତମେ ବାଟରେ ଚାଲୁଥିଲେ ଆମେ ତ ଯିବୁଁ ଅବାଟରେ । ଆଉ ଖଜଣା ଦେବୁଁ କେଉଁଥିପାଇଁ ? ପୁଣି ଆଜି ଆମେ ପଟିଆରେ ଥିଲେ କାଲି କଟକ, ତା'ଆରଦିନ ଢେଙ୍କାନାଳ; କାହାକୁ ଦେବୁଁ ରାଜସ୍ୱ ?"

ଗୁମାସ୍ତା ମଦନକୁ ଛାଡ଼ି ଆଉମାନଙ୍କୁ ପଚାରିଲା । ସମସ୍ତେ ଜବାବ ଦେଲେ, "ମଦନ ଯାହା କହିବ, ସେଥିରେ ଆମର ରାଜି ।"

ବଡ଼ ବଡ଼ ଆଖି ଦେଖାଇ ଗୁମାସ୍ତା ମଦନକୁ କହିଲେ, "ତୁଇ ତେବେ ସବୁର ଭିତରେ ମେଳିଆ । ଆଚ୍ଛା ହଉ, ରାଜସ୍ୱ ନ ଦେଲେ କ'ଣ ହୁଏ ବଲେ ବୁଝିବୁ ।"

ମଦନର ଆଖି ଦୁଇଟା ବି ଲାଲ ହୋଇଉଠିଲା । କ୍ଷଣରେ ହାତ ମାରି ସେ ଜବାବ ଦେଲା, "ହଁ, ବୁଝିଛି, ସେ ଧମକ ଆଉ କାହାକୁ ଦେଖେଇବ ।"

ଗୁମାସ୍ତା ରାଗରେ ଫେରିଯାଉଥିଲେ । ହଠାତ୍ କିଏ ଆସି ତାଙ୍କ ବାଟ ଓଗାଳି ଛିଡ଼ା ହେଲା । ଗୁମାସ୍ତା ଦେଖିଲେ, ମଦନର ଷ୍ଟେଯୋ ଘଉଷା । ସେ ହାତ ଯୋଡ଼ି କହିଲା, "ଆଜ୍ଞା, କେତେ ଖଜଣା, ମୁଁ ଦେବି ।"

ସାହିଯାକର ମରଦ ମାଇପେ ଗୁମାସ୍ତାକୁ ଘେରିଗଲେ । ଯେତେହେଲେ ସରକାରୀ ଲୋକ । ତାଙ୍କୁ ଏମିତି ରଗେଇଲେ କ'ଣ ଭଲ ହେବ ? ଗଲା ବର୍ଷର ଖଜଣା ହିସାବ ହେଲା । ଟଙ୍କାଏ ଆଠଣା କରି ସବୁ ଖଜଣା ଦାଖଲ କଲେ । ଟଙ୍କା ଦେଖି ଗୁମାସ୍ତା ମିଜାସ୍ ଥଣ୍ଡା ପଡ଼ିଆସିଲା ।

ଖଜଣା ଦାଖଲ ପରେ ସାପୁଆମାନେ ବିଚାର କଲେ । ମଦନ କହିଲା, "ତମେ ସବୁ ଯାହା ଇଚ୍ଛା, କର । ମୁଁ ଏଥର ବାହାରିଲି ।" ବୁଢ଼ା ସାପୁଆ ନନ୍ଧିଆ ପଚାରିଲା, "କୁଆଡ଼େ ଯିବୁ ?"

"ଯୁଆଡ଼େ ମୋର ଇଚ୍ଛା । ମୁଁ କାହାରି ପ୍ରଜା ହୋଇ ରହିବି ନାହିଁ ।"

ଜଣେ ଟାପରା କରି କହିଲା, "ପ୍ରଜା ହବୁ ନି ତ ଆଉ କ'ଣ ରଜା ?"

ସମସ୍ତେ ହସିଉଠିଲେ । ବୁଢ଼ା ନନ୍ଧିଆ କହିଲା, "ଆରେ, ହସିବା କଥା ନୁହଁ । ଯୁଆଡ଼େ ଗଲେ ବି ତମର କ'ଣ ଲାଭ ଅଛି ? ମୁଁ କହେ କ'ଣ କି, ସାପ ଖେଳେଇ ଏଣିକି ଆଉ ତମର ସବୁ ଚଳିବ ନାହିଁ । ଖଜଣା ଯଦି ଦେଲ ତେବେ ଗୁଣ୍ଠେ ପାଏ ଚାଷ ଆରମ୍ଭ କରିଦିଅ । କାହିଁକି ବାରଦ୍ୱାର ବୁଲିବ ? ଚାଷବାସ କରି ତ ମହାସୁଖରେ ଲୋକେ ଚଳୁଛନ୍ତି । ଆମର କାହିଁକି ଏତେ ହନସ୍ତା ? ଗାଁଭିତରେ କାହାଘରୁ ଚୋରି ଗଲା ତ ପୋଲିସ ଆସି ଆମ ଘର ଖାନତଲାସ କରିବ ! କାହାକୁ ସାପ ମାରିଲେ ତ ଦୋଷ ହେଲା ଆମର ।"

ମଦନ ମନକୁ ସେକଥା ପାଇଲା ନାହିଁ । ଚୋରି ଡକେଇତି ହେଲେ ପୁଲିସ ଆଗେ ତାଙ୍କୁ ସନ୍ଦେହ କରେ, ସତ । ମାଡ଼ ଫଇକତ, ଖାନତଲାସ ସବୁ କରେ ।

ଭଲ ଘରେ ଥିଲେ କି ଜମିବାଡ଼ି ଧନ ସମ୍ପତ୍ତି ଥିଲେ, ଏତେ ସାହସ କରନ୍ତା ନାହିଁ । ତେବେ ପ୍ରଜା ହେଲେ ଯେ, ଦାନା ଦଳେଇ ଭଲ ଫେଣା ନାଲିସରେ ଘର ଭୋରଖି ଆସିବ । ସେତେବେଳକୁ ପିଠିରେ ପଡ଼ିବ କିଏ ? ସଉରି ତ ତାକୁ ଆଗରୁ କେତେ ଲଗେଇଚ, ଖିଙ୍ଗବଗରୁ ହେଲେ ବି କୃଷି କରିବାକୁ । କୃଷିକାମ ସେ କେବେହେଲେ ଶିଖି ନାହିଁ । କରନ୍ତା କେମିତି ? ଯାହା ହେଉ, ମଦନ ଠିକ୍ କଲା, ସେ ଆଉ ଏ ଗାଁରେ ରହିବ ନାହିଁ । ତେବେ ତାର ସାଙ୍ଗସାଥୀ ବନ୍ଧୁକୁଟୁମ୍ବ ଚଉଦଶହ ସାପୁଆଙ୍କୁ ଛାଡ଼ି ସେ ଯିବ କୁଆଡ଼େ ? ସମସ୍ତେ ତାକୁ ତ ଜାବୁଡ଼ି ଧରିଛନ୍ତି । ସେ କହିଲେ ତ ସମସ୍ତେ ଅଳ୍ପ ନାଆଁକୁ ଡେଇଁବେ ।

ମୁଣ୍ଡର ବାଳଗୁଡ଼ିକୁ ଆଙ୍ଗୁଠିରେ କୁଣ୍ଡେଇ କହିଲା, "ଏ ଲଗେ କ'ଣ ଆମ ହାତରେ କୃଷିକାମ ହେବ ?"

ବୁଢ଼ା ନଧିଆ କହିଲା, "ନ ହବ କ'ଣ ଆମ ହାତରେ ? ବଣ ପାହାଡ଼ରେ ବୁଲି ସାପ ପରି ଜନ୍ତୁକୁ ଧରି ସେ ପୋଷା ମନଉଚ, ତା ହାତରେ ନ ହବ ପୁଣି କ'ଣ ? ଆମରି ଭିତରୁ ତ ଶରୁଆ, ଦାସିଆ ଘରଦୁଆର କୃଷିବାସ କରି ରହିଲେଣି ।"

ହଲ, ହଡ଼ା ପାଣି କାଦୁଅ ସଙ୍ଗେ ମଦନର ମନେପଡ଼ିଲା ନଈ, ପାହାଡ଼, ଜଙ୍ଗଲ । ଆକାଶର ଚଢ଼େଇ ଭଳି ଯେ ଦୁନିଆ ଖେଳୁଥିଲା ସେ ଆଜି ପଞ୍ଜୁରି ଭିତରେ ବନ୍ଦ ହେଲା ଭଳି ଘର କରି ରହିବ କେମିତି ?

ସଉରି ତାକୁ ବୁଝେଇ କହିଲା, "କୃଷି ନ କଲେ ନାହିଁ । ଠାବ ଖଣ୍ଡେ କର୍ । ତେବେ ତ ଆଉ ଗୁମାସ୍ତା ଆସି ତଡ଼ିଦେବାକୁ ନ ଥିବ ।"

ସଉରି କେତେ କାଳରୁ ଲଗେଇଚ ଜମି କିଣି ଘର ତୋଳିବାକୁ । ତାହାର ସଙ୍ଗାତ ଦାନା ଦଳେଇ ବି ସାନନ୍ତିହ ଖଣ୍ଡେ ଦବ ବୋଲି ଛନ୍ଦ-ଛେକ ଯାଚିଲଣି । କାହାରି ପ୍ରଜା ହେବ ନାହିଁ ବୋଲି ସେ କିଛି ଶୁଣୁ ନ ଥିଲା । ପୁଣି ନିଜର ସାଙ୍ଗମେଳ ଛାଡ଼ି ସାହିରୁ ଯାଇଁ ଅଲଗା ଘର କରି ରହିବାକୁ ତାକୁ ଜମା ସୁଖ ଲାଗୁ ନ ଥାଏ । ତେବେ ବୁଢ଼ା ନଧିଆର କଥା ଶୁଣି ତା' ମନ ଟିକିଏ ଟଳିଲା ।

ସେହି ଦିନ ଦାନା ଦଳେଇ ପାଖେ ସେ କଥା କହିଆସିଲା । ଦାନା ଖୁସି ହୋଇ କହିଲା, "ଜର୍ମସମନ୍ ଦଆନଆ ପଛେ ହେବ । କିଲଟା ବାଲି କରିଦେଇ ପଚିଶ ତିରିଶ ଯାହା ଗୋଟାଏ ଦାମ୍ ବସେଇଦବା ।"

କାଠ ବାଉଁଶ ପାଇଁ ବେଶି ଧନ୍ଦା ହେବାକୁ ପଡ଼ିଲା ନାହିଁ । ସଉରି ନିଜ ବେକରୁ ସୁନା ଯୋଗପିଆ ମାଳଟା କାଢ଼ି ମଦନ ହାତକୁ ବଢ଼େଇଦେଲା । ମଦନକୁ

ସେ ନ ଦେଇପାରେ କ'ଣ ? ସେ ଯେ ତାକୁ ଜୀବନ ଦେଇଛି ! ସେତେବେଳେ ବୟସ ତା'ର ଉଣେଇଶି କୋଡ଼ିଏ । ସାପ କାମୁଡ଼ାରେ ଅଚେତା ହୋଇ ପଡ଼ିଥିଲା । ଯୋଗକୁ ମଦନ ଆସି ନ ଜୁଟନ୍ତେ, ଜାଉମହୁରୀ ନ ଲଗାଏ କି ଗଦ ନ ପିଆଏ, ସଉଣ୍ଢ଼ୀ ବଞ୍ଚନ୍ତା ନ ବଞ୍ଚେ । ହୋସ୍ ଆସିଲାରୁ ଯେମିତି ଆଖି ଫିଟାଇଛି, ପଡ଼ିଲେ ନଜର ପଡ଼ିଲା ମଦନ ଉପରେ । ମୁଣ୍ଡରେ ବାବୁରି ବାଳ, କୁଣ୍ଡପାଖେ ଠେକା ଖଣ୍ଡେ ଭଡ଼ା ହୋଇଛି, ନାକ ତଳେ କଳା ମଚମଚ ଦି'ପଟା ମୁଛ, ବାହାରେ ଗୋଟାଏ ରୁପା କଙ୍କଣ । ବଣିଆଘର ବିଧବା ଝିଅ ସଉଣ୍ଢ଼ୀର ଛାତିଟା ଗୋଟିଏ ବଡ଼ ନିଃଶ୍ୱାସରେ ଫୁଲି ଉଠିଥିଲା । ତାହାପରେ କେବେ ଦିନେ ସେ ଜାତକୁଳ ପଛକୁ ପକାଇ ତା'ର ଜୀବନଦାତା ସଙ୍ଗେ ବାହାରିଆସିଛି । ସେତେବେଳେ ମଦନ ତାକୁ ପଚାରିଥିଲା, “ଆମେ ତ କେଳାଜାତି, ଗାଁ ଗାଁ ବୁଲି ପେଟ ପୋଷୁଁ । ତୁ କ'ଣ ବୁଲିପାରିବୁ ?” ସଉଣ୍ଢ଼ୀ ଜବାବ ଦେଇଥିଲା, “ତୁ କେଳା ହେଲେ ତ ମୁଁ କେଳୁଣୀ ।” ଦୁହିଙ୍କ ଭିତରେ ଦିନେ ଛଡ଼ାଛଡ଼ି ନାହିଁ । ସେଦିନ କଥା ଦୁହେଁ ଆଜି ପାସୋର ପକାଇଛନ୍ତି । ତେବେ, ଘର ଭିତରେ ଯେ ପିଲାଦିନୁ ରହିଆସିଛି, ତାକୁ ସବୁବେଳେ ବାହାରେ ବୁଲିବାକୁ ସୁଖ ଲାଗିବ କିମିତି !

ସେଥିପାଇଁ ଏଣିକି ସବୁବେଳେ ସଉଣ୍ଢ଼ୀ ମନ ଉଚ୍ଛନ୍ନ ହୁଏ, ଘର ଖଣ୍ଡିଏ କରନ୍ତା । କଖାରୁ କଲରା ଗଛ ଦି'ଟା ଲଗାନ୍ତା । କଂସା, ଲୋଟା କି ଥାଳି, ତକି ଦି'ଖଣ୍ଡ ରଖନ୍ତା । ଆଗ ତ ଖଣ୍ଡିଏ ଠାବ ଲୋଡ଼ା ।

ମଦନ କେହେରାର ଘର ତିଆରି ବେଶୀ ଦିନ ଲାଗିଲା ନାହିଁ । ଆମ୍ବତୋଟା ତଳୁ ଛପର ଖଣ୍ଡେ ଉଠାଇନେଇ ଧାନ ଦଳେଇଠାରୁ କବଲ କରିଥିବା ନିଜ ଡିହରେ ରହିଲା । ଥାଳି, ତକି, କଂସା, ଲୋଟା, କଖାରୁ କଲରାରେ ଦିନଯାକ ଲାଗି ସଉଣ୍ଢ଼ୀକୁ ତର ମିଳିଲା ନାହିଁ ।

ବୁଢ଼ା ନିଧିଆ କହିଲା, “ହଁ, ସ୍ତ୍ରୀ ନା ଯେ ପୁଅପଣିଆ ।” ମଦନକୁ ଟିକିଏ ଫୁରସତ୍ ମିଳିଲେ ସାଙ୍ଗମେଳ ଭିତରେ ଦିନ କଟାଏ । ଏଣିକି ସାଙ୍ଗସାଥୀଙ୍କ ଭିତରୁ କେହି କେହି ତାକୁ ଟିକିଏ ଖାତିର କଲେ । ଯେତେହେଲେ ତ ସେ ନଜର ଖଣ୍ଡେ ଠାବ କଲାଣି । ମଦନ ହସରେ ଉଡ଼ାଇ ଦେଇ କହେ, “ଆରେ, ସ୍ତ୍ରୀକୁ କହନ୍ତି, ଆ ବଳଦ ମତେ ବାନ୍ଧ୍ । ଆଜିଯାକେ ରାଜା କ'ଣ, ରାଜସ୍ୱ କ'ଣ ଜାଣି ନ ଥିଲି । ଏବେ ନିଜ ହାତରେ ନିଜେ ବେଡ଼ି ପିନ୍ଧିଲି । ଖାଲି ସଉଣ୍ଢ଼ୀ ଯୋଗୁ ସିନା; ନଇଲେ ମୁଁ କିଏ, ଘର କିଏ !”

ଦଶହରା ଅଳ୍ପଦିନ ଥାଏ । ଲଗେ ଲଗେ ଗାଁ ଭିତରେ ଚନ ଘୁରିଟା ଶ୍ରେଷ୍ଠ ହୋଇଗଲା । ପୂଜାର ଚନ୍ଦା ବୁଲିଲା । କେଳାସାହି ଉପରେ ପଡ଼ିଲା ସବୁରି ନଜର ।

ଘର ଘର ତଲାସ ହେଲା । ସ୍ନେହୀ ଜଳାଶର କିଛି ସନ୍ଧାନ ମିଳିଲା ନାହିଁ । ଛ' ସାତ ଜଣ କେଳାଙ୍କୁ ସନ୍ଦେହରେ ଗିରଫ କରାଗଲା । ମାଡ଼ ଫନ୍ଦରେ କିଛି ଫଳ ହେଲା ନାହିଁ । ଶେଷରେ ହଳ ହଳ କରି ହାତକଡ଼ି ପିନ୍ଧି ଚାଲାଣ ହେଲେ ।

ସଉରୀ ମଦନକୁ କହିଲା, "ଦେଖିଲୁ ତ ! ଅଲଗା ହୋଇ ଘରଖଣ୍ଡେ ଥିଲା ବୋଲି ତ ଆମେ ଛାଡ଼ ପାଇଲୁଁ ।"

ମଦନ କହିଲା, "ଖାଲି ମିଛ, ଖାଲି ମିଛ । ଆଉ କିଏ ଚୋରି କରି ତାଙ୍କ ମୁଣ୍ଡରେ ଥଠା ବୋଳିଛି । ମୁଁ ମକଦ୍ଦମା ଲଢ଼ି ସମସ୍ତଙ୍କୁ ମୁକୁଳେଇ ଆଣିବି ।"

ସାପୁଆମାନେ ଗିରଫ ହେବା ପଛେ ପଛେ କେଳାସାହି ଖାଲି ହୋଇଗଲା । ହାତ ଆଠଟା ରଜ ବଢ଼ିଗଲଣି । ଆମ୍ବତୋଟା ତଳ କୁଡ଼ିଆ ଗୁଡ଼ିକ ମାଟିରେ ମିଶିଯାଇଚ । ସଉରୀ ଆଜଯାକେ ଚକେଇଛି । ମଦନ ମକଦ୍ଦମା ଲଢ଼ି ସାରି ଫେରିନାହିଁ ।

●

# ପଶୁ

**ରାଜକିଶୋର ପଟ୍ଟନାୟକ**

କୁକୁରଟି ବୁଝୁ ନ ବୁଝୁ ତାକୁ ପଶୁ ବୋଲି କୁହାଯାଏ । ଘରେ ସେ ଗେହ୍ଲା ହୁଏ, ଆଦର ପାଏ, ମାଡ଼ ଖାଏ, ଗାଳି ଶୁଣେ— ସବୁଥିରେ ଗୋଟିଏ ଧାରା ଯୋଡ଼ି ଦିଆଯାଏ, ସେ ପଶୁ । ଅନେକଦିନ ହେଲା ଘରେ ରହିଲାଣି । ଘରର ନୂଆ ଚାକରମାନଙ୍କଠାରୁ ପୁରୁଣା । ଘରକୁ ଆସିଥିବା କଅଁଳା ପିଲାଟାଠାରୁ ବଡ଼ ଓ ପୁରୁଣା ପିଲାଟି ଜନ୍ମ ହେଲାବେଳେ ମା' ଯେତେବେଳେ କଷ୍ଟ ପାଉଥିଲା, କୁକୁରଟି ସେହି ଦୁଃଖ ସହି ନ ପାରି ନିଜେ ମଧ୍ୟ କାନ୍ଦି କାନ୍ଦି ଘରେ ଜଣକ ପାଖରୁ ଆଉ ଜଣକ ପାଖକୁ ଧାଉଁଥିଲା ଓ ମୁହଁକୁ ଚାହିଁ, ଗୋଡ଼କୁ କାମୁଡ଼ି କହୁଥିଲା ଯେ ଘରେ ଜଣେ ଦୁଃଖ ପାଉଛି ।

ତାକୁ ପଶୁ କୁହାଯାଏ । ମଣିଷର ଦୁଃଖରେ ମଣିଷ କାନ୍ଦେ ନାହିଁ । ସେ ତାହାର ଜ୍ଞାନରେ ବୁଦ୍ଧିରେ ହୃଦ ଭିତରର କଅଁଳ ରସକୁ ଶୁଖାଇଦେଇ କହେ, ସେ ମଣିଷ । ପୋଷା କୁକୁର ଟମି ଗୋଟାଏ ମଣିଷର ଦୁଃଖରେ ଯେତେବେଳେ କାନ୍ଦି ଅସ୍ଥିର ହୋଇ ଏଠି ସେଠି ହେଉଥିଲା ତାକୁ କୁହାହେଉଥିଲା ପଶୁ ।

ବାବୁଘରର ପିଲାମାନେ ବି ବାବୁ । ସେମାନେ ପିଣ୍ଡାରେ ଠିଆ ହୋଇ ଦେଖୁଥାନ୍ତି ଗୋରୁ ଗୁହାଳରୁ ଫିଟିଲେ ଓ ଗୁହାଳକୁ ପଶିଲେ । ଗୋରୁ ଦୁଇଟିଙ୍କର ଖର ଆଖି, ପାଖରୁ ଥିବା କଦଳୀ ବୁଦାଟି ଉପରେ । ଗଛକୁ ସବୁବେଳେ ମୁହଁ ପାଏ ନାହିଁ; କିନ୍ତୁ ପାଖରେ ଥିବା ପୁଆଗୁଡ଼ିକୁ ମାଁଠି ନେଇ ନିଜ ପେଟ ଭିତରକୁ ଠେଲି ଦେବାପାଇଁ ସବୁବେଳେ ଚେଷ୍ଟା ।

ସେତିକି ଟମି ଜଗିଯାଏ । ଗାଈର ଟାଣୁଆ ଖୁରା, ମୁନିଆଁ ଶିଙ୍ଗ ଓ ଫଁ ଫଁକୁ ଡରେ ନାହିଁ । କାମୁଡ଼ିବାକୁ ମାଡ଼ିଯାଏ । ଭୁକି ସମସ୍ତଙ୍କୁ ଡାକ ପକାଏ— ଆସ, ଧାଇଁ ଆସ ! ଏହି ଗାଈମାନେ କଦଳୀବୁଦାଟିକୁ ନେଇ ଖେଳ କରିବାକୁ ବ୍ୟାକୁଳ ।

ବାବୁମାନେ ଚାକରକୁ ଡାକ ପକାନ୍ତି । ଟମି ଲଢ଼ୁଥାଏ ଏକା ଏକା । ଯେତେବେଳେ ପଛକୁ ହଟିଆସିଲା ବେଳେ ଗାଈ ଖଣ୍ଡେ ପତ୍ର କି ଗୋଟାଏ କଦଳୀ-ପୁଆକୁ ଦାନ୍ତରେ ଭିଡ଼ିନିଏ । ଚାକର ଗାଳି ଖାଏ ଓ ଟମି ଗୋଇଠା ଖାଏ ।

କେହିହେଲେ ବାବୁଙ୍କର ଗୁହାଳ ପାଖରେ ଯତ୍ନରେ ସଜାଡ଼ିଥିବା କଦଳୀବୁଦାଟିକୁ ରକ୍ଷା କରିପାରିଲେ ନାହିଁ । ଘରେ ରହି ଆଉ କ'ଣ କରିବେ !

ବୁଦ୍ଧିମାନ ଲୋକର ଇଚ୍ଛା ଯେ ସମସ୍ତେ ପଶୁ ପରି ତାହାର ସମ୍ପତ୍ତିକୁ ଜଗି ବସିବେ । ସେଥିପାଇଁ ମରିବା ଦରକାର ପଡ଼ିଲେ ଖୁସି ହୋଇ ଟଳିପଡ଼ିବେ । ତାହା ହେଲେ ସେ ଖୁସି ହୋଇ ଗୋଟିଏ ସାର୍ଟିଫିକେଟ ଦେବ— ପଶୁଟାଏ ବୋଲି ଏତକି ବୁଦ୍ଧି ଖଟେଇଲା ।

ବଣ ଜଙ୍ଗଲର ପିଲା କୁକୁର ଜାତରୁ ଏହି ଟମିଟି ଗୋଟିଏ ସହରରେ ରହି ସହରିଆ ହୋଇଯାଇଛି । ତାକୁ ମାଟିରେ ଶୋଇବାକୁ ଭଲ ଲାଗେ ନାହିଁ । ଏକୁଟିଆ ବଣବୁଦାରେ ବୁଲିବାକୁ ସୁଖ ଲାଗେ ନାହିଁ । ସେ ଖୋଜେ ପକ୍କା ଘର ଓ ପିଣ୍ଡା । ସେଠି ପୁଣି ତାକୁ ଗଦ୍ଦେ ଶେଯ ଲୋଡ଼ା ହୁଏ । ଅଖା କି ଛିଣ୍ଡା କମ୍ବଳ ନ ପାଇଲେ ଉପରେ ଶୁଖୁଥିବା ତଉଲିଆ, ଲୁଗା ଆଦି ଗଦ୍ଦେ ଯୋଗାଡ଼ କରି ସେ ବିଛଣା କରେ । ସେ ଖୋଜେ ଦି'ଜଣ ଜଣେ ମଣିଷଙ୍କ ସାଥିରେ ଯାଇ ନଈକୂଳେ, ପାର୍କରେ, ନଇଲେ କୋଠା ଉପରେ ବୁଲିବାକୁ ।

ବାବୁଘର ଝରକା ଭିତରୁ ଜଣେ ବାବୁ ପରି ରାସ୍ତାକୁ ଚାହିଁଥାଏ । ସେଠି ଲୋକେ ଯା ଆସ କରୁଛନ୍ତି । ପରିବାବାଲା ଗଲେ ଟମିର ମନେ ପଡ଼ିଯାଏ ବାବୁଙ୍କର ପରିବା କିଣା ହୁଏ ବୋଲି । ଦି'ଥର ଭୁକିଦେଇ ଓହ୍ଲେଇ ଆସେ ସିଡ଼ି ଉପରୁ । ପୁଣି ଧାଇଁଯାଏ, ପୁଣି ଓହ୍ଲାଏ । ଏହି ଠାରରୁ ସମସ୍ତେ ଜାଣନ୍ତି, କ'ଣ ବିକି ଯାଉଛି ଯେ ଘରେ କିଣିବାକୁ ଟମି ବିବାଦ କରୁଛି ।

ସହରିଆ ବାବୁଙ୍କ ପରି ଟମିକୁ ବି ଖାଲି ଭାତ ଦେଲେ ଅରୁଚି ହୁଏ । ସେ ଖୋଜେ ଡାଲି, ତିଅଣ । ନ ପାଇଲେ ପଡ଼ିଥିବା ଝୋଳପାତକ ଖାଇ ସେ ତାହାର ଆଶା ମେଣ୍ଟାଏ ।

କିଏ ମୁଣ୍ଡ କୁଣ୍ଡାଇଲାବେଳେ ଟମି ଆସି ପାଖରେ ବସି ଦେଖୁଥାଏ । ବୋଧହୁଏ ତା'ର ଇଚ୍ଛା ହୁଏ ମୁଣ୍ଡ କୁଣ୍ଡାଇବାପାଇଁ । ମଝିରେ ମଝିରେ ଗୋଟିଏ କଡ଼ା ବ୍ରୁସ୍‌ରେ ତାହାର ଲୋମକୁ ଘଷି କଅଁଳ ଓ ସଫା କରାହୁଏ । ଟମିକୁ ଉଲ୍ଲାସିଆ ଲାଗେ; ସେ ଆଖି ବନ୍ଦକରି ପଡ଼ିଯାଏ । ତାହାର ଇଚ୍ଛା ହୁଏ ଦିନ ଦିନ ଧରି ତାହାର ଦେହ ଖାଲି ବ୍ରୁସ୍‌ରେ ମଜା ହେଉଥାନ୍ତା ।

ଲୋକେ ମୁଣ୍ଡ କୁଣ୍ଡାଇଲାବେଳେ ଟମି ପ୍ରତିଦିନ ବସିରହେ । ସୁବିଧା ପାଇଲେ ଦର୍ପଣ ପାନିଆକୁ ଚାଟେ; କିନ୍ତୁ ସୁବିଧା ନ ହେଲେ କୁଣ୍ଡାଉଥିବା ମଣିଷଙ୍କର ଗୋଡ଼କୁ ଚାଟୁଥାଏ । ମାଡ଼ ଖାଏ ଯେ କାମବେଳେ ଟମି ଏମିତି ହଇରାଣ କରି କାମରେ କ୍ଷତି କରୁଚି । ଛିଡ଼ିକି ଯାଇ ପାନିଆଟା ଲୋକଙ୍କ ମୁଣ୍ଡରେ ଜୋରରେ ଖେଞ୍ଚି ହୋଇଯାଏ । ଟମି ଖାଏ ଗୋଇଠା ।

ବଣୁଆ ଲୋକେ ସହରକୁ ଆସି ସହରଆ ପାଲଟିଲା ପରି ଏହି କୁକୁରଟି ସହରଆ ହୋଇଯାଇଛି । ଟିଣ ଦୁଧ, ଚକୋଲେଟ୍, ଜେଲି ଆଦି ତାକୁ ଭଲ ଲାଗେ ଖାଇବାକୁ । ଭଙ୍ଗା ଟିନ୍ ଦୁଧର ଟିଣରେ ଲାଗି ରହିଥିବା ଦୁଧକୁ ଚାଟି ଚାଟି ସେ ତାହାର ମୁହଁକୁ ଖଣ୍ଡିଆ କରି ରକ୍ତଦାନ ମଧ୍ୟ କରିଚି । ତାହାର ପୋଷିଲା ବାବୁମାନେ ଦାଢ଼ି ଚାଞ୍ଛିଲାବେଳେ ଥରକୁ ଥର ଖୁରକୁ ନିଜର ମୁହଁର ରକ୍ତ ଦେଇ ମଧ୍ୟ କ୍ଲାନ୍ତ ହୁଅନ୍ତି ନାହିଁ । ଅତଏବ ମମତାରେ ଖୁରଟିକୁ ପୋଛି ରଖିଦିଅନ୍ତି ।

ସକାଳୁ ଉଠି ଟମି ଚାଲିଯାଏ ଗୋଟିଏ ଝରକା ପାଖକୁ···ସିଡ଼ିଘର ଉପରେ କଳ୍ପିଟିଆ ଜାଗାରେ ଥିବା ଝରକାଟି । ସେଠି ପ୍ରତିଦିନ ଆଠ ନଅ ଘଣ୍ଟା ସେ ବସେ । ପଦାକୁ ଚାହିଁଥାଏ, ନଇଲେ ଶୋଇଥାଏ । ଦେଖିବାରେ ତାହାର କ୍ଳାନ୍ତି ନାହିଁ । ଭଲ କରି ରାସ୍ତାର ଲୋକଙ୍କୁ ଦେଖିବାକୁ ଝରକାର ରେଲିଂ ମଝିରେ ମୁହଁଟିକୁ ଭରତି କରି ସେ ଚାହିଁଥାଏ ।

ଘରର ଚାରିଆଡ଼େ ବୁଲା କୁକୁର ଦଳଟିଏ ବୁଦା ଭିତରେ ରହିଥାନ୍ତି ଘର କରି । ଖରାତାତି ସହନ୍ତି । ବର୍ଷାରେ ଓଦା ହୁଅନ୍ତି । ଶୀତଦିନର କାକର ତାଙ୍କର ପିଠି ଉପରେ ଟୋପା ବୋହି ଆସି ପେଟ ପାଖର ଲୋମକୁ ଓଦାଇଦିଏ ଠିକ୍ ଗୋଟାଏ କୁକୁରର ଛବି ତିଆରି କରି ।

ଟମିକୁ ଦୁଆରଟା ବି ଅଣ୍ଟା ଲାଗେ । ସେ ଖୋଜେ ଘରକଣରେ ରହିବାକୁ । ବର୍ଷାପାଣି ଦେଖିଲେ ତାହାର ନାକରୁ ପାଣି ଗଡ଼େ । ସେ ଝରକା ସେ ପାଖରୁ ବସି କ'ଣ ଭାବୁଥାଏ କେଜାଣି !

କାମ ଭାରି କମ୍ । କାରଣ, ଟମି ଗୋଟିଏ ଗ୍ରେଟିଆ ପୁଞ୍ଜିପତିଙ୍କର ଟହଲିଆ । ତାଙ୍କ ଘରେ ଯେଉଁ ପୁରୁଣା ଲୁଗା, ପୁରୁଣା ଟେବୁଲ, ଚୌକି, ପୁରୁଣା ବାସନ, ଆଉ ପୁରୁଣା ଘଡ଼ି, ଜୋତା ଆଦି ଅଛି ସେତିକି ଜଗିବା ଟମିର କାମ । ଏ ସବୁ ନେବାକୁ କିଏ କାହିଁକି ଆସିବ ? ତେଣୁ ଟମିର କାମ ନାହିଁ । ସେ ବସି ତାହାର ଗୋଡ଼କୁ କାମୁଡ଼ୁଥାଏ ନଇଲେ ରାସ୍ତାକୁ ଚାହିଁଥାଏ, ଅବା ଶୋଇଥାଏ ।

ବାରବୁଲାଗୁଡ଼ିକ ନିଜର ପେଟପାଟଣା କରିବାକୁ ଏ ପାଖ ସେ ପାଖ ହେଉଥାନ୍ତି । ଟମି ପରି ତାଙ୍କୁ କେହି ଯାଚି, ନିମନ୍ତ୍ରଣ କରି ଖୁଆଇବେ ନାହିଁ । ସେମାନଙ୍କୁ ଦୂର ରାସ୍ତାରେ ଦେଖିଲେ ଟମି ଗର୍ଜିଉଠେ ଘର ଭିତରେ ।

ସହରର ବାବୁ ଖାଲି ତା'ରି ପରି ଜଣକୁ ଦେଖେ ଓ ଶ୍ରଦ୍ଧା କରେ । ଏହି ବାରବୁଲା ଭିକାରିଗୁଡ଼ା ତାହାର ଶାନ୍ତି ନଷ୍ଟ କରିଦିଅନ୍ତି । ତାହାର ପୁଞ୍ଜି ଉପରେ ଆକ୍ରମଣ କରିବାକୁ ତିଆରି ।

ପୁରୁଣା କଥା ମନେ ପକାଇ ଲାଭ ନାହିଁ । କେବେ ଆମ ବାପ ଅଜା ବଣରେ ମଫସଲରେ ପଡ଼ିଥିଲେ । ନଈର କୁମ୍ଭୀର, ବୁଦାର ବାଘ, ସେମାନଙ୍କୁ ଖଣ୍ଡିଆ କରୁଥିଲା କି ଖାଇଯାଉଥିଲା । ନଈ ତାହାର ଗୋଳିଆ ପାଣିରେ ତାଙ୍କର ଗୁଳିଆ ପଲଗୁଡ଼ିକୁ ହପ୍ତାବାରରେ ପିମ୍ପୁଡ଼ି ମନା ପରି ଏକାଠି ମେଞ୍ଚା ମେଞ୍ଚା କରି ତାହାର ସୁଅରେ ଠେଲି ନେଉଥିଲା ଏଠୁ ସେଠିକି । କେବେ ସହରିଆ ସଭ୍ୟ ଲୋକେ ବନ୍ଧୁକ ଧରି, ପୋଲିସ ଧରି ଧାଇଁ ଧାଇଁ ଆସୁଥିଲେ ତାଙ୍କୁ ଲୁଟିନେବାକୁ—ତାଙ୍କର କ୍ଷୀଣ-ସ୍ୱାସ୍ଥ୍ୟ ମୃବତୀମାନଙ୍କୁ ଅବା ଅଳ୍ପ କେତେ ଧନ ଦୌଲତକୁ । ସେକଥା ମନେ ପକାଇ ଲାଭ କ'ଣ ?

ଟମିର ବି ସେଇ ମତ, କେବେ ତାହାର ବାପ ଗୋସାପେ ବଣଭିତରେ ବାଘ ଭାଲୁଆଙ୍କ ମେଳରେ ଅସହାୟ ହୋଇ ରହିଥିଲେ, ପାଇଲେ ଖାଉଥିଲେ । ଘଣ୍ଟା ତ ନ ଥିଲା; ବେଳ ଜାଣି କଏ ଖୁଆଉଥିଲା କାହାକୁ ? ଭବିଷ୍ୟତ ନ ଥିଲା ତ; ସଞ୍ଚୟର କି ପ୍ରୟୋଜନ ? ଆଉ କ'ଣ ଅଛି ସଞ୍ଚୟ କରିବେ ?

ଟମି ଆସି କୋଠାଘରେ ରହିଲାଣି । ସେ ଜାଣେ ବୁଲିବା ଜାଗା କୋଠା ଉପରେ । ସେଠି ଭଲ ପବନ ଦିଏ । ଟାଣ ପବନରେ ଟାଣ ହୋଇ ସେ ପବନକୁ ଶୁଙ୍ଘେ— ପିଇଯିବା ପାଇଁ । ମାଟି ଉପରେ ପାଇଖାନା ନ କରି ସେହି କୋଠାଟିର ବଡ଼ ଚଟାଣରେ ଗୋଟିଏ କଣକୁ ସେ ତାହାର ଲଣ୍ଡିଗଦା କରିଛି । ବେଶି ଅସନା ହେଲେ ନଜେ ବାବୁ ସେଗୁଡ଼ିକ ସଫା କରୁଛନ୍ତି । କି ଦରକାର ଆଉ ସେ ଦୁଃଖ କାହାଣୀ ଗାଇବା ?

ବାବୁମାନେ ଖବୁ ନାହାନ୍ତି ସେ କେବେ ବିଦେଶୀ ଶାସନରେ ଚାକର ଥିଲେ । ଏବେ ଦେଶ ସ୍ୱାଧୀନ ହେବା ପରେ ଆସି ବୁଢ଼ା ବଡ଼ି ବୁଲିଛନ୍ତି । ଶହେ ଟଙ୍କା ପାଇବା ଲୋକ ଦଶ ପ୍ରାଣୀଙ୍କୁ ଜିଆଁଇ, ଓଷଧପତ୍ର ମୋଟା କରିସାରି ବି ହାତୀଶାଳ ପରି ଘରଟିଏ କରିପାରିଛି । ଛାଡ଼... ପୁରୁଣା କଥା ।

ତଥାପି ଟମି ପାଏ ଗୋଟିଏ ସାର୍ଟିଫିକେଟ୍— 'ସେ ପଶୁ' । ହେଲେ କ'ଣ ଯାଏ ଆସେ ? ଭଲ ଖାଇବାକୁ, ପିନ୍ଧିବାକୁ, ରହିବାକୁ ମିଳୁଛି । ହେଲା ଏବେ ଏଠିକାର କି ଦିଲ୍ଲୀ ଆଲହାବାଦର ହାକିମମାନେ କହୁଛନ୍ତି, 'ଏମାନେ ପଶୁ' । ସେମାନଙ୍କର ତ କିଛି କ୍ଷତି ହେଉନାହିଁ । ଟମିର କିଆଁ ଦୁଃଖ ହେବ ! ସେ ବସିକରି ହାଇମାରେ ଓ ଶୋଇପଡ଼େ ଆରାମରେ । ଏହି ଆନନ୍ଦ କ'ଣ ବଣ-ଜଙ୍ଗଲର ସ୍ୱାଧୀନତାରେ ମିଳିବ ?

କୋଠାଘର ଭିତରେ ରହି ଟମି ସେହି ବାରବୁଲାଗୁଡ଼ିକୁ କେତେଥର ଅଣ୍ଟା କରିଚି; କେତେ ଅନୁକମ୍ପା ଦେଖାଇଚି । ଟମିର ଯୌବନ ଆସିଲାଣି; କୁକୁରର

ସୌନ୍ଦର୍ଯ୍ୟ ନେଇ ସେ ଠିଆ ହୁଏ ଝରକା ପାଖରେ । କଅଁଳ ଘନ ଲୋମ— ଯୌବନର ରଙ୍ଗବୋଳା ମୁହଁ ।

କୁକୁରଗୁଡ଼ିକ ଗଳା ଅଇଲାବେଳେ ଠିଆ ହୋଇଯାଆନ୍ତି । ତାଙ୍କର ନାକପୁଡ଼ା ଫୁଲିଉଠେ । ମଣିଷଙ୍କ ପରି ପଶୁ ଜଗତରେ ମଧ୍ୟ ଦେହ ଦେହକୁ ଖୋଜିଲାବେଳେ ଧନ ଦଉଲତ ଅତି ତୁଚ୍ଛ ପରି ଜଣାଯାଏ ।

ହେଇ, ଜଗିଥାଅ ଟମିକୁ ଏଇ ଦୁଇମାସ— ବୁଲା କୁକୁରଙ୍କ ସାଙ୍ଗରେ ମିଶି ଖରାପ ହୋଇଯିବ । ଏଇ ବାରବୁଲାଙ୍କର ଉତ୍ପାତ ଚାରିଆଡ଼େ । ସହର ବଜାରରେ, ସିନେମା ଥିଏଟରରେ, ବ୍ୟବସାୟ କେନ୍ଦ୍ରରେ ସବୁ ପ୍ରକାରର ସ୍ତରରେ ଏଇ ବାରବୁଲାଙ୍କର ଉତ୍ପାତ ।

ବାହାରେ ବାରବୁଲାଙ୍କ କଳରବ ଓ ଡାକୁଛି, 'ଆ, ପଦାକୁ ଆ । ଏଠି ପବନ ଫୁରୁଫୁରିଆ ହୋଇ ବହୁଚି । କଅଁଳ ଖରା ଖୁବ ଭଲ ଲାଗୁଛି । ଭୁତିଆଣ୍ଡା ଲଟାରେ ପ୍ରଜାପତି ଉଡ଼ୁଚନ୍ତି । ଜୁହ୍ନା ରାତି ଅନ୍ଧକାରକୁ ଠେଲି ଠେଲି ତଡ଼ୁଚି ବଣବୁଦାରୁ ମଧ୍ୟ । ଏଠି ରହିବାରେ ଆନନ୍ଦ ।' ବାରବୁଲାଙ୍କର ପସାର ଲୋପପାଏ ନାହିଁ । ଯେତେ ଧନ ସମ୍ପତ୍ତି ପଥାରରେ ବଢ଼ିଲେ ବି ବାରବୁଲା ସରନ୍ତି ନାହିଁ ।

ଟମିର ଅତି ନିଭୃତରେ ପୁଣି ପ୍ରକୃତି ଜାଗିଉଠେ । ସେ ଉତ୍ତର ଦିଏ । ବିକଳ ହୋଇପଡ଼େ କୋଠାଘରର ଶୃଙ୍ଖଳାକୁ ଭାଙ୍ଗି ପୁଣି ଡେଇଁପଡ଼ିବାକୁ ବୁଦା ଭିତରକୁ ।

ଏଠି ସଭ୍ୟତାର ପୋଷାକ 'ଖୋଲ ବୋହିଗଲା ନଈକୁ ବନ୍ଧାଇ ସେଥିରୁ ସ୍ୱାବୁଦର ବକ୍ଳପରି ଶକ୍ତ କାଟିବାରେ ଲାଗିଚି । ପ୍ରକୃତି କୋଳରେ ଏଇ ଜୀବଟି ସେମିତି ମଣିଷଙ୍କ ଆଶ୍ରୟକୁ ଏତେ ଚହଟି ଯାଇଚି ଯେ ଛାଡ଼ିପାରୁ ନାହିଁ । ଲୋକ ଯେମିତି ଚାକିରି, ବ୍ୟାଙ୍କ-ପୁଞ୍ଜିର ସୁଧ, କି ସ୍ତ୍ରୀ-ଧନର ନିର୍ଭରରେ ରହି ଚଳିବା ଶିଖିଗଲେ ସେ ସବୁ ଛାଡ଼ିପାରେ ନାହିଁ । ଜଣା ବୋଲାଉଥିବା ଡାକ୍ତର, ଇଞ୍ଜିନିୟର, କିରାଣୀ, ଓକିଲ ଥରେ ଗୋଟିକୁ ନିର୍ଭର କରିବା ଶିଖିଗଲେ ଯେତେ ମାଡ଼, ଗାଳି, ଗୋଇଠା ଖାଇଲେ ବି ଆଉ କି ଛାଡ଼ିପାରନ୍ତି !

ତଥାପି ଟମି ତା'ର ବନ୍ଧନକୁ, ଶାସନକୁ ଗୋଇଠା ମାରି ସେଇ କୁକୁର-ଦଳରେ ମିଶିଯାଏ । ଏଇ ଅବାଧ୍ୟତା ପାଇଁ ମାଡ଼ ଖାଏ । କିନ୍ତୁ ବନ୍ଧନକୁ ଠେଲି-ଦେଇ ଯିବାକୁ ଅମଙ୍ଗ ହୋଇ ସେଇ କୋଠାଘରର ଶିକୁଳିରେ ବାନ୍ଧି ହୋଇ ରହେ । ବୋଧହୁଏ ଏଇ ବନ୍ଧନରେ ଆନନ୍ଦ ଅଛି ।

ଟମିର ଛୁଆ ହବ— କେତେ ଅସନା, ଅଜାତିଆଗୁଡ଼ାଏ ହେବେ । ଟମିଟା ଅବାଗିଆ ହଣିବ— ପଶୁ ଜାତି କ'ଣ ବୁଝେ ?

ମଣିଷ ଛୁଆ କଣବା ଟମି ଦେଖିଥିଲା । କେତେ ହେବାସନ୍ତି । ସେ ହେମିତି ଧାଁ ଦୌଡ଼ କରୁଥାଏ । ଯାହା ମିଳେ ଗିଳିଦିଏ । ପିଲାଗୁଡ଼ାଙ୍କର ଅନେକ ଦିନ ଆଖି ଫିଟିବ ନାହିଁ । ତାକୁ ଖାଇ ଜୀଇଁବେ । ତାହାର ଇଚ୍ଛା ହୁଏ ଦିନଯାକ ଖାଇବାପାଇଁ ।

ଗୁରେଟି ଛୁଆ । ନିଜର ଅଣଓସାରିଆ କୋଳରେ ସେମାନଙ୍କୁ ସେ ସ୍ଥାନ ଦେଇଚି । ଉଚ୍ଚ ଦିଦିଗ୍ନିଁ ଦୋହଟିର ଉପର ବରଗାରେ ଉଇ ଟଟିଗଲେଣି । ଝଣ୍ଟେ ଖଣ୍ଟେ ଚୂନ ଖସେ । ତାହାର କିନ୍ତୁ ଭୟ ନାହିଁ ଏହି ଉପେକ୍ଷିତ ହୋଇ ପଡ଼ିଥିବା ଘରଟିକୁ । ଡର ତାହାର ମଣିଷଙ୍କୁ । ତାହାର ଦୁର୍ବଳ ପଞ୍ଜରର ଯୋଡ଼ଣୀରେ ସେ ନିଜେ କୋଳତଳେ ଗୁରେଟି ଅନାଥ ଶିଶୁଙ୍କୁ ଭିଙ୍ଗାପରର ଆକ୍ରମଣରୁ ରକ୍ଷା କରିପାରିବ । କିନ୍ତୁ ମଣିଷ ?

ଖାଇଲା ପରେ ସବୁଦିନ ପରି ତାକୁ ଡକାଯାଏ— ଟମି ! ଭୋକ ଚମକି-ଯାଏ ପେଟ ଭିତରେ । ଛୁଆଗୁଡ଼ିକ ଟିକିଏ ହଲଚଲ ହୋଇଯାନ୍ତି । ତାଙ୍କୁ ଥରେ ଗୁଡ଼ିଦେଇ ସେ ପୁଣି ଶୋଇରହେ । ପିଲାମାନେ ନିଜର ଭୋକଠାରୁ ବଡ଼ ।

ତାହାର ସେହି କଳା ମଚମଚ ଛୁଆଙ୍କୁ ଦେଖିବାକୁ କେହି ଝିରକା ପାକେ ଆସିଲେ ଟମିର ଦୁର୍ବଳ ଭୟାର୍ତ୍ତି ଆଖି ହିଂସାରେ ଜଳିଉଠେ । ଧଳା ଦାନ୍ତଗୁଡ଼ାକ ତା'ର ଦିଶିଯାଏ କଙ୍କାଳର ଭୟ ଦେଖାଇ । ଉପର ଓଠ ନାକଯାକେ ଉଠିଯାଏ । 'ନେଇଯିବେ·· ନେଇଯିବେ ସମସ୍ତେ' ।

ଦିନଯାକ ଲୋକେ ଖାଉଥାନ୍ତି; ଥାଳ ଧୂଆ ଗୁଳଥାଏ । ସେ ପ୍ରଥମେ ହ'ଟା ଗୁରଟା ଖାଉଥିଲା । ସେ ଛୁଆଙ୍କୁ ଗୁଡ଼ି ସେହି ଆଶା ମେଣ୍ଟାଏ । ଏଣେ ଛୁଆଯାକ ଆନନ୍ଦରେ ଆଉରି ଜୋରରେ ଦୁଧ ଖାଇବାରେ ଲାଗିଥାନ୍ତି । ଦୁଧ ବନ୍ଦ-ଆସିଥିଲେ ତା'ର ପଞ୍ଜାର ଚରଗୁଡ଼ିକୁ ଖଣ୍ଡିଆ କରିଦିଅନ୍ତି ।

ତଥାପି ତାଙ୍କୁ ସେ ଆଉ ଟିକିଏ ଜାକି ଧରେ କୋଳରେ । ସେତିକି ତାହାର ସମ୍ବଳ— କାରଣ ସେ ପଶୁ ।

ଅଭ୍ୟାସ କରି ଟମି ତାହାର କୁକୁରର କୃତଜ୍ଞତା ଦିନକୁ ଅନ୍ତତଃ ଥରେ ଦେଖାଉଥିଲା ଘରର ମାଲିକଙ୍କ ପାଖରେ । ସେ କାମରୁ ଫେରିଲେ ଟମି ତାଙ୍କୁ ସଙ୍ଗେ ଚାଲିବାକୁ ଧାଇଁଆସେ । ଘରେ ପିଲାମାନେ କି ସ୍ତ୍ରୀ କେବେ କେମିତି ଥିଲେ ଆଥାନ୍ତି । କିନ୍ତୁ ଏହି କାମଟିରେ ଟମି କେବେ ହେଲା କରେ ନାହିଁ । ବାବୁ ଆସିଲା-ବେଳେ ସେ ଘରେ ନ ଥିଲେ ଦୂରରୁ କେବେ କେମିତି ଧାଇଁଆସେ ଜୋରରେ— ବାବୁଙ୍କ ଆଗରୁ ଆସି ପହଞ୍ଚିବାପାଇଁ ।

ଛୁଆ ହେବାର ଦୁଇଦିନ ହୋଇଗଲାଣି । ଟମି ଆସି ଦେଖା କରିନାହିଁ । ରାତିରେ ସେ ଖାଇ ହାତ ଧୋଇଲାବେଳେ ଅନ୍ଧାରରେ ଟମି ତାହାର ଛୁଆ ଗୁଡ଼ିକୁ ଲୁଚେଇଦେଇ ଧାଇଁଆସିଲା । କୁଇଁ କୁଇଁ ହୋଇ ଦୁଆରେ ଦି'ହାତ ଟେକିଲି ଛିଡ଼ାଗଲା । ସେହି ତାହାର କୁଶଳ, କୃତଜ୍ଞତା, ଦୁଇଦିନ ନ ଆସିବାର କ୍ଷମା ପ୍ରାର୍ଥନା ଓ ଦେଖିବାର ଆନନ୍ଦ ।

ନ ଖାଇ ଫେରି ଧାଇଁଗଲା ଛୁଆଙ୍କ ପାଖକୁ । ପୁଣି ଆସିଲା ଦି'ଟା ଖାଇବାପାଇଁ । ବଣର ଆତ୍ମନିର୍ଭରଶୀଳ ପ୍ରାଣୀଟି ଆଜି ସହରର କୋଠାରେ ଭିକାରି ।

ସେହି ଖଣ୍ଡିଆ ଘରର ଦୁଆରମୁହଁରେ ବସିଥାଏ ଟମି । ଭିତରେ ଛୁଆ-ଗୁଡ଼ାକ କେଁ କେଁ ହେଉଥାନ୍ତି । ସମସ୍ତେ ମନେକରନ୍ତି ଯେ ଟମିକୁ ଦୁଧ ଦବାକୁ ପଡ଼ିବ ବୋଲି ଲୁଚୁଚି । ଆଉ ଟେଣେ କେହି ଗଲେ କାମୁଡ଼ିବାକୁ ଧାଇଁଆସୁଚି ।

ମାଡ଼ ଡର ଦେଖାଇ ତାକୁ ଭିତରେ ପୂରାଇ କବାଟ ବନ୍ଦ କରିଦିଅନ୍ତି । ଆଉ, ସେ ଭିତରେ ଛୁଆମାନେ ତାକୁ ଝୁଣି ଝୁଣି ଖାଉଥାନ୍ତି । ଏବେ ପଳାଇବ କାହିଁକି ?

ହାଡ଼ ପଞ୍ଜରରେ ଯେତିକି କ୍ଷୀର ସମ୍ଭବ, ଖାଇସାରିଲେ ଛୁଆଯାକ ତାହାର ଲାଞ୍ଜ, କାନ, ଗୋଡ଼କୁ କାମୁଡ଼ୁଥାନ୍ତି । ସେ ପ୍ରତିବାଦ କରେ ନାହିଁ । ଏହି ସଭ୍ୟ ସହରର ଜାଣିବା ଶୁଣିବା ମା'ମାନେ ଛୁଆଙ୍କର ଏତିକି ସେବା କରୁଥିଲେ କସ୍ତୁରବା ପାଣ୍ଠିରେ ପ୍ରଚୁର କାହିଁକି ଚାଲନ୍ତା ସେମାନଙ୍କ ପାଇଁ !

ଗୋଟିଏ ଛୁଆ ମରିଗଲା—

ମରିବା ଆଗରୁ ମା'ପାଖରେ ଧାଇଁ ନ ପାରି ଖାଲି ଠା'କରେ ବସି କେଁ କେଁ ହେଉଥାଏ । ଟମି ଯାଇ ଥରେ ଚାଟି ଦିଏ— ଭୁଲି ଆସେ । ମନେକରେ ସେହି ଛୁଆଟିର ମା'ପାଖରେ ଧାଇଁବାକୁ ଇଚ୍ଛା ନାହିଁ । ମା'କୁ ଡାକି ଡାକି ମରିଗଲା । ବଡଗ୍ର କୋଠ ଘରର ଅଗଣା ଚାଟି ଶିଖିଲା ନାହିଁ ।

ଟମି ତାକୁ ପାଟିରେ କାମୁଡ଼ି ଏଣେ ସେଣେ ହୁଏ ଆଉ ଚାଟେ । ଲୋକେ ପାଖକୁ ଗଲେ ଗଁ ଗଁ ହୁଏ । ଦେଖାଗଲା ଯେ ଛୁଆକୁ ବଞ୍ଚାଇବା ବାହାନାରେ ଚାଟୁ ଚାଟୁ ସେ ଚାରିପଣ ଖାଇ ଦେଇ ସାରିଲାଣି ।

ଆରେ, ଦେଖ ଦେଖ ! ଟମି ଏଥର ପାଗଳ ହୋଇଗଲା ବୋଧହୁଏ । ନିଜର ଛୁଆଙ୍କୁ କି'ଏ ପଶୁମାନେ ଖାଆନ୍ତି ! ଆରଗୁଡ଼ାକୁ ବି ଖାଇଯିବ—ମଣିଷଙ୍କୁ ହୁଏତ ଛାଡ଼ିବ ।

ଲମ୍ବା ଠେଙ୍ଗାର ସାହାଯ୍ୟରେ ସେ ମଲା ଛୁଆଟି ତାହାଠାରୁ ବଡ଼ା ହୋଇ ପାଚେରି ଡିଆଁଇ ନିଆଗଲା । ଝମି ଦେଖିଲା, ଉଚା ପାଚେରି ତାହାର ପେଟ ଭିତରର ଛୁଆକୁ ନେଇଗଲା । କେବଳ ଠିଆ ହୋ'ଇ ପାଚେରିକୁ ଶୁଙ୍ଘେ । ଆଉ ଯୋଡ଼ିଏ ମଲେ । ସେମିତି ପାଚେରି ଆରପାଖେ ଲୁଚିଗଲେ ତାହାର ଆଖିର ଆଗେ ଆଗେ ।

ଗୋଟିଏ ଛୁଆ ରହିଲା । ଝମି ତାକୁ ଖୁଆଇ ବଳୁଆ କଲା । ଏଇଟି ତାହାର ପାଖେ ପାଖେ ରହିବ । କୁକୁର ଜଗତକୁ ଏତିକି ତାହାର ଦାନ ।

ସୁନେଲି ଖରା, ରୂପେଲି ଜହ୍ନ, ଫୁଲର ବାସନା, ପ୍ରଜାପତିର ରଙ୍ଗ ଭିତରେ ସେ ଯାହା ପାଇଥିଲା ସେଗୁଡ଼ିକ ଏମିତିରେ ଚାଲିଗଲେ । ଆସିଥିଲେ, ତାହାର କାନ୍ଦଣା ଭିତରେ ପୁଣି ଫେରିଗଲେ, ତାକୁ କନ୍ଦାଇ ।

ତଥାପି ବାବୁମାନେ କହନ୍ତି, ସେ ପଶୁ···ସେ ହୃଦୟବାନ କ'ଣ ଜାଣେ ନାହିଁ ।

ତାହାର କୌତୁକିଆ ଛୋଟିଆ ଛୁଆଟି ପଡ଼ିଶାଘର ନେଇଗଲେ ପାଳିବେ ବୋଲି । ନେଲାବେଳେ ଝମିକୁ ଜଣା ନାହିଁ । ଛୁଆକୁ ଚାରିଆଡ଼େ ଖୋଜିଲା । ସମସ୍ତଙ୍କ ମୁହଁକୁ ଚାହେଁ; କିଏ ଚୋରାଇଚି ଜାଣିପାରେ ନାହିଁ । ଏଠି ସେଠି କୁଇଁ କୁଇଁ ହୋଇ କହେ ଛୁଆଟିକୁ ଫେରାଇବାପାଇଁ ।

ପାଚେରିର ଚୂନକୁ ଶୁଙ୍ଘି ସେମିତି କୁଇଁ କୁଇଁ ହୁଏ । ଏହି ପାଚେରି ତାହାର ଶତ୍ରୁ । ସେହି କାନ୍ଥକୁ ନିଜର ଦୁର୍ବଳ ଗୋଡ ନଖରେ ରାମ୍ପେ ।

ରାସ୍ତାରେ ଗହଳି । ଛୋଟ ଛୁଆଟି ପାଖ ପଡ଼ିଶାଘରେ ପିଲଙ୍କ ସଙ୍ଗରେ ଖେଳୁଥାଏ । କେତେବେଳେ ମା'କୁ ଡାକିବା ପାଇଁ ତାହାର ଦୁର୍ବଳ ସ୍ୱର କାଢ଼େ, ସେତିକି ସଂସାରର ଗୋଳମାଳକୁ ବୁଡ଼େଇ ଉଠିପାରେ ନାହିଁ ।

ରାତି ଅଧିକ ହୋଇଗଲା । ରାସ୍ତାରେ ଗହଳି ଭାଙ୍ଗିଗଲା । ପଡ଼ିଶାଘରେ ଶୋଇଗଲେଣି । ଝମିର ନିଦ ଭାଙ୍ଗିଗଲା । ସନ୍ଦେହ ଉଠିଗଲା—ଛୁଆ କାନ୍ଦୁଚି ଠିକ୍ ସେହି ପାଚେରି ଆରପାଖେ ।

ଘରଯାକ ଧାଁ ଦଉଡ଼ କଲା । ପାଟି କରି, ଭୁକି, ବୋବେଇ ସମସ୍ତଙ୍କୁ ଉଠାଇଲା । ପାଚେରି ଯାଏଁ ଧାଇଁଯାଏ ଓ ଲୋକଙ୍କ ମୁହଁକୁ ଅନାଏ । 'ଛୁଆଟି ସେ ପାଖରେ ଅଛି, ଦିଅ ।'

ନିଦ ଭଙ୍ଗାଇଥିବାରୁ ମାଡ଼ ଖାଇଲା । ଛୁଆଟିର କାନ୍ଦଣା ବନ୍ଦ ହୋଇଯାଏ, ପୁଣି ହୁଏ । ଝମି ନ ଶୋଇ ବାହୁନେ । ଘରେ ଶୁଭେ, 'ଆଜି ଏଇଟା ଆଉ ଶୁଆଇ-ଦବ ନାହିଁ । ଗୋଟାଏ ଛୁଆକୁ ଖାଇଗଲା—ଆଜି ଦେଖ ପୁଣି ହୋହାଗ !'

ପାଚେରୀର ଚାରିଆଡ଼େ ନିର୍ଜନ । ଘରର ସବୁ କବାଟ ବନ୍ଦ । ସେଥିରେ ଟମି ବନ୍ଦୀ । ପାଚେରୀ ଆରପାଖେ ଠିକ୍ ତାହାର ଛୁଆର କାନ୍ଦଣା—ହିଁ ତାହାର ଛୁଆ ତ !

ସେହି ପାଚେରୀରେ ଗୋଟିଏ ବର୍ଷା ପାଣି ଯିବାପାଇଁ କଣା ଥାଏ । ସେଥିରେ ମୁହଁ ପୂରେଇ ଟମି ଅନେକ ସମୟ ରହେ । ଛୁଆ କାନ୍ଦିଲେ ବୋବାଏ; କିନ୍ତୁ ସେହି କଣା ଭିତରକୁ ପଶିପାରେ ନାହିଁ ।

ଜନଶୂନ ରାତି । ସବୁଆଡ଼େ ଶୋଇଚନ୍ତି—ଟମିର ଖାଉନ୍ଦ ଘର ଓ ଛୁଆ ରହିଥିବା ପଡ଼ୋଶୀଘରର ସମସ୍ତେ । ଛୁଆଟି ବେଳେ ବେଳେ ବୋବାଉଠେ । ଗହନ ରାତିର ଥଣ୍ଡା ପବନ ସେହି ସ୍ୱରକୁ ବୋହିଆଣେ ଟମିର କାନ ପାଖକୁ । ଛୁଆଟିକୁ ଶୀତ କରୁଚି, ମା' କୋଳର ଆଶ୍ରୟ ନାହିଁ । ଟମିକୁ ଶୀତ କରୁଛି । ଛୁଆଟି କେଉଁଦିନ ହେଲଣି ତାହାର କୋଳକୁ ଉଷୁମ କରିଥିଲା--ନାହିଁ ।

ଗୋଟିଏ ଖିଆଲରେ ସେହି ପାଚେରୀ କଣା ଭିତରେ ଟମି ଗଳିଯାଇଚି ସେପାଖରୁ ତାହାର ଛୁଆଟିକୁ ଉଦ୍ଧାର କରିବ ବୋଲି । ପଶିଯାଇ ପୂରା ସେପାଖକୁ ଯାଇପାରିଲା ନାହିଁ—ଫେରିପାରିଲା ନାହିଁ । ଅଣଓସାରିଆ ନଳାରେ ତାହାର ଦୁର୍ବଳ ପଞ୍ଜରା ଚିପି ହୋଇ ରହିଗଲା ।

ବାସ୍ତବର ଯନ୍ତ୍ରଣା । ଏହାରି ଭିତରେ ତାହାର ପୂର୍ବପୁରୁଷମାନେ ବଣରେ ଜନ୍ତୁଙ୍କ ସାଙ୍ଗରେ ଲଢ଼ି ଅସହାୟ ଶିଶୁମାନଙ୍କ ପାଇଁ କେତେଥର ମରିଥିଲେ । ମା' ବଞ୍ଚିଥିବାଯାଏ ଛୁଆମାନଙ୍କର କ୍ଷତି ହୋଇ ନ ଥିଲା । ସେହି ଯନ୍ତ୍ରଣାରେ ଚିପି ହୋଇ ପଡ଼ିଥିଲାବେଳେ ଛୁଆର କାନ୍ଦଣା ବାଜେ ଅତି ଆଗରେ । କାନ ଦି'ଟା ଘଷିହୋଇ ଖଣ୍ଡିଆ ହୋଇଯାଇଛି ।

ତାହାର ଟିକି ହୃଦୟଟି ପିଲାଙ୍କ ପାଇଁ 'ବୋଧହୁଏ ଆକାର ପ୍ରକାରରେ ବଢ଼ିଯାଇଥିଲା । ସେଇଟି ଚିପିହୋଇ ହାଡ଼ ତଳେ ପୁଣି ସଙ୍କୁଚିତ ହୋଇଯାଇଚି ।

ସକାଳ ବେଳକୁ ଜଣାଗଲା । ତାହାର ମେଲା ଆଖିକୁ ଦେଖି ସମସ୍ତେ ମନେ କଲେ ସେ ମରିଚି । ତାକୁ ମୁକୁଳେଇବା ପାଇଁ ପାଚେରୀର ଇଟା ଭାଙ୍ଗି ବାହାର କଲାବେଳେ ଖଣ୍ଡେ ଭୁସୁଡ଼ି ପଡ଼ିଲା କୁଢ଼ଟିଏ ହୋଇ ତାହାର ମଲା ଦେହ ଉପରେ ।

ଏହି ଇଟା ଚୂନର ପାଚେରୀ । ତାକୁ ବାଧା ଦେଉଥିଲା ଯେତେବେଳେ ବୁଲି କୁକୁରମାନେ ଯୌବନର ଗୀତ ଗାଇ ତାହାର ଚେତନା ଭାଙ୍ଗିଥିଲେ ।

ସେଇ ପୁଣି ତା'ର ଛୁଆକୁ ନେଇଥିଲା । ସେହି ପାଦେଶ୍ୱ ଆଉ ପାଖେ ଛୁଆ କାନ୍ଦୁଥିଲା ବେଳେ ତାହାର ଦୁର୍ବଳ ସ୍ୱରକୁ ପାଦେଶ୍ୱ ବାଧା ଦେଉଥିଲା ମା' ପାଖରେ ନ ପହଞ୍ଚିବା ପାଇଁ । ସେହି ପାଦେଶ୍ୱ ପୁଣି ଗୋଟିଏ ମା'ଙ୍କୁ ନିଜ ଛୁଆ ଦେଖିବାକୁ ଗଲାବେଳେ ବାଧାଦେଇ ଏକାବେଳକେ ନେଇଗଲା ଆର ପୁରକୁ ।

'ଆରେ, ଦେଖ, ଟମିଟା ମରିଗଲା କେମିତି ! ଆଃ, ପଶୁ ଜାତି ତ—କ'ଣ ବୁଝନ୍ତି ?'

ମଣିଷ ତାହାର ଗ୍ରେଟିଆ ଛୁଆଟିକୁ ଟେକିଲଇନେଲେ—ସେମାନେ ବଳୁଆ ବୋଲି । ତାଙ୍କୁ ତାହାର ମରିବାର ରାସ୍ତା ଦେଖାଇଦେଲେ—ସେମାନେ ବୁଦ୍ଧିଆ ବୋଲି । ମଲା ପରେ ତା'କୁ ମୁକୁଳେଇବାର ଚେଷ୍ଟା କଲେ—ସେମାନେ ହୃଦୟବାନ୍ ବୋଲି ।

ଧନୀ ସାହୁକାର ଠିକ୍ ଏମିତି ମଣିଷକୁ ପଶୁପରି ଗଢ଼ି ଦିଏ । ତା'ପରେ ତାହାକୁ ମାରି ସାରି ତାହାର ଶ୍ରାଦ୍ଧରେ ସାହାଯ୍ୟ କରି ନିଜର ଧର୍ମ ଅର୍ଜନ କରେ ଓ ବଡ଼େଇ କହି ବୁଲେ ।

# ଯକ୍ଷ

ଶ୍ରୀ ହରିଶ୍ଚନ୍ଦ୍ର ବଡ଼ାଲ

ସଞ୍ଜ ବାଜିଲେ ବୁଢ଼ୀମା କୋଳ ପାଖକୁ ଆଉଜି ମିଳା, ନୂଟୁ, ଗଦା, ପଂକ ଘରର ଯେତେ ପିଲା ଅଳି କରନ୍ତି—ବୁଢ଼ୀମା ଗୋଟେ ଗପ। ନା, ନା, ସେଇ ରଜାପୁଅ ମନ୍ତ୍ରୀପୁଅ କାହାଣୀ ନୁହଁ, କି ସେଇ ପୁରୁଣା ବାଘ ବାଘୁଣୀ କଥା ନୁହଁ—

ଦିନସାରା ଖେଳି ବୁଲି ମୁହଁ ଅଂଧାର ହେଲେ ଯାଇ ବାଡ଼ିରୁ ନାଚି ନାଚି ଦଉଡ଼ ଦଉଡ଼ ପିଲେ ଘରକୁ ଫେରନ୍ତି। ସେତେବେଳେ ହୁଏତ ବୋଉ ତୁଳସୀ ଚଉରା ମୂଳରେ ଦୁଆର ବନ୍ଧରେ ସଞ୍ଜଦୀପ ଦେଇ ପ୍ରଣାମ କରି ରାତିର ରୋଷେଇ ବାସଲଗି ହାଣ୍ଡିଶାଳ ଆଡ଼କୁ ଯାଆନ୍ତି ଚାଲି। ମନ୍ଦିରରେ ଆରତିର ଶଂଖ ଘଣ୍ଟା କାଂସର ରୋଳ ଉଠେ। ଶିଆଳ ଗୁଡ଼ା ହୁକ୍କା—ହୁକ୍କା—ହୁକ୍କା ହୋ ହୁକ୍କା ହୋ ହୁକ୍କା ହୋ ବୋବେଇ ବୋବେଇ କେତେବେଳେ ଥକି ଚୁପ୍ ହୋଇଯାନ୍ତି। ସେତେବେଳକୁ ଭିତର ପଟ ଚଉତା ପିଣ୍ଡା ଉପରେ ସପଟାଏ ପାରିଦେଇ ତିନି ଚାରି ଜଣ ଝିଅ ପୁଅ ବୁଢ଼ୀମା ଦେହକୁ କି କାନ୍ଧକୁ ଆଉଜି ବୁଢ଼ୀମା ଆଗେ ଅଳି କରନ୍ତି—ଗୋଟେ ଗପ। ବୁଢ଼ୀ ମା-ଆ, ଗୋଟେ ଭଲ ଗପ। ସେଇ ସଦା ଦିନିଆ ରଜାପୁଅ—ମନ୍ତ୍ରୀପୁଅ ଗପ ନୁହେଁ, କି ସାତ ସମୁଦ୍ର ପାରି ସାଧବ ବୋହୂର କାହାଣୀ ନୁହେଁ କି ବାଘ ଭାଲୁ କଥା ନୁହେଁ। ତୁ ଗୋଟେ ସତ ସତକଥା ଗପ କହ—ଯିମିତି, ମରହଟ୍ଟା ଅମଳରେ ବର୍ଗୀମାନେ ଘୋଡ଼ା ଚଢ଼ି ଆସିଲେ ତୁ କିମିତି ବଣ ଜଙ୍ଗଲରେ ଗହଣା ବୁଜୁଳି ଅଣ୍ଟାରେ ଖୋସି ଲୁଚିଥିଲୁ। ଆମ ବୁଢ଼ାବା' କିମିତି ଜାହାଜରେ ଚଢ଼ି କଳାପାଣି ପାରି ହୋଇ କଲିକତା ଯାଉଥିଲେ—ଏମିତି ସବୁ ଗପ ସତ ସତକଥା ଗପ କହ।

"ଆରେ ରୋଜ ରୋଜ ତୁମ ଲାଗି ମୁଁ ନୂଆ ନୂଆ ଗପ କୁଆଡ଼ୁ କେତେ ଆଣିବି ? ନା, ମୋତେ ଏତେ ସତ ସତକଥା ଗପ ବନେଇ ଆସିବନିରେ ବାପ ! ମୁଁ ପାରିବନି ।"

ଗଦାଟା ନମ୍ବର ମେଂଟା ବୁଦ୍ଧିଆ। ସେ ଥଙ୍କେଇ ଥଙ୍କେଇ କହେ—ଆଲୋ ବୁଢ଼ୀମା, ସତ ଗପ ଫେରେ ବନେଇ ବନେଇ କହିବୁ କିସ ମ ? ତୁ ତ ଖାଲି କହିଯିବୁ । ଆମେ ଶୁଣି ଯିବୁଁ—

"ହୁ, ତୁମେ ସବୁ ଆଜି କାଲିକା ପିଲା, ତୁମମାନଙ୍କୁ ଗପ କହି କିଛି ସୁଖ ନାହିଁ । ଆମେ ଯେତେବେଳେ ସାନ ସାନଟି ଥିଲୁ, ଆମ ଅଜା ଆଈ କେତେ କାହାଣୀ, କେତେ ଗପ, କେତେ ବିଚିତ୍ର କଥା କହୁଥିଲେ, ଆଉ ଆମେ ସେତେବେଳେ ପାଟି ଆଁ କରି ସେ ସବୁ ଗପ ଗିଳୁଥିଲୁ । ସତ ଗପ କହ, ବନେଇ ବନେଇ କହନ, ଏତେ ସବୁ ହୁନ୍ଦର ଆମକୁ ଆସୁ ନ ଥିଲାରେ ବାପ । ଏବେ କାଳ କାଳକୁ ଯେ କ'ଣ ହେବାକୁ ବସିଲା—

"ନା, ବୁଢ଼ୀମା, ତୁ ତୋର ଯା'ଇଚ୍ଛା କହ, ଆମେ ଚୁପ୍‌କରି ମୁହଁ ବୁଜି ଶୁଣିଯିବା, ଉଁ-ଚୁଁ କିଛି କରିବାନି" ମାଳା କହେ । ସେ ଅନ୍ୟମାନଙ୍କଠାରୁ ବୟସରେ ବଡ଼—ହେଲା ବା ବର୍ଷେ କି ଦି'ବର୍ଷ, ବଡ଼ ତ ? ଆଉ, ତାର ସଭିଙ୍କଠୁ ବେଶୀ ଉତ୍ସାହ ଆଗ୍ରହ ଗପ ଶୁଣିବା ପାଇଁ । ସଦା ଚୁପ୍ କରି ରହେ, ବୁଢ଼ୀମା ଆରମ୍ଭ କରନ୍ତି—

ସେଇଯେ ମ୍ୟୁନସିପାଲଟି ପଛକୁ ଗଛ ଝଙ୍କାଳିଆ ଅଂଧାର ଘିଚ୍ ଘିଚ୍ ଗଳି ରାସ୍ତା ଶ୍ୟାମସୁନ୍ଦର ମନ୍ଦିର ଆଡ଼କୁ ଆଙ୍କି ବାଙ୍କି ଯାଇଛି, ସେଇ ବାଟେ ଆଜି ସୁଦ୍ଧା ବି ଗଲେ ଦିନ ଦି'ପହରେ ଦିହ ଛମ୍ ଛମ୍ କରେ । ସେଇ ରାସ୍ତା'ର ବାଁ କଡ଼ରେ କେତେ କାଳର କେଉଁ ମାନ୍ଧାତା ଅମଳିଆ ପୁରୁଣା ପୋଖରୀଟେ ଅଛି—ଦେଖିଚ ନା ତୁମେ ସବୁ ?

ହଁ କଲ୍ଲା ପୋଖରୀ ।

ଠିକ—କଲ୍ଲା ପୋଖରୀ । କଲ୍ଲାର ଏବେ ଆଉ ଚିହ୍ନ ବର୍ଣ୍ଣ ନାହିଁ । ନାଁ ସୁଦ୍ଧା କେହି ଜାଣନ୍ତି ନାହିଁ । ଖାଲି ଅଛି ଗୋଟେ ଅମୁହାଁ ଘର ସେଇ ପୋଖରୀ କୂଳରେ । ଗ୍ରେଟ ପକ୍‌କାଘର ଖଣ୍ଡେ । ଦୁଆର ଜାଳାଖିଡ଼କି ବୋଲି ଅଦୌ କିଛି ନାହିଁ ତହିଁରେ । କିନ୍ତୁ ତା କାନ୍ଥ ଗୁଡ଼ାକ ବଜ୍ର ପରି ଟାଣ ।

ସାହେବମାନେ ଯେତେବେଳେ ପହିଲେ ଏ ଦେଶକୁ ଆସିଲେ, ତାଙ୍କୁ ଏ ଦେଶୀ ଲୋକେ ବତେଇ ଦେଲେ ଯେ, ସେହି ଅମୁହାଁ ଘର ଭିତରେ ନବାବୀ ଅମଳର ଅକଳନ୍ତ ମୋହର ଅସରନ୍ତି ମଣିମୁକ୍ତା ଧନରତ୍ନ ଠେସା ହୋଇ ରହିଛି । ଶୁଣି ଜଣେ ସାହେବଙ୍କ ମନ ଝିଆଁଲି ଗଲା, ଶାବଳ ଝଣ୍ଟେଧାରୀ ଦଳେ ଲୋକଙ୍କୁ ଲଗେଇ ଦେଲେ, କପ୍ତାନ ସାହେବ ମିଲଟାରୀ କାଇଦାରେ ହୁକୁମ ଦେଲେ—ଟୋଡ଼୍ ଡାଲୋ ! କିନ୍ତୁ ଗଣ୍ଡା ଗଣ୍ଡା ଶାବଳ ଝଣ୍ଟେ ଧାର ମରିଗଲା, ବେଣ୍ଟ ଭାଙ୍ଗିଗଲା । ବର୍ଷା ହୋଇଗଲା, କିନ୍ତୁ ଫଳ ହେଲାନି କିଛି । ପୁରୁଣା ମସଲା ଜମି ପଥର ପରି ଶକ୍ତ ହେଇ ରହିଚି, ସେ କାନ୍ଥ ଦିହରେ ଦି'ଗୋଟି ଜାଗା ଖାଲି ପଲସ୍ତରା ଝଡ଼ି ଇଟା ଦେଖାଗଲା, କାନ୍ଥ ଦିହରୁ ଖଣ୍ଡେ ବି ଇଟା ଝଡ଼ିଲାନି । ଯକ୍ଷର ଘର

ବୋଲି ମୂଲିଆ ମୂଲରୁ ହିଁ ଖୋଲ ତାଡ଼ କରିବାକୁ ମଙ୍ଗୁ ନ ଥିଲେ, କେବଳ ସାଇବ ଡରରେ ଏତେ ଦୂର ହେଲା । କିନ୍ତୁ ଥରେ ଜଣେ ମୂଲିଆ ଶକ୍ତ ପାହାରଟେ ମାରି ଯେତେବେଳେ ବାପ ଲୋ ! ରକ୍ତ ବାହାରିଲାଣି, ଆଉ ଖୋଲିବାନି—କହି ଏକା ଡିଆଁକେ ସେଠୁ ଚମ୍ପଟ ଦେଲା, ସେତେବେଳେ ବାକି ସମସ୍ତେ ଶାବଳ କୋଡ଼ି ଗୁଡ଼ି ଅଲଗା ହୋଇଗଲେ । ପାଣ୍ଡୁମୁହାଁ ଲାଲ ଆଖିଆ କପ୍ତାନ ସାଇବ ଦାନ୍ତ କଡ଼ମଡ଼ କରି ଖାଣ୍ଟି ସେ ଦେଶୀ ଗାଳି ଏ ଦେଶୀ ଲୋକଙ୍କ ଉପରେ ଅଶ୍ଳୀଳ ବର୍ଷିଗଲେ, ବୋଧେ ତାଙ୍କ ଚଉଦ ପୁରୁଷ ବି ସେ ଗାଳି ତେଜରେ ଉଦ୍ଧୁରି ଗଲେ—ଗୋଇଠା ଚାପୁଡ଼ା ଦେବାରେ ବି ସାଇବ କିଛି କସୁର କଲେନି । କିନ୍ତୁ ଡରି ମରି ଝରଣ ପଶିଲେ ବି ମୂଲିଆଙ୍କ ଦଳ ଅଚଳ ଅଟଳ ରହିଲେ; ଅମୁହାଁ ଘରେ ଯକ୍ଷ ଦେବତା ଅଛି । ତା ଘର ଖୋଲିବାରୁ ଯକ୍ଷକୁ ବାଧିଲାଣି, ତା ଦେହରୁ ରକ୍ତ ଝରିଲାଣି—ଆଉ କିଏ ହତିଆର ଉଠେଇବ ତା ଉପରକୁ, କାହାର ଏଡ଼ିକି ଛାତି । କଣାଖିଆ ଯକ୍ଷ, ରାତ ନ ପାହୁଣୁ କଣା ଲେବେଇ ଯିବନି ?

ସାଇବ ମୁକିଆଙ୍କୁ ଡାକି ପଚାରିଲେ—ଓହ୍ ଆଡ଼ମିକା ଖୁନ୍ ହୁଆସ୍ତ; ଯକ୍ଷ—ଭକ୍ଷ୍ ହାମ ନେହି ମାନତା—ତୋଡ଼୍ ଡାଲୋ । ମୁକିଆ ପ୍ରମାଦ ଗଣିଲା, ଶେଷକୁ ବୁଦ୍ଧି କରି ହାତ ଯୋଡ଼ି ନିବେଦନ କଲା—ହଜୁର ମା—ବାପ୍ । କୋଡ଼ି ଶାବଳରେ ଖୋଲିଲେ ଅନେକ ମେହନତ୍ ଲାଗିବ । ଅନେକ ଦିନ ବୃଥା ଅପଣଙ୍କର ନଷ୍ଟ ହେବ—ବରଂ ଯଦି ହୁକୁମ କରନ୍ତି ତ ଗୋଟେ ତୋପ ଆଣି ଉଡ଼େଇ ଦିଆଯାଉ ଏଇ ସାମାନ୍ୟ ବକ୍‌ଟେ ଇଟା ଘରଟାକୁ ।

କଥାଟା କପ୍ତାନ୍ ସାଇବଙ୍କ ମନକୁ ପାଇଲା । ସେ ଖୁସି ହୋଇ କହିଲେ—ବହୁତ ଆଚ୍ଛା, ଲକ୍ଷ ଟାକେକେ ବାଦ୍—ହୁକୁମ ହେବା ମାତ୍ରେ, ମୂଲିଆ ପଞ୍ଚାକ କୋଡ଼ି ଶାବଳ ଖଣତି କାଖରେ ଯାକି ପଳେଇଲେ ଯେଝା ଘରକୁ, ଯାଇ ରାମନାମ ଜପିବାକୁ ଲାଗିଲେ—ହେ କଣାଖିଆ ଯକ୍ଷ ! ଆମର କିଛି ଦୋଷ ନାହିଁଟି, ସବୁ ଦୋଷ ଏଇ ମ୍ଲେଚ୍ଛ ଗୋରୁ ହାଡ଼ଖିଆ ସାଇବର, ତମ ଦେହରୁ ରକ୍ତ ପାତ କରିଛି ସେଇ ଏକା, ଆମକୁ ସେ ପାପ ଯେମିତି ନ ଲାଗେ ।

ଅଧଘଣ୍ଟାକ ଭିତରେ ସାରା ସହରରେ ହୁଲସ୍ଥୂଳ ପଡ଼ିଗଲା—ସାଇବର ହୁକୁମ କମାଣ ଗୋଳାରେ କାଲି ପୋଖରୀ ଅମୁହାଁ ଘର ଉଡ଼େଇ ଦିଆଯିବ । କେତେ କାଳରୁ ଲୋକେ ଅମୁହାଁ ଘର ଦେଖି ଆସୁଛନ୍ତି, ସମ୍ଭବ ଅସମ୍ଭବ ନାନା ଗଳ୍ପ ଶୁଣି ଆସୁଛନ୍ତି ତା' ସମ୍ବନ୍ଧରେ । ହଜାର ହଜାର ଲୋକେ ଦେଖିବାକୁ ଦଉଡ଼ି ଆସିଲେ, ସତେକି ବଜାର ସହର ଭାଙ୍ଗି ପଡ଼ିଲା ଦେଖିବା ଲାଗି ।

ଏକ—ଦୁଇ—ତିନି ! ତୋପର ଢନଢନଟା ଗୁଳିରେ ବି ଅମୁହାଁ ଘରର କାନ୍ଥ ଭାଙ୍ଗିଲାନି । ଇମିତି କି କଣାଟାଏ ସୁଦ୍ଧା ଫୁଟିଗଲାନି । ଖାଲି ଖଣ୍ଡେ ଦୁଇ ଖଣ୍ଡ

ଇଟା ଝଡ଼ି ପଡ଼ିଲା । ଆଉ ପ୍ରତି ଗୁଳି ବାଜିଲା କ୍ଷଣି ଭିତରୁ ଗୋଟାଏ ଅଦ୍ଭୁତ ଗୁରୁଗମ୍ଭୀର ଗର୍ଜନ ଶୁଣାଗଲା ଗଁ-ଗଁ-ଗଁ । ଯେମିତିକି ଗୋଟେ ମହାବଳ ବାଘ ପିଞ୍ଜରା ଭିତରେ ବନ୍ଦୀ ହୋଇ ଗର୍ଜୁଛି ରାଗରେ ଫୁଲି । ଶୁଣିବା ଲୋକଙ୍କ ଆତ୍ମା ପୁରୁଷ ଥରି ଉଠିଲା ସେ ଗର୍ଜନ ଶୁଣି ।

ତୋପର ତିନି ତିନିଟା ଗୁଳି ବ୍ୟର୍ଥ ହେବାର ଦେଖି ସାଇବଙ୍କ ମେଜାଜ୍ ଭୟଙ୍କର ହେଲା, ନାଲି ଆଖି ଯୋଡ଼ାକ ଆହୁରି ଲାଲ ଆହୁରି ଗୋଲ ଦେଖାଗଲା । ସେ ଓଠ କାମୁଡ଼ି ଉଠିପଡ଼ି ଆହୁରି କ'ଣ ହୁକୁମ ଦେବାକୁ ଯାଉଥିଲେ, ହଠାତ୍ ମୁଣ୍ଡ ଘୂରି ଯିବାରୁ ସେଇଠି ପଡ଼ିଗଲେ । ତାଙ୍କୁ ଧରାଧରି କରି ତମ୍ବୁକୁ ନେଇଗଲେ ତାଙ୍କ ଲୋକେ । ସାହେବ ଡାକ୍ତର ସିଭିଲ ସର୍ଜନଙ୍କ ପାଖକୁ ଲୋକ ଛୁଟିଲା— କପ୍ତାନ ସାହେବ ତିନି ଦିନ ତିନି ରାତି ବେହୋସ୍ ହୋଇ ପଡ଼ି ରହିଲେ । ଅମୁହାଁ ଘର ଉପରେ ଜୋର ଜବରଦସ୍ତି ବନ୍ଦ ରହିଲା ।

ଚତୁର୍ଥ ଦିନ ସାଇବଙ୍କ ଚେତା ଫେରିଲା । ସେ ଖବର ଆମ ଫକ୍ରୁ ମିଆଁ ପ୍ରଥମେ ପାଇଲା ସାଇବଙ୍କ ଖାସ୍-ଅରଦଲୀ ଲୋଟେ ମିଆଁ ପାଖରୁ । ଲୋଟେ ମିଆଁ ଫକ୍ରୁଦ୍ଦିନର ଦୋସ୍ତ । ହଁ, ଫକ୍ରୁ ମିଆଁଙ୍କୁ ଦେଖିଛ ତ' ରେ ପିଲେ ? ସେଇ ଯେ ଲାଲ ଦାଢ଼ୀ ବାଲା ବୁଢ଼ା, କାଳୀ ପୋଖରୀ ପୂର୍ବ କୂଳରେ କୁଡ଼ିଆ ଖଣ୍ଡିକରେ ଥାଏ । ମୁଣ୍ଡବାଳ ସବୁ ପାଚି ଘାସତଣ୍ଡି ଫୁଲ ପରି ଧଳା ଫର ଫର ପବନରେ ଉଡ଼େ । ଲମ୍ବା ଲମ୍ବା ଦାଢ଼ୀ, ମେହେନ୍ଦିରେ ଲାଲ । ତହିଁ ଆରଦିନ ସକାଳୁ ଲୋଟେମିଆଁ କପ୍ତାନ ସାହେବଙ୍କ ହଜୁରରେ ନିବେଦନ କଲା ଯେ, ଯେଉଁ ଗ୍ରହ ସାହେବଙ୍କ ଉପରେ ପହଞ୍ଚିଛି, ଆଉ କେଉଁ ବଡ଼ ବିପଦ ସାହେବଙ୍କ ସାମନାରେ ଉପସ୍ଥିତ, ତାହା ସେ ଯଦି ଅନୁମତି କରନ୍ତି ତେବେ ଜଣେ ପୁରୁଣା ବୁଢ଼ା ମୁସଲମାନ ତାଙ୍କୁ ସବୁ ଭେଦ ବତାଇ ଦେବ । ସିଭିଲ ସର୍ଜନ ହଁ ଭରିବାରୁ ଫକ୍ରୁ ମିଆଁ ଦୁଇ ସାହେବଙ୍କ ଆଗରେ ହାଜର ହେଲା । ଯକ୍ଷ ଯେ କେଡ଼େ ଜାଗ୍ରତ ସେ କଥା ସେ ନାନା ଦୃଷ୍ଟାନ୍ତ ଦେଇ ସାହେବ ଦିହିଙ୍କି ବୁଝାଇଲା । ତା'ର ବଡ଼ ବାପା ତମିଜୁଦ୍ଦିନ ଅମଳରେ ଆଖି ଦେଖା ହାଲକତ୍ ସବୁ ବତେଇଲା । ଶେଷରେ ସାହେବଙ୍କୁ ଜଣେଇଲା ଯେ, ଟକାସ୍ରା ପଣ ଯେମିତି ଚାଲୁଚି ଚାଲୁ, କିନ୍ତୁ ଯକ୍ଷର ରାଗରୁ ରକ୍ଷା ପାଇବାକୁ ହେଲେ ସାତ ଦିନ ଅଧ ରାତିରେ ସାତଟା କଳା କୁକୁଡ଼ା ଲୋବାନ୍ ଇତ୍ୟାଦି ଦେଇ ପୂଜା କରି ବଳି ନ ଦିଅନ୍ତି, ଆଉ ଯକ୍ଷର ମାଫି ନ ମାଗନ୍ତି, ତେବେ ଦି'ହପ୍ତା ପୂରିବା ପୂର୍ବରୁ ନିଶ୍ଚେ ତାଙ୍କର ଅତି ବଡ଼ ଅମଙ୍ଗଳ ଘଟିବ । ଫକ୍ରୁ ମିଆଁର ବୟସ, ପାଚିଲା ଦାଢ଼ୀର ଗାମ୍ଭୀର୍ଯ୍ୟ, ଆଉ ତା'ର ଅକୃତ୍ରିମ ଆନ୍ତରିକତା ଦୁଇ ସାହେବଙ୍କ ମନରେ ପ୍ରତ୍ୟୟ ଆଣି ଦେଲା । କପ୍ତାନ ସାହେବ ତିନି ଦିନ ତିନି ରାତି ସମାନ ଭାବରେ ଅଜ୍ଞାନ ହୋଇ ରହିଥିବାରୁ ସିଭିଲସର୍ଜନ୍

ପୂର୍ବରୁ ବି ଟିକେ ଘାବ୍‌ଡ଼ି ରହିଥିଲେ । ସାତୁଟା କୁକୁଡ଼ା ବଳି ଦେଲେ ଯଦି ମନର ଶାନ୍ତି ମିଳେ, ଅକାରଣ ଦୁଶ୍ଚିନ୍ତା ହାତରୁ ମୁକ୍ତି ମିଳେ, ତେବେ ଦେଲେ କ୍ଷତି କ'ଣ । ସେମାନେ ମାନିଲେ । ସାତଦିନ ଅଧ ରାତିରେ କୁକୁଡ଼ା ବଳି ଯଥା ନିୟମରେ ହୋଇଗଲା । ଅନ୍ୟ କେହି କିଛି ଜାଣିଲେ ନି ।

ହାତକୁ ହାତ ଫଳ ବି ମିଳିଲା । ଦଶଦିନ ପରେ କପ୍ତାନ ସାହେବ ଉଠି ବସି ପାରିଲେ, ପଥ୍ୟ କଲେ । ଡାକ୍ତର କହିଲେ ଗରମ ଦେଶ, ହାଉଆ ବଦଳର ଦରକାର । ଛଅ ମାସର ଛୁଟି ମଞ୍ଜୁର ହୋଇଗଲା, ପନ୍ଦର ଦିନ ପରେ ସାହେବ ଓଗେର ତମ୍ବୁ ଉଠେଇ ବିଲାତ ଚାଲିଗଲେ—ଯିବାବେଳେ ଫକୁମିଆଁକୁ ପୁରା ଦଶଟି ଟଙ୍କା ବକ୍‌ସିସ୍ କରିଗଲେ—ସେ କାଳର ଦଶଟଙ୍କା ଆଜି ଶହେ ଟଙ୍କାଠୁଁ ବି ବେଶୀ, ବୁଝିଲ ।

ବୁଢ଼ୀମା ଟିକେ ବନ୍ଦ ହେଲେ; ନାଳା ତତ୍‌ଖଣାତ୍ ବୁଢ଼ୀ ହାତଟାକୁ ଟିଙ୍କିଦେଇ କହିଲା—ବୁଢ଼ୀମା, ତୁ ଆଜିକାଲି ବଡ଼ ଫାଙ୍କି ଦେଲୁଣି । ଖାଲି ସାହେବ କଥା, ପୋଡ଼ା ମୁହାଁ ଦାଢ଼ିଆ ଫକୁମିଆଁ କଥା—ଅସଲ କଥା ଯକ୍ଷ କଥା ତ ମୋତେ କହିଲୁ ନାହିଁ ?

କହ, ଯକ୍ଷ କଥା କହ—କେତେବଡ଼ କେମିତି ଦେଖିବାକୁ । କଞ୍ଚା କମିତି ମଣିଷଙ୍କୁ ଚୋବେଇ ଖାଏ ।—

ଗଦା ସବୁଠୁ ସାନ, କଞ୍ଚା ଚୋବେଇ ଖାଇବା ବର୍ଣ୍ଣନାରେ ତା'ର ଟିକିଏ ଡର ପଶେ ମନରେ, ସେ ବୁଢ଼ୀ କୋଳକୁ ଭଲ କରି ପଶି ଆସି ଯୋଡ଼ିଦିଏ—ହିଁ, ଯକ୍ଷ କଥା କହ ।

ବୁଢ଼ୀ ମେଞ୍ଚେ କୁଟା-ପାନ ଫାଙ୍କୁଳା ପାଟିକି ପକେଇ ଦେଇ କହେ—ମୁଁ କି ଦେଖିଛି ଯକ୍ଷକୁ, ଯେ କହିବି, କେତେବଡ଼ କମିତି ଦେଖିବାକୁ, ସବୁ କଥା । ହିଁ, ଫକୁମିଆଁର ବୁଢ଼ା ବାପ ତମିଜୁଦ୍ଦୀନ୍ ମିଆଁ ତମ ବୁଢ଼ାବା'ଙ୍କର ବଡ଼ ସାଙ୍ଗ ଥିଲା ଯେ, ସେ ଥରେ ଯକ୍ଷକୁ ଦେଖିଥିଲା, ସେଇ କଥା ତାଙ୍କୁ କହିଥିଲା । ମୁଁ ଖାଲି ତମ ବୁଢ଼ାବା'ଙ୍କଠୁଁ ଶୁଣିଛି । ହଉ, ଶୁଣ—

ତମିଜୁଦ୍ଦୀନ ଯେ ସମୟର କଥା କହିଥିଲା, ସେତେବେଳେ ସେ ଥିଲା ଟୋକାଟାଏ । ବୟସ ଆଉ କେତେ ହେବ, କୋଡ଼ିଏ ଉପରକୁ ଦୁଇ କି ତିନି । ସେତେବେଳେ ଯକ୍ଷ ଭାରି ଜାଗ୍ରତ ଥାଏ । କାହାର ଅନିଷ୍ଟ କରେ ନା, ବରଂ ଉପକାର କରେ । କମିତି କରେ ପଚାରୁଛ ? ଧର, ପ୍ରଧାନ ଘରେ ବାହାଘର ହେବ, ପନ୍ଦର ଦିନ ବାକି । ଏ ସହର ଏ ଜିଲ୍ଲା ଛାଡ଼ି ଆଉ ପାଞ୍ଚଟା ସହର, ପାଞ୍ଚଟି ଜିଲ୍ଲାରୁ ଜ୍ଞାତି କୁଟୁମ୍ବ ମାନ୍ୟଗଣ୍ୟ ଅତିଥି ଆସିବେ । ମହଣିକିଆ, ଦୁ'ମହଣିକିଆ

ହଣ୍ଡା, ଗାମଲା, ବାଲତି, ପରାତ ଆଦି—ଶହଶହ ଜିନିଷ ଦରକାର । ଏତେ ଜିନିଷ କାହାଘରେ ଜମା ଅଛି କହ ? ପଧାନେ ପନ୍ଦର ଦିନ ଆଗରୁ ଦିନେ ରାତିରେ କାଳୀ ପୋଖରୀ କୂଳକୁ ଆସି କଳା କୁକୁଡ଼ାଟିଏ ପୂଜା କରି ବଳିଦେଇ ଖଣ୍ଡେ କାଗଜରେ କଣ କଣ ଜିନିଷ ତାଙ୍କର ଦରକାର ତାହା ଲେଖି କାଳୀ ପୋଖରୀର ପାଣିରେ ଭସେଇ ଦେଇଗଲେ । ଭୋର ସୁଭଟା ବେଳକୁ ସାଙ୍ଗରେ ବଣୁଆସୀ ଚାକର ଆଣି ଦେଖନ୍ତି ପୋଖରୀ ପାଣିରେ ଶହ ଶହ ହଣ୍ଡା, ଗାମଲା, ପରାତ, ବାଲତି—ଯାହା ଯାହା ସେ ଲେଖି ଦେଇ ଯାଇଥିଲେ, ସବୁ ଭାସୁଛି । ଲଗିଟାଏ ଆଣି କୂଳକୁ ଟାଣି ନଅନ୍ତି । ଆଉ ଚାକର କାନ୍ଧରେ ଉଆସକୁ ପଠେଇ ଦଅନ୍ତି । ଫେରି, କାମ ସରିଗଲେ ଦିନେ ଅଧାରାତିରେ ଆସି ଭଲ ପୂଜାଟିଏ ଦେଇ, ସବୁ ଜିନିଷପତ୍ରକ ଗୋଟି ଗୋଟି ଗଣି ଠିକ୍ ଠିକ୍ ମିଳେଇ କାଳୀ ପୋଖରୀ ପାଣିରେ ଛାଡ଼ି ଦିଅନ୍ତି—ଯକ୍ଷ ନିଜ ଭଣ୍ଡାରକୁ ଟାଣି ନିଏ । ହଁ, ଆଉ ଶୁଣା ଅଛି ଯେ ଏକମନ ଏକପ୍ରାଣ ଦେଇ ପୂଜାକରି ଟଙ୍କା ପଇସା ମାଗିଲେ ବି ଧାର ଦିଏ ଯକ୍ଷ । ତମେ ପୂଜା ଦେଲ, ଧ୍ୟାନକଲ, କହିଲ ମୋତେ ପାଞ୍ଚଣ ଅସରଫି ମିଳିଯାଉ, ଯକ୍ଷ ଯଦି ପୂଜାରେ ତୁଷ୍ଟ ହେଲା ତ ରାତି ଅଧରେ ପିତଳ କଳସି ପାଣିରେ ଭାସିବ, ଭାସି ଭାସି ଆସି ଲାଗିବ କୂଳରେ । ତୁମେ ସେ କଳସି ଟେକି ନେଇ ଏକମୁହାଁ ଘରକୁ ଚାଲିଯିବ, ଖବରଦାର ଯଦି ପଛକୁ ଫେରି ଚାହିଁଛ ! ଚାହିଁଲେ, କଳସୀରୁ କଳାନାଗ ବାହାରି ଦଂଶିବ—ନିଶ୍ଚେ ମରଣ । ଘରେ ଆସି କଳସୀର ତାଳ ମୋହର ଖୋଲି ଦେଖିବ ଭିତରେ, ପାଞ୍ଚଣ ଅସରଫି, ଅଦଲି ନବାବ ଅମଳର ଅସରଫି ।

ହଁ ଆହୁରି ଅଛି । ଯକ୍ଷର ଜଳତଳେ ଯେଉଁ ଗମ୍ଭୀର ଘର ଅଛି, ସେଥିରେ କେଉଁ କାଳରୁ ଏ ଅସରଫି ସବୁ ପଡ଼ି ରହିଛି । ସେଥିରେ କଳଙ୍କି ଲାଗି ଗଲଣି, ଛତୁ ଫୁଟିଗଲାଣି । ତେଣୁ, ଯକ୍ଷ ପ୍ରତି ଉଆଁସ ରାତିରେ ସବୁ ଟଙ୍କା ଅସରଫି ବାହାର କରି ପୋଖରୀ କୂଳରେ ଶୁଖାଏ । ଅରେ ଗୋଟେ ଚୋର କ'ଣ ବବୁରଲା କି, ଯକ୍ଷର ଟଙ୍କା ମାରିନେବ । ଉଆଁସ ରାତି ନଅଟା ନ ବାଜୁଣୁ ଚୋର ଖାଇପିଇ କାଳୀ ପୋଖରୀ କୂଳରେ ଗୋଟେ ବଡ଼ ଗଛ ଉପରେ ବସି ରହିଛି । ରାତି ବାରଟା ବାଜିଗଲା, ଗୋଟେ ବାଜିଲା, ଚୋର ଜଗି ବସିଛି । ଶୂନଶାନ୍ ଚାରିଆଡ଼ । ହଠାତ୍ ମଝି ରାତିର ନିସ୍ତବ୍ଧ ଗଲା ଭାଙ୍ଗି— ଜଳ ଭିତରୁ ଭଡ଼ ଭଡ଼ ଘଡ଼ ଘଡ଼ ଶବ୍ଦରେ କିଏ ସବୁ ସିମିତ ବାକ୍ସ ସିନ୍ଦୁକ ଟାଣି କୂଳକୁ ଟେକିବାକୁ ଲାଗିଲେ । ମାଛସବୁ ପାଣିରେ ଡେଇଁଲେ । ଚୋର ଆଖିରେ ପଲକ ନାହିଁ, କିନ୍ତୁ ଅନ୍ଧାର ତ ଘମାଘୋଟ । ଖାଲି ଶବ୍ଦ ଶୁଭୁଛି, ଆଖିକି କିଛି ଦେଖା ଯାଉନି । ଝଣ-ଝଣ-ଝଣ-ଝଣ ! ଅରେ, ବା'ଅରେ, ଧନଅରେ— ଚୋର ନିଜ କାନରେ ଶୁଣିଲା କିଏ ସିନ୍ଦୁକ କଳସୀରୁ ଟଙ୍କା ଅସରଫି ପୋଖରୀ କୂଳରେ ଅଜାଡ଼ୁଛି । ଚୋର ମନ ଆହ୍ଲାଦରେ ନାଚିଲା । କିନ୍ତୁ

ଛାଡ଼ ଆସୁଛୁ ପୋଖରୀର ଉତ୍ତର କୂଳରୁ, ଚୋର ଡେଇଁଚି ପୂର୍ବ କୂଳର ଗଛ ଉପରେ। କିନ୍ତୁ ବେଶୀ କ୍ଷଣ ଚୋରକୁ ଅପ୍‌ଶୋଷ କରିବାକୁ ପଡ଼ିଲାନି। ଯକ୍ଷ ପୂର୍ବ କୂଳରେ ବି ଟଙ୍କା ଅଜାଡ଼ି ଲାଗିଲା। ଗଛରୁ ଓହ୍ଲାଇଲେ କୁଆଡ଼େ ଯଦି ଯକ୍ଷ ହାବୁଡ଼ରେ ପଡ଼ିଯାଏ, ଆଉ ଯକ୍ଷ ତା ବେକମୋଡ଼ି ରକ୍ତ ପିଇଯାଏ, ଏଇ ଭୟରେ ଚୋର ଗଛ ଉପରେ ଥାଇ ଗଛ ତଳେ ଅଜାଡ଼ା ହୋଇଥିବା ଟଙ୍କା ଅସରଫି ଉପରେ ପରିସ୍ରା କରିଦେଲା—ଶୁଣିଥିଲା ଯକ୍ଷର ଟଙ୍କା ଅପବିତ୍ର କରିଦେଲେ ସେ ଟଙ୍କା ପୁଣି ଯକ୍ଷ ଆଉ ନିଏନି। ପରିସ୍ରା କଲା ପରେ ଆଉ ଝନ୍-ଝନ୍-ଝନ୍-ଝନ୍ ଶବ୍ଦ ହେଲାନାହିଁ। ଚୋରର ମହାଭୟ ହେଲା, ଯକ୍ଷ ଯଦି ଗଛ ଉପରେ ଚଢ଼ି ତାକୁ ତଳକୁ କଚାଡ଼ି ଦିଏ। କିନ୍ତୁ ଯକ୍ଷ କାହାରି ଅନିଷ୍ଟ କରୁ ନଥିଲା ସେ-ଯାଏଁ। ଚୋରର ବି କିଛି ହେଲା ନାହିଁ। ସିନ୍ଦୁର ଫାଟିଲା, ଚୋର ହାତଗୋଡ଼ ଝାଡ଼ି ଚଞ୍ଚଳ ଗଛରୁ ଓହ୍ଲାଇ ପଡ଼ିଲା—କାଳେ ପାହାନ୍ତି ପହରେ କେହି କୁଆଡ଼ୁ ଆସିଯିବ, ଗଛତଳର ଟଙ୍କା ମୋହର ଦେଖି ପକାଇବ, ଏଇ ଭୟ। ତଳକୁ ଓହ୍ଲାଇ ଚୋର ଦେଖେ ତ ଟଙ୍କା ମୋହରର ଚିହ୍ନ ନାହିଁ। ଖାଲି ଭଙ୍ଗା ଦଦରା ହାଣ୍ଡି ଭଙ୍ଗା ଖପରା ଆଦି ଅନେକ ଗୁଡ଼େ କୁଡ଼ା ହୋଇଛି ତା ଗଛ ତଳେ। ଅନ୍ୟ ଜାଗାରେ ସେମିତି ଖପରା ଆଦି ଅଛି ନାହିଁ। ଚୋର ଖଣ୍ଡେ ଦି'ଖଣ୍ଡ ଟେକି ଦେଖିଲା, ବୁଝି ପାରିଲା ଯେ ପରିସ୍ରା ପଡ଼ି ଅପବିତ୍ର ହେବାରୁ ଟଙ୍କା ମୋହର ସୁନା ରୁପା କରିଛି ତୁଚ୍ଛା ମାଟିର ଖପରା ହୋଇଗଲା। ସେଇ ଦିନଠୁଁ ଆଉ କେହି କେବେ ଯକ୍ଷର ଧନ ଚୋରି କରିବାକୁ ଚେଷ୍ଟା କରନ୍ତିନି।

କିନ୍ତୁ, ସେ କାଳର ଲୋକ ମଲେ, ତାଙ୍କ ସାଙ୍ଗେ ସାଙ୍ଗେ ତାଙ୍କର ଧର୍ମଭୟ ତାଙ୍କର "ସତ" ବୁଲିଗଲା। ଲୋକେ ପୂଜା କରି ଫର୍ଦ୍ଦ ରଖି ସିଲଟ ହାଣ୍ଡି, ଗାମ୍ଲା ନେଇଗଲେ ଯକ୍ଷ ପାଖରୁ, ଫେରେଇ ଆଉ ଦେଲେ ନାହିଁ। ଯକ୍ଷର ଅଭିଶାପ ପଡ଼ିଲା ତାଙ୍କ ଉପରେ, ବଂଶକୁ ବଂଶ ମରି ଏକଦମ୍ ନିର୍ବଂଶ ହୋଇଗଲେ ସିମିତି ଠକିଲେ ସିଏ। ତେଣିକି, ଯକ୍ଷ ଆଉ ହଣ୍ଡା ହାଣ୍ଡି କି ଟଙ୍କା ଅସରଫି ଦେଉନି।

ଯେତେଦିନ ଯାଏ ମଣିଷ ଯକ୍ଷକୁ ବିଶ୍ୱାସ କରୁଥିଲେ, ତା ସଙ୍ଗେ ନିଜର 'ସତ' ରଖିଥିଲେ, ସେତେ ଦିନ ଯକ୍ଷ ବି ମଣିଷକୁ ବିଶ୍ୱାସ କରୁଥିଲା, ତାଙ୍କ ଦରକାର ବେଳେ ଉପକାର କରୁଥିଲା। ମଣିଷ ନିଜ ସତ ନିଜେ ନ ରଖିଲେ ଯହୁଁ, ଯକ୍ଷ ବି ମଣିଷ ସଙ୍ଗେ ଆଉ କାରବାର କଲାନି। ବିଶ୍ୱାସ ଏମିତି ଚିଜ; ସତ-ପରିଆ ରଖିଲେ ରହେ, ନୋହିଲେ ଯାଏ।

ସେ ଅର କଥଣ ହେଲା କି, ଶୁଣ! କାଳା ସେତେବେଳକୁ ବି ସ୍ୱର୍ଗ ଗଲାଣି, ଖାଲି କାଳା ପୋଖରୀ, ଆଉ ତା ବୁଢ଼ିଆଡ଼ି କରିଛି ଥାଏ। ଅଉ ଥାଏ, ସେଇ

ବଗିଚା ଭିତରେ ଗୋଟିଏ ସୁନ୍ଦର ସଜା କୋଠିଟିଏ । ନବାବ ଥାନ୍ତି ତାଙ୍କ ଗଡ଼ରେ, ଉତ୍ତର ମୋଗଲ ବନ୍ଦରେ । କେବେ କେବେ ଇଚ୍ଛା ହେଲେ ବୁଲିବାକୁ ଆସନ୍ତି ଏ ଅଞ୍ଚଳକୁ । ଯେତେଦିନ ଏଇ ବଗିଚା କୋଠିରେ ରହନ୍ତି ସେତେଦିନ ଲୋକ ଲସ୍କର ଗହଳ ଚହଳରେ କଳ୍ପା ବଗିଚା ମାତି ଉଠେ । ଟୋକା ତମିଜୁଦ୍ଦୀନ ବଗିଚା କୋଠିର ଜଗୁଆଳ, ତରୁଣ ନବାବ ସାହେବଙ୍କ ବିଶ୍ୱାସୀ ଚାକର । ବୁଢା ନବାବ୍ ଫୌତ ହେଲେଣି କେତେ ଦିନୁ । ତାଙ୍କ ପୁଅ ଯେବେ ସାହାଜାଦା ଥିଲେ ତେବଠୁ ତମିଜ୍‌କୁ ବିଶ୍ୱାସ କରନ୍ତି । ଏବେ, ନୂଆ ବେଗମ୍ ବାହା କରି ଆଣିଛନ୍ତି । ଥରେ ଏଇ ବଗିଚା କୋଠିକି ବୁଲି ଆସିବେ, ତମିଜ୍ ଖବର ପାଇଛି । ବଗିଚା ପୋଖରୀ କୋଠି ସବୁ ସଫା ସୁତୁରା କରେଇଛି । ଶୁକ୍ଳପକ୍ଷ ଆରମ୍ଭରେ ତରୁଣ ନବାବ୍ ସାହେବ ସ-ବେଗମ ଆସି ପହଞ୍ଚିଲେ । ଭିତ୍ରି କନ୍ୟା ପର୍ଦ୍ଦା, ବେଗମ୍ ମହଲରେ, କିନ୍ତୁ ତମିଜ୍ ଦିନେ ନୂଆ ବେଗମଙ୍କୁ ଦେଖିଲା—ଠିକ୍ ଯେମିତି ବେହସ୍ତର ପରୀ, ମର୍ତ୍ତ୍ୟକୁ ଓହ୍ଲାଇ ଆସିଛନ୍ତି, ଇମିତି ସୁନ୍ଦରୀ । ଦାସୀ ଚାକରାଣୀଙ୍କ ମୁହଁରୁ ବେଗମ ସାହେବା କିଛି ପୋଖରୀର ଯଖର ଗପ ବି ଶୁଣିଲେ । ଏବକୁ ଯେଉଁ ଅ଼ନ୍ଧା ଘର ଦେଖୁଚ, ସେତେବେଳେ ତା ଉପରଟା ଖୋଲଥିଲା, ଗୋଟେ ମସ୍ତ ଗଭୀର କୂଅ ଭଳି । କୂଅର ଭିତର କାନ୍ଥରେ ଗୋଡ଼ ରଖି ଓହ୍ଲେଇ ଯିବା ଲାଗି ପକ୍‌କା ଦିହରେ ସାନ ସାନ ଖୋପ ବି ଥିଲା । ଯଖ କଥା ଶୁଣି ଶୁଣି ଦିନେ ବେଗମ୍ ସାହେବାଙ୍କ କି ଖିଆଲ ଗଲା ନବାବ ସାହେବଙ୍କ ପାଖରେ ଅର୍ଜି କଲେ ଯେ ଯଖର ଟଙ୍କା ସୁନା ଧନରତ୍ନ ସେ ଦେଖିବେ । ତରୁଣ ନବାବଙ୍କ ମନ ସେତେବେଳେ ନୂଆ ପ୍ରେମରେ ବିଭୋଳ; ପ୍ରିୟାର ସାମାନ୍ୟତମ ଇଚ୍ଛା ସେତେବେଳେ ତାଙ୍କ ପକ୍ଷରେ ଅମୋଘ ଆଦେଶ ଭଳି । ବେଗମ୍ ସାହେବା ଯେତେବେଳେ ଜିଦ ଧରିଛନ୍ତି, ନିଶ୍ଚେ ଯଖର ଧନ ଭଣ୍ଡାର ତାଙ୍କୁ ଦେଖାଇବାକୁ ପଡ଼ିବ । ତମିଜ୍‌କୁ ଡାକିଲେ, ଆଉ ଜଣେ ଦି'ଜଣ ବୁଢ଼ା ପୁରୁଖା ସ୍ଥାନୀୟ ଲୋକଙ୍କୁ ଡାକିଲେ; ପରାମର୍ଶ କଲେ । ସମସ୍ତେ ଏକମତ ହେଲେ ଯେ ଯଖ କୌଣସି ମତେ ଭଣ୍ଡାର ଖୋଲିବନି । ତା'ଛଡ଼ା, ଉଆଁସ ରାତିରେ ତ କିଛି ଦିଶିବ ନାହିଁ, ଆଉ ମଶାଲ ଆଲୁଅ ଜାଳିଲେ ହୁଏତ ଯଖ ଆଦୌ ବାହାରିବ ନାଇ । ନବାବ ହଇରାଣରେ ପଡ଼ିଗଲେ ।

ଫେର୍ ତମିଜ୍‌କୁ ଡକରା ହେଲା । ନିଜର ବିଶ୍ୱସ୍ତ ଅମାତ୍ୟ ଦୁଇଜଣଙ୍କୁ ଡକରା ହେଲା । କ'ଣ ସ୍ଥିର ହେଲା ଜଣା ନାହିଁ, କିନ୍ତୁ ଅମାତ୍ୟ ଜଣେ ତହିଁଆରଦିନ ଘୋଡ଼ା ଛୁଟାଇ ଗଡ଼କୁ ଫେରିଗଲେ । ତା'ର ଆଠ ଦଶଦିନ ପରେ ମସ୍ତ ବଡ଼ ବଡ଼ ତମ୍ବୁର ସାଜ ସରଞ୍ଜାମ ନେଇ କୋଡ଼ିଏ ଖଣ୍ଡ ବଳଦ ଗାଡ଼ି ଆସି କଳ୍ପା ପଡ଼ିଆରେ ପହଞ୍ଚିଲା—ଲୋକେ ଶୁଣିଲେ, ନବାବ ସାହେବ ଏଠୁ ଅଳ୍ପଦିନ ଭିତରେ ତମ୍ବୁରେ ଗସ୍ତ କରିବେ ଦକ୍ଷିଣକୁ । ନବାବ ମଝିରେ ଥରେ ଦି'ଥର ତମିଜ୍ ଓ ବିଶ୍ୱାସୀ ଲୋକଙ୍କୁ

ନେଇ ପରାମର୍ଶ କଲେ । ପୂର୍ଣ୍ଣିମାକୁ ଦୁଇ ତିନଦିନ ଖାଲି ବାକି ଥାଏ । ନବାବ ବେଗମ୍ ସାହେବାଙ୍କୁ କହି ରଖିଥାନ୍ତି ଯେ ପୂର୍ଣ୍ଣିମା ଦିନ ରାତିରେ ସେଖର ଧନରତ୍ନ ଦେଖାଯିବ । କିନ୍ତୁ ମନା କଲେ ମହଲର ଦାସୀ ଚାକର କାହାରିକୁ କହିବାକୁ ।

ପୂର୍ଣ୍ଣିମା ଆସିଲା । ବେଗମ ସାହେବା ସେଦିନ ସକାଳୁ ମହାବ୍ୟସ୍ତ, ମହା ଉତ୍ସାହିତ । ଏଣେ ବଗିଚାରେ ତମିଜ୍ ମଧ୍ୟ ଅନେକ ଲୋକଙ୍କୁ ନେଇ ଖଟୁଥାଏ । ଆଜି ବଗିଚାରେ ସାରା ରାତି ବେଗମ୍ ସାହେବା ଆଉ ନବାବ ସାହେବ ଖେଳିବେ । ଦୁଇଜଣ ବିଶ୍ୱାସୀ ଅମାତ୍ୟ ବଗିଚାର ଦୁଇ ଫାଟକରେ ସଶସ୍ତ୍ର ପ୍ରହରୀ ନେଇ ପହରା ଦେବେ ସାରା ରାତି । ବଗିଚା ଭିତରେ ଖିଦ୍‌ମତ୍ କରିବାକୁ ରହିବେ ଖାଲି ତମିଜ୍ ଆଉ ନବାବଙ୍କ ଗଡ଼ରୁ ଆସିଥିବା ଚାକର କୁର୍ବାନ ଅଲି । ଏଇ ଚୁପ୍‌ଚାପ ବିଦେଶୀ କୁର୍ବାନ ଅଲି ଲୋକଟିକୁ ତମିଜ୍ ଦେଖୁଛି ଏଇ ପ୍ରଥମ—ନୂଆ ଲୋକ, ବେଶୀ ମିଶେ ନା, ବେଶୀ କଥା କହେ ନା, ଅଥଚ ଅନେକ ଖବର ଜାଣେ, ସବୁ କଥାରେ ଅଛି । କେଜାଣି କାହିଁକି ଏଇ ନୂଆ ଲୋକଟାକୁ ତମିଜ୍ ପସନ୍ଦ କରି ପାରୁନାହିଁ । କିନ୍ତୁ ମୁନିବର ହୁକୁମ, ବଗିଚା ଭିତରକୁ ଯିବାର ଅଧିକାର ଖାଲି ସେହି ଦୁଇଜଣଙ୍କର । ବଗିଚାର ଭିତର ବନ୍ଦୋବସ୍ତ କଥା ବିଶ୍ୱସ୍ତ ଅମାତ୍ୟ ଦୁଇଜଣ ଛଡ଼ା ଖାଲି ତମିଜ୍ ଆଉ କୁର୍ବାନ ଜାଣନ୍ତି ।

ରାତି ଦଶଟା ଅନ୍ଦାଜ ହେବ । ପୋଖରୀର ଚାରିପାଖେ ଝଲ୍ମଲ୍ ଦୂର ଲଣ୍ଠନ ପ୍ରତ୍ୟେକ ଉଚ୍ଚ ଗାଛକୁ ଲାଗି କନାର ପର୍ଦ୍ଦା, ନିଶ୍ଛିଦ୍ର । ତା'ଭିତରେ ପୂନେଇଁର ଜହ୍ନ ମଲ୍ଲୀଫୁଲ ବିଛା ହେଲାପରି ଚୋରା ଦିଶୁଛି । ଚାରିଆଡ଼େ ଫୁଲ କିଆରି, ନାନା ଫୁଲର ଗନ୍ଧ । ଗୋଟିଏ ଲତା ମଣ୍ଡପରେ କିଂଖାବ୍ ମଖମଲର ପ୍ରଶସ୍ତ ଆସନ । ପାଖରେ ରଖା ହୋଇଛି ପାନ ଭୋଜନର ଆୟୋଜନ, ଦାମି ସିରାଜି । ବେଗମ୍ ସାହେବାଙ୍କ ଆସିବା ବେଳ ଆଉ ଅଳ୍ପ ଡେରି । ଶେଷ ବନ୍ଦୋବସ୍ତ ଲାଗି ତମିଜ୍ ବ୍ୟସ୍ତ । କିନ୍ତୁ କୁର୍ବାନ କାହିଁ ? ଏ ପାଖ ସେପାଖ ଖୋଜି ତମିଜ୍ ଗୋଟେ ପାଖ ଫାଟକ ଆଡ଼କୁ ଗଲା—ସେତେଦୂର ଯିବାକୁ ପଡ଼ିଲାନି । ସେ ଦେଖି ଆଶ୍ଚର୍ଯ୍ୟ ହେଲା ଯେ ରାସ୍ତା ପାଖ ବାଡ଼ କଡ଼ରେ ଠିଆ ହୋଇଛି କୁର୍ବାନ୍, ଆଉ ବାହାରେ କାହା ସଙ୍ଗେ ଆସ୍ତେ ଆସ୍ତେ କଥା ଭାଷା ହେଉଛି । ତମିଜ୍ ଅଟକିଗଲା । ଟିକେ ପରେ, କୁର୍ବାନ୍ ଏ ପାଖ ସେ ପାଖ ଚାହିଁ, ଧୀରେ ଧୀରେ ଫେରି ଯିବାକୁ ଲାଗିଲା ଲତା ମଣ୍ଡପ ଆଡ଼କୁ । ତମିଜ୍ ଗୋଟେ ଗଛତଳୁ ବାହାରି ଆସି ତାକୁ ପଚାରିବାକୁ ଯାଉଥିଲା, କୁର୍ବାନ ସେଠି କ'ଣ କରୁଥିଲା ବୋଲି; କିନ୍ତୁ ଠିକ୍ ସେତିକିବେଳେ ବଗିଚା ବାହାରେ ଗୋଟାଏ କଣରୁ ଘୋଡ଼ା ଟାପୁର ଶବ୍ଦ ଶୁଣି ପାରିଲା । ଏତେ ରାତିରେ ଘୋଡ଼ାରେ ଚଢ଼ି କିଏ ଗଲା, କୁଆଡ଼େ ଗଲା,—ନିଶ୍ଚେ ସେଇ ଲୋକଟା ଯାହା ସଙ୍ଗେ କୁର୍ବାନ ଏତେବେଳଯାଏ କଥା ଭାଷା ହେଉଥିଲା । ତମିଜ୍ ମନକୁ

ସନ୍ଦେହ ଛୁଇଁଲା । କିନ୍ତୁ ସେ ଅନେକ ଦିନ କାମ କଲାଣି ନବାବ ସଂସର୍ଗରେ, ଜାଣେ କଥା କଥାକେ ମଥା ଖୁଲିଯାଏ । ସେ ଅନ୍ୟ ବାଟେ ଯାଇ କୁର୍ବାନକୁ ଦେଖି କିଛି ନ ଜାଣିଲା ପରି ପଚାରିଲା—ଘୋଡ଼ାରେ ଚଢ଼ି କିଏ ଗଲା ଏତେ ରାତିରେ । କୁର୍ବାନ ଜବାବ ଦେଲା—ଘୋଡ଼ା ? କାହିଁ ମୁଁ ତ କିଛି ଶୁଣିନି । ତା'ର ସ୍ୱର ଅବିଚଳିତ, କିନ୍ତୁ ତମିଜ୍ ଲକ୍ଷ୍ୟ କଲା ଯେ ତା'ର ପ୍ରଶ୍ନ ଶୁଣିଲା କ୍ଷଣି କୁର୍ବାନ ଟିକେ ଚମକି ପଡ଼ିଲା ପରି ଜଣାଗଲା । ତା'ର ସନ୍ଦେହ ଦୃଢ଼ ହେଲା । କିନ୍ତୁ ସେ କଥା ଅଧିକ ଭାବିବା ପୂର୍ବରୁ ଖୋଦ୍ ମାଲିକା ସହିତ ମାଲିକ ଆସିଗଲେ ।

ବେଗମ୍ ସାହେବା ଯାହା ଦେଖିଲେ ତାହା ସେ ନିଜ ଆଖିରେ ନ ଦେଖି-ଥିଲେ ବିଶ୍ୱାସ କରି ପାରି ନ ଥାନ୍ତେ । ପୋଖରୀ କୂଳରେ, ରାସ୍ତାରେ, ଫୁଲ କିଆରୀର ପାଖେ ପାଖେ ଟଙ୍କା ମୋହର ସୁନା ରୂପା ହୀରା ଜହରତ୍ ବିଛୁଡ଼ି ପଡ଼ିଛି । ସତେ ଯେପରି କୁବେରର ଭଣ୍ଡାର ଖୋଲି ରଖିଛି କେହି । କୋଡ଼ିଏଟା ପୂର୍ଣ୍ଣ ବୋଝେଇ ବଳଦ ଗାଡ଼ିର ମାଲ ସବୁ ବିଛୁଡ଼ି ଦିଆ ହୋଇଛି ଏହି ପୋଖରୀ କୂଳରେ । ଏହା ଦେଖି ତାଙ୍କ ମନରେ ଯେଉଁ ଅପୂର୍ବ ଆନନ୍ଦ ହେଲା, ତାହା ଦେଖି ନବାବ ସାହେବ ସ୍ୱର୍ଗ ମର୍ତ୍ତ୍ୟ ପାତାଳ ସବୁ ଭୁଲି ବେଗମ୍ ସାହେବାଙ୍କୁ ନିଜର ପ୍ରେମ ଅର୍ଘ୍ୟ ଅଜସ୍ର ନିବେଦନ କରିବାକୁ ଲାଗିଲେ । ତମିଜ୍, କୁର୍ବାନ ଦୂରରୁ ହୁକୁମ ତାଲିମ୍ ଅପେକ୍ଷାରେ ଠାକ ରହିଥାନ୍ତି ।

ପାନ ପରେ ପାନ ରଙ୍ଗୀନ ସୁରା ବେଗମ୍ ସାହେବା ସ୍ୱହସ୍ତରେ ନବାବଙ୍କୁ ଢାଳି ଦିଅନ୍ତି । ନିଜେ ଅଧରରେ ଛୁଆଁଇ ଦିଅନ୍ତି । ରାତି ବଢ଼ି ଚାଲେ । ତମିଜ୍‌ର ଡାକରା ପଡ଼ିଲା, ଫାଟକର ଜଣେ ଅମାତ୍ୟଙ୍କୁ କିଛି ଖବର ଜଣାଇ ଆସିବାକୁ । ତମିଜ୍ ହୁକୁମ ତାମିଲ କରିବାକୁ ଗଲା । ଫେରିବା ବେଳେ ବୁଲି ବାଟେ ନ ଆସି ସିଧା ଅମୁହାଁ ଘର ପାଖ ଦେଇ ଆସୁଥିଲା, ହଠାତ୍ ଗୋଟେ କର୍କଶ ଶବ୍ଦ କରି ତା'ମୁଣ୍ଡ ଉପର ଡାଳରୁ କଳା ପେଚାଟାଏ ଉଡ଼ିଗଲା । ପେଚା ଡାକ ଶୁଣି ତ୍ରସ୍ତ ହେବା ଲୋକ ତମିଜ୍ ନୁହେଁ, କିନ୍ତୁ ଘୋଡ଼ା ଛୁଟାଇ କିଏ ଗଲା, କାହିଁକି ଗଲା, ଏହି ସନ୍ଦେହ ତା ମନକୁ ଏମିତି କାବୁ କରିଥିଲା ଯେ, ପେଚା ଡାକିଲା ମାତ୍ରେ ଚମକି ହଠାତ୍ ଉପରକୁ ଚାହିଁ ଦେଲା—ଅମୁହାଁ ଘର ଉପର ଆଡ଼କୁ । ଯାହା ଦେଖିଲା ସେଥିରେ ତା ମୁଣ୍ଡର ବାଳ, ଦେହର ପ୍ରତି ରୋମ ଟାଙ୍କୁରି ଉଠିଲା । ସେ ଦେଖିଲା ହେନ୍ଦ୍ର ଅମୁହାଁ ଘରର (ସେତେବେଳେ କୁଅ ଥିଲା) କାନ୍ଥ ଉପରେ ଗୋଟାଏ ବିକୃତ ବିଭତ୍ସ ମୁହାଁ, ଶାଗୁଣା ପରି ନାକ, ଓଠ ଯୋଡ଼ାକ ଚଟେଇ ଅଣ୍ଟାପରି, ମୁଣ୍ଡରେ ବାଳ ନାହିଁ, କିନ୍ତୁ ଚମଡ଼ା ବଦଳରେ ହାଡ଼ ଦିଶୁଛି, ଅଜ ମକୁଠାରୁ ଭୟଙ୍କର ତା'ର ଜଳନ୍ତା ଆଖି ଦିଇଟା—ଗୋଟା ହିଂସ୍ର ସବୁଜ ଜ୍ୱାଳା ଫୁଟି ବାହାରୁଛି, ତା ଭିତରୁ ।

ବେକ ଠିକ୍ କଟମ ବେକ ପରି, ତା ତଳକୁ ଚମଡ଼ା ପରିବର୍ତ୍ତରେ କଟମ ଖୋଳପରି ଖଣ୍ଡ ଖଣ୍ଡ କାଠ । ତମିଜ୍‌ର ଚେତା ବୁଡ଼ି ଯାଉଥିଲା, ସେ ଅଦ୍ଭୁତ ଭୟଙ୍କର ମୁଖ ଦେଖି । ଖାଲି ତା' ମାଲିକ ମାଲିକାଣୀଙ୍କ ଆସନ୍ନ ବିପଦ କଥା ଭାବି ସେ କୌଣସି ମତେ ଧୈର୍ଯ୍ୟ ଧରି ଠିଆହୋଇ ରହି ପାରିଲା । ଆଖି ପିଛୁଳାକେ ସେଇ ଭୟାନକ ମୂର୍ତ୍ତି କଥ ଭିତରେ ଅଦୃଶ୍ୟ ହେଲା, ଯିବାବେଳେ ତା'ର ପକ୍ଷୀ ପରି ଓଠ ଦୁଇଟା ବିକୃତ ହସରେ ଫାଙ୍କ ହେଲା, ଭିତରୁ ଦଇଟା ବଡ଼ ବଡ଼ ହଳଦିଆ ଦାନ୍ତ ଦେଖାଗଲା, ଆଉ ହାତ ବଢ଼େଇ ଦେଲା ସେ ନବାବ ସାହେବଙ୍କ ଆଡ଼କୁ । ତମିଜ୍ ସେ ହସ, ସେ ଦାନ୍ତ, ସେ ଭଙ୍ଗୀ ଦେଖି ଭୟରେ ଆଖି ବୁଜି ଦେଲା । ଖୋଲି ଦେଖେ ତ କୁଆଡ଼େ କେହି ନାହିଁ ।

ତାହାହେଲେ ଆଜ ଯକ୍ଷ ଦେଖା ଦେଲା ତାକୁ । କିନ୍ତୁ—ତମିଜ୍ ଉଦ୍‌ଭ୍ରାନ୍ତ ହୋଇ ମନେ ପକାଏ—ଯକ୍ଷ ଦେଖା ଦେବା ମାନେ ତ କାହାକୁ ହେଲେ କଞ୍ଚା ଖାଇଯିବା ! ଆରେ ବାପ୍‌ରେ ଆଜ ନିଶ୍ଚେ ସର୍ବନାଶ ଉପସ୍ଥିତ । ସେ ଭୟରେ ଥରି ଥରି ନବାବ ସାହେବଙ୍କ ଉଦ୍ଦେଶ୍ୟ କୁର୍ଣ୍ଣିଶ କରି ଛିଡ଼ା ହେଲା । ନବାବ ସାହେବ ସେତେବେଳେ ରଙ୍ଗୀନ୍ ନିଶାରେ ଭାସି ବୁଲୁଛନ୍ତି ହାଉଆରେ । ତମିଜ୍ ତାଙ୍କ କାନେ କାନେ କହିଲା—ଆପଣ ଏଇସବୁ ସୁନା ରୁପା ଏଠି ଇମିତ ଭବରେ ଦେଖେଇବାରୁ ଯକ୍ଷ କ୍ରୁଦ୍ଧ ହେଲାଣି । ଶୀଘ୍ର ଏସବୁ ନେଇ ଏଠୁ ଚାଲିଯାନ୍ତୁ, ନୋହିଲେ ମୋ ମନ ଡାକୁଚି ନିଶ୍ଚେ ମହା ଅମଙ୍ଗଳ ଘଟିବ । କଥାର ମର୍ମାର୍ଥ—ନବାବ ସାହେବଙ୍କ ସୁରାବିଷ୍ଟ ମସ୍ତିଷ୍କରେ ପଶିଲା କି ନାହିଁ କେଜାଣି, କିନ୍ତୁ ସେ ମୋଟାମୁଟି ଏତକ ବୁଝିନେଲେ ଯେ ଏଇ ଅପୂର୍ବ ପ୍ରେମ ଲୀଳା ତତ୍‌କ୍ଷଣାତ୍ ବନ୍ଦ କରିଦେବା ତମିଜ୍‌ର ମତଲବ । ସେ ଭ୍ରୂକୁଟୀ କରି ବିରକ୍ତ ହେଲେ । କହିଲେ—ଯାଓ ! ବିଚରା ତମିଜ୍ ହତାଶ ହୋଇ ଫେରିଲା । ତା'ର ଗୋଡ଼ହାତ ଥରଥ କମ୍ପୁଥାଏ ।

ରାତି ବଢ଼ିଲା, ରାତିର ନିସ୍ତବ୍ଧତା ଭେଦ କରି ଫେର୍ ଘୋଡ଼ା ଟାପୁ ଶବ୍ଦ ଆସିଲା, ନିକଟରୁ ନିକଟତର । ତମିଜ୍ ଗଲା ଖବର ବୁଝିବାକୁ—ଜଣେ ଅମାତ୍ୟ ମହା ବ୍ୟସ୍ତ ହୋଇ ବଗିଚା ଭିତରକୁ ଆସୁଥିଲା । ତମିଜ୍ ଯାଇ ନବାବ ସାହେବଙ୍କୁ ଖବର ଦେଲା—ଜରୁରୀ ଖବର ନେଇ ଅମାତ୍ୟ ଟିକେ ଦୂରରେ ତାଙ୍କୁ ଅପେକ୍ଷା କରୁଛନ୍ତି । ବିରକ୍ତ ମୁଖରେ ନବାବ ସାହେବ ବାହାରି ଆସିଲେ, କିନ୍ତୁ ଅମାତ୍ୟଙ୍କଠୁଁ ଯେ ସମ୍ବାଦ ପାଇଲେ ତହିଁରେ ତାଙ୍କର ନିଶା, ତାଙ୍କର ସ୍ୱପ୍ନ ନିମିଷକେ ତୁଟିଗଲା । ସେ ତତ୍‌କ୍ଷଣାତ୍ ଗମ୍ଭୀର ସ୍ୱରରେ ଡାକିଲେ—ତମିଜ୍, ଲୁର୍ବାନ । ତମିଜ୍ ଆସିଲା, କିନ୍ତୁ ଲୁର୍ବାନର ଦେଖା ଆଉ ମିଳିଲା ନାହିଁ ।

ନବାବ୍ ସାହେବ ହାତ ଧରି ବେଗମ ସାହେବଙ୍କୁ କୋଠିକି ନେଇଗଲେ । ଏଣେ ତାଙ୍କ ହୁକୁମରେ ଲୋକେ ସବୁ ସୁନା ରୂପା ଧନରତ୍ନ ଗୋଟେଇବାକୁ ଲାଗିଲେ—ଗୋଟେ ନବାବର ପୂରା ଧନ ଭଣ୍ଡାର । ଅଳ୍ପକ୍ଷଣ ପରେ ନବାବ୍ ଫେରିଲେ – ମୁହଁରେ ଗମ୍ଭୀର ଚିନ୍ତାର ରେଖା, କଠୋର ପ୍ରତିଜ୍ଞାର ଚିହ୍ନ । ଖବର ଆସିଥିଲା ଯେ ପ୍ରାୟ ପାଞ୍ଚଶହ ମରହଟ୍ଟା ବର୍ଗୀ ହଠାତ୍ ଏ ଅଞ୍ଚଳକୁ ଆସି ଯାଇଛନ୍ତି । ଆଉ ଆଜ ସନ୍ଧ୍ୟା ପରେ ଏଇ କୋଠି ଆଡ଼କୁ ଘୋଡ଼ା ଛୁଟାଇ ଆସୁଛନ୍ତି । ନିଶ୍ଚେ କୌଣସି ବିଶ୍ୱାସଘାତକର କାରସାଦ । ନବାବ୍ ସାହେବ ଦୁଇ ଅମାତ୍ୟଙ୍କୁ ଅନାଇ ଦେଖିଲେ । ତମିଜ୍‌କୁ ତୀକ୍ଷ୍ଣ ଦୃଷ୍ଟିରେ ଚାହିଁଲେ—ଶେଷରେ ପଚାରିଲେ— କୁବାନ୍ ?

ଖୋଦା ବନ୍ଦ୍, ତାଙ୍କୁ ତ ଦେଖା ଯାଉନି କାହିଁ – ତମିଜ୍ କହେ । "ନମକ୍ ହାରାମ – ଆଚ୍ଛା, ଏସବୁ ନେଇ ଯିବାର ବେଳ ନାହିଁ, ଅମୁହାଁ କୂଅ ଭିତରେ ଢାଳିଦିଅ ।" ତାହାହିଁ ହେଲା, ଥାଳ ଥାଳ ବସ୍ତା ବସ୍ତା ସୁନା ରୂପା ମଣିମୁକ୍ତା ସବୁ ଗଲା ସେହି ଅମୁହାଁ କୂଅ ଭିତରକୁ ।

ତେଣେ ଚାରିଟା ଦ୍ରୁତଗାମୀ ଘୋଡ଼ା ତିଆରି--ନବାବ୍ ସାହେବ, ବେଗମ୍ ସାହେବ, ଆଉ ଦୁଇଜଣ ଅମାତ୍ୟଙ୍କ ଲାଗି । ସେମାନେ ତତ୍‌କ୍ଷଣାତ୍ ଗଡ଼ ଆଡ଼କୁ ରଓନା ହେଲେ । କିନ୍ତୁ ବେଶୀ ଦୂର ଯାଇ ପାରିଲେ ନାହିଁ । ବର୍ଗୀମାନେ ଅତର୍କିତେ ଆସି ପହଞ୍ଚିଗଲେ । ପ୍ରାଣଭୟରେ ତମିଜ୍ ଅନ୍ୟର ଅଲକ୍ଷ୍ୟରେ ପୋଖରୀ କୂଳର ଗୋଟେ ଝଙ୍କାଳିଆ ଗଛର ଅଗ ଡାଳରେ ଯାଇ ଲୁଚି ରହିଲା ।

ବର୍ଗୀମାନେ ଯାହାକୁ ପାଇଲେ ପଛ ମୋଡ଼ା କରି ବାନ୍ଧି ବାଡ଼େଇବାକୁ ଲାଗିଲେ, ଅସହ୍ୟ ଯନ୍ତ୍ରଣା ଦେବାକୁ ଲାଗିଲେ—କହ ଟଙ୍କା ସୁନା ରୂପା କେଉଁଠି ଲୁଚାଇଛନ୍ତି, କହ ନବାବ୍ ସାହେବ କୁଆଡ଼େ ଗଲେ ? କହ, କହ, କହ, କି କହିଲେ ଯାହା ନାହିଁ ।

କିଏ କହିଲା ସୁନା ରୂପା ନେଇ ଯାଇଛନ୍ତି, କିଏ କହିଲା ପୋଖରୀରେ ଢାଳିଛନ୍ତି, କିଏ କହିଲା କୂଅରେ । କିନ୍ତୁ ନବାବ୍ ସାହେବ ଯେ ଗଡ଼ ଆଡ଼କୁ ଯାଇଛନ୍ତି ସେ କଥା ବାହାରି ପଡ଼ିଲା । ଆଠ ଦଶ ଜଣ ବର୍ଗୀ ଘୋଡ଼ା ଛୁଟାଇ ଦଉଡ଼ିଲେ ତାଙ୍କ ପଛେ ପଛେ ।

ତା ପରର କାହାଣୀ ଯେମିତି ସଂକ୍ଷିପ୍ତ ସେମିତି କରୁଣ । ତରୁଣ ନବାବ୍ ଦମ୍ପତି ସେଦିନ ବର୍ଗୀ ଦସ୍ୟୁଙ୍କ କବଳରେ ପଡ଼ି ଅକଥ୍ୟ ଲାଞ୍ଛନା ଭୋଗ କଲେ । ନବାବ୍ ସାହେବଙ୍କୁ ହାତଗୋଡ଼ ବାନ୍ଧି ନଖ ତଳେ କଣ୍ଟା ବିନ୍ଧି ବିନ୍ଧି ସେମାନେ

ଖବର ବାହାର କଲେ ଯେ ସୁନା ରୁପା ସବୁ ଅମୁହାଁ କୂଅ ଗର୍ଭରେ ପଡ଼ିଛି । ଏଇ ଅମୁହାଁ କୂଅ କଥା ଏ ଅଞ୍ଚଳରେ ବହୁଦିନରୁ ଚଳି ଆସୁଥିଲା, ସେମାନେ ପୂର୍ବରୁ ଥରେ ଅଧେ ତା ଭିତରୁ କିଛି ବାହାର କରିବାର ଚେଷ୍ଟା ବି କରିଥିଲେ । କିନ୍ତୁ ପ୍ରତିଥର କିଛି ନା କିଛି ବିପଦ୍, କିଛି ନା କିଛି କ୍ଷତି ହୋଇଥିଲା ସେମାନଙ୍କର । ସେମାନେ ବୁଝି ପାରିଲେ ଯେ ଯେଉଁ ବଡ଼ ଦାଉଁ ମାରିବାକୁ ସେମାନେ କେଉଁ କେଉଁ ବାଟ ଦୋହଡ଼ା ଛୁଟାଇ ଆସିଥିଲେ, ସେ ଦାଉଁ ମିଳିଲା ନାହିଁ । ସେମାନଙ୍କୁ ସାମାନ୍ୟ ଲୁଟିରେ ସନ୍ତୁଷ୍ଟ ହେବାକୁ ପଡ଼ିବ । ଏକଥା ସ୍ପଷ୍ଟ ହେବାରୁ, ସେମାନଙ୍କର ସବୁ ରାଗ ଯାଇ ପଡ଼ିଲା ନବାବଙ୍କ ଉପରେ । ହୁକୁମ ହେଲା—ନବାବଙ୍କୁ ବି ତାଙ୍କ ଧନରତ୍ନ ସଙ୍ଗେ କୂଅରେ କବର ଦିଅ । ହାତ ଗୋଡ଼ ବାନ୍ଧି ବିଚରା ନବାବଙ୍କୁ କୂଅରେ ପକେଇ ଦେଲେ ନୃଶଂସମାନେ । ତହିଁ ଆରଦିନ ତାର ମୁହଁଟା ବନ୍ଦ କରିଦେବାକୁ ବି ହୁକୁମ ଦେଇଗଲେ । ସେଇଠୁ ଅମୁହାଁ ଦରର ଉତ୍ପତ୍ତି ।

କିଲ୍ଲା ପୋଖରୀ ବଗିଚା ଉପରେ ଏଇ ନିଦାରୁଣ ହତ୍ୟା ବନ୍ଧ ସବୁ ଓଲଟ ପାଲଟ ହୋଇଯିବା ପରେ ସମସ୍ତେ ଯେତେବେଳେ ଚାଲିଗଲେ, ସେ ଦୃଶ୍ୟ ଶ୍ମଶାନର ଦୃଶ୍ୟଠାରୁ ବି ଅଧିକ ଭୟଙ୍କର ଦିଶିଲା । ସେନେଇ ରାତି ଉଆଁସକୁ ବଳିହେଲା ଭୟାନକ । ତମିଜ୍ ସେଇ ଗଛ ଡାଳରେ ଚଢ଼ି ବସିଥାଏ—ସକାଳ ହେଲେ ଓହ୍ଲେଇବ । ହଠାତ୍ ସେଇ କାଳ ରାତ୍ରିର ସ୍ପନ୍ଦନ ନିସ୍ତବ୍ଧତା ଭେଦ କରି ଗୋଟିଏ ପୈଶାଚିକ ଅଟ୍ଟହାସ୍ୟ କୂଅ ଗର୍ଭରୁ ଶୁଣାଗଲା—ଅଜ୍ଞାନ ହୋଇ ଗଛରୁ ପଡ଼ିଯିବା ଭୟରେ ତମିଜ୍ ଆଖି ବନ୍ଦ କରି ଆଲ୍ଲା ନାମ ସ୍ମରଣ କରୁ କରୁ ଶୁଣିଲା, କିଏ ଦାନ୍ତ କଡ଼ମଡ଼ କରି କହୁଛି ଆର ମଣିଷ ହୋଇ ପଶୁକୁ ବଳିଗଲ ଧନ ଦୌଲତରେ । ଏତେ ଗର୍ବ, ଏତେ ଅହଂକାର—ହାଃ ହାଃ ହାଃ ! ସେଇଦିନୁ ଧନ ଲୋଭୀ ପଶୁ ମଣିଷକୁ ହିଂସା କରିବାକୁ ଆରମ୍ଭ କଲା । କିନ୍ତୁ ସେ ହିଂସାକୁ ଅଗ୍ରାହ୍ୟ କରି ଏବେ ସୁଦ୍ଧା କେତେ ସେନେଇର ମଲ୍ଲି ଫୁଲିଆ ଜହ୍ନ ରାତିରେ ପ୍ରେମ ପାଗଳ ନବାବ୍ ବେଗମ କିଲ୍ଲା ପୋଖରୀ ବଗିଚାରେ ଖେଳ ବୁଲୁଥିବାର ଶୁଣାଯାଏ ।

# ହେଡ୍‌ମାଷ୍ଟର

ଶ୍ରୀ ବିଭୂତି ଭୂଷଣ ତ୍ରିପାଠୀ

ଏକେ ଶୀତ ଦିନ—ତାଙ୍କୁ ପୁଣି ରବିବାର । କାଲି ରାତିରେ କ୍ଲବରୁ ଫେରୁ ଫେରୁ ତାରିଖ ବଦଳି ଯାଇଥିଲା । ଶନିବାରର ସନ୍ଧ୍ୟାଟା କାଲି ଖୁବ୍ ଜମିଉଠିଥିଲା । କେତେକ ସମଝଦାର ବନ୍ଧୁ ଜୁଟିଯାଇଥିଲେ । ଫଳରେ ଗ୍ଲାସ ଝୁଙ୍କରେ ପାନୀୟର ମାତ୍ରା ସୀମା ଅତିକ୍ରମ କରିଯାଇଥିବା ବିଚିତ୍ର ନୁହେଁ । କିନ୍ତୁ ସେଥିରେ କିଛି ଯାଏଆସେ ନାହିଁ; ମାତ୍ରା ଯେତେ ଅଧିକ ହେଲେ ବି ପାଦ ଟଳିବ ନାହିଁ । ଡାଇଭିଂ ହୁଇଲ୍ ଉପରେ ହାତ ଥରିବ ନାହିଁ । ପରଦିନ ତ ରବିବାର; ଦିନ ଏଗାରଟା ବେଳେ ବିଛଣା ଛାଡ଼ିଲେ ବି କ୍ଷତି ନାହିଁ ।

ସକାଳି ସାଢ଼େ ସାତ ବାଜିଯାଇଥିଲେ ବି ମୁଁ ଯେତେବେଳେ ଘୋଡ଼ ନିଦ୍ରାରେ ଅଚେତନ, କରୁଣାଙ୍କର ଅର୍ଥାତ୍ ମୋ ସ୍ତ୍ରୀଙ୍କର ଅକରୁଣ ଚୁଡ଼ିକଣିତ କରସ୍ପର୍ଶରେ ମୁଁ ଚେଇଁଉଠିଲି । ଆଜି ତ ରବିବାର । କୌଣସି ଏନ୍‌ଗେଜମେଣ୍ଟ ନ ଥିବାର କଥା । କବାଟ ଝରକା ବନ୍ଦ କରିଦେଇ ପର୍ଦ୍ଦା ଟାଣିଦେଇ ଆମ ବେଡ଼୍‌ରୁମ୍ ଏରିଆକୁ ନୀରବ ନିସ୍ତବ୍ଧ କରିଦେଇ କରୁଣାଙ୍କର ତ ତଳକୁ ଚାଲିଯିବାର କଥା । ପିଲାପିଲି ବି ଏ ସମୟରେ ଆସିବାର କାରଣ ଅଛି । ରବିବାର ସକାଳପାଇଁ ଏଭଳି ଏକ ବ୍ୟବସ୍ଥା ବହୁଦିନରୁ ଚାଲିଆସୁଛି । ତା'ହେଲେ ଆଜି ଏ ବ୍ୟତିକ୍ରମ କାହିଁକି ? ବିରକ୍ତିକଷାୟିତ ଦୃଷ୍ଟି କରୁଣାଙ୍କ ଆଡ଼େ ଥରେ ନିକ୍ଷେପ କରି କଡ଼ ଲେଉଟାଇ ପୁଣି ଶୋଇବାର ଉଦ୍ୟମ କରୁଥିଲି, କରୁଣା ବଡ଼ ବ୍ୟସ୍ତ ହୋଇ କହିଉଠିଲେ—"ଏ, ନିଦ ଭାଙ୍ଗିଦେଇ ଉଠ, ତଳକୁ ଯାଅ । କିଏ ଜଣେ ଭଦ୍ରଲୋକ ଦେଢ଼ଘଣ୍ଟା ହେଲାଣି ଆସି ବସିଛନ୍ତି ତୁମକୁ ଦେଖା କରିବେ ବୋଲି...!"

ଏଥର ଅତିଶୟ ବିରକ୍ତ ହୋଇଉଠିଲି, "ଭଦ୍ରଲୋକ ଅସିଛନ୍ତି ! କହିଦେଲନି, ଆଜି ରବିବାର, ଦେଖା ହେବନାହିଁ ।"

କରୁଣା ଓଠ ଉପରେ ଆଙ୍ଗୁଳି ରଖି କହିଉଠିଲେ—"ଚୁପ୍ ଚୁପ୍, ଏତେ ପାଟିଟାଏ କରନାହିଁ । ମୁଁ କ'ଣ ସେ ଚେଷ୍ଟା କରିନାହିଁ ! କିନ୍ତୁ ଭଦ୍ରଲୋକ ଉଠିବାର ନାମ ଧରୁନାହାନ୍ତି । କହୁଛନ୍ତି, 'ହଉ, ହଉ, ସେ ଉଠୁ, ମୁଁ ବସିଛି ।' କି ଚମତ୍କାର କଣ୍ଠ, ଲମ୍ବା ଧଳା ଦାଢ଼ି, ଆଖିରେ ସୁନା ଚଷମା, ବେଶ୍ ସମ୍ଭ୍ରାନ୍ତ ବୃଦ୍ଧ ଭଦ୍ରଲୋକ ।

ତୁମ ସହିତ ଖୁବ୍ ଘନିଷ୍ଠତା ଥିଲା ପରି ମନେହେଉଛନ୍ତି । ଲୁଆଙ୍କୁ ଡକାଇ ପଠାଇଲେ। ଝିନୁ, ଭିନାଙ୍କୁ ପଠାଇଦେଲି । ଲୁଆ ଦୁ'ଟାଙ୍କ ସହିତ ତାଙ୍କର ସେ କି ଗପ, କି ହୋ ହୋ ହସ ! ଚା' ପଠାଇଲି, ମନା କରିଦେଲେ । ସିଗ୍ରେଟ୍, ପାନ ଫେରିଆସିଲା । ମୋତେ ଶୁଣାଇ କହିଲେ, "ମା, ମୋର ସେସବୁ କିଛି ଅଭ୍ୟାସ ନାହିଁ । ଗୋଲକନାଥକୁ ଟିକେ ଦେଖିବାକୁ ଆସିଥିଲି, ମୋ ପାଇଁ ବ୍ୟସ୍ତ ହେବନାହିଁ ।"

ତନ୍ଦ୍ରାଚ୍ଛନ୍ନ ପରି ମୁଁ ଉଠିବସିଲି । ଏ ତ ଆମ ହେଡ୍‌ମାଷ୍ଟର—ମୋର ସ୍କୁଲ ଜୀବନର ହେଡ୍‌ମାଷ୍ଟର । ଚେୟାର ଉପରୁ ଡ୍ରେସିଂ ଗାଉନ୍‌ଟିକୁ ଟାଣିଆଣି ଚଟିଯୋଡ଼ାକ ଗୋଡ଼ରେ ଗଳାଇ ବାହାରିପଡ଼ିଥିଲି ତଳକୁ ଯିବାପାଇଁ ।

ହେଡ୍‌ମାଷ୍ଟରଙ୍କ କଥା କରୁଣା ବହୁବାର ମୋ'ଠାରୁ ଶୁଣିଥିବେ । ସେ ଥକ୍‌କା ହୋଇ କ୍ଷଣକପାଇଁ ଛିଡ଼ା ହୋଇଗଲେ । କିନ୍ତୁ ସେ ବୁଦ୍ଧିମତୀ । ମୋତେ ସେ ବାଥ୍‌ରୁମ୍ଆଡ଼କୁ ଠେଲିଦେଇ ଚୁପ୍ ଚୁପ୍ କହିଲେ, "ତୁମେ ମୁହଁଟା ଧୋଇନିଅ । ମୁଣ୍ଡଟାକୁ କୁଣ୍ଡାଇପକାଅ—ସେଠି ଇଉଡ଼ିକଲୋନ୍ ସ୍ପ୍ରେ ଅଛି । ମୁଁ ଚଟ୍‌କରି କପେ ଚା' ଆଣି ଦେଉଛି—ଖାଇ ଦୁ'ଟା ଲବଙ୍ଗ, ଗୁଜରାତି ଚୋବାଇ ତଳକୁ ଯାଇ ତୁମ ହେଡମାଷ୍ଟରଙ୍କୁ ଦେଖା କର ।"

ବୁଝିପାରିଲି କରୁଣାଙ୍କ ଉପଦେଶର ମର୍ମ । ଶନିବାର ମଧ୍ୟରାତ୍ରିର ହେଙ୍ଗ୍‌ଓଭର ହୁଏତ ତାଙ୍କର ଏ ପ୍ରତିଷେଧକ ବ୍ୟବସ୍ଥା । ମୋର ଏଇ ବିମୂଢ଼ ଅବସ୍ଥାରେ ବି ହସିପକାଇଲି ।

ତଳ ତାଲର ଭାସିଆସୁଛି ପିଲାଙ୍କ ସଙ୍ଗେ ହେଡ୍‌ମାଷ୍ଟ୍ରଙ୍କ ଦରାଜ ସାବଲୀଳ କଣ୍ଠ, ପ୍ରାଣଖୋଲା ହୋ ହୋ ହସ । ତିରିଶ ବତିଶ ବର୍ଷର ବ୍ୟବଧାନ କ୍ଷଣକପାଇଁ ଅପସରିଗଲା । ମୁଁ ସେତେବେଳେ କ୍ଲାସ୍ ସେଭେନ କି ଏଇଟ୍‌ରେ ପଢ଼ୁଥାଏ । ମୋଟା ସୋଟା ନ'ଦଶ ବର୍ଷର ବାଳକ । ଲୁଗାକାନି କମରରେ ବନ୍ଧା, ଖାଲି ଦେହ, ମୁଣ୍ଡରେ ଝଙ୍କାଏ ବାଳ । ମୋ ବଡ଼ ଭାଇକୁ ଜର ହୋଇ ଗୁଡ଼ିଯାଇଥାଏ—ପାଟି ଅରୁଚି । ମୋତେ ଚୁପ୍ କରି କହିଲା, "ଯା'ତ, ଜମିଦାର ଘର ବରକୋଳି ଗଛରୁ ଦରପାଚିଲା କୋଳି ମୋ ପାଇଁ ଆଣିବୁ । ଭାରି ଇଚ୍ଛା ହେଉଛି ଖାଇବାକୁ । ଏସ୍ତ, ବୋଉକୁ କହିବୁ ନାହିଁଟି !" ସଙ୍ଗେ ସଙ୍ଗେ ଛୁଟିଲି । ଶୀତଦିନିଆ ସକାଳ । ଜମିଦାର ଘର ବାଡ଼ି ଭିତରକୁ ପଶିଲି । ଅନେକ ଘୁରାଘୁରି କରି ଠାବ କଲି ବରକୋଳି ଗଛର ଅଗ ଡାଳରେ ଗୋଟାଏ ନାଲି ଟକ୍ ଟକ୍ କୋଳି । ଢେଇଟା ନେବ ନନା ପାଇଁ । ଢେଲା ପକାଇଲି, ଫୋପଡ଼ି ମାରିଲି । କିଛି ହେଲା ନାହିଁ । କଞ୍ଚା କୋଳି କେତେକ ଝଡ଼ି ପଡ଼ିଲା; କିନ୍ତୁ ସେ ପାଚିଲା କୋଳିଟା ସେମିତି ଅଗ ଡାଳରେ ପବନରେ ଜକ୍ ଜକ୍ କରୁଥାଏ । ଝାଳ ବୋହିଗଲା । ଗଛତଳେ ବସି ଝାଳ ମାରି ପୁଣି ଉଠି

ଟେକା ଫୋପଡ଼ୁ ମାରିଲି । ଅନେକ ଚେଷ୍ଟା ପରେ ଗୋଟାଏ ଫୋପଡ଼ା ଯାଇ ଠିକ୍ ଜାଗାରେ ବାଜିଗଲା । ସେଇ କୋଳିଟା ତଳେ ଆସି ପଡ଼ିଲାମାତ୍ରକେ ଦୌଡ଼ିଯାଇ ତାକୁ ଗୋଟାଇଆଣି ଲୁଗାକାନିରେ ପୋଛୁ ଘରକୁ ଫେରିବାକୁ ଗୋଡ଼ ବଢ଼ାଉଛି, ବଙ୍ଗଳା ଭିତରୁ ବାହାରିଆସିଲେ ଏକ ଦାଢ଼ିଆ ବୁଢ଼ା ଭଦ୍ରଲୋକ । ଆଖିରେ ସୁନା ଚଷମା, ଉଜ୍ଜ୍ୱଳ ଯୋଡ଼ାଏ ଆଖି, ଅଉ ଦାଢ଼ି ଭିତରୁ ଧଳା ଧଳା ଦୁଇପାଟି ଦାନ୍ତ । ମୁଁ ଡରରେ ତ୍ରାହି ଥରୁଥିଲି । ମୁଁ ଯେତେ ଟେକା ଫୋପାଡ଼ିଲିଣି ସେଥିରୁ ଗୋଟେ ଯୋଡ଼େ ଯାଇ ଘର ଭିତରେ ପଡ଼ିଗଲା କି ! ଜମିଦାରଙ୍କ ଘର ଗଛରୁ କୋଳି ଚୋରି କରୁଛି, ମୋତେ ଜେଲ୍ ଦେବେ କି ! ହେ ଭଗବାନ, ମୋତେ ଏଇ ଥରଟା ଛାଡ଼ିଦିଅ—ଆଉ କେବେ ଏମିତି କରିବି ନାହିଁ । କିନ୍ତୁ ଏ କ'ଣ ! ସେ ବୁଢ଼ା ଭଦ୍ରଲୋକ ହସି ହସି ମୋ ପାଖକୁ ଆସି ପିଠି ଥାପୁଡ଼ାଇ କହିଲେ, "ୱେଲ୍ ଡନ୍, ମାଇଁ ବୟ !"

ପରେ ଜାଣିଲି, ସେଇ ଆମ ସ୍କୁଲର ନୂଆ ହେଡ୍‌ମାଷ୍ଟ୍ର । ମଧୁସୂଦନ ଗ୍ରନ୍ଥାବଳୀରୁ ପଦ୍ୟ ମୁଖସ୍ଥ କଲାବେଳେ ମୂଳ ପୃଷ୍ଠାରେ କବିଙ୍କ ଛବିଟି ମୋତେ ଭାରି ଭଲ ଲାଗୁଥାଏ । ସେଇ ଛବି ସଙ୍ଗେ ଆମ ହେଡ୍‌ମାଷ୍ଟ୍ରଙ୍କ ମୁହଁର କି ଅଦ୍ଭୁତ ମେଳ ! ସେଇ ଚଉଡ଼ା କପାଳ, ଧଳା-କଳା ଦାଢ଼ି, ସୁନା ଚଷମା ଓ ଚଷମା ତଳେ ଉଜ୍ଜ୍ୱଳ ସୁନ୍ଦର ଆଖିଯୋଡ଼ିକ । ମୋ ମନ ଭିତରେ ମଧୁବାବୁ ଓ ହେଡ୍‌ମାଷ୍ଟର ମିଶି ଏକ ହୋଇଯାନ୍ତି । ସେଇ ପିଲାଦିନରୁ ସେ ଦୁଇ ମହାପୁରୁଷଙ୍କ ଶରୀର ରୂପ ମୋ ମନ ଉପରେ ଆଙ୍କି ହୋଇଯାଏ ।

କେଇଟା ଦିନ ଭିତରେ ସ୍କୁଲର ଆବହାଓ୍ୱା ପୂରାପୂରି ବଦଳିଗଲା । ହେଡ୍‌ମାଷ୍ଟରଙ୍କ ନାମରେ ସମସ୍ତେ ଥରହର । ଆମମାନଙ୍କୁ ସେ ଯେତିକି ସ୍ନେହ କରନ୍ତି, ସେତିକି କଡ଼ା । ସାମାନ୍ୟ ଦୋଷତ୍ରୁଟି ତାଙ୍କ ଦୃଷ୍ଟି ଏଡ଼ାଇବାର ଉପାୟ ନାହିଁ । ମନେପଡ଼ୁଛି ଥରେ ଡେସ୍କ ଉପରକୁ ଝୁଙ୍କି ପଡ଼ି ହାତ ଉପରେ ମୁଣ୍ଡ ରଖି ଟିକିଏ ଢୁଲାଇ ପଡ଼ିଥିଲି ନା'କଣ ହେଡ୍‌ମାଷ୍ଟ୍ରେ ଗର୍ଜି ଉଠିଲେ, 'ଏସ୍, ୟୁ, ଷ୍ଟାଣ୍ଡ ଅପ୍ ଅନ୍ ଦ ବେଞ୍ଚ !' କେବଳ ସେଇ ପିରିୟଡ୍‌ଟା ନୁହେଁ; ଲଗାଲଗି ଦୁଇ ପିରିୟଡ୍ ବେଞ୍ଚ ଉପରେ ଛିଡ଼ାହୋଇ ରହିଲି । ଏ ତ ସାମାନ୍ୟ ଦଣ୍ଡ । କ୍ଲାସକୁ ଟାସ୍କ ନ କରି ଆସିଲେ ବା କୌଣସି ଫାଜିଲାମି ବା ଦୁଷ୍ଟାମି ଆଖିରେ ପଡ଼ିଲେ ଖୋଲା ହାତ ପାପୁଲି ଉପରେ ରୁଲର ବେତାଘାତ—ଏକ, ଦୁଇ, ତିନି—ସାରା କ୍ଲାସ ସ୍ତବ୍ଧ, ନିସ୍ପନ୍ଦ ।

କି ଚମତ୍କାର ପଢ଼ାନ୍ତି ହେଡ୍‌ମାଷ୍ଟ୍ରେ । ଇଂରାଜୀ କବିତା ହେଉ ବା ଓଡ଼ିଆ କବିତା ହେଉ ସେ ଯେତେବେଳେ ଆବୃତ୍ତି କରି ପଢ଼ାନ୍ତି (ବହି କେବେ କେମିତି ଦେଖନ୍ତି ସିନା, ସବୁ ମୁହଁରୁ), ଶବ୍ଦଗୁଡ଼ିକର ଅର୍ଥ ବୁଝୁଁ ବା ନ ବୁଝୁଁ ସେ

କବିତାର ମର୍ମ ଯେପରି ଆମ ପ୍ରାଣକୁ ସ୍ପର୍ଶ କରୁଥିଲା । ମନେ ଅଛି ଥରେ ହେଡ୍‌ମାଷ୍ଟ୍ରେ 'ମାଇଁ ମଦର' ବୋଲି ଗୋଟିଏ ଶ୍ରେଷ୍ଠ ଇଂରାଜୀ କବିତା ମାନେ କରି ବୁଝାଇ ଧୀରେ ଧୀରେ ବୋଲୁଥାନ୍ତି । ହଠାତ୍ କ'ଣ ଗୋଟାଏ ଶବ୍ଦ ଶୁଣି ପଛକୁ ଅନାଇ ଦେଖେଁ, କୈଳାସ କଇଁ କଇଁ ହୋଇ କାନ୍ଦୁଛି । କୈଳାସର ମା' କିଛିଦିନ ହେଲା ମରିଯାଇଥାନ୍ତି ।

ହେଡ୍‌ମାଷ୍ଟରଙ୍କର ସବୁଠୁ ପ୍ରିୟ କବିତା ଆବୃତ୍ତି । ଉଚ୍ଚାରଣ ଶୁଦ୍ଧ ନ ହେଲେ ବାରମ୍ବାର, ଦଶ କୋଡ଼ିଏ ଥର ପ୍ରତ୍ୟେକ ଶବ୍ଦକୁ ସ୍ପଷ୍ଟରୂପେ ଉଚ୍ଚାରଣ କରି ବୋଲିବାକୁ ହେବ । ଆମ ପ୍ରାର୍ଥନା କ୍ଲାସରେ ହେଡ୍‌ମାଷ୍ଟ୍ରେ ଯେତେବେଳେ ତାଙ୍କ ଗୁରୁଗମ୍ଭୀର କଣ୍ଠରେ ଆରମ୍ଭ କରନ୍ତି 'ଅଖିଳ ବ୍ରହ୍ମାଣ୍ଡପତି ମୋ ଜୀବନସ୍ୱାମୀ' ଓ ବୋଲଯାନ୍ତି 'ସତ୍ୟପଥେ ଧର୍ମପଥେ ଘେନିଯାଅ ମୋତେ, ଭସାଅ ପବିତ୍ର ମୋର ତବ ପ୍ରେମସ୍ରୋତେ' ମୋ ରୁମ ଟାଙ୍କୁରି ଉଠେ । ସ୍କୁଲ, କଲେଜ ଛାଡ଼ିବାର ବହୁବର୍ଷ ପର୍ଯ୍ୟନ୍ତ ଏଇ ଦୁଇଟି ପଂକ୍ତି ଆବୃତ୍ତି କରି ମୁଁ ଗଭୀର ସାନ୍ତ୍ୱନା ପାଉଥିଲି ।

ଯେଉଁ ତିନି ଚାରି ବର୍ଷ ମୁଁ ସ୍କୁଲରେ ଥିଲି ହେଡ୍‌ମାଷ୍ଟରଙ୍କର ସ୍ନେହ, ବ୍ୟକ୍ତିତ୍ୱ, ଶିକ୍ଷା ଓ ଆଦର୍ଶର ପ୍ରଭାବ ମୋତେ ପୂର୍ଣ୍ଣଭାବରେ ଆଚ୍ଛନ୍ନ କରି ପକାଇଥିଲା । ପଢ଼ା-ପଢ଼ିଠାରୁ ଆରମ୍ଭ କରି କ୍ଲାସ ବାହାରେ ଚାଲିଚଳଣି ସବୁ କ୍ଷେତ୍ରରେ ତାଙ୍କର ଅଦୃଶ୍ୟ ଅଙ୍ଗୁଳି ନିର୍ଦ୍ଦେଶ ଅନୁଭବ କରୁଥିଲି । ସ୍କୁଲ ଛାଡ଼ି କଲେଜରେ ଭର୍ତ୍ତି ହେଲି । ତା'ପରେ ବିଦେଶରେ ଉଚ୍ଚଶିକ୍ଷା ପାଇ ଫେରିଆସି ଗୋଟାଏ ବଡ଼ ଫାର୍ମରେ ଇଞ୍ଜିନିଅର ଭାବେ ମୋ ଚାକିରି ଜୀବନର ଆରମ୍ଭ । ମଝେ ମଝେ ହେଡ୍‌ମାଷ୍ଟରଙ୍କଠାରୁ ଚିଠି ପାଏ—ଶୁଦ୍ଧ ଓଡ଼ିଆରେ କେତୋଟି ସୁନ୍ଦର ସୁନ୍ଦର କଥା—ଶୁଭେଚ୍ଛା-ଆଶୀର୍ବାଦ । ଉତ୍ତର ଲେଖେ ଇଂରାଜୀରେ (ଓଡ଼ିଆ ଲେଖିବାର ଅଭ୍ୟାସ କ୍ରମେ ଛାଡ଼ିଯାଇ ଥିବାରୁ) ଡରି ଡରି ଲେଖେଁ ଡିକ୍ସନାରୀ ଦେଖି, ଯେମିତି ବନାନ ଭୁଲ ନ ରହେ । ବନାନ ବା ବ୍ୟାକରଣ ଭୁଲ୍ ଦେଖିଲେ ହେଡ୍‌ମାଷ୍ଟ୍ରେ କିଭଳି ଅସହିଷ୍ଣୁ ହୋଇପଡ଼ନ୍ତି ସେ ଦୃଶ୍ୟ ମନରେ ପଡ଼ିଯାଏ ।

ତା'ପରେ ବହୁବର୍ଷ ଗଡ଼ିଯାଇଛି । ଚାକିରିର ସିଡ଼ିରେ ଧାପେ ଧାପେ ଉଠି ମୁଁ ପ୍ରାୟ ଶୀର୍ଷ ସ୍ଥାନ ଅଧିକାର କରିଛି । ଯଥେଷ୍ଟ ବିତ୍ତ ଓ ପ୍ରତିପତ୍ତି ଅର୍ଜନ କରିଛି । ମୁଁ ଆଜି ଫେକ୍ଟ୍ରିର ବଡ଼ସାହେବ ।

ହେଡ୍‌ମାଷ୍ଟରଙ୍କ ସଙ୍ଗେ ଚିଠିପତ୍ରର ଆଦାନପ୍ରଦାନ ନ ଥିଲେ ବି ଖବର ରଖିଥିଲି—ସେ ଚାକିରିରୁ ଅବସର ନେଇ ପୁରୀରେ ରହୁଥିଲେ । ତାଙ୍କ ସ୍ତ୍ରୀଙ୍କର ମୃତ୍ୟୁ ହୋଇଯାଇଥିଲା । ଏକମାତ୍ର ପୁତ୍ର ଦୂର ଦେଶରେ କେଉଁଠି ଚାକିରି କରୁଥିଲା । ସେ ଏକାକୀ ପୁରୀଧାମରେ ରହି ବାକି ଜୀବନଟା ଜଗନ୍ନାଥଙ୍କ ପଦତଳେ କଟାଇ

ଦେଉଛନ୍ତି । ଏ ଖବର ପ୍ରାୟ ଆଠ-ଦଶ ବର୍ଷ ତଳେ ପାଇଥିଲି । ତା'ପରେ ଆଜି ତାଙ୍କର ଆମ ଘରେ ଆବିର୍ଭାବ ।

ସେଇ ପୁରୁଣା ଅତୀତର ଅସ୍ପଷ୍ଟ କେତେଗୁଡ଼ିଏ ଛବି ମନ ଗହ୍ୱରର ଅନ୍ଧାରରେ ଭାସି ଉଠିଲା । କରୁଣାଙ୍କ ଉପଦେଶ ଗୁଡ଼ିକ ଅକ୍ଷରେ ଅକ୍ଷରେ ପାଳନ କରି ତରତର ହୋଇ ସିଡ଼ିରେ ତଳ ଘରୁ ପାଉଛ ଓହ୍ଲାଇ ଯାଇ ଲେଣ୍ଡିଂଠାରେ ଘୂରିଗଲାବେଳକୁ ହଠାତ୍ ଆଖିରେ ପଡ଼ିଗଲା ଡ୍ରଇଂରୁମ୍‌ର ଖୋଲା ପର୍ଦ୍ଦା ଫାଙ୍କରେ ଏକ ଅଦ୍ଭୁତ ଦୃଶ୍ୟ । ସେଇଠି 'ବେଳସ୍ଟାର' ଉପରେ ଝୁଙ୍କିପଡ଼ି ଠିଆହୋଇଗଲି । ସୋଫାରେ ବସିଛନ୍ତି ହେଡ୍‌ମାଷ୍ଟ୍ରେ । ବଡ଼ ଶୀର୍ଣ୍ଣ ଦେଖାଯାଉଛନ୍ତି । ମୁହଁର ପାଚିଲା ଦାଢ଼ି ଛାତି ଉପରକୁ ଝୁଲି ପଡ଼ିଛି । ଆଖିରେ ସେଇ ସୁନା ଚଷମା ଚକ୍‌ଚକ୍ କରୁଛି । ସବୁଦିନ ପରି କାନ୍ଧରେ ଏକ ସିଲ୍‌କ ଚଦର । କୋଳରେ ବସିଛି ଝିଅ ରନା । ପୁଅ ଟୁନୁ କାନ୍ଧ ପାଖରେ ମୁହଁ ଗୁଞ୍ଜି କ'ଣ ସବୁ କହୁଛି । ଆଙ୍ଗୁଳିରେ ରନାର ଝୁରିଝୁରିଆ ବାଳ ସଜାଡ଼ି ଦେଉଁ ଦେଉଁ ଏଣେ ଟୁନୁ କଥା ମନ ଦେଇ ଶୁଣି ହୋ ହୋ ହୋଇ ହସୁଛନ୍ତି । ଟୁନୁ ପିନ୍ଧିଛି ସ୍ଲିପିଂ ସୁଟ୍, ରିନା ଅଲ୍‌ସଟର । ତୁଟ୍ଟିଁ କେତେକ କଥାବାର୍ତ୍ତା କାନରେ ଆସି ପଡ଼ିଲା ।

ଟୁନୁ—ଏସ୍ତ ରନା, ଏ ଗ୍ରାଣ୍ଡ ଓଲ୍‌ଡ୍ ମ୍ୟାନ୍ ଠିକ୍ କାହା ପରି ଦେଖା-ଯାଉଛନ୍ତି, କହିଲୁ ? ସାଣ୍ଟାକ୍ଲସ, ନୁହେଁ ? ଆମେ ଏହାଙ୍କୁ ଫାଦର କ୍ରିସମାସ୍, ଖାଲି 'ଫାଦର' ଡାକିବା, (ତା'ପରେ ହେଡ୍‌ମାଷ୍ଟରଙ୍କ ଅଡ଼େ) ଅପଣଙ୍କର କିଛି ଆପତ୍ତି ନାହିଁ ତ ?

ହେ : ମା :—ନା, ନା, ମୁଁ ଭାରି ଖୁସି । ମୁଁ ତୁମର ଫାଦର କ୍ରିସମାସ । ଚମତ୍କାର ! (ବୁଢ଼ା ଓ ପିଲାଙ୍କର ହୋ ହୋ ହସ)

ହେ : ମା :—ଆଚ୍ଛା, ପିଲାଏ, ତୁମେ ଯେଉଁ ସବୁ ପଦ୍ୟ ମୁଖସ୍ଥ କରିଛ ସେଥିରୁ ଗୋଟେ ଫାଦର କ୍ରିସମାସ୍‌କୁ ଶୁଣେଇଲ ।

ଟୁନୁ—ଶୁଣିବେ ଫାଦର, ମୁଁ ରେସିଟେସନରେ ଯେଉଁ ଗ୍ରାଇମ୍ ବୋଲି ପ୍ରାଇଜ ପାଇଥିଲି ?

ରନା—ମୁଁ ଟୁନୁଠାରୁ ଆଉରି ଭଲ ରିସାଇଟ୍ କରିପାରେ ବୋଲି ଡାଡ଼ି ସବୁବେଳେ କହନ୍ତି । (ହେଡ୍‌ମାଷ୍ଟରଙ୍କ ମୁହଁକୁ ତା'ର ଛୋଟ ଛୋଟ ହାତରେ ନିଜ ଆଡ଼କୁ ଘୁରାଇନେଇ) ଶୁଣନ୍ତୁ ଆଗ ମୋ ରେସିଟେସନ୍ ।

ହେ : ମା :—(ଦୁଇ ପିଲାଙ୍କୁ ଛାତି ଉପରକୁ ଆଉଜାଇନେଇ) ଶୁଣିବି, ଶୁଣିବି, ସବୁ ଶୁଣିବି । ଆଚ୍ଛା, ରନା, ତୁମେ ଆରମ୍ଭ କର । ତା'ପରେ ଟୁନୁର ପାଳି ।

ରିନା—(ମୁଣ୍ଡରେ ଆଙ୍ଗୁଳି ଘଷି ମନେ ପକାଇ) ହଁ, ମନେପଡୁଛି, ଶୁଣନ୍ତୁ, କେମିତିକା ଫାଷ୍ଟକ୍ଲାସ୍ ରାଇମ୍—

Jack and Jill went up the hill
To fetch a pail of water,
Jack fell down and broke his crown
And Jill came tumbling after.

ଟୁନୁ—ହେଃ, ଟ୍ରାସ୍ ! ଫାଦର, ଶୁଣନ୍ତୁ ମୋରଟା, କେମିତି ଚମତ୍କାର !

Ba Ba black sheep
Have you any wool ?
Yes Sir, Yes Sir,
Three bags full;
One for my master, one for the dame,
One for the little child down the lane.

ତା'ପରେ ଟୁନୁ ଓ ରିନାଙ୍କର ସମବେତ କଣ୍ଠସ୍ୱର :

Mary, Mary,
Quite contrary
How does your garden grow ?

ହେଡ୍‌ମାଷ୍ଟ୍ରଙ୍କ ହସ ଆଉ ଶୁଭୁନାହିଁ । କେତେ ସମୟ ପରେ ହେଡ୍‌ମାଷ୍ଟ୍ରଙ୍କ କ୍ଷୀଣ କଣ୍ଠ, "ଆଚ୍ଛା, ବାବା, ଓଡ଼ିଆ ପଦ୍ୟ କବିତା କିଛି ଶିଖିଛ ? ଯେମିତି ଧର—

'ସତ୍ୟପଥେ ଧର୍ମପଥେ
ଘେନିଯାଅ ମୋତେ,
ଭସାଅ ପରାଣ ମୋର
ତବ ପ୍ରେମସ୍ରୋତେ..'

(ରିନା ଓ ଟୁନୁଙ୍କର ବେଦମ ହସ । ମଝିରେ ମଝିରେ "ହାଓ ଫନି ! ହାଓ ସୁଇଟ୍ !")

ହେ. ମା.—ପଢ଼ିଛ ନା ପିଲାଏ—

ଯାହା ମୁଁ କରଇଁ ଯାହା ମୁଁ କହଇଁ
ଯାହା ମୁଁ ଚିନ୍ତଇ ମନେ,

ଜଗତର କର୍ତ୍ତା ପରମ ଈଶ୍ବର
ଜାଣୁଛନ୍ତି ପ୍ରତିକ୍ଷଣେ ।
କିବା 'ବାଲ୍ୟକାଳୁ ଧର୍ମଧନ ମୁଁ ସଞ୍ଚିବି ଏ ଜୀବନ ଅନିଶ୍ଚିତ '

ଟୁନୁ ଓ ରନା—(ଅସ୍ଥିର ହୋଇ) ନା, ନା, ଫାଦର, ଏ ତ ସବୁ ଓଲ୍ଡ଼ ଭର୍ଣ୍ଣାକୁଲାର । ଆମେ ତ ଓଡ଼ିଆ ପଢ଼ୁନାହିଁ—ସବୁ ଇଂଲିଶ୍...

ହେ· ମା.—(କଣ୍ଠରେ ଜପର ଏକ ଆତଙ୍କ) ଆଚ୍ଛା, ତୁମ୍ଭେମାନେ ଓଡ଼ିଆ ଜାଣ ନାହିଁ, ଓଡ଼ିଆ ପଢ଼ିପାରିବ ନାହିଁ, ଓଡ଼ିଆରେ ଲେଖିପାରିବ ନାହିଁ ? ପଣକିଆ ?

ରନା ଓ ଟୁନୁ—ନୋ, ନୋ, ଆମେ ବି-ଲ-କୁ-ଲ୍ ଓଡ଼ିଆ ଜାଣୁନାହିଁ । ଫାଦର, ପଣକିଆ କ'ଣ ?

ହେ· ମା.—(ନୀରବ)

ହଠାତ୍ ରନା ପାଟିକରି ଉଠିଲା, "ଫାଦର, ଆପଣ କିଛି ଖାଉନାହାନ୍ତି କାହିଁକି ? ଟି', କଫି, କୋକାକୋଲା ? କେଉଁଟା ଭଲ ଲାଗିବ କହନ୍ତୁ ନା ଫାଦର !" (କଣ୍ଠରେ କେମିତି ଅଳି, ଅଭିମାନ)

ଟୁନୁ—ଫାଦର, ଡାଡଙ୍କର କ୍ୟୁବାନ୍ ସିଗାର ଅଛି—ଆଣିବି ଗୋଟେ ସେଥିରୁ ? ଭାରି ଚମତ୍କାର ଫ୍ଲେଭର ।

ଟୁନୁ ଉଠିଯାଉଥିଲା । ହେଡ୍‌ମାଷ୍ଟ୍ର ତାକୁ ଧରି ରଖି ହସି ହସି କହିଲେ, "ନାହିଁ ବାବା, ତୁମ ମା'ଙ୍କୁ ପରା କହିଲି, ମୋର ସେ ସବୁ ଅଭ୍ୟାସ ନାହିଁ । ଆଚ୍ଛା, ପିଲାଏ, କହିଲ—ତୁମେ ସକାଳୁ କ'ଣ ଖାଇଛ ?"

ଟୁନୁ-ରନା—କାହିଁକି, ବେଡ୍ ଟି ! ବିଛଣାରେ ବସି ବସି ଟି' ଖାଇଛୁଁ ।

ହେ· ମା· – କ'ଣ ଟି' ? (କେତେ ସମୟ ଚୁପ୍ ରହି) ତୁମ ବାପାଙ୍କ ଉଠିବା ଆଉ କେତେ ଡେରି ହେବ ?

ଟୁନୁ—(କାନ୍ଥର ଘଡ଼ିଆଡ଼େ ଚାହିଁ) ବର୍ତ୍ତମାନ ତ ଆଠଟା । ଆଉରି ଘଣ୍ଟାଏ । କାଲି କ୍ଲବ୍ ନାଇଟ୍ ଥିଲା ନା, ଡାଡ଼ି ଫେରୁ ଫେରୁ ବହୁତ ରାତି ହୋଇଯାଇଥିବ ।

ରନା—ଏ ଟୁନୁ, ଶନିବାର ରାତିରେ ଡାଡି ଯେତେବେଳେ କ୍ଲବରୁ ଫେରନ୍ତି ତୁ ଦେଖିଛୁ ? ମୁଁ ଦେଖିଛି, ଥରେ ରାତି ଅଧରେ ମୋ ନିଦ ଭାଙ୍ଗିଗଲା । ତୁ ତ ପାଖ ଖଟରେ ସ୍ନୋର କରୁଥିଲୁ । (ଟୁନୁର ଭୀଷଣ ପ୍ରତିବାଦ—ମୁଁ କେବେ ସ୍ନୋର କରେ ନାହିଁ, ତୁ ରାତିସାରା ସ୍ନୋର କରୁ, ଯାହା ଫଳରେ ମୁଁ ଶୋଇପାରେ ନାହିଁ... ।) ବାହାରେ ଗାଡ଼ି ରହିବାର ଶବ୍ଦ ଶୁଣି ଝରକା ପାଖକୁ ଯାଇ ପର୍ଦ୍ଦା ଘୁଞ୍ଚାଇ

ଦେଖିଲି, ଡାଡିଙ୍କୁ ଗାଡ଼ି ଭିତରୁ ଡ୍ରାଇଭର ଓ ରହିମ୍ ଧରି ଓହ୍ଲାଇଦେଉଛନ୍ତି । ତା'ପରେ ଆଉ ଝରକାରେ ଦେଖିଲି, ମାମି ଯାଇ ଡାଡିଙ୍କୁ ଧରି ଧରି ଉପରକୁ ଆଣୁଛନ୍ତି । ଡାଡି ଚାଲିପାରୁ ନ ଥାନ୍ତି, ଟଳି ଟଳି ହେଉଥାନ୍ତି । ଭାବିଲି, ଡାଡିଙ୍କୁ ଜର ହୋଇଛି । କିନ୍ତୁ ତା ଆରଦିନ ଡାଡି ତ ଆମକୁ ନେଇ ପିକ୍‌ନିକ୍‌ରେ ଯାଇଥିଲେ ।

ଟୁନୁ—ଏଃ, ଚୁପ୍, ଚୁପ୍, ! ତୁଚ୍ଛା ତୁଚ୍ଛା ଝୁଣ୍ଟୁଚିଟେ । ଶୁଣ୍, କାହାକୁ ଏ କଥା କହିବୁ ନାହିଁ । ଫାଦର କ୍ରିସମାସ ଶୁଣିଲେ, ଶୁଣିଲେ । (ତା'ପରେ ହେଡମାଷ୍ଟ୍ରଙ୍କ ଉଦ୍ଦେଶ୍ୟରେ) ଆପଣ ଏକଥା ଡାଡିଙ୍କୁ କହିଦେବେ ନାହିଁଟି !

ଶନା—ଫାଦର, ଜାଣନ୍ତି ନା, ଆମ ଡାଡି କେତେ ସିଗ୍ରେଟ୍ ଖାଆନ୍ତି ? ମାସକୁ ଥାର୍ଟି ଟିନ୍ସ । ସରିଗଲେ ଟିଣ ସବୁ ମୋର, କି ମଜା !

ହେଡମାଷ୍ଟ୍ରଙ୍କ କଣ୍ଠ ଆଉ ଶୁଣାଯାଉନାହିଁ । ତା'ପରେ କିଛିକାଳ ପିଲାମାନଙ୍କର କଳରବ—ହସ । ମଝିରେ ରହିମ୍‌ର ସତର୍କ ବାଣୀ—"ବାବା, ମିସିବାବୀ, ଗୋସଲଖାନାମେ ଗରମ୍ ପାନି ଲଗାଦିୟା—ନାହାଲିଜିୟେ—ସାଢ଼େ ଆଠ୍ ବଜ୍‌ଗିୟା—ବେରେକ୍‌ଫାଷ୍ଟ ତୈୟାର ହୈ..."

କାନରେ ବାଜିଲା ହେଡ୍‌ମାଷ୍ଟ୍ରଙ୍କ ଅନୁଚ୍ଚ କଣ୍ଠସ୍ୱର ...."ପିଲାଏ, ତୁମେମାନେ ଯାଅ, ଗାଧୋଇ ଖାଇବ, ଡେରି ହୋଇଗଲାଣି । ମୁଁ ଯାଉଛି । ବାପାଙ୍କୁ କହିବ, ତାଙ୍କ ପିଲାଦିନ ହେଡମାଷ୍ଟ୍ର ବୁଢ଼ା ଆସିଥିଲେ ।"

ହେଡମାଷ୍ଟ୍ର ଉଠି ଛିଡ଼ା ହେଲେ ।

ଟୁନୁ ଓ ଶନାଙ୍କର ସମବେତ 'ଟା' 'ଟା' ।

ଦରଜା ବନ୍ଦ ହେବାର ଶବ୍ଦ ।

ତା'ପରେ ସବୁ ଚୁପ୍‌ଚାପ୍ ।

ମୁଁ ଲେଣ୍ଡିଂ ଉପରେ ସ୍ଥାଣୁ ପରି ଛିଡ଼ା ହୋଇ ରହିଲି । ଓହ୍ଲାଇଯାଇ ହେଡମାଷ୍ଟ୍ରଙ୍କୁ ଅଟକାଇ ଫେରାଇ ଆଣିବାର ଶକ୍ତି, ସାହସ ମୋର ନଥିଲା । ଏ ଭଲ । ତାଙ୍କର ସନ୍ତାନପ୍ରତିମ ଆଦର୍ଶ ଛାତ୍ର ଗୋଲକନାଥକୁ ସେ ମୋ'ଠି ଆଉ ଖୋଜି ପାଆନ୍ତେ ନାହିଁ ।

ଡ୍ରେସିଂ ଗାଉନ୍‌ରୁ କାନ୍ଧ ଉପରେ କାହାର କରସ୍ପର୍ଶ ପାଇ ଫେରି ଚାହିଁଲି—କରୁଣା । ଛଳ ଛଳ ଆଖିରେ ସେ ମୋ ଆଡ଼କୁ ଚାହିଁଛନ୍ତି । ମୋ ଆଖିରୁ ଧାରଧାର ଲୁହ ଗଡ଼ିଯାଉଛି ।

କରୁଣାଙ୍କ ହାତ ଧରି ଧୀରେ ଧୀରେ ପାହାଚ ଚଢ଼ି ଉପରକୁ ଫେରି-ଆସିଲି ।

# ରିକ୍ସା

**ଅନନ୍ତ ପ୍ରସାଦ ପଣ୍ଡା**

କଟକ ସହରରେ ପ୍ରଥମେ ଯେତେବେଳେ ହାତଟଣା ରିକ୍ସା ଚାଲୁହେଲା, ସେତିକବେଳୁ ଚୂଇଁ ବେହେରା ରିକ୍ସା ଟଣା ଆରମ୍ଭ କଲାଣି । ସେତେବେଳେ ଚୂଇଁର ବୟସ ଥିଲା ମୋଟେ ଚବିଶ କି ପଚିଶ । ଗଜା ଟୋକା । ମୁଣ୍ଡରେ ଗୁଚ୍ଛେ ଲମ୍ବର ବାବୁରିବାଳ କପାଳ ଉପରେ ଉହୁଙ୍କି ପଡ଼ୁଥାଏ । କିନ୍ତୁ ମୁଣ୍ଡର ପଛପାଖଟା ଏକବାରେ ଚଞ୍ଚା । ହାତଟଣା ରିକ୍ସା ଧରି କଟକ ସହରର ସେତେବେଳର ନାଲିଧୂଳିଆ ରାସ୍ତା ଉପରେ ଚୂଇଁ ବେହେରା ଯେତେବେଳେ ଧାଇଁ ଧାଇଁ ଯାଉଥାଏ, ଆଉ ଗୋଟିଏ ହାତରେ ଘଣ୍ଟିଟାକୁ ଟଂ ଟଂ କରି ବଜାଇ ଦେଇ, ଆର ହାତରେ ଆଖିପତା ଉପରୁ ବାବୁରିବାଳଗୁଡ଼ାକୁ ଉପରକୁ ଟେକିଦେଇ ଝାଳ ପୋଛି ପକାଉଥାଏ, ସେତିକବେଳେ ତା ପାଖଦେଇ ସାଇକେଲ ଚଢ଼ାଳୀ କଲେଜ ଟୋକାଏ ସାଇକେଲ ଘଣ୍ଟି ବଜାଇ ପବନ ବେଗରେ ଧାଇଁଥାନ୍ତି । ଚୂଇଁ ବେହେରା ସେମାନଙ୍କୁ ରାସ୍ତା ଛାଡ଼ିଦେଇ ରାସ୍ତାର ବାଁ ପାଖକୁ ଘୁଞ୍ଚିଯାଏ । ଟିକିଏ ଡେରି ହେଲେ ପଛରୁ ସାଇକେଲ ଚଢ଼ାଳୀଟି ଡାକପକାଏ, ଏ ରିକ୍ସାବାଲା, ହଟୋ ହଟୋ । ବିଚରା ଚୂଇଁ ପୁଣି ରାସ୍ତାପାଖକୁ ଘୁଞ୍ଚିଯାଏ । ସେତେବେଳେ ତା'ର ମନେ ହୁଏ, ହାତଟଣା ରିକ୍ସା ଦେହରେ ଯଦି ଏମିତିକା ଗୋଟିଏ ସାଇକେଲ ଯୋଖି ଦେଇ ହୁଅନ୍ତା, ତେବେ ସେ ଆଉ ଏଇ ସାଇକେଲ ଚଢ଼ାଳୀ ଦଳଙ୍କ ଆଗରେ ଏତେ ହୀନସ୍ତା ହୁଅନ୍ତା ନାହିଁ । ସେ ବି ସେମାନଙ୍କ ସାଙ୍ଗରେ ଦୌଡ଼ ଆରମ୍ଭ କରି ଦିଅନ୍ତା । ସେତେବେଳେ ସେ ହୁଏତ ବହୁତ ବେଶି ରୋଜଗାର କରିପାରନ୍ତା; କାରଣ ଚାନ୍ଦନୀଚୌକରୁ ରେଲଷ୍ଟେସନ ଯାଏ ଯିବାପାଇଁ ହାତଟଣା ରିକ୍ସା ଧରି ତାକୁ ପ୍ରାୟ ଘଣ୍ଟାଏ ଲାଗିଯାଉଛି—ସାଇକେଲ ଯୋଖା ରିକ୍ସା ହେଲେ ଅନ୍ତତଃ ଅଧଘଣ୍ଟାକ ଭିତରେ ସେ ଯାଇ ଷ୍ଟେସନ ଧରି ପାରନ୍ତା । ତାହାହେଲେ ଯାହା ସେ ପାଉଛି, ତାର ଦି'ଗୁଣ ଅନ୍ତତଃ ସେ ପାଇପାରନ୍ତା ଦିନକ ଭିତରେ । ସେତେବେଳେ ସେ ରିକ୍ସା ମାଲିକକୁ ଦୁଇ ଟଙ୍କା ରିକ୍ସା ଭଡ଼ାଦେଇ ସୁଦ୍ଧା ଦିନକୁ ଆହୁରି ଦୁଇ ତିନି ଟଙ୍କା ବଳକା କରି ପାରୁଥିଲା; କାରଣ କଟକରେ ସେତେବେଳେ ରିକ୍ସା ସଂଖ୍ୟା ଥିଲା ବହୁତ କମ୍ । ସେଇ ଅନୁପାତରେ ଭଡ଼ା ବି ଥିଲା ଟିକିଏ ବେଶି । ଚୂଇଁ ବେହେରା ଭାବେ—ଯଦି ସାଇକେଲ ରିକ୍ସାଟାଏ ହୁଅନ୍ତା, ତେବେ ସେ ନିଶ୍ଚୟ ମାଲିକ ଭଡ଼ା ଦେଇସାରି

ଦିନକୁ ଚାରି ପାଞ୍ଚ ଟଙ୍କାରୁ ଅଧିକ ଆୟ କରିପାରନ୍ତା । ଚୁଇଁ ବେହେରାର କଳ୍ପନା ତା ପରେ ଉଡ଼ି ଉଡ଼ି ଯାଏ କେତେ ଉପରକୁ । ମନେ ମନେ ସେ କେତେ ଆକାଶସୌଧ ତୋଳି ପକାଏ । ଏତେ ଆୟ ହେଲେ ସେ କ'ଣ କରିବ ? ପହିଲେ ଯେଉଁ ଭଙ୍ଗା ଚାଳିଆ ଖଣ୍ଡିକରେ ସେ ରହୁଛି, ସେ ଖଣ୍ଡିକ ଭାଙ୍ଗି ଭଲ ଘର ଦି ବଖରା ତୋଳିବ । ତା ସ୍ତ୍ରୀ ଶାଗୁଆ ପାଇଁ ସୁନାର ନାକଚଣା ଦିଖଣ୍ଡ ଗଢ଼ିଦେବ, ଆଉ ତା ପୁଅ ରଙ୍ଗିଆ—

ଠିକ୍ ଏତିକବେଳେ ପେଁ ପେଁ ଶିଙ୍ଗା ବଜାଇ ଗୋଟିଏ ମୋଟର ଗାଡ଼ି ଧୂଳି ଉଡ଼ାଇ ସେଇ ରାସ୍ତାରେ ଧାଇଁଯାଏ । ବିଚରା ଚୁଇଁଆର ବାବୁରିବାଳ ଉପରେ ଇଞ୍ଚେ ବହଳର ନାଲିଧୂଳି ମାଡ଼ିଯାଏ । ନାକରେ ପାଟିରେ ମେଞ୍ଚା ମେଞ୍ଚା ଧୂଳି ବି ପଶିଯାଏ । ବିରକ୍ତିରେ ଚୁଇଁଆର ନାକ ଉପରକୁ ଉଠିଯାଏ । ତାର ଭାବନା ଉପରେ ହଠାତ୍ ଲାଗେ ଗୋଟେ ଧକ୍କା । ଧେତ୍, ଏ ମୋଟର ଡ୍ରାଇଭରଗୁଡ଼ାଙ୍କର ତ ବହପ କମ୍ ନୁହେଁ ? ମୋଟର ଗାଡ଼ିଟାରେ ବସି ସେ ଚକଟାକୁ ଧରିଲେ ତ ତାଙ୍କ ଆଖିରେ ଆଉ ଇନ୍ଦ୍ର, ଚନ୍ଦ୍ର ଦେଖା ଯାଆନ୍ତି ନି । ଓ, କି ଜୋରରେ ଧାଇଁ ଯାଉଛନ୍ତି ସେ ମୋଟରଗୁଡ଼ାକ । ଆଚ୍ଛା ହେଉ । କିଛି ପରବା ନାହିଁ । ପୁଅ ରଙ୍ଗିଆକୁ ହେଲା ପାଞ୍ଚ ବର୍ଷ । ଆଉ ବର୍ଷ କେଇଟା ଗଲେ ସେ ବେଶ୍ ଜୁଆନ ହୋଇ ଉଠିବ । ସେତେବେଳକୁ ଚୁଇଁଆ ତାକୁ ନିଶ୍ଚୟ ଗୋଟିଏ ମୋଟର ଡ୍ରାଇଭର କରାଇଦେବ । ତାହାହେଲେ............

ଚୁଇଁ ବେହେରା ଆଉ ଭାବିପାରେ ନାହିଁ । ଆନନ୍ଦରେ ତା ମୁହଁରୁ ମୁରୁକି ହସଟିଏ ବାହାରି ପଡ଼େ । ସେ ନାଲି ସଡ଼କର ତାତିଲା ଧୂଳିକୁ ଖିଆଲ ନକରି ଧାଇଁଚାଲେ ତା'ର ଗନ୍ତବ୍ୟ ମାର୍ଗରେ ।

ଦିନ ଗଡ଼ିଯାଏ । କଟକ ସହରର ନାଲି ଧୂଳିଆ ରାସ୍ତା ବଦଳରେ ପିଚ ଦିଆ କଳାରାସ୍ତା ଗଢ଼ାହୁଏ । ହାତଟଣା ରିକ୍ସା ବଦଳରେ ସାଇକେଲ ରିକ୍ସା ଚାଲିବା ଆରମ୍ଭ ହୁଏ । ଚୁଇଁ ବେହେରା ହାତଟଣା ରିକ୍ସା ଛାଡ଼ି ସାଇକେଲ ରିକ୍ସା ଟଣା ଆରମ୍ଭ କରିଦେଲା । ନୂଆ ହୋଇ ସାଇକେଲ ରିକ୍ସା ଚାଲୁଛି । ଲୋକେ ହାତଟଣା ରିକ୍ସାରେ ଯିବାକୁ ରାଜି ହେଉ ନାହାନ୍ତି । ଚାରିଣା ଜାଗାରେ ଆଠଣା ଦଶଣା ଦେଇ ମଧ୍ୟ ସାଇକେଲ ରିକ୍ସାରେ ଯିବାକୁ ଚାହୁଁଛନ୍ତି । ଚୁଇଁ ବେହେରା ପହିଲେ ପହିଲେ ବେଶ୍ ଦି' ପଇସା ରୋଜଗାର କଲା, କିନ୍ତୁ ହିସାବ କଲାବେଳକୁ ଚୁଇଁ ଦେଖେ ଆୟ ବ୍ୟୟ ସମାନ । କାରଣ ଏ ମଧ୍ୟରେ ପୃଥିବୀବ୍ୟାପୀ ଲଢ଼େଇ ଆରମ୍ଭ ହୋଇଗଲା । ଧାନ ଚାଉଳର ଦର ହୁ ହୁ ବଢ଼ିଗଲା । ହାତଟଣା ରିକ୍ସା ଟାଣୁଥିବା ବେଳେ ଚୁଇଁଆ ଟଙ୍କାଟିଏ ଦେଲେ ଚାରିସେର ଚାଉଳ ପାଉଥିଲା; କିନ୍ତୁ ଏବେ ସାଇକେଲ-ରିକ୍ସା ଚଳାଇଲା ପରେ ଚାଉଳ ଦର ବଢ଼ିଯାଇ

ଟଙ୍କାରେ ହେଲା ମୋଟେ ଦୁଇ ସେର । ଫଳରେ ଚୁଇଁଆ ଦୁ'ଟଙ୍କା ଜାଗାରେ ଚାରିଟଙ୍କା ଦିନକୁ ରୋଜଗାର କରି ସୁଦ୍ଧା କିଛି ବଳକା ରଖିପାରିଲା ନାହିଁ । ଖାଲି ସେତିକି ନୁହେଁ, ବେଳକୁ ବେଳ ଚୁଇଁଆର ବୟସ ବଢ଼ିବା ସଙ୍ଗେ ସଙ୍ଗେ ବଳ ବି ହଟି ହଟି ଆସିଲା । ତା ପରେ ଦିନ ରାତି ସାଇକେଲ-ରିକ୍ସାକୁ ପେଲି ପେଲି ଗୋଡ ପେଣ୍ଡା ଦୁ'ଟାରେ ଶିରାଗୁଡ଼ାକ ଫୁଲି ଉଠି କେଞ୍ଚୁଡ଼ି ପଡ଼ିଗଲା । ଖରା, କାକର, ବର୍ଷାରେ, ରିକ୍ସା ବାହି ବାହି ଆଣ୍ଠୁଗଣ୍ଠିଆ ବାତ ବି ଧରିଗଲା, ଅଣ୍ଟା ଦରଜ ହେଲା । ସେଥିପାଇଁ ଚୁଇଁଆ ପ୍ରଥମେ ଟିକିଏ ଟିକିଏ ଅଫିମ ଖାଇବାକୁ ଆରମ୍ଭ କଲା । ସେତେବେଳକୁ ଦୈବଦୁର୍ଯୋଗକୁ ଅଫିମଖିଆ ବନ୍ଦ କରିବାପାଇଁ ସରକାରଙ୍କ ପକ୍ଷରୁ କେତେ କଟକଣା ଜାରି ହେଲା, କିନ୍ତୁ ଅଫିମ ନହେଲେ ଯେ ଚୁଇଁଆର ନଚଳେ ! ସେଥିପାଇଁ ସେ କଳାଯୋଗେଇ ଦେଇ ଅଫିମ ଭେଣ୍ଡର ପାଖରୁ ଚାରଣାର ଜିନିଷକୁ ଆଠଣା ଦେଇ କିଣିବାକୁ ଲାଗିଲା । ଫଳରେ ଚୁଇଁଆର ହାତଟଣା ରିକ୍ସା ଟାଣିବା ବେଳର ରଙ୍ଗୀନ ସ୍ୱପ୍ନମାନ ଇତିମଧ୍ୟରେ ମିଳାଇ ଯିବାକୁ ଲାଗିଲା ।

ଖାଲି ସେତିକି ନୁହେଁ—କଥାରେ କହନ୍ତି, ଦୁର୍ଯୋଗ ଯେତେବେଳେ ଆସେ, ନଈ ବଢ଼ି ଧରି ମାଡ଼ି ମାଡ଼ି ଯାଏ । କଟକ ସହରରେ ସାଇକେଲ୍-ରିକ୍ସା ସଂଖ୍ୟା ଏତେ ବଢ଼ିଗଲା ଯେ, ପ୍ରତି ଛକ ମୁଣ୍ଡରେ ଶହ ଶହ ରିକ୍ସା ଯାତ୍ରୀଙ୍କ ପାଇଁ ଅପେକ୍ଷା କରି ପଡ଼ି ରହିଲେ । ଫଳରେ ସାଇକେଲ-ରିକ୍ସାର ଭଡ଼ା ବହୁତ କମିଗଲା । ତଥାପି ଚୁଇଁ ବେହେରାର ସାହସ କମି ନଥାଏ । ସେ କଷ୍ଟେମଷ୍ଟେ ତା ସଂସାରଟା ଚଳାଉଥାଏ । ଏତିକିବେଳେ ଦକ୍ଷିଣରୁ ଶହ ଶହ ସଂଖ୍ୟାରେ ରିକ୍ସାଟଣାଳି କଟକ ସହରରେ ଆସି ପହଞ୍ଚିଗଲେ । ଏଇ ରିକ୍ସାବାଲାଗୁଡ଼ାକ ଭାରି ଶସ୍ତାରେ ରିକ୍ସା ଚଳାଇବାକୁ ରାଜି ହୋଇଗଲେ । କାରଣ ତାଙ୍କର ଖର୍ଚ୍ଚ କମ୍ । ସକାଳେ ଚାରି ପଇସାର ଇଟିଲି (ଏଣ୍ଡୁରିପିଠା) ଆଉ ଟିକିଏ ଚଟଣୀ ହେଲେ ହେଲା । ଦୁ'ବେଳା ମୁଠାଏ ଭାତ, ଟିକିଏ ମାଣ୍ଡିଆ ଜାଉ ଆଉ ଚାରୁପାଣି ଟିକିଏ ହେଲେ ତାଙ୍କର ଦିନ ଚଳିଯାଏ । ଏଇ ଦକ୍ଷିଣିଆ ରିକ୍ସାବାଲାଗୁଡ଼ାକ ଚାହୁଁ ଚାହୁଁ ପଙ୍ଗପାଳ ପରି ମାଡ଼ି ଆସିଲେ । କଟକ ସହରରେ ଯେତେ ରିକ୍ସା ଚାଲେ, ସେଥିରୁ ପ୍ରାୟ ତିନିପା ରିକ୍ସା ଏହି ଦକ୍ଷିଣିଆ ରିକ୍ସାଟଣାଳି ଚଳାନ୍ତି । ଫଳରେ ଚୁଇଁ ବେହେରା ପରି ବହୁ ପୁରୁଣା ସ୍ଥାନୀୟ ରିକ୍ସାବାଲାଙ୍କର ଆୟ ବହୁତ କମି ଆସିଲା । ଖାଲି ସେତିକି ନୁହେଁ, କଟକ ସହରର ରିକ୍ସା ଚଢ଼ାଳିମାନେ ବି ଏହି ଦକ୍ଷିଣିଆ ରିକ୍ସାବାଲାମାନଙ୍କୁ ବେଶି ପ୍ରଶ୍ରୟ ଦେବାକୁ ଲାଗିଲେ । କାରଣ ତାଙ୍କର ବ୍ୟବହାର ଭଲ । ଅଳ୍ପ ପଇସାରେ ସନ୍ତୁଷ୍ଟ ହୋଇଯାନ୍ତି । ସେଥିମଧ୍ୟରୁ ରିକ୍ସା ଚଢ଼ାଳିମାନେ ପହିଲେ ଦକ୍ଷିଣିଆ ରିକ୍ସାବାଲାଙ୍କୁ ବାଛି ନିଅନ୍ତି । ଫଳରେ ବିଚରା ଆଦତ୍ ସ୍ଥାନୀୟ ରିକ୍ସାବାଲା ମଜୁରି ପାଏ ନାହିଁ । ଭୋକ ଉପାସରେ ଦିନ କଟେ ।

ପୁରୁଣା ରିକ୍ସାବାଲାଙ୍କର ଏ ଦୁର୍ଦ୍ଦଶା ଦେଖି ଦଳେ ଖବରପ୍ରବଣ ସ୍ଥାନୀୟ ଲୋକେ ଚିତ୍କାର କରିବାକୁ ଆରମ୍ଭ କରିଦେଲେ; ଏଇ ବିଦେଶୀ ରିକ୍ସାବାଲାଙ୍କୁ ତଡ଼ ଧରାଯାଉ । ଖବରକାଗଜରେ କେତେ ଲେଖା ବାହାରିଲା । ଏଇ ଆନ୍ଦୋଳନକାରୀମାନଙ୍କର ଅଗ୍ରଣୀ ହୋଇ ବାହାରିଲେ ଜଣେ ଯୁବକ ରାଜନୈତିକ ନେତା ଶ୍ରୀମାନ୍ ଜଗନ୍ନାଥ ଦଳବେହେରା । ସେ ସ୍ଥାନୀୟ ରିକ୍ସାବାଲାଙ୍କୁ ମତାଇ ଧର୍ମଘଟ ମଧ୍ୟ ଆରମ୍ଭ କରିଦେଲେ; କିନ୍ତୁ ଧର୍ମଘଟର ଫଳ ହେଲା ଠିକ୍ ଓଲଟା । କାରଣ ଅଧିକାଂଶ ସ୍ଥାନୀୟ ରିକ୍ସାବାଲା ରିକ୍ସାଟଣା ବନ୍ଦ କରିଦେବାରୁ ରିକ୍ସା ମାଲିକମାନେ ତାଙ୍କ ସ୍ଥାନରେ ଦକ୍ଷିଣିଆ ରିକ୍ସାଟଣାଳିଙ୍କୁ ନିଯୁକ୍ତ କରିଦେଲେ । ଫଳରେ ଧର୍ମଘଟ ତ ସଫଳ ହେଲା ନାହିଁ, ବରଂ ଅଧିକାଂଶ ସ୍ଥାନୀୟ ରିକ୍ସାଟଣାଳି ତାଙ୍କ ଜୀବିକା ହରାଇ ବସିଲେ । ଖବରକାଗଜ ଲେଖା ଲେଖିଲେ ମଧ୍ୟ ଫଳ କିଛି ହେଲାନାହିଁ । କାରଣ ସରକାରଙ୍କର ଏପରି କୌଣସି ଆଇନ୍ ନଥିଲା, ଯାହା ବଳରେ କି ସେ ଦକ୍ଷିଣରୁ ଆସୁଥିବା ରିକ୍ସା-ଟଣାଳିମାନଙ୍କୁ ବନ୍ଦ କରିଦେଇ ପାରିବେ । ଶେଷରେ ଶ୍ରୀମାନ୍ ଦଳବେହେରା କଟକ ସହରରେ ସଭାସମିତି କରି ବକ୍ତୃତା ଦେବାକୁ ଆରମ୍ଭ କରିଦେଲେ; ବକ୍ତୃତା ଶୁଣିବାକୁ କେହି ଆସିଲେ ନାହିଁ । ଦିନେ ଏପରି ଏକ ସଭାରୁ ଘରକୁ ଫେରିବାବେଳେ ଶ୍ରୀମାନ୍ ଦଳବେହେରା ରାସ୍ତା କଡ଼ରେ ଛିଡ଼ା ହୋଇଥିବା କେତେ ଗୁଡ଼ାଏ ରିକ୍ସା ଦେଖି ଗୋଟିଏ ରିକ୍ସା ଭଡ଼ା କରିବାକୁ ଚାହିଁଲେ । ପଙ୍ଗପାଳ ଦଳଭଳି ରିକ୍ସାବାଲା ଗୁଡ଼ାକ ଆସି ତାଙ୍କୁ ଘେରିଗଲେ । ଶ୍ରୀମାନ୍ ଦଳବେହେରା ପଚାରିଲେ, ଚାଉଳିଆଗଞ୍ଜକୁ କେତେ ନେବ ? ଜଣେ ସ୍ଥାନୀୟ ରିକ୍ସାବାଲା ପାଖେଇ ଆସି କହିଲା—ଆଜ୍ଞା ! ଆଠଅଣାରୁ କମ୍ ହେବ ନାହିଁ । ତା ପଛକୁ ଆଉ ଜଣେ ଦକ୍ଷିଣିଆ ରିକ୍ସାବାଲା ଠେଲି ପେଲି ଆସି କହିଲା, "ବାବୁ ଗାରୁ, ଆରୁ ଆନା ତୁମେ ଲେ ଯାଏଁ ଗେ;" ଅର୍ଥାତ୍ ଛଅ ଅଣାରେ ମୁଁ ନେଇଯିବି । ଶ୍ରୀମାନ୍ ଦଳବେହେରାଙ୍କ ପାଟିରୁ ହଠାତ୍ ସଙ୍ଗେ ସଙ୍ଗେ ବାହାରି ପଡ଼ିଲା— "ଅଚ୍ଛା ! ଆଓ ତୁମ୍ ଲେ ଚଲ୍ ।" ତା'ପରେ ଶ୍ରୀମାନ୍ ଦଳବେହେରା ଦକ୍ଷିଣିଆ ରିକ୍ସାବାଲାର ରିକ୍ସାରେ ବସି ଚାଲିଲେ ଘରମୁହାଁ ।

ତାର କିଛିଦିନ ପରେ—ଶ୍ରୀମାନ୍ ଦଳବେହେରା ଗୋଟିଏ ଦକ୍ଷିଣିଆ ରିକ୍ସାବାଲାର ରିକ୍ସାରେ ବସି କଟକଚଣ୍ଡୀ ଦର୍ଶନରେ ଆସିଲେ । ଚଣ୍ଡୀମନ୍ଦିର ଦୁଆର ମୁହଁରେ ପଶିଗଲାବେଳେ ଦେଖିଲେ ଧାଡ଼ି ଧାଡ଼ି ହୋଇ ବସିଛନ୍ତି ଦଳେ ଭିକାରୀ । ତା'ର ଭିତରୁ ଅସ୍ଥି ଚର୍ମସାର ଜଣେ ଭିକାରୀ ଆଗକୁ ଆସି ହାତରେ ଧରିଥିବା ଟିଣ ଡବାଟିରେ ଦଳବେହେରା ବାବୁଙ୍କ ମୁଣ୍ଡରେ ଖୁବ୍ ଜୋର୍‌ରେ ଅଘାତ କଲା । ଦଳବେହେରା ବାବୁଙ୍କର ମୁଣ୍ଡ ଫାଟି ରକ୍ତ ବୋହିଲା । ସେ ଚିତ୍କାର କରି ଉଠିଲେ—ପୋଲିସ୍, ପୋଲିସ, ଏ ଶାଳା ଭିକାରୀ ହାମକୁ ମାରିଡ଼ାଲା, ଇସକୋ, ପକଡ଼ୋ ପକଡ଼ୋ । କଟକଚଣ୍ଡୀ ଛକରେ ଛିଡ଼ା ହୋଇଥିବା

ପୋଲିସ୍ କନେଷ୍ଟବଲ ସଙ୍ଗେ ସଙ୍ଗେ ଧାଇଁଆସି ସେଇ ଭିକାରୀଟାକୁ ଧରି ପକାଇ କହିଲେ—"କ୍ୟା ଶାଲା, ତୁମ କ୍ୟା ପଗଲା ହୋ ? ଏ ବାବୁ ଲୋକକୁ ମାର-ଡାଲା ?" ସେଇ ଅସ୍ଥି ଚର୍ମସାର ଭିକାରୀଟି ପଗଲାଙ୍କ ପରି ଅଟ୍ଟହାସ କରି କହିଲା—"ମୁଁ ପାଗଳ ନୁହେଁ, ପାଗଳ ଏଇସବୁ ବାବୁଭାୟା, ଯେଉଁମାନେ ଆମକୁ ଆଜି ବାଟର ଭିକାରୀ କରି ଦେଇଛନ୍ତି ।" ଦଳବେହେରାଙ୍କ ପାଖକୁ ଆଉ ଟିକିଏ ପାଖେଇ ଯାଇ ସେ କହିଲା—"ବାବୁ, ମୋତେ ଚିହ୍ନୁଛ ? ମୁଁ ସେଇ ଚୂଇଁ ବେହେରା । ତୁମର ମନେ ନାହିଁ ମୋତେ ତୁମେ ମତେଇ କହିଥିଲ, ଧର୍ମଘଟ କର—ରିକ୍ସାଟଣା ବନ୍ଦ କରିଦିଅ, ଦେଖିବ କେମିତି ଦୁନିଆଁ ଅଚଳ ହୋଇଯିବ । ଆଉ ସରକାର ମଧ୍ୟ ବାଧ୍ୟହୋଇ ଏଇ ଦକ୍ଷିଣିଆ ଗୁଡ଼ାଙ୍କୁ ତଡ଼ିଦେବେ । ତମକଥା ମାନି ମୁଁ ମାଲିକଙ୍କ ରିକ୍ସାଟଣା ବନ୍ଦ କରିଦେଲି । ଫଳରେ ତା'ପରଦିନ ଜଣେ ଦକ୍ଷିଣିଆ ମୋ ଜାଗା ଦଖଲ କରିନେଲା । ତା'ପରେ ମୁଁ ହେଲି ଭିକାରୀ—ବାଟର ଭିକାରୀ । ପେଟକୁ ଦାନା ନାହିଁ—ପିଠିକୁ କନା ନାହିଁ— ।" ତା'ପରେ ପୋଲିସ୍‌କୁ ଚାହିଁ କହିଲା—"ଆଜ୍ଞା, ମୋତେ କ'ଣ ଧରୁଛନ୍ତି, ଧରିବେ ତ ଧରନ୍ତୁ ଏଇସବୁ ଧୋବଲି ଠକଙ୍କୁ, ଯିଏସବୁ ନିଜର ସ୍ୱାର୍ଥପାଇଁ ଆମଭଳି ନିରୀହ ଲୋକଙ୍କୁ ବଳିଦେଇ ବାହାବା ନିଅନ୍ତି ।" କିନ୍ତୁ ପୋଲିସ ଚୂଇଁ ବେହେରାର ଯୁକ୍ତି ଶୁଣିବାକୁ ନାରାଜ । କାରଣ ସେଟା ଗୋଟେ ଭିକାରୀ, ଆଉ ଶ୍ରୀମାନ୍ ଦଳବେହେରା ଜଣେ ଦେଶ-ପୂଜ୍ୟ ନେତା, ହୁଏତ ଆସନ୍ତା ନିର୍ବାଚନରେ ସେ ଲୋକପ୍ରତିନିଧି ଭାବେ ନିର୍ବାଚିତ ହୋଇ ମନ୍ତ୍ରୀ ଗାଦିରେ ବସି-ପାରନ୍ତି । ସେଥିପାଇଁ ପୋଲିସ ଚୂଇଁ ବେହେରାକୁ ଦଉଡ଼ିରେ ବାନ୍ଧି ବଡ଼ ରାସ୍ତାରେ ଥାନା ହାଜତକୁ ନେଇଗଲା । ଚୂଇଁ ବେହେରା ମୁହଁରୁ ବାହାରୁଥାଏ ସେହିପରି ଠୋ ଠୋ ହସ, ଆଉ ସେ କହୁଥାଏ "ହେଁ, ମୁଁ ପାଗଳ ନା ଏ ଦୁନିଆ ଯାକର ସମସ୍ତେ ପାଗଳ ।"

# ମୁଣ୍ଡି ସାହାଡ଼ା

## ଶ୍ରୀ କାହ୍ନୁଚରଣ ମହାନ୍ତି

ଗାଁ ମଝିରେ ରାଧାର ଛୋଟ କୁଡ଼ିଆଟି । ଦୂରେଇ ଦୂରେଇ ଗୋଟି ଗୋଟିକା ଅନେକ ଘର । ତେଣିକି ଗାଁ ଦାଣ୍ଡ । ଛୋଟ ଗାଁଟି ତ ବ୍ରହ୍ମପୁର । ବାହୁଦା ନଈର କୂଳରେ । ଗାଁ ମଝିରେ ମାନ୍ଦ୍ରାଜ ଓ ଓଡ଼ିଶାର ସୀମା । ଇଚ୍ଛାପୁରକୁ ବାଟ ତିନି କୋଶ ହେବ କି ନାହିଁ—

ରାଜନୀତି ସେ ବୁଝେ ନାହିଁ । ଇଚ୍ଛାପୁର କି ବିଜୟ ନଗର ଓଡ଼ିଶାରେ ମିଶିବା ଉଚିତ କି ନୁହେଁ, ବ୍ରହ୍ମପୁର କି କଟକ ଆନ୍ଧ୍ର ଦେଶରେ ମିଶିବ କି ନାହିଁ ସେ କଥା ସେ କେବେ ବିଚାର କରି ନାହିଁ । ସେ ଜାଣେ, ସେ ଇଚ୍ଛାପୁରର ଝିଅ । ବ୍ରହ୍ମପୁରର ବୋହୂ । ଇଚ୍ଛାପୁର ତା'ର ଜନ୍ମଭୂମି । ବ୍ରହ୍ମପୁର ତା'ର କର୍ମଭୂମି । ଦୀର୍ଘ ପଚଶଟି ବର୍ଷ କଟି ଗଲା । ଘର ଆଗରେ ରାସ୍ତା କଡ଼ରେ ଯେଉଁ ମୁଣ୍ଡି ସାହାଡ଼ା ଗଛ, ସେଇ ତା'ର ସାକ୍ଷୀ । ବାହୁଦା ନଈର ବାଲି, ନଈ ସେପାଖ ପାହାଡ଼ ଧାଡ଼ି, ଆଉ ଶେଷକୁ ତା'ର ଆଖି ଦୁଇଟା—ଏମାନେ ବି ତା'ର ସାକ୍ଷୀ ।

ଚଷାଘରର ଝିଅ । ବୋହୂ ହୋଇ ଯେତେବେଳେ ପନ୍ଦର ବର୍ଷର ଝିଅ ବ୍ରହ୍ମପୁରରେ ଗୋଡ଼ ଦେଲା, ସେତେବେଳେ ଗାଁ ମଝିରେ ତା'ର ଦରଭଙ୍ଗା କୁଡ଼ିଆ ନ ଥିଲା । ଶାଶୁ ଶଶୁର, ଗେରସ୍ତ ଦଅର ନଣନ୍ଦ ସମସ୍ତେ ଥିଲେ । ହଳ, ବଳଦ, ଗାଈ, ମଇଁଷି, ଛେଳି, କୁକୁର ସମସ୍ତେ ସେ ଘରେ ଅଡ୍ଡା ନେଇଥିଲେ । ଜମି ବାଡ଼ି ଧାନ ଅମାର ।

ରାଧିକୁ ଦେଖି ସମସ୍ତେ ଭାରି ଖୁସି ହୋଇଥିଲେ । ତା'ର ରୂପରେ କିଛି ବିଶେଷତ୍ୱ ନ ଥିଲା, ଢଙ୍ଗରେ ବି । ଶ୍ୟାମଳ ବର୍ଣ୍ଣ— ପୁର ପଲ୍ଲୀର ଶହ ଶହ ଝିଅ ବୋହୂଙ୍କ ପରି ସ୍ୱାସ୍ଥ୍ୟଟି ଭଲ । ଘରକାମ କରିବାରେ ନିପୁଣ । କ୍ଲାନ୍ତି ଜାଣେ ନାହିଁ । ଖିଆ ପିଆରେ ଆପତ୍ତି ଓଜର ନ ଥାଏ । ଘରର ବୋହୂ, ପେଜ ପାଣି ଯାହା ମିଳେ ଖାଇଦେଇ ସମସ୍ତଙ୍କ ସଙ୍ଗେ ଯୋଗ ଦେଇ କାମ କରେ—ଘରର ମଙ୍ଗଳ ପାଇଁ ।

ଘର ଆଗରେ ସେ ଯେଉଁ ମୁଣ୍ଡି ସାହାଡ଼ା— ବଢ଼େ ନାହିଁ କି ଛୁଟେ ନାହିଁ । ପୁରୁଷେ ଉଞ୍ଚା ଟଙ୍କାଳିଆ । ଟିକି ଟିକି ପତର । ତା'ର ଗଣ୍ଡିର ଗୋଟିଏ ଜାଗାରେ ସିନ୍ଦୂର ଲାଗିଛି । ସେଇ ଗଛରେ ଠାକୁରାଣୀ ଆସ୍ଥା କରିଛନ୍ତି । ଗଛ ପଛକୁ ତିନି

ଶାଖିଆ ହୁଙ୍କା । ଛଅ ମାସ ସେ ବଢ଼ି ବଢ଼ି ଉପରକୁ ଉଠେ । ମୁଣ୍ଡି-ସାହାଡ଼ାର ମଥା ଛୁଏଁ । ବର୍ଷା କାଳରେ ପୁଣି ଛୁଡ଼ି ଛୁଡ଼ି ଯାଏ । ମୁଣ୍ଡି ସାହାଡ଼ାର ଅଧାଯାଏ ଖସି ଆସେ । ହୁଙ୍କା ମୂଳରେ ଗାତ । ବେଳେ ବେଳେ ନାଗସାପ ବାହାରି ଠାକୁରାଣୀଙ୍କୁ ପ୍ରଦକ୍ଷିଣ କରେ । ପୁଣି ଗାଡ଼ରେ ପଶେ ।

ବାସୁକିର ପ୍ର-ପଣ-ନାତି ସେ । ଶିବଙ୍କର ପଇତା । ମୁଣ୍ଡି ସାହାଡ଼ରେ ହରପ୍ରିୟା ଠାକୁରାଣୀ କି ତାଙ୍କର କେଉଁ ପୋଇଲି-ପରିବାରର ଅଂଶ ବିରାଜମାନ । ତାଙ୍କର ଦେହ-ରକ୍ଷୀ ରୂପେ ଶିବଙ୍କ ନାଗର ଗୃହର ବାହାର କେଉଁ ହରିଜନ-ନାଗ ପିଲାର ନାତି-ପନୋତି ନାଗ ବଛା ଠାକୁରାଣୀଙ୍କୁ ଜଗି ରହିଛି । ପଛରେ ପୁଣି କୈଳାସପର୍ବତର ନମୂନା ।

ରାଧି ଯେଉଁଦିନ ବୋହୂ ହୋଇ ଆସିଥିଲା, ମୁଣ୍ଡି-ସାହାଡ଼ାକୁ ପ୍ରଣାମ କରିଥିଲା । ଠାକୁରାଣୀଙ୍କ ପାଖରେ ପୂଜା, ବାଜା, ଭେଗଦିଗ ମଧ୍ୟ ହୋଇଥିଲା । ପଚିଶ ବର୍ଷ କାଳ ସେ ଏଇଆ ଦେଖି ଆସିଛି । ଭଲ ମନ୍ଦ ସବୁ କାମରେ । ହିସାବ କଲେ ଜଣା ପଡ଼ିବ—କେତେ ଛେଳି, ମେଣ୍ଢା, କୁକୁଡ଼ାର ରକ୍ତ ମୁଣ୍ଡି-ସାହାଡ଼ା ତଳେ ଢଳା ହୋଇଛି । ଠାକୁରାଣୀଙ୍କୁ ସନ୍ତୋଷ କରି ହୋଇଚି । ଗଛରେ ଯେତେ ପତର ସେତିକି ଆତ୍ମା ସେଥିରେ ଆଶ୍ରା ନେଇଛନ୍ତି । ସମସ୍ତେ କଲ୍ୟାଣ କରୁଛନ୍ତି— ବାହ୍ମଣପୁରର ମଙ୍ଗଳ ହେଉ—

କାହାର କ'ଣ ମଙ୍ଗଳ ହୋଇଛି କି ନାହିଁ; ରାଧିର ମଙ୍ଗଳ ତା'ର ଖଣ୍ଡିଆ କୁଡ଼ିଆରୁ ଜଣାଯାଏ । ମୁଣ୍ଡରେ କେଉଁ କେଉଁ ବାଳ ପାଚିଲାଣି । ଦାନ୍ତ କେତୋଟି ହଲିଲାଣି । ଦେହ ହେଲାଣି ପଥୁରିଆ । ମନ ହେଲାଣି ଟାଣ—ଠିକ୍ ଯେମିତି ନଈ ସେପାରି ପାହାଡ଼ ଉପରର ପଥର । ଜୀବନଟା ଏଇ ବାହୁଦା ନଈର ରୁକ୍ଷ ବାଲି ପନ୍ତାର ପରି ନିରସ, ଅନୁର୍ବର, ଅନାବଶ୍ୟକ ।

ପଚିଶି ବର୍ଷର ଇତିହାସ—ଆଜି ରାଧିକୁ କରିଛି ମୂଳିଆଣୀ । ସେ ବି ହୋଇଛି ଠିକ୍ ଏଇ ମୁଣ୍ଡି-ସାହାଡ଼ା ପରି । ଦୁଇ କୁଳରେ ତା'ର ଆଉ କେହି ନାହିଁ । ସବୁ ସେ ସହିଛି । ତଥାପି ସେ ବଞ୍ଚିଛି । ବଞ୍ଚିବା ପାଇଁ ମୂଲ ଲାଗୁଛି । ଭବିଷ୍ୟତ ପାଇଁ ପୁଣି ସଞ୍ଚିରଖୁଛି । ଭବିଷ୍ୟତ । ଆହୁରି ତହିଁରେ ଆସ୍ଥା ।

ପଚିଶ ବର୍ଷର କରୁଣ ଇତିହାସ । ସମସ୍ତେ ତା'ର ମରି ହଜିଗଲେ । ଗୋଟିକ ପରେ ଗୋଟିଏ । ଠାକୁରାଣୀକୁ ସନ୍ତୋଷ କରିବାକୁ ଜଣେକର ମରଣ ପରେ ସେଇ ମୁଣ୍ଡି-ସାହାଡ଼ା ତଳେ ବୋଦା ରକ୍ତ ଢାଳିଛି । କାକୁତି ମିନତି ହୋଇ ଆଖିର ଲୁହ ନିଗାଡ଼ିଛି । ତଥାପି ଦେବତା ଶୁଣିନାହିଁ । କିଏ ଆଗରେ ଗଲା । କିଏ

କାହା ପଛରେ । କ'ଣ ହୋଇଥିଲା, କାହିଁରେ ଗଲେ, ଏସବୁ ବର୍ଣ୍ଣନା କରି ଲାଭ ନାହିଁ । ସମସ୍ତେ ଗଲେ । ଦଶବର୍ଷ ତଳେ ସେଇ ଅଲକ୍ଷଣୀ । ଘରେ ରହିଗଲେ ଦିଓଟି ବିଧବା—ରାଧା ଓ ତା'ର ଜା' ମୋତି ସତର ବର୍ଷର ଟୋକୀ ।

ସେଇ ବର୍ଷ ବ୍ରହ୍ମପୁରରେ ଲାଗିଲା ନିଆଁ । ଅନେକ ଘର ପୋଡ଼ି ଜଳି ପାଉଁଶ ହେଲା । ରାଧିର ଘର ବି । ସମସ୍ତେ ଭଲ ଘର ତୋଳିଲେ । ରାଧି ତୋଳିଲା ଦୁଇବଖରା କୁଡ଼ିଆ । ବଡ଼ଘର ତା'ର ହେବ କ'ଣ ? କିଏ ଭୋଗ କରିବେ ? ଶଶୁର ଉପାର କୃଷ୍ଣମୂର୍ତ୍ତି କୁମୁଟି ଠାରୁ କରଜ ଆଣି ଦୁଇ ପୁଅଙ୍କର ବାହାଘର କରିଥିଲେ । ଗେରସ୍ତ ଓ ଦିଅର ବଶି ପାଣ୍ଡଠାରୁ କରଜ ଆଣି ବାପ ମା'ଙ୍କର ଶୁଦ୍ଧି ଓ ଭଉଣୀର ବାହାଘର କଲେ । ସ୍ୱାମୀ ଓ ଦିଅରଙ୍କର ଚିକିତ୍ସା ପାଇଁ ପୁଣି ପ୍ରେତ କ୍ରିୟା ପାଇଁ ରାମ ପଟ୍ଟନାୟକ ଘରେ କାଗଜ ସନ୍ତକ କରି ରାଧି ଓ ମୋତି ଟଙ୍କା ଆଣିଥିଲେ ।

କୁମୁଟି, ବ୍ରାହ୍ମଣ ଓ କରଣ ତିନିହେଁ ବିଚାର କରି ରାଧି ମୋତିଙ୍କର ସମ୍ପତ୍ତି ବାଡ଼ି ବଣ୍ଟାବଣ୍ଟି କରି ନେଲେ । ଖାଲି ଘର ଡିହ ଓ ଏଇ ଦରଭଙ୍ଗା କୁଡ଼ିଆ ଖଣ୍ଡେ ଛାଡ଼ି ଦେଲେ । ଭବିଷ୍ୟତରେ ନେବେ ବୋଲି ଆଶା ଥାଏ । ସବୁ ଦଶବରଷ ତଳର ଘଟଣା ।

ଦିନେ ରାତିରେ—

ସେଇ କୁଡ଼ିଆ ଘରେ । ମୋତିର ମୁଣ୍ଡକୁ କୋଳରେ ପୂରେଇ ରାଧା ଶୋଇ ସପନ ଦେଖୁଛି । ସବୁ ଦୁଃଖର ସପନ । ଅଙ୍ଗେ ନିଭେଇଲା କଥା । ନିଦ ଭାଙ୍ଗିଲା । ଆଖିରୁ ଗଡ଼ି ଆସୁଥିବା ଲୁହ ପୋଛିଲା । ଅନ୍ଧାରରେ ମୋତିର ମୁଣ୍ଡ ଆଉଁସିଲା ।

ମୋତିର ନିଦ ଭାଙ୍ଗିଲା । ପଚାରିଲା, କ'ଣ ଅପା ?

ରାଧା ତା'ର ହାତଧରି ଅଙ୍ଗେଇ ଅଙ୍ଗେଇ କହିଲା, ମୋତି ଲୋ, ଅବଗୁଣ ପାଇବୁ ନାହିଁ । ତୋ'ରି କଥା ଭାବୁଥିଲି । ସବୁତ ଗଲା । ସାହା ସମ୍ବଳ କିଛି ନାହିଁ । ଟୋକୀ ବୟସ ତୋ'ର । ତୁ ଦୁତିଅ ହୋଇ ଯା ।

ମୋତି ଚମକି ଉଠିଲା । ରାଧି ହାତରୁ ହାତ ଟାଣି ନେଲା ।

ରାଧା ତା'ମନ କଥା ବୁଝିଲା । କହିଲା ରାଗିଲୁ କି ? ରାଗନା ମୋତି । ତୋର ଭଲକୁ କହୁଛି । ଲୋକେ ପଙ୍କକୁ ସିନା ଠେଲି ଦେବେ, ବୁଡ଼ିଗଲା ମଣିଷକୁ ଉଧାରିବାକୁ କେହି ହାତ ବଢ଼େଇବେ ନାହିଁ । କୃଷ୍ଣମୂର୍ତ୍ତି ଅନ୍ଧାରରେ ଆସି ଅନ୍ଧାରରେ ଯାଉଛି ସିନା, ଆମମାନଙ୍କ କପାଳକୁ କିଛି ଅଛପା ରହିବ ନାହିଁ ।

ସାପ ପରି ଫଁ ଫଁ ହେଲା ମୋଢ଼ । ଟହିଁକା ଛୁଡ଼ରେ ହାତ ଘୁପି କହିଲା, ଭାରି ସତୀ ସୁଲକ୍ଷଣୀଟା ତ !

ତା' ପାଟିରେ ହାତଦେଇ ରାଧା କହିଲା, ପାଟି କର ନାଁ । ଚଢ଼ ମାଡ଼ୁଛୁ ଯଦି ମୋ' ପିଠିରେ ଦ'ଘୁଷ୍ଟା ବସେଇ ଦେ । ତୋର ଦୋଷ ମୁଁ ଦଉ ନାହିଁ । ନିଜକୁ ସତୀ ସୁଲକ୍ଷଣୀ ବୋଲି କହୁନାହିଁ, ଅଙ୍ଗେ ଯାହା ନିଭେଇଛୁ, ସେଇ କଥା ତତେ କହୁଛୁ । ମୋ' ସାନ କୁହା ମାନ । ମୋ କଥାରେ ହଁ ଭର । ମା' ହେବାକୁ ସମସ୍ତଙ୍କ ମନ ହୁଏ । ମା' ହେବାକୁ ଦଶଦଶ ଅନ୍ଧାର ଦଶେ ଲୋ ମୋଢ଼ । ତୋ' ଦୋଷ ଦଉ ନାହିଁ କି ମୋର ଚହଲା ମନ ପାଇଁ ମୋ' ଦୋଷ ମୁଁ ଦେଉ ନାହିଁ । ତୋ'ର ବୟସ ଅଛି । ତୋ' ପାଇଁ ମୁଁ ଅଛି । ଦୂରରେ ଥାଇ ହେଲେ, ତୋର ସୁଖ ଟିକେ ଦେଖେଁ ।

ମୋଢ଼ ଲୋ—

ରାଧା ତୁନି ହେଲା ।

ମୋଢ଼ ଥକ୍କା ହୋଇ ଭାବିଲା ।

ଖରାଦିନ । ବାହାରେ ଉଜ୍ଜ୍ୱଳ ଜହ୍ନ ଆଲୁଅ । ନିଶବଦ ରାତି । କୁଢ଼ିଆ କଡ଼ ଆମ୍ବ ଗଛ ଚୁଇ ଆଡ଼୍ ଖଣ୍ଡି କାଶ ଶୁଭିଲା ।

ମୋଢ଼ ଚମକି ଉଠିଲା । ରାଧାର ବେକ କୁଣ୍ଢେଇ ତା କାନ୍ଧ ଉପରେ ମୁଣ୍ଡ ନଦ ଦେଲା । ଗୋଟା ଛୁଏଁ ଥରୁ ଥାଏ ।

ଆମ୍ବଗଛ ଚୁଇ ଡକ୍ରୁ ଡାଳି ଶବ୍ଦ ।

ମୋଢ଼ କଟି ମିଟି କରି କୁଣ୍ଢେଇ ଧରିଲା ରାଧାକୁ । ଅଶଲ ଗଳାରେ କହିଲା, ତୋ ଇଚ୍ଛା—

ମୋଢ଼ ବୋହୂ ହୋଇଗଲା ନୂଆପଡ଼ା । ରାଧା ଘର ଛିଅ ବନ୍ଧା ପକେଇଲା । ମୋଢ଼ର ହେଲା ପୁଅ । ସାତ ବର୍ଷ ତାକୁ ପୂରିଲା ।

ରାଧା କେବେ ମୋଢ଼ ଘରକୁ ଯାଇ ନାହିଁ । ସେ ଜାଣେ, ତା'ର ଖର ନିଶ୍ୱାସରେ ସବୁ ଜଳି ଯାଇଛି । ମୋଢ଼ ପୁଅ ଗେରସ୍ତ ନେଇ ସୁଖରେ ରହୁ । ଆଇଷ ପାଇ ସଂସାରରେ ବଞ୍ଚି ରହନ୍ତୁ । ମୋଢ଼ ଖବର ପଠାଏ । ରାଧା ମନା କରେ ।

ରାଧା ଯାଇ ଥିଲା ନୂଆ ପଡ଼ା । ଆଠ ବର୍ଷ ପରେ ମୋଢ଼ ସଙ୍ଗେ ଦେଖା । ଦୁଇ ଜା'ଙ୍କର ଆଖିରୁ ଝରିଲା ଲୁହ । ସାତ ବର୍ଷର ପୁଅ ଜଟିଆ ମୁଣ୍ଡରେ ହାତ

ବୁଲେଇଲା ରାଧା । ଆଠ ବର୍ଷର ସଞ୍ଚିତ ଧନ ଟଙ୍କା କେଇଟି ମୋଡ଼ ହାତରେ ଦେଇ ଆସିଲା ।

ପନ୍ଦର ଦିନ ପରେ—

ସନ୍ଜବେଳେ ମୋଡ଼ ଘରୁ ଲୋକ ଖବର ନେଇ ଆସିଲା ଜଟିଆର ଦେହ ବଡ଼ ଖରାପ । ଜର । ଆଖି ଫିଟୁନାହିଁ । ହତଜ୍ଞାନ ହୋଇ ପଡ଼ିଛି । ମୋଡ଼ ତାକୁ ଥରେ ଯିବାକୁ ଖବର ପଠେଇଛି ।

ରାଧା ମନା କରି ପଠେଇଲା । ଖବର ଦେଲା, କୋଉ ଠାକୁର ନାମରେ ପାଣି ଛଡ଼େଇ ଦେ । ମୁଁ ଯିବିନାହିଁ ।

ଲୋକଟି ଫେରିଗଲା ରାତିରେ ।

ସେଇ ଅନ୍ଧାର ରାତିରେ—

ରାତି ଅଧ । ଆକାଶ ମେଘାଚ୍ଛନ୍ନ । ଗୋଟିଏ ହୋଇ ନକ୍ଷତ୍ର ଦିଶୁନାହିଁ । ନିଥର ପ୍ରକୃତି । ପବନର ହିଲ୍ଲୋଳ ନାହିଁ । ନିଶବ୍ଦ ।

ରାଧାର ଆଖିକୁ ନିଦ ନାହିଁ । ଯନ୍ତ୍ରଣାରେ ଛଟପଟ ମନ । କେତେ ଭୁଲ ସେ ନ କଲା ସତେ । ମନ ମାରି ଏତେ ଦିନ ତ ସେ ରହିଥିଲା । କାହିଁକି ବାଆଁରେଇ ହୋଇ ଗଲା ସେ ମୋଡ଼ ଘରକୁ । କାହିଁକି ତା'ର ପୁଅ ଜଟିଆର ମୁଣ୍ଡରେ ହାତ ବୁଲେଇଲା ? ଦୁନିଆରେ ଜନ୍ମ ହୋଇ କାହାରିକୁ ସ୍ନେହ କରିବାର ଅଧିକାର ତା'ର ନାହିଁ । ଯାହାକୁ ସେ ସ୍ନେହ କରିଛି ତା'ର ହୋଇଛି ଅମଙ୍ଗଳ ।

ସତେ କ'ଣ ଜଟିଆ ବଞ୍ଚିବ ? ଜଟିଆକୁ ସେ ସ୍ନେହ ଭରା ଆଖିରେ ଚାହିଁଥିଲା । ତାକୁ ସେ ଆଦର କରିଥିଲା । ପେଟ ତାର ପୂରି ଉଠିଥିଲା । ଦଇବ କ'ଣ ସହିବ ? ଠାକୁର ଠାକୁରାଣୀଙ୍କୁ ସେ ଆଉ ଡାକିବ ନାହିଁ । କେତେ ତ ଡାକିଛି । କେହି କେବେ ଶୁଣି ନାହାନ୍ତି । ମୁଣ୍ଡି ସାହାଡ଼ା ତଳେ ଉପାଧିଆ ପଣ୍ଡା ରାତି ରାତି କଟେଇଛି । ତଳେ ମୁଣ୍ଡ କୋଡ଼ି ରକ୍ତ ବାହାର କରିଛି । ତଥାପି ଠାକୁରାଣୀ ଶୁଣି ନାହାନ୍ତି ।

ରାତି ପାହିଲେ ଅଶୁଭ ଖବର ଆସିବ । କେତେ ଅଶୁଭ ଖବର ତ ତା' ମନରେ ଭେଦିଛି । ଜଟିଆର ମରଣ ଖବର ବି ସେମିତି ତା' କାନରେ ବାଜିବ । ମନରେ ପଶିବ । ହୁଏତ ଥକ୍‌କା ହୋଇ ଘଣ୍ଟାଏ ବସିବ । ଆଖିରୁ ଲୁହ ଗଡ଼େଇବ । ପେଟ ତାଡିଲେ ସବୁ ଦୁଃଖ ଗ୍ଲାନି ତଳେ ଚପେଇ ଗଲା କଥା ପଛକୁ ପକାଇ ପୁଣି ବାହାରି ପଡ଼ିବ ସେ ମୂଲ ଲାଗିବାକୁ ।

ମନର କୋହ ରାଧା ସହି ପାରିଲା ନାହିଁ । ଦେବତାକୁ ସେ ଆଉ ପୂଜା କରିବ ନାହିଁ । ଦେବତା କେବେ ମଣିଷର କଥା ଭାବେ ନାହିଁ । ଏଇ ଯେଉଁ ମୁଣ୍ଡି-ସାହାଡ଼ା, ଯାହାର ମୂଳରେ ମଣିଷ ତା'ର ଭକ୍ତି ଅଜାଡ଼ି ଦେଇ ଗୁହାରି କରିଛି ।

ତାହାର ଦେହରେ ଠାକୁରାଣୀ ବକେ କରିଛନ୍ତି, ଜୁଳୁ ଜୁଳୁ କରି ସବୁ ଦେଖୁଛି । କାହିଁକି ସେ ରହିବ ? ପୂଜା ପାଣି ପାଇବ ? ସବୁ ତ ଗଲା । ସେ ବି ଯାଉ । ଠାକୁରାଣୀ ତା'ର ସର୍ବନାଶ କରିଛି । ସେ ତା'କୁ ଛାଡ଼ିବ କାହିଁକି ? ରାଧା ମନ ଉଲ୍ଲାସରେ ହସିଲା । ସେ ଦୁର୍ବଳ ମଣିଷ ଉପରେ ଦାଉ ସାଧି ପାରିବ ନାହିଁ । ଦେବତାଙ୍କୁ ନିଜର କରାମତି ଦେଖାଇବ । ଲୋକେ ତା'ର ଯାହା କରିବାର କରନ୍ତୁ ।

ରାଧା ଉଠିଲା । ଅନ୍ଧାରରେ ଦରାଣ୍ଡି ଦରାଣ୍ଡି କ'ଣ ଖୋଜିଲା ।

ରାତି ପାହିଲା ।

ମୁଣ୍ଡି ସାହାଡ଼ା ମୂଳରେ ଲୋକ ଜମା ହୋଇଛନ୍ତି । ରାଧା ଜିଭ କାମୁଡ଼ି ପଡ଼ିଛି । ଦୂରରେ ଛିଟିକି ପଡ଼ିଛି ଟାଙ୍ଗିଆ ଖଣ୍ଡେ । ମୁଣ୍ଡି ସାହାଡ଼ା ମୂଳରେ ଦ'ସ୍ତର ଗୋଟେ କୁରାଡି ଦାଗ, କ୍ଷୀର ନିଗିଡ଼ି ପଡ଼ୁଛି ।

ରାଧାର ପାଦ ଉପରେ ନାଗ ଦଂଶନର ଚିହ୍ନ । ଛୋଟ ଛୋଟ ଦଓଟି ଦାଗ ।

ଠାକୁରାଣୀର ପ୍ରତାପ !

---

# ଚ୍ରମଚ

**ଶ୍ରୀ ସତ୍ୟାନନ୍ଦ ବେହୁରା**

ମାମୁଁଘର ବାହାଘର, ତୁ ଚୁପ୍‌ମାରି ବସିଲୁ କ'ଣ ବା ? ବୋପା ଅଛି ବୁଝିବ···ଆକ୍ଷେପୋକ୍ତି ନିଶାକରର ମା'ର ।

ବୋପା ନ ଥାଉ, ମା'ତ ଅଛି, ପରିହାସ ଛଳରେ ତା ମା'କୁ ନିଶାକର କହିଥିଲା ।

ନିଶାକରର ସ୍ତ୍ରୀ ତୁଣ ବଘାରିବାପାଇଁ ଫୁଟଣା ପକାଉଥିଲା ହାଣ୍ଡିରେ ।

ହଁ, ମୁଁ ବୁଝିବି ନା ! ବୁଝିବ, ବୁଝିବନି କିମିତି, ଅଧାବାଟିଆ ଅଧବାଟରେ ବସାଇଦେଇ ଯାଇଛି ତମଠୁ ନିଶ୍ୱାସ ଶୁଣିବା ପାଇଁ···ଘରଘରେ ମୁଣ୍ଡ ବିକି ତମକୁ ପ୍ରତିପୋଷଣ କରୁଥିଲି···

ତୋ ବାପାକୁ କହିଲୁ ନା ବଢିଆ ରୋଜଗାରିଆ ଜ୍ୱାଇଁଟାଏ କରିଥାନ୍ତା ! ମୋ ବାପାକୁ କିଆଁ ଜ୍ୱାଇଁ କଲା ।

ଥାଉ, ଥାଉ ସେଗୁଡ଼ାକ ଉଖାରି ହ'ନା । ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବେ ।

ହେଉ ତ ଫିଟାଇ କହିବୁ, ଏମିତି ଫୋପାଡ଼ିଲା ଭଳି କିଆଁ କହୁଛୁ ?

ସେମାନେ ବଡ଼ଲୋକ । ପାଞ୍ଚଲୋକଙ୍କ ମନକୁ ପାଇଲାଭଳି ଦେଖର ଦେବା ଗୃହ । ଆଉ ଫେର୍ କ'ଣ କହିବ ?

ଦଆସିବ ବୋଉ, ଦଆସିବ । ଆମ ସାଧ୍ୟକୁ ଅନାଇ ଆମେ ଦେବା । ବଡ଼-ଲୋକ ·ସାନଲୋକ ସମାଜରେ ରହିବେ । ମୋ ବଡ଼ଘରକୁ ମାମୁଁ ମାଇଁ ତାଙ୍କ ଗାଡ଼ିରେ ବସି ହାର, ମୁଦି, ଦାମିକା ଶାଢ଼ୀ ଆଉ କେତେ ଜିନିଷ ଆଣିକରି ଆସିଥିଲେ । ଆମର ତ ଗାଡ଼ି ନାହିଁ । ଆମର ଟଙ୍କା କେଉଁଠି ଅଛି ? ଯେତିକି ପାରିବା ସେତିକି ଦବା । ପ୍ରତିଯୋଗିତା ମୁଁ କିପରି କରିବି ? ତୁ ସମସ୍ୟା ସୃଷ୍ଟି କରନା, ସମାଧାନ କର ।

ବେଶ୍, ତୋର ଯାହା ଖୁସି, ତୁ ତାହା କର । ମୁଁ ପାଟି ଫିଟାଇବି ନାହିଁ ।

ପାଟି ନ ଫିଟାଇବାକୁ କିଏ କହିଲା ?

ଭୁଲି ପଡ଼ିଥିଲା ନିଶାକରର ମା’ । ଅତୀତର ବହୁ ଘଟଣା ଯେମିତି ତା’ କଣ୍ଠ ନାଳୀକୁ ଚୁପ୍ କରିଦେଇଥିଲା !

ହେଲା ଯା—ଶୁଣ, ତାଙ୍କର ତ ଦୁଇ ପୁଅଙ୍କର ବାହାଘର ଏକାବେଳେକେ । ତେଣୁ ଦୁଇଯୋଡ଼ା ଲୁଗା, ଦୁଇଶହ ଟଙ୍କା ଦବା । ତୁ ଯିବୁ । ବୋହୂ ଦୁହିଁଙ୍କ ଦୋଅଣୀ ଓଜନର ଦୁଇଟି ସୁନା ମୁଦି ଦବୁ । ୟାକୁ ଭୁଲିଗଲା ବେଳକୁ ମୋର ଅଠାଠିକ୍··· ଆମକୁ ଅନାଇଲା ବେଳକୁ ଇଏ ତ ବୁକେଇ ପଡ଼ିଲାଣି । ମନକୁ ପାଉଛୁଟି ? ସେ ମୁରୁକି ହସି କହିଲା—ୟାଙ୍କୁ ଦେଖ, ଇଏ ଖାଉଛନ୍ତି ଜିରା ମରିଚ ଛୁଙ୍କ ।

ଆଜି ନିଶାକର ମାମୁଁଙ୍କର ଅଭ୍ୟର୍ଥନା ।

ବୋହୂ ଦହିଁକ ଦେଖିବେ ନିମନ୍ତ୍ରିତ ବନ୍ଧୁ । ଆତ୍ମୀୟ ଓ ଅନାତ୍ମୀୟ··· ନିର୍ଘଣ୍ଟ ସମୟ—ରାତି ଆଠ ।

ବଫେ ଡିନର୍ ।

ସଜ୍ଜିତ ଟେବୁଲ ।

ସଫେଦ୍ ଧୋବ କ୍ଲଥର ଉପରେ ରଖା ଯାଇଛି—ଷ୍ଟେନଲେସ୍ ଷ୍ଟିଲର ହରେକ ରକମର ଡେକ୍‌ଚି ଓ ଚାମଚ । ବିରିଆନି, ଲୁଚି, ମାଂସ ତରକାରି, କୋବି ଆଳୁ ତରକାରି ଫିସ୍ ଫ୍ରାଇ, ମାଛଭଜା । ମାଛ କଟ୍‌ଲେଟ୍ ଓ ଚପ୍ · ଅନ୍ୟ ଏକ ଟେବୁଲରେ ରାବିଡ଼ି, ଖିରି ଓ ପୁଡ଼ିଙ୍ଗ, ସବୁ ଟେବୁଲରେ ପ୍ଲେଟ, କଣ୍ଟା ଚାମଚ ଓ ବିଭିନ୍ନ ରକମର ସାଇଜର ଚାମଚ, ବଡ଼ ବଡ଼ ପରଷିବା ଚାମଚ ମଧ୍ୟ ଅଛି । ଭଦ୍ର ମହିଳା ଓ ଭଦ୍ର ବ୍ୟକ୍ତି ଏଇ ବଡ଼ ଚାମଚରେ ନିଜେ ବାଢ଼ିବେ ନିଜପାଇଁ ପ୍ଲେଟରେ । ବୁଲି ବୁଲି ଖାଇବେ । ଠିଆ ଭୋଜନ ।

ବିଜ୍ଞାପନ ଅଛି—ଆମିଷ ଓ ନିରାମିଷ ।

ବଗିଚା ଭିତରେ ଅନେକ ଗଛ । ସେଥିରେ ଲାଇଟ୍ ବଲ୍‌ବ ଖଞ୍ଜା ଯାଇଛି । ସବୁ ଅପ୍ରାକୃତିକ ହେଲେ ବି ମଣିଷ ତାକୁ ଆବିଷ୍କାର ଓ ଉଦ୍ଭାବନ ଫଳରେ ପ୍ରାକୃତିକ କରି ପକାଇଛି । ତା’ର ମୌଳିକ ପ୍ରକୃତି ବି ସିନ୍‌ଥେଟିକ ହୋଇଗଲାଣି । ବସ୍ତୁତଃ ନିଶାକରର ମାମୁଁଙ୍କ ଭଳି ଲୋକଙ୍କର ଏହିଟି ଅଲୌକିକ ସାମାଜିକ ଆବିଷ୍କାର । ସମସ୍ତେ ପ୍ୟାଣ୍ଟ୍, କୋଟ୍, ଟାଇ ଭିଡ଼ି ଆସିଛନ୍ତି । ସମାଜର ଏଗୁଡ଼ିକ ବିଶିଷ୍ଟ ଜୀବ, ୟାଙ୍କର ଅଲଗା ସମାଜ ।

ଚନ୍ଦ୍ରାତପ—ରଙ୍ଗର ମନୋରମ, ଆଲୋକସଜ୍ଜା ତାକୁ ମାତ୍ କରି ଦେଇଛି । ଦାରିଦ୍ର୍ୟକୁ ଉପହାସ କିନା !

ମନଖୁସିରେ ଇଂରେଜ, ହିନ୍ଦୀରେ କଥାବାର୍ତ୍ତା ହେଉଛନ୍ତି । ଖାଲି ଇଂରେଜ ଟାଇଭିଡ଼ା କାଳିଆ ବାବୁଙ୍କର ସୁନ୍ଦର ଇଂରାଜୀ ଉଚ୍ଚାରଣ !! କୋକିଳ ବେଶରେ କାକ !

ଦେଖ, ଦେଖ, ଦଳ ଦଳ ପିଲା, ବୁଢ଼ା, ଯୁବା ପଶିଆସୁଥାନ୍ତି । ଅନିମନ୍ତ୍ରିତ ଏମାନେ ।

ଲଜ୍ଜା ସଙ୍କୋଚ ନାହିଁ । ମାନ ଦାବୀ କରି ବସିଛନ୍ତି—ଇଏ ଖାଇବେ । ଆମେ କିଆଁ ନ ଖାଇବୁ ।

କିଏ ସମାଧାନ କରିବ ? ସାମାଜିକ ବୈଷମ୍ୟ ।

ଏଇ ଅନିମନ୍ତ୍ରିତମାନେ ବି କଣ୍ଟା ଚାମଚ ବ୍ୟବହାର କରିଥିଲେ—ହାସ୍ୟ ହତଭାଗ୍ୟ !

ପାଣିକଳ ବାଡ଼ ପାଖରେ । ଦାନ୍ତ ଧୋଇଲେ । ମୁହଁ ଧୋଇଲେ । ଚାମଚ ପ୍ଲେଟ୍ କେଉଁଠି ରଖିଲେ ? ହରିଲୁ ବଫେ ଡିନର୍ ··

ତା ପରଦିନ ସକାଳେ ।

ଆଇ. ଏ. ଏସ୍. ଗୃହସ୍ୱାମୀ ସର୍କିଟ ହାଉସ୍, ପାନ୍ଥ ନିବାସ ଆଦି ସରକାରୀ ସଂସ୍ଥାରୁ ଆଣିଥିବା ଗ୍ଲାସ, ପ୍ଲେଟ, ଚାମଚ, ଡେକଚି ଆଦି ଲୋକ ଲଗାଇ ଯାଞ୍ଚକଲେ ସଂରକ୍ଷିତ ତାଲିକା ସହିତ । ଗ୍ଲାସ ହଜିଛି ୨୫ଟା । ପ୍ଲେଟ ହଜିଛି ୧୮ଟା । ଚାମଚ ୨୨ଟା ଭରଣା ଦେବାକୁ ପଡ଼ିବ । ଖୋଜା ଚାଲିଲା ।

ଆଇ. ଏ. ଏସ୍. ଗୃହସ୍ୱାମୀ ହକା କରୁଥାନ୍ତି—କୁଆଡ଼େ ଗଲା ଚାମଚ ! କୁଆଡ଼େ ଗଲା ।

ନିଶାକରର ମା ଆସିଥିଲେ ଏଇ ଭୋଜିକି । ଖୋଜାଳୀଙ୍କ ମଧ୍ୟରେ ସେ ବି ଥିଲା । ଶହ ଶହ ଚାମଚ । ମାତ୍ର ୨୨ଟି ଉଣା । କଳମୂଳ, ବାଡ଼ମୂଳ, ଗଛମୂଳ—ସବୁ ଖୋଜାଗଲା । ଗଛମୂଳରୁ ସେ ଗୋଟିଏ ଚାମଚ ନେଇ କଳ ପାଣିରେ ଧୋଇ ଅଣ୍ଟାରେ ଖୋସିଦେଲେ ସମସ୍ତଙ୍କ ଅଲକ୍ଷ୍ୟରେ । ମିଳିଲା ନଅ । ଅବଶିଷ୍ଟ ୧୩ଟି ଗୃହିଣୀ ନିଜ କାଠ ସିନ୍ଦୁକରୁ ବାହାର କରି ଦେଲେ । ଜିନିଷ ପୈଠ ହୋଇଗଲା । ନିଅଣ୍ଟ ବଜାରରୁ କିଣା ଯାଇ ଭରଣା କରାଗଲା ।

ଯେଉଁମାନେ ଦୂରରୁ ଆସିଥିଲେ ସେମାନେ ବିଦାୟ ହୋଇଗଲେ । ନିଶାକରର ମା ବିଦାୟ ନେବାକୁ ବାହାରିଲାରୁ ଆଇ. ଏ. ଏସ୍. ଭାଇ ବାରଣ କରି କହିଲେ—ରହ, ଶିବୁତ···

ଦିନେ ରହିଲା । ସନ୍ଧ୍ୟାକୁ କହିଲା ଭାଇଙ୍କୁ—ମୁଁ କାଲି ସକାଳୁ ଯିବି । କାମଅଛି ।

ଭାଉଜ କପଡ଼ାଲତା ଆଣି ଦେଲେ । ଖଣ୍ଡିଏ ସୁଟ୍‌କେସ୍ ସେ ଆଣିଥିଲା ତାଙ୍କ ଘରୁ । ଗୃହିଣୀ ତାକୁ ସଜାଡ଼ି ଦେବାକୁ କହିଲାରୁ ସେ ସଙ୍କୁଚିତ ହୋଇ କହିଲା—ନା, ଥାଉ, ତମେ ରଖିଦିଅ । ମୁଁ ସଜାଡ଼ି ଦେବି । ଥାଉ ତ ଲୁଗା ଅଛି···

ସୁଟକେସ୍‌ର ସବାତଳେ ଗ୍ରମଚ ରଖାଯାଇଥିଲା । ଭାଉଜ କାର୍ଯ୍ୟାନ୍ତରେ ଗଲାରୁ ସେ ସଜାଡ଼ିବାକୁ ବସିଲା । ମନ ଚକିତ, ଚଞ୍ଚଳ ଓ ଚଙ୍ଗଚଙ୍ଗ । କିଏ ଲୁଚି ଲୁଚି ତାକୁ ଦେଖୁଛି ! ମନଟାକୁ ଏ ଭାବ ଆଚ୍ଛନ୍ନ କରି ରଖିଥିଲା । କେହି ଦେଖି ନ ହାନ୍ତି ।

ରାତିରେ ଶୋଇଲା ସିଏ । ଜମା ନିଦ ମାଡ଼ୁ ନ ଥାଏ । ଗୁଉଁ ଗୁଉଁଆ ଲାଗୁଥାଏ । କେତେବେଳକୁ ମନେ ପଡ଼ିଲା । କେତେଦିନ ତଳେ ତାର ପ୍ରଥମ ନାତି ହେଲା । ଭାରି ଖୁସି । ମାତ୍ର ବୋହୂର କ୍ଷୀର ନ ଥିଲା । ନାତି କାନ୍ଦେ । ସେ ତ.କୁ ଗାଈ ଦୁଧ ପିଆଇଲା । ଶାମୁକାରେ ଦୁଧ ପିଏ ନାତି । ରୋଜ ଶାମୁକା ଭାଙ୍ଗେ । କେଉଁଦିନ ଖଲେଇ କେଉଁଦିନ ମଣିଷ ଗୋଡ଼ ପଡ଼ିଯାଏ ତା ଉପରେ, କେଉଁଦିନ କାଉ ନେଇଯାଏ । ବୋହୂ ମାଗେ ଶାମୁକା । ସେ ବିରକ୍ତ ହୋଇ ଦିନେ କହିଥିଲା—ବାପା ତୋର ନାତି ପାଇଁ ତିନିଟା ଟଙ୍କା ଖର୍ଚ୍ଚ କରି ଗୋଟାଏ ଗ୍ରମଚ ଦେଲାନି ? ରୋଜ ମୁଁ କେତେ ଶାମୁକା ତଟେ ଯୋଗାଇବି ? ପାଣ ସାହିକି ରୋଜ ଯାଉଥିବି ।

ହଇ ଭାଉଜ, କାହାକୁ ମାଗିଥିଲେ କେତେ ସେ ଦେଇନଥାନ୍ତେ ? ତା ମର୍ଯ୍ୟାଦା ଓ ଭାଇର ମର୍ଯ୍ୟାଦା ସେ ତୁଳି ବସି ଜଟିଳ ବୈଷମ୍ୟରେ ପଡ଼ିଲା । ତୁଣ୍ଡ ଫିଟି ନ ଥିଲା । ପ୍ରଶ୍ନ ଉଠିଥିଲା ତା ମନରେ, ସଙ୍କୁଚିତ ହୋଇଥିଲା ସିନା, ତୁଣ୍ଡ ଫିଟି ନଥିଲା । ଭାଉଜ ପାଖରେ ଛୋଟ ହୋଇଯିବ ?

ରାତି ଉଜାଗର । 'ହେ ପ୍ରଭୁ ରାତି ପାହୁନ ଯେ···କେମିତି ଯିବି' ।

ବୋହୂକୁ କହିବ – ତୋ ବୋପା ଦେଇ ନଥିଲା, ନେ ମୋ ଭାଇ ଦେଇଛି । ହାସ୍ୟ, ହାସ୍ୟ···

ସକାଳ ହେଲା । ବସ୍‌ରେ ବସିକରି ଯିବ ନିଶାକରର ମା । ତାଙ୍କ ଗାଁ ଯଜପୁର ବସ୍‌ରେ ଟିକଟ ଦେଇ ବସାଇ ଦେଲା ଭାଇଙ୍କ ଚପରାସୀ । ସେ ସୁଟ୍‌କେସ୍‌ଟି ତା ବସିବା ବେଞ୍ଚ ତଳ ଜାଗାରେ ରଖିଦେବା ପାଇଁ ଚପରାସିକୁ କହିଲା । ସୁଟ୍‌କେସ୍‌ର କବଜା ଫିଟିଥିଲା । ଚପରାସୀ ତାକୁ ହଳ କରିବାକୁ କହିଲାରୁ ସେ ଏକା ଜାଗର କରି

ମନାକଲା—ଥାଉ ଥାଉ, ମୁଁ କରିଦେବି । ଶଙ୍କିତ ଭାବ ବୁକୁ ଭିତରେ ଯନ୍ତ୍ରଣା ସୃଷ୍ଟିକରି ଦେଉଥାନ୍ତି । ବସ୍ ଠିକ୍ ସମୟରେ ଛାଡ଼ିଲା ।

ପାଣିକୋଇଲି ଛକ ।

ପାଞ୍ଚଜଣ ଅବକାରୀବାଲା ଜାମାଜୋଡ଼ା ହୋଇ ସେଠି ଏହି ବସ୍‌କୁ ଅପେକ୍ଷା କରିଥିଲେ । ବସ୍ ପହଞ୍ଚିଲାକ୍ଷଣି ତାଙ୍କ ସବ୍‌ଇନସ୍‌ପେକ୍ଟର କଣ୍ଡକ୍ଟରକୁ କହିଲା—ବସ ତଲାସି କରାଯିବ ।

ସେ ପ୍ରତିବାଦ କରି ନ ଥିଲା । ମାତ୍ର ଜଣେ ମହିଳା ପ୍ରତିବାଦ କରି କହିଥିଲା—ମୋ ସୁଟ୍‌କେସ୍‌ରେ କିଛି ଅବକାରୀ ମାଲ ନାହିଁ । ତମେ କାହିଁକି ଫିଟାଇ ନାରାଣ ହେବ । ମୋ ଭାଇ ଆଇ. ଏ. ଏସ୍. । ମାତ୍ର ନାପିକ ବାକ୍ୟର ସହଜ ସରଳାର୍ଥ କରିଦିଅନ୍ତି ସମସ୍ତେ ତୁରନ୍ତ । ହେଲା ତାହା । ସେମାନେ ଜଣାକର ମା'ର ସୁଟ୍‌କେସ୍ ଆଗ ତଲାସ କଲେ । ଅବକାରୀ ମାଲ ବରାମଦ ହୋଇ ନ ଥିଲା । ସେ ତାଙ୍କୁ କହିଥିଲା—ଏ ଗୁମରଟି ମୋ ଭାଇ ମୋ ନାତି ପାଇଁ ଦେଇଛି ।

# ବାଜିଆ ପ୍ରସଙ୍ଗ

ଶ୍ରୀ ପୁଲିନ ବିହାରୀ ରାୟ

ପଲ୍ଲୀ ଅଞ୍ଚଳ । ମାର୍ଗଶୀର ମାସର ଶୀତ ରାତି, ଜହ୍ନ ପଡ଼ୁଛି, ରାସ୍ତାରେ ଲୋକ ଚଲାଚଳ କମିଗଲାଣି । ରାସ୍ତାକଡ଼ର ଯେ କେତୋଟି ଦୋକାନ, ସେଥିରେ ତାଟି କବାଟ ପଡ଼ିଲାଣି, ଆଲୁଅ ଲିଭିଲାଣି ।

ଗାଁ ଭିତରେ ଯେ ଯା'ର ଘରେ, ପଦାରେ କେହି ଜଣେ ଦି'ଜଣ ଯିବା ଆସିବାର ଦେଖାଯାଉଛି, ଅଧିକାଂଶ ଲୋକଙ୍କ ଦୁଆର ବନ୍ଦ ।

ଗୋଟିଏ ଘର ଭିତରେ ଜଣେ ବୁଢ଼ା ନିଜର ଗୋଦରଗୋଡ଼କୁ ଆଉଁସି ଆଉଁସି ଯନ୍ତ୍ରଣାରେ ଛଟପଟ ହୋଇ ନିଜର ପୁଅକୁ ଶଶୁରତନୟ ହିସାବରେ ବନ୍ଦନା କରି କହିବାରେ ଲାଗିଛି—କୁଆଡ଼େ ଗଲା ସେ, ଆଜି ଆସୁ, ମୁଁ ତାକୁ ଦେଖୁଛି ! ମୁଁ ତାକୁ କହୁଛି—ମୋତେ ଟିକିଏ ଡାକ୍ତରଖାନାରୁ ଔଷଧ ଆଣି ଦେଇଯା, ଯାଉଛି ଯେ, ଯାଉଛି···।

ଆଉ ଗୋଟାଏ ଘରେ ଆଲୁଅ ନାହିଁ, ଜଣେ ବୟସ୍କା ବିଧବା ସଂଧ୍ୟା ପରଠାରୁ ପ୍ରାୟ ଦଶଥର, ଥରେ ଘର, ଥରେ ରାସ୍ତାକଡ଼କୁ ଆସି ଅନଉଛି—ପୁଅ କୁଆଡ଼େ ଗଲା ? ଶେଷରେ ପୁଅକୁ ବାଡ଼ିଖିଆ ଆଖ୍ୟାଦେଇ ବିରକ୍ତ ହୋଇ ଭାବୁଛି—କ'ଣ ମଲାକି କୁଆଡ଼େ ? ଘରେ ତେଲ ନାହିଁ, ଲୁଣ ନାହିଁ, ରାତି ହେଲାଣି, ଦୋକାନ ପଡ଼ିଲାଣି, ଗଲା କୁଆଡ଼େ ?···

ଆଉ ଗୋଟାଏ ଘରେ ଜଣେ ବୁଢ଼ା ବ୍ୟସ୍ତ ହୋଇ ନିଜର ଭେଣ୍ଡା ପୁଅକୁ ଶଶୁରନନ୍ଦନ ଆଖ୍ୟା ଦେଇ ବକିବାରେ ଲାଗିଛି—ବାଛୁରୀଟା କୁଆଡ଼େ ଗଲା ? ଥିଲେ ଟିକିଏ ବାଛୁରୀଟା ଖୋଜି ଆଣି ଥା'ନ୍ତା, ମୋର କ'ଣ ବଳ ପାଉଛି । ମୁଁ କୁଆଡ଼େ ଯାଇ ପାରୁଛି ?···

ଆଉ ଜଣେ ବୁଢ଼ା ରାସ୍ତାକଡ଼ରେ ଠିଆ ହୋଇ କେତେଥର ବାଜିଆରେ ବାଜିଆରେ ଡାକି ଡାକି ଘରକୁ ଫେରିଲା । ବୁଢ଼ା ଆଉ ଡାକି ପାରିଲାନି, ମନେ ମନେ ବିରକ୍ତ ହୋଇ କହିବାକୁ ଲାଗିଲା ଆଜି ଆସୁ, ଦେଖୁଛି ତା'କୁ, ଘରେ ପଇସା ଗୋଟାଏ ନାହିଁ, ବାଆନ୍ଙ୍କ କତକି ଯାଇଥିଲେ ପାଞ୍ଚଟା ଟଙ୍କା ଆଣିଥିଲେ ଖର୍ଚ୍ଚ ହୋଇଥା'ନ୍ତା······।

ଇମିତ ସମୟରେ ପଲ୍ଲୀର ଶୀତଘୋର ନିସ୍ତବ୍ଧତା ଭଙ୍ଗ କରି ସ୍ୱରଆଢ଼େ ଝଂକୃତ ହୋଇ ଉଠିଲା—ହୁପ୍ ହୁପ୍ ହୁରରେ, ହୁପ୍ ହୁପ୍ ହୁରରେ, ପିକ୍ ପିକ୍ ଭୁର୍‌ରେ……।

ଯା ମୁହଁରେ ଯା ଉଚ୍ଚାରଣ ହେଲା, ହୁପ୍ ହୁପ୍ ହୁରରେ… ।

ଜଣେ ଦୁଇଜଣ କହୁବାର ଶୁଣାଗଲା—ଥ୍ରୀ ଚୟର୍ସ ଫର୍ ଉଦଣ୍ଡ କ୍ଲବ୍, ଥ୍ରୀ ଚୟର୍ସ ଫର୍ ଉଦଣ୍ଡ କ୍ଲବ୍……।

ଗାଁ ଖଣ୍ଡକରେ ଏ ମିଳିତ କଣ୍ଠଶବ୍ଦର ଝଙ୍କାରରେ ଶୀତ ରାତରେ ଗୋଟାଏ ଚମକ ଖେଳିଗଲା, କେତେକଙ୍କର ନିଦ ଭାଙ୍ଗିଗଲା ।

ଗର୍ଭବତୀ ବୋହୁମାନଙ୍କର ଏ ଶବ୍ଦରେ ଗର୍ଭନଷ୍ଟ ହବାର ଆଶଙ୍କା କରି ଶାଶୁମାନେ ଉପଦେଶ ଛଳରେ କହିଲେ—ବୋହୁ, କାନରେ ଆଙ୍ଗୁଳି ଦବୁଟି…… ।

ଗର୍ଭିଣୀ ଝିଅ, ଯେଉଁମାନେ ଶାଶୁଘରୁ ଆସି ବାପଘରେ ସନ୍ତାନ ପ୍ରସବ ଲାଗି ଅପେକ୍ଷା କରି ରହିଥିଲେ, ସେମାନଙ୍କର ମା'ମାନେ ଝିଅଙ୍କୁ ଆଶ୍ୱାସନା ଦେଇ କହିଲେ—ଝିଅ, କିଛି ଭୟ କରନା, କୁଳବୁଢ଼ା କୁଆଡ଼େ ଯାଇଥିଲେ, ଚଉଦ ପୁରୁଷ ପିଣ୍ଡ ପକେଇବାକୁ, ଆସି ପାଟିକରି ନିଦ ଭଙ୍ଗଉଛନ୍ତି, ଝରପୋକ ଘର ଲାଗିଛୁ ……।

କେତେଗୁଡ଼ା ସୁପ୍ତ ପକ୍ଷୀ ଏ ସମବେତ କଣ୍ଠଧ୍ୱନରେ ଚମକି ପଡ଼ି ଗୋଟାଏ ଗଛରୁ ଅନ୍ୟ ଗଛକୁ ଉଡ଼ି ଚାଲିଗଲେ ।

ପୁଣି ଶୁଣାଗଲା—ହୁପ ହୁର୍‌ରେ, ହୁପ୍ ହୁର୍‌ରେ, ପିକ ପିକ୍ ଭୁର୍‌ରେ…।

ଉଦଣ୍ଡ କ୍ଲବ୍‌ର କେତେକ ଉତ୍ସାହୀ ଯୁବକ, ଯେଉଁମାନେ ଖେଳ ଦେଖିବାକୁ ଯାଇପାରି ନ ଥିଲେ, ଗାଁ ଭିତରୁ ବାହାରି ଆସି ରାସ୍ତାକଡ଼ରେ ଠିଆ ହୋଇ ଆନନ୍ଦରେ କୁହାକୁହି ହେଲେ—ଆମ କ୍ଲବ୍ ଜିତିଛି……।

କେତେକ ଆନନ୍ଦରେ ପରସ୍ପରକୁ କୁସ୍ତାକୁସ୍ତି ହେଇ ଗଡ଼ାଗଡ଼ି ହେଇଗଲେ ।

ବାଙ୍କଆର ବାପ ଆସି ରାସ୍ତାକଡ଼ରେ ଠିଆ ହେଲା । ଅନ୍ୟାନ୍ୟ କେତେକ ବୁଢା, ଯୁଆନ ଧାଡ଼ିବାନ୍ଧି ଠିଆ ହେଲେ । ବାଙ୍କଆର ବାପକୁ ଦେଖି ଆଉ ଜଣେ ଲୋକ ଆସି କହିଲା—ହଇ ହୋ, ତୁମେ ତ ଖୁବ ଭଲ ଲୋକ । ଟଙ୍କା ଆଉ କେବେ ଦବ ? କେତେଥର ଦଉଡ଼ିବ ? ମୁଁ ତୁମକୁ ଭେଟିବା ପାଇଁ ବର୍ତ୍ତମାନ ଆସି

ପହଁଚୁଛୁ । ତୁମର ତ ଦିନବେଳା ଭେଟ ମିଳିଲା ନାହିଁ, କୁଆଡ଼େ ଲୁଚୁଛ, ଯା କଲ କଲ, ଟଙ୍କା ଦିଅ……।

ବାଜିଆର ବାପ ଏତେଦିନ ଯା'ଙ୍କୁ ଟଙ୍କା ନ ଦେଇପାରି ଲୁଚି ଲୁଚି ବୁଲୁଥିଲା, ଏ ରାତିବେଳରେ ତା'ର ହାବୁଡ଼େ ପଡ଼ିଲା । କି ବିପଦ !! କ'ଣ କହିବ ?……

ପୁଣି ଶୁଣାଗଲା—ହୁପ୍ ହୁପ୍ ହୁର୍‌ରେ, ହୁପ୍ ହୁପ୍ ହୁର୍‌ରେ……। ପିକ୍ ପିକ୍ ଭୁର୍‌ରେ……।

ବାଜିଆର ବାପ ଥରେ ଗୋଟିଏ ଢୋକ ଛେପ ଗିଳି ନ୍ୟୂନସ୍ୱରରେ କହିଲା—ବାବୁ, ସବୁ ଦୋଷ ମୋର, ଯା ହବାର ହେଲା, ଆଉ ମାସେ ସମାଳି ଯାଅ, ବାଜିଆ ଟିକିଏ କାମରେ ଲାଗିଯାଉ, ଏତେ ଦିନେ ଖଣ୍ଡେ ଚପରାସି ଚାକିରି ପାଇଛି, ମୁଁ ତୁମର ଟଙ୍କା ଦବାକୁ ଆଉ ଡେରି କରିବି ନାହିଁ……।

ଏଇ ସମୟରେ ଦୁଇ ତିନି ଜଣ ଉଦ୍ଦଣ୍ଡ କ୍ଲବ୍‌ର ଉତ୍ସାହୀ ଯୁବକ ସାଇକେଲରେ ଆସି ଓହ୍ଲାଇ ପଡ଼ି ବାଜିଆର ବାପକୁ ଦେଖି ଧଇଁ ସଇଁ ହୋଇ ଖବର ଦେଲେ—ବାଜିଆର ଡାହାଣ ଗୋଡ଼ ଭାଙ୍ଗି ଯାଇଛି, ତା'ର ଯୋଗୁ ଆମର କ୍ଲବ୍ ଆଜି ଫୁଟବଲ ଫାଇନାଲ ଖେଳରେ ଜିତିଛି, ସେ ଏକା ତିନି ଗୋଲ ଦେଇ ଆମର କ୍ଲବ୍‌କୁ ଜିତେଇଛି, ସେ ହ୍ୟାଟ୍ରିକ୍ କରିଛି । ତାକୁ ତିନି ଚାରିଜଣ ପିଲା ଟେକି ନେଇ ଡାକ୍ତରଖାନାକୁ ଗଲେଣି; ସେ ଆଉ ଠିଆ ହୋଇ ପାରୁନି, କି ଚାଲି ପାରୁନି; କିନ୍ତୁ ତା'ର ଯୋଗୁଁ ଆଜି ଆମେ ସିଲ୍ଡ଼ ପାଇଛୁ, ଆମ ଯୁବକସଙ୍ଘର ସମ୍ମାନ, ଗାଁର ସମ୍ମାନ ରହିଛି, ଆପଣ ଯଦି ତାକୁ ଦେଖିବାକୁ ଯିବେ ତ ଆସନ୍ତୁ, ସାଇକେଲ ପଛରେ ବସେଇ ଡାକ୍ତରଖାନାକୁ ନେଇଯିବୁ; ଆଉ ଡେରି କଲେ ହବନାହିଁ; ଆସନ୍ତୁ ଯଦି ଯିବେ ତ……।

ବାଜିଆର ବାପ ଗୋଲ୍ ଦବା କ'ଣ, ହ୍ୟାଟ୍ରିକ୍ କ'ଣ, ସିଲ୍ଡ଼ କ'ଣ ପାଇଛନ୍ତି, କିଛି ବୁଝିପାରିଲାନି, ବାଜିଆ ଯୋଗୁଁ ଯେ ଗାଁ'ର ଯୁବକମାନଙ୍କର କି ସମ୍ମାନ ରହିଛି, ଗାଁ'ର ଯେ କ'ଣ ସମ୍ମାନ ରହିଛି, କିଛି ବୁଝି ପାରିଲାନି; କେବଳ ବୁଝିଲା—ବାଜିଆର ଗୋଡ଼ ଭାଙ୍ଗି ଯାଇଛି, ସେ ଡାକ୍ତରଖାନାକୁ ଗଲାଣି ।

ବାଜିଆର ବାପକୁ ଜଣାଗଲା—ତା ମୁଣ୍ଡରେ ଯେମିତି ବଜ୍ରପାତ ହେଲା, ଆଖିରେ କେତେଗୁଡ଼ା ଜୁଳୁଜୁଳିଆ ପୋକ ଉଡ଼ି ବୁଲିବାର ଦେଖାଗଲା ।

ପୁଣି ପାଖରେ ଶୁଣାଗଲା—ହୁପ୍ ହୁପ୍ ହୁର୍‌ରେ, ହୁପ୍ ହୁପ୍ ଭୁର୍‌ରେ, ପିକ୍ ପିକ୍ ଭୁର୍‌ରେ……।

ଗାଁ'ର ଉଦ୍ଦଣ୍ଡ କ୍ଲବ୍‌ର ସିଲ୍‌ଡ଼ ବିଜୟୀ ଖେଳାଳିମାନେ ତାଙ୍କର ସମର୍ଥକ, ପୃଷ୍ଠପୋଷକ ଦଳ ସମସ୍ତେ ସିଲ୍‌ଡ଼ ନେଇ ଆସି ଗାଁ ଦାଣ୍ଡରେ ପହଞ୍ଚିଗଲେ । ଦୋଳ ବେଳେ ଗାଁ ଦାଣ୍ଡରେ ଗାଁର ଠାକୁର ଗୋପୀନାଥଜୀଉଙ୍କର ବିମାନକୁ ନେଇ ମେଳଣ ପଡ଼ିଆକୁ ଗଲାବେଳେ ଇମିତି ଆନନ୍ଦ କୋଳାହଳ, ଗଣ୍ଡଗୋଳ, ଗଡ଼ାଗଡ଼ି, କୁସ୍ତା-କୁସ୍ତି ଦେଖାଯାଏ ନାହିଁ ।

ପ୍ରକାଣ୍ଡ ସିଲ୍‌ଡ଼, ଗାଁ ଦାଣ୍ଡରେ ଲୋକାରଣ୍ୟ । ବଡ଼ଠୁଁ ପିଲାଯାଏ, ବୁଢ଼ାଠୁଁ ଭେଣ୍ଡା ଯାଏ, ସମସ୍ତଙ୍କର ସେଇ ଗୋଟାଏ କଥା, ଦାସେ ଆଇଲେ ମୂଳରୁ ଗା—

କଏ ଗୋଲ୍ ଦେଲା ? କେତେଟା ଗୋଲ୍ ଦେଲା ? ବାଙ୍କିଆର ଗୋଡ଼ କମିତି ଭାଙ୍ଗିଲା ? ବାଙ୍କିଆ ପରି ଟୋକା ଆମ ଗାଁରେ ଜନ୍ମନେବା ଆମର ଭାଗ୍ୟ । ଏକା ତିନି ଗୋଲ୍ ଦେଲା । କି ବିଚିତ୍ର ଖେଳ ତା'ର ! ଧନ୍ୟ ତା'ର ମା, ବାପ ! କି ବିଚକ୍ଷଣ ବୁଦ୍ଧିମାନ ପୁଅ, ତା'ର ବାପ, ମା' କି ଶୁଭ ବେଳାରେ ଜନ୍ମ କରିଥିଲେ ·····।

ଉତ୍ସାହୀ ଯୁବକମାନଙ୍କ ମଧ୍ୟରୁ କେତେଜଣଙ୍କ ଉଦ୍ୟମରେ କୁଆଡ଼ୁ ଦୁଇ ତିନିଟା ପେଟ୍ରୋମାକସ୍, ଡ୍ରମବାଜା, ବିଗୁଲ୍ ଇତ୍ୟାଦି ଆସି ପହଞ୍ଚିଗଲା । ପେଟ୍ରୋମାକସ ଆଲୁଅରେ ସିଲ୍‌ଡ଼ଟା ଆହୁରି ଚମତ୍କାର ଦେଖାଗଲା । କଳାରଙ୍ଗର କାଠପଟା ଉପରେ ରୂପାଗୁଉଣି ହୋଇଛି । କି ଅଦ୍ଭୁତ, କି ଚମତ୍କାର ଜିନିଷ !! ଗାଁର ବୁଢ଼ା ବୁଢ଼ା ପୁରୁଖାଲୋକେ ସିଲ୍‌ଡ଼ ଦେଖି ଆଶ୍ଚର୍ଯ୍ୟ ହୋଇ କୁହାକୁହି ହେଲେ—ଆମ ବାପ ଚଉଦପୁରୁଷରେ ଇମିତିଆ ଜିନିଷ ଦେଖି ନଥିଲୁ । ବାଙ୍କିଆ ଯୋଗୁଁ ଏ ଜିନିଷ ଆମ ଗାଁକୁ ଆସିଲାରୁ ସିନା ଆମେ ଦେଖିଲୁ, ଆଜି ପବିତ୍ର ହେଲୁ···।

ସିଲ୍‌ଡ଼କୁ ଜଣେ ଜେଙ୍ଗାଟୋକା ନିଜ ଗାମୁଛରେ ମୁଣ୍ଡରେ ଠେକା ବାନ୍ଧି ଦି' ହାତରେ ଧରି ଠେକା ଉପରେ ରଖି ମୁଣ୍ଡେଇଛି, ତା'ର ଚାରିପଟେ ଲୋକ, ଗାଁ'ର ବୋହୂ, ଝିଅ, ସାନଖୁଡ଼ୀ, ବଡ଼ଖୁଡ଼ୀ, ମହିଁଆଣୀ, ଦେଢେଇ, ମାଉସୀ, ପିଇସୀ, ମାଇଁ, ଆଈ ଦୋଳବେଳେ ଯେମିତି ଠାକୁରେ ବିମାନରେ ବସି ମେଳଣ ପଡ଼ିଆକୁ ବାହାରିବାବେଳେ, ଦୂରରେ ବାରିପଟେ ବାଡ଼ମୂଳେ କାନ୍ଥ ଉଢ଼ାଳରେ ଠିଆ ହୋଇ ଲୁଚି ଛପି ଦେଖନ୍ତି; ସିଲ୍‌ଡ଼ ଦେଖିବା ପାଇଁ ସେମିତି ଦୂରରେ ଗଦାହୋଇ ଦେଖିଲେ—ଯେ ଦେଖିଲେ ସେ ଆଶ୍ଚର୍ଯ୍ୟ ହେଲେ; କେତେକ ଓଳଗି ହୋଇ କହିଲେ—'ମା, ଆମ ଗାଁକୁ ଇମିତି ଭଲ ଆଖିରେ ଅନେଇଥା, ସମସ୍ତଙ୍କର ମଙ୍ଗଳ କର ମା'···।

ଦୁଇ ତିନିଜଣ ମାଇପି, ଏ କେତେଜଣ ମାଇପିଙ୍କର ସିଲ୍‌ଡ଼କୁ ଓଳଗି ହେବାର ଦେଖି ହସି ପକେଇ ଥଟ୍ଟା କରି କହିଲେ—ମରୁନା ତୁମେ, ହଇଲୋ, ତାକୁ ଓଳଗି ହେଉଛ ? ସେ କ'ଣ ଠାକୁର ହୋଇଛି ?···

ଏତିକିବେଳେ ସାନ ସାନ କେତେକ ପିଲା 'ହରିବୋଲ' ଧ୍ୱନି କରି ପାଟିକଲାରୁ କେତେଗୁଡ଼ା ଫାଙ୍କା ଶ୍ରେଣୀର ଯୁବକ ମାଇପିଙ୍କ ପରି ହୁଳହୁଳି ପକେଇଲେ ।

ଏଇ ହରିବୋଲ, ହୁଳହୁଳି ଧ୍ୱନି ଶୁଣି ଦୂରରେ ରୁଣ୍ଡ ହୋଇଥିବା ମାଇପିଙ୍କ ମହଲରୁ କିଛି ନ ବୁଝି ହୁଳହୁଳି ଶବ୍ଦ ଉଚ୍ଛୁଳି ପଡ଼ିଲା ।

ଏ ହରିବୋଲ ହୁଳହୁଳି ଶବ୍ଦ ବନ୍ଦ ହେଲା ପରେ ଜଣେ ଦି'ଜଣ ମାଇପି ଝିଲ୍‌ଡ଼ିକୁ ଓଲଗି ହେବାର ଦେଖି ଯେଉଁ ମାଇପିମାନେ ପରିହାସ କରୁଥିଲେ ସେମାନଙ୍କୁ ଲକ୍ଷ୍ୟ କରି ପ୍ରଗଳ୍ଭସ୍ୱରରେ ପଚାରିଲେ —କିଲୋ, ସେ ଠାକୁର ନୁହେଁ ତ ଏତେ ହରିବୋଲ କାହିଁକି ପଡ଼ୁଛି ? ଏତେ ହୁଳହୁଳି କାହିଁକି ପକଉଛନ୍ତି ? ଆଉ ସେ କଳସ କାହିଁକି ଜଣେ ଧରି ଆଗେ ଆଗେ ଚାଲିଛି ?···

ଏ ପ୍ରଶ୍ନର ଉତ୍ତରରେ ଶୁଣାଗଲା—ହଇଲୋ, କଳସ କାହିଁ ମ ? ସେ ପେଟ୍ରୁଟା ଧରିଛି ନା, କଳସ କିଏ ଧରିଛି ମ ? ··

ଏହି ସମୟରେ ଦଳେ ଯୁବକ ଡାକ୍ତରଖାନା ଆଡ଼ୁ ଦୌଡ଼ି ଆସି ଖବର ଦେଲେ—ବାଜିଆର ଗୋଡ଼ କଟା ହବ । ତା'ର ଡାଆଣ ଗୋଡର ହାଡ଼ ଗୁଣ୍ଡା ହେଇଯାଇଛି, ଆଉ ଯୋଡ଼ିହବନି, ତା'ର ବାପ ଅଜ୍ଞାନ ହୋଇ ଡାକ୍ତରଖାନାରେ ପଡ଼ିଛି···

ବାଜିଆର ଏପରି ଶୋଚନୀୟ ପରିଣତିର ଖବର ଶୁଣି ସମବେତ ଯୁବକଦଳ ଛତ୍ରଭଙ୍ଗ ହେଲାପରେ ଅଧିକାଂଶ ଡାକ୍ତରଖାନା ଆଡ଼କୁ ଦଉଡ଼ିଲେ । ଝିଲ୍‌ଡ଼ି, ପେଟ୍ରୋମାକ୍ସ, ହିପ୍ ହିପ୍ ହୁର୍‌ରେ, ହରିବୋଲ, ହୁଳହୁଳି, ଆନନ୍ଦ, ଉତ୍ସାହ, ଉଦ୍ଦୀପନା, ଜୟୋଲ୍ଲାସ ସବୁ କୁଆଡ଼େ ଉଭେଇଗଲା ।

କେତେକ ଖେଳାଳି ଡାକ୍ତରଖାନାକୁ ନ ଯାଇ ଘରକୁ ଫେରିଲେ, ଉଦ୍ଦଣ୍ଡ ନୃତ୍ୟରେ ଗୋଲ୍‌କିପର୍‌ର ଗୃହ ପ୍ରବେଶ କରି ନିଜର ଅପେକ୍ଷମାଣା, ଉଦ୍‌ବିଗ୍ନା, କାତରହୃଦୟା, ବୟସ୍କା ଜନନୀକୁ ଭେଟି ଉଲ୍ଲାସରେ କହି ପକେଇଲା — ବୋଉ, ଆମେ ତିନି ଗୋଲ୍‌ରେ ଜିତିଛୁ ···· ।

ବୋଉ ଉତ୍ତରରେ କହିଲା—ମଲୁ ନାହିଁ ତୁ, ଜିତିଛୁ, ବୋପା ନାଁ ରଖିଛୁ । ଘରେ ଅନ୍ଧାର, ତେଲ ନାହିଁ, ଲୁଣ ନାହିଁ, ମୁଁ ଅନେଇ ଅନେଇ ଥକିଗଲିଣି······।

ପୁଅ ପୁଣି କହିଲା —ବୋଉ, କ'ଣ ଅଛି, ଖାଇବାକୁ ଦେ, ଭୋକରେ ପେଟ ଜଳିଲାଣି ···· ।

ବୋଉ—କ'ଣ ଅଛି ଯେ ଖାଇବାକୁ ଦେବୁ, ମୋତେ ଖା ; ମୋ ଧନ ସରଯାଉ……।

ଆଉଜଣେ ଖେଳାଳି ଗୃହପ୍ରବେଶ କରି ଉଚ୍ଚକଣ୍ଠରେ ଘର କମ୍ପାଇତ କରି ଜୟୋଲ୍ଲାସରେ କହି ଉଠିଲା—ବା'ମ ଆମେ ମାର୍ତ୍ତିଣ୍ଡ କ୍ଲବକୁ ତିନ ଗୋଲରେ ହରେଇ ସିଲ୍ଡ଼ ପାଇଛୁ……।

ଏହାର ଉତ୍ତରରେ ବାପଆଡ଼ୁ ଶୁଣାଗଲା—ଶଶୁରପୁଅ, ମୋ ଗୋଡ଼ ଭଲ ଥିଲେ ଏକା ଗୋଇଠାରେ ତୋ ଅନ୍ତବୁଜୁଲା ବାହାର କରି ଦିଅନ୍ତି, ଶଶୁରପୁଅକୁ କହିଲି—ମୋତେ ଟିକିଏ ଡାକ୍ତରଖାନାରୁ ଔଷଧ ଆଣି ଦେଇଯା, ଶଶୁରପୁଅ ଯାଇଥିଲା ଖେଳିବାକୁ……।

ଶେଷରେ ଉକ୍ତ ଖେଳାଳିଙ୍କ ବାପ ସିଲ୍ଡ଼କୁ ଗୋଟାଏ ପଦାର୍ଥ ସହିତରେ ତୁଳନା କରି ଭର୍ତ୍ସନା କଲେ—ଯାହାକି ବୋଧ, କୌତୁହଳୋଦ୍ଦୀପକ, ହାସ୍ୟରସାତ୍ମକ, ସର୍ବସାଧାରଣ କଳୁ ଅପ୍ରକାଶ୍ୟ……।

ଆଉ ଗୋଟାଏ ଘରେ ଜଣେ ଖେଳାଳି ଆନନ୍ଦରେ ଗୃହପ୍ରବେଶ କରିବା ମାତ୍ରେ ଜଣେ ଅଧିଆର୍ଡ଼ୀ ଲୋକ ଗୋଟାଏ ଠେଙ୍ଗା ହାତରେ ଧରି ଗୋଡ଼େଇଲା ବକି ବକି—କୁଆଡ଼େ ଯାଇଥିଲୁ ? ଏତେ ବଡ଼ ହେଲଣି, ଆଜି ତୁ ଅଛୁ କି ମୁଁ ଅଛି……।

ଇମିତି ଖେଳାଳି ରୂପକ ମାୟାମୃଗ ପଳେଇଛି ଆଉ ତା' ପଛରେ ଠେଙ୍ଗାରୂପକ କୋଦଣ୍ଡ ଧରି ଅଧିଆର୍ଡ଼ୀ ରୂପକ ରଘୁପତି ଗୋଡ଼େଇଛନ୍ତି । ଏଠିକବେଳେ ବପରୀତ ଆଡ଼ୁ ଉଦଣ୍ଡ କ୍ଲବର ଏବଂ ଗାଁର ଯୁବକସଂଘ ସେକ୍ରେଟେରୀ ଦାମ ଗଉତରା ଘରକୁ ଫେରିବା ବାଟରେ ଖେଳାଳି ଜଣକୁ ଚିହ୍ନି ପକେଇ ଏବଂ ତା ପଛରେ ଉଦ୍ୟତ ଠେଙ୍ଗାକୁ ରୋକିଦେଇ କହିଲେ କ'ଣ ହେଇଛି ଭୁହ……।

ଖେଳାଳି ଜଣକ ଧଇଁ ସଇଁ ହେଇ ଜଣେଇଲା—ମୋର ବାପା ମୋତେ ମାରିବାକୁ ଗୋଡ଼େଇଛି…।

ଦାମ ଗଉତରା ଖେଳାଳିର ବାପକୁ ଧମକସୂଚକ କଣ୍ଠରେ ପଚାରିଲା—କାହିଁକି ମାରିବାକୁ ଗୋଡ଼େଇଛ ?

ଖେଳାଳିର ବାପ ରାଗରେ ଉତ୍ତର ଦେଲା—କିଏ ଦାମା, ତୁ ଏ ଗାଁ ଖଣ୍ଡକର ସର୍ବନାଶ କଲୁ……।

ଦାମ—କ'ଣ ସର୍ବନାଶ କଲି ? ତୁମେ ମୂର୍ଖଲୋକ, ତା' ନ ହେଲେ ଇମିତି କଥା କୁହନ୍ତ ?

ଲୋକଙ୍କର ବାପ ଉତ୍ତର ଦେଲା— ଆଉ ଏ ଶଶୁରପୁଅ ତ କାମକୁ ଗଲା ନାହିଁ, କି ଯେଉଁ ଖେଳ ଏ ଗାଁ'ରେ ପୂରେଇଲା ! ପିଲାଗୁଡ଼ାଙ୍କର ପାଠ ପଢ଼ା ଗଲା; ପାଠ ନ ପଢ଼ିଲେ ହେଲେ କାମ ଧନ୍ଦା କରନ୍ତେ, ଦି'ପଇସା ଘରକୁ ଆଣନ୍ତେ, କିଛି ନାହିଁ । କି ନାଟକ, କି ଯୁବକସଂଘ ଏ ଗାଁରେ ହେଲା । ଏ ଗାଁର ସର୍ବନାଶ ହେଲା । ଏ ଭେଣ୍ଡା ଟୋକାଗୁଡ଼ାକ ମୁଆଡ଼େ ଯିଏ ପାଠ ପଢ଼ୁଥିଲେ, କିମ୍ବା କୁଆଡ଼େ କିଏ ପାଠ ପଢ଼ୁଥିଲେ; ଏବେ ଯୋଉଁଠୁ ସେ କଲବ ଘର ଖଣ୍ଡିକ ପାଇଲେ; ସୁବିଧା ହେଇଗଲା; ସମସ୍ତେ ଏକାଠି ହେଇ ବସିବାକୁ ଗୋଟାଏ ଥାନ ମିଳିଗଲା, ବାର ମସୁଧା, ବାର ବଦମାସି, ବାର ଭଣ୍ଡାମି; ବୋହୂ ଝିଅ ତ ଆଉ ବାଟ ଚାଲି ପାରୁଲେ ନାହିଁ··· ।

ଦାମ ପ୍ରତ୍ୟୁତ୍ତରରେ କହିଲା – କ'ଣ କହୁଛ ରଥେ ? ଏଗୁଡ଼ା କ'ଣ ବକୁଛ ? ଆମ ଗାଁରେ ଯୁବକ ସଂଘ ହେଲା ଦିନଠୁଁ, ଗ୍ରାମ ସଫେଇ, ସାଂସ୍କୃତିକ ଅନୁଷ୍ଠାନ, ପାଠାଗାର, କ୍ରୀଡ଼ା ପ୍ରତିଯୋଗିତା, ପ୍ରଦର୍ଶନୀ, ସର୍ବସ୍ୱରକ୍ଷାସ୍ମୃତି ଦିବସ ପାଳନ, ନାଟକ ମାଧ୍ୟମରେ ଅର୍ଥସଂଗ୍ରହ, ଆଉ ଓଡ଼ିଆ ଭାଷା ର ଆଦର ବଢ଼େଇବା, ସର୍ବଭାରତୀୟ ପୁଣି ରାଜ୍ୟ ସ୍ତରରେ ଶୋକ ପ୍ରକାଶ କରିବା, ଆହୁରି କେତେ କ'ଣ ହେଉଛି, ତୁମକୁ କ'ଣ ଜଣା ଅଛି ? ତୁମରି ପରି ଯେତେ ବୁଢ଼ା ଏ ଗାଁ'ରେ ଅଛନ୍ତି ସମସ୍ତେ ଏ ଗାଁ'ର ଅବନତିର ମୂଳ ·····।

ରଥେ ଦାମା ମୁହଁରେ ଇମିତି ବଡ଼ ବଡ଼ କଥାଗୁଡ଼ା ଶୁଣି କେତେକାଂଶରେ ଲଜ୍ଜିତ ହେଲେ, କାରଣ ତାଙ୍କ ପୁଅଠାରୁ ଅଳ୍ପ କେତେ ବର୍ଷର ବଡ଼ ହେବ ଦାମା, ସେ ପୁଣି ତାଙ୍କୁ 'ରଥେ' ବୋଲି ସମ୍ବୋଧନ କରି କଥା କହୁଛି ।

ରଥେ ରାଗରେ ଜଳିଉଠି କହିଲେ —ହଇରେ ଦାମା, ତୁ ପୁଣି ଏତେକଥା ଶିଖିଲୁଣି କେବେଠୁ ? ନିଜେ ଯେମିତି ବାଲୁଙ୍ଗା ହେଇ ଗୁରି ଦଉଡ଼ି କାଟି ବୁଲୁଛୁ, ସେମିତି ଆଉ ପଞ୍ଚଙ୍କୁ ମାଙ୍କ କରୁଛୁ. ତାଙ୍କ ଜୀବନ ନଷ୍ଟ କରୁଛୁ । ହେଇ, ବାଳିଆ ଯୋଉ ଖେଳିବାକୁ ଯାଇ ଗୋଡ ଭାଙ୍ଗି ଆସିଲା, ଆରେ ମୁଁ ଶୁଣୁଛି—ତା' ଗୋଡ଼ କୁଆଡ଼େ କଟାହେବ, ତା' ବାପ ମା'କୁ କିଏ ପୋଷିବ···।

ଦାମା ରଥଙ୍କ ଏ କଥାର ଉତ୍ତର ଦବାକୁ ଯାଇ କହିଲା—ବାଳିଆକୁ ଆମେ ପୋଷିବୁ, ବାଳିଆ ଲାଗି ମୁଁ ଜୀବନ ଦବାକୁ ପ୍ରସ୍ତୁତ । ବାଳିଆ ଆମ ଗାଁ'ର, ଦେଶର, ଜାତିର ଗୌରବ । ସେ ଦିନେ ନା ଦିନେ ଆନ୍ତର୍ଜାତିକ ଖ୍ୟାତି ଅର୍ଜନ କରିପାରେ···

ରଥେ - ହଇରେ, ବାଳିଆ ପାଇଁ ଜୀବନ ଦବାକୁ ପ୍ରସ୍ତୁତ କହୁଛୁ, ଅଭିକା ଡାକ୍ତରଖାନାକୁ ତାକୁ ଟିକିଏ ଦେଖିବାକୁ ଯାଇଥିଲୁ ? କହ, ସତ କହ, ଛତରା ଟ୍ରେର···।

ରଥେ ଦାମାଙ୍କୁ ସ୍ୱୈର କହିବାର ଶୁଣି, ଦାମା ରଥଙ୍କ ଆଡ଼କୁ ଉଠୁକି ଯାଇ କହିଲା—କ'ଣ ସ୍ୱୈର କରିଥିଲି ? ତୁମ ବୋପା ଚଉଦପୁରୁଷ ମୋତେ ସ୍ୱୈର ବୋଲି କହିଥିଲେ ?···

ରଥେ ଆହୁରି ଉତ୍ତେଜିତ ହୋଇ ଜୋର୍‌ରେ ପାଟିକରି କହିଲେ—କ'ଣ ତୁ ସ୍ୱୈର ନୁହଁ ? ହଇରେ କଟକରେ ଯେତେବେଳେ ଥିଲୁ, କାଲି ପରମିଟ୍‌ରେ ସିମେଣ୍ଟ ସ୍ୱୈରରେ ଜେଲ୍ ଯାଇ ନ ଥିଲୁ ? ବଡ଼ି ବଡ଼ି କଥା କହୁଛୁ ?

ରଥେ ଆହୁରି କହିଲେ – ହଇରେ ଯୁବକ ସଙ୍ଘ ଯୋଗୁଁ ଗାଁ'ରେ ଏତେ ବଡ଼ ବଡ଼ କାମ ହଉଛି, କହୁଛୁ, ସେଦିନ ପୋଖରୀ ତୁଠରେ ବନା ଆଉ କାଶିଆ; ତମର ଯୁବକ ସଙ୍ଘର ଦି'ଟା ଟୋକା ଗୋଟାଏ ଝିଅ ସକାଶେ କି ବାନ୍ଧିଆବାଡ଼ି ହେଲେ, ଆମେ ଆଉ କିଛି ଜାଣୁନୁ ? ରଥେ ଆହୁରି ଉଦ୍‌ଗାର କଲେ –ହଇରେ, ସର୍ବଭାରତୀୟ, ପୁଣି ରାଜ୍ୟସ୍ତରରେ କ'ଣ ଶୋକ ପ୍ରକାଶ କରୁଛ ? ବୋପା ମଲାବେଳେ ଶୋକପ୍ରକାଶ କରିଥିଲୁ ? ବୋପା ମୁହଁ ଚାହୁଁଛୁ ? ବୋପାକୁ ପୋଷିଛୁ ?···

ରଥଙ୍କ ଏତକ ବଚନକା ଶୁଣି ଜୋକ ମୁହଁରେ ଲୁଣ ପରି ଦାମାଙ୍କୁ ଜଣାଗଲା···।

× × ×

ମଦନ୍‌ଅଳ, ଟ୍ରେନ୍ ଆସି ଷ୍ଟେସନରେ ଠିଆ ହେଲେ ଶୁଣାଯାଏ—ବାବୁମାନେ ଖଞ୍ଜକୁ ଗୋଟିଏ ପଇସା ଦିଅନ୍ତୁ, ଆପଣମାନଙ୍କର ଭଗବାନ ମଙ୍ଗଳ କରିବେ। ଆପଣମାନଙ୍କର ଶରୀର କୁଶଳ ରହିବ··· ।

ଯେଉଁ ଡବାରୁ ଯେ ଦୟାକରି ଯେ ଯା ଦେଲେ, ଖଞ୍ଜ ତାକୁ ନେଇ ମୁଣ୍ଡରେ ଛୁଆଁଇ ଆଉ ଗୋଟାଏ ଡବା ସାମନାରେ ଠିଆହୋଇ ସେହି କଥା କହି ପୁଣି ପଇସା ମାଗେ ।

ବସ ଷ୍ଟାଣ୍ଡରେ ବସ୍ ଆସି ଠିଆହେଲେ, ଆଶାବାଡ଼ି ଦି'ଖଣ୍ଡ କାଖରେ ଦେଇ ଗ୍ରେଟେଇ ଗ୍ରେଟେଇ ଯାଇ ଯାତ୍ରୀଙ୍କୁ କହେ—ବାବୁମାନେ ଆପଣମାନଙ୍କର ଧର୍ମ ହେବ । ଖଞ୍ଜକୁ ଗୋଟିଏ ପଇସା ଦିଅନ୍ତୁ, ଗରିବର କେହି ନାହିଁ, ଭଗବାନ ଆପଣମାନଙ୍କର ମଙ୍ଗଳ କରିବେ ··।

ଯେ ଯା ଦେଲା, ପଇସା ହାତରେ ମୁଠେଇ, ମୁଣ୍ଡରେ ଛୁଇଁ, ଗ୍ରେଟେଇ ଗ୍ରେଟେଇ ଅନ୍ୟ ବସ୍ କଡ଼କୁ ଯାଇ ପୁଣି ପଇସା ମାଗେ, ଯା ମିଳେ, ସେଇଥିରେ ଗୁ, ବରା, ପକଉଡ଼ି, କେଉଁଦିନ ହୋଟେଲର ବାରନ୍ଦାରେ ବସି କିଛି ଭାତ ଖାଏ, ରାତି ହେଲେ ମୁସାଫିରଖାନା କିମ୍ବା କେଉଁ ଦୋକାନ ବାରନ୍ଦାରେ ଶୋଇ ରାତି କଟାଇ ଦିଏ ।

ଦିନେ ଦିନବେଳା ବସ୍ ଷ୍ଟାଣ୍ଡରେ ସେଇ ମିନତିଭରା କାତର କଣ୍ଠରେ ଶୁଣାଯାଉଛି—ବାବୁମାନେ ଖଞ୍ଜକୁ ଗୋଟିଏ ପଇସା ଦିଅନ୍ତୁ, ଆପଣମାନଙ୍କର ଧର୍ମ ହେବ, ମୋର କେହି ନାହାନ୍ତି, ମୋର ଗୋଟିଏ ଗୋଡ଼ ନାହିଁ, ମୁଁ ଅକ୍ଷମ, ଭଗବାନ ଆପଣମାନଙ୍କର ମଙ୍ଗଳ କରିବେ, ପିଲାମାନଙ୍କର ଶରୀର କୁଶଳ ରହିବ…।

ଏଇ ସମୟରେ ଶୁଣାଗଲା—ହିପ୍ ହିପ୍ ହୁର୍‌ରେ, ହିପ୍ ହିପ୍ ହୁର୍‌ରେ, ଥ୍ରୀ ଚିୟର୍ସ ଫର୍ ମାର୍ତ୍ତିଣ୍ଡ କ୍ଲବ୍, ହିପ୍ ହିପ୍ ହୁର୍‌ରେ…।

ଗୋଟାଏ ଟ୍ରକ୍‌ରେ ଦଳେ ଖେଳାଳି ଠିଆ ହୋଇଛନ୍ତି, ଦୁଇଜଣ ଖେଳାଳି ଗୋଟାଏ ବଡ଼ ସିଲ୍‌ଡ଼ ଧରିଛନ୍ତି, ଜଣେ ଗୋଟାଏ ପେଣ୍ଟ୍‌କୁ କାଖେଇଲା ଭଳି ଧରିଛି, ଟ୍ରକ୍‌ଟା ବସ୍‌ଷ୍ଟାଣ୍ଡ କଡ଼ ଦେଇ ରାସ୍ତା ଉପରେ ଗଲାବେଳେ ପୁଣି ମିଳିତ କଣ୍ଠର ଧ୍ୱନିରେ ବସ୍‌ଷ୍ଟାଣ୍ଡ କମ୍ପି ଉଠିଲା—ହିପ୍ ହିପ୍ ହୁର୍‌ରେ, ହିପ୍ ହିପ୍ ହୁର୍‌ରେ, ଥ୍ରୀ ଚିୟର୍ସ ଫର୍ ମାର୍ତ୍ତିଣ୍ଡ କ୍ଲବ୍…।

ପୁଣି ସେଇ ଟ୍ରକ୍ ଉପରୁ ଶୁଣାଗଲା—ହେଇରେ ବାଜ ପରିଡ଼ା ।

—କାହିଁ ? କାହିଁ ?

—ହେଇଟି କ'ଣ ଆଶାବାଡ଼ି ଦି'ଖଣ୍ଡ କାଖରେ ଦେଇ ଗୋଟାଏ ଗୋଡ଼ରେ ଠିଆ ହୋଇଛି ।

—ହେଇଟି ସେ ବସ୍ ପାଖରେ ଠିଆହୋଇ ପଇସା ମାଗୁଛି…।

—ହଇରେ, ବାଜିଆ ଭିକ ମାଗିଲା ! ତାକୁ କେହି ତାଙ୍କ ଗାଁରେ ସାହାଯ୍ୟ କଲେ ନାହିଁ ?

—ତା' ପରି ଖେଳାଳି ଜଣେ, ଆମ ଗାଁ ହୋଇଥିଲେ ତାକୁ ବସେଇ ପୋଷନ୍ତୁ ।

—ହଇରେ, ବାଜିଆ ଶେଷକୁ ଭିକ ମାଗିଲା ।

ବାଜିଆ ବୁଝି ପାରିଲା—ମାର୍ତ୍ତିଣ୍ଡ କ୍ଲବର ଖେଳାଳିମାନେ କେଉଁଠି ଫୁଟବଲ ମ୍ୟାଚ୍‌ରେ ଜିତି ସିଲ୍‌ଡ଼ ନେଇ ହିପ୍ ହିପ୍ ହୁର୍‌ରେ କରି ଯାଉଛନ୍ତି । ବାଜିଆ କାନ୍ଦି ପକେଇଲା, ପୁଣି ଲଜ୍ଜିତ ହୋଇ ଭାବିଲା—ଗୋଟାଏ ବସ୍ ଉଢ଼ାଳରେ ଲୁଚି ଠିଆ ହବ, ସେ ତରବରରେ ଚ୍ଛେଟେଇ ଚ୍ଛେଟେଇ ଯାଉ ଯାଉ ତା' ମୁଣ୍ଡ ଘୂରିଗଲା, ତାର ଆଶାବାଡ଼ି ଦି'ଖଣ୍ଡ ଖସିଗଲା । ବାଜିଆ ସେହି ବସ୍ ଷ୍ଟାଣ୍ଡ୍‌ର ମାଟି ଉପରେ କଚାଡ଼ି ହୋଇପଡ଼ିଲା ।

ଟ୍ରକ୍‌ଟା ବସ୍‌ଷ୍ଟାଣ୍ଡ ରାସ୍ତା ଉପରେ ଜନଗହଳି କଟେଇ ଆସ୍ତେ ଆସ୍ତେ ଚାଲିଲା ସଙ୍ଗେ ସଙ୍ଗେ ହିପ୍ ହିପ୍ ହୁର୍‌ରେ, ହିପ୍ ହିପ୍ ହୁର୍‌ରେ—ମିଳିତ କଣ୍ଠର ଧ୍ୱନି କ୍ରମଶଃ କ୍ଷୀଣରୁ କ୍ଷୀଣତର ହୋଇ ଆଉ ଶୁଣାଗଲା ନାହିଁ ।

# ଶିକାର

## ଭଗବତୀଚରଣ ପାଣିଗ୍ରାହୀ

ସେ ଅଞ୍ଚଳରେ ଘିନୁଆର ନାମ ବିଖ୍ୟାତ—ଶିକାରୀ ହିସାବରେ ଜଣା । ତା'ର ପ୍ରଥମ ଅସ୍ତ୍ର ନିଜର ହାତ ତିଆରି ଧନୁଶର । ସେ ଶର ମାରିଲା ବେଳେ ଚିତ୍ ହୋଇ ଶୋଇପଡ଼େ, ବାଁ' ପାଦଟି ଧନୁରେ ଲଗାଇ ଦେଇ କାନ ପର୍ଯ୍ୟନ୍ତ ଶରଟି ଟାଣି ନେଇ ଛାଡ଼ିଦିଏ । ମାଇଲିଏ ଦୂରରୁ ଶର ମାରି ସେ ଲଖ ବିନ୍ଧିପାରେ । ଏଇ ଧନୁଶର ସାହାଯ୍ୟରେ ସେ ହରିଣ, ସମ୍ବର, ବାର୍‌ହା, ଭାଲୁ ମାରିଚି ଅଗଣନ; ଚିତାବାଘ ବି ମାରିଛି ଅନେକ । କିନ୍ତୁ ମହାବଳ ମାରିଚି ମୋଟେ ଦୁଇଟି । ମହାବଳ ଦୁଇଟି ମାରି ସେ ଡେପୁଟି କମିଶନରଙ୍କଠାରୁ ବେଶ୍ ପୁରସ୍କାର ପାଇଛି ମଧ୍ୟ ।

ସେଦିନ ଭୋରରୁ ସେ ଏକ ଅଦ୍ଭୁତ ଶିକାର ନେଇ ଡେପୁଟି କମିଶନରଙ୍କ ବଙ୍ଗଳା ପାଖରେ ହାଜର । ଗୋଟିଏ କାନ୍ଧରେ ତା'ର ଧନୁଟି ଝୁଲୁଛି, ହାତରେ ଦି'ତିନିଟା ଶର, ଆର କାନ୍ଧରେ ଟାଙ୍ଗିଟି ପଡ଼ିଛି । ଘିନୁଆକୁ ଏ ବେଶରେ ଦେଖି ଅର୍ଦ୍ଦଲି ପଚାରିଲା— 'କିରେ ଆଜି କି ଶିକାର ଆଣିଚୁ ?''

ଘିନୁଆ ସଙ୍ଗେ ତା'ର ଭଲ ଜଣାଶୁଣା । ତା'ର ବକ୍‌ସିସ୍‌ର ଅଂଶୀଦାର ସେ କେତେଥର ହୋଇଛି । ଉତ୍ତରରେ ଘିନୁଆ ତା' ମଇଳା ଦାନ୍ତ ଦୁଇ ଧାଡ଼ି କେବଳ ଦେଖାଇଲା । ସେ ହସିଲା କି ଖେଁକିଲା ଜାଣିବାର ଉପାୟ ନାହିଁ । ପ୍ରକୃତରେ ହସ ବୋଲି ଯାହାକୁ କୁହାଯାଏ ଘିନୁଆଠାରେ ତାହା କେହି କେବେ ଦେଖିନାହିଁ । ବେଳେବେଳେ ସେ ଏପରି ଦାନ୍ତ ଦେଖାଏ । ତାହା ହସ ନୁହେଁ କି କାନ୍ଦ ନୁହେଁ— କେବଳ ଦାନ୍ତଦେଖା ।

ଅର୍ଦ୍ଦଲି ପଚାରିଲା, "କି ବେ, କି ଶିକାର ଆଣିଚୁ ?

ଘିନୁଆ ତାହାର ଗାମୁଛାରେ ବନ୍ଧା ହୋଇଥିବା ଗୋଟିଏ ପଦାର୍ଥକୁ ଦେଖାଇ କହିଲା ଯେ, ସେ ଆଜି ଏକ ମସ୍ତ ଜାନୁଆର ଶିକାର କରିଛି ।

ଅର୍ଦ୍ଦଲି ପଚାରିଲା 'ବାଘ' ?

ଘିନୁଆ ମୁଣ୍ଡ ହଲାଇ ନାହିଁ ଜଣାଇଲା ।

"ତେବେ କ'ଣ, ଚିତା·· ଭାଲୁ ··ବାର୍‌ହା···?"

ଘିନୁଆ କେବଳ ମୁଣ୍ଡ ହଲାଇଗଲା ।

"ଆଉ ତେବେ କଅଣ ବେ ?"

ଗୋଳମାଳ ଶୁଣି ସାହେବ ବଙ୍ଗଳା ଭିତରୁ ବାହାରି ଆସିଲେ । ଘିନୁଆ ମୁଣ୍ଡିଆମାରି ପୁଣି ସାହେବଙ୍କୁ ସେହିପରି ଦାନ୍ତ ଦେଖାଇଲା । ସାହେବ ଶିକାରର ଚେହେରା ଦେଖିବାକୁ ଔତ୍ସୁକ୍ୟ ପ୍ରକାଶ କରିବାରୁ ଘିନୁଆ ଗାମୁଛା ଭିତରୁ ବାହାର କରି ସାହେବଙ୍କ ପାଦ ତଳେ ଥୋଇଲା ଗୋଟିଏ ସଜକଟା ମଣିଷ ମୁଣ୍ଡ । ସାହେବ ଚମକି ପଡ଼ି ପାହୁଣ୍ଡେ ଦୁଇ ପାହୁଣ୍ଡ ପଛେଇଗଲେ । ଘିନୁଆ ହାତ ବଢ଼ାଇ ମାଗିଲା, "ସାହେବ, ବକ୍‌ସିସ୍ ।" କିଛିକ୍ଷଣ ପରେ ମନକୁ ସମ୍ଭାଳି ନେଇ ସାହେବ ଘିନୁଆକୁ ବକ୍‌ସିସ୍‌ପାଇଁ ଅପେକ୍ଷା କରିବାକୁ ଇସାରା କଲେ ଏବଂ ଭିତରକୁ ଯାଇ ଫୋନ୍‌ଦ୍ୱାରା ସଶସ୍ତ୍ର ପୋଲିସ ଫୌଜ ଡକାଇଲେ । ଏହା ବ୍ୟତୀତ ଘିନୁଆକୁ ଜବତ୍ କରିବାର ଉପାୟ ନାହିଁ । ଦେହରେ ତା'ର ଗୋଟାଏ ଅସୁରର ବଳ । ହାତରେ ପୁଣି ତା'ର ଧନୁଶର ଓ ଟାଙ୍ଗିଆ ରହିଛି ।

ଯେତେବେଳେ ହାତକଡ଼ି ଗୋଡ଼କଡ଼ି ପିନ୍ଧି ଘିନୁଆକୁ ହାଜତରେ ରହିବାକୁ ହେଲା, ସେ କିଛି ବୁଝିପାରିଲା ନାହିଁ । ତାକୁ ଏପରିଭାବରେ ଅଟକାଇ ରଖିବାର ମତଲବ କଅଣ ? ସୁବିଧା ପାଇଲେ ସେ କାହାରି କାହାରିକି ଏ ବିଷୟରେ ପଚାରେ । କିଏ କହେ ତା'ର ଫାଶୀ ହେବ, କିଏ କହେ ସେ ଯିବ କଳାପାଣି । କାହିଁକି ? ସେ ଏମିତି କି ଅପରାଧ କରିଛି କି ? କିଛି ବୁଝି ନପାରି ସେମାନଙ୍କ କଥାକୁ ସେ ବିଶ୍ୱାସ କରିପାରେ ନାହିଁ । ଶେଷରେ ଦିନେ ଡେପୁଟି କମିଶନର ପରିଦର୍ଶନ କରିବାକୁ ଆସିଥିଲେ । ସେ ତାଙ୍କୁହିଁ ସବୁ ହାଲ ପଚାରିଲା । ସେ କହିଲେ ଯେ, ପୂର୍ବରୁ ସେ ବାଘଭାଲୁ ମାରୁଥିଲା ବୋଲି ଢଙ୍ଗେ ଢଙ୍ଗେ ବକ୍‌ସିସ୍ ପାଉଥିଲା । ଏବେ ମାରିଛି ମଣିଷ । ଏଥିରେ କି ବକ୍‌ସିସ୍ ପାଇବ ତାହା ପାଞ୍ଚ, ଛ'ଜଣ ତ ଫେର ବୁଝି ବିଚାରି ଠିକ୍ କରିବେ ! ଏହି କଥାଟା ହିଁ ଘିନୁଆ ମନକୁ ମାନିଲା ।

ଯେଉଁ ଦିନ ତା'ର ବିଚାର ହେଲା, ଘିନୁଆ ମନେ ମନେ ଭାବିଲା, ସେଦିନ ତାକୁ ବକ୍‌ସିସ୍ ମିଳିବ । ସେ ଉତ୍ସାହିତ ହୋଇ ଜଜ୍‌ଙ୍କ ଆଗରେ ସବୁ ବିବରଣୀ କହିବାକୁ ଲାଗିଲା । ସେ ଯେ ଗୋବିନ୍ଦ ସରଦାରକୁ ହାଣିଲା, ସେଥିପାଇଁ ତାକୁ କମ୍ କଷ୍ଟ କରିବାକୁ ପଡ଼ିନାହିଁ । ଆଉ ଅନେକ ଲୋକ ତାକୁ ମାରିବାକୁ ଛକିଥିଲେ; କିନ୍ତୁ କେହି ପାରି ନ ଥିଲେ । ଗୋବିନ୍ଦ ସରଦାର ଯେ ସବୁବେଳେ ମଟରରେ ଯିବା ଆସିବା କରେ । ସେ ତା'ର ଧନ ସମ୍ପତ୍ତି କମେଇଛି ଅନ୍ୟ ସମସ୍ତଙ୍କୁ ଲୁଟି କରି । ବଡ଼ ସାଙ୍ଘାତିକ ଲୋକ ଥିଲା ସେ । କେତେ ଲୋକଙ୍କୁ ସେ ମାରିଛି, କେତେ ଲୋକଙ୍କୁ ଉଚ୍ଛନ୍ନ କରିଛି, କେତେ ସ୍ତ୍ରୀ ଲୋକଙ୍କର ଇଜ୍ଜତ ନେଇଛି, ତାହାର ଠିକଣା ନାହିଁ — ଘିନୁଆର ସବୁ ଜମିବାଡ଼ି ମଧ୍ୟ ନେଇ ନିଜର କରିଛି । ସେ ଦିନ ସନ୍ଧ୍ୟାରେ ଘିନୁଆର ସ୍ତ୍ରୀ ଉପରେ ଅତ୍ୟାଚାର କରିବାକୁ ବସିଥିଲା । ଏତେବଡ଼ ବଦମାସ ! ଘିନୁଆକୁ ଦେଖି

ମଟରରେ ପଳାଉଥିଲା । ତା ହାବୁଡ଼ରୁ ଖସି ଯିବ ! ତା'ର ମଟର ଚକକୁ ଗୁଳି ମାରି ଘିନୁଆ ମଟରକୁ ଅଚଳ କରିଥିଲା । ତା'ପରେ ଟାଙ୍ଗିରେ ତା'ର ମୁଣ୍ଡଟି କାଟି ଦେଇ ସିଧା ଦୌଡ଼ିଲା, ଘଞ୍ଚ ଘଞ୍ଚ ବଣ ଜଙ୍ଗଲ ଭିତର ଦେଇ । ଘଣ୍ଟାଏ ମାଇଲି ରାସ୍ତା ଏକା ନିଶ୍ୱାସକେ ଦୌଡ଼ି ସେ ଡେପୁଟି କମିଶନରଙ୍କ ବଙ୍ଗଳା ପାଖରେ ହାଜର ହେଲା ।

ଗୋବିନ୍ଦ ସରଦାର ସାମାନ୍ୟ ଲୋକ ନୁହେଁ । ହାତରେ ତା'ର ଥାଏ ସବୁବେଳେ ବନ୍ଧୁକ । ବାଘ-ଭାଲୁଙ୍କ ଅପେକ୍ଷା ଲୋକେ ତାକୁ ବେଶୀ ଭୟ କରନ୍ତି । ବାଘ-ଭାଲୁଙ୍କ ଅପେକ୍ଷା ସେ ଲୋକଙ୍କର କ୍ଷତି କରେ ଢେର ବେଶୀ । ତାକୁ ମାରିବା ପାଇଁ ଘିନୁଆ କମ୍ ସାହସ ଓ ବୁଦ୍ଧିକୌଶଳ ଖର୍ଚ୍ଚ କରି ନାହିଁ । କିଛି ବର୍ଷ ତଳେ ମେଳିଆ ଝପଟସିଂର ମୁଣ୍ଡ କାଟିଥିବାରୁ ସାହେବ ତୋରାକୁ ପାଁଶ ଟଙ୍କା ବକ୍‌ସିସ୍ ଦେଇଥିଲା । ଝପଟ ସିଂତ ଏକ ରକମର ଭଲ ଲୋକ ଥିଲା । ସେ ସ୍ତ୍ରୀଲୋକଙ୍କ ଇଜ୍ଜତ ନେଇ ନାହିଁ, କି କାହାରି ଜମିବାଡ଼ି ଦଖଲ କରି ନାହିଁ । ସେ କେବଳ ଖଜଣାଖାନା ଲୁଟି କରିଥିଲା, ଆଉ କେତେଜଣ ସିପାହୀଙ୍କୁ ମାରିଥିଲା । ଗୋବିନ୍ଦ ସରଦାର କିନ୍ତୁ ବଡ଼ ଭୟଙ୍କର ଲୋକ । ତାକୁ ମାରିଥିବାରୁ ଘିନୁଆକୁ ଅଧିକ ବକ୍‌ସିସ୍ ମିଳିବା ଉଚିତ ।

ଘିନୁଆର ଗଳ୍ପ ଶୁଣି ସମସ୍ତେ ହୋ ହୋ ହୋଇ ହସିଉଠିଲେ । ଜଜ୍ ସାହେବ ହସି ହସି କହିଲେ, "ହଁ, ଉପଯୁକ୍ତ ବକ୍‌ସିସ୍ ଦିଆଯିବ ।" ସରକାରୀ ଓକିଲ କହିଲେ, "ତତେ ଏଠାକୁ ଖାସ ଅଣା ହୋଇଛି ବକ୍‌ସିସ୍ ଦିଆଯିବା ଲାଗି ।"

ଘିନୁଆ ଏହାକୁ ପରିହାସ ନ ମଣି ସତ ବୋଲି ମନେ କଲା । କାରଣ ହସ କୌତୁକ, ଥଟ୍ଟା ପରିହାସ ସେ ଜାଣେ ନାହିଁ । ତା'ର ଯେ ନିତାନ୍ତ ନିପଟ ରସଶୂନ୍ୟ ପ୍ରକୃତି । ଶେଷରେ ରାୟ ଦିଆଗଲା—ପ୍ରାଣଦଣ୍ଡ । ଘିନୁଆ ଏହାର କୌଣସି ଅର୍ଥ ବୁଝିଲା ନାହିଁ । ପୁଣି ଜେଲକୁ ଫେରାଇ ତାକୁ ବୁଝାଇ ଦିଆଗଲା ଯେ, ତାର ବକ୍‌ସିସ୍ ପାଇବାର ଦିନ ଆସୁଛି ।

ଘିନୁଆ ସେ ପର୍ଯ୍ୟନ୍ତ ବୁଝିଲା ନାହିଁ ଯେ, ସେ ଜଣେ ଅପରାଧୀ ଓ ସେଥିଲାଗି ତାକୁ ପ୍ରାଣଦଣ୍ଡ ଆଦେଶ ହୋଇଛି । ଝପଟ ସିଂକୁ ମାରିବା ଓ ଗୋବିନ୍ଦ ସରଦାରକୁ ମାରିବା ଯେ ଏକା କଥା ନୁହେଁ, ତାହା ସେ ବୁଝିବ କାହୁଁ ? ସେ ଜାଣିଲା ନାହିଁ ଯେ, ଗୋଟିଏ ଗୌରବର ବିଷୟ, ଅନ୍ୟଟି ଦୋଷାବହ । ଆଇନର ସୂକ୍ଷ୍ମ ଜାଲ ଭିତରେ ପଶିବାକୁ ତା'ର ମୁଣ୍ଡ ନାହିଁ । ସେ ଯେ ବଣୁଆ ସାନ୍ତାଳ !

ସେ ମନେ ମନେ ଭାବେ, ତୋର ପାଁଚ ଟଙ୍କା ପାଇଛୁ ଝିପଟସିଂକୁ ମାରି । ସେଥିରୁ ବେଶୀ ନ ଦେଲେ କାହିଁକି ନେବ ? ସବୁ ଫେରାଇ ଦେଇ କହିବ, "କିଛି ନ ଦିଅ ପଛେ ସାହେବ, ତୋରଠାରୁ ବେଶୀ ପାଇବା ମୋର ହକ୍ ।" ଜେଲର ଅନ୍ଧାରିଆ ନିର୍ଜନ ଗୁମ୍ଫାରେ ରହି ସେ କେତେ କ'ଣ ଭାବେ । କଥାବାର୍ତ୍ତା କରିବାକୁ ସେ କାହାରିକି ଦେଖେ ନାହିଁ । କଥାବାର୍ତ୍ତା କରିବାକୁ ବି' ତାର ଆଗ୍ରହ ନ ଥାଏ । କେବଳ ବକ୍‌ସିସ୍ ପାଇ ଘରକୁ ଫେରିବାକୁ ତା'ର ମନ ଛଟପଟ ହେଉଥାଏ ।

ଶେଷରେ ତା'ର ଫାଶୀର ଦିନ ଆସିଲା । ତାକୁ ପଚାରିଗଲା, ତା'ର ଶେଷରେ କ'ଣ ଦରକାର । ସେ କହିଲା, "ମୋର ବକ୍‌ସିସ୍" । "ଆଚ୍ଛା, ବକ୍‌ସିସ୍ ପାଇବୁ ଆ" କହି ତାକୁ ନେଇଗଲେ । ମୁଣ୍ଡରେ ତା'ର ଗୋଟିଏ କଳାକନାର ଖୋଳ ପିନ୍ଧାଇ ଦିଆଗଲା । ଝିନୁଆ ମନେ ମନେ ବିଚାରିଲା—ଆଖିରେ ଅନ୍ଧ ପୋଟଳି ଦେଇ ହାତରେ ତା'ର ସୁନା ରୁପା ଢାଳି ଦିଆଯିବ । ସରକାର ଘରର କେତେ ଫନ୍ଦି ଫିକର, କାଇଦା କଟକଣା ଅଛି । ଖାଲି ନିମିତ୍ତ କ'ଣ ବକ୍‌ସିସ୍ ଦିଆଯିବ ? ସେ ଘରକୁ ଫେରି ସବୁ ଦେଖାଇବ । କି ଖୁସି ହେବ ସ୍ତ୍ରୀ ତା'ର ସେ ସବୁ ଦେଖି ! ଭଲ ଘରଦ୍ୱାର କରି, ଜମିବାଡି କିଣି ସେ ସୁଖରେ ରହିବ । ଅଉ ତ ଗୋବିନ୍ଦ ସରଦାର ନାହିଁ ଯେ, ସବୁ ଲୁଟି କରି ନେବ ।

ହଠାତ୍ କ'ଣ ଗୋଟାଏ ଆସି ତା ବେକରେ ବାଜିଲା ।

# ଘାସିପଡ଼ାର ମାୟା

ଶ୍ରୀ କମଳାକାନ୍ତ ଦାସ

ହରକାନ୍ତ କ୍ୱାର୍ଟର ଖଣ୍ଡିଏ—ଛୋଟ ଛୋଟ 'ଢ' ବର୍ଣ୍ଣର ଘର, ଉପରେ ଖପର ଛାଉଣି, ଚାରିଆଡ଼ ମେଲା । ପାଚେରି ନାହିଁ । ଖଣ୍ଡିଏ ମାତ୍ର ଛୋଟ ରୋଷେଇ ଘର, ଦୂରଛଡ଼ା ହୋଇ ଛୋଟ ପାଇଖାନା ଖଣ୍ଡିଏ । ମସ୍ତବଡ଼ ପଡ଼ିଆ ଓ ଦାଣ୍ଡ ମଝିରେ ନିତାନ୍ତ ଏକୁଟିଆ ଘର ଖଣ୍ଡିକ, ଗାଁଗଣ୍ଡା ଓ ବଜାରଠାରୁ ବହୁଦୂରରେ । ଘରର ଦକ୍ଷିଣକୁ ଅଦୂରରେ ଘାସିପଡ଼ା ଏବଂ ପଶ୍ଚିମକୁ ଦେଖାଯାଉଛି ଗଣ୍ଡାପଡ଼ା । ଘାସି ହେଲେ ମେହେନ୍ତର ଜାତିର ଦଳିତ ଅନୁନ୍ନତ ନିତାନ୍ତ ଦରିଦ୍ର ଲୋକ ଏବଂ ଗଣ୍ଡା ମଧ୍ୟ ସେହିଭଳି ପାଣ ଜାତିର ହରିଜନ ମାତ୍ର । ସମାଜରେ ଏମାନଙ୍କ ସ୍ଥାନ ଜାଣି ତ ଅତି ନୀଚରେ । ତା ଉପରେ ପୁଣି ପାହାଡ଼ିଆ ଗଡ଼ଜାତ ଅଞ୍ଚଳ; ଯେଉଁଠିକି ସାମାନ୍ୟ କେତୋଟି ଦିନ ଆଗ ପର୍ଯ୍ୟନ୍ତ ରଜାରାଜୁଡ଼ା ଓ ତାଙ୍କ ଆଭିଜାତ୍ୟ ରାଜତ୍ୱ କରୁଥିଲା । ଏ ଅଞ୍ଚଳରେ ଘାସି ଆଉ ଗଣ୍ଡା—ଏ ଦୁଇ ଜାତିର ଲୋକଙ୍କୁ ସାଧାରଣ ଲୋକେ ନିତାନ୍ତ ଘୃଣା କରୁଥିଲେ । ତେଣୁ ସେମାନଙ୍କ ସ୍ଥାନ ସହରତଳି ନିତାନ୍ତ ସନ୍ତସନ୍ତିଆ ଓ କଦର୍ଯ୍ୟ ଅଞ୍ଚଳରେ । ତାରି ପାଖରେ ଏ କ୍ୱାର୍ଟର ଖଣ୍ଡିକ ଗଢାଯାଇଛି । ପାଚେରି ନାହିଁ କି ଆବୋରୁ କିଛି ନାହିଁ । ଛୋଟ ଛୋଟ ଢ' ବର୍ଣ୍ଣର ଖପରଲ୍ଲି ଘର । ଚାରିଆଡ଼ ଯାକ ଧୂ ଧୂ ପଡ଼ିଆ । ଦିନ ଦି'ପହରେ ଚୋର ପଶି ମାରିପିଟି ଲୁଟି ନେଲେ ଡାକିଲେ କେହି ଶୁଣିବେ ନାହିଁ ।

ଏବେଇ କହନ୍ତି କ୍ୱାର୍ଟର । "କ୍ୱାର୍ଟର"ର ଗାଣିତିକ ଅର୍ଥ ଏକ-ଚତୁର୍ଥାଂଶ । ଏ କ୍ୱାର୍ଟର ଖଣ୍ଡିକୁ ସେ ହିସାବରେ ଏକ-ଅଷ୍ଟମାଂଶ ବା ଏକ-ଷୋଡ଼ଶାଂଶ କହିଲେ ଚଳିବ । ସେଥିଲାଗି ଏ ଖଣ୍ଡିକ ପ୍ରାୟ ଖାଲି ପଡ଼ି ରହିଥାଏ । ଏକୁଟିଆ ନିଛାଟିଆ ଖୋଲା ଘର ଦି'ଖଣ୍ଡି । ଛୁଆ ପିଲା ନେଇ ଏଠି କିଏ କେମିତି ରହିବ ! ଚୋରର ଭୟ ଖୁବ୍ ଅଛି ଯେ ! ସାମନାକୁ ପଡ଼ିଆ ପାରିହେଲେ ଗୋଟାଏ ବଡ଼ ବନ୍ଧ । ବନ୍ଧ ଅର୍ଥ ଜଳାଶୟ । ତାରି ହୁଡ଼ା ଉପରେ ଛୋଟ ଛୋଟ ସାଗୁଆନ ଓ ଅନ୍ୟାନ୍ୟ ବାଜେ ଗଛର ବଣ । ଦୂରକୁ ଦିଶେ ଜେଲଖାନା'ର ପାଚେରି ଓ ତା ସେପଟକୁ ଖଦାଳପଡ଼ା । ଖଦାଳ ଜାତି ମଧ୍ୟ ଗୋଟିଏ ଅସ୍ପୃଶ୍ୟ ଓ ନିମ୍ନ ଶ୍ରେଣୀର ଲୋକ ।

ଭୋର ହେଲା ବେଳକୁ ଗୋଟିଏ ଲେଖାଁ ବାଉଁଶ ଠୋକେଇ ଧରି ଅଧା ଅପରିଷ୍କାର ଛିଣ୍ଡା ଲୁଗା ଖଣ୍ଡିଏମାନ ପିନ୍ଧି ଚିରା ବାଉଁଶ ଝାଡ଼ୁକାର ଖଣ୍ଡିଏ ଲେଖାଁ

ଝାଡ଼ୁ ଧରି ଚଉରିଶ ଜଣ ସରକାରି ଝିଅ ପିଲା ଓ ସ୍ତ୍ରୀ ଲୋକ ଘାସିପଡ଼ାରୁ ବାହାରି ସହରର ବିଭିନ୍ନ ପଡ଼ାକୁ ଚାଲନ୍ତି – ପାଇଖାନା ଓ ରାସ୍ତା ସଫା କରିବା ଲାଗି । ପଛେ ପଛେ ଗୋଡ଼େଇ ଥାଆନ୍ତି ଲଙ୍ଗଳା କାଳିଆ ମୁରୁକୁଟିଆ ମଇଳା ପିଲା କେତୋଟି—ମାଆ ମାଆ ଡାକ ଡାକିକା, କାନ୍ଦ କାନ୍ଦିକା । ପୁରୁଷଯାକ ମଧ୍ୟ ସେହିଭଳି ବିଭିନ୍ନ ସହର ସଫେଇ କାମରେ ବାହାରି ପଡ଼ନ୍ତି । କେତେକ ବା ଟାଙ୍ଗିଆ ଖଣ୍ଡିଏ ଲେଖାଁ ଧରି ଜାଳେଣି କାଠ ପାଇଁ ବଣକୁ ଚାଲି ଯାଆନ୍ତି । ଘାସିପଡ଼ାର ଘୁଷୁରିଯାକ ଛୁଆପିଲାଙ୍କୁ ଘେନି ଏଣେ ତେଣେ ନସର ଫସର ହୋଇ ଧାଆନ୍ତି ଖାଦ୍ୟ ଅନ୍ୱେଷଣରେ ।

ଗଣ୍ଡାପଡ଼ାରେ ଅନେକ ତନ୍ତ ବୁଣନ୍ତି । ସକାଳ ହେଲାକ୍ଷଣି ସେମାନଙ୍କ ସ୍ତ୍ରୀ ପିଲାଏ ଲାଗି ଯାଆନ୍ତି ସୂତାକାମ ଓ ତନ୍ତ ବୁଣାରେ । ଝଦାଳପଡ଼ାରୁ ଦଳ ଦଳ ହୋଇ ଝିଅ ବୋହୂ ଭେଣ୍ଡିଆ ଭୁଆସୁଣୀ ବାହାରି ଯାଆନ୍ତି ମୂଲପାଇଁ ଲାଗିବା ନିମନ୍ତେ । ତୁଣ୍ଡରେ ଗୀତ; ମୁଣ୍ଡରେ ଫୁଲ । ଦେହରେ ରଙ୍ଗଚଙ୍ଗିଆ ଛିଣ୍ଡା ମଇଳା ଅଣଓସାରିଆ ଧୋତି, ଶାଢ଼ୀ । ସମସ୍ତେ ଗରିବ । ସମସ୍ତଙ୍କ ଚାଲି ଭୁଇଁଉପରରୁ ଲେପଟେଇ ପଡ଼ିଛି । ଦିନଯାକର ରୋଜଗାର ଅଣଓସାରି ପଣେ ଘର ଏଣୁ ଓଟାରିଲେ ତେଣିକି ନଅଣ୍ଟ; ତେଣୁ ଓଟାରିଲେ ଏଣିକି ନଅଣ୍ଟ । ସମାଜରେ ଏମାନେ ସମସ୍ତେ ହେଲେ ନିତାନ୍ତ ଅବହେଳିତ, ଦଳିତ, ପତିତ, ହରିଜନ । ଏଇମାନେହିଁ ସମାଜର ସେବକ । ମାତ୍ର ଏମାନଙ୍କ ପେଟପିଠି ଆଡ଼କୁ ଅନାଇବାକୁ ମାଆ ବାପ କେହି ନାହିଁ । ଏମାନଙ୍କ ଉପରେ ସମସ୍ତେ ହାକିମ । ସମସ୍ତଙ୍କର ଧାରଣା ଏମାନେ ଚୋର, ଡକେଇତ, ମଦ୍ୟପ ଓ ଅସଚ୍ଚରିତ୍ର । ସମସ୍ତେ ଏମାନଙ୍କୁ ଘୃଣା କରନ୍ତି । କିନ୍ତୁ କେହି ଭାବନ୍ତି ନାହିଁ ଯେ ଏମାନଙ୍କ ଘରରେ ଏତେ ଅଭାବ ଅନାଟନ ଭିତରେ ବି ଏମାନେ ଏତେ ଭଲ ମଣିଷ ପରି ଚଳୁଛନ୍ତି ।

ଲୋକଙ୍କର ଶତ ବାରଣ ସତ୍ତ୍ୱେ ମନକେତନ ମହାପାତ୍ର ସଙ୍ଗରେ ଯୁବତୀ ସ୍ତ୍ରୀ ଓ ଚାରୋଟି ସାନ ସାନ ପିଲାଙ୍କୁ ଧରି ଏ ଘରେ ରହିଲେ । କଟକଆଡ଼ୁ ବଦଳି ହୋଇ ଆସିଛନ୍ତି । ସନ୍ଧ୍ୟାବେଳକୁ ଛୋଟ ବାରଣ୍ଡାରେ ଲଣ୍ଠନଟିଏ ମିଞ୍ଜି ମିଞ୍ଜି ହୋଇ ଜଳୁଛି ।

ବଜାର ଆଡ଼ୁ ଫେରୁଛନ୍ତି ଘାସିଆଣୀମାନେ । କାବା ହୋଇ ବସାଟିର ସାମନାରେ ଥିବା ଖଣ୍ଡା ଆମ୍ବଗଛଟି ମୂଳେ ଠିଆ ହୋଇଗଲେ । ସେମାନଙ୍କ ଭିତରେ ଦ୍ୱିମତୀ ହେଲା ପୁରୁଖା ଲୋକ । ଆଗଭର ଆସି ପିଣ୍ଡାତଳକୁ ଠିଆ ହୋଇ କହିଲା—"କିଏ ଗୋ, ନୁନିର ମା'—କୋଉଁ ରାଇଜରୁ ଆଇଲ ? ଏକଲା ଏ ଘରେ କେନ୍ତା ରହିମ ଗୋ ?"

ନୁନିର ମା' ଓରଫ୍ ମହାପାତ୍ରଙ୍କ ସ୍ତ୍ରୀ ବାରଣ୍ଡା ଉପରକୁ ଆସି କହିଲା—"ତୁମ ଘର କେଉଁଠି କି ? କି ଘର ତୁମର ?"

ଦ୍ୱିମତୀ କହିଲା—"ଜୁହାର ମା'! ଆମ ଘର ହିପଟେ ଘାସିପଡ଼ାରେ । ଆମେ ଘାସୀ ଲୋକ, ତୁମର ପଡ଼ିଶା ଗୋ !"

ନୂନର ମା' ଓରଫ୍ ରେବତୀ ହସି ହସି କହିଲେ—"କାହିଁକି ତୁମେ ସବୁ ଅଛ ! ଆମେ ତ ତୁମର ପଡ଼ିଶା ହେଲୁ ଗୋ ? ଆମ ଭଲମନ୍ଦକୁ ତୁମେ, ତୁମ ଭଲମନ୍ଦକୁ ଆମେ । ଆମର ଏ ଛୁଆପିଲାଙ୍କୁ ତୁମେ ଜଗିବ ନାହିଁ କି ଗୋ ?"

କଲରମା—ଲାଇଁ ଲାଇଁ ବୁଢ଼ୀ । ଚିରା ଲୁଗାର ଧଡ଼ିଦଖଣ୍ଡ ପିଠିଉପରେ ପଡ଼ିଛି । ଦ୍ୱିମତୀ ପାଖକୁ ଲାଗି ଆସି କହିଲା—"ଆହା ଗୋ ମା, କେନ୍ତା ଭଲକଥା କହିଲ ଗୋ ! ଏନ୍ତା କଥା ତ କେହି କହନ୍ତି ନାହିଁ ଗୋ ମା, ଆମେ ତ ଘାସିଲୋକ । ଗଣ୍ଡା ଘାସିପଡ଼ାରେ ଏ ଘରେ କେହି ତ ରହନ୍ତି ନାହିଁ ଗୋ ! ଖାଲି ପଡ଼ିଥାଏ । ତୁମେ କୋ ଗାଁଲୋକ ଗୋ ମା ? ସରକାରି ଲୋକ ବଦଳି ହୋଇ ଆଇଚ ?'

ରେବତୀ କହିଲେ— "ହଁ ଗୋ ମା, କଟକରୁ ବଦଳି ହୋଇ ଆସିଛୁ ।"

—"ବାବୁ କାହାନ୍ତି ?"

—"ଦଉରା କରି ଯାଇଚନ୍ତି ।"

—"ନୂନ ବୁଆ କୋଉଟି ?"

—"ନୂନ ଆଉ ବୁଆ ? ମାନେ—ଝିଅ ପୁଅ ?"

—"ହଁ ଗୋ, ହଁ ଆମେ ସେନ୍ତା କହୁଁ !"

—"ନୂନ ତିନିଟି ଆଉ ପୁଅ ଗୋଟିଏ ।"

ଦ୍ୱିମତୀ କହିଲା—"ଆଇମୁଁ ଗୋ ମା' ଆମେ ଆଇମୁଁ । ତୁମେ ଆମକୁ ଘିଣା କରିବ ନାଇତ ? ଆଇମୁଁ, ବସିବୁ, କଥା ହେମୁଁ, ତୁମେ ରାଗ କରିବ ନାଇତ ?"

—"ନାଇଗୋ ମା ' ଘିଣା କରିବି କାଆଁ ? ତୁମେ କଅଣ ମଣିଷ ନୁହଁ । ତୁମେ ଆସିବ । ବସିବା, ଦୁଃଖ ସୁଖ ହେବା । ତୁମ ପିଲାଏ ଆସିବେ । ମୋ ପିଲାଙ୍କ ସାଙ୍ଗରେ ଖେଳିବେ, ବୁଲିବେ ।

ଆମ୍ବଗଛମୂଳୁ ଆଗେଇ ଆସି ପାର୍ବତୀ ବୋଲି ଆଉ ଗୋଟିଏ ଘାସିଆଣୀ କହିଲା—"ନାଇ ଗୋ ମା, ଆମ ସାଙ୍ଗରେ ମିଶିଲେ ତୁମକୁ ଏଠା ବାବୁଲୋକେ ଘିଣା କରମେ ।"

—"ଘିଣା କରିବେ ଆମକୁ ଏଠା ଲୋକେ ? କଲେ କରିବେ । ଆମେ ତୁମ ସାଙ୍ଗରେ ମିଶି ଚଳିବା ।"

—"ତୁମେ କି ଲୋକ ମା ?"

—"ଆମେ ବ୍ରାହ୍ମଣଲୋକ ଗୋ ?"

ବୁଡ଼ିମଣି ପଛକୁ ଘୁଞ୍ଚିଗଲା ଦପାଦ, କହିଲା—"ହଉ ଗୋ ମା ' ତୁମେ ବ୍ରାହ୍ମଣ ଲୋକ ? ଦେବତା, ଦେବତା ।"

—"ନାଇ ଗୋ ମା ' ଅମେ ବି ମଣିଷ, ତୁମେ ବି ମଣିଷ ।

—"ଥାଆଗୋ ମା, କାଲିକି ଆଇମୁଁ । ରାତି ବେଶି ହେଲା । ଗରିବ ଲୋକ । ଆମ ପଡ଼ାକୁ ଯିବକି ମା କେବେ ?

— "ହଁ ଗୋ, ନିଶ୍ଚୟ ଯିବା ।"

ସମସ୍ତେ ଚାଲିଗଲେ । ବାଟଯାକ କୁହାକୁହି ହୋଇ ଯାଉ ଥାଆନ୍ତି— "ଏମାନେ ଭଲ ଲୋକ ଆଇଛନ୍ତି ।"

ଗଣ୍ଡାପଡ଼ାରେ ତନ୍ତକୁ ଧରି ଶତକଡ଼ା ନବେ ପରିବାର କୁଟୁମ୍ବ ପୋଷନ୍ତି । ମାତ୍ର କଣ୍ଟ୍ରୋଲବଜାରରେ ସୂତା ମିଳିବା କଥାରେ ବା'ର ପେଞ୍ଚପାଞ୍ଚ ଚାଲିଛି, ଆଉଙ୍କ ପଡ଼ି ଯାଉଛି—"କେମିତି ବଞ୍ଚିବା ? ମୋଡ଼ାଏ ହେଲେ ସୂତା ତ ମିଳିଲା ନାହିଁ ।"

"ମିଳିବ । ଅଲବତ ମିଳିବ"—କହିଲେ ମୀନକେତନ ବାବୁ । ଗଣ୍ଡାପଡ଼ାରେ ଭକୁଡ଼ୁ ଖଣ୍ଡାର ନୂଆଣିଆ ଚାଲିଥିଲେ ବାଉଁରେ ଅଓେସାଙ୍କ ଖଟିଆ ଉପରେ ବସିପଡ଼ି ଆଶାବାଣୀ ଶୁଣାଇ କହିଲେ—"ଅଲବତ ସୂତା ମିଳିବ । ତୁମେ ସମସ୍ତେ ଏକାଠି ବସ । ଗୋଟିଏ ସମବାୟ ସମିତି ଗଢ଼ିଦିଅ ।"

"ଜୁହାର ଆଜ୍ଞା, ଜୁହାର ଜୁହାର"—ଶହେ ଜଣ ପିଲା ବୁଢ଼ା, ସ୍ତ୍ରୀ ପୁରୁଷ ଭକୁଡ଼ୁ ଦାଣ୍ଡରେ ରୁଣ୍ଡ ହୋଇଗଲେ—ଆମେ ସମସ୍ତେ ଏକଅଛୁଁ । କିନ୍ତୁ ଦଉଛୁ କିଏ ? ସାତ ଦିନ ହେଲା ସପ୍ଲାଇ-ସୁପରଭାଇଜରଙ୍କ ବଢ଼ାକୁ ଧାଇଁ ଧାଇଁ ଫେରୁଛୁ । ଇନ୍‌ସପେକ୍ଟର ବାବୁ ପାଖ ମଡ଼ାଉ ନାହାନ୍ତି । ଆମ ଦୁଃଖ ଶୁଣୁଛି କିଏ ବାବୁ !"

ତା ପରେ ମୀନକେତନ ବାବୁଙ୍କ ଚେଷ୍ଟା ଓ ଗଣ୍ଡାପଡ଼ାର ସମସ୍ତଙ୍କ ସହଯୋଗରେ ସମିତିଟିଏ ଗଢ଼ାଗଲା । ସୂତା ଆସିଲା ପ୍ରଚୁର ପରିମାଣରେ । ଭଲ ତନ୍ତ ଆସି ଗଣ୍ଡାପଡ଼ାରେ ଦିନରାତି ଠକ୍ ଠକ୍ ଶୁଭିଲା । ବଡ଼ବଜାରରେ ଘରଟିଏ ଭଡ଼ା ନିଆଯାଇ ସୁନ୍ଦର ଦୋକାନଟିଏ ଖୋଲାଗଲା । ଗଣ୍ଡାପଡ଼ାରେ ସମସ୍ତଙ୍କ ତୁଣ୍ଡରେ ଶୁଣାଗଲା—"ମହାପାତ୍ର ବାବୁ—ମଣିଷ ନୁହଁ ଗୋ ଦେବତା ।"

ନରତମା'ର ମା—ଠୁନୁକ୍ଷା ଗଣ୍ଡଉଣୀ ଶାଗ ଚୁଲିକିଏ ଧରି ମହାପାତ୍ରଙ୍କ ଅଗଣା ଆଡ଼ ବାରଣ୍ଡାତଳେ ଠିଆ ହୋଇ କହିଲା—"ମାଅ ଗୋ, ଶାଗ କେତେଏ ଆଣିଚି— ତୁମରି ଲାଗି, ନିଅ । ତୁମେ ମୋର ମାଆ ହେଲ । ଏ ଲୁନମାନେ ମୋର ଭଉଣୀ ।"

ରେବତୀ ଚୋପେଇ ଗୃହ ଭିତରୁ ବାହାରି ଆସି ଦେଖିଲେ ଶାଗ କେରକ ବରଣ୍ଡା ଉପରକୁ ଥୋଇଦେଇ ଠୁନକୀ ମୁଣ୍ଡିଆ ମାରୁଛି—"ଜୁହାର ଗୋ ମା ?"

ରେବତୀ କହିଲେ—"ପିଣ୍ଡା ଉପରକୁ ଉଠି ଆସୁନୁ ମା ! ତଳେ ଠିଆହୋଇଛୁ କଆଁ ? ଏ ଶାଗ କାହିଁକି ଆଣିଲୁ ?"

—"ଆମେ ପରା ଗଣ୍ଡାଲୋକ ଗୋ ମା ! ତମ ପିଣ୍ଡା ଉପରକୁ କେମିତି ଯିବୁଁ ?"

ରେବତୀ ଦେଖାଇ ଦେଲେ ଦାଣ୍ଡ ଘର ଭିତରକୁ—ହେଇଟି ଦେଖ, "ସେ ଝିଅଟି କିଏ ?"

ଠୁନକୀ ଚହିଁକି ଉଠିଲା—"ଓ ମାଆ ଗୋ ! ସେ ତ ଆମ ପଡ଼ା ଭକୁତ୍ରର ଝିଅ—ସୁରବାଳା ଯେ ! କଅଣ କରୁଚି ? ପାଠ ପଢୁଚି ? ତମ ନୁନି ପାଖରେ ବସିଚି ଯେ !

ଅଳପ ହସି ରେବତୀ କହିଲେ—ବସିଚି ତ ; ପଢୁଛି । ବାବୁ ତା ବାପାକୁ କହିଛନ୍ତି ତାକୁ ନେଇ ଅଙ୍କା ଇସ୍କୁଲକୁ ଯିବେ, ନାଁ ଲେଖେଇ ଦେଇ ଆସିବେ ।

—"ହେଲେ । ତା ଛେଳି ଚରେଇବ କିଏ ?"

ଦୀର୍ଘ ନିଃଶ୍ୱାସ ଟାଣି ଠୁନକୀ ବରଣ୍ଡାର ଗୋଟିଏ କଡ଼କୁ ବସିପଡ଼ିଲା । ଦାଣ୍ଡଆଡ଼ୁ ଡାକଦେଲା ବନ୍ଧୁପ୍ରିୟା—ଘାସିପଡ଼ାର ଦ୍ୱିମତୀର ଝିଅ—"ମାଅଗେ— କା କରୁଚ ?"

—"ଯାଉଚି ମା । ଆସୁନୁ ଏବାଟେ ଏ ପଟକୁ !"

ମାସ ଗୋଟିକ ଭିତରେ ଗଣ୍ଡା ଓ ଘାସିପଡ଼ାରେ ସମସ୍ତେ ଜାଣିପାରିଛନ୍ତି ଏ ଲୋକଟି ଆମର ହିତ ପାଇଁ ଆସିଛି, ଆମକୁ ଘୃଣା କରେ ନାହିଁ । ଭଲ ମଣିଷଟିଏ । ଦିନେ ଗଦାଧର ଘାସୀ ଓ କଳାମଣି ଘାସୀ ସାବଲ କଟୁରି ଧରି ଆସି କହିଲେ, "ବାବୁ ଆଜ୍ଞା ! ଅଗଣାରେ ଆମେ ବାଡ଼ ବୁଜି ଦେଉଚୁଁ କି, କଣ୍ଟାଗଛ ତ ଏଇ ପାଖରେ ଅଛି । କେତେ ବା ବେଳ ଲାଗିବ !" ହସି ଉଠି ମୀନକେତନ ବାବୁ କହିଲେ—"ଇରେ ଗଦାଧର ! ତମେ ସମସ୍ତେ ତ ହେଲ ମୋର ବାଡ଼ । ମେଲା ଥାଉ ।"

—"ନାଇ ଗୋ ବାବୁ, ସେ କଥା ବଲୁଚୁକି ? ଆମେ କହୁନୁ କି ବାଡ଼ ବୁଜିଦେଲେ ଗୁସୁରି (ଘୁଷୁରି) ପଶିବେ ନାଇଁ !"

—"ହଉ, ତମ ଇଚ୍ଛା ।"

ଦାଣ୍ଡ ଅଗଣାରେ ଗୋଟିଏ ଛାମୁଣ୍ଡିଆ ହୋଇଛି । ତଳଟା ନିର୍ମଳ କରି ନିପା ଲେମା ହୋଇ ପରିଷ୍କାର କରାଯାଇଛି । ସନ୍ଧ୍ୟାକୁ ଗଣ୍ଡା ଆଉ ପାସିପଡ଼ାର ପିଲା ବୁଢ଼ା, ମାଇପେ ମିଶିପେ ଆସି ରୁଣ୍ଡ ହୁଅନ୍ତି । କେତେ ଆଡ଼୍ଡା କେତେ ଗପ ଗୁଲେ । ମୀନକେତନ ଓ ତାଙ୍କ ସ୍ତ୍ରୀ ଆସି ତାହାରି ଭିତରେ ବସନ୍ତି । ପିଲାଗୁଡ଼ିକ ପାଖରେ ଝେଙ୍କି ଥାଆନ୍ତି । ଗଲା ଅଇଲା ଲୋକେ ବାଟରେ ଯାଉ ଯାଉ କୁହାକୁହି ହୁଅନ୍ତି—ଏ ବାବୁଟା କଟକରୁ ଆସିଛି । ଗୋଟାଏ ପାସି ହବ ପରା, ନଇଲେ ଗଣ୍ଡାଟିଏ ।

ଯେବେ ଯେବେ କିନ୍ତୁ ତାଙ୍କ ସିଦ୍ଧାନ୍ତଟା ଅମୀମାଂସିତ ରହିଯାଏ—ଝଦାଲ-ପଡ଼ାର କେତେଗୁଡ଼ିଏ ଆସି ତାଙ୍କୁ ଘେରି ବସି ଥାଆନ୍ତି ।

ସକାଳ ନଅଟା ଦଶଟା ବେଳକୁ ଦାଣ୍ଡରେ ଡାକି ଡାକି ଯାଆନ୍ତି ଗଉଡ଼ୁଣୀ—"ମଇ ନବ ଗୋ, ମଇ !" ଅର୍ଥାତ୍ ଦହି ଅଂଶ ଦୁଇ ଛଅପଣ ଓ ପାଣି ଅଂଶ ବାର ଚଉଦପଣ । ବିକି ବିକି ଖାଉଛନ୍ତି । ରଇବାରି ବୁଢ଼ୀ ଦୁଆର ମୁହଁରେ ଠିଆ ହୋଇ ଡାକେ—"ଓଗୋ ମୁନିର ମା, ସିମ ନବ ଗୋ ।" ରଇବାରି ବୁଢ଼ୀର ସିମ ବିକି ଭିତରେ ରେବତୀ ଓ ପିଲା କେତୋଟିଙ୍କ ପାଇଁ ଆନ୍ତରିକ ସ୍ନେହ ଲୁଚି ରହିଥାଏ । ପଡ଼ିଏ ପହରେ ବସି କଥା କହେ । 'ଭଲ' ଦୋଟି ଆଣିଥାଏ, ସେମିତି ଦେଇଯାଏ । କେତେବେଳେ ଅବା ପଖାଳ ତୋରାଣି ମୁନ୍ଦିଏ ଖାଇଦେଇ ଯାଏ ।

ରାତି ଅଧକୁ କାଲୁ ଆସି ବାଡ଼ିପଟେ ଡାକିଲା—"ମାଆ ଗୋ ଦୁଆର ଖୋଲ । ବେଗି ଖୋଲ । ମୋ ବର ମଦ ପିଇ ମତେ ମାରିବାକୁ ଧାଇଁଚି ।"

ରେବତୀ ଉଠିପଡ଼ି ତାଟି ଫିଟାଇ ଦେଲେ । କାଲୁ ଆସି ଦାଣ୍ଡଘରେ ଚଟାଣ ଉପରେ କାନି ବିଛାଇ ଶୋଇ ପଡ଼ିଲା । ଝିଆ ଦୋଟି ସେ ଘରେ ଶୋଇ ଥାଆନ୍ତି ମା ପାଖରେ । ଦାଣ୍ଡପଟେ ଡାକ ପକାଇଲା ବଇଷିମା ପାସୀ । କଳା ମଚମଚ ଅଣ୍ଟାଭିଆ ମରଦ, ହଲେ ନିଶ, ହାତେ ଓସାରର ଛାତି । ଦୁଇ ତିନି ଥର ଛଅ ଛଅ ମାସ ଜେଲ ଖଟି ଆସିଛି । ମଦ ଖାଇଛି । ସ୍ତ୍ରୀ କାଲୁକୁ ମାଗୁଛି ତୋ ପାଖରେ ପଇସା ଅଛି ତ ଦେ, ଆଉ ମଦ ଖାଇବ । କାଲୁ ଦଉନି । ସେଥିଲାଗି ତା ଉପରେ ରାଗ ତାକୁ ମାରି ଗୋଡ଼ାଉଛି । ହାତରେ ଗୋଟାଏ ଠେଙ୍ଗା । କହୁଛି—ମାରିଦେବ ଜବନରୁ । ଦାଣ୍ଡ ଦୁଆରେ ଡାକିଲା—"ମାଆ ଗୋ, ମୋ କନିଆକୁ ରଖିଚ । ବାହାର କରିଦିଅ । ମୁଁ ତାକୁ ମାରିନି ।"

ଘରେ ଆଜି ମୀନକେତନ ବାବୁ ନାହାନ୍ତି—କୁଆଡେ ଯାଇଛନ୍ତି । ରାତି ଅଧ । ଡାକିଲେ କାହାରି ପାଖରେ ଶବ୍ଦ ପହଞ୍ଚିବ ନାହିଁ । ବଇଷ୍ଣବା ମଦ ପିଇ ମାତାଲ ହୋଇ ଅସିଛି । ହିତାହିତ ଜ୍ଞାନ ନାହିଁ ତାର । ତେବେ ସେ,

ଡ଼କେଇଡଟାଏ । ତେବେବି ରେବତୀଙ୍କର ଭୟ ନାହିଁ । କହିଲେ—"କିଏ ରେ ? ବଇଷିମା ।"

—"ହଁ ଗୋ ମା ! ମୁଇଁ ।"

—"ଛି ଛି । ମଦଗୁଡ଼ାଏ ଖାଇଛୁ । ଜନଅକୁ ମାରି ଗୋଡ଼େଇଛୁ । ସେ ତ ଆସି ମୋ ଶରଣ ପଶିଛି, କେମିତି ଛାଡ଼ିଦେବି ? ଯା ଯା କାଲି ସକାଳକୁ ସେ ଯିବ ଯେ । ବାପାଟା ପରି—ଆଉ ମଦ ଖାଆନା ।"

ମଦନିଶା ଭିତରେ କି ଦୁର୍ଦ୍ଦାନ୍ତ ଲୋକଟାର ଜ୍ଞାନ ଅଛି । ପିଣ୍ଡା ଉପରକୁ ସେ ଉଠିଲା ନାହିଁ । କହିଲା—"ଥାଉ ମା, ଶୋଇଥାଉ; ମୋର ଭୁଲ । ମଦଟିକେ ତ ପିଇ ଦେଇଚି ମା । ଯାଉଚି ମା, ଜୁହାର ଜୁହାର । ମଦ ପିଇ ଭୁଲ କରିଚି । ଆଉ ଦିନେ ଖାଇମି ନାହିଁ ମା ! ଆଉ ଦିନେ ଖାଇବି ନାହିଁ ।"

ବଇଷ୍ଣବ ମାସେ କାଳ ସେ ବାଟ ଦେଇ ଗଲାନାହିଁ, ଲାଜ ମାଡ଼ିଲା । ଅନୁତାପ କଲା । ମଦଖିଆ କଥାଟା ବାବୁ ଜାଣିଲେ । ମାଆ ଜାଣିଲେ । ଛି ଛି । ସ୍ବୈର ବଇଷ୍ଣବର ଦୁର୍ଦ୍ଦାନ୍ତପଣିଆ ବି ମୀନକେତନ ଓ ରେବତୀଙ୍କ ନିକଟରେ ମୁଣ୍ଡ ନୁଆଇଛି ।

ଦାସିଆ ଘାସିର ଝିଅ ତିଲୋତ୍ତମା ଜରରେ ପଡ଼ିଛି । କୁଇନାଇନ ବଟିକା ଧରି ରେବତୀ ଧାଇଁଯାଇଛନ୍ତି ତା କୁଡ଼ିଆ ତଳକୁ । ପାଖରେ ବସିଛନ୍ତି । ଛିଣ୍ଡା କୋତର ଗନ୍ଧିଆ କନା କବଟାର ବିଛଣା ପାଖରେ ବସି ତିଲୋତ୍ତମାର ନୁଖୁରା ମୁଣ୍ଡରେ ହାତ ବୁଲାଇ କହୁଛନ୍ତି—ଭଲ ହୋଇଯିବୁ ଲୋ ମା ! ଭଲ ହୋଇଯିବୁ । ଦାସିଆ ସ୍ତ୍ରୀ ମୁଣ୍ଡିଆ ମାରି ରେବତୀ ଗୋଡ଼ରେ ହାତ ମାରି ତିଲୋତ୍ତମା ମୁଣ୍ଡରେ ଧୂଳି ଲଗାଇ ଦେଇ କହୁଚି—"ତମେ ଗୋଡ଼ ଧୂଳି ଦେଇଯାଅ ମା !"

ଘାସିପଡ଼ାରେ ନିଆଁ ଲାଗି ଯାଇଛି । କୁଡ଼ିଆ ଗୁଡ଼ିକ କେତୋଟି ପୋଡ଼ି ଜଳି ଯାଉଛି । ମରଦଯାକ ଦୁଃଖଧନ୍ଦାକୁ ଯାଇ ଫେରି ନାହାନ୍ତି । ମାଇପି ଲୋକଯାକ ବାଉଳିବାଉଳି ହୋଇ କାନ୍ଦି ଉଠିଛନ୍ତି । ବଜାର ଭିତରୁ ବହୁ ଲୋକ ଧାଇଁ ଆସି ଦୂରଛଡ଼ା ଠିଆ ହୋଇ ଉପଦେଶ ଦେଉଛନ୍ତି—ପାଣି ପକାଅ, କାନ୍ଦନା । କୁଆଡ଼େ ଗଲେ ମରଦଯାକ ? ପାଖକୁ କିନ୍ତୁ କେହି ଯାଉନାହିଁ । ଘାସିପଡ଼ାଟା ଯେ ! ମୀନକେତନବାବୁ ଅଣ୍ଟାରେ ଲୁଗା ଭିଡ଼ି ନିଆଁକୁ ଡେଇଁ ପଡ଼ିଛନ୍ତି । ଘାସିଆଣୀଯାକ ସାହସରେ ପାଣି ମାଠିଆ ବଢ଼ାଇ ଦେଉଛନ୍ତି । ତାଙ୍କ ଦେଖା ଦେଖି ମୀନକେତନଙ୍କ ଆଦର୍ଶରେ ଆଉ ପାଞ୍ଚଦଶ ଜଣ ଲୋକ ଡେଇଁ ପଡ଼ିଛନ୍ତି । କଲିର ମା କାନ୍ଦିକାଟି ଭୂଇଁରେ ଗଡ଼ୁଛି—"ମୋ କଂସା ଗଣ୍ଡିକ । ମୋ ଥାଳି ପଟକ" । ଦୁଃଖୀ ଦରିଦ୍ରର ସର୍ବସ୍ବ ସେ ଦିଖଣ୍ଡ ଟାଣି ଆଣି କହୁଛନ୍ତି "ହେଇ ନେ ତୋ ବାସନ । କାନ୍ଦନା । ପାଣି ଆଣିବାକୁ ଯା ।"

—"ଜୁହାର ଜୁହାର ଆଜ୍ଞା, ଯାଉଛୁ । ଯାଉଛୁ ।"

ମାଠିଆଟି ଧରି ବୁଢ଼ୀ ନୂଆ ବହୁମରେ ଧାଇଁ ଯାଉଛୁ ବନ୍ଧକୁ ପାଣିପାଇଁ ।

କେଉଁ ଯୁବରାଜ ସାଇବଙ୍କ କପ୍‌ଗାଣ୍ଡି ଦୂରରେ ଠିଆ ହୋଇଛୁ । ତାର ସ୍ବରପଟେ ବାବୁଭଯ୍ୟା ଲୋକେ ରୁଣ୍ଡ ହୋଇ କୁହାକୁହି ହେଉଛନ୍ତି—"ଏ ଲୋକଟା କିଏ ହେ ! ଏତ ଘାସିପଡ଼ାର କେହି ନୁହେଁ ।" କେହି କହୁଛୁ—"ସେ ବୋଧହୁଏ ଘାସିଙ୍କ ଭିତରୁ କାହାର ବନ୍ଧୁବାନ୍ଧବ । କଲିକତା ବା ଟାଟାରେ ଥାଏ । ବେଶ-ପଟାରୁ ଜଣାଯାଉଛୁ ।"

ସେଇ ମୀନକେତନ । ଘାସିପଡ଼ାର ବନ୍ଧୁ । ଗଣ୍ଡାପଡ଼ାର ବାନ୍ଧବ । ଝଦାଲପଡ଼ାର ଭାଇ । ଦଳିତ ପତିତ, ଗରିବ ହରିଜନ ସମସ୍ତଙ୍କର ଅତି ଆପଣାର । ବାବୁପଡ଼ାରେ ଘୃଣିତ ଅପମାନିତ ଏବଂ ହରିଜନ ପଡ଼ାରେ ବାବୁ ଆଜ୍ଞା, ମାଆ ବାପ ।

ଅତି ବୁଢ଼ା ରାଜବଂଶୀୟ ଭାଇ ଲଲ୍ଲୁ ସାହେବ କିନ୍ତୁ ମୀନକେତନଙ୍କ ଖବର ରଖନ୍ତି । ବୁଲି ଗଲବେଳେ ଏଇବାଟେ ଯାଆନ୍ତି । ଝୁଣ୍ଟା ଆମ୍ବଗଛ ମୂଳେ ଠିଆ ହୋଇ ଡାକନ୍ତି—"ବାବୁ ଆଜ୍ଞା, ଅଛନ୍ତି କି ଘରେ ?"

ମୀନକେତନ ବାବୁ ସସମ୍ଭ୍ରମେ ବାହାରକୁ ବାହାରି ଆସି ବେତର ମୋଡ଼ିଆ ଖଣ୍ଡିକ ବଢ଼ାଇ ଦେଇ କହନ୍ତି—"ନମସ୍କାର ଆଜ୍ଞା । ଆପଣ ବୃଦ୍ଧ ଲୋକ; ମୋ ନାଁ ଧରି ଡାକିଲେ ଖୁସି ହେବି ।"

କହି ଉଠନ୍ତି ଲଲ୍ଲୁସାହେବ—"ଆପଣ କିନ୍ତୁ ବ୍ରାହ୍ମଣ ଯେ, ମୋର ନମସ୍ୟ ।"

ବୟସରେ ବୃଦ୍ଧଙ୍କୁ ସତୁରି ପୂରିଗଲଣି । ଆଭିଜାତ୍ୟର ମୋହ ତୁଟି ଗଲଣି । ଅହଙ୍କାର ନାହିଁ ହୃଦୟରେ । ସକଳ ଘଟେ ନାରାୟଣଙ୍କୁ ସେ ଦେଖିଲେଣି । ସାନଟିଏ ହେଉ, ବଡଟିଏ ହେଉ ସମସ୍ତଙ୍କୁ ସେ ସମଚକ୍ଷୁରେ ଦେଖିଲେଣି । ବାଣ୍ଟରେ ଟହଲୁଥିଲେ ଘାସି ପିଲାଟିଏ ଯାଉଥିଲେ ବି ପଚାରି ଦିଅନ୍ତି—କିଏ ଯାଉଚ ହେ ବାପ ? କହି ଉଠିଲେ—"ଆପଣ ବ୍ରାହ୍ମଣ, ମୋର ନମସ୍ୟ ।"

ମୀନକେତନ କହିଲେ—"ଆଜ୍ଞା, ମୁଁ ତ ହରିଜନ ଲୋକ ଆଜ୍ଞା !"

ଲଲ୍ଲୁସାହେବ ଦୁଇ ହାତ ଯୋଡ଼ି କହିଲେ—"ମୋର କିନ୍ତୁ ଆପଣଙ୍କ ତୁଲ୍ୟ ହରିଜନମାନଙ୍କୁ ନମସ୍କାର କରିବାକୁ ମୁଣ୍ଡ ନଇଁପଡ଼େ । ବସନ୍ତୁ, ଟିକେ ଦୁଃଖସୁଖ ହେବା ।"

ଆଉ ଖଣ୍ଡିଏ ମୋଢ଼ିଆ ଆଣିଲେ ମୀନକେତନ ବାବୁ । ଦୁହେଁ ବସିଲେ । ଘଡ଼ିଏ ଦୁଃଖସୁଖ ହେଲେ । ବିଦାୟ ବେଳେ ଦୁହେଁ ଦୁହିଁଙ୍କି ନମସ୍କାର ହେଲେ ।

ବ୍ରାହ୍ମଣପଡ଼ାର ଜନାର୍ଦ୍ଦନ ଗୁରୁ, ଦକ୍ଷିଣିଆ ବ୍ରାହ୍ମଣ—ଏଠି ଆସି ଘର କରି ରହିଛନ୍ତି । ପିଲାଦିନେ ନଦିଆ, ନବଦ୍ୱୀପ ଓ ବୃନ୍ଦାବନରେ ବହୁଦିନ ରହିଥିଲେ । ବେକରେ ତୁଳସୀମାଳ ଓ ପଇତା । ସୁନ୍ଦର ଗୀତ ଗାଆନ୍ତି ଏବଂ ଖୋଲ ଧରି କୀର୍ତ୍ତନ କରନ୍ତି । ମୀନକେତନ ବାବୁଙ୍କ ବସାରେ ଦିନେ ଦିନେ ସନ୍ଧ୍ୟାବେଳେ ଖୋଲ ଖଞ୍ଜଣି ଧରି ପହଞ୍ଚିଯାଆନ୍ତି । ମୀନକେତନ ଧରନ୍ତି ଗିନି ହାଲକ । ଚାଲେ କୀର୍ତ୍ତନ । ମଧୁର ସ୍ୱର ଏବଂ ଖୋଲ ଗିନିର ସୁମଧୁର ଶବ୍ଦ-ସମ୍ଭାର । ଘର ଦୁଆରପଟେ, ବାରଣ୍ଡା ଉପରେ ଓ ତଳେ ଦେଖଯାଇ ଥାଆନ୍ତି ଘାସିପଡ଼ା ଗଣ୍ଡାପଡ଼ାର ପିଲା ବୁଢ଼ା, ଝିଅବୋହୂ । କୀର୍ତ୍ତନ ଭାଙ୍ଗି ଭାଙ୍ଗି ରାତ ବାରଟା, ଗୋଟାଏ । ସମସ୍ତେ ଝିଅପିଆ ଭୁଲି ଠିଆ ହୋଇ ଥାଆନ୍ତି—ହରି ବୋଲ, ହରି ହରି ବୋଲ ।

ଘାସିପଡ଼ା ସଫା ହେଉଛି । ମୀନକେତନ ଆଗେ ଆଗେ ଝାଡ଼ୁ ଧରି ଚାଲିଛନ୍ତି, ପଛେ ପଛେ ସ୍ତ୍ରୀ ପୁରୁଷ, ପିଲା ବୁଢ଼ା ସମସ୍ତେ ।

ଘାସିପଡ଼ାରେ ଔଷଧ ବଣ୍ଟା ହେଉଛି ।

ଗଣ୍ଡାପଡ଼ାରେ ଆଜି କୀର୍ତ୍ତନ ହେଉଛି । କୀର୍ତ୍ତନ ସାଙ୍ଗେ ସାଙ୍ଗେ କୋଡ଼ି ଟୋକେଇ ଓ ଝାଡ଼ୁ ଧରି ପଡ଼ାଲୋକେ ସମସ୍ତେ ଗୀତ ଗାଇ ଗାଇ ରାସ୍ତା ଚାଲୁଛନ୍ତି, ଖାଲଖମା ପୋତି ସଡ଼କ ତିଆରି କରୁଛନ୍ତି ।

ଦୋଲପଡ଼ାରେ ସଭା ହେଉଛି । ଘରରେ ଆଜି ଇସ୍କୁଲ ଖୋଲିଲା । ମାଷ୍ଟର ବସିଲେ । ପିଲା ବୁଢ଼ା ସମସ୍ତେ ପ୍ରତିଦିନ ଦି ଦି ଘଣ୍ଟା ଲେଖାଁ ପଢ଼ିବେ । ସିଲଟ, ପେନସିଲ ଓ ଲଣ୍ଠନ ସରକାରଙ୍କଠାରୁ ଅଣା ଯାଇଛି । ପଢ଼ା ଶେଷରେ ଯେତୋଟି ପିଲା ଲେଖିପଢ଼ି ଜାଣିଥିବେ ତାଙ୍କର ହିସାବ ଅନୁସାରେ ଶିକ୍ଷକଙ୍କୁ ତୁଣ ପିଛା ପାଞ୍ଚ ଟଙ୍କା ଲେଖାଁ ପାରିତୋଷିକ ମିଳିବ । ଏଠି ମାଗଣା ନାହିଁ କି କାହାରି ଦୟା ଅନୁଗ୍ରହର କଥା ନାହିଁ । ତଥାପି ନିରକ୍ଷରଙ୍କୁ ସାକ୍ଷର କରାଯାଉଛି ।

ଆଜି ଚମାର (ମୋଚି) ପଡ଼ାରେ ସମସ୍ତେ ଠୁଳ ହୋଇଛନ୍ତି । ତାରି ମଝିରେ ବସିଛନ୍ତି ମୀନକେତନ ବାବୁ ଓ ଶିଳ୍ପ ବିଭାଗର ଜଣେ ଉଚ୍ଚ କର୍ମଚାରୀ । କହୁଛନ୍ତି— ତୁମେ ସମସ୍ତେ ଏକ ହୁଅ । ସରକାରଙ୍କ ତରଫରୁ ଯନ୍ତ୍ରପାତି ମିଳିବ । ଚମଡ଼ା କସ କରିବାର ଉନ୍ନତ ପ୍ରଣାଳୀ ତୁମମାନଙ୍କୁ ଶିଖାଇ ଦିଆଯିବ । ଭଲ ଓ ମଜବୁତ ଜୋତା ସିଲେଇବା ଶିଖାଇ ଦିଆଯିବ । ପୁଣି ତୁମ ଜୋତାର ବିକ୍ରିର ସୁବନ୍ଦୋବସ୍ତ କରାଯିବ । ତୁମର ଆୟ ଦୁଇଁ ତିନିଗୁଣ ବଢ଼ିଯିବ । ତୁମର ଆର୍ଥିକ ଅବସ୍ଥା ନିଶ୍ଚୟ ଭଲ ହୋଇଯିବ ।

ହରି ବୋଲ, ହୁଳହୁଳି । ମୂକ ଜଡ଼ ଦରିଦ୍ର ମୋଚିପଡ଼ାରେ ଆନନ୍ଦ ଓ ଆଶାର ସଞ୍ଚାର ହୋଇଛି । ବଡ଼ପଡ଼ାର ବାବୁମାନଙ୍କ ମନରେ ହିଂସା, ପରଶ୍ରୀ-କାତରତା ଲାଗିଛି—"ସତେହୋ, ଏସବୁ ଛୋଟଲୋକଗୁଡ଼ାକ ମୁଣ୍ଡ ଉପରକୁ ଚଢ଼ି ଯିବାକୁ କେତେ ଆଉ ଡେରି ।"

ଆଈ ବୁଢ଼ୀ ରୁକ୍ମଣୀ—ଅଶି ବରଷର ବୁଢ଼ୀ—ପାନ ବିକି ପେଟ ପୋଷେ । ସାନ ସାନ ପାନପତ୍ରର ପାକଳ ପାକଳ ବାଛି ବାଛି ଆଣିଥାଏ ନାତୁଣୀବୋହୂ ପାଇଁ । ମୀନକେତନ ବାବୁ ତାକୁ ଡାକନ୍ତି, ମୋ ଅଈ ବୁଢ଼ୀ ଇଏ । ରେବତୀ ପାଖରେ ଘଡ଼ିଏ ପହରେ ବସେ, ଦୁଃଖସୁଖ ହୁଏ । ମୀନକେତନଙ୍କ ପିଲାଙ୍କ ପାଇଁ ଫୁଲ କେତୋଟି ଆଣିଥାଏ, ଫଳ କେତୋଟି ଆଣିଥାଏ, କେତେ ସ୍ନେହରେ ଦେଇଯାଏ । ତା ପ୍ରାଣରେ ବି ଏ ବିଦେଶୀ ପରିବାରଟି ପାଇଁ କେତେ ସ୍ନେହ, କେତେ ମମତା !

ଆଗେ ଆଗେ ଉଚ୍ଚ ଜାତିର ଲୋକେ ଘୃଣା କରୁଥିଲେ । ଘରକୁ ଡାକୁ ନ ଥିଲେ । ପାଖରେ ବସାଉ ନ ଥିଲେ । ଧୀରେ ଧୀରେ ସେ ଭାବ ତୁଟିଗଲାଣି । ଏଣିକି ଅମଲାପଡ଼ାରୁ ଝିଅବୋହୂଏ ବୁଲି ଆସିଲେଣି । ଜମିଦାରଙ୍କ ପୁରୁଣିଆଣୀ ଛୁଆ ବ୍ରତିଟିଙ୍କି ଧରି ରଙ୍କର ମା' ବୁଢ଼ୀଙ୍କୁ ସାଙ୍ଗରେ ନେଇ ଆସିଲେଣି ବୁଲିବାକୁ, ଦୁଃଖ ସୁଖ ହେବାକୁ । ବହୁ ଦିନର ସଂସ୍କାର ହରିଜନଙ୍କ ପ୍ରତି ଘୃଣାଭାବ ଧୀରେ ଧୀରେ ମନୁଷ୍ୟତ୍ୱ ପାଖରେ ହାର ମାନି ଆସୁଛି । ଧୀରେ ଧୀରେ ଆଉ କିଛି ଦିନ ପରେ ସବୁ କଥା ଲୋକେ ଭୁଲିଯିବେ । ସମସ୍ତ ବଦଳୁଛି, ଲୋକଙ୍କ ମନ ବି ବଦଳୁଚି । ବଦଳିଯିବ ସବୁ ପୁରୁଣା କଥା । ନୂଆ ସୂର୍ଯ୍ୟର ଆଲୁଅ ମାଡ଼ି ଆସୁଛି । ତା ଆଗରେ ସମସ୍ତେ ସମାନ ହୋଇ ଯିବେ । ମଣିଷ ହୋଇଯିବ ଏକ—ଏକା ରକ୍ତମାଂସ, ସୁଖ ଦୁଃଖ, ପାପ ପୁଣ୍ୟ, ନ୍ୟାୟ ଅନ୍ୟାୟର ମଣିଷ । ଘୃଣା ଦ୍ୱେଷ ଭୁଲି ମଣିଷ ଦେବତ୍ୱ ପାଇବ । ମନୁଷ୍ୟ ମନ ଭିତରେହିଁ ଦେବତ୍ୱର ଅଙ୍କୁର ଅଛି । ଫଟାଇ ଜାଣିଲେ ହିଁ ହେଲା । ବୁଦ୍ଧ, ଯୀଶୁ, କୃଷ୍ଣ, ମହମ୍ମଦ, ରାମ, ରହିମ, ଚୈତନ୍ୟ, ନାନକ, ଶଙ୍କରାଚାର୍ଯ୍ୟ, ରାମାନୁଜ, କବିର—କିଏ କରିଛି ମଣିଷକୁ ଘୃଣା ! ମଣିଷର ଭିତରଟା ହେଲା ଦେବତାର ମନ୍ଦିର । ବାହାରଟାକୁ ସଫା ସୁତୁରା କରି ସଫା କରି ଦେବାକୁ କେତେବେଳ ଲାଗିବ ଯେ !

ଚାକିରୀ ତ ସମସ୍ତେ କରିଛନ୍ତି । କିନ୍ତୁ ମୀନକେତନଙ୍କ କର୍ମ ପରିସର ଚାକିରୀ ସ୍ତରର ବହୁଦୂର ଉପରେ । ବଦଳି ହେବାର ଆଦେଶ ଆସିଲା । ଚାର୍ଜ ଦିଆନିଆ ସରିଲା । ବିଛଣାପତ୍ର ଗୁଡ଼ିଆ ହେଲା । ଧାସିପଡ଼ା, ଗଣ୍ଡାପଡ଼ା, ଫଡ଼ପଡ଼ା ଓ ବାବୁପଡ଼ା, ଚମାରପଡ଼ା ଓ ଖଦାଲପଡ଼ା ସବୁଆଡ଼େ ଖେଳିଯାଇଛି ଏ ଖବର । ସମସ୍ତଙ୍କ ମନ ଭିତରେ କେଇ ଦିନ ହେଲା ଭୀଷଣ ଦୁଃଖ, ସତେକି ବିଦାୟ ବେଦନାର ଘନକୃଷ୍ଣ ମେଘ ଖଣ୍ଡିଏ କାହୁଁ ମାଡ଼ିଆସି ଘୋଟି ଯାଉଛି—ଏ ଅଞ୍ଚଳଟି । ଯିଏ ଦେଖୁଛି, ସେ ମୁହଁ ଶୁଖାଇ ପଚାରି ଦେଉଛି—"ବାବୁ ଆଜ୍ଞା, ସତେ କଅଣ ଆପଣ ବଦଳି ହୋଇ ଯାଉଛନ୍ତି ? ସତେ କ'ଣ ଆପଣ ଆମକୁ ଛାଡ଼ିଯିବେ ?"

ଯିଏ ପଚାରୁଛି ପ୍ରତ୍ୟୁତ୍ତର ପାଉନାହିଁ । କଥା ଶେଷ କରିବା ଆଗରୁ ଆଖି ଦି'ଟା ତାର ଲୁହରେ ଭରିଯାଉଛି । କଣ୍ଠ ଥରି ଉଠୁଛି । ଗୁରୁ ହୋଇ ଯାଉଛି ।

ଓଠ ଥର ଉଠୁଛି । ସତେକି ଜଣେ ନିତାନ୍ତ ଆପଣାର ଆତ୍ମୀୟ ବନ୍ଧୁ ଛାଡ଼ି ଚାଲି ଯାଉଛି । ପ୍ରାଣ କାନ୍ଦି ଉଠୁଛି । ମନ କହୁଛି ବାଟ ଓଗାଳି ଛିଡ଼ା ହେବାକୁ; ହାତଓଠ ଧରି ଅଟକାଇବାକୁ ।

ବିଦାୟ ନେବାବେଳ ଆସିଲା । ବୃଦ୍ଧ ଲାଲୁ ସାହେବ ବାଡ଼ିଖଣ୍ଡିକ ଧରି ଆସିଛନ୍ତି । ପୁରୁଣାଆଣୀ କାକରା ପିଠା ଢୁଲିଏ ଧରି ସାନ ସାନ ଝିଅ କେଇଟିଙ୍କି ସଙ୍ଗରେ ନେଇ ଭାଣ୍ଡାଘରକୁ ପଶିଲେ ଆଖିଲୁହ କାନରେ ପୋଛି ପୋଛିକା । ଘାସିପଡା, ଗଣ୍ଡାପଡ଼ା ଓ ଖଦଳପଡ଼ାରୁ ଅଣ୍ଡାଠାରୁ ବେଣ୍ଟାଯାକେ ଧାଇଁ ଧାଇଁ ଆସି କ୍ୱାର୍ଟର ସ୍ୱରଜଡ଼ଯାକ ଘେରି ଯାଇଛନ୍ତି । ସମସ୍ତେ କାନ୍ଦୁଛନ୍ତି । ଜାନକପଦ ମଟର ଷ୍ଟେସନକୁ ଉଠିଗଲା । ମୀନକେତନ ଓ ତାଙ୍କର ସ୍ତ୍ରୀ ଏବଂ ପିଲା କେତୋଟି ଘରୁ ବାହାରି ବାହାର ଅଗଣାକୁ ଆସିଲେ । ସମସ୍ତେ କାନ୍ଦୁଛନ୍ତି । ବିଦାୟ ନେବାକୁ ପଦୁଟିଏ କଥା ବି କହିପାରୁ ନାହାନ୍ତି । ଲାଲୁଙ୍କ ହାତଟିକୁ ଧରିପକାଇ ମୀନକେତନ ବିଦାୟ ନେବାକୁ କଅଣ କହିବେ କହିବେ ହେଉଛନ୍ତି, କିନ୍ତୁ କିଛି କହିପାରୁ ନାହାନ୍ତି । ସ୍ୱରଯନ୍ତ୍ର ବିଦାୟ ବ୍ୟଥାରେ ଫୁଲି ଉଠିଛି । ରେବତୀଙ୍କ ହାତମୁଠାରେ ପୁରୁଣାଆଣୀଙ୍କ ହାତମୁଠାର ଯାବ ପଡ଼ିଯାଇଛି । ରଙ୍କର ମା' କୁଣ୍ଢାଇ ପକାଇଛି । ଘାସିଆଣୀ ଦ୍ରୌମତୀ ଓ କଲି ଝେ'କନା ରଡ଼ି ଛାଡ଼ି କୁଣ୍ଢାଇ ପକାଇଲେ ତେନଙ୍କି । ବେହେର ବଇଷିଆ ଓ ଭିକାରୁ ପାଦତଳେ ଲେଟି ଯାଇ ମୀନକେତନଙ୍କ ଗୋଡ ଦି'ଟାକୁ ଜାବୁଡ଼ି ଧରି କହିଲେ—"ଆମକୁ ମାରିଦେଇ ଯାଅ ନାହିଁ ବାବୁ ଆଜ୍ଞା ! ତୁମେ ଆସିଥିଲ, ଆମ ଆଖି ଫିଟିଥିଲା । ତୁମେ ଯାଉଛ, ଆମେ ଅନ୍ଧ ହୋଇଯିବୁ ।"

ଉଚ୍ଚବର୍ଣ୍ଣ ଓ ହରିଜନ ଏକ ହୋଇଛନ୍ତି, କେହି କାହାରିକି ବାରୁ ନାହାନ୍ତି । ପ୍ରେମର ବନ୍ୟା ବହୁଛି । ସମସ୍ତେ ଝୁରୁଛନ୍ତି । ବଡ଼ଲୋକ ଗରିବ ହେଠି ଏକ ହୋଇଛନ୍ତି—ରାଜବଂଶୀୟ ଲାଲୁ ସାହେବ ଓ ଘରର ଭିକାରୁ ଦାସୀ । ଛୁଆଁ ଅଛୁଆଁ ଭେଦ ଆଜି କାହିଁ ଏଠି !

ଆଖିଲୁହ ପୋଛି ମୀନକେତନ କହିଲେ—"ମୁଁ ତମକୁ ଛାଡ଼ି ଯିବନାହିଁ । ମୁଁ ଏ ଘାସିପଡ଼ାର ମାୟା ଏଡ଼ି ଦେଇ ସ୍ୱର୍ଗକୁ ସୁଦ୍ଧା ଯାଇ ପାରିବି ନାହିଁ । ଚାକିରି ପଛକେ ଗଲେ ଯାଉ । ଜାନକପଦ ଫେରାଇ ଆଣ ।

ଅଦୂରରେ ଆଇବୁଢ଼ୀ ରୁକ୍ମିଣୀ ଛିଡ଼ାହୋଇ କାନ୍ଦୁଥିଲା । ତା'ର ପାକୁଆ ଓଠତଳେ ହସ ଫୁଟିଲା । ଆଖିରେ ଲୁହବିନ୍ଦୁ ଓ ଓଠରେ ହସ—ଆଗେଇ ଆସି ମୀନକେତନବାବୁଙ୍କ ଚିବୁକରେ ହାତ ମାରି ଦେଇ କହି ଉଠିଲା—"ମାଆକୁ କହିବୁ ହଡ଼ା ବଳଦକୁ ବିକିବ ନାଇଁ, ମୋ ବଇଷମପଣ ନୋହିଲା ।"

ଆଇବୁଢ଼ୀ ହସୁଛି, ହସୁଛି ଆଉ କାନ୍ଦୁଛି । ନାତି ବି କାନ୍ଦୁଛି ଓ ହସୁଛି ।

କାନ୍ଦମିଶା ହସ—ଦେଖିବାକୁ ଭାରି ସୁନ୍ଦର । ଭାରି ମଧୁର ।

# ମାଙ୍କଡ଼ ଦଉଆଣି*

ଶ୍ରୀ ନିତ୍ୟାନନ୍ଦ ମହାପାତ୍ର

ଲତିଫ୍ ମିଆଁ—ମହମ୍ମଦ ଲତିଫ୍ ମାଙ୍କଡ଼ ଦଉଆଣି ନେଇ ଗାଁ ଗାଁ ବୁଲେ। ମାଙ୍କଡ଼ ନଚେଇ ପେଟ ପୋଷେ। ମାସେ ପନ୍ଦର ଦିନେ ଥରେ ଘରକୁ ଫେରେ। ମିଆଁର ବିବି—ଜହୁରନ୍ ଯେମିତି ଜୁଇଁ ବସିଥାଏ ମିଆଁର ଫେରିବା ବାଟକୁ। ମିଆଁ ହଲି ହଲି ଝୁଲି ଝୁଲି ଘରକୁ ଫେରେ। ଝୁଲିଟି ଝୁଲୁଥାଏ କାଖତଳେ—ବାରମିଶା ପଞ୍ଚ ବର୍ଣ୍ଣୀ କନିଲରେ ଭରା। କାନ୍ଧରେ ଉଡ଼ୁଥାଏ ଗାମୁଛାଟିଏ—ତା'ର ପାଟରେ ଏଇ ମାସେ ପନ୍ଦରଦିନର ରୋଜଗାର ହିସାବ। ନିତି ନିତି ସେ ଯେତେ ଚାଉଳ ପାଏ ବାଟରେ ହାଟରେ ବିକିଦେଇ ତାକୁ କଞ୍ଚା ପଇସା କରେ। ନିତି ନିତିର ଚାଉଳ ବିକା ଆଉ ବକ୍‌ସିସ୍ ପଇସା ମିଶାମିଶି ଦେଖେ ଗାମୁଛିଆ ମୁହଁକୁ ପୁଣି ରେଜା ମୁକୁରା ପଇସା ଆଣି ସୁଲକ୍ଷ ଟଙ୍କାର ଆକାର ଧରେ ସେଇ ଗାମୁଛିଆ ଭିତରେ। ଗାଧୋଇବା ବେଳ ଛଡ଼ା ସେ ଗାମୁଛିଆ ଅଣ୍ଟାରେ ବନ୍ଧା ହୋଇଥାଏ। ଆଠ-ପହର ଜଗିଣି ଘଡ଼ି। ଏମିତି ମାସେ ପନ୍ଦରଦିନର ରୋଜଗାର ଧନ ମିଆଁ ଘରକୁ ଫେରେ କେଡ଼େ ଆଗ୍ରହରେ।

ଏଇ ମାସେ ପନ୍ଦର ଦିନେ ଥରୁଟେ। ଜହୁରନ୍ ପକ୍ଷରେ ଯୁଗଟେ ହେଇ ଯେତ୍। ମିଆଁ ତ ଘେରୁଛି ହଜି ଯାଉ ନାହିଁ ଜାଣିପାରେ। ଦେଖ ଥରକ, ସେଇଦିନେକ ଖୁବ୍ ବେଶୀ ଦୁଃଖଦିନର ଦେଖା ନଜାଣି ସେତେବେଳର ଛିଡ଼ା ଛିଡ଼ା ହେବାର ଦୁଃଖକୁ ହୁଏତ ପୋଛି ପକାଉଥିବ ପୁଣି ଆଉ କେତେ ଅସୁମାରି ଦିନର ବିରହ ବେଦନା ସହିବାପାଇଁ ପ୍ରସ୍ତୁତ କରିଦେଇ—ମାତ୍ର ଦିନୁଟେ କି ଖୁବ୍ ବେଶୀ ଦୁଇଦିନ।

ଛୁଆକନା—ଖଣ୍ଡେ ଖଣ୍ଡେ ଟୁକୁର ଟୁକୁର ଦରଜି ଦୋକାନର ନାଲି ନଳି ଛିଟକନାରେ ତାଳିପକା ଥଳିଟିଏ ଗୋଟିଏ ପଟରେ—ଅନ୍ୟ ଏକ ପାଖରେ ଛିଡ଼ା ଫୁଟୁଟା ଟିଣ ବନାରେ ବନ୍ଧା ମୋଟର ଟିଣ। ଟିଣରେ ଥାଏ ଚାଉଳ। ଆଉ ରଙ୍ଗ ବେରଙ୍ଗର ଚିଟ ବିଟିମ ଥଳିଟିରେ ଥାଏ ମାଙ୍କଡ଼ ଦଉଆଣିର ନାଟ ପୋଷାକ।

---

* ଦଉଆଣି ଗୋଟିଏ ବାଲେଶ୍ୱରୀ ଶବ୍ଦ। ଅର୍ଥ—ଯେ ଭିକ୍ଷାବୃତ୍ତି କରେ। ସମ୍ଭବତଃ 'ଦେବାଂଶୀ'ର ଅପଭ୍ରଂଶ।

ସେଇ ଝୁଲ୍ ଓ ମୁଣିକ ଦୁଇ ବାହାର ଦୁଇ ପାଖକୁ ଝୁଲେଇ ଝୁଲେଇ ଘରକୁ ଫେରେ ଲଛମିଆଁ ବଡ଼ ଆକୁଳରେ, ଆନନ୍ଦରେ ଖୁସି ଉତ୍ସାହ ଆଗ୍ରହରେ । ମାଙ୍କଡ଼ଟା କେତେବାଟ ଯାଏ ଲଛମିଆଁର ପଛେ ପଛେ ଝଞ୍ଜିରରେ ବନ୍ଧାହୋଇଥିବା ଅବସ୍ଥାରେ ଗୋଡେଇ ଗୋଡ଼େଇ ଘରପାଖ ହେଲାକ୍ଷଣି ତା'ପିଠି ଉପରକୁ ଡେଇଁପଡ଼େ । ଲଛମିଆଁର କୁଜ ଆଉଟିକିଏ ପଡ଼ିଯାଏ । ଲୁହାର ଜଞ୍ଜିରଟା ଝମ୍ ଝମ୍ ବାଜିଉଠେ । ହୁଏତ ସେ ଶବ୍ଦ ଶୁଣି ଜସ୍ତୁରୁନ୍ ଆନନ୍ଦରେ ଚମକିପଡ଼ି ଚଟ୍‌କିନା ଚାହିଁ ଦେଉଥିବ—ମିଆଁ ଆସି ଦୁଆର ମୁହଁରେ ।

ମାଙ୍କଡ଼ଟା ଚଁ ଚଁ ହୋଇ ମିଆଁ ପିଠିରୁ ଖଟ ଉପରକୁ କୁଦିପଡ଼େ । 'ଡାକ୍‌ନଖିଆ ବାନ୍ଦର' ବୋଲି ବିବି ଖିଙ୍ଖାରି ହୋଇ ତାକୁ ଗୁଡ଼ିଦିଏ ଉପରୁ ପେଷା ପୁଡ଼ିଟିଏ ପଡ଼େ । ନଷ୍ଟାମି ମାଙ୍କଡ଼ଟି ବିବି ଗୋଡ଼ରେ ଯାଇ ନେସିହୁଏ—ଯେମିତି ସୀତାଙ୍କ ପାଖରେ ହନୁମନ୍ତ ।

ମାଙ୍କଡ଼ଟାକୁ ଖୁଣ୍ଟରେ ଖଟେଇ ଦେଇ ମିଆଁ ଯାଇ ବୁଲିଲ ପଇସା ଯାହା ଆଣିଥାଏ ସବୁଯାକ ଝାଡ଼ିଦିଏ ଜସ୍ତୁରୁନ୍ ଆଗରେ । ଜସ୍ତୁରୁନ୍ ଲଛମିଆଁକୁ ଏଡେ ଏଡ଼େ ଆଖି ଦେଖାରେ ଚାହେଁ । ଲଛିଆର ପୌରୁଷକୁ ପସନ୍ଦ କରିବା ପାଇଁ ଜସ୍ତୁରୁନ୍‌ର ଆଖିଦୁଇଟା ଯେମିତି ଖୁବ ଛୋଟ— ଅସମର୍ଥ ।

ମାଙ୍କଡ଼ଟି ସେ ଖୁଣ୍ଟମୂଳରେ ଥାଇ ମୁଣ୍ଡ କୁଣ୍ଡେଇ ହେଉଥାଏ । ମୁଣ୍ଡରେ ଉକୁଣୀ । ତା'ପୌରୁଷରେ ୫ ଘାତ ଲଗେ କି' କ'ଣ, ସେ ସେହି ଉକୁଣୀରୁ ଗୋଟାଏ ଦୁଇଟା ଖୁବ୍ ଜୋର୍‌ରେ ଟାଣି ଆଣି ପାଟିକି ପକେଇ ଦିଏ । ସେଇ ତା'ର ପୌରୁଷ—ସେତିକରେ ତା'ର ପୌରୁଷ । ତା'ଛଡ଼ା ହନୁ ଭିତରେ କେତେକ'ଣ ଜମାକରି ଗାଲ ଦି'ଟାକୁ ଫୁଲେଇ ଥାଏ, ତାକୁଇ ଦେଖେଇ ଦେଇ ସେ ମନେ ମନେ ଆପଣା ପୌରୁଷକୁ ଅପେ ପ୍ରଶଂସା କରୁଥାଏ— ତା' ପୌରୁଷକୁ ପସନ୍ଦ କରିବା ପାଇଁ— ବୁଝିବା ପାଇଁ କେହି ନଥାନ୍ତି । ତା' ପୌରୁଷରେ କାହାରି ଛୋଟ ଛୋଟ ଆଖି ଏଡ଼େ ଏଡ଼େ ବଡ ହୋଇଯାଏ ନାହିଁ । ମାଙ୍କଡ଼-ନାଚୁର ପୌରୁଷରେ ଅନ୍ଧ, ଲଛମିଆଁର ଅପଣା ଘରକା ଆଦ୍‌ମୀ ଜସ୍ତୁରୁନ୍‌ବିବିର ଆଖି କାହିଁ ସେ ଦେଖିବ—ବୁଝିବ ?

ଲଛମିଆଁ ଗୋଡ଼ ହାତ ଧୋଇ ଉଜୁକରି ନମାଜ ପଢ଼ି ବସେ । ଜସ୍ତୁରୁନ୍ ଯାଏ ଶାଗ ଖରିଦ୍‌ବାକୁ । ମାଙ୍କଡ଼ ଏପଟ ସେପଟ ଚିଁ ମା'ରି ଆନନ୍ଦ କରୁଥାଏ— ବାହାରେ ବୁଲି ବୁଲି ଘରେ ଆସି ପଶିବା'ର ଆନନ୍ଦ । ଗୋଟିଏ ବନ୍ଧନରୁ ଆଉ ଗୋଟିଏ କଠିନ ବନ୍ଧନ ଭିତରେ ପଶିବାକୁ ବି ଭଲଲାଗେ । ସେ ହୁଏତ ଜନ୍ମେ

କ୍ରମେ ବନ୍ଧନକୁ ବନ୍ଧନ ବୋଲି ନ ଭାବିବା ପାଇଁ ମନଟାକୁ ବାଧ୍ୟକରି ବଧିଆ କରି ନେଉଥିଲା । ଆଉ ଜବରଦସ୍ତି ଗୋଟିଏ ଆନନ୍ଦ ଆଣି ଲଦିବାକୁ ଚେଷ୍ଟା କରୁଥିଲା । ସବୁ ଅନିଚ୍ଛାରେ ମଝି ଆନନ୍ଦ କରିବାକୁ ଚେଷ୍ଟା କରେ ।

ମିଆଁ ସବୁ ଦହେଁଯାକ ଖାଇ ଯାଆନ୍ତି । ମାଙ୍କର କଥା ମନେ ନ ଥାଏ ତାହାର । ଖାଇ ପିଇ ସାରି ହାତ ଧୋଇଲା ବେଳକୁ ମିଆଁର ମନେ ପଡ଼ିଯାଏ 'ବନ୍ଦର' ।

ଷଣ୍ଢ ଚଣ୍ଡ ଉଠେ । ପ୍ରକୃତରେ ସେ ଚଢ଼େ ଆପଣା ଉପରେ— ମନେ ପଡ଼େ ନାହିଁ ସେ'କ ଦଣ୍ଡାଦଆ, ନୁଆଁ ଲାଗା ମନ— କୁଛ୍ ସ୍ୱାଦ ନାହିଁ ରେହତା । କିନ୍ତୁ ସେ ବେଳକୁ ମାତ୍ର ସହ୍ଲ— ବିଚରା ହନୁ । ଯେମିତି ତା'ର ମାଗିବାର ଶକ୍ତି ଅଛି, ସେ ମାଗୁନାହିଁ— କେବଳ ଜୟତୁନ୍‌କୁ ଲକ୍ଷ୍ମୀମିଆଁ ଠାରୁ ଗାଳି ଦି'ପଦ ଶୁଣାଇବାକୁ । ହନୁର ଦୋଷ ଏତିକି ।

ହନୁ ପାଖରେ ବି ଅଇଁଠା କଣ୍ଟା ପଖାଳ ଦି'ମୁଠା ପଡ଼େ । ହନୁ ତାକୁ ହାଉଁ ହାଉଁ କରି କେତେବେଳେ ଦୁଇହାତରେ ଖାଉଁ ଖାଉଁ ଉଣେଇଁ ହୋଇ ବିଲୁଡ଼ି ପକାଉଥାଏ । କେତେବେଳେ ବା ହାତ ଥକି ପଡ଼ିଲେ ମୁହଁ ଲଗେଇ ଶୋଷାମାରି ଦେଉଥାଏ । ଖୁଟ୍ କିମ୍ବା କଉଁଠି ଟିକିଏ ଶବ୍ଦ ହେଲେ ଚଙ୍କ୍ ଚଙ୍କ୍ ହୋଇ ସେ ଏପଟ ସେପଟକୁ ଚାହେଁ । ତା'ପରେ ପୁଣି ନିର୍ଭୟ ହୋଇ ଖାଇବା ଆରମ୍ଭ କରେ । ଖାଇବାଟା ତା'ର ଅନେକ ଦେରି । ଯେମିତି କେମିତି ଢଙ୍ଗରେ ସେ ଖାଇବ, ସେତିକି ସ୍ୱାଧୀନତା ତା'ର ଏ ପର୍ଯ୍ୟନ୍ତ ବାକି ରହିଛି ବୋଲି ସେ ସେତିକି ଯେତେକ୍ଷଣ ପାରେ ସେତେକ୍ଷଣ ଉପଭୋଗ କରୁଥାଏ ।

ବିବି ଜୟତୁନ୍‌ର ଦୁଃଖ ହୁଏ । ଯେବେ ଦୁଇଦିନେ ଥରେ ପଚାରିଲେ ବି ଜୟତୁନ୍‌କୁ ଲାଗେ ଯେମିତି ଲକ୍ଷ୍ମୀମିଆଁ ଦିନରେ ଦଶଥର ପଚାରିବ— ବନ୍ଦର ଖାୟା ? ଆଉ ଶହେଥର ପଚାରିଲେ ବି ତାକୁ ଲାଗେ ଲକ୍ଷ୍ମୀମିଆଁ ଜରୁରୀ ଥରୁଟେ ବି ପଚାରୁନାହିଁ— 'ଜୟତୁନ୍ ତେଁ ଖା ଲି ?'

ହନୁର ବି ଦୁଃଖ ହୁଏ ଜୟତୁନ୍ ଉପରେ । ବେକାର କହିବ ସେ— ହନୁ, ଆଉ ଅପେକ୍ଷା କରିବ ଜୟତୁନ୍ ଘରେ ବସି । ଲକ୍ଷ୍ମୀମିଆଁ ଯେତେ ପୋଷିବ, ସେତେ ଗହଣା କିଣି ଆଣି ଜୟତୁନ୍‌କୁ ଦେବ । ହନୁପାଇଁ କିଛି ନାହିଁ । ଖେଳ ନାଟକଲାବେଳେ— ପଇସା ରୋଜଗାର ବଖତରେ ରଙ୍ଗ ରଙ୍ଗର ପୋଷାକ ଦେବ— ଯେ ସେ ପିନ୍ଧିବାକୁ । ତା'ପରେ ପୁଣି କାଢ଼ି-ପକେଇବାକୁ କହିବ । ଟିକିଏ କଉଁ ପୋଷାକ ଆଉ ଦଣ୍ଡେ ଅଧେ ଦେହରେ ରଖିବାକୁ ମନକଲେ ଲକ୍ଷ୍ମୀମିଆଁ ଚିରି ଛାଡ଼ି ପକେଇବ । ଚେଁ ଚେଁ ହୋଇ ସେ ପୋଷାକଟାକୁ କାଢ଼ି ନଦେଲା ଯାଏଁ ବାଡ଼

ଛଣିବ ନାହିଁ । କିନ୍ତୁ ବିବିର କି ଭେଶ ଦେଖିବ । ଖାଲି ସବୁବେଳେ କିସ୍ତା, ସିଗୃପାଡ଼ ଶାଢ଼ି । ହରଘଡ଼ି ହାତରେ କାଗଚୁଡ଼ି ଝୁମ୍ ଝୁମ୍ । ବେକରେ ହଂସୁଲି, ବାହୁରେ ବ.ଜୁ । ହନୂର କାହିଁ···କ’ଣ ?···କିଛି ନା !

ପିଇବା ପାଇଁ ଗୋଟିଏ ଭଙ୍ଗା ଟେପା କେତେଦିନର ପୁରୁଣା କଣା ରହଗିନାରେ ପାଣି ମୁନ୍ଦିଏ ଦେଇଯାଆନ୍ତି । ଯେତେ ଶୋଷ ଲାଗିଥାଉ ପଛେ, ପିଇବା ଆଗରୁ ସେ ଥରେ ସେଇଥିରେ ଆପଣା ମୁହଁ ଦେଖେ । ପହିଲୁ ପହିଲୁ ସେ ହୁଏତ ଡରୁଥିଲା, ଠିକ୍ ଆପଣାକୁ ନୁହେଁ,-ଆପଣା ପଶୁତ୍ୱକୁ । କିନ୍ତୁ ଏବେ ସେ ନିକୁଟିକର ଘୃହେଁ । କାନରେ ତା’ର କେଇଟା ଫାସିଆ ଝୁଲୁଛି । ନାକରେ ବି । କୋଉଁଦିନରୁ ହେଲାଣି । ଏତିକପାଇଁ ସେ ଜନ୍ତୁତ୍ୱର ସମସ୍ତରୀୟା ହୋଇପାରେ । କିନ୍ତୁ ଜନ୍ତୁତ୍ୱର ଗହଣାଦେନା ଆଉ ତାର ଫାସିଆପିନ୍ଧା ଭିତରେ କି ଆକାଶ-ପାତାଳ ତଫାତ୍···ସେଇ ଛିଡ଼ା ଛିଡ଼ାର ଛୋଲିଟା ପଶୁମନରେ ବି ଗୋଟାଏ ଅସମାପିକା ସନ୍ଦେହ ରଖିଦେଇଯାଏ ଯେମିତି ।

ହନୁର ଯେଉଁଦିନ କାନଫାଟିଆ ଫୋଡ଼ାଗଲା, ସେ ଦିନର ଜବରଦସ୍ତି, ସେ-ଦିନର ଯନ୍ତ୍ରଣା ତା’ର ଆଜିଯାଏ ବି ମନେ ଅଛି । ଗୋଟାଏ ଫାସିଆ ସେଥିରୁ କାନଟାକୁ ଟାଣି ଟାଣି, କାନଟାକୁ ଦୁ’ଫାଳ କରି ଛିଡ଼ିପଡ଼ିଲାଣି କେଉଁଠି । ଆଉ କେଇଟା କାନର କଣାକୁ ଓହାର କରି ଆଁ କରି ଗୁହିଁଚନ୍ତି । ଅ.ଜି ଆଉ ସେଠି ପରାସ ନାହିଁ । ଆଜି ଆଉ ସେଠି ସିନ୍ଦୁର ମରାଯାଏ ନାହିଁ । ପରାସ ଅଛି ମନ ଭିତରେ । ଦାଗ ଲାଗିଛି ଯାଇଁ ବଡ଼ ଗହିରରେ ।

କାହା ପାଇଁ ? କାହା ପାଇଁ ସେ ଏତେ କଷ୍ଟ ସହୁଛି ? କାହାକୁ ରୂପ ଦେଖାଇ ସେ ସୁଖୀ କରିବ ବୋଲି ସେ ଏଇ ଦେହକୁ···ଦେହର କଅଁଳ ମାଉଁସକୁ ହିନସ୍ତା କରି ଏତେ ହାନ୍ତ କରି ଫୋଡ଼ିପକେଇଛି ? କାହା ମୁହଁରୁ ବାହାବା ପଦ ଶୁଣିବ ବୋଲି ସେ କାନର ନାକର ପରାସକୁ ଦେହରେ ଯେନି, ପନ୍ଦର ପନ୍ଦର ଦିନ କାଳ ଏପଟ ସେପଟ ଚିଟପଟ ହୋଇଛି ? କାହା’ର ମୁହଁରୁ ସେ ‘ଆହା’ ବୋଲି ଶୁଣିନାହିଁ ତ ପଦେ ! କାହାର ପ୍ରଶଂସା ତା ମନର କଥାକୁ ଭୁଲାଇ ଦେଇପାରିନ ତ ଦିନେ !

ଆପଣା ଦୁଃଖରେ ଆପଣା କଷ୍ଟରେ ସେ ଅ.ପେ ଯେମିତି ସାଧ ହୋଇ-ଯାଉଥିଲା । ତା ଉପରେ ଆଉ କାହାର ଶାସନ ଦରକାର କରୁନଥିଲା । ଯଉଁ ଲୋକ, ଯଉଁ ମଣିଷ, ଯଉଁ ମୁନିବ ଯଉଁ ଖାମିନ୍ଦ ତାକୁ ବଳାତ୍କାରରେ ଫୋଡ଼ି ଏତେ ହିନସ୍ତା କରିଥିଲା, ହନୁ ଆପେ ଆପେ ତା’ର ବଶ ହେବାକୁ ଭଲପାଇଲା । ତାକୁ ତା’ର ଦୟା ହେଲା କି କଣ ! ମନୁଷ୍ୟର ନିଷ୍ଠୁରତାକୁ ସେ ହୁଏତ ଭୟ କରିଥିବ; କିନ୍ତୁ ମନୁଷ୍ୟର

ପଶୁତ୍ୱ ପ୍ରତି ତା'ର ସମ୍ଭବତଃ ଦୟା ହେଲା·· ସହାନୁଭୂତି ଆସିଲା । ମନୁଷ୍ୟର ସେଇ ପଶୁତ୍ୱ ତାକୁ ମନୁଷ୍ୟର ନିକଟତର ମନେକରିବାକୁ ସାହସ ଦେଲା । ମଣିଷ ବି ଏଇ ନପାରିଲା ପଶୁ ଉପରେ ଅତ୍ୟାଚାର କରିପାରେ ! ଆପଣା ସ୍ୱାର୍ଥପାଇଁ ! ମଣିଷ ଏଡ଼େ ଶ୍ରେଷ୍ଠ···ଏଡ଼େ ନୀଚ·· ଏଡ଼େ ପଶୁ ! ସେ ମଣିଷ ସାଙ୍ଗରେ ଆପଣାକୁ ମାପି ବସିଲା । ଡିଆଁମାରି ସେ ମଣିଷ ଉଚ୍ଚକୁ ହାତ ବଢ଼ାଉଥିଲା । ପାରୁ ନ ପାରୁ, ତା'ର ଉନ୍ନତିର ଅଭିଳାଷ ପୂରୁ ନ ପୂରୁ, ନିଜେ ବଡ଼ ହେଉ ନ ହେଉ, ମଣିଷକୁ ଶ୍ରେଷ୍ଠ ହେବାର ଦେଖି ସେ ଗୋଟାଏ ନୀଚ ବିଜୟୀର ଆନନ୍ଦ ପାଉଥିଲା ନିଶ୍ଚୟ । ବହୁ ଅବହେଳା ସତ୍ତ୍ୱେ ସେ ଆପଣାକୁ ଘରର ଜଣେ ବୋଲି ଗଣିବାର ଦୁଃସାହସକୁ ପ୍ରଶ୍ରୟ ଦେଇପାରିଲା । ଘରଭିତରେ ଥାଇ ଘରର ଘରଣୀ ବିବି ଜସ୍ମିନ୍‌ର ଯେମିତି ଅଧିକାର ତା'ର ବି ସେମିତି ଅଧିକାର କାହିଁକି ନ ରହିବ ବୋଲି ତା ମନ ଭିତରେ ହୁଏତ ଗୋଟାଏ ଅଭିଯୋଗ କୁହୁକି ଉଠିଲା ।

ପହିଲୁ ପହିଲୁ ସେ ଯେବେ ଏ ଘରକୁ ଆସିଲା··· ତା ନାକ କାନ ଫୋଡ଼ା ସରିଛି···ସେ ମଣି ହୋଇଆସୁଥାଏ, ତା ଉପରେ ଆରମ୍ଭ ହେଲା ବେତମାଡ଼ · ଛଡ଼ିର ପାହାର । ଲଛମିଆଁ ବେତ ଝଣ୍ଟେ ଧରି ତାକୁ ନାଚ ଶିଖେଇଲା । ପହିଲ ପହିଲୁ ସେ ବୁଝିପାରିଲା ନାହିଁ ଲଛମିର କଥା । ଲଛମି ସେ ବନ୍ଧାହୋଇଥିବା ଜଞ୍ଜିରଟାକୁ ଧରି ଉଠେଇଲା ପକେଇଲା । ଜଞ୍ଜିର ସାଙ୍ଗରେ ସେ ବାଧ ହୋଇ ଡେଇଁଲା ପଡ଼ିଲା । ରାଗରେ ଦାନ୍ତ କିଡ଼ିମିଡ଼ି କରି ସେ କାମୁଡ଼ିବାକୁ ଗୋଡ଼େଇ ଆସିଛି ଥରେ ଦି'ଥର । କିନ୍ତୁ ସେ ଅପରାଧର ପ୍ରାୟଶ୍ଚିତ୍ତ ତାକୁ ଏପରି ନିର୍ମମ ଭାବରେ କରିବାକୁ ପଡ଼ିଛି ଯେ ସେ ଆଉ ପୁଣି କେବେ କାମୁଡ଼ି ଗୋଡ଼େଇନାହିଁ ତା' ପଛକରେ ।

ଲଛମିଆଁ ବେତଛଡ଼ିକି ଭୂଇଁରେ ବାଡ଼େଇ ତାଳ ଦେଇ ଗାଏ—

“ହନୁ ମେରା ନାଚ୍ କରବୋ · ନାଚ୍ କରବୋ···
ହାଟ୍‌କୁ ଯିବୋ···ଦାମ୍ ବିକାବୋ···”

ସେ ଶୁଣେ···କାକୁଷ୍ଟ ହୋଇ ଶୁଣେ । ଗୀତର ସ୍ୱରରେ, ତାଳରେ··· ସେଇ ସହଜ ସ୍ୱର ତାଳରେ ସେ ଗୋଟାଏ ନୂଆ ଜୀବନର ସନ୍ଧାନ ପାଏ । ତାର ମନ ହୁଏ ପଦେ ଗାଇଦେବାକୁ । ପାରେ ନାହିଁ । କେବଳ ଦାନ୍ତ ନିକୁଟିଦେଇ ଲଛମିଆଁକୁ ଖତେଇ ହୋଇ ରହିଯାଏ । ଆଉ ସେହି ସ୍ୱରକୁ ଏକ ବେଳକେ ଅପମାନ ନ କରି ତା'ରି ତାଳରେ ନାଚିବାପାଇଁ ଆପଣାକୁ ପ୍ରସ୍ତୁତ କରେ ।

ଲଛମିଆଁ ଆଗେ ନିଜେ ନାଚ ଆରମ୍ଭ କରେ··· ଦେଖେଇ ଦେବାପାଇଁ ! ହନୁ ତା' ଦେଖାଦେଖି ନାଚେ ।

ଲଛମିଆଁ ପୁଣି ସ୍ୱର ଧରେ— 'ହନୁ ମେରା ହାଟ୍‌କୁ ଯିବୋ·· ଦାମ୍ ବିକାବୋ—'

ସେ ନିଜେ ଆଉ ଗୋଟିଏ ଛୋଟ ପସରା ମୁଣ୍ଡ ଉପରେ ଥୋଇ ନାଚେ । ହନୁ ଆଖି ମିଟି ମିଟି କରି ତାକୁ ଚାହେଁ । ସେପଟରେ ଜମ୍ବୁରୁନ୍ ମୁହଁ ବୁଲାଇଦେଇ ମୁରୁକିହସା ଦେଇ ଚାଲିଯାଏ — "ଛି, ଲାଜ ନେହିଁ ବେହୁଆକୋ—ବୁଢ଼ା ହୁଆ ବା ।"

ହନୁ ଜମ୍ବୁରୁନ୍ ଆଡ଼କୁ ଚାହିଁଦିଏ । ପୁଣି ପାହାରେ ବସେ ପିଠି ଉପରେ । ଜମ୍ବୁରୁନ୍ ଉପରେ ତା'ର ରାଗ ହୁଏ…ଲଛମିଆଁ ଉପରେ ନୁହେଁ । ସେ କାହିଁକି ମିଆଁ ଲଛ୍ମିକୁ ଅନ୍ଧା କରିବ ! ସେ ଚଙ୍ଗ ଚଙ୍ଗ ହୋଇ ପୁଣି ଲଛ୍ମିଆଁକୁ ଚାହେଁ । ମିଆଁ ଲଛ୍ମି ଯେମିତି ପସରା ମୁଣ୍ଡରେ ଦେଇ ନାଚୁଥାଏ ସେମିତି ନାଚିବାକୁ ଚେଷ୍ଟା କରେ । ସେଥିରେ ପୁଣି କେତେ ଡର ! ଏଣିକି ତେଣିକି ଚାହିଁଦେଉଥିବ । ଲଛ୍ମିଆଁ ତା' ଆଡ଼କୁ ପସରାଟିଏ ଫିଙ୍ଗିଦେଲେ ସେ ଠିକ୍ ତାରି ପରି ପସରା ମୁଣ୍ଡରେ ଦେଇ ନାଚ ଆରମ୍ଭ କରେ । କ୍ରମେ କ୍ରମେ ନାଚ ଶିଖିଯାଏ ।

ଲଛମିଆଁ ଧୁନି ଧରେ—

"ଜମ୍ବୁ ମେରା ନାଚ କରିବୋ—ନାଚ୍ କରିବୋ
ହାକିମ୍ ହେବୋ — ଡେପୁଟି ହେବୋ
ଟେବୁଲ୍ ଉପରେ ଖାନା ଖାଇବୋ
ନାଆଲ ମୁଣ୍ଡରେ କଆପ ଦେବୋ
ସାହେବ ହବୋ ।"

ଲଛମିଆଁ ଗୋଟି ଗୋଟି କରି ନିଜେ ଆଚରି ହନୁକୁ ବତେଇଦିଏ । ହନୁ ଅନୁକରଣ କରିବାକୁ ଚେଷ୍ଟାକରେ । ନ ପାରିଲେ ପାହାର ବସେ ।

ଏମିତି କେତେ ମାସ ବିତିଗଲା । କେତେ ମାଡ଼, କେତେ ପାହାର, କେତେ ଧକ୍କାର, ଝଙ୍କାର ପରେ ସେ କେତେ କଥା ଶିଖିଲା…କେତେ ନାଚ ନାଚିଲା । ଏଥର ଲଛମିଆଁ ଠିକ୍ କଲା ତାକୁ ନଚେଇ ନେଇ ଗାଁକୁ ଗାଆଁ ବୁଲି ମାଙ୍କଡ଼ ନାଚ ଦେଖେଇବ ।

ଲଛ୍ମିଆଁ ଯେଉଁଦିନ ତାକୁ ପହିଲ୍ ଚେଣ୍ଡାରୁ ଫିଟାଇ ବାହାରକୁ ବାହାର କଲା, ସେଦିନ ସେ ଆଗକରି ବିବି ଜମ୍ବୁରୁନ୍‌କୁ ଡାକି କହିଲା—"ବିବି, ପିଲେ ଲୋକ୍‌କୁ ଦେଖାଉଁ, ଆଁ !"

କବାଟ କିଳିଦେଇ ଲଛମିଆଁ ଜମ୍ବୁରୁନ୍ ଆଗରେ ଖେଳ ଆରମ୍ଭ କଲା—

"ହନୁ ମେରା ନାଚ୍ କରିବୋ—ହାଟ୍‌କୁ ଯିବୋ
ମାଦୁରା ହାଟ୍‌ରେ ଦାହୁ ବିକିବୋ
ଗୋପ୍ ଗୁଆଲୁନି ବନ୍‌କେ ଯିବୋ

ଯମୁନା କିନାରେ  କାଲିଆ ଥିବୋ
ପକଡ଼ି ଲେବୋ  ତରକି ଥିବୋ ।"

'କୈସା' ? ଲଛମିଆଁ ପଚାରିଦିଏ । ଜମ୍ବୁରୁନ୍ କହେ—'ଆଚ୍ଛା' ! ସେ ପୁଣି ଧରେ—

"ହନୁ ମେରା ନାଚ୍ କରବୋ—ନାଚ୍ କରବୋ
ସାହେବ୍ ହେବୋ—  ଡେପୁଟି ହେବୋ
ହାକିମ୍ ହେବୋ—  ହୁକୁମ୍ ଦେବୋ
ମାଲ ମାମଲତ  ସମଝି ଥିବୋ
ନାଅଲ୍ ମୁଣ୍ଡରେ  କଆପ୍ ଦେବୋ
ଟେବୁଲ୍ ଉପରେ  ଖାନା ଖାଇବୋ"

"କୈସା ? ଆଚ୍ଛା ହୈ ?" ମିଆଁ ପଚାରେ ।

ଜମ୍ବୁରୁନ୍ କହେ—"ବଢ଼ିଆ !"

ମିଆଁର ଦାଢ଼ି ଠିଆ ହୋଇଯାଏ । ସେ ପୁଣି ଛଡ଼ିଟାକୁ ଭୂଇଁରେ ବାଡ଼େଇ ଦେଇ ମାଙ୍କଡ଼କୁ ଆଉ ଏକ ନାଚପାଇଁ ହୁସିଆର କରିଦିଏ ।

"ହନୁ ମେରା ନାଚ୍ କରବୋ—ନାଚ୍ କରବୋ
ଚଉକି ଦେବୋ—  ଚୋର ଧରବୋ
ବଲମ ଧରିଣ  ପହରା ଦେବୋ
ଗାଁ ଗାଁ ବୁଲି  ଚୋର ଧରବୋ
ସାଇ ପଡ଼ିଶାକେ  ମନାଇଥିବୋ ।"

ଲଛମିଆଁ ଜମ୍ବୁରୁନ୍ ଆଡ଼କୁ ପୁଣି ଅନାଇଦିଏ । ଜମ୍ବୁରୁନ୍ ହସି-ଦିଏ । ଲଛମିଆଁ ଆଉ ଥରେ ତାରିଫ୍ ଶୁଣିବାର ଲୋଭ ଏଡ଼ି ନ ପାରି କହେ—'କୈସା' ?

ଜମ୍ବୁରୁନ୍ ବତିଶଦାନ୍ତ ଦେଖେଇ କହେ—"ଠିକ୍ ତୁମରେ ମାଫିକ୍ ।"

ଲଛମିଆଁ ଛଡ଼ିଟାକୁ ଜମ୍ବୁରୁନ୍ ଉପରକୁ ଉଠାଏ । ଜମ୍ବୁରୁନ୍ ପଳାଇଯାଏ । ହନୁ ଜମ୍ବୁରୁନ୍କୁ ଚାହିଁ ଦେଖେ, ଜମ୍ବୁରୁନ୍କୁ ବେତ ଉଠେଇଲେ ବି ସେ ନାଚେ ନାହିଁ । ସେ ନାଚ ଜାଣେ ନାହିଁ । ସେ ଖାଲି ବାଛୁ ଜାଣେ ।

ଲଛମିଆଁ ହନୁର ପିଠିରେ ହାତ ମାରିଦେଇ କହେ—ସାବାସ୍···ସାବାସ୍ ବଚ୍ଚା ! ଠିକ୍ ହୈ···ଅବ୍ ଚଲେ !

ହନୁ ବୁଲିପଡ଼େ । ଲାଙ୍ଗୁଡ଼ ଟେକିଦିଏ । ହୁଏତ ଦୁଃଖ କରେ—କଣ ଏଥିକି ? ଏଇ କଣ ତା'ର ଏତେ ଦୁଃଖ, ଏତେ କଷ୍ଟ, ଏତେ ପରିଶ୍ରମର ପୁରସ୍କାର ? ଏଇ କ'ଣ ତା'ର ଏତେ କଉଶଳର ମୂଲ ? ଏଇ କ'ଣ ତା'ର ଜୀବନର ସାର୍ଥକତା···ଚରମ ଲକ୍ଷ୍ୟ ?

ଲତ୍ତିମିଆଁର ଦାଢ଼ିରେ ଗୋଟାଏ ଗୋଟାଏ ଧଳାବାଳ ଚକି ଚକି କରୁଥାଏ । ଯୁବତୀ ଜସ୍ତୁରୁନ୍ ତାକୁ ହୁଏତ କ୍ଷଣକ ପାଇଁ ଭୁଲିଯାଉଥିବ । ଲତ୍ତିମିଆଁ ଘରୁ ବାହାରକୁ ଯାଉଥିବାବେଳେ ସେ ଯେମିତି ମିଆଁକୁ ବଲବଲ କରି ଚାହିଁଛି । ମାଙ୍କଡ଼କୁ ନଚେଇ ଶିଖେଇବା ଆଉ ନଚେଇବା ଭିତରେ ଯେମିତି ପୌରୁଷ, ବାହାଦୁରୀ, ସେ କ'ଣ ବାର୍ଦ୍ଧକ୍ୟର ସବୁ କ୍ଷତକୁ ଲୁଚେଇଦେଇପାରେ ? ପାରେ ବୋଲି ଭାବି ହୁଏତ ଲତ୍ତିମିଆଁ ଜସ୍ତୁରୁନ୍‌କୁ ଏକୁଟିଆ ଘରେ ଛାଡ଼ି ଚାଲିଯାଏ—ରୋଜଗାର କରି ଆଣିବ, ଖାଲି ଆପଣା ପେଟ ପାଇଁ ନୁହେଁ, ଏଇ ଜସ୍ତୁରୁନ୍‌ର ପେଟପାଇଁ ବି । ଆଉରି ତା' ସଉକ୍ ବି ଅଛି ।

ଦିନେ ଦିନେ ଲତ୍ତିମିଆଁ ଅନୁକୂଳ କରି ଗଲାବେଳେ ଯୋଡ଼ିଏ ଗୁଆ ଆଣି ମାଙ୍କଡ ଦାଆଣି ଆଗରେ ମୁଦା ବସାଏ—ଆଚ୍ଛା, ସଚ୍ ସଚ୍ କହିବୁ ହନୁ ଦାଆଣି, ଏବାର୍ ଜ୍ୟାଦା ହୋଗା କି କମ୍ତି ? ପୁଣି ପଚାରେ—"ଜିବିକା ବାସ୍ତେ ଶାଡ଼ୀ ଲିଏଗା କି କାଁଚ ? ସଚ୍ ବତା···ବତା ଦୋ ବନ୍ଦରକା ବେଟା !"

ଜସ୍ତୁରୁନ୍ କି କାମରେ ଯାଉଥାଏ, ଫେରିପଡ଼ି ଚାହେଁ । ସେ ଯୋଉଁ ମୁଦାଟିକୁ 'ହଁ' ବୋଲି ଭାବିଥାଏ ହନୁ ସେଇ ମୁଦାଟି ଉଠାଏ···ଦୈବାତ୍ । ଜସ୍ତୁରୁନ୍ କହିପକାଏ—'ଶାଡ଼ୀ···ଶାଡ଼ୀ ।' ମିଆଁ ବିବି ଦୁହିଁଙ୍କର ଛାତି କୁଣ୍ଢେମୋଟ ହୋଇଯାଏ ।

ଯେଉଁଥର ଦୈବାତ୍ ନାହିଁ ମୁଦାଟାଏ ଉଠାଏ ସେଥର ମିଆଁ କହେ—"ମୁଁ ଏଟାକୁ ହିଁ ମୁଦା ପାଇଁଥିଲି । ଦୁହିଁଙ୍କର ସାଲିସ୍ ହୋଇଯାଏ···ଏଇ ମାଙ୍କଡ଼ ଦାଆଣିର ମଧ୍ୟସ୍ଥତାରେ । ଦରବୁଢ଼ା ଲତ୍ତି ଓ ଯୁବତୀ ଜସ୍ତୁରୁନ୍‌ର ସାଲିସ୍ । ସେଇ ସାଲିସ୍‌ରେ ଯେପିତି ସେ ପରସ୍ପରକୁ ଚହ୍ନନ୍ତି···ପରସ୍ପରକୁ ବୁଝିବା ପାଇଁ ଚେଷ୍ଟା କରନ୍ତି ।

ମିଆଁ ପୁଣି ପଚାରେ, "ଏ ବନ୍ଦର ତେ ଜଦ ସଚ୍ ସଚ୍ ରାମଚନ୍ଦର୍‌କା ଦୂତ୍ ରହେଗା ତୋ ସାଫ୍ ବତାଏଗା— ଏ ବିବି ସାହେବାକା ବଚ୍ଚା ହୋଗା ?"

ହନୁ ଯେମିତି ଶିଖିଥାଏ ସେମିତି ମାଙ୍କଡ଼ଟିତ ମାରି 'ହଁ' ଜଣାଏ ।

ମିଆଁ ବବି ହେଁ ହସନ୍ତି । ମିଆଁ ଫେର କହେ—"ଆଚ୍ଛା ହନୁ, ତୁ ହଟ୍ ବତାଇଗୁ, ଏ ବିବି ସାହେବାର ବେଟା ପୈଦା ହୋବେ ? ବେଟା ···ବେଟା··· ଲିଡ଼୍କା, ଲିଡ଼୍କା ? ବତା !"

ବହୁ ସେ ବେତଟାକୁ କଚ୍ଚାଡ଼ଦିଏ । ହନୁ କୋଉଠି ବାଜି ଖେଳ ପେଟି ଦେଖାଇ ପଡ଼ିଯାଏ । ମିଆ କହେ—"ଉସ୍‌କୋ ଆଚ୍ଛା କରକେ ଖାନେ ଦୋଗେ ତୋ ଲଡ଼୍କା ହୋଗ ।"

ଜହରୁନ୍ ବିବି କେତେ ଭର୍ତ୍ସରେ ଛଇ ଦେଖାଇ ମୁହଁ ବୁଲାଇନିଏ··· ହିଳାଳୀର ଖୁବ ଫନ୍ଦାଇ ଗୁଲିଯାଏ । ମିଆଁ ଲଙ୍ଗୁର ମନ ଆଉ ତା'ଘରେ ରହେ ନାହିଁ ···ଘରେ ଜାଗା ଧରେ ନାହିଁ । କ୍ଷଣେକ ପାଇଁ ତା'ର ବୟସ ଆହୁରି ଦଶବର୍ଷ କମିଲା ପରି ସେ ଅନୁଭବ କରେ ।

ମନୁଷ୍ୟର ମନକଥା ବୁଝିବାର ଶକ୍ତି ନଥାଏ ବୋଲି କି କ'ଣ ଲଙ୍ଗୁମିଆଁର ସେ ମନଭୁଲାଣିଆ ଭାବରେ ଟିକିଏ ବୋଲି ଆନନ୍ଦ ପାଏ ନାହିଁ । ଦୁଃଖ ବି କରେ ନାହିଁ । ଖାଲି ଲୁଙ୍ଗୁଡ଼ଟା ତା'ର ପଛେ ପଛେ ଗୋଡ଼ାଏ କାହା ଦୁଆରେ ଯାଇଁ ନାଚ ଦେଖାଇବା ପାଇଁ । ହୁଏତ ସେ ଅବା ମନେ ମନେ ଭାବୁଥିବ ସେ ଆପଣେ ପଛେ ପଛେ ଆପେ ଗୁଲିଛି ।

ପଦ୍ମିଲୁ ପଦ୍ମିଲୁ ହନୁ ଅଳ୍ପ ନାଚିଲା ପରେ ବଡ଼ ଥକାପଡ଼େ । ସେଇ ଥକାରେ ସେ ପାଏ ଆନନ୍ଦ; ଆନନ୍ଦ ନୁହେଁ ···ସନ୍ତୋଷ । ତା' ଓସ୍ତାଦର କାମ ସେ ତୁଲେଇ ନେଇଚି ବୋଲି ତା'ର ଆନନ୍ଦ । ହୁଏତ ସେ ଭାବେ । କିନ୍ତୁ ଓସ୍ତାଦ ଯେତେବେଳେ ଚନା ବାଡ଼େଇ ଆହୁରି ନାଚିବାକୁ ହୁକୁମ୍ କରେ ସେତେବେଳେ ତା' ସୁଖସ୍ୱପ୍ନ ଭାଙ୍ଗିଯାଏ । ହୁଏତ ସେ ଚେଷ୍ଟାକରେ ଝିକି ଆନନ୍ଦ ପାଇବାକୁ ଯେ, ସେ ଆହୁରି ପଇସା କମେଇବ ··ଆହୁରି ରୋଜଗାର କରିବ । କେତେ ଖୁସି ·· କେତେ ଆନନ୍ଦ !

ସେ ଖାଲି ଲଙ୍ଗୁମିଆଁର ମୁହଁକୁ ଚାହେଁଥାଏ । ଲଙ୍ଗୁମିଆଁର ମୁହଁରେ ଟିକିଏ ଆନନ୍ଦର ପରିବର୍ତ୍ତନ ଦେଖିଲେ ସେ ଜୋର ମର କୁଦ ଭଳି ନାଚିଉଠେ । ଲୋକେ ତା' ନାଚରୁ କେତେ ଆନନ୍ଦ ନେଉଛନ୍ତି ତା'ର ଖବର ସେ ପାଏ ନାହିଁ···ତା' ପାଇଁରେ ପହଞ୍ଚେ ନାହିଁ । ସେ କେବଳ ଲଙ୍ଗୁମିଆଁର ଆଦେଶ ପାଇ ନାଚିଯାଏ । ସେଇ ଆଦେଶଟାଇ ତା'ର ପ୍ରଶଂସା · ବାହାଦୁରି, ହନୁ !

ଲଙ୍ଗୁମିଆଁ ଗାଏ—ହେ ନଟେ । କେତେ ରକମ ରକମର ନାଚ ନାଚେ । ରେଉଡ଼୍ରାଣୀ ହୁଏ, ବହୁ ବିକେ । ଚଉକିଆ ହୋଇ ପହରା ଦିଏ । ସାହେବ ହୋଇ ଝିନ୍ଦର କରେ । ସାଧୁ ହୋଇ ମାଳା ଜପେ । ମୁସାଫିର୍ ହୋଇ ପରଦେଶ ଯାଏ । ଭୁଆସୁଣୀ ହୋଇ ଘରକୋଣରେ ଲୁଚେ । କେତେ ପ୍ରକାର କେତେ ଛଇ ।

ପ୍ରଥମେ ପ୍ରଥମେ ସେ ନାଚ ଭିତରୁ ହନୁ ଗୋଟିଏ ନୂଆ ରସ ପାଉଥିଲା । ମାଙ୍କଡ଼ ଜୀବନ ତା'ର ଗୋଟାଏ ଠେକ, ଉନ୍ନତି ବା ମୋକ୍ଷ ପାଇଲା ପରି ସେ ନିଜକୁ ଟିକିଏ ବଡ଼ ମନେ କରୁଥିଲା । ବାଟରେ ହାକିମ ଦପଟି ଦେଖିଲେ ସେ ହୁଏତ ଭାବୁଥିବ ସେ କିଛି କମ୍ ନୁହେଁ । କିନ୍ତୁ ଧୀରେ ଧୀରେ ତା'ର ସେ ନାଚରେ ଅବସାଦ ଆସିଲା । ନାଚିବାର ଏକାପ୍ରିଆ ଧାରାରେ ତା'ର ଗର୍ବ ତା'ର ସୁଖ କୁଆଡ଼େ ହଜି-ଯାଉଥିଲା । ଆପଣାକୁ ରଙ୍ଗ ବେରଙ୍ଗ କରି ବାରମ୍ବାର ସୁଆଙ୍ଗ କରିବାରେ ଯେମିତି ପଉରୁଷ ନାହିଁ; ଅଛି ବେହିଆମି । ଥିଲେ ଅଧା ସେଇ ବେହିଆମି ଥିବ । ତଥାପି ସେଇ ଅଲାଜୁକପଣକୁ ବିକି ଖାଇବା ତା'ର ବେଉସା । ସେ ବୁଝୁ ନ ବୁଝୁ ସେକଥା—କିନ୍ତୁ ନାଚଯାଏ···ନାଚଯାଏ ଗୋଟିଏ ଯନ୍ତ୍ର ଭଳି ।

ଯେଉଁ ଦିନ ଘରକୁ ଫେରିଯାଇ ଖୁଣ୍ଟରେ ବନ୍ଧାହୁଏ ସେଦିନ ସେ ଭବେ ତା'ର ଗୋଲାମି ମନୁଷ୍ୟେନ୍ଦ୍ର ଦିନେ ଦୁଇଦିନ ପାଇଁ ଲୋପ ପାଇଲା । ମଣିଷ ଭଳି ହେବାକୁ ଯାଇ ସେ ଯେପରି ଭାବରେ ମଣିଷର ଅଯଥା ଅନୁକରଣ କରିଆସିଛି ତା'ର ପ୍ରାୟଶ୍ଚିତ୍ତ ସେ କରିବ, ସେଇ ଖୁଣ୍ଟ ପାଖରେ ନାମ ସଂକୀର୍ତ୍ତନ କଲା ପରି । ସେଇଥିରୁ ସେ ହୁଏତ ଆନନ୍ଦ ପାଏ, ଆଉ ଆନନ୍ଦ ଉପଭୋଗ କରେ ମିଆଁ ବିବି ଦୁହିଁଙ୍କର ଆନନ୍ଦ···ଆହ୍ଲାଦ ଦେଖି । ତା'ର ସହଜ ସହଜାତ ପଶୁ ପ୍ରବୃତ୍ତି ତାକୁ ପର ଆନନ୍ଦରେ ଉଲ୍ଲସିତ କରେଇଦିଏ ··ନଚେଇଦିଏ । ପୁଣି ପରକ୍ଷଣରେ ସେ ହୁଏତ ମଣିଷର ଅନୁକରଣରେ ମଣିଷର ବୁଦ୍ଧି ମିଶା ସହାନୁଭୂତିକି ଯେଉଁ ଏତିକି ଚେଣିକ ଗ୍ରହୁଁ ଥିବ, ତା'ର ହିଂସା ହେଉଥିବ···ପର ଆନନ୍ଦରେ କାତର ହେଇପଡୁଥିବ··ମଣିଷ ପରି । ତା'ପରେ ହୁଏତ ତ ର ଚେତା ଆସୁଥିବ । ସେ ଭାବୁଥିବ, ମଣିଷ ଦେହଟା କ'ଣ ଏଡ଼େ ପାପ ! ସେ ସିଦ୍ଧାନ୍ତ କରୁଥିବ, ବରଂ ଏଇ ପଶୁଜୀବନ ଭଲ ।

କେତେବେଳେ କମିତ ମିଆଁ ବିବି ଦ'ଜଣ କଜିଆ କରନ୍ତି । ବିବି ଅଭିମାନ କରି ବସେ । ମିଆଁ ତାକୁ ସାଲୁଲାଏ···ଫୁସୁଲାଏ···କେତେ କଅଁଳ କଥା କହି ମନ ଭୁଲାଇବାକୁ ଚେଷ୍ଟା କରେ । ସେ କଥାଗୁଡ଼ାକ ହନୁକୁ ଭଲ ଲାଗେ ନାହିଁ । ମଣିଷ ଏଡ଼େ ନରମ···ଏଡ଼େ କାହାଲ ! ଲଖିମିଆଁ ଉପରେ ସେ ରାଗିବାକୁ ଚାହେଁ କେଡ଼େ ଦୁର୍ବଳ ଏ ପୁରୁଷ ସତେ ! କିନ୍ତୁ ପ୍ରକୃତରେ ସେ ରାଗେ ଜହ୍ନରୁନ୍ ଉପରେ । ଲଖିମିଆଁର ସବୁ ସରାଗ, ସବୁ ଶରଧା,ସେଇ ଯେମିତି ଛଡ଼େଇ ନେଇଛି ଜବର୍‌ଦସ୍ତି; ହନୁପାଇଁ ଟିକିଏ ବାଦ୍ ବାକୀ ବଳିପଡ଼ୁ ନାହିଁ କିଛି ।

ସେତକ ନୁହେଁ । ଲଖିମିଆଁର ଯାହାକିଛି ଭଲ, ଯାହାକିଛି ସୁନ୍ଦର, ସେ ସବୁକୁ ଏକା ଜହ୍ନରୁନ୍ ମାଡ଼ିବସି ଭୋଗ କରୁଛି । ତଥାପି ତା'ର ମନସାଧ ମେଣ୍ଟୁ ନାହିଁ । ରାକ୍ଷସୀଟାଏ । ସେଥିପାଇଁ ଲଖିମିଆଁର ବାହାରଟା ଏଡ଼େ ଖିଙ୍କେ । ସେ ଘର ଭିତରେ ତା'ର ସବୁ କୋମଳତା, ସବୁ ସରସତା'ତକ ଜହ୍ନରୁନ୍ ଆଗରେ

ଉଟେଇଦେଇ ବାହାରକୁ ନେଇଯାଏ ସବୁ କର୍କଶ ଓ ନିଷ୍ଠୁର ସ୍ୱଭାବ ସାଇପଡ଼ିଶାଙ୍କ ଆଗରେ ବାଢ଼ିବାପାଇଁ । ତା'ର ଦାଢ଼ିଗୁଡ଼ାକ ଘରଭିତରେ କେଡ଼େ ସାଉଁଳିଆ, ନରମ, କଅଁଳ ଥାଏ । ବାହାରକୁ ବାହାରିଲେ ସେଗୁଡ଼ାକ ଯେମିତି ଅତି ରୁକ୍ଷ, କର୍କଶ ଭାବରେ ଛଡ଼ାଛଡ଼ା ହୋଇଯାଆନ୍ତି ।

ଏ ସବୁ ହେଇ ଜମ୍ବୁରୁନ୍‌ବବର କାଣ୍ଡ । ସେଇ ଦାୟୀ ଏଥିପାଇଁ । ମାଙ୍କଡ଼ ତା ମନେ ମନେ ଠିକ୍ କରେ । ତା' ଉପରେ ଲକ୍ଷ୍ମିଆଁର ଯେଉଁ ନିଷ୍ଠୁର ବ୍ୟବହାର ହେଥିପାଇଁ ଲକ୍ଷ୍ମିଆଁ ଦୋଷୀ ନୁହେଁ । ଜମ୍ବୁରୁନ୍ ସେଇ ନିଷ୍ଠୁରତା ଛଡ଼ା ଆଉ କ'ଣ ରଖିଥାଏ ତା ଭିତରେ ଯେ, ସେ ଦାଅନ୍ତା ।

ହନୁ କେତେ ଜମ୍ବୁରୁନ ଦେଖିଛି । ସମସ୍ତେ କିନ୍ତୁ ଏମିତି ହୁଅନ୍ତି । କେଣି ଭାଗର ମାଇପେ ଘର କୋଣରୁ ଆଇ ହନୁର ନାଚ ଦେଖନ୍ତି । ଯେମିତି ତାଙ୍କ ଘର ଭିତରଟା ଭାରି ସୁନ୍ଦର । ସେ ସୁନ୍ଦରପଣକୁ ଅନାମତେ ପଦାରେ ପକେଇଦେବାଟା ଭାରି ଅସଭ୍ୟ···ଅଲକ୍ଷଣ କଥା । କାଲେ ଘର ଅସୁନ୍ଦର ହୋଇଯିବ । ତାଙ୍କ ପୁରୁଷମାନଙ୍କୁ ସେ ଯେମିତି ଛାଡ଼ିଦେଇଛନ୍ତି ବାହାରକୁ ସୁନ୍ଦର କରିବାପାଇଁ । ବାହାର ଆଉ ଭିତରକୁ ସୁନ୍ଦର କରିବାରେ ମାଇପେ ମିଣିପେ ସମସ୍ତେ ଯେମିତି ମିଳିମିଶି ଲାଗିପଡ଼ିଛନ୍ତି । ହନୁ ଥରେ ଥରେ ସେଇ ପରସ୍ପର ସାହଚର୍ଯ୍ୟର ଭାବକୁ ହୃଦୟରେ ଚେତେ । କେତେ ଭାରି ଆନନ୍ଦରେ ନାଚଉଠେ । କିନ୍ତୁ ଜମ୍ବୁରୁନ୍ ଘରକୁ ଆସିଲେ ତା'ର ସେ ନାଚବାର ସ୍ପୃହା ଗୁଳିଯାଏ କେମିତି କୁଆଡ଼େ । ଜମ୍ବୁରୁନ୍ ଅବଶ୍ୟ ଲକ୍ଷ୍ମିଆଁକୁ କହେ ନାହିଁ କେବେ ମାଙ୍କଡ଼ ନଚେଇବାପାଇଁ । କହିଲେ ବି ହନୁ କଦାପି ନାଚନ୍ତା ନାହିଁ । କାରଣ ଜମ୍ବୁରୁନ୍‌ଟା ଭାରି ଅସୁନ୍ଦର···ତା' ଉପରଟା ନ ହଉ, ତା' ଭିତରଟା ଅତି କଦର୍ଯ୍ୟ । ପଶୁର ସହଜାତ ବୃତ୍ତି ତା'କୁ କହିଦିଏ । ଜମ୍ବୁରୁନ ତାର ନିଜର ସେଇ ଅସୁନ୍ଦରପଣକୁ ଢାଙ୍କିପକେଇବା ପାଇଁ କି କଅଣ, ଲକ୍ଷ୍ମିଆଁର ସବୁ ସୁନ୍ଦରପଣକୁ ଦାବି କରି ବସେ । ହନୁ ହୁଏତ ଜାଣିଥିବ, ଦୁନିଆର ଏମିତିକା ଜମ୍ବୁରୁନ୍‌ମାନେ ଖାଲି ଘରକୁ ଅସୁନ୍ଦର କରନ୍ତି ନାହିଁ, ସମାଜକୁ ବି ଅସୁନ୍ଦର କରନ୍ତି, ମଣିଷଜୀବନକୁ ଅସୁନ୍ଦର କରି ପକାନ୍ତି; ଆଉ ସଂସାରର ମଧ୍ୟ ଅମଙ୍ଗଳ କରନ୍ତି ।

ଗାଁଗହଳିରୁ କେତେ ଘରକୋଣରେ ଜମ୍ବୁରୁନ୍‌ସବୁ ଆସି ମାଙ୍କଡ଼ ଦଅଣି ଆଗରେ ମୁଦା ବସାନ୍ତି । ହନୁର ନାଚ ସରିଲେ ଲକ୍ଷ୍ମିଆଁ ବାବୁଭେୟାଙ୍କର, ନହେଲେ ପାର୍ଟିଘରର କି ନାୟକ ପଧାନ ଘର, ଯାହା ଘର ଆଗରେ ନାଚଉଥାଏ ତା'ର ଜୟ ହେଉ ବୋଲି କହେ । ହନୁମାଙ୍କଡ଼ଟି ମାତ୍ର ଜୟଜୟକାର କରେ । ଲକ୍ଷ୍ମିଆଁ ନଚେଇ ପଚେଇ କହିଯାଏ—"ଜୟ ହେଉ, ମଙ୍ଗଳ ହେଉ, ବୋଲବାଲା ହେଉ, ଦୁସ୍‌ମନ୍ ନିପାତ ହେଉ ।" ଥରକୁ ଥର ହନୁ ଓଲଟବାଜି ଖେଳି ତା'ର

ସମ୍ମତି ଜଣାଇଦିଏ । ତା'ପରେ ହନୁ ଗମ୍ଭୀର ହୋଇ ମୁହଁ ଭଙ୍ଗୀ କରି ବସିଯାଏ, ଯଥେ ଯେମିତି କୋଉଁଠୁ ଆସିଲେ ଋଷ୍ୟଶୃଙ୍ଗ ମହାମୁନି · ଆଗତ ଭବିଷ୍ୟ ସବୁ ଜଣା··· ଏଇନାଗେ ତିନକାଳର କଥା କହିଦେବେ ପଚାରୁ ନ ପଚାରୁଣୁ । ତା' ଆଗରେ ଯୋଡ଼ି ଯୋଡ଼ି ହୋଇ ଗୁଆ ବସିଯାଏ···ଧାଡ଼ିକି ଧାଡ଼ି । କାହାର ମକଦ୍ଦମା ଜିତି ହେବ କି ହାର୍ ହେବ, କିଏ ପରୀକ୍ଷାରେ ପାସ୍ କରିବ କି ଫେଲ୍ ହେବ, କାହାକୁ ସମ୍ପତ୍ତି ମିଳିବ କି ନମିଳିବ, କାହାର ମନ ମାନିଲା ଜାଗାରେ ବାହାଘର ହବ କି ନ ହବ—ଇମିତି କେତେ ପ୍ରଶ୍ନ । ତା' ସାଙ୍ଗକୁ ଲଛମିଆଁର ପ୍ରଶ୍ନଭରା କେତେ ମାଇପେ ଯେଉଁ ଗେରସ୍ତମାନଙ୍କୁ କହି ମୁଦା ବସାନ୍ତି—ଛୁଆ ହବ କି ନ ହବ, ପୁଅ ହବ କି ଝିଅ ହବ ।

କିନ୍ତୁ ଏଇ ମୁଦା ବସାଇବା ଭିତରେ ଥାଏ ଦୁଇଜଣଙ୍କର ଭାଗ । ଭଲ ଉତ୍ତରରେ ଭାଗୀ ହୁଅନ୍ତି ଦୁଇଜଣ । ମନ୍ଦ ଉତ୍ତରରେ ଦୁଃଖଟା ଯାଇ ପଡ଼େ ସେଇ ଦୁଇଜଣଙ୍କ କାନ୍ଧ ଉପରେ । କିନ୍ତୁ ଲଛମିଆଁ ଯେଉଁ ମୁଦା ବସାଏ ସେଥିରେ ଯେମିତି ଜମ୍ବୁରୁନ୍ର ଭାଗ ନାହିଁ ।

ଲଛମିଆଁ ଜାଣେ, ଜମ୍ବୁରୁନ୍ ବି ଜାଣେ, ମାଙ୍କଡ଼ ଦାଆଣି ଯାହା କହେ ସେ ସବୁ ସତ ନୁହେଁ । ସତ ହୋଇପାରେ ନା । ଲଛମିଆଁ ଆଖି ଠାରରେ, କଥାର ଇଙ୍ଗିତରେ ଯଉଁ ଗୁଆକୁ ବା ଯଉଁ ମୁଦାକୁ ବତେଇଦିଏ, ମାଙ୍କଡ଼ ଦାଆଣି ସେଇ ମୁଦାକୁ ଯାଇଁ ଉଠାଏ । ଲଛମିଆଁ ଭାରି ଚାଲାକ୍ ଲୋକ । ମୁଦା ବସେଇବା-ବାଲାର ଆଖିକୁ ଚାହିଁ ସେ ଠଉରେଇ ନିଏ କଉଁ ମୁଦାଟା ହଁ···କଉଁ ମୁଦାଟା ନା ସେ ମନାସିଲା । ସେଇ ଅନୁସାରେ ସେ ହନୁକୁ ·ଇସାରାରେ ବତେଇଦିଏ । ମାଙ୍କଡ଼ ଦାଆଣି ସେଇ ମୁଦା ଧରେ । କେଉଁଠି ହଁ ହୁଏ, କେଉଁଠି ନା । କାହାର ସତ ହୁଏ, କାହାର ମିଛ । ମିଛ ହେଲା ଲୋକର ମନେ ନ ଥାଏ । ସତ ହେଲା ଲୋକ କାନରେ ଗଣ୍ଠି ପକେଇ ମନେ ରଖିଥାନ୍ତି । ଲଛମିଆଁ ପୁଣି ଦେଖା ହେଲେ କହନ୍ତି । ସେଇ ମାଙ୍କଡ଼ ଦାଆଣିକି ପୁଣି ନିକେ ସେଇ ଲଛମିଆଁ ପଚାରେ—"ଜମ୍ବୁରୁନ୍‌କା ଲଡ଼୍‌କା ହୋଗା ?"

ଏଥର କିନ୍ତୁ ସେ ଠାରେ ନାହିଁ । ଉଁ କି ଚୁଁ କିଛି କହେ ନାହିଁ । ଯଉଁ ପ୍ରକାରରେ ଇସାରା ଦେଇ କଥା କହିଲେ ହନୁ ବା ମୁଦା ପାଖ ଧରେ ସେ ପ୍ରକାର କଥା ସେ କହେ ନାହିଁ । କିମ୍ବା ଯେମିତି ବାଗରେ ଯଉଁ ଯଉଁ ପଦ କହିଲେ ହନୁ ତାହାଣ ପଟ ମୁଦା ଧରନ୍ତା ତା' ବି କହେ ନାହିଁ । ଖାଲି ସିଧା ସଳଖ ମୁଦା ବସେଇଦିଏ । ହନୁ ତା' ମନଇଚ୍ଛା ଯଉଁଟାକୁ ଧରେ । କେତେବେଳେ ହଁ—କେତେବେଳେ ନା । ଲଛମିଆଁ ବାର ବାର ପଚାରେ—ହେଇ 'ହଁ', ନା', ଗୋଟାଏ ନିଷ୍ପାକରି ସେ କେବେ କହେ ନାହିଁ । ମିଆଁ ଭାବେ—ମିଶ୍ରଫଳ ହବାମାନେ,

ପିଲା ହେବ, କିନ୍ତୁ ଭିତରେ ହେବ । କେତେ ଭିତରରେ ? ମିଆଁ ର ମୁହଁ ଶୁଖିଯାଏ । ଜୟତୁନ୍‌କୁ ଡାକି କହେ, "ଜୟତୁନ୍, ଫିର୍ ଭି ଓଇ ବାତ୍—ଦେର ହୈ ।"

ଜୟତୁନ୍ କିନ୍ତୁ ପରବାୟ ନ ଥିଲା ଭଳି ମୁହଁ କରି ହାତ ପିଟି ଚାଲିଯାଏ । ସେ ହୁଏତ ଭାବେ, ତା'ର ବେଲବୟସ କ'ଣ ଗଲାଣି କି ? ଏତେ ଜଲ୍‌ଦି ପଡ଼ିଛି କଅଣ ! ଛୁଆ ନ ହେଇ ଯିବ କୁଆଡ଼େ ? କିନ୍ତୁ ଲତିଫମିଆଁ ଅଶା ଆଉ ଆଶଙ୍କା ଭିତରେ ଲଟପଟ ହେଉଥାଏ । କେତେବେଳେ ସେ କେତେ ପ୍ରକାର ସ୍ୱପ୍ନ ଦେଖେ । କେତେବେଳେ ପୁଅଟିଏ କୋଳରେ ଧରି ଖୁସିହେଇ ଯାଉଥାଏ । କେତେବେଳେ ବା ପୁଅ ମରିଗଲା ବୋଲି କାନ୍ଦକାଟି ଅସ୍ଥିର । ସବୁ କିନ୍ତୁ ସ୍ୱପ୍ନ ।

ଲତିଫମିଆଁ ର ଜୀବନଟା କ୍ରମେ କ୍ରମେ କେମିତି ସ୍ୱପ୍ନିଳ ହେଇଆସିଲା । ସେ ଅନେକଟା ଖାଲି ଘରର ବାହାରେ ନୁହେଁ, ଦୁନିଆରୁ ବାହାରେ ଥିଲା ପରି ଥାଏ । ମାଙ୍କଡ଼ ନଗ୍ରଟା ତା'ର ପେଟପାଟଣା । ନ କଲେ ନ ଚଳେ । ଆଉ ଘରଟା ତା'ର ବାଧ୍ୟବାଧକତା···ନ ଗଲେ ନ ରହେ ।

ଦାଢ଼ି ଗୁଡ଼ାକ ତା'ର ଗୋଟିଏ ଗୋଟିଏ ହୋଇ ବେଶି ପାଚିବାକୁ ଆରମ୍ଭ କଲାଣି । ଖରା କାକର ଖାଇ ତା ମୁଣ୍ଡଟା କେମିତି ଟାଙ୍ଗରା ଧରିଆସୁଛି । ଦାନ୍ତର ରଗ ଗୁଡ଼ାକ ଢିଲା ହୋଇ ପଡ଼ୁଛି । ତା'ର ମନ ହେଉଥାଏ, ଏଇ ଦୁଃଖ ବେଳରେ, ଯେତେବେଳେ ସେ ନିଜର ବୋଲି ଯାହାସବୁ ଦେନ ଗର୍ବ କରୁଥିଲା, ଗୋଟି ଗୋଟି କରି ତାକୁ ସବୁ ଛାଡ଼ିକେଇ ଦଉଛି, ସେତେବେଳେ···ସେତେବେଳେ ସେ ଜୟତୁନର ଟିକିଏ ଭରସା ପାଆନ୍ତା ··· ଖୁବ୍ ପାଖକୁ ପାଖକୁ ଲାଗିଆସି ଖାଲି ଦେହରେ ନୁହେଁ, ମନରେ ବି ଲାଗାଲାଗି ହୋଇ ଦୁହେଁ ଦୁହିଁଙ୍କୁ ବଡ଼ ନିବିଡ଼ ଭାବରେ ଅନୁଭବ କରନ୍ତେ···ଦରଦ ଲାଗନ୍ତା ।

କିନ୍ତୁ ହାୟ ! ତା' ହବାର ନୁହେଁ । ଜୟତୁନ୍ ଲତିଫମିଆଁ ସାଙ୍ଗରେ ବୁଢ଼ୀ ହୋଇପାରିନାହିଁ । ଦେହ ମନ କେଉଁଟା ହେଲେ ତା'ର ବୁଢ଼ା ନୁହେଁ । ଦିନକୁ ଦିନ ବୟସ ତା'ର ଯେମିତି କମି କମି ଆସୁଛି । ସେ ଏବେ ବି ଯୁବତୀ । ଅନ୍ତତଃ ତାର ଫେସନ୍ ଫାସନ୍ ରଙ୍ଗ ଢଙ୍ଗ ସବୁ ତାକୁ ଯୁବତୀ କରି ରଖିଛି । ଦଶବର୍ଷ ଗୋଟାଏ ଦରବୁଢ଼ା ସାଙ୍ଗରେ ଘର କଲା ପରେ ବି ସେ ଯେମିତି ଯୁବତୀକି ସେମିତି ଯୁବତୀ ରହିଛି । ତା'ର ଯୁବତୀପଣ ଯେମିତି ସାର୍ଥକ ହେବାକୁ ଆଉରି ବାକି ଅଛି । ଲତିଫମିଆଁ ର କଲିଜା ଭିତରେ ଯେଉଁଠି ତା'ର ଜୁଆନର ହାଡ଼ ଭାଙ୍ଗି ବୁଢ଼ାପଣ ମଥା ଟେକି ଠିଆ ହେଉଥିଲା ସେଇଠୁ ଗୋଟାଏ ନିଶ୍ୱାସ ଉଠିଆସିଲା । ଅନେକ ଦିନ ପରେ ସେ ଆଜି ହନୁଟାକୁ ଶିରଧା କରି ପାଖକୁ ଟାଣି ଆଣି ଛାତିରେ ଜାକି ଧରିଲା । ଯେମିତି ତା'ର ପୁରୁଣା ଦିନଗୁଡ଼ା···ବିତିଗଲା ବୟସ ଗୁଡ଼ାକର ସାକ୍ଷୀ

ଦେବାକୁ ଏଇ ଏକା ବାକି ରହିଛି । ଲଛମିଆଁର ଦାଢ଼ି ଗୁଡ଼ିକ ହନୁକୁ ଆଉଁସିଲା ପରି ଲାଗିଲା କି କ'ଣ ସେ ଆରାମରେ ଗୁଢ ଉପରେ ପଡ଼ି କୁଁ କୁଁ ହେଉଥାଏ ।

ଥରେ ମାସକ ପରେ, କଉଁ ଦୂର ଦୂର ଗାଁରେ ମାଙ୍କଡ଼ ନଚେଇ ବୁଢ଼ାମିଆଁ ମାଙ୍କଡ଼ ଢାଆଙ୍ଗିକି ଧରି ଘରକୁ ଫେରିଲାବେଳକୁ ଦେଖିଲା, ଘରେ କବାଟ ବନ୍ଦ··· ଜଞ୍ଜିର ଦିଅଯାଇଛି ବାହାରୁ । ଲଛିମିଆଁ ଭାବିଲା, ଜମ୍ବୁରୁନ୍ ପଡ଼ିଶାଘରକୁ ଯାଇଥିବ କାମରେ । କିନ୍ତୁ କିଜାଣି କାହିଁକି ତା' ଗୁଢ ଭିତରେ ଗୋଟେ ଗୁଣ୍ଡିଆ ପଶିଗଲା । ସେ ବଡ଼ ପାଟିକରି ଡାକିଲା—"କାହାଁ ଗୟୀ ହୋ···ଶୁନ୍‌ତି ହୋ କି ନେହିଁ···ହାଁ ବିବି, କାହାଁ ଗେୟୀଲେ !"

କେହି ଶୁଣିଲେ ନାହିଁ । ସାହି ପଡ଼ିଶାରୁ ଲୋକେ ଦଉଡ଼ି ଆସିଲେ । ସମସ୍ତେ କହିଲେ—ଜମ୍ବୁରୁନ୍ ଟିକିର ପନ୍ଦର କୋଡ଼ିଏ ଦିନ ହେବ ଦେଖାନାହିଁ । ଭାବିଲେ, ବାପଘରକୁ ଯାଇଥିବ ।

ବାପଘରୁ ଖବର ଆସିଲା—ଜମ୍ବୁରୁନ୍ ଯାଇନାହିଁ ।

ବୁଢା ଲଛିମିଆଁ ମୁଣ୍ଡରେ ହାତ ଦେଇ ବସିଗଲା । ଗାଁ ଲୋକେ ବହୁତ ବୁଝେଇଲେ—ମାଇକିନାଟା ଖରାପ ଥିଲା · ଲକ୍ଷଣ ଭଲ ନ ଥିଲା···ଅମଙ୍ଗଳୀଟା··· ଯାଇଛି ଭଲ ହୋଇଛି, ଘରୁ କାଳ ଯାଇଛି । ଆଉ ଗୋଟେ ଦେଖି ନିକା ହୋଇପଡ଼ ।

ଲଛିମିଆଁ ସବୁ ଶୁଣିଲା । ଗୋଟି ଗୋଟି କରି ସମସ୍ତଙ୍କ କଥାକୁ ଏପାଖ ସେପାଖ କରି ଓଲଟେଇ ପାଲଟେଇ ଦେଖିଲା । କଉଁ କଥାଟା ତା ମନରେ ବସିଲା ନାହିଁ । ଦଶବର୍ଷ ସାଙ୍ଗରେ ଘର କଲା ପରେ ଜମ୍ବୁରୁନ୍ ଲହିକୁ ଛାଡ଼ି ପଳେଇବ ? ଅସମ୍ଭବ ! ମିଛ-ମିଛ, ସମସ୍ତେ ମିଛ କହୁଛନ୍ତି । ସମସ୍ତେ ସିମିତି ତା'ର ଶତ୍ରୁ । ସମସ୍ତେ ତାକୁ ମିଛ କହି ଜମ୍ବୁରୁନ୍ ଉପରେ ତା'ର ରାଗ ଚଢେଇ ଦଉଛନ୍ତି । ଜମ୍ବୁରୁନ୍ ଯଦି ଫେରେ, ସେ ଯେମିତି ଆଉ ତାକୁ ଘରକୁ ନ ନିବ—ଏଇ ପାଞ୍ଚ ସମସ୍ତଙ୍କର । ସମସ୍ତେ ମେଳି ବାନ୍ଧି ପରାମର୍ଶ କରି ଏ କଥା କହୁଛନ୍ତି ।

ଗୋଟି ଗୋଟି ହୋଇ ଗାଁ ଲୋକେ ବିଦାୟ ନେଲେ । ଜମ୍ବୁରୁନ୍ ପାଇଁ ସମସ୍ତଙ୍କର ଯେତେ ସହାନୁଭୂତି ସବୁ ଯେମିତି ସେଥି ପଛେ ପଛେ ଗୋଡ଼େଇ ଗଲେ । କାହାରି କଥାରେ ଜମ୍ବୁରୁନ୍‌ର ଖାଲି ଜାଗାଟା ପୂରି ଉଠିଲା ନାହିଁ । ଜମ୍ବୁରୁନ୍ ନାହିଁ; ନ ଥିଲା ଘରଟା ଖାଁ ଖାଁ ଗୋଡ଼େଇଲା ପଡ଼ି । ଲଛିମିଆଁ ଘର-ଭିତରକୁ ପଶିଯାଇ ଘରର କବାଟଟାକୁ ଧଡ଼୍‌କିନା କିଳିଦେଲା । ତା'ର ମନ ହେଲା, ଖୁବ୍ ଜୋର୍‌ରେ ସେ ଥରେ ଡାକିବ—'ଜମ୍ବୁରୁନ୍' !

ସେ ଡାକ ଶୁଣି ସେଇ ଘରଭିତରୁ ସତେ ଅବା ଜମ୍ବୁରୁନ୍ ବାହାରି ଆସିବ, ଯେଉଁଠି ପାରେ ସେଠି ସେ ଥାଉ ପଛେ । କିନ୍ତୁ ସେ ଡାକିପାରିଲା ନାହିଁ । ସାହି-ପଡ଼ିଶା ସମସ୍ତେ ଯେମିତି ଆସି ତା ମୁହଁଟାକୁ ବନ୍ଦ କରି ଧରିଲେ । ସେ ଚିତ୍କାର କରି-ପାରିଲା ନାହିଁ । ଅଣନିଶ୍ୱାସୀ ହୋଇପଡ଼ିଲା । ମାଙ୍କଡ଼ଟାକୁ ଖୁଣ୍ଟରେ ବାନ୍ଧିଦେଇ ସେ ଧଡ଼୍‌କିନା ପଡ଼ିଗଲା ତଳେ ।

କେତେବେଳକେ ସେ ବୁଝିପାରିଲା, ସେ କାନ୍ଦୁଛି । ଆଉ କାନ୍ଦିବାରେ ସେ କେବଳ ଜମ୍ବୁରୁନ୍‌ର ଅତ୍ୟାଚାର, ସ୍ତ୍ରୀ ଜାତିର ନିଷ୍ଠୁରତାକୁ ଶତମୁଖରେ ପ୍ରଶଂସା କରିଯାଉଛି ମାତ୍ର । ସେ ସ୍ମୃତିରେ ଦ୍ରାବକର ରକ୍ତ ପାଣି ହୋଇ ଲୁହ ପାଲଟିଯାଏ । କିନ୍ତୁ ସେ ଲୁହ ଆଉ ଦୟା ସହାନୁଭୂତିର ତାପ ପାଇ ବାମ୍ପ ହୋଇ କାହାରି ହୃଦୟକୁ ବୁଝି ପକାଏ ନାହିଁ । ମଲା ଲୁହର ମୂଲ୍ୟ ହେବାପାଇଁ ଜଇଲା ଜବର କି ଗରଜ !

ଧୀରେ ଧୀରେ ସେ ଲୁହ ପୋଛିଲା । ପୋଛି ଚାହିଁଲା ସେ କଣ୍ଡୁଟିଆ ଘରଟାକୁ । କେହି କୁଆଡେ ନାହିଁ । ତା' ପାଇଁ କେହି କାନ୍ଦୁନାହାନ୍ତି । କାହାରି ମୁଣ୍ଡ ବଥାଉ-ନାହିଁ । ଘରର ଅନ୍ଧିକନ୍ଧି ବୁଲି ସେ ଦେଖିଲା । ଯଉଁଠି ଜମ୍ବୁରୁନ୍ ବସେ···ଯଉଁଠି ଜମ୍ବୁରୁନ୍ ଶୁଏ···ଯେଉଁଠୁ ଠିଆ ହୋଇ ଲଛମିଆଁର ମାଙ୍କଡ଼ ନଚ ଦେଖେ— ସବୁଠିକି ଗଲା । ଜମ୍ବୁରୁନ୍ କାଲେ କଉଁଠି ଲୁଚିଥିବ ଏଥିପାଇଁ ନୁହେଁ । କେହି କାଲେ ଜମ୍ବୁରୁନ୍ କଥା କହିପାରିବ ଏଇ ଆଶାରେ । କଉଁଠୁ କିଛି ସନ୍ଧାନ ପାଇଲା ନାହିଁ । ଜମ୍ବୁରୁନ୍ ଏଇ ଘରୁ ଚାଲିଗଲା, କେହି ଜାଣିଲେ ନାହିଁ ! କି ଆଶ୍ଚର୍ଯ୍ୟ !

ଶେଷରେ ସେ ଯାଇ ଧରିଲା ହନୁମାନ ମାଙ୍କଡ ଢାଆଣିକି । ସେ ନଥିଲା, ସେ ଦେଖି ନାହିଁ । ସେ ଲଛମିଆଁ ସାଙ୍ଗରେ ଥିଲା । ହୁଏତ ଲଛମିଆଁର ଦୁଃଖ ତାକୁ ବାଧିଥିବ । ଏତେ ବଡ଼ ଦୁନିଆଟା ଭିତରେ ଆଜି ଏଇ ମାଙ୍କଡ଼ ଗୋଟିକ ଯେମିତି ତା'ର ସାଥୀ · ତା'ର ସାହାଭରସା ।

ସେ ବନ୍ଦରକୁ ପାଖକୁ ଆଣିଲା । ଧୀରେ ଧୀରେ ତାକୁ ଆଉଁସି ଦେଇ କହିଲା— 'ବେଟା, ସଚ୍ କହିବୁ—ଏକ୍ ବାତ୍ ପୁଛିବି, ସଚ୍ କହିବୁ ?'

ମାଙ୍କଡ଼ ମୁଣ୍ଡ ହଲେଇଲା । ଲଛମିଆଁ ଭାବିଲା, ସେ 'ହଁ' କରୁଛି । ଲଛମିଆଁ ତା ଝୁଲିରୁ ଯୋଡ଼ାଏ ଗୁଆ ବାହାର କଲା । ବାଛି ବାଛି ଯୋଡ଼ାଏ ନିଖୁଣ ଗୁଆ ମାଙ୍କ ; ଢାଆଣି ଆଗରେ ଥୋଇଲା । ପୁଣି ହନୁର ପିଠି ଆଉଁସି ଦେଇ ସେ କହିଲା— "ବନ୍ଦର, ସଚ୍ ଯଦ, ରାମ୍‌କାର୍ଯ୍ୟୀ ହୋଇଥିବୁ···" ହଠାତ୍ ସେ ଅଟକିଗଲା । ଏତେ-ଦିନକେ ତା'ର ମଜହବ୍, ତା'ର ଇମାନ୍, ତା'ର ଇସ୍‌ଲମ୍, ତାକୁ ଦଣ୍ଡିକପାଇଁ ଥକଟ କଲା । ଆଜିଯାଏଁ କିଏ ଜାଣି କେତେ ଥର···ଶହେ ଥର · ହଜାର ଥର, ଲକ୍ଷେ ଥର —

ସେ ଏଇ ମାଙ୍କଡ଼ଟାକୁ ହିନ୍ଦୁର ଦେବତା ରାମଚନ୍ଦର୍‌କା ଦୂତ ବୋଲି କହିଆସିଛି । ଦିନେ ବି ତାକୁ ଖଟ୍‌କା ଲାଗି ନାହିଁ । ସେ ସବୁ ଖାଲି ପଇସା ରୋଜଗାର୍‌ର ଫନ୍ଦି । ମୁହଁର କଥା । ଆଜି ଯେମିତି ସେ ପହିଲୁ ହୃଦୟ ଭିତରୁ ଓଁଠାରେ କଥା କହୁଛି । ସେଥିପାଇଁ ବୋଧହୁଏ ଆଜି ତାକୁ 'ରାମଚନ୍ଦର୍ କା ଦୂତ୍' ବୋଲି ଡାକିବାବେଳକୁ କେଉଁଠି ଅଟକିଯାଉଛି ।

କିନ୍ତୁ ହୃଦୟର ଆବେଗ ତା'ର ଧର୍ମର ବନ୍ଧକୁ ଭାଙ୍ଗି ବହିଗଲା । ସବୁ ଧର୍ମ, ସବୁ ଆଚାର, ସବୁ ବିଶ୍ୱାସ ମୂଳରେ ମଣିଷର ଏ ବେଦନା ଯେମିତି ଏକ···ଅବ୍ୟୟ । ବ୍ୟଥାର ମୁଜାରେ ସେ ଧର୍ମର ଶିକୁଳିକୁ ଗଡ଼ ଗଡ଼ କରି ଛିଡ଼ାଇ ଫିଙ୍ଗିଦେଇ ଆତୁର କେର୍‌ରେ ଡାକିଲା—"ସଚ୍ ଯଦି ରାମ୍‌କା ଦୂତ୍ ତୁ ହୋଇଥିବୁ, ସଚ୍ ସଚ୍ ବତାଇଦେବୁ, ଜମ୍ମୁରୁନ୍ ଫିର୍‌ବ କି ନାହିଁ ।"

'ନାହିଁ' ବୋଲି ମାଙ୍କଡ଼ ଦାଆଣି ମୁଦା ଧରିଲା । ଚଟାକ୍‌କିନା ପାହାରେ ବସାଇ ଦେଇ ଲଚ୍ଛମିଆଁ ରାଗରେ ଲାଲ୍ ହୋଇ କହିଲା—"ଝୁଟ୍·· ଝୁଟ୍···ଭୁଲ୍ ହୁଆ··· ଫିରସେ ଦେଖ୍ ।"

ତରେ ମାଙ୍କଡ ଦାଆଣି 'ହଁ' ମୁଦା ଉଠାଇଲା ।

ଲଚ୍ଛମିଆଁ ହନୁକୁ କୁଣ୍ଢାଇ ପକାଇ ତା'ର ନିର୍ଦ୍ଦୟତାର ଅନୁତାପ ଆଉ ପ୍ରାୟଶ୍ଚିତ୍ତ କରୁଥିଲା । ଦୁଇ ଆଖିରୁ କେବଳ ଦୁଇଧାର ଲୁହ ବହିଯାଉଥାଏ । କାହାପାଇଁ କିଜାଣି ?

+ + +

ଦିନ ବିତିଗଲା । ନୂଆ ଦିନର ସକାଳ ହେଲା । ଲଚ୍ଛମିଆଁ ପୁଣି ବାହାରିଲା ପେଟପାଟଣାକୁ । ସେମିତି ଆଗ ପରି···ଲଚ୍ଛମିଆଁ ଯାଏ···ବେଶୀ ଦୂରକୁ ନୁହେଁ, ପାଖ ଆଖ ଗାଁକୁ । ବେଶିଦିନ ରହେନାହିଁ—ଫେରିଆସେ । ଜମ୍ମୁରୁନ୍—ଶୂନ୍ୟ ଘରଟା ବୋଧହୁଏ ଭାରି ଏକୁଟିଆ ଅନୁଭବ କରି ଲଚ୍ଛମିଆଁକୁ ବାରବାର ଡାକେ । ଲଚ୍ଛମିଆଁ ଯଉଁଦିନ ଘରକୁ ଫେରେ, ଥରେ ଚାରିଆଡ଼କୁ ଚାହେଁ, ଜମ୍ମୁରୁନ୍ ଆଉ ଫେରିଆସିଲା କି ? ନିରାଶ ହୁଏ । ନିରାଶ ହୋଇଯାଇ ବସେ ମାଙ୍କଡ଼ ଦାଆଣି ପାଖରେ । ଦୁଇଟି ଗୁଆ ରଖିଥାଏ—ନିଖୁଣ ଗୁଆ । ହନୁ ଆଗରେ ବସାଇଦେଇ ସବୁଦିନେ ସେମିତି ପଚାରେ—'ସଚ୍ ସଚ୍ ଜମ୍ମୁରୁନ୍ ଫିରବ ?'

କେତେବେଳେ ଉତ୍ତର ପାଏ—'ହଁ', କେତେବେଳେ 'ନା' । ବାରବାର ପଚାରେ । ଭାବେ, ମିଳିଗଲା । ଫେରିବ, ଲେକିନ୍ ବହୁତ୍ ଦେରିରେ ଫିରିବ । ହୁଏତ ସେ ଫିରିବାକୁ ଚାହୁଁଛି, ବେସ୍ତ ହେଉଛି—ଲେକିନ୍ ଫିରି ପାରୁ ନାହିଁ ।

ସେ ମାଙ୍କଡ଼ ଦଆଣିକୁ ପାଖକୁ ଟାଣିଆଣି କୋଡ଼ରେ ଧରେ । ଗେଲ କରେ । ତା'ର ଘାଟଲା ଲମ୍ବ ଲମ୍ବ ଦାଢ଼ି ହନୁର ଦେହକୁ ମୁଲାଏମ୍ ଲାଗୁଥିବ । ହନୁର ସଁବାଳିଆ ବାଳ ଭିତରେ ଲତିଫମିଆଁ ଆଙ୍ଗୁଳି ପୂରାଇ ଆସ୍ତେ ସାଉଁଳେଇଦିଏ । ହନୁ ତୁନି ହୋଇ ଆରାମରେ ମିଆଁର ଛାତି ଉପରେ ଆଙ୍ଗୁଳି ପୂରାଇ ଆସ୍ତେ ସାଉଁଳେଇ ଦିଏ । ହନୁ ତୁନି ହୋଇ ଆରାମରେ ମିଆଁର ଛାତି ଉପରେ ପଡ଼ିଥାଏ । ମିଆଁ ପଚାରେ—"ହାଁରେ ବନ୍ଦର୍, ମେଁ ଅଗର ଲତିଫମିଆଁ ହୋତା·· ଏତା ଏତା ବଡ଼ା ଦାଢ଼ି ହୋତା,···ପକ୍‌କା ପକ୍‌କା ଦାଢ଼ି···ତେରେ ଏକ ବଚ୍ଚା ଭି ହୋତା, ଉସ୍‌କା ନାମ ହୋତା, କ୍ୟା କହେ—ନାମ୍ ହୋତା 'ଜନ୍ଧୁରୁନ୍', ଠିକ୍ ହୈ ?"

ମାଙ୍କଡ଼ ଅନ୍ୟମନସ୍କ ହୁଏ । ଲତିଫମିଆଁ ତା ପେଟ ଧରି କହେ—"ସୁନୋ ସୁନୋ, ତୁମ୍‌ରେ ଜନ୍ଧୁରୁଦ୍ ବହୁତ ବଡ଼ା ଆଚ୍ଛି···ଖୁବ ଭଲେ, ନାଁ ରେ ? ମେଁ ଉସ୍‌କୋ ଖୁବ ପିଆର୍ କରତା···ହର୍‌ଘଡ଼ି ଆଁଖୋଁକେ ସାମ୍‌ନେସେ ନହିଁ ଛୋଡ଼ତା···ହାଁ ରେ, ସୁନୋ—ମଗର୍ ଫିର୍‌ଭି ଏକ୍ ଦିନ୍ ହମ୍‌କୋ ଛୋଡ଼୍‌କର ଉ କହାଁ ଭଗତା—ଚଢ଼ିଆ ଉଡ଼୍ ଯାତା—ବନ୍ଦର, ବନ୍ଦର୍, ତୁ ସଚ୍ ବତା, ତୁ କ୍ୟା କହ୍‌ତା ?" ବୁଢ଼ାଆଖିରୁ ଲୁହ ବହିଯାଏ । ମାଙ୍କଡ଼ ଦଆଣି ମୁହଁଟିକି ଟେକେଇଦେଇ ଲତିଫମିଆଁର ଦାଢ଼ିଦେଶ ବେକମୂଳରେ ଲୁଚେଇଦେବାକୁ ଚେଷ୍ଟା କରେ ।

# କେହି ନୁହେଁ

## ଶ୍ରୀ ସଚ୍ଚିଦାନଂଦ ରାଉତରାୟ

କଲିକତା ବଡ଼ବଜାରର ଗୋଟିଏ ଅଂଧାରିଆ ବାଇଲେନ୍ ଭିତରେ ସେଇ ଷ୍ଟ୍ରିଟ ଅଣଓସାରିଆ ଟିଣ ଘର ଖଂଡିକରେ ସବୁଦିନ ପରି ସେଦିନ ବି ସଂଜମଜଲିସ୍‌ଟା ବେଶ୍ ଭଲ ହୋଇ ଜମି ଉଠିଥିଲା। ଘର ବୋଇଲେ ଚାରିଟା ବଡ଼ ବଡ଼ ଇଟା କାଂଥ; ତାରି ଉପରେ ଲଂବ ଲଂବ ବାଉଁଶ ପକାଇ ଟିଣ କେଇଖଂଡ ଘୋଡ଼େଇ ଦିଆ ଯାଇଛି। ପଛ ପଟ କାଂଥ ଉପରକୁ ପୁରୁଷେ ଉଚ୍ଚରେ ଗୋଟାଏ ବଡ଼ ଜଳା— ତାକୁଇ ସେମାନେ ଝର୍କା କହଂତି। ସେଇ ଝର୍କାର ଭିତର ପଟେ ଖଂଡେ ଅଖା ବଂଧା ହୋଇ ବାଉଁଶ କାଠି ଖଂଡିକରେ ଝୁଲୁଛି। ରାତିରେ ଦିନେ ଦିନେ ବେଶି ଶୀତ ପଡ଼ିଲେ ସେଇ ଅଖା ଖଂଡିକ ପକାଇ ଦେଇ ଝର୍କା ମୁଦାଯାଏ। ଘର ଭିତରେ ଚାରିଆଡେ କେମିତି ସାଲୁବାଲୁ ହଉଚଂଛ, କାଂଥ, ବାଡ଼, ଚଟାଣ, ସବୁଆଡ଼େ ଖାଲି ଅଲଂପ୍ରୁ ମେଂଚ ମେଂଚ, ଆଉ ପୋଷେ ବହଳରେ କେମିତିଚଟିଆ, ଗୁହ ବସି-ଗଲଣି।

ପଚ୍ଛିମ ପଟକୁ ଖଂଡେ ବାଉଁଶ ଟଂଗା ହୋଇ ଅଲଗୁଣୀ ତିଆରି ହୋଇଛି। ତା'ଉପରେ ଖୁଂଦା ହୋଇଛି ରାଇଜଯାକର ମଇଳା ଗାମୁଛା, କୋତରା ଲୁଗା, ଚିରା ତାଳିପକା ଗେଂଜି, କାମିଜ, କୋଟ ଇତ୍ୟାଦି କେତେ ଖଂଡ। ଘରତଳେ ବାକ୍‌ସ, ପେଟେରା, କାଠ ସିଂଦୁକ ହୋଇ ଦଶ ବାର ଖଂଡ ବାହାରିବ। ପାନ ଖାଇ ସାରି ଚୂନ ହାତ ବୋଳି ବୋଳି କଳା ସିଂଦୁକ ଗୁଡ଼ାକର ବାହାର ପଟ ବିଲ୍‌କୁଲ୍ ଧଳା ଦେଖାଗଲଣି।

ସେଇ ସଂତସଂତିଆ ଅଂଧାରି ବଖୁରିଟିରେ ରାତି ହେଲେ ପାଂଚଟା ମଣିଷ ଚିରା ମୁଂଦୁରା ଦି'ଖଂଡ ପକେଇ ମୁଂଡ ତଳେ ଲୁଗା ମୁଟୁଳାଟାମାନ ଦେଇ ଶୋଇ-ପଡ଼ଂତି। ଦିନ ହେଲେ କିଏ କୁଆଡ଼େ ଯାଏ କାହା ସଜରେ କିଏ ବା ଆସି ବସା କଡ଼ରେ ଥିବା ଉଡୁଧବା ଜନା ହୋଟଲରୁ ଗଂଡାଏ ଖାଇଦେଇ ପୁଣି ଯାଇ କାମରେ ଜଇନ କରେ, ସେ କଥା ଅନ୍ୟ କାହାରି ନଜରରେ ପଡ଼େ ନାହିଁ।

ପାଂଚଜଣଯାକ କର୍ପୋରେଶନ୍‌ର କୁଲି। ରାସ୍ତା ମରାମତି କରଂତି। କେଉଁଠି ରାସ୍ତା ଖରାପ ହେଲେ ଦୁଇ ପଟେ ଦୁଇଟା ବାଉଁଶ ଓଗାଳି ପୋତି ଲାଲ୍ ଲଂଟନ ଜାଳି, "ରାସ୍ତା ବଂଦ" ଟିଣ ଖଂଡିକ ଝୁଲେଇଦେଇ ଯେଝା କାମରେ ଯେଝା ଲାଗି-ଯାଆଂତି। କିଏ ଆଲକାତରା ଢାଳେ, କିଏ କାଂକ, କୋଦାଳ ନେଇ ପଥର ତାଡ଼େ,

କିଏବା ଖସି ଲୁହା ରେଲର ଝାଣି କରକଷ ସମାନ କରୁକରୁ ଝାଳ ଗମ ଗମ ହୋଇ ଅନ୍ୟମାନଙ୍କ ସଂଗରେ ପାଟି କରିଉଠେ—

ହେ ଲେ ସା……

ସଂଜବୁଡ଼କୁ ହପ୍ତା ଯାଇ ଫେରିଆସିଲେ ସେଦିନ ବସାରେ ଶିନାଥ ମେଳା ବସେ । ପାଳି ଅନୁଯାୟୀ ଜଣେ ଜଣେ ସେ ଦିନକର ଗଂଜେଇ ଖର୍ଚ୍ଚ ତୁଲାଂତି । ଖଂଜଣି ମାଡ଼ ହୁଏ, ଭଜନ ବୋଲାଯାଏ, ଗଂଜେଇ ଧୂଆଁର ଫାଂକେ ଫାଂକେ କେତେ ଦୁନିଆଛଡ଼ା ତାଳର ଗପର ହାଲୁକା ଢେଉ ଘର ଭିତରର ଖସା ପବନରେ ବଂକେଇ ବଂକେଇ ଯାଇ ଭଉଁରୀ ମାରେ । ପାଂଚ ଜଣିଯାକଂକର ଦିନଭର ଚାଲିଚଳଣି, ଖାଇବା-ପିଇବା, କାମଦାମ, କଥାବାର୍ତ୍ତା ସବୁ ପ୍ରାୟ ଏକାରକମର, କେଉଁଠି ଟିକିଏ ହେଲେ ତଫାତ୍ ନାହିଁ । ତଫାତ୍ କେବଳ ଯାହା ସେମାନଂକର ରାତିର ସ୍ୱପ୍ନଟାରେ !!

ରାତିରେ ଗଭୀର ନିଦରେ ଅଚେତ ହୋଇ କିଏ ହୁଏତ ସ୍ୱପ୍ନ ଦେଖେ, ଦୂର ଗାଆଁର ଖାଗୁଆ ତୋଟାମାଳ ଗହଳରେ ଖଂଡେ ଦରଫୁଟା ଗୁହାଳଘର ଭିତରେ ଜାଡ଼ରେ ଥରୁ ଥରୁ ହୋଇ କଂପୁଚି ଗୋଟିଏ ଅଶୀ ବରଷର ବୁଢ଼ୀ; ଘୁଆଶୀ ନ ହେଇ ଏ ସାଲ ବର୍ଷାରେ ଘରର ଗୋଟାଏ ପଟ କାଂଥ ମାଟିରେ ଫେଟେଇ ପଡ଼ିଲାଣି, ତା'ର ଭିତରେ ବୁଢ଼ୀଟି ଚାହିଁ ରହିଛି ଡାକବାଲାର ଆସିବା ବାଟକୁ ଅପେକ୍ଷା କରି । ଗହିରିଆ ଆଖି ଦି'ଟା ତା'ର ପ୍ରତୀକ୍ଷାରେ କ୍ରମେ କ୍ରମେ ବନ୍ଦ ହେଇଉଠୁଛି ।

କିଏ ବା ପୁଣି ସ୍ୱପ୍ନ ଦେଖେ, ମଉଳା ପଡ଼ିଥିବା ଗୋଟିଏ ହଳ ଫୁଟିଲା ମୁହଁ ନୂହାଁରେ ଓଦା ଗୁଡ଼ୁଗୁଡ଼ୁ ହୋଇ ଚରା ନଗାର ଓଢ଼ଣୀ ତଳେ ଦିନକୁ ଦିନ ବେଶି ବେଶି ଝାଉଁଳି ପଡ଼ୁଛି, ସଂଜବୁଡ଼େ ମା' ବୃଂଦାବତୀ କାଠ ରେ ଲେଗି ହୋଇ ସଂଜବତୀ ରଖିଦେଇ କେତେ କ'ଣ ଗୁଣୁଗୁଣୁ ହୋଇ ସେ କାହା ପାଇଁ କ'ଣ ମନାସିଯାଉଛି । ସେ ଗ୍ଲାନିବଦନରେ ଖିଲିଖିଲେଇ ଉଠେ, “ହଁ ମୁଁ ଅଛି, ଅଛି । ମୁଁ ଯାଉଚି, ଯାଉଚି ।” ଆଉଜଣ କିଏ ବା ସ୍ୱପ୍ନ ଦେଖେ, ଗୋଟେ ଅଂଚଳପେଟିଆ, ସିଂଘାଡ଼ିନାକିଆ ଅଂଧିଆ ଟିକି ..ପେଟରେ ପିଳେହି, ଦିହରେ ଜର, ଗୋଡ଼ ଚକଟା ଦି'ଟା ଫୁଲିଗଲାଣି । ସେ ତାକୁ ଧରିବା ପାଇଁ ହାତ ବଢ଼ାଏ । ପଥର ଘର ଟାଣ ଛାଟା କାଂଥରେ ତା'ର ଖାଇବ ହାତ କହୁଣିଟା ଖୁବ୍ ଜୋରରେ ବାଡ଼େଇ ହୋଇଯାଏ । ସେ ଯଂତ୍ରଣାରେ ନିଦରେ ଚିତ୍କାର କରିଉଠେ । ଉପରେ ଚେମିଟି ଚଟକଗୁଡ଼ାକ ଚେଁ ଚେଁ କରି ତାକୁ ଝଟେଇ ହୋଇ ମିଶଂତି । ବଗା ପାଖ ମୁଖର୍ଜି ସାହେବ ବାଡ଼ିରେ ଦୁଷ୍ଟ କୁଆଟା ବାଉଁଶ୍ୱେରର ସୁରକ୍ ପାଇ ନୁହା ପଂଜୁରି ଭିତରୁ ତାଂକ ଘର ଓଡ଼ିଆ ଟୁକର ରମାକୁ ଡାକ ପକାଏ—

“ଓ ରମା ଉଠେ, ଉଠେ ରମା ! କ୍ରୃ ବୃ ବୃ ବୃ ।

... ... ... ...

ସେଦିନ ସଂଜବୁଡେ ମେଘୁଆ ହୋଇଥାଏ । ସହଲ ହେଲ ଯିଏ ଯୁଆଡ଼ୁ କାମରୁ ଫେରିଆସି ଘର ଭିତରେ ବସି ଦୁଃଖସୁଖ ହଉଥିଲେ । ଧୋକଡ଼ିଆ ବଗ ନର ମହିବ ବାଡ଼ିରେ କାମ କରୁଥିବା ମାଗୁଣିଆ ଘରପାଖକୁ ଯାଇଥିଲ । ସେ ସମସ୍ତଙ୍କ ଘର ଭିତ୍ତି...ଭଲ ମନ୍ଦ ଖବର, ନିର୍ମାଲ୍ୟ କଣିକା, ଗାଁ ଦେବତାଙ୍କ ଧଂଡା, ଆଉର ସବୁ କେତେ କ'ଣ ଧରି ଫେରେ । ସମସ୍ତେ ଏକଜୁଟ ହୋଇ ମାଗୁଣିଆ କଥରୁ ଗାଁର ହାନିଲାଭ ବୁଝୁଥିଲେ । ପିଂଡାରେ ଗୋଟାଏ ଜଳଂତା ଚୁଲିରେ ଗୋଟାଏ ବଡ଼ ନହା ବାଲ୍ଟିରେ କେଇଖଂଡ ମଇଲା ଲୁଗା ସୋଡ଼ା ଆଉ ସାବୁନ ପାଣିରେ ସିଜୁଥିଲ ସକାଳେ କାଚ୍ଚି ହବ ବୋଲି । କୋଡରୀ ଲୁଗାର ଆଇଁଷିଣିଆ ଡେଲିଆ ଗଂଧ ଘରଭିତରକୁ ପଶିଆସୁଥିଲ ମେଘୁଆ ପବନ ସାଥିରେ ଦରଆଉଜା କବାଟଟାକୁ ଠେଲିଦେଇ ।

ଏବର୍ଷ ଖେତ କେମିତି ହେଇଚ, ଏଥି ଗାଆଁ ମେଲଣକୁ କେମିତି 'ଆରଂଭ'ରେ ସଲଟଣି ବାହାରିଲ, ଗ୍ରମଲ୍ଲୀ ଯାତ ସଇଲଣି କି ନାହିଁ, ଝଣିଜେନା ବାପ ଶୁଧ୍ୟକୁ କେତେ ମୂର୍ତ୍ତି ବ୍ରାହ୍ମଣ ଗୋସେଇଁ ଚୂଡ଼ାଦହି ଖାଇ ଅସିଥିଲେ, ଗୋବର ନଈ କମିତି 'ଦୁର୍ବଳ' ହୋଇ ବାଡ଼ି ଘର ଦୁଆର ଭସେଇ ନଉଚ ଇତ୍ୟାଦି ପ୍ରଶ୍ନର ଉତ୍ତର ଦେଇ ସାରିବା ପରେ ପରେ ମାଗୁଣିଆ ପଚ୍ଚରିଲ—କୁଂଜଆ ଭାଇ କାହିଁ କି ? ତା ଘରଯା ଗଉଣୀଟା ଶୁଖି ଶୁଖି କଂଟା ହେଇଗଲଣି । ମୋ ହାତରେ ଖବର ଦେଇଚ ଏଥି ମାଣ ବଡ଼ାକୁ ନଚେ କଛି ଟଂକା ପଇସା ନେଇ ଘରକୁ ଯିବାକୁ ।

ମୁରୁକ ହସି ଅଗାଧୁ କହିଲ—ଦାନପାକ ସିନା କୁଂଜଆ ଭାଇ ଆମ କଥରେ ଥାଏ, ସ୍ରୀତ ହେଲେ ତା' ଓର କ'ଣ କଏ ପାଉଚ ? କାଲି ଦେଖିଲି, ହତ୍ତା ଟଂକାରୁ ଭଲ ରେଶମୀ କାଚ ମୁଠାଏ କଣି ଗାମୁଛି ତଳେ ଲୁଚେଇ କୁଆଡ଼େ ସଂଜବୁଡ଼େ ଯାଉଥିଲ ।

ଅପର୍ତ୍ତିଆ ଆଖି ଠାରି କହିଲ—ତମେ କ'ଣ ଜାଣିନା କି ଅଗାଧୁ ଭାଇ, ସେ ପରୀ ଝାମାପୁକୁରର ଗଲିରେ ଗୋଟାଏ ଓଡ଼ିଆଣୀ ଖାନକ ପାଲିରେ ପଡ଼ିଲଣି । ରୋଜ ସେ ରାଂଡିଟା ପାଖକୁ ନ ଗଲେ ଆଜିକାଲି ଆଉ ତା'ର ଭାତ ହଜମ ହଉନାହିଁ ।

ଚ୍ଚରିଆଡ଼େ ଗୋଟାଏ ଘରଫଟା ହୋ ହୋ ହସର ଧ୍ୱନି ଉଠିଲ ।

... ... ... ...

ଠିକ୍ ସେତିକବେଳେ ଝାମାପୁକୁରର ଭିତରୁ ଯେଉଁ ସଂଡସଂଡିଆ ଗଲିଟା ଯାଇ କର୍ଣ୍ଣଓ୍ୱାଲିସ୍ ଷ୍ଟ୍ରିଟ୍‌ର ଟ୍ରାମଷ୍ଟାଂଡ ପାଖେ ଠଣଠଣିଆ କାଳୀଂକଠାରେ ବାହାରିଚ,

ତାଋ ଭିତରେ ଗୋଟାଏ ଭଂଗା ଟିଣଘର ଭିତରେ କୁଂଜିଆ ତା ଗ୍ରୀବ ଉପରେ ରାଧିକୁ ଆଉଜାଇ ତା କାନ ପାଖରେ କହୁଥିଲା—

ଠାକୁରଂକ ଦେହ ଦେଇ କହୁଚି, ତତେ ଦେଖିଲେ ମୋର ଖାଲି ଗଉରୀ କଥା ମନେ ପଡ଼େ । ତୋ ମୁହଁଟି ଦେଖିବାକୁ ଠିକ୍ ତାର ମୁହଁ ପରି, ସେମିତି ଡଉଲଡାଉଲ, ସେମିତି ମାଉଁସିଆ । ତା ଓଠ ତଳଟା ଠିକ ତୋର ଓଠ ପରି ଏମିତି ଲୁଆଣିଆ । ତୁ ହସିଲାବେଳେ ମୁଁ ଭାବେ ଗଉରୀ ହସୁଚି । ସେଥିପାଇଁ ତୋ କତିରେ ଥିବାବେଳେ ମୁଁ ତା'ର ଅଭାବ ଭୁଲିଯାଏ । ମୋର ମନେହୁଏ ତୁ ଯେମିତି ଗଉରୀର ଠିକ୍ ଅବିକଳ ନକଲ । ସେଇଥିପାଇଁ ତ ମୁଁ ସବୁ କାମଦାମ ଛାଡ଼ି ତୋ କତିକୁ ଦଉଡ଼ି ଆସେ ।

ସେ ଖେଁ ଖେଁ ହୋଇ ଗୁଡ଼ାଏ ହସିଲା । ମଇଳା କଳାସିନ ଆଲୁଅରେ ରାଧିର ଉଚା ଗ୍ରୀବଟା ପଡ଼ୁଥିଲା ଉଠୁଥିଲା । ସେ ବାଁରେଇ କଥାର ମୋଡ଼ ଫେରାଇବାକୁ କହିଲା – ଗଉରୀକୁ ତ ଏତେ ଦେଖିପାର ତେମେ, ହବୁ ହତା ଟଂକା ତ ଏଥର ମୋ ପିଲ୍ଲା ଖର୍ଚ୍ଚ କରଚକାଇଲ, ତା ପାଖକୁ ପଠାଇବ କ'ଣ ?

ଖଟତଳେ ଜମିଥିବା ଗୁଡ଼ାଏ ଭଂଗା ମଦ ବୋତଲ ଆଡ଼କୁ ଅନାଇ କୁଂଜିଆ ବସି ରହିଲା । ତା ମୁହଁଟା ହଠାତ୍ ପାଉଁଶିଆ ପଡ଼ିଗଲା । ସେ ଉଦାସ କଂଠରେ କହିଲା—ହଁ, ହତେ ତ, ସବୁ ତ ତେତେ ଦେଇଗଲି, ଘରକୁ ଫେର୍ ପଠାଇବି କ'ଣ ? ତା କଂଠସ୍ୱରରୁ ଜଣା ପଡ଼ୁଥିଲା ସେ ଯେମିତି ଭାରି ହାଲିଆ ହୋଇଯାଇଚି ।

ରାଧି ଟିକିଏ ଅଭିମାନ କରି କହିଲା—ମତେ ଟଂକା ଦେଇ ତମର ଭାରି ଅବଶୋଷ ହଉଚି, ନା ? ଦରକାର ନାହିଁ ମୋର ତମ ଟଂକାରେ । ଫେରାଇନିଅ । ମୁଁ ତମର କିଏ ଯେ—

କୁଂଜିଆ ବ୍ୟସ୍ତ ହୋଇ କହିଲା—ତୁ କ'ଣ ମୋ ଉପରେ ରାଗିଲୁ ରାଧି ? ମୁଁ କ'ଣ ଟଂକା ତତେ ମାଗୁଚି ? ମୁହଁ ଛୁଂଚୁଡ଼ି ରାଧି କହିଲା, ମାଗିଲେ କ'ଣ ଗୋଟା ବେଶି ହୋଇଥାଂତା ? ତମ ମନ ଯେବେ ମାନୁନାହିଁ, ମୁଁ କ'ଣ ତମକୁ ଦିଅ ଦିଅ ବୋଲି ଜବରଦସ୍ତି କରୁଚି କି ?

କୁଂଜିଆ କଥାଟାକୁ ହାଲୁଁରେଇ ଦବା ଲାଗି କହିଲା – ଛି ! ମୋ ଉପରେ ତୁ ପୁଣି ଗୋଟା ରାଗ ଲେଖୁଚୁ ରାଧି ? ହଁ, ତମ ମାଇପି ଜାତିଟା ଏମିତି ! ଗଉରୀଟା ବି ରାଗିଲା ବେଳେ ତୋରି ପରି ଠିକ୍ ଏମିତି ମୁହଁ ବୁଲେଇ ନେଇ ଫୋପାଡ଼ିଲା ପରି କଥାଗୁଡ଼ା କହେ । ତୁ ରାଗିକରି କଥା କହିଲେ ମୋ ଆଖିରେ ଗଉରୀର ଛଇଛଟାଗୁଡ଼ାକ କେଜାଣି କିଆଁ ନାଚିଯାଏ । ଥରେ ଗୋଟାଏ ଯାତରୁ ମତେ

ରସଖଣ୍ଡ, ଦୁ'ପଟ ଆଣିଦେବା ଲାଗି ସେ ବରାଦ ଦେଇଥିଲା । ମୁଁ ଗ୍ୟାଂଡାଲ କଲି କଣ ନା ଜୁଆ ଖେଳି ଖେଳି ସବୁତକ ପଇସା ଉଡାଇଦେଇ ଶୁଖିଲା ହାତରେ ଘରକୁ ଫେରିଆସିଲି । ସେ ଦିନଯାକ ଦେଖି ତା'ର ରୁଷା; ଦୁ'ଦିନ ଯାଏ ଜମାରୁ ଭଲରେ କଥା କହିଲା ନାହିଁ । ଠିକ୍ ତୋରି ପରି ଇମିତି ମୁହଁ ବୁଲେଇ ବସିରହିଲା । ଯେତେ ଶପଥନିୟମ ପକେଇଲେ ଜମାରୁ ଟଂକିଲା ନାହିଁ । ନିହାତି ଦରକାର ପଡ଼ିଲେ କାଂଥକୁ ବାଡ଼କୁ କହିଲା ପରି ଯାହା ଦି ଚାରି ପଦ କଥା ମୋତେ ଶୁଣାଇ ଶୁଣାଇ ଦୂରରୁ କହି ଦେଇଥିଲା ସେତିକି । ତୋ ରାଗ ଦେଖି ମୋର ସେଇ କଥା ମନେ ପଡ଼ି-ଯାଉଛି ।

ବିରକ୍ତ ହୋଇ ରାଧି କହିଲା ସବୁବେଳେ ଖାଲି ଗଉରୀ, ଗଉରୀ, ଗଉରୀ ! ଆଉ ଯେମିତି ଦୁନିଆରେ କିଛି କଥା ନାହିଁ ! ତାରି କଥାଗୁଡ଼ାକ ମୋ' ପାଖରେ ଏତେ ବକର ବକର ହଉଥ କିଆଁ ? ଦିହରେ ନିଆଁ ଟେଂଗିଲା ପରି ଲାଗେ । ଯାଉନ ତେବେ ତମେ ଗଉରୀ ପାଖକୁ । କେଇଥର କହିଚି, ମୁଁ ଗଉରୀ ନୁହି, ମୁଁ ରାଧି, ମୁଁ ରାଧି, ମୁଁ ରାଧି ।

ତା'ପରେ ଟିକିଏ ଗ୍ରୁଡ଼ି କହିଲା—ହଉ, ତମେ ଯା ଏଥର । ଏଇନାଗେ ସେ ମଦୁଆ ପଠାଣ ବାଡ଼ିପଡ଼ା ଆସିବ ତ ମୋ ଚୂଟି ରହିବ ନାହିଁ । ତମକୁ ମୋ ଘରେ ଦେଖି ମୋତେ ପରା ହାତ ଉଠାଇ ମାଇଲା ।

ରାଧି ମୁହଁ ବୁଲେଇ ଶୋଇ ରହିଲା ।

… … … …

ରାଧି କତିରୁ ଗାଳି ଖାଇ ଅପରାଧୀଂକ ଭଳିଆ କୁଂଜିଆ ହେଠୁ ବାହାରି ଆସିଲା । ବାହାରେ ଠଣଠଣିଆ କାଳୀ ମଂଦିରରେ ସଂଜ ଘଂଟି ବାଜୁଥିଲା । କୁଂଜିଆର ମନେ ପଡ଼ିଲା, ଏଇନାଗେ ତା ଗାଆଁ ଠାକୁରାଣୀ ଚକଡ଼ାରେ ଆଳତି ହଉଥିବ, ଗଉରୀ ବିଚାରୀ ବୋଧହୁଏ ଲୁଗା କାନିଟାକୁ ବେକରେ ଗୁଡ଼ାଇ ମା ବୃଂଦାବତୀଂକ ଚଉରା ମୂଳରେ ସଂଜବତି ଥୋଇଦେଇ ଓଳଗି ହଉଥିବ । ତା ଆଖି ଦି'ଟାରେ ଲୁହ ଉଠୁରି ଆସିଲା ।

ଆଗତ ସାଲେ ଖେତ ମଣିସିବାରୁ କୁଂଜିଆ ଭୁଆସୁଣୀ ଝିଅଯାକୁ ଘରେ ଛାଡ଼ିଦେଇ କଲିକତା ଆସିଥିଲା । ତା'ର ଆଶା ଥିଲା ବର୍ଷ ଗୋଟାକରେ କିଛି ଟଂକା ପଇସା ଜମେଇ ସେ ପୁଣି ଖେତଉଜୁଡ଼ା ବେଳକୁ ଘଠିକି ଫେରିବ; କିନ୍ତୁ ଦୁଇବର୍ଷ ବିତି-ଗଲାଣି । କୁଂଜିଆ ଗାଆଁକୁ ଫେରି ପାରୁନାହିଁ । ଗତ ସାଲେ ଟଂକା ପଇସା ଅଭାବ, ଏ ସାଲେ ଛୁଟି ମିଳିଲା ନାହିଁ । ଘର ବାହୁଡ଼ା ଚଢ଼େଇ ବାଟରେ ଅଟକି ଗଲାପରି ତା' ମନଟା ଏଠି ଏକରକମ ଚୁନଚୁନା ହେଇଗଲାଣି । ଦିନସାରା ଲୁହା ରେଲର ଟାଣି,

ରାସ୍ତାର ମାଂକଡ଼ା ପଥର ସାଥିରେ ତା'ର ସାବଳିଆ ବାହା ଦି'ଟାକୁ ପଥୁରିଆ କରି ସେ ସଂଜବୁଡ଼େ ହାଲିଆ ହୋଇ ବସାକୁ ଫେରି ଆସି ଗଉରୀ କଥା, ଆଉ ତା ଗାଁ କଥା ଭାବି ଭାବି ଶୋଇପଡ଼େ । ସେତିକି ହିଁ ଥିଲା ତା'ର ଖୋଲମର୍ ଘୋଡ଼ର୍ ଜୀବନ ଭିତରେ ଏକମାତ୍ର ଆନଂଦ ।

ଅନେକ ଦିନ ତଳେ, ଆଜିକି କେତେମାସ ହେବ ନା କ'ଣ, ଝାମାପୁକୁର ଗଳିରେ ଖଂଡେ ରାସ୍ତା ମରାମତି ହଉଥିଲା । କୁଂଜିଆ ଝାଳ ସୁଡ଼ୁବୁଡ଼ୁ ଦେହରେ ରୋଲର ଟାଣୁ ଟାଣୁ ଦେଖିଲା, ରାସ୍ତା କଡ଼ରେ ଗୋଟିଏ ଭଂଗା ଟିଣଘର ପିଂଡାରେ ବସି ରାଧି ଖରାରେ ବାଳ ଶୁଖାଉଛି ଆଉ ଖଂଡେ ପିଂକା ଟାଣୁଛି । କୁଂଜିଆ ଟିକିଏ ଠିଆହୋଇ ତା' ଆଡ଼କୁ ଅନେଇଲା । ତା'ର ମନେହେଲା ଗଉରୀର ଗୋ'ରା ମୁହଁଟିକୁ କିଏ ଯେମିତି କାଟି ଆଣି ରାଧି କାଂଧରେ ଲଗେଇ ଦେଇଛି । ସେ ଭାବିଲା, ଗଉରୀ କ'ଣ ଆଉ ସତରେ ଫେରିଆସିଛି କି ! ତାକୁ ଅନ୍ୟମନସ୍କ ଭାବରେ ପଛରେ ପଡ଼ି ରହିବାର ଦେଖି ସାଂଗ ଭାଇମାନେ ତାକୁ ପଛଆଡ଼ୁ ଠେଲିଦେଇ ପାଟିକରି ଉଠିଲେ—

ହେ ଲେ ସା

କୁଂଜିଆ ହୋସ୍ ପାଇ ଫେର୍ ରୋଲର୍ ଟାଣିବାକୁ ଲାଗିଲା । ରାସ୍ତା'ର କଂକ୍ରିଟ୍ ଗୁଡ଼ାକୁ ଚୂନା କରି ଲୁହା ର ରୋଲର ଆଗେଇ ଯିବାକୁ ଲାଗିଲା ।

× × ×

ସେଇ ଦିନ ସଂଜବୁଡ଼େ କୁଂଜିଆ ବସାକୁ ଫେରି ଧୂଆଧୋଇ ହୋଇ, ସଫା ଲୁଗାପଟା ପିଂଧି, ପ୍ରାୟ ଦି'ବର୍ଷ ପରେ ଏଇ ପହିଲି ଥର ଫେରେଇ କାଠି ରାଧି ସାଂଗେ ଯାଇ ଚିହ୍ନାପରିଚ ହୋଇଆସିଲା । ସେ ରାଧିଠୁଁ ବୁଝିଲା, ଘର ତା'ର ଜଳେଶ୍ୱରରେ । ତାକୁ ଜଣେ କିଏ ଗିରସ୍ତ ପାଖରୁ ଭୁଲେଇ ଆଣି କଲିକତା ରେ ଛାଡ଼ିଦେଇ ଯାଇଛି ।

ସେଇଦିନୁ କୁଂଜିଆ ରାଧି ଭିତରେ ତା'ର ହଜିଲା ଗଉରୀକୁ ଫେରିପାଇଛି । ଦିନଯାକର ହାଡ଼ଭଂଗା ମେହ୍ନତ ପରେ ତା'ର ଯେତେବେଳେ ଗଉରୀ କଥା ମନେ ପଡ଼ି ମନଟା କାନ୍ଦି ଉଠେ, ଆଖି ପତା ଦି'ଟା ଲୁହରେ ଛଳ ଛଳ ହୋଇ ଆସେ, ସେତିକିବେଳେ ସେ ରାଧି କତିକୁ ଦୌଡ଼ିଯାଏ । ତା' ଦୁଆରେ ଧକ୍କା ମାରି ଡାକେ—ରାଧି, ରାଧି, ମୁଁ ଆଇଛି ।

କୁଂଜିଆର ଲୁହା ରୋଲର ପରି ଭାରି ଜୀବନଟା ଅନବରତ ପଂକ, କାଦୁଅ, ଗୋଡ଼ି, ପଥର ମାଡ଼ି ଘୁସୁରି ଘୁସୁରି ଚାଲି ଶେଷରେ ଦୁଇବର୍ଷ ପରେ ଖୋଜି ପାଇଛି ସେ ଟିକେ ଦମ୍ ମାରିବାର ଥାନ — ଟିକିଏ ଛାଇ !! ହୋଇପାରେ ସେଟା ଖାଲି ଛାଇ,

ତୁଚ୍ଛା ମିଛ, ହେଲେ ତା'ର ସେଥିରେ ଯାଏ ଆସେ କ'ଣ ? ଅକାମର ବାଟୋଇର ଭଂଗା ମନ ପରି ତା'ର ସବୁ କଥା ଏତେ ମପିଚୁପି ବାହାର କରିବାକୁ ବେଳ କାହିଁ ?

ବର୍ଷାଦିନ ରାତି । ସେଦିନ କୁଂଜିଆ ରାଧି ଦୁଆର ମୁହଁରେ ପହଂଚି ଦେଖିଲା, ଭିତରପଟୁ କବାଟ କିଲା ହୋଇଚି । ସେ ଭାବିଲା ସରଫ୍ ବୋଲି ଯେଉଁ ମୁସଲମାନ ଡ୍ରାଇଭରଟା ରାଧି କତିକୁ ଯା'ଆସ କରେ, ସେଇ ବୋଧହୁଏ ଭିତରେ ଅଛି ନା କ'ଣ ? ସେ ଫେରିଆସୁଥିଲା । କିନ୍ତୁ ଝର୍କା ବାଟେ ତାକୁ ଦେଖିପାରି ରାଧି ଭିତରକୁ ଯିବାନାଗି ଇସରା କଲା । ନିଜେ ଆସି କବାଟ ଫିଟେଇ ଦେଇ ତା ହାତ ଧରି ଘର ଭିତରକୁ ନେଇଗଲା ।

ମିଂଜିମିଂଜି ଧୂଆଁଳିଆ କିରାସିନି ଆଲୁଅରେ କୁଂଜିଆ ଦେଖିଲା, ରାଧି କାଂଦୁଛି ।

କୁଂଜିଆ ଗୋଟେ ନିଶ୍ୱାସ ଦେଇ ବହୁତ ଫଟେଇ ଫଟେଇ ବୁଝିଲା ଯେ ସେଇ ମଟରଡ୍ରାଇଭରଟା ରାଧିକୁ ମଦ ଖାଇବାକୁ ପଇସା ମାଗିଲା । ରାଧି ନ ଦବାରୁ ତାକୁ ଗୋଟା ଭଂଗା ମଦ ବୋତଲ ଖଟ ତଳୁ ଉଠେଇ ନେଇ ପିଟିଲା । ସେ ଦେଖି ପାରିଲା ରାଧିର ଡାହାଣ ହାତଟା କାଚ ବାଜି ଫାଟିଆ ହୋଇଯାଇଚି । କୁଂଜିଆ ଘରର ଚାରିଆଡ଼କୁ କଟମଟ କରି ଅନେଇଲା । ଦେଖିଲା, କାଂଥରେ ଗୋଟା ମଇଲା ଚିରା ଅଧ ପଂଜାବୀ ଝୁଲୁଚି । ସେ ପଂଜାବୀ ଦେହରେ କୋଉ କାଳର ପୁରୁଣା ରକ୍ତ ଦାଗ କଳା କଳା ହୋଇ ଦେଖା ଯାଉଚି । ଠାଏ ଠା'ଠା ଅଣ୍ଡେହୁଣିଆରେ ବାଡ଼ି ଖାଉ ଖାଉ ନିଆଁ ଝିଂଝି ବାନ୍ତି ଚେକା ଚେକା ହୋଇ କସରା ପଡ଼ିଯାଇଚି । କୁଂଜିଆ ଭାବିଲା, ସେ ଦୌଡ଼ିଯାଇ ସେ କୁର୍ତ୍ତାଟାକୁ ଦାଂତରେ ଚିରି ଛିଣ୍ଡ୍ ଛିଣ୍ଡ୍ କରିପକାଇବ । ସେ ପଂଜାବୀଟା ଯେ ସେ ଡ୍ରାଇଭରର ଏ କଥା ଠଉରେଇ ନବାକୁ ତାକୁ ବେଶି ବେଳ ଲାଗିଲା ନାହିଁ ।

ସେ ରାଗରେ ଦାଂତ କାମୁଡ଼ି ପଚାରିଲେ—କାହିଁକି ତୁ ସେ ମାତାଲଟାକୁ ଏଠିକି ଆସିବାକୁ ଦଉ ? ତୋର କ'ଣ ମାନ ଇଜ୍ଜତକୁ ଡର ନାହିଁ ?

କୁଂଜିଆଠୁ ଟିକିଏ ଦରଦମିଶା କଥା ଶୁଣି ରାଧି କଇଁ କଇଁ ହୋଇ କାଂଦି ଉଠିଲା । ତାକୁ ତାର ଭୁଲଗୁଡ଼ାକ ଦେଖାଇ ତା' ଉପରେ ବିରକ୍ତ ହବାପାଇଁ—ତା ଦୁଃଖରେ ଟିକିଏ ଗରମ ସହାନୁଭୂତି ଦେଖେଇ ତାକୁ ଦିପଦ କଥାରେ ପିଲାଂକ ପରି ଗାଲ ମଂଦ ଦେଇ ଆଦର କରିବା ଲାଗି ସେ ଯେମିତି ବହୁଦିନ ପରେ ଆଜି ଦୁନିଆ ଭିତରେ ଜଣେ ଲୋକ ପାଇଲା । ତା' ପେଟ ଭିତରର ସଞ୍ଚିଲା ଦୁଃଖ ଗୁଡ଼ାକ ଆଖି କୋରଡ଼ ବାଟେ ଉଛୁଳି ଆସିଲା । ସେ କୁଂଜିଆ ଛାତିରେ ମୁହଁ ଲୁଚେଇ କଇଁ କଇଁ ହୋଇ କହିଲା—ସବୁଦିନେ ସେ ମୋତେ ଖାଲି ପଇସା ମାଗେ । ମୁଁ ନ

ଦେଲେ ବେଳ ମତେ ହାତ ଉଠେଇ ମାରେ । ମୋର ଗହଣା ପତର ହେଇ ଯାହା ଦିଖଂଡ ଥିଲ, ସବୁ ମତେ ମାଡ଼ ଫୈଜତ ଦେଇ ସେ ମୋଠୁ କୋଉଦିନୁ ଛଡ଼େଇ ନେଇ ମଦ ଖାଇ ସାରିଲଣି । ଦିନେ ଦିନେ ମୋ ହାତରେ ପଇସାପତ୍ର ନଥିଲେ ମୁଁ ତାକୁ ନାହିଁ କରିଦିଏ । ସେ କ'ଣ ଛାଡ଼ିବା ଜଂତୁ ? ସେ ମୋ ବାକ୍ସ ପେଟରା ଭାଂଗି ଯାହା ଯୋଉଠି ଥାଏ, ସବୁ ଜବରଦସ୍ତି କରି ନେଇଯାଏ । ମନାକଲେ ମାଡ଼, ଗାଳି, ଗୋଇଠା । ମତେ ଛଅଭିତରେ ପଚିଶଥର ମାରିସାରିଲଣି ।

ପଚିଶ ଥର ? ତୁ ମତେ ଆଜିଯାଏ ଏକଥା କହିନାହୁଁ କାହିଁ ? ମୁଁ ସେ ବଦମାସଟାର ଖୁନ୍ ନିକାଲି ଦିଅଂତିଣି । ରାଗରେ କୁଂଜିଆ କହିଲ ।

ରାଧି କିଛି କହିଲ ନାହିଁ, ତଳକୁ ମୁହଁ ପୋତି ରହିଲ ।

ଏଭଳି ଗୋଟାଏ ଲୋକକୁ ରାଧି କାହିଁକି ଘରେ ପୂରାଏ କୁଂଜିଆ ଜମା କିଛି ବୁଝିପାରିଲ ନାହିଁ । ସେ ଜାଣିଥିଲ, ବେଶ୍ୟାମାନେ ପଇସାପାଇଁ ବେଉସା କରଂତି । କିଂତୁ ରାଧି ପାଖରେ ଦୁସୁରା କଥା ଦେଖି ସେ ତାଜୁବ୍ ହେଇଗଲ, ଖାଲି ବଲବଲ କରି ମୁହଁକୁ ଅନେଇ ରହିଲ । ତା'ପରେ ଖଟତଳେ ପଡ଼ିଥିବା ପୋଡ଼ା ଝଂପଆ ବିଡ଼ିଗୁଡ଼ାକୁ ଗୋଡ଼ ବୁଢ଼ା ଆଂଗୁଠିରେ ଅନ୍ୟମନସ୍କ ହେଇ ଦଳିବାକୁ ଲାଗିଲ ।

ଖୋଲା ଝରକାବାଟେ ରାସ୍ତାର ଗ୍ୟାସ୍ ଆଲୁଅ ଆସି ରାଧିର ମଇଳା ବିଛଣାକୁ ଉଜାଲ କରି ଦେଇ ଯାଉଥିଲ ।

ବାହାରେ ଝିପି ଝିପି ହୋଇ ବର୍ଷା ପଡ଼ିଲ । ଟିଣ ଘର ଉପରେ ସାନ ସାନ ବର୍ଷା ଟୋପାଗୁଡ଼ାକ ବେଶ୍ ଗୋଟାଏ ନିଦ ନଗା ନଗା ଅଳସ ମିଶା ଆବାଜ ସୃଷ୍ଟି କରିବାକୁ ଲଗିଲେ । ସେଇ ଆଡ଼କୁ କେତେବେଳ ପର୍ଯ୍ୟଂତ କାନ ପାତି କୁଂଜିଆ କହିଲ—ଏମିତି ବର୍ଷାଦିନେ ଗଉରୀ କ'ଣ କରେ ଜାଣୁ ? ସେ ରଂଧାବଢ଼ା ସାରି ଆସି ମୋ ପାଖେ ବସେ । କହେ, ତମେ ଶୋଇପଡ଼, ମୁଁ ତମ ମୁଂଡ ଉପରେ ବସି ସାରା ରାତି ଚେଇଁ ରହିବି । ମୁଁ କହେ, ନା, ନା, ତୁ ଶୋଇପଡ଼, ମୁଁ ତୋ ମୁଂଡ଼ ଉପରେ ବସି ସାରା ରାତି ଚେଇଁ ରହିବି । ଶେଷରେ କେହି ଶୋଇପାରୁନା, ଖାଲି ପାଣିଂଆ ଅଂଧାର ଆଡ଼କୁ ଚାହିଁ ଚାହିଁକି ଦିହେଁ ସେମିତି ଚୂପ୍‌ଚାପ୍ ବସିରହୁ ।

ରାଧି ଗଂଭୀର ହୋଇଗଲ । ତଥାପି ବାହାରେ ଟିକିଏ ହସିବାର ଛଳନା କରି କହିଲ—ମୁଁ ତ ଆଉ ଗଉରୀ ନୁହେଁ !

କୁଂଜିଆ କହିଲ—ନୋହୁ ସତ, କିଂତୁ ତତେ ଦେଖିଲେ ମୋର କାହିଁକି ମନେହୁଏ ଯେ ତୁ ରାଧି ନୋହୁ—ତୁ ଗଉରୀ । ତୋ ମୁହଁଟି, ଆଖି ଯୋଡ଼ିକ, ହସ

ଗୁହାଣି ସବୁ ଅବିକଳ ତାରି ପରି, ଏତେ ଟିକେ ବି ତଫାତ୍ ନାହିଁ କେଉଁଠି । ତତେ ଦେଖିଲେ ମୁଁ ସତକୁ ସତ ଗଉରୀକୁ ଭୁଲିଯାଏ ।

ରାଧି ଅଭିମାନ କରି କହିଲା, ଓଃ, ସେଇଥିପାଇଁ ତମେ ବୋଧେ ମୋ କତିକି ଆସ—ନା ? ମୋ ଚେହେରାଟା ଦେଖିବାକୁ ଗଉରୀ ପରି ହୋଇ ନ ଥିଲେ ତମେ ବୋଧେ ମୋ କତିକି ଆସୁ ନ ଥାଂତ ଜମା—ନା ?

କୁଂଜଆ ଏତେ ଗମ୍ଭୀର କଥା ଭିତରକୁ ପଶିପାରେ ନାହିଁ । ସେ କʼଣ ଉତ୍ତର ଦବ କିଛି ହମସ୍ତୁଯାଏ ଠିକ କରିପାରିଲା ନାହିଁ । ଶେଷରେ କହିଲା—ନା ।

ଦୁଃଖରେ, ଈର୍ଷାରେ ରାଧିର ମୁହଁଟା ଫିକା ପଡ଼ିଗଲା । ସେ କିଛିକ୍ଷଣ ଚୁପ୍ ହୋଇ ରହି କହିଲା, କାହିଁକି, ମୋର କʼଣ ତାʼହେଲେ ନିଜର କିଛି କାମ ଦାମ ନାହିଁ ? ମୁଁ କʼଣ ଗୋଟାଏ ଅଲଗା ମଣିଷ ନୁହି ? ମୋର କʼଣ ନିଜର ତାʼହେଲେ ଅଲଗା ହୋଇ କିଛି ଗୋଟାଏ ଜିନିଷ ନାହିଁ ?

କୁଂଜଆ ବୁଝିପାରିଲା, ରାଧି କʼଣ ଗୋଟା ବଡ଼ ଖାଂଟି କଥା କହୁଚି । କିଂତୁ ତା କଥାରୁ ସେ କିଛି ଭଲକରି ବୁଝିପାରିଲା ନାହିଁ । ସେ କଥାଟକୁ ବାଆଁରେଇ ଦବାନାଗି କହିଲା—ନା, ନା, ମୁଁ ସେମିତି କହୁଥିଲି ନା !

ରାଧି ଗଂଭୀର ହୋଇ କହିଲା—ମୁଁ ତମକୁ ପହିଲୁ ଦେଖିଲାଦିନୁ ତମ ମୁହଁରୁ ଖାଲି ଗଉରୀ ଛଡ଼ା ଅନ୍ୟ କିଛି କଥା ଶୁଣିନାହିଁ । ତମେ ମତେ ହଜାରଥର କହିଚ ଯେ ମୁଁ ଦେଖିବାକୁ କୁଆଡ଼େ ଠିକ୍ ଗଉରୀ ପରି ଆଉ ସେଇଥିପାଇଁ ତମେ ମୋ ପାଖକୁ ଆସ । ଏ କଥା କʼଣ ସତ ?

କୁଂଜଆ ବୋକାଙ୍କ ପରି ମୁଂଡ ଆଉଁସି ଆଉଁସି ଜବାବ ଦେଲା—ହଁ, ସତ ! ମୁଁ ତତେ ଗଉରୀ ପରି ଆପଣାର ଲୋକ ବୋଲି ଭାବେ ।

ରାଧି କହିଲା—ମୁଁ ତମକୁ କହିଦଉଚି, ମୁଁ ଗଉରୀର ଛାଇ ନୁହି । ମୁଁ ରାଧି । ମୁଁ କାହାର ନକଲ ନୁହିଁ । କାହାରି ନକଲ ହବାକୁ ମୁଁ ଚାହେଁ ନାହିଁ ।

ରାଧି ଅଭିମାନରେ, ଅହଂକାରରେ ଫୁଲି ଉଠିଲା । ରାଧି ଯେ ବଂଚିଛି, ସେ ଯେ ଗୋଟା ସ୍ୱତଂତ୍ର ମଣିଷ, ଏଇ କଥାଟାକୁ ବଡ଼ ଜୋରରେ ତାʼର ଆହତ ନାରୀତ୍ୱ ଆଜି ଘୋଷଣା କରିବାକୁ ଚାହୁଁଥିଲା ସତେ କି ଅବା ! ଯେଉଁ ଶସ୍ତା ଦେହଟାକୁ ସେ ମାଉଁସ ଓଜନ କଲାପରି ବଜାରରେ ବିକ୍ରି କରେ, ତାʼରି ଭିତରୁ କିଏ ଯେମିତି ସତେ ପାଟିକରି ଉଠୁଥିଲା —ରାଧି···ରାଧି । ସେ କାହାର ନକଲ ନୁହି । ସେ ଗଉରୀ ବା ଅନ୍ୟ କାହାରି ମୁଖା ପିଂଧି ତାରି ଦୟାରୁ କୁଂଜଆଠୁ ସ୍ନେହ ସରାଗ ଭୁଲେଇ ନବାକୁ ଚାହେଁ-ନାହିଁ । ସେ ନିଜେ ଯାହା, ସେଇଥିପାଇଁ ଯେବେ କିଏ ତାକୁ ସୁଖ ନ ପାଇଲା,

ତେବେ ସେମିତି ସୁଖ ପାଇବାରେ ତା'ର ଦରକାର କ'ଣ ? ଗରଜ ପଡ଼ିଛି ତା'ର ସେମିତି ଲୋକଙ୍କଠେଇଁ ଯାଇ ଯାଚିଗୁଞ୍ଜି ହୋଇ ପଶିବାକୁ ? ସେ କାହିଁକି ଅନ୍ୟଠୁ ଧାର ଆଣିଥିବା ଦରଦରେ ନିଜକୁ ଭୁଲେଇ ନେଇ ଥାଇଥି ମରିଥି ହେବ ? ଛି ! ଛି !!

କୁଞ୍ଜିଆ ରାଧି କଥାଗୁଡ଼ାକ ଜମାରୁ କିଛି ବୁଝିପାରିଲା ନାହିଁ ।

× × ×

କିଛିଦିନ ପରେ କୁଞ୍ଜିଆ ଯାଇ ଦେଖିଲା, ରାଧି ଦୁଆରରେ ଗୋଟାଏ ଟେକ୍ସି ଠିଆ ହୋଇଛି, ଆଉ ରାଧି ଘରଭିତରେ ତା'ର ଜିନିଷପତ୍ର ସଜାଡ଼ିବାରେ ଲାଗିଛି । ଟ୍ରଙ୍କ ବାକ୍ସ, ପେଟରା, ବିଛଣା ସବୁ ବନ୍ଧା ସରିଲାଣି ।

କୁଞ୍ଜିଆ ଅବାକ୍ ହୋଇ ପଚାରିଲା—ଇଏ କଣ କରୁଛୁ ତୁ ?

ରାଧି ବିଛଣା ଗୁଡ଼େଇ ସେଥିରେ ଦଉଡ଼ି ବାନ୍ଧୁ ବାନ୍ଧୁ ଜବାବ ଦେଲା—ମୁଁ ଶାମବଜାରକୁ ଉଠିଯାଉଛି । ସନ୍ତୋଷ୍ ସେଠି ଗୋଟା ଘର ଭଡ଼ା ନେଇଛି, ଆମେ ଦୁହେଁ ସେଇଠି ଏକାଠି ରହିବୁଁ ।

କୁଞ୍ଜିଆ କହିଲା—ତୁ ସେଇ ମାତାଲଟା ସାଙ୍ଗରେ ଯାଇ ରହିବୁ ? ତେବେ ସବୁ ସେ ଏତେ ମାଡ଼୍ ପିଟ୍ କରେ, ତୋର ଗହଣାପତ୍ର ସବୁ ସେ ଛଡ଼େଇ ନେଇ ନିଜେ ଭାଙ୍ଗି ମଦ ଖାଇ ଦେଇଛି ? ତୁ ସେଇ ବଦମାସ୍‌ଟା ସାଙ୍ଗରେ···

ହଁ, ସେଇ ବଦମାସ୍‌ଟା ସାଙ୍ଗରେ ମୁଁ ରହିବି, ରାଧି କହିଲା । ସେ ମାତାଲ, ମତେ ମାରଧର କରେ ମୁଁ ମାନୁଛି । କିନ୍ତୁ କାହିଁକି ସିଏ ମତେ ଏମିତି ମାରଧର କରିବାକୁ ସାହସ କରେ ? ମତେ ସେ ନିଜର ବୋଲି ଭାବୁ ନ ଥିଲେ ମୋ ଉପରେ ତାର କଣ ଏତେ ବଳ ପାଆନ୍ତା ? ପରଲୋକକୁ କିଏ କେଉଁ କଥା ପଦେ ଟାଣି-କରି କହିବାକୁ ସାହସ କରେ ? ମୁଁ ଖାନକୀ, ମୁଁ ଦାଣ୍ଡୁଆଣୀ ସତ, କିନ୍ତୁ ତା ପାଖରେ ମୁଁ ଗୋଟାଏ ଜିଅନ୍ତା ମଣିଷ । ଖାନକି ରାଧି ବଂଚିଛି ବୋଲି ସେ ଜାଣେ । ସେଇଥିପାଇଁ ମୋର ଭୁଲ ଦେଖିଲେ ସେ ମୋ ଉପରକୁ ହାତ ଉଠାଏ ।

ତା'ପରେ ସେ ଦର୍ପଣ ସାମନାରେ ନିଜ ଶାଢ଼ିର ପିନ୍‌ଟାକୁ ଠିକ୍ କରୁ କରୁ କହିଲା, ତମ ପାଖରେ ମୁଁ ଗୋଟାଏ ଛାଇ, ଆଉ ଜଣକର ଭୂତ, ତାର ନକଲ ·· ମୁଁ ନିଜେ କେହି ନୁହଁ । ଏତେ ପର ବୋଲି ଭାବ ତମେ ମୋତେ ?

ତମେ ତ ରାଧିକୁ ଭଲପାଅ ନାହିଁ । ତମେ ତା ଭିତରେ ଗଉରୀକୁ ଭଲ-ପାଅ । ନୁହଁ ? ହୋଇପାରେ ଗଉରୀ ତମର ସତୀ ସାବିତ୍ରୀ, ଆଉ ହୋଇପାରେ ରାଧି ନଜରର ବେଶ୍ୟା । ହେଲେ, ମୁଁ ନିଜେ ଜଣେ କେହି, ଏ କଥା ତ ତମେ ବୁଝିଲ ନାହିଁ ଜମା ।

କୁଂଜିଆ କଣ ଜବାବ ଦବ ଯେଇକଥା ଭାବୁଥିଲା । ହଠାତ୍ ରାଧି କହିଲା—ବାହାରକୁ ଆସ, ମୁଁ ଘର ତାଲା ଦେଇ ଘରବାଲାକୁ ଚାବି ବୁଝେଇଦେବି ।

ରିକ୍ସାବାଲା ଜିନିଷପତ୍ର ନେଇ ରିକ୍ସା ଉପରେ ରଖିଲା । ରାଧି ରିକ୍ସା ଉପରେ ବସି କୁଂଜିଆ ଆଡ଼କୁ ଚାହିଁ ନୁଗା ପଣତରେ ମୁହଁ ପୋଛିଲା ।

× × ×

ତହିଁଆରଦିନ ଦ'ପହରେ ଘମାଘୋଟ କାମ ଚାଲିଛି; କୁଂଜିଆ ରେଲର ଟାଣୁ ଟାଣୁ ସମସ୍ତଙ୍କ ସାଂଗରେ ପାଟିକରି ଉଠୁଚି—

ହେ ଲେ ସା ।

ଏତିକିବେଳେ କୁଂଜିଆ ଗାଁର ସଦାନନ୍ଦ ବେହେରା ଆସି ତା କାନ ପାଖରେ ଖବର ଦେଲା ଯେ, ସେ କଲିକତାରେ ଗୋଟାଏ ମାଇକିନିଆ ନେଇ ରହିଲାଣି ବୋଲି ଶୁଣି ଗଉରୀ ଦୁଃଖ ହୋଇଗଲାଣି । ଗଲା ମଙ୍ଗୁଳିର ଅମେଛସିଆ ଦିନ ସେ କେଉଟପାଡ଼ା ହରିଆ ମାହାରଣା ପୁଅ ଚେମା ମାହାରଣା ସଂଗେ ନଡ଼ା ବିଡ଼ାକରେ ବସିପଡ଼ିଲା ।

କୁଂଜିଆ ଦଂଡେ ଠିଆହୋଇ କ'ଣ ଭାବିଲା । ତାକୁ ଅନ୍ୟମନସ୍କ ଭାବରେ ପଛକୁ ପଛ ଘୁଞ୍ଚିଥିବାର ଦେଖି ସାଙ୍ଗଇମାନେ ତାକୁ କହିକରି ପଛରୁ ଗୋଟାଏ ଧକ୍କା ମାରିଲେ ।

କୁଂଜିଆ ପୁଣି ଚେତା ପାଇ ନୁହାଁରେଲର ଟାଣୁ ଟାଣୁ ପଡ଼ା କଂପାଇ ପାଟି କରି ଉଠିଲା—

ହେ ଲେ ସା ।

---

# ପିମ୍ପୁଡି

## ଗୋପୀନାଥ ମହାନ୍ତି

ଧୀରେ, ଧୀରେ, ଧୀରେ—ସବା ଉପରେ ପହଞ୍ଚିବାକୁ ଆଉ ବାର ହାତ ବାକି ଅଛି, ଗୋଟ'କ ପଛେ ଗୋଟାଏ ହୋଇ ଉପରକୁ ଉପରକୁ ଚାଲିଛି ପାଦ ଦ'ଟା, ଗୋଡ଼ର ପେଣ୍ଡା ଓ ଜଙ୍ଘ ଯେପରିକି ଫାଟି ପଡ଼ିଲାଣି, ଗ୍ରୀବ ଭିତରେ ଧୁଡ଼ମୁଣ୍ଡ ଚାଲିଛି, ମୁଣ୍ଡର ଟୋପି ଫାନ୍ଦରେ ଝାଳଗୁଡ଼ାକ ଝୁଲୁଛି ଓଲାରୁ ବର୍ଷାପାଣି ପରି, ହାଫ୍ ପ୍ୟାଣ୍ଟ ହାଫ୍ କମିଜ ଓଦା ସର ସର, ତଥାପି ଟେକି ହେଲାପରି ଚାଲିଛି ଦେହଟା, ଲାଗୁଛି ସତେକି ପବନରେ ଆଉଜିଛି । ପର୍ବତର ମଥାଡ଼ ହୋଇଗଲା, ରମେଶ ଅଟକିଲା ।

ବଡ଼ ଗଛର ବଣ କାଇଁ ତଳେ ରହିଲାଣି, ଉପରୁ ଦିଶୁଛି କଳାଘୁମର, ଯେପରିକି ପାତାଳକୁ ଓହ୍ଲେଇଯାଇଛି ଅଗନ'ଗ୍ନି ବନସ୍ତ । କିନ୍ତୁ ଉପରେ ଲଣ୍ଡା ଚଟାଣ, କରେ କରେ ଘାସ, ଚାରିପାଖେ ଆକାଶ ।

ପର୍ବତ ଚଢ଼ିବା ଖୁବ୍ କଷ୍ଟ ସେ ଆପଣା ପାଖେ ସ୍ୱୀକାର କଲା, ଦଳର ଅନ୍ୟମାନଙ୍କ ଆଗରେ ସେକଥା କହିବାକୁ ଲାଜ ମାଡ଼େ । ବୟସରେ ସେହି ତ ଟୋକା, ସେମାନେ ବୁଢ଼ା ବା ଦରବୁଢ଼ା; ତା ଛଡ଼ା ସେ କର୍ମଚାରୀ ଅଧିକାରୀ ଲୋକ, ଯେତେ କଷ୍ଟ ପାଉ, ତଳ ଓଠରେ ଦାନ୍ତ ମାଡ଼ିଦେଇ ଢାଠପରି ରହିବା ତାର କର୍ତ୍ତବ୍ୟ । ଓଲଟି ସେମାନଙ୍କୁ କହେ, 'କଣ ତୁମେ ଏତିକରେ ଥକିଗଲ ?' ସରୁଆ ନହକା ଭେଣ୍ଡିଆ ଲୋକ, ଜୋତାମଡ଼ା ପାଦରେ ଦାଢ଼ୁଆ ଗୋଡ଼ିଆ ପଥର ଉପରେ ଖଟ୍ ଖଟ୍ ଡେଇଁ ଆଗେ ଆଗେ ଚାଲିଯାଏ ।

ଇଞ୍ଜିନ ପରି ସଁ ସଁ ହୋଇ ଉପରକୁ ଉଠି ଆସୁଛି ଚପରାସି ବନ୍ଧୁ, ଓଡ଼ିଆ ରମେଶ ଉପରେ ଠିଆହୋଇ ଅପେକ୍ଷା କଲା । ବନ୍ଧୁର ପ୍ରକାଣ୍ଡ ଠେକା ଧୀରେ ଧୀରେ ବଡ଼ ହୋଇ ହୋଇ ଉପରକୁ ଉଠୁଛି, ଯେପରି କି ଗୋଟାଏ ମାଟିଆ ବର୍ଣ୍ଣର ଅତିକାୟ ଛତୁ । ତା ତଳେ କଳା ମିଶ୍ମିଶ୍ ଗେଟମ୍ ଗାଟମ୍ ଲୋକଟି, ନାକରେ କାନରେ ସୁନା ନୋଳି, ଦେହରେ କୋଟ ପ୍ୟାଣ୍ଟ, ବନ୍ଧୁକ ବୋହିଛି ଓ ପିଠିରେ ଫ୍ଲାସ୍କ ଝୁଲେଇଛି । ବନ୍ଧୁ ଉପରେ ଆସି ଠିଆ ହୋଇ ହାଁ ହାଁ ହେଲା । ପାଟି କଲା, "ଏହି ତେରେବେରେ ଓ ।ଦୁଡ଼େ ।" ରମେଶ ପଛଆଡ଼େ ତା'ର ସାଇନ୍‌ବୋର୍ଡ ପରି ଠିଆହୋଇ ରହିଲା ଚପରାସି ।

ତାଙ୍କୁ ସମସ୍ୱରରେ ଗୀତ ଶୁଭୁଛି, ଗୀତର ଗହଳ ଘୋଷା ଲହରେଇ ଉଠୁଛି, "ବାଇଲେ,—ବାଇଲେ— ।"

ଆଗ ଜଣେ, ତା'ପରେ ଦୁଇ ଜଣ, ତା'ପରେ ଏକାଠି ଆଠଜଣ ଭରୁଆଙ୍କ ଚେହେରା ଫୁଟି ବାହାରିଲା ଡେଙ୍ଗା ଘାସ ଝାଡ଼ରୁ କୌପୀନ ପିନ୍ଧା କଳା ଲୋକ, ଖାଲି ଦେହ । ଗୀତ ବନ୍ଦ ହେଲା । ବନୁ ପାଟି କଲା, "ଖାଲି ଅଳସୁଆଗୁଡ଼ାକ, ଯେତେ ଗାଳିଦେଲେ ଖାଲି ପଛରେ ପଡ଼ିଥିବେ ।" "ବୁଢ଼ା ହୋଇଗଲୁ ବେ ଆଜ୍ଞା", ଜଣେ କିଏ ଉତ୍ତର ଦେଲା । ଲାଗିଲା ତାଙ୍କର ହସ, ସେମାନେ ଖଣ୍ଡେ ଦୂରେ ବସିପଡ଼ି ପିଙ୍କା ଲଗେଇଲେ ।

ବନୁ ଫ୍ଲାସ୍କ୍ ଖୋଲି ଚା' ଦେଲା । ଗୋଟିକିଆ ଅଁଳା ଗଛ ତଳେ ବସିପଡ଼ି ରମେଶ ଚା' ପିଉ ପିଉ ପଚାରିଲା, "ଆଉ କେବେ ଏବାଟେ ଆସିଥିଲୁ, ବନୁ ?"

"ଆଉ ଥରେ ଆସିଥିଲି ଦୁ'ବର୍ଷ ତଳେ, ତା ଆଗରୁ ତ ଅନେକ ଥର ।"

"ଆଉ କେହି ଅଧିକାରୀ ଏବାଟେ ବୁଲି ବୁଲି ଆସିଥିଲେ ?"

"କେତେ ଆସିଥିଲେ ଆଜ୍ଞା, ଏ ତ ହାଟକୁ ଯିବାକୁ ପାଙ୍କବାଟ, ଯା ଅସ ହୁଏ ।"

ରମେଶର ଆତ୍ମାଭିମାନ ଦବିଗଲା । ପିଲାଦିନୁଁ ଏପର୍ଯ୍ୟନ୍ତ ସବୁଠୁ ବେଶୀ ଆନନ୍ଦ ସେ ପାଇଆସିଛି ସମସ୍ତଙ୍କ ଆଗରେ ରହିବାରେ । ଆଉ, ସେଇ ତ ଉପାଧି ସମ୍ମାନ ପାଇଁ, ପ୍ରତିଷ୍ଠା ପାଇଁ । ଉତ୍ତର ବାଲେଶ୍ୱରର କାହିଁ ଏକ କଣ୍ଟ ମଫସଲରେ ଗୋଟିଏ ଦରିଦ୍ର ପରିବାରରେ ତା'ର ଜନ୍ମ । କେତେ ସାଙ୍ଗୀ ଅଟକିଗଲେ ଗାଁ ଚାଟଶାଳୀରେ, କେତେ ପୁଣି ରହିଗଲେ କଲେଜ ଏପାଖେ, ତା ଗାଁରୁ ସେ ଏକା କଲେଜ ଅତିକ୍ରମ କଲା, ତା ବି ସମ୍ଭବ ହେଲା ସ୍କଲାରସିପ ବଳରେ । ପ୍ରତିବର୍ଷ ପ୍ରାଇଜ ବହି, ପରୀକ୍ଷାରେ ଫଳ, ସ୍କଲାରସିପ, ମେଡାଲ, ଜୀବନର ବାଙ୍କେ ବାଙ୍କେ ଗଢ଼ିଉଠା ସାଫଲ୍ୟ ଏତିକି, ରମେଶ ତା'ର ସ୍ମୃତିରେ ଗର୍ବିତ । ତା'ପରେ ଦିନେ ସେ ଚାକିରିରେ ଯୋଗ ଦେଲା । ଅଚିହ୍ନା ଲୋକେ ଚିହ୍ନା ହେବାକୁ ଆସି ଦଣ୍ଡବତ କଲେ, ଚପରାସି ସଲାମ ଦେଲା, ହନ୍ତବୁଡ଼େ ଇନ୍ସ୍ୟୁରେନ୍ସ ଏଜେଣ୍ଟ ଜଗିବାକୁ ଆସି ଚା ଖାଇବାକୁ ନିମନ୍ତ୍ରଣ କରିଦେଇ ଗଲେ, ବଡ଼ଘରର ସମ୍ବନ୍ଧ ଆସିଲା, ସାଇପଡ଼ିଆ ଉମେଶ ଆସି ସ୍ପଷ୍ଟ ପଚାରିଗଲା, "ଭାଇ, ତୋ ବାହାଘର ବିଷୟରେ କାହା ସଙ୍ଗେ କଥାଭାଷା ହେବା କହିଲୁ ଟିକିଏ ।" ଦଣ୍ଡବତ, ଦଣ୍ଡବତ, ଚାରିଆଡ଼େ ଦଣ୍ଡବତ ! ବ୍ୟକ୍ତିଗତ ଉଦ୍ୟମର ପରଖା ପରଖିରେ ପ୍ରଥମ ଜିତାଜିତ, ତା'ର ଆତ୍ମାଭିମାନ ପାଲଟିଲା ଆତ୍ମବିଶ୍ୱାସ । ରମେଶ ବୁଝିଲା, ସେ ଜଣେ କେହି ।

ତା'ର ପୃଷ୍ଠଭୂମିରେ ସେହି ଅଗଣିତ ଲୋକେ, ଯେଉଁମାନେ କେହି ନୁହନ୍ତି ।

କିନ୍ତୁ ପଦେ ପଦେ ଫେଣ୍ଟା ଲଗେ ଯେତେବେଳେ ସେ ଦେଖେ, ଯେତେ ଆଗକୁ ମାଡ଼ିଲେ ବି ତା ପୂର୍ବରୁ ଅନେକ ଆହୁରି ଆଗକୁ ଯାଇଛନ୍ତି, ଯେତେବେଳେ ଦେଖିଲେ ଆଗରେ ଅନେକେ, ଆଉ ତାଙ୍କୁ ଗୁହିଁଲେ ସେ ଅତି ନଗଣ୍ୟ ।

ଅନ୍ତତଃ ପର୍ବତ ଚଢ଼ିଲାବେଳେ ଏପରି ଲାଗୁଥିଲା ; ଯେପରି ତା'ର ସଭ୍ୟ ଗୋଷ୍ଠୀରୁ ସେହି ଏବାଟେ ଆସିଛି ପ୍ରଥମ ହୋଇ । ସତ ନ ହେଲେ ବି କଳ୍ପନା କରି ଆନନ୍ଦ ପାଉଥିଲା । ଗୁ' ଦେଇ ଦେଇ ବାବୁ କହୁଚି– "ଏଇ ପର୍ବତ ଉପରେ ସେଥର ବଡ଼ ସାହେବ ଛାଉଣି ପକେଇଥିଲା, ରହିଗଲେଁ ଏଠି ପାଞ୍ଚଦିନ । ସତେକି ସହର ବସିଥାଏ । ଆଉ କି ଶିକାର, କି ନାଟ ତାମସା, କେତେ କଥା ।"

ହଁ, ମଣିଷ ଆସିଛନ୍ତି, ମଣିଷ ଯାଇଛନ୍ତି, ଯଦିଓ ଦେଖିଲେ ଲାଗୁଛି ଏ ଅନ୍ଧାରି ବଣ ସବୁଦିନ ଏହିପରି ଅନ୍ଧାରୁଆ ।

"ସେକାଳର ବଣ ଆଜ୍ଞା, କାହିଁ ଆଉ ସେ !" ବାବୁ କହିଲା, "ଭାରି ବଣ ଥିଲା, ଜନ୍ତୁ ଯେ ଜନ୍ତୁ କହିଲେ ନସରେ । ସେ ବଣ ସରିଗଲା, କନ୍ଧମାନେ ହାଣି-ପକେଇଲେ । ଏଇଠି ଥିଲା କେତେ କନ୍ଧ ଗାଁ, ବଣ ସରିବାରୁ ବାଘ ଧରି ଧରି ଖାଇଲା, ସେମାନେ ଉଠିଗଲେ ।"

"ଏକାଳେ ବଣ ନାହିଁ, ଆଉ ଏଗୁଡ଼ା କ'ଣ ?"

"କଟା ହୋଇ ଫେର ବଢ଼ିଯାଇଚି, ଯେତେ ବଢ଼ିଲେ ସେ ବଣ ଆଉ କାହୁଁ ହେବ ?"

ମଣିଷ ଆସିଛି, ବଣ ଭିତରକୁ ଭେଦିଛି, ଫେର ହଟିଯାଇଛି, ଫେର ଆସିଛି । ବଣ ପାହାଡ଼ରେ ବି ତା'ର ସୁଖଦୁଃଖର ଧାରି ନାହିଁନାହିଁ, ଛପି ରହିଛି, ଘଞ୍ଚ ଜଙ୍ଗଲ ତଳେ ତଳେ ଗୋଡ଼ି ସାଲୁ ସାଲୁ ସରୁ ଝରଣାର ଧାରି ପରି ।

ରମେଶର ଆତ୍ମଚେତନା ଉଦାସ ହୋଇ ଧିମେଇଁପଡ଼ିଲା ସେହି ଗଣ ଚେତନାରେ ।

ଭଙ୍ଗା ବାନ୍ଧୁଟିର ଗୁଣ୍ଡ ଗୋଟେଇବାକୁ ସରୁ ହୋଇ ପିମ୍ପୁଡ଼ି ଧାରଟିଏ ଲାଗିଗଲାଣି, ରମେଶ ଚମକିପଡ଼ି ନାଘା କଲା । ହସିଦେଇ ମନକୁ ମନ କହିଲା, "ଖାଲି ମଣିଷ ନୁହନ୍ତି, ପିମ୍ପୁଡ଼ି ବି ।" ଗ୍ଧରି ହଜାର ଫୁଟ ପର୍ବତ ଉପରେ ମଣିଷର ଗୃହସ୍ଥଳର ସାଥି ପିମ୍ପୁଡ଼ି ବି ରହିଛି । ସାମାନ୍ୟ ପିମ୍ପୁଡ଼ି ଯେପରି

କି ତା'ର ଏ ପର୍ବତ ବୁଲାର ଅସଲ ଉଦ୍ଦେଶ୍ୟ ତାକୁ ସ୍ମରଣ କରେଇଦେଲା । ଠିଆ ହୋଇପଡ଼ି ସେ ପଚାରିଲା—"ବିନୁ, ଗୁଉଲ ଗ୍ରେଭ ଧରିବା ତ ?"

"ତା ଆଉ ଧରିବା ନାହିଁ ? ଯୋଉବାଟେ ଗଲେ ବି ଗୁଉଲ ବାହାରିବ ଯାଇ କଷ୍ଟାଓ୍ୱାଲମା ହାଟରେ । ଅଇଗୁ ୧୦ଟା ବାଜିଛି, ଏଇ ଚାଲୁଁଟା ଓହ୍ଲେଇ-ପଡ଼ିଲେ ଆମେ ସେଠି ପହଞ୍ଚିବା ଦି'ଟା ଆଗରୁ । ତା'ପରେ ତ ଗୋଟିକି ଗୋଟି ଧରିପକେଇବା, ଯିବେ କୁଆଡ଼େ ?"

"ବେଶ୍, ଚାଲ ତେବେ, ଆଉ ଡେରି ନାହିଁ ।" ଏଠି ବି ବିଶ୍ରାମ ମିଳିବ ନାହିଁ ଜାଣି ବିନୁ ବିରକ୍ତ ହେଲା । କିନ୍ତୁ ଉପାୟ ନାହିଁ । ଯାହା ଜାଣିଥିଲା ପୁଞ୍ଜାଏ ପାଞ୍ଚଟା କନ୍ଧ ବୋଲି, ତାହାର ବାହାଦୁରି ଦେଖାଇ କନ୍ଧ ବୋହିଆଙ୍କ ଉପରେ ଗର୍ଜନ କଲା "ହେଇ, ତେରେବେରେ ହାଲା ମୁଡ଼େ (ଯାଅ) ?"

କନ୍ଧଲୋକେ ଗର୍ ଗର୍ ହେଲେ । ଭଲ କଥା, ଟିକିଏ ବିଶ୍ରାମ ନାହିଁ, ଖାଲି ଦୌଡ଼ ଦୌଡ଼ । ମାଙ୍କଡ଼ ଖେଳିଲା ପରି ଆଦମ କୁଲି କନ୍ଧ ଭାଷାରେ ବିନ୍ ଓ ତା'ର ପୂର୍ବପୁରୁଷଙ୍କୁ ଗାଳି ବଖାଣିଲେ । ସେମାନେ ଜାଣନ୍ତି, ତାଙ୍କର ଭାଷା ଏ ବୁଝିବେ ନାହିଁ । ଏମାନେ ଖାଲି ହୁକୁମ ଦେବେ, ବୋଝ ବୁହ, ପାଣି ଆଣ, କାଠ ଆଣ । ଏତିକି ପ୍ରକାଶ କରିବାକୁ କେତେଟା କନ୍ଧ ଶବ୍ଦ କେହି କେହି ଜାଣନ୍ତି, ବିନ୍ ବି ଜାଣେ, ସୁତରାଂ ତାକୁ ମନଖୋଲି ଗାଳିଦେଲେ କ୍ଷତି ନାହିଁ । ଆପଣା ଭିତରେ କୁହାକୋହି ହେଲେ—ଆଚ୍ଛା ବାଯ୍ୟା ଲାଗିଛି ଏମାନଙ୍କୁ ଯେ, ଏ ଦେଶର ଗୁଉଲ ସେ ଦେଶର ଲୋକ କିଣି ନେଉଛନ୍ତି ବୋଲି ଏମାନେ ବଣେ ଚକଟି ଚକଟି ମୂଷା ଧରିବାକୁ ଧାଇଁଛନ୍ତି । ଲୋକ ତ ସମସ୍ତିଏ କରିବ, ସେଥିରେ ଏ ଦେଶ କଣ ସେ ଦେଶ କ'ଣ ? ଯାହାର ଯାହା ଦରକାର ସେ ଯଦି ତାକୁ କିଣିବାକୁ ଆସିଲା, ସେଥିରେ ଅପରାଧଟା କଣ ହେଲା ? ଭଲା, ଏ ଦେଶଟା ବି କାହାର ? ଗୁଉଲ ବା କମେଉଛନ୍ତି କିଏ ? ନା, ଏମାନଙ୍କ ନ୍ୟାୟଟା ଭିନେ । ସେ ନ୍ୟାୟରେ ମଦ ବନ୍ଧିଲେ ଦୋଷ, ବଣ ହାଣିଲେ ଦୋଷ, ଗୁଉଲ କିଣିଲେ ଦୋଷ, ବୋଝ ବୋହି ବୋହି ଦି'ଦିନ ବାଟ ଚାଲି ଘାଲିଆ ହୋଇ ବସିପଡ଼ିଲେ ଦୋଷ । କଥା ଶୁଣିବାକୁ ବେଲ ନାହିଁ, ଚପରାସି ଗାଳି ଦେଲାଣି, ବାବୁଟା ବି ମାଡ଼ି ଚାଲିଲାଣି ଅଗେ ଆଗେ । କନ୍ଧଲୋକେ ଉଠିପଡ଼ିଲେ । ଆପଣାର ସବୁ ଅଭିଯୋଗକୁ ଏକାଠି ଗୁଡ଼ି ଗୀତ ଫାନ୍ଦିଦେଲେ । ତା ପଛରେ ତୁହାଇ ତୁହାଇ ସେହି ଏକା ଘୋଷା— "ବା'ଇଲେ—ବା'ଇଲେ—"

ସାମ୍ନାରେ ମହାବଣ, ତାହାର ତଳେ ତଳେ ପର୍ବତ ଢାଲୁରେ ଛପିଲା ସୁଡ଼ଙ୍ଗ ପରି ଖଲକୁ ଖଲକୁ ବାଟ । ପଛରୁ ସମସ୍ୱରରେ କନ୍ଧ ଗୀତ ରମେଶକୁ ଆନନ୍ଦ ଦେଉଥିଲା । କେତେ ସୁନ୍ଦର ଶୁଭୁଛି । କ'ଣ ତା'ର ଅର୍ଥ ହୋଇଥିବ, ନିଶ୍ଚୟ କୌଣସି ଏକ ଜାତୀୟ ଗାଥା ।

"ବନ୍ଦୁ !" ରମେଶ ଡାକିଲା ।

ମନେ ମନେ ତାକୁ ଗାଳି ଦେଇ ଦେଇ ପଥର ଉପରେ ଟଳ ଟଳ ହୋଇ ବନ୍ଦୁ ତା ପାଖକୁ ଚାଲିଗଲା । ତାର ବୟସ ପଞ୍ଚାବନ, ମୁଣ୍ଡ ମଝିରେ ଚନ୍ଦା, ଛ'ଟି ଦାନ୍ତ ପଡ଼ିଗଲାଣି । ଏ ବୟସରେ ପାହାଡ଼ ଚଢ଼ା ତା ଦେହକୁ ସହେ ନାହିଁ, ଦେହ ଖୋଳେ ସୂର୍ଯ୍ୟ ମଠ ମଠ ଯାଏ । କିନ୍ତୁ ଏ ଟେକା ଅଧିକାଂଶ ତରତର କରନ୍ତି, ଅମଡ଼ା ମଡ଼ାଏ, ଆପେ ବାଟ୍ଟା, ପରକୁ ବାଟ୍ଟା ଲଗାଏ । ବନ୍ଦୁର ଖାଇବାକୁ ଅଭାବ ନାହିଁ, କିନ୍ତୁ ଚାକିରି ଚାଲିଗଲେ ତାର କ୍ଷମତା ଚାଲିଯିବ, କଳାହରଣ ହୋଇ ସେ ହେବ ସାମାନ୍ୟ ଏକ ଦେଶୀୟ, ଜବନଯାକ ବାଘ ପଛେ ପଛେ ବାଲୁଆପରି ସେ ଦେଶୀୟଙ୍କ ଉପରେ ଚରିଛି, ପୁଣି ନିଜେ ଦେଶୀୟ ହୋଇ ପଡ଼ି ରହିବାକୁ ହେବ ଭାବିଲେ ଜବନ ଉପରେ ଧିକ୍କାର ଜନ୍ମେ । ସେହି ଭୟରେ ବନ୍ଦୁ ପାହାଡ଼ ଚଢ଼େ ।

"ବନ୍ଦୁ, ଏମାନେ ଭାରି ସୁନ୍ଦର ଗୀତ ଗାଉଛନ୍ତି ।"

"ଭାରି ସୁନ୍ଦର ଆଜ୍ଞା !"

"କଣ ଏହାରମାନେ ?"

ଝାଙ୍କିଲେକ ପରି ପଗଡ଼ି ହଲେଇ ହ'କଲ ପାନ ଭିତରୁ ଅବୁଝା କିଛି ଗୀତରେ ଅର୍ଥ ଫାନ୍ଦିଦେଇ ବନ୍ଦୁ କହିଲା, "ଏଇଟା ସେଇ ଚଇତ୍ ପରବର ଗୀତ, ଆଜ୍ଞା !"

"କଣ ଏହାର ମାନେ ?"

ଖାଲି ଧାଂଡ଼ାଧାଂଡ଼ୀ କଥା, ସେଇ ପୁରୁଣା କଥା—ଯେମିତି କହନ୍ତି ନାଇଁ —ତତେ ଦେଖି ମୋର ବଡ଼ ଶରଧା, ଏ ଜାଇଫୁଲ । ତୁ କେବେ ମୋ ଘରକୁ ଆସିବୁ, ଏ ଜାଇଫୁଲ !" ବନ୍ଦୁ ହସିଲା ।

ରମେଶ କହିଲା, "ସବୁଦିନେ ଏମାନଙ୍କର ଏଇ ଗୀତ ?"

"ସବୁଦିନେ ଆଜ୍ଞା !"

"ବା'ଇଲେ ଅର୍ଥ କଣ ଜାଇଫୁଲ ?"

"ଠିକ୍ ଧରିଚନ୍ତି ଆଜ୍ଞା, ଆପଣ ଏମିତି ଟିକି ବସିଲେ ଭାରି ଚଞ୍ଚଳ ଏହାଙ୍କ ବୋଲି ଶିଖିଯିବେ ।"

ରମେଶ ଖୁସି ହେଲା, ପଚାରିଲା, "ଯେତେ ବୁଢ଼ା ହେଲେ ବି ଏଇ ଗୀତ ?"

"ଆମ ଦେଶରେ କେହି ବୁଢ଼ା ହୁଅନ୍ତି ନାହିଁ ।"

ରମେଶ ମନେ ମନେ ଲେଖି ରଖିଲା, 'ବା'ଇଲେ ମାନେ ଜାଇଫୁଲ କନ୍ଧମାନେ ଖାଲି ପ୍ରେମାପ୍ରେମ ଗୀତ ଗାଆନ୍ତି ।

ରମେଶକୁ ଭୁଲେଇ ଦେଇ ବନ୍ଦୁ ଖୁବ୍ ଖୁସି ହେଲା ।

କନ୍ଧ ବୋହିଆ ଗୀତରେ ଗୀତରେ ଚପରାସି ଓ ଅଧିକାରୀମାନଙ୍କୁ ଗାଳି ଦେଇ ଦେଇ ଚାଲିଲେ, ଗାଇ ଚାଲିଲେ ଆପଣାର ଦୁଃଖ ଦୁର୍ଦ୍ଦଶା । ବାଟରେ ଦେଖା ପଡ଼ିଲେ ପଞ୍ଝ. ପଞ୍ଝା ହାଟମୁହାଁ କନ୍ଧ ବାଟୋଇ । ଗୀତ ଶୁଣି ହସିଉଠିଲେ, ଗୀତରେ ଗୀତ ଯୋଡ଼ିଦେଲେ । ସମଦୁଃଖୀ ସେମାନେ, ଏକା ଉପହାସରେ ଭାଗୀ । ଗୀତ ଗାଇ ଗାଇ ପାଟି ଫୋଲିହେଲେ ବୋହିଆ ତୁନିପଡ଼ନ୍ତି, ବିନୁ ଗର୍ଜନ ଛାଡ଼େ—"ହେଇ, ଗୀତ ଗା, ଗୀତ ଗା ।"

"ଆମ ଦେଶରେ କେହି ବୁଢ଼ା ହୁଅନ୍ତି ନାହିଁ ।" ଆପଣାର କଥା ବିନୁର ଆପଣା ଆଗେ ନୂଆ ରୂପ ଧରି ଠିଆ ହେଲା । ସେ ତାର ସାନ ଭଉଣୀ, ତୃତୀୟ ପକ୍ଷ । ଆଗର ଦୁଇ ଭଉଣୀ ଅଛନ୍ତି, ତଥାପି ବର୍ଷେ ହେଲା ସେ ଆସିଛି । ଅଧିକ କନ୍ୟା ସୁନା ଦେଇ ତାର ବାପ ମାଙ୍କୁ ମନେଇ ଅନ୍ୟ ଜଣକ ଆଶା ମୁହଁରୁ ସେ 'ଗୋଷ୍ଠି'କୁ ଏକ-ପ୍ରକାର ଛଡ଼େଇ ଆଣିଛି । ଏ ବଣ ଦେଶରେ ଛଡ଼େଇ ଆଣିପାରିବା ହିଁ ପାରିଲା ପଣ, ସେଥିରେ ମଣିଷ ଜନ୍ତୁକୁ ଟପିଯାଏ । କିନ୍ତୁ ବିନୁର ଏ ପାରିଲା ପଣ ଉହାଡ଼ରେ ଥିଲା ଜୀବନ ଗୋଟାକର କ୍ଷୋଭ । ତା'ର ଗୋଠ ଅଛି, କ୍ଷେତ ଅଛି, ଘର ଅଛି, ଗାଈ-ଗୋରୁ ଅଛନ୍ତି; କିନ୍ତୁ ସନ୍ତାନ ନାହିଁ । ବୟସ ଯହୁଁ ସରି ସରି ଆସୁଛି, ତହୁଁ ସେ ବେଶୀ ବେଶୀ ଅନୁଭବ କରୁଛି ତାର ପୁଅଟିଏ ଦରକାର । ବାଟେ ବାଟେ ଖାଲି ତାର ଗୋଷ୍ଠି ମନେ ପଡ଼ୁଛି । ଦ ସଉତୁଣୀ ତାକୁ ଦେଖିପାରୁଥିବେ ତ ? ମନ ରାଜି ନ ହେଲେ ଏ ଦେଶର ସ୍ତ୍ରୀ ପଳେଇଯାଏ—ଗୋଷ୍ଠି ମନ କଷ୍ଟ କରୁ ନ ଥିବ ତ ? ଆଉ ସେ ଭେଣ୍ଡିଆ ଚପରାସି, ଯାହା ନାଁ ବସି, ଲେଖାଯୋଖାରେ ଟାଣିଓଟାରି ବିନୁର ନାତି ସମ୍ପର୍କ ହୁଏ, ଖାସ୍ ଆଇମାନଙ୍କ ସଙ୍ଗେ ଥଟ୍ଟା ଲାଗିବାକୁ ଆସି ଓଳି ଓଳି ବଚେଇଦଏ, ସେ କଣ କରୁଥିବ ?

"ବିନୁ !"
"ଆଜ୍ଞା ।"

"ଆଚ୍ଛା, ଏ ଚାଉଳ ଆଗରୁ ଧରାପଡ଼ୁ ନାହିଁ କାହିଁକି ? ଲୁଚ୍ଚୋରିରେ ମାନ୍ଦ୍ରାଜ ଇଲାକାକୁ ଚାଲାଣ ହେବାପାଇଁ କେଉଁଠି ତ ଗଦା ହୋଇଥିବ; ହାଟ ଲାଗୁ କି ନ ଲାଗୁ ସେଉଠୁ ବେପାରୀମାନେ ବୋହି ନେଉଥିବେ, କୋରାପୁଟରୁ ଆସିଲେଇଁ ଚାରିଦିନର ବାଟ, ଏତେ ଗାଁ ବୁଲିଲେଇଁ, ଏତେ ଜାଗା ଦେଖିଲେଇଁ, କାହିଁ ସେମିତି ତ ଆମ ଆଖିରେ ପଡ଼ିଲା ନାହିଁ । କଥା କଣ ?"

"ସେମିତି ଏଜାଠି ବେଶୀ ବେଶୀ ଚାଉଳ ଗଲେ କ'ଣ ଲୋକଦେଖାଣିରେ ଚାଲିଯାଆନ୍ତା ?" ବିରକ୍ତ ଅବସ୍ଥାରେ କଥାଟା କହିଦେଇ ବିନୁ ପସ୍ତେଇଲା । ସେ ନିଜେ ତ କ୍ଷେତର ଶହେ ମହଣ ଚାଉଳ ଚଢ଼ା ଦରରେ ସଦାକୁ ପଠେଇପାରିଛି । ସେ ବିଶ୍ୱାସ କରେ, ଯେଉଁଠି ସମାଜର ନୀତି ଯେ ଯେଝା ପାଦରେ ସେ ଠିଆହେବେ,

ପ୍ରତ୍ୟେକେ ଆପଣା ଶିଙ୍ଗରେ ମାଟି ଖୋଳିବେ, ସେଠି ପରକୁ ଠେଲିବା, ପରର ଗୋଡ଼ ଓଟରିଦେବା, ପର କାନ୍ଧରେ ଜବରଦସ୍ତି ଲଦି ହେବା ବା ପରକୁ ଟଙ୍କା କାଟିବା ଉଦ୍‌ଯୋଗୀ ଲୋକ ପକ୍ଷରେ ଆପେ ଆସେ, ନ ହେଲେ ନିଜେ ବଡ଼ଲୋକ ହେବା ଅସମ୍ଭବ । ଯେଉଁଠି ନିଜ ପାଇଁ ନିଜ ଛଡ଼ା କେହି ନାହିଁ, ସେଠି ସମସ୍ତିଙ୍କ ସମୂହ କଲ୍ୟାଣ କଳ୍ପଭଳି ନିୟମକୁ ଚଳାଇ ଲୋକ ନିଜ ସ୍ୱାର୍ଥ ପାଇଁ ଭାଙ୍ଗିବା ହିଁ ସ୍ୱାଭାବିକ ଓ ଉଚିତ ବୋଲି ସେ ଭାବେ । ଧରା ପଡ଼ିବାକୁ ଡରେ । କଥା ବାଁରେଇ-ଦେଇ କହିଲା, "ଏକାଠି ବେଶୀ ବେଶୀ ଚାଉଳ କୌଣସି ଜଣକ ହାତରେ ପଦ କୁ ଯାଉନାହିଁ ଆଜ୍ଞା, ଯେମିତି ହୋଇଥିଲେ ଆମ ଆଖିରେ ପଡ଼ିଥାନ୍ତା, ଲୁଚନ୍ତା କୋଉଠି ? ହାଟକୁ ଗଲେ ଆପଣ ଦେଖିବେ କିଏ ପାଞ୍ଚ ସେର, କିଏ ଦଶ ସେର କରି ଚାଉଳ କିଣି ନେଇଯାଉଛନ୍ତି, ଏମିତି ଶହ ଶହ ତଳଦେଶର ଲୋକ । ହାକୋଟ ଛୁଟି ମାନ୍ଦ୍ରାଜର ସୀମା, ସେଠ ସାହୁକାର ବସିଥିବେ, ଶଗଡ଼ ଥିବ, ପାଖେ ଚାଉଳ ପଠେଇବାକୁ ବସ୍ତା, ପାଖେ ଟଙ୍କା ମୁଣି । ନହେଲେ ତାଙ୍କର ଟଙ୍କାରେ ମୁଣ୍ଡବୋହିଆ ଚାଉଳ କିଣି ଆଣିଥିବେ । ସେ ଚାଉଳ ଜମା ହେବ । ବସ୍ତାରେ ପଶିବ । ଚାଲିବ ଶଗଡ଼ ବିଶାଖାପାଟଣା, ପାର୍ବତୀପୁର, ବୋବିଲି, ମକୁଆ । ବେପାରୀ ଲୋକର କଥା ଅଲଗା, ଆଜ୍ଞା !"

"ବେପାରୀ ହାତରେ ପଡ଼ିବା ପୂର୍ବରୁ ସେଇ ଚାଉଳ ଆମେ ଧରିଦେବା", ଗମ୍ଭୀର ହୋଇ ରମେଶ କହିଲା । ତା'ର ଆଖିରେ ଝଟକୁଥିଲା ଶିକାରୀ ଆଖିର ଆନନ୍ଦ । ମନରେ ଗୋଟାଏ ଚିନ୍ତା,—ଆମର ଚାଉଳ କାହିଁକି ସେମାନେ ବୋହିନେବେ ? ଏଇଟା ଯେପରିକି ତା'ର ବ୍ୟକ୍ତିଗତ ଅଧିକାର ଉପରେ ହସ୍ତକ୍ଷେପ ।

ଆମର କହିଲାବେଳେ ତା'ର ବ୍ୟକ୍ତିତ୍ୱ ବୁଝେ ଖାଲି ଗୋଟାଏ କଥା,—ସେ ଓଡ଼ିଆ । ତା' ପଛରେ ଓଡ଼ିଶାର ଇତିହାସ ଓ ସେ ଇତିହାସରେ ପଡ଼ୋଶୀ ଦେଶ ଉପରେ ରାଜ୍ୟବିସ୍ତାର, ଯୁଦ୍ଧ ଜୟ, ସାମ୍ରାଜ୍ୟ ସ୍ଥାପନ । ଅତୀତର ଧୂଳିଗଦା ଓ ଭଙ୍ଗା ଇଟା କୁଢ଼ିରୁ ବର୍ତ୍ତମାନର ଖ୍ୟାତିହୀନତାକୁ ସେ ଫେରିଆସେ, ମନର ଓରମାଣ ମେଣ୍ଟାଇବାକୁ ପଡ଼ୋଶୀ ଦେଶ ଉପରେ ଦୋଷ ଢାଳିଦିଏ ।

"ଖାଇ ଖାଇ ଖତମ କରିଦେଲେ ଦେଶ ଗୋଟାକୁ, ଆଉ ଫେର୍ କ'ଣ ?"

ବଣ ବାଟରେ ଶିକାର ମନେ ପଡ଼େ । ରମେଶର ମନରେ ଛାଇଯାଏ ଚାଉଳ ଶିକାରର ନିଶା । "ଧରିପାରିଲେ,—" ଦାନ୍ତରେ ଦାନ୍ତ ଚିପି ସେ କହେ । ଧରିପାରିଲେ କ'ଣ କରିବ ସେ ଜାଣେ ନାହିଁ ।

ତରତର ହୋଇ ତଳକୁ ତଳକୁ । ମାଘର ପାଗ ଓ ବାଟର ତାତ ମିଶିଯାଇ ବସନ୍ତର ଅନୁଭୂତି ଆଣୁଛି; ଦୂରଆଡ଼େ ଘୁଞ୍ଚିଲେ ପତ୍ରପୁଷ୍ପ ଗଛପତ୍ରର ଶୋଭା । ଗଡ଼ାଣି ଶେଷରେ ବାଟ କଡରେ ତଳମାଳର ଗାଁ'ଟିଏ ପଡ଼ିଲା । ଆମ୍ବ ତୋଟା, କ୍ଷେତ, ଖଳା, ଧାଡ଼ି ଧାଡ଼ି ଘର । ଯିବା ବାଟ, ପିଲାଟିଏ ଠିଆ ହୋଇଥିଲା, ଅଚହ୍ନା ଲୋକ ଦେଖି ଭେଁ କରି କାନ୍ଦି ମା'କୁ ଡାକି ଡାକି ଦଉଡ଼ି ପଳେଇଲା । ସେଇ ହେଲା ସଙ୍କେତ, ବାଡ଼ କଡରେ ଖୁଣ୍ଟିରେ ବନ୍ଧା ହୋଇଥିବା ବାଛୁରୀମାନେ ପଘାରୁ ଉନ୍ମୁକ୍ତି ହୋଇ ହମାରଡ଼ି ଦେଲେ । ସ୍ତ୍ରୀଲୋକମାନେ ଆଡ଼ଲୁଗ ହୋଇ ମିଟିମିଟି କରି ଅନେଇ ରହିଲେ । ଗାଁ' ଲୋକ ଗୋଟି ଗୋଟି ହୋଇ ପାଖକୁ ଆସିଲେ । ରମେଶକୁ ଲାଗିଲା, ଏ ଦୃଶ୍ୟ ତା'ର ଚହ୍ନା ଚହ୍ନା । ପାଦ ଆଗେ ଘୋଷାରି ହେଲା । ଝଙ୍କା ଗଛ ଗୁଞ୍ଜରେ ଅଟକିରହି ସେ ପଛକୁ ଅନେଇଲା । ପ୍ରକାଣ୍ଡ ମକଗଢ଼ା ଭୂତପରି ପର୍ବତଟା ପଛରେ ଠିଆ ହୋଇଛି । ଧକେଇ ଧକେଇ ବନୁ ଆସୁଛି, ଦୌଡ଼ି ଦୌଡ଼ି ଆସୁଛନ୍ତି ବୋହିଆ ।

"ଏଠି ଭଲ ପାଣି ମିଳିବ, ବନୁ ?"

"ମିଳିବ" । ବନୁ ଉତ୍ତର ହେଲା । ବୋକଚ୍ଛ ଖୋଲି ଲୋଟା ଗିଲାସ ବାହାର କରି ଗାଁ'କୁ ଗଲା । କାନ୍ଧ ବୋହିଆ ବସି ବସି ଝାଳ ମାରିଲେ । ରମେଶ ଅପେକ୍ଷା କଲା ।

ଅଳ୍ପ ସମୟ ଭିତରେ କୁଆଡ଼ୁ ଆସି ପହଞ୍ଚିଗଲା ଗୋଟାଏ ଦୌଡ଼ିଆ ଖଟ । ଜଣେ ଗୋଟାଏ ଲୋଟାରେ କିଛି ଗରମ ଦୁଧ ଆଣି ଠିଆ ହେଲା । ଆଉ ଜଣେ ଆଣିଲା ଫେଣାଏ ପାଚିଲା କଦଳୀ । ତେଲେଙ୍ଗୁ, ଓଡ଼ିଆ, କୋଣ୍ଡାଦୋରା ମିଶି ଗାଁ'ର ସାତଜଣ ରଇତ ଆସି ଅନୁନୟ କଲେ, "ଖରା ବଢ଼ୁତ ହେଲାଣି, ଦୟାକରି ଏଠି ଟିକିଏ ବିଶ୍ରାମ ନେଇ ଘଣ୍ଟିଏ ଖାଇକରି ନ ଗଲେ ଗାଁ' ଲୋକଙ୍କ ମନ କଷ୍ଟ ହେବ ।"

ବିଶ୍ରାମ !

ରମେଶ ହସିଲା । ବାଟେ ବାଟେ ସେହି ନିମନ୍ତ୍ରଣ । ହେତେକ ଦୂରଆଡ଼େ ବଣ ଜଙ୍ଗଲ ଘେରେଇ ହୋଇ ମଣିଷ ମଣିଷକୁ ହିଁ ଆଉଜିବା'କୁ ଖୋଜେ । ଅଟକିଯାଅ, ରହିଯାଅ ଆଜି ରାତିଟା ଆମ ଗାଁରେ । ଚହ୍ନା ଗଛର ଛାଇ, ଅଧଚହ୍ନା ଚୂଲି ଭିତରୁ ମଠୁଆ ମଠୁଆ ଚୂଲି ଧୂଆଁ, ସାଧାରଣ କାମରେ ବ୍ୟସ୍ତ ପୁରୁଷ ସ୍ତ୍ରୀ । ସେ ବଣଠୁ ଭିନେ, ପର୍ବତରେ ଥାଇ ପର୍ବତଠୁ ଭିନେ ।

ତଥାପି, ଚାଲିବାକୁ ହିଁ ହେବ । ପଛ ଗାଁର ବାଟର ସ୍ନେହ ଲାଗି ରହିଥିବ ଖଣ୍ଡେ ଦୂର, ତା'ପରେ—ପବନରେ ଉଡ଼ିଯିବ ।

ବନ୍ ପାଣି ଘେନି ଆସିଲା । ପାଣି ପିଇସାରି ରମେଶ କହିଲା, "ଯିବା ଚାଲ ।" ଏଥର ବୁଢ଼ୀଟିଏ ଆସି ବାଟ ଓଗାଳିଲା । ହସି ହସି କହିଲା, "ଏତେ ବେଳଟାରେ ଅଖିଆ ଯିବୁ ପୁଅ, ମା ପାଖରେ ଥିଲେ ଏମିତ ଛାଡ଼ିଦିଅନ୍ତା ? ଏ ଗାଁରେ କ'ଣ ମା ଭଉଣୀ ତୋର ନାହାନ୍ତି ?" ସମସ୍ତେ ହସିଲେ । ବୁଢ଼ୀଟି କନ୍ଧ ତେଲେଙ୍ଗା ମିଶାମିଶି କୋଣ୍ଡାଦୋରା ଜାତିର । "ଏ ଗାଁରେ କ'ଣ ମା ଭଉଣୀ ତୋର ନାହାନ୍ତି ?"

ରମେଶର ଆଖି ଉପରେ ଯେପରିକି ଛାଇ ଲଦି ହୋଇପଡ଼ିଲା । ନିଜକୁ ନିଜେ ବଡ଼ ପାଟିରେ କହିପକାଇଲା—"ନା-ନା-ନା, ଯିବାକୁ ହେବ, ବହୁତ କାମ ।" ଆପଣାକୁ ଓଟାରି ନେଇ ଚାଲିଲା ।

ସ୍ମୃତିରେ ରହିଗଲା ସେହି ବୁଢ଼ୀର ମା ମୁହଁ ପରି ମୁହଁର ଛାଇ । ମା'ର ଆଖି ପେଟକୁ, ଆଉ ତୁଣ୍ଡରେ ଆହା ପଦ । ତାର ଅନ୍ୟ ଜାତି ନାହିଁ, ଭାଷା ନାହିଁ, ସେ ମା । ଚାଉଳଧରା ପାସୋରିଗଲା । କିନ୍ତୁ ପୁଣି ମନେପଡ଼ିଗଲା ଯେତେବେଳେ ଝଣ୍ଟେ ଦୂରରେ ସେ ଦେଖିଲା, ହାଟୁଆ ଚାଲିଛନ୍ତି, ଝର ଝର ଚାଉଳ ।

"ବନ୍, ହାଟ ଆଉ କେତେ ବାଟ ?"
"ହେଇ ଆଗରେ ଆଜ୍ଞା, ପହଞ୍ଚିଗଲେ ।"
"ହୁସିଆର୍, ହଲ୍ଲା କରିବ ନାହିଁ ।"

"ନାହିଁ ଆଜ୍ଞା, ଆରେ କନ୍ଧମାନେ, ଆଉ ଗୀତ ବୋଲ ନାହିଁ, ପ ଟି କର ନାହିଁ, ତୁନି ତୁନି ଚାଲ ।" ବନ୍ ହସିଦେଇ ବୋହିଆମାନଙ୍କ ପାଖକୁ ଚାଲିଗଲା । ବଣ ଭିତରେ ଶିକାର କରିଗଲା ପରି । ପଦାରେ ତୁନିତାନି, ମନ ଭିତରେ ଚହଲ । ରମେଶ ତରତର ହୋଇ ତାର କର୍ମପନ୍ଥା ବିଷୟରେ ଭାବିଗଲା । ଚାଉଳର ଚୋରା ଚାଲାଣ ଖାଲି ଅଟକେଇ ଦେଇ ସେ କ୍ଷାନ୍ତ ହେବ ନାହିଁ । ପକ୍କା ବନ୍ଦୋବସ୍ତ କରିଦେଇଯିବ । ରିପୋର୍ଟ ଲେଖିବ । ପ୍ରଶଂସା ପାଇବ । ଏହିପରି ପ୍ରଶଂସା ପାଇ ପାଇ ଶୀଘ୍ର ସେ ଉନ୍ନତି କରିବ । ପରୀକ୍ଷାରେ ସମ୍ମାନ ପାଇଲାପରି ସେ ବି ଏକ ପୁରସ୍କାର । ପାଇବାକୁ ହକଦାର ସେ ନ ହେଲେ ଏତେ ବଣବୁଲା, ଖରାରେ, ଶୀତରେ । ସତେ କି କଙ୍ଗୋ ଆଫ୍ରିକାରେ ଲିଭିଂଷ୍ଟୋନ । ସେ ଯାଇଥିଲେ ଗୋଟାଏ ନଦୀର ଉତ୍ପତ୍ତି ସ୍ଥଳ ଆବିଷ୍କାର କରିବାକୁ, ସେ ଯାଉଛି ଚାଉଳ ରପ୍ତାନିର ଚୋରା ମୁହାଣ ଆବିଷ୍କାର କରିବାକୁ । ଭାରି ଆନନ୍ଦ ଲାଗିଲା । ଆପଣା ସୁଦକ୍ଷପଣରେ ଆପେ ଅଭିଭୂତ ହୋଇପଡ଼ିଲା ।

କିଛି ଆଗରେ ବାଟ କଡ଼ରେ ଗଛତଳେ ଗୋଟିଏ ପରିବା'ର ରୋଷେଇ ସାରି ଖିଆପିଆ କରୁଛନ୍ତି । ଉଭାଣି ପିଲାଟିଏ ମାଟିରେ ଟେଢ଼ା ହୋଇ ଶୋଇ

ଗୋଡ଼ହାତ ଗୁଟି ଗୁଟି କାନ୍ଦୁଛି । ଫୁର ଫୁର ମୁଣ୍ଡୀ, ଜୀର୍ଣ୍ଣଶୀର୍ଣ୍ଣ ହୋଇ ଯୁବତୀଟିଏ ତା'ର ଖାଇବା ପଥ ଛାଡ଼ିଦେଇ ଅଇଣ୍ଠା ହାତରେ ଛୁଡ଼ ଉପରୁ ଛିଣ୍ଡା ଲୁଗା କେରାକ ଓଟାରିଦେଇ କ୍ଷୀର ଦେବାକୁ ଧାଇଁଗଲା, ମା'ର ଥନ ଦରଶୁଖିଲା କନାପରି ଓହଳିଛି । ପିଲାଟିକୁ ଜାକିଧରି ବିଦେଶୀ ଆଗନ୍ତୁକଙ୍କୁ ଅନେଇ ବସିଲା । ଯେତେକ ଦେହ ନାହିଁ, ଖାଲି ମୁଣ୍ଡରେ ଅଳିଆ ବାଳ ଆଉ ଉଦାସ ମଳିନ ଆଖି ଦୋ'ଟି । ସେ ଆଖିରେ ନାହିଁ ସମ୍ବାଦ ପାଇଁ ଆଗ୍ରହ, କାହାର ବଡ଼ତ ପ୍ରତି ଭ୍ରୂକ୍ଷେପ । ଦୁନିଆଁ ଆଡ଼କୁ ଖୋଲା ଥିଲେ ବି ଭିତରକୁ ତା'ର ଦୃଷ୍ଟି, କାହିଁ ତଳକୁ ଚଳିଚଳାନ୍ତି ଜୀବନଶକ୍ତିର କାଣ୍ଟି ଉପରକୁ, ଯେଉଁଠି ଶେଷ କ୍ଷୁଧା ବି କାଟେ, ଶେଷ ସ୍ନେହ ବି ସନ୍ତାନକୁ ଘୋଡ଼େଇ ରଖେ । ଆଉ ଅନେକଙ୍କ ଗତ ଶାଉଛନ୍ତି : ବୁଢ଼ା, ବୁଢ଼ୀ, ଭେଣ୍ଡା ପୁଅ । ଖାଲି ହାଡ଼, ଚମ, କୋରଡ଼ ଆଉ ବେଙ୍ଗାଏ ଲେଖାଁ ବାଳ । ଆଉ ଚକ ଚକ ଆଖି । ଖାଇବା ଝୁଣ୍ଟି ଶିଆଳି ପଥ ଉପରେ ଚକ ଚକ କରୁଛି । ଘିଅ ଝିଅ, ଝିଅ ନୁହେଁତ, କୁକୁରପରି ଗାବୁ ଗାବୁ କରି ଗେଫା ମାରିବା । ଗଛତଳେ ଫନ୍ଦଭଙ୍ଗା ଚେଯା ଓଜକ୍ଟ ହାଣ୍ଡି ଓ ଚୁଲି । ଏକାଥରକେ ସମୁଦାୟ ଦୃଶ୍ୟ ରମେଶଙ୍କୁ ଯେପରି ଆକ୍ରମଣ କଲା ।

“ବନ୍ଧୁ, କିଏସେ ଏମାନେ ?”

“ତଳ ଦେଶର ତେଲେଙ୍ଗୁ ଲୋକ, ଆଜ୍ଞା, ପେଟ ବିକଳରେ କେତେ ଏମିତି ଏ ଜଙ୍ଗଲରେ ଘଲ ଘଲ ହୋଇ ବୁଲୁଛନ୍ତି ।”

“ଘର କେଉଁଠି ?” ବନ୍ଧୁ ପଚାରିଲେ ।

ତିନିଥର ପଚାରିଲା ପରେ ଖାଇବାପଥରୁ ମୁହଁ ନ ଟେକି ବିରକ୍ତ ହୋଇପରି ବୁଢ଼ା କହିଲା, “ସୀମାଚଳମ୍ ।”

ବନ୍ଧୁ ରମେଶଙ୍କୁ ବୁଝେଇଦେଲେ, ଏ ଅଛନ୍ତି ତିନିଶ କୋଶ ଦୂରରୁ । ସୀମାଚଳମ ଆଗେ ତ ଆମ ଓଡ଼ିଶାରେ ଥିଲା ! ଓଡ଼ିଶା ଇତିହାସ ମନେ-ପଡ଼ିଗଲା, ପର୍ବତ ପରି ଠିଆହେଲା, ମାଟିକୁଦ ପରି ହାଜ ହୋଇଗଲା, ଗମ୍ଭୀର ହୋଇ ମିଶିଗଲା ସେହି ଖେଳିଲା ଯୁବତୀ ମା'ର ଆଖି ଦୋ'ଟିରେ । ପିଲାକୁ କ୍ଷୀର ଦେଉଛି, ଆଉଁସୁଛି । ଓଡ଼ିଶାରେ ଆଉ ନାହିଁ ସେ ଦେଶ, ସ୍ମୃତିରେ ଅଛି; ସେ ଦେଶରେ ମଣିଷ ଥିଲେ, ତାଙ୍କର ଗତି ନାହିଁ ।

“ବହୁତ ଏମିତି ବୁଲୁଛନ୍ତି ଆଜ୍ଞା, ବଣଜଙ୍ଗଲକୁ ଡରୁନାହାନ୍ତି, ବାଘ-ଭାଲୁକୁ ଡରୁନାହାନ୍ତି, ସବୁଠୁ ବଡ଼ ଡର ତ ଆପଣା ପେଟକୁ, ଆଉ କାହାକୁ ?”

“ସତ କଥା, ସତ କଥା” କହି ବୋହିଅ ପଳି ଧରିଲେ । ସେମାନେ କଟକ ଲାଗି ଆସିଲେଣି । ବୁଢ଼ା କହି କହିଲା, “ବେକ ଲାଗିଲେ କି ଦୁଃଖ ପଡ଼ିଲେ ସମସ୍ତେ

ସମାନ । ହେଇ ଦେଖ, ଆମୁକୁ କେତେ ଭୋକ ଲଗିଲଣି । କେଉଁଠି ଖାଢଆ ଦବ ଯେ ଚପରାସିବାବୁ ।"

ଚୁପ୍ ହୋଇ ରମେଶ ଆଗେ ଆଗେ ଚାଲିଲା । ହଠାତ୍ ଲାଗିଲା, ଯେପରିକି ତା'ର ଉଦ୍ଦେଶ୍ୟ ଗୋଳମାଳ ହୋଇଯାଇଛି । ସେ ନ୍ୟାୟ କରିବାକୁ ଚାହେଁ । କିନ୍ତୁ ନ୍ୟାୟର ସଂଜ୍ଞା ଭୁଲିହୋଇଯାଇଛି ।

ଦ୍ୱିଧା ବାଟରେ ଚଳନ୍ତ ମନ ଉପରେ ହିଁ ସେ ନିର୍ଭର କରିଛି, ମୁଣ୍ଡପାତି ଦେଇଛି ଛପା ଆଇନକୁ, ଲେଖା ନିୟମକୁ, ତା ପଛଆଡ଼କୁ ଉଙ୍କି ମାରିବା ହିଁ ତା ପକ୍ଷରେ ଦୋଷାବହ ବୋଲି ହୃଦ୍‌ବୋଧ କରିଛି । ବର୍ତ୍ତମାନ ବି ହେଉଛି ପରା । କେବେ କେବେ ଦେଖିଛି, ଛପା ଆଇନ ଓ ଦାଣ୍ଡ ନ୍ୟାୟ ପଡ଼ନ୍ତି ଅମେଳ; କିନ୍ତୁ ମନକୁ ଆଶ୍ୱାସ ଦେଇଛି, କର୍ତ୍ତବ୍ୟ ହିଁ କଠୋର, ସେ ଯନ୍ତ୍ରର ଘୂର୍ଣ୍ଣନ । ପେଟ ବିକଳରେ ଜଣେ ଚୋରି କରିଛି, ବର୍ଷକର ପିଲାକୁ ଛାତିରେ ଜାକି ଗର୍ଭିଣୀ ସ୍ତ୍ରୀ କବାଟ ଘର ପିଣ୍ଡାରେ ଗଡ଼ି ଗଡ଼ି କାନ୍ଦୁଛି, ତା'ର ପୋଷଣାହାରୀ ଆଉ କେହି ନାହିଁ, କିନ୍ତୁ ଚୋର ଜେଲ ଯିବା କଥା, ଜେଲ ଯାଇଛି । ଜଣେ ପାଞ୍ଚ ଥର ଚୋରି କରି ଦଣ୍ଡ ଭୋଗିଲାଣି, ଷଷ୍ଠ ଥର କାହା ବାରିରୁ କଖାରୁଟିଏ ଚୋରି କରି ଧରା ପଡ଼ିଛି । ପୂର୍ବ ଦୁଷ୍କୃତ ପାଇଁ ଦଣ୍ଡ ବଢ଼ିବା ନିୟମରେ ତାକୁ ହୋଇଛି ବର୍ଷେ ଜେଲ, ସେ ଯାଇଛି । କଠୋର ଏ କର୍ତ୍ତବ୍ୟର ଧାରା, ଯନ୍ତ୍ରର ଘୂର୍ଣ୍ଣନ । ଚାଉଳ ଧରିବାକୁ ହିଁ ହେବ ।

ହାଟର ଘୋ ଘା ଶୁଭିଲା । ଗୋରୁ ଛାଲର ଅଁଇଁହିଁଶିଆଁ ସଢ଼ାଳିଆ ଗନ୍ଧ ନାକରେ ବାଜିଲା । ହଠାତ୍ ବଣ ଭିତରୁ ତା ପଛକୁ ତା ପଛ ହୋଇ ମଣିଷ ବାହାରି ପଡ଼ୁଛନ୍ତି ବୋହି, ଭାର, ଭାରରେ ବୁହାହୋଇ ଛୋଟ ପିଲା, ଗୋଡ ବନ୍ଧା ହୋଇ ମୁଣ୍ଡ ତଳକୁ ହୋଇ ଗୋଛା ଗୋଛା କୁକୁଡ଼ା, ନାନାବିଧ ପଣ୍ୟଦ୍ରବ୍ୟ—ଆଉ ଚାଉଳ ଖୋଲରେ ଦେଖା ଦେଇ ବଣରେ ଅଦୃଶ୍ୟ ହୋଇଯାଉଛନ୍ତି ହାଟମୁହାଁ । ଶିକାର ଅତି ପାଖରେ । ରମେଶର ଛାତି ଛାଉଁକଲା । ପଥରରୁ ପଥର ତଳକୁ ଡେଇଁ ଡେଇଁ ଗଲାବେଳେ କହିଲା, "ବନୁ, ଏଥର !"

ହାଟ ଦିଶିଲା । କଳବଳ ଜନତା ପିମ୍ପୁଡ଼ି ପରି ମଣିଷ । ଗୁଡ଼ାଏ ରଙ୍ଗ, ଗୁଡ଼ାଏ ଗନ୍ଧ, ଗୁଡ଼ାଏ କୋଳାହଳ । ବସ୍ତ୍ର ଛାଲ ବିକ୍ରି ହେଉଛି, ପବନରେ ସେହି ଗନ୍ଧ । ଧାଡ଼ି ଧାଡ଼ି ଗନ୍ଧ ଶୁଖୁଆ ପସରା । ମାଛ ବେଚିଛନ୍ତି, ମଣିଷ ବେଚିଛନ୍ତି । ପାଖ ବଣରୁ ଚୋରା ମଦର ଗନ୍ଧ ।

ଢାଉଡ଼ା କୁକୁର ପରି କୁଷ୍ଠରୋଗୀ, ଫୁକ୍‌ରୋଗୀ, ଖୋସୁଲା ଖୋସୁଲା କଟି ପିଠିରେ କୁଲା ପରି, ଡାଲା ପରି ଅରାଏ ଲେଖା କଞ୍ଚା ଫୁଜ୍ ଘା, କଳା କଳା ପୋଟକ ପାଖକୁ ପାଖ ଲାଗି ବସିପଡ଼ିଛନ୍ତି । ଘଷାଘଷି ଠେଲାଠେଲି ହୋଇ ସୁସ୍ଥ ଲୋକ, ପୁରୁଷ, ସ୍ତ୍ରୀ ।

ରମେଶର ନଜର ପଡ଼ିଗଲା ଗୋଟିଏ ଯୁବତୀ ଉପରେ; ଚମ୍ପାଫୁଲ ଗୋରା, ବଳିଲା ବଳିଲା ହାତଗୋଡ଼ ଗଠଣ ଗଢ଼, କନ୍ଧ ଦେଶର ସୁନ୍ଦରୀ । ଫାଳେ ଗାଲ ଗୋଟାଏ ସ୍ବଚ୍ଛ ଘା, ଆଉ ଫାଳକ ଟହ ଟହ ନାଲି, ସେଠି ବି ରୋଗ । ତଥାପି ସେ ଫୁଲ ନାଇଛି, ମୁଆଁ ଚୋବାଇ ଚୋବାଇ ଗତରେ ଯୌବନର ଲହଡ଼ି ଖେଳାଇ ଚାଲିଛି । ଆଉ କଣେଇଁ କଣେଇଁ ଚାହୁଁଛି, ଆଖି ହସୁଛି, କନ୍ଧ ଦେଶର କଉତୁକୀ ଝିଅ ଆଖିରେ ଡାକୁଛି, ଖେଳିବୁ ଆ ।

ରମେଶ ଆଖି ବୁଜିଦେଇ ହାଟ ମଝିରେ ଗଛକୁ ଆଉଜିଗଲା । କାନରେ ବାଜିଲା ହାଟର ଘୋ ଘା । ସ୍ମରଣରେ ସେହି ଘା-ଗାଲ ହସ-ଆଖି ଯୁବତୀ । ଆଉ ପାହାଡ଼ ଉପରେ ନାଚ କରୁଥିବା କନ୍ଧ ପିଲାଏ ।

ଆଉ ଅଗନାଅଗ୍ନି ବନସ୍ତ ମଝିରେ ଗୋଟିକିଆ ମୁଣ୍ଡିଆ ଆଗରେ ମଣିଷର ଜାର, ସାଉ ସାଉ ପବନ, ବାଆ ବତାସିରେ ଚୁଲି ନିଆଁ ନିଭୁନାହିଁ ।

ଡାକୁଅ ଧାନ ପରି ମଣିଷ, ପାଣି ଯେତେ ବଢ଼େ ଧାନଗଛ ସେତେ ଉଞ୍ଚ ହୁଏ । ଗାଲରେ ସ୍ବଚ୍ଛ ଓ କୁଷ୍ଠ, ମୁହଁରେ ହସ ଓ ମୁଆଁ । ବହୁ କଷ୍ଟରେ ଫୁଟିଛି ଗୋଲାପ, ତା'ର ପାଖୁଡ଼ା ପୋକ ଦାଉରେ କେମ୍ପା । ଝଡ଼ୁ ପଡ଼େ, ହସୁଛି ।

ବିନୁ ଫ୍ଲାସ୍କ ଖୋଲି ଚା ଢାଳିଲା, "ଆଜ୍ଞା ··"! ରମେଶ ଆଖି ଖୋଲିଲା, ତା'ର ମୁହଁପାଖେ ଭିଡ଼ ବଢ଼ୁଛି । କାନ ପାଖେ ବିନୁ କହିଲା, "ଚାଉଳ ବହୁତ ବିକ୍ରି ହେଉଛି, ସବୁ ଧରାପଡ଼ିବ, ଏଠି ନୁହେଁ, ହାଟ ସେମୁଣ୍ଡରେ ଘାଟି ଜାଗା ଅଛି, ହାଟରୁ ବାହାରିଯିବା ପାଇଁ ଗୋଟିଏ ଗଡ଼ୁଆ ଗୋହିରୀ, ସେଠି ଢିପ ଉପରେ ଚାଳ ଖଣ୍ଡେ ଅଛି ।" ହସିଦେଇ କହିଲା, "ମଞ୍ଚାରେ ବସି ଜିଆଦ ମାରିଲାପରି ।"

ସେଇଠିକି ଅଡ଼େଇ ନେଇ ଚାଲିଲା । ଗୋଟିକିଆ ଚଉକରେ ବସେଇଦେଇ କହିଲା, "ଯାଏଁ ମୁଁ ଏଥର, ସବୁ ଯୋଗାଡ଼ କରି ଆସେଁ ।"

ହାଟ ଶେଷରେ ଗମ୍ଭୀର ଗୋହିରିବାଟ, ଦୁ'ପାଖେ ଢିପ, ଢିପ ଉପରେ ସ୍ଥାନେ ସ୍ଥାନେ ଗୋଟିକିଆ ଚାଳଠିମାନ । ରମେଶ ବସିରହିଲା । ଆରପାଖ ଢିପ ଉଞ୍ଚକୁ ଚଢ଼ି ଗୋଟିଏ ମୁଣ୍ଡିଆ ହୋଇଛି । ତା ଉପରେ ଗୋଟିଏ କନ୍ଧ ବସ୍ତି । ଦୁଆରେ ଦଉଡ଼ିଆ ଖଟ ପଡ଼ିଛି । କୁକୁର ବସିଛନ୍ତି । ଗୁଡ଼ାଏ ପିଲା ଗୋଟାଏ ବଡ଼ ଡୋଲ ଉପରେ ମନଇଚ୍ଛା ଦୁଡ଼ୁମ୍ ଦୁଡ଼ୁମ୍ ପିଟୁଛନ୍ତି । ଗୋଟାଏ ଦୁଆରମୁହଁରେ ଜଣେ ବୁଢ଼ା ବସି ବାନ୍ତି କରୁଛି, ବୁଢ଼ୀ ତା'ର ପିଠି ସାଉଁଳୁଛି । ନିଶ୍ଚୟ ମ୍ୟାଲେରିଆ ଜର । ଭଙ୍ଗା କାନ୍ଥକୁଡ଼ି ଉପରେ ଗୋଟାଏ ଗାରଡ଼ି ଠିଆହୋଇ କ'ଣ ଗଛ ଚୋବାଉଚି । ରମେଶ ସେହି ବସ୍ତିର ଦୃଶ୍ୟ ଉପରେ ଆଖି ରଖି ସମସ୍ତ ଭୁଲିଗଲା । ନାକପୁଡ଼ା ଭିତରୁ ହାଟର ଧୂଳି ରୁମାଲରେ ରଗଡ଼ି ଲାଗିଲା, ଝାଳ ପୋଛିଲା । ବେଲ

ଗଲଣି, ମାଘର ଖରା ଛାଇ ଲମ୍ବେଇଲଣି, ଫିକା ପୃଷ୍ଠପଟ ଆଗରେ ଲମ୍ବିଛି ଗୋଟିଏ ସାଧାରଣ ବସ୍ତିର ଛବି, ସରଳ ଘରକରଣାରେ ।

ହଠାତ୍ ସେପଟୁ ଉଠିଲା କାନ୍ଦଣାର ରୋଳ । ସବୁ ଘରୁ ଲୋକ ବାହାରିପଡ଼ି ଗୋଟାଏ ଘରକୁ ଛୁଟିଗଲେ । ପିଲାଏ ବାଜା ବନ୍ଦ କରି ଦୌଡ଼ିଗଲେ । ଘର-ମୁହଁରେ ଓ ଦୁଆରେ ଲୋକଙ୍କର ଭିଡ଼ । ଆପଣା ଗଲା ଛାଡ଼ି ଆଖି ଚାମୁଚି ସମସ୍ତେ ଭେଁ ଭେଁ କାନ୍ଦିଲେ । କ୍ରମେ ସେ କାନ୍ଦଣା ଧରିଲା ଗୋଟାଏ ଛନ୍ଦର ବାଟ ! ସମବେତ ମରଣ ବାହୁନା ଚାଲିଲା ।

"ଅଲୋ ! ଅଲୋ ! ହାଡେମ୍ବୁଁ ! ହାଡେମ୍ବୁଁ !"

(ହାୟ ! ହାୟ ! ମରିଗଲା ! ମରିଗଲା !)

ବନୁ ଆସି ପହଞ୍ଚିଗଲା । "ସବୁ ବନ୍ଦୋବସ୍ତ କରିଦେଇଛି, ଆଜ୍ଞା ! ହାଟରେ ଯାଇକମାନେ ଥିଲେ । ସମସ୍ତିଙ୍କି ଅଡ଼େଇ ଦେଇ ଆସିବେ ।"

"ଏ କ'ଣ ହେଲା, ବନୁ ?"

"କିଏ ଜଣେ ମରିଗଲା ଆଜ୍ଞା, ମାଳିଜର, ଏଥିରେ ଆଉ ନୂଆ କ'ଣ ଅଛି ?"

ବନୁ ତା ପଛଆଡ଼େ ଠିଆହୋଇ ରହିଲା ।

ରମେଶ ସେହି କାନ୍ଦଣାରେ ମନ ଦେଲା । କିଛି ନୂଆ, କିଛି ପୁରୁଣା । ଆଉ ଚକ ଘୂରୁଛି, ଜନ୍ମ, ମୃତ୍ୟୁ, ପ୍ରଜନନ । ସବୁ ଦୃଶ୍ୟ ତରଳିଯାଇ ବଦଳିଗଲା । ଆଖି ଆଗରେ ଭାସି ଉଠିଲା ଉତ୍ତର ବାଲେଶ୍ୱରରେ ଆପଣାର ଗାଁ କାନ୍ତପୁର । ତା'ର ଘର, ବାପ ମା, ପଡ଼ିଶାମାନେ, ଚିହ୍ନା ବୁଢ଼ା, ଚିହ୍ନା ପିଲାମାନେ, ଚିହ୍ନା ଝିଏ । ଗାଁ ମଶାଣିରୁ ଗାଁ ମଝିରେ ଚଣ୍ଡୀମଣ୍ଡପ । ଆଉ ମୃତ୍ୟୁ, ଜନ୍ମ, ପ୍ରଜନନ । ଆଉ ଏଠି ଯେଉଁ ଯେଠି ବି ପୁଷ୍ଟିପ୍ରିୟ ଶାନ୍ତିପ୍ରିୟ ମଣିଷ । କଜିଆ ମୂଳେଇଯାଏ ନାହିଁ, କାହାର ଅନିଷ୍ଟ ନ କଲେ ବି କଷଣ ଭୋଗେ ।

ଅଲୋ, ଅଲୋ, ହାଡେମ୍ବୁଁ ! ହାଡେମ୍ବୁଁ !

କେତେ ଯାଉଛନ୍ତି—କେତେ···କେତେ ! ଅନ୍ଧାର ବାଟରେ କାଉଁରିଆ ନାଉଁ ଜାଳି ଗାଁ ଲୋକ ଡାକନ୍ତି—"ଅନ୍ଧାରେ ଆସ · ଆଲୁଅରେ ଯାଅ, ଆଲୁଏ ଯାଅ · "

ଆଉ ଯାମ୍ପରେ ଏଇ ମରଣରେ ସମତଳ, ସେଠି ବେପାର ଭେଦ ନାହିଁ ଦେଶର କଡ଼ ନାହିଁ, ସମସ୍ତେ ସମାନ ଓ ବେକ୍ରନ । ପଛଆଡ଼େ ଠିଆହୋଇ ବନୁ ବି ଘରକଥା ଭାବୁଛି । ସେଠି ତା'ର ଯାନ ସ୍ୱରଯା । ବର୍ଷି କେବେ ଆସୁଥିବ ?···ଟାଙ୍ଗି

ଜଡ଼ ଆପଣା ଗାଲରେ ଏକ ଚାପୁଡ଼ା ମାରିଲା । ରମେଶ ଅନେଇଲା । ବାବୁ ଗାଲ ଘାଉଁଳୁଛି । କହିଲା, "ଏଠି ବହୁତ ବଡ଼ ବଡ଼ ମଶା, ଆଜ୍ଞା, କାମୁଡ଼ିଲେ ବନ୍ଦେ ।"

ରମେଶ ଚମକିପଡ଼ିଲା । ଆପଣାକୁ ଦେଖିଲା, ବିଛଣାରେ ପଡ଼ି କମ୍ପୁଛି । କୁମ୍ଭାଟୁଆ ଆଖିପରି ଆଖି, ଖଜୁପରି କଳା, ଆରମ୍ଭ ହେବ ଶହେ ଢନରୁ, ଇଚ୍ଛାହେବ କାମୁଡ଼ି, ମାରି ଗୋଡ଼ାଏଁ, ଗାଳିଦିଏଁ—ବାନ୍ତ, ତାଡ, ଡାଢ,— ତା ପରେ ?

ଜନ୍ମ, ମୃତ୍ୟୁ, ପ୍ରଜନନ, ଜନ୍ମ, ମୃତ୍ୟୁ···

ଆଇନ୍ ମନେ ପଡ଼େ ନାହିଁ । ଜନ୍ମ, ମୃତ୍ୟୁ, ମଣିଷ······

ହଠାତ୍ ଯେପରି କି ନୂଆ ଆଖିରେ ସେ ଦେଖିଲା । ଲୋକ ଚାଲିଛନ୍ତି, ବହୁତ ଲୋକ । ଅନ୍ଧାରରେ ହଜି ଯାଉଛନ୍ତି । ଧାରି ମରୁନାହିଁ । ଚାଲିଛନ୍ତି । ଚାଲିଛନ୍ତି । ହାଟ ଭାଙ୍ଗି ଆସୁଛି । ଲୋକ ଚାଲିଛନ୍ତି । ଯେପରିକି ସେ ଜଣ ଜଣ କରି ସମସ୍ତଙ୍କି ଚିହ୍ନେ । ଘରେ ଅଭାବ, ପଦାରେ ପେଷଣ । ତଥାପି ଚାଲିଛନ୍ତି । ତୁଣ୍ଡରେ ସେହି ଅଖିଳା ଭାଷା, ଜାତି ଭଳେ ନୁହେଁ ବୋଲି ଭଳେ ନୁହେଁ, ସେହି ମଣିଷ ସେମାନେ । ତା'ର ଗ୍ରାମଲୋକେ, ଚିହ୍ନାଲୋକେ । ଧାରି ଭିତରେ ଅଣ୍ଟା ସଳଖେଇ ପିମ୍ପୁଡ଼ି ଚାହୁଁଛି ପିମ୍ପୁଡ଼ିକୁ ମୁହାଁମୁହିଁ, ଶୁଖିଲା ଆଖିରେ ହସ ଉଚ୍ଛୁଳାଇ କହିଯାଉଛି, ତୁମେ ଆମେ ଏକା ଜାତିଭାଇ, ଗୋଡ଼ରେ ଚାଲୁଁ ହାତରେ କାମ କରୁଁ । ତୁମର ଆମର ଏକା ଦେଶରେ ଘର ଭାଇ, ଏକ ମାଟି ଉପରେ ଆକାଶ ତଳେ, ତୁମର ଆମର ଏକା ଶତ୍ରୁ ଭାଇ—ଯେ ଆମ ମୁହଁରୁ ଆଧାର ଛଡ଼େଇନିଏ, ଗୋଡ଼ରେ ଦଳିଦିଏ, ଉପରେ କୁଟାଏ ତଳେ ପାଉଁଶ—

ପିମ୍ପୁଡ଼ିର ଧାରି ଚାଲିଛି, ତା'ର ମନ ଗହ୍ୱରରେ ହସ ଆଉ ନିଆଁ ମିଶି ଅଖଣ୍ଡ ଦୀପ ଜଳୁଛି——

ପଦାରେ ଗହଳି ଶୁଭିଲା । ପାଇକମାନେ ଆସୁଛନ୍ତି, ପଛେ ପଛେ ଟୋକେଇ ଓ ବସ୍ତା ଧରି ମାଲେ ଲୋକ । ରମେଶ ମୁହୂର୍ତ୍ତିକେ କର୍ମଚାରୀ ପାଲଟିଗଲା, ଠିଆ ହୋଇପଡ଼ି ପାଇକମାନଙ୍କ ସଲାମ ନେଲା । ବାବୁ ଆଗକୁ ଚମକିଗଲା, କହିଲା, "ପଂଝାକୁ ପଂଝା ଧରି ଆଣୁଛନ୍ତି ।" ପାଇକମାନେ କହିଲେ, "ଏଇ ଦେଖିବା ହେଉନ୍ତୁ, କେମିତି ଏ ହାଟରୁ ସ୍ୱେ ଲୋକେ ଲୁଚେଇ ଚାଉଳ ନେଇ ପଳାଉଥିଲେ ତଳି ଦେଶକୁ । ଉପରେ ଉପରେ ଲଙ୍କାମରିଚ ହଳଦୀ ଧୂଆଁପତ୍ର ବସ୍ତା ହୋଇଛି, ତଳେ ଅଛି ଚାଉଳ । ଏ ଦେଶରୁ ନେଇ ସେ ଦେଶରେ ବେଭାର କରିବେ, ସେଠି ବି ଚଢ଼ା ଦରରେ ବିକିବେ, ଚାଉଳ ଗଣ୍ଡାକ ପାଇଁ ଲୋକଙ୍କର ରକ୍ତ ମାଉଁସ ଝୁଣିକରି ଖାଇବେ ।"

ସାମ୍ନାରେ କଙ୍କାଳ ଆଉ, ବଡା କାଠ ପରି ଗୁଡ଼ା ହାଡ଼, ଦେହର ଚମ ଚେମେଣି ଦେହପର ଓହଳୁଛି, ଝଣ୍ଟା ପିଠି ଲାଗିଯାଇଛି; ଖାଲ ବେଢାଏ ହେଡାଏ ନୁଖୁରା ବାଳ, ଜଳୁ ଜଳୁ ଆଖି । ମଣିଷ ନୁହନ୍ତି, ମଣିଷର ପ୍ରେତଆତ୍ମା, ଆପଣା ଭାଷାରେ ଅଳି କରୁଛନ୍ତି, ବୋବାଳି ଛାଡ଼ୁଛନ୍ତି, ପେଟକୁ ପାଟିକୁ ଦେଖାଇ ଅଙ୍ଗଭଙ୍ଗୀ କରୁଛନ୍ତି, ତାଙ୍କ ସରୁ ସରୁ ଲମ୍ବା ହାତ ହଲଉଛନ୍ତି ।

ସେପାଖ ବସ୍ତିରେ ମଡ଼ଶା ପଡ଼ାକୁ ଅଇଲା ବୋଧହୁଏ, ଠେଲାପେଲା ହୋଇ ମଣିଷ, ଆଗକୁ ପଛକୁ ମୁଣ୍ଡ ଝାଙ୍କି ଝାଙ୍କି ସମସ୍ୱରରେ ସଙ୍ଗୀତ କଲାପରି ବାହୁନା,—"ଅଲୋ ଅଲୋ ହାଡେଯୁଁ ହାଡେଯୁଁ, ପାପୁ—"

ଆଉ ଭିପଡଲେ ଗୋହରିରେ ବାଡେଇ କଚ୍ଚିକି ହୋଇ ଗଲେନ୍ତା ପ୍ରେତ "ଏ ବାବସ୍ମା, ଏ ତଣ୍ଡି—"

ଆଉ ପାଇକଙ୍କ ଗର୍ଜନ, ବନ୍ଧୁ ଓଡ଼ିଆର ରଡ଼ି "ଏଇ, ଏମିତି କ'ଣ ହଉଚ, ଖୋଲ ଖୋଲ, ଦେଖାଅ ଚାଉଳ,"

ରମେଶ ଆଖି ବୁଜିଦେଲା । ତା'ର ମୁଣ୍ଡ ଭିତରେ ଦେ ହଲିଯାଉଛି, ଦେହରେ ବାଟର କ୍ଲାନ୍ତି, ଆଉ ଭୋକ ! ଆଖି ବୁଜି ତ ଦେଖୁଛି ଗୋଳଆଗୋଳ ଆଉଠା ଅଛି ମଣିଷ, ସେଠ ଗାଲରେ ହଜ୍ ରୋଗ, ମୁହଁରେ ହାଦ, ଦେହରେ ଧୋକଡ଼ ଚମ, ଅଛି ଶକ୍ ଶକ୍ । ସେଠି ମରଣରେ କାନ୍ଦଣା, ଅଭାବର ଆର୍ତ୍ତନାଦ, ଗାଡ଼ୁଆ ଆଖିର ଗହ୍ୱର ତଳେ ନିଆଁ ଆଉ ତୋଫାନ । ଆଖି ଖୋଲି ଚାହିଁଲା, ଲଗିଛି ଚହ୍ଲାର "ଏ ବାବସ୍ମା, ଏ ତଣ୍ଡି —" ହେ ବାବୁ ହେ ବାପ, ଦେଖ ଆମ ଅବସ୍ଥା ।

ଅରେ ନଦା ପଡିଲା, ଆଗରେ ଠିଆ ହୋଇଛି ବରହ୍ମା ପଜ ତଥାର ତେଙ୍ଗା ମଣି . ଦୁଇ ଲମ୍ବା ହାତ ମୁଣ୍ଡ ଉପରକୁ ଟେକ ଥର ଥର ହୋଇ କମ୍ପିଉଠିଲା, ସତେ ଅବା ଖଣ୍ଡ ଖଣ୍ଡ ହୋଇ ଭାଙ୍ଗି ପଡ଼ିବ ସେଇଠି, ପମ୍ପା ଘାଗଡ଼ା ଗଳାରେ ରଡ଼ି ଦେଲା,— "ଏ ବାବସ୍ମା, ଏ ତଣ୍ଡି—" ଗଳ ଗଳ ହୋଇ ଆପଣା ବୋଲିରେ କରୁଣ ଅନୁନୟ ଗାଇଗଲା । ଭାଷା ନ ଜାଣିଲେ ବି ତା'ର ଭାବ ବୁଝିହୁଏ । ତଳେ ମୁଣ୍ଡ କୋନି ତା'ର ପାଦଆଡ଼କୁ ହାତ ବଢ଼ାଇ ଦେକ ଭାଙ୍ଗିଦେଇ ଉପରକୁ ମୁହଁ ଟେକ ହଲଡ଼ଖ ଚାହିଁଲା । ସେହି ଚାହାଣି ରୂପ ନେଲା କେଉଁ ଏକ ଛୋଟା ମଣିଷର, ରମେଶ ଛୋଟା ସମସ୍ତଙ୍କର ଛୋଟା, ଭୋକ ଉପାସରେ ଛଟପଟ ହେଲେ ଆପଣା ଭିତରୁ ବାହାର ଦର୍ପଣରୁ ଚାହିଁରହେ । ଲାଗଲା, ଏହି ସମସ୍ତେ ଯେପରି ତା'ର ଛୋଟା ପରିଚ ଲୋକ, ତା'ର ଗ୍ରାମ ଲୋକ, ଦେହର ଚେହେରାକୁ ଆଉ ତା'ର ନଦା ନାହିଁ, ଭିତର ଚେହେରା ତା'ର ଅଛି ଚହ୍ଲା । ସାମ୍ନାର ଏ ଲୋକଟି ଯେପରି ତା'ର ହଜିଲା ସପନାଦଢ, ସେମିତି ଅଲରା ବାଳ, ସେମିତି ପାଗଳ ପରି ଠିଅ ଚୁଟି, ହାଡ଼ର ଢେଡ଼ାଏ ଢେଡାଏ

ଖାଲି ଗାଡ଼ିମୟ । କେବଳ ସେ ଆହୁରି କ୍ଳାନ୍ତ, ଆହୁରି କ୍ଷୁଧିତ, ମୃଛୁର ବଞ୍ଚିକା ଆଗରେ ଭୟଭୀତ । ସେହି ନଶୁଆ ବଙ୍କା ବୁଢ଼ା ଯେପରି କି କାନ୍ତପୁରର ଅକାମୀ ଅରକ୍ଷ କହ୍ନାର ବୁଢ଼ା ।

ଏଇ ଚମହାଡ଼ିମୟ ଟୋକା ପଲକ କାଲି ଥିଲେ ତାର ଗାଁର ଟୋକା, ସେମାନେ ତାର ବାଉରେ ପଶି କସି ପିଜୁଳି ତୋବାଉଥିଲେ; ଏଇ ଦଦରା ନାହା ପରି ସ୍ତ୍ରୀଲୋକମାନେ କାଲି ଥିଲେ ତା ଗାଁର ସ୍ତ୍ରୀ ଲୋକ, ପାହାନ୍ତିଆରୁ କଲ୍-କାଳିଆ ହୋଇ ବାଦବୁଦିଆ ଲଗାଇ ପନ ଗୋଟାଇବାକୁ ଧାଉଁଥିଲେ । ରମେଶ ଆଖି ଲୁଚେଇ ମୁହଁ ପୋତି ଠିଆହୋଇ ରହିଲା । ତୁଣ୍ଡରେ ଖାଲି ପଦେ କଥା—

"ଯାଅ ଯାଅ—ଯ୍ବା ଚାଲ—"

କଣ କହୁଚ ଏ ବାବୁଟା ? ବିନାୟକ ଟପରିସି ତରତର ହୋଇ ଭାବିଗଲା । ସତେ ଏମାନଙ୍କୁ ଚାଉଳ ଯେନ ଚାଲିଯିବାକୁ ଛୁଡ଼ିଦେଉଛୁ । ଆତୁର ହୋଇ ପାଟି କଲା, "ଆଜ୍ଞା···ଆଜ୍ଞା···ଆଜ୍ଞା !"

ତାଠୁ ସେହି ଏକା ଉତ୍ତର—"ଛୁଡ଼ିଦିଅ···ବେଲ ଯାଉଚ, ଯାଅ ଭାଇ··· ଯାଅ ଚାଲ—"

ସଂସାରକୁ ଚହ୍ନେ ନାହିଁ, ନରମ ପୁର୍ ପୁର୍ ମନ, ଟୋକା ଲୋକ, ଗଜୁରି ଗଜୁରି ଅଧା ନଣ, ଭକଭକିଆ ଟୋକା ଖଣ୍ଡେ, ଏଇଟା ନୁହେଁ ଅଧିକାରୀ, ପ୍ରକୃତ 'ଅଧିକାରୀ' ବାପପରି ମଣିଷ, ଛେଃ, ଏଇଟା ! ବିନାୟକ ଓଡ଼ିଆ ତା'ର ଅଭିଜ୍ଞତାର ଇତିହାସ ଆଉଣ୍ଟି ଲାଗିଲା, ସେ ବହୁତ ଦେଖିଛୁ । ତା'ର ଓଠ ବଙ୍କା ହୋଇ ରହିଲା, ନୁହେଁ ହସ, ନୁହେଁ ବିଦ୍ରୂପ ।

ରମେଶ ଠିଆହୋଇ ରହିଲା । ତା'ର ଚେତନା ଆଗରେ ଇତିହାସ ନଥିଲା, କପିଳେନ୍ଦ୍ର ନାହାନ୍ତି, ପୁରୁଷୋତ୍ତମ ନାହାନ୍ତି, କୋଣାରକ ନାହିଁ, ଦେଶ ଓ ଜାତିର ପିଣ୍ଡରଗଢ଼ା ମଣିଷର ବିଶିଷ୍ଟ ରୂପ ନାହିଁ, ଇତିହାସର ଅର୍ଥ ନାହିଁ ନାହିଁ, କିଛି ନାହିଁ, ଚାରିଆଡ଼େ ଖାଲି ପିମ୍ପୁଡ଼ି, ପିମ୍ପୁଡ଼ି, ଭୋକିଲା ପିମ୍ପୁଡ଼ି ବଞ୍ଚିବା ପାଇଁ ଆଧାର ଖୋଜି ନେଉଛନ୍ତି, ଆଉ ପିମ୍ପୁଡ଼ି ଧାର ଏକାଠି ହୋଇ ମନ୍ଦା ବାନ୍ଧୁଛି ନୂଆ ଅଭିଯାନ ପାଇଁ,—ସେ ବଞ୍ଚିବାକୁ ଚାହେଁ ।

ଶୀତେଇ ଉଠିଲା । ଖରା ଗଲାଣି, ଚାରିଆଡ଼େ ବାଲି କୁହୁଡ଼ି; ମାଘର ଶୀତ ଅନୁଭବ କଲା ।

# ବଉଳା

ଶ୍ରୀ ରାଜକିଶୋର ରାୟ

ଗୋଠ-ବାହୁଡ଼ା ବେଳ ।

କଥା ଗୋହରି ଦେଇ ଦଫାଦାରବାବୁ ଭଜନ ପଧାନ ଘର ପିଣ୍ଡା ଉପରକୁ ଉଠିଲେ । ଏବେ ସେ ଥାନାରୁ ଫେରୁଛନ୍ତି । ଦଶଦଶଟା ମକଦ୍ଦମାର ଫନ୍ଦ ଓ ମୀମାଂସା କାମରେ ବୁହାଇ ସେ ସବୁବେଳେ ଯାତାୟାତ କରନ୍ତି । ତେଣୁ ତାଙ୍କର ମେରୁଦଣ୍ଡ ଆଗକୁ ଝୁଙ୍କିପଡ଼ିଛି ।

ପାଉଁଶ ଗୁଣ୍ଡିରେ ଦଳା ହୋଇ ହରକାଣ୍ଟ କୋର୍ଟର ବୋତାମଗୁଡ଼ାକ ଟକ୍ ଟକ୍ ଦେଖାଯାଉଛି । ହାତରେ ବଡ଼ାଏ କାଗଜ । କାଗଜ ଉପରେ ମଲାଟ ବୋର୍ଡ଼ ଖଣ୍ଡିକ ଟିପଚିହ୍ନ କାଳରେ କଳା ପଡ଼ିଛି । ଗୋଟାଏ ସୂତା ଅହେତୁକ ଭାବରେ କାଗଜ ଉପରେ ଲମ୍ବି ଆସିଛି ।

ସରସୀ ତୁଳସୀ-ବେଦୀ ମୂଳରେ କୁଙ୍କକନା ବୁଲେଇ ଆସୁଥିଲା, ଦଫାଦାର-ବାବୁ ପିଣ୍ଡା ଉପରକୁ ଉଠୁଛନ୍ତି । ଓଢ଼ଣାଟି ଧୀରେ ଟାଣି ଆଣି ମସିଣା ଖଣ୍ଡିଏ ପିଣ୍ଡା ଉପରେ ପାତିଦେଲା । ଦଫାଦାରବାବୁ ବସିପଡ଼ିଲେ ।

ସରସୀ ଦଫାଦାରବାବୁଙ୍କର ଧରମ-ଝିଅ । ଥାନାଫେରନ୍ତା ଦଫାଦାରବାବୁ ସରସୀକୁ ଏହିପରି ପ୍ରାୟ ସଙ୍ଖୋଳ ଯାଆନ୍ତି । ଏଣୁ ତେଣୁ ଦି କଥା ପଚାରନ୍ତି । ପଚାରିବା ଭିତରେ ନିଜ ସ୍ୱାର୍ଥର ପରିଚୟ ଥାଏ । ସେଇତକ କଥାବାର୍ତ୍ତାରେ ସରସୀର ବାଡ଼ି ବାଇଗଣଠାରୁ ଆରମ୍ଭ କରି ଉଜଳା ଗାଈର କ୍ଷୀର ବା ପତନର ଲହୁଣୀ ପର୍ଯ୍ୟନ୍ତ—ସବୁଥିରେ ଦଫାଦାର ବାବୁଙ୍କର ଲାଳସା ରହିଥାଏ ।

ଭଜନ କୃଷି କରେ, ଗୋଧନ ବଢ଼ାଏ; ଆଉ ସରସୀ କୃଷି ଲକ୍ଷ୍ମୀଙ୍କୁ ଆଦର କରେ, ପୂଜା କରେ ପ୍ରତି ଗୁରୁବାରରେ । ଛୋଟ ଛୋଟ ପାଦ କେତୋଟି ମୁରୁଜରେ ଆଙ୍କି ଈଶାନ କୋଣରେ ତାହା ସେ ବନ୍ଦାପନା କରେ । ଗହବର କୂଳ ଭିତରେ ଏକ ଆଡ଼େ ସ୍ୱାମୀ, ଅନ୍ୟ ଆଡ଼େ ଗୋମାତାର ସେବାରେ ସରସୀର ଅନ୍ତର ପୁଲକିତ ହୁଏ । ତାର ନେହ ସମ୍ପତ୍ତି—ଉଜଳା, ପତନ, ମଙ୍ଗୁଳି, ଆଉ ଜଗନ୍ନାଥ ଓ ବଳଭଦ୍ର ବୋଲି ଦୁଇ ମୂର୍ତ୍ତି ବଳଦ ।

ଉଜଳା ପହ୍ନାରେ ଆଙ୍ଗୁଠି ଖସାଇ ସରସୀ ଯେତେବେଳେ କୋଳ ଉପର ଭାଣ୍ଡକୁ ଭରି ଆଣେ, ସେତେବେଳେ ସୂର୍ଯ୍ୟ-ରଥ ଆକାଶର ନୀଳିମା ଚକ୍ରବାଳକୁ ଉଦ୍ଭାସିତ କରି ବାହାରି ଆସୁଥାଏ । ନିତି ଦିନର ଏହି ଲୀଳା ଯେମିତି ସରସୀର ପ୍ରାଣ ପରିପୂର୍ଣ୍ଣ ରହିଥାଏ ସତ; ମାତ୍ର ନାରୀହୃଦୟର ନିଭୃତ ସ୍ଥଳୀର ଯେ ବ୍ୟଥା ଟିକକ ସେ ଅତି ସଂଗୋପନରେ ଧରି ରଖିଥାଏ, ତାହାର ସମ୍ବାଦ କର୍ମପଟୁ ଭଜନ ରଖିପାରେନା କି ଉଜଳା ପତନୀ କିଛି ବୁଝିପାରନ୍ତି ନାହିଁ ।

ଭାଣ୍ଡ ପୂରିଆସେ । ସ୍ୱଚ୍ଛ ଶୁଭ୍ର କ୍ଷୀର ଧାର ! ଉଜଳା ଝିଅ ବଉଳାର ଦୁଧଫେଣ-ଲଗା ମୁହଁ ସରସୀର ପିଠି ହାତ ବାହୁ ଉପରେ ବୁଲିଆସେ । ବଉଳୀର ଏ ଆନନ୍ଦ-ସ୍ପର୍ଶ ସରସୀ ସହିନିଏ । ସାମାନ୍ୟ ବାଛୁରୀର ସ୍ପର୍ଶ ଭିତରେ, ସରସୀ ଯାହା ଉପଭୋଗ କରେ, ତାହାଠାରୁ ବେଶୀ ସେ ଅନୁଭବ କରେ ତାହାର ଅନୁକ୍ଷଣ ଅଭାବ ।

ଗାଁ ସମାଜ ଘରେ ସରସୀ ଶୁଣିଛି, ଯଶୋଦା ବନମାଳୀଙ୍କର ଗୋପଲୀଳା କାହାଣୀ । ଗାଁର ହରିଜନ ଯାତ୍ରାଦଳର ରଙ୍ଗସଭା ସୁଆଙ୍ଗରେ ସେ ଦେଖି ପାରିଛି, ବାଳଗୋପାଳ କୃଷ୍ଣଙ୍କ ପାଇଁ ଯଶୋମତୀର ସ୍ନେହବତ୍ସଳ ମନ । ଗୋଧନ ପଛରେ କାହ୍ନୁର ରଙ୍ଗ ବୁଲି ଘଣ୍ଟେ ନ ଦେଖିଲେ ଯଶୋଦାଙ୍କର ହୃଦଫଟା କାନ୍ଦ—କ୍ଷୀରଭାଣ୍ଡ ଭାଙ୍ଗି କୁନ୍ଦିର କାହ୍ନୁ ଆଉଜା ସଶଙ୍କ ମୂର୍ତ୍ତି—ସବୁ ସରସୀ ଦେଖେ, ବୁଝେ । ଯେତିକି ଦେଖେ ଯେତିକି ବୁଝେ, ସେତିକି ଉଜଳା କ୍ଷୀରର ପୂର୍ଣ୍ଣଭାଣ୍ଡ ତାକୁ ଅପୂର୍ଣ୍ଣ ଜଣାଯାଏ । ଟ୍ରେଟ ଟ୍ରେଟ ଦୁଇଟି ପାଦରେ ଠୁକୁ ଠୁକୁ ଚାଲି ଯେମିତି, ଗାଲରେ ଗାଲେ ହସ ପୂରାଇ ଯେଉଁ ହୃଦ-ଧନଟି ଉଜଳାର କ୍ଷୀର ଭାଣ୍ଡକୁ ଆକ୍ରମଣ କରୁଥାନ୍ତା, ତାହାର ସ୍ୱପ୍ନହିଁ ସରସୀ କେବଳ ଦେଖି ଚାଲିଛି ।

'—ଭଜନ କଅଣ ହାଟକୁ ଯାଇଛି ?' ଦଫାଦାର ବାବୁ ହସି ହସି ଆରମ୍ଭ କଲେ ।

'—ହଁ, ସାଆନ୍ତେ, ଏଇନାକେ ଫେରୁଥିବେ ।'

ଦାଣ୍ଡଘର କବାଟ ଆଢୁଆଳରୁ ସରସୀ ଅଧାଲୁଚା ଅଧାଦେଖା ଭାବରେ ଦଫାଦାରବାବୁଙ୍କୁ ଅଭ୍ୟର୍ଥନା କରିଅଛି । ଉଜଳାର ଛେନା, ଆଖୁ କ୍ଷେତର ନୂଆଗୁଡ଼—ତା ସାଥିକୁ ଦି'ଟା ହୁଡ଼ମ ।

ଦଫାଦାର ବାବୁ ଭୋଜନ ସାରି ସରକୁ ଶୁଣେଇ କହିଲେ—'ସର, କଟକ ସହରରେ ଗାଈ ଗୋରୁ ପ୍ରଦର୍ଶନୀ ହେଉଛି । ତୋ ଉଜଳା, ପତନୀଙ୍କୁ ଦେଖିଲେ ତ ଆଖି ଖୋସି ହୋଇଯାଏ । ତୁ ତାଙ୍କୁ ଏତେ ହେପାଜତରେ ରଖିଛୁ ଯେ, ମାଛି ଖସି ପଡ଼ିବ । ଭଜନକୁ କହିବୁ—ଉଜଳା, ପତନୀ; ଆଉ ବଉଳାକୁ ଯେମିତି ନେଇ କଟକ ଯାଉ । ଗାଈ ପିଛାକେ ପଚାଶ ଟଙ୍କା ପୁରସ୍କାର ।'

ସରସୀ ବାଧା ଦେଇ କହିଲା—'ପଚାଶ ଟଙ୍କା କେତେମ ? କୋଡ଼ି କୋଡ଼ି ହୋଇ ସାଆନ୍ତେ କେତେ ହେବ କୁହ ।'

'—ଦ' କୋଡ଼ି ପୁଣି ଦଶ ଟଙ୍କା ।'

'—ଏଁ, ଏତେ ଟଙ୍କା ମିଳିବ ?'

'—ହଁ, ଥାନାବାବୁ ଗାଁରେ ଗାଁରେ ଏ କଥା ଲୋକଙ୍କୁ ବୁଝେଇବାକୁ ମତେ କହିଛନ୍ତି । ସେଠାରେ ଗାଈ ଗୋରୁ ମଣିଷଙ୍କ ପାଇଁ ଖାଇବା ପିଇବାର ସୁବିଧା ଅଛି । ବାଟରେ ଯଦି ଭଜନକୁ ଦେଖିବ, ତାକୁ ବୁଝେଇ କହିଦେବ ।'

ସରସୀ କହିଲା—'ସାଆନ୍ତେ, ଦ'ଦିନ ନକମା ହେଲେ ତ ପୁଣି ଏ ଯିବେ । କେତେବେଳେ ସିନା ଟଙ୍କା ମିଳିବ, ଅଗତ ପୁଣି ବାଟ ଖର୍ଚ୍ଚ ଲୋଡ଼ା ।'

ପଞ୍ଚୁଆ କାଳିଆକୁ ଧେନ କେତେବେଳୁ ଦଫାଦାରଙ୍କ କଥା ଶୁଣୁଛି, ଏ କଥା କେହି ଜାଣନ୍ତି ନାହିଁ । ଦେଶୀ କୁକୁର କାଳିଆ । 'ଧ' ବୋଲି ଧରେଇଲେ କାଳିଆ ଗାଈ ବଳଦଙ୍କ ଗଳାବ ଟାଣି ଦେବ । ପଞ୍ଚୁଆ ଓ କାଳିଆ ଭିତରେ ଏ ଅଭେଦ ପ୍ରୀତି ଗାଁ ଲୋକେ ଜାଣନ୍ତି । କାଳିଆ ପାଇଁ ପଞ୍ଚୁଆକୁ ଏଥିପାଇଁ ସମ୍ମାନ ବି କରନ୍ତି ।

'—କରେ ପଞ୍ଚୁ, କାଳିଆକୁ ଧେନି କଟକ ଯା, ଏ ଯେମିତି ନାଗଟ କୁକୁର କେଜାଣି ତତେ କିଛି ମିଳିଯାଇପାରେ ।'

'—ଏ ଦେଶୀଟା କଅଣ କାମ ତୁଲେଇ ପାରିବ ?' କହି ପଞ୍ଚୁଆ କାଳିଆ ମୁଣ୍ଡରେ ହାତ ବୁଲେଇ ଆଣିଲା । ପ୍ରଭୁର ସ୍ନେହ କୁକୁର ବୁଝେ । ଲାଞ୍ଜ ପିଟି ଥୁମ୍ପି ଗୋଡ଼ରେ ମାଟି ଖୋଳି କାଳିଆ ଜଣେଇ ଦେଲା ଯେ ସେ ସବୁ କାମ ତୁଲେଇ ପାରିବ ।

ପୁରୀ ସହର ଜାଗଘରେ ତାଲିମ୍ ହୋଇଛି କଣ୍ଠ ପୂଝାରି । ତାର କୈଶୋର କାଳ ପୁରୀର ଗୋଟାଏ ବିଖ୍ୟାତ ଆଖଡ଼ା ଘରେ କଟି ଯାଇଛି । ସାଧନା ଓ ସ୍ମୃତି ଚିହ୍ନ ପାଇଁ ଏବେ ବି ସେ କପାଳ ଶିଖରୁ ନାସାଗ୍ର ପର୍ଯ୍ୟନ୍ତ ସିନ୍ଦୂରକଲି ମାରେ । କାନ୍ଧ ଉପର ଗାମୁଛାଟା ତାର ପ୍ରତିପଦ କ୍ଷେପରେ ଉଠେ, ଆଉ ପଡ଼େ । ଏଇଟା ଏତେ଼ ଅଭ୍ୟାସରେ ଶେଷକୁ ଆସିଗଲା ଯେ, ପାଦତାଳ ଛାଡ଼ି କଥାତାଳରେ ବି ତାହା ଏବେ କଣ୍ଠ କାନ୍ଧ ଉପରେ ନାଚିବାକୁ ଆରମ୍ଭ କରିଛି ।

ଯେଉଁ ବୋଦାକୁ ଧୋବା ପାରେନି, କଣ୍ଠ ତାହା ବେକରେ ଛୁଇଁ ଦିଏ । ଏ ଅସାଧାରଣ ସାଧନା ସେହି ପୁରୀ ରହଣି ଭିତରେ ସେ ଆୟତ୍ତ କରିଛି । ଏ ସବୁର

କର୍ମକ୍ଷେତ୍ର ନିରୂପିତ ହୋଇ ରହିଛି । ତେଣୁ କାହାର ଦରକାର ହେଲେ ଜଣାଶୁଣା ଦୁଇଟଙ୍କା ପାଉଣାରେ କଣ୍ଟୁ ଜୀବ ବଧ କରିଦିଏ । ସେଠାରୁ ଫେରିଆସି ଶିବ-ଦେବାଳୟ ଭିତରେ କଣ୍ଟୁ ସଂଧ୍ୟା ଆଳତି ବୁଲାଏ । ଏ ବ୍ୟବସାୟରେ ତାକୁ ଦିନେ କ୍ଷତି ସହିବାକୁ ପଡ଼ିନି । କାରଣ ତାହାର ଉତ୍ସାହଦାତା ଓ ପୃଷ୍ଠପୋଷକ, ସବୁ କଥାରେ—ହେତୁକ ହେଉ ବା ଅହେତୁକ ହେଉ, ଯେଉଁମାନେ ଆତଭର ସେହି ସ୍କୁଲ ଓ କଲେଜ ଗ୍ରୁପ ।

କଣ୍ଟୁ ପଞ୍ଝୁଆ ପଛରେ ଛୁଟାହୋଇ କଅଣ କରେ ବୋଲି ପଚାରିଲା । ଦଫାଦାର ବାବୁ ତାକୁ ଦେଖି କହିଲେ, 'ମାଲିକେ, ମେଣ୍ଢାଟା ଥରେ ଡାଳ ପକାଉ !'

'—ମହାରାଜେ, ଏ ବା କି କଥା, ବସିବା ହେଉ' କହି କଣ୍ଟୁ ବାହାସ୍ଫୋଟ ମାରି ତାର ପ୍ରିୟ ମେଣ୍ଢାଟିକୁ ଆହ୍ୱାନ କଲା । ଏ ଦୃଶ୍ୟ ଗାଁଲୋକଙ୍କର ପୁରୁଣା ହେଲେ ବି, ସବୁଥର ଏଥିରେ ନୂତନତା ପ୍ରକଟେ; ତାର କାରଣ କଣ୍ଟୁର କହିବା ତାତୁସ୍ୱରେ ପୂର୍ବରେ ନଳଚନ୍ଦ ମଣ୍ଡଳର ଭାଷା ଫୁଟେ ବୋଲି ।

କଣ୍ଟୁ ମେଣ୍ଢାଟିଏ ପାଳିଛି । ଦୀର୍ଘକାୟ ମେଣ୍ଢା । କେଶରୀ କେଶର ଭଳି ତାର ଗଳା ଦେଶର କେଶଗୁଚ୍ଛ ଅତି ସାନ୍ଦ୍ର । ଶିଙ୍ଘ ବାଙ୍କିଯାଇ ଶିଖ୍‌ଲୋକର ଶ୍ମଶ୍ରୁ ବନ୍ଧନ ପରିପାଟୀ ଭଳି ମୁହଁ ଉପରେ ତାହା ଲାଗି ରହିଛି । କଣ୍ଟୁ ଏହି ଜୀବଟିକୁ ପାଳିବା ପାଇଁ ଯାହା ଖର୍ଚ୍ଚ କରେ, ସେଥିରେ ସେ ଦୁଇ ପ୍ରାଣୀ କୁଟୁମ୍ବ ସ୍ୱଚ୍ଛନ୍ଦରେ ପୋଷି ପାରନ୍ତା । କଂସେଇ ମାଧବ ମିଆଁ ଚାଳିଶ ଟଙ୍କା ହାଙ୍କିଥିଲା; ତଥାପି କଣ୍ଟୁ ଦେଇ ନାହିଁ ।

ଦୁଇଦିନ ପରେ ସିନ୍ଦୂର ଫାଟିଲା ବେଳକୁ ସେହି ଗାଁଆର ନଈବନ୍ଧ ଉପରେ ଲୋକେ ଦେଖିଲେ, କଣ୍ଟୁ ଚାଲିଛି । ମେଣ୍ଢାକୁ ସାଙ୍ଗରେ ଧରି, ତା ପଛକୁ ପଞ୍ଝୁଆ ଟାଣୁଛି କାଳିଆକୁ, ସବା ଶେଷରେ ଭଜନ ଚାଲୁଛି—ସାଙ୍ଗରେ ଉଜଳା ଓ ତାର ଝିଅ ବଉଳ ।

କଟକର ଗୋକୃଷି ପ୍ରଦର୍ଶନୀର ବିରାଟ ପଡ଼ିଆ । ସହରର ଭିଡ଼ ଉପରେ ପଲ୍ଲୀର ଗୋଧନ, ପଲ୍ଲୀର କୃଷିଦ୍ରବ୍ୟ, ପଲ୍ଲୀର ସରଳ ମଳାମୁଣ୍ଡିଆ କୃଷକର ଉପସ୍ଥାନ ।

ଗହଳି ଭିତରେ ପଞ୍ଝୁ, କଣ୍ଟୁ ଓ ଭଜନ ସେଥିର ଜନ୍ତୁକୁ ଠିଆ କରାଇ ଭାବୁଛନ୍ତି, ଏଠି କଅଣ ହେଉଛି ? ମଟରଗଲା ଶବ୍ଦରେ ଚମକି କଣ୍ଟୁର ମେଣ୍ଢା ଦି'ଥର ପଘା ଛିଣ୍ଡେଇ ପଳେଇଥିଲା । ଅଠର କୋଶ ବାଟ ଚାଲିଆସି ଉଜଳା

ଆଉ ଛଡ଼ା ହୋଇ ପାରୁନ । ତା'ର ଦୁଇ ଆଖିରୁ ଦୁଇ ଧାର ଲୁହ ବାହାରି ଆସିଛି । ଭଜନ କେତେ ବାଟ ବଉଳକୁ କାନ୍ଧରେ ବୁହାଇ ଆଣିଲା, ଶେଷକୁ ଆଉ ପାରିଲା ନାହିଁ । ସୁରମାସର ଛୁଆ ବାଛୁରୀ ଅକାତ ହୋଇ ପଡ଼ିଗଲାଣି । ପିଲାଟି ଦିନୁ ଭଜନ ବଉଳକୁ ମୁଗଚୁନି ଖୁଆଇବା ଶିଖାଇଛି; ଏଠି ନଡ଼ାକୁଟା ଛଡ଼ା ଆଉ କିଛି ମିଳୁନ । ଜଣେ ବାବୁଙ୍କୁ ସେ ଏ କଥା କହିଥିଲା । ସେ ବାବୁ କହିଲେ, ଅନ୍ୟ ଜଣେ ବାବୁଙ୍କୁ କହିବାକୁ । ସେ ବାବୁ ପୁଣି କହିଲେ ଅନ୍ୟ ଜଣେ ବାବୁଙ୍କୁ କହିବାକୁ । ଏତେ ବାବୁଙ୍କୁ କହିବାକୁ ଭଜନର ଆଉ ସମୟ ନ ଥିଲା ।

ହଠାତ୍ ହେଲା ଉଠିଲା "ମନ୍ତ୍ରୀ ମଟର", "ସାହେବ ମଟର", "ହାକିମ ମଟର" । ହଠାତ୍ ଗୋଳ ହୋଇଯିବାରୁ କାଳିଆର ମିଂଜାସ୍ ତାତିଗଲା । ନଇଲେ ଏତେବେଳଯାଏ କୁକୁଡ଼ା ବଖରା ଆଡ଼କୁ ଅପଲକ ଆଖିରେ ସେ ଚାହିଁ ରହିଥିଲା । ହେଠକରେ ତା'ର ଯାହା ଶାନ୍ତ ଥିଲା ତାହା ନଷ୍ଟ ହୋଇଯିବାରୁ ସେ ଭୁକିବାକୁ ଆରମ୍ଭ କରିଦେଇଛି ।

ସେହି ପଡ଼ିଆରେ ସଭା ହେଲା । ପେଟ ଦ'ଦଉଡ଼ି ହୋଇ ଯାଉଥିଲେ ବି ପଞ୍ଚୁ, କଣ୍ଟୁ ଆଉ ଭଜନ ସଭା ଦେଖୁଥାନ୍ତି । ଦେଖିବା ମିଛ; ଶୁଣୁଥାନ୍ତି ଯାହା । ମନ୍ତ୍ରୀ ବୋଲି କଅଣ ପଦାର୍ଥ, ସେ ଦେଖିଲେ ନାହିଁ । ଡାକବାଜ ଯନ୍ତ୍ରରେ ସେ କୁହାଟ ଶୁଣିଲେ—'ହଲଣ୍ଡ, ଡେନମାର୍କରେ ଗାଈଗୋରୁମାନଙ୍କୁ ଯେପରି ଖାଦ୍ୟ ଦିଆଯାଏ, ଯେପରି ଭଲ ଅବସ୍ଥାରେ ରଖାଯାଏ, ଆପଣମାନେ ସେହିଭଳି ଖାଦ୍ୟ ଓ ଅବସ୍ଥାରେ ନିଜ ନିଜର ଗୋଧନ ପ୍ରତିପାଳନ କରନ୍ତୁ । ଏ ବିଷୟରେ ଅନେକ ବହି ଲେଖା-ଯାଇଛି, ତାହା ପଢ଼ନ୍ତୁ । ଏଠାରେ ଗୁହାଳ କି ଆଦର୍ଶ ଭାବରେ ତିଆରି ହେବା ଉଚିତ, ସେ ବିଷୟରେ ଜଣେ ଡେନମାର୍କରୁ ଟ୍ରେନିଂ ପାଇ ଆସିଥିବା କୃଷିବିଭାଗର ଅଫିସର ବକ୍ତୃତା ଦେବେ । କୁକୁଡ଼ା କିପରି ବ୍ୟବସାୟ ସୂତ୍ରରେ ପାଳିବାକୁ ହେବ, ତାହା ବି ଜଣେ ବିଶେଷଜ୍ଞ ବୁଝାଇ ଦେବେ ।' ଶେଷରେ ଯନ୍ତ୍ରରୁ ବାହାରିଲା—

"ଏହି ଆୟୋଜନଟିକୁ ସାଫଲ୍ୟମଣ୍ଡିତ କରିଥିବାରୁ ମାନ୍ୟବର ମନ୍ତ୍ରୀ ମହୋଦୟ କୃଷି ବିଭାଗକୁ ଧନ୍ୟବାଦ ଦେଉଛନ୍ତି ଓ କର୍ମଚାରୀମାନଙ୍କୁ ଉତ୍ସାହିତ କରିବା ପାଇଁ ଏକଶତ ଟଙ୍କା ଦାନ କରୁଛନ୍ତି ।"

ସଭା ଶେଷ । ଅଠର କୋଶବାଟରୁ ଆସିଥିବା ତିନିଟା ଲୋକ ଏହି କଥା ଶୁଣିଲେ । ଆଉ ଟିକିଏ ପରେ ପୁଣି ଶୁଣାଗଲା —"ଏହିମାନେ ପୁରସ୍କାର ପାଇଛନ୍ତି, ପ୍ରତ୍ୟେକ ପଚାଶଟଙ୍କା ।

ଭଲ ଦୁଧିଆଳୀ ଗାଈ ପାଇଁ ମହନ୍ତ ମହାରାଜାଙ୍କର ପାଟ ଗାଈ ।

ଭଲ ବିଲାତି କୁକୁର ପାଇଁ ଡେପୁଟି ମାଜିଷ୍ଟ୍ରେଟ୍ ଭଟ୍ଟାଚାର୍ଯ୍ୟଙ୍କର ଲାଲି କୁକୁର ।

ଭଲ ମେଣ୍ଢା ପାଇଁ ବିଖ୍ୟାତ ବ୍ୟବସାୟୀ ଓ କାରପଟ୍‌ଦାର ଆବ୍ଦୁ ହୋସେନଙ୍କର ମେଣ୍ଢା ପ୍ୟାଣ୍ଡା ମେଣ୍ଢା ।

ଭଲ ଛେଳି ପାଇଁ ·····

ପଞ୍ଚୁ ଅନେଇଲା ଭଜନ ଆଡେ, ଭଜନ ଚାହିଁଲା ପଞ୍ଚୁ ଆଡେ । କଣ୍ଢ ଚାହିଁଛି ଆଉଜଣଙ୍କୁ । ସେ ଆଉ କେହି ନୁହେଁ, କଟକର କଂସେଇ ସମ୍ରାଟ୍ ସଫେଫ୍ ମିଆଁ । ବ୍ୟବ୍ୟସାୟୀ ସେ । ଦେଖିଲା, ଏହି ପଡ଼ିଆରୁ ସେ କିଛି ମାଲ୍ ଯଦି ଯୋଗାଡ଼ କରିପାରେ, ତେବେ ଶସ୍ତା ଓ ସୁବିଧାରେ ସେ ପାଇଯିବ ।

ଅଣ୍ଡାରେ ଭଜନଙ୍କେର ପଇସା ନାହିଁ । ଝଠର କୋଶ ଫେରନ୍ତା ବାଟକୁ ଚାହିଁଦେଲେ ଭଜନଙ୍କେର ହାଲୁକ ଶୁଖିଯାଉଛି । ସରସୀ କାରଅଣା ଅଡେଇ ପଇସା ଦେଇଥିଲା । ବାଟରେ କୁଣ୍ଡା, ଛଣ, କଞ୍ଚାଚୂଡ଼ା କିଣାରେ ସେତକ ସରିଯାଇଛି । କଣ୍ଢ ଟିକିଏ ଅଫିମ ଖାଏ; ବାକୀ ଯାହା ଥିଲା, ସେତକ ଅଫିମରେ ସରିଛି ।

କାଳିଆ କୁକୁର ପଣ୍ୟ ନୁହେଁ । ତେଣୁ ପଞ୍ଚୁ ସେ ବିଷୟରେ ନିର୍ଶ୍ଚିନ୍ତ । ଉଜଳା ବଉଳା ମାଆ ଝିଅ । ଗୋଟିକ କଥାରେ ଭଜନର ସଂସାର । ଶେଷରେ ରହିଲା କଣ୍ଢର ମେଣ୍ଢା । ଏହାର ଉପରେ ଆଖି ପକେଇଛି ସଫେଫ୍ ।

ଗାଁ ସାଥୀ ଦୁଇଜଣ ଏ ନିଜର କ୍ଷୁଧାର ଦାବଦାହ ସମ୍ଭାଳିବାକୁ ଯାଇ କଣ୍ଢ ମେଣ୍ଢାକୁ ଛାଡ଼ିଦେଲା ପାଞ୍ଚ ଟଙ୍କାରେ ।

ଫେରନ୍ତା ବାଟ । ମୁହଁରେ କଥା ନାହିଁ । ବଉଳାର ଅବସ୍ଥା ବଳେଇଛି । ଭଜନ କାନ୍ଦେଇ କାନ୍ଦେଇ କାନ୍ଦି ତା ପାଚିଗଲାଣି । ବଉଳାର ପେଟ ଫୁଲି ଯାଇଛି । ଗାଁ ଗାଁ କରୁଛି । ରକ୍ତ ବାନ୍ତି '

ଉଜଳାର ପଛ ଖୁରା ଖଲି ଧରିଛି । ଗଲାବେଳୁ ଯେଉଁ ଦ'ଧାର ଲୁହ ସେ ବୁହାଇ ଚାଲିଥିଲା, ସେହି ଦୁଇଧାର ଲୁହ ବହି ଚାଲିଛି ।

କାଳିଆ ସୁବିଧା ପାଇଲେ ବଉଳାର ମୁମୂର୍ଷୁ ଦେହକୁ ଶୁଙ୍ଘି ଦେଉଛି । କାନ ପାଖରେ ମୁହଁ ଗୁଞ୍ଜି ସେ ଦଣ୍ଡେ ରହି ଯାଉଛି ।

କେତେବେଳକୁ ଭଜନ ବଉଳାକୁ କାନ୍ଧରୁ ଓହ୍ଲେଇ କହିଲା—'ପଞ୍ଚୁ, ସରିଗଲା' !

କଣ୍ଠ ଆଉ ପଞ୍ଚୁ ଦେଖିଲେ—ହଁ ସରି ଯାଇଛି । ବଉଳାର ମୁହଁର ଯେଉଁ ଝିଲକ ରକ୍ତ ବହି ଯାଇଛି, ତାହା ସହିତ ବଉଳାର ପ୍ରାଣ ଝସି ଯାଇଛି ।

ଆକାଶ ତାରକିତ ଥିଲା । ସେହି ଆଡ଼କୁ ଚାହିଁ ଭଜନ କହିଲା—'କଣ୍ଠ ମହାପ୍ରଭୁ, ସର କଅଣ ମତେ କହିବ ? ସେ ବଞ୍ଚିବଟି କି ? ମୁଣ୍ଡ ତ ପିଟିଦେବ ମୁଁ କଅଣ କରିବି ? ଭଗବାନ କୋଳରେ କୁଆଁ ଶୁଣେଇ ନାହାନ୍ତି, ବଉଳା ତା'ର ଝିଅ ଥେଲା ।'

ସେଇଠି କଣ୍ଠ ଶେଷଥରକ ପାଇଁ କପାଳ ଶିଖରୁ ସିନ୍ଦୁର କାଢ଼ି ପୋଛିଦେଇ କହିଲା—

"ହେ ଭାଇ, ବଉଳାଟାକୁ ସଡ଼କ ତଳକୁ ଗଡ଼େଇ ଦିଅ । ଆମେ ମଲାମୁଣ୍ଡିଆ ।"

କାଳିଆ ପଛେ ପଛେ ଗଲା । ବଉଳାର ଶବ ଯେଉଁଠି ପଡ଼ିଲା, ସେଇଠି ସେ ଦଣ୍ଡେ ଛିଡ଼ାହୋଇ ରହିଗଲା ।

# ପରାହତ

**ଶ୍ରୀ ପ୍ରାଣବନ୍ଧୁ କର**

"ଏ ସାଇକେଲ୍ ବାବୁ, କେନ୍ ଆଡ଼େ ଯାଉଚୁ ?" ଦ୍ରେକଟା ଆପେ ଆପେ କଷି ହୋଇଗଲା । ଫେରି ଚାହିଁଲି—ପାହାଡ଼ିଆ ଅଞ୍ଚଳର ଗୋଟିଏ ନିର୍ଜନ ଉପତ୍ୟକା ପଥ, ମତେ ପଛରୁ ଡାକିଦେଇ ନିର୍ଲଜ ଭାବରେ ଯୁବତୀଟି ମୋ ଆଡ଼େ ଚାହିଁ ହସୁଛି । ଭାବିଲି—ପାଗଳୀଟାଏ ନା କଅଣ ? ସନ୍ଦେହ ଦୂର ହେଲାନି । ବାଇକ୍‌ରୁ ଓହ୍ଲେଇ ପଡ଼ି ପଚାରିଲି—ମତେ ଡାକୁଛୁ ?

ହଁ କି ନାଁ ଉତ୍ତର ନ ଦେଇ ସେ ମୋ ଆଡ଼େ ସେହିପରି ହସି ଚାହିଁ ରହିଲା ।

ବଡ଼ ଅପମାନିତ ବୋଧ କଲି । ଚାହିଁଲି ଚାରିଆଡ଼କୁ । କେହି କୁଆଡ଼େ ନାହିଁ । ଶୀତ ଦିନର ମଧ୍ୟାହ୍ନ । ପାହାଡ଼ ଆଉ ଜଙ୍ଗଲ—ଜଙ୍ଗଲ ଆଉ ପାହାଡ଼ । ନିଜ ପୋଷାକ ଆଡ଼େ ଚାହିଁଲି—ତା ର ମତେ ଡାକିବାର କିମ୍ବା ଦେଖି ହସିବାର କୌଣସି କାରଣ ଖୋଜି ପାଇଲି ନାହିଁ ।

ମାଲୁଅ ଝିଅମାନେ ଫେର୍ ଏତେ ସାହସୀ ହେଲେ କେବେଠୁଁ ? ପାଣ୍ଟ୍ କୋଟ ପିନ୍ଧା ବାବୁ ଦେଖିଲେତ ଏମାନେ ଲୁଚିବେ ବଣ ବୁଦା ଭିତରେ—ପତ୍ର ଫାଙ୍କରୁ ଭୟାର୍ତ୍ତ ଆଖି ଦୁଇଟି ଦେଖେଇ । ସେମାନେ ଫେର୍—ତାକୁ ଡାକିଲି ପାଖକୁ—ରୂଢ଼ଗଳାରେ ପଚାରିଲି—କାହିଁକି ଡାକୁଥିଲୁ ମତେ ?

ଯୁବତୀଟି ଉତ୍ତର ଦେଲା—ଏମିତି ।

ମତେ ଯେ ସିଏ ଜମା ଭୟ କରୁନି, ସେଥିପାଇଁ ମତେ ବଡ଼ ଅପମାନିଆ ବୋଧ ହେଲା । ବାଗ କି ମାଡ଼ିଲି ତା ଗୋଡ଼ରୁ ମୁଣ୍ଡ ଯାଏ ଚାହିଁଗଲି । ଅଙ୍ଗେ ଅଙ୍ଗେ ତା'ର ଯୌବନର ମୁଖରତା, ଅପାଙ୍ଗରେ ଉଦ୍ଦୀପନ ଚପଳତା, ଉନ୍ନତ ସ୍ତନରେ ନିର୍ଲଜ ଇଙ୍ଗିତ । ପିନ୍ଧିଚି ଖଣ୍ଡେ ବ୍ଲାଉଜ, ଖଣ୍ଡେ ଧଳା ଶାଢ଼ି, ପଚାରିଲି—

—ତୋର କେଉଁ ଗାଁ ?

—ମିଟିଙ୍ଗିଆ ।

—ତୁ ଖ୍ରୀଷ୍ଟାନ୍ ?

ସେ ମୁଣ୍ଡ ଟୁଙ୍ଗାରିଲା । ପୁଣି ପଚାରିଲି—

ପାଣ ଖ୍ରୀଷ୍ଟାନ୍ ?

—ହଁ ।

—କାହିଁକି ମତେ ଡାକିଲୁ ?

—କି, ଡାକିଲେ କଣ ହେଲା ? ଇଚ୍ଛା ହେଲେ ରହ, ନହେଲେ ଚାଲି ଯା ।

ଏ କଥା ପରେ ରହିବାକି ଚାଲିଯିବି ଠିକ୍ କରି ପାରିଲି ନାହିଁ । ଚାହିଁ ରହିଲି ତା' ମୁହଁକୁ । ସ୍ମିତ ହସି, ଅପାଙ୍ଗ ଦୃଷ୍ଟି ହାଣି ଓ ଗ୍ରୀବା ଈଷତ୍ ସଞ୍ଚାଳିତ କରି ସେ କହିଲା—ଦେଖୁଚୁ କଣ ବାବୁ ? ସାଇକେଲକୁ ସେ ବୁଦାମୂଳେ ଲୁଚେଇ ଦେଇ ଚାଲିଲା ବଣ ଭିତରକୁ ।

ନିର୍ଜନ ସେଇ ପାର୍ବତ୍ୟ ଉପତ୍ୟକା—ଯେଉଁଠି ଚାରିଆଡ଼େ ଶାଳ ଜଙ୍ଗଲର ସବୁଜ ଗମ୍ଭୀରତା । ପ୍ରସ୍ତାବରେ କୌଣସି ଆଚ୍ଛାଦନ ନାହିଁ, ବକ୍ଷୋବନ୍ଧ ନାହିଁ··· ତା'ର ଉନ୍ନତ ବକ୍ଷ ପରି ନିର୍ଲଜ୍ଜ ! କୌଣସି ନାରୀ ଏପରି ନିର୍ଲଜ୍ଜ ଭାବରେ ଯେ କୌଣସି ଅପରିଚିତ ପଥିକକୁ ତା'ର ଆକାଂକ୍ଷା ଜଣାଇପାରେ ।

ମୋର କଳ୍ପନାତୀତ ଥିଲା । ବିସ୍ମୟର ସୀମା ରହିଲା ନାହିଁ । ମୁଁ କଅଣ ବୋଲି ସେ ମତେ ଭାବିଚି ? ଭୟରେ ଚାରିଆଡ଼େ ଚାହିଁଲି । ଏତେ ଭୟ ବୋଧହୁଏ ଜଙ୍ଗଲରେ ବାଘ ହାବୁଡ଼େ ପଡ଼ିଲେ ହୋଇ ନଥାନ୍ତା ।

—କଣ ଭାବୁଚୁ ବାବୁ ?

ଚମକି ତା' ମୁହଁକୁ ଚାହିଁଲି ।

—ଡର ଲାଗୁଚି ?

—ତୋ ନାଁ କଅଣ ?

—ସୁନନ୍ଦା ।

—ସୁନନ୍ଦା ?

—ହଁ—

ସୁନନ୍ଦା ହସିଲା । ହସଟି ଖୁବ୍ ସୁନ୍ଦର । ସୁନନ୍ଦାର ମୁହଁଟିରେ ବାସ୍ତବିକ ମାଦକତା ଅଛି । ଲମ୍ବ ଉରୁ । ବନ-ହରିଣୀର ଟଣା ଟଣା ଆଖି ଦୁଇଟିରେ କେତେବେଳେ ଅଧୀର କାମନା, ଆଉ କେତେବେଳେ ଅଳସ ଉଦାସୀନତା । ମୋର ରୁଢ଼ ଗଳା କ୍ରମେ କ୍ରମେ ନରମି ନରମି ଆସୁଥିଲା । ପଚାରିଲି—

—କଅଣ ପାଠ ପଢ଼ୁଚୁ ?

—ଅଷ୍ଟମ ଷ୍ଟାଣ୍ଡାର୍ଡ ।

—ସତେ ? ବାଃ—ଏତେ ପାଠ ପଢ଼ି ଏଇଆ କରୁଚୁ ?

ସେ ନୀରବ ରହି କେବଳ ଶୁଣିଲା ମୋତେ । ସୁନ୍ଦ ମାଳୁଆ ଝିଅ ହେଉ, ପାଣ ଖ୍ରୀଷ୍ଟାନ୍ ହେଉ, ମତେ ଭୟ ନ କରୁ, ଦୁଃଖ ନଥିଲା, ଯଦି ଏହି ଉପତ୍ୟକା ପଥର ନର୍ଜନତା ଭିତରେ ମୁଁ ତାର ନାରୀ ଜୀବନର ପ୍ରଥମ ପୁରୁଷ ହୋଇଥାନ୍ତି । ସେ ଯଦି ଆଜି ତା ଜୀବନର ପ୍ରଥମ ପୁରୁଷ ପାଖରେ ନାରୀ ମନର ସମସ୍ତ ଆବେଗ ଉଚ୍ଛ୍ୱାସ, ଉତ୍ତେଜନା ନିବେଦନ କରିଥାନ୍ତା ! କିନ୍ତୁ ତା ନୁହେଁ— ବୁଝି ପାରିଲି, ସେ ମୋର ଭଳି ଆଉରି ଅନେକ ପଥିକ ଆକର୍ଷଣ କରିଛି । ଜୟ କରିଛି ।

ନେପୋଲିୟନଙ୍କ ରାଜ୍ୟ ପରେ ରାଜ୍ୟ ଜୟଭଳି ସେ ପୁରୁଷ ପରେ ପୁରୁଷ ଜୟ କରି ଯାଇଛି । ପଚାରିଲି—

—ଆଉ କେତେ ବାବୁ ସାଥିରେ ଏମିତି ମିଶିଚୁ ?

ଓଠରେ ନଗ୍ନ ହାସ୍ୟଲା, ଆଖିରେ ବିଜୟର ଅହଙ୍କାର ଫୁଟାଇ କହିଲା—

—ଓଃ ଅନେକ ବାବୁ—

—ସତେ ?

—ଆଉ କଅଣ ମିଛ ? ସାଲ୍‌ଟ୍ ବାବୁ, ରବିନ ବାବୁ, ମେସରଟ ଏମିତି କେତେ ଜଣ ।

କଣ୍ଠସ୍ୱରରେ ତା'ର ବିଜୟିନୀର ଦୃପ୍ତ ଅହଙ୍କାର । ହତବାକ୍ ହୋଇ ଶୁଣି ରହିଲି ନର୍ଜନ ଉପତ୍ୟକାର ଏଇ ନେପୋଲିୟନ ଆଡ଼େ । ସେ ହୁଏତ ମିଛ କହୁନାହିଁ । ତୁଚ୍ଛ, ନଗଣ୍ୟ ଏଇ ମାଲ ଯୁବତୀ—କେବଳ ସାମାନ୍ୟ ଅର୍ଥ ପାଇଁ କଅଣ ଏମାନଙ୍କୁ ତା'ର ଏଇ ସୁନ୍ଦର ବଳିଷ୍ଠ ଦେହ ଦାନ କରିଛି ? କେବଳ ଖଣ୍ଡେ ବ୍ଲାଉଜ, ଖଣ୍ଡେ ଭଲ ଶାଢ଼ୀ, ମୁଣ୍ଡ ପାଇଁ ଟିକିଏ ବାସନା ତେଲ ଲୋଭରେ ସେ କ'ଣ ସେମାନଙ୍କୁ ବିକଚି ତା'ର ଦେହ ? ଏଇ ସୁନ୍ଦର ଦେହ ?

ମୋର ପୌରୁଷକୁ ଦଳି ଚକଟି ଦେବାର ପ୍ରୟାସ ତା'ର ଅନନ୍ତ । ତା' ଜୀବନରେ ଏପରି ବହୁ ପୁରୁଷର ସମାଗମରେ କୌଣସି ସୁଖକର ବେଦନା ଭାବ ହୁଏତ ନାହିଁ । ତା'ର ସ୍ମୃତି ରାଜ୍ୟରେ ଏମାନେ କେବଳ ଚଲାବାଟରେ ପଡ଼ିଥିବା ଖଣ୍ଡେ ଖଣ୍ଡେ ଟେକା ପଥର । ଆଖିରେ ପଡ଼େ, ମନରେ ରହେ ନାହିଁ । ସେଗୁଡ଼ାକୁ ଯେପରି କୌତୂହଳପରବଶ ହୋଇ ପାଦରେ ରାସ୍ତା କଡ଼କୁ ଫୋପାଡ଼ି ଦିଆଯାଇ ପାରେ, କିନ୍ତୁ ତା'ର ଆଘାତ-ପ୍ରସୂତ ବେଦନା ପ୍ରତି ଯେପରି କୌଣସି ଭ୍ରୂକ୍ଷେପ ନଥାଏ । କହିଲି, ଦେଖ୍ ସୁନ୍ଦି ! ସବୁ କଥା କହିଦେବି ତୋ ପାଦ୍ରୀ ସାହେବଙ୍କୁ ।

ଓଠ ବଙ୍କେଇ କହିଲା ସୁନ୍ଦି—ଯା ବାବୁ ଯା—କେତେ ପାଦ୍ରୀ ମୁଁ ଦେଖିଛି । ଏ କଥା ପରେ ମୋର ଆଉ କିଛି କହିବାର ନଥିଲା । ସାଇକେଲରେ ଉଠିବା ପୂର୍ବରୁ ହଠାତ୍ କଅଣ ମନେ ହେଲା, ମନି ବ୍ୟାଗ୍‌ଟା ବାହାର କଲି ।

ବଙ୍କେଇ ହସି ସୁନନ୍ଦ କହିଲା—

—କଅଣ ଟଙ୍କା ଦେବୁ କି ?

—ତୋର ଲେଡ଼ା ନାହିଁ ?

ଚୋଟ୍ ଟଙ୍କା ନେବାକୁ ଡକେ ତାକୁ ନଥିଲି । ଖୁଚୁରା ଟଙ୍କା ଦେଖେଇ ହଉଚୁ । ଯା ବାବୁ ଯା—ମାଲକୁ ନୂଆ ଆଇଚୁ ନା, ଡର ଛାଡ଼ିନ । ମୋର ପରାହତ ପୌରୁଷ ଯେନ ମୁଁ ସାଇକେଲରେ ଉଠିଲି । କେବଳ ପଛରୁ ମୋ କାନରେ ବାଜିଲା—ନାରୀ କଣ୍ଠର ଗୋଟାଏ ଖିଲ ଖିଲ ହସ, ପାହାଡ଼ୀ ଝରଣା ପରି ଉଦ୍ଦାମ, ଛଳ ଛଳ । ନିର୍ଜନ ଉପତ୍ୟକା ପ୍ରତିଧ୍ୱନିତ ହୋଇ ଉଠୁଥିଲା ସେ ହସରେ ।

ଭାବିଲି ଫେରିଯାଇ ତା' ଗାଲରେ ଠାଏ କରି ଗୋଟାଏ ଚଟକଣା କଷେଇ ଦେବି । ହୁଏତ କୌଣସି ଶିକ୍ଷିତ ଦୁର୍ନୀତିଗ୍ରସ୍ତ ସ୍ତ୍ରୀଠାରୁ ଏପରି ଆଚରଣରେ ମୁଁ ଠିକ୍ ସେଇଆ କରି ଥାଆନ୍ତି ।

ଏହି ଘଟଣାର ଦୁଇଦିନ ପରେ ଅଫିସରେ ବସି କାମ କରୁଚି । ମୋର ଡାକ୍ତର ବନ୍ଧୁ ବାହାରୁ କହି କହି ଆସିଲେ—

କିହୋ ମଦନ ବାବୁ, ଇଏ କଅଣ ଶୁଣୁଚି ତମ ନାଁରେ ?

ଭାବିଲି ସର୍ବନାଶ । କିନ୍ତୁ ଯାହା ଶୁଣିଲି, ସେଥିରେ ମୁଁ କେବଳ ବିସ୍ମିତ ହେଲି । କହିଲି ମୁଁ ସୁନନ୍ଦ ସାଥିରେ ? ପାଟିକରି ହସିଲି । କିନ୍ତୁ ସେ ହସ ଅତି ଦୁର୍ବଳ ବୋଲି ମନେହେଲା ।

ସୁନନ୍ଦ ମୋ ନାଁରେ କୁତ୍ସା ରଟନା କରିଛି । ଆମୂଳଚୂଳ ଘଟଣାଟି ବୁଝିବାପରେ ବନ୍ଧୁ ମୋ କଥା ଅବଶ୍ୟ ବିଶ୍ୱାସ କଲେ, କିନ୍ତୁ ମୋର ଅଶାନ୍ତ ମନ ବୋଧ ମାନିଲା ନାହିଁ ।

ଚରିତ୍ର, ସାଧୁତା, ସମ୍ମାନ ମୋର ଆଜି ବିପଦଗ୍ରସ୍ତ । ମାନି କିଛିତ କରିନାହିଁ ? ତଥାପି, ପଦାରେ ମୁହଁ ଦେଖାଇବାକୁ ଏପରି ଲାଜ ମାଡ଼ୁଛି କାହିଁକି ? ମନେହେଲା ସବୁରି ଆଖିରେ ମୋ ପାଇଁ ଭରି ରହିଛି ବିଦ୍ରୂପ, ଘୃଣା; ସମସ୍ତେ ଯେପରି ଭାବୁଛନ୍ତି ଲୋକଟା ବିରାଡ଼ି ବୈଷ୍ଣବ । ଇସ୍ଥାପରେ ବହୁବାର ହାଟକୁ ଯାଇଛି । ସୁନନ୍ଦକୁ ସେଠି ଦେଖିଚି । କିନ୍ତୁ ଇଚ୍ଛା ଥିଲେବି ସାହସ କରି ତା ଆଡ଼କୁ ଚାହିଁ ପାରିନାହିଁ । ଯେତେବେଳେ ବା ଅନ୍ୟର ଅଲକ୍ଷ୍ୟରେ ତାକୁ ଚାହିଁଛି, ତା'ର ତୀବ୍ର ଅପାଙ୍ଗ ଆଗରେ ମୋର ଆଖି ନଇଁ ଯାଇଛି ।

କିଛି ଦିନ ପରେ ମୋର ବଦଳି ଆଦେଶ ଆସିଲା । ମାଳି ପ୍ରତି ମୋର ବିରକ୍ତି ଆସି ଯାଇଥିଲା । ପ୍ରଥମ ପ୍ରଥମ ହେଉ ପାହାଡ଼ ଜଙ୍ଗଲର ମୋହ, କିନ୍ତୁ ଜାଗାଟାକୁ ଜାଣିବାର ଆଗ୍ରହ ମୋର ଆଉ ନଥିଲା ।

ବଦଳି ଆଦେଶ ପାଇ ଖୁବ୍ ଖୁସି ହେଲି । ସ୍ଥାନ ତ୍ୟାଗର ପୂର୍ବଦିନ ଦି'ପହରେ ଖାଇସାରି ବସିଛି, ବାହାର ବାରଣ୍ଡାରେ ଆରାମଚୌକିରେ ବସି ତନ୍ଦ୍ରାଚ୍ଛନ୍ନ ମନରେ କେତୋଟି ଦିନର ପରିଚିତ ମାଳିକୁ ଛାଡ଼ି ଚାଲିଯିବାର ମୃଦୁ ବେଦନା ଅନୁଭବ କରୁ କରୁ ଦେଖିଲି—ମୋ ଆଗରେ ଅତି ଅପ୍ରତ୍ୟାଶିତ ଭାବରେ ସୁନନ୍ଦ ଆସି ଠିଆ ହୋଇଛି ।

—ସୁନନ୍ଦ !

ଆଖି ଦୁଇଟି ଆଜି ତା'ର କରୁଣ; ଔଜ୍ଜ୍ୱଲ୍ୟର ଚିହ୍ନ ସୁଦ୍ଧା ନାହିଁ । ଏ ଯେମିତି ଆଉ ଗୋଟିଏ ସୁନନ୍ଦ ।

ହଠାତ୍ ଯେପରି କେଉଁ କ୍ଷିପ୍ରା କଳନାଦିନୀ ଗିରିନଦୀ ବାଧା ପାଇ ନିଶ୍ଚଳ ହୋଇଯାଇଛି ।

—କିରେ ତୁ ହଠାତ୍ !

ସୁନନ୍ଦ କେବଳ ପକ୍ଷ୍ମ ଅଳସ ଭାବରେ ତୋଳି ମୋ ମୁହଁକୁ ଚାହିଁଲା । ଅଚଳ ଗଳାରେ କହିଲା—

—ବାବୁ, ତୁ କା'ଲି ଚାଲି ଯାଉଚ ଏଠୁ ?

—ହଁ, କାହିଁକି ?

ସୁନନ୍ଦ ନିରୁତ୍ତର ରହିଲା ମୁହଁ ପୋତି । କହିଲି—ତମ ମାଳି ଛାଡ଼ି ଯାଉଚି ସୁନନ୍ଦ—ତୋ କଥା ମୋର ଖୁବ୍ ମନେ ପଡ଼ିବ ।

ଆଖିରେ ଆଗ୍ରହ ଓ ପ୍ରଶ୍ନ ଭରି ସେ ମୋ ଆଡ଼େ ଚାହିଁଲା । ପଚାରିଲା—ବିଶ୍ୱାସ ହେଉନି ?

—କେମିତି ହେବ ବାବୁ ? ମୁଁ ତୋର କିଏ କି ? ଅନ୍ୟ ଆଡ଼େ ମୁହଁ ବୁଲାଇ ନେଲି ! ହଠାତ୍ ମୋ ପାଦରେ କାହାର ସ୍ପର୍ଶ ପାଇ ଦେଖିଲି, ସୁନନ୍ଦ ମୋ ପାଦତଳେ ମୁଣ୍ଡ ରଖିଚି ।

—ଆରେ ଉଠ୍ ଉଠ୍ କିଏ ଦେଖିବତ ଫେର - ବିବ୍ରତ ହୋଇ ଗୋଡ଼ ଅଟେଇ ନେଲି । କହିଲି—ମୁଁ ସବୁ ଜାଣିଚି···ଛାଡ଼୍ ମୁଁ ମୋଟେ ରାଗିନି ତୋ' ଉପରେ । ସୁନନ୍ଦ ଉଠି ଠିଆହେଲା ।

—ତୁ ଆଉ ତୋ ବାବୁମାନଙ୍କ ପାଖରେ ଏମିତି ମିଛ କଥା କହିବୁନି, ବୁଝିଲୁ ?

ସୁନନ୍ଦ ମୁଣ୍ଡ ଝୁଙ୍କାଇଲା । ହଠାତ୍ ମନେପଡ଼ିଗଲା ସୁନନ୍ଦ ପାଠ ପଢ଼ୁଛି । ସେଦିନ ମୋ ଟଙ୍କା ଦେବାକୁ ବିଦ୍ରୂପ କରିଛି । ପଚାରିଲି ଆଚ୍ଛା, ସୁନନ୍ଦ, ତୋ ପାଖକୁ ଯେତେ ବାବୁ ଯାନ୍ତି କାହାଠୁ ଟଙ୍କା ନଉନି ?

—ନାଁ ।

—ତେବେ ମୋଠୁ କାହିଁକି ସେଦିନ ଟଙ୍କା ନେଲୁନି ?

ସୁନନ୍ଦ ମୋ ମୁହଁକୁ ଚାହିଁଲା । ମନେହେଲା ମୋର ଏ ପ୍ରଶ୍ନରେ ସେ ଯେପରି ବ୍ୟଥା ପାଇଛି···ପଚାରିଲି—ଆଚ୍ଛା ଟଙ୍କା ନବାର ଯଦି ଇଚ୍ଛା ନଥିଲା । ତେବେ କାହିଁକି···?

ସୁନନ୍ଦର ମନ ଜାଣିବାର ଆଗ୍ରହ ମୋର ପ୍ରବଳ ହୋଇ ଉଠିଥିଲା । ମନକଥା କହିବାକୁ କୌଣସି ମତେ ତାକୁ ରାଜି କରେଇଲି । ସେ ଯାହା କହିଲା, ସେଥିରୁ ବୁଝିଲି—ସୁନନ୍ଦ ଏଇ ଧୋବ ଧାଉଳିଆ ବାବୁମାନଙ୍କର ମନକୁ ଭଲକରି ଚିହ୍ନିଛି ।

ସେ ଖୁବ୍ ଇଚ୍ଛା କରିଛି କୌଣସି ଶିକ୍ଷିତ ଅଭିଜାତ ବଂଶର ଯୁବକ ତାକୁ ବିବାହ ହେଉ, କେହି ତା କରି ନାହାନ୍ତି । କିନ୍ତୁ ସମସ୍ତେ ତା ଆଡ଼କୁ ଆକୃଷ୍ଟ ହୋଇଛନ୍ତି । ହତାଶ ହୋଇ ସେ ବି ସେମାନଙ୍କୁ ଟାଣିବା ଚେଷ୍ଟାରେ ହେଳା କରି ନାହିଁ ।

ତା'ର ରୂପ, ତା'ର ଯୌବନକୁ ଉପଭୋଗ କଲାବେଳେ ସେମାନଙ୍କର ଆଭିଜାତ୍ୟ ବିବ୍ରତ ହୋଇନାହିଁ, ଆତ୍ମସମ୍ମାନରେ ହାନି ଘଟିନାହିଁ ଦେଖି ସେ ବିସ୍ମିତ ହୋଇଛି—ଯେତିକି ବିସ୍ମିତ ହୋଇଛି ସେତିକି ସେତିକି ତା'ର କୌତୂହଳ ବଢ଼ି ଚାଲିଛି—କି ଅଦ୍ଭୁତ ଏମାନେ । ତାଙ୍କ ସମାଜରେ ତାକୁ ସ୍ଥାନ ଦେବେନି, ଅଥଚ ସମାଜ-ଦୃଷ୍ଟିର ଅନ୍ତରାଳରେ ତା'ର ଲୋଭନୀୟ ଦେହ ଆଲିଙ୍ଗନ କରିବା ପାଇଁ ସେମାନଙ୍କର କି ବ୍ୟାକୁଳତା ! କି କାକୁତି ! ସୁନନ୍ଦ ଏସବୁ ଦେଖି ଗୋଟାଏ ପୈଶାଚିକ ଆନନ୍ଦ ଅନୁଭବ କରିଛି । ଏମାନେ ତା' ଆଡ଼କୁ ଆଗେଇଲା ବେଳେ ତାଙ୍କର ମୁହଁ ଗୁଡ଼ିକର ମାଂସପେଶୀରେ ପରିବର୍ତ୍ତନ ସେ ଦେଖେ—ଆଖି ଗୁଡ଼ିକ ଅସ୍ୱାଭାବିକ ରୂପେ ହିଂସ୍ର, ଅଥଚ କି ଦୁର୍ବଳ !

ସୁନନ୍ଦ ଏମାନଙ୍କର ଆଭିଜାତ୍ୟକୁ ହତ୍ୟାକରି ଆନନ୍ଦ ଅନୁଭବ କରିଛି ।

ସୁନନ୍ଦ ନୀରବ ହେଲା । ମୋ ଆଖି ଦୁଇଟିରୁ ବିସ୍ମୟ ଅପସରି ନଯିବା ଯାଏଁ ମୁଁ ତା'ଆଡ଼େ ଚାହିଁ ରହିଲି । ଶୁଣିଲି "ତତେ ବି ମୁଁ ସେଇଆ ଭାବିଥିଲି ବାବୁ ।" ଟିକିଏ ହସିଲା, କିନ୍ତୁ, କି ଦୁର୍ବଳ ସେ ହସ ।

ଆଉ କିଛି ସମୟ ଛିଡ଼ା ହେଲା ପରେ ବ୍ୟଥାତୁର କଣ୍ଠରେ ସୁନନ୍ଦ କହିଲା—ହଉ ବାବୁ, ମୁଁ ଯାଉଛି, ମତେ ଭୁଲିବୁନି—ମନେ ରଖିଥିବୁ ।

ଚମକି ଚାହିଁଲି ତା' ମୁହଁକୁ । ଏ କଅଣ ? ସୁନନ୍ଦର ଦୁଇଗଣ୍ଡ ଦେଇ ବହିଯାଉଛି ଦୁଇଟି ଲୁହଧାର । ତା'ର ପରାହତ ନାରୀତ୍ୱର ବେଦନାପ୍ଲୁତ ସଙ୍କେତ । ବିଚିତ୍ର ଏ ନାରୀ !

ସୁନନ୍ଦ ଧୀରେ ଧୀରେ ଚାଲିଗଲା—ପଛକୁ ଆଉ ଫେରି ଚାହିଁନି···ସେ ଫାଟକ ପାରହୋଇ – ଗଲାପରେ ମୁଁ ନିଜକୁ ପଚାରିଲି—

ପରାଜିତ କିଏ ? ସୁନନ୍ଦ ନା ମୁଁ ।

# ନୀଡ଼ାଶ୍ରୟୀ

## ଶ୍ରୀ ବସନ୍ତ କୁମାର ଶତପଥୀ

"ଶୁଣୁଛ ?"

"ହଁ । କୁହ ।"

"ଏ କୋଠରୀକି ଆସି ଟିକେ ଦେଖିଯାଅ ।"

"ଦଣ୍ଡେ ରୁହ । ବୁଲ୍‌ବୁଲ୍‌ର ପାଟିରେ ଥର୍ମୋମିଟର ଦେଇଛି ।"

ଝୁନୁଝୁନ୍‌ର କେତେ ଜର ଅଛି ?

"ତା'ର ନାହିଁ । ବୁଲ୍‌ବୁଲ୍‌ର ବି ବୋଧହୁଏ ନଥିବ । ଦେହଟା ବେଶ୍ ଥଣ୍ଡା ଜଣାପଡ଼ୁଛି ।"

"ରାତି ତିନଟାରେ ଔଷଧ ଦେଇଥିଲ ?"

"ମଲା ମଲା ! ତୁମେ ପରା ମତେ ଡାକିବା କଥା । ଘଡ଼ିରେ ଏଲାର୍ମ ଦେଇଥିଲ ଯେ !"

"ଦେଇଥିଲି ସିନା । କିନ୍ତୁ ଶୋଇ ପଡ଼ିଲି ଯେ । ଦିନଯାକ ଧାଁଧପଡ଼ କରି ବଡ଼ ହାଲିଆ ହୋଇଥିଲି । ଡାକ୍ତରଖାନାକୁ ଅଧ ଦିନରେ ଦଶଥର ଯାଇ ନ ଥିବି ? ତିନି ତିନି ରାତି ଧରି ଉଜାଗର । ତୁମେ ଏଲାର୍ମ ଶୁଣି ଉଠିଲ ନା କ'ଣ ?"

"କାନ ପାଖରେ ଘଡ଼ି ଥୋଇ ତୁମେ ଶୁଣି ପାରିଲନି ! ମୁଁ କୋଠରୀରେ ଥାଇ କିମିତି ବା ଶୁଣନ୍ତି ? ପୁଣି ରାତି ତିନଟାରେ ।"

"ବଡ଼ ମୁସ୍କିଲ ହେଲା ତେବେ । ଡାକ୍ତର ବାରମ୍ବାର ତାଗିଦ କରିଥିଲେ ଠିକ୍ ସମୟ ଜଗି ସିମିତି ଔଷଧ ଦିଆଯାଏ । ନ ହେଲେ ଔଷଧର ଗୁଣ କୁଆଡ଼େ ରହିବ ନାହିଁ ।"

"ତେବେ ତୁମେ ଏତେ ନିଦକ ହୋଇ ଶୋଇଥିଲ କାହିଁକି ? ଛାଡ଼ ସେ କଥା । ଦୁହିଁଙ୍କ ଜର ତ ଛାଡ଼ି ଗଲାଣି । ବୁଲ୍‌ବୁଲ୍‌ର ବି ଜିଭ ତଳେ ସତାନବେ । ଡାକୁଛ କାହିଁକି ? କ'ଣ ଏତେ ଜରୁରି କାମ ଥିଲା ? ଦଣ୍ଡେ ସବୁର ସହୁନି ତ ? ହରଲିକ୍ସ କାପେ କାପେ ଦେଇ ଯାଉଛି ।"

"ସିମିତି କିଛି ଜରୁରି ନୁହେଁ । ଏ ଘରଚଟିଆ ବସାଟା ଭାଙ୍ଗି ଦଉଛି । ଏ ବର୍ଷ ଫେର୍ ଆସିଲେଣି ବୋଧହୁଏ । ଘର ଚଟାଣ ଯାକ ଫୁଟିଫୁଟିକା ମଇଳାର

ଖୋଜି; କେଉଁ କେଉଁ ଘାସକୁଟା । ଏଃ ! ଏଠି ରେଡ଼ିଓ ଉପରେ ବି ଗୁଡ଼ାଏ ପଡ଼ିଛି ।"

"ଖବରଦାର ! ଚଟିଆ ବସା ଛୁଇଁବ ନାହିଁଟି; ମୁଁ ଯାଏଁ ।"

"କି ଅପରାଧ କଥା ! ଗଲା ବର୍ଷର ମଇଳା ବସାଟା । ନଭେମ୍ବର ମାସରେ କ'ଣ ଚଟିଆ ତା' ଭିତରେ ଶୋଇଥିବେ ? ଗୁଡ଼ାଏ ଘାସକୁଟା ଝୁରୁଝୁରୁ ହୋଇ ଝଡ଼ୁଛି । ଗଲା ବର୍ଷ ଦେଖିଲ ତ ଏହାଙ୍କ ଯୋଗୁଁ କେତେ ହଇରାଣ ହରକତ ହେଲୁଁ ? ଡିମ୍ବ ଭାଙ୍ଗିଲା, ଆଉ ଥରେ ଛୁଆ ତଳେ ପଡ଼ି ମଲେ । କେତେ ରାଗରୁଷ ମନ ଫଟାଫଟି, କଳିତକରାଳ ! ଏ ବର୍ଷ ହେଲାଣି—"

"ମୋ ରାଣ ଅଛି ! ଚଟିଆ ବସାରେ ମୋଟେ ହାତ ଦେବନି । ମୁଁ ଯାଏଁ ବୁଲ୍‌ବୁଲ୍, ବାପାଟି ମୋର ! ମାଆ ଟୁନି ! ଟିକିଏ ଭଲ ଲାଗୁଛି ନା ? ହରଲିକ୍‌ସ ମିଠା ଲାଗିଲା ନା ? ହଅ, ଏଥର ସୁନାପିଲା ପରି ଅଣ୍ଟି ହୋଇ ଘୋଡ଼ି ଘାଡ଼ି ହୋଇଁଯାଇ ଦଣ୍ଡେ ଶୋଇପଡ଼ । ଥଣ୍ଡା ଲାଗିଯିବଟି । ସୁନା ପିଲା, ବାଃ ବାଃ ! ଭାରି ଭଲ ପିଲା ଆମର । ଶୋଇ ପଡ଼ । ଉଠିଲେ ଫଳରସ ଖାଇବ । ହୁଁ, ବେଶ୍, ସିମିତ । ମୁଁ ଆସେ ସେ ଘରେ ବାପା ଡାକୁଛନ୍ତି ପରା ।"

"ଆସିଲ । ଶୋଇଗଲେ ପିଲାଦୁହେଁ ? ତୁମେ ସେ କଣକୁ, ଘର ମଝି ଚଟାଣକୁ, ରେଡ଼ିଓ ଓ ଟେବୁଲ ପାଖ କାନ୍ଥକୁ । ସତରେ ଏ ଗୁଡାକ ପୁଣି ଆସିବାକୁ ଆରମ୍ଭ କଲେଣି ଦେଖୁଛ । ବସା ଫେର ବାନ୍ଧିବେ । ଡେସ୍କ୍‌ୟାରଟା ଆଣି ଦଅତ ମୋ ଆଡ଼କୁ ଭାଙ୍ଗିଦିଏଁ ବସାଟା । ଝାଡ଼ୁଣୀ ମୁଠାଟା ଆଣ ଝାଡ଼ିଦେବା ଘରଟା । ଲୋକେ ଆମକୁ ଜଙ୍ଗଲୀ କହିବେ ଯେ । ଏତେ ଅପରିଷ୍କାର ।"

"ସକାଳେ କ'ଣ ତୁମର ଆଉ କିଛି କାମଧନ୍ଦା ନାହିଁ ? ନିସ୍ପୃହ ଚଢେଇ ଗୁଡ଼ାକ ପଛରେ ଲାଗିଛ ? ଘରେ କୁକୁର, ବିରାଡ଼ି, ଚୂଚୁନ୍ଦ୍ରା, ମୂଷା, ଝିଟିପିଟି, ଅସରପା, ମଶାମାଛି କେତେ କ'ଣ ନାହାନ୍ତି ! ଦାଣ୍ଡଘାଟରେ ପୁଣି ଧୂଳି କେତେ ନ ଉଡ଼ୁଛି । ସେ ସବୁ ଉତ୍ପାତ, ଅତ୍ୟାଚାର, ବରଂ ରୋକି ପାରୁଛ ଭଲା ?"

"ଗଲା ବର୍ଷ ଚଢ଼େଇଚଢ଼ିଙ୍କୁ ଏତେ ଚିଡ଼ୁଥିଲ । ଏ ବର୍ଷ କିଏ ମନ୍ତ୍ର ଦେଲା ନା କ'ଣ ? ବୌଦ୍ଧ ଜୈନ ଧର୍ମରୁ କେଉଁଟିର ଦୀକ୍ଷା ନେଲଣି ?"

"ନା, ନା, ସେ ଭୟ କାହିଁକି କରୁଛ ? ଗୀତା ଭାଗବତ କଥା କହୁନାହିଁ । କପୋତକୁ ଗୁରୁ କରି ଅବଧୂତ ହେବାର ଇଚ୍ଛା ବି ମୋର ନାହିଁ । ତେବେ ହେଲା-କାଳକୁ ଏଇ ଛୋଟ ଛୋଟ ଜୀବଗୁଡ଼ାକ ବି ଆମର କେତେ ଆପଣାର ହୁଅନ୍ତି ସେ କଥା କେବେ ଭାବିଛ ?"

"ଏଇ ବାଇଚଟିଆ ଘରଚଟିଆଗୁଡ଼ାକ ? ପକ୍ଷୀଚିଞ୍ଚିଁଭିମାନେଣ ସମୁଦ୍ରଃ ବ୍ୟାକୁଳୀକୃତ" ।

"ହଁ, ଗୁର ଟେଣ୍ଟେଇ ଚଢ଼େଇଟାଏ ସମୁଦ୍ରକୁ ବି ବ୍ୟାକୁଳ କରିଦେଇଥିଲା । କାହିଁକି ? ସମୁଦ୍ର କୁଆଡେ ତା'ର ଅଣ୍ଡା ଓ ବସାକୁ ଭସାଇ ନେଇଥିଲା ବୋଲି ତ ? ତୁମେ ହେଲ ଆଉ ଏକ କିସମର ଚଢ଼େଇ; ବାହାର କି ଯାଏ; ବାହା କଲେ ବସା ତୋଳୁଥାଏ । ଦଶଟା ଜରୁଆ ପିଲାଙ୍କୁ ମୋ ଜିମା ଦେଇ ଆରାମରେ ଶୋଇଗଲ । ରାତିଯାକ ମୋତେ ଆମ ପିଲାପିଲିଙ୍କ ସାଙ୍ଗ ଦେଲା କିଏ, ଜଗିଲା କିଏ, ଦମ୍ଭ ଦେଲା କିଏ ?"

"କ'ଣ ସେଇ ଚଢ଼େଇଗୁଡ଼ାକ ଦେଲେ ? ମୁଁ ତ ସେ ଘରେ ଶୋଇଥିଲି । କାହୁଁ ଗୋଟାକର ତଫାତ୍ । ଏତେ ଡରଭୟ କାହାକୁ ?"

"ତୁମକୁ ଦମ୍ଭ କରିବା ନ କରିବା ସମାନ । ଗଲା ରାତିର କାଳରାତି ଜୀବନରେ କେବେ ମୁଁ କଟାଇ ନାହିଁ । ଉଆଁସ, ସୂର୍ଯ୍ୟପରାଗ, ଖଣ୍ଡିଆ ଲଙ୍କାତାରା ସବୁ ଏକାଠି । ତା ଉପରକୁ ପୁଣି ପାଞ୍ଚଦିନ ହେଲା ପାଖ ଘରୁ ଗଲା ଦଉଡ଼ିଆ ମଡ଼ାଟାଏ ଉଠିଛି । ଦ'ଦଟା ଛୁଆଙ୍କ ନାହିଁ ନ ଥିବା ଜର । ଦେହରେ ଖଇ ଫୁଟୁଛି । ହୋସ୍ କେତେବେଳେ ରହୁଛି କେତେବେଳେ ନାହିଁ । ଯେତେ ଦମ୍ଭବାଲା ତିରିଲା ହେଲେ ବି ତା'ର କଲିଜା ଫାଟି ନ ଯିବ ! ପୁରୁଷମାନେ କେବେ କ'ଣ ସ୍ତ୍ରୀମାନଙ୍କ ଦୁଃଖ ବୁଝନ୍ତି ? କେବଳ ତାଙ୍କୁ ଠେକାଠେକି କରି ଫୁସୁଲାଇ ନିଶ୍ଚିନ୍ତ ହୋଇ ଅଣ୍ଡିରା ମହୁମାଛିଙ୍କ ପରି ଦିନ କଟାନ୍ତି ସିନା ।"

"ଜୟ ମା କାଳୀ ! ସକାଳଟାରେ କାହିଁକି ଆରମ୍ଭ କଲଣି କଳି-ଭାଗବତ ? ଯଦି ନିଦ ମାଡ଼ିଲା ମୋତେ ଉଠାଇ ଦେଲ ନାହିଁ କାହିଁକି ? ପାଳି କରି ଚେଇଁଥିଲେ ଏତେ ବାଧି ନ ଥାନ୍ତା । ମୋ ଉପରେ ଏତେ ଚିଡ଼ୁ ନ ଥାନ୍ତ ।"

"ତୁମେ ଚେଇଁଥାନ୍ତ ! ତୁମେ ଯେ ଜଣେ କୁମ୍ଭକର୍ଣ୍ଣ । ଶୋଇଲ କେତେବେଳେ ? ଠିକ୍ ଏଗାରଟାରେ ତ ? ଏଗାର ବାଜି ଦୁଇ ମିନିଟକୁ ତୁମର ନାକ ଡାକିଲା । କେଡ଼େ ଜୋର ଘୁଙ୍ଗୁଡ଼ି ମାର ତୁମେ ? ଘର ଉଠୁଛି ପଡ଼ୁଛି । ସେତେବେଳେ କାହାର ଏଡ଼େ ନିର୍ଦ୍ଦୟ ମନ ତୁମର ନିଦ ଭାଙ୍ଗିବାର ସାହସ କରନ୍ତା ଭଲା ?"

"ବେଶ୍, ଯାହା ତ ହେବାର ହେଲା । ପିଲାଙ୍କ ଉତ୍ତାପ କମିଲା କେତେବେଳେ ? ଜଳପଟି ଦେବାକୁ ପଡ଼ିଥିବ ନିଶ୍ଚୟ । ସାଢ଼େ ଦଶଟାରେ କାଟିଲେ ଦୁହିଁଙ୍କ ଯାକର ଶହେତିନି ଥିଲା ଦେଖିଥିଲି ।"

"ମୋ ଉପରେ ବି କାଳ ନିଦ ମାଡ଼ି ଆସିଲା । ଲାଜମାଡ଼େ ଭାବିଲେ ସେ କଥା । ଘର ବୁଡ଼ିଲାବେଳେ ବି ମଣିଷକୁ ନିଦ ମାଡ଼େ କିମିତି ? ଏତେବେଳକୁ ଆମର କ'ଣ ଯେ ଅବସ୍ଥା ହୋଇଥାନ୍ତା ସେ କଥା କିଏ କହିପାରିବ ? ମୋତେ ସବୁ ସ୍ୱପ୍ନ ପରି ଲାଗୁଛି । ଆରାମ ଚେୟାରରେ ଆଉଜି ବସୁଁ ବସୁଁ କେତେବେଳେ ଯେ ଆଖି ବୁଜିଗଲା ମୁଁ ମୋଟେ ଜାଣି ପାରିଲିନି ।"

"ସର୍ବନାଶ ! ଔଷଧ ତେବେ ଦେଇନି । କି ବିପଦ !"

"ଶୁଣ । ଏମିତି ଅଥୟ ହେଉଛ କାହିଁକି ? ହଠାତ୍ ନିଦଟା ଭାଙ୍ଗିଗଲା ଯିମିତି କାହା ଡାକରେ ମୋତେ ଜଣାଗଲା ବୁଲ୍‌ବୁଲ୍ ଝୁନ୍‌ଝୁନ ଯିମିତି ଚିଁ ଚିଁ ଗଳାରେ ମା' ମା' ବୋଲି ଦିହେଁଯାକ ଏକାବେଳେ ଡାକଦେଲେ । ଚମକି ଧଡ଼ପଡ଼ ହୋଇ ଉଠି ବସିଲି । ଦିହିଙ୍କ ଦିହରେ ହାତ ଦେଇ ଦେଖିଲି ନିଆଁ ପରି ତାତି । ଦୁହେଁଯାକ ଅଚେତ, ଡାକିଲେ ହାକିଲେ ହଲାଇଲେ ବି ଉଁ ଚୁଁ ନାହିଁ । ଛନକା ପଶିଗଲା ଛାତିରେ । ତୁମ କୋଠରୀକି ଗଲି । ଘଡ଼ିରେ ସାଢ଼େ ବାର । ଦି ଥର ତୁମକୁ ଡାକିଲି । ତୁମେ ଶୁଣିଲ ନାହିଁ । ବାଉଳା ହୋଇ ପିଲାଙ୍କ ପାଖକୁ ଫେରି ଆସିଲି । ଜଳପଟି ଦିହିଙ୍କ କପାଳରେ ଦେଉଥାଏଁ । ନିଜ ଆଖିରେ ବି ପାଣିହାତ ବୁଲାଇଲି ନିଉଛୁଣାଗୁଡ଼ାକ କାଳେ ପୁଣି ଶୋଇଯିବେ । ବାବା ! ଏକେଲାକୁ ରାତିଟା କେଡ଼େ ଭୟଙ୍କର, କେଡ଼େ ଅସରନ୍ତି, ବିଶେଷ କରି ରୋଗୀ ଶେଯ ପାଖରେ । ଏକାଧ୍ୟାନରେ ଅଧଘଣ୍ଟାଏ ବସି ରହିଲି । ହାତଟା କଳ ପରି ପଟି ଉଠାଉଥାଏ, ଭିଜାଉଥାଏ, ପୁଣି ବସାଉଥାଏ । ଜର ଟିକିଏ କମିଲା ପରି ଲାଗଲା; ନିଶ୍ୱାସ ମାଇଲି । ବଡ଼ ଆଲୁଅଟା ଲିଭାଇଦେଲି । ଜିରୋ ଲେମ୍ପଟା ଜଳୁଥାଏ । ସେ କେତେ ମିନିଟ୍ ଭୟ ଆଶଙ୍କାରେ ମୋ ଜୀବନ ନ ଥିଲା ।"

"ଏତେ ଡରିଗଲ କାହିଁକି ? ଡାକ୍ତରଙ୍କ କଥା ବିଶ୍ୱାସ ହେଲାନି ? ତା ଛଡ଼ା ଘର ଭିତରେ ଆଲୁଅ ଥିଲା । ଝରକାବାଟ ସବୁ ବନ୍ଦ ପୁଣି ପାଖ ଘରେ ମୁଁ…"

"ସକାଳ ହେଲା ବୋଲି ସିନା ଏତେ କଥା କହି ପାରୁଛ । ତୁମେ ନିଜେ ମୋ ଅବସ୍ଥାରେ ଥିଲେ ବାଉଳା ଖାଇଥାନ୍ତ । ନିଶାଭୋର ରାତିର ଗର୍ଜ୍ଜନ ଶୁଣିଛ ? ରାତିର ବି ଗୋଟାଏ ଭାଷା ଅଛି । ନିଶା ଗରଜୁଛି ବୋଲି ଆଈବୁଢ଼ୀ ଯାହା କହିଥିଲା ତାହା ମୁଁ ନିଜେ ଶୁଣିଲି, କାଲି ରାତିରେ ଏତେ ବୟସରେ । ତା ଉପରେ ଛୁଆ ଦିହିଙ୍କ ନାକର ସାଁ ସାଁ ବାହାରେ ଝିଙ୍କାରିର ଏକସୁରା ଝିଁ ଝିଁ, ମଶାଙ୍କ ଗୁଣୁଗୁଣୁ ଏମିତି କି ଇଲେକ୍‌ଟ୍ରିକ୍ ମିଟରର ରେଁ ରେଁ । ଏତେ ଶବ୍ଦ ଭିତରେ ବି ମୁଁ ନିଜ ନିଃଶ୍ୱାସକୁ ବି ଶୁଣି ପାରୁଥାଏଁ । ପିଲାଙ୍କ ଛାତିର ଦୁକୁଦୁକ ମୋ ନିଜ ଛାତିରେ ଡପ୍ ଡପ୍, ତୁମର ଘୁଙ୍ଗୁଡ଼ି ଓ ଘଡ଼ିର ଟିକ୍ ଟିକ୍ କୌଣସି ଶବ୍ଦ ବାଦ୍

ପଡ଼୍ ନ ଥାଏ ମୋ କାନକୁ । ଥରେ ଥରେ ମୋତେ ଜଣାଯାଇଥାଏ ଯିମିତି ବାହାରର ଘନୀଭୂତ ଅନ୍ଧାରଟା ବି ଟିକିଏ ଆଗ୍ରା ଲୋଡ଼ି ଝରକା କବାଟରେ ଠକ୍ ଠକ୍ କରି ବାଡ଼େଇ ମୋତେ ସଙ୍କେତ ଦେଉଥାଏ କବାଟ ଫିଟାଇବାକୁ । ଭ୍ରମରେ ଥରେ କବାଟ ଫିଟାଇ ବାହାରକୁ ବି ଅନାଇଲି । ଏତେ କିଟିମିଟିଆ ଅନ୍ଧାର ଯେ ଆଉ ଦଣ୍ଡେ ଚାହିଁଥିଲେ ହୁଏତ ଆଖି ଫୁଟି ଯାଇଥାନ୍ତା । ମନେ ପଡ଼ିଲେ ବର୍ତ୍ତମାନ ବି ଦେହ ଥରୁଛି ।”

“ତୁମର ବର୍ଣ୍ଣନା ଶୁଣି ମୋତେ ବି ଭୋର ସକାଳଟାରେ ଡର ମାଡ଼ିଲାଣି ଯେ ।”

“ତୁମେ ଅନୁମାନ ବା କଳ୍ପନା କରି ପାରିବନି ମୋ ମନର ଭାବ, ଭୟ । ବଡ଼ ଯନ୍ତ୍ରଣା ପାଇଲି । ସେତେବେଳେ ଯେବେ ପେଚାଟାଏ ବା ଭେରଣ୍ଡାଟାଏ ଡାକିଥାନ୍ତା ବା ଚେମିଣିଆଁଟାଏ ଫଡ଼୍ ଫଡ଼୍ କରିଥାନ୍ତା ତେବେ ଏତେବେଳକୁ କୋକେଇ ସଜଡ଼ା ହେଉଥାନ୍ତା ମୋ ପାଇଁ ।”

“କ’ଣ ଯେ ଗୁଡ଼ାଏ ତୁମେ କୁହ । ଜୀବନଟା କ’ଣ ଏତେ ସହଜରେ ଚାଲିଯାଏ ? ବଡ଼ ଆଲୁଅଟା ଜାଳି ଦେଲନି ?”

“ଜାଳିଲି, ତା’ ଛଡ଼ା ଅନ୍ୟ ଉପାୟ ନଥିଲା । କିନ୍ତୁ ସେ ଫେର କ’ଣ ? ପୁଣି ସେଇ ଚାଁ ଚାଁ ଶବ୍ଦ । ଠିକ୍ ସେଇ ସ୍ୱର ଯାହାକୁ ମୁଁ ସ୍ୱପ୍ନରେ ବା ତନ୍ଦ୍ରାରେ ବୁଲ୍ ବୁଲ୍ ଝୁନୁଝୁନର ‘ମାଆ’ ‘ମାଆ’ ଡାକ ଭାବି ଉଠି ବସିଥିଲି ଦଣ୍ଡେକ ଆଗେ ।”

“ଚୁଟିଆ ମୂଷାଟା; ନୁହେଁ ?”

“ମୁଁ ବି ପ୍ରଥମେ ସେଇଆ ଭାବିଥିଲି । ବହି ସେଲ୍ଫ ତଳ, ଝରକା ସନ୍ଧି, ପୁରୁଣା ଯୋଡ଼ାଥିବା ଘରକଣ ସବୁଆଡ଼କୁ ନଜର ଦେଲି, ଖୋଜିଲି । କିନ୍ତୁ କାହିଁ ? ଭାବିଲି ପିଲାଙ୍କ ଛାତିରେ କଫ ଜମିଛି । ଜଣଜଣ କରି ଦୁହିଁଙ୍କ ଛାତିରେ କାନଦେଇ ଶୁଣିଲି । ଗଳାର ସେଁ ସେଁ ଘଡ଼ଘଡ଼ କିଛି ନାହିଁ । ନିଃଶ୍ୱାସ ଜୋର ବହୁଥିଲେ ବି କାହିଁ ଅଟକି ଯାଉନଥି । ପୁଣି ଡର ମାଡ଼ିଲା ।”

“ମୋତେ ଡାକିଲ ନାହିଁ ତଥାପି ?”

“ପାଖ ଡାକ ଶୁଣିଲି ନାହିଁ । ଏ ଘରୁ ସେ ଘରକୁ କ’ଣ ଡାକ ଶୁଭିଥାନ୍ତା ?”

“ଚାଲିଗଲଣି ?”

“ସାହସ ଥିଲେ ତ ସେତେବେଳେ । ଗଳି ବାରଣ୍ଡା ସବୁ ଅନ୍ଧାରୁଆ । ପାଟି କରି ଡାକିବି ଭାବିଲି । ଗଳା ଫିଟିଲାନି ମୋଟେ । ଏତିକିବେଳେ ପୁଣି ସେଇ

ଚିଁ ଚିଁ ଶବ୍ଦ ଶୁଭିଲା । ଦୈବକୁ ବଡ଼ ଆଲୁଅଟା ଜାଳିଥିଲି । ନ ହେଲେ ଏଥର ମୂର୍ଚ୍ଛା ହୋଇ ଯାଇଥାନ୍ତି । ଦୈବାତ୍ ଉପରକୁ ଚାହିଁଦେଲି । ଏଇ ଯେଉଁ ଇଲେକ୍‌ଟ୍ରି, ତାର ଚାଖଣ୍ଡେ ଝୁଲୁଛି ତାର ଉପରେ···"

"ସେଇ ପୁରୁଣା ପଟା ଖଣ୍ଡକର୍ ଯେଉଁ ତାରଟା ଝୁଲିପଡ଼ିଛି ଚାରିକୋଣିଆ ପଟାଟା ପାଖରେ ?"

"ହଁ ହଁ, ସେଇଠି । ଦେଖିଲି, ମଳିଛିଆ ତୁଳା ପରି ଦିଟା ଛୋଟ ଗୋଲ-ଗୋଲ ଚିଜ କ'ଣ ଦିଶୁଛି । ଭାବିଲି ଶେଯ ସିଲେଇ ହେଲାର ତୁଳା ବଲ ଦି'ଟା ଉଡ଼ିଯାଇ ଲାଗିଛି । ପୁଣି ଭାବିଲି ବୁଲ୍‌ବୁଲ୍ ଝୁନୁଝୁନା ପାଇଁ ଯେଉଁ ପଶମର ବେଡ଼୍‌ମିଣ୍ଟନ ବଲ ଆଣିଥିଲି ଧୂଳିଧୂସରିଆ ପୁରୁଣା ଦି'ଟା ସେଠି ଲାଖିଯାଇଛି । କିନ୍ତୁ ଶବ୍ଦ ସେଥିରୁ କିପରି ଆସିବ ଭାବୁଛି ଦେଖିଲି ସେ ତାର ଖଣ୍ଡିକ ହଲଚଲ ହେଲା; ତା' ସାଙ୍ଗକୁ ସେ ଦିଟା ଗୋଲ ଚିଜ ମଧ୍ୟ । ଚାହୁଁ ଚାହୁଁ କଳା କଳା ଗୋଲ ଗୋଲ ଦିଦିଟା ଆଖି ସାଙ୍ଗକୁ ବାହାରିଲା ନାଲିଗହମ ପରି ଚିକିଚିକି ଥଣ୍ଟ ଦିଟା ।"

"ଜୟ ପ୍ରଭୋ ! ସେ ଦି'ଟାକୁ ବାଡ଼ିଖଣ୍ଡରେ ଶେଷ କରି ଦେଲନି ?"

"ଦେଖିଥିଲେ ତୁମେ ଏକଥା ତୁଣ୍ଡକୁ ଆଣନ୍ତ ନାହିଁ । ଦି'ଟା ଛୋଟ ଛୋଟ ଜୀବ, ପାଖକୁ ପାଖ ଲାଗି ବସିଛନ୍ତି ଯିମିତି କାଠି ଖଣ୍ଡିକରେ ଦିହିଁଙ୍କି ବସାଇ ମୃତ୍-ଶିଳ୍ପୀଟିଏ କଣ୍ଢେଇ ପ୍ରଦର୍ଶନୀରେ ତାଙ୍କୁ ରଖିଦେଇଛି । ଆଲୁଅରେ ଜଳକା ହୋଇ ଦିହେଁ ବୋକାଙ୍କ ପରି ବସିଛନ୍ତି । ହେଲେ ମୋତେ ଜଣାଗଲା ଶୂନ୍ୟରୁ ଛୁଢ ଭିତର ଦେଇ କିଏ ଯିମିତି ମୋତେ, ଆମ ପିଲପିଲିଙ୍କି ଜଗିବାପାଇଁ, ଅଭୟ ଦେବା ପାଇଁ ସେ ଦିହିଙ୍କି ପଠାଇଛି । ସତକୁ ସତ ତାଙ୍କୁ ଦେଖିବା ପରେ ନିଜକୁ ଆଉ ଏକୁଟିଆ, ନିଛୁଟିଆ, ନିଗ୍ରସ୍ତ ବୋଲି ଭାବିଲି ନାହିଁ । ଏଥର ଆମେ ପାଞ୍ଚଜଣ ହେଲୁ ଯେ ।"

'ସଞ୍ଜବେଳୁଁ ଚୋରଙ୍କ ପରି ସେଇଠି ଲୁଚଛପି ବସିଥିଲେ । ଆଲୁଅ ପଡ଼ିବାରୁ ଗହଳି ନିଦ ଭାଙ୍ଗିଗଲା ତାଙ୍କର ।"

"ହୋଇଥିବ । କିନ୍ତୁ ମୁଣ୍ଡ ଉପରେ ସେ ଦୋଳରେ ଠିକ ଚଢ଼େଇ ଦିହିଙ୍କ ନିଦ ଭାଙ୍ଗିବାର ଦେଖି ଜାଣିଲି ମୋ ପିଲାଙ୍କ ଆଖିକି ଆଲୁଅ ବୋଧହୁଏ ପୀଡ଼ା ଦେଉଥିବ । ବୁଲ୍‌ବୁଲ୍ ଝୁନଝୁନା ଉଁ ଆଁ କରି କଡ଼ ମଧ୍ୟ ଲେଉଟାଇଲେ । ଏଥର ସାହସ ଆସିଲା । ତୁମ କୋଠରୀକି ଯାଇ ଘଡ଼ି ଦେଖିଲି କାଳେ ତିନି ବାଜିଥିବ ବୋଲି, ଦେଖିଲି, ମାତ୍ର ଗୋଟାଏ ବାଜି ଦଶମିନିଟ୍ । ଏଇ ଦଶ ମିନିଟ୍ ମୋତେ ଦଶ ଘଣ୍ଟା । ବଡ଼ ଆଲୁଅଟା ଲିଭାଇ ଦେଲି । ପିଲାଙ୍କ ଜର ବଢ଼ିଛି କି କମିଛି ଦେଖିଲି ନାହିଁ । କାରଣ ଦେଖିବାରେ କିଛି ଲାଭ ନ ଥିଲା ସେତେବେଳେ ।"

"ଏ ଦିନଟା ଗଲା ବର୍ଷର । ଯେଉଁ ଦୁଇଟା ଆଗରୁ ଏତେ ହଇରାଣ ହରକତ କରିଥିଲେ । ଭାରି ଚାଲାକ । ପୁରୁଣା ବସାଟାକୁ ଭୁଲନ୍ତି ନାହିଁ ସହଜରେ ।"

"ଗଲା ବର୍ଷର ଏଗୁଡ଼ା ନୁହନ୍ତି । ଏ ଦିନଟା ଡିମ୍ବଫୁଟା ଛୁଆ । ଆମେ ଅଣ୍ଡା ଭାଙ୍ଗିଦେଲୁଁ, ବସା ଭାଙ୍ଗି ଘଉଡ଼ାଇ ଦେଲୁଁ ବୋଲି ସେମାନେ ଏ ବର୍ଷ ଅନ୍ୟ କେଉଁଠି ଯାଇ ଥାକେ ଛୁଆ ଫୁଟେଇ ପୁଣି ପୁରୁଣା ଦେଶକୁ ଫେରି ଆସିଛନ୍ତି । ଚଢ଼େଇ ହେଲେ ବି ମାତୃଭୂମି ପ୍ରତି କ'ଣ କମ୍ ମାୟା ? ଏଇଠି ଛୁଆପିଲାଙ୍କୁ ଅଇଥାନ କରିବା ମତଲବ୍‌ରେ ଅଛନ୍ତି ବୋଧହୁଏ ।"

"ନଭେମ୍ବର ମାସରେ ଘରଚଟିଆ ଛୁଆ ! ଅସମୟରେ ?"

"ମଣିଷଠୁଁ ସେମାନେ ବି ଶିଖିଲେଣି । ଶୁଣ ନା ଆହୁରି ମଜାକଥା । ମୋ ହାତଟା ଯିମିତି କଲ ପରି ପଟି ଭିଜାଉଥାଏ, କପାଳରେ ଥୋଉଥାଏ । ଏମିତି ପ୍ରାୟ କୋଡ଼ିଏ ପଚିଶ ମିନଟ୍ ବିତିଲା । ଏଥର କିନ୍ତୁ ଭୟ ସେତେ ଲାଗୁ ନ ଥାଏ । କାରଣ 'ଅମେ ପାଞ୍ଚଜଣ' ବୋଲି ଭାବନାଟା ମୋତେ ଦମ୍ଭ ଦେଉଥାଏ । ଶବ୍ଦ କହିଲେ ତୁମ ଘଡ଼ିର ଟିକ୍ ଟିକ୍ ସହିତ ମୋ ଛାତିର ଧପ୍ ଧପ୍ ଶବ୍ଦର ତାଳ । ନିଜ ଛାତି ଶବ୍ଦର ସଙ୍ଗୀତ ଶୁଣୁଶୁଣୁ ପୁଣି ଘୁମ୍ ଆସିଗଲା । ସ୍ୱସ୍ତି ମଣିଷକୁ ନିଦ ଦିଏ ।"

"ସକାଳ ଯାଏଁ ସେଇ ସ୍ୱସ୍ତି ରହିଲା ତେବେ ? ଔଷଧ ?"

"ରୁହନା ! କାହିଁକି ଔଷଧ ଔଷଧ ହେଉଛ ? ପୁରୁଷମାନଙ୍କର ମୋଟେ ଧୈର୍ଯ୍ୟ ନାହିଁ ଦେଖୁଛି । ତାପରେ—ବାବା ! କି ଦୁଃସ୍ୱପ୍ନ ! ମୋତେ ବର୍ତ୍ତମାନ ବି ସତ ଲାଗୁଛି । ମୋତେ ଜଣାଗଲା ଯିମିତି ବୁଢ଼ୀ ଡାହାଣୀଟାଏ ମୋ ଛୁଆ ଦିହିଙ୍କି ହାତମୁଠାରେ ଚପ୍ ଚୁପ୍ କରି ଧରିନେଇ ଯାଉଛି ତାଙ୍କର ପୋଡ଼ା କରି ଚକଟି ପଖାଳ ଖାଇବ । ବିଲବିଲେଇଲା ପରି ହାଉଳି ଖାଇ ତୁମକୁ ଡାକିଲି,'ଦଉଡ଼ ଆସ'। କହିଲି 'ଆମ ଛୁଆଙ୍କୁ କିଏ ନେଇଗଲା, ମାରି ଦେଲା ।' ମୋ କଥା ପାଟିରୁ ବାହାରିଛି କି ନାହିଁ ଚେଚେର୍ ଚେଚେର୍ ଶବ୍ଦରେ ଘର ଭରପୁର ହୋଇଗଲା, ମୋ କାନ ଅତଡ଼ା ପଡ଼ିଗଲା । ଦରଚେତା ଅବସ୍ଥାରେ ବି ମୁଁ ବେଶ୍ ବୁଝି ପାରିଲି ପୂର୍ବର ଚେଁଚେଁ ଶବ୍ଦରୁ ଏହା ଫରକ୍ । ଭାବିଲି ଏ ଫେର୍ କିଏ ଆସିଲା ? ରାତିଯାକ ଏମିତି ଅତିଥି ଅଭ୍ୟାଗତ ଆସୁଥିବେ, ମୁଁ ଉଠୁଥିବି, ଆଲୁଅ ଜାଳୁଥିବି । ବାଧ ହୋଇ ପୁଣି ବଡ଼ ଆଲୁଅଟା ଜାଳି ଦେଖିଲି ଆଲକାତରାବୋଳିଆ କଡ଼ିବରଗା ଓ ଧଳା ଛାତ ମଝିରେ ବଡ଼ ଚଟିଆଟିଏ ।"

"ବିଲବାଡ଼ିର ଦଳଟାଯାକ ଚଟିଆ ଘରଭିତରକୁ ଆସିବା ମତଲବରେ ଥିଲେ ନା କ'ଣ ?"

"ତୁମେ କିଛି ବୁଝୁନ; ବୁଝିବାର ଚେଷ୍ଟା ବି କରୁନ । ଦେଖୁନ ସେ ବି ମୋର ପରି ରାତିଯାକ ଉଜାଗର ରହି ତା' ଦୁଇ ଛୁଆଙ୍କୁ ଜଗିଛି । ଏ କୁଆ କାକରରେ, ଖୋଲରେ ବୁଲିବୁଲି ତା' ଦୁ'ଛୁଆଙ୍କୁ ବି ବୋଧହୁଏ ଜର । ନହେଲେ ପାଟକୁ ପାଖ ଯୋଡ଼ି ଲଗାଲଗି ହୋଇ ଛୁଆ ଦୁହେଁ ବସନ୍ତେ କାହିଁକି ? ଶୀତ ଲାଗୁଥିବ ସେମାନଙ୍କୁ । ମୁଁ ଭାବିଲି ସେ ବି ମୋରି ପରି ଦୁଃସ୍ୱପ୍ନ ଦେଖି ଚମକି ପଡ଼ି ଚିତ୍କାର କରି କହୁଛି । ଧାଇଁ ଆସ, ଡାହାଣୀ, ବୁଢ଼ୀ ଆମ ପିଲାଙ୍କୁ ନେଇ ଯାଉଛି, ପୋଡ଼ପାଡ଼ି ପଟାଳ ଖାଇବ ବୋଲି । ମୁଁ ବେଶ୍ ବୁଝିଲି ସେ ବି ମୋରି ପରି ଏକ ଦୁଃଖୀ ଅଭାଗିନୀ ମାଆ ଯିଏ ପିଲାଝିଲାଙ୍କ ପାଇଁ ବ୍ୟତିବ୍ୟସ୍ତ ହୋଇ ପଡ଼ିଛି । ପୋଖରୀ ହୁଡ଼ାର ଝଙ୍କା ବରଗଛର ପେଚାର ଡାକ ସେ ଶୁଣି ପାରିଥିବ ନିଶ୍ଚୟ, ମୋର ଭୟ ହେଲା ମୁଁ ମୋ ପିଲାଙ୍କ ଜୀବନ ଡାହାଣୀ ବୁଢ଼ୀ ପାଖରୁ ଫେରାଇ ଆଣି ପାରିବି ତ ।"

"ଏତେ କଥା ହେଲା, ଏତେ ଅବସ୍ଥା ହୋଇଗଲା ତଥାପି ମୋତେ—ତମେ ସବୁ ଦେଖିଲ, ଶୁଣିଲ, ଜାଣିଲ; ମୋତେ ତା'ର କିଛି ଖବର ଦେଲନି; ସାଙ୍ଗ ବି କଲନି ?"

"କ'ଣ ଏତିକି ? କାଲି ରାତି ମୋର ବେଶ୍ ଜ୍ଞାନ ହେଲା ଆମେ ଯେତେବେଳେ ମୂର୍ଚ୍ଛାର ପରି ପଡ଼ିଥାଉଁ ସେତେବେଳେ ସ୍ୱାଠାରୁ କେତେକେତେ ବେଶୀ ଶବ୍ଦ ଘଟଣା ଆମର ଅଦେଖା, ଅଶୁଣା, ଅଜଣା ରହିଯାଏ । କଷ୍ଟ କରି କିଛି ସାଧନା କରି ଯେ ନିଶା ଜଗିରହେ ସେ ଯିନା ସବୁ ଦେଖେ ଜାଣେ । କାଠ ମୁଣ୍ଡା ଟାଏ ହୋଇ ଶୋଇ ରହିଲେ ଅଜବ ଦୁନିଆଁ ଅନ୍ଧାର ଦୁନିଆଁ ପରି ଜଣାଯିବ ।

"ମୋତେ ଉପଲକ୍ଷ୍ୟ କରି ଆଉ କାହିଁକି ଏତେ ଗାଳିଗୁଲଜ କରୁଛ ? ଯାହା ତ ହେବାର ହେଲା । ଔଷଧ ଦେଲୁ ନା ନାହିଁ ?"

"ତୁମେ କ'ଣ ଭାବିବ ପାନେ ଔଷଧରେ ରୋଗ ଭଲ ହୋଇଯାଏ । ବିନା ଔଷଧରେ ମୋର ଦୁର୍ବଳତା କୁଆଡ଼େ ଉଭେଇଗଲା । ଏଥର ମୋର କ୍ଷୀଣ ସାହସ ଆସିଲା । ଦୁଇଜଣ ମାଆ ଚାରିଜଣ ପିଲାପିଲାଙ୍କୁ ଧରି ଏକାଠି ଏକାପରି ଜଗିର ଜାକିଲୁଁ, ଏକା ମନ୍ଦିରରେ ଏକା ଉଦ୍ଦେଶ୍ୟ ରଖି । ମୋର ଆଉ ସନ୍ଦେହ ରହିଲା ନାହିଁ ତା ପିଲାଙ୍କ ଅସୁଖ ବିଷୟରେ । ନ ହେଲେ ତାଙ୍କ ମାଆ ଉଜାଗର ରହନ୍ତା କାହିଁକି ; ଏତେ କାନ ପତଲା ହୁଅନ୍ତା କାହିଁକି ? କ୍ରମେ କଣ୍ଠବରଗାର ହେଇ ଚଢ଼େଇଟିକୁ ମୋ ନିଜ ମାଆ ପେଟର ଭଉଣୀ ପରି ଲାଗିଲା । ଯିମିତି ଆମେ ଦୁ'ଭଉଣୀ ଯେଝା ପିଲାପିଲି ନେଇ ବାପ ଘରକୁ ଆସିଛୁ ; ଏଠି କେତେଦିନ ସାଙ୍ଗ ସାଥୀ ହୋଇ ସୁଖଦୁଃଖରେ ଦିନ କଟାଇ ପୁଣି ସ୍ୱାମୀ ଘରକୁ ଫେରିଯିବୁ ।"

"ଏବଂ ଔଷଧ ତା ଜାଗାରେ ପଡ଼ି ରହିଥିବ ।"

"ଠିକ୍ କଥା । ଆରାମ ପ୍ରକୃତରେ ହାରାମ । ଜବାପଣ୍ଡା ମଣିଷକୁ ଦାୟିତ୍ୱହୀନ କରେ । ପୁଣି ଆଲୁଅ ଲିଭାଇ ମୁଁ ଶୋଇଗଲି । ଭାବିଲି ଭଉଣୀ ଜଗିଦେବ ମୋ ପିଲାପିଲିଙ୍କି । ମୁଁ ଦଣ୍ଡେ ଶୋଇଯାଏ, ଆଖିପତା ପୋଡ଼ିଲାଣି ।"

"ବଢ଼ିଆ କଥା । ମାଉସୀ ଜଗିଦେବ । ଔଷଧ ଖୁଆଇ ଦେବ । ଜଲ ପଟି ଦେବ, ଜର ଦେଖିବ, ତୁମକୁ ଘଣ୍ଟା ବେଳେ ଡାକିବ ।"

"ଆଶ୍ଚର୍ଯ୍ୟ କ'ଣ ? ବିଶ୍ୱାସ କଲେ ହେଲା । ତୁମେ କ'ଣ ଭାବିଛ ଏଲାରାମ ଘଣ୍ଟା ଛଡ଼ା ଆଉ କେହି ମଣିଷକୁ ଠିକ୍ ସମୟରେ ଚେତା କରାଏ ନାହିଁ । ଏ ଯନ୍ତ୍ର ତିଆରି ପୂର୍ବରୁ ଲୋକେ ତ ପୁଣି ଠିକ୍ ସମୟରେ ଉଠୁଥିଲେ, ଛୁଆପିଲାଙ୍କ ନାଡ଼ୀ ଦେଖୁଥିଲେ, ଅନୁପାନ ବାଟିଘୋରି ଔଷଧ ପିଆଉଥିଲେ ।"

"ଔଷଧ ସବାଶେଷରେ ଦେଲ ନା ନାହିଁ ?"

"ତୁମର ଘଣ୍ଟାର ଏଲାରାମ ବାଜିଲା କି ନାହିଁ ମୁଁ କହି ପାରିବି ନାହିଁ । କେତେ ସମୟ ଶୋଇଗଲି ତା ବି କହି ପାରିବି ନାହିଁ । ପୁଣି ଚେଚେର୍ ଚେଚେର୍ ଚେଚେର୍ ଚେଚେର ଶବ୍ଦରେ ନିଦ ଭାଜିଗଲା । ଏ ଶବ୍ଦଟା ବଡ଼ ରୁକ୍ଷ, କର୍କଶ ; ମିଠା ମୋଟେ ନୁହେଁ । କୁଙ୍କୁମ ଦେବା ଗଳା, ମାଲିକାନା ସ୍ୱର । ଏ ସ୍ୱର, ଶବ୍ଦ ଯିମିତି ବନ୍ଦ ହେବାର ନୁହେଁ । ତୁହାକୁ ତୁହା ଆସୁଥାଏ । ଏଇ ଶବ୍ଦ ସାଙ୍ଗକୁ କାନ ଅତଡ଼ା କରି ବାଜି ଉଠିଲା ଜେଲଖାନା ଘଣ୍ଟା, କଚେରୀ ଘଣ୍ଟା, ପାଓ୍ୱାର ହାଉସ ଘଣ୍ଟା, କରତକଲ ଘଣ୍ଟା, ଆହୁରି କେତେ କେତେ ଅଜ୍ଞାତ ଟୁନର ଘଣ୍ଟା । ଠଙ୍ ଠଙ୍ ଠଙ୍ । ଘଣ୍ଟା । ଯିମିତି ଦୁନିଆର ସବୁ ଘଣ୍ଟା । ଏଇ ଆଦେଶ ଅପେକ୍ଷାରେ ରହିଥିଲେ । ଯଥର ବାୟୁତରଙ୍ଗରେ ଘଣ୍ଟା ଗୁଡ଼ାକର ଶେଷ ଶବ୍ଦ ମିଳାଇ ଯାଇଛି କି ନାହିଁ ଚେରେରେରେ, ଚେର୍‌ରେ, ଚାଁ ଚାଁ, ଚେଚେର ଚେଚେର ଚେଁ ଚେଁ ରବରେ କୋଠରୀଟା ମୁଖରିତ ହୋଇଗଲା । ବୁଲବୁଲ, ଝୁନଝୁନି ବି ଚେତା ହୋଇ ମାଆ ମାଆ ଡାକି ଉଠିବସିଲେ । ମୋତେ ଜଣାଗଲା ଚଟିଆ ବଂଶ ଆମ କୋଠରୀକି ଘରଟାକୁ ଦଖଲ କରିଗଲେ ।"

"ମୁଁ ହେଲେ ଭାବିଥାନ୍ତି ଗୋଟାଏ ଭୌତିକ କାଣ୍ଡ ଘଟିଲା ବୋଲି ; ଯିମିତି ଗଳାଦଉଡ଼ିଆଟା ଆଶ୍ରା କରିଗଲା ଆମ ଘରେ ।"

"ଯେ କେହି ଅଜାଣୁଆ ସେମିତି ଭାବନ୍ତା । ପୁଣି ଆଲୁଅ ଜାଳିଲି । ଉପରକୁ ଚାହିଁ ଦେଖେଁ ତ ଏଇ ପୁରୁଣା ବସା ଭିତରେ ଥାଇ ମୁଣ୍ଡ କାଢ଼ି ଅନାଉଛି ଘରର ମାଲିକ । ଚଢ଼େଇ ପିଲାଙ୍କ ବାପା । ବେକତଳେ କଳାଦାଗ । ଝାଡ଼ିଝୁଡ଼ି ହୋଇ

ଏପାଖ ସେପାଖ ଗୋଡ଼ ଲମ୍ବାଇ ଅଳସ ଭଙ୍ଗି ନେଉଛୁ । ଆଲୁଅଟା ଅଟିକା ଅଭ୍ୟାସ ହୋଇଗଲା ପରେ ଦୃଷ୍ଟିଲା କଡ଼ିବରଗାର ଉପର ମହଲାର ଟେମ୍ ସ୍ପେଲକୁ ଓ ପରେ ପରେ ଦୋଳିରେ ଝୁଲନ୍ତ ଅବସ୍ଥାରେ ଥିବା ତା'ର ବୁଲବୁଲ ଓ ଝୁନଝୁନକୁ । 'ଗୁଡ଼ମର୍ଣ୍ଣିଂ' ଶବ୍ଦରେ ଘରଟା ଆନନ୍ଦମୁଖର ହେଲା ।"

"ସ୍ୱା ପରେ ଘନ୍ଦା ଦେହି ଔଷଧ ଦେଲ ତ ?"

"ମଲା, ଦୁନଆ ସାକର ଘନ୍ଦରେ ଛନ ବାଜିଲା । ତୁମର ପଢ଼ାରେ କ'ଣ ବାର ବାଜିଥାନ୍ତା ? ଦୁହିଁଙ୍କୁ ଡାକିବାକୁ ପଡ଼ିଲା ନାହିଁ । ଔଷଧ ଦେଇ ଦେଲି । ହାତ ଦେଇ ଦେଖେଁ ଦୁହିଁଙ୍କ ଦେହରେ ଉତ୍ତାପ ନାହିଁ । ଖାଇବାକୁ ମାଗିଲେ । ଉପରେ ଟିକି ଚଟେଇ ଦ'ଟା ଅଲଗା ହୋଇଯାଇ ପରସ୍ପର ଟିକି ଥଣ୍ଟକୁ ଖୁମ୍ପିବାକୁ ଲାଗିଲେ । ତାକୁ ବ ବୋଧହୁଏ ଖେଳ ଲାଗୁଥିଲା ଜର ଛାଡ଼ିଯିବା ପରେ । ଦଣ୍ଡେ ପରେ ପୁଣି ପାଖକୁ ପାଖ ଘଷିହୋଇ ଥଣ୍ଟ ଆଟି ମୁଣ୍ଡ ପର ଭିତରକୁ ଟାଣିନେଲେ । ଆଉ ଚଟେଇ ପର ଦଶିଲେ ନାହିଁ । ମୋତେ ମନେ ହେଲା ସେମାନେ ସବୁ ପକ୍ଷୀ ସ୍ୱଜ୍ୟର ଜୀବ । ସକାଳେ ଉଠି ଦେଖେଁତ କେହି ନାହାନ୍ତି । ଯେଉଁ ଶୂନ୍ୟରୁ ଆସିଥିଲେ ସେଇ ଶୂନ୍ୟରେ ଉଭାଇ ଯାଇଛନ୍ତି ।"

"ହୋଇଲାଇଟ୍ ବାଟରେ ଉଡ଼ି ଯାଇଥିବେ । ମୋତେ ଟିକେ ଡାକିଲ ନାହିଁ, ମୁଁ ଦେଖିଥାନ୍ତି । ଆଚ୍ଛା ! ତୁମେ ସେ ନେକ୍‌ଟାଇ ବନ୍ଧା ଅଣ୍ଡିରା ଚଟେଇଟାକୁ ପଚାରିଲ ନାହିଁ କାହିଁକି ସେ ନିଜ ସ୍ତ୍ରୀ ପିଲାପିଲିଙ୍କି ବାହାରେ ରଖି ନିଜେ ଆରାମରେ ନାଦକ ହୋଇ ବସା ଭିତରେ ଶୋଇଥିଲା ?"

"ତା ହେଲେ ତ ମୋତେ ତୁମକୁ ଉଠାଇବାକୁ ପଡ଼ିଥାନ୍ତା । ତୁମେ ସବୁ କ'ଣ ଘର ଚଳାଅ ନା ଘରକଥା ବୁଝ ? ଆମେ ସବୁ ଦେଖୁ, ବୁଝୁ ; ତୁମେ ସବୁ ଗୋଟାଏ ଗୋଟାଏ ଦାମ୍ଭିକ ଖୁଣ୍ଟ ଖୁଣ୍ଟିନା ।"

"ଆଉ ଯେତେବେଳେ ସେ ଆସିବ ମୋତେ ତାକୁ ଟିକିଏ ଦେଖାଇ ଦବ ତ !"

"ମଲା ! ଏଇଲାଗେ କହୁଥିଲ ପରା ତା ବସାଟାକୁ ଭାଙ୍ଗିଦବ ବୋଲି ?"
"ମୁଁ କ'ଣ ତାଙ୍କ ସ୍ୱରୂପ ଦେଖିଥିଲି ନା ଜାଣିଥିଲି ?"
"ତେବେ ଏ ବର୍ଷ ମଧ୍ୟ ସେମାନେ ଏ ଘରେ ରହିବେ ?
"ହୁଁହ, ମୁଁ ଆଗ ଠିକ୍ କରେଁ, ଏ ଘର ତାଙ୍କର ନା ଆମର ।"

# ସ୍ୱପ୍ନସିଦ୍ଧ

## ୬ ବାମାଚରଣ ମିଶ୍ର

ନାଲ୍‌ଠଣଟି ମିଟ୍‌ମିଟ୍ ହୋଇ ଟେବୁଲ୍ ଉପରେ ଜଳୁଛି । ଚାରିଆଡ଼ ନିସ୍ତବ୍ଧ ; କେବଳ ପଡ଼ୋଶୀ ଘରର ଅସୁସ୍ଥ ପିଲାର ଚୁହାଇ ଚୁହାଇ କାନ୍ଦଣା ଭାସିଆସୁଛି । ମିମି ଓ ଟୁକୁନା ଶୋଇପଡ଼ିଲେଣି । ମାତ୍ର କିଛିକ୍ଷଣ ଆଗେ ସେମାନଙ୍କର କଳି, ପିଟାପିଟି ବନ୍ଦ ହୋଇଛି । ବୋଉ କାହା ଆଡ଼କୁ ମୁହଁକରି ଶୋଇବ ଏଥିପାଇଁ ସେମାନଙ୍କ ଭିତରେ ପ୍ରବଳ କଳି ଚାଲିଥିଲା । ସ୍ତ୍ରୀ ମଧ୍ୟ ନିଘୋଡ଼ ନିଦରେ ଶୋଇପଡ଼ିଛି । କିନ୍ତୁ ତା'ର ପଙ୍ଖା ବୁଲାଇବା ବନ୍ଦ ହୋଇନାହିଁ କି ଗୀତଟି ମଧ୍ୟ ବନ୍ଦ ହୋଇନାହିଁ । ସେ ନିଦ୍ରାଜଡ଼ିତ କଣ୍ଠରେ ଗାଇ ଚାଲିଛି, "ମିମି ମୋର ସୁନା ଝିଅ···।" କେଉଁ ସପନ ରାଇଜରୁ ଗୋଟିଏ ଅପୂର୍ବ ସୁର ଯେମିତି ଭାସି ଆସୁଛି । ଆଉ ତା ସହିତ ମିଶିଛି ପଙ୍ଖାର ଅବିରାମ ଧ୍ୱନି···କେଁ···କେଁ । ସ୍ତ୍ରୀର ସେ ଗୀତରେ କି ମୋହିନୀ ମନ୍ତ୍ର ଅଛି କେଜାଣି, ଶୁଣିବା ମାତ୍ରେ ମିମି ଟୁକୁନା ପରି ଦୁର୍ଦ୍ଧର୍ଷ ପ୍ରତାପୀମାନେ ମଧ୍ୟ ଶୋଇପଡ଼ନ୍ତି ।

ସୁଦାମବାବୁ ଧୀରେ ବିଛଣାରୁ ଉଠି ଶାନ୍ତିର ନିଃଶ୍ୱାସ ମାରି ଡାଣ୍ଡ୍ରଘରକୁ ଗଲେ ଲେଖିବାକୁ । ଅତ୍ୟାଧୁନିକ ଲେଖକମାନଙ୍କ ମଧ୍ୟରେ ତାଙ୍କର ସ୍ଥାନ ଅତି ଉଚ୍ଚ । ଯେତେ ଅଦ୍ଭୁତ ଶବ୍ଦ ସେ ସୃଷ୍ଟି କରୁଛନ୍ତି, ତାଙ୍କର ଭାଷା, ଭାବ ଓ ଉପମା ଯେତେ ଦୁର୍ବୋଧ ହେଉଛି ତାଙ୍କର ସ୍ଥାନ ସେତେ ଦୃଢ଼ ହେଉଛି । କିଛିଦିନ ହେବ ଗୋଟିଏ ଅତି ଜଟିଳ ଓ ବିଜ୍ଞାନସମ୍ମତ ପ୍ରେମମୂଳକ ଗଳ୍ପ ତାଙ୍କର ମନକୁ ଆସୁଛି । ଫ୍ରଏଡ୍, ଆଡ଼ଲର୍ ଓ ୟୁଙ୍ଗ୍‌ଙ୍କ ମନ ସମୀକ୍ଷା, ଡାରୱିନ, ବର୍ଗସନ୍ ଓ ମାର୍କସ୍‌ଙ୍କ ବିବର୍ତ୍ତନବାଦ, ପଦାର୍ଥ ବିଜ୍ଞାନର ପରମାଣୁ ତତ୍ତ୍ୱ ଓ ଆଇନଷ୍ଟାଇନଙ୍କ ଆପେକ୍ଷିକବାଦ ସହିତ ଜ୍ୟାମିତିର [illegible] ଉପପାଦ୍ୟ ଓ ହିନ୍ଦୁ ଧର୍ମର ଜନ୍ମାନ୍ତରବାଦ ମିଶାଇ ସେ ଗୋଟିଏ ଅପୂର୍ବ ଓ ଅଦ୍ଭୁତ ଉପନ୍ୟାସ ଲେଖିବାର କଳ୍ପନା କରିଛନ୍ତି । କିନ୍ତୁ ଘରେ ଯେଉଁ ଗୋଳମାଳ, ଟୁକୁନା ଓ ମିମି ମଧ୍ୟରେ ଯେଉଁ ଖଣ୍ଡଯୁଦ୍ଧ ଚାଲିଛି ସେଥିରେ ଲେଖିବା ତ ଦୂରର କଥା, ଭାବନା ମଧ୍ୟ ମିଳେଇ ଯାଉଛି । ନାଲଠଣଟି ଧୀରେ ଟେବୁଲ ଉପରେ ଥୋଇ ଟିକିଏ ତେଜିଦେଇ କାଗଜ ବାହାର କରି କଲମ ଧରିଛନ୍ତି କି ନା, ମିମି ଧଡ଼ପଡ଼ କରି ଉଠି ବସି ଚିତ୍କାର କରି କାନ୍ଦି ଉଠି କହିଲା ··
"ବୋଉ, ଦେଏଖେ ଭାଇକୁ ·।"

କଲମ କାଗଜ ଥୋଇଦେଇ ଅକ୍‌କା ହୋଇ ବସିପଡ଼ି ସୁଦାମ ବାବୁ କୁଳଦେବତାଙ୍କ ନାମ ଉଚ୍ଚୈଃସ୍ୱରେ ଜପିବାକୁ ଲାଗିଲେ, ରଘୁନାଥ, ରଘୁନାଥ ହେ ! ମିମିର ଚତ୍କାର କ୍ରମେ ତୀବ୍ର ହେବାକୁ ଲାଗିଲା । କାଗଜଟା ଚିରି ଚିରି ଦେଇ, କଲମ ମୁନଟାକୁ ଟେବୁଲ ଉପରେ ଗୋବା ମାରି ଦଳ୍‌ଛିଡ଼ା କରିଦେଇ, ନଲ୍‌ଠଣ୍ଟାକୁ କଚଡ଼ି ଚୂର୍ଣ୍ଣବିଚୂର୍ଣ୍ଣ କରି ଘରୁ ସନ୍ନ୍ୟାସୀ ହୋଇ ବାହାରିଯିବାର ଅଦମ୍ୟ ଉତ୍ତେଜନା ଜାତ ହେଲା । କିନ୍ତୁ ସେସବୁ କିଛି ନ କରି ହତାଶ ଭାବରେ କୁଳଦେବତାଙ୍କ ନାମ ଉଚ୍ଚାରଣ କରି ସେ ମୁଣ୍ଡରେ ହାତ ଦେଇ ବସିରହିଲେ ଓ ବାରମ୍ବାର ପ୍ରୀତି ଆଡ଼େ ତର୍‌ଚି ଚାହିଁବାକୁ ଲାଗିଲେ ।

ପ୍ରୀତି କିନ୍ତୁ ନିର୍ବିକାର ଭାବରେ ଶୋଇଛି ଓ ଗାଇ ଚାଲିଛି···ମିମି ମୋର ସୁନା ଝିଅ···

ସୁଦାମ ବାବୁ ନିର୍ମମ ଶାନ୍ତ ଭାବରେ ପଚାରିଲେ, ହଇ ହୋ, ମିମି ଗଳା ସାଧୁଛି କି ?

ପ୍ରୀତି ଧଡ଼ପଡ଼ ହୋଇ ଉଠି ବସି ସୁଦାମ ବାବୁଙ୍କ ଆଡ଼େ ଚାହିଁ ଫିକ୍‌କିନା ହସିଦେଇ ମିମିର ମୁହଁ ଚିପି ଧରି କହିଲା, "ଚୁପ୍ ଚୁପ୍ ପୋଡ଼ାମୁହିଁ ।" କିନ୍ତୁ କାହାର ଶକ୍ତି ଅଛି ଯେ ସେ ରୋଦନ ରୋଧ କରିବ ।

ଖଟ ଉପରେ ଦୁମ୍ ଦୁମ୍ ଶବ୍ଦ ହେବାକୁ ଲାଗିଲା । ଟୁକୁନା ମିମିର ଅଭିଯୋଗରେ ଉତ୍ତେଜିତ ହୋଇ ଉଠିବସି ବାଲିଶ୍ ଉପରେ ବିଧା ମାରୁଛି । ଏଇଟା ତାହାର ପ୍ରାକ୍‌ଯୁଦ୍ଧ ଆସ୍ଫାଳନ । ସୁଦାମ ବୁଝିଲେ ଆଉ ଅଳ୍ପ ସମୟ ପରେ ପ୍ରତ୍ୟକ୍ଷ ଯୁଦ୍ଧ ଆରମ୍ଭ ହୋଇଯିବ । ହେଲା ମଧ୍ୟ ତାହା । ବାଲିଶ୍ ସବୁ ଏଣେତେଣେ ଉଡ଼ିବାକୁ ଲାଗିଲେ । ଟୁକୁନା ବାଲିଶ୍‌ମାନଙ୍କୁ ଇଣ୍ଟାରକନ୍‌ଟିନେଣ୍ଟାଲ ବାଲିଷ୍ଟିକ୍ ମିଶାଇଲ୍ ରୂପେ ବ୍ୟବହାର କରେ ।

ଏ'ଙ୍କ ଜ୍ୱାଳାରେ ମଣିଷ ଟିକିଏ ଶୋଇ ପାରିଲା ନାହିଁ, ମୁଁ ମରିଯାଆନ୍ତି କି ଭଗବାନ । ପ୍ରୀତି ଆକ୍ଷେପ କରି କହିଲା ଏବଂ ତା' ପରେ ମିମି ଓ ଟୁକୁନା ପିଠିରେ ଦୁଇ ଚାରିଟା ବଜ୍ରମୁଷ୍ଟି ବିଧା ଥୋଇଦେଇ ଟୁକୁନାର କାନ ଧରି କହିଲା, "ହଇରେ ତୁ କାହିଁକି ମିମି ଆଡ଼େ ଗୋଡ଼ ଦେଲୁ ?"

"ସେ କାହିଁକି ମୋ ଆଡ଼େ ହାତ ରଖିଲା ?" ଟୁକୁନା ପାଲଟା ପ୍ରଶ୍ନ କଲା ତା'ର ସ୍ୱରରେ ।

ଛିଃ, ଛିଃ, ତୁମେ ଦୁଇଟା ଏତେ ହିଂସ୍‌କୁରିଆ । ଏଇ ଟୁକୁନାଟା ଭାରି ବାଦୁଆ, ସାନ ଭଉଣୀଟା ସାଙ୍ଗରେ ବରାବର ବାଦ ।

ଟୁକୁନାର ଚରିତ୍ର-ପଞ୍ଜିକାରେ ଏପରି କଟୁ ମନ୍ତବ୍ୟ ଅନେକ ଥର ଅନ୍ତର୍ଭୁକ୍ତ ହେଲାଣି । ଟୁକୁନା ମନ୍ତବ୍ୟ ପ୍ରତି ଭ୍ରୂକ୍ଷେପ ନାହିଁ । ଉପରନ୍ତୁ ସେ ଆହୁରି ରାଗିଯାଇ ମିମି ପିଠି ଉପରେ ଦୁମ୍‌ଦାମ୍ ଦି'ଟା ଥୋଇଦେଲା । ମିମି ଆଉ କିଛି କରି ନ ପାରି ପ୍ରୀତିର ବାହୁକୁ କାମୁଡ଼ିଦେଲା ।

"ମରିଗଲି ଲୋ ବୋଉ", ପ୍ରୀତି ବେଦନାରେ ଚିତ୍କାର କରି ଉଠିଲା ।

ମିମି ପେଟରେ ରହିବା ଦିନୁ ଟୁକୁନାର ବାଦ । ସେତେବେଳେ ସେ କଥା କହିବାକୁ ଶିଖି ନାହିଁ । ତା'ର ହିଂସା ପ୍ରକାଶ ପାଇଚି ସେତେବେଳେ ବଡ଼ ବେଦନାମୟ ଭାବରେ । ମିମିର ଗର୍ଭସ୍ଥିତି ସାଙ୍ଗେ ସାଙ୍ଗେ ଟୁକୁନା ରୋଗରେ ପଡ଼ିଲା । ସଦାବେଳେ ଚିଡ଼ଚିଡ଼ା ଆଉ ଅଁଟପଣିଆ ତା'ର ଆରମ୍ଭ ହେଲା, ଆଉ ବୋଉ କୋଳରେ ରହିବାକୁ ସଦାବେଳେ ଜିଦ୍ ଧରି ବସିଲା । ମିମି ଜନ୍ମ ହେବା ପରେ ସୂତିକା ଗୃହର ଦୁଆର ମୁହଁରେ ଚୁପ୍ କରି ଛିଡ଼ାହୋଇ ମିମି ଅଡ଼େ ଗୋଟାଏ ଅପ୍ରସନ୍ନ ଦୃଷ୍ଟି ନିକ୍ଷେପ କରି ସେ ଗୋଟିଏ ଘରର କୋଣରେ ଚୁପ୍ କରି ବସିରହିଲା । ତା' ପରେ ମିମିକୁ ଯେତେବେଳେ ସେ ଦେଖିଚି ସ୍ତନ୍ୟପାନ କରିବାର ସେତେବେଳେ ତାକୁ ଠେଲି ବୋଉ କୋଳରୁ ତଳେ ପକାଇ ଦେବାକୁ ଚେଷ୍ଟା କରିଚି । ମିମିକୁ ଏକା ପାଇ ସେ ତାକୁ ଚିମୁଟି ଦେଇଚି । ବିଧା ମାରି ପଳାଇଯାଇଚି । ସୁଦାମବାବୁ ଟୁକୁନା'ର ଏପରି ବ୍ୟବହାର ଦେଖି ବ୍ୟଥିତ ହୋଇପଡ଼ିଛନ୍ତି ।

ପ୍ରୀତି କହିଲା, ଏ ଦି'ଟା ତଳ ଉପର ଭାଇ ଭଉଣୀ—ସଦାବେଳେ କଜିଆ ଲଗିବେ ଏମାନେ ।

ଦୁଇ ଜଣଙ୍କୁ ଅଲଗା ଅଲଗା ଶୁଆଇ ସେମାନଙ୍କ ମଝିରେ ଶୋଇ କାହାରି ଆଡ଼କୁ ମୁହଁ ନ କରି ଚିତ୍‌କରି ଶୋଇ ପ୍ରୀତି ବାଘ ଗପ କହିବାକୁ ଲାଗିଲା···ମିମି, ତୁ ଦେଖିଚୁନା ସେ ବାଘ ! ମା'ଲୋ, ଏତ୍‌ଡେ ବଡ଼ ବଡ଼ କାନ, ଏତ୍‌ଡ଼େ ବଡ଼ ବଡ଼ ଦାନ୍ତ, ଏତ୍‌ଡେ ବଡ଼ ବଡ଼ ଗୋଡ଼, ଏତେ୍‌ଡେ ବଡ଼ ବଡ଼ ହାତ··· ।

ବାଘର ହାତ ଥାଏ କି ? ବୋଉ ତୁ ମିଛ କହୁଚୁ, ଠାକୁର ତୋତେ ମା'ରିବେ । ଟୁକୁନା ଚେତାଇ ଦେଲା ବୋଉକୁ, ବୋଉର ନିଜ ଉପଦେଶ କଥା, ମିଛ କହିଲେ ଠାକୁର ମାରନ୍ତି ।

ନାଇଁ, ବାଘର ହାତ ନାହିଁ, ଭୁଲରେ କହିଲି ।

କିନ୍ତୁ ମିମି ତା ସ୍ୱୀକାର କରିବାକୁ ନାରାଜ । ସେ କହିଲା, ବୋ'ଉ ବାଘର ହାତ ଅଛି, ନାଇଁ ବୋଉ ସେ ଭାତ ଖାଏ କେମିତି ?

ପ୍ରୀତି ଏହାର ଉତ୍ତର ନ ଦେଇ କହିଚାଲିଲା, ବାଘ ଆସି କହିଲା, ହାଁଉଁ ମାଁଉଁ ଖାଁଉଁ, ମଣିଷ ଗନ୍ଧ ପାଉଁ, କିଏ କାନ୍ଦୁଚି ରେ ? ମୁଁ କହିଲି, ନାଇଁ ମିମି କାନ୍ଦୁ

ନାହିଁ, ଯା ଯା, ତୁ ଯା । ବାଘ କହିଲା, ଆଚ୍ଛା ହଉ ମୁଁ ଯାଉଚି, ଫେଏରେ କାନ୍ଦିଲେ ନେଇଯିବି ।

ବାଘର କଥା କହିବା ଶକ୍ତିରେ ଟୁକୁନାର ଆପତ୍ତି ନାହିଁ । ମିମି ଓ ଟୁକୁନା ଦୁହେଁ ଆଖି ବଡ ବଡ଼ କରି ଗପ ଶୁଣୁଚନ୍ତି ।

ଟୁକୁନା କହିଲା, ବୋଉ, ବାଘ ମିମିକୁ ନେଇଯାଉ, ସେ ମୋର ସିଲଟଖଡ଼ି ଖାଇ ଦଉଚି ।

ଏ ଅଭିଯୋଗ ସତ୍ୟ ଅଟେ । ମିମି ସିଲଟଖଡ଼ିର ଲେଖନୀରୂପେ ବ୍ୟବହାରକୁ ଆଦୌ ପସନ୍ଦ କରିନାହିଁ । ସେ ଗବେଷଣା କରି ଦେଖିଚି ତାହା ଖାଦ୍ୟରୂପେ ଉତ୍କୃଷ୍ଟତର । କିନ୍ତୁ ବୋଉକୁ ଜାପୁଡି ଧରି ସେ କହିଲା, କୁନାକୁ ନଉ ।

ତା' ପରେ ପ୍ରୀତିର ଦୁଇ କଡ଼ରୁ ଆରମ୍ଭ ହେଲା ପ୍ରତ୍ୟକ୍ଷ ବାକ୍‌ଯୁଦ୍ଧ ।

ତୋତେ ନଉ ।

ତୋତେ ନଉ ।

ପ୍ରୀତିର ଛାତିକୁ ଯୁଦ୍ଧକ୍ଷେତ୍ର କରି ଦୁହେଁ ତା ଉପରେ ଯୁଦ୍ଧ କରିବାକୁ ଲାଗିଲେ ।

ପ୍ରୀତି ଦୁଇଜଣଙ୍କୁ ଦୁଇଆଡକୁ ଠେଲିଦେଇ ଉଠିବସି କହିଲା ତୁମେ ଦୁହେଁ ଯଦି ଏମିତି ହବ ମୁଁ ଯାଉଚି ଘରୁ ବାହାରିଯିବି । ମୋତେ ବାଘ ନଉ । ବାଘ ନଉ ମୋତେ !

ମିମି କହିଲା, ମୁଁ ବାଘକୁ ଭାତ ଖାଇବାକୁ ଦେବି, ସେ ନବ ନାହିଁ ।

ଟୁକୁନା କହିଲା, "ମୁଁ ବାଘକୁ ଗୁଳିକରି ମାରିଦେବି ମୋ ବନ୍ଧୁକରେ ।"

ପ୍ରୀତି ଖଟରୁ ଓହ୍ଲାଇ ଚାଲିଲା ବାହାରକୁ । ମିମି ଟୁକୁନା ଦୁହେଁ ତାକୁ ଦୁଇପଟୁ ଜାପୁଡି ଧରିଲେ । ପ୍ରୀତି ସେମାନଙ୍କୁ ଠେଲିଦେଇ ବାହାରିଗଲା । ବାହାରି ଗଲା ଏକଦମ୍ ବାହାରକୁ ।

ଭାଇ ଭଉଣୀ ଦୁହେଁ ଥମ୍ କିନା ଛୁଡ଼ା ହୋଇ ରହିଲେ । ଆଖି ଛଳ ଛଳ କରି ଦୁହେଁ ଦୁହିଁଙ୍କୁ ଚାହିଁରହିଲେ ।

କିଛିକ୍ଷଣ ବିରାମ । ସୁଦାମବାବୁ ସୁବିଧା ପାଇ ପୁଣି ଲେଖିବାକୁ ଆରମ୍ଭ କଲେ । ତାଙ୍କର ଉପନ୍ୟାସରେ ସେତେବେଳେ ଅତି ଜଟିଳ ପରିସ୍ଥିତି ଉପୁଜିଚି । ବହୁଯୁଗ ପୂର୍ବରେ ଏ ଦେଶରେ ଯେଉଁ ଆଧ୍ୟାତ୍ମିକ ସ୍ପନ୍ଦନ ହୋଇଥିଲା ସେଗୁଡ଼ିକ ବ୍ୟୋମରୁ ସଂଗ୍ରହ କରି ଏ ଦେଶ ସଞ୍ଚୟ କରି ରଖିଚି ଓ ତେଣୁ ସମସ୍ତ ପୃଥିବୀର ସେ ଆଧ୍ୟାତ୍ମିକ ଗୁରୁ ହୋଇଚି । ବର୍ତ୍ତମାନ ଏ ଦେଶ ଅନ୍ୟ ଦେଶକୁ ସେ ସ୍ପନ୍ଦନଗୁଡ଼ିକ

ପଠାଉଛି । ଏଣେ କ'ଣ ହୋଇଚନା ଜା ଦେଶ ପୃଥିବୀରେ ପ୍ରଧାନ ଗଣତନ୍ତ୍ର ଉପାସକ ହୋଇଛୁ, ପୃଥିବୀର ପ୍ରତ୍ୟେକ ମନୁଷ୍ୟର ଚିନ୍ତା ଓ ମତ ପ୍ରକାଶର ସମ୍ପୂର୍ଣ୍ଣ ସ୍ୱାଧୀନତାକୁ ସେ ଯେପରି ସମ୍ମାନ ଦେଇଚି ଆଉ କୌଣସି ଦେଶ ସେପରି କରିପାରି ନାହିଁ । ଏକ ଲହମାରେ ପୃଥିବୀର ଜନସଂଖ୍ୟାର ୨୦ ଗୁଣ ଲୋକ ମାରି ଦେବାର ଶକ୍ତି ସଞ୍ଚୟ କରି ରଖି ପୃଥିବୀର ବିଭିନ୍ନ ଦେଶକୁ ସେ ଗଣତନ୍ତ୍ର ସ୍ପନ୍ଦନ ପଠାଉଚି । ତେଣେ ପୁଅ କଅଣ ହୋଇଚି ନା ସା ଦେଶ ହୋଇଚି ପୃଥିବୀର ଶ୍ରେଷ୍ଠ ଜନମଙ୍ଗଳକାରକ ଦେଶ । ଶୋଷିତମାନଙ୍କର ଏକମାତ୍ର ଉଦ୍ଧାରକ । ଅର୍ଦ୍ଧ ଲହମାରେ ପୃଥିବୀର ଜନସଂଖ୍ୟାର ୪୦ ଗୁଣ ଲୋକ ମାରିଦେବାର ଶକ୍ତି ଆହରଣ କରିବାରେ ଲାଗିପଡ଼ି ଚାରିଆଡ଼େ ସେ ଜନମଙ୍ଗଳ ସ୍ପନ୍ଦନ ପଠାଉଚି । ଏହି ଶକ୍ତିମାନ୍ ସ୍ପନ୍ଦନଗୁଡ଼ିକ ସ୍ୱ ସ୍ୱ ଗତିପଥରେ ଯାଉ ଯାଉ ବ୍ୟୋମରେ ଏକତ୍ର ମିଳିତ ହୋଇ ସେଠାରେ ସୃଷ୍ଟି ହୋଇଚି ଏକ ପ୍ରଚଣ୍ଡ ସ୍ପନ୍ଦନାବର୍ତ୍ତ । ଏପରି ସମୟରେ ନାୟିକା କାର୍‌ବୋଲିକା √½ ଙ୍ଗ ଚନ୍ଦ୍ରଲୋକରେ ଥିବା ତା'ର ପୂର୍ବଜନ୍ମର ପ୍ରେମିକ ପାଖକୁ ପଠାଉଚି ୨ ଆଙ୍ଗଷ୍ଟ୍ରମ ଇଉନିଟ୍‌ର ଇଲେକ୍‌ଟ୍ରୋମାଗ୍‌ନେଟୀକୃତ ପ୍ରେମ । ଇସ୍ୱାଡ଼େ ତାହାର ଦୁଇଜନ୍ମ ପୂର୍ବର ସ୍ୱାମୀ ଠିକ୍ ସେତିକବେଳେ ୪ ଗ୍ରାମ୍ ଦ୍ରବୀଭୂତ ପ୍ରେମ ପଠାଉଥିଲେ···

ଏତିକିବେଳେ ସୁଦାମବାବୁ ଚକିତେ ଶୁଣିଲେ ସେ କ୍ରନ୍ଦନ ଧ୍ୱନି···ବୋଉ ମ ବୋଉ । ମିମି ଓ ଟୁକୁନାର ଐକ୍ୟ କ୍ରନ୍ଦନ ।

କଲମ ଧୀରେ ଥୋଇଦେଇ ସୁଦାମବାବୁ ମନେ ମନେ କହିଲେ, "ଧେତ୍, ଏ ଘରେ କେହି କେବେ ଲେଖକ ହେଲେଣି ନା ହେବେ !! ସ୍ତ୍ରୀ ସିନା ଠିକାଏ ପ୍ରେରଣା ଦିଅନ୍ତା । ସେ କଥା ତ ଦୂରେ ଥାଉ, ଯେତେ ରକମର ବାଧା ସୃଷ୍ଟି କରୁଚ । ପ୍ରେମ କରି ବାହା ହବାକୁ ଆଶା କରିଥିଲି ଯେ ସେ ତ ହେଲା ନାହିଁ । ବପୁସ ଗଡ଼ାଇ ବାହା ହେଲି ଯେ ଜୁଟିଲା ଗୋଟାଏ ବେରସିକା, ସଦାବେଳେ ଘରକାମ ବା ପିଲାଛୁଆ ନେଇ ବ୍ୟସ୍ତ, ମୋତେ ପ୍ରେରଣା ଦେବାକୁ ବେଳ କାହିଁ ତାର !! ଶେଃ, ଏମିତିରେ କେହି କେବେ ଲେଖକ ହେଲେଣି ? ଆଉ ପିଲାଗୁଡ଼ାଙ୍କ ହୋଇଚନ୍ତି ବି ଧେତ୍ ।"

ପିଲା ଯୋଡ଼ିଙ୍କର କ୍ରନ୍ଦନ କ୍ରମେ ତୀବ୍ରତର ହେବାକୁ ଲାଗିଲା ।

କଲମ ରଖିଦେଇ ସୁଦାମବାବୁ ଡାକିଲେ ହଇ ହୋ ଶୁଣୁଚ !

ପ୍ରୀତି ଅନ୍ଧାର କଣରୁ ବାହାରି ପଡ଼ି ହସି କହିଲା, "ମୁଁ ଆଉ କଅଣ କରିବି କୁହ ?"

"ଯଦି ଜଣେ ଅଦ୍ଭୁତ ଲେଖକର ସ୍ତ୍ରୀ ଭାବରେ ମର୍ଯ୍ୟାଦା ପାଇବାକୁ ତୁମେ ଚାହଁ, ତେବେ ଦୟାକରି ଠିକାଏ ଚୁପ୍ କରାଅ ସେଗୁଡ଼ାଙ୍କୁ ।" ସୁଦାମବାବୁ ହାତଯୋଡ଼ି କହିଲେ ।

ପ୍ରୀତି ଖିଲଖିଲ ହସି ମିମି ଓ ଟୁକୁନାକୁ କୋଡ଼କୁ ଆଉଯାଇ ନେଇ ଗାଇବାକୁ ଲାଗିଲା···

"ତୁମକୁ ଛାଡ଼ି ମୁଁ କେଉଁଠି ଯିବିରେ, ମୋ ମିମି କୁନା···
"ତୁମପାଇଁ ତ ମରିବା ନାହିଁରେ, ମୋ ମିମି କୁନା···
"ମଲେ ଭୂତ ହୋଇ ତୁମଠି ଥିବି ରେ, ମୋ ମିମି କୁନା···

"ଦୟାକରି ତୁମର କାବ୍ୟ ସ୍ରୋତ ଟିକିଏ ବନ୍ଦ କରିବ କି ? ତାଙ୍କର କଣ୍ଠସ୍ୱରରେ ଚରମ ବିରକ୍ତି ପରିସ୍ଫୁଟ ହୋଇଉଠିଲା ।

"ଏ କବିତା ସୁଅ କିଏ ରୋଧିବ''ରେ, ମୋ ମିମି କୁନା···ପ୍ରୀତି ସେ ବିଦ୍ରୂପ ପ୍ରତି ଭ୍ରୂକ୍ଷେପ ନ କରି ଗାଇ ଚାଲିଲା ।

ସୁଦାମବାବୁ ଅଧିକ ବିରକ୍ତ ହୋଇ କହିଲେ, "ଧେତ୍, ଏ ଘରେ ଆଉ ରହିବି ନାହିଁ ।" ଦୁମ୍ କରି ଚୌକି କଚାଡ଼ି ସୁଦାମବାବୁ ଉଠି ଛିଡ଼ାହେଲେ ବାହାରିଯିବାକୁ ।

"ମିମି କୁନା ଛାଡ଼ି କେଉଁଠି ଯିବ ହୋ ମୋ ଧନମଣି···"

"କଅଣ୍ କହିଲ କଅଣ୍ କହିଲ ??" ଯାଉ ଯାଉ ଅମକା ଛିଡ଼ା ହୋଇ ଉଦ୍‌ଗ୍ରୀବ ଭାବରେ ସୁଦାମବାବୁ ପଚାରିଲେ । 'ମୋ ଧନମଣି' କଥାଟାକୁ ଦୋହରେଇ ମନେ ମନେ କହିବାକୁ ଲାଗିଲେ ।

"ଯେଣେ ଯିବ ଏଣେ ଆଣିବେ ଟାଣି ହୋ, ମୋ ଧନମଣି···
(ଆଉ) ଧନମଣି ଏଠି ବନ୍ଧା ହୋଏଙ୍ଗା ହୋ, ମୋ ଧନମଣି···"

ଶେଷ ପଦରେ ସୁଦାମବାବୁ ହଠାତ୍ ଉତ୍‌କ୍ଷିପ୍ତ ହୋଇ କହିଲେ, "ବନ୍ଧା ହୋଏଙ୍ଗା ? ଦେଖେଙ୍ଗା, କେମିତି ବନ୍ଧା ହୋଏଙ୍ଗା ।" କହି ସେ ଚୌକି ଉପରେ ଦୁମ୍‌କରି ବସିପଡ଼ିଲେ ଦୃଢ଼ଭାବରେ ।

ପ୍ରୀତି ଅପାଙ୍ଗ ଦୃଷ୍ଟିରେ ସୁଦାମବାବୁଙ୍କ ଆଡ଼େ ଚାହିଁ ମୁରୁକା ହସି ମିମି ଓ ଟୁକୁନାକୁ କୋଡ଼ରେ ଜାକି ଶୋଇପଡ଼ିଲା ।

ମିମି କହିଲା, "ବୋଉ, ଶ୍ୱଶୁ ଘର କଥା କହ ।"

ପ୍ରୀତି ପୁଣି ସୁର କରି ଗାଇବାକୁ ଲାଗିଲା, "ଚନ୍ଦମାମୁଁ ହୋ ଆଲୁଅ କର, ମିମି ଯିବ ହୋ ଶାଶୁଘର, ସାଙ୍ଗରେ ଯିବ କିଏ ? ଆଲୋ ମିମି ତୋ ସାଙ୍ଗରେ ଶାଶୁଘର କିଏ ଯିବ ?

ମିମି ନିର୍ବିକାର ଭାବରେ କହିଲା, "ଟୁକୁନା ଭାଇ ।"

"ନାଇଁ ନାଇଁ, ମୁଁ ତା ସାଙ୍ଗରେ ଯିବି ନାହିଁ ।" ଟୁକୁନା ଘୋର ଆପତ୍ତି ଶୁଣାଇ ଉଠି ବସିଲା ।

"ବୋଉ ମ ବୋଉ, ହଁ ଯିବ ଭାଇ, ତୁ କହ ।" ମିମିର କରୁଣ ମିନତିରେ ପ୍ରୀତି ତାକୁ ଚୁମ୍ବନ ଦେଇ କହିଲା, ହଁ ନିଶ୍ଚେ ଯିବ । ସାଙ୍ଗରେ ଯିବ କିଏ ? ତା ପରେ ପୁଣି ଗାଇବାକୁ ଲାଗିଲା—

"ସାଙ୍ଗରେ ଯିବ ଟୁକୁନା ଭାଇ ଛତାବାଡ଼ି ଦେ…"

ଗୋଟିଏ ଅପୂର୍ବ ଚଳଚ୍ଚିତ୍ର ମାନସ ପର୍ଦ୍ଦାରେ ପ୍ରତିଫଳିତ ହେଲା ସେ ଗୀତ ଦ୍ୱାରା । ବହୁଦିନର ଗୋଟିଏ କରୁଣ କାହାଣୀ ତାଙ୍କର ମନେପଡ଼ିଲା…

…ଗାଁ ଝିଅ ପଦ୍ମା ବାହା ପରେ ବାପଘରୁ ବିଦାୟ ନେଉଛି । ପିଲାଟିବେଳୁ ସେ ବାପ ହରାଇଛି, ଅଛି କେବଳ ଭାଇ ବଳଟେ । ଆଜି ଚିରଦିନ ପାଇଁ ବାପଘରୁ ବିଦାୟ ନେବାବେଳେ ତା'ର ସମସ୍ତଙ୍କ କଥା ମନେପଡ଼ି କୋହ ଉଠୁଛି । ଶକୁନ୍ତଳା ଆଶ୍ରମରୁ ବିଦାୟ ନେବାବେଳେ ହରିଣ, ବୃକ୍ଷ ଲତାମାନଙ୍କଠାରୁ ମଧ୍ୟ ବିଦାୟ ନେଇଥିଲେ । ପଦ୍ମା ଜଣ ଜଣଙ୍କୁ ଧରି ବାହୁନି ବିଦାୟ ନେଇ ଯେତେବେଳେ ସାନଭାଇ ପାଖରେ ପହଞ୍ଚିଲା ସେତେବେଳେ ତା'ର କୋହ ଆଉ ସମ୍ଭାଳି ହେଲା ନାହିଁ । ଭାଇକୁ ଧରି ପଦ୍ମା ବାହୁନିଲା ··

ଉଷୁନା ଧାନ କି ଗଜା ହୋଇବ, ମୋ ସୁନାଭାଇ
ସତେ ଛତ ବାଡ଼ି ଡେଇ ଥୋଇବ, ମୋ ସୁନା ଭାଇ ।

ଭଉଣୀ ଶାଶୁଘରେ । କେବେଠୁଁ ବାପଘର ଛାଡ଼ି ଆସିଛି କାହିଁ ଦୂରେ । ବାଲି ଭିତରେ ଚାଲି ଚାଲି ତିନି କୋଶ ଯିବାପରେ ପଡ଼େ ବୁଢ଼ା ନଈ । ତତଲା ବାଲିରେ ଡେଇଁ ଡେଇଁ ନଈ ପାର ହେବା ପରେ ବାଘୁଲେଇ ପାଟ । ସେ ପାଟ ଭିତରେ ରାସ୍ତାଟା ଲମ୍ବି ଯାଇଛି ଯେ କାହିଁ କେଉଁଠି ଶେଷ ଦିଶୁନାହିଁ । ରାସ୍ତା କଡ଼ରେ ଗୋଟିଏ ଘାସ ଗଛ ବି ନାହିଁ । ସୂର୍ଯ୍ୟଦେବତା ଯେତେବେଳେ ଠିକ୍ ମୁଣ୍ଡ ଉପରେ ସେତେବେଳେ ପୁଣି ପାରିହେବ ଖରସୁଆ ନଈ । ସାରବର୍ଷଯାକ ସେଥିରେ ଡଙ୍ଗା ପଡ଼ିଥାଏ । କଳାମଚମଚ ପାଣି । ମଣିଷଖିଆ ନଈ ଏଇଟା । ଖରସୁଆ ପାରିହୋଇ ପୁଣି ବାଲି । ବାଲି ପାର ହେଲେ ହରିପୁର, ଭଉଣୀର ଶାଶୁଘର ଗାଁ । ଭଉଣୀ ସେଇ ଯେ ବାହାହୋଇ ଆସିଛି ବାପଘର ଆଡ଼କୁ ପିଠିକରି, ଆଉ ମୁହଁ ବୁଲାଇ ନାହିଁ । କିଏ ନେବ ? ଭାଇ ତ ବଳଟେ । ଭାଇ କେବେ ବଡ଼ ହେବ ସିନା ନେବ । …ଭାଇ ବଡ଼ ହୋଇଛି, କଲିକତାରେ ଝୋଟ କଳରେ ଚାକିରି କରିଛି । ଛୁଟି ନେଇ ଗାଁକୁ ଫେରିଛି କେତେ ଦରବ ନେଇ । ଗାଁରେ ପହଞ୍ଚିବା ପରଦିନ ଛତା ବାଡ଼ି କାଖରେ ଜାକି ଭାଇ ଛୁଟିଛି ହରିପୁର, ଭଉଣୀକୁ ଆଣିବାକୁ । ଖରସୁଆ କୂଳରେ ଭାଇ ଯେତେବେଳେ ପହଞ୍ଚିଲା, ସୂର୍ଯ୍ୟ ସେତେବେଳେ

ଠିକ୍ ମୁଣ୍ଡ ଉପରେ । ନଈ କୂଳରେ ଥକ୍‌କା ହୋଇ ବସିପଡ଼ି ଆଞ୍ଜୁଳା ଅଞ୍ଜୁଳା ପାଣି ପିଇ ମୁହଁ ହାତ ଧୋଇ ଡାକ ଛାଡ଼ିଲା, "ଏ ସତୁରି ଭାଇ ଏ...ଏ.. ହେ, ବେଇଗେ ଡଙ୍ଗା ଆଣ ।"

ନାଉରି ସେ ପାଖରୁ ହିଙ୍କାରି କହିଲା, "ରହଃ, ଆସିଲି ମୋର ଦେଙ୍ଗେ ନାଇକି ନାଠ ଯାଇବ ।"

ନଈ ପାର ହୋଇ ଆମ୍ବ ତୋଟାରେ ବସିପଡ଼ି ଅଣ୍ଟାରୁ କଳକଣ୍ଠ ଗାମୁଛା ଖୋଲି ବନ୍ଧହୋଇ ଝୋଲା ପୋଟୁଳି ଭାଇ ଖୋଲିଲା ଥଳିଆ ଦେଖିବାକୁ । ଆରିସା ପିଠା, କାକରା, ପିଟ୍ପାଡ଼ି ଶାଢ଼ୀ, ଅଳତା, ସିନ୍ଦୂର, ବନାରସି କାଚ, ଦର୍ପଣି ଶଙ୍ଖା, ଅତର, ସାବୁନ୍ ଓ ହାଲଫେସନର ବ୍ଲାଉଜ୍ ଗୋଟି ଗୋଟି କରି ବାହାର କରି ସପ୍ରଶଂସ ଦୃଷ୍ଟିରେ ବୁଢ଼ି ପୁଣି ସେଗୁଡ଼ିକୁ ଥଳିଆରେ ସଜାଡ଼ି ରଖିଲା । କେଉଁସି ଜିନିଷ ସହିତ ଖାପ ଖୁଆଇ କୌଣସି ଜିନିଷ କଣା ହୋଇନାହିଁ, ଯାହା ଯେତେବେଳେ ଯାଉଛି କିଣି ପକେଇଛି । ଆମ୍ବ ପେଟୁଆ ଥଳିଆରେ ରଖି ଭାଇ ପୁଣି ଚାଲିଲା । ଏଥର ଆଉ ବେଶି ବାଟ ନାହିଁ । ହଳ ଆରପଟେ ହେଲେ ଯଉଁ ମନ୍ଦିର ଚୂଡ଼ା ଦିଶୁଚି, ତାର ପାଖରେ ଭଉଣୀ ଘର । ବେଗେ ବେଗେ ଚାଲି ଉଦୁଉଦିଆ ଝରିବେଳେ ଭାଇ ଭଉଣୀର ଶାଶୁଘର ଦାଣ୍ଡ ପିଣ୍ଡାରେ ଛତାକାଡ଼ି ତେରି ଥୋଇଦେଇ ଡାକିଲା—"ଅପା !" ଧୀରେ ଗୋଟିଏ ଡାକ, କ୍ଷୁଦ୍ର ଗୋଟିଏ ଶବ୍ଦ । ଶାଶୁକୁ ପଙ୍ଖା କରୁ କରୁ ଥମ୍‌କିନା ଭଉଣୀର ହାତ ରହିଗଲା, ଦମ୍‌କିନା ସ୍ତବ୍ଧ ହେଲା । ଉତ୍କଣ୍ଠ ହୋଇ ବୁଢ଼ି ମନେ ମନେ ପଚାରିଲା, ଏ ମୋ ଭାଇ ଗଳା ନା ? ହଁ ଲୋ ମୋ ଭାଇ ତ ' ଶାଶୁର ଭୟ ଭୁଲିଯାଇ ନବବଧୂସଦୃଶ ହୋଇ ଲୁଗା ସଜାଡ଼ି ସଜାଡ଼ି ଦଉଡ଼ି ଆସି ଦାଣ୍ଡଦୁଆର ଖୋଲିଦେଇ ବୁଢ଼ି ରହିଲା ଭାଇ ଆଡ଼େ । ଦୁହିଁଙ୍କ ମୁହଁରେ କଥା ନାହିଁ, ଦୁହିଁଙ୍କ ଆଖିରୁ ପାଣି ଗଡ଼ିଯାଉଚି ..

ଟୁକୁନା କନ୍ଧ ମସ୍ତକ ସବେଗେ ସଞ୍ଚାଳନ କରି କହିଲା, "ନାଇଁ ନାଇଁ, ମୁଁ ମିମି ସାଙ୍ଗରେ ତା ଶାଶୁଘର ଯିବ ନାହିଁ ।"

ମିମି ଧୀରେ ବୋଉର କାନେ କାନେ କହିଲା, "ହଁ ବୋଉ, ଭାଇ ଯିବ ।"

ଟୁକୁନା ଦୁମ୍ କରି ମିମି ପିଠିରେ ଗୋଟିଏ ବିଧା ଥୋଇଦେଲା । ମିମି ତନ୍ଦ୍ର ସ୍ୱରରେ କାନ୍ଦୁ କାନ୍ଦୁ କହିଲା, "ହଁ, ଭାଇ ଯିବ ।"

ସୁଦାମବାବୁ ସବୁ ଶୁଣି ପାଖରେ ଛିଡ଼ା ହେଲେ । ଗୋଟାଏ ପରୀକ୍ଷା କରିବାକୁ ତାଙ୍କର ଅଦମ୍ୟ କୁତୂହଳ ଜାତହେଲା । ପିଲା ଦୁଇଟା ତ ବେଉଶ ବାଦ ନେଇଗଲେ ବୋଲି କାନ୍ଦଲୁ ଲହୁଲୁହାଣ ହେଲେ, ଅଚ୍ଛା, ମୋ ହେଲକୁ କଅଣ କରୁଛନ୍ତି ଦେଖେ ।

ସେ ମିମି ଓ ଟୁକୁନାକୁ କୋଳକୁ ନେଇ କହିଲେ, "ଏଇ, ଜାଣିଚ ନା— ତୁମେ ଦୁହେଁ ଯଦି ଏମିତି ହେବ, ତେବେ ମୁଁ ବାହାରି ଯାଉଚି, ମୋତେ ବାଧ ଦିଅ । ·· ଯିବି ?"

ମିମି ଓ ଟୁକୁନା ନୀରବ, ଦୃଷ୍ଟି ତାଙ୍କର ବୋଉଆଡ଼େ ।

"କଅଣ କହୁଚ ? ଯିବି ? ହେଇ ଗଲି, ଯିବି ?" ସୁଦାମବାବୁ ବ୍ୟାକୁଳ ଭାବରେ ପଚାରିବାକୁ ଲାଗିଲେ । ପ୍ରୀତି ମୁରୁକ ମୁରୁକ ହସୁଥାଏ ।

"ଯିବି ?" ପୁଣି ସେହି କରୁଣ ପ୍ରଶ୍ନ ।

ମିମି ନୀରବ ରହିଲା ।

ଟୁକୁନା ମୁଣ୍ଡ ଟୁଙ୍କାରି କହିଲା, "ହଁ ।"

ଦୀର୍ଘ ନିଶ୍ୱାସ ପକାଇ ସୁଦାମବାବୁ କହିଲେ, ବାପମାନଙ୍କ ଜୀବନ ଭାରି କଷ୍ଟକର । ଦେହର ରକ୍ତ ପାଣି କରି ପିଲାଙ୍କୁ ପାଳିବେ, ବୁଢ଼ା ହେଲେ ଦୂର୍ ଦୂର୍ କରି ପିଲାଏ ଘଉଡ଼ାଇ ଦେବେ । ସବୁ ମାୟା, ସବୁ ମିଛ । ଆଖି ତାଙ୍କର ଛଳଛଳ ହୋଇଗଲା । ସେ ଉଠି ଯାଉଥିଲେ ।

ପ୍ରୀତି ତାଙ୍କ ଲୁଗା କାନି ଧରି ଅଟକାଇ କହିଲା, "ତୁମେ ପିଲାଙ୍କ କଥାରେ ଏମିତି ହେଉଚ ନା ! ମାଇପଙ୍କ ଜୀବନ ଭଲ ଆଉ ସ୍ୱାମୀମାନଙ୍କ ଜୀବନ ଅଛି ? ତୁମେମାନେ ତ ସନ୍ନ୍ୟାସୀ । ଏ ସବୁ ପୁରୁଷର, ଅଥଚ କୌଣସିଥିରେ ପୁରୁଷର ଲୋଭ ନାହିଁ । ଆଉ ମାଇପି ? ଛି, ଘରର କେହି ନୁହେଁ ନା, ପିଢ଼ାରେ କୁଆ ବସାଇ ଦିଏନା, ଯେତେ ଶ୍ରେଷ୍ଠ କଥା ଏ ମାଇପିଙ୍କର ।"

"ଛିଃ···ଛିଃ ।"

ସୁଦାମବାବୁ ଉଠି ଚାଲିଗଲେ ପୁଣି ଦେଖିବାକୁ । ମନଟା ତାଙ୍କର ବେଦନାରେ ପରିପୂର୍ଣ୍ଣ । ସେ ଆକାଶକୁ ଚାହିଁ ବସି ରହିଲେ ।

ପ୍ରୀତି ନଯୋଡ଼ ନିଦରେ ଶୋଇପଡ଼ିଲାଣି । ମିମି ଓ ଟୁକୁନା ଦୁଇପଟରୁ ଜାବୁଡ଼ି ଧରି ନିଦରେ ଶୋଇଛନ୍ତି । ମିମିର ପାତଲା ଓଠ ଦିଓଟି ମଝିରେ ମଝିରେ ଥରି ଉଠୁଚି । ଟୁକୁନାର ଓଠରେ ମଝିରେ ମଝିରେ ହସ ଖେଳିଯାଉଚି । ଚାରିଆଡ଼େ ପୁଣି ନୀରବ ନିସ୍ତବ୍ଧ । ପଡ଼ିଶା ଘରର ପିଲାଟିର ଦେହ ଭଲ ନାହିଁ, ତାର କାନ୍ଦଣା ଏ ପର୍ଯ୍ୟନ୍ତ ଥମି ନାହିଁ ।

ଢଂ···ଢଂ । ଜେଲଖାନାର ଘଣ୍ଟା ବାଜି ଉଠିଲା ।

ହଠାତ୍ ଟୁକୁନା ଧଡ଼ପଡ଼ କରି ଉଠି ବସି ପାଟି କରି କହିଲା, "ଦେ, ଦେ ମୋ ବନ୍ଧୁକ ଦେ···"

ପ୍ରୀତି ମଧ୍ୟ ଧଡ଼ପଡ଼ କରି ପଚାରିଲା, "କିରେ ବନ୍ଧୁକ କଅଣ ହେବ ଏତେ ରାତିରେ ?"

"ବୋଉ, ବାଘ ମିମିକୁ ନବାକୁ ଆସିଚି, ମୁଁ ତାକୁ ମାରିବି," କହି ଟୁକୁନା ତା ବନ୍ଧୁକ ଧରି ଦୌଡ଼ିଲା ବାରଣ୍ଡାଆଡ଼େ ।

ପ୍ରୀତି ହସି ହସି ତା'ର ପଛରେ ଗୋଡ଼େଇ ତାକୁ ଧରି ଆଣି କହିଲା, "ଦେଖୁଚ ହୋ, ଦିନ ରାତି କଳଗୋଳ ବାଘ ହିଂସା ବୁଦ୍ଧିଙ୍କ ଭିତରେ । ସପନରେ ଦେଖି ବାଘ ମିମିକୁ ଧରିନେବାକୁ ଆସିଚି ବୋଲି ଭାଇ ବାଘ ମାରିବାକୁ ଦଉଡ଼ିଛନ୍ତି ।"

# ଚେଉଡ଼ଭରା ଚମ୍ପ

**ଶ୍ରୀ ଭୁବନେଶ୍ୱର ବେହେରା**

ସୁସଜ୍ଜିତ କୋଠରୀ ଭିତରକୁ ସନ୍ତର୍ପିତ ପଦକ୍ଷେପରେ ପଶି ଆସୁ ଆସୁ ବସ୍ତୁରକମଣ୍ଡଳୀକୁ ଅଭିବାଦନ ଜଣାଇ ନୂତନ ପ୍ରାର୍ଥୀ କହିଲା -"ଗୁଡ୍‌ ମର୍ଣିଙ୍ଗ ସାର୍‌ସ ।"

ବ୍ୟକ୍ତିତ୍ୱ ପରୀକ୍ଷା ବୋର୍ଡ଼ର ଚେୟାରମେନ୍ ଶ୍ରୀ ମେନନ୍ ମୁହଁରେ ହସ ଫୁଟାଇ ଉତ୍ତର ଦେଲେ—"ଗୁଡ଼୍‌ ମର୍ଣିଙ୍ଗ୍‌"ଆଉ ତାଙ୍କ ସାମନାରେ ଖାଲି ପଡ଼ିଥିବା ଚୌକି ଆଡ଼କୁ ହାତ ଦେଖାଇ କହିଲେ—'ଆସ ସେଇଠି ବସ ।'

ଦେହକୁ ଅଣ୍ଟା ଉପରୁ ସାମାନ୍ୟ ଆଗକୁ ଝୁଙ୍କାଇ ଆଣି ପ୍ରାର୍ଥୀ ସମ୍ଭ୍ରମେ କହିଲା—'ଥେଙ୍କ୍ ୟୁ ସାର୍‌' ଏବଂ ଅତି ସନ୍ତର୍ପଣରେ ଚୌକିଟିରେ ବସିଗଲା । ଅର୍ଦ୍ଧମଣ୍ଡଳାକାରରେ ବସିଥିବା ବସ୍ତୁରକମଣ୍ଡଳୀଙ୍କ ଛଅଯୋଡ଼ା ଆଖି ତାକୁ ସତେ ଯେମିତି କୋର ପକାଉଥିଲେ ।

ପ୍ରାର୍ଥୀର ଦରଖାସ୍ତ ଫର୍ମରେ ଆଖି ବୁଲାଉ ବୁଲାଉ ଚେୟାରମେନ୍ ସାଦର ସମ୍ଭାଷଣ କଲେ ··'ତମର ନାମ ?'

ପ୍ରାର୍ଥୀ ଉତ୍ତର ଦେଲା । 'ନାଗେନ୍ଦ୍ର ଶର୍ମା' ।

: ଏନ୍. ଏ. ରୁ 'ନ' ବି ତ ହୋଇ ପାରିବ । ଟିପ୍‌ପଣୀ କାଟିଲେ ଚେୟାରମେନ୍ । ଆଉ ପ୍ରଶ୍ନକଲେ 'ନଗେନ୍ଦ୍ରର ଅର୍ଥ କ'ଣ କହିଲ ?'

: କିନ୍ତୁ ମୋ ନାଁ ନାଗେନ୍ଦ୍ର ସାର୍ ।

: ହଁ, ତମ ନାଁଆ ତ ନାଗେନ୍ଦ୍ର—ବେଶ୍ ବଢ଼ିଆ ନାଁଆଟାଏ ବି, ଆଚ୍ଛା ନାଗେନ୍ଦ୍ରର ଆକ୍ଷରିକ ଅର୍ଥ କ'ଣ ?

: ନାଗମାନଙ୍କର ଇନ୍ଦ୍ର ବା ରାଜା ।

: କିଏ ?

: ଅନନ୍ତ ବାସୁକୀ ।

: ବେଶ୍—ଆଉ ନଗେନ୍ଦ୍ର ? —ଜିଜ୍ଞାସା କଲେ ଚେୟାରମେନ୍ ।

: ଉଁ···ମୋ ନାଁ ନଗେନ୍ଦ୍ର ନୁହେଁ ସାର୍ । ନାଗେନ୍ଦ୍ର ।

: ହେଲା ଯେ—ନଗେନ୍ଦ୍ରର ଅର୍ଥ କ'ଣ ବୋଲି ଚେୟାରମେନ୍ ପଚାରୁଛନ୍ତି—ହିମାଳୟୋ ନାମ ନଗାଧିରାଜଃ । ଶୁଣିଛ ? ଇଙ୍ଗିତ ଦେବାକୁ ଯାଇ ପାଖ ଚୌକିରୁ ଟିପ୍‌ପଣୀ କାଟିଲେ ପ୍ରଫେସର ସିଂହ । ପ୍ରାର୍ଥୀ କିନ୍ତୁ ତୁନି ହୋଇ ରହିଗଲା ।

ଦରଖାସ୍ତ ଫର୍ମର ସାରାଂଶ ଉପରେ ଆଖି ପକାଇ ଚେୟାରମେନ୍ ଗୁଣୁଗୁଣାଇଲେ । 'ହବି—ଫଟୋଗ୍ରାଫି ।'

: 'ଓ ଫଟୋଗ୍ରାଫି । ଖୁବ୍ ଭଲ ।' ମୁଣ୍ଡଟେକି ପଚାରିଲେ—'କି କେମେରା ବ୍ୟବହାର କର ?'

ପ୍ରାର୍ଥୀ ଉତ୍ତର ଦେଲା—'ମୋର କୌଣସି କ୍ୟାମେରା ନାହିଁ ସାର୍ ?'

: ତେବେ ହବି ଫଟୋଗ୍ରାଫି ବୋଲି ଦେଇଛ ।

: ଆମ କଲେଜର ଫଟୋଗ୍ରାଫିକ୍ କ୍ଲବରେ ମୁଁ ଜଣେ ମେମ୍ବର ଥିଲି ସାର୍ ।

: ଆଚ୍ଛା ସେ କ୍ଲବରେ କି କି କେମେରା ଥିଲା ?

ଏଥର ଛେପ ଢୋକିଲା ଶର୍ମା । କିଛିକ୍ଷଣ ପରେ କହିଲା, 'ଆଇସୋ—ଆଇସୋଲ ।

: ଆଉ ।

ଶର୍ମା ନିରୁତ୍ତର ହୋଇଯାଇଥିବା ଦେଖି ଚେୟାର୍‌ମେନ୍ ପୁଣି ପଚାରିଲେ—'ଆଇସୋଲ କ'ଣ ଭାରତରେ ତିଆରି ?'

: ନାହିଁ ସାର୍ ଜର୍ମାନ୍ ।

: କେଉଁ ଫିଲ୍ମ ବ୍ୟବହାର କରୁଥିଲ ? —ଏଥର ପଚାରିଲେ ଚେୟାର୍-ମେନ୍ ।

'ଜର୍ମାନ୍'—ପୁଣି ଉତ୍ତର ଦେଲା ଶର୍ମା ।

ଫଟୋଗ୍ରାଫିକ୍ ଫିଲ୍ମ ଭାରତରେ ତିଆରି ହୁଏ ନା ନାହିଁ ? ଆଉ ଯଦି ତିଆରି ହୁଏ କେଉଁଠି ହୁଏ କହି ପାରିବ ?

ଶର୍ମାର ମୁହଁ ଶେତା ପଡ଼ି ଯାଇଥିଲା । ତାକୁ ଉତ୍ସାହ ଦେବାକୁ ଯାଇ ଚେୟାର୍‌ମେନ୍ କହିଲେ—'ଜାଣିନ ଯଦି କିଛି ଚିନ୍ତା କରନା । ତା'ପରେ ତାଙ୍କ ବାଁ ପାଖରେ ବସିଥିବା ପ୍ରଫେସର ସିଂହଙ୍କୁ ପ୍ରଶ୍ନ ପଚାରିବାକୁ ଇଙ୍ଗିତ ଦେଲେ ।

ପ୍ରଫେସର ସିଂହ ଆରମ୍ଭ କଲେ—'ଆଚ୍ଛା ମିଷ୍ଟର୍ ଶର୍ମା···ତମ ଘର ଉତ୍ତରପ୍ରଦେଶରେ ନା ? ମୋରାଦାବାଦ । ଦିଲ୍ଲୀରୁ ମୋରାଦାବାଦ କେତେ ଦୂର ?'

: ୧୬୦ ମାଇଲ୍ ।

: ବାଟରେ ତ କେତେଗୁଡ଼ିଏ ସହର ପଡ଼େ । ଗୋଟିଏ ବଡ଼ ତୀର୍ଥ ସ୍ଥାନ ମଧ୍ୟ ପଡ଼େ । କେଉଁ କେଉଁ ନଦୀ ପଡେ କହିଲ ?

: ଯମୁନା ।

: ଆଉ ?

: ଛୋଟ ଛୋଟ ନାଳ ସବୁ—ମୁଁ ସେ ସବୁ ନାଁ ଜାଣିନି ।

: ଗୋଟାଏ ଖୁବ୍ ବଡ଼ ନଦୀ ପଡ଼େ ।

ଶର୍ମା ଚୁପ୍ ହୋଇଯାଇଥିବା ଦେଖି ଡଃ ଚୌଧୁରୀ ଚେତାଇ ଦେବାକୁ ଚେଷ୍ଟା କରି କହିଲେ—'ବଡ଼ ପବିତ୍ର ନଦୀ ।'

ଶର୍ମା କହିଲା—'ରାମ ଗଙ୍ଗା ।'

: ରାମ ଗଙ୍ଗା ତ ଉପରକୁ ରହିଗଲା । ଫରିଦାବାଦ ପାଖରେ କେଉଁ ନଦୀ ଅଛି ?

ଚୁପ୍ ହୋଇ ରହିଗଲା ଶର୍ମା ।

ଗଙ୍ଗାନଦୀ କ ଡେଇଁ ତୁମେ ମୋରାଦାବାଦ ଯାଇ ପାରିବ ? ଗଙ୍ଗା କୂଳରେ ହାପୁର—ଗଡ଼ ମୁକ୍ତେଶ୍ୱର—ରାମନବମୀବେଳେ ସେଠାରେ ଖୁବ୍ ବଡ଼ ଯାତ୍ରା ହୁଏ । ଜାଣିନ ?—ଅସହିଷ୍ଣୁ ହୋଇ କହିଗଲେ ଡଃ ଚୌଧୁରୀ ।

ଶର୍ମା କହିଲା···'ମୁଁ ବଡ଼ ଦୁଃଖିତ ସାର୍ ।'

ଏଥର ଡକ୍ଟର ଚୌଧୁରୀ ।

ସେ ପଚାରିଲେ—'ଶର୍ମା ସର୍ଦ୍ଦାର ପଟେଲଙ୍କ ନାମ ଶୁଣିଛ ?'

ଶର୍ମା କହିଲା—'ହଁ !'

: ସେ କିଏ ?

'ରାଜାମାନଙ୍କୁ ବୁଝାଇ ସୁଝାଇ ସେ ଭାରତରେ ଦେଶୀୟ ରାଜ୍ୟମାନଙ୍କୁ ମିଶାଇଥିଲେ'—ଉତ୍ତର ଦେଲା ଶର୍ମା ।

: ଆଚ୍ଛା—ପୋଲିସ ଏକ୍ସନ୍ କେଉଁଠି ହୋଇଥିଲା ?

: ପୋଲିସ୍ ଏକ୍ସନ୍ ? ମୁଁ ଜାଣିନ ।

: ନିଜାମଙ୍କ ହାଇଦ୍ରାବାଦ ଭାରତରେ ମିଶିଲା କେମିତି ?

ଶର୍ମା ନିରୁତ୍ତର ।

: ଆଚ୍ଛା ଜାମ୍ମୁ-କାଶ୍ମୀର ଭାରତରେ କେମିତି ମିଶିଲା କହିଲ ?

: ଶେଖ୍ ଅବଦୁଲ୍ଲା ମିଶାଇ ଦେଲେ ।

: କାଶ୍ମୀରକୁ ଭାରତରେ ମିଶାଇ ଦେବା ପାଇଁ ଶେଖ୍ ଅବଦୁଲ୍ଲାଙ୍କ କି କ୍ଷମତା ଥିଲା ଯେ ସେ ମିଶାଇ ଦେଲେ ?

: ପାକିସ୍ଥାନୀମାନେ ଅନୁପ୍ରବେଶ କଲାରୁ ।

: ହେଲା—ସେମାନେ ଅନୁପ୍ରବେଶ କଲେ । ତେବେ ଶେଖ୍ ଅବଦୁଲ୍ଲା କାହିଁକି ମିଶାଇ ଦେବେ ?

ଶର୍ମା ପୁଣି ଚୁପ୍ ହୋଇଗଲା । ତା'ପରେ ପୁଣି କେତେ ପ୍ରଶ୍ନ—ମୌଲାନା ଆଜାଦ କିଏ ? ପଣ୍ଡିତ ମାଳବ୍ୟ ? ଇକ୍‌ବାଲ—ଭଗତ ସିଂ···

ଏଥର କୃଷ୍ଣମୂର୍ତ୍ତିଙ୍କ ପାଳି । ସେ ପଚାରିଲେ···'ମିଷ୍ଟର ଶର୍ମା—କେମେରାର ଲେନ୍‌ସ ୨.୮ କହିଲେ କଣ ବୁଝାଏ କହିଲ ?'

: କାଚର ଗୋଳେଇ ।

: ତେବେ ୪.୭ ? ୪.୭ କଣ ୨.୮ରୁ ବେଶି ଶକ୍ତିଶାଳୀ ?

କାମେରା ସମ୍ବନ୍ଧରେ ଆଉ କେତେ ପ୍ରଶ୍ନର ସଠିକ ଜବାବ ନ ପାଇ ସେ ଅଧୈର୍ଯ୍ୟ ହୋଇ ଟିପ୍ପଣୀ ଦେଲେ । ଜାଣିନା ଯଦି ହବି ଫଟୋଗ୍ରାଫି ବୋଲି କାହିଁକି ଲେଖିଥିଲ ?

ଶର୍ମା କହିଲା—'ଆଇ ଏମ୍ ସରି ସାର୍ ।'

: ହେଉ—ଆଉ ଗୋଟାଏ କହିଲ ? 'ପବନରେ କଣ ସବୁ ଅଛି ?'

: ନାଇଟ୍ରୋଜେନ୍, ଅକ୍ସିଜେନ୍ ।

: ଆଉ ?

: କାର୍ବୋନ୍ ଡାଇଓକ୍ସାଇଡ୍ ।

: ସେଇଟା ପରା ମଣିଷ ପାଇଁ ବିଷ ? କାହା ପାଇଁ ସେଇଟା ଭଲ ?

ଏମିତି ଏମିତି ଆହୁରି କେତେ ।

ତା'ପରେ ପ୍ରଫେସର ସେନ୍ ।

ସେନ୍ କହିଲେ—'ଆଚ୍ଛା ଶର୍ମା—ତମେ କଣ ଆମ ସମାଜର କିଛି ଗୋଳମାଳ ଦେଖିପାରୁଛ ? ମାନେ ବିଶୃଙ୍ଖଳା · ଏଇ ଠକାମି, ଭଣ୍ଡାମି । ବୁଝିପାରୁଛ ନା ମୁଁ କଣ କହୁଛି ? ଉଚ୍ଛୃଙ୍ଖଳତା । ତମେ ହେଲ ଜଣେ ବୈଜ୍ଞାନିକ । ବୈଜ୍ଞାନିକମାନେ ସବୁ କଥା ତନଖି ଦେଖନ୍ତି । ତମେ କଣ ଭାବୁଛ ?

ଶର୍ମା କହିଲା—'ସାର୍—ମୁଁ......ଆଉ ଥରେ କୁହନ୍ତୁ ।

: ଏଇ ଗରିବ—ଧନୀ ଆହୁରି ବେଶି ଧନୀ ହେଉଛି—ଗରିବ ଆହୁରି ଗରିବ । କ୍ଷମତା ଲିପ୍ସା—ବୁଝୁଛ ତ ମୁଁ କଣ କହୁଛି ? ତମେ କଣ ଭାବୁଛ ?

: ସାର୍, ମୁଁ...

ପ୍ରଫେସର ସେନ୍ ମୁହଁରୁ କଥାଟିକୁ ଛଡ଼ାଇ ଆଣି କହିଲେ—'ତମେ ହେଲ ଜଣେ ଯୁବକ । ଆମେ ହେଲୁ ସବୁ ବୁଢ଼ା । ତମମାନଙ୍କ ହାତରେ ଭାରତର ଭବିଷ୍ୟତ—ଏ ପୃଥିବୀର ଭବିଷ୍ୟତ । ବୁଝୁଛ ତ ମୁଁ କଣ କହୁଛି ? ତମେ ଜଣେ ବୈଜ୍ଞାନିକ—ମୁଁ ସେଥିପାଇଁ କହୁଛି । ତମେ କଣ କହୁଛ ?

ଦୁଇ ହାତର ପାପୁଲିକୁ ଶୂନ୍ୟରେ ବୃତ୍ତାକାରରେ ବୁଲାଇ ଆଣି ପୁଣି କହିଲେ—ତମେ କଣ ଭାବୁଛ ?

: ସାର୍, ମୁଁ......

ଶର୍ମା 'ମୁଁ' କହିଲାବେଳକୁ ପ୍ରଫେସର ସେନ୍ ପୁଣି ଥରେ କହି ଉଠିଲେ—'ହେଉ ହେଲା ଯୁବକ ବନ୍ଧୁ—ଏବେ କିଛି କହିବା ଦରକାର ନାହିଁ । ତମେ ଏକଥା

ଝିକିଏ ଖବ । ସବୁ ଗ୍ଲୁରଖାର ହୋଇଗଲଣି । ସେ ସମାଜ ନାହିଁ । ଗାନ୍ଧୀ—ଟେଗୋର ? ତମେ କଣ ଭାବୁଛ ? ତମ ସାଙ୍ଗରେ ଚନ୍ଦ୍ରା ପରିଚୟ ହେବାରୁ ମୁଁ ଅତ୍ୟନ୍ତ ଖୁସି, ତା'ପରେ ସେ ହାତ ବଢ଼ାଇଦେଲେ ଡକ୍ଟର ସିଗ୍ରଜ୍ଦିନଙ୍କ ଆଡ଼କୁ ।

ଏଥର ପଚର ଗଲ—'ସବୁଜ ବିପ୍ଳବ କଣ ?' 'ଶ୍ୱେତ ବିପ୍ଳବ ?' ଚେଆର୍‌ମେନ୍ ହସି ହସି ଯୋଡ଼ିଥିଲେ—'ନୀଳ ବିପ୍ଳବ ?'

ଶର୍ମା ଭୂନ ହୋଇ ଯାଇଥିବା ଦେଖି କହିଲେ—'ସମୁଦ୍ରର ରଙ୍ଗ ? ସମୁଦ୍ରରେ କଣ ଥାଏ ? ମାଛ—ନା ? ନୀଳ ବିପ୍ଳବ ହେଉଛି ବେଶୀ ମାଛ ଉତ୍ପାଦନ । ଆଉ ଶ୍ୱେତ ବିପ୍ଳବ—ବେଶି ଦୁଧ ।

ଶର୍ମା କହିଲ—ଥେଙ୍କ୍ ୟୁ ସାର୍ ।

ଚେଆରମେନ୍ ଶେଷ ପ୍ରଶ୍ନ କଲେ—'କୁତବ୍ ମିନାର ବେଶି ଉଚ୍ଚ ନା ଇଣ୍ଡିଆ ଗେଟ୍ ?'

ଶର୍ମା ଉତ୍ତର ଦେଲ—'କୁତବ୍ ମିନାର ।'

ଚେୟାରମେନ୍ କହିଲେ—'ସାବସ୍—ଧନ୍ୟବାଦ ।'

ଥେଙ୍କ ୟୁ ସାର ।

ଶର୍ମା ଫେର ଯାଉଥିଲ । ସେହି ଛ' ଯୋଡ଼ା ଆଖି ତା ସୁନ୍ଦର ସୁଟ୍‌ଟିକୁ ଗ୍ଳୁଲ ଏବଂ କବାଟ ଖୋଲି ତାଙ୍କୁ ଅନାଇଥିଲେ । କବାଟ ବନ୍ଦ ହେଲ ପରେ ଚେୟାରମେନ୍ କହିଲେ—'ଦେଖିଲେ ସୁଟ୍‌ଟିକୁ ? କେଉଁ କୋଚିଂ କ୍ଳାସବାଲ ବୋଧହୁଏ ସଜେଇଛୁ । ଗରମ ଦିନରେ ଏମିତ ସୁଟ୍ । ସୁଟ୍‌ର କାଟଗ୍ରୁଟ ଦେଖିଲେ ନା ? ଆଉ ସରକାର ସାରଭିସ୍ କମିଶନକୁ ଦୋଷ ଦେବେ ଯେ ଆମେ ଏ ବେଶ-ଭୂଷାକୁ ପ୍ରୋତ୍ସାହନ ଦେଉଛୁ । ଆଚ୍ଛା—କେତେ ମାର୍କ, ପ୍ରଫେସର ସିଂହ, ଡଃ ଚୌଧୁରୀ···ନିହାତି ଫମ୍ପା, ଗମ୍ଭୀରତା ଆଦୌ ନାହିଁ, କହିଲେ ଜଣେ ।

"ଚଟ୍‌ପଟ୍ ନୁହେଁ—କଥାଟିକୁ ସହଜରେ ଧରି ପାରୁନ । ପ୍ରତ୍ୟୁତ୍ପନ୍ନ ଅତି ମନ୍ଥର । ନ ଜାଣିଲ କଥାକୁ ସିଧା ସଳଖ 'ମୁଁ ଜାଣିନ ବୋଲି କହୁନ"—ମନ୍ତବ୍ୟ ଦେଲେ ଆଉ ଜଣେ ।

ତନଖି ଦେଖିବା ଶକ୍ତିର ଅଭାବ । କୌଣସି କାମରେ ନେତୃତ୍ୱ ଦେଇ ପାରିଲ ଭଳି ଆଦୌ ନୁହେଁ······

ତେବେ ଚେହେରା ଗ୍ଳୁଲଚଲଣ ବେଶ୍ ଭଲ । କହିବା ଢଙ୍ଗ ମଧ୍ୟ ମନ୍ଦ ନୁହେଁ—ସାଧାରଣ ? ସାଧାରଣ······

× × ×

ଡାକର ଘଣ୍ଟି ବାଜିବାର କିଛୁକ୍ଷଣ ପରେ କବାଟ ପୁଣି ଖୋଲିଲା । ଏଥର ପ୍ରବେଶ କଲା ଜଣେ ଝିଅ । ଗୋରା ପତଳା—ସବୁଜ ରଙ୍ଗର ଟେରିନ୍ ଶାଢ଼ି.. ମେଚିଂ ହାତ କଟା ବ୍ଲାଉଜ୍—ବବ୍ ହୋଇଥିବା—ଈଷତ୍ ହଳଦିଆ ହେଣ୍ଡ୍ ବେଗ୍... 'ଗୁଡ଼୍ ମର୍ଣ୍ଣିଙ୍ଗ୍ ସାର୍ସ ।'

'ଗୁଡ଼୍ ମର୍ଣ୍ଣିଙ୍ଗ୍...କମ୍ ଇନ୍...ଟେକ୍ ୟୋର ସିଟ୍, କୌଣସି ଲେଡ଼ି ମେମ୍ବର ନାହାନ୍ତି ବୋଲି ତମେ କ'ଣ ଦୁଃଖିତ ?' ହସି ହସି ପଚାରିଲେ ଚେୟାରମେନ୍ । ସାମାନ୍ୟ ହସି ଶାଢ଼ୀ ସଜାଡ଼ି ସଜାଡ଼ି ଝିଅଟି ଜବାବ୍ ଦେଲା 'ନୋ ସାର୍ ।'

ତମ ନା ?

କୁମାରୀ ସୁଦ୍

ବେଶ୍—କେଉଁ ଗୁଡ଼ିକର ପସନ୍ଦ କରୁଛ ? ଓ଼ଃ ପୋଲିସ୍ ସାର୍ଭିସ । ଆଚ୍ଛା.. ହବି—ଗୀତ ନାଚ । ନାଚ ! ଆଚ୍ଛା !! ଆମ ଦେଶରେ କ'ଣ ସବୁ ଶାସ୍ତ୍ରୀୟ ନୃତ୍ୟ ଅଛି କହିଲ ?

କେରଳର କଥାକଳି, ତାମିଲନାଡ଼ୁ ଏବଂ କର୍ଣ୍ଣାଟକର ଭରତ ନାଟ୍ୟମ, ଆନ୍ଧ୍ରର କୁଚିପୁଡ଼ି, ଓଡ଼ିଶାର ଓଡ଼ିଶୀ, ଆସାମର ମଣିପୁରୀ, ଉତ୍ତରର କଥକ ! ମୋତେ କଥକ ଖୁବ୍ ଭଲ ଲାଗେ ଆଉ ମୁଁ କଥକ ହିଁ ନାଚେ—ବେଶ ସହଜ ସରଳଭାବେ କହିଗଲା କୁମାରୀ ସୁଦ୍ ।

ତମେ ତ ଏବେ କଲେଜରେ ଲେକଚରର୍ ଅଛ—ପୋଲିସକୁ ଯିବାକୁ କାହିଁକି ଚାହୁଁଛ ?

ମୁଁ କେଉଁ କାନ୍ଥଘେରା ଘର ଭିତରେ ବାନ୍ଧି ହୋଇ ରହିବାକୁ ଚାହେଁ ନା । ମୁଁ ଜଣେ କାମକରା ଝିଅ—ମୁଁ ଚାହେଁ ଗତି—ମୁକ୍ତ ଆକାଶ ତଳେ ଶୃଙ୍ଖଳିତ ଗତି । ବାହାରେ ପୁଅମାନେ ଯେଉଁ କାମ ସବୁ କରୁଛନ୍ତି ମୁଁ ବି ସେ ସବୁ କାମ କରିବାକୁ ଚାହେଁ ।

ଆଚ୍ଛା । ତମେ ତେବେ କଣ ଭାବୁଛ ଯେ ପୁଅମାନେ ବି ରନ୍ଧାବଢ଼ା ଶିଖିବେ, ପୁଅ ଝିଅ ସମ୍ଭାଳିବେ—ଘର କରଣା...

ଚେୟାରମେନଙ୍କ ମୁହଁରୁ କଥା ଛଡ଼ାଇ ନେଲା କୁମାରୀ ସୁଦ୍ । କହିଲା—ନିଶ୍ଚୟ—ପୁଅମାନଙ୍କୁ ନିଶ୍ଚୟ ରନ୍ଧାବଢ଼ା ଶିଖିବାକୁ ହେବ । ମୁଁ ବି ଦିନେ ବାହା ହେବି—ମୁଁ ଚାହେଁ ନା ଯେ ପୋଲିସ କାମରୁ ମୁଁ ଯେତେବେଳେ ଘରକୁ ଫେରିବ ମୋ ସ୍ୱାମୀ ଚୌକିରେ ବସି ରହି ତା' ଗୋଡ଼ ଲମ୍ବାଇ ଦେଇ ଆଉ ମୁଁ ତା

ଯୋତାରୁ ଫିତା ଖୋଲିଦେଇ ଯୋତା କାଢ଼ି ଦେବ, ମୋଜା କାଢ଼ି ଦେବ, ବାବୁ ଟାଏ ଗଣ୍ଠି ଖୋଲି ପାରିବେ ନ ଯେ ଟାଏ ହୁଗୁଳା କରିଦେବ ଆଉ ରନ୍ଧାଘରକୁ ଦଉଡ଼ିବ ସ୍ୱାମୀ ସେବା କରିବା ପାଇଁ——ନୋ ନେ'ଭର୍ ।'

କ୍ଷଣିକ ପାଇଁ ମନେ ହେଲା ଚେୟାରମେନଙ୍କ ଆଖି ତେଜି ଉଠିଲା । ସେ କିନ୍ତୁ ଆଉ କିଛି ନ ପଚାରି ପ୍ରଫେସର ସିରାଜୁଦ୍ଦିନଙ୍କ ଆଡ଼କୁ ହାତ ବଢ଼ାଇ ଦେଲେ । ପ୍ରଫେସର ସିରାଜୁଦ୍ଦିନ ରାଜନୀତି ବିଜ୍ଞାନ ସମ୍ବନ୍ଧରେ କେତେ ପ୍ରଶ୍ନ କଲେ—ନାମିବିଆରେ କଣ ସବୁ ଚାଲିଛି—ରୋଡ଼େସିଆ ସଙ୍ଗରେ ସଂଘର୍ଷର କାରଣ—ସୋମାଲିଆରେ ତ ସୋଭିଏତ୍ ରୁଷର ମିଲିଟାରୀ ଘାଟି ଥିଲା ଏବେ କାହିଁକି ସୋମାଲିଆ ହାଭାନାଠାରେ ନିରପେକ୍ଷ ଦେଶମାନଙ୍କ ସମ୍ମେଳନ ନ ବସି ଅନ୍ୟ କେଉଁଠିକି ଘୁଞ୍ଚାଇ ନେବା ପାଇଁ ଅନୁରୋଧ କରୁଛି—ମିଶର କାହିଁକି ଆରବ ଲିଗରୁ ଅଲଗା ହୋଇଗଲା—ସେଣ୍ଟୋ ଇସଲାମିକ ଅର୍ଦ୍ଧଚନ୍ଦ୍ର କଣ—ଭୁଟ୍ଟୋଙ୍କ ମୃତ୍ୟୁ ପରେ ଭାରତ ଉପରେ ପୁଣି କେଉଁସି ବିପଦ ଦେଖା ଦେବାର ସମ୍ଭାବନା ଅଛି କି—ଆଉ କେତେ ।

ବେଶ ଉତ୍ତର ଦେଇଗଲା କୁମାରୀ ସୁଦ୍ ।

ତା'ପରେ ଡକ୍ଟର ଚୈଧୁରୀ । ସେ ପଚାରିଲେ ସୁଷମ ଖାଦ୍ୟ କଥା ଆଉ କେଉଁ ଖାଦ୍ୟମାନଙ୍କରେ ଏ-ବି-ସି ଇତ୍ୟାଦି ଖାଦ୍ୟପ୍ରାଣ ସବୁ ରହିଛି—ଶାଗରେ କ'ଣ ଅଛି—ଭାରତରେ ତ ଅନେକ ମାଛ ମାଂସ ଖାଆନ୍ତି ନି, ସେମାନେ ପ୍ରୋଟିନ କେଉଁଠୁ ପାଆନ୍ତି ଇତ୍ୟାଦି ।

ଏଥର ପଡ଼ିଲା ପ୍ରଫେସର ସେନଙ୍କ ପାଳି । ସେ କହିଲେ—'ମିସ ସୁଦ୍, ତମେ ତ ଆଜି ସମାଜର ଅବସ୍ଥା ଦେଖୁଛ । ବିଶୃଙ୍ଖଳା ସ୍ୱେଚ୍ଛା ଉଡ଼ାଏତ ଲାଞ୍ଚ ମିଛ—ମିରଟ ବିଶ୍ୱବିଦ୍ୟାଳୟ କଥା—ତମେ କ'ଣ ଭାବୁଛ ?

ମିସ ସୁଦ୍ : ଆପଣ କ'ଣ ପଚାରୁଛନ୍ତି ମୁଁ ବୁଝିପାରୁ ନି ।

ପ୍ରଫେସର ସେନ : ମୁଁ ପଚାରୁଛି ତୁମେ ଏ ସମାଜର ଅବସ୍ଥା ଦେଖି କ'ଣ ଭାବୁଛ ? ଏଇ ଦେଖ ଶିଖମାନଙ୍କ ଭିତରେ ଅକାଲି-ନିରଙ୍କାରୀ, ମୁସଲମାନଙ୍କ ଭିତରେ ସିହ୍ନା-ସୁନ୍ନି, କମ୍ୟୁନିଷ୍ଟମାନଙ୍କ ଭିତରେ ସି.ପି.ଆଇ., ସି.ପି.ଆଇ. (ଏମ), ସି.ପି.ଆଇ. (ଏମ୍. ଏଲ୍.), କଂଗ୍ରେସ ଭିତରେ···ତମେ କ'ଣ ଭାବୁଛ ?

ସାର୍, ମୁଁ ······

ତରବର ହୁଅ ନା । ଭାବ । ତମେ ହେଲ ଭାରତର ଭବିଷ୍ୟତ । ଭାରତ କ'ଣ ଥିଲା—ଟେଗୋର, ଗାନ୍ଧୀ, ଜବାହରଲାଲ·· ତମେ କ'ଣ ଭାବୁଛ ? ସାର୍

ଆପଣ କ'ଣ ଜାଣିବାକୁ ଚାହୁଁଛନ୍ତି ? କଅଣ କହିବାକୁ ଚାହୁଁଛନ୍ତି ଯେ ଆମେ ଆଗେ ଖୁବ ଭଲ ଥିଲୁଁ ଆଉ ଏବେ ଧ୍ୱଂସମୁଖକୁ ଚାଲିଛୁ ?

ପ୍ରଫେସର ସେନ ପୁଣି କ'ଣ କହୁଥିଲେ କିନ୍ତୁ ମିସ ସୁଦ ବାଗ୍ରଚକ-ମଣ୍ଡଳୀର ପ୍ରତ୍ୟେକ ସଭ୍ୟଙ୍କୁ ଗୋଟାକ ପରେ ଗୋଟାଏ ଅନାଇ ମୁହଁରେ ତାଚ୍ଛଲ୍ୟ-ଭରା ହସ ଖେଳାଇ ଆରମ୍ଭ କରି ଦେଇଥିଲା—'ଆମେ କେବେ ବଡ ନ ଥିଲୁ—କେବେ ଭଲ ନ ଥିଲୁଁ । ସବୁ ଗୋଟାଏ ବିରାଟ ଧୋକାବାଜି । ଆମର ଜାତୀୟ ଚରିତ୍ର ସବୁଦିନ ଦୋମୁହାଁ । ଆମେ ଗୋଟିଏ କଥା କହୁ, ଆଉ ଗୋଟିଏ କଥା କରୁଁ । ଆମେ କାହାକୁ ଶୁଣିବାକୁ ଚାହୁଁନା—ଆମେ ସତ୍ୟର ସନ୍ଧାନ ନେବାକୁ ଚାହୁଁନା । ଆମେ ନିଜେ ଯାହା ସତ୍ ବୋଲି ଭାବୁ ଅଥବା ଧରି ନେଉ ତାକୁ ଅନ୍ୟ ଉପରେ ଲଦି ଦେଉଁ—କେବଳ ଜୋର ଜବରଦସ୍ତି । ଆମେ ଯାହା ଦେଖିବାକୁ ଚାହୁଁ କେବଳ ସେତକ ଦେଖୁଁ—ଯାହା ଦେଖିବାକୁ ଚାହୁଁନା ସେ ଆଡ଼କୁ ଆଖି ବୁଜି ଦେଉଁ । ଆମେ……

ପ୍ରଫେସର ସେନ୍ ଟେବୁଲର ହାତରେ କହୁଣି ଲଦି ହାତ ପାପୁଲିରେ ମୁହଁ ଥାପି ଆଖି ବୁଜି ଚୁପ୍‌ଚାପ୍ ଶୁଣି ଯାଉଥିଲେ । ଧୀର ସ୍ୱରରେ କହିଲେ, 'ଏଇ ନିଅ ରାମରାଜ୍ୟ ..'

ଝାଂମି ପଡିଲା କୁମାରୀ ସୁଦ୍ । କହିଲା 'ରାମ ରାଜ୍ୟ ସାର୍ ? ଆପଣ ସେଇଟାକୁ ଆଦର୍ଶ ବୋଲି ଗ୍ରହଣ କରୁଛନ୍ତି ? ରାମାୟଣ ବି ଆମର ଜାତୀୟ ଚରିତ୍ର ଚିହ୍ନାଇ ଦିଏ । ଶ୍ରୀରାମ ଓ ଭରତଙ୍କ ଭ୍ରାତୃ ସ୍ନେହ ଆଦର୍ଶ ବୋଲି କହୁଁ କିନ୍ତୁ ସୁଗ୍ରୀବକୁ ବାଳି ବିରୁଦ୍ଧରେ, ବିଭୀଷଣକୁ ରାବଣ ବିରୁଦ୍ଧରେ—ଭାଇକୁ ଭାଇର ବିରୁଦ୍ଧରେ ଲଗାଇ ଦେବାକୁ ଭଲ ପାଉଁ, ସୂର୍ପଣଖାର ନାକ କାନ କାଟିବା କ'ଣ ଉଚିତ ହେଲା ସାର୍ ? ରାମ ଯଦି ସତରେ ଜାଣିଥିଲେ ଯେ ସୀତା ପବିତ୍ର—ଲୋକେ କ'ଣ କହୁଛନ୍ତି ବୋଲି ତାଙ୍କୁ ବଣରେ ଛାଡ଼ି ଦେଇ ଆସିବା କ'ଣ ଉଚିତ ହେଲା ? ଏଇଟା କ'ଣ ସତ୍ୟର ଅନୁସନ୍ଧାନ ସାର୍ ? ମହାଭାରତରେ ବି କର୍ଣ୍ଣଙ୍କୁ କୁନ୍ତୀ ..

ଉପନିଷଦ୍—ବେଦାନ୍ତ—ବୁଦ୍ଧ, ଅଶୋକ ଗୁଣ ଗୁଣେଉ ଥିଲେ ପ୍ରଫେସର ସେନ୍ ।

ପାଣି ସୁଅକୁ ନୂଆ ବାଟ ଦେଖାଇ ଦେଲେ ସେ ଯେମିତି ସେ ଆଡ଼କୁ ମାଡି ଚାଲେ—ଗଛ ପଥ ଲଟା ବଟା ଭସାଇ ନିଏ ମିସ୍ ସୁଦ୍ ଏଥର ଆକ୍ରମଣ କଲା ଜାତିଭେଦ ପ୍ରଥାକୁ, ଅସ୍ପୃଶ୍ୟତାକୁ, କଳିଙ୍ଗ ଯୁଦ୍ଧର ନୃଶଂସତାକୁ ଏବଂ ବାଉଁଶିକାକୁ··· କହିଲା—'କିଏ ଆଜି ନିଶ୍ଚିତ ଭାବେ କହିବ ଯେ ଯୁଦ୍ଧ ପରେ ଅଶୋକଙ୍କ ମନରେ

ପ୍ରକୃତରେ ଜ୍ଞାନର ଉଦୟ ହୋଇଥିଲା ?' ହୁଏ ତ ସେ ଯୁଦ୍ଧରେ ଭୟାବହତା ଦେଖି ସେ ନିଜ ଶକ୍ତି ଉପରେ, ଯୁକ୍ତି ଉପରେ ଆସ୍ଥା ହରାଇଥିଲେ—ଭାବୀ ପରାଜୟର ଭୟରେ ଏବଂ ଗୋଟିଏ ନୂଆ ନୀତି, ନୂତନ ପନ୍ଥା ଗ୍ରହଣ କଲେ—ରୁଷ ଆମେରିକାର ନିରସ୍ତ୍ରୀକରଣ ଆଲୋଚନା ପରି । ନ ହେଲେ ବୁଦ୍ଧଙ୍କ ପରି ରାଜ୍ୟ ଭାର ଛାଡ଼ି ଦେଇ ସେ ଭିକ୍ଷୁ ହେଲେ ନାହିଁ କାହିଁକି ? ଯୁଦ୍ଧ ଭୂଇଁରେ ତାଙ୍କ ମନର ପରିବର୍ତ୍ତନ ହେଲା ବୋଲି କେମିତି କହିବା ସାର୍ ? ଅବଶ୍ୟ ବୁଦ୍ଧ ଥିଲେ ମହାନ୍—କିନ୍ତୁ ତାଙ୍କୁ ତ ଆମ ସମାଜ ଗୋଟା ପଣେ ହିମାଳୟର ସେ ପଟକୁ ଫିଙ୍ଗି ଦେଲା—ସମୁଦ୍ରରେ ଭସାଇ......

ସ୍ୱର୍ଣ୍ଣଯୁଗ—କାଳିଦାସ, ଭବଭୂତି—ଶଙ୍କର—ବିବେକାନନ୍ଦ ଚେତାଉଥିଲେ ପ୍ରଫେସର ସେନ୍ ।

'ଜୟଚନ୍ଦ୍ର—ମହମ୍ମଦ ଘୋରୀ, ବାବର—ମୀର୍‌କାଶିମ୍' ଜବାବ ଦେଲା ମିସ୍ ସୁଦ୍ ।

ଗାନ୍ଧୀ—ଜବାହାର—ବିନୋବା—ଜେ. ପି.......

ନିଆଁରେ ସତେ ଯେମିତି କେହି ଘିଅ ଢାଳି ଦେଲା । ତେଜି ଉଠିଲା କୁମାରୀ ସୁଦ୍ । କହିଲା ଏଇତ ଆମ ତଥାକଥିତ ସହାବସ୍ଥାନ ସାର୍ । ଗାନ୍ଧୀ ବିଶ୍ୱାସ କରୁଥିଲେ କୁଟୀରଶିଳ୍ପରେ, ଆଉ ଜବାହର ବିଶ୍ୱାସ କରୁଥିଲେ ଗୁରୁଶିଳ୍ପରେ । ଗାନ୍ଧୀ ବିଶ୍ୱାସ କରୁଥିଲେ ଆଶ୍ରମ ଶିକ୍ଷାରେ, ମୌଳିକ ଶିକ୍ଷାରେ—ଜବାହର ବିଶ୍ୱାସ କରୁଥିଲେ ଆଧୁନିକତାରେ, ବିଜ୍ଞାନରେ, ଏଟମ୍‌ରେ । ଗାନ୍ଧୀ ଜାଣିଥିଲେ ଜବାହର ପ୍ରଧାନମନ୍ତ୍ରୀ ହେଲେ ତାଙ୍କ କୁଟୀରଶିଳ୍ପ ଯିବ, ନିଶାନିବାରଣ ଯିବ, ଅହିଂସା ନୀତି ଯିବ, ତଥାପି ସେ କାହିଁକି କହୁଥିଲେ ଯେ ଜବାହର ତାଙ୍କ ଉତ୍ତରାଧିକାରୀ ? ସେ କ'ଣ ଜାଣି ନ ଥିଲେ ଯେ ତାଙ୍କ ଜନ୍ମ ପ୍ରୀତି ଦେଶକୁ ଭାଗ ଭାଗ କରିଦେବ । ଗୋବଧ ବନ୍ଦ କରିବା ପାଇଁ ବିନୋବାଙ୍କ ଆମରଣ ଅନଶନ ଏକ ଧରଣର ମାନସିକ ହିଂସା ନୁହେଁ ସାର୍ ? ଲୋକଙ୍କ ମନ ବଦଳାଇ ସେ ଭୂଦାନ୍ତ୍ର ଆଣିବାକୁ କହୁଥିଲା ପରି, ଡକାଏତମାନଙ୍କ ମନ ବଦଳାଇ ଭଲ ମଣିଷ କରିବାକୁ ଚାହୁଁଥିଲା ପରି ଲୋକଙ୍କ ମନ ବଦଳାଇ... ..

ତ୍ୟାଗ ସେବା ସମୂହକାନ୍ତ୍ର—ଟୋଟାଲ୍ ରିଭୋଲ୍ୟୁଶନ୍ ।

ଜଳିଗଲା ସୁଦ୍ । ମୁଣ୍ଡକୁ ଉପର ତଳ ହଲାଇ ପେଣ୍ଡୁଲମ୍ ପରି ଏପାଖ ସେପାଖ ଘୂରାଇ ଆଣି ବିଶ୍ୱରକମଣ୍ଡଳୀକୁ ଅନାଇ କହିଲା—'ତ୍ୟାଗ । ଯାହାର ଥାଏ ସେ ସିନା ତ୍ୟାଗ କରେ—ଯାହାର ନାହିଁ ? ଆମର ତ ଖାଇବା ପାଇଁ ମୁଠେ ନାହିଁ । ଆମେ କ'ଣ ନିଜେ ନ ଖାଇ ଛୁଆଙ୍କୁ ଖାଇବାକୁ ନ ଦେଇ ସ୍ୱାମୀ ପାଇଁ ତ୍ୟାଗ କରୁଥିବୁ—ଶାଶୁ ଶ୍ୱଶୁରଙ୍କୁ ସେବା କରୁଥିବୁ ? କହୁଛନ୍ତି ମା ଦୁଧରେ ଛୁଆଙ୍କ ପାଇଁ ସୁଷମ ଖାଦ୍ୟ ଅଛି—ଏଣେ ମା'ର ଛାତିରେ ଦୁଧ ଥିଲେ ତ ? ସେ ଫ୍ରାନ୍ସର ରାଜ

କହିଲା ପରି 'ଲୋକଙ୍କୁ ଖାଇବାକୁ ରୁଟି ମିଳୁନି ତ ସେମାନେ କେକ୍ ଖାଉନାହାନ୍ତି କାହିଁକି'—ଅଶ୍ ଯାଉଥିଲା ସୁଦ୍।

: ଧୀରେ, ମିସ୍ ସୁଦ୍—ଧୀରେ। 'ଉତ୍ତେଜିତ ହୁଅ ନା'—ମୃଦୁ ହସି ଚେତାଇ ଦେଲେ ଚେୟାର୍‌ମେନ୍।

'ଥେଙ୍କ୍ ୟୁ ସାର୍'—କହି ସୁଦ୍ ହସିବାକୁ ଚେଷ୍ଟା କଲା—କିନ୍ତୁ ସେ ହସରେ ହାସ୍ୟ ନ ଥିଲା—ବରଂ ଥିଲା ବ୍ୟଙ୍ଗ। ସେ କହି ଗୁଲିଲା—'ଆମେ କୁଆଡ଼େ ବାପା ମା ଯାହା କହୁଛନ୍ତି, ଶିକ୍ଷକ ଯାହା କହୁଛନ୍ତି, ବୁର୍ଜୁଆମାନେ ଯାହା କହୁଛନ୍ତି, ସାଧୁସନ୍ଥମାନେ ଯାହା କହୁଛନ୍ତି ସେ ସବୁକୁ ବିନା ପ୍ରଶ୍ନରେ ଗ୍ରହଣ କରିନେବୁ—ସତ ନୁହେଁ ବୋଲି ଜାଣିଲେ ମଧ୍ୟ ପ୍ରଶ୍ନ କରି ପାରିବୁନି—ଭଲା। ଏଇଟା କ'ଣ ସତ୍ୟର ପଥ ସାର୍? ଏଇଟା କଣ ବୈଜ୍ଞାନିକ ପନ୍ଥା?

'ଜ୍ଞାନ କଣ?' ବକ୍ତୃତାଙ୍କ ମଣ୍ଡଳୀଙ୍କୁ ଓଲଟା ପଚାରୁଥିଲା ମିସ୍ ସୁଦ୍। ଆଉ ନିଜେ ଉତ୍ତର ଦେଉଥିଲା 'ସତ୍ୟର ଅନୁସନ୍ଧାନ ହିଁ ଜ୍ଞାନ ଏବଂ ବିଜ୍ଞାନ। ସତ୍ୟ ଓ ମିଥ୍ୟାର ସହାବସ୍ଥାନ ହୋଇପାରେନା। ସତ୍ୟର ସମିଶ୍ରଣ ନାହିଁ। ସ୍ୱଚ୍ଛ, ଅନାବିଳ, ଅନ୍‌କମ୍ପ୍ରୋମାଇଜିଂ ଅନେଷ୍ଟି ଛଡ଼ା ସତ୍ୟର ଅନୁସନ୍ଧାନ ସମ୍ଭବ ନୁହେଁ। ଯଦି ଘଟଣାବଳି ପ୍ରମାଣକଲା ଯେ ଅନ୍ୟ ମାନଙ୍କଠାରୁ ଶୁଣି ମୁଁ ଯାହାକୁ ସତ୍ୟ ବୋଲି ଗ୍ରହଣ କରି ନେଇଥିଲି ତାହା ପ୍ରକୃତରେ ସତ୍ୟ ନୁହେଁ ମୋତେ ସେ ଭୁଲ ତଥ୍ୟକୁ ବିନା ଦ୍ୱିଧାରେ ଫିଙ୍ଗିଦେବାକୁ ପଡ଼ିବ—ସେ ତଥ୍ୟ ଯେତେ ବଡ଼ ଗୁରୁଜନ ଋଷି ମୁନିଙ୍କ ପାଖରୁ ଆସିଥାଉ ନା କାହିଁକି। ସତ୍ୟର ଯେପରି ଅନୁସନ୍ଧାନ ପାଇଁ ସକ୍ରେଟିସ୍ ଜୀବନ ଦେଇଥିଲେ—ଆମର ସେ ପରମ୍ପରା କାହିଁ ସାର୍?

ନିଜ ହାତ ଘଣ୍ଟାକୁ ଘନ ଘନ ଅନାଇ ଚେୟାର୍‌ମେନ୍ ଗୁହୁଁଥିଲେ ମିସ୍ ସୁଦ୍‌ଙ୍କୁ ମଝିରେ ଅଟକାଇବା ପାଇଁ; କିନ୍ତୁ ଅନ୍ୟ ବକ୍ତୃତାମାନେ ଅତି ଆଗ୍ରହର ସହିତ ମିସ୍ ସୁଦ୍ ଏବଂ ପ୍ରଫେସର ସେନଙ୍କ ଆଲୋଚନା ଶୁଣୁଥିବା ଲକ୍ଷ୍ୟ କରି ଏବଂ ସେମାନେ ଆଉ କିଛି ପଚାରିବେ ନାହିଁ ବୋଲି ଇଙ୍ଗିତ ଦେଇସାରିଥିଲେ ବୋଲି ସେ ମଧ୍ୟ ହସ୍ତକ୍ଷେପ ନ କରି ଏ ଆଲୋଚନା ଉପଭୋଗ କରୁଥିଲେ। ସମୁଦ୍ରର ଉତ୍ତୁଙ୍ଗ ଲହରୀ ସବୁ ଯେପରି ରୁହାକୁ ରୁହା ବେଳାଭୂମି ଆଡ଼କୁ ମାଡ଼ିଆସେ—ଗୋଟାଏ ଲହରୀ ବେଳାଭୂମିର ପାଖକୁ ଆସିଲାକ୍ଷଣି ତା'ର ଅକମ୍ପିତ ଗହ୍ୱରତାରେ ମୁଣ୍ଡ କଚାଡ଼ି ଧୀରେ ମିଳେଇଯାଏ—ପୁଣି ଆସେ ଅନ୍ୟ ଗୋଟାଏ ଲହରୀ। ପ୍ରଫେସର ସେନ ଓ ମିସ ସୁଦ୍‌ଙ୍କ ଆଲୋଚନା ଯେପରି ଢଙ୍ଗ ନେଇ ସାରିଥିଲା—ଏକ ଦିଗରେ ମଧୁର ସ୍ଥିରତା ଏବଂ ଅନ୍ୟ ଦିଗରେ ଫେନିଲ କମ୍ପନ।

'ତମେ ତାହେଲେ କ'ଣ ଭାବୁଛ—ସବୁ ଶେଷ—ସମାଜର ଆଉ ପରିତ୍ରାଣ ନାହିଁ। କ'ଣ ଭାବୁଛ? ତମେ ହେଲ......' କହୁଥିଲେ ପ୍ରଫେସର ସେନ୍।

ନାଇଁ ସାର୍ । ମୁଁ କହୁଛି ବରଂ ଓଲଟା । ଆମେ ସବୁଦିନ ଏମିତି ଥିଲୁଁ··· ତେଣୁ ଦୁଃଖ କରିବାର କିଛି ନାହିଁ । ଆମ ଆଦର୍ଶ ଅତି ମହାନ୍; କିନ୍ତୁ ତା'ର ପ୍ରୟୋଗ······ ।

ଏଥର ଚେୟାର୍‌ମେନ୍ ଟିକିଏ ଜୋରରେ ହସିଉଠି କହିଲେ—'ମିସ୍ ସୁଦ୍, ତମେ ତ ସତ୍ୟର ଅନୁସନ୍ଧାନରେ । ତେବେ ମୁଁ ଗୋଟାଏ କଥା ଜାଣିବାକୁ ଚାହେଁ । ପୋଲିସ୍ କହିଲେ ସାଧାରଣତଃ ଲାଠି ମନେ ପଡ଼େ, ଆଉ ନାଚ କହିଲେ ମନେ ପଡ଼େ କମନୀୟତା—ବୈଜୟନ୍ତୀମାଳା, ସଂଯୁକ୍ତା ପାଣିଗ୍ରାହୀ, ଉମା ଶର୍ମା, ଯାମିନୀ କୃଷ୍ଣମୂର୍ତ୍ତି··· । ତମେ ନିଜେ ତ କଥକ ନାଚ ଭଲ ପାଅ । ପୋଲିସ୍ ଚାକିରି କଲେ କ'ଣ ଲାଠି ଧରି କଥକ ନାଚି ପାରିବ ?' ସମସ୍ତେ ହସି ଉଠିଲେ ।

ମିସ୍ ସୁଦ୍ ମଧ୍ୟ ଟିକିଏ ହସିଦେଇ କହିଲା—'ସାର୍—ପୋଲିସ୍ ଲାଠିଚାଳନା ହେଉ ବା କଥକ ନାଚ ହେଉ ସବୁଥିରେ ଶୃଙ୍ଖଳାର ଗୋଟିଏ ଅନ୍ତଃସ୍ରୋତ ରହିଛି । ଧାରା—ନିୟମ ଯାହାକୁ ଆମେ ହାର୍‌ମୋନି କହୁଁ । ସେଇ ହାର୍‌ମୋନି ହିଁ ସୃଷ୍ଟିର ଶାଶ୍ୱତ ସତ୍ୟ ଏବଂ ତାହା ହିଁ ଜୀବନ ସତ୍ୟ ।'

କିନ୍ତୁ ପୋଲିସ ଚାକିରିରେ ତୁମକୁ ବେନିୟମ କାମ କରିବାକୁ ପଡ଼ିପାରେ ।'

'କାହିଁକି ସାର୍ । ନିୟମ ସବୁ କୋଡ଼ିଫାଏଡ୍ । ମୁଁ ନିୟମ ଅନୁଯାୟୀ କାମ କରିବି ।'

ତମେ ତ ଜାଣିଛ ଇଉରୋପରେ ଡାହାଣ କଡ଼େ ଗାଡ଼ି ଚଳାଇବା ନିୟମ ତ ଭାରତରେ ବାଁ କଡ଼ରେ । ସରକାର ଯଦି କହନ୍ତି ଏଇଟା ନିୟମ ଆଉ ଲୋକାଲ୍ ପବ୍ଲିକ୍, ଲୋକାଲ୍ ଏମ୍. ପି., ଏମ୍. ଏଲ୍. ଏ. କହନ୍ତି ତା ବିପରୀତ ହିଁ ନିୟମ ?

ମୁଁ ମୋର ବୁଦ୍ଧି ଏବଂ ବିବେକ ଖଟାଇ ଜାଣିପାରିବି କେଉଁଟା ପ୍ରକୃତ ନିୟମ ।

ଆଉ ଆଇ. ଜି. ଯଦି ଓଲଟା ଆଦେଶ ଦିଅନ୍ତି—ତମେ ଯାହାକୁ ନିୟମ ବୋଲି ଭାବୁଛ ତା'ର ଠିକ୍ ଓଲଟା ? ତାଙ୍କ ଆଦେଶ ମାନିବାଟା ଶୃଙ୍ଖଳା ନା ତମ ବିବେକ ।

: ମୁଁ ବୁଝୁଛି ଆପଣ କ'ଣ କହୁଛନ୍ତି ସାର୍ । ସେମିତି ହେଲେ ମୁଁ ଇସ୍ତଫା ଦେଇଦେବି ।

ଚେୟାର୍‌ମେନ୍‌ଙ୍କ ସ୍ମିତହାସ୍ୟ ମିଳିତ ଧନ୍ୟବାଦର ପ୍ରତ୍ୟୁତ୍ତରରେ 'ଆପଣ ସମସ୍ତଙ୍କୁ ଧନ୍ୟବାଦ' କହି ଚାଲିଗଲା କୁମାରୀ ସୁଦ୍ ।

ପଛରୁ ଅନାଇଁ ଥିଲେ ଛଅଯୋଡ଼ା ଆଖି ।

କବାଟ ବନ୍ଦ ହେଲା ପରେ ଚେୟାରମେନ୍ ପଚାରିଲେ—'ଏଥର କୁହନ୍ତୁ ।'

'ତମ୍ବି, ଫଣାଟେକା ନାଗସାପ...' କହିଲେ ଜଣେ ।

'ଅଗ୍ନିକଣା...ସ୍ଫୁଲିଙ୍ଗ...' ।

'ନିଆଁହୁଲା...ଅଗ୍ନିପିଣ୍ଡୁଳା...' କହିଲେ ଆଉ କେହି ।

ସ୍ୱାଧୀନଚେତା, ତୀକ୍ଷ୍ଣ, ନିର୍ଭୀକ, ବିଚକ୍ଷଣ କିନ୍ତୁ ପୋଲିସ୍ ଚାକିରିକୁ.. ସୂଚଉଥିଲେ ଚେୟାରମେନ୍ ।

ଟିକିଏ ଉଦ୍ଧତ—ସବ୍‌ଜାନତା ମନୋଭାବ—ଶିକ୍ଷାବିଭାଗ ପାଇଁ ଅତି ଉପଯୁକ୍ତ କିନ୍ତୁ ପୋଲିସ ପାଇଁ...ସୂଚନାକୁ ଅନୁମୋଦନ କରୁଥିଲେ ଆଉ ଜଣେ ।

'କିନ୍ତୁ ଶିକ୍ଷାବିଭାଗରେ ବି କ'ଣ ସ୍ୱାଧୀନ ଚିନ୍ତା ଆମ ଦେଶରେ ଅଟେଇ ପାରୁଛି ? ଯା' ହାତରେ କ୍ଷମତା ତା' ମୁଣ୍ଡରେ ସବୁ ଜ୍ଞାନ ଠୁଳ—ଆଉ କ୍ଷମତା ଗଲା କ୍ଷଣି ସେ ସଙ୍ଗରେ ଜ୍ଞାନ ମଧ୍ୟ ଉଭେଇ ଯାଏ ।' ଟିପ୍ପଣୀ କାଟୁଥିଲେ ଅଉ କେହି ।

ଚେୟାର୍‌ମେନ୍ ପଚାରିଲେ—'ପ୍ରଫେସର ସେନ୍ ଆପଣ କ'ଣ ଭାବୁଛନ୍ତି ?' ୭୩ ବର୍ଷ ବୟସ୍କ ପ୍ରଫେସର ସେନ୍ ଉତ୍ତର ଦେବା ପୂର୍ବରୁ ଅନ୍ୟମାନେ ସମସ୍ତେ ହସିଉଠି ପ୍ରଶ୍ନଟିକୁ ଦୋହରାଇ ଦେଲେ 'ଆପଣ କ'ଣ ଭାବୁଛନ୍ତି ?'

ପ୍ରଫେସର ସେନ୍ ମଧ୍ୟ ହସିଲେ—କହିଲେ, 'ମନ୍ଦ ନୁହେଁ । ସମ୍ପୂର୍ଣ୍ଣକ୍ରାନ୍ତି, ଟୋଟାଲ୍ ରିଭଲ୍ୟୁସନ୍—ଡାକ ଶୁଣି ଯଦି କେହି ନ ଆସେ, ତେବେ ଏକଲା ଚାଲ ।'

ସାମୂହିକ ଭାବକୁ ରୂପ ଦେଇ ଚେୟାର୍‌ମେନ୍ କହୁଥିଲେ—'ଏଟି ଏ ସ୍ୱର୍ଣ୍ଣପିଣ୍ଡ, ମେ ପିଣ୍ଡକୁ ନିଆଁରେ ତରଳାଇ ଅଥବା ହାତୁଡ଼ିରେ ବାଡ଼େଇ ଅଲଙ୍କାର କରି ଗଢ଼ି ତୋଳିବା ଯେଉଁମାନଙ୍କର କର୍ତ୍ତବ୍ୟ ସେମାନେ ତାକୁ ନେଇ ଯାହା କରନ୍ତୁ । ଅନୁଭୂତିର ଦହନରେ ସେ ହୁଏତ ଦିନେ ଝଲସି ଉଠିବ ଅଥବା ଜଳିପୋଡ଼ିଯିବ ।'

ବିଚାରକମଣ୍ଡଳୀର ସମସ୍ତେ ମୁଣ୍ଡ ଝୁଙ୍କାଉଥିଲେ ।

ଅନ୍ୟ ପ୍ରାର୍ଥୀପାଇଁ ଘଣ୍ଟି ବାଜି ଉଠିଲା ।

# ଭ୍ରାନ୍ତ ଯମକ

ଶ୍ରୀ ବ୍ରହ୍ମାନନ୍ଦ ପଣ୍ଡା

ଦାର୍ଶନିକ ବେକନ୍ ମୀମାଂସା କରିଥିଲେ, ପ୍ରେମ ଦୁର୍ବଳ ମନର ଗୋଟାଏ ବିକାର । ଏ ମୀମାଂସା ପ୍ରତି ଗୁରୁତ୍ୱ ନଦେଇ, ଦର୍ଶନ ଅଧ୍ୟାପକ ରଙ୍ଗାଧର ଯେବେ କୃଷ୍ଣବେଣୀଙ୍କ ସଙ୍ଗେ ପ୍ରେମରେ ପଡ଼ିଲେ ଏବଂ ସେତିକିରେ ସନ୍ତୁଷ୍ଟ ନ ହୋଇ ଦିନେ ଅତ୍ୟୁଗ୍ର କାମନାର ତାଡ଼ନାରେ ପ୍ରେୟସୀ-ପ୍ରତିମା ନିକଟରେ ପରିଣୟ ପ୍ରସ୍ତାବ କରି-ଆସି, ମୋ ପାଖରେ ଉଚ୍ଛ୍ୱସିତ ଭାବରେ ତାଙ୍କର ପୌରୁଷର ସାର୍ଥକତା ତତ୍ତ୍ୱ ଦିଗରୁ ପ୍ରତିପାଦନ କରିଥିଲେ, ମୁହଁରେ ମୁଁ ତାଙ୍କୁ ଶୁଭେଚ୍ଛା ଜଣାଇଥିଲି, ଯଦିଓ, ତାଙ୍କର ଏ ପ୍ରକାର ଆଚରଣରେ ପରିଣତି ସ୍ୱୀକୃତଭାବେ ସ୍ୱତନ୍ତ୍ର, ଦୁଇଟି ଜୀବନକୁ ଦାମ୍ପତ୍ୟ ନାମରେ ନିତ୍ୟ-କଳହର ମାନସିକତାରେ ପର୍ଯ୍ୟବସିତ କରିବ ବୋଲି ଅନୁଭବକରି ମନେ ମନେ ପ୍ରକୃତରେ ଦୁଃଖିତ ହୋଇଥିଲି । ରଙ୍ଗାଧର ମୋର ଜଣେ ଭଲ ବନ୍ଧୁ । ମୁଁ ସ୍ପଷ୍ଟ ଦେଖି ପାରୁଥିଲି, ଗୋଟିଏ ଦୁଶ୍ଛେଦ୍ୟ ପଘାରେ ସଂଯୁକ୍ତ ଦୁଇଟି ଅରଣା ଜୀବ ବିଯୁକ୍ତ ହେବାପାଇଁ କି ପ୍ରାଣାନ୍ତକ ଉଦ୍ୟମ କରୁଛନ୍ତି ! ସେ କି କ୍ରୁଦ୍ଧ ଗର୍ଜନ ! ସେ ଆଜକୁ ପାଞ୍ଚବର୍ଷ ତଳର କଥା ।

ମଣିଷର ପ୍ରକୃତ ପରିଚୟ ତା'ର ନାମରେ ଯେପରି ନଥାଏ, ମଣିଷର କର୍ତ୍ତବ୍ୟ କର୍ମରେ ତା'ର ପ୍ରକୃତ ବିଶ୍ୱାସ ବି ସେପରି ପ୍ରତିଫଳିତ ହୋଇ ପାରେନା । ରଙ୍ଗାଧର ଗ୍ରୀକମାନଙ୍କ ଯେଉଁ ଦର୍ଶନ ପଢାନ୍ତି ନା କାହିଁକି, ବ୍ୟକ୍ତିଗତ ବିଶ୍ୱାସ ଦୃଷ୍ଟିରୁ ସେ ଜଣେ ପ୍ରୟୋଜନବାଦୀ ବା determinist । ସେ ମନେ କରନ୍ତି, ବର୍ତ୍ତମାନ ମୁକ୍ତିର ପ୍ରେରଣା ବିନା ଜୀବନରେ କୌଣସି ପଦକ୍ଷେପ ନେବା ସମ୍ଭବ ନୁହେଁ । ଆଉ ମଣିଷ—ତା'ର ମାଂସପେଶୀ, ସ୍ନାୟୁ, ପ୍ରକ୍ଷୋଭ-ପୀଠ ଓ ମସ୍ତିଷ୍କ କେବଳ ନୁହେଁ, ସେ ତା'ର ଅଭ୍ୟାସ, ମତାମତ ଓ ଭାବ ମଧ୍ୟ । ଏ ବିଶ୍ୱର ଯେତେ ପରିସ୍ଥିତି ଖଣ୍ଡନଶୀଳ, ଅଯୌକ୍ତିକ ଓ ପ୍ରତିକୂଳ ହେଉ ପଛେ, ମଣିଷ ଏ ସମ୍ପର୍କରେ ସଚେତନ ରହୁ ବା ନରହୁ, ଏହା ମଣିଷର କ୍ରିୟା ଓ ପ୍ରତିକ୍ରିୟାକୁ ଅନବରତ ନିୟନ୍ତ୍ରିତ କରି ଚାଲିଛି ।

୧ କଟକ

କୃଷ୍ଣବେଣୀ ଲେଖିକା । ସାଧାରଣ ମଣିଷ ଅପେକ୍ଷା ଶିଳ୍ପୀର ଅହଂଭାବ ଟିକିଏ ବେଶୀ । ଏହା ସ୍ୱାଭାବିକ କେବଳ ନୁହେଁ, ତା'ର ଶିଳ୍ପ ଜୀବନ ପାଇଁ ଆବଶ୍ୟକ ମଧ୍ୟ । ବେଳେବେଳେ ଏ ଅହଂଭାବ ସୃଷ୍ଟି କରିବାକୁ ପଡ଼ିଥାଏ । କୃଷ୍ଣବେଣୀଙ୍କ ଅହଂଭାବ ତାଙ୍କର ରଚନାରେ, ସାମାଜିକ ଆଚରଣରେ, ସବୁଠି

ଉଗ୍ରଭାବରେ ପ୍ରକାଶ ପାଇଥାଏ ଯେ, ମୁଁ ତାଙ୍କୁ ପ୍ରକାଶ୍ୟ ଭାବରେ ଅହଂସାର୍ବଭୌମ ବା solipsist ନାମରେ ଅଭିହିତ କରିଥାଏ । ଦେଖିଚ, ସେ କ୍ଷୁବ୍ଧ ହେଉ ନାହାନ୍ତି । ବରଂ ମୋର ମନେ ହେଉଚି ସେ ଯେପରି ଅପ୍ରକାଶ୍ୟ ଭାବରେ ଏଥିରେ ଆମୋଦ ଅନୁଭବ କରିଚନ୍ତି । ପରମାତ୍ମବାଦୀ ବିଶ୍ୱାସ କରେ କେବଳ ନିଜକୁ ଓ ନିଜର ଅଭିଜ୍ଞତାକୁ । ବିଶ୍ୱକୁ ସେ ସୃଷ୍ଟି କରେ ନିଜର ଲୀଳାମୟ ଭାବରେ ଏବଂ ସେ ବିଶ୍ୱରେ ଦେଖିବାକୁ ମିଳନ୍ତି କେବଳ ସେ, ତା'ର ଚିନ୍ତା, ତା'ର ଅନୁଭୂତି । ଏହାପରେ, ସବୁକିଛି ନିଷ୍ପ୍ରୟୋଜନ । ଯାହାକିଛି ଜ୍ଞାତବ୍ୟ, ଅଭିଜ୍ଞତାର ପ୍ରତ୍ୟେକ ଅଂଶ ତା'ର ମନର ଗୋଟିଏ ଭାବ ଏବଂ ତା'ର ମନ ବାହାରେ ସେ ଭାବର କୌଣସି ଅସ୍ତିତ୍ୱ ନାହିଁ । ନିଜ ବାହାରେ ଆଉ କିଛି ସ୍ୱୀକାର୍ଯ୍ୟ ଅଥବା ସ୍ୱତଃସିଦ୍ଧ ଅଛି ବୋଲି ଗ୍ରହଣ କରିବାର ସମ୍ଭାବନା ବା ଆବଶ୍ୟକତା ତା'ର ନଥାଏ । ତା'ର ପାଖରେ ସ୍ୱପ୍ନ ଓ ବାସ୍ତବର ପ୍ରଭେଦ ନାହିଁ । ତା'ର ପାଇଁ ଜୀବନ ଗୋଟାଏ ସ୍ୱପ୍ନ, ଯେଉଁଥିରେ ତାର ପ୍ରତ୍ୟକ୍ଷ ବସ୍ତୁସମୂହକୁ ନେଇ ସେ ଗୋଟାଏ ଦୃଶ୍ୟପରମ୍ପରା, ସଙ୍ଗତ ସ୍ୱପ୍ନ ରଚନା କରେ ଏବଂ ତା'ର ସ୍ୱପ୍ନାବେଶ ଯେତେବେଳେ ରହେନା ସେତେବେଳେ ବିଶ୍ୱ ତା'ର ସମସ୍ତ ସୌନ୍ଦର୍ଯ୍ୟ, ବ୍ୟଥା ଓ ଦୁଃଖ, ତା'ର ଅକଳନୀୟ ପ୍ରକାରଭେଦ ନେଇ ଅସ୍ତିତ୍ୱହୀନ ହୋଇପଡ଼େ । ଏ ତତ୍ତ୍ୱ ଉପରେ କୁମୁଦବେଣୀଙ୍କ ସମର୍ଥନ ଲାଭ କରିବା ମୋଦ୍ୱାରା କେବେ ସମ୍ଭବ ହୋଇନି । ଘଣ୍ଟା ଘଣ୍ଟା ଧରି ଆମେ ତର୍କଯୁଦ୍ଧରେ ବ୍ୟସ୍ତ ହୋଇଚୁ, ଆଘାତ ଗୁରୁତର କରିବା ଉଦ୍ଦେଶ୍ୟରେ ବାକ୍ୟରେ ପରିହାସ ଖୁବ୍ କୁଶଳତା ସହକାରେ ପ୍ରୟୋଗ କରିଚୁ, କିନ୍ତୁ କେହି କାହାକୁ ପ୍ରଭାବିତ କରି ପାରିନୁ, ଭୁଲି ବୁଝିନୁ, କ୍ଷମା କରିନୁ ।

ଗୋଟାଏ ସମସ୍ୟାରେ ସଫଳତାର ଧୂର ଦୃଷ୍ଟିରୁ ରକ୍ଷା ପାଇବା ଜଣେ ଭଲ ଲେଖକ ପକ୍ଷରେ ଯେପରି କଷ୍ଟକର, ଗୋଟାଏ ବୟସରେ ନାରୀର ମୋହିନୀଦୃଷ୍ଟିରୁ ନିଜକୁ ନିରାପଦ ରଖିବା ବି ସେପରି କ୍ଲେଶକର; କିନ୍ତୁ କୁମୁଦବେଣୀ ଓ ମୋ ଭିତରେ ଏ ସମସ୍ୟା କେବେ ଉପୁଜି ପାରି ନଥିଲା । ସମସ୍ତେ ଜାଣନ୍ତି ପ୍ରେମକର୍ମ ନିମନ୍ତେ ଦୁଇଜଣଙ୍କ ଆବଶ୍ୟକ ହୁଅନ୍ତି; କିନ୍ତୁ ଅନେକଙ୍କ ଭଳି ମୁଁ ବି ବିଶ୍ୱାସ କରିଥାଏ ଯେ ପୁରୁଷର ଯାହା ଖାଦ୍ୟ, ନାରୀ ପକ୍ଷରେ ତାହା ବିଷ । କାହାକୁ ବିଧ୍ୱସ୍ତ କରିବାର ଅଭିପ୍ରାୟ ତ ମୋର ନାହିଁ, ଅଧିକନ୍ତୁ, ନାରୀର ଯାହା ଖାଦ୍ୟ ତାହା ପୁରୁଷ ପକ୍ଷରେ ବିଷ ନୁହେଁ ବୋଲି ଏ ପର୍ଯ୍ୟନ୍ତ କୌଣସି ତତ୍ତ୍ୱ ବି ପ୍ରତିଷ୍ଠା ଲାଭ କରିନି । ଅତଏବ, ନିଜେ ମଧୁମୟ ହୋଇ ନ ପାରିଲେ ତ ବିଶେଷ କ୍ଷତି ନାହିଁ; କିନ୍ତୁ ବିଷାକ୍ତ ହେବାରେ କୌଣସି ସାର୍ଥକତା ନାହିଁ । ନାରୀ ସହିତ ମୋର ସମସ୍ତ ସମ୍ପର୍କ ସ୍ପର୍ଶ-ରହିତ । ଆଲିଙ୍ଗନ ତ ଦୂରର କଥା, କରମର୍ଦ୍ଦନ କରିବାପାଇଁ ବି ମୁଁ କୁଣ୍ଠାବୋଧ କରିଥାଏ । ନାରୀ କେବଳ ନୁହେଁ, ଯେ କୌଣସି ଲୋକର ଅନ୍ତରଙ୍ଗ ସାନ୍ନିଧ୍ୟରେ ମୁଁ ପ୍ରବଳ ଅସ୍ୱସ୍ତି ଅନୁଭବ କରେ । କୁମୁଦବେଣୀ ତ ସହଜେ ଅହଂସାର୍ବଭୌମା । ସେ ବା

କାହିଁକି, କାହା ପାଖରେ ତାଙ୍କର 'ବେକନାସ୍ତ' ବିକାର ପ୍ରକାଶ କରିବାକୁ ଯା'ନ୍ତେ ?

ସୁତରାଂ ରଙ୍ଗାଧର ଓ କୃଷ୍ଣବେଣୀଙ୍କ ବିବାହରେ ମୁଁ ବିସ୍ମିତ ଓ ରଙ୍ଗାଧର ନିମନ୍ତେ ଦୁଃଖିତ ହେବାର ଯଥେଷ୍ଟ କାରଣ ଥିଲା ।

( ଦୁଇ )

ଲୋକେ କିପରି ପ୍ରେମରେ ପଡ଼ନ୍ତି ସେଥିପାଇଁ କୌଣସି ନୈସର୍ଗିକ ନିୟମ ନାହିଁ । କିଛି ଘଟଣା, କିଛି ଅବଲମ୍ବନ, କିଛି ଗତି, କିଛି ଘନିଷ୍ଠତା—ତା' ପରେ, ଅନେକେ ଅବଶ୍ୟ କହନ୍ତି, ସମସ୍ତ ପ୍ରବଣତାର ସମାପ୍ତି । ବ୍ୟକ୍ତି ବ୍ୟକ୍ତି ଭିତରେ ଏଥିରେ ପ୍ରଭେଦ ଦେଖାଯାଇଥାଏ । ରଙ୍ଗାଧର ଓ କୃଷ୍ଣବେଣୀ ଏଇ ଧାରାରେ କେଉଁଠି ଗୋଟାଏ ଘଟଣାରେ ହୁଏତ ସମ୍ମିଳିତ ହେଇଥିବେ । ଜାଣିବାପାଇଁ ମୁଁ କୌତୂହଳୀ ହେଇନି, କାରଣ ପ୍ରେମ ପ୍ରସଙ୍ଗରେ କୌତୂହଳୀ ହେବାର ଅବିବେକୀ-ପଚିଶିଆ ବୟସ ମୋର ନାହିଁ, ଦ୍ୱିତୀୟତଃ ଏଥିର ତଥ୍ୟ ଅପେକ୍ଷା ଏହା ପଛର ସତ୍ୟ ଜାଣିବା ପାଇଁ ମୁଁ ବିଶେଷ ଆଗ୍ରହୀ ।

ମୁହୂର୍ତ୍ତର ପ୍ରେରଣାରେ, ଜୀବନର ଏ ରହସ୍ୟମୟ ପଦକ୍ଷେପ ରଙ୍ଗାଧର କାହିଁକି ନେଲେ ଏବଂ ଏଭଳି ଏକ ଅଭିଜ୍ଞତାରେ ନିଜକୁ ଜଡ଼ିତ କରି କି ସ୍ୱପ୍ନ ଦେଖିବେ ବୋଲି କୃଷ୍ଣବେଣୀ କାହିଁକି ଉତ୍କଣ୍ଠିତ ହେଲେ—ଏହା ଥିଲା ମୋ ପାଖରେ ଏ ଉପାଖ୍ୟାନର ବଡ଼ ପ୍ରଶ୍ନ ।

ଲୋକେ କାହିଁକି ପ୍ରେମରେ ପଡନ୍ତି ? ଏଥିପାଇଁ ମଧ୍ୟ କୌଣସି ନୈସର୍ଗିକ ନିୟମ ନାହିଁ । କାରଣ ପ୍ରେମ ଗଣିତ ନୁହେଁ । ସୁତରାଂ ଏଥିରେ ନିର୍ଦ୍ଦିଷ୍ଟ ଭାବରେ କୌଣସି ମୀମାଂସାରେ ପହଞ୍ଚି ହୁଏନି । ଯାହାର ମୀମାଂସା ମିଳେନି, ଜାଣିବା କଥା, ତା'ର ଚରିତ୍ର ବଡ଼ ଜଟିଳ ।

ଜୀବବିତ୍ କହନ୍ତି, ପ୍ରକୃତିର ଜୀବନଧାରା ଅବ୍ୟାହତ ରଖିବା ନିମନ୍ତେ, ସ୍ତ୍ରୀ-ପୁରୁଷର ଆସଙ୍ଗଲିପ୍ସା ଜୀବ ଦେହର ପ୍ରୋଟୋପ୍ଲାଜମ୍, ହରମୋନ୍ ଓ କ୍ରୋମୋସୋମ୍‌ର କ୍ରିୟା । ସମାଜ-ବିଜ୍ଞାନୀ କହନ୍ତି, ତା'ର ପ୍ରଜାତିର ଅଭ୍ୟୁଦୟ କାଳରୁ, ମଣିଷର ପ୍ରବୃତ୍ତି, ପ୍ରକ୍ଷୋଭ ଓ ଆବେଗର ଢଳେମାନ ପରିବର୍ତ୍ତନ ଘଟିନି । ସଭ୍ୟତା ଓ ସଂସ୍କୃତି ଜୀବନର କେନ୍ଦ୍ରରେ ଉପନୀତ ହୋଇ ପାରିନି । ପରିଧି ଉପରୁ ନିୟନ୍ତ୍ରଣ ପ୍ରୟୋଗ କରିବାକୁ ଯାଇ ମଣିଷର ଆଚରଣକୁ ଅସମ୍ଭବ ଭାବରେ ଜଟିଳ କରି ପକାଇଛି । ବୟସ ବୃଦ୍ଧି ସଙ୍ଗେ ମଣିଷର ସମାଜ-ଚେତନା ବୃଦ୍ଧି ପାଏ । ଫଳରେ, ଗୋଟାଏ ଅବସ୍ଥାର ଆପାତ-ସରଳ ଆସଙ୍ଗବାସନା ଗୋଟାଏ ଜଟିଳ ପ୍ରକ୍ରିୟାରେ ପରିଣତ ହୁଏ । ଏହାର ନାମ

ପ୍ରେମ ନିବେଦନ । ରଙ୍ଗାଧର ଓ କୃଷ୍ଣବେଣୀ ଗୁହାବାସୀ ହୋଇଥିଲେ ମୁଁ ସେମାନଙ୍କ ପଛରେ ଧାବିତ ହେବାର ଆବଶ୍ୟକତା ଉପୁଜି ନ ଥାନ୍ତା । ନଗରବାସୀ ଭାବରେ ସେମାନେ ଗୋଟାଏ ସ୍ୱାଭାବିକ କୃତ୍ରିମତା ଭିତରେ ଗତି କରୁଥିବା ହେତୁରୁ ସେମାନଙ୍କ ପ୍ରେମର ସ୍ୱଭାବ ଏତେ ଦୁର୍ବୋଧ ହୋଇ ପଡ଼ିଥିଲା ।

ବିବାହ ପରେ ସାମାଜିକ ପ୍ରଥା ଅନୁସାରେ ବନ୍ଧୁବାନ୍ଧବଙ୍କୁ ଲୋଡ଼ି ସେମାନେ ଭୋଜି ଦେଇ ନାହାନ୍ତି । ବିବାହର ବାତାବରଣ ଅପସାରିତ ହେବାର ବହୁ ଦିନ ପରେ, ସ୍ୱଳ୍ପ କେତେ ଜଣଙ୍କୁ କେବଳ, ଦିନକୁ ଜଣେ କରି ଲୋଡ଼ି ନେଇ ସେମାନେ ପ୍ରୀତିଭୋଜନରେ ଆପ୍ୟାୟିତ କରିଥିଲେ । ଦିନେ ମୋର ବି ପାଳି ପଡ଼ିଥିଲା ।

କଫି ପରେ ରଙ୍ଗାଧର ଉଠିଗଲେ କୌଣସି ଆଗନ୍ତୁକ ସଙ୍ଗେ ଆଳାପ କରିବା ନିମନ୍ତେ । ଭୋଜନ-ପ୍ରକୋଷ୍ଠରେ ରହିଲୁ ମୁଁ ଆଉ କୃଷ୍ଣବେଣୀ । କୃଷ୍ଣବେଣୀଙ୍କ ମୁହଁରେ ଗୋଟାଏ ପ୍ରକାର ଆତ୍ମପ୍ରସାଦାତ୍ମକ—ଆତ୍ମସମର୍ପଣରେ ପ୍ରକାଶ ମୁଁ ଲକ୍ଷ୍ୟ କରିଥିଲି । ତାଙ୍କର ମୁହଁର ଏ ଭାବ ମତେ ଈର୍ଷିତ କରିଥିଲା ଏବଂ ସଙ୍ଗେ ସଙ୍ଗେ, ତାଙ୍କ ଉପରେ କର୍ତ୍ତୃତ୍ୱ କରିବା ଲାଗି ମନ ଉତ୍କଣ୍ଠ ହେଉଥିଲା । ପଚାରିଲି—

'ଏ ଅବସ୍ଥାନ୍ତର କିପରି ଲାଗୁଚି ?'

'ଭଲ ଲାଗୁଚି ।'

'ତୁମର ଆତ୍ମ-ବିଲୁପ୍ତି ସମ୍ପୂର୍ଣ୍ଣ ହୋଇଚି, ଯାହା ଦେଖୁଚି ।'

କୃଷ୍ଣବେଣୀ ପାର୍ଶ୍ୱଫେରି ମତେ ସାମନା କରି ବସିଲେ । ତାଙ୍କର ମୁହଁର ସହଜ ମାଧୁର୍ଯ୍ୟ ଗମ୍ଭୀର ଐଶ୍ୱର୍ଯ୍ୟରେ ପରିଣତ ହୋଇଚି । ଧୀର ଅଥଚ ଅଟଳ କଣ୍ଠରେ କହିଲେ—

'ଆତ୍ମ-ବିଲୁପ୍ତି ନୁହେଁ ; ନୂତନ ଅଭ୍ୟୁଦୟର ଅନୁଭୂତି ।'

ଅଙ୍କୁରର ଉଦ୍‌ଗମ ବୀଜର ବିଲୁପ୍ତିରେ ; ସୋଽହମ୍‌ର ଉତ୍ପତ୍ତି ଅହଂର ବିଲୁପ୍ତିରେ ; କୃଷ୍ଣବେଣୀଙ୍କ ଅହଂପୂର୍ବିକା ପ୍ରକୃତରେ ଲୁପ୍ତ ହୋଇଚି ନା ଅହଂକୁ କେନ୍ଦ୍ରକରି ଏହା ତାଙ୍କର ଆଉ ଏକ ଅଭିଜ୍ଞତା ? ସନ୍ଦେହମୋଚନ କରିବା ଉଦ୍ଦେଶ୍ୟରେ କହିଲି —

'ଯାହାହେଉ ଏ ଅଭିଜ୍ଞତା ଯେ ତୁମକୁ ସୁଖ ଦେଉଚି, ଏଥିରେ ମୁଁ ବଡ଼ ଆନନ୍ଦିତ । ଆଶା ବି କରୁଚି, ଏ ସୁଖ ତୁମକୁ ସ୍ୱାସରୁଦ୍ଧ କରିବନି ।'

କୃଷ୍ଣବେଣୀଙ୍କ ଅଧରରେ ମନ୍ଦହାସ ପ୍ରକାଶ ପାଇଲା । ସେଥିରେ ନ ଥିଲା ସ୍ନେହର ସ୍ନିଗ୍ଧତା , ଥିଲା ସୌଜନ୍ୟ ଆବୃତ କିଞ୍ଚିତ୍ ଅସହିଷ୍ଣୁତା । ମୋ ମୁହଁକୁ ସଳଖରେ ଚାହିଁ ସେ କହିଲେ—

'ମୁଁ ତୁମର ଇଙ୍ଗିତ ବୁଝୁଚି , କିନ୍ତୁ ତୁମେ ନିଜର ଯେତେସବୁ ବିମୂର୍ତ୍ତ ଧାରଣାରେ ବନ୍ଦୀ ହୋଇ ରହିଥିବା ପର୍ଯ୍ୟନ୍ତ ମୋ ଅଭିଜ୍ଞତାର ତାତ୍ପର୍ଯ୍ୟ ବୁଝି ପାରିବନି । ମୋ ଭିତରେ ତୁମେ ଅହଙ୍କାରକୁ ହିଁ ସବୁବେଳେ ଦେଖିଚ । ମତେ ଦେଖି ପାରନି ।'

'ତୁମକୁ ଦେଖନ୍ତି କିମିତି ?'

'ମୁଁ କ'ଣ ତେବେ ନ ଥିଲି ? ଥିଲି । ତୁମେ ଯାହାକୁ ଦେଖିବାର କଷ୍ଟ କେବେ କରିନ, ସେ ହେଉଚି ମୋ ଭିତରର ନାରୀ । ପ୍ରେମ ଓ ମାତୃତ୍ୱ ତା'ର ଅନ୍ତର୍ନିହିତ ଗୁଣ । ମୋ ଉପରେ ତତ୍ତ୍ୱ ଆରୋପ କରି ତା'ର ଭାଷ୍ୟ ଲେଖିବାରେ ତୁମେ ମଜ୍ଜି ଯାଇଚ ; କିନ୍ତୁ ମୋର ମାନବିକ ଅନୁଭୂତିର ଭାଷା ସହଜଭାବରେ ଗ୍ରହଣ କରିବାର ବିଚାର ତମ ମନରେ କେବେ ଉଦିତ ହୋଇନି ।'

ତୀକ୍ଷ୍ଣ ଦୃଷ୍ଟିରେ ମତେ ଚାହିଁ କୃଷ୍ଣବେଣୀ ସୂଚିତ କଲେ—

'ଗୋଟାଏ କଥା କହିବି, ଆହତ ହେବନି ?'

'ନା ।'

'ଯଦି କହେ, ତୁମେ ନିଜର ଅହଂକୁ ମୋ ଉପରେ ପ୍ରକ୍ଷେପିତ କରିବାକୁ ଚାହିଁଚ ।'

'କହିପାର ।'

'ଏବଂ ସେହି ଅହଂ ମୋ ଆଧାରରେ ପ୍ରତିଫଳିତ ହୋଇ ପାରିନି ବୋଲି ତୁମେ ମୋର ଅସ୍ତିତ୍ୱ ସ୍ୱୀକାର କରିବାକୁ ପ୍ରସ୍ତୁତ ନୁହଁ ।'

ପ୍ରତିବାଦ ଜଣାଇ କହିଲି—

'ମତେ ତମେ ଭୁଲ ବୁଝୁଚ । ମୁଁ ତୁମର ଅସ୍ତିତ୍ୱକୁ କେବେ ଅସ୍ୱୀକାର କରିନି ।'

'ମୋର ଅସ୍ତିତ୍ୱ ମୋର ପ୍ରେମରେ, ମୋର ମାତୃତ୍ୱରେ । ମୁଁ ଜାଣେ, ମୋର ଜୀବନ ଉଷର ନୁହେଁ, ନେତିବାଚକ ନୁହେଁ । ମୋର କହିବା ମାନିବ ?'

'ଯଦି ଯୁକ୍ତିସଙ୍ଗତ ମନେହୁଏ ।'

'ଯୁକ୍ତିସଙ୍ଗତ କି ନୁହେଁ, ତୁମେ ବିଚାର କରିବ । ମୁଁ କିନ୍ତୁ ଜାଣେ, ଯାହା କହିବି, ପ୍ରାଣସମ୍ମତ କଥା ।'

'କହ ।'

'ତୁମେ ଚଞ୍ଚଳ କେଉଁଠି ପ୍ରେମରେ ପଡ଼ ।'

ଉଚ୍ଚହାସ୍ୟ କରି ଉଠିଲି । ମୋର ହସ ମତେ ଅସ୍ୱାଭାବିକ ବୋଧ ହେଉଥିଲା । ନିବେଦ କୃଷ୍ଣବେଣୀଙ୍କୁ ଲକ୍ଷ୍ୟ କରି କହିଲି—

'ଯେଉଁଥିରେ ଥରେ ପଡ଼ିଲେ ଜୀବନରେ ଆଉ କେବେ ଉଠି ହୁଏନି ବୋଲି ମୁଁ ତା'ର ସୀମା ମାଡ଼ିବାକୁ ଚାହିଁନି । ପ୍ରେମ ନ କରି କ'ଣ ବଞ୍ଚି ହୁଏନି ?'

'ହୁଏ ; କିନ୍ତୁ ବଞ୍ଚନା ଭିତରେ । ଯେପରି ତୁମେ । ନିଜ ଅଜ୍ଞାତରେ ତୁମେ ନିଜକୁ ପୀଡ଼ିତ କରୁଚ । ସତ୍ୟକୁ ସ୍ୱୀକାର କରିବାର ସାହସ ତୁମର ଅଛି ।'

'ସାହସ କେବଳ ନୁହେଁ, ଦୁଃସାହସ ମଧ୍ୟ ।'

'ତେବେ ସ୍ୱୀକାର କର, ତୁମେ ମତେ ପ୍ରେମ କରୁଚ ।'

ସେଇ ମୁହୂର୍ତ୍ତରେ ରଙ୍ଗାଧର ପ୍ରବେଶ କରି ନ ଥିଲେ, କୃଷ୍ଣବେଣୀଙ୍କର ଏ ବିପଜ୍ଜନକ ପ୍ରଶ୍ନୋତ୍ତରରେ ମୋର କିପ୍ରକାର ପ୍ରତିକ୍ରିୟା ପ୍ରକାଶ ପାଇଥାନ୍ତା ଏବେ ଅନୁମାନ କରିବା କଠିନ ।

( ତିନି )

ମୁଁ ବଡ଼ ଚିନ୍ତାରେ ପଡ଼ିଥିଲି । କୃଷ୍ଣବେଣୀଙ୍କ ଜିଜ୍ଞାସାକୁ ନାନା ତତ୍ତ୍ୱ ଦେଇ ଅନୁଶୀଳନ କରୁଥିଲି । ଭାବୁଥିଲି, ଏହା ହୁଏତ ଏକ ପ୍ରକାର ଆତ୍ମସ୍ଥ ଆକାଂକ୍ଷାର ପରିଣତି । ଖେଳି ଖେଳି ଛୁଆ ଯେବେ କ୍ଲାନ୍ତ ହୁଏ, ଖେଳନା ପ୍ରତି ବିମୁଖ ହୋଇ ହୁଏତ କାନ୍ଦିବସେ କିମ୍ବା ମା' କୋଳକୁ ଦୌଡ଼ିଯାଏ । ଜୀବନର ଯାତ୍ରାପଥରେ ମଣିଷ ଯେବେ ଅତିଷ୍ଠ ହୁଏ, କ୍ଲାନ୍ତ ହୁଏ, ଏକେ ଦର୍ଶନ-ଶାସ୍ତ୍ର ଘାଣ୍ଟି ବସେ କମ୍ବା ପ୍ରିୟଦର୍ଶନ ସନ୍ଧାନରେ ରହେ । କୃଷ୍ଣବେଣୀ କ'ଣ ପ୍ରିୟଦର୍ଶୀ ବାଛିନେବାକୁ ପସନ୍ଦ କରିଚ ? ହୋଇପାରେ ବି, ପ୍ରକୃତି ଯେହେତୁ କେତେକ ନିର୍ଦ୍ଦିଷ୍ଟ ନିୟମରେ ପରିଚାଳିତ, ତା'ର ପରିସରଭୁକ୍ତ ସମସ୍ତ ଅନିୟମର ସ୍ୱାଭାବିକ ପ୍ରବଣତା ସରଳ ହେବାପାଇଁ । କୃଷ୍ଣବେଣୀ କ'ଣ ସରଳ ହେବାପାଇଁ ବ୍ୟାକୁଳ ହୋଇଚ ?

ମାସ ମାସ ଧରି ଏ ପ୍ରଶ୍ନର ଯନ୍ତ୍ରଣାରେ କଳବଳ ହୋଇଚି । ମୋର ନାନାବିଧ ଦୈନନ୍ଦିନ ବ୍ୟସ୍ତତା ଭିତରେ ବେଳେବେଳେ ବିଜୁଳି ଭଳି ମନରେ ଚମକି ଯାଇଥାଏ କୃଷ୍ଣବେଣୀଙ୍କ ସେଇ ଉକ୍ତି—

"ତମେ ମତେ ପ୍ରେମ କରୁଚ ।"

ଦିନେ ପୁଣି ଯାଇ ପହଞ୍ଚିଲି କୃଷ୍ଣବେଣୀ ନିକଟରେ । ମତେ ଦେଖି ସେ ଚମକି ଗଲେ ।

'ତମ ଚେହେରାର ଏ କି ଅବସ୍ଥା !'

'ମୁଁ ବଡ଼ କ୍ଳାନ୍ତ ହୋଇ ପଡ଼ିଛି ; କିଛି ଦିନ ବାହାରକୁ ଯିବାକୁ ଚାହୁଁଛି ; କିନ୍ତୁ ବଡ଼ ଅସହାୟ ମଣୁଛି ନିଜକୁ ।'

ମୁଁ ମୁଣ୍ଡପୋତି ବସିଥିଲି । କୃଷ୍ଣବେଣୀ ମୋ ଆଗରେ ଠିଆ ହୋଇଥିଲେ । ତାଙ୍କର ସୁନ୍ଦର ପଦାଙ୍ଗୁଳିଗୁଡ଼ିକର ଅସ୍ଥିରତାରୁ ବୁଝୁଥିଲି ସେ ବିଚଳିତ ହୋଇ ପଡ଼ିଛନ୍ତି । କିଛି ସମୟ ପରେ ନୀରବତା ଭଙ୍ଗକରି ସ୍ନେହସିକ୍ତ କଣ୍ଠରେ କହିଲେ—

'ତମେ ମତେ ନେଇ ବହୁତ ଭାବୁଛ ।' ମତେ ନୀରବ ଦେଖି, ସେ ଆଗେଇ ଆସି ମୋ ପାଖରେ ବସିଲେ ବଡ଼ ସମ୍ଭ୍ରମରେ । ରୁଦ୍ଧ କୋହରେ ତାଙ୍କର କ୍ଷୀଣ ତନୁ ଥରି ଉଠୁଥାଏ । ମୁହଁ ଭାସି ଯାଉଥାଏ ଲୁହରେ ।

( ଗୃଭ )

ଏତେକାଳ ଜୀବନରେ ଯାହା କେବେ ପାଇନି, ସେ ଆନନ୍ଦ ଏବେ ପାଉଛି କୃଷ୍ଣବେଣୀଙ୍କ ଛୁଆ ଦୁଇଟି ସଙ୍ଗେ ଖେଳିଲାବେଳେ । ଏ ଛୁଆ ଦିନଟିର ଖେଳ ଦେଖିବା ପାଇଁ କୃଷ୍ଣବେଣୀ କିନ୍ତୁ ଆଉ ନାହାନ୍ତି ।

# ଶ୍ରୀକୃଷ୍ଣଙ୍କ ଶେଷହସ

ସୁରେନ୍ଦ୍ର ମହାନ୍ତି

ସେଦିନ ମହାଭାରତ ବିୟୋଗାନ୍ତକ ନାଟକର ଶେଷଦୃଶ୍ୟ ଦେଖିଯିବାପାଇଁ ଯେପରି ଇନ୍ଦ୍ରପ୍ରସ୍ଥର ଗିରିମାଳା ନେପଥ୍ୟରେ ଅସ୍ତାଚଳ ପଥରେ ସର୍ବଦ୍ରଷ୍ଟା ଦିବାକର ଅରୁଣ-ବାହିତ ରଥ ଦଣ୍ଡେ ଅଟକାଇ ଦେଇଥିଲେ ।

ମହାଭାରତ—ମହାସମର ପରେ ପରିତ୍ୟକ୍ତ କୁରୁକ୍ଷେତ୍ର, ଧ୍ୱଜ ଓ କଳସଶୋଭିତ ମୁକ୍ତା ଓ ମଣିହୀରା-ବିମଣ୍ଡିତ, କୌରବ ପକ୍ଷର ଅସଂଖ୍ୟ ଭଗ୍ନରଥ, ପୁଣି ତୂଣ, ଧନୁ ଓ ନାରାଚ ଶୋଭିତ ଏକାଦଶ ଅକ୍ଷୌହିଣୀ ଯୋଦ୍ଧୃବର୍ଗଙ୍କର ଶବରାଶି, ଦ୍ୱାଦଶ ଯୋଜନ ବିସ୍ତାର କରି, ଶୋଣିତପଙ୍କ ମଧ୍ୟରେ ଇତସ୍ତତଃ ବିକ୍ଷିପ୍ତ ହୋଇ ପଡ଼ିଅଛି । ସେହି ମହାଶ୍ମଶାନର ଶବ ମଧ୍ୟରେ ରୋରୁଦ୍ୟମାନା, ଅସମ୍ବୃତ ବସନା, ଅବିନ୍ୟସ୍ତ କୁନ୍ତଳା, ଦୁର୍ଯ୍ୟୋଧନ ମହିଷୀ ଭାନୁମତୀ ଓ ଅନ୍ୟ କୌରବକୁଳ ନାରୀମାନେ ନିଜ ନିଜର ପ୍ରିୟ ସ୍ୱଜନବର୍ଗଙ୍କୁ ଅନ୍ୱେଷଣ କରୁଅଛନ୍ତି । ସେମାନଙ୍କ ମର୍ମାନ୍ତିକ କ୍ରନ୍ଦନ, ଶ୍ୱାନ, ଶିବା ଓ ଶକୁନମାନଙ୍କର ନାରକୀୟ ରଡ଼ିକୁ ହୁଙ୍କା ବେଳେ ବେଳେ ନିମଜ୍ଜିତ କରିଦେଉଅଛି ।

ଶତ ଶତ ତରଳର ଦୃପ୍ତ ଚପଳତା ମୃତ୍ୟୁର ଅଚଞ୍ଚଳ ଗାମ୍ଭୀର୍ଯ୍ୟ ମଧ୍ୟରେ ପ୍ରଶମିତ ହୋଇଅଛି, ଅଶ୍ୱମାନଙ୍କର ହ୍ରେଷାରବ, ମତ୍ତ ଦନ୍ତାବଳମାନଙ୍କର ବୃଂହିତ, ଯୋଦ୍ଧୃବର୍ଗଙ୍କର ପ୍ରମତ୍ତ ଆସ୍ଫାଳନ, ମୃତ୍ୟୁର ଗଦାଘାତରେ ସବୁ ନୀରବ ରହିଅଛି । କ୍ରନ୍ଦନ ଓ ଶିବାରଡ଼ି ମୁଖରିତ ସେହି ମହାଶ୍ମଶାନ ଉପରେ ଚକ୍ରାକାରରେ ଉଡ଼ି ବୁଲୁଥିବା ପରିତୃପ୍ତ ମାଂସଲୋଭୀ ଅଗଣିତ ଶକୁନଙ୍କର ସଞ୍ଚାଳିତ ପକ୍ଷ, କଜ୍ଜଳ ଛାୟା ପରି ବିସ୍ତାରିତ ହୋଇଅଛି ।

ଇନ୍ଦ୍ରପ୍ରସ୍ଥରେ ଧୃତରାଷ୍ଟ୍ରଙ୍କ ପ୍ରାସାଦ ନୀରବ ଓ ନିର୍ଜନ । ବେଳେବେଳେ ସଞ୍ଜୟ ଓ ବିଦୁରଙ୍କର ଶାନ୍ତ, ଧୀର ପଦଶବ୍ଦ ଧୃତରାଷ୍ଟ୍ରଙ୍କର ମର୍ମଭେଦୀ ଦୀର୍ଘଶ୍ୱାସ ଓ ଗାନ୍ଧାରୀଙ୍କର ଅସ୍ଫୁଟ କ୍ରନ୍ଦନର ଭାରାକ୍ରାନ୍ତ ନୀରବତାକୁ ଆହୁରି ଘନୀଭୂତ କରିଦେଉଅଛି ।

ଧୃତରାଷ୍ଟ୍ର ଜନ୍ମାନ୍ଧ । ତେଣୁ କୁରୁକ୍ଷେତ୍ରର ମହାଶ୍ମଶାନରେ, ମହାନିଦ୍ରାର ଧୂଳିଶଯ୍ୟାରେ ମାନଗୋବିନ୍ଦ ଦୁର୍ଯ୍ୟୋଧନ ସମେତ ଶତପୁତ୍ର, ପୁଣି କର୍ଣ୍ଣ, ଶଲ୍ୟ, ଦ୍ରୋଣ ଓ ଭୂରିଶ୍ରବା ପ୍ରମୁଖ ସଖା ସୋଦରମାନଙ୍କୁ ଶେଷବାର ଦେଖି ଆସିବା ପାଇଁ

ତାଙ୍କର ବ୍ୟାକୁଳତା, ଉତ୍କଣ୍ଠା, ଶୋକ ଦୀର୍ଘଶ୍ୱାସ କୌରବ ପ୍ରାସାଦର ଗ୍ରସ୍ତାଚ୍ଛନ୍ନ ଭିତ୍ତିପ୍ରସ୍ତର ଦେହରେ ବାଧା ପଇ ବାରମ୍ବାର ନୀରବ ହେଉଅଛି ।

ମାତ୍ର ଗାନ୍ଧାରୀ ନଜର ଦୁଇଆଖିରୁ ଅନ୍ଧ ପଟ୍ଟିକାର ଆବରଣ ଫିଙ୍ଗିଦେଇ ମହାନିଦ୍ରାରେ ଶାୟିତ ଶତପୁତ୍ରଙ୍କୁ ପ୍ରଥମେ ଓ ଶେଷବାର ଥରେ ଦେଖିବାପାଇଁ ଉତ୍କଣ୍ଠିତ ହୋଇ ପଡ଼ିଅଛନ୍ତି । କିନ୍ତୁ ଅନ୍ଧ ଧୃତରାଷ୍ଟ୍ରଙ୍କ ପାଣିଗ୍ରହଣ ବେଳେ ସତୀତ୍ୱର ଚରମ ନିଷ୍ଠାରେ ବ୍ରତଗ୍ରହଣୀ ପରି ଗାନ୍ଧାରୀ ନିଜର ଦୁଇଆଖିରେ ଅନ୍ଧପଟ୍ଟିକାର ଯେଉଁ ଆବରଣ ବାନ୍ଧିଥିଲେ ତାହାର ବନ୍ଧନ ଦୁଶ୍ଛେଦ୍ୟ ଓ ଗ୍ରନ୍ଥି ଦୁର୍ଭେଦ୍ୟ । ତା' ନ ହେଲେ ସତୀ ଧର୍ମର ସବୁ ଅହଂକାର ଭୁଲି ଆଜି ସେହି ଅନ୍ଧପଟ୍ଟିକାକୁ ଏକ ତୁଚ୍ଛ ପଟବନ୍ଧକ ରୂପେ, ପଥର ଧୂଳିରେ ଫିଙ୍ଗିଦେବା ପାଇଁ ସେ ଢଳେହେଲେ କୁଣ୍ଠିତା ନୁହନ୍ତି ।

ଦୁର୍ଯ୍ୟୋଧନ, ଦୁଃଶାସନ, ଦୁର୍ଜୟ, ଦୁରନ୍ତ, ଦୁର୍ଗମ, ଦୁରମ, ଦୁର୍ଭର, ଦୁର୍ବାଲୋକ ପ୍ରମୁଖ ଶତପୁତ୍ରର ଜନନୀ, ମାତୃତ୍ୱ-ଗରବିଣୀ ସୋମବଂଶର ପୂଜନୀୟା ଗାନ୍ଧାରୀ । କର୍ପୂର-ରେଣୁ-ସିଞ୍ଚିତ ତୁଳି-ତଳ୍ପରେ ପୁଣି ଯେଉଁମାନଙ୍କୁ ନିଦ୍ରା ସ୍ପର୍ଶ କରୁନଥିଲା, ଆଜି ସେମାନେ କୁରୁକ୍ଷେତ୍ରର ଶୋଣିତ କର୍ଦ୍ଦମରେ ମହାନିଦ୍ରାରେ ଅଚେତନ ।

ସେମାନଙ୍କ ଶବ ରାଶି ଉପରେ ଶ୍ୱାନ, ଶିବା ଓ ଶକୁନମାନଙ୍କର ଅଶ୍ଳୀଳ ଚିତ୍କାର ଦ୍ୱିତୀୟ ଗୌରବ ସୃଷ୍ଟି କରିଅଛି ।

ଗୋଟିଏ ଶକୁନ ପଲର ବିକଟ ରଡ଼ିରେ ଗାନ୍ଧାରୀ ଆର୍ତ୍ତନାଦ କରି ଉଠିଲେ ।

ଆଶ୍ରୟ ପାଇଁ ଶୂନ୍ୟରେ ଶୁଷ୍କ ଚର୍ମବୃତ ଦୁଇ ଶୀର୍ଣ୍ଣ ବାହୁ ଟେକି ଅନ୍ଧ ପଟ୍ଟିକାବୃତା ଗାନ୍ଧାରୀ ଅସହାୟ କଣ୍ଠରେ ଚିତ୍କାର କଲେ···"ବିଦୁର, ସଞ୍ଜୟ !"

ପରିତ୍ୟକ୍ତ କୌରବ-ପ୍ରାସାଦର ପୈଶାଚିକ ନୀରବତା ମଧ୍ୟରେ ଗାନ୍ଧାରୀଙ୍କ ଆକୁଳ ଆହ୍ୱାନ ପ୍ରତିଧ୍ୱନି ଉଠାଇ ପୁଣି ନୀରବ ହୋଇଗଲା ।

× × ×

ନିଷ୍ଫଳ ଅହଂକାର ଓ ଅଭିମାନରେ ଦୁଇ କଂପିତ ବାହୁ ସ୍ଫୀତକରି, ଊର୍ଦ୍ଧ୍ୱକୁ ଟେକି, ଅନ୍ଧ ଧୃତରାଷ୍ଟ୍ର ବିଦୁରଙ୍କ ସମ୍ମୁଖରେ ଆସ୍ଫାଳନ କରିଥିଲେ···"ଭୁଲିଯାଅ ନାହିଁ ବିଦୁର, ଆଜି ପୁଣି ଏହି ଦୁଇ ବାହୁରେ କୁରୁକୁଳହନ୍ତା ଭୀମ ସମେତ ପାଣ୍ଡବ ପଞ୍ଚଭ୍ରାତାଙ୍କୁ ଚୂର୍ଣ୍ଣବିଚୂର୍ଣ୍ଣ କରିଦେବାର ଶକ୍ତି ଅକ୍ଷୁଣ୍ଣ ରହିଅଛି ।"

ଧୃତରାଷ୍ଟ୍ର କୌରବ-ସିଂହାସନ ଉପରେ ପ୍ରଚଣ୍ଡ କ୍ରୋଧାବେଗରେ ଶକ୍ତାହତ ହୋଇ ପଶୁପରି ଗର୍ଜନ କରି ଉଠିଲେ । ତାଙ୍କର କୁଞ୍ଚିତ ଓ ରେଖାଙ୍କିତ ମୁଖମଣ୍ଡଳର

ଶିଥିଳ ମାଂସପେଶୀମାନେ ଏକ କାଠିନ୍ୟର ନିଷ୍ଠୁର ହୋଇଗଲା । ସୁପ୍ତ ଆଗ୍ନେୟଗିରିର ଅନ୍ଧକାର ଗହ୍ୱର ପରି, ତାଙ୍କର ଦୃଷ୍ଟିହୀନ ଅନ୍ଧଚକ୍ଷୁରେ ଅଗ୍ନ୍ୟୁଦ୍‌ଗାର ଯେପରି ଉଲ୍ଲମ୍ଫନ କରି ଉଠିଲା ।

ବିଦୁର ଶାନ୍ତ କଣ୍ଠରେ କହିଲେ···"ମହାରାଜ, ଧୃତରାଷ୍ଟ୍ରମାନେ ଚିରକାଳ ଅନ୍ଧ । ସିଂହାସନର ସ୍ୱର୍ଣ୍ଣ ଦୀପ୍ତିରେ କାଳେ କାଳେ ସେମାନେ ଅନ୍ଧ ହୋଇଛନ୍ତି । ଚକ୍ଷୁଷ୍ମାନ୍ ଏକମାତ୍ର ଦୃଷ୍ଟି ନୁହେଁ ମହାରାଜ । ପାଣ୍ଡବ ପଞ୍ଚଭ୍ରାତାଙ୍କୁ ସମୂଳେ ବିନାଶ କରିବା ପାଇଁ ଜତୁଗୃହ ଦାହର ଷଡ଼ଯନ୍ତ୍ର ବେଳେ, ଭୀମସେନଙ୍କୁ ବିଷମୋଦକ ଖୁଆଇଲା ବେଳେ, ବ୍ୟାସ ସରୋବରରେ ଆତ୍ମଗୋପନ କରିଥିବା ଦ୍ରୌପଦୀଙ୍କ ପଞ୍ଚପୁତ୍ରଙ୍କୁ ନୃଗସ୍ଥାବିଳାସରେ ହତ୍ୟା କଲାବେଳେ, କୁରୁସଭା ତଳେ କୁଳବଧୂ ଦ୍ରୌପଦୀଙ୍କୁ ବିବସନା କଲାବେଳେ, ପୁଣି ସାମାନ୍ୟ ପାଞ୍ଚଖଣ୍ଡି ଗ୍ରାମପାଇଁ ଶ୍ରୀକୃଷ୍ଣଙ୍କ ଦୌତ୍ୟର ଉତ୍ତରରେ, 'ସୂଚ୍ୟଗ୍ର ପରିମିତ ଭୂମି ଦେବୁନାହିଁ ବୋଲି ଦୁର୍ଯ୍ୟୋଧନ ଆସ୍ଫାଳନ କଲାବେଳେ, ପୂର୍ବଦୃଷ୍ଟିରେ ଆପଣ ଯଦି ଏ ପରିଣତି କଳନା କରିଥାନ୍ତେ, ତାହା ହେଲେ ଅନୁଶୋଚନାରେ ଆଜି ଆପଣ ଏପରି ତିଳେ ତିଳେ ଦଗ୍ଧୀଭୂତ ହେଉ ନଥାନ୍ତେ । କିନ୍ତୁ କେବଳ ଆପଣ ନୁହଁନ୍ତି, ସବୁ ଧୃତରାଷ୍ଟ୍ର ଆପଣଙ୍କ ପରି ଜନ୍ମାନ୍ଧ !"

ଧୃତରାଷ୍ଟ୍ର କହିଲେ···"ମାତ୍ର ଭୀଷ୍ମ, କର୍ଣ୍ଣ, ଦ୍ରୋଣ ପରି ମହାବୀରମାନେ ପାଣ୍ଡବମାନଙ୍କ ଦ୍ୱାରା ଏପରି ପରାଜିତ ହେବେ, ତାହା ତ ମୁଁ ଆଶଙ୍କା କରି ନଥିଲି ବିଦୁର ।"

ବିଦୁର କହିଲେ···"ସେଥିପାଇଁ ତ ମୁଁ କହେ ଧୃତରାଷ୍ଟ୍ରମାନେ ଚିରକାଳ ଅନ୍ଧ । ନିର୍ଯ୍ୟାତିତ, ନିପୀଡ଼ିତ, ଆର୍ତ୍ତ ଓ ବଞ୍ଚିତର ଦାବି, ଆପାତ ଦୃଷ୍ଟିରେ ଯେତେ ଦୁର୍ବଳ ହେଲେ ସୁଦ୍ଧା, ଅକ୍ଷୌହିଣୀ ସେନାର ରଣ ପ୍ରସ୍ତୁତି ଓ ନିଦୂର ରଣଜୟୀ ଯୋଦ୍ଧାମାନଙ୍କର ଧନୁଷ୍ଟଙ୍କାର ତାହାକୁ ବିଡ଼ମ୍ବିତ କରିପାରିବ ନାହିଁ । କେତେ ଦର୍ପିତ ଇନ୍ଦ୍ରପ୍ରସ୍ଥ, କେତେ ମଦମତ୍ତ ହସ୍ତିନା, କେତେ ଅହଂକାରୀ ବାରୁଣା, ମହାକାଳରେ ଏହିପରି ବାରମ୍ବାର ଭୂଲୁଣ୍ଠିତ ହେବ । ମହାରାଜ, ମହାଭାରତରେ ଐକ୍ୟ ଓ ଶାନ୍ତି କ୍ଷମତାର ଦାମ୍ଭିକତାରେ ରହିବ ନାହିଁ; ଲାଞ୍ଛିତ, ବଞ୍ଚିତ ତ ଅପମାନିତଙ୍କୁ ତା'ର ଯଥାର୍ଥ ଦାବିରେ ପ୍ରତିଷ୍ଠିତ କରିବାରେ, ରହିବ ଔଦାର୍ଯ୍ୟରେ, କରୁଣାରେ, ଦାକ୍ଷିଣ୍ୟରେ ।"

ଇନ୍ଦ୍ରପ୍ରସ୍ଥର ଆକାଶରେ କାଳ ବୈଶାଖୀର ଘୂର୍ଣ୍ଣି ଧୃତରାଷ୍ଟ୍ରଙ୍କ କଣ୍ଠରେ ଯେପରି ଗର୍ଜନ କରି ଉଠିଲା । ବିଦୁରଙ୍କ ପ୍ରତି ପ୍ରଚଣ୍ଡ କ୍ରୋଧରେ ଚିତ୍କାର କରି, ଧୃତରାଷ୍ଟ୍ର କହିଲେ "ତୁମେ ନା ବିଦୁର, କୌରବର ଅନ୍ନଦ୍ରୋହୀ ! କୌରବର ଔଦାର୍ଯ୍ୟରେ, କରୁଣାରେ, ଦାକ୍ଷିଣ୍ୟରେ, ତୁମେ ନା ଲାଳିତ ପାଳିତ ଓ ବର୍ଦ୍ଧିତ ।

ଆଜି ସେହି କୌରବମାନଙ୍କର ଚରମ ଦୁର୍ଦ୍ଦିନରେ ଏହି କ'ଣ ତୁମର ପ୍ରତିଦାନ ? କୌରବର ଅନ୍ତର ପ୍ରତିଦାନରେ ତୁମ କଣ୍ଠରେ ସମବେଦନାର କ୍ଷୀଣ ବାଣୀ ଫୁଟିଲା ନାହିଁ ।"

ବିଦୁର ଅବିଚଳିତ କଣ୍ଠରେ ଦେଲେ···"କିନ୍ତୁ ସତ୍ୟ ଯେତେ କଠୋର ହେଲେ ଫୁଟିଲା ଦିନେ ତାହାର ସମ୍ମୁଖୀନ ହେବା ପାଇଁ ପଡ଼ିବ ମହାରାଜ !"

ଧୃତରାଷ୍ଟ୍ର ଚିତ୍କାର କରି ଉଠିଲେ···"କିନ୍ତୁ ସାମାନ୍ୟ ରାଜ୍ୟ ପାଇଁ ପାଣ୍ଡବମାନଙ୍କ ଦ୍ୱାରା, ସଖା-ନାଶ, ସୋଦର-ନାଶ, କୁଳ-ନାଶ ଏହି କ'ଣ ତୁମର ସତ୍ୟ ବିଦୁର ? ମୁଁ ବା କିପରି ଭୁଲିବି କହ, ବିଦୁର ! ଆଜି ସୋମବଂଶର ଦୀପଶିଖା ଗୋଟିକ ପରେ ଗୋଟିଏ ନିର୍ବାପିତ ହୋଇଗଲା । ଅନ୍ଧ ଧୃତରାଷ୍ଟ୍ରର ଅନ୍ଧ ତମିସ୍ରା ପରି, ଏହାପରେ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ସବୁ ନିରନ୍ଧ୍ର, ସୂଚୀଭେଦ୍ୟ, ନିଷ୍ଠୁର ଅନ୍ଧକାର !"

ବିଦୁର ଶାନ୍ତକଣ୍ଠରେ ଉତ୍ତର ଦେଲେ···"କର୍ମଫଳର ଅଲଂଘନୀୟ ପରିଣତି ରୂପେ ଏହାକୁ ଗ୍ରହଣ କରି ଶୋକ ସମ୍ବରଣ କରନ୍ତୁ ମହାରାଜ, ଶାନ୍ତିଲାଭ କରିବେ । ଆପଣ କୁରୁକୁଳର ଅଗସ୍ତି ରୂପେ କୌରବ-ସମୁଦ୍ର ନିଃଶେଷ କରିଅଛନ୍ତି, ପାଣ୍ଡବମାନେ ତ ଜୀର୍ଣ୍ଣ କୂପମାତ୍ର । ଆଉ କ୍ରୋଧାନଳରେ ପ୍ରଜ୍ଜ୍ୱଳିତ ହୋଇ ସେ କୂପକୁ ନିଃଶେଷ କରନ୍ତୁ ନାହିଁ ।"

ଏହି ସମୟରେ ଅନ୍ଧ ପଟ୍ଟିକାବୃତା, ଶୋକାକୁଳା ଗାନ୍ଧାରୀ, ଉନ୍ମାଦିନୀ ପରି ସେଠାକୁ ଧାଇଁଆସି କହିଲେ···"ମହାରାଜ, ଦିନେ ଆପଣଙ୍କ ପାଇଁ ମୁଁ ଆଖିରେ ସ୍ୱହସ୍ତରେ ବାନ୍ଧିଥିଲି ଏଇ ଅନ୍ଧପଟ୍ଟିକା । ସେହି ବନ୍ଧନର ଦୁର୍ଭେଦ୍ୟଗ୍ରନ୍ଥି ଆଜି ସ୍ୱହସ୍ତରେ ଛିନ୍ନ କରିଦିଅନ୍ତୁ ମହାରାଜ ! ଶତପୁତ୍ରର ଜନନୀ ମୁଁ, ଜୀବିତରେ ଯେଉଁମାନଙ୍କୁ ଦେଖି ନାହିଁ, ଆଜି ଅନ୍ତତଃ ମୃତ୍ୟୁର ଶେଷ ଶଯ୍ୟାରେ ସେମାନଙ୍କୁ ଥରେ ଦେଖି ନୟନର ଜ୍ୱାଳା ଶାନ୍ତ କରେ !"

ଅନ୍ଧ ପଟ୍ଟିକାର ଗ୍ରନ୍ଥି ଛିନ୍ନ କରିବାର ନିଷ୍ଫଳ ଉଦ୍ୟମରେ ଶିରାଳ ଅଙ୍ଗୁଳିର ଶତ ନଖାଘାତରେ, ଜରାକବଳୀ ପରି ଦିଶୁଥିବା ଗାନ୍ଧାରୀଙ୍କର ଶୁଷ୍କ ଚର୍ମବୃତ ମୁଖ ରକ୍ତାକ୍ତ ହୋଇପଡ଼ିଲା । ଲୋତକ ଓ ଶୋଣିତର ଧାରା ଗାନ୍ଧାରୀଙ୍କ ମୁଖମଣ୍ଡଳକୁ ଅତ୍ୟନ୍ତ ଭୟଙ୍କର କରିଦେଇଥିଲା ।

ଗାନ୍ଧାରୀ ଶୋକାପ୍ଲୁତ କଣ୍ଠରେ ପୁଣି ଚିତ୍କାର କରି ଉଠିଲେ······ "ମହାରାଜ, ଆପଣଙ୍କ ପାଇଁ ଅନ୍ଧପଟ୍ଟିକାର ଆବରଣ ତଳେ ଚକ୍ଷୁ ଥାଇ ଫୁଟିଲା ମୁଁ ଚିରଜୀବନ ଅନ୍ଧ ରହି ଆସିଅଛି । ଆଜି ମୋ ପାଇଁ ସେ ଆବରଣ ଥରେ ଉନ୍ମୋଚନ କରନ୍ତୁ ମହାରାଜ !"

ଗାନ୍ଧାରୀଙ୍କର ଅନୁରୋଧରେ ଧୃତରାଷ୍ଟ୍ରଙ୍କ ମୁଖମଣ୍ଡଳ ଏକ କୃଷ୍ଣ ମେଘ ଖଣ୍ଡରେ ଯେପରି ଆଚ୍ଛନ୍ନ ହୋଇପଡ଼ିଥିଲା । ଗାନ୍ଧାରୀ ଜାଣନ୍ତି ନାହିଁ, ମାତ୍ର ଧୃତରାଷ୍ଟ୍ର ଜାଣନ୍ତି, ଅନ୍ଧପଟିକାବୃତା ଗାନ୍ଧାରୀଙ୍କର ଦୁଇଚକ୍ଷୁରେ ପୁଞ୍ଜିଭୂତ ହୋଇ ରହିଅଛି ବର୍ଷର ଦାବାନଳ ! ସେ ଦୃଷ୍ଟି ଥରେ ଫିଟିଲେ ଧୃତରାଷ୍ଟ୍ର ସୁଦ୍ଧା ସେଥିରେ ଭସ୍ମ ହୋଇଯିବେ ।

ଗାନ୍ଧାରୀଙ୍କୁ ସାନ୍ତ୍ୱନା ଦେଇ ବିଦୁର କହିଲେ···"ଶୋକ ସମ୍ବରଣ କରନ୍ତୁ ମହାଦେବି ! କିଏ କହେ ଆପଣ ପୁତ୍ରହୀନା ? ଅଗ୍ରପାଣ୍ଡବ ଯୁଧିଷ୍ଠିରଙ୍କର ଅଭୟ ଛତ୍ରଛାୟାତଳେ, ଦୁଇର୍ଷ ଏବେ ସୁଦ୍ଧା ଜୀବିତ । ପୁଣି ପଞ୍ଚପାଣ୍ଡବ ତ ଆପଣଙ୍କୁ ଜନନୀ ତୁଲ୍ୟ ଭକ୍ତି କରନ୍ତି ।"

ଗାନ୍ଧାରୀ ଉନ୍ମାଦିନୀ ପରି ଚିତ୍କାର କରି ଉଠିଲେ "ମୁଁ ଜାଣେ ମହାରାଜ, ଆଉ ଏ ଅନ୍ଧପଟ୍ଟିକା ଉନ୍ମୋଚିତ ହେବ ନାହିଁ । ଆରମ୍ଭରୁ ଶେଷ ପର୍ଯ୍ୟନ୍ତ, ଗାନ୍ଧାରୀର ଜୀବନ କେବଳ ଅମାବାସ୍ୟାର ନିରନ୍ଧ୍ର, ନିଷ୍ଠୁର ଅଂଧକାର !"

ଗାନ୍ଧାରୀ ଯେପରି ବାତ୍ୟାବାହିତ ଗୋଟିଏ ଶୁଷ୍କପତ୍ର ପରି ଧୃତରାଷ୍ଟ୍ରଙ୍କ ସମ୍ମୁଖକୁ ଉଡ଼ିଆସିଥିଲେ, ସେହିପରି ସେଠାରୁ ପୁଣି ସ୍ଖଳିତ ପାଦରେ ଚାଲିଗଲେ ।

× × ×

ରଥ ପ୍ରସ୍ତୁତ । ଯୁଧିଷ୍ଠିର ଏକାକୀ ରଥରେ ଉପବେଶନ କରିବା ପାଇଁ ଉଦ୍ୟତ ହୋଇଥିଲେ; ଏହି ସମୟରେ ଶ୍ରୀକୃଷ୍ଣ ଦୁଇର୍ଷ ସହିତ ହଠାତ୍ ବିପରୀତ ଦିଗରୁ ଆସି ତାଙ୍କୁ ପଚାରିଲେ, "ହସ୍ତିନାର ସିଂହାସନରେ ଆସନ୍ନ ଅଭିଷେକର ଉତ୍ସବ ମଧ୍ୟରେ ଏକାକୀ କେଉଁଆଡ଼େ ବାହାରିଲେ ଧର୍ମରାଜ ?"

ଯୁଧିଷ୍ଠିର କହିଲେ · "ମାତା ଗାନ୍ଧାରୀ ମୋତେ ସ୍ମରଣ କରିଅଛନ୍ତି । ତାଙ୍କର ଦର୍ଶନ ପାଇଁ ବାହାରିଅଛି ।"

ଶ୍ରୀକୃଷ୍ଣ କହିଲେ···"ବହୁକାଳ ଗାନ୍ଧାରୀଙ୍କ ସହିତ ମୋହର ମଧ୍ୟ ସାକ୍ଷାତ ହୋଇନାହିଁ । ତାହାହେଲେ ଚାଲନ୍ତୁ ଅଗ୍ରପାଣ୍ଡବ, ମୁଁ ଆପଣଙ୍କ ରଥ ଚଳାଇନେବି ।"

ଯୁଧିଷ୍ଠିର ଏ ପ୍ରକାର ଆକସ୍ମିକତାରେ ବିସ୍ମିତ ହୋଇ ପଚାରିଲେ, "ଏ ପୁଣି କି ନୂତନ ମାୟା, ମାୟାଧର ?"

ଶ୍ରୀକୃଷ୍ଣ ସାରଥିର ସ୍ଥାନରେ ବସି, ସ୍ମିତ ହସି ଯୁଧିଷ୍ଠିରଙ୍କୁ କହିଲେ "ମହାଭାରତର ଜୟଯାତ୍ରା ପଥରେ ଯେ ପାଣ୍ଡବଙ୍କ ଜୟରଥ ବାହିଥିଲା, ତା'ର ଦିଗ୍‌ଦର୍ଶନରେ କ'ଣ ଆପଣଙ୍କ ସନ୍ଦେହ ହେଉଛି, କୌନ୍ତେୟ ?"

ଯୁଧିଷ୍ଠିର ନୀରବ ରହିଲେ ।
ଶ୍ରୀକୃଷ୍ଣ ଚରିତ୍ର ଏହିପରି ପ୍ରହେଳିକାମୟ !

× × ×

କୁରୁକ୍ଷେତ୍ରର ମହାଶ୍ମଶାନ ମଧ୍ୟରେ, ପ୍ରତି ଶବସ୍ତୂପ ବୁଲି ସଞ୍ଜୟଙ୍କ ସହିତ ଗାନ୍ଧାରୀ ଶତପୁତ୍ରଙ୍କ ଶବସନ୍ଧାନ କରୁଥିଲେ । ଶିବା, ଶକୁନ ଓ ଶ୍ୱାନଦଳଙ୍କୁ ଠେଲି, ଗାନ୍ଧାରୀଙ୍କ ହସ୍ତ ଧରି, ସଞ୍ଜୟ ତାହାଙ୍କୁ ଆସନ୍ନ ସନ୍ଧ୍ୟାର ବିଷର୍ଣ୍ଣ ଗୋଧୂଳି ମଧ୍ୟରେ ପଥ କଢ଼ାଇ ନେଉଥିଲେ ।

ସଞ୍ଜୟ କହିଲେ—"ମହାଦେବି ! ଭୂତଳଶାୟୀ ହୋଇ ମହାନିଦ୍ରାରେ ଅଚେତନ ହୋଇ ପଡ଼ିଛନ୍ତି, ଏହି ଦେଖନ୍ତୁ ପିତାମହ ଭୀଷ୍ମ । ମୁଖମଣ୍ଡଳରେ ତାଙ୍କର ଅନନ୍ତ ପ୍ରଶାନ୍ତି ।"

ଗାନ୍ଧାରୀ କହିଲେ…"ଜାଣେ ସଞ୍ଜୟ, ସ୍ୱଇଚ୍ଛାରେ ସେ ପ୍ରାଣ ସମ୍ବରଣ କରିଅଛନ୍ତି । ତା ନ ହେଲେ ଭୀଷ୍ମଙ୍କ ସମ୍ମୁଖରେ ପାଣ୍ଡବମାନେ ତ ତୁଚ୍ଛାଦପି ତୁଚ୍ଛ ।"

ସଞ୍ଜୟ କହିଲେ "ଆଉ ରଥ ଚକ୍ରତଳେ ଏଠି ନିଷ୍ପେଷିତ ହୋଇ ପଡ଼ିଛନ୍ତି, ବାହ୍ଲୀକବୀର ସୋମଦତ୍ତ, ମତ୍ତହସ୍ତୀର ଦନ୍ତାଘାତରେ ରକ୍ତାକ୍ତ ହୋଇ ପଡ଼ିଛନ୍ତି ଭୂରିଶ୍ରବା । ମହାଦେବି ! ଅର୍ଜୁନର ଶରାଘାତରେ ଏଇ ଉତ୍ତାନଶାୟୀ ହୋଇ ପଡ଼ିଛନ୍ତି ମହାବୀର କର୍ଣ୍ଣ । ବୈଦୁର୍ଯ୍ୟ ଖଚିତ ତାଙ୍କ କିରୀଟରେ ଅସ୍ତସୂର୍ଯ୍ୟଙ୍କର ଶେଷ କିରଣ ରେଖା, ପୁତ୍ରର ମସ୍ତକରେ ପିତାର ଆଶୀର୍ବାଦ-ସ୍ନିଗ୍ଧ-ସ୍ପର୍ଶପରି ତଥାପି ଲାଗିରହିଛି । ସେହି ଦ୍ୟୁତିରେ କର୍ଣ୍ଣଙ୍କ ମୁଖମଣ୍ଡଳ ଶତଦଳର ସଦ୍ୟତାରେ ତଥାପି ଉଦ୍‌ଭାସିତ ।"

ଗାନ୍ଧାରୀ ଶୋକାର୍ତ୍ତ କଣ୍ଠରେ କର୍ଣ୍ଣଙ୍କ ଶବକୁ ଆଲିଙ୍ଗନ କରି କହିଲେ… "ଆସ ବାବୁ, ଜନନୀର ବାତ୍ସଲ୍ୟ-ବଞ୍ଚିତ କୌନ୍ତେୟ, ଅଗ୍ର ପାଣ୍ଡବ । ଦୁର୍ଯ୍ୟୋଧନର ମାନରକ୍ଷା ପାଇଁ ଅପରାଜେୟ ବୀର ତୁମେ, ଆଜି ରଣଭୂମିରେ ଶୋଣିତ-ପଙ୍କରେ ଲୋଟିଅଛ; କିନ୍ତୁ ହେ ସର୍ବଦ୍ରଷ୍ଟା, ଦିବାକର, ସର୍ବଶକ୍ତିମାନ୍, ସହସ୍ରଶୀର୍ଷା ହିରଣ୍ୟଗର୍ଭ, ଅଂଶୁମାଳୀ; ଯେଉଁମାନେ କ୍ଷାତ୍ରଧର୍ମର ପ୍ରତିକୂଳାଚରଣ କରି ଅନ୍ୟାୟ ଯୁଦ୍ଧରେ କର୍ଣ୍ଣଙ୍କୁ ହତ୍ୟା କରିଅଛନ୍ତି ସେମାନଙ୍କ ପାଇଁ କ'ଣ କୌଣସି ଶାସ୍ତି ନାହିଁ ? ନାହିଁ ? ନାହିଁ ?"

ଆଉ କିଛିଦୂର ଅଗ୍ରସର ହେବାପରେ ସଞ୍ଜୟ କହିଲେ,—"ଦେବି ! ଭୀମର ଗଦାଘାତରେ ଏଇ ଧରାଶାୟୀ ହୋଇଛନ୍ତି—ଭଗ୍ନଜାନୁ ଦୁଃଶାସନ ! ବିବସନା ଦ୍ରୌପଦୀର ଉଲଙ୍ଗ ଜାନୁ ପ୍ରତି ଅଶ୍ଳୀଳ କଟାକ୍ଷର ପ୍ରତିଶୋଧ ନେବାପାଇଁ, ଏହାହିଁ ଥିଲା ଭୀମର ପ୍ରତିଜ୍ଞା । ନୀଳମେଘରେ ବିଦ୍ୟୁତ୍‌ର ଚମକ ପରି, ତାଙ୍କର ପ୍ରଶସ୍ତ ବକ୍ଷରେ

ମଣିମୁକ୍ତା ଖଚିତ ଗଳାହାର ତଥାପି ବିଳମ୍ବିତ ରହିଅଛି । ସ୍ୱୟଂ ଦେବ ! ଜୀବନ ମୃତ୍ୟୁର ଏହା ତ ଚିରନ୍ତନ ଲୀଳା; ସମସ୍ତ କର୍ମଫଳର ଅଧୀନ !"

ଗାନ୍ଧାରୀ ଉଚ୍ଛ୍ୱସିତ କ୍ରନ୍ଦନର ରୁଦ୍ଧ ଆବେଗରେ କହିଲେ···"ମୋର ଅନ୍ଧପଟ୍ଟିକା ଥରେ ଉନ୍ମୋଚିତ କରିଦିଅ ହସ୍ତସ୍ତ୍ୱ ! ଜୀବନରେ ଯାହାକୁ କେବେ ଦେଖିନାହିଁ, ମୃତ୍ୟୁର ଧୂଳିଶଯ୍ୟାରେ ତାକୁ ଥରେ ଦେଖି ଚକ୍ଷୁସ୍ପୃତ ନନ୍ଦନର ଜ୍ୱାଳା ପ୍ରଶମିତ କରେ ।"

ଗାନ୍ଧାରୀଙ୍କଠାରୁ ଅଳ୍ପଦୂରରେ ଶ୍ରୀକୃଷ୍ଣ ରଥର ଗତି ସ୍ତିମିତ କରିଦେଲେ । ଯୁଧିଷ୍ଠିର ଉଦ୍‌ବିଗ୍ନ କଣ୍ଠରେ ପଚାରିଲେ···"ରଥର ଗତି କାହିଁକି ସ୍ତିମିତ କଲେ ନାରାୟଣ ?"

ଶ୍ରୀକୃଷ୍ଣ ସ୍ମିତ ହସି କହିଲେ···"ଯେଉଁମାନେ ଶୋକାର୍ତ୍ତ, ବେଦନାର୍ତ୍ତ, ଦୁଃଖୀ ସେମାନଙ୍କ ନିକଟକୁ କ୍ଷମତା ଓ ଦର୍ପର ଅଭିମାନରେ ରଥ ରୂଢ଼ ହୋଇ ଯିବା ଶୋଭନୀୟ ନୁହେଁ, ସେଥିରେ ସେମାନଙ୍କର ଶୋକର ଗାମ୍ଭୀର୍ଯ୍ୟ ଓ ମର୍ଯ୍ୟାଦା ଲଙ୍ଘିତ ହୁଏ । ଗାନ୍ଧାରୀ ପୁଣି ସହଜେ ତ ତୁମର ମାତୃତୁଲ୍ୟା ।"

ଯୁଧିଷ୍ଠିର ଅପରାଧୀ ପରି ରଥରୁ ଅବତରଣ କରି କହିଲେ···ଆପଣ ଯଥାର୍ଥ କହୁଛନ୍ତି ନାରାୟଣ, ଶୋକାର୍ତ୍ତ ଗାନ୍ଧାରୀଙ୍କ ନିକଟକୁ ପାଦରେ ଯିବାହିଁ ମୋ ପକ୍ଷରେ ସମୀଚୀନ ।"

ଦୁର୍ଯ୍ୟୋଧନ ଶବ ନିକଟରେ ବିହ୍ୱଳିତା ଗାନ୍ଧାରୀଙ୍କ ନିକଟକୁ ଯୁଧିଷ୍ଠିର ଅଗ୍ରସର ହେଉଥିଲେ, ଶ୍ରୀକୃଷ୍ଣ ତାହାଙ୍କର ଗୋଟିଏ ବାହୁ ଟାଣିଧରି କହିଲେ··· ···"ଗାନ୍ଧାରୀ ତୁମକୁ କାହିଁକି ସ୍ମରଣ କରିଅଛନ୍ତି ଜାଣିଛ ଯୁଧିଷ୍ଠିର ?"

ଯୁଧିଷ୍ଠିର କହିଲେ—"ନାଁ, ତା ଜାଣେ ନା ତ ।"

ଶ୍ରୀକୃଷ୍ଣ ସ୍ମିତ ହସି କହିଲେ···"କୁରୁ ମହାଶ୍ମଶାନର ଶବସ୍ତୂପ ମଧ୍ୟରେ ଗାନ୍ଧାରୀ ନିଜ ପୁତ୍ରମାନଙ୍କୁ ଥରେ ଦେଖିବା ପାଇଁ, ତାଙ୍କର ଅନ୍ଧପଟ୍ଟିକା ଉନ୍ମୋଚନ କରିବା ଉଦ୍ଦେଶ୍ୟରେ ତୁମକୁ ସ୍ମରଣ କରିଅଛନ୍ତି ।"

ଯୁଧିଷ୍ଠିର କହିଲେ···ଏ ବା କି କଷ୍ଟ କାର୍ଯ୍ୟ ? ଏହି ମୁହୂର୍ତ୍ତରେ ମୁଁ ସେହି ଗଣ୍ଠି ଛିନ୍ନ କରିଦେବି ।

ଶ୍ରୀକୃଷ୍ଣ ସ୍ମିତ ହସି କହିଲେ···"କିନ୍ତୁ ଯୁଧିଷ୍ଠିର, ତୁମେ ବିସ୍ମୃତ ହେଉଛ କିପରି, ଶତପୁତ୍ରର ଜନନୀ ଗାନ୍ଧାରୀ ଆଜି ତୁମର ହେତୁ ପୁତ୍ରହୀନା । ଗାନ୍ଧାରୀଙ୍କ ଭାବନାରେ, ତୁଚ୍ଛ ସିଂହାସନ ପାଇଁ ତୁମର ସର୍ବଗ୍ରାସୀ ଲୋଭ ଓ ଈର୍ଷା, ଆଜି କୁରୁକୁଳକୁ ନିଷ୍ପ୍ରଦୀପ କରିଅଛି ।"

ଯୁଧିଷ୍ଠିର ଅସହାୟ କଣ୍ଠରେ କହିଲେ···"ସେ ବୃତ୍ତାନ୍ତ ଗାନ୍ଧାରୀ ନ ଜାଣନ୍ତୁ ପଛେ, ଆପଣ ତ ସବୁ ଜାଣନ୍ତି ଅନ୍ତର୍ଯାମୀ ।"

ଶ୍ରୀକୃଷ୍ଣ କହିଲେ···"ଏବେ ତୁମେ ତୁମ ଗାନ୍ଧାରୀଙ୍କ ଅନ୍ଧପଟ୍ଟିକା ଉନ୍ମୋଚନ କରିବା ପରେ ସେ ଯେତେବେଳେ ତୁମର ପାଦତଳେ ପ୍ରିୟ ପୁତ୍ର ଦୁଃଶାସନର ଭୂତଳଶାୟୀ ଶବ ଦେଖିବେ, ସେତେବେଳେ ଶାନ୍ତି ଓ ସାନ୍ତ୍ୱନା ପରିବର୍ତ୍ତେ, ତାଙ୍କ ପ୍ରାଣରେ ଶୋକବହ୍ନି ଶତଗୁଣରେ ପ୍ରଜ୍ଜ୍ୱଳିତ ହେବ ନାହିଁକି ?"

ଯୁଧିଷ୍ଠିର କିଂକର୍ତ୍ତବ୍ୟବିମୂଢ଼ ପରି କହିଲେ, "ତାହା ଯଥାର୍ଥ । କିନ୍ତୁ ଗାନ୍ଧାରୀ ଯେତେବେଳେ ଅନ୍ଧପଟ୍ଟିକାର ଆବରଣ ଉନ୍ମୋଚନ କରିବାପାଇଁ ମୋତେ ସ୍ମରଣ କରିଅଛନ୍ତି, ମୁଁ କ'ଣ କରିବି କହନ୍ତୁ ନାରାୟଣ ? ମୁଁ ନିରୁପାୟ !"

ଶ୍ରୀକୃଷ୍ଣ କହିଲେ··"ଗାନ୍ଧାରୀଙ୍କ ଶତପୁତ୍ର ବିନଷ୍ଟ ହୋଇସାରିଥନ୍ତି, ତଥାପି ଜୀବିତ ଅଛି ଦୁର୍ଦ୍ଧର୍ଷ । କୁରୁବଂଶ ଶେଷ ପ୍ରଦୀପକୁ ଦେଖି, ଗାନ୍ଧାରୀଙ୍କ ପ୍ରାଣ ଶାନ୍ତିଲାଭ କରିବ ।"

ଯୁଧିଷ୍ଠିରଙ୍କ କଣ୍ଠସ୍ୱର ଶୁଣି ଉତ୍କଣ୍ଠିତା ଗାନ୍ଧାରୀ ପଚାରିଲେ·····"ସଞ୍ଜୟ, ଏତ ଯୁଧିଷ୍ଠିରଙ୍କ କଣ୍ଠସ୍ୱର ପରି ମନେହେଉଛି ।"

ସଞ୍ଜୟ କହିଲେ···"ଶ୍ରୀକୃଷ୍ଣଙ୍କ ସହିତ ଅଗ୍ରପାଣ୍ଡବ ଯୁଧିଷ୍ଠିର ଆପଣଙ୍କ ପଦବନ୍ଦନା ପାଇଁ ଆସୁଛନ୍ତି ।"

ଉଦ୍‌ବେଳିତା ଗାନ୍ଧାରୀ ଯୁଧିଷ୍ଠିରଙ୍କୁ ଆଲିଙ୍ଗନ କରିବା ପାଇଁ ଶୂନ୍ୟରେ ଦୁଇ କମ୍ପିତ ଶିଥିଳବାହୁ ମେଲି କହିଲେ, 'ଆସ ଆସ ବାବୁ, ବିଗଳିତ କରୁଣାର ପ୍ରତିରୂପ ଅଗ୍ରପାଣ୍ଡବ ଯୁଧିଷ୍ଠିର···ଆଜି ତୁମେ ଅଗ୍ର କୌରବ ମଧ୍ୟ । ମୁଁ ପାପିନୀ, ମୋର କ୍ରୂର କର୍ମର ଫଳ ଭୋଗ କରିଅଛି । ଏବେ ମୋର ଦୁର୍ଭେଦ୍ୟ ଅନ୍ଧପଟ୍ଟିକାର ଗ୍ରନ୍ଥି ଥରେ ଉନ୍ମୋଚନ କରିଦିଅ ପୁତ୍ର; ଯେଉଁ ଶତପୁତ୍ରଙ୍କୁ ଜନ୍ମଦେଇ ସୁଦ୍ଧା ସ୍ୱଚକ୍ଷୁରେ କେବେ ଦେଖିନାହିଁ, ଏବେ ସେମାନଙ୍କୁ ପ୍ରଥମ ଓ ଶେଷଥର ପାଇଁ ଦେଖି, ମୋର ଅତୃପ୍ତ ନୟନର ଜ୍ୱାଳା ପ୍ରଶମିତ କରେ ।"

ଗାନ୍ଧାରୀଙ୍କ ବ୍ୟାକୁଳ ନିବେଦନରେ, ଯୁଧିଷ୍ଠିର ଅନ୍ଧପଟ୍ଟିକାର ଗ୍ରନ୍ଥି ଛେଦନ କରିବା ପାଇଁ ଅଗ୍ରସର ହେଉଥିଲେ । ଶ୍ରୀକୃଷ୍ଣ ହଠାତ୍ ତାହାଙ୍କର ଗୋଟିଏ ବାହୁ ଧରିପକାଇ ଅସ୍ଫୁଟ କଣ୍ଠରେ ଦୁର୍ଦ୍ଧର୍ଷକୁ କହିଲେ, "ଦୁର୍ଦ୍ଧର୍ଷ, ଜନନୀ ଗାନ୍ଧାରୀଙ୍କ ଅନ୍ଧ-ପଟ୍ଟିକା ଉନ୍ମୋଚିତ କର । ପୁତ୍ରହୀନା, ଶତପୁତ୍ରର ଜନନୀ ଗାନ୍ଧାରୀ, ତୁମକୁ ସଶରୀରେ ଜୀବିତ ଦେଖିଲେ, ପୁତ୍ରଶୋକ ବିସ୍ମୃତା ହେବେ ।"

ଶ୍ରୀକୃଷ୍ଣଙ୍କ ଦୁଇ ଓଷ୍ଠାଧରରେ ରହସ୍ୟ ବିଜଡ଼ିତ ହସ ।

ଯୁଧିଷ୍ଠିର କହିଲେ ....“ତାହାହିଁ କର ଦୁର୍ଦ୍ଧର୍ଷ” ।

ଯୁଧିଷ୍ଠିରଙ୍କ ନିର୍ଦ୍ଦେଶରେ ତାଙ୍କର ଚିର ଅନୁଗତ ଦୁର୍ଦ୍ଧର୍ଷ ମୁହୂର୍ତ୍ତକ ମଧ୍ୟରେ ଗାନ୍ଧାରୀଙ୍କର ଅନ୍ଧପେଟିକାର ଗ୍ରନ୍ଥି ଛିନ୍ନ କରିଦେଲା ।

ଗ୍ରନ୍ଥି ଉନ୍ମୋଚିତ ହେବା ମାତ୍ରେ, ଅନ୍ଧପଟ୍ଟିକାର କୃଷ୍ଣ ଆବରଣ ତଳୁ ଅଗ୍ନ୍ୟୁଦ୍‌ଗାରର ସର୍ବନାଶୀ ଶିଖା ଯେପରି ଉଲଂଘନ କରି ଉଠିଲା । ସେହି କରାଳ ଦୃଷ୍ଟିର ପୁଞ୍ଜୀଭୂତ ତେଜରେ, ଦୁର୍ଦ୍ଧର୍ଷ ଦୁଃଶାସନଙ୍କ ଭୂଲୁଣ୍ଠିତ ଶବ ଉପରେ ମୁହୂର୍ତ୍ତକ ମଧ୍ୟରେ ଭସ୍ମରାଶି ପରି ଝରିପଡ଼ିଲା ।

ଯୁଧିଷ୍ଠିର ଆର୍ତ୍ତନାଦ କରି ଉଠିଲେ···“ଏ ପୁଣି କି ଚକ୍ର ଚାଳନା କଲେ ଚକ୍ରୀ ? ଦୁର୍ଦ୍ଧର୍ଷ ଯେ ମୋର ଚିର ଅନୁଗତ ।”

ଶ୍ରୀକୃଷ୍ଣ ଅନୁଚ୍ଚ କଣ୍ଠରେ କହିଲେ···“ନୀରବ ରହ ନିର୍ବୋଧ ! ଆଜି ଗାନ୍ଧାରୀର ନୟନାନଳରେ ଦଗ୍ଧ ହୋଇଥିଲେ, କାଲି ତୁମେ ହସ୍ତିନାର ସିଂହାସନରେ ଅଭିଷିକ୍ତ ହୋଇଥାନ୍ତ କିପରି ? ଏହା ରାଜନୀତି···ରାଜନୀତିର ଯଜ୍ଞକୁଣ୍ଡରେ ଏହିପରି ବହୁ ବିଶ୍ୱସ୍ତ ଓ ବଶମ୍ବଦ ଦୁର୍ଦ୍ଧର୍ଷର ଆହୁତି, ଏକ ଦୈନନ୍ଦିନ ଘଟଣା । ସେଥିରେ ତୁମପରି ଧୀମାନ ବିଚଳିତ ହେବା ଉଚିତ ନୁହେଁ, ଯୁଧିଷ୍ଠିର ।”

ସନ୍ତ୍ରସ୍ତ ବଜ୍ରାହତ ପରି ଶୋକାପ୍ଲୁତ କଣ୍ଠରେ କହିଲେ···“ଏ କ'ଣ କଲେ ମହାଦେବି ! କୁରୁକୁଳର ଏକମାତ୍ର କ୍ଷୀଣପ୍ରଦୀପ ଶିଖା ଦୁର୍ଦ୍ଧର୍ଷକୁ ସୁଦ୍ଧା ସ୍ୱହସ୍ତରେ ନିର୍ବାପିତ କରିଦେଲେ !”

ଶ୍ରୀକୃଷ୍ଣ ସମବେଦନାର ଅଭିନୟ କରି କହିଲେ.. “ଜନନୀ, କିଏ କହେ ଆପଣ ପୁତ୍ରହୀନା ? କୌରବ କିଏ, ପାଣ୍ଡବମାନେ ବା କିଏ ? ସେମାନଙ୍କୁ ଏବେ ପୁତ୍ରରୂପେ ଗ୍ରହଣ କରନ୍ତୁ ।

ଶ୍ରୀକୃଷ୍ଣଙ୍କ ଦୁଇ ଓଷ୍ଠାଧରରେ ରହସ୍ୟ ବିଜଡ଼ିତ ହସ ।

ଗାନ୍ଧାରୀ ପାଦତଳେ, ଦଗ୍ଧ ଆମ୍ରମୁକୁଳ ପରି ଝରିପଡ଼ିଥିବା, ଦୁର୍ଦ୍ଧର୍ଷର ଭସ୍ମରାଶି ଆଡ଼େ ଚାହିଁ, ଉନ୍ମାଦିନୀ ପରି ଅଟ୍ଟହାସ୍ୟ କରି କହିଲେ···“ବୁଝିଛି ଚକ୍ରୀ, ବୁଝିଛି ତୁମର ଚକ୍ରାନ୍ତ; କିନ୍ତୁ ସୁଦର୍ଶନ ଚକ୍ରର ଚକ୍ରାନ୍ତ ଓ ଶକ୍ତିରେ କେବଳ କୌଣସି ସିଂହାସନ ରହିନାହିଁ, କିମ୍ବା ରହିପାରିବ ନାହିଁ । ପ୍ରତାରିତ ଓ ନିପୀଡ଼ିତ ଆତ୍ମାର ଅଭିଶାପରେ ସବୁ ଦଗ୍ଧ ହୋଇଯିବ, ସବୁ ଭସ୍ମ ହୋଇଯିବ । ତୁମର ମଧ୍ୟ ସେଥିରୁ ନିସ୍ତାର ନାହିଁ ଶ୍ରୀକୃଷ୍ଣ ! ସ୍ୱଜନ ଦ୍ରୋହ ମଧ୍ୟରେ ସୋମବଂଶ ପରି, ବିରାଟ ଯଦୁବଂଶ ମଧ୍ୟ ଦିନେ ନିଷ୍ପ୍ରଦୀପ ହୋଇଯିବ । ତୁମର ପ୍ରିୟପୁତ୍ର ପ୍ରଦ୍ୟୁମ୍ନ ସୁଦ୍ଧା ସେଥିରୁ ରକ୍ଷା ପାଇବ ନାହିଁ ।”

ଉଚ୍ଛ୍ୱସିତ କ୍ରନ୍ଦନର ରୁଦ୍ଧ ଆବେଗରେ ଗାନ୍ଧାରୀ ଦୁର୍ଦ୍ଧର୍ଷର ଭସ୍ମରାଶି ଉପରେ ଲୋଟିପଡ଼ିଲେ ।

ଶ୍ରୀକୃଷ୍ଣଙ୍କ ଦୁଇ ରଂଗାଧରରେ ଚିର ରହସ୍ୟ ବିଜଡ଼ିତ ସ୍ମିତ ହାସ୍ୟରେଖା, ଦ୍ୱିତୀୟାର କ୍ଷୀଣ ଶଶିରେଖା ପରି ବାଷ୍ପବଦ୍ଧ ଅନ୍ଧକାର ମଧ୍ୟରେ ଧୀରେ ଧୀରେ ମଳିନ ହୋଇ ଆସୁଥିଲା ।

ଅସ୍ତାଚଳରେ ଇନ୍ଦ୍ରପ୍ରସ୍ଥର ଗିରିମାଳା ନେପଥ୍ୟରେ, ସର୍ବଦ୍ରଷ୍ଟା ଦିବାକର ମଧ୍ୟ ଅସ୍ତମିତ ହେଉଥିଲେ ।

# ମହାନନ୍ଦ

## ବସନ୍ତ କୁମାରୀ ପଟ୍ଟନାୟକ

ଏଇଟା ମୋର ଚିଠି ନୁହେଁ ବାପା । ମୁଁ ଜାଣେ ତମେ ଏ କାଗଜ ଫର୍ଦ୍ଦକ ଖୋଲି ପଢ଼ିଲାବେଳେ ମତେ ମନେ ପକାଇ ବହୁତ ଦୁଃଖ କରିବ । କିନ୍ତୁ ଏ କଥା ଆଜି ଲେଖିଲାବେଳେ ମତେ ଯେ ଦୁଃଖ ଲାଗୁନାହିଁ, ତା' ନୁହେଁ । ବରଂ ମତେ ବହୁତ ବାଧୁଛି ଯେ ଏତିକି ଲେଖି ତମ ମନରେ ମୁଁ ପୁଣି ଦୁଃଖ ଦେଲି । କିନ୍ତୁ କ'ଣ କରିବି ବାପା, ନ ଲେଖି ଯେ ମୁଁ ରହି ପାରୁନାହିଁ ! ପ୍ରତିଦିନ ଖଟରେ ଶୋଇବାକୁ ଗଲାବେଳେ ମୋ ଭିତରୁ କିଏ ଯେମିତି ମତେ ଠେଲି ଠେଲି ଆଣି ଏଇ କାଗଜ କଲମ ପାଖରେ ଛିଡ଼ାକରିଦିଏ, କହେ "ଲେଖିଦେ...ଡେରି କରନା...ଡେରି କଲେ ହୁଏତ ଆଉ ଲେଖି ପାରିବୁ ନାହିଁ ।"

ମୁଁ ଜାଣେ ମୁଁ ଆଉ ବେଶୀ ଦିନ ବଞ୍ଚିବି ନାହିଁ । ଡାକ୍ତର ତମକୁ ଏ କଥା କହି ସାରିଥିବେ । ନ ହେଲେ ତମେ ଅନ୍ୟ କାହାଠୁଁ ବି ଶୁଣିଥିବ । କିନ୍ତୁ ମତେ କେହି କହି ନାହାନ୍ତି—ମୋ ମନରେ ଦୁଃଖ ହେବ ବୋଲି । ମୁଁ ମାଡ୍ରାସ୍ କଲେଜ ହଷ୍ଟେଲରୁ ଆସିବା ଆଗରୁ ସେଠା ଡାକ୍ତର ମତେ ପରୀକ୍ଷା କରି ମୋ ରୋଗ ବିଷୟ ମୋର ଜଣେ ସାଙ୍ଗକୁ କହିଥିଲେ । ସେଇଦିନୁ ମୁଁ ଜାଣିଥିଲି ଏ ବେମାରିରୁ ଭଲ ହେବି ନାହିଁ, କାରଣ "ଲିଉକୋମିଆ"ରୁ କେହି କେବେ ଭଲ ହେଇନାହିଁ । ଏଇଟା ହେଲା ରକ୍ତର କ୍ୟାନ୍ସର୍ । କିନ୍ତୁ ତମକୁ ଏ କଥା ଆଗରୁ ଚିଠିରେ ମୁଁ ଲେଖି ନ ଥିଲି—ତମେ ଆଘାତ ପାଇବ ବୋଲି । ଟ୍ରଙ୍କ୍‌କଲ୍ ଆସିଲା, କହିଲା 'ଦେହ ଭଲ ନାହିଁ' । ତମେ ପରୀକ୍ଷା କରେଇଲ । ମତେ କିଛି ଜଣେଇଲ ନାହିଁ । ଜାଣି ଜାଣି ମୁଁ ବି କିଛି ପଚାରିଲି ନାହିଁ—ନ ଜାଣିଲା ପରି ରହିଲି । ଏ ରୋଗର ଯେ ଏଇ ଗୋଟିକ ମାତ୍ର ଔଷଧ, ତା' ବି ମୁଁ ଜାଣିଥିଲି । ଆଉ ସେଇ ବଟିକା ଖାଇଲାବେଳେ ନିଜକୁ ନିଜେ ପଚାରେ, "ମୋର ଆଉ କେତେ ଦିନ ?"

ତମେ ସବୁ ମୁହଁ ଶୁଖାଇ ରହିଲ । ବୋଉକୁ ଏ କଥା ଲୁଚେଇଲ—କାଳେ ସେ କାନ୍ଦିବ ବୋଲି । ଆହା ବିଚାରୀ ! କେତେ ବିକଳରେ ନିତି ମୋ ପାଖରେ ବସି ଠାକୁରଙ୍କୁ ଡାକେ, ମାନସିକ କରେ—ମୁଁ କେମିତି ଶୀଘ୍ର ଭଲ ହେଇ କଲେଜ ଫେରିଯିବି ।

ସେତିକି ଶୁଣିଲାବେଳେ ମୋର ଇଚ୍ଛା ହୁଏ ତାକୁ କହିଦିଏ—"ସତରେ କ'ଣ ଭଗବାନ ବୋଲି କିଛି ଅଛି କି ଲୋ ବୋଉ ? ସରଳ ମନକୁ ବାନ୍ଧି ପକେଇବାକୁ

ସିନା ଏ ଧର୍ମ ସବୁ ଛଆଣ ହେଉଛୁ । ତୋ ତାକ ଶୁଣିବ କିଏ ? ଡାକ ଡାକ ମନକୁ ଖାଲି ମିଛ ସାନ୍ତ୍ୱନା ଦଉଛୁ ସିନା, ହେଲେ ପୁଅ ତୋର ଆଉ ଭଲ ହବ ନାହିଁ ।" କିନ୍ତୁ ସେତକ କହିପାରେ ନାହିଁ—ବୋଉ ମନରେ ଆଘାତ ଦେବାକୁ ଇଚ୍ଛା ହୁଏ ନାହିଁ । ସେଥିପାଇଁ ମୁହଁ ଖୋଲି କହେ –"ବୋଉଲୋ, ବ୍ୟସ୍ତ ହ' ନାହିଁ···ଯଦି ଏଇ ବର୍ଷଟା ମୁଁ ପରୀକ୍ଷା ଦେଇ ନ ପାରେ, ଆର ବର୍ଷକୁ ଭଲ କରି ପଢ଼ି ପରୀକ୍ଷା ଦେଇ ଦେବି । ମତେ ଏତେ ଦୁର୍ବଳ ଲାଗୁଛି ଯେ ଏ ବର୍ଷ ପରୀକ୍ଷାଟା ଦେଇ ପାରିବି ପରି ମନେ ହେଉ ନାହିଁ ।" ବଲ ବଲ କରି ମୋ ମୁହଁକୁ ସେ ଚାହିଁ ରହେ । ତା ସ୍ୱପ୍ନର ଫୁଲକୁ ଦଳି ଦେଲି ବୋଲି ମୋ ମନରେ ବି କଷ୍ଟ ହୁଏ ।

ବାପା, ଆଉ ଗୋଟିଏ ବର୍ଷରେ ମୁଁ ଇଞ୍ଜିନିୟର ହେଇ ଥାଆନ୍ତି । ନୁହେଁ ? ତମେ ବି ବୋଉ ପରି ସ୍ୱପ୍ନ ଦେଖୁଥିଲ ଏଇ କିଛି ଦିନ ତଳେ—ଯେତେବେଳେ ତମେ ଜାଣି ନ ଥିଲ ମୋର ଏ ବେମାରି କଥା । କିନ୍ତୁ ମୁଁ ଇଞ୍ଜିନିୟର ହେବି ନାହିଁ କି ତମ ଆଶା ପୂରିବ ନାହିଁ—ସେ କଥା ତମେ ଏବେ ବୁଝି ସାରିବଣି ।

ଆଜି ମୋର ପିଲାଦିନର ଗୋଟାଏ କଥା ମନେ ପଡ଼ୁଛି—ଯେତେବେଳେ ମୁଁ ଅଠ ଗ୍ରେଡ଼ ଥିଲି ମତେ ଚିତ୍ର ଆଙ୍କିବାକୁ ବହୁତ ଭଲ ଲାଗୁଥିଲା । ଆକାଶରେ ମେଘ, ଗଛ, ନଈ, ଡଙ୍ଗା, ବଣ, ପାହାଡ଼, ଚଢ଼େଇବସାର ଚିତ୍ର । ଆଃ, କେତେ ଯେ ଖୁସି ଲାଗୁଥିଲା ହାତରେ ସେ ରଙ୍ଗଡବା ଆଉ ସାଦା କାଗଜ ଖଣ୍ଡେ ମିଳିଗଲେ ! ଥରେ ତମେ ମତେ ବାଡ଼େଇଲ, ମୋ ହାତରୁ ରଙ୍ଗ, ତୂଳୀ, କାଗଜ—ସବୁ ଛଡ଼େଇ ନେଇଗଲ । କହିଲ—ପଢ଼ାପଢ଼ି ଛାଡ଼ି ଏଇ ନବରଙ୍ଗ ଲାଗିଛି ! ଉଇଁ ମାଷ୍ଟର୍‌ଟାଏ ହବୁ କିରେ ? ମୋ କାଗଜ ଚିରି ଦେଲ, ଆଉ ରଙ୍ଗଡବା ଖତ ଗଦାକୁ ଫିଙ୍ଗି ଦେଲ । ସେ ଦିନ ମୁଁ ବହୁତ କାନ୍ଦିଥିଲି—ତମ ମାଡ଼ ପାଇଁ ନୁହେଁ ବାପା, ମୋର ସେ କାଗଜରେ ଗୋଟିଏ ସୁନ୍ଦର ଚିତ୍ର ଥିଲା—ତମେ ତାକୁ ଚିରିଦେଲ ବୋଲି । କଅଣ ପାଇଥିଲ ତମେ ସେଦିନ ମତେ ସେ ଶାସ୍ତି ଦେଇ ? ଗୋଟିଏ କଅଁଳ ମନର ସ୍ୱପ୍ନକୁ ତମେ ଭାଙ୍ଗି ଦେଲ । ତମରି ମନର ଖିଆଲ ତଳେ ଗୋଟିଏ ଗ୍ରେଡ଼ ପିଲାର କେତେ ଆଶା କବର ପାଇଗଲା ।

ପୁଣି ବଡ଼ ହେଇ କବିତା ଲେଖି ବସିଲି । ଯାହା ତୂଳୀରେ ଫୁଟାଇ ପାରି ନ ଥିଲି, ତାକୁ କବିତାରେ ରୂପ ଦେଲି । କାହିଁ କାହିଁ ଭାବନାସବୁ ମନରେ ଆସିଯାଏ, ଆଉ ସେହିଁ ସେହିଁ ରୂପ ପାଇ ଚେଇଁ ଉଠେ । ଆହା, କି ସୁନ୍ଦର ସେ ସବୁ ! ସେତକ ବି ତମ ଆଖିରେ ଗଲା ନାହିଁ । ତମେ ସମସ୍ତେ କହିଲ ମୁଁ ଛତରା ହେଇ ଯାଉଛି । ଏମିତି କଲେ ଆଉ ପଢ଼ାପଢ଼ି ହବ ନାହିଁ ମୋ ଦେଇ । ରାଗରେ ମୋ କବିତା ଖାତାକୁ ଚିରି ଚୁଲିରେ ଜାଳି ଦେଲ । ତେଣୁ ସେତକ ବି ବନ୍ଦ ହେଇଗଲା, କିନ୍ତୁ ସେଗୁଡ଼ା ଥିଲା ମୋ ଭୁଙ୍ଗ ମନର

ଇତିହାସ । ତୁଳୀରେ ଛୁଆଁ ନ ପାଇ, କାଳି କଲମରେ ରୂପ ଦେଉଥିଲି । ତମେ ତ ଜାଣିନ ବାପା, ସେ କବିତାର ଡାକ କେମିତି ମତେ ରାତି ଅଧରେ ନିଦରୁ ଉଠାଇ ବସେଇ ଦିଏ । କି ଗହନ ତା'ର ମାୟା । କାହିଁକି ସେଗୁଡ଼ା ନୁହାଇ ନୁହାଇ ମୋ ମନକୁ ଏତେ ଆତୁର କରନ୍ତି ? ମୋ ନିର୍ଜନ ମନର ସାଥୀ ହୋଇ ସେମାନେ କେତେ କଥା କହି ଯାଆନ୍ତି । ମୁଁ ଶୋଇ ଶୋଇ କାନ୍ଦେ, କାରଣ ତମରି ଶାସନ ତଳେ ମୁଁ ଥିଲି ବନ୍ଦୀ···।

ସ୍କୁଲ ପରେ ଆସିଲି କଲେଜକୁ । ସେତେବେଳେ ତୁଳୀ ନାହିଁ କି କାଳି ନାହିଁ; କିନ୍ତୁ ଆଙ୍ଗୁଠିରେ ଆସିଲା ବଳ—"ଗିଟାର୍" ଶିଖିଲି । ଅଃ କେତେ ଭଲ ଲାଗେ ମତେ ଗିଟାର୍ ବଜେଇବାକୁ । ଅନେକ ସମୟରେ ଇଚ୍ଛା ହୁଏ ମୋର ଗୋଟାଏ ଗିଟାର୍ ଥାଆନ୍ତା କି ! ଲୁଚି ଲୁଚି ଗିଟାର୍ ଶିଖିଥିଲି ମୋ ସାଙ୍ଗ ଘରୁ । ତମେ ଜାଣ ମୁଁ ଖେଳିବା ପାଇଁ ପଡ଼ିଆକୁ ଯାଉଛି, କିନ୍ତୁ ଯାଏ ଗିଟାର୍ ଶିଖିବାକୁ । କାହାର ଅଜଣା ସଙ୍ଗୀତ ମୋ ଆଙ୍ଗୁଠିରେ ରୂପ ପାଇଲା । ମନେ ଅଛି ଯେତେବେଳେ ମୁଁ ଗିଟାର୍ ବଜାଏ, ମୋ ସ୍ୱରପଟର ସବୁକଥା ଭୁଲିଯାଏ—ଭୁଲିଯାଏ ମୁଁ କିଏ, କଅଣ, କୋଉଠି ଅଛି, କଅଣ କରୁଛି । ମୋ ଗିଟାର୍ ଆଉ ମୁଁ ଏକ ହୋଇଯାଉ । କି ମଧୁର ସେ ସ୍ମୃତି !

କିଏ ଆସି ମୋ ନାଆଁରେ ତମ ଆଗରେ ଏତିକି କହିଦେଲା । ତମେ କେତେ ରାଗିଥିଲ । କହିଥିଲ ପୁଅ ତମର ନଷ୍ଟ ହୋଇଗଲା—ଛତରା, ବଜାରୁ ଆଉ ମାଇଚିଆ ହୋଇଗଲା । ବୋଉ କେତେ କାନ୍ଦିଥିଲା । ସେ ବି ତା'ର ସରଳିଆ ବୁଦ୍ଧିରେ ଭାବିନେଲା ମୁଁ ନଷ୍ଟ ହୋଇଗଲି ବୋଲି । କିନ୍ତୁ ବାପ, ତମେ କୁହତ ମୁଁ କ'ଣ ସତରେ ନଷ୍ଟ ହୋଇଯାଇଥିଲି ? ତମେ ମୋର ହାତ ଚିପି ଦେଇ ଆଙ୍କିବା ବନ୍ଦ କରିଦେଲ, ତଣ୍ଟି ଚିପି କବିତା ଲେଖା ଅଟକାଇ ଦେଲ, ଆଉ ଶେଷକୁ ଛାତି ଚିପି ଗିଟାର୍‌ଟାକୁ ବି ମନା କରିଦେଲ । ପ୍ରତିଥର ମୁଁ ଯେ କେତେ ବଡ଼ ଆଘାତଟାଏ ପାଉଥିଲି, ସେ କଥା ତମେ କେଉଠୁ ବୁଝିବ ବାପା ? ମଣିଷ ଅନ୍ତରର ହସ ଖୁସି, ଦୁଃଖ କଷ୍ଟକୁ ମୁଁ ସେଇ ଗିଟାର୍ ଭିତର ଦେଇ ଶୁଣୁଥିଲି— ତମେ ସିନା ଶୁଣିପାରୁ ନ ଥିଲ ! ମଣିଷ ସଯାଣ ହୋଇଗଲେ ବୋଧହୁଏ କିଛି ଶୁଣିପାରେ ନାହିଁ ।

ତା'ପରେ ମୋର ଇଂଜିନିୟରିଂ ପଢ଼ା, ଆଉ ବୋଉର ଦେହ ଛୁଇଁ ପ୍ରତିଜ୍ଞା—"ଚଗଲା ହେବ ନାହିଁ, ସିନେମା ଦେଖିବି ନାହିଁ, ସିଗାରେଟ୍ ଖାଇବି ନାହିଁ, କବିତା ଲେଖିବି ନାହିଁ, ଗୀତ ଗାଇବି ନାହିଁ···।" କିନ୍ତୁ ଏଇ କ'ଣ ହେଲା ବାପା ? କିଏ ତମ ପୁଅର ବନ୍ଧା-ଜୀବନଟା ତମଠୁ ଛଡ଼େଇ ନେଲା ? ତମେ ତାକୁ ଧର

ପାରିବ ? ନା, ପାରିବ ନାହିଁ । ସେ ତମର ଧରା ଛୁଆଁଠୁ ଢେର୍ ବାହାରେ । ସେଇଟା ହେଲା ଭାଗ୍ୟ ।

ମୁଁ ଆଜି ପଚାରୁଛି ବାପା, ତମ ପୁଅ ଯଦି ଚିତ୍ର ଆଙ୍କିଥାଆନ୍ତା, କି କବିତା ଲେଖି ଥାଆନ୍ତା କି ଗିଟାର ଶିଖି ଥାଆନ୍ତା, ସେ କ'ଣ ମରିବା ଆଗରୁ ମନରେ ଏତେ ଅବଶୋଷ ନେଇ ମରିଥାଆନ୍ତା ? ତମେ ଚାହିଁଥିଲ ମୁଁ ଇଂଜିନିୟର ହେବି, ଟଙ୍କା ରୋଜଗାର କରିବି, ବଡ଼ ହେବି କିନ୍ତୁ ମୋର ଅନ୍ତରଟାକୁ ଦେଖିବାକୁ ତମେ ଦିନେ ହେଲେ ଚେଷ୍ଟା କରି ନ ଥିଲ । ମତେ ଚପିଚପି ଗୋଟାଏ ମଡ଼ାକରି ଥୋଇ ଦେଇଥିଲ, ଆଉ ଆଜି ମରିଗଲେ ତମେ କାନ୍ଦିବ ତମ ପୁଅ ମରିଗଲା ବୋଲି; କିନ୍ତୁ ମୁଁ ତ ଅନେକ ଦିନୁ ମରି ଯାଇଛି ।

ଏବେ ଯେତେବେଳେ ଦୂର ଆକାଶର କଳା ମେଘରେ ଧଳା ବଗ ଉଡ଼ି ଯିବାର ଦେଖେ ମୋର ମନେପଡେ ସେଇ ପିଲାଦିନ—ଦୁଃଖ ଲାଗେ ଯେ ଯାହା ଚାଲି ଯାଇଛି ସେ ଆଉ ଫେରିବ ନାହିଁ ।

ଆଚ୍ଛା ବାପା, ଯଦି ମୁଁ ଚିତ୍ରକର ହୋଇଥାଆନ୍ତି କି କବି ବା କଳାକାର ହୋଇଥାନ୍ତି, ମୁଁ କ'ଣ ଅମଣିଷ ହୋଇ ଯାଇଥାନ୍ତି ? ମଣିଷ ହେବାକୁ ହେଲେ କ'ଣ ଟଙ୍କା ଆଉ ପ୍ରତିପତ୍ତି ଏତେ ଏତେ ଦରକାର ? ଜୀବନର ଆନନ୍ଦ ଟିକିକ କ'ଣ କିଛି ନୁହେଁ ?

ସତ କହୁଛି ବାପା, ଆଜି ବି ଜୀବନର ଶେଷ ପାହାଚରେ ବସି ମୁଁ ଭାବୁଛି ଏଇ ପ୍ରକୃତି, ତା'ର ଛଳ ଛଳ ରୂପ, ଦୂରର ଦିଗ୍‌ବଳୟ, ନିସ୍ତବ୍ଧ ରାତିରେ ବଇଁଶୀର ଡାକ—ଯା' ପାଖରେ ମୋ ପଢ଼ା କିଛି ନୁହେଁ ।

ତମେ ଶିଖେଇଛ ଭଗବାନ, ପାପ, ପୁଣ୍ୟ, ଧର୍ମ, ଅଧର୍ମ, ଏ ଜନ୍ମ ଓ ପରଜନ୍ମ । ମୁଁ କିନ୍ତୁ ଏ ସବୁର କିଛି ଅର୍ଥ ବୁଝେ ନାହିଁ । ମୁଁ ବୁଝେ ଯେଉଁଠି ମନ ତା'ର ସ୍ୱାଧୀନତା ପାଏ, ସେଇଠି ଆନନ୍ଦ ଥାଏ । ଆଉ ଯୋଉଠି ଆନନ୍ଦ ଥାଏ, ସେଇଠି ଭଗବାନ ଥାଆନ୍ତି । ମୋ ପାଇଁ ଆନନ୍ଦ, ଆଉ ଭଗବାନ ଅଲଗା ନୁହନ୍ତି ।

ଏବେ ତମେ କେତେଥର ମତେ ଧର୍ମ ବହି ଆଣି ପଢ଼ିବାକୁ ଦେଲଣି । ଗୀତା ପଢ଼ିବାକୁ କହୁଛ—ମନ ଭଲ ରହିବ ବୋଲି । କିନ୍ତୁ ମତେ ଭଲଲାଗେ ଚୁପ୍‌ଚାପ୍ ବସି ସେଇ ନୀଳ ଆକାଶକୁ ଚାହିଁ ରହିବାକୁ, ଦୂରର ସେଇ ଚଢ଼େଇ-ମାନଙ୍କର ଡାକ ଶୁଣିବାକୁ, ଗୋଲାପର ନରମ ପାଖୁଡ଼ାକୁ ହାତରେ ଆଉଁସି ଦେବାକୁ । ତମ ପାଇଁ ଏ ସବୁର କିଛି ମାନେ ନାହିଁ, କିନ୍ତୁ ମୋ ପାଇଁ ଯେ ଏଇମାନେ ହେଲେ ସବୁ । ତମ ଗୀତା ମୁଁ ପଢ଼ି ନାହିଁ କି ପଢ଼ିପାରିବି ନାହିଁ । କାରଣ ମୋ ଦିନ ଯେ ବହୁତ କମ୍ ! ଏଇତକ ଦିନ ଭିତରେ ମତେ ଯଦି ଖଣ୍ଡେ "ମୋର ଖେୟାମ୍"

ପଢ଼ିବାକୁ ଦଅନ୍ତ...କିନ୍ତୁ ମୁଁ ମାଗିବି ନାହିଁ । ତମ ମନରେ ପୁଣି ଦୁଃଖ ହବ ଯେ ! କାହିଁକି ଅଯଥାରେ ଏ ଶେଷ ସମୟରେ ତମ ମନରେ ଦୁଃଖ ଦେବି ? ଆଚ୍ଛା, ଓମାର ଖେୟାମ୍‌ର ମାଧୁରୀ ଗୀତାରେ କାହିଁ ? ଗୀତା ମତେ ଜ୍ଞାନୀ କରିବ, ସାଧୁ କରିବ, ଯୋଗୀ କରିବ—କିନ୍ତୁ ଓମାର ଖେୟାମ୍ ମତେ ଆନନ୍ଦ ଦେବ । ମନର ନିର୍ମଳ ଆନନ୍ଦ ଠିକିକ କ'ଣ ଜ୍ଞାନ,ଯୋଗ, ଭଗବାନ--ସମସ୍ତଙ୍କଠାରୁ ବଡ଼ ନୁହେଁ ? ଏଇ ଆନନ୍ଦରେ ମନଟା ଟଳମଳ ଥିଲାବେଳେ କ'ଣ ସବୁ ଜ୍ଞାନ, ଯୋଗ, ଭଗବାନ ଆସି ଆପେ ଧରା ଦଅନ୍ତି ନାହିଁ ?

ଜ୍ଞାନ ପାଇଁ ସମସ୍ତେ କାହିଁକି ଏତେ ପାଗଳ ମୁଁ ବୁଝେଁ ନାହିଁ । ଭଗବାନଙ୍କୁ ପାଇବାକୁ ସମସ୍ତଙ୍କର କେତେ ବ୍ୟାକୁଳତା ! ବୁଝେଁ ନାହିଁ । ଭଗବାନଙ୍କୁ ପାଇବାକୁ ସମସ୍ତଙ୍କର କେତେ ବ୍ୟାକୁଳତା ! ଅଥଚ ହାତ ତଳେ ଆନନ୍ଦ ପଶିଫାଟି ଚାଲିଯାଏ । ତା'ରି ଉପରେ ପାଦ ଦେଇ ଭଗବାନଙ୍କୁ ଖୋଜା ହୁଏ । ମଣିଷ କେଡ଼େ ମୂର୍ଖ ମୁଁ ଭାବେ ।

ମତେ ଭଲ ମଣିଷଟିଏ କରି ଗଢ଼ିବାକୁ ତମେ ସ୍ୱପ୍ନ ଦେଖୁଥିଲ । ଭଲ ମଣିଷ ହେଇ ମୁଁ କଅଣ କରିଥାନ୍ତି ? ଧରିନିଅ ମୁଁ ଧନୀ, ମାନୀ, ଜ୍ଞାନୀ, ଗୁଣୀ ଓ ସାଧୁ ହୋଇଥାନ୍ତି, ଆଉ ତମେ ଖୁସି ହେଇଥାନ୍ତ ଯେ, ତମ ପୁଅ ବଡ଼ ମଣିଷଟାଏ ହେଲା । ଇଏ କ'ଣ ଅହମିକା ନୁହେଁ ? ତେଣୁ ଯଦି ମୁଁ ଏସବୁ ହେଇ ନ ପାରିଲି ଦୁଃଖ କରିବ ନାହିଁ, କାରଣ ଜୀବନଟା ଏକ ପ୍ରକାର ବାଜି ଖେଳ । ଗୋଟାଏ ବାଜିରେ ତମେ ହାରିଗଲ ବୋଲି ଜାଣିବ ।

ତମର ଅଫିସ ଫେରନ୍ତା ସେ ପାଉଁଶିଆ ମୁହଁଟିକୁ ଦେଖିଲେ ଇଚ୍ଛା ହୁଏ ଧାଇଁ ଯାଇ କହନ୍ତି "ମୁଁ ମରିବି ନାହିଁ ବାପା...ମୁଁ ମରିବି ନାହିଁ । ତମେ ଦୁଃଖ କର ନାହିଁ—ଭାଙ୍ଗି ପଡ଼ ନାହିଁ । ତମର ଏତେ ଆଶା ଗୋଟି ଗୋଟି କରି ମୋ'ର ଭିତରେ ଏମିତି ଜାଳପୋଡ଼ି ଦେଇ ମୁଁ ଚାଲିଯିବି ନାହିଁ ।" କିନ୍ତୁ ବାପା, ମୋ ହାତରେ ତ କିଛି ନାହିଁ ! ଏତେ ପାଠ ପଢ଼ି ମଧ୍ୟ ମୁଁ ଅସହାୟ, ଅଥର୍ବ । ଖାଲି ଆଖି ବୁଜି ଏକ ମନରେ ଏତିକି ମନାସେ—ଭଗବାନ ତମର ଅପୂର୍ଣ୍ଣ କାମନା "ରମୁ" ଭିତର ଦେଇ ପୂର୍ଣ୍ଣ କରନ୍ତୁ—ମୋର ଅଭାବ ରମୁ ଭିତରେ ମେଣ୍ଟିଯାଉ—ତମେ କେମିତି ସୁଖୀ ହୁଅ ।

ଖେଳ ପଡ଼ିଆରୁ ହସି ହସି ଯେତେବେଳେ ରମୁ ଫେରିଆସେ—ତା'ର ସେଇ ଧୂଳି ନଗିଡ଼ା କଅଁଳ ମୁହଁଟିକୁ ଦେଖିଦେଲେ ମନ ମୋର ପୂରି ଉଠେ । ମନେ ମନେ କହେ—ମୁଁ ସିନା ଖେଳରେ ଆନନ୍ଦ ପାଇଲି ନାହିଁରେ...ତୁ ମୋ ପାଇଁ ଖେଳି ନେ...ହସି ହସି ଦିନଗୁଡ଼ା କଟେଇ ଦେ ଏ ଜୀବନ ଦି'ଦିନିଆ । ଯାହା ଚାଲିଯାଏ ସେ ଆଉ ଫେରେ ନାହିଁ ।

ମୋ ପରି ତମେ ତାକୁ ବାନ୍ଧି ଦେବ ନାହିଁ ବାପା । ପଢ଼ା ନାଆଁରେ ତା'ର ସେଇ ସୁକୁମାର ମନଟିକୁ ଭାଙ୍ଗିଦେବ ନାହିଁ । ଖେଳରେ ଯଦି ନିଜକୁ ହଜେଇ ଦେଇ ଆନନ୍ଦ ପାଉଛି, ସେ ଆନନ୍ଦ ଟିକକ ତାଙ୍କୁ ଉପଭୋଗ କରିବାକୁ ଛାଡ଼ିଦେବ । କାରଣ ପଢ଼ାଟା ଜୀବନର ଏକମାତ୍ର ଲକ୍ଷ୍ୟ ନୁହେଁ ।

ଆକାଶରେ ଜହ୍ନ ଉଇଁଲେ ମନେହୁଏ, ସେ ଯେମିତି ମତେ ହାତ ଠାରି ଡାକୁଛି । କିନ୍ତୁ ମୁଁ ତ ପରଜନ୍ମରେ ବିଶ୍ୱାସ କରେ ନାହିଁ । ମରିଗଲେ କ'ଣ ହେବ, ନ ହେବ, ତା ପାଇଁ କାହିଁକି ଏତେ ଚିନ୍ତା କରିବି ? ଯଦି ମୁଁ ଜ୍ଞାନୀ ହୋଇ ଜନ୍ମ ନିଏ, ତେବେ ବି ମୁଁ ଏଇ ମଣିଷ, ଏଇ ମନ ନେଇ ନ ଥିବି, କି, ତମର ମୋର ସମ୍ପର୍କର ପୁନରାବୃତ୍ତି ସେଠି ହେବ ନାହିଁ । ତେବେ ତମେ ଜାଣିବ କେମିତି ଯେ ମତେ ଗୀତା ପଢ଼େଇ ଗତି ଦେଲ ବୋଲି ? ଜାଣିଲେ ବି, ଏ ଦିନ ତ ସେଠି ନ ନ ଥିବ, ତେବେ ଖୁସି ହେବ କିଏ ? ସବୁ ମିଛ ବାପା, ସବୁ ଖାଲି ସାନ୍ତ୍ୱନା । ବୋଧହୁଏ ଏଇ ସାନ୍ତ୍ୱନା ଟିକକ ନ ଥିଲେ ମଣିଷର ମୋହ ମମତା ବି ତୁଟି ଯାଆନ୍ତା । ସେଇଥିପାଇଁ ଶାସ୍ତ୍ରର ଏ ଖେଳ ।

ବାହାର ହେନା ଗନ୍ଧ କେତେ ଭଲ ଲାଗୁଛି । ତା'ର ଗନ୍ଧରେ ଯଦି ମତେ ଚିରଦିନ ପାଇଁ ଶୋଇବାକୁ ହୁଅନ୍ତା, ତେବେ ମତେ କେତେ ଖୁସି ଲାଗନ୍ତା । ଆମ ହଷ୍ଟେଲର ବଗିଚାରେ ନାଗେଶ୍ୱର, କୃଷ୍ଣଚୂଡ଼ା ଓ ବଉଳ ଗଛମୂଳେ ଅନେକ ସମୟରେ ବସି ରହିବାକୁ ଭଲ ଲାଗେ । ଧୀର ପବନରେ ହଲି ଦୋହଲି ଫୁଲ, ପାଖୁଡ଼ା ଓ ପତ୍ର ସବୁ ମୋ ଉପରେ ଅଜାଡ଼ି ହୋଇ ପଡ଼ନ୍ତି । ହାତରେ ମୋର ବହି ନ ଥାଏ । ହେଇ କ'ଣ ମୋର ବହି ନୁହେଁ ? ମୁଁ କ'ଣ ସେମାନଙ୍କଠୁ କିଛି ଶିଖିନାହିଁ ଭାବିଛ ? ସେଇ ଝରାଫୁଲ ମତେ ଶିଖେଇଥିଲେ ଜୀବନର ବଡ଼ ଦର୍ଶନ । ତା'ରଠୁ ମୁଁ ଶିଖିଥିଲି ଜୀବନରେ ହାରିଗଲେ କାନ୍ଦିବି ନାହିଁ—କିଛି ନ ପାଇ ଯଦି ଶୂନ୍ୟ ହାତରେ ମତେ ବିଦାୟ ନେବାକୁ ପଡ଼େ—ତେବେ ବି ମୁଁ ଦୁଃଖ କରିବି ନାହିଁ ।

ଯୋଉଦିନ ଶୁଣିଲି ମତେ "ଲିଉକୋମିଆ" ହୋଇଛି, ଆଉ ମୁଁ ବଞ୍ଚିବି ନାହିଁ—ସେଦିନ ପୁଣି ଯାଇ ସେଇ ନାଗେଶ୍ୱର ଗଛମୂଳେ ବସିଲି । ସେ ଟିକିଏ ବି ଦୁଃଖ କଲା ନାହିଁ । ଆହୁରି ଅଧିକା ଗୁଡ଼ାଏ ଫୁଲ ପାଖୁଡ଼ା ମୋ ଉପରେ ଅଜାଡ଼ି ଦେଲା । କହିଲା—"ମୋ'ରି ପରି ହସି ହସି ଝରିପଡ଼ିବାକୁ ଶିଖ ।" ତା'ରଠୁ ମୁଁ ଶିଖିଲି ଜୀବନରେ ଆଖି ଲୁହର ମୂଲ୍ୟ ନାହିଁ । ଏଇ ଆଖି ଲୁହ ଦୁର୍ବଳର ସମ୍ବଳ । ହଷ୍ଟେଲର ସବୁ ପିଲାଙ୍କଠାରୁ ବିଦାୟ ନେଇସାରି ସେଇ ଗଛରେ ଯାଇ ଆଉଜି ପଡ଼ିଲି । ତାପରେ ସେଠୁ ଚାଲି ଆସିଲି ।

ବାପା, ହେଇ ଗଛ ମତେ ଯେତେ ଭଲ ପାଇଛି, ତମେ ବି ପାଇନା । ତମ ଭଲ ପାଇବାରେ ମିଶିଥିଲା ସ୍ୱାର୍ଥ । ତମ ଭଲ ପାଇବାଟା ନେଣ ଦେଣ ଉପରେ

ଡରିଲି । କିନ୍ତୁ ତା ଭଲ ପାଇବାଟା କେଡ଼େ ସ୍ୱଚ୍ଛ ! ସେଇଥିପାଇଁ ବୋଧହୁଏ ମତେ ଏତେ ଭଲ ଲାଗିଥିଲା ।

ମତେ ଦୁଃଖ ଲାଗେ ଯେ, ଆମେ ଦହେଁ ଦହିଙ୍କୁ ଶେଷ ପର୍ଯ୍ୟନ୍ତ ବୁଝିପାରିନେ ନାହିଁ । କିନ୍ତୁ ଏଥିପାଇଁ ମୁଁ ତମକୁ ଦୋଷ ଦେଉନାହିଁ । ବାପା···ତମ ସ୍ନେହ ମମତା ଯେ ମୋ ପାଇଁ ଅବୋଧ ହୋଇ ରହିଗଲା—ସେତିକି ଯା ମୋର ଦୁଃଖ ।

ପ୍ରତିଦିନ ସକାଳେ ତମେ ଯେତେବେଳେ ଧୂପକାଠି ଜାଳି କବାଟ କିଳିଦିଅ, ମୁଁ ସେତିକିବେଳେ ପୂଜାଘର ବାରିପଟେ ମାଳତୀ ଗଛର ଛାଇରେ ବସିଥାଏ । ତମେ ହୁଏତ ଭଗବାନଙ୍କ ପାଖରେ ମୋ ପାଇଁ ଜଣାଉଥିବ, କି ନିଜ ଭାବନାରେ ନିଜେ ଭୋଳ ହୋଇ ଯାଉଥିବ । ମୁଁ କିନ୍ତୁ ଦେଖୁଥାଏ ଆକାଶରେ ମେଘର ଦଉଡ଼-ନ ହେଲେ ମାଳତୀ ଗଛରେ ପବନର ଲୁଚକାଳି ଖେଳ । ମୋ ମନର ଆନନ୍ଦ ତମକୁ ଛୁଇଁ ପାରେ ନାହିଁ, କି ତମ ମନର ଦୁଃଖ ମତେ ଛୁଇଁ ପାରେ ନାହିଁ । ସେତେବେଳେ ତମେ ଯଦି ତମର ପୋଥି ଭଗବାନଙ୍କୁ ଛାଡ଼ି, ମୋ ସାଙ୍ଗରେ ମିଶି ଏଇ ବାରିରେ ବସିଥାନ୍ତ, ତେବେ ଦେଖିପାରିଥାନ୍ତ ତମ ଭଗବାନ ସେଠି ପୂଜାଘରେ ନାହାନ୍ତି—ଅଛନ୍ତି ଏଇ ପ୍ରକୃତି କୋଳରେ । ମୁଁ ତମ କାଳ୍ପନିକ ଭଗବାନରେ ବିଶ୍ୱାସ କରେ ନାହିଁ । ମୋ ପାଇଁ ଏଇ ଆନନ୍ଦ ହିଁ ହେଉଛି ଭଗବାନ ।

ରାତି ଅନେକ ହେଲାଣି । ତମେ ସବୁ ଶୋଇଛ । ଦୂରରେ ଗୋଟାଏ ରାତିବୁଲା ଚଢ଼େଇର ସ୍ୱର ଶୁଭୁଛି । ବାହାରଟା ଏକବାରେ ଅନ୍ଧାର । ବୋଉ ବୋଧହୁଏ ମତେ ଏତେ ରାତିରେ ଚେଇଁଥିବାର ଦେଖିଲେ ଚୂପ୍ ଚୂପ୍ ଆସି ଛିଡ଼ା ହେବ । ମୁହଁ ଶୁଖେଇ ପଚାରିବ—ନିଦ ହଉନାହିଁ କିରେ ? ଦେହ ବେଶୀ ଖରାପ ଲାଗୁଛି ? ଅଥଚ ମୁଁ ଆସି ଜୀବନର କେତେ ଦୂରରେ ପହଞ୍ଚିଲିଣି !

ଗୋଟିଏ ଅଳି ମୋର ରଖିବ ବାପା ? ଯଦି ତମେ ମୋର ସ୍ମୃତି ରଖିବାକୁ ଚାହିଁଥାଅ, ତେବେ ମୁଁ ମଲା ପରେ ମୋ'ର ପାଇଁ ବାରିରେ ନାଗେଶ୍ୱର ଗଛଟିଏ ପୋତିବ । ଆଉ ମୁଁ କିଛି ଚାହୁଁ ନାହିଁ । ମୋ ପାଇଁ କେହି ଶ୍ରାଦ୍ଧ କରିବେ ନାହିଁ । ବରଂ ସେଇ ଟଙ୍କାତକ କେତୋଟି କଳାକାରଙ୍କୁ ବାଣ୍ଟିଦେବ । ଯେଉଁ କଳାର ପୂଜା ବଞ୍ଚିଥିଲାବେଳେ ମୁଁ ଦିନେ କରିପାରି ନାହିଁ, ସେତକ ସେମାନେ କରିବେ··· ଆଉ ଯଦି ତମର ମୃତ୍ୟୁପର ତଥ୍ୟ ସତ୍ୟ ହୋଇଥାଏ, ତେବେ ମୁଁ ତାଙ୍କରି ଭିତରେ ଆନନ୍ଦ ପାଇବି ।

ମୋ ଶବ ସତ୍କାର କରିବା ପୂର୍ବରୁ ମୋ ଶବର ଶିରପଟେ ଗୀତର ଆସର ବସେଇବ । ଆଉ ମୋ ପାଇଁ ତମେ ସେଦିନ ଓମାର ଖୈୟାମ୍ ପଢ଼ିବ । ଦୁଃଖ କରିବ ନାହିଁ, କାନ୍ଦିବ ନାହିଁ, କାରଣ ମୋ ମନରେ ଦୁଃଖ ନାହିଁ ।

ବୋଉକୁ କହିବ ଯେ ତା'ର ଭଗବାନରେ ବିଶ୍ୱାସ କରି ଏତେ ମାନସିକ କରିଛି । ତାର ପାଇଁ ମୁଁ ଆଜିଯାଏ ବଞ୍ଚି ରହିଲି, ଆଉ ସିନା ପରୀକ୍ଷା ଦେବାକୁ ଫେରି ପାରିଲି ନାହିଁ ! ତାକୁ ଆଜିଯାଏ ମୋ ବେମାରି କଥା ନ କହି ବୃଥା ଆଶା ଦେଇ ଦେଇ ଠକି ଆସିଲି । ଅନେକ ସମୟରେ ଭାବେ ଧନଟିଏ ହେଲେ ଚିକିତ୍ସା କରି ଯଦି ମରିଥାନ୍ତି ହୁଏ ତ ତାକୁ ଟିକିଏ ଖୁସି କରିପାରିଥାନ୍ତି । କିନ୍ତୁ ମଣିଷ ଯାହା ଖୋଜେ, ତା ପାଏ ନାହିଁ—ତମେ ପାଇଲ ନାହିଁ କି କେହି ପାଇଲୁ ନାହିଁ । ଏଇ ଖୋଜିବାର, ପାଇବାର ଧାଁ ଦଉଡ଼ ଭିତରେ ଜୀବନଟା ସରିଯାଏ ସିନା ! ମଣିଷ ବୁଝେ ନାହିଁ । ତଥାପି ଅବୁଝା ରହିଯାଏ ।

+ + +

ପଶ୍ଚିମ ଆକାଶକୁ ପିଠି କରି ଦେବଦାରୁ ଗଛଟା ଠିଆ ହୋଇଛି । ବେଳକୁ ବେଳ ତା ଦେହରେ ଅନ୍ଧାର ବୋଳି ହୋଇ ଆସୁଛି । କାଉମାନେ କୋଳାହଳ କରି ତା ପାଖରେ ଆଶ୍ରୟ ଖୋଜୁଛନ୍ତି ।

# ସଂଗୀତାର ବାପା

## ଶ୍ରୀ କିଶୋରୀଚରଣ ଦାସ

ସଂଗୀତାର ବାପାଙ୍କ ନାଁ ନବଘନ ଓରଫ୍ ନାଣ୍ଟୁ ବାବୁ । ତାଙ୍କ ବଡ଼ ଝିଅର ନାଁ ହାର୍‌ମନି, ସେ ବାହା ହୋଇ ଯାଇଛି । ସାନ ଝିଅର ନାଁ ସଂଗୀତାମଣି ହୋଇ ରହିଥାନ୍ତା; କିନ୍ତୁ ନିଜେ ନାଣ୍ଟୁବାବୁ ତାକୁ ବଦଳାଇଲେ । ଦିନେ ସେ ଘୋଷଣା କଲେ ଯେ ଝିଅ କନ୍‌ଭେଣ୍ଟ୍ ସ୍କୁଲରେ ପଢ଼ିବ ଏବଂ ତା'ର ଠିକ୍ ଗୋଟିଏ ଦିନ ପରେ ସେ ପରବର୍ତ୍ତୀ ଘୋଷଣା କଲେ ଯେ ସ୍କୁଲ୍‌ରେ ତା'ର ନାଁ ରଖାଯିବ ସଂଗୀତା ।

ଏ ହେଉଛି ପାଞ୍ଚ ବର୍ଷ ତଳର କଥା । ସେତେବେଳେ ସେ ହଜାରି ସାହିରେ ଗୋଟିଏ ଛୋଟ ଚାଳ ଘର ଭଡ଼ା ନେଇ ରହିଥିଲେ ।

ପ୍ରଥମେ ସେ ଏକୁଟିଆ ଥିଲେ, ପିଲାପିଲିଙ୍କୁ ଆଣି ନ ଥିଲେ । ସାହି ମୁଣ୍ଡରେ ଯେଉଁ ଦଳୁଆ ଶାଗୁଆ ପୋଖରୀ ଅଛି, ସେ ସନ୍ଧ୍ୟାବେଳକୁ ତା' କୂଳରେ ଯାଇ ବସୁଥିଲେ ଓ ଭାବୁଥିଲେ,—ଏ ମ୍ଲେଚ୍ଛ ସହରଟାରେ ରହି ଲାଭ କଅଣ ? ଆଉ କେତେଦିନ ରହିବ ? ତେବେ ଶୋଇବାକୁ ଯିବା ପୂର୍ବରୁ ସେ ଏହି ପ୍ରଶ୍ନ ଏହି ଦ୍ୱିଧାକୁ ନଷ୍ଟ କରି ଦେଇ ପାରୁଥିଲେ । ଭାବନାର କ୍ରମ ପ୍ରାୟ ଏହି ପ୍ରକାର ଥିଲା ।—

...ସୁହାସ ଦାଦା କହୁଛନ୍ତି, 'ତୁ ଘରୁ ଟିକିଏ ବୁଲି ଆ । ଏଠି ତୋ ଦେହ ଭଲ ରହୁନାହିଁ ।' ନିଜର ପଛକେ ପେଟ ବେମାର, ଟିକିଏ ଖାଇଲେ ଆଉ ଓଳିକ ଖାଇବେ ନାହିଁ । ଗପ କରୁ କରୁ ହାକୁଟି ମାରିବେ । ମୁହଁ ବିକେଟିଆ କରି କହିବେ, 'ବୁଝିଲୁ ନାଣ୍ଟୁ, ଏ ବରଫଦିଆ ମାଛ ମୋ ଦେହରେ ଯାଉନାହିଁ—' ଆଉ ଲେମ୍ବୁ ସରବତପାଇଁ ଡାକ ଛାଡ଼ିବେ । ସରବତ୍‌କୁ ଢୋକେ ଢୋକେ ପିଇ ସେ ମୋ ବିଷୟ ଭୁଲିଯିବେ, ଏଣୁ ତେଣୁ ବାଜେ କଥା ପକାଇବେ । ଆଜିକାଲିକା ପିଲାଙ୍କର ପଢ଼ାରେ ମନ ନାହିଁ, ଛୋକରାଗୁଡ଼ାକ ଧପ୍‌ପା'ବାଜ୍ ହେଲେଣି, ଦରଦାମ୍ ହୁ ହୁ ହୋଇ ବଢ଼ି ଯାଉଛି, ଇତ୍ୟାଦି । କାଓ, ମୋ କଥା କ'ଣ ବୁଝିଲ ? ସବୁଦିନେ ସେହି ଏକା ଉତ୍ତର, ଟିକିଏ ଥୟ ଧର୍ । ଏ ସରକାରୀ କାରବାର, କେତେ ଶେଣାରେ ପାଣି ଉଠିବ । ବ୍ୟସ୍ତ ହେଲେ ଚଳିବ ନାହିଁ ।' ଶେଷକୁ କ'ଣ ନା ଘରୁ ଯାଇ ବୁଲି ଆ । ଘରୁ ବୁଲି ଆସିଲେ ଅଧିକ କ'ଣ ହେବ ?

·· ନନ୍ଦବାବୁ ତାସ୍ ଖେଳିବାକୁ ଡାକନ୍ତି । ବୁଢ଼ାର ତାସ୍‌ରେ ଭାରି ସଉକ୍ । ଖାଇବାରେ ସଉକ । ଘର ତୋଳିବାରେ ସଉକ୍ । କଥା-କଥାକେ ଶଳା କହିବାରେ ସଉକ୍ । ତାଙ୍କ ଘରକୁ ଅନେକ ହାକିମ-ହୁକୁମା ଯିବା ଆସିବା କରନ୍ତି । ଆଶା ଥିଲା ଯେ ସେ ଦିନେ କେବେ କାହାକୁ ଉଦ୍ଦେଶି ପରି କହି ଦିଅନ୍ତି—'ଏ କିଏ ଜାଣିଛ ? ଏ ହେଉଛି ଆମ ଗାଁର ନାଣ୍ଟ୍ । ଖାସା ପିଲା । ବିଚାରି ଚାକିରିଖଣ୍ଡେ ପାଇଁ ବଡ଼ ହଇରାଣ ହେଲାଣି ।···ଥି ହାର୍ଟ୍‌ସ୍···ମୋ ଅଫିସ୍‌ରେ କାମ ଖାଲି ନାହିଁ, ନ ହେଲେ ତାକୁ କେବେଠୁଁ ରଖେଇ ସାରନ୍ତିଣି ! ଶଳା ରାମା, ଦାମା, ଶାମା ଚାକିରିରେ ପଶି ଯାଉଛନ୍ତି, ଆଉ ଏମିତା ଭଲଆ ପିଲା···।'' କିନ୍ତୁ ସେ କାହାକୁ କିଛି କହିବାର ଶୁଣାଯାଇ ନାହିଁ । ପଚାରିଲା ବେଳକୁ କହନ୍ତି ମୁଁ କ'ଣ ଚେଷ୍ଟା କରୁ ନାହିଁ ଭାବୁଛୁ ? ଯାହାହେଉ ତୁ ଖାଲି ନ ବସି ଗୋଟାଏ କାମ କର—।' ତା'ପରେ ସେ କାମର ବିଚାର ଦିଅନ୍ତି । ଯଥା—ତାଙ୍କର ଯେଉଁ ନୂଆ ଘର ତିଆରି ହେଉଛି ତା'ର ତଦାରଖ୍ କରିବା, ତାଙ୍କ ଝିଅ ରେଣୁର ବାହାଘର ପାଇଁ ମଧ୍ୟସ୍ଥ ହେବା କିମ୍ବା ତାଙ୍କ ବଗିଚାପାଇଁ ଭଲ ଗୋଲାପ ଚାରା ଯୋଗାଡ଼ କରିବା । ବେଳେବେଳେ ମନେହୁଏ ଯେ ମୋର ଚାକିରିବାକିରି ଦରକାର ନାହିଁ । ଏମାନଙ୍କର କାମ କରି ଏମାନଙ୍କର ସାଙ୍ଗରେ ତାସ୍ ଖେଳି ଚା' ଜଳଖିଆ ଖାଇ ସମୟ କଟେଇ ଦେଲେ ମୋ ଜୀବନ ଧନ୍ୟ ! ବର୍ତ୍ତମାନ ବୁଢ଼ାଙ୍କର ନୂଆ ସଉକ୍ ଉଠିଛି ଯେ ସେ ଗାଁରେ ଘର ତୋଳିବେ ଓ ରିଟାୟାର୍ କରି ସେଇଠି ରହିବେ । ଆଉ ମୁଁ କଅଣ ହେବ ? ତାଙ୍କର ମନ୍ତ୍ରୀ ?

···ନାରୁ ଭାଇ,—ତାରାମଣିର ଦାଦପୁଅ ଭାଇ, ବୟସରେ ଦି'ତିନି ବର୍ଷ ବଡ଼ ହେବ । ଓକିଲାତିରେ ବହୁତ ଟଙ୍କା କରିଛି । ସେ ମୋତେ ଦେଖିଲେ ଏମିତି ଶଙ୍କିଯାଏ କାହିଁକି ? ସତେ ଯେପରି ମୁଁ ତା'ଠାରୁ ସୁନାଏ ଛଡ଼େଇ ନେବାକୁ ଆସିଛି କିମ୍ବା ସଭା ମଝିରେ ତାକୁ ନାରୁଭାଇ ବୋଲି ଡାକିଦେଲେ ତା'ର ମାନହାନି ହୋଇଯିବ ! ତା'ର ନୂଆ ଘର । ପାଲିସ ମୋଜେଇକ୍ ଚଟାଣ । କାନ୍ଥ କବାଟ ଝରକା ସବୁଠି ଖାଲି ଲମ୍ବା ଲମ୍ବା କାଚ । ସେ ସବୁବେଳେ ଫିଟ୍‌ଫାଟ୍ ହୋଇଥାଏ, ବଡ଼ ପାଟିରେ ନ ହସି ତା'ର ଧାଡ଼ିବନ୍ଧା ଧଳା ଦାନ୍ତକୁ ଝଟକେଇ ଦିଏ । ତା'ଦେଇ କିଛି ହେବ ନାହିଁ । ସେ ସବୁବେଳେ କାମରେ ବ୍ୟସ୍ତ ଅଛି ବୋଲି ଦେଖେଇ ହୁଏ, ଆଉ କହେ ମୁଁ ତୋତେ ଅମୁକ ପାଖକୁ ନେଇ ଯିବି ସମୁକ ପାଖକୁ ନେଇଯିବି । ଦି'ଦିନ ତଳେ କହିଲା, 'ମୋହରର କାମ ବଡ଼ ନଉଛଣା । ସେଥିରୁ କ'ଣ ମିଳିବ ? ତୁ ଗୋଟାଏ ବ୍ୟବସାୟରେ ଲାଗିଯାଉନୁ ? ଯଦି କହିବୁ ମୁଁ ତୋତେ ମାଲଗୋଦାମର ରଘୁନାଥ ସିଂ ପାଖକୁ ନେଇଯିବି ।' ଥାଉ,ଦରକାର ନାହିଁ ବାବୁ । ମୁଁ ନିଜେ ଯାଇପାରିବି ।

···ଆଉ କେତେଜଣ ଅଛନ୍ତି, ପୁରୁଣା, ଭଣଜାଝ୍ଥାମାସ୍କୁ । ସେମାନେ ମୋତେ ମାନ୍ୟ କରନ୍ତି । ନମସ୍କାର ହେବେ କି ନା ହେବେ ଠିକ୍ କରି ନ ପାରି ଶେଷକୁ ଚଟ୍

କରି ହାତ ଯୋଡ଼ି ଦିଅନ୍ତି, ଅଧା ବାଟରେ । କାହିଁକି ନା ମୁଁ ମଫସଲର ମୂରବି ? ଗରିବ ମୂରବି ? ମୋଟା ଲୁଗା ପିନ୍ଧେ ? ଭୁଲ ସେମାନେ ପିଲାଲୋକ । କାଲି ସକାଳେ ପାଠ ପଢ଼ା ସାରି ଦି'ପଇସା କମାଉଛନ୍ତି, ନିଜ ରକ୍ଷଣ ଅସମ୍ଭବ । ସେମାନେ କ'ଣ କରି ପାରିବେ ?

ନବଘନ ! ନାଣ୍ଟୁ, ନାଣ୍ଟୁ ବାବୁ ! ଏ ସହରଯାକ ତୋର ବନ୍ଧୁବାନ୍ଧବ ଖୁବ୍ ହୋଇଛନ୍ତି; ସମସ୍ତେ ତୋର ଶୁଭାକାଂକ୍ଷୀ । ହେଲେ ସେମାନେ ଭିନ୍ନ ଜଗତର ପ୍ରାଣୀ, ତୋ ପରି ନୁହନ୍ତି । ସେମାନେ ଭାବୁଛନ୍ତି ଯେ ନାଣ୍ଟୁ ସହରକୁ ଆସିଛି କେବଳ ଟଙ୍କା ରୋଜଗାର କରିବାପାଇଁ, ବୁଝିନାହାନ୍ତି ଯେ ତା'ର ଗୋଟାଏ ହୃଦୟ ଅଛି । ସେ ହୃଦୟ ଗଉଡ଼ ଭଣ୍ଡାର କିମ୍ବା ତନ୍ତୀ ଚଇର ନୁହେଁ । କାରଣ ପଲ୍ଲୀର ହୃଦୟ । ଗାଆଁରେ ଜମିବାଡ଼ି ଯାହା ଅଛି ସେଥିରେ କୌଣସି ମତେ ଚଳିଯାଉଛି; କିନ୍ତୁ ସେ କ'ଣ ସବୁଦିନେ ଗୋରୁ ଲାଙ୍ଗୁଡ଼ରେ ବାଟେଇ ହେଉଥାଆନ୍ତା, ପଚ୍ଚ ପଡ଼ର ଓ ପାଚିଲା ଧାନର ବାସ୍ନାକୁ ସହୁ ଥାଆନ୍ତା, କାଦୁଅରେ ନଟପଟ ହୋଇ ଶେଉଳ ମାଛକୁ ଧରୁଥାଆନ୍ତା, ଆଉ ରାତିରେ ଡିବିରି ଜଳେଇ ଜେମାଦେଈ କାହାଣୀ ପଢ଼ୁଥାଆନ୍ତା ? ହେଉ ପଛରେ ଯେ ସେ ବେଶି ପାଠ ପଢ଼ି ନାହିଁ, ତାକୁ ବତ୍ରିଶ ବର୍ଷ ହେଲାଣି । ହେଉ ପଛରେ ଯେ ତା'ର ଡାକ ନାଆଁ ନାଣ୍ଟୁ । ସେ ଖେଦନ ମହାନ୍ତିର ପୁଅ, ଦେଖିବାକୁ ଲମ୍ବା ଚଉଡ଼ା ନୁହେଁ. ଭୋଟବେଳେ କଂଗ୍ରେସ କି କେଂଗ୍ରେସ ନେତା କେହି ତାକୁ ପଚାରନ୍ତି ନାହିଁ; କିନ୍ତୁ ସେ ଚୈତନ୍ୟ ବୈକୁଣ୍ଠ ମହାନ୍ତିର ନାତି, ବଡ଼ ଅଂଶର ପିଲା । ତା'ର ଧୃତ ରାମଣି ଗାଉଁଲି ଝିଅ ନୁହେଁ । ସେ ଟାଟା ନଗରରେ ମଣିଷ ହୋଇଛି, ହିନ୍ଦୀ ବଙ୍ଗଳା ଇଂରେଜି ସବୁ ଜାଣେ । ବଡ଼ ଝିଅ ହାସ୍ ବାନ୍ଧି ହୋଇ ଗଲାଣି । ବଳି ଗୋଟିଏ ବୋଲି ସୁନାନାକୀ ଝିଅ, ବ୍ୟବଧାନର ଜୋଡ଼ପୋଡ଼ା ପୁଅ ବୁଅଟା ନୁହେଁ କି ନଅଟା ନୁହେଁ । .. ନାଣ୍ଟୁ କାହିଁକି ସହରରେ ରହିବ ନାହିଁ ? ସେ କାହିଁକି କିଛି ହେବ ନାହିଁ ? ତା'ର ମଧ୍ୟ ହୃଦୟ ଅଛି ।

କୌଣସି ଗୋପନ ଶକ୍ତି ତାଙ୍କୁ ସଞ୍ଚାଳିତ କରେ, ପୋଷ୍ଟାଫିସ କୂଳରୁ ଉଠି ଆସି ସହରର ବଜାର ଭିତରେ, ସାହି ଭିତରେ, ଗଳି ଭିତରେ ବୁଲିବାକୁ କହେ । ଯେପରିକି ବୁଲି ରହିଲେ କିଛି ବନ୍ଦ ହୋଇଯିବ ନାହିଁ, ଗାଆଁକୁ ଫେରି ଯିବାର ଦୁର୍ଭାବନା ଉଭେଇ ଯିବ ।

ତେଣୁ ନାଣ୍ଟୁବାବୁ ବୁଲିବାକୁ ଲାଗନ୍ତି । ପ୍ରଥମେ କାମିଜ ପକେଟରୁ ଗୋଟିଏ ଛୋଟ ବାହାର କରି ଗଣ୍ଡାରିଆ ଫୁଙ୍କି ଦିଅନ୍ତି । ମନେହୁଏ ଯେ ସେ ଏହି ମ୍ଳେଚ୍ଛ ସହରକୁ ଦେଖି ନେବେ, ତା' ସାଙ୍ଗରେ ବଳି କଷିବେ, ଏହି ଭାବରେ ଆଗେଇଛନ୍ତି ।

ସାହି, ଗଳି, ବଜାର । ବଜାର, ଗଳି, ସାହି । କେଉଁ ପାନଦୋକାନ ରେଡ଼ିଓରୁ ଗୀତ ଶୁଭୁଛି, ସିନେମା ଗୀତ । ସୀତାର ମିଠା ଗଳା । ସେ ଏମିତିକା

ଗୀତ କ'ଣ ବୋଲି ପାରନ୍ତା ନାହିଁ ? କିନ୍ତୁ ଗାଁଆରେ କିଏ ପଚ୍ଚରୁଛି ତାକୁ ?... ପାନଦୋକାନ, ଚ୍ହା' ଦୋକାନ, ଭୋଜନାଳୟ, ମନୋହର ଦୋକାନ, ଲୁଗା ଦୋକାନ, ଫଟୋ ଦୋକାନ,—ସମସ୍ତେ ଇନ୍ଦ୍ରଙ୍କ ପରି ନିଜ ନିଜ ଆସ୍ଥାନରେ ବସିଛନ୍ତି, ଆଉ କଣାବଳା ଚ୍ଚାଲିଛି । କିଏ ଜଣେ କହୁଥିଲା ଯେ ହଜାରି ସାହୁର ଚ୍ଚାଁକିଆ ଇଟାବାଲା ଗୋଟାଏ ମଟର ସାଇକଲ କିଣିଛି । ମଟର ସାଇକଲ୍ ଚଢ଼ିଲେ କ'ଣ ସେ ଦ'ଇଞ୍ଚ ଉପରକୁ ଉଠିଯିବ ? ଯେଉଁ ଇଟାବାଲାକୁ ସେଇ ଇଟାବାଲା । ଅସଲ ହେଉଛି ଖାନ୍‌ଦାନ, ବୁନିଆଦ । କଳାକୁଚ୍‌କୁଚୁ ଚେହେରା, ନାଲିଆ ଆଖି, ବାବୁରିବାଳ, ମୁହଁରେ ଯେତେ ରକମର ଅସଭ୍ୟ କଥା—ସେ ପୁଣି ବାବୁ ହେବାକୁ ବସିଛି !...ଭୋକ... । ଏତିକିବେଳକୁ ଏତେ ଭୋକ କେଉଁଠୁ ଆସେ ? ନା, ଆଜି ଭୋକକୁ ଦବେଇ ଦେବାକୁ ହେବ । ଗାଁ'ରେ ଥିଲେ କେତେବେଳଠୁ ଖାଇପିଇ ଶୋଇ ସାରନ୍ତିଣି । ହେଉ, ବୟାଳିଶ ବର୍ଷ ତ ଏମିତି କଟିଗଲା । ଆଜି ଗୋଟାଏ ଦିନ ନ ଖାଇଲେ କ'ଣ ଚଳିବ ନାହିଁ ? (ଏହି ସମୟରେ ମନକୁ ଆସେ ଯେ ହାରବୋଲି ଦେଇଥିବା ଟଙ୍କା ସରିଆସିଲାଣି, ହାର ଘରକୁ ପୁଷ ପୁନେଇଁ ଭାର ପଠା ହେବ । ସେଥିପାଇଁ ଛବିବନ୍ଧ ଦରକାର, ଇତ୍ୟାଦି । କିନ୍ତୁ ନାଣ୍ଟୁବାବୁ ଭୋକ ସମେତ ସେସବୁ ଭାବନାକୁ ଦବେଇ ଦିଅନ୍ତି ।) ଅସଲ କଥା ହେଲା ଗ୍ରହର ଦୋଷ । ଚରିତ୍ର । ହୃଦୟ । ଗାନ୍ଧିଜୀ କେତେଦିନ ଉପାସ ରହି ନ ଥିଲେ ?

ଚ୍ହା' କପେ ପିଇଦେଲେ ଭୋକ ମରିଯିବ ଆହୁରି ଥୋଡ଼ାଏ ଚ୍ଚାଲିହେବ । ନାଣ୍ଟୁବାବୁ ନିକଟତମ ଚ୍ହା' ଦୋକାନକୁ ପଶିଯାଇ ଗରମ୍ ଗରମ୍ କପେ ଚ୍ହା'ର ବରାଦ୍ ଦିଅନ୍ତି ଏବଂ ଚ୍ହା' ପିଇସାରି ପୁଣି ଚ୍ଚାଲନ୍ତି ।

ତା'ପରେ ବେଳେ ବେଳେ ଇଚ୍ଛା ହୁଏ ଯେ ଗୋଟାଏ ସିଗାରେଟ୍ ଟାଣିଲେ ମନ୍ଦ ହୁଅନ୍ତା ନାହିଁ । ନାଣ୍ଟୁବାବୁ ଶସ୍ତା ଦେଖି ଗୋଟାଏ କିଣନ୍ତି । ଧୂଆଁ ଗୁଡ଼ା ପାଣିଚିଆ ଲାଗେ, ଏବଂ ସେ ଥାକରେ ସଜା ହୋଇଥିବା ଟିଣ ସିଗାରେଟ୍ ଉପରେ ଆଖି ପକାନ୍ତି,—ଏସବୁ ବେଶି ଦାମ୍ ସିନା, କିନ୍ତୁ ଭଲ ଲାଗୁଥିବ । ନନ୍ଦବାବୁ ଟିଣ ପରେ ଟିଣ ଧ୍ୱଂସ କରିଦିଅନ୍ତି । ଏତେ ପଇସା କେଉଁଠୁ ଆସେ ?

ରାତି ବଢ଼ୁଛି । ଲୋକ କମି ଆସିଲେଣି । ଲମ୍ବିଲା ପିଚ୍ ରାସ୍ତା ବହଳ ମଜବୁତ୍ ଫିତା ଭଳି ଦେଖା ଯାଉଛି, ଯେଉଁଥିରେ ସହରଆଙ୍କର ସବୁ କାରବାର ଏକାଠି ବନ୍ଧା ହୋଇଛି । ସେହି ବନ୍ଧନ ଭିତରେ ବଡ଼ ବଡ଼ କୋଠାର ଦଳ ଠିଆ ହୋଇଛନ୍ତି, ଆତ୍ମବଳରେ ବଳୀୟାନ୍ ମୁନିଙ୍କପରି । ଦେଖିବାକୁ ଭଲ ଲାଗୁନାହିଁ ? ଭଲ, କିନ୍ତୁ ମନେ ହେଉଛି ଯେ ତାଙ୍କୁ ଛୁଇଁବା ମନା । ଯେପରିକି ସେମାନେ ନିର୍ଜୋଳାରେ ନିଜର ପବିତ୍ର ବଡ଼ପଣକୁ ଟିକିଏ ଅନୁଭବ କରିବାକୁ ଚାହାଁନ୍ତି; ତେଣୁ ସର୍ବସାଧାରଣଙ୍କ ପ୍ରବେଶ ନିଷେଧ । ହେଇ ସୁହାସ ବାବାଙ୍କ

କୋଠା । ଫାଟକରେ ଭାଲ ପଡ଼ୁ ବା ନ ପଡ଼ୁ ତା' ଚେହେରାରେ ବଦଳିବ ନାହିଁ । ଆଗକୁ ଗଲେ ନାରୁଭାଇର କୋଠା । ରଫିକ୍ ବଜାରରେ ନନ୍ଦବାବୁ । କେତେ ଜଣାଶୁଣା କେତେ ଅଜଣାଙ୍କ ନିବାସ-କୁର୍ଟ୍ରର-ସୌଧ ମୁଣ୍ଡ ଟେକିଛନ୍ତି ଓ ମୋ ଆଡ଼କୁ ଚାହିଁଛନ୍ତି । ସର୍ବସାଧାରଣଙ୍କ ପ୍ରବେଶ ନିଷେଧ ।

ନାଣ୍ଟୁବାବୁଙ୍କୁ ଏକୁଟିଆ ଲାଗେ । ଏବେକ୍ଷଣି ଯେଉଁମାନେ ବାହାରେ ବୁଲୁଛନ୍ତି ସେମାନେ ସମସ୍ତେ ସର୍ବସାଧାରଣ—ଶିଆଁବାଲ, ଘର ଫେରନ୍ତା ମଜୁଆ, ଟୋକା ବଜାରଙ୍କ ଦଳ, କେଉଁ ନାର୍ସିଂ କା ମକନା ଅଳ୍ପବୟସୀ (ଗୃହକର୍ତ୍ତ୍ରୀ ? ବରା ପିଆଜିବାଲାର ଝିଅ ? ଖରାପ ମାଇକିନିଆ ?), ଏକୁଟିଆ ବଳେଇ ଓ ଭୁକିଲା କୁକୁର ; କିନ୍ତୁ ମୁଁ ନୁହେଁ । ମୁଁ ନୁହେଁ ! ମୁଁ ଏମାନଙ୍କ ଭିତରୁ ଜଣେ ନୁହେଁ । ମୁଁ ଇଚ୍ଛାକଲେ ଯେ କୌଣସି କୋଠା ଭିତରକୁ ପଶିଯାଇ ପାରିବ ଓ କହିପାରିବ ଯେ ମୁଁ ହେଉଛି ରଙ୍ଗଣିପୁରର ନବଘନ ମହାନ୍ତି । ନାଣ୍ଟୁବାବୁ । ମୁଁ ଏମିତି ଅବେଳାରେ ରାସ୍ତାରେ ବୁଲୁଛି କାହିଁକି ନା— ।

ଶେଷକୁ ଆଉ ଚାଲି ହୁଏ ନାହିଁ, ଟ୍ରକିବାକୁ ଇଚ୍ଛା ହୁଏ ନାହିଁ । ନାଣ୍ଟୁବାବୁ ରିକ୍ସା ଚଢ଼ନ୍ତି ଓ ହଜାର ଚାହାକୁ ଫେରି ଆସନ୍ତି ।

ଫେରିବା ବାଟରେ ସେ ନିଜ ଅକାଳ ମନକୁ ଆଶ୍ୱାସନା ଦିଅନ୍ତି,- ଆଉ ବେଶିଦିନ ନୁହେଁ, ଆଉ ବେଶିଦିନ ନୁହେଁ । କିଛି ହେଲେ ଜୁଟିବ । ଭଗବାନ୍ ଅଛନ୍ତି ଏବଂ ଭଗବାନଙ୍କୁ ଡାକିବା ପରେ ପରେ ସେ ଧୁଣି କୈଫିୟତ୍ ଦେବାକୁ ପ୍ରସ୍ତୁତ ହୋଇ ଉଠନ୍ତି ଯେ, ଗାଆଁରେ ଆଉ ଚଳି ହୋଇ ନ ଥାଆନ୍ତା, ସହରକୁ ନ ଆସି ଚାରା ନ ଥିଲା । ଭଗବାନ୍ ଅଥବା ଯେ କେହି ଜାଣିବା ଶୁଣିବା ଲୋକ ବୁଝିବେ ଯେ ଏ ଗୋଟାଏ ବଦ୍‌ଖିଆଲ୍ ନୁହେଁ । ନାଣ୍ଟୁ ସହରରେ ଜଣେ ହୋଇ ରହିବ । ଜରୁରୀ ଓ ଉଚିତ ।

ସେହି ସମୟରେ ମନେ ପଡ଼ିଯାଏ ଯାର ବାହାଘରବେଳେ କେଉଁ ବରଯାତ୍ରୀର ବ୍ୟଙ୍ଗୋକ୍ତି—"ଏ ଜିନିଷଟି କ'ଣ ? ଚା' ପିଇବା ବେଲା ନା ସରବତ ପିଇବା କଂସା ? ନନ୍ଦବାବୁଙ୍କ ପରିବାରବର୍ଗର ଆଗମନ, ତାଙ୍କ ମାନପୁଅ ଉମୁର ଘୋର ଆଶ୍ଚର୍ଯ୍ୟ—'ଏଠି କ'ଣ କେହି ଚଉକିରେ ବସନ୍ତି ନାହିଁ ?' ତା' ମାଆର ଫୁସ୍ ଫୁସ୍ ଉପଦେଶ । ···ଦର୍ପଣ ସାମ୍ନାରେ ହାର ବୋଉର ଏକୁଟିଆ ଦୀର୍ଘ ନିଃଶ୍ୱାସ, କେବେ କେଉଁ ଅତୀତରେ ସେ ଥିଲା ଟାଟା ନଗରର ଯୁବତୀ, ଆଜି ସେ ରଙ୍ଗଣିପୁରର ବୁଢ଼ୀ ! ···ବୁଢ଼ି ଭଗି ବଡ଼ ବାପାଙ୍କର ପ୍ରଶଂସା—'ବାପ, ବେଶି ପାଠ ପଢ଼ିନାହୁଁ ଭଲ ହୋଇଛି । ଯେ ମୁଅଡ଼େ ପଳେଇଗଲେ, ତୁଇ ଏକ ଏଇ ଗାଆଁ ମାଟିକୁ ଛାଡ଼ିଲୁ ।'···ସୀତା ଓ ଅଞ୍ଜଳି ମାଜିଷ୍ଟ୍ରେଟ୍ । ସୀତା ଓ ଅଞ୍ଚଳ ନେତା

ବିଶ୍ୱମ୍ବର ଶ୍ରେଷ୍ଠବସ୍ତୁ । ସୀତା ଓ ତା’ ଭଉଣୀ । ସମସ୍ତଙ୍କ ମୁହଁରେ ସେହି ଏକା କଥା—ଏତେ ସୁଲକ୍ଷଣିଆ ! ଏତେ ସୁନ୍ଦର ! ନ ଜାଣିବା ଲୋକେ କେହି ବିଶ୍ୱାସ କରନ୍ତି ନାହିଁ ଯେ ତା’ ବାପା ହେଉଛନ୍ତି ନାଣ୍ଟୁବାବୁ ।

ବସାରେ ପହଞ୍ଚି ପୁଣି ଚେକ କରିବାରୁ କଦଳୀ ଗୋଟିଏ ଖାଇଦେଇ ନାଣ୍ଟୁବାବୁ ଚିଠି ଲେଖନ୍ତି । ପ୍ରଥମେ ‘ଆଦରଣୀୟା ସୀତା···।’ ତାପରେ ପ୍ରାଣେଶ୍ୱରୀ ···।’ ଲେଖିଲାବେଳେ ସେ ଆତ୍ମତ୍ୟାଗର ଗରିମା ଅନୁଭବ କରନ୍ତି । —ରାତି ଅଧରେ ଖୋକଲା ପେଟରେ ମୁଁ ଏହି ମାଆ ଝିଅଙ୍କ ପାଖକୁ ଚିଠି ଲେଖୁଛି ।

ତା’ପରେ କଟଣୀ ଛକରୁ କିଣିଥିବା ‘କଳାମୁଖା’ କିମ୍ବା ସେହି ଧରଣର ଗୋଟିଏ ଡିଟେକ୍ଟିଭ୍ ଉପନ୍ୟାସ ପଢ଼ୁ ପଢ଼ୁ ତାଙ୍କୁ ନିଦ ଲାଗି ଆସେ ଓ ସେ ଶୋଇ ପଡ଼ନ୍ତି ।

···ଏହିପରି ଭାବରେ ବର୍ଷମାସରୁ ଊର୍ଦ୍ଧ୍ୱ ହୋଇଗଲା । ନାଣ୍ଟୁବାବୁ ଗାଆଁକୁ କିଛିଦିନ ଯାଇ ବୁଲି ଆସିଲେଣି । ହାରବୋଉ ସ୍ପଷ୍ଟ ଭାବରେ ଜଣାଇ ଦେଲେଣି—‘ହାତରୁ ଖାଇ ଘୋଡ଼ା ଆଗରେ ଦୌଡ଼ିବାପାଇଁ ମୋ ପାଖରେ ଆଉ ପଇସା ନାହିଁ । ଯାହା ହେଲେ କିଛି ଗୋଟାଏ ବ୍ୟବସ୍ଥା କର ।’ ଦଶବର୍ଷର ସୀତା କେତେ ଆବେଗଭରା ପ୍ରଶ୍ନ ପଚାରି ସାରିଲାଣି । ଯଥା—‘ନିରୁ ଅପା କହୁଥିଲା ଯେ ସେଠିକା ସ୍କୁଲରେ ମାଷ୍ଟ୍ରାଣୀମାନେ ପାଠ ପଢ଼ାନ୍ତି । ଆଉ କହୁଥିଲା ଯେ ପ୍ରତି ସ୍କୁଲରେ ଅଲଗା ଅଲଗା ରଙ୍ଗର ଫ୍ରକ୍ ପିନ୍ଧନ୍ତି । ଯେଉଁ ସ୍କୁଲରେ ନେଳିଆ ଫ୍ରକ୍ ଥିବ ମୁଁ ସେଇଠି ପଢ଼ି ପାରିବି ନା ? ବାପା ଆମେ କେବେ ଯିବା ?’ କିନ୍ତୁ ଅବସ୍ଥା ପୂର୍ବ ପରି ଅଛି । ଅଦୂରରେ କେଉଁ ଆଶାର ବର୍ତ୍ତିକା ଜଳିଲାପରି ଦିଶୁ ନାହିଁ ।

କହିବାକୁ ଗଲେ ଅବସ୍ଥା ତଳେଇ ଯାଇଛି ।

ଅନ୍ତତଃ ନାଣ୍ଟୁବାବୁଙ୍କ ମନରେ ସେହି ଧାରଣା ଆସୁଛି । କେତେ ଦିନତଳେ ରାହାସ ଦାଦାଙ୍କର ଶରୀର ପୀଡ଼ା ପୁଣ୍ଡାଇବାକୁ ଯାଇ ସେ ତାଙ୍କ ଗୋଡ଼ହାତ ଚିପି ଦେଲେ । ଦାଦା ପ୍ରୀତ ହେଲେ । ଆଉ ଦିନେ ନନ୍ଦବାବୁ ଖାଇସାରି ଉଠିଗଲା ପରେ ସେ ସେହି ଥାଳିରେ ବସି ଖାଇଲେ । ପ୍ରଥମେ ନନ୍ଦବାବୁଙ୍କ ସ୍ତ୍ରୀ ଟିକିଏ ବିସ୍ମିତ ହେଲା ପରି ଲାଗିଲା, କିନ୍ତୁ ତା’ ପରେ ସେ ସ୍ନେହରେ ଗଦ୍‌ଗଦ୍ ହୋଇ କେତେ ତରକ ସ୍ୱାପରି ଭଲମନ୍ଦ ବଳେଇ କରି ଖୋଇଲେ । ଦୁଇଥର ଯାକ ନାଣ୍ଟୁବାବୁ ନିଜକୁ କହିଲେ ଯେ ସେ କିଛି ଗ୍ରେଟକାମ କରି ନାହାନ୍ତି,—ସେମାନେ ବୟୋଜ୍ୟେଷ୍ଠ, ନିଜ ଲୋକ । କିନ୍ତୁ ପରେ ତାଙ୍କର ମନେ ହେଲା ଯେ ଏହି ନିଜ ଲୋକମାନେ ତାଙ୍କର ଉଦାରତା ସ୍ୱୀକାର କରୁ ନାହାନ୍ତି । କାହିଁକି ? କାହିଁକି ? ଆଗରୁ କ’ଣ ଏମିତି ହେଉଥିଲା ? ମୁଁ କ’ଣ ସତରେ ସେମାନଙ୍କ ଅନୁଗ୍ରହରେ ପଡ଼ି ରହିଛି ?

ଏହିସବୁ ପ୍ରଶ୍ନର ତାଡ଼ନାରେ ତାଙ୍କର ଧାରଣା ଆସୁଛି ଯେ ଅବସ୍ଥା ଜଟିଳେଇ ଗଲଣି ।

ଆଜିକାଲି ସେ ସନ୍ଧ୍ୟାବେଳେ ବୁଲିଯାଉ ନାହାନ୍ତି । ଘରେ ବସି ଏଣୁ ତେଣୁ ଭାବୁଛନ୍ତି ଓ ଉପନ୍ୟାସ ପଢ଼ୁଛନ୍ତି । ଦିନେ—'ପ୍ରେତପୁରୀ' ନାମକ ଗୋଟିଏ ଉପନ୍ୟାସ ପଢ଼ି ପଢ଼ି ତା'ର ଅନ୍ତରାଳରେ ସେ ସ୍ୱପ୍ନ ଦେଖିଲେ । ଭୟ-ମଧୁର ଭାବନାର ସ୍ୱପ୍ନ । ଦେଖିଲେ ଯେ ସେ ଗୋଟିଏ ରହସ୍ୟଜାଲ ସୃଷ୍ଟି କରି ସେମାନଙ୍କୁ ନିଜ ଅନ୍ଧକାରରେ ଆଣି ପାରିଛନ୍ତି । ସେମାନେ ଶତ୍ରୁ ନା ମିତ୍ର, ବନ୍ଧୁ ବାନ୍ଧବ ବା ଅପର ଲୋକ ବୁଝି ହେଉ ନାହିଁ; କିନ୍ତୁ ସେମାନେ ସମସ୍ତେ ଅଦ୍ଭୁତ—ଗୋଟିଏ ଗୁହାଭିତରେ ଏବଂ ନାଣ୍ଟୁବାବୁ ତାଙ୍କୁ ବୁଝାଉଛନ୍ତି । ଆଶ୍ୱାସନା ଦେଉଛନ୍ତି ଯେ, ତାଙ୍କର କିଛି ଅନିଷ୍ଟ ହେବ ନାହିଁ, କାରଣ ନାଣ୍ଟୁ ମନ୍ଦ ନୁହେଁ, ତା'ର ହୃଦୟ ଅଛି—ବିଶାଳ ହୃଦୟ, ରାଜା ପରି ।

ଖୋଲା କବାଟରେ କିଏ ଖଟ୍ ଖଟ୍ କଲା । ନାଣ୍ଟୁବାବୁ ସଚେତ ହୋଇ ଦେଖିଲେ ଯେ ପ୍ରତିବେଶୀ ଉଚ୍ଛବ ପାଣି ହସ ହସ ବଦନରେ ମାଡ଼ି ମାଡ଼ି ଆସୁଛନ୍ତି । ସତେ ଯେପରି ସେ ତାଙ୍କ ପୁରୁଣା ସାଙ୍ଗ । ସାମାନ୍ୟ ସ୍କୁଲ ମାଷ୍ଟର, ଗୋଟାଏ ଅଭାଗିଆ ଅପରଛନିଆ ପିଲା, ପଇସା ପଦରେ ନିହାତି ଛୋଟଲୋକ,—ତା'ର ମୋ' ପାଖରେ କ'ଣ କାମ ଅଛି ? ପୁଣି ଏତେ ହସ କାହିଁକି ?

"ନମସ୍କାର ନବଘନ ବାବୁ । କ'ଣ ଖବର ?"

"ଚାଲିଛି ।" ନାଣ୍ଟୁବାବୁ ଯଥାସମ୍ଭବ ତାଙ୍କର ବିରକ୍ତିକୁ ଦମନ କଲେ ଏବଂ କାମନା କଲେ ଯେ ଏ ଲୋକଟା ଶୀଘ୍ର ଚାଲିଯିବ ଓ ସେ ତାଙ୍କ 'ପ୍ରେତପୁରୀ'କୁ ଫେରି ପଶି ପାରିବେ ।

କିନ୍ତୁ ଅଧଘଣ୍ଟାଏ ନ ଯାଉଣୁ ଦେଖାଗଲା ଯେ ନାଣ୍ଟୁବାବୁ ମନୋଯୋଗୀ ଛାତ୍ରଙ୍କ ପରି ମାଷ୍ଟର ଉଚ୍ଛବ ପାଣିଙ୍କ କଥା ଶୁଣି ଯାଉଛନ୍ତି । ମୁହଁରେ ମୁଗ୍ଧତା, ଉନ୍ମେଷ ଓ ଜାଗରଣର ଚଳନ୍ତି ଛବି । କଥୋପକଥନର ଶେଷ ପଦ କେତୋଟି ଏହିପରି ଥିଲା,—

"ମୁଁ ବୁଝି ପାରୁ ନାହିଁ । ସ୍ୱାଧୀନ ବ୍ୟବସାୟ ନ କରି ଏହି ଏଜେଣ୍ଟ ହେବାରେ କଅଣ ଲାଭ ଅଛି ?"

"ଆପଣଙ୍କୁ କେମିତି ବୁଝେଇବି ?" (ହାରି ଯିବାର ଭଙ୍ଗୀରେ ମସ୍ତକ ସଞ୍ଚାଳନ) "ମୁଁ ଆପଣଙ୍କୁ ଦଲାଲ ହେବାକୁ କହୁନାହିଁ; ଏଜେଣ୍ଟ । ସରକାରଙ୍କ ଏଜେଣ୍ଟ ।"

"ଓ— ।"

"ନା, ତଥାପି ଆପଣ ଠିକ୍ ଧରି ପାରୁ ନାହାନ୍ତି । ସାଧାରଣ ବ୍ୟବସାୟ କଲେ ଆପଣ ପବନରେ ଉଡ଼ିଯିବେ, ତାତରେ ପୋଡ଼ିଯିବେ; କିନ୍ତୁ ଏମିତିକା ବ୍ୟବସାୟରେ ଆପଣ ଛୁଇଁତଳେ ରହିବେ, ତର୍ଣ୍ଣିକଣ୍ଠା କର୍ମ୍ମିଶିସନ୍‌ରୁ ରକ୍ଷା ପାଇବେ ।"

"ଆଚ୍ଛା ।"

"ଆପଣ କିଛୁ କରିବେ ନାହିଁ, ଆପଣ ନିମିତ୍ତ ମାତ୍ର । ସରକାର ଲୋକଙ୍କ-ଠାରୁ କିଣିବେ, ସରକାର ଲୋକଙ୍କୁ ବିକିବେ, ମଝିରେ ଆପଣଙ୍କର କମିସନ୍ । ସେଥିରେ ଦାତାର କିଛି ଭାଗ ରହିବ, ବାକୀ ସବୁ ଆପଣଙ୍କର ।"

ଉତ୍ତର ନାହିଁ । ଗୃହାଣୀ ପ୍ରଶ୍ନାକୁଳ ।

"ହୁଏତ ଆପଣ ଭାବୁଥିବେ ଯେ କମିସନ୍ କେଇଟା ଟଙ୍କା ମିଳିବ, ସେଥିରେ ଭାଗ ପଡ଼ିଲା ବେଳକୁ ଆଉ କ'ଣ ବା ରହିବ; କିନ୍ତୁ ନବଘନବାବୁ, ଆପଣ ଦେଖିବେ ଯେ ଏ ହେଉଛି ଗୋଟାଏ ସୁନାଖଣି । ମୋ କଥା ଲେଖି ରଖନ୍ତୁ । କମିସନ୍‌କୁ କିଏ ପଚାରେ ? ଆପଣଙ୍କ ହାତକୁ ଯେଉଁ କଣା ବଜାର ମାଲ୍ ଆସିବ, ସେଥିରୁ କେତେ ପାଣି ପଶି ନଷ୍ଟ ହୋଇଯିବ, କେତେ ମୂଷା ଖାଇଯିବେ, କେତେ ଚୋରି ହୋଇଯିବ, ଆଉ କେତେ ଅଣସଂଜ୍ଞା ଲୋକମାନଙ୍କୁ ଦିଆ ହୋଇଯିବ । ହିସାବ ଖାତାରେ କିଛି ତ୍ରୁଟି ରହିବ ନାହିଁ । ହେଲେ ସେହି ଗୁପ୍ତ ଧନର ମାଲିକ ହେବେ ଆପଣ । କେବଳ ଆପଣ ।"

ନବଘନବାବୁଙ୍କ ପାଟି ଇଞ୍ଚେ ମେଲା ହୋଇଗଲା । ତାଙ୍କର ମନେ ହେଲା ଯେ ଏ ସେହି 'ପ୍ରେତପୁରୀ' ଜନିତ କଳ୍ପନାର କ୍ରମଶଃ, ଉଚ୍ଛବ ପାଣି ହେଉଛନ୍ତି ସେଠିକାର ଜଣେ ଗୋଇନ୍ଦା କମ୍ପା ସର୍ଦ୍ଦାର । ଯାହାହେଉ ସେ ବାସ୍ତବତାକୁ ପରଖି ନେଲା ପରି ଚମକାଇଦିଆ ସ୍ୱରରେ ପ୍ରଶ୍ନ କଲେ—

"କିନ୍ତୁ ମୋତେ କାହିଁକି ଏ କାମ ଦିଆଯିବ ? ମୁଁ କିଏ ?"

ଏଥର ଉତ୍ତରରେ ମାଷ୍ଟର ଉଚ୍ଛବ ପାଣି ହସି ଉଠିଲେ । କହିଲେ, "ଆପଣଙ୍କୁ ସେ ବିଷୟ ଭାବିବାକୁ ପଡ଼ିବ ନାହିଁ । ସବୁ ଯୋଗାଡ଼ ହୋଇଯାଇଛି । ଦାତା ନିଜକୁ ଜଣାଇବାକୁ ଚାହେଁ ନାହିଁ; କିନ୍ତୁ ତା'ର ଅସାଧ କିଛି ନାହିଁ । ଠିକ୍ ହୋଇଛି ଯେ, ପ୍ରଥମେ ଧାନଚାଉଳ, ତା'ପରେ ସିମେଣ୍ଟ୍, ତା'ପରେ— । ଅବଶ୍ୟ ଆପଣ ଯଦି ରାଜି ହୁଅନ୍ତି ।"

ନବଘନବାବୁ ଜୋରରେ ହସିଲେ; କିନ୍ତୁ ତାଙ୍କ ହସର ସରଳତା ମଧୁରତା ଓ ବ୍ୟାପ୍ତି ଉଚ୍ଛବ ପାଣିଙ୍କ ମନକୁ ଛୁଇଁଲା । ସେ ବୁଝିଲେ ଯେ ଆଉ କିଛି କହିବାର ନାହିଁ ।

ଉତ୍ସବ ଯାନ ଚାଲିଗଲା ପରେ ମଧ୍ୟ ନାଣ୍ଟୁବାବୁଙ୍କ ଓଠରୁ ହସ ଲିଭିଲା ନାହିଁ । ଯେପରିକି ସେ ମୁଗ୍ଧ ହୋଇ ନିଜକୁ, ନିଜର ନୂଆ ରୂପକୁ ଦେଖୁଛନ୍ତି । ନାଣ୍ଟୁ ଗୋଟାଏ ବଡ଼ କାମ, ଅସାଧାରଣ ବ୍ୟବସାୟ କରିବାକୁ ଯାଉଛି ।

ଅଙ୍କିତ ଭାଗ୍ୟ କିଏ, ସେ ବିଷୟରେ ସେ ମୁଣ୍ଡ ଖେଳାଇଲେ ନାହିଁ । ହୁଏତ ନିଜେ ରାମ୍ଭାସଦାଦା, ନନ୍ଦବାବୁ, ନାରୁଭାଇ କିମ୍ବା କେଉଁ ହାକିମ, ଶେଠ, ମିନିଷ୍ଟର୍—କିଏ କହିବ ? କିନ୍ତୁ ତାଙ୍କର ବିଶ୍ୱାସ ଯେ ନାଣ୍ଟୁ ଅପାରଗ ନୁହେଁ । ମୂଳଧନ ଶହେ ନୁହେଁ, ଦୁଇଶହ ନୁହେଁ, ଆଠହଜାର ଟଙ୍କା— !

ସଂଗୀତର ମୁହଁ ମନେ ପଡ଼ିଲା । ସେ ଆନନ୍ଦରେ ନେଳିଆ ଫ୍ରକ୍ ପିନ୍ଧି ନାଚୁଛି ।

…ଏହାର କିଛି ଦିନ ପରେ ସେ ପିଲାପିଲାଙ୍କୁ ସହରକୁ ଆଣିଲେ । ସୀତାର କନ୍‌ଭେଣ୍ଟ ସ୍କୁଲରେ ନାଁ ଲେଖାଗଲା ଓ ତା' ନାଁ ଦିଆହେଲା ସଙ୍ଗୀତା ।

( ୨ )

ଆଜି ସଙ୍ଗୀତାକୁ ପନ୍ଦର ପୂରି ଷୋଳ । ସେ ନେଳିଆ ଫ୍ରକ ପିନ୍ଧୁ ନାହିଁ, ନାଇଲନ୍ ଶାଢ଼ୀ ପିନ୍ଧି କଲେଜକୁ ଯାଉଛି ।

ନାଣ୍ଟୁବାବୁ ଗୋଟିଏ କୋଠାଘର ତୋଳିଛନ୍ତି । ତା'ର କାମ ସରିନାହିଁ, ବିଭିନ୍ନ ଜାଗାରୁ କଞ୍ଚା ଚୂନ ସିମେଣ୍ଟର ବାସ୍ନା ଆସୁଛି । ନନ୍ଦବାବୁ କେତେଥର କହିସାରିଲେଣି—'ନାଣ୍ଟୁ, ତୁ ଏ ଘରପିଣ୍ଡା ଯେତେ ଟଙ୍କା ଖର୍ଚ୍ଚ କଲୁଣି, ଯେତେ ସମୟ ନଷ୍ଟ କଲୁଣି, ମୁଁ ହୋଇଥିଲେ ତିନିଟା ଘର ତୋଳି ସାରନ୍ତିଣି ।' ହାରିବୋଉ ମଧ୍ୟ ବ୍ୟସ୍ତ ହୋଇଗଲେଣି । ସେ ଗର୍ବମିଶ୍ରିତ ଦୁଃଖରେ ସଙ୍ଗିନୀମାନଙ୍କୁ କହନ୍ତି 'କଅଣ ସବୁଦିନେ ଖୁଣ୍ଟରୁ ଖୁଣ୍ଟରୁ ଚାଲିଛି, ଭଗବାନ୍ ଜାଣନ୍ତି । ଠାକୁରଘର ପ୍ଲାନ୍‌ରେ ନ ଥିଲା, ଠାକୁରଘର ହେଲା । ତା' ପରେ କ'ଣ ନା ଦାଣ୍ଡ ବାରଣ୍ଡାକୁ ଚଉଡ଼ା କର, ଆହୁରି ଚଉଡ଼ା । ସେଇଠୁ ଠିକ୍ ହେଲା ଯେ ଦାଣ୍ଡକୁ ଗୋଟାଏ ପୋର୍ଟିକୋ ଦରକାର, ନାରୁଭାଇ ଘରେ ଯେମିତି ଅଛି, କାର୍ କିଣା ହେଲେ ସେଇଠି ଛିଡ଼ା ହେବ । ବର୍ତ୍ତମାନ ଝୁଙ୍କ ଉଠିଛି ଯେ ବାଡ଼ିପଟକୁ ଧାଉଡ଼ିଏ ସାନଘର ତିଆରି ହେବ, ଗୃହକାନ୍ଥରେ ବହିଥାକ ଖଞ୍ଜା ହେବ, ଆଉ ପିଲାଏ ସେଠି ନିରୋଳାରେ ପାଠ ପଢ଼ିବେ । ଝିଅ ବାହାଘର ମୁଣ୍ଡ ଉପରେ, ପୁଅ ମଣିଷ ହୋଇନାହିଁ—ତାଙ୍କପାଇଁ କିଛି ରଖିଯିବ ନା ନାହିଁ ? ବଡ଼ ଲୋକ ବଡ଼ ଲୋକ ବୋଲି ହୁରି ପଡ଼ିଛି, ଦେଖିଲା-ବେଳକୁ ଖଡ଼ା ନାସ୍ତି । …ତା' ଛଡ଼ା ତମର ବୟସ ହେଲା । ସବୁଦିନେ କ'ଣ ଖଟୁଥିବ ? ଦିନକୁ ଦି'ଘଣ୍ଟା ବିଶ୍ରାମ ନେଲେ ହୁଅନ୍ତା ନାହିଁ ?

ପ୍ରକୃତରେ ନାଣ୍ଡୁବାବୁ ବିଶ୍ରାମ ନେଇ ପାରୁ ନାହାନ୍ତି । କହିଲେ ଅତ୍ୟୁକ୍ତି ହେବ ନାହିଁ ଯେ ଗତ ପାଞ୍ଚ ବର୍ଷ ହେଲା ସେ ମୁହୂର୍ତ୍ତେ ବିଶ୍ରାମ ନେଇ ନାହାନ୍ତି । କାରଣ ସେଦିନ ରାତିରେ ହଜାରିସାହୀର କୁଡ଼ିଆଘରେ ଯେଉଁ ପୁଅର ମୁହଁ ଖୋଲି-ଗଲା ତାକୁ ରୋଧିବାର ଶକ୍ତି ନ ଥିଲା । ନାଣ୍ଡୁଙ୍କୁ କାମ କରିବାକୁ ହେବ । ଗୁଡ୍ସ୍ କ୍ଲର୍କ ସୋମାପ୍ପା ଯଦି କହୁଛି ଯେ ରାତି ତିନିଟା ବେଳେ ତିନିନମ୍ବର ସେଡ୍ ପାଖରେ ତା' ସାଙ୍ଗରେ ଦେଖା କରିବାକୁ ହେବ ତାହାହେଲେ ଠିକି ଯଥା-ସମୟରେ ଯିବାକୁ ପଡ଼ିବ । ଶିଳ୍ପପତି ଟଣ୍ଡ ଷଡ଼ଙ୍ଗୀର ଗାଆଁଘରେ ଶହେ ବସ୍ତା ଚାଉଳ କୌଣସି ମତେ ପହଞ୍ଚାଇ ଦେବାକୁ ପଡ଼ିବ, ଚବିଶ ଘଣ୍ଟାରୁ ବେଶି ଡେରି ହେବ ନାହିଁ । ସେକ୍ରେଟେରିଏଟରେ ବିଭିନ୍ନ ମହଲରେ ବିଭିନ୍ନ ଲୋକଙ୍କ ସହିତ କାରବାର ଚାଲୁ ରଖିବାକୁ ହେବ ଏବଂ ନିୟମିତଭାବରେ ଉଚ୍ଛବ ପାଣିର ଜରିଆରେ ଦାତାଙ୍କ ଉପଦେଶ ଶୁଣିବାକୁ ହେବ ।

କର୍ତ୍ତବ୍ୟପରାୟଣତା । ଯେତେବେଳେ ଦେଖିବ ସେହି ଗମ୍ଭୀର ଭାବ, ତତ୍ପର ଭଙ୍ଗୀ, ମାର୍କାମରା ବନସ୍ପତି ହସ ଏବଂ କପାଳରେ ଝାଳ । ଯେପରିକି ସେ ଏକାଧାରରେ ସୈନିକ ଓ ସେବକର ବ୍ରତ ଗ୍ରହଣ କରିଛନ୍ତି, ନିଜ କଥା ଭାବିବାକୁ ବେଳ ନାହିଁ । ଉଚ୍ଛବ ପାଣି ଦିନେ ଦୟାପରବଶ ହୋଇ କହିଲେ 'ନବଘନବାବୁ, ଆପଣଙ୍କୁ ଏତେ ଧାଁ-ଧପଡ଼ କରିବାକୁ କିଏ କହୁଛି ? ଗରଜ କ'ଣ ଖାଲି ଆପଣଙ୍କର ? କିନ୍ତୁ ନାଣ୍ଡୁବାବୁ ସହନଶୀଳତାର ଭାବ ଦେଖାଇ କହିଲେ 'ନାଁ, ନାଁ, ମୋତେ କିଛି କଷ୍ଟ ହେଉନାହିଁ । ଏଇ କନ୍ସାଇନ୍ମେଣ୍ଟଟା ଆସିଗଲେ ।—'

ଉଚ୍ଛବ ପାଣି ସେତେବେଳେ ବୁଝିଲେ ନାହିଁ । ପରେ ବୁଝିଲେ । ଥରେ କ୍ଲାସରେ ପାଠ ପଢ଼ାଉ ପଢ଼ାଉ ପଛବେଞ୍ଚର ଗୋଟିଏ ଉଦ୍ଗତ ମୁହଁକୁ ଦେଖି ତାଙ୍କର ନାଣ୍ଡୁବାବୁଙ୍କ କଥା ମନେ ପଡ଼ିଲା ଏବଂ ତାଙ୍କର ଧାରଣା ହେଲା ଯେ ସାଧୁତା ଗୋଟାଏ ଗୁଣବାଚକ ଶବ୍ଦ, କ୍ରିୟାବାଚକ ନୁହେଁ । ନବଘନବାବୁଙ୍କର ସେହି ବୃତ୍ତକୋଣିଆ ଚଟକା ମୁହଁ, କପାଳ ଓ ଚିବୁକ ଉଭୟ ପଶ୍ଚାଦଗାମୀ, ଘଞ୍ଚ ଭ୍ରୂଲତା, ଗର୍ତ୍ତରିଆ ଚାହାଣୀ, ଚଉଡ଼ା ଗୋଲେଇ ନାକ, ଅର୍ଦ୍ଧ ପ୍ରସ୍ଫୁଟିତ କମଳପରି ଓଷ୍ଠଟିଏ କିନ୍ତୁ ମୋଟା ପାଖୁଡ଼ାର ଓଠ,—ଏତିକିରୁ କ'ଣ ଜଣା ପଡ଼ୁନାହିଁ ଯେ ସେ ସାଧୁତାର ପ୍ରତିମୂର୍ତ୍ତି ? ଅର୍ଥାତ୍ ସେ କାମ କରନ୍ତି ନାହିଁ, ନିଜକୁ ନିଯୁକ୍ତ କରନ୍ତି । ସରଳ (ସୁନ୍ଦର) ମୌଳିକ (ମହାନ୍) ଉଦ୍ଦେଶ୍ୟ ଦ୍ୱାରା ପ୍ରେରିତ ଓ ଧାବିତ ହୁଅନ୍ତି । ଯଥା ଚମ୍ପାପୁଅ । ଯଥା ଭକ୍ତ । ଯଥା ବାପ୍ପା ଚଟ୍ଟେଇ । କିଏ କାହିଁକି ଭାବିବ ଯେ ସେ କଳାବଜାର କରନ୍ତି ?

ଏତେବେଳକେ ସେ ବୁଝିଲେ ଯେ ଦାତା କାହିଁକି ସ୍ଥାଙ୍କୁ ହିଁ ବାଛିଲେ । ଆଉ କାହିଁକି ସୋମାପ୍ପା ଷଡ଼ଙ୍ଗୀ ଓ ଅନ୍ୟମାନେ ନିଜେ ଆଡ଼ୁଆଳରେ ରହି ସ୍ଥାଙ୍କୁ

ପଦାକୁ ଆସିବାକୁ କହନ୍ତି । କାରଣ ନବଘନବାବୁ ଧରା ପଡ଼ିବେ ନାହିଁ । କସ୍ମିନ୍‌କାଳେ ଧରା ପଡ଼ିବେ ନାହିଁ ।

ଶୁଣୁ ଶୁଣୁ ଉଚ୍ଛବ ପାଣି ଅଧିକତର ଆଶ୍ଚର୍ଯ୍ୟ ହେଲେ ଓ ତାଙ୍କ ମନରେ ଈର୍ଷାର ଭାବ ଆସିଲା । ତେଣୁ ସେ ଚଟ୍‌କରି କଥାଟା ଛିଣ୍ଡେଇ ଦେଲେ,—ଧ୍ୟାତ୍, ମଫସଲିଆ ଟା !

ଯାହାହେଉ ନାଣ୍ଟୁବାବୁ ଅନ୍ୟମାନଙ୍କ ପ୍ରଶଂସା ନିନ୍ଦାକୁ ଭ୍ରୂକ୍ଷେପ ନ କରି କାମ କରିଯାଉଛନ୍ତି ଏବଂ ତାଙ୍କୁ ଭଲ ଲାଗୁଛି ।

କାମ ହେଉଛି, ଟଙ୍କା ଆସୁଛି । ସମ୍ବର୍ଦ୍ଧିଷ୍ଣୁ ସଂସାରର ସୁଖ । ଚାଳଘର ଛାଡ଼ି କୋଠାଘର—ଗୋଟିକ ପରେ ଆଉ ଗୋଟିଏ—ତା'ପରେ ନିଜର ନୂଆ କୋଠା ଘର । ଅଗଣା ବଡ଼ ହୋଇଛି, ଝରକାରେ ବେଶି ପବନ ଆସୁଛି, କୁଣ୍ଡରେ ଫୁଲ ଫୁଟୁଛି, ପିଲାମାନେ କେକ୍ ବିସ୍କୁଟ୍ ଖାଉଛନ୍ତି, ଘରଦୋଉ ନୂଆ ନୂଆ ରକମର ଶାଢ଼ୀ ପିନ୍ଧୁଛନ୍ତି । ସଙ୍ଗୀତ ଚହଟୁଛି । ଅନ୍ଧାରରୁ ଆଲୁଅକୁ ଆସିବାର ଏହି ସୌଭାଗ୍ୟକୁ ହେଳା ନାଣ୍ଟୁବାବୁ ବିଶ୍ୱପିତାଙ୍କ ପାଖରେ ନତମସ୍ତକ ହୁଅନ୍ତି ଏବଂ ବିଶ୍ୱପିତାଙ୍କ ଦୂତସ୍ୱରୂପ ଅଜଣା ଦାତା, ଉଚ୍ଛବ ପାଣି, ରାହାସଦାଦା ଓଗେର ଶୁଭାକାଙ୍କ୍ଷୀ ଓ ସହକାରୀ ସହକର୍ମୀମାନଙ୍କ ପ୍ରତି କୃତଜ୍ଞତା ଜଣାନ୍ତି ।

ବାହ୍ୟିକ ଦୃଷ୍ଟିରୁ ଦେଖିଲେ ତାଙ୍କର ବଦଳି ନାହିଁ । ସେ ପୂର୍ବପରି ଖଣ୍ଡେ ତୋରିଆ କାମିଜ ଓ ଧୋତି ପିନ୍ଧି, ପାଦରେ ଚଟି ଗଳେଇ ଚାରିଆଡ଼େ ବୁଲୁଛନ୍ତି । ଅଧିକାଂଶ ସମୟ ବିଡ଼ି ଓ କେବେ କେମିତି ସିଗାରେଟ ଟାଣୁଛନ୍ତି । ଫୁରୁସତ୍ ହେଲେ ଡିଟେକ୍‌ଟିଭ୍ ଉପନ୍ୟାସ ପଢ଼ୁଛନ୍ତି । କିନ୍ତୁ ସେ ନିଜେ ଅନୁଭବ କରୁଛନ୍ତି ଯେ ତାଙ୍କ ଆତ୍ମାର ଉନ୍ନତି ହୋଇଛି, ହୃଦୟଗୁଣ ବିକଶି ଉଠିଛି । ଏମିତି ହେବାର ଥିଲା । ବେଳେ ବେଳେ ଦୁଃଖ ହୁଏ ଯେ ଜୀବନର ପ୍ରାୟ ତିନି ଭାଗରୁ ଦୁଇଭାଗ ବୃଥା କଟିଗଲା ରଙ୍ଗଣିପୁରର ମାଟିକୋଠର ବାସ୍ନା ଶୁଙ୍ଘି, ତେଲଚିକଟା ତକିଆ ମସିଣାରେ ଶୋଇ, ରତନମାଆର ତୁଳରେ ମାଡ଼ିଥିବା ପାଣିକଖାରୁ ଦେଖି ଦେଖି ସମୟ ଗଡ଼ିଗଲା । ତେବେ ଅନୁଶୋଚନା ପରିହାର କରି ସେ ଭାବନ୍ତି ଯେ ବେଶି ଡେରି ନ ହେଉଣୁ ସେ ଠିକ୍ ବାଟକୁ ଚାଲିଆସି ପାରିଛନ୍ତି ।

ଏହି ପାଞ୍ଚବର୍ଷ ଭିତରେ ସେ କେତେଥର କାହା ଉପରେ ରାଗିଛନ୍ତି ? କେବେ କ'ଣ ତାଙ୍କ ମନରେ ଆସିଛି ଯେ ଅମୁକର ଅନିଷ୍ଟ ହେଉ, ଅମୁକ ବଡ଼ଲୋକର ବଡ଼ଲୋକି ଧ୍ୱଂସ ପାଇଯାଉ, କେଉଁ ଦୁଃଖୀରଙ୍କି ଗରିବର ମଙ୍ଗଳ ନ ହେଉ ? ପୂର୍ବେ ସେ ଏହି ସହରରେ ତାଙ୍କର କେତେଜଣ ବନ୍ଧୁବାନ୍ଧବଙ୍କ ଛଡ଼ା ପ୍ରାୟ ଆଉ କାହାକୁ ଜାଣି ନ ଥିଲେ । ବ୍ୟବସାୟ ଆରମ୍ଭ ହେଲାଦିନୁ ଅନେକ ପ୍ରକାରର ଅନେକ ଲୋକ—

କଣ୍ଟ୍ରାକ୍ଟର, କେରାଣୀ, ଦଲାଲ୍, ଗୁମାସ୍ତା, ଚପରାଶି, ହାକିମ, କର୍ମୀ, ନେତାମାନଙ୍କ ସହିତ ତାଙ୍କର ପରିଚୟ ହୋଇଛି । କେବେ କ'ଣ ଭୁଲ୍‌ରେ ତାଙ୍କ ମନଟା ପିତା ହୋଇଯାଇଛି ଓ ସେ ଭାବିଛନ୍ତି ଯେ ଅନେକ ଲୋକ ପୃଥିବୀରେ ଜନ୍ମ ନେଇ ନ ଥିଲେ ଭଲ ହୋଇଥାଆନ୍ତା ? ନା । ଯେ କୌଣସି ନିରପେକ୍ଷ ବିଚାରକ କହିବ ଯେ ନାଣ୍ଟୁବାବୁ ବଦଳିଛନ୍ତି ଏବଂ ସଂସାରର—ଅନ୍ତତଃ ଏହି ସହରର—, ସାଧାରଣ ସ୍ତରର ଉପରକୁ ଉଠିଯାଇଛନ୍ତି ।

ତାଙ୍କର ଏହି ଉଲମଣିଚପଣିଆ ଘରେ ବାହାରେ କେତେ ଭାବରେ ପ୍ରକଟିତ ହୁଏ । ଧର, ଗ୍ରହାସଦାଦାଙ୍କ ଘରେ । ଗ୍ରହାସଦାଦା ତାଙ୍କ ବଡପୁଅ ବିରଜା ଉପରେ ମହାବିରକ୍ତ—ସେ ପାଠପଢାରେ ମନ ଦେଲ ନାହିଁ, ବ୍ୟବସାୟରେ ମଧ୍ୟ ଲାଗି ରହୁ ନାହିଁ, ଏହି ନେଦିନ ତା ପାର୍ଟନର ହାତରେ ବଜିଆ କରି ରେଲୱେର ଗୋଟାଏ ବଡ଼ କଣ୍ଟ୍ରାକ୍ଟ ହରାଇଲା ଇତ୍ୟାଦି । ଏ କଥା ଶୁଣି ନାଣ୍ଟୁବାବୁ ଚୁପ୍ ରହି ପାରିଲେ ନାହିଁ, କହିଲେ—'ରେଲୱେର ମିଷ୍ଟର କପୁରଙ୍କ ସାଙ୍ଗରେ ମୋର ଚିହ୍ନା ଅଛି, ତୁମେ ଯଦି କହିବ ମୁଁ ବିରଜାକୁ ହାତରେ ନେଇଯିବି··· ।' ଏତିକିରେ ଗ୍ରହାସଦାଦା କେଜାଣି କାହିଁକି ତାଙ୍କ ଆଡ଼କୁ କଟମଟ କରି ଅନାଇଲେ, ଯେପରି କି ସେ ମିଷ୍ଟର୍ କପୁରଙ୍କ ପରି ବଡ଼ ଅଫିସରଙ୍କ ସାଙ୍ଗରେ ନାଣ୍ଟୁବାବୁଙ୍କ ସମ୍ପର୍କକୁ ସହ୍ୟ କରି ପାରୁ ନାହାନ୍ତି । ତା'ପରେ ସେ ଛୁଆଖିଆ ପରି କହିଲେ—'ନାହିଁ, ତୋର ଭାବିବା ଦରକାର ନାହିଁ । ମୁଁ ବର୍ମନଙ୍କୁ କ୍ଲବ୍‌ରେ ଦେଖାହେଲେ କହିବି;' କିନ୍ତୁ ନାଣ୍ଟୁବାବୁ ସେଥିରେ ଅପମାନବୋଧ କଲେ ନାହିଁ । ବରଂ ତାଙ୍କର ଗ୍ରହାସଦାଦାଙ୍କ ପ୍ରତି ଦୟା ଆସିଲା । କ୍ଷଣକ ପରେ ସେ ଦାଦାଙ୍କ ପେଟମରା ପାଇଁ ଗୋଟିଏ ଦରକାରୀ ଦାମି ଔଷଧକୁ 'କଳା'ରେ ଅଥଚ ସୁବିଧା ଦରରେ ଆଣି ଦେବେ ବୋଲି ପ୍ରତିଶ୍ରୁତି ଦେଲେ ।

କିମ୍ବା ନନ୍ଦବାବୁଙ୍କ ବଗିଚାରେ । ନାଣ୍ଟୁବାବୁ ସ୍ୱତଃପ୍ରବୃତ୍ତ ହୋଇ ଆନନ୍ଦରେ କୋଡ଼ ହାଣିଲେ । ତଥାପି ଅଚ୍ଛା ଛଳରେ ନନ୍ଦବାବୁ ପଦେ କହିବାକୁ ଛାଡ଼ିଲେ ନାହିଁ,—'ଯେତେ କୋଡ଼ି ହାଣିଲେ, ଯେତେ ଖଟିଲେ କ'ଣ ହେବ ? କଣ୍ଟ୍ରୋଲ ମାଲର ତର୍କି କଅଣ ସହଜେ ଛାଡ଼ିବ ?' ଏଥିରେ ନାଣ୍ଟୁବାବୁ ବିବ୍ରତ ନ ହୋଇ ଗୋଟିଏ ଅମାୟିକ ହସ ହସିଦେଲେ । ଭାବିଲେ,—ନନ୍ଦବାବୁ ସବୁଦିନେ ସେମିତି, ଅଚ୍ଛାପରିହାସରେ ତାଙ୍କୁ କେହି ଜିଣି ପାରିବେ ନାହିଁ । ସେହିଦିନ ସେ ବିନା ଦ୍ୱିଧାରେ ଚତୁର୍ଥ କୋଠାପାଇଁ ସିମେଣ୍ଟ୍ ଅଣାଇ ଦେବାର ଭାର ଗ୍ରହଣ କଲେ ।

ଘରେ ହାରବୋଉ ବେଳେ ବେଳେ କଥା ନ କହି ଛାଡ଼ନ୍ତି ନାହିଁ । ଏଇ ଖଣ୍ଡିଆ ବାଡ଼ ଏଣେତେଣେ ପକାଇବା ଅଭ୍ୟାସ ନେଇ ସେ କେତେଥର ଗାଳି

ଦେଉଛନ୍ତି, ତମକୁ କିଏ କହୁଥିଲା ସହରକୁ ଆସିବାକୁ ? ବାବୁ ହେବାକୁ ? ତମେ ଯେଉଁ ଘୁଷୁରି ସେଇ ଘୁଷୁରି ।' କିମ୍ବା ଆଉ କେଉଁ କଥାରେ—"ଏତେ ବଡ଼ଲୋକଙ୍କ ପଛେ ପଛେ ବୁଲୁଲ ଟିକିଏ ସଭ୍ୟତା ଶିଖି ପାରିଲ ନାହିଁ ?" ଏହିସବୁ କଥା ନାଣ୍ଟୁବାବୁଙ୍କୁ କାଟେନାହିଁ ? କାରଣ ସେ ଜାଣନ୍ତି ଯେ ସାଧାରଣ ଲୋକ,—ହାରବୋଉ ମଧ୍ୟ ସେହି ଦଳରେ—, 'ବଡ଼ଲୋକ' 'ସଭ୍ୟତା' ଇତ୍ୟାଦି ଶବ୍ଦର ଅର୍ଥ ବୁଝନ୍ତି ନାହିଁ । ସ୍ୱାଭାବିକ । ସେ ହସିଦେଇ ହାରବୋଉଙ୍କ ହାତରେ ଶୋଭା ପାଉଥିବା ନୂଆ ଚୁଡ଼ି ଓ ପିନ୍ଧିଥିବା ଓଡ଼ିଶୀ ଶାଢ଼ୀର ନୂତନତମ ଡିଜାଇନ୍ ପ୍ରତି ଦୃଷ୍ଟି ଦିଅନ୍ତି । ଆପଣା କୃତିତ୍ୱର ସମ୍ମାନ ଅନୁଭବ କରନ୍ତି ।

ଏବଂ ସଙ୍ଗୀତା । ପିଲାଟା ପଢ଼ା ଘରେ ଶୁଖିଯାଉଛି । ହାରବୋଉ ଯେତେବେଳେ କହନ୍ତି ଯେ ସେ ସହରକୁ ଆସି ଖାଇବା ପିଇବାରେ ବେଶି ଢଙ୍ଗ ବାହାର କରୁଛି (ବାଇଗଣ ଖାଇବନାହିଁ, ଭେଣ୍ଡି ଖାଇବ ନାହିଁ, ମାଛ ମାଂସ ନ ହେଲେ ରୁଚିବ ନାହିଁ...), ଓ ସେଇଥିଲାଗି ଶୁଖିଯାଉଛି, ସେତେବେଳେ ନାଣ୍ଟୁବାବୁ ଆମୋଦିତ ହୁଅନ୍ତି । ହାରବୋଉ ବୁଝି ନାହାନ୍ତି ଯେ ସଙ୍ଗୀତାର ରୁଚି ବଦଳିଛି । ସେ ପଢ଼ାଘରେ ଶୁଖିଯାଉଛି, ଆଉ କିଛି ନୁହେଁ !

ସଙ୍ଗୀତାର ଗୀତ ଶିଖିବାପାଇଁ ମାଷ୍ଟର ରଖା ହୋଇଥିଲା । ଦେଖିରେ ସେ ବିଶେଷ କିଛି ଆଗେଇଲା ନାହିଁ; କିନ୍ତୁ ସେ ଯେତେବେଳେ ଗାଧୁଆ ଘରେ କିମ୍ବା ଅଙ୍କ କଷିଲାବେଳେ ଗୁଣୁଗୁଣୁ ହୋଇ ସିନେମାଗୀତ ବୋଲେ, ନାଣ୍ଟୁବାବୁଙ୍କ ଛାତି କୁଣ୍ଢେ ମୋଟ ହୋଇଯାଏ । ତାଙ୍କର ମନେ ହୁଏ ଯେ ଏ ହେଉଛି ପୃଥିବୀକୁ ଆକାଶକୁ ଛୁଇଁ ଦେଇଥିବା ଗୀତ, ଏଥିରେ ତାଳ ଲୟ କିଛି ଲୋଡ଼ା ନାହିଁ । ଏ ପ୍ରାଣର ଗୁଣୁଗୁଣୁ । ମୋର କିଶୋରୀ ସୁନ୍ଦରୀ ଝିଅର ପ୍ରାଣ । ସେ ଭାବ ଶିହରି ଉଠନ୍ତି,—ରଙ୍ଗଣିପୁରରେ ପଡ଼ି ରହିଥିଲେ ସ୍ୱୀ'ର ଦଶା କ'ଣ ହୋଇଥାଆନ୍ତା !

ଦିନେ ସେ ଲକ୍ଷ୍ୟ କଲେ ଯେ ସଙ୍ଗୀତା ବୋଧହୁଏ ତା' ଓଠରେ ଟିକିଏ ନାଲି ଲଗେଇଛି । ଲିପ୍‌ଷ୍ଟିକ ? ନାରୁବଙ୍ଗର ଝିଅମାନେ ଯାହାକୁ ଲଗାନ୍ତି ? ନାଣ୍ଟୁବାବୁଙ୍କୁ ଯଥାକ୍ରମେ ଅଡୁଆ ଲାଗିଲା, ମଜାଲାଗିଲା ଓ ଖୁସି ଲାଗିଲା । ଯେପରିକି ଏ ସଙ୍ଗୀତାର ଗୋଟାଏ ଅଭିନବ ଉଦ୍ୟମ, ନିଜକୁ ଓ ଅନ୍ୟମାନଙ୍କୁ ଆଶ୍ଚର୍ଯ୍ୟ କରିବାର ଗୋଟିଏ ନୂଆ ଫିକର ।

ମୋଟ ଉପରେ ତାଙ୍କୁ ଯଦି ପଚରାଯାଏ ଯେ କାଲି ଓ ଆଜି ଭିତରେ, ରଙ୍ଗଣିପୁର ଓ ଏ ସହର ଭିତରେ, ନ ଥିବା ଓ ଥିବା ଭିତରେ ଯେଉଁ ପ୍ରଭେଦକୁ ନେଇ ତାଙ୍କ ଭଲଗୁଣ ଗଢ଼ି ଉଠିଛି ସେ ଜିନିଷଟି କ'ଣ ? ତାହାହେଲେ ସେ

ହୁଏତ ପ୍ରଥମେ ଉତ୍ତର ଖୋଜି ପାଆନ୍ତେ ନାହିଁ ; କାରଣ ବଡ଼ଲୋକ ଅଖାଡ଼ୁଆ ଲାଗନ୍ତା, ସଭ୍ୟତା ଆଂଶିକ ସତ୍ୟ ବୋଲି ମନେ ହୁଅନ୍ତା, ହୃଦୟ ମନ-ଆତ୍ମାର କଥା ବୁଝାଇ ହୁଅନ୍ତା ନାହିଁ; କିନ୍ତୁ ସେ ଶେଷକୁ ହାତ ବଢାଇ ଆଙ୍ଗୁଳି ଦେଖାଇ କହନ୍ତେ,—ହେଇ, ସଙ୍ଗୀତା !

ସଙ୍ଗୀତାଙ୍କୁ ଖୁନ୍ଦି ଯେଉଁମାନେ ଅଛନ୍ତି ସେମାନେ ମଧ୍ୟ ଚିହ୍ନ । ହେଲେ ସେମାନେ ଏହି ନୂତନ ଜୀବନର ପଥିକ ହୋଇପାରିବେ ନାହିଁ । ନିଜେ ନାଣ୍ଟୁବାବୁ ହୋଇପାରିବେ ନାହିଁ, ଯଦ୍ୟପି ସେ ଏହି ଜୀବନର କର୍ତ୍ତା ଓ ଅଧିକାରୀ । ପଥିକର ପାଥେୟ ହେବ କେବଳ ଜଣେ, ସଙ୍ଗୀତା—ତା'ର ସୌନ୍ଦର୍ଯ୍ୟ, ପ୍ରଥମ ଯୌବନ, ସ୍ୱପ୍ନ ଓ ଅଭିଳାଷ !

ହାରବୋଉ ବା ଅନ୍ୟମାନେ ଯେ ଯାହା କହନ୍ତୁ ପଛେ କାମ କରିବାକୁ ହେବ । ବ୍ୟବସାୟ କାମ ଘରତୋଳା କାମ । ଯଥାଯୋଗ୍ୟ ଉପାର୍ଜନ ଓ ବ୍ୟୟର କାମ । ବୟସ ଅଛି, ଉତ୍ସାହ କମିଯାଇ ନାହିଁ ।

ନାଣ୍ଟୁବାବୁ ବଡ ଠାଣେ ଓ ଆପଣା ପନ୍ଥାରେ ଅଗ୍ରସର ହୁଅନ୍ତି ।

( ୩ )

ଶ୍ରାବଣ ମାସର ଗୋଟିଏ ଦିନ । ଥାଇ ଥାଇ ଅସରାଏ ବର୍ଷା ହେଉଛି ଓ ଦେହରୁ ଝାଳବହିବା ବନ୍ଦ ହେଉ ନାହିଁ । ନାଣ୍ଟୁବାବୁ ସୋମାନ୍ୟାର ରେଳବାଇ କ୍ୱାର୍ଟରକୁ ଯାଇଥିଲେ,—ପ୍ରଥମ ଥର ପାଇଁ । ସେଠି ସୋମାନ୍ୟା ତାଙ୍କୁ ବିଅର୍ ପିଇବା ପାଇଁ ବାଧ୍ୟ କଲା ; କିନ୍ତୁ ନାଣ୍ଟୁବାବୁ ଢୋକେ ଦି'ଢୋକ ପରେ ଆଉ ପିଇ ପାରିଲେ ନାହିଁ । କ୍ଷମା ମାଗିଲେ । ଏହି ପିତା ଦୁର୍ଗନ୍ଧ ପାଣିକୁ ଲୋକେ କାହିଁକି ପିଅନ୍ତି ? ସେ ସୋମାନ୍ୟାକୁ କିଛି କହିଲେ ନାହିଁ, ହେଲେ ତାଙ୍କ ମନରେ ଦୃଢ ଧାରଣା ହେଲା ଯେ ଏଗୁଡାକ ନ ପିଉଥିଲେ ସୋମାନ୍ୟାର ମୁହଁ ଏମିତି କାଳିଆ ଓ ପିଠା ଦିଶୁ ନ ଥାନ୍ତା ଏବଂ ସେ ଗତ କେତେ ବର୍ଷର ଧନରେ ଗୋଟିଏ ସୁନ୍ଦର ଘର ତୋଳି ପାରନ୍ତାଣି ।

ସେଠୁ ଫେରି ତାଙ୍କର ଇଚ୍ଛା ଥିଲା ନାଗପାଲିର ଘରକୁ ଯିବେ । ବାଡପଟ ଘରପାଇଁ ଅଧିକ ଲୁହା ଛଡର ବନ୍ଦୋବସ୍ତ କରିହେଲା ସେ କଥା ବୁଝିବେ ; କିନ୍ତୁ କିଛି ବାଟ ନ ଯାଉଣୁ ହଠାତ୍ ବର୍ଷା ଆରମ୍ଭ ହୋଇଗଲା, ରିକ୍ସା ଡାକିବାକୁ ମଧ୍ୟ ବେଳ ନ ଥିଲା । ଏହି ସମୟରେ ରାସ୍ତା କଡରେ ଥିବା ଗୋଟିଏ 'ହିନ୍ଦୁ ଭୋଜନାଳୟ'ର ଉଣ୍ଡୁମ ତାଙ୍କ ଦୃଷ୍ଟି ଆକର୍ଷଣ କଲା । ବର୍ଷାରୁ ରକ୍ଷା ପାଇବା ପାଇଁ ତଥା ମୁହଁରୁ ବିଅର୍ ଗନ୍ଧ ଛଡ଼ାଇବା ପାଇଁ ନାଣ୍ଟୁବାବୁ ତା ଭିତରକୁ ପଶିଗଲେ ଓ କପେ ଚା' ମାଗିଲେ ।

ବାହାର ପିଣ୍ଡାର ଗୋଟିଏ ଟେବୁଲ୍ ପାଖରେ ବସିପଡ଼ି ମୁହଁରୁ ପାଣି ଝାଳ ପୋଛୁ ନ ପୋଛୁଣୁ ପାର୍ଶ୍ୱବର୍ତ୍ତୀ ଜଣେ ଗମ୍ଭୀର ଉଚ୍ଚସ୍ୱରରେ ସମ୍ଭାଷଣ କଲେ— 'କ'ଣ ଭିଜିଗଲେ !' ନାଣ୍ଡୁବାବୁ ଆଶ୍ଚର୍ଯ୍ୟରେ ଅନାଇ ଦେଖିଲେ ଯେ ଜଣେ ପାତଳା ଲମ୍ବାମୁହାଁ ଭଦ୍ରଲୋକ ଚା' କପଟିକୁ ମୁଠେଇ ଧରିକରି ହସୁଛନ୍ତି । ଯେପରିକି ଏହି ବର୍ଷାରେ ଭିଜିବା ଗୋଟିଏ ଭୁତ କଥା, ହାସ୍ୟାସ୍ପଦ ହେଉ ବା ନ ହେଉ । ପୁଣି ସେ ଦେଖିଲେ ଯେ ସେ ହସ ମଉଳିଗଲା; କିନ୍ତୁ ସେ ବକ୍ରତା ଚହଲେଇ ଲିଭୁ ନାହିଁ ।

ନାଣ୍ଡୁବାବୁ ଅପ୍ରତିଭ ହୋଇ ହସିବା ପାଇଁ ହସିଲେ ; କିନ୍ତୁ ସେ ଦେଖିଲେ ଯେ ଭଦ୍ରଲୋକ ଅମୋଦିତ ନ ହୋଇ ପୁଣି କହିବେ ବୋଲି ହେଉଛନ୍ତି । ଚେହେରାରେ କେତେ କ'ଣ ଜମାଟ ବାନ୍ଧି ରହିଛି, ବନ୍ଧୁଭାବ ଟିକିଏ ବୋଲି ନାହିଁ ।

"ଏ ବର୍ଷା ଚହଟେଇ ଛାଡ଼ିବ ନାହିଁ । ମରୁଡ଼ି ହୋଇଥିଲା, ଏଥର ବଢ଼ି ହେବ । ଲୋକ ଆହୁରି ମରିବେ ।"

ଯାଙ୍କର କ'ଣ ହୋଇଛି ? ନାଣ୍ଡୁବାବୁ ତାଙ୍କୁ ଶାନ୍ତ କରିବା ଉଦ୍ଦେଶ୍ୟରେ କହିଲେ, "ମୁଁ ଶୁଣିଥିଲି ଯେ ଏ ବର୍ଷ ଫସଲ ମନ୍ଦ ହେବ ନାହିଁ । ବର୍ଷା ଭଲ ହୋଇଛି । ଆଉ ବଢ଼ି ସେମିତି କିଛି ପ୍ରବଳ ହେଲା ପରି ଲାଗୁ ନାହିଁ ତ । ମୁଁ ଶୁଣିଥିଲି—।"

ଚା' କପ୍‌କୁ ଠେଲି ଦେଇ ଭଦ୍ରଲୋକ ନାଣ୍ଡୁବାବୁଙ୍କ ଆଡ଼କୁ ଅନେଇ କରି ଚାହିଁଲେ । ମନେହେଲା ଯେ ତାଙ୍କ ଚାହାଣି ନାଣ୍ଡୁବାବୁଙ୍କ ଚରିତ୍ରକୁ ଟିକିନିକି କରି ମାପୁଛି ।

ତା'ପରେ ସେ ମାଡ଼ିବସିଲେ,—"ହେବ ନାହିଁ କହୁଛନ୍ତି ? ନିଶ୍ଚୟ ହେବ । ଆଜି ନ ହେଲେ କାଲି ହେବ । ଦେଶବାସୀଙ୍କ ସହିବାର ସୀମା ଚାଲିଗଲାଣି ; କିନ୍ତୁ ସ୍ୱର୍ଗରୁ କିଛି କରିପାରୁ ନାହାନ୍ତି ଭାବୁଛନ୍ତି ଯେ ସେମାନେ ଦୁର୍ବଳ; ନିରୂପାୟ । ତେଣୁ ତାଙ୍କୁ ମରେଇବାକୁ ହେବ ଏବଂ ସେଥିପାଇଁ ଦରକାର ନାହିଁ ନ ଥିବା ଦୁର୍ଭିକ୍ଷ, ବଢ଼ି । ଯେଉଁଥିରେ ହଜାର ହଜାର ଲୋକେ ମରିବେ ଆଉ ବଞ୍ଚିଥିବା ଲୋକ ଇସାରାରେ ଧାଇଁ ଆସିବେ, ଆଙ୍ଗୁଳି ଦେଖେଇଲେ ବାଘ ଗିଳିଦେବେ, ସବାଖିଆ କେଳା ପରି ସବୁ ଖାଇଯିବେ । ମାରିବେ ଆଉ ଖାଇବେ । ମାରିବେ ଆଉ···।"

ବକ୍ତା କହି ଚାଲିଛନ୍ତି । ତେଜରେ କହୁଛନ୍ତି ; କିନ୍ତୁ ନାଣ୍ଡୁବାବୁ ଭାବିଲେ ଯେ ତାଙ୍କ ରାଗଠାରୁ ବ୍ୟଥା ଅଧିକ । ସେ କଷ୍ଟ ପାଉଛନ୍ତି । ନାଣ୍ଡୁବାବୁ ଥମି

ଆସିଥିବା ବର୍ଷା ଓ ସରି ଆସିଥିବା ଚା'କୁ ଅନାଇଲେ; କିନ୍ତୁ ସେଠୁ ଉଠି ଆସି ପାରିଲେ ନାହିଁ ।

"…ଦୋଷ ଆମର । ଆପଣଙ୍କର ଓ ମୋର । ଆମ ଭଳି ପଢ଼ା ଲୋକମାନଙ୍କର । ଆମେ ଚେଷ୍ଟା କରିଥିଲେ ଦେଶର ଏ ଅବସ୍ଥା ହୋଇ ନ ଥାଆନ୍ତା । ଆପଣ କ'ଣ ଦେଖି ନାହାନ୍ତି ? ନା ମୁଁ ଦେଖି ନାହିଁ ? ସେ ସଫା ମୁହଁ ଓ ଧୋବ ପୋଷାକର ପଲସ୍ତରା ତଳେ କେତେ ମୁନାଫାଖୋର୍ କେତେ କଳାବଜାରି ଜିଭ ଲହ ଲହ କରୁଛନ୍ତି । ତଥାପି ଆମେ ତାଙ୍କ ସାଙ୍ଗରେ ବସିଛୁ, ହସିଛୁ, ହାତ ମିଳେଇଛୁ, ଝିଅ ବାହାଘରକୁ ନିମନ୍ତ୍ରଣ କରିଛୁ, ଆଉ ଦରକାରବେଳେ ଦାନ୍ତ ନିକୁଟି ସାହାଯ୍ୟ ମାଗିଛୁ । କାହିଁକି ? କାହିଁକି ?? କାହିଁକି ଆମେ ତାଙ୍କୁ ବୋଇକଟ୍ କରିପାରିଲୁ ନାହିଁ, ତାଙ୍କ ମୁହଁରେ କଳାବୋଳି ପାରିଲୁ ନାହିଁ ? କିଛି ନ ହେଲେ କାହିଁକି ତାଙ୍କୁ ଚିହ୍ନେଇ ଦେଇ ପାରିଲୁ ନାହିଁ ? କହନ୍ତୁ ଆପଣ । କହନ୍ତୁ ।"

ମୁଁ କଅଣ କହିବ ? ମୁଁ କାହିଁକି କହିବ ? ଲୋକଟି ପାଗଳ । ଏଥର ନ ଉଠିଲେ ହେବ ନାହିଁ ।

ନାଣ୍ଟୁବାବୁଙ୍କ ବ୍ୟସ୍ତତା ଦେଖି ପାରିଲା ପରି ଭଦ୍ରଲୋକ କହିଲେ, "କ'ଣ ଯିବାକୁ ବାହାରିଲେଣି ? ବସନ୍ତୁ ନା, ଆଉ କପେ ଚା' ଖାଇ ଯାଆନ୍ତୁ । ବର୍ଷା ଛାଡ଼ି ନାହିଁ ।" ତାଙ୍କ ଅନୁରୋଧ ଆଦେଶ ପରି ଲାଗିଲା ଏବଂ ନାଣ୍ଟୁବାବୁଙ୍କୁ ଦ୍ୱିତୀୟ କପ୍ ଚା' ମଗାଇବାକୁ ପଡ଼ିଲା ।

"ସେମାନେ କ'ଣ ରାକ୍ଷସ ? ସେମାନେ କ'ଣ ବୁଝନ୍ତି ନାହିଁ ଯେ ତୁମ ସ୍ତ୍ରୀ ଝିଅଙ୍କୁ ସଜାଇବା ପାଇଁ, ତୁମ ବାଲ୍‌କୋନିର ଶୋଭାପାଇଁ ତୁମ ଭୋଜିଭାତ ପାଇଁ ତୁମେ କେତେ ଗୃହୀ ମୂଲିଆ କିରାଣୀ ମାଷ୍ଟର ଗରିବ ବାବୁଭାଇଙ୍କର ରକ୍ତ ଶୋଷି ନେଉଛ ? ସେ ରକ୍ତ କ'ଣ ମଣିଷ ରକ୍ତ ନୁହେଁ ? ସେ ରକ୍ତ କ'ଣ ସୁଆଦ ଲାଗେ ? …କିନ୍ତୁ କେତେ ଦିନ ଚାଲିବ ଏମିତି ? କେତେ ଦିନ ? ଚକ ଘୂରୁଛି …।"

ବକ୍ତା କ୍ଷଣକପାଇଁ ନିଜ ଭିତରର ଅସହ୍ୟ ଉତ୍ତାପକୁ ସମ୍ଭାଳି ନେଲା ପରି ଆଖି ବୁଜି ଦେଲେ । ଏବଂ ସେହି ଅବସରରେ ନାଣ୍ଟୁବାବୁ ଚଟ୍‌କିନି 'ମୁଁ ଯାଉଛି, ନମସ୍କାର' କହି ପଳାଇ ଆସିଲେ । ଗଲାବେଳେ ତାଙ୍କ ମନରେ ଆସୁଥାଏ,—ସେ ଆଖି ଖୋଲି ମୋତେ ପଛରୁ ଦେଖୁଛନ୍ତି । ଦେଖନ୍ତୁ । ସେ ମୋର କ'ଣ କରିବେ ? ସେ କିଏ କି ?

'ଏ ରିକ୍‌ସା, କଲେଜ ରୋଡ଼ । ଶାନ୍ତିନଗର । ପ୍ରେସ ପାଖ ଗଳିରେ ସେଇ ଦୁଇମହଲା ନୂଆ କୋଠା । ବୁଝିଲୁ ?' ନାଗପାଲ୍ ପାଖକୁ ଯିବା କଥା ଭୁଲି ହୋଇଗଲାଣି । ଘରେ ପହଞ୍ଚିଗଲେ ରକ୍ଷା ।

'ଧାତ୍'—ମୁଁ କ'ଣ ଡରୁଛି ନା କଅଣ ? ଏମିତିକା ଲେକଚର ମୁଁ କ'ଣ ଆଗରୁ ଶୁଣି ନାହିଁ ? ...ତା ଛଡ଼ା ସେ ମୋ କଥା କହୁ ନ ଥିଲେ ମୁଁ ବଡଲୋକ ନୁହେଁ । ମୁଁ କ'ଣ ନାଗପାଲ୍ ପରି ହୋଇଛି ? ନା ମୁଁ ରଘୁନାଥ ସିଂ, ଶମ୍ସୁଦ୍ଦିନ, ପାନ୍ନାଲାଲ୍, ଶେଠ ତୁଳସୀ ଦାସ୍—ସେମାନଙ୍କ ପରି ହୋଇଛି ? ଏପରିକି ମୁଁ ବ୍ରହ୍ମାନନ୍ଦ, ନନ୍ଦବାବୁ, ନାରୁଭାଇଙ୍କ ପରି ନୁହଁ । ମୁଁ ନାଣ୍ଡୁ । ଏଇ କାଲି ସକାଳେ ରଙ୍ଗଣିପୁରରୁ ଆସି ଏଠି ଦି ପଇସା ରୋଜଗାର କରୁଛି । ଘର ଖଣ୍ଡେ ତୋଳିଛି, ପିଲାଏ ଠିକଏ ଭଲରେ ଚଳୁଛନ୍ତି । ଏଥିରେ କାହାର କ'ଣ କହିବାର ଅଛି ।

ଲହ ଲହ ଜିଭ...ରକ୍ତ ଶୋଷି ନିଅନ୍ତି...ଲୋକମାନେ ମରିବେ... ମାରିବେ ଆଉ ଖାଇବେ, ମାରିବେ ଆଉ...। ଥିଏଟରରେ ଏମିତି କହନ୍ତି । କିମ୍ବା ଜଣେ ଜଣେ ନିଆଁ ଗିଳା ଟୋକା ପଡ଼ିଆରେ ଏମିତି ବକ୍ତୃତା ଦିଅନ୍ତି; କିନ୍ତୁ ସେ ବକ୍ତୃତା ଦେଉ ନ ଥିଲେ ତାଙ୍କୁ କଷ୍ଟ ହେଉଥିଲା ।

ତେବେ ମୋର କାହିଁକି ମୁଣ୍ଡ ବଥାଉଛି ? ହେ ପାଗଳ, ମୁଁ ପାଗଳ ନୁହେଁ । ମୁଁ ବ୍ୟବସାୟୀ, ମୁଁ ଗୃହସ୍ଥ, ମୁଁ ନାଣ୍ଡୁବାବୁ । ଉଃ, ଏ ରିକ୍ସାବାଲାଟା ! ଖୁବ୍ ଆସ୍ତେ ଚଳାଉଛି । ଘରେ ପହଞ୍ଚିଗଲେ ବହୁତ କାମ ଅଛି ।

...ଏହିପରି ଭାବନା ସମୂହକୁ ଅତିକ୍ରମ କରି ନାଣ୍ଡୁବାବୁ ଘରେ ପହଞ୍ଚିଲେ ଓ ତାଙ୍କୁ ଶାନ୍ତ ଲାଗିଲା । ସେ ଟାଇଟି ଖୋଲି ଦେଲେ, ବହୁତ ସମୟ ହେଲା ଭୁଲି ଯାଇଥିଲା ପରି ଅତି ଆଗ୍ରହରେ ବିଡ଼ି ଟାଣିଲେ, ଓ 'ଆଃ !' ବୋଲି କହିଲେ । ତଳବାରଣ୍ଡାରେ ଥିବା କାନ୍ଥ ଦର୍ପଣରେ ମୁହଁ ଦେଖି ମୁଣ୍ଡ ବାଳରେ ହାତ ଚଳାଇ ଆଣିଲେ । ହାରବୋଉ ବୋଧହୁଏ ଉପରଘରେ ଶୋଇଛି । ପିଲାମାନେ ସ୍କୁଲ କଲେଜକୁ ଯାଇଛନ୍ତି । ପୂଝାରୀ ରୋଷେଇଘରେ କାମ କରୁଛି, ଚାକରଟୋକା ତଳ ଅଗଣାରେ ମାଟି ଖୋଳୁଛି (କାହିଁକି କେଜାଣି) ! ତାରରେ ଶାଢ଼ୀ ଶୁଖା ହୋଇଛି, ଅଥାନ ଥାନରେ ଧୂଳି ଜମିଛି, କଳା ପିମ୍ପୁଡ଼ି ପାଲିସ୍ ଚଟାଣ ଉପରେ ତରତର ହୋଇ ଚାଲୁଛି ।

'ଆଃ !' ଏହି ଶବ୍ଦଟିକୁ ସେ ବାରମ୍ବାର ମନଭିତରେ କହି ସାରିଲେଣି । ଯେପରିକି ସେ ନିଜର ଶାନ୍ତି ଓ ଆତ୍ମବିଶ୍ୱାସର ପ୍ରମାଣ ଦେଉଛନ୍ତି । ମୋର ଘର,—ଜମିଛି, ବସିଯାଇଛି । ତାକୁ କେହି ଟଳେଇ ପାରିବେ ନାହିଁ । କାଚ ବାସନ ନୁହେଁ, ମାଟିରୁ ଉଠିଥିବା ଗଛ । ଏ ସହରକୁ ଆସିବାର ପାଞ୍ଚବର୍ଷ ହୋଇଗଲାଣି, ଏମିତି ଦଶବର୍ଷ ହେବ, ପଚିଶ ବର୍ଷ ହେବ । ମୁଁ ନ ଥିବ, ମୋ ପିଲାମାନେ, ନାତି ନାତୁଣୀ ଥିବେ । ସେତେବେଳକୁ କ'ଣ କାହାର ମନେଥିବ ଯେ ଏ କୋଠା, ଏ ସମ୍ପତ୍ତି କେଉଁଠୁ ଆସିଲା ? ମୁଁ ନ ଥିବ । ଆଉ ଆଜିକାର ସେହି ଲୋକ ମରି ହଜି ଭୂତ ହୋଇ ସାରିବେଣି !

ତଥାପି କ'ଣ ସେ ପ୍ରମାଣ ଦେଇ ପାରିଲେ ନାହିଁ ? ନା ତାଙ୍କର ମନେହେଲା ଯେ ସେହି କଦାକାର ଲୋକଟି ପାଖରେ ଆସି ଛିଡ଼ା ହେଲାଣି ? ଯାହାହେଉ ସେ ହଠାତ୍ ଦ୍ରୁତଗତିରେ ଉପର ମହଲାକୁ ଉଠିଲେ ଓ ନିଜ ଶୋଇବାଘରର ଆଡ଼କୁ ମୁହାଁଇଲେ ।

ଶୋଇବାଘରେ ସେ ଦେଖିଲେ ଯେ ହାରବୋଉ ଗୋଡ଼ ହାତ ଲମ୍ବେଇ ଶୋଇଛନ୍ତି, କ'ଣ ଗୋଟାଏ ମ୍ୟାଗାଜିନ୍ ପଢ଼ୁଛନ୍ତି । କେଜାଣି କାହିଁକି ତାଙ୍କୁ ସେ ଦୃଶ୍ୟ ଭଲ ଲାଗିଲା ନାହିଁ । ଯେପରିକି ହାରବୋଉଙ୍କର ଶୋଇବା ଉଚିତ ନୁହେଁ, ତାଙ୍କ ଜାଂଘ ଦୁଇଟା ଏତେ ମୋଟା ହେବା ଉଚିତ ନୁହେଁ, ତାଙ୍କ ମୁହଁ ଅତି ବଳିଷ୍ଠ ଓ ଦ୍ରୁଯନ୍ଧ, କିମ୍ବା ସେ ଅଯଥାରେ ବହି ପଢ଼ୁଛନ୍ତି ।

ନାଣ୍ଟୁବାବୁ ସେ ଘରକୁ ଗୁହିଁଲେ ନାହିଁ । ହାରବୋଉଙ୍କ ଦୃଷ୍ଟିକୁ ବଞ୍ଚାଇ ଅନ୍ୟଦିଗରେ ପାଦ ବଢ଼ାଇଲେ । କ୍ରମଶଃ ଅନ୍ୟମନସ୍କ ହୋଇ ଓ ଟଣି ହେଲାପରି ସେ ପହଞ୍ଚିଲେ ତାହାର ମୁଣ୍ଡରେ ଥିବା ଗୋଟିଏ ଛୋଟିଆ ଘରେ । ସଙ୍ଗୀତାର ଘର । ସେ ଏଇଠି ପଢ଼େ ଓ ଶୁଏ ।

ଟେବୁଲ୍‌ରେ ଅନେକ ବହି, ଅନେକ ଖାତା । ଅନ୍ତତଃ ନାଣ୍ଟୁବାବୁଙ୍କୁ ସେପରି ଲାଗିଲା । କାନ୍ଥରେ ଫୁଲ-ଛବି କ୍ୟାଲେଣ୍ଡର, କ୍ଲାସ୍‌ର ରୁଟିନ୍ ଓ ଗୋଟିଏ କଣରେ ଗୁଡ଼ା ହୋଇଥିବା ନାଲିଆ ତେଲିଆ ରିବନ୍ । ଥାକରେ ଆହୁରି କେତେ ବହି, କେତେ ଖାତା, ପାଉଡ଼ର ଡବା, ସ୍ନୋ ଡବା, ଛୋଟ ଦର୍ପଣ, ପାନିଆ, ଆଉ କେତେ କ'ଣ । ନାଣ୍ଟୁବାବୁ କେବଳ ଛିଡ଼ା ହୋଇ ଦେଖି ରହିଲେ ଓ ତାଙ୍କୁ ଭଲ ଲାଗିଲା ଏବଂ ତାଙ୍କ ମନରେ ଆସିଲା ଯେ ଏ ପାଠ, ପ୍ରସାଧନ ଓ ପ୍ରବଣତାର ବାସ୍ନା ଆଉ କାହାପାଇଁ ନୁହେଁ,—କେବଳ ତାଙ୍କପାଇଁ ।

ଦେଖୁ ଦେଖୁ ତାଙ୍କ ଆଖିରେ ପଡ଼ିଲା ଯେ ଗୋଟିଏ ମୋଟା ବନ୍ଧେଇ ଖାତା ଉପରେ ଲେବଲ୍ ମରା ହୋଇଛି ଓ ଲେଖା ହୋଇଛି 'କବିତା କୁସୁମ' । କୌତୂହଳରେ ସେ ପୃଷ୍ଠା ଓଲଟାଇଲେ, ଲେଖିକା ସଙ୍ଗୀତା ମହାନ୍ତି । ତା'ପରେ ଗୋଟିକ ପରେ ଗୋଟିଏ ଦଶ ବାରଟି କବିତା—'କିଏ ତୁମେ ?' 'ଦେବତାର ଅଭିଶାପ', 'ଦୀପଶିଖା', 'ଅଭିମାନ', ଇତ୍ୟାଦି । ଜୀବନ ମରଣ, ପ୍ରେମ, ପ୍ରକୃତି, ଭଗବାନ ସବୁ ସେଥିରେ ଅଛି । ନାଣ୍ଟୁବାବୁ କେତେଗୁଡ଼ିକୁ ପଢ଼ିବାକୁ ଚେଷ୍ଟା କଲେ, ଅର୍ଥ ପୂରାପୂରି ବୁଝି ପାରିଲେ ନାହିଁ । ତଥାପି ତାଙ୍କୁ ଆହୁରି ଦେଖିବାକୁ, ଆହୁରି ପଢ଼ିବାକୁ ଇଚ୍ଛା ହେଲା । ସତେ କି ସେଥିରେ ମନ୍ତ୍ରର ଶକ୍ତି ଓ ମାଧୁରୀ ଅଛି, ନ ବୁଝିଲେ କିଛି ଯାଏ ଆସେ ନାହିଁ । କ୍ରମଶଃ ଉଦ୍ଦୀପନାର ଶୀର୍ଷରେ ପହଞ୍ଚିଲା ପରି ସେ ଖାତାକୁ ବୁଜି ଦେଇ ହାତରେ ଧରିଲେ ଓ ନିଜକୁ କହିଲେ,—

ଝିଅ କବିତା ଲେଖୁଛି !

ଆନନ୍ଦ ଓ ଆଶ୍ଚର୍ଯ୍ୟର ଘୋଷଣା । ସଙ୍ଗୀତା କବିତା ଲେଖୁଛି । ଏଇ କ'ଣ ଯଥେଷ୍ଟ ନୁହେଁ ? ଏଇ କଣ ପ୍ରମାଣ ନୁହେଁ ଯେ ନାଣ୍ଟୁବାବୁ ଯାହା କରୁଛି ଭୁଲ୍ କରି ନାହିଁ, ଦୋଷ କରି ନାହିଁ ? ନାଣ୍ଟୁବାବୁ କବିତାବଳୀକୁ ପୁଣି ପଢ଼ି ବସିଲେ । ଭଲ, ସୁନ୍ଦର ଓ ମହାନ୍‌ର ସଂଯୁକ୍ତ ଭାବ ତାଙ୍କ ମନକୁ ଛୁଇଁଲା ଓ ସେ ଅସ୍ଥିର ହେଲେ । ଏଇଥିପାଇଁ ଅସ୍ଥିର ହେଲେ ଯେ ବିଶ୍ୱବ୍ରହ୍ମାଣ୍ଡକୁ ଏହି ସମ୍ବାଦ ଦେବାକୁ ହେବ । ଶୁଣିଲା ପରେ ସେମାନେ ନିଶ୍ଚୟ ବୁଝିବେ, ଖୁସି ହେବେ ଓ ବାପଝିଅଙ୍କ କପାଳରେ ଜୟଟୀକା ଲଗାଇ ଦେବେ ।

ସେ ଅସ୍ଥିର ହେଲେ ଓ ବ୍ୟାକୁଳ ହେଲେ । କିନ୍ତୁ ତା'ପରେ ଧୀରେ ଧୀରେ ସେ ବିକଳ ହେଲେ ଓ ମ୍ରିୟମାଣ ହେଲେ । କହିଲେ ଭୁଲ୍ ହେବ ନାହିଁ ଯେ ତାଙ୍କ ଆଖି ଛଳଛଳ ହୋଇ ଆସିଲା । କାରଣ ତାଙ୍କୁ ଜଳଜଳ ହୋଇ ଦିଶିଗଲା ଯେ ପ୍ରକୃତରେ କେହି ବୁଝିବେ ନାହିଁ । ହାରବୋଉ ହୁଏତ ଟିକିଏ ହସିଦେବେ, କିନ୍ତୁ ତଳ ଓଠ ଲମ୍ବେଇ କରି ହସିବେ ଓ ଶୁଣି ଆରମ୍ଭ କରିବେ ଯେ କେ ପାତ୍ରୋଲାଠାରୁ ଗହଣା ଗଢ଼ା ଅଧିକ ଆବଶ୍ୟକ । ସୋମାସ୍ତ୍ୟା, ନାଗ୍‌ପାଲ, ଡିଚ୍ଛବ ପାଣି ଇତ୍ୟାଦି ଭଦ୍ରଭାବରେ ପ୍ରଶଂସା କରିବେ ଓ ତା' ପରେ ସିମେଣ୍ଟ-ଗୃହଳ କମ୍ପାନୀର ଉପଯୋଗୀ କଥା ଆଲୋଚନା କରିବେ । ସୁହାସ ଦାଦା, ନନ୍ଦବାବୁ ଓଗେର ମାରବରେ ଶୁଣିବେ, ତାଙ୍କ ଓଠର ଉଦାର କୁଞ୍ଚନରେ କୌଣସି ପରିବର୍ତ୍ତନ ଘଟିବ ନାହିଁ । ନୂଆ ଜାହାଣୀ ଘୁଅ ଖାଇ ଶିଖୁଛି ! ଯେପରିକି ସଙ୍ଗୀତାର କବିତା ଲେଖା ନାଣ୍ଟୁର ଗୋଟିଏ ନୂଆ ବ୍ୟବସାୟ ।

ଏବଂ ଗୁ' ଦୋକାନର ସେହି ଲମ୍ବାମୁହାଁ ଭଦ୍ରଲୋକ ଶୁଣି କରି ନ ଶୁଣିଲା ପରି ରହିବେ, ବୁଢ଼ଙ୍କ ପରି କଷ୍ଟ ପାଇବେ ଓ ସେହି ଅଶ୍ଳୀଳ ଭୟାନକ କଥା କହି ଘୁଲିବେ — କାଳାବଜାରି··· ଲକ୍ଷ ଲକ୍ଷ କିଭ···ରକ୍ତ···ମାରିବେ ଆଉ ଖାଇବେ, ମାରିବେ ଆଉ— ।

# ଗୋଟିଏ ସଂଧ୍ୟାର ପ୍ରଳାପ......

ମହାପାତ୍ର ନୀଳମଣି ସାହୁ

ରାଧୁଆ ! ସେ କିଏ କିରେ ? ସେ କିଏ ଆସିଥିଲା କହିଲୁ । ଆଜି ସଂଜବେଳେ ? ଓହୋ ! ରାଧୁଆରେ ! ମୋର ଧିଆ କଣ ହେଇଯାଉଛି । ମୋତେ ଠିକିଏ ଧର । ହଇରେ ସେ କିଏ ? ସତରେ ସେ କିଏ ବା ?

ସତ କହୁଚୁ ତୁ ? ଆଜି ଛୁଇଁଲୁ । ସତ କହୁଚୁ ତୁ ସେ ଭରତ ସେନାପତି ପୁଅ ଧନବନ୍ଧୁ ? ଆରେ ନାଇଁବା ତୁ ମିଛ କହୁଥିବୁ । ତୋର କଣ ଅଛି ? ତୁ ତ ବାଇଆଟେ—ଯାହା ଧରୁଥିବୁ ସେଇଆ । ତୁ ଛତରଖିଆ ହବୁଦନେ ମତେ ଏମିତି ମିଛକଥା କହି ଭୁଲେଇ ଦେଉ ।

ମିଛ କହୁଉ ନାଇଁ ? କହୁଉ ନାଇଁ ନାହିଁ କରଉ । ସେ ଦିନ ମିଛ କହି ନ ଥିଲୁ ? ପୀତାମ୍ବର ପାଢ଼ୀ ତା' ଝିଅ ବାହାଘର ଖିରିପିଠା ଖାଇବାକୁ ମତେ ଡାକିଥିଲା ହଇରେ ? ତୁ କାଇଁକି ମତେ ମିଛ କହି ସେଠିକି ପଠେଇ ଦେଲୁ ? ତୁ ଭାବିଥିଲୁ—ମଲ୍ଲୀ କୁଟୀର ଆଁଇଠ ତୁଣ୍ଡରେ ଭର୍ତ୍ତି ଆଶା । ଯାଉ—ମାତ୍ର ବେସର ମାଛ ମହୁର କାନିକା ଅମାଳୁ କରି ଫୁଲାଏ ଗିଳି ଆସୁ । ହଇରେ ତହିରି ! ତୁ ମୋର କାଳଶତ୍ରୁ । ମିଛକହି ମତେ ପଠାଇ ଦେଲୁ । ମୁଁ ସେଠିକି ଗଲି । ତା' ଖଲା ବାଉରେ ମାଇପଙ୍କ ପଙ୍ଗତ ବସିଥିଲା । ସେନାପତି ସାଇଆ, ରାଉତ ସାଇଆ, ପାଢ଼ୀ ସାଇଆ ସବୁ ମାଇପେ ବସିଥିଲେ ପତର ପକେଇ । ମୁଁ ସେଠି ଯାଇ କାହୁଁ ଥଇଲି ଭଳିଆ ଠିଆହେଲି । ବୁଢ଼ୀଟା କଳାଆଲୁଅ ସେଠି ଜଳୁଥାଏ । ପୀତାମ୍ବର ପାଢ଼ୀ ନିଜେ ସେଠି ଠିଆହେଇ ପରଷୁଣିଆଙ୍କୁ ବରଦ କରୁଥାଏ । ମୋ ଉପରେ ଆଖି ପଡ଼ୁ ପଡ଼ୁ ମୁହଁ ବୁଲେଇଦେଲା । ଖିର୍ ଘ୍ରାନମାନ ଲଗିଲାରେ ! କେହି ତ ମତେ ଡାକୁ ନ ଥାନ୍ତି—ହବଳି—ପଳେଇ ଆସିବା । ଫେର୍ ଭାବିଲି— ନା ନା ପୀତାମ୍ବର ପାଢ଼ୀ ବୁଝୁଛି ଯାଉ । ଆଜି ପର ଦିନରେ ମୁଁ ଯଦି ନିରଶ ହେଇ ଏଠୁ ଉଠିଯିବି ତେବେ କାଳେ ମୋ ନିଃଶ୍ୱାସରେ ତା' ଝିଅ ଜୋଇଁଙ୍କର କିଛି ଅମଙ୍ଗଳ ହେବ ! ସେଇଠୁ ବଳେ ବଳେ ଯାଇ ସବା ଶେଷ ମୁଣ୍ଡରେ ବସିଲି । ଯାହା ଦେଲେ ଖାଇଲି—ଆଇଲି । ହଇରେ ରାଧୁଆ— ପୀତାମ୍ବର ପାଢ଼ୀ ମୋ ମୁହଁ ଗୁହାଁଲା ନାହିଁ ସେଦିନ । କହିଲୁ ଭଲ, ମୁଁ ତାକୁ କଣ ନ ଦେଇଛି ଜୀବନଯାକ ?

କଣ ଦେଇଛୁ ? ହାଇରେ ଛତରା—ତୁ ଫେର୍ ଏଡ଼େ ବେହେଲା ହାଇରେ ! ତୋ ଗାଲ ଚିପିଦେଲେ ଦୁଧ ବାହାର ପଡ଼ିବ । ପଚାରୁଚୁ କ'ଣ ଦେଇଛୁ ? ଯାହା ଦେଇଛୁ ଆଉ କ'ଣ ସେ ଜିନଷରୁ ଏତେ ଟିକିଏ ମୋ ପାଖରେ ସାଇତି ରଖିଛୁ ଯେ ତତେ ଦେଖେଇ ଦେବି ? ସବୁ ଦେଇ ଦେଇଛୁରେ ସବୁ ଦେଇ ଦେଇଛୁ । ଖାଲି କ'ଣ ପୀତାମ୍ବର ପାଢ଼ୀକି ? ସୁର ରାଉତ, ମହାନା ବଣିଆ, ଜମ୍ବୁ ମିଶର, ସୁଦରଶନ ଚଉଧୁରୀ କିଏ ନୁହଁ ? କିଏ ନ ନେଇଛନ୍ତି ବା ? କାହାକୁ ନ ଦେଇଛୁରେ ? ଏ ନଆଁ ନଗା ଗାଁଠା ଯାକର ଅଣ୍ଟିରା ମୋର ଧାରୁଆ ବା ! ଆଉ ଅଛୁ ? ଦେଖୁନୁ, ଆଉ ଅଛୁ ? କିଛୁ ନାହିଁ ପରା । କିଛୁ ନ ଥେଲେ ନାହିଁ । ଥେଲେ ବା ଆଉ କଣ କରିଥାନ୍ତି ? ଥେଲେ କଣ ଆଜି ଯେ ଆଇଥେଲା ସେ ମୋଠୁଁ ନେଇଥାନ୍ତା ?

ସେଇ ବା ସେଇ । ଯେ ଆଜି ଆଇଥେଲା । କହୁରୁ ତ ତୋ ତୁଣ୍ଡରେ ଭରତ ସେନାପତି ପୁଅ ଦୀନବନ୍ଧୁ ବୋଲି । ସେ କଣ କିଛୁ ନେଇଥାନ୍ତା ମୋଠଉଁ ? କିଛୁ ନେଇ ନ ଥାନ୍ତା । ସେ ନେବାର ହୋଇଥିଲେ ତ କୋଉଦିନୁଁ ତା' ପାଦପଦ୍ମରେ ମୋର ସବସ୍ୱ ଅଜାଡ଼ି ଦେଇଥାନ୍ତିରେ ! ଆଉ ଏତେ ଲୋକ କାହିଁକି ଶାଗୁଣା ଭଳିଆ ଅଣ୍ଟେ ଅଣ୍ଟେ ନେଇ ଆଜି ମତେ ଏମିତି କଂକାଳ ଭଳିଆ କରି ଏଠି ପକେଇ ଦେଇଥାନ୍ତେ ? ସେ କଣ ନେଲାବାଲା କି ? ସେ ଖାଲି ଦେଲାବାଲା ।

ହଅବା, ଖାଲି ଦେଲାବାଲା ! ! ସେଇ ତ ଅସଲ ନେଲାବାଲାରେ ରାଧୁଆ । ସବୁ କଥାକୁ ନାହିଁ ନାହିଁ କରିବ—ଆଉ ଅସଲ ଜିନଷଟି କୋଉ ଖଂଜରେ ନେଇ ତା' ମୁଣିରେ ପୂରେଇ ଗୃଳିଯିବ । ନେଇନ ? ନେଇନ ସେ ? ସେ ତ ମୋ ଅଜାଣତରେ ମୋ କଲିଜା ଟାଣି ନେଇଛୁରେ— । ତୁ କହୁଲୁ ରାଧୁଆ—ତୁ କହୁଲୁ । କହ ବା କହ—ମୋ ସୁନାଠା ପରା—ତୁ ବାଲୁତଟିଏ ହେଲେ କଣ ହେବ ତୋର ଖାଲି ବୁଙ୍କିରେ ଧନ । ତୁ ତ ତା'ରି ଭଳିଆ ହବୁରେ ବଡ଼ ଦିନକୁ । ତା'ରି ଭଳିଆ ହବୁ ଅବିକଳ—ସେଇ ଭରତ ସେନାପତି ପୁଅ ଦୀନବନ୍ଧୁ ଭଳିଆ ବା ! ତୁ କହୁଲୁ ଦେଖି ସେ ଯଦି ମୋ କଲିଜା ଟାଣି ନ ନେଇ ଆ'ନ୍ତା ତ ମୁଁ ଏମିତି ହୋଇଥାନ୍ତି ?

ରାଧୁଆରେ—ଫଡ଼ିଆରୁ ଫାଡ଼େ—ନଇଲେ ଛାତିରୁ ଫାଡ଼େ—ଗାଲରୁ ଫାଡ଼େ କି ଜଂଘରୁ ଫାଡ଼େ—ଖୁଂପିନବ ସମସ୍ତ ଜଗତ ଜାଣିବ । ଆଉ କଲିଜା ? ତାକୁ ଯେ ନିଏ କୋଉ ଖଂଜରେ ନେଇଯାଏ କିଏ କେମିତି ଜାଣିବ ବା ? କେ ତ ଜାଣି ପାରିବ ନାହିଁ ଆଉ ! !

ସେଇ ଦୀନବନ୍ଧୁରେ ସଧୁଆ । ଏଡ଼ିକିଟିଏ ହୋଇ ଥାଏବା । ମୁଁ ଲୁଆସୁଣୀ ବୋହୂ ହୋଇ ଏ ଗାଁକୁ ଆଇଲାବେଳକୁ ତାର ଶଜୁଣୀ ଆଉଥାଏ ନଶ—ଦୁତ୍‌ଦୁତ୍ ଗାଲ ଅରୁଆ ଚଉଳ ପିଠା ଭଳିଆ—ପଗ୍ରଟୀ ନଈର କଳା ଘୁମ୍ନର ପଣି ଭଳିଆ ଆଖି ଦୁଇଟାରେ ତାର । ଯାହା ଆଖିରେ ତା' ଆଖି ପଡ଼ିବ ସେ ସେଇଠି ଘାଇହୋଇ ବଶ୍ୟ ହୋଇଯିବ । ଯୋଉ ସୁନ୍ଦର ! ସଧୁଆରେ ଯୋଉ ସୁନ୍ଦର ! ହେଲେ ସେ କାହାକୁ ଚୃହିଁବ କି ? ଇସ୍କୁଲ ପଢ଼ା କରୁଥାଏ ସେଣେ ଯାଇ କୁଆଡ଼େବା—ମୋ ମନେ ପଡ଼ୁନି—ଡିଙ୍ଗାରପୁର ନା କେଉଁଠି— । ଛୁଟିରେ ଆସେଇ ଗାଁକୁ— । ଝୁଲି ଝୁଲି ଯାଉଥିବ ଗାଁ ଦାଣ୍ଡରେ ଶଜା ଗୁଣ୍ଡୁଣ୍ଡୁ ହାତିଟିଏ ଭଳି । ଖୋଜ ତଳେ ପିମ୍ପୁଡ଼ିଟିଏ ବ ମରିବ ନାଇଁ । କିଏ ଭଲ ତାକୁ ଚୃହିଁ ନ ରହିଇ ଘଡ଼ିଏ ସେତେବେଳେ ? ଗାଁ ଜାକର ଝିଅ ବୋହୂ କବାଟ ସନ୍ଧରେ, ଝରକା ସନ୍ଧରେ ତାକୁ ଚୃହିଁ ରହୁଥିବେ । ମୁଁ ଦେଖିଛୁ ବା ମତେ କଣ କହୁଛୁ ? ଆରେ ସବୁ ସତ୍ତା ସାବିତ୍ରୀଙ୍କି ମୁଁ ତୁମ ଗାଁରେ ଚହ୍ନେଇବା ! ମୋର ଉପରେ ସିନା ଖାନକୀ, ଦୋଚ୍‌ରୁଣୀ ଅପବାଦ ଲଦିଦେଲେ ଏଇ ତୁମ ଗାଁବାଲି ଯୋଗିନୀଖିଆଏ ! ରଇଜଳାଏ ଦେବ-ଲଗି ଅନ୍ନ ଶ୍ରିଆକୁ ଚକଲ'ପଣରେ ଅଇଁଠା କରିଦେବେ । ଫେର୍ ସେଇ ଅନ୍ନପରି ପଦାର୍ଥକୁ କହିବେ ମାଗ୍ର ହେଇଗଲା । ନିଜେ ଛୁଇଁଦେଇ କହିବେ ଅଛୁଆଁ । ନିଜର ପାପଟିକ ଜଣକ ଉପରେ ଅଜାଡ଼ି ଦେବେ । ଶେଷକୁ ଅପବାଦ ଦେବେ ପାପ— ପାପ— ତଫାଡ଼୍ ବୁହ ।

ମୋ ଘଇତା ତ ବାହାଦର ଦୁଇବରଷ ନ ପୂରୁଣୁ ଦନେ ହଇଜା'ରେ ମୋତେ ଛାଡ଼ି ଚ୍ଳିଗଲା ସେପାରିକି— । ମୋର ସେତେବେଳେ ଭରା ଯଉବନରେ ସଧୁସୁନ୍ଦର ! ଧ୍ୱଅରେ ମୋର ନିଆଁ ଜଳୁଥାଏ । ସେଇ ନିଆଁକୁ ଧରି ଏଠି ମାଟି କାମୁଡ଼ି ପଡ଼ି ରହିଲି । କାହା ସାଙ୍ଗରେ କୁଆଡ଼େ ପଳେଇ ଗଲି ନାଇଁ । ଆରେ କାହା ସାଙ୍ଗରେ କୁଆଡ଼େ ଯାଇଥାନ୍ତି ? କାହିଁକି ଯାଇଥାନ୍ତି ? ମୋ ମନ ମରିଗଲାରେ ସଧୁଆ । ବାପଘରେ ତ କେହି ନ ଥେଲେ । ଭାଇ ତ ରହିଲା ଯାଇଁ କଲିକତାରେ ଗୋଟେ ଖାନକୀକି ଧରି । ଆଉ ଘର ମାଡ଼ିଲା ନାହିଁ । ମୁଁ ମାଟି କାମୁଡ଼ି ଏଇ ଗାଁରେ ପଡ଼ି ରହିଥାଏ । କାଇଁକି କହିଲୁ ?

ତୁ ବିଶ୍ୱାସ କରିବୁ ନାହିଁ—କେହି ସତ କହିବେ ନାହିଁରେ—ସମସ୍ତେ କହିବେ ରାଣ୍ଡ ବେଧ ପକେଇବାକୁ ଏ ଗାଁରେ ପଡ଼ିରହିଥେଲା । କିଏ କାହା କଥା ଜାଣେରେ ? ଏଠି ତିରିଶି ବର୍ଷକାଳ ଏମିତି ରହିଥେଲି ଖାଲି ସେଇ ଦୀନବନ୍ଧୁକୁ ଦେଖିବାକୁ ପାଇବି ବୋଲି । ଯୋଉ ଛୁଟିରେ ସେ ଗାଁକୁ ଆସେଇ ମୋ ଆଖି ଡାହାଣୀ ଭଳିଆ ଚୁଇ ଭଳିଆ ତା'ପଛେ ପଛେ ଛୁଟଇ । କେତେ ଲୋକଙ୍କୁ ୯ ଆଖି

ଖୋଲେଇଛୁ—ଇସ୍କୁଲ ବସେଇଛୁ ! କେତେ ପୁଣ୍ୟକରି ସେ ଧନବନ୍ଧୁକୁ ପାଇଛୁ ! ଏ ଖଣ୍ଡମଣ୍ଡଳରେ କିଏ ଭଲ ତା' ରୂପ ଗୁଣକୁ ବାହୁନେ ନାହିଁ ? ଏବେ ପୁଣି କୋଉଠି ସେଠି କଟକ ମୁଲକରେ କେତେ ନାଁ କମେଇଲାଣି । ବଡ଼ ଡାକ୍ତର ହେଇଛୁ ପରା ? ହଜାର ହଜାର ଟଙ୍କା କମଉଛୁ । କେତେ ଦୁଃଖୀ ରଙ୍କୀ ଅନାଥ ଛେଉଣ୍ଡଙ୍କ ପେଇଁ କୁଆଡ଼େ ଦାନା କନା ବେବସ୍ଥା କରିଛୁ । କେତେ ଅସାଧ ରୋଗୀଙ୍କି ଯମ ହାତରୁ ଛଡ଼େଇ ଆଣିଛୁ ! ସବୁ ମୁଲକରେ ସାଧୁଆ ! ତା' ପ୍ରଶଂସା ଶୁଣିବାକୁ ଏଠି ଏ ଗାଁରେ ମୁଇଁ ଏ ପୋଡ଼ା କାନ ପାରି ରହୁଥାଏ । ହାଡ଼ିଆ ମା'ର କ'ଣ ରକ୍ତ ପ୍ରସାଦ ହଉଥାଏ ଯେ କଟକ ଗଲା ଧନବନ୍ଧୁ ପାଖକୁ । ମାଗେଣା ତାକୁ ଘରେ ରଖି ଓଷଦ ଦେଲା—ପଥି ଦେଲା । ଝାଡ଼ିଫିଙ୍ଗି ଦେଲା ରୋଗ । ହାଡ଼ିଆ ମା'କୁ ଦେଖିନୁ ଡକ୍ରିଁଭଳିଆ ଦିଶେଇ ! ସେଠୁ ଆଇଲା ବେଳକୁ ଷୋଳବରଷୀ ଭଳିଆ ଦିଶୁଥାଇ । ହାଡ଼ିଆ ମା ଯୋଉ ପରଶଂସା ତା'ର କରୁଥାଇରେ ସାଧୁଆ ? ମୁଁ ତ ଶୁଣିଲାବେଳେ ମୋ ଛାତି କୁତୁକି ଉଠୁଥାଏ ! ମୋତେ ତ କଣବୋଲି କ'ଣ ପାଇଲା ଭଳିଆ ଲାଗୁଥାଏ ! ମୁଁ ପଚାରୁଥାଏ ହାଡ଼ିଆ ମା' ! ଆଉ ଟିକିଏ କହିବା ଧନବନ୍ଧୁ କ'ଣ କଲେ ?

ସାଧୁଆରେ ! ଏ ପୋଡ଼ା ଛାତିରେ ତା'ଲାଗି ଏତେ ମମତା କୋଉଠୁ ଲୁଚି ଥାଇରେ ? ଯେ ଏ ଗାଁରେ ତା' କଥା ପକାଏ ମୁଁ କାନପାରି ମନଦେଇ ଶୁଣୁଥାଇ । କାଇଁକି ଭଲ ଆଜିକୁ ତିରିଶି ବର୍ଷ ହେଲା ଖାଲି ତାଆରି କଥା ମୁଁ ଭାବି ମରୁଛି କହିଲୁରେ ମୋ ସାଧୁସୁନ୍ଦର !

ହଇରେ ସାଧୁ ! ମୋର ସାଧୁସୁନ୍ଦର । ସତ କହିଲୁ—ମୋ ଧନ ଛୁଇଁ କହ । ସେଇ ଧନବନ୍ଧୁ ଆଜି ଆଇଥିଲେ ? ସେଇ ଆସି ଏ ଓଷଦ ଟଂକା ଦେଇଗଲେ ?

କାଇଁକି ବା ? କାଇଁକି ସେ ଆଇଥିଲା ଓ ସୁଆଗ ଦେଖେଇବ ବୋଲି ? ଏ ଖାନକା ପାପୀଘରକୁ ତା' ଭଳିଆ ପୁଣ୍ୟବନ୍ତ ବଡ଼ଲୋକ ଫେର୍ ଅଇଲା କେମିତିରେ ? ତା' ଦେହରେ ପାପ ଲାଗିଗଲା ନାଇଁ ? ସାଧୁଆରେ ! ସେ କାଳେ ସେଇ ମୋ ଭୁଆସୁଣୀ ବେଳେ—ଯେତେବେଳେ ରକତ ମାଉଁସ ଦଗି ଏ ଧାଥ ମୋର ଘୁମ ଭଳିଆ ହେଉଥାଏ—ଦେକାଳେ ତାକୁ ଟିକିଏ ଦେଖିବି ବୋଲି—ତା'ଠୁଁ ପଦେକଥା ଶୁଣିବି ବୋଲି—ଆହା ! କି ଠାଣିରେ ତା'ର—କି ମାଣି ! କୋଇଲି ଭଳିଆ ତା'ହସ ଶୁଭିଯାଉଛି ମୋ କାନକୁ—କଥା କହୁଥିବ—ହସି ଦଉଥିବ । ହସିଲାବେଳେ ତା'ର ଅଗୁଆ ଚିତଉ ଭଳିଆ ଗାଲ ଦି'ପାଖେ ଖାଲ ହେଇ ଯାଉଥିବ । ପାଟିରେ ତା'ର ଚନ୍ଦ୍ରଉଦିଆ ଜାଲି ଉଠୁଥିବ । ସେଇତକ ଦେଖିବି

ବୋଲି—ହେଉ ତ କେ ଶୁଣିବ ବୋଲି କମ୍ପରେ ତା' ପାଖକୁ ବାଆଁରେଇ ହେଇ ଯାଏ। ଆରେ ବୁଧିଆ—ସମସ୍ତଙ୍କୁ ଅନେଇବ, କଥା କହିବ, ମୋ ଉପରେ ଅଟି ପଡ଼ୁ ପଡ଼ୁ ଆଖି ଫେରେଇନବ। ମୁହଁ ବୁଲେଇନବ। ମୁଁ ପରା ଖାନଦାନୀଟାଏ—ଅଠରଘଇଣିଆଟାଏ—ସେ ପରା ପୁଣ୍ୟବାନ୍ ଜନ। ଏତେବଡ଼ ଗାଁଟାରେ—ଏଇ ପୃଥିମଣ୍ଡଳରେ ହେଇ ଏକା ଜଣେ ଭଲ ମଣିଷରେ ବୁଧିଆ। ମୋ ପରା ଲୋକକୁ ଚାହିଁଲେ, ମୋ ପରା ଲୋକ ସଙ୍ଗେ କଥା କହିଲେ, ତା' ଭଲଲୋକ ତେଜ ମଉଳି ଯାଉ ନ ଥାନ୍ତା? ଭଲ କରିଛୁ, କାହିଁକି ମତେ ସେ ଚାହିଁଥାନ୍ତା ରେ? ମୁଁ ସବାଖାଉ ସର୍ବନାଶୀ ହେଉଥିବେଳେ ଜାହାଣୀ ଠେଲି ରେ ବୁଧିଆ—ମୋ ଅଧିରେ ତା' ଅଟି ପଡ଼ିଥିଲେ ଆଉ ତାକୁ ମୁଁ ପ୍ରାଣେରେ ରଖିଥାନ୍ତି? ସେ କି ସହି ନ ଥାନ୍ତ? ଆହା 'ଆହା' କେତେ ପୁଣ୍ୟବାନ୍ ଦେବତା ଭଳିଆ ନିଳଟାରେ ସେ' ବାଟ ଚାଲୁଥିଲେ ତା' ପାଦତଳେ ପଦ୍ମଫୁଟି ଯାଉଥିବ। ସେ ଚାଲିଲାବେଳେ ଗାଁ ଦାଣ୍ଡରେ ସତେ କି କୁଆଡ଼ୁ ଥଣ୍ଡା ବାହନା ପବନ ବହି ଯାଉଥିବ! କହିଁ ଫୁଲ କାକୁଡ଼ି ଫୁଲ ବାଡ଼କଡ଼ରେ ଫୁଟିଯାନି ରେ ବୁଧିଆ! ପାଳଧୂଆ ଗଛରେ ନାଲି ନାଲି ଫୁଲ ପେଣ୍ଡା ପେଣ୍ଡା ହେଇ ଫୁଟିଯାନ୍ତି। ମତେ ତ ଦେଇଆ ନ ଗେଲେ—ହେଇଆ ଦୃଶେଇ!!

ନାଥ ଓଡ଼ାଙ୍କ ଦାଣ୍ଡରେ ହେକାଲେ ଭାଗବତ ପୁରାଣ ପାଠ ହଉଥାଇ! ନାଥ ଓଡ଼ାଙ୍କର ଯେଉଁ ସୁନ୍ଦର କଣ୍ଠ! ମିଶିପେ ମାଇପେ ସମସ୍ତେ ଘେରି ବସିଥାନ୍ତି। ହାହାହୁ ଶୁଣୁଥାନ୍ତି। ମୁଁ ଅଲକ୍ଷଣୀ ସବୁରି ପଛରେ ଯାଇ ବସେଇ। ଆହା କି ସୁନ୍ଦର ପଦମାନ! ଗୋପପୁରରେ କହ୍ନେଇକି ଘେରି ଷୋଳସହସ୍ର ଗୋପୀ ଲୀଳା କରୁଥାନ୍ତି। ଆହା କି ସୁନ୍ଦର ନବଘନ ରୂପରେ ବୁଧିଆ! ଗୋପୀଏ ତାକୁ ଘେରି ରହିଥାନ୍ତି କଦମ୍ବମୂଳେ। ତା'ର ଉପରେ ଆଖି ପଡ଼ିଲେ ଆଉ ସେ ଅଟି ସହଜେ ଫେରେଇ ନାହିଁ। କେମିତି ଫେରିବ କହିଲୁ? ସେ ପରା ସେ ସ୍ୱୟଂ ଭଗବାନ!! ମଣିଷ ରୂପ ହୋଇ ଅଇଥିଲେ! ମୋ ଆଖିରୁ ଲୁହ ବହି ଯାଉଥାଇ। କାଏ କଣ ଭାବୁଥାଇ କେଜାଣି—ମୁଁ ଖାଲି ଭାବୁଥାଇ ଭରତ ସେନାପତି ପୁଅ ମୋ ଦୀନବନ୍ଧୁ କଥା। ଅବିକଳ କୃଷ୍ଣ ସଙ୍ଗେ ମିଳି ଯାଉଥାଇବା ତା'ରୂପ ଗୁଣ! ମୋ ମନ ବି ଅବିକଳ ସେଇ ଗୋପୀଙ୍କ ଭଳିଆ ହଉଥାଇ। କୃଷ୍ଣଙ୍କ ନାଁ ବି କୁଆଡ଼େ ଦୀନବନ୍ଧୁ ରେ ବୁଧିଆ!! ଦେଖିଲୁ କେମିତି ମିଳିଯାଉଛି!!

ହଇରେ ବୁଧିଆ। କହିଲୁ—ଏ ପୋଡ଼ପାଡ଼ ଗାଁ ଟାକରେ ଅଉ କାଏ ମଣିଷଟାଏ ଅଛି ନା ଥିଲା? କେହି ତ କାହା ଶୌଚ ଦେଖି ପାରନ୍ତିନି! ଚଉଧୁରୀ-ଘାଇଅ ତ ଭାଇ ଭାଇରେ ମାଲିମକଦ୍ଦମା—ବାଡ଼ିଅବାଡ଼ି ହେଇ ଗଲେ। ରାଉତଘାଇଅ ତ କାଏ କୁଆଡ଼େ ମରିହାକି ଗଲେଣି—ନଣ୍ଡା ବାଳୁଙ୍କ କଣ୍ଠା ହେଇ ଦା'ଗୁଡ଼ିଖଣ୍ଡ

ଆତଯାତ ହେଉଛନ୍ତି । ରାଉତ ବୁଢା ଖାଲି କହୁଛି । ସେ ଆସି ବୁଝାଇଲା ବାସିଦିନ ସେ ଛିଅରେ ବଳୁଆ ଦେଉଁବେ । ସେ ବୁଢା, ଭଲ ହଇରାଣରେ ତା'ଦିନକାଳ ଯିବରେ ବାଘୁଆ କନ୍ଧ ଦଉଛି । ସେଇ ବୁଢା କ'ଣ କମ୍ ହୁରୁମା ଥିଲା ? ଭୂତକେଳି କରିବ, ଭୂତକେଳି । ଘରେ ତେବେ ମାଇପକୁ ଶୁଆସ ଦେମାଗ୍ । ଏ ବୁଢା କ'ଣ କରିବ ନା ରାତି ଅଧରେ ମୋ ଗୁଳିଆ ଅଧାକାଣ୍ଟି ଡେଇଁ ମୋ ଘରେ ପଶିବ । ମୁଁ ଡରିକରି ତା' ଶରଣ ପଶି ଯାଏ ରେ ! ଆରେ ତାକୁ ସନ୍ତୋଷ ନ କରିଥିଲେ ସେ ଏତେ ଆଜି ଜୀବନରେ ରହିଥାନ୍ତା ? ତାଡି ପିଇଥିବ—କୁକୁଡା ଖାଇଥିବ ! ରାତିଯାକ ମୋ ଦେହରୁ ରକତ ଶୋଷିବ । ସେଇ ବୁଢା ଫେର ମୋ ଛିଣ୍ଡା କଲମ କରି ନେଲାରେ ବାଘୁଆ ! ସେ ନେଲା ବାରତଳି ବାଉଁଶ ବଣେକ । ଅଉ ସେ କହୁ ସେପଟ ଛିଣ୍ଡା ନେଲା ବଣଜ ଚୌଧୁରୀ ବା ! ମଲେ ବେଳେ ଖୋଜଫୁଟି ଗଲା—ତଣ୍ଟିରେ ମାହାରି ପାଣି ଶୁଖା ଗଲା ନାହିଁ । ଆଉ ଏ ରାଉତ ବୁଢା, ଦେଖିବୁ ରହଥା । ଛନି ଛନଟା ଭେଣ୍ଡା ପୁଅ ମଲେ । ଝିଅଟେ ଥିଲା ସେ ରାଣ୍ଡ ହେଇ ଶାଶୁଘରେ ପରଗର୍ଭ ହେଲା । ଏଇଠି ଆସି ଭଂଗେଇ କରି ବୋପା ପାଖେ ରହୁଛି । ନାହିଁରେ ବାଘୁଆ ! ମୁଁ ତା' ଝିଅକୁ ଦୋଷ ଦଉନାହିଁ । ମେ ତ ଭଳିଆ ହତଭାଗିଟେରେ । ଆସେଇ ଦିନେ ଦିନେ ବା ମୋ ପାଖକୁ । କହଇ—ମଲ୍ଲିଝିଅ ! ମୋ ଜୀବନ କେମିତି ଯିବ କହିଲ ? ମୁଁ କହିଲି—ସେ କଥା କାହିଁ ମତେ ପଚାରୁଚୁ ଲେ—ମୋର ତ ଜୀବନ ସରିଲା ବୋଲି ଜାଣ ।

ଗାଁ ଗୋଠାକରେ ସେଇ ଭରତ ସେନାପତି ବୁଢା ଭାରି ଧର୍ମବନ୍ତ ! ଭାରି କର୍ମବନ୍ତ ! ଦେଖୁନୁ ! ତା' ଉମରରେ ସେ କ'ଣ ନ କରୁଛି ! ଦେଉଳ କଲା—ପୋଖରୀ ଖୋଳେଇଲା—ଇସ୍କୁଲ ବସେଇଲା । ପାଉଛି ବି ସେମିତି । ଦୁଇ ଝିଅ-ଜୋଇଁ ତ ପାଉଛି ଗଣେଶ କାର୍ତ୍ତିକ, ନାତି ନାତୁଣୀ ମାଡ଼ି ଗଲେଣି । ଆଉ ଏଇ ଗୋଟିକ ପୁଅ ଦାନବନ୍ଧୁ । ଏତିକି ତା' କର୍ମବିପାକ—ମାଇପ ମରିଗଲା, ଏଇ ଦାନବନ୍ଧୁ ଛଅ ବରଷର ହେଇଥାଏ । ମରୁବା ମାଇପ ! ଦାନବନ୍ଧୁ ଭଲଆ ପୁଅ ପାଇଛି । ସବୁ ଦୁଃଖ ସେଇଥିରେ ପାର ।

ଏ ଗାଁଟା ତ ମଶାଣିପଦା ହେଲାଣି । ସବୁରି ମୁହଁ ଯେମିତି କଳାକାଠ ପଡିଗଲାଣି । କାହା ମୁହଁରେ ଆଉ ଶିରୀ ନାହିଁ । ସବୁରି ଦେହରେ ଯେମିତି ଯମ ଦଉଡି ଲାଗିଛି ! ଦିନ ଦି'ପ୍ରହରେ ତ ଏ ଗାଁରେ ବଳୁଆ ବୋବାଉଛନ୍ତି । ରାତି ଦିନ ପେଚା ବୋବାଉଛନ୍ତି । ଦେଉଳ ଉପରେ ଶାଗୁଣା ବସିଲେଣି ଦି' ଦି' ଥର । କାଲି ରାତିଯାକ ଗୋଟେ ହୁଁ ହୁଁ ବଟେଇ ବୋବାଉଥିଲା ରାଉତ ଘର ସେଇ ତେନ୍ତୁଳି ଗଛ ଉପରେ ।

ଡରମାଡ଼ିବ ? ଡର କାହିଁକି ମାଡ଼ିବବା ? ମତେ ଡର ମାଡ଼େଇ ନାହିଁ । ଆରେ ଡରବେଳେ ତ ଡର ମାଡ଼ୁ ନ ଥିଲା । ରାତସାରା ଭୂତଙ୍କ ସଙ୍ଗେ କେଳି-କରୁଥିଲି ଏଇ କୁଡ଼ିଆ ଖଣ୍ଡକରେ । ଆଉ ଅଇନେ—ମରିବାକୁ ବସିଲିଣି—

ମରିବି ନାହିଁ କ'ଣ ଆଉ ଯୁଗାବ୍ଧି ବଂଚିଥିବି ? କାହିଁକି ଅଉ ବଂଚିବବା ? ଯୋଉଥି ପାଇଁ ଆଜଯାଏ ବଞ୍ଚିଥିଲି ସେ ମନସ୍କାମନା ତ ଆଜି ପୂରଣ ହେଇଗଲା ।

ହଇରେ ଦୀନବନ୍ଧୁ ଆଜ୍ଞ ସତରେ ଆସିଥିଲେଟି । ଭରତ ସେନାପତି ପୁଅ ଦୀନବନ୍ଧୁ ? ନା—ଆଉ କାହାକୁ ଦୀନବନ୍ଧୁ ବୋଲି କହୁଚୁ ବା !! କି ଓଷଧ ଦେଇ ଯାଇଚି ବା ? ମୋର ଓଷଧ କ'ଣ ହବ ? ଆଉ କଣ ଭୋଗିବି ବୋଲି ଭଲ ଓଷଦ ଖାଇବି ?

କାହିଁକି ସେ ଆଇଥିଲା ? କେମିତି ଆଇଥିଲା କେଜାଣି ମୋର ତ ଚେତା ବୁଡ଼ିଗଲା ତାକୁ ଦେଖିକରି । ଗାଁକୁ ଆଇଥିଲା ବୋଲି ତ ଶୁଣିଥିଲି ! ମୁଁ କ'ଣ ଜାଣିଚି ସେ ମୋ ଭଳିଆ ଖାନକାଟା ଘରକୁ ଏମିତି ମାଡ଼ି ଆସିବ ? ମଟରଟା ପଁ ପଁ କଲା । ମୋର ତ ଆଉ ଖଟିଆରୁ ଉଠିବା ଶକତି ନ ଥାଏ । ମୁଁ ଭାବିଲି—କିଏ ଯାଉଥିବ—ବି. ଡି. ଓ. ବାବୁ କି ଉପରର ବାବୁ ! ଆରେ ରାଧୁଆ ! ସେ ତ ପଶିଆସିଲା ଏ ଘରକୁ—ଘର ତ ଏଇମିତି ଅନ୍ଧାର । ତହିଁକି ମୋ ଆଖିକି ତ ଏବେ ଭଲ ଦିଶୁନେଇ । ଖାଲି ତା' ଧୂଅ ବାସନାରୁ ମତେ ଲାଗିଲା ତା'ର ଭଳିଆ ।

ଆରେ ନାଇଁବା, ସେ ଯେମିତି ଅତର ଫତର ଲଗାଏ ନାହିଁ । ସେ ତ ଦାଣ୍ଡରେ ବୁଲି ଯାଉଥିବ ଯେ ସେ ଦାଣ୍ଡଯାକ ମହକି ଉଠୁଥିବ । କେମିତି ଗୋଟେ ତା ଧୂଅ ବାସେଇବା ! ସେ ବାସନା ମୋ ନାକରେ ବାଜିଲେ ମୋର ତ ଧୂଅ କ'ଣ ହେଇଯାଏ ! ମୋର ତ ଜ୍ଞାନ ହାରିଯାଏରେ—ହଇରେ ଏମିତି ପୁଣି ମଣିଷ ଦେହ ବାସେଇ ?

ଆରେ ସେ କ'ଣ ମଣିଷ ? ମଣିଷ ହେଇଥିଲେ ସେ ମତେ ଏମିତି ଆଜଯାଏ ଅପ୍ରାପତ ହୋଇଆନ୍ତା ? ସେ ଦେବତାରେ ରାଧୁସୁନ୍ଦର । ଶାପ ପାଇକରି ଏ ମଂଚକୁ ଆଇଚି । ଆଇଚି ଲୋକମାନଙ୍କର ଉପୁକାର କରିବ—ମୋ ଭଳିଆ ପାପୀତାପୀ ଦୀନଦୁଃଖୀଙ୍କର ଦୁଃଖ ପାପ ଝାଡ଼ି ଝୁଡ଼ି ଦେବ—ତା'ପରେ ଲୀଳା ଖେଳା ସାରି ସୋର୍ଗପୁରକୁ ବାହୁଡ଼ି ଯିବ ।

ଦେବତା ନୁହଁ ? ହଇରେ ତୋର ବିଶ୍ୱାସ ହଉ ନାହିଁ ? ଦେବତା ନୁହଁ ଆଉ କ'ଣ ? ହଇରେ ଆଉ କାହାକୁ ଦେଖିଲେ ତ ଏମିତି ପେଟ ପୂରି ଯାଏ ନାହିଁ । କାହା ଚରଣରେ ସର୍ବସ୍ୱ ସଅଁପି ଦେଇ ଏମିତି ଲୋଟିଯିବାକୁ

ମନ ଡାକେଇ ନାହିଁ ? କେହି ତ ଏମିତି ଆତ୍ମାକୁ ଅଣ୍ଡାକର ଦିଏ ନାହିଁ । ତାକୁ ଦେଖିଲେ ସବୁ ଦେଖିଲା ଭଳିଆ ନାଗେଇ । ତାକୁ ପାଇଲେ ସବୁ ପାଇଗଲା ଭଳିଆ ନାଗେଇ ।

ଆରେ ଋଧୁ ! ଛଅଶି ବର୍ଷ ହେଲା ମୁଁ ଏ ଗାଁକୁ ବୋହୂ ହେଇ ଆଇଲିଣି । କେତେ କଦର୍ଥନା ଭୋଗିଲିଣି ମୁଁ ଏଠି, ତୁ କାହୁଁ ଜାଣିବୁ ? ହଇରେ; ଏ ପୃଥିରେ ସମସ୍ତେ ଅସୁର । ଖାଲି ହାଁ କରି ବଇଛନ୍ତି ସମସ୍ତଙ୍କୁ ଗିଳିଯିବେ, ଶୋଷିନେବେ ସମସ୍ତଙ୍କୁ—ଆଖିବାଟେ, ପାଟିବାଟେ ଆଉ ଆଉ ବାଟେ । ଏ ସବାଖିଆମାନେ ବୁଲୁଯାଉଥିବେ ଯୋଉ ବାଟେ, ସେବାଟେ ଘାସ ମରି ଯାଉଥିବ । ଏ ସତ୍ୟାନାଶିଆଙ୍କ ଛାଇ ଯାହା ଉପରେ ପଡ଼ିବ ସେ କେହି ଉଧେଇବେ ନାହିଁ । ଦେଖୁନୁ, ଏ ଗାଁରେ କେହି ଉଧେଇଲେ ନା ଉଧେଉଛନ୍ତି ! ସ୍ତ୍ରୀ ଛୁଇଁ ତା' ଉପରେ ତା' ଛୁଇଁ ସ୍ତ୍ରୀ ଉପରେ । କେହି କାହାକୁ ଏଠି ଆଶ୍ରା ନାହିଁରେ ଋଧୁଆ । ଏ ଗାଁ ଏମିତି ମଶାଣୀ ହବ । ମଶାଣୀ ହବ, ହବ, ହବ—ମୁଁ କହି ଦଉଛି । ଏଠି କାହା ହୃଦରେ ଦୟାପଦ ନାହିଁ—ମାୟା ନାହିଁ କାହାର କାହାରିକି । ଏ ତା ବୁଲରୁ ଫୁଲାଏ ଟାଣି ନଉଛି ତ ସେ ସ୍ତ୍ରୀ ବୁଲରୁ ଖଣ୍ଡେ ରୁଅ ଟାଣି ନଉଛି । ମରିବେ ନାହିଁ—ମରିବେ ତ । ଯିବେ କୁଆଡ଼େ ।

ଋଧୁରେ, ଏଇ ଦୀନବନ୍ଧୁ ଯମନ୍ତ ଏଠି ଆସି ରହନ୍ତେ ! ସେ କୁଆଡ଼୍ ଏଠି ଆସି ରହିବରେ ? ଏ ରାକ୍ଷସପୁରୀକି ସେ କେମିତି ଆସିବ, ବଷ୍ଟୁକଲାରେ ତା'ର ଜନ୍ମରେ ଋଧୁଆ ! !

ଶୁଣ୍ ବା ଋଧୁ ଶୁଣ୍‌ବା ! ଯେମିତି ସେ ମୋର ଘରଭିତରକୁ ପଶି ଆସିଲା । ମୋ ଘର ତ ମହକିଗଲା । ତା'ଦେହ ବାସନାରେ ଆଗ ମୋ ଚେତା ବୁଡ଼ିଗଲା ଭଳିଆ ଲାଗିଲା ।

ନାଇଁବା ଚେତା କାଇଁକି ବୁଡ଼ିବ ? ମତେ ସେମିତି ବେଚେଷ୍ଟା ଲାଗିଲା । ହଇରେ ସେ କିଏ—ମୁଁ କିଏ ? ଜୀବନଯାକ ତାକୁ ଟିକିଏ ଦେଖିବି ବୋଲି, ତାକୁ ଟିକିଏ ଧରିବି ବୋଲି କେତେ ଆଶା ନ କରିଛି—କେତେ ବିକଳ ନ ହେଇଛି ! ! ଯେମିତି ପଶି ଆସିଲା ମୁଁ ଖଟିଆ ଉପରେ ନାଥିକନା ପଡ଼ିଗଲି । ମୋ ଦେହ ଝିମି ଝିମି ହେଇଗଲା । ତାକୁ ତ ଥରେ ଚାହିଁଛି— ଭଲକରି ତ ଦିଶୁନଥାଇ—ହେଲେ ଯଦି ମୋତେ ଆଗ ଭଳିଆ ଦିଶୁଥାନ୍ତା, ଯଦି ସନ୍ତୁରୁଡ଼ି ହୋଇ ନ ଥାନ୍ତା—ଆଉ ଯଦି ତା' ଆଖିରେ ମୋ ଆଖି ପଡ଼ିଥାନ୍ତା, ଆଉ କ'ଣ ମୁଁ ବଂଚିଥାନ୍ତି ? ମୋ ଛାତି ଫାଟି ଯାଇ ନ ଥାନ୍ତା ?

ହଅବା, ମୋର ଟିକିଏ ଟିକିଏ ମନେ ପଡ଼ୁଛି । ସେ ମୋ ହାତ ଧରିଲା—ନାଡ଼ୀ ଚିପିଲା— ମତେ ଓଲଟ ପାଲଟ କଲା କଇଁଚ ଭଳିଆ । କ'ଣ ଯନ୍ତୁଟାଏ

ମାଡ଼ ଦଉଥାଇ ମୋ ପିଠିରେ ଫେର୍ ମୋ ଛାତିରେ । ଫେର୍ ମୋ କପାଳକୁ ଆଉଁସିଲା ଆହା— ମୁଁ ଅଜ୍ଞାନ ହେଇକା ପଡ଼ିଥାଇ । ଜ୍ଞାନ ଥାଆଇ ଫେର୍ ବେଚେଷ୍ଟା ଲାଗୁଥାଇ । ଆଖିବୁଜା ସେମିତି ଆକଡ଼ା ହୋଇ ପଡ଼ିଥାଇ ! ସତକ ସପନ ଦେଖୁଥାଇ !

ରାଧୁଆରେ ! ତୁଇ ସତ୍ୟାନାଶିଆ ତାକୁ ଏଠିକି ଡାକ ଆଣିଥେଲୁ । ନାଇଁ ? କାଇଁକି ଡାକଲୁ କହଲୁ ? ତୁ ନ ଡାକଥିଲେ ସେ କେମିତି ଜାଣିଆନ୍ତା ଯେ ମଲ୍ଲୀବୁଢ଼ୀ ଏମିତ ମଲଗଲା ହେଇ ବାଧିକଛି ? ତୁଇ ଛତରା ମୋର କାଳଶନି । ଡାକନଇଁ ? ନଷ୍ଟେ ଡାକଛୁ ।

ରାଧୁଆରେ, ତା'ର ହାତରେ ତା'ର ଆଗରେ ଯଦ ମର ଯାଇଥାନ୍ତି ତ ତର ଯାଇଥାନ୍ତି । କନ୍ତୁ ସେ କ'ଣ ମ'ରହ କି ? ତା'ର ପର ବଷ୍ଣୁ ହାତ ! ଅମୃତ-ହସ୍ତ। ସେ । ହେଲେ ଆଉ ମୋର ବଞ୍ଚିକର ଲଭ କ'ଣରେ ରାଧୁସୁନ୍ଦର ? ମୋର ଆଜ ହୋଇଗଲା—ସବୁ ହୋଇଗଲା । ମୋ ମନ ତ ଆଜ ନାଚ ଉଠୁଛିରେ ମୋ ଧନ ! ମୋତେ କେତେ ହାଲୁକା ଲଗୁଛିବା ! ପବନ ଭଲଆ ଲାଗୁଛି । ଫୁଲଟିଏ ଭଲଆ ଲଗୁଛି ।

ମୋର ଆଉ କଛି ଦୁଃଖ ନାହିଁ—ମୋର ଆଉ କଛି ପାପ ନାହିଁ । ଏଥରକ ମୋତେ ବଷ୍ଣୁଦୂତ ନଅନ୍ତୁ କ ଯମଦୂତ ନଅନ୍ତୁ ।

ଏ ଗାଁରେ ତ ମୋତେ ଡାକନ୍ତି ମଲ୍ଲୀବେଧ ବୋଲି । ସମସ୍ତେ କହନ୍ତି— ମଲ୍ଲୀବେଧ ମଲାବେଳକୁ କେତେ କଦର୍ଥନା ଭୋଗିବ ଦେଖିବ । ଆସଲେ ସଟ ସାବିତ୍ରୀଏ ! ଆସଲେ ଅହ୍ୟସୁଲକ୍ଷଣୀଏ ! ଯା'ରେ ରାଧୁ ଯା—ଡାକ ଆଣିବୁ ଯା ; ଯା'ବା ଡାକ ଆଣିବୁ ତୋ ଗାଁ ମାଇପିଙ୍କୁ—ମରଦଙ୍କୁ । ଦେଖିଯିବେ ଆସି ମଲ୍ଲୀବେଧ କ କଦର୍ଥନା ଭୋଗୁଛି । ମଲା ବେଳକୁ ।

ଆରେ ଆଉ ନାଇଁ—ଆଉ ମୋ ଭାଗ୍ୟରେ କଛି କଦର୍ଥନା ନାଇଁ । ସେ ତ ଆଇଥେଲେ—ଏ ଆଖି ଦେଖିଲାଭଳି ଲଗୁଛି—ଏ ନାକ ଶୁଙ୍ଘିଲା ଭଳି ଲାଗୁଛି— ଏ ଧିହ ଛୁଇଁଲା ଭଳି ଲାଗୁଛି । ଆଇଥେଲେ ସେ ଦୀନବନ୍ଧୁ ଦୁଃଖୀସୋଦର— ପତିତପାବନ । ଜୀବନଯାକ ଯାହାକୁ ମୁହୂର୍ତ୍ତେ ହେଲେ ପାଇନାଇଁ ବୋଲି ଏତେ ଲୋକଙ୍କ ପାଖେ ମୋର ସର୍ବସ୍ୱ ଉଜାଡ଼ ଦେଲି । ସେ ତ ଆଇଥେଲେ—ମୋ ଘରକୁ—ଏଇ ମଲ୍ଲୀବେଧ ଘରକୁ—ଏଇ ଅନ୍ଧାରିଆ ସନ୍ତସନ୍ତିଆ ପାପ ପୁରକୁ – । ଆଇଥେଲେ ସେ—ମୋତେ ଛୁଇଁଲେ, ଆଉଁସିଲେ, ଚପିଲେ । ଆଉ କ'ଣ ? ଆଉ ମୋର କ'ଣ ପ ପ ଅଛିବା ? କ ପାପ ବା କିଏ କରଛି ? ଆରେ ଯା ଯାରେ—

ଆରେ ଯାଉନ୍ତୁ ! ! ପାପ ! ଦେଖିଲୁ କୋଉଠି ଆଉ ପାପ ମୋ ଦେହରେ ଲାଗିଛୁ ! ଦେଖ୍‌ବା—ଦେଖ୍‌ ।

ରାଧୁଆରେ ! ଶୁଙ୍ଘିଲୁ ଶୁଙ୍ଘିଲୁ ମୋ ଦେହ ବାସୁନେଇ ? ଦୀନବନ୍ଧୁଙ୍କ ଦେହରୁ ଯୋଉ ବାସେନା ବାହାରେ ସେ ବାସନା ମୋ ଦେହରୁ ବାହାରୁ ନାହିଁ ?

ମୋତେପରା ସେମିତି ସେଇକବେଳୁ ବାସୁଛୁ ! ! ମଲାଯାଏ ଏମିତି ବାସୁଥିବରେ ରାଧୁସୁନ୍ଦର ! ! ମୋ ମନସ୍କାମନା ପୂର୍ଣ୍ଣ ହୋଇଗଲା । ମୋ ଆତ୍ମାପୁରୁଷ ଆଜି ଶୀତଳ ହୋଇଗଲେ । ସେ ଆଇଥିଲେ—ଶେଷ କାଳକୁ ଆଇଥିଲେ—ତାଙ୍କର ମନେ ପଇଲା ଏତେ କାଳକେ ! ! !

ଆରେ ରାଧୁ ! ଏ ଗାଁକୁ ବୋହୂ ହୋଇ ଆଇଲା ଦିନୁଁ ଚାଳିଶି ବର୍ଷକାଳ ଖାଲି କ'ଣ ଦେଖି ପଡେଇଥିଲି ? ବର୍ଷକ ବାରମାସୀ ବଡ଼ଭୋରରୁ ଉଠି ଏ ଗାଁ ଦାଣ୍ଡକୁ ଏ ମୁଣ୍ଡୁ ସେମୁଣ୍ଡ ଓଲାଇ ନାହିଁ ? ନିର୍ଜଳା ଏକାଦଶୀ କରିନାହିଁ ? କାର୍ତ୍ତିକ ମାସରେ ରାଧାଦାମୋଦର ପୂଜା ନାହିଁ ଅଂଲାମୁଲେ ! ଜାଗର ଜାଳି ନାହିଁ ରାତସାରା ଅନିଦ୍ରା ହୋଇ ? ଠାକୁର ଅଗଣା ଓଲାଏ ନାହିଁ ବର୍ଷକ ବାରମାସ ? ଦୁଃଖୀରଙ୍କିକି ଆହାପଦ କରେଇ ନାହିଁ ? ଫି ବରଷ ବଗଲି ବାବାଜୀଙ୍କ ପଛରେ ଗୋଡ଼େଇ ଗୋଡ଼େଇ କୋଡ଼ିଏ କୋଶ ବାଟ ଦରସ୍ତମ ଯାଏ ନାହିଁ ଗୁଳି ଚୁଳି ରଥଯାତ୍ରାରେ ଜଗନ୍ନାଥଙ୍କୁ ଦର୍ଶନ କରିବାକୁ ? ? ମହାଦେବଙ୍କ ପାଚେରି କଡରେ ସଞ୍ଜବତୀ ଦେଇ ସବୁଦିନେ ଏ ଗାଁର ଶୁଭ ମନାସେ ନାହିଁ ? ରାଧୁଆରେ ! ସବୁଦିନେ ଏ ଘରେ କବାଟ କିଳି ଦେଇ ଦୀନବନ୍ଧୁ ପେଇଁ କାନ୍ଦେଇ ନାହିଁ ? କିଏ ଜାଣିଚିରେ କିଏ ଜାଣିଚି ?

ଆରେ ସେଇଥି ପାଇଁ ଆଇଥିଲେ ବା ! ମୋ ର ତପସ୍ୟା ସେମିତି ନ ଥିଲେ ସେ କୁଆଡ଼ୁ ଆଇଥାନ୍ତା ? ରାଧୁଆରେ ସେ ଆଇଥିଲେ ! ହେଇଟି ପରା ଘରଟା ଯାକ ମହକୁଛି ! ମୋ ଦେହ ଶୁଙ୍ଘୁନ—ବାସୁଛି ! ଯା'ଗୁଳିଯା—ଯା'ଗୁଳିଯା ଅଉ ମୋର କ'ଣ ଦରକାର ଭଲା ?

କ'ଣ କହୁଲୁ—କାଲି ଫେର୍ ଆସିବେ ? ନାହିଁ ନାହିଁରେ ରାଧୁଆ । ଅଉ ଆଉ ଦରକାର ନାହିଁ । ଯା ଯା ମୋ ସୁନାଟା ପରା ! ମୋ ଧନୁଟା ପରା ! ଯା'ତାଙ୍କୁ କହିଦେଇ ଆସିବୁ ଆଉ ଆସିବା ଦରକାର ନାହିଁ । ଅରେ ଭଗବାନଙ୍କୁ ଥରେ ଦେଖିବ ନା ଦଶଥର ଦେଖିବ ବା ? ମୋ'ଠାରୁ ବଳି ଭାଗ୍ୟବତୀ ପୁଣ୍ୟବତୀ ଆଉ କିଏ ଅଛିବା ? ମୋ ଦୀନବନ୍ଧୁ ଭଳିଆ ବନ୍ଧୁ ଆଉ କୋଉଠି ଅଛି, କିଏ ଅଛିବା ?

ରାଧୁଆ; ମୋ ରାଧୁସୁନ୍ଦରରେ ! ତୋର କୋଟି ପରମାୟୁ ହଉ । ଏଇ ଗାଁରେ ତୁ ଆଉ ଗୋଟିଏ ଦୀନବନ୍ଧୁ ! ହବୁରେ—ତେବେ ଯାଇଁ ଏ ଗାଁ ଫେର୍

ବଂଚିଉଠିବ । ହବୁରେ ତୁ ଟୋକା ହବୁ । ସେଇ ଦୀନବନ୍ଧୁ ଭଳିଆ ହବୁ ତୁ ଜଣେ । ତା ନ ହେଲେ ତୋର ମୋ ପ୍ରତି ଆଉ ମୋର ତୋ' ପ୍ରତି ଏତେ ମାୟା ଲଗନ୍ତା କେମିତି .?

ଗଲୁ ଗଲୁ ଧନ ? ଯା' ତାଙ୍କୁ କହିଦେଇ ଆସିବୁ ଆଉ ଯେମିତି ସେ ମୋ ଘରକୁ କାଲି ନ ଆସନ୍ତି ! ମୁଁ ଆଉ ଔଷଧ ପୋଷଧ ଖାଇବିନି । ମୁଁ ଆଉ ବଂଚିବିନି—ଆଉ ମୋର ବଂଚିବା କ'ଣ ଦରକାରରେ ? ମୁଁ ପାଇଗଲି—ସବୁ ପାଇଗଲି·············ରାଧୁଆରେ ! ସତରେ କହିଲୁ—ହେ ଯେ ସଂଜବୁଡ଼େ ମୋ ଘରକୁ ଆଇଥିଲେ ସେ ଦୀନବନ୍ଧୁଟି ?········ ନାଇଁ ନାଇଁ ମୁଁ ତତେ ଅବିଶ୍ୱାସ କରୁନି—ସେ ସେଇ ଭରତ ସେନାପତି ପୁଅ ଦୀନବନ୍ଧୁ ତ ? ସତ କହୁଛୁ ? ମୋ ଧିହ ଛୁଇଁଲୁ—କେ···ଜା···ଣି···ରେ ରା···ଧୁ···ଆ—ଫେର୍ କାହିଁକି ବିଶ୍ୱାସ ଆସୁନାହିଁ ! ! ମୁଁ ଜାଣିଛି ତୁ ବି କହୁଛୁ ! ତଥାପି କାହିଁକି ମୋର ବିଶ୍ୱାସ ହଉନାଇଁ ଆରେ ମୋ ଗୁଡି କାଇଁକି ଏମିତି ହେଇଯାଉଛି··· ମୋ ଧିହ କ'ଣ ହେଇଯାଉଛି ·· ···ରାଧୁଆରେ ।

ମୋ ରାଧୁସୁନ୍ଦର ! !

ମୁଁ କ'ଣ କରିବି ! ! !

# ଅଶୁଭ ପୁତ୍ରର କାହାଣୀ

ଅଚ୍ୟୁତାନନ୍ଦ ପତି

ସେଦିନ ସେ ଗ୍ରେଟ ପେଟରୁ ଛୁଆଟି ପରିହଲୁ କରି ଆଖି ଖୋଲିଲା । ଗଛର ଅନ୍ଧାରିଆ ଖୋଲ ଭିତରେ ସେ ଆଖି ମିଟିକାଇ ପ୍ରଥମେ ଦେଖିଲା ଅନ୍ଧାର, ଚାରିଆଡ଼େ ଖାଲି ନିଘଞ୍ଚ ଅନ୍ଧାର । ମାଆ ତାର ତା ଉପରେ ଡେଣା ଘୋଡ଼ାଇ ବସିଥିଲା । ତଳେ କୁଟା କାଠିର ଟାଆଁସିଆ ଶେଯ ଉପରେ କଅଁଳ ହାତଗୋଡ଼ ଦଖଣ୍ଡ ତାର ଥୋଇଥାଇ କେତେ କଥା ସପନ ଦେଖି ଯାଉଥିଲା । ଗଛର ଉପର ଡାଳରେ କାଆ କାଆ ହୋଇ କଣଗୁଡ଼ାଏ ଖୁବ୍ ଜୋର୍‌ରେ ପାଟି କମ୍ପେଇଲେ । ତା ମାଆର ଡେଣା କାହିଁକି ଚହଲି ଉଠିଲା । ସେ ପକ୍ଷୀଗୁଡ଼ାକୁ ଟିକିଏ ଭଲକରି ଚହଲାଇ ଦେଇ ତାକୁ ପେଟଆଡ଼କୁ ଜାକି ଆଣିଲା । ତାକୁ ଟିକିଏ ଆରାମ ଲାଗିଲା । ସେ ଚୁଁ ଚୁଁ ହୋଇ ହସି ପକାଇଲା । ମାଆ ତା କୁନି ଥଣ୍ଟରେ ଥଣ୍ଟ ଘଷି ତାକୁ ତୁନି ହୋଇ ରହିବାକୁ ଚୁପ ଚୁପ କହିଲା । ମାଆ ଇମିତି କାହିଁକି କହୁଛି, ସେ ବୁଝିପାରିଲାନି । ମାଆ ଯେତେବେଳେ କହୁଛି ଖାଲି ଚୁପ୍ ହୋଇଗଲା । ମାଆର ନରମ ପର ଭିତରେ ଉଷୁମ ଟାଣି ଟାଣି ତା ଦେହରୁ ଚମତ୍କାର ଭାଙ୍ଗସବୁ ଫିଟି ଫିଟି ଯାଉଥିଲା । ତାକୁ ଭାରି ହାଲୁକା ଲାଗୁଥିଲା । ସେ ଭାବୁଥିଲା, ସେ ଠିଆ ହୋଇପଡ଼ିବ । କାଠି କୁଟାର ବିଛଣା ଭିତରେ ସେ ତାର ଗୋଡ଼ ଟିକିଏ ହଲାଇ ଦେଲା । ମାଆ ବି ତା ଉପରୁ କାହିଁକି ଟିକିଏ ଘୁଞ୍ଚି ବସିଲା । ତା ଟିକି ଟିକି ଗୋଡ଼ ଉପରେ ଥଣ୍ଟ ଠୁକେଇ ଠୁକେଇ ମାଆ ତାର ଗୋଡକୁ ସିଧା କରିଦେଲା । ସେ ଉପରକୁ ଟିକିଏ ଚାହିଁଲା । ଅନ୍ଧାର କାହିଁକି କମ୍ ଜଣାଗଲା । ସେ ଆଖି ବୁଜି ପକାଇଲା । ଟିକିଏ ମାଆ ଆଡ଼କୁ ଚାହିଁ ପୁଣି ଉପରକୁ ଚାହିଁଲା । ମା ତାର ଯେମିତି ତା ମନର କଥା ବୁଝିପାରିଲା । ତା କୁନି ଚେପା ନାକରେ ନିଜର ନାକକୁ ଲଗାଇ ହସି ହସି କହିଲା—"ଧନ ମୋର କେଡ଼େ ହୁସିଆର ହୋଇଗଲାଣି ହେଉ, ଟିକିଏ ଆଉ ଅପେକ୍ଷା ଧର । ତୋ ଡେଣାରେ ଭଲକରି ପର ବାହାରିଯାଉ । ମୁଁ ତତେ ଉଡ଼ିବା ଶିଖାଇଦେବି । ଡେଣା ଭଙ୍ଗିବାର ବାଗବରଗ ସବୁ ବତେଇଦେବି । ତୁ ସରଗରେ ବୁଲି ବୁଲି ନୂଆ ଜିନିଷ ଦେଖିବୁ । ତୁ ଏଠି ସିନା ଅନ୍ଧାରରେ ପଡ଼ିଛୁ । ଦୁନିଆକୁ ବାହାରିଗଲେ ସେଠି ଆଉ ସବୁବେଳେ ଅନ୍ଧାର ନଥିବ । ସରଗରେ ତୋଫା ତୋଫା ଗୋଲ ଜହ୍ନର ଆଲୁଅ ବୋହି ପଡ଼ୁଥିବ । କୁନି କୁନି ତାରାସବୁ ଆଖି ମିଟିମିଟି କରି ତତେ ଗେହ୍ଲା କରିବେ । ମୁଁ ତୋତେ ଭଲ ଭଲ ଦରବ ତୋ ସାଙ୍ଗରେ ଘୂରି ଘୂରି ଚହ୍ଲେଇଦେବି । ତୁ ଖାଲି ବଡ଼ ହୋଇଯା ।

ତୋ ଦେହରେ ଟିକିଏ ତାକତ ଆସୁ ।" ମାଆ ତାର ଖୋଳ କଡ଼ରୁ ଖଣ୍ଡେ ପାକଲା ପିଜୁଳି ଆଣି ତା ଥଣ୍ଟ ଭିତରେ ଗୁଞ୍ଜିଦେଲା । ସେ ଅସ୍ତେ ଆସ୍ତେ ଥଣ୍ଟ ଚଲାଇ ଚୋବେଇନେଲା । ଆଃ କି ମିଠା ! ସେ ଭାବିନେଲା, ସେ ଦୁନିଆ ଦେଖିନେବ । ଦୁନିଆଟା ଭାରି ମିଠା ।

ଗଛତଳେ କେଉଁ ଗୁଡ଼ାଏ ଗୋଟାକ ପରେ ଗୋଟାଏ ହୁକେ ହୋ ହୋଇ ଦୌଡ଼ାଦୌଡ଼ି କଲେ । ମାଆ ପେଟତଳେ ଶୋଇ ଶୋଇ ତାକୁ ବି ଟିକିଏ ନିଦ ଆସି ଯାଇଥିଲା । ସେ ସପନ ଦେଖି ଯାଉଥିଲା । ଖାଲି ଦୁନିଆର ସପନ । ଚୁଆଡ଼େ ଖାଲି ମିଠା ପିଜୁଳି ଖଣ୍ଡ ଖଣ୍ଡ ହୋଇ ବଛେଇ ହୋଇ ପଡ଼ୁଛି । ସରଗରୁ ଗୋଲ ଜହ୍ନ ତଳକୁ ଓହ୍ଲେଇ ଆସୁଛି । କାଳକୁଳ ଅନ୍ଧାର ନାହିଁ । ହସରେ ତା ଥଣ୍ଟ ଖୋଲିଗଲା । ଗଛତଳ ପାଟି ଶୁଣି ସେ ଉଠିପଡ଼ିଲା । ଚୁଆଡ଼େ ଖାଲି କଟିକିଟି ଅନ୍ଧାର । ତା ମନଟା ଖଟା ହୋଇଗଲା । ସାଙ୍ଗେ ସାଙ୍ଗେ ଆଲୁଅର ସପନ ଦେଖି ଉଠିଛି । ମାଆ ତାର ଖୋଲା ମୁହଁରେ ବସି ଡେଣା ଖୋଲ ଝାଡ଼ି ହେଉଥିଲା । ସେ ଡାକ ଛାଡ଼ିଲା—"ମାଆ, ମୁଁ ଆଜି ଦୁନିଆ ଦେଖିବି । ଜହ୍ନ ସାଥିରେ ଖେଳିବାକୁ ମୁଁ ଆଜି ନିଶ୍ଚେ ବାହାରିଯିବି ।" ମାଆ ତାର ଭିତରକୁ ପଶିଆସି ତାକୁ ପେଟଆଡ଼କୁ ଟାଣିନେଲା । ସେ ମାଆର ପେଟତଳୁ ଖସିଗଲା । ତାକୁ ଅନ୍ଧାର ମୋଟେ ଭଲ ଲାଗୁନଥିଲା । ମାଆ ହସି ହସି କହିଲା ଦୁନିଆକୁ ତୁ ଆସିଛୁ । ତୋ ଦୁନିଆକୁ ତଳେ ଯିବାକୁ କିଏ ମନା କରୁଛି । ଦୁନିଆକୁ ବଡ଼ ହୋଇ, ଖୁବ୍ ବଳୁଆ ହୋଇ ନଗଲେ ଦୁନିଆ ତଳେ ଠକାଇଦେବ । ଟିକିଏ ଅପେକ୍ଷା ଧର । ଆଉ କେତେଟା ଦିନ । ମୁଁ ବଳେ ବଳେ ତଳେ ନେଇଯିବି । ତୁ ଏଇଠି ଶୋଇଥା । ମୁଁ ଯାଉଛି, ତୋ ଲାଗି ନୂଆ ନୂଆ ଜିନିଷ ଆଣିବି । ତୁ ଜମା ପାଟି କରିବୁନି ।" ମାଆ ତାର ଥଣ୍ଟରେ ଟିକିଏ ଯାକୁ ଖୁମ୍ପିଦେଇ ଗେହ୍ଲାକରି ବସାରୁ ବାହାରିପଡ଼ିଲା । ବସା ଦୁଆରେ ଟିକିଏ ଅଟକିଯାଇ ତାକୁ ପୁଣି ଚାହିଁଲା । ମାଆ ଚାଲିଗଲା । ସେ ଆଖି ବୁଜିଲା । ଆଖି ବୁଜି ବୁଜି ଦେଖିଲା ଦୁନିଆ ଉପରେ ଆଲୁଅ ବଛେଇ ହୋଇ ପଡ଼ିଛି । ଆଲୁଅର ଦୁନିଆ ତାକୁ ପିଜୁଳି ଦେଖେଇ ଯିବାପାଇଁ ଇସାରା ଦେଉଛି । ତା ଆଖି ଲାଗି ଲାଗି ଆସୁଥିଲା । ସେ ଦେଖୁଥିଲା ଡେଣାରେ ତାର ତା ମାଆଠୁ ବି ବେଶୀ ପର ବାହାରି ପଡ଼ୁଛି । ସେ ଜହ୍ନ ଦେହରେ ପକ୍ଷୀ ଘଷି ଘଷି ହସି ହସି ଉଡ଼ି ଉଡ଼ି ଯାଉଛି ।

ତା ଗୋଡ଼ ଏଣିକି ଶକ୍ତ ହେଇଗଲାଣି । ସେ ଠିଆହୋଇ ପାରୁଛି । ଡେଣାରେ ତାର ପରସବୁ ଆସ୍ତେ ଆସ୍ତେ ଅଙ୍କୁରି ଆସୁଛି । ଦୁନିଆ କଥା ଭାବି ଭାବି ମନ ତାର ବାଇଆ ହେଇ ପଡ଼ିଲାଣି । ତା ଦୁନିଆର ଖିଆଲରେ ଜହ୍ନ ଆଲୁଅ, ପାକଲା ପିଜୁଳି ଖାଲି ଖେଳିହେଇ ଯାଉଛି । ଏଣିକି ସେ ସବୁବେଳେ ଖାଲି ବିକଳ ହେଉଛି । ମାଆ ସାଙ୍ଗରେ ଲଗାଉଛି । ସେ ବଡ଼ ହେଲଣି, ସେ ଦୁନିଆ ଦେଖିଯିବ ।

ମାଆ ସେଦିନ ତା ଅଝଟପଣିଆ ଦେଖି ପଛିଲୁ କରି ତାକୁ ଖୋଲ ମୁହଁକୁ ଆଣିଲା । ସରଗର ଚନ୍ଦ୍ରକୁ ଅଣ୍ଟା ବଢ଼େଇ ଚହ୍ନେଇଦେଲା । ଆଖି ତାର ଝଲସି ଉଠିଲା । ଆଃ କି ସୁନ୍ଦର ! ସେ କେତେ ଅନ୍ଧାରିଆ ଜାଗାରେ ପଡ଼ି ରହିଥିଲା । ମାଆ ଡେଣା ସାଙ୍ଗରେ ଡେଣା ମେଲାଇ ଟିକିଏ ଟିକିଏ ଖଣ୍ଡେ ଉଡ଼ା ଦେଲା । ସେ ଏ ଡାଳରୁ ସେ ଡାଳକୁ ଗଲା । ପକ୍ଷି ତାର ଦୋଳେଇ ହୋଇ ପଡ଼ିଲା । ଗଛର ସବା ଉପର ଡାଳକୁ ଗୋଟାଏ ଦମରେ ଉଠିଗଲା । ସେ ଜହ୍ନଆଡ଼େ ଚାହିଁକି ସେଠି ବସି ରହିଲା । ଡେଣାରୁ ତାର ପରଶ ଆପେ ଆପେ କମି ଆସୁଥିଲା । ଜହ୍ନ ଦେହରୁ ଝିପିଝିପି ହୋଇ ଆଲୁଅ ବର୍ଷି ହୋଇ ପଡ଼ୁଛି । ସେ ଭାବିଲା ଅଣ୍ଟା ମେଲା କରି ସେଥିରୁ ମେଞ୍ଚାଏ ପିଇଯିବ । ମାଆ ଆସି ଏତିକି ବେଳକୁ ତା ପାଖରେ ପହଞ୍ଚିଲା । ତାକୁ ବୁଝେଇ ସୁଝେଇ ଖୋଲ ଭିତରକୁ ନେଇଗଲା ।

ଥରେ ଦିନବେଳେ ମାଆ ତା'ର ଟିକିଏ ଘୁମେଇ ପଡ଼ିଥିଲା । ସେ ଆସ୍ତେ ଆସ୍ତେ ଖୋଲ ପାରି ହୋଇ ବାହାରି ଆସିଲା । ଇସ୍, ବାହାରେ କେତେ ଆଲୁଅ ! ସେଦିନଠୁଁ ଆଜିର ଜହ୍ନଟା ଖୁବ୍ ବଡ଼ ହୋଇ ଦାଉ ଦାଉ ହୋଇ ଜଳୁଛି । ସେ ଚାହିଁଲା, ଆଖି ତା'ର ପୋଡ଼ି ଉଠିଲା । ବାପରେ ବାପ କେତେ ଆଲୁଅ । ଉପର ଡାଳରୁ ବଣିଛୁଆ ଦୁଇଟା ବାହାରି ଆସି ଏ ଡାଳରୁ ସେ ଡାଳକୁ କୁଦି କୁଦି ଯାଉଛନ୍ତି । ମାଆ ସାଙ୍ଗରେ ତାଳ ପକାଇ ଗୀତ ବୋଲୁଥାନ୍ତି । ଘ୍ୟା ମନ ଭାରି ଖରାପ ହୋଇଗଲା । ତା ମାଆଟା ବଣିମାଆ ଭଳି ସେତେ ଭଲ ନୁହେଁ । ତାକୁତ କାହିଁ ଇମିତିକା ବଡ଼ ଜହ୍ନ ତଳେ ଗୀତ ବୋଲେଇ ଶିଖେଇନି । ସେ ଗୀତ ବୋଲି ବୋଲି ବଣିଛୁଆ ପାଖକୁ ଗଲା । ବଣିଛୁଆ ଦି'ଟା ଡରିଗଲେ । ସେମାନେ ପାଟିକରି ଉଠିଲେ । ତାଙ୍କ ମାଆ ଆସି ଘ୍ୟାକୁ ଖୁମ୍ପି ପକାଇଲା । ପାଟି ଶୁଣି କୁଆଟେ କା' କା' ଡାକ ଛାଡ଼ି ଛୁଟି ଆସିଲା । ପେଚ୍ଚି ମାଆର ନିଦ ଭାଙ୍ଗିଗଲା । ସେ ବାହାରକୁ ଧାଇଁ ଆସି ଆପଣା ଖୋଲ ଭିତରକୁ ଘ୍ୟାକୁ ଟାଣି ନେଇଗଲା । ମାଆ ଉପରେ ପେଚ୍ଛୁଆ ବେଜାଏ ରାଗିଗଲା । ତା' ମାଆ ସବୁ ଭଣ୍ଡୁର କରିଦେଲା, ରାଗରେ ସେ ମାଆକୁ ଦି'ଚାରି କାମୁଡ଼ା ବି ଦେଲା । ଖୋଲ ପାରି ହୋଇ ପଳାଇବାକୁ ବସିଲା । ମାଆ ତାକୁ ବୋଧ-ଦେଇ ବୁଝାଉଁ ବୁଝାଉଁ କାନ୍ଦି କରି କହିଲା—"ତୁନି ହୋ'ରେ ପୁଅ, ପାଟି କଲି ଦେ । ସେ ଜହ୍ନ ନୁହେଁରେ ବାପ, ସେ ହେଉଛି ସୂର୍ଯ୍ୟ । ଆମ ଦୁନିଆରେ ସୂର୍ଯ୍ୟ ନାହିଁ । ଆମେ ଅନ୍ଧାରର ଜୀବ । ଜହ୍ନ ବି ସବୁଦିନେ ଆସିବନି । ଆମ ଭାଗରେ ଅନ୍ଧାର ପଡ଼ିଛି । ଆମେ ଅନ୍ଧାରରେ ରହିବା ନ ହେଲେ ଆମେ ମରିବାରେ ବାପ ।"

ସେ ମାଆର କଥାରେ ରାଗିଗଲା । କାହିଁକି ସେ ସୂର୍ଯ୍ୟର ଦୁନିଆକୁ ଯିବନି ? କାହିଁକି ସେ ଆଲୋକର ରାଜ୍ୟରେ ନ ବୁଲିବ ? କିଏସେ ଇମିତି ତାଙ୍କୁ ହଇରାଣ କରିବାକୁ ନିୟମ କରିଛି ? ସେ ତମ ତମ ହୋଇ ଆଗେଇ ଯାଉଥିଲା । ମାଆ ତାକୁ ପେଟତଳକୁ ଟାଣି ଆଣିଲା । ମା ପେଟରୁ କେତେଥର ପରି ସେ ରାଗରେ ଅଣ୍ଟମାରି

ଉପାଡ଼ି ପକାଇଲା । ମାଆ ଖାଲି କାନ୍ଦିଲା । ମାଆ କାନ୍ଦୁଛି, ସେ ଫେରି ଆସିଲା । ବସା ସେ ପାଖରେ କୁଆଗୁଡ଼ାକ ପାଟି କମ୍ପାଉଥାନ୍ତି । କାହିଁକି ସେ ପୋଡ଼ାମୁହିଁ ସୂର୍ଯ୍ୟକଥା କହି ପୁଅର ମୁଣ୍ଡକୁ ବିଗାଡ଼ି ଦେଲା ବୋଲି ପେଚାମା ହାଇପି ସାଇପି ହେଉଥିଲା । "ଆମେ ଅନ୍ଧାରର ବାସିନ୍ଦା । ଆମେ ଅଶୁଭର ସମ୍ପ୍ରଦାୟ । ଆମେ ଦୁନିଆର ଅଭିଶାପ । ଆମେ ଆଲୁଅ ଖୋଜିଲେ ମରିବା । ଆଲୁଅର ରାଜୁତିରେ ଆମକୁ ଶିକାର କରିବା ପାଇଁ ଆଲୁଅ ପୁଅମାନେ ଟାଙ୍ଗିକି ବସିଛନ୍ତି ।" ମାଆ ତା'ର କହୁଁ କହୁଁ ଖାଲି କାନ୍ଦିଲା । ମାଆକୁ ବୋଧ ଦେଉଁ ଦେଉଁ ସେ କହିଲା— "ମାଆ ତୁ ଟିକିଏ ଥୟ ଧର । ମୁଁ ବଡ଼ ହୁଏ । ଆଲୁଅ ରାଜ୍ୟକୁ ମୁଁ ତତେ ଅଲବତ୍ ନେଇଯିବି । ମୁଁ ସବୁ ଶତ୍ରୁଙ୍କୁ ମା ନିପାତ କରିଦେବି ।"

ସେଦିନ ମାଆ ପୁଅ ଦି'ଜଣ ଆମ୍ବ ଡାଳରେ ବସିଥାନ୍ତି । ଆକାଶରେ ଜହ୍ନ ନ ଥାଏ । ପେଚା ଛୁଆକୁ କିଛି ଭଲ ଲାଗୁ ନ ଥାଏ । ହଠାତ୍ ପାଖ ଘରର ଫାଙ୍କ ଦେଇ ଆଲୁଅ ଦିଶିଲା । ପେଚା ଛୁଆର ମନ ଉଲସି ଉଠିଲା । ସେ ପାଟି ଖୋଲି ଗୀତ ପଦେ ଧରିଲା । ଘର ଭିତରୁ କଡ଼ା କଡ଼ା କଥାରେ କିଏ ଗାଳି ଦେଲା— "ଉଡ଼ୁଛୁ ନା ପୋଡ଼ାମୁହାଁ ସେଇଠୁ । ପିଠା ଖଡ଼ିକା ପଚେଇ ଦାଗି ଦେବି ଯେ ବୁଝିବୁ । ଦୂର୍ ଦୂର୍, ତତେ ଝାଡ଼ାବାନ୍ତି ଖାଉ ।" ପେଚାମାଆ ଛୁଆ ମୁହଁରେ ଥଣ୍ଟ ଲଗାଇ ଆଉ ପାଟି ନ କରିବାକୁ କହିଲା । ପେଚାଛୁଆ ରାଗିଗଲା । ବାଃ, ଆଲୁଅକୁ ଘର ଭିତରେ ଆପଣା ସମ୍ପତ୍ତି ଭଳି କାରବାର କରିବେ । ଆଲୁଅକୁ ଦେଖି ଆମେ ଟିକିଏ ଖୁସି ହେଲେ ଗାଳି ଶୁଣିବୁ ? ନା, ତା ହେବନି । ସେ ଝରକା ଭିତରେ ପଶି ଆଲୁଅକୁ ଛଡ଼ାଇ ଆଣିବାକୁ ବାହାରିଲା । ମାଆ କାନ୍ଦି ବୋବାଇ ତାକୁ ସେଦିନ ଫେରାଇ ଆଣିଲା ।

ସନ୍ଧ୍ୟାପରେ ଘରୁ ବାହାରିବା ଆଗରୁ ସେ ତା'ର ଡେଣା ଦୁଇଟାକୁ ଭଲକରି ଦେଖି ନେଲା । ତା'ର ସବୁ ପର ଉଠି ଯାଇଛି । ଗୋଡ଼କୁ ସିଧା କରି ଦୁଇଥର ଥର ନାଚିଗଲା । ବେଶ୍ ଶକ୍ତି ଅଛି । ଥଣ୍ଟକୁ ଶହେ ଖୋଲି ଦେହରେ ବାଡ଼େଇ ଦେଲା । ଖୁବ୍ ଟାଣ ହୋଇଗଲାଣି । ସେ ଉଡ଼ି ଚାଲିଗଲା । ରାତିରେ ଅନ୍ଧାର ଭିତରେ ଗୋଟାଏ କୋଳରେ ବସି ରହିଲା । ସେ ଆଉ ଘରକୁ ଫେରିବନି । ସେ ସୂର୍ଯ୍ୟର ଦେଶରେ ବୁଲିବ । ସେ ଆଲୁଅକୁ ଦଖଲ କରିବ । ସେ ଶତ୍ରୁର ମୁହାଁମୁହିଁ ହେଇ ମୁକାବିଲା କରିବ ।

ରାତି ପାହିଆସିଲା । ଦାଗ୍‌ବଲସ୍ତର ତଳଆଡ଼୍ର ନାଲିଖଗର ପିଚକାରୀ ଉପରକୁ ଉଠିଲା । ସୂର୍ଯ୍ୟ ରାଜ୍ୟରେ ଆଲୋକର ଏହି ପ୍ରଥମ ପ୍ରବେଶକୁ ସେ କେବେ ଦେଖି ନ ଥିଲା । ସେ ଆଖି ଖୋଲି ଆଲୁଅର ଏ କଳାସବୁଡ଼ା ଉତ୍ସବକୁ ନିଜକୁ ଭୁଲି ଦେଖିବାକୁ ଲାଗିଲା । ଶହ ଶହ ଚଢ଼େଇ ଗୀତ ସାଙ୍ଗରେ ଡେଣାର ଭାଙ୍ଗ ପକାଇ ଉଡ଼ିଗଲେ । ତାର ଶହ ଶହ ଜାତିଭାଇ ଆଲୁଅରେ ବୁଲି ବୁଲି ଜୀବନର

ସ୍ୱାଦୁ ଚାଖିବେ, ଆଉ ସେ ଡରମର ଅନ୍ଧାର ଭିତରେ ସଡ଼ି ସଡ଼ି ମରିବ ? ନାଁ, ତା ମନ ଦମ୍ଭରେ ପୂରିଉଠିଲା । ସୂର୍ଯ୍ୟ ଆସ୍ତେ ଆସ୍ତେ ଉପରକୁ ଉଠୁଥିଲେ । ଦିନର ଆଲୁଅ ବେଶି ବେଶି ଜଳି ଉଠୁଥିଲା । ଏତେ ବଡ଼, ଏତେ ସୁନ୍ଦର ଆଲୁଅର ପୃଥିବୀରେ ତା ପାଇଁ ଟିକିଏ ଜାଗା ନାହିଁ ? ନା, ସେ ଆଜି ମନପୂରା ମଉଜ କରିବ । ସେ ଆଜି କଣ ଦୁନିଆକୁ ଜଣାଇଦେବ, ସେ ମଧ୍ୟ ଆଲୋକର ପୁଅ । ତା'ର ମଧ୍ୟ ଏ ରାଜ୍ୟରେ ଦାବି ଅଛି ।

ସେ ମନଇଚ୍ଛା ଚାରିଆଡ଼େ ବୁଲିବାକୁ ଲାଗିଲା । ଆଖି ମେଲାଇ ଦୁନିଆର ହରେକ ଦରବ ଟିକିନିଖି କରି ଦେଖିଲା । ହଠାତ୍ ପଛଆଡ଼ୁ କିଏ ତାକୁ ଆକ୍ରମଣ କଲା । ସେ ବୁଲି ପଡ଼ିଲା । ମାଆ ସେଦିନ ତାକୁ ତା'ର ଶତ୍ରୁ ବୋଲି ଚିହ୍ନାଇ ଦେଇଥିଲା । ଏଇମାନେ ତାଙ୍କଠୁଁ ଆଲୁଅକୁ ଛଡ଼ାଇ ନେଇଛନ୍ତି । ସେ ମଧ୍ୟ ଥଣ୍ଟକୁ ସଜାଡ଼ି ନେଇ କୁଆଟା ଉପରେ ଚଢ଼ାଉ ଆରମ୍ଭ କରିଦେଲା । କୁଆଟା ପ୍ରତିରୋଧ କରୁଁ କରୁଁ ତା ଜାତି ଭାଇଙ୍କୁ ଡାକ ଛାଡ଼ିଲା । ଦଳ ଦଳ କୁଆ କା' କା'ର ରେରେକାର ଦେଇ ମାଡ଼ି ଆସିଲେ । ଏଡ଼େ ବଡ଼ ମଜଭୁତ୍ ଦଳ ଆଗରେ ସେ ରହି ପାରିବନି ବୋଲି ବୁଝିପାରିଲା । ଆଗରେ ଦିଶୁଥିବା କୋଠାଘର ଆଡ଼କୁ ଖୁବ୍ ଜୋରରେ ଡେଣା ହଲାଇ ଛୁଟିଗଲା । କାନ୍ଥର ଗୋଟାଏ ଗ୍ରେଟ ଗଳାବାଟ ଦେଇ ସେ ଢୁଲିଗଲା । ଘରର ଭିତର ପାଖ ପର୍ଯ୍ୟନ୍ତ ସେ ପଶିଗଲା । ବାହାରେ ଏଣେ କୁଆଗୁଡ଼ାକ ଭେଳା ଭେଳା ହେଉଥାନ୍ତି । ସେ ଟିକିଏ ନିଶ୍ଚିନ୍ତରେ ସେଠି ବସିଲା । ଟିକିଏ ସୁବିଧା ମିଳୁ, ଶତ୍ରୁର ଦଳ ଭାଙ୍ଗିଯାଉ ସେ ବି ତା'ର ପ୍ରତିଶୋଧ ନେଇ ଜାଣେ । ସେ ଆଜି ଆଲୁଅ ରାଜ୍ୟରୁ ତା'ର ପାଉଣାକୁ ଆଦାୟ କରିବ । ସେ ଅନ୍ଧାରର ଅଭିଶାପ ନୁହେଁ । ସେ ଆଲୁଅର ସନ୍ତାନ । ସେ ଆଜି ଆଲୁଅକୁ ମନମାନା ନିଷ୍ଟୁ ଉପଭୋଗ କରିବ ।

କୋଠାଘର ଭିତରେ ପଲଙ୍କର ମୋଟା ଗଦି ଉପରେ ଧନବୀର ଓ ଧୀରୁମଲ୍ଲ ଶୋଇଛନ୍ତି । ତୁହା ତୁହା ହେଇ ଜ୍ୱରର କମ୍ପ ତାଙ୍କ ଉପରକୁ ମାଡ଼ି ଆସୁଛି । ଧୀରୁମଲ୍ଲ ବ୍ୟସ୍ତ ହୋଇ ପଡ଼ୁଛନ୍ତି । ଜରର ବନ୍ଧା ଛୁଟିକା ଭିତରେ ପିଠି ଛୁଟିହୋଇ ସେ ମଝିରେ ମଝିରେ ଚିତ୍କାର ଛାଡ଼ୁଛନ୍ତି । "ଦେଖ, ଯୋଗଷ ତେଲରେ ଯେମିତି ଅଶୀବିରଗ ଅଗରୁ ମିଶେ । ହଁ, ମଦନା ବାରିକ ଉପରେ ଆଉ ଯେପରି ପାଞ୍ଚ ନମ୍ବର କେଶ୍ ଦାୟର ହେବ । ଶଳାର ଭଉଣୀ ଚନ୍ଦ୍ରମା ଭାରି ସତୀ ଦେଖେଇ ହେଉଛି । ମୁଁ ଟିକିଏ ଶରଧାରେ ହାତ ପକେଇ ଦେଲି ବୋଲି ଶାଳା ମାଇକିନା ମୋତେ ମାରିବାକୁ ଉଠୁଥିଲା । ଶୁଣୁଛି, କୋଡ଼ିଏ ଜଣ ଯାଏଁ ଗୁଣ୍ଡା ପଠାଇ ପ୍ରିୟ ମିଶ୍ର ବିଲରୁ ପାକଲ ଧାନ କାଟି ଆଣେ । ପଇସାକୁ ପରବାୟ ରଖନ୍ତି । ପାଠ ଦି'ଅକ୍ଷର ପଢ଼ିଛି ବୋଲି ଶଳା ମୋତେ ନମସ୍କାର କରିବନି । ଏଠି ଅସି

ଶୁଣ, ଶହେ ଭରି ଶ୍ରେଷ୍ଠ ଅଫିମ ଦେବ ବୋଲି ସେ କଲିକତିଆ ବଙ୍ଗାଳୀ କହି ଯାଇଛି । ତାକୁ ଟିକିଏ ଆଖି ରଖିଥିବ ।"

ଏଇମାନେ ଆଲୋକ ରାଜ୍ୟର ନାମଯାଦା ଲୋକ । ଏଙ୍କ ପାଇଁ ସୂର୍ଯ୍ୟ ତାଙ୍କର ସବୁଦିନେ ଆଲୋକ ଦିଅନ୍ତି । ପେଚୁଁ ଛୁଆ ଆଖି ଖୋଲି ଭଲ କରି ଚାହିଁଲା । ହଠାତ୍ ଧୀରୁମଲ୍ଲଙ୍କ ବଛଣା ପାଖରୁ ଜଣେ ଆଲୋକ ରାଜ୍ୟର ସଚ୍ଚୋଟ ସହାକର୍ମୀଙ୍କ ଆଖି ପେଚୁଁଛୁଆ ଉପରେ ପଡ଼ିଲା ।

"ଅଶୁଭ, ଅଶୁଭ, ମହା ବିତ୍‌ପାତ ଯୋଗ । ଘରେ ଉଲୁକ ବସିଲା । ମାଲିକ ବେମାର ପଡ଼ିଛନ୍ତି ।" କର୍ମୀ ବ୍ୟସ୍ତ ହୋଇପଡ଼ି ପାଟି କମ୍ପାଇଲେ । ସେ ଟାଏ ଲମ୍ବା ବାଉଁଶ ଆଣି ବିଚରା ପେଚୁଁଛୁଆକୁ ଖେଞ୍ଚି ଖେଞ୍ଚି ତଡ଼ି ଦିଆଗଲା । ଦୁଇଟିଯାକ ଡେଣା ତାର ଜଖମ ହୋଇଗଲା । ସେ କଷ୍ଟେ ମଷ୍ଟେ ଡେଣାଟେକି କୋଠା ଉପରେ ବସିଲା । ଗଛ ଉପରୁ କେତେଟା କୁଆ ଆସି ତଡ଼ାଉ ଆରମ୍ଭ କରିଦେଲେ । କୁଆଙ୍କ ପାଟି ଶୁଣି ଜଣେ ଚାକର କୋଠା ଉପରକୁ ଯାଇ ବାଡ଼ିରେ ପେଚୁଁ ଛୁଆଟି ଉପରେ ପାହାର ଲଗେଇଲା । ଛୁଆଟା ତଳକୁ ଗଡ଼ିପଡ଼ିଲା । ପେଚୁଁଟା ବସିଛି ବୋଲି କୋଠା ଉପରେ ମେଞ୍ଚାଏ କୁଟା ଜାଳି ହଳଦୀ ପାଣିରେ ନଭିଇ ଦିଆଗଲା । ଯାହାହେଉ ଅରିଷ୍ଟି କଟିଗଲା ।

କୁଆପଲ ଅଣକ୍ରା ପେଚୁଁଛୁଆ ଉପରେ ଆକ୍ରମଣ ଚଳେଇଦେଲେ । ପେଚୁଁ ଛୁଆଟିର ଡେଣା ମୂଳରୁ ଥୋଲା ଥୋଲା ରକ୍ତ ଥୋପି ପଡ଼ୁଥିଲା । ସେ ଥରେ ଉପରକୁ ଚାହିଁଲା । ସୂର୍ଯ୍ୟ ଖୁବ୍ ଉପରେ ଯଥେଷ୍ଟ ଆଲୁଅ ଦେଉଛନ୍ତି । ଖୁବ୍ କଷ୍ଟରେ ଉଠିପଡ଼ି ସେ ତା ବସାଆଡ଼କୁ ମୁହାଁଇଲା । ଖୋଲାଯାଏ ଉଠି ପାରିଲାନି । ଗଛମୂଳେ ପଡ଼ିଗଲା । ମାଆ ତାର ପୁଅ ଆସିନି ବୋଲି କାଲୁବାଲୁ ହୋଇ ଚାହିଁ ବସିଥାଏ କଣ କରିବ ? ଦିନଟାରେ ଛୁଆଟା କେଉଁଠି ଆଶ୍ରା ନେବ ? ମାଆର ମନଟା ଏଣୁ ତେଣୁ ଭାବି ଭାବି ଗୋଳେଇ ଘାଣ୍ଟି ହେଉଥାଏ । ପୁଅର ପାଟି ଶୁଣି ସେ ଗଛମୂଳକୁ ଧାଇଁ ଆସିଲା । ପୁଅକୁ ରକ୍ତ ଯୁଡ଼ୁବୁଡ଼ୁ ଦେଖି ପାଟିରୁ ତାର କଥା ବାହାରିଲାନି । ପେଚୁଁ ଛୁଆଟି ଥରେ ଉପରକୁ ଚାହିଁଲା । ଗଛ ଉପରେ ବସି ଛୁଆ ସବୁ ତେଇଁ ତେଇଁ ଗୀତ ବୋଲୁଥିଲେ । ସୂର୍ଯ୍ୟ ଆକାଶ ଦିହକୁ ଆଲୁଅ ପୃଥିବୀ ଉପରକୁ ଖସାଇ ଦେଉଥିଲେ ।

ପେଚୁଁଛୁଆ ମାଆକୁ କହିକ ଡାକ ମାଆ କୋଳରେ ମୁଣ୍ଡ ଗଡ଼େଇ ଗଡ଼େଇ କହିଲା—"ମାଆ ତୁ କାନ୍ଦନା । ମୋର ଆଉ ଭାଇ ହେଲେ ତାଙ୍କୁ କହିବୁ, ତାଙ୍କ ଭାଇ ଆଲୋକ ରାଜ୍ୟ ଜୟ କରିବାକୁ ଯାଇଁ ବୀରପରି ମରିଛି ।"

ପେଚୁଁ ଛୁଆଟି ସବୁଦିନ ପାଇଁ ଆଖି ବୁଜିଦେଲା ।

ସୂର୍ଯ୍ୟ ତାଙ୍କ ଦୁନିଆ ଉପରେ ବେଶି ବେଶି ଆଲୁଅ ଢାଳିଦେଉଥିଲେ ।

# ଉପକଥାର ନାୟକ

ଶ୍ରୀ ରାଜକିଶୋର ମହାନ୍ତି

ଗଡ଼ ଦୁର୍ଗାଦେଈପୁର କାଠପୋଲ ଟପି କେନାଲ କୂଳେକୂଳେ ମୁଁ ପ୍ରାୟ ଛ କିଲୋମିଟର ବାଟ ଆଗେଇ ଆସିଲିଣି । ରମେଶଭାଇ କହୁଥିଲେ ସେ କାଠ-ପୋଲଟା ଟପି ସ୍ଥିର ପାଞ୍ଚ କିଲୋମିଟର ବାଟ ସିଧା ଆଗେଇ ଗଲେ କନକପୁର ଗାଁ' ପଡ଼ିବ ।

କେନାଲ କୂଳେ କୂଳେ ବେଶ୍ କିଛି ତାଳ, ନଡ଼ିଆ ଆଉ ଖଜୁରୀ ଗଛମାନ । ଠାଏ ଠାଏ ଅରଖ, ଦୁଦୁରା ଆଉ ଭୂଇଁ ବରକୋଳି ବୁଦାସବୁ କାବା କାନ୍ଥାରୀ ହୋଇ ଆକାଶକୁ ଚାହିଁ ରହିଛନ୍ତି । ପହିଲି ପହିଲି ଆଷାଢ଼ । ଆକାଶଟା ମେଘରେ ଅମ୍ ଅମ୍ । ମନ ମୋର ବେଳୁ ବେଳ ଚଞ୍ଚଳ ହୋଇ ଉଠୁଛି । ଜୋର୍‌ରେ ପାଦ ପକାଉଛି ଆଗକୁ······ଆଗକୁ । କେମିତି ଯାଇ ମାଧବ ଭାଇଙ୍କୁ ଠିକିଏ ଦେଖା କରିବି ଏଇଆ ଖାଲି ଭାବନା ।

ସେଇ ରମେଶ ଭାଇ କହୁଥିଲେ—

ଗତବର୍ଷ ଖଟ୍ଟଦିନର କଥା । କାକଟପୁର ମା' ମଙ୍ଗଳାଙ୍କ ଝାମୁଯାତ୍ରା ଦେଖି ସେ ଘରକୁ ଫେରୁଥିଲେ । ବେଳ ରତ ରତ । ସ୍ଥିର ଛକ ବଜାରଠି ହଠାତ୍ ତାଙ୍କର ଦେଖା ହୋଇଗଲା ମାଧବ ଭାଇଙ୍କ ସହିତ । ଦେଖୁ ଦେଖୁ ମାଧବ ଭାଇ ଆଦରରେ ତାଙ୍କୁ କୁଣ୍ଢେଇ ପକେଇଲେ । ଚା' ଜଳଖିଆ ବ୍ୟବସ୍ଥା କରି ପେଟେ ଖୁଆଇଲେ । ତରତରରେ ଘରକୁ ବାହାରିଲାରୁ କହିଲେ— କ'ଣ ହେଲା, ସ୍ୱା ନା କ'ଣ ଗୋଟାଏ କଥା ? ଦେଖା ହେଉ ହେଉ ପୁଣି ଚାଲିଯିବୁ ? ଆରେ ତମେ ସବୁ ଆଉ କାହିଁକି ପଚାରିବରେ ।। ସମସ୍ତେ ତ ଧୀରେ ଧୀରେ ଭୁଲିଗଲେଣି । ନାଁ ନାଁ ବାପ, ସେ କଥା ମୋଟେ ହୋଇ ପାରିବନି । ଆଜି ରାତିଟା ଯେମିତି ହେଲେ ମୋ କୁଡ଼ିଆରେ କଟେଇ ଦେଇ କାଲି ଜାଙ୍ଗୁଲୁ ଜାଙ୍ଗୁଲୁ ପାହାନ୍ତିଆରୁ ବାହାରି ପଡ଼ିବୁ । ତୁ ଆଉ ମନା କରନା ପୁତ । ଆଉ କିଛି ମୋତେ କୁହାଇ ଦେଲେନିରେ । ଶୂନ୍ୟେ ଶୂନ୍ୟେ କାଖେଇ କୁଣ୍ଢେଇ ଘରକୁ ଟାଣି ନେଲେ । କେତେ ଆଡ଼ର କେତେ ଗପ ପଡ଼ିଲା । ଗପୁ ଗପୁ ରାତି ପାହି ସକାଳ ହେଲା । ତଥାପି ଗପ ସରିଲା ନାହିଁ । ମୁଁ ସେଠୁ ବାହାରୁ ବାହାରୁ କଅଁଳ ଗାଧୁଆ ବେଳ ।

କେଡ଼େ ଆଗ୍ରହରେ ସେ ତୋ କଥା ପଚାରୁଥିଲେ । କହିଲେ— ଆରେ ରମୁ, ଆମ ପ୍ରକାଶ ବାବୁ ଏବେ କେଉଁଠି ? କଲିକତା ନା ଦିଲ୍ଲୀରେ ମ ? କେଉଁ ଦିନଠୁ ତାଙ୍କୁ ଟିକିଏ ଦେଖିନରେ ପୁତ । କେମିତି ଥରେ ତାଙ୍କ ସହିତ ଟିକିଏ ସାକ୍ଷାତ ହୁଅନ୍ତା । ଏବେ କେଡ଼େ ବଡ଼ ଲୋକ ସେ— କେତେ ନାମ ତାଙ୍କର । କେତେଆଡ଼େ କେତେ ଖାତିର । କାହିଁ କେଉଁ ଇଂରାଜୀ, ବଙ୍ଗଳା, ହିନ୍ଦୀ, ତାମିଲ, ତେଲୁଗୁ ଖବର କାଗଜରେ, ପତ୍ର ପତ୍ରିକାରେ ଲେଖାମାନ ତାଙ୍କର ବାହାରୁଛି । ଫଟୋ ଛପା ହେଉଛି । କେତେ ଆଡ଼େ କେତେ ବକ୍ତୃତା ଦେଉଛନ୍ତି । ରେଡ଼ିଓରେ ସେ ସବୁ ବକ୍ତୃତା ପ୍ରଚାର ହେଉଛି । ତଥାପି ତାଙ୍କର ଯାହା ସେଇ ପିଲାଳିଆମି ଗଲାନାହିଁ । ସେଥର ବମ୍ବେର ଯେଉଁ ବଡ଼ିଆ ଛବିବାଲା ହପ୍ତିକିଆ ଖଣ୍ଡିକ ବାହାରେ ନାହିଁ, ସେଥିରେ ପୁଣି ମୋ ଭଳି ଗୋଟାଏ ଲୋକର ଫଟୋ ଛାପି, ମୋ ଉପରେ କେତେ କ'ଣ ଲେଖିଦେଇଗଲେ ।

ଆମ ଏ ଗୋପାଳଜଉ ହାଇସ୍କୁଲର ବାଜୁ ସାରେ ମୋତେ ସେ ପତ୍ରିକାଟା ଦେଖେଇଥିଲେ । ଓଃ ମୋର ପୁଣି ସେ କି ଫଟୋ । ସେଥିରେ ପୁଣି କେତେ ରଙ୍ଗ, କେତେ ନକ୍ସା ମୋ ମୁହଁ ଲାଜରେ ଝାଉଁଳି ଗଲା । ମୋ ମୁଣ୍ଡ ତଳକୁ ନଇଁଗଲା । ହେ ଭଗବାନ୍, ମୋ ଭଳି ଗୋଟାଏ ନଉଛୁଣା ଲୋକ ପାଇଁ ଏତେ କଥା—ଏତେ ପୁଣି କାଣ୍ଡ କାରଖାନା । ଆଉଥରେ ପୁଣି ରେଡ଼ିଓରେ କହିଲେ— ମୁଁ କୁଆଡ଼େ ଜଣେ ଉଚ୍ଚ କୋଟୀର କଳାକାର । ଗାଁ ଗହଳିରେ ଲକ୍ଷ ଲକ୍ଷ ଜନତାଙ୍କୁ ଜୀବନସାରା ଭୋକ ଉପାସରେ, ବିମଳ ଆନନ୍ଦ ଓ ବିଶୁଦ୍ଧ କଳା ପରିବେଷଣ କରୁଛି । କେଜାଣି କଣ ସେ ସବୁ କଥା । ମୁଁ କିଛି ବୁଝି ପାରିଲିନାରେ ପୁତ ।

ଆରେ କଳା ତ କଳା, ସେଥିରେ ପୁଣି ବିଶୁଦ୍ଧ ଆଉ ଅଶୁଦ୍ଧ କଣ ! କେଜାଣିରେ ବାବା, ଏ ଯୁଗକୁ ତ କେତେ କଥା ଦେଖା ଦେଲାଣି । କେତେ ଭେଜାଲ ବାହାରିଗଲାଣି । କଳା, ସାହିତ୍ୟ ଆଉ ବିଦ୍ୟାରେ ପୁଣି କଣ ସେ ଶୁଦ୍ଧ ଆଉ ଅଶୁଦ୍ଧ, ଅସଲ ଆଉ ଭେଜାଲ । ଖୁବ୍ ତାନେ ସେ ହସି ଉଠିଲେ ।

ମୁଁ ବି ଜୋରରେ ହସି ଉଠିଲି । ନିର୍ଜନ କେନାଲ କୂଳର ଗୁଛଗୁଛିଆ ଝସଡ଼ା ବାଟରେ ମୋ ହସରେ ମୁଁ ନିଜେଇ ଚମକି ପଡ଼ିଲି ! ଆହା, ମାଧବ ଭାଇ, କି ସରଳ ତମେ, ସତେ କେଡ଼େ ନିର୍ମଳ । ବିଜ୍ଞାପନର ଏ ବିରାଟ ଚାକଚକ୍ୟମୟ ଯୁଗରେ ପ୍ରଚାର ଓ ବକ୍ତୃତାର ତୁମୁଳ ହଟ୍ଟଗୋଳ ଭିତରେ ପଶୁ ଚଙ୍ଗୁଡ଼ି ଯେଉଁଠି ଦୁର୍ମୂଲ୍ୟ ସେଠି ପୁଣି ତୁମର ଏ ନିର୍ବୋଧ ସାରଲ୍ୟ !! ଯୁଗ ପଛେ ଆକାଶକୁ ଉଠୁ ବା ପାତାଳକୁ ଖସୁ ମାଧବ ଭାଇ, ତମର କିନ୍ତୁ ଏ ସରଳ ବିଶ୍ୱାସ ଟିକକ ନିର୍ମଳ

ମୂଲ୍ୟବୋଧତକ ବଜାୟ ରହୁ । ମଣିଷ ଉପରୁ ଏ ଦୁନିଆ ଉପରୁ ସେ ଆସ୍ଥା ନ ତୁଟୁ—ଭରସା ନ ଖସୁ ।

ମୁଁ ଆଗେଇ ଚାଲିଥିଲି । ହେ ଭଗବାନ, ମାଧବ ଭାଇ ଭଲ ଥିବେ କି । ସମସ୍ତ କୁଶଳ ହୋଇଥିବ କି ତାଙ୍କର । ରମେଶ ଭାଇଙ୍କଠୁ ତାଙ୍କ ଅବସ୍ଥା ଶୁଣି ମୁଁ ବଡ଼ ବ୍ୟସ୍ତ ଚଞ୍ଚଳ ହୋଇ ପଡ଼ିଛି । ନିଜକୁ ବଡ଼ ଅପରାଧୀ ମନେ କରୁଛି ।

ପେଟ ପାଟଣାର ନିର୍ମମ ସଂଗ୍ରାମରେ, ନିଜକୁ ପ୍ରତିଷ୍ଠିତ କରିବାର ପ୍ରବଳ ଘୋଡ଼ାଦୌଡ଼ରେ ଏମ୍. ଏ. ପାଶ୍ ପରେ ମୁଁ ଏଣେ ତେଣେ ଘୂରି ଘୂରି ଦୀର୍ଘ କୋଡ଼ିଏ ବର୍ଷ ପରେ ଏବେ ମାତ୍ର ଗାଁ'କୁ ଫେରୁଛି । ତା ପୁଣି ବୋଉର ମୃତ୍ୟୁ ସମ୍ବାଦ ପାଇ । ଆଃ, ହତଭାଗା ମୁଁ, ଶେଷ ବେଳାରେ ଜନ୍ମ କଲା ଜନନୀକୁ ବି ଟିକିଏ ଦେଖି ପାରିଲିନି । ତୁଣ୍ଡରେ ଟିକିଏ ନିର୍ମାଲ୍ୟ ପାଣି ବି ଦେଇପାରିଲିନି ।

ଏହା ଭିତରେ ଦୀର୍ଘ କୋଡ଼ିଏ ବର୍ଷ କଟି ଗଲାଣି । କଟି ଗଲାଣି କେତେ ସ୍ନେହ, ପ୍ରୀତି, ମାୟା, ମମତାର ବନ୍ଧନ । କିନ୍ତୁ ମାଧବ ଭାଇ, ଓଃ ସେ ଯେ କିଣ,··· ତାଙ୍କୁ ଆଉ ଏ ଜୀବନରେ ଭୁଲି ପାରିବି ନାହିଁ । ଆଜି ମନେ ପଡ଼ୁଛି । ବହୁଦିନ ତଳର ଘଟଣା······ ।

ସେତେବେଳେ ମୋଟେ ମୁଁ କଦମ ଶ୍ରେଣୀର ଛାତ୍ର । ସେଥର ଗ୍ରୀଷ୍ମ ଛୁଟିରେ ଆମ ଗାଁ ମେଲାଣ ପଡ଼ିଆରେ ଭାରି ଜାକଜମକରେ ଯାତ୍ରା ହେଉଥାଏ । ନରଣପୁର ଆଉ ଶରଣପୁର ଦୁଇ ଦଳଙ୍କ ଭିତରେ ଲଢ଼େଇ ଯାତ୍ରା । ବେଳ ବୁଡ଼ୁ ନ ବୁଡ଼ୁଣୁ ଲୋକେ ଥାଟପଟାଳି ଭାଙ୍ଗୁଥାନ୍ତି ଯାତ୍ରା ଦେଖିବା ପାଇଁ । ହୋ ହା, ଘୋ ଘାରେ କାନ ଅତଡ଼ା ପଡ଼ୁଥାଏ ।

ଆଗ ଉଠିଲେ ନରଣପୁର ଦଳ । ଗୋଟିପିଲା ନାଚି ନାଚି ଗଲେ । ରାଜା ଆସିଲେ, ମନ୍ତ୍ରୀ ଗଲେ । ରାଣୀ ବାହାରିଲେ, ସଖୀ, ସହଚରୀ ଅଛା ତାମସା, ହସ ଖୁସି କରି ଫେରିଗଲେ । ତଥାପି ପାଟିଗୋଳ ଥମିଲାନି—ଧୋ ଧା କମିଲାନି । ସେଇଠୁ ଖଣ୍ଡିଆ ଜାମା ପଟା, ଚିରା ମଇଳା, ନାଲିଆ ପ୍ୟାଣ୍ଟ ଆଉ ହରରଙ୍ଗୀ ପଗଡ଼ି ପିନ୍ଧି କଅାବୁଦା ଅଭ ଗଛ ଉହାଡ଼ରୁ ବିଚିତ୍ର ସୁରରେ ଗାଇ ଗାଇ ହୁସ୍‌କିନା ବାହାରିପଡ଼ିଲେ ରଙ୍ଗିଆ ଦୁଆରି ।

—ଆମେ ଆସିଗଲୁ ହୋ, ଆସିଗଲୁ ଆମେ
ରଙ୍ଗିଆ ଦୁଆରି; ଖଣ୍ଡିଆ ଘୋଡ଼ାରେ ଚଢ଼ି,
ଆମେ ଆସିଗଲୁ ହୋ···
ଆମ ଆଗେ ଆଗେ, ରାଣୀ ଚାଲିଗଲେ,
କୋଳି ଗଲା ଏଣେ ବାହାରି,
ଆମେ······ ।

ଏତେ ଯୋ ଯା, ହଇହଲ୍ଲା, ପାଟିଗୋଳ କ୍ଷଣକେ ଚୁପ୍ ପଡ଼ିଗଲା । ମେଳଣ ପଡ଼ିଆରେ ପଶ ଖସା ନିରବତା । ଝିଅ ବୋହୂ, ମାଇପେ ମରଦମାନେ ସମସ୍ତେ କୁହାକୁହି ହେଲେ—ହେଇ ଆସିଗଲା, ଆସିଗଲା ଲୋ ମା, ରଙ୍ଗିଆ ଦୁଆରୀ ।

ସେଇଠୁ ରଙ୍ଗିଆ ଦୁଆରୀ ସଭାଜନଙ୍କୁ ଅବଧାନ ହୋଇ ତାଙ୍କର ଘରକଥା ବଖ୍ୟାନ କରନ୍ତି । "ଆଜ୍ଞା ଭଲ କରକୁ ଯୋଡ଼ି ଜଣାଏ କି ଆଜ୍ଞା ମଣିମା ଆଜ୍ଞା ହାଆନ୍ତେ, ହେଇଟି ମଉସା ବା, ହୋ ଭାଇମାନେ, ଏ ଘର କଥା ଘୋର । କଣ ଆଉ ଆଜ୍ଞା ଆପଣ, ତମମାନଙ୍କୁ କହିବା ଏ ସଭା ମଧ୍ୟରେ । ଆମ ଏ ଖାଲି ମା'ମାନେ ଆମ ଗୃହ୍ଣୀମାନେ ମାନେ ଆମ ଇସ୍ତ୍ରି ସ୍ତ୍ରୀ···ଅର୍ଥାତ୍··· । ସେଇଠୁ ତ ଲୋକମାନେ ହସି ହସି ଗଡ଼ିଯାନ୍ତି । ତାପରେ ଘନ ଘନ କରତାଳିରେ ଯାତ୍ରାସ୍ଥଳ କମ୍ପି ଉଠେ । ଗଗନ ପବନ ଭରିଯାଏ । ମହାରାଜା ଆସି, ଖଣ୍ଡା ଦେଖାଇ ରଙ୍ଗିଆ ଦୁଆରୀକି ଘଉଡ଼େଇ ଦେଲେ । ସେଇଠୁ ସେ ଅତରଛା ହୋଇ, ଜାମାପଟା ଛିଣ୍ଡାଇ ଧାଇଁ ପଳାନ୍ତି । ଚାରିଆଡ଼ୁ ପାଟିତୁଣ୍ଡ ହୁଏ—ନାଇଁ ନାଇଁ ରଙ୍ଗିଆ ଦୁଆରୀ ଫେରି ଆସନ୍ତୁ । ଆମପରି ଦୁ'ଚାରିଜଣ ମାଟ୍ରିକ୍ ପଢ଼ୁଥିବା ଟୋକା ଇନ୍‌କୋର ଛାଡ଼ି ଦିଅନ୍ତି ।

ସୁଆଙ୍ଗ ଚାଲିଥିବାବେଳେ, ସମାଜ (ନାଟକ ଅର୍ଥରେ) ପଡ଼ି ପଡ଼ି ଆସୁଥିଲାବେଳେ, ଧଡ଼ାସ୍‌କନା ବେଶ ବଦଳାଇ କେତେବେଳେ ଚୋଟା ଭଗିଆ ଢଙ୍ଗରେ, କେତେବେଳେ କଣା ମାଧିଆ ଭଙ୍ଗୀରେ, ଖନା ସୁକୁଟା ବାଗରେ, ଅଥବା ବାଇ ବେମାରିଆ ହରିଆ ମଲିକ ଠାଣିରେ ବାହାରି ପଡ଼ି,

"ଆଜ୍ଞାଃ ଭଲ କରକୁ ଯୋଡ଼ି ଜଣାଏ କି, ସଭାଜନେ,
ଦୋଷ ମୋ ନ ଧରିବ ମନେ କି, ସଭାଜନେ"

ଗାଇ ଗାଇ ସଭାଙ୍କୁ ଚମକାଇ ଦିଅନ୍ତି । ସେ କାଳରେ ଜମିଦାରର ନାଲିଆଖି, ଟିଆଦାର ଜୁଲମ, ମହାଜନର ତାଗିଦା, ଖାତକର ହନ୍ତସନ୍ତୁଆ, ନଉଛୁଣା ଜୀବନ, ନାଲି ପଗଡ଼ିଆକୁ କୋକୁଆ ଭୟ, ଶାଶୁ ନଣନ୍ଦଙ୍କ ଗଞ୍ଜଣା ଆଉ ବଚାରି ନିରମାଖି ବୋହୂ ପିଲାଟିର ବାର ଦହଗଞ୍ଜ ଜୀବନ ତାଙ୍କର ଫାର୍ସ ମଧ୍ୟରେ, କମିକ୍ ଭିତରେ ନାଟୁଟି, ଜୀବନ୍ତ ରୂପେ ଫୁଟି ଉଠେ ।

"ଷିଢକ ଭଣ୍ଡି ହେଲା ପ୍ରବଳ,
"ବନା ମା, ହନା ଥରେ ହାମ ଆଡ଼କୁ",

"ଭାଇ ହୋ ସରିଗଲା, ସରିଗଲା ଆମ ସୁଖ ସଂସାର",
"ଚାଲେ ହୁଗୁରି ମା, ପଳେଇବା ଏ ଗାଁ ଛାଡ଼ି" ଅଥବା

"ଟିକେଟ କାଟିବା, ରେଲରେ ଚଢ଼ିବା, ଦେଖିବା ହାବେଡ଼ା ପୋଲରେ ମନ, କଲିକତାକୁ ଚାଲ" ପ୍ରଭୃତି ଶୁଣୁ ଶୁଣୁ ସମବେତ ଅସୁମାରି ଜନତା ହତ ଚକିତ ହୋଇଯାନ୍ତି—ମନ୍ତ୍ରମୁଗ୍ଧ ହୋଇ ପଡ଼ନ୍ତି ।

ପୁଣି ବେଳେବେଳେ ସେ ଗେରୁଆ ଧୋତି ପିନ୍ଧି ଫୁଙ୍ଗୁଳା ଦେହରେ ନାମାବଳୀ ଚଦର ଖଣ୍ଡେ ପକାଇ, ବେକରେ କନିଅର, ଟଗର, ମଲ୍ଲୀ ଆଉ ତଗରଟର ଗଜରାମାଳ ଲମ୍ବାଇ, ନିସ୍ପୃହ ରୂପରେ ଦେଖା ଦିଅନ୍ତି । ସୀତାହରଣ ବେଳେ ରାବଣକୁ, ମହାଭାରତ ଯୁଦ୍ଧରେ ଦୁର୍ଯୋଧନକୁ, ରଙ୍ଗ ସଭାବେଳେ କଂସାସୁରଙ୍କୁ ଚେତାବନୀ ଶୁଣେଇ ଶୁଣେଇ ସେ ଗାଇ ଉଠନ୍ତି—

ଏ ଦମ୍ଭ ରହିବ ନାହିଁଟି ବାପ୍ପା, କାଳ ସବୁ ନେବ ଛଡ଼ାଇ

କିମ୍ବା

ଝିଂରପୋକ ହଉଥା ଗେଣ୍ଡେଇରେ, ବେଙ୍ଗ ବସିଛୁ ପାଟି ମେଲାଇ,

ଅଥବା

ଆଉ କାନ୍ଦନା ବାପ୍ପାଣୀ ଲୋ, ପାହାନ୍ତିଆ ତାରା ଏଣେ ଦେଖା ଦେଲାଣି ।

ସେଇ ଉଦାତ୍ତ, ନିର୍ଭୀକ କଣ୍ଠରେ ଆଶା ଓ ବିଶ୍ୱାସର, ସତ୍ୟ ଓ ଧର୍ମର ପବିତ୍ର ବାଣୀ ଶୁଣେଇ ଶୁଣେଇ ସେ ସମସ୍ତଙ୍କୁ ଉଦ୍‌ବୁଦ୍ଧ କରିଛନ୍ତି ।

ଅରେ ଅରେ ତାଙ୍କରି କଣ୍ଠରୁ,

"ଦୀନବନ୍ଧୁ ଦଇତାରି, ଦୁଃଖ ନ ଗଲା ମୋହରି"
"ଆହେ ନୀଳ ଶଇଳ ପ୍ରବଳ ମତ୍ତ ବାରଣ"
"ଥକ୍‌କା ମନ ଚାଲ ଯିବା, ଚକା ନୟନ ଦେଖିବା"

ଅଥବା, "ମୃଗୁଣୀ ସ୍ତୁତି, କଳାକଳେବର କହ୍ନେଇ, କୋଇଲି ଲୋ, କେଶବ ଯେ ମଥୁରାକୁ ଗଲେ" ପ୍ରଭୃତି ନାନା ଭଜନ, ଜଣାଣ, ଛାନ୍ଦ ଚଉପଦୀ ପ୍ରଭୃତି ଶୁଣିବାକୁ ମିଳେ । ହାସ୍ୟ ଓ ଅଶ୍ରୁର କାରୁଣ୍ୟ ଓ ମାଧୁର୍ଯ୍ୟର ସମାନ୍ତରାଳ ସ୍ରୋତରେ ଭାସି ଭାସି ଦେଖଣାହାରି ଜନତା ଯେତିକି ଦେଖେ—ସେତିକି ହସେ—ଯେତିକି ହସେ ସେତିକି କାନ୍ଦେ । ରଙ୍ଗିଆ ଜୁଆଳି—ନରସିଂହପୁର ହଟ ମାଷ୍ଟ୍ରଙ୍କ ଆଖଡ଼ାର ପୋଖତ ହାସ୍ୟାଭିନେତା ଓ କଣ୍ଠଶିଳ୍ପୀ ଶ୍ରୀ ମାଧବ ଚରଣ ସ୍ୱାଇଁ ।

ରାତି ରାତି କେତେ ଅନିଦ୍ରା ହୋଇ, ଦିନ ଦିନ କେତେ ଭୋକଶୋଷ ଭୁଲି, କେତେ ଖାଲ, ଖମା, ନଈନାଳ, ବଣ ପାହାଡ଼, ବିଲମାଳ, କୁଦ ପଡ଼ିଆ ଡେଇଁ ଡେଇଁ ଲୋକେ ଛୁଟିଛନ୍ତି ତାଙ୍କ ଯାତ୍ରା ଦେଖିବା ପାଇଁ—ରଙ୍ଗିଆ ଜୁଆଳିର ମନଭୁଲା ନିଛକ ହାସ୍ୟରସ ଉପଭୋଗ କରିବା ପାଇଁ । କାହିଁ କେଉଁ ବାଲାସୁଣି ଆଉ ନଆଳି,

ବାଙ୍କିହାଟି ଆଉ ପୋଖରୀ ଗାଁ, ବନସିପୁର ଆଉ ବିଶ୍ୱନାଥପୁର, ନୂଆହାଟ ଜୋହଲ, ଶାସନପଦା, ସୁନ୍ଦର ଗାଁ ଖାଲି ପାଦରେ ଦଉଡ଼ି ଦଉଡ଼ି ତାଙ୍କ ଯାତ୍ରା ଦେଖିଛୁ। ପେଟ୍ରୋମାକ୍ସର ହାଲୋଜ ଆଲୁଅ ତଳେ, ମଶାଲର ନାଲିଚିଆ ମଇଳା ଆଲୁଅ ଭିତରେ, ଲଣ୍ଠନର ଧକଧକ ଚଇଗୁଣୀ ଆଲୁଅରେ ବ୍ୟଥା ଓ ବେଦନାକୁ, ଦୈନ୍ୟ ଓ ଯାତନାକୁ ଉପହାସ କରି ତାଙ୍କର ସେଇ ସରଳ, ନିରଭିମାନ ମୁହଁଟି ଝଲସି ଉଠିଛି। ହସି, ହସାଇଛୁ—ନାଚି, ନଚାଇଛୁ—କାନ୍ଦି, କନ୍ଦାଇଛୁ।

ଦିନକର କଥା। ଖରାଦିନ। ସକାଳୁଆ ସ୍କୁଲ୍‌ସାରି ଉଦୁଉଦିଆ ଖରା ପହରେ ମୁଁ ଘରକୁ ଫେରୁଥାଏ। ଚାରିଆଡ଼େ ଶୁନ୍‌ଶାନ। କାଉ କୋଇଲିର ଘୋର ଶବ୍ଦ ନାହିଁ। ଭୋକରେ ପେଟ ଜଳୁଥାଏ। ଧଇଁସଇଁ ହୋଇ ମୁଁ ଛୁଟିଥାଏ। ହଠାତ୍ ସଂଗୀତର ଏକ ମଧୁର ମୂର୍ଚ୍ଛନା କେଉଁଠୁ ଭାସି ଆସିଲା। ଟିକିଏ ଅଟକିଯାଇ ମୁଁ ଚାରିଆଡ଼କୁ ନଜର କଲି। ଏଥର କାନରେ ବାଜି ବାଜି ଗଲା—

ହେ ଦୟାମୟ, ହେ କରୁଣାସିନ୍ଧୁ,

ଅଞ୍ଚଳ ମୋର ଭରି ଦେଇଛ ଅସରନ୍ତି ମଣିମାଣିକ୍ୟରେ, ଅନ୍ତର ମୋର ପୂର୍ଣ୍ଣ କରିଛ ଆଶିଷର ଶାନ୍ତ ବାରିଧାରାରେ। ମୋର ଆଉ କିଛି ଲୋଡ଼ା ନାହିଁ, ପ୍ରଭୋ, ତମରି ପାଦ ପଦ୍ମରେ କୋଟି କୋଟି ପ୍ରଣାମ କରୁଛି।

ମୁଁ ସବୁ ଭୁଲିଗଲି। ଭୋକଶୋଷ ମୋର କୁଆଡ଼େ ଉଭେଇ ଗଲା। ନଇଁ ପଡ଼ି ଦେଖେ ତ ଅଳ୍ପ ଦୂରରେ ଏକ ଝଙ୍କାଳିଆ ବରଗଛ। ତା ଦେହକୁ ଆଉଜି ପଡ଼ି ମାଧବ ଭାଇ ଗାଇ ଚାଲିଛନ୍ତି—ହେ ଦୟାମୟ କରୁଣା ସିନ୍ଧୁ . ...

......ଆଖି ତାଙ୍କର ଛଳଛଳ। ସାରା ଦେହରେ ଅପୂର୍ବ ଶିହରଣ। ସେଇ ଆୟତ ଆଖି ଦୁଇଟିର ସ୍ନିଗ୍ଧ ମେଦୁର ଚାହାଣୀ, ସାରା ଦେହରୁ ଅପୂର୍ବ ଶିହରଣ ବରଗଛର ପତ୍ର ଗହଳରେ ମର୍ମରିତ ହୋଇ ଉଠୁଛି। ମୁଁ ଆଉ କିଛି ଭାବି ପାରିଲିନି। ସେଇଠି, ତାଙ୍କର ପଛପଟେ ଚୁପ୍‌ଚାପ୍ ବସି ପଡ଼ିଲି। କେତେବେଳକେ ଗୀତ ବନ୍ଦ କଲାରୁ ମୁଁ ଚମକି ପଡ଼ି କହି ପକାଇଲି—ଆଜ୍ଞା ବନ୍ଦ ହେଲେ କାହିଁକି ? ଗାଆନ୍ତୁ ନା...... । ସେ ବି ଚମକି ପଡ଼ି ପଛକୁ ଚାହିଁଲେ। ପଚାରିଲେ—ଆରେ ଏ ପିଲା, ତୁ କିଏ ? ଏ ଅବେଳାଟାରେ ଏଠି କାହିଁକି ? ଏତିକି ପଚାରିଦେଇ ମୋ ଆଡ଼େ କିପରି ଏକ ସ୍ନେହଶୀଳ ଆଖିରେ ସେ ଚାହିଁଲେ। ଆଃ, ସେ ଆଖିର କୋମଳତା ସେ କଣ୍ଠର ମାଧୁର୍ଯ୍ୟକୁ ଜୀବନରେ ପୁଞ୍ଜି କରି ମୁଁ ପଥ ଚାଲିଛି।

ମୋର ବ୍ୟାଗ୍ ଆଉ ବହିପତ୍ର ଦେଖି ସେ ପୁଣି ପଚାରିଲେ—ତୁ କେଉଁ କ୍ଲାସରେ ପଢ଼ୁଛୁରେ ବାବୁ ? ନା ଟି ତୋର କ'ଣ ? ମୁଁ ସବୁକଥା କହି ଦେଇଗଲି। ତା' ପରେ ପଚାରିଲି—ତମେ ଏଠି, ଆଉ ଅନ୍ୟ ଯାତ୍ରାକାରୀମାନେ, ପିଲାମାନେ

ସବୁ କାହାନ୍ତି ? ସେ ପାଖ ଆମ୍ବ ତୋଟା ଆଡ଼େ ହାତ ଦେଖାଇଦେଲେ । ଛିଣ୍ଡା, ମଇଳା ଗାମୁଛିଟିମାନ ପାରଦେଇ କେ କୁଆଡ଼େ ଲମ୍ବି ଯାଇଛନ୍ତି । ମସ୍ତ ଗୋଟାଏ ଅହୁଆ ଖୋଲା ହୋଇ ତା' ଉପରେ ହଣ୍ଡା ବସିଛି । ଓଦା ଘସି ଆଉ କଂଚ୍ଚା କାଠର ଧୂଆଁ ତୋଟା ସାରା ଖେଳେଇ ହୋଇ ଯାଇଛି । ମୁଁ ପଚାରିଲି—କ'ଣ, ଏତେବେଳଯାଏ ତମମାନଙ୍କର ଖିଆପିଆ ସରିନାହିଁ ନା କ'ଣ ?

ସେ ଖାଲି ଟିକିଏ ହସି ଦେଲେ । ତା ପରେ କହିଲେ—କାଲି ସେଇ ସଞ୍ଜ ପହରୁ ଦ'ଟା ଶୁଖିଲା ହୁଡ଼ୁମ୍ବ ଆଉ ଆଞ୍ଜୁଳାଏ ଲେଖାଁ ପାଣି ପିଇ ଆମେ ସଭିରେ ଠିଆ ହୋଇଥିଲୁ । ସମାଜ ସରିଲା ପାହାନ୍ତିଆକୁ । ମାଷ୍ଟ୍ରେ ଆଜି ସକାଳୁ ଯାଇ ଗାଁ । ଗାଁ । ବୁଲି ମାମଲତକାରମାନଙ୍କୁ କେତେ କୁହା ବୋଲା କରିବାରୁ ଗାଧୁଆବେଳକୁ ମକଦମଘର ଅଧ ଟୋକେଇଏ ହେମଟା ଝଇ ପଠେଇଥିଲେ । ସେଥିରୁ ମୁଠାଏ ମୁଠାଏ ଆମେ ଖାଇଛୁ ।

ମୋ ଆଖି ଲୁହରେ ଜକେଇ ଆସିଲା । ଦ'ଟା ଶୁଖିଲା ହୁଡ଼ୁମ୍ବ ଆଉ ହେମଟା ଝଇ ଯାହାର ଭାଗ୍ୟରେ ବି ଠିକ୍ ବେଳାକାଳରେ ଜୁଟେନି ସେ ପୁଣି ଗୀତ ଗାଉଛି—

ହେ ଦୟାମୟ, ହେ କରୁଣାସିନ୍ଧୁ,
ଅଞ୍ଜଳି ମୋର ଭରି ଦେଇଛ ଅସରନ୍ତି
ମଣି ମାଣିକ୍ୟରେ ।

ହେ ଭଗବାନ, କଳାକାରର ଏ ବଦାନ୍ୟତା, ଏ ବିଶାଳତା ପାଖରେ ତମେ କ'ଣ ଲଜ୍ଜିତ ନା ଈର୍ଷାନ୍ୱିତ !! ଆଜିଯାଏ ବି ଭଗବାନଙ୍କୁ ଏଇ ପ୍ରଶ୍ନ ପଚାରି ମୁଁ ବାଟ ଚାଲିଛି ।

ଏମିତି କେତେଦିନ ବିତିଯାଇଛି । ଶୁଖିଲା ପେଟରେ ଓଦା ଗାମୁଛା ପକାଇ, ଟେଭିକ ଉପାସରେ, ହାରମୋନିୟମ, ବଗୁଲ ଆଉ ବଂଶୀ, କ୍ଲାରିଓନେଟ୍‌ର ବାକ୍ସମାନ, ଡୁବି ତାବଲା, ଖଣ୍ଡା, ତଲୁଆର, ପୋଷାକପତ୍ରର ଗଣ୍ଠିଲିତକ ମୁଣ୍ଡରେ ମୁଣ୍ଡେଇ, କାନ୍ଧରେ କାଦ, କେତେ ନଈନାଳ, ବିଲବଣ, ଖାଲଢିପ, ଡେଇଁ ଡେଇଁ ଏ ଗାଁରୁ ସେ ଗାଁ, ଏ ବଜାରରୁ ସେ ହାଟ ଯାତ୍ରାଦଳମାନେ ଦଉଡ଼ିଛନ୍ତି । ବାର ହାର ଶୁଖି ପିଣ୍ଡା ହୋଇଛନ୍ତି । ଛିଣ୍ଡା ହେଁସ, ଖଣ୍ଡିଆ କତରିରେ ଗ୍ରୀନ୍ ରୁମ୍ ସଜେଇ ଦେହ ମୁଣ୍ଡରେ ରଙ୍ଗ ବୋଳି ହୋଇଛନ୍ତି । ପାଉଡ଼ର ମାଡ଼ିଛନ୍ତି । ଶୁଖିଲା, ନଗୁଛିଆ ତୋଟାମାଳ, ପଡା ପଡ଼ିଆରେ ନାଚକୁଦ, ଛାନ୍ଦ ଚଉପଦୀ ଭଜନ ଜଣାଣ ଗାଇ ଗାଇ ଶ୍ମଶାନର ନୀରବତାରେ ପ୍ରାଣର ସ୍ପନ୍ଦନ ଖେଳେଇ ଦେଇଛନ୍ତି ।

ପାର୍ଟିପାଇଁ, ଅଭିନୟ ପାଇଁ, ପଇସାପଇ ପାଇଁ, ଦରଦାମ କଷାକଷି ନେଇ, କେବେ କେଉଁଠି ମାଧବ ଗୋଟିଏ ଓସ୍ତାଦଙ୍କ ପାଖରେ ବା ମାଷ୍ଟ୍ରଙ୍କ ନିକଟରେ ଓଜର, ଆପତ୍ତି କରି ନାହାନ୍ତି । ପ୍ରତିବାଦ ଜଣାଇ ନାହାନ୍ତି । ଯେତେବେଳେ ଯେଉଁ ଭୂମିକା ଦିଆଯାଇଛି, ଯେତେ ଗ୍ରେଟ, ଯେତେ ସାମାନ୍ୟ ହେଲେ ବି, ନିଜର ଅସାମାନ୍ୟ ପ୍ରତିଭା ଓ ଏକନିଷ୍ଠ ସାଧନାରେ ତାକୁ ସେ ମର୍ଯ୍ୟାଦାସ୍ଥାନ କରି ଦେଇଛନ୍ତି ।

ଅଭିନେତାର ଅହଂକାର, ମୁଖ୍ୟ ଭୂମିକାର ଗରିମା, କେବେ ତାଙ୍କୁ କଳୁଷିତ କରିନାହିଁ । ସେଇ ହସ, ସେଇ ସରଳତା, ସେଇ ସାଧନା, ଆଉ ଉଦାରତା ତାଙ୍କୁ ମହାନ କରିଛି—ବିରାଟ କରିଛି । ସେଇ ନିରହଂକାର, ନିରାଡ଼ମ୍ବର, ନୀରବ ସାଧକଙ୍କୁ ବହୁ କ୍ଷେତ୍ରରେ ବହୁବାର ମୁଁ ପ୍ରଣତି ଜଣାଇଛି । ସେ ବି ମୋତେ ବହୁତ ଆଶୀର୍ବାଦ କରିଛନ୍ତି । ମୋ ଦେହ ମୁଣ୍ଡରେ ହାତ ବୁଲାଇଆଣି, ଛଳ ଛଳ ଆଖିରେ କହିଛନ୍ତି—ଜଗନ୍ନାଥେ ତୋତେ ବଡ଼ଲୋକ କରନ୍ତୁ ବାପ, ତୁ ମନଲଗେଇ ପାଠ ପଢ଼—ବଡ଼ ହ······ଆହୁରି ବଡ଼ । ଆମ ଏ ନାଟୁଆ, ବେହୁଆ, ହେରେସାଙ୍କ ଦୁଃଖକଷ୍ଟ ବୁଝ ବାପ··················

ଗଲାଣି--ସେକାଳ କୁଆଡ଼େ ଗଲାଣି । ଆଜିର ପରିବର୍ତ୍ତିତ ପରିସ୍ଥିତିରେ ସେ ସବୁ ନାଟଦଳ କେ କୁଆଡ଼େ ଛିନ୍ନଛତର ହୋଇ ଶିମିଳି ତୁଳାପରି ଉଡ଼ି ଗଲେଣି । ସେ ଦିନର ତାଡ଼କା ଆଉ ହିଡ଼ିମ୍ବି, ବକାସୁର ଓ ମହିଷାସୁର, କଂସାସୁର କି ଭୀମସେନ, ସାବିତ୍ରୀ, ଦ୍ରୌପଦୀ, କାଞ୍ଚନମାଳା, ସୁଶୀଳା, ମାଳତୀ ଆଜି କାହାର ଆଳୁ କିଆରିରେ ପାଣି ମଡ଼ାଉଛନ୍ତି । ପାନ ବରଜକୁ ମାଟି ବୋହୁଛନ୍ତି ଅଥବା କଟକ, ଭୁବନେଶ୍ୱର ରାଜରାସ୍ତାରେ ମୋଟ ବୋହି ବୋହି ଘାସକୁ ଗ୍ରେଟ, ପାଳକୁ ଲମ୍ବ ହୋଇ ପଡ଼ି ରହିଛନ୍ତି । ଗଲାଣି—ସବୁ କଥା ଓଲଟ ପାଲଟ ହୋଇ ଗଲାଣି ।

ମାଧବ ଭାଇଙ୍କ ଜୀବନରେ ଏହା ମଧ୍ୟରେ କେତେ ଝଡ଼ଝଞ୍ଜା ବହି ଯାଇଛି । ନାଟତାମସା କରି, ହେରେସାଙ୍କ ଭଳି ଗୁଡ଼ାଏ ଏଣେତେଣେ ବୁଲି ଓଦା ଖାଉଛି ବୋଲି ଏଇଟି ଅଭିଯୋଗ ବାଢ଼ି ଭାଇମାନେ କେବେଠୁ ତାଙ୍କୁ ଭିନେ କରି ଦେଲେଣି । ସାନଭାଇ ଜମି କେଇ ଗୁଣ୍ଠ ଭାଗରେ କରୁଥିଲା ଯେ, ଏବେ ତି ବରଷ ହେଲା ଭାଗ ଧାନ ଗଣ୍ଡାକ ବନ୍ଦ କରିଦେଇ, ଭାଗଚାଷୀର ସତ୍ତ୍ୱ ବଜାୟ ଲାଗି ତହସିଲ ଅଫିସରେ ଦରଖାସ୍ତ ଛାଡ଼ି ଦେଇଛି ।

ଏସବୁ କଥାକୁ ସୋଉଁଏ କେବେ ନଜର ଦେଇ ନାହାନ୍ତି । ପରବାଏ କରି ନାହାନ୍ତି । ସବୁବେଳେ ସେଇ ହସ—ମନଖୋଲା ଖେଳ ଠୋକ କଥା । ଯୋଗକୁ ସେଇ ହସକୁଶୀ, ଫୁଲ୍ଲକୁଳି ଫାତିମାବିବି ବି ତାଙ୍କୁ ଜୁଟି ଯାଇଛି । ଦୁଃସହ ଜୀବନରେ; ଧୂ ଧୂ ମରୁବାଲିରେ ଫାତିମା ତାଙ୍କର ଚଲାପଥର ଏକମାତ୍ର ରକ୍ତ ଗୋଲାପ ।

ବହୁଦିନ ତଳର କଥା ସେ । ସେଥର ଅବଦୁଲପୁର ତୋଟାରେ ଅଖି-ତୃତୀୟାକୁ ଯାତ ହଉଥାଏ । "ଡେଲାଇଟ୍"ର ହାଲ୍ଲୋଳ ଆଲୁଅରେ ତୋଟାମାଳ ଉଜ୍ଜଳ ପଡ଼ୁଥାଏ । ଯାହାର ଶେଷ ପ୍ରହର । ଗୋଟାଏ ଆମ୍ବ ଗଛକୁ ଆଉଜିପଡ଼ି ସୋମେଁଏ ଟିକିଏ ଦମ୍ ନେଲେ । ମଥାରୁ ଝାଳ ପୋଛିଲେ । ପକେଟରୁ ବିଡ଼ି ଖଣ୍ଡେ କାଢ଼ି ନିଆଁ ଧରାଇଲେ । ହଠାତ୍ ତାଙ୍କର ଆଖି ଯେମିତି ଓଟାରି ହୋଇଗଲା । ଗଛ ଗହଳର ଗୋଟିଏ କଣକୁ, ନିରାପଦ ସ୍ଥାନରେ ସ୍ତ୍ରୀ ଲୋକମାନେ ବସିଥାନ୍ତି । ତା'ର ଭିତରୁ, ସେଇ ସବୁ ରଙ୍ଗ ବେରଙ୍ଗର ଶାଢ଼ୀ ଆଉ ହାସ୍ୟଉଜ୍ଜଳ ମୁହଁଟି-ମାନ ଭିତରୁ ଦୁଇଟି ଆଖି, ସଜଳ କଜଳ ଆଖି, ଯେମିତି ତାଙ୍କ ଆଡ଼େ ଚାହିଁ ରହିଛି । ସୋମେଁଏ ଟିକିଏ ହଡ଼ବଡ଼େଇ ଗଲେ । ପୁଣି ଥରେ ସେ ସାହସ ସଞ୍ଚୟ କରି ସେଇଆଡ଼େ ଚାହିଁଲେ । ହଁ ସେଇ ମୁଗ୍ଧବିହ୍ୱଳର, ଦୁଇଟି ଆୟତ ଆଖିର ନୀରବ ଭାଷା ତାଙ୍କୁ ଯେମିତି ଅଭିନନ୍ଦନ ଜଣାଉଛି । ଆସ୍ତୁଲା ଆସ୍ତୁଲା ମଧୁମାଳତୀ ଆଉ ଗଙ୍ଗଶିଉଳି ସୋମେଁଙ୍କ ଗ୍ରୀବାରେ ମହକ ଛୁଟାଇ ହଠାତ୍ ହସି ଉଠିଲେ । ସୋମେଁଏ ଚାହିଁଲେ—ଖାଲି ଚାହିଁ ରହିଲେ ।

ତା'ପର ଦିନ କଅଁଳ ଗାଧୁଆବେଳ । କୁଶଭଦ୍ରା ନଈକୁ ଗାଧୋଇବାକୁ ଯାଉ ଯାଉ ହଠାତ୍ ନଈ କୂଳରେ ଦେଖିଲେ ପାଣି ମ'ଠିଆ କାଖେଇ ସେଆଡ଼ୁ କିଏ ଆସୁଛି । ସୋମେଁଏ ଥମିଗଲେ—ଅଟକିଗଲା ଝିଅଟି । ରଜନୀଗନ୍ଧାର ଆନତଗ୍ରୀବା ଆଉ ଟିକିଏ ତଳକୁ ନଇଁଗଲା । ରକ୍ତ କମଳ ଓଠ ଦୁଇଟି ସରମ ସଙ୍କୋଚରେ ଝାଉଁଳି ଯାଉ ଯାଉ ପୁଣି ବିଭୋର ହସରେ ଉଲସି ଉଠିଲା । ଏଇ ମିଶ୍ରପ୍ରତିକ୍ରିୟା, ବିପରୀତବାଦର ବିଚିତ୍ର ଯୋଗସୂତ୍ର ସୋମେଁଙ୍କୁ ବିଚଳିତ କଲା—ଅଥୟ କଲା । ତାପରେ···ତାପରେ··· । ସୋମେଁ ବୁଝିଲେ ସେ ଗୋଟିଏ ମୁସଲମାନ ଝିଅ—ନାମଟି ତାର ଫାତିମା ।

ଫାତିମାର ସାଦି ହୋଇଥିଲା ଆର ବସ୍ତିର ହମିଦ ସହିତ । ସାଦିର ମାତ୍ର ଚାରିଦିନ ପରେ ହମିଦ ଗଲା ଖଡ଼ଗପୁର ତା ମାମୁଁ ସଙ୍ଗରେ, ରେଲ୍‌ବାଇରେ କ'ଣ ଚାକିରି କରିବ ବୋଲି । ବାସ୍ ସେଇଦିନଠୁ ସେ ସେଇଆଡ଼େ । ଚାହୁଁ ଚାହୁଁ ପାଞ୍ଚ ବର୍ଷ ବିତି ଗଲାଣି । ସେ ଆଉ ଘରକୁ ଫେରୁନାହିଁ । ଏବେ ଖବର ମିଳିଲାଣି ଯେ ତେଣେ କୁଆଡ଼େ କାହାକୁ ସେ ନିକା ହୋଇ ଭଲରେ ଘରଦ୍ୱାର କରି ରହିଲାଣି । ଆଉ ଏଣେ, କାହାପାଇଁ, କେଉଁ ବାଟକୁ ଚାହିଁ ଚାହିଁ ଫାତିମା ନୀରବରେ ଲୁହ ଢାଳେ କେଜାଣି !!

ସେଦିନ ସନ୍ଧରେ ମାଧବ ଭାଇ ହଠାତ୍ ଯାଇ ପଚାରିଲେ ଫାତିମା, ତୁ ମୋତେ ପୁଣି ଥରେ ସାଦି କରିବୁ ଫାତିମା । ନା, ନା, ଫାତିମା, ମୁଁ କାହାକଥା ଶୁଣିବାକୁ କାହା ମତାମତ ନେବାକୁ ଚାହେଁନା ।

ଜାତି, କୁଳ, ମାନ ମହତର ପ୍ରଶ୍ନ ତୁ ଉଠାନା ପାତମା । ଖାଲି କହ, ଅପୁଟିଏ ଖଲି କହ, ତୁ ଖଜତ ? ବାସ୍ ଚୁପ୍ ଚାପ ପାତମା ତାଙ୍କ ପଛେ ପଛେ ସେଇଠୁ ଉଠି ଚାଲି ଆସିଲା । ସେଇ ମୁହୂର୍ତ୍ତିର ଛାଇ ପରି ତାଙ୍କ ପଛେ ପଛେ ସେ ରହିଛି ।

ତାଲାଗି କେତେ କଥା; କେତେ ବ୍ୟଥା, କେତେ ଝଡ ଝଞ୍ଜା କେତେ ହୋହଲ୍ଲା; ପାଟିଗୋଲ କଳିକଜିଆ । ହିନ୍ଦୁ ମୁସଲମାନ, ଜାତି ଅଜାତି ନେଇ କେତେ ଦଳାଦଳି, ଘଣ୍ଟାଚକଟା । ସବୁ ଧକ୍କାକୁ, ସମସ୍ତ ଝଡ଼କୁ ସେ ବେପରୁଆ ଛାତି ପତେଇ ଉନ୍ନତ ଶିର ଦେଖାଇ ଏକା ଏକା ରେକିଛନ୍ତି—ସବୁ କଟୁ ସହିଛନ୍ତି । କେହି ଟିକିଏ ପଚାରି ନାହାନ୍ତି ଏତେବେଳେ । କେହି ଆହା କହିନାହାନ୍ତି । ରୁଣ୍ଡ ହୋଇ ସମସ୍ତେ ନକେ ଦେଖିଛନ୍ତି । ମେଳା ମେଳା ହୋଇ ଏଠି ସେଠି ଫୁସ୍ ଫାସ୍ ହୋଇଛନ୍ତି । କାନକୁହା କଥା ଶୁଣିଛନ୍ତି । ଗୁଜବ ଉଠାଇଛନ୍ତି । ନଖଘଷି ଦାନ୍ତ କେଫେଡ଼ିଛନ୍ତି । ପାଟକୁ ଟିକିଏ ଡାକଲେ; କେଉଁ ଛଟକରେ, କେଉଁ ବାଟରେ ଖସିଯାଇ, କବାଟ କଳି ଶୋଇପଡ଼ିଛନ୍ତି । କାନଡେରି ଉଡ଼ାକଥା ଶୁଣିଛନ୍ତି ।

ଘରଦ୍ୱାର, ବାଗବଗିଚ୍ଚ, ଧନ ଦରବ ସବୁ ତେଜ୍ୟା କରିଦେଇ, ନଈକୂଳର ନଡ଼ିଆ ମଶାଣିପଦା ପାଖରେ ଗୋଟାଏ ଛୋଟ କୁଡ଼ିଆ କରି ପଡ଼ିରହିଛନ୍ତି । ସେ ନଈର ବାଲିକୁଦ, ନେଳିଆ ପାଣି, ଗୋଲିଆ ବଟି ଆଉ ଗଛ ଲତା, ପନିଫୁଲ, କାଉ କୋଇଲି, କଜଳପାତି, ହଳଦୀବସନ୍ତଙ୍କ ନାଚ ଗୀତରେ ସବୁ ଭୁଲିଛନ୍ତି । ଆସନ୍ତା କାଲର ରଙ୍ଗିନ ସ୍ୱପ୍ନ ଦେଖିଛନ୍ତି ।

···ଗଲାଣି—କେତେଦିନ ଗଡ଼ି ଗଲାଣି, ଏ ନଈରେ କେତେ ପାଣି ବହି ଗଲାଣି । ଏ କୁଦରୁ କେତେ ବାଲି ଉଡ଼ି ଗଲାଣି । ଏ ମନରୁ କେତେ ସ୍ୱପ୍ନ ହଜିଗଲାଣି । ସେଇ ମାଧବଭାଇ ଏବେ ରହି ଗଲେଣି । ଭଲକରି ଚାଲବୁଲି କରି ପାରୁନାହାନ୍ତି । ରମେଶ ଭାଇଙ୍କଠୁ ଏସବୁ କଥା ମୁଁ ଶୁଣିଛି ।

ଏବେ ଛ'ମାସ ହେଲା ବାଇ ବେମାରରେ ସେ ପଡ଼ିଛନ୍ତି । ଆମ୍ବାବାଇ କେତେବେଳେ ପେଟକୁ, କେତେବେଳେ ଅଣ୍ଟାକୁ ବା ଛାତିକୁ ଖେଁଚୁଛି, ଅଣ୍ଟା ସଳଖି ପାରୁନାହାନ୍ତି । ଆହା ଜୀବନରେ କିଛି ତାଙ୍କୁ ଦେଇ ପାରିନି । କିଛି ହେଲେ ତାଙ୍କର କରି ପାରିନି । ତାଙ୍କଠୁ କେତେ କ'ଣ ସବୁ ନେଇଛି । ତାଙ୍କର ଆଶୀର୍ବାଦରୁ, ତାଙ୍କର କଲ୍ୟାଣରୁ, ମୁଁ ଆଜି ସାହିତ୍ୟିକ ବୋଲାଇ ଚାରିଆଡ଼େ ଦୂରି ବୁଲୁଛି, ଏଣେ ତେଣେ ବକ୍ତୃତା ଝାଡ଼ୁଛି । ପତ୍ର ପତ୍ରିକାରେ ଲେଖା ଛାପୁଛି— ସମ୍ପାଦନା କରୁଛି, ଅଥଚ ଏଇଠି—ଏଇ ମୋ ଗାଁ ମାଟିରେ, ଯିଏ ମୋ ଆଖିରେ

ଭ୍ରମ ସ୍ୱପ୍ନ; କଳ୍ପନାରେ ଡେଣା ଲଗେଇ ଦେଇଛୁ, ଯିଏ ମୋତେ ପ୍ରଥମେ ଚଖେଇଛୁ କଳା ଓ ସାହିତ୍ୟର ଅମୃତ ସ୍ୱାଦ, ତାପାଇଁ କ'ଣ ବା କରି ପାରିଛୁ !! ଆମେ ସବୁ 'ମେଡ଼ିଓକୋର', 'ଫାଙ୍କିବାଜ', 'ଇଜିଚ୍ୟାର' ବୁଦ୍ଧି ଜୀବୀ ଦଳ । ଜୀବନ-ଠାରୁ, ଦୁନିଆଠାରୁ ଦୂରରେ ରହି, ଘଟଣା ସଙ୍ଗେ ସଂଶ୍ଳିଷ୍ଟ ନ ହୋଇ, ନାନା ଘାତ ପ୍ରତିଘାତ ପ୍ରତି ନଜର ନ ଦେଇ, ମନର ଖିଆଲରେ ଏଣୁତେଣୁ ଗୁଡ଼ାଏ ଧାରି କରି କଥାକୁ ପୁଞ୍ଜି କରି ମହା ମଉଜରେ ଧାଁଧପଡ଼ କରୁଛୁ । ନିଜର ପ୍ରତିଷ୍ଠା ପାଇଁ, ନିଜର ଖ୍ୟାତିଲାଗି, ସାହିତ୍ୟ, ସଙ୍ଗୀତ, ନୃତ୍ୟ, ନାଟକକୁ ବିନିଯୋଗ କରି ତୁମୁଳ ହଟ୍ଟଗୋଳ ଧୂଆଁ ବାଣରେ ବାୟୁମଣ୍ଡଳକୁ ଅଧିକ ଉତ୍ତପ୍ତ, ଅଧିକ ଭାରାକ୍ରାନ୍ତ କରୁଛୁ ।

ଆଜି ଯଦି ଏ ବୟସରେ, ଏ ଦୁର୍ଦ୍ଦିନରେ, ବହୁ ବିଳମ୍ବ ସତ୍ତ୍ୱେ ବି କିଛି ହେଲେ ତାଙ୍କର କରିପାରେ······ କରିପାରେ······ । ହାତର ବ୍ରିଫ୍‌କେସ୍ ଖୋଲି ମୁଁ ଗୁଡ଼ାଏ କାଗଜପତ୍ର ଅଣ୍ଡାଳି ପକାଇଲି । ହଁ, ସବୁ ଠିକ୍ ଅଛି ।

ବାଟ ସରି ଆସୁଛି । ମାଈ ସଞ୍ଜର ପାତଳ ଅନ୍ଧାର ଗଛ ଲତାର ମଥାନରୁ, ନଇପଠା ଓ କେନାଲ ଭିତରୁ ଧୀରେ ଧୀରେ ମାଡ଼ି ଆସୁଛି । ତାଳ, ନଡ଼ିଆ, ଆମ୍ବ, ପଣସ ଘେରି କନକପୁର ଗାଁ ଏଇ ମୋ ସାମନାରେ ।

\+ \+ \+ \+

କବାଟ ଠକ୍ ଠକ୍ କରି ମୁଁ ଡାକା ଛାଡ଼ିଲି ମାଧବ ଭାଇ, ହୋ, ମାଧବ ଭାଇ, ଘରେ ଅଛ ମାଧବ ଭାଇ ? କବାଟ ଖୋଲି ଦେଲି । ଜଣେ ସଂଭ୍ରମରେ ଠିଆ ହେଲେ । ନମସ୍କାର ଜଣାଇ କହିଲି—ମୁଁ······ମୁଁ······ମୁଁ ହଉଛି ପ୍ରକାଶ ମହାନ୍ତି । ଆଇଛି ମାଧବ ଭାଇଙ୍କୁ ଟିକିଏ ଦେଖିବା ପାଇଁ । ବୃଦ୍ଧାଙ୍କ ମୁହଁରେ ହସ ଉକୁଟିଲା ।

ଘରଆଡ଼େ ମୁଁ ଆଗେଇ ଗଲି । ମାଈ ସଞ୍ଜର ସେଇ ମହଳ ଅନ୍ଧାରରେ ମାଧବଭାଇ ପିଣ୍ଡାରେ ବସି ଖଣ୍ଡେ ହେଁସ ବୁଣୁଥିଲେ, ମୋତେ ଦେଖି ଆନନ୍ଦରେ କୁରୁଳି ଉଠି କହିଲେ—ଆରେ ପ୍ରକାଶ, ତୁ ଆସିଛୁ ? ଆ ବାପ···ଆ···ଆ······ । ମୁଣ୍ଡିଆ ମାରି ତାଙ୍କୁ ମୁଁ ପଚାରିଲି—ଆଉ ଖବର ସବୁ କ'ଣ ମାଧବଭାଇ ? ସବୁ କୁଶଳତ ? ମାଧବ ଭାଇ ସେମିତି ହସି ହସି କହିଲେ—ସବୁ ଦୁର୍ଯ୍ୟୋଗ ଓ ଦୁର୍ବିପାକ, ଅମଙ୍ଗଳ ଓ ଅକଲ୍ୟାଣକୁ ଯିଏ କୁଶଳ ଆଉ ଆନନ୍ଦ ବୋଲି ଗ୍ରହଣ କରି ନେଇଛି ତା'ର ପୁଣି ଦୁଃଖ କ'ଣ ? କଷ୍ଟ କେଉଁଥି ପାଇଁ ? ଏଇତ ଦେଖୁଛୁ ବାପ, ହେଁସ ଖଣ୍ଡେ ବୁଣୁଛି । ବୟସ ବେଳେ ହସହସରେ ବେଳଗଲା । ଆଉ ଏଇନେ ହେଁସକୁ ଧରିଛି । ହସି ଆଉ ହେଁସର ବେଉସା ଭିତରେ ହାନି ଲାଭର ପ୍ରଶ୍ନ କାହିଁରେ ବାପ ! ଆଉ ତୁ କେମିତି ଏଣେ ଏ ଅବେଳଟାରେ ଗଡ଼ି ପଡ଼ିଲୁ ମ ? ଫାତିମା ଭାବୀ ଦ୍ୱିତୀୟ

ଚା ଆଉ କୋରା ନଡ଼ିଆ ପକା ଚୂଡ଼ାଭଜା ଦୁ ଥାଳିଆ ଥୋଇ ଦେଇ ଗଲେ, ଚୂଡ଼ାଭଜା ଆଉ ଚା ପିଉ ପିଉ ମୁଁ କହିଲି—

ବହୁ ଅପମାନ, ବହୁ ଅବହେଳା ଆମେ ତମମାନଙ୍କୁ କରିଛୁ । ଆମକୁ ସବୁ ତମେ କ୍ଷମାକର ମାଧବଭାଇ । ଆଜି କିନ୍ତୁ ଯୁଗ ଓଲଟି ଯାଇଛି । ଶିଳ୍ପୀ, କଳାକାରର ତ୍ୟାଗ ଓ ପ୍ରତିଭାକୁ ଏ ଦେଶ, ଏ ସରକାର ଆଜି ସ୍ୱୀକୃତି ଦେଇଛି । ସେମାନଙ୍କ ଭରଣ ପୋଷଣ ପାଇଁ ଆର୍ଥିକ ପେନ୍‌ସନର ମଧ୍ୟ ବ୍ୟବସ୍ଥା କରାଯାଇଛି । ଯ୍ୟା ଭିତରେ ଭୁବନେଶ୍ୱର ଯାଇ ସରକାରୀ ଉଚ୍ଚ କର୍ମକର୍ତ୍ତାମାନଙ୍କ ସହ କଥାବାର୍ତ୍ତା କରି ତମପାଇଁ ପେନ୍‌ସନର ବ୍ୟବସ୍ଥା କରି ସାରିଛୁ । ନାଁ, ନାଁ, ତମେ ଆଉ ମନାସନା କରନା । ସେ ପିଲାଳିଆମି ଆଉ ଦେଖାଅନା । ଖାଲି ଏ ଫର୍ମ କେଇଖଣ୍ଡରେ ଦସ୍ତଖତ କରିଦିଅ । ତମର କେତେଖଣ୍ଡ ଫଟୋ ମଧ୍ୟ ଏଥିରେ ରହିବ । ମୁଁ ସଙ୍ଗରେ କ୍ୟାମେରା ନେଇ ଆସିଛି । କାଲି ସକାଳେ ସେ ସବୁର ବ୍ୟବସ୍ଥା କରିଦେବି ।

ମାଧବ ଭାଇଙ୍କ ହାତରୁ ଚୂଡ଼ାଭଜା ଗଣ୍ଡାକ ଥାଳିଆ ଉପରେ ଖସି ପଡ଼ିଲା । ସେ ମୋ ଆଡ଼େ କାତର ଏକ ଆଶ୍ଚର୍ଯ୍ୟ ଆଖିରେ ଚାହିଁ ରହିଲେ । ଛାତିରେ ମୋର ଛନକା ପଶିଲା । ବହୁଦିନୁ ଯାହା ଆଶଙ୍କା କରୁଥିଲି, ଉପସ୍ଥିତ ପରିସ୍ଥିତିରେ ତା'ର ମୁହାଁ ମୁହିଁ ହେବାକୁ ଯାଉଥିବାରୁ ଟିକିଏ କାତର ଶଙ୍କିଗଲି । ମାଧବଭାଇ ଛେପ-ଢୋକ, ଗଳା ସଫାକରି କହିଲେ— ବୁଝିଲୁ ପ୍ରକାଶ, ପିଲାଳିଆମି ମୋର ନୁହେଁରେ, ସବୁବେଳେ ତୋର ସ୍ୱଭାବ ଏମିତି । ତୁ ଅଛୁ, ସେଇ ମୋର ଯଥେଷ୍ଟ । ଏ ବିଶ୍ୱ-ବ୍ରହ୍ମାଣ୍ଡ ଭିତରେ କେହି ଜଣେ କେବଳ ମୋ ପାଇଁ ଅଛୁ, ମୋ ପାଇଁ ଭାବୁଛୁ, ସେଇ ମୋର ପରମ ଭାଗ୍ୟ—କୋଟିନିଧି ।

ତୁ ଜାଣୁ— ଜାଣୁ ତୁ ପ୍ରକାଶ, ଆରେ ହଟ ମାଷ୍ଟର ଏବେ ବି ବଞ୍ଚିଛିରେ ! ନ ମରି ଯାହା ଗୁଡ଼ାଟା ଖାଲି କଳବଳ ହଉଛି । ଭୋକ ଉପାସରେ, ପଥ୍ୟାପଥ୍ୟ ଟିକିଏ ନ ପାଇ ବୁଢ଼ୀଟା ଛଟପଟ ହୋଇ ମଲା । ଦ'ଦଟା ଝିଅ ବାହା ହୋଇ ନପାରି, ପେଟ ବିକଳରେ ଦଉଡ଼ିଦେଇ ମଲେ । ଗୋଟିଏ ବୋଲି ଭେଣ୍ଡାପୁଅ, କି ଦେମାଗ ଧରିଲା କେଜାଣି, ଉସୁମାନେ ଗଳାସନ ଟଳି ପଡ଼ିଲା । ଆହା ହା, ଆଉ କହନା ବାପ, ଶତ୍ରୁକୁ, ଘୋର ପାଷାଣ୍ଡକୁ ବି ଏ ଦଶା ନ ପଡ଼ୁରେ ।

ଆରେ ହଟ ମାଷ୍ଟର କାହାକୁ ମଣିଷ ନ କରିଛି ? କେଉଁ ନାଟ ବାଲାଠି, କେଉଁ ଗାୟକ ବାଦ୍ୟକଠି, ଏ ଆଡ଼ ପାଖ ଦଶକୋଶରେ ତା ଛାଟ ନ ବାଜିଛି ? ଆହା, କି ଛାନ୍ଦ, କି ଚଉପଦୀ, କି ଚମ୍ପୂ, କି ଭଜନ, କୀର୍ତ୍ତନ ତା କଣ୍ଠରୁ ନ ବାହାରିଛି ? ଚକ୍‌କିନା ବେଶ ବଦଳେଇ ସଙ୍ଗେ ସଙ୍ଗେ କଂସାସୁରରୁ ତାଡ଼କା, ପୁତନା ହୋଇଯିବ । ରାବଣାସୁରରୁ ସୁଗ୍ରୀବ, ବିଭୀଷଣ ସାଜିଯିବ, କେତେବେଳେ

ମହାରାଜା ତ, କେତେବେଳେ ପୋଇଲ, ପରବାସି, ପୁଣି କେତେବେଳେ ବୁଢ଼ା ମନ୍ତ୍ରୀ ତ, ଗୃହରୁଁ ଗୃହରୁଁ ପୁଣି ଦୁଆଡ଼ୀ ମୁଦୁସୁଲ । ଓଃ କି ଅଲୌକିକ ଶକ୍ତି ତା'ର— କି ଯେ କାଣ୍ଡକାରଖାନା ତା'ର । ତାକୁ ଶୁଣି ଶୁଣି ଲୋକେ ଗାୟକ ହୋଇ ଯାଇଛନ୍ତରେ, ଦେଖି ଦେଖି ଓସ୍ତାଦ ବନି ଯାଇଛନ୍ତି, ତାଙ୍କୁ କାନେଇ କାନେଇ ବାଦ୍ୟକ ପାଲଟି ଯାଇଛନ୍ତି ।

ସେଇ ବୁଢ଼ା, ସେଇ ହଟ ମାଷ୍ଟର, ତାକୁ ତମେ କଳାକାର, ଶିଳ୍ପୀ ବା ଅଭିନେତା, ନିର୍ଦ୍ଦେଶକ ଯାହାକିଛି କହନା କାହିଁକି, ସେ ଆଜି ପଙ୍କ କାଦୁଅ ପଚପଚ, ମଶାମାଛି ଭଣଭଣ, ଗୋବର ଖାତରେ ସଲବଲ ହୋଇ କୁନ୍ଥକୁନ୍ଥ କରି ମରୁଛି । ତା କଥା ଟିକିଏ ବୁଝିରେ ବାପ—ତା ପାଇଁ ଟିକିଏ ପଥ୍ୟପାଞ୍ଚନର ବେବସ୍ଥା କର । ମୋ କଥା କାହିଁକି ଆଗ ପଡ଼ିଛ ? ମୁଁ ତ ହେଲେ ହେଁସ ବୁଣି ଚଳି ପାରୁଛି । କିନ୍ତୁ ହଟ ମାଷ୍ଟରଙ୍କର ଯେ ଆଉ ହାତ ଗୋଡ଼ ଚଳୁନାହିଁ !!!

ମାଧବ ଭାଇ ଆଉ କିଛି କହି ପାରିଲେ ନି । କଣ୍ଠସ୍ୱର ତାଙ୍କର କାନ୍ଦି କାନ୍ଦି ହୋଇ ଉଠିଲା । ପେଜେରା ଆଖିରୁ ଲୁହଗଡ଼ି ପାଚିଲା ଦାଢ଼ି ଆଉ ପିଞ୍ଜରା ହାଡ଼ ଭିଜେଇ ଦେଲା ।

ସେଇଆଡ଼େ, ସେଇ ଶାନ୍ତ ସୁନ୍ଦର, ତ୍ୟାଗ ମଧୁର ମୁହଁଆଡ଼େ ମୁଁ ଚାହିଁ ରହିଥିଲି । ସ୍ଥିର ନିଷ୍ଫଳ, ନିଷ୍କମ୍ପ ଏକ ସାରସ୍ୱତ ଦୀପ ଶିଖା ଯେପରି ଦାଉ ଦାଉ ହୋଇ ଜଳି ଉଠୁଛି । ସେ ଶିଖାର ଧାସ ବାଜି କେତେ ନିଷ୍ପ୍ରଭ ପ୍ରଦୀପ ଜଳି ଉଠୁଛି—ଆଲୋକିତ କରୁଛି । ମୋର କଣ୍ଠସ୍ୱର କମ୍ପି ଉଠିଲା— ମୁଁ ମାଧବ ଭାଇଙ୍କ ପାଦଧରି ମୁଣ୍ଡିଆ ମାରିଲି । କହିଲି—ମାଧବ ଭାଇ, ତୁମେ ଯଥାର୍ଥରେ ସରସ୍ୱତୀଙ୍କର ବରପୁତ୍ର !

---

# କଇଁଚ

**ଶ୍ରୀ ବିଜୟକୃଷ୍ଣ ମହାନ୍ତି**

ସନ୍ଧ୍ୟା ଅତିକ୍ରାନ୍ତ ହୋଇଯାଇଛି ।

ଅନ୍ଧକାର ଧରଣୀକୁ ସମ୍ପୂର୍ଣ୍ଣ ଆଚ୍ଛନ୍ନ କରିବା ପୂର୍ବରୁ ଆକାଶରେ ଜହ୍ନ ଉଠିଛି ।

ନିତ୍ୟ ଅଭ୍ୟାସାନୁଯାୟୀ ଆଡ୍‌ଭୋକେଟ୍ ମନୋଜ ଦାସ ନଈକୂଳକୁ ସାନ୍ଧ୍ୟ ଭ୍ରମଣରେ ଆସି ନଦୀବନ୍ଧ ଉପରେ ନୀରବରେ ବସିରହି ପଶ୍ଚିମ ଦିଗନ୍ତକୁ ଅପଲକ ଦୃଷ୍ଟିରେ ଚାହିଁ ରହିଥିଲେ ।

ଦୂର ପର୍ବତଶ୍ରେଣୀ ଅସ୍ପଷ୍ଟ ଦିଶୁଛନ୍ତି ।

ଆକାଶରେ ତାରକାମାନଙ୍କର ଆଖିମିଟିକା ।

ନଈକୂଳ ଜନଶୂନ୍ୟ ହୋଇ ଆସୁଛି କ୍ରମଶଃ ।

ଚାଞ୍ଚଲ୍ୟରେ ଭଟ୍ଟା ପଡ଼ୁଛି ।

ବ୍ୟସ୍ତତାର ବିସ୍ତୃତିରୁ ଆତ୍ମରକ୍ଷା କରିବାକୁ ଯେଉଁମାନେ ଏଠାକୁ ଛୁଟି ଆସିଥିଲେ ବିଜନତାର ଆସ୍ୱାଦନ ପାଇଁ ସେମାନେ ପୁନଶ୍ଚ ଫେରି ଯାଉଛନ୍ତି, ସେଇ ଅତି ପୁରାତନ ଓ ଅତି ଆପଣାର ବ୍ୟସ୍ତତା ଭିତରକୁ ।

ସେମାନେ ଜୀବନ ଲୋଡ଼ି ଆସିଥିଲେ ନିର୍ଜନତା ଭିତରେ ।

ପ୍ରାପ୍ତି ନେଇ କି'ଣ ସେମାନେ ଫେରି ଯାଉଛନ୍ତି ?

ଦୂର ପର୍ବତ ସୁନ୍ଦର ।

କର୍ମଶୂନ୍ୟ ଜୀବନର ସ୍ଥିତି ଯେ ଦୁର୍ବିସହ ।

ମାତ୍ର ଜୀବନର ଅର୍ଥ କି'ଣ ? ସଜ୍ଞା କି'ଣ ତା'ର ? ମନୋଜ ଦାସ ନିଜ ଜୀବନକୁ ବିଶ୍ଳେଷଣ କରୁଛନ୍ତି ।

ଏମିତି ସନ୍ଧ୍ୟାରେ ନିଜ ଜୀବନକୁ ସେ ବିଶ୍ଳେଷଣ କରନ୍ତି । ଏଇ ମୁହୂର୍ତ୍ତ ବେଶ୍ ନିର୍ଜନ । ଭାବିବାକୁ ସମୟ ମିଳେ । ନଚେତ୍ କର୍ମ ଜଞ୍ଜାଳମୟ ଜୀବନରେ ନିଜକୁ ନିଖାରି ଦେଖିବାର ସମୟ ଆଉ କାହିଁ ?

ମାତ୍ର ନିଜକୁ ଏମିତି ଦେଖିବାକୁ ତାଙ୍କୁ ଡର ଲାଗେ, ତଥାପି ଦେଖିବାର ଇଚ୍ଛା ସମ୍ବରଣ କରି ହୁଏନା । ସେ ଭୟରେ କପଟ ଏକ ତୃପ୍ତି ଅଛି ।

କର୍ମ ଯାଚି ହୋଇ ଆପେ ଆସିବାର ଯଥେଷ୍ଟ ଆଗରୁ ସେ ତାକୁ ନିମନ୍ତ୍ରଣ କରି ଆଣିଥା'ନ୍ତି ତା'ର ଆବରଣ ତଳେ ନିଜକୁ ଲୁଚାଇ ରଖିବାକୁ ।

ମାତ୍ର ଏମିତି କଣ୍ଟୁ କ'ଣ ଲୁଗୁଇ ହୁଏ ? ମେଘ ପଛଆଡ଼େ ସୂର୍ଯ୍ୟ ଲୁଚେ; କିନ୍ତୁ ଲୁଚି ପାରେ କି ? ଧରାପକେଇ ଦିଏ ତା'ର ଆଲୁଅ ।

ସନ୍ଧ୍ୟାର ଅବସର ବ୍ୟସ୍ତ ଅନେକ ଗଭୀର ରାତିର ନିର୍ଜନ ପ୍ରହରରେ ନିଜ ଜୀବନର କରୁଣ କାନ୍ଦଣା ସେ ଶୁଣନ୍ତି । ବାହୁନି ବାହୁନି କାନ୍ଦୁଛି ସେ ।

କର୍ମ ସୁରାର ତୀବ୍ର ନିଶାର ପ୍ରକୋପ ସତ୍ତ୍ୱେ କ୍ଲାନ୍ତ ମନ ଓ ଦେହ ଗୁଡ଼ିପିଡ଼ି ହୋଇ ନିଦ୍ରା ନଗରକୁ ଖସିଆସେ ।

ନିଶା ଗର୍ଜୁଛି ।

ପାଖରେ, ଅତି ପାଖରେ ପତିପ୍ରାଣା ପ୍ରେମମୟୀ ସୁନ୍ଦରୀ ପତ୍ନୀ ଶୋଇ ରହିଛନ୍ତି । ସେ ଶୋଇ ରହିଛନ୍ତି ଖୁବ୍ ନିକଟରେ, ହାତ କତରେ, ଅଥଚ···

ଏକ ଦୀର୍ଘଶ୍ୱାସ ତାଙ୍କ ବୁକୁ ଫଟାଇ ବାହାରି ଆସେ । ନଈ ଆରପାରି ଗାଁ ଆଲୁଅ ଠାଏ ଠାଏ ଦିଶି ଲିଭି ଯାଉଛି ।

ଏମିତିତ ଜୀବନର ବର୍ତ୍ତମାନ ଉପରେ ଟିପରେ ଠିଆ ହୋଇ ଅତୀତକୁ ଉଙ୍କି ମାରିବାରେ ତୃପ୍ତି ମିଳେ ।

ସବୁ କାଳପର ଲାଗେ । ସମୟର ଦ୍ରାଘିମା ନିଶ୍ଚିହ୍ନ ହୋଇଯାଏ ।

ସେଇ ରାତି, ଜୀବନରେ ଥରେ ଆସେ ।

ନୂଆବୋଉଙ୍କର ହସରେ ଅଙ୍ଗା, କଥାରେ ପରିହାସ । କ'ଣ କେତେ କହୁଛନ୍ତି ହାତଧରି ।

ସେ ସବୁ ଶୁଣି ବି ଶୁଣି ହେଉନି । ଘରର ଆଉଜା ଦରଜାର ଆରପାଖେ ସେ କିଏ ? ମନ ତାରି କଳ୍ପନାରେ ଭର୍ତ୍ତି ।

ନୂଆବୋଉଙ୍କ କଥାର ଯେମିତି ଇତି ନାହିଁ ।

ବ୍ୟାକୁଳତା ସୀମା ଲଙ୍ଘିଛି, ଉପଦେଶ ସେତିକି ଥାଉ । ଭିତରକୁ ଠେଲି ଦେଇ ବାହାରୁ ଦରଜା ଧଡ୍ କରି ବନ୍ଦ କରିଦେଲେ ।

ନୂଆବୋଉଙ୍କର କଳହାସ୍ୟ ଶୁଣାଯାଉଛି ।

ଦେହ ତାଙ୍କର ଗୋଟିପଣେ ଥରୁଚି ।

ମିଞ୍ଜି ମିଞ୍ଜି ଦୀପ ଆଲୁଅ ।

କିଏ ସେ ? ଆପାଦମସ୍ତକାବୃତା ଘର କଣରେ ସେ ବସିଛି କିଏ ?

କମ୍ପିତ ଚରଣରେ ଅଗ୍ରଗତି ।

କଣରେ ପହୁଞ୍ଚି ଦୃଷ୍ଟି ଅପଲକ । କୌତୁହଳ, ଉତ୍କଣ୍ଠା ।

କମ୍ପିତ କରେ ଅବଗୁଣ୍ଠନ ଖୋଲିବାର ପ୍ରଚେଷ୍ଟା ।
ସରମର କ୍ଷୀଣ ପ୍ରତିରୋଧ ।
ମାତ୍ର ତିଷ୍ଠି ପାରି ନ ଥିଲା ବିସ୍ମୟ ।
ଅବଗୁଣ୍ଠନ ମୁକୁଳିଗଲା ।
ତା'ପରେ ?
ମୂକଂ କରୋତି ବାଚାଳଂ ।
ଆଳାପ ସ୍ରୋତସ୍ୱତୀର କଳଗୀତି ।
ଏ ତ ଗୌରଚନ୍ଦ୍ରିକା...ନାମ ସଂକୀର୍ତ୍ତନ ।
ସଂକୀର୍ତ୍ତନ ବେତାଳ ଧରୁଛି କ୍ରମଶଃ ।
ଆଖିରେ ଆଖିରେ ଏତେ କି ଆଳୁଅ ?
ରସ ଆସ୍ୱାଦନ...?
"ନା, ମୋ' ରାଣ...।"
ଅନୁରୋଧ ରଖିବାର ସାମର୍ଥ୍ୟ ନ ଥିଲା ସେ ।
କଞ୍ଚା ମାଂସର କି ଚମତ୍କାର ଗନ୍ଧ ।
ଆଘ୍ରାଣଂ ଅର୍ଦ୍ଧ ଭୋଜନମ୍ ।
ଉତ୍କେଶର ମୃଗ ପତିର ଗର୍ଜ୍ଜନ ଧ୍ୱନି ।
ସମସ୍ତ ପୃଥିବୀ ଆଖି ଆଗରୁ କ୍ରମଶଃ ଅପସରି ଯାଉଛି ।
କି ଅପୂର୍ବ ସେ ଅନୁଭୂତି, ଅନିର୍ବଚନୀୟ ।
ପ୍ରତିବାଦୀମାନ ତନୁରେ ଏ କି ଶୀତ୍କାର । ଓଠରେ ଏ କି ଶବ୍ଦର ମାଧୁର୍ଯ୍ୟ ।
ପ୍ରତ୍ୟାଖ୍ୟାନର ବିସ୍ମୟକର ସହଯୋଗ ।
ଶୂନ୍ୟ କଣ୍ଠର ବୃକ୍ଷପାଖେ ପେଲବ ଏ ଭୁଜବଲ୍ଲରୀ କା'ର ?
ଜୀବନର ଆଦ୍ୟ ଅନୁଭୂତି । ଅନୁଭୂତି ସେ ।
ସ୍ୱର୍ଗବୋଲି ଭିନ୍ନ ଆଉ କିଛି ଅଛି କି ?
ସୁଷମା, ପ୍ରାଣସଙ୍ଗିନୀ ସୁଷମା ମୋର ।
ସତେ କି ସୁନ୍ଦର ସେ !

ମଧୁ ରାତ୍ରିର ସେଇ ଆଦ୍ୟ ଶୃଙ୍ଖଳ୍ୟର ଅଗ୍ନିମାରମ୍ଭ ପରେ ପ୍ରତି ରଜନୀରେ ତା'ର ପୁନରାବୃତ୍ତି ଅବ୍ୟାହତ ।

ରାତି କେମିତି କୁଆଡ଼େ ପାହିଯାଏ, ଆଦୌ ଜଣାପଡ଼େ ନା । ଉତ୍କଣ୍ଠିତ ଚିତ୍ତରେ ପୁଣି ଅନାଗତ ରାତ୍ରିର ଅପେକ୍ଷା । ଦିନ ପୁଣି ଏତେ ଦୀର୍ଘ ।

ଦୃଷ୍ଟଲୀଳାର ଚରମ । ତଥାପି ଶ୍ରାନ୍ତି ନାହିଁ; କ୍ଳାନ୍ତି ନାହିଁ । ଏତେଟିକେ ଅବସାଦ ବି ନାହିଁ ।

ପ୍ରେମ କୁହ, ସ୍ନେହ କୁହ ଏ ପରମ ସତ୍ୟର ସେ ସବୁ ନାମାନ୍ତର ମାତ୍ର । ଏଇ ଶୋଟିକର ସୃଷ୍ଟି ବିନା ସେମାନଙ୍କର ଅସ୍ତିତ୍ୱ କାହିଁ ?

ପଙ୍କ ନ ଥିଲେ କି ପଦ୍ମ ଫୁଟେ ?
ସେମାନେ ଢୋଲ ନୁହଁନ୍ତି, ଢୋଲର ଧ୍ୱନି ମାତ୍ର ।
ଈଶ୍ୱର ଅଦ୍ଭୁତ ଏ ଜୟଗାନ ।
"ଅତନୁରେ ତୁହି ମମ ଶ୍ୟାମ ସମାନ ।"

ସେଦିନ ନୂଆବୋଉଙ୍କର ହଠାତ୍ ପରିହାସର ଚମକ, "ବିଗ୍ହ ଲତା ଭାବରେ ଏକଦମ୍ ଝାଉଁଲି ଗଲଣି । ଠିକ୍ ଏ ଉଦ୍ଧାର ମିଳୁ ।"

ପ୍ରଥମରୁ ତ ସେ ପରିହାସ ଆଦୌ ଧରି ପାରି ନାହାନ୍ତି । ପରକ୍ଷଣରେ ଅର୍ଥ ମରମ ବୁଝିଲାବେଳକୁ ନୂଆବୋଉ ହସି ହସି ବେଦମ୍ ।

ଇସ୍ କେଡ଼େ ଦୁଲିକ ଏ ନୂଆବୋଉ । ନିଷ୍ଟୟ ଫଟାଇ ଫଟାଇ ସବୁ ଆଦାୟ କରି ନେଇଛନ୍ତି ତା'ଠୁଁ ।

ସେ ନୂଆବୋଉଙ୍କ ମୁହଁକୁ ଅନାଇ ପାରିଲେନି । ବୁଲିପଡ଼ି ବାପରି ପଳାଇ ଆସିବେ ତାଙ୍କୁ ଡର ସଙ୍କୋଚ ।

ପଛରୁ ତାଙ୍କ ହସ ଶୁଭୁଛି ।
ଭାରି ବେହିଆଣୀ ସତେ ଏ ନୂଆବୋଉ ।
ସେ ଦିନ ସେ କି ବଜ୍ରପାତ ।

"ଆଜି ସେ ଦରଜା ବନ୍ଦ" ନୂଆବୋଉ ସୁଷମା କକ୍ଷକୁ ଆଙ୍ଗୁଠି ଦେଖାଇ ଦେଲେ । ଓଠରେ ତାଙ୍କର ବାପରି କୌତୁକିଆ ହସ ।

"ଏଁ ?" ଚମକି ପଡ଼ିଥିଲେ ସେ ।

"ଖାଲି ଆଜି ନୁହେଁ", ନୂଆବୋଉ ହସୁଛନ୍ତି । ତା'ପରେ ତାଙ୍କ ସାମନାରେ ବୃଦ୍ଧାଙ୍ଗୁଷ୍ଠି ସାହାଯ୍ୟରେ ଅନାମିକାକୁ ଚାପି ଧରି ଅନ୍ୟ ତିନି ଆଙ୍ଗୁଠିର ହାସ୍ୟମୟ ପ୍ରସାର ।

ତିନିଦିନ ନୁହେଁ ତ, ତିନୋଟି ଯୁଗ ।

ତା'ପରେ ଅଜସ୍ର ଉଦ୍‌ବେଗ, ଆବେଗ ଏବଂ କୌତୂହଳ ନେଇ ଯେଉଁଦିନ ପୁନଶ୍ଚ ସେ ସୁଷମାଙ୍କୁ ଭେଟିଲେ···

ତାଙ୍କ ପ୍ରଶ୍ନରେ ଲାଜରେ ହୋଇଯାଇଛି ବିଗ୍ହସି । "ଭାରି ବେହିଆ ହୋଇଗଲଣି ତମେ । କ'ଣ ହୋଇଥିଲା କି ? କିଛି ତ ହୋଇନି ।"

"ତେବେ ଦେବୀ ଦର୍ଶନରୁ ଭକ୍ତ ବଞ୍ଚିତ ହୋଇଥିଲା କାହିଁକି ଶୁଣେ ?"

ସରମରେ ଏକଦମ୍ ଲାଲ ପଡ଼ିଯାଇଚ ସେ ।

ରାଗ, ଅଭିମାନ, "ମୋ ସଙ୍ଗେ ଆଉ କଥା କୁହନା । ଛି, ତମେ ସବୁ ଏଡ଼ିକି ଅଭଦ୍ର ନା ।"

ପୁରୁଷର ଚୂଡ଼ାନ୍ତ ଅଭଦ୍ରାମିର ଅନ୍ତରାଳରେ ନାରୀ ଜୀବନର ଚରମ ତୃପ୍ତି ଯେ ପ୍ରଚ୍ଛନ୍ନ ଥାଏ, ଏତେବଡ଼ ସତ୍ୟ ପ୍ରକାଶ କରିବାକୁ ଯାଇ ସେ ଚୁପ ହୋଇ ଯାଇଥିଲେ ।

ସବୁକଥା ସବୁବେଳେ କୁହା ଯାଇପାରେ ନା ।

ବାହୁର ବ୍ୟୂହରେ ଛଟପିଟି ହେଉଚ ଅଭିମାନିନୀ, "ନା, ମୋତେ ଛାଡ଼ିଦିଅ, ଛାଡ଼ିଦିଅ··· ।"

ସେ ହସୁଛନ୍ତି ।
ମୁକ୍ତି ଲୋଡ଼ିଲେ କି ମୁକ୍ତି ମିଳେ ?
ଯନ୍ତ୍ରତୋଳା ସଙ୍ଗେ ସଙ୍ଗେ ବନ୍ଦର ଦରଜା ମୂର୍ଚ୍ଛନା !
ଅଭିମାନର ଦ୍ରୁତ ଆତ୍ମବିସ୍ମୃତି ।
ତନୁ ଉପରେ ତା'ର ଏ କି ଶୀତ୍କାର !
ଅଦ୍ଭୁତ ବେପଥୁ ଅଙ୍ଗେ ଅଙ୍ଗେ ।
ତନ୍ଦ୍ରାଚ୍ଛନ୍ନ ନୟନରେ ଆତ୍ମସମର୍ପଣର ଇଙ୍ଗିତ ।
ଆଃ ।
ସୃଷ୍ଟି ହଜି ହଜି ଯାଉଛି !
ସେ ଅଫେରା ରାତି ପୁଣି ଫେରି ଆସିଛି କି ?

ସେ ରତିସିକ୍ତ ସୃଷ୍ଟିର ନିରବଚ୍ଛିନ୍ନ ଉନ୍ମାଦନା ଏପରିଭାବେ ଆଉ କେବେ ଆତ୍ମପ୍ରକାଶ କରିଛି ତାଙ୍କର କାହିଁକି ମନେ ହୁଏନା ।

ସାରା ସୃଷ୍ଟିର କ୍ଳାନ୍ତ ଶ୍ରାନ୍ତ ତନୁକୁ ରଜନୀର ଶେଷ ପ୍ରହରରେ ଟିକିଏ ଅବ୍ୟାହତି ଦେବାର ଅନୁରୋଧ ସେ ସୁଷମାର ରକ୍ଷା କରି ପାରି ନ ଥିଲେ ।

ଏ ଅନୁରୋଧ ତାଙ୍କର ଜ୍ୱଳନ୍ତ କାମନାକୁ ଆହୁରି ଦୀପ୍ତ କରିଦେଲା ।

ସୁଷମାର ବିଶ୍ରାନ୍ତ ତନୁକୁ ସେ ନିଜର ଆଲିଙ୍ଗନ ଭିତରକୁ ବିପୁଳ ଆବେଗରେ ଟାଣି ନେଇଥିଲେ ।

ଲତାଟିଭଳି ସେ ଜଡ଼ି ଯାଇଥିଲା ସହକାରର ପ୍ରଶସ୍ତ ବୃକ୍ଷ ଉପରେ ।
ନୀଡ଼କକର ଧର୍ମ କଣ ସତେ ନାରୀର ?
ଅର୍ଦ୍ଧପଥରେ ଚମକପଡ଼ି ଛଟିପିଟି ହୋଇ ଉଠି ପଡ଼ିଥିଲେ ସେ ।
ସୁଷମା ଅଜ୍ଞାନ ।

କେଉଁ ଏକ ରାତ୍ରିପକ୍ଷୀ ବିକଟ ଚିତ୍କାର କରି ତାଙ୍କ ମୁଣ୍ଡ ଉପରେ ଦେଇ ଉଡ଼ିଗଲା ।

ଚମକି ପଡ଼ିଲେ ମନୋଜ ଦାସ । ଦୃଷ୍ଟି ମୋଡ଼ିହୋଇ ଯାଇଛି ।
ପଶ୍ଚାତ୍‌ଦୃଷ୍ଟିରେ ସହରର ଆଲୋକ ଘଟା ।
ସେ ଆଲୋକରେ ଜୀବନ ଅଛି ?
କ୍ଲାନ୍ତ ଦୃଷ୍ଟି ଫେର୍ ଫେରିଆସିଲା ସମ୍ମୁଖକୁ ।
ନଦୀର କଳଗାନ ଶ୍ରୁତିଗୋଚର ହେଉଚି ।
ମାସକର ନିରବଚ୍ଛିନ୍ନ ଅବସ୍ଥାନ ପରେ ମେଲାଣିର ସେ ମର୍ମନ୍ତୁଦ ଦିବସ ।

"ଲ" କଲେଜର ଛାତ୍ର, ଅଧ୍ୟୟନରେ ଖୁବ୍ କ୍ଷତି ଘଟିଛି ଏ ଦୀର୍ଘ ଅନୁପସ୍ଥିତି ଯୋଗୁଁ ।

ମାତ୍ର ମନ ଚାହୁଁନି ଫେରିଯିବାକୁ ।
ସୁଷମା କାନ୍ଦୁଛି ।
ନିଜ ଆଖିରେ ବି ଲୁହ ।
ଗାଁକୁ ତ ସେ ଏମିତି କେତେଥର ଆସିଛନ୍ତି ଛୁଟିରେ । ମାତ୍ର ଛୁଟି ଶେଷ ହେବାର ଯଥେଷ୍ଟ ପୂର୍ବରୁ ସେ ପଳାଇ ଯାଇଛନ୍ତି ସହରକୁ ।
ଭଲ ଲାଗେନା ।
କି ଆକର୍ଷଣ ବା ଏଠି ଅଛି ?
ସହରରେ ଇନ୍ଦ୍ରଜାଲ ଗାଁରେ ତ ସ୍ୱପ୍ନ ।
ଦିନ କଟେନା ।
କେତେଥର ଛୁଟିରେ ପଢ଼ା ବାହାନାରେ ବି ସେ ଗାଁକୁ ଆସି ନାହାନ୍ତି ।

ମାତ୍ର ଆଜି ସେହି ଗାଁ ମାଟି ଛାଡ଼ି ସହରକୁ ଫେରିଯିବା ଲାଗି ମନ ଚାହୁଁନି । କାହିଁକି ?

ଏଠି ତ ମାଟି, ସବୁ ମାଟି ।

ଆଉ ସେଠି ? ହଷ୍ଟେଲର ବିଜୁଳି ଜଳା କକ୍ଷ, ବିଦ୍ୟୁତ୍ ଆଲୋକର ଉତ୍ସବ, ବନ୍ଧୁମାନଙ୍କର ସ୍ନିଗ୍ଧ ସାହଚର୍ଯ୍ୟ । ଚିତ୍ରଶାଳା, ପ୍ରେକ୍ଷାଳୟ । ଏ ସବୁ ସତ୍ତ୍ୱେ ଗାଁ ମାଟି ଆଜି କାହିଁକି ଭଲ ଲାଗୁଛି ଏତେ ?

ମାତ୍ର ସେ ଫେରିଲେ ।

ସବୁ ପ୍ରାଚୁର୍ଯ୍ୟ ଭିତରେ ଆଉ ମଧ୍ୟ କିଛି ଭଲ ଲାଗୁନି ଏଠି । ଏତେ କୋଳାହଳ, ଏତେ ଉତ୍ସବ ସତ୍ତ୍ୱେ ସବୁ ଯେପରି ଶୂନ୍ୟ ।

ମେଲା ବନ୍ଦରେ ସେ କାହା ମୁହଁ ?
ଆଖି ଲୁହରେ କିଏ ସେ ଡାକୁଚି ?

ମନେ ପଡ଼ୁଛି ଆଜି ଦିନ ଘଣ୍ଟାର ବ୍ୟବଧାନ ମାତ୍ର; କିନ୍ତୁ ସେ ପାଗଳ ହୋଇଯିବେ ନା କ'ଣ ?

ମୁଣ୍ଡକୁ ଭୂତ ଉଠିଛି, ମଦନଭୂତ ।

ଅପରାହ୍ନରେ ସାଇକେଲ ଧରି ଦୀର୍ଘ କୋଡ଼ିଏ ମାଇଲ ପଥ ଅତିକ୍ରମ କରି ରାତି ଆଠଟାରେ ବର୍ଷାରେ ଜୁଡ଼ୁବୁଡ଼ୁ ହୋଇ ଆସି ଗାଁରେ ହାଜର ।

ଅଧବାଟରେ ଅଦିନ ମେଘ ଅକାଡ଼ିଲା ।

ନୂଆବୋଉ ଦରଜା ଖୋଲି ଦେଇ ଚମକି ପଡ଼ିଲେ, "ମନୁ, ତମେ ।"

ଆଖିରେ ଏଇନେ କିଛି ଦିଶୁନି—ବାପ, ମା', ଭାଇ, ଭଉଣୀ, ନୂଆବୋଉ । ସେ କାହିଁ ? ଖାଲି ସେ ।

ନୂଆବୋଉଙ୍କ ଓଠରେ ରହସ୍ୟମୟ ହସ ।
ଭୋରରୁ ସେ ଫେରି ଯାଇଥିଲେ ନୈହରକୁ ।
କ୍ଲାସ ଅଛି ।

ପଥଶ୍ରାନ୍ତି ଆସିବାବେଳେ ଏତେ ଟିକେ ବି ବାଧିନି । ମାତ୍ର ପ୍ରତ୍ୟାବର୍ତ୍ତନ-ବେଳେ ପଥର ଦୈର୍ଘ୍ୟ ଭୟ ଦେଖାଉଛି ।

ସେ ଦିନର ସେ ଦୁଃସାହସିକତା ଏମିତି ଆଉ କେତେଥର ଯେ ଆତ୍ମପ୍ରକାଶ କରିଛି ତାର ଇୟତ୍ତା ନାହିଁ ।

ସ୍ୱାଭାବିକ ଯା' ଘଟିଛି ।

ସେତେବେଳେ ଅନ୍ୟର ପରିହାସ, ଉପହାସ, ଭ୍ରୂକୁଟୀ ପ୍ରତି ଦୃଷ୍ଟି ଦେବାକୁ ସମୟ ମିଳୁନି ।

ପଶୁର ହୁଙ୍କାର ।
ଅବ୍ୟାହତିର ପ୍ରଶ୍ନ କାହିଁ ?
ଛ' ମାସ ପରେ ।

ସେଦିନ ସହରରୁ ଗାଁରେ ଆସି ପହଞ୍ଚି ପହଞ୍ଚି ନୂଆବୋଉ ତାଙ୍କୁ ଅନ୍ତରାଳକୁ ଡାକନେଇ ଚୁପ୍ ଚୁପ୍ କହିଲେ, ଖୁବ୍ ଗୋଟେ ବଢ଼ିଆ ଖବର ଦେବି, କ'ଣ ଦେବି କହ ତ ?

ନୂଆବୋଉ ଆଖିରେ ବି କଥା କହନ୍ତି ।

ସେ ବିସ୍ମୟରେ ଅବାକ୍ । କିଛି ବୁଝି ହେଉନି ।

ତାଙ୍କର ବୋକା ବୋକା ଭାବ ଲକ୍ଷ୍ୟ କରି ନୂଆବୋଉ ଆତ୍ମସମ୍ବରଣ କରି ପାରି ନ ଥିଲେ, "ସୁଷମା ମା' ହେବାକୁ ଯାଉଛି, ବୁଝିଲ ?"

ସୁଷମା ମା' ହେବ ? ସେ ବିଶ୍ୱାସ କରି ପାରୁ ନାହାନ୍ତି କାନକୁ । ଖୁସିରେ ଭୂଇଁରେ ପା'ଦ ଲାଗୁନି ।

ବିଜୁଳି ବେଗରେ ସୁଷମା ପାଖକୁ··· ।

"ସୁମି, ସୁମି, ଏ ସତ ? ସତ ଏ ?"

ଲାଜରେ ଏତେଟିକେ ହୋଇ ଯାଇଚି ବିଚାରୀ । କଥା କହି ପାରୁନି ।

ମୌନଂ ସମ୍ମତି ଲକ୍ଷଣଂ ।

ସେ ଏଣିକି ଗ୍ରାମକୁ ଆସିଲେ ଆଗ୍ରହର ସହ ଲକ୍ଷ୍ୟ କରନ୍ତି ସୁଷମାର ଶରୀରର ସ୍ଫୀତି ।

ତାଙ୍କର ସହରରୁ ପାଗଳପରି ଛୁଟି ଆସିବାର ଉଦ୍ଦାମତାରେ ଏବେ ଧୀରେ ଧୀରେ ଭଟ୍ଟା ପଡ଼ି ଆସୁଛି ।

ଆଗପରି ତାଙ୍କର ପ୍ରବଳ ଆଦର୍ଶ ଚରିତାର୍ଥ କରିବାର କ୍ଷମତା କ୍ରମେ କ୍ଷୀଣ ହୋଇ ଆସୁଛି ସୁଷମାର ।

ନିଷ୍କ୍ରିୟ ହୋଇ ପଡ଼ୁଛି କ୍ରମଶଃ ।

ଆଗପରି ଆଗ୍ରହର ପ୍ରତିକ୍ରିୟା ଆଉ ପ୍ରକାଶ ପାଉନି । ଏଣିକି ମାସ ଥରକର ମଧ୍ୟ ଅଭିରୁଚି ସେ ହରାଇ ବସିଲେଣି ।

ନୂଆବୋଉ କଥାରେ କଥାରେ ସତର୍କ କରି ଦେଲେଣି ଆଗପରି ଆଉ ହେଲେ ଚଳିବନି ମନ । ତୁମେ ତ ବୁଝିବା ପିଲା ।

ସୁଷମା ସବୁ କହି ଦେଉଚି ନା କ'ଣ ?

କାମନା ବ୍ୟାହତ ହେବା ଫଳରେ କ୍ରୋଧର ସ୍ୱତଃସ୍ଫୂର୍ତ୍ତି ପ୍ରକାଶ ।

ଏତେ ଶୀଘ୍ର ମା' ହେବାର କି ସାର୍ଥକତା ବା ଅଛି ?

ଅନାଗତ ଶିଶୁ ଉପରେ ଅନ୍ୟାୟ କ୍ରୋଧର ସଞ୍ଚାର ।

ଏ ପ୍ରତିକ୍ରିୟା ସତରେ ହାସ୍ୟୋଦ୍ଦୀପକ । ତାଙ୍କର ଏ ଯନ୍ତ୍ରଣା ପୁଣି ଅନ୍ୟର ହାସ୍ୟ ଉଦ୍ରେକ କରେ ?

ସେଦିନ ନିରୁତ୍ସାହ ମନ ନେଇ ଗାଁରେ ପହଞ୍ଚି କିନ୍ତୁ ଚମକି ପଡ଼ିଲେ ।

ସୁଷମା-ଘର ଖାଲି ।

ପଛକୁ ଫେରିପଡ଼ି ଦେଖିଲେ ନୂଆବୋଉ ହସୁଛନ୍ତି ।

“ସୁଷମା ?” କଣ୍ଠରେ ତାଙ୍କର ଅଦ୍ଭୁତ ବ୍ୟାକୁଳତା ।

“ବାପା ତା’ର ଆସିଥିଲେ, ନେଇଗଲେ ।”

ଦେହର ସମସ୍ତ ରକ୍ତ ଯେପରି ମଥାକୁ ଚମକିଗଲା ।

କେବଳ ସାକ୍ଷାତ ଅନ୍ତରାଳରେ ଯେ ଅନେକଟା ସାନ୍ତ୍ୱନା ଆତ୍ମଗୋପନ କରିଥାଏ ଏ ଚରମ ସତ୍ୟ ବୁଝିପାରିବା ଭଳି ଶକ୍ତି କ’ଣ ଏ ଘରେ କାହାରି ହେଲେ ନାହିଁ ?

ତେଣୁ ଏ ଅଦର୍ଶନ ସମ୍ପୂର୍ଣ୍ଣ ଅସହ୍ୟ ।

ତାଙ୍କ ଅବ୍ୟକ୍ତ କ୍ରୋଧର ପ୍ରକାଶ ପ୍ରଚ୍ଛନ୍ନ ରହି ପାରି ନି ନୂଆବୋଉଙ୍କ ଦୃଷ୍ଟିରେ; “ସେମାନେ ତ ନବାକୁ ବହୁତ କରି କହୁଥିଲେ, ମୁଁ ମଧ୍ୟ ଜାଣିଶୁଣି ପଠାଇ ଦେଇଛି ।” ତାଙ୍କ ଓଠରେ ଚୁପା ହସ, “ସାତମାସ ପୂରି ଆଠମାସ ଚାଲିଲା । ତା’ର ଏଣିକି ସମ୍ପୂର୍ଣ୍ଣ ବିଶ୍ରାମ ପ୍ରୟୋଜନ ।”

ଏ ଷଡ଼ଯନ୍ତ୍ର ପଛରେ କେବଳ ଗୋଟିଏ ହାତ ନୁହେଁ, ଅନ୍ୟ ହାତଟିର କୃତିତ୍ୱ ବି ପ୍ରଚ୍ଛନ୍ନ ରହିଚି । ବଡ଼-ଯାଆଙ୍କର ଗୁପ୍ତ ମନ୍ତ୍ରଣାର ଅଭିନ୍ନ ସାଥୀ ସେ ହୋଇପାରିଚି ତେବେ ।

ଆଚ୍ଛା ।

ନୂଆବୋଉଙ୍କର ଏତେ ସ୍ନେହ, ଆଦର ବିଷପରି ଲାଗୁଚି । ମା’ଠୁ ବଳି ଅଧିକ ସେ; କିନ୍ତୁ ସେ ତ ବୈରୀ ସାଜିଛନ୍ତି ।

ତା’ ପରଦିନ ସେ ଗାଁଆରୁ ଲୁଚି ପଳାଇଥିଲେ, ଯେ ଗଲେ ଆଉ ଗାଁ ମାଟି ମାଡ଼ିଲେ ନି ।

ବାପଘରୁ ସୁଷମା ଚିଠି ଲେଖିଚି । ନୂଆବୋଉଙ୍କର ଚିଠିରେ ସେ କି କରୁଣ କାକୁତି, ମାତ୍ର ତାଙ୍କର ପଥର ମନ ତରଳିନି ।

ତାଙ୍କୁ ବି ରାଗିଆସେ । ପ୍ରତିଶୋଧ ସେ ବି ନେଇ ପାରନ୍ତି ।

କ୍ରୋଧ ବା ଅଭିମାନର ଅନ୍ତରାଳରେ ହାର-ଜିତ୍-ପ୍ରତିଦ୍ୱନ୍ଦ୍ୱିତାର ଅହଙ୍କାର ଥାଇପାରେ; ମାତ୍ର ଶାନ୍ତି କାହିଁ ?

ସମସ୍ତଙ୍କଠାରୁ ଦୂରେଇ ରହି ସେ ଜଳୁଚନ୍ତି; ମାତ୍ର ସେ ଜ୍ୱଳନରୁ ଆତ୍ମରକ୍ଷା ଉପାୟ ? ଉପାୟ ?

ସେଦିନ ସକାଳ । ସୁର୍ଯ୍ୟୋଦୟ ନ ଦିଶି ପ୍ରଭାତ ହୋଇଚ । ଘୋରରୁ ଆକାଶରେ ମେଘ ।

ପାଦ ଶବ୍ଦରେ ବହିରୁ ମୁହଁ ଟେକିଲେ । "କିଏ ?"

ଦରଜା ପାଖରେ ସେ ଠିଆ ହୋଇଚ ।

"କି ରେ ରାଜ, ତୁ ?" ଚେୟାରକୁ ପଛକୁ ଠେଲିଦେଇ ସେ ନିକଟକୁ ତା'ର ଆଗେଇ ଗଲେ । ମଧୁର ସମ୍ପର୍କ ।

ଆଖି ଦି'ଟା ତା'ର ଛଳଛଳ ।

ନାକପୁଡ଼ା ଫୁଲୁଚି, ଓଠ ଥରୁଚି ।

ଅନାଗତ ଆଶଙ୍କାରେ ସେ ହଠାତ୍ କମ୍ପି ଉଠିଲେ ।

"ରାଜ, କଥା କ'ଣରେ ?" ତାର ଦି'ବାହୁ ଧରି ସଜୋରରେ ହଲାଇ ଦେଲେ ।

"ଅପା ପୋଡ଼ି ଯାଇଚ" ଦି'କରତଳରେ ମୁହଁ ଲୁଚାଇ ହଠାତ୍ ତା'ର କାନ୍ଦ ।

ପାଦତଳେ ଧରଣୀ ଦ୍ୱିଧା ହୋଇଗଲା ବୋଧହୁଏ । ସେ ଖସି ଖସି ଯାଉଛନ୍ତି ପାତାଳର କେଉଁ ଅତଳ ଗହ୍ୱରକୁ । ଆଉ ଆଖି ଆଗରେ ସବୁ ଅନ୍ଧାର ହୋଇ ଯାଉଚ ।

"ରାଜ" ଦାରୁଣ ଚିତ୍କାର କରିଉଠିଲେ ସେ, ପରବର୍ତ୍ତୀ ପ୍ରତିଦ୍ୱନ୍ଦ୍ୱୀ ପ୍ରକୋଷ୍ଠ ଜନାକୀର୍ଣ୍ଣ ହୋଇ ଉଠିଲା ।

ଧକ୍କାର ପ୍ରଥମ ମୁହୂର୍ତ୍ତ ଅତିକ୍ରାନ୍ତ ହୋଇଯିବା ପରେ ଉଦ୍‌ବେଳିତ ପ୍ରଶ୍ନରେ ଧକେଇ ଧକେଇ ସଂକ୍ଷେପରେ ସବୁ କହିଛି ରାଜ । ଷ୍ଟୋଭରୁ ନିଆଁ ଲାଗି ଏ ସର୍ବନାଶ । ମେଡ଼ିକାଲରେ ସମସ୍ତେ ଏଇନେ । ଏଇ ଭୋରରୁ ଆସି ଗାଁରୁ ପହଞ୍ଚିଲୁ ।

ଅତୀତର ଏତେ ରାଗ ଅଭିମାନ ପଲକ ମଧ୍ୟରେ ପଦ୍ମ ପତ୍ରରେ ନୀର ।

କ୍ଷିପ୍ରପ୍ରାୟ ମେଡିକାଲରେ ପହଞ୍ଚି ଆଉ ଏକ ବିସ୍ମୟକର ସମ୍ବାଦ । ଚିକିତ୍ସା ବିଜ୍ଞାନର କୃତିତ୍ୱ ସବୁ । ଦ୍ରୁତ ଅସ୍ତ୍ରୋପଚାର ଫଳରେ ମା'ର ପାଦରୁ କଟିପର୍ଯ୍ୟନ୍ତ ଦଗ୍ଧୀଭୂତ ହୋଇ ଯାଇଥିଲେ ମଧ୍ୟ ଗର୍ଭସ୍ଥ ପୁତ୍ର ସନ୍ତାନଟିକୁ ଉଦ୍ଧାର କରିହୋଇ ପାରିଛି ।

ତାଙ୍କର ଏ ବାପ ହେବା ଆନନ୍ଦକୁ ଧିକ୍ । ସୁଷମା ମୋର ବଞ୍ଚିବ ତ ? ସୁଷମା···ସୁଷମା··· ।

ତାଙ୍କର ଆକୁଳ କ୍ରନ୍ଦନରେ ବହୁ ସାନ୍ତ୍ୱନା ଅଜାଡ଼ି ହୋଇ ପଡ଼ିଥିଲା । ଧୈର୍ଯ୍ୟ ଧରିବା ଲାଗି ବହୁ ଉପଦେଶ, ବହୁ ବୁଝାଇବା ।

ବୁଝାଇଲେ କି ସବୁବେଳେ ସବୁ ବୁଝି ହୁଏ ?

ନୂଆଁବୋଉ ପୁଣି ଛୁଟି ଆସିଲେ ।

ତୁଣ୍ଡରେ ତାଙ୍କର କଥା ନାହିଁ । ବୋକା ପାଲଟି ଯାଇଛନ୍ତି ଯେପରି ।

ଅନ୍ୟମାନଙ୍କ ପରି ସେ ତାଙ୍କୁ ସାନ୍ତ୍ୱନା ଦେଇ ନ ଥିଲେ । କହିଁ କହିଁ ହୋଇ କାନ୍ଦିଥିଲେ କେବଳ ।

ଆସିଥିଲେ, ଶିଶୁ ସନ୍ତାନଟିକୁ ଧରି ଫେରିଗଲେ ।

ସେତେବେଳର ଅନ୍ୟମାନଙ୍କ କୁହା ଧୈର୍ଯ୍ୟ ସେ କ୍ରମଶଃ ଧରିଥିଲେ । ଦିନେ ନୁହେଁ, ସପ୍ତାହେ ନୁହେଁ, ପୁରା ଛ'ମାସ ।

ସୁଷମା ଘରକୁ ଫେରିବା ବେଳକୁ ପୁଅ ଛ'ମାସର; ମାତ୍ର ସୁଷମାର ଆଖି ନିଷ୍ପ୍ରଭ । ଏତେ ଟିକେ ଉଚ୍ଛ୍ୱାସ ନାହିଁ । ଏ ମା'ର ଏ ସନ୍ତାନ ସତେ ?

କ'ଣ ହୋଇଯାଇଛି ତା'ର ?

ତାଙ୍କ ବୁକୁରେ ମଥାରଖି ସେ କି କାନ୍ଦ ସୁଷମାର ।

ପୁଣି କ'ଣ ହେଲା ? ତମେ ତ ସଂପୂର୍ଣ୍ଣ ଭଲ ହୋଇ ଯାଇଛ । ଆଉ ଭୟ କ'ଣ ? ଏଇ ଦେଖିଲ ମୁନ୍ନାକୁ । ହସୁଛି ।

ଘର ଭିତରେ ସେ ଓ ସୁଷମା । ପୁଅ ଶୋଇ ହସୁଚି ।

"କ'ଣ ହୋଇଚି ଖୋଲି କହନା, କହ ମୋ' ମୋ ରାଣ ଅଛି ।"

ସୁଷମା କିଛି କହିପାରୁ ନି । ଖାଲି କହିଁ କହିଁ କାନ୍ଦ ।

ସୁଷମାରର କୋହ କମି କମି ଆସୁଚି; ମାତ୍ର ତାଙ୍କର ଧୈର୍ଯ୍ୟ ସୀମା ଲଙ୍ଘନ କରିଛି । ଏତେ କାନ୍ଦ କାହିଁକି ?

ସୁଷମା କପରି ଦୋଷୀଭଳି ତାଙ୍କୁ ଅନାଇଚି । "ମୋ ରାଣ, ମୋ ସୁନାଟି ପରି, କହ କ'ଣ ହୋଇଚି ।"

"ମୁଁ ତୁମର ଆଉ ସ୍ତ୍ରୀ ନୁହେଁ ।" ସୁଷମା କଣ୍ଠରୁ ଭାଷା ଫୁଟି ବି ଫୁଟିନି ।

"ମାନେ ?"

ତାଙ୍କର ବିହ୍ୱଳିତ ପ୍ରଶ୍ନରେ ସୁଷମା ଘଡ଼ିଏ କାଳ ତାଙ୍କ ମୁହଁକୁ ବଲବଲ କରି ଅନାଇ ରହିଲା । ଲୁହ ସରିଚି, ମାତ୍ର ଏମିତି ତା'ର ଏ ତବତବ ଗୃହିଣୀ କାହିଁକି ?

ସୁଷମା ଓଠ ଥରୁଚି । କ'ଣ ସେ କହିବ ? କିଛି କହିବ କହିବ ହୋଇ କହି ପାରୁ ନି । ଦାନ୍ତ ବାନ୍ଧୁଛି । ମନ ଟାଣ କରୁଚି । ତା' ପରେ କଣ୍ଠର ତା'ର ହଠାତ୍ ବିସ୍ଫୋରଣ ।

ଆର୍ତ୍ତଚିତ୍କାର କରି ସେ ସଭୟେ ପଛକୁ ଘୁଞ୍ଚି ଆସିଲେ, "ସୁ-ଷ-ମା ।"

ସୁଷମା ସେମିତି ଅନାଇଚି । ଆଉ ତାଙ୍କ ଚାରିପାଖେ ସମସ୍ତ ପୃଥିବୀର ଚକା ଚକା ଭଉଁରୀ । ଆଲୁଅ କାହିଁ ? ଖାଲି ଅନ୍ଧାର, ଢେଉ ପରେ ଢେଉ ମାଡ଼ି ଆସୁଚି । ସେ ଅଟୁଛନ୍ତି ଗୋଟିପଣ ।

"ମୁଁ ଜାଣିଥିଲି ତୁମେ ଆଘାତ ପାଇବ । ସବୁ ଜାଳି ପୋଡ଼ି ପାଉଁଶ ହୋଇ ଯାଇଚି । ଆଉ ମା' ହେବା ମୋ ଭାଗ୍ୟରେ ନାହିଁ । ମୋ ସୁଖରୁ ତୁମେ ଚିରଦିନ ବଞ୍ଚିତ ହେଲ ।"

କ'ଣ ସେ ଶୁଣୁଛନ୍ତି ? ସୁଷମା କ'ଣ କହିଯାଉଛି ? "ମେଡିକାଲରେ ପ୍ରଥମେ ଏକଥା ଜାଣିବା ଦିନ ଏଇନେ ଠିକ୍ ତମରି ପରି ମୋ' ଅବସ୍ଥା ହୋଇଥିଲା । ମୋର ଆତ୍ମକେନ୍ଦ୍ରିକ ମନ କ୍ରମଶଃ ତୁମକୁ ହିଁ ଭାବିଲା । ତମ ଅବସ୍ଥା ହବ କ'ଣ ? ତମେ କ'ଣ କରିବ ? ସବୁ ଶୁଣି ଧୈର୍ଯ୍ୟ ରହିବ ତ ? ମୋରି ଅନୁରୋଧରେ ତୁମକୁ କିଛି ଜାଣିବାକୁ ଦିଆ ହୋଇ ନି । କିନ୍ତୁ ଦେଖୁଚି ତୁମର ଏ ଅବସ୍ଥା ।"

ସେ ସବୁ ଶୁଣିଲେ । ଅପଲକ ନୟନରେ ସୁଷମା ମୁହଁକୁ ଅନାଇ ରହିଲେ କେବଳ । ସୁଷମା ତାଙ୍କୁ ବାଡ଼ୁଛି ? ସୁଷମା ନିଜ ଦେହ କଥା କହୁଛି । ତାଙ୍କ ସୁଖଲାଗି ତା' ଦେହର ପ୍ରୟୋଜନ ଶେଷ ହୋଇ ଯାଇଛି ।

ସୁଷମା ତାଙ୍କ ସ୍ତ୍ରୀ । ସେ କ'ଣ ତାଙ୍କ ଲାଗି କେବଳ ଦେହସର୍ବସ୍ୱ ? ସୁଷମା ତାଙ୍କୁ ପରୀକ୍ଷା କରୁଛି ।

"ତମେ ଆଉଥରେ ବିବାହ କର । ମୁଁ ରୋଗଶଯ୍ୟାରେ ଶୋଇ ଶୋଇ ଏଇ ଶିକ୍ଷାରେ ଉପନୀତ ହୋଇଚି ।"

"ମୁଁ ଆଉ ବିବାହ କରିବି ନି"—କଣ୍ଠରେ ତାଙ୍କର ଅସୀମ ଦୃଢ଼ତା "ତୁମେ ଅଛ, ମୁନ୍ନା ଅଛି··· ।"

"ମୁଁ ତ ଥାଇ ନ ଥିଲାପରି" ସୁଷମା ହସିଲା ।

ଦେହଟା ହିଁ କ'ଣ ସବୁକିଛି ସୁଷମା ? ମନ, ହୃଦୟ · ? ସୁଷମା ଓଠରେ ଶୁଖିଲା ହସ, "ଦେହ ଓ ତା'ର ଭୋକକୁ ଯେ ଚିହ୍ନିଛି ତା' ମୁହଁରେ ମନ, ହୃଦୟ ପ୍ରଭୃତି ଭାବାତୁର କଥା ସାଜେନା । ସତ କହିଲେ ଦେହର ସ୍ୱାଚ୍ଛନ୍ଦ୍ୟରୁ ସେମାନଙ୍କର ସୃଷ୍ଟି । ତୁମେ ଥରେ ତୁମ ମନକୁ ପଚାରି ଦେଖ ତ ?"

"ତୁମେ ମତେ ଏତେ ଦୁର୍ବଳ ମନେ କରନାହିଁ ସୁଷମା । ମୁଁ ତମକୁ ଅସମ୍ମାନ କରୁନି । ସତ ଯାହା କହୁଛି । ପ୍ରକୃତିର ତାଡ଼ନା, ସେଥିରୁ ଅବ୍ୟାହତିର ପ୍ରଶ୍ନ କାହିଁ । ତୁମର ମୁହୂର୍ତ୍ତିକର ଶପଥର ସ୍ଥିତି ବା କେତେକ୍ଷଣ ? ଆଉ ମୁଁ ତ ତୁମକୁ ଜାଣେ । ତୁମେ ନିଜେ ନିଜକୁ ଚିହ୍ନ ନା ।"

ସୁଷମାର ତର୍କ ନିକଟରେ ସେ ପରାଜୟ ସ୍ୱୀକାର କରିବା ସତ୍ତ୍ୱେ ଆଉଥରେ ବିବାହ କିନ୍ତୁ କରି ନାହାନ୍ତି । ଏ ବିବାହ ନ କରିବା ଇଚ୍ଛାର ଅନ୍ତରାଳରେ ସୁଷମା ନିକଟରେ ବିଜୟ ପ୍ରାପ୍ତିର ଉଦ୍ଦେଶ୍ୟ ନଥିଲା । ଥିଲା ଅନ୍ୟ କିଛି । ସେହି "ଅନ୍ୟ କିଛି"ର ପଶ୍ଚାତ୍‌ରେ ଅନେକ ହୃଦୟବତ୍ତା, ଅନେକ ଅନୁରକ୍ତି ଏବଂ ଲୋକଲଜ୍ଜାର ପ୍ରଶ୍ନ ପ୍ରଚ୍ଛନ୍ନ ରହିଥିଲା । ବହୁ ବର୍ଷର ଓ ଗଭୀର ଚିନ୍ତାର ସ୍ଥିତି ସେଠାରେ । ସ୍ୱାମୀର ସୁହୃନ୍ମିତ୍ର ସତେ ସୁଷମା ଚାହୁଁଛି ତାଙ୍କର ପୁନର୍ବିବାହ ? ନିଜର ସ୍ଥାନ ପାଖେ ସପତ୍ନୀର ପ୍ରତିଷ୍ଠା ପ୍ରସ୍ତାବକୁ ସତରେ ସୁଷମା ସ୍ୱାଗତ କରିବ— ଯେତେ ଅଥର୍ବ ହୋଇ ପଡ଼ିଥାଉ ନା କାହିଁକି । ତାଙ୍କ ନିଜ ଆଡୁ ଏ ଦିଗରେ ଉଦ୍‌ବେଗର କୌଣସି ସୂଚନା ନ ଥିବା ସତ୍ତ୍ୱେ ସ୍ୱତଃପ୍ରବୃତ୍ତ ଭାବେ ଏପରି ଏକ ପ୍ରଶ୍ନ ଉତ୍ଥାପନର ଅନ୍ତରାଳରେ ନାରୀ ମନସ୍ତତ୍ତ୍ୱର ଯେଉଁ ଆତଙ୍କ ପ୍ରଚ୍ଛନ୍ନ ରହିଛି ତୀବ୍ର ସୂର୍ଯ୍ୟାଲୋକ ଭଳି ତା' ଅତ୍ୟନ୍ତ ସ୍ପଷ୍ଟ ହୋଇଯାଇଛି । ଏତେ ଦୁଃଖରେ ବି ସେ ମନେ ମନେ ହସିଥିଲେ । ଏତଦ୍‌ବ୍ୟତୀତ ମୁନ୍ନା ତ ରହିଛି । ସେ ଘର ତ ଆଉ ଶୂନ୍ୟ ନାହିଁ । ତେବେ ତା' ଲାଗି ନିରର୍ଥକ ବିମାତାର ଦୁଃଖ ସେ ସୃଷ୍ଟି କରିବାକୁ ଯିବେ କାହିଁକି ?

ଏବଂବିଧ ମୀମାଂସାରେ ଉପନୀତ ହେବା ସଙ୍ଗେ ସଙ୍ଗେ ଦୃଢ଼ ସଂକଳ୍ପ ନେଇଥିଲେ ସୁଷମାକୁ ସେ ଯେକୌଣସି ପ୍ରକାରେ ଗ୍ଲାନିମୁକ୍ତ କରି ତୋଳିବେ । ଏ ବିଜ୍ଞାନ ଯୁଗରେ ପୁଣି ଅସମ୍ଭବ କ'ଣ ? ଏଠାରେ ନ ହେଉ ଦେଶାନ୍ତରରେ ମଣିଷକୁ ପୁନର୍ଜନ୍ମ ଦେବା ଭଳି ଯେଉଁସବୁ ବିସ୍ମୟକର ଅସ୍ତ୍ରୋପଚାର ହେଉଛି ତା' ସମ୍ମୁଖରେ ଅସମ୍ଭବ ତ କିଛି ନାହିଁ ।

ସୁଷମାର ସେ ଦଗ୍‌ଧାଙ୍ଗ ଯେ କିପରି ବିକଳ ହୋଇ ପଡ଼ିଛି ତା' ସନ୍ଦର୍ଶନର ମର୍ମନ୍ତୁଦ କୌତୂହଳ କୌଣସି ପ୍ରକାରେ ସମ୍ବରଣ କରିପାରୁ ନଥିଲେ ସେ; ମାତ୍ର ସୁଷମା ତାଙ୍କର ଅନୁରୋଧ ରକ୍ଷା କରିବାକୁ ପରାଙ୍ମୁଖ । ସବୁ ତ ସରି ଯାଇଛି । କ'ଣ ଆଉ ଦେଖିବ ? ମତେ ଯା' ମରଣ ହେଲା ନ ।

ସୁଷମାର ବାରଣ ଫଳରେ ତାଙ୍କର ରକ୍ତ ଚଞ୍ଚଳ ହୋଇ ଉଠୁଚି କ୍ରମଶଃ । କୌଣସି ପ୍ରକାରେ ସମ୍ବରଣ କରି ପାରୁ ନାହାନ୍ତି ନିଜକୁ । ସୁଷମାର ପ୍ରବଳ ପ୍ରତିବାଦ, ବାଧା ଏବଂ ଅସ୍ପଷ୍ଟ ଚିତ୍କାର ସତ୍ତ୍ୱେ ନିଜର ସକଳ ଶକ୍ତି ପ୍ରୟୋଗରେ ନିର୍ଜନ ଅର୍ଦ୍ଧରାତ୍ରିରେ ବିତୃଷ୍ଣ ଲଜ୍ଜାଶୀଳାକୁ ବିବସ୍ତ୍ର କରିଦେଇ ଦଗ୍‌ଧାଙ୍ଗର ହୃଦୟ ବିଦୀର୍ଣ୍ଣକାରୀ ବୈକଲ୍ୟର ଅକସ୍ମାତ ପ୍ରଦର୍ଶନରେ ସେ ବିସ୍ମୟବିମୂଢ଼ ହୋଇଗଲେ । ଇସ୍··· । ଲଜ୍ଜା, ଗ୍ଲାନି ଏବଂ ଦୁଃଖମୁହ୍ୟମାନା ସୁଷମା ଦୁଇ କରତଳରେ ମୁଖାବୃତ କରି ପିଲାଙ୍କ ପରି କାନ୍ଦି ଉଠିଥିଲା ।

ନିଜ ଦୃଢ଼ ସଂକଳ୍ପକୁ କାର୍ଯ୍ୟରେ ପରିଣତ କରିବା ଉଦ୍ଦେଶ୍ୟରେ ଦୀର୍ଘ କୋଡ଼ିଏ ବର୍ଷ ଧରି କି ପ୍ରାଣାନ୍ତକ ପ୍ରଚେଷ୍ଟା ତାଙ୍କର, ମାତ୍ର ସବୁ ପ୍ରୟତ୍ନ ତାଙ୍କର ବ୍ୟର୍ଥ ଯାଇଛି । ପ୍ଲାଷ୍ଟିକ୍ ସର୍ଜରୀ ଯାହାକି ଏ କ୍ଷେତ୍ରରେ ଏକମାତ୍ର ଉପାସ୍ୟ ଓ ଅବଲମ୍ବନ, ବିଦଗ୍ଧ ସ୍ଥାନର ଶୋଚନୀୟତା ନିକଟରେ ନିଜର ଲଜ୍ଜାକର ବ୍ୟର୍ଥତା ହିଁ ପ୍ରମାଣ କରିଛି ।

କୋଡ଼ିଏଟି ବର୍ଷ ନୁହେଁ, କୋଡ଼ିଏଟି ଯୁଗ ଅତିକ୍ରାନ୍ତ ହେଲାପରି ମନେ ହେଉଛି ତାଙ୍କର । ନିଜର ବିଦଗ୍ଧ ଯୌବନକୁ ପୁନଶ୍ଚ ଶ୍ରୀଯୁକ୍ତ କରି ତୋଳିବା ଉଦ୍ଦେଶ୍ୟରେ କେବଳ ନିରର୍ଥକ ପ୍ରଚେଷ୍ଟାର ଆବୃତ୍ତି ହିଁ ସାର ହୋଇଛି । ଅଭିଶପ୍ତ ଯୌବନ ଅଲକ୍ଷ୍ୟରେ ନିଃଶେଷ ହୋଇ ଯାଉଛି ।

ଏଇ ଦୀର୍ଘ ବର୍ଷମାନଙ୍କ ଭିତରେ କେତେ ବିସ୍ମୟକର ପରିବର୍ତ୍ତନ ନ ଆସିଛି ତାଙ୍କ ଜୀବନରେ । ନିଜର ପ୍ରଚେଷ୍ଟା, ଅଧ୍ୟବସାୟ ଏବଂ ସୌଭାଗ୍ୟବଳରେ ସେ କ୍ରମୋନ୍ନତି ପଥରେ ଅଗ୍ରସର ହୋଇ ଆଜି ସ୍ୱନାମଧନ୍ୟ ଆଡ଼ଭୋକେଟ ଭାବରେ ବିପୁଳ ଅର୍ଥ ଓ ସମ୍ମାନ ଉଭୟର ଅଧିକାରୀ ହୋଇ ପାରିଛନ୍ତି । ଆଉ ମୁନ୍ନା— ସେ ଆଜି କୃତିତ୍ୱର ସହ ବି. ଏ. ପାସ୍ କରି ଆଇ. ଏ. ଏସ୍. ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରୁଛି । ଶ୍ରୀମାନ ସରୋଜ ଦାସ ସେ ଆଜି । ତା'ପରି ବୁଦ୍ଧିମାନ ଓ ମେଧାବୀ ଛାତ୍ର ପକ୍ଷେ ଏ ପରୀକ୍ଷାରେ ଶୀର୍ଷ ସ୍ଥାନ ଅଧିକାର କରିବା କିଛି ବିସ୍ମୟକର ବ୍ୟାପାର ନୁହେଁ । କଟକରେ ପ୍ରାସାଦୋପମ ଏକ ଅଟ୍ଟାଳିକାର ସେ ଅଧିକାରୀ ଏଇନେ । ସବୁ ଦିଗରେ ତାଙ୍କ ଔଜ୍ଜ୍ୱଲ୍ୟ, ଉନ୍ନତ ବିସ୍ତୃତ ଶ୍ୟାମଳିମା । ସବୁ କିଛି ସୁଷମାମଣ୍ଡିତ, କେବଳ ଗୋଟିକୁ ଛାଡ଼ି—ସେ ମନ ।

ପତ୍ନୀ ଥାଇ ବି ସେ ବିପତ୍ନୀକ । ସ୍ୱାମୀ ସ୍ତ୍ରୀ ମଧ୍ୟରେ ଅଖଣ୍ଡ ସ୍ନେହ, ପ୍ରୀତି ଏବଂ ଅନୁରାଗର ସ୍ଥିତି ସତ୍ତ୍ୱେ କି ମହାଶୂନ୍ୟତା ତାଙ୍କର ସମସ୍ତ ମନପ୍ରାଣକୁ ଏପରି ଆଚ୍ଛନ୍ନ କରି ରଖିଛି । ଏତେ ପ୍ରାପ୍ତି—ତଥାପି କି ଏ ଅନାଟନ ?

ଏଇ କୋଡ଼ିଏ ବର୍ଷଭିତରେ ସ୍ତ୍ରୀଙ୍କର ସେ ଚେତାବନୀ ପ୍ରତି ମୁହୂର୍ତ୍ତରେ ତାଙ୍କର ସବୁ ସ୍ଥୈର୍ଯ୍ୟ, ଚୈତନ୍ୟ ଏବଂ ପ୍ରଜ୍ଞାକୁ ଦୋହଲାଇ ଦେଇ ଯାଉଛି । ସବୁ ସଂଯମ ଓ ନିରୋଧ ସତ୍ତ୍ୱେ ସେ ଅଣାୟତ୍ତ ହୋଇ ପଡ଼ୁଛନ୍ତି । ସୁଷମାର ସେଇ ଗୋଟିଏ କଥା— ଦେହର ଦାହ । ଦେହ ତାଙ୍କର ଜଳୁଛି । ଜଳୁଛି ହୁ ହୁ ହୋଇ, ଆଉ ସେଇ ଜ୍ୱଳନରୁ ମୁକ୍ତି ପାଇଁ କେତେ ବିକୃତ ଚିନ୍ତା, ଖସି ଯିବାପାଇଁ, ଖସି ଯିବାପାଇଁ କେତେ ଜ୍ୱଳନ୍ତ କଳ୍ପନା । ନ ଯିବା ରାସ୍ତାରେ ପାଦ ଥୋଇବା ପାଇଁ କେତେ ଶଙ୍କିତ ପ୍ରଚେଷ୍ଟା । ତଥାପି ସେ ପାରି ଉଠି ନାହାନ୍ତି । ଆଗେଇ ଯିବାକୁ ଚେଷ୍ଟା କରି ଫେରି ଆସିଛନ୍ତି । ଅଜସ୍ର ଇଚ୍ଛାକୁ ବୃଥା ନୈତିକତା, ନିରର୍ଥକ ସାମାଜିକ ପ୍ରତିଷ୍ଠା ଏବଂ

ଭୂତଗ୍ରସ୍ତ ସଂସ୍କାର ତାଡ଼ନାରେ ଫେରାଇ ଆଣିଛନ୍ତି, ଚରିତାର୍ଥ ହେବାକୁ ଦେଇ ନାହାନ୍ତି । ଆଉ ଏଇ ଜ୍ୱାଳାରେ ଉନ୍ମତ୍ତ ସେ ସମୟେ ସମୟେ ନିରୁପାୟ ହୋଇ ସବୁ ବୁଝିଥିବା ହେଲେ ସୁଷମାକୁ କୋଳ ଭିତରକୁ ଟାଣିଆଣି ନିଜ ବାହୁ ବନ୍ଧନ ଭିତରେ ବାନ୍ଧ୍ୟ ଉପଗ୍ରହରେ ଅସ୍ତବ୍ୟସ୍ତ କରି ତୋଳି ଏକ ସମୟରେ ସ୍ତବ୍ଧ ହୋଇ ରହି ଯାଇଛନ୍ତି । ଏତେ ଉନ୍ମାଦନା ଓ ଉଚ୍ଛୃଙ୍ଖଳତାର ପରିବେ ?

କିନ୍ତୁ, ସହସ୍ର ସହାନୁଭୂତ ସତ୍ତ୍ୱେ ମରୁଭୂମିର ଏ ତୃଷ୍ଣାକୁ ହାତ ଟେକି ମୁହେଁ ପାଣି ଦେବାର ତା'ର ତ ଆଉ କ୍ଷମତା ନାହିଁ । ତା'ର ଆଖିଲୁହରେ ତାଙ୍କର ପ୍ରଦୀପ୍ତ ଅଗ୍ନି ହଠାତ୍ ନିର୍ବାପିତ ହୋଇଯାଏ । ସୁଷମାକୁ କୋଳରୁ ଦୂରେଇ ଦେଇ ଦୀର୍ଘଶ୍ୱାସ ଛାଡ଼ି ସେ ପାର୍ଶ୍ୱ ଫେରାନ୍ତି ।

ସୁଁ ସୁଁ କାନ୍ଦ ତା'ର ଶୁଣାଯାଉଛି ।
ରାତି କ୍ରମଶଃ ଗଭୀର ହେଉଛି ।
ଏକ ଦୀର୍ଘଶ୍ୱାସ ତ୍ୟାଗକରି ମନୋଜ ଦାସ ଉଠି ଠିଆହେଲେ ।
ଟେବୁଲ୍ ଘଣ୍ଟାରେ ଏଗାରଟା ବାଜିଲା ।

ଏତେ ବେଶି ରାତଯାଏ ନଈକୂଳରେ ଏପରି ବସିରହିବା ତାଙ୍କର ଏଇ ପ୍ରଥମ ।

ରବିବାର କାଲି ।

ରାସ୍ତା ଜନଶୂନ୍ୟ ।

ଅଗ୍ରସର ହେଉ ହେଉ ହଠାତ୍ ସ୍ତବ୍ଧ ହୋଇ ଠିଆ ହୋଇଗଲେ ସେ । ପଥପାର୍ଶ୍ୱସ୍ଥ ସେ ବଙ୍କାଳିଆ ବରଗଛ ତଳେ ଦୃଷ୍ଟି ତାଙ୍କର ଅପଲକ ରହି ଯାଇଛି ।

ଆଜକୁ କେତେଦିନ ହେବ କେତୋଟି ନୂତନ ଯାଯାବର ପରିବାର ଆସି ଆଶ୍ରୟ ନେଇଛନ୍ତି ସେହି ବୃକ୍ଷର ବାହୁଚ୍ଛାୟା ତଳେ । ଅଦ୍ଭୁତ ସେମାନଙ୍କର ଭାଷା, ଅଦ୍ଭୁତ ସେମାନଙ୍କର ଆବରଣ, ଆଭରଣ ଏବଂ ଆଚାର ବ୍ୟବହାର । ବଡ଼ ଅଶ୍ଳୀଳ ଓ ଅପରିଚ୍ଛନ୍ନ ସେମାନେ । ଗଳାରେ ସେମାନଙ୍କର ଲମ୍ବା ଲମ୍ବା ନାଲି କାଇଁଚମାଳ । ସେମାନଙ୍କର ପିଲାଗୁଡ଼ିକ ଧୂଳିଧୂସରିତ ଅବସ୍ଥାରେ ଭୂଇଁରେ ଗଡ଼ୁଥାନ୍ତି, ଖେଳୁଥାନ୍ତି ।

ସେଇ ଗଛମୂଳେ ରୋଷେଇ, ସେଇଠି ଖିଆପିଆ । ତୃଣ ଉପରେ ଶୟନର ବ୍ୟବସ୍ଥା । ଆବରଣ ଓ ଶଯ୍ୟା ସେମାନଙ୍କର ଜୀର୍ଣ୍ଣ ବସ୍ତ୍ର ଓ ଛିନ୍ନ କନ୍ଥା କେଇଖଣ୍ଡ ।

ସ୍ପଷ୍ଟ ଦିବାଲୋକରେ ଏଇ ନାରୀ ପୁରୁଷମାନଙ୍କର ନିର୍ଲଜ୍ଜ ମିଳାମିଶା ଅନେକ ସମୟରେ ଅତ୍ୟନ୍ତ ଦୃଷ୍ଟିକଟୁ ହୋଇପଡ଼େ । ପଥଚାରୀ ଦେଖନ୍ତି, ନାକ ଟେକନ୍ତି,

ସମାଲୋଚନା କରନ୍ତୁ । ବେଶ୍, ସେଡ଼ଳରେ ହିଁ ସେ ସବୁର ପରିସମାପ୍ତି ଘଟେ । ଏଇ ଅସଭ୍ୟ ଓ ଅଶିକ୍ଷିତ ଯାଯାବରମାନଙ୍କର ଆପତ୍ତିଜନକ ଆଚରଣ ଅବ୍ୟାହତ ରହେ ।

ସେମାନେ ଏମିତି ଦଳ ଦଳ ହୋଇ ଆସନ୍ତି, କିଛିଦିନ ରୁହନ୍ତି । ସେମାନଙ୍କର କୋଳାହଳ ଚିତ୍କାରରେ ଭୂମିତଳ ଜୀବନ୍ତ ହୋଇଉଠେ । ଦିନେ ହଠାତ ଦେଖାଯାଏ ସବୁ ଶୂନ୍ୟ । ସେମାନଙ୍କର ଉପେକ୍ଷିତ କେତେଖଣ୍ଡି ଭଗ୍ନ ହାଣ୍ଡିଆ, କୁଡ଼ୁଆ ଗଡ଼ୁଛି, ଇଟା ତିଆରି ଚୁଲ୍ଲୀ ସେମିତି ପଡ଼ିଚ, ସେମାନେ କିନ୍ତୁ ନାହାନ୍ତି । କିଛିଦିନର ଶୂନ୍ୟତା ପରେ ପୁଣି ଅନ୍ୟ ଗୋଟିଏ ନୂତନ ଦଳର ଆଗମନରେ ବୃକ୍ଷତଳ ମୁଖରିତ ହୋଇଉଠେ ।

ସେ ବର୍ଷ ବର୍ଷ ଧରି ଏମିତି ଦୃଶ୍ୟ ପ୍ରାୟ ଦେଖିଆସୁଛନ୍ତି । ତାଙ୍କ ପାଇଁ ଏସବୁ କିଛି ନୂଆ ନୁହେଁ । ସ୍ତ୍ରୀ ପୁରୁଷମାନଙ୍କର ଦୃଷ୍ଟିକଟୁ ଆଚରଣ ସନ୍ଦର୍ଶନ କରିବା ଆଉ ବିସ୍ମୟର ବସ୍ତୁ ହୋଇ ନଥିଲା; ଏମିତି ଦେଖିବା ଅଭ୍ୟାସରେ ପରିଣତ ହୋଇଯାଇଥିଲା ତାଙ୍କର । ମାତ୍ର ଦିବାଲୋକର ସେ ସୀମିତ ଓ ଅସ୍ପଷ୍ଟ ଆଚରଣ ଯେ ରାତ୍ରିର ଏଇ ମୁକ୍ତ ଆକାଶ ତଳେ ଏପରି ବାଧା ବନ୍ଧନ-ହୀନ ଭାବେ ଏତେ ବ୍ୟାପକ ଆକାରରେ ଆତ୍ମପ୍ରକାଶ କରିବ—ସେ ତାହା ସ୍ୱପ୍ନରେ ସୁଦ୍ଧା କଳ୍ପନା କରି ପାରି ନଥିଲେ ।

ଯୁଗଳ ଗୋଟିଏ ନୁହେଁ, ଦୁଇଟି । ସେମାନଙ୍କ ମଧ୍ୟରେ ବ୍ୟବଧାନ ମଧ୍ୟ ସୀମିତ । ତଥାପି ଲଜ୍ଜା ନାହିଁ, ସଙ୍କୋଚ ନାହିଁ । ଚରମଭାବେ ଦେହକ୍ଷୁଧା ଚରିତାର୍ଥ କରିବାରେ ଉଭୟେ ଉଦ୍ଦାମଭାବେ ପ୍ରବୃତ୍ତ । ସମ୍ପୂର୍ଣ୍ଣ ଉଲଗ୍ନ ସେମାନେ ।

ଜ୍ୟୋତ୍ସ୍ନାଲୋକରେ ସ୍ପଷ୍ଟ ସବୁ ଦିଶୁଛି ।

ସେ ସ୍ତବ୍ଧ ହୋଇ ଯାଇଛନ୍ତି । ଆଖି ଅପଲକ । ଶିରାରେ ଶିରାରେ ଉତ୍ତପ୍ତ ଶୋଣିତର ଦୁରନ୍ତ ପ୍ରବାହ । ସମସ୍ତ ଶରୀରରେ ସୀମାହୀନ ଉତ୍ତେଜନାର ବିଚିତ୍ର କମ୍ପନ । ମସ୍ତିଷ୍କରେ ଏକ ଅଭୂତପୂର୍ବ ଯନ୍ତ୍ରଣା । ଏ ଯନ୍ତ୍ରଣା ତ ଠିକ୍ ବେଦନାଦାୟକ ନୁହେଁ, ତଥାପି ଅସହ୍ୟ ।

କ'ଣ ସେ ଦେଖୁଛନ୍ତି ? ସେମାନେ କ'ଣ ତାଙ୍କୁ ଦେଖି ପାରୁ ନାହାନ୍ତି ? ଏତେ ପାଖରେ ତାଙ୍କୁ ଦେଖି ନ ପାରିବାର କୌଣସି ସମ୍ଭାବନା ରହି ନପାରେ । ତଥାପି ସେମାନେ ତ ନିବୃତ୍ତ ହେଉ ନାହାନ୍ତି । ପ୍ରତ୍ୟୁତ ଅସ୍ଥିରତା ସେମାନଙ୍କର କ୍ରମଶଃ ବୃଦ୍ଧି ପାଉଛି ଯେପରି ।

ଏକ ଦିଗରୁ ଲଜ୍ଜାର ସୂଚନା ନାହିଁ ବୋଲି ମନେ ମନେ କ୍ଷୁବ୍ଧ ହୋଇ ନିର୍ଲଜ୍ଜଭଳି ସ୍ଥାଣୁପ୍ରାୟ ଠିଆ ହୋଇ ରହି ଅପଲକ ଦୃଷ୍ଟିରେ ସେ ଏ ଦୃଶ୍ୟ ଅବଲୋକନ

କରୁଛନ୍ତି କିପରି ? ଅସଭ୍ୟତାର ଏ ନିର୍ଲଜ୍ଜ ପ୍ରକାଶ ସଚେତନ ସେ ବେଶ୍ ତ ବରଦାସ୍ତ କରି ପାରୁଛନ୍ତି ।

ବରଦାସ୍ତ କରୁଛନ୍ତି କହିଲେ ଆତ୍ମପ୍ରବଞ୍ଚନା ହେବ, ସେ ଉପଭୋଗ କରୁଛନ୍ତି । ପ୍ରଥମ ହଠାତ୍ ଦର୍ଶନର ସେ ସଙ୍କୋଚ ଭୟ ଅଥବା ଇତସ୍ତତଃତ ଆଉ ନାହିଁ । ବର୍ତ୍ତମାନ ସେ ଦୃଶ୍ୟର ପ୍ରତିଟି ମୁହୂର୍ତ୍ତର ରସାସ୍ୱାଦନ କରୁଛନ୍ତି । ପ୍ରତେ ହେଲା ତାଙ୍କ ମନର ଅନେକ ପୁଞ୍ଜିଭୂତ ବେଦନା ଓ ଗ୍ଲାନି ଯେପରି ଧୀରେ ଧୀରେ ନିର୍ଶ୍ଚିହ୍ନ ହୋଇ ଯାଉଛି ।

ଦୁଇ କରତଳ ତାଙ୍କର ମୁଷ୍ଟିବଦ୍ଧ । ନିମ୍ନ ଓଷ୍ଠାଧରରେ ଦନ୍ତପଂକ୍ତିର ମୃଦୁ ପୀଡ଼ନ । ଅଙ୍ଗେ ଅଙ୍ଗେ ଏ କି ମଧୁର ଶିହରଣ ।

ସେଇ ଅବସ୍ଥାରେ କେତେ ସମୟ ଧରି ସେ ଏମିତି ଠିଆ ହୋଇ ରହିଥିଲେ କେଜାଣି ହଠାତ୍ ସମ୍ବିତ ଫେରିପାଇ ଲକ୍ଷ୍ୟ କଲେ ପୂର୍ବ ଦୃଶ୍ୟ ଆଉ ନାହିଁ । ତାଙ୍କର ଚରମ ଆତ୍ମବିସ୍ମୃତିର ଅବସରରେ ଦୃଶ୍ୟରେ ଯବନିକା ପତନ ଘଟିଛି ।

କିଛି ଆଉ ଦିଶୁନି, ସେମାନେ ତ ଆଉ ନାହାନ୍ତି ।

ସମସ୍ତ ଅଙ୍ଗରେ ତାଙ୍କର ଅସମ୍ଭବ ଉତ୍ତାପ ।

ଆଉ ଅପେକ୍ଷାର ପ୍ରୟୋଜନ ନାହିଁ ।

ସେ ଏଥର ଦ୍ରୁତପଦରେ ଅଗ୍ରସର ହେଲେ ।

ଏକପ୍ରକାର ଲମ୍ଫଦାନ କଲାଭଳି ସୋପାନ ଶ୍ରେଣୀ ଅତିକ୍ରମ କରି ପିଣ୍ଡା ଉପରକୁ ଉଠିଗଲେ ସେ ।

ରୁଦ୍ଧ ଦରଜାରେ ଅସ୍ଥିର କରାଘାତ । ମୁହୂର୍ତ୍ତିକର ଅପେକ୍ଷା ବି ଦୁର୍ବିସହ ବୋଧ ହେଉଛି ।

ଦ୍ୱାର ଉନ୍ମୁକ୍ତ ହେବା ସଙ୍ଗେ ସଙ୍ଗେ ଗୃହ ମଧ୍ୟକୁ କ୍ଷିପ୍ର ପ୍ରାୟ ପ୍ରବେଶ ।

ସରେଇ କକ୍ଷରୁ ଆଲୁଅ ଦିଶୁଚି । ସେ ଶୋଇନି । ବାମ ପାର୍ଶ୍ୱରେ ଦ୍ୱିତଳାକୁ ସୋପାନ । ବୁଲିପଡ଼ି ସେ ଦ୍ରୁତ ଆରୋହଣ କରିବାକୁ ଲଗିଲେ ।

ଦରଆଉଜା ଦରଜା ଦ୍ରୁତ ଉନ୍ମୁକ୍ତ କରି ପ୍ରକୋଷ୍ଠ ମଧ୍ୟରେ ସେ ଯାଇ ହାଜର ।

ପଲଙ୍କ ଉପରେ ସୁଷମା ଶୋଇ ରହିଚି । କକ୍ଷ ମଧ୍ୟରେ ନିଷ୍ପ୍ରଭ ନୀଳ ଆଲୋକର ତନ୍ଦ୍ରା । ଫ୍ୟାନ୍‌ଟା ମୁଣ୍ଡ ଉପରେ ଘୂରୁଛି ।

ଆଖି ଦି'ଟା ତାଙ୍କର ହଠାତ୍ ଜଳି ଉଠିଲା । ନାସିକାରୁ ଖରସ୍ରୋତ ପ୍ରବାହିତ ହେଉଛି । ଛାତି ଉଠୁଛି ପଡ଼ୁଛି ।

ସୁଷମା ଶୋଇଚି— ଶୋଇଚି ଚିତ୍ ହୋଇ ।

ମାତ୍ର ମୁହୂର୍ତ୍ତି କେତେକର ସ୍ତବ୍ଧତା ।

ହଠାତ୍ ସେ ଫେରିପଡ଼ି ଦରଜାଟା ଭିତରୁ ବନ୍ଦ କରିଦେଇ ଆଲୋକ ନିର୍ବାପିତ କରିଦେଲେ । ତା'ପରେ ପାଦ ଚପି ଚପି ଆଗେଇ ଗଲେ ପଲଙ୍କ ପାଖକୁ ।

ସୁଷମାର ନିଦ ଭାଙ୍ଗି ଯାଇଛି, ଆରେ, ଆରେ, ଏ କ'ଣ ? ଏ କ'ଣ କରୁଛ ? ଆରେ···ମରିଗଲି ଲୋ ବୋଉ······ ।

ସୁଷମାର ପ୍ରାଣାନ୍ତ ପ୍ରଚେଷ୍ଟା ଆତ୍ମରକ୍ଷାର ।

ମାତ୍ର ଦୁଇଟି ହିଂସ୍ର ବାହୁର ଲୌହ ବନ୍ଧନ ଭିତରେ ତା'ର ନିଶ୍ୱାସ କ୍ରମେ ବନ୍ଦ ହୋଇ ଆସୁଛି ।

ସୁଷମାର ଆର୍ତ୍ତଚିତ୍କାର କ୍ଷୀଣ ହୋଇ ଆସୁଛି କ୍ରମଶଃ ।

ହିଂସ୍ର ଶାର୍ଦ୍ଦୁଳର କବଳରେ ମୃଗୁଣୀ ଝିଅର କି ମୂଲ୍ୟ ବା ଅଛି ?

ଓଠରେ ରକ୍ତର ସ୍ୱାଦ, ମାଂସର ତୃପ୍ତି ।

ପ୍ରଳୟ, ପ୍ରଳୟ, ପ୍ରଳୟର ତାଣ୍ଡବ ।

ପ୍ରଳୟ ଥମିଚି ।

ବିଦ୍ୟୁତ୍ ବେଗରେ ପଲଙ୍କ ଉପରୁ ଡେଇଁପଡ଼ିଲେ ମନୋଜ ଦାସ ।

ଏଁ ?

ଚୈତନ୍ୟ ଦ୍ରୁତ ଫେରି ଆସୁଛି । ଲୁପ୍ତ ବିବେକ ଅନ୍ଧାର କୋଳରୁ ଡେଇଁ ଡେଇଁ ଉଠିଆସୁଚି ସକାଳର ସୂର୍ଯ୍ୟଭଳି ।

ଆଲୋକ ପ୍ରଜ୍ୱଳିତ କରିଦେଇ ଆର୍ତ୍ତ ଚିତ୍କାର କରି ଉଠିଲେ ସେ, "ସୁ ଷ-ମା ।"

ଆତଙ୍କରେ ନୟନ ବିସ୍ଫାରିତ ହୋଇ ଯାଇଛି ।

ସୁଷମାର ଅଚେତନ ଦେହ ଶଯ୍ୟା ଉପରେ ପଡ଼ି ରହିଛି । ଶଯ୍ୟା ରକ୍ତ-ପ୍ଲୁତ । ନିଜକୁ ଅନାଇ ଦେଇ ଶିହରି ଉଠିଲେ ସେ । ପରିଧେୟ ବସ୍ତ୍ର ତାଙ୍କର ରକ୍ତସ୍ନାତ ।

ଫ୍ୟାନ୍‌ର ଗ୍ଧଇ କାନ୍ଥରେ ଚକ୍‌ଡି ମାରୁଛି । ମାତ୍ର ପଲକ ମଧ୍ୟରେ ଏ ମୂହ୍ୟମାନ ଓ ହତଭମ୍ବ ଅବସ୍ଥାର ଅକସ୍ମାତ ବିସ୍ମୟକର ପଟ୍ଟ ପରିବର୍ତ୍ତନ ।

ଆତଙ୍କିତ ଦୃଷ୍ଟି ଆଉରି ବିସ୍ଫାରିତ ଓ ଭୀତତ୍ରସ୍ତ ହୋଇ ଘୂରି ଯାଇଛି ଦରଜା ଉପରକୁ ।

ରୁଦ୍ଧ ଦ୍ୱାର ଉପରେ ଘନ ଘନ କରାଘାତ, "ବାପା, ବାପା ଦରଜା ଖୋଲନ୍ତୁ । କ'ଣ ହେଲା ବୋଉରି, କ'ଣ ହେଲା ? ବାପା·········।"

# ଚନ୍ଦ୍ରର ଅଭିଶାପ

## ଶ୍ରୀ ଅଖିଳ ମୋହନ ପଟ୍ଟନାୟକ

ଦଶ ବର୍ଷ ଅତିକ୍ରାନ୍ତ ହୋଇ ଯାଇଛି ।

ସରୋଜ ଆଉ ସୀମାଦ୍ରି ପରସ୍ପର ଅନ୍ତରଙ୍ଗ ବନ୍ଧୁ ଥିଲେ । ସେମାନେ ଥିଲେ ସିଟି କଲେଜର ଥାର୍ଡ଼ ଇୟର୍‌ର ଛାତ୍ର । ସୀମାଦ୍ରି ଥିଲା ଆର୍ଟିଷ୍ଟ୍ । ସେ ଛବି ଆଙ୍କେ ନାହିଁ ବା ଶୋଇ ଶୋଇ ଜ୍ୟୋତ୍ସ୍ନା ବସନ୍ତ ବା ଗୋଲାପ ଫୁଲ ମାର୍କା କବିତା ଲେଖେ ନାହିଁ । ସେ କହେ, ଜୀବନଟାକୁ ବଞ୍ଚିବା ହିଁ ସବୁଠାରୁ ବଡ଼ ଆର୍ଟ । ଆଉ ଯେ ଜୀବନଟାକୁ ପ୍ରତିଦିନ ନିତ୍ୟ ନୂତନ କରି ବଞ୍ଚି ପାରିଲା ତା'ଠାରୁ ବଡ଼ ଆର୍ଟିଷ୍ଟ୍ ଆଉ କେହି ନାହିଁ । ସେଥିପାଇଁ ସେ ଚେଷ୍ଟାରଟନ୍‌ଙ୍କ ଅପେକ୍ଷା ତାଙ୍କର 'ଅଜବ-ଜୀବିକା'ର ଚରିତ୍ର ହବାକୁ ବେଶୀ ପସନ୍ଦ କରେ । ସେ ମମ୍‌ଙ୍କ ପରି ପୃଥିବୀ ପ୍ରସିଦ୍ଧ ହବାକୁ ଚାହେଁ ନାହିଁ । ତାଙ୍କର ସୃଷ୍ଟ 'ଷ୍ଟ୍ରିକ୍‌ଲାଣ୍ଡ୍' ଚରିତ୍ର ପରି କେଉଁ ଅଜ୍ଞାତ ଗିରି ଗହ୍ୱରରେ ଦୁରାରୋଗ୍ୟ ବ୍ୟାଧିରେ ତିଳ ତିଳ ହୋଇ ମରିବାକୁ ଚାହେଁ । ସୀମାଦ୍ରି ଅନାବିଲ ଆର୍ଟିଷ୍ଟ୍ ଏବଂ ରୋମାଣ୍ଟିସିଜିମ୍ ତା'ର ଏକ ସହଜାତ ପ୍ରବୃତ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ । କିନ୍ତୁ ସରୋଜ ପୁରାପୁରି 'ସିନିକ୍' । ଦୁନିଆଟାରେ ଯେ କିଛି ଗୋଟାଏ ହବ ବା' ମଣିଷ ଜୀବନ ନେଇ ଯେ ପ୍ରକୃତରେ କିଛି ଗୋଟାଏ ଲାଭଜନକ ଜିନିଷ କରାଯାଇ ପାରିବ ଏ କଥା ସେ ଆଦୌ ବିଶ୍ୱାସ କରେ ନାହିଁ । ସେ ଯଥାର୍ଥରେ ସୀମାଦ୍ରିର କାଉଣ୍ଟର ପାର୍ଟ — ଆଉ ସେଥିପାଇଁ ବୋଧହୁଏ ସେମାନେ ପରସ୍ପରର ଏତେ ନିକଟକୁ ଆସି ପାରିଥିଲେ ।

ସହରର କୋଳାହଳ ସେମାନଙ୍କୁ ବିଶେଷ ଆକୃଷ୍ଟ କରିପାରେ ନାହିଁ । ପ୍ରତିଦିନ ସନ୍ଧ୍ୟାରେ ଦୁଇ ବନ୍ଧୁ ବୁଲି ଯାଆନ୍ତି କେନାଲ୍ ଆଡ଼େ । ସହରର ଉପକଣ୍ଠରେ ଏଇ କେନାଲ୍‌ଟି କିଛି ବାଟ ବହିଯାଇ ହଠାତ୍ ମୋଡ଼ ଭାଙ୍ଗି କୁଆଡ଼େ ଅଦୃଶ୍ୟ ହୋଇଯାଇଛି । ପ୍ରତିଦିନ ବୁଲି ଯାଉ ଯାଉ ସେମାନେ ସେଠି ଗୋଟାଏ ନିର୍ଦ୍ଦିଷ୍ଟ ସ୍ଥାନ ଆବିଷ୍କାର କରିଛନ୍ତି । ସ୍ଥାନଟି ଅଳ୍ପ କେଇଟି ବଡ଼ ବଡ଼ ଗଛର ଅନ୍ତରାଳରେ ଅପେକ୍ଷାକୃତ ନିର୍ଜନ । ଠିକ୍ ପାଣି କୂଳରେ କିଛି ପରିମିତ ସ୍ଥାନରେ ବାଲି ଜମି ଯାଇଛି ଆଉ ତା'ର ଉପରେ ଗୋଟାଏ ପଥରର ଖୁଣ୍ଟି କାହିଁ କେଉଁ କାଳରୁ ଠିଆ ହୋଇ ରହିଛି ପାଣି ପବନର ଅତ୍ୟାଚାର ସହ୍ୟ କରି କରି । ସେ'ଟା ବୋଧହୁଏ ପୁରାତନ ଜୀର୍ଣ୍ଣ ଚଉରା, ଆଉ ସେମାନେ ଯେଉଁଠାରେ ବସନ୍ତି ସେଟା ବୋଧ ହୁଏ ଗୋଟାଏ ପରିତ୍ୟକ୍ତ ଗାଧୁଆ ତୁଠ । କାଳକ୍ରମେ ଗୋଟିକର ବ୍ୟବହାର

ଅଭାବରୁ ଅନ୍ୟଟି ପଙ୍ଗୁ ହୋଇ ପଡ଼ୁଛି । ଚନ୍ଦ୍ରଲୋକରେ ସ୍ଥାନଟି ବେଶ୍ **ରୋମାଣ୍ଟିକ୍** ହୋଇ ଉଠେ । ସୀମାଦ୍ରି କୁହେ, "ଏଇ ଜାଗାକୁ ଆସିଲେ **ମୋର ମନେ ହୁଏ** ସେକ୍‌ସପିଅର୍‌ଙ୍କର 'ମିଡ଼୍ ସମର ନାଇଟ୍‌ସ୍ ଡ୍ରିମ୍'ର ପତ୍ରମାନେ ବୋଧହୁଏ ନଶାଙ୍କରେ ଏଇଠି ଓହ୍ଲାଇ ଆସି ହାତ ଧରାଧରି ହୋଇ **ନାଚନ୍ତି ଗାଆନ୍ତି** ଆଲୁଅରେ । ସରୋଜ ଶ୍ଳେଷ ମିଶାଇ କୁହେ, "ତୁ ତ ଜାଣୁ ସେକ୍‌ସପିଅର **ବୋଲି** କେହି ଜଣେ ଲୋକ ଥିଲେ କି ନାହିଁ ସେଇଟା ଅନେକ ୟୁରୋପୀୟ ସାହିତ୍ୟିକମାନଙ୍କର ଏକ ଚରମ ଦ୍ୱନ୍ଦ୍ୱମୂଳକ ସମସ୍ୟା, ଶେଷରେ ପୁଣି ତାଙ୍କର ଲେଖାର ପତ୍ରମାନଙ୍କର ଅସ୍ତିତ୍ୱ— ଆଉ ପୁଣି ଏଇ କେନାଲ କୂଳରେ !!

ସୀମାଦ୍ରିର ଯେ ଠିକ୍ ଏଇ ଜାଗାରେ ଧୈର୍ଯ୍ୟଚ୍ୟୁତ ହେବ ସେ କଥା ସରୋଜ ବେଶ୍ ଜାଣେ । ସୀମାଦ୍ରି ଚିତ୍କାର କରି ଉଠେ, "କେତେଥର କହିଛି ତତେ, ଆମେ ଯାହା ଜାଣୁ ନା, ସେ'ଟା ଯେ ପୃଥିବୀରେ ନାହିଁ ବା ଥାଇ ନ ପାରେ ଏକଥା ଭାବିବାଠାରୁ ଚରମ ନିର୍ବୋଧତା ଆଉ କିଛି ନାହିଁ । ଇମାଜିନ୍— ପଞ୍ଚଦଶ ଶତାବ୍ଦୀରେ ଯଦି ତୋ'ପରି ଗୋଟାଏ ମୂର୍ଖ ଉଡ଼ାଜାହାଜର ଧାରଣାଟାକୁ ହସି ହସି ଉଡ଼େଇ ଦେଇ ଥାଆନ୍ତା ତାହାହେଲେ ସେ ହୁଏତ ଏତେଦିନ ବଞ୍ଚିପାରନ୍ତା ନାହିଁ— କିନ୍ତୁ ଯଦି ବଞ୍ଚନ୍ତା ତାହାହେଲେ ସେ ଏବେ ଉପଲବ୍ଧି କରନ୍ତା ତା'ର ନିର୍ବୋଧତା ।"

ଆଉ କିଛି ଦରକାର ନାହିଁ । ଯେ କୌଣସି ଗୋଟାଏ ଟପିକ୍ ହାତକୁ ଆସିଗଲେ ସମସ୍ୟାଟା ଚମତ୍କାର କଟେ । ଯୁକ୍ତିର କ୍ଲାଇମାକ୍‌ସରେ ସୀମାଦ୍ରି ତା' ହାତର ଘୁଵ ପେଚ୍ଛାଟାକୁ ଫିଙ୍ଗିଦିଏ ଦୂରକୁ, ନ ହେଲେ ପୂରା ସିଗାରେଟ୍ ପ୍ୟାକେଟ୍‌ଟାକୁ ଦଳାଦଳି କରି ଫିଙ୍ଗିଦିଏ କେନାଲ୍ ପାଣିକୁ । ଯେମିତି ଏଇ ସିଗାରେଟ୍ ଆଉ ଘୁଵ ପ୍ରଭୃତି ପଦାର୍ଥମାନେ ତା' ବିରୁଦ୍ଧରେ ଷଡଯନ୍ତ୍ର କରି ସରୋଜର ଯୁକ୍ତିକୁ ସମର୍ଥନ କରୁଛନ୍ତି । ସମୟ ହୋଇଗଲେ କେହି ହେଲେ ଜଣେ ଅନିବାର୍ଯ୍ୟ ସନ୍ଧି ସର୍ତ୍ତ ଚାହିଁ ବସେ । ଆଚ୍ଛା ହଉ, "Let us agree to differ"— ଦୁଇଜଣ କ୍ଲାନ୍ତ—ବିମର୍ଷ—ଗଳଦ୍‌ଘର୍ମ ବନ୍ଧୁ ସନ୍ଧିପତ୍ରରେ ଅବଲମ୍ବେ ସ୍ୱାକ୍ଷର କରନ୍ତି ।

ପୂଜାଛୁଟି ପରେ କଲେଜ ଖୋଲିଥାଏ । ସରୋଜ ନାଇଟ୍ ଏକ୍‌ସପ୍ରେସରୁ ଓହ୍ଲାଇ ହଷ୍ଟେଲକୁ ଆସି ଦେଖେ ସୀମାଦ୍ରି ଆସିଗଲାଣି । ତା'ର ଜିନିଷପତ୍ର ସବୁ ଥୁଆ ହୋଇଛି ରୁମ୍‌ରେ—ଅଥଚ ସୀମାଦ୍ରି ନାହିଁ । କିନ୍ତୁ ସେକେଣ୍ଡ୍ ସୋ ସିନେମା ତ ସରିଗଲାଣି ଅନେକ ବେଳୁ । ସୀମାଦ୍ରି ଗଲା କୁଆଡ଼େ ? ସରୋଜ ଅପରିହାର୍ଯ୍ୟ ସିଦ୍ଧାନ୍ତରେ ପହଞ୍ଚି କେନାଲ କଳକୁ ଗଲେ । କେନାଲ କୂଳରେ ଆସି ସରୋଜ

ଦେଖେ ତା'ର ଅନୁମାନ ନିର୍ଭୁଲ— ନିଶ୍ଚିତ ଭାବରେ ସେଠି ଶୋଇ ରହିଛି ସୀମାଦ୍ରି । ପ୍ରଥମଟା ଟିକିଏ ଅସ୍ୱସ୍ତିକର ମନେହୁଏ ସରୋଜଙ୍କୁ । ସ୍ଥାନଟାର ନିର୍ଜନ ପରିବେଶ ଯେ କେହି ଏକୁଟିଆ ଲୋକ ମନରେ ଭୟ ସଞ୍ଚାର କରିବା ସ୍ୱାଭାବିକ । ଏତେ ରାତିରେ ଏଠି କ'ଣ କରୁଚି ସୀମାଦ୍ରି ଏକୁଟିଆ ? ବିସ୍ମୟର ସୀମା ରହେ ନାହିଁ ସରୋଜର, ପାଖକୁ ଯାଇ ଦେଖେ ସୀମାଦ୍ରି କିନ୍ତୁ ଭୟ ପାଇବା ଅବସ୍ଥାରେ ନାହିଁ ଆଦୌ । ନିଶ୍ଚିନ୍ତ ନିଦ୍ରା ଯାଇଛି ସେ । ଆଶ୍ଚର୍ଯ୍ୟ । ତା' ପାଖକୁ ଯାଇ ପ୍ରଥମେ କେତେଥର ଡାକିଲେ ତାକୁ ସରୋଜ । କିନ୍ତୁ ସୀମାଦ୍ରି ଶୁଣେନା । ଅଗତ୍ୟା ତା' ଦେହରେ ହାତ ଦେଇ ଥରେ ଦୁଇଥର ଜୋର୍‌ରେ ହଲେଇ ଦେଲେ ସେ ।

କିନ୍ତୁ ତା'ପରେ ଯାହା ଘଟିଲା ସେଥିପାଇଁ ସରୋଜ ଆଦୌ ପ୍ରସ୍ତୁତ ନଥିଲେ । ଗୋଟିଏ ଲମ୍ଫରେ ସୀମାଦ୍ରି ଉଠିପଡ଼ି ଡେଇଁପଡ଼େ କିଛି ଦୂରକୁ ଆଉ ସେଠି ଠିଆ ହୋଇ ରହି ସେ କିଛି ସମୟ ନିସ୍ପନ୍ଦ ଭାବରେ ଚାହିଁ ରହେ ସରୋଜଙ୍କୁ । ଆଉ ଠିକ୍ ତା'ପରେ ପରେ ଚିତ୍କାରକରି ଉଠେ, "କିଏ ? କିଏ ତମେ ?" ସୀମାଦ୍ରିର କଣ୍ଠ ଭୟବିଜଡ଼ିତ । ଖୁବ୍ ଭୟ ପାଇ ଯାଇଛି ସେ । ଆଉ କେଉଁଦିନ ହୋଇଥିଲେ ହୁଏତ ସରୋଜ ସୀମାଦ୍ରିର ଏଇ ଅବସ୍ଥାର ସୁଯୋଗ ନେଇ ଟିକିଏ କୌତୁକ କରିଥାଆନ୍ତେ । କିନ୍ତୁ ସୀମାଦ୍ରିର ଏ ଅବସ୍ଥାରେ ସରୋଜ ନିଜେ ଅନେକଟା ଆତଙ୍କିତ ହୋଇ-ପଡ଼ିଲେ । ମୁହୂର୍ତ୍ତେ ବିଳମ୍ବ ନ କରି "ଆରେ ମୁଁ ସରୋଜ, ମୁଁ ସରୋଜ" କହି ସେ ଆଗେଇଗଲେ ସୀମାଦ୍ରି ଆଡ଼କୁ । କିଛି ସମୟ ପାଇଁ ନିର୍ବାକ୍ ହୋଇ ଠିଆହୋଇ ରହିଲା ସୀମାଦ୍ରି । ତା' ଦେହରୁ ଗମ ଗମ୍ ହୋଇ ଝାଳ ବୋହିଯାଉଛି । ସରୋଜ ଅପରାଧୀ ପରି କୁହେ, "ତୁ ଏତେ ଭୟ ପାଇଯିବୁ ବୋଲି ମୁଁ ମୋଟେ ଜାଣିନାହିଁ ସୀମାଦ୍ରି ।"

ସୀମାଦ୍ରି ଆଉଥରେ ଆପାଦମସ୍ତକ ଚାହିଁନିଏ ସରୋଜଙ୍କୁ, ଆଉ ତା' ପରେ ନିଜର ହାତଘଡ଼ିକୁ ଦେଖି କୁହେ, "ମୁଁ କେତେବେଳେ ଯେ ଶୋଇପଡ଼ିଲି ମୁଁ ନିଜେ ହିଁ ଜାଣେନା । ଏତେ ରାତି ହେଲାଣି ଅଥଚ ମତେ ଆଗରୁ ଉଠେଇ ଦେଲୁ ନାହିଁ କାହିଁକି କହିଲୁ ?"

ତା'ପରେ ସରୋଜ କୁହେ ଯେ ସେ ମାତ୍ର କେଇ ମିନିଟ୍ ତଳେ ତା'କୁ ଖୋଜି'ଖୋଜି ଆସି ଏଠି ପହଞ୍ଚେ । ସେ ବା କାହିଁକି ଆଶା କରନ୍ତା ଏତେ ରାତିରେ ସୀମାଦ୍ରି ଶୋଇ ରହିଛି ଏଠି ।

ସୀମାଦ୍ରି ଆହୁରି ବିସ୍ମିତ ହୁଏ । ସନ୍ଦିଗ୍ଧ କଣ୍ଠରେ ପଚାରେ "ତୁ ସତ କହୁଚୁ ସରୋଜ ତୁ ମୋ' ସହିତ ଏଠିକି ଆସିନାହୁଁ ।"

ସରୋଜ ସାମାନ୍ୟ ଆମୋଦିତ ହୁଏ ଏଥର । ସେ କୁହେ, "ନାଇଟ୍ ମେଲ୍‌ରେ ରାତି ଦୁଇଟା ପର୍ଯ୍ୟନ୍ତ ଅନିଦ୍ରାରେ କଟେଇ ଏତେବେଳେ କେନାଲ୍ କୂଳକୁ ଆସିବାର ଉତ୍କଟ ରସିକତା ମୋର ନାହିଁ ।" ସୀମାଦ୍ରି ନୀରବରେ ଫେରିବାକୁ ପାଦ ବଢ଼ାଏ । ଚାଲୁ ଚାଲୁ ସେ କୁହେ, ମୁଁ ମଧ୍ୟ ଆସି ଆଜି ଜନତାରେ ପହଞ୍ଚିଲି ସନ୍ଧ୍ୟା ୬ଟା ବେଳେ । ବେଶ୍ କ୍ଲାନ୍ତ ହୋଇ ପଡ଼ିଥିଲି ମୁଁ— ବିଶ୍ରାମ ନେବାପାଇଁ ବିଛଣାଟାକୁ ମେଲେଇ ଦେଇ ଖଟ ଉପରେ ପଡ଼ିଗଲି ।

ତା'ର ଅଳ୍ପ ସମୟ ପରେ— ମୋର ସ୍ପଷ୍ଟ ସ୍ମରଣ ଅଛି— ତୁ'ବି ଆସି ପହଞ୍ଚିଲୁ ତୋ'ର ସେଇ ଛୋଟା ଚମଡ଼ା ସୁଟ୍‌କେଶ ଆଉ ହୋଲ୍‌ଡ୍‌ର ଖଣ୍ଡିକ ନେଇ ଠିକ୍ ସେମିତି ବେପରୱା ଭାବରେ । କହିଲୁ "ଗୁଡ୍ ଇଭିନିଂ ସୀମାଦ୍ରି, ତୁ ଆସିଯାଇଛୁ ତାହାହେଲେ— ଦ୍ୟାଟ୍‌ସ ଲାଇକ୍ ଏ ଗୁଡ୍ ବୟ ।" ମୁଁ କ'ଣ ଜବାବ୍ ଦେଇଛି ମୋର ମନେ ନାହିଁ—ତା' ପରେ ତୁ ଖୁବ୍ ବ୍ୟସ୍ତ ହୋଇ ପଡ଼ିଲୁ ଆଉ କହିଲୁ— "କ'ଣ ହୋଇଛି ତୋ'ର ସୀମାଦ୍ରି— ଆଇ ହ୍ୟାଭ ନେଭର୍ ସିନ୍ ୟୁ ସୋ' ଭେରି ମୁଡ଼ି ।" ମୁଁ ବୋଧହୁଏ ତଥାପି କିଛି ଜବାବ୍ ଦେଇନାହିଁ । ତା'ପରେ ତୁ ତୋ'ର ପୋଷାକ ମଧ୍ୟ ଚେଞ୍ଜ୍ ନ କରି ମୋର ହାତ ଧରି ଗୋଟାଏ ଝାଙ୍କରେ ମୋତେ ଉଠେଇ ଦେଲୁ ଖଟ ଉପରୁ, ଆଉ କହିଲୁ, ଚାଲ୍, ଚାଲ୍— ଆମର କୁରୁକ୍ଷେତ୍ରକୁ ଚାଲ—ଅନେକଦିନ ଯାଇନେ ସେଠିକି— ସେଇଠି ସବୁ ସମାଧାନ ହୋଇଯିବ । —ଇସ୍ ! କି ବାଜେ ପିଲା ହୋଇଯାଇଚୁ ତୁ ଏଇ କେତେଟା ଦିନର ଛୁଟି ଭିତରେ । ଛିଃ – ଛିଃ···।"

ତା'ପରେ ଆମେ ଦିହେଁ ବାହାରକୁ ଆସିଛେ ଆଉ ଆମର ପୂର୍ବପରିଚିତ ରାସ୍ତା ଦେଇ ଆମେ ଆସିଚୁ ଏଇଠିକି ।

ମୋର ଠିକ୍ ମନେ ଅଛି ମୁଁ ଏଠି ବସି ବସି ତତେ 'ରୀତା' କଥା କହୁଥିଲି ପ୍ରଥମଥର ପାଇଁ । ମୁଁ କେମିତି ରୀତା ପ୍ରତି ଅତ୍ୟନ୍ତ ଅସହାୟ ଭାବରେ ଆକୃଷ୍ଟ ହୋଇପଡ଼ିଛି ଅଥଚ ମୁହଁ ଖୋଲି ରୀତାକୁ ନିବେଦନ କରିବାର ସାହସ ମୋର ନାହିଁ ।

ତୋ' ମୁହଁ ଏକାଥରକେ ଚାପାହସରେ ଫାଟି ପଡ଼ୁଥାଏ । ମୋର ପିଠି ବାଡ଼େଇ କହିଲୁ, "ସେକଥା କହ, ଏଇ ଛୁଟିଟାର ବିରହରେ ସ୍ୱୟଂ ଲିକନ୍‌ଭର ଏକାଥରକେ ଭାଙ୍ଗି ପଡ଼ିଛନ୍ତି ।" ତା'ପରେ ହଠାତ୍ ଗମ୍ଭୀର ହୋଇଯାଇ ତୁ କହିଲୁ—"ଆଜି କିନ୍ତୁ ମୁଁ ପ୍ରଥମ ଜାଣିଲି ସୀମାଦ୍ରି ତୋ'ର ଅନେକ କଥା ଅଛି ଯାହା ତୁ ମୋର ଜାଣିବା ପ୍ରୟୋଜନ ମନେ କରି ନାହୁଁ ।"

ତା' ପରେ ମୁଁ ଆଉ କିଛି ମନେ କରି ପାରୁ ନାହିଁ । ମୁଁ ଜାଣେନା ମୁଁ କେତେବେଳେ ଶୋଇ ପଡ଼ିଛି । ମୁଁ ଧୀରେ ଧୀରେ ସବୁ ଭୁଲି ଯାଇଛି । ଆଉ ହଠାତ୍ ନିଜକୁ ଏଠି ଆବିଷ୍କାର କରି ମୁଁ ସତରେ ଭୟ ପାଇ ଯାଇଥିଲି ।

ସରୋଜ ଚୁପ୍‌ଚାପ ସବୁ ଶୁଣିଯାଉଥାଏ । ଶେଷରେ କହିଲା, "ତୁ ତାହାହେଲେ କ'ଣ କହିବାକୁ ଚାହୁଁ ହଷ୍ଟେଲ୍‌ରୁ କେନାଲ୍ କୂଳପର୍ଯ୍ୟନ୍ତ ଏଇ ଅଧମାଇଲ୍ ରାସ୍ତା ତୁ' ଚାଲି ଆସିଚୁ ତୋ'ର ଅଜ୍ଞାତରେ, ସମ୍ପୂର୍ଣ୍ଣ ନିଦ୍ରିତ ଅବସ୍ଥାରେ ?

ସୀମାଦ୍ରି ଓଠରେ 'ହୁଁ'ଟିଏ କହି ନୀରବ ହୁଏ ।

ସରୋଜ କହେ, "କିନ୍ତୁ..."

ସୀମାଦ୍ରି କୁହେ— ଏଠି କିନ୍ତୁର ପ୍ରଶ୍ନ ନାହିଁ ସରୋଜ— ଏଇଟା ଠିକ୍ ସେଇ ଜିନିଷ ଯାହାକୁ ମେଡ଼ିକାଲ୍ ସାଇନ୍‌ସରେ କୁହନ୍ତି "ସୋମ୍ନାମ୍ବୁଲିଜିମ୍" ।

ଗୋଟାଏ ଦୀର୍ଘ ନିଶ୍ୱାସ ନେଇ ସୀମାଦ୍ରି କହିଚାଲେ—

ତୋର ମନେଥିବ ମୁଁ ସେଥର ଯୋଡ଼ ଷ୍ଟେୟାର୍ କେସ୍‌ରୁ ଖସି ପଡ଼ିଥିଲି । ସେଟା ବି ସେଇ ନିଦ୍ରିତ ଅବସ୍ଥାରେ । ତୁ' କଷ୍ଟପାଉ ଭାବୁଥିବୁ ମୁଁ ଆଜିଯାଏ କାହିଁକି ଏ କଥା କହି ନାହିଁ— କଣେ ସୋମ୍ନାମ୍ବୁଲିଷ୍ଟ ସହିତ ଏକା ରୁମ୍‌ରେ ରହିବା ସମସ୍ତେ ସହ୍ୟ କରି ପାରନ୍ତି ନାହିଁ— ବୁଝିପାରୁଥିବୁ ନିଶ୍ଚୟ— କେମିତି ଗୋଟାଏ ଅନ୍‌କ୍ୟାନି ଫିଲିଂ ହୁଏ । କେବଳ ସେଇଥିପାଇଁ ମୁଁ କଥାଟା ଚାପି ଯାଇଥିଲି ଆଜିଯାଏ ।

ସରୋଜ କିଛି ଜବାବ୍ ଦେଲା ନାହିଁ । କିଛି ସମୟ ପରେ ସଂକ୍ଷେପରେ ପଚାରିଲା, "ଇତା କିଏ ସୀମାଦ୍ରି ?"

ସୀମାଦ୍ରି କହିଲା— ସେ ସେକେଣ୍ଡ୍ ଇୟର୍ ସାଇନ୍‌ସର ଛାତ୍ରୀ— ଲେଡ଼ିଜ୍ ହଷ୍ଟେଲ୍‌ରେ ଥାଏ । ବୋଟାନିକାଲ୍ ଗାର୍ଡ଼େନରେ ମୋର ତା ସହିତ ଅକସ୍ମାତ ଦେଖା ହୁଏ । ଆଳାପ ମଧ୍ୟ ହୁଏ ।

ସରୋଜ କୁହେ, "ହୁଁ"

ଦୁଇବନ୍ଧୁ ହଷ୍ଟେଲ୍‌ରେ ପହଞ୍ଚି ଯାଇଥିଲେ ।

## ଦୁଇ

ସେଦିନ ଅଷ୍ଟ ପରିଷ୍କାର ଜ୍ୟୋସ୍ନା ପଡ଼ିଥାଏ । କେନାଲ୍ କୂଳରେ ସେଇ ପରିମିତ ସ୍ଥାନର ବାଲୁକା ଶେଯରେ ଶୋଇ ରହିଥାଆନ୍ତି ଦୁଇବନ୍ଧୁ ନୀରବରେ । ସେମାନଙ୍କର କହୁଣୀ ଉପରେ ଭର ରଖି ସେମାନେ ଏକାଗ୍ରଚିତ୍ତରେ ଲକ୍ଷ୍ୟ କରି

ରହିଥାଆନ୍ତି ସେଇ ପରିତ୍ୟକ୍ତ, ବିଗତ ପ୍ରତିଷ୍ଠା, ଜରାଜୀର୍ଣ୍ଣ ଚଉରାଟାକୁ । ଏଇ କିଛି ଦିନ ତଳର ଗୋଟାଏ ନୂତନ ଆବିଷ୍କାରକୁ ନେଇ ଏକ୍ସପେରିମେଣ୍ଟ୍ କରିବାରେ ସେମାନେ ଆତ୍ମବିସ୍ମୃତ ।

ସୀମାଦ୍ରି ଖୁବ୍ ଆସ୍ତେ ଆସ୍ତେ କହୁଥାଏ – ଦେଖ୍, ତା'ର ବାଁ ପଟର କାଖରେ ସେ ଗୋଟାଏ କଳସୀ ଧରିଛି ··ପୁଣି ଅଣ୍ଟା' ପାଖରେ ତା' ଦେହଟା ସାମାନ୍ୟ ବାଁ ପଟକୁ ଝୁଙ୍କି ଆସି ପୁଣି ଡାହାଣକୁ ଢଳି ଯାଇଛି । ମୁଣ୍ଡଟା ମଧ୍ୟ ଦେହର ଭାରସାମ୍ୟ ରକ୍ଷା କରିବାକୁ ଡାହାଣ ପଟକୁ ନଇଁ ଯାଇଛି ସାମାନ୍ୟ ।

ସରୋଜ କୁହେ—ହୁଁ ; ତା'ର ଶାଢ଼ୀର ଭଙ୍ଗଗୁଡ଼ିକ ମଧ୍ୟ ଦେଖୁଛୁ ତ' !

ସୀମାଦ୍ରି ଯୋଗକରେ—ମୁଣ୍ଡରେ କିଛିସ୍ତୁ ଓଢ଼ଣା ନାହିଁ, ନ ହେଲେ ତା'ର ଏଡ଼େ ସୁନ୍ଦର କେଶବିନ୍ଦ ଗଭାଟା ଲୁଚି ଯାଇଥାଆନ୍ତା ।

ଗୋଟାଏ ମୁହୂର୍ତ୍ତ ପାଇଁ ଦୁଇ ବନ୍ଧୁଙ୍କର ତନ୍ମୟ ଆଖି ଆଗରେ ଠିଆ ହୋଇ ରହେ ଗୋଟିଏ ସ୍ୱାସ୍ଥ୍ୟବତୀ ଗ୍ରାମ୍ୟବଧୂ ହାତରେ କଳସୀ ଧରି ।

ସରୋଜ କୁହେ ତା' ନାଁ 'ତମିସ୍ରା' ।

ସୀମାଦ୍ରି ପ୍ରତିବାଦ କରେ––"ମୁଁ କିନ୍ତୁ ତା' ନାଁ ଦିଅନ୍ତି 'ଜ୍ୟୋତ୍ସ୍ନାରେଣୁ' ।

ତର୍କ ବେଶୀ ଦୂର ଗ୍ଭଲେନା । ପ୍ରତ୍ୟେକର ନିଜସ୍ୱ ନାମକରଣରେ ପ୍ରତ୍ୟେକ ସନ୍ତୁଷ୍ଟ ରହନ୍ତି । ତା' ପରେ ହଠାତ୍ ମନର ଟେନ୍‌ସନ୍ ହୁଗୁଳା କରି ଦିଅନ୍ତି । ସେମାନେ, ଆଉ ତା ସାଙ୍ଗେ ସାଙ୍ଗେ କିଛି ଅନ୍ଧାର ଆଉ କିଛି ଜ୍ୟୋତ୍ସ୍ନାର ରେଣୁ ନେଇ ଗଢ଼ି ଉଠିଥିବା ଗ୍ରାମ୍ୟବଧୂଟିର ଅପମୃତ୍ୟୁ ହୁଏ ।

ସୀମାଦ୍ରି ଆଉ ସରୋଜ ଉଭୟେ ଜାଣନ୍ତି ସେମାନେ ସେଇ ଜୀର୍ଣ୍ଣ ଚଉରାଟାକୁ ଗ୍ଭହିଁ ଗ୍ଭହିଁ ସେମାନଙ୍କର ମନ ଭିତରେ ଗୋଟାଏ ନିର୍ଦ୍ଦିଷ୍ଟ ମରୀଚିକା ସୃଷ୍ଟି କରୁଛନ୍ତି । ଚଉରାଠାରୁ ସେମାନଙ୍କର ଦୂରତ୍ୱ ୧୫ ଗଜରୁ କମ୍ ହେବ, ତଥାପି ଚଉରାଟାର ଏଇ ରହସ୍ୟମୟୀ ଅବସ୍ଥିତି ସେମାନଙ୍କର ଆଖି ପାଇଁ ସହସ୍ର ଇନ୍ଦ୍ରଜାଲ ତିଆରି କରି ଗ୍ଭଲେ । ପାଖର କି ଗୋଟାଏ ନାଁ ନ ଜଣା ଗଛର ଗୋଟାଏ ବିଶୃଙ୍ଖଳ ଦୀର୍ଘ ଶାଖା ଲମ୍ବି ଆସି ଚଉରା ଉପରେ ଗୋଟାଏ ପ୍ରଶସ୍ତ ଆବରଣ ତିଆରି କରିଛି—ଆଉ ତା'ର ଭିତର ଦେଇ ଝରି ଝରି ପଡ଼େ ଅସଂଖ୍ୟ ଜ୍ୟୋତ୍ସ୍ନାରେଣୁ । ଅନେକ ଆଲୋକ ଆଉ ଅନ୍ଧାରର ରେଣୁ ଲୁଚକାଳି ଖେଳୁଛନ୍ତି ସେଇ ଚଉରା ଉପରେ । ସେମାନଙ୍କୁ କେବଳ ଆଖିର ଲେନ୍‌ସରେ ଧରି ନେଇ ସଜେଇବାକୁ ପଡ଼େ ଆପଣାର ମନ ଅନୁସାରେ ।

ଗ୍ରାମ୍ୟବଧୂର ଅପମୃତ୍ୟୁ ପରେ ହୁଏତ ସେଠି ଆସ୍ତେ ଆସ୍ତେ ତିଆରି ହୁଏ ଗୋଟାଏ ଡାକ-ପିଅନ । ହୁଏତ ଯେଉଁ ଅନ୍ଧକାର ରେଶମୀପୃଷ୍ଠରେ ନବବଧୂଟିର କେଶବନ୍ଧୀ ଗନ୍ଧ ତିଆରି କରାଯାଇଥିଲା ତା'କୁ ସାମାନ୍ୟ ସ୍ଥାନାନ୍ତରିତ କରି ପିଅନର ପୋଷ୍ଟବ୍ୟାଗ୍ ତିଆରି କରାଯାଏ । ତା'ର ଗହନ କଳା ବାଳ ଉପରେ ଚକ୍ ଚକ୍ କରୁଥିବା ରୁପା ଫୁଲଟିକୁ ନେଇ ଡାକ ପିଅନର ଟୋପିର ବୋତାମ କରାଯାଏ । ଶାଢ଼ୀର ଭଙ୍ଗଗୁଡ଼ାକ ନେଇ ତିଆରି ହୁଏ ଖାକି ଟ୍ରାଉଜର ।

ଏଇ ରୂପାନ୍ତରଟା ଠିକ୍ ବ୍ୟାୟାମର ନିୟମ ଅନୁସାରେ ବା ଗଣିତର କ୍ରମ ଅନୁଯାୟୀ ହୁଏନା । ଏଟା ହୁଏ ଗୋଟାଏ ସମ୍ବେଦନଶୀଳ ମନର ସହଜ ଲଘୁ ସଞ୍ଚରଣରେ—ଯେମିତି ସନ୍ଧ୍ୟା ହେଲେ ଶତଦଳ ଧୀରେ ଧୀରେ ସଙ୍କୁଚିତ ହୁଏ—ଯେମିତି କୃଷ୍ଣନୀରା ଯମୁନା ସହିତ ଗଙ୍ଗାନୀର ସ୍ୱଚ୍ଛଧାରା ଏକାକାର ହୋଇଯାଏ । ଯେମିତି କୌଣସି ନିୟମ ନ ଥାଇ କ୍ରମ ରକ୍ଷା ନ କରି ସ୍ୱପ୍ନରେ ତରଳି ମିଶିଯାଏ ଆଉ ଗୋଟାଏ ସ୍ୱପ୍ନ ।

ପ୍ରଥମ କିଛିଦିନ ଟିକିଏ ଅସୁବିଧାରେ ପଡ଼ିବାକୁ ହୁଏ ସେମାନଙ୍କୁ । କିନ୍ତୁ ଅଳ୍ପ କେଇଦିନର ଅଭ୍ୟାସରେ ଦୁଇ ବନ୍ଧୁ ଅଭ୍ୟସ୍ତ ହୋଇ ଗଲେଣି । ପ୍ରଥମେ ମନର ମାଂସପେଶୀଗୁଡ଼ାକୁ ହୁଗୁଳା କରିନବାକୁ ହୁଏ— ତା'ପରେ ମନପ୍ରାଣ ଦେଇ ଗୋଟାଏ ନିର୍ଦ୍ଦିଷ୍ଟ ବସ୍ତୁକୁ ଆଖି ଆଗରେ ଫିକ୍ସ କରିନେଇ ତା'ର ପୃଷ୍ଠପଟେ କିଛି କୁହୁଡ଼ି ଦେଇ ଶକ୍ତ କରିବାକୁ ହୁଏ । ଗୋଟାଏ ଅବୁଝା ପିଲାକୁ ଚକୋଲେଟ୍ ଦେଖେଇ ଆଦର କଲା ପରି ମନକୁ ଆସ୍ତେ ଆସ୍ତେ ତୋଷାମଦ କରି ବିଶ୍ୱାସ କରେଇ ନବାକୁ ପଡ଼େ ।

ପ୍ରତି ସନ୍ଧ୍ୟାରେ ସେମାନେ ଏମିତି ଅନେକ ରୂପସ୍ୱୀ ମୂର୍ତ୍ତି ଗଢ଼ନ୍ତି ଆଉ ଭାଙ୍ଗନ୍ତି । ପ୍ରଥମ ଆବିଷ୍କାରର ନିଶା ସେମାନଙ୍କର ଗ୍ରୁଡ଼ି ଆସିଲାଣି । ହାଲୁକା ଆନନ୍ଦ ଭିତରେ ସେମାନେ ଖୋଜି ବସିଲେଣି ଗୋଟାଏ କାର୍ଯ୍ୟକାରଣ ସମ୍ପର୍କ ।

ସେଦିନ ହଠାତ୍ ସୀମାଦ୍ରି ଗମ୍ଭୀର ହୋଇ କହିଲା, "ଏଇଟାହିଁ ବୋଧହୁଏ ଯୋଗର ପ୍ରଥମ ସୋପାନ"—ଆମେ ଯେଉଁ ଜିନିଷକୁ ପନ୍ଦର ଗଜ ଦୂରରେ ଦେଖି-ପାରୁଚୁ ଆଉ ଟିକିଏ ସାଧନା ପରେ ବୋଧହୁଏ ଆମେ ଠିକ୍ ସେଇ ଜିନିଷ ଦେଖି ପାରିବା ମାତ୍ର ପାଞ୍ଚ ଗଜ ଦୂରରୁ । ଆମେ ଆଖି ପାଇଁ ଯେଉଁ କୁହୁକ ସୃଷ୍ଟି କରି ପାରୁଚୁ ତା'କୁ ହୁଏତ ସ୍ପର୍ଶ ଓ ଗନ୍ଧ ପାଇଁ ତିଆରି କରିପାରିବା ଆଉ କିଛିଦିନର ସାଧନା ପରେ ।

ଖାଲି ସେତିକି ନୁହେଁ, ସୀମାଦ୍ରି କହିଗଲେ— ଆଜି ମୁଁ ବା ତୁ' କେବଳ ପରସ୍ପରକୁ ପ୍ରବଞ୍ଚିଇ ପାରୁଚେ କିନ୍ତୁ ହୁଏତ ଆଉ କିଛିଦିନ ପରେ ଆମେ ଠିକ୍

ଏଇ ଇନ୍ଦ୍ରଜାଲ ଅନେକ ଲୋକଙ୍କ ପାଇଁ ତିଆରି କରି ପାରିବା । ସେଥିପାଇଁ ଖାଲି ଦରକାର ମନର କ୍ଷେତ୍ର ପ୍ରସ୍ତୁତ କରି ବିଶ୍ୱାସର ବୀଜ ରୋପଣ ।...

ସରୋଜ ବିଦ୍ରୂପର ହସରେ ଫାଟି ପଡ଼େ । "ହଁ, ତା ନୁହେଁ ଆଉ କ'ଣ— ଆଉ ଟିକିଏ ସାଧନା କଲେ ହୁଏତ ଏଠି ଗୋଟାଏ ବିରାଟ ସାଧାରଣ ସଭା ଡାକି ଆମେମାନେ ପ୍ରମାଣ କରି ପାରିବା ଯେ ସେମାନେ ଯାହା ଦେଖୁଛନ୍ତି ତା' ଗୋଟାଏ ଭଙ୍ଗା ଚଉରା ନୁହେଁ— ସେ'ଟା ଗୋଟାଏ କୋଣାର୍କ ମନ୍ଦିରରୁ ସଦ୍ୟ ଆମଦାନି ଜୀବନ୍ତ ଲାସ୍ୟମୟୀ ରୂପସୀ— ବୁଝିଲୁ ସୀମାଦ୍ରି କାଙ୍କେ—କାଙ୍କେ...।"

ସୀମାଦ୍ରିର ବିରକ୍ତିର ସୀମା ରହେ ନାହିଁ । କ୍ୟାରମ ଖେଳର ନିଷ୍ଫଳ ରିବାଉଣ୍ଡ୍ ପରି ସେ ତୀର ବେଗରେ ଉଠିଯାଏ ଅତୀତର ଦାର୍ଶନିକମାନଙ୍କର ରାଜ୍ୟକୁ —ଆଉ ଏ ପ୍ରକାରର ବିଷୟ ନେଇ କିଏ କେତେବେଳେ କ'ଣ ମତାମତ ଦେଇଛନ୍ତି— ଆଉ ଠିକ୍ ତା'ପରେ ପରେ ସରୋଜକୁ ସେ' ବିଷୟରେ ସଂପୂର୍ଣ୍ଣ ନିସ୍ପୃହ ଦେଖି—ଠିକ୍ ସେଇ ବେଗରେ ଖସି ଆସେ ଉପସ୍ଥିତ ଘଟଣାଚକ୍ର ଭିତରକୁ । ଚିତ୍କାର କରି ଉଠେ, "ସିନିକ୍-ସିନିକ୍-ହିଡେନ୍...ଏତେ ହାଲୁକା ମନ ନେଇ ତୋ' ପକ୍ଷରେ ପ୍ରାଚ୍ୟ ଦର୍ଶନ ସମ୍ପର୍କରେ ମୌଳିକ ଧାରଣା ମଧ୍ୟ କରିପାରିବା ସମ୍ଭବ ନୁହେଁ ।"

ଦୁଇ ବନ୍ଧୁ ହଷ୍ଟେଲ୍‌କୁ ଫେରି ଆସନ୍ତି । ସରୋଜ ବିଛଣାରେ ପଡ଼ି ରହି ଘୁଙ୍ଗୁଡ଼ିମାରେ ଆଉ ସୀମାଦ୍ରି ବିଛଣା ଉପରେ ଇତସ୍ତତଃ ହୁଏ । ତା'ର ମନ ଭିତରେ ଗୋଟିଏ ମାତ୍ର ବାସନା ଉଙ୍କିମାରେ । ତା'ର ଭାରି ଇଚ୍ଛା ହୁଏ ଯାଇ ଦେଖିବାକୁ ସେମାନେ ଆସିବା ପରେ ସେଇ ଚଉରାଟା କ'ଣ କରୁଥିବ । ସେ ଚଉରାଟା ହୁଏତ ବସିପଡ଼ି ଦୀର୍ଘନିଶ୍ୱାସ ନେଇ ସେମାନଙ୍କୁ ଅଭିଶାପ ଦେଉଥିବ । ସେମାନଙ୍କ ପାଇଁ ତା'କୁ ବହୁରୂପୀ ସାଜିବାକୁ ପଡ଼ୁଛି ମୁହୂର୍ତ୍ତିକୁ ମୁହୂର୍ତ୍ତି । କିମ୍ବା ହୁଏତ ସେ ବି ଶୋଇ ରହିଥିବ ସରୋଜ ପରି ଅଚେତ ନିଦରେ । ଅଦ୍ଭୁତ କୌତୂହଳ ହୁଏ ସୀମାଦ୍ରିର । ସେ ଯଦି ଯାଇ କୌଣସି ଗୋଟାଏ ଅସତର୍କ ମୁହୂର୍ତ୍ତରେ ଛୁଇଁ ଦେଇ ପାରନ୍ତା ସେଇ ଚଉରାଟାକୁ ତା'ହାହେଲେ ହଠାତ୍ ଗୋଟିଏ ଗୁଣ୍ଟୁଛିଣ୍ଡା ଧନୁପରି ହୁଏତ ସେ ଚଉରାଟା ଚମକି ପଡ଼ି ଠିଆ ହୋଇ ପଡ଼ନ୍ତା । ଉଠନ୍ତା ଚଉରାର ପୋଷାକ ପିନ୍ଧି ପୁଣି ଥରେ । ନହେଲେ ସେ ହୁଏତ ଆଇ ମା' କାହାଣୀର ଖୋଳପା ପୋଡ଼ି ଯାଇଥିବା ରୂପସୀ ବେଙ୍ଗବତୀ କନ୍ୟା ପରି ବିକଳ ହେଇ କୁହନ୍ତା, "ଆହା' କ'ଣ କଲ, ମତେ ଛୁଇଁ ଦେଲ ତମେ ? ମୁଁ ଆଉ ରହିପାରୁ ନାହିଁ ଏଠି ।" ତା'ପରେ ହୁଏତ ସେ ତା'ର ଦୁଇ ଶୁଭ୍ର ଡେଣା ମେଲି ଉଡ଼ିଯାଆନ୍ତା ଶାପମୁକ୍ତ କିନ୍ନରୀ ଭଳି ତା'ର ଆଲୋକରେ ଆକାଶକୁ ଦୁଇ ଭାଗ କରି । ତା' ଆବେଦନ

ସନ୍ଧ୍ୟାରେ ସେ ସରୋଜକୁ ଆଣି ଏଇ ଅବାସ୍ତବ ସତ୍ୟ ଉପଲବ୍ଧି କରାଇ ପାରନ୍ତା ହୁଏତ ।

ଏଟା କ'ଣ କେବଳ ଆଖିର ଭୁଲ୍ ? ଗଭୀର ସନ୍ଦେହ ସୃଷ୍ଟି ହେଉଛି ସୀମାଦ୍ରିର ମନରେ । ପ୍ରାଚୀନ ଆର୍ଯ୍ୟମାନେ ଜଡ଼ ଭିତରେ ଯେଉଁ ଜୀବନ ଆବିଷ୍କାର କରିଥିଲେ ତା' ହୁଏତ ସମ୍ପୂର୍ଣ୍ଣ ମିଥ୍ୟା ନୁହଁ । ତା'ର ସମଗ୍ର ଶୈଶବକୁ ଆଚ୍ଛନ୍ନ କରି ରଖିଛି ଏଇ ଧରଣର ଅସଂଖ୍ୟ କିମ୍ବଦନ୍ତୀ ଆଉ କାହାଣୀ । ନିଜର ସ୍ଥୂଳ ଶରୀରକୁ ପରିତ୍ୟାଗ କରି ଅନ୍ୟ ଏକ ଜଡ଼ ପିଣ୍ଡରେ ଜୀବନ ସଞ୍ଚାର କରିବାର ଅନେକ ରୋମାଞ୍ଚକର କାହାଣୀ ଶୁଣିଛି ସେ । ସେଗୁଡ଼ା କ'ଣ ସବୁ କେବଳ କଳ୍ପନା ?

ସୀମାଦ୍ରିର ଆଖିରେ ନିଦ ଆସେନା । ସଂଶୟର ଚିର-ଅମୀମାଂସିତ ଦୋଳିରେ ବସି ସେ ଝୁଲୁଚି ଆଉ ଝୁଲୁଚି । କ୍ଲାନ୍ତି ଆଉ ଅବସାଦରେ ସେ ଭାବି ପାରେନା ବେଶୀ, ତା'ର ଆଖିପତା ଲାଗି ଆସେ ଧୀରେ ଧୀରେ । ଏ ସତ୍ୟକୁ ବୋଧହୁଏ ତର୍କ ଦେଇ ଉପଲବ୍ଧି କରି ହୁଏନା—ଆଚମ୍ବିତ ଭାବରେ ହୁଏତ ଏ ସତ୍ୟ ଆସି ଧରାଦିଏ ଅକସ୍ମାତ୍... ସୀମାଦ୍ରି ଶୋଇପଡ଼େ ।

## ତିନି

ସରୋଜ ଖୁବ୍ ବୁଦ୍ଧିମାନ୍ । ସେଥିପାଇଁ ତା'ର ବୁଦ୍ଧି ଓ ଚିନ୍ତାଶକ୍ତିର ପରିଧି ବାହାରେ ଯେ କୌଣସି ବିଷୟ ଥାଇପାରେ ତ' ସେ ମାନିନେବାକୁ ଆଦୌ ପ୍ରସ୍ତୁତ ନୁହେଁ । ବିନ୍ଦୁ ବିନ୍ଦୁ କରି ବିଶ୍ୱାସ ସଞ୍ଚୟ କରି ସୀମାଦ୍ରି ଯେତେବେଳେ ବିଶ୍ୱାସର ଗୋଟିଏ କ୍ଷୁଦ୍ର ସ୍ତୂପ ତିଆରି କରେ ଆଉ ସେଇ ସମ୍ପଦକୁ କୃପଣ ପରି ଉପଭୋଗ କରିବାକୁ ଚେଷ୍ଟାକରେ ସେତେବେଳେ ସରୋଜ ଠିକ୍ ତା'ର ଦୁର୍ବଳ ବିନ୍ଦୁଟିରେ ହିଁ ଆଘାତ କରେ ଆଉ ଆଖି ଆଗରେ ଦେଖେଇ ଦିଏ ଯେ ସୀମାଦ୍ରିର ସମଗ୍ର ସଞ୍ଚୟ ଗୋଟିଏ କ୍ଷୁଦ୍ର ମୌଳିକ ଭ୍ରମ ଉପରେ ପ୍ରତିଷ୍ଠିତ । କିନ୍ତୁ ଯେପର୍ଯ୍ୟନ୍ତ ସୀମାଦ୍ରି ଗୋଟାଏ କିଛି ହାତରେ ନ ପାଇଛି ସେପର୍ଯ୍ୟନ୍ତ ସେ କୌଣସିମତେ ସରୋଜକୁ ବୁଝାଇ ଦେଇ ପାରୁ ନାହିଁ ଯେ ତା'ର ବୁଦ୍ଧିର ପରିଧି ଅତ୍ୟନ୍ତ କ୍ଷୁଦ୍ର—ଆଉ ସେଇ କ୍ଷୁଦ୍ର ପରିଧିକୁ ଆହୁରି ସୀମିତ କରି ଦେଇଚି ତା'ର ଅହଙ୍କାର— ଆଉ ଯୁକ୍ତିର କୁହୁଡ଼ି ।

ଆଜିକାଲି ସରୋଜକୁ ସାଙ୍ଗରେ ନ ନେଇ ସୀମାଦ୍ରି ଏକୁଟିଆ କେନାଲ୍ କୂଳକୁ ଯାଏ । ପ୍ରତିଦିନ ସେଇ ନିର୍ଦ୍ଦିଷ୍ଟ ସ୍ଥାନରେ ଶୋଇରହି ସେ ଅନେକ ମୂର୍ତ୍ତି ଗଢ଼େ ଆଉ ଭାଙ୍ଗେ । ସେଇଠି ବସି ବସି ମନକୁ ମନ ନିଜ ସହିତ କ'ଣ କଥାବାର୍ତ୍ତା କରେ । ସେ ସ୍ଥାନଟା ଯେପରି ସୀମାଦ୍ରିର ଲାବରେଟରୀ । ସେ କୌଣସି ନିର୍ଦ୍ଦିଷ୍ଟ ତଥ୍ୟ ଆବିଷ୍କାର କରିବା ପୂର୍ବରୁ ଆଉ କିଏ ଆସି ତା'ର ଏକ୍ସପେରିମେଣ୍ଟରେ

ବାଧା ଦଉ ତା’ ସେ ଚାହେଁନା । ସେ ଆଉ ତା’ର ଅବ୍‌ଜେକ୍ଟ ଭିତରେ ଆଉ କାହାର ଅବସ୍ଥିତି ଏକାବେଳକେ ଅସହ୍ୟ । ତା’ର ମନଟା ବସ୍ତା’ ଭିତରେ ପୋଷା ମାନିଗଲାଣି । ମୂର୍ତ୍ତିଗୁଡ଼ାକୁ ରୂପ ଦେବାପାଇଁ ଖୁବ୍ ଅଳ୍ପ ସମୟ ଓ ପରିଶ୍ରମ ଲାଗୁଛି ତାକୁ । ପ୍ରାୟ ପ୍ରତିଦିନ ସୀମାଦ୍ରି ଯାଏ ସେଠିକି ଆଉ ଫେରିଆସେ ନୂଆ ବିସ୍ମୟ ଆଉ ବିଶ୍ୱାସ ନେଇ ।

‘ଇମେଜ୍’ଟାକୁ ମଧ୍ୟ ସେ ପୂରାପୂରି କବଳିତ କରି ସାରିଲାଣି । କେବେ କେବେ ହଷ୍ଟେଲ୍‌ରେ ତା’ର ଝରକା ପାଖରେ ବସି ଶୂନ୍ୟ ଆକାଶରେ ସେ ଭଙ୍ଗା ଚଉଘଣ୍ଟାକୁ ଆଙ୍କି ନିଏ ଆଉ ତା’ପରେ ପରେ ତାକୁ ବହୁ ବିଚିତ୍ର ରୂପରେ ରୂପାନ୍ତରିତ କରେ । ଶୂନ୍ୟରେ ଚଉଘଣ୍ଟାକୁ ବଢ଼ାଇବାକୁ ଚେଷ୍ଟା କରେ ଯେ, ଆକାଶର ମହା-ଶୂନ୍ୟରେ ଚଉଘଣ୍ଟା ଅବିଶ୍ୱାସ୍ୟ ଭାବରେ ଲମ୍ବାହୋଇ ଗଲେ···ଅନେକ ଲମ୍ବା, କ୍ଷୁଦ୍ରାୟତନ ଚଉଘଣ୍ଟା ଆକାଶର ପ୍ରଚ୍ଛଦପଟ୍ଟରେ ଠିଆ ହୋଇ ରହେ ‘ପିସା’ର ‘ଲିନିଂଟାୱାର୍’ ପରି । ତା’ପରେ ହୁଏତ ସେଇ ଦୀର୍ଘ ସ୍ତମ୍ଭର ଚୂଡ଼ା ଯାଇ ଆଘାତ କରେ ଗୋଟାଏ ଉଜ୍ଜ୍ୱଳ ନକ୍ଷତ୍ରକୁ । ସୀମାଦ୍ରିର ମୁହଁରେ ସନ୍ତୋଷର ଦୀପ୍ତି ଫୁଟିଉଠେ । ପୋତାଶ୍ରୟର ‘ଲାଇଟ୍‌ହାଉସ୍’ ଠିକ୍ ଏମିତି ଦେଖାଯାଏ । କେନାଲ୍ କୂଳର ସେଇ ଜୀର୍ଣ୍ଣ ଚଉଘ ଆସି ଆକାଶରେ ହେଇଛି ଗୋଟାଏ ବିରାଟ ବଜ୍ରସ୍ତମ୍ଭ, କିଏ କହେ ଚଉଘଣ୍ଟା ଜଡ଼-ନିର୍ବେଦ-ସ୍ଥାବର ? ସେଇ ଦୀର୍ଘ ‘ଲାଇଟ୍‌ହାଉସ୍’କୁ ପୁଣି ସ୍କେଚ୍ କରିବାକୁ ଚେଷ୍ଟା କରେ ସୀମାଦ୍ରି ମନର ଲେନସ୍‌ରେ । ଅତ୍ୟନ୍ତ ଦ୍ରୁତ ଗତିରେ ସ୍କେଚ୍ ହେବାକୁ ଆରମ୍ଭ କରେ ତା’ର ଅବ୍‌ଜେକ୍ଟ ଆଉ ଠିକ୍ ଚଉଘର ଉଚ୍ଚତାକୁ ଆସି ସ୍ଥିର ହୋଇଯାଏ । କିନ୍ତୁ ନାଁ—ଆହୁରି ସ୍କେଚ୍ କରିବାକୁ ହେବ । ଟିକିଏ ପରିଶ୍ରମ କରିବାକୁ ପଡ଼େ ସୀମାଦ୍ରିକୁ । ତା’ର ମନେ ହୁଏ ସେ ଯେମିତି ଠିକ୍ କମାର ପରି ତା’ର ମନର ହାତୁଡ଼ିରେ ପିଟି ପିଟି ସ୍କେଚ୍ କରୁଚି ଚଉଘଣ୍ଟାକୁ । ସ୍କେଚ୍—ଆହୁରି ସ୍କେଚ୍—ଅନେକ ସ୍କେଚ୍ ହୋଇଯାଏ । ସେ ଯେମିତି ତା’ର ଆଖି ସାମ୍ନାରେ ଦେଖୁଛି ଆକାଶର ବିରାଟ ଚେସ୍ ବୋର୍ଡ଼ ଉପରେ ଠିଆ ହୋଇ ରହିଛି ଗୋଟିଏ ମାତ୍ର ନିଃସଙ୍ଗ—ନିରୋଳା ‘ପନ୍’ । ବାଃ ! ଖୁସି ହୋଇଯାଏ ସୀମାଦ୍ରି । କେତେ ଓଜନ ହେବ ସେଇ ‘ପନ୍’ଟାର ? ତା’ର ଡାହାଣ ହାତର ବୁଢ଼ା ଆଙ୍ଗୁଠି ଆଉ ବିଣି ଆଙ୍ଗୁଠିକୁ ବଢ଼େଇବାକୁ ଚେଷ୍ଟା କରେ ସେ ମହାଶୂନ୍ୟରେ । ସ୍ୱପ୍ନ ଦେଖୁନାହିଁ ତ ସୀମାଦ୍ରି ? ତା’ର ଆଙ୍ଗୁଠିର ପବଗୁଡ଼ାକ ବଢ଼ିବାକୁ ଆରମ୍ଭ କରିଛି । ତା’ପରେ ତା’ର ପାପୁଲି···ଆଉ ଧୀରେ ଧୀରେ ତା’ର ସମଗ୍ର ହାତଟା ଅନେକ ବାଟ ଲମ୍ବିଗଲାଣି ଆକାଶ ଭିତରକୁ । ଆଉ ମାତ୍ର କେଇ ଇଞ୍ଚ ବାଟ । ଆନନ୍ଦରେ ସୀମାଦ୍ରିର ଆଙ୍ଗୁଠି ଦୁଇଟା ଥରି ଉଠିଚି । ସତରେ କ’ଣ ସେ ଆକାଶରୁ ତୋଳି ଆଣି ପାରିବ ସେଇ କ୍ଷୁଦ୍ରାୟତନ ‘ପନ୍’ଟାକୁ । ଦୁଇ ଆଙ୍ଗୁଠିର ସ୍ୱଳ୍ପ ବ୍ୟବଧାନ ଭିତରେ ସେ ସ୍ପଷ୍ଟ ସ୍ପର୍ଶ କରି ପାରୁଛି—ସେ ନିର୍ଭୁଲ୍ ଭାବରେ ଅନୁଭବ କରୁଛି କାଠ

ଗୋଟାଏ ଜିନଷ ଧରିଛି ସେ । ଏଥର ଆକୁଞ୍ଚନ । ତା'ର ମନେହେଉଛି ସେ ଯେପରି ଆକାଶରୁ କୋଟିନିଧି ତୋଳି ଆଣୁଛି । କିଂ ମିଡ଼ାସ୍ ବୋଧହୁଏ ଖଣ୍ଡେ ସୁନାର ଇଟାକୁ ଯା'ଠାରୁ ଅଧିକ ସାବଧାନତାର ସହିତ ଆଣି ନଥାନ୍ତେ । ଧୂଣିଅରେ ଗ୍ଳେଟ ହୋଇ ଆସୁଚ ତା'ର ହାତ—ତା'ର ପାପୁଲି—ଆଉ ତା'ର ଆଙ୍ଗୁଠି ସବୁ । ତା'ର ଚର-ଇପ୍ସିତ ବସ୍ତୁଟିକୁ ସୀମାଦ୍ରି ଆଣି ରଖିଛି ତା'ର ବାଁ ହାତର ପାପୁଲି ଉପରେ । ଆଖି ଅପରେସନ୍ କରୁଥିବା ସର୍ଜନ ବୋଧହୁଏ ଅଧିକ ସାବଧାନତାର ସହିତ ଫର୍‌ସେପ୍‌ରେ ଧଇପାଇନଥାନ୍ତା ଆଖିର ଡୋଳାକୁ । ତା'ର ପ୍ରସାରିତ ପାପୁଲି ଉପରେ ସେ ତା'ର ଓଜନ ପର୍ଯ୍ୟନ୍ତ ଅନୁଭବ କରି ପାରୁଛି । ନୂତନ ଅବସ୍ଥାରରେ ସୀମାଦ୍ରିର ଆଖି ଦୁଇଟା ଉଜ୍ଜ୍ୱଳ ହୋଇ ଉଠିଛି । ସେ ଭାବୁଛି ଏଇ ମୁହୂର୍ତ୍ତରେ ଯଦି ଏଠି ଥାଆନ୍ତା ମୂର୍ଖ ସରୋଜ ତାହାହେଲେ ସେ ତାକୁ କହନ୍ତା, ଗୋ, ରନ୍— କେନାଲ୍ କୂଳକୁ ଯା' ଦେଖି ଆସିବୁ ସେ ଚଢ଼େଇଟା ଆଉ ସେଠି ନାହିଁ । ତାକୁ ମୁଁ ଲୁଟି କରି ଆଣିଛି ମନର ଜୋର୍‌ରେ । ଆଉ ସେ ଯେତେବେଳେ କେନାଲ କୂଳରୁ ବିସ୍ମିତ ହୋଇ ଫେରି ଆସନ୍ତା, ସେତେବେଳେ ସେ ତା'ର ଅଖି ଆଗରେ ଆସ୍ତେ ଆସ୍ତେ ବାଁ ହାତର ବଜ୍ରମୁଷ୍ଟି ଖୋଲି ଦେଖେଇ ଦିଅନ୍ତା ତା'ର ଏଇ କ୍ଷୁଦ୍ର ସଂସ୍କରଣଟିକୁ ।

ଖୁବ୍ ପାଟିକରି ହସି ହସି ଦଳେ ପିଲା ପଶି ଆସିଲେ ସୀମାଦ୍ରିର ରୁମ୍ ଭିତରକୁ । ଚମକି ପଡ଼ିଲା ସୀମାଦ୍ରି । ତା'ର ବାଁ ହାତର ପାପୁଲି ତଥାପି ଖୋଲା ଅଛି—କିନ୍ତୁ ତା'ର ପ୍ରିୟ ପଦାର୍ଥଟି ଆଉ ତା' ଉପରେ ନାହିଁ । ଆଖି ପିଛୁଳାକରେ ଯେମିତି ତା'ର ପାପୁଲି ଉପରେ ସେ'ଟା ମିଳେଇ ଗଲା ସମୁଦ୍ର କୂଳର ଉଜ୍ଜ୍ୱଳ ଜେଲି ଫିସ ପରି । ମନେ ମନେ ଅସମ୍ଭବ ବିରକ୍ତ ହୋଇ ଉଠିଲା ସୀମାଦ୍ରି । ରୁକ୍ଷ ସ୍ୱରରେ କ'ଣ ସେ ସେମାନଙ୍କୁ କହିଲା ବୋଧହୁଏ—ନିରବରେ ସେମାନେ ଫେରିଗଲେ । ରାତି ଦଶଟା ବାଜିଗଲାଣି ।

ଶୋଇବାକୁ ଚେଷ୍ଟା କଲା ସୀମାଦ୍ରି ।

× × ×

ଅନେକ ରାତି ହେଲାଣି ।

ଦେଖିଲେ ଜଣାଯାଏ ସୀମାଦ୍ରି ଶୋଇ ରହିଛି କଦଯୋଡ଼ ନିଦରେ । କିନ୍ତୁ ସୀମାଦ୍ରି ତା'ର ମୁଦ୍ରିତ ଆଖି ଆଗରେ ସ୍ପଷ୍ଟ ଦେଖି ପାରୁଛି କେନାଲ୍ କୂଳର ସେଇ ଚଢ଼େଇଟାକୁ । ସେ ଚଢ଼େଇଟା ଆଉ ସ୍ଥାଣୁ ନୁହେଁ—ସୀମାଦ୍ରିର ମନର ରଙ୍ଗିନେଇ ଯେପରି ତା'ର ସ୍ନାୟୁ ସବୁ ବଞ୍ଚି ଉଠିଲେଣି । ରୁଗ୍ଣ ମାଂସପେଶୀ ସବୁ ସବଳ ହୋଇ ଉଠିଲେଣି । ପବନ ବହୁଛି ବୋଧହୁଏ—ଆଉ ସେଇ ପବନରେ ସେଇ

ପଥରର ଚଉରାଟା ଦୋଳି ଖେଳୁଛି ହାଲୁକା ମନରେ । ଥରେ ଥରେ ଗୋଟାଏ ଝାଙ୍କ ପବନରେ ଚଉରାଟା ଏକା ଥରକେ ନଇଁ ଯାଉଛି ତଳକୁ—ଯେମିତି ହେଇଟା ଗୋଟାଏ ଚଉଖୁଣ୍ଟିଆ ରବରର ଡ୍ରମ୍ । ତା'ର ମନେହେଲା ଯେମିତି ସେଇ ଡ୍ରମ୍‌ଟା ଦୋହଲି ଦୋହଲି ନିମନ୍ତ୍ରଣ କରୁଛି ତା'କୁ ଡେଠିକି ଯିବାପାଇଁ ।

ବିଛଣାରେ ହଠାତ୍ ଉଠି ବସିଲା ସୀମାଦ୍ରି ।

ତା'କୁ ଏଇ ମୁହୂର୍ତ୍ତରେ ହିଁ ଯିବାକୁହେବ ଡେଠିକି । ରୁମ୍‌ର ଆଲୁଅ ଦବାକୁ ମନେ ନାହିଁ ତା'ର । ବିବେକ ଅଛି କି ନାହିଁ ସେଥିପାଇଁ ଭ୍ରୂକ୍ଷେପ ନାହିଁ । ହାତ ତା'ର ମନକୁ ମନ ଉଠିଗଲେ, ଦରଜାର ଝିଡ଼ିକି ଖୋଲିବାକୁ । ହଷ୍ଟେଲ୍‌ର ଲମ୍ବା ବାରଣ୍ଡାଟା ଏକାଥରକେ ନିର୍ଜନ । ଜଣେ ହେଲେ କେହି ପିଲା ନାହିଁ । ଗୋଟାଏ ମଳିନ ଆଲୋକର ଆସ୍ତରଣ ତଳେ ଚାଲିଚି ସେ ମନ୍ତ୍ରମୁଗ୍ଧ ପରି । ତା' ପରେ ଷ୍ଟେଆର୍ କେସ୍, ନିର୍ଭୁଲ ଭାବରେ ପ୍ରତିଟି ପାହାଚରେ ଓହ୍ଲେଇ ଓହ୍ଲେଇ ଚାଲିଛି ସୀମାଦ୍ରି ଆଉ ତା' ପରେ ପରେ ମେନ୍ ଗେଟ୍ ଦେଇ ଏକା ଥରକେ ବାହାର ରାସ୍ତାକୁ ।

ରାସ୍ତାଟା ମଧ୍ୟ ଅତ୍ୟନ୍ତ ନିର୍ଜନ । ଟ୍ରେନର ତୀବ୍ର ହୁଇସିଲ୍ ଷ୍ଟେସନ୍‌ରୁ ଶୁଣାଯାଉଛି ମଝିରେ ମଝିରେ । ଧାଡ଼ି ଧାଡ଼ି ରାସ୍ତା ଲାଇଟ୍‌ଗୁଡ଼ାକ ସୀମାଦ୍ରିକୁ ଦେଖା-ଯାଉଛନ୍ତି ଆକାଶରୁ ତଳକୁ ଓହ୍ଲେଇ ଆସିଥିବା କେଇଟା ଅସ୍ଥିର ତାରକା ପରି । ଗୋଟାଏ ନିଶାଖୋର୍ ରିକ୍ସାବାଲା ଝଡ଼ ବେଗରେ ରିକ୍ସା ଚଲେଇ ନେଇଗଲା ସୀମାଦ୍ରିର ଦେହରେ ପ୍ରାୟ ଘଷି ହୋଇ । କିନ୍ତୁ ସୀମାଦ୍ରି ତା'ର ଚାରିପାଖର ସମସ୍ତ ଘଟଣା ପ୍ରତି ସମ୍ପୂର୍ଣ୍ଣ ନିର୍ଲିପ୍ତ ନିର୍ବିକାର । ତା'ର ଦୁଇଟି ଅର୍ଦ୍ଧନିମିଳିତ ଆଖି ଆଗରେ କେବଳ ଦୋଳି ଦୋଳି ନର୍ତ୍ତିତ କରୁଛି ସେଇ ଚଉରାଟା । କସ୍ତୁରୀମୃଗ ପରି ସମ୍ପୂର୍ଣ୍ଣ ଆତ୍ମବିସ୍ମୃତ ହୋଇ ସୀମାଦ୍ରି ଟାଣି ହୋଇ ଯାଉଛି ଗୋଟାଏ ଅଦୃଶ୍ୟ, ଅପରିହାର୍ଯ୍ୟ ଶୃଙ୍ଖଳର ଆକର୍ଷଣରେ ନିୟନ୍ତ୍ରିତ ହୋଇ ।

ତରଳ ରୂପାପରି ଜହ୍ନ ଆଲୁଅ ବର୍ଷି ହୋଇପଡ଼ୁଛି । ସେଇ ଜହ୍ନର ଯାଦୁରେ କେନାଲ୍‌ର ପାଣି, ବାଲି ଆଉ ଗଛ ସବୁ ଯେମିତି ରୂପ ପାଲଟି ଯାଇଛି । ସମସ୍ତ ପରିବେଶକୁ ଆଚ୍ଛନ୍ନ କରି ରଖିଛି ଏକ ଅବ୍ୟକ୍ତ ନିର୍ଜନତା । ଏଇ ଅତି-ନିର୍ଜନ ପରିବେଶରେ ମନେହୁଏ ଯେପରି ପୃଥିବୀର ପାର୍ଶ୍ୱପରିବର୍ତ୍ତନ ମନ୍ଥର ହୋଇଆସିଛି ତା'ର ଅକ୍ଷ ଚାରିପଟେ । ଖୁବ୍ ଆସ୍ତେ ଆସ୍ତେ ପାଦ ପକେଇ ଚାଲିଛି ସୀମାଦ୍ରି—ଟିକିଏ ଜୋର୍‌ରେ ଚାଲିଲେ ଯେମିତି ଏଇ ଚିର-ରହସ୍ୟମୟୀ ପରିବେଶର କୁହୁକ ନଷ୍ଟ ହୋଇଯିବ । କେତେ ରାତି ହେଲଣି ଜାଣିବାର ଉପାୟ ନାହିଁ । ଉଜ୍ଜ୍ୱଳ ଚନ୍ଦ୍ର ଆଲୋକର ପ୍ରଚ୍ଛଦପଟରେ ଗଛର ସାନ୍ଦ୍ର-ଦୀର୍ଘ ଶାଖାଗୁଡ଼ାକ ଦେଖାଯାଉଛି ଆସୁରି କୃଷ୍ଣକାୟ । ଗଛର ନାଁ ସୀମାଦ୍ରି ଜାଣେନା—ତେବେ ଗଛଗୁଡ଼ାକର ସ୍ୱାତନ୍ତ୍ର୍ୟ ଅଛି ।

ପ୍ରତ୍ୟେକଟି ଗଛକୁ ଦେଖିଲେ ମନେହୁଏ ଯେମିତି ସେମାନେ କୌଣସି ଆର୍ଟିଷ୍ଟ ହାତରେ ଅଙ୍କା ଅସମାପ୍ତ ପେଣ୍ଟିଂ ।

ପାଖରେ ଗାର୍ଲସ୍ ହଷ୍ଟେଲ ର ଦ୍ୱିତଲକୋଠା ଦେଖାଯାଉଛି । ତା'ର ଭିତରେ ଅନେକ ତରୁଣୀ ନିଦ୍ରା ଯାଇଥିବେ । ଯେମିତି କେଉଁ ଦୈତ୍ୟର କୁହୁକ ମନ୍ତ୍ରରେ ଅଚେତ ହୋଇ ପଡ଼ିଛନ୍ତି ସେମାନେ । ସେଇମାନଙ୍କ ଭିତରେ ମଧ ଶୋଇ ରହିଛି ଋତା । ଆହା ! କେତେ ଅତ୍ୟାଗୃହୀତା ଋତାର ଯୌବନ ! ଋତା କ'ଣ ଚାହେଁନା ଏଇ ଜହ୍ନ ଆଲୁଅରେ ଲୋଟିବାକୁ ଏଇ ଶୀତଳ ବାଲି ଶେଯରେ । ସେ କ'ଣ ଅସହାୟ ଭାବରେ ଚାହୁଁ ନ ଥିବ ଖସିପଡ଼ନ୍ତାକି ଏଇ କାନ୍ଥର ଇଟାଗୁଡ଼ାକ ଏଇ ମାତାଲ ଜହ୍ନ ଆଲୁଅରେ ବତୁରି ବତୁରି !

ମୁହୂର୍ତ୍ତିକରେ ସୀମାଦ୍ରିର ମନ କରୁଣା-ଆର୍ଦ୍ର ହୋଇଉଠିଲା । ଋତାକୁ କ'ଣ ଉଦ୍ଧାର କରି ହବ ଏଇ ଯକ୍ଷପୁରୀ ଭିତରୁ ? ହୁଏତ ସମ୍ଭବ । ତା'କୁ ଆସିବାକୁ ପଡ଼ିବ ଦିନେ ରାଜପୁତ୍ର ପରି ପାଣିର ସନ୍ଧାନ କରି · ତା'ପରେ ହୁଏତ ଘୋଡ଼ାର ଜିନ୍ ଉପରେ ତା'ର ଉଷ୍ଣୀଷ ରଖିଦେଇ ତାକୁ ଉଠିବାକୁ ପଡ଼ିବ ଲୁହାର ପାଇପ୍ ଧରି ଦୋତାଲା ଉପରକୁ ।···ତା'ପରେ ହୁଏତ···। ସୀମାଦ୍ରି ଦୃଷ୍ଟି ଫେରାଇଲା ସେଇ ଜୀର୍ଣ୍ଣ ଚଉରା ଆଡ଼କୁ, ଏଇ ଚଉରାଟାକୁ । ଯଦି ସେ କରିପାରନ୍ତା ଆଲ୍ଲା-ଉଦ୍ଦିନ୍‌ର ସେଇ ଆଶ୍ଚର୍ଯ୍ୟ ଦୀପ-ଦୈତ୍ୟ, ତାହାହେଲେ ହୁଏତ ତା'କୁ ସେ ଆଦେଶ କରିପାରନ୍ତା ଋତାକୁ ଉଦ୍ଧାରକରି ଆଣିବାକୁ । ଓଃ ! ଥରେ—ମାତ୍ର ଥରକ ପାଇଁ ଯଦି ସେ ଚେତନା ସଞ୍ଚାର କରିପାରନ୍ତା ଏଇ ଜଡ଼-ପ୍ରସ୍ତରିତ ଜୀର୍ଣ୍ଣ ଚଉରାଟା ଦେହରେ !

ନିର୍ନିମେଷ ଦୃଷ୍ଟିରେ ସୀମାଦ୍ରି ଚାହିଁ ରହିଛି ସେଇ ଚଉରାଟାକୁ, ସେ ଆଜି କିଛି ଭାବିବାକୁ ଚାହେଁନା । ଆଜି କେବଳ ସେ 'ଅପେକ୍ଷାକରି ରହିବ ତା'ର ନିଜସ୍ୱ ଜନ୍ମପରିବର୍ତ୍ତନକୁ, ପ୍ରଥମେ ତା'ର ମନେହେଲା ଯେମିତି ସେଇ ଚଉରା ଉପରେ ଅନେକଗୁଡ଼ାଏ ଆଲୋକ ଆଉ ଅନ୍ଧାର ରେଖା ଭାସି ବୁଲୁଛନ୍ତି ଅନିଶ୍ଚିତ ଭାବରେ । ତା'ପରେ ଯେପରି ସେଇ ଭ୍ରମମାନ ରେଖାଗୁଡ଼ିକ ଆସ୍ତେ ଆସ୍ତେ ସ୍ଥିର ହୋଇ ଆସୁଛନ୍ତି···ସେମାନେ ରୂପ-ପରିଗ୍ରହ କରୁଛନ୍ତି ।

ଉଚ୍ଛୃଙ୍ଖଳ ଜ୍ୟୋତ୍ସ୍ନା ଝରୁଛି ଆକାଶରୁ ।

ଏଇ ଭରା ଚନ୍ଦ୍ରାଲୋକରେ ମଣିଷମାନେ କୁଆଡ଼େ ପାଗଳ ହୋଇଯାଆନ୍ତି । ସୀମାଦ୍ରି ଆଉ ପାଗଳ ହୋଇ ଯାଉନାହିଁ ତ' ? ତା'ର ଏଇ ଏକ୍ସପେରିମେଣ୍ଟଟା ଗୋଟାଏ ବିରାଟ ପାଗଳାମି ନୁହେଁ ତ' ? ଠିକ୍ କିଛି ବୁଝିପାରୁ ନାହିଁ ସେ । ପୁଣିଥରେ

ଚଉରଟା ଆଡ଼େ ଚାହିଁଲା ସୀମାଦ୍ରି । ମୁହୂର୍ତ୍ତକ ପାଇଁ ତା'ର ମନେହେଲା ଯେପରି ସେଇ ଚଉରଟା ରୂପାନ୍ତରିତ ହୋଇଯାଇଚି ଗୋଟାଏ ମନୁଷ୍ୟର ପ୍ରତିକୃତିରେ ।

···· ·ଗୋଟାଏ ଖାକି ରଙ୍ଗର ଫୁଲପ୍ୟାଣ୍ଟ୍ ପିନ୍ଧିଛି ଲୋକଟା । ସବୁ ଅଣ୍ଟାଠାରୁ ଉପରକୁ ଉଠିଯାଇଛି କମପ୍ରଶସ୍ତ ଛାତିର ଦୁଇ ସୀମା ଟ୍ରାପିଜିୟମ୍‌ର ବାହୁ ପରି । ବାଁ ଆଖି ଉପରେ ଫେଲ୍ଟ ଟୋପିଟା ନଇଁ ଆସି ମୁହଁଟା ଠିକ୍ ଦେଖାଯାଉ ନାହିଁ । ସୀମାଦ୍ରି ଅସ୍ତେ ଆସ୍ତେ ଆଗେଇବାକୁ ଚେଷ୍ଟାକଲା ସେଇ ଲୋକଟା ଆଡ଼କୁ । ସେ ଯେମିତି ଯାଉଛି ଗୋଟାଏ ଅଶରୀରୀ ସହିତ ପରିଚୟ କରିବାକୁ । କିନ୍ତୁ ତଥାପି ସେଇ ଲୋକଟା ଠିଆ ହୋଇ ରହେ ଅବିଚଳିତ ହୋଇ । ନିକଟକୁ···ଖୁବ୍ ନିକଟକୁ ଆସିଲଣି ସୀମାଦ୍ରି—ସୀମାଦ୍ରିର ନିଶ୍ୱାସ ବୋଧହୁଏ ବାଜୁଛି ସେଇ ଲୋକଟା ଉପରେ—କିନ୍ତୁ ସେ ଲୋକଟାର କୌଣସି ପରିବର୍ତ୍ତନ ହୁଏନା । ଆଖିରେ ଅବିଶ୍ୱାସ୍ୟ ବିସ୍ମୟ ନେଇ ସୀମାଦ୍ରି ଚାହିଁ ରହେ ସେ ଲୋକଟାକୁ । ଆଗରୁ କେଉଁଠି ଦେଖିଛି ଦେଖିଛି ବୋଲି ମନେହୁଏ ତା'ର ।···କିନ୍ତୁ ଭୁଲିଯାଉଛି ସୀମାଦ୍ରି···ଭୁଲିଯାଉଛି ସେ । ଖୁବ ଆସ୍ତେ ଆସ୍ତେ ଚାପାକଣ୍ଠରେ ପଚାରେ ସୀମାଦ୍ରି—"ତମେ କିଏ ?"··· ନିଶ୍ୱାସର ମୃଦୁ ଶବ୍ଦ ପରି କଥାଗୁଡ଼ାକ ମିଳେଇଗଲା ପବନରେ । ଚମକି ଉଠିଲା ସୀମାଦ୍ରି ! ନିର୍ଜ୍ଜନ ପରିବେଶ ଭିତରେ ଏଇ ସାମାନ୍ୟ କେଇପଦ କଥା ଅତି ବେଖାପ ଶୁଣାଯାଏ କାନକୁ । କିଏ କଥା କହିଲା ? ସେ ନିଜେ ନା ତା' ସାମ୍ନାରେ ଠିଆ ହୋଇଥିବା ଏଇ ଅଶରୀରୀ ଯୁବକ ? ଠିକ୍ କିଛି ବୁଝିପାରୁନାହିଁ ସେ । ସବୁ ଯେମିତି ଗୋଳମାଳିଆ ହୋଇଯାଉଛି ତା'ର ମୁଣ୍ଡ ଭିତରେ ।

ସୀମାଦ୍ରିର ମେରୁଦଣ୍ଡ ଦେଇ ହଠାତ୍ ଯେମିତି ଖେଳିଗଲା ଗୋଟାଏ ବିଦ୍ୟୁତ୍ ତରଙ୍ଗ । ତା'ର ମନେହେଲା, ସେ ଯେମିତି ନିଜକୁ ଦେଖିପାରୁଚି ଗୋଟାଏ ବିରାଟ ଦର୍ପଣ ଭିତରେ । ତା'ରି ଏଇ ଅପରିଚିତ ତରୁଣ ହେଇ ଏତେ ସମୟ ଧରି ଠିଆ ହୋଇ ରହିଛି ସେ ନିଜେ ! ହଁ—ଠିକ୍ ତ ! ନିର୍ଭୁଲ ଭାବରେ ସୀମାଦ୍ରି ଠିଆହୋଇ ରହିଛି ତା'ରି ସାମ୍ନାରେ । କିନ୍ତୁ ଏ କଥା କ'ଣ ସମ୍ଭବ ? ଆଜିଯାଏ ତ କେବଳ ସୀମାଦ୍ରି ଏଇ କଥା ତପସ୍ୟା କରି ଆସିଛି । କେତେ ରାତି ସେ କଳ୍ପନା ନ କରିଛି ନିଜକୁ ସେ ଉଜ୍ଜୀବିତ କରିବ ଏଇ ନିର୍ବାକ୍, ଜଡ଼ ପଥର ଦେହରେ । ଆଜି ହୁଏତ ଅକସ୍ମାତ ଆସିଚି ସେଇ ଚିର ଇପ୍ସିତ ମୁହୂର୍ତ୍ତ । ଯେପରି କ୍ଲାନ୍ତ ହୋଇ-ପଡ଼ୁଚି ସୀମାଦ୍ରି । ସେ ଆଉ କିଛି ଭାବିପାରୁ ନାହିଁ । ଧୀରେ ଧୀରେ ତା'ର ଅଙ୍ଗ ପ୍ରତ୍ୟଙ୍ଗ ସବୁ ନିର୍ଜ୍ଜୀବ ହୋଇ ଆସୁଛି । ପକ୍ଷାଘାତ ବୋଧହୁଏ ଠିକ୍ ଏଇପରି ଆରମ୍ଭ ହୁଏ । ଅତି ଅସହାୟ ଭାବରେ ସେ ତିଳେ ତିଳେ ପ୍ରସ୍ତରିତ ହୋଇଯାଉଛି······ସେ ଚଳତ୍‌ଶକ୍ତି ରହିତ ।

ସୀମାଦ୍ରିର ପ୍ରସ୍ତର ସମାଧି ସମ୍ପୂର୍ଣ୍ଣ ହୋଇଯାଇଛି । ତା'ର ଆଖି ପତା ମଧ୍ୟ ଚଳେଇବା ଆଉ ସମ୍ଭବ ନୁହେଁ । ଏଥର କିନ୍ତୁ ଚାଲିବାକୁ ଆରମ୍ଭ କରିଛି ସେଇ ଅନ୍ୟ ଲୋକଟି, ସୀମାଦ୍ରିର ଦ୍ୱିତୀୟ ସଂସ୍କରଣ । ସେ' ଯେମିତି କେବଳ ଅପେକ୍ଷା କରି ରହିଥିଲା ସୀମାଦ୍ରିର ଏଇ ରୂପାନ୍ତରକୁ । କିନ୍ତୁ ସୀମାଦ୍ରିର ମସ୍ତିଷ୍କ କାର୍ଯ୍ୟ କରୁଛି ଠିକ୍ । ସେ ଠିକ୍ ଜାଣିପାରୁଛି ସେ ଲୋକଟା ଯିବ ଗାର୍ଲସ ହଷ୍ଟେଲ୍ ପାଖକୁ । ଏଟି' ସୀମାଦ୍ରିର ନିଜସ୍ୱ ଭାବନା ନୁହଁ । ସେଇ ଲୋକଟାର ପ୍ରତିଟି ଚିନ୍ତା-ଧାରା ଯେପରି କେଉଁ ଅଜ୍ଞାତ ଶକ୍ତି ବଳରେ ପ୍ରତିବିମ୍ବିତ ହେଉଛି ସୀମାଦ୍ରିର ମନରେ । ସୀମାଦ୍ରି ଆଦୌ ଅନୁମାନ କରିବାକୁ ଚେଷ୍ଟା କରୁନାହିଁ କିନ୍ତୁ ତଥାପି ସେ ଜାଣିପାରୁଛି ତା'ର ପ୍ରତିଟି ଚିନ୍ତାଧାରା ।

ସ୍ପଷ୍ଟ ଦେଖିପାରୁଛି ସୀମାଦ୍ରି ଜହ୍ନ ଆଲୁଅରେ··· ସେଇ ଲୋକଟା ଗାର୍ଲସ ହଷ୍ଟେଲର ପାଇପ୍ ଧରି ଉଠୁଛି ଉପରକୁ । ଖୁବ୍ ପରିଶ୍ରମ କରିବାକୁ ପଡ଼ୁଛି ସେଇ ଲୋକଟାକୁ ନିଶ୍ଚୟ · ସୀମାଦ୍ରିର ପ୍ରସ୍ତରିତ ଗୋଡ଼ର ମାଂସପେଶୀ ସବୁ ଫାଟି ପଡ଼ୁଛନ୍ତି ସେଇ ଲୋକଟାର ଉଠିବା'ର ଚେଷ୍ଟାରେ । ତା'ପରେ ସେଇ ଲୋକଟା ଚାଲୁଛି ଗୋଟାଏ ନାତିପ୍ରଶସ୍ତ ପାଚେରି ଉପରେ କୌଣସି ମତେ ନିଜର ଭାରସାମ୍ୟ ରକ୍ଷା କରି କରି— ଆଉ ଠିକ୍ ସେଇ ସ୍ପନ୍ଦନ ଅନୁଭବ କରିପାରୁଛି ସୀମାଦ୍ରି । ସେ ବି ଟଳୁଛି କେତେବେଳେ ବାଁକୁ ପୁଣି କେତେବେଳେ ଡାହାଣକୁ । ଏକ ଅପରିହାର୍ଯ୍ୟ ଦୋଳନରେ ଦୋଳାୟିତ ହେଉଛି ସୀମାଦ୍ରି···ତା'ପରେ ଲୋକଟା ଉଠୁଛି ସନ୍ତର୍ପଣରେ ଗୋଟାଏ ସଙ୍କୀର୍ଣ୍ଣ ପାରାପିଟ୍ ଉପରକୁ, କାନ୍ଥରେ ପିଠି ଘଷି ଘଷି ଚାଲୁଛି ଲୋକଟା···ସେ ନିଶ୍ଚୟ ଯାଉଛି ଶତାର ରୁମ୍ର ଝରକା ପାଖକୁ । କିନ୍ତୁ ତା'କୁ ଆହୁରି ଅନେକ ଦୂର ଯିବାକୁ ପଡ଼ିବ ସେଇ ସଙ୍କୀର୍ଣ୍ଣ ପଥ ଦେଇ···ସୀମାଦ୍ରିର ପାଦତଳୁ ଯେମିତି ଗୁଡ଼ାଏ ମାଟି ଖସିଗଲା । ହଠାତ୍, ତା' ପାଦତଳେ ଖାଲି ରହିଚି ଗୋଟାଏ ଅପ୍ରଶସ୍ତ ମାଟିର ହିଡ଼ । ସୀମାଦ୍ରିର ଭାରସାମ୍ୟ ମଧ୍ୟ ଆନ୍ଦୋଳିତ ହବାକୁ ଆରମ୍ଭ କରିଛି । ଉଃ ! କି ଆଶ୍ଚର୍ଯ୍ୟ ଭାବରେ ସେଇ ଲୋକଟାର ପ୍ରତିଟି ଗତିବିଧି ସୀମାଦ୍ରିକୁ ପ୍ରଭାବିତ କରି ଚାଲିଛି ।

ନାଁ—ସୀମାଦ୍ରି ପକ୍ଷରେ ଆଉ ଠିଆ ହୋଇ ରହିବା ସମ୍ଭବ ନୁହଁ ବୋଧହୁଏ । ସେ ପ୍ରାୟ ପଡ଼ିଯାଉ ଯାଉ ରହିଗଲା ଥରେ । କିନ୍ତୁ ଏଇ କେତୋଟି ମୁହୂର୍ତ୍ତ ଅତ୍ୟନ୍ତ ଅନିଶ୍ଚିତ—କିଛି କୁହାଯାଏ ନାଁ । ହଠାତ୍ ଶୂନ୍ୟକୁ ଝୁଙ୍କି ପଡ଼ିଲା ସୀମାଦ୍ରି—ଏଥର ଆଉ କିଛି ପ୍ରତିବନ୍ଧକ ନାହିଁ । ସାମ୍ନାର ଶୂନ୍ୟତା ଭିତରକୁ ଓଳାଡ଼ି ହୋଇ ପଡ଼ିଲା ସୀମାଦ୍ରି ଖଣ୍ଡେ ଶୁଖିଲା କାଠ ଗରି ପରି । ଠିକ୍ ତା'ପରେ ହିଁ ସୀମାଦ୍ରିର ଚେତନା ଶକ୍ତି ଲୋପ ପାଇଯାଇଛି···

## ଚାରି

ଶାର୍ଲିସ ହଷ୍ଟେଲ୍ ପଡ଼ିଆରେ ଅନେକ ଲୋକଙ୍କର ଭିଡ଼ ଜମିଛି । ସୀମାନ୍ଦ୍ର ଛାତ ଉପରୁ ପଡ଼ିଯାଇଛି ଅସତର୍କ ହୋଇ । ସରୋଜ ବି ଆସିଚି ସେଠିକି । ସୀମାନ୍ଦ୍ରର ମୁଣ୍ଡର ଖପୁରିଟା ଛେଚି ହୋଇଯାଇ ମୁହଁଟା କପର ବିକୃତ ଦେଖାଯାଉଛି । ତା'ର ପିନ୍ଧିବା ଲୁଗାକୁ ଛାଡ଼ିଦେଲେ ତା'କୁ ସୀମାନ୍ଦ୍ର ବୋଲି ଚିହ୍ନିଟ କରିବା ସମ୍ଭବ ନୁହେଁ ।

ପୁଲିସ୍ ଅନୁସନ୍ଧାନ କରୁଛି । ସରୋଜ ଏ ଦୁର୍ଘଟଣା ସମ୍ପର୍କରେ କୌଣସି ଆଲୋକପାତ କରିପାରି ନାହିଁ । ସହରର ସମସ୍ତ ଜନତା ଅବଶ୍ୟମ୍ଭାବୀ ଉପସଂହାରରେ ଉପନୀତ ହୋଇ ରାୟ ଦେଇଛନ୍ତି ଯେ ସୀମାନ୍ଦ୍ର କୌଣସି ପ୍ରେମ-ଜନିତ ବ୍ୟାପାରରେ ଜଡ଼ିତ ହୋଇପଡ଼ି ହୁଏତ ଦୁର୍ଘଟଣାର ସମ୍ମୁଖୀନ ହୋଇଛି ବା ଆତ୍ମହତ୍ୟା କରିଛି ।

ସରୋଜ କେବଳ ତା'ର ଦୁଇ ହାତକୁ ଛାତି ଉପରେ ଛକି ଦେଇ ଚମତ୍କୃତ ଭାବରେ ବୁଲୁଚି ଏପଟରୁ ସେ'ପଟ । କିଛି କୂଳକିନାରା ମିଳେନା ସରୋଜକୁ । ବୁଲି ବୁଲି କେନାଲ୍ କୂଳକୁ ଆସେ ସରୋଜ ଆଉ ସେଠି ଦେଖେ—

ସେଇ ଜିଣ୍ଣି ଚଉରାଟି ମଧ୍ୟ ଭାଙ୍ଗି ପଡ଼ିଛି ମୂଳରୁ— ପଡ଼ିବାର ଧକ୍କାରେ କେଇଖଣ୍ଡ ଇଟା ଛିଟିକି ପଡ଼ିଚି ଦୂରକୁ ।

ସରୋଜ ବିସ୍ମିତ ହୋଇଛି—କାଲି ରାତିରେ ବର୍ଷା ବା ଝଡ଼ର ବିନ୍ଦୁ ମାତ୍ର ସୂଚନା ନଥିଲା···ତେବେ ଭାଙ୍ଗିଲା କପର ? ହୁଏତ ସୀମାନ୍ଦ୍ର ଶେଷ ପର୍ଯ୍ୟନ୍ତ ଏଇ ପଥର ଖୁଣ୍ଟଟାର ଆତ୍ମା ଭିତରକୁ ପ୍ରବେଶ କରିପାରିଥିଲା ।

## ପାଞ୍ଚ

ଦଶବର୍ଷ ଅତିକ୍ରାନ୍ତ ହୋଇଯାଇଚି ।

ସରୋଜ ତା'ର ସ୍ତ୍ରୀକୁ ନେଇ ଗାଡ଼ିରେ ଯାଉଥିଲା ସେଇବାଟ ଦେଇ । କେନାଲ୍ କୂଳର ସେଇ ନିର୍ଦ୍ଦିଷ୍ଟ ସ୍ଥାନଟି ପାଖରେ ସରୋଜ ଗାଡ଼ି ଠିଆ କରେ । ଗାଡ଼ିରେ ତା'ର ସ୍ତ୍ରୀକୁ ଅପେକ୍ଷା କରିବାକୁ କହି ସରୋଜ ଓହ୍ଲେଇ ପଡ଼ି ଚାଲେ କେନାଲ ବନ୍ଧ ଉପରକୁ । ସେ ବୋଧହୁଏ ଦଶବର୍ଷ ପରେ ତା'ର ବନ୍ଧୁ ସୀମାନ୍ଦ୍ରକୁ ସ୍ମରଣ କରିବାକୁ ଚାହେଁ ସେଇ ପରିବେଶ ଭିତରେ ।

ଆଜି ବି ସେଇ ବାଲି ସବୁ ରୂପା ପାଲଟି ଯାଇଛନ୍ତି ଜହ୍ନର କାଉଁରୀ କାଠିରେ । ଆଜି ବି ସେଇ ଗଛ ସବୁ ସେମିତି ଠିଆହୋଇ ରହିଛନ୍ତି ପ୍ରତ୍ୟେକଟି ଗୋଟିଏ ଗୋଟିଏ ମୂର୍ତ୍ତିମନ୍ତ ରହସ୍ୟ ପରି ।

ଦୂରରୁ ଅସ୍ପଷ୍ଟ ଭାବରେ ଦେଖାଯାଉଛି କିଏ ଜଣେ ଭଦ୍ରଲୋକ ମୁଣ୍ଡ ତଳିକି କରି ବୁଲୁଛନ୍ତି ସେଠି । ଏଇ ଚିର-ନିର୍ଜ୍ଜନ କେନାଲ୍ କୂଳରେ ସେ ବୋଧହୁଏ ଜଣେ ସହରର କୋଳାହଳ-ଅତ୍ୟାଚାରିତ ଆଶ୍ରୟପ୍ରାର୍ଥୀ । ଦୂରରୁ ସରୋଜ ଆସିବାର ସାମାନ୍ୟ ସଙ୍କେତ ପାଇ ସେ ଭଦ୍ରଲୋକ ଯେପରି ହଠାତ୍ ଚଞ୍ଚଳ ହୋଇଗଲେ ମୁହୂର୍ତ୍ତକ ପାଇଁ ଆଉ ଭୟ ପାଇଲା ପରି ତତ୍କ୍ଷଣାତ୍ ବସି ପଡ଼ିଲେ ବାଲିରେ ।

ସରୋଜ ବାଲି ଉପରକୁ ଉଠିଲା । କେଇପାଦ ଆଗକୁ ଯାଇ ସେ ଦେଖେ ଭଦ୍ରଲୋକ ବସି ପଡ଼ିଥିବା ଜାଗାରେ ମନୁଷ୍ୟର କୌଣସି ଚିହ୍ନବର୍ଣ୍ଣ ପର୍ଯ୍ୟନ୍ତ ନାହିଁ । ସେଠି ସେହିପରି ନିର୍ବାକ୍ ହୋଇ ପଡ଼ିରହିଛି ସେଇ ଭଙ୍ଗା ଚଉରାଟା । କାଳର ଅତ୍ୟାଚାରରେ ତା ଉପରେ ଶିଉଳି ମାଡ଼ିଗଲାଣି···ଇଟାର ଫାଟରେ ଘାସ ଉଠିଗଲାଣି ପ୍ରଚୁର ।

ଅଭିଭୂତ ହୋଇ କେଇ ମୁହୂର୍ତ୍ତ ଠିଆ ହୋଇ ରହିଲା ସରୋଜ । ମନେ ମନେ ଉଚ୍ଚାରଣ କଲା ସେ···"ସେଇ ଦିନଠାରୁ ଏଇଠି ତୁ ଶୋଇ ରହିଚୁ ସୀମାଦ୍ରି···କେତେ ରାତି ଆମେ ଏଇଠି ଶୋଇ ଶୋଇ କଳ୍ପନା କରିଛେ ଆମର ବାହାଘର କଥା—ମୁଁ ବାହା ହୋଇଛି—ଆ—ଦେଖିବୁ ଆ' ମୋର ସ୍ତ୍ରୀକୁ··କେମିତି ଦେଖେଇବି ତତେ···"

ସରୋଜର ଆଖିରେ ଲୁହ ଟଳମଳ କରୁଥିଲା ।

ସରୋଜ ଫେରି ଆସିଲା ଗାଡ଼ି ପାଖକୁ ।

ସରୋଜର ସ୍ତ୍ରୀ ପଚାରିଲା, "କିଏ ସେ ଭଦ୍ରଲୋକ ଜଣକ ଏତେ ରାତିରେ ବୁଲୁଥିଲେ ଏଠି···"

ସରୋଜ ରୁମାଲ୍‌ରେ ଆଖି ପୋଛି ନେଇ ନେଇ କହିଲା, 'ଘରକୁ ଚାଲ, ଜାଡ଼ହବ' ।

# ବନ୍ୟା ପରେ

**ଶ୍ରୀ ଚନ୍ଦ୍ରଶେଖର ରଥ**

"ସେଇଠୁ କ'ଣ ହେଲ କହୁନ !— ଏମିତ ଲାଜଉଚ କ'ଣ ମ' ମଉସା ! ଅନ୍ଧାର ରାତିରେ ପବନ ବୋହିଲା । ପାଣି ମାଡ଼ିଆସିଲା । ତମେ ଦେଖୁ ଦେଖୁ ତମ ଘର ଭିତରେ ଅଣ୍ଟେ ପାଣି, ସେଇଠୁ...?"

ହେଲବୁଡ଼ ଖବରରେ ଲୋକଟି ଅନେଇଥାଏ ଭୁଇଁକୁ । କାକୁଥି କାକୁଥ ମଳଛୁଆ ଦେହ । ସରୁ ମୁହଁଟିଏ । କଳୁ ଦାଡ଼ି । ହାତରେ ମୁହଁରେ ଆଞ୍ଚୁଡ଼ା ଦାଗ । ଶୁଖିଲା ଓଠ ବୁଜା ସେ ବସିଥାଏ । ସବୁ ନୀରବ ।

"ଗ୍ଲଲ, ତପନବାବୁ ! ଏଇଠି ସମସ୍ତ ନଷ୍ଟକରି କିଛି ଲାଭ ନାହିଁ । ଏଇଟା ଜାଣିଶୁଣି ହେଲ କାଢ଼ୁଚ । ଆଜି ସକାଳୁ ଆମେ ତାକୁ ସେ ଉପୁଡ଼ି ପଡ଼ିଥିବା ଗଛ ଡାଳରୁ ରକ୍ଷାକଲୁ । ଆଣି ନାଆରେ ବସେଇଲୁ । ବହୁ ଚେଷ୍ଟାକଲୁ । ସେ କିଛି ଖାଇଲା ନାହିଁ । ଏଯାଏଁ ଆମ ପିଲାଏ କ୍ଳାନ୍ତ ହୋଇ ସାରଲେଣି । ଯ୍ୟା ପିଛୁ ଲାଗନ୍ତୁ ନାହିଁ—ଉଠନ୍ତୁ ! ସେ ଛତୁଆ ପୁଡ଼ିଆଟା ତା' ପାଖେ ଥୋଇଦେଇ ଗ୍ଲଲରେ ପିଳେ ଯିବା ! ଆଉ ଶହ ଶହ ଲୋକ ମିଳିବେ । ତପନବାବୁ ସେଇଠି ରେକର୍ଡ଼ କରନେବେ । ଶଳା, ହେଲ କାଢ଼ୁଚ । ଭୋକରେ ପେଟ ଜଳିଲେ ତା' ମନକୁ ଶୁଖିଲା ଛତୁଆ ପାଣି ମାଗିବନ !"

"ଆମେ କିନ୍ତୁ ସାର୍, ବଟର୍ ନ ହେଲେ ଖାଲି ସିଝା ଅଣ୍ଡା ସାଙ୍ଗରେ ଆଉ ରୁଟି ଖାଇପାରବୁ ନାହିଁ ।"

"ତୁମେ ଆଗ ଗ୍ଲଲନା ! ଏଇଠୁ କାହିଁକି ଏମିତ ଅତର୍କ୍ଷ ହଉଚ ? ଆଜି ଢେର୍ ଜିନିଷ ପାର୍ଶଲରେ ଆସି ପହଞ୍ଚିଛି । ଭଲ ଛେନା ଆଉ କେକ୍ ଆସିଛି । ଗୋଟାଏ ପେଟି ପୁରା ବଟର୍ ଆସିଛି !"

ସ୍ୱେଚ୍ଛାସେବୀ କଳରୋଳ କରଉଠିଲେ । ତପନ ଶୋଭନ ସ୍ୱସ୍ତ ତାଙ୍କ ଯନ୍ତ୍ରପାତି ଟେକ ଉଠିଲେ । ସେଇ ଆଉଁଷିଆ ମାରୁଥିବା ଖ୍ରୋଟ ପଡ଼ିଆଟି ଉପରେ ସେମିତ ଏକୁଟିଆ ସେ ବସିରହିଥାଏ । ଛତୁଆ ପୁଡ଼ିଆଟିଏ ସେମିତ ଥୁଆ ହୋଇଥାଏ । ସୂର୍ଯ୍ୟ ସେମିତ ବୁଡ଼ିଯାଉଥାଏ ।

ତମ୍ବୁ ଭିତରେ ଦାମୀ ଧୂପକାଠିର ଗନ୍ଧ । ବାହାରେ ଯେମିତି ଉତ୍କଟ ପଚ୍‌ପାଣି ଜମି ରହିଛି, ତା' ନ ହେଲେ ବଞ୍ଚିବା କଷ୍ଟ । ମଡ଼ା ଦେଖି ଦେଖି, କାନ୍ଦ ଶୁଣି ଶୁଣି, ମନ ମାନ୍ଦା ଧରିଯାଉଥାଏ । ସେଥିପାଇଁ ରେକର୍ଡ଼ରୁ କିଛି ହାଲୁକା ଗୀତ ବ ଜୁଥାଏ ତମ୍ବୁରେ ।

ତପନବାବୁ କିନ୍ତୁ ପରଦା ଟେକି ପଶିବା ପୂର୍ବରୁ ଆଉ ଥରେ ପଛକୁ ଏବଂ ପଡ଼ିଆରେ ବସିଥିବା ସେ ଲୋକଟିକୁ ଅନେଇଲେ । ଅଭିଜ୍ଞ ନାମ୍‌ଜାଦା ମଣିଷ । ମାଲ୍ ଚହ୍ନିବାରେ ସେ କେବେ ଭୁଲ୍ କରନ୍ତି ନାହିଁ । ତାଙ୍କୁ ଲାଗିଲା ଯେ ସେ ଲୋକଟା ପାଖରେ ଢେର୍ ଜିନଷ ଅଛି । 'ଆଚ୍ଛା ଦେଖିବା' ଢଙ୍ଗରେ ସେ ତମ୍ବୁ ଭିତରକୁ ହାଇମାରି ପଶିଗଲେ ।

"ଆଚ୍ଛା, ତପନବାବୁ ! ଆମ ପିଲାଏ ଗୋଟିଏ ଆଲୋଚନା ପ୍ରସ୍ତୁତ କରିଛନ୍ତି । କିଛି ଗୀତ ବାଦ୍ୟ ବି ଶିଖିଛନ୍ତି । ସେ ସବୁ କେମିତି ଟିକିଏ ରେକର୍ଡ଼ ହୁଅନ୍ତା ।"

"ନିଶ୍ଚୟ, ନିଶ୍ଚୟ ! କାହିଁକି ନ ହେବ ?"

ଏଇଭଳି ଆସ୍ତେ ସନ୍ଧ୍ୟା ନଇଁଆସିଲା । ତା'ପରେ ଅନ୍ଧାର କାଳର ଦୁର୍ଗନ୍ଧ ରାତି । ଖୁବ୍ ଦୂରରେ କିଛି କିଛି କାନ୍ଦ, ହସ, ପାଟିତୁଣ୍ଡ । ଆହୁରି ଦୂରରେ ବିଲୁଆ ଡାକ । ଚବର ଚବର ଗୁଳି ମଣିଷଙ୍କର, ପଶୁଙ୍କର ।

ତପନ ଗୁପ୍ତ ପଦାକୁ ବାହାରିଲେ । ଦୁଇମୁଣ୍ଡରେ ହାତ ରଖି, କିଛି ସମୟ ଛିଡ଼ାହୋଇରହିଲେ । ଅନ୍ଧାର । ହୁ ହୁ ପବନ । ମଝିରେ ମଝିରେ ଗନ୍ଧ । ତମ୍ବୁ ଭିତରୁ ସେ ଟର୍ଚ୍ଚଲାଇଟ୍ ଧରି ବାହାରି ଆସୁଥିଲେ । ପୁଣି ନଇଁପଡ଼ି ରେକର୍ଡ଼ ଯନ୍ତ୍ରଟି ବାଁ ହାତରେ ଉଠେଇ ଚାଲିଲେ ।

ଅନ୍ଧାର ଲଗଉଡ଼ି ପରି ସରୁ ଆଲୁଅଟିଏ ଦଉଡ଼ିଲା ଏକଡ଼ ସେକଡ଼ । ତା' ଦେହରେ କିଛି ବାଜିଲା ନାହିଁ । ତପନ ଗୁପ୍ତ ଆଗେଇଲେ । ଗ୍ରେଟ ପୁଡ଼ିଆଟି ଖାଲି । ଛତୁଆ ପୁଡ଼ିଆଟି ମଧ୍ୟ ନାହିଁ ।...ଉପର ହୁଡ଼ାରେ ସେଇଟା ବୋଧହୁଏ ପିଲା ଜମୁଗଛଟାଏ ! ତା' ମୂଳେ ସେଇଟା କ'ଣ ? ଖୁବ୍ ପାଖକୁ ଯାଇ ତପନ ଗୁପ୍ତ ଆଲୁଅ ଟିପିଲେ । ସେଇ ମଣିଷଟି ଛତୁଆ ପାଟିକୁ ପକାଉଥାଏ ।

ପଛ ମୁଣ୍ଡାରୁ କାଗଜ ପୁଡ଼ିଆଟିଏ କାଢ଼ି ସେ କହିଲେ, "ଦେଖି, ମଉସା, ଏ ମିଠା ଦି'ଟା ପାଟିକି ପକେଇଲ !"

ମିଠାଗୁଡ଼ାକ ଏତେ କଅଁଳ ବୋଲି ଜାଣିଥିଲେ ସେ ଏମିତି କାମୁଡ଼ି ନ ଥାନ୍ତା । ଫଳରେ କିଛି ସନ୍ଦେଶ ଗୁଣ୍ଡ ଲାଗି ରହିଲା ଦାଢ଼ିରେ, ଆଉ କିଛି ଗୁଣ୍ଡ ଝଡ଼ି ପଡ଼ିଲା ଭୂଇଁ ଉପରକୁ ।

"ଆଉ ଖାଅ, ମଉସା ! ଆଉ ନଅ !! ଏସବୁ ତୁମ ପାଇଁ ଆଣିଛୁ ପରା ! ତୁମେ ପରା କାଲଠୁ କିଛି ଖାଇନ !—ଅଚ୍ଛା, ଅଣ୍ଡା ଖାଇବ, ସିଝା ଅଣ୍ଡା ?—ଲହୁଣୀ, ରୁଟି, ଜାମ୍ ?? ଏଁ ?? ଆଣିଦେବ ?"

ସେ ମୁଣ୍ଡ ହଲାଇ ନାହିଁ କଲା ।

"ତା' ହେଲେ ଭଲ ପାଣି ଆଣି ଦେଉଚି ପିଇବାକୁ !" ସେ ଚାହିଁଲା ଅନ୍ଧାର ଭିତରେ ଗ୍ଲାଇଟାକୁ!—"ତମେ କିଏ ବାବୁ ?" ତପନ ରାୟ ଚମକି ପଡ଼ିଲେ । ଗଛଟା କଥା କହିଲା କି ଆଉ ! "ମୁଁ ? ମୁଁ—ଏଇ ଆସିଛୁ, ଏଠି କ'ଣ ସବୁ ହେଲା ଦେଖି ଶୁଣି ଯିବାପାଇଁ । ···ଏମିତି ତ' ସମସ୍ତେ ଜାଣିଲେଣି ଯେ ରାତିରେ ପାଣି ମାଡ଼ିଆସିଲା । ମଣିଷ, ଗାଈ ଗୋରୁ, ଗାଁଗଣ୍ଡା ଭାସିଗଲେ । ଯେଉଁ-ମାନେ ବର୍ତ୍ତିଗଲେ ତାଙ୍କୁ ପଚାରିଲେ ସିନା କହିବେ କେମିତି କ'ଣ ହେଲା ! ମୁଁ ଏଇ ସାଙ୍ଗେ ସାଙ୍ଗେ ତୁମ ପାଇଁ ପାଣି ନେଇଆସୁଛୁ ।"

ବାଁ ପାପୁଲି ଟେକି ସେ ବାରଣ କଲା । ଆଙ୍ଗୁଠିରେ ଦେଖେଇଲା ହାଡ଼ା ତଳାକୁ । କହିଲା, "ପିଇଚି" ।···ହାଡ଼ା ତଳେ ଟର୍ଚ୍ଚ ଆଲୁଅରେ ଦିଶିଲା ବୁଦାମୂଳ ଅନ୍ଧାରରେ ଚକଚକିଆ ପାଣି । ଠିକ୍ ଅଛୁ, ତାଙ୍କର କ'ଣ କହିବାର ଅଛୁ ।

ତପନ ରାୟ ଚକାପକେଇ ବସିଗଲେ । ସଜାଡ଼ି ନେଲେ ରେକର୍ଡ଼ ଯନ୍ତ୍ର ।
"ଅଚ୍ଛା, ମଉସା ତମ' ନା କ'ଣ ?"
"ମୋ ନାଁ ? ମୋ ନାଁ ସାକ୍ଷୀ ସାସମଲ ।"
"ଘର···ଏଇ···?"
"ମାଣିକପୁର ।"

"କ'ଣ ହେଲା ସେଦିନ ? କେମିତି ବଢ଼ି ପାଣି ଆସିଲା ? ତମ ଘରେ ଆଉ ଆଉ ସବୁ କିଏ ଥିଲେ ? ସେମାନେ ଏବେ କାହାନ୍ତି ?···"

ସାକ୍ଷୀର ମୁହଁଟି କୁଞ୍ଚି କୁଞ୍ଚି ହୋଇ ଚପୁଡ଼ି ହୋଇଗଲା ପରି ଦିଶିଲା । ସବୁ ଚୁପ୍ । ତପନ ରାୟ ଆଲୁଅ ଲିଭେଇଦେଲେ । ଯନ୍ତ୍ରଟିକୁ ବନ୍ଦକରି ଅପେକ୍ଷା କଲେ । ନ ହେଲେ ଏତେବୁଡ଼ାଏ ମେଲା; ସେଥିରେ ଭର୍ତ୍ତି ହୋଇଗଲେ ଭାରି ଅଡୁଆ ଲାଗିବ ଶୁଣିଲାବାଲାଙ୍କୁ ।

ଦୋହରାଇଲା ପରି କହିଲେ, "ଅନ୍ଧାର ରାତିରେ ପବନ ବହିଲା । ପାଣି ମାଡ଼ି ଆସିଲା ।"···ଯନ୍ତ୍ର ଚିପିଲେ ତପନ ରାୟ ।

"ହଇ, ବାବୁ ପାଣି ମାଡ଼ିଆସିଲା ।"···
"ଅଚ୍ଛା, ଅଚ୍ଛା···ସେଇଠୁ··· କ'ଣ ହେଲା···?"

"ମୋର ବାପ ପାଟି କଲା ···।···ସୁଅ ରଡ଼ିଲା । ··ଆଉ ତା'ର ମା' ତାକୁ ଧରି ଅନ୍ଧାରରେ ଡାକ ପକେଇଲା···ମତେ ମିଛ ପରି ଲାଗୁଥାଏ । ···ମୁଁ ଅନ୍ଧାରରେ ଠିଆହେଲି । ପାଣି ଅଣ୍ଠାଏ···। ମୋ ବାପ ମୋ ଡାହାଣ ହାତ ଧରି ଥିଲା । ମାଇପ ଧରିଲା ଆର ହାତ । କାଳୁ ଚଢ଼ିଗଲା ବେକ-ମୁଣ୍ଡାକୁ । 'ପଦାକୁ ବାହାରି ଯିବା, ସାକ୍ଷୀ ! ନଇଲେ ଘୂଳ ମଡ଼େଇ ହେଇ ପଡ଼ିବ···କହିଲା ବାପ ।···ଏଇ ସନ ନୂଆ ରୁଅ ବଦଳା କରିଥିଲି । ନୂଆ ନଡ଼ା ଛପର କରିଥିଲି ।···ଭୁସ୍ କନା ଛୁତ ଟେକିନେଲା ପବନ । ଦାଣ୍ଡ ପାଖ କାନ୍ଥ ମଡ଼େଇ ହୋଇ ପଡ଼ିଲା ।·· ଆମେ ଏକଠି ଗେଲି ହେଇ ବାହାରି ଆସିଲୁ ।···ଆସିଲୁ କ'ଣ, ସୁଅରେ ପଡ଼ିଗଲୁ ।···ସୁଅ ନଥିଲେ······'

ଚୁପ୍ ରହିଗଲା ସାକ୍ଷୀ ସାସମଲ । ଯନ୍ତ୍ରଟିକୁ ଆସ୍ତେ ବନ୍ଦକରିଦେଇ ତପନ ରାୟ ଅପେକ୍ଷା କଲେ ସେ ସୁଅରୁ ଉଠିବା ପର୍ଯ୍ୟନ୍ତ ।

ହଠାତ୍ ଚମକିଲାପରି ସେ କହିଲା, "ମୁଁ ଆଉ କ'ଣ କରିବ—ପାଣି ବୁଡ଼େଇ ଦେଲା । ଭୂଇଁ ଛୁଡ଼ିଗଲା । ହାତଟା ଛଡ଼େଇ ଆଣିଲି । ହାବୁକା ମାରି ଆଉ ଥରେ ଅଣ୍ଡାଳିଲି । ତାକୁ ପାଇଲି ନାହିଁ । ବାପକୁ ସୁଅ ଭିଡ଼ିନେଇଥିଲା । ପାଣି ଆଉରି ବଢ଼ିଲା । ସମସ୍ତେ ବୁଡ଼ିଗଲୁ । ମୋ ସ୍ତ୍ରୀ ଓହଳି ଧରିଥାଏ । ଛଟପଟ ହେଲୁ ସମସ୍ତେ । ମୋ ହାତରୁ କେମିତି ଜାବ ଛୁଡ଼ିଦେଲା । ମୁଁ ଉପରକୁ ଦୁଇହାତ ପିଟି ଉହୁଙ୍କି ଆସିଲି । ପହଁରିଲି ପ୍ରାଣମୂର୍ଚ୍ଛା । ପାଣି ତଳକୁ ମାଡ଼ିଦଉଥାଏ । ମୁଁ ଉହୁଁଙ୍କି ଉଠୁଥାଏ । ତଡ଼ି ନଉଥାଏ, ମୁଁ ଭିଡ଼ି ହଉଥାଏ । ଗୋଟେ ଗଛ ଦେହରେ ଯାଇ ହାବୁଡ଼ିଲି । ସେଇଟା ମୁହୁଁରୁ ଗୁଡ଼େଇ ହେଲାପରି ତଡ଼ି ହେଉଥାଏ । ତା'ର ଡାଳରୁ ଡାଳକୁ ମୁଁ ଓଟାରି ହେଉଥାଏ । ଗୋଟେ ଡାଳ ନେଇ ତଳେ ମାଡ଼ିଦେଲା । ବଡ଼ କଷ୍ଟରେ ଗଳି ଆସିଲି ପାଣି ଉପରକୁ । କେତେବେଳକେ···ସେ ଗଛ ଅଳପ ଥୟ ହେଲା । ମୁଁ ସେଇ ଗୋଟାଏ ଡାଳରେ ଦୋହଲୁଥାଏ । ସେଇଠି ମୋର ମନେପଡ଼ିଲା ଯେ ମୋ କାନ୍ଧ ଉପରେ 'କାଳୁ' ନାହିଁ । ସେ ପିଲାଟା ଛଟପଟ ଭିତରେ କେତେବେଳେ ଖସି ଯାଇଚି ! ସମସ୍ତେ ତା' ଭିତରେ ଖସିଯାଇଛନ୍ତି । ସମସ୍ତେ ଭାସି ଯାଇଛନ୍ତି ।···"

ତପନ ରାୟ ରେକର୍ଡ଼ ବନ୍ଦ କଲେ । ଆଲୁଅ ଟିପିଲେ । ସାକ୍ଷୀ ସାସମଲ ମୁଦାହୋଇ ବସିଥାଏ । ନିଜ ଗୋଡ଼ଯୋଡ଼ିକୁ କୁଣ୍ଢେଇ, ଆଣ୍ଠୁ ଉପରେ ଆଖିବୁଜି ବସିଥାଏ ସେ ଏକାକୀ ମଣିଷଟି ।

ତପନ ରାୟଙ୍କୁ କଥା କହିବାକୁ ଡରମାଡ଼ିଲା । ବନ୍ୟାରେ ଉପୁଡ଼ି ପଡ଼ିଥିବା ଗଛଟିକୁ କଥା କୁହାଯାଏ ନାହିଁ—କହି ହୁଏ ନାହିଁ ।

ସେ ଅପେକ୍ଷା କଲେ । ସେଇ ଅବସରରେ କିନ୍ତୁ ଭାବିଗଲେ ଅନେକ କଥା । ପତ୍ରିକାରେ ତା' ଆରଦିନ ବଡ଼ ବଡ଼ ଅକ୍ଷରରେ ବାହାରିଯିବ, 'ବନ୍ୟାରେ ସବୁ ହରେଇଥିବା ଏକାକୀ ମଣିଷ'—'ବନ୍ୟାରୁ ବଞ୍ଚି ଆସିଥିବା ମଣିଷର ମର୍ମନ୍ତୁଦ କାହାଣୀ' ଇତ୍ୟାଦି । ଚହଲ ପଡ଼ିଯିବ ରାଜଧାନୀରେ, ସହରମାନଙ୍କରେ । ପତ୍ରିକାରେ ଫଟ ମଧ୍ୟ ବାହାରିଥିବ ଏଇ ଦରବୁଢ଼ା ମଣିଷର । ଏମିତି ଆଣ୍ଠୁ ମୁଣ୍ଡ ହୋଇ ଆଖିବୁଜି ବସିଥିବା ଚିତ୍ର ତା'ପରେ ଆଲୋଚନା ସଭା ! ବନ୍ୟାପାଣି ! ସେଇଠି ତା' ନିଜ ତୁଣ୍ଡରେ ତା'ର କାହାଣୀ ଶୁଣେଇ ଦିଆଯିବ ।

ଟେରିଫିକ୍ !! ଜମିଜିବ ଜିନିଷଟା !!

ତପନ ରାୟ ହଠାତ୍ ଅଭ୍ୟାସରେ କହି ପକାଇଲେ, "ଆଚ୍ଛା, ତାହେଲେ ଆପଣଙ୍କୁ ଅଶେଷ ଧନ୍ୟବାଦ !" 'ମୋ' ତରଫରୁ, ଅନ୍ୟମାନଙ୍କ ତରଫରୁ'... ଇତ୍ୟାଦି ଧାରାବାହିକ କଥା ବାହାରି ଆସୁଥିଲା – ତାଙ୍କୁ ଯଥାସମୟରେ ରୋକିନେଲେ ତପନ ରାୟ । କହିଲେ, "ତାହେଲେ ସାକ୍ଷୀ ମଉସା ! ତମେ ମୋ ସାଙ୍ଗରେ ଆମ ତମ୍ବୁ ଭିତରକୁ ଆସ । ସକାଳୁ ତୁମପାଇଁ ବ୍ୟବସ୍ଥା କରିଦେବା ।"—'ଗଛମୂଳେ ଆଉ କିଛି ଘଣ୍ଟାଏ ଯଦି ବସିରହିଯାଏ ତେବେ ବିଶେଷ କ୍ଷତି କ'ଣ ?' ଚିନ୍ତାକରୁଥିଲା ଭଳି ତାଙ୍କ ସ୍ୱର ।

କିନ୍ତୁ ବିନା ପ୍ରତିବାଦରେ ସାକ୍ଷୀ ସାସମଲ ଆଦେଶ ପାଇଲା ଭଙ୍ଗୀରେ ଉଠି ଠିଆହେଲା । ତପନ ରାୟ ଇତସ୍ତତଃ କଲେ । ଯନ୍ତ୍ରଟି କାନ୍ଧରେ ଝୁଲେଇ ଟର୍ଚ୍ଚ ଟିପିଲେ ।— "ଯିବା ତା'ହେଲେ ମଉସା, ନା' କ'ଣ କହୁଛ ?" ସେ ଆଶା କରୁଥିଲେ ଯେ ସାକ୍ଷୀ ସାସମଲ ଯିବାକୁ ମନାକରିଦେଉ । ସେ ତ ପୁଣି ପାଣି ପିଇବାକୁ ମନାକରିଦେଇଛି !

କିନ୍ତୁ ସାକ୍ଷୀ ନୀରବରେ ଆଗକୁ ଗୋଡ଼ କାଢ଼ିଲା । ତପନ ରାୟ ଅଗତ୍ୟା ତା'ସାଙ୍ଗରେ ତମ୍ବୁ ଆଡ଼କୁ ଚାଲିଲେ । ବାଟରେ କଥାବାର୍ତ୍ତା ପ୍ରାୟ ନାହିଁ ।

ତାଙ୍କ ନିଜ ତମ୍ବୁରେ ଦୁଇ ତ୍ରିଶଖଣ୍ଡ ପାର୍ଶଲ ଅଖା ଉପରେ ସାକ୍ଷୀ ମଉସାଙ୍କ ପାଇଁ ସୁବିଧା କରିଦେଇ ତପନ ରାୟ ନିଶ୍ଚିନ୍ତ ଆରାମ ଚୌକିରେ ବସି ଖଟ ଉପରେ ଗୋଡ଼ ଲମ୍ବେଇଦେଲେ । ଫ୍ଲେଟ ଟେବୁଲ ଉପରେ ଭରି ସୁନ୍ଦରିଆ ବୋତଲଟିଏ ଆଉ ପାତଳ ଝିଲ୍ ଝିଲ୍ ଗ୍ଲାସ୍‌ଟିଏ ଥୁଆହେଲା । ଟାଇପ୍ ଯନ୍ତ୍ରଟିଏ ବାହାରିଲା । ନିରୋଳାରେ ତପନ ରାୟ ବ୍ୟବସାୟରେ ମନଦେଲେ ।

ତା' ଆରଦିନ ବହୁତ ଯୁକ୍ତିତର୍କ ପରେ ସ୍ଥିର ହେଲା ଯେ ସାକ୍ଷୀ ସାସମଲଙ୍କୁ ଦିନ ଭିତରେ ଦୁଇଟି ଛତୁ ପୁଡ଼ିଆ ଛଡ଼ା ଆଉ କିଛି ଦିଆଯିବ ନାହିଁ । ଅନ୍ୟାନ୍ୟ

ଅପରିଚିତ ଖାଦ୍ୟ ଖାଇଲେ ସେ ଅସୁସ୍ଥ ହେବାର ଆଶଙ୍କା କରାଗଲା । ସେହିପରି ଖୋଲା ପବନରେ ସବୁବେଳେ ମେଳଦେହରେ ରହି ଆସିଥିବାରୁ ତାଙ୍କୁ ଝଥା ଜ୍ୟାଗ ପଟା ଯୋଡ଼ାଇବା ନିରାପଦ ନୁହେଁ ବୋଲି ବିଚାର କରାଗଲା । ତା'ର ହିତ-ଦୃଷ୍ଟିରୁ ସମସ୍ତେ ତାଙ୍କୁ ଗୃହଆଡ଼୍ ବେଢ଼ିଗଲେ । କାରଣ ଆସ୍ତେ ଅସ୍ତେ ସାର୍ଖୀ ସାମଲ, ଶହରର ହଟ୍ଟଗୋଳ ଠିକେଇ'ଇ ଆସିଥିବା ବଟନ ମାଛଟିଏ ପରି ବହୁ ଲୋକଙ୍କ କୌତୂହଳ ଜାଗ୍ରତ କଲା । ତପନ ବସୁଙ୍କର ଲେଖା ପଢ଼ି ଶହ ଶହ ଲୋକ ପେମ୍ନିଙ୍କ ବୈଠକଖାନାମାନଙ୍କରେ ଅଶ୍ରୁମୋଚନ କଲେ । ଅଯାଚିତ ଭାବରେ ନୂଆ ଜାମା, କମ୍ବଳ, କ୍ଷୀର, ରୁଟି, ନାନା ଜାତିର ମାଂସ ପାର୍ଶଲ ଯେତେ ତପନ ବସୁଙ୍କ ମର୍ଜିତ ସାର୍ଖୀ ସାମଲ ପାଖରେ ପହଞ୍ଚିବାକୁ ଲାଗିଲା ।

ସାତଦିନ ଭିତରେ ତପନ ବସୁଙ୍କ ଦପ୍ତରରୁ ଶହ ଶହ ଧନ୍ୟବାଦ ଚିଠି ପଠାଗଲା । ସାର୍ଖୀ-ସାହାଯ୍ୟ-ପାଣ୍ଠିର ସାଧାରଣ ସମ୍ପାଦକ ଶ୍ରୀ ତପନ ଶୋଭନ ବସୁ ରାଜଧାନୀରୁ ତାଙ୍କର ଦରବାରୀ ପୋଷାକପତ୍ର ମଗେଇ ନେଇ ସାଜିଥିଲେ ବଶିଷ୍ଟ ବ୍ୟକ୍ତି ଲୋକଙ୍କୁ ସ୍ୱାଗତ ଜଣାଇବାକୁ । ତମ୍ବୁ ଭିତରେ ଏବଂ ବାହାରେ ଦାମିଲ ଭଳି ଅନେକ ମଇଳା । ସାର୍ଖୀ ମୁଣ୍ଡରେ ତେଲ ନାହିଁ । ଯୋଡ଼େଇ ହେବାକୁ କଳା ନାହିଁ । ଆଖି ତଳେ ଲୁହ ଶୁଖି ରହିଥାଏ । ତପନ ବସୁଙ୍କ ଆଖି ପତାରେ ବି ଲୁହ । ତାଙ୍କ ମୁହଁରେ ଗୁରୁ ପାଞ୍ଚ ଦିନର ଦାଢ଼ି । ସମସ୍ତଙ୍କ ଆଖିରୁ ଲୁହ ଝରୁଛି । ସମସ୍ତଙ୍କ ମୁହଁରେ କିଛି କିଛି କଥା । ନଈରେ ଆଖି ଶୁଖି ଆସିଲେ କେମିତି ଯୋଗଟାଏ ଉଠେ ଧୂଆଁ ଉଠୁଛି— ସମସ୍ତଙ୍କ ଆଖି ପୁଣି ଜକେଇଯାଉଛି ।

ଖବର ପହଞ୍ଚିଲା ଯେ ନେତା ବଡ଼ ଗାଡ଼ି ରାଜରାସ୍ତାର ତଳକୁ ମୋଡ଼ିଲେ । ତପନ ବସୁ ତତ୍ପର ହୋଇଗଲେ । ରୁମାଲରେ ଆଖି ମଳି ନେଲେ । ସାର୍ଖୀ ମଜପାକୁ ପରିଚିତ ଭଙ୍ଗୀରେ ବସେଇଦେଲେ । ତିନି ଚାରିଜଣ ହେଲ୍ଥ ଦେଖା ବାନ୍ଧୁ ହୋଇ ଭିତର ତମ୍ବୁର ସନ୍ଧ୍ୟା ଆଣିଲେ, ପୁଣି ତାଙ୍କୁ ବୋହି ନେବାକୁ ଲାଗିଲେ । ଦୂରରୁ ଧୂଳି ଉଡ଼େଇ ଗୋଟିଏ ବଡ଼ ବଡ଼ ବିଦେଶୀ ଗାଡ଼ି ଆସି ଅଟକିଗଲା । ପ୍ରଥମରୁ ଓହ୍ଲାଇଲେ ଗୋଟିଏ ମୋଟା ମଣିଷ । ହଳଦିଆ ଶାଢ଼ୀ, ଚମଡ଼ା ମୁଣା— ସନ୍ତ୍ର ଚନ୍ଦ୍ର ଚର୍ବିର କଣ୍ଢେଇଗୁଡ଼ାଏ । ଦ୍ୱିତୀୟଟିରୁ ଓହ୍ଲାଇଲେ ଗୋଟିଏ ହଫା ହଫା ମଣିଷ—ଟୋପିପିନ୍ଧା, ଚଷମାପିନ୍ଧା, ସୁଟ୍‌ପିନ୍ଧା କମ୍ପା ଖଦଡ଼ପିନ୍ଧା । ତୃତୀୟରୁ ବଡ଼ ବଡ଼ ଫଟୋ ଉଠେଇବାର ଯନ୍ତ୍ର ଧରି ଆଉ ଗୋଟିଏ ମଣିଷ—ସାନ ବଡ଼ ପାର୍ଶଲ କିଛି ତପନ ବସୁ ଥରେ ସେଆଡ଼େ ଗୁହାଁଦେଇ ଏକା ଲୟରେ ଟାଇପ୍ କରି ଲାଗିଥାନ୍ତି ତାଙ୍କ ତମ୍ବୁ ପାଖରେ ସମସ୍ତେ ଆସି ଠିଆହେବା ପରେ ମଧ୍ୟ ତାଙ୍କ ଧ୍ୟାନଭଙ୍ଗ ହେଉନଥାଏ ।

"ଓ, ଦେଖୋ, ଦ୍ୟ ଆଦମି ବୈଠା ହେ ।"

"ହାଁ, ହାଁ, ଓ ହି !!— ହରିଆ ସାମଲିଆ !!"

ଚ୍' ଚ୍' ଶବ୍ଦ ଓ ଫ୍ଲାସ୍‌ଆଲୁଅ ଶୁଣି ଆସ୍ତେ ତପନ ରାୟ ମୁହଁ ଟେକି ସେମାନଙ୍କୁ ଚାହିଁଲେ ଏବଂ ବିଶୁଦ୍ଧ ଇଂରାଜୀରେ ପଚାରିଲେ ସେମାନେ କ'ଣ ଚାହାନ୍ତି । ତା'ପରେ ଲୋକେ ଯେତେଗଲେ । ଫଟୋଉଠାଳି ଫର୍ ଫର୍ ଚଳନ୍ତି ଫଟୋ ଟାଣି ଚାଲିଲେ । ମୋଟୀ ମୋଟୀ ମାଇକିନିଆମାନେ ବାରମ୍ବାର ଆଖି ପୋଛିଲେ—ରୁମାଲ ଦେହରୁ ଲୁହ ମହକିଗଲା । ମୋଟା ମୋଟା ମଣିଷମାନେ ଥକାମାରି ପାର୍ଶଲ ରଖେଇଲେ । ତପନ ରାୟଙ୍କ ଚୁଡ଼ିଆ କାନ୍ଦୁଣିଆ-ମୁହଁ । ସ୍ୱେଚ୍ଛାସେବୀମାନେ ଗମ୍ଭୀର ଭାବରେ ସବୁ ପାର୍ଶଲର ଦାୟିତ୍ୱ ନେଲେ ।

ସବୁଠାରୁ ମୋଟୀ ମାଇକିନିଆଟିର ହାତରେ କିଏ ଜଣେ ଗୋଟିଏ ଅତି ସୁନ୍ଦର ରୂପା 'ଝରି' ଧରେଇଦେଲା । ପ୍ରସ୍ତାବ ହେଲା ଯେ ସାକ୍ଷୀ ସାସମଲ ଅଞ୍ଜୁଳା କରି ବସିବ ଓ ତା' ଅଞ୍ଜୁଳାରେ 'ଝରି'ର ଜଳ ହେବ ପାୟସ ବା ଖିରି ବା ସେପରି କିଛି । ସେତିକିବେଳେ ଚଳନ୍ତି-ଫଟୋ ଉଠିବ ।

ତପନ ରାୟ ଖୁବ୍ ତତ୍ପର—ଖୁବ୍ ଅଗ୍ରହୀ । ସାସମଲ ପଛରେ କେବଳ ସେ ହିଁ ଠିଆହେବେ । ସାସମଲର ରକ୍ଷାକର୍ତ୍ତା । ମଲା ବାଘ ଉପରେ ପାଦ ମଡ଼େଇ ନଳୀ ହାତରେ ଅଳଗା ହୋଇଥିବା ପ୍ରବୀଣ ଶିକାରୀ । "ଅଞ୍ଜୁଳା କର ମଉସା ! ଏ ଆସିଛନ୍ତି ବଡ଼ ସହରର କୋଟିପତିମାନେ । ତୁମ ଦୁଃଖ ସହି ନ ପାରି ଆସିଛନ୍ତି । ଶ୍ରୀମତୀ କୁନ୍ତୀବାଲା—ଶହ ଶହ ଶିଳ୍ପ ଅନୁଷ୍ଠାନର ମାଲିକାଣୀ । ନାରୀ ନେତ୍ରୀ କୁମାରୀ ସୁଶୀଲା ବେନ୍—ବିଦେଶୀ ପାଣ୍ଠିରେ ଉଦ୍‌ବାସ୍ତୁ ମାଇକିନିଆଙ୍କ ପାଇଁ ଅସଂଖ୍ୟ ଆଶ୍ରମ ଚଳାନ୍ତି ! ଆଉ ସେ ହେଉଛନ୍ତି ମିସେସ୍ ଚକ୍ରବର୍ତ୍ତୀ—କିଏ ତାଙ୍କୁ ନ ଜାଣେ ! ସେ ବା' କାହାକୁ ନ ଜାଣନ୍ତି !—ଆଚ୍ଛା, ରେଡ଼ି··"

ପଛରୁ ନଇଁପଡ଼ି ତପନ ରାୟ ମଉସାର ଅଞ୍ଜୁଳାକୁ ସଜାଡ଼ିଦେଲେ । ଶ୍ରୀମତୀ କୁନ୍ତୀବାଲା କାମେରା ଆଡ଼କୁ ଚାହିଁ ଝରି ଟେକିଲେ । ହାତରେ ଥୋକେ ସୁନା କଙ୍କଣ ପଛକୁ ଚମଡ଼ା ମୁଣ୍ଡା ଓହଳି ରହିଲା । ଫର୍ ଫର୍ ଫଟୋ ଉଠା ଚାଲିଲା ।

ସାକ୍ଷୀ ଚାହିଁଲା ଝରି ମୁହଁକୁ । ଟୋପାଏ ହେଲେ ଝରୁ ନଥାଏ ତା'ଶୂନ୍ୟ ଅଞ୍ଜୁଳାକୁ । ସେ ମୁହଁ ଟେକି ମହକୁଥିବା ମାଇକିନିଆକୁ ଚାହିଁଲା । ସମସ୍ତଙ୍କୁ ଥରେ ଚାହିଁଗଲା । ତା'ଅଞ୍ଜୁଳା ଫିଟିଗଲା ।

ସମସ୍ତେ ହାଁ ହାଁ କରି ଉଠିଲେ । ସାକ୍ଷୀ ଉଦ୍ୟମ ହେଲା ଠିଆହେବାକୁ । ଫୋଟଉଠାଳି ଯନ୍ତ୍ର ବନ୍ଦକରି ପାଟିକଲା— "ଅବେ ସବ୍ ବିଗାଡ଼ ଦିଆ !" ଡରିବରି ହୋଇ ଭିଡ଼ରେ ଘୁଞ୍ଚି ଆସିଲେ ଶ୍ରୀମତୀ କୁନ୍ତୀବାଲା । ସମସ୍ତେ ଦୂରେଇଗଲେ ଭୟରେ । ତପନ ରାୟ ସାକ୍ଷୀ ସାସମଲର କାନ୍ଧ ଉପରେ ମାଡ଼ି ବସିଲେ । କାଳେ କ'ଣ କହିଦେବ ବୋଲି ତା ମୁହଁରେ ହାତଟିଏ ଚିପି ଧରିଲେ । ସାକ୍ଷୀ ନିଃଶ୍ୱାସ ପାଇଁ ଛଟପଟ ହେଲା ।

ବାହାରେ ପାଟିତୁଣ୍ଡ ହେଲା । ସ୍ୱେଚ୍ଛାସେବୀ ଦୁଇଜଣ ଭିତରକୁ ଦଉଡ଼ି ଆସିଲେ । ତପନ ରାୟ ରୁଷା ଗଳା'ରେ କହିଲେ, 'ସମ୍ଭାଳ ଏଇଟାକୁ । ପୁଞ୍ଜିବ ନାହିଁ, କି ବୋଲିବ ନାହିଁ ।''—ସାଂଖୀକୁ ଡେଇଁ ଟପିକି ସେ ତମ୍ବୁ ବାହାରକୁ ଆସି ଗୋଟାଏ ପାଟିକଲେ ''ତୁନିପଡ଼ନ୍ତୁ ।''

ସମସ୍ତେ ତାଙ୍କୁ ଚାହିଁଲେ । ସେ ଟିକ୍‌କଣ ହସ ଭିତର୍ କହିଲେ, ''ଅସହ୍ୟ ଦୁଃଖର ଆଘାତରେ ସାଂଖୀ ସାସମଲର ଏମିତି ମଝିରେ ମଝିରେ ପାଗଳାମି ଦେଖା ଦେଉଛି । ଆପଣମାନେ ଆଦୌ ବ୍ୟସ୍ତ ହେବେ ନାହିଁ । ଆମେ ତା'ର ସବୁପ୍ରକାର ତତ୍ତ୍ୱାବଧାନ ନେଉଛୁ ।''

ମାଇକିନିଆ ମରଦମାନଙ୍କ ଗୋଠଟିକୁ ଆସ୍ତେ ଗାଡ଼ିଆଡ଼କୁ ଅଡ଼େଇ ନେଇଗଲେ ତପନ ଶୋଭନ ରାୟ । ସମସ୍ତଙ୍କର ପ୍ରଶ୍ନର ଉତ୍ତର ଦେଇ ଦେଇ, ସମସ୍ତଙ୍କୁ ଖୁସି କରି କରି, ହସରେ ମହୁ ବର୍ଷି ବର୍ଷି ବିଦାୟ ଦେଲେ । ଶ୍ରୀମତୀ କୁଣ୍ଡି'ବାଲା ଚମଡ଼ା ମୁଣା ଫିଟାଇଲାବେଳେ ଥରେ ଫଟ ଉଠାଳିକୁ ଚାହିଁଦେଲେ । ସେ ବୁଝିଗଲା । କାନ୍ଧ ଉପରେ ଥୋଇଲା ଯନ୍ତ୍ର । ଶ୍ରୀମତୀ ହଜାରେଟଙ୍କିଆ ଦଶଟି ନୋଟ୍ ଗଣିଲେ । ସର୍ ସର୍ ଫଟ ଉଠିଲା । ତପନ ରାୟଙ୍କୁ ବଢ଼େଇଦେଲେ । ଫଟ ଉଠିଲା । ସମସ୍ତେ ତାଙ୍କ ପିଠି ଆଉଁସି କରମର୍ଦ୍ଦନ କରି କେତେ କେତେ ପ୍ରଶଂସା କଲେ । ଗାଡ଼ିଗୁଡ଼ିକ ମୁହଁ ବୁଲେଇ ଧୂଳି ରାସ୍ତାରେ ବାହୁଡ଼ିଗଲେ । ମୁଣାରେ କିଛି ସମୟ ହାତ ପୂରେଇ ଚାହିଁରହିଲେ ତପନ ରାୟ, ଧୂଳି ଭିତରେ ଲିଭିଯାଉଥିବା ବିଦେଶୀ ଗାଡ଼ିଗୁଡ଼ିକୁ ।

ତମ୍ବୁ ସାମନାରେ ଖଣ୍ଡେ ଚୌକିରେ ବସିପଡ଼ି ସେ ଚାହିଁଲେ ସାଂଖୀ ସାସମଲକୁ । କହିଲେ, ''ଶୁଣ୍ ସାଖୀଆ, ତୁ ଯଦି ଠିକଣାରେ ଏଣିକି କାମ ନ କରୁ ତେବେ ଜାଣି ରଖିଥା, ମୁଁ କିଛି ଛାଡ଼ିବା ଲୋକ ନୁହେଁ ! ତୁ ଶଳା, ୯୦ ପାଣି ଘେରରେ ମରୁଥିଲୁ । ତତେ ଦୁଇଓଳି ଖାଇବାକୁ ଦେଲାରୁ ବାହାନା ବାହାରୁଚି ? ବୁଝି ଖବରଦାର । ରାତି ପାହିଲେ ଆମେ ସହରକୁ ଯିବା । ସେଇଠି ବହୁତ କଥା ହେବ । ଯଦି ବୋଲ ନ ମାନିଚୁ ତେବେ ସହରୀ ପଙ୍କ ଭିତରେ ପୋତି ମାଟି ମଡ଼େଇ ଦେବି !!''

ସାମ୍‌ନା'ରେ ଦୁଇଜଣ ସ୍ୱେଚ୍ଛାସେବୀଙ୍କୁ ଦେଖି ଭୃକୁ କୁଞ୍ଚେଇ ପଚାରିଲେ, 'ଶେଖର ସାମନ୍ତ କାହିଁ ?' ପଛରୁ ଶୁଭିଲା, 'ଏଇଠି ।'—ସେ ଚମକିଲା ପରି ବୁଲି ଚାହିଁଲେ, 'ସାମ୍‌ନାକୁ ଆସ, ଆଉ ଶୁଣ !'—

ମୁଣାରୁ ଶହେଟଙ୍କିଆ ନୋଟ କାଢ଼ି କହିଲେ—ଆଜି ଯାହା ମିଳିଲା ତୁମେ ସବୁ ବାଣ୍ଟି ନେଇଯାଅ । ପାଞ୍ଚଟି ନୋଟ୍ ଥିଲା ତାଙ୍କ ହାତରେ । ସେ ଖଣ୍ଡିଏ ଖଣ୍ଡିଏ ସମସ୍ତଙ୍କୁ ବଢ଼େଇଦେଲେ ।

ଶେଖର ସାମନ୍ତ ହାତ ବଢେଇବାରେ ସାମାନ୍ୟ ଡେରିକଲା । ତପନ ରାୟ ତା' ଆଖିକୁ ଗ୍ରହିଁଲେ କଟମଟ—"କ'ଣ ସାମନ୍ତ ! କଲେଜରେ ପାଠ ପଢ଼ୁଚ ପରା ! ଏମାନେ ସିନା ବାରବୁଲା । ତୁମର କ'ଣ ଲୋଭ ହବା ଉଚିତ୍ ? ତୁମ ସାଙ୍ଗ ସମସ୍ତେ ଫେରିଗଲେ, ତୁମେ ପରା ରହିଛ ସେବା କରିବାକୁ ! ଏତେ ଅସନ୍ତୋଷ କାହିଁକି ? ହେଇ, ମୁଁ ତ ଗୋଟିଏ ପଇସା ନେଇନି ନାହିଁ !" ସ୍ୱେଚ୍ଛାସେବୀ ପହଞ୍ଚିଗଲେ ।

ଶୀତ ବାଜିଲା । ଧୂପ ଲଗିଲା । ଖିଆପିଆ ଗ୍ରଲିଲା । ତପନ ରାୟ ହ୍ୱିସ୍କି ବୋତଲର ଠିପି ଖୋଲିଲେ । ହୋ ହୋ ହସ ଭିତରେ କହିଲେ, "ଯେତେ ସବୁ ଭାର ଭାର ପାର୍ଶଲ, ତୁମେ ଉଠେଇପାରୁନାହିଁ; ସେ ଶାଳା ସାକ୍ଷିଆକୁ ଲଗେଇଦିଅ ! ତା' ନାଁରେ ସବୁ ପାର୍ଶଲ ଆସିଛି ପରା···ଛେନା, ବଟର, ଅଣ୍ଡା । ସେ ଶଳା ବୋହିବ ନାହିଁ ତ କ'ଣ ଆମେ ବୋହିବା ?" ଗୋଟାଏ ତୁହା ହସ ପରେ—"ଆଉ ଶୁଣ, ଏଗୁଡ଼ାକ ବ୍ଲାକ୍ କଲେ ସିନା ଏ ବଲାଦ ପାଇଁ କୁଣ୍ଡା କଣା ହବ—ନହେଲେ ଛତୁଆ ଖର୍ଚ୍ଚ କୋଉଠୁ ଆସିବ ?" ତୁହାକୁ ତୁହା ହସ ଉତୁରି ପଡ଼ୁଥାଏ । ଜଣେ ପ୍ଲେଟ୍ ଗ୍ରଟି ଦେଇ ଉଠିଲା ଆଉ ଯୋଡ଼ାଏ ମାଂସ ଟିଣ ଫିଟେଇବାକୁ ।

କାହାରୁ ତମ୍ବୁ ଭିତରଟା ଦିଶୁ ନ ଥିଲା । ସେ ଭିତରକୁ ପଶୁ ପଶୁ କୁହାଟିଲା—"ଧାଇଁ ଆସ, ଧାଇଁ ଆସ ।"

ସମସ୍ତେ ଖପ ଖପ୍ ଡେଇଁ ଦୌଡ଼ିଆସିଲେ । ପଛରେ ତପନ ରାୟଙ୍କ ହାତରେ କଳା ଧୂମର ମେଘ ରଙ୍ଗର ପିସ୍ତଲଟିଏ ।

"ସାକ୍ଷୀ ସାସମଲ କାହିଁ—କାହିଁ ସାକ୍ଷୀ ?"

"ସେ ଖସିପଳେଇଲା ।"

"ଅସମ୍ଭବ—ସେ ଏଇଠି ଥିବ :—ସେ ଟୋକା କାହିଁ ?"

ଶେଖର ସାମନ୍ତ ତମ୍ବୁ ପାଖରୁ ଆସି ସାମନା ଆଲୁଅରେ ଠିଆହେଲା । ତପନ ରାୟ ଝପଟିଗଲେ ତା' ଉପରକୁ ।—"ତୁଇ ତାକୁ ଫିଟେଇ ଦେଇଚୁ । ବତା, ସେ କାହିଁ ?"

ଶେଖର ବିନା କାରଣରେ ଖିଲ୍ ଖିଲ୍ ହସିଦେଲା ।

ତପନ ରାୟ ଫିକ୍କିନା ହସି ଦେଇ ବାଁ ହାତରେ ତା' ପିଠି ଆପୁଡ଼େଇ କହିଲେ, "ଆଚ୍ଛା ତା'ହେଲେ ତୁ ଥଟ୍ଟା କରୁଛୁ ? ମଜା ଦେଖିବ'କୁ ତାକୁ କୋଉଠି ଲୁଚେଇ ଦେଇଛୁ ? ମୋ ସୁନାଭାଇଟାପରା—ତାକୁ ନେଇ ଏମିତି ଖେଳିଲେ ଆମେ ସମସ୍ତେ ବୁଡ଼ିଯିବା । ସାକ୍ଷୀ ସାସମଲ ମୋ ଜୀବନ, ମୋର ସର୍ବସ୍ୱ, ମୋର ଧନ୍ଦା ?'

ଖୁବ୍ ପରିଷ୍କାର କଡ଼ା ସ୍ୱର ଶେଖରର—"ମୁଁ ଜାଣିନାହିଁ ।"

"ଏଁ ? କ'ଣ କହିଲୁ ?—ତାକୁ ଗୋଟିଏ ଧକ୍କାରେ ପେଲିଦେଇ ତପନ ଗୁପ୍ତ ଗୁପ୍ତ ଅନ୍ଧାର ଭିତରକୁ ଖେଦିଗଲେ । ହାତରେ ଟର୍ଚ୍ଚ ଧରି ଜଣେ ଦୌଡ଼ି ଆସିଲା । ଗୁରିଆଡ଼େ ଲାଇଟ୍ ମାରି ମାରି ଖେଦିଗଲେ ଶିକାରୀମାନେ । ଆଖପାଖରେ ଲୁଚିବାକୁ ଥାନ ନାହିଁ । ଗଲା କୁଆଡ଼େ ?

ତପନ ଗୁପ୍ତ ଫେରି ଆସିଲେ ତମ୍ବୁ ଭିତରକୁ ।—"ବେ'ଟୋକା, କହୁଚୁ ନା ଦେଖିବୁ ! ଯଦି ମୋତେ ଚହ୍ନି ନାହୁଁ, ସେଥିପାଇଁ ବେଶି ବେଳ ଲାଗିବ ନାହିଁ । ଗୋଟିଏ ଗ୍ରେଟରେ ଶୁଆଇ ଦେବା । ମୋ ପାଟିରୁ ଆହାର ଛଡ଼େଇ ନେଲେ ମୁଁ କାହାକୁ ଛାଡ଼େନାହିଁ । ତୁ ଭଲରେ ଭଲରେ ବଢ଼େଇ ଦେ, ତତେ ଏଇଲାଗେ ହଜାରେ ଟଙ୍କା ଇନାମ୍ ଦେବା !—ଏଇ, ନେ ।" ତପନ ଗୁପ୍ତ ଖଣ୍ଡେ ହଜାରେ-ଟଙ୍କିଆ ନୋଟ୍ ବାଁ ହାତରେ ଟାଣିଆଣି ଟେକି ଧରିଲେ ।

"ମୁଁ ଆଦୌ ଜାଣିନାହିଁ ସେ କୁଆଡ଼େ ଗଲା । ମୁଁ କିନ୍ତୁ ଖୁସି ଯେ ମୋ ସାଖୀ ମଉସା ତୁମ ହାତରୁ ଖସିଗଲା । ମୁଁ କାଲି ସାରା ସହରରେ ତୁମ କଥା ଖୋଲିଦେବି ।"

ନୋଟ୍‌ଟିକୁ ଲେଉଟକୋଟ କରି ମୁଠାରେ ଭର୍ତ୍ତି କରିଦେଲେ ତପନ ଗୁପ୍ତ । ଦାନ୍ତସନ୍ତାରୁ କହିଲେ, "ନିମକ୍‌ହାରାମ ! ସେ ସୁବିଧା ତୁ କାହୁଁ ପାଇବୁ ? କାଲି ତୋ ଫଟୋ ଉଠିଲେ ଆମ୍ବବଲର ଗଳ୍ପ ବାହାରିଯିବ ସବୁ ପତ୍ରିକାରେ—କେମିତି ପାଣି ଘେର ଭିତରକୁ ସମସ୍ତେ ମନାକରିଦେଲେ ତୁ ଡେଇଁଲୁ ଏବଂ ଫେରିଲୁ ନାହିଁ । ଏଇଠି ଗୁଳିକରି ତତେ ନଈ କାଦୁଅରେ ପୋତି ଦେବାକୁ ବେଳ ଲାଗିବ ନାହିଁ । ମାତ୍ର ମିନିଟିଏ ଦେଲ । କହ କୋଉଠି ଛାଡ଼ିଲୁ ସାଖୀ ସାସମଲକୁ ? ମୁଁ ବିଦେଶୀ ଦାତାମାନଙ୍କୁ କାଲି କେମିତି ମୁହଁ ଦେଖେଇବି ! କହ ବେ ଚଞ୍ଚଲ ।" ଗର୍ଜିଲେ ତପନ ଗୁପ୍ତ ।

ଚମକିଗଲା ସେ ଖଣ୍ଡମଣ୍ଡଳ ଗୋଟାଏ ଆବାଜ୍‌ରେ । ଖୋଜାଳିମାନେ ଦୌଡ଼ି ଆସି ଧକେଇଲେ । ଦୂରରେ ବାଲୁଆ ପଶିଗଲେ ପାଣିରେ···ଚବର ଚବର··· ଆହୁରି ଦୂରରେ କ'ଣ ସବୁ ଅମିଗଲା !

"ଏ ଟୋକାକୁ ନଈ କାଦୁଅରେ ପୋତିଦେଇ ଆସ !···"

ରାତି ସାରା ପାଣି କାଦୁଅରେ ନାନା ଜାତି ଶବ୍ଦ । ତମ୍ବୁରେ ଟଙ୍କା ପଇସା ଗଣାଗଣି, ଖିଆପିଆ, ହସଖୁସି, ପାଟିତୁଣ୍ଡ । ସକାଳ ପାହିଲେ ତମ୍ବୁ ଟେକାହେବ । ପ୍ରଚାର ହେବ କେମିତି ଦୁଃଖରେ ଆତୁର ହୋଇ ସାଖୀ ସାସମଲ କାହାକୁ ଖୋଜି ଖୋଜି ନଈରେ ପଶିଗଲା ।···ତା ଦୁଃଖରେ ବିହ୍ୱଳ ହୋଇ କଲେଜର ପ୍ରତିଭାବାନ୍ ଛାତ୍ର ଶେଖର ସାମନ୍ତ କେମିତି ତାକୁ ବଞ୍ଚେଇବାକୁ ପାଣିରେ ଝାସଦେଲା ଏବଂ

ଫେରିଲ ନାହିଁ ।...କେମିତି ତପନ ଶୋଭନ ଗୁପ୍ତ ଏବଂ ସହକର୍ମୀମାନେ ପ୍ରାଣମୂର୍ଚ୍ଛା ପ୍ରଯତ୍ନ କଲେ ଏବଂ କରୁଛନ୍ତି ଉଭୟଙ୍କ ଶବ ଉଦ୍ଧାର ପାଇଁ ।...

ସୂର୍ଯ୍ୟଉଠି ଆସୁଥାଏ । ଆଲୁଅର ପ୍ରଥମ ପ୍ରହର । ଗୋଟିଏ ଜିପ୍ ଗାଡ଼ିରୁ ଓହ୍ଲାଇଲେ ଜଣେ ପ୍ରତିଦ୍ୱନ୍ଦୀ ସାମ୍ବାଦିକ । ତପନ ଗୁପ୍ତଙ୍କ ଭୂରୁ କୁଞ୍ଚେଇଗଲା । ଓହ୍ଲେଇଲେ ଦୁଇଜଣ ପୋଲିସ ଅଫିସର । ଖପ୍‌ଖାପ୍ ଡେଇଁଲେ ଗୃରୋଟି ବନ୍ଧୁକଧାରୀ ଏବଂ ଶେଷରେ ଜିଭ ଲହ ଲହ କରି ଗୋଟିଏ କାଳିଆ କସରା କୁକୁର । ତପନ ଗୁପ୍ତଙ୍କ ପଛପଟେ କନକନ ହେଲେ ତାଙ୍କ ରୁଚିଆ ସହକର୍ମୀ ଗୃରୋଟି ।

"ତପନ ଶୋଭନ ଗୁପ୍ତ ଆପଣ ?"

"ଆଜ୍ଞା !"

"ଆମକୁ ଆମ ବନ୍ଧୁ ବାଟଭୁଲି ଏଇଆଡ଼େ ବୁଲେଇ ନେଇ ଆସିଲେ । ସାକ୍ଷୀ ସାସମଲକୁ ଟିକିଏ ଦେଖିଆନ୍ତେ ।"

"କ'ଣ ଆଉ କହିବି ସାର୍ ! ଆ'ମ ଭାଗ୍ୟ ଖରାପ । ଏତେ ପରିଶ୍ରମ କରି ବୃଥା ହୋଇଗଲା । ଆ'ମ ହାତଗୋଡ଼ରୁ ଦେଖନ୍ତୁ । କାଲି ରାତିଠୁ ସାକ୍ଷୀ ପଗଲା ଭଳି ଧାଉଁଲା । କହିଲା ମୋ ବାପ ପାଖକୁ ଯିବି, ମୋ ପୁଅ,...ମୋ ମାଇପ । ଆମେ ଯେତେ ଚେଷ୍ଟା କଲୁ ସେ ସମ୍ଭଳା ଗଲାନାହିଁ । ପଶିଗଲା ସୁଅ ଭିତରେ ।...ସବୁଠୁ ଟ୍ରାଜେଡ଼ି ହେଲା ସାର୍—ଆମର ସେ ଟୋକା ଶେଖର ସାମନ୍ତ...।"

ମୁହଁ ଘୋଡ଼େଇ ସାମାନ୍ୟ କାନ୍ଦିଲେ ତପନ ଗୁପ୍ତ ।

"କ'ଣ ହେଲା ?"

"ସେ ବି ସାର୍ ପାଣିରେ ପଶିଗଲା, ଆଉ ଫେରିଲା ନାହିଁ । ଏ କାହାଣୀ ଅମର ହୋଇ ରହିବ ସବୁଦିନ ପାଇଁ, ମୁଁ ହଲପ୍ କରି କହୁଛି..."

ହଠାତ୍ ସମସ୍ତେ ଗୃହିଁଲେ ଟମ୍ବୁ କଡ଼ରେ ଠିଆହୋଇଥିବା କାଦୁଅ ମଲିଚ୍ଛିଆ ଏକ-ବସ୍ତ୍ରୀ ଲୋକଟିକୁ ।

ସାମ୍ବାଦିକ କହିଲେ, "ଏଇ ତ ସାକ୍ଷୀ ସାସମଲ !"

"ଏଁ !"...କହି ଡେଇଁଲେ ତପନ ଗୁପ୍ତ । ଭେଁ ଭେଁ ରଡ଼ିଲେ—"ମୋ ମଉସା, ତମେ କୋଉଠି ଥିଲ ? ତୁମକୁ ଖୋଜି ମୋ' ଭାଇ ମରିଗଲା ।" ସାକ୍ଷୀ ସାସମଲ ସେମିତି ଠିଆହୋଇଥାଏ । ଚ୍ହିଁଥାଏ ଟମ୍ବୁ ସାମନାରେ ଘୋଡ଼େଇ ହୋଇ ପାରୁ ନ ଥିବା ଚବକାଏ ରକ୍ତକୁ ।

ସମସ୍ତେ ଚାହିଁଲେ ସେଇଆଡ଼େ । 'ସେଇଟା କ'ଣ ରକ୍ତ ?' କହି ଅଫିସର ଆଗେଇଗଲେ ।

"ହେଁ, ହେଁ, ହେଁ, ସାର୍—କାଲି, ସାର୍ ଷ୍ଟାଣ୍ଡାର୍ଡ ହୋଇ ଗୋଟେ କୁକୁଡ଼ା କାଟିଥିଲୁ ସାର୍, ସେଇଟା···ସେଇଟା !" ପୁଣି ନିଜ ପଛକୁ ଚାହିଁ "ଆବେ ଦେଖୁଛ କ'ଣ ? ମଉସାକୁ ନେଇ ତାଙ୍କ ବ୍ୟବସ୍ଥା କର, ସାହେବମାନଙ୍କ ପାଇଁ ଚା' ପାଣି ବ୍ୟବସ୍ଥା କର !"

"କିଛି ପ୍ରଶ୍ନେ ଜନ ନାହିଁ !" ସମସ୍ତେ କାଠି ପରି ଟାଣିହୋଇଗଲେ ।

ସାମ୍ବାଦିକ ପଚାରିଲେ, "କ'ଣ ମଉସା, ତୁମ ନାଁ ସାକ୍ଷୀ ସାସମଲ ?"

"ହଁ !"

"ପିତାଙ୍କ ନାଁ ?"

"ଅନାଦି ।"

"ଅନାଦି ସାସମଲ ! ଆଚ୍ଛା ତୁମେ କ'ଣ ଦେଖିଛ ?"

"ସବୁ ଦେଖିଛି !!"

ତପନ ବାବୁ ଖପ୍‌କିନା ସାମ୍ବାଦିକଙ୍କ ହାତ ଧରି ଟାଣିନେଇଗଲେ ।

"ତୁମେ ସମସ୍ତେ ଚୁପ୍ ରହିବାକୁ କେତେ ଦାମ୍ ପଡ଼ିବ ? ପଚାଶ ହଜାର ? ···ଅଶୀ ହଜାର ??···ଲକ୍ଷେ ???···"

ଅଫିସରମାନେ କାନ ଡେରିଲେ । କୁକୁର କାନ ଡେରିଲା । ସାମ୍ବାଦିକ ମୁଣ୍ଡ ତଳକୁ କରି ଠିଆହେଲେ ।

ସାକ୍ଷୀ ସାସମଲ ଚାହିଁରହିଲା କାଦୁଆ ନଈ ଉପରେ ଚଳଚଳ ଦୁର୍ବଳ ସୂର୍ଯ୍ୟକୁ ।

# ସୀମାବଦ୍ଧ

### ଶ୍ରୀ ସାତକଡ଼ି ହୋତା

ଏ ସଂସାରଟା ଏହିପରି । ଜୀବନଟା ଏତେ ଲମ୍ବା ଯେ ଅନେକ ସମୟ କେବଳ ଉଦାସରେ କଟିଯାଏ । ଉତ୍ସାହ ନଥିଲେ ଦିନଗୁଡ଼ା ଉପରଓଳି ଅବସନ୍ନ ମଣିଷର ଛାଇ ପରି ଦୀର୍ଘତର ମନେ ହୁଅନ୍ତି । ଉତ୍ସାହ ହିଁ ଜୀବନକୁ ଉପଭୋଗ କରିବାର ଉତ୍ସ, ଉତ୍ସାହ ଥିଲେ ଲମ୍ବା ଜୀବନଟା ଅନେକ ଶ୍ରେଷ୍ଠ ହୋଇଯାଏ । ଦିନ ଓ ରାତି ମଧ୍ୟରେ ଥିବା ଫରକଟି ନଜରରେ ପଡ଼େ ନାହିଁ, ସମସ୍ତ ପରି ନିଜର ପ୍ରବାହରେ ଭାସି ବୁଲେ ମଣିଷ; ଆଉ ଉତ୍ସାହ ନ ଥାଇ ଉଦାସ ଯଦି ଜୀବନକୁ ପ୍ରଭାବିତ କରେ । ଗୋଟିଏ ରାତିର ସମସ୍ତ ଜୀବନକୁ ଆହୁରି ଅପୂର୍ଣ୍ଣ ଏବଂ ହତୋତ୍ସାହ କରି ଦେଇଯାଏ ।

ନିଜ ଜୀବନର ଗତିକୁ ଲକ୍ଷ୍ୟ କରି ଅବାକ୍ ହୋଇଯାଏ ମୀରା । ସମୟର ସ୍ରୁଅ ବା ସମୁଦ୍ରର ଢେଉ ପରି ନିଜ ପ୍ରବାହରେ ଭାସି ବୁଲୁଥିବା ଜୀବନର ଗତି କ୍ରମଶଃ ଶିଥିଳ ହୋଇଯାଇ ମରୁଭୂମିର ଦଗହଜା ବାଲି ଭିତରେ ଝରଣାର ଧାର ହଜିଗଲା ପରି ହଜିଯାଏ କେଉଁଠାରେ । ସେ ଖୋଜିବାକୁ ଅନେକ ଚେଷ୍ଟା କରିଛି, ସମୟକୁ ଧରି ରଖିବା ପାଇଁ ହାତ ବଢ଼ାଇଛି; କିନ୍ତୁ ପାରି ନାହିଁ । ସୁଖ ଓ ସମ୍ଭୋଗର ସମସ୍ତ କେତେବେଳେ ଏକଘେଣା ଜୀବନର ରଙ୍ଗହୀନ ଓ ରସହୀନ ପଥରୁ ତା ଅନୁମତିକୁ ଅପେକ୍ଷା ନ କରି ଅଗୋଚରରେ ଅନ୍ତର୍ହିତ ହୋଇଯାଇଛି ।

ମୀରା କାରଣ ଖୋଜିବାକୁ ଚେଷ୍ଟା କରେ । ଛିଣ୍ଡା ସୂତାକୁ ଯୋଡ଼ିବା ପରି ନିଜର ଅତୀତ ଏବଂ ବର୍ତ୍ତମାନକୁ ଯୋଗ କରିବା ପାଇଁ ପ୍ରୟାସ କରେ । କିଛି ହୁଏ ନାହିଁ, ବରଂ ପଳେଇ ଯାଉଥିବା ଅତୀତ ତାକୁ ଖତେଇ ହୋଇ କହେ, ତୋଠାରେ ରୂପ, ରସ ଓ ସୁବାସର ଯେଉଁ ପେଡ଼ି ଥିଲା ତାହା ଖାଲିକରି ମୁଁ ସମସ୍ତଙ୍କୁ ନେଇ ପଳେଇ ଆସିଛି, ତୋ ପାଖରେ ଆଉ ମୋର ପ୍ରୟୋଜନ ନାହିଁ, ଏକଘେଣା ବୈଚିତ୍ର୍ୟ-ହୀନ ଜୀବନରେ ନୂତନତା ନ ପାଇ ମୁଁ ଚାଲି ଆସିଲି, ତୁ ଆଉ ମୋତେ ନ ଅନାଇବା ଭଲ, ମୋତେ ଭୁଲି ଯା···।

ଏତେ ଶୀଘ୍ର ନିଜକୁ କିପରି ଭୁଲିଯିବ ମୀରା । ହେତୁ ହେଲା ଦିନୁ ଯେଉଁ ଜୀବନର ବେଗ ତାକୁ ଆଗକୁ ଟାଣୁଥିବାର ଜାଣୁଥିଲା ସେ, ସେଥିରେ ଶିଥିଳତା ଆସିଯାଇଥିଲା । ଗତିରେ ବେଗ ନଥିଲେ ଆଗକୁ ଗଲେ ବି ଜାଣିପାରେ ନାହିଁ ମଣିଷ,

ପଥ ଲମ୍ବ ହୁଏ, ଯାତ୍ରାକାଳ ହୁଏ ଦୀର୍ଘତର । ଲମ୍ବ ପଥର ସେହି ଦୀର୍ଘ ଯାତ୍ରା ମଣିଷକୁ ଆଣୁ ମାନ୍ତ ଦରଣ୍ଡିବା ପାଇଁ ଦିଏ । ଦୌଡ଼ିବା ପାଇଁ ବଳ ରହେ ନାହିଁ, ସାହସ ହୁଏ ନାହିଁ । ମୀରା କ'ଣ ଏତେ ଶୀଘ୍ର ଦରଣ୍ଡିବା ଅବସ୍ଥାକୁ ଆସିଗଲା,ଏତେ ଅଳ୍ପ ବୟସରେ ସେ କଅଣ ଏଡ଼େ ବଡ଼ ଜୀବନର ସୀମା ସରହଦ ନ ପାଇ ଅଧ ରାସ୍ତାରେ ପଥ ହଣା ହୋଇଗଲା ।

ଅନ୍ତତଃ ସେତ୍ତା ମନେ କରୁଥିଲା ସେ ହେମନ୍ତକୁ ପାଇବା ପରେ ତା ଜୀବନର ପୂର୍ଣ୍ଣତାରେ ସ୍ୱାମୀର ସ୍ଥାନକୁ ସେ ଯେ କେବଳ ସ୍ୱୀକାର କରିଥିଲା ତାହା ନୁହେଁ, ତାକୁ ବାଦ୍ ଦେଇ ସେ ଯେ ଅପୂର୍ଣ୍ଣ ଓ ଅପ୍ରାସଙ୍ଗିକ ଏଇ କଥା ଅନେକ ଦିନ ଯାଏ ଭାବି ଆସିଥିଲା ସେ । ଅନେକ ଦିନ ଏକା ସଙ୍ଗରେ ଶୋଇଲାବେଳେ ହେମନ୍ତର କାନ ପାଖରେ କହିଥିଲା ମୀରା,ତୁମେ ନଥିଲେ ମୁଁ ଅଫୁଟା ଫୁଲପରି ଝରିପଡ଼ିଥାଆନ୍ତି । ସେ ବେଦନାକୁ ଲୁଚାଇ ରଖିବା ପାଇଁ ମୋ ହୃଦୟରେ ଜାଗା ନାହିଁ; କିନ୍ତୁ ତୁମକୁ ପାଇ ମୋର କଅଣ ମନେ ହୁଏ ଜାଣ, ଏ ଜୀବନଟା କେବଳ ଢେଉ ଢେଉକା, ଅସରନ୍ତି, ଢେଉର ଅଗଣିତ ଆବେଗ ଏବଂ ଶବ୍ଦରେ ମୁଁ ଉଲସିତ ଏବଂ ମୁକୁଳିତ । ମୋର ମନେହୁଏ ମୁଁ ଅସରନ୍ତି···ତୁମର ଆଲିଙ୍ଗନ ଭିତରେ ମୁଁ ଶ୍ରାବଣରେ ପ୍ରଥମ ବନ୍ୟାର ପ୍ରବାହ ।

ହେମନ୍ତ ତା ଓଠ, ଆଖି ଓ କପାଳ ଉପରେ କେତେ ଚୁମ୍ବନ ରଖିଦେଇ କହୁଥିଲା, ତୁମେ ନଥିଲେ ମୁଁ କିଛି ନୁହେଁ । ସ୍ଥିତିହୀନ ଓ ଅବାସ୍ତବ, ତୁମରି କୋଳରେ ମୁଁ ଅନୁରାଗ, ତୁମରି ଉଷ୍ଣତାର ଭାପରେ ମୁଁ ବିକଶିତ; ତୁମେ ମୋତେ ସଂପୂର୍ଣ୍ଣ କରିଛ, ସଂଜୀବିତ କରି ଦେଇଛ ।

ସେଇ ଦିନ ଗୁଡ଼ାକୁ ସମୁଦ୍ର କୂଳର ଶାମୁକା ପରି କୁଡ଼ାଇବା କେତେ ଚେଷ୍ଟା ନ କରିଛି ମୀରା; କିନ୍ତୁ ପାରିନାହିଁ । ସମୁଦ୍ରର ଅସରନ୍ତି ବାଲି ଭିତରେ ସେଗୁଡ଼ା କେଉଁଠି କେତେବେଳେ ଯେ ହଜିଗଲେ ବା ପୋତି ହୋଇଗଲେ ସେ ଜାଣି ପାରିଲା ନାହିଁ । ସମୁଦ୍ରର ଢେଉ ସିମିତି ଆସୁଛି । କିନ୍ତୁ ସେ ସେମାନଙ୍କର ସଂଖ୍ୟା ଗଣି ସେମାନଙ୍କର ଉଚ୍ଛ୍ୱାସକୁ ଜାଣି ପାରିବ ନାହିଁ । ମୀରା ଆଖିରେ ଅସରାଏ ଅଶ୍ରୁ ନେଇ ଚାହିଁଲା, ସବୁ ଝାପ୍ସା ଦେଖା ଯାଉଥିଲା, ଦିଗନ୍ତରେ ସବୁ ଆଲୋକ ହଜି ଯାଇଥିଲା ।

ଯୌବନର ଉଲ୍ଲାସ ଓ ଉତ୍ତେଜନା ଏବଂ ଏହାର ଅମୋଘ ଆକର୍ଷଣ ତାକୁ ରାଗ ଓ ରଙ୍ଗରେ ସୁଷମିତ କରିଥିଲା । ସେ ଭାବୁଥିଲା, ଏଇ ଜୀବନ ପରି ଏହି ଯୌବନ ବି ଅଫୁରନ୍ତ ଓ ଅନନ୍ତ···ଏହାର ଦୀପ୍ତିରେ ସମଗ୍ର ଜୀବନଭୂମି ଆଲୋକିତ । ହେମନ୍ତକୁ ପ୍ରଥମଥର ଯେତେବେଳେ ସେ ଆଲିଙ୍ଗନ କଲା ସେତେବେଳେ ତା'ର

ପ୍ରତି ରକ୍ତକୋଷର ବିସ୍ଫୋରଣରେ ସେ ମନେ କଲା ଯେ ସେ ଏହି ବିଶାଳ ବିଶ୍ୱର ଏକମାତ୍ର ସାମ୍ରାଜ୍ଞୀ । ପ୍ରାଣକୋଷର ଅଶେଷ ଶିହରଣରେ ସେ ଅନୁଭବ କଲା ଯେ ଏ ପୃଥିବୀର ଆକର୍ଷଣ ତା'ର ପ୍ରତି ଲୋମକୂପ ମୂଳରେ ଖୁନ୍ଦି ହୋଇ ରହିଛି ।

ଉତ୍ତପ୍ତ ଅନୁର୍ବର ପୃଥିବୀ ଅନାଇ ରହେ ବର୍ଷାକୁ । ସେ ବି ଅନାଇ ରହିଥିଲା ହେମନ୍ତର ଆଗମନକୁ । ହେମନ୍ତକୁ ପାଇ ବର୍ଷାର ଶତ ଧାର ପରି ବହି ଯାଉଥିଲା ଏକ ପରିପୂର୍ଣ୍ଣ, ଶାନ୍ତ ଶୀତଳ ସଂସାର ଗଠନ କରି ତହିଁରେ କେବଳ ନିଜର ପଦଧ୍ୱନି ଶୁଣିବା ପାଇଁ ।

ଏଯାବତ୍ କେତେ ବର୍ଷ ତଳର ଘଟଣା । ସେଇଦିନୁ କେବଳ ନିଜର ପଦଧ୍ୱନି ଶୁଣି ଶୁଣି ସବୁ ଯେପରି ବେସୁରା ଲାଗୁଥିଲା ତାକୁ । ସକାଳୁ ସନ୍ଧ୍ୟା ଯାଏ ଏବଂ ପୁଣି ସନ୍ଧ୍ୟାରୁ ସକାଳ ଯାଏ ସେଇ ଗୋଟିଏ ସ୍ୱର, ଗୋଟିଏ ପ୍ରକାର ବ୍ୟବହାର ଓ ଚଳଣି ସବୁ କ୍ରମଶଃ ଅସ୍ଥିର କରିବାକୁ ଲାଗିଲା । ସକାଳୁ ଉଠି ନିତ୍ୟକର୍ମ କରି, ଦୁଇଟି ପିଲାଙ୍କୁ ଗା ଧୋଇ ଲୁଗା ପିନ୍ଧେଇ, ଖୁଆଇ ପିଆଇ ସ୍କୁଲକୁ ପଠେଇବା, ତା ପରେ ସ୍ୱାମୀଙ୍କର ଚର୍ଚ୍ଚା କରି ତାଙ୍କୁ ଅଫିସକୁ ପଠେଇ ଦେଇ ନିଜେ ଟିକେ ଆରାମଚୌକିରେ ବସି ପଡ଼ି ବିଶ୍ରାମ ନେବାବେଳେ ଗରମ ଚାହା କପେ ଖାଇ ସକାଳର ଖବରକାଗଜଟା ଉପରେ ଆଖି ବୁଲାଇ ନେଇ ତାପରେ ସ୍ନାନ ଘରକୁ ପଶିଯାଇ ପ୍ରସାଧନ ଶେଷ କରିବା ଏବଂ ଦ୍ୱିପ୍ରହରର ଖାଇବା ଓ ଶୋଇବା ପରେ ପୁଣି ସ୍କୁଲ ଫେରନ୍ତା ପୁଅ ଝିଅ ଓ ଅଫିସ ଫେରନ୍ତା ସ୍ୱାମୀଙ୍କର ଚର୍ଚ୍ଚା କରି ସନ୍ଧ୍ୟାବେଳେ ଟେରାସ ଉପରେ ଘଣ୍ଟାଏ ବସିବା ବା କେବେ କେଉଁଦିନ କାହାରି ଘରୁ ବା ବଗିଚାରେ ଘେରାଏ ବୁଲି ଆସିବା ପରେ ପିଲାଙ୍କର ପଢ଼ା ପ୍ରତି ନଜର ଦେବା, ରାତି ଭୋଜନର ବ୍ୟବସ୍ଥା କରିବା ଏବଂ ନଅଟା ବାଜିଲେ ପ୍ରଥମେ ପିଲାମାନଙ୍କୁ ଏବଂ ପରେ ସେ ଓ ସ୍ୱାମୀ ଖାଇପିଇ ସାଢ଼େ ଦଶଟା ବେଳକୁ ଶୋଇ ପଡ଼ିବା ଗୋଟିଏ ସୁରର ଏକ ଟଣା ସ୍ଥିତି ବୋଲି ସେ ଭାବୁଥିଲା । ରାତିକୁ ପ୍ରଥମେ ପ୍ରଥମେ ପରମ ଆଗ୍ରହର ସହିତ ସେ ଅପେକ୍ଷା କରୁଥିଲା, କିନ୍ତୁ ଏଇ ଦଶବର୍ଷ ଭିତରେ କ୍ରମଶଃ ସବୁଥିରେ ଉତ୍ତାପ ଓ ବୈଚିତ୍ର୍ୟ-ହୀନତା ଅନୁଭବ କଲା ।

ପ୍ରଥମ ଚାରି ପାଞ୍ଚ ବର୍ଷର ରାତିଗୁଡ଼ା ଅନେକ ଶ୍ରେଷ୍ଠ ଥିଲେ । ରାତିର ଦୀର୍ଘତା ପାଇଁ ସେ ମନେ ମନେ ଅନେକ ମିନତି କରିଥିଲା, କିନ୍ତୁ ତା'ପରେ ରାତିଟା ଶ୍ରେଷ୍ଠ ବା ବଡ଼ ମନେ ନ ହୋଇ କେବଳ ଯେତିକି ସେତିକି ମନେ ହେଲା ଏବଂ ଏବେ ରାତିଟା ବିରକ୍ତିକର ଭାବରେ ଲମ୍ବ ମନେ ହେଉଥିଲା । ଗୋଟିଏ ବିଛଣାରେ ହେମନ୍ତ ସହିତ ଯେଉଁଦିନ ପ୍ରଥମ ଶୋଇଥିଲା କେବଳ ଯେ ତାକୁ ସଂସାରର ସବୁ ଲାଜ ଧୁଆ ଲୁଗା ପରି ଜଡ଼ ସଡ଼ କରି ଦେଇଥିଲା ତାହା ନୁହଁ, ସେ ଭାବିଲା ଯେ ସେଇ

ଦିନୁ ସେ ସମସ୍ତଙ୍କ ପରି ନିଜେ ବି ଅଲଜୁକ ହୋଇଗଲା । ତା'ପରେ ଲଜ୍ଜା ତାକୁ ଆକର୍ଷଣ କଲା, ଉପଭୋଗ କଲା ଏବଂ ସେ ମର୍ମଗତ ହୋଇ ଲଜ୍ଜାବତୀର ପ୍ରତୀକ୍ଷା ନେଇ ହେମନ୍ତକୁ ପ୍ରତିଦିନ ଅପେକ୍ଷା କଲା । କିନ୍ତୁ ଆଜି ସେ ପ୍ରତୀକ୍ଷା ଆଉ ନାହିଁ, ଅପେକ୍ଷା କରିବାର ସେ ଆବେଗ କେଉଁଠି ରେ ବାସି ଫୁଲ ପରି ପଡ଼ି ରହିଲା । ଏବେ ଏକା ବିଛଣାରେ ଶୋଇ ଶୋଇ ସେ ହେମନ୍ତର ଘୁଂଗୁଡ଼ି ଶୁଣି ବିରକ୍ତ ହୁଏ । ତା' ମୁହଁ ପାଖରେ ଆଉ ଗୋଟିଏ ମୁହଁର ନିଃଶ୍ୱାସ ବାଜିଲେ ସେହି ଗନ୍ଧରୁ ନିଜକୁ ରକ୍ଷା କରିବା ପାଇଁ ମୁହଁ ବୁଲାଏ, ତା ଦେହ ଉପରେ ପଡ଼ି ରହିଥିବା ଉତପ୍ତ ହାତଟିକୁ ମହଣିକିଆ ପଥର ପରି ମନେ କରି ଆଡ଼େଇ ଦିଏ । ବେଳେ ବେଳେ ନିଦରେ ଦିହଟା ଏକ ହୋଇ ଯାଇ ପୁଣି ବିଚ୍ଛିନ୍ନ ହୋଇଯାଏ । ସେ ସ୍ୱାମୀର ଶେଷ ଲଗ୍ନର ସଂଗୀତ ଶୁଣି ଅଲଗା ହୋଇଯାଇ କହେ, ବୁଢ଼ାଟିଏ ହେଲଣି, ସେଇ ଗୋଟାଏ କଥା ଗଲାନି……

ହେମନ୍ତ ବି ବୋଧେ ଧୀରେ ଧୀରେ ଏଇ ସ୍ୱରର ଅର୍ଥ ଅନୁଭବ କଲା, ତାକୁ ବି ବୋଧେ ଜୀବନର ସେଇ ଗୋଟିଏ ସ୍ୱରର ପଦଏ ସଂଗୀତ ବିରକ୍ତିକର ମନେ ହେଲା । ସେଥିପାଇଁ ଗୋଟିଏ ବିଛଣାରେ ଲଗାଲଗି ହୋଇ ମଝିରେ ଶୋଉଥିବା ଦୁଇଜଣ ମଝିରେ ଶୋଇବାକୁ ଆରମ୍ଭ କରି ଦୁଇ କଡ଼କୁ ଚାଲି ଯାଉଥିଲେ ବା ଦୁଇ କଡ଼ରେ ଶୋଇବାକୁ ଯାଇ କେତେବେଳେ ପୁଣି ମଝିକୁ ଆସି ଯାଉଥିଲେ ।

ଦଶବର୍ଷ ପରେ ଆଜି ମନେ କଲା ମୀରା ପ୍ରଥମ ଯୌବନର ଆକର୍ଷଣଟା ଆଜି ଆଉ ନାହିଁ, ଜୀବନର ଯେଉଁ ଅନନ୍ତ ସଂଭାବନାକୁ ସମ୍ବଳ କରି ସେ ଇନ୍ଦ୍ରଧନୁର ରଂଗରେ ନିଜ ଭବିଷ୍ୟତର ବର୍ଣ୍ଣାଢ଼୍ୟ ରୂପ ଦେଖୁଥିଲା ତାହା କ୍ରମଶଃ ମଳିନ ହୋଇ କେବେ କେଉଁଠାରେ ନିଶ୍ଚିହ୍ନ ହୋଇ ଯାଇଥିଲା ।

ଏପରି କାହିଁକି ହେଲା ବୋଲି ସେ ଆଉ କୌଣସି ପ୍ରଶ୍ନ ନିଜକୁ ପଚାରିଲା ନାହିଁ । ବରଂ ତା'ର ମନେ ହେଲା ଯେ ଏହିପରି ହବାଟା ହିଁ ସ୍ୱାଭାବିକ । ଗୋଟେ ଛବିକୁ ଦିନ ଦିନ ଧରି, ଦେଖିବାକୁ ଭଲ ଲାଗେ ନାହିଁ । ଗୋଟିଏ ସ୍ୱରରୁ ସର୍ବଦା ସଂଗୀତ ମନକୁ ପ୍ରଶମିତ କରେ ନାହିଁ, ଗୋଟିଏ ସ୍ଥାନର ଆକାଶ ସବୁ ରାତିରେ ଏକା ପରି ଆଖି ଠାରି ଡାକେ ନାହିଁ, ନୂତନର ଆକର୍ଷଣ ଅପରିସୀମ । ଏହାର ଅନ୍ବେଷଣ ମଧ୍ୟ ଉତ୍ତେଜନାମୟ । କିନ୍ତୁ ଏହି ନୂତନକୁ ଅଭିନନ୍ଦନ ଜଣାଇ ଯେଉଁ ଜୀବନ ଆରମ୍ଭ କରିଥିଲା କେତେବର୍ଷ ପୂର୍ବେ, ତାହାର ନିବେଦନ ପୁରାତନ ପରି ମୁମୂର୍ଷୁ ହୋଇ ମୁହଁ ମାଡ଼ି ପଡ଼ିଥିଲା । ସେ ନିତ୍ୟ ନୂତନ ଜୀବନ ସଙ୍ଗୀତର ସ୍ୱର ଶୁଣିବାକୁ ଯାଇ ହତବୁଦ୍ଧି ହୋଇ ଛୁଡ଼ା ହୋଇଗଲା । ସେଠାରେ ସଙ୍ଗୀତର ମୂର୍ଚ୍ଛନା ବା ରାଗିଣୀର ଅନୁରାଗ ନ ଥିଲା, କେବଳ ଥିଲା ଅଶାନ୍ତ, ଅସ୍ଥିର ହୃଦସ୍ୱର ଏକ ପଳାୟନପନ୍ଥୀ ଅଣନିଃଶ୍ୱାସୀ ଗ୍ରୁଚେଷ୍ଟା ।

ହେମନ୍ତ ଏଯାଏ କ୍ଲବରୁ ଫେରିନାହିଁ । ସେ ଆଜି ଏକା ଯାଇଛି । ମୀରା ବି ପ୍ରାୟ ତା ସହିତ ପ୍ରତିଦିନ ଯାଏ କ୍ଲବ ବା ଆଉ କାହା ଘରକୁ ବା ଅନ୍ୟ କେଉଁଠାକୁ ବୁଲି ଆସିବା ପାଇଁ । ଆଜି କିନ୍ତୁ ସେ ଗଲା ନାହିଁ । ସେହି ଗୋଟିଏ ରାସ୍ତା ଉପରେ ଦିନ ପରେ ଦିନ, ବର୍ଷ ପରେ ବର୍ଷ ଚାଲିବାରେ ସେ ମୋଟେ ସୁଖ ପାଏ ନାହିଁ । ଯେଉଁମାନଙ୍କୁ କ୍ଲବ ବା ଅନ୍ୟ କାହାର ଡ୍ରଇଁ ରୁମ୍‌ରେ ଦେଖିଆସୁଥିଲା ସେମାନେ ସମସ୍ତେ ଏକାପରି ପରିଚିତ ଏବଂ ସେମାନଙ୍କ ସହିତ ସବୁଦିନ "କିପରି ଅଛ, ସମୟ ହେଲେ ନିଶ୍ଚୟ ଆସିବ" ପ୍ରଭୃତି ଗତାନୁଗତିକ ଆଳାପ ବ୍ୟତୀତ ଆଉ ନୂଆ କଥା କହିବାର ବା ଶୁଣିବାର ସଂଭାବନା ନ ଥିଲା । ସିନେମା ଦେଖିଲେ ମନ୍ଦ ହୁଅନ୍ତା ନାହିଁ, କିନ୍ତୁ ସେଥିରେ ବି ସେ ଗତାନୁଗତିକତା, ତ୍ରିଭୁଜର ଦ୍ୱନ୍ଦ୍ୱ, ଦୁଇଟି ନ ସ୍ତ୍ରୀ ଓ ଗୋଟିଏ ପୁରୁଷ ବା ଦୁଇଟି ପୁରୁଷ ଗୋଟିଏ ନାରୀକୁ ନେଇ ଆଦିମ କାଳର ସେଇ ଗୋଟେ କାହାଣୀକୁ ଭିନ୍ନ ଭିନ୍ନ ରୂପରେ ସଜାଇ କେବଳ ଆଖି ଆଗରେ ରଖି ଦିଆଯାଇଛି । ସେଥିରେ ନୂତନତ୍ୱ ନାହିଁ ବା ନୂତନ ପ୍ରାଣର ପ୍ରସ୍ପନ୍ଦନା ନାହିଁ ।

ହେମନ୍ତ ଫେରି ଆସିଲେ ଦୁହେଁ ଯାଇ ଖାଇବା ଟେବୁଲରେ ବସିବେ । ପିଲାମାନେ ଖାଇସାରି ଶୋଇଲେଣି । ସେ ଅପେକ୍ଷା କରୁଥିଲା ହେମନ୍ତକୁ । ଆଗେ ହେମନ୍ତ ଏକାକୀ କେଉଁଠାକୁ ଯାଉ ନ ଥିଲା, ଏବେ ଯାଏ । ସେଥିରେ ବାଧା ଦବାର ବା ପ୍ରତିବାଦ କରିବାର କିଛି ନ ଥିଲା ବୋଲି ସେ କିଛି କହୁ ନ ଥିଲା ବରଂ ଏକା ଏକା ରହିବାକୁ ଭଲ ପାଉଥିଲା ମୀରା । ପାଖରେ ଥିଲେ ତା' କାନ୍ଧ ଉପରେ ମୁହଁ ରଖି ବା ଆଙ୍ଗୁଳିଟାକୁ ଚୁମିଦେଇ ହେମନ୍ତ କହନ୍ତା, ବାଃ ବୟସ ବଢ଼ିଲେ ବି ତୁମେ ଏ ଯାଏ ବୟସଟାକୁ ବଡ଼ ସୁନ୍ଦର ଭାବରେ ବନ୍ଦୀ କରି ରଖିଛ ଦେହ ଭିତରେ, ମୁଁ କିନ୍ତୁ ପାରୁନି, ଦେହ ଭିତରର ଗଣ୍ଠି ଓ ହାଡ଼ ପରି ମନଟା ବି ହୁଗୁଳା ହୋଇ ଯାଉଛି । ବାରମ୍ବାର ସେଇ ଗୋଟେ କଥା । ସ୍ୱାମୀ ମୁହଁରୁ ନିଜର ପ୍ରଶଂସା ଶୁଣି ଶୁଣି ଚିଡ଼ିଯାଏ ସେ । ସେଥିରେ ଉଲ୍ଲସିତ ହବାର କିଛି ନାହିଁ, ଆହ୍ଲାଦିନୀ ହୋଇ ଆହୁରି ଶୁଣିବା ପାଇଁ ଅପେକ୍ଷା କରିବାର କିଛି ନାହିଁ ।

ହେମନ୍ତ ହୁଏତ ଖାଇ ପିଇ ଫେରିବ । ଆଜିକାଲି ସେ ଅଉ ତା ସାଙ୍ଗରେ ବସି ଏକାଠି ରାତ୍ରି ଭୋଜନ କରିବାର ଉତ୍ସାହ ଦେଖାଯାଏ ନାହିଁ । ଘସି ହୋଇ ପୋଖରୀ ତୁଠରେ ପଥର ଘସରା ହୋଇଗଲା ପରି ସେମାନଙ୍କର ସମ୍ପର୍କ ମଧ୍ୟ କ୍ରମଶଃ ଏକ ଫର୍ମାଲିଟିରେ ରହିଗଲାଣି । ଏହି ଫର୍ମାଲିଟିକୁ କିନ୍ତୁ ବଡ଼ ଭୟ କରେ ମୀରା । ସଂସାରର ନିୟମ ମାନି ଇଚ୍ଛା ଥାଉ ବା ନ ଥାଉ କେତେଗୁଡ଼ିଏ କାମ କରିଯିବାକୁ ହେବ ଏହା ତା' ରୁଚିରେ ବାଧେ । ଚା' କପେ କେହି ହାତକୁ ବଢ଼ାଇଦେଲେ ବା କ୍ଲବରେ ବସିଥିଲାବେଳେ ପତ୍ରିକା ବା ଖବର କାଗଜଟିଏ କେହି ହାତକୁ ଦେଲେ

ଧନ୍ୟବାଦ ନ ଦବା ଅଭଦ୍ରତା । ସ୍ୱାମୀ ନ ଆସିବା ଆଗରୁ ସେ ଖାଇସାରି ଫେରିବାର ସମ୍ଭାବନା ଥାଇ ସୁଦ୍ଧା, ଖାଇ ଦେଇ ଶୋଇପଡ଼ିବାଟା ବି ଅଭଦ୍ରତା । ମଣିଷ ଏଇ ସୌଜନ୍ୟ ରକ୍ଷା କରୁ କରୁ ପରସ୍ପର ମଧ୍ୟରେ ଯେଉଁ ସୂକ୍ଷ୍ମ ସମ୍ପର୍କଟି ଅଛି ତାହା ଭୁଲିଯାଉଛି ଯେପରି ।

ବିଛଣା ଚଦରଟା ପରି ହେମନ୍ତ ବି ଏକାପରି ମନେ ହୁଏ । ସେ ଦୁହିଙ୍କର ବିଛଣାର ଗୋଟିଏ ବୈଶିଷ୍ଟ୍ୟ ଅଛି ବୋଲି ବହୁବର୍ଷ ଆଗେ ସେ ଅନେକ ଥର କହିଥିବାର ମନେ ପଡ଼ିଲା । ସେ ଦୁହେଁ ବ୍ୟବହାର କରୁଥିବା ତକିଆ ଉପରେ ଶୁଭରାତ୍ରି ଜଣାଇ ଲେଖାଥିବା ଫଳକଟିକୁ ଆଗେ ଅନେକବାର ଅନାଇ ରହି ତା'ପରେ ହେମନ୍ତର ଦୃଷ୍ଟି ଆକର୍ଷଣ କରି ତା ଆଡ଼କୁ ଠେଲିଦବାର ସ୍ମରଣ କରି ହେଲା, ଏବଂ ସଙ୍ଗେ ସଙ୍ଗେ ତା ଦେହରେ ରୋମଗୁଡ଼ାକ କଣ୍ଟା ଫୁଟାଇ ବାହାରି ଆସିଲେ ପ୍ରତିବାଦ ଜଣାଇବା ପାଇଁ । ଏଥିରେ ବୈଚିତ୍ର୍ୟ କିଛି ଥିବାର ସେ ଦେଖି ପାରିଲା ନାହିଁ । ଗୋଟିଏ ପରିଧି ଓ ପରିବେଶ ଭିତରେ ରହି ସେଇ ଗୋଟିଏ ସାନ୍ନିଧ୍ୟର ସ୍ୱାଦରେ ସେ କିଛି ଶିହରଣ ପାଇଲା ନାହିଁ ।

ହେମନ୍ତ ପାଖରୁ ଟିକେ ନିସ୍ତୃତି ପାଇ କାହିଁ ଯାଇ ବୁଲି ଆସିବା ପାଇଁ ଅନେକ ଥର ମନ ହଉଥିଲା । ସଂସାର, ସ୍ୱାମୀ ପିଲା ଓ ପରିଜନମାନଙ୍କ ବାହାରେ ଥିବା ଅନାସ୍ୱାଦିତ ଆଉ ଗୋଟିଏ ବିଶାଳ ଜଗତର ଆବାହନ କଥା ମନେ ପଡ଼ୁଥିଲା । ସବୁବେଳେ ସିମିଳି ନିରାମିଷ ଖାଇ ହୁଏ ନାହିଁ, ଆମିଷ ଖାଇବାକୁ ବି ସବୁବେଳେ ଭଲ ଲାଗେ ନାହିଁ; ଦେହ ଓ ମନର ବି କେବେ କେବେ ପଞ୍ଜୁରୀ ଭିତରୁ ବାହାରି ଯାଇ ମୁକ୍ତସ୍ନାନ କରିବା ପାଇଁ ପ୍ରସ୍ତାବ ହୁଏ । ଶୁଆ ଗୋଟେ ଛଅମାସ ହେବ ପୋଷିଥିଲା ହେମନ୍ତ । ସେଇ ପକ୍ଷୀଟିକୁ ଚାହିଁ ନିଜକୁ ଚାହିଁଲା ମୀରା । ଦୁହିଙ୍କ ଭିତରେ କିଛି ତଫାତ୍ ଦେଖିଲା ନାହିଁ । ସେ ଶୁଆଟି ପିଞ୍ଜରା ଭିତରେ ଆବଦ୍ଧ ଏବଂ ସେ ସ୍ୱାମୀର ସଂସାର ଭିତରେ ବନ୍ଦୀ । ଶୁଆର ଗତିବିଧି ପରି ତା'ର ସ୍ନେହ ଓ ଚଳଣି ମଧ୍ୟ ସୀମାବଦ୍ଧ— ଗୋଟିଏ ସୀମାବଦ୍ଧ ମାରୁଆଡ଼ି କମ୍ପାନୀ ପରି । ହେମନ୍ତ ସେ କମ୍ପାନୀର ସର୍ବସ୍ୱତ୍ୱାଧିକାରୀ ଓ ମ୍ୟାନେଜିଂ ଡିରେକ୍ଟର । ସେ କେବଳ ମୂଳଧନ ପରି ହେମନ୍ତର ସେଇ କମ୍ପାନୀକୁ ଆସିଥିଲା ସତ କିନ୍ତୁ ସୁଧ ମୂଳଧନଠାରୁ ବଢ଼ିଗଲେ ମୂଳଧନର ବୈଶିଷ୍ଟ୍ୟ ନଷ୍ଟ ହେଲା ପରି ତା' ପାଖରୁ ଏତେ ନେଇ ଯାଇଛି ଯେ ହେମନ୍ତ ଦବାକୁ ଆଉ ବାକି ଅଛି କଅଣ ? ତା'ର ମୂଲ୍ୟ ଆଉ ହେମନ୍ତ ପାଖରେ ଅପରିହାର୍ଯ୍ୟ ନୁହେଁ, ତାକୁ ଛାଡ଼ି ସେ ରହିବାର କଷ୍ଟ ଅନୁଭବ କରିବ ନାହିଁ ।

ସମୟକ୍ରମେ ପଇସାର ବି ମୂଲ୍ୟ କମିଯାଏ । ପୁଣି ଘଷରି ହୋଇ କାଳ ଚଳନ୍ତି ମୁଦ୍ରା ଆଜି ବି ଅଚଳ ହୁଏ । ସେ ଅଚଳ ଟଙ୍କା ପରି ପଡ଼ି ରହିଛି । ହେମ

ଆଖିରେ ଆଉ ତା'ର ଲବଣ୍ୟ ଧରି ରହୁ ନାହିଁ, ତାକୁ ଦେଖିବା ପାଇଁ ବା ତା' ସାଙ୍ଗରେ ଟିକେ ଗେଲ୍ ହବା ପାଇଁ ଅଫିସ ଛୁଟି ସେ ଆଉ ପାଞ୍ଚଟା ଆଗରୁ ଦଉଡ଼ି ଆସୁନାହିଁ । ହେମନ୍ତ ବି ତା'ର ସେ ପୂର୍ବର ଆକର୍ଷଣ ରକ୍ଷା କରି ପାରି ନାହିଁ, ଅନେକ ମୋଟା ହୋଇ ଗଲଣି, କାନ ପାଖର ବାଳ କେତୋଟି ଧଳା ହବାର ଇସ୍ତାହାର ଦେଲେଣି ।

ସମୟଟା ଖସି ଯାଉଛି ହାତରୁ, ଧରି ରଖିବା ପାଇଁ ଯେତେ ଚେଷ୍ଟା, ସବୁ ବ୍ୟର୍ଥ ହୋଇ ଯାଉଛି । ଦର୍ପଣ ଆଗରେ ବସି ନିଜକୁ ଅନେଇଲା ମୀରା । ସନ୍ଧ୍ୟା-ବେଳେ ଜୁଡ଼ାରେ ପିନ୍ଧିଥିବା ଗଜରା ମାଳଟି ଏବେ ବି ଅକ୍ଷୁର୍ଣ୍ଣ ଅଛି, ଆଖିର କଜଳ ଧାର ଇତସ୍ତତଃ ହୋଇ ଯାଇ ନାହିଁ । ବକ୍ଷର ସ୍ଫୀତ ଲକ୍ଷ୍ୟ କରି ସେ ନିଜେ ନିଜକୁ କହିଲା, ଏତେ ସୋହାଗ କାହା ପାଇଁ । ଟିକିଏ ହସି ଦେଲା, ସଫା ଦାନ୍ତଗୁଡ଼ାକ ଦିଶିଗଲା ସବୁ, ଗାଲ ଉପରେ ଟିକେ ଚକା ଭଉଁରୀ ଖେଳିଗଲା, ଛାତି ଉପରର ଲୁଗାଟା ଖସି ପଡ଼ିଲା । ସେ ଅନ୍ୟମନସ୍କ ହୋଇଗଲା ଓ ଅନେକ ବେଳଯାଏ ସେହିପରି ବସି ରହିଲା ।

ଟେଲିଫୋନ୍‌ଟା ବାଜିଉଠିଲା । ରାତି ନଅଟରେ କିଏ ଖୋଜିଲା କେଜାଣି । ବିରକ୍ତ ହୋଇ ଉଠିଯାଇ ରିସିଭର ଉଠାଇ କହିଲା ମୀରା ଫାଇଭ୍ ଜିରୋ ଫାଇଭ୍ ଫାଇଭ୍ ଥ୍ରି···।

ମୁଁ ସୁକାନ୍ତ କହୁଥିଲି ।

ଗୋଟିଏ ସେକେଣ୍ଡ ସ୍ଥିର ହୋଇଯାଇ ସ୍ବରଆଡ଼କୁ ଗୁହାଁ କେହି ନଥିବାର ଦେଖି ନେଲା ମୀରା ।

ମୁଁ ସୁକାନ୍ତ କହୁଥିଲି ।

ହଁ, ହଁ, ଏତେଦିନେ ମନେ ପଡ଼ିଲା···।

ମନେ ପଡ଼ୁଥିଲା ଯେ···ହେଲେ ··

ମନେ ପଡ଼ିଲେ ଲୋକେ କମିତି ହୁଅନ୍ତି ··

କମିତି ?

ଏଇ ତୁମେ ଯିମିତି ଆଜିକାଲି ଚୁପ୍‌ଚାପ୍ ··

ମୁଁ ନା ତୁମେ ?

ତୁମ ପରି ମୋର ଯଦି ସ୍ୱାଧୀନତା ଥାଆନ୍ତା···

କିଏ କହିଲା ନାହିଁ । ତୁମର ଯଥେଷ୍ଟ ସ୍ୱାଧୀନତା ଅଛି···

ତୁମେ ଏକଥା କହି ଅସଲ କଥାଟାକୁ ଏଡ଼େଇଦେବା ପାଇଁ ଗୁହଁ ।

ନା, ନା, ମୁଁ କହିବ ବୋଲି ତ ଫୋନ୍ କଲି···

ଯଦି ମୁଁ ନ ଧରି ଆଉ କିଏ ଧରି ଥାଆନ୍ତା···।

ମୁଁ ଜାଣିଥିଲି ବୋଲି ନା…
ତୁମେ ଜାଣିଥିଲ ମୁଁ ଏକା ଅଛି ବୋଲି…
ନିଶ୍ଚୟ…,
ତୁମେ ଜ୍ୟୋତିଷ କେବେ ହେଲ
ଯୋଉ ଦିନଠୁ ବର୍ତ୍ତମାନଟା ଅନିଶ୍ଚିତ ହୋଇଗଲା…।
ବର୍ତ୍ତମାନକୁ ନିଶ୍ଚିତ କରିବାକୁ ଚାହୁଁଛ ?
କିଏ ନ ଚାହେଁ ?
ଉପାୟ ଚିନ୍ତା କରିଚ ?
ମୁଁ ଏକା କଲେ କିଛି ହବନି…
ତମ ପାଇଁ ଆଉ କିଏ କରିବ ?
ସେଥିପାଇଁ ତ ଫୋନ୍ କଲି…
ବାଃ ରେ ! ମିଛ କଥା…
ସତ କହିଲେ ମିଛ ବୋଲି କାହିଁକି ଭାବ ?
ମିଛଗୁଡ଼ା ସବୁ ସତ ହୋଇଗଲା ବୋଲି…
କଅଣ ମିଛ ସବୁ ସତ ହେଲା…
ଯୋଉ ସତ ସବୁ ମିଛ ହୋଇଗଲା…

ଦୁହେଁ ବେଶ୍ ହସିନେଲେ କିଛି ସମୟ । ତାପରେ ମୀରାର ମନେ ହେଲା ଯେ ସେ ଯେପରି ହଜି ଯାଇଥିବା ସୂତା ଖିଅକୁ ଖୋଜି ପାଇଛି । ଦେହରେ ଶିଥିଳତା ଆଉ ନ ଥିଲା, ବରଂ ସର୍ବାଙ୍ଗରେ ଟିକେ ଉଷ୍ଣତା ସେ ଅନୁଭବ କରିବାକୁ ଲାଗିଲା । ମନଟା ଚହଲି ବୁଲିଲା, ଚଞ୍ଚଳ ହେଲା । ସେ ଟିକେ ନଇଁପଡ଼ି ଫୋନ୍‌ରେ ଧୀରେ ଧୀରେ କହିଲା…

ମନେ ପକାଅ ?
କାହାକୁ ?
ଯାହାକୁ ଫୋନ୍ କଲ ?
ନା…
ରଖି ଦଉଛି…
ନା, ନା, ଇମିତି ରାଗିଲେ ଚଳିବ…।
ଦରକାର କାହିଁ ଯେତେବେଳେ…।
ଦରକାର ଅଛି…।
କି ଦରକାର ?
କାଲି ସକାଳୁ ଯାଉଛି…।

କୋଉଠିକୁ ?
ଚିଲିକା ।
ସେଥିରେ ମୋର କଅଣ ଅଛି ?
ତୁମେ ବି ଯିବ…।
ମୋ ଯିବାଟା ତୁମେ କମିତି ସ୍ଥିର କଲ ?
ସ୍ଥିର କରି ପକାଉଛି… ସେ ଦିନ କହୁଥିଲ ଯେ ସେଇଠିଏ ବୁଲି ଆସିବା ପାଇଁ ମନ ହଉଚି ବୋଲି ।
ତୁମ ସାଙ୍ଗରେ ଯିବ ବୋଲି କହି ନ ଥିଲି…।
ମୁଁ ତ ସେଇଆ ବୁଝିଥିଲି ।
ଭୁଲ୍ ବୁଝିଥିଲ…।
ସତ ?
ସତ ।
ତା'ହେଲେ ରଖୁଛି…।
ଏତିକରେ ରାଗିଗଲ ନା ?
କମିତି ଜାଣିଲ ରାଗିଗଲି ?
ଏଇ ଯେ ଫୋନ୍ ରଖିଦେବ କହିଲ ?
ତୁମେ କେବଳ ରାଗିବ, ମୁଁ ନୁହେଁ ।
ପୁଣି ଦୁହେଁ ଖିଲ୍ ଖିଲ୍ କରି ହସିଉଠିଲେ ଦୁଇ ପାଖରେ ।

ସମୁଦ୍ର ବାଲିରେ ଚାଲିଲାବେଳେ ବାଲି ପାଦତଳୁ ଚହଲି ଗଲେ ଭଲ ଲାଗେ । ବସୁ ବସୁ ଶୋଇପଡ଼ି ଟିକେ ଉନ୍ମନା ହୋଇଯିବା ପାଇଁ ଇଚ୍ଛା ହେଲା ମୀରାର । ପୁରୁଣା ଏକଟଣା ଭାବଟା କଟିଯାଇ ନୂତନ ଭାବ ଅଭାବ ସୃଷ୍ଟି କରି ନିମନ୍ତ୍ରଣ କରୁଥିଲା ତାକୁ । ସେ ହେମନ୍ତକୁ ଭୁଲିଗଲା, ମନରୁ ହଜିଗଲେ ଆଠ ଓ ପାଞ୍ଚ ବର୍ଷର ଦୁଇଟି ପୁଅ ଓ ଝିଅ । ସଂସାରଟା ଇମିତି ବେଳେ ବେଳେ ନିଦ ଭାଙ୍ଗିଥିବା ମଣିଷ ପରି ଭଙ୍ଗମୋଡ଼ ହୋଇ ଅଳସ ଭାଙ୍ଗି ଅଏସ କରିବା ପାଇଁ ସାଙ୍ଗ ଖୋଜେ । ଗତାନୁଗତିକତାର ନିର୍ଯ୍ୟାତନା ମଧ୍ୟରୁ ମୁକ୍ତି ପାଇବା ପାଇଁ ଅନେକ ସମୟରେ ଗୋପନରେ ମୁହଁ ମାଡ଼ି ପଡ଼ି ରହିଥିବା ମନଟି ବିପ୍ଳବ କରେ ।

ସୁକାନ୍ତ କହିଲା—
ଯିବ ?
ଏକା ଏକା ।
ହଁ, ହଁ ।
କେବଳ ତୁମେ…

ତୁମେ ବି···
ଆଉ କିଏ
କେହି ନୁହେଁ···
କମିତି ଯିବ ?
ମୁଁ ଯିମିତି ଯିବ ।
ତୁମ କଥା ସ୍ୱତନ୍ତ୍ର···
ତୁମ କଥା ବି ସ୍ୱତନ୍ତ୍ର···
କମିତି ?
କିଛି ଗୋଟେ ଖବର ଠିକ୍ କର ।
ଚେଷ୍ଟା କରିବି···
ଚେଷ୍ଟା ନୁହଁ, ଜବାବ ଦେଲେ ଭୋର
ଗାଡ଼ିରେ ଟିକଟ କାଟି ଷ୍ଟେସନରେ ଅପେକ୍ଷା କରିବି ।
ଫେରିବା କେତେବେଳେ ?
ନ ଫେରିଲେ କ୍ଷତି କଅଣ ?
ନା, ନା··· । କାମ ଅଛି, ଶୀଘ୍ର ଫେରି ଆସିବାକୁ ହେବ ।
ଆଗ ଚାଲ, ତା'ପରେ ଦେଖିବା···
କେତେବେଳେ ପହଞ୍ଚିଲେ ହବ ?
ପାଞ୍ଚଟାରେ ଟ୍ରେନ୍···
ଚେଷ୍ଟା କରିବି···
ଯନ୍ତ୍ର ନ କଲେ ରତ୍ନ ମିଳେନି···
କି ରତ୍ନ ମିଳିବ ?
ମୋତି···ମାଣିକ୍ୟ··· ।
ହଉ ରହିଲି··· ।
ଶୁଭ ରାତ୍ରି···
ଶୁଭ ରାତ୍ରି··· ।

ଟେଲିଫୋନ୍‌ଟା ରଖିଦେଇ ସେଇପରି ତକିଆ ଉପରେ ପିଠି ରଖି ମୁଣ୍ଡଟାକୁ ପଲଙ୍କର ବାଡ଼ ଉପରେ ରଖି ଚତୁର୍ଦ୍ଦିଗରେ ଉଦ୍ଭଟତା ଭିତରେ ମଧୁରତାର ତରଙ୍ଗରେ ଅବଗାହନ କରୁଥିଲା ମୀରା । ସେ ଅନେକ ବର୍ଷ ପରେ ପୁଣି ଅତୀତର ମନଟାକୁ ଗୋଟେଇ ନେଇ ପାରିଲା । ପାଶୋରି ପାଇଥିବା ଅନେକ ଗୁଡ଼ାଏ କଥା ତା' ସର୍ବାଙ୍ଗକୁ ଶିହରାଇ ଦେଲେ । ସ୍ୱପ୍ନର୍ଦ୍ଦିସ୍ଥ ଯନ୍ତ୍ର ପରି ସ୍ଥିତ ତଳେ ଧୂକ୍ ଧୂକ୍ ହଉଥିବା ଜୀବନ ସ୍ପନ୍ଦନରେ ଉତ୍ତାପ ଓ ଉଲ୍ଲାସ ଦେଖାଦେଲା । ହେମନ୍ତ ପାଖରେ

ପ୍ରଥମ ମୁକୁଳିତ ହବାର ସ୍ୱପ୍ନ ମୁଗ୍ଧ ଭାବଟା ତା ସର୍ବାଙ୍ଗରେ ପୁଣି ଅପ୍ରତ୍ୟାଶିତ ଭାବରେ ବୋଲି ହୋଇଗଲା ।

ମୀରା ଭାବିବାକୁ ଲାଗିଲା ଆଗାମୀ କାଲିର ଅଭିସାରର କଥା ।

ସୁକାନ୍ତଟା ବଡ଼ ଭଲ, ନୋହିଲେ ସେଦିନ କଥା ପ୍ରସଙ୍ଗରେ କଅଣ ଟିକେ କହି ଦେଇଥିଲା ବୋଲି ଏତେ ଅର୍ଥ ସେଇଥିରୁ ସେ ବାହାର କରି ପାରିଲା । ଦରଦୀ ନ ହେଲେ ଅନ୍ୟର ମନ ବୁଝି ହୁଏ ନାହିଁ, ଗ୍ରହଣ କରିବାର ଶକ୍ତି ନ ଥିଲେ ଦବାର ଶକ୍ତି ସଞ୍ଚୟ କରି ହୁଏ ନାହିଁ । ସୁକାନ୍ତକୁ ବେଶ୍ ଭଲ ଭାବରେ ମନେ ପକେଇଲା, ଲମ୍ବା ପତଳା, ଏଯାଏ ମେଦ ଜମି ନାହିଁ ଦେହରେ, ଟେନିସ୍ ଖେଳି ଚେହେରାଟିକୁ ବେଶ୍ ସୁନ୍ଦର କରି ସାଇତି ରଖିଛି, ବୟସର ଛାପ ପଡ଼ିନାହିଁ, କେବଳ ଛପି ରହିଛି । ଦାନ୍ତଗୁଡ଼ା ଧଳା, ମୁହଁ ଉପରେ ପୁରୁଷର ତେଜ, ଆଉ ନିଶ୍ୱାସରେ ଆମନ୍ତ୍ରଣର ସ୍ୱାଦ···

ହେମନ୍ତର ସମସ୍ତ ସରଯାଏ ନିଜ କଥା ଭାବି ଭାବି । ଅଫିସରେ ତା'ର କ୍ୟାରିଅର ଫାଇଲ ଭିତରେ ବନ୍ଧା ପଡ଼ି ଯାଇଛି । ବଡ଼ ଅଫିସର ହବାକୁ ହେଲେ ବଡ଼ ବଡ଼ ଫାଇଲ ଗୁଡ଼ା ପଢ଼ିବାକୁ ହବ, ସେମାନଙ୍କ ମଝିରେ ଲୁଚି ରହିଥିବା ସମସ୍ୟାଗୁଡ଼ାକୁ ସମାଧାନ କରିବାକୁ ହବ । ଅନ୍ୟମାନଙ୍କର ଚରିତ୍ର ପଢ଼ି ପଢ଼ି ନିଜର ଚରିତ୍ର ଆଉ ମନେ ପଡ଼େ ନାହିଁ । ଅନ୍ୟମାନଙ୍କର କଥା ଶୁଣି ଶୁଣି ପାଖର ଶବ୍ଦ ବାରି ହୁଏ ନାହିଁ । ହେମନ୍ତର ଇନ୍ଦ୍ରିୟମାନେ ଆଉ କଥା କୁହନ୍ତି ନାହିଁ, ସେ ଫାଇଲ ଭିତରେ ଅନ୍ୟମାନଙ୍କର କଥା ଶୁଣିବା ପାଇଁ ଅଟକି ଯାଇଛି ।

କ୍ୟାରିଅର ଜଗିବାକୁ ଯାଇ ତାକୁ ହୁଏତ ଜଗି ପାରି ନାହିଁ । କ୍ୟାରିଅର ସମ୍ପର୍କରେ ଭାବି ଭାବି ତାକୁ କେଉଁଦିନୁ ଭୁଲି ଯାଇଛି । ଆଗୁ ଯେତେ ସମୟ ପାଉଥିଲା ତା ସହିତ ଅଏସ କରିବା ପାଇଁ, ଆଜିକାଲି ଏତେ ଏନ୍‌ଗେଜମେଣ୍ଟ ଯେ ସେ ନିଜେ ଅଣନିଃଶ୍ୱାସୀ ହୋଇଯାଉଛି । ଫେରିଲାବେଳକୁ ଦେହରେ ତେଜ ବା ମନ ଉତ୍ତେଜ ନଥାଏ, ବାସି ଫୁଲର ବାସ୍ନା ପରି କ୍ଳାନ୍ତ ଓ ଆଲୁଳାୟିତ ।

ହେମନ୍ତ ନିଶ୍ଚୟ କାଲି ଯାଇ ପାରିବ ନାହିଁ; ତଥାପି ତାକୁ କହି ଦବାକୁ ହବ । କାରଣ ଖୋଜି ଖୋଜି ଶେଷରେ ଠିକ୍ କରିନେଲା ମୀରା, ସାଙ୍ଗ କେତେଜଣ ଯିବେ ଯେ ସେମାନଙ୍କ ସାଙ୍ଗରେ ସେବି ଯିବ ଦେଖିଏ ବୁଲି ଆସିବା ପାଇଁ । ଚିଲିକା ତ ଅନେକ ଦିନୁ ଯାଇନାହିଁ, ସମୟ ବି ହଉ ନାହିଁ···ସ୍କୁଲ୍ ନଥିଲେ ମିଠୁ ଆଉ ମିନୁକୁ ବି ନେଇ ଯାଇ ଥାଆନ୍ତା···ପରୀକ୍ଷା ପାଖ···ସେମାନଙ୍କୁ ଯେତେ ବାଟ ନେଇ କ୍ଳାନ୍ତ କରିବାର ଆବଶ୍ୟକତା ନାହିଁ···ବରଂ ସେମାନଙ୍କ କଥା ବୁଝିବ, ସନ୍ଧ୍ୟାବେଳକୁ ସେ ତ ଫେରି ଆସିବ···ଦିନକେଟେ ଚାଲିଯିବା ପାଇଁ ଅସୁବିଧା ହବନାହିଁ ।

ହେମନ୍ତ ନିଶ୍ଚୟ ବୁଝିଯିବ । ସନ୍ଦେହ କରିବାର ଅବକାଶ ନାହିଁ । ସେ'ତ ଏକା ଏକା କେତେ ଆଡ଼େ ଯାଏ, ତାକୁ ତ ସନ୍ଦେହ କରେ ନାହିଁ ମୀରା ।

ପିଲାମାନେ ନର୍ଷ୍ଟିନ୍ତରେ ସଂଲଗ୍ନ କୋଠରୀରେ ଶୋଇ ଯାଇଥିଲେ । ଉଠି ବସି ସବୁଜ ବତୀର ସ୍ୱଳ୍ପ ଆଲୋକରେ ସେମାନଙ୍କୁ ଥରେ ଦେଖିନେଲା ମୀରା । ଝରକା ଦେଇ ବଗିଚାକୁ ଚାହିଁଲା । ମୁକ୍ତାକାଶ ତଳେ ମଣ୍ଡିତ ଘାସର ଗାଲିଚା ଉପରେ ଦିଗମ୍ବରୀ ପୃଥିବୀ ସମସ୍ତ ସମ୍ଭାର ନେଇ ଲୋଟି ପଡ଼ିଲା ପରି ସେ ବି ଇଚ୍ଛା କରୁଥିଲା ପରମ ମୁକ୍ତିର ସ୍ୱାଦ ଅନୁଭବ କରିବା ପାଇଁ । ବାରଣ୍ଡାରେ ଝୁଲୁଥିବା ପଞ୍ଜୁରୀ ଭିତରେ ଶୁଆଟି ପକ୍ଷ ଝାଡ଼ି ବ୍ୟର୍ଥ ଚେଷ୍ଟା କରୁଥିଲା ବାହାରକୁ ଯିବା ପାଇଁ । ନୀଳ ଆକାଶରେ ବୁକୁ ଛୁଇଁ ଉଡ଼ି ଆସିବା ପାଇଁ କାହାର ମନ ନ ହୁଏ । ବନ୍ଧନ ଜୀବନକୁ ସଙ୍କୁଚିତ କରେ, ମୁକ୍ତି ହିଁ ତାକୁ କରେ ପ୍ରସାରିତ । ସୀମାବଦ୍ଧ ସାଂସାରିକ ଜୀବନରେ ମୁକ୍ତିର ସ୍ୱାଦ କାହିଁ ? ମୀରା ଖୋଜି ବୁଲିଲା ପଳାଇବାର ପଥ ।

ଶୁଆଟି ପ୍ରତି ଦୟା ହେଲା ତା'ର । ସେ ତାକୁ ମୁକ୍ତ କରିଦେବା ପାଇଁ ଯାଇ ଅଟକି ଗଲା; କାଲେ ହେମନ୍ତ ଯଦି କିଛି ଭାବେ । ସେ ଖୁବ୍ ନିଷ୍ଠୁର ଓ ହୃଦୟହୀନ ବୋଲି ମନେ କଲା ମୀରା, ନୋହିଲେ ଶୁଆଟିକୁ ପିଞ୍ଜରା ଭିତରେ ବନ୍ଦୀ କରି ରଖିଥାନ୍ତା କାହିଁକି ? ସେ ପକ୍ଷୀ ନୁହେଁ, ମଣିଷ; ଏହା ସତ୍ତ୍ୱେ ହେମନ୍ତ ତା'ର ଗୋଡ଼ ହାତ ବାନ୍ଧି ପ୍ରତି ମୁହୂର୍ତ୍ତରେ ବାଧ୍ୟ କରି ସ୍ୱାମୀତ୍ୱର ଦାବୀ ତା ପାଖରୁ ହାସଲ କରୁଛି ଯେପରି । ଶୁଆଟି ଅହର୍ନିଶି ରାମ ନାମ ରଟିଲା ପରି ସେ ବି ଜପି ଚାଲିଛି ହେମନ୍ତ କଥା, ସେମାନଙ୍କର ପୁଅ ଝିଅ, ସମାଜ ଓ ସଂସାର କଥା । କେବଳ ଆଖିରେ ଘୋଡ଼ଣୀ ଲଗାଇଥିବା ଘୋଡ଼ା ପରି ଗୋଟିଏ ଦିଗକୁ ସେ ଚାହୁଁଛି, ଅନ୍ୟ ଦିଗରେ ଯେ ପୃଥିବୀର ଅନେକ ମୁହଁ ଓ ପରିଚୟ, ଅଜସ୍ର ରାଗ ଓ ରଙ୍ଗ ଅପେକ୍ଷା କରୁଛି ତାହା ଜାଣିବା ପାଇଁ ସମୟ ବା ସୁବିଧା ହେଉନାହିଁ ।

ରାତି ହେଲାଣି, ହେମନ୍ତ ହୁଏତ ଫେରୁଥିବ । ତାକୁ ବୁଝାଇ ଦେଇ ସେ ବଡ଼ ଭୋର୍ ରିକ୍ସା ଗୋଟେ ନେଇ ଷ୍ଟେସନକୁ ଚାଲିଯିବ । ଏତେ ସକାଳୁ ଡ୍ରାଇଭର ଆସି ପାରିବନି, ହେମନ୍ତକୁ ଗାଡ଼ି ଚଳାଇ ତାକୁ ଷ୍ଟେସନରେ ଛାଡ଼ି ଆସିବା ପାଇଁ ସେ କହିବ ନାହିଁ, ହେମନ୍ତ ହୁଏତ ସୌଜନ୍ୟତା ଦୃଷ୍ଟିରୁ ତାକୁ ନେଇ ଛାଡ଼ି ଆସିବା ପାଇଁ କହିପାରେ; କିନ୍ତୁ ସେ ମନା କରିବ । ସକାଳର ସୁଆଦିଆ ନିଦ ଛାଡ଼ି ସେ ଯିବାର ଆବଶ୍ୟକତା ନାହିଁ ।

ରେଲଗାଡ଼ିରେ ଦୁହେଁ ଯିବେ, ସେ ଓ ସୁକାନ୍ତ । ସୁକାନ୍ତ ହେମନ୍ତର ସହକର୍ମୀ କ୍ୟାରିଅର ନେଇ ବ୍ୟସ୍ତ ନରହି ଫୁର୍ତ୍ତି କରେ, ସବୁ ସମସ୍ୟାକୁ ଅସ୍ୱୀକାର କରି ଫୁଟବଲ ଖେଳର ଫରୱାର୍ଡ଼ ଖେଳାଳୀ ପରି ସମୟ ଓ ସୁବିଧାର ସଦୁପଯୋଗ କରେ ।

ରେଳଗାଡ଼ିରେ ଗପ କରିବାକୁ ସମୟ ମିଳେ । ସୁକାନ୍ତ ଅନେକ କଥା କହେ, ହୁଏତ ତାକୁ ଅନେକ ଆଶା ଓ ଆଶ୍ୱାସନା ବି ଦେବ ।

ରେଳଗାଡ଼ି କୋଇଲା, ପାଣି ଓ ନିଆଁ ହେଲେ ଚାଲେ, ମଣିଷ କିନ୍ତୁ କେବଳ ଖାଇ, ଶୋଇ ଓ ସହବାସ କରି ଚଳିପାରେ ନାହିଁ । ଏହା ବାଦ୍ ସେ ଆହୁରି କିଛି ଖୋଜେ, ଜୀବନର ସୂକ୍ଷ୍ମ ଅନୁଭୂତିରେ ବଞ୍ଚିବା ପାଇଁ ସେ ଆହୁରି ଅନେକ ଜିନିଷ ଆବଶ୍ୟକ କରେ ।

ମୁକ୍ତି ହିଁ ଇନ୍ଦ୍ରିୟମାନଙ୍କର ପରମ ଲକ୍ଷ୍ୟ ।

ଏହି ସୀମାବଦ୍ଧ ସାଂସାରିକ ଜୀବନରୁ ସେ ମୁକ୍ତି ପାଇ ସୁନୀଳ ସାଗରର ସଙ୍ଗୀତ, ସମୁଜ୍ଜ୍ୱଳ ଆକାଶର ପ୍ରଶାନ୍ତି ଏବଂ ପ୍ରାଣ ଓ ପୁଲକର ବ୍ୟାପ୍ତି ଦେଖିବାକୁ ଚାହେଁ । ହେମନ୍ତ ତାକୁ ଅନେକ ଦେଇଛି, କିନ୍ତୁ ମୁକ୍ତି ବା ବ୍ୟାପ୍ତି ଦେଇନାହିଁ । ପ୍ରସାରିତ ହେବା ପାଇଁ ଯାଇ ବାରମ୍ବାର କେବଳ ସଙ୍କୁଚିତ ହୋଇ ଯାଇଛି ।

ସେ ଭାବିଲା, ସେ ଯଦି ସୁକାନ୍ତ ସହିତ ସବୁଦିନ ପାଇଁ ଚାଲିଯାଇପାରନ୍ତା ସେହି ସ୍ୱପ୍ନଦେଶ୍ଚା ଭୂମିକୁ ତାହେଲେ ତାକୁ ସକାଳ ସନ୍ଧ୍ୟା ସଂସାରର ଏକ ହଂସ-ଗୀତ ଶୁଣିବାକୁ ହୁଅନ୍ତା ନାହିଁ । ସ୍ୱାମୀର ଚର୍ଚ୍ଚା ନକରି ସେ ସମସ୍ତ ପାଆନ୍ତା ନିଜ ତନୁକୁ ଅନାଇବା ପାଇଁ, ପିଲାମାନଙ୍କ ପାଇଁ ସର୍ବଦା ବ୍ୟସ୍ତ ନରହି ପକ୍ଷୀର କୂଜନ, ଫୁଲର ସୁରଭି ବା ତରଙ୍ଗର ଉଚ୍ଛ୍ୱାସକୁ ଅନୁଧ୍ୟାନ କରିବା ପାଇଁ ସମୟ ପାଆନ୍ତା ସେ । କେବଳ ପ୍ରତିଦିନ ଖାଇ ପିଇ ସଂସାର ଚଳାଇ, ରାତିରେ ଗୋଟେ ବିଛଣାରେ ସ୍ୱାମୀ ସହିତ ଶୋଇ ଓ ସହବାସ କରି କୌଣସି ବ୍ୟତିରେକ ବ୍ୟତୀତ ଜୀବନଟା କଟାଇ ଦେଇ ହୁଏ ସିନା ଉପଭୋଗ କରି ହୁଏ ନାହିଁ ।

ପୁଅ ଓ ଝିଅ ପାଇଁ ମନରେ ଟିକେ ଯେ ବେଦନା ନ ଜାଗିଲା ତା'ହା ନୁହେଁ । ସେମାନେ ହୁଏତ ସକାଳୁ ଉଠି ଦେଖିବେ ଯେ ମା ପାଖରେ ନାହିଁ, ସେମାନଙ୍କୁ ନ ନେଇ କେଉଁଆଡ଼େ ଏକା ଏକା ବୁଲିବା ପାଇଁ ଚାଲି ଯାଇଛି । ସେ ସେମାନଙ୍କୁ ବୁଲାଇ ନବା ପାଇଁ ପ୍ରତିଶ୍ରୁତି ଦେଇଥିଲା । ସେ ପ୍ରତିଶ୍ରୁତି ଭାଙ୍ଗି ଦେଲେ ସେମାନେ ବି ହୁଏତ ଦୁଃଖ ପାଇବେ । ବିକଳ୍ପ ବ୍ୟବସ୍ଥା କରିବାର ଉପାୟ ନାହିଁ । ସୁକାନ୍ତ ସହିତ ଗଲାବେଳେ ପିଲାମାନଙ୍କୁ ନେଇ ହେବ ନାହିଁ ।

ହେମନ୍ତର ଗାଡ଼ି ଆସିବାର ଶବ୍ଦ ଶୁଣି ଗଲା ।
ଧୀରେ ଧୀରେ ତଳକୁ ପାହାଚ ଦେଇ ଓହ୍ଲାଇ ଗଲା ମୀରା ।
ଉଠିବାର ରୋମାଞ୍ଚ ଓହ୍ଲାଇବାରେ ନଥାଏ ।

ତଥାପି ଯିବାକୁ ହେବ, ହେମନ୍ତ ସହିତ ବସି କିଛି ଖାଇବାକୁ ହେବ । ସ୍ୱାଭାବିକତା ରକ୍ଷା କରିବା ପାଇଁ ଏଣୁ ତେଣୁ ଗୋଟେ ଦୁଇଟା କଥା କହିବାକୁ ହେବ ।

ହେମନ୍ତ କିନ୍ତୁ ଖାଇ କରି ଆସିଥିଲା । ଜଣେ ବନ୍ଧୁ ଯୋର କରି ଫେରିଲା ବେଳେ ରେସ୍ତୋରାଁରେ କିଛି ଖୁଆଇ ଦେଇଥିଲେ ।

ରକ୍ଷା ପାଇଗଲା ମୀରା । ତା ପେଟରେ ବି ଭୋକ ନଥିଲା, ପେଟଟା ଯେପରି ପୂରି ଯାଇଥିଲା । ଛାତି ଭିତରଟା ଗୁରୁ ଗୁରୁ କରୁଥିଲା ।

ମୀରା ଉପରେ ହାତ ରଖି ଅଳ୍ପ ସମୟ ଭିତରେ ଶୋଇପଡ଼ିଲା ହେମନ୍ତ ।

ମୀରାର ଆଖିରେ ନିଦ ନ ଥିଲା । ସେ ଶୋଇ ପାରିଲା ନାହିଁ । ଚେକ୍‌ପୋଷ୍ଟର ଅର୍ଗଳ ରାସ୍ତା ଉପରେ ଆଗେଇ ଯାଇଥିବା ଯାନର ଗତିରୋଧ କଲାପରି ମୀରାର ଆଗେଇ ଯାଇଥିବା ମନକୁ ତା ଦେହ ଉପରେ ହାତ ରଖି ସେ ଯେପରି ରୋକି ଦେଉଥିଲା । ସେଇ ହାତର ଓଜନ ଭାରି ଭାରି ଲାଗିଲା, ଟିକେ ପଛେଇ ଗଲା ସେ ।

ଶୋଇବା ଘରର ଅନ୍ଧାର ଭିତରେ ସେ ଜଳୁଥିଲା ମହମବତୀ ପରି । ସର୍ବାଙ୍ଗରେ ଦହନର ଏକ ଅଦ୍ଭୁତ ଭାବ ତାକୁ ଅଥୟ କରୁଥିଲା ।

ସ୍ୱପ୍ନ ଦେଖୁ ଦେଖୁ କେତେବେଳେ ରାତିଟା ବିତିଗଲା ଜାଣିପାରିଲା ନାହିଁ ମୀରା । ମୁହଁ ହାତ ଧୋଇ ନିଜକୁ ସଜାଇ ନେଲା ଭଲ କରି, ପରିଧାନ ଓ ପ୍ରସାଧନର ପରିପାଟୀ ଦ୍ୱାରା ବୟସକୁ ଆହୁରି ଦଶବର୍ଷ କମାଇ ଦେଇ କୁମାରୀ ଜୀବନର ଉଚ୍ଛୁଳା ହସ ପରି ନିଜକୁ ନିଜ ଆଗରେ ତୋଳି ଧରିଲା ।

ନା ସମୟ ହୋଇ ଯାଉଛି, ବେଶି ବେଶି ଡେରି କଲେ ଗାଡ଼ି ଚାଲିଯିବ । ସୁକାନ୍ତ ତାକୁ କେତେବେଳୁ ଅପେକ୍ଷା କରିଥିବ । ଅପେକ୍ଷା କରିବାରେ ଗୋଟାଏ ଆନନ୍ଦ ଓ ଉତ୍ତେଜନା ଅଛି । ସେ ବି ତା ସହିତ ମିଳିତ ହେବାର ଶୁଭକ୍ଷଣକୁ ଅପେକ୍ଷା କରୁଥିଲା ।

ଭ୍ୟାନିଟି ବ୍ୟାଗ୍‌ଟା ହାତରେ ଧରି ବାହାରି ପଡ଼ିଲା ମୀରା ।

ହେମନ୍ତ ଶୋଇ ଶୋଇ ଘୁଙ୍ଗୁଡ଼ି ମାରୁଥିଲା । ସେ ଶବ୍ଦ ବଡ଼ ବିରକ୍ତିକର ମନେ ହେଲା ମୀରାର । ପୁଅ ଓ ଝିଅର ସରଳ ମୁହଁ ଦୁଇଟି ବାରମ୍ବାର ମନେ ପଡ଼ିଲା ଆସି । ସେ ଦୁହେଁ ତାକୁ ନ ଦେଖି ନିଶ୍ଚୟ ମନ କଷ୍ଟ କରିବେ । କଅଣ କରିବ ସେ । ଏ ଦୁଇ ପିଲାଙ୍କ କଥା ମନକୁ ଆସିଲେ ସେ ଅନେକ ଦୁର୍ବଳ ହୋଇଯାଏ, ସେମାନଙ୍କୁ ଭଲ ନ ଲାଗିଲା ଭଳି କୌଣସି କାମ କରିବାକୁ ପାଦ ବଢ଼ାଇପାରେ ନାହିଁ । ସେମାନଙ୍କ ଶୋଇବା ଘର ଆଡ଼କୁ ଚାହିଁଲା ।

ପିଲମାନେ ଶୋଇଥିବା ଘରର ସବୁଜ ଆଲୁଅଟା ତା ଆଡ଼କୁ କଣେଇ କଣେଇ ଚାହୁଁଥିଲା ଯେପରି । ସୁଇଚ ଟିପି ଆଲୁଅ ଲିଭାଇ ଦେଲା ମୀରା । ସେମାନଙ୍କ ଆଡ଼କୁ ଚାହିଁବା ପାଇଁ ସାହସ ହେଲା ନାହିଁ । ତାପରେ ଧୀରେ ଧୀରେ ଓହ୍ଲାଇଗଲା ପାହାଚ ଦେଇ । ଅପ୍ରତ୍ୟାଶିତ ଭାବରେ ମିଠୁ ଓ ମିନୁକୁ ପାହାଚ ତଳେ ଛିଡ଼ା ହୋଇଥିବାର ଦେଖି ଅବାକ୍ ହୋଇଗଲା ମୀରା ।

ସେମାନେ ହାତ ବଢ଼ାଇଲେ ଯିମିତି ଚୌଛକ ଉପରେ ଛିଡ଼ା ହୋଇ ଯାନ ବାହନର ଗତିକୁ ନିୟନ୍ତ୍ରଣ କରିବା ପାଇଁ ହାତ ଲମ୍ବାଏ ଟ୍ରାଫିକ୍ ପୁଲିସ୍ ।

ନା, ଆଉ ଯାଇ ପାରିଲା ନାହିଁ, ସେ ସୀମାବଦ୍ଧ ହୋଇ ରହିଗଲା ।

ସେଇ ସୀମାବଦ୍ଧ ସଂସାରର ଶୃଙ୍ଖଳା ଓ ପ୍ରକୃତିର ନିୟମ ରକ୍ଷା କରି ଉଷାର ପ୍ରଥମ ଆଲୋକ ଚତୁର୍ଦ୍ଦିଗରେ ବିଛେଇ ହୋଇ ପଡ଼ିଲା ।

# ବୁଢା କିରସାନୀ

## ଶ୍ରୀ ଦୁର୍ଗାମାଧବ ମିଶ୍ର

ଭାବୁଥାଏ···

ବୁଢା କିରସାନୀ ।

କାନରେ ଅଧାପୋଡ଼ା ଧୂଙ୍ଗିଆ, ମୁହଁରେ ଶିଆଳୀ ପତ୍ରର ଜଳନ୍ତା ଏତ୍ତେ ବଡ଼ ପିକାଟା—ଘନ ଅନ୍ଧାର ଭିତରେ ଶୋଷିଦେଲା ବେଳକୁ ରଙ୍ଗ ଟହଟହ ହୋଇ ଜଳି ଉଠୁଥାଏ ।

ଦୂରରେ ମୃଦଙ୍ଗ ବାଜୁଥାଏ··· ଆଉ ରହି ରହି ବାଜି ଉଠୁଥାଏ ଡୁଙ୍ଗୁଡୁଙ୍ଗା···

ଚଇତ ପରବ···

ଓଃ, ଆଜି ଚଇତ ପରବ··· ! !

ସେ ଦିନର ଚଇତ ପରବ ପରେ ଆଜିକି ବୋଧହୁଏ ଚଉଦଟି ଚଇତ ପରବ ଫୁଟିକି ଫୁଟାଇଲା ପରି ଗ୍ରସିଗଲାଣି ବୁଢା କିରସାନୀର ଜୀବନରେ···ତା'ର ଲୋଡଶ ଚମ ତଳର ହାଡ଼ୁଆ ପିଞ୍ଜରାରେ କିଏ ଯିମିତି ସେଦିନର ସେହି ଚଇତ ପରବକୁ ନହୁଣୀରେ ଖୋଳି ଲେଖି ଦେଇ ଯାଇଛି । ସବୁ ଚଇତ ପରବକୁ ସେଇ ଖୋଳପା ଜକେଇ କେଇ ଟୋପା ରକତ ନିଗିଡ଼ିଆସେ ବୁଢା କିରସାନୀର ।

ସେତେବେଳେ ଧାଙ୍ଗଡ଼ା ବୁଢା କିରସାନୀ ହାତକୁ ଦି' ହାତ ହୋଇ ନ ଥାଏ, ଛାତିରେ ତା'ର ହାତୀର ବଳ, ଏ ଜଙ୍ଗଲ ମୁଲକରେ ତାଆ ସାଥିରେ ବାହା ମିଳାଇବାକୁ ଶକ୍ତି କାହାର ? କେଉଁଠି ଥକା ମାରିବାକୁ ନ ଅଟକି ଏକା ନିଶ୍ୱାସକେ ଖଇରପୁଟରୁ ପିଣ୍ଡାଜଙ୍ଗର ଗାଆଁ କୁ ଆସେ ଆଉ ଯାଏ—ସତର ମାଇଲ ବାଟ—ସତେ ଅବା ବୁଢା ପାଇଁ ପୋଖରୀପାଣି ପିବା ରାସ୍ତା ।

ହସିଲା ବୁଢା କିରସାନୀ—ତା'ର ଦୁର୍ବଳ ଅସ୍ଥିବହୁଳ ଲୋଳଚର୍ମ ଛାତି ଆଡ଼େ ଚାହିଁ ହସି ପକାଇଲା ସେ···ଏତେ ଦୁଃଖରେ ବି ।

ଓଃ କି ଜୋରରେ ମାଦଳ ବାଜୁଛି, ବାହାରେ ଆଉ ତାଆ ସାଥିରେ ତାନ ମିଳାଉଛି ଡୁଙ୍ଗୁଡୁଙ୍ଗା—ଯେଉଁ ଟିକିକ ରକ୍ତ ବୁଢାର ଦେହରେ ଆଉ ବଳକା

ରହିଛି, ସେତକ ବି ଆଜି ଘୃଣଗୁଣା ହୋଇ ଫୁଲିଉଠୁଛି—ଧୋବଲି ଧୋବଲି ରୁମରେ ତା'ର ଲାଗିଛି ପୋଡ଼୍ ଚଷିବାର ଉନ୍ମାଦନା— ସେ ଆଜି ଶିହରି ଉଠୁଛି । ତା' ଘର ସାମନାର ନଆଁ ଟିକକ ଉପରେ ପାଉଁଶ ପଡ଼ିଗଲାଣି—ବଳ ପାଉନି ଟିକିଏ ଯାଇ ଉଖାରି ଦେବାକୁ । କିଏ ଅଛି ? କିଏ ଅଛି ଆଉ ତା' ପାଖରେ ?

ସତେ ତ, ତା'ର ଆଉ କେହି ନାହିଁ ।
ଦୀର୍ଘନିଶ୍ୱାସ ମାଇଲା ବୁଢା କରସାମି ।
ନ ଃ ବଡ଼ ଅସହ୍ୟ, ବଡ଼ ହୀନ ଅବସ୍ଥା ଏ ଜୀବନ ।
ଖୁ ଖୁଁ ଖୁଁ ।
ଏ ତ କଞ୍ଚା ନାଲିଆ ରକ୍ତ !
ଆଜି ଯଦି ଲଛମୀ ଟୋକୀ ଥାଆନ୍ତା !

ବେକ ଉପରର କଡା ଦଉଡ଼ି ପରି ମୋଟା ଶୁଖିଲା ଶିରା ଉପରେ କୁଆଡ଼୍ କେଜାଣି ଆସି ଜମିଗଲା ଜଳକଣା । ଆଖିର କୋଣ ଜକେଇ ଆସିଲା । ପୁଣି ପୁଲାଏ ଧୂଙ୍କିଆ ଟାଣି ବସିଲା ମୁକ୍ତି ପାଇଁ—ଆଃ ସେ'ଟା ଯେ ଇଆ ଭିତରେ ନିଭିଗଲାଣି ।

ପିଣ୍ଡାଜଙ୍ଗରରୁ ଖଇରପୁଟ ୧୬ ମାଇଲ ବାଟ—୧୪ ବର୍ଷ ତଳର କଥା । ଓଙ୍ଗର ଜମାଲୁର କାଉଡ଼ି କାନ୍ଧେଇ ଯାଇଥିଲା ଖଇରପୁଟ ସିଏ । ଲେଉଟାଣି ବେଳକୁ ମାଛି ଅନ୍ଧାର ଲାଗି ଆସିଲାଣି—କାନରେ ଚକଚକିଆ ସୁଉକଟି ଖୋସା ହୋଇଛି ।···ଏତିକ ବାଟ ନେଇ ଆସିବ ର ମଜୁରି । ଫେରିବ ଆଜି ବୁଢା କରସାମି । ଆଜି ଯେ ଚଇତ ପରବ···

କୁଲୁମୁକୁଲି ହସି ହସି ଲେଟି ଯାଇଥିବା ପାହାଡ଼ ଉପରର ପିଣ୍ଡାଜଙ୍ଗର— ଲମ୍ବା ଆଉ ସଲପରେ ପେଟ ଫାଟି ଯାଉଥିବ ଗାଆଁ ଧାଙ୍ଗଡ଼ୀଙ୍କର—ଖସି ଯାଉଥିବ ଗୃହାଡିଆ ନାଲିକପ୍ତା ନୃତ୍ୟର ଛନ୍ଦେ ଛନ୍ଦେ ।

ଏଡ଼େ ବଡ଼ ଉତ୍ସବରେ ସେ ରହିଯିବ ଖଇରପୁଟରେ ଆଜି ?
ଅସମ୍ଭବ ! !

ସେ ନାଇଁ ବୋଲି ସୋମା ବଜାଉଥିବ ଡୁଙ୍ଗ୍ ଡୁଙ୍ଗା—ଛି, ଛି, ସେ ମାଟାକୁ କ'ଣ କିଛି ବଜାଇ ଆସେ । ତାକୁ ସତର ବରଷ ଶିଖେଇବ ବୁଢା କରସାମି । ନା ଅଛି ତା'ର ଗ୍ରୀବାରେ ବଳ, ନା ଅଛି ଦେହରେ ଟିକିଏ ବୋ'କି ତାକତ ? ଘଡ଼ିଏ ବଜାଉଣୁ ନ ବଜାଉଣୁ ପେଟୀ ମାଇକିନା ପରି ଧଇଁ ସେଲିବ ତା'ର···

ଚାଲୁଥିଲା ବୁଢା—ଗଛ ସାଥିରେ ଗଛ ଯୋଡ଼ି ହୋଇଯାଇ ସାମନାର ନିଘଞ୍ଚ ଅନ୍ଧାର ଡିଆରି ହୋଇଯାଇଛି ଯିମିତି—ଡଇଁ କଲାବେଳେ ଭୃତ୍ୟାସ୍ତ ଟ୍ରେନର

ପିଲ ଗୋଟାଏ ଜାଗାରେ ମେଞ୍ଚାଏ କାଳି, ଗୋଟିଏ ଜାଗାରେ ମେଞ୍ଚାଏ କେଳୀ ନେସିଦେଲା ପରି ଜଙ୍ଗଲ ଆଉ ଅନ୍ଧାରର ମେଳାମେଳ । ସିଆଡ଼କୁ ଲକ୍ଷ୍ୟ ନାହିଁ ବୁଢ଼ା କରିସାମାର, ଅଜ୍ଞ ପିଣ୍ଡାଜଙ୍ଗରରେ ନ ପଡ଼ୁଥିଲେ ସେ କ'ଣ ଆଉ ମଣିଷ ପିଲା ?

ସେ ଯିବ — ନଷ୍ଟସ୍ତ ଯିବ ।
ଓଇ ମାଁ ଲୋ, ଓଇ ମାଁ ଲୋ, ବାଘଆ…ବାଘଆ…ବାଘଆ…
ଏଁ କଣ ହେଲ ରେ ?

କ'ଣ ଗୋଟେ ଧଇଁ ସଇଁ ହୋଇ ଦଉଡ଼ି ଆସି ବୁଢ଼ା ଦେହରେ ଜକଟ ମକଟ ହୋଇ ଲାଗିଗଲା ।

ଅନ୍ଧାର ଘନେଇ ଆସିଲାଣି
ଆଉ ଭଲ କରି ଦିଶୁନି ବୁଢ଼ାକୁ ।
କିଏ, କିଏ ସେ ?
ମୁଁ ମୁଁ ବାଘଆ ବାଘଆ ଉଃ…ଉଃ…
କିଏ ? କିଏ ରେ ତୁଇ ?

ସାମନାର ଝୋଲ ପାଖରୁ କ'ଣ ଗୋଟେ କଳା ମଚମଚ ହୋଇ ଧାଇଁ ଆସୁଛି ।

…ହୁଉଁ ହୁଉଁ ହୁଉଁ…ହୁଉଁ ହୁଉଁ ହୁଉଁ…ହୁଉଁ ହୁଉଁ ହୁଉଁ…

କରକାଛୁଆ ରଡ଼ି କରି ଲଥାଡ଼େ ଏଣେ ଜାବୁଡ଼ି ଧରୁଛି ବୁଢ଼ାକୁ ଇଏ… ବୁଢ଼ାର ମାଂସପେଶୀ ଭିତରେ ଗରମ ଗରମ ରକତ କେଜାଣି କାହିଁକି ଫୁଟିଉଠୁଛି ଉତ୍ତେଜନାରେ…ଓଃ କି ଅନ୍ଧାର !

ଝାଉବ ପଟ ଡେଣାରୁ ଝଅଟ ଧନୁ କାଢ଼ି, ପିଠି ପଟରୁ କାଣ୍ଡଟେ ଯୋଷାର ଆଣି ଯୋଖି ନେଲା ବୁଢ଼ା ଗୋଟେ ଆଖି ପିଞ୍ଜିଡ଼ାରେ…ପାଇଁ କନା କାଣ୍ଡଟା ସେ ଅନ୍ଧାରରେ ଛୁଟି ଗୁଳିଗଲା କଳା ମଚମଚ ଜନ୍ତୁଟା ଆଡ଼କୁ । ଆଗକୁ ବଢ଼ି ପାରିଲା ନ ସେ…

ନଆଁ ପେଡ଼ିରୁ ଗୋଟେ କାଠି କାଢ଼ି ଶୁଖିଲା ପୋଲଙ୍ଗ ଡାଙ୍ଗଟାରେ ନଆଁ ଧରାଇ ଆଗକୁ ବଢ଼ିଲା ବୁଢ଼ା…ମୁହଁରୁ ଗମଗମ ଝାଳ ଛୁଟୁଛି…

…ଓ କାଣ୍ଡଟା ଠିକ୍ ଭେଟିଛି । କି ବଡ଼ ବଡ଼ ଦାନ୍ତ ଏ ଜଂବଟାର, ମୁହୂର୍ତ୍ତକରେ ଜୀଅନ୍ତା ମଣିଷକୁ ଚୂରି ଦେବାର ଶକ୍ତି ତା'ର…ଠିକ୍ ତଣ୍ଟି ପାଖରେ ଭେଟିଥିବା କାଣ୍ଡଟାକୁ ଟିଙ୍ଗି ଆଣିଲା ବୁଢ଼ା—ପିଚକାରି ପରି ଛୁଟିଲା ରକ୍ତ…ଉଷୁମ ଉଷୁମ ରକ୍ତ…

ବୁଢ଼ାର ହୋସ୍ ଫେରିଲା—

ପଛକୁ ଫେରି ଅନାଇଲା ସେ—

ଫୁଲଙ୍ଗ ଡାଙ୍ଗର ଆଲୁଅରେ···

ଏ କିଏ ?

—ଲଛମୀ – ଲଛମୀ ଟୋକୀ ।

ଗୁଲଣି ସୋଷ ମାଳ ବେକରୁ ଟୁଟି ମଝିରେ ଲମ୍ବି ଯାଇଛି । ନାଲି, ନୀଳ, ହଳଦିଆ ସବୁ ରଙ୍ଗର ମାଳ । ଦୁଇ ପାଖେ ମୁକ୍ତ ଦୁଇଟି ସ୍ତନ···ବଳିଷ୍ଠ ଆଉ ହୃଷ୍ଟପୁଷ୍ଟ । ଅଣ୍ଟାରେ ହାତେ ଲମ୍ବ ଅଧହାତ ଓସାରର ନାଲିକନା···ସଦ୍ୟ ଯୌବନ ଯିମିତି ପ୍ରତି ଲୋମକଣାରୁ ଝରିପଡ଼ୁଛି ଲଛମୀର ।

ଦୁଇ ହାତରେ ଉଠାଇ ଛିଡ଼ା କଲା ତାକୁ ବୁଢ଼ା ··ପାଖରେ ପାଣି ଗରିଆଟା ପଡ଼ିଛି । ଗ୍ଳେଲ ଗ୍ଳେଲ କରି ପାଣି ଲଛମୀର ମୁହଁ ସାରା ଗ୍ରୁଟିଲା ସେ····ଆପଣା ଠେକା ଖୋଲି ପାଣିରେ ଭିଜାଇ ଆଖି ନାକରେ ବୁଲାଇ ଆଣିଲା--କାନରେ ଫୁଙ୍କି ଫୁଙ୍କି ପବନ ଦେଲା କେତେବେଳେ ଲଛମୀ ଆଖି ଖୋଲିଲା ··

···ଏ, ବାରିଆ···ବାରିଆ···

ପୁଣି ମୂର୍ଚ୍ଛା ଗଲା ସେ ।

ପୁଣି ପାଣି ଛିଞ୍ଚିଲା ପରେ ଚେତା ଆସିଲା ତା'ର । ଉଠି ପଡ଼ି ଭୟରେ ଜକଟ ମକଟ କରି ଭିଡ଼ିଧରିଲା ବୁଢ଼ାକୁ ।

ବୁଢ଼ା ତାକୁ ଶୂନ୍ୟରେ ଟେକିନେଇ ଗ୍ରୁଡ଼ିଦେଲା ସେ ଜୀବ ପାଖରେ—ସେତେବେଳ ଯାଏଁ ବି ରକ୍ତ ଛୁଟିବା ବନ୍ଦ ହୋଇନି ତା'ର ।

—ବାରିଆ ମରିଯାଇଛି !

ଲଛମୀର ଓଠରେ ନାଲି ରକ୍ତର ଢେଉ, ଆଖିରେ କୃତଜ୍ଞତା, ଅଭିମାନ ଆଉ ଲଜ୍ଜା···

—ତୁଇ କେନ ଆଡ଼େ ଯାଇଥିଲୁ ରେ ଟୋକା ?

—ମୁଇଁ ପାନି ଆନି ଯାଇସ୍ ଝୋଲକେ ।

ତୁଇ ଗୁଟେ ଲୋକ୍ କସ୍ ପାଇଁ ଯାଇସ୍ ଝୋଲାକେ ?

କ'ଣ କହିବ ଲଛମୀ···ବିପଦ ତ ଯାଇଛି—ଖାଲି ହସିଲା ମନ୍ଦ ଆଉ ମୃଦୁ ।

ଆପଣାର ବଳିଷ୍ଠ ବାହୁ ଉପରୁ ଟ'ଲ ପୋଛୁସାରି ଲଛମୀ ଆଡ଼େ ଦୃଷ୍ଟି ଅନେଇଲା ବୁଦା କରସାନୀ । ପଗ୍ଣରିଲା—ମୁଁଭି ପିଣ୍ଡ୍ରାଜଙ୍ଗଲ ଯାଇସ୍, ଯିବୁ କି ମୋର ସାଙ୍ଗେ ଟୁକ୍କା ?

ଲଛମୀର ସାରା ଦେହରେ ବିଜୁଳି ଖେଳିଗଲା—ମୁହଁର ନାଲି ଯେମିତି ଫାଟି ଯାଇ ବୋହି ପଡ଼ିବ ଆଉ ଟିକକରେ । ଲଛମୀ ଜାଣେ, ଏଇ ପ୍ରଶ୍ନ ତଳେ କ'ଣ ଲୁଚି ରହିଛି । ଧାଙ୍ଗଡ଼ୀର ଜୀବନରେ ଥରେ ଏଇ ପ୍ରଶ୍ନ ଆସେ, ଆଉ ଧାଙ୍ଗଡ଼ା ଗୁହେଁ ସୋକ୍‌ଠୋକ୍ ଜବାବ— ସେଇଠି ସେଇ ମୁହୂର୍ତ୍ତରେ । ଭାବି କରି କହିବ, ଦୁଇଦିନ ପରେ କହିବ, ବ'ପାକୁ ପଗ୍ଣରି କହିବ —ଏସବୁ ଶୁଣେନି ଧାଙ୍ଗଡ଼ା—ତା' କାମରେ ସେ ଗ୍ଲଲିଯାଏ । କେତେ ଧାଙ୍ଗଡ଼ୀ ଧାଙ୍ଗଡ଼ାର ଜୀବନରେ ଆସି ଦେଖା ଦିଅନ୍ତି । ତା'ର ଭଲମନ ଜଣକୁ ସୁମରି ସୁମରି କଣ୍ଟା ହୁଏନି—ଧାଙ୍ଗଡ଼ୀ ଜାଣେ—ଭଲକରି ଜାଣେ ।

ଗୋଟିଏ ପୂର୍ଣ୍ଣ ମୁହୂର୍ତ୍ତ ସେ ଅନାଇଲା ବୁଦା କରସାନୀ ଆଡ଼େ । ବୁଦା କରସାନୀ—ତା'ର ପୁରିଲା ପୁରିଲା କଳା ଚକଚକ ଗା'ଲ ବେକରେ ଦି ସୋ'ରି କଚକଡ଼ା କଣ୍ଠି, ହାତରେ ଆଉ ବେଣାରେ ଆଲୁମିନିଅମ ବଳା, ମୁଣ୍ଡରେ ଠେକା ଉପରେ ଟିଣରେ ଖୋଳିପାତିଆ, ଅଣ୍ଟାରେ ଡୁମ୍ନସ୍ପୁଟ ହାଟରୁ କିଣା ଢଳା ପ୍ଲାଷ୍ଟିକର ଚକ୍‌ଚକ୍ ବେଲ୍‌ଟ ଉପରେ ନାଲି କୌପୁନୀ—ଖାଇବା କାନ୍ଧରେ କାଣ୍ଡ-ବାଉଁଶ—ପିଠି ପଟେ ଲୁହା-ମୁନା ଶର—ଆଖିରେ ଅଲୁହା ତେଜ...

ଏବେ ମଧ୍ୟ ବାରଆ ଦେହରୁ ଉଷ୍ମ ରକ୍ତ ଛୁଟୁଛି ।

ଧାଇଁ ଆସିଲା ଲଛମୀ—ବୁଦାର ଦେହ ନିକଟରେ ଝାଉଁଳିପଡ଼ିଲା ଯିମିତି ତା'ର ରୂପ ଯୌବନ...

ଫୁଲ'ଙ୍ଗ ଡାଙ୍ଗ ଆହୁରି ଜୋରରେ ଜଳୁଥିଲା—
ବୁଦା କରସାନୀ ଦୁଇ ହାତରେ ତୋଳିନେଲା ଲଛମୀକୁ—
ଲଛମୀ ଚୌଙ୍କା—ତା'ର ଲଛମୀ—
ଏଁ—ଏ କ'ଣ, ବୁଦା ଯେ କାନ୍ଦୁଛି !

ତା'ର ଲୋତକ ଆଖିରୁ ଲୁହର ସୁଅ ଛୁଟୁଛି, ଆଉ ଭସିଯାଉଛି ଯେତେକ ନେଞ୍ଚେଟ୍ ।

ଆହୁରି ଜୋରରେ ବାଜୁଛି ମହୁରୀ; ଢୋ'ଲ ଆଉ ଡୁଙ୍ଗ୍ ଡୁଙ୍ଗାରେ କାନ ଅତଡ଼ା ପଡ଼ିଯାଉଛି ।

ଇମିତି ସେଦିନ ରାତି ପାହି ଆସୁଥିଲା—ଗାଆଁର ଧାଙ୍ଗଡ଼ୀସବୁ ନାଚନାଚ ହାଲିଆ ହୋଇଗଲେଣି—ଜହ୍ନ ପିଣ୍ଡାଜଙ୍ଗଲ ପାହାଡ଼ ପଛପଟେ ଗଳିପଡ଼ି ଆସିଲାଣି···ସମସ୍ତଙ୍କ ମୁହଁରେ କ୍ଳାନ୍ତି—ହଳପର ଜଣା ସର ଆସୁଛି ।

ମହୁରିଆ ରହି ରହି ମହୁରି ଫୁଙ୍କିଲା·· ସମସ୍ତଙ୍କର ଆଖି ବୁଲିଗଲା ବୁଢା ଆଉ ଲଛମୀ ଆଡ଼େ । ଧାଙ୍ଗଡ଼ା ଧାଙ୍ଗଡ଼ୀ ଝରଣାଧାରରେ ପାଣି ଢୁକୁ ମାଡ଼ି ଆସିଲା ପରି ଅଜଣା ଫୁର୍ତ୍ତିରେ ଘେରିଗଲେ ଦୁହିଁଙ୍କ ଚାରିପଟେ । ଆଉ କାହାର ବୁଝିବାକୁ ବାକି ନ ଥିଲା—ବୁଢା କରସାନୀ ଖଇରପଟରୁ ଧାଙ୍ଗଡ଼ୀ ଆଣିଛି ।

ବୁଢା କରସାନୀ ଧାଙ୍ଗଡ଼ୀ ଆଣିଛି । ଢୋଲକୁ ନିଆଁ ପାଖରେ ଉଷୁମୋଉ-ଥିଲା ଯେଉଁ—ଟାଇଁ ଟାଇଁ ବାଜିଉଠିଲା ଢୋଲ । ସୋମାସିଂ ହାତରୁ ଢୁଙ୍ଗଢୁଙ୍ଗା ଛଡ଼େଇ ଆଣି ନିଜେ ବଜେଇ ବସିଲା ବୁଢା···ଲଛମୀ ହାତକୁ ମୟୁରପୁଚ୍ଛର ପଙ୍ଖାଟା ବି ବଢେଇଦେଲା । ପଙ୍ଖାକୁ ହଲେଇ ହଲେଇ ଲଛମୀ ଯାହା ନାଚିଲା ସେଦିନ ! କ୍ଷୀଣକଣ୍ଠରୁ ତା'ର ଫୁଟିଉଠୁଥିଲା ଅସ୍ପଷ୍ଟ ରାଗିଣୀ—ତାଳେ ତାଳେ ଫୁଟିଆସୁ ହୋଇ ଉଠୁଥିଲା ଜୀବନର ଦୁରନ୍ତ ବାସନା, ଯୌବନର ଉତ୍‌କୂଳ ବନ୍ୟା—

ସଲପ ରସିଲା—ଆସିଲା ନିଶା । କୁକୁଡ଼ା କଟାହେଲା । ତମ ସାହିରୁ ଘୁଷୁରି ଆସିଲା—ମହୁଲୀ ଠାକୁରାଣୀଙ୍କ ଦହଘାଟ ଖାଲି ରଙ୍ଗ ଟହଟହ ଦିଶିଲା ରକତ-ସୁଅରେ । ଠାକୁରାଣୀ ହସିଲେ···

ଟୋ···ବାବା···

ବୁଢା କରସାନୀ ଚାରିଆଡ଼କୁ ଅନେଇଲା···

ଓ, ଲଛମୀ ବୋଧହୁଏ ଡାକୁଛି···ଚାରି ବରଷର ଝିଅ ଲଛମୀ ।

ଆଣ୍ଠାବାଡ଼ରେ ଭରଦେଇ ପିଣ୍ଡାରୁ ଘୁସୁରି ଘୁସୁରି ଘରେ ପଶିଲା·· ଟୋପେ ପାଣି ଦେଇ ଶୁଆଇଦେଲା ଲଛମୀକୁ ।

ଅଣଟେ ପେଜ ପିଇଦେଇ ବୁଢା ବାହାରି ଯାଇଛି ବେଣ୍ଟ କରିବାକୁ···

ଗଲା ସାଲର ଚଇତ ପରବ···

ତାଆ ସାଥିରେ ଗାଆଁର ଆଉ ସମସ୍ତେ ଯାଇଛନ୍ତି । କିଛି ହେଲେ ଜନ୍ତୁ ମାରିବାକୁ ପଡ଼ିବ · ତେବେ ଯାଇ ଚଇତ ପରବ ଉଜୁଆ ହେବ ।

ବୁଢା ଚାଲିଗଲା···

ଲଛମୀ ସାନ ଝିଅକୁ ପେଜ ଦେଇ ଶୁଆଇଦେଲା । ବାହା'ଲୋ ପତର ଘୋଟେଇ ।

ପେଟରେ ସାତ ମାସର ଛୁଆ; ବାଲିଡଙ୍ଗର ପାହାଡ଼ର ଶିଖ ଉଠାଣି ଚଢ଼ି ସାରିଲା ବେଳକୁ ଲଛମୀର ମନେ ହେଲା ସତେ ଯିମିତି ଶୋଷରେ ତା'ର ଛାତି ଫାଟିଯିବ ।

ଝୋଲା କଡରେ ପହଞ୍ଚି ଶୋଷାଡ଼ି ଶୋଷାଡ଼ି ପେଟେ ପାଣି ପିଇଲା ଲଛମୀ ···ଖଣ୍ଡେ ପଥରରେ ନିଜକୁ ନିଜେ ବସ୍ତି ପକାଇଲା ସେ । ଓଃ କି କଷ୍ଟ ! ସତେ ଯିମିତି ଲଛମୀର ସବୁ କୁଆଡ଼େ କିଏ ନେଇଯାଇଛି ।

ଇସ୍ !

ଜଙ୍ଗଲ ଭିତରେ ଇଏ କି ସଡ଼ା ଆମ୍ବିଳି ଡୋଗ୍ରିଣି ପରି ଗନ୍ଧ·· ···

ଲଛମୀ ମନରେ ପାପ ଛୁଇଁଲା; ଏପଟ ସେପଟ ଚାହିଁ ପେଟକୁ ଧରି ହାତରେ ଦଉଣ୍ଡି ଦେଇ ଆଗକୁ ଚାଲିଲା । ଲଛମୀ ଧପାହୁଣ୍ଡ ଯାଇଛି କି ନାହିଁ···

ଓଇ ମାଁ ଲୋ······

ପାହାଡ଼ ସେ କରରୁ କୁଦା ମାରିଲା ମହାବଳ···ଆଖି ପିଛୁଡ଼ାକେ ଲଛମୀକୁ କାଖରେ ଜାକି ଆରପଟ ପାହାଡ଼ ଉପରକୁ ଉହୁଁକି ଉଠିଲା ବାଘ ।

କଳକଳା ରବରେ ଥରଉଠିଲା ନିର୍ଜନ ବଣ ଭୂଇଁ ।
ଲଛମୀର ଜ୍ଞାନ ହଜିଗଲା ।
······ଆହା, ବୁଦା ଯିବ ଆଆନ୍ତା ! ! !
—ହେଇ, ହେ, ତଳେ ତଆଁ ମାରସ୍‌ରେ ମାରସ୍ ।

କାହିଁ, କେଉଁଠି? ଗାଆଁ ଗୋଟାକର ଲୋକ ବେଣ୍ଟ କରି ଆସିଥିଲେ । ଦୁଇ ମାଇଲ ବାଟ ଖେଦି ଖେଦି ଗୋଡ଼େଇଛନ୍ତି ଏଇ ବାଘ ପଛରେ ।

ଏଇଠି ପାହାଡ଼ ସରି ଯାଇଛି । ମଝିରେ ଝୋଲ, ନଚେତ୍ ବାଘ ଧରା ପଡ଼ିବ ।

—ଏ ବୁଦା, ତୋର ମାଇଜିକୁ ବାଘ ନେଇ ଯାଇସ୍‌ରେ ।
—ଏଁ, ଏଁ······
ଏ ପାଖେ ଦୁଇଶ ଫୁଟ ଉଞ୍ଚର ପାହାଡ଼;
ସେ ପାଖେ ଦୁଇଶ ଫୁଟ ଉଞ୍ଚ ।
ମଝିରେ ଝୋଲ ।
ଏ ପାହାଡ଼ ଶିଖରୁ ସେ ପାହାଡ଼ ଶିଖ ପର୍ଯ୍ୟନ୍ତ ଫୁଟ ହେବ ପରା ।

ବାଘ ସେ ପାହାଡ଼ ଶିଖରେ ବସିଛି । କାଖରେ ଲଛମୀ ।
ଯିବ କମିତ ବୁଢା କରସାଙ୍ଗ ?
ଏତକ ଝପି ଗଲାବେଳକୁ ତ ଲଛମୀ ମର ଯାଇଥିବ ।
ମନ ସୁଖରେ ମହାବଳ ଲଛମୀକୁ ଏପଟ ସେପଟ କର ଖେଳାଉଛି ।
ବୁଢାର ଛାତିରେ ଅକୁହା କୋହ ।

ଲଛମୀ, ଲଛମୀ···ଓ ଲଛମୀ······ଥରେଲ ବନଭୁଇଁ, ଲଛମୀ ଆଖି ଖୋଲଲ ବୋଧହୁଏ ।

ସେହି ଦୁଇଟା କଳା ମଚମଚ ଆଖି, ସେହି ଭୀରୁ, ଭୀତତ୍ରସ୍ତ ନୟନ ।

ବାଘର ଆଗ ଗୋଡ଼ ଲଛମୀର ବେକ ଉପରେ ପଡ଼ିଲ । ସେହି ମୁହୂର୍ତ୍ତରେ ବୁଢାର କାଣ୍ଡ ଭେଟିଲ ବାଘର ତଣ୍ଟି ପାଖରେ । ଅବ୍ୟର୍ଥ ସେ କାଣ୍ଡ । କଡ଼ କଡ଼ ଶବ୍ଦ କର ବାଘଟା ଗଡ଼ିପଡ଼ିଲ ପାହାଡ଼ ଶିଖରରୁ ଶଏ ଫୁଟ ତଳକୁ···ଆଉ ତା ସାଥିରେ ଲଛମୀ ! ଖୋଲର ପଥରରେ ପିଟି ହୋଇଗଲ ବାଘର ମୁଣ୍ଡ ।

ଆଖି ପିଛୁଳାକେ ଗାଆଁ ଯାକର ଲୋକ ଦଉଡ଼ି ଆସିଲେ ପାହାଡ଼ ଉପରୁ । ବାଘ ମରଯାଇଛି ।

ଖୋଲରୁ ପତର-ଠୋଲରେ ପାଣି ଆଣି ଲଛମୀର ମୁହଁରେ ମାରିଲ ବୁଢା···। ବାଘର ନଖରେ ତଣ୍ଟିର ସବୁ ଶିରା ଉଲୁରି ପଡ଼ିଛି ଲଛମୀର । ଛାତି ତଳର ଧୁକୁଧୁକ ଉଠୁଛି ପଡ଼ୁଛି ଅତି କ୍ଷୀଣ ଭାବରେ ।

ଶାଳୁଆ ପତରେ ପବନ କଲ ସେଲ; ବୁଢା ଆଖିରେ ପାଣି ମାରିଲ, ଯୋମାସିସା ସମସ୍ତଙ୍କୁ ଦୂରକୁ ହଟେଇଦେଲ ପବନ ଆସିବ ବୋଲ ।

ଲଛମୀ ଆଖି ଟେକି ଅନେଇଲ ବୁଢାକୁ······

ସେଇ ଦୁଇଟା ବଡ଼ କଳା କଳା ଆଖି, ସେଥିରେ ଥିଲ ସମର୍ପଣର ସଙ୍କେତ । ତୃପ୍ତିରେ ଆଖି ବୁଜିଦେଲ ସେ; ସେ ଆଖି ଆଉ ଖୋଲଲ ନାହିଁ । ଛାତିର ଧୁକୁଧୁକୁ ବନ୍ଦ ହୋଇଗଲ ଚିରକାଳ ପାଇଁ—

ଖାଁ, ଖାଁ, ଖାଁ !

# ଭସା ମେଘ

ଶ୍ରୀମତୀ ନନ୍ଦିନୀ ଶତପଥୀ

ରାଧାର ନରମ ହାତ ପାପୁଲି ଧୀରେ ଧୀରେ ଟାଣ ହୋଇଯାଉଛି । ଠାଏ ଠାଏ ଚମଡ଼ା କଠିଣ ହୋଇ ବଣ୍ଟି ବାନ୍ଧି ଗଲଣି । ନଖ କଣରେ ମାଟି ହଳଦୀ ଆଉ ମସଲାର ମିଶ୍ରିତ ଦାଗ । ଆଖି ତଳ କଳା ପଡ଼ି ଆସୁଛି । ମୁହଁରେ ବ କେତେ ସବୁ ଦାଗ ପଡ଼ିଗଲାଣି । ଗ୍ଲେଟ ଦର୍ପଣରେ ଅନ୍ଧାରିଆ ଘର ଭିତରେ ଭଲ କରି ଦେଖି ହେଉନାହିଁ । କେତେ ଥର ରାଧା ଭାବିଛି ଟ୍ରଙ୍କ ଭିତରେ ବହୁତ ଦିନରୁ ସାଇତା ହୋଇଥିବା ଭଲ ସାବୁନ ଖଣ୍ଡେ କାଢ଼ି ଅନ୍ତତଃ ହାତ ମୁହଁ ଧୋଇ ପକାଇବ । ଯା' ନଣନ୍ଦମାନଙ୍କ ସାଙ୍ଗରେ ସାବୁନ ଧରି ନଈକୁ ଯିବାକୁ ଲାଜ ମାଡ଼େ । ଏତେ ଲୋକଙ୍କ ମେଳରେ ଗାଧୋଇ ସାରି ଲୁଗା ପାଲଟିବା ତ କାଠିକର ପାଠ— ସେଥିରେ ପୁଣି ସାବୁନ ଲଗାଇ ଘଷାମଜା ।

କୂଅ ମୂଳେ ପୁଣି ସବୁ ବେଳେ ଲୋକ । ମରଦ ମାଇପେ ଘନ ଘନ ଯିବା ଆସିବା କରୁଛନ୍ତି । ଏତେ ବଡ଼ ସାଇଟାରେ ତାଙ୍କରି ଘର ଖଞ୍ଜା ପଛ ପଟେ ଗୋଟିଏ ବୋଲି ବାର୍ମି । କିଏ ଗୁଡ଼ାଖୁ ଘସି ଘସି ଗ୍ଲେଟ କରିଆ ଖଣ୍ଡେ ପିନ୍ଧି ଛାଲ ଧରି ବସିଲାଣି ତ ଆଉ କେଉଁ ଘରୁ ଗରି ମାଠିଆ କାଖେଇ ଝିଅ ବୋହୂ ଠିଆ ହୋଇ ଗଲେଣି । ଖରାବେଳେ ବି ଟିକିଏ ଫାଙ୍କା ନାହିଁ । ସେଦିନ ସବୁ କାମ ସାରି ଅତି ସନ୍ତର୍ପଣରେ ସାବୁନଧରି କୂଅ ମୂଳକୁ ଆସିଥିଲା ରାଧା । ଘଡ଼ିଏ ଠିଆ ହୋଇ ଚୁରିଆଡ଼କୁ ଅନେଇ ଦେଲା । ହଠାତ୍ ପଛପଟୁ କିଏ କହିଉଠିଲା : କାହାକୁ ଚାହିଁଛ କି ନୂଆବୋଉ ?

ଚମକି ପଡ଼ି ପଛକୁ ଚାହିଁଲା ରାଧା ଗ୍ଲେଟ ଝରକା ଆରପଟୁ ଖିଲଖିଲ ହୋଇ ହସି ଉଠିଲା ପଡ଼ିଶା ଘର ନଣନ୍ଦ ଲେଖା ହେବ ଶଇଳ । ମୁଣ୍ଡର ଓଢ଼ଣାକୁ ସଜାଡ଼ି ଦେଇ ଘରକୁ ପଳାଇଲା ରାଧା ।

ଗୋଟିଏ ଦୃଶ୍ୟ ଶେଷ ହୋଇଗଲା । ରାଧାର ବେଳେ ବେଳେ ମନେ ହୁଏ ତାର ଜନ୍ମ ପରଠାରୁ କୌଣସି କ୍ୟାମେରାବାଲା ତା' ପଛେ ଚାଲି ସବୁଯାକ ଘଟଣା ସିନେମା ଭଳି ଫଟୋ ଉଠାଇ ନେଇଛି । ଆଉ ରାଧା ଏକୁଟିଆ ଥିଲାବେଳେ ତାକୁ ଦୃଶ୍ୟ ପରେ ଦୃଶ୍ୟ ସେ ଯେମିତି ଦେଖାଇ ଯାଏ । ପିଲାଦିନେ କେବେ କେବେ ଯେମିତି ସେ ସିନେମା ଦେଖି ଆସିଥିଲା ସାଙ୍ଗମାନଙ୍କ ସାଙ୍ଗରେ ଲୁଚି ଲୁଚି ।

ଆଜିର ଘଟଣା କଣ ସେଇ ଅଦୃଶ୍ୟ କ୍ୟାମେରାବାଲା ଉଠାଇ ଦେଇଥିବ, ତା' ଯନ୍ତ୍ର ଭିତରେ ? କେତେବେଳେ ଯଦି ସେଇ ଦୃଶ୍ୟ ଆଉ ଥରେ ରାଧା ଦେଖିବ ତେବେ ବହୁତ କଷ୍ଟ ହେବ ତାକୁ । ଇଏ କ'ଣ ସତେ ଆଉ ତା' ଜୀବନର ଶେଷ ଦୃଶ୍ୟ ହୋଇଯିବକି ? ତେବେ ଏଭଳି ଦୃଶ୍ୟଟାଏ ଆଉ ଥରେ ପାଇବା ବୋଧହୁଏ କ୍ୟାମେରାବାଲା ପାଇଁ ସମ୍ଭବ ହେବ ବାହିଁ । ଅମିତ ଆଜି ଆସିଥିଲା ତା ସ୍ତ୍ରୀକୁ ସାଙ୍ଗରେ ଧରି ରାଧାକୁ ଦେଖିବା ପାଇଁ । ଆଗରୁ ସୁପରିଣ୍ଟେଣ୍ଡେଣ୍ଟ ବାବୁ କହିଦେଇ ନ ଥିଲେ ରାଧା ତ ସେମାନଙ୍କୁ ଚିହ୍ନି ପାରି ନ ଥାନ୍ତା । କେମିତି ବା ଚିହ୍ନନ୍ତା ? ବର୍ଷକର ପିଲାକୁ ସେ ଛାଡ଼ି ଦେଇ ଆସିଥିଲା— ଛାଡ଼ି ତ ନ ଥିଲା, ତା'ଠାରୁ ଛଡ଼େଇ ନିଆ ହୋଇଥିଲା ।

ନର୍ଦ୍ଦମ ଖରାବେଳେ ସବୁ କାମ ସାରି ଅତି କ୍ଲାନ୍ତ ହୋଇ ଟିକିଏ ଗଡ଼ି ପଡ଼ିବାକୁ ଆସିଥିଲା ଘର ଭିତରକୁ ରାଧା । ଖାଇ ପିଇ ପୁଅ ଅମିତ କେତେବେଳୁ ଶୋଇପଡ଼ିଛି । ରାଧା ବିଛଣାକୁ ଯାଉ ନ ଯାଉଣୁ ତା' ନିଦ ଭାଙ୍ଗିଗଲା । ମା'ର କାନ ଧରି ତାକୁ ଟାଣି ଓଟାରି ଉଠାଇବାକୁ ଲାଗିଲା ଅମିତ । ରାଧା ତାକୁ କେତେ ବୁଝାଇଲା । ଗେଲ କଲା । ଗୀତ ବୋଲି ଆଉ ଥରେ ଶୁଆଇ ପକାଇବାକୁ ବହୁତ ଚେଷ୍ଟା କଲା । ଅମିତ କିନ୍ତୁ ନଛୋଡ଼ବନ୍ଦା । ଶେଷରେ ରାଗ ସମ୍ଭାଳି ନ ପାରି ଚଟକଣାଟାଏ ପକାଇ ଦେଲା ରାଧା ।

ଘରଦ୍ୱାର କମ୍ପାଇ ଚିତ୍କାର କରି କାନ୍ଦି ଉଠିଲା ଅମିତ । ଆର ଘରେ ଶାଶୂ କବାଟ ଦର ଆଉଜା କରି ଶୋଇଥିଲେ—ଧଡ଼ ପଡ଼ ହୋଇ ଉଠି ଆସିଲେ । ସେତେବେଳକୁ ରାଧା ଖଟ ଉପରୁ ଉଠି ପଡ଼ି ପୁଅକୁ ବୁଝାଇବାକୁ ଚେଷ୍ଟା କରୁଛି । ଏଣେ ଶାଶୁଙ୍କ ଭୟରେ ଠକ ଠକ ହୋଇ କମ୍ପୁଛି । ଦୁମ୍ କରି ଘର ଭିତରକୁ ପଶି ଆସି ପୁଅକୁ ତା'ଠାରୁ ଟାଣି ନେଇଗଲେ ଶାଶୂ ।

ଡାକ୍ତରଖାନାର ଘଣ୍ଟା ବାଜି ଉଠିଲା । ଢଂ...ଢଂ...ଢଂ...ରାଧା ଗଣିଲା ସାତଟା । ସନ୍ଧ୍ୟା ସାତଟା ବାଜିଗଲା । ବାହାର ପଟେ ରାସ୍ତର ଝାଇବା ଧରି ଆସୁଥିବା ଟ୍ରକର ଶବ୍ଦ ଶୁଭୁଛି—ପରଶୁଣୀମାନଙ୍କ ପାଟିତୁଣ୍ଡ କି ! ନରମ ପଶିଟିଆ ଅନ୍ଧାରକୁ ବେଶୀ ବେଳଯାଏଁ ଜାବୁଡ଼ି ଧରିବାକୁ ଆତୁର ହେଲା ରାଧା । ଆହୁରି ଟିକିଏ ସିନେମାର ଦୃଶ୍ୟଗୁଡ଼ିକ ଦେଖି ହେବ ନିର୍ଜ୍ଜନରେ । ବତି ଜଳିଲା ନାହିଁ— ଆକାଶକୁ ଚାହିଁଲା, ଏଠି ସେଠି ହୋଇ ଗୋଟି ଗୋଟିକିଆ ତାରାଟିମାନ ଆଲୁଅ ଟିକିଏ ତାକୁ ଦେବା ପାଇଁ ଠେଲ ପେଲ ହୋଇ ବାହାରି ଆସୁଛନ୍ତି ।

ଅମିତ ହେରିକା ଗାଡ଼ିରେ ବସି ସାରିଲେଣି । ଏଠିକା ଲୋକେ କହୁଥିଲେ ଷ୍ଟେସନ ବେଶୀ ଦୂର ନୁହେଁ । ଅବଶ୍ୟ ସେ ବି ଦିନେ ସେଇ ଷ୍ଟେସନ ବାଟେ

ଆସିଥିଲା । ତେବେ ସେ ବହୁ ବର୍ଷ ତଳର କଥା । ମନେ ପକାଇବାକୁ ଚେଷ୍ଟା କଲେ ବି ଆଜି ଆଉ ଠିକ୍ ମନେ ପଡ଼ୁନାହିଁ । ସେଇ ଦିନଠାରୁ ଏଇ ଘରକାନ୍ଥ ଭିତରୁ ଆଉ ପଦାକୁ ବାହାରି ନାହିଁ ରାଧା ।

ପୁଅକୁ ତା' ହାତରୁ ଛଡ଼େଇ ନେଇ ସେଦିନ ଚିତ୍କାର କରି ଉଠିଲେ ଶାଶୁ— "ରାକ୍ଷସୀ, ପିଲାଟାକୁ ମୋର ମାରି ପକାଇବ । ଦିନ ସାରା ରାଣୀ ଭଳି ଖଟରେ ଗଡ଼ୁଛନ୍ତି—ପିଲାଟା ଟିକିଏ ଅଝଟ ହେଲା ବୋଲି ପିଟି ଦେଇ ଯାଉଛୁ । ଆଜି ତୁ ମୋ ଘରୁ ବାହାରି ଯା ।"

ତା'ପରେ ବାଧା, ଗୋଇଠା, ଚୁଟି ଝିଙ୍କା । ଜର ଭୋଗି ଭୋଗି ଦୁର୍ବଳ ହୋଇ ଯାଇଥିଲା ରାଧା । ସେଥିରେ ପୁଣି ଦିନଯାକର ଖଟଣି । ସହି ନପାରି ତଳେ ପଡ଼ିଗଲା । ସିନ୍ଦୁକ ଦାଢ଼ରେ ମୁଣ୍ଡ ବାଜି ଫାଟିଗଲା, ରକ୍ତ ଝରିଲା । ମା' ମୁଣ୍ଡରେ ରକ୍ତ ଦେଖି ବୁଢ଼ୀମା ବେକକୁ ଜୋରରେ ଜାବୁଡ଼ି ଧରି ଆହୁରି ରାହା ଧରି କାନ୍ଦି ଉଠିଲା ଅମିତ୍ ।

ବହୁ କଷ୍ଟରେ ନିଜକୁ ସମ୍ଭାଳି ଠିଆହେବାକୁ ଚେଷ୍ଟା କଲା ରାଧା । ପୁଣି ଥରେ ଶାଶୁ ଦଉଡ଼ି ଆସିଲେ ହାତ ଉଞ୍ଚେଇ । ଏଥର ଆଉ ଧୈର୍ଯ୍ୟ ରହିଲା ନାହିଁ । ଦେହର ସବୁ ବଳ ଏକାଠି କରି ଶାଶୁଙ୍କ ଦୁଇ ହାତକୁ ରାଧା ଜାବୁଡ଼ି ଧରିଲା ।

'ଆଲୋ ମତେ ମାରି ପକାଇଲା ଲୋ । ଦଉଡ଼ି ଆସ କିଏ କୋଉଠି ଅଛ' । ଶାଶୁଙ୍କ ପାଟିରେ ଘରର ସମସ୍ତଙ୍କ ଖରାବେଳର ପାତଳ ନିଦ କୁଆଡ଼େ ଉଡ଼ିଗଲା । ଝରକା ଫାଙ୍କରେ ଲୋକ ଭର୍ତ୍ତି ହୋଇଗଲେ ଗୁହୁଁ ଗୁହୁଁ । ଲୋକଙ୍କୁ ଦେଖିଲାକ୍ଷଣି ସକେଇ ସକେଇ କାନ୍ଦୁନା ଲାଗିଲେ ଶାଶୁ—'ପାଠ ଦି ଅକ୍ଷର ପଢ଼ିଛି ବୋଲି ମତେ ମାରିବ ? ପିଲାଟା ଅଝଟ ହେଲା ବୋଲି ତାକୁ ପିଟି ପକାଉଥିଲା । ମୁଁ ବୁଝେଇବାକୁ ଆସିଲାରୁ ମୋ ହାତଟା ମୋଡ଼ିଦେଇ ମୋତେ ମାରିବାକୁ ଉଠୁଁକି ଆସୁଛି ଲୋ । କି ଘରୁ ଝିଅ ଆଣିଲି—ତମେ ସବୁ ନ ଆସିଥିଲେ ମୁଁ ତ ଏତେ ବେଳକୁ ମରି ପଡ଼ିଥାନ୍ତି ଲୋ' । ଆଉ କଣ ଏ ଘରେ ମୁଁ ପାଣି ଛୁଇଁବି ? ଇଏ ରହୁ, ନ ହେଲେ ମୁଁ ରହେ । ଆହୁରି ଏମିତି କେତେ କେତେ କାନ୍ଦୁନା ।

ରାଧା ହତମ୍ବ ହୋଇ ଠିଆ ହୋଇଛି । କପାଳର କ୍ଷତଟାରୁ ରକ୍ତ ଝରି ଲୁଗା ଓଦା ହେଉଛି । କାହାରି କଣ ନଜର ପଡ଼ୁନାହିଁ ସେଇଠି ? କାହିଁ, କେହି ତ ପଚାରୁ ନାହାନ୍ତି ତା ମୁଣ୍ଡ ଫାଟିଲା କେମିତି ? ରାଗରେ ଅଭିମାନରେ ତା ଆଖିରୁ ବି ଲୁହ ଶୁଖି ଯାଇଥିଲା । ଖାଲି ଶୁଣିଯାଇଥିଲା କେତେ ପ୍ରକାରର ଗାଳି । ତା' ବାପା ଭାଇଙ୍କଠାରୁ ଆରମ୍ଭ କରି ତ ଯାଆ ଯାଏଁ ସମସ୍ତଙ୍କ ଉପରେ ଅଶ୍ରାବ୍ୟ ଭାଷାରେ ବର୍ଷି ଯାଉଥିଲା । ବୋକାଙ୍କ ଭଳି ଖାଲି ଗୁହିଁ ରହିଥାଏ ସେ ।

ରାଧାର କୋଠରି ଭିତରେ ହଠାତ୍ ଆଲୁଅ ଜଳି ଉଠିଲା । ସମସ୍ତେ ଥାଳି ଧରି ଖାଇବାକୁ ବସିଗଲେଣି । ଜଉବନ ଯେଉଁ ମୁସଲମାନ ଝିଅଟି ଏବେ ଅଲ୍ପଦିନ ହେଲା ଆସିଛି ଏଠାକୁ ଥାଳିରୁ ରୁଟି ଛିଣ୍ଡାଇ ଚାରିଆଡ଼କୁ ଫୋପାଡ଼ୁଛି । ଗଣ୍ଡେବି ପାଟିକୁ ନେଉନାହିଁ । ବାବୁ ଆଉ ନର୍ସମାନଙ୍କୁ ବହୁତ ହଇରାଣ କଲାଣି ।

ପାଖରେ ଥୁଆ ହୋଇଥିବା ଥାଳିକୁ ଚାହିଁଲା । ରାଧା, ସବୁଦିନ ଭଳି ରୁଟି ଆଉ ମିଶାମିଶି ତରକାରିଟିଏ, ଗିନାରେ ପାଣି ଭଳି ଡାଲି ଟିକିଏ । ଏଥିକି ପଚିବା ତାକୁ ଦେଇଥିଲେ କେତେ ସୁଆଦ କରି ସେ ରାନ୍ଧି ଦେଇଥାନ୍ତା । ଏଠି ବା ମନ ଦେଇ ପାଗଳ ପାଗଳାଣୀଙ୍କ ପାଇଁ କିଏ ରନ୍ଧାବଢା କରିବ ? ଆଗ ଆଗ ରାଧା ବି ଖାଇପାରୁ ନ ଥିଲା, ଇଚ୍ଛା ହେଉ ନ ଥିଲା । କିନ୍ତୁ କେତେ ବର୍ଷ ବା ନଖାଇ ରହି ପାରିବ ?

ରାଧା ଆଖି ଆଗରେ ସିନେମାର ଦୃଶ୍ୟ ଗୋଟାକ ପରେ ଗୋଟାଏ ବଦଳି ଯାଉଛି । ଥାଳି ଉପରକୁ ହାତ ନେଇ ପୁଣି ଫେରାଇ ଆଣିଲା ସେ । ସ୍ୱାମୀ ସେଦିନ ସନ୍ଧ୍ୟାବେଳେ ଫେରି ଆସି ଶାଶୁଙ୍କ କଥା ଶୁଣିଗଲେ । ସତ ମିଛ ବୁଝିବାକୁ ଥରେ ଚେଷ୍ଟା ବି କଲେ ନାହିଁ । ପାଟିଟାଏ କରି ହାତ ପାଖରେ ଯେଉଁ ବଡ଼ କାଠ ଫାଳିଆ ଖଣ୍ଡକୁ ପାଇଲେ ତାକୁ ଧରି ରାଧା ଆଡ଼କୁ ଦଉଡ଼ି ଆସିଲେ । ଡରରେ ରାଧାର ଆଖି ବୁଜି ହୋଇଗଲା । ଦୁଇଘଣ୍ଟା ଧରି ଗୋଟିଏ ଜାଗାରେ ସେ ଠିଆ ହୋଇଥିଲା । ଗୋଡ଼ ହାତ ଥରୁଥିଲେ ବି ଲୋକ ଭିଡ଼ ଯୋଗୁ କୋଉଠି ଟିକିଏ ବସିଯାଇ ପାରିନାହିଁ ।

ମାଡ଼ରେ ରାଧାର ମୁଣ୍ଡ ଆଉଥରେ ଫାଟିଗଲା । ହାତ ଗୋଡ଼ ଖଣ୍ଡିଆଖାବରା ହୋଇ ଫୁଲିଗଲା । ବୋଧହୁଏ କିଛି ସମୟ ପରେ ତାର ଆଉ ଚେତା ନ ଥିଲା । କାହାର ଟଣା ଓଟାରରେ ଯେତେବେଳେ ରାଧା ଆଖି ଖୋଲିଲା, ସେତେବେଳେ ତା'ର ବାକ୍ସ ବିଛଣା ଦାଣ୍ଡରେ ଥୁଆ ହୋଇଛି । ଶଗଡ଼ ଗାଡ଼ି ପାଖରେ ଠିଆ ହୋଇ ସ୍ୱାମୀ କହୁଛନ୍ତି 'ଆଉ ଡେରି ନକରି ଜଲଦି ଗାଡ଼ିରେ ବସ । ତତେ ବିଦା କରିଦେଇ ଆସିଲେ ଏ ଘରେ ଲୋକେ ଶାନ୍ତିରେ ରହି ପାରିବେ ।'

ବାପାଙ୍କ ଘରକୁ ଆସି ପ୍ରଥମେ କେତେଦିନ ବହୁତ କନ୍ଦାକଟା କଲା ରାଧା । ଅମିତ୍ ପାଇଁ ପ୍ରାଣ ସବୁବେଳେ ଡହଳ ବିକଳ ହେଉଥିଲା । ମା ମୁହଁ ମୋଡ଼ନ୍ତି—ଝିଉଜ ଗୋଡ଼ କଚାଡ଼ି କଚାଡ଼ି ଚାଲି ଯାଉଁ ଯାଉଁ ଠିଗ କହନ୍ତି—ଦୁହିତା ଦୁଇ କୂଳକୁ ହିତା, ଦୁହିତା···। ଧୀରେ ଧୀରେ ସବୁ କଥା ଭୁଲି ଯିବାକୁ ଚେଷ୍ଟା କରେ ରାଧା । ବେଳେ ବେଳେ ମନ ଭିତର ହୁ ହୁ ହୋଇ ଜଳି ଉଠେ । ସମ୍ଭାଳି ନପାରି କାନ୍ଦି ପକାଏ ସେ । ନ ହେଲେ ବେଶୀ ବେଳ ଖାଲି ଚୁପ୍ ଚାପ ହୋଇ ବସିରହେ । ସମସ୍ତେ କହିବାକୁ ଲାଗିଲେ—ତା ମୁଣ୍ଡ ଖରାପ ହୋଇ ଯାଇଛି । ସେ ପାଗଳୀ ହୋଇ ଗଲାଣି, ତାକୁ ଚଞ୍ଚଳ ଚିକିତ୍ସା କରିବା ଦରକାର ।

ବହୁତ ପ୍ରତିବାଦ କଲା ରାଧା । ଅନ୍ତର ତା'ର ହାହାକାର କରି ଉଠିଲା । ହା' ଭଗବାନ, ଏ ଦୁନିଆଁରେ କ'ଣ କେହି ବୁଝିବାର ନାହିଁ ? ସେ କଣ ଏମିତି ଗୋଟିଏ ଜାଗାରୁ ଆଉ ଗୋଟିକୁ ଭାସି ଯାଉଥିବ ? ଯାଉ ଯାଉ କେତେବେଳେ ମିଳାଇ ଯିବ କେହି ଜାଣିବାକୁ ବି ଚାହିଁବେ ନାହିଁ ? ଭାଇ ତା'ର କ୍ଷୀଣ ପ୍ରତିବାଦ କରିଥିଲେ । 'ରହିଁ ଗଲେ କାଲି ୫ଟକୁ ସତ ପାଗଳଙ୍କ ଭିତରେ ରହି ସେ ପାଗଳ ହୋଇଯିବ । ବରଂ ତାକୁ କୁହା ବୋଲି କରି ଆଉ ଥରେ ଶାଶୁ ଘରକୁ ପଠାଇ ଦିଅ ।' ଭାଉଜ ମୁହଁ ଛାଞ୍ଚାଡ଼ି କହିଲେ, 'ହଃ ନେବାକୁ ତ ସେମାନେ ଚାହିଁ ବସିଛନ୍ତି ।'

ରାଧା ଏଥିରେ ଆଶ୍ଚର୍ଯ୍ୟ ହୋଇ ନ ଥିଲା । ପିଲା ଦିନଠାରୁ ସେ ଦେଖିଛି ଘରର ଅଧିକାଂଶ କାମ ସେ କରେ । ଅଥଚ ଭଲ ଜିନିଷ ଆସିଲେ ମା ଅଗ ଭାଇ ଭଉଣୀମାନଙ୍କୁ ଖାଇବାକୁ ନେଇ ଦିଅନ୍ତି । ପୂଜା ପର୍ବାଣୀରେ ସବୁଠାରୁ ନୀରସ ଲୁଗା ତା ଭାଗରେ ପଡ଼େ । କେବେ ସେ ପ୍ରତିବାଦ କରିନାହିଁ । କାହାରି ଉପରେ ରାଗ କି ଅଭିମାନ ବି ରଖିନାହିଁ । ବରଂ ଟିକିଏ ଭଲ ଜିନିଷ ପାଇଲେ ଅନ୍ୟମାନଙ୍କୁ ବାଣ୍ଟି ଦେବାକୁ ତା'ମନ ହୁଏ । ସଭିଁର ସେବାକରେ—ଅଥଚ କେବେ ଯଦି ତା'ଦେହ ଖରାପ ହୁଏ ଥରେ ପଚାରି ଯିବାକୁ ବି କାହାରି କେବେ ବେଳହୁଏ ନାହିଁ । ତଥାପି ବଞ୍ଚି ରହେ—ଆଉ ଅଶ୍ଚର୍ଯ୍ୟ ହୋଇ ଭାବେ କଣ ତା'ର ଦୋଷ ? କାହିଁକି ସମସ୍ତେ ଅନ୍ୟମାନଙ୍କ ଠାରୁ ତାକୁ ଅଲଗା କରି ଦେଖନ୍ତି । ଶେଷରେ ଭାଗ୍ୟକୁ ଆଦରି ନେଇ ଚୁପ ରହିଯାଏ ।

ଶେଷରେ ରାଧା ଚାଲି ଆସିଲା ପାଗଳଖାନାକୁ—ତାକୁ ଜବରଦସ୍ତି ଏଠାକୁ ଅଣାଗଲା । ପ୍ରଥମେ ପ୍ରଥମେ ଘରୁ କେହି କେବେ ଆସୁଥିଲେ—ଖବର ନେଉଥିଲେ । ଧୀରେ ଧୀରେ ସେ ବି ବନ୍ଦ ହୋଇଗଲା । ସ୍ୱାମୀଙ୍କ ପାଖକୁ, ଭାଇଙ୍କ ପାଖକୁ ଡାକ୍ତର ଚିଠି ଲେଖିଥିଲେ—'ରାଧା ସମ୍ପୂର୍ଣ୍ଣ ଭଲ ହୋଇଯାଇଛି । ତାକୁ ଆସି ନେଇ-ଯାଇପାର ।' ଅନେକ ବର୍ଷ ହୋଇଗଲାଣି—କୌଣସି ଉତ୍ତର ଆଉ ଆସିନାହିଁ ।

ଆଜି ଅମିତ ଆସିବା ଖବର ଶୁଣି ଆନନ୍ଦରେ ରାଧାର ହୃଦୟ ନାଚିଉଠିଲା । ଏତେଦିନ ପରେ ଜଗନ୍ନାଥେ ତା ଡାକ ଶୁଣିଲେ । ଯେତେ ହେଲେ ପୁଅତ । ବଡ଼ ହୋଇ ଲୋକଙ୍କ ପାଖରୁ ସବୁ ଶୁଣିଥିବ । ମା' ଉପରେ ଅତ୍ୟାଚାର କଥା ଶୁଣି ତା' ପ୍ରାଣ ନିଶ୍ଚୟ କାନ୍ଦିଥିବ । ଆଜି ସେ ଅମିତ ସାଙ୍ଗରେ ଫେରିଯିବ । ତା'ପାଖରେ ତା'ର ଘରେ ରହିବ । ଶାଶୁ ଘରକୁ କି ବାପ ଘରକୁ ଆଉ ଯିବନାହିଁ ।

ଅମିତ ଆଶ୍ଚର୍ଯ୍ୟ ଆଉ ଭୟ ମିଶା ଆଖିରେ ମା'କୁ ଦେଖୁଥିଲା । ତା' ସ୍ତ୍ରୀ ଇରା ବି । ଅମିତର ମୁଣ୍ଡରୁ ଗୋଡ଼ଯାଏ ଥରେ ଆଦରରେ ଆଉଁସି ଗଲା ରାଧା । ବୋହୁକୁ କୋଳ କଲା । ଟିକିଏ ଡରରେ କି ଘୃଣାରେ ଟିକିଏ ଘୁଞ୍ଚିଗଲା କି ଆଉ

ଇସ୍ । କିଛି ଆଉ ନ ଭାବି ବୋହୂକୁ ପାଖକୁ ଟାଣି ଆଣି ବହୁତ ଆଗ୍ରହରେ ଅତି ଧୀର ସ୍ୱରରେ ତା'ର ଭଲମନ୍ଦ ପଚାରିଲା ରାଧା । ଅମିତ ତା'କୁ ଆଦର ଯତ୍ନ କରୁଛି କି ନାହିଁ—ତା' ସାଙ୍ଗରେ ଭଲ ବ୍ୟବହାର କରୁଛି ତ ? ଇସ୍ ଟିକିଏ ଆଶ୍ଚର୍ଯ୍ୟ ହୋଇଗଲା ପ୍ରଥମେ । ଇଏ କିମିତି ପ୍ରଶ୍ନ ? ତା'ପରେ ଭାବି ନେଲା—ମୁଣ୍ଡ ତ ଖରାପ ଅଛି, ସେଥିପାଇଁ ବୋଧହୁଏ ନିଜ ଅବସ୍ଥା ସହିତ ଇସ୍‌କୁ ସେ ତୁଳନା କରି ପଚାରୁଛନ୍ତି । ମୃଦୁ ହାଲୁକା ଏକ ତୃପ୍ତିର ହସ-ହସି ଦେଲା ସେ । ରାଧା ବୁଝିପାରିଲା— ଇସ୍ ସୁଖୀ ହୋଇଛି । ମନେ ମନେ ହାତ ଯୋଡ଼ି ଠାକୁରଙ୍କୁ କହିଲା—'ତା ଜୀବନର ପୁନରାବୃତ୍ତି ଯେମିତି ଆଉ ଇସ୍‌ର ଜୀବନରେ ବି ନ ହେଉ' ।

"ମୋ ମୁଣ୍ଡ ଅଉ କିଛି ଗୋଳମାଳ ନାହିଁ ବାପା । ଡାକ୍ତରବାବୁ ଘରକୁ କେତେ ଚିଠି ଲେଖିଲେଣି । ସେମାନେ କେହି ମତେ ନେବାକୁ ଆସୁ ନାହାନ୍ତି । ତୁ ଆଜି ଡାକ୍ତରଙ୍କୁ କହି ମତେ ଏଠୁ ନେଇ ଯା । ମୁଁ ତୋ ପାଖରେ ରହିବି— ତମର ସବୁ କାମ କରିବି । କିଛି ତମକୁ ମାଗିବି ନାହିଁ । ମୋର ଆଉ କ'ଣ ବା ଦରକାର ? ତୋର ପାଇଁ କାନ୍ଦୁଥିଲି ବୋଲି ସେମାନେ କହିଲେ ପାଗଳୀ ହୋଇଗଲି ବୋଲି । ଏବେ ତୁ ତ ମୋର ପାଖେ ଗଲୁଣି । ଜଗନ୍ନାଥ ତୋର ବଡ଼ଠାରୁ ବଡ଼ କରିବେ, ମୋତେ ଏଠୁ ନେଇଯାଆ ମୋ ଧନ ।"

ଅମିତର ହାତ ଦୁଇଟା ଜାବୁଡ଼ି ଧରି ପିଲାଙ୍କ ପରି ଅଳି କରୁଥିଲା ରାଧା । କିଂକର୍ତ୍ତବ୍ୟବିମୂଢ଼ ହୋଇ ସ୍ତ୍ରୀ ଆଡ଼କୁ ଚାହିଁଲା ଅମିତ । ସେ ଶୁଣିଥିଲା ତା ମା ପାଗଳାଙ୍କ ହାସପାତଲରେ ବହୁବର୍ଷ ହେଲା ଅଛି । ଛୁଟିଦିନରେ ସ୍ତ୍ରୀକୁ ସଙ୍ଗେ ବୁଲାଇ ଆଣିବା ପାଇଁ ଆସୁ ଆସୁ ମା'କୁ ଥରେ ଦେଖି ଦେଇ ଯିବ ବୋଲି ବିଚାରିଥିଲା । ସେଥିପାଇଁ କିଛି ଫଳମୂଳ ଧରି ମଧ୍ୟ ଆସିଥିଲା । କିନ୍ତୁ ସେ ତ ଭାବି ନ ଥିଲା ଏମିତି ଏକ ଅସ୍ୱସ୍ତିଜନକ ସମସ୍ୟା ପହଞ୍ଚିଯିବ । ଏଣେ ପୁଣି ତାର ଗାଡ଼ିବେଳ ବି ହୋଇ ଯାଉଛି ।

ଅମିତର ହତାଶ ଭାବ ଦେଖି ଇସ୍ ସମାଧାନର ଭାର ନିଜ ଉପରକୁ ଉଠାଇ ନେଲା । ଟିକିଏ କଣକୁ ଡାକି ନେଇ ଅମିତକୁ ଅତି ନମ୍ର ସ୍ୱରରେ କହିଲା, 'ତୁମକୁ ଏତେଦିନ ପରେ ଦେଖିଲେ ତ । ପାଗଳାମିଟା ସେମିତି ହଠାତ୍ ବଢ଼ିଯାଏ ବେଶୀ ଭାବପ୍ରବଣ ହୋଇଗଲେ । ବୁଝାଇ ସୁଝାଇ କହିଦିଅ—ଆଉ ଥରେ ଆସି ନେଇଯିବା । ଆଜି ଗାଡ଼ି ପାଇଁ ଟିକେଟ କଟା ହୋଇନାହିଁ ।'

ସବୁ ଶୁଣିପାରୁଥିଲା ରାଧା । ଘରୁ ବାହାରି ବହୁବର୍ଷ ତଳେ ଯେତେବେଳେ ସେ ଆସିଥିଲା, ସେତେବେଳେ ଯେଉଁ ଆଖି ଦୁଇଟା ସମ୍ପୂର୍ଣ୍ଣ ଶୁଖିଯାଇଥିଲା ସେ ଆଖି

ଦୁଇଟା ହଠାତ୍ ଜଳେଇ ଉଠିଲା । ସେଇ ଝାପ୍‌ସା ଆଖିରେ ରାଧା ଚାହିଁଥିଲା—ଅମିତ ଆଉ ଇରା ତାଙ୍କୁ ପଛକରି ଚାଲିଯାଉଛନ୍ତି ଆଗକୁ ଆଗକୁ ।

ଆକାଶରେ ଯେଉଁ ଜହ୍ନଟା ଉଠିଛି ତା'କୁ କ୍ଷଣକ ପାଇଁ ଘୋଡ଼ାଇ ଦେଇ ଖଣ୍ଡେ କଳା ବଉଦ ଭାସି ଭାସି ଚାଲିଯାଉଛି । କେଉଁଠୁ ଆସି କେଉଠିକୁ ଯାଉଛି ସେ ? ସେ ନିଜେ କଣ ସେ କଥା ଜାଣିଛି ? ଆଉ କଣ କେହି ଜାଣିଛନ୍ତି ତା'ର ଗନ୍ତବ୍ୟ ସ୍ଥଳ ? ଖାଲି କଣ ସେ ଭାସି ଭାସି ଚାଲିଥିବ ଅଖୋଜା ଅଲୋଡ଼ା ହୋଇ ?

# ମୁଖା

**ଡଃ କୃଷ୍ଣପ୍ରସାଦ ମିଶ୍ର**

## ଏକ

ଭୁବନେଶ୍ୱରର ଗଭର୍ଣ୍ଣର ହାଉସ୍ ପଛଆଡ଼କୁ, ନିଛକ ଜାଗାରେ ଠିଆ ହୋଇଥିବା ମୂର୍ତ୍ତିଟି ପାଖରେ, ଦୁଇଜଣ ଆମେରିକୀୟ ଲୋକ ଚାଲୁ ଚାଲୁ ଠିଆ ହୋଇ ପଡ଼ିଲେ । ଯୁବତୀଟିର ବୟସ କୋଡ଼ିଏ ବାଇଶି ହେବ । ଜିନ୍ ପ୍ୟାଣ୍ଟଟିଏ ଉପରେ ଟେସ ସିନ୍ଥେଟିକ ସାର୍ଟଟିଏ ପିନ୍ଧିଥିଲା, ଯାହା ସେ ନ ପିନ୍ଧିଥିଲେ ବି ଚଳିଥାନ୍ତା, କାରଣ ସାର୍ଟର କୌଣସି ବୋତାମ ଦିଆଯାଇ ନଥିଲା । କାଶୀ ବିଶ୍ୱନାଥ ଗଳିରୁ କିଣା ଯାଇଥିବା ଗୁରଠା ଖଣ୍ଡେ ରଙ୍ଗୀନ କାଚମାଳି ବେକରେ ପଡ଼ିଥିଲା, ମୁଣ୍ଡରେ ନାଲିଆ ଲମ୍ବା କେଶ ଗୁଡ଼ାକରେ ଭୁବନେଶ୍ୱର ରାସ୍ତାର ଧୂଳି, ପାଖରୁ ନ ଦେଖିଲେ ଧୂଳି ବାରି ହେଉ ନଥିଲା, ପାଦର ଜୋତା ଛିଣ୍ଡି ଆସିଥିଲା, ହାତ କଟଟିରେ ଚୁରପ୍ରସ୍ତୁ ହୋଇ ଡାଇମଣ୍ଡ ସେପର ଗୋଟାଏ ମାଳି । ମୂର୍ତ୍ତିଟିକୁ ସେମାନେ ପ୍ରାୟ ଅତିକ୍ରମ କରି ଚାଲି ଯାଉ ଯାଉ ଯୁବତୀଟିର ଦୃଷ୍ଟି ସେଇଠି ପଡ଼ି ଯାଇଥିଲା । ଯୁବକର ହାତକୁ ଜୋରରେ ଚପି ଧରି, ତାକୁ ଅଟକାଇ ଦେଇ, ଯୁବତୀଟି ଚାହିଁ ରହିଲା ମୂର୍ତ୍ତିଟି ଆଡ଼େ ଆଶ୍ଚର୍ଯ୍ୟ ହୋଇ । ତାର ଓଠ ଯୋଡ଼ିକ ଖୋଲି ଯାଇଥିଲା ବିସ୍ମୟରେ । ଇତରଢିଆ ହେଲ, ଦେଖିଲେ ଅନ୍ୟମନସ୍କ ହୋଇ ଆମେରିକା କଥା ଭାବିବାକୁ ଆରମ୍ଭ କରି ଦେଉଥିବା ଯୁବକଟିର ଗତି ବନ୍ଦ ହୋଇଯିବାରୁ ସେ ଧୂର ଅମିଗଲ ଓ କ୍ଲାନ୍ତ ଶୁଖିଲା ମୁହଁଟିକୁ ରାସ୍ତା ଉପରୁ ଆଣି ମୂର୍ତ୍ତି ଆଡ଼କୁ ଚାହିଁଲା । ଯୁବକଟି ପାଞ୍ଚ ଫୁଟ ଆଠ ଇଞ୍ଚ ଉଚ୍ଚା ହେବ, ଯୁବତୀଠୁ ଟିକିଏ ବେଶୀ । ନାଲିଆ ବାଳ ତା'ର ମାସ ମାସର ମଇଳା ଯୋଗୁ ଜଟା ଧରି ଆସିଲାଣି । ଅଣ୍ଟା ଉପରକୁ ସେ ଆଉ କିଛି ପିନ୍ଧି ନଥିଲା । ବେକରେ ବାଘ ନଖର ଯାହା ଗୋଟିଏ ହାର, କିଏ ଜଣେ ଭାରତୀୟ ହିପିଙ୍କଠୁ ଉପହାର । ଚାଲିଲେ ଟିକିଏ କୁଜା ଦିଶୁଥିଲେ ବି, ଶରୀର ଗଢ଼ଣରେ ଯୁବକଟି ବେଶ୍ ମଜବୁତ୍ ଜଣା ପଡ଼ୁଥିଲା ।

ମୂର୍ତ୍ତିଟିରେ କିନ୍ତୁ ସେ କିଛି ବିଶେଷତା ଦେଖିଲାନି, ଯେପରି କ୍ଲାନ୍ତିର, ଶୋକର, ଅସ୍ତ ହେବାକୁ ଯାଉଥିଲେ ବି ଆଗରୁ ବନ୍ଧ ଦେଇଥିବା ଗୁଡ଼ାଏ କିଆଁ ଝାସର ସୂର୍ଯ୍ୟର ଏକ ଆବରଣ, ମୂର୍ତ୍ତି ଓ ତା ଆଖି ମଝିରେ ଆସି ଯାଇଥିଲା । ଯୁବକଟି ତା'ର ଓଠକୁ ଓହାରିଆ କରି ଦେଇ, ଯାହାକୁ ଏକ ପ୍ରକାର ହସ ବୋଲି ମଧ୍ୟ କୁହାଯାଇ ପାରିବ, ଯୁବତୀଟିକୁ ପଚାରିଲା—"କଣ ହେଲା ମାର୍ଲିନ୍ ? ଠିଆ

ହୋଇ ପଡ଼ିଲ କାହିଁକି ?" ଯୁବତୀଟି କିନ୍ତୁ ମୂର୍ତ୍ତି ଆଡ଼କୁ ସେହିପରି ସମ୍ମୋହିତ ହୋଇ ଚାହିଁଥାଏ । ଯୁବକଟିକୁ ତନ୍ଦ୍ରାଚ୍ଛନ୍ନ ପରି ପଚାରିଲା—"ମୁଁ ଯାହା ଦେଖୁଛି ତୁମେ ତାହା ଦେଖି ପାରୁଛ ? ଏଥର ଯୁବକ ଜଟାଜୁଟ ମୁଣ୍ଡଟାକୁ ତା'ର ଏମ୍. ଜି. ଏମର ସିଂହପରି ଥରେ ଝାଡ଼ିଦେଇ ମୂର୍ତ୍ତିଟାକୁ ପୁଣି ଚାହିଁଲା । ବାନ୍ଧବୀ ମାର୍ଲିନ୍ ତା'ର ମିଛ କହେନି କେବେ । ବଡ଼ ସିନ୍‌ସିୟର ଝିଅ । ତେଣୁ ସେ ପୁଣି ଦେଖିଲା । ଏଥର ତା'ର ଦୃଷ୍ଟିର ତୀକ୍ଷ୍ଣ ଧାର ପର୍ଦ୍ଦାଟିକୁ ଯେପରି ଚିରି ଦେଇଥିଲା—"ଆରେ ! ଏହାଟି ତ ହିପ୍‌ପୀ ଠାଣି ଅଛି । ଇଏ କିଏ ?" ଯୁବତୀଟି ଯୁବକ ପାଟିରୁ କଥା ଛଡ଼ାଇ ନେଇ କହିଲା—"ହିପ୍‌ପୀ ଠାଣି ନୁହଁ, ଖାଁଟି ହିପ୍‌ପୀମାନଙ୍କ ଗୁରୁ ! ମୁଁ ସେଇଥିପାଇଁ ଇଣ୍ଡିଆକୁ ଭଲ ପାଏ । ଏଠି ପ୍ରକୃତ ନେତା ହେଉଛନ୍ତି ଏହି ହିପ୍‌ପୀମାନେ ! ବ୍ରିଟିଶ ଲୋକମାନଙ୍କ ପ୍ରଭାବରୁ ଯାହା ଏମାନେ ଗୁଡ଼ାଏ ଭୁଲ ଆଦର୍ଶ ଗ୍ରହଣ କରି ନେଇଛନ୍ତି ! ନହେଲେ ହିନ୍ଦୁ ସଂସ୍କୃତି ହେଉଛି ଖାଣ୍ଟି ହିପ୍‌ପୀ ସଂସ୍କୃତି ।"—"ତୁମେ ଠିକ୍ କହୁଚ ମାର୍ଲିନ୍ ! ତୁମେ ଠିକ୍ କହୁଚ ! କିନ୍ତୁ ଏଇ ଲୋକ କିଏ ?"—ଜନ୍ ପଚାରିଲା ।

ପାଖରେ ଥିବା ବ୍ୟାଙ୍କ୍‌ରୁ ବାହାରି, ସେମାନଙ୍କ ତୁଳନାରେ ଉଚ୍ଚତାରେ ଛୋଟ ଦୁଇଜଣ ଲୋକ—ସ୍ୱାମୀ ସ୍ତ୍ରୀ ହେବେ ବୋଧେ - ରାସ୍ତାକଡ଼ରେ ରଖାଯାଇଥିବା କାରଟିଏ ପାଖକୁ ଚାଲିଗଲେ । ଦୁହେଁଯାକ ଭାରି ବ୍ୟସ୍ତ ହୋଇ କଣ କଥାବାର୍ତ୍ତା ହେଉ ଥାଆନ୍ତି । ସେମାନଙ୍କ ମୁହଁରେ ଚିନ୍ତା, ପରିଶ୍ରମ, ଉଦ୍‌ବେଗର ଚିହ୍ନ ସୁସ୍ପଷ୍ଟ । ଜନ୍ ତରତର ହୋଇ ଯୁବକଟି ମଟର ଭିତରେ ପଶିବା ପୂର୍ବରୁ ତାକୁ ଅଟକାଇ ଦେଇ ପଚାରିଲା—"ହିପ୍‌ପୀ ପରି ଦିଶୁଥିବା ଏ ଲୋକ ଜଣକ କିଏ କହି ପାରିବ ? ଏ ଦେଶର କେଉଁ ନେତା ?" କିନ୍ତୁ ଆମେରିକାୟ ଢଙ୍ଗରେ ତା' ଉଚ୍ଚାରଣ, ଅଦ୍ଭୁତ ବେଶଭୂଷା, ସହସା ଆବିର୍ଭାବ—ସବୁ ମିଶି ତା କଥାକୁ ଯୁବକଟି ପାଇଁ ଅବୋଧ କରି ପକାଇଲା । ଯାହା ବା ଯୁବକ ଚେଷ୍ଟା କରି ଥାଆନ୍ତା, ସେହି ସମୟରେ ମାର୍ଲିନ୍ ସେମାନଙ୍କ ପାଖକୁ ଚାଲି ଆସିବାରୁ ଯୁବକଟିର ଆଖି ମାର୍ଲିନ୍‌ର ସାର୍ଟର ଖୋଲା ବୋତାମ ଗୁଡ଼ାକ ଆଡ଼କୁ ଚାଲିଗଲା । ପ୍ରଶ୍ନଟି ଯେ ତାକୁ ପଚରା ଯାଇଛି ଓ ଆମେରିକାୟ ଯୁବକଟି ଯେ ତାଠୁଁ କିଛି ଉତ୍ତର ଅପେକ୍ଷା କରୁଛି, ଏକଥା ସେ ଭୁଲିଗଲା । ତା'ର ଦୃଷ୍ଟି ମାର୍ଲିନ୍‌ ସ୍ତନ ଉପରୁ ମୂର୍ତ୍ତି ଉପରକୁ ନେବା ପାଇଁ, ଜନ୍ ହାତ, ଗୋଡ଼, ଆଖି ସବୁ ହଲାହଲି କରିବାକୁ ଆରମ୍ଭ କରି ଦେଇଥାଏ । ଝଜୁରାହୋ, ଅଜନ୍ତା ଦେଶର ଲୋକ ଗୁଡ଼ାଙ୍କର ଆଖି ସ୍ତନରେ ଲଟକି ଗଲେ ବାହାର କରିବା ପାଇଁ ବଡ଼ ପରିଶ୍ରମ ଦରକାର ପଡ଼େ ବୋଲି ଭାରତ ଆସିବାଠୁଁ ଜନ୍‌ର ଅନୁଭୂତି ହୋଇ ସାରିଥିଲା । ବଡ଼ ଅଦ୍ଭୁତ ଦେଶ ସତେ—ଏଠି ସଂଯମର ହବୁଠୁଁ ପ୍ରଚୁର ଅଥଚ କାହୁରେ, ବାଡରେ, ପରିବାର ନିୟନ୍ତ୍ରଣ ପାଇଁ ଆକୁତି ମିନତି; ଏ ଦେଶରେ ବ୍ରହ୍ମଚର୍ଯ୍ୟ ହବୁଠୁଁ ବଡ଼ ଆଦର୍ଶ, ଅଥଚ ଧ୍ୱଜଭଙ୍ଗ ନିହାତି ସାଧାରଣ ରୋଗ କଷ୍ଟସ୍ଥ,

ନ ହେଲେ ଧ୍ୱଜଭଙ୍ଗ ନିରାକରଣ ପାଇଁ ଏତେ କବିରାଜୀ ବିଜ୍ଞାପନ କାହିଁକି ? ବୁଝି ହୁଏନା ଏ ଦେଶକୁ !

ଜନ୍‌ର ହାତ ଠରାଠରି ଯୋଗୁଁ ଯୁବକଟିର ଆଖି ବାଧ୍ୟ ହୋଇ ମୂର୍ତ୍ତିଟି ଆଡ଼କୁ ଗଲା ଏବଂ ସେହି ଛକ ଜାଗାରେ ସେପରି ମୂର୍ତ୍ତିଟିକୁ ଦେଖି ସେ ଆଶ୍ଚର୍ଯ୍ୟ ହୋଇ ପଡ଼ିଲା । ହାଇଦ୍ରାବାଦରୁ ଆସି ସେ ଏ ବ୍ୟାଙ୍କରେ ଚାକିରି କରିବା ଦିନୁ ଏପରି ମୂର୍ତ୍ତିଟିଏକୁ କେବେ ସେ ଦେଖି ନ ଥିଲା । ମୂର୍ତ୍ତିଟି କୌଣସି ପ୍ରସିଦ୍ଧ ଆନ୍ଧ୍ର ନେତାଙ୍କର ହୋଇ ନଥିବାରୁ ସେ ଆଉ କାହାର ହୋଇପାରେ ବୋଲି, ନିଜକୁ ନିଜେ ସେ ପ୍ରଶ୍ନ ପଚାରୁଥିବା ବେଳେ ତାର ଅମାନିଆ ଆଖି ଦୁଇଟା ପୁଣି ମର୍ଲିନ୍ ଆଡ଼କୁ ଚାଲିଗଲା । ଏହି ସମୟରେ ଜୁଡ଼ାରେ ଫୁଲ ଖୋସିଥିବା ତାର ପତ୍ନୀ ନିଶ୍ଚୟ, ତୀବ୍ର କଣ୍ଠରେ ତାକୁ କଣ ଭର୍ତ୍ସନା କରି କରି ମଟରର ଭିତରକୁ ଟାଣି ନେଇଗଲା । ଦୁହେଁ କଳି କରୁଥିବା ବେଳେ ମଟରଟା ଷ୍ଟାର୍ଟ ଧରିଲା ଓ ଚାଲିବାକୁ ଆରମ୍ଭ କଲା ବି ।

ସେମାନଙ୍କ କଥାବାର୍ତ୍ତା ବୁଝି ନଥିଲେ ବି ସେମାନଙ୍କର କଳିର କାରଣ, ଜନ୍ ଠିକ୍ ଠଉରେଇଥିଲା । ସେମାନେ ଯିବା ପରେ ପରେ ସେ ମାର୍ଲିନ୍ ପାର୍ଶ୍ୱ ଆଡ଼କୁ ଚାହିଁ କହିଲା—"ତୁମର ଧଳା ହାତ ଦୁଇଟି ହିଁ ସେମାନଙ୍କର କଳିର କାରଣ, ବୁଝିଛ ?" ପାଟିରେ ପୂରାଇବା ପାଇଁ ଦୋକତାରୁ ଟିକିଏ ବାହାର କରି ମର୍ଲିନ୍ କହିଲା—"ଏମାନଙ୍କ ମନ୍ଦିର ଗାତ୍ରରେ ଏତେ ସୁନ୍ଦର ମୂର୍ତ୍ତି, ଅଥଚ ଏମାନଙ୍କର ଏପରି ବ୍ୟବହାର ? ଏମାନେ ଭାରତୀୟ ନୁହନ୍ତି, ଆଉ କିଏ ସବୁ । ଥୁଃ !" ସେ ତଳେ ଛେପ ପକାଇଲା । ଦୋକତା ଖାଇବା ତା'ର ନୂଆ ଅଭ୍ୟାସ ।

ଦୁହେଁ ହାତ ଧରାଧରି ହୋଇ ମୂର୍ତ୍ତିଟି ପାଖକୁ ଫେରି ଯାଇଥିଲେ । ଜନ୍ ମର୍ଲିନ୍‌ର କାନ୍ଧ ଉପରେ ହାତ ରଖି ଠିଆ ହୋଇଥାଏ । ନିଜ ଶରୀରର କୌଣସି ଅଂଶ ପ୍ରତି ବିଶେଷ କିଛି ମହତ୍ତ୍ୱ ଦେଉ ନଥିବା ପରି, ମାର୍ଲିନ୍ ଜନ୍ ତା କାନ୍ଧରେ ହାତ ରଖିବାଟିକୁ ଖାତିର ନ କରି, ମୂର୍ତ୍ତିଟି ଆଡ଼କୁ ଚାହିଁ ଠିଆ ହୋଇଥାଏ । ପଛପଟୁ ନାଲିଆ ସୂର୍ଯ୍ୟ କିରଣ ଗୁଡ଼ାକ ଆସି ଅଦ୍ଭୁତ ମୁକୁଟଟିଏ ସୃଷ୍ଟି କରି ଦେଇ ଥାଆନ୍ତି ମୂର୍ତ୍ତିଟିର ଶିର ଚାରିପଟେ ।

"ଦେଖ ଜନ ! ଏ ମୂର୍ତ୍ତିଟିକୁ ଭଲ କରି ଚାହିଁ । ଆମେ ଏହାକୁ ଆଗରୁ କେଉଁଠି ଦେଖିଛେ । ଦେଖିଛେ ନିଶ୍ଚୟ ଏହାର ଭାବ ଓ ଭଙ୍ଗୀ !"

"କିନ୍ତୁ ମୋର ତ ସେପରି ମନେ ପଡ଼ୁନି, ମାର୍ଲିନ୍ !"

"—ମନେ ପକାଅ, ମନେ ପଡ଼ିବ !"

ଜନ୍‌ର କିନ୍ତୁ ପ୍ରଥମେ ମନେ ପଡ଼ିଲା ମାର୍ଲିନ୍ ମିଛ କେବେ କୁହେନି । ବଡ଼ ସଚ୍ଚୋଟ ଝିଅ ସେ । ନିଶ୍ଚୟ ସେମାନେ ଏହି ଲୋକକୁ ଆଗରୁ କେଉଁଠି ଦେଖିଛନ୍ତି ।

ଜନ୍ ଆଲବମ୍‌ର ପୃଷ୍ଠା ଓଲଟାଇବା ପରି ମନଟାକୁ ଅଣ୍ଡାଳି ପକାଇଲା—ଗୁଡ଼ାଏ ସହରର ଚିତ୍ର, ଗୁଡ଼ାଏ ଦାଢ଼ୀଆ ମଣିଷର ଚିତ୍ର, ତା' ଆଖି ଆଗରେ ନାଚିଗଲେ ସଙ୍ଗେ ସଙ୍ଗେ । କେଉଁଠି ? ନିଉୟର୍କ ? ଲସ୍ ଏଞ୍ଜେଲସ୍ ? ସାନ୍‌ଫ୍ରାନ୍‌ସିସ୍‌କୋ ? ମୁହଁଟା ଆପଣାର ପରିଚିତ ଲାଗୁଛି, ଚିହ୍ନା ଚିହ୍ନା ପରିଚିତ ଲାଗୁଛି । ବ୍ୟସ୍ତ ହୋଇ ସେ ନିଜ ମୁଣ୍ଡକୁ ଠକୁ ଠକୁ କଲା । କିଛି ମନେ ନ ପଡ଼ିଲେ ସେ ସେହିପରି କରିଥାଏ । ଭାବିବାକୁ ସୁବିଧା ହେବ ବୋଲି । ତଥାପି ହେଲାନି ।

ବ୍ୟାଗରୁ ତାର ସ୍ପେଶାଲ ସିଗାରେଟ୍ ବାହାର କରି ସେ ଗୁହ୍ଲାକଡ଼କୁ ଚାଲିଗଲା । ଦି ତିନିଟା ଦମ୍ ନେଇ ଭାବିଲେ ବୋଧେ ମନେ ପଡ଼ିପାରେ । ମାର୍ଲିନ୍ ମନ୍ତ୍ରୀଟି ପାଖରୁ ଚିତ୍କାର କରୁଥାଏ—"ଆଶ୍ଚର୍ଯ୍ୟ ! ନୃତତ୍ତ୍ୱର ଛାତ୍ର ଜନ୍ ଉଇଲସନ୍ ଏହି ବ୍ୟକ୍ତିଙ୍କୁ କେଉଁଠି ଦେଖିଥିଲେ ତାହା ତାଙ୍କର ମନେ ପଡ଼ୁନି ? କଣ ହୋଇ-ଗଲା ତାଙ୍କର ସେହି ସ୍ମରଣ ଶକ୍ତିକୁ ? ନାଟକର ଏଡ଼େ ଏଡ଼େ ଲମ୍ବା ଡାଏଲଗ୍ ଗୁଡ଼ାକୁ ସେ ମନେ ରଖି ପାରୁଥିଲେ କିପରି ?"

ଶାନ୍ତିରେ ବସିବାକୁ ଯାଉଥିବା ଜନ୍ ତାର ଶକ୍ତି ପ୍ରତି ଚ୍ୟାଲେଞ୍ଜ୍ ଶୁଣି, ଚିତ୍କାର କରି ଉଠିଲା –"ଗୋଲିମାର ତୁମର ଜନ ଉଇଲସନକୁ, ତା'ର ସ୍ମରଣ ଶକ୍ତିକୁ, ତା'ର ଲମ୍ବା ଡାଏଲଗ୍‌କୁ, ତାର ଲମ୍ବା ଆଉ ସବୁକୁ । ଗୋଲି ମାର । ଗୋଲି ମାର ।" ସେ ଉତ୍ତ୍ୟକ୍ତ ହୋଇ ପଡ଼ିଥିଲା ମାର୍ଲିନ୍ କଥାରେ । ତାକୁ ଚିଡ଼ାଇବାକୁ ଇଚ୍ଛା କଲାବେଳେ ଏହିପରି ମାର୍ଲିନ୍ ତାକୁ ତା'ର ଅତୀତ ସ୍ମରଣ କରାଇ ଦିଏ । ଭିଏଟ୍‌ନାମକୁ ନଯିବା ପାଇଁ ଇଚ୍ଛା କରି, ଡ୍ରାଫ୍‌ଟିଙ୍ଗ୍‌କୁ ଲୁଚିଛପି ବୁଲୁଥିବାର ଅତୀତ, ନିଉୟର୍କରେ ନୃତତ୍ତ୍ୱ ପଢ଼ୁଥିବାର ଅତୀତ, କାମ୍ପସ୍‌ରେ ଅଭିନୟ ପାଇଁ ନାମ କରି ଶେଷରେ ବେଷ୍ଟ୍ ଆକ୍‌ଟର ହୋଇ ଆଉ ଜଣେ ମେଡ଼ାଲ୍ ପାଇ ଯିବାର ଅତୀତ ! ମାର୍ଲିନ୍‌ର ମନେ ପଡ଼ୁନି ତା ନିଜ ଅତୀତ କଥା ? କରପୋରେସନ୍ ଇଲେକ୍‌ସନ୍ ବେଳେ ବିପକ୍ଷ ପଟର ଦଳେ ନିଗ୍ରୋ ଟୋକା ତାକୁ କିପରି ବଳାତ୍କାର କରିଥିଲେ ! ମନେ ପଡ଼ୁନି କ୍ଲୁକ୍ଲକ୍ସ୍‌ର ସେହି କଥା ? କିନ୍ତୁ ମାର୍ଲିନ୍ ଭଲ ପିଲା । ଜନ୍ ସିଗା-ରେଟରୁ ଦୁଇଦମ୍ ପୁଣି ଟାଣିଲା ଓ ମାର୍ଲିନ୍‌କୁ ପାଖକୁ ଡାକିଲା । ଡାକିଲାବେଳେ ତା ହାତର ଲମ୍ବା ଲମ୍ବା ଆଙ୍ଗୁଠି ଗୁଡ଼ାକ ହଲି ପାରି ଉଡ଼ିବା ପରି ହେଉଥିଲେ—ପିଲାଦିନେ ବ୍ୟାଲେଷ୍କୁଲ୍‌କୁ କିଛି ଦିନ ପାଇଁ ଯାଇଥିବାର ବୋଧେ ଶେଷତମ ଅବଶିଷ୍ଟାଂଶ ଯାହା ତାଠି ମୁଦ୍ରା ଦୋଷ ହୋଇ ରହି ଯାଇଥିଲା ।

ଯାହା କୁହ, ଟେକ୍ସାଟା ସ୍ୱର୍ଗ ଖଣ୍ଡେ ! ରକ୍ତାକ୍ତ ହୋଇ ଯନ୍ତ୍ରଣାରେ ଗଁ ଗଁ ହେଉଥିଲା ବେଳେ ବି ଜନ୍ ଯେତେବେଳେ ପୋଲିସକୁ ଡାକିବାକୁ କହିଲା, ସେ ମନା କଲା—"ସେମାନେ ଜାଣିପାରୁ ନାହାନ୍ତି ସେମାନେ କଣ କରୁଛନ୍ତି ! ନିର୍ବୋଧ ସେମାନେ ! ସେମାନଙ୍କୁ କ୍ଷମା କରି ଦିଅ ଜନ୍ !" ତାପରେ ଜନ୍ ତାକୁ ତା ହଷ୍ଟେଲ ରୁମ୍‌କୁ ନେଇ ଯାଇଥିଲା ସେବା ଶୁଶ୍ରୂଷା କରିବା ପାଇଁ ।

ମାର୍ଲିନ୍ ଜନ୍ ପାଖକୁ ଆସି ବ୍ୟାଗ୍‌ଟିକୁ କାନ୍ଧରୁ ଓହ୍ଲାଇ ଦେଇ ବସିଲା । ଜନ୍ ତା'ର ମନ ଭିତରେ ଆଲ୍‌ବମ୍‌କୁ ଖୋଲି ପୁଣି ଚେଷ୍ଟା କଲା ଚହ୍ନା ମୁହଁ ଗୁଡ଼ିକ ଭିତରେ ଏଇ ମୂର୍ତ୍ତିଟି ଖୋଜି ପାଇବାକୁ । ପ୍ରଥମେ ପ୍ରଥମେ ପୁରୁଣା ବାଇବେଲ୍‌ର ମୁହଁ କେତୁଟା ତା'ର ମନେ ପଡ଼ିଗଲା । ବାଇବେଲ୍ ବିଷୟ ନେଇ ଏମ୍. ଜି. ଏମ୍. ଏତେ ଫିଲ୍ମ କଲାଣି, ପୁଣି ସେମାନେ କ୍ୟାମ୍ପସ୍‌ରେ ଓଲ୍ଡ଼ ଟେଷ୍ଟାମେଣ୍ଟ୍ ବିଷୟ ନେଇ ଏତେ ଡ୍ରାମା କରି ସାରିଛନ୍ତି ଯେ ଆଲବମ୍‌ର ପ୍ରଥମ ପୃଷ୍ଠାରେ ସେହି ଚହ୍ନଗୁଡ଼ିକ ରହିଯିବା ସ୍ୱାଭାବିକ—ନାଁ, ନାଁ—ସେମାନଙ୍କଠି କିନ୍ତୁ କିଛି ଅହଙ୍କାର ଥିଲା, କିଛି ଈର୍ଷା ଥିଲା, ଏ ମୂର୍ତ୍ତିଠି ତାହା ନାହିଁ । ସେଥିପାଇଁ ତ ସେମାନେ ବାଇବେଲର ସନ୍ଥ ହୋଇ ପାରିଲେ ସିନା, ହିପ୍ପୀମାନଙ୍କର କେବେ ଆଦର୍ଶ ନୁହେଁ । ଏ ପୃଷ୍ଠାରେ ଏହାଙ୍କର ମୁହଁ ଖୋଜିବା ଅନୁଚିତ—ଜନ୍ ଗୁଡ଼ାଏ ପୃଷ୍ଠା ଏକାବେଳକେ ବିରକ୍ତିରେ ଓଲ୍‌ଟାଇ ଦେଲା ଯେପରି । ଦୂରରେ କେତେଜଣ ଠିଆ ହୋଇ ସେମାନଙ୍କ ଆଡ଼କୁ ଚାହିଁ ରହିଥିଲେ, ଭିତରର ଯୁଆଡ଼େ ଗଲେ ସେଇ ଏକା କଥା—ଭିଡ଼ ମଣା ନ ହେଲେ ଦେଖଣାହାରି ! ଫିଲୋସଫି ଅଫ୍ ସାଇନ୍‌ସ ପଢ଼ାଉ ଥିବା ଦର୍ଶନ ଶିକ୍ଷକ ଗ୍ୟାଲପ୍‌ଙ୍କର ରୁମ୍‌ରେ ଟଙ୍ଗା ଯାଇଥିବା ଆଇନଷ୍ଟାଇନ୍‌ଙ୍କ ଫଟୋଟି ତା'ର ମନେ ପଡ଼ିଗଲା ଏଥର । ଆଉ ଠିକ୍ ସେତିକବେଳେ କବି ହୁଇଟ୍‌ମ୍ୟାନଙ୍କର ମୁହଁ ଓ ଦୁଷ୍ଟାମୀ ଚାହାଣୀଟି । ଶୂନ୍ୟକୁ କିଛି ସମୟ ସ୍ଥିର ଦୃଷ୍ଟିରେ ଚାହିଁବା ପରେ ସେ ମୁଣ୍ଡ ଲଡ଼ାଇଲା—ନାହିଁ, ନାହିଁ, ତା'ଠି ଚପଳାମୀ ଥିଲା, ଏଠି ତା' ନାହିଁ । ଏଠି ଶାନ୍ତ ଅଛି, ସ୍ଥିରତା ଅଛି । ଜନ୍ ଏତିକି ମନ୍ତବ୍ୟ ଦେବାରେ ହୁଇଟ୍‌ମ୍ୟାନଙ୍କ ଛବି ଉଭାନ୍ ହୋଇଗଲା । ଆଇନ୍‌ଷ୍ଟାଇନଙ୍କ ଛବିଟା କିନ୍ତୁ ସେହିପରି ଲାଗି ରହିଥାଏ । କିନ୍ତୁ ନିହାତି ନିର୍ଦ୍ଦୟ ପରି ହାତଟା ଛିଞ୍ଚାଡ଼ି ଜନ୍ କହିଲା—"ନାଁ, ନାଁ, ତୁମେ ବି ନୁହଁ । ତୁମଠି ଜ୍ଞାନର ଗର୍ବ ଲୁକ୍‌କାୟିତ, ସବୁ ଜାଣି ଦେଇଥିବାର ଆଖି ମିଟିକା । ଏଠି ତ ଖାଲି ଅଛି କରୁଣା ଆଉ ବିଷାଦ, ବିଷାଦ ଆଉ କରୁଣା ! ଆଃ !" ଜନ୍ ପାଟି କଲା —"ମୁଁ ଆଉ ଭାବି ପାରିବିନି !" ସେ ଭାବନାରୁ ରକ୍ଷା ପାଇବା ପାଇଁ ଯେପରି ମାର୍ଲିନ୍‌କୁ ଟାଣି ନେଇ ଚୁମ୍ବାଟାଏ ଦେଇ ଦେଲା । ତା' ପରେ ପରେ ଦୂରରେ ଠିଆ ହୋଇଥିବା ଭିଡ଼ ଭିତରେ ଚାପାହସ ଓ ଗୁଞ୍ଜରଣ । ଜନ୍ ଚୁମ୍ବା ପରେ, ମାର୍ଲିନ୍ ସିଗାରେଟ୍‌ରୁ ଶେଷ ଦମଟାଏ ନେଇ ସେଇଟାକୁ ଫୋପାଡ଼ି ଦେଲା । ଆଖିରେ ତା'ର ଅସମ୍ଭବ ସ୍ୱପ୍ନଗୁଡ଼ାଏ ଝେଲୁଥାଏ ସେତେବେଳେ । ସେ ଜନ୍‌ର ହାତକୁ ଚାପି ଦେଇ ତା' ଆଖିରେ ଆଖି ମିଳାଇ ପଚାରିଲା—"କ୍ୟାଥଲିକ୍ ବିଶ୍ୱବିଦ୍ୟାଳୟର ସର୍ବଶ୍ରେଷ୍ଠ ଅଭିନେତା ! ଆଜି ତୁମେ ମନେ ପକାଇ ପାରିବନି, ମନେ ପକାଇବା ଛାଡ଼ । ଏ ମୂର୍ତ୍ତିର ଭାବଭଙ୍ଗୀଟିକି କେବଳ ଆଣି ପାରିବ ?" "ଖୁବ୍ ସହଜ ଡାର୍ଲିଙ୍ଗ୍ !"—ଜନ୍ ଉଠି ଠିଆ ହେଲା । ତା'ର ବୋଝ ଯେପରି ଖୁବ୍ ହାଲୁକା ହୋଇଯାଉଥିଲା । ସେ ମୂର୍ତ୍ତିଟି ଆଡ଼କୁ ଏକାଗ୍ର ହୋଇ ଚାହିଁଲା । ଆଖିଦେଇ ମୂର୍ତ୍ତିଟାର ଭଙ୍ଗୀ ଓ ମୂର୍ତ୍ତିରେ ପ୍ରକାଶିତ ଭାବନାକୁ

ସେ ଯେପରି ଶୋଷି ନେଉଥିଲା । ତା'ପରେ ମୂର୍ତ୍ତିଟା ପାଖକୁ ଯାଇ ଭଙ୍ଗୀକୁ ଅନୁକରଣ କରି ସେ ଠିଆ ହୋଇ ପଡ଼ିଲା । ସେହିପରି ମୁକ୍ତ ପାଦ, ବାମ ହସ୍ତ ଶରୀରକୁ ଲାଗି ଲମ୍ବି ଯାଇଛି, ଦକ୍ଷିଣ ହାତ ସେହିପରି ଲମ୍ବି କହୁଣୀଠୁ ବାଙ୍କି ଚିନ୍ମୟ ମୁଦ୍ରା ପ୍ରକାଶ କରୁଛି ।

ଭିଡ଼ ଭିତରୁ କିଏ ଯେପରି କ'ଣ ବୁଝି ପାରି ତାଳି ଦୁଇଥର ମାରିଦେଲା, ଆଉ ଠିକ୍ ସେହି ସମୟରେ ମାର୍ଲିନ୍ ଚିର ଚିରେଇଲା—"ୟୁ ଇଡ଼ିଏଟ୍! ଭଙ୍ଗୀ ହେଲା, କିନ୍ତୁ ଭାବ କାହିଁ ? ମୂର୍ତ୍ତିର ପ୍ରତ୍ୟେକ ଅଙ୍ଗରେ ପ୍ରକାଶିତ ହେଉଥିବା ଭାବ—ସେ ଭାବ କାହିଁ ?" ମାର୍ଲିନ୍ ଚିତ୍କାରରେ ତାଳି ବନ୍ଦ ହୋଇଗଲା । ଜନ୍‌ର ନାଲି ମୁହଁଟାରେ ମାର୍ଲିନ୍ ପାଟି ଯୋଗୁଁ ଗୁଡ଼ାଏ ଧୂଳି ଉଡ଼ି ଲାଗି ଯାଇଥିଲା ଯେପରି । ସେ କ'ଣ ଯେପରି ଚେଷ୍ଟା କରି ପାରୁ ନ ଥାଏ । ଶେଷରେ ସେ ଆଉ ଅନୁକରଣ କରି ନ ପାରି ଭିଡ଼ ଆଡ଼କୁ ଜିଭ କାଢ଼ି ଖତେଇ ହେଲା ।

ଜନ୍ ପାଖକୁ ଫେରି ଆସିବା ପରେ ମାର୍ଲିନ କହିଲା, "ତୁମ ସହିତ ମୁଁ ଯାଉନି ।" "କାହିଁକି ?"—ଜନ୍ ଆଶ୍ଚର୍ଯ୍ୟ ହୋଇଗଲା ।

"ମୁଁ ଯାଉନି । ବାସ୍ ସେତିକି ।"

ଜନ୍ ରାଗି ଯାଇ ତା ବ୍ୟାଗ୍‌କୁ କାନ୍ଧ ଉପରକୁ ଉଠାଇ ଠିଆ ହୋଇ ପଡ଼ିଲା । ମାର୍ଲିନ୍ ମଧ୍ୟ ରାଗରେ ନିଜ ବ୍ୟାଗ୍‌ଟା ଉପରେ ଆଉଜି ଆଖି ବୁଜି ଦେଲା ସେତେବେଳେ । ଆଉ ଠିକ୍ ସେତିକିବେଳେ ଗଭର୍ଣ୍ଣର ହାଉସ୍‌ର ଝଙ୍କାଳିଆ ଗଛ ଗୁଡ଼ାକରୁ ଅନ୍ଧାର ଓହ୍ଲାଇ ପଡ଼ି ଭିଡ଼କୁ ଛଟିବାରେ ଲାଗିଗଲା ।

"ଚାଲ ! ଚାଲ ! ଏ ପାଗଳଗୁଡ଼ାକୁ ଦେଖି କିଛି ଲାଭ ନାହିଁ । ବେଶି ପଇସା ହେବାରୁ ଏମିତି ସବୁ ପାଗଳ ଆମେରିକାରୁ ବାହାରୁଛନ୍ତି ।"—ଭିଡ଼ କହିଲା ଓ ସେହି ଅନୁସାରେ କାର୍ଯ୍ୟ ମଧ୍ୟ କଲା । ଭିଡ଼ ଛଟିବା ପୂର୍ବରୁ ଭିଡ଼ି ରହିବାକୁ ନିରୁଦ୍ଦେଶ୍ୟ କରି ଜନ୍ ସହରଟା ଆଡ଼କୁ ଆଗେଇ ଯାଇଥାଏ । ପାନ୍ଥ ନିବାସକୁ ତାକୁ ଯିବାକୁ ପଡ଼ିବ । ଆଜି ବହୁତ ଚାଲିଛନ୍ତି ସେମାନେ । ରାତିରେ ବିଶ୍ରାମ ନେଇ ସେମାନେ ସକାଳେ ପୁରୀ ଯିବା କଥା । ଆଚ୍ଛା ହିପ୍‌ପୀ ମୂର୍ତ୍ତି ହାବୁଡ଼ରେ ପଡ଼ିଲେ ସେମାନେ ! ମାର୍ଲିନର ମନକଥା ବୁଝିହୁଏନା ବେଳେ ବେଳେ । ପାହାଡ଼ଟା ଉପରେ ଜୈନ ମୂର୍ତ୍ତିଟାକୁ ବି ସେହିପରି ଗୁଡ଼ାଏ ପ୍ରଶଂସା କରିଥିଲା ସେ; କିନ୍ତୁ ଜନ୍ ଈର୍ଷା କରୁନି । ମାର୍ଲିନ୍‌ର ଯଦି ହୃଦୟ କହୁଛି ସେ ହିପ୍‌ପୀ ମୂର୍ତ୍ତିଟାକୁ ଭଲ ପାଇବାକୁ ସେ ତାକୁ ଭଲ ପାଉ, ତା ପାଖରେ ରାତିକ କଟାଉ । ସେ ହସି ଦେଇ ଖୁସ୍ ଖୁସ୍ ହେଲା— "କିଛି ଯାଏ ଆସେ ନାହିଁ । ମାର୍ଲିନ୍ ସହ ପୁରୀ ସମୁଦ୍ରକୂଳରେ ତ ଦେଖା ହେବ । ଆଉ ତାକୁ ତ ସେ ଯେପରି ହେଲେ ଆସିବ ।"

ଧୀରେ ଧୀରେ ସେ ଯାଉ ଯାଉ ଗଭର୍ଣ୍ଣର ହାଉସ୍‌ର ଗେଟ୍ ପାଖରେ ଲମ୍ବା ସିଧା ରାସ୍ତା ଦେଖି ଠିଆ ହୋଇ ପଡ଼ିଲା ଓ ବ୍ୟାଗ୍‌ଟାକୁ କାନ୍ଧରୁ ଓହ୍ଲାଇ ଦେଇ ମୂର୍ତ୍ତିର ଭଙ୍ଗୀକୁ ଅନୁକରଣ କରି ଠିଆହେବାକୁ ଚେଷ୍ଟା କଲା । ଡାହାଣ ହାତରେ ଚନ୍ଦ୍ରସ୍ତ ମୁଦ୍ରାର ସଙ୍କେତ, ବାମ ହାତ ସିଧା ଝୁଲୁଛି, ମୁହଁ ସହର ଆଡ଼କୁ । କେତେ ସମୟ ସେ ସେପରି ଧ୍ୟାନସ୍ଥ ହୋଇ ଠିଆ ହୋଇ ରହିଲା କେଜାଣି; କିନ୍ତୁ ପୋଲିସ୍‌ଟିଏ ଆସି ତାଠୁ କିଛି ଦୂରରେ ଠିଆ ହୋଇ ଠେଙ୍ଗାଟିକୁ ଠୁକୁ ଠୁକୁ କରି ତା'ର ଧ୍ୟାନ ଭଙ୍ଗି ଦେଲା । ସେ ପୋଲିସ୍ ଆଡ଼କୁ ଚାହିଁବା ମାତ୍ରକେ ପୋଲିସଟି କହିଲା, "ଏଠି ଏପରି ଠିଆ ହୋଇ ପାରିବେନି ! ଯୁଆଡ଼େ ଯିବା କଥା ଯାଅ ।"

ଜନ ବ୍ୟାଗ୍‌ଟା ଗୋଟାଇ ଖିରକ୍ତରେ କହିଲା— "କିନ୍ତୁ ସେ'ତ ସେଠି ଠିଆ ହୋଇଛି !"

"କିଏ ? କେଉଁଠି ? ପୋଲିସ୍‌ଟି ସେହିପରି ବାଡ଼ି ଠୁକୁ ଠୁକୁ କରି ପଚାରିଲା । କିଛି ନ କହି ଜନ୍ ଆଗେଇ ଚାଲିଲା ରାସ୍ତାରେ । ବାଁ ପଟେ ବର୍ଗାକାର ନେମ୍ ପ୍ଲେଟ୍‌ରେ କଣ ସବୁ ଲେଖା ହୋଇଥାଏ । ସବୁ ବର୍ଗାକାର ଏହି ଦେଶରେ —ନେତାମାନଙ୍କଠୁ ଆରମ୍ଭ କରି ନେମ୍ ପ୍ଲେଟ୍ ପର୍ଯ୍ୟନ୍ତ !

## ଦୁଇ

ଜନ୍ ସେଦିନ ଆଉ ମାର୍ଲିନକୁ ଦେଖିଲାନି । କିନ୍ତୁ ସେହିଦିନ କିଛି ବାଟ ଆସିବା ପରେ ଲୁହା ଘେର ଭିତରେ ପଗଡ଼ି ପିନ୍ଧିଥିବା ଆଉ ଗୋଟିଏ ମୂର୍ତ୍ତିକୁ ସେ ଦେଖିଲା । ବାଟରେ ସାଇକେଲ୍ ଠିଆକରି ରାସ୍ତାରେ ଯିବା ଆସିବା ଲୋକଙ୍କୁ ଚାହିଁ ରହିଥିବା, ଅତି ଦୁର୍ବଳକାୟ କେତେଜଣ ଟୋକାଙ୍କୁ, ସେ ମୂର୍ତ୍ତିଟି କାହାର ବୋଲି ସେ ପଚାରିଲା ମଧ୍ୟ । ସେମାନେ କିଛି କହି ନ ପାରି ମୂର୍ତ୍ତିଟି ଆଡ଼କୁ ଓ ତା'ପରେ ପରସ୍ପର ମୁହଁକୁ ଚାହିଁଲେ । ସେ କିଛି ସମୟ ତଳେ ଦେଖିଥିବା ମୂର୍ତ୍ତି କଥା ମଧ୍ୟ ସେମାନଙ୍କୁ ପଚାରିଲା । ସେମାନେ ଏଥର ତା' କଥା ଆଦୌ ବୁଝି ପାରିଲେନି । ଶେଷରେ ସେ ବ୍ୟାଗ୍‌ଟି ତଳେ ଥୋଇ ଦେଇ ମୂର୍ତ୍ତିର ପୋଜ୍ ନେଇ ଠିଆ ହୋଇଗଲା ସେମାନଙ୍କ ଆଗରେ । ସେମାନେ ପରସ୍ପରର ମୁହଁକୁ ଚାହିଁ କହିଲେ, "କୌଣସି ମନ୍ଦିରକୁ ଯାଇଥିଲେ କି ? ଏ'ତ ମନ୍ଦିରର କୌଣସି ଦେବତାର ପୋଜ୍ !" ଜନ୍ ମନା କଲା ଜୋରରେ ମୁଣ୍ଡ ହଲାଇ ।—"ନା, ନା, ଦେବତାର ନୁହେଁ । ତୁମେ ମୋ ମୁହଁକୁ ଚାହଁ । ମୋରି ପରି ଦାଢ଼ୀ ଥିଲା । ମୋରି ପରି ବାଳ ।" ପିଲାମାନେ କିନ୍ତୁ ତେବେ ବି ତା' କଥା ବୁଝି ପାରିଲେନି । ଆଉ ଠିକ୍

ସେଠିକିବେଳେ ଟାଉନ୍ ବସ୍‌ଟାଏ ଆସି ଯିବାରୁ ସେମାନେ ସମସ୍ତେ ମିଳିତ ଭାବେ ଅନ୍ୟମନସ୍କ ହୋଇପଡ଼ିଲେ । ଇଂରାଜୀରେ ଉତ୍ତର ଦେବାକୁ ସେମାନଙ୍କୁ କଷ୍ଟ ହେଉଥିଲା । ଜନ୍ ବିରକ୍ତିରେ ସେ ସ୍ଥାନ ଛାଡ଼ି, ଲମ୍ବା ଲମ୍ବା ପାଦ ପକାଇ ପାନ୍ଥନିବାସ ଆଡ଼େ ଚାଲିଲା, କିନ୍ତୁ ମାର୍ଲିନ ନ ଥିବାରୁ ତାକୁ କିଛି ଭଲ ଲାଗୁ ନ ଥିଲା । ଆମେରିକା ଛାଡ଼ିବା ଦିନଠୁ ମାର୍ଲିନ୍ ତାଠୁ କେବେ ଅଲଗା ହୋଇ ନଥିଲା । କୁଆଡ଼େ ଗଲା କେଜାଣି ! କି ସେ ମୂର୍ତ୍ତିଟା ପାଖରେ ରହିଗଲା !

ଜନ୍ ସକାଳ ବସ୍‌ରେ ପୁରୀ ନ ଯାଇ ସହର ଭିତରେ ଥରେ ଚକ୍କରଟାଏ ମାରି ଆସିଲା । କୁଆଡ଼େ ହେଲେ ମାର୍ଲିନର ଚିହ୍ନ ବର୍ଣ୍ଣ ନ ଥିଲା । ସହରଟାରେ ବୁଲୁଥିବାବେଳେ ସେ ପଞ୍ଜାବିଟିଏ ବି କିଣିନେଲା ମାର୍କେଟର ଖଦଡ଼ ଭଣ୍ଡାରରୁ । ମୂର୍ତ୍ତିଟି ପାଖକୁ ସେ ପୁଣି ଯାଇଥିଲା । ତାକୁ ଯେପରି ଲାଗିଥିଲା ମୂର୍ତ୍ତିର ପୋଷାକପତ୍ର ପରି ସେ ପୋଷାକ ପତ୍ର ନ ପିନ୍ଧିଥିବାରୁହିଁ ସେ ମୂର୍ତ୍ତିର ଭାବନାକୁ ପ୍ରକାଶ କରିବାକୁ ଅକ୍ଷମ ହେଉଛି । ପଞ୍ଜାବିଟା ଗଳାଇ ପକାଇ ସେ ମୂର୍ତ୍ତିଟା ପାଖକୁ ପୁଣି ଗଲା । ଖରା ତେଜରେ ମୂର୍ତ୍ତିଟା ଆହୁରି ଉଜ୍ଜ୍ୱଳ ଦିଶୁଥିଲା, ଆଉ ଦିଶୁଥିଲା ଆହୁରି ବିଷାଦ ଓ ଗମ୍ଭୀର । ସେ ମୂର୍ତ୍ତିପାଖରେ ଠିଆହୋଇ ବହୁ ସମୟ ତାକୁ ନିରୀକ୍ଷଣ କରିବା ପରେ ସ୍ୱାଭାବିକ ଭାବେ ରାସ୍ତାରେ ଲୋକ ଜମିବା ଆରମ୍ଭ ହୋଇଗଲା । ପଞ୍ଜାବି ପିନ୍ଧି ଗୋରା ଲୋକଟାଏ ମୂର୍ତ୍ତିକୁ ଅନୁକରଣ କରି ଏତେ ସମୟ ଧରି କାହିଁକି ଠିଆ ହୋଇ ରହିବ ଲୋକେ ବୁଝିପାରୁ ନ ଥିଲେ । ପୂର୍ବଦିନର କାରଟି ମଧ୍ୟ ବ୍ୟାଙ୍କ ଆଗରେ ଠିଆ ହୋଇଥିଲା । କାର୍ ଭିତରେ କିନ୍ତୁ କେହି ନଥିଲେ । ଜନ୍‌ର ମନେ ହେଲା, ଏଥର ସେ ମୂର୍ତ୍ତିର ପୋଜ୍ କିଛିଟା ଆଣି ପାରିଛି, କିନ୍ତୁ ମାର୍ଲିନ ଥିଲେ ସିନା କହନ୍ତା କେତେଟା ସଫଳ ହୋଇଛି ସେ । କୁଆଡ଼େ ଗଲା ମାର୍ଲିନ ?

× × ×

ବାଲି ଉପରେ ଚିତ୍‌ଟା ହୋଇ ପଡିଯାଇ ମାର୍ଲିନ୍ ଉପରକୁ ଚାହିଁଛି । କିଛି ଦୂରରେ ବାଲି ଉପରେ ଅନେକ ହିପ୍‌ପୀ ଯୁବକ ଯୁବତୀ ଯୋଡ଼ି ଯୋଡ଼ି ହୋଇ ଶୋଇ ଯାଇଛନ୍ତି । ଦିନ ଯୋଗୁଁ ନୁହେଁ, ଜହ୍ନ ଯୋଗୁଁ ଚାରିଆଡ଼ ଫର୍ଚ୍ଚା ଦିଶୁଥିଲେ ବି ଗୋଟାଏ ମହତ୍ତ୍ୱପୂର୍ଣ୍ଣ ଜୀବନର ନିର୍ଜୀବ ଅବଶିଷ୍ଟାଂଶ ପରି ଜହ୍ନ ସମସ୍ତ କାଟୁଥିଲା । ମାର୍ଲିନ୍ କହିଚାଲିଥିଲା କୌଣସି ଗୀତର ଅଂଶଟିଏ ଆବୃତ୍ତି କଲା ଭଳି—"ନ୍ୟୁୟର୍କର ପ୍ରସିଦ୍ଧ ଗ୍ରୁଏ ଅଭିନେତା, ଚେଷ୍ଟାକର । ବାରମ୍ବାର ଚେଷ୍ଟା କର । କିନ୍ତୁ ଏବେ ସୁଦ୍ଧା ମୂର୍ତ୍ତିର ପୋଜ୍‌ଟା ବି ତୁମେ ଆଣିପାରିଲ ନାହିଁ । ଛିଃ ! ଛିଃ ! ଦେଖ ଏଥର ଯଦି ପାରିବ ।" ଜନ୍ ଠିଆ ହୋଇ ରେକର୍ଡ଼ ପରି କଥା କହି ଯାଉଥିବା ସେହି ମାର୍ବଲ ଯୁବତୀଟା ଆଡ଼କୁ ଚାହିଁଲା । ରାତି ସାରା ସେ ମାର୍ଲିନ ଚିତ୍‌ପଟେ ବୁଲୁଛି—ଟିକିଏ

ଟିକିଏ ଛୁଇଁଦେବା ପାଇଁ, ଟିକିଏ ଆଲିଙ୍ଗନ କରି ପକାଇବା ପାଇଁ, ଟିକିଏ ଆଉ କିଛି ପାଇଁ । ସେ କାକୁତି ମିନତି ହୋଇଛି, ନିଜର ବାଳକୁ ଝିଙ୍କିଛି, ଦାଢ଼ୀକୁ ଓଟାରିଛି, ଶେଷରେ ପଶୁପରି ଚିତ୍କାର କରିଛି— ଯାହା ସମୁଦ୍ରର ଘୋ ଘୋ ରେ ହଜି ଯାଇଛି, ପବନର ସୁ ସୁରେ ଉଡ଼ି ଯାଇଛି— ଆଉ କିଛି ଦୂର ଯାଇ କୌଣସି ହିପ୍ପୀ ଯୁବକ ବାନ୍ଧବୀ କାନ ପାଖରେ ମୁହଁ ଲଗାଇ ଗୀତ ଗାଇବାରେ, କି ଅଧରରେ ଅଧର ଲଗାଇ ଚୁମ୍ବା ଦେବାର ଶବ୍ଦରେ ଆଖି ମଳି ବସି ଉଠିଛି; କିନ୍ତୁ ସବୁ ସତ୍ତ୍ୱେ ମାର୍ଲିନ୍ ମାର୍ବଲ ମୂର୍ତ୍ତିଟିଏ ପରି ବାଲିରେ ନିଶ୍ଚିନ୍ତରେ ଶୋଇ ରହିଛି । ସ୍ୱିଡେନର ହିପ୍ପୀ ଝିଅଟିଏ ଜନ୍‌ର ବ୍ୟାକୁଳତା ଦେଖି ତାକୁ ପାଖକୁ ଡାକିଥିଲା ବି; କିନ୍ତୁ ସେ ତା' ପାଖକୁ ଗଲାନି । ମର୍ଲିନକୁଇ ସେ ଅନୁନୟ ବିନୟ କରିଥିଲା ।

ପାହାନ୍ତିଆ ପହରକୁ ତାକୁ ଟିକିଏ ନିଦ ଲାଗିଯାଇଥିଲା; କିନ୍ତୁ ନିଦ ଭିତରେ ବି ସେ ଟାଣି ହୋଇ ଯାଇଥିଲା ମାର୍ଲିନ ଆଡ଼କୁ । ମାର୍ଲିନ୍ ଜୋରରେ ହାତ ଛୁଆଁଇ ଦେବାରୁ ତା'ର ନିଦ ଭାଙ୍ଗି ଗଲା । ପୁରୀରେ ସେ ପହଞ୍ଚିବାଠୁ ମାର୍ଲିନର ସେଇ ଜିଦ । ଜନ୍‌କୁ ଥରେ ସେ ସିଂହଦ୍ୱାର ପାଖକୁ ନେଇ ଯାଇ ସେ ଲୋକର ଆଉ ଗୋଟିଏ ମୂର୍ତ୍ତିକୁ ବି ଦେଖାଇ ଦେଇଥିଲା ।

ଜନ୍ ଠିଆ ହୋଇ ଭୁବନେଶ୍ୱରର ନିଛିକ କାଗାର ଦଣ୍ଡାୟମାନ ମୂର୍ତ୍ତିଟାର ପୋଜ୍‌ଟାକୁ ଅନୁକରଣ କରୁଥାଏ । ଆଉ ସେହିପରି ଶୋଇରହି ମର୍ଲିନ୍ ଉହୁଁ ଉହୁଁ କହୁଥାଏ । ବାଲିଠୁ ଦୂରରେ, ସମୁଦ୍ର କୂଳେ କୂଳେ ଯାଇଥିବା ରାସ୍ତା ଉପରେ କୁଷ୍ଠ ରୋଗିଣୀଟିଏ ସହିତ ଟ୍ରେଟା ଲୋକଟିଏ ବସି କ'ଣ କଥାବାର୍ତ୍ତା ହେଉଥାଏ, ଦୁହେଁ କଥା ବନ୍ଦକରି ମଝିରେ ମଝିରେ ସେହି ହିପ୍ପୀ ଲୋକଗୁଡ଼ାକୁ ଚାହିଁ ଥାଆନ୍ତି । ଭିକାରୁଣୀଟିଏ ତା ନିଜ ଆଖିର ଲୁହ ପୋଛି ଦେଇ ଲୋକଟିର ଆଖିର ଧାରକୁ ବି ତା ଖଣ୍ଡିଆ ଆଙ୍ଗୁଠିରେ ବନ୍ଦ କରିବାକୁ ଚେଷ୍ଟା କରୁଥାଏ, କିନ୍ତୁ ଟ୍ରେଟା ଲୋକଟି ବାତୁଳ ପରି ମୁଣ୍ଡ ଲାଡୁଥାଏ ଓ ରାସ୍ତାଟିକୁ ମଝିରେ ମଝିରେ ଗୁପୁଡ଼ା ମାରୁଥାଏ । ମାର୍ବଲ ମୂର୍ତ୍ତି ଭିତରେ ପ୍ରାଣ ଖୋଜିବା ଚେଷ୍ଟାରେ ବ୍ୟସ୍ତ ରହି ମଧ୍ୟ ଜନ୍ ସେମାନଙ୍କର ସେ ଅଭିନୟ ଆଡ଼କୁ ଚାହିଁଛି; କିନ୍ତୁ କିଛି ବୁଝି ପାରିନି ।

ଡ୍ରାମାରେ ଦୃଶ୍ୟ ପରିବର୍ତ୍ତନ ହେବାପରି ଆକାଶ ସିନ୍ଦୁରା ଫାଟିଲା ଓ ସେହି ସମୟରେ ଡାହାଣୀ ଲାଗିବା ପରି କୁଷ୍ଠ ରୋଗିଣୀଟିଏ ହଠାତ୍ ରାସ୍ତା ଉପରୁ ବାଲିରେ ସମୁଦ୍ର ଆଡ଼କୁ ଦୌଡ଼ିବାକୁ ଲାଗିଲା । ସେ ଶୋଇଥିବା ହିପ୍ପୀଗୁଡ଼ାଙ୍କ ମଝିରେ ଦଉଡ଼ି ଯାଇଥିଲା । ସେ ଚାଲିଯିବାବେଳେ ନିଦ ଓ ନିଶାରେ ଭୋଳ ହିପ୍ପୀ କେତେଜଣ ଆଖି ମେଲାଇ ତା' ଆଡ଼କୁ ଚାହିଁଲେ ଓ ପୁଣି ଆଖି ବୁଜିଦେଲେ ।

ଢେଙ୍ଗା ଲୋକଟି ତା' ବାଡ଼ିକୁ ବାଡ଼ିରେ ମାଡ଼ି ମାଡ଼ି ଚିତ୍କାର କରି ପଛରେ ଦଉଡ଼ୁଥାଏ—"ତାକୁ ଧର, ବାବୁମାନେ ତାକୁ ଧରି ପକାଅ । ସେ ଆତ୍ମହତ୍ୟା କରିବାକୁ ଯାଉଛି ।" ହିପ୍‌ପୀ ଲୋକଗୁଡ଼ିକଙ୍କର ଆଖି ପୁଣି ଖୋଲିଗଲା; କିନ୍ତୁ କେହି କିଛି କରିବାର ପୂର୍ବରୁ କୁଷ୍ଠରୋଗିଣୀଟି ପାଣିଭିତରେ ପଶି ଯାଇଥିଲା । ସବୁ କଥା ଠିକ୍ ରୂପେ ନ ବୁଝିଥିଲେ ବି ହିପ୍‌ପୀ ଯୁବକ ଯୁବତୀ ଗୁଡ଼ିକଙ୍କମଧ୍ୟରୁ ଅଧିକାଂଶ ସେହି ଦୃଶ୍ୟ ଦେଖୁଥିଲେ । ସୂର୍ଯ୍ୟ, ସମୁଦ୍ର, ବାଲିର ବ୍ୟାକ୍‌ଡ୍ରପ୍, ସମୁଦ୍ରର ହୋ ହୋ, ପବନର ସୁ ସୁ ସେମାନଙ୍କ ପାଇଁ ଯେପରି ଏକ ଓପନ ଏୟାର ଥିଏଟରର ପ୍ରୋଗ୍ରାମ ସୃଷ୍ଟି କରି ଦେଇଥିଲା । ଢେଙ୍ଗା ଯୁବକଟି ଜନ୍ ପାଖରେ ହୋଇଥିବ, ବାଲିରେ ତା'ର ବାଡ଼ିଟି ଖସିଗଲା, ସେ ଜନ୍ ଗୋଡ଼ ପାଖରେ ଗଡ଼ି ପଡ଼ିଲା । ଜନ୍‌ର ପଦ ଯୋଡ଼ାକୁ କୁଣ୍ଢାଇ ପକାଇ ସେ କାନ୍ଦି କାନ୍ଦି କହିଲା—"ତାକୁ ବଞ୍ଚାଅ ବାବୁ, ସେ ମରିଯିବ । କେବଳ ରାଗିକି ଅଭିମାନରେ ସେ ସମୁଦ୍ର ଭିତରକୁ ଡେଇଁ ପଡ଼ିଛି । କାହିଁକି ତାକୁ ବଡ଼ରୋଗ ହେଲା, କିଛି ଦୋଷ ତ ସେ କରି ନଥିଲା; ଭୁଲ କରି ନଥିଲା, ବୋଲି ତା'ର ଅଭିମାନ ବାବୁ ! ନ ହେଲେ ମୋର ପିଲାଗୁଡ଼ିକ ମା ଛେଉଣ୍ଡ ହୋଇଯିବେ । ବାକୁ ଅନାଥ ହୋଇଯିବେ । ସେ ଭିକାରୁଣୀ ନୁହେଁ ବାବୁ, ସେ ମୋର ସ୍ତ୍ରୀ ! ମୁଁ ତାକୁ ଗାଁକୁ ନେଇ ଯିବାକୁ ଆସିଥିଲି । ବାବୁ ବାବୁ !"

ଜନ୍ ସେତେବେଳେ ସିଗାରେଟ୍‌ଟିଏ ଲଗାଇବା ପାଇଁ ଚେଷ୍ଟା କରି ପବନ ଯୋଗୁ ପାରୁ ନଥିଲା । ଢେଙ୍ଗା ଲୋକଟି ତାକୁ ଝାଙ୍କି ପକାଉଥାଏ । ଗୋଟାଏ କ୍ଷଣ ପାଇଁ ଜନ୍ କ'ଣ କରିବ କିଛି ଠିକ୍ କରି ନପାରି ସମୁଦ୍ର ଆଡ଼େ ଚାହିଁଲା । ଅଳ୍ପ ପରକ୍ଷଣରେ ସେ ସମୁଦ୍ର ଆଡ଼କୁ ଦଉଡ଼ିବାକୁ ଲାଗିଲା । ସେହି ସମୟରେ ଶୋଇବା ଅବସ୍ଥାରୁ ମାର୍ଲିନ ଚିତ୍କାର କରି ଉଠିଲା—"ୱେଲ୍ ଡନ୍ । ୱେଲ ଡନ୍ ଜନ୍ ! ବ୍ରାଭୋ ! ତୁମେ ସେ ମର୍ମୀର ଠାଣି ଓ ଭଙ୍ଗୀ ଗୋଟା ସୁଦ୍ଧା ଆଣି ପାରିଛ । ବିଉଟିଫୁଲ୍ ! ବିଉଟିଫୁଲ୍ !"

ପୂର୍ବ ଦିଗରେ ଆଟମିକ୍ ରିଆକ୍‌ଟରର ଗମ୍ବୁଜ ସେପ୍ ହୋଇ ସୂର୍ଯ୍ୟ ଉଠି ଆସୁଥିଲା ।

# ସିଟି

## ଶ୍ରୀ ଶାନ୍ତନୁ କୁମାର ଆଚାର୍ଯ୍ୟ

ଜନତା ବସ୍‌ରେ ଯୁଦ୍ଧ ହୋଇଥିବା ଜନତାର ମୁଣ୍ଡ ଆଉ ମୁଣ୍ଡ ହୋଇ ନ ଥାଏ; ଗୋଡ ଏଗାର ଅନେକବେଳୁ ବାଜିସାରିଥାଏ । ଗୋଡ ଦଶରେ ପହଞ୍ଚିବା ଗାଡ଼ି ଗନ୍ତବ୍ୟ ସ୍ଥଳରୁ ତଥାପି ଅନେକ ଦୂରରେ । ଇଞ୍ଜିନ୍‌ର ତାତିଲା ବନେଟ୍ ଉପରେ, ସ୍ଥାନାଭାବରୁ, ଦୁଇ ତିନୋଟି ଝିଅ ବସିଥାନ୍ତି । ବୋଧହୁଏ କଲେଜ ଛାତ୍ରୀ । ବହୁ ଉତ୍ତେଜନାପୂର୍ଣ୍ଣ ଯୁକ୍ତି-ତର୍କ ପରେ ସେମାନେ ବି ନିଦରେ ଢଳି ପଡ଼ିଥାନ୍ତି, ଜଳନ୍ତା ମହମବତୀଗୁଡ଼ିଏ ପେଟପଟିଆ ତାତିଗଲା ପରି । ସେମାନଙ୍କ ହାତରୁ ସନ୍ଧ୍ୟାର ଖବର କାଗଜଗୁଡ଼ିକ ଝୁଲିପଡ଼ିଥାଏ—ଗାଁର ଅଡ଼ାଠିଆ ଆଉ ଦଳୁଆ ପୋଖରୀର ଦଳ ଉପରେ ମେଲା ମେଲା ହୋଇ ବୋହାଉଥିବା କେତେଟା ଡାହୁକଙ୍କର ବେକ ତଳର ଧଳାଗୁଡ଼ିକ ପରି । ମଟର ଧକ୍କାରେ ଦଳିହୋଇ, ରକ୍ତର-ପୋଖରୀରୁଠର ପଥର ପରି ପଡ଼ିଥିବା ମୃତ ଯୁବକର ଚିତ୍ରଟା, ଖବରକାଗଜ ପୃଷ୍ଠାଟିରେ ସବୁଠାରୁ ବେଶି ପବନ ଧରି ଫଡ଼ ଫଡ଼ ହୋଇ ଉଡ଼ୁଥାଏ । ତା' ପାଖକୁ ବଡ଼ ବଡ଼ ହରଫର କୌଣସି ବିଜ୍ଞାପନ—ସମ୍ବାଦଟିଏ ହୁଏତ ଖୁବ୍ ଜୋର୍ ମୁଣ୍ଡ ଟେକୁଥାଏ । ଆଉ ଏ ସବୁର ଉପରେ ଝୁଲୁଥାଏ—ସେଇଠି, ଯେଉଁଠି ସଦ୍ୟ ନାଲି ରଙ୍ଗରେ 'ଧୂମ୍ରପାନ ନିଷେଧ' ଅକ୍ଷରଗୁଡ଼ା ଲେଖା ଯାଇଥାଏ, ଠିକ୍ ତା'ର ତଳକୁ—ସେଇ ଡ୍ରାଇଭରର ଆରାଧ୍ୟା ଦେବୀ, ନରମୁଣ୍ଡମାଳିନୀ ମା କାଳିକାର ଛବିଟା । ଗୋଛାଏ ଅଗରବତୀ, ଯାହାର ଆରମ୍ଭରୁ ଯାହା ଅଖଣ୍ଡ ଧୂଆଁର କୁଣ୍ଡଳୀ ଭିତରେ ଜଳିବାକୁ ଆରମ୍ଭ କରିଥିଲା ସେଠି, ସେଇ 'ଧୂମ୍ରପାନ ନିଷେଧ' ଅକ୍ଷରଗୁଡ଼ାକୁ ଆଚ୍ଛାଦନ କରି, ତାହା ଆଉ ଜଳୁ ନ ଥାଏ । ମୋଟ ଉପରେ ଜଳନ୍ତା, ତାଜା ଆଉ ସଳଖ ହୋଇ କୌଣସି ଜିନିଷ ସେତେବେଳେ ଆଉ ନ ଥାଏ । ସବୁ ଝୁଲିଲେ, ଢଳନଢଳା ଓ ଘୁମନ୍ତ ବସ୍ତୁକୁ ନେଇ ଜାତୀୟ ବସ୍ ସର୍ଭିସ୍‌ର 'ଜନତା' ଗୋଟିଏ ପୁରୁଷ ବର୍ଜିତ ଗ୍ରସ୍ତା କତର କଞ୍ଚୁକୀ ପରି ଅଶ୍ରାବ୍ୟ ତଥା ଆହତ ଆତ୍ମାର ଗାଳିମାନ ବର୍ଷି ଚାଲିଥାଏ ।

ଟଂ—'

ପଇସା—ଅଇଁଠା ହାତରେ କଣ୍ଡକ୍ଟର ପୁଣି ଥରେ ଝିଙ୍କି ଦେଉଥାଏ ଘଣ୍ଟିର ଦଉଡ଼ିକୁ । ଜନତାଗାଡ଼ି ଘଣ୍ଟିର ଦାସ । ଗୋଟିଏ ଟଂରେ ସେ ଅଟକେ । ଦୁଇଟିରେ ଛୁଟେ । ଆଉ ତିନୋଟିରେ ଗର୍ଜି ଉଠି ପରି ବାଟ ଛାଡ଼େ—ପଛରୁ ହାଙ୍କୁଥିବା ଯେ କୌଣସି—ଇତର ଗାଡ଼ିକୁ । ଖୁବ୍ ସହଜ ଆଉ ସରଳ ସ୍ଥାର

ସମ୍ବିଧାନ । ଆଉ ଏତେ ସହଜ ସରଳ ସମ୍ବିଧାନ ଯେଉଁ ଘଣ୍ଟିଟିଦ୍ୱାରା ପରିଚାଳିତ ହୁଏ, ତା'ର ଦଉଡ଼ିଟି ମଧ୍ୟ ଖୁବ୍ ଲମ୍ବ ଆଉ ନୁଆଣିଆ । ଏତେ ଲମ୍ବ ଆଉ ନୁଆଣିଆ ଯେ, ଜାତୀୟ ରାଜପଥ କଡ଼ରେ ସେଇ ଯୋଉ ଟିଣ ଛାଇଲର ଘରଗୁଡ଼ିକ ଏବେ ନିଜର ସାବିକ ୧୯୪୭ ପୂର୍ବବର୍ତ୍ତୀ ମାଟି ଛଅଗୁଡ଼ିକ ଉପରେ ପହିଲ ଆଷାଢର ପାଳଛତୁମାନଙ୍କ ପରି ସଦ୍ୟ ମୁଣ୍ଡ ଟେକି ଉଠିଛନ୍ତି, ସେଇ ଘର-ଦୁଆର ମୁହଁରେ ବନ୍ଧା ହୋଇଥିବା, କଂସେଇଖାନାର ଚାଳରୁ ଲଟକି ଥିବା ମଡ଼ାଗୁଡ଼ିକ ପରି, ତଳମୁହାଁ ପହ୍ଲାଶ୍ଚିଳ ଗାଈଗୁଡ଼ିକ ମଧ୍ୟ ଏଇ ଲମ୍ବା ଦଉଡ଼ିର ଅଗକୁ ବେଳେ ବେଳେ ଖାଲି ଦୁଧଘଡ଼ି ଆଉ ବାହୁଙ୍କି ପକେଇ ଗାଡ଼ିରୁ ଓହ୍ଲାଉଥିବା ଖାମିନ୍ଦଙ୍କ କଣ୍ଠରେ ଆବିଷ୍କାର କରି ମୁହଁ ବଟେଇ ଓଟାରି ଦିଅନ୍ତି । ଫଳରେ "ଦ ବେଲ ଆଫ୍ ଜଷ୍ଟିସ୍"ର ଲମ୍ବା ଦଉଡ଼ିକୁ ଜଣେ ଅତି ନ୍ୟାୟୀ ରାଜାଙ୍କର ରାଜ୍ୟର ଗୋଟିଏ ମାଲିକ—ବିତାଡ଼ିତ ଅକର୍ମଣ୍ୟ ବୁଢ଼ା ଘୋଡ଼ା ଯେପରି ଖାଦ୍ୟ ମନେକରି ଓଟାରି ଖାଉ ଖାଉ ହଠାତ୍ ବହୁକାଳ ଧରି ଅବ୍ୟବହୃତ ସେହି ନ୍ୟାୟଘଣ୍ଟିକୁ ବଜେଇ ଦେଇ ରାଜ୍ୟସାରା ଲୋକଙ୍କୁ ଚମତ୍କୃତ କରିଦେଲା—ସେହିପରି ମଝେ ମଝେ ଜାତୀୟ ରାଜପଥରେ ନିତି ପ୍ରତି ଶହ ଶହ ସଂଖ୍ୟାରେ ଚାଲୁଥିବା ଏହି ଜନତା ଗାଡ଼ିଗୁଡ଼ିକର ଘଣ୍ଟି ଦଉଡ଼ିର ଅଗ ଥରେ ଥରେ କୌଣସି କୌଣସି ମଢ଼ିଆ ଗୋରୁଙ୍କ ହାବୁଡ଼ରେ ପଡ଼ିଯାଇ ଦୁର୍ଘଟଣାର ସମ୍ମୁଖୀନ ହୁଏ; କିନ୍ତୁ ଅଧରାତିର ଏହି ଅବେଳା "ଜନତା" ଟି ପାଇଁ ସେତକ ଭୟ ବି ନ ଥିଲା । "ସରପ୍ରାଇଜ ଚେକିଂ" ପାର୍ଟିର ମଟରଗାଡ଼ି ଅନେକ ବେଳେ ଏଇ 'ଜନତା' ଗାଡ଼ିକୁ ବାଟରେ ଭେଟି ମଧ୍ୟ ନ ଭେଟିଲା ପରି ଆପଣା ବାଟରେ ଚାଲି ଯାଇଥିବା କଥା କଣ୍ଡକ୍ଟରଙ୍କୁ ଅଛପା ନ ଥାଏ । ତେଣୁ ଘଣ୍ଟି ଦଉଡ଼ି ଟାଣିବାର ଏକମାତ୍ର ଅଧିକାରୀ ଥାଏ କଣ୍ଡକ୍ଟର । କେବଳ ଏହି ଅଧିକାରୀଟି ବ୍ୟତୀତ ଓ ତା'ର ସହଚର ତଥା ସହକାରୀ ଜନତା ଗାଡ଼ିର କ୍ଲିନର ବ୍ୟତୀତ ଆଉ ସମସ୍ତେ ପ୍ରାୟ ମୂକ । ଏପରିକି ଡ୍ରାଇଭର ମଧ୍ୟ ! କାରଣ, ନିୟମାନୁଯାୟୀ ଜନତା ଗାଡ଼ିର ଯେ ଡ୍ରାଇଭର, ସେ ଭାରତୀୟ ସମ୍ବିଧାନର ରାଷ୍ଟ୍ରପତି ପଦ ପରି ଏକ ନିରପେକ୍ଷ ଦର୍ଶକ ମାତ୍ର । ତା'ର ଆଖି ଦୁଇଟା ଖୋଲା ଥାଏ ଓ ତା'ର କାନରେ ସେ ଶୁଣୁଥାଏ ମଧ୍ୟ ଘଣ୍ଟିର ନିର୍ଦ୍ଦେଶ; କିନ୍ତୁ ସେ ବିଚରା ଶୋଇପଡ଼ିଥାଏ ।

ଟଂ-ଟଂ......ଟଂ-ଟଂ......।

ଏଥି ମଧ୍ୟରେ କଣ୍ଡକ୍ଟର—ହାତଘଣ୍ଟି ଲଗ୍ ଲଗ୍ ଦୁଇଥର ବାଜି ସାରିଥାଏ । ଡ୍ରାଇଭର ତଥାପି ଇଞ୍ଜିନର ଚାବି ମୋଡ଼େ ନାହିଁ । ଯେଉଁ କେତେଜଣ ଯାତ୍ରୀ ଏଇ ବାଟପାଖ ରହଣିରେ ଓହ୍ଲାଇବାର କଥା, ସେମାନେ ଓହ୍ଲାଇ ସାରିଥା'ନ୍ତି ଓ କଣ୍ଡକ୍ଟର ସହିତ ସେମାନଙ୍କର ଦେଣ ନେଣ ସରିଯାଇଥାଏ, କିନ୍ତୁ ତଥାପି ଡ୍ରାଇଭର ଗାଡ଼ିରେ ଷ୍ଟାର୍ଟ ଦେବା ପରିବର୍ତ୍ତେ ନିଦ ମଳମଳ ଆଖିରେ ବସିର

ଏକମାତ୍ର ପ୍ରବେଶ ଓ ପ୍ରସ୍ଥାନ ପଥକୁ ଅନାଇଁ ବଡ ଆଁ ଖୋଲି ହାଇଟାଏ ମାରେ । ବାହାରେ ଓହ୍ଲାଇବା ନିତ୍ୟନିଆ ବାଟପାଖ ଯାତ୍ରୀମାନଙ୍କର ପରିଚିତ ଖାଲି ଦୁଧଘଡ଼ି ଓ ପରିବା-ବୋଝମାନଙ୍କ ଭିତରେ ଗଡ଼ୁଥିବା ଚଣ୍ଡି ଆଳୁ, ପିଆଜ, ବାଇଗଣମାନଙ୍କର କଥୋପକଥନ ପରି ଗୁଡ଼ାଏ ଗୁଡ଼ୁର୍ ଗାଡ଼ୁର୍ ଆଉ ଖାସୁର ଖୁସୁର୍ କଥୋପକଥନ ସବୁ ଶୁଣା ଯାଉଥାଏ । ସେସବୁ ଭିତରୁ କଣ୍ଡକ୍ଟରର ସହକାରୀ ସେହି କ୍ଲିନରର ସ୍ୱରଟା ସ୍ପଷ୍ଟ ବାରି ହୋଇପଡ଼େ—

"ନା, ନା, ସେ କଥା ହୋଇ ପାରିବ ନାହିଁ । ତମେ ଖବର କାଗଜ ପଢ଼ିନ କି ? ଆଜିଠୁ ପା' ତେଲ ଦାମ ବଢ଼ିଲା, ଭଡ଼ା ବି ବଢ଼ିଲା । ପୁରୁଣା ରେଟ ଆଉ ନାହିଁ । ସମସ୍ତେ ଆଉ ପାଞ୍ଚ ପାଞ୍ଚ ପଇସା ବାହାର କର ।"

ଉତ୍ତରରେ କିରଣିଛଡ଼ା ମୃଦଙ୍ଗ ପରି ଫାସୁଫାସୁଆ ସ୍ୱରରେ ଜଣେ କିଏ କଅଣ କହେ, କିଛି ବୁଝି ହୁଏ ନାହିଁ, କିନ୍ତୁ ତାଙ୍କ ସ୍ୱରକୁ ଚପି କ୍ଲିନରର ସ୍ୱର ଏଥର ପରିଷ୍କାର ଶୁଭେ ।—

"ଆରେ ଯାଃ, ସରକାର କଅଣ ତେଲ ଦାମ ବଢ଼େଇଲା ? ଦାମ୍ ବଢ଼ଉଛ ତୁମେ । ଆଳୁତ ସବୁଦିନେ ମାଟିରେ ଫଳୁଛି । ତା' ଦାମ୍ କେମିତି ଦିନକୁ ଦିନ ବଢ଼ୁଛି ! ଦୁଧ ତ ଗାଈ ପହ୍ଲାରୁ ବାହାରୁଛି, ସେରେ ଦୁଧ ଠେକ ଭିତରେ ପଶିଲେ କେମିତି ଦି'ସେର ହଉଛି ? ସବୁ କଥା ତ ତା' ଖଞ୍ଜରେ ବଢ଼ୁଛି । ଏଥିରେ ସରକାର କେମିତି ବଢ଼େଇଦେଲା ତେଲ ଦାମ ?"

ଲଗ ଲଗ ଦୁଇ ତିନିଟା ହାଇ ପେଲି ଡ୍ରାଇଭର ଏଥର ଟିକିଏ ଖଜଖଜ ହୁଏ, ଆଉ ଦୁଇ ତିନିଥର ହର୍ଣ୍ଣଟାକୁ ଚିପିଦିଏ । ତା'ପରେ ଆପଣାଛୁଏଁ ସବୁ କଥା ସରଳ ହୋଇଯାଏ । କ୍ଲିନରର ଗୋଟାଏ ଗୋଡ ଫୁଟବୋର୍ଡ଼ ଉପରକୁ ଉଠିବା ମାତ୍ରେ ସେ ଗୋଟାଏ ଚିଲ ପରି ଦାନ୍ତସନ୍ଧିର୍ ରବାବ କରେ—"ର୍ର୍ରାଇଟ ।" ତା'ପରେ ଯାଇ ଗାଡି ଇଞ୍ଜିନର ଶବ୍ଦ ଶୁଣାଯାଏ ଓ ଗାଡି ଆଗକୁ ଗଡେ । ଏହା ପରେ କ୍ଲିନର ଧଡ଼କରି କବାଟଟାକୁ ବନ୍ଦକରେ ଓ ପକେଟରେ ହାତ ଭର୍ତ୍ତି କରେ । ଘଣ୍ଟି ଦଉଡ଼ିକୁ ଛୁଇଁ କଣ୍ଡକ୍ଟର ଏଥର ପଇସା ଗଣିବାରେ ପୂରା ମନୋନିବେଶ କରେ; କିନ୍ତୁ ପ୍ରତି ସ୍ଥାନି ସେତିକିରେ ଶେଷ ହୁଏ ନାହିଁ । ଥରେ ଗାଡ଼ି ଚାଲିବାକୁ ଆରମ୍ଭ କଲା ପରେ ଆଉ ଥରେ ବନ୍ଦ ହେବା ଭିତରେ କ୍ଲିନର ବିଷୟକୁ ଅତି ସତର୍କତାର ସହିତ ଖାସ ନିଜ ପାଇଁ ଅନ୍ତତଃ ଗୋଟାଏ ମୁହୂର୍ତ୍ତ ଆତ୍ମଗୋପନ କରିବାକୁ ପଡ଼େ । ଲମ୍ବା ଜନତା ବସର ଲକ୍ଷପତିକୁ, ଯେଉଁଠି କ୍ଲିନରର ପୂର୍ଣ୍ଣ ଦାୟିତ୍ୱରେ ଥିବା ବଳିଟି ଅଜ ଛୁଆକନା ଓଗେର କେତେକ ସରଞ୍ଜାମ ରଖିବା ପାଇଁ ଆନତିଏ ଥାଏ, ଅଥ ନିଦ୍ଭୁତରେ 'ଚେହ୍ରିକି ଅଣ୍ଡା ପଡ଼ିଲା ପରି, ଏପରି କି

କଣ୍ଡକ୍ଟର ଆଉ ଡ୍ରାଇଭରଙ୍କର ଦୃଷ୍ଟିର ଅନ୍ତରାଳରେ କ୍ଲିନର ବିଚରା ସେଇ ଗାଡ଼ିର ଯାହାର ଶେଷ ବସା ଫେରନ୍ତା ଦଫାରେ ପାରି ହୁଏ ଆଉ ଦୁଇଟା ଯାହା କିଛି କାଟମାରଣା କଣ୍ଡକ୍ଟର ମୁହଁରୁ ବର୍ତ୍ତିକରି ପକେଟ ଭିତରକୁ ଆସିଯାଇଥାଏ; ସେଇ ଚଣ୍ଡର ଚଣ୍ଡ ପରି ଗୋଟିଏ ଶୁଖିଲା ବାଇଗଣ, ଅଥବା ବଡ଼ ନଇନିତାଲି ଆଳୁଟାଏ ବା ସମସ୍ତ ବଳତରେ ଠୁସି କଲସର କେଇମୁଣ୍ଡା । ସେତକ ସଂଗୃହୀତ ହୁଏ ଗୋଟିଏ ଜୀର୍ଣ୍ଣ, ଅପରିଷ୍କୃତ, ଖାକି ସରକାରୀ କ୍ଲିନର ପୋଷାକ ପ୍ୟାଣ୍ଟର ଗୋଡ଼ରୁ କଟା ହୋଇ ସିଲେଇ ହୋଇଥିବା ଥଳିଟିଏ ଭିତରେ । ଏ ଥଳୀର ଖୋଜ ପାଇବା ସବାଟିଆ ଡ୍ରାଇଭର ଓ କଣ୍ଡକ୍ଟରଙ୍କ ପକ୍ଷରେ ସହଜ ନ ହେଲେ ମଧ୍ୟ ବେଳେ ବେଳେ ପଛ ସିଟରେ ବସିଥିବା ଜନତା ପ୍ୟାସେଞ୍ଜରଟିଏ, ପଥରହଣ୍ଡରେ ଲୁଚି ହୋଇଥିବା ଝିଟିପିଟିର ଅଣ୍ଡାକୁ ଗୋଟିଏ ଗୋଟିଏ ଅବଗୁଣିଆ ପିଲା ନିରେଖି ନିରେଖି ଅନେଇ କାଠିରେ କେଞ୍ଚାକେଞ୍ଚି କଲପରି ଆବିଷ୍କାର କରି ତାହାକୁ କୌତୂହଳବଶତଃ ଚପାଚପି କରେ, ଏପରି କି ଗୋଡ଼ରେ ଦଳାଦଳି କରି ପରିବାଗୁଡ଼ାକୁ କଞ୍ଚିଆ କରି ନଷ୍ଟ କରି ପକାଏ; କିନ୍ତୁ କେହି କେବେ ଦୁଃସ୍ଥ କ୍ଲିନରଟିର ଗୁମରକୁ ପଦାରେ ପକାଇ ଦିଅନ୍ତି ନାହିଁ । ଥରେ ଥଳିଟିକୁ ଚପାଚପି କରି ସାରିଲା ପରେ ସେମାନେ ସାଧାରଣତଃ 'ଯାନେ ଦୋ' ବୋଲି ମୁହଁ ବୁଲାଇ ଦିଅନ୍ତି, ଆଉ ନିଜର ଯାତ୍ରା ସରିବା ପର୍ଯ୍ୟନ୍ତ ଚୁପ୍ ହୋଇ ବସି ଭୁଲାନ୍ତି । କ୍ଲିନର ବିଚରା କିଂକର୍ତ୍ତବ୍ୟବିମୂଢ଼ା ମା'ଟିଏ ପରି ଟିକିଏ ଦୂରରେ ଠିଆ ହୋଇ ଥରେ କଣ୍ଡକ୍ଟର ମୁହଁକୁ ଓ ଆଉ ଥରେ ଲୁଚିଲା ଥଳିଟିର ଦଶା ଆଡ଼କୁ ବାରେଇ ବାରେଇ ଅନାଉଥାଏ । ଜନତା ଗାଡ଼ି ଢୁଳେଇ ଢୁଳେଇ ଗନ୍ତବ୍ୟ ସ୍ଥାନ ଆଡ଼କୁ ମୁହେଁଇ ଯାଏ ।

କିନ୍ତୁ ସେ ରାତିର ଦେଇ କଟକ ବସ୍ ଟର୍ମିନସର 'କଞ୍ଚୁକା' ଜନତା ବସ ଆତ୍ମାଭିମାନରେ ଜଳଜଳ ହଠାତ୍ କଟକ ରାଜପଥର ଗୋଟିଏ ଅପରିଚିତ ସ୍ଥାନରେ ଆସି ଅଟକିଗଲା—ଯେଉଁଠି ନଡ଼ବନଅଁ ଯାତ୍ରୀ ତ ଦୂରର କଥା, ପୁରୁଣା ଡ୍ରାଇଭର ଓ କଣ୍ଡକ୍ଟରଙ୍କର ଅନେକ ବର୍ଷର ଦୀର୍ଘକାଳ ଭିତରେ କେହି କେବେ ଗାଡ଼ିର ଏଥି ଅଂଶରୁ ଗାଡ଼ିରେ ଉଠି ନ ଥିଲା ବା ଓହ୍ଲାଇ ନ ଥିଲା ।

ରାତି ବାର ବାଜିବାକୁ ଆଉ କେତେ ସେକେଣ୍ଡ ! କଟିକଟିଆ ଅନ୍ଧାରିଆ ସଡ଼କର ଗୋଟିଏ କଡ଼କୁ 'ଜନତା' କଡ଼େଇ ଆସିଲା ଓ କଣ୍ଡକ୍ଟର ଅନିଚ୍ଛାକୃତ ଗୋଟିଏ ଘଣ୍ଟିର ପାହାରରେ ଗାଡ଼ିର ଗତି ଧିମେଇ ଧିମେଇ ଶେଷକୁ ଠାଏ ଅଟକି ଠିଆ ହେଲା; କିନ୍ତୁ ସବୁଥର ବାଟପାଖ ରହୁଣିବେଳେ ଗାଡ଼ି ଇଂଜିନର ବ୍ରେକକୁ ଡ୍ରାଇଭର ଯେମିତି ଚିପିଦେଇ ଗାଡ଼ିକୁ କଡ଼େଇ ଦିଏ ଓ କଣ୍ଡକ୍ଟର ଇସାରାରେ, କ୍ଲିନର୍ ନାଁ ଧରି ଡାକ ମାରେ, "ହୋ ନନ୍ଦୁର ପେଣ୍ଠି ବ ଉଗଣି ମଉସା ! କହୋ ଓହ୍ଲେଇବ ନା କି ? ଜାଗତ ! ଜାଗ୍ରତ ! ଆହେ, ନୂଆବୋହୂ କଲ' ଦିନେ

ହେଲେ ଗରମାଗରମ ବୋହୂ ପରଷା ଚୃଖିଲ୍ ନାହିଁ ? ଉଠିବା ସବୁ ଅଣ୍ଡା ହୋଇଗଲା !" ଇତ୍ୟାଦି ପ୍ରକାରେ ଡାକମାନ ଆଉ ଶୁଣାଗଲା ନାହିଁ । ବରଂ ଅଧୀର ହୋଇ ହାତ ପାଖ ହର୍ଣ୍ଣଟାକୁ ଜୋରରେ ଜୋରରେ ପଁ ପଁ କରି ଡ୍ରାଇଭର ଡାକ ମାରିଲା, "ହେ ଫକୀର ! ଆବେ ଜଲଦି କର ! ରାତି ଅଧ ହେଲା ! ଗାଡ଼ି ବୋଧେ ଆଉ ପହଞ୍ଚିବ ନାହିଁ ! ତତେ କିଏ କହିଲା—ଏ ମାଠ ପାଖ ପେସେଞ୍ଜରରୁ ଏତେ ପୂରେଇବା ପେଇଁ ! ଏଇଟା କୋଉ ଜେଗା ? କାହିଁ ଦଶବର୍ଷ ହୋଇଗଲା ହେଲେ ତ ଏଠି କେହି ଚଢେ ନାହିଁ କି ଓହ୍ଲାଏ ନାହିଁ । କାହାର ମନେ ପଡ଼ିଗଲା ଆଜି ?" ବୁଢ଼ାଟିଏ, ବୁଢ଼ୀଟିଏ । ଆଗେ ଆଗେ ବୁଢ଼ୀ, ପଛେ ପଛେ ବୁଢ଼ା । ବୁଢ଼ୀ ଧରିଥାଏ ବୁଢ଼ାର ବାଡ଼ିଅଗକୁ । ବସ୍‌ଯାକ ଏଣେ ତେଣେ ଜମା ହୋଇଥାଏ ଗଣ୍ଠିଲି, ପୁଟୁଳି । ଗୋଟିଏ ଗଣ୍ଠିଲିରୁ ପାଦ ଉଠାଇଲାବେଳକୁ ଗଣ୍ଠିଲି ମାଲିକର ନାଦ ଚଂ କରି ଭାଙ୍ଗି ଯାଉଥାଏ । ଆଉ ସେ ଚହଙ୍କି ଉଠୁଥାଏ, "ହାଁ ହାଁ ସର୍ବନାଶ ! ଅନ୍ଧଟାଏ ନା କଅଣ ? ଗଲା ! ଏତେ କଷ୍ଟ କରି ପାଚିଲା କଦଳୀ ଫେଣାଟାଏ ଆଣିଥିଲି ଯେ ଏଇଠି ଚିରିଣି ହୋଇଗଲା ?"

ଧୀରେ ଧୀରେ, ବସ୍‌ଟାଯାକର ବାଙ୍କିଲା ବେକ ସକାଳର ପଦ୍ମକଢ଼ି ସଳଖ ତେଣ୍ଟରୁ ପାଖୁଡ଼ା ମେଲିଲା ପରି ଠେକ ହୋଇଗଲା— ଅଧ ଆଖିରେ ହାତ ବୁଲାଇ ପ୍ରତ୍ୟେକ ପ୍ରତ୍ୟେକର ଗଣ୍ଠିଲିଠାରୁ ଆରମ୍ଭ କରି ହାତଘଡ଼ି ପର୍ଯ୍ୟନ୍ତ ତଦାରଖ କରି ଲାଗିଲେ ।

"ହାଁ ଜେରା ହୁସିଆର, ହୁସିଆର, ଇସ୍ ଟୋକେଇମେ ଆଣ୍ଡା ହୈ ବୁଢ଼ାବାବୁ ! ଜେରା ପଥର୍ ସମ୍ଭାଲ୍ କେ !" "ଛିଃ ! ଗାଡ଼ି ଆଉ କେତେବେଳେ ପହଞ୍ଚିବ ! ବାଟ କୋଡ଼ିଏ ମାଇଲକୁ ତିନିଘଣ୍ଟା ଲାଗି ଗଲାଣି ? ହୋ କଣ୍ଡକ୍‌ଟର୍ ! ଗାଡ଼ି ଛାଡ଼ ଜଲଦି ! ମୁଁ ଆଉ ଅଫିସ୍ ଫାଇଲ୍ ଦେଖିବି କେତେବେଳେ ? ଆଉ ସକାଳୁ ଅଫିସ୍ କରିବ କେତେବେଳେ ?"

ଇଞ୍ଜିନ୍ ବନେଟ୍ ଉପରେ ମୁଣ୍ଡକୁ ମୁଣ୍ଡ ଯୋଡ଼ି ପିରାମିଡ଼ ପରି ଶୋଇ ରହିଥିବା ଯୁବକଟି ମଧ୍ୟ ଏଇ ବୁଢ଼ା ବୁଢ଼ୀ ବ୍ୟାପାରରେ ସାମାନ୍ୟ ହଲଚଲ ହୋଇଗଲା । ଜଣେ କଲେଜ ପିଲା ହାଇଟାଏ ମାରି ଅନ୍ୟର ପକେଟଭିତରୁ ହାତ ପୂରେଇ କିଛି ସମୟ କ'ଣ ଦରାଣ୍ଡିଲା । ତା'ପରେ ସେ ମୁହଁ ଉପରକୁ ଟେକ ଠିକ୍ ତା'ରି ମୁଣ୍ଡ ଉପରେ ଝୁଲୁଥିବା ନରମୁଣ୍ଡମାଳିନୀ କାଳିକା ଫଟଟାର କଡ଼ରେ ବଡ଼ ନାଲି ହରଫରେ ଲେଖା ହୋଇଥିବା "ଧୂମପାନ ନିଷେଧ" ପଟାଟାକୁ ଅନେଇଥିବା ଅବସ୍ଥାରେ ଓଠଭିତରକୁ ଖଣ୍ଡେ ସିଗାରେଟ୍ ଚେପି ଦେଇ ଫସ୍ କରି ଦିଆସିଲି କାଠିଟାଏ ଘଷିଲା—ନୂଆ ଦିଆସିଲି ମୁଠ ଟାର ତାଜା ରକ୍ତକଣରେ । ଗାଡ଼ିଟା ଭିତର

ହଠାତ୍ ଉତ୍କଟ ଧୂଆଁରେ ପୂରି ଉଠିଲା । ସେ ଧୂଆଁରେ ବାକି ଯେତେ ଶୋଇ ରହିଥିଲେ ଆଖି ଫିଟାଇଲେ । ଏପରିକି କୋଳର ଛୁଆ ବି କାନ୍ଦିଉଠିଲା ।

ଠିକ୍ ଏତିକିବେଳେ ଗାଡ଼ିର କବାଟପାଖରେ ଗୋଟିଏ ତ୍ରେଟକାଟର ଧସ୍ତା-ଧସ୍ତି ଆରମ୍ଭ ହୋଇଗଲା । ବୁଢ଼ାଟି ଯେତେବେଳକୁ ତଳକୁ ଓହ୍ଲାଇ ପଡ଼ୁଥାଏ । ବୁଢ଼ା ଓହ୍ଲେଇବାପାଇଁ ଗୋଡ଼ ବଢ଼ାଇ ପାହାଚକୁ ଠାବ କରୁଥାଏ । ଏହି ସମୟରେ ହଠାତ୍ ଗାଡ଼ିର କ୍ଲିନର୍ ବୁଢ଼ା ଉପରକୁ ଝାମ୍ପଟାଏ ମାରିଲା । ଏ ଅସମୟ ଆକ୍ରମଣ-ପାଇଁ ଅନ୍ଧ ବୁଢ଼ା ଲୋକଟି ପ୍ରସ୍ତୁତ ନ ଥିଲା । ସେ ଟଳିପଡ଼ିଲା । ଅବଶ୍ୟ ପୂରାପୂରି ତଳେ ପଡ଼ିଗଲା ନାହିଁ । ଅଣ୍ଡାବାଲା କଦଳୀବାଲା ଏପରିକି ଟିନ୍‌ପିନ୍ ସୁଟ୍ ପିନ୍ଧା ଜଣେ ଦି'ଜଣ ଯୁବକ, ଯେଉଁମାନେ କି ଭିଡ଼ ଭିତରେ ଥାଇ ମଧ୍ୟ ନିଜ ଦେହକୁ ଏପରି ସଙ୍କୋଚ ନେଇଥିଲେ ଯେ, ଅନ୍ୟ ଲୋକର ଉଡ଼ନ୍ତା ଫେର ବି ତାଙ୍କ ପୋଷାକର ସଉଷ୍ଠବକୁ ସ୍ପର୍ଶ କରି ପାରୁ ନ ଥିଲା, ସେମାନେ ବି ଆତ୍ମରକ୍ଷାର ଅଭ୍ୟାସବଶତଃ ବୁଢ଼ାକୁ ଟେକି ଧରିଲେ ।

କିନ୍ତୁ ତା'ପରେ ପରେ ଆରମ୍ଭ ହୋଇଗଲା ସମ୍ମିଳିତ ଆକ୍ରମଣ । ପ୍ରଥମେ କ୍ଲିନର୍ ଆରମ୍ଭ କଲା—"ଦେଖ ହୋ ! ଏ ଲୋକଟା କୁଆଡ଼େ ଅନ୍ଧ ! ହେଇଟି ଦେଖନ୍ତୁ ଆଜ୍ଞା, ମୋ ଥଳିଟାକୁ କୋଉ ଷ୍ଟେସନରେ ନେଇ ଛୁ କରୁଥିଲା । ଅଉ ଟିକେକେ ତ ଯାଇଥାନ୍ତା ! ବାଇଗଣ କଲେ ଦେଢ଼ଟଙ୍କା ହେଲାଣି ଆଜ୍ଞା ! ଦୋଟି ବାଇଗଣ କିଣି ପକେଇଥିଲି ଏ ଥଳିରେ । ଚୋରଙ୍କର ନିଘା ପୁଣି ଏ ବାଇଗଣ ଦି'ଟାକୁ ହୋ ! ଓହୋ କି ଯୁଗ ହେଲା ଏ ! ହା ଧରମ !"

ଗାଡ଼ିର ଗାଡ଼ାଏ ପାସେଞ୍ଜର ଆଉ ଡ୍ରାଇଭର, କଣ୍ଡକ୍ଟର ହେଇ ଷାଠିଏ ସତୁରି ଲୋକ ହଠାତ୍ ମହୁମାଛି ପରି ଭଁ ଭଁ କରିଉଠିଲେ । କରି ନ ଥାନ୍ତେ; କିନ୍ତୁ କ୍ଲିନରର ସେଇ ଶେଷ 'ଧରମ' ଡାକଟା ସେମାନଙ୍କୁ ଉତ୍ତିଷ୍ଠତ, ଜାଗ୍ରତ !… ଡାକ ଭଳି ଚମକେଇ ଦେଲା । ପୁଣି ଚୋର, ଅନ୍ଧ, ବାଇଗଣ, କ୍ଲିନର୍ ପ୍ରଭୃତି ଶବ୍ଦମାନଙ୍କର ପୃଷ୍ଠଭୂମିରେ ସେଇ ଅବେଳାର ଡାକଟା—ଅଡ଼ୁଆ ବାଲରେ ପେଷା ହୋଇଥିବା ବାର ପରି ଶୋଇଥିବା ନିର୍ଦ୍ଦୋଷ ଲୋକର ଗାଲ ପିଠରେ ଅନେକ ଗୁଡ଼ାଏ ବଧା ଭୂସୁଡ଼ା ବର୍ଷିଗଲା । ଜଣେ କିଏ ତରଳା ସ୍ୱରରେ କହିଲା—"ମୋର ମନେ ହଉଚି ଏଇଟା ନିଶ୍ଚୟ ପାକିସ୍ଥାନୀ ଗୁପ୍ତଚର ! ନହେଲେ ଏ ଅପନ୍ତରାରେ, ଅନ୍ଧାରଟାରେ ଓହ୍ଲାଇ ଯିବ କୁଆଡ଼େ ଏ ଅନ୍ଧ ?"

ଇଞ୍ଜିନର ବନେଟ୍ ଉପରେ ବସିଥିବା ପିରାମିଡ଼୍ ଚହଲିଗଲା । ଦୀର୍ଘଦିନ ଧରି ଏକ ପିରାମିଡ଼୍ ଭିତରେ ଅତର ମଖା ହୋଇ ପଡ଼ିଥିବା 'ମମି' ଲାଗ୍ ଲାଗ୍ ଉଠିଟା ହାଇ ମାରିଲା ।

ସେଗୁଡ଼ାକ ଥାଏ ଭାରତ-ପାକିସ୍ଥାନର ସତରଦିନିଆ ଘମାଘୋଟ ଯୁଦ୍ଧ ପରବର୍ତ୍ତୀ ଦିନଗୁଡ଼ିକ । ଯୁଦ୍ଧ ସରି ଯାଇଥାଏ । ପେଲ୍ ଆଉ ଘାଟୀ ନେତାମାନଙ୍କରୁ ପୁଲିସ ପହରା ଧୀରେ ଧୀରେ ଅପସରୁ ଥାଏ, କିନ୍ତୁ ଖବରକାଗଜ ଓ ରେଡ଼ିଓରୁ ତେଲ ସରସର ମସାଲ ନିଆଁରୁ ଥପ ଥପ ହୋଇ ଗଳି ପଡ଼ୁଥିବା ନିଆଁ ଝୁଲପରି, ଜାତୀୟତାର ଝୁଲ ସବୁ ଖସୁଥାନ୍ତି ପ୍ରବଳ ପରିମାଣରେ ।

"ହିନ୍ଦୁଜାତିର ମା ବାପ ନାହିଁ । ଅନ୍ୟ କେହି ଜାତି ହୋଇଥିଲେ ଏଇଲେ ଦେଖିଥାନ୍ତ । ଏଇଲେ ପାକିସ୍ଥାନ ଭିତରକୁ ନିଗ୍ରହ ଅନ୍ଧ ଭାରତୀୟଟିଏ ପଶିଯାଉନା ଦେଖି, ତା ପିଠିରୁ ଟୋପା ଛଡ଼େଇ ଦେଇ ନ ଥାନ୍ତେ !"

ପାସେଞ୍ଜରମାନଙ୍କ ଭିତରେ ଏଣେ ଏହିପରି ଖୁବ ଖୁଆଖୋଇ ଚାଲୁଥିବା-ବେଳେ ତେଣେ ବାହାରେ ଏକ ଅଭୂତପୂର୍ବ କାଣ୍ଡ ଘଟିଗଲା । ପଇସା—ଅଣ୍ଟା ହାତରେ ଠୋ କରି ଗୋଟାଏ ଚାପୁଡ଼ା କସି ଦେଇ କଣ୍ଡକ୍ଟର ପାଟିକରି ଉଠିଲା, ଆଜ୍ଞା କଦାପି ଅନ୍ଧ ନୁହେଁ । ଏ ଲୋକ ଅନ୍ଧାରରେ ବି ପଢ଼ି ପାରୁଛୁ ଆଜ୍ଞା ।"

ତତ୍‌କ୍ଷଣାତ୍ ଜାତୀୟ ଜନତା ବସ୍‌ରେ ଖୁନ୍ଦା ହୋଇଥିବା ଜନତାର ମୁଣ୍ଡ ଚଟରେଇ ଯାଇ ଏକ ସହସ୍ର ଫଣାରେ ଉଭରି ଉଠିଲା ଓ ବସ୍‌ର ଏକମାତ୍ର କବାଟ ବାଟେ ପିଟକି ପଡ଼ୁ ପଡ଼ୁ ଅଜାଣତରେ ଆପଣା ଦେହକୁ ହିଁ ଆପେ ଗୁଡ଼ାଏ ଦାଗି ପକେଇଲା । ସବୁରି ଆଗରେ ଥିଲେ କଲେଜପିଲାଏ । କଣ୍ଡକ୍ଟରର ଚାପୁଡ଼ାର 'ଠୋ' ଶବ୍ଦଠାରେ ସେମାନେ ପ୍ରଥମେ ଛୁଟିକି ପଡ଼ିଲେ—ତୁଲାଭଣ୍ଡାର ଦଉଡ଼ି ଉପରେ ଲାଗି ଯାଇଥିବା ତୁଳାମେଞ୍ଚାଟା ଭଣ୍ଡାର ପ୍ରଥମ ଟଂ କାର୍‌ରେ ଛୁଡ଼ିକି ପଡ଼ିଲା ପରି ।

ବୁଢ଼ା ଲୋକଟା ତଳେ ଗଳି ପଡ଼ିବା ପର୍ଯ୍ୟନ୍ତ ସ୍ପଷ୍ଟଭାବେ ଉଚ୍ଚାରଣ କରି କହୁଥାଏ "ମୁଁ ଗୁପ୍ତଚର ନୁହେଁ ଆଜ୍ଞାମାନେ, ମୁଁ ଅନ୍ଧ ! ମୁଁ ସୁର ଦାସ ! ମୋ ଘର ଏଇଠି ବାବାମାନେ ! ମୁଁ ଭାରତୀୟ ! ଓଡ଼ିଆ ମୁଁ ବାବା ! ଜଗନ୍ନାଥ ଜାଣନ୍ତି ମତେ ଜଣା ବାବୁ !"

ଜଣେ କିଏ ତା'ର ଆଣ୍ଠୁ ନ ଲୁଗା ଧୋତିର ଖୋସଣି ଦରାଣ୍ଡି ଆଣୁ ଆଣୁ କହିଲା, "ହୁଃ ! ସୁରଦାସ ନା ? ଖୋସଣିରେ ହେଇ କାଗଜଟା କଅଣ ? ତୁ ତ ଅନ୍ଧ, କାଗଜ କଅଣ କରୁ ! ଗୁପ୍ତ ତଥ୍ୟ—ନାହିଁ ?"

"ଗୁପ୍ତ ତଥ୍ୟ ନୁହେଁ ଆଜ୍ଞା—ପ୍ରଶଂସାପତ୍ର—ଏଇ ଯନ୍ତ୍ରଣାରେ ପାଇଚି ଆଜ୍ଞା ମନ୍ତ୍ରୀଙ୍କ ଠୁଁ ! ଚରନ୍ତୁ ନାହିଁ ହଜୁର !"

"ମନ୍ତ୍ରୀଙ୍କଠୁଁ ?" ବୁଢ଼ାର ଖୋସଣି ଫିଟେଉଥିବା ଲୋକଟି ହଠାତ୍ ଠୋ, ଠୋ ହସି ଉଠିଲା ଓ ସେଇ ହସରେ ହସରେ କହିଲା—

"ଶୁଣିଲୁ ଏ କୁଆଡ଼େ ପୁଣି ମନ୍ତ୍ରୀଙ୍କଠୁ ପ୍ରଶଂସାପତ୍ର ପାଇଚି ! ହଇଓ ! ତୁମେ ପରା ଏଇଲେ ଏ ଗରିବ କ୍ଲିନର୍‌ଟାର ପରିବାଥଳୀଟାକୁ ଚୋରେଇ ଥିଲ ?

ମାଡ଼ ଖାଇ ତଳେ ପଡ଼ିଯାଇଥିବା ବୁଢ଼ାଟିକୁ ଆଉଁସି ଦେଉ ଦେଉ ବୁଢ଼ୀଟି ହଠାତ୍ ବାହୁନି ଉଠିଲା—

"ପରି ଆପଣା ଜାଣେ ନାହିଁ ଗୋ ! ତାକୁ ଏତେହରି କରିଦେଲ…"

"ପରି ଆପଣା ଜାଣେ ନାହିଁ ? ହୁଁଃ ! ଅନ୍ୟର ବାଇଗଣ ଆଳୁକୁ ତ ବେଶ୍ ଚିହ୍ନେ ! ମୁଁ ଟିକଟି ଦେଲାବେଳେ କେମିତି କହିଲା—ଏଇଟା ମୋ ଟିକଟ ନୁହେଁ ବାବୁ ! ଏଥିରେ ଅମୁକ ନାଁ-ସମୁକ ନେଖା ହେଇଚି ! ମୋଠୁ ଯୋଉ ପଇସା ନେଲ ସେଇ ପଇସାର ଟିକଟ ଦିଅ । ସେତେବେଳେ ତ ଆଖିକୁ ବେଶ୍ ଦିଶିଲା । ପରି ଆପଣା ଜ୍ଞାନ ସେତେବେଳକୁ ଥିଲା କେଉଁଠି ?" କଣ୍ଡକ୍ଟର ବୀର ଦର୍ପରେ ଆପଣା ଜାଗାରେ ବାଁପଟ ପୁଣି ଲାଗ୍ ଲାଗ୍ ଦୁଇଟା ଘଣ୍ଟି କସିଦେଲା । ଡ୍ରାଇଭର୍ ବାରମ୍ବାର ହର୍ଣ୍ଣ ଚିପିଲା ଓ ଲୋକେ ଗାଡ଼ିରେ ପଶୁ ନ ପଶୁଣୁ ଗାଡ଼ି ଗଡ଼େଇଦେଲା—କ୍ଲିନର୍‌ର 'ରାଇଟ୍' ଶବ୍ଦକୁ ଅଉ ଅପେକ୍ଷା ନ କରି ।

ଜାତୀୟ ବସ୍ ସର୍ଭିସ୍‌ର ଜନତାଗାଡ଼ିର ଘୁମନ୍ତ ଯାତ୍ରୀ—ଜନତାର ଆଖିରୁ ନିଦ ତଥାପି ମରି ନ ଥାଏ । ରାତି ଅଧରେ ଅଝଟ ଧରୁଥିବା ଛୁଆକୁ ଖିନ୍ଦାଏ ପକେଇ ଥନଟାକୁ ତା ମୁହଁରେ ଗୁଞ୍ଜିଦେଇ ମା' ଶୋଇଗଲା ପରି ଯାତ୍ରୀ ପୁଣି ଶୋଇଗଲେ । ବାହାରୁ ଶିରଶିର ହୋଇ ଭୋର କୋହଲା ଅଦିନଆଁ ଜାଡ଼ ପବନ ପଶିଆସିଲା । କ୍ଲିନର୍ ଗୋଟି ଗୋଟି କରି ସବୁ ଝରକାର ପରଦା ଖସେଇଦେଲା । ଅଠର ମାଇଲକୁ ଦୁଇ ଘଣ୍ଟାରେ ମଧ୍ୟ ଅତିକ୍ରମ ନ କରି ପାରିଥିବା ଜନତାଗାଡ଼ି ପକ୍ଷୀରାଜ ପରି ଗତି ପଗାଡ଼ିନେଲା ।

ହଠାତ୍ ଇଞ୍ଜିନ୍‌ର ଗର୍ଜନ ଚିପି ଗୋଟାଏ ସରୁଆ ଅଥଚ ବର୍ଚ୍ଛାପରି ସ୍ୱର ଜନତାକୁ ପୁଣି ଅତର୍ଚ୍ଛ କଲା । ଏଥର ଅନ୍ଧ ଫନ୍ଦ ବା ବୁଢାବୁଢୀ ବ୍ୟାପାର ନୁହେଁ । ବନେଟ୍ ଉପରେ ନରମୁଣ୍ଡମାଳିନୀ ମା' କାଳିକାର ମୂର୍ତ୍ତି ତଳେ "ଧୂମପାନ ନିଷେଧ" ପଟାଟାକୁ ଖତେଇ ହେଇ ସିଗ୍ରେଟ୍ ଖାଉଥିବା ସେଇ ସରୁଆ ଡାହୁକିଆ କଲେଜ ପିଲାଟା ! ତା'ର ଅନ୍ୟ ଦୁଇଟି ସାଙ୍ଗ ସେତେବେଳକୁ ନିରବରେ ଖବରକାଗଜ ପୃଷ୍ଠା ଭିତରେ ମୁହଁ ପୂରେଇ ଦେଲେଣି—"ଓଟପକ୍ଷୀ ଓ ଝଡ଼"ର ନ୍ୟାୟରେ ହୁଏତ ।

"ବନ୍ଦ କର ! ଗାଡ଼ି ବନ୍ଦ କର ! ମୁଁ କହୁଚି ବନ୍ଦ କର୍ ! ଏ ଯଦି ଠିକ୍ ଟର୍ମ ଡଙ୍କା ହେଇଥାଏ, ତେବେ ବନ୍ଦ କର୍ ! ନଚେତ୍ ଓଲଟିଯିବ ଏହିକ୍ଷଣି ଏ ଗାଡ଼ି, ମୁଁ କହୁଚି !"

ଡ୍ରାଇଭର ତଥାପି ଗାଡ଼ିର ଗତି ବଢାଉଥାଏ । ସେ କେବଳ ଭୁଲ କରି ଥରେ ଗର୍ଜି ଥିବା ସ୍ୱରର ମୁହଁକୁ ଅନେଇଦେଲା । ତା'ପରେ କ'ଣ ଭାବିଲା କେଜାଣି, ସେ ଆକ୍ସିଲେଟର ଚପି ଗାଡ଼ିର ଗତି ଦ୍ୱିଗୁଣ କରିଦେଲା ।

"ଶୁଣ ! ତୁମେ ମୋତେ ଚିହ୍ନି ନାହଁ ! ଦେଖ ଦେଖ, ମୁଁ କିଏ !" ତା' ପରେ ସତେ ଯେପରି ଟିକିଏ ପୂର୍ବରୁ ଜନତାର ଘୃଣା ଓ କ୍ରୋଧର ଶିକାର ହୋଇଥିବା ଅନ୍ଧ ସୁରଦାସର ପ୍ରତିଚ୍ଛାୟା, ଭୂତ ହୋଇ ଝରକାର ପରଦାମାନଙ୍କୁ ସମ୍ମୁଡ଼ି ଭଣିଭଣା କରି ବସ୍ ଭିତରକୁ ପଶି ଆସିଲା, ସେହିପରି କଲେଜ ପିଲାଟା ହଠାତ୍ ତା' ବାଁ ହାତର ଖବର କାଗଜଟାକୁ ଚଡ଼୍ ଚଡ଼୍ କରି ମକଚି ଫୋପାଡ଼ି ଦେଇ ଡାହାଣ ହାତଟାକୁ ଉଞ୍ଚାକରି, ଛୁଟନ୍ତା ବସ୍‌ର ଇଞ୍ଜିନ୍ ବନେଟ୍ ଉପରକୁ କୁଦି ପଡ଼ିଲା—

"ଅନାଅଁ, ଅନାଅଁ, ହେଇ ଦେଖ ! ଏଇ ମୋ ହାତକୁ ଦେଖ ! ଏଇ ଟିକଟ ! ଆଉ ସମସ୍ତଙ୍କୁ ଅନୁରୋଧ, ଭାଇମାନେ ଆପଣମାନେ ନିଜ ନିଜର ଟିକଟ ଯଦି କାଟିଛନ୍ତି, ତେବେ ପକେଟରୁ ବାହାର କରି ଏହିପରି ହାତରେ ଧରନ୍ତୁ, ଆଉ ଉପରକୁ ଟେକି ହଲାନ୍ତୁ—ଯେପରି ଆସେମ୍ବ୍ଲିରେ ସରକାରୀ ବିଲ୍ ଉପରେ ଭୋଟ ନିଆଗଲାବେଳେ ଟ୍ରେଜେରୀ ବେଞ୍ଚର ଲୋକେ ହାତ ଟେକନ୍ତି—କେବଳ ସେତିକି ନୁହେଁ, ଭାଇମାନେ, ତଥାପି ଯଦି ଆପଣମାନଙ୍କର ସଂଖ୍ୟାଗରିଷ୍ଠତା ନ ହୁଏ, ତଥାପି ଦୁଃଖିତ ହୁଅନ୍ତୁ ନାହିଁ । ବର୍ତ୍ତମାନ ଏପରି କରନ୍ତୁ !"

ବାଇଗଣ ବେଡ଼ର ଅନ୍ଧ ବୁଢାଟିର ମୁହଁରେ ନିର୍ଘାତ ପାହାର ବସେଇବାରେ ଅଗ୍ରଣୀ ହୋଇଥିବା ଏହି ତରୁଣଟି କଠୋର ପଶ୍ଚାତ୍ତାପ ଓ ଆତ୍ମବିଦ୍ରୋହରେ ସେତେବେଳକୁ ତାତିଲା କଡ଼େଇ ଭିତରର ବାଇଗଣ କସିପରି ନିଷ୍ପିଷ୍ଟ ହନ୍ତୁଳ ହୋଇ ସାରିଥିଲା । ଆଖି ପିଛୁଳାକ ଭିତରେ ସେ ତଳକୁ ଖସିପଡ଼ିଲା ଓ ଗୋଟାଏ ଗୁଣ-ଭଗ୍ନ ଧନୁପରି ପଡ଼୍‌କରି ସିଧା ହୋଇଯାଇ ପଛକୁ ବାଙ୍କିଗଲା । ଧନୁଷ୍ଟଙ୍କାରଗ୍ରସ୍ତ ମେରୁଦଣ୍ଡ ଉପରୁ ତା'ର ମୁହଁଟା ଗୋଟାଏ ମଧ୍ୟାହ୍ନର ସୂର୍ଯ୍ୟମୁଖୀ ଫୁଲପରି ଟେକା ହୋଇ ଉପରକୁ ଫୁଟି ଉଠିଲା । ମୁହଁ ଉପରେ ତା'ର ନରମୁଣ୍ଡମାଳିନୀ ମା' କାଳିକାର ମୂର୍ତ୍ତିଟି ଧୂମ୍ରମ୍ଳାନ ପରିଚ୍ଛନ୍ନତା ଭିତରୁ ନାଲି ଜିଭଟାକୁ କାଢ଼ି ମୁହୂର୍ତ୍ତେ ଯେପରି ନାଚି ଉଠିଲେ । ଆଉ, ସେହି ମୁହୂର୍ତ୍ତର ସଙ୍ଗମ ଭିତରେ ତରୁଣ ସୂର୍ଯ୍ୟମୁଖୀଟିର ପାଖୁଡ଼ା-ଗୁଡ଼ିକର ହଳଦିଆ ସତେ ଯେପରି ସୂର୍ଯ୍ୟର ହଳଦିଆ ସହିତ ମିଶି ଏକାକାର ହୋଇଗଲା ।

ପାଖରେ ବସିଥିବା ସାଙ୍ଗପିଲା ମୁହଁର ଜଳନ୍ତା ସିଗାରେଟର ନିଆଁରୁ ନାଲି ନାଲି ଫୁଲଗୁଡ଼ାକ ଟୋକାଟାର ଦୁଇ ଆଖିରୁ ସତେକି ଝର ଝର ହୋଇ ଝରିଗଲା ।

ଗୋଟିଏ ବହୁବର୍ଣ୍ଣ ଫ୍ରକ୍‌କୁଟିଆ ଗନ୍ଧ ନବୁଜ ବସ୍ ଭିତରେ ଅଇଣ୍ଠେଇ ଗଲା । ବସ୍‌ର ମୂର୍ତ୍ତି ଦୁଇ ଦେଖି ମହିଳାମାନେ ଚତ୍କାର କରି ଉଠିଲେ । ସେ କିନ୍ତୁ ସେମିତି ବେକଖର୍ଚ୍ଚି, ଉପରକୁ ମୁହଁ କରି ଠିଆ ହୋଇଥାଏ । ତା'ର ବକ୍ତବ୍ୟ ତଥାପି ଶେଷ ହୋଇ ନ ଥାଏ ।

"ବର୍ତ୍ତମାନ, ଏହିପରି ଦେଖନ୍ତୁ !" ମୁହଁକୁ ଆଉ ତଳକୁ ନ କରି ଆଖିର ଖୋପ ଦୁଇଟାକୁ ସାବଧାନତାର ସହିତ ଉପରକୁ ଟେକି ଧରି ବନେଟ ଉପରେ ମୂର୍ଖପରି ନାଚୁଥାଏ ସେ—ସତେ ଯେମିତି କୁନି ପାଟିରେ ପାଟିଏ ଅମୃତ ନେଇ ଶିଶୁଟିଏ ତାକୁ ଏ କଳରୁ ସେ କଳ ଦେଇ ଆସ୍ୱାଦୁ ଥାଏ ।

"ଆପଣଙ୍କର ଟିକେଟ୍‌ଗୁଡ଼ିକରେ ଲେଖାଥିବା ଅକ୍ଷରଗୁଡ଼ିକୁ ଏହିପରି ପାଠ କରନ୍ତୁ, ଭାଇମାନେ ! ଆପଣଙ୍କୁ ଭଗବାନଙ୍କ ଦୋହାଇ, ଯେଉଁ ସତ୍ୟ ଆଖି ଥିଲା ମଣିଷ ମୁହଁକୁ ବଇଗଣ ଆଉ ଆଳୁ ହୋଇ ଜଳ ଜଳ କରି ଅନାଏ, ସେହି ସତ୍ୟର ଦୋହାଇ—ସେହି ସତ୍ୟର ଦୋହାଇ; ଆପଣ ଦେଖନ୍ତୁ—ଅନ୍ତତଃ ଆଖି ବୁଜି ଆପଣଙ୍କର ଟିକେଟ-ଗୁଡ଼ିକର ପଛପଟେ ମୁନିଆ ପେନ୍‌ସିଲର ଚହଲକୁ ଆଙ୍ଗୁଠିରେ-ଅନ୍ଧ-ବିଦ୍ୟାଳୟର ଅକ୍ଷର ପରି ପଢ଼ନ୍ତୁ । ଆଉ ସତ କହନ୍ତୁ—କଅଣ ଲେଖା ହୋଇଛି ? ଆପଣମାନେ ଯେଉଁ ଲକ୍ଷ୍ୟ ସ୍ଥଳକୁ ମୁହଁ କରି ଏ ଢର୍ମ ଢଙ୍ଗାରେ ବସିଛନ୍ତି—ଏ ଟିକେଟ ତା'ର ସ୍ୱାପର୍ଷିତ ବାଗର ଟିକେଟ କି ନା ସତ କରି କହନ୍ତୁ । ଆଉ ଯଦି ସେଇଆ ହୋଇଥାଏ—ଭାଇମାନେ ! ଆପଣମାନଙ୍କୁ ଧର୍ମର ଦୋହାଇ, ପିତୃପୁରୁଷଙ୍କର ଦୋହାଇ, କ୍ଷମା କରିବେ ପିତୃପୁରୁଷଙ୍କର ନାମ ମୁଁ ନେଉଛି—କାରଣ ଆପଣମାନେ ଦେଖି ପାରିଲେ ନାହିଁ, ଭାଇମାନେ, ବର୍ତ୍ତମାନ ମୁଁ ଦେଖୁଛି ଆଖିରେ ନିଆଁ ଗୁଞ୍ଜି ମାରିଲା ପରେ ଯାଇ ମୁଁ ଦେଖିପାରୁଛି ସେ ମୁହଁକୁ – କ୍ଷମା କରିବେ —ମୁହଁ ନୁହେଁ ବନ୍ଧୁଗଣ; ତାହା ହେଉଛି ଦେଇ ପିଠି ପଟଟାର ଦୃଶ୍ୟ— ମହାଭସ୍ମଙ୍କର ପିଠିର ଦୃଶ୍ୟ—ଯେଉଁ ପିଠି ଦେଖାଇ ସେ ଏ ବସ୍‌ରୁ ଓହ୍ଲାଇଗଲେ । ଓଃ, ଆପଣମାନେ ଦେଖିପାରୁ ନାହାନ୍ତି । ମୁଁ କିନ୍ତୁ ଠିକ୍ ଦେଖି ପାରୁଛି, ସେଇ ଇତିହାସର ପିଠିକୁ ! ଭାଇମାନେ ! ମତେ ବିଶ୍ୱାସ କରନ୍ତୁ, ସେ ଅନ୍ଧ ଆଉ ଅନ୍ଧୁଣୀ—ମଣିଷ ନୁହନ୍ତି, ସେ ଦୁହେଁ ଇତିହାସ । ଏ ଦେଶର ଇତିହାସ । ମଣିଷ ଜାତିର ଇତିହାସ । ଯାହାକୁ ଗୋରାମାନେ ଠେଲି ଦେଇଥିଲେ ସେଦିନ ଶୀତରାତିରେ, ଆଉ ଯେ ପରେ ତା'ର ଭୟଙ୍କର ପିଠିଟାକୁ ଆମ ଆଡ଼କୁ କରି ଏକଲା ଚାଲିଗଲା—ସତ୍ୟ ପ୍ରତି ଆଗ୍ରହ ଦେଖାଇ । ଓଃ, ସେ ଫଟଟା ମୋ ପଢ଼ା ଘର କାନ୍ଥରେ କିଏ କାହିଁକି ଟାଙ୍ଗିଥିଲାରେ ।"

ଭାରତ ପାକିସ୍ଥାନ ଯୁଦ୍ଧର ପରବର୍ତ୍ତୀ ସେହି ଉଗ୍ର ଜାତୀୟତା ଓ ଜନ୍ମଭୂମିର ଡାକରେ ଜାତୀୟ ଜନତା ବସ୍‌ର ପ୍ରତ୍ୟେକ ଟିକେଟବାଲା ବା ବେଗର୍ ଟିକେଟବାଲା

ଯାତ୍ରୀର କାନକୁ, ଗୋଟିଏ ଫାଶୀଖୁଣ୍ଟ ଆଡ଼କୁ ନିଆ ଯାଉଥିବା ଗେହ୍ଲା ପୁଅ, ହାଟକଡ଼ରେ ଠିଆ ହୋଇ ବାହୁନୁଥିବା ଜନ୍ମକଲା ମା' କାନରେ କଥାଟିଏ କହିବାକୁ ଅନୁମତି ମାଗି ରଟ୍ କରି କାମୁଡ଼ି ଖାଇ ଦେଲା ପରି, ଖାଇଦେଲା । ଚକ୍ଷୁହୀନ ଜନତା ବର୍ତ୍ତମାନ କର୍ଣ୍ଣହୀନ ଆଉ ମୂକ ପାଲଟି ଗଲା ।

ନିଜର ବକ୍ତବ୍ୟ ଶେଷ କରି ଇଞ୍ଜିନ୍‌ର ବନେଟ୍ ଉପରେ ନାଚୁଥିବା ସ୍ୱାଧୀନ କାଲସୀଟି ଅପ୍ କରି ଡଲେ, ଡ୍ରାଇଭର ପାଖରେ ଖସିପଡ଼ିଲା ।

ଯୁଦ୍ଧକ୍ଷେତ୍ରର ଘୋଡ଼ା ପିଠିରୁ କ୍ଷେତ୍ରୀ ହଠାତ୍ ତଳି ପଡ଼ିଲେ, ଘୋଡ଼ାଟା ଯେପରି ଇତସ୍ତତଃ ହୋଇଯାଏ ଓ ଅଜ୍ଞାତ ଆଶଙ୍କାରେ ହ୍ରେଷାରବ କରି ଉପରକୁ ଗୋଡ଼ ଟେକି ଠିଆ ହୋଇପଡ଼େ, ଡ୍ରାଇଭରର ସମସ୍ତ କର୍ତ୍ତୃତ୍ୱସତ୍ତ୍ୱେ ଜାତୀୟ ଜନତା ବସ୍‌ଟା ପ୍ରଥମେ ତା'ର ପଛ ଚକ ଉପରେ ଠିଆ ହୋଇପଡ଼ିଲା ଓ କିଛି କ୍ଷଣପାଇଁ ଗୋଟିଏ ଅନ୍ଧ ମଣିଷ ଅଣ୍ଡାଳି ହେଲା ପରି ଜାତୀୟ ରାଜପଥକୁ ଅଣ୍ଡାଳି ପକାଇଲା ।

ପରଦିନ ସକାଳେ ଯାହା ଦେଖାଗଲା, ତାହା ଆହୁରି ଇଙ୍ଗିତମୟ । ଯେଉଁ ଦୁର୍ଘଟଣାରେ ଜାତୀୟ ପରିବହନ ସଂସ୍ଥାର ଅଧିକାଂଶ ଲୋଲୁପ୍ତ 'ଜନତା' ବସ୍‌ଟି ଆକ୍ରାନ୍ତ ହୋଇ ପଡ଼ିଥିଲା, ତାହା ପ୍ରକୃତରେ ଏକାଧିକ ଦୁର୍ଘଟଣାର ଏକ ପ୍ରଳୟଙ୍କରୀ ଦୃଶ୍ୟ ଥିଲା । କାରଣ ସେ ରାତିରେ, ଘଟଣାକ୍ରମେ ଅନ୍ଧ ଆଉ ବଧିର ଯାତ୍ରୀମାନଙ୍କୁ ପିଠିରେ ଧରି ଜନତା ଗାଡ଼ିଟି ଯେଉଁ ଦିଗରେ ଗତି କରୁଥିଲା, ତା'ର ବିପରୀତ ଦିଗରୁ କିଛି ତୀର୍ଥଯାତ୍ରୀଙ୍କୁ ପିଠିରେ ଧରି ଗୋଟିଏ ଅତି ପୁରୁଣା ଓ ରାସ୍ତା ପରମିଟ୍ ନ ଥିବା ପ୍ରାଇଭେଟ ଭଡ଼ାଗାଡ଼ି ରାତିଆ ଟ୍ରିପ୍ କରୁଥିଲା । ବିଶେଷଜ୍ଞମାନଙ୍କ ମତରେ ଡ୍ରାଇଭରମାନଙ୍କର ସମସ୍ତ ସତର୍କତାସତ୍ତ୍ୱେ ହିଲେ ଅଣ୍ଟିରି ମାଇ ପଶୁ ପରି ଗାଡ଼ି-ଦୁଇଟା ପରସ୍ପର ଆଡ଼କୁ ଆକୃଷ୍ଟ ହେଲେ । ଡ୍ରାଇଭରମାନେ ଯଥାସମ୍ଭବରେ ବ୍ରେକ୍ ଦେଇଥିଲେ; କିନ୍ତୁ ଗାଡ଼ି ଦୁଇଟି ମୁହୂର୍ତ୍ତକ ମଧ୍ୟରେ ପରସ୍ପର ଆଲିଙ୍ଗନ ଭିତରେ ଛିନ୍ନ ହୋଇଗଲେ ।

---

# ମରୀଚିକା

## ଶ୍ରୀମତୀ ରାଜେଶ୍ୱରୀ ଦଳବେହେରା

ସୂର୍ଯ୍ୟ ଦେବତାଙ୍କ ଆଡ଼େ ଆସ୍ତୁଲୀକ ଟେକି ଆଖି ବୁଜିଲା ଅନିମା । ଶୀତ ସକାଳର କଅଁଳିଆ ଖରା ଯେମିତି ଦେହକୁ ଛୁଇଁ ବି ଛୁଇଁ ପାରୁନି । ଉପରେ ନିସ୍ତବ୍ଧ ଆକାଶ···ତଳେ ପୁଣ୍ୟତୋୟା ନଦୀର ହେମାଳିଆ ପାଣି···ଏ ଯେମିତି ଆଉ ଏକ ଦୁନିଆ । ଏ ଦୁନିଆକୁ ପାପ କଳୁଷିତ କରିନି—ଏ ଦୁନିଆରେ ଆଶା ଆଉ ନିରାଶାର ଦ୍ୱନ୍ଦ୍ୱ ନାହିଁ । ଦେବଦାସର କାନ୍ଧ ଉପରେ ହାତ ରଖିଲା ସେ—

—ଟ୍ୱଲି···

ଦେବଦାସ ଯେମିତି ହଠାତ୍ ପାଲଟି ଯାଇଛି । ଦୂର ଦିଗ୍‌ବଳୟ ଆଡ଼େ ଅପଲକ ନୟନରେ ଅନେଇ ରହିଛି ସେ । ଦୂରରେ—ବହୁ ଦୂରରେ ଆକାଶ ଦେହରେ ଯେମିତି କିଏ ନାଲିରଙ୍ଗ ବୋଳି ଦେଇଛି···ଅନୂଢ଼ା କନ୍ୟାର ନାଲି ପଣତ ଭଳି···ଏ ସ୍ୱପ୍ନଭରା ମାଟି ଯୋଉଠି ଆକାଶକୁ ଛୁଇଁଛି, ସେଠିକି ଆଖି ନ ପାଇଲେ ବି ହାତ ଯୋଡ଼ିଲା ଦେବଦାସ । ଆଖିରେ ତା'ର ତୃପ୍ତିର ଆନନ୍ଦ··

—କଅଣ ଦେଖୁଛ ?

ଆଖି ଫେରେଇଲା ଦେବଦାସ—ଦେଖୁଛି ନଗ୍ନ ପ୍ରକୃତିକୁ ଆଉ ଭାବୁଛି ଯାତ୍ରା ଆମର ସଫଳ ହେଇନି ।

ହସିଲା ଅନିମା—ଉହୁଁ—ଯେ ତ ଆମର ଯାତ୍ରାର ଆରମ୍ଭ ମାତ୍ର । ଆମର ଏ ଯାତ୍ରା ଯାଇ ସେଇଦିନ ସଫଳ ହବ, ଯୋଉଦିନ ଦେବୀ କାମାକ୍ଷା ଆମର ମନସ୍କାମନା ପୂର୍ଣ୍ଣ କରିବେ । ଦୀର୍ଘଶ୍ୱାସ ଛାଡ଼ିଲା ସେ । ତିନିଦିନ, ତିନିରାତି ଧରି ଚାଲନ୍ତା ରେଲଗାଡ଼ିର ଡବା ଭିତରେ ବସି ବସି ସେ ନିଜ ମନକୁ ଖାଲି ଏଇ ପ୍ରଶ୍ନ ପଚାରୁଛି—ଯାତ୍ରା କଅଣ ତା'ର ସତରେ ସଫଳ ହବ ? ବିଚରା ଦେବଦାସ ଅନିମା ମନରେ ସେ ଦୁଃଖ ଦେଇନି କେବେ । ସେଇଥିପାଇଁ ଅନିମାର ଅଳିକୁ ସେ ଏଡ଼ି ପାରିନି । ବିବାହର ସାତବର୍ଷ ପରେ ବି ଯେତେବେଳେ ଅନିମା ମା' ହୋଇ ପାରିଲାନି ଦକ୍ଷ ଡାକ୍ତର, ଜ୍ୟୋତିଷ ଯେତେବେଳେ ହାରି ମାନିଗଲେ, ଅନିମା ଶେଷ ଭରସା ରଖିଥିଲା ଦେବୀ କାମାକ୍ଷାଙ୍କ ଉପରେ । ନିଷ୍ଫଳ ମାତୃତ୍ୱର ପରାଜୟ ଗ୍ଳାନି ତାକୁ ତିଳ ତିଳ କରି ଦଗ୍ଧ କରୁଥିଲା ଆଉ ତା'ର ଯନ୍ତ୍ରଣାରେ ଛଟପଟ କରୁଥିଲା ବିଚରା

ଦେବଦାସ । ମୁହଁ ଖୋଲି ନ କହିଲେ ବି ଅନାମା ଅନୁଭବ କରୁଥିଲା, କେତେ ଆଘାତ ପାଇଚି ଦେବଦାସ । ଆଉ ସେଇଥିପାଇଁ ସେ ଦେବଦାସକୁ ମିନତି କରିଥିଲା—ମତେ ତମେ ନେଇଚିବ ଦେବୀ କାମାକ୍ଷୀଙ୍କ ପାଖକୁ ? ଭାରି ପ୍ରସିଦ୍ଧ ଠାକୁରାଣୀ ସେ । ଆଜିଯାଏ କେହି ଖାଲି ହାତରେ ଫେରିନି ତାଙ୍କ ପାଖରୁ ।

—କିନ୍ତୁ ଅଗନା ଅଗନା ବନସ୍ତ ଭିତରକୁ କଅଣ ତମେ ଯାଇ ପାରିବ ? ସେ ରାସ୍ତା ଯେ ବଡ଼ ଦୁର୍ଗମ । ନା ତମେ ପାରିବନି ।

—ପାରିବି । ଅନାମା ଜିଦ୍ କରିଥିଲା । ପୁଅଟିଏ ପାଇବା ପାଇଁ ମୁଁ ସବୁକିଛି କରି ପାରିବି । ବ୍ୟର୍ଥ ମାତୃତ୍ୱର ଅଭିମାନ ତାକୁ କ୍ଷୁବ୍ଧ କରିଥିଲା । ଆହତ ହରିଣୀ ଭଳି ଯନ୍ତ୍ରଣାରେ ଛଟପଟ କରୁଥିଲା ସେ ।

ଆଉ ଆଜି ସେଇ ମନ୍ଦିର ବାହାରେ ଠିଆ ହୋଇ ଅନାମାର ଗ୍ଳାନି ଭିତର କମ୍ପି ଉଠିଲା—ମୋ' ମନର ଅଭିଳାଷ କଅଣ ତମେ ପୂର୍ଣ୍ଣ କରିବନି ମା' ? ଦେବଦାସର ହାତ ଉପରେ ହାତ ରଖି ସେ ମନ୍ଦିର ପାହାଚ ଉପରେ ଉଠିଲା—

—କିଏ, ଅନି ?

ଚମକି ଉଠିଲା ଅନାମା । ବହୁତ ଦିନ ତଳର ଚିହ୍ନା ଗଳାରେ ଯେମିତି କିଏ ତାକୁ ଡାକିଲା । ଏ ଗଳା ତା'ର ଅତି ଆପଣାର । କିନ୍ତୁ ଚିହ୍ନି ବି ଯେମିତି ସେ ଚିହ୍ନି ପାରିଲା ନାହିଁ । ପଛଆଡ଼େ ତା'ର ଅସ୍ଥି କଙ୍କାଳସାର ଯୋଉ ଭଦ୍ରମହିଳା ଜଣକ ଠିଆ ହୋଇଚନ୍ତି, ସେ ତା'ର ଅତି ଆପଣାର ହେଲେ ବି ଅନାମା ନିଜ ଆଖିକୁ ବିଶ୍ୱାସ କରି ପାରିଲାନି ।

× × ସେ ବହୁତ ଦିନ ତଳର କଥା । ସେତେବେଳେ ଅନାମା ୮।୯ ବର୍ଷର ହୋଇଥିଲା । ଗାଁ ନଈରେ ଗାଧୋଉ ଗାଧୋଉ ଗୋଡ଼ ଖସି ଯାଇଥିଲା ତା'ର । ଆଉ ପାଣିରେ ବୁଡ଼ି ଯାଉ ଯାଉ ବି ସେ ମରି ନ ଥିଲା । ତା'କୁ ପାଣି ଭିତରୁ ବଞ୍ଚେଇ କରି ନେଇ ଆସିଥିଲେ ସିଏ, ସିଏ ତା'ର ଲେଖା ଯୋଖାରେ ମାଉସୀ—ମୀନା ମା'ଉସୀ ।

ଭଗବାନ୍ ଦୁନିଆର ସବୁଠିକ ସୌନ୍ଦର୍ଯ୍ୟ ଯେମିତି ଠୁଳ କରିଥିଲେ ମୀନା ମାଉସୀ ପାଖରେ । ପିଲାବେଳେ ଅନାମା ମୁଗ୍ଧ ହୋଇ ଅନେଇ ଦେଖେ—ଗୋରା ତକତକ ମୁହଁ ଉପରେ ଅଳିଆ ବାଳକୁ ବିଛେଇ ଦେଇ ଯେତେବେଳେ ମୀନା ମାଉସୀ ହସନ୍ତି, ଠିକ୍ ଆକାଶର ପରୀ ଭଳି ଦିଶନ୍ତି । ମଥାରେ ସିନ୍ଦୂର ଟୋପା, ଆଖିରେ କଜଳ । ଅନାମାକୁ ଲାଗେ ଯେମିତି ବୁଢ଼ିମା କାହାଣୀର ରାଜକୁମାରୀ ଅଭିଶାପ ପାଇ

ଜନ୍ମ ହୋଇଛନ୍ତି ମୀନା ମାଉସୀ ରୂପରେ । ଯେତେ ଦେଖିଲେ ବି ଅନମାର ଆଖି ଭରେ ନାହିଁ ।

କୋଳି ଖାଇବୁ ଅନି ? ମୀନା ମାଉସୀର 'ଗଛ ଚଢ଼ିବା' ଗୋଟାଏ ସଉକ ଥିଲା । ଅନମାକୁ ହାତରେ ଧରି ସେ କୋଳି ତୋଳିବାକୁ ଯାଆନ୍ତି ଆଉ ଅଖି ପିଛୁଳାକେ ଗଛ ଉପରେ ଚଢ଼ିଯାଆନ୍ତି । ତଳେ ଜଗି ରହେ ଅନମା । ମୁଗ୍ଧ ଆଖିରେ ଅନେଇ ରହେ—

—ଏଇ ଦୁଷ୍ଟି, କଅଣ ସେମିତି ଦେଖୁଛୁ ? କୋଳି ଗୋଟା । ମୀନା ମାଉସୀ ଗଛ ଡାଳ ହଲାନ୍ତି । ଅନମାକୁ ଡର ଲାଗେ । ନାଁ, ମୀନା ମାଉସୀ ତମେ ଓହ୍ଲେଇ ଆସ । ତମେ କାଳେ ପଡ଼ିଯିବ । ହସି ହସି ଗଡ଼ିଯାଆନ୍ତି ମୀନା ମାଉସୀ—ଦୂର୍, ଗଛ ଚଢ଼ିବା ଆଉ ନଈ ପହଁରିବାରେ ଆଜିଯାଏ କେବେ ହାରିଲଣି ତୋ'ର ମୀନା ମାଉସି ?

ସାହିରେ ସମସ୍ତେ ଡାକନ୍ତି ଅଣ୍ଟିରଚଣ୍ଡୀ...

ନୂଆ ନୂଆ ବାହା ହୋଇଥାନ୍ତି ମୀନା ମାଉସୀ । ବହୁତ ବଡ଼ ଅଫିସର ତାଙ୍କ ସ୍ୱାମୀ । ବଡ଼ ସହରରେ ରହନ୍ତି । ତଥାପି ବି ମୀନା ମାଉସୀ କେତେ ସରଳ । ଟିକିଏ ବି ଗର୍ବ ନାହିଁ ମନରେ । ବେଳେ ବେଳେ ଅନମା ପଚାରେ, ଏତେ ବଡ଼ ସହରରେ ରହୁଚ ମୀନା ମାଉସୀ, ଗାଁ ତମକୁ ଭଲ ଲାଗୁଚି ? ମୀନା ମାଉସୀ ତାର' ଗାଲ ଚିପି ଦିଅନ୍ତି—ଯେତେବଡ଼ ସହରରେ ରହିଲେ ବି 'ବା'ଘରେ' କାହାକୁ ଭଲ ଲାଗେ ନାହିଁ ? ସହରରେ କଅଣ ଏ ନଈ ଅଛି ନା ଏ କୋଳିଗଛ ଅଛି ? ତୁ ଯେତେବେଳେ ବାହା ହୋଇଯିବୁ ସେତେବେଳେ ବୁଝିବୁ ।

ତା'ପରେ ଆଉ ଗୋଟାଏ ଥର ଦେଖା ହୋଇଥିଲା ମୀନା ମାଉସୀ ସାଙ୍ଗେ । ଛୋଟ ପୁଅକୁ ସାଙ୍ଗରେ ଧରି ସେ ଗାଁକୁ ବୁଲି ଆସିଥିଲେ । ତା'ପରେ—କେଜାଣି କେତେ ବର୍ଷପରେ ପୁଣି ଆଜି ଦେଖା । କିନ୍ତୁ ସେଇ ତ ସେ ମୀନା ମାଉସୀ ନୁହଁ ? ସ୍ୱେ ଯେମିତି ମୀନା ମାଉସୀର ପ୍ରେତାତ୍ମା । ଆଗେଇ ଆସିଲା ଅନମା—ମୀନା ମାଉସୀ ..

ଗୋଟାଏ ମୁହୂର୍ତ୍ତ ଅଟକି ଗଲେ ସେ । ଓଠରେ ହେଇ ହସ— ଗାଲରେ ହେଇ କଳା ଦାଗ । ତା'ପରେ ଦି'ହାତରେ କୁଣ୍ଢେଇ ପକେଇଲେ ସେ ।

—ମୀନା ମାଉସୀ ..ସ୍ୱେ ତମର କଅଣ ହେଲା ? କଅଣ ହୋଇଚ ତମ ଚେହେରା ?

ଆଖି ଫେରେଇଲେ ମୀନା ମାଉସୀ—ଅନିମାର ପ୍ରଶ୍ନକୁ ଏଡ଼େଇ ଦେଲେ—ସେ କଥା କାହିଁକି ଅନି ? ବାହାଘରକୁ ତ ଯାଇ ପାରିଲି ନାହିଁ, ଭଗବାନ୍ ଏଇଠି ଦେଖା କରେଇ ଦେଲେ ।

ଦେବଦାସ ପ୍ରଣାମ କଲା ।

—ଚିରଞ୍ଜୀବୀ ହୁଅ ବାବା ।

ହସିଲା ଅନିମା—ଏଇ ମୋ'ର ହେଉ ମୀନା ମାଉସୀ, ଯିଏ ମତେ ପାଣି ଭିତରୁ ବଞ୍ଚେଇ ଥିଲେ । କହୁ ନ ଥିଲି ତମକୁ ? ବାବା ଏବେ ବି ମନେ ପକାଇଲେ ତୁମ କଥା ଉଠନ୍ତି ।

ହସିଲା ଦେବଦାସ । ଆପଣଙ୍କ ବିଷୟରେ ବହୁତ ଶୁଣିଚି ଅନିମାଠୁ । ଖୁସି ଲାଗିଲା ଆପଣଙ୍କୁ ଦେଖି । ଆପଣ ଦୁହେଁ ଗପ କରନ୍ତୁ । ମୁଁ ଆସେ ।

ମନ୍ଦିର ପାହାଚ ଉପରେ ବସିଲା ଅନିମା । କେତେଦିନ ପରେ ପୁଣି ଦେଖା, ନିଜ ଆଖିକୁ ସେ ବିଶ୍ୱାସ କରି ପାରିଲା ନାହିଁ । ରୂପକଥା କାହାଣୀର ଅଭିଶପ୍ତ ରାଜକୁମାରୀ ମୀନା ମାଉସୀ ପୁଣି ଆଜି କାହା ଅଭିଶାପରେ ଏମିତି ହୋଇଚନ୍ତି ? କଅଣ ଦୁଃଖ ମୀନା ମାଉସୀର ? ମୀନା ମାଉସୀର କାନ୍ଧ ଉପରେ ହାତ ରଖିଲା ସେ—ତମେ ଏକା ଆସିଚ ? ମଉସା କାହାନ୍ତି ? ଆଉ ତମର ସେ ପୁଅ ? ବହୁତ ବଡ ହୋଇଯିବଣି ତ ଏବେ ? କୋଉଠି ଅଛି ସେ ?

ଆଖିରୁ ଲୁହ ପୋଛୁଲେ ମୀନା ମାଉସୀ—ଜେଲ୍‌ରେ ।

ଚମକି ଉଠିଲା ଅନିମା—ଜେଲରେ ? ତମେ କଅଣ ଥଟ୍ଟା କରୁଚ ମୋ ସଙ୍ଗେ ?

ହଁ ମା' ୧୯ ବର୍ଷର ପୁଅ ଆଜି ମୋ'ର ଜେଲ୍‌ରେ । ନାରୀଧର୍ଷଣ ଅପରାଧରେ ତା'ର ଶାସ୍ତି ହୋଇଚି ଜେଲ୍‌ଦଣ୍ଡ ।

ଅନିମା ସ୍ତବ୍ଧ ହୋଇଗଲା । ମୀନା ମାଉସୀର ଗୋଟିଏ ବୋଲି ଅଲଅଲି ପୁଅ, ନାରୀଧର୍ଷଣ ଅପରାଧରେ ଶାସ୍ତି ପାଇଚି ? ନା, ସେ ହୋଇପାରେ ନାଁ—ସେ ମିଛ—ଅସମ୍ଭବ ।

କାନି ପଣତରେ ଆଖି ପୋଛୁଥିଲେ ମୀନା ମାଉସୀ—ଖାଲି ନାରୀଧର୍ଷଣ ନୁହେଁ, ମୋ' ପୁଅ ଅନୁପ ଅନେକ ଅପରାଧ କରିଚି । ସେ ମଦ ପିଏ, ଗଞ୍ଜା ଖାଏ—ଠକାମି କରି ବେଶ୍ୟା ଘରକୁ ଯାଏ । ତିନି ତିନି ଥର ମାଟ୍ରିକ୍ ପରୀକ୍ଷା ଦେଇବି ସେ ପାସ୍ କରିପାରିନି । ପୁଣି ଆଉ ଏମିତି କେତେ ଯେ ନିଶା ନାହିଁ, ଯାହା ସେ ନ ଜାଣିଚି । ସେ ଚରିତ୍ରହୀନ, ଚୋର, ନିଶାଖୋର ।

—କିନ୍ତୁ କାହିଁକି ସେ ଏମିତି ହେଲା ? ତମେ ତାକୁ ରୋକି ପାରିଲନି ?

ସେ ପ୍ରଶ୍ନର ଜବାବ ମୀନା ମାଉସୀ ଦେଲେ ନାହିଁ । ଦୂର ଦିଗ୍‌ବଳୟକୁ ଆଡେ଼ ଅନେଇ ରହି ଯେମିତି ସେ ସ୍ୱପ୍ନ ଦେଖୁଥିଲେ···୨୦।୨୧ ବର୍ଷ ତଳେ ଏଇ ମନ୍ଦିରକୁ ଆସି ମା' ପାଖେ ହାତ ପାତିଥିଲି ଗୋଟିଏ ପୁଅ ପାଇଁ—ମୋ' କୋଳ ଭରିଦେବା ପାଇଁ । ମୋ' କୁଳ ଉଜ୍ଜ୍ୱଳ କରିବା ପାଇଁ ଦେବୀଙ୍କ ପାଖେ ଗୁହାରି କରିଥିଲି । ଦେବୀ ମୋ' ଡାକ ଶୁଣିଥିଲେ—ମୋ' ଶୂନ୍ୟ କୋଳ ଭରି ଦେଇଥିଲେ । ଆଉ ଆଜି ପୁଣି ଆସିଛି ଦେବୀଙ୍କ ପାଖେ ହାତ ପାତିବା ପାଇଁ—ପୁଣି ଗୁହାରି କରି କହିବା ପାଇଁ, 'ମୋ' ବର ଫେରାଇ ନିଅ ମା'—ମହୀ ଦାସ ଭଳି ନିଜ ଘରରେ ମୁଁ ନିଜେ ଜଳିପୋଡ଼ି ମରୁଛି । ମତେ ମୁକ୍ତି ଦିଅ, ଶାନ୍ତି ଦିଅ ।

ମଉସା ଆଜି ତୋ'ର ଶଯ୍ୟାଶାୟୀ । ଡାକ୍ତର କହିଛନ୍ତି, ବେଶି ଦିନ ଆଉ ବଞ୍ଚିବେ ନାହିଁ ସେ । ସେଇଥିପାଇଁ ମୁଁ ଆଜି ଆସିଛି ମଉସାଙ୍କ ପାଇଁ ଗୁହାରି କରିବାକୁ । ଏ ମନ୍ଦିରରୁ କେହି ଖାଲି ହାତରେ ଫେରନ୍ତିନି, କେହି କେବେ ନିରାଶ ହୁଅନ୍ତି ନାହିଁ । କହି କହି ହୋଇ କାନ୍ଦି ଉଠିଲେ ସେ । ଆଜି ମୁଁ ବଡ଼ ନିଃସହାୟ ମା'—ଏତେ ବଡ଼ ଦୁନିଆରେ ଆଜି ମୁଁ ଏକା । ମଉସାଙ୍କର କିଛି ହୋଇଗଲେ ମୁଁ ଆଉ ବଞ୍ଚିବି ନାହିଁ । କାହାକୁ ବା ନେଇ ବଞ୍ଚିବି କହ ? ଯାହାକୁ ନିଜର ସବୁ କିଛି ସ୍ନେହ, ମମତା ଢାଳି ମଣିଷ କରିବାକୁ ଚେଷ୍ଟା କରିଥିଲି ସେ ତ ଅମଣିଷ ହେଲା । ପଇସାର ପ୍ରାଚୁର୍ଯ୍ୟ, ମମତାର ପ୍ରାଚୁର୍ଯ୍ୟ ଆଉ ଶାସନର ଅଭାବ ତାକୁ ଭୁଲ୍ ବାଟକୁ ନେଇଗଲା । ସେ କାହାରି ଭୁଲ୍ ନୁହେଁ ମା', ଭୁଲ୍ ମୋ ଭାଗ୍ୟର । ମଉସା ଆଉ ମୁଁ ହାରିଗଲୁ । ସବୁ ପାଇ ବି ଆମେ କିଛି ପାଇଲୁ ନାହିଁ । ଆଜି ମୁଁ ଭାବୁଛି, ଧୂମକେତୁ ଭଳି ଯଦି ସେ ଆମ ଜୀବନରେ ଦେଖା ଦେଇ ନ ଥାଆନ୍ତା, ହୁଏତ ମଉସା ଆଜି ଶଯ୍ୟାଶାୟୀ ହୋଇ ନ ଥାଆନ୍ତେ—ହୁଏତ ଆମ ଦୁଇବାଟ ଅଲଗା ହୋଇଥାଆନ୍ତା ।

ସ୍ତବ୍ଧ ଅନିମା ଅନେଇ ରହିଥିଲା—ଆଖି ଆଗରେ ତା'ର ମୀନା ମାଉସୀର ଦେହ ଯେମିତି ବାହୁନି ବାହୁନି କାନ୍ଦୁଛି । ହେ ଯେମିତି ଆଉ ଏକ ରୂପ । ସେ ଦିନର ଯୋଡ଼ି ମୀନା ମାଉସୀ ତାକୁ ପାଣି ଭିତରୁ ଟାଣି ଆଣିଥିଲା, ସେ ସେ ନୁହଁ । ସେ ମରି ଯାଇଛି ଏଇ ମନ୍ଦିର ଚଟାଣ ଭିତରେ ତା'ର ସମାଧି ହୋଇଛି । ଅନିମାର ଆଖି ଲୁହରେ ଛଳଛଳ ହେଲା । ମୀନାମାଉସୀ ବି ମହୀ ଦାସ ଭଳି ନିଜ ଘରରେ ନିଜେ ଅଭିଶପ୍ତ । ଆଉ ସେ ନିଜେ ? ସେ ବି ଆଜି ଆସିଛି ଦେବୀଙ୍କ ପାଖେ ଗୁହାରି କରିବାକୁ—ତା' କୋଳ ଭରି ଦେବାକୁ । ସେ ବି କ'ଣ ଏମିତି ଜଳିପୋଡ଼ି ମରିବ ? ଆଖି ବନ୍ଦ କଲା ସେ—ହେ ଭଗବାନ୍, ହେ କି ପରୀକ୍ଷାରେ ପକେଇଲ ତମେ ମତେ ?

ଦେବଦାସ ଫେରି ଆସିଲା—ଚାଲ ଅନି, ପୂଜା ବେଳ ହୋଇ ଯାଉଛି । ଉଠିଲା ଅନିମା । ମୀନାମାଉସୀର ପାଦ ଉପରେ ହାତ ରଖିଲା ସେ—ଦେବୀ ତମକୁ ଶାନ୍ତି ଦିଅନ୍ତୁ ମୀନା ମାଉସୀ—ମଉସା ନିଶ୍ଚୟ ଭଲ ହୋଇଯିବେ ।

—ସେଇ ଆଶା ନେଇ ତ ମୁଁ ଆସିଚି ମା'। ଭଲ ହେଲା, ତମ ଦୁହିଙ୍କ ସାଙ୍ଗେ ଦେଖା ହେଇଗଲା। ମନର ଭାର ମୋ'ର ଟିକେ କମିଗଲା। ଭଗବାନ ତମକୁ ସୁଖୀ କରନ୍ତୁ।

ମନ୍ଦିର ଉପରକୁ ଚଢ଼ିଲା ଅନାମା। ସାରା ଦେହ ତା'ର ଥରୁଚି। ମୀନାମାଉସୀର ଆଖିର ଲୁହ ଯେମିତି ତାକୁ ଅବଶ କରି ଦେଇଚି। କି ଭିକ୍ଷା ମାଗିବ ସେ ଦେବୀଙ୍କୁ? ମୀନାମାଉସୀ ଯେମିତି ପୁଅଟିଏ ମାଗିଲା? ନା—କି ସୁଖ ପାଇଲା ମୀନାମାଉସୀ? ମାତୃତ୍ୱ ଆଜି ତାକୁ କଅଣ ଦେଇଚି ପ୍ରତିଦାନରେ? କେତେଦିନ ଆଉ ବଞ୍ଚିବ ସେ? ଅନାମାର ଅନ୍ତରାତ୍ମା ଥରି ଉଠିଲା। କିନ୍ତୁ ସେ ଯେ ମା' ହବାକୁ ଚାହେଁ। ମାତୃତ୍ୱ ତା'ର ଏବେ ବି କାନ୍ଦୁଚି। ନା, ତା'ର ପୁଅଟିଏ ଦରକାର। ଦେବଦାସ ଆଡ଼େ ଚାହିଁଲା ସେ—କିନ୍ତୁ, ମୀନାମାଉସୀ ଭଳି ପୁଣି ତାକୁ ଆସିବାକୁ ହବନି ତ ଏ ମନ୍ଦିରକୁ? ମହାଦାସ ଭଳି ସେ ଜର୍ଜରିତ ହବନି ତ? ଦେବଦାସର ପାଖକୁ ଲାଗି ଆସିଲା। ସେ ଦେବଦାସ ହଉଚି ତା'ର ସର୍ବସ୍ୱ, ତା'ର ଇହକାଳ, ପରକାଳ ସବୁ। ସେ ଚାହେଁ, ଦେବଦାସ ଦୀର୍ଘଜୀବୀ ହେଉ। ଦେବଦାସର ହାତ ଉପରେ ହାତ ରଖିଲା ସେ।

ମନ୍ଦିର ଭିତରେ ପହଞ୍ଚି ନିର୍ବାକ୍ ହୋଇ ଚାହିଁ ରହିଲା ଅନାମା—ଇସ୍, କି ଭୟଙ୍କର ମୂର୍ତ୍ତି। ଛାତି ଭିତରେ ତା'ର ଶିହରି ଉଠିଲା, ଆଖି ବନ୍ଦ କଲା ସେ। ଦେବୀଙ୍କର ସେ ଚାହାଣି ଯେମିତି ଜାଳିପୋଡ଼ି ଭସ୍ମ କରିଦେବ ତାକୁ···ସେ ପୁଣି କି ପରୀକ୍ଷା ମା?

ପୂଜାରୀ ଆଗେଇ ଆସିଲେ—ଦେବଦାସ ହାତରେ ଫୁଲ ଦେଇ କହିଲେ—ଦେବୀଙ୍କୁ ବର ମାଗ ବାବା—

ନିଜକୁ ପ୍ରସ୍ତୁତ କରିନେଲା ଦେବଦାସ—ମୋର ପୁଅଟିଏ ଦରକାର···ଗଳା ତା'ର କମ୍ପି ଉଠିଲା।

ମା' ତମର ମନସ୍କାମନା ପୂର୍ଣ୍ଣ କରନ୍ତୁ। ଫୁଲ ଦେବଦାସ ହାତରୁ ନେଇ ପୂଜାରୀ ଦେବୀଙ୍କ ଆଡ଼କୁ ଅଗେଇଗଲେ।

ହତବାକ୍ ଅନାମା ଅନେଇ ଦେଖୁଥିଲା—ମୀନାମାଉସୀର ଆଖି ଲୁହରେ ଯେମିତି ମନ୍ଦିରର ଚଟାଣ ଭିଜି ଯାଉଚି। ଯେମିତି ମୀନାମାଉସୀ କାଇଁ କାଇଁ ହୋଇ କାନ୍ଦୁଚି ମୋ'ର ବର ଫେରେଇ ନିଅ ମା'—ମୋ' ସ୍ୱାମୀଙ୍କୁ ବଞ୍ଚେଇ ଦିଅ।

ମନ୍ଦିର ଭିତରର ମିଞ୍ଚିମିଞ୍ଚି ଆଲୁଅରେ ଦେବଦାସକୁ ଯେମିତି ବଡ଼ ନିଃସହାୟ ଲାଗୁଥିଲା । ଅନିମା ଆହୁରି ପାଖକୁ ଲାଗି ଆସିଲା ଦେବଦାସର, ଦେବଦାସର କାନ୍ଧ ଉପରେ ହାତ ରଖିଲା ସେ ।

ଆଗେଇ ଆସିଲେ ପୂଜାରୀ । ହାତରେ ଦେବୀଙ୍କର ଫୁଲ—ତୁମର କଅଣ ପ୍ରାର୍ଥନା ମା ? ଦେବୀଙ୍କୁ ମାଗ । ଅନିମାର ହାତରେ ଫୁଲ ଦେଲେ ସେ । ଥରିଲା ହାତରେ ଫୁଲ ଧରିଲା ଅନିମା । ମନ୍ଦିର ଭିତରେ ଯେମିତି ଭୂମିକମ୍ପ ହେଉଛି । ଦେବୀଙ୍କର ଆଖିରୁ ନିଆଁ ବାହାରୁଛି ଆଉ ସେଇ ନିଆଁରେ ଜଳିପୋଡ଼ି ହୋଇ ଛଟପଟ କରୁଛି ମୀନା ମାଉସୀ । କି ବର ମାଗିବ ସେ ? ମୀନା ମାଉସୀ ଯେଉଁ ବର ମାଗିଥିଲା ? ନା—

—ମୋ ସ୍ୱାମୀଙ୍କର ମଙ୍ଗଳ ହେଉ । ମୋର ମଥାର ସିନ୍ଦୂର, ହାତ କାଚ ବଜ୍ର ହେଉ । ଅନିମା ଥଙ୍ଗେଇ ଥଙ୍ଗେଇ କହିଲା ।

—ଅନି, ଅନିମାକୁ ହଲେଇ ଦେଲା ଦେବଦାସ—ରହିଗଲ କାହିଁକି ତୁମେ ? କୁହ, ତୁମର ଆଉ କଅଣ ଦରକାର ।

ଦେବୀଙ୍କ ସିନ୍ଦୂରବୋଳା ମୁହଁ ଆଡ଼େ ଅନେଇ ଦେଖିଥିଲା ଅନିମା—ଦେବୀଙ୍କ ମଥାର ସିନ୍ଦୂର ଦାଉ ଦାଉ କରି ଜଳୁଛି । ଓଠରେ ଏକ କ୍ରୂର ହସ । ଆଉ କଅଣ ମାଗିବ ସେ ? ସାରା ଦେହ ତା'ର ଅବଶ ହୋଇ ଆସୁଥିଲା । କିଛି କହିବାକୁ ଚେଷ୍ଟା କରି ବି ଯେମିତି ମୁହଁ ତା'ର ଖୋଲୁ ନାହିଁ । ସେ ଭାବିଲା ଚିତ୍କାର କରିବ । କିନ୍ତୁ ପାରିଲାନି ।

ଦେବୀ ତୁମ ମନୋବାଞ୍ଛା ପୂର୍ଣ୍ଣ କରିବେ ମା' । ଅନିମାର ହାତରୁ ଫୁଲ ନେଇ ଚାଲିଗଲେ ପୂଜାରୀ । ହଠାତ୍ ଦେବଦାସ ଅନେଇ ଦେଖିଥିଲା ଅନିମାର ଆଖିରେ ଲୁହର ଜୁଆର । କିଛି କହିବ ବୋଲି ଯେମିତି ଅଟକି ଯାଉଛି ସେ— ସତେ ଯେମିତି ଆଉ ଏକ ଅନିମା—କାନ୍ଧ ଉପରେ ତା'ର ହାତ ରଖିଲା ଦେବଦାସ—ଛି, ଅନି,......

ଚମକି ପଡ଼ିଲା ଅନିମା । ଦେବଦାସର କାନ୍ଧ ଉପରେ ମୁଣ୍ଡ ରଖି ସେ କହଁ କହଁ କରି କାନ୍ଦି ଉଠିଲା—ସତେ ସେ କଅଣ କଲା ? କାହିଁକି ଏମିତି ହେଲା ? ସାତବର୍ଷର ଜମାଟବନ୍ଧା ଅଭିମାନ ଗୁମୁରି ଗୁମୁରି କରି କାନ୍ଦୁଛି...ସାତବର୍ଷର ସାଇତା ସ୍ୱପ୍ନ ମିଳେଇ ଯାଉଛି...ସେ ହାରିଗଲା—ଦେବୀଙ୍କର କୁହୁକଭରା ଚାହାଣି ପାଖରେ ସେ ହାରିଗଲା...ଅଗନା ଅଗନ ବନସ୍ତ ଭିତରକୁ ଆସି ସେ ଯେମିତି ହଟବଟ ହୋଇଗଲା ...

—ମୁଁ ପାରିଲି ନି —ଦେବଦାସର ଗ୍ରୀବା ଭିତରେ ମୁହଁ ଗୁଞ୍ଜିଲା ଅନମା—ଯେଉଁଥିପାଇଁ ଏତେ ବାଟ ଧାଇଁ ଆସିଥିଲି, ତାକୁ ମୁଁ ମାଗି ପାରିଲିନି । ମୋର ମୁହଁ ଯେମିତି କିଏ ଚିପି ଧରିଲା···ମୋ'ର ଯେମିତି ଶ୍ୱାସରୁଦ୍ଧ ହୋଇଗଲା···ଦେବୀ ଯେମିତି ମତେ ବାକ୍‌ରୁଦ୍ଧ କରିଦେଲେ···ଝରଝର କରି ଆଖିରୁ ତା'ର ଲୁହ ବୋହି ଆସିଲା ।

ମୁଣ୍ଡରେ ତା'ର ହାତ ରଖିଲା ଦେବଦାସ—ଦେବୀ ହୁଏ ଏଇଆ ଚାହିଁଥିଲେ ··ଏଇଥିରେ ହୁଏ ତ ଆମର ମଙ୍ଗଳ···ଅନମାର ଆଖିରୁ ଲୁହ ପୋଛି-ଦେଲା ସେ—ଚୁଲ ।

ନିଃଶବ୍ଦରେ ବାହାରି ଆସିଥିଲେ ସେମାନେ । ପଛରେ ମା' କାମାକ୍ଷାଙ୍କର ମନ୍ଦିର ଭିତରୁ ଘଣ୍ଟାଧ୍ୱନି ଶୁଭୁଥିଲା···

× × × ଠିକ୍ ବର୍ଷକ ପରେ ମଲା ପୁଅଟିଏ ଜନ୍ମ ହୋଇଥିଲା ଅନମାର ।

# ବାଉଁଶରାଣୀ

ଶ୍ରୀ ଅବନୀ କୁମାର ବରାଳ

—"ଖେଳ ସରିଲା କିଅ ?"

—"ହଁ ବା·· ପା"

—"ଆଉ କେତେ ଅଛି ?"

—"ବହୁତ ଅଛି ବାପା"—

ଡମ୍ ଡମ୍, ଡମ୍ ଡମ୍ ଡମ୍—ବାଜୁଥାଏ ଢୋଲ । ତାଳ ପକାଇ, ମାଙ୍କଡ଼ ଭଳି ଖୋପା ମାରି ମାରି ଚକଟ, ଢୁଲଢୁଆ, ସିଧା ବାଉଁଶ ଉପରକୁ ଉଠିଯାଏ ଲବଙ୍ଗ । ଅଗରେ ବନ୍ଧା ହୋଇଥିବା ଅନ୍ୟ ବାଉଁଶ ଉପରେ ଦୁ' ଗୋଡ଼ ଝୁଲାଇ ଦେଇ ବସି, ଆକାଶ କନ୍ୟା ଭଳି ଗୀତ ଗାଏ, ବାଉଁଶରାଣୀ ଲବଙ୍ଗ । ଗୀତର ତାଳେ ତାଳେ, ଏଥର ଉଠେ ତା'ର ସାନ ଭଉଣୀ ଫିଙ୍ଗା । ସେ ବି ଆଉ ଗୋଟାଏ ଫାଳରେ ବସିଯାଏ ।

ତା'ପରେ ସେଇ ବାଉଁଶ ଖଣ୍ଡକରେ ଝୁଲିବାକୁ ଆରମ୍ଭ କରନ୍ତି ଦୁ' ଭଉଣୀଯାକ । ଲବଙ୍ଗ ଝୁଲି ଝୁଲି ରହେ । ସାନ ଭଉଣୀ ତା ଗୋଡ଼ ଉପରେ ଦୁ'କାନ୍ଧ ଉପରେ ସିଧା ହାତ ଛୁଞ୍ଚି ଛୁଆ ହୁଏ ।

ଆଖି ଖୋସି ହୋଇଯାଏ, ମୁଣ୍ଡ ଘୂରାଇ ଦିଏ, କାନରୁ ଫୁଟେଇହୁଏ ତ୍ରାହିରେ ଫୁଲ ଖସିପଡ଼େ ଉପରକୁ ଚାହିଁ ଚାହିଁ । ଗାଁ ଯାକ ତାଳିରେ କମ୍ପି ଉଠେ ।

ଫିଙ୍ଗା ସର୍କସର ଓହ୍ଲାଇ ଆସେ । ଏଥର ଅନ୍ୟ ବାଉଁଶ ଫିଟାଇ ତଳକୁ ଫୋପାଡ଼ି ଦେଇ, ବାଉଁଶ ଅଗରେ ଥିବା, ଗୋଲ ହୋଇଥିବା ଚକାଟାକୁ ନାହି ମୁଣ୍ଡରେ ଲଗାଇ, ତଳକୁ ମୁହଁ, ଓଜନିଆ ଛାତି, ଗୋଡ଼ କରି ଉପରକୁ ପିଠି କରି ଶୁଏ ହୋଇ ରହେ ହାତ ଗୋଡ଼ ଛାଡ଼ି । ତା'ପରେ ଘୂରେ । ବହୁତ ଜୋରରେ—ଦୁ' ଏ ଶଙ୍ଖ ବେଣୀ ତା'ର ପିଠିଯାଏ ଝୁଲି ହରୁ କଳାକଠି ଭଳି ଦେଖାଯାଏ । ହାତ ଗୋଡ଼ ସବୁ ଛାଡ଼ିଦେଇ ଲବଙ୍ଗ ଘୂରିଲେ ।

ଚଳେ ମଙ୍ଗଳା ଲୁଗା କନ୍ଦରେ ପିନ୍ଧି, କୁଅଳ ଆଉ ବଡ଼ ବଡ଼ ହାଣ୍ଡିରେ କାହା କାହା ହୋଇ ଭଜ ଦେଇ ଯାଆନ୍ତି ଲୋକେ—ଗାଁକୁ ଗାଁ, ସାହିକୁ ସାହି, ବସ୍ତିକୁ ବସ୍ତି ଘୂରି ବୁଲନ୍ତି ସେମାନେ । ସାଜ ସରଞ୍ଜାମ ଧରି—ସାଙ୍ଗରେ ଥାଏ

ବାରମିଶା ଚାଉଳ-ଡାଲି, ତେଲ ଲୁଣ, ହାଣ୍ଡି ସବୁକିଛି । ଆଜି ଏଠିତ କାଲି ସେଠି, ବାଜି ଉଠେ ବାଉଁଶ ରାଣୀ ଖେଳର ଢୋଲ ବାଜା । ଲୋକ ଜମା ହୁଅନ୍ତି— ଆକାଶକୁ ବାଉଁଶ ଉଠେ—ଆଉ ଉଠେ, ବାଉଁଶ ରାଣୀ ଲବଙ୍ଗ—

ମଣିଆଁ କେଲାର ମଝିଆ ଝିଅ ଲବଙ୍ଗ । ସବା ସାନଝିଅ ସୀତା ଆଉ ବଡ଼ଝିଅ ଝୁମ୍ପା । ଝିଙ୍କା ଆମ୍ବତୋଟା, କି ବଡ ବଡ଼ ଗଛ, କୋଉଠି କୋଉ ଛୋଟ ଛୋଟ ସ୍କୁଲର ହତାରେ, ପଲମାର ସେମାନେ ରହନ୍ତି । ସୀତା, ଲବଙ୍ଗ, ଝୁମ୍ପା ଆଉ ଢୋଲ ବଜେଇଲାବାଲା ଗଜା ଟୋକା ଧାନୁଆକୁ ଧରି ମଣିଆଁ ଖେଳ ଦେଖାଇ ରୋଜଗାର ପାଇଁ ବାହାରି ଯାଏ ସକାଳୁ । ବୁଢ଼ୀ ରାନ୍ଧେବସେ ।

ଲୁଦ୍ଧକାଦ୍ଧ ହୋଇ ଖେଳ କସରତ କରି ମଜବୁତ୍ ଝିଅଟି ଲବଙ୍ଗ । ବୟସ ବାଇଶି କି ତେଇଶି ହବ । ଦେହର ବର୍ଣ୍ଣ ଶ୍ୟାମଳ । ବଳିଲା ବଳିଲା ବାହାଖମ୍ବ ପରି ଚିକ୍‌କଣ ଜଙ୍ଘ । ଆଖିରେ ଦି’ଧାର କଜ୍ଜଳ ବହଳ କରି ଲାଗିଥାଏ ସେ । କପାଳରେ କଳା ଟିକିଲି, ଓଜନିଆ ଉଚ୍ଚ ଛାତିରେ, ଭିଡ଼ି ଭିଡ଼ି ପିନ୍ଧିଥାଏ ଦପରସ୍ତରର ଛିଟ କନାର ବ୍ଲାଉଜ । ଖେଳ କସରତ ଦେଖାଇବା ପାଇଁ ସୁବିଧା ହେବ ବୋଲି ।

ଖିଲି ଖିଲି ହୋଇ ମନ ଖୋଲି ହସି ହସି ଲେଟିଯାଏ ଟାପରା ଥଟା ଶୁଣିଲେ—ଦେହରେ ଘେରେଇ ହୋଇଥିବା ଶାଢ଼ୀଟାକୁ ହୁସ୍ କରି କାଢ଼ି ଫୋପାଡ଼ି ଦେଇ, ଦୁର୍ ଦୁର୍ କରି ଚିକ୍‌କଣ ସଳଖ ବାଉଁଶଟା ଉପରେ ଚଢ଼ିଯାଏ । ସର୍କସ ଝିଅଙ୍କ ଭଳି ଭିତରେ ଚପା ଛିଟକନାର ପ୍ୟାଣ୍ଟ ପିନ୍ଧିଥାଏ—ଜଙ୍ଘ ଉପରେ ଟୁପି ହୋଇ ରହିଥାଏ ସେଇଟା—। ଶହ ଶହ ଲୋଲୁପ ଶିକାରୀ ଆଖି ଘୂରି ଆସେ ତା’ର ହୃଷ୍ଟପୁଷ୍ଟ, ଲୋଭନୀୟ ଦେହ ଉପରେ । ଶିକାର ଦେଖିଲେ ବାଘ ଜିଭରୁ ଲାଳ ବାହାର କରି ଚାଟିଲା ପରି, ଲୋଭୀ ଆଖି ଥପ୍ ଥପ୍ ହୋଇ ଉଠେ ଥରେ ଦି’ଥର ।

ମୌନ ଆବେଦନ କରିବ ପାଇଁ, ଜଣ ଜଣଙ୍କ ମୁହଁକୁ ଚାହିଁ ଆଖି ମାରିଦିଏ ଲବଙ୍ଗ । ବାଉଁଶ ଉପରେ ଥାଇ ପା'ଇବା'ର ଇଶାରେ, ଫୁଲିଯାଏ କାହା କାହା ଛାତି—ହାତ ଛାଡ଼ିଦେଇ ଲବଙ୍ଗ ସେଇଠୁ ଗୀତ ଆରମ୍ଭ କରେ “ଜଳ ଆଣି ଯାଇ କାଲି—। ଖୁବ୍ ଚଢ଼ା ଗଳାରେ । ଧାନୁଆକୁ ଚାହିଁ ମୁରୁକି ମୁରୁକି ହସିଦିଏ—ପୁଣି ଗାଏ । ସୀତା ଉଠେ ଏଥର । ତେର ପୂରି ଆସିବା ସଙ୍ଗେ ସଙ୍ଗେ ସୀତାର ଛାତିର ହାଡ଼ୁଆ କାଗା ଗୁଡ଼ିକ ବି ପୂରି ପୂରି ଆସୁଛି । ଲଜରେ ଲଜରେ ସେ ବି ଲୁଗା ଖୋଲେ—ଭୋକିଲା ଆଖି ଗୁଡ଼ାକ ଭ୍ରମରେ ଥରେ ବୁଜି ହୋଇ ପୁଣି ଖୋଲିଯାଏ । ନାଁ । ସେ ସିଲ୍‌କର ପ୍ୟାଣ୍ଟଟାଏ ପିନ୍ଧିଛି, ବ୍ଲାଉଜଟା ବି ଦେଇଥିରେ । କିଏ ଦେଇଛି ବୋଧହୁଏ ।

ସୀତା ଉପରକୁ ଉଠିଯାଏ—ଟଳେ ଟଳେ ।

ଝାମ୍ପ ତଳେ ଖେଳ ଦେଖାଏ ବନ୍ଧୁ କସମର । ତରୁଣ ପଇଁଚିଶ ହେବ ତାକୁ । ଝାଆଁସା, ରୁକ୍ଷ ଚେହେରା—କଜ୍ଜଳ ବୋଳା ଆଖି । ଚକ୍‌କଣ କଳା ତେଲ-ଦରଦର ଜୁଡ଼ା, ଉଚ୍ଚ ଗ୍ରୀବ ସବୁ ଭିତରେ ବି ଝାମ୍ପ କେମିତି ଉଗ୍ର ଦିଶେ । ଲାବଣ୍ୟଶ୍ରୀ ହଜି ଯାଇଛି ତା' ଦେହରୁ ଯେମିତି ।

ମଣିଆଁ ବୁଢ଼ା ଆତ୍ମ ତୃପ୍ତିରେ ଥରେ ଝିଅକୁ, ଥରେ ଗାମୁଛା ଉପରେ ପଡ଼ିଥିବା ଅଣି, ଦୋଅଣି ପଇସାର ସମାହାରକୁ ଦେଖେ । ନିଶ ସାଉଁଳାଏ ମ୍ୟାଜିକ ଦେଖାଏ—ହାତରେ ଲୁହା ବଲ ଗଡ଼ାଏ ।

ଆଗରୁ ସେଇ ବାଜା ବଜାଉଥିଲା । ଧାନୁଆଁ ଏଇ ଦୁ' ବର୍ଷ କି ଅଢ଼େଇ ବର୍ଷ ହେବ ଜୁଟିଛି ଆସି । ତରନ୍ତୁ ସାଲରେ । କି ଗାଁ ସେଇଟା କେଜାଣି । ଖେଳ ଦେଖାଇବାକୁ ଯାଇଥିଲା ମଣିଆଁ, ତା' ଦଳ ଧରି । ବାପ ଛେଉଣ୍ଡ, ମା' ଛେଉଣ୍ଡ, ଅରକ୍ଷିତ ଏ ଧାନୁଆ ଜୁଟିଲା ଆସି । କେତେ କେତେ ସହର ସେ ବୁଲିଛି । କୋଉଠି କୋଉଠି ସବୁ ସେ ଟ୍ରିକ୍‌ଶୋ କରିଛି । ବେଣ୍ଡ୍ ପାର୍ଟିରେ ଥିଲା । କାହାଳୀ, ବଗୁଲ, ଡ୍ରମ, ଢୋଲ, ସବୁ ବଜାଇ ଜାଣେ । ଗାଁକୁ କାହିଁକି କେଜାଣି ସିଏ ବି ଆସିଥିଲା—ତା' ଜାତିପତି ତାକୁ ବି ଜଣା ନାହିଁ—କିଏ ଡାକେ ଦିଲୁ, କିଏ କହେ ଧାନୁ, କିଏ ଦିଲ୍‌ବର ଏମିତି ସବୁ । ତେଣୁ କାହା ଆଗରେ ପଠାଣ, କାହା ଆଗରେ ବାଉରୀ, କୋଉଠି କେଳା—ସବୁ ସେ ।

ଖେଳ ଦେଖୁଥିଲା ସେ । ଆକାଶରୁ ଲବଙ୍ଗ ଆଉ ମାନଙ୍କୁ ଚାହିଁଲା ଭଳି ତାକୁ ବି ସେ ଗାଁରେ ଥରେ ଚାହିଁ, ହସି ହସି ଆଖି ମିଟିକା ମାରିଥିଲା । ଧାନୁଆଁ ବି ହସିଥିଲା ତାକୁ ଚାହିଁ ।

ତା'ପରେ କାହିଁକି କେଜାଣି, ଥର ଥର କରି ଲବଙ୍ଗର ଚାହିଁବାକୁ ଇଚ୍ଛା ହେଲା ସେଇ ଲୋକଟାକୁ । ଧାନୁଆଁ ତ ଆଖି ଫେରାଇଲା ନାହିଁ ।

ଟିକେ ହସି ଘସିହେଲା ଭଳି ହୋଇ ଲବଙ୍ଗ ଲୋକଙ୍କୁ ପଇସା ମାଗେ । ମାଗି ମାଗି ଆସି କାହିଁକି କେଜାଣି ତା' ଆଗରେ ଅଟକିଯାଇ ହାତ ଦେଖାଇଲେ ବି ମୁହଁ ତଳକୁ କରିଦେଲା । ଆଖି ପତା ନୁଆଁଇ ଦେଲା । ଉପରୁ ଏତେ ଚାହୁଁଥିଲା ଅଥଚ ଆଗରେ ସେଇ ଲୋକଟାକୁ ଦେଖି ଆଦୌ ଚାହିଁ ପାରିଲା ନାହିଁ ଲବଙ୍ଗ । ପାଖରେ ଯାହା ପଇସା ଥିଲା ପକେଟରୁ ହରୁକାଢ଼ି ଦେଇଦେଲା ଧାନୁଆ ଲବଙ୍ଗ ହାତରେ, ଟିକେ ହାତଟା ଚିପିଦେଇ । ହସିଦେଇ ଆଗେଇ ଗଲାବେଳେ ଲବଙ୍ଗ କହିଲା "ତ୍ରିପାସ ରହିବୁକିରେ ବାବୁ ?" ଜବାବ ଦେଇ ଧାନୁଆ ହସରେ କେବଳ ଜବାବ୍ ଦେଇଥିଲା—

କ'ଣ ହେଲା କେଜାଣି ଅକସ୍ମାତ ସନ୍ଧ୍ୟାରେ ମଣିଆଁ ଦେଖିଲା ବେଶ୍ ଫିଟ୍‌ଫାଟ୍ ଗୋଟାଏ ଜୁଆନ୍ ଟୋକା ଆସି ତା' ଆଗରେ ପହଂଚି କହୁଚି—"ସର୍ଦ୍ଦାର ମୋତେ ତୋ ସାଥିରେ ରଖିବୁ ? ଦଳରେ ମୁଁ ବି ତୋ ସାଥିରେ ଦେଶ ଦେଶ ବୁଲିବି, ବାଜା ବଜେଇବି···ସବୁ ରକମ ବାଜା ଜାଣେ ।"

ବାଜା ବଜାଇବା ପାଇଁ ଗୋଟାଏ ଅଲଗା ଲୋକ ରଖିବା କଥା କେବେ କଳ୍ପନା କରିଥିଲା, ବାଉଁଶ ରଜା ମଣିଆ । ଜବାବ ଦେଲା । 'ପଇସା କାହିଁରେ' "ଆରେ ପଇସା କଣ ସର୍ଦ୍ଦାର—ଖାଇବ ପିଇବ ହାତଖର୍ଚ୍ଚ ଦବୁ ତୋ ପୁଅ ଥିଲେ କ'ଣ କରନ୍ତା ନାହିଁ ଏଇଆ—"

ମଣିଆଁ ଭାବିଲା ମନେ ମନେ···ଧନଟା ଟୋକା, ଗୋଟିଏ ବୁଢ଼ୀ ଏମାନଙ୍କୁ ନେଇ ତା'ର ଏ ବୟସରେ କେତେଦିନ ଆଉ ଚଳେଇବ ସେ ? ଅନେକ ଅସୁବିଧା··· ସାଙ୍ଗରେ ଜଣେ ଥିଲେ କେତେ ହୁଅନ୍ତା । ଆଉ ସେ ।

ସେଇଦିନୁ ଦନୁଆ ଢୋଲ କାନ୍ଧରେ ପକେଇ ଲୁଙ୍ଗି ପିନ୍ଧି, ହାଓ୍ୱାଇ କାନ୍ଧରେ ଝୁଲାଇ ଗାଁକୁ ଗାଁ, ସହରକୁ ସହର ଘୂରି ବୁଲୁଚି । ନିତି ନିତି ସନ୍ଧ୍ୟାରେ ଗଛମୂଳେ ଶୋଇରହି, ହାତ ତିଆରି ଗୋଟା ବାଉଁଶ ବଉଁଶୀ ବଜାଇ ବଜାଇ, ବୁଢ଼ୀ କେତେବେଳେ ଗ୍ରନ୍ଥସାର ଡାକିବ ଅପେକ୍ଷା କରିଛି । ମଣିଆଁର ହୁକୁମ ବୁଝିକରି ଭଲ ପୁଅଭଳି ମାନି ଆସିଛି । ଦିନେ ଦିନେ ରାଗରେ ବୁଢ଼ୀ କହେ, "ଏ ଗୁଡ଼ାଙ୍କୁ କାହାକୁ ଗଢ଼େଇ ଦେଇ ଦଳ ଭାଙ୍ଗିଦବା ରେ"···କିନ୍ତୁ ଚଳିବ କେମିତି ? ଏମିତି ଭାବି ଭାବି ଝାମ୍ପକୁ ତିରିଶ କି ପଚିଶ ହେଲାଣି···ଲବଙ୍ଗ ଏତେଟାଏ ହେଲାଣି । ସୀତା ବଢ଼ିବଢ଼ାଣି । ନାଁ ସେ କାହାରିକୁ ବାହା କରିବ ନାହିଁ । ମଲାପରେ ଯିଏ ଯୁଆଡ଼େ ଯାଆନ୍ତୁ···ତା'ର କ'ଣ ଅଛି ସେଥିରେ ?

ବେଳେ ବେଳେ ମଣିଆଁ ଶୁଣିନି, ଲବଙ୍ଗ ଆଉ ଝାମ୍ପା କଥାବାର୍ତ୍ତା ହବାର— 'କେତେ ଦେହ ଦେଖାଇ, ରୋଜଗାର କରି ବୁଢ଼ା ବୁଢ଼ୀଙ୍କୁ ପୋଷିବା ଲୋ ?'— ଖେଳରୁ ଓହ୍ଲାଇ ଆସି ସେମିତି ଖାଲି ଚପ୍‌ପ୍ୟାଣ୍ଟ କି ଆଉ ବ୍ଲାଉଜ୍ ପିନ୍ଧି ପଇସା ମାଗିଲେ ବେଶି ପଇସା ହୁଏ । ନିଜେ ଝାମ୍ପ ସେମିତି ଗଲେ ବି ଲବଙ୍ଗ ନଯିବାକୁ ମନା କରୁଥିଲା ସେ । 'ଲୁଗାଟା ଘେରେଇ ହୋଇପଡ଼ି ଯାଉ ?'—

"କି, ଦେଖିଲେ ଗିଳି ପକଉଛନ୍ତି କି ତମକୁ ସବୁ ?" କହି କହି ଟପଲ ପଟେଇଛି ମଣିଆଁ ତାକୁ ! ଏବେ ଆଉ ଲାଜ ସରମ ନାହିଁ । ଲବଙ୍ଗର, ଦେହ ଦେଖା ତ ବେଉସା—ଆଜି ମଗଜ ପେଶା । ସେଇ ବାପାତ ଶିଖାଇଚି ଏତେକ । ସରମ କାହିଁକି ? ବେଳେ ବେଳେ ଉଆଡ଼ରେ କିଏ କିଏ ଗାଲରେ, ପିଠିରେ ହାତ ମାରିଦେଲେ କି ହାତ ଚିପିଦେଲେ ବି କିଛି କହେନାଁ ସିଏ । ଝାମ୍ପ ଅପା କହୁଛି,

ସମସ୍ତେ ତାଙ୍କୁ ବି ଏମିତି କରୁଥିଲେ । ସୀତାକୁ ବି ଏମିତି କରିବେ । ବାପା ତାଙ୍କୁ ଏସବୁ ମାନିନବାକୁ ଶିଖାଇଚି ।

—'ଖେଳ ଦେଖିବାକୁ କେହି ଆସନ୍ତୁନ' ହୋ । ଆସନ୍ତୁ ଆମର ପୁରୁଲି ପୁରୁଲି ଗୁଡି ଦଳ, ପିଟ୍ଟୁ ଦେଖିବାକୁ—ଝୁମ୍ପା କହୁଚି ତାଙ୍କୁ ।

ମଝିରେ ମଝିରେ ଝୁମ୍ପା ଅପା କାନ୍ଦୁଥିଲା ରାତିରେ—କାହିଁକି କେଜାଣି ? ଏବେ ଆଉ କାନ୍ଦୁନାହିଁ । ଲବଙ୍ଗ ଦେଖିଚି । ସେଇ ଯୋଉ ଜଗୁଆ ବୋଲି ଟୋକା, ମାନପୁରରେ ଜୁଟିଥିଲା—ପିଟ୍ଟୁ ଧରିଥିଲା । ଖାଲି ଝୁମ୍ପା ଅପା ତା' ସାଙ୍ଗରେ ମିଶିଲେ ବେଶ୍ ଅଠା ନକଲ କରେ—ହସେ । ଖୁସିରହେ ଦିନେ ଲବଙ୍ଗ ଦେଖିଛି, ସେଇ ମାନପୁରରେ ଥିଲାବେଳେ ଏକାଙ୍କା, ସନ୍ଧ୍ୟାବେଳେ ତୋଟା ସେକଡ଼େ, ଜଗୁଆ ଝୁମ୍ପାପାକୁ ଛାତିରେ ଚାପିଧରି ଚୁମା ଦେଉଥିଲା ଆଖି ଗୁଲୁ ଗୁଲୁ କରି ଝୁମ୍ପା ତାଙ୍କୁ ଚାହିଁ ରହୁଥିଲା ଭାରି ଖୁସିରେ ତାକୁ ଦେଖି ଛାଡ଼ି ଛୁଡ଼ି ଦେଲେ ଦୁହେଁ ଦୁହିଁଙ୍କୁ ।

ତା'ପରେ କ'ଣ ହେଲା କେଜାଣି, ବାପା ଦିନେ ପିଟିଲେ ଅପାକୁ । ଲବଙ୍ଗ କଥାଟା ବୁଝିଲେ ମଧ୍ୟ ବୁଝେନାହିଁ । ଜଗୁଆ ଆଉ ଆସିଲା ନାହିଁ । ଦାଢ଼ିଆ ଫାର୍ସା ଧରି ମଣିଆ ଜଗିଲା ତାଙ୍କୁ ହାଣିଦେବ ବୋଲି, ଆଉ କାହିଁକି ଲୁଚି ଛପି ବି ଆସୁନାହିଁ ସେ । ପାନୁଆର ସେଇ ଅବସ୍ଥା ହବନାହିଁତ ! ମଣିଆ ତାଙ୍କୁ କେନ୍ତୁ ଭରି ସୁଖ ପାଏ ।

ଲବଙ୍ଗ ବୁଝିପାରେନା, ଝୁମ୍ପା ଅପା ଭୁଲ କ'ଣ କଲା ? ତା' ମନତ କହେ, ସେମିତି ପାନୁଆ ଠିଁ ବୋକ ଖାଇବାକୁ । ତାଙ୍କୁ ଛାତିରେ ଚାପିଧରି ଏକାକାର ହୋଇଯିବାକୁ । କୋଉଠି ଭୁଲ ?

କାହିଁକି ସେ ମୁଣ୍ଡାଟାରେ ନଙ୍ଗଲା ଦଣ୍ଡ ଦେଖାଇ ପଇସା ଅର୍ଜିବ ? ଏଇ ବୁଢ଼ୀ ପାଇଁ ? ସିଏ ଚାଲିଗଲେ ତ ଅବକା ସବୁ ମାଟା ହୋଇଯିବ ଖେଳ, ପୁଣି ବୁଢ଼ି ପାଞ୍ଚବର୍ଷ ଯାଏ ସୀତା ତା'ର ଭଳି ହବାକୁ, ଅପାତ ପାରିବ ନାହିଁ । ଆଉ, ତା' ଦିନ ସରିଯାଇଚି ବାଧ୍ୟକରେ—ତା' ଛଡ଼ା ଲୋକେ ବି ସେ ଖେଳ ଦେଖାଇଲେ ପଛ ଭୁଲି ଚାଲିଯାଉଛନ୍ତି ।

ସେଇଥିପାଇଁ ଝୁମ୍ପାଅପା, ଦିନେ କାନ୍ଦିବାର ବି ଦେଖିଛି ଲବଙ୍ଗ ।

ଦୁଇ ଘରଜାଗାରେ ଖେଳ ଦେଖାଇ ଦେଖାଇ ଥକିଯାଇଛନ୍ତି ସଭିଏଁ । ସଜ୍ଜ ଅନ୍ଧାର ଭେଦ ଆମ୍ବ ଗଛ ଫାଙ୍କରୁ ଉଠୁଚି ତାଳପତ୍ରର ଜାଳର ଧୂଆଁ । ମିଞ୍ଜି ମିଞ୍ଜି ହୋଇ ଦିଶୁଚି, ଚୁଲିର ଆଲୁଅ । ମଣିଆଁ ଥକ୍କା ମାରି ଗଡ଼ିଯାଇଛି ।

ଟୋଟା ସେ ମୁଣ୍ଡରେ ଗୋଟାଏ କନା ବୁଜୁଳି ଦେଇ, ଗଛ ମୂଳଟରେ ଗଡ଼ପଡ଼ି ପାନୁଆ ବଇଁଶୀ ବଜାଉଥିଲା—ନଢ ନଟ ଛପି ଛପି, ପାଦ ଚାପି

ଚୁପି ଲବଙ୍ଗ ଆସେ ତା' ପାଖକୁ, କୋଳରେ ତା'ର ମୁଣ୍ଡ ରଖି ଅସରନ୍ତି କଥା କହିଯାଏ । ଚୁମା ଚୁମାରେ ଭରିଦିଏ ଦାନୁଆ ତା'ର ମୁହଁକୁ । ନାଁ, ହେଲେ କେବେ-ହେଲେ ଧରାଦିଏନି ଲବଙ୍ଗ ।

ଦିନରେ ଖେଳ ଦେଖାଇଲା ବେଳେ, କାହିଁକି କେଜାଣି ତାକୁ ସେଦିନ, ଦେଖଣାହାରୀଙ୍କର ଟାପରା, ମସ୍କରା, ଥଟ୍ଟା-ନକଲ ଭଲ ଲାଗିନଥିଲା । ତା'ର ମନେ ପଡ଼ୁଥିଲା, ଜୀବନସାରା କ'ଣ ସେ ଏମିତି ଦେହ ଦେଖାଇ ଦେଖାଇ ବଞ୍ଚିଯିବ ? ତାର ଆଉ କ'ଣ କିଛି ନାହିଁ ? କେତେଦିନ ନିଆଁ ଭିତରେ ଖେଳ, ଖେଳ ନିଆଁଠାରୁ ଦୂରରେ ରହିବ ? ସିଝି ପୋଡ଼ି, କଇଁଥା ହୋଇଯିବା ସାର ହେବ ସିନା ? ସେଇ ନିଆଁ ତା' ଦେହ, ମୁଣ୍ଡ ଜାଳୁଥିଲା ସେଦିନ । ଜଳିପୋଡ଼ି ନ ସିଝି ଯାଇ, ପାଉଁଶ ହୋଇଯିବାକୁ ଚାହୁଁଥିଲା ସେ ।

ଗତକାଲି ରାତିରେ ଝାମ୍ପ କହୁଥିଲା, "ଲବଙ୍ଗ ଲୋ, ତୋ ଦାନୁଆକୁ ନେଇ ପଳେଇଯା, କୁଆଡ଼େ, ଯୁଆଡ଼େ ଦି' ଆଖି ପାଉଛି—ଖାଇବାକୁ ନ ମିଳିଲେ ବି ମୁହଁରେ ତୋ'ର ହସ ଫୁଟିବ— ଦି' ବାହା, ଦି' ପାଦ ଥିବା ଯାକେ, ସଳଖ ବାଉଁଶ ଖଣ୍ଡେ ତ ମିଳିବ ! ଦାନୁଆ ବଜେଇବ ତୁ ବାଉଁଶରାଣୀ ନାଚ ଦେଖାଇବୁ ଯା' ପଳେଇଯା—ନହେଲେ ମୋରି ଭଳି ହବୁ ! ପର କଟିଗଲେ, ବଅସ ଖସିଲେ, ଆଉ ରସିବ କିଏ ? ପଳେଇବୁ କୁଆଡ଼େ ? ଯୁଆଡ଼େ ଦି' ଆଖି ପାଉଚି ପଳା !"

ଭାବି ଭାବି ରାତିସାରା ଆଖିକୁ ନିଦ ଆସିନି ଲବଙ୍ଗର. ଅଜଣା ଏକ ପୁଲକ, ରହି ରହି ଆସି ତାକୁ ଆତ୍ମହରା କରୁଛି ଏକ ଅଚହ୍ଲା ଉନ୍ମାଦନା ତାକୁ ଅବଶ କରୁଛି । ନିଦ୍ରା ଭାବନାର ସେ ମୋଲାଏମ ସୁନ୍ଦର ଦୁନିଆର ସ୍ୱପ୍ନରେ ବିଭୋର ହୋଇ, ନିଜେ ନିଜେ ରହି ରହି ହସି ଉଠୁଛି ସେ । ଆମ୍ବତୋଟା, ଛୁଇଁ ଛୁଇଁକିଆ ଛୁଇଁ ଭଳି ନେଳା ନେଳା ଆକାଶ, ଝୁଲୁଣ୍ଡୀ ଭଳି ଛୋଟ ଛୋଟ ତାରାଚନ୍ଦାର ମିଞ୍ଜି ମିଞ୍ଜି ଆଲୁଅ, ଏକାକୀ ଲବଙ୍ଗକୁ ବିଭୋର ଉନ୍ନିଦ୍ର କରି ରଚିଛି ଏକ ଅଦ୍ଭୁତ କଳ୍ପନାର ସୁନାପୁରୀକୁ ଟାଣିନେଇଛି ଯେଉଁଠି ଦାନୁ ଆଉ ତା' ବୁଢ଼ା କେହି ନ ଥାନ୍ତି । କାନ୍ଧରେ ଢୋଲ, ହାତରେ ବାଉଁଶଧରି ଆଗେ ଆଗେ ଚାଲୁଚି ଦାନୁ ଆଉ ପଛେ ପଛେ, ସାଜ ସରଞ୍ଜାମ ଧରି ସେ ଖେଳ ଦେଖାଇ ଦେଖାଇ ଅବଶ, କ୍ଲାନ୍ତ ମନ ନେଇ କେଉଁ ସେ ଏମିତି କୋଉଠି ଛୋଟ ପଲ୍ଲୀ ମାରି ଚୁଲି ଫୁଟାଇ ଦେଉଛି ।

ବାସ୍···ତା'ପରେ···ତା'ପରେ ନିଦ···ରାତି···ସୁନା ସ୍ୱପ୍ନ କେତେ କ'ଣ !

ଦାନୁଆ କୋଳରେ ମୁଣ୍ଡରଖି, ଶୋଇ ଶୋଇ ଲବଙ୍ଗ ଭାବୁଥିଲା, ତାକୁ କହିବ କିମିତି ବୋଲି । କିମିତି ମା' ଆଗରେ ଆତ୍ମନିବେଦନ କରି କହିବ ଚାଲ୍ ପଳେଇବା ଚାଲ୍ ବୋଲି ?

ଲବଙ୍ଗ ମୁଣ୍ଡରେ ହାତ ବୁଲାଇଦେଇ, ଧାନୁଆ ନୀରବରେ ବଇଁଶୀରେ ଆଉ ଗୋଟାଏ ରାଗିଣୀ ବଜାଇ ଚାଲିଲା । ସ୍ୱଭାବତଃ ବଡ଼ ଗମ୍ଭୀର ସେ । ହୁଏତ ସେ ବି ଏମିତି ଗୋଟାଏ ଅନାଗତ ଶୁଭ ଦିନକୁ, ପ୍ରତ୍ୟେକ ମୁହୂର୍ତ୍ତ ଦେଇ, ଦଣ୍ଡେ ଦେଇ ପ୍ରତୀକ୍ଷା କରୁଥିଲା—ତା'ର ଲୋମକୂପରେ ଲବଙ୍ଗ ପାଇଁ ଅପେକ୍ଷା ସଞ୍ଚିତ ହୋଇ ରହିଥିଲା । ମାତ୍ର ଲବଙ୍ଗ ନ ବୁଝିଲେ ନୁହଁ !

'ଏ' କେମିତି ଆଜି ଖେଳ ହେଲାରେ ?' ଲବଙ୍ଗ ସବୁଦିନ ଭଳି ପଚାରିଲା—

'ଭଲ'—ଖାମଖିଆଲି ହୋଇ ଉତ୍ତର ଦେଲା ଧାନୁଆଁ, 'ତୋତେ ଭଲଲାଗେ ନାଁ ରେ ?'

'ହଁ, ସବୁଦିନେ ଦେଖି ଦେଖି ଆଉ ଏବେ ବିଶେଷ ଭଲ ଲାଗୁନି —ତୁ' ବୋଲି ଦେଖୁଚୁ ବସି ବସି—

'ଯାବେ, ହଜାର ଲୋକ ଦେଖିଛନ୍ତି ଭଲଲାଗୁଚି ଆଉ, ତତେ ଲାଗୁନାହିଁ' ?—ଲବଙ୍ଗ ଏମିତି ହିଁ କହେ ତାକୁ ।

'ବାପା କ'ଣ କହୁଥିଲା ?'—ଧାନୁଆ ପଚାରେ 'କେଉଁ କଥା ?'—

'ନାହିଁ, ଏମିତି, କ'ଣ ସବୁ କହୁଥିଲା'—

'ସିଏ ହାଣ୍ଡିଆ ପିଇ ଘୁମାଉଚି ଗଛମୂଳେ'—

ପ୍ରତ୍ୟେକ ପଦ କଥାକହୁ ଲବଙ୍ଗ ଭାବୁଥିଲା, କେମିତି ପ୍ରସ୍ତାବ ଦେବ ଧନର—

ସୀତା, ବାପା, ମା, ଝୁମ୍ପାଅପାର ଲୁହଭିଜା ଆଖି ସବୁ ଛାଡ଼ି ଏ ଭିନ୍ନ ଦେଶୀ ଟୋକା ସଙ୍ଗେ ସେ ପଳାଇବ ?

ସେଇଠି, ଧାନୁଆଁ ଛାତିରେ ମୁଣ୍ଡ ଦେଇ ମନରେ ତାର ଦ୍ୱନ୍ଦ, ଦ୍ୱିଧା କଡ଼ି ଉଠିଲା କେମିତି—

ତୋଟା ସେପାଖରୁ ଚକୁଗୁଣୀ ଆଲୁଅ ଦିଶୁନି କି କ'ଣ ମିଂକା ମିଂକା ହୋଇ । ଅଂଧାର ଘନେଇ ଆସିଲାଣି । ପହ୍ନଡ଼ିକିଆ ବାଲୁଆ ଡାକଲେଣି । ଗାଁ ଦାଣ୍ଡରେ କିଏ ଜଣେ ଜଣେ ଭୁଟ୍ଟିରୁ ଖଟର ହୋଇ ଆଗେଇ ଯାଉଛନ୍ତି ସବୁ ।

କମିତି ଅଚହ୍ନା ଲାଗିଲା ତାକୁ ଏ ଧାନୁଆଁ—କାହିଁକି ସେ ବା ଘର ନବ ଲବଙ୍ଗର ? ଲକ୍ଷେ ଲୋକ ଯେମିତି, ଆଖିରେ ସବଗ ମ'ଦେବାକୁ ହା'ର ବା ତା'ଠାରୁ ଅଲଗା କ'ଣ ଅଛି ?

ରାତି ଧୀରେ ଧୀରେ ବଢ଼ି ଚାଲିଛି । ଅନ୍ଧାର ଏଥର ଘନୀଭୂତ ହେଲାଣି ଆମ୍ବଗଛ ଗୁଡ଼ିକୁ ବେଢ଼ିଇ ବେଢ଼ିଇ ।

ଅକସ୍ମାତ୍ ଲବଙ୍ଗକୁ ଲାଗିଲା ଯେମିତି ଗୋଟାଏ ଭୂତ, ଗୋଟାଏ ଅଶରୀର ଛାତିରେ ମୁଣ୍ଡ ରଖି ଶୋଇଛି ସେ, ତା'ର ଛାତିରେ ନିଃଶ୍ୱାସ ନାହିଁ—ହୃଦୟରେ ସ୍ପନ୍ଦନ ନାହିଁ । ଗୋଟାଏ ଶବକୁ ଜାବୁଡ଼ି ଧରିଛି ସେ । ନା ସେ ବାଉଶରାଣୀ ସେ ଦଗରେ—ଜଣକର ହୋଇ ପାରେନା...

ଦୂରରୁ ଶୁଭିଲା, ମଣିଆଁ ଡାକୁଚି 'ଲ...ବଙ୍ଗ...ଲୋ ? 'ଧାନୁଆଁ... ରେ'...

ଧାନୁଆ ଉଠୁ ଉଠୁ ଛଟିପିଟି ହୋଇ, ହେଇ ଅଂଧାରିଆ ତୋଟା ଭିତରେ ଧାଇଁ ଚାଲିଲା ଲବଙ୍ଗ ମଣିଆର ଡାକ ବାରି—ପଲା ଅଡ଼କୁ ବ୍ୟସ୍ତସ୍ତରେ ସେଇ ଘନୀଭୂତ ଅନ୍ଧାରରେ ଆଖି ଫାଡ଼ି ଚାହିଁ ରହିଥିଲା ଧାନୁଆ—

ଅନେକ କଥା ବାକି ଅଛି ତା'ର କହିବାକୁ ବାଉଁଶରାଣୀକୁ—ବହୁତ କଥା ଶୁଣିବାକୁ ବି ଅଛି— ।

ଅନ୍ଧାରିଆ ତୋଟାଟା ଭିତରୁ କେବଳ ଖସ୍ ଖସ୍ ଛଡ଼ା ଆଉ କିଛି ଶୁଭୁନାହିଁ । ଗୋଟାଏ ନିଷ୍ଫଳ ବେଦନାରେ, ସାରା ରାତିଟା ଗୁମୁରି ଉଠୁଚି ଯେମିତି ।

# ବିପ୍ଳବର ଅନନ୍ୟ ନାମ

ଶ୍ରୀ ଦଶରଥ ସାମଲ

ସୁବର୍ଣ୍ଣପୁର ହରିଜନ ବସ୍ତିରୁ ସେଦିନ ହଠାତ୍ ଗୋଟିଏ ଶୋଭାଯାତ୍ରା ବାହାରି ଗାଁ ଶେଷମୁଣ୍ଡ ପଡ଼ିଆ ଦଗଦାଣ୍ଡିରେ ଅଟକିଗଲା । ସେଇ ଶୋଭାଯାତ୍ରାରେ ଯେଉଁସବୁ ସ୍ଲୋଗାନ୍ ଦିଆଯାଉଥିଲା, ତାହାର ଧ୍ୱନି କ୍ରମଶଃ ସାରା ଗାଁକୁ ସଂକ୍ରମିତ କଲା ।

ଦଗଦାଣ୍ଡି ପଡ଼ିଆରେ ଏକ ନାଲି ରଙ୍ଗର ପତାକା ଜ୍ୟେଷ୍ଠ ମାସର ସକାଳ ପବନରେ ପ୍ରଥମଥର ଉଡ଼ୁଥିବାର ଦେଖି ଗାଁ ଲୋକେ ଆଚମ୍ବିତ ହୋଇଗଲେ ।

ଦଗଦାଣ୍ଡି ପଡ଼ିଆଟି କେଉଁ ଅନାଦି କାଳରୁ ଅନାବାଦୀ ଭାବରେ କୁମ୍ଭକର୍ଣ୍ଣ ପରି ନିଦ୍ରା ଯାଉଛି । ଏଇ ପଡ଼ିଆଟିର କ୍ଷେତ୍ରଫଳ ଲୋକମୁଖରେ ଥିଲା ବାରବାଟି ବାରମାଣ ବାରଗୁଣ୍ଠ ଓ ବାରବିଶ୍ୱା । ଫଳରେ ସୁବର୍ଣ୍ଣପୁର ନୁହେଁ, ମଣ୍ଡାସାହି, ବଂଶୀପୁର ଓ ଈଶାନପଡ଼ା ପ୍ରଭୃତି ଗାଁମାନଙ୍କର ଗୋରୁମାନେ ଏଇ ପଡ଼ିଆରେ ଘାସ ଚରି ବଢ଼ିଥାନ୍ତି ।

ସୁବର୍ଣ୍ଣପୁର ଏକ ବନ୍ୟାପ୍ଲାବିତ ଅଞ୍ଚଳ । ବର୍ଷାଦିନେ ସେଇ ଗାଁ ପାଖକୁ ଲାଗି ଯେଉଁ ସ୍ରୋତ 'କାର୍ଣ୍ଣୀ' ନଈଟି ବହିଯାଉଛି, ବନ୍ୟା ଆସିଲେ ତା'ର ଛାତି ଫୁଲି ଉଠେ ଓ ସୁବର୍ଣ୍ଣପୁର, ମଣ୍ଡାସାହି, ବଂଶୀପୁର ଓ ଈଶାନପଡ଼ା ପ୍ରଭୃତି ଗାଁକୁ ଲାଗି ଯେଉଁ ଶହ ଶହ ଏକର ଜମି ଦେଖାଯାଉଛି, ତାହା ସବୁ ହୋଇଯାଏ ଟଳକା ପରି ଛଇଲା । ତେଣୁ ଏହିସବୁ ଗାଁର ଲୋକେ ଗୋରୁମାନଙ୍କୁ ବର୍ଷାଦିନେ ଦଗଦାଣ୍ଡିରେ ଛାଡ଼ି ବଞ୍ଚାଇଥାନ୍ତି ।

ସେଦିନ ଜ୍ୟେଷ୍ଠ ସକାଳରେ ଗୋଟିଏ ନାଲି ରଙ୍ଗର ପତାକା ଫର ଫର ହୋଇ ଉଡ଼ିବା ପରେ, ସ୍ଲୋଗାନ୍‌ର ମନ୍ଦ୍ରଧ୍ୱନି କ୍ରମଶଃ ଶିଥିଳ ପଡ଼ିଗଲା । ଶୋଭାଯାତ୍ରା-କାରୀମାନେ ତା' ପରେ ଚୁପ୍‌ଚାପ୍ ବସି ପଡ଼ିଲେ ବୃତ୍ତାକାରରେ ତଳେ । କେହି ଜଣେ ବ୍ୟକ୍ତି ଜୁଲାମର୍ଦ୍ଦ ଭାଷାରେ ଅନର୍ଗଳ ବକ୍ତୃତା ଦେଉଥିଲେ ବହୁ ସମୟ ଧରି ଏବଂ ମଝିରେ ମଝିରେ ସେହିସବୁ ସମବେତ ଶ୍ରୋତାମାନେ କରତାଳି ଦେଉଥିଲେ ଗଭୀର ଉତ୍ସାହରେ ।

ପଡ଼ିଆଟି ଥିଲା ସୁବର୍ଣ୍ଣପୁରଠାରୁ ଦୁଇ ଫର୍ଲଙ୍ଗ ଦୂରରେ । ଯେତେବେଳେ ନାଲି ପତାକାଟିଏ ଉଡ଼ିବାର ଗାଁ ଲୋକେ ଲକ୍ଷ୍ୟକଲେ ସେତେବେଳେ ସେମାନେ ଭାବିଲେ ସମ୍ଭବତଃ କେହି ଜଣେ ବାବାଜୀ ଆସି ଧର୍ମ ସମ୍ପର୍କରେ ବୁଝାଉଛନ୍ତି ଓ ହରିଜନ ବସ୍ତିର ଲୋକଙ୍କୁ ଦୀକ୍ଷିତ କରିବାକୁ ଆସିଛନ୍ତି ।

ଗାଁ ଲୋକଙ୍କ ଭିତରୁ କେହି କେହି କୌତୂହଳୀ ହୋଇ ନାଲି ପତାକା ପୋତାଯାଇଥିବା ଭଗବାଣ୍ଡି ପଡ଼ିଆକୁ ଚାଲିଯାଇଥିଲେ ଓ ସେହି ଧର୍ମ-ଅବତାରଙ୍କ ଅଗ୍ନିବର୍ଷୀ ଭାଷଣ ଶୁଣିଥିଲେ । ସେହି ଘଟଣାଠାରୁ ସୁବର୍ଣ୍ଣପୁର ଗାଁରେ ଚାଲିଲା ଫୁସୁର ଫାସର ଓ ଗାଁ ଗୋଟାକଯାକ ଗୁମ୍‌ସୁମ୍ ବାୟୁମଣ୍ଡଳରେ ଛାଇ ହୋଇଗଲା ।

ଏହି ଘଟଣାର ଦୁଇଦିନ ପରେ ଜ୍ୟୈଷ୍ଠର ପ୍ରଚଣ୍ଡ ଗୁଳୁଗୁଳି ଓ ଅସହ୍ୟ ତାତିକୁ ଭାଙ୍ଗି ଦେଇ ଖୁବ୍ ଜୋର୍‌ରେ ଦିନେ ରାତିରେ ବଡ଼ ଧରଣର ଅସରାଏ ବର୍ଷା ହୋଇଗଲା ।

ବର୍ଷା ହେବାର ଠିକ୍ ପରଦିନ ସକାଳେ ଦେଖାଗଲା ଯେ ହରିଜନ ସାହିର ପ୍ରାୟ କୋଡ଼ିଏ ଜଣ ହଳିଆ କୋଡ଼ିଏ ହଳ ବଳଦ ବୁଲାଇ ଭଗବାଣ୍ଡି ପଡ଼ିଆକୁ ଚାଷ କରିବାରେ ଲାଗିଛନ୍ତି ।

ପଡ଼ିଆଟି କେଉଁ ଅନାଦି କାଳରୁ ରହିଥିଲା ଅନାବାଦୀ ହୋଇ । ତା'ର ପିଠି ଉପରେ ଲଙ୍ଗଳର ଫାଳ ବାଜି ବିଦୀର୍ଣ୍ଣ ହୋଇଯାଉଛି ଭୂଇଁ । ମାତ୍ର ସାଧାରଣ କ୍ଷେତ ଜମିରେ ଲଙ୍ଗଳର ଫାଳ ଯେପରି ପଶିଯାଏ ଭିତରକୁ ଭଗବାଣ୍ଡି ପଡ଼ିଆର ପିଠିରେ ଲଙ୍ଗଳ ଫାଳ ଅବଶ୍ୟ ସେପରି ଭିତରକୁ ପଶି ଯାଉ ନଥିଲା । ନୂଆକରି ଜମି ଆବାଦ କରୁଥିବା ଓ ନୂଆକରି ଜମିର ପ୍ରାକୃତିକ ମାଲିକ ହେବାକୁ ଯାଉଥିବା ଜନତ ଏକ ଆତ୍ମପ୍ରତ୍ୟୟର ଅସୁମାରି ଉତ୍ସାହରେ ହରିଜନ ଚାଷୀମାନେ ଲଙ୍ଗଳର କଣ୍ଡି ଉପରେ ସେମାନଙ୍କର ମୁଠିମାନଙ୍କୁ ଆହୁରି ଜୋରଦାର କରୁଥିଲେ ।

ସେଦିନ ଯେଉଁ ମହାନ୍ ସ୍ଫୁଲିଙ୍ଗଟି ଜ୍ୱାଳାମୟୀ ବକ୍ତୃତା ଦେଇ ଭୂମିହୀନ ଚାଷୀମାନଙ୍କୁ ଭୟଙ୍କର ଭାବରେ ଉତ୍ସାହିତ ଓ ଉତ୍ତେଜିତ କରିଥିଲେ, ସେହି ମହାତ୍ମାଜଣକ ବସିଛନ୍ତି ଭଗବାଣ୍ଡିର ଏକ ଦିଗ ଅଂଶ ଉପରେ । ସେଦିନ ଯେଉଁ ସ୍ଥାନରେ ନାଲି ରଙ୍ଗର ପତାକାଟିଏ ଫର ଫର ହୋଇ ଉଡ଼ୁଥିଲା, ସେ ପତାକାଟିଏ ଆଜି ଆଉ ଖୁଦାଯାଉଥିବା ଅନ୍ୟ ଏକ ସ୍ଥାନକୁ ସ୍ଥାନାନ୍ତରିତ ହୋଇଯାଇଛି ।

ସେଦିନ ସକାଳେ ଗାଁ ଲୋକେ ଯେତେବେଳେ ଦେଖିଲେ ଯେ ଭଗବାଣ୍ଡି ପଡ଼ିଆରେ କୋଡ଼ିଏ ହଳ ବଳଦ ଏକା ସାଙ୍ଗରେ ହଳ ହେଉଛନ୍ତି ଏବଂ ହରିଜନ

ବାହାର ଲୋକେ ସେଇସବୁ ହଳମାନଙ୍କୁ ବୁଲାଉଛନ୍ତି, ପ୍ରଥମଦିନ ନାଲି ରଙ୍ଗର ପତାକାଟିଏ ଉଡ଼ୁଥିବାର ଦେଖି ସନ୍ଧ୍ୟାବେଳେ ସାରା ଗାଁରେ ଯେଉଁ ଫୁସୁରୁ ଫାସର ଓ ଗୁମ୍‌ସୁମ୍ ଆବହାଓ୍ୱା ସୃଷ୍ଟି ହୋଇଥିଲା, ସେହି ବାତାବରଣ ଆଜି ଯେପରି ଅତ୍ୟନ୍ତ ପ୍ରଚଣ୍ଡ ହୋଇ ଉଠିଲା ।

ସେଦିନ ଗାଁ ଲୋକମାନଙ୍କ ମଧ୍ୟରେ ଅଗ୍ନନକ ଏକ ଆଲୋଡ଼ନ ସୃଷ୍ଟି ହେଲା । ଗାଁରେ କେତେକ ଆଗୁଆ ଯୁବକ ଏହାର ତୀବ୍ର ପ୍ରତିବାଦ କରିବାକୁ ଆରମ୍ଭ କଲେ ଏବଂ ହରିଜନ କୃଷୀମାନଙ୍କୁ ବାଧ ଦେବାକୁ ସଜବାଜ ହୋଇ ବାହାରି ପଡ଼ିଲେ ।

ସୁବର୍ଣ୍ଣପୁରର ବୟସ୍କ ଲୋକ ଦୁର୍ଯ୍ୟୋଧନ ମଙ୍ଗରାଜ ଉତ୍ତେଜିତ ଯୁବକମାନଙ୍କୁ କ୍ରୋଧରୁ ନିବୃତ୍ତ ହେବାଲାଗି ପରାମର୍ଶ ଦେଲେ । ସେଦିନ ସନ୍ଧ୍ୟାବେଳେ ତିନୋଟି ଗାଁର ସବୁ ଅଣ-ହରିଜନମାନଙ୍କର ସଭା ହେଲା । ଦୁର୍ଯ୍ୟୋଧନ ବୁଝାଇଲେ— ସେମାନେ ସବୁ ଗରିବ ଶ୍ରେଣୀର ଲୋକ । ତମମାନଙ୍କ ଘରେ ମୂଲ ମଜୁରି ଲାଗି ସେମାନେ ପେଟ ପୋଷନ୍ତି । ଜମିବାଡ଼ି ଟଙ୍କା ପଇସା ପାଇଁ କାହାର ଲୋଭ ନାହିଁ ? ଭଗବତୀପୁରର ସେଇ ଯେଉଁ ନେତା, କୃଷୀ ମୂଲିଆ ଓ ଖଟିଖିଆଙ୍କ ଦୁଃଖପାଇଁ ଯାହାଙ୍କ ଅନ୍ତର ବରାବର କାନ୍ଦେ, ସେ ହେଉଛନ୍ତି ଏସବୁ ବିଭ୍ରାଟ ଓ ଗଣ୍ଡଗୋଳର ମୂଳକର୍ତ୍ତା । ଅଯଥାରେ ସେସବୁ ଗରିବ ଲୋକମାନଙ୍କୁ ହଇରାଣ କରି ଲାଭ କ'ଣ ?

ସଭା ସ୍ଥଳରେ ହଠାତ୍ ଏକ ଅଖଣ୍ଡ ନୀରବତା ବିରାଜ କରି ରହିଲା । ଯେଉଁସବୁ ଉନ୍ମତ୍ତ ଯୁବକ ହରିଜନମାନଙ୍କୁ ଶାରୀରିକ ଆକ୍ରମଣ କରି ଏହି ଅନ୍ୟାୟର ପ୍ରତିରୋଧ କରିବାକୁ ଇଚ୍ଛା କରୁଥିଲେ ସେମାନେ ସବୁ ବସି ପଡ଼ିଲେ ଚୁପ୍‌ଚାପ୍ ।

ସେମାନେ ଭାବୁଥିଲେ, ଦୁର୍ଯ୍ୟୋଧନ ମଙ୍ଗରାଜ ସତକଥା କହୁଛନ୍ତି । ହରିଜନ ବାପୁଡ଼ାଙ୍କର ହିମତ୍ ବା କେତେ ? ଯୁଗ ଯୁଗ ଧରି ସେମାନେ ପରଘରେ ମୂଲ ଲାଗି ପେଟ ପୋଷନ୍ତି । କିନ୍ତୁ ଏବେ ଦେଶସାରା କ'ଣ ଗୋଟାଏ ପଡ଼ିଯାଇଛି ହୁରି । ବଡ଼ ବଡ଼ କୃଷୀମାନଙ୍କଠାରୁ ବଳକା ଜମି ବାହାରିଲେ, ସେସବୁ ଭୂମିହୀନମାନଙ୍କ ମଧ୍ୟରେ ବଣ୍ଟାଯିବ । ସେମାନେ ହେବେ ଅନ୍ୟମାନଙ୍କ ପରି ଜମିମାଲିକ । ଏଥିଲାଗି ସେମାନଙ୍କ ମଧ୍ୟରେ ଦେଖାଦେଇଛି ଅଦ୍ଭୁତ ଉତ୍ସାହ ଓ ଉଦ୍ଦୀପନା ।

କିନ୍ତୁ ସୁବର୍ଣ୍ଣପୁର ଏକ ବନ୍ୟା ବିଧ୍ୱସ୍ତ ଅଞ୍ଚଳ । ଆଖପାଖ ଦଶଖଣ୍ଡ ଗାଁ ଲୋକମାନଙ୍କ ଭିତରେ ଯେଉଁମାନଙ୍କୁ ବଡ଼ କୃଷୀ ବୋଲି କୁହାଯାଏ, ସେମାନଙ୍କର ଜମି ହେବୋଇ ଦଶ ଏକର ମଧ୍ୟରେ । ତାହା ପୁଣି ବନ୍ୟାରେ ଧୋଇଯାଏ ଏବଂ ତଥାକଥିତ ବଡ଼କୃଷୀ ଶ୍ରାବଣ ଓ ଭାଦ୍ରବ ମାସରେ ଚୁହଳ ମଧ୍ୟ କିଣିଥାନ୍ତି ।

ଦୁର୍ଯ୍ୟୋଧନଙ୍କ କଥା ଶୁଣି ସାରିଲା ପରେ ଯୁବକମାନେ ପଚାରିଲେ—ତା'ହେଲେ ଆମେ କ'ଣ କରିବୁ, ଆମକୁ ବାଟ ବତାନ୍ତୁ ।

ସ୍ୱାଧୀନତା ସଂଗ୍ରାମୀ ଓ ଭୂଦାନ କର୍ମୀ ଦୁର୍ଯ୍ୟୋଧନ କହିଲେ— ଅପେକ୍ଷା କର ! ସେମାନେ ପରବର୍ତ୍ତିରେ କେତେ ବାଟ ଚାଲୁଛନ୍ତି ଅପେକ୍ଷା କରି ଦେଖ । ଭୂମିହୀନଙ୍କୁ ତ ଜମି ଦେବା ଖୁବ୍ ଭଲକଥା । କିନ୍ତୁ ଏଥିପାଇଁ ଯେଉଁ ନୀତି ଓ ଭିତ୍ତି ରହିଛି ତାକୁ ଯଦି ଜଳାଞ୍ଜଳି ଦେଇ ଅନାବାଦୀ ଭଳି ଏକ ସର୍ବସାଧାରଣ ଜାଗାକୁ ଜବର ଦଖଲ କରି ଚାଷ କରାଯାଏ, ତେବେ ତ ଶାନ୍ତିଭଙ୍ଗର ଆଶଙ୍କା ବରାବର ରହିଛି । ଯୁଗ ଯୁଗ ଧରି ଯେଉଁ ଗାଁର ଲୋକେ ଶାନ୍ତି ଓ ନିରାପଦରେ କାଳ କାଟୁଥିଲେ ସେମାନଙ୍କ ଭିତରେ ବିଭେଦ ଓ ସଂଘର୍ଷ ସୃଷ୍ଟି କରିବା ପାଇଁ ଚାଷୀ ମୂଲିଆ ଦଳର ଅଶ୍ୱିନୀ ପୂଜାରୀ ଏବେ ଜୋର୍‌ରେ ଲାଗିଛନ୍ତି ।

ଦୁର୍ଯ୍ୟୋଧନ ଏହି କଥା କହିଲାବେଳେ ତାଙ୍କ ମନ ଭିତରେ ଆସ୍ତେ ଆସ୍ତେ ସଞ୍ଚରି ଉଠୁଥିଲା ଅଶ୍ୱିନୀଙ୍କ କଥା । ସ୍ୱାଧୀନତା ସଂଗ୍ରାମବେଳେ ଅଶ୍ୱିନୀ ଥିଲେ ତାଙ୍କ ପରି ଜଣେ ନିର୍ଭୀକ ସ୍ୱାଧୀନତା ସଂଗ୍ରାମୀ । ତାଙ୍କ ସହିତ ଅଶ୍ୱିନୀ ମଧ୍ୟ ଜେଲ ଯାଇଥିଲେ । କିନ୍ତୁ ଜେଲ୍ ଭିତରେ ତାଙ୍କ ଦଳ ଛାଡ଼ି ସେ ହେଲେ ଚାଷୀ ମୂଲିଆ ଦଳର ସମର୍ଥକ । ଦେଶ ସ୍ୱାଧୀନତା ଲାଭ କରିବାର ପନ୍ଦର ଦିନ ପୂର୍ବରୁ ସେ ଜେଲ୍‌ରୁ ଖଲାସ ହେଲେ । ସେ ଆଉ ନିର୍ବାଚନ ରାଜନୀତିରେ ଅଂଶଗ୍ରହଣ ନ କରି ସମାଜର ଦଳିତ, ଦରିଦ୍ର ଓ ନିର୍ଯ୍ୟାତିତ ଜନସାଧାରଣଙ୍କ ସେବା ଲାଗି ଆଦରି ନେଲେ ଗଠନମୂଳକ ସର୍ବୋଦୟ କାମ । କିନ୍ତୁ ଅଶ୍ୱିନୀ ରହିଗଲେ ସେହି ଚାଷୀମୂଲିଆ ଦଳରେ ଏବଂ ଥରେ ବିଧାନସଭାକୁ ନିର୍ବାଚିତ ହେବାର ସୁଯୋଗ ମଧ୍ୟ ଲାଭ କରିଥିଲେ ।

ପରବର୍ତ୍ତୀ ପର୍ଯ୍ୟାୟରେ ଅଶ୍ୱିନୀକୁମାରଙ୍କ ରାଜନୈତିକ ଦଳ ସାରା ଭାରତରେ ଏକ ବିରୋଧୀ ବୈପ୍ଳବିକ ରାଜନୈତିକ ଦଳ ଭାବରେ ଗଢି ଉଠିଲା । ସମାଜର ଚାଷୀ, ମଜଦୂର ଓ ଖଟିଖିଆଙ୍କ ସ୍ୱାର୍ଥରକ୍ଷା ଲାଗି ଅଶ୍ୱିନୀଙ୍କ ଦଳ ଏକ ଟାଣୁଆ ଗଣ ସଂଗ୍ରାମ ଗଢ଼ି ତୋଳିଲା ।

ଧୀରେ ଧୀରେ ଏଇ ବିପ୍ଳବ ଦଳ ମଧ୍ୟରେ ଦେଖାଦେଲା ଏକ ବିଭେଦର ଫାଙ୍କ । ସାରା ଦେଶର ଚାଷୀ ମୂଲିଆ ଦଳ ଦୁଇ ଭାଗରେ ବିଭକ୍ତ ହୋଇଗଲା । ଏହି ଦଳରେ ଯେଉଁମାନେ ଥିଲେ ଅଧିକ ସଂଗ୍ରାମୀ ଓ ବିପ୍ଳବୀ ସେମାନେ ମୂଳ ସଙ୍ଗଠନଠାରୁ ଅଲଗା ହୋଇ ଗଢ଼ି ବସିଲେ ଅନ୍ୟ ଏକ ଦଳ । ଖଟିଖିଆ ସଂଗ୍ରାମର ରଥଚକକୁ ଆହୁରି ଗତିଶୀଳ କରିବାପାଇଁ ଏଇ ବିପ୍ଳବୀମାନେ ଜେଲ୍, ପ୍ରାଣପାତ ଓ ରକ୍ତକ୍ଷରଣ କରିବାକୁ ଅଗ୍ରାଧିକାର ଦେଲେ । ସେମାନେ ହେଲେ ସଂଗ୍ରାମୀ ଖଟିଖିଆ ଦଳର

ପର୍ଯ୍ୟାପ୍ତଭୁକ୍ତ । କିନ୍ତୁ ଅପରଦଳଟି ରହିଗଲା ସେଇ ଗୁଣ୍ଡୀ ମୂଳିଆ ଦଳ ହୋଇ । ଅପେକ୍ଷାକୃତ ସୁବିଧାବାଦୀ, ଜେଲ୍, ରକ୍ତପାତ, ଗଣସଂଗ୍ରାମଜନିତ ଶାରୀରିକ ଓ ମାନସିକ ଯନ୍ତ୍ରଣା ବରଣ କରିବାପାଇଁ ଯେଉଁମାନେ ଆନ୍ତରିକ ଭାବରେ ଭୟ କରୁଥିଲେ ଓ ସମାଜରେ ବୁର୍ଜୁଆପରି ଯେଉଁମାନେ ଜୀବନଯାପନ କରିବାକୁ ଅଧିକ ପସନ୍ଦ କରୁଥିଲେ ସେଇମାନେ ରହିଗଲେ ଏଇ ଦ୍ୱିତୀୟ ଦଳଟିରେ । ଅଶ୍ୱିନୀକୁମାର ସୁତରାଂ ଆଦରିନେଲେ ଦ୍ୱିତୀୟ ଦଳଟିକୁ ଆପଣା ବ୍ୟକ୍ତିଗତ ଜୀବନାଦର୍ଶ ଅନୁଯାୟୀ ।

ଗୁଣ୍ଡୀ ମୂଳିଆ ଦଳଟି କ୍ରମଶଃ ଗୋଡ଼ାଣିଆ ହୋଇ ଉଠିଲା କ୍ଷମତାସୀନ ଦଳର । ସେ ଭୁଲିଗଲା ଆପଣା ରାଜନୈତିକ ଦର୍ଶନର ମୂଳକଥା । ଶ୍ରେଣୀ ସଂଘର୍ଷ ବଦଳରେ ସେ ବାଛିନେଲା ଶ୍ରେଣୀ ସହଯୋଗର ପଥ, ଏକ ସଂଶୋଧନବାଦୀର ଭୂମିକା ।

ଗୁଣ୍ଡୀ ମୂଳିଆ ଦଳର ବଡ଼ ନେତାଠାରୁ ଆରମ୍ଭ କରି ସାଧାରଣ କର୍ମୀ ପର୍ଯ୍ୟନ୍ତ କ୍ଷମତାସୀନ ଦଳର ସହଯୋଗରେ ସେମାନେ ଆରମ୍ଭ କଲେ ସୁଖୀ ଓ ବିଳାସପୂର୍ଣ୍ଣ ଜୀବନ । ସଂଘର ନେତାମାନେ ଦାମୀ ଦାମୀ କାର୍ ଚଢ଼ିଲେ ଏବଂ ସବୁ ସମୟରେ ବିମାନରେ ଓ ବିଳାସପୂର୍ଣ୍ଣ ହୋଟେଲରେ ରହିବାକୁ ଅଗ୍ରାଧିକାର ଦେଲେ । ବଡ଼ ବଡ଼ ନେତାଙ୍କ ଝିଅ ଓ ପୁଅ ବାହାଘରର ଭୋଜିଭାତରେ ହଜାର ହଜାର ଟଙ୍କା ଅକାତରରେ ଖର୍ଚ୍ଚ କରିବାକୁ ଲାଗିଲେ । ଅଶ୍ୱିନୀଙ୍କ ପରି ଆଉ କେତେକ ତଥାକଥିତ ଗରିବ ପାର୍ଟିଟିଆର ସାଥୀ ନାନା ଅସତ୍ ଉପାୟରେ ଭୂ-ସମ୍ପତ୍ତି, କୋଠାବାଡ଼ିର ଅଧିକାରୀ ହୋଇବସିଲେ । ଫଳରେ ଗ୍ରାମେ ଗ୍ରାମେ ଜନସାଧାରଣଙ୍କ ମଧ୍ୟରେ ସନ୍ଦେହ ଓ ବିଭେଦ ସୃଷ୍ଟି କରି ଆପଣା ଅଦ୍ଭୁର ପଥ ବେଶ୍ ପରିଷ୍କାର କରିଦେଲେ ଅଶ୍ୱିନୀକୁମାର ।

ଦୁର୍ଯ୍ୟୋଧନ ଭାବୁଥିଲେ ମନେ ମନେ । ଏସବୁ କଥା ଗାଁର ଲୋକମାନଙ୍କୁ କହିଦେବାକୁ ତାଙ୍କର ଇଚ୍ଛା ଥିଲେ ମଧ୍ୟ ସେଦିନ ଭଳି ଏକ ଉତ୍ତେଜିତ ପରିସ୍ଥିତିରେ କହିବାକୁ ଇଚ୍ଛା ପ୍ରକାଶ କଲେ ନାହିଁ ।

ମୁକୁନ୍ଦପୁର ହରିଜନ ବସ୍ତିରେ ଯେଉଁଠି ମା' ମଙ୍ଗଳାଙ୍କର ଏକ କୁଡ଼ିଆଘର ତିଆରି ହୋଇଥିଲା, ସେଇ ଘରର ଅଧଭଙ୍ଗାରିଏରେ ଦରଜା ତାଟି ଆଡ଼ୁଜିଆ ହୋଇ ଗୁଣ୍ଡୀ ମୂଳିଆ ଦଳର ଅଫିସ ହୋଇଛି । ଗୋଟିଏ କଳା କାଠ ପଟାରେ, ବଡ଼ ବଡ଼ ଅକ୍ଷରରେ ଗୁଣ୍ଡୀ ମୂଳିଆ ଦଳର ନାମ ଲେଖା ଯାଇଛି । ଏବେ ପ୍ରତିଦିନ ସନ୍ଧ୍ୟାରେ ସେଇ ପାର୍ଟି ଅଫିସରେ ଗୋଟାଏ ଲଣ୍ଠନର ଟିମିଟିମି ଆଲୁଅରେ ଗହଳି ଜମିଉଠେ ।

ସ୍ଥାନୀୟ ପାର୍ଟି ସେକ୍ରେଟେରୀ ହୋଇଛି ରଙ୍କ ଦାସ । ଗତ ଦୁଇବର୍ଷ ତଳେ, ରଙ୍କ ଗାଁରୁ ଚୋରି କରି ଛଅମାସ ସଶ୍ରମ କାରାଦଣ୍ଡ ଭୋଗ କରି ଏବେ ଗାଁକୁ ଫେରିଛି ।

ସୁବର୍ଣ୍ଣପୁରରେ ମୂଳ ଲାଗି ରଙ୍କ ଆଗରୁ ଚଳୁଥିଲା । ତା' ବାବା ମଲାପରେ ସେ ହୋଇଗଲା ନିହାତି ଫେଚକାଳିଆ ଓ ବଦ୍‌ମାସ । ହରିଜନ ବସ୍ତିରେ ସେଇ ପ୍ରଥମେ ଯୋତା ପିନ୍ଧିବା ଆରମ୍ଭ କଲା । ପ୍ୟାଣ୍ଟପିନ୍ଧା ପ୍ରଥା ସେଇ ଶିଖେଇଲା । ଶେଖ୍ ରସିଦ୍ ସାଇକେଲ୍ ଦୋକାନରୁ ଭଡ଼ାରେ ସାଇକେଲ୍ ଆଣି ଗାଁରୁ ସହର ପର୍ଯ୍ୟନ୍ତ ଯିବା ଆସିବା କରିବା ସଙ୍ଗେ ସଙ୍ଗେ ହରିଜନ ବସ୍ତିର ଅନ୍ୟ ଟୋକାମାନଙ୍କୁ ସାଙ୍ଗରେ ନେଇ ସିନେମା, ଥିଏଟର ଓ ସର୍କସ ଦେଖିଯାଏ । ଟଙ୍କା ପଇସା ନ ମିଳିଲେ କାହା କ୍ଷେତରୁ ଫସଲ, କାହା ବାରିରୁ ଆଳୁ, ବାଇଗଣ ଏବଂ ଏପରିକି କାହାର ଗୁହାଳରୁ ଗାଈ ଗୋରୁ ରାତି ଅଧରେ ଚୋରି କରି ଦୂରଦୂରାନ୍ତ ହାଟରେ ବିକିଦିଏ । ଏଇ ସବୁ ଧନ୍ଦାରେ ଜଡ଼ିତ ରହି ଓ ବହୁ ଲୋକଙ୍କ ସହିତ ମିଶାମିଶି କରି ରଙ୍କ ଥିଲା ଭାରି କୁହାଳିଆ ଓ ମାମଲତକାର ।

ଅଶ୍ୱିନୀକୁମାର ସପ୍ତାହରେ ଦୁଇ ତିନିଥର ଆସନ୍ତି ଏଇ ଅଫିସକୁ । ସେ ଆସି ପହଞ୍ଚିଲେ ସୁବର୍ଣ୍ଣପୁର ହରିଜନ ବସ୍ତିରେ ଖେଳିଯାଏ ଏକ ନୂତନ ପ୍ରେରଣା ଓ ଉତ୍ସାହ । ମାଲିକପଣିଆର ଗର୍ବ ଓ ଗୌରବବୋଧ ସମସ୍ତଙ୍କ ଚେତନାକୁ ଯେପରି ଆଚ୍ଛନ୍ନ କରିବସେ ।

ଆଷାଢ଼ ଯାଇ ଶ୍ରାବଣ ହେଲା । ଦିଗଦାଣ୍ଡି ପଡ଼ିଆରେ ଏବେ ଧାନଗଛ ସବୁ ଚହଟ ଚକଟ ଦିଶୁଛନ୍ତି । ବର୍ଷା ଓ ନଦୀ ପାଣିରେ ଭରିଯାଇଛି କିଆରୀ ସବୁ । କାଳ କାଳ ଧରି ପଡ଼ିରହିଥିବା ପଡ଼ିଆ ଏଥର ପ୍ରଥମ ଥର ପାଇଁ ଆବାଦ ହୋଇଛି । ପ୍ରଚୁର ପାଣି ପାଇ ଧାନଗଛ ସବୁ ମୋଟେଇ ଯାଉଛନ୍ତି ଅସମ୍ଭବ ଭାବରେ ।

ହରିଜନ ସାହିରେ କୁନ ଭେଡା ଅଦେସ୍ତ ହୋଇ ପାଣ୍ଠି ଜମା ରହୁଛି । ସେସବୁ ଅର୍ଥ ରହୁଛି ଅଶ୍ୱିନୀଙ୍କ ପାଖରେ ।

ଏଣେ ସୁବର୍ଣ୍ଣପୁର ସବର୍ଣ୍ଣ ସାହିରେ, ମଣ୍ଡାସାହି ଓ କର୍ଣ୍ଣପୁର ପ୍ରଭୃତି ମୌଜାରେ କ୍ରମଶଃ ଅସନ୍ତୋଷ କୁହୁଳୁଛି । ଯଦି ଦୁର୍ଯ୍ୟୋଧନ ହେଇସବୁ ରୁଷ୍ଟ ଓ ଉତ୍ତେଜିତ ଲୋକମାନଙ୍କୁ ସବୁବେଳେ ପାଖରେ ବସାଇ ଉପଦେଶ ଦେଉ ନ ଥାନ୍ତେ ତେବେ ଗାଁର ପରିସ୍ଥିତି ଭିନ୍ନ ପ୍ରକାର ହୋଇଯାନ୍ତା ।

ଏବେ ନଦୀରେ ବନ୍ୟା ଆସିଛି । କୂଳଆଡ଼େ ପାଣି ଏବଂ ପାଣି । ବିଲମାଳ ସବୁ ଛଇଳ ମଇଳ । ତିନି ଖଣ୍ଡି ମୌଜାର ଗାଈ ଗୋରୁ ଚରିବେ କେଉଁଠି ? ବନ୍ୟା

ଜଳରେ ଜମିବାଡ଼ି ସବୁ ବୁଡ଼ିଗଲେ ମଧ୍ୟ ଏଇ ଦଗଦାଣ୍ଡି ପଡ଼ିଆକୁ ପାଣି ଯାଇପାରେ ନାହିଁ । କାରଣ ଏହା ଥିଲା ଖୁବ୍ ସୁଉଚ୍ଚ । ନଈବଢ଼ିରେ ବାଲିମାଳ ସମୁଦ୍ର ପରି ଦେଖାଗଲେ ଗାଈ ଗୋରୁମାନେ ଏଇ ପଡ଼ିଆରେ ଚରିବୁଲି ଘରକୁ ଫେରନ୍ତି ।

ନଦୀରେ ବନ୍ୟା ଆସିଲା ପରେ ଏବେ ଛନକଣ୍ଡି ମୌଜାରେ ଅସନ୍ତୋଷ କ୍ରମଶଃ ବଢ଼ୁଛି । ଗାଈ ଗୋରୁ ସବୁ ବନ୍ଧା ରହିଛନ୍ତି ଖୁଣ୍ଟରେ । ସେମାନେ ସବୁ ଚରିବେ ଅବା କେଉଁଠି ? ଘାସ ମିଳୁନାହିଁ । କୁଟା କମ୍ବା ନଡ଼ା ଯାହା ଥିଲା ସେମାନେ ସବୁ ଗାଈ ଗୋରୁଙ୍କୁ ଦେଇ ସାରିଲେଣି । ଖୁଣ୍ଟରେ ବନ୍ଧାହୋଇ ଗାଈ ଗୋରୁମାନେ ହୋବାଳି ଛାଡ଼ୁଛନ୍ତି ।

ଗତ ଦୁଇଦିନ ହେଲା ଛନ ଗାଁ ଲୋକଙ୍କ ମଧ୍ୟରେ ଆଲୋଚନା ଚାଲିଛି । ସେମାନେ ଜବରଦସ୍ତି ଦଗଦାଣ୍ଡି ପଡ଼ିଆରେ ଗାଈ ପୂରାଇ ଧାନଗଛ ସବୁ ନଷ୍ଟ କରିଦେବେ । ସେମାନେ ହରିଜନ ବସ୍ତି ଲୋକଙ୍କର ଅତ୍ୟାଚାର ଆଉ ବରଦାସ୍ତ କରିବେ ନାହିଁ ।

ଦହ ଶହ ବର୍ଷ ଧରି ଯେଉଁ ଅନାବାଦୀ ଜମି ରହିଥିଲା ଅଣଆବାଦ ହୋଇ ଗାଈ ଗୋରୁ ଚରିବା ଲାଗି ସେଇ ପଡ଼ିଆକୁ ଚାଷୀ ମୂଲିଆ ପାର୍ଟିର ଅଶ୍ୱିନୀକୁମାରଙ୍କ ପ୍ରରୋଚନାରେ ଏବେ ବଡ଼ କାଣ୍ଡ କରିବସିଲେ । ପରଘରୁ ଦ୍ୱେଷ କରି ଜେଲ୍ ଗଣ୍ଠି ଯେଉଁ ରଙ୍କ ଦାସ ଦାଗୀ ହୋଇଛି, ସେ ହୋଇଯାଇଛି ନେତା…କ'ଣ କହୁଛି ବଡ଼ ବଡ଼ । ଏକଥା ସେମାନେ ଆଉ ହଜମ କରିପାରିବେ ନାହିଁ । ସେମାନେ ଆଉ ଦୁର୍ଯ୍ୟୋଧନ ବାବୁଙ୍କ କଥା ଶୁଣିବେ ନାହିଁ । ଦୁର୍ଯ୍ୟୋଧନ ଗାଁରେ ନାହାନ୍ତି । ଗତ ଦୁଇଦିନ ହେବ ସେ ଗାଁରେ ପହଞ୍ଚିଲାବେଳକୁ ଧାନକ୍ଷେତ ସବୁ ଉଜୁଡ଼ାଇ ଦେବାପାଇଁ ହେବ ।

ତେଣେ ହରିଜନ ବସ୍ତିରେ ଅଶ୍ୱିନୀ କୁମାରଙ୍କ ନେତୃତ୍ୱରେ ଓ ପରାମର୍ଶରେ ଚାଲିଛି ମନ୍ତ୍ରଣା । ଯଦି ସବର୍ଣ୍ଣ ଲୋକେ ଗାଈ ଗୋରୁ ପୂରାଇ ଧାନ କ୍ଷେତ ଉଜୁଡ଼ାଇ ଦେବେ, ସେମାନେ ତାହାର ପ୍ରତିରୋଧ କରିବେ । ଏଇ ପ୍ରତିରୋଧ ପାଇଁ ତାଙ୍କ ପାର୍ଟି ଅଫିସ୍‌ରେ ସେମାନେ ସବୁ ରଖିଛନ୍ତି ବାଡ଼ି, ଠେଙ୍ଗା, ଖଣ୍ଡା, ଟେଣ୍ଟା ଓ ବର୍ଚ୍ଛା । ଏଥିପାଇଁ କାଲେ ମାମଲାମକଦ୍ଦମା ହେବ, ସେଥିପାଇଁ ସେମାନଙ୍କଠାରୁ ଅଶ୍ୱିନୀ କୁମାର ଆଦାୟ କରି ଚାଲିଛନ୍ତି ପ୍ରଚୁର ପଇସା ।

ଏଣେ ସବର୍ଣ୍ଣ ବସ୍ତିରେ ଟୋକାମାନେ ବାଡ଼ି ଲାଠି ଧରି ସଜବାଜ । କେତେକ ରେରେକାର ଧ୍ୱନି ଅରମ୍ଭ କଲେଣି । ସେମାନେ କ୍ଷେତ ଉଜୁଡ଼ାଇ ଦେବ ପାଇଁ ପ୍ରତିଜ୍ଞାବଦ୍ଧ । ଯଦି ସେମାନଙ୍କୁ କେହି ଆସି ବାଧା ଦିଏ ତେବେ ହରିଜନ ସାହିର ଅସ୍ତିତ୍ୱ ସେମାନେ ଧ୍ୱଂସ କରିଦେବେ ।

ସେଦିନ ସକାଳ ଓଳି । ଦୁର୍ଯ୍ୟୋଧନ ଗାଁରେ ନାହାନ୍ତି । ନଈରେ ବନ୍ୟା ତଥାପି ପ୍ରବଳ ନୁହେଁ । ଗାଁଯାକର ଲୋକେ ବାଡ଼ି ଲାଠି ଧରି ଗାଈ ଗୋରୁମାନଙ୍କୁ ଫିଟାଇଦେଇ ଛୁଟି ଚାଲିଛନ୍ତି ଦଗଦାଣ୍ଡି ଆଡ଼େ ।

ଗାଈ ଗୋରୁ ସତେ ଯେପରି ଏକ ଶୋଭାଯାତ୍ରା କରି ଏକମୁହାଁ ହୋଇ ଛୁଟିଛନ୍ତି । ଲୋକମାନଙ୍କ କ୍ରୋଧଠାରୁ ଗାଈ ଗୋରୁମାନଙ୍କ କ୍ରୋଧ ଯେପରି ଆହୁରି ଶହେଗୁଣ ବଢ଼ିଯାଇଛି । କାରଣ ଯେଉଁ ପଡ଼ିଆ ଥିଲା ସେମାନଙ୍କର ଏକମାତ୍ର ଚରାଭୂଇଁ ସେଇ ପଡ଼ିଆକୁ ଗତ ଛଅମାସ ହେଲା, ସେମାନେ ଦେଖି ନାହାନ୍ତି । ତେଣୁ ସେଠାକୁ ଯିବା ପାଇଁ ଓ ତା' ଭୂଇଁରେ ଗଜୁରି ଉଠିଥିବା ଧାନ ଓ ଘାସ ଖାଇବାପାଇଁ ସେମାନେ ଯେପରି ବ୍ୟାକୁଳିତ ।

ଗାଈ ଗୋରୁ ହୁଡ଼ୁଁ ହୁଡ଼ୁଁ ପଶିଗଲେ ଧାନ କ୍ଷେତରେ । କଅଁଳ ଛନ ଛନ ବୁଦା ବୁଦାକିଆ ଗଛମାନଙ୍କୁ ସେମାନେ ବଡ଼ ବଡ଼ ଜିଭ ମେଲାଇ ଖାଇ ଯାଉଛନ୍ତି ଏକ ସର୍ବଗ୍ରାସୀ କ୍ଷୁଧାର ପ୍ରଭାବରେ ସତେ ଯେମିତି ।

ଦଗଦାଣ୍ଡି ପଡ଼ିଆ ଚାରିପଟେ ବାଡ଼ି ଠେଙ୍ଗା ଧରି ଠିଆ ହୋଇଗଲେଣି ସୁବର୍ଣ୍ଣପୁରର ସବର୍ଣ୍ଣ ଲୋକେ । ସେମାନଙ୍କ ସହିତ ଯୋଗ ଦେଇଛନ୍ତି ମଣ୍ଡାସାହି, ବଂଶୀପୁର ଓ ଭିଣନପଡ଼ାର ଲୋକେ ।

ଗାଈ ଗୋରୁମାନେ ଧ୍ୱଂସ କରି ଚାଲିଛନ୍ତି କ୍ଷେତକୁ ।

ହରିଜନ ସାହିରେ ଏହି ଆକ୍ରମଣର ମୁକାବିଲା କରିବା ଲାଗି ପ୍ରବଳ ପ୍ରତିକ୍ରିୟା । କେହି କେହି ଚୋଖା ଖଣ୍ଡା, ତଲୱାର ଧରି ରକ୍ତ ଚାଉଳ ଟେକିବାଉଛନ୍ତି । ଆଉ କେତେକ ସମ୍ମୁଖ ସମରରେ ସାମିଲ ହେବାପାଇଁ ଇଚ୍ଛା କରୁଥିଲେ ମଧ୍ୟ ସବର୍ଣ୍ଣମାନଙ୍କର ସଂଖ୍ୟା ଦେଖି ସେମାନେ ତ୍ରସ୍ତ ଶଙ୍କିତ ହେଉଛନ୍ତି ।

ଅଶ୍ୱିନୀକୁମାର ଏପର୍ଯ୍ୟନ୍ତ ଆସିନାହାନ୍ତି । କୃଷି ମୂଲିଆ ପାର୍ଟିର ସ୍ଥାନୀୟ ସେକ୍ରେଟେରୀ ରଙ୍କ ଖଣ୍ଡାଧରି ବନାଟି ବୁଲାଉଛି ଏବଂ ଘୋଷଣା କରୁଛି, 'ମୁଁ ଗୋଟି ଗୋଟି କରି ହାଣିଦେବି ।' ମୂଲିଆର ସଂସାର । ଜନତାର ରାଜତ୍ୱ । ଅଶ୍ୱିନୀକୁମାର କହିଛନ୍ତି ସର୍ବହରାର ଶାସନ ଚାଲିବ ଚାରିଆଡ଼େ ।

ଦୁର୍ଯ୍ୟୋଧନ ବାବୁ କଟକରୁ ଆସି ଘରେ ପହଞ୍ଚିଲା ମାତ୍ରେ ଏ ସମ୍ବାଦ ଶୁଣି ଦଉଡ଼ି ଦଉଡ଼ି ଚାଲି ଆସିଲେ ଦଗଦାଣ୍ଡିକୁ । ସେ ଦଗଦାଣ୍ଡିର ଉପର ମୁଣ୍ଡରେ ଅର୍ଥାତ୍ ଯେଉଁ ରାସ୍ତାଟି ହରିଜନ ବସ୍ତିରୁ ଆସି ଦଗଦାଣ୍ଡିରେ ମିଶିଛି, ସେଇ ରାସ୍ତାରେ ଆସି ପହଞ୍ଚି ଅବସ୍ଥା ଲକ୍ଷ୍ୟ କରୁଥିଲେ । ତାଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଗାଁ ଲୋକେ ଏଭଳି କାଣ୍ଡ କରି ବସିଲେ । ହୁଏତ ଅବସ୍ଥା ଅନାୟତ୍ତ ହୋଇଯିବ ଏଇ ଆଶଙ୍କାରେ ସେ ବ୍ୟସ୍ତ ବିବ୍ରତ ହୋଇ ଚାରିଆଡ଼କୁ ଲକ୍ଷ୍ୟ କଲେ ।

ବସ୍ତୁ ବଲମ୍ପୁରରେ ଧାନକ୍ଷେତ ପୁରା ଉଜୁଡ଼ିଗଲା ପରେ ହରିଜନ ସାହିର ରଙ୍କ ଓ ଆଉ କେତେକ ଲୋକ ରକ୍ତମୁହାଁ ହୋଇ ଛୁଟି ଆସିଲେ ଦଗଦାଣ୍ଡି ଅଡ଼କୁ । ମାତ୍ର ଗୁରିଆଡ଼େ ଶତ୍ରୁପକ୍ଷ ସୈନ୍ୟର ଗ୍ରାଉଣୀ । ଅସମ୍ଭବ ଜନ-ଅରଣ୍ୟ । ଗାଈ ଗୋରୁମାନଙ୍କର ଉଲ୍ଲସିତ କଳରବ ।

ଦୁର୍ଯୋଧନ ବାବୁ ରଙ୍କର ରକ୍ତମୁହାଁ ଅବସ୍ଥା ଦେଖି ପଗ୍ଭରିଲେ—କିରେ ରଙ୍କ, ଏମାନେ ସବୁ ଧାନକ୍ଷେତ କାହିଁକି ଉଜାଡ଼ିଦେଲେ ? ତମେମାନେ ସେମାନଙ୍କ ପାଖକୁ ଯାଇ ବୁଝାବୁଝି କଲନି କିଆଁ ?

ରଙ୍କର ଏସବୁ ଶୁଣିବାକୁ ଧୈର୍ଯ୍ୟ ନଥିଲା, ତା' ହାତରେ ଥିବା ଏକ ଠେଙ୍ଗାରେ ସେ ପିଟିଦେଲା ଦୁର୍ଯୋଧନ ବାବୁଙ୍କୁ । ରାଗରେ ପିଟିଦେଲାବେଳେ ସେ କହୁଥିଲା—ତମେ ହେଉଛ ଏ ସମସ୍ତ ନାଟର ଗୋବର୍ଦ୍ଧନ ।

ଦୁର୍ଯୋଧନ ବାବୁଙ୍କ ହାତ ଉପରେ ପାହାରଟି ଖୁବ୍ ଜୋର୍‌ରେ ବସିଲା । ସେ ଚିତ୍କାର କରି ଉଠିଲେ ଅସମ୍ଭବ ଯନ୍ତ୍ରଣାରେ ।

ଦଗଦାଣ୍ଡିର ଗ୍ଭରିପଟେ ଜମିଥିବା ଯୁଦ୍ଧଂଦେହୀ ଲୋକେ ହଠାତ୍ ଦଉଡ଼ି ଦଉଡ଼ି ଗ୍ଭଲିଆସିଲେ ଦୁର୍ଯୋଧନ ବାବୁଙ୍କ ପାଖକୁ । ତାଙ୍କଭଳି ଶାନ୍ତିପ୍ରିୟ, ଅହିଂସା ପରାୟଣ ଓ ପରୋପକାରୀ ଲୋକ ଉପରେ ମାଡ ହେବାର ଦେଖି ଦଗଦାଣ୍ଡିରେ ଘେରି ରହିଥିବା ଶହ ଶହ ସଂଖ୍ୟାର ଲୋକେ ବାଡ଼ି ଝିଙ୍କାରି, ରଣହୁଙ୍କାର ଦେଇ ଗ୍ଭଲି ଆସୁଥିଲେ ରଙ୍କ ପାଖକୁ । ଏହିସବୁ ଲୋକମାନଙ୍କର ସମ୍ମିଳିତ ଆକ୍ରମଣକୁ ପ୍ରତିହତ କରିବାର ଶକ୍ତି ସେମାନଙ୍କର ନ ଥିବାରୁ ରଙ୍କ ଓ ତା'ର ସାଥୀମାନେ ପ୍ରାଣ ବିକଳରେ ପଛଘୁଞ୍ଚା ଦେଇ ହରିଜନ ବସ୍ତି ଆଡ଼କୁ ଦଉଡ଼ି ଦଉଡ଼ି ପଳାଇ ଗଲେ ।

ସୁବର୍ଣ୍ଣପୁରର ଲୋକେ ଦୁର୍ଯୋଧନ ବାବୁଙ୍କ ହାତ ଆଉଁସି ବସିଲେ ଏବଂ ଗାଁଠାରୁ ଦୁଇମାଇଲ ଦୂରରେ ଥିବା ଡାକ୍ତରଖାନାକୁ ତାଙ୍କୁ ନେଇଗଲେ । ଦୁର୍ଯୋଧନ ଯିବା ପୂର୍ବରୁ କହିଲେ ତମେମାନେ ଆଉ ଅଧିକ ଉତ୍ତେଜିତ ହୁଅନାହିଁ । ଗାଈଗୋରୁ ଧରି ଗାଁକୁ ଫେରିଯାଅ । ମୁଁ ଫେରେ ଡାକ୍ତରଖାନାରୁ, ମୋର ମନେ-ହେଉଛି ଏଇ ସମସ୍ତ କାଣ୍ଡ ପଛରେ ଅର୍ଜ୍ଜୁନକୁମାର ରହିଛି ।

ସେଦିନ ଘଟଣାପରେ ଅର୍ଜ୍ଜୁନକୁମାରଙ୍କ ପ୍ରରୋଚନାରେ ହରିଜନଙ୍କ ପକ୍ଷରୁ ସୁବର୍ଣ୍ଣପୁରବାସୀଙ୍କ ବିରୁଦ୍ଧରେ ମକଦ୍ଦମା ରୁଜୁ କରାଯାଇଛି । ଲୁଟତରାଜ, ଦଙ୍ଗା ହେଙ୍ଗାମ

ଓ ଜନାକାଙ୍କ୍ଷୀ ବ୍ୟାପାରକୁ କେନ୍ଦ୍ର କରି, ହରିଜନ ସାହିର ଜଣେ ମଧ୍ୟବୟସ୍କା ବିଧବା ସ୍ତ୍ରୀ ଲୋକଟିଏ ପକ୍ଷ ହୋଇ ସେ ଧର୍ଷିତା ହୋଇଛି ବୋଲି ଅଭିଯୋଗ କରିଛି ।

ଏଣେ ସବର୍ଣ୍ଣମାନଙ୍କ ପକ୍ଷରୁ ପାଲଟା ଅଭିଯୋଗ କରାଯାଇ ରଙ୍କ ଦାସ ଓ ଅନ୍ୟମାନଙ୍କ ବିରୁଦ୍ଧରେ ମକଦ୍ଦମା କରାଯାଇଛି ।

ଦାଗଦାଣ୍ଡିର ଅନାବାଦୀ ପଡ଼ିଆ ଏବେ ଦେଖାଯାଉଛି ଶୂନ୍ୟ ଓ ଫାଙ୍କା ।

ମକଦ୍ଦମା ଚାଲିଛି । ସବର୍ଣ୍ଣମାନେ ଚାନ୍ଦା ଭେଦା ଉଠାଇ ମକଦ୍ଦମା ଲଢ଼ୁଛନ୍ତି ଓ ସେମାନଙ୍କ ପକ୍ଷରେ ରହିଛନ୍ତି ଅନେକ କୁହାଳିଆ, ମାତ୍‌ବର ମାମଲତ୍‌କାରମାନେ ।

ଗରିବ ହରିଜନମାନଙ୍କର ଜୀବନ ହୋଇ ଉଠିଲା ଅତ୍ୟନ୍ତ ଦୁର୍ବିସହ । ଯେଉଁମାନେ ପରଘରେ ମୂଲ ଲାଗି ଜୀବିକା ନିର୍ବାହ କରୁଥିଲେ ମୂଲ ଅଭାବରୁ ସେମାନଙ୍କ ପିଲାପିଲି ଭୋକ ଉପବାସରେ ରହିଲେ । ଘରେ ଥାଳି, କଂସା ଯାହା ଥିଲା, ସେମାନେ ସବୁ ବିକ୍ରି କରି ମକଦ୍ଦମା ପାଇଁ ଚାନ୍ଦାଦେଲେ । ସେମାନେ ଆଉ କରିବେ କ'ଣ ?

ଏକ ପକ୍ଷରେ ଲଢ଼ିବା ପାଇଁ ଜିଦ୍, ଅନ୍ୟ ପକ୍ଷରେ ଅଭାବର ଜ୍ୱାଳା । ସେମାନଙ୍କ ଗୁଜୁରାଣ ବେଶ୍ ସୁରୁଖୁରୁରେ ଚାଲି ଯାଉଥିଲା । ତାଙ୍କ ବସ୍ତିକୁ ଯେଉଁଦିନ ଏଇ ଅଶ୍ୱିନୀ ପୂଜାରୀ ଆସିଲେ ସେହି ଦିନଠାରୁ ସେମାନଙ୍କ ଭିତରେ ଦେଖାଗଲା ଏକ ଭୟଙ୍କର ଲୋଭ । ସେମାନେ ଆଗ ପଛ କିଛି ନ ବିଚାରି ମାଡିଗଲେ ଗୋଟାଏ ବଡ଼ ହୋ ରେ ।

କାଲି କାଲି ଧରି ସେମାନେ ଚାଲି ଆସୁଥିଲେ ସବର୍ଣ୍ଣମାନଙ୍କ ସହିତ ସ୍ୱଚ୍ଛନ୍ଦରେ । ସେମାନଙ୍କ ଘରେ ମୂଲ ଲାଗି ଚାଲିଯାଉଥିଲେ । ଏବେ ଅଶ୍ୱିନୀକୁମାର କେବଳ ଚାନ୍ଦାପାଇଁ ଆସୁଛନ୍ତି । ସେମାନେ ଚାନ୍ଦା ଦେଇ ଦେଇ ସର୍ବସ୍ୱ ହରାଇଲେଣି । ଆଉ ଉପାୟ କ'ଣ ? ତଥାପି ଅଶ୍ୱିନୀକୁମାର ସେମାନଙ୍କୁ ଶୋଷଣ କରି ଚାଲିଛନ୍ତି ।

ହରିଜନ ବସ୍ତିର ଶଙ୍କର ମଲିକ ଓ ଅନ୍ୟାନ୍ୟ ବୃଦ୍ଧମାନେ ଭାବୁଥିଲେ ସବର୍ଣ୍ଣମାନଙ୍କ ସହିତ କୌଣସିମତେ ଏକ ଆପୋଷ ରାଜିନାମାରେ ପହଞ୍ଚିବା ପାଇଁ । ସେମାନେ ସମସ୍ତେ କ୍ଷମା ମାଗିବେ । ଦୁର୍ଯ୍ୟୋଧନ ବାବୁଙ୍କ ଭଳି ଲୋକଙ୍କୁ ଅଯଥାରେ ମାଡ଼ ମାରି ରଙ୍କ ବଡ଼ ଧରଣର ଭୁଲ୍ କରିଛି । ଚାଷୀ ମୂଲିଆ ପାର୍ଟି ଅଫିସରେ ହରିଜନ ବସ୍ତିର ସବୁ ଲୋକେ ବସିଥିବା ବେଳେ ଶଙ୍କର କହିଲା—ଚାଲ ଆଜି ଯିବା ସବର୍ଣ୍ଣସାହିକୁ । ସେମାନଙ୍କୁ ଆମର ଦୋଷ ହେଉଛି ବୋଲି କହିବା । ପିଲାଟିବେଳୁ ସେମାନଙ୍କ ମତିଗତି ମୁଁ ଜାଣିଛି । ମୋ ବାପ ଗୋସାପ ସେମାନଙ୍କ ମନକଥା

ଜାଣିଥିଲେ । ଆମେ ପର କଥାରେ ମାତି ଆମର କାଳ କାଳର ସମ୍ପର୍କକୁ ଛେଦ କରିବା କାହିଁକି ?

ଶଙ୍କର ମଲିକଙ୍କ କଥାରେ ପ୍ରାୟ ସମସ୍ତେ ରାଜି ହୋଇଗଲେ । ରଙ୍କ ମଧ୍ୟ ଆପତ୍ତି କଲା ନାହିଁ । ସେ ବୁଝିଥିଲା ସେମାନେ ଦିନକୁ ଦିନ ଦୁର୍ବଳ ହୋଇ ଯାଉଛନ୍ତି ଏବଂ ସେମାନେ ଚଳାଚଳ କରିବାରେ ଭାରି ଅସୁବିଧା ହେଉଛି । ଅଜ୍ଞାତରେ ଯାହା ଭୁଲ୍ ହୋଇଯାଇଛି, ସେ ଭୁଲ୍‌କୁ ଆଉ ବଢ଼ାଇବେ ନାହିଁ ।

ସେଦିନ ସନ୍ଧ୍ୟା ହେଲା, ଠାକୁରାଣୀଙ୍କ ଘରେ ସବୁ ଆସି ପହଞ୍ଚିଲେ । କାହିଁ କେଉଁଠି ଥିଲେ ଅଶ୍ୱିନୀକୁମାର କେଜାଣି, ଏ ସମ୍ବାଦ ପାଇ ସେଦିନ ସନ୍ଧ୍ୟାରେ ସେ ମଧ୍ୟ ଆସି ପହଞ୍ଚିଗଲେ ।

ଶଙ୍କର ଓ ଅନ୍ୟମାନେ ପଡ଼ିଗଲେ ବଡ଼ ଅସୁବିଧାରେ । ସେମାନେ ଭାବି ନଥିଲେ ଅଶ୍ୱିନୀକୁମାର ସେମାନଙ୍କ ପାଖରେ ପହଞ୍ଚିବେ ବୋଲି ।

ଅଶ୍ୱିନୀକୁମାର ମନେ ମନେ ଖୁବ୍ ବିରକ୍ତ ହେଉଥିଲେ ଏବଂ କୌଣସିମତେ ହରିଜନମାନଙ୍କୁ ପୁଣି ଉତ୍ତେଜିତ କରିବାଲାଗି ଚାହୁଁଥିଲେ । ଅଶ୍ୱିନୀକୁମାର ସେମାନଙ୍କ ପାଖରେ ବସିଯାଇ ସ୍ୱାଭାବିକ ଭାବରେ କହିବା ଆରମ୍ଭ କରିଦେଲେ—ସାରା ଭାରତର ଖଟିଖିଆ ମେହନତି ଜନତା ଆଜି ଏକଜୁଟ ହେଉଛନ୍ତି । ହକ୍ ମଜୁରିପାଇଁ ସେମାନେ ଆଜି ସଂଘବଦ୍ଧ ହେଉଛନ୍ତି । ବଡ଼ ବଡ଼ ଜମି ମାଲିକମାନଙ୍କ ଜମି ଛଡ଼ାଇ ଆଣି ସେମାନେ ଜବରଦସ୍ତ ଚାଷ କରୁଛନ୍ତି । ଆମେ ଏ ଦିଗରେ ଅନେକ ଆଗେଇ ଯାଇଛୁ । ମକଦ୍ଦମା ଚାଲିଛି । ଆମକୁ ଦୁର୍ବଳ ଓ ଗରିବ ମନେକରି ସମାଜର ବଡ଼ ବଡ଼ ଥିଲାବାଲା ଲୋକେ ଭୟଭୀତ କରାଉଛନ୍ତି ।

ମୁଁ ଦୁଃଖିତ ହେଲି ତମେ ସବୁ ଭାଙ୍ଗିପଡ଼ୁଛ । ମୁଁ ଶୁଣିଲି ସେମାନଙ୍କ ପାଖକୁ ଯାଇ ତମେ ସବୁ କ୍ଷମା ମାଗିବ । ଏହା କିପରି କଥା ? ମଣିଷ ଲଢ଼ାଇ କରି ବଞ୍ଚିବାକୁ ଚାହେଁ । ତେଣୁ ଆମେ ଲଢ଼ିବା ଓ ବଞ୍ଚିବାକୁ ଶିଖିବା ।

ଏକଜୁଟ ହୋଇଥିବା ହରିଜନମାନଙ୍କ ଶାନ୍ତ ସମାହିତ ମନ ଭିତରେ ପୁଣି ହଇଚଇ ଆରମ୍ଭ ହେଲା । ସେମାନଙ୍କ ନମଃଶୀତଳ ଚେତନାରେ ପୁଣି ଏକ ଅଗ୍ନିବର୍ଷୀ ଝଡ଼ ଦେଖାଦେଲା । ସେମାନେ ସବୁ ଇତସ୍ତତଃ ହେଲେ ଏବଂ ସେମାନଙ୍କ ସିଦ୍ଧାନ୍ତ ଗୋଳମାଳିଆ ରୂପ ନେଲା ।

କିଛି ସମୟ ବିତିଲା । ସମସ୍ତେ ବସିଛନ୍ତି ନିରୁତ୍ତର, ନିର୍ବେଦ ପରି ।

ଅଶ୍ୱିନୀ ସେମାନଙ୍କର ଏଇ ନିସ୍ପୃହ ଓ ମନସ୍ତାତ୍ତ୍ୱିକ ସଂକ୍ରମଣ ଜାଣି କହିଲେ—ତମେ ସବୁ କ'ଣ କରିବାକୁ ଚାହୁଁଛ ? ଆମ ଦଳର ବିପ୍ଳବକୁ ତମେ କ'ଣ

ମାରି ଦେବାକୁ ଚାହିଁ ? ତମେ କ'ଣ ଯୁଗ ଯୁଗ ଧରି ତମ ସାଆନ୍ତମାନଙ୍କ ଗୋଡ଼ ଧରି କ୍ଷମାଭିକ୍ଷା କରୁଥିବ ? ଯୁଗ ବଦଳିଛି, ତମେ ସବୁ ବଞ୍ଚିବାକୁ ଶିଖ, ତମର ନ୍ୟାଯ୍ୟ ଦାବୀ ହାସଲ ଲାଗି ତମେ ଦୃଢ ହୁଅ ।

ଶଙ୍କର ଓ ଅନ୍ୟମାନେ ଭକୁଆଙ୍କ ପରି ଚାହିଁ ରହିଥିଲେ ଅଶ୍ୱିନୀକୁମାରଙ୍କୁ । ଅଶ୍ୱିନୀକୁମାରଙ୍କ ବକ୍ତୃତାର ଭାଷା ବୁଝିବାକୁ ସେମାନେ ଅକ୍ଷମ ଥିଲେ ମଧ୍ୟ ତାଙ୍କର ବିଭେଦକାରୀ ଭୂମିକା ସମ୍ପର୍କରେ ସେମାନେ ସ୍ପଷ୍ଟ ଭାବରେ ବୁଝିଥିଲେ ।

ଶଙ୍କର ଓ ଅନ୍ୟମାନେ ଗଭୀର ଦୁଃଖରେ ଭାଙ୍ଗି ପଡ଼ୁଥିଲେ । ଅଶ୍ୱିନୀକୁମାରଙ୍କ କଥାରେ ପ୍ରତିବାଦ ଜଣାଇବା ଲାଗି ସେମାନଙ୍କର ଯେପରି ସାମର୍ଥ୍ୟ ନଥିଲା ।

ସମସ୍ତେ ବସିଛନ୍ତି ଚୁପ୍‌ଚାପ୍ । ଅଶ୍ୱିନୀ କହିଲେ ରଙ୍ଗ, ମୁଁ ଫେରିଯାଉଛି ଗାଁକୁ । ଆଉ ଦୁଇଦିନ ପରେ ତମର ମକଦ୍ଦମା ତାରିଖ । ବୃନ୍ଦା ଆଦାୟ କରି ମତେ ଦେଇ ଆସିବ ପରେ । ଆଉ ଦେଖ, ତମେମାନେ କୌଣସି ପରିସ୍ଥିତିରେ ଯେପରି ତମମାନଙ୍କ ସାଆନ୍ତ ବସ୍ତିରେ ଯାଇ ମୁଣ୍ଡ ନ ନୁଆଁଅ । ତମେ ଯଦି ସେମାନଙ୍କ ପାଖରେ ମୁଣ୍ଡ ନୋଇଁବ, ତେବେ ମୋର ଓ ଆମ ପାର୍ଟିର ଆଉ ସାହାଯ୍ୟ ସହଯୋଗ ପାଇବ ନାହିଁ ।

ଅଶ୍ୱିନୀକୁମାର ସେହି ଅନ୍ଧାର ଭିତରେ କୁଆଡ଼େ ମିଳାଇଗଲେ, ହରିଜନ ବସ୍ତିର ଖେତକାଲି ମୂଲିଆମାନେ ଗଭୀର ନିଃଶବ୍ଦତା ମଧ୍ୟରେ ବସିଥିଲେ କିଂକର୍ତ୍ତବ୍ୟ-ବିମୂଢ଼ ହୋଇ ।

# ॥ ଦୁଇ ॥

ସୁବର୍ଣ୍ଣପୁରର ସବର୍ଣ୍ଣଲୋକେ ଅପେକ୍ଷା କରିଛନ୍ତି ହରିଜନମାନଙ୍କୁ । ସେମାନେ ପ୍ରଥମେ ଆସି କ୍ଷମା ଭିକ୍ଷା କଲେ, ତା'ପରେ ସମାଧାନର ସୂତ୍ର ଆପେ ଆପେ ବାହାରିବ । ଏଇ ଧାରଣା ସବର୍ଣ୍ଣଲୋକମାନଙ୍କ ମଧ୍ୟରେ କ୍ରମଶଃ ଦୃଢ଼ୀଭୂତ ହେଉଥିଲା ।

ଏଣେ ବୟସ୍କ ହରିଜନମାନଙ୍କ ମଧ୍ୟରେ ଆପୋଷ ସମାଧାନ ପାଇଁ ଯେଉଁ ଆଗ୍ରହ ଓ ଉତ୍ସାହ ପ୍ରକାଶ ପାଉଥିଲା, ତାହା ଧୀରେ ଧୀରେ ଅଶ୍ୱିନୀଙ୍କ ଗ୍ରୁପ ଓ ପ୍ରବର୍ତ୍ତନା ଫଳରେ କ୍ରମଶଃ ମଉଳିବାରେ ଲାଗିଲା । ଶଙ୍କର ଓ ଅନ୍ୟାନ୍ୟ ବୟସ୍କ ଲୋକେ କେବଳ ଅନୁତାପ ଓ ଅନୁଶୋଚନାରେ ରହିଗଲେ ଚୁପ୍ ଚାପ୍ ହୋଇ । ଅଶ୍ୱିନୀ ପୂଜାରୀଙ୍କ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିବା ଲାଗି ସେମାନଙ୍କ ମଧ୍ୟରେ ପ୍ରବଳ ପ୍ରତିବାଦର ସ୍ୱର ଗୁମୁରି ଉଠୁଥିଲେ ମଧ୍ୟ ସେମାନେ ହବୁ ପାଟି ଫିଟାଇବାକୁ ସାହସ କରିପାରୁ ନ ଥିଲେ ।

ଦୁର୍ଯ୍ୟୋଧନ ଏବେ ତିନିଦିନ ହେଲା ଫେରିଲେଣି ଗାଁକୁ । ତାଙ୍କ ହାତରେ ଏକ ଶକ୍ତ ପ୍ରହାର ଦେଇ ରଙ୍ଗ ଦାସ ଦୁର୍ଯ୍ୟୋଧନଙ୍କୁ ହଠାତ୍ ଅଚେତ୍ କରିଦେଇଥିଲା । ସେଥିପାଇଁ ଦୁର୍ଯ୍ୟୋଧନ ଡାକ୍ତରଖାନାରେ ପନ୍ଦରଦିନ କଟାଇ ଏବଂ ହାତ ଭଲ ହେଲାପରେ ଗତକାଲି ଫେରିଆସିଛନ୍ତି ଗାଁକୁ ।

ସର୍ବୋଦୟ କର୍ମୀ ଦୁର୍ଯ୍ୟୋଧନ ଗାଁକୁ ଫେରିଲା ପରେ ତାଙ୍କୁ ଭେଟିବାକୁ ଆସିଛନ୍ତି ଅନେକ ଲୋକ । କାରଣ ତାଙ୍କ ଭଳି ଅହିଂସା ଓ ନ୍ୟାୟବାନ୍ ଲୋକଙ୍କ ଉପରେ ଏପରି ଏକ ବର୍ବର ଆକ୍ରମଣର ପ୍ରତିଶୋଧ ନେବାଲାଗି ଅନେକଙ୍କ ମନରେ କ୍ରୋଧାଗ୍ନି ଜଳୁଥିଲା ଏବଂ ଆଉ କେତେକ ଆସିଲେ ତାଙ୍କୁ ସମବେଦନା ଜଣାଇବାଲାଗି ।

ଦୁର୍ଯ୍ୟୋଧନ ତାଙ୍କ ପିଣ୍ଡାଉପରେ ସଉପଟିଏ ପକାଇ ବସିଥିଲେ । ଦଳଦଳ ହୋଇ ଲୋକ ଆସୁଛନ୍ତି ତାଙ୍କ ପାଖକୁ । ସମସ୍ତଙ୍କୁ ହସି ହସି ଶାନ୍ତ ହେବାଲାଗି କହୁଛନ୍ତି ଦୁର୍ଯ୍ୟୋଧନ । ଏବେ ସୁଦ୍ଧା ଉତ୍ତେଜିତ ଯୁବକମାନଙ୍କୁ ପାଖକୁ ଡାକି ଦୁର୍ଯ୍ୟୋଧନ କହୁଛନ୍ତି ରଙ୍ଗ ତା'ର ଭୁଲ୍ ବୁଝିବ ନିଶ୍ଚୟ ଦିନେ । ସେ ମତେ ରାଗରେ ପିଟିଦେଲା ବୋଲି ତମେ କ'ଣ ତାକୁ ପିଟିବ ? ଯେ କ୍ଷମା ଦେଇ ଜାଣେ ସେଇ ଏକା ଏ ପୃଥିବୀକୁ ସମ୍ଭାଳିବ ।

ସୁବର୍ଣ୍ଣପୁରର ଯୁବକମାନଙ୍କ ମଧ୍ୟରେ କୁହୁଳା ରହିଥିବା କ୍ରୋଧ ଯେପରି ଦୁର୍ଯ୍ୟୋଧନଙ୍କ ଶାନ୍ତ ସମାହିତ କଣ୍ଠସ୍ୱରରେ କ୍ରମଶଃ ଶୀତଳ ପଡ଼ିଯାଇଥିଲା । ସେମାନେ ଭାବୁଥିଲେ ଦୁର୍ଯ୍ୟୋଧନବାବୁ ସାରା ଜୀବନ ବିତାଇଦେଲେ ଜନତାର ସେବାରେ । ତାଙ୍କର ସାଙ୍ଗରେ ଯେଉଁମାନେ ରାଜନୀତି କରୁଥିଲେ, ସେମାନେ ଆଜି ସମସ୍ତେ ପ୍ରତିଷ୍ଠିତ । କେହି କେହି ମନ୍ତ୍ରୀ, ଏମ୍. ଏଲ୍. ଏ., ପଞ୍ଚାୟତ ସମିତି ଚେୟାରମ୍ୟାନ କିମ୍ବା ସମାଜର ଭିନ୍ନ ଭିନ୍ନ ସ୍ତରରେ ପ୍ରତିଷ୍ଠିତ ଓ ବିଭବଶାଳୀ ହୋଇଥିଲେ ମଧ୍ୟ ଦୁର୍ଯ୍ୟୋଧନ ରହିଗଲେ ସେହିପରି ନିଃସ୍ୱ, ନିସ୍ୱାର୍ଥପର ସମାଜସେବୀ ହୋଇ ।

୧୯୪୨ ଅଗଷ୍ଟ ଆନ୍ଦୋଳନରେ ଜେଲରୁ ମୁକ୍ତିଲାଭ କଲାପରେ ସେ ଆଣ୍ଠୁ ନ ଡେଇଁ ଥିବା ଲୁଗା ଖଣ୍ଡିଏ ପିନ୍ଧି, ଗ୍ରେଟ ଚଦରଟିଏ କାନ୍ଧରେ ପକାଇ ବହୁବର୍ଷ ରହିଯାଇଥିଲେ କୋରାପୁଟର ମାଳ ଅଞ୍ଚଳରେ । ଗତ ଦୁଇବର୍ଷ ହେଲା ସେ ଫେରିଆସିଛନ୍ତି ଗାଁକୁ ।

ଦୁର୍ଯ୍ୟୋଧନ ବାବୁଙ୍କୁ ସମସ୍ତେ ସହାନୁଭୂତି ଜଣାଉଥିଲେ । ସେ ବସିଥିଲେ ପିଣ୍ଡା ଉପରେ ଯେପରି ସମସ୍ତ ଗାଁ ଲୋକଙ୍କ ମନକଥା ଏକାନ୍ତରେ ବୁଝିଲା ପରି ।

ଦୁର୍ଯ୍ୟୋଧନବାବୁ ଉତ୍ତେଜିତ ଲୋକମାନଙ୍କୁ ଶାନ୍ତହେବା ପାଇଁ କହୁଥିଲେ । ବିକ୍ଷୁବ୍ଧ ଲୋକେ ତାଙ୍କ ପାଖରେ ବସି ଏକାନ୍ତ ସମୟରେ କଥାବାର୍ତ୍ତା କଲାପରେ ଅବଶ୍ୟ ଶାନ୍ତ ପଡ଼ିଆସୁଥିଲେ ।

ସେଦିନ ଗ୍ରାଇ ଜ୍ୟେଷ୍ଠା ବେଳ । ଆକାଶରେ ପୁଳାଏ ପୁଳାଏ ଭସାମେଘ ବାଟ ହୁଡ଼ିଲା ପରି ଘୂରି ବୁଲୁଛି । ସୂର୍ଯ୍ୟ ତାପର ପ୍ରକୋପ ମଉଳା ନଥିଲେ ସୁଦ୍ଧା ଭସା ମେଘର ଆଢ଼ୁଆଳରେ ସେ ଲୁଚିଯାଇଛି ଆକାଶର କେଉଁ କୋଣରେ ।

ଦୁର୍ଯ୍ୟୋଧନ ବାବୁ ଧୀରେ ଧୀରେ ଚାଲିଲେ ଦଗଦାଣ୍ଡି ଆଡ଼େ । ପ୍ରାୟ ଏକମାସ ହେଲା ଡାକ୍ତରଖାନାରେ ରହିଥିବାରୁ ସେ ଦେଖି ପାରି ନାହାନ୍ତି ତାଙ୍କର ପ୍ରିୟ ଦଗଦାଣ୍ଡିକୁ ।

ଦଗଦାଣ୍ଡିର ବରଟ ଆଡ଼ି ଉପରେ ଠିଆହୋଇ ଆକାଶକୁ ଅନେଇଲେ ଦୁର୍ଯ୍ୟୋଧନ ମନେକରନ୍ତି ସେ ଯେପରି ଏକ ବିଶାଳ ପୃଥିବୀର ଏକମାତ୍ର ନରପତି । ଏଇ ସ୍ୱପ୍ନମୟ ଅନୁଭୂତି ଅତି ବାଲ୍ୟ ଅବସ୍ଥାରେ ତାଙ୍କ ଚେତନାରେ ଜାଗ୍ରତ ହୋଇଥିଲେ ମଧ୍ୟ ଏବେ ସୁଦ୍ଧା ସେଇ ଅବେଗପୂର୍ଣ୍ଣ ଅନୁଭୂତି ସଜୀବ ରହିଛି ।

ଦୁର୍ଯ୍ୟୋଧନ ଦଗଦାଣ୍ଡିର ସେଇ ବିଶାଳ ଅଡ଼ି ଉପରକୁ ଉଠିଯାଇ ଆକାଶକୁ ଚାହିଁଲେ । ଶୈଶବର ସେଇ ବିଲମ୍ବିତ ସୁନୀଳ ଆକାଶ, ଆଜି ଅବଶ୍ୟ ତାଙ୍କ ଭିତରେ

ବିଶେଷ କୌତୂହଳ ସୃଷ୍ଟି କରୁନାହିଁ; ମାତ୍ର ଆଜିର ଏଇ ମେଘଢଙ୍କା ଆକାଶ ତଳେ ଧରଦାଣ୍ଡିର ସବୁଜ ପ୍ରାନ୍ତର ଓ ତାହାକୁ କେନ୍ଦ୍ର କରି ଗାଁ ଭିତରେ ସୃଷ୍ଟି ହୋଇଥିବା କୃତ୍ରିମ ବିଭେଦ ତାଙ୍କୁ ଯେପରି ଦେବତାର 'କରପତ୍ର' ଆସନରୁ ଓହ୍ଲାଇଆଣି ଏକ ଉଦ୍ବାସ୍ତୁ ପ୍ରଜା କରିଦେଲା ।

ଦୁର୍ଯ୍ୟୋଧନଙ୍କର ସେହି ଆଶୈଶବ ଭାବୁକତା କଟିଗଲା ହଠାତ୍ । ସେ ଆଢ଼ି ଉପରୁ ଓହ୍ଲାଇପଡ଼ି ଚାଲିଲେ ଧରଦାଣ୍ଡିର ଦକ୍ଷିଣ ଭାଗକୁ ଯେଉଁଠାରେ ହରିଜନମାନେ ଜମି ଆବାଦ କରି ଧାନ ଫସଲ କରିଥିଲେ ।

ଗୋଟିଏ ମାସ ତଳେ ଧରଦାଣ୍ଡିର ଯେଉଁ ଅଂଶ ନୂତନ ଶସ୍ୟର ଶ୍ୟାମଳିମାରେ ଦେଖାଯାଉଥିଲା ଚହଟ ଭରା ଆଜି ସେହି ଅଂଶ ଦେଖାଯାଉଛି ଧରଦାଣ୍ଡିର ଅନ୍ୟ ଅଂଶ ପରି ଘାସମୟ । ସୁବର୍ଣ୍ଣପୁରର ସବର୍ଣ୍ଣ ଲୋକ ଯଦି ସେଦିନ ଗାଈଗୋରୁ ପୂରାଇ ଧାନ କ୍ଷେତକୁ ନଷ୍ଟ କରି ଦେଇ ନ ଥାନ୍ତେ, ତେବେ ବର୍ତ୍ତମାନ ପାଚିଲା ଶସ୍ୟ ଭାରରେ ନଇଁ ପଡ଼ୁଥାନ୍ତେ ଧାନଗଛମାନେ । ଗରିବ ହରିଜନମାନେ ହୁଏତ ଧାନକାଟି ଖଳୁଦେଇ ଚାଲି ଯାଇଥାନ୍ତେ ।

ଦୁର୍ଯ୍ୟୋଧନ ନଷ୍ଟ କ୍ଷେତକୁ ଆସି ଚାରିଆଡ଼େ ଚାହିଁଲେ । ଆହା ! ବିଚରା ହରିଜନମାନେ କେତେ ପରିଶ୍ରମ କରି ନ ଥିଲେ !

ଦୁର୍ଯ୍ୟୋଧନ ଭାବିଲେ, ହରିଜନମାନେ ଅନାବାଦୀ ଜମିକୁ ଚାଷ କରିବାରେ କ'ଣ ଏତେ ବାଧା ଅଛି ? ସେମାନେ ଯଦି ଧରଦାଣ୍ଡିର କିଛି ଅଂଶ ଚାଷ କରନ୍ତି, ତେବେ ସୁବର୍ଣ୍ଣପୁର, ମନୋହରପୁର ଲୋକମାନଙ୍କ ମଧ୍ୟରେ ହୁଏତ ଏତେ ପରିମାଣରେ ଅସନ୍ତୋଷ ସୃଷ୍ଟି ହୋଇ ନ ଥାନ୍ତା ।

ସୁବର୍ଣ୍ଣପୁରରେ ଏ ପର୍ଯ୍ୟନ୍ତ ଧରଦାଣ୍ଡିକୁ କେନ୍ଦ୍ରକରି ଯେତେସବୁ ଘଟଣା ଘଟିଯାଇଛି, ସେ ସବୁକୁ ମନେପକାଇ ଦୁର୍ଯ୍ୟୋଧନ ଦୁଃଖ ଓ ଅନୁତାପରେ ପଳେ ପଳେ ଜଳିବାକୁ ଲାଗିଲେ । ତାଙ୍କଭଳି ଲୋକ ଗାଁରେ ଥାଉ ଥାଉ ଏତେ ବଡ଼ ବିଭେଦ ଓ ଉତ୍ତେଜନା ସୃଷ୍ଟି କିପରି ହେଲା ? ବହୁ କଷ୍ଟରେ ଧାର ଉଧାର କରି ଯେଉଁ ହରିଜନମାନେ ଧାନ ବୁଣିଥିଲେ, ପ୍ରଥମ ଜମି ମାଲିକର ପ୍ରସ୍ଫୁଟିତ ସ୍ୱପ୍ନରେ ମସ୍‌ଗୁଲ ରହିଥିଲେ, ଅବଶେଷରେ ସେମାନେ ପରାଜିତ ହେଲେ ? ଗତ ତିରିଶ ବର୍ଷଧରି ସମାଜର ଦଳିତ ଓ ଅବହେଳିତ ଲୋକଙ୍କୁ ସମାଜରେ ଉତ୍ଥାନ କରିବା ପାଇଁ ସେ ଯେଉଁ ନିରବଚ୍ଛିନ୍ନ ସଂଗ୍ରାମ କରିଆସିଛନ୍ତି ତାହା କି ବ୍ୟର୍ଥତାରେ ପର୍ଯ୍ୟବସିତ ହୋଇଗଲା ?

ଦୁର୍ଯ୍ୟୋଧନ ନିଜକୁ ଏକ ଅପରାଧୀ ମନେକଲେ । ତାଙ୍କ ଉପରେ ଦୋଷ ମଢ଼ାହେବ, ସେଥିପାଇଁ ତାଙ୍କର ତିଳେମାତ୍ର ଶୋଚନା ନାହିଁ । ମାତ୍ର ମାଡ଼ ବଦଳରେ

ଯଦି ଉଭୟ ସବର୍ଣ୍ଣ ଓ ହରିଜନମାନଙ୍କ ମଧ୍ୟରେ ଏକତା ପ୍ରତିଷ୍ଠିତ ହୋଇଥାନ୍ତା, ତା'ହେଲେ ହୁଏତ ସେ ସବୁଠାରୁ ସୁଖୀ ହୋଇଥାନ୍ତେ ।

ଦୁର୍ଯ୍ୟୋଧନ ସେହି ଶୂନ୍ୟ ଓ ରିକ୍ତ କ୍ଷେତରେ ବସିପଡ଼ିଲେ । ଆକାଶର ଭସାମେଘ କ୍ରମେ କ୍ରମେ ଜମାଟ ବାନ୍ଧିଲାଣି । ସାରା ଆକାଶ ଛାଇ ହୋଇଗଲାଣି ଘୋର ମେଘ ଅନ୍ଧାରରେ, ଆଉ ଅଳ୍ପ ସମୟ ପରେ ହୁଏତ ବର୍ଷା ବର୍ଷିବ ମୂଷଳ ଧାରରେ ।

ଦୁର୍ଯ୍ୟୋଧନଙ୍କର ବର୍ଷା ପ୍ରତି ନଜର ନାହିଁ । ତାଙ୍କୁ ଏ ସମସ୍ୟାର ସମାଧାନ କରିବାକୁ ପଡ଼ିବ । ହରିଜନମାନଙ୍କୁ ବିଭେଦକାମୀ କୃଷି ମୂଲିଆ ଦଳର ନେତା ଅଶ୍ୱିନୀକୁମାରଙ୍କ ଶୋଷଣ କବଳରୁ ମୁକ୍ତ କରିବାକୁ ହେବ । ସଗଦାଣ୍ଡି ହେବ ହରିଜନମାନଙ୍କର କ୍ଷେତଜମି । ସେମାନେ ଚାଷ କରିବେ । ପ୍ରତ୍ୟେକ ହରିଜନ ଚାଷୀ ପାଇବେ ଅଧ ଏକର ଜମି ।

ମାତ୍ର ସୁବର୍ଣ୍ଣପୁର ଓ ମନୋହରପୁର ତଥାକଥିତ ସାମନ୍ତମାନଙ୍କ ହୃଦୟକୁ ପରିବର୍ତ୍ତନ କରିବାକୁ ପଡ଼ିବ । ସେମାନଙ୍କ ସାମନ୍ତୀୟ ମନୋଭାବ ମଧ୍ୟରେ ହରିଜନ-ମାନଙ୍କ ପ୍ରତି ସ୍ନେହ ଓ ସହାନୁଭୂତି ଉଦ୍ରେକ କରାଇବାକୁ ପଡ଼ିବ ।

ସେମାନଙ୍କୁ ବୁଝାଇବାକୁ ପଡ଼ିବ ନବୀନ ଭାରତର ନୂତନ ବାର୍ତ୍ତା, ନୂତନ ସନ୍ଦେଶ । ଜୀବନକୁ ନୂଆ କରି ଗଢ଼ିବା ପାଇଁ, ସମାଜର ନିଷ୍ପେସିତ ଓ ଅତ୍ୟାଚାରିତ ଜନସାଧାରଣଙ୍କୁ ସେମାନଙ୍କ ସହିତ ସମାନ ଭାବରେ ଚଳାଇବା ପାଇଁ ସେମାନଙ୍କ ଦୃଷ୍ଟିକୋଣ ବଦଳାଇବାକୁ ହେବ ।

ଦୁର୍ଯ୍ୟୋଧନ ଭାବୁଥିଲେ, ଓଃ ମୁଣ୍ଡଉପରେ ତାଙ୍କର କେତେ ବୋଝ ! ଏସବୁ ସମସ୍ୟାର ସମାଧାନ ନ ହେଲେ, ଗାଁ ଲୋକଙ୍କ ମଧ୍ୟରେ ମୈତ୍ରୀ ଓ ଏକତା ପ୍ରତିଷ୍ଠିତ ନ ହେଲେ, ହରିଜନମାନଙ୍କୁ କିଛି କିଛି ଜମି ଚାଷ କରିବାକୁ ନ ଦେଲେ, ତାଙ୍କର କାମ ରହିଯିବ ଅପୂର୍ଣ୍ଣ । ଏହା ହିଁ ତାଙ୍କୁ କରିବାକୁ ପଡ଼ିବ । ସଂଘର୍ଷ ପରିବର୍ତ୍ତେ ଶାନ୍ତିପୂର୍ଣ୍ଣ ଭାବରେ, ହୃଦୟ ପରିବର୍ତ୍ତନ କରି ଏକ ଶୋଷଣହୀନ ସମାଜ ପ୍ରତିଷ୍ଠିତ କରିବାକୁ ପଡ଼ିବ । ତେଣୁ ରକ୍ତାକ୍ତ ସଂଘର୍ଷର ପ୍ରୟୋଜନ ଅବା କ'ଣ ?

ବର୍ଷା ପଡ଼ିଲାଣି ଟୁପୁ ଟୁପୁ । ଦୁର୍ଯ୍ୟୋଧନ ଅନାଇଲେ ଗାଁ ଆଡ଼କୁ । ମୂଷଳ ଧାରରେ ବୃଷ୍ଟିପାତ ହେଉଛି ଏବଂ ଗାଁର ଗଛଲତା ଓ ଘରଦ୍ୱାର ସେପରି ଦେଖାଯାଉଛି କୁହେଳିକାପୂର୍ଣ୍ଣ ।

ଦୁର୍ଯ୍ୟୋଧନ ସେଠାରୁ ଉଠିଲେ ଏବଂ ତାଙ୍କ ଘର ଓ ହରିଜନସାହିକୁ ପଡ଼ିଥିବା ଦୋଛକି ରାସ୍ତାରେ ପାହାଡ଼କୋଳକୁ ପ୍ରଚଣ୍ଡ ବେଗରେ ବର୍ଷା ଆରମ୍ଭ

ହୋଇଗଲା । ଦୁର୍ଯ୍ୟୋଧନ ଆଉ ଗାଁ ରାସ୍ତାରେ ନ ଯାଇ ହରିଜନସାହିକୁ ପଡ଼ିଥିବା ରାସ୍ତାରେ ଦୌଡ଼ିବାକୁ ଲାଗିଲେ ।

ବର୍ଷାର ବିରତି ନାହିଁ । ଦୁର୍ଯ୍ୟୋଧନଙ୍କ ଦଉଡ଼ା ବନ୍ଦ ହୋଇନାହିଁ ।

ସେ ପହଞ୍ଚିଗଲେ ହରିଜନ ସାହି ଠାକୁରାଣୀ ଘର ନିକଟରେ ଯେଉଁଠାରେ ଚାଷୀ ମୂଲିଆ ପାର୍ଟି ଅଫିସ୍ ହୋଇଥିଲା ।

ଦୁର୍ଯ୍ୟୋଧନ ବର୍ଷାରେ ତିନ୍ତି ବୁଡ଼ି ଠାକୁରାଣୀଘରେ ପହଞ୍ଚିଲା ବେଳକୁ ଦେଖିଲେ ସେଠାରେ ବସିଛନ୍ତି ଶଙ୍କର ଓ ଆଉ ଚାରି ପାଞ୍ଚଜଣ ହରିଜନଲୋକ । ତାଙ୍କୁ ବର୍ଷାରେ ଭିଜା ଭିଜା ପୁଣି ପାର୍ଟି ଅଫିସ୍‌ରେ ଆକସ୍ମିକ ଭାବରେ ଦେଖି ସେମାନେ ସବୁ ଚମକି ପଡ଼ିଲେ ।

ଦୁର୍ଯ୍ୟୋଧନଙ୍କ ପ୍ରତି ସମଗ୍ର ହରିଜନ ବସ୍ତିରେ ଥିଲା ଯଥେଷ୍ଟ ସମ୍ମାନ ଓ ସଂଭ୍ରମ । ତାଙ୍କୁ ଦେଖିଦେଲା ମାତ୍ରେ ସେମାନେ ସମସ୍ତେ ଚାଲିଆସିଲେ ତାଙ୍କ ପାଖକୁ ଏବଂ ଶଙ୍କର ପଚାରି ବସିଲା—ଆଜ୍ଞା, ବର୍ଷା ଛାଡ଼ିଯାଇଥିଲେ ଆପଣ ଆସିଥାନ୍ତେ । ଅଯଥାରେ ବର୍ଷାରେ ଭିଜିଗଲେ ସିନା !

ଦୁର୍ଯ୍ୟୋଧନ ନିଜ ଚଦରଖଣ୍ଡ ଚପୁଡ଼ି ପୋଛୁପାଛୁ ହେଲେ ଏବଂ ହସି ହସି କହିଲେ—ଅବିକା ତ ବର୍ଷାଋତୁ । ବର୍ଷା କେତେବେଳେ ବର୍ଷିବ ଏବଂ କେତେବେଳେ ପୁଣି ଛାଡ଼ିବ, କହି ହେବ ନାହିଁ । ତେଣୁ ବର୍ଷାଦିନେ ଏମିତି ଭିଜିଗଲେ କିଛି କ୍ଷତି ନାହିଁ । ଆଉ ତମେମାନେ ସବୁ ଭଲ ଅଛ ତ' ?

ଶଙ୍କର ଦୁର୍ଯ୍ୟୋଧନଙ୍କ ପାଖକୁ ଲାଗି ଆସି କହିଲା—ଆପଣଙ୍କ ପାଇଁ ଆଜ୍ଞା, ଆମ ସମସ୍ତଙ୍କ ଭିତରେ ନାହିଁ ନ ଥିବା ଦୁଃଖ । ପରର କଲ୍ୟାଣ ପାଇଁ ଆପଣ କେତେ କଷ୍ଟ ସହୁଛନ୍ତି । ଗରିବ ଲୋକଙ୍କ ପାଇଁ ଆପଣଙ୍କ ପ୍ରାଣ କେତେ ବିକଳ ହେଉଛି । ଅଥଚ ବିନା କାରଣରେ ଦୋଷୀ ଉଙ୍କ ପିଟିଦେଲା ଆପଣଙ୍କୁ । କେତେ କଷ୍ଟ ଭୋଗିଲେ ଆଜ୍ଞା । ଆମର ଦୋଷ ହୋଇଛି । ଆମକୁ ମାଫ୍ କରନ୍ତୁ ।

ଦୁର୍ଯ୍ୟୋଧନ ହସି ହସି ଶଙ୍କର ପିଠିରେ ହାତ ଆଉଁସାଇ ଆଣିଲେ । ସେ କହିଲେ—ଦୁନିଆଁରେ ସବୁବେଳେ କ'ଣ ସମାନ ଶଙ୍କର ? କିଏ କ୍ରୋଧୀ, କିଏ ଶାନ୍ତ । କିଏ ହିତାହିତ ଜ୍ଞାନ ଶୂନ୍ୟ, କିଏ ପୁଣି ବିବେକୀ । ଉଙ୍କର କିଛି ଭୁଲ୍ ନାହିଁ । ସେ ଅନ୍ୟ କଥାରେ ମାତିଗଲା, ସେଥିପାଇଁ ତା' ଉପରେ ମୋର ତିଳେମାତ୍ର ରାଗ ନାହିଁ । ସେ ଯେଉଁଦିନ ତା'ର ଭୁଲ୍ ବୁଝିପାରିବ, ସେଦିନ ସବୁ ଠିକ୍ ହୋଇଯିବ ।

ବର୍ଷାର ବେଗ ଟିକିଏ ଥମିଛି । ଦୁର୍ଯ୍ୟୋଧନ ଠିଆ ହୋଇଛନ୍ତି । ଶଙ୍କର ଓ ଅନ୍ୟମାନେ ଭାଲବରଣ୍ଡା ଚଟରେ ତାଙ୍କୁ ବସିବା ପାଇଁ ଯେତେ ଅନୁରୋଧ କଲେ; ସେ କିନ୍ତୁ ବସିଲେ ନାହିଁ । ଦୁର୍ଯ୍ୟୋଧନ କହିଲେ—ଲୁଗା ପଟା ସବୁ ତ ଓଦା, ଓଦା ଲୁଗା ପିନ୍ଧି କିପରି ବସିବି ରେ ଶଙ୍କର ?

ବର୍ଷା ଥମିଲାପରେ କାହିଁ କେଉଁଠି ଥିଲା ରଙ୍କ କେଜାଣି, ହଠାତ୍ ପାର୍ଟି ଅଫିସ ଭିତରକୁ ପଶିଯାଇ ଦୁର୍ଯ୍ୟୋଧନଙ୍କ ଗୋଡ଼ତଳେ ପଡ଼ିଯାଇ କହିଲା— ମୋର ଆଜ୍ଞା ଭୁଲ୍ ହୋଇଛି । ମତେ କ୍ଷମା କରନ୍ତୁ । ସେଦିନ ରାଗ ତମରେ ଆପଣଙ୍କୁ ପାହାରେ ପିଟି ଦେଇଥିଲି । ଆପଣ ମତେ କ୍ଷମା ନ ଦେଲେ, ମୁଁ ତଳୁ ଉଠିବି ନାହିଁ ।

ଦୁର୍ଯ୍ୟୋଧନ ରଙ୍କର ଏପରି ପରିବର୍ତ୍ତନ ଓ ଅନୁତାପରେ ବିସ୍ମିତ ହୋଇଗଲେ । ସେ ହଠାତ୍ ନଇଁପଡ଼ି ରଙ୍କକୁ ତଳୁ ଉଠାଇ ଆଣି କହିଲେ—ତୁ କିଛି ଅପରାଧ କରିନୁରେ ବାବା ! କ୍ଷମା ମାଗୁଛୁ କାହିଁକି ? ମୁଁ ତ ତୁପରି ମଣିଷଟିଏ । ମଣିଷକୁ କ'ଣ ମଣିଷ କ୍ଷମା ଦେଇପାରେ ? ତଥାପି ତୁ ଯଦି ମୋର ଭୁଲ୍ ବୁଝି ପାରିଛୁ, ତାହା ହିଁ ତ ଯଥେଷ୍ଟ । ଉଠ—ଉଠ ରେ ରଙ୍କ ।

ରଙ୍କ ଉଠିପଡ଼ିଲା ତଳୁ । ଦୁର୍ଯ୍ୟୋଧନ ତାକୁ ଦୁଇ ହାତରେ ନିଜ ପାଖକୁ ଟାଣି ଆଣି କହିଲେ—ଭଗବାନଙ୍କ ସଂସାରରେ ଆମେ ସଭିଏଁ ସମାନରେ ରଙ୍କ । ଧନୀ ଓ ଗରିବ ଏସବୁ ଯାହା ଲୋକ ଦେଖାଣିଆ ଏଇ ଲୋକ ଦେଖାଣିଆ । ଧନୀ ଓ ଦରିଦ୍ରର ତଫାତ୍‌କୁ ଖର୍ଚ୍ଚି ଦେବା ପାଇଁ ଆମେ ସମସ୍ତେ ଲଢ଼େଇ କରୁଛେଁ । କିନ୍ତୁ ଏଥିପାଇଁ ହାଣ କାଟ କରି କ'ଣ ଅବା ଲାଭ ? ଜୋର ଜବରଦସ୍ତିର କ'ଣ ଅଛି ଫାଇଦା ?

ରଙ୍କ ଓ ଅନ୍ୟମାନେ ଦୁର୍ଯ୍ୟୋଧନଙ୍କ ବଚନକାକୁ ଶୁଣୁଥିଲେ ମନ୍ତ୍ରମୁଗ୍ଧ ହୋଇ ।

ଦୁର୍ଯ୍ୟୋଧନ କହିଲେ ମୁଁ ଜାଣେ, ତମେମାନେ ଅର୍ଣ୍ଣିମାଙ୍କ କଥାରେ ମାତି-ଯାଇଛ । ଆଚ୍ଛା କହିପାରିବୁ ରଙ୍କ, ଆଜକୁ କୋଡ଼ିଏ ବର୍ଷ ତଳେ ଅର୍ଣ୍ଣିମାଙ୍କର ଯେପରି ଚଳାଚଳ ଥିଲା, ଆଜି ସେଇ କୋଡ଼ିଏବର୍ଷ ତଳର ପୁରୁଣା ଚଳଣି ତାଙ୍କର ବଦଳି ନାହିଁ କି ? ମୁଁ ଏକା ନୁହେଁ, ଏ ଅଞ୍ଚଳର ସବୁ ଲୋକ ଏକଥା ସ୍ୱୀକାର କରିବେ ନାହିଁ କି ? ଦୁଇତିନି ଏକର ଜମି ଆଜି ବଢ଼ି ଯାଇଛି କୋଡ଼ିଏ ଏକରକୁ । ମାଟି ଘର ପରିବର୍ତ୍ତେ ଏବେ ସେ ତିଆରି କରିଛନ୍ତି ଦୁଇମହଲା କୋଠାଟିଏ । ସାଇକେଲ ଛାଡ଼ି ଏବେ ସେ ମଟର ସାଇକେଲରେ ବୁଲୁଛନ୍ତି । ଏସବୁ ଆସିଲା କେଉଁଠୁ ? ତମେ ଯେଉଁ ଗୁଡ଼ା ଭେଡ଼ା ଆଦାୟ କରିଦିଅ, ସେସବୁର ସେ ହିସାବ ଦିଅନ୍ତି କି ?

ରଙ୍କ ଓ ଶଙ୍କର ଏକା ସାଙ୍ଗରେ କହି ଉଠିଲେ—ଅନେକ କ୍ଷେତ୍ରରେ ଅନେ ତାଙ୍କ କଥା ଜାଣିଲୁ ଆଜ୍ଞା ! ମୁହଁରେ ଖଚିଟିଆ କଥା କହି ବାସ୍ତବରେ ସେ ସେମାନଙ୍କ ସ୍ୱାର୍ଥ ରକ୍ଷଣରେ କାର୍ଯ୍ୟକରନ୍ତି । ସଭା ସମିତିରେ ସରକାର ଓ ମନ୍ତ୍ରୀମାନଙ୍କୁ ଗାଳି ଫକାନ୍ତି କରି ଅନେକ ସମୟରେ ମନ୍ତ୍ରୀମାନଙ୍କ ଅଫିସ୍ ଓ ଘରେ, ବେଳେ ବେଳେ ସେମାନଙ୍କ ଗାଡ଼ିରେ ଓ ସଭାସମିତିରେ ଯୋଗଦଅନ୍ତି । ଅଯଥାରେ ଆମେ ଆମ ଗାଁ ଲୋକଙ୍କ ସହିତ କଳି କରି ଠେଙ୍ଗା ପଡ଼ିଲୁ । ଅକାରଣରେ ମାଲି ମୋକଦ୍ଦମାରେ ବହୁତ ପଇସା ଖର୍ଚ୍ଚ କଲୁ । ଆମେ ଶେଷକୁ ଆଜ୍ଞା ଭିକାରୀ ହୋଇଗଲୁ । ବର୍ତ୍ତମାନ ଦୁଇବେଳା ପେଟରେ ଖାଇବା ପାଇଁ ବାସନ ଖଣ୍ଡିଏ ମଧ୍ୟ ନାହିଁ, ଆମର ସବୁ ଭୁଲ୍ ଆମେ ଆଉ ଦଗଦାଣିକୁ ମୁହଁ ଦେଖାଇବୁ ନାହିଁ ।

ଦୁର୍ଯ୍ୟୋଧନ ହସିଲେ । ସେ ହସି ହସି କହିଲେ—ଏପରି କଥା ? ଜମି-ହୀନଙ୍କୁ ଜମି ଦେବା ପାଇଁ ଆମେ ତ ବହୁବର୍ଷ ହେଲା ଦାବୀ ଓ ଲଢ଼େଇ କରିଆସିଛୁ । କିନ୍ତୁ ଆମ କଥା ସେତେବେଳକାର ସରକାର ଶୁଣିଲେ ନାହିଁ । ମୁହଁରେ ଜମିହୀନ ଲୋକଙ୍କ ପାଇଁ ସେମାନଙ୍କର ଥିଲା ଗୁଡ଼ାଏ ମୂଲ୍ୟହୀନ ସହାନୁଭୂତି । ଖବରକାଗଜ ଦ୍ୱାରାରେ ଏଥିପାଇଁ ବିପ୍ଳବ ହେବ ବୋଲି ସେମାନେ ରଡ଼ିଛାଡ଼ନ୍ତି । ମାତ୍ର ତମେ ସବୁ ଜାଣ, ସେ ସମସ୍ତେ ବଡ ବଡ଼ ଜମିମାଲିକ । ତେଣୁ ଭୂମିହୀନମାନଙ୍କୁ ଜମି ବାଣ୍ଟିବା କାର୍ଯ୍ୟ ସେମାନେ କରନ୍ତେ କିପରି ?

ତମକୁ ସବୁ ଜମି ମିଳିବରେ । ଦଗହାଣି ପଡ଼ିଆରୁ ପ୍ରତ୍ୟେକ ଭୂମିହୀନ ବ୍ୟକ୍ତି ଯେପରି ଅଧ ଏକର ଜମି ପାଇବେ, ମୁଁ ସେଥିପାଇଁ ବ୍ୟବସ୍ଥା କରିବି । ତମେ ସବୁ ନିଶ୍ଚିନ୍ତ ରୁହ ! ଏହା ନ କଲା ପର୍ଯ୍ୟନ୍ତ ମୋ ସ୍ୱପ୍ନ ସଫଳ ହେବ ନାହିଁ । ଆଉ ବେଶୀ ଦିନ ନୁହେଁ । ଅଉ ଅଳ୍ପଦିନ ମଧ୍ୟରେ ସବୁ କିଛି ଠିକ୍ ଠାକ୍ ହୋଇଯିବ ।

ଦୁର୍ଯ୍ୟୋଧନ ଏତିକି କହିସାରି ଆକାଶକୁ ଅନେଇଲେ । ସନ୍ଧ୍ୟା ଆଗତ ପ୍ରାୟ । ମେଘ ସମ୍ପୂର୍ଣ୍ଣ ଛିନ୍ନ ହୋଇଛି । ଦୁର୍ଯ୍ୟୋଧନ ସେମାନଙ୍କଠାରୁ ବିଦାୟ ନେଇ ନିଜ ଘର ଆଡ଼କୁ ଆଗେଇଲେ ।

ଏ ଘଟଣାର ପନ୍ଦରଦିନ ପରେ ସୁବର୍ଣ୍ଣପୁରର ଦଗଦାଣ୍ଡି ପଡ଼ିଆରେ ଅନୁଷ୍ଠିତ ହେଉଛି ଏକ ବିରାଟ ସାଧାରଣ ସଭା । ଯେଉଁ ହରିଜନ ଓ ସବର୍ଣ୍ଣ ଲୋକମାନଙ୍କ ମଧ୍ୟରେ ଗତ ଛଅମାସ ଧରି ବୁକ୍‌ଫଟା ସଂଘର୍ଷ ଓ କଳି ଚାଲିଥିଲା, ଆଜି ସେମାନଙ୍କର ମିଳିତ ସଭାରେ ସେହି ମାନ ମତାନ୍ତର ଓ ଶତ୍ରୁତାର ଭାବନା ଆଜି ଯେପରି ନିବିଡ଼ ଆତ୍ମୀୟତା ଓ ଏକାତ୍ମବୋଧର ଉଚ୍ଛ୍ୱସିତ ବନ୍ୟାରେ କୁଆଡ଼େ ମିଳେଇ ଯାଉଛି । ସେମାନେ ସମସ୍ତେ ଆଜି ସୁବର୍ଣ୍ଣପୁରର ଲୋକ । ସେମାନେ ସମସ୍ତେ ଭାଇ ଭାଇ । ପରସ୍ପରକୁ ସ୍ନେହ ଓ ଆଲିଙ୍ଗନ କରିବାରେ ଅଧୀର ଏ ସମ୍ମିଳନ

ଯେପରି ହୋଇଯାଇଛି ଅନେକ ବର୍ଷ ପରେ ଏକ ପୁଣ୍ୟପୀଠ । ଛୁଆଁ ଅଛୁଆଁର ସେଇ ପୁରୁଣା ପ୍ରାଚୀରକୁ ଭାଙ୍ଗି ଦେଇ ସେମାନେ ହୋଇ ଉଠିଛନ୍ତି ଗୋଟିଏ ମାତାର ଔରସରୁ ଜନ୍ମିତ ଦୁଇଟି ସହୋଦର ।

ସଭା ମଣ୍ଡପରେ ବସିଛନ୍ତି ସର୍ବୋଦୟ କର୍ମୀ ଦୁର୍ଯ୍ୟୋଧନ ମଙ୍ଗରାଜ । ଗତ ତିରିଶି ବର୍ଷଧରି ଆଣ୍ଠୁଲୁଚା ଖଦଡ଼ ଧୋତି ଯେପରି ପିନ୍ଧି ଆସୁଥିଲେ ସବୁଦିନ, ଆଜି ମଧ୍ୟ ପିନ୍ଧିଛନ୍ତି ସେଇମିତି, ସେହିଭଳି ମଧ୍ୟ ଘୋଡ଼ାଇ ହୋଇଛନ୍ତି ଚଦରଟିଏ । ମାତ୍ର ତାଙ୍କ ଗୌର ପ୍ରଶସ୍ତ ଲଲାଟରେ ଆଜି ଯେପରି ଝଟକି ଉଠୁଛି ସୂର୍ଯ୍ୟୋଦୟର ରକ୍ତିମ ଆଭା । ସମ୍ଭବତଃ ଅନେକ ବର୍ଷ ପରେ ଆଜି ତାଙ୍କର ସ୍ୱପ୍ନ ସାର୍ଥକ ହୋଇଛି ।

ଦରବାଣ୍ଡି ପଡ଼ିଆରେ ଅସଂଖ୍ୟ ଜନସମାବେଶ । ଶରତ୍ର ଆକାଶରେ ଆଜି ମେଘ ନାହିଁ । ଆକାଶ ଦେଖାଯାଉଛି ଅତ୍ୟନ୍ତ ସୁନୀଳ । କାଣ୍ଡୀ ନଦୀର ତୀରେ ତୀରେ କାଶତଣ୍ଡୀ ଫୁଲର ବର୍ଣ୍ଣୋତ୍ସବ ଦେଖାଯାଉଛି ଦରବାଣ୍ଡି ପଡ଼ିଆରୁ ।

ଦୁର୍ଯ୍ୟୋଧନ ସଭା ମଞ୍ଚରେ ଠିଆହେଲେ । ସଭା କକ୍ଷର କୋଳାହଳ ହଠାତ୍ ନିସ୍ତବ୍ଧ ହୋଇଗଲା । ସେ କହିଲେ—ମୋର ଅନେକ ଦିନର ସ୍ୱପ୍ନ ସାର୍ଥକ ହୋଇଛି । କୃଷିମୂଲିଆ ପାର୍ଟିର ବିଭେଦକାମୀ ଭୂମିକା ଆଜି ବ୍ୟର୍ଥ ପ୍ରମାଣିତ ହୋଇଛି । ଶାନ୍ତିପୂର୍ଣ୍ଣ ଭାବରେ ଆଜି ସୁବର୍ଣ୍ଣପୁର ଲୋକମାନଙ୍କ ମଧ୍ୟରେ ସବୁ ସମସ୍ୟାର ସମାଧାନ ହୋଇଯାଇଛି । ହରିଜନମାନେ ପ୍ରତ୍ୟେକ ଅଧ ଏକର ଲେଖାଏଁ ଜମି ପାଇବେ । ଏଇଠି ସେମାନେ ନିର୍ଭୟରେ ଚାଷ କରିବେ । ଆସନ୍ତାକାଲି କେଉଁ ଜମି କିଏ ନେବ, ତାହା ବର୍ଜିତ ହେବ । ସବର୍ଣ୍ଣ ଲୋକମାନେ ଆଉ ବିରୋଧ କରିବେ ନାହିଁ । ସେମାନଙ୍କ ହଳବଳଦ ସାହାଯ୍ୟରେ ହରିଜନ ଭାଇମାନେ ଚାଷ କରିବେ ।

ସଭା ସ୍ଥଳରେ ଖେଳିଗଲା ଏକ ଅପୂର୍ବ ଆନନ୍ଦର ତରଙ୍ଗ । କ୍ରମାଗତ କରତାଳି ଧ୍ୱନିରେ ଫାଟିପଡ଼ିଲା ଦରବାଣ୍ଡି ପଡ଼ିଆ ।

ଦୁର୍ଯ୍ୟୋଧନ ସେମାନଙ୍କୁ ଶାନ୍ତ ହେବାକୁ ହାତ ଠାରୁଥିଲେ; ମାତ୍ର ସେମାନଙ୍କ ମଧ୍ୟରେ କ୍ରମାଗତ କୋଳାହଳ ଓ ଉଲ୍ଲାସର କଳରବ ହୋଇ ଉଠୁଥିଲା ପ୍ରଚଣ୍ଡ ।

ଦୁର୍ଯ୍ୟୋଧନ ଶାନ୍ତ ହେବାପାଇଁ ସମସ୍ତ ଜନତାଙ୍କୁ ହାତ ଠାରିଲେ । କିଛିକ୍ଷଣ ପରେ କ୍ରମେ କୋଳାହଳ ଶାନ୍ତ ହୋଇଆସିଲା ।

ଦୁର୍ଯୋଧନ କହୁଥିଲେ ଗାନ୍ଧିଜୀଙ୍କ ଶାନ୍ତି ଓ ସଦ୍ଭାବସ୍ଥାନର କଥା', ରକ୍ତାକ୍ତ ବିପ୍ଳବ ପରିବର୍ତ୍ତେ ଶାନ୍ତିପୂର୍ଣ୍ଣ ଭାବରେ ଏକ ନିରବଚ୍ଛିନ୍ନ ନୀରବ ସଂଗ୍ରାମ ଦରକାର । ତା'ହେଲେ ଯାଇ ସମାଜର ରୂପ ବଦଳିଯିବ ।

ପୁଣି ସହସ୍ରକଣ୍ଠରେ ହୋଇ ବିଲମ୍ବିତ କରତାଳି ଧ୍ୱନି । ସେଇ କରତାଳି ଧ୍ୱନିର ଆଜି ଯେପରି ବିରତି ନାହିଁ । ସୁବର୍ଣ୍ଣପୁରରେ ଆଜି ଗୋଟାଏ ନୂଆ ଇତିହାସ ଯେପରି ଲେଖାହେଉଛି ।

# ଭୂତୁଣୀ : ଏକ ଉପାନ୍ତ

ଶ୍ରୀ ମନୋଜ ଦାସ

ବିଶେଷତଃ ଜହ୍ନରାତିମାନଙ୍କରେ ନିର୍ଜନ, ଉଦାସ କୋଠିଟିର ଆକର୍ଷଣ ହେଉଥିଲା ଅପ୍ରତିରୋଧ୍ୟ । ନଈବନ୍ଧ ଉପରୁ ଆମେ ନୀରବରେ ଦୀର୍ଘ ସମୟ ଧରି ତା' ଆଡ଼କୁ ଅନାଇ ରହୁଥିଲୁଁ । ଦମ୍କା ପବନରେ କୋଠି ଘେରି ବଣର ଉଚ୍ଚ ପୀତାଭ ଘାସ ଓ ବୁଦା ସବୁ ଯେତେବେଳେ ଢେଉଭଳି ଝୁଙ୍କି ହେଉଥିଲେ, ସେତେବେଳେ ମନେ ହେଉଥିଲା ସେଇଟି ଯିମିତି ପରୀ କାହାଣୀର ଏକ ଯାଦୁନଗର —ଭାସି ଚାଲିଛି ମାୟାସମୁଦ୍ର ଉପରେ ।

ଯଦିଓ ଏକାନ୍ତ ଏକାକୀ ଓ ଉଦାସ—ପୁଣି ଥରେ କହି ରଖିବା ଉଚିତ—କୋଠିଟିର ଆକର୍ଷଣ ଥିଲା ଅପ୍ରତିରୋଧ ।

ରାତିରେ ଆମେ ସାଧାରଣତଃ ଚୁପ୍‌ଚାପ୍ ରହୁଥିଲୁଁ; କିନ୍ତୁ ସକାଳ ହେବା ମାତ୍ରେ କେହି ଜଣେ ଆଉ ଜଣକୁ କହିବ—ଆଉ ସନ୍ଧ୍ୟା ସୁଦ୍ଧା ଆମେ ସବୁ ବାଳକ-ମାନେ ଜାଣି ଯାଇଥିବୁଁ—ସେ ସେ ଝିଅଟିକୁ ମୁହୂର୍ତ୍ତିକପାଇଁ ଦେଖି ଦେଇଥିଲା । ଶୂନଶାନ୍ ବାରଣ୍ଡାର ରେଲିଂ ଉପରେ ଭର ଦେଇ ଝିଅଟି ହୁଏତ ଜହ୍ନ ଆଡ଼କୁ ଅଥବା ଅଙ୍କାବଙ୍କା ନଈର ଗତିପଥକୁ ଅନାଇଥିଲା ଏକ ଲୟରେ । ଆଖିରୁ ଗଡ଼ି ଆସୁଥିଲା ଲୁହ—ଜହ୍ନ ଆଲୁଅରେ ବହୁ ବିନ୍ଦୁ ସୁବର୍ଣ୍ଣ ଭଳି ।

ଏଇଟା କିଛି ନୂଆ କଥା ନ ଥିଲା । ତଥାପି ପ୍ରତ୍ୟେକ ଥର ଆମେ ବିହ୍ୱଳିତ ହେଉଥିଲୁଁ । ପରଦିନ ସନ୍ଧ୍ୟାରେ ପୁଣି ଆମେ ସେଇ ନଈବନ୍ଧ ଉପରେ ଏକାଠି ହେଉଥିଲୁଁ ।

ଝିଅଟିକୁ ଟିକିଏ ଖୁସି କରିବା ପାଇଁ ଯାହା ଦରକାର, ସବୁ କରିବାକୁ ପ୍ରସ୍ତୁତ ଥିଲୁଁ ଆମେ ସମସ୍ତେ, କିନ୍ତୁ କିଛି ସେ କରିବାର ନ ଥିଲା, ତା'ବି ଆମେ ବୁଝିଥିଲୁଁ । ଆମର ଏତେ ପାଖରେ ଥାଇ ବି ସିଏ ଥିଲା ଏକ ସୁଦୂର ପୃଥିବୀର ବାସିନ୍ଦା । ଏକାକିନୀ ।

ତା'ଛଡ଼ା ତା' ପ୍ରତି ଅତ୍ୟଧିକ ମମତାପରାୟଣ ହେବାର ଲୋଭ ଯେ ସମ୍ବରଣ କରାଯିବା ଉଚିତ, ସେକଥା ବି ଆମେ ହୃଦୟଙ୍ଗମ କରିଥିଲୁଁ । ଏକଦା ତା' ପ୍ରେମରେ ପଡ଼ିଥିବା ଆମ ବନ୍ଧୁ ପୂର୍ବବର୍ତ୍ତୀ ଯୁଗର ଜଣେ ଦୁଃସାହସୀ ତରୁଣର କରୁଣ କାହାଣୀ

ଆମମାନଙ୍କୁ ବାରମ୍ବାର ଶୁଣିବାକୁ ପଡ଼ିଥିଲା । ଜଇବନ୍ଧର ଯେଉଁ ଅଂଶଟି କୋଠିର ସବୁଠୁଁ ନିକଟବର୍ତ୍ତୀ, ସେଇଠି ଛିଡ଼ା ହୋଇଥିଲା ଏକ ବିଶାଳ ବରଗଛ । ନିଜ ନାଁ ସଂଗେ ତାଳରେ ବିଶାଳତର । ଭଟ୍ଟୁଟି ସୁଯୋଗ ପାଇଲେ ହିଁ ଘରୁ ଖସିଯାଇ ଗଛଟି ଉପରେ ଚ ି ବସୁଥିଲା ଓ ନିର୍ଣ୍ଣ ବାତାୟନ ପଥରେ କୋଠିର ଉପର ମହଲା ଘରକୁ ଘଣ୍ଟା ଘଣ୍ଟା ଧରି ଅନାଇ ରହୁଥିଲା । ଉପର ମହଲାର କୋଠରୀ ଭିତରେ, ଚକ୍ରପୋଷଟି ଉପରେ ଏକ ବ ନ ବେଶୀ ମୂର୍ତ୍ତିଟି ବସି ରହିଥିବାର ସେ ଦେଖିଥିଲା— ସନ୍ଦେହ ନାହିଁ, କିନ୍ତୁ ମୂର୍ତ୍ତିଟି ତାକୁ ଦେଖୁଥିଲା କି ? ନିଶ୍ଚୟ, କେବେ କେବେ । ନ ହେଲେ କାହିଁ ବା ଭଟ୍ଟୁଟି ଥରେ ନୁହେଁ, ତିନି ଥର ଗଛ ଉପରୁ ସଙ୍ଗାହତ ହୋଇ ତଳେ ପଡ଼ିଥା'ନ୍ତା ? ତୁମେ ଭୂତ ପ୍ରେତ ଆଡ଼କୁ ଅନାଇ ରହିପାର—ଯେ ଯାଏ ତୁମର ସାହସ ଥିବ । ଭୂତ ପ୍ରେତ ତୁମ ଆଡ଼କୁ ଅନାଇ ରହିଲେ କିନ୍ତୁ ତୁମର ଜ୍ଞାନ ନ ହରାଇବା ଗତ୍ୟନ୍ତର ନାହିଁ ।

ଅବଶେଷରେ ଏକ ନିଦାଘ ଦ୍ୱିପ୍ରହରେ, ଶୁଟଭେଲ୍ଲୁ ବର୍ଗଙ୍କ ସମସ୍ତ ଚେଷ୍ଟା ବ୍ୟର୍ଥ କରି ଭଟ୍ଟୁଟି କୋଠି ଘରକୁ ପଶି ଯାଇଥିଲା । ଅର୍ଦ୍ଧଭଗ୍ନ ପାହାଚ ଚଢ଼ି ସେ ଯେ ପହଞ୍ଚିଥିଲା ଉପର ମହଲାରେ ଓ ଉଙ୍କି ମାରିଥିଲା କୋଠରୀ ଭିତରକୁ ।

ମୂର୍ତ୍ତିଟି ଶୋଇଥିଲା । ଶୁଣାଯାଏ, ସେ ସାରା ରାତି କାନ୍ଦି କାନ୍ଦି ଦିନବେଳେ ଶୋଇ ପଡ଼ୁଥିଲା । କିନ୍ତୁ ତ ଅବସ୍ଥାରେ ବି ଅବଶ୍ୟ ତା'ର କୋହ ପ୍ରଶମିତ ହେଉ ନ ଥିଲା ।

ଚିନ୍ତାକର ଅକଲ ଖଟାଇ ଭଟ୍ଟୁଟି କ'ଣ କରିଥା'ନ୍ତା, ହେଲେ ! ଦୁଇ ଦୁଇ ଭୂଷର ବ୍ୟବଧାନରେ ମଧ୍ୟ ଆମେ ବାଳକମାନେ ତା'ର ଅବିବେଚନାପ୍ରସୂତ ପଦକ୍ଷେପର ବିଚାର କରି ମୁଣ୍ଡ ପିଟି ଦେଉଥିଲୁ । ଏମିତି, ଯେମିତି ପଡ଼ିବା ଠାରୁ ହିଁ ସେତେ ଯାଏ ଚିଜ କଥା । ପୁଣି ଭୂରୂତ୍ତାଟିଏ ସମ୍ମୁଖ ଧାରିବା କେଡ଼େ ମାରାତ୍ମକ ! ଭଟ୍ଟୁଟି, ହାୟ, କମିତି ସେଦିନ ଲୁକଗଲା !

ତାପରେ ଭଟ୍ଟୁଟି ସେଦିନ ଦୌଡ଼ି ଯାଇଥିଲା ମୂର୍ତ୍ତି ପାଖକୁ—ଆଉ ମୂର୍ତ୍ତିଟି କାନ୍ଥ କୁଦି ଉଠିବାରୁ ସେ ତାକୁ ଚୁମା ଦେଇ ପାରିଥିଲା ।

ମୂର୍ତ୍ତିଟି ଚିତ୍କାର କରିଥିଲା ଯେ କେତେ ଲୋକ କେତେଥର ତା'ର ମୁହଁ, ଗାଲ ଅଥବା ମନକୁ ମନ ଚୁମ୍ବନର ସ୍ପର୍ଶ କରିଛନ୍ତି । କିନ୍ତୁ ସେଭଳି ଘଟଣା କେବେ କେବେ ଚିତ୍କାର କରିବାର କାରଣ ହୋଇ ନ ଥିଲେ । କଥା ହେଲା, ଅନେକ ଭୂତ- ପ୍ରେତଙ୍କ ପରି ତା'ର ବି ଥିଲା ଅନେକ ମୁଖ । ଅନେକ ସମୟ ସ୍ୱରୂପର ମରଣ ତରେ ମଣିଷକୁ ସେ ଦୁଃଖ ଦେଉଥିଲା ।

ସେ ଦିନର ସେ ଚିତ୍କାର ହୁଏତ ତୁମେ ଆମେ ଶୁଣିପାରି ନ ଥା'ନ୍ତୁ । କିନ୍ତୁ ସେତିକିବେଳେ ନଈବନ୍ଧ ଉପର ଦେଇ ଯାଉଥିଲେ ଆମ ଅଞ୍ଚଳର ଜଣେ ଜନପ୍ରିୟ ବାଉଳ ବୈରାଗୀ, ଯିଏ କି ଶ୍ମଶାନରେ କାଳ କାଟୁଥା'ନ୍ତି ଓ ଦୁଇ ତିନି ଦିନ ଅନ୍ତରରେ ଭୋକ ହେଲେ ଥରେ ଗାଁ ଭିତରକୁ ଆହାର ଅନ୍ୱେଷଣରେ ପଶି ଆସୁଥା'ନ୍ତି । ବୈରାଗୀଟି ଏକ ଧରଣର ତତ୍ତ୍ୱବିଦ୍ ଥିଲେ । ଗୋ-ମହିଷାଦି ପଶୁ ଓ କାକାଦି ବିଶେଷ ବିହଙ୍ଗ ତଥା ଅଶରୀରୀମାନଙ୍କ ଭାଷା ସେ ବୁଝି ପାରୁଥିଲେ । ସେତିକି ନୁହେଁ, ଅନ୍ୟମାନଙ୍କ କାନକୁ ଯେଉଁସବୁ ଧ୍ୱନି ଶୁଣାଯାଉ ନ ଥିଲା, ସେସବୁ ମଧ୍ୟ ସେ ଶୁଣି ପାରୁଥିଲେ । ଗାଁ ଲୋକେ ସନ୍ଧ୍ୟାବେଳେ ଯେତେବେଳେ ନିରୁଦ୍ଦିଷ୍ଟ ଭୁତୁଣୀଟି କଥା ଆଲୋଚନା କରୁଥିଲେ, ସେତିକିବେଳେ ସେ କୋଠି ଭିତରୁ ଅସ୍ୱାଭାବିକ ଚିତ୍କାର ଶୁଣିବା କଥା ପ୍ରକାଶ କଲେ ।

ପରଦିନ ସକାଳେ ଗାଁର ବାର ଜଣ ସବଳ ସାହସୀ ମଣିଷ କୋଠି ଭିତରେ ପ୍ରବେଶ କଲେ । ସେମାନେ ନିଜ ନିଜ ମୁଣ୍ଡରେ ଗଙ୍ଗାଜଳ ସିଞ୍ଚିଥିଲେ ଓ ଅଣ୍ଟିରେ ଖଣ୍ଡିଏ ଖଣ୍ଡିଏ ଲୁହାଦ୍ରବ୍ୟ ଲୁଚାଇ ନେଇଥିଲେ । ଏହାଦ୍ୱାରା ଭୁତୁଣୀ ସେମାନଙ୍କର ଖୁବ୍ ନିକଟକୁ ଆସିବାର ସମ୍ଭାବନା ପ୍ରତିହତ ହୋଇଥିଲା । କିନ୍ତୁ ମୁଁ ଦୃଢ ଭାବରେ କହିପାରେଁ, ହାତରେ ଲାଠି ବା ତଲ୍ୱାରଧାରୀ ଦସ୍ୟୁମାନ ଅସ୍ତ୍ର ଧରିଯିବା କଥା ସେମାନଙ୍କ ଭିତରୁ କେହି କଳ୍ପନା ବି କରି ନ ଥିଲେ । ସେହି ଅପମାନବୋଧ କଲଭଳି କୌଣସି କାମ କେହି କରିପାରନ୍ତି ନାହିଁ ।

ସେମାନେ ଦେଖିଲେ—ଶହେ ବର୍ଷର ପୁରୁଣା ଧୂଳି ଶେଯ ଉପରେ ଭୁତୁଣୀଟି ପଡ଼ି ରହିଛି—ପ୍ରାଣହୀନ ।

ସେ ଯେ ଝିଅକୁ ଚୁମା ଦେଇ ପକାଉଥିଲା, ବୈରାଗୀ ଶ୍ରୁତ ଚିତ୍କାର ବ୍ୟତିରେକେ ତା'ହାର ପ୍ରତ୍ୟକ୍ଷ ପ୍ରମାଣ ମଧ୍ୟ ମିଳିଲା । ଭୁତୁଣୀ ମୁହଁରୁ ବହି ଆସିଥିଲା ଗାଢ଼ ରକ୍ତ । ସେଦିନ ଝିଅକୁ ଚୁମା ଦେବା ବାବଦରେ ଏଥିକି ମୂଲ୍ୟ ନ ଦେଇ ସିଏ ବା ଯାଇଥା'ନ୍ତା କୁଆଡ଼େ !

ଶୀତ କାଳର ସେହି ଦୁର୍ଦ୍ଦିନ ରାତିରେ ଅନ୍ଧକାର କାହାଣୀ ଭବିଷ୍ୟତ ପାଇଁ ଏକ ଭୟାବହ ଦୃଷ୍ଟାନ୍ତ ହୋଇ ରହିଥିଲା ସତ, ଭୁତୁଣୀ ଝିଅ ପ୍ରତି ଆମ ଲୋକଙ୍କ ମମତାରେ କିନ୍ତୁ କିଛି ଅଭାବ ନ ଥିଲା । ଯେଉଁ ଅବିବେକୀ ଯଦି ତା' ପ୍ରେମରେ ପଡ଼ିବ, ତା'ର ବା ଦୋଷ କ'ଣ ? ସିଏ ତ କାହାକୁ ଉତ୍ସାହ ଦେଇ ନଥିଲା । ସିଏ ତ [illegible] ଭୁତୁଣୀକୁ ମାରି ନଥିଲା । ଆମ ଜଗତ ଓ ତା' ଜଗତ ଭିତରେ ଥିବା ନିଦାରୁଣ ବ୍ୟବଧାନକୁ ସିଏ ବା କେମିତି ବାତିଲ୍ କରିପାରନ୍ତା । ଯେଉଁ ଶହେବର୍ଷ ତଳ ସିଏ ଗ୍ରାମ ଉପକଣ୍ଠରେ ରହୁଥିଲା, ସେ

ଭିତରେ ପିଏ କାହାକୁ ପ୍ରଲୋଭିତ କରିବା ବା କାହା ଉପରେ ସବାର୍ ହେବାର ଦୃଷ୍ଟାନ୍ତ ଥିଲା କି ? କଦାପି ନୁହେଁ ।

ହୁଏ ତ ଶହେ ବର୍ଷରୁ କିଛି ଅଧିକ ହେବ । ଫିରଙ୍ଗୀମାନେ ବ୍ୟାପକ ଅଞ୍ଚଳରେ ନୀଳଚାଷ କରିବା ମୂଗର କଥା । ବଙ୍ଗଦେଶ ଭିତରେ ହିଁ ନୀଳଚାଷ ସୀମାବଦ୍ଧ ଥିଲା । ତେବେ କେତେଜଣ ଅତ୍ୟୁତ୍ସାହୀ ଫିରଙ୍ଗୀ ସୀମାନ୍ତବର୍ତ୍ତୀ ଆମ ରାଜ୍ୟର କିଛି ଜମି ଉପରେ ଚାଷବାସ ଆରମ୍ଭ କରିଥିଲେ । ଆମ ମାଟିରେ ସେମାନଙ୍କ ପରୀକ୍ଷା ସଫଳ ହେଲା ନାହିଁ । କିଛିଦିନ ଉତ୍ତାରୁ ସେମାନେ ସ୍ଥାନ ଛାଡ଼ି ଚାଲିଗଲେ । ପଛରେ ଛାଡ଼ିଗଲେ ସୁନ୍ଦର କୋଠିଟି ।

ଜନଶ୍ରୁତି ଯାହା କହେ—ନୀଳଚାଷ ପରୀକ୍ଷାର ପ୍ରଥମ ପର୍ଯ୍ୟାୟରେ ଜଣେ ଫିରଙ୍ଗୀ ଯୁବକ ଝିଅଟିକୁ ସେ ନବନିର୍ମିତ କୋଠିକୁ ନେଇ ଆସିଥିଲେ । ସେ ସଂଗୃହୀତା ହୋଇଥିଲା ସୁନ୍ଦରବନ ଅଞ୍ଚଳରୁ—ହୁଏ ତ ହରଣ ଅଥବା କ୍ରୟ ସୂତ୍ରରେ । ସାହେବ ପିତା ଓ ଆଦିବାସୀ ଜନନୀର ଅବୈଧ କନ୍ୟା । ଦେହରେ ଓ ଚରିତ୍ରରେ ନିଜ ମାତୃସମ୍ପ୍ରଦାୟର ଆରଣ୍ୟକ ବର୍ଣ୍ଣ ସହିତ ଦାର୍ଢ୍ୟବିଶିଷ୍ଟ ପିତାର ସୁଷମ ଗଠନର ବିରଳ ସାମଞ୍ଜସ୍ୟ ହାସଲ କରିଥିଲା ଝିଅଟି ।

ଏଭଳି ଅନନ୍ୟ ଅର୍ଦ୍ଧଶ୍ୱେତକ ଝିଅଟିଏ ପକ୍ଷରେ ଗ୍ରାମର ମହିଳାମାନଙ୍କ ସହିତ ମିଶିବାର ସମ୍ଭାବନା ଥିଲା ସୁଦୂର ପରାହତ । ଆଉ ଶ୍ୱେତରକ୍ତ ସମ୍ଭୂତା ଝିଅଟିଏ ସହିତ ଗପ କରିବା ପାଇଁ ଆମ ମହିଳାମାନେ ଆଗଭର ହୋଇଥିବେ—ସେ ପ୍ରଶ୍ନ ମୂଳରୁ ଉଠୁ ନ ଥିଲା ।

ପ୍ରଥମରୁ ହିଁ ଝିଅଟି ତା'ର ମାଲିକମାନଙ୍କ ବିରୁଦ୍ଧରେ ବିଦ୍ରୋହ କରୁଥିଲା । ସେଥିପାଇଁ ପାଉଥିଲା ପ୍ରଚୁର ଦଣ୍ଡ । କେତେଥର ପଳାଇଯିବା ଉଦ୍ୟମ ପରେ, ହେବା ଉତ୍ତାରୁ ସେ ପୋଷା ମାନିଯିବାର ଅଭିନୟ କଲା ଓ ସେଇଭଳି ଭାବରେ ବର୍ଷଟିଏ ବିତିଗଲା ।

ତା'ପରେ, ଦିନେ ଜଣେ ଫିରଙ୍ଗୀ ଯୁବକ ବଙ୍ଗଦେଶ ଭିତରେ ଥିବା ସେମାନଙ୍କ ମୁଖ୍ୟ କେନ୍ଦ୍ର ଅଭିମୁଖେ ନୌକା ଯୋଗେ ଯାତ୍ରାରମ୍ଭ କଲେ । ସେତେବେଳେ ଗାଁରେ ପ୍ରବଳ ବନ୍ୟା ଲାଗିଥିଲା । ସ୍ଥାନୀୟ ଲୋକଙ୍କ ସହିତ ପରାମର୍ଶ କରି ଯୁବକମାନେ ନିଜେ ନିଜେ ନାଉ ଧରି ବସିଲେ । ଅବଶ୍ୟ ଭାରି ବ୍ୟବସ୍ଥା କରିବାର ବିଶେଷ ପ୍ରୟୋଜନ ନ ଥିଲା । ସ୍ରୋତ ଅନୁକୂଳ ଥିବାବେଳେ ସହରରେ ପହଞ୍ଚିବାକୁ ଦିନଟିଏ ମାତ୍ର ଲାଗୁଥିଲା ।

ନୌକା ସହରରେ ଠିକ୍ ପହଞ୍ଚିଲା—ହୁଏତ ସାମାନ୍ୟ ବିଳମ୍ବରେ ପରଦିନ ପ୍ରଭାତରେ । ପକ୍ଷୀଏ ଉତ୍ତେଜିତ ହୋଇ ନୌକାଟି ଉପରେ ଚକର୍ ଦେଉଥିଲେ ।

ନୌକା ଭିତରେ, କିଛି ଅର୍ଦ୍ଧଭୁକ୍ତ ଆହାର କଡ଼ରେ ପଡ଼ିଥିଲା ଛୋଟୋଟି ଶୀତଳ କଠିନ ଶବ ।

ଟିଅଣ୍ଟି ସେମାନଙ୍କ ପାଇଁ ଆହାର ପ୍ରସ୍ତୁତ କରି ଦେଇଥିଲା—ରାସ୍ତାରେ ଖାଇବା ପାଇଁ । କହିବା ବାହୁଲ୍ୟ, ତାହା ସେ କରିଥିଲା ପୂର୍ବକଳ୍ପିତ ବିଷ ସଂଯୋଗରେ ।

ମୁକ୍ତି ଦିଗରେ ଏଇ ହତାଶ ପଦକ୍ଷେପ ନେବା ପଛରେ ଟିଅଣ୍ଟିର ଜଣେ ପ୍ରେରଣାଦାତା ଥିଲା । ସିଏ ସେଇ କୋଠିର ରକ୍ଷକ, କୋମ୍ପାନୀ ସହ ବହୁବର୍ଷ ରହିଥିବା ଚତୁର ସେପ୍ଟେଟିଏ । ଫିରିଙ୍ଗି ଯୁବକମାନେ ସେମାନଙ୍କ ଦ୍ରବ୍ୟ କେଉଁଠି ରଖିଥିଲେ, ସେକଥା ଟିଅଣ୍ଟିକୁ ମାଲୁମ୍ ଥିଲା । ଉଭୟେ ସେ ଦ୍ରବ୍ୟତକ ଧରି ପଳାଇଯିବେ—ଏଇଆ ଥିଲା ଚୁକ୍ତି । କିନ୍ତୁ ବନ୍ଧୁକର ସନ୍ଧାନ ଜାଣି ପାରିବା ମାତ୍ରେ ଟିଅଣ୍ଟିକୁ ଛୁରାମାରି ବଣାତ୍ ଲୁଚି ଯାଇଥିଲା ।

ଭୂତପୂର୍ବ ଦିନ ସେଠାରେ ପହଞ୍ଚିଲେ ଦଳେ ଫିରିଙ୍ଗି । ସେମାନେ ଭୟଙ୍କର ରଙ୍ଗ ଦେଖାଇଥିଲେ । ଗ୍ରାମର ପୁରୁଷମାନଙ୍କୁ ବାୟୋନେଟ୍ ଆଗରେ ଅଟକାଇ ଟିଅଣ୍ଟିର ସତ୍କାର କରିଥିଲେ ଓ ପଳାତକ ଘାତକକୁ ଠାବ କରିବା ଆଶାରେ ପ୍ରତ୍ୟେକ ଘର ତଲ୍ଲାସ କଲେ । ଘରମାନଙ୍କର ଶୁଚିତା ଫେରାଇ ଆଣିବାକୁ ପଡ଼ୋଶୀ ଗ୍ରାମମାନଙ୍କରୁ ପ୍ରଚୁର ଗଙ୍ଗାଜଳ ସଂଗ୍ରହ କରିବାକୁ ପଡ଼ିଥିଲା ।

ତେବେ ଶତାବ୍ଦୀ ତଳର ଏସବୁ ଘଟଣା ସ୍ମୃତି ମାତ୍ର ହୋଇ ରହିଥିଲା । ସେ ସ୍ମୃତିରେ କୌଣସି ପ୍ରବାହ ନ ଥିଲା । ଲୋକେ କେବଳ ଉପନ୍ୟାସ ହିସାବରେ ଏ ଘଟଣା ମନେ ପକାଉଥିଲେ । ଫିରିଙ୍ଗି ଯୁବକଯୁଗଳର ଅଥବା ଟିଅଣ୍ଟିର ସେଇ ନିର୍ମମ ଘାତକଟିର ଭାଗ୍ୟ ସମ୍ପର୍କରେ ସେମାନଙ୍କର କୌଣସି ଆଗ୍ରହ ନ ଥିଲା । ସେମାନଙ୍କ ମର୍ମରେ ସ୍ଥାନ ପାଇଥିଲା କେବଳ ଟିଅଣ୍ଟି, ଅର୍ଥାତ୍ ଟିଅଣ୍ଟିର ପ୍ରେତାତ୍ମା । ଆମେ କେବେ ଭାବି ନ ଥିଲୁଁ ଯେ ସେ ଆମ ଭିତରେ ଜଣେ ନୁହେଁ, ଯଦିଓ ଆମେ ସଚେତନ ଥିଲୁଁ ଯେ ସେ ଆମ ଭଳି ଜଣେ ନୁହେଁ । ଏବେ ଭୁରୁଣୀ, ପୁଣି ତା' ଭିତରେ ଥିଲା ସାତ ସାଗର ସେପାରିର ରକ୍ତ । ଜଣେ ଭୂତ ବନିଯିବା ପରେ ରକ୍ତ ତା'ର ତାତ୍ପର୍ଯ୍ୟ ହରାଉଥିବା କଥା ତର୍କ୍ୟ ହୋଇପାରେ, ତଥାପି ଟିଅଣ୍ଟିର ରକ୍ତଗତ ବିଶେଷତ୍ୱ ଯେ ତା' ପ୍ରତି ଆମର ମନୋଭାବକୁ ବଦଳାଇ ଦେଇଥିଲା, ଏଥିରେ ସନ୍ଦେହ ନାହିଁ ।

ଗ୍ରାମରେ ଏମିତି କୌଣସି ଭୋଜି ହେଉ ନ ଥିଲା—ଜନ୍ମ, ବିବାହ ବା ମୃତ୍ୟୁ ଯେଉଁ ଘଟିତ ହେଉ ନା କାହିଁକି—ଯେଉଁ ଉପଲକ୍ଷେ ଟିଅଣ୍ଟି ତା'ର ଅଂଶ ପାଉ ନ ଥିଲା । ତା'କୁ ପରଶିବା'ର ଅନ୍ନ କିଛି ବାନ୍ଧି ରଖାଯାଉଥିଲା ଗଛରେ । ମାଟି ସରାରେ ଖାଦ୍ୟ ଭର୍ତ୍ତି କରି ଏକ ପ୍ରଦୀପଟିଏ ଧରି କେତେଜଣ ଯୁବକ କୋଠି

ହତା ଭିତରକୁ ଯାଉଥିଲେ । ଅବଶ୍ୟ ନେତୃତ୍ୱ ନେଉଥିଲେ ଜଣେ ମାନ୍ୟଗଣ୍ୟ ବୟସ୍କ ବ୍ୟକ୍ତି । ଅଧିକାଂଶ ଥର ସେ ବ୍ୟକ୍ତି ଥିଲେ ଆମ ବିଦ୍ୟାଳୟର ହେଡ୍ ପଣ୍ଡିତ ମହୋଦୟ । ଆମେ ଅପ୍ରାପ୍ତ ବୟସ୍କ ବାଳକଗଣ ଦୂରରୁ ଦୃଶ୍ୟଟି ଦେଖିବାର ଅନୁମତି ପାଉଥିଲୁଁ ମାତ୍ର । କୋଠି ଓ ବରଗଛର ମଧ୍ୟବର୍ତ୍ତୀ ସ୍ଥାନରେ ପାତ୍ର ଓ ପ୍ରଦୀପ ଥୁଆ ହେବା ଉତ୍ତାରୁ ହେଡ୍ ପଣ୍ଡିତ କହୁଥିଲେ "ହତଭାଗିନୀ ଝିଅ! ଅମୁକଙ୍କ ଘରେ ଅମୁକ କାରଣରୁ ଆଜି ଯେଉଁ ଭୋଜି ହେଉଛି, ସେଥିରୁ ତୋ ଅଂଶଟି ଏଇଠାରେ ରଖିଲୁଁ । ଏହାକୁ ଖାଇ ତୋର ସନ୍ତୋଷ ହେଉ । ଆଉ ତୋ' କ୍ଷମତା ଅନୁସାରେ ତୁ ଗାଁକୁ ଦୁଷ୍ଟ ଅନିଷ୍ଟରୁ ରକ୍ଷା କରୁଥିବୁ, ଆମେ ତୋ'ଠୁଁ ଏତିକି ଆଶା କରୁଁ । ଆମେ ତୋତେ କେବେ ହଇରାଣ କରିବା ପାଇଁ କିମ୍ବା କୋଠିରୁ ତଡ଼ିବା ପାଇଁ କିଛି କରି ନାହୁଁ, କରିବୁଁ ? ନା । କାହିଁକି ? କାରଣ, ଆମେ ତୋତେ ଆମରି ଝିଅଟାଏ ବୋଲି ମନେ କରୁଁ । ଭଗବାନ ତୋତେ ଶାନ୍ତି ଦିଅନ୍ତୁ ।"

ତା'ପରେ ସେମାନେ ଫେରି ଆସୁଥିଲେ । ପଛକୁ ଫେରି ଚାହିଁବା ନିଷିଦ୍ଧ ଥିଲା ।

ଅନ୍ୟମାନେ ବି ତା'ପରେ ସେ ଦିଗକୁ ଚାହିଁବା କଥା ନୁହେଁ । ତେବେ ନଈବନ୍ଧ ଉପରେ ଆମର ପ୍ରିୟ ସ୍ଥାନରୁ ବଡ଼ମାନଙ୍କୁ ଲୁଚି ଆମେ ଚାହୁଁଥିଲୁଁ । ପ୍ରଦୀପର ଦୋହଲିତ ଆଲୁଅରେ, ଚହଲୁଥିବା ଗଛମାନଙ୍କ ଗହଣରେ, ଆମର ମନେ ହେଉଥିଲା, ଆମେ ଯିମିତି କିଛି ରହସ୍ୟମୟ ଆକାର ଦେଖିପାରୁଛୁଁ । ଆମେ ରୋମାଞ୍ଚିତ ହେଉଥିଲୁଁ ।

ହଠାତ୍ ପ୍ରଦୀପଟି ଲିଭି ଯାଉଥିଲା । "ଏମିତି ହେବ ବୋଲି ମୁଁ ଜାଣିଥିଲି । ଆମେ ପୂରା ବ୍ୟାପାରଟା ଦେଖିବୁଁ, ଏକଥା ଝିଅ ଚାହେଁ ନାହିଁ" ଆମ ଭିତରୁ କେହି ଜଣେ କହୁଥିଲା । ଆମେ ନଈବନ୍ଧରୁ ଓହ୍ଲାଇ ଆସୁଥିଲୁଁ ।

"କିନ୍ତୁ ଝିଅ ହେଡ୍ ପଣ୍ଡିତଙ୍କ କଥା ଖୁବ୍ ମାନିଯାଏ, ନୁହେଁ ? କିମିତି କଥା କହିବା ଦରକାର, ତାହା ପଣ୍ଡିତେ ଜାଣନ୍ତି ।" ଫେରିବା ବାଟରେ ପଣ୍ଡିତଙ୍କ ଜଣେ ପ୍ରିୟ ଛାତ୍ର ଏକଥା କହୁଥିଲା । "ପଣ୍ଡିତଙ୍କ କଥା କିଏ ନ ମାନେ ଯେ ?" ପ୍ରିୟ ଛାତ୍ରର ପ୍ରତିଦ୍ୱନ୍ଦ୍ୱୀ ଉତ୍ତର ଦେଉଥିଲା ।

କାହିଁକି କେଜାଣି, ମୋତେ କିନ୍ତୁ ଲାଗୁଥାଏ, ହେଡ୍ ପଣ୍ଡିତ ଦୁଷ୍ଟ ଅନିଷ୍ଟରୁ ରକ୍ଷା କରିବାକୁ ଝିଅକୁ ମୁହଁରେ କହିବାବେଳେ ମନ ଭିତରେ ଏଇଆ ବୁଝାଉଥା'ନ୍ତି ଯେ ଝିଅ ନିଜେ ଯେପରି ଗାଁର କୌଣସି ଦୁଷ୍ଟ ଅନିଷ୍ଟର ହେତୁ ନ ହୁଏ । ତାଙ୍କ କଥା ଭିତରେ ଯିମିତି ଗୋଟାଏ ପ୍ରଚ୍ଛନ୍ନ ଧମକ ରହିଥିଲା । ନ ହେଲେ ଆମେ

ତାଙ୍କୁ କେବେ ହଇରାଣ କରିବାକୁ ବା ଚିଡ଼ାଇବାକୁ ଚେଷ୍ଟା କରିନାହୁଁ ବୋଲି ସେ ଏମିତି ଠୋକ୍‌ଠୋକ୍ ଭାବରେ କାହିଁକି କହନ୍ତେ ?

ମୁଁ ବଡ଼ ସଙ୍କୋଚ ଅନୁଭବ କରୁଥିଲି । ଝିଅ କେଡ଼େ ଭଲ ! ତାଙ୍କୁ ଉଦ୍ଦେଶ୍ୟ କରି ଏମିତି ବ୍ୟଙ୍ଗପୂର୍ଣ୍ଣ କଥା କହିବା କଦାପି ଯଥେଷ୍ଟ ଭଦ୍ରତାର ପରିଚୟ ନ ଥିଲା ।

ଗ୍ରୀଷ୍ମକାଳରେ ଦିନଦିନ ଧରି ଦିନ ଦ୍ୱିପ୍ରହର ବେଳେ ସାଇଁ ସାଇଁ ଗରମ ପବନ ବହେ । କେବଳ ପବନର ଶବ୍ଦକୁ ଛାଡ଼ି ଆଉ ସବୁ ସେତେବେଳେ ଚୁପ୍‌ଚାପ୍ । କୋଠିର କାଠ ଦରଜା ଓ ଝରକାମାନ ବହୁକାଳରୁ ଭାଙ୍ଗିଚୂରି ଯାଇଥିଲା ବା ଅପହୃତ ହୋଇଥିଲା । ଅତଏବ କୋଠିର ଅନ୍ଧିସନ୍ଧି ଭିତରେ ଅବାରିତ ଉଲ୍ଲାସରେ ପଶି ପବନ ନାନା ପ୍ରକାର ତୀବ୍ର ଧ୍ୱନିମାନ ସୃଷ୍ଟି କରୁଥିଲା ।

ଜାଣେନା, କାହିଁକି ଏଇଭଳି ଧ୍ୱନିମାନ ମୋତେ ବିମୋହିତ କରୁଥିଲା । ସେଇ ଦୀର୍ଘ ଦ୍ୱିପ୍ରହରରେ କିଛି ସମୟ ପାଇଁ ମୁଁ ଶୋଇ ପଡ଼ିବା ଉଚିତ ବୋଲି ବାପାଙ୍କର ନିର୍ଦ୍ଦେଶ ଥିଲା । କିନ୍ତୁ ମୁଁ ମୋ ଖଟ ଉପରେ ଚୁପ୍‌ଚାପ୍ ବସି ରହି ସେଇ ସବୁ ଧ୍ୱନି ପ୍ରତି ଉତ୍କର୍ଣ୍ଣ ରହୁଥିଲି ।

କୋଠି ଭିତରକୁ ଥରେ ପଶିଯିବା ପାଇଁ ମଝେ ମଝେ ପ୍ରବଳ ବାସନା ହେଉଥିଲା । ଆଉ କିଛି ପାଇଁ ନୁହେଁ, କେବଳ ନିଃସଙ୍ଗ ଝିଅଟିକୁ ଥରେ ନିଜର ସାନ୍ନିଧ୍ୟ ଦେବା ପାଇଁ । କିନ୍ତୁ ପ୍ରଶ୍ନ ଉଠୁଥିଲା, ସିଏ ମୋର ଉଦ୍ଦେଶ୍ୟ ବୁଝି ପାରିବ କି ? ଅତଏବ ମୁଁ ଆଉ ସେ ଦିଗରେ ଅଗ୍ରସର ହେଉ ନ ଥିଲି ।

ଯେଉଁ ଦିନ ସାହସର ସହିତ ନିଜକୁ କହିଲି ଯେ ଏଇ ଆକର୍ଷଣଟା ପ୍ରେମରେ ପଡ଼ିବା ସମତୁଲ, ସେଦିନ ବେଶ୍ ଟିକିଏ ଗର୍ବିତ ଓ ସପ୍ରତିଭ ଅନୁଭବ କରିଥିଲି । ଗାଁର ଅନ୍ୟ ପିଲାଏବି ମୋ ଭଳି ଅନୁଭବ କରୁଥିବା ଅସମ୍ଭବ ନୁହେଁ । ଭୁରୁଣୀ ଝିଅ ଯେ ବୟସରେ ଆମଠାରୁ ଅନ୍ତତଃ ଶହେବର୍ଷ ବଡ଼, ଏକଥା କାହାରି ମନେ ରହୁ ନ ଥିଲା । ଥରେ ଭୂତ ବନିଗଲେ ତେଣିକି ଆଉ ବୟସ ବଢ଼େ ନାହିଁ ବୋଲି ଆମକୁ କେହି ଜ୍ଞାନୀ ବ୍ୟକ୍ତି କହିଥିଲେ ।

ଆମେ ଯେତେବେଳେ ମଧ୍ୟ ବିଦ୍ୟାଳୟ ଶେଷ ପରୀକ୍ଷା ସକାଶେ ପ୍ରସ୍ତୁତ ହେଉଥିଲୁଁ, ସେତିକିବେଳେ ଆସିଲା ଏଇ ଶୋଚନୀୟ ସମ୍ବାଦ, ପି.ଡବ୍ଲ୍ୟୁ.ଡ଼ି. କର୍ତ୍ତୃପକ୍ଷ କୋଠିଟିକୁ ଭାଙ୍ଗି ପକାଇ ସେ ଜମିକୁ ଅନ୍ୟ କୌଣସି କାମରେ ଲଗାଇବାକୁ ସିଦ୍ଧାନ୍ତ କରିଛନ୍ତି । ସନ୍ଧ୍ୟାବେଳେ ବନ୍ଧୁମାନେ ଏକାଠି ହୋଇ ସେ ପ୍ରସଙ୍ଗ ଆଲୋଚନା କଲାବେଳେ ଆମେ ଯେ ପାଠପଢ଼ା ଭୁଲି ଲୁଚି ରହି ତାହା ଶୁଣିବୁଁ, ଏହା ଥିଲା ସ୍ୱାଭାବିକ । ଆଲୋଚନା ଏହି ପ୍ରକାରେ ଅଗ୍ରଗତି କରୁଥିଲା—

"ଆମେ ସରକାରଙ୍କ ପାଖରେ ଦରଖାସ୍ତ କଲେ ସରକାର କୋଠିଟିକୁ ଅବ୍ୟାହତ ଦେବେ ନାହିଁ ?"

"ନା, ଏଠିକା ଜମିଦାର ଦୁଆଳିଆ ହେବାପରେ କୋଠି ସରକାରଙ୍କ ସମ୍ପତ୍ତି ହୋଇଛି । ଭୂତପ୍ରେତଙ୍କ ସୁବିଧା ଅସୁବିଧା ପ୍ରତି ଦୃଷ୍ଟି ଦେବା ସରକାରୀ ବିଧାନରେ ନାହିଁ", ଉତ୍ତର ଦେଲେ ଗ୍ରାମର ମୁଖ୍ୟ । ତାଙ୍କ ବକ୍ତୃତିକୁ ଅନୁସରଣ କଲା ଦୀର୍ଘ ନୀରବତା, କାଶ ବା ହାଇ ମାରିବା ଶବ୍ଦ ।

ଟିଂଟିପିଟି ଟିଏ ଟିକ୍ ଟିକ୍ କଲା । ସଙ୍ଗେ ସଙ୍ଗେ ଏକାଧିକ ବ୍ୟକ୍ତି କହିଲେ, "ସତ୍, ସତ୍ !"

"କିନ୍ତୁ ଟିଂଅ କୁଆଡ଼େ ଯିବ ? ଏତେଦିନ ଧରି ସେ କୋଠିରେ ରହି ଆସିଛି । କେବେ ଆମର କିଛି ଅନିଷ୍ଟ କରି ନାହିଁ । ବରଂ ଗ୍ରାମକୁ ଜଗିରହି ସେ ଅନେକ ହିତ କରିଛି ବୋଲି କୁହାଯାଇପାରେ ।"

ଟିଂଟିପିଟି ପୁଣି ଥରେ ଟିକ୍ ଟିକ୍ କଲା । ଏଥର ବହୁ ବେଶି ଲୋକ "ସତ୍, ସତ୍" ବୋଲି ଟିପ୍ପଣୀ ଦେଲେ ।

ଆଲୋଚନା ଦୀର୍ଘ ସମୟ ଯାଏ ଚାଲିଲା । ଟିଂଅ ପାଇଁ କିଛି ନା କିଛି ବ୍ୟବସ୍ଥା ହେବା ଆବଶ୍ୟକ ବୋଲି ସଭିଏଁ ମତ ଦେଲେ । କିନ୍ତୁ ତା ଉଦ୍ଦେଶ୍ୟରେ ସମର୍ପଣ କରିଦେଲାଭଳି ଉଦ୍‌ବୃତ୍ତ ଘର କାହାରି ନ ଥିଲା । ଆଉ ଯେତେ ସ୍ନେହର ପାତ୍ରୀ ହେଲେ ବି ଭୂତ ହେଲା ଭୂତ । ନିଜ ପରିବାର ସହିତ ତାକୁ ରଖିବା କାହାରି ପକ୍ଷରେ ସମ୍ଭବ ନଥିଲା । କିନ୍ତୁ କୌଣସି ବ୍ୟବସ୍ଥା କରା ନ ଗଲେ ସ୍ୱଭାବତଃ ସେ ଆସି କାହାରି ଘରେହିଁ ଆଶ୍ରୟ ନେବ ।

ଗ୍ରାମବାସୀମାନେ ସେମାନଙ୍କ ସିଦ୍ଧାନ୍ତରେ ପହଞ୍ଚିବା ବେଳକୁ ବୋଧହୁଏ ମଧ୍ୟରାତ୍ର ହୋଇଯାଇଥିଲା । ସେତେବେଳକୁ ଆମ ମା' ଓ କକାମାନେ ଆମମାନଙ୍କୁ ଖୋଜି ବାହାର କରି ଘରକୁ ଉଡ଼ିନେଇ ଯାଇଥିଲେ ।

ଗ୍ରାମବାସୀମାନଙ୍କ ଅନୁରୋଧକ୍ରମେ କୋଠିଭଙ୍ଗା କାମ କିଛିଦିନ ଗଡ଼ାଇ ଦେଲେ ଦୂରାନ୍ତରର କଣ୍ଟ୍ରାକ୍ଟର୍ । ଗ୍ରାମବାସୀମାନେ ଏକ ଶୁଭଦିନର ଅପେକ୍ଷା କରିଥିଲେ ।

ଶୁଭଦିନ ଆସିଲା । ସେଦିନ ସାତକୋଶ ଦୂରରୁ 'ବଡ଼ ଗୁଣିଆ' ନାମରେ ଖ୍ୟାତ ଜଣେ ମନ୍ତ୍ରବିଦ୍‌ଙ୍କୁ ଅଣାଯାଇଥିଲା । ଦୀର୍ଘକୃଷ୍ଣ ତଥା ସ୍ଥୂଳାକାର ଗୁଣିଆ ମହୋଦୟଙ୍କ କପାଳରେ ଶୋଭୁଥିଲା ବୃହତ୍ ଲାଲ୍ ଟିକା । ସେ କୌଣସି କଠିନ ବସ୍ତୁଖଣ୍ଡମାନ ଖଚିତ ହାରଟିଏ ନାଇଥିଲେ । ଆମେ ଶୁଣିବାକୁ ପାଇଥିଲୁ ଯେ

ଗୋଟିଏ ଦୁର୍ବିମିତା ଡାହାଣୀର ମେରୁଦଣ୍ଡରେ ସେ ହାରଟି ପ୍ରସ୍ତୁତ ହୋଇଥିଲା । ଗୁଣିଆ ଥିଲେ ପେଚକ ଭଳି ଗମ୍ଭୀର ।

ସେଦିନ ସବୁକିଛି ଲାଗୁଥିଲା ବଡ଼ ବିଷଣ୍ଣ । ଦିନଟି ବି ଥିଲା ବଡ଼ ମଳିନ, ମେଘାବୃତ ଓ ମଧ୍ୟେ ମଧ୍ୟେ ମନ୍ଦ ବର୍ଷାସିକ୍ତ ।

ଗ୍ରାମର ସମସ୍ତ ପରିବାରରୁ କିଛି ନା କିଛି ଆସିଥିଲା—ଗୁଡ଼ଉଲ, ନଡ଼ିଆ, କଦଳୀ, ମିଠେଇ ବା ପିଠା—ଝିଅଟି ପାଇଁ ଭେଟି । ସେଦିନ କୋଠି ପଡ଼ିଆ ଥିଲା ସଭିଙ୍କ ପାଇଁ ଅବାରିତ । ଆବାଳବୃଦ୍ଧବନିତା ତେଣୁ କୋଠି ସାମ୍ନାରେ ଠୁଳ ହୋଇଥିଲେ । ଅନେକଙ୍କ ପାଇଁ, ବିଶେଷତଃ ସ୍ତ୍ରୀ ଓ ଶିଶୁ ସମ୍ପ୍ରଦାୟ ପାଇଁ, ତାହାହିଁ ଥିଲା ସେ ପରିସର ଭିତରେ ପ୍ରଥମ ପ୍ରବେଶର ସୁଯୋଗ ।

ବାରନ୍ଦା ଉପରେ ଭେଟି ସବୁକୁ ଅର୍ଦ୍ଧବୃତ୍ତାକାରରେ ସଜାଇ ରଖାଯାଇଥାଏ । ବୃତ୍ତାର୍ଦ୍ଧ ଆଡ଼କୁ ମୁହଁକରି, ଗୁଣିଆ ମହୋଦୟ ଗୋଟାଏ ପୁଟୁଳା ମୁକୁଳାଇଲେ । ବାହାରିଲା ଗୋଟିଏ ମଣିଷ ମୁଣ୍ଡର ସମ୍ପୂର୍ଣ୍ଣ ଖପୁରି । ତା'ଛଡ଼ା, ସେ ହାତରେ ଧରିଥିଲେ ଖଣ୍ଡିଏ ଦଣ୍ଡାକାର ଅସ୍ଥି । ମନ୍ତ୍ର ବୋଲୁଁ ବୋଲୁଁ ଅସ୍ଥି ଦଣ୍ଡଟିରେ ଶୂନ୍ୟରେ କିଛି ରହସ୍ୟମୟ ସଂଖ୍ୟା ବା ପ୍ରତୀକ ଆଙ୍କିସାରି ସେ ହଠାତ୍ ଭୟାବହ କଣ୍ଠରେ ପ୍ରଶ୍ନ କଲେ, "କାହିଁ ସେ ଭୂତୁଣୀ ? ମୁଁ ତିନଥର ହୁକୁମ ଦେଲିଣି । ଅଥଚ ଏବେ ବି ମୋ ସାମ୍ନାକୁ ଆସୁନାହିଁ । ଏଡ଼େ ବିହପ ?"

ଗ୍ରାମ-ମୁଖ୍ୟ ବିଚଳିତ କଣ୍ଠରେ କହିଲେ, "ଦେଖନ୍ତୁ ଗୁଣିଆବାବା, ସେ ଉପରମହଲରେ ନିଦରେ ଶୋଇଯାଇଥିବ । ଚିତ୍କାର ଶୁଣିପାରିବ ନାହିଁ ।"

"ତା' ହେଲେ ମୁଁ ବରଂ ଉପରକୁ ଯାଇ ତା' କାନଧରି ଟାଣିନେଇ ଆସିବି । ତେଣିକି ସେ ବୁଝିବ ଯେ 'ବଡ଼ ଗୁଣିଆ'କୁ କେହି ସିଧାରୁ ଡୋଳନେଇ ଆସିନାହିଁ । ଏ ଗୁଣିଆକୁ ଅମାନ୍ୟ କରିବ, ଏମିତି ଭୂତ, ପ୍ରେତ, ଡାହାଣୀ, ଚିରଗୁଣ୍ଟୀ, ଯକ୍ଷ, ବ୍ରହ୍ମରାକ୍ଷସ ଏ ମୁଲକରେ ନାହିଁ ।"

ଗୁଣିଆ ମହୋଦୟ ଅତ୍ୟନ୍ତ ଉତ୍ତେଜିତ ଭାବରେ ଏତିକି କହି କୋଠି ଭିତରେ ଅଦୃଶ୍ୟ ହୋଇଗଲେ ।

ଆମେ ଅସହାୟ ଦୃଷ୍ଟିରେ ପରସ୍ପର ଆଡ଼କୁ ଚାହିଁଲୁଁ । ମୋତେ କାନ୍ଦ ଲାଗିଲା । ଝିଅ ପ୍ରତି ଯେ ଏମିତି ରୁକ୍ଷ ବ୍ୟବହାର କରାହେବା କଥା ନୁହେଁ, ଏହା କମିତି କେହି ଯଥେଷ୍ଟ ଆଗରୁ ଗୁଣିଆଙ୍କୁ କହି ନ ଦେଲେ ?

ଉପର ମହଲରେ ଗୁଣିଆଙ୍କ ଓଜନିଆ ପାଦଶବ୍ଦ ଆମେ ଶୁଣି ପାରିଲୁଁ । ତା'ପରେ ଶୁଭିଲା କୌଣସି ଦୁର୍ବୋଧ ଭାଷାରେ ତାଙ୍କର ଗର୍ଜନ । ସେ ଗର୍ଜନ ଓ

ତା'ର ପ୍ରତିଧ୍ୱନିରେ ହେଇ ଶୀତଳ ସକାଳେ ମଧ୍ୟ ଆମ ଦେହରୁ ଝାଳ ବହିଗଲା ।

ତା'ପରେ ସେ ଓହ୍ଲାଇ ଆସି ଆମ ଆଗରେ ଛିଡ଼ା ହେଲେ ଏବଂ ନିର୍ମମ କଣ୍ଠରେ ଆଦେଶ ଦେଲେ, "ହେଇଟି, ଭୁରୁଣୀ, ଯେତେ ଇଚ୍ଛା, ମନ ପୂରାଇ ଏସବୁ ଖାଇନେ । ତା'ପରେ ଟିକିଏ ବି ଧୋ ଧୋ ପାଞ୍ଚ ନ ହୋଇ ସିଧାସଳଖ ମୁଁ ଯୁଆଡ଼େ କହୁଛି ସିଆଡ଼େ ଚାଲ ।"

ଆମେ ପ୍ରାୟ ରୁଦ୍ଧଶ୍ୱାସ ହୋଇ ଠିଆ ହୋଇଥିଲୁଁ । ଆମ ଉପରେ ଥରେ ତାଚ୍ଛଲ୍ୟପୂର୍ଣ୍ଣ ଦୃଷ୍ଟି ଫେରାଇ ନେଇ ଗୁଣିଆ ଗର୍ଜିଲେ ପୁଣି ଏକ କର୍ଣ୍ଣପଟବିଦାରକ ଚିତ୍କାର । "କ'ଣ ହେଲା, ଖାଇବୁ ନାହିଁ ? ଜାଣିଥା, ସେଥିରେ ମୋ'ର ହୃଦୟ ତରଳିବ ନାହିଁ । ଖା ବା ନ ଖା; ଏ କୋଠି, ଏ ଗାଁ ତୋତେ ସଙ୍ଗେ ସଙ୍ଗେ ଛାଡ଼ିଯିବାକୁ ପଡ଼ିବ ।"

ଗ୍ରାମମୁଖ୍ୟ ଏଥର ଖୁବ୍ ଭୀତମନ କାତରକଣ୍ଠରେ କହିଲେ, "ଗୁଣିଆ ବାବା, ଆପଣ ଟିକିଏ ଅପେକ୍ଷା କଲେ ଭଲ ହେବ । ସିଏ କେବେ ଆମ କଥା ଭାଙ୍ଗି ନାହିଁ । ସେ ନିଶ୍ଚୟ ଖାଇବ । ଆପଣ ତାକୁ କୁହନ୍ତୁ ଯେ, ସେ ଏଇ ସାମାନ୍ୟ ପଦାର୍ଥତକ ଖାଇବାପାଇଁ ଆମେ ସମସ୍ତେ ଅନୁରୋଧ କରୁଛୁଁ । ଆମ ସ୍ତ୍ରୀ ଲୋକମାନେ ବହୁ ଶ୍ରଦ୍ଧା ସ୍ନେହଭରେ ଏସବୁ ଉପହାର ଆଣିଛନ୍ତି ।"

କିନ୍ତୁ ଗୁଣିଆ ଏ ଅନୁରୋଧ ପ୍ରତି କର୍ଣ୍ଣପାତ କଲେ ନାହିଁ । "ଭୁରୁଣୀ ବର୍ତ୍ତମାନ ଚାଲିଯିବାକୁ ବାହାରିଛି । ତାକୁ ବାଟ ଦିଅ ।" ସେ ପାଟିକଲେ ।

ଜନତା ତତ୍‌କ୍ଷଣାତ୍ ଦ୍ୱିଧାବିଭକ୍ତ ହୋଇଗଲା ।

ସିଏ କିଛି ଖାଇଲା ନାହିଁ । ଅଥଚ ଚାଲିଯିବାକୁ କହିବା ମାତ୍ରେ ସେ ଚାଲିଯାଉଛି । ଆମେ ବୁଝିଲୁ କେଡ଼େ ଅଭିମାନ ସିଏ କରିଥିବ । ଆମେ ନିଜ ନିଜକୁ ବଡ଼ ଛୋଟ ମନେକଲୁଁ ।

"ଚାଲ୍ ବେଟୀ ଚାଲ୍ । ଠିକ୍ ଅଛି । ମୁଁ ତୋ ପଛରେ ଚାଲୁଛି ।" ଗୁଣିଆ ଆମ ଭିତର ଦେଇ ଆଗକୁ ଆଗକୁ ଚାଲିଲେ—ଅଦୃଶ୍ୟ ବିଦାୟୀ ଆତ୍ମାକୁ ଅସ୍ଥିଦଣ୍ଡ ନିର୍ଦ୍ଦେଶରେ ବାଟ ଦେଖାଇ ଦେଖାଇ । ଥରେ ପଛକୁ ଚାହିଁ ବାମ ହାତରେ ସେ ତାଙ୍କ କ୍ଷୀଣକାୟ ସହକାରୀକୁ କ'ଣ ଇଙ୍ଗିତ ଦେଲେ । ସହକାରୀ ପଛକୁ ରହିଗଲା, ନରମୁଣ୍ଡ ତଥା ସମସ୍ତ ଖାଦ୍ୟଦ୍ରବ୍ୟ ଗୋଟାଇ ନେବାପାଇଁ ।

ସମସ୍ତେ ଗୁଣିଆଙ୍କୁ ଅନୁସରଣ କରି ଚାଲିଲୁଁ । ଗାଁ ରହିଗଲା ପଛରେ । ବୁଦୁବୁଦୁକିଆ ପ୍ରାନ୍ତର ଭିତର ଦେଇ ମେଳୁଆ ପାଗରେ ମଝେ ମଝେ ଧୂଳିକଣା ଭଳି ବାରିପାତ ସହି ଆମେ ମାଇଲିଏ ଅତିକ୍ରମ କରିଗଲୁଁ ।

"ଆମ୍ !" ଗୁଣିଆ ଗୋଟାଏ ଲମ୍ବା ତାଳଗଛ ତଳେ ପହଞ୍ଚି ହୁକୁମ ଦେଲେ । ତା'ପରେ ସେ ପୂର୍ବଭଳି ଦୁର୍ବୋଧ ମନ୍ତ୍ରମାନ ପାଠକରି ଅସ୍ଥି ଦଣ୍ଡଟି ଗଛ ଦେହରେ ବାଡ଼େଇବା ସଙ୍ଗେ ସଙ୍ଗେ ଗଛଟିକୁ କେତେଥର ପ୍ରଦକ୍ଷିଣ କଲେ ।

"ଆଜିଠାରୁ ଏଇଗଛ ହେଲା ତୋ ଘର, ବୁଝିଲୁ ?" ଗୁଣିଆ ଗଛର ଅଗ୍ରଦେଶକୁ ଅନାଇ କହିଲେ ।

ତା'ପରେ ସେ ସଗର୍ବରେ ଆମ ଆଡ଼କୁ ଚାହିଁ ଏତେବେଳେ ଗୋଟାଏ ବୀଭତ୍ସ ଧରଣର ହସ ହସିଲେ ଏବଂ କହିଲେ, "ଭୁତୁଣୀ କେବେ ଆଉ ଏ ଗଛ ଛାଡ଼ି ପାରିବ ନାହିଁ । ମୁଁ ତାକୁ ଗଛ ସହିତ କଳି ଦେଇଛି ।"

ଏଥର ଜନତା ଗ୍ରାମାଭିମୁଖୀ ହେଲା । ଆମେ ପିଲାଏଁ ସ୍ତ୍ରୀ ଲୋକମାନଙ୍କ ସହ ଚାଲିଲୁ ; ବଡ଼ ମଣିଷମାନେ ଆମ ଆଗେ ଆଗେ ଗୁଣିଆଙ୍କୁ ବେଷ୍ଟନ କରି କ୍ଷିପ୍ରତର ଗତିରେ ଚାଲିଲେ ।

ନୀରବରେ ବାଟ ଚାଲୁଥିଲୁଁ, ହଠାତ୍ କିଏ ଜଣେ ତାଙ୍କ କୋହ ସମ୍ଭାଳି ପାରିଲେ ନାହିଁ । ମୁହୂର୍ତ୍ତକ ପରେ ଦେଖାଗଲା, ସମସ୍ତେ କାନ୍ଦୁଛନ୍ତି ଯେତେଦୂର ନୀରବରେ ସମ୍ଭବ ।

ଆମେ ଗାଁ ସୀମାରେ ପହଞ୍ଚିବା ବେଳକୁ କୋଠିଭଙ୍ଗା କାମ ଆରମ୍ଭ ହୋଇଗଲାଣି । ଓଦାଥିବା ଅବସ୍ଥାରେ ଭାଙ୍ଗିବା ସହଜ ହୁଏ ବୋଲି କଣ୍ଟ୍ରାକ୍ଟର ଆମ ଗ୍ରାମ-ମୁଖ୍ୟଙ୍କୁ କହୁଥିଲେ ।

ତିନି ଚାରିଦିନ ଲଗାତାର ବର୍ଷା ପରେ ଆକାଶ ପରିଷ୍କାର ହୋଇଗଲା । ଜହ୍ନ ଦେଖାଗଲା ଅସ୍ୱାଭାବିକ ପରିଚ୍ଛନ୍ନ । ଅନ୍ୟ ଜହ୍ନରାତିମାନଙ୍କ ଭଳି ସେଦିନ ରାତିରେ ବି ଆମେ ଗାଁ ସାମନାରେ ହା-ଡୁ-ଡୁ ଖେଳିବା ପାଇଁ ଠୁଳ ହେଲୁଁ ।

ଅଳ୍ପ ସମୟ ଭିତରେ ଆମେ ହୃଦୟଙ୍ଗମ କଲୁଁ ଯେ କାହିଁକି କେଜାଣି ଖେଳ ଜମୁନାହିଁ । ଜଣେ କିଏ କହିଲା, "ଏଠି ମାଟି ବଡ଼ ସନ୍ତସନ୍ତିଆ । ଟିକିଏ ଦୂରକୁ ଗଲେ ହୁଅନ୍ତା ନାହିଁ—ଯେଉଁଠି ପଡ଼ିଆ ଉଚ୍ଚ ଓ ଶୁଖିଲା ?"

ପ୍ରସ୍ତାବ ମାତ୍ରକେ ଆମେ ଦୌଡ଼ିବାକୁ ଲାଗିଲୁଁ । ଅଟରେ ଆମେ ପହଞ୍ଚିଲୁଁ ଆମ ଭୁତୁଣୀ ଝିଅ ବନ୍ଦୀଥିବା ତାଳଗଛ ତଳେ । କେଇ ମିନିଟ ଭିତରେ ଖେଳ ବେଶ୍ ଜମିଗଲା । ଅନେକ ରାତିଯାଏ ଆମେ ଖେଳିଥିଲୁଁ । ଆମ ଗାର୍ଜନମାନେ ଧରି ନେଇଥିଲେ ଯେ ସେଇଟା ଆମ ପରୀକ୍ଷା ପରବର୍ତ୍ତୀ ଉଦ୍ଦୀପନା । କିନ୍ତୁ ମୁଁ ଜାଣିଥିଲି, ଆମେ ପ୍ରକୃତରେ ବନ୍ଦିନୀ ଝିଅଟିକୁ ଟିକିଏ ସାନ୍ନିଧ୍ୟ ଦେଇ ଆଶ୍ୱସ୍ତି ଅନୁଭବ କରୁଥିଲୁଁ ।

ଗ୍ରୀଷ୍ମାବକାଶ ଶେଷ ହେବା ପର୍ଯ୍ୟନ୍ତ ଆମେ ପ୍ରାୟ ପ୍ରତ୍ୟହ ସନ୍ଧ୍ୟାରେ ସେଠାକୁ ଖେଳିବାକୁ ଯାଉଥିଲୁଁ ।

ଛୁଟି ଶେଷ ହେଲା । ଉଚ୍ଚ-ବିଦ୍ୟାଳୟରେ ଭର୍ତ୍ତି ହୋଇ ମୁଁ ଯାଇ ସହରରେ ରହିଲି । ସହରର ଜୀବନ ପୂର୍ବରୁ ଅଙ୍ଗେ ନିଭେଇ ନ ଥିଲି । ଅତଏବ ବହୁ କିସମର ବିସ୍ମୟ ଓ ପୁଲକ ଭିତରେ ନିମଜ୍ଜିତ ହୋଇଗଲି । ଭୂତୁଣୀ ଝିଅକୁ ପାସୋରି ଦେଲି ।

ଛଅମାସ ପରେ ଆସିଲା ପୂଜାଛୁଟି । ଦୀର୍ଘପଥ ବସ୍‌ରେ ଆସି, ପୁଣି କେତେ କୋଶ ପାଦରେ ଚାଲି ଆମ ଗାଁରେ ପହଞ୍ଚିବାକୁ ହୁଏ । ଉଦ୍ଦାମ ଉଲ୍ଲାସରେ ପଥର ଶେଷ ପର୍ଯ୍ୟାୟ ଅତିକ୍ରମ କରୁଥିଲି । ହଠାତ୍, ପ୍ରାନ୍ତର ନିକଟରେ ପହଞ୍ଚି ଆଖିରେ ପଡ଼ିଲା ସେଇ ତାଳଗଛ । ସ୍ତମ୍ଭୀଭୂତ ହୋଇ ଛିଡ଼ା ହୋଇ ରହିଲି କେତେ ସମୟ । ବଜ୍ରପାତରେ ଗଛଟି ମରି ଯାଇଥିଲା । ଅଗ୍ରଦେଶ ସମ୍ପୂର୍ଣ୍ଣ ଭସ୍ମୀଭୂତ ହୋଇଥିଲା । ଶୁଖିଲା, ହାଲୁକା ଦେହ କ୍ରମେ ଚୂର୍ଣ୍ଣବିଚୂର୍ଣ୍ଣ ହୋଇ ଆସୁଥିଲା ।

ଆଖି ପୋଛି ପୁଣି ଚାଲିବାକୁ ଆରମ୍ଭ କଲି ।

ଗାଁରେ ପନ୍ଦର ଦିନ ରହଣି ଭିତରେ ଆମେ କିଶୋରମାନେ ସେଥର ଭୂତୁଣୀ ବିଷୟରେ ମୋଟେ ଆଲୋଚନା କଲୁନାହିଁ । ଆଉ ସେତେବେଳେ ବର୍ଷାକାଳ ହୋଇଥିବାରୁ ହା-ଡୁ-ଡୁ ଖେଳିବାକୁ ପ୍ରାନ୍ତର ଭିତରକୁ ଯିବା ପ୍ରଶ୍ନ ଉଠୁ ନଥିଲା ।

କ୍ରମେ ମୁଁ ହା-ଡୁ-ଡୁ ଖେଳିବା ବୟସରୁ ଉତ୍ତୀର୍ଣ୍ଣ ହୋଇଗଲି ଏବଂ ଗାଁକୁ ଯିବା ମଧ୍ୟ ଧୀରେ ଧୀରେ କମି ଆସିଲା ।

ଆଉ ଆମ ପରେ ଯେଉଁ ପିଲାମାନେ ବଢ଼ୁଥିଲେ, ସେମାନେ ଆମଠୁଁ ଥିଲେ ବହୁ ବିଷୟରେ ପୃଥକ୍ । ଆମ ପିଲାବେଳର ଶିହରଣ ସମ୍ପର୍କରେ ସେମାନେ ଥିଲେ ବିଲ୍‌କୁଲ୍ ଅଜ୍ଞ ।

# କବନ୍ଧ

## ଶ୍ରୀ ରବି ପଟ୍ଟନାୟକ

ଆଶ୍ଚର୍ଯ୍ୟ କଥା । ବିଂଶ ଶତାବ୍ଦୀରେ ପୁଣି ଭୂତ ପ୍ରେତର ଭୟ । ପ୍ରଥମେ ଆମେ କେହି ବିଶ୍ୱାସ କଲୁନି କଥାଟା ଶୁଣି । ତା'ଛଡ଼ା ଆମର ଏହି ଇସ୍ପାତ ସହରଟି ଆଧୁନିକତାର ଓ ବିଜ୍ଞାନର ଚୂଡ଼ାନ୍ତ ପୀଠ । ପୃଥିବୀର ଶ୍ରେଷ୍ଠ ବୈଜ୍ଞାନିକମାନଙ୍କ ଦ୍ୱାରା ପ୍ରସ୍ତୁତ ନୂତନ ବୈଜ୍ଞାନିକ ପ୍ରଣାଳୀରେ ଏଇଠି ଲୁହା ନିଷ୍କାସିତ ହେଉଛି । ରାସ୍ତାଘାଟ ପରିଷ୍କାର ପରିଚ୍ଛନ୍ନତାରେ ଏହା ଇଉରୋପର ଯେ କୌଣସି ସହର ସାଙ୍ଗରେ ତୁଳନୀୟ । ବିଜୁଳିବତୀର ଆଲୋକରେ ଏଠାରେ ରାତି ନାହିଁ । ଏଠା'ରେ ପ୍ରାୟ ଅଧିକାଂଶ ବ୍ୟକ୍ତି ଶିକ୍ଷିତ, ସଭ୍ୟ । ଯେଉଁମାନେ ଅବା ପାଠ ପଢ଼ିନାହାନ୍ତି, କୁଲି ଓ ଶ୍ରମିକଶ୍ରେଣୀୟ ଲୋକମାନେ—ସେମାନେ ମଧ୍ୟ ତାଙ୍କର କୁସଂସ୍କାର ଛାଡ଼ି ଦେଇଛନ୍ତି । ଆଉ ସେମିତି ପୂଜା ଅର୍ଚ୍ଚନା ବି ନାହିଁ । ସମସ୍ତେ ଶିଖିଲେଣି ଭଗବାନ୍‌ଙ୍କ ଅପେକ୍ଷା ମଣିଷ ହିଁ ବଡ଼ । ତା'ର ମସ୍ତିଷ୍କ ଦ୍ୱାରା ସବୁକିଛି ସମ୍ଭବ । ତେଣୁ ଆମର ଏହି ସହରଟି ବିଜ୍ଞାନର ଜୟଯାତ୍ରା ପଥର ଏକ ବିଜୟୀ ସେନାପତି । ବାସ୍ତବବାଦର ଏକ ଜୀବନ୍ତ ପ୍ରତୀକ । ଗୋଟିଏ କଥାରେ ମୂର୍ତ୍ତିମାନ ବାସ୍ତବବାଦ । ସେଇଠି spiritualism, mysticismର ପ୍ରଶ୍ନ କାହିଁ ?

ସେଥିପାଇଁ ଯେତେବେଳେ ପୁରାତନ ସହରରୁ ରଘୁ ଆସି ସମ୍ବାଦ ଦେଲା ଆମେ ଆଶ୍ଚର୍ଯ୍ୟ ହେଲୁ । ଆମ ସହରଟା ଦୁଇଭାଗରେ ବିଭକ୍ତ । ନୂତନ ଓ ପୁରାତନ । ପୁରାତନ ଓ ନୂତନ ଭାଗକୁ ବିଭକ୍ତ କରିଛି ଗୋଟାଏ ଛୋଟ ପାହାଡ଼ । ପୁରୁଣା ସହର କେଜାଣି କେଉଁ କାଳରୁ ରହିଆସିଛି । ଯୋଜନାହୀନ—ଆବର୍ଜନାପୂର୍ଣ୍ଣ—ବସ୍ତି । ସାରି ସାରି ଘର ଏପଟ ସେପଟ ହୋଇ ମୁଣ୍ଡ ଟେକିଛି । ରାସ୍ତାରେ ଗୋଟାଏ ମଟର ରହିଗଲେ ଅନ୍ୟ ଲୋକର ପିଣ୍ଡାକୁ ନ ଉଠିଯିବାର ଉପାୟ ନାହିଁ । ରାସ୍ତା ଦୁଇକଡ଼ରେ ଚା'ଦୋକାନର ଯେତକ ଅଇଁଠାପତର, ଆଉ ପରିବା ଦୋକାନର ପଚା ବାଇଗଣ, ଭିଲାତିବାଇଗଣ, କଦଳୀଚୋପାର ସ୍ତୂପ । ଠେସାଠେସି ଘର । ଯେମିତି ଗୋଟାଏ ଏକାନ୍ନବର୍ତ୍ତୀ ପରିବାର ବାହାରୁ ବିପଦର ଆଶଙ୍କା କରି ଏକା ସାଙ୍ଗରେ ପରସ୍ପରକୁ କୁଣ୍ଢେଇ ଧରି ବସିଛନ୍ତି । ଏଇ କୁଢ଼ କୁଢ଼ ଆବର୍ଜନା ଭିତରୁ ତଥାପି ଗୋଟାଏ ପ୍ରାଣର ଝଙ୍କାର ବାଜେ ଗୋଟିଏ ସୁରରେ । ଗୋଟିଏ ସ୍ପନ୍ଦନରେ ଉତ୍ଫୁଲ୍ଲ ହୋଇ ଉଠନ୍ତି ସେମାନେ । ହଜାରେ ଲୋକ, ହଜାରେ ବର୍ଣ୍ଣ, ହଜାରେ ସ୍ୱଭାବ ଭିତରୁ ବି ଏଇ ଏକତ୍ୱର ସୁରର ବ୍ୟଞ୍ଜନା ଏକ ଅପ୍ରତିହତ ପ୍ରେମର ଅବିରାମ

ଧାରା ପରି ବହିଆସିଛି ଯୁଗ ଯୁଗଧରି । ଗୋଟାଏ ଆଦିମ ଅରଣ୍ୟ ପରି ବହୁ ବୃକ୍ଷଲତାର ସମାହାରରେ ବି ସେଇ ଚିରନ୍ତନୀ ସବୁଜର ଚେତନା ସମସ୍ତଙ୍କୁ ଏକାଠି କରି ବାନ୍ଧିରଖିଛି । ଜଣକର ବେଦନା, ଅପରର ପ୍ରାଣରେ ସୃଷ୍ଟି କରେ ସମବେଦନା । ଏକକର ହସ ଖୁସି ଆନନ୍ଦ ଉତ୍ସବର ଢେଉ ଗୋଷ୍ଠୀଗତ ପ୍ରାଣରେ ସୃଷ୍ଟିକରେ, ସମକେନ୍ଦ୍ରିକ ବୃହତ୍ତର ଆନନ୍ଦର ଢେଉର ବୃତ୍ତ ଯା'ର ବ୍ୟାପ୍ତି ସମସ୍ତ ଗୋଷ୍ଠୀଗତ ଚେତନାର ବେଳାଭୂମିରେ ସୀମାବଦ୍ଧ ରହି ପୁଣି ଆହୁରି ସୃଷ୍ଟି କରେ ଏକ ନୂତନ ଆନନ୍ଦର ଢେଉ । ଏଇ ଢେଉର ସମ୍ମିଶ୍ରଣରେ ଜାତ ହୁଏ ଗତି-ସ୍ରୋତ —ଏକ ଜୀବନର ସ୍ରୋତ । ବହମାନ ନିରବଚ୍ଛିନ୍ନ,ଏକମୁଖୀ,ଆନନ୍ଦମୟୀ ଜୀବନଧାରା ।

କିନ୍ତୁ ଆମେ ନୂତନ ସହର ଯୋଉଠି ଆମେ ଆଜି ସେଇଠି ସ୍ଥିର ପୂରାପୂରି ରୂପଟିତ । ଧାରି ଧାରି ଏକ ସରଳରେଖାରେ, ଜ୍ୟାମିତିକ ସୂକ୍ଷ୍ମତା ନେଇ, ଧାଡ଼ି ଧାଡ଼ି ଘର । ସୂତାଏ ବି ଏପଟ ସେପଟ ନାହିଁ । ଦୁଇ ଧାରି ଘରଭିତରେ ତିରିଶ ଫୁଟ ଚଉଡ଼ାର ପିଚୁ ଢଳା ମସୃଣ ରାଜପଥ । ପରିଷ୍କୃତ । ଧୂଳି ନାହିଁ, ମଳି ନାହିଁ । ପରିଚ୍ଛନ୍ନ । ଏକ ସଦ୍ୟ ଖୋଳପାଛଡ଼ା କଳା ସାପର ଦେହ ପରି । ବିଜୁଳି ଆଲୁଅରେ ଚକମକ୍ କରିଉଠେ । ଘର ଆଗରେ ସାମାନ୍ୟ ପରିମିତ ଜାଗାରେ ବଗିଚା— ନାନା ଜାତି ଫୁଲର । ବିଦେଶୀ, ମହାର୍ଘ, ସୁନ୍ଦର, ଗନ୍ଧଭରା, ଗନ୍ଧହୀନ । ସେଇଠି ବି ସେଇ ଜ୍ୟାମିତିର ସରଳ ଅଙ୍କନ । ମାପଚୁପ ହୋଇ ଲଗା ହୋଇଛି ଯୋଉଠି ଗଛ ତା'ର ସ୍ୱାଭାବିକ ବର୍ଦ୍ଧନଶୀଳତାରେ ପ୍ରକୃତିର ନିୟମ ମାନି ବଢ଼ି ଯାଇଛି । ତାକୁ କାଟି କୁଟି ପୁଣି ସାଇଜ କରି ରଖାଯାଇଛି । ସୌନ୍ଦର୍ଯ୍ୟ ଏଇଠି ଏକ ସରଳରେଖା, ଅସଜଡ଼ା, ସ୍ୱାଭାବିକ ନୁହେଁ ପ୍ରକୃତିର ନିୟମରେ ନୁହେଁ । ସବୁ ସଜଡ଼ା, ଅସ୍ୱାଭାବିକ, ମନୁଷ୍ୟର ମନସ୍ତୃପ୍ତି ଦେଇଭଲ କୃତ୍ରିମ ସୌନ୍ଦର୍ଯ୍ୟ । ଅଉ ସେମିତି ବି ଏଠିକାର ଲୋକ । ପ୍ରତ୍ୟେକ ପ୍ରତ୍ୟେକଙ୍କଠାରୁ ବିଚ୍ଛିନ୍ନ । ନିଷ୍ଠୁର ଭାବରେ ଏକାକୀ । ଜଣକର ବେଦନା କେବଳ ଜଣକଭିତରେ ହିଁ ବନ୍ଦୀ ହୋଇ ରହେ, ତା'ର ବ୍ୟଞ୍ଜନା ତା'ର ରାଗିଣୀ ଅନ୍ୟ ପ୍ରାଣକୁ ସ୍ପର୍ଶବି କରେ ନା । ଏଠାରେ ଗୋଷ୍ଠୀ ନାହିଁ, ଏକତ୍ୱ ନାହିଁ । କେବଳ ସହସ୍ର ଭିନ୍ନମୁଖୀ ଧାରାର ବିଭକ୍ତ ଗତିପଥ । ଇସ୍ପାତନଗରୀରେ କାମ କରିବାକୁ ହେଲେ ଦରକାର ଇସ୍ପାତ-ଦେହ, ଇସ୍ପାତ-ମନ । ତେଣୁ ଏଇ ନୂତନ ନଗରୀରେ ପୁରାତନକୁ ଦୂରେଇ ଦେଇ ଘୃଣ୍ୟ କରି ରଖିଛି । ବାଛନ୍ଦ କରିଛି । ପୁରାତନ ପୁରାତନ ହିଁ ରହୁ । ତା'ରି ଭିତରେ ପଚସଡ଼ି ଧ୍ୱଂସ ହେଉ । ତା'ପରେ ନୂତନ ଆସି ଗଢ଼ିବ ତା ଉପରେ ତା'ର ନୂତନତ୍ୱର ବିଜୟ-ସ୍ତମ୍ଭ ।

କିନ୍ତୁ ପ୍ରକୃତ ପୁରାତନୀ ମରେନା । ସେ ସନାତନୀ ପ୍ରାଣ ଶକ୍ତିରେ ଉଜ୍ଜୀବିତ ହୋଇ ବଞ୍ଚିରହେ । ଯୁଗ-ଯୁଗଧରି । ଉତ୍ଥାନ ପତନ ଭିତରେ

ତା'ର ଧାରା କେବେ ମନ୍ଦାକିନୀ ପରି ଆକାଶରେ ଫୁଟେ ଆଉ କେତେବେଳେ ବା ଫଲ୍‌ଗୁ ପରି ଆତ୍ମଗୋପନ କରେ ।

ଏମିତି ଏକ ନୂତନ ନଗରୀରେ ପ୍ରାୟ ପାଞ୍ଚବର୍ଷ କାଳ ରହିଲା ପରେ ମୋର କେବେ ବିଶ୍ବାସ ହେଉ ନ ଥିଲା ଯେ ଏଠିକା ମଣିଷ ଫେର୍ ଏମିତି ପୁରାତନ ଅନ୍ଧବିଶ୍ବାସ ନେଇ ମୁଣ୍ଡ ଖେଳେଇବ । ସେଥିପାଇଁ ସେଦିନ ଯେତେବେଳେ ରଘୁ କହିଲା ମୁଁ ଜମା ବିଶ୍ବାସ କଲି ନି । ବିଂଶ ଶତାବ୍ଦୀରେ ପୁଣି ବିଜ୍ଞାନର ହୃଦୟଭିତରେ କବନ୍ଧର ଆବିର୍ଭାବ । ଅସମ୍ଭବ, କିନ୍ତୁ ଯେତେବେଳେ ଆମ ସେକ୍‌ସନ୍‌ରେ ଫୋରମ୍ୟାନ୍ ପାଣ୍ଡେ ଏ କଥା ନିର୍ଣ୍ଣିତଭାବେ କହିଲେ ସେତେବେଳେ ଆଉ ଠିକ୍ କଥାଟାକୁ ଉଡ଼େଇ ଦେଇ ହେଲାନି । ସେ କହିଲେ ଗୋଟାଏ କବନ୍ଧର ଆବିର୍ଭାବ ହୋଇଛି ପୁରୁଣା ସହରରେ । ଲୋକେ ତାକୁ ଦେଖିଲେଣି ଥରେ ଦି'ଥର । ତା'ର ମୁଣ୍ଡ ନାହିଁ । ଲମ୍ବା ଲମ୍ବା ହାତ ଦି'ଟା । ଆଉ ଗୋଟାଏ ବିରାଟ ପାଟି । ଠିକ୍ ଗ୍ରୀବା ଉପରେ । ପାଟିର ଠିକ୍ ଉପରେ ଦୁଇକଡ଼କୁ ଦୁଇଟା ବ୍ଲାଷ୍ଟ ଫର୍ନେସ ପରି ବିରାଟ ବିରାଟ ଆଖି । ଆଉ ଉଚ ଉଚ ତାଳଗଛ ପରି ଗୋଡ଼ ଦୁଇଟା । ଅତି ବଳବାନ୍ । ଦୁର୍ଦ୍ଦମନୀୟ, ପ୍ରଚଣ୍ଡ । ପାଣ୍ଡେଙ୍କର ଅନ୍ତରଙ୍ଗ ବନ୍ଧୁ ସୁଲେମାନ ଅଲିକୁ ସେ କାଲି ସନ୍ଧ୍ୟାବେଳେ ଖାଇ ଦେଇଛି । ଆଜି ସକାଳେ ତାଙ୍କର ପୁଅ ଆସି ଖବର ଦେଲା । ନା, ଅବିଶ୍ବାସ କରିବାର କିଛି କାରଣ ନାହିଁ; କିନ୍ତୁ ତଥାପି କାହିଁକି ସ୍ବୀକାର କରି ହେଉନି କଥାଟା । କବନ୍ଧର ଭୟରେ ତେଣୁ ସୁଲେମାନ ଅଲିଙ୍କ ପରିବାର ଆସି ପାଣ୍ଡେଙ୍କ ଘରେ ଆଶ୍ରୟ ନେଇଛନ୍ତି । କବନ୍ଧ ଭୟ କରି ପାରେ, ଏ ଆଡ଼କୁ ଆସିବାକୁ; କାରଣ ପୁରୁଣା ସହରର ଆବର୍ଜନା ଭିତରେ ସେ ସିନା ଲୁଚି ରହିପାରେ । ଏଇଠି ବିଦ୍ୟୁତ୍ ଆଲୋକିତ ନଗରୀଭିତରେ ଲୁଚିବ କୋଉଠି ?

ସେଦିନ ସନ୍ଧ୍ୟାବେଳକୁ କିନ୍ତୁ କଥାଟା ଆଉ ଅବିଶ୍ବାସ କରି ହେଲାନି । ପୁରୁଣା ସହରରେ କବନ୍ଧର ଉତ୍ପାତ ବଢ଼ି ଚାଲିଛି । କିଛିଦିନ ଧରି ରାତିରେ ସେ କେବଳ ବାହାରୁଥିଲା । ଲୁଚି ଲୁଚି ଛପି ଛପି ହଣା କରୁଥିଲା । କେବଳ ବୟସ୍କ ଲୋକମାନଙ୍କୁ । ନାରୀ ଓ ଶିଶୁମାନଙ୍କୁ ଖାଇବାର ଖବର ନ ଥିଲା; କିନ୍ତୁ ସନ୍ଧ୍ୟାବେଳକୁ ଶୁଣିଲୁ ସେ ଦିନବେଳେ ବି ବାହାରିଲାଣି । ଦ୍ବିପ୍ରହର ବେଳେ ନଜାକତ୍ ଅଲିର ଘର ଭିତରେ ପଶି ସେ ତାକୁ ତା'ର ସ୍ତ୍ରୀ ଓ ତିନୋଟି ପିଲାଙ୍କୁ ଖାଇ ଦେଇଛି । ଏଇ ଘଟଣା ପରେ ଦଳ ଦଳ ଲୋକ ପୁରୁଣା ସହର ଭିତରୁ ମାଡ଼ି ଆସିଲେଣି ନୂଆ ସହରକୁ । ସାରା ସହର ନୂଆ କି ପୁରୁଣା ଚାରିଆଡ଼େ ଗୋଟାଏ ଆତଙ୍କର ଛାୟା ଖେଳିଗଲା । କାହାରି ମୁହଁରେ ଆଉ କିଛି କଥା ନାହିଁ । କେବଳ କବନ୍ଧର କଥା । ତା'ର ନୃଶଂସତାର କାହାଣୀ । ଅଫିସ, ବସ୍, ଟ୍ରେ'

ଦୋକାନ, ସ୍କୁଲ ସବୁଆଡ଼େ ସେଇ କବନ୍ଧର ଚର୍ଚ୍ଚା । ଆମ ନୂତନ ନଗରୀରେ ବି ସେଇ ଆଶଙ୍କାର ଛାୟା ପଡ଼ି ଆସିଲାଣି । ସମସ୍ତେ ଭୀତତ୍ରସ୍ତ, ଆଶଙ୍କାକୁଳିତ । କେଜାଣି କେତେବେଳେ ଯଦି ମାଡ଼ିଆସେ । ସମସ୍ତେ ତ କାମିକା ଲୋକ । କିଏ ଅଫିସ ଭିତରେ, କିଏ ବା କାରଖାନା ଭିତରେ । ଘରେ ଖାଲି ଶିଶୁ ଓ ନାରୀ । ଦୁର୍ବଳ ଓ ଅସହାୟ । ଯଦି ସେତିକବେଳେ ଚାଲି ଆସେ, ଆଉ କିଛି ଉପାୟ ରହିବ ନାହିଁ । ନାନାପ୍ରକାର ଦୁଶ୍ଚିନ୍ତା ଭିତରେ ଅଫିସର କାମ ଆଉ କରି ହେଲାନି । ଆମେ ସବୁ ଦଳ ଦଳ ହୋଇ ଜାତିଧର୍ମ ନିର୍ବିଶେଷରେ ତା'ର ବିଷୟରେ ଆଲୋଚନା କରିବାକୁ ଲାଗିଲୁ । ଯିଏ କେହି ନୂତନ ଖବର ଆଣିଲା ତା'ରି ଟେବୁଲ ପାଖରେ ଆମେ ସମସ୍ତେ ଠିଆ ହୋଇ କବନ୍ଧର ନୂତନ କାର୍ଯ୍ୟ-କଳାପ ଶୁଣିବାକୁ ଉତ୍କଣ୍ଠିତ ହୋଇ ରହିଲୁ । ସେ ଦିନଟା କଟିଲା କେବଳ ଉତ୍କଣ୍ଠା ମଝିରେ । କେମିତି ସହଳ କାମ ସାରି ଘରକୁ ଫେରିବା କଥା । ଯଦି କବନ୍ଧ ଆସେ ତ ଏକା ସାଙ୍ଗରେ ମୃତ୍ୟୁବରଣ କରିବା, ସ୍ତ୍ରୀ ପୁଅ ସହିତ । ଆଉ ସେମାନଙ୍କୁ ଏକାକୀ ଅବସ୍ଥାରେ ରଖି ଲାଭ କ'ଣ ? ଘରକୁ ଫେରି ମଧ୍ୟ ନିଶ୍ଚିନ୍ତ ହୋଇ ହେଲାନି । ସାରା ରାତି ନୂତନ ନଗରୀର ପ୍ରତ୍ୟେକ ଲୋକ ଅର୍ଦ୍ଧ ଜାଗରଣ ଅର୍ଦ୍ଧ ନିଦ୍ରା ଭିତରେ କାଟିଛନ୍ତି । କେଜାଣି କେତେବେଳେ ଯଦି ଚାଲି ଆସେ । ସମସ୍ତେ ଉତ୍କଣ୍ଠିତ, ଆଶଙ୍କାକୁଳିତ, ଭୟତ୍ରସ୍ତ । ସନ୍ଧ୍ୟା ବେଳୁ ସମସ୍ତେ କବାଟ ପକେଇ ଦେଲେଣି । ସିନେମା ହଲ, ଯେଉଁଠି ଟିକେଟ ମିଳେନା, ସେଇଠା ବି ପ୍ରାୟ ଫାଙ୍କା । ସାର୍-ଘାଟରେ ଆଉ ଗୋଟାଏ ବି ଲୋକ ଦେଖା ଯାଉନି । ଆମେ ବି ସେଇ ଭୟର ଛାୟାରେ ଭୀତ ହୋଇ ପଡ଼ିଥିଲୁ । ଆମ ମେସରେ ଆମେ ଆଉ ଚାରିଜଣ ଲୋକ । ଭୂପତି, ସୋମନାଥ, ବ୍ରଜ ଓ ମୁଁ । ସୋମନାଥ ନୂତନ ବିବାହିତ । ବ୍ରଜ ସଦ୍ୟ କଲେଜ ଫେରନ୍ତା । ପ୍ରେମ କରୁଛି କାହାକୁ ଗୋଟାଏ । ପ୍ରତି ଦିନେ ଛଡ଼ା ଦିନେ ଲଫାଫାରେ ନେଲି କାଗଜ ଭର୍ତ୍ତି କରି ପଠାଏ । ଭୂପତି ଓ ମୁଁ ଅବିବାହିତ । ଆମର ଏଇ ଚାରିଜଣଙ୍କୁ ନେଇ ମେସ୍ । ଘରଟା ଭୂପତି ନାଁରେ । ସେ ଆମ ସମସ୍ତଙ୍କଠାରୁ ପୁରୁଣା, ଆମେ କେହି ଘର ପାଇନୁ ବୋଲି ସବୁ ତା'ରି ବସାରେ ଉଠିଛୁ । ବେଶ୍ ମଜାରେ କଟିଯାଏ; କିନ୍ତୁ ଗତ ଛଅ ସାତ ଦିନ ହେଲା ଚାକରଟା ଛୁଟି ନେଇ ଗାଁକୁ ଯାଇଥିବାରୁ ଟିକିଏ ଅସୁବିଧା ହେଉଛି । ହୋଟେଲରେ ଖାଇବାକୁ ବାଧ୍ୟ । ଯଦିବା ପାଳିକରି ଦିନେ ଦି' ଦିନ ରାନ୍ଧିବାକୁ ଚେଷ୍ଟା କରିଥିଲୁ ସେଇଟା ସୁବିଧା ମନେହେଲା ନାହିଁ । ବ୍ରଜର ରାତି ଦୁଇଟାରୁ ସକାଳ ଆଠଟା ଡିଉଟି । ସେ ଡିଉଟିରୁ ଫେରି ଲମ୍ବତମ୍ବ ହୋଇ ବିଛଣାରେ ପଡ଼ିଯାଏ । ସୋମନାଥ ସକାଳ ଆଠରୁ ଦିନ ଦୁଇଟା । ମୋର ବି ସେମିତି ବ୍ରଜ ସାଙ୍ଗରେ ଡିଉଟି । କେବଳ ବାକୀ ରହିଲା ଭୂପତି । ସେ ଅଫିସର ହେଡ଼୍ ଆସିଷ୍ଟାଣ୍ଟ । ତେଣୁ ସେ କେବଳ ଦଶଟାରୁ ଚାରିଟା ଡିଉଟି କରେ; କିନ୍ତୁ ତା' ଉପରେ ସବୁ ଭାର ପକାଇବା ଉଚିତ ମନେ ହେଲା ନା । ସେ ବା ପାରନ୍ତା

କୋଉଠୁ ? ତା'ଛଡ଼ା ସେ ଆମ ସମସ୍ତଙ୍କଠୁ ବୟସରେ ହିଁନଅର । ଆମେ ସମସ୍ତେ ତାକୁ ଭାଇ ବୋଲି ଡାକୁ ।

ସେଇଦିନ ରାତିରେ ଆମେ ହୋଟେଲକୁ ଖାଇଯାଇଁ ଦେଖୁ ତ ହୋଟେଲରେ ଲୋକ କେହି ନାହିଁ । ହୋଟେଲ ମାଲିକ ସୂର୍ଯ୍ୟ ରାଓ କହିଲା, "ଆଜି ସନ୍ଧ୍ୟା ଛ'ଟାରୁ ସବୁକାମ ଶେଷ । କେବଳ ଆପଣମାନଙ୍କୁ ଅପେକ୍ଷା ଥିଲା । ନହେଲେ ମୁଁ କେତେ-ବେଳୁ ହୋଟେଲ ବନ୍ଦ କରି ସାରନ୍ତିଣି । ଯଦି ଆଉ ଟିକିଏ ଡେରି କରିଥା'ନ୍ତେ ତେବେ ମୁଁ ବନ୍ଦ କରି ଦେଇଥାନ୍ତି । ଆଚ୍ଛା ଏ କବନ୍ଧ ଆସିଲା ? ସତରେ, ଆପଣ-ମାନେ କ'ଣ ଭାବୁଛନ୍ତି ?"

ବିଜ କହିଲା, "ଅବିଶ୍ୱାସ ତ କରି ହେଉନି । ଗତ ଦୁଇଦିନ ହେଲା ଯୋଉ ଘଟଣା ଘଟିଲାଣି ଆଉ ତ ଏହାକୁ ମିଛ ବୋଲି କହି ହେବନି; କିନ୍ତୁ ସେ ଯେ ଏହି ନୂତନ ସହରକୁ ଆସିବ ମୋର କାହିଁକି ମନେ ହେଉନି ।"

ଭୂପତି କହିଲା, "କାହିଁକି ମନେ ହେଉନି । ସେ ଯେତେବେଳେ ପୁରୁଣା ଟାଉନରେ ଏତେ ଗଣ୍ଡଗୋଳ କରି ସାରିଲାଣି ଏଠାକୁ ନ ଆସିବ କାହିଁକି । ବର୍ତ୍ତମାନ ସେଇଠି ସେ ଯଥେଷ୍ଟ ଖାଦ୍ୟ ପାଉଛି, ସେଥିପାଇଁ ଏଠାକୁ ଆସୁନି । ଯେତେବେଳେ ସେଠିକା କାମ ସରିଯିବ, ଦେଖିବ ନିଶ୍ଚେ ଏଠାକୁ ମାଡ଼ି ଆସିବ । ତାକୁ ପ୍ରତିରୋଧ କରିବା ଦୁଷ୍କର ।"

ସୋମନାଥ ଟିକିଏ ରାଗିଯାଇ କହିଲା, "ଆମ ଏ ପୁଲିସମାନେ କ'ଣ କରୁଛନ୍ତି ?" "ଯେତକ ମେଲେରିଆଗ୍ରସ୍ତ ଡରକୁଲା ଗୁଡ଼ାକ ତ ରହିଛନ୍ତି ପୋଲିସ-ବାହିନୀରେ । ଟିକିଏ ଫୁ କରିଦେଲେ ଝଡ଼ି ପଡ଼ିବେ । ରାଇଫଲ ଚଳେଇବା ତ ଦୂରର କଥା । ବୋଧହୁଏ ଭଲକରି ରାଇଫଲ ଦେଖି ନାହାନ୍ତି ସେଗୁଡ଼ାକ । ଆଉ ସେମାନେ କ'ଣ କରିବେ ?" ଯୋଗ କଲି ମୁଁ ।

"କିନ୍ତୁ ସେମାନେ ତ କିଛି ହେଲେ ଚେଷ୍ଟା କରି ପାରନ୍ତେ । ଗୋଟାଏ କବନ୍ଧକୁ ଏତେ ଗୁଡ଼ା ପୁଲିସ କ'ଣ କିଛି କରିପାରିବେ ନାହିଁ ନାଁ, ଆମ ପୋଲିସ ଯେମିତି, ଆମ ସରକାର ସେମିତି ।"

ଭୂପତି ଆଉ ଥରେ ଶାନ୍ତ ଗଳାରେ କହିଲା, "ପୋଲିସ ଓ ସରକାରକୁ ଗାଳି ଦେଇ ଲାଭ ନାହିଁ । କାରଣ ପୋଲିସମାନେ କାହା ସାଙ୍ଗରେ ଲଢ଼େଇ କରିବେ ? କାହାକୁ ମାରିବେ ? କବନ୍ଧର କ'ଣ ଦେହ ଅଛି ଯେ ତା' ଦେହରେ ଗୁଳି ବାଜିଲେ ସେ ମରିବ । ତା'ର ଦେହ ବୋଲି ବାହାରକୁ ଦେଖାଗଲେ ବି ପ୍ରକୃତରେ ସେଇଟା ଫାଙ୍କା । ପୁରୁଣା ସହରରେ କ'ଣ କେତେଜଣ ଚେଷ୍ଟା କରି

# କବନ୍ଧ

ଶ୍ରୀ ରବି ପଟ୍ଟନାୟକ

ଆଶ୍ଚର୍ଯ୍ୟ କଥା । ବିଂଶ ଶତାବ୍ଦୀରେ ପୁଣି ଭୂତ ପ୍ରେତର ଭୟ । ପ୍ରଥମେ ଆମେ କେହି ବିଶ୍ୱାସ କଲୁନି କଥାଟା ଶୁଣି । ତା'ଛଡ଼ା ଆମର ଏହି ଇସ୍ପାତ ସହରଟି ଆଧୁନିକତାର ଓ ବିଜ୍ଞାନର ଚୂଡ଼ାନ୍ତ ପୀଠ । ପୃଥିବୀର ଶ୍ରେଷ୍ଠ ବୈଜ୍ଞାନିକମାନଙ୍କ ଦ୍ୱାରା ପ୍ରସ୍ତୁତ ନୂତନ ବୈଜ୍ଞାନିକ ପ୍ରଣାଳୀରେ ଏଇଠି ଲୁହା ନିଷ୍କାସିତ ହେଉଛି । ରାସ୍ତାଘାଟ ପରିଷ୍କାର ପରିଚ୍ଛନ୍ନତାରେ ଏହା ଇଉରୋପର ଯେ କୌଣସି ସହର ସାଙ୍ଗରେ ତୁଳନୀୟ । ବିଜୁଳିବତୀର ଆଲୋକରେ ଏଠାରେ ରାତି ନାହିଁ । ଏଠାରେ ପ୍ରାୟ ଅଧିକାଂଶ ବ୍ୟକ୍ତି ଶିକ୍ଷିତ, ସଭ୍ୟ । ଯେଉଁମାନେ ଅବା ପାଠ ପଢ଼ିନାହାନ୍ତି, କୁଲି ଓ ଶ୍ରମିକଶ୍ରେଣୀୟ ଲୋକମାନେ—ସେମାନେ ମଧ୍ୟ ତାଙ୍କର କୁସଂସ୍କାର ଛାଡ଼ି ଦେଇଛନ୍ତି । ଆଉ ସେମିତି ପୂଜା ଅର୍ଚ୍ଚନା ବି ନାହିଁ । ସମସ୍ତେ ଶିଖିଲେଣି ଭଗବାନଙ୍କ ଅପେକ୍ଷା ମଣିଷ ହିଁ ବଡ଼ । ତା'ର ମସ୍ତିଷ୍କ ଦ୍ୱାରା ସବୁକିଛି ସମ୍ଭବ । ତେଣୁ ଆମର ଏହି ସହରଟି ବିଜ୍ଞାନର ଜୟଯାତ୍ରା ପଥର ଏକ ବିଜୟୀ ସେନାପତି । ବାସ୍ତବବାଦର ଏକ ଜୀବନ୍ତ ପ୍ରତୀକ । ଗୋଟିଏ କଥାରେ ମୂର୍ତ୍ତିମାନ ବାସ୍ତବବାଦ । ସେଇଠି spiritualism, mysticismର ପ୍ରଶ୍ନ କାହିଁ ?

ସେଥିପାଇଁ ଯେତେବେଳେ ପୁରାତନ ସହରରୁ ରଘୁ ଆସି ସମ୍ବାଦ ଦେଲା ଆମେ ଆଶ୍ଚର୍ଯ୍ୟ ହେଲୁ । ଆମ ସହରଟା ଦୁଇଭାଗରେ ବିଭକ୍ତ । ନୂତନ ଓ ପୁରାତନ । ପୁରାତନ ଓ ନୂତନ ଭାଗକୁ ବିଭକ୍ତ କରିଛି ଗୋଟାଏ ଛୋଟ ପାହାଡ଼ । ପୁରୁଣା ସହର କେଜାଣି କେଉଁ କାଳରୁ ରହିଆସିଛି । ଯୋଜନାହୀନ—ଆବର୍ଜନାପୂର୍ଣ୍ଣ—ବସ୍ତି । ସାରି ସାରି ଘର ଏପଟ ସେପଟ ହୋଇ ମୁଣ୍ଡ ଟେକିଛି । ରାସ୍ତାରେ ଗୋଟାଏ ମଟର ରହିଗଲେ ଅନ୍ୟ ଲୋକର ପିଣ୍ଡାକୁ ନ ଉଠିଯିବାର ଉପାୟ ନାହିଁ । ରାସ୍ତା ଦୁଇକଡ଼ରେ ଚା'ଦୋକାନର ଯେତକ ଅଇଁଠାପତର, ଆଉ ପରିବା ଦୋକାନର ପଚା ବାଇଗଣ, ବିଲାତିବାଇଗଣ, କଦଳୀଚୋପାର ସ୍ତୂପ । ଠେସାଠେସି ଘର । ଯେମିତି ଗୋଟାଏ ଏକାନ୍ନବର୍ତ୍ତୀ ପରିବାର ବାହାରୁ ବିପଦର ଆଶଙ୍କା କରି ଏକା ସାଙ୍ଗରେ ପରସ୍ପରକୁ କୁଣ୍ଢେଇ ଧରି ବସିଛନ୍ତି । ଏଇ କୁଢ଼ କୁଢ଼ ଆବର୍ଜନା ଭିତରୁ ତଥାପି ଗୋଟାଏ ପ୍ରାଣର ଝଙ୍କାର ବାଜେ ଗୋଟିଏ ସୁରରେ । ଗୋଟିଏ ସ୍ପନ୍ଦନରେ ଉତ୍ଫୁଲ୍ଲ ହୋଇ ଉଠନ୍ତି ସେମାନେ । ହଜାରେ ଲୋକ, ହଜାରେ ବର୍ଣ୍ଣ, ହଜାରେ ସ୍ୱଭାବ ଭିତରୁ ବି ଏଇ ଏକତ୍ୱର ସୁରର ବ୍ୟଞ୍ଜନା ଏକ ଅପ୍ରତିହତ ପ୍ରେମର ଅବିରାମ

ନ ଥିଲେ; କିନ୍ତୁ ଦେଖିଲେ ଯୋଉ ଭାବରେ ମାରିଲେ ବି ତା ଦେହରେ କିଛି ବାଜୁନି କି ଲାଗୁ ନି ।"

ସୂର୍ଯ୍ୟ ରାଉତ ତା'ର ଚକ୍‌କଣ କଳା କୁଞ୍ଚୁକୁଞ୍ଚିଆ ବାଳରେ ଚିନ୍ତିତ ହୋଇ ହାତ ବୁଲେଇଲା । "ଭଗବାନ ନ କରନ୍ତୁ ସେ ଇଆଡ଼କୁ ଆସୁ ।"

ଆମେ ସମସ୍ତେ ଚୁପ୍‌ଚାପ୍ ହୋଇ ନୀରବରେ ଖାଇବାକୁ ଲାଗିଲୁ । ସମସ୍ତେ ଉପରକୁ ଶାନ୍ତ ଓ ଧୀର ବୋଲି ମନେ ହେଉଥାନ୍ତି, କିନ୍ତୁ ଟିକିଏ ପର୍ଯ୍ୟବେକ୍ଷଣ କଲେ ଜଣା ପଡନ୍ତା ଆମେ କେମିତି ଭିତରେ ଭିତରେ କେତେ ଅଶାନ୍ତ ଓ ଅସ୍ଥିର । ଅଜାଣତରେ ବି ଆମେ ଶୀଘ୍ର ଶୀଘ୍ର ଖାଇ ଚାଲିଥାଉ । ଅଜାଣତରେ ହାତରୁ ଭାତ ଗୁଣ୍ଡା ଖସି ପଡୁଥାଏ, ଅଜାଣତରେ ଓଠ ଭିତରୁ ଦୀର୍ଘ ନିଃଶ୍ୱାସ ବାହାରୁଥାଏ । କୌଣସିମତେ ଖାଇ ସାରି ଯେତେବେଳେ ହୋଟେଲରୁ ପଦାକୁ ବାହାରିଲୁ ସେତେ-ବେଳକୁ ମାତ୍ର ସାଢ଼େ ଆଠଟା । ଅଥଚ ମନେ ହେଉଥାଏ ସମସ୍ତ ସହରରେ ଯେମିତି ରାତି ଗୋଟାଏ କି ଦୁଇଟା । ଚାରିଆଡ଼ ନିସ୍ତବ୍ଧ, ନିର୍ଜନ, ସାରା ସହରକୁ ଘେରି ରହିଚି ଗୋଟାଏ ଥମ-ଥମ ଭାବ । ଆଶଙ୍କା ଓ ଭୟର ଗୋଟାଏ ଘନ କୁହୁଡ଼ି । ସେ ଭିତରେ ବି କେମିତି ଚୁପ୍‌ଚାପ୍ ହୋଇଗଲୁ । ଭୟର କୁହୁଡ଼ି ଯେମିତି ଆମର ରକ୍ତର ପ୍ରତି ଅଣୁକଣାରେ ପ୍ରବେଶ କରି ବରଫ କରି ଦେଉଛି ସମସ୍ତ ରକ୍ତସ୍ରୋତକୁ । ସର୍ବଦା ଗପି ଚାଲିଥିବା ବ୍ରଜ ଓ ମୁଁ ଦୁଇଜଣଯାକ ବି ଅଦ୍ଭୁତ ଭାବରେ ନୀରବ ଓ ଶାନ୍ତ । ନିର୍ଜନ ରାଜପଥ ଉପରେ ଆମେ ଚାଲିଛୁ ଚାରୋଟି ପ୍ରାଣୀ; କିନ୍ତୁ ସେଇ ନିଃଶବ୍ଦତା ଭିତରେ ସମ୍ପୂର୍ଣ୍ଣ ଭାବେ ମିଳେଇ ଯାଉଁ, କେଉଁ ଅଶରୀରୀ ଜୀବ ପରି । ମଝିରେ ମଝିରେ କେବଳ ଆମ ଚାରିଜଣଙ୍କର ଭାରୀ ନିଃଶ୍ୱାସ ପଦଶବ୍ଦ ଚତୁର୍ଦ୍ଦିଗର ନିର୍ଜନତାକୁ ଭଙ୍ଗ କରିବାର ବୃଥା ପ୍ରୟାସ କରୁଛି । ଅଜାଣତରେ ରାସ୍ତା ପାର୍ଶ୍ୱରେ ଥିବା ଗଛ ତଳକୁ, ବଗିଚା ମଧ୍ୟରେ ଜମିଥିବା ପାତଳ ଅନ୍ଧକାର ତଳକୁ ଆଖି ବୁଲି ଆସୁଛି । ମେଇ ଷ୍ଟ୍ରିଟ ପୋଲଟା ପାଖରେ ତ ହଠାତ୍ ଚାରିଜଣଯାକ କେମିତି ଏକାଭାବରେ ସ୍ଥିର ହୋଇ ରହିଗଲୁ । ଯେମିତି ଗୋଟାଏ କଣ୍ଢେଇ-ନାଚର ଚାରୋଟି କଣ୍ଢେଇ ପରି ଏକା ସାଙ୍ଗରେ । ହଠାତ୍ ଗୋଟାଏ ଚିତ୍କାରରେ ସ୍ତବ୍ଧ ହୋଇଗଲୁ । କ'ଣ ଗୋଟାଏ ଖସ୍‌ଖସ୍ ହେଲା, ହେଇ ସେ ଲୁଚିଲେ, ନିଃଶ୍ୱାସ ରୁନ୍ଧି କରି ଆମେ ଅତି ନୀରବରେ ପଥର ପରି ଛିଡ଼ା ହୋଇ ରହିଲୁ । କେବଳ ନିର୍ନିମେଷ ନୟନରେ ଚାହିଁ ରହିଲୁ ପୋଲ ଭିତରର ସେଇ ପୁଞ୍ଜୀଭୂତ ଫୁଲାଏ ଅନ୍ଧକାର ଅଞ୍ଚଳକୁ । ପ୍ରାୟ କିଛି ସମୟ ପରେ ହେଠରୁ ଖସ୍ ଖସ୍ ହୋଇ ବାହାରି ଆସିଲା କୁକୁରଟିଏ, ଆଶ୍ୱସ୍ତିର ଦୀର୍ଘଶ୍ୱାସ ପୁଣି ଏକି ବେଳକେ ଆମ ଚାରିଜଣଙ୍କଠୁ ବାହାରି ଆସିଲା । ବ୍ରଜ ହୋ ହୋ ହୋଇ ହସିଲା ବି । ମୁଁ ବି ତା ସାଙ୍ଗରେ ଯୋଗ ଦେଲି; କିନ୍ତୁ ଏ ହସର ଆବିର୍ଭାବ ଯେମିତି ଆକସ୍ମିକ ତା'ର ବିଲୟ ବି ସେମିତି ଆକସ୍ମିକ । ଭୂପତି ଓ ସୋମନାଥ ଶର୍ମାର

ଝଡ଼ରେ ଆଗେଇ ଚାଲିଲେ କିଛି ନ କହି । ସେଇ ନିଃଶବ୍ଦତାର ପ୍ରାଚୀର ଭିତରେ ପିଟି ହୋଇ ଆମର ବ୍ୟସ୍ତତା ଆମକୁ ବିଦ୍ରୂପ କରିଗଲା ଠୋ ଠୋ ହୋଇ । ଆମେ ଆଉ କିଛି ନ କହି ଆଗେଇ ଗଲୁ ମେସ୍ ଭିତରକୁ ।

ସେ ପାଖ କ୍ୱାଟର, ଇଞ୍ଜିନିୟର ରମେଶ ମହାନ୍ତି । ଦୁଇଟି ସନ୍ତାନ । କବାଟ ଝରକା ସବୁ ବନ୍ଦ । ସାମ୍ନା ପଟରେ ଜଳୁଥିବା ଆଲୁଅଟା ମଧ୍ୟ ଆଜି ବନ୍ଦ । କେବଳ ମିସ୍ତ୍ରୀର ନୀଳାଭ ନିଅନ ଲାଇଟ୍‌ର ଆଲୁଅର କ୍ଷୀଣ ପ୍ରଭା ଆସି ପଡ଼ୁଛି ତା'ର ଉପରେ । ଫିସ୍ ଫିସ୍ କଥା ଶୁଭୁଛି । "କ'ଣ ହେବ, କହନା ? ମୋତେ ଭାରି ଡର ମାଡ଼ିଲାଣି । ମୁଁ ଆଉ ଏକା ରହି ପାରିବିନି; ତୁମେ କାଲି କାରଖାନା ଯାଅନା । ପିଲା ଦୁଇଟାକୁ ଧରି ମୁଁ ଏକୁଟିଆ ରହିବି କେମିତି ?" "ତୁମେ ବ୍ୟସ୍ତ ହୁଅନା, କମ୍ପାନୀ ବ୍ୟବସ୍ଥା କରୁଛି ।" "ଛେନା କରୁଛି, ଯେ ଯାହା କହୁ ପଛେ ମୁଁ ଜମା ଏକୁଟିଆ ରହିବିନି । ରହିବିନି । ରହିବିନି । ସଫା କଥା କହି ଦେଉଛି ।" "ତୁମେ ପଣ୍ଡାବାବୁଙ୍କ ଘରକୁ ଚାଲିଯିବ । କେଇଟା ଘଣ୍ଟା ତ ।" "ମୁଁ କ'ଣ ମୋ ପାଇଁ କହୁଛି । ନା, ତୁମେ ଯିବନି । ମୋ ରାଣ, କାଲି ଯାଅନି । ମୋ ମନଟା କେମିତି ଲାଗୁଛି । ମୋ ରାଣ ମାନିବନି ?"

"ଅରେ ଅରକ ପାଇଁ ମୋ କଥା ମାନ । କେଜାଣି କେତେବେଳେ କ'ଣ ହେବ ? ହେ, ଭଗବାନ ।" "ଆଚ୍ଛା, ଅଚ୍ଛା, ଏଇନା ତ ଶୋଇ ପଡ଼, କାଲି ସକାଳେ ସବୁ ବ୍ୟବସ୍ଥା କରାଯିବ ।" "ମୋ ଆଖିକୁ କ'ଣ ନିଦ ଆସୁଛି ? ଆଜି ମୁଁ ଜମା ଶୋଇ ପାରିବିନି । ପଣ୍ଡାବାବୁଙ୍କ ସ୍ତ୍ରୀଙ୍କଠାରୁ ନକାକତ୍ ଅଲ କଥା ଶୁଣିଲା ବେଳଠୁ ମୋ ଦେହଟା ଖାଲି କମ୍ପୁଛି ।"

ପଣ୍ଡାବାବୁଙ୍କ କ୍ୱାଟର । ମେକାନିକାଲ ଫୋରମେନ୍ ।

"ଆରେ ରାତି ଅଧରେ କ'ଣ କରୁଛ ? ଆଉ କ'ଣ ଦିନବେଳେ ଲୋକଙ୍କୁ ଡାକେଇ ସମସ୍ତଙ୍କୁ ଦେଖେଇ କରନ୍ତୁ ନା କ'ଣ ? ଆଚ୍ଛା ମୂର୍ଖାମି କଥା କହୁଛ ତ ? ଆଣ ଆଣ ଶିଳୁପଥରଟା ଆଣ ।" ପଣ୍ଡାବାବୁ ଝରକା ଦୁଇଟା ସାବଧାନରେ ବନ୍ଦ କରି ଦେଇ ପଛପଟେ ବଡ଼ ବଡ଼ ପଟା ସବୁ ମାପି ମାପି ସଜାଇ କରି କାଟିଲେ । ତା'ପରେ ଆସ୍ତେ ଆସ୍ତେ ଗୋଟିଏ ପରେ ଗୋଟିଏ ଝରକା ଚଉକାଠ ଉପରେ ରଖି କଣ୍ଟା ପିଟିବାକୁ ଲାଗିଲେ । "ଏମିତିରେ କ'ଣ କେହି ଆସି ପଶିବେନି ? ଆରେ, ଆସିଲେ ତ ଯେମିତି ହେଲେ ଆସିପାରେ । ତେବେ ଆଗରୁ ସାବଧାନ ହେବା ଭଲ ଆଉ ତୁମେ ଶୋଇବ ତ ଶୁଅ । ମୋ କାମରେ ଆଉ ବାଧା ଦିଅନା । ଅନ୍ଧାର ଘରଟା ଝର୍କା, ଘରଟା ଦୁଆର ବାକି ଅଛି । ଦେଖ କେବଳ ଏଇ ଦାଣ୍ଡ ଦୁଆର ଛଡ଼ା ଅନ୍ୟ କୌଣସି ଦୁଆର ଯେମିତି ଖୋଲା ନ ହୁଏ ।"

ପ୍ଲେଟମିଲ୍ ଫୋରମେନ୍ ସୁରଜିତ୍ ବେନାର୍ଜି । ନବ ବିବାହିତ ।

"ଆଜି ଶୁଣିଛ ନା ଘଟଣା ?"

"କ'ଣ କବନ୍ଧର ଘଟଣା ତ ? ତା' ଆଉ ଶୁଣିନି । ଆଜି ତ ମିସେସ୍ ପଣ୍ଡା, ମିସେସ୍ ମହାନ୍ତି, ମିସେସ୍ ଘୋଷ, ମିସେସ୍ ରାମମୂର୍ତ୍ତି, ଆମ ଏ ସାହିର ସମସ୍ତେ ମିଶି ସେଇକଥା ଦ୍ୱିପ୍ରହର ସାରା ହୋଉଛୁ । ମୋତେ ଯାହା ଡରମାଡ଼ିଲା ମୁଁ କ'ଣ କହିବି ? ଥରେ ଏଇ କବନ୍ଧର ଘଟଣା ଶୁଣିଥିଲି କଲିକତାରେ । ସେତେବେଳେ ମୋର ପିଲାଦିନ । ସାତ ଆଠବର୍ଷ ବୟସ, କିନ୍ତୁ କି ନୃଶଂସ, କି ବୀଭତ୍ସ, ସେ କାହାଣୀ । ଆଜି ବି ମନେ ପଡ଼ିଲେ ମୋ ଦେହ ସାରା ଶୀତେଇ ଉଠେ । ସାରା ଦ୍ୱିପ୍ରହରଟା ଆଜି କ'ଣ ମୁଁ ଘରେ ରହିଛୁ । ଖାଲି ମିସେସ୍ ମହାନ୍ତି ଘରେ ବସି ରହିଛି ସରା । ଏକୁଟିଆ କେତେବେଳେ କ'ଣ ଯେ ହେବ ? ହେ, ମା' କାଳୀ, ତୁମେଇ ଭରସା "ଆଶ୍ଚର୍ଯ୍ୟ, ଆଜି ପୁରୁଣା ସହରରେ ବୀଭତ୍ସକାଣ୍ଡ ଘଟି ଯାଇଛୁ । ସମସ୍ତ ଘଟଣା ଜଣାପଡ଼ିନି । ତେବେ ଅନ୍ତତଃ ୩୦।୪୦ ତ ହେବଇ । ନାରୀ, ଶିଶୁ କେହି ବାଦ୍ ପଡ଼ି ନାହାନ୍ତି । ଆଗି ବୁଜି ସେ ଖାଇ ଗଲିଛି । କି ପ୍ରଚଣ୍ଡ ଯେ ତା'ର କ୍ଷୁଧା ।"

"କାଲି ଆଠଟାରେ ଡିଉଟି ଯିବ ?"

"ନ ଯାଇ ଉପାୟ ଅଛି ?"

"ନା, ନା, ଯିବନି ।"

"କିନ୍ତୁ—"

"ନା ନା ନା, ମୁଁ କୌଣସି କଥା ଶୁଣିବିନି । ତୁମକୁ କାଲି ଛାଡ଼ିବିନି । କମା ନୁହେଁ, ମୋଟେ ନୁହେଁ । ମୋ ଦେହ ଛୁଇଁ ଶପଥ କର । କାଲି ତୁମେ ଯିବନି ।"

"ଆଚ୍ଛା—।"

"ନା, ଆଚ୍ଛା ନୁହେଁ, ମୋ ଦେହ ଛୁଇଁ, ମା କାଳୀଙ୍କର ଶପଥ ନେଇ କୁହ, କୁହନା ?"

"ଆଚ୍ଛା, ବାବା, କାଲି ଯିବନି । ଯିବନି । ହେଲା ।" ସୁରଜିତ୍ ଖୁବ୍ ଜୋରରେ କୁଣ୍ଢେଇ ଧରିଲା ସୁଜାତାକୁ ।

ଆଶଙ୍କାର ରାତି ଘନୀଭୂତ ହୋଇଛି । ଏକ ପ୍ରବଳ ଅସ୍ଥିରତା ନୂତନ ନଗରୀର ସ୍ନାୟୁରେ ସ୍ନାୟୁରେ । ବାହାରର ଶ ନ୍ଦୀର ଏକ ଘୋଡ଼ଣୀ ମାତ୍ର । ତା'

ଭିତରେ କୁହୁଳି କୁହୁଳି ଏକାଠି ହୋଇ ସଞ୍ଚାରିତ ହେଉଛି ପ୍ରବଳ ଶକ୍ତିଶାଳୀ ବାଷ୍ପ । ଯେ କୌଣସି ମୁହୂର୍ତ୍ତରେ ବିସ୍ଫୋରିତ ହୋଇ ଉଠିବ; କିନ୍ତୁ ସେଇ ଆଶଙ୍କାର ଗ୍ଳାନି ସମସ୍ତ କାମନା ବାସନାକୁ ସମ୍ପୂର୍ଣ୍ଣଭାବେ ନିଶ୍ଚିହ୍ନ କରିଦେଇ ନାହିଁ । ଗଣେଶ ପଣ୍ଡା ଭାବୁଛି ତା'ର ପ୍ରମୋସନର କଥା । ପ୍ରତିଦ୍ୱନ୍ଦ୍ୱିତା ଭିତରେ ନିଜକୁ ନିଃଶେଷ କରୁଛି ନୂତନ ନଗରୀର ଭୂମିସ୍ୱାଂଶ ଜନତା । ସେଇ ବାଷ୍ପ ଏକାଭାବେ ବିସ୍ଫୋରିତ ହେଉଛି କଳାଙ୍କରେ ପ୍ରତିଦ୍ୱନ୍ଦ୍ୱିତାରେ, ଈର୍ଷାରେ, ଦ୍ୱେଷରେ, ଲୋଭରେ । ସମସ୍ତେ ତାକୁ ଶେଷ କରିବାକୁ ଚାହାଁନ୍ତି । ସେଇ ଅବଦମିତାବଚେତନାକୁ ନିଶ୍ଚିହ୍ନ କରିବାକୁ ଚାହାନ୍ତି ବିଭିନ୍ନ ପରିପ୍ରେକ୍ଷୀରେ ।

ପରଦିନ ସକାଳ ।

ଭୂପତି ପଚାରିଲେ, "କିରେ ବ୍ରଜ ଯାଉନୁ ? ସୁର, ତୁ ବି ?"

"ଯିବାକୁ ଇଚ୍ଛା ହେଉନି । ଦେହଟା କେମିତି ଲାଗୁଛି ।"

"ଆଉ ସୋମନାଥ ? ତମେ ?"

"ନା, ମୁଁ ବି ଯିବିନି ।"

"ତେବେ ମୁଁ ଆଉ କାହିଁକି ଯିବି ?"

ଗଣେଶ ପଣ୍ଡା ଦାନ୍ତଦୁଆର ଅଳ୍ପ ମେଲାକରି ବାହାରକୁ ଚାହିଁଲେ । ତା'ପରେ ସୁରେଶ ମହାନ୍ତିଙ୍କୁ ତାଙ୍କ ଗେଟ୍ ପାଖରେ ଦେଖି ବାହାରକୁ ଆସିଲେ ।

"ଆରେ ମହାନ୍ତିବାବୁ ଗୁଡ୍ ମର୍ଣ୍ଣିଂ ।"

"ଗୁଡ୍ ମର୍ଣ୍ଣିଂ, ଗୁଡ୍ ମର୍ଣ୍ଣିଂ, ଗୋଟାଏ କାମରେ ଆସିଥିଲି ।"

"କ'ଣ ?"

"ମୁଁ ଆଜି ଆଉ ଯିବିନି, ଏଇ ଦରଖାସ୍ତଟା—"

"ଆରେ ମୁଁ ବି ଭାବିଥିଲି ସେଇକଥା । ମୁଁ ବି ତ ଯାଉନି ।"

"ତେବେ ?"

"ଦେଖିବା, ବେନାର୍ଜି ବୋଧହୁଏ ଯିବ ?"

"କ'ଣ ବେନାର୍ଜି ବାବୁ, ସାତଟା ବାଜିଲାଣି ବାହାରି ନାହାନ୍ତି ? ଆଜି କ'ଣ—"

"ନା, ମୁଁ ଆଜି ଯାଉନି ।"

"ଆରେ କ'ଣ ହେଲା ? ସେ ପଟେ ହୋ ହୋ କାହିଁକି ଶୁଣା-ଯାଉଛି ?"

"ଦେଖନ୍ତୁ ତ ?"

ଗୋଟାଏ ଲୋକ ଧଇଁସଇଁ ଧାଇଁଛି । "କ'ଣ କଥା କ'ଣ ?"

"ସେକ୍‌ଟର ସ୍କୁଲରେ କାଲି ରାତିରେ କବନ୍ଧ ଆସି କେମିକାଲ ଇଞ୍ଜିନିୟର ମୁଜାଫର ହୋସେନକୁ ହତ୍ୟା କରିଛି ।"

"ସତେ ?"

"ହଇ ପରା, କମ୍ପାନୀ ଗାଡ଼ି ଆସି ତାଙ୍କ ସ୍ତ୍ରୀ ଓ ପିଲାପିଲିଙ୍କୁ ନେଇ ଗଲେଣି ।"

ସ୍ତବ୍ଧ ହୋଇ ଛିଡ଼ା ହୋଇ ରହିଲେ ତିନିଜଣ । ରକ୍ଷା ନାହିଁ । ରକ୍ଷା ନାହିଁ । କବନ୍ଧ ପ୍ରବେଶ କରିଛି ନୂତନ ନଗରୀ ଭିତରେ । ସବୁ ନିର୍ଭରତା ଏଥର କଟି ଯାଇଛି । ଯାହା କିଛି ସନ୍ଦେହ ଥିଲା କବନ୍ଧର ଶକ୍ତି ବିଷୟରେ ଆଜି ସମସ୍ତ ଉଭେଇ ଯାଇଛି । ନା କବନ୍ଧକୁ ରୋକିବା ବାସ୍ତବିକ୍ ଦୁଷ୍କର । ଅପ୍ରତିହତ ତା'ର ଗତି । ଦୁର୍ଦ୍ଦମନୀୟ, ପ୍ରଚଣ୍ଡ ।

ଦୁଃଖ ଆଉ ଭୟରେ ଆଖିରେ ପାଣି ଜମି ଆସିଲା ସୁରେଶ ମହାନ୍ତିଙ୍କର । ମୁଜାଫର । ଏକା ସାଙ୍ଗରେ ପଢୁଥିଲେ ବନାରସ୍ ବିଶ୍ୱବିଦ୍ୟାଳୟରେ । ପାଖକୁ ପାଖ ରୁମ୍ । ତାଙ୍କର ମେକାନିକାଲ ଓ ମୁଜାଫରର କେମିକେଲ । ଏତେ ସୁନ୍ଦର ଏତେ ମେଧାବୀ, ଏତେ ଦୟାଳୁ । ଲକ୍ଷ୍ନୌରୁ ପ୍ରାୟ ପ୍ରତି ରବିବାର ଦିନ ତା'ର ଜଲଖିଆ ଆସେ । କେବେ ସେ ଏକା ଖାଏନି । ସାଙ୍ଗ ସାଥୀଙ୍କୁ ସବୁ ଖୁଆଏ । କି ସୁନ୍ଦର ଗଜଲ ଗାଉଥିଲା ସେ । ଗାଲିବ୍, ଫିରାକ୍, ଶକିଲ୍ ସମସ୍ତଙ୍କର । କି ଅପୂର୍ବ କଣ୍ଠ ତା'ର ଥିଲା । ଆଉ ନିଜେ ବି ଥିଲା ଗୋଟାଏ କବି । ଶାୟର । ପ୍ରତିଦିନ ସକାଳେ କ୍ଲାସକୁ ଗଲାବେଳେ ରାସ୍ତାରେ ସେ ଗୋଟାଏ ନୂଆ ଶେର୍ ଶୁଣାଉଥିଲା । ଆଃ, କାଲି ତା ସାଙ୍ଗରେ ଦେଖା ହୋଇଛି । ଦୁଇଜଣଯାକ ଫେରିଛନ୍ତି ତା'ରି ଗାଡ଼ିରେ । ଅଥଚ ଆଜି ସେ ନାହିଁ । ତାକୁ କେହି ରକ୍ଷା କରି ପାରିଲେ ନାହିଁ । ବିଂଶ ଶତାବ୍ଦୀର ସୁସଭ୍ୟ ମଣିଷ ଆଜି କେବଳ ଗୋଟାଏ କବନ୍ଧର ଜ୍ୱାଳାରେ ବ୍ୟତିବ୍ୟସ୍ତ । ସେ ନିଜକୁ ତା'ଠାରୁ ରକ୍ଷା କରିପାରୁ ନାହିଁ । କି ହେବ ଏଇ ସଭ୍ୟତା ସଂସ୍କୃତିର ଅହଙ୍କାର ନେଇ । କ'ଣ ହେବ ତା'ର ଗର୍ଜ୍ଜନ, କଳା-ସ୍ଥାପତ୍ୟର ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରି ? ସବୁ ଭ୍ରାନ୍ତି, ସବୁ ମିଥ୍ୟା, ସବୁ କେବଳ ଆତ୍ମ-ପ୍ରବଞ୍ଚନା, କେବଳ ନାଟକ ଆତ୍ମ-ପ୍ରତାରଣା । ଆଖିରୁ ଲୁହ ପୋଛି ଫେରି ଆସିଲେ ଘରମୁହାଁ ହୋଇ ଦ୍ରୁତ ପଦରେ ।

ଖବରଟା ବିଜୁଳି ବେଗରେ ସେକ୍ଟରରୁ ସେକ୍ଟର, ଘରୁ ପ୍ରତିଘର ହୋଇ ବ୍ୟାପିଗଲା ନୂତନ ସହରରେ । ହଠାତ୍ ଧଡ଼ାଧଡ଼୍ ହୋଇ କବାଟ

ପଡ଼ିବାକୁ ଆରମ୍ଭ କଲା । ଦିନ ଆଠଟା ବେଳେ ବି ଗଭୀର ନିଶୁତି ଜମି ଆସିଲା ନୂଆ ସହରର ବୁକୁରେ । ଖବର ପରେ ଖବର । ଟ୍ରେନ, ବାସ୍, ଟେକ୍ସି, ରିକ୍ସା ସବୁ ବନ୍ଦ । ଦୋକାନ ବନ୍ଦ; ବଜାର ବନ୍ଦ । ଅଫିସ୍ ବନ୍ଦ, ସ୍କୁଲ ବନ୍ଦ । ଆଉ କିଛି ନାହିଁ । କବନ୍ଧ ଆସୁଛି । ନାଚ ନାଚ, ଦୁର୍ଦ୍ଦମନୀୟ ବେଗରେ ତା'ର ମୃତ୍ୟୁତାଣ୍ଡବର ମହୋଲ୍ଲାସରେ । ଆଉ ରକ୍ଷା ନାହିଁ ।

ପୁରୁଣା ସହର ଶ୍ମଶାନରେ ପରିଣତ ହୋଇଛି । ଚାରିଆଡ଼େ ଶବର ଗଦା କୁଢ଼ କୁଢ଼ ହୋଇ ଜମିଛି ଘରେ, ବାଡ଼ିଟରେ, ରାଜପଥରେ, ନର୍ଦ୍ଦମାରେ । ବୁଢ଼ା-ବୁଢ଼ୀ, ପ୍ରୌଢ଼-ପ୍ରୌଢ଼ା, ଯୁବକ ଯୁବତୀ, ଶିଶୁ କିଛି ଆଉ ବାଦ୍ ନାହିଁ । ସମସ୍ତେ ସେଇ ନୃଶଂସ କବନ୍ଧର ଶିକାର ହୋଇଛନ୍ତି । କେଉଁଠି ଅବା କିଏ ତା'ର କବଳରୁ ବର୍ତ୍ତିଯାଇ ଲୁଚି ବସିଛି । ଆଖି ଆଗରେ ଦେଖିଛି ତା'ର ଭାଇ ବନ୍ଧୁ, କୁଟୁମ୍ବ, ସ୍ତ୍ରୀ, ସନ୍ତାନ ସବୁ ଗୋଟି ଗୋଟି ହୋଇ କବନ୍ଧର କେମିତି ଶିକାର ହୋଇଛନ୍ତି, କିନ୍ତୁ ସେ ନୀରବରେ ବସି ରହିଛି । ବେଦନାର ଗୁରୁଭାରରେ ହୃଦୟ ଫାଟି ପଡ଼ୁଥିଲେ ସୁଦ୍ଧା ସେ କାନ୍ଦି ପାରୁନି । ଜଡ଼ଭରତ ପରି ବସି ରହିଛି କେବଳ ଭୟରେ ସ୍ତବ୍ଧ ହୋଇ । କେଉଁଠି ଅବା ଯୁବତୀ ନାରୀ ତା'ର ନାରୀତ୍ୱର ସର୍ବସ୍ୱ ହରାଇ ନିଃଶେଷ ହୋଇ ପଡ଼ି ରହିଛି ମୁମୂର୍ଷୁ ପରି । ତା ମୁହଁରେ ଟୋପାଏ ପାଣି ଦେବାକୁ କେହି ନାହିଁ । କେଉଁଠି ଅବା କବନ୍ଧର ଖେଆଲରୁ ମୁକ୍ତିଲାଭ କରି କେଉଁ ଏକ ପିତୃମାତୃ-ହରା ଶିଶୁ ଆକୁଳ କ୍ରନ୍ଦନରେ ଭସାଇ ଦେଉଛି । ମା' ମା' ଡାକି ଖୋଜି ବୁଲୁଛି ତା'ର ଆଶ୍ରୟସ୍ଥଳ ମା'କୁ । ଚାରିଆଡ଼େ ଏକ ବିଷାଦର ହା-ହା କାର । ଲକ୍ଷ୍ୟ ପ୍ରାଣର ଆକୁଳ କ୍ରନ୍ଦନ, ବିଷାଦର ଦୀର୍ଘ ଶ୍ୱାସ, ଭୟର ସ୍ୱେଦବିନ୍ଦୁ, ଆଉ ହତାଶାର ଲବଣାକ୍ତ ଲୋତକ ଆଉ ସର୍ବୋପରି ଶହ ଶହ ପ୍ରାଣୀର ଉଷ୍ମ ରକ୍ତ-ଧାରା ଗଗନପବନକୁ ବେଦନାର୍ତ୍ତ କରି ତୋଳୁଛି ସିନା, କିନ୍ତୁ କବନ୍ଧର ଅସୀମ ଦାଲଚର ଭିତରେ ସବୁ ନିଶ୍ଚିହ୍ନ ହୋଇ ଯାଉଛି । ଏଇ ବିଷାଦିତ ପୃଷ୍ଠଭୂମିରେ ଶୁଭୁଛି ତା'ର ଆନନ୍ଦର ବିକଟ ଅଟ୍ଟହାସ୍ୟ । ମହୋଲ୍ଲାସ ଓ ବିଜୟର ଉଦଉ କୁହାଟ । 'ବମ୍ ବମ୍ ଶିବଶମ୍ଭୁ' । 'ଜୟ ମା କାଳୀ', 'ଆଲ୍ଲା ହୋ ଅକବର' । ବହୁଦିନ ପରେ ପୁଣି କବନ୍ଧ ଫେରି ପାଇଛି ନିଜକୁ । ତା'ର ଅସୀମ ଶକ୍ତିକୁ । ଆଜି ତା'ର ମୁକ୍ତିର ଦିବସ । ତେଣୁ ସେ ରଚୁଛି ଆଜି ପ୍ରଳୟ ତାଣ୍ଡବ । ଧ୍ୱଂସ କରି ଦେବ ସେ ଅଜି ମଣିଷ-ସମାଜକୁ । ପଞ୍ଚବଟୀ ବନ ଜର ସମସ୍ତ ଋଷିମାନଙ୍କୁ । କେହି ତାକୁ ରକ୍ଷା କରି ପାରିବେ ନାହିଁ । ତା'ର କ୍ଷୁଧାର ଉପଶମ ନହେଲା ପର୍ଯ୍ୟନ୍ତ କୌଣସି ଶକ୍ତି ତା'ର ପ୍ରତିରୋଧ କରି ପାରିବ ନାହିଁ । ନାଚ, ନାଚ, ହତ୍ୟା, ଧ୍ୱଂସ । ଗରମ ଲହୁର ମଦିରାର ଆସ୍ୱାଦରେ ସେ ଆଜି ଆହୁରି ମାତିଲା, ଆହୁରି ଉଚ୍ଛୃଙ୍ଖଳ । ଅନେକ ଅନନ୍ଦ ମଣିଷର ଲହୁ ପିଇବ ସେ । ଅନେକ ଅନନ୍ଦ ତାକୁ ମାଡ଼ି ମକଚି, ଦଳି ଧ୍ୱଂସ କରିବାରେ । ଶିଶୁର ନରମ ବେକରେ ଆସ୍ତେ କରି ବୁଲେଇ ଦିଅ ଟିକିଏ ଛୁରିକା ।

ପୁରୁଷର ବଳିଷ୍ଠ ବୁକୁରେ ଆଘାତ କରି ଧ୍ୱଂସ କରି ତାକୁ ସେଇ ଛୁରିକା ନେଇ । ଆଉ ନାରୀର ନରମ ଛାତିର ଉଦ୍ଧତ ସ୍ତନକୁ କାଟିଦିଅ ଛେନା ପରି । 'ବଂ ବଂ ଶିବଶମ୍ଭୁ ! ସେଇ ସୁନ୍ଦର ନାରୀକୁ ଉପଭୋଗ କରି । ତାକୁ ଛିନ୍ନ ଭିନ୍ନ କରି ଶାଗୁଣା ପରି ଖାଇଯାଅ । 'ଆଲ୍ଲା ହୋ ଆକବର' । ଶଙ୍ଖ-ଧବଳ ଗ୍ରୀବାଗୁଡ଼ିକେ ମୋଟା ନଳିଟାକୁ କାଟି କାଟି ଦୁଇଭାଗ କରି । 'ଜୟ ମା କାଳୀ', 'ବୀର ହନୁମାନ କି ଜେ' ।

ପ୍ରଳୟ ନର୍ତ୍ତନରେ ଅବିଶ୍ରାନ୍ତ ଭାବରେ ନାଚି ଗ୍ଲଲିଛି କବନ୍ଧ ।

ହେକ୍‌ଟର ଢ଼ିରିଶରେ କବନ୍ଧ ଆସି ତା'ର ପ୍ରଥମ ପଦଚିହ୍ନ ରଖି ଦେଇ-ଗଲାଣି । ଆଉ ରକ୍ଷା ନାହିଁ । ଆଜ ତା'ର ବିଜୟ ଅଭିଯାନ ଆରମ୍ଭ କରିବ ସେ । ନା, ଆଉ ସହର ଛାଡ଼ିଯିବାର ଉପାୟ ନାହିଁ । ଏ ଅଭିଶପ୍ତ ସହରର ସମସ୍ତ ମୁକ୍ତି ପଥ ବନ୍ଦ । ଆଉ ଉପାୟ ନାହିଁ । ଏଇ ମୃତ୍ୟୁ ଉପତ୍ୟକା ଭିତରେ ସମସ୍ତଙ୍କର ସମାଧି ହୋଇଯିବ ବହଳ ଭସ୍ମର ଘନ ଅଙ୍ଗାରକାମ୍ଳ ବାଷ୍ପରେ ଶ୍ୱାସରୁଦ୍ଧ ହୋଇ ।

ସୋମନାଥ କାନ୍ଦୁଛି । ଆଉ ତା'ର ବାସର ରାତିର କାବ୍ୟନାୟିକାର ସ୍ପର୍ଶ ସେ ପାଇବନି ତା'ର ଲଙ୍କା-ରଙ୍ଗା ନରମ ଓଠର ସ୍ଫୁରିତ ଶିହରଣକୁ ନିଜର ଓଠର ପିଆଲରେ ଭରିଦେଇ ତା'ର ମଦୁଆଳିଆ ରସରେ ଆତ୍ମବିସ୍ମୃତ ହୋଇ ପାରିବନି । ବାହାଘରର ମାତ୍ର କେତେଟା ମାସ କେତେ ସ୍ୱପ୍ନ, କେତେ କଳ୍ପନା । ସବୁ ଆଜ ଜାଣି ଶୁଣି ଆଖି ଆଗରେ ଧୀରେ ଧୀରେ ତାସର ଘର ଭାଙ୍ଗି ପଡ଼ୁଛି । ଅଃ ବିନୀତା । ବିନୀତା ମରିବା ଆଗରୁ ଥରେ ଯଦି ତା'ର ଦେଖା ପାଆନ୍ତା । କେବଳ ଯଦି ଥରକ ପାଇଁ ପଆନ୍ତା ସେଇ ମଧୁକ୍ଷରା ଓଷ୍ଠର ସ୍ପର୍ଶ । କେବଳ ଥରକ ପାଇଁ ଶୁଣନ୍ତା ତା'ର ମଧୁଭାଷା, ଥରକ ପାଇଁ ଅନୁଭବ କରନ୍ତା ତା'ର ମଧୁଝରା ମଧୁହାସ, ଆଉ ସ୍ୱପ୍ନଭରା ଆଖିରେ ବିହ୍ୱଳ ଗୃହିଣୀ; କିନ୍ତୁ ନା, ସେ ଆଉ ଆସି ପାରିବ ନି । ସେ ମଧ ଯାଇ ପାରିବନି । ସବୁ ବାଟ ବନ୍ଦ । ତେବେ କ'ଣ ସେ ଏମିତି ବିନା ଚେଷ୍ଟାରେ ଅସହାୟ ଦୁର୍ବଳଭାବରେ ନିଜକୁ ନିଃଶେଷ କରିଦେବ ? ନା, ନା, ତାହାହେଲେ ମୃତ୍ୟୁପରେ ସେତେବେଳେ ବିନୀତା ପଚ୍ଚାରିବ ତୁମେ କ'ଣ ଆସିବାକୁ ଚେଷ୍ଟା କରିଥିଲ । ସେ କ'ଣ ଉତ୍ତର ଦେବ ? ଏଇଠି ଖାଲି ବସି ବସି ଭାବିଲେ ଲାଭ କ'ଣ ? ତା'ର କିଛି କରିବା ଉଚିତ । ସେ ଯେମିତି ହେଉ ଏଇ ଶାପଗ୍ରସ୍ତ ନଗରୀରୁ ମୁକ୍ତି ନେଇ ପଳାଇବା ଉଚିତ; କିନ୍ତୁ କେମିତି ? କୋଉ ଉପାୟରେ ? ସହରର ଆଗ ଷ୍ଟେସନ ପର୍ଯ୍ୟନ୍ତ ଟ୍ରେନ ଅସୁଛି । ସେ ଯଦି ସେତିକି ବାଟ ଚାଲିଯାଇ ପାରନ୍ତା ତେବେ ଆଉ ଅସୁବିଧା କିଛି ରହନ୍ତା ନାହିଁ । କେତେ ବାଟ ହେବ

ସେଇ ଜାଗା ? କେବେ ତ ସେ ଆଗରୁ ସେ ବିଷୟରେ ପଗ୍ଭରି ଦେଖିନି। ଓଃ, ନିଜପ୍ରତି ଘୃଣାରେ ନିଜେ ବିଷାକ୍ତ ହୋଇ ଉଠିଲା ସୋମନାଥ। ମନେ ମନେ ପୁଣି ହିସାବ କରିବାକୁ ଲାଗିଲା। ହୋଇପାରେ ବାର ମାଇଲ। ସନ୍ଧ୍ୟାବେଳେ ବାହାରି ଗଲେ ସେ ସକାଳେ ଯାଇ ସେଠାରେ ପହଞ୍ଚି ପାରିଥିବ। ଅତଏବ ଯାହା ହେଉନା କାହିଁକି ସେ ନିଶ୍ଚୟ ଯିବ।

ବ୍ରଜ କାନ୍ଦୁଛି। କାନ୍ଦି କାନ୍ଦି ତା'ର ଜୀବନର ଶେଷ ଇଚ୍ଛା ଲିପିବଦ୍ଧ କରୁଛି। ପୂରା ପ୍ୟାଡ଼ଟା ଶେଷ କରି ସାରିଲାଣି ସାରା ରାତିଟା ବସି ବସି କଟେଇ ଦେଇଛି ସେ। କ'ଣ ଲେଖୁଛି କେଜାଣି ?

ଭୂପତି ଛଟପଟ ହେଉଛନ୍ତି ଖଟ ଉପରେ। ଘରେ ବୃଦ୍ଧା ପିତାମାତା। ଦୁଇଟି ଭଉଣୀ। ଭଉଣୀର ବାଧ୍ୟତର ହୋଇ ପାରନି ବୋଲି ଏପର୍ଯ୍ୟନ୍ତ ସେ ବିବାହ କରି ପାରି ନାହାନ୍ତି। ଏକମାତ୍ର ପରିବାରର ଅନ୍ନଦାତା ସେ। ଆଜି ଯଦି ତାଙ୍କର ମୃତ୍ୟୁ ହୋଇଯାଏ କ'ଣ ହେବ ସେମାନଙ୍କର ? ତାଙ୍କର ଭବିଷ୍ୟତ ଜୀବନର ଦୁର୍ଦ୍ଦଶାର କଥା ସ୍ମରଣ କରୁ କରୁ ସେ ଆଖିର ଲୁହରେ ତକିଆ ଭିଜେଇ ସାରିଲେଣି ସାରାରାତିଟା ଧରି।

ମୋର ଅବଶ୍ୟ ପ୍ରେମିକା ନାହାନ୍ତି କି ପରିବାରର ଚିନ୍ତା ବି ମୋର ନାହିଁ; କିନ୍ତୁ ତଥାପି କାହିଁକି ଏଇ ଅଯଥା ଭାବରେ ମୃତ୍ୟୁବରଣ କରିବା ଲାଗି ଦେହମନ ବିଦ୍ରୋହ କରି ଉଠୁଛି। ମନେ ପଡ଼ୁଛି ଅତୀତ ଜୀବନରେ ଘଟିଥିବା ଯେତେ ସୁଖର କାହାଣୀ। ଆଶ୍ଚର୍ଯ୍ୟ। ଯୋଉଗୁଡ଼ା ମୁଁ ଭୁଲି ଯାଇଥିଲି ବୋଲି ଭାବୁଥିଲି ସବୁଗୁଡ଼ା ପୁଣି ଝିକିମିକି ହୋଇ ଫୁଟି ଉଠୁଛି ଆଖି ଆଗରେ। ମୋର ଆଖିରେ ମଧ୍ୟ ଲୁହ। ଉପାୟହୀନତାର, ଦୁର୍ବଳତାର।

ଆଶଙ୍କା, ଉଦ୍‌ବେଗ, ଉକଣ୍ଠା ନେଇ ଆହୁରି ଗୋଟିଏ ରାତି କାଟିଲା ଇସ୍ପାତ ନଗରୀ।

ସକାଳୁ ଆସି ପହଞ୍ଚିଲେ ଇଞ୍ଜିନିୟର ସୁରେଶବାବୁ। "ଏମିତି କରି ଦୁର୍ବଳ ଭାବରେ, ଅସହାୟ ଭାବରେ ତ ତା'ର ଅତ୍ୟାଚାରକୁ ସହ୍ୟ କରିଗଲେ ଚଳିବ ନାହିଁ। ଆମ୍ଭେମାନେ ମଣିଷ। ତା'ର ଅନ୍ତତଃ ପ୍ରତିବାଦ ଦରକାର, ପ୍ରତିରୋଧ ଦରକାର। ନ ହେଲେ ବାହାର ଲୋକ କ'ଣ କହିବେ ? ଆମେ ଶିକ୍ଷିତ, ସଭ୍ୟ, ମାର୍ଜିତ। ଆମର ଦୃଷ୍ଟିକୋଣ ଏମିତି ହେବା ଉଚିତ ନୁହେଁ। ଯଦି ପ୍ରତିରୋଧ କରୁ କରୁ ମୃତ୍ୟୁ ହୁଏ ସେଇଟା ବରଂ ଶ୍ରେୟ; କିନ୍ତୁ ଏମିତି ଚୁପ୍‌ଚାପ୍ ନିଷ୍କ୍ରିୟ ଭାବରେ ବସିରହି ନିଜକୁ ତା' ପାଖରେ ବଳି ଦେବାରେ କ'ଣ ବୀର୍ଯ୍ୟ ହୁଏ ? ଚାଲନ୍ତୁ ଆମ୍ଭେମାନେ ବସି ଗୋଟାଏ କମିଟି କରିବା ସେଇଠି ବସି ଉପାୟ ନିର୍ଦ୍ଧାରଣ କରିବା।" ହଠାତ୍

ଗୋଟାଏ ଆଶାର କ୍ଷୀଣସୂତ୍ର ଉଦ୍ଧତ ହେବା ଦେଖି ଆମେ ସମସ୍ତେ ସେଇଟାକୁ ନେଇ ବଞ୍ଚିବାପାଇଁ ଉଠିବସି ଲାଗିପଡ଼ିଲୁ । ସତେ ତ, ଏମିତି ଦୁର୍ବଳ ଭାବରେ ବସି ଅଶ୍ରୁମୋଚନ କରିବାରେ ଲାଭ କ'ଣ ? ଏଇ ଆଇଡିଆଟା ସମସ୍ତଙ୍କ ମନକୁ ଏମିତି ପାଇଲା ଯେ ଆମେ ଯାଇ ସୁରେଶବାବୁଙ୍କ ଘରେ ପହଞ୍ଚିବା ଆଗରୁ ଦେଖିଲୁ ଆମ ଏ ପାଖର ପ୍ରାୟ ସବୁ ଲୋକ ସେଇଠି ପହଞ୍ଚି ଯାଇ ସାରିଲେଣି । ସାଙ୍ଗେ ସାଙ୍ଗେ ସେଇଠୁ ଆମ ଭିତରୁ ମନୋନୀତ ହୋଇ କମିଟି ହେଲା । ସେକ୍ଟର କମିଟି, ତା' ପରେ ଲାଇନ୍ କମିଟି । ସମସ୍ତେ ସେଥିରେ ସଭ୍ୟ । ସାଙ୍ଗେ ସାଙ୍ଗେ ବିଚାର ଆଲୋଚନା ବି ଚାଲିଲା । ସେ ଭିତରେ ଗରମାଗରମ ଯୁକ୍ତିତର୍କ ବି ଆରମ୍ଭ ହେଲା । ମଝିରେ ମଝିରେ ଏମିତି ହେଲା ଯେ ଆମେ କେଉଁଥିପାଇଁ ଏଠାକୁ ଆସିଛୁ, ସେଇଟାକୁ ବି ସମସ୍ତେ ଭୁଲିଗଲୁ । ଯାହାହେଉ ପ୍ରାୟ ତିନି ଚାରିଘଣ୍ଟାର ଅକ୍ଳାନ୍ତ ପରିଶ୍ରମରେ ଓ ଅଜସ୍ର ବାକ୍ୟ ବ୍ୟୟରେ ପ୍ରସ୍ତାବ ଗ୍ରହଣ କରାଗଲା । ଦିନବେଳେ ସମସ୍ତେ ପ୍ରସ୍ତୁତ ହୋଇ ରହିବେ । ଯଦି କେଉଁଠି କେତେବେଳେ କବନ୍ଧର ଛାୟା ଦେଖାଗଲା ତେବେ ସିମିତି ଗୋଟାଏ ମିନଟରେ ଯେ ଯାହାର ଆୟୁଧ ନେଇ ବାହାରକୁ ବାହାରି ଆସିବେ । ରାତି କଥା ଅଲଗା । ସନ୍ଧ୍ୟା ଛ'ଟାରୁ ସକାଳଟା ଛ'ଟା ପର୍ଯ୍ୟନ୍ତ ସବୁ ରାସ୍ତାରେ ପହରା ଦେବାକୁ ପଡ଼ିବ । ପ୍ରତି ଦଳରେ ଅନ୍ୟୂନ ଦଶଜଣ ଲୋକ ରହିବେ । ଆଉ ପ୍ରତି ଦୁଇଘଣ୍ଟାରେ ଥରେ ଲେଖାଏଁ ଡିଉଟି ପରିବର୍ତ୍ତିତ ହେବ । ତାହାହେଲେ କେହି ପୂରାପୂରି କ୍ଳାନ୍ତ ହୋଇ ପଡ଼ିବେ ନାହିଁ । ଦରକାର ପଡ଼ିଲେ ଯୁଦ୍ଧ କରିବାକୁ ସେମାନେ ମଧ୍ୟ ଯୋଗ୍ୟ ରହିବା ଉଚିତ୍ ।

ଅନ୍ତତଃ ଦ୍ୱିପ୍ରହରଟା ଏଇ କଥାର ଆଲୋଚନାରେ କଟିଗଲା । କ୍ଷଣକପାଇଁ ସମସ୍ତେ ଯେମିତି ଯୁଦ୍ଧର ସ୍ୱାଦ ପାଇ ବଞ୍ଚିଲେ । ତେଣୁ ଦ୍ୱିଗୁଣ ଉତ୍ସାହ ଓ ଉଦ୍ଦୀପନା ନେଇ ଆମେ ପୁଣି ସନ୍ଧ୍ୟାବେଳେ ବାହାରି ପଡ଼ିଲୁ । ସୋମନାଥ ଯେ ପରେ କୁଆଡ଼େ ଖସିଗଲା ଆମେ କେହି ଲକ୍ଷ୍ୟ କରିନୁ । କାରଣ ସେତେବେଳେ ଆମ ମନରେ ଆସିଥାଏ ନୂତନ ଉତ୍ସାହର ଜୁଆର । ଆଉ ଭୟର ଚିନ୍ତାର ପ୍ରାବଲ୍ୟ ଏତେ ନଥାଏ । ପ୍ରଥମ ଦଳରେ ଆମେ ଚାରିଜଣ ଓ ଅନ୍ୟ ଛ'ଜଣ ରହିଲୁ, କିନ୍ତୁ ଆମର ଡିଉଟି ପଡ଼ିଲା ରାତି ବାରଟାରୁ ରାତି ଦୁଇଟା । କାରଣ ଆମର ତ ଆଉ ପରିବାର ନାହିଁ । ତେଣୁ ଆମକୁ ସେଇ ସମୟର ଡିଉଟିଟା ଦିଆଯାଇଛି ବିଚାର କରି । କିଛି ଅବଶୋଷ ନାହିଁ । କାରଖାନାରେ ତ ପୁଣି ରାତି ଡିଉଟି ହେଉଛି । ଏଣୁ ଆମର ଡିଉଟି ସମ୍ବନ୍ଧରେ ସୁରେଶବାବୁଙ୍କ ଠାରୁ ଠିକ ଖବର ନେଇ ଫେରିଆସି ଦେଖୁ ତ ସୋମନାଥ ନାହିଁ । ସେ ତ କୁଆଡ଼ିକୁ ବି ହାରିଯିବା ପିଲା ନୁହେଁ । ତା' ପୁଣି ବର୍ତ୍ତମାନ ସମୟରେ । ଆମ ମନରେ ପାପ ଛୁଇଁଲା । ରାତି ଆଠଟା ବାଜିଲଣି । କୁଆଡ଼େ ଗଲା ସେ । ହଠାତ୍ ଭୂ ପତିର ମନେପଡ଼ିଲା ଯେ ସକାଳେ ସହରର ଆଗ ଷ୍ଟେସନଟାର ଦୂରତା ପଚାରୁଥିଲା ବୋଲି; କିନ୍ତୁ ସେ କଥାଟାର ଗୁରୁତ୍ୱ ସେତେବେଳେ ଦେଇ

ନ ଥିଲା । ତେବେ ସେ କ'ଣ ସେ ଆଡ଼କୁ ଚାଲି ଯାଇଛି । ତଥାପି କାଲେ ଏଇ ପାଖରେ ଥିବ ଏମିତି ଭାବି ସାରା ସେକ୍ଟରର ଚିହ୍ନାଜଣା ଲୋକଙ୍କ ଘରେ ପଚାରି ଆସିଲୁ; କିନ୍ତୁ ସୋମନାଥର ଦେଖା ନାହିଁ । ନିଶ୍ଚୟ ସେ ସେଇଆଡ଼କୁ ଚାଲିଯାଇଛି । ହଠାତ୍ କଣ ଗୋଟାଏ ଭାବନା ଖେଳିଗଲା ଆମ ସମସ୍ତଙ୍କ ମନରେ । ଭୂପତି ଚାହିଁଲା ମୋ ମୁହଁକୁ । ମୁଁ ଚାହିଁଲି ବ୍ରଜ ମୁହଁକୁ । ଭୂପତି ମୁହଁ ତଳକୁ କଲେ । ଆମେ ସମସ୍ତେ । ରାସ୍ତାଟା ପୁରୁଣା ସହର ପାଖଦେଇ । ଅନେକ ସମୟ ଧରି ଆମେ ଚୁପ୍‌ଚାପ୍ ବସି ରହିଲୁ । କୋଠରୀର ନିଃଶବ୍ଦତା ଯେମିତି କ୍ଷଣକୁ କ୍ଷଣ ଆହୁରି ବେଶୀ ବେଶୀ ଭାରୀ ହୋଇ ଉଠୁଥାଏ । ବ୍ରଜ ଆଉ ସହ୍ୟ କରି ପାରିଲାନି । ସୋମନାଥର ବିଛଣାକୁ କୁଣ୍ଢେଇ ଧରି ଭେଁ କରି କାନ୍ଦି ଉଠିଲା । ଭୂପତି ଆଉ ମୁଁ ସମ୍ଭାଳି ପାରିଲୁ ନାହିଁ ।

ରାତି ସାଢ଼େ ଦଶଟା । ନା, ଆଉ ଭାବିବାର ସମୟ ନାହିଁ । ଡିଉଟି କରିବାକୁ ପଡ଼ିବ । ଦିନବେଳେ କୌଣସିମତେ ମେସ୍‌ର ରୋଷେଇ ଘର ଝାଡ଼ାଝାଡ଼ି କରି ଫୁଟା-ଫୁଟି କରି ଦି'ଟା ଭାତ ସମସ୍ତେ ଖାଇଥିଲୁ । ତା'ପରେ ସେକ୍ଟରର ଶେଷର ଦୋକାନକୁ ବହୁତ କୁହାବୋଲା କରି ତା'ର ଦୋକାନରୁ ଦି'ଦିନ ତଳର ଶୁଖିଲା ପାଉଁରୁଟି, କିଛି ଅଣ୍ଡା, ଚା' ଓ ଚିନି ଆଣି ରଖିଥିଲୁ । ଅନ୍ତତଃ ତିନି ଚାରିଦିନ ପାଇଁ । ତା'ପରେ ଯେ କ'ଣ ହେବ କେଜାଣି । କାରଣ ସେ ଦୋକାନୀ ପାଖରେ ଆଉ କିଛି ଜିନିଷ ନଥିଲା । ଅନ୍ଧାରେ ଅନ୍ଧାରେ ଅଭିରାମବାବୁ କହିଲେ, "ଯାହା ଜଣାପଡ଼ୁଛି, କବନ୍ଧ ଆସୁ କି ନ ଆସୁ, ଆମ ଭିତରୁ ଅଧେ ଭୟରେ ତ ଅଧେ ଶୋକରେ ମରିଯିବା ।" ଖାଇବାକୁ ଇଚ୍ଛା ଆଉ ନ ଥାଏ । ସକାଳର ସମସ୍ତ ଉନ୍ମାଦନା, ସମସ୍ତ ଉତ୍ସାହ, ଉଦ୍ଦୀପନା ଥଣ୍ଡା ପଡ଼ିଯାଇଥାଏ । ତଥାପି କୌଣସିମତେ ଟଣ୍ଡେ ଦୁଇଟଣ୍ଡେ ଖାଇ, ଚା' କପେ କପେ ପିଇ ସମସ୍ତେ ବାହାରିପଡ଼ିଲୁ ଡିଉଟିପାଇଁ । କୌଣସିମତେ ବଞ୍ଚିବାକୁ ପଡ଼ିବ । ନିଜକୁ ରକ୍ଷା କରିବାକୁ ପଡ଼ିବ । ଖାଇପିଇସାରି ବାହାର କବାଟରେ ତାଲା ଝୁଲେଇ ସାଙ୍ଗରେ ତିନିଟା ବଡ଼ ବଡ଼ ଠେଙ୍ଗା ନେଇ ଆମେ ଗେଟ୍ ଖୋଲି ବାହାରକୁ ଆସିଛୁ କି ନାହିଁ ଗଳିମୁଣ୍ଡରେ ଶୁଣାଗଲା ଗୋଟାଏ କୋଳାହଳ । ଗୁଡ଼ାଏ ଲୋକଙ୍କର ପାଟି ଓ ଚିତ୍କାର । ସଙ୍ଗେ ସଙ୍ଗେ ଠେଙ୍ଗା ନେଇ ଧାଇଁଲୁ ସେଇଆଡ଼କୁ । ହଠାତ୍ ଭିଡ଼ ଠେଲି ଭିତରକୁ ଯାଇ ଦେଖୁଁ ତ ଗୋଟାଏ ପାଗଳା ଲୋକକୁ ଘେରି ସମସ୍ତେ ପିଟିବୁଣ୍ଡ ଆରମ୍ଭ କରିଛନ୍ତି । ପାଗଳଟି କେତେବେଳେ ହସୁଛି, କେତେବେଳେ କାନ୍ଦୁଛି । କେତେବେଳେ ମାରିଗୋ ଡାକୁଛି । ମୁଣ୍ଡର ବାଳ ଇତସ୍ତତଃ । ବାଁପାଖ ମୁଣ୍ଡଟା ଫାଟି ସେଇଠି ରକ୍ତ ବୋହି ଶୁଖିଯାଇଛି । ପାଖକୁ ଯାଇଁ ଦେଖୁଁ ପାଗଳଟି ଆଉ କେହି ନୁହେଁ, ଆମରି ସୋମନାଥ । ଖବର ନେବାରୁ ଜଣାଗଲା ସେକ୍ଟରର ଲାଇନ୍ କମିଟି ତାକୁ ଲୁଚି ଲୁଚି ଯାଉଥିବାର ଦେଖି କବନ୍ଧ ଭାବି ଯାଇ ଠେଙ୍ଗାଏ ପକାଇଲେ । ତା'ପରେ କାହା ମନରେ କି ସୁବୁଦ୍ଧି ହେଲା କେଜାଣି ତା' ପକେଟ୍

ଦରଣ୍ଡିବାରୁ ପାଇଲେ କମ୍ପାନୀର ଆଇଡେଣ୍ଟିଟି କାର୍ଡ଼ । ସେଇଠୁ ତାଙ୍କୁ ଆଣି ଆମ କମିଟି ପାଖରେ ବର୍ତ୍ତମାନ ଛାଡ଼ି ଦେଇଛନ୍ତି । ସୋମନାଥଙ୍କୁ ଆଉ ଚିହ୍ନି ହେଉନି । କ'ଣ ହୋଇଛି ତା'ର ରୂପ ଏଇ ଦୁଇଘଣ୍ଟା ଭିତରେ । ନାଁ, ତା'ର ବଞ୍ଚିରହି ଲାଭ ନାହିଁ । ଏମିତି ପାଗଳ ହୋଇ ବଞ୍ଚିବାରେ ଲାଭ କ'ଣ ? ନା, ଆଉ ସମୟ ନାହିଁ । ତିନିଜଣ ମିଶି ତାଙ୍କୁ ଧରାଧରି କରି ନେଇ ଆସିଲୁ ମେସ୍‌କୁ । ପାଖରେ ଯାହା ବେଣ୍ଡେଜ ତୂଳା ଥିଲା ସେଇଆ ଦେଇ ତାଙ୍କୁ ବେଣ୍ଡେଜ୍ କରିଦେଲୁ । ଡାକ୍ତର ଏଇନେ ଆସିବ କେଉଁଠୁ ? ଚାମୁଚରେ ଗରମ ଚା' ଟିକେ ଟିକେ କରି ତାଙ୍କୁ ପିଆଇ ଦେଲୁ । ଯଦି ସେ ଭଲ ହୁଏ ତା'ର ଭାଗ୍ୟ । ଆଉ ଯଦି ନ ହୁଏ ଆମର ଅସହାୟତା । ବ୍ରଜଙ୍କୁ ତା'ପାଖରେ ଛାଡ଼ି ଆମେ ଦି'ଜଣ ବାହାରି ଆସିଲୁ ।

ଛୁଆଗୁଡ଼ାକ କେତେବେଳୁ ଶୋଇ ପଡ଼ିଲେଣି; କିନ୍ତୁ ସେମାନଙ୍କୁ ବି ହେଉଛି କ'ଣ କେଜାଣି ସମସ୍ତେ ଆଉ ପୂର୍ବପରି ଶୋଇ ପାରୁ ନାହାନ୍ତି ? ଚମକି ଚମକି ଉଠି ପଡ଼ୁଛନ୍ତି । ଏଇ ଚାରିଘଣ୍ଟା ଭିତରେ ଝିଅଟା ପାଞ୍ଚଥର ଉଠିଲାଣି । ରାତି ବାରଟା ବାଜିବାକୁ ଦଶମିନିଟ୍ ଅଛି । ମହାନ୍ତି ଗୃହିଣୀଙ୍କ ଆଖିରେ ନିଦ ନାହିଁ । ଇଏ ସେଇ ଦଶଟା ବେଳୁ ଯାଇଛନ୍ତି । ବାରଟା ବେଳକୁ ଫେରିବା କଥା । ଅଜଣା ଆଶଙ୍କାରେ ମନଟା ଭରି ହୋଇ ଉଠୁଛି । ପ୍ରତୀକ୍ଷାର ଉଦ୍‌ବେଗରେ ସେ ଅସ୍ଥିର ହୋଇ ଉଠିଛନ୍ତି । ବାରମ୍ବାର ଘଣ୍ଟାଟା ଆଡ଼କୁ ଆଖି ଫେରି ଯାଉଛି ଓଃ, ଆହୁରି ଦଶମିନିଟ୍ । ଟିକିଏ ଶୀଘ୍ର ଆସନ୍ତେ ନାହିଁ । କି ହେବ ଆଉ ଡିଉଟି ଦେଇ । କବାଟ ଫାଙ୍କରେ ଚାହିଁଲେ । ନା, ଆସିବାର କାହାରି ଦେଖା ଦର୍ଶନ ନାହିଁ । ଚାରିଆଡ଼େ ନିସ୍ତବ୍ଧ । ପୁଣି କବାଟକୁ ବନ୍ଦକରି ସେ ଭିତରକୁ ଆସି ବସିଲେ । କ'ଣ ବସି ହେଉଛି ?

ନା, ଆଉ ବସି ହେବ ନି । କବାଟ ଝରକା ବନ୍ଦ ହୋଇ ଘର ଭିତରଟା ଅଣନିଃଶ୍ୱାସୀ ଲାଗୁଛି । ପଣ୍ଡା-ଗୃହିଣୀ ପଙ୍ଖାଟା ଆହୁରି ଜୋରରେ ବୁଲେଇ ଦେଲେ । ଚାରିଟା ପିଲା ନିଶ୍ଚିନ୍ତରେ ସେ ପାଖ ଖଟ ଉପରେ ଶୋଇଛନ୍ତି । ବଡ଼ଟା ଅନେକ ସମୟ ଚେଇଁଥିଲା । ଏଇନା ଶୋଇଛି । ଲାଇଟ୍‌ଟା ଜଳେଇ ଚାରିଟା ପିଲା ଆଡ଼କୁ ଥରେ ସ୍ନେହ ଭାବରେ ଆଖି ବୁଲେଇ ନେଉ ନେଉ ଆଖି ତାଙ୍କର ଅଶ୍ରୁ-ସଜଳ ହୋଇ ଉଠିଲା । ମା' ଷଠୀ କୋଟି ଆୟୁଷ ଦେଇଥା'ନ୍ତୁ । ମା' କଟକଚଣ୍ଡୀ ରକ୍ଷା କରନ୍ତୁ । କେତେ ଡର କରୁଛନ୍ତି ଇଏ କେଜାଣି ? ଆଶଙ୍କା, ଉଦ୍‌ବେଗରେ ବିରକ୍ତ ହୋଇ ଉଠିଲେଣି । କ'ଣ ଯେ ଡିଉଟି କରୁଛନ୍ତି କେଜାଣି ? ଘରେ ଇଆଡ଼େ ବଳେଇ ପିଲାଟାକୁ ମା'ରିବା ପାଇଁ ଜୁ ନାହିଁ; ସେ ପୁଣି ଯାଇଛନ୍ତି କବନ୍ଧ ସଙ୍ଗରେ ଲଢ଼େଇ କରିବାକୁ ? ଗୋଠ ମା'ଢିଲେ ଝିଣ୍ଟିଆ ମାତେ । ଆହା କେତେ ଭୋଳା ଲୋକଟା । ମା'ଗୋ କଟକଚଣ୍ଡୀ ତୋ'ତେ କଳାଶାଢ଼ୀ ଦେବି ମା' । ତତେ

ଶହେ ଆଠ ଫୁଲ ଚଢ଼େଇବ । ରୂପାଚନ୍ଦ୍ରିକା ଦେବ। ମା'ଗୋ ତାଙ୍କୁ ସହାୟ ହୋଇ ଥା' । ବେକରେ କାନି ଗୁଡ଼େଇ ଦଣ୍ଡବତ ହେଲେ ପଣ୍ଡା-ଗୃହଣୀ ।

ମା' ଗୋ । ମା' ଦକ୍ଷିଣେଶ୍ୱରୀ କାଳୀ । ମା' ଦୁର୍ଗା ।

ଏଥର ଯଦି ଭଲରେ ଭଲରେ କଲିକତା ଫେରିଯାଏ ବୋଦା ବଳି ଦେବ ମା' । ତୁ ତାଙ୍କୁ ସହାୟ ହୋଇ ଥା ମା' । କମିତି ଭଲରେ ଏ ଦୁର୍ଯୋଗ କଟିଯାଏ । ଆଃ, ରାତି ବାରଟା ହେଲଣି । କି ବୁଦ୍ଧି ଏଇ ମଣିଷଟାର କେଜାଣି । ଘରେ ଏକୁଟିଆ ଯୁବତୀ ସ୍ତ୍ରୀକୁ ରଖି ଦେଇ ବାହାରେ ଲଢ଼େଇ କରିବାକୁ ଯାଇଛନ୍ତି । ଯଦି ଏଇନା କିଏ ପଶିଆସେ ମୁଁ କ'ଣ କରିବ ? ରାତି ବାରଟା ବାଜିବାକୁ ବସିଲଣି, ସ୍ୱାଙ୍କର ଆଉ ଉତ୍ପତି ସରୁ ନି । ସେଇ ସାଢ଼େ ନ'ଟା ବେଳୁ ବାହାରି ଗଲେଣି । ସମସ୍ତେ କ'ଣ ତାଙ୍କ ପରି ଏତେ ଆଗରୁ ଯାଉଛନ୍ତି । ଏଇଟା କ'ଣ କାରଖାନା ଉତ୍ପତି ହୋଇଛି ଯେ ଖାତାରେ ନାଲି ଦାଗ ପଡ଼ି ଯାଉଛି । ଆଶ୍ଚର୍ଯ୍ୟ ସ୍ୱାଙ୍କର କଥା ସବୁ । ସାରା ଜୀବନ ତ ପଢ଼ାପଢ଼ିରେ କଟି ଯାଇଛି । ଜୀବନରେ କେବେ ଲଢ଼ି ଦେଖି ନାହାନ୍ତି । ଏ ପୁଣି କରିବେ ଲଢ଼େଇ ? ତା'ଠୁ ବରଂ ଏଇଠି ବସିଥିଲେ ଭଲ ହୋଇଥାନ୍ତା । ଆରେ କିଏ, କିଏ । ନା' କେହି ନୁହେଁ । ବିଲେଇଟା ଏ କାନ୍ଥରୁ ସେ କାନ୍ଥକୁ ଡେଇଁ ପଡ଼ିଲା । ମା' ଗୋ । ନା, ଆଉ ପାରିବ ନି । କାଲିଠୁଁ ମନା କରିଦେବି ତାଙ୍କର ଆଉ ଯିବା ଦରକାର ନାହିଁ ।

ଫାତିମା ବେଗମ୍ କହିଲା ସେକ୍ ମହତାବ୍‌କୁ । ତୁମେ ଆଜି ଆଉ କାହାରି ସାଙ୍ଗରେ ଯାଅନା । କର୍ମୀମାନଙ୍କୁ ଫୋନ୍ କର । ଆମେ ପଳେଇବା କାରଖାନା ଭିତରକୁ । ଏଇଠି ରହିବାପାଇଁ ମୋ ମନ ଜମା ଭଲ ଲାଗୁନି । ସତରେ, କାହିଁକି କେଜାଣି ଭୀଷଣ ଅସ୍ୱସ୍ତି ଲାଗୁଛି ।

"ତୁମେ ଖାଲି ମିଛଟାରେ ଚିନ୍ତା କରୁଛ ? ଏଇଠିକୁ କବନ୍ଧ ଆସି ପାରିବ ନାହିଁ । ତା'ଛଡ଼ା ଏଇ ତ ଏଇଠି ଅଶୋକ ଗୃହଟାର୍ଜି, ଭୂପିନ୍ଦର ସିଂ, ବେଣୁ ଲେଙ୍କା ପ୍ରଭୃତି ସମସ୍ତେ ଅଛନ୍ତି । ସେମାନେ ତ ପଳେଇ ଯାଉ ନାହାନ୍ତି ?"

"ସେମାନେ ତ ଆଉ ଆମପରି ନୁହଁନ୍ତି ?"

"କାହିଁକି ?"

"ସେମାନେ ତ ଆମ ଧର୍ମର ନୁହଁନ୍ତି ?"

"ହେଲା ତ କ'ଣ ହେଲା ? କବନ୍ଧ ଆସିଲେ କ'ଣ ଭାବିଛ ସେ ଖାଲି ଧର୍ମ ବାଛି ବାଛି ଖାଇବ । ତା'ର କଛି ବାଛ ବିଚାର ନାହିଁ । ବୁଝିଲ । ସେ ନିର୍ବିଚାରରେ ସମସ୍ତଙ୍କୁ ଖାଇବ । ଏଣୁ ମରିବା ଯଦି ସମସ୍ତେ ଏକା ସାଙ୍ଗରେ ମରିବା । ମୁଁ ଯଦି

ବର୍ତ୍ତିମାନ ପଳେଇ ଯାଏ, ସେମାନେ ସବୁ କ'ଣ ଭାବବେ ? ମହବ୍ତାବ୍ ଆମକୁ ବିଶ୍ବାସ କରି ପାରିଲା ନାହିଁ । ପରେ ତାଙ୍କୁ ମୁହଁ ଦେଖେଇ ପାରିବ ?"

"କିନ୍ତୁ—?"

"କିନ୍ତୁ ଫିନ୍ତୁ କିଛି ନୁହେଁ । ଫତିମା, ସବୁ ଠିକ୍ ହୋଇଯିବ ।"

"ତମେ ଯାହା ଭଲ ଭାବୁଛ କର ।"

"ଆଚ୍ଛା ତୁମକୁ ଯଦି ଭୟ ଲାଗୁଛି, ତୁମକୁ ତୁମର ଫୁଫୁ ଘରେ ଛାଡ଼ି ଦେଇ ଆସିବି ? କିନ୍ତୁ ଯିବା କେମିତି ? ନା, ଆଉ କିଛି ଭାବନି । ଯାହା ହବାର ହବ । ସବୁ ଆମର ଭାଗ୍ୟ ।"

ମହବ୍ତାବ୍ ବାହାରିଲା ଲଇନ୍ କମିଟିରେ ଯୋଗ ଦେବାକୁ, ଅଶୋକ, ଭୂପିନ୍ଦର, ବେଣୁ ପାଣ୍ଡେ, ରାମମୂର୍ତ୍ତି ସବୁ ଏକାଠି ହୋଇ ବସିଛନ୍ତି । ମହବ୍ତାବ୍ ଯାଇ ପହଞ୍ଚିଲା । ଲେଙ୍କା କହିଲା, "ଏଇ ତ ମହବ୍ତାବ୍ ଆସିଗଲା ।" "କାହିଁକି କ'ଣ ହେଲା ?" "ନା, ତମର ବିଷୟରେ କଥା ପଡ଼ିଥିଲା ।" "କି କଥା ?" "ଦେଖ୍ ମହବ୍ତାବ୍, ତୋତେ ଗୋଟାଏ କଥା କହିବି ଭୁଲ୍ ବୁଝିବୁନି । ଦେଖ୍' ତୁ ଏଠୁ ଚାଲି ଯା, କାଲି ସକାଳୁ ।" "କାହିଁକି ?" "ଆଗ ଶୁଣ ସାର ।" "ଆମେ ମୂଲନାଥନ୍ ବାବୁଙ୍କୁ କହି ଦେଇଛୁ । ସେ କାଲି ସକାଳେ ଫୋନ୍ କରି କମ୍ପାନୀରୁ ଗାଡ଼ି ମଗାଇ ନେବେ । ତୁ ଓ ତୋର ସ୍ତ୍ରୀ ସେଇ ଗାଡ଼ିରେ ଇଂଜିନିୟରିଂ କଲେଜ ଭିତରକୁ ଚାଲିଯିବ । ଏଇ କେଇଟା ଦିନ ସେଇଠି ରହିଯା । ପରେ ବରଂ ଫେରି ଆସିବୁ ।" "କିନ୍ତୁ କାହିଁକି ? ତୁମେ କ'ଣ ମୋତେ ବିଶ୍ବାସ କର ନା ?" "ନା, ମହବ୍ତାବ୍, ଆମେ ନିଜକୁ ବିଶ୍ବାସ କରୁନା ।" ଅଶୋକ କହିଲା । ତା'ର ହାତ ଦୁଇଟା ଧରି ପକେଇଲା ଭୂପିନ୍ଦର । "ମହାତାବ୍, ହମେ ମାଫ୍ କରୋ ।" "କିନ୍ତୁ କ'ଣ ହେଲା ତୁମମାନଙ୍କର ? ମୋ ପାଇଁ କାହିଁକି ଏତେ ଚିନ୍ତା ?" "ତୁ ସବୁ ଜାଣିଶୁଣି ଅବୁଝା ହୋ ନା ମହବ୍ତାବ୍ । କବନ୍ଧ ଆସୁଛି ।" "କିନ୍ତୁ ତୁମେମାନେ ?" "ଆମମାନଙ୍କ କଥା ଅଲଗା ।" "ତେବେ ମୁଁ ବି ଅଲଗା । ଲେଙ୍କା, ଭୂପିନ୍ଦର, ଅଶୋକ ଶୁଣ— ମୁଁ ବୁଜଦିଲ୍ ନୁହେଁ । ମୁଁ ଡରରେ ପଳେଇବିନି । ଆଉ ପଳେଇବି ବା କୋଉଠିକି ? ତୁମମାନଙ୍କର ଯୋଉ ବନ୍ଧୁତ୍ୱ ମୁଁ ଏତେ ବର୍ଷଧରି ପାଇ ଆସିଛି, ଯଦି ମୁଁ ବର୍ତ୍ତିମାନ ଏଇଠୁ ପ୍ରାଣଭୟରେ ପଳେଇ ଯାଏ ତେବେ ତା'ର ବି କି କୈଫିୟତ୍ ମୁଁ ଆଲ୍ଲା ପାଖରେ ଦେବି ? ଯଦି ମୁଁ ମରେ ତେବେ ମୁଁ ତୁମରିମାନଙ୍କ ଭିତରେ ମରିବି । ଯଦି ମୋର ତକ୍‌ଦିର୍‌ରେ ଏଇଟା ଲେଖା ଅଛି, ଯଦି ଆଲ୍ଲାଙ୍କର ଏଇ ଇରାଦ୍, ତେବେ ମୋର ସେଇଆ ହେବ; କିନ୍ତୁ ଭାଇ ଦୋସ୍ତିକୁ ମୁଁ କଳଙ୍କିତ କରିପାରିବି ନାହିଁ, ମୋତେ ମାଫ୍ କର ।

ସମସ୍ତେ ଚୁପ୍ ହୋଇଗଲେ । ନା, ସ୍ୱା ଉପରେ ଆଉ କିଛି କଥା କହି ହେବନି । ସ୍ୱତ ପ୍ରାୟ ଗୋଟାଏ ହେବ, ହଠାତ୍ ସେକ୍ଟରରୁ ଶୁଭିଲା ଗଣ୍ଡଗୋଳ ଓ ଚିତ୍କାର । ସେଇଟା ଆମ ପାଖ ସେକ୍ଟର । ଆମେ ବୁଲୁଥିଲୁ ଆଠଜଣ । ସାଙ୍ଗେ-ସାଙ୍ଗେ ଆମେ ବି ଚିତ୍କାର କରି ଉଠିଲୁ ଏକା ସାଙ୍ଗରେ । ମୁହୂର୍ତ୍ତକ ମଧ୍ୟରେ ସାଇରେନ୍ ପରି ସେଇ ଶବ୍ଦର ଝଙ୍କାର ଖେଳିଗଲା ଆମ ଲାଇନ୍ ଗୃହପଟେ । ଧଡ଼୍ ଧାଡ଼୍ କବାଟ ମେଲା ହୋଇଗଲା । ଯେମିତି ହଠାତ୍ କିଏ ଗୋଟାଏ ବୁଲ ଡ୍ୟାମ୍‌ର ସୁଇସ୍ ଗେଟ୍ ଏକା ସାଙ୍ଗରେ ଖୋଲି ଦେଇଛି । କାହା ହାତରେ ଛୁରା, କାହା ହାତରେ ବନ୍ଧୁକ, କାହା ହାତରେ ଲାଠି । ପଟ୍ଟନାୟକ, ମହାନ୍ତି, ପଣ୍ଡା, ବାନାର୍ଜି, ଘୋଷ, ସିଂ, ରାମମୂର୍ତ୍ତି, ଆପ୍ପାରାଓ, ମୁରଲୀନାଥନ୍ ସମସ୍ତେ । କ'ଣ ହେଲା ? କାହିଁ ? କାହିଁ ? କବନ୍ଧ କାହିଁ ? ନା, ଆଜି ବହୁଦିନର ଉତ୍କଣ୍ଠାର ଶେଷ । ହୁଏତ କବନ୍ଧର ମୃତ୍ୟୁ ନ ହେଲେ ନିଜର ମୃତ୍ୟୁ । ଏଇ ଉଦ୍‌ବେଗ ଆଉ ଆଶଙ୍କା ଅସହ୍ୟ । ପାଗଳ ହୋଇ ଛୁଟିଛନ୍ତି ସମସ୍ତେ । କାହିଁ, କେଉଁଠି ? ଆମେ ସମସ୍ତେ ଛୁଟିଲୁ ସେଇଆଡ଼କୁ । ଯାଇ ଦେଖୁ ତ ସମସ୍ତେ ଘୂଲିଛନ୍ତି ଗୋଟାଏ ଘରଆଡ଼କୁ । ସେଇ ଘର ଦ୍ୱାରପାଖରେ ଶୁଭୁଛି ଚିତ୍କାର ।

କିଏ ଜଣେ ଚିତ୍କାର କରି କହୁଛି—ଏଇଠି ଅଛି ସେ କବନ୍ଧ । ସେ କବନ୍ଧର ବଂଶଧର । ଯେଉଁ କବନ୍ଧ ଆମର ଭାଇମାନଙ୍କୁ ଖାଇଛି । ଆମର ମା, ଆମର ଭଉଣୀ, ଆମର ଶିଶୁମାନଙ୍କୁ ହତ୍ୟା କରିଛି ନିର୍ବିବାଦରେ । ଯେ ଆମର ଭଉଣୀମାନଙ୍କୁ ଧର୍ଷଣ କରିଛି, ମାତାର ସ୍ତନ କାଟି ନେଇଛି, ଏଇଠି ଅଛି ସେ କବନ୍ଧ । "ଭାଙ୍ଗ କବାଟ, ଭାଙ୍ଗ ଦ୍ୱାର ।"

ହଠାତ୍ ହଜାର କଣ୍ଠରୁ ଶୁଭିଲା ଚିତ୍କାର 'ଭାଙ୍ଗ ଦ୍ୱାର' । ମୁଁ ଚମକି ପଡ଼ିଲି, ଏଇ ତ କବନ୍ଧର ପାଟି, ଏଇଆ ତ କବନ୍ଧର ଯୁଦ୍ଧଂ ଦେହି ଡାକ । ତେବେ କ'ଣ ? ତେବେ କ'ଣ ?···ହଠାତ୍ ଦେଖିଲି ମୁଁ କବନ୍ଧକୁ । ତା'ର ଗୋଟିଏ ହାତ ନୁହେଁ, ସହସ୍ର ହାତ । ତା'ର ଶକ୍ତି ଗୋଟାଏ ଦେହରେ ନାହିଁ, ସହସ୍ର ଦେହରେ । ତା'ର କ୍ଷୁଧା ଗୋଟାଏ ପେଟରେ ନାହିଁ, ଅନନ୍ତ ପେଟରେ । ସେହି ସେ ସହସ୍ର ଚକ୍ଷୁ, ସହସ୍ର ହସ୍ତବିଶିଷ୍ଟ ମହାଭୟଙ୍କର, ମହାଶକ୍ତିଶାଳୀ, ଛିନ୍ନମସ୍ତା କବନ୍ଧ ନାଚି ନାଚି ଉଠୁଛି । ସେଇ ବିକଟାଳ ଚିତ୍କାର ଭିତରେ ଲୁଚିଗଲା ଗୋଟିଏ କ୍ଷୀଣକାୟ ମଣିଷର ଆତୁର ଚିତ୍କାର । ବ୍ୟାକୁଳ କ୍ରନ୍ଦନ । ଆଃ, ଇଏ କ'ଣ ? ସେଇ ସଦା ସ୍ନେହଶୀଳ, ଅପରିସୀମ ଦୟା-କରୁଣାର ଅଫୁରନ୍ତ ସାଗର, ଲେଙ୍କା ବାବୁ ? କ'ଣ ହୋଇଛି ତାଙ୍କର ? ତାଙ୍କର ମୁଣ୍ଡଟା କିଏ କାଟି ନେଇଛି ? ଆଉ ସେ ଏମିତି ପାଗଳ ହୋଇ ଉଠୁଛନ୍ତି କାହିଁକି ? ମୁଁ କ'ଣ ଠିକ୍ ଦେଖୁଛି ? ମୁଁ କ'ଣ ଠିକ୍ ବୁଝି

ପାରୁଛି । ମହାନ୍ତି, ପଣ୍ଡା, ବାନାର୍ଜି, ଘୋଷ, ଲେଙ୍କା, ଢ୍ମମୂର୍ତ୍ତି, ସିଂ, ପାଣ୍ଡେ କାହାନ୍ତି ? ସମସ୍ତଙ୍କର ମୁଣ୍ଡ କାହିଁ ? ନା, ମୁଣ୍ଡ ମୋର ଘୂରୁଛି ? ମୁଁ ପାଗଳ ହୋଇଯିବି ? ଝାଇଁ ଝାଇଁ ଘୂରୁଛି ମୁଣ୍ଡ । ଅବଶ ହୋଇ ଉଠୁଛି ଦେହ ହାତ । ଏଇ ତେବେ ସେଇ ଅଶରୀରୀ କବନ୍ଧର ପ୍ରତିରୂପ ?

କିନ୍ତୁ ପଡ଼ୁ ପଡ଼ୁ ଶୁଣିଲି ଦୁଇଟି କାତର ଧ୍ୱନି । "ଭୂପିନ୍ଦର ।" "ଦୋସ୍ତ ।" "ଅଶୋକ ଦାଦା ।" ମୁଁ ଯେ ତୁମର ଭଉଣୀ ।"

କିନ୍ତୁ ତା'ପରେ କବନ୍ଧର ବିକଟ ମହୋଲ୍ଲାସରେ ସବୁ କିଛି ନିଶ୍ଚିହ୍ନ ହୋଇଗଲା ।

ମୁଁ ବି ଟଳିପଡ଼ିଲି ସଂଜ୍ଞାହୀନ ଭାବରେ ।

ପାରୁଛି । ମହାନ୍ତି, ପଣ୍ଡା, ବାନାର୍ଜି, ଘୋଷ, ଲେଙ୍କା, ରାମମୂର୍ତ୍ତି, ସିଂ, ପାଣ୍ଡେ କାହାନ୍ତି ? ସମସ୍ତଙ୍କର ମୁଣ୍ଡ କାହିଁ ? ନା, ମୁଣ୍ଡ ମୋର ଘୂରୁଛି ? ମୁଁ ପାଗଳ ହୋଇଯିବି ? ଝାଁଇଁ ଝାଁଇଁ ଘୂରୁଛି ମୁଣ୍ଡ । ଅବଶ ହୋଇ ଉଠୁଛି ଦେହ ହାତ । ଏଇ ତେବେ ସେଇ ଅଶରୀରୀ କବନ୍ଧର ପ୍ରକୃତରୂପ ?

କିନ୍ତୁ ପଡ଼ୁ ପଡ଼ୁ ଶୁଣିଲି ଦୁଇଟି କାତର ଧ୍ୱନି । "ଭୂପିନ୍ଦର ।" "ଦୋସ୍ତ ।" "ଅଶୋକ ଦାଦା ।" ମୁଁ ଯେ ତୁମର ଭଉଣୀ ।"

କିନ୍ତୁ ତା'ପରେ କବନ୍ଧର ବିକଟ ମହୋଲ୍ଲାସରେ ସବୁ କିଛି ନିଶ୍ଚିହ୍ନ ହୋଇଗଲା ।

ମୁଁ ବି ଢଳି ପଡ଼ିଲି ସଂଜ୍ଞାହୀନ ଭାବରେ ।

# ଇନ୍ଦ୍ରଧନୁର ରଙ୍ଗ

ଶ୍ରୀମତୀ ବୀଣାପାଣି ମହାନ୍ତି

"ତୁ ପଛଆଡ଼ୁ ମୁଁ ସାଇଡ୍‌ରୁ ଏକା ସାଙ୍ଗରେ ପୁସ୍ କର ଦେଲେ—ବୁଝିଲୁ...ଏଁ... !"

ସଞ୍ଜୟ ସିଗାରେଟ୍ ଲାଇଟର୍‌ଟା ବନ୍ଦ କରିବାକୁ ସମୟ ବି ପାଇଲେ ନାହିଁ, ଯଦିଓ ପରିଷ୍କାର ତାଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ରର ସୂଚନା ସେ ଜାଣିପାରିଲେ । ଆଖି ପିଛୁଳାକେ ଲାଇନ୍‌ରୁ ଖସି ଯାଉ ଯାଉ ସେ ଅଟକି ଗଲେ । କିନ୍ତୁ ନିମିଷକେ ପଛରେ ଥିବା ଲୋକ ଆଗକୁ ଚାଲି ଆସିଥିଲେ ।

ସଞ୍ଜୟ ସେମାନଙ୍କୁ ଅବାକ୍ ହୋଇ ଚାହିଁଥିଲେ । ଦୁଇଟି ଅପ୍ରାପ୍ତବୟସ୍କ ବାଳକ । ପନ୍ଦର କି ଷୋଳ ବର୍ଷ ହେବ ସେମାନଙ୍କର ବୟସ । ଅଥଚ ସଞ୍ଜୟଙ୍କୁ ଲାଇନ୍‌ରୁ ଖସାଇ ଦେଇ ବେଶ୍ ନିର୍ବିଘ୍ନରେ କିଛି ନ ଜାଣିଲା ପରି ଛିଡ଼ା ହୋଇଛନ୍ତି ।

ସଞ୍ଜୟ ରାଗି ଆସୁ ଆସୁ ହଠାତ୍ ନିଜକୁ ସମ୍ଭାଳି ନେଲେ । ଟ୍ରେନ୍ ଆସିବାର ଶେଷ ସଙ୍କେତସ୍ୱରୂପ ଥାର୍ଡ଼ ବେଲ୍ ବାଜି ଉଠିଲା । ସେ ବ୍ୟସ୍ତ ହୋଇ ଟିକେଟ୍ କ୍ଲର୍କ ଆଡ଼କୁ ଟଙ୍କାଟା ବଢ଼ାଇ ଦେଲେ ।

ଦୂରରେ ଛିଟିକି ପଡ଼ିଥିବା ସିଗାରେଟ୍‌ରୁ ଧୂଆଁ ଉଠୁଛି ।

ସେକେଣ୍ଡ କ୍ଲାସ କମ୍ପାର୍ଟମେଣ୍ଟ । ତିଳ ପକାଇବାକୁ ଜାଗା ନାହିଁ । ଆଜି ଆଉ ଗାଡ଼ିରେ ଡୋଲେଇ ଡୋଲେଇ ଆରାମ କରିବାର କି ସୁସୁଖ ମାରି ରାତ୍ର ଅଧରେ ଆକାଶକୁ ଚାହିଁବାର କୌଣସି ଉପାୟ ନାହିଁ । କୌଣସିମତେ ଚାରିଖଣ୍ଡେ ଜାଗାରେ ନିଜର ସ୍ଥିତି ରଖି ପାରିଲେ ହେଲା । କାହାର ଗୋଟାଏ ବିରାଟ ଟ୍ରଙ୍କ ରହିଛି—ତା'ଉପରେ ବସି ପଡ଼ିଲେ ସଞ୍ଜୟ !

ଧସ୍ତାଧସ୍ତି । ପାଟିତୁଣ୍ଡ । କୋଳାହଳ । ଜାଗା ନାହିଁ । ସ୍ଥାନ ଅଭାବ—ଯେତେ ଦିଅ—ସେତେ ଅଭାବ...ଆହୁରି ଲୋଡ଼ା...ଲୁଣ ଚାଉଳଠାରୁ ଆରମ୍ଭକରି ଚନ୍ଦ୍ରମଣ୍ଡଳରେ ସ୍ଥାନ ପର୍ଯ୍ୟନ୍ତ ! ସେଇ ଚିରନ୍ତନ ଆଦିମ ସ୍ୱର...ଦିଅ, ଆଉ ଦିଅ ! ରେଲଡବା ଅଣ୍ଟୁନି, ବସ୍ ଅଣ୍ଟୁନି, ଏରୋପ୍ଲେନ୍ ଅଣ୍ଟୁନି —ଘରଦ୍ୱାର ଜମିବାଡ଼ି ସବୁ ଅଭାବ, ଦେଶରେ ଲୋକ ଧରିବାକୁ ଜାଗା ନାହିଁ । ଚାରିଆଡ଼େ ଖାଁ, ଖାଁ,

ଅଭାବ ଅନାଟନର ଦାରୁଣ ଚାପ । ଉତ୍ପାଦନ ଯେତେହେଲେ ବି ଅଣ୍ଟୁ ନାହିଁ, ଯୋଗାଣ ଯେତେ ହେଲେ ବି ଗୃହଦା ତାକୁ ବଳି ପଡୁଛି ! କେଉଁ ସରକାର, କେଉଁ ପାର୍ଟି ଏଇ ଚିରନ୍ତନ ସମସ୍ୟାର ସମାଧାନ କରିବ ?

ସନ୍ତୋଷଙ୍କ ଚିନ୍ତାଧାରା ପଛଆଡ଼ୁ ଏକ ଆଘାତ ପାଇ ହଠାତ୍ ବନ୍ଦ ହୋଇଗଲା ! କିଏ ଯେପରି ସମସ୍ତ ଶକ୍ତି ଖର୍ଚ୍ଚ କରି ତାଙ୍କୁ ଘୁଞ୍ଚାଇବାରେ ଲାଗିଛି ଟ୍ରଙ୍କ ଉପରୁ ।

ଆଶ୍ଚର୍ଯ୍ୟ ହେଲେ ସନ୍ତୋଷ । ସେଇ କିଶୋର ବାଳକ ଦୁଓଟି ତାଙ୍କୁ ଲାଇନ୍‌ରୁ ଠେଲି ଦେଇ ଆଗରୁଆ ଟିକେଟ୍ କାଟିଥିଲେ ବି ଆଗରୁଆ ସିଟ୍ ପାଇ ନାହାଁନ୍ତି । ବିରକ୍ତ ହେଲେ ବି ମନେ ମନେ ସେ କିଛି କହି ପାରିଲେନି । କମ୍ପାର୍ଟମେଣ୍ଟରେ ଗୋଡ଼ ପକାଇବାକୁ ଜାଗା ନାହିଁ । କିଏ ବସିଛି, କିଏ ଶୋଇଛି, କିଏ ଛିଡ଼ା ହୋଇଛି—ସେଥିରେ ବିଭିନ୍ନ ତର୍କ, ବିତର୍କ । ଅସମୟରେ ଅଜାଗାରେ ସ୍ଫାଡ଼୍ ସ୍ଫାଡ଼୍ ଗୁଡ଼ାଏ ଗପିବା ଲୋକଙ୍କର ଯେପରି ଏକ ବଦଭ୍ୟାସ ! ଯାବତ୍ ଅର୍ଥନୀତି, ରାଜନୀତି ଆଉ ଧର୍ମଚର୍ଚ୍ଚା ଏଇଠି !

ବାଁ ପାଖ ବେଞ୍ଚରେ ଧାଡ଼ି ହୋଇ ଛ'ସାତ ଜଣ ସ୍ତ୍ରୀ ଲୋକ ବସିଛନ୍ତି । ଅଣଓଡ଼ିଆ ସମସ୍ତେ । ହରେକ୍ ରକମ୍ ବେଶ । ଯାବତୀୟ ଅଳଙ୍କାରରେ ବେଶଭୂଷା ହୋଇ ଜଣେ ପ୍ରୌଢ଼ା ଭଦ୍ରମହିଳା ଅତିରିକ୍ତ ମାତ୍ରାରେ ପାଟି ଲାଲ୍ କରି ଚୋବାଉଥାନ୍ତି । ପାଟିରୁ ପାନ ଛେପ ନିଗିଡ଼ି ଗୁଡ଼ିଏ ଲୁଗା ଉପରେ ପଡୁଥାଏ । ପାଖରେ ତାଙ୍କର ଟନୁପାତଳୀ ଝିଅଟିଏ । ମୁହଁରେ ତା'ର ଭୟାନକ ବିରକ୍ତି । ବାରମ୍ବାର ଘଡ଼ି ଦେଖି ସେ ଚାଲିଥାନ୍ତି । ହାତରେ ଖୋଲା ଥିବା ମ୍ୟାଗାଜିନ୍‌ରୁ ଗୋଟାଏ ଅକ୍ଷର ପଢ଼ି ବୁଝିପାରିବା ସମ୍ଭବ ନୁହେଁ···।

ହଠାତ୍ ଗୋଟାଏ ଝାଁକୁଣୀରେ ସନ୍ତୋଷଙ୍କ ମୁହଁଟା ଆଣ୍ଠୁରେ ବାଡ଼େଇ ହୋଇଗଲା । ପିଲା ଦୁଓଟିଙ୍କି ଏଥର ସେ ବୁଲି ପଡ଼ି କହିଲେ—

"ଆରେ ବାବୁ ! ଟିକେ ମଣିଷକୁ ମଣିଷ ବୋଲି ଜ୍ଞାନ କର—ଟିକେଟ୍ ତ କିଣାଇ ଦେଲନି—ଗଦିରେ ବସିନ, ଆଉ ଏଇ ଟିଣପଟାଖଣ୍ଡିକ ଉପରେ ତମର ଏତେ ହିଂସା ?"

"ଆପଣଙ୍କର ଏ ଟ୍ରଙ୍କ ?" ସେମାନଙ୍କ ମଧ୍ୟରୁ ଜଣେ ପ୍ରଶ୍ନ କଲା । ମୁହଁରେ ବିଦ୍ରୂପର ଇଂଗିତ । ଆଉ ଆଖିରେ ଅବଜ୍ଞା । ସତେ ବା ସନ୍ତୋଷଙ୍କର ସେ ଟ୍ରଙ୍କ ହୋଇଥିଲେ—ନିହାତି ଓଲଡ଼୍ ଫେସନଡ଼୍ ଉଲଫ ସେ ।

"ବ୍ୟକ୍ତିଗତ ସମ୍ପତ୍ତି ହୋଇଥିଲେ ଅଲଗା କଥା; କିନ୍ତୁ ଅନ୍ୟର ସମ୍ପତ୍ତି ଉପରେ ସମସ୍ତଙ୍କର ସମାନ ଅଧିକାର । ଏ କଥା ବୋଧହୁଏ ଆପଣଙ୍କୁ ଆଜି ବୁଝାଇବାକୁ ହେବ ନାହିଁ ।"

ସଜୟ ଡାଜୁବ୍ ହୋଇ ଅନେଇଥିଲେ । ଏ ସେଇ ଗଣତନ୍ତ୍ର ପ୍ରଜାତନ୍ତ୍ର ଦେଶର ପିଲ, ଯେଉଁମାନଙ୍କ ନୀତିବାଦ ଉପରେ ପଢ଼ିଲ ଶ୍ରେଣୀରୁ ଶିକ୍ଷା ଦେବାପାଇଁ ଏ ଦେଶର ବୁଦ୍ଧିଜୀବୀମାନେ ଯୋଜନା କରିଛନ୍ତି ! ଅଜବ୍ ଯୁକ୍ତି !

ବିସ୍ମୟ ଭାବ କଟିଲା ବେଳକୁ ସଜୟ ଆବିଷ୍କାର କଲେ—ସେ ଟ୍ରେନ୍‌ଟିର ଏକ ତୃତୀୟାଂଶ ଜାଗାରୁ ମଧ୍ୟ ଅତି କମ୍ ଜାଗାରେ ବସିଛନ୍ତି । ଆଉ ସେ ବାଳକ ବର୍ଷଟି "ବୋଲ ରାଧା ବୋଲ ସଙ୍ଗମ ହୋଗା କି ନେହିଁ" ଗୀତର ରେଆଜ୍ କରୁଛନ୍ତି ଆସ୍ତେ, ଆସ୍ତେ ।

ଡାହାଣ ପାଖ ବେଞ୍ଚର ଦୁଇ ପାଖରେ ବସିଛନ୍ତି ସ୍ୱାମୀ ସ୍ତ୍ରୀ ଦୁ'ଜଣ । ମଝିରେ ତାଙ୍କର ବର୍ଷଟି ଝିଅ ଶୋଇଛନ୍ତି । ଗୁଜରାଟେ ଡବାସାରା ପାଟି ତୁଣ୍ଡ ଲଗିଥିଲେ ବି ସେମାନେ ଯେପରି ସେଥିରୁ ବାହାର । ଭଦ୍ରମହିଳା କାଠ ପରି ବସିଛନ୍ତି, ଆଉ ଭଦ୍ରଲୋକ ? ସେ ବି ଚୁପ୍ ! ତାଙ୍କ ସହିତ ଆଳାପ କରିଯାଇ ପାରନ୍ତା; କିନ୍ତୁ ସେ ନିର୍ଲିପ୍ତ । କେମିତି ଯେମିତି ଖାପ୍‌ଛଡ଼ା । ସଜୟ ସିଗାରେଟ୍ ଧରି ସମ୍ମୁଖସ୍ଥ ନୀଳ ପ୍ରାନ୍ତରକୁ ଅନାଇଥିଲେ । ଶର୍ଦ୍ଦିର ଆକାଶ ଯେପରି ଭାରାକ୍ରାନ୍ତ !

ସେ ତନୁପାତଳୀ ଝିଅଟି ଆଡ଼କୁ ଅନାଇଲେ, ଆଖିରେ ତା'ର ଆଖିଏ ନିଦ । ସେ ଢୋଳେଇ ପଡ଼ି ସେ ପାଖର ଭଦ୍ରମହିଳାଙ୍କ ଉପରେ ନ ପଡ଼ୁଣୁ, ଗୁଡ଼ାଏ କାଚ ଏକା ସଙ୍ଗରେ ଝୁମ୍‌ଝୁମ୍ କରି ଭଦ୍ରମହିଳା ପାଟିକରି ଉଠିଲେ—

"ମ, ମ, ନିଶ୍ୱାସ ନେବାକୁ ଯା' ନାହିଁ । ତୁମକୁ ନିଦ ଆସୁଛି କେମିତି ବା ?"

ଝିଅଟି ଫିକ୍ କରି ହସି ଦେଲା । ଲଜେଇ ଯାଇଛି । ଡବାସାରା ଲୋକ ବଲ ବଲ କରି ତା'ଆଡ଼କୁ ଗୁହିଁଛନ୍ତି ଯେ, "ତମର ଘର କେଉଁଠି ? ବର ସାଥିରେ ଯାଉଛ କି ଏକଲା ବା ? କେତୋଟି ପିଲା ? କେଉଁଠି ଓହ୍ଲେଇବ ?"

ଝିଅଟି ଉତ୍ତର ନ ଦେଇ ମୁଣ୍ଡ ହଲେଇ ନାସ୍ତି ଜଣେଇଲା । ସତେ ଯେମିତି ତୁଣ୍ଡ ଖୋଲିବାକୁ ତା'ର ବଳ ପାଉ ନାହିଁ । ପ୍ରୌଢ଼ା ସ୍ତ୍ରୀଲୋକଟି ମସ୍ତ ଏକ ଝାଁକୁଣୀ ଦେଇ ତାଙ୍କ ସାମ୍ନାରେ ବସିଥିବା ଆଉ ଜଣେ ସମବୟସୀଙ୍କୁ ଚମୁଟାଏ ଦେଇ କହିଲେ—"ଆଲୋ ଅପା ! ଅନା ବା—ଆଲୋ ଏଣିକି ଅନା !" ତା'ପରେ ନଇଁ ପଡ଼ି ଅପାର କାନରେ ଯେମିତି କିଛି ଅଶ୍ଳୀଳ ଇଂଗିତ କରି ସେଇ ତନୁପାତଳୀ ଝିଅଟି ବିରୁଦ୍ଧରେ କହିଲେ । ଅପାଙ୍କ ଆଖିରେ ଆଖିଏ ବିସ୍ମୟ । ତାଙ୍କ ନୁଖୁରା ଚମଡଲେ ବୟସ କେତେଦିନୁ ଜମାଟ ବାନ୍ଧିଲାଣି । ତଥାପି ନାରୀସୁଲଭ ଅଯଥା କୌତୂହଳ, ଅଯଥା ଆପଣାର ମୁଣ୍ଡ ଅନ୍ୟ କଥାରେ ପୂରାଇବା ଅଭ୍ୟାସ ଛାଡ଼ିଛନ୍ତି କେଉଁଠି ? ସେ ଏଥର ତୁଣ୍ଡ ଖୋଲିଲେ ସଜାଡ଼ି ହୋଇ ବସୁ ବସୁ ।

"ମ ଅ···ରଙ୍ଗ ତୁ ପଚାରୁଚୁ ? ହଅ ରହବା ମୁଁ ପଚାରୁଛୁ···କ'ଣ ପଢ଼ି ଛନ୍ତି ନେଖିଛନ୍ତି ଦୁ'ଅକ୍ଷର ବୋଲି ମୁଣ୍ଡ କାଟି ପକେଇବେ କାଁ କ'ଣ ? ଅଲେ ଝିଅ ? ବାହା ହୋଇନୁ କାହିଁକି ବା ?"

ପ୍ରଶ୍ନର ଶେଷ ଆଡ଼କୁ କଣ୍ଠରେ ବିସ୍ମୟ ଅପେକ୍ଷା ବିରକ୍ତିର ମାତ୍ରାଟା ଥିଲା ବେଶୀ । ସତେ ଅବା ସେ ଝିଅଟିର ମୁରବୀ ! ଭଲୁପାଉଲୀ ଝିଅଟି ମୁଣ୍ଡ ନୁଆଁଇଲା । ଅନୁଚ୍ଚ ସ୍ୱରରେ ବୋଧେ କିଛି କହି ଆସୁ ଆସୁ—ଯାହାର ଯଥାର୍ଥ ସବଳ ଯୁକ୍ତି କିଛି ନାହିଁ—ସେଇଥିରୁ କିଛି କହି ଆସୁ ଆସୁ ହଠାତ୍ ଏକ ଭୟାନକ ଛିଙ୍କ ଶବ୍ଦରେ ଚମକି ପଡ଼ି ରହିଗଲା । ସନ୍ତୋଷଙ୍କର ଅଜାଣତରେ ଖୁବ୍ ଜୋରରେ ଏକ ଛିଙ୍କ ଯେପରି ସମସ୍ତଙ୍କ କଥାବାର୍ତ୍ତାରେ ପୂର୍ଣ୍ଣଚ୍ଛେଦ ଟାଣିଦେଲା । ନିଜ ଉପରେ ନିଜେ ବିରକ୍ତ ହୋଇ ସନ୍ତୋଷ ସିଗାରେଟ୍ ଧରିଲେ ।

ରଙ୍ଗବତୀ କହିଲେ—

"କଥାରେ ଛିଙ୍କ ପଡ଼ିଲାଣି ଲୋ ଅପା ! ହ ଅ ବା, ମାଷ୍ଟ୍ରିଆଣୀ ନ ହେଲେ ନର୍ସ ହୋଇଥିବ । ଆମ ବେଙ୍ଗଗ୍ରାଣୀ ମ ଅପା, ନେତ ଗୋସେଇଁଙ୍କ ଝିଅ, କଲିକତାରେ ତା' ବରଟ ଖଲସି କାମ କରେ, କହୁଥିଲା ଅପା ଏବକାଲେ କୁଆଡ଼େ ସରକାର ପିଲା ପିଚିକା ବନ୍ଦ କରିବାପାଇଁ ଟଙ୍କା ଦେଉଛନ୍ତି । ହଇଲୋ ଅପା ! କରମରେ ଯା' ଥିବ···ତେଇଁକି ସରକାର କ'ଣ କରିବ ବା ! ଛିଃ, ଛିଃ, ଛିଃ···କି ଯୁଗ ନ ହେଲା···?"

ତା' ପାଟିରୁ କଥା ଛଡ଼େଇ ଅପା କହିଲେ ବକ୍ତୃତା ଦେଲା ଭଳି ଢଙ୍ଗରେ—

"ତୁ ଆଉ ପାଟି କରନା ଲୋ ରଙ୍ଗ । ପୋଡ଼ିଯାଉ ସେ ସରକାର, ନିଆଁ ନାଗୁ ତା' ମୁହଁରେ । ସରକାର ତ ଆଉ ପିଲାବକଟେ ଦେଇ ପାରିବ ନି କୋଡ଼ରେ—ଖାଲି କୋଡ଼ରୁ ଖସେଇନବାକୁ ଯେତେ ଫିକର !!

ତା'ପରେ ଦୁ'ଓଠ ପୁଡ଼ାକୁ ଏପରି ବିଚିତ୍ର ଭଙ୍ଗୀରେ ସେ ମୋଡ଼ିଦେଇ ଗୋଡ଼ ଦୁ'ଟା ଟେକି ବସି ପଡ଼ିଲେ ଯେ ସେଥିରେ ଅନ୍ୟ ଲୋକଙ୍କ ପକ୍ଷରେ ଚୁପ୍ ହୋଇ ବସିବା ଅସମ୍ଭବ । କିନ୍ତୁ ବିରକ୍ତ ହୋଇ ଉଠିଲେ ପିଲା ଦୁ'ଜଣ । ତାଙ୍କ ମଧ୍ୟରୁ ଜଣେ ଧମକ ଦେଲା ସ୍ୱରରେ ପାଟି କରି ଉଠିଲା—

"ଏ ବୁଢ଼ୀ ପାଟି ବନ୍ଦ କର ଯାବତ୍ ବାଜେ କଥା ! ନିଜେ ଶୋଇବୁ ନି କି ଅନ୍ୟ କାହାକୁ ଶୁଆଇ ଦେବୁ ନ !"

"ମଲା ମୋର, ବୁଢ଼ୀ କାହିଁକି ହେବି ବା ? ତୋର ମା ଖାଲି ଟୋକି ! ଆଉ ଥରେ କହ ତ, ଦେଖିବୁ ଟୋକା···?"

"କ'ଣ କହୁଲୁ ? ଚୁପ୍ ହେବୁ ନାଁ ନାହିଁ ? ଯାବତ୍ ମଫସଲୀ···!"

ପିଲାଟି ରାଗରେ ଥର ଉଠି ଅଣ୍ଟାରେ ହାତ ଦେଇ ଛିଡ଼ା ହୋଇ ପଡ଼ିଲା । ଡବାସାରା ଲୋକେ ସମସ୍ତେ ତାକୁ ଚାହିଁଥାନ୍ତି ।

ଅପା ଚୁପ୍ ହୋଇଗଲେ । ନିଆଁରେ ସତେ ବା କିଏ ପାଣି ଢାଳି ଦେଇଛି ।

ଚାରିଆଡ଼େ ନିସ୍ତବ୍ଧ । ଆଖି ବୁଜି ହୋଇ ପଡ଼ିଲେ ବି ଆରାମ କରିବାର ଉପାୟ ନାହିଁ ।

ଟିକିଏ ଯାଇଛି କି ନାହିଁ ପୁଣି ରଙ୍ଗବତୀ ପାଟିକରି ଉଠିଲେ—

'ଦେଖିବଟି, ଦେଖିବଟି ଏ ଟୋକାର କେଡ଼େ ସାହସ ବା ? ଏ ଟୋକା ! ସେ ବସ୍ତା ଉପରୁ ଗୋଡ଼ କାଢ଼ିବୁ କି ନାହିଁ ? ଆଲୋ ଅପା ଗଲା ବା, ଗଲା ବା ସେ ଆମ୍ବଗୁଡ଼ାକ, କେତେ ଶରଧା ତାଙ୍କର ଆମ୍ବଠେଇଁ—ବାରଆମ୍ବ ଖାଇବେ ବୋଲି ସେ କସି ନ ଧରୁଣୁ ଦଶଥର ଖବର ପଠେଇଲେଣି । ଦଳି ମକଚି ତ ଘାଣ୍ଟି ହୋଇ ଯିବଣି ।"

ମୁହଁ ମୋଡ଼ି ଦେଇ ଅପା ଉତ୍ତର ଦେଲେ—

"ତୁ ଗ୍ରେପସା ନାଁ ଆଉ କଏମ ! ଏଇ ଆମ୍ବକୁ କବଦଳ ଅନେଇ ବଇଛୁ··· ତତେ ଖାଲି ଦେଖିବ ବୋଲି ତାକୁ ଯେମିତି ନିଦ ନାହିଁ । ମଣିଷକୁ ତୁ ବାସ ଦେଉନୁ, ଏ ଯେଉଁ ଅଟାଡ଼ ଗରମ, ମଣିଷ ପରା ପାଣି ହୋଇ ଯାଉଛି ଲୋ । ଆଉ ଥବଟି ସିଏ । ସେ ଯେଉଁ ପୁଲିସି ଗୋଡ଼ର ଜୋତା ମଉଜା, ପଥର ତ ଚୂନା ହୋଇ ଯିବ । ଆମ୍ବପରି ପଦାର୍ଥ ଆଉ ଥିବଟି ? କିଏ କହିବ ଲୋ ମା । ବଡ଼ ସାନ ବୋଲି ତ ଖାତର ନାହିଁ ? ଏବକାଳି ଯୁଗ ତ ସେମିତି··· ।"

ଅପାଙ୍କର କଳକଳା କଣ୍ଠରେ ହୋ ହୋ କରି ହସି ଉଠିଲେ ବାଳକ ଦୁଇଟି । ସନ୍ତ୍ରସ୍ତ ବିରକ୍ତ ହୋଇ ବାହାରକୁ ଅନେଇଲେ । ଏମାନଙ୍କ ଜ୍ୱାଳାରେ ମଣିଷ ଟିକେ ବସି ପାରିବ ନାହିଁ । ଅଥଚ ବାହାରେ ଶାନ୍ତ ସବୁଜ ପ୍ରାନ୍ତ ବଡ ଆକର୍ଷଣୀୟ ମନେ ହେଉଥିଲା ! କାନରେ ବାଜୁଛି ଅସ୍ପଷ୍ଟ କଣ୍ଠସ୍ୱର । ହରେକ ରକମ ।

ପାଗଳୀ ଝିଅଟି ଏଥର ରଙ୍ଗବତୀଙ୍କୁ ଖୁବ୍ ଧୀର ଗଳାରେ ପ୍ରଶ୍ନ କଲା—

"ଆମ୍ବ ନେଇ କେଉଁଠିକି ଯାଉଛନ୍ତି ?"

"ଖୋର୍ଦ୍ଧା ଯାଉଛୁ ଲୋ, ଭଉଣୀ । ବାବୁ ସେଠି ବେବସା କରନ୍ତି । ଦୋକାନ ଅଛି, କାରଖାନା ଅଛି । କାମ ତ ଚବିଶ ଘଣ୍ଟା । ଘରକୁ ବି ବରଷ ହେଲା ଆସି ନାହାଁନ୍ତି । ବେଳ ନାହିଁ, ଖାଇବା ପିଇବାର ଠିକଣା ନାହିଁ । ହେଲେ ବାର ଆମ୍ବରେ ତାଙ୍କର ବଡ଼ ଶରଧା···।"

ଆଉ କ ଣ ରଙ୍ଗବତୀ କହୁଥିଲେ । ସଞ୍ଜୟଙ୍କ କାନ ଅନ୍ୟ ଆଡ଼େ ଡେରା ହୋଇଗଲା । ପଛରୁ ସେଇ ବାଳକ ଦି ଜଣଙ୍କ ଭିତରୁ ଜଣେ କିଏ କମେଣ୍ଟ କଲା—

"ଏ ତ ରକେଟ୍ ଯୁଗର ବିଶ୍ୱ ମହାରାଣୀ ସେ । ବରକୋଳି କ ହୋଇ ଆମ୍ବରେ ଗରଧା ! ଆଉ ଇଏତ ସାକ୍ଷାତ ମଡର୍ଣ୍ଣ ମିସେସ ମହାରାଣୀ—ଶ୍ରୀଲାଃ ଧରମାଷ୍ଟାର ଯା ଫେମିଲି ପ୍ଲାନିଂ ଯୋଗୁ ସ୍ୱର୍ଗପ୍ରାପ୍ତି ହୋଇ ଯାଇଛି ।"

ଟିକେ ଆସୁ ଆସୁ ସଞ୍ଜୟ ହସିଲେ । ଆଉ ସେଇ ତନୁପାତଳୀ ଝିଅଟି ମଧ୍ୟ ।

କିନ୍ତୁ ରଙ୍ଗବତୀ ଅଟକିବା ଲୋକ ନୁହନ୍ତି । ସେ ବକର ବକର କରି ଚାଲି-ଥାନ୍ତି । ସ୍ତ୍ରୀ ଲୋକଙ୍କର ଏକ ବଦଭ୍ୟାସ ଅଛି, ଦେଖିଲେ ପରସ୍ପରକୁ କଦାପି ଇଚ୍ଛା କରି କଥାବାର୍ତ୍ତା କରିବେ ନାହିଁ । ଆଉ ଯଦି ଥରେ ପାଟି ଖୋଲନ୍ତି ନା, ତା'ହେଲେ ସେ ବନ୍ଦହବା କଥା ନୁହେଁ । ଧେତ୍ ଅନିଚ୍ଛାସତ୍ତ୍ୱେ ତାଙ୍କ କାନ ଡେରି ହୋଇ ଯାଉଥାଏ ସେମାନଙ୍କର କଥାବାର୍ତ୍ତା ଆଡ଼କୁ ।

ରଙ୍ଗବତୀ କହି ଚାଲିଥାନ୍ତି—

"କାମି ନୋକ ତ ଭଉଣୀ ! ବାହାବାସିଦିନୁ ଗଲେ ଯେ ବରଷକେ ଅଇଲେ । ଦଶ ବରଷରେ ଦଶଥର ବି ଆସିବାକୁ ସମୟ ହେଲା ନାହିଁ । କପାଳ ! ଜମିବାଡ଼ି ଘର-ଦୁଆର, କାହିଁରେ କ'ଣ । କେଉଁଥିରେ ମୋର ଅଭାବ ନାହିଁ—ଗହଣା-ଗାଣ୍ଠି ଭଲ ମନ୍ଦ କେଉଁଥିରେ······।"

ରଙ୍ଗବତୀ ଥମିଲେ । ଆଉ ଯା ସେ କହିବେ ସେ କଥା ନ କହିଲେ ଚଳେ । ସେଇ ଅବ୍ୟକ୍ତକୁ ଝିଅଟିର ବୁଝିବାର ଅସୁବିଧା ହେବ ନାହିଁ । ସେ ଯେପରି କିଛି ରୋମନ୍ଥନ କରୁଥିଲେ; କିନ୍ତୁ ନୀରବତା ବେଶୀ ସମୟ ରହିଲା ନାହିଁ । ମନକୁ ମନ ପ୍ରଚୁର ଲାଜ ଓ ଆନନ୍ଦରେ ଲୋଟିପଡ଼ି ତନୁପାତଳୀ ଝିଅଟିର ହାତକୁ ଚିପିଧରି ସେ କହିଲେ—

"ତୁମ ଭଉଣୀ ବାହା ହୋଇନ, ତମେ କ'ଣ କହିବ । ହେଲେ ବାବୁ ଆମର ଭାରି ସଉକିଆ । ଭାରି ସୁଖପାଏ— ଯେଉଁ ଘଡ଼ିକ ଘରକୁ ଆସେ, ଜାଠ ଜାଠ ଶାଢ଼ୀ ତେଲ ସାବୁନରେ ଦେହକୁ ସଜେଇ ସଜେଇ ମୋ ମନ ଚଟା ଧରିଯାଏ । ବୁଢ଼ା ହେଲଣି ମିଣିଷଟା···କହନା···କହନା···!"

ତାଙ୍କ କଣ୍ଠରେ ଏପରି ଏକ ରୋମାଞ୍ଚ ଥିଲା ଯେ ସଞ୍ଜୟ ଚେଷ୍ଟା କରି ମଧ୍ୟ ତାଙ୍କ ଆଡ଼କୁ ନ ଚାହିଁ ରହି ପାରିଲେ ନାହିଁ । ଭଦ୍ରମହିଳାଙ୍କ ବୟସ ବିଶେଷ ହେବ ନାହିଁ ; କିନ୍ତୁ ବୟସ ଅନୁପାତରେ ସେ ଅଧିକ ପ୍ରୌଢ଼ା ଦେଖା ଯାଉଥିଲେ । ଏହା ସତ ଯେ ସେ ଅନେକ ଗହଣା ଓ ନାଲି ଶାଢ଼ୀରେ ପରିବେଷ୍ଟିତ ହୋଇ ଏକ ଭଙ୍ଗୀସ୍ଥ

ବାସ୍ନିକା ପରି ଦିଶୁଥିଲେ । କେଉଁ ଦୂର ଅତୀତର ସ୍ମୃତି ରୋମନ୍ଥନ କରି ଲଜ୍ଜାରେ ତାଙ୍କ ଗାଲ ଲାଲ୍ ଦିଶୁଥିଲା ।

ଚନ୍ଦ୍ରପାଉଲୀ ଝିଅଟି ଆଡ଼କୁ ଚାହିଁ ତା ର ପ୍ରତିକ୍ରିୟା ଦେଖିବେ କି ନାହିଁ ସନ୍ତୋଷ ଠିକ୍ କରି ପାରିଲେ ନାହିଁ । କେଜାଣି ଅବା ଅବିବାହିତା ଝିଅଟିର ଉଦାସ ମୁହଁଟି ସ୍ୱାମୀସୋହାଗିନୀ ସ୍ତ୍ରୀଟିର ଗୌରବରେ କିଛି ନୂତନ ସନ୍ଧାନ ପାଇଥିବ । ଆଶ୍ଚର୍ଯ୍ୟ ! ଝିଅଟି ରଙ୍ଗବତୀଙ୍କୁ କଠୋର ଦୃଷ୍ଟିରେ ଚାହିଁଛି । ଆଧୁନିକା ନାଁ ? ସ୍ୱାମୀ ସମ୍ବନ୍ଧରେ ଏସବୁ ମଧୁର ସ୍ମୃତି ଯେତେ ଆଲୋଡ଼ନ କଲେ ବି ମୁହଁ ଖୋଲି କିଛି କହିବେ ନାହିଁ; କିନ୍ତୁ ସେ ତ ପାହୋଇବା କଥା ନୁହେଁ । ବୟସ ତା'ର ସୀମାରେଖା ଜାଣେ ନାହିଁ ।

ସନ୍ତୋଷ ଅସ୍ୱସ୍ତି ଅନୁଭବ କରୁଥିଲେ । ପଛଆଡ଼େ ବସିଥିବା ଗୁଇନାଜ୍ ତାଗନ ଦୁଇଟି ତାଙ୍କର ଦୁଇ କାନ୍ଧରେ ମୁଣ୍ଡ ରଖି ଶୋଇ ଗଲେଣି । ବାସ୍ ସେ ବନ୍ଦୀ ! କିନ୍ତୁ କି ଦାୟରେ ? କାନ୍ଧରୁ ମୁଣ୍ଡ ଖସାଇ ନେବାକୁ ଚେଷ୍ଟା କଲେ ସେ । ନିଷ୍ପାପ ମୁଦ୍ରିତ ଆଖି । ଦୟା ଆସୁଛି ମନରେ ହଠାତ୍ ଗୋଟିଏ ଝାଁକୁଣୀରେ ଦୁଇଜଣ ଦୁଇ ଦିଗରେ ଛିଟିକି ପଡ଼ିଲେ ! ବ୍ୟସ୍ତ ହୋଇ ସନ୍ତୋଷ ସେମାନଙ୍କୁ ଉଠାଇଲେ । ବିବେକଦାୟରେ ମଣିଷ ଯେ କି ହଇରାଣ ନ ହେଉଛି ।

ରଙ୍ଗବତୀଙ୍କ ଅପା କେତେବେଳୁ ଢୋଳେଇଲେଣି । ବର୍ଷିୟସୀ ମହିଳା । କେତେ ବା ଆଉ କଷ୍ଟ ସହି ପାରିବେ; କିନ୍ତୁ ରଙ୍ଗବତୀ ଆଉ ଚନ୍ଦ୍ରପାଉଲୀ ଝିଅ ଦୁଓଟି ସେମିତି ଗପି ଚାଲିଥାନ୍ତି । ଝିଅଟି ପଚାରିଲା—

"ଆପଣ ଡାକ୍ତର ଦେଖାଉ ନାହାଁନ୍ତି ? ଆଜିକାଲି ଡାକ୍ତରି ଚିକିତ୍ସା'ର ଅସାଧ୍ୟ କିଛି ନାହିଁ ।"

"ନାହିଁ ଲୋ ଭଉଣୀ ! ସେ କଥା କହନା । ଔଷଧ ମଧ୍ୟରେ ପଡ଼ି ଦେହଟା ପିତା ହୋଇଗଲାଣି । ଶେଷରେ ବମ୍ବେଇ ଯାଇ ବାବୁ ଦେଖେଇଲେ, ବଡ଼ ଡାକ୍ତର ମନା କଲା । ମୁଁ ତାଙ୍କୁ କହିଲି ଆଉଠାଏ ବାହାହବାକୁ । ନାହିଁ କଲେ । ମୁଁ ଆଉ ଥାଉ କାହାକୁ ସେ ଚାହିଁ ପାରିବେନି କହିଲେ । ଏତେ ବଡ଼ ବୁଢ଼ାଆଡ଼ି ବଉଁଶରେ ଦୀପ ଜାଳିବ କିଏ କେଜାଣି ! ଅପାଙ୍କଠାରୁ ପୁଅଟିଏ କରିବି ବୋଲି ଭାବୁଛି । ଫେର୍ ବାବୁଙ୍କ ମନ ପାଇଲେ ତ··· ?"

ରଙ୍ଗବତୀ ଅଟକି ଗଲେ । ତଣ୍ଟି ଯେପରି କିଏ ବାନ୍ଧି ଧରୁଛି । ଆଖିକୋଣରେ ଉକୁଳି ଉଠିଛି ଦୁଏ ତ ଟୋପାଏ ଲୁହ—ସମଗ୍ର ଜୀବନର ନିଷ୍ଫଳ ସଙ୍କେତ !

କପର ଯେମିତି ଉଦାସ ଲାଗିଲା ମନଟା । ରଙ୍ଗବତୀଙ୍କ ପ୍ରତି ବିରକ୍ତି ଭାବ କଟିଯାଇ ମନରେ ଆସିଲା ସହାନୁଭୂତି । ତାଙ୍କ ପ୍ରତି ମାୟା ଆସୁଛି ମନରେ । ପାଗଳୀ ଝିଅଟି ହୁଏତ ଗଭୀର ଦୁଃଖରେ ବିହ୍ୱଳ ହୋଇଥିବ ।

ଆକାଶରେ ଧଳା ମେଘମାନ ଲହଡ଼ଉଛନ୍ତି । ଘଡ଼ିରେ ପ୍ରାୟ ଚାରିଟା ପାଖାପାଖି । ଆଉ ଘଣ୍ଟାଏ ରାସ୍ତା ପରେ ବ୍ୟକ୍ତିଗତ ଜୀବନର ଜଞ୍ଜାଳ ଦେଖାଦେବ । ସେଥିରେ ସବୁ ସମଷ୍ଟିଗତ ଚିନ୍ତାର ବିଲୁପ୍ତି ଘଟିବ । ତଥାପି ପରସ୍ପର ଅଜଣା ଅଶୁଣା ହେଲେ ବି ମନର ସମ୍ବେଦନଶୀଳତାକୁ ରୋକିବା ଅସମ୍ଭବ ।

ବର୍ଷା ଏବେ ବି ଅଛି । ଆକାଶ ଏବେ ବି ଅନିର୍ମଳ ଆଉ ମନ ଏବେ ବି ଭାରାକ୍ରାନ୍ତ ।

ନିସ୍ତବ୍ଧତା କାଟି ବିରକ୍ତଭରା କଣ୍ଠରେ ରଙ୍ଗବତୀ କହିଲେ—“କେତେ ରାତିଟା ସାରା ଭୁଟୁର ଭୁଟୁର୍ ହଉଛୁ ଲୋ ରଙ୍ଗ ! ଘନଆ ଯଦି ତତେ ଦି’ଆଖିରେ ଥରେ ଦେଖିଥାନ୍ତା ଅନେଇ ତୁ ତ ଜଗତ ମାନନ୍ତୁ ନାହିଁ । କେଡ଼େ ଫୁଲେଇ ହଉଛୁ ବା । କହିବ ଯଦି ଅବା ବାଟ ପାଇବୁ ନାହିଁ ଲୋ ! ପୁଅ ମୁଁ ତତେ ଗୁଞ୍ଜୁ ନାହିଁ । ସକାଳୁ ଆଣ୍ଠୁକୁଡ଼ି ମୁହଁ ଚାହିଁଲେ ପୁଅର ଆୟୁଷ ମୋର କ୍ଷୀଣ ହୋଇଯିବ । ଖାଲି ସପ୍ତ-ପୁରୁଷର ସମ୍ପତ୍ତି-କଉଡ଼ି ଦାଶୀଆଣୀ ପୁଅ ଭୋଗ କଲେ ମୁଁ ଅନ୍ଧନରକକୁ ଯିବି ବୋଲି ତତେ ପୁଅ ଦେବା କଥା । ସେଥିରେ ଫେର୍ ଭଦରନୋକ ଆଗରେ କହୁଛୁ କ’ଣ ନାଁ ବାବୁଙ୍କ ମନ ପାଇଲେ ·· । ଯୋଉ ବାବୁ ! ମୁଁ ମରି ଯାଉଥାଏଟି ! ବାହା-ବାସିଦିନୁ ବାବୁଆଣୀଙ୍କର ମୁହଁ ପଛେ ଦେଖି ନ ଥାଉ । ଦାଣ୍ଡସଭାରେ ଯାଇ ବେଳ କଟୁଛି, ଗୋଟାଏ ନୁହେଁ, ଦି’ଦିଟା । ବାପ ଅଜାଙ୍କ ମୁହଁରେ କାଳି ନଗେଇଲା । ସେଟାକୁ ମରଣ ହେଲା ନାହିଁ ଯା··· !!”

ରଙ୍ଗବତୀ ଯେପରି ବୋକା ହୋଇ ଯାଇଥିଲେ ଅପାଙ୍କର ଏଇ ଅପ୍ରତ୍ୟାଶିତ ଆକ୍ରମଣରେ । ଆସ୍ତେ ଆସ୍ତେ ଆଶ୍ଚର୍ଯ୍ୟଭାବ କଟି ଯାଇ ସେ ଫୁଲି ଫୁଲି କାନ୍ଦି ଉଠିଲେ । ଆଉ ଲୁହ ଲାଳ ମିଶା କଣ୍ଠରେ କହିଲେ—

“ଅପା ! ତମେ ଗୁରୁଜନ ମୋର । ଯାହା କହିବ ତାହା ମାନିବି । ହେଲେ ରାତି ଅଧଟାରେ ତାଙ୍କୁ ଏମିତି ସମ୍ପା କଥା କଲେ ମୋ ଦେହ ସହିବ ନାହିଁ··· । ଯେତେ ହେଲେ ହାତ ଧରି ବାହା ହୋଇଛି !!”

“କ’ଣ କହିଲୁ ? କହିବ ନାହିଁ ? କାହିଁକି ? ପୁଞ୍ଜା ପୁଞ୍ଜା ମାଇପ କରି ଟଙ୍କା ପଇସା ଉଡ଼େଇ ଦେଲା । ବାରଟା ଛୁଆ ମୋର···ମୁଁ କହିବି ନାହିଁ ଛାଡ଼ିଦେବି ? ବେଶ୍ କଲି, ଭଲ କଲି, ଶହେ ନୁହଁ ଦି ଶହ ଥର କହିବି ! ତୁ ମୋର

କ'ଣ କରିବୁ ? ଯେଉଁ ଭରସା ଶେରପ୍ତଙ୍କୁ ଅବାଟରୁ ବାଟକୁ ଆଣିପାରିବ ନାହିଁ ସେ କି ଭରସା ଲୋ ! ଦୁନିଆରେ ସବୁ ମରଦଙ୍କୁ ଅପର ଢଙ୍ଗର ସୁଖ ଲାଗେ, ତା ବୋଲି କ'ଣ ନିଜ ବାନ୍ଧି ହେଲା ସ୍ତ୍ରୀର ମୁହଁ ଚାହିଁବ ନାହିଁ ? ତୋର ଦେଢ଼ଶୁର, ବାରଟା ଛୁଆର ବାପ ହେଲଣି, ସେ ଜ ତ ଇଆଡ଼େ ସିଆଡ଼େ ଯାଏ, ହେଲେ ଯେତେ ରାତି ହେଉ ଘରକୁ ଫେରିବ, ପିଲା ଛୁଆଙ୍କ ଖବର ବୁଝିବ, ହାନିଲାଭ ବୁଝିବ । ପଇସା ଗୋଟିଏ ନେଇ ବାହାରେ ଦେଲେ ମୁଁ ତା ଉପର ରଖିବ ? ହଁ, ମୁଁ କହି ଦେଇଛୁ । ଅଯ୍ୟସ କର, ମଜଲିସ କର । ପୁରୁଷ ଲୋକ କେତେ ଘରଟାରେ ପଡ଼ି ରହିବ ? ମତେ ସେ ଗୁଡ଼ା ସୁଖ ଲାଗେ ନାହିଁ, ହେଲେ ପଇସାରେ ହାତ ଦେବନି...।"

ଏତିକି କହି ରଙ୍ଗବତୀଙ୍କ ଅପା ପାନଖଣ୍ଡିଏ କାନିରୁ କାଢି ପାଟିରେ ପୂରେଇଲେ । ଆଉ କାନିରେ ଗଣ୍ଠି କି ଆଣ୍ଠୁ କରି ପକେଇ ଗୋଟାଏ ଲମ୍ବ ନିଶ୍ୱାସ ମାରିଲେ !

ରଙ୍ଗବତୀ ମୁହଁରେ ଲୁଗା ଚାପି ଧରି କାନ୍ଦୁଥିଲେ । ଅପାଙ୍କର ଗାଳିରେ କି ଲଜ୍ଜା ଅପମାନରେ ତା ବୁଝିବା ଅସମ୍ଭବ !

ପୁଣି ଅପା ବିରକ୍ତ ହେଲା ପରି ପାଟି କରି ଉଠିଲେ—"କାହିଁକି ରାତିଅଧରେ ଲୁହ ଢାଳୁଛୁ କଲୋ ! ମୋ ଛୁଆଙ୍କ ଉପରେ ଲୁହ ପଡ଼ିବ ! କହିଲାବେଳେ ତ କଥା ମାନିଲୁ ନାହିଁ । କେତେ ଥର କହିଥିବି 'ଯାଆ ଲୋ ରଙ୍ଗ ! ନିଜ କ୍ଷମତା ଉପରେ ଜାଗାଟା ମାଡ଼ି ବସ । ହକ ବାହା ହୋଇଛୁ, ଡରୁଛୁ କିଆଁ ? ଶୁଣିଲୁ ନାହିଁ, ଓଲଟି ମତେ କହିଲୁ କ'ଣ ନା, ପୋଡ଼ିଗଲା ଢିଅଣରେ ଆଉ ସୁଆଦ କ'ଣ ଥାଏ ? ଯେଉଁ ଲୋକ ବାହା ବାସିଦିନୁ ଘର ମାଡ଼ିନାହିଁ, ସେଠି କେମିତି ଯାଇଁ ରହିବ ? ଧନରୁ ମତେ କଅଣ ମିଳିବ ? ଏମିତି ଏମିତି କେତେ ବଡ଼ଲୋକିଆ କଥା କହୁଥିଲୁ—ଏବକୁ ଦାନ୍ତ ପାଣି ଫାଟିଲା ତ ? ସେଇ ଚଉଧୁରୀ ଘର ବୋହୂ ବୁଦ୍ଧିରେ ତୁ ସର୍ବନାଶ ହେଲୁ ? ତାକୁ ତା ବର ଆଜି ନ ଛାଡ଼ୁଣୁ, କାଲିକି ସେ ଅନ୍ୟଠେଇଁ ଚାଲିଗଲା । ତୁ କୁଆଡ଼େ ଯିବୁ ଲୋ ପୋଡ଼ାମୁହିଁ ? ବଡ଼ ଘର ବଡ଼ କଥା । ବାହା ହେଲେ ତାଙ୍କର ଯେତିକି ସୁଖ, ନ ହେଲେ ସେତିକି । ମୋ କଥାକୁ ତ ସବୁବେଳେ ତୁ ଖରାପ ପାଇଲୁ ମୁଁ ତୋର ଭଲକୁ ଚାହିଁଥାଏ ।

ମୋ ଛୁଆ କଏ ଆଉ ତୋ ଛୁଆ କଏ ? ଛୁଆକୁ ନେ' । ଅଧା ସମ୍ପତ୍ତି ଧନର ଯେତିକି ଛୁଆ ନାଁରେ ଲେଖି ଦେ । ତାକୁ ମଣିଷ କର, ଆଣ୍ଠୁ କୁଡ଼ୀ ଦୋଷ କଟୁ । ନ ହେଲେ କହି ଦେଉଛି ରଙ୍ଗ, ଠିଆ, ଠିଆ ତୁ ନର୍କକୁ ଯିବୁ । ଆଉ ସେଇ ନବଘନ ପୋକ ପଡ଼ି, ରକତ ବାନ୍ତି କରି ମରିବ । ମୋ କଥା ମିଛ ହେବନି...!

ଅପାଙ୍କର କଣ୍ଠରୁ ଯେପରି ଅଭିଶାପର ବଜ୍ରବାଣ ନିର୍ଗତ ହେଉଥିଲା । ଶୁଷ୍କ କୋଟରଗତ ଚକ୍ଷୁରୁ ଯେପରି ଅଗ୍ନି ଝରୁଥିଲା । ଆଉ ରଙ୍ଗବତୀ ସେମିତି ଲୁଗା ଘୁମି ଏକ ଅଭିଶପ୍ତା ନାରୀ ପରି ଅଶ୍ରୁ ଢାଳୁଥିଲେ !

ସନ୍ତୋଷ ସ୍ଥାଣୁ ହୋଇ ଯାଇଥିଲେ । ଯେପରି ଏକ ନାଟକର ଶେଷ ଫଳାଫଳ ଅତି ଶୀଘ୍ର ଅପ୍ରତ୍ୟାଶିତ ଭାବରେ ତାଙ୍କ ସାମ୍ନାରେ ଘଟିଗଲା । ସେ ସ୍ତବ୍ଧ ହୋଇ ବସିଥିଲେ । କ'ଣ କାହାକୁ କହିବେ ? ଏଇ ଟିକକ ଆଗରୁ ଯେଉଁ ରଙ୍ଗବତୀଙ୍କ ଜୀବନ ଏତେ କଲୋଲମୟ ମନେ ହେଉଥିଲା, ସେଥିରେ ଏତେ ବନ୍ଧୁରତା ରହିଛି ବୋଲି ସେ କେମିତି ଜାଣିବେ ? ଏକ ବିରହ ବିଧୁରା ବଧୂପରି ଯିଏ ସ୍ୱାମୀର ସ୍ମୃତି ଏତେ ରୋମନ୍ଥନ କରୁଥିଲା, ସେ ପୁଣି ତା'ର ସ୍ୱାମୀକୁ ମୋଟେ ଦେଖିବାର ହିଁ ସୁଯୋଗ ପାଇନି ? ଅଥଚ ଏତେଗୁଡ଼ିଏ କଥା ଯେ କହୁଥିଲା ? ଆଶ୍ଚର୍ଯ୍ୟ !

ସନ୍ତୋଷ ସିଗାରେଟ ଧରି ଅନ୍ୟମନସ୍କ ହୋଇ ପଡ଼ିଲେ । କମ୍ପାର୍ଟମେଣ୍ଟ ସାରା ସମସ୍ତେ ନିସ୍ତବ୍ଧ । ଯେଉଁ କେତୋଟି ରହିଛନ୍ତି ସେମାନେ ଆଜି ନିଶ୍ଚିତ ଅନିଦ୍ରା ରହିବେ । କଲ୍ପଲୋକର କାଲବନକୁ ସତେବା ଏକ ମତ୍ତହସ୍ତୀ ହଠାତ୍ ଛିନ୍ନ ବିଚ୍ଛିନ୍ନ କରି ଯାଇଛି ।

ସନ୍ତୋଷ ଚାହିଁଲେ ତଳୁପାତଲୀ ଝିଅଟି ଆଡ଼କୁ । ସେ ଯେପରି ଅପ୍ରସ୍ତୁତ ହୋଇ-ପଡ଼ିଲେ । ଝିଅଟି ତାଙ୍କ ମୁହଁକୁ ଚାହିଁ ମୃଦୁ ମୃଦୁ ହସୁଛି । ଲାଜ ସରମ ସବୁ ଯେପରି ପାସୋରି ଯାଇ ହସୁଛି କପରି ଏକ ପରିହାସ ଭଙ୍ଗୀରେ । ଆଖି ସହିତ ଆଖି ମିଳିଗଲେ ବି ସେ ଆଖି ଫେରାଇ ନେଉନାହିଁ ।

ଆଶ୍ଚର୍ଯ୍ୟ ! ସନ୍ତୋଷ ଅସ୍ୱସ୍ତି ଅନୁଭବ କଲେ । ମୁହଁରେ କିଛି ଲାଗିନି ତ ? ରାତି ଅନିଦ୍ରା ଯୋଗୁ ଆଖିକୋଣରେ ମଇଳା ଲାଗିଥିବା ଆଶଙ୍କାରେ ସେ ଆଖିଟା ରଗଡ଼ି ପୋଛି ଦେଲେ ଆଉ ତା ସହିତ ମୁହଁ ମଧ୍ୟ । ତଥାପି ଝିଅଟି ଅନେଇ ହସୁଛି ମନକୁ ମନ । ସେ ହସର ଯେମିତି ଶେଷ ନାହିଁ । ବିରକ୍ତ ଲାଗୁଛି । ସ୍ତ୍ରୀଲୋକଙ୍କର କିଛି ବୁଦ୍ଧି ନାହିଁ ନା କ'ଣ ? ହସିଲାବେଳେ କାନ୍ଦିବେ—ଆଉ କାନ୍ଦିଲାବେଳେ ହସିବେ । ରଙ୍ଗବତୀଙ୍କର ବିଫଳ ଜୀବନର କରୁଣ ଉପସଂହାର ପରେ ବି ସେ ଯେ କପରି ହସି ପାରୁଛି ?

ଧେତ୍ ! ମଣିଷ କି ବିପଦରେ ପଡ଼ିଲା ? ଝିଅଟି ଯେ କାହିଁକି ମନକୁ ମନ ଏତେ ହସୁଛି, ଭଗବାନ ହିଁ ଜାଣନ୍ତି; କିନ୍ତୁ ତାଙ୍କୁ ଅନେଇ ହସିବାର କାରଣ କ'ଣ ? ସେ ଯୁଆଡ଼େ ଶୋଇଲେ ବି ଏ ଗୁଡ଼ାଙ୍କୁ ନିଦ ବି ହଉନି । ସାରା ରାତି କଲର ବଲର ହେଉଛନ୍ତି । ଜଣେ କାନ୍ଦୁଛି ତ ଅନ୍ୟ ଜଣେ ହସୁଛି । ଅଥଚ ସବୁ ଗଣ୍ଡଗୋଳର ମୂଳ ନାଟକର ନାୟିକା ଶ୍ରୀମତୀ ଅପା ଆରାମରେ ଶୋଇ ଗଲେଣି ।

ରଙ୍ଗବତୀ ଆଖି ପୋଛୁ ଅନେଇଲେ । ପୂର୍ବ ଦିଗରେ ସିନ୍ଦୂର ଫାଟି ଆସୁଛି । ସେଇ ଆକାଶକୁ ନମସ୍କାର କରି ରଙ୍ଗବତୀ ପ୍ରାର୍ଥନା କଲେ ବଡ଼ ପାଟିରେ—

"ମା ମଙ୍ଗଳା ! ମା ଚଣ୍ଡୀ ! ହେ ଶିବ ! ଲୋକନାଥ ! ତାଙ୍କୁ ତମେ ଘୋଡ଼େଇ ରଖ ବିପଦ-ଆପଦରୁ । କଳା ଶାଢ଼ୀ ଆଉ ଲକ୍ଷେ ଦୀପ ଚଢ଼େଇବି । ବିପଦ ଖଣ୍ଡନ କର ମା ! ହେ ଚକାଡୋଳା, ହେ ପତିତପାବନ···" ।

ସନ୍ତୋଷ ଆଉ ଶୁଣୁ ନ ଥିଲେ । ତାଙ୍କର ମନେ ପଡ଼ୁଥିଲା ପ୍ରିୟ ବନ୍ଧୁ ନିର୍ମଳର କଥା—

ସ୍ତ୍ରୀଲୋକମାନଙ୍କ ଦେହ ଓ ମନରେ ଯେଉଁ ଝଡ଼ ଆସେ ତା'ର ପ୍ରାବଲ୍ୟ ହୁଏ ପ୍ରଚୁର; କିନ୍ତୁ ସ୍ଥିତି ଭାରି କ୍ଷୀଣ । ତା'ର ଯଦି ସ୍ଥାୟିତ୍ୱ ଥାନ୍ତା ତେବେ ସେଥିରେ ସୃଷ୍ଟି ହୁଅନ୍ତା ଅନେକ ଧ୍ୱଂସ ବି ହୁଅନ୍ତା ବହୁତ କିଛି, ମାତ୍ର ସେ ଯେପରି ଏକ ପ୍ରଚଣ୍ଡ "ଲୁ"—ଖାଲି ଅସ୍ଥିର କରି ବହିଯାଏ ନିମିଷକପାଇଁ । ତା'ପରେ ସେଇ ଶ୍ରାବଣର ଅଶ୍ରୁ ଯେ କି ସେମାନଙ୍କର ଶେଷ ଅସ୍ତ୍ର, ସେ ସବୁକୁ ପୁନଶ୍ଚ ଶାନ୍ତ କରିଦିଏ । ସେମାନେ ବାସ୍ତବିକ ଆଶ୍ଚର୍ଯ୍ୟ ! ଅଥଚ ସେମାନଙ୍କର ସେଇ ଆଶ୍ଚର୍ଯ୍ୟ ଗୁଣଟି ନ ଥିଲେ ପୁରୁଷର ଜୀବନ ଏକ ମରୁଭୂମି ହୋଇଥାନ୍ତା । ହୋଇଥାନ୍ତା ଶ୍ୟାମଳ ସବୁଜ ଧରଣୀ ନୀରସ, ଶୁଷ୍କ, ରଙ୍ଗହୀନ ଆଉ ବୈଚିତ୍ର୍ୟ ଶୂନ୍ୟ······ !!"

ଝମ୍ ଝମ୍ କରି ଗୋଡ଼ କଚାଡ଼ି ଟ୍ରେନ୍ ଷ୍ଟେସନରେ ଛିଡ଼ା ହୋଇ ପଡ଼ିଲା !!!

# ଅନ୍ତଃସ୍ୱର

**ଶ୍ରୀ ନିମାଇଁ ପଟ୍ଟନାୟକ**

ରୋଷନାରା ମହିଳା କଲେଜ ହଷ୍ଟେଲର ଛାତ୍ରୀମାନେ ଭୟ ଓ ଆଶଙ୍କାରେ ସମୟ ବିତାଉଥିଲେ— କିଏ ଜାଣେ କେତେବେଳେ କ'ଣ ଘଟିଯିବ ? ଅନିଶ୍ଚିତତା, ଅସ୍ଥିରତା ସେମାନଙ୍କ ମୁହଁକୁ ଫିକା କରି ଦେଇଥିଲା ।

ଘୁଁ କରି ଗୋଟାଏ ଅଗ୍ନି-ଚକ୍ଷୁ 'ନାଟ୍' ବିମାନ ଛିଞ୍ଚାଣ ପରି ଝାମ୍ପମାରି ଚାଲିଗଲା । ଛାତ୍ରୀ ନିବାସର ନୀରବ ପରିବେଶକୁ ବିଦୀର୍ଣ୍ଣ କରିଗଲା । ଲୁହା ଟୋପି ଓ ବାୟୋନେଟ୍‌ଧାରୀ କେତେକ ସୈନ୍ୟ ଦରଜା ଭାଙ୍ଗି ପଶିଆସିଲେ ଭିତରକୁ । ଆତଙ୍କିତା ଛାତ୍ରୀମାନେ କିଏ କେଉଁଆଡ଼େ ପଶିଗଲେ ।

ଆଲେଖ୍ୟା ବେଗମ୍ ଛାତ ଉପରକୁ ପଳାଇଯାଇ ଭୟରେ ଥରୁଥାଏ । ଛାତ ଉପରେ ଏପାଖ ସେପାଖ ହେଉଥାଏ । କ'ଣ କରିବ, କୁଆଡ଼େ ଯିବ ଜାଣିପାରୁ ନ ଥାଏ । କିଏ ଜାଣେ କେତେବେଳେ ବିପଦ । ସୈନିକର ପୋଷାକରେ ଚାଲିଆସିବ ଉପରକୁ । ତଳେ ସୈନ୍ୟମାନେ ଛାତ୍ରୀମାନଙ୍କ ଉପରେ ଅତ୍ୟାଚାର କରୁଥାନ୍ତି । ତଳ ମହଲାରୁ ଶୁଣାଯାଉଥାଏ କିଶୋରୀ କଣ୍ଠର ଆକୁଳ ଚିତ୍କାର ।

ରକ୍ଷଣଶୀଳ ପରିବାରର କନ୍ୟା ଆଲେଖ୍ୟା । ଦୂର ମଫସଲରୁ ଆସି କଲେଜ ଜୀବନରେ ପ୍ରବେଶ କରିଛି । ଜୀବନକୁ ଚିହ୍ନି ନାହିଁ । ଜୀବନର ବୈଚିତ୍ର୍ୟ ଜାଣିନାହିଁ । ଜୀବନର ବିଭତ୍ସତା ଦେଖିନାହିଁ । କେବଳ ଶୁଣିଛି ଜୀବନ ଦୁଃଖପୂର୍ଣ୍ଣ । ନିଜକୁ ବେଳେ ବେଳେ ପ୍ରଶ୍ନ କରିଛି—ମଣିଷ ତା'ହେଲେ ଜନ୍ମ ହେଉଛି କାହିଁକି ? କେଉଁ ସୁଖ ପାଇଁ ? ମାତ୍ର ଉତ୍ତର ଖୋଜି ପାଇ ନାହିଁ । ଦିନରେ ଛଅଥର ଉଜୁ କରି ନମାଜ ପଢୁଛି । ଅସଦାଚରଣକୁ ଘୃଣା କରି ଶିଖିଛି । ପାପକୁ ପାପ, ପୁଣ୍ୟକୁ ପୁଣ୍ୟ ବୋଲି ମାନୁଛି ।

ଆଲେଖ୍ୟା ବେଗମ୍ ନିଜ ବୃତ୍ତର ପରିଧିରେ ଘୂରି ଲାଗିଛି । ଛାତି ଦମ୍ ଦମ୍ ହେଉଛି । ଦୁଲୁକୁଛି । ଦୁଲୁକୁଛି ଛାତି ଓ ମୁହଁର ମାଂସ । ଲାଗୁଛି ଯେମିତି ହୃତ୍ପିଣ୍ଡ ଛିଡ଼ି ଖସିପଡ଼ିବ ।

କୁମାରୀ ଆଲେଖ୍ୟା ଭୟର ଭଉଁରୀରେ ଉବେଇ ଟୁବେଇ ହେଉଛି । ଭୟ— ସତେ ଯେପରି ନାଗଟାଏ ଆସୁଛି ଏଇନେ ଗୁଡ଼େଇ ହୋଇଯିବ ଦେହରେ । ତଳୁ

ଉପର ଯାଏଁ । ଉପରୁ ତଳଯାଏ । ଗୁଡ଼େଇ ହେଉଥିବ । ସଲ ସଲ ହେଉଥିବ । କ୍ରମେ କଠିନ ହୋଇଯିବ ତା'ର ଦେହ ବନ୍ଧ । ତା'ପରେ ଭଙ୍ଗ ଧରିବ । ଭଙ୍ଗ ଧରିବ ଆଉ ଗ୍ରୁଞ୍ଜିବନ । ଗ୍ରୁଞ୍ଜିବ ନାହିଁ ପୂରା ନିସ୍ତେଜ ହେଲା ଯାଏଁ ।

ତା'ପରେ ଦେହର ଶିରମାନ ନେଳୀ ହୋଇଯିବ ଏବଂ ସେ ଗିଳିବାକୁ ଆରମ୍ଭ କରିବ । ପ୍ରଥମେ ମସ୍ତକ, ଆଖି, ନାକ, କାନ, ଗଣ୍ଡ । ତା'ପରେ ଦେହ : ସ୍ତନ, ଉଦର, କଟି, ବାହୁ ସହିତେ । ତା'ପରେ ନିତମ୍ବ, ଜଘନ, ଜାନୁ ଏବଂ କ୍ରମେ କ୍ରମେ ତଳକୁ ତଳକୁ । ଗିଳିଦେବ । ଭଙ୍ଗ ମୋଡ଼ି ହେବ । ଭାଙ୍ଗି ଦେହର ହାଡ଼ମାନ । ତା'ପରେ ଡେଇଁ ପଡ଼ିବ ରାଜ ରାସ୍ତାକୁ ଓ ଖୁସିରେ ଶିଶିସ୍ୱମାର ଗ୍ଳୁଲିଯିବ ।

ଆଲେଖ୍ୟାର ଦେହ ଭୟରେ କମ୍ପିଗଲା । ସେ ବିଚଳିତ ହେଲା—କିଛି ବୁଝି ପାରୁନାହିଁ । କ'ଣ କରିବ ? ବିପଦ ମାଡ଼ି ଆସୁଛି ।

ଆଲେଖ୍ୟା ଦେଖିଲା,—ସିଡ଼ି ଦ୍ୱାରରେ ଠିଆ ହୋଇଛି ଶତ୍ରୁ ପକ୍ଷର ସୈନିକ । ହସୁଛି । ଶୁଷ୍କ ହସ । ନିଷ୍ପ୍ରାଣ ହସ । ସେ ହସ ଭଲ ଲାଗୁନାହିଁ । ସହ୍ୟ ହେଉନାହିଁ ।

ସୈନିକଟି କ'ଣ କହିଲା ।

ଆଲେଖ୍ୟା କିଛି ଶୁଣିପାରୁ ନ ଥାଏ । ଭୟ ତା' ରକ୍ତରେ ଜମାଟ ବାନ୍ଧୁଥାଏ । ରକ୍ତ ହେଉଥାଏ ବରଫ ଓ ସେ ବରଫ ପୁଣି ତରଳି ଯାଉଥାଏ ।

ଗୁହୁଁ ଗୁହୁଁ ସାମନାରେ ଠିଆ ହେଲା ସୈନିକ ।

ଆଲେଖ୍ୟାର ଆଖି ଆଗରେ ଦୃଶ୍ୟମାନ ତଳ ଉପର ହେଲାପରି ଜଣାଗଲା ।

ସୈନିକଟା ଆଲେଖ୍ୟା ପାଖକୁ ଲାଗି ଆସିଲା । ବଳିଷ୍ଠ ଆବେଗ ଓ କୋମଳ କାତରତା ଯେପରି ପରସ୍ପରର ଆଗରେ ଠିଆହେଲେ ।

ଆବେଗର ପୁଷ୍ଟ ଅଙ୍ଗ ।

କୋମଳତାର ସଙ୍କୁଚିତ ଶରୀର ।

ଆବେଗର ଧମନୀରେ ରକ୍ତର ଗତି ପ୍ରଖର ହେଉଛି । କାତରତାର ଶିରାରେ ରକ୍ତ ପାଣି ଫାଟୁଛି ।

ଆବେଗ ଗୁହୁଁଛି କାତରତାକୁ ନିଜ ଦେହରେ ଲୀନ କରିଦେବ ।

ଆବେଗର ସ୍ୱର :

: ମାରିବିନି, ମାରିବିନି, ମାରିବିନି, ମାରିବିନି, ମାରିବିନି

କାତରତାର ସ୍ୱର—

: ଛାଡ଼ିଦଅ, ଛାଡ଼ିଦଅ, ଛାଡ଼ିଦଅ, ଛାଡ଼ିଦଅ, ଛାଡ଼ିଦଅ
: କିଛି କରିବନି, କିଛି କରିବନି, କିଛି କରିବନି, କିଛି କରିବନି
: ନା ନା ନା ନା ନା ନା ନା ନା ନା
: ରହ ରହ ରହ ରହ ରରରର ରରରର ।
: ଆରେ ଆରେ ଆରେ ଆରେ ଆରେ ଆରେ
: ରରରରରରରର (ପ୍ରଶ୍ବାସ) ରରରରର

ପ୍ରଥମ ରକ୍ଷା କବଚ ଫାଟିଲା । ଆଲେଖ୍ୟା କ'ଣ କରିବ କିଛି ଜାଣି ପାରିଲା ନାହିଁ ।

ସୈନିକଟି ଯେମିତି ସାପପରି ଗୁଡ଼ାଇ ହୋଇଯାଉଛି ଦେହରେ । କ୍ରମେ ଶକ୍ତ ହେଉଛି ତା'ର ଦେହ ବନ୍ଧ ।

ଆଲେଖ୍ୟା ନିଜକୁ ସଙ୍କୁଚିତ କଲା । ନିଜ ଶାମୁକା ଭିତରକୁ ସଙ୍କୁଚିତ ହୋଇ-ଗଲା ଗେଣ୍ଡାପରି ।

ଫାଟିଗଲା ଦ୍ୱିତୀୟ ରକ୍ଷା କବଚ । ଦୁଇଟା ଶକ୍ତ ହାତ ଆଲେଖ୍ୟାର ଛାତି ଉପରେ ଛକପରି ଥିବା ତା' ହାତକୁ ଜୋର୍ କରି କାଢ଼ିନେଲା ।

ଆଲେଖ୍ୟାର ଦେହ ପୁଣି ସଙ୍କୁଚିତ ହେଲା । ପୁଣି ସଙ୍କୁଚିତ ହେଲା । ଜାଣିଲା ପାପ ତାକୁ ମାଡ଼ି ବସୁଛି । ପାପର ଏହି ସଙ୍କଟରୁ ରକ୍ଷା ପାଇବାର ଉପାୟ ନାହିଁ । କ'ଣ କରିବ ବୁଦ୍ଧି ଦିଶୁ ନାହିଁ ।

ସେ ସୈନିକକୁ କହିଲା—

ତମେ ଅନ୍ତତଃ ମାନ ଯେ ଆମ ଦେଶ ଉପରେ ତୁମର ଆକ୍ରମଣ ଅନ୍ୟାୟ । ଆମର ଦାବୀ ଯୁକ୍ତିଯୁକ୍ତ ।

ସୈନିକ ଉତ୍ତର ଦେଲା,—

ମାନୁଛି ତୁମ ଦେଶର ଦାବୀ ଯଥାର୍ଥ । ଆମେ ଅନ୍ୟାୟରେ ଆକ୍ରମଣ କରିଛୁ ।

ତଥାପି ଆଲେଖ୍ୟା ସନ୍ତୁଷ୍ଟ ହେଲା ନାହିଁ । ପାପ ହିଁ ପାପ । ପାପ ପାପ ହୋଇ ରହୁଛି । ରୂପ ବଦଳାଉ ନାହିଁ । ଆଲେଖ୍ୟା କାରଣ ଖୋଜୁଛି—ପାପକୁ ପାପ ନ ଗଣିବାର କାରଣ । ତା' ବ୍ୟତୀତ ଆଉ ଉପାୟ କ'ଣ ?

ଆଲେଖ୍ୟା ପଚାରିଲା—

ତମେ ମତେ ଭଲ ପାଅ ?

ଅବାନ୍ତର ପ୍ରଶ୍ନ । ସେତେବେଳେ ଏ ପ୍ରଶ୍ନ କେମିତି ବେଖାପ ଶୁଣାଗଲା ।

ସୈନିକ କହିଲା,—

ତୁମ ରୂପ ମତେ ପାଗଳ କରୁଛି । ସତରେ ମୁଁ ତୁମକୁ ଭଲ ପାଇବସିଛି ।

ଦୃଢ଼ାସ୍ତ୍ର ରକ୍ଷା କବଚ ଫାଟିଗଲା ।

ସୈନିକଟା ଦାନ୍ତରେ ଚିକ୍ ଚିକ୍ କରି ଚିରି ପକାଇଲା କନାର ଆବରଣମାନ ।

ସୈନିକର ଦେହ କୁହୁଳିଲା । ଦେହ କୁହୁଳିବାର ଗନ୍ଧ ରାସ୍ତା କଡ଼ରେ କେଉଁଠି ପିଚ୍ ତରଳା ହେଉଥିଲା ପରି, କେଉଁଠି ସାଇକେଲ୍ ଟାୟାରରେ ନିଆଁ ଲଗାଯାଇ ଥିଲା ପରି ।

ଦେହ ଟକ ମକ ହୋଇ ଫୁଟୁଥାଏ—ଟକ ମକ ତତଲା ପାଣିରେ ଯେମିତି ସିପ ଫିଟୁଥାଏ । ଦେହର ଶାମୁକା ଚୂନ ହେଉଥାଏ । ନିଜର ଚୂନ ଖାଇ ଯାଉଥାଏ ନିଜକୁ ।

ଆଲେଖ୍ୟା ଅନୁଭବ କଲା ଯେମିତି ଗୋଟାଏ ଶକ୍ତ ସମୁଦ୍ର କଙ୍କଡ଼ା ତା'ର ଛାତିକୁ ଚୁପି ବିଦୀର୍ଣ୍ଣ କରି ପକାଉଛି ।

ଗୋଟାଏ ଓଜନଦାର ଅନ୍ଦୋଳିତ ନିତମ୍ବର ଚାପରେ ଆଲେଖ୍ୟାର ମାର୍ବଲ-ଶୁଭ୍ର କୋମଳ ଜଘନ କ୍ରମେ ଶୀତଳ ହୋଇ ଆସୁଥିଲା, ଯେପରି ଏକ ଅରଣ୍ୟ ଅଜଗରର କବଳରେ ଧରା ଠେକୁଆଟିଏ ଛଟିପିଟି ହୋଇ ହୋଇ କ୍ରମେ ନିସ୍ତେଜ ଓ ଶୀତଳ ହୋଇଯାଉଛି ।

ଆଲେଖ୍ୟା ଧୂହୁଁ ଧୂହୁଁ ଅଚେତ ହୋଇଗଲା ।

॥ ୨ ॥

ସେ ସ୍ୱପ୍ନ ଦେଖିଲା ।

ଅଜବ ସ୍ୱପ୍ନ :

ଶିମିଳୀ ଗଛ ତଳେ ସେ ଶୋଇଛି । ଗଛ ଉପରେ ଫୁଲ-ଶାଗୁଣାର ପିଲାମାନେ କାନ୍ଦୁଛନ୍ତି । କ୍ଷୁଧାରେ ଆତୁର ହେଉଛନ୍ତି । ଫୁଲ-ଶାଗୁଣା ପିଲାମାନଙ୍କୁ ବୋଧ ଦେଉଛି ଏଇ ଦେଖ କେମିତି ନାଗଟାଏ ଏଇ ଆଡ଼କୁ ମାଡ଼ି ଆସୁଛି । ଭୟ କରନାହିଁ । ଗଛମୂଳେ ସେ ପ୍ରଥମେ ରାଜକୁମାରୀକୁ ଦେଖିବ । ନାଗଟା ପଶିଯିବ ରାଜକୁମାରୀର ଗର୍ଭ ଭିତରକୁ । ରାଜକୁମାରୀ ଚିତ୍କାର କରିବ । ଚିତ୍କାର ଶୁଣି ଧାଇଁ ଆସିବ ରାଜକୁମାରଟିଏ । ରାଜକୁମାରଟି ପଚାରିବ, କ'ଣ ହେଲା ? ରାଜକୁମାରୀ କିଛି କହିପାରୁ ନ ଥିବ । ସେତିକିବେଳେ ସେ ରାଜକୁମାରୀର ସ୍ପର୍ଶ ପାଇବ । ପୂର୍ବରୁ ତାକୁ

ଅଭିଶାପ ଅଛି—କୁମାରୀ କନ୍ୟା ସ୍ପର୍ଶ କଲେ ତା'ଉପରେ ଅକାଳ ଚଡ଼କ ପଡ଼ିବ ଓ ସେ ପ୍ରାଣ ଛାଡ଼ିବ । ଆଉ କାନ୍ଦ ନାହିଁ ମୋ ଧନ । ଅପେକ୍ଷା କର । ଏଇନେ ମନ ଇଚ୍ଛା ପେଟ ପୂରାଇ ଖାଇବ । ଏ କଥା ଶୁଣି ଯେ ଯାହାକୁ କହିବ ସେ ପଥର ହୋଇଯିବ ।

ଆଲେଖ୍ୟା ସ୍ୱପ୍ନରେ ଅନୁଭବ କଲା ନାଗ ପଶିଯାଉଛି ତା' ଗର୍ଭ କୋଠରୀକୁ । ଫୁତ୍କାର କରୁଛି । ପ୍ରତି ଫୁତ୍କାରରେ ବିଷ ବର୍ଷୁଛି । ଉତ୍ତପ୍ତ ବିଷ ।

ଆଲେଖ୍ୟା ଭୟରେ ଚିତ୍କାର କଲା ଓ ତା'ର ନିଦ ଭାଙ୍ଗିଗଲା ।

॥ ୩ ॥

ଆଲେଖ୍ୟା ଚାରିଆଡ଼କୁ ଚାହିଁଲା । ନିଜକୁ ସଜାଡ଼ି ଠିଆ ହେଲା ।

ଦେଖିଲା, ଅକାଳ ଚଡ଼କ ପଡ଼ୁଛି । ଛାତ ଉପରେ ସୈନିକର ନିର୍ବେଦ ଶରୀର ପଡ଼ିଛି । ତାକୁ ମୁକ୍ତିବାହିନୀଙ୍କ ଗୁଳିରେ ଟଳି ପଡ଼ିଛି ସୈନିକଟା ।

ଉପରେ ଆକାଶ ଓ ଶୂନ୍ୟତା ।
ଶୂନ୍ୟ ଆକାଶ ବିଦ୍ରୂପ କରୁଛି—

ଆଲେଖ୍ୟାର ଦେହ କଳଙ୍କିତ ।
ଆଲେଖ୍ୟାର ଦେହ ପାପଗ୍ରସ୍ତ ।
ଆଲେଖ୍ୟାର ଆତ୍ମା କଳୁଷିତ ।
ଦେହ ଓ ଆତ୍ମା ବାହାରେ ତା'ର କି ପରିଚୟ ଅଛି ?

ଆଲେଖ୍ୟା ଜାଣିଲା ତା'ର ନୈତିକ ମେରୁଦଣ୍ଡ ଭାଙ୍ଗି ଯାଇଛି । କେମିତି କାହାକୁ ସେ ମୁହଁ ଦେଖାଇବ ? କାହାକୁ କେମିତି ସେ କ'ଣ କହିବ ? ନିଜେ ନିଜକୁ କ'ଣ ବା କୈଫିୟତ୍ ଦେବ ? କ'ଣ କରିବ ?

କିଛି ସ୍ଥିର କରି ନ ପାରି ସେ ସୈନିକର ରିଭଲ୍‌ଭରଟି ହଠାତ୍ ଦେଖି ଉଠାଇ ନେଲା । କାନ ମୂଳେ ଲଗାଇ ଟ୍ରିଗର୍ ଉପରେ ଆଙ୍ଗୁଠି ରଖିଲା ।

ପାପ ଆଉ ମନକୁ ଡରାଇ ପାରିବ ନାହିଁ । ହୃଦୟକୁ ପୀଡ଼ା ଦେଇ ପାରିବ ନାହିଁ । ଆଶ୍ଚର୍ଯ୍ୟ, ଆଙ୍ଗୁଠି ଟ୍ରିଗର୍ ଚାପୁନାହିଁ ।

ସେ ଭାବିଲା ଏକ ଠାରୁ ଶହେଯାଏଁ ଗଣିଯିବ ଏବଂ ଠିକ୍ ଶହେ କହିଲା ବେଳକୁ ଟ୍ରିଗର୍ ଚାପିଦେବ ।

ଆଲେଖ୍ୟା ଗଣିବାକୁ ଆରମ୍ଭ କଲା—

ଏକ ଦୁଇ ତିନ ଚ଼ାରି ପାଞ୍ଚ ଛଅ ସାତ ଆଠ ନ ଦଶ··· ଏବଂ ଗଣୁ ଗଣୁ ମଝିରେ ମଝିରେ ବାରମ୍ବାର ସଂଖ୍ୟା ଭୁଲିଗଲା ।

ହେଲାନି । ଆଉ ଥରେ ଗଣିବାକୁ ହେବ ।

ଏଇ ଥର, ଏଇଥର ନିଶ୍ଚୟ ।

ଆଲେଖ୍ୟା ପୁଣିଥରେ ଗଣି ବସିଲା । ଗଣୁ ଗଣୁ କେତେବେଳେ ଶହେ ଗଣି ସାରିଲଣି । ଟ୍ରିଗର୍ ଚିପିବାକୁ ମନେ ନାହିଁ ।

ନା' ନା' ଏଇ ଥର କୋଡ଼ିଏ ଯାଏଁ

ନା' ନା' ଛତିଶ, ଛତିଶ ଯାଏଁ ଗଣିବି

ଏବଂ ଠିକ୍ ଛତିଶ ବେଳେ

ଆଲେଖ୍ୟା ଗଣୁଛି, ହଠାତ୍ କବାଟ ଠକ୍ ଠକ୍ ହେଲା ।

କବାଟ ଖୋଲିଲା ଏବଂ ଆସିଲେ ଗ୍ରାମବାସୀମାନେ ।

ଅସ୍ତବ୍ୟସ୍ତ ରୂପ । ବେଶଭୂଷା ବିପର୍ଯ୍ୟସ୍ତ । ସେମାନଙ୍କର ଧର୍ଷିତା ଦେହ । ବିବସ୍ତ୍ରା । ଅବଶ ।

ଚନ୍ଦନ ବନର ଗଛମାନଙ୍କରେ ଗୁଡ଼ାଇ ହୋଇ ସାପମାନେ ଗର୍ଜୁଥିଲେ । ଗ୍ରାସ ଯାଇଛନ୍ତି । ବିଷ ଦାନ୍ତରେ ଗଛର ସତେଜ ସବୁଜ ପତ୍ରମାନ କୁହୁଳି ଯାଇଛି ଯେମିତି ।

ସେମାନେ ଆଲେଖ୍ୟାକୁ ଦେଖିଲେ ଓ ପଚାରିଲେ,—

: କ'ଣ ହେଇଛି ?

: କ'ଣ ହେଲା ?

: କ'ଣ କଲୁ ?

: କ'ଣ କଲେ ?

: ସମସ୍ତଙ୍କର ତ ସେଇ ଏକା ଦଶା । କହୁନୁ ?

ଆଲେଖ୍ୟା ଗୋଟିଏ ଉତ୍ତର ଦେଲା—କିଛି ନାହିଁ ।

ସେମାନେ ଦେଖିଲେ ସୈନିକର ମୃତ ଦେହ ପଡ଼ିଛି । ସମସ୍ତେ ଗୋଇଠାଏ ଗୋଇଠାଏ ମାରିଲେ ଏବଂ କହିଲେ—

: ମୁକ୍ତିବାହିନୀ ନ ଆସିଥିଲେ

: ସୈନ୍ୟଗୁଡ଼ାକ ଯେମିତି ହଷ୍ଟେଲରେ ପଶିଥିଲେ

: ଶେଷରେ ହତ୍ୟା କରିଥାନ୍ତେ

: ଆଲେଖ୍ୟା ବଞ୍ଚିଗଲା

: ବଞ୍ଚିଗଲା ?

ଆଲେୟା ସହିତେ ସେମାନେ ତଳକୁ ଆସିଲେ । ତା' କୋଠରୀରେ ବସିଲେ । ସମସ୍ତେ ସମସ୍ତଙ୍କ ଦେହ ମୁହଁକୁ ଚାହିଁଲେ । କେହି କାହାକୁ କିଛି କହିଲେ ନାହିଁ ।

ସେତେବେଳକୁ ପରୀକ୍ଷା ସରି ଆସିଥାଏ ଓ ଛାତ୍ରୀ ନିବାସରେ ସେଇ କେତେ ଜଣ ଛାତ୍ରୀ ଥାଆନ୍ତି ।

ଆଲେୟା ସେମାନଙ୍କୁ କାନ୍ଥର କାଲେଣ୍ଡରଟିଏ ଦେଖାଇଲା । କହିଲା, ସେମାନେ ଏଇ ମସ୍‌ଜିଦ୍‌ର ଗମ୍ବୁଜମାନ ବୋମା ମାଡ଼ରେ ଭାଙ୍ଗି ଦେଇଛନ୍ତି ।

ସହର ଚାରିପଟରେ ଯେତେ ଭଲ ଭଲ ମସ୍‌ଜିଦ୍ ଅଛି, ସେମାନେ ସବୁର ଗମ୍ବୁଜମାନ ଭାଙ୍ଗି ଦେଇଛନ୍ତି ।

: ସବୁର ଗମ୍ବୁଜ ଭାଙ୍ଗି ଦେଇଛନ୍ତି ?

: ସବୁର ଗମ୍ବୁଜ ଭାଙ୍ଗି ଦେଇଛନ୍ତି ।

ସମସ୍ତେ ହସିଲେ । କାହାରି ଓଠ ବିଶେଷ ଖୋଲିଲା ନାହିଁ ।

ଆଲେୟାର ମନେ ପଡ଼ିଲା,

ଭଲ୍ ଭର୍ତ୍ତା ଛାତ ଉପରେ ପଡ଼ିଛି । ଥାଉ ପାଖରେ । କେତେବେଳେ କ'ଣ ଦରକାର ହେବ ।

ସେ ସିଡ଼ିରେ ଉପରକୁ ଉଠିଗଲା । ପାହାଚ ପରେ ପାହାଚ । ଗୋଟିକ ପରେ ଗୋଟିଏ । ନାନା ପ୍ରଶ୍ନ ତା' ମନକୁ ଆଉଡ଼ାଉଥାନ୍ତି କରୁଥିଲା ।

ପ୍ରଥମ ପାହାଚ (ସେମାନଙ୍କୁ ତ ଏଥିପାଇଁ ଲାଜ ଲାଗୁନି ?)

ଦ୍ୱିତୀୟ ପାହାଚ (କାହାରିକୁ କେମିତି ଖରାପ ଲାଗୁନାହିଁ ?)

ତୃତୀୟ ପାହାଚ (ସମସ୍ତେ ତ ସମସ୍ତଙ୍କ ଘଟଣା ଜାଣିଛନ୍ତି :)

ଚତୁର୍ଥ ପାହାଚ (କାହାରି ମନରେ ତ ପାପ ଭୟ ନାହିଁ ?)

ଆଲେୟା ସିଡ଼ିର ମୋଡ଼ ବୁଲିଲା ।

ପଞ୍ଚମ ପାହାଚ (ପାପ କ'ଣ ?)

ଷଷ୍ଠ ପାହାଚ (ପୁଣ୍ୟ କ'ଣ ?)

ସପ୍ତମ ପାହାଚ (ପାପର ଧାରଣା ଦେଲା କିଏ ? କାହିଁକି ?)

ଅଷ୍ଟମ ପାହାଚ (ପୁଣ୍ୟର ଧାରଣା ଦେଲା କିଏ ? କାହିଁକି ?)

ଆଲେୟା ଛାତ ଉପରେ ପହଞ୍ଚିଲା ।

ଏପାଖ ସେପାଖ ହେଲା । ଚାରି ଆଡ଼କୁ ଚାହିଁଲା ।

ତଳେ ରାସ୍ତାରେ ଗାଡ଼ି ମଟର ଧାଇଁଛି । ଜୀବନ ଧାଇଁଛି ।

ବଞ୍ଚିବାର ଚେଷ୍ଟା ସବୁଠାରେ । ସମସ୍ତଙ୍କର ।
ଉପରେ ଆକାଶ । ମିଛ ଆକାଶ ଏବଂ ଶୂନ୍ୟତା ।
ଆଲେଖ୍ୟା ମନରେ ସେଇ ପ୍ରଶ୍ନ ଆନ୍ଦୋଳିତ ହେଉଥିଲା,

ମଣିଷ ମନରେ ପାପପୁଣ୍ୟର ଧାରଣା ଦେଲା କିଏ ? କାହିଁକି ? ମୁଁ କାହାର ଧାରଣାର ଖିଳର ହୋଇ ରହିବି କାହିଁକି ?

ପାପ ମିଛ ।
ପୁଣ୍ୟ ମିଛ ।
ସତ କେବଳ ଏଠି ବଞ୍ଚିବା ।

କ୍ରମେ କ୍ରମେ ଉଚ୍ଚ ସ୍ୱରରେ ଶବ୍ଦ ଗୁଡ଼ାକ ଉଚ୍ଚାରିତ ହୋଇଗଲା । ଆଲେଖ୍ୟା ନିଜର ସ୍ୱର ଶୁଣି ସଚେତନ ହୋଇଗଲା । ଖଟ ଉପରେ ପଡ଼ିଥିବା ରିଭଲ୍‌ଭରକୁ ଚାହିଁଲା । ଚାହିଁଲା ସୈନିକକୁ । ତା'ର ବଳିଷ୍ଠ ଦେହ ମୁହଁକୁ । ମୁହଁର ପୌରୁଷକୁ । ଲୋକଟାର ବୟସ କେତେ ହେବ ?

ଆଲେଖ୍ୟା ମନରେ ମୁହୂର୍ତ୍ତିକ ପାଇଁ ଏ ପ୍ରଶ୍ନ ଜାଗି ଉଠିଲା ।

ଲୋକଟାର ଆଖିକୁ ସେ ଲକ୍ଷ୍ୟ କଲା । କିଛି ସମୟ ପୂର୍ବରୁ ଯେଉଁ ଆଖିରେ କାମନାର ଆଗ୍ନେୟଗିରି ଅଗ୍ନି ଉଦ୍‌ଗୀରଣ କରୁଥିଲା, ତାହା ବର୍ତ୍ତମାନ ଏକ କାତର ଆଖି ପରି ସ୍ଥିର ଓ ଶୀତଳ । ସ୍ଥିର ଆଖିରେ ସୈନିକଟା ସତେ ଯେମିତି ଆଲେଖ୍ୟାକୁ ଚାହିଁଛି ।

ଆଲେଖ୍ୟା ଗୁଳିଆଡ଼କୁ ଚାହିଁଲା । ଚାହିଁଲା ସୈନିକର ମୁହଁକୁ ।

ସେ ସୈନିକ ଆଡ଼କୁ ଝୁଙ୍କି ପଡ଼ିଲା ଓ ତା' କପାଳରେ ଚୁମା ଦେଇ ସିଡ଼ିରେ ତଳକୁ ପାହାଚେ ପାହାଚେ ଓହ୍ଲାଇଗଲା ।

---

# ସମାନ୍ତର ସରଳରେଖା

## ଶ୍ରୀ ବିଭୂତି ପଟ୍ଟନାୟକ

ନିଜର ଉନ୍ନତି ହେଲେ ଦେଶର ଉନ୍ନତି ହେବ, ଏକଥା କୌଣସି ଦିନ ବିଶ୍ୱାସ କରିନାହାନ୍ତି ନାରଣ ବାବୁ । ଆଜି ମଧ୍ୟ ସେ ନିଜର ଏଇ ମତରେ ଅଟଳ, ଅଚଳ । କିନ୍ତୁ ତାଙ୍କରି ରକ୍ତରୁ ଜନ୍ମ ହୋଇ ସୁଦ୍ଧା ସନାତନ ତାଙ୍କ ଆଦର୍ଶରୁ ବିନ୍ଦୁଏ ହେଲେ ଧାରି ଧାରେ ନାହିଁ । ପିତା-ପୁତ୍ର ଦୁହେଁ ଦୁଇଟି ସମାନ୍ତର ସରଳରେଖା ଭଳି—ରୁଚି, ଆଦର୍ଶ ଜୀବନଯାପନ ପ୍ରଣାଳୀ—କେଉଁଠି ହେଲେ ସୁଦ୍ଧା ସେମାନେ ଏକତ୍ର ମିଳିତ ହୁଅନ୍ତି ନାହିଁ ।

ଅଥଚ ଏଇ ସନାତନ ପ୍ରତି ଏକ ଅପତ୍ୟ-ସ୍ନେହ ଦିନେ ତାଙ୍କର ଦେଶ-ପ୍ରୀତିର ସ୍ଥିରପାଣିକୁ ଚହଲାଇ ଦେଇଥିଲା ।

ସେ ୧୯୪୨ ମସିହାର କଥା । ମହାତ୍ମା ଗାନ୍ଧୀ ଆଉ ସ୍ୱାଧୀନତା ସଂଗ୍ରାମର ଅନ୍ୟ କର୍ଣ୍ଣଧାରମାନେ ଗିରଫ ହୋଇ ଯାଇଥିଲେ । ବ୍ରିଟିଶ ଶାସନ ବିରୁଦ୍ଧରେ ଗଣ-ଚେତନାକୁ ଜାଗ୍ରତ କରି ରଖିବାର ମନ୍ତ୍ର ନେଇ ସେ ଆତ୍ମଗୋପନ କରିଥିଲେ । ଛଦ୍ମବେଶରେ ଘୂରି ବୁଲୁଥିଲେ ଓଡ଼ିଶାର ଗୋଟିଏ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତକୁ । ତାଙ୍କୁ ଧରାଇ ଦେଲେ ଏକହଜାର ଟଙ୍କା ପୁରସ୍କାର ଦିଆଯିବ ବୋଲି ଘୋଷଣା କରିଥିଲେ ବ୍ରିଟିଶ ସରକାର ।

ଘରେ ଏକାକିନୀ ଥିଲେ ପତ୍ନୀ ସୌଦାମିନୀ ଆଉ ଦୁଇବର୍ଷର ଏଇ ଶିଶୁପୁତ୍ର ସନାତନ । ପୋଲିସ୍ ତାଙ୍କର ସନ୍ଧାନରେ ଆସି ବାରମ୍ବାର ସୌଦାମିନୀ ଉପରେ ଜୁଲମ କରୁଥିଲା । ମାତ୍ର ଦୁଇମାସରେ ଥରେ ଅର୍ଦ୍ଧରାତ୍ରିରେ ଘଣ୍ଟାଏ ଅଧଘଣ୍ଟାଏ ପାଇଁ ଆସି ସେ ସ୍ତ୍ରୀ ଓ ପୁତ୍ରଙ୍କୁ ଦେଖି ଯାଉଥିଲେ । ସୌଦାମିନୀ ଯେପରି ତାଙ୍କର ଅନୁପସ୍ଥିତିରେ ଭାଙ୍ଗି ନ ପଡ଼ନ୍ତି ସେଥିପାଇଁ ତାଙ୍କୁ ସେ ସାହସ ଓ ସାନ୍ତ୍ୱନା ଦେଇଯାଉଥିଲେ ।

ସେଦିନ ମଧ୍ୟ ସେଇଥିପାଇଁ ଅର୍ଦ୍ଧରାତ୍ରିରେ ଘରକୁ ଯାଇଥିଲେ ନାରଣ ଦାସ, ମାତ୍ର ଅଧଘଣ୍ଟାଏ ପାଇଁ । କିନ୍ତୁ ଘରେ ଯାଇ ଦେଖିଲେ ଜ୍ୱରରେ ଥର ଥର ହୋଇ କମ୍ପୁଛି ସନାତନ । ସୌଦାମିନୀ ଲୁହ ଛଳ ଛଳ ଆଖିରେ କହିଲେ, ଜରୁଆ ଛୁଆଟାକୁ ଛାଡ଼ିଦେଇ ତମେ ଚାଲିଯିବ ? ରାତି ପାହିଲେ ଅବା ଡାକ୍ତର କବିରାଜଙ୍କୁ ଦେଖାଇବି—ଏ ରାତିରେ କଅଣ କରିବି ? ମତେ ଖୁବ ଭୟ ଲାଗୁଛି ··।

ଆକାଶରେ ମେଘ ଘୋଟିଘୋଟି ହୋଇ ରହିଥିଲା । ପ୍ରସ୍ତରୀଭୂତ ଅନ୍ଧକାର ସମଗ୍ର ପରିବେଶକୁ ଶଙ୍କିତ, ଭୟାର୍ତ୍ତ କରି ଦେଇଥିଲା । କେଉଁ ଏକ ରାସ୍ତା ବୁଲା ପାଗଲା କୁକୁରର ଚିତ୍କାର ଭାସି ଆସୁଥିଲା ରାତ୍ରିର ନିର୍ଜନତାକୁ ଛିନ୍ନଭିନ୍ନ କରିଦେଇ । ଏଇଭଳି ଏକ ପରିସ୍ଥିତିରେ ଏକାକିନୀ ସୌଦାମିନୀଙ୍କ ପାଖରେ ରୁଗ୍ଣ ସନାତନକୁ ଛାଡ଼ି ଦେଇ ଦେଶ-ପ୍ରେମ ବହ୍ନିକୁ ପ୍ରଜ୍ୱଳିତ କରି ରଖିବା ପାଇଁ ନିଜ ଭିତରେ ଶକ୍ତିର ଅଭାବ ସେ ଅନୁଭବ କରିଥିଲେ । ସନାତନ ତା'ର ଛୋଟ ଛୋଟ ହାତରେ ଆଙ୍କୁଡ଼ି ଧରିଥିଲା । ତା' ଦେହର ଜ୍ୱରର ଉତ୍ତାପ ସହିତ ସେଇ ଦୁର୍ବଳ ମୁଷ୍ଟିରେ ନିଜର ପୁତ୍ର ସ୍ନେହର ଉଷ୍ଣତା ମିଶାଇ ଦେଇଥିଲେ ନାରଣ ଦାସ । ତାଙ୍କର ଯେ ଅଧଘଣ୍ଟାଏ ପରେ ଅନ୍ୟତ୍ର ଚାଲିଯିବାର କଥା, ସେ ନିର୍ଦ୍ଦେଶ ସେ ଭୁଲି ଯାଇଥିଲେ ।

ସନାତନକୁ କୋଳରେ ଧରି ସାରାରାତି ସେ ବସି ରହିଥିଲେ । ସକାଳୁ ପୋଲିସର ହୁଇସିଲ ଶୁଣି ତାଙ୍କର ଯିବା କଥା ମନେ ପଡ଼ିଲା । କିନ୍ତୁ ଆଉ ସମୟ ନ ଥିଲା । ଘରର ଚାରିପଟ ସେମାନେ ସଦଳବଳେ ଘେରାଉ କରି ଯାଇଥିଲେ । ସେଇଥର ତାଙ୍କୁ ଧରାପଡ଼ି ଚାରିବର୍ଷକାଳ ଜେଲଖାନାର ଅନ୍ଧକାରରେ ସଢ଼ିବାକୁ ପଡ଼ିଥିଲା ।

ମହାତ୍ମା ଗାନ୍ଧୀଙ୍କ ଡାକରାରେ ଚାକିରି ଛାଡ଼ି ସେ ସ୍ୱାଧୀନତା ସଂଗ୍ରାମରେ ଝାମ୍ପ ଦେଇଥିଲେ । କିନ୍ତୁ ତାଙ୍କ ଜୀବନକାଳ ମଧ୍ୟରେ ସ୍ୱାଧୀନତା ଆସିବ କିମ୍ବା ସେ ଜେଲମୁକ୍ତ ହୋଇ ପୁଣି ପୁଅ, ପୁଅବୋହୂ, ନାତି, ନାତୁଣୀଙ୍କୁ ନେଇ ଘର ସଂସାର କରିବେ, ଏକଥା କୌଣସି ଦିନ ସେ ସ୍ୱପ୍ନ ଦେଖି ନ ଥିଲେ । କିନ୍ତୁ ତାଙ୍କ ମନ ଭିତରେ ଗୋଟିଏ ଦୃଢ଼ ବିଶ୍ୱାସ ଥିଲା ଯଦି ସେ ପଦ୍ମଲ ମହାରଣା ଭଳି ଜେଲଖାନା ଭିତରେ ରୋଗରେ ପଡ଼ି ଚିକିତ୍ସା ଅଭାବରୁ ହେଉ ଅଥବା ଗୋକୁଳ ଭୋଳ ପରି ଜେଲ କର୍ତ୍ତୃପକ୍ଷଙ୍କ ଦୁର୍ବ୍ୟବହାରର ପ୍ରତିବାଦରେ ଆମରଣ ଅନଶନ କରି ହେଉ ଶହୀଦ ହୁଅନ୍ତି, ତାହା ହେଲେ ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ ସନାତନ ଲଢ଼େଇ କରିଯିବ···ତାଙ୍କ ନିଜ ଜୀବନାଦର୍ଶ ତାଙ୍କ ରକ୍ତର ଗଢ଼ା ସନ୍ତାନକୁ ବାଟ କଢ଼ାଇ ନେବ···।

କିନ୍ତୁ ସବୁ ଓଲଟ ପାଲଟ ହୋଇଗଲା ।

ଦେଶ ସ୍ୱାଧୀନ ହେଲା । ସେ ସନାତନକୁ ସ୍ୱାଧୀନଚେତା, ସଚ୍ଚୋଟ ମଣିଷ କରି ଗଢ଼ିବା ପାଇଁ ପତ୍ନୀ-ବିୟୋଗ ପରେ ବହୁ କଷ୍ଟରେ ବିଲାତ ପଠାଇଲେ । କିନ୍ତୁ ସେ ଅଲଗା ବାଟରେ ଚାଲିଗଲା । ଯେ କୌଣସି ଉପାୟରେ ଟଙ୍କା ରୋଜଗାର କଲେ ନିଜର ଉନ୍ନତି ଏବଂ ନିଜର ଉନ୍ନତି ହେଲେ ଦେଶର ଉନ୍ନତି—ଏଇ ଭୁଲ୍ ଧାରଣାକୁ ମନରେ ଧାରଣ କରି ସେ ହୋଇଗଲା ସ୍ୱାଧୀନତା- ଉତ୍ତର ଭାରତବର୍ଷର ନକଲି ବିପ୍ଳବୀ । ଶ୍ରମିକ ନେତା । ନିଜର ଶ୍ରମରେ ନୁହେଁ ଶ୍ରମିକମାନଙ୍କ କାନ୍ଧରେ ଚଢ଼ି ସେ ବଡ଼ ଦେଖାଯିବାକୁ ଚେଷ୍ଟା କଲା ।

ମଦ ଦୋକାନ ଆଗରେ ପିକେଟିଂ କରି ଦୁଇ ଦୁଇ ଥର ଜେଲ ଯାଇଥିଲେ ନାରଣ ଦାସ । ତାଙ୍କ ପୁଅ ତାଙ୍କରି ଆଗରେ ଅନ୍ୟମାନଙ୍କ ସହିତ ମିଶି ମଦ୍ୟପାନ କଲା । ଇଂରେଜୀ ଶିକ୍ଷା ବଦଳରେ ସ୍ୱଦେଶୀ ମୌଳିକ ଶିକ୍ଷାର ସେ ସ୍ୱପ୍ନ ଦେଖିଥିଲେ । କିନ୍ତୁ ତାଙ୍କ ଦୁଇ ନାତିନାତୁଣୀ ଇଂଲିଶ ମିଡ଼ିୟମ ସ୍କୁଲରେ ପାଠ ପଢ଼ିଲେ । ସନାତନର ସ୍ତ୍ରୀ ମଧୁସ୍ମିତା ବିଦେଶୀ ଲୁଗା ଦେଖିଲେ ନାକ ଟେକିଲା । ସ୍ୱାମୀର ଉପାର୍ଜନ ଟଙ୍କା ନଅଣ୍ଟ ହେଲା ବୋଲି ସେ ମଧ୍ୟ ଦିନେ ଶିକ୍ଷୟିତ୍ରୀ ଚାକିରି ଖୋଜି ବୁଲିଲା ।

ମହାତ୍ମା ଗାନ୍ଧୀଙ୍କ ହତ୍ୟା ପରେ ଏଇଭଳି ଯେ କିଛି ଭାରତବର୍ଷରେ ଘଟିପାରେ, ସେକଥା ଅନୁମାନ କରୁଥିଲେ ନାରଣ ଦାସ, କିନ୍ତୁ ଚାହୁଁ ଚାହୁଁ ତାଙ୍କରି ଆଖି ଆଗରେ ଭୋଗ ହିଁ ଜୀବନର ଏକମାତ୍ର ଲକ୍ଷ୍ୟ ହେବ, ତ୍ୟାଗ କଥାଟା କେବଳ ଅନ୍ୟମାନଙ୍କୁ ଉପଦେଶ ଦେଲାବେଳେ କୁହାଯିବ, ଏକଥା ସେଦିନ ମଧ୍ୟ ତାଙ୍କୁ ଭାବିବାକୁ କଷ୍ଟ ହୋଇଥିଲା । ସେଥିପାଇଁ ବହୁ ସ୍ୱାଧୀନତା ସଂଗ୍ରାମୀ ସ୍ୱାଧୀନତା ପରେ ରାଷ୍ଟ୍ରକ୍ଷମତା ହସ୍ତଗତ କରିବା ପାଇଁ ନିର୍ବାଚନ ଲଢ଼ିଥିଲେ ସୁଦ୍ଧା ସେ ସେଥିରୁ ନିଜକୁ ଅଲଗା ରଖିଥିଲେ । ବଗିଚାରେ ଗଛ ଲଗାଇବା, ସୂତା କାଟିବା, ବହି, ଖବରକାଗଜ ପଢ଼ିବାରେ ସେ ନିଜକୁ ଆତ୍ମମଗ୍ନ କରି ରଖିଥିଲେ ।

ଦିନେ ହଠାତ୍ ସନାତନ ଆସି କହିଲା—ବାବା ! ଆମ ଶ୍ରମିକ ସଂଘର ଜଣେ ୟୁନିୟନ ନେତା ଚାରିଦିନ ହେଲା ଆମରଣ ଅନଶନ କରିଛି । ଅନଶନ ଯୋଗୁଁ ତାର ସ୍ୱାସ୍ଥ୍ୟ ଭାଙ୍ଗି ପଡ଼ିଲାଣି । ଅଥଚ ସରକାର ୟୁନିୟନର କୌଣସି ଦାବୀ ମାନୁ ନାହାନ୍ତି । ଗୋଟିଏ ହେଲେ ଦାବୀ ପୂରଣ ନ କରି ଅନଶନ ଭାଙ୍ଗିଲେ ଶ୍ରମିକମାନଙ୍କ ଆସ୍ଥା ଆମ ୟୁନିୟନର ଉପରୁ ତୁଟିଯିବ । ସେମାନେ ଅନ୍ୟ ଶ୍ରମିକ ସଂଘକୁ ଚାଲିଯିବେ । ଆପଣ ଟିକିଏ ମନ୍ତ୍ରୀଙ୍କୁ କୁହନ୍ତୁ । ଅନ୍ତତଃ ସରକାର ଆମରି ଚାଳିଶି ଦଫା ଦାବୀରୁ ଗୋଟିଏ ହେଲେ ଦାବୀ ମାନି ନିଅନ୍ତୁ···ଅନଶନକାରୀ ନେତାଙ୍କ ଅବସ୍ଥା ଖୁବ୍ ଶୋଚନୀୟ···

ଫଳରସ ଖାଇ ଅନଶନ ଭଙ୍ଗ କରିବାର ଲକ୍ଷ୍ୟ ସ୍ଥିର କରି ଯେଉଁମାନେ ଆମରଣ ଅନଶନ ଆରମ୍ଭ କରନ୍ତି ସେମାନଙ୍କ ପ୍ରତି ନାରଣ ଦାସଙ୍କ ଅକୁଣ୍ଠ ଘୃଣା । ସନାତନର କଥା ଶୁଣି ତାଙ୍କ ମୁହଁରେ ସେଇ ଘୃଣାର ବ୍ୟଞ୍ଜନା ଫୁଟି ଉଠିଲା ।

ସେ ପଚାରିଲେ ମୁଁ କିଏ ? ମନ୍ତ୍ରୀ ମୋ କଥା ରଖିବେ କାହିଁକି ?

ସନାତନ ତାଙ୍କୁ ମନେ ପକାଇ ଦେଇଥିଲା—ମନ୍ତ୍ରୀ ତାଙ୍କ ଭଳି ସ୍ୱାଧୀନତା ସଂଗ୍ରାମୀ । ଏକ ସମୟରେ ଏକା ଜେଲ୍‌ରେ ଥିଲେ । ଦେଶ ପାଇଁ ସେ ତିନି ଥର ସାତ ବର୍ଷ ଜେଲ୍ ଭୋଗ କରିଛନ୍ତି । ତାଙ୍କ କଥା ସେ ନିଶ୍ଚୟ ରଖିବେ ।

ପୁଅର କଥା ଶୁଣି କ୍ରୋଧରେ ଜଳି ଉଠିଥିଲେ ନାରଣ ଦାସ । ଚକ୍କାର କଲାଭଳି ବଡ଼ ପାଟିରେ କହିଥିଲେ—ନିଜ ଲାଭ ପାଇଁ ଜେଲ୍ ଯାଇଥିଲ ? ଦେଶର ସେବା କଲେ ସେଥିପାଇଁ ମୂଲ ନିଆଯାଏ ? ଏଇ ଯେ ଗୋକୁଳ ଭୋଲ ଆମରଣ ଅନଶନ କରି ଜେଲ୍‌ରେ ଶହୀଦ୍ ହେଲା, ତାର ଜୀବନର ମୂଲ୍ୟ ଦେଲା କିଏ ? କ୍ଷୁଦ୍ର ସ୍ୱାର୍ଥ ପାଇଁ, ଆଉ ଅନନେ ଭଙ୍ଗ କରିବାର ଦିନ ସ୍ଥିର କରି ଯେଉଁମାନେ ଆମରଣ ଅନଶନ ଧର୍ମଘଟ କରନ୍ତି, ସେମାନଙ୍କୁ ସତ୍ୟାଗ୍ରାହୀ କୁହାଯାଏ ? କହ—ଚୁପ୍ ରହିଲୁ କାହିଁକି ?

ସନାତନକୁ ବାହାରୁ ଚୁପ୍‌ଚାପ୍ ମନେ ହେଉଥିଲେ ବି ଭିତରେ ସେ ଗୋଟିସୁଦ୍ଧା କ୍ରୋଧରେ ଥରୁଥିଲା । ତାର ମନେ ହେଉଥିଲା ସେ ଯେପରି ତାର ବାପ ନୁହନ୍ତି, ଶତ୍ରୁ । ତାଙ୍କର ପ୍ରତିଦ୍ୱନ୍ଦୀ ଶ୍ରମିକସଙ୍ଘର ଦଲାଲ୍ ! ତାର ନେତୃତ୍ୱର ଅପାରଗତାକୁ ପ୍ରମାଣିତ କରିବା ପାଇଁ ମନ୍ତ୍ରୀଙ୍କୁ ସେ କହିବା ପାଇଁ ନାରାଜ ।

ସନାତନ ଚାଲିଯାଇଥିଲା ।

କିନ୍ତୁ ତାର ପାଦ ଶବ୍ଦରୁ ନାରଣ ଦାସ ଅନୁମାନ କରି ପାରୁଥିଲେ ପୁଅ ସହିତ ତାଙ୍କର ଶେଷ ଯୋଗସୂତ୍ରଟି ଯେପରି ବିଚ୍ଛିନ୍ନ ହୋଇଗଲା ।

ଆଜିକାଲି ନିଜ ପୁଅ, ବୋହୂ, ସାଙ୍ଗସାଥୀ କାହାରିକୁ ବୁଝି ପାରନ୍ତି ନାହିଁ ନାରଣ ଦାସ । ସମସ୍ତେ ଯେମିତି ସୁଖ ନାମକ ଶୁକ ପକ୍ଷୀଟିକୁ ନିଜ ପଞ୍ଜୁରୀରେ ଭର୍ତ୍ତି କରିବା ପାଇଁ ଧଇଁସଇଁ ହୋଇ ଧାଇଁଛନ୍ତି । କେଉଁଟା ନ୍ୟାୟ, କେଉଁଟା ଅନ୍ୟାୟ ସେକଥା ବୁଝିବା ପାଇଁ ସେମାନଙ୍କର ସମୟ ନାହିଁ, ସେଇ ସ୍ୱାର୍ଥପର ମଣିଷଙ୍କ ମେଳରେ ନିଜକୁ ବଡ଼ ଏକୁଟିଆ ମନେ କରନ୍ତି । ଅତି ଆପଣାର ଲୋକ ବି ତାଙ୍କୁ ଅଚିହ୍ନା ଅଚିହ୍ନା ମନେ ହୁଅନ୍ତି । ତାଙ୍କର ଧାରଣା ହୁଏ ସେ ପହିଲି ମହାରଣୀ, ଗୋକୁଳ ଭୋଲ ଭଳି ଜେଲ୍‌ରେ ଶହୀଦ୍ ହୋଇଯାଇଥିଲେ ବଞ୍ଚିଯାଇ ଥାଆନ୍ତେ । ମହାତ୍ମା ଗାନ୍ଧୀ ବି ଆତତାୟୀ ହାତରେ ମରି ବଞ୍ଚିଗଲେ । ସେ ବଞ୍ଚି ରହିଲେ କେବଳ ମରଣ ଯନ୍ତ୍ରଣା ଭୋଗ କରିବା ପାଇଁ !

ଜେଲ ଭିତରେ ସକାଳୁ ଉଠିବା ପରେ ଏବଂ ରାତିରେ ଶୋଇବାକୁ ଗଲାବେଳେ ଇନ୍‌କିଲାବ-ଜିନ୍ଦାବାଦ୍ ଏଇ ଧ୍ୱନିଦେବା ଥିଲା ଗୋକୁଳ ଭୋଲର ଦୈନନ୍ଦିନ ଅଭ୍ୟାସ । ଜେଲ କର୍ତ୍ତୃପକ୍ଷ ଏଥିରେ ରାଗିଯାଇ ତା ରେସନ ପରିମାଣ ଅଧା କରି ଦେଇଥିଲେ । ସେଇ ଅନ୍ୟାୟର ପ୍ରତିବାଦରେ ଆମରଣ ଅନଶନ କରିଥିଲା ଗୋକୁଳ । ଏକୋଇଶି ଦିନ ପରେ ଉପବାସରେ 'ଇନ୍‌କିଲାବ-ଜିନ୍ଦାବାଦ' ଧ୍ୱନି ଦେଇ ସେ ଆଖିବୁଜି ଶହୀଦ ହୋଇ ଯାଇଥିଲା । ତା ଆରଦିନଠାରୁ ଜେଲରେ ଥିବା ସୁରିଶତ ଏକାବନ ଜଣ ସତ୍ୟାଗ୍ରହୀଙ୍କ କଣ୍ଠରେ ଇନ୍‌କିଲାବ-ଜିନ୍ଦାବାଦ୍ ଧ୍ୱନି ଝଂକୃତ

ହେଲା । କାରାଗାରର ପ୍ରାଚୀର ଭେଦ କରି ସେ ଧ୍ୱନି ବାହାର ପୃଥିବୀ ଲୋକଙ୍କ କାନରେ ପହଞ୍ଚିଥିଲା କି ନାହିଁ ତାଙ୍କୁ ଜଣା ନାହିଁ । କିନ୍ତୁ ଜେଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ଛାତି ଦବି ଯାଇଥିଲା । ଗୋକୁଳ ଭୋଳର ରାସ୍ତା ଧରି ଯଦି ସବୁ ରାଜବନ୍ଦୀ ଅନଶନ କରନ୍ତି, ଶହୀଦ ହୁଅନ୍ତି, ତାର ପରିଣାମ ଯେ ବସ୍ମସ୍ତ ହେବ, ସେକଥା ଗୋରା ସୁପରିଣ୍ଟେଣ୍ଡେଣ୍ଟ ସାହେବ ବୁଝିଥିଲେ । କାରାରୁଦ୍ଧ ସତ୍ୟାଗ୍ରହୀମାନଙ୍କୁ ସେଥିପାଇଁ ଗୋକୁଳ ଭୋଳର ମୃତ୍ୟୁ ପରେ ସ୍ଲୋଗାନ ଦେବାର ସ୍ୱାଧୀନତା ମିଳିଗଲା । କିନ୍ତୁ ସେକଥା କଅଣ ଜାଣିଲା ଗୋକୁଳ ଭୋଳ ?

ଜେଲ ଭିତରେ ଗୋକୁଳର ଆତ୍ମତ୍ୟାଗ ଯୋଗୁଁ ସ୍ଲୋଗାନ ଦେବାର ଦାବୀ ହାସଲ କଲା ଦିନ ନାରଣ ଦାସ ନିଜେ ଶୋଇ ଶୋଇ ମୃତ୍ୟୁର ସ୍ୱପ୍ନ ଦେଖିଥିଲେ । ଦେଶ ପାଇଁ ଶହୀଦ ହେବା ଚିନ୍ତାକଲେ ମନ ଯେ ଏକ ପବିତ୍ର ପରିତୃପ୍ତି ଓ ସ୍ନିଗ୍ଧ ଆନନ୍ଦରେ ଭରିଯାଏ, ସେକଥା ସେ ପ୍ରଥମେ ସେଦିନ ଅନୁଭବ କରିଥିଲେ । କିନ୍ତୁ ଆଜିକାଲି ଲୋକେ ଅକାରଣରେ କଳିକଜିଆ କରି ଛୁରୀ ମାରାମାରି ହୋଇ ମରନ୍ତି, ରାସ୍ତାଘାଟରେ ଦୁର୍ଘଟଣାରେ ମରନ୍ତି; କିନ୍ତୁ ଦେଶ ପାଇଁ, ଜାତି ପାଇଁ ମହତ୍ କାର୍ଯ୍ୟ କରି ମରିବା କଥା ଭାବିଲେ ସେମାନଙ୍କୁ ଚତୁର୍ଦ୍ଦିଗ ଅନ୍ଧକାର ଦେଖାଯାଏ !

କଥାଟା ଭାବିଲେ ନିଜ ଛାତି ଭିତରେ ଯନ୍ତ୍ରଣା ଅନୁଭବ କରନ୍ତି ନାରଣ ଦାସ । ଛଅଷଠି ବର୍ଷର ଜୀବନଟା ତାଙ୍କୁ ବୃଥା ମନେହୁଏ ।

* * *

ମଧୁମିତା ଦିନେ ଆସି କହିଲା—ବାବା ! ମୋର କୋରାପୁଟ ବଦଳି ହୋଇଯାଇଛି । ଆପଣ ଟିକିଏ ମନ୍ତ୍ରୀଙ୍କୁ କହିଲେ ଏ ବଦଳି ଆଦେଶ ବାତିଲ ହୋଇଯାଆନ୍ତା !

ନାରଣ ଦାସ ବିସ୍ମୟରେ ଉତ୍ତର ଦେଲେ ଶିକ୍ଷୟିତ୍ରୀ ଚାକିରି କଲେ ବଦଳି ହୁଏ । ଏ ବଦଳି ଆଦେଶ ବାତିଲ କରିବାକୁ ମୁଁ ମନ୍ତ୍ରୀଙ୍କୁ କହିବି କାହିଁକି ? ଆଉ କୋରାପୁଟ ତ ବେଶ୍ ଭଲ ଜାଗା ମାଆ !

ମଧୁମିତା ବିରକ୍ତ ହୋଇ କହିଲା—ଯେଉଁମାନେ ସ୍ୱାଧୀନତା ପାଇଁ ଜେଲ ଯାଇଥିଲେ ସ୍ୱାଧୀନତା ପରେ ସେମାନେ କେତେ ଉପାୟରେ ଟଙ୍କା ରୋଜଗାର କରୁଛନ୍ତି । ଆପଣ ନିଜେ କିଛି କରିବେ ନାହିଁ; ଆମକୁ ମଧ୍ୟ ଭଲରେ ରହିବାକୁ ଦେବେ ନାହିଁ ?

ବୋହୂର କଥା ଶୁଣି ଖୁବ୍ ରାଗିଗଲେ ନାରଣ ଦାସ । ସେ ଉତ୍ତେଜିତ ଭାବରେ ଉତ୍ତର ଦେଲେ—ସ୍ୱାଧୀନତା ପାଇଁ ଜେଲ ଯାଇଥିଲି ବୋଲି ସ୍ୱାଧୀନତା ପରେ ମୁଁ ଅନ୍ୟାୟ ଭାବରେ ସେଥିରୁ ଲାଭ ଉଠାଇବି ? ଛି ଛି ଯାହାଙ୍କ ନେତୃତ୍ୱରେ ସ୍ୱାଧୀନତା ଆସିଲା, ସେହି ମହାତ୍ମା ଗାନ୍ଧୀ ସ୍ୱାଧୀନତା ପରେ ନିଜର ଲାଭ ପାଇଁ କୌଣସି ପଦ ପଦବୀ ଚାହିଁଥିଲେ ? କହ—ଚୁପ୍ ରହିଲୁ କାହିଁକି ?

ମଧୁମିତା ଚୁପ୍ ରହିଲା ନାହିଁ ।

ସେ ମଧ୍ୟ ତାଙ୍କୁ ଶୁଣାଇ ଶୁଣାଇ କହିଲା—ପିଲାଙ୍କୁ ଆଉ ଚାକିରି ମୁଁ କୋର୍ଟକୁ ଯାଇ ପାରିବି ନାହିଁ । ମୁଁ ଚାକିରି ଛାଡ଼ି ଦେଲେ କ୍ଷୀରବାଲାକୁ ପ୍ରତି ମାସରେ ଟଙ୍କା ଦିଆଯିବ କିପରି ?

ନାରଣ ଦାସ ମାଛ-ମାଂସ ଖାଆନ୍ତି ନାହିଁ । ପ୍ରତିଦିନ ଗୋଟିଏ ଗ୍ଲାସ କ୍ଷୀର ପିଇବାକୁ ଡାକ୍ତର ତାଙ୍କୁ ଉପଦେଶ ଦେଇଥିଲେ । ସେଥିପାଇଁ ଗୋଟାଏ ଦୁଧବାଲା ଅଧ କିଲୋ ଲେଖାଏଁ କ୍ଷୀର ଦେଇ ଯାଉଥିଲା । ବୋହୂ ଶେଷରେ ସେଇ କଥା ଖୁଞ୍ଚା ଦେଲା ।

ତା ଆରଦିନଠାରୁ ନାରଣ ଦାସ କ୍ଷୀରପିଆ ଛାଡ଼ି ଦେଲେ । ଦୁଧବାଲା କ୍ଷୀର ଦେବା ବନ୍ଦ କରି ଦେଲା । ପୁଅ-ବୋହୂ ସେ ବିଷୟରେ ତାଙ୍କୁ ଆଉ ବଳେଇ ନାହାନ୍ତି ।

ପୁଅ ସହିତ ସମ୍ପର୍କର ସୂତ୍ର ଆଗରୁ ଛିଡ଼ିଯାଇଥିଲା । ବୋହୂ ସହିତ ସେଦିନ ଘଟଣା ପରେ ମମତାର ବନ୍ଧନ ମଧ୍ୟ ଶିଥିଳ ହୋଇଗଲା ।

ନାରଣ ଦାସ ନିଜ ପାରିବାରିକ ଜୀବନରେ ବଡ଼ ନିଃସଙ୍ଗ, ଅଦରକାରୀ, ଅବ୍ୟବହୃତ ଜିନିଷ ଭଳି ଉପେକ୍ଷିତ ହୋଇ ପଡ଼ି ରହିଲେ । ସତେ ଯେପରି ନିଜ ଗୃହରେ ସେ ଜଣେ ପ୍ରବାସୀ !

ଦେହ ଖରାପ ହେଲେ ସେ ଘରେ କାହାକୁ କହନ୍ତି ନାହିଁ । ସେ ବୁଝି ଯାଇଛନ୍ତି, ଏ ଯୁଗରେ ଅର୍ଥ ହେଉଛି ସବୁକିଛି । ଯାହାର ଅର୍ଥ ରୋଜଗାର କରିବାର କ୍ଷମତା ନାହିଁ ତା ଜୀବନର କୌଣସି ମୂଲ୍ୟ ନାହିଁ । ଅର୍ଥହୀନ ହେଲେ ସାଧୁ, ସଚ୍ଚୋଟ ଲୋକଙ୍କୁ ସମାଜରେ ଯେପରି କେହି ପଚାରନ୍ତି ନାହିଁ, ଟଙ୍କା ରୋଜଗାର କରି ପାରୁ ନ ଥିଲେ ପରିବାରରେ ମଧ୍ୟ କେହି ମୁହଁକୁ ଚାହାନ୍ତି ନାହିଁ ।

ପୁଅ ବୋହୂ, ନାତି ନାତୁଣୀ କାହାରିକୁ ସେ ଏଥିପାଇଁ ଦୋଷ ଦେଇ ପାରନ୍ତି ନାହିଁ । ସେମାନେ ନିଜ ଆଖିରେ ଦେଖିଛନ୍ତି ସ୍ୱାଧୀନତା ସଂଗ୍ରାମରେ

ଯେଉଁମାନେ ଗୋଟିଏ ପଇସାର ତ୍ୟାଗ କରିଥିଲେ, ସ୍ୱାଧୀନତା ପରେ ସେଇ ତ୍ୟାଗକୁ ମୂଳପୁଞ୍ଜି କରି ଲକ୍ଷ ଲକ୍ଷ ଟଙ୍କା ସେମାନେ ଲୁଟି ନେଉଛନ୍ତି । ସେ ଦୃଷ୍ଟିରୁ ସେ ଅକ୍ଷମ, ଅପଦାର୍ଥ । ଅତୀତର ତ୍ୟାଗକୁ ପୁଞ୍ଜି କରି ସମ୍ଭୋଗର ସାମଗ୍ରୀ ସେ ସଂଗ୍ରହ କରି ଜାଣନ୍ତି ନାହିଁ ।

ସେ ନିଜ ମନକୁ ନିଜେ ପ୍ରଶ୍ନ କରନ୍ତି, ସ୍ୱାଧୀନତା ପରେ ସୁଖରେ ରହିବେ ବୋଲି କଅଣ ସେ ଦାରୋଗା ଚାକିରି ଛାଡ଼ି ମହାତ୍ମା ଗାନ୍ଧୀଙ୍କ ଡାକରାରେ ସ୍ୱାଧୀନତା ଲଢ଼େଇରେ ଯୋଗ ଦେଇଥିଲେ...ଦୁଃଖ କଷ୍ଟ ସହିଥିଲେ ? ମହାତ୍ମା ଗାନ୍ଧୀଙ୍କ ସ୍ୱପ୍ନର ଭାରତବର୍ଷରେ ଏ କଅଣ ହେଲା ? କୁଆଡ଼େ ଗଲା ତ୍ୟାଗର ମହତ୍ତ୍ୱ, ଦେଶପ୍ରୀତିର ଆଦର୍ଶ ?

ନାରଣ ଦାସଙ୍କ ଆଖି ଲୁହରେ ଅନ୍ଧ ହୋଇଆସେ । ବଞ୍ଚି ରହିବାର ଲୋଭ ମନରୁ କ୍ରମଶଃ ଝାପ୍‌ସା ହୋଇଯାଏ । ପଦ୍ମାଳୀ ମହାରଣା, ଗୋକୁଳି ଭୋଇ, ମହାତ୍ମା ଗାନ୍ଧୀଙ୍କ ଭଳି ଶହ ଶହ ଶହୀଦଙ୍କ ମୁହଁ ତାଙ୍କ ଆଖିରେ ନାଚିଯାଏ । ମନେ ମନେ ସେମାନଙ୍କୁ ସେ ଈର୍ଷା କରନ୍ତି । ସ୍ୱଗତୋକ୍ତି କଲାଭଳି କହନ୍ତି—ଆପଣମାନେ ଭାଗ୍ୟବାନ୍ । ଇଣ୍ଡିଆର ଏ ଅଧଃପତନ ଦେଖିବା ଆଗରୁ ଆପଣମାନେ ଚାଲିଯାଇଛନ୍ତି । ଦେଶବାସୀଙ୍କୁ ଆପଣମାନେ କେବଳ ଶ୍ରଦ୍ଧା କରିଗଲେ, ମୋ ଭଳି ସେମାନଙ୍କ ପାଇଁ ଦୁଃଖ କରିବାର ଦୁର୍ଭାଗ୍ୟ ଆପଣମାନଙ୍କର ହୋଇ ନାହିଁ !

❊ ❊ ❊

ମଧୁସ୍ମିତା କୋରାପୁଟରେ ଶ୍ୱଶୁରଙ୍କ ଅସୁସ୍ଥତାର ସମ୍ବାଦ ଖବରକାଗଜରୁ ପଢ଼ିଲା । ସମ୍ବାଦପତ୍ରର ଭିତର ପୃଷ୍ଠାରେ ନାରଣ ଦାସଙ୍କ ଅସୁସ୍ଥତାର ସମ୍ବାଦ ଗୋଟେ ଗୋଟେ ଅକ୍ଷରରେ ଛପା ହୋଇଥିଲା ।

ସମ୍ବାଦଟା ପଢ଼ି ଚମକି ଉଠିଲା ମଧୁସ୍ମିତା ।

ସେଇଦିନ ସ୍କୁଲରୁ ଛୁଟି ନେଇ ଶ୍ୱଶୁରଙ୍କ ପାଇଁ ଫଳମୂଳ, ଔଷଧ ଧରି ସେ କଟକ ପଳାଇ ଆସିଲା ।

ସ୍ତ୍ରୀକୁ ଦେଖି ସନାତନ ବିସ୍ମିତ ହେଲା ।

ପ୍ରଶ୍ନ କଲା—ଛୁଟି ତ ନ ଥିଲା । ହଠାତ୍ ଚାଲି ଆସିଲ କାହିଁକି ?

ମଧୁସ୍ମିତା ସଂକ୍ଷେପରେ ଉତ୍ତର ଦେଲା—ଖବରକାଗଜରେ ବାପାଙ୍କ ଅସୁସ୍ଥତା ସମ୍ବାଦ ପଢ଼ିଲି । ମୋର ବୁଝିବାକୁ ବାକି ରହିଲା ନାହିଁ ଯେ ଅବସ୍ଥା

ସାଂଘାତିକ । ତା ନ ହେଲେ ଖବରକାଗଜରେ ସମ୍ବାଦ ଛପା ହୁଅନ୍ତା ନାହିଁ । ବାପା କେମିତି ଅଛନ୍ତି ?

ସନାତନ ନିର୍ଲିପ୍ତ ଭାବରେ ଉତ୍ତର ଦେଲା—ବାପାଙ୍କ ଅସୁସ୍ଥତା ଆକସ୍ମିକ ନୁହେଁ । ସେ ଅନେକ ଦିନ ହେଲା ଶଯ୍ୟାଶାୟୀ । ବୟସ ହୋଇଯାଇଛି । ଘାଣ୍ଟି ହେବା ଅପେକ୍ଷା ଚାଲିଯିବା ଭଲ । ଏଥିପାଇଁ ତମେ ଅକାରଣରେ ଛୁଟି ନେଇ ଚାଲି ଆସିଲ ?

ମଧୁମିତାର ମୁହଁ ରକ୍ତହୀନ ଦେଖାଗଲା । ସେ କ୍ଷୀଣ କଣ୍ଠରେ ଆର୍ତ୍ତନାଦ କରି ଉଠିଲା—ତମେ ଏ କଅଣ କହୁଛ ? ଯାହାହେଲେ ବି ସେ ତମର ବାପା । ସ୍ୱାଧୀନତା ସଂଗ୍ରାମର ଯୋଦ୍ଧା । ଦେଶର ଗୌରବ । କେନ୍ଦ୍ର ସରକାର ସ୍ୱାଧୀନତା ସଂଗ୍ରାମରେ ସେ ସାତ ବର୍ଷ ଜେଲ୍ ଯାଇଥିବା ହେତୁ ତାଙ୍କ ପାଇଁ ମାସିକ ପାଞ୍ଚଶହ ଟଙ୍କା ଭତ୍ତା ମଞ୍ଜୁର କରିଛନ୍ତି...ଏଇ ଦେଖ ଏ ସମ୍ପର୍କରେ ଆସିଥିବା ଚିଠି ।

ମାସିକ ପାଞ୍ଚଶହ ଟଙ୍କା ଭତ୍ତା !

ମଧୁମିତା ଭଳି ସନାତନ ମଧ୍ୟ ଏଥର ଚମକି ଉଠିଲା । ଅନେକ ଦିନ ତଳେ ସେ ବାପାଙ୍କ ଇଚ୍ଛା ବିରୁଦ୍ଧରେ କେନ୍ଦ୍ର ସରକାରଙ୍କ ପାଖକୁ ଯୋରକରି ଗୋଟାଏ ଆବେଦନ ପତ୍ରରେ ତାଙ୍କ ଦସ୍ତଖତ କରି ପଠାଇ ଦେଇଥିଲା । କିନ୍ତୁ ତାଙ୍କର ସେ ଆବେଦନ ବିନା ଧରାପରରେ ମଞ୍ଜୁର ହେବ ସେକଥା କୌଣସି ଦିନ ସେ ବିଶ୍ୱାସ କରି ନ ଥିଲା ।

ମଧୁମିତା କାଗଜଟା ବାହାର କଲା । ମାତ୍ର ଚାରିଦିନ ତଳେ ତା ମାର୍ଫତରେ ଚିଠିଟା ଆସିଛି । କେନ୍ଦ୍ର ସରକାର ଆନନ୍ଦର ସହିତ ସ୍ୱାଧୀନତା ସଂଗ୍ରାମୀ ନାରଣ ଦାସଙ୍କୁ ସେ ବଞ୍ଚିଥିବା ପର୍ଯ୍ୟନ୍ତ ମାସିକ ପାଞ୍ଚଶହ ଟଙ୍କା ଭତ୍ତା ମଞ୍ଜୁର କରିଛନ୍ତି ।

କାଗଜ ଉପରେ ସନାତନ ଓ ମଧୁମିତାଙ୍କ ଚାରୋଟି ଆଖି ଆନନ୍ଦ ଓ ଉଦ୍‌ବେଗରେ ସ୍ଥିର ହୋଇ ରହି ଯାଇଥିଲା । ସତେ ଯେପରି ଜୀବନରେ ଏଇ ପ୍ରଥମ ଥର ଏ କାଗଜଟା ଦେଖି ସେ ଜାଣୁଛନ୍ତି ନାରଣ ଦାସ ପ୍ରକୃତରେ ଜଣେ ସ୍ୱାଧୀନତା ସଂଗ୍ରାମୀ ଥିଲେ ! ଦେଶ ପାଇଁ ସାତବର୍ଷ ଜେଲଦଣ୍ଡ ଭୋଗ କରିଥିଲେ !

ମଧୁମିତା କହିଲା ଛି ଛି, ତମେ ଆଉ ଡେରି କର ନାହିଁ । ଶୀଘ୍ର ଡାକ୍ତର ଡାକ । ବାବାଙ୍କୁ ଯେପରି ଭାବରେ ହେଉ ବଞ୍ଚାଇ ରଖିବାକୁ ପଡ଼ିବ । ସେ ଦେଶର ଗୌରବ, ଜାତିର ଆଦର୍ଶ । ଯାଅ— ।

ସନାତନ ବିଳମ୍ବ ନ କରି ଡାକ୍ତର ଡାକିବାକୁ ଝଡ଼ଭଳି ବେଗରେ ବାହାରି ଗଲା ।

*    *    *

ନାରଣ ଦାସ ମୃତ୍ୟୁର ଶରଶଯ୍ୟାରେ ନୟନ ମୁଦ୍ରିତ କରି ପଡ଼ି ରହିଥିଲେ । ଯନ୍ତ୍ରଣାରେ ତାଙ୍କର ସାରା ଦେହ କଣ୍ଟକିତ ବୋଧ ହେଉଥିଲା । ସେ ନିଃଶ୍ୱାସ ନେବାକୁ କଷ୍ଟବୋଧ କରୁଥିଲେ । ହଠାତ୍ ତାଙ୍କ ପାଦରେ କାହା ହାତର ସ୍ପର୍ଶ ଅନୁଭବ କରି ସେ ପ୍ରଶ୍ନ କଲେ,—କିଏ ? ଗୋକୁଳି ?

: ନା—ବାବା ! ମୁଁ ମିତା । ଆପଣଙ୍କ ଦେହ କଥା ଶୁଣି କୋରାପୁଟରୁ ଚାଲି ଆସିଛି ।

ବୋହୂର କଣ୍ଠସ୍ୱର ଭଲି ଶୁଭୁଛି, କିନ୍ତୁ ବୋହୂ ଆସି ତାଙ୍କର ପାଦସେବା କରୁଛି; ସେକଥା ସେ ବିଶ୍ୱାସ କରି ପାରୁ ନ ଥିଲେ ।

ଜେଲ୍‌ରେ ଥିଲାବେଳେ ଜଣଙ୍କର ଦେହ ଖରାପ ହେଲେ ଆଉ ଜଣେ ରାଜବନ୍ଦୀ ତାର ସେବା କରୁଥିଲା । ତାଙ୍କ ଦେହ ସାମାନ୍ୟ କିଛି ଅସୁସ୍ଥ ହେଲେ ଗୋକୁଳି ଭାରି ସେବା କରେ । ଘଷାମୋଡ଼ା କରେ । ତେଲ ମାଲିସ କରିଦିଏ । ଏବେ ଅସୁସ୍ଥ ହୋଇ ପଡ଼ିବା ପରେ ଗୋଡ଼ ଦୋଳି ହେଲେ ସେଇ ଗୋକୁଳି ଭାଇର କଥା ତାଙ୍କର ମନେ ପଡ଼ିଯାଏ । ତାର ମୃତ୍ୟୁକାଳୀନ ମୁହଁର ଦୃଶ୍ୟ ଆଖିରେ ନାଚିଯାଏ । ସେଥିପାଇଁ ପାଦରେ କାହା ହାତରେ ସ୍ପର୍ଶ ଅନୁଭବ କରିବା ମାତ୍ରେ ଗୋକୁଳି ନାମଟା ତାଙ୍କ ପାଟିରୁ ହଠାତ୍ ବାହାରି ଆସିଥିଲା ।

ମଧୁମିତା କହିଲା—ବାବା ! ମୁଁ ଆସିଛି । ଆପଣ ଭଲ୍ ହୋଇଯିବେ । ଡାକ୍ତର ଡାକିବାକୁ ପଠାଇଛି । ଆପଣ ଭଲ୍ ନ ହେବା ପର୍ଯ୍ୟନ୍ତ ମୁଁ କୋରାପୁଟ ଯିବି ନାହିଁ ।

ନାରଣ ଦାସ ବୁଝିଲେ, ସ୍ୱପ୍ନ ନୁହେଁ; ସତରେ ଆସିଛି ତାଙ୍କ ବୋହୂ ମଧୁମିତା । ସେ ତାକୁ ମୁଣ୍ଡ ପାଖକୁ ଆସିବା ପାଇଁ କହିଲେ । ମଧୁମିତା ଲୁହ ଛଳ ଛଳ ଆଖିରେ ଶଶୁରଙ୍କ ମୁହଁକୁ ଚାହିଁ କହିଲା—ବାବା ! ଆପଣ ଭୟ କରନ୍ତୁ ନାହିଁ । ସେ ଡାକ୍ତର ଡାକିବାକୁ ଯାଇଛନ୍ତି । ଆପଣ ଦିନ ଦୁଇଟାରେ ସୁସ୍ଥ ହୋଇ ଯିବେ ।

ନାରଣ ଦାସ ସ୍ମିତପ୍ରଜ୍ଞ ଭଳି ଅବିଚଳିତ କଣ୍ଠରେ ଉତ୍ତର ଦେଲେ—ନା, ମାଆ ! ମରଣକୁ ନେଇ ଭୟ ନାହିଁ । ଦେଶ ସ୍ୱାଧୀନ ହେଲା ପରେ ମୋର ଆବଶ୍ୟକତା ଶେଷ ହୋଇ ଯାଇଛି ।

ମଧୁମିତା ଆଉ ସମ୍ଭାଳି ପାରିଲା ନାହିଁ । କହିଦେଲା—ନା, ବାବା ! ଦେଶ ପାଇଁ ଆପଣଙ୍କୁ ଆହୁରି ଅନେକ ବର୍ଷ ବଞ୍ଚି ରହିବାକୁ ହେବ । ସ୍ୱାଧୀନତା ସଂଗ୍ରାମୀ ଭାବରେ କେନ୍ଦ୍ର ସରକାର ଆପଣଙ୍କୁ ମାସିକ ପାଞ୍ଚଶହ ଟଙ୍କା ଭତ୍ତା ଦେବେ ବୋଲି ଚିଠି ଦେଇଛନ୍ତି...ମୁଁ ଆପଣଙ୍କ ସେବା କରିବି—

ବୋହୂର କଥାଶୁଣି ନାରଣ ଦାସ ହଠାତ୍ ନିଜ ଛାତି ଭିତରେ ଏକ ଅସହ୍ୟ ଯନ୍ତ୍ରଣା ଅନୁଭବ କଲେ । କିନ୍ତୁ ତାଙ୍କ ଓଠରେ ଏକ ଉଜ୍ଜ୍ୱଳ ହସର ଢେଉ ଉଦ୍‌ବେଳିତ ହୋଇ ଉଠିଲା ।

ସେ କ୍ଷୀଣ କଣ୍ଠରେ କହିଲେ—ମାଆ ! ସରକାରୀ ମାସିକ ଭତ୍ତା ଭଳି ତୋର ସ୍ନେହ ମତେ ଖୁବ୍ ଡେରିରେ ମିଳିଲା ! ମୁଁ ତାକୁ ଭୋଗ କରି ପାରିଲି ନାହିଁ—

ମଧୁମିତା ଲକ୍ଷ୍ୟ କଲା ଶ୍ୱଶୁରଙ୍କ ମୁହଁର ରଙ୍ଗ ହଠାତ୍ ବଦଳି ଗଲା । ଆଖି ବୁଜି ହୋଇଆସିଲା । ମୁହଁଟି ମନେ ହେଲା ଜଣେ ଶହୀଦର ମୁହଁ ଭଳି—ଯେଉଁ ଶହୀଦମାନଙ୍କ ମୁହଁର ଛବି ମଧୁମିତା କେବଳ ଛବିରେ ଦେଖିଛି ।

# ଇନ୍‌ଭେଣ୍ଟ୍ରୀ

ଶ୍ରୀ ରମେଶ ଧଳ

କୋର୍ଟ ମୁଦା ପକାଇ କମଳଲୋଚନ ଆଗେଇଲା । କବାଟ ପାଖରେ ଠିଆ ହୋଇ ଠକ୍‌ଠକ୍ କଲା । ଜନୈକ ବୃଦ୍ଧ କବାଟ ଖୋଲି ପ୍ରଶ୍ନ କଲେ, କାହାକୁ ଖୋଜୁଛନ୍ତି ?

"ଏ ଘର ବିନୋଦ ବଳିଆର ସିଂଙ୍କର ?

"ହଁ ।"

"ମୁଁ ହେଉଛି କୋର୍ଟ ପିଅନ । ସବ୍‌ଜଜଙ୍କ କୋର୍ଟରୁ ଆସିଛି । କମିଶନର ଠିଆ ହୋଇଛନ୍ତି । ବଳିଆର ସିଂହଙ୍କ ନାମରେ ନରେନ୍ଦ୍ର ବଳିଆର ସିଂହ ମକଦ୍ଦମା କରିଛନ୍ତି । ଏ ଘର ଇନ୍‌ଭେଣ୍ଟ୍ରୀ ହେବ । ବଳିଆର ସିଂହ ଅସୁସ୍ଥ । ଦୀର୍ଘଦିନ ହେଲା ସେ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ । ଆଜି ଏଇ ଡାକ୍ତରଖାନାରୁ ଆସି ପହଞ୍ଚିଛନ୍ତି; ତାଙ୍କୁ ଡାକନ୍ତୁ ।"

"ସେ ଉଠି କରି ଆସିବା ସମ୍ଭବ ନୁହେଁ ।"

"ତେବେ ଚାଲନ୍ତୁ । ସେ କେଉଁଠାରେ ଅଛନ୍ତି ମୋତେ ସେଠାକୁ ନେଇ ଚାଲନ୍ତୁ ।"

ପିଅନ ଧୀରେ ଧୀରେ ଭଦ୍ରଲୋକଙ୍କ ପଛେ ପଛେ ଚାଲିଲେ ।

ବଳିଆର ସିଂ ବାରଣ୍ଡାରେ ଶୋଇଛନ୍ତି । ତାଙ୍କ କେଇଜଣ ପୋଷ୍ୟ ଠିଆ ହୋଇଛନ୍ତି । ଜଣେ ସ୍ତ୍ରୀଲୋକ ପଙ୍ଖା କରୁଛନ୍ତି । ଅନ୍ୟ ଜଣେ ତାଙ୍କ ମୁହଁ ପୋଛି ଦେଉଛନ୍ତି ।

ବଳିଆର ସିଂହ ମୁହଁ ବୁଲାଇଲେ । ଆସ୍ତେ ଧୀର ସ୍ୱରରେ ପଚାରିଲେ କ'ଣ ବାପା, ତୁମେ କିଏ ? କଣ କହୁଛ ?

ମୁଁ ସବ୍‌ଜଜ୍‌ଙ୍କ ପିଅନ । ଆପଣଙ୍କ ଘର ଇନ୍‌ଭେଣ୍ଟ୍ରୀ ହେବ । କମିଶନର ଆସିଛନ୍ତି, ବାବୁ ଠିଆ ହୋଇଛନ୍ତି । ମୁଁ ନୋଟିସ ଦେଉଛି । ଆପଣ ଦସ୍ତଖତ କରନ୍ତୁ । ଆପଣଙ୍କ ନାମରେ ନରେନ୍ଦ୍ର ବଳିଆର ସିଂହ ମକଦ୍ଦମା କରିଛନ୍ତି । ଏହା

କହି କମଳ ନୋଟିସ୍ ପଢ଼ି ଶୁଣାଇ ଦେଲେ । ପରିବେଶରେ ସାମାନ୍ୟ ଉତ୍ତେଜନା ଓ ଆତଙ୍କ ।

## ନୋଟିସ

କୋର୍ଟ ଅଫ୍ ସବ୍‌ଜଜ୍, କଟକ
ଓ. ଏସ. ନଂ ୧୪/୭୪
ନରେନ୍ଦ୍ର ବଳିୟାର ସିଂହ—ମୁଦେଇ
ବନାମ
ବିନୋଦ ବଳିୟାର ସିଂହ—ମୁଦାଲା

ଉପରୋକ୍ତ ମକଦ୍ଦମାରେ କୋର୍ଟ, ଆମ୍ଭେ ଶ୍ରୀ ଏନ୍. ସି. ମହାନ୍ତି ଆଡ୍‌ଭୋକେଟଙ୍କୁ କମିଶନର ରୂପେ ନିଯୁକ୍ତ କରି ଅଛନ୍ତି । କୋର୍ଟଙ୍କ ନିର୍ଦ୍ଦେଶମତେ ମୁଁ ଆପଣଙ୍କ ଘର ଇନ୍‌ଭେଣ୍ଟ୍ରୀ କରିବି । ଏହି ଇନ୍‌ଭେଣ୍ଟ୍ରୀ କାର୍ଯ୍ୟ ଦିନ ୧ ଘଣ୍ଟାରୁ ଚାଲିବ । ଉଭୟ ପକ୍ଷ ଉପସ୍ଥିତ ରହି ଆମର କାର୍ଯ୍ୟରେ ସହଯୋଗ କରିବା ନିମନ୍ତେ ମୁଁ ଏହି ନୋଟିସ ଦେଉଅଛି । କମିଶନର
ତା ୧ । ୧ । ୭୪

ବିନୋଦ ବଳିୟାର ସିଂହ ଦୀର୍ଘ ନିଶ୍ୱାସ ତ୍ୟାଗ କରି ବହୁ କଷ୍ଟରେ ନୋଟିସରେ ଦସ୍ତଖତ କଲେ । ଦୀର୍ଘ ଅସୁସ୍ଥତା ହେତୁ ସେ ଅତି ଶୀର୍ଣ୍ଣ ହୋଇ ଯାଇଥିଲେ । ଜୋର୍‌ରେ କଥା ମଧ୍ୟ କହି ପାରୁ ନ ଥିଲେ । ତାଙ୍କ ଆଖିରୁ ଦୁଇଧାର ଲୁହ ବୋହି ଆସିଲା । ସେ ଆଉ ଥରେ ନିଶ୍ୱାସ ଛାଡ଼ିଲେ । ରୁଦ୍ଧ କଣ୍ଠରେ କହିଲେ "ନରି ମକଦ୍ଦମା କରିଛି ? କରୁ ତା' ଇଚ୍ଛା । ପୁଅତ ମକଦ୍ଦମା କରିଛି । ଆଉ କହିବି କାହାକୁ ?" ସେବାରତା ବୃଦ୍ଧା ସହଧର୍ମିଣୀ ଆପଣାର ଗୃହ ମଧ୍ୟରେ ଏ କାଣ୍ଡ ଦେଖି ହତ୍‌ବାକ୍ ହୋଇ ପଡ଼ିଥାନ୍ତି ।

"କମିଶନର ଇନ୍‌ଭେଣ୍ଟ୍ରୀ କରିବାକୁ ଯିବା ପୂର୍ବରୁ କହିଲେ—ବଳିୟାର ସିଂହ—ବାବୁ ଆସନ୍ତୁ । ଇନ୍‌ଭେଣ୍ଟ୍ରୀ ଆରମ୍ଭ କରିବା । ଆପଣଙ୍କ ଉପସ୍ଥିତି ଏକାନ୍ତ ଲୋଡ଼ା ।"

"ଆଜ୍ଞା, ମୁଁ ମଲିଣି ବୋଲି ଧରି ନିଅନ୍ତୁ । ଗତ ଛ'ମାସ ହେବ ମୁଁ ଡାକ୍ତରଖାନାରେ ମୃତ୍ୟୁକୁ ଅପେକ୍ଷା କରି ରହିଛି । ଦୀର୍ଘଦିନର ରୋଗ । ଚିକିତ୍ସା ପରେ ଆଶା ଥିଲା ଅନେକ ସୁସ୍ଥ ହୋଇଯିବି । ମାତ୍ର ଡାକ୍ତରମାନେ ଆଶା ଛାଡ଼ିଲେ । ଏବେ ତ ଖାଇ ପାରୁ ନାହିଁ । ଖାଲି ପାଣିରେ ଆଉ କେତେ ଦିନ ବଞ୍ଚିବ ? ଭାବିଲି

ଡାକ୍ତରଖାନାରେ ମରିବ କାହିଁକି, ନିଜ ଘରେ ମରିବା ବରଂ ଭଲ । ସେଥିପାଇଁ ଆସିଲି ଘରକୁ । ଏଇତ ମୋ ଶାନ୍ତି ଦେଉଛନ୍ତି । ଏଥିରେ ମୁଁ ଆପଣଙ୍କ ସାଙ୍ଗରେ ଯିବି କୁଆଡ଼େ ? ବିନା ସାହାଯ୍ୟରେ ଏକାକୀ ଠିଆ ହେବା ମୋ ପକ୍ଷରେ କଷ୍ଟ । ତାକୁଇ ସଙ୍ଗରେ ନିଅନ୍ତୁ (ପୁଅ ନରେନ୍ଦ୍ର ଉଦ୍ଦେଶ୍ୟରେ ହାତ ଦେଖାଇ) ସିଏ ସବୁ ସବୁ ଦେଖିଛି । ଏ ଧନ ସମ୍ପତ୍ତି ତା'ର । ମୋର କିଛି ନୁହେଁ । ମୋର ଲେଡ଼ା କେଇଖଣ୍ଡ କାଠ— ।"

ଉପସ୍ଥିତ ଭଦ୍ରବ୍ୟକ୍ତିଗଣ ଏ ଦୃଶ୍ୟ ଦେଖି ବିବ୍ରତ ତଥା ବୃଦ୍ଧଙ୍କ ପ୍ରତି ଅନେକଟା ସମ୍ବେଦନଶୀଳ ହୋଇ ଉଠୁଥିଲେ । ତାଙ୍କର ବକ୍ତବ୍ୟ ଶୁଣି କମିଶନର କହିଲେ, ଆପଣ ଶୋଇ ରୁହନ୍ତୁ; ମାତ୍ର ଆପଣଙ୍କ ପକ୍ଷରୁ ଯିଏ ରହିଲେ ଚଳିବ, ତାକୁ ପଠାନ୍ତୁ । ପାଖରେ ଭଉଣୀ ବସି ତାଙ୍କର ପାଦ ଚିପୁଥିଲେ । ତାଙ୍କୁ ବଳିୟାର ସିଂହ କହିଲେ "ଯା ତୁ ଯାଆ ବାବୁ କହୁଛନ୍ତି । ହରି, ହରି, ରକ୍ଷା କର ।"

ମୁଁ ଚାଲି ଆସୁଥିଲି । ମାତ୍ର କମିଶନର କହିଲେ ଆପଣ ଚାଲିଗଲେ କିପରି ହେବ ? ଭଦ୍ରଲୋକ, ସାକ୍ଷୀ ଆଉ ଆପଣମାନେ ସହଯୋଗ ନ କଲେ ଏ କାମ ହେବ କିପରି ? ବାପ ପୁଅ କଳିରେ ନ ପଶି ଚୁପ୍‌ଚାପ୍ ଚାଲିଆସିବି ବୋଲି ଭାବୁଥିଲି । ମାତ୍ର ଅଟକିଗଲି । ଅମିନ୍, ଜାମିନ୍, ମଧ୍ୟସ୍ଥ, ମନା କରିଛନ୍ତି ଅଟେସ୍ତି । ପୁଣି ଖେଳ ଦେଖାଯାଉ । ଦେଖେ କମିଶନର କ'ଣ କରୁଛନ୍ତି ।

କମିଶନର ପଚାରିଲେ 'ଏ କ'ଣ ଗୁହାଳ ଘର ?'
'ଆଜ୍ଞା ହଁ ।'
କମିଶନର ଲେଖିଲେ—ଗୁହାଳ ଘର
ବଳଦ ୧ ହଳ—ଟ ୧୦୦୦ଙ୍କା
ପଣ୍ଡା ୧ ହଳ—ଟ ୧୧୦୦ଙ୍କା
ଦାମୁଡି ଗୋଟାଏ—ଟ ୧୨୫ଙ୍କା
ଶଗଡ଼ ଦଣ୍ଡା ଗୋଟାଏ—ଟ ୫୦ଙ୍କା
ଚାଲ୍ ନ ଥାଇ ଶଗଡ଼ ଚକ—ଟ ୪୦ଙ୍କା
ବୋଦା ୧ ଗାଡ଼ି—ଟ ୧୫ଙ୍କା ଇତ୍ୟାଦି ..ଇତ୍ୟାଦି

ଗୁହାଳ ଘରୁ ସେମାନେ ଆସିଲେ ଠାକୁର ଘର ଦେଖିବା ପାଇଁ ।

| | | |
|---|---|---|
| (୧) ଠାକୁର ଘର— | ପିତଳ ଥାଳି | ଟ ୧୫ ଙ୍କା |
| | ପିତଳ ଘଣ୍ଟି | ଟ ୩ ଙ୍କା |
| | ପିତଳ ଧୂପ | ଟ ୪ ଙ୍କା |

(୧) ରୋଷେଇ ଘର—୨ଟା କଂସାର ଡେକ୍ଚି ଟ ୨୪ ଙ୍କା
୧ଟା ,, ଗରା ଟ ୨୫ ଙ୍କା
ଟ୍ରେଟ ପିତଳ ହଣ୍ଡା ଟ ୫୫ ଙ୍କା
ପୁରୁଣା ବାଲ୍‌ଟି ୧ଟା ଟ ୧୦ ଙ୍କା

(୩) କୋଠିଘର—ଧାନ ୧ ବସ୍ତା ଟ ୬୦ ଙ୍କା ତୋଲରେ [illegible] ୨ କୁଇଣ୍ଟାଲ । କୋଠି ଘର ବାରଣ୍ଡାରେ ୪ ଫୁଟିଆ ଲୁହାଛଡ଼ ୨୦ ଖଣ୍ଡ । ମୂଲ୍ୟ ଟ୧୨୫ଙ୍କା । (୪) ଠାକୁର ଘରକୁ ଲାଗି ଶୋଇବା ଘରେ—ବମ୍ବେ ପାର୍ଟନ ଖଟ ଗୋଟାଏ ଟ ୨୫୦ଙ୍କା, ଡ୍ରେସିଂ ଟେବୁଲ୍ ଟ ୧୮୦ଙ୍କା, ପୁରୁଣା ଲଣ୍ଠନ [illegible] ଟ ୧୫ଙ୍କା । ସେ ଘର ଛାଡ଼ିବା ପୂର୍ବରୁ କମିଶନର କହିଲେ, ଖଟ ତଳେ କ'ଣ ଅଛି ଦେଖ । ତାପରେ ଦେଖାଗଲା । ୧୨ଟି ବଲଦବନ୍ଧା ପଘା ବାହାରିଲା, କମିଶନର ଲେଖିଲେ ୧୨ଟି ପଘାର ଦାମ୍ ଟ ୧୫ଙ୍କା । ଅନ୍ୟାନ୍ୟ ଛୋଟ ଛୋଟ ଜିନଷ ଦେଖି କହିଲେ ସେ ସବୁ ଛାଡ଼ ।

କମିଶନରଙ୍କ ନିର୍ଦ୍ଦେଶ ପାଇ ଦାଣ୍ଡ ପାଖ କୋଠିଘର ଖୋଲାଗଲା । ଦେଖାଗଲା ସେ ଘରେ କିଛି ନାହିଁ । ନରେନ୍ଦ୍ର କହିଲେ 'ଆଉ ଆଜ୍ଞା କିଛି ନାହିଁ । ସବୁ ବନ୍ଦୀ ସରିଛି ।'

କେହି ଜଣେ କହିଲେ ଆପଣ ବାପ ପୁଅଙ୍କ ଝଗଡ଼ା । ଆପଣତ ସହିଙ୍କେ ଘରୁ ଚାଲିଗଲେ । ବୁଢ଼ା ଡାକ୍ତରଖାନାରେ, ଘର ବୁଝିବ୍ୟା କିଏ ? ପରପାଇଁ କିଏ ଘର କରି ଦେଲାଣି, କେବେ କେଉଁଠି ଦେଖିଛନ୍ତି ? ବରଂ ଆପଣା ପାଇଁ ଲୋକେ ପର ଘର ଭାଙ୍ଗିଛନ୍ତି । ଯେଉଁଠାରେ ଯିଏ ଯାହା ସାମାନ୍ୟ କରିଛି ତାହା କେବଳ ଆପଣା ଆପଣା ସ୍ୱାର୍ଥ ପାଇଁ । ସ୍ୱାର୍ଥକୁ କେନ୍ଦ୍ର କରି ଏ ପୃଥିବୀ ଘୂରୁଛି । ତୁମ ଦାଦା ଯେ ଏପରି ଭାଇ ଭାଇ ହେଉଛନ୍ତି, ତା'ପଛରେ କ'ଣ କିଛି ନାହିଁ ?

କହି ଜଣେ କହିଲେ ଭୀଷଣ ଧୂର୍ତ୍ତ । ମାଛ ତେଲରେ ବେଶ୍ ମାଛ ଭାଜି ପାରନ୍ତି । ବାପ ପୁଅକୁ ଲଗାଇ ଦେଇ ଏବେ ମଜା ଦେଖୁଛନ୍ତି । ଦିନେ ବାପା ବୁଝିବେ । ଅବଶ୍ୟ ସେତେବେଳକୁ କେଞ୍ଚି ଗୁଡ଼ କହୁଣିକି ବୋହି ଯାଇଥିବ । ନାହିଁ ଯେଉଁ ଗୁଡ଼ସବୁ ଅମଳ ହୋଇଥିଲା ସେସବୁ ଗଲା କୁଆଡ଼େ ?

"ସେସବୁ ଚାଲିଣ ସରିଛି । ଆଉ କ'ଣ ରଖିଛନ୍ତି । ଯାହା ପାଇଲେ ନେଲେ ।"

କମିଶନର ଘଡ଼ିକୁ ଚାହିଁ କହିଲେ—"ଆସି ଘ ୧୨।୧୫ ମିନଟ୍ ହେଲା । ଆଉ କେଇଟା ବାକିବା ରହିଲା ?"

"ଆଉ ମୋଟେ ଦୁଇଟା ଘର ।" ଉପର ମହଲାରେ ଗୋଟାଏ ଶୋଇବା ଘର । ଯେଉଁଠାରେ ବୁଢ଼ା ଶୋଇଛନ୍ତି ପାଖଘରେ କିଛି ନାହିଁ । ଗୋଟାଏ ଖାଲି ବେଞ୍ଚ ପଡ଼ିଛି । ଗାଁରେ ଦୋଳ ବେଳକୁ ଯେଉଁ ଯାତ୍ରା ହୁଏ ସେଥିରେ ବ୍ୟବହୃତ ଦୁଇଟି ପୁରୁଣା ସିନ୍ ପଡ଼ିଛି । 'ସେ ଆମର ନୁହେଁ'—ଉତ୍ତର କଲା ନରେନ୍ଦ୍ର । ପଛରୁ କେହି ଜଣେ କହିଲେ—"ସେ ବେଞ୍ଚ ରୁମଟା ଅସଲ । ଆଇରନ୍ ଚେଷ୍ଟ ସେହି ଘରେ ଅଛି । ଯଦି କିଛି ମିଳିବ ସେହି ଘରୁ ମିଳିବ ।"

ମୁଁ ମୁହଁ ପୋଛିଲି । ମୋତେ ଭୀଷଣ ବ୍ୟସ୍ତ ଲାଗିଲା ; ମଣିଷର ସମ୍ପର୍କ କଥା ଭାବି । ବାପ ପୁଅ, ଭାଇ ଭାଇ ଓ ଭାଇ ଭଉଣୀ ସମ୍ପର୍କ କଥା ନେଇ । ଯେଉଁ ବାପ ପୁଅ ପାଇଁ, ଭାଇ ଭାଇ ପାଇଁ, ଭାଇ ଭଉଣୀ ପାଇଁ ପ୍ରାଣଦେଇ ଦେଉଛି; ସେ ପୁଣି ଆପଣାର ସ୍ୱାର୍ଥ ପାଇଁ ସବୁ ମାୟା ମମତା କ୍ଷଣକେ ତୁଚ୍ଛ କରି ନିର୍ମମ ହୋଇ ଉଠୁଛି । ସତରେ ରକ୍ତରେ ବାଡ଼ ପଡ଼ିଗଲେ ସବୁ ଏପାଖ ସେପାଖ ହୋଇଯାଏ । ସେହି ବାଡ଼ ଉପରେ ସଇତାନ ଚଢ଼ି ତା'ର ଖେଳ ଆରମ୍ଭ କରିଦିଏ । ମଣିଷ ତା'ର ଶିକାର ହୁଏ । ସେ ଆପଣାର ଭଲମନ୍ଦ ବୁଝି ପାରେ ନାହିଁ । ଏଠାରେ ବି ସେଇୟା ହୋଇଛି ।

ମୁଁ ଏ କୋଠା ଭିତରକୁ କେତେବାର ଆସିଛି । ଆଭିଜାତ୍ୟଥିବା ପରିବାର ଏ । ଉତ୍ସବ ଅନୁଷ୍ଠାନମାନଙ୍କରେ ନିମନ୍ତ୍ରଣ ପାଇ ଆସିଛି । ଯେଉଁ କେତେଗୋଟି ଉତ୍ସବ କଥା ସ୍ମରଣ ହେଉଛି, ସେ ଭିତରେ ଗୋଟିଏ ହେଲା ନରେନ୍ଦ୍ରର ଏକାଇଶା ଏବଂ ଆଉ ଗୋଟିଏ ହେଲା ତା'ର ବାହାଘର । ଗୋଟିଏ ବୋଲି ପୁଅ ନରେନ୍ଦ୍ର । ଏ ଉତ୍ସବ ଦିନମାନଙ୍କରେ ବୃଦ୍ଧ ବଳସ୍ୱାର ସିଂହଙ୍କର ଆନନ୍ଦ କହିଲେ ନ ସରେ । ମୋର ମନେଅଛି ବାହାଘର ବେଳକୁ ଅନେକ ଭଦ୍ରଲୋକ ଜମିଥାଆନ୍ତି । ମୋତେ ଦୂରରୁ ଦେଖି ଆସି ପାଛୁଟି ନେଇଥିଲେ । ପଚାରିଥିଲେ, ଆପଣ ଏପର୍ଯ୍ୟନ୍ତ କୁଆଡ଼େ ଯାଇଥିଲେ ? ନରି କ'ଣ ଆପଣଙ୍କର ପୁଅ ନୁହେଁ ? ଆପଣମାନେ ସମସ୍ତେ ସହଯୋଗ ନ କଲେ ମୁଁ କ'ଣ ଏକା ଏ ବାହାଘର ଉଠାଇ ପାରିବି ? ଏକୋଇଶା କଥା ଛାଡ଼ନ୍ତୁ । ସେଦିନପରି ଉତ୍ସାହ ଉନ୍ମାଦନା ମୁଁ କମ୍ ଦେଖିଛି । ଆଉ ଆଜି ? ଇଏ ସଇତାନର ଖେଳ ନୁହେଁ ତ ଆଉ କ'ଣ ? ମାତ୍ର ମୁଁ ନିରୁପାୟ । ଏ ଦୀର୍ଘ ନାଟକର ସାକ୍ଷୀରୂପେ କେଇଟି ଦସ୍ତଖତ ଦେବା ବ୍ୟତୀତ ମୁଁ ବା ଆଉ ଅଧିକ କ'ଣ କରିପାରନ୍ତି ?

ଉପର ମହଲରେ ପହଞ୍ଚି ଦେଖନ୍ତି ତ ଶୋଇବାଘର ପଲଙ୍କ ଉପରେ ବୃଦ୍ଧ ବଳସ୍ୱାର ସିଂ ଶୋଇଯାଇଛନ୍ତି । ପାଟିତୁଣ୍ଡ ଶୁଣି ସେ ଆଖି ଖୋଲିଲେ । ମନେ

ହେଉଥିଲା, ସେ ସ୍ବୃହାଣୀରେ ତାଙ୍କର ଲଖି ରହିଥିଲା କ୍ଲାନ୍ତି, ବେଦନା, ଘୃଣା ଆଉ ପୁଞ୍ଜୀଭୂତ ଅଭିଯୋଗ ।

କମିଶନର କହିଲେ—"ବିନୋଦ ବାବୁଙ୍କୁ ଅନ୍ୟତ୍ର ନିଅନ୍ତୁ । ଏଠାରେ ଗୋଳମାଳରେ ସିଏ ଶୋଇବେ କିପରି ?"

"ତାଙ୍କୁ ଆଉ ଅନ୍ୟତ୍ର ନେବା ସମ୍ଭବ ନୁହେଁ" ବହୁ କଷ୍ଟରେ ତାଙ୍କୁ ତଳୁ ଉପରକୁ ଅଣାଯାଇଛି ।"

'ନା ଆଜ୍ଞା' ଆପଣ କାମ କରନ୍ତୁ । ମୁଁ ଚୁପ୍‌ଚାପ୍ ଶୋଇଛି । ବୁଢ଼ାଟାକୁ ଆଉ ହଇରାଣ କରନ୍ତୁ ନାହିଁ । ଖୁବ ହଇରାଣ ହୋଇ ମତେ ତଳୁ ଏଠିକୁ ଆଣିଛନ୍ତି ।

'ଆଚ୍ଛା' ଆପଣ ଶୁଅନ୍ତୁ, କହିଲେ କମିଶନର ।

ଆଲମିରା ଦେଖାଗଲା । ସେଥିରେ ଥିଲା ଏଣ୍ଟ୍ରି ଚେଣ୍ଟ୍ରି କେତେକ ବହି, କାଗଜପତ୍ର ଆଉ—

ରୂପା ପାନବଟା — ୧ଟା ଟ ୨୨
ପିତଳ ପିକଦାନୀ — ୧ଟା ଟ ୧୮
ପିତଳ ପାନ-ଥାଳିଆ — ୧ଟା ଟ ୮
ନଗଦ — ଟ ୮୦

ତା'ପରେ ସିନ୍ଦୁକ ଭିତରୁ ବାହାରିଲା—
ଗୋଟିଏ ବଡ଼ ପିତଳ ଥାଳି — ଟ ୬୫
ଲୁହାର ଜାଲିରଟୁ ତିନଟା — ଟ ୭

ସମସ୍ତେ ଗୁହିଁଥାନ୍ତି ଉଦ୍‌ବେଗରେ ସହିତ ଆଇରନ୍ ଚେଷ୍ଟ ଫିଟାଯିବ । କମିଶନର କହିଲେ, 'ଚାବିଟା ଦେଇଦିଅନ୍ତୁ ! ଦାମିକା ଚେଷ୍ଟଟା, ଭାଙ୍ଗିବା ଚାହିଁକ ? ଆପଣଙ୍କ ଜିନଷ ଅଯଥା ନଷ୍ଟ ହେବ ।'

ଚାବି ରଖି ମୁଁ କ'ଣ ଆଉ ଠକୁଛି ? ଆପଣ ଭାଙ୍ଗନ୍ତୁ । ଯାହା ଇଚ୍ଛା କରନ୍ତୁ । ଯାହାର ସେ ଚେଷ୍ଟ ସିଏ ଭଙ୍ଗାଉଛି । ମୁଁ କ'ଣ କରିବ ? ମୋର ଆଉ କେତେଦିନ ? ମୁଁ କ'ଣ ସଙ୍ଗରେ ନେଇ ଯିବ ?

କମିଶନର ପଚାରିଲେ—ମିସ୍ତ୍ରୀ ଆସିଲେ ?

କନେଷ୍ଟବଲ ଅଛନ୍ତି ?

'ହଜୁର୍ ।'

ନିର୍ଦ୍ଦେଶ ପାଇ, ମିସ୍ତ୍ରୀ ନିହଣ ଦେଇ, ତାଲା ଯେଉଁଠି ପକାଯାଏ ସେଠାରୁ ଫିଟାଇବାକୁ ଆଘାତ କଲା ।

ପ୍ରଥମ ପାହାରର ଶବ୍ଦ ଶୁଣି ବୃଦ୍ଧ ଆଖି ବୁଜିଲେ । ଆଖିର ଦୁଇ କୋଣରୁ ଦୁଇଧାର ଲୁହ ଗଡ଼ିଆସିଲା । ଏ ଲୁହ ଅନେକ ଯନ୍ତ୍ରଣାର ବହିଃପ୍ରକାଶ । ସେ ତାହା ଲୁଚାଇବା ପାଇଁ ଉଦ୍ୟମ କରି ସଫଳ ହୋଇ ପାରୁ ନ ଥିଲେ । ସେ ଏକାନ୍ତ ଅସହାୟ—ସବୁ ଥାଇ ମଧ୍ୟ ନିଃସ୍ୱ ବୋଧ କରୁଥିଲେ । ଦ୍ୱିତୀୟବାର ନିହଣ ଉପରେ ଆଘାତ ବସିଲା । ବୃଦ୍ଧ କହିଲେ—'ହରି, ହରି, ଏତେ କଷ୍ଟ କାହିଁକି ଦେଉଛ ?'

ଯେଉଁ କେତେଜଣ ଉପସ୍ଥିତ ଥିଲେ ସମସ୍ତେ ଚାହିଁ ରହିଆନ୍ତି ବୃଦ୍ଧଙ୍କ ଉଦ୍ଦେଶ୍ୟରେ । ତାଙ୍କର ପ୍ରତିକ୍ରିୟା କ'ଣ ହେଉଛି ତାହା ଲକ୍ଷ୍ୟ କରୁଥାନ୍ତି । ମାନସିକ ଅବସ୍ଥା ନେଇ ବିଭିନ୍ନ ପ୍ରକାରର ଅନୁମାନ କରୁଛନ୍ତି ।

ଥରେ ଥରେ ହୋଇ ସାତଥର ଆଘାତ ଦେବା ପରେ ଆଇରନ୍ ଚେଷ୍ଟକେସଟି ଫିଟିଲା । ବୃଦ୍ଧ ସତେ ଯେପରି ମନେ ମନେ ପୁତ୍ର ଉଦ୍ଦେଶ୍ୟରେ ଅଭିଶାପ ଓ ଅଭିଯୋଗ ଆରୋପ କରି ଚାଲିଥିଲେ । ଦୀର୍ଘ ନିଃଶ୍ୱାସ ତ୍ୟାଗ କରି ସେ କହିଲେ—'ପୁଅ ପାଇଁ ନ କରିଛୁ କ'ଣ ? ଘୂରି ତୀର୍ଥ ଯାଇଛୁ । କପିଳାସଙ୍କଠାରେ ଲକ୍ଷେ ବେଲପତ୍ର ଚଢ଼ାଇଥିଲୁ । ମା' ତା'ର ଲିଙ୍ଗରାଜଙ୍କ ପାଖରେ ଶହେ ଏକ ନଡ଼ିଆ ମାଗିଥିଲା । ତା'ର ପୁରସ୍କାର ସେଇ ପୁଅ ଆମକୁ ଦେଉଛି ।' ବୃଦ୍ଧ ଲଲାଟ କୁଞ୍ଚିତ କଲେ; ମୁଖ ମଣ୍ଡଳରେ ଘୃଣାର ଏକ ପ୍ରଲେପ ।

ଦେଖାଯାଉ, ଆଉ କି ଶାସ୍ତି ମୋତେ ଶେଷ ଅବସ୍ଥାରେ ପୁଅ ଦେବ ।

ଶାସ୍ତି ଦେଉଛି କିଏ ? ତୁମେ ଧନ ସମ୍ପତ୍ତି ଟାଉଟରଙ୍କୁ ସମର୍ପି ଦେଉଛ । ମୁଁ ମନାକଲି, ତୁମେ ଶୁଣିଲ ନାହିଁ । ମୁଁ ଆଉ କ'ଣ କରିଥା'ନ୍ତି ? ତୁମେ କୁହ, ଶାସ୍ତି କିଏ କାହାକୁ ଦେଉଛି ?'

'—ଥାଉ, ଥାଉ, ଡେରି ହୋଇଛି—'

ବ୍ୟଙ୍ଗ କରି ବୃଦ୍ଧ କହିଲେ । ସେଇ କଥା କଟାକଟି ମଧ୍ୟରେ ମୁଁ ଲକ୍ଷ୍ୟ କରୁଥାଏ କମିଶନରଙ୍କୁ । ସେ ବିଶେଷ ଭାବେ ପରିସ୍ଥିତିକୁ ଅନୁଭବ କରୁଥିଲେ ମଧ୍ୟ ଚୁପ୍‌ଚାପ୍ କେବଳ କାମ କରି ଯାଉଥିଲେ । ସତେ ଯେପରି ଆଇନ୍‌ର ଲାଇନ ବାହାରକୁ ସେ ଯାଇ ପାରିବେ ନାହିଁ । ଆଶ୍ଚର୍ଯ୍ୟ ହେଲି, ମଣିଷ ସତରେ ଆପଣାକୁ ଶାସନ କରିବା ଲାଗି ଯେଉଁ ନୀତି-ନିୟମ ରଚନା କରେ, ସେଇ ନୀତି-ନିୟମର ଗଣ୍ଡି ମଧ୍ୟରେ ସେ କିପରି ଅସହାୟ ହୋଇ ଉଠେ । ଆପଣାର ସ୍ୱାଧୀନତା ହରାଏ ।

ସେଇ ଭଦ୍ରଲୋକଙ୍କୁ ଟଙ୍କା ଗଣିବାକୁ ଦେଇଥିଲେ ସେ କହିଲେ—ଠିକ୍ ଅଛି । ଏ ଅଛି ମୋଟ ଟ ୬୮୦ । କମିଶନର ଲେଖିଲେ ଟ ୬୮୦ । ତା'ପରେ ଟ୍ରେଜେରୀରୁ ବାହାରିଲା ଦୁଇପଟ ସୁନା ଚୁଡ଼ି, ମୂଲ୍ୟ ଟ ୩୦୦ । ବୁଢ଼ା କହିଲେ ସେ ଦୁଇଟା ତାଙ୍କର । ସେ ନେବାକୁ ଚାହାନ୍ତି । କମିଶନର କହିଲେ—'ନା' ଏ ଚୁଡ଼ି ମୁଁ ନେଇ ନାହିଁ । ଆପଣଙ୍କର ସମସ୍ତ ଜିନିଷ ଆପଣ ରଖିବେ । ଉଲ୍ଲେଖଯୋଗ୍ୟ ଆଉ କୌଣସି ଜିନିଷ ବାହାରିଲା ନାହିଁ । ନରେନ୍ଦ୍ର କହିଲା—"ସବୁ ତ ଚାଲାଣ ହୋଇ ଯାଇଛି । ଆଉ କ'ଣ ମିଳାନ୍ତା ?"

ବୃଦ୍ଧ ବଳଯ୍ୟାର ସିଂ କହିଲେ—ତୁ କଷ୍ଟ କରି ଏ ମକଦ୍ଦମା କାହିଁକି କରୁଥିଲୁ ? କାଠ କେଇ ଖଣ୍ଡ ଆଣି, ନିଆଁ ଜାଳି ଏ ବୁଢ଼ା ଟାକୁ ନିଆଁ ଲଗାଇ ଦେଲୁ ନାହିଁ ? ତୁ ମନେରଖ୍, ଟ୍ରେଜେରୀ ଖୋଲିବା ପାଇଁ ଯେତିକି ଥର ସେ ହାତୁଡ଼ି ପିଟିଲା ସେତିକି ଥର ଛାତିରେ ଆଘାତ ଲାଗିଲା । ମନେ ହେଉଛି ଛାତିର ପ୍ରତିଖଣ୍ଡ ହାଡ଼ରେ ସତେ ଯେପରି କେହି ଅନେକ ଲୁହାର କଣ୍ଟା ପିଟି ଦେଉଛି । ତାକୁ ଟାଣି କାଢ଼ି ହେବ ନାହିଁ । ତୁ ବୁଝି ପାରିବୁ ନାହିଁ, ଏଇ ଛାତି ଉପରେ ଘଷାଇ ତତେ କେଉଁ ସ୍ୱାର୍ଥକୁ ନ ଦେଇଛି ।'

'ତୁମେ ଯାହା କୁହ, ମୁଁ ପୈତୃକ ସମ୍ପତ୍ତି ବରବାଦ ହେବାକୁ ଦେବି ନାହିଁ । ତୁମେ ବୁଢ଼ା ଏ ଟାଉଟରଙ୍କୁ ଧରି ସବୁ ସାରିଲ ।

କମିଶନର ସବୁ ଲେଖି ସାରି ଆମୁଲଟିଲା ଉଠି ଗଲେ ଓ ବଳଯ୍ୟାର ସିଂଙ୍କୁ କହିଲେ, 'ଆପଣଙ୍କ ମାର୍ଫତରେ ଏ ସବୁ ଜିନିଷ ରହିଲା ।' ପ୍ରଥମେ ପ୍ରଥମେ ଅନିଚ୍ଛା ପ୍ରକାଶ କରିଥିଲେ ମଧ୍ୟ ବଳଯ୍ୟାର ସିଂ କର ଲୋଉଟାଇ କାଗଜ ଉପରେ ଦସ୍ତଖତ କଲେ । ଉଭୟ ପକ୍ଷ ଦସ୍ତଖତ କରି ସାରିବା ପରେ ଆମେ ଭଦ୍ରଲୋକ ହିସାବରେ ସାକ୍ଷୀ ପଡ଼ିଲୁ । କମିଶନର ବୃଦ୍ଧଙ୍କ ଉଦ୍ଦେଶ୍ୟରେ କହିଲେ—'ମୁଁ ଯାଉଛି । ଆପଣ ସମ୍ପୂର୍ଣ୍ଣ ବିଶ୍ରାମ ନିଅନ୍ତୁ । ଆପଣ ହଇରାଣ ହେଲେ; ମାତ୍ର ମୁଁ ନିରୁପାୟ । ଆପଣଙ୍କର ଅସୁବିଧା ହେଲା । କୋର୍ଟର ନିର୍ଦ୍ଦେଶ ଅବମାନନା କରିବା ମୋ ଶକ୍ତିର ବାହାରେ । ନମସ୍କାର ।'

—'ନା ଆଜ୍ଞା, ଆପଣଙ୍କର ଆଉ ଦୋଷ କ'ଣ ?'

ମୁଁ ବୃଦ୍ଧଙ୍କ ଶୋଇବା ଘରୁ ଚାଲି ଆସିବା ପୂର୍ବରୁ ଶେଷ ଥର ଲାଗି ତାଙ୍କୁ ଲକ୍ଷ୍ୟ କଲି । ସତେ ଯେପରି ସେ ଆପଣାକୁ ଅନେକ ପ୍ରସ୍ତୁତ କରି ନେଇଛନ୍ତି, ସମସ୍ତ ଦୁଃଖର ସମ୍ମୁଖୀନ ହେବା ନିମନ୍ତେ । ଜୀବନ ଯୁଦ୍ଧରେ ସେ ପରାଜୟ ମାନି ନେବେ ନାହିଁ । ଜୀବନ ପ୍ରଦୀପ ନିର୍ବାପିତ ହୋଇ ଆସୁଥିବା ବେଳେ ବୃଦ୍ଧ ବଳଯ୍ୟାର ସିଂଙ୍କ ମନୋବଳ ମତେ ବିସ୍ମିତ କରୁଥିଲା ।

# —ମାଷ୍ଟର ମିଆଁ—

**ଶ୍ରୀ ହରିହର ଦାସ**

—ଏକ—

ମାଷ୍ଟର ମିଆଁ ଟେଲରିଂ ସପ୍ ।

ମିଆଁ ସାହେବ ନାଁରେ ମାଷ୍ଟର ମିଆଁ ପ୍ରଖ୍ୟାତ । ଟେଲରି କାମରେ ତାଂ ପ୍ରତିଷ୍ଠା । ତା'ଭଳି କଟିଙ୍ଗ୍ କଲାବାଲା ଆଉ ସାରା ସହର ଖୋଜିଲେ ମିଳିବେ ନାହିଁ । ଯେତେ ବଡ଼ ବଡ଼ ବାବୁ, ମେମ୍ ସାହେବ ସବୁ ସେଇଠି ଦିଅନ୍ତି ସିଲାଇ କରିବାପାଇଁ ।

ବେଶ୍ କିଛି ପଇସା ରୋଜଗାର ମଧ୍ୟ ହୁଏ । ସହରରେ ଅନ୍ୟ ଯେତେ ଦରଜୀ ସବୁ ଈର୍ଷା କରନ୍ତି । ମାଷ୍ଟର ମିଆଁ ଖାଲି ହସେ । ହସି ହସି କହେ, "ଆରେ ଖୋଦା ଜିସ କୋ ରଖତା ଉସ୍‌କା କୋଇ କୁଛ୍ ନାହିଁ ବିଗାଡ୍ ସକତା ।"

ପ୍ରକୃତରେ କେହି କେବେ ସାହସ କରି ମାଷ୍ଟର ମିଆଁ ଆଗରେ କଥା କହିପାରେନାହିଁ ।

ମିଆଁ ସାହେବ ଖୋଦା ନାଁ ଶୁଣିଲେ ଭାବବିହ୍ୱଳ ହୋଇପଡ଼େ । ଆଖିରୁ ତା'ର ଲୁହ ଗଡ଼ି ଆସେ । ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ କାମ ବନ୍ଦ କରି ସେ ଘଣ୍ଟାଏ କାଳ ନମାଜ ପଢ଼େ ।

ଆଜକାଲି ମାଷ୍ଟର ମିଆଁ ଙ୍କ ଏ ପରିବର୍ତ୍ତନ ଦେଖି କେତେଲୋକ ହସି ଉଠନ୍ତି । ଅନ୍ୟ କେତେ ଦାର୍ଶନିକ ପରି ତାକୁ ଚାହିଁ ରହନ୍ତି । ବୋଧହୁଏ ନିଜକୁ ନିଜେ ବିଶ୍ୱାସ କରିପାରୁ ନ ଥାନ୍ତି । ସତରେ କଣ ମଣିଷର ଏତେ ପରିବର୍ତ୍ତନ ହୁଏ ! ଏଇ ସେହି ମାଷ୍ଟର ମିଆଁ ଯାଂର ନାଁ ଶୁଣିଲେ ପିଲାମାନେ ଡରରେ କାନ୍ଦ ବନ୍ଦ କରି ଶୋଇ ଯାଉଥିଲେ । ଦିନ ଥିଲା, ଯେତେବେଳେ ମାଷ୍ଟର ମିଆଁ ର ଭୟରେ ସନ୍ଧ୍ୟା ପରେ ବେରଖ୍ ଗଳିରେ ସ୍ତ୍ରୀଲୋକମାନେ ଯିବାଆସିବା କରୁ ନ ଥିଲେ ।

ତା'ର ଆଖିରେ ଥିଲା ନିଆଁ କୁଣ୍ଡ । ମଦଖାଇ ମାତାଲ ହୋଇ ସେ ଯେତେବେଳେ ରାସ୍ତାରେ ବୁଲୁଥିଲା, ସେତେବେଳେ ଲୋକମାନେ ଡରରେ ସେଇବାଟ ଦେଇ ଯାଉ ନ ଥିଲେ ।

ବେଷ୍ଟର୍ ଗଳି ।

ଲୁହିଆ ତୋଟାର ଗଳିଟିଏ । ଲୋକେ କହନ୍ତି, ସହର ପ୍ରଥମେ ଏହି ଗଳିରୁ ଆରମ୍ଭ ହୋଇଥିଲା । କେଉଁ ଯୁଗରୁ କେବେ ଯେ କେଉଁ ମହାପୁରୁଷ ଏହି ଗଳିର ପ୍ରଥମ ଘର ତିଆରି କରିଥିଲେ ତାର ଇତିହାସ ଆଜି ନାହିଁ ।

କେତେ ରାଜା, ମହାରାଜା, ଧନୀ, ଜମିଦାର ଏ ସାହିରେ ଜନ୍ମଗ୍ରହଣ କରି ଚାଲିଗଲେଣି । ଲୋକେ ହୁଏତ ମନେରଖିଛନ୍ତି ବା ଭୁଲିଗଲେଣି । ଆଜିର ମାଷ୍ଟର ମିଆଁ ସେଦିନ ଥିଲା ଭୁଲୁମିଆଁ । ଭୁଲୁମିଆଁ ଜୁଆନ ହେଲାଦିନୁ ଏହି ଗଳିର ରାଜା ସିଏ ।

ଭୁଲୁମିଆଁ ।

ତା'ର ମୁଦ୍‌ଗରିଆ ବାହୁ ଦୁଇଟା ନଚାଇ ସେ ଯେତେବେଳେ ଗଳିରେ ହାତମାରି ଠିଆ ହେଉଥିଲା, ସେତେବେଳେ ଗଳିର ବଡ଼ ବଡ଼ କୁସ୍ତିବାଲାମାନଙ୍କର ମଧ୍ୟ ସାହସ ହେଉ ନ ଥିଲା ତା' ସାଙ୍ଗରେ ଯୋଡ଼ି ଦେବା ପାଇଁ ।

ଫୁଲ୍‌କା ଉପରେ ଠିଆହୋଇ ଭୁଲୁମିଆଁ ପାଦଆଙ୍ଗୁଠି ଟେକିଆଣି ଲୁଙ୍ଗିକୁ ଯେତେବେଳେ ଅଣ୍ଟାରେ ଖୋସି ଜଣ ଜଣ କରି ସମସ୍ତଙ୍କୁ ଡାକେ, ତା' ସଙ୍ଗେ ହାତ ମିଳାଇବା ପାଇଁ ସେତିକିବେଳେ ସମସ୍ତେ ଧୀରେ ଧୀରେ କାମର ବାହାନା ଦେଖାଇ ଖସି ପଳାନ୍ତି ।

ଦୁଇ ଗୁଣଟା ଗଳାମଜା ଦେଇଦେଇ ଭୁଲୁମିଆଁ ମୁଦ୍‌ଗର ବୁଲାଏ । ପଥରକୁ ବାହାସ୍ପଟ ମାରେ । ନିଜର ନିର୍ଘାଞ୍ଚିଆ ଦେହଟାକୁ ମାଟି ଦେହରେ ଖୁବ୍ ଜୋରରେ ଘଷିଦିଏ । ସ୍ଫୂର୍ତ୍ତି ହେଲା ପରି ବଳିଷ୍ଠ ମାଂସପେଶୀରେ ଗଢ଼ା ତା'ର ଦେହଟା କୁନ୍ଦାମାରି ଉଠିପଡ଼େ ।

ଅଜସ୍ର ତାଳିରେ ସେ ଜାଗା ଫାଟିପଡ଼େ । ଭୁଲୁମିଆଁର ନାକ, ଆଖି, ଦେହ ଓ ମନ ସବୁର ଗୋଟାଏ ବିଶେଷତ୍ୱ ଅଛି ।

ଖୁବ୍ ମୋଟା ନାକ । ନାକ ତଳୁ କ୍ରମେ କ୍ରମେ ଚିବୁକ ପାଖ ଦେଇ ମାଡ଼ି ଯାଇଛି । ଆଖି ତା'ର ସର୍ବଦା ଲାଲ ବର୍ଣ୍ଣରେ ଫାଟି ପଡୁଥାଏ । ଭୁଲୁମିଆଁର ଆଖିକୁ ଚାହିଁବା ପାଇଁ ଦରକାର ଯଥେଷ୍ଟ ସାହସ । ତା'ର ମନର ପ୍ରତ୍ୟେକ ଅବସ୍ଥା ସେଇ ଦୁଇଟା ଆଖିରୁ ସହଜରେ ଜାଣି ହୋଇଯାଏ । ଦେହରେ ଶତସିଂହର ବଳ । ଶକ୍ତ ଓ ବଳିଷ୍ଠ ମାଂସପେଶୀ ସ୍ପଷ୍ଟ ବାରି ହୋଇପଡ଼େ । ପ୍ରତିଦିନ ସକାଳୁ ପାଏ ସୋରିଷ ତେଲ ସେ ଦେହରେ ମାଖି ହୁଏ । ଖାସ୍ କରି ଠିକ୍ ସେତିକିବେଳେ ଭୁଲୁମିଆଁର

ଦେହ ଦର୍ଶନୀୟ ହୋଇପଡ଼େ । ତେଲଚକଚକିଆ ଦେହରେ ସୂର୍ଯ୍ୟକିରଣ ଚକ୍‌ଚକ୍ ମାରୁଥାଏ ।

ଶକ୍ତ ଓ ବଳିଷ୍ଠ ଦେହ ଭିତରେ ଭୁଲୁମିଆଁର ମନ ଅତ୍ୟନ୍ତ କୋମଳ ।

ଭୁଲୁ ମିଆଁ ପେଟେ ସରାବ୍ ପିଇଦେଇ ପ୍ରଳାପ କରେ । କିନ୍ତୁ କେବେ ସେ ମଦ ପିଇ କାହା ପ୍ରତି ଖରାପ ବ୍ୟବହାର କରିନାହିଁ । ସରାବ ପିଇ ବେରଖ୍‌ଗଳିରେ ଭୁଲୁମିଆଁ ଟଳି ଟଳି କହେ, ଏ ସାରା ଦୁନିଆରେ ତିନ୍‌ଟୋ ବଢ଼ିଆ ଚିଜ୍ ଅଛି, "ମାସୁମ୍‌ବଚ୍ଚି, ସରାବ, ଔର ଫୁଲ । ବଚ୍ଚି ଖୋଦାକା ଫରିସ୍ତା । ସରାବ ଜାନ୍‌କା ଅମୃତ । ଆଉର୍ ଫୁଲ—ଦିଲ୍‌କା ମରହମ୍ ଅଛି ।"

ସମସ୍ତେ କହନ୍ତି ଭୁଲୁମିଆଁ ଧର୍ମରେ ବିଶ୍ୱାସ କରେନା ।

ସତରେ ଭୁଲୁମିଆଁ ସେଦିନ ଧର୍ମ ବୋଲି କିଛି ମାନିବାକୁ ପ୍ରସ୍ତୁତ ନ ଥିଲା । ତା'ର ଧାରଣା ସବୁ ମଣିଷର ଗୋଟାଏ ଜାତି—ଗୋଟାଏ ଧର୍ମ । ସେଇଟା ହେଲା ମାନବିକ ଧର୍ମ । ମଣିଷକୁ ମଣିଷ ବୋଲି ଭାବିବା ସବୁଠାରୁ ବଡ଼ ଧର୍ମ ।

ତାକୁ ସମସ୍ତେ କହିଲେ ପାଗଳ ।

—ଦୁଇ—

ସେ ଦିନର ବେରଖ୍ ଗଳି ଆଉ ଆଜିର ବେର୍‌ଖ୍ ଗଳି ଭିତରେ ଆକାଶ ପାତାଳ ପ୍ରଭେଦ । ସେ ଦିନର ଭୁଲୁମିଆଁ ଆଉ ଆଜିର ମାଷ୍ଟର ମିଆଁ ଭିତରେ ଏତେ ପ୍ରଭେଦ ଯେ ତା'ର ପଛ ଦିନଗୁଡ଼ାକ ଯିଏ ଦେଖିଛି ତା' ପକ୍ଷରେ ହୁଏତ ଆଜିର ଏ ସବୁକୁ ବିଶ୍ୱାସ କରିବା ଅସମ୍ଭବ ହୋଇପଡ଼ିବ ।

ବେରଖ୍ ଗଳିରେ ଆଜିକାଲି ଭଦ୍ରଲୋକମାନେ ରହିବା ପାଇଁ ନାକ ଟେକୁନାହାନ୍ତି । ଏହି ଗଳି ଆଜି ଆଉ ବଦ୍‌ନାମ ଗଳି ହୋଇ ରହିନାହିଁ । ଭୁଲୁମିଆଁ ଆଜି ମାଷ୍ଟର ମିଆଁରେ ପରିଣତ ହୋଇସାରିଛି । ବେରଖ୍ ଗଳିର ସେ ଆଉ ନବାବ ନୁହେଁ । ତା'ର ହୁକୁମ ଆଉ ଚଳୁନି ।

ଫୁଲକା ଉପରକୁ ତେଇଁ ନଶ ମୋଡ଼ିବାର ଉମର୍ ଆଜି ଟପିଛି ।

ସେଇଥିପାଇଁ ଆଜି ସବୁ କଥାରେ ମାଷ୍ଟର ମିଆଁ ଖାଲି ହସୁଛି । ଦରଜୀ ଜନ୍‌ଦଲାଲ୍ ଏଇ କାଲିର ବଚ୍ଚି । ଟାହି ଟାପରା କରୁଛି । ହାତରେ କଇଁଚି ଧରି ଆସୁ ନ ଥିଲା । ପତଲୁନ୍ ଖାଜା ପକାଇବାଠାରୁ ଆରମ୍ଭ କରି ସୁଟ୍ କଟିଂ ସବୁ ଶିଖିଲା ଏଇଠୁ । ଆଜି ଖୋଲିଛି ତା'ର ସାମନାରେ ଦୋକାନ ।

ପାଖରେ ପଇସା ହେଲେ ଆଖି ଉପରକୁ ହୁଏ । ନନ୍ଦଲାଲ୍‌ର ଈର୍ଷା ଏବଂ ଟାହି ଟାପରା କଥା ମାଷ୍ଟର ମିଆଁ ଶୁଣେ । ଖାଲି ହସିଦିଏ । ପାକଲା ନଡ଼ାରେ ଥରେ ହାତ ବୁଲେଇ ଆଣେ ଅଭ୍ୟାସବଶତଃ । ଗତ ଦିନର କଥା ସବୁ ଗୋଟି ଗୋଟି ହୋଇ ମନେପଡ଼େ ।

କେଡ଼େ ପରଶ୍ରୀକାତର ଏଇ ନନ୍ଦଲାଲ୍ । ଦୁନିଆଟା ସାରା ଖାଲି ବେଇମାନ୍ । ତା'ଠାରୁ ବୁଦ୍ଧି ଶିଖି ଆଜି ତା'ର ଚେର କାଟିବାପାଇଁ ବସିଛି ।

ମାଷ୍ଟର ମିଆଁ ଅନୁଭବ କରୁଥିଲା କିଏ ଯେମିତି ତା' ମନ ଭିତରେ ବିଦ୍ରୋହ କରି ଉଠୁଛି । ଏଇ ମଣିଷ ଜାତିକୁ ତାହାହେଲେ ସେ ଦେଇଥିଲା ଏତେ ଉଚ୍ଚ ସମ୍ମାନ ! ଘୃଣାରେ ମାଷ୍ଟର ମିଆଁର ମୁହଁ ଶେତା ପଡ଼ି ଆସୁଥିଲା ।

ଆଜି ଦେହରେ ଆଉ ସେ ପୂର୍ବର ତାକତ୍ ନାହିଁ । ସିଂହର ପରାକ୍ରମ ନାହିଁ । ନ ହେଲେ ଆଜି ସେ ମୁଣ୍ଡପୋଡ଼ି ନନ୍ଦଲାଲ୍‌ର ଅପମାନକୁ ସହିଯାଇଥାନ୍ତା ? ମାଷ୍ଟର ମିଆଁ ଖାଲି ଉପରକୁ ହାତଉଠାଇ କ'ଣ ଅସ୍ପଷ୍ଟଭାବେ ଉଚ୍ଚାରଣ କରିବାକୁ ଲାଗିଲା । ବୋଧହୁଏ ଖୋଦାଙ୍କ ଉଦ୍ଦେଶ୍ୟରେ କିଛି କହିଲା ।

ବୁଖାରୀ ଦାନ୍ତ ରଗୁଡୁଥିଲା । ଗୋଟିଏ କାମିଜ୍‌ରେ ସେ ଖାଜା ପକାଉଥିଲା । ମାଷ୍ଟର ମିଆଁର ମନକଥା ସେ ଲକ୍ଷ୍ୟ କରିଛି ।

"ଓସ୍ତାଦ୍ ବଡ଼ ବେଇମାନ ଏଇ ନନ୍ଦଲାଲ୍ । ଆମର ଗରାଖ୍‌ମାନଙ୍କୁ ଏଣ୍ଡୁ ତେଣ୍ଡୁ କହି ବାଟ୍‌ଭେଇ ଦେଉଛି । ବେଇମାନ, ନିମକ୍ ହାରାମ କହାଁକା । ଗରାଖ୍ ଭଗେଇ ଦେଉଛି ।"

ବୁଖାରୀର କଥାଗୁଡ଼ା'କ ମନ ଦେଇ ଶୁଣୁଥିଲା ମାଷ୍ଟର ମିଆଁ । କିଛି ନ କହି ସେ ଚୁପ୍ ରହିଲା । ବୁଖାରୀ କଥାରେ ବିଶ୍ୱାସକରିବା କିମ୍ବା ସନ୍ତୋଷଲାଭ କରିବାର କିଛି ନ ଥିଲା । ସବୁ ମଣିଷ ସେମିତି । ଧୋକାବାଜ୍, ବେଇମାନ, ନିମକ୍ ହାରାମ୍ ଏଇ ମଣିଷ ଜାତି ।

ଆଜି ନନ୍ଦଲାଲ୍ ଧୋକା ଦେଇଛି, ବେଇମାନି କରିଛି । କାଲି ବୁଖାରୀ ଯେ ବେଇମାନି ନ କରିବ ତା'ର କଣ ଠିକଣା ଅଛି ? ଯୋଉ ନନ୍ଦଲାଲ୍ ତାରି ପାଖରେ ରହି ବୁଦ୍ଧି ଶିଖିଲା, ମଣିଷ ହେଲା, ଯଦି ସେ ଠକିପାରେ ତାହାହେଲେ କେଉଁ ମୁହଁ ନେଇ ସେ ବୁଖାରୀକୁ ବିଶ୍ୱାସ କରିବ ?

ଧର୍ମ, ଈଶ୍ୱରକୁ ଛାଡ଼ି ସେ ବିଶ୍ୱାସ କରିଥିଲା ମଣିଷକୁ । ସେ ଭଲ ପାଇଥିଲା ମଣିଷ ଧର୍ମକୁ । ସେ ନିଜେ ଥିଲା ସରଳ । ଦେହରେ ଥିଲା ଅସୁମାରୀ ତାକତ୍ । ସେ

ଅନେକ ସମୟରେ ମଦପିଇ ମାତାଲ୍ ହେଉଥିଲା । କିନ୍ତୁ କେବେ ସେ ମଣିଷର ଅପମାନ କରିନି । କାହାର କିଛି କ୍ଷତି କରିନି । ଏଇ ହାତରେ ସେ ଗଢ଼ିଦେଇଛି କେତେ ଯେ ଜୀବନ ତା'ର କୌଣସି ହିସାବ ନାହିଁ । ତା'ରି ପାଖରୁ ଅକଲ ଶିଖି ଅନ୍ୟମାନେ କମେଇଲେ ନାଁ, ପଇସା—କୋଠାବାଡ଼ି କଲେ । ଆୟସ ଓ ଆରାମରେ ଦିନ କାଟିଲେ । ସେମାନଙ୍କୁ ଦେଖି—ସେମାନଙ୍କର ସୁଖର ସଂସାର ଦେଖି ସେ ନିଜେ ଖୁସି ହେଉଥିଲା ସେମାନେ ମଣିଷପରି ମଣିଷ ହେଲେ ବୋଲି ।

ପଇସା'ର ମୂଲ୍ୟ ସେ ବୁଝି ନ ଥିଲା । ଚାହିଁଥିଲେ ସେ ଅଜସ୍ର ଧନ ଦଉଲତର ମାଲିକ ହୋ'ଇ ପାରିଥାନ୍ତା । କିନ୍ତୁ ପଇସା'ର ମମତା ତା' ଭିତରର ମଣିଷଟିକୁ କିଣିପାରି ନ ଥିଲା । ପରର ଦୁଃଖରେ ସେ ବିଚଳିତ ହୋଇ ଅକାତରଭାବେ ନିଜର ସବୁକିଛି ଦାନ କରି ନିଜେ ହୋଇଥିଲା ଫକୀର ।

—ତିନି—

ମାଷ୍ଟର ମିଆଁ ଆଜି ହୋଇଛି ଖୋଦାବନ୍ଦ୍ ।

ଖାଲି ଯେ ମାଷ୍ଟର ମିଆଁର ପରିବର୍ତ୍ତନ ହେଉଛି, ତାହା ନୁହେଁ । ସବୁକିଛି ଏ ଦୁନିଆରେ ଯାହା ଥିଲା ବଦଳି ଯାଇଛି । ସେ ଯୁଗରେ ସବୁ ବଦଳିଛି । ଯେତେ ଆଗକୁ ସେ ଦେଖିଲା ତା' ଆଖିରେ ଦିଶିଲା ଖାଲି ପରିବର୍ତ୍ତନର ଏ ଦୁନିଆ ଏମିତି ବଦଳି କେଉଁ ଜାଗାରେ ଯାଇ ଯେ ପହଞ୍ଚିବ ତା'ର କଣ କିଛି ଖବର ମିଳିବ !

ଆଶ୍ଚର୍ଯ୍ୟ ହେଲା ମାଷ୍ଟର ମିଆଁ ।

ସତରେ ସେ ଦିନର ଦିଲଦାର ମଣିଷ ଆଉ ନାହିଁ । ମଣିଷ ପ୍ରକୃତି ଥିଲା ସରଳ, ସୁନ୍ଦର । ଦୁସରା ଆଦମିର ଦୁଃଖରେ ତା'ର କଲିଜା ଫାଟିପଡୁଥିଲା । ତାକତ୍‌ଭରା ବଦନ । ସବୁବେଳେ ମୁହଁରେ ଲାଗି ରହୁଥିଲା ଦିଲ୍ ଖୁସ୍ ଲାୟକ୍ ହସ ।

ଆଉ ଆଜିର ମଣିଷ ! ଏଡ଼େ ଗ୍ରେଟଲୋକ ! ପରଶ୍ରୀକାତର ନନ୍ଦଲାଲ୍ ଆଜି ସେଇ ସମାଜର ପ୍ରତିନିଧିତ୍ୱ କରୁଛି । ସବୁ ମଣିଷ ବେଇମାନ୍, ଧୋକାବାଜ୍ । ଦୁସରା ଇନ୍‌ସାନ୍‌ର ଦୁଃଖରେ ତା'କୁ ହେମତ ଦେବ କିଏ, ତାର ଗୋଡ଼ ପକଡ଼ି ଟାଣିଦେଉଛି ପଛରୁ । ଦୁନିଆରେ ମଣିଷ ମଣିଷର ଦୁଶମନ୍ । ଭାଇର ଭଲ ଭାଇ ସହି ପାରେନା । ମଣିଷ ହୋ'ଇ ଉଠିଛି ମଣିଷର ସବୁଠାରୁ ବଡ଼ ଶତ୍ରୁ ।

## —ଚାରି—

ବେରଣ୍ଟ୍ ଗଳିରେ ସେଦିନ ଆରମ୍ଭ ହୋଇଗଲା ତୁମୁଳ [illegible] ।-ମାଷ୍ଟର ମିଆଁ ସିଲେଇ ଦୋକାନ ସାମନାରେ ଜମିଛି ପ୍ରବଳ ଭିଡ଼ । ଲୋକେ ଭୀଷଣ ପାଟିତୁଣ୍ଡ କରୁଛନ୍ତି । ବୁଢ଼ାଖାଁ ଉପରେ ଭୀଷଣ ମାଡ଼ ଚାଲିଛି । ତା'ର ଦେହ, ମୁଣ୍ଡ ଖଣ୍ଡିଆ ଖାବରା ହୋଇ ଝରଝର ହୋଇ ନିଗିଡ଼ି ପଡ଼ୁଛି ରକ୍ତଧାର ।

ନନ୍ଦଲାଲ ଦୋକାନ ଭିତରେ ଠିଆହୋଇ ହସୁଥିଲା । ଲୋକଗୁଡ଼ାକୁ ଉସ୍କାଉ ଥିଲା । "ଆରେ ଶଳାକୁ ଟରମାଟରମ ଆଉ ଗୁରପାହାର ଦିଅ । ଅଣ୍ଡା ବନେଇ ଛାଡ଼ିଦିଅ । ଆଉ ଯେମିତି କେବେ ବଦମାସି କରିବା ପାଇଁ ହିମ୍ମତ୍ ନ କରେ । ଜାରେ ଶାଳା, ଅସଲ ଆଦ୍‌ମୀଟା ଖସି ପଳାଇଲା ।"

ମାଷ୍ଟର ମିଆଁର ଟାଇଫଏଡ୍ ଜର । ଦୁଇ ଦିନ ହେଲା ଆରମ୍ଭ ହୋଇଛି ଏ ନିଆଁ ଲଗା ଜର । କି ଗୋଟାଏ ଜର ହୋଇଛି କେଜାଣି । କେତେବେଳେ ହେଲେ ଦେହରୁ ତାତି କମୁନାହିଁ । ଖାଲି ସେ ଖଟିଆ ଉପରେ ପଡ଼ି ରହୁଛି । ଦୋକାନ ଭାର ସବୁ ଦେଇ ଦେଇଛି ବୁଢ଼ାଖାଁ ହାତରେ ।

ମାଷ୍ଟର ମିଆଁ ଏମିତି ଶୋଇ ରହିବା ଲୋକ ନୁହେଁ । ଏଇ ଜରରେ ମଧ୍ୟ ସେ ଦୁଇ ଚାରିଥର ଉଠିଲାଣି ଦୋକାନକୁ ଯିବା ପାଇଁ ।

ଡାକ୍ତର କିନ୍ତୁ ମନା କରିଛି, ବିଛଣା ଛାଡ଼ିବାକୁ ଶକ୍ତ ମନା । ଏହା କୁଆଡ଼େ ଟାଏଫଏଡ୍ ଜ୍ୱର ।

ରକ୍ତରେ ହାଲୁବାଲୁ ହୋଇ ସନ୍ଧ୍ୟାରେ ବୁଢ଼ାଖାଁ ପହଞ୍ଚିଲା । ମାଷ୍ଟର ମିଆଁ ବୁଢ଼ାଙ୍କୁ ଦେଖି କିଛି ଆନ୍ଦାଜ କଲା ନାହିଁ ଘଟଣାଟା କ'ଣ ! ତା'ର ମନେ ହେଲା ଭୀଷଣ ବେଗରେ ସତେ ଯେମିତି ତା ଦେହର ଉତ୍ତାପ ବଢ଼ିବାରେ ଲାଗିଛି । ରକ୍ତଚାପ ବଢ଼ୁଛି । ରକ୍ତର ବେଗ ବଢ଼ିଛି । ଆଖି ଆଗରେ ଏ ପ୍ରକାର ଦୃଶ୍ୟ ଦେଖିବା ପାଇଁ ମାଷ୍ଟର ମିଆଁ ମୋଟେ ପ୍ରସ୍ତୁତ ନ ଥିଲା । ସେ ସତେ ଅବା ଏଇ ମୁହୂର୍ତ୍ତରେ ପାଗଳ ହୋଇଯିବ ।

ଚିତ୍କାର କରି ଉଠିଲା ମାଷ୍ଟର ମିଆଁ ।

ବୁଢ଼ାଖାଁ......

ବୁଢ଼ାଙ୍କୁ ସେତିକିବେଳେ ଦେଖିଲେ ଟୁନ୍ ଖତମ ହୋଇଯିବ । ସେ ଗୋଟି ଗୋଟି କରି ସବୁକଥା କହିଲା—"ଦୋକାନ ଲୁଟ୍ ହୋଇଛି । ନନ୍ଦଲାଲର ଆଦ୍‌ମୀ

ଗୋଲ୍‌ମାଲ୍ ସୁରୁ କରି ଦେଲେ । ଗାଳିଦେଇ ଦୋକାନ ଲୁଟି ନେବାକୁ ବସିଲେ । ମୁଁ ସେମାନଙ୍କୁ ରୋକିଲି । ଜଣେ ମଣିଷ ଆଉ କେତେ ସମୟ ରୋକିପାରନ୍ତା ? ସେଇମାନେ ବନ୍ଧୁକ ମାଡ଼ ଦେଇ ଲୁଟି ନେଲେ ସବୁ ।”

ମାଷ୍ଟର ମିଆଁର ଆଖିରେ ଅଜସ୍ର ଲୁହ । ତା'ର ହୃଦୟ ଭିତରଟା ସେ ଯେମିତି ଦରାଣ୍ଡି ହୋଇ ଖୋଜୁଥିଲା ସେ ଗଢ଼ିଥିବା ମଣିଷର ଚଢ଼ଣଟାକୁ ବାହାର କରିବାପାଇଁ । ସେଇ ଶାନ୍ତ, ସୁନ୍ଦର, ପରୋପକାରୀ ମଣିଷର ଚିତ୍ର । ସେ କିନ୍ତୁ ତାହା ପାଇପାରୁ ନ ଥିଲା । ତା' ଆଖି ଲୁହର ସମୁଦ୍ର ଭିତରେ କେତେବେଳୁ ମଣିଷର ସେଇ ସୁନ୍ଦର ଛବିଟା ମିଳେଇ ଯାଇଥିଲା ।

ଆଖି ଆଗରେ ଦିଶୁଥିଲା ଖାଲି ହେଲେ ବେଇମାନ, ବର୍ବର, ସଇତାନ ନନ୍ଦଲାଲର ଛବି ।

ସେଇ ନନ୍ଦଲାଲ୍, ଯାହାକୁ ସେ ମାଙ୍କଡ଼ରୁ ମଣିଷ କରିଥିଲା, ନିଜର ଗ୍ରୋଟଭାଇଟି ପରି ତା' ହାତ ଧରି ଅକଲ ଶିଖେଇ ଦେଇଥିଲା, ଆଜି ସିଏ ହୋଇଛି ଦୁଷ୍‌ମନ୍ ।

ହୃଦୟ ଭିତରେ ମାଷ୍ଟର ମିଆଁ ଈଶ୍ୱରଙ୍କୁ ଡାକିଲା । ବେଇମାନ, ଧୋକାବାଜ୍ ମଣିଷଜାତିର କସୁର୍ ଏବଂ ବେଇମାନୀ ପାଇଁ ନିଜେ ମାଫି ମାଗିଲା ।

ଆଖିରୁ ଲୁହପୋଛିଲା ବୁଢ଼ା ମାଷ୍ଟର ମିଆଁ । ବୁଖାରୀ ସେଦିନ ଗର୍ଜି ଉଠିଥିଲା ମାଷ୍ଟର ମିଆଁ ପାଖରେ ।

ଇନ୍ତକାମ୍—ପ୍ରତିଶୋଧ...

ସେ ନେବ ଏଇ ଅପମାନର ପ୍ରତିଶୋଧ । ଜାଳି, ପୋଡ଼ି ଛାରଖାର କରିଦେବ ସେ ବେଇମାନ୍ ନନ୍ଦଲାଲର ଦୋକାନ, ଘର, ସବୁକିଛି । ଯୁଗ ଯୁଗ ଧରି ନନ୍ଦଲାଲ ଆଖିରୁ ଲୁହ ବୋହିବ ।

ସେ ଚାହେଁ ବଦ୍‌ଲା !

ବୁଖାରୀର ଆଖିରେ ବନ୍ୟ ପଶୁର ହିଂସ୍ରତା । ମୁହଁରେ ତା'ର ଥିଲା ଏକ ଭୟାନକ, ପୈଶାଚିକ ହସ । ଯୁଦ୍ଧଭୂମିର ଅଶ୍ୱ ପରି ସେ ଥିଲା ଚଞ୍ଚଳିତ, ବ୍ୟତିବ୍ୟସ୍ତ । ନନ୍ଦଲାଲ ପ୍ରତି ତା'ର ଘୃଣା ଥିଲା ଶାଣିତ ତରବାରି ପରି ତୀକ୍ଷ୍ଣ ।

ମାଷ୍ଟର ମିଆଁ ବୁଖାରୀକୁ ପାଖକୁ ଡାକିଲା । ତା'ର କମ୍ପିତ ହାତରେ ବୁଖାରୀର ମୁହଁରୁ ରକ୍ତଧାର ପୋଛି ଦେଲା ।

ଆଖିରେ ତା'ର ରକ୍ତ ସବୁ ଜମାଟ ବାନ୍ଧିଥିଲା । ଅଓଲା କଣ୍ଠରେ କହିଥିଲା ମାଷ୍ଟର ମିଆଁ—"ବୁଖାରୀ କସମ୍ ଖାଇ କହ ଉଦାଲାଲର କିଛି ନୁକ୍‌ସାନ୍ କରିବ ନାହିଁ । ମୋର କେବଳ ଏଇ ଟିକିଏ ଅର୍ଜି । କହ୍‌ନା .. ଉଁରକାମ ମଣିଷକୁ ସେଇ ସପର ଜହନ୍ନୁମ୍‌ରେ ଠେଲିଦିଏ । ସେଥିରେ କାହାର କିଛି ଫାଇଦା ନାହିଁ । ଦଗାବାଜମାନଙ୍କର ଶେଷ ନାହିଁ । ସେସବୁ ଇନ୍‌ସାନଙ୍କୁ ସଇତାନ କରିଦେବ । କୁହ ବୁଖାରୀ, ଏମିତି ଚୁପ୍ ରହିଲ କିଆଁ ! ସବାଲ୍‌ର ଜବାବ ଦିଅ ।"

ବୁଖାରୀ ଆଶ୍ଚର୍ଯ୍ୟ ହୋଇ ଶୁଣିଥିଲା ।

ଯେଉଁ ମାଷ୍ଟର ମିଆଁର ନା ଶୁଣିଲେ ଲୋକେ ଭୟରେ ତା'ର ପାଖ ମାଡ଼ୁ ନ ଥିଲେ, ଏ କଣ ସେହି ମାଷ୍ଟର ମିଆଁ ! ବୁଖାରୀ ସତରେ ଆଦୌ ବିଶ୍ୱାସ କରିପାରୁ ନ ଥିଲା । ଦେହରେ କେତେ ସିଂହର ବଳ ଥିବା ସେହି ପ୍ରବଳ ପରାକ୍ରମଶାଳୀ ମାଷ୍ଟର ମିଆଁ କେବେ ଏତେ କୋହଳ ହେବ । ବୁଖାରୀ ନିଜକୁ ନିଜେ ଅବିଶ୍ୱାସ କରୁଥିଲା ।

ବୁଖାରୀ...ବୁଖାରୀ...

ଲଣ୍ଠନର କ୍ଷୀଣ ଆଲୋକରେ ମାଷ୍ଟର ମିଆଁ ଦେଖିଲା ବୁଖାରୀ କେତେବେଳୁ ଚାଲିଗଲାଣି ।

ବୁଖାରୀ ତେବେ ତା'ର ଅନୁରୋଧକୁ ବେଖାତିର କରିଛି । ସେ ଦେଖିପାରିନି ଏଡ଼େ ପ୍ରବଳ ପରାକ୍ରମଶାଳୀ ମାଷ୍ଟର ମିଆଁର ସୁକୋମଳ ହୃଦୟକୁ ।

ମାଷ୍ଟର ମିଆଁ କାନ୍ଦୁଥିଲା । ମାଷ୍ଟର ମିଆଁ କାନ୍ଦୁଥିଲା ପ୍ରଥମ ଥର ପାଇଁ ।

ଶୂନ୍ୟଆଡ଼ ତାକୁ ଖାଲି ଖାପ୍‌ଛା ଦେଖାଗଲା । ସତେ ଯେମିତି ବଢ଼ିଲା କୁହୁଡ଼ି ମାଡ଼ିଯାଇଛି ସେ ଘରଟାସାରା । ସେ ଉଠିବାକୁ ଚେଷ୍ଟା କରି ଉଠି ପାରୁନାହିଁ ।

ହାତ ବଢ଼ାଇ ଦରାଣ୍ଡି ଆଣିଲା ତକିଆ ତଳୁ ତା'ର ସେ ଏକମାତ୍ର ସାହାରା । କେଉଁ ଯୁଗର ହାତଲେଖା କେତେ ପୁରୁଣା କୋରାନ୍ ବହି । ସେ ବହିରେ ଖୋଦାବନ୍ଦ ଖୋଜୁଛି ତା'ର ଖୋଦାକୁ—ତା'ର ଜାନ୍-ଏ-ଜିଗର୍ ଇନ୍‌ସାନ ଆତ୍ମାକୁ । ଯାହା କିଛି ଏ ଦୁନିଆରେ ସତ୍ୟ, ଶିବ, ସୁନ୍ଦର; ସବୁ ସେଇ ପୁରୁଣା, ମଇଳା କେତେଖଣ୍ଡ ଦରଚିରା କାଗଜର ପୋଥିରୁ ସେ ଦରାଣ୍ଡୁଛି ତା' ଜୀବନସାରା ।

ଆଖିରେ ଓ ଛାତିରେ ଲଗାଇ ବହିଟାକୁ ଜାବୁଡ଼ି ଧରିଥିଲା ମାଷ୍ଟର ମିଆଁ । ବୁଢ଼ା ମଉଲୋକ କୁହାଖଣ୍ଡିକୁ ସାହାରା କଲା ପରି ସେ ବହି ଭିତରୁ ଖୋଜୁଥିଲା

ତା'ର ଜୀବନର ସାଥୀ । ତା' ହୃଦୟର ସମସ୍ତ ବେଦନା ନେଇ ସେ ସବାଲ୍ କରୁଥିଲା ଈଶ୍ୱରଙ୍କୁ । ଖୁଦାଙ୍କୁ ।

ଏଇ ଦୁନିଆର କ'ଣ ଆଉ ଅଦଲ୍‌ବଦଲ୍ ନାହିଁ ! ଆଲ୍ଲା ?

କହିଁ କହିଁ ହୋଇ କାନ୍ଦି ପକାଇଲା ମାଷ୍ଟର ମିଆଁ । କ୍ଲାନ୍ତ ଆଖିପତା ତାର ନଇଁ ପଡ଼ୁଥିଲା । କମ୍‌ଜୋର ହାତରୁ ତା'ର ଖସିପଡ଼ୁଥିଲା କୋରାନ୍ ବହିଟା । ଭୋକିଲା ପେଟରେ ଉକ୍‌ଲାପ୍ । ପାଟିରେ ଟୋପାଏ ପାଣି ଦେବା ପାଇଁ ମଧ୍ୟ କେହି ନ ଥିଲା । ଦୁଇ ଦିନ ଭିତରେ ଏ ଜଗତଟା ତା' ଦେହରୁ ସେହି ହାଡ଼ଗୋଡ଼ିକ ତ କଡ଼କୁ ଚରିଯାଇଛି । ଶୁଖିଲା ଓଠରେ ଜିଭ ବୁଲାଇ ମାଷ୍ଟର ମିଆଁ ଘୁମେଇ ପଡ଼ୁଥିଲା ।

—ପାଞ୍ଚ—

କଳାପିଚୁ ପରି ନିର୍ଜ୍ଜନ ଅନ୍ଧାର ରାତି ।

ଏକ ବଜ୍ରଗର୍ଜ୍ଜନର ଶବ୍ଦରେ ହଠାତ୍ ନିଦ ଖୋଲିଲା ମାଷ୍ଟର ମିଆଁର । ଘରେ ଘରେ ଭାସି ଆସିଲା ଏକ ପୈଶାଚିକ ହସର ସୁଅ ।

ହାଃ ହାଃ ହାଃ··· ।

କୌନ ହୈ ··କୌନ ହୈ ?

ମାଷ୍ଟର ମିଆଁଙ୍କ କ୍ଷୀଣକଣ୍ଠରେ ଅଜସ୍ର ଉତ୍ତେଜନା । ଧୀରେ, ଧୀରେ ତେଜିଦେଲା ସେ ଲଣ୍ଠନର କ୍ଷୀଣ ଆଲୁଅଟିକୁ । ଏ କଣ ! ଆଶ୍ଚର୍ଯ୍ୟରେ ନିଜକୁ ବିଶ୍ୱାସ କରିପାରୁ ନ ଥିଲା ମାଷ୍ଟର ମିଆଁ । ତା'ର ହୋସ୍-ହଓ୍ୱାସ୍ ଯେମିତି ଉଡ଼ିଯିବ ।

ବୁଢ଼ାଟା ହାତରେ ଗୋଟିଏ ସୁକୋମଳ ଶିଶୁ । ଆଖିରୁ ନିଦର ସ୍ପର୍ଶ ଆହୁରି ଲିଭି ନ ଥାଏ । ଶିଶୁଟିର ମୁହଁରେ ଭୟାର୍ତ୍ତ ବେଦନାର ରେଖା ସୁସ୍ପଷ୍ଟ । ସେ ଏତେଦୂର ବ୍ୟାକୁଳ ହୋଇ ପଡ଼ିଥାଏ ଯେ କାନ୍ଦିବା ପାଇଁ ସୁଦ୍ଧା ତା'ର ସାହସ ହେଉ ନ ଥାଏ ।

ଶିଶୁଟିର ବୟସ ହେବ ଦୁଇ ବା ତିନି ବର୍ଷ । ସତେ ଅବା କେଉଁ ଉଦ୍ୟାନର ସଜଫୁଟା ଫୁଲଟିଏ ।

ବୁଢ଼ାଟା ହାତରେ ରାତିର ଅନ୍ଧକାରକୁ ଉପହାସ କରି ହସିଉଠୁଛି ଶାଣିତ ଛୁରିକା । ବୁଢ଼ାଟାର ଆଖିରେ ଧ୍ୱଂସର ବହ୍ନି । ତା' ମୁହଁରେ ସଇତାନୀ ମନର ପ୍ରବୃତ୍ତିକୁ ସ୍ପଷ୍ଟ ପଢ଼ିପାରୁଥିଲା ମାଷ୍ଟର ମିଆଁ ।

"ଏ ବଚ୍ଚା କିସକା ହୈ ବୁଖାରୀ"—ମାଷ୍ଟର ମିଆଁଙ୍କ ଗମ୍ଭୀର ପ୍ରଶ୍ନ ।

ସଚ୍ଚୁଗୁନ୍ ପାରୁନା ଓସ୍ତାଦ୍ ! ଏ ସେଇ ନମକ୍‌ହାରାମ୍ ବେଇମାନ ନନ୍ଦଲାଲର ବେଟା । ଆଜ ତା'ର ମୁଁ ନେବ ପ୍ରକୃତ ଇନ୍ତକାମ୍—ବଦ୍‌ଲା । ମେରେ ମାଫିକ୍ ସେ ମୋ ଆଗରୁ ପାଲ ଇବାର କୋଶିସ୍ କରଥିଲା ସେ । ପାଇଛି ତା'ର ଜବାବ୍ । କାଲିରୋଜ୍ ଆଜ ଖତମ୍ କରିଦେଇଛି ତା'ର ଦୋକାନ ମକାନ ସବୁ କିଛି ।

—ତୁମେ ଶେଷରେ ଏଇ ସଇତାନୀ କାମରେ ମାତିଗଲ ବୁଖାରୀ ! ହଁ, ସେଇ ବେଇମାନ ମଣିଷ ତୁମେ—ସଇତାନ ନ ହୋଇ ଆଉ କଣ ହେବ ?

ବୁଖାରୀ ଆଜ ପିଇଛି ପେଟେ ସରାବ୍ । ସେ କେମିତି କଣ ସବୁ କରିଛି ସେ ନିଜେ ମଧ୍ୟ ଜାଣେନା । ମାଷ୍ଟର ମିଆଁଙ୍କ ଧର୍ମକଥା ବୁଝିବାର ବା ଶୁଣିବାର ଇଚ୍ଛା ତା'ର ନାହିଁ । ବୁଖାରୀ ଖାଲି ହସୁଥିଲା ଏକ ପୈଶାଚିକ ହସ ।

—ନନ୍ଦଲାଲକୁ ଜାନ୍‌ସେ ମାରିଦେଇ ତୁମ ଭିତରେ ଥିବା ସଇତାନ ଖୁସ୍ ହେଇନି ବୁଖାରୀ ? ତମର ମତଲବ ମୁଁ ବୁଝିପାରୁନି !

ମାଷ୍ଟର ମିଆଁର ଦେହରେ ଫେରିଆସିଛି ସତେ ଅବା ତା'ର ଅତୀତର ସମସ୍ତ ତାକତ୍ । ତା' ଆଖି ଆଗରେ ଗୋଟିଏ ମାସୁମ୍ ବଚ୍ଚାର କତଲ୍ ସେ ଦେଖିପାରିବ ନାହିଁ—ସେ ହେବାକୁ ଦେବ ନାହିଁ ଏ ନୃଶଂସ କାଣ୍ଡ ।

ଗର୍ଜିଉଠିଲା ବୁଖାରୀ, "ଶାଲା ନନ୍ଦଲାଲ୍‌କା ବେଟା, ଜାୟେଗା କାହାଁ ବଚ୍‌କେ ? ଆଜ ଇସ୍‌କୁ ଟୁକୁଡ଼ା ଟୁକୁଡ଼ା କରକେ ରଖୁଁଗା ।"

ବୁଖାରୀର ଆଖି ଦୁଇଟା ଫୁଲାଉଠିଲା । ସତେ ଯେମିତି ଗୋଟାଏ ହିଂସ୍ର ଜାନୁଆର ପରି ସେ ଆଜି ଶୋଷିଯିବ ନନ୍ଦଲାଲ୍ ପୁଅର ରକ୍ତ !

ଖୁନ୍ !

ଏକ ଆହତ ସିଂହ ପରି ଗର୍ଜିଉଠିଲା ମାଷ୍ଟର ମିଆଁ ।

—ତୁ ସଇତାନ ବୁଖାରୀ, ତୁ ସଇତାନ । କିନ୍ତୁ ଏ ବୁଢ଼ା ମାଷ୍ଟର ମିଆଁର କମ୍‌ଜୋର ଛାତିରେ ମଧ୍ୟ ତାକତ୍ ରହିଛି । ନନ୍ଦଲାଲ୍ ପୁଅର ଜାନ୍ ଖତମ୍ କରିବା ପୂର୍ବରୁ ମତେ ଖୁନ୍ କର ବୁଖାରୀ—ଏଇ ବୁଢ଼ା ମାଷ୍ଟର ମିଆଁକୁ ଖୁନ୍ କର ।

ମାଷ୍ଟର ମିଆଁ କୁଦିପଡ଼ିଲା ବୁଖାରୀ ଉପରକୁ । ତା' ଦେହରେ ଏତେ ତାକତ୍ କେଉଁଠୁ ଆସିଲା ସେ ଜାଣିପାରିଲା ନାହିଁ । ଝାମ୍ପି ନେଲା ସେ ଶିଶୁଟିକୁ ବୁଖାରୀ ହାତରୁ । ପୁତ୍ର-ସନ୍ତାନହୀନ ମାଷ୍ଟର ମିଆଁର ହୃଦୟ ମମତାରେ ଭରିଗଲା । ତା' ଗାଲରେ ଚୁମ୍ବନ ଦେଇ ତାକୁ ଛାତିରେ ଜାବୁଡ଼ି ଧରିଲା ବୁଢ଼ା ମାଷ୍ଟର ମିଆଁ ।

—ଓସ୍ତାଦ୍ ! ଗୁଲ୍‌ଖାଅ ଓସ୍ତାଦ୍ । ତୁମର ଖୋଦା ଆସିଲେ ମଧ୍ୟ ତାକୁ ଆଜି ବଞ୍ଚେଇପାରିବେ ନାହିଁ । ବୁଖାରୀ ଆଜି ବୁଖାରୀ ନୁହେଁ, ସେ ସଇତାନ—ସେ ଇନ୍‌ସାନ୍ ନୁହେଁ, ହେଓ୍ୱାନ୍ । ଖୁନ୍‌ର ବଦଲ ଖୁନ୍ । ଖୁନ୍ କେବଳ ମୋର ଆତ୍ମାକୁ ଖୁସ୍ କରିବ । ମୋର ବାଡ଼ୁଆ ଛୁରୀ ଚାହେଁ ଖୁନ୍ - ଖାଲି ଖୁନ୍ । ବେଇମାନ୍ ନନ୍ଦଲାଲ୍‌ର ଖାନ୍‌ଦାନକୁ ଖତମ୍ ନ କଲେ ମୋର ଅବଶୋଷ ରହିଯିବ ।

ବୁଖାରୀ ! ଏ ନନ୍ଦଲାଲ୍‌ର ବଚ୍ଚା ନୁହେଁ—ଏ ଖୋଦାଙ୍କର ପୟଗମ୍ବର । ଏ ମାସୁମ୍ ବଚ୍ଚା ଇନ୍‌ସାନୀ ଆତ୍ମାର ଆଓ୍ୱାଜ୍ । ତାକୁ କତଲ୍ କରିବାର ତାକତ୍ ତୁମର ନାହିଁ—ତୁମ ଖୋଦାର ଭି ନାହିଁ ।

ବୁଖାରୀ ହାତରେ ଲହରେଇ ଉଠିଲା ଇସ୍‌ପାତର ତୀକ୍ଷ୍ଣ ଛୁରୀ । ଏଇକ୍ଷଣି ଶିଶୁଟିକୁ ଟୁକୁଡ଼ା ଟୁକୁଡ଼ା କରିଦେବ । ଶିଶୁଟି ଆଗରେ ସିନା ଦେଖାଇ ଦେଉଛନ୍ତି ମାଷ୍ଟର ମିଆଁ । ଭୂଇଁତଳେ ଲୋଟିପଡ଼ିଲା ମାଷ୍ଟର ମିଆଁର ରକ୍ତ ସାଲୁବାଲୁ ଦେହ । ଲଣ୍ଠନର କ୍ଷୀଣ ଆଲୋକରେ ଚକ୍‌ମକ୍ କରୁଛି ମାଷ୍ଟର ମିଆଁର ଛାତିରେ ଭୁଷି ହୋଇଥିବା ଇସ୍‌ପାତ ଛୁରୀ ।

ମାଷ୍ଟର ମିଆଁ ହାତରୁ ଛୁଟିକି ପଡ଼ିଥିବା ଭୟଭୀତ ଶିଶୁଟିର ବିକଳ ଚିତ୍କାର ନିସ୍ତବ୍ଧ ରାତିକୁ ସକରୁଣ କରି ତୋଳୁଛି ।

ମାଷ୍ଟର ମିଆଁର ଆଖିରେ ଥିଲା ଏକ ଉଦ୍ଦାମ ହସର ସ୍ପର୍ଶ । ତାର ଉଜ୍ଜ୍ୱଳ ଆଖିର ଜ୍ୟୋତିରେ ସେ ଯେମିତି ଉପହାସ କରୁଥିଲା—ପାରିଲୁନି ବୁଖାରୀ···ତୁ ପାରିଲୁନି, ନନ୍ଦଲାଲକୁ ତୁ ଜିଣି ପାରିଲୁନି ।

# ଅମୂର୍ତ୍ତ

**ଶ୍ରୀମତୀ ବନଜ ଦେବୀ**

ବର୍ଷା ସହିତ ବୈଧବ୍ୟର କିବା ସାଦୃଶ୍ୟ ଥିଲା କେଜାଣି । ଆକାଶ ମେଘାଚ୍ଛନ୍ନ ହୋଇ ପୃଥିବୀ ପୃଷ୍ଠରେ, ବର୍ଷାର ଆସର ଆସନ୍ନ ହୋଇ ଉଠିଲେ, ସତ୍ୟରଞ୍ଜନଙ୍କ ସାରା ଚେତନାରେ ବୈଧବ୍ୟ ସତେ କି ମାଡ଼ି ମାଡ଼ି ଆସେ ।

ସେତେବେଳେ ସମୟ ଯାହା ହୋଇଥାଉ ନା କାହିଁକି, ଏବଂ ଯେ କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହାତରେ ନେଇ ସେ ବ୍ୟସ୍ତ ଥାଆନ୍ତୁ, ହୁଏତ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରେ, ଏକ ଜରୁରୀ ବୈଠକରେ ସରଗରମ ଆଲୋଚନା ଚାଲିଛି । ହୁଏତ ସେ ଷ୍ଟେନୋଗ୍ରାଫରକୁ ଏକ ଜରୁରୀ ଫାଇଲର ନୋଟ ଡାକି ଚାଲିଛନ୍ତି ସେଇ ଚିରାଚରିତ ନିଜସ୍ୱ ଭଙ୍ଗୀରେ । ଦେହରେ ଦାମୀ ସୁଟ୍ କଳା ମଚ ମଚ ଚହଲା କେଶ ଚିକ୍କଣ ଭାବେ କୁଣ୍ଡା ହୋଇ ରହିଛି ପଛକୁ । ମୁହଁର ଗାମ୍ଭୀର୍ଯ୍ୟକୁ ଆହୁରି ସ୍ପଷ୍ଟ କରି ଦେଉଛି ମୋଟା ଫ୍ରେମର ଚଷମା ବାମ ହାତର ଆଙ୍ଗୁଠି ଫାଙ୍କରେ ଜଳି ଜଳି ଶେଷ ହୋଇ ଆସୁଛି ସିଗାରେଟ୍ । ହୁଏତ ସେ ଜରୁରୀ ଫାଇଲଗୁଡ଼ାକରେ ଦସ୍ତଖତ କରିବା ଆରମ୍ଭ କରି ଦେଇଛନ୍ତି । ଇତ୍ୟବସରରେ କିପରି ସେ ଜାଣି ଯାଇଛନ୍ତି, ଏଥିଭିତରେ ସେହି ଅନାଥିନୀ ବର୍ଷା ଆସି ଯାଉଛି । ଏଇ ବେତାରବାର୍ତ୍ତା ତାଙ୍କର ଅନ୍ତଃକରଣରେ ପହଞ୍ଚିବା ମାତ୍ରେ ହିଁ ନିମିଷକରେ କ୍ଷୁଦ୍ର ପଥର ଖଣ୍ଡର ଆଘାତରେ ନିସ୍ତରଙ୍ଗ ସରସୀ ତରଙ୍ଗାୟିତ ହେଲା ପରି, ତାଙ୍କର ନିଭୃତ ସତ୍ତାରେ ତରଙ୍ଗର କମ୍ପନ ଉଠେ । କିନ୍ତୁ ତାଙ୍କ ଚରିତ୍ରର ସେହି ବିଶିଷ୍ଟ ଦିଗଟି ଦେଇ ତରଙ୍ଗାୟିତ ସତ୍ତାକୁ ସେ ନିଜ ଅନ୍ତଃକରଣ ଭିତରେ ହିଁ ପଥର ବନ୍ଧ ଦେଇ ରଖିନେଇ ପାରନ୍ତି । ନିଜର କମ୍ପିତ ଅନ୍ତଃକରଣକୁ ବର୍ଷୋନ୍ମୁଖୀ ମେଘର ଆକୁଳତା ପ୍ରତି ଉନ୍ମୁଖ କରି ଛାଡ଼ି ଦେଇ, ସତ୍ୟରଞ୍ଜନ ଦୃଢ଼ଭାବେ ନିଜର କାର୍ଯ୍ୟରେ ମନ ନିବେଶ କରନ୍ତି । ହୁଏତ ଥରେ ଅଧେ ଚଷମାକୁ ପୋଛି ନିଅନ୍ତି, ଟାଇର ଗଣ୍ଠିକୁ ଟାଣି ଦିଅନ୍ତି, ଅଥବା ଜୋର ଜୋର ଦି ଚାରିଥର ସିଗାରେଟ୍ ଟାଣି ନିଅନ୍ତି, ତା ପରେ ଗୋଟା ଗୋଟା ଫାଇଲ ଦସ୍ତଖତ କରି ଦିବାରେ, ଷ୍ଟେନୋଗ୍ରାଫରକୁ ନୋଟ ଡାକି ଗଲାବେଳେ, ଜରୁରୀ ମିଟିଂରେ ନିଜର ଭାଷଣ ଦେଲାବେଳେ, ତାଙ୍କର କୌଣସି ଭାବାନ୍ତର କଦାଚିତ ଘଟେ ନାହିଁ ।

ଅବଶେଷରେ ଯେତେବେଳେ ସେହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଶେଷ ହୋଇଯାଏ ଓ ନିଜର ଖାସ୍ କମେରାରେ ନିଜକୁ ସେ ଏକାକୀ ଖୋଜି ପାଆନ୍ତି, ବାହାରେ ଉଠାଇଥିବ ମେଘ ବର୍ଷା ହୋଇ ଝରି ଯାଉଥାଏ ଝୁପୁ ଝୁପୁ ହୋଇ । ଆକାଶ ତଥାପି ଥାଏ ଧୂସର ଓ ମେଘାଚ୍ଛନ୍ନ । ଅବସନ୍ନ ଓ କ୍ଳାନ୍ତଭାବେ, ଝରକାର ରେଲିଂକୁ ମୁଠାଇ ଧରି, ସେହି ବର୍ଷାମୁଖର ପ୍ରକୃତିକୁ ଚାହିଁ ରହିଲା ବେଳେ, ତାଙ୍କର ବୁଦ୍ଧିଦୀପ୍ତ ମସ୍ତିଷ୍କଟା ହଠାତ୍ କିପରି ଶୂନ୍ୟ ହୋଇଯାଏ । ସେଇ ଦାମ୍ଭିକ, ବଳିଷ୍ଠ, ଦୀର୍ଘ ଦେହଟାର ମଣିଷଟା ହଠାତ୍ ମହମ ପରି ତରଳିବାକୁ ଆରମ୍ଭ କରେ । ଧୂସର ଏକ ଆଚ୍ଛନ୍ନତାରେ ଭରପୁର ଆକାଶ ଓ ପୃଥିବୀ । ଝରଝର ଝରି ଯାଉଛି ବର୍ଷା ମୁକ୍ତ ଛନ୍ଦରେ । ଗଛସବୁ ସତେ କି ଲୋଟି ଯାଉଛି ପବନରେ । ବର୍ଷାର କେତେ ସୌନ୍ଦର୍ଯ୍ୟ ନାହିଁ ! କେତେ କବି ଶିଳ୍ପୀ ବର୍ଷାର ଏଇ ରୂପକୁ ଚିତ୍ର କରି ଯାଇ ନାହାନ୍ତି । ସାମନାରେ କନିଅର ଗଛର ସେହି ଫୁଲଗୁଡ଼ିକ ଯେ ବର୍ଷାର ଏଇ ରୂପକୁ ଚିତ୍ର କରି ଯାଇ ନାହାନ୍ତି । ସାମନାରେ କନିଅର ଗଛର ସେଇ ଫୁଲଗୁଡ଼ିକ ଯେ ବର୍ଷାରେ ଭିଜି ଯାଉଛି, ନିଃସଙ୍ଗ ଚଢ଼େଇଟି ଜାକି ଜୁକି ହୋଇ ଭିଜୁଛି କୃଷ୍ଣଚୂଡ଼ା ଗଛର ଶାଖାରେ । ଏସବୁ କିଛି ଦୃଶ୍ୟ ତ ତାଙ୍କ ମନକୁ ଆବୋରି ବସୁ ନାହିଁ ? ସେ କେବଳ ଦେଖୁଛନ୍ତି, ଦେଖି ପାରୁଛନ୍ତି କେଶ କେଶ କେଶକୁ ଖୋଲି ଦେଇ ଏ ପ୍ରକୃତି ଏକ ସଦ୍ୟ ବିଧବା ନାରୀ ଭଳି ଭୁଇଁ ସାଉଁଟି କାନ୍ଦୁଛି । ସତ୍ୟରଞ୍ଜନଙ୍କର ସେଇ ମୁହୂର୍ତ୍ତରେ ହଠାତ୍ ମନେ ହୁଏ, ଏହି ରୋରୁଦ୍ୟମାନା ବିପୁଳା ପ୍ରକୃତିକୁ ଆଲିଙ୍ଗନରେ ବାନ୍ଧି ରଖି ଏକ ନିବିଡ଼ ଚୁମ୍ବନରେ ସେ ଶାନ୍ତ କରି ଦିଅନ୍ତେ କି !! ଏହି କଥା ଭାବିଲା ବେଳେ ଏକ ଅପୂର୍ବ ରୋମାଞ୍ଚରେ ସେ ଶିହରି ଉଠନ୍ତି ଓ ଏକ ଅଦମ୍ୟ ତୃଷ୍ଣା ଏକ ନିଷିଦ୍ଧ ଆବେଗରେ, ପ୍ରମତ୍ତ ହୋଇ ଉଠେ । ସେଇ ତୃଷ୍ଣାର ଦାହ ତାଙ୍କ ଶୋଣିତେ ଶୋଣିତେ ଖେଳିଯାଏ । ଦୀର୍ଘ ଶ୍ୱାସଟାଏ ତାଙ୍କ ପିଞ୍ଜରା ଥରାଇ ଉଠିଆସେ । ନାଃ... କୌଣସି ବିଧବା ନାରୀକୁ ଚୁମ୍ବନ କରିବାର ଭାଗ୍ୟ ତାଙ୍କର ନାହିଁ । ସେଇ ଯେ ନବମ ଶ୍ରେଣୀ ପଢ଼ିଲା ପର୍ଯ୍ୟନ୍ତ, ସେ ସ୍ଥାନକାଳ ପାତ୍ର ଭୁଲି, ବିଧବା ମା'ର କୋଳରେ ଓହଳି ପଡ଼ି ତାର ମୁଖ ଚୁମ୍ବନ କରୁଥିଲେ । ସେ ଅଭ୍ୟାସ ଅନେକ ଦିନୁ ଯାଇଛି । ଅଥଚ ଏବେ ବି ଓଠ ଦିଓଟା ଜଳୁଛି ତୃଷ୍ଣାର ଦାହରେ ।

ବର୍ଷା ସହିତ ତାଙ୍କର ସମ୍ପର୍କ ଏମିତି ଓ ବର୍ଷା ମନେ ପକାଇ ଦିଏ ଅନେକ ଅନେକ କଥା । ନିଜ ଭିତରେ ନିମଗ୍ନ ହୋଇ, ସେ ବର୍ଷା ଭିତରେ ନିଜକୁ ହଜେଇ ଦିଅନ୍ତି ନିଃଶବ୍ଦ ଆଳାପରେ । ଏ କଥା ସତ୍ୟ ସତ୍ୟରଞ୍ଜନ କବି, ଶିଳ୍ପୀ, ଭାବୁକ, ଏସବୁ କିଛି ବି ନୁହେଁ । ସାହିତ୍ୟ କିମ୍ବା କଳା ପ୍ରତି ତାଙ୍କର ସମ୍ମାନ ଥାଇପାରେ, ଅନୁରାଗ ଟିକେ ମଧ୍ୟ ନାହିଁ । ସେ ଅର୍ଥନୀତିର କୃତୀ ଛାତ୍ର । ଜଣେ ପ୍ରବୀଣ ଅର୍ଥନୀତିଜ୍ଞ ଭାବେ ସେ ମାନ୍ୟଗଣ୍ୟ । ସରକାରଙ୍କର ଅର୍ଥବିଭାଗର ଉଚ୍ଚ ପଦବୀରେ ସେ ଅଧିଷ୍ଠିତ ।

ତାଙ୍କର ସମସ୍ତ ଯାଏ ସରକାରଙ୍କର ଯୋଜନା ଅଟକଳ କରିବାରେ । ତାଙ୍କର ସନ୍ଦର୍ଭ ପତ୍ରପତ୍ରିକାରେ ପ୍ରକାଶ ପାଏ । ସମସ୍ତ ତାଙ୍କର ରୁଟିନବନ୍ଧା । ସେ କର୍ମଠ, ସୁଦକ୍ଷ, ସଚ୍ଚୋଟ ଅଫିସର । ଜାଗତିକ ଜୀବନର ପ୍ରତ୍ୟେକ ସ୍ତରରେ, ଜୀବନର ପାତ୍ର ତାଙ୍କର ଭରପୂର । ତେବେ ବି ବର୍ଷା ଦେଖିଲେ ସେ କେମିତି ଅନ୍ୟମନସ୍କ ହୋଇ ପଡ଼ନ୍ତି । ସେଇ ଯେ ତରୁଣ ବୟସରେ, ଏକଦା ଅପରାହ୍ଣରେ, ବର୍ଷାର ମେଘ ତାଙ୍କ ମନରେ ବିଧବା ନାରୀର ଭ୍ରମ ସୃଷ୍ଟି କରିଥିଲା । ସେଇ ଭ୍ରମ ଟିକକ ରହିଗଲା ପରବର୍ତ୍ତୀ ଜୀବନରେ, ତାଙ୍କର ସବୁଠୁ କୋମଳତମ ସ୍ଥାନର ରସ କ୍ଷରଣରେ ଜଡ଼ବଡ଼ ହୋଇ । ବୟସ ବଢ଼ିବା ସହିତ ସେ ଅନୁଭବ କରୁଥିଲେ ମନ ଭିତରେ କେମିତି ଏକ ବର୍ଣ୍ଣଝରଣାର କଳ କଳ ଛଳ ଛଳ ଧ୍ୱନି । ବେଳେ ବେଳେ ସେହି ଧ୍ୱନି ମଧ୍ୟରୁ ନିଃଶେଇ ଏକ କାନ୍ଦଣାର କୋହ ଉଠେ । ସୀତାରର ବିଳମ୍ବିତ ରାଗରେ ଆଳାପ ପରି ତାହା ବାଜେ ପ୍ରଚ୍ଛନ୍ନ ଭାବେ । ଅନେକ ସମୟରେ ଏଇ ଅହେତୁକୀ କାନ୍ଦଣା ଟିକକୁ ନେଇ ହତବାକ୍ ସତ୍ୟରଞ୍ଜନ ଦୀର୍ଘ ଓ ବିଷନ୍ନ ଭରା ଦୃଷ୍ଟିରେ ଚାହିଁ ରହନ୍ତି ।

କିନ୍ତୁ ସତ୍ୟରଞ୍ଜନଙ୍କ ଜୀବନ ଯେ କାନ୍ଦିବା ପାଇଁ ନୁହଁ ଏକଥା ତାଙ୍କୁ ଜାଣିଥିବା ଯେ କେହି ହଲପ୍ କରି କହି ପାରିବ । ଭୂମିଷ୍ଠ ହେଲାବେଳେ ଯେ ମଣିଷ ଜୀବନର ପ୍ରଥମ କାନ୍ଦ ସେ କାନ୍ଦିଥିଲେ, ମାତ୍ର ସେତିକି । ଦ୍ୱିତୀୟଥର କାନ୍ଦିବାର କେହି ତାଙ୍କୁ ଦେଖିନାହିଁ । ପିତାଙ୍କ ମୃତ୍ୟୁର ମାତ୍ର ମାସକ ପରେ ଜନ୍ମଗ୍ରହଣ କରିଥିଲେ ସତ୍ୟରଞ୍ଜନ । ବିଧବା ମା'ର ଯତ୍ନରେ ମଣିଷ ହୋଇଥିଲେ । ସେଥିପାଇଁ ଆବାଲ୍ୟରୁ ମା, ଅଜା, ମାମୁଁଙ୍କର ଅତ୍ୟଧିକ ଗେହ୍ଲା ହୋଇଥିଲେ ସେ । ମା'ଙ୍କର ହୃତ୍‌ପିଣ୍ଡ ଥିଲେ ସେ । ଧନ, ସମ୍ପତ୍ତିର ଅଭାବ ନ ଥିଲା । ଅଭାବ ଥିଲା ବାପାଙ୍କର । ସେ ଅଭାବ ଦୂର କରିଥିଲେ ମା' ଦୁଇଗୁଣ ଶ୍ରଦ୍ଧାକରି । ଶିକ୍ଷା ସମାପ୍ତ କରୁ କରୁ ହିଁ ମା ବାଛି ଆଣିଥିଲେ ମନଲାଖି ଜୀବନ-ସଙ୍ଗିନୀ । ମା'ଙ୍କର ନିର୍ବାଚନ ନିର୍ଭୁଲ ଥିଲା । କାଦମ୍ବିନୀ ଥିଲା ସୁନ୍ଦରୀ, ଗୁଣବତୀ, ଶ୍ରେୟସୀ ଓ ବିଚକ୍ଷଣା । ସାରା ଯୌବନ ବିତିଲା ପ୍ରମତ୍ତ ପ୍ରଣୟ ଲୀଳାରେ । କାଦମ୍ବିନୀ ଥିଲା ଲକ୍ଷ୍ମୀରୂପିଣୀ । ଆସୁ ଆସୁ ସୌଭାଗ୍ୟ ମାଡ଼ିଆସିଲା । ପଦୋନ୍ନତି ପରେ ପଦୋନ୍ନତି ହେଲା । ଜୀବନ ନାଅର ଦୁଇମଙ୍ଗରେ ଦୁଇଟି ବିଚକ୍ଷଣା ନାରୀ, ସତ୍ୟରଞ୍ଜନଙ୍କୁ ସୁଖ, ସମୃଦ୍ଧି, ପ୍ରେମ, ରସର ଶୀର୍ଷ ସ୍ଥାନକୁ ନେଇ ଯାଇଥିଲେ । ଏତେ ସୁଖ ପ୍ରାଚୁର୍ଯ୍ୟ ମଧ୍ୟରେ, ମା ଓ ପତ୍ନୀଙ୍କର ଅତ୍ୟଧିକ ସ୍ନେହ ନଜର ମଧ୍ୟରେ ସତ୍ୟରଞ୍ଜନ ବେଳେ ବେଳେ ଅତିଷ୍ଠ ହୋଇପଡ଼ନ୍ତି । ସେଇ ପର୍ଯ୍ୟାପ୍ତ କୋଳାହଳ ମଧ୍ୟରେ ଏକ ତୀର ମୁନର, ସୂକ୍ଷ୍ମ ନିର୍ଜନତା ତାଙ୍କ ହୃତପିଣ୍ଡକୁ ଅକାରଣେ ଦଂଶନ କରେ । ମନ ଖୋଜେ, ଟିକେ କାନ୍ଦିବା ପାଇଁ ବ୍ୟାକୁଳ ହୁଅନ୍ତି ସତ୍ୟରଞ୍ଜନ । ଇଚ୍ଛାହୁଏ, ନିରାପତ୍ତାର, ସୁଖର, ପ୍ରେମର, ଏହି ସୁବର୍ଣ୍ଣ ଦୁର୍ଗ ଅତିକ୍ରମ କରି ଦୂର୍ ଦୂରକୁ ସେ ଛୁଟିଯାଆନ୍ତେ ମାଟି ଓ ଆକାଶର ମିଳନରେଖା ମଧ୍ୟକୁ । ସେଇଠି ଠିଆ

ହୋଇପଡ଼ନ୍ତି ସତର୍କତାର ସହ, ଜର୍ଜରତାର ମୁନଆ ତାରଟିକୁ ହୃତପିଣ୍ଡରୁ କାଟି, ତନ୍ନ ତନ୍ନ କରି ସେ ସେଥିରୁ ଝରୁଥିବା ଅହେତୁକ କାଳକୁ ବିଶ୍ଳେଷଣ କରନ୍ତି । ଉପଭୋଗ ବି !

କିନ୍ତୁ ସବୁ ସମୟଗୁଡ଼ା ତାଙ୍କ ପାଇଁ ଅତ୍ୟନ୍ତ କୃପଣ । ଅନାସକ୍ତ ଭାବେ, ମୁହୂର୍ତ୍ତିର ଟୁକୁରାଟିଏ ବି ତାଙ୍କୁ ସେଇ ନୀଳ ନଦିର ସ୍ରୋତକୁ ଠେଲି ଦେଇ ପାରେନାହିଁ । ମୁଠା ମୁଠା ଚୂର୍ଣ୍ଣି ଯିବା ପୂର୍ବରୁ ସେ ପୁଣି ହୋଇଯା'ଆନ୍ତି ଅର୍ଥନୀତିର କୋର୍ଟ ପ୍ୟାଣ୍ଟ ପରିହିତ ମଣିଷଟିଏ । ଜୀବନ ବଞ୍ଚନ୍ତି ସେ, ଅନୁଭବନ୍ତି ନାହିଁ ।

ହାତରେ ଚୁରୁଟ୍ଟା ଧରି ସେମିତି ଚାହିଁ ରହିଥିଲେ ସତ୍ୟରଞ୍ଜନ, ହତବାକ୍ ଶୂନ୍ୟ ଦୃଷ୍ଟିରେ ।

ମଥା ଉପରେ ଭାଙ୍ଗି ପଡ଼ୁଚି ସତେକି ମେଘ ମେଦୁର ଥମ ଥମ, ଆକାଶ । ଅକାଶ ଓ ପୃଥିବୀକୁ ଢାଙ୍କି ରଖିଛି ଏକ ବିକଳ ଧୂସରତା । ରାଜଧାନୀର ସେଇ କଳା ସର୍ପିଳ ରାସ୍ତା, ଦୁଇପାଖରେ ଲାଲ୍ ଲାଲ୍ କୃଷ୍ଣଚୂଡ଼ା ଗଛ ସତେ କି କାନ୍ଦ କାନ୍ଦ ଦିଶୁଛି । ଅଦୂରରେ କେଉଁଠି ବର୍ଷା ହେଉଛି କି କ'ଣ ଅଣ୍ଡ୍ରାପବନ ବହୁଛି ଧୀରେ ଧୀରେ ଜ୍ୟୈଷ୍ଠର ଅପରାହ୍ନରେ । ଏଇ ବର୍ଷା ଜାଣ ଭରା ପବନ ଟିକିକ କେତେ ଭଲ ଲାଗୁନାହିଁ !

ସତ୍ୟରଞ୍ଜନ ସମସ୍ତୁଭ ଅର୍ଗଳି ଖୋଲି ଲାଗିଥିଲେ । ସେ ଚଳନ୍ତା ଗାଡ଼ିରୁ ଡେଇଁ ପଡ଼ିବାକୁ ତାଙ୍କର ମନ ହଉଥିଲା । ଆକାଶରେ ମେଘ ଛାଙ୍କିଛି । ପବନରେ କାହାର କାନ୍ଦଣା ଭାସି ଆସୁଛି । କେଉ କେଉ କେଶ ଖୋଲି ଦେଇ ଏଇତ ସେ ଲୋଟିପଡ଼ିବ । କିପରି, କିପରି ସେ ତାକୁ ଜାବୁଡ଼ି ଧରି ପାରିବେ ।

ଡ୍ରାଇଭର ଚତୁର୍ଥ ଥର ପାଇଁ ଆସି ମନେପକାଇ ଦେଲା ବର୍ଷା ଆସୁଛି । ଘରକୁ ଫେରିଯିବାକୁ ହେବ ।

ଥରେ ଡ୍ରାଇଭରକୁ ଚାହିଁ ଆକାଶକୁ ଚାହିଁଲେ ସତ୍ୟରଞ୍ଜନ । ବର୍ଷା ଆସୁଛି । ଆସୁ ନା . । ସେଥିପାଇଁ ସେଇ ସୁନାଇଟାର ଦୁର୍ଗ ମଧ୍ୟକୁ ଫେରିଯିବାର କିଛି ବି ଆବଶ୍ୟକତା ନାହିଁ ।

ଏକଥା କହି ପାରିଲେ ନାହିଁ ସତ୍ୟରଞ୍ଜନ । ବରଂ କହିଲେ ତମେ ଗାଡ଼ି ନେଇଯାଅ । ମୁଁ ଚାଲି ଚାଲି ପଛରେ ଯାଉଛି ।

ଡ୍ରାଇଭର ଥରେ ସତ୍ୟରଞ୍ଜନଙ୍କୁ ଚାହିଁ ଦେଇ ଗାଡ଼ିନେଇ ଫେରିଗଲା ।

ମନଫୁର୍ତ୍ତିରେ ସତ୍ୟରଞ୍ଜନ ରାସ୍ତାକୁ ଓହ୍ଲାଇ ଆସିଲେ, ଏମିତି ସେ କ୍ୱଚିତ୍ ଚାଲି ଚାଲି ଯିବାର ସୁଯୋଗ ପାଆନ୍ତି । ଘରୁ ଗୋଡ଼ କାଢ଼ିଲାମାତ୍ରେ ଗାଡ଼ି ଆଉ ଡ୍ରାଇଭର ଅପେକ୍ଷା କରିଥାଏ । ଓଃ ! କି ବିରକ୍ତିକର । ଆଜି ଚାଲି ଚାଲି ସେ ଫେରିବେ, ନାଃ, ଘରକୁ ନୁହେଁ । ବର୍ଷାର ଏଇ ଝଲକା ମଧ୍ୟକୁ । ବର୍ଷା ଯେଉଁଠି ଅତି ନିବିଡ଼ ଘନିଷ୍ଠ ହୋଇ ଉଠିଛି ସେଇଠି ସେ ନିଜର ସେଇ ସଞ୍ଚିତା ନିର୍ଜନତା ଟିକକ ଅର୍ପଣ କରିଦେବେ ।

ସତ୍ୟରଞ୍ଜନ ରାସ୍ତା ଉପରକୁ ଆସି ପୁଣି ଏକ ସିଗାରେଟ ଲଗାଇଲେ । ତା'ପରେ ଚାଲିବାକୁ ଆରମ୍ଭ କଲେ । ଏଇ କଳା କଳା ସର୍ପିଳ ରାସ୍ତା ମିଶି ହଜିଯାଇଛି ସାମ୍ନାର ଏଇ ଧୂସର ଆକାଶ ମଝିରେ । ତା'ଉପରେ ସହଁଳ ପହଁଳ ବର୍ଷା ଆସିବ । କି ଦୁର୍ବାର ଆକର୍ଷଣ ସତେ ଏଇ ବର୍ଷାର ; ଅଥଚ କାନ୍ଦ ଛଡ଼ା ଆଉ ଯେ କିଛି ବି ଦିଏ ନାହିଁ । ସେଇ କାନ୍ଦ ମଧ୍ୟରେ ନିଜକୁ ଅନୁଭବିବାକୁ ଖାଲି ଇଚ୍ଛା ହୁଏ । ନିଜକୁ ଭଲ ସେ କେବେ ଅନୁଭବିଛନ୍ତି ? କେବେ...? ଆତ୍ମ ନିର୍ବାସନରେ, ସେଇ ଯେ ତରୁଣ ଜଣକେ କେଉଁଦେଶ ଯାଇ ଯୋଗୀ ହୋଇ ହଜିଗଲା, ପୃଥିବୀର ଜନ-ଅରଣ୍ୟ ମଧ୍ୟରେ । ଏମିତି ବର୍ଷା ଆସିଲେ, ବିପୁଳା ପୃଥିବୀ ବିଧବା ନାରୀର ରୂପ ନେଲେ ସେ ଯୋଗୀ କ'ଣ ହୁଏ...?

ସତ୍ୟରଞ୍ଜନ ହଠାତ୍ ଅଟକି ଠିଆ ହୋଇଗଲେ । ଆଶ୍ଚର୍ଯ୍ୟ, କେଉଁ ଯୋଗୀର କଥା ସେ ଭାବୁଚନ୍ତି ? ହଠାତ୍ ଏକଥା ତାଙ୍କ ମନକୁ ଆସିଲା ବା କାହିଁକି ? ଜୀବନରେ କ୍ୱଚିତ୍ ଯୋଗୀ ଜଣକୁ ସେ ଦେଖିଛନ୍ତି । ସେ ବଡ଼ କୋଠାରେ ରହନ୍ତି । କାର୍‌ରେ ଯିବା ଆସିବା କରନ୍ତି । ଯୋଗୀ ସେ କ୍ୱଚିତ୍ ଦେଖିଚନ୍ତି । ଅଥଚ ଆଜି . ଆଜି ରାଜଧାନୀର ଏଇ ଲମ୍ବ ରାସ୍ତାରେ କେହି କେହି ବି ନାହାନ୍ତି । ସବୁ ନିର୍ଜନ ନିସ୍ତବ୍ଧ । ଦୁଇ ପାଖରେ ଧାଡ଼ି ଧାଡ଼ି କୋଠା...ସାମ୍ନାରେ ଖଣ୍ଡଗିରି । ଅଥଚ ସାମ୍ନାରେ ଡଗ ଡଗ ହୋଇ ଚାଲିଚି ଯୋଗୀଟିଏ, ଖଣ୍ଡଗିରି ଆଡ଼େ । ଖଣ୍ଡଗିରି ଚୂଡ଼ାରେ ମେଘସବୁ ଜମାଟ ବାନ୍ଧି ଯାଇଛି । ଖଣ୍ଡଗିରିର ସେଇ ମେଘଛୁଆଁ ଚୂଡ଼ାରେ କି ବର୍ଷା ସବୁଠୁ ବେଶି ନିବିଡ଼, ଏକାନ୍ତ । ଇସ୍, ଆଜିଯାଏ ଏଇ ଗୁଳ୍ମଲତା ଭରା ଖଣ୍ଡଗିରିକୁ ବି ସେ ଦେଖି ପାରି ନ ଥିଲେ । ଏଇ ବାଟେ କେତେଥର ସେ ଯିବା ଆସିବା କରିଚନ୍ତି । ଆଜି ସାମ୍ନାରେ ସେଇ ଖଣ୍ଡଗିରି, ସତ୍ୟରଞ୍ଜନ ନିଠେଇ ଚାହିଁଲେ । ଧୂସର ମେଘର ପଣତ ଢାଙ୍କି ଦେଇଛି ଖଣ୍ଡଗିରିକୁ । ତାଙ୍କର ପଲକ ପଡ଼ିଲା ନାହିଁ । ସାମ୍ନାରେ ସବୁ ଶାନ୍ତ, ନିର୍ଜନ, ଧୂସର, ଅଥଚ ସୁନ୍ଦର । ଖଣ୍ଡଗିରିର ଚୂଡ଼ାରେ କାହା ମଥାର ଧଳା ଓଢ଼ଣା ଉଡ଼ି ଉଡ଼ି ଯାଉଚି ? କି ଆଶ୍ଚର୍ଯ୍ୟ, ସତେ କି ଅପରୂପା ବିଧବା ନାରୀଟିଏ ଅଧ ଅଧ ଆଖିରେ ଚାହିଁ ରହିଛି । ଡଗ ଡଗ ଚାଲୁଥିବା

ଯୋଗୀଟି ଆହୁରି ବେଗରେ ମାଡ଼ିଯାଉଛି ତା' ଆଡ଼କୁ । ସତ୍ୟରଞ୍ଜନଙ୍କ ସାରା ଦେହରେ ରୋମାଞ୍ଚ ଖେଳିଗଲା । ଆଃ, ସେ ଠିକ୍ ଦେଖି ପାରୁଲେ ନାହିଁ, ସେହି ଲଗ୍ନଟା, କିଏ କାହା ଆଲିଙ୍ଗନରେ ହଜିଗଲା ?

ଅନେକ ସମୟ ସ୍ଥିର ହୋଇ ରହିଗଲେ ସତ୍ୟରଞ୍ଜନ ସ୍ଥାଣୁ ପରି । ହଠାତ୍ କେତେବେଳେକେ ସେଇ ଜମାଟବନ୍ଧା ନୀରବତାରେ ବିସ୍ଫୋରଣ ଘଟିଲା । ସେ ଯେମିତି ଛିଟିକି ପଡ଼ି ଠିଆ ହୋଇଗଲେ ନିଜର ସେହି ଦୁଇପାଦ ଭୂମି ଉପରେ । କି ଆଶ୍ଚର୍ଯ୍ୟ । ଖଣ୍ଡଗିରି ନୁହେଁ, ସେ ଚାଲି ଚାଲି ଠିକ୍ ନିଜର ଘରକୁ ହିଁ ଆସିଛନ୍ତି, ଓ ବଗିଚାର ଶେଷ ପ୍ରାନ୍ତରେ, ଯେଉଁଠି ଅନେକ ଅନାବାଦୀ ଜମି ଓ ପଡ଼ିଆ ଆରମ୍ଭ ହୋଇଛି । ସେହି ଟାଙ୍ଗର ଭୂମିକୁ ହାଁ କରି ଚାହିଁ ରହିଛନ୍ତି । ପାଖରେ ତାଙ୍କରି ସହଧର୍ମିଣୀ କାଦମ୍ବିନୀ ଠିଆ ହୋଇଛି ହସ ହସ ମୁହଁରେ ।

.. "ଏଠି ଏମିତି ସେତେବେଳୁ ଠିଆ ହୋଇଛ ଯେ ହେଉଛ, ବର୍ଷା ପଡ଼ିଲାଣି । ସର୍ଦ୍ଦି ହେବ ନାହିଁ ? ଘରକୁ ଆସ ।"

କାଦମ୍ବିନୀ ବାହୁ ଧରି ଟାଣି ଟାଣି ନେଲା । ସତ୍ୟରଞ୍ଜନ ସେହି ଆକର୍ଷଣରେ ସମ୍ପୂର୍ଣ୍ଣ ପ୍ରକୃତିସ୍ଥ ହେଲେ । ଏକ ମଧୁର ସ୍ୱପ୍ନ ଯେମିତି ହଠାତ ଭାଙ୍ଗିଗଲା । ଅଥଚ ସେହି ସ୍ୱପ୍ନର ଭଗ୍ନାବଶେଷ ସବୁ ମନରେ ଜମା ହୋଇ ରହିଛି । ସେ ଜଳ ଜଳ କରି ଚାହିଁ ଥିଲେ କାଦମ୍ବିନୀଙ୍କୁ । ସେଇ ସୁନାଇଟାର ଦୁର୍ଗ ଭିତରକୁ ଟାଣି ଟାଣି ନଉଚି ଏଇ ମାୟାବୀ ନାରୀ । ଏମିତି ସେ ଜୀବନସାରା ଟାଣି ହେଇ ଯାଇଛନ୍ତି, ଅନାସକ୍ତ ଗଙ୍ଗଶିଉଳି ଗଛମୂଳରୁ ସେହି ହେନାର ଅରଣ୍ୟ ମଧ୍ୟକୁ ।

କାଦମ୍ବିନୀର ବା' ଦୋଷ କ'ଣ ? ଜୀବନ କହିଲେ ସେ ବୁଝେ ନାଚି ନାଚି ହସି ହସି ଫାଟିପଡ଼ିବା । ରଙ୍ଗବୋଳି ରଙ୍ଗୀନ ହେବା । ଐଶ୍ୱର୍ଯ୍ୟ ଓ ପ୍ରାଚୁର୍ଯ୍ୟ ମଧ୍ୟରେ ଜୀବନକୁ ଢାଳି ଢାଳି ଉପଭୋଗ କରିଯିବା ତା'ର ଏକ ଅଦମ୍ୟ ନିଶା । ଏ ନିଶା ଦୁରନ୍ତ ହୋଇଛି, ଘନିଷ୍ଠ ହୋଇଛି ସିନା ଭାଙ୍ଗି ନାହିଁ, ଛୁଟିନାହିଁ, କାହିଁକି ନା ନିଶା ଭାଙ୍ଗିଗଲା ଭଳି ଅସମୟ ତା'ର କେବେ ଆସିନାହିଁ । ଦୃଷ୍ଟିଭରି ହାତ ଭରି, ପ୍ରାଣଭରି, ସେ ପୃଥିବୀରୁ ରସ ଶୋଷି ନେଇଛି, ତା'ର ନେବାର ଦକ୍ଷତା ବଳରେ । ସେଥିପାଇଁ ସେ ଗରବିଣୀ । ସେ କେଉଁଠି ଅଟକି ନାହିଁ, ସେ ହାରି ନାହିଁ ।

କାଦମ୍ବିନୀ ଟାଣି ଟାଣି ନେଲା ସେଇ ଅନ୍ତଃପୁରକୁ । ଯେଉଁଠି ନିଜର କୁଶଳୀ ହାତର ସ୍ପର୍ଶରେ କୋଠରୀଟି ଚକ୍ ଚକ୍ ଓ ପରିପାଟୀ ମଣ୍ଡିତ । ସବୁଦିନ ପରି ସେ ବେକରୁ ଟାଇ ଖୋଲିଦେଲା । କୋଟ୍ କାଢ଼ିନେଲା । ଝରକାପାଖ ଇଜି ଚେଆରରେ

କ୍ଳାନ୍ତ ଦେହକୁ ଟାଳି ଦେଇ, ଅଳସ ଭାଙ୍ଗିଲେ ସତ୍ୟରଞ୍ଜନ । ତା'ପରେ କାଦମ୍ବିନୀ ଝୁଙ୍କି ପଡ଼ିଲା ତାଙ୍କ ମୁହଁ ଉପରକୁ । ଅଲଗାବାଳ କେତେ କେରା କପାଳରୁ ଉଠାଇ ଦାନ୍ତ ଦାନ୍ତ କହିଲା ଗାଡ଼ି ଫେରାଇ ଦେଇ ଏମିତି ଢୁଲି ଢୁଲି ଆସିଲ ଯେ···କ'ଣ ହେଲା କି ?

ମୁହଁ ଉପରେ ଝୁଲି ପଡ଼ିଛି କାଦମ୍ବିନୀର ମୁହଁ । ପାନପତ୍ର ପରି ସୁନ୍ଦର କମନୀୟ ମୁହଁ. ଓଃ ଏ ମୁହଁଟା ଏତେ ବେଶୀ ଗୋରା କାହିଁକି ? ସେ ଗୋରା ମୁହଁରେ ପୁଣି ଏତେ ବଡ଼ ସିନ୍ଦୂରଟୋପା । କାଦମ୍ବିନୀର ନିଃଶ୍ୱାସ ମୁହଁରେ ବାଜୁଛି । ସେଇ ସିନ୍ଦୂର ଟୋପାଟା ସତେକି ଏକ ଅସହ୍ୟ ଭ୍ରୂକୁଟୀ ପରି ତାଙ୍କ ଉପରେ ଅଙ୍କା ହୋଇ ପଡ଼ିଛି । ସତ୍ୟରଞ୍ଜନଙ୍କ ସାରା ଦେହ ଶୀତ୍କାରି ଉଠିଲା । କେଜାଣି କାହିଁକି କାଦମ୍ବିନୀର ଏଇ ସିନ୍ଦୂର ଟୋପାକୁ ଆଦୌ ସହ୍ୟ କରି ପାରନ୍ତି ନାହିଁ ସତ୍ୟରଞ୍ଜନ । ବେଳେବେଳେ ସେଇ ମୁହଁଟାର ଘନିଷ୍ଠ ହୋଇଗଲାବେଳେ, ଭୟରେ ଘୃଣାରେ ନିଶ୍ୱାସ ବନ୍ଦ କରି ସେ ଆଖି ବୁଜିଦିଅନ୍ତି । ସେଇ ସିନ୍ଦୂର ଟୋପାଟା ଜଳନ୍ତ ସୂର୍ଯ୍ୟ ପରି ତାଙ୍କ ସାମ୍ନାରେ ଝୁଲୁଛି—ସେ କାପୁରୁଷ ଭଳି, ଆଖି ବୁଜି ମୁହଁ ବୁଲାଇ ନେଲେ ।

କାଦମ୍ବିନୀ ଆଶ୍ଚର୍ଯ୍ୟ ଭାବେ ଥରେ ସ୍ୱାମୀଙ୍କୁ ଚାହିଁଲା । ତା' ପରେ ଉଠି ଯାଇ ଫ୍ୟାନଟା ଖୋଲିଦେଲା ।

ଦୀର୍ଘ ଶ୍ୱାସ ଟାଣି ପୁଣି ଆଖି ଖୋଲିଲେ ସତ୍ୟରଞ୍ଜନ । କାଦମ୍ବିନୀ ଏତେ ମୋଟା ହୋଇ ଯାଉଛି କାହିଁକି ? ଦେହଟା ତା'ର କେତେ ଗୋରା ଓ ନରମ । ସେଇ ଦେହକୁ ସଜାଇ ରଖିବାରେ ତା'ର ପ୍ରଗାଢ଼ ଯତ୍ନ । ମେଞ୍ଚା ମେଞ୍ଚା ଫେଣି ପିନ୍ଧିବାରେ ତା'ର ଅଶେଷ ସୁଖ । ଖୁବ୍ ଗାଢ଼ ରଙ୍ଗର ଶାଢ଼ୀ ତା'ର ପସନ୍ଦ । ଦିନକୁ ଘଣ୍ଟା ଘଣ୍ଟା ଶାଢ଼ୀ ଗହଣା ବଦଳାଇ ମଞ୍ଚ ଅଭିନେତ୍ରୀ ପରି ନିଜକୁ ଟିପ୍‌ଟପ୍ ରଖିବା ବିଳାସ ତା'ର । ସତ୍ୟରଞ୍ଜନ ଜାଣନ୍ତି, କାଦମ୍ବିନୀ ସୁନ୍ଦରୀ ଓ ସେଇ ସୌନ୍ଦର୍ଯ୍ୟକୁ ଅତୁଟ ରଖିବାରେ ପ୍ରୟାସ ଅପରିସୀମ । କିନ୍ତୁ ଏସବୁ ଭିତରେ ସତ୍ୟରଞ୍ଜନ ବରାବର ଅତିଷ୍ଠ ହୋଇପଡ଼ନ୍ତି । କାଦମ୍ବିନୀର ଗାଢ଼ ସିନ୍ଦୂର ଟୋପା ପରି, ଗାଢ଼ ରଙ୍ଗର ଶାଢ଼ୀ ବି ତାଙ୍କର ଅସହ୍ୟ ହୋଇ ଉଠେ; କିନ୍ତୁ ସେ କିଛି କହି ପାରନ୍ତି ନାହିଁ । ବେଳେ ବେଳେ ଅସହାୟ ଭାବେ ଖାଲି ଭାବନ୍ତି, କାଦମ୍ବିନୀ ଯଦି ବୋଉ ପରି ସଦା ଥାନ ଲୁଗାଟିଏ ପିନ୍ଧି ତାଙ୍କ ସାମ୍ନାରେ ଠିଆ ହୁଅନ୍ତା ? ଓଃ, କି ସୁନ୍ଦର ସେ ନ ଦିଶନ୍ତା ? ଅନେକ ସମୟରେ ଏଇ ଅସହାୟ ଇଚ୍ଛାଟିକୁ ସେ ମନ ମଧ୍ୟରେ ଲାଳନ କରନ୍ତି । ଲାଳନ କରିବାରେ ସୁଖ ପାଆନ୍ତି ।

ସତ୍ୟରଞ୍ଜନଙ୍କ କପାଳ ଉପରେ ହାତ ବୁଲାଇ ଆସ୍ତେ ଆସ୍ତେ କାଦମ୍ବିନୀ କହିଲା କ'ଣ ହୋଇଚ ଆଜି ? ଏମିତି ମନ ମାରି ବସିଛ ? ?

ସତ୍ୟରଞ୍ଜନ ଆଖି ଖୋଲିଲେ .. । ମଥା ଉପରେ ନଇଁ ପଡ଼ିଛି କାଦମ୍ବିନୀର ସେଇ ସିନ୍ଦୂର ଟୋପା । ସେଇ ମେଞ୍ଚା ମେଞ୍ଚା କେଶ । ଗାଢ଼ ରଙ୍ଗ ଶାଢ଼ୀ । ସେ ହଠାତ୍ କହିଲେ...ବୋଉ... ? କାଦମ୍ବିନୀର ମନର ସରାଗ ଝାଉଁଳି ଗଲା; କିନ୍ତୁ ସେଇ ଝାଉଁଳା ଯିବାର ଧୂସରତା ଟିକକ ସେ ମୁହଁ ଉପରକୁ ଆଣିଲା ନାହିଁ । ପ୍ରତି-ଦିନ ହିଁ ଗାଡ଼ି ଶବ୍ଦ ଶୁଣି ଶୁଣି ଶାଶୂ ପୁଅକୁ ପାଛୋଟି ନେବାକୁ ଧାଇଁ ଆସନ୍ତି । ସତ୍ୟରଞ୍ଜନଙ୍କ ଅଫିସ ଫେରନ୍ତା ଶୁଖିଲା ମୁହଁ ଉପରେ ଝୁଲି ପଡ଼ିଥିବା କେତେଏ କେଶ, ଯାହାକୁ ସାଉଁଟି ନେବାକୁ କାଦମ୍ବିନୀର ହାତ ଉଠି ଯାଉଥାଏ; ତା' ପୂର୍ବରୁ ସେତିକ ଶାଶୂ କରି ଦିଅନ୍ତି । ଶାଶୁଙ୍କର ମନ ତୃପ୍ତ ହେଲାଯାଏ ପୁଅକୁ ସାନ୍ନିଧ ହେଲା ପରେ ହିଁ ଅଫିସ ଫେରନ୍ତା ସତ୍ୟରଞ୍ଜନ କାଦମ୍ବିନୀର ଅନ୍ତଃପୁରକୁ ଆସିଥାନ୍ତି । ଆଜି ଗୋଟାଏ ଦିନ ଶାଶୁ ସତ୍ୟରଞ୍ଜନଙ୍କ ଆସିବା ବେଳକୁ ଉପସ୍ଥିତ ନାହାନ୍ତି ବୋଲି, ସତ୍ୟରଞ୍ଜନ ଏତେ ଖୋଜନ୍ତି ତାଙ୍କୁ... ? କାଦମ୍ବିନୀ ମୁହଁ ମୋଡ଼ିଲା । ହୁଁ ଏତେ ଦିଅନ୍ତି ମା ? ମୋଠୁଁ ବେଶି... ? ଅକୃତଜ୍ଞ । ଏକ ରକମ୍ ମୁଁ ଯେ ତମକୁ ମଣିଷ କରି ରଖିଚ, ନଚେତ୍ ତମେ ତ ଏକ ଯନ୍ତ୍ର । ଏକ... ।

କାଦମ୍ବିନୀର ମୁହଁରେ ଗର୍ବର ହସ ଫୁଟିଉଠିଲା । ସେଇ ଚେର୍ବାଣୀ ଦୃଷ୍ଟିରେ, ସ୍ୱାମୀଙ୍କୁ ଚାହିଁଲା ବେଳେ, ପୁଣି କହିଲେ ସେ ବୋଉ କାହିଁ ?

...ବୋଉ ମୁଢ଼ି ଭାଜୁଚନ୍ତି ତମେ ବର୍ଷା ପାଗରେ ମୁଢ଼ି ଭଲ ପାଅ ନାଁ... ? ବୋଉଙ୍କୁ ଡାକିବି ?

ନାଃ...ଥାଉ... ।

ସତ୍ୟରଞ୍ଜନ ନିଜ ଭିତରେ ବୁଡ଼ି ଯିବାକୁ ଚେଷ୍ଟା କଲେ । ତା' ପରେ ହଠାତ୍ କାଦମ୍ବିନୀର ବାହୁକୁ ଭିଡ଼ି ଧରି ପଚାରିଲେ ଆଚ୍ଛା କାଦ, ତମେ ମତେ ପାଇଛ ?

କ'ଣ ହେଲା... ? କାଦମ୍ବିନୀ ଆଶ୍ଚର୍ଯ୍ୟ ହୋଇ ପଚାରିଲା ।

ତମେ...ତମେ...ମୋତେ ପାଇଛ... ?

'ଓଃ, କାଦମ୍ବିନୀ ହସି ହସି ଲୋଟିପଡ଼ିଲା । ତା'ର ସେହି ବେପରୁଆ ହସ କାଚ ବାସନ ପରି ଝଣ ଝଣ ହୋଇ ସତେକି ଘରସାରା ବୁଣିଗଲା । ସେମିତି ହସି ହସି ବେଦମ ହେଲା ପରେ ସେ କହିଲା··· । ସେ ଗୋଟେ ପ୍ରଶ୍ନ ନା ! ସେ

ସତ୍ୟରଞ୍ଜନଙ୍କ ନାକଟକୁ ମୋଡ଼ି ଦେଇ ଗେହ୍ଲେଇ ହୋଇ କହିଲା, ତମକୁ ମୁଁ ପାଇନି, ମୋଠୁ ବେଶି ପାଇଚନ୍ତି ତମ ମା ?? ହୁଁ ମୁଁ ବୋକୀ ନୁହେଁ, ବାଲୁଙ୍ଗୀ ବି ନୁହେଁ—ମୁଁ ଯେ ତମକୁ ଏକାବେଳେକେ ଶାଢ଼ି ପଣତରେ ଗଣ୍ଠି ପକାଇ ରଖିଛି, ଏ କଥା ତ ଦୁନିଆ ସାରା ଡିବ ଡିବ ବାଜୁଛି ।

ନିର୍ଲୋଭ ଦୃଷ୍ଟିରେ, ସତ୍ୟରଞ୍ଜନ କାଦମ୍ବିନୀକୁ ଚାହିଁ ରହିଥିଲେ । ନିର୍ବୋଧ ନାରୀ ! କେତେ ଟିକିକରେ ସନ୍ତୁଷ୍ଟ ହୋଇ ରହିଯାଉଛି । ସେତିକି ପାରୁନାହାନ୍ତି ବୋଲି ସିନା ତାଙ୍କର ଏତେ ଅଶାନ୍ତି ।

ସତ୍ୟରଞ୍ଜନଙ୍କର ଗଭୀର ଦୃଷ୍ଟି, କାଦମ୍ବିନୀର ମୁହଁ ଭେଦ କରି କେତେଦୂରରେ ହଜିଥିଲା କେଜାଣି; କାଦମ୍ବିନୀ କିନ୍ତୁ ଭାବୁଥିଲା, ସ୍ୱାମୀଙ୍କର ଦୃଷ୍ଟି ତା'ର ମୁଖର ସୌନ୍ଦର୍ଯ୍ୟ ଉପରେ ହିଁ ନ୍ୟସ୍ତ ।

ରାତି ବଢ଼ି ଚାଲିଥିଲା । ଯଥାରୀତି ସ୍ତ୍ରୀ ଓ ପିଲାଙ୍କ ଗହଣରେ ସତ୍ୟରଞ୍ଜନ ରାତି ଭୋଜନ ଶେଷ କରିଥିଲେ । ଖାଇବାବେଳେ ବେଶ୍ ଘରୋଇ ଆଲାପ କିଛି ସମୟ ଧରି ହୋଇଥିଲା । ସତ୍ୟରଞ୍ଜନ ଯେ ସାରାଦିନ ଅନ୍ୟମନସ୍କ ଥିଲେ, ଏହି ଅନ୍ୟମନସ୍କତା ଟିକିକ ଧୀରେ ଧୀରେ ଏକ ଅବୁଝା ଆକୁଳତାରେ ପରିଣତ ହୋଇଥିଲା । ତାଙ୍କର ମନେ ହୋଇଥିଲା, ରାତିର ନିର୍ଜନ ମୁହୂର୍ତ୍ତରେ, ଥରେ ସେହି ଶାଢ଼ୀ ଗହଣାର ପ୍ରାଚୁର୍ଯ୍ୟ ଭିତରୁ ମୁକ୍ତ ହୋଇ ଆସି ଯଦି କାଦମ୍ବିନୀ ତାଙ୍କୁ ସମ୍ପୂର୍ଣ୍ଣ ପୃଥକ ଭାଷାରେ ଏକ ପ୍ରଶ୍ନ କରନ୍ତା...ତେବେ...ତେବେ... । କିନ୍ତୁ ସେ ଦେଖିଲେ, ଖାଇବା ପରେ ସବୁଦିନ ପରି କାଦମ୍ବିନୀ ଶାଢ଼ୀ ପାଲଟି ଡ୍ରେସିଂ ଟେବୁଲ ସାମ୍ନାରେ, ପ୍ରସାଧନ ପାଇଁ ବସି ରହିଲା । କେଶ ଖୋଲି ପାନିଆ ଚଳେଇଲା ଓ ମୁହଁରେ ନାନା ରଙ୍ଗର ପ୍ରଲେପ ଦେଲା । ସିଗାରେଟ୍‌ଟା ଜୋରରେ ଫିଙ୍ଗି ଦେଇ, ସତ୍ୟରଞ୍ଜନ ସେ ଘର ଛାଡ଼ି ପିଣ୍ଡାକୁ ଚାଲିଆସିଲେ । ନିର୍ଜନ, ଅନ୍ଧାର ବାରଣ୍ଡା । ସାମ୍ନାରେ ସେଇ ଟାଙ୍ଗରା ଭୂଇଁ । ସବୁଠି ଅନ୍ଧାର ନେସି ହୋଇ ରହିଛି । ଏତେ ଅନ୍ଧାରରେ ଦେଖାଯାଉନାହିଁରେ ଖଣ୍ଡଗିରି । ଯେଉଁ ଖଣ୍ଡଗିରିକୁ ଚାହିଁ ତାଙ୍କ ସାରା ଚେତନାରେ ଏକ ଖାଁ ଖାଁ ଭାବ ମାଡ଼ି ଆସିଥିଲା । ସେହି ଖଣ୍ଡଗିରିରେ କି ବିଚିତ୍ର ଦୃଶ୍ୟ ସେ ନ ଦେଖିଲେ... ? ସେ ଠିକ୍ ଜାଣନ୍ତି ନାହିଁ କେବେ କିଏ ଯୋଗୀ ହୋଇ ଯାଇଥିଲା । କିନ୍ତୁ ସେ ଠିକ୍ ଦେଖିଚନ୍ତି ଯୋଗୀଟା ବିଧବା ନାରୀର ଆଲିଙ୍ଗନରେ ହଜିଗଲା । ସେହି ମଧୁରତମ ଦୃଶ୍ୟଟି ମନର ଲେନ୍ସରେ ରହି ଯାଇଛି । ଏଇ ଅନ୍ଧାରରେ ଠିଆ ହୋଇ ସେ କ'ଣ ଖୋଜୁଚନ୍ତି ? କାହାକୁ ? ସେହି ବିଧବା ନାରୀ ନାଁ ସେ ଯୋଗୀକୁ ?

ସତ୍ୟରଞ୍ଜନ କେବା କେବା କେଣ ଟାଣି ଲାଗିଲା । ଅସ୍ଥିର ଭାବେ ବାରଣ୍ଡାରେ ପଦଚାରଣା କଲେ ଏ ପାଖରୁ ସେପାଖ; ପୁଣି ସେ ପାଖରୁ ଏପାଖ । କିଛି ଭଲ

ଲାଗୁନାହିଁ । ଅଥଚ କଣ ଭଲ ଲାଗିବ, ତା ସେ ଜାଣନ୍ତି ନାହିଁ । କିନ୍ତୁ ତ ଭାବେ ବ୍ୟାକୁଳତାରେ ସେ ଛଟପଟ ହେଉଚନ୍ତି । ଅଥଚ ସେ ଜାଣନ୍ତି ନାହିଁ, ତାଙ୍କର ଲକ୍ଷ୍ୟ ଓ ସାମ୍ପୂର୍ଣ୍ୟ କଣ ?

ହଠାତ୍ ସତ୍ୟରଞ୍ଜନଙ୍କ ଆଖିରେ ପଡ଼ିଲା, ବୋଉର କୋଠରୀ ଏବେ ବି ଖୋଲା ଅଛି । ବାରଣ୍ଡାର ଶେଷରେ ବୋଉର କୋଠରୀ ଘର ମେଲା ଅଛି । ଆଲୁଅ ଜଳୁଛି । ସତ୍ୟରଞ୍ଜନ ହଠାତ୍ ମାଆଙ୍କ ରୁମ୍ ଆଡ଼େ ଆଗେଇଲେ । ଦେଖିଲେ ଘରର ମଝି ଚଟାଣରେ ବୋଉ ଗୋଡ଼ ଲମ୍ବେଇ ବସିଛି । ପାନ ଡାଲା ମେଲି ପାନ ଭାଙ୍ଗୁଛି । ପିଠିରୁ ଲୁଗା ଖସି ପଡ଼ିଛି । ବୋଉର ଫାଳେ ପିଠି ଖୋଲା । ବୋଉ ତାଙ୍କଠୁ ମାତ୍ର ସତର ବର୍ଷ ବଡ଼ । ବୋଉର ବାଳ ଏବେ ବି ପାଚି ନାହିଁ । ବୋଉର ନଙ୍ଗଳା ବେକରେ ଦୁଇସରିଆ ତୁଳସୀ ମାଳି କେତେ ଭଲ ଦିଶୁଛି । ବୋଉ ତାଙ୍କର କେତେ ସୁନ୍ଦର, କେତେ ଭଲ । ବୋଉର ଏ ରୁମ୍‌ଟା ବି । ସାଦା ଖଟଟିଏରେ ସପଟିଏ ପଡ଼ିଛି । ଏ ପାଖରେ ବୋଉର ପୁରାଣ, ପୋଥି । ବୋଉର ଯେ ସବୁ ହିଁ ଭଲ ।

ସତ୍ୟରଞ୍ଜନ ବୋଉ ପାଖରେ ଚକ୍‌କା ପକାଇ ବସି ପଡ଼ିଲେ । ବୋଉ ତାଙ୍କୁ ଦେଖି ହସି କହିଲେ.. ପାନ ଖାଇବୁ କି ବାବୁ ? ଏଇନେ, ସାଦା ପାନଟି ପିପରମେଣ୍ଟ ଦେଇଛି ।

ବୋଉ ହାତରୁ ପାନ ନେଇ ମନଖୁସିରେ ଚୋବେଇ ଲାଗିଲେ ସତ୍ୟରଞ୍ଜନ । ପାନଟା ବି ଖୁବ୍ ଭଲ ଲାଗୁଚି । ସେ ପାନ ଚୋବୋଉ ଚୋବୋଉ ଘର ସାରା ଦୃଷ୍ଟି ଫେଲେଇଲେ । ଏ ରୁମ୍‌ଟା କେତେ ଭଲ । କାନ୍ଥ ସବୁ ଧଳା । ସବୁ ସ୍ୱଚ୍ଛ, ନିର୍ମଳ । ଏଠି କାଦମ୍ବିନୀର କୌଣସି ରକମର ଗାଢ଼ ରଙ୍ଗ ନାହିଁ, କି ମ୍ ସେଣ୍ଟ ନାହିଁ । ଅଥଚ ଏଠି ସବୁ ଅଛି । ଯାହା ଆପଣାର, ଏକାନ୍ତ ଅପଣାର ।

କାଦମ୍ବିନୀର ଶୟନକକ୍ଷର ପର୍ଦ୍ଦା କୁଞ୍ଚିତ ହେଲା । ଦେହବା କେଶକୁ ପିଠି ସାରା ଖୋଲି ଦେଇ ସ୍ୱାମୀଙ୍କ ସନ୍ଧାନ ନେବାକୁ ଆସି କାଦମ୍ବିନୀ ଦେଖି ପାରିଲା, ସତ୍ୟରଞ୍ଜନ ବୋଉଙ୍କ ପାଖରେ ବସି ପାନ ଖାଉଛନ୍ତି ଓ ଆଳାପ କରୁଛନ୍ତି । କାଦମ୍ବିନୀ ଏଥର ସ୍ଲିପର ଘୋଷାରି ଘୋଷାରି ବାରଣ୍ଡାର ଲାଇଟ୍ ଜଳେଇ ଦେବା ବାହାନାରେ, ବାରଣ୍ଡାରେ ପରସ୍ତେ ବୁଲିଗଲା । ସ୍ଲିପରର ଶବ୍ଦ ଅପେକ୍ଷା ବେଶି ଶବ୍ଦ ଥିଲା ତା' ଗୋଡ଼ର ପାଉଁଜ ଓ ହାତର କଙ୍କଣ । ମା ଓ ପୁଅ ଉଭୟେ ତାଙ୍କୁ ଦେଖି ଗୃହିଣୀ କ୍ଷଣି ହିଁ, ସେ ଉଦ୍ଧତ ଭଙ୍ଗୀରେ ବୁଲି ପଡ଼ି ଚାଲିଗଲେ । ସତେ ବା କହି ଦେଇ ଗଲା "ମୁଁ ପରୁଆ କରେନା ।" କାଇଁକି ନାଁ, ମୁଁ ତୁମକୁ ତାଙ୍କଠୁ ବେଶି ବେଶି ନିଗାଡ଼ି ନେଇପାରେ ।

କାଦମ୍ବିନୀ ଚାଲିଗଲା ପରେ, ସତ୍ୟରଞ୍ଜନଙ୍କ ବୋଉ ପାଙ୍କୁଆଲି ଗୋଟାଇ ରଖିଲେ । କହିଲେ—ରାତି କେତେ ହେଲାଣି... ତୁ ଏଥର ଶୋଇବୁ ଯା'...

ଶ୍ରେଷ୍ଠ ପିଲାଟି ପରି ବୋଉର ବାହୁକୁ ଜଡ଼ାଇ ଧରି କହିଲେ ସତ୍ୟରଞ୍ଜନ, ବୋଉ, ମୁଁ ଏଇଠି ତୋର ପାଖେ ଶୋଇବି । ମୁଁ ଯେ କେତେ ଦିନୁ ତୋ' ପାଖେ ଶୋଇ ନା'ହିଁ । ବୋଉଙ୍କ ପାଖେ ସତେବା' ହାଫପ୍ୟାଣ୍ଟ ପିନ୍ଧା ପିଲାଟିଏ ଠିଆ ହୋଇଥିଲା ।

ସତ୍ୟରଞ୍ଜନଙ୍କ କପାଳ ଆଉଁଷି ଦେଇ ବୋଉ କହିଲେ ଏଠି ତୁ ଶୋଇବୁ କେମିତି ବାବୁ ? ଏଠି ଯେ ଗନ୍ଧ ନାହିଁ, ଭଲ ବିଛଣା ନାହିଁ । ଦେଖୁନୁ ତୋ' ଗେହ୍ଲାପୁଅ କେମିତି ଗପ ଶୁଣିବ ବୋଲି ଜିଦ୍ ଧରି ଏଠି ଶୋଇଛି । ଯା, ବାପ, ଯା, ରାତି ବଢ଼ିଲାଣି । ବୋହୂଟା ଡରିବ ଯେ ।

ସତେ ବା' କାଦମ୍ବିନୀ ନୂଆ ବାହା ହୋଇ ଆସିଛି ସତର ବର୍ଷର ଝିଅଟିଏ । ତେଣୁ ଏକା ରହିବାକୁ ଡରିବ । ଏମିତି କହି କହି ବୋଉ ସତ୍ୟରଞ୍ଜନଙ୍କୁ ଆଣି ତାଙ୍କ ଶୋଇଲା ଘର ଦୁଆରେ ଛାଡ଼ି ଦେଲେ । ତାଙ୍କର ଛାତି ଗର୍ବରେ ଫୁଲି ଉଠୁଥିଲା ପୁଅଟା ତାଙ୍କୁ କେତେ ଭଲପାଏ । କେତେ ବେଶି । ବୋହୂକୁ ବାହା'କରି ବି ସେ ପୁଅକୁ ହରାଇ ନାହାନ୍ତି । ତାଙ୍କ ପୁଅ ତାଙ୍କର—କିନ୍ତୁ ସେ ସ୍ୱାର୍ଥପର ନୁହନ୍ତି । ପୁଅ ତା' ରୁମ୍‌କୁ ଯାଉ । ବୋହୂ ଜାଣୁ, ସେ ଡରିବ ବୋଲି ମୁଁ ତାକୁ ଆଣି ଛାଡ଼ି ଦେଇ ଯାଉଛି । ସତ୍ୟରଞ୍ଜନଙ୍କ ବୋଉ ଚାଲିଗଲେ ଓ ନିଜ କୋଠରୀର ଦୁଆର କିଳି ଦେଲେ ।

ସେଇ ଅନ୍ଧାରଭରା ବାରଣ୍ଡାରେ ମୂକ ପରି ଠିଆ ହୋଇ ରହିଲେ ସତ୍ୟରଞ୍ଜନ । ତାଙ୍କ ମୁହଁ ଉପରେ ବନ୍ଦ ହୋଇଗଲା ବୋଉ ଘରର ଦୁଆର । ଉଃ, ଏ ସଂସାରରେ ସମସ୍ତେ କ'ଣ ଏତେ ନିଷ୍ଠୁର ? ସମସ୍ତେ ତାଙ୍କୁ ଏମିତି ନିଷ୍ପେଷିତ କରିଯିବେ. ନିଜ ନିଜ ଖିଆଲ୍ ଓ ରଙ୍ଗରେ ସେ ନିଦାରୁଣ, ନିର୍ମମ ଭାବରେ ବନ୍ଦୀ । ଟିଂଲ କଣ୍ଢେଇ । ହଠାତ୍ ତାଙ୍କ ମନ ଭିତରେ ଏକ ଅସହାୟ ବାଳକ କାନ୍ଦି ଉଠିଲା । ଇଚ୍ଛାହେଲା, ସେ ଧାଇଁ ଧାଇଁ କୁଆଡ଼େ ଚାଲିଯିବେ, କେହି ଠାବ କରି ନ ପାରିଲା ଭଳି ଅପହଞ୍ଚ ଜାଗା କିକଟରେ ଠିଆ ହୋଇଯିବେ ଓ ତାର ସବୁ ଶକ୍ତି ଖଟାଇ ସେଇ ସର୍ବାନ୍ତ, ସବୁଠୁ ଆନ୍ତରିକ ଶବ୍ଦପଟି ଉଚ୍ଚାରଣ କରିବ ଯେ "ହେଇ ମୁଁ ଚାଲି ଆସିଛି, ତମେ କେଉଁଠି ? ଥରେ ମାତ୍ର ଦେଖାଦିଅ ଓ କୋଳକୁ ଟାଣିନିଅ । ମୁଁ ଯେ ଆଉ ନିଜକୁ ବହନ କରି ପାରୁନାହିଁ ।"

ଅନ୍ତରର ଏହି ଅନୁଚ୍ଚାରିତ ସଲାପଟି ତାଙ୍କ ଦେହ ମନରେ କଠିନ କାରୁଣ୍ୟର ଏକ ଗ୍ରୀଷ୍ମାପ ତ କଲା ମାତ୍ର । ଟଳି ଟଳି ସେ ଘରକୁ ଆସିଲେ, ବାଲିକୁ ଗଲା ପରି, ଓ ଖଟ ପାଖରେ ଅବ୍‌କା ହୋଇ ଠିଆ ହୋଇ ରହିଲେ ।

ଘର ସାରା ହାଲୁକା ସୁଗନ୍ଧ ସ୍ପ୍ରେ କରିଛି କାଦମ୍ବିନୀ । ହାଲୁକା ସବୁଜ-ରଙ୍ଗର ଆଲୋକଟା ଜଳି ରହିଛି, ଜାଗ୍ରତ ଏକ ସ୍ୱପ୍ନର ସୌଦାଗରେ ପରି ! ଖଟ ଉପରେ ଚିତ୍ ହୋଇ ଶୋଇଛି କାଦମ୍ବିନୀ । ବେପରୁଆ, ଉଦ୍ଧତ ଓ ଗର୍ବିଣୀ ଭଙ୍ଗୀରେ । ପବନରେ ଉଡ଼ୁଛି ଶାଢ଼ୀର ଅଞ୍ଚଳ, ମଥାର କେଶ । ଗର୍ବିଣୀ ରାଜକନ୍ୟା ଶୋଇଛି । ମଥାରେ ଦାଉ ଦାଉ ଜଳୁଛି ସେହି ସିନ୍ଦୂର ଟୋପା । ଦେହରେ ସୁନାଗହଣାର ଝିଲମିଲି । ସତ୍ୟରଞ୍ଜନଙ୍କ ଦୃଷ୍ଟି ଝଲସି ଗଲା ! ହଠାତ୍ ତାଙ୍କର ମନେହେଲା, ଏଇ ନାଟକୀୟ ସେ ଖାଲି ପନ୍ଦର ବର୍ଷ ଧରି ଧର୍ଷଣ କରି ଆସିଛନ୍ତି । ଦିନେ ବି ପ୍ରେମ କରି ନାହାନ୍ତି । ନାଃ—ଦିନେ ବି ନୁହଁ ।

ପ୍ରଚଣ୍ଡ ଏକ ଘୃଣାରେ ହାତ ମୁଠା ମୁଠା କରି ଦୂରକୁ ଘୁଞ୍ଚିଗଲେ ସତ୍ୟରଞ୍ଜନ । ଆପାଦ-ମସ୍ତକ ତାଙ୍କର ଘୃଣାରେ ଥରି ଉଠିଲା । ପ୍ରବଳ ବିତୃଷ୍ଣା ମଧ୍ୟରେ ସତେକି ସେ ଅଗ୍ନିଗର୍ଭା ଶ୍ୱାସୀ ହୋଇଯିବେ । ଜଳି ଜଳି ଯିବେ । ଓଃ ! ସେ ମୁକ୍ତି ଚାହାନ୍ତି । ମୁକ୍ତି ! ମୁକ୍ତି ! ଯେଉଁ ମୁକ୍ତି ଆଜି ଯାଏ, ଯେଉଁ କୋହ ତାଙ୍କୁ ଅନବରତ ପୀଡ଼ନ କରି ଚାଲିଥିଲା । ତାହା ଏହି ମୁକ୍ତି ପାଇଁ ।

ସେ ମୁକ୍ତି ଚାହାନ୍ତି । ମାତ୍ର କାହାଠାରୁ ? କାଦମ୍ବିନୀଠାରୁ...ପିଲାଙ୍କଠାରୁ.... ନା ମାଆଙ୍କଠାରୁ...

ନାଁ...? ନାଁ...? ଯୁଇଠାରୁ ?

...ଯଇ ?? ହଠାତ୍ ତାଙ୍କ ମନ ଭିତରେ 'ଯୁଇ-ଯୁଇଫୁଲ ବୋଲି ଶବ୍ଦଟା ଶବ୍ଦ ଉଚ୍ଚାରିତ ହୋଇ ଉଠିଲା ଏକସାଙ୍ଗରେ ?

ହଠାତ୍ ଆଜି କାହିଁକି ତାଙ୍କର ଯଇ କଥା ମନେପଡ଼ିଲା ? ଯଇ କଣ ତାଙ୍କର ପ୍ରେମିକା ? କୌଣସି ଦିନ ସେ କି ତାକୁ ପ୍ରେମ କରିଥିଲେ । ଏକ ଅଦ୍ଭୁତ ଖିଆଲ୍ ମନତଳେ ଅନ୍ତଃସଲିଳା ଫଲ୍‌ଗୁପରି ଛୁଟି ଚାଲିଥିଲା, ହୃଦୟରେ କେତେ ନିଭୃତରେ । ଏସବୁ ଅସ୍ଥିରତା କି ତାର ବିସ୍ଫୋରଣ.. ??

ଯଇ, ଯଇଫୁଲ । ତାଙ୍କ ଗାଁର କେଉଁ ଗେଣନଘର ଝିଅଟି । ତା ଘର ସେ ଦିନେ ଦେଖି ନାହାନ୍ତି । ତାର ମା'କୁ ଚିହ୍ନି ନାହାନ୍ତି । ଗାଁର କାହାକୁ ବା ଚିହ୍ନନ୍ତି ସେ ? ସେ ଗାଁକୁ ଯାନ୍ତି ଖାସ୍ ବୋଉ ପାଇଁ । ଭାର ଟେହ୍ଲା ଓ କୋଳପଶା ଥିଲେ

ସେ । ମା'ଆ ପାଖେ ଚୁଲିମୁଣ୍ଡେ ବସି, ମାଛଭଜା ଖାଇବା, କି ପିଠା ଖାଇବା ହିଁ ତାଙ୍କର ଅଭ୍ୟାସ ଥିଲା । ସେଥର ବଡ଼ଦେଈ ଝିଅ ଭଉଣୀ ରାଜୁ ତାଙ୍କୁ ଜୋର କରି ତାଙ୍କ ଘରକୁ ଡାକି ନେଇଗଲା । ସେଦିନ ଥିଲା କୁମାର ପୂର୍ଣ୍ଣିମା । ବଡ଼ଦେଈଙ୍କର ମସ୍ତବଡ଼ ଅଗଣା । ଅଗଣାର ଏକ ପାଖରେ ବଡ଼ ତୁଳସୀ ଚଉରା । ଜହ୍ନ ଉଇଁ ଆସୁଥାଏ । କେତେ ଝିଅ ଜମା ହୋଇଥାନ୍ତି । ଚନ୍ଦ୍ର ପୂଜା କରୁଥାନ୍ତି । ହଠାତ୍ ଧଳାଶାଢ଼ୀ ପିନ୍ଧି ନକ୍ସନକ୍ସିକା ପାତଳ ଝିଅଟିଏ ଆସି ସତ୍ୟରଞ୍ଜନଙ୍କୁ ପ୍ରଣାମ କଲା । ଚିହ୍ନି ନ ପାରି ସେ କାବାହୋଇ ଚାହିଁ ରହିବାରୁ ରାଜୁ କହିଲା...ଚିହ୍ନି ପାରୁନା ସତୁ ନନା, ସେ ପରା ଆମ ସୁଭି ।

ସୁଭି...?

"ପିଲାଦିନେ ବୋହୂ ବୋହୂକା ଖେଳରେ ସିଏ ସବୁଦିନେ ତମର କନିଆଁ-ହେଉ ନ ଥିଲା ?"

ସତ୍ୟରଞ୍ଜନଙ୍କର ସବୁ ମନେପଡ଼ିଲା । ସେ ହସି କହିଲେ..."ଓଃ...ସୁଭି ତୁ !"

ଲାଜରେ ମୁହଁ ତଳକୁ କଲା ସୁଭି । ମୁହଁ ଉଠାଇ ପୁଣି ସେ ସତ୍ୟରଞ୍ଜନଙ୍କୁ ଚାହିଁଲା । ସତ୍ୟରଞ୍ଜନ ତାକୁ ହିଁ ଚାହିଁଥାନ୍ତି ହସିଲା ଆଖିରେ । ଭୂରୁ ଉଠାଇ ସୁଭି କହିଲା, ଖାଲି ସେତିକି କ'ଣ ଟିକୁଅପା, ସେଇ ମିଛୁମିଛିକା ବାଲିଭାତ, ତିଅଣ ଅଫିସ ବେଳକୁ ହୋଇପାରେ ନାହିଁ ବୋଲି ଏ ପିଠିରେ ଏତେକ ବିଧା ଗୋଇଠା ସେ ଅଳ'ଗ୍ରା ଦଅନ୍ତି ? ଛି ରାଗ କେ ମା...

ରାଜୁ ଖିଲ୍ ଖିଲ୍ ହସି ଉଠିଲା । କହିସାରି ସୁଭି ଶାଢ଼ୀର ଅଞ୍ଚଳକୁ କାମୁଡ଼ିବାରେ ଲାଗିଲା । ସତ୍ୟରଞ୍ଜନ ସୁଭିକୁ ଚାହିଁଥିଲେ । ତାଙ୍କ ଆଖିରେ ଲାଗିରହିଲା, ଲାଜକୁଳୀ, ହସିଲା ହସିଲା କଅଁକୁଳା ଆଖି ଦୁଇଟି ।

ଚନ୍ଦ୍ର ପୂଜା ଚାଲିଥିଲା । ଅଗଣାସାରା ଝିଅମାନେ ପୁଚି ଖେଳି ଲାଗିଥିଲେ । ସତ୍ୟରଞ୍ଜନ ଭାବୁଥିଲେ, ଦୃଷ୍ଟିର ତୃପ୍ତି କିପରି କେତେ ବେଶି ରସାପ୍ଲୁତ କରିପାରେ ହୃଦୟକୁ । ଏଇ ଅବୁଝା ଭାବଟି ସେ ବୁଝିପାରୁ ନ ଥିଲେ । ଆଜିଯାଏଁ ସେ କେବଳ ଜାଣିଥିଲେ ସହପାଠୀଙ୍କ ପ୍ରତିଯୋଗିତା କରି ଅଧିକ ନମ୍ବର ରଖିବା ଓ ଭଲ ଛାତ୍ର ହେବା, ଏହା ଛଡ଼ା ଦୁନିଆରେ ଆଉ କିଛି ଅଛି ସେ ଜାଣି ନ ଥିଲେ । ଆଜି କଣ ପାଇଁ ତାଙ୍କ ହୃଦୟପାତ୍ର ଏପରି ଭରି ଗଲା ।

ଯୁହୁଁ ଯୁହୁଁ ଚନ୍ଦ୍ର ପୂଜା ସରିଗଲା । କଦଳୀ କଣରେ ଚନ୍ଦ୍ର ଭୋଗ ଖାଇବା-ପାଇଁ ବଲ୍ ବଲ୍ ହୋଇ ଝିଅମାନେ ଚାଲିଗଲେ ସେ ଯୁଆଡ଼େ ।

ସତ୍ୟରଞ୍ଜନ ବାଣପଟେ ବୁଲି ଯିବାକୁ ଫେରିଲେ ।

ହଠାତ୍ କେହି ଜଣେ ହାତ ମେଲାଇ ବାଟ ଓଗାଳି ଠିଆହେଲା ।

ସତ୍ୟରଞ୍ଜନ ଠିକ୍ ଚିହ୍ନି ପାରିଲେ—ସେଇ ବାଉଁଶବଣର ଗୁପ୍ତି ଗୁମ୍ଫି ଜହ୍ନ ଆଲୁଅ ତଳେ, ଯୌବନ ଫର୍ଦ୍ଦ ସବୁଜ ଶାଢ଼ୀ ପିନ୍ଧି ଠିଆ ହୋଇଛି ଯୁଇ ।

...ନିଅ, ଆଁ କର, ତମକୁ ଭେଟଟିକିଏ ଖୁଆଇ ଦିଏ । ଯୁଇ ହଠାତ୍ କହିଲା ।

...ଗୁଣ ଶୋଷ କି ହାଁକୁ ପଶିଲୁ ନାହିଁ ପରା...

...ବରଙ୍କୁ ବି ନୁହେଁ ?

...ବର... ?

..."ତମେ ପରା ମୋ..." କହି ଖିଲ୍ ଖିଲ୍ ହସି ମେଞ୍ଚାଏ ଗୁଣ୍ଡଚକଟା ତାଙ୍କ ପାଟିରେ ମାଡ଼ି ଦେଇ ଯୁଇ ଗୁଡ଼ିଗଲା ଏକେବାରେ ଦୌଡ଼ି ଦୌଡ଼ି ।

ହଠାତ୍ ଏକୁଟିଆ ହୋଇ ଠିଆ ହୋଇଗଲେ ସତ୍ୟରଞ୍ଜନ । କାନରେ ପ୍ରତିଧ୍ୱନିତ ହେଲା ସେଇ ମିଠା ମିଠା କଥାତକ । ଆଜିଯାଏ ଏପରି ମିଠା କଥା ସେ କେମିତି ଶୁଣି ନ ଥିଲେ ପରା । ଜହ୍ନ ଆଲୁଅରେ ସେଇ ମଲ୍ଲୀ ବଣ ଭିତରେ ହଠାତ୍ ସେ ବାଟ ଭୁଲିଲେ । କିନ୍ତୁ ନିଜକୁ ପାଇଲେ । ଠିକ୍ ପାଇଲାପରି ଆଉ ପାଇଲେ ଅନିର୍ବଚନୀୟ ଏକ ସ୍ୱାଦୁ ।

ତା' ପରେ ପରେ କେତେ ଥର ଛୁଟିରେ ସେ ଆସିଚନ୍ତି । ଯୁଇ ଘରକୁ ନାନା ଛଳରେ ଯାଇଚନ୍ତି । ଯୁଇର ଭେଟ ପାଇ ନାହାନ୍ତି । ଯୁଇର ଘରକୁ ଯାଇ, ମନର ସର୍ବଶ୍ରେଷ୍ଠ କଥାଟି ଜଣେଇ ଆସିବାକୁ ସାହସ ପାଇ ନାହାନ୍ତି ।

ପରବର୍ଷ ଦଶହରାକୁ ଆସି ପାରିଲେ ନାହିଁ ସତ୍ୟରଞ୍ଜନ । ଆସିଲେ ରଜ ଛୁଟିରେ । ବେଳ ଦେଖି ବାଉଁଶ ବଣରେ ଯୁଇକୁ ଖୋଜିଲେ, ତାକୁ ପାଇଲେ ନଈ ବନ୍ଧରେ । ପହିଲି ଆଷାଢ଼ର ମେଘ ଢାଙ୍କି ଥିଲା ଆକାଶକୁ । ସରୁ ନଈ ବନ୍ଧରେ ଏକାକୀ ବସିଥିଲା ସେ । ମୁହଁଟି ସକାଳର ନାଳକଇଁ ପରି ଝାଉଁଳି ପଡ଼ିଥିଲା ।

ସତ୍ୟରଞ୍ଜନ ଖୁସିରେ ପାଟି ପକାଇ କହିଥିଲେ ଯୁଇ ତୁ ! ତତେ କେତେ ଖୋଜୁଛି । କହି କହି ସତ୍ୟରଞ୍ଜନ ତା'ର ହାତ ମୁଠାଇ ଧରିଲେ ।

ସତ୍ୟରଞ୍ଜନଙ୍କୁ ଏତେ ପାଖରେ ଦେଖି ଯୁଇ ଅପ୍ରସ୍ତୁତ ହେଲା । ତା'ର ଆଖି ଦୁଇଟି ଲୁହରେ ଛଳଛଳ ହୋଇ ଉଠିଲା ।

ଯୂଇ...ତୁ କାନ୍ଦୁଚୁ...? ଯୂଇର ମଥାଟିକୁ ଛାତି ଉପରେ ଜାକି ଧରିଲେ ସତ୍ୟରଞ୍ଜନ । ହଠାତ୍ ମୁଣ୍ଡ ଉଠାଇ ନିଜକୁ ଦୂଆଇ ନେଲା ଯୂଇ । ବାଷ୍ପରୁଦ୍ଧ କଣ୍ଠରେ କହିଲା...ଛାଡ଼ନ୍ତୁ ସତୁଜା...ମୁଁ ଯେ ଅଲକ୍ଷଣୀ ବିଧବା...

ବିଧବା...? ସତ୍ୟରଞ୍ଜନ ଚିତ୍କାର କରି ଉଠିଲେ...ଗୋଡ଼ରୁ ମୁଣ୍ଡଯାକେ ତା'ର ଚାହିଁଗଲେ । ନାଁ—ନାଁ କହି ସାରା ଅନ୍ତର ତାଙ୍କର ଫାଟି ପଡୁଥିଲା ।

ଯୂଇ ଚାଲି ଯାଉଥିଲା, ହଠାତ୍ ତାକୁ ଧରି ପକାଇଲେ ସତ୍ୟରଞ୍ଜନ । ପ୍ରଚଣ୍ଡ ତର ଅଙ୍ଗୀକାରଟି ଯୂଇର ଓଠ ପ୍ରାନ୍ତରେ ଲେଖି ଦିବାର ପ୍ରୟାସ କରୁ କରୁ ସେ କହିଲେ, ମୁଁ ତତେ ବାହା ହେବି ଯୂଇ । ନିଶ୍ଚେ ବାହା ହେବି ।

ସେହି କାର୍ଯ୍ୟଟି ଅସମାପ୍ତ ରହିଗଲା । ଉଦ୍ଧାତ ଓଷ୍ଠାଧର ରହିଗଲା ସ୍ଥିର ତରଙ୍ଗଟିଏ ହୋଇ । ତାଙ୍କୁ ପେଲିଦେଇ ଯୂଇ କହିଲା... "ଛିଃ, ମୁଁ ତୁମର ବିଧବାଟାଏ !" କହି କହି ସେ ଧାଇଁ ପଳାଇଲା ।

ସତ୍ୟରଞ୍ଜନ ଶୁଣିଲେ, ଖାଲି ଖାଇ ପିଇ ବଞ୍ଚି ଯିବାର ଲୋଭରେ, ଯୂଇର ମା' ଯୂଇକୁ ଟେକି ଦେଇଥିଲେ ଏକ ଶ୍ୱାସ ରୋଗୀ ବୁଢ଼ାକୁ । ଛ'ଟି ମାସ ନ ପୂରୁଣୁ ବୁଢାଟି ମରିଗଲା । ତା'ର ପୁଅ—ବୋହୂର ସଂସାରରେ କୌଣସି ପ୍ରକାରେ ନିଜକୁ ମିଶାଇ ନ ପାରି ଯୂଇ ଫେରି ଆସିଲା ପୁଣି ମାଆ ପାଖକୁ । ଘରକୁ ଫେରି ମାଆକୁ ଚାହିଁ ସେ ତୀବ୍ର କଣ୍ଠରେ କହିଲେ—ବୋଉ, ମୁଁ ଯୂଇକୁ ବାହା ହେବି । ଏଇଆ ମୋର ନିଶ୍ଚିତ କଥା ।

ମାଆ ଥରେ ତାଙ୍କ କୋଳପୋଛା ପୁଅକୁ ଚାହିଁଲେ । ତା'ପରେ ଚାଲି ଗଲେ ସେଠୁ ସତ୍ୱର ।

ପର ପର ଦୁଇଦିନ । ମାଆଙ୍କର ସାମ୍ନାସାମ୍ନି ହେଲେ ବି କୌଣସି କଥାବାର୍ତ୍ତା ହୋଇ ନ ଥିଲା ମା' ପୁଅଙ୍କର । ବୋଉ ଖୁବ୍ ଗମ୍ଭୀର ଥିଲା; ସତେ କି ସ୍ଥାଣୁ ଓ ଜଡ଼ ହୋଇଗଲା ।

ଏମିତି ଚାଲିଗଲା ଚାରିଦିନ । ସେଦିନ ସଞ୍ଜବେଳେ ସତ୍ୟରଞ୍ଜନର ନିଜେ ମା'ଙ୍କ ସହ ସନ୍ଧି କଲେ । କହିଲେ ବୋଉ, ମୋର ଭୁଲ ହୋଇଛି । ମୁଁ କଥା ଫେରାଇ ନେଉଛି ।

ତା'ପରେ ଜରୁରୀ କାମ ଅଛି ବୋଲି ସେହି ରାତିରେ ଗାଁ ଛାଡ଼ିଥିଲେ ।

ପନ୍ଦରବର୍ଷ ବିତି ଯାଇଛି ! ପନ୍ଦର ବର୍ଷ ।

ସତ୍ୟରଞ୍ଜନ ଏହି ପନ୍ଦର ବର୍ଷ ମଧ୍ୟରେ, କେତୋଟି ମିନଟ୍ ବଞ୍ଚିଛନ୍ତି ? ପୁଅ, ଝିଅ, ଧନ, ସମ୍ପଦରେ ଭରପୁର ତାଙ୍କର ସଂସାର । ଅଥଚ ମନେ ହେଉଛି, ଏ ସବୁ ଶୁଦ୍ଧ : ମିଛ । କାଦମ୍ବିନୀ ତାଙ୍କର ସ୍ତ୍ରୀ ନୁହେଁ, କି ସେ ତାର ସ୍ୱାମୀ ନୁହନ୍ତି । ସେମାନଙ୍କର ବନ୍ଧନ ଲୁହାଶିକୁଳିରେ ହୋଇପାରେ, କିନ୍ତୁ ମଲ୍ଲୀଫୁଲର ଡୋର ମାଳରେ ନୁହେଁ । ନିଜ ନିଜର କ୍ଷଣିକ ପ୍ରୟୋଜନ ଅନୁସାରେ ଦୁହେଁ ପରସ୍ପରକୁ ବ୍ୟବହାର କରି ଆସିଛନ୍ତି । ଏଥିରେ ଆତ୍ମାର ବୁଭୁକ୍ଷା ନାହିଁ କି ଅକୁଳତା ନାହିଁ । ତାଙ୍କ ଭିତରର ସେଇ ପ୍ରେମର ମଣିଷଟି ଅଙ୍କୁର ତୃଷାର୍ତ୍ତ ହୋଇ ଠିଆହୋଇ ରହିଛି ଏହି ସଂସାର ବୃତ୍ତର ବାହାରେ, ନିର୍ବାସନରେ । ତାର ସବୁ ସ୍ୱପ୍ନ କଣ ଅପହଞ୍ଚ, ମରୁଶୋଷର ??

ହଠାତ୍ କାଦମ୍ବିନୀ ଚିତ୍କାରେଇ ଉଠିଲା । ତାର ସେହି ମୃଦୁ ଚିତ୍କାରରେ ସତ୍ୟରଞ୍ଜନଙ୍କ ନିବିଷ୍ଟ ସ୍ୱପ୍ନ ହଠାତ୍ ଭାଙ୍ଗିଗଲା । ସେ ଚମକି ପଡ଼ି ଦେଖିଲେ ଶାୟିତା କାଦମ୍ବିନୀଙ୍କୁ ସେ ନିବିଡ଼ ଆକର୍ଷଣରେ ଭିଡ଼ି ଧରିଚନ୍ତି, ଆଉ କାଦମ୍ବିନୀ ତାଙ୍କଠୁ ମୁକୁଳିବାକୁ ଚେଷ୍ଟା କରି, ପାଟି କରୁଛି—ଏତେ ସାହସ ! ଶୋଇଲା ବେଳେ ମୋ ମଥାର ସିନ୍ଦୁର ପୋଛିନେବୁ ? ମୋ ଲୁଗା ବଦଳାଇ ମତେ ଆନ ଲୁଗା ପିନ୍ଧାଇବ । ଏତେ ସାହସ ? ଏତେ ଆସ୍ପର୍ଦ୍ଧା ? ମୁଁ କ'ଣ ତମ ମାଆ ପରି ହେଉଚି କି ? ?

କହୁ କହୁ କାଦମ୍ବିନୀ ସତ୍ୟରଞ୍ଜନଙ୍କ ଉପରେ ଝାମ୍ପି ପଡ଼ିଲା । କିନ୍ତୁ ସତ୍ୟରଞ୍ଜନ, କାମନାରେ ପ୍ରମତ୍ତ ନୁହେଁ ଆବେଗରେ ଜରଜର ହୋଇ, ତଥାପି କାଦମ୍ବିନୀର ଅଥବା ପ୍ରାୟ ଦେହକୁ କୁଣ୍ଢେଇ ଧରି, ହୁଏତ ସେଠୁ ମଲ୍ଲୀ ବା ଗଙ୍ଗଶିଉଳିର ଗନ୍ଧ ଖୋଜି ଲାଗିଥିଲେ ।

# ସମୁଦ୍ର

ଶ୍ରୀ ଗଙ୍ଗେଶ୍ୱର ମିଶ୍ର

## ॥ ଏକ ॥

ମୁଁ କେବେ ପ୍ରଥମ ଥର ପାଇଁ ସମୁଦ୍ର ଦେଖିଥିଲି, ମୋର ମନେ ନାହିଁ। ତଥାପି ଅନେକ ଥର ମୁଁ ଚେଷ୍ଟା କରିଚି—ସମୁଦ୍ର ମୋତେ ପ୍ରଥମେ କେମିତି ଦିଶିଥିଲା—ମନେ ପକାଇବାକୁ। ବହୁ ଅନୁଭୂତ ବହୁ ଆଲୋକ ଅନ୍ଧାରର ଅଙ୍କାବଙ୍କା ରାସ୍ତାରେ ଏତେ ବାଟ ଆସିବାପରେ, ଯେତେବେଳେ ଫେରିଚାହେଁ, ମୋତେ ସେଇ ଗୋଟିଏ ଦୃଶ୍ୟହିଁ ଦିଶେ—ସମୁଦ୍ର। ଶାନ୍ତ ପ୍ରଶସ୍ତ ଅଥଳ ଜଳରାଶି—ଅର୍ଦ୍ଧ ବୃତ୍ତାକାର ଜଳରାଶି—ଯେମିତି ବିସ୍ତୃତ ସ୍ଥଳ ଭାଗକୁ ଦୁଇ ବାହୁ ପ୍ରସାର କରି ଆଲିଙ୍ଗନ କରିଛି। ଉପରେ ଆକାଶ—ବିସ୍ତୃତ ଓ ନୀଳ—କେଉଁଠୁ ତା'ର ଆରମ୍ଭ, କେଉଁଠି ଶେଷ ଓ ସେଇ ପୃଷ୍ଠଭୂମିରେ ମୁଁ ଦେଖିପାରେ ମୋ ନିଜକୁ—ଛୋଟ ଶିଶୁଟିଏ ମୁଁ—ଆଶ୍ଚର୍ଯ୍ୟ ଆଖିରେ ଅନାଇଚି ସମୁଦ୍ରକୁ—କି ବିରାଟ, କି ରହସ୍ୟମୟ। କେତେ ବର୍ଣ୍ଣ, କେତେ ସଙ୍ଗୀତ ଓ ତା' ପାଖରେ ଠିଆ ହୋଇଥିବା ଶିଶୁଟି, କେଡ଼େ କ୍ଷୁଦ୍ର, ସମୁଦ୍ର କୂଳର କଙ୍କଡ଼ାଟି ପରି। ମୁଁ ଠିକ୍ ଦେଖିପାରେ ସେ ଶିଶୁ ଭିତରେ ମୋ ସଙ୍କୀର୍ଣ୍ଣତାକୁ ଓ ସମୁଦ୍ର ଭିତରେ, ସମସ୍ତର ଅନନ୍ତ ରହସ୍ୟକୁ।

ସେଇ ଦୃଶ୍ୟଟି ମୋ ଅତୀତର ସବୁଠାରୁ ପୁରାତନ, ପ୍ରିୟତମ ସ୍ମୃତି।

## ॥ ଦୁଇ ॥

ସମୁଦ୍ର କୂଳକୁ ମୋତେ ପ୍ରଥମେ କିଏ ନେଇଥିଲା, ମୋର ମନେ ନାହିଁ। ତେବେ, ମୋର ବୁଢ଼ୀମା ହିଁ ମୋତେ ପ୍ରଥମେ ସେଠାକୁ ନେଇଥିବ। କାରଣ ସେଇତ ମୋତେ ପ୍ରଥମେ ପରିଚୟ କରାଇ ଦେଇଥିଲା ବାହାରର ପୃଥିବୀ ସଙ୍ଗେ। ଖୁବ୍ ପୁରୁଣା କାଳଙ୍କି ଧରା ସମସ୍ତର ପ୍ରତୀକ ମୋର ବୁଢ଼ୀମା। ତା' ମୁହଁ ଆଜି ସଫା ମନେ ପଡ଼େ ନାହିଁ। ତାକୁ ମନେ ପକାଇଲେ ସେଇ ସବୁ ପୁରୁଣା କାହାଣୀ—ଜଡ଼ବୁଟି, ଗୁଣିଗାରୁଡ଼ି, ରାଜାପୁଅ ରାଜାଝିଅ, କୁହୁକ ଦେଶ, କାଉଁରୀକାଠି—କେଜାଣି କାହିଁକି ଆପେ ଆପେ ମନେ ପଡ଼େ। ସେଇ ସବୁ କାହାଣୀ ତ ମୁଁ ତା'ଠାରୁ ପ୍ରଥମେ ଶୁଣିଥିଲି, ସବୁ ପିଲାମାନେ ବି ସେମାନଙ୍କ ବୁଢ଼ୀମାଠାରୁ ଏମିତି କାହାଣୀ-ସବୁ ଶୁଣିଥାନ୍ତି। ମୋଟ ଉପରେ ମୋ ବୁଢ଼ୀମା ମୋ ପିଲାଦିନେ ମୋ ସମ୍ମୁଖରେ

କଳ୍ପନାର ଗୋଟିଏ ସୁନ୍ଦର ଦୁନିଆ ମେଲାଇ ଧରିଥିଲା । ତେଣୁ ବୁଢ଼ୀମାକୁ ମନେ ପକାଇଲେ ସେଇ ସ୍ୱପ୍ନ ଓ କଳ୍ପନାର ଦୁନିଆଟି ତା ସଙ୍ଗେ ଟାଣିହୋଇ ଆସେ ।

କିନ୍ତୁ ଖାଲି ସ୍ୱପ୍ନ ଓ କଳ୍ପନାର ଦୁନିଆ ସଙ୍ଗେ ନୁହେଁ, ବାସ୍ତବ ଦୁନିଆ ସଙ୍ଗେ ମଧ୍ୟ ମୋର ପ୍ରଥମ ପରିଚୟ କରାଇଥିଲି ସେଇ ବୁଢ଼ୀମା । ଆମ ସାହିର ଅନ୍ଧାରୁଆ ଗଳିହିଁ ଯେ ସାରା ପୃଥିବୀ ନୁହେଁ—ତା ବାହାରେ ବି ପୃଥିବୀ ଲମ୍ବିଛି—ଆଗକୁ, ଆହୁରି ଆଗକୁ—ହୁଏତ ସମୁଦ୍ର ଯାଏଁ—ଏକଥା ମୁଁ ତା'ରି ଯୋଗେ ବୁଝିଲି । ଆମ ସାହିଠାରୁ ଅଳ୍ପ ଦୂରରେ ସେଇ ପ୍ରକାଣ୍ଡ ପୋଖରୀ, ଘରପାଖେ ଧାଡ଼ି ଧାଡ଼ି ଦୋକାନ, ଲୋକ ଗହଳି—ଲମ୍ବା ମାଟି ତଳକୁ ପାହାଚ ପାହାଚ ଓହ୍ଲାଇଗଲେ ଯେଉଁ ଶ୍ରେଷ୍ଠ ଦେଉଳଟି ଓ ତା' ଭିତରେ ଅଣ୍ଟା ନଇଁ ଯାଇଥିବା ବୁଢ଼ା ପୂଜାରୀ; ଏମାନଙ୍କ ସଙ୍ଗେ ଓ ଏଇମାନଙ୍କ ଭିତର ଦେଇ—ବାହାରର ଦୁନିଆ ସଙ୍ଗେ ମୋର ପ୍ରଥମ ପରିଚୟ । ନେପଥ୍ୟରେ, ମୋର ବୁଢ଼ୀମା ।

## ।। ତିନି ।।

ସମୁଦ୍ର ସହିତ ସେଇ ମୋର ପ୍ରଥମ ଦେଖା କି ନା—ମୁଁ ଜାଣେ ନା । କିନ୍ତୁ ସେ ଦିନଟି ମୋର ବେଶ୍ ମନେ ଅଛି ଓ ସେଦିନ ମୋ ମନରେ ଯେଉଁ ବିସ୍ମୟ ଜାଗି ଉଠିଥିଲା, ଆଜି ବି ସେ ଭାବ କଟି ନାହିଁ । ସେଦିନ ସମୁଦ୍ର କୂଳେ କ'ଣ ଗୋଟାଏ ମେଳା ହେଉଥାଏ । ଖୁବ୍ ସକାଳୁ ବୁଢ଼ୀମା ହାତ ଧରି ଆମ ସାହି ଓ ଆଉ କେତୋଟି ସାହି ପାରି ହୋଇ ମୁଁ ହଠାତ୍ ବାହାରି ପଡ଼ିଲି ଏକ ବିଚିତ୍ର ପୃଥିବୀକୁ—ଏକ ଅତି ପ୍ରଶସ୍ତ ଉଜ୍ଜ୍ୱଳ ଆଲୋକମୟ ରାଜ୍ୟକୁ—ସାହିମାନଙ୍କର ଲୁଆଁଣିଆ ଘରଗୁଡ଼ିକ, ଲୋମ ଉପୁଡ଼ା କୁକୁର ଓ ରାସ୍ତା କଡ଼ର ନର୍ଦ୍ଦମାସବୁ ହଠାତ୍ ଯେମିତି ବୁଢ଼ୀମାବର୍ଣ୍ଣିତ କେଉଁ ଯାଦୁକର ବୁଢ଼ାର କରାମତିରେ କୁଆଡ଼େ ଉଭେଇ-ଗଲେ—ହଠାତ୍ ମୋ ଆଗରେ ଉଚ୍ଚ ଉଚ୍ଚ କୋଠାଘର (କିଏ ରହନ୍ତି ତା' ଭିତରେ ?), କାହିଁ କୁଆଡ଼େ ଲମ୍ବି ଯାଇଥିବା ଝାଉଁ ଜଙ୍ଗଲ (କିଏ ଲଗାଇଛି ଏ ସବୁ ?) ଓ ଶହ ଶହ ହଜାର ହଜାର ଚଳମାନ ମଣିଷ—(କେଉଁଠି ଥିଲେ ଏମାନେ, କୁଆଡ଼େ ଚାଲିଛନ୍ତି ?) । ବିସ୍ମୟରେ ମୁଁ ହୁଏତ ଅଟକି ଯାଇଥାନ୍ତି କିମ୍ବା ପାଟିକରି କାନ୍ଦି କହିଥାନ୍ତି—ବୁଢ଼ୀମା ଆ, ଘରକୁ ଯିବା । କିନ୍ତୁ ବୁଢ଼ୀମା ମୋ ହାତ ଧରି ମୋତେ ଟାଣିନେଲେ ଆହୁରି ଆଗକୁ । ଓଃ କେତେ ରାସ୍ତା ଓ କେତେ ଲୋକ ଗହଳି । ମଝିରେ ମଝିରେ ଜଣେ ଜଣେ ବେଲୁନ୍‌ବାଲା କିମ୍ବା ମୁଆଁବାଲା ।

ହଠାତ୍ ଏ ପୁଣି କ'ଣ ! ଏ କି ଶବ୍ଦ ? ଶୀତ ରାତିରେ ବୁଢ଼ୀମା କୋଳରେ ଜାକିଜୁକି ହୋଇ ଶୋଇ ଏମିତି ଶବ୍ଦ ଶୁଣି ଅନେକ ଥର ମୁଁ ବୁଢ଼ୀମାଆକୁ ଡରରେ କୁଣ୍ଢାଇ ଧରିଚି । ବୁଢ଼ୀମା କହିଚି—ଶୋଇପଡ଼, ସମୁଦ୍ର ଗର୍ଜୁଚି । କିନ୍ତୁ

ଏତେ ନିକଟରେ ଏତେ ଜୋର୍‌ରେ ଏ ଶବ୍ଦ ଆଗରୁ କେବେ ଶୁଣି ନଥିଲି । ବୁଢ଼ୀମା ମୋ ହାତଟାକୁ ଜୋର୍‌ରେ ହଲାଇ ଦେଇ କହିଲା—ଦେଖ୍, ସମୁଦ୍ର !

ସେ ଏକ ବିଚିତ୍ର ଅନୁଭୂତି । ଅକସ୍ମାତ୍ ଏତେ ବିରାଟ ଏତେ ସୁନ୍ଦର ଏତେ ନୂତନ ଗୋଟାଏ ବସ୍ତୁକୁ ଏତେ ନିକଟରେ ଦେଖି କ'ଣ ପ୍ରତିକ୍ରିୟା ପ୍ରକାଶ କରିବାକୁ ହେବ, ମୁଁ ଜାଣିପାରିଲି ନାହିଁ । ଏତେ ବିରାଟ ବସ୍ତୁକୁ ହଠାତ୍ ସଙ୍କୁଚିତ କରି ପାରିବାର ଶକ୍ତି—ଯେଉଁ ଶକ୍ତି ବଳରେ ଆମେ ଏହି ସୀମାହୀନ ସୃଷ୍ଟିକୁ ବୁଝିଥାଉ ବା ବୁଝିବାର ଛଳନା କରିଥାଉ—ମୋର ସେତେବେଳେ ନଥିଲା (ବର୍ତ୍ତମାନ ବି ନାହିଁ ।)—ସମୁଦ୍ରଟା କି ବସ୍ତୁ ? ଅସରନ୍ତି ଜଳ, ବେଳାଭୂମି ଠାରୁ ଦିଗନ୍ତ ଯାଏଁ ? ନା ଖାଲି ଗୋଟାଏ ସୁନୀଳ ଗମ୍ଭୀର ଜୀବନ୍ତ ବିସ୍ମୃତି ? ସମୁଦ୍ର ଯଦି କେବଳ ଅସଂଖ୍ୟ ଜଳକଣାର ସମଷ୍ଟି, ତେବେ ଏ ସଙ୍ଗୀତର ଅର୍ଥ ବା କ'ଣ ? ତା'ର ତରଙ୍ଗସବୁ କେଉଁ ଉଦ୍ଦେଶ୍ୟରେ ପୁଣି କାହା ନିର୍ଦ୍ଦେଶରେ ପ୍ରବଳ ପରାକ୍ରମୀ ସମ୍ରାଟ ପରି କୂଳକୁ ଧାଇଁଛନ୍ତି ଓ ପୁଣି ନିଃସହାୟ ନାରୀ ପରି, ଧବଳ ବାଲୁକା ଶଯ୍ୟା ଉପରେ ଲୋଟି ଯାଉଛନ୍ତି ? କେବେଠାରୁ ଏ ପ୍ରକ୍ରିୟାର ଆରମ୍ଭ ହୋଇଛି ଓ କେବେ ଶେଷ ହେବ ? ପ୍ରତ୍ୟେକ ବସ୍ତୁର ଜନ୍ମ ଓ ବିଲୟ ପରି ସମୁଦ୍ରର ବି ଜନ୍ମ ଓ ବିଲୟ ଥିବ ନିଶ୍ଚୟ ।

ଏ ସବୁ ଦାର୍ଶନିକ ତତ୍ତ୍ୱ ସେତେବେଳେ ମୋ ମନକୁ ଆକ୍ରାନ୍ତ କରି ନଥିବ ସତ, କିନ୍ତୁ ଅବାକ୍ ବିସ୍ମୟରେ ମୁଁ ଖାଲି ସମୁଦ୍ରକୁ ଅନାଇଲି । ଯେ ପର୍ଯ୍ୟନ୍ତ ଆଖି ପାଉଛି, ଖାଲି ସମୁଦ୍ର ଓ ତା'ପରେ—ଯାହା ଆଖି ଦେଖିପାରୁ ନାହିଁ—ତା'ବି ସମୁଦ୍ର । ଏମିତି ସମୁଦ୍ର କୂଳେ କୂଳେ ଯଦି ଜଣେ ବୁଲେ (ସାଙ୍ଗରେ ବୁଢ଼ୀମା ଥିଲେ ଆଉ ଡର କ'ଣ ?), କେଉଁଠି ପହଞ୍ଚିବ ଶେଷରେ ? ପୃଥିବୀ ଯେଉଁଠି ସରିଛି ଓ ଆକାଶ ପୃଥିବୀ ଯେଉଁଠି ମିଶିଛି, ସେଇଠି ନିଶ୍ଚୟ ।

ଆମ ସାହିର ସେଇ ଅନ୍ଧ ପିଲାଟି—ଯାହା ମୁହଁ ଉପରେ ଖଇପରି ବସନ୍ତ ଚିହ୍ନ—କହୁଥିଲା, ପୃଥିବୀ ସରିଲେ ଆଉ ଦୁଇଟି ରାଇଜ ପଡ଼େ—ସ୍ୱର୍ଗ ଓ ନରକ । ସ୍ୱର୍ଗରେ ଦେବତାମାନେ ରହନ୍ତି—ସେଠି କ'ଣ ନାହିଁ ? ଧୂଳିମାଟି ସବୁ ସୁନା, ଘର ସବୁ ହୀରା ନୀଳାରେ ତିଆରି । ଭଲ ମଣିଷମାନେ ମଲାପରେ ସ୍ୱର୍ଗକୁ ଯାଆନ୍ତି । ଆଉ ଯେଉଁମାନେ ପାପୀ, ସେମାନେ ମଲାପରେ ଯାଆନ୍ତି ନରକକୁ । ନରକରେ ଯମ ଦୂତମାନେ ଗରମ ଟକ ଟକ ତେଲ ହାଣ୍ଡିରେ ପାପୀମାନଙ୍କୁ ପକାନ୍ତି । କଟୁରିରେ ସେମାନଙ୍କୁ ଖଣ୍ଡ ଖଣ୍ଡ କରି କାଟନ୍ତି ।

ସମୁଦ୍ର କୂଳେ ଜମା ହୋଇଥିବା ଲୋକମାନଙ୍କୁ ଅନାଇଲି । ଏକା ସାଙ୍ଗରେ ଏତେ ଲୋକ ଆଗରୁ ଦେଖି ନଥିଲି ନିଶ୍ଚୟ । କେତେଜଣ ସମୁଦ୍ର ପାଣିରେ ଗାଧୋଉଥିଲେ, ଅନେକ ସମୁଦ୍ର କୂଳରେ ବୁଲୁଥିଲେ । କାହିଁ, କେହି ତ ଚିହ୍ନା

ନଥିଲେ ସେମାନଙ୍କ ଭିତରେ । ମୁଁ ବୁଢ଼ୀମା ହାତକୁ ଜୋର୍‌ରେ ଚିପି ଧରିଲି । ଆମ ସାହିର ଯେଉଁମାନେ ବଡ଼ ଲୋକ, କୋଠାଘରେ ରହନ୍ତି, ଘରେ ପୁଚ୍ଛାଗ୍ରା ରଖିଛନ୍ତି ଓ କଥା କହିଲାବେଳେ ମଝିରେ ମଝିରେ ଦୁଇ ଓଠ ଭିତରେ ସିଗାରେଟ୍ ଚିପି ଧୂଆଁ ଛାଡ଼ନ୍ତି,କିମ୍ବା ଆମ ସାହିର ଯେ ସବୁଠାରୁ ବେଶୀ ବଳୁଆ ମୋଟା ଲୋକ, ସାଇ ଯାତ ହେଲେ ନାଗା ବନ୍ଧାଏ ଓ ତାଙ୍କେ ଚଢ଼େଇନେବା ଏକାଥରେ କେମିତି ଖାଇଦେଲା, ସେଇକଥା ଏଠି ସେଠି ବର୍ଣ୍ଣନା କରେ—ସେମାନଙ୍କଠାରୁ ଆହୁରି ବଡ଼ଲୋକ ଆହୁରି ବଳୁଆ ଲୋକ ଅଛନ୍ତି, ଏକଥା ବି ମୁଁ ସେଇଦିନ ପ୍ରଥମେ ବୁଝିଲି । କେହି ଖୁବ୍ ଗୋରା ଓ ଡେଙ୍ଗା ଲୋକ ତାଙ୍କ ସ୍ତ୍ରୀ ଓ ଝିଅ ସହିତ ଗୋଟିଏ କାର୍‌ରୁ ଓହ୍ଲାଇ ସମୁଦ୍ର କୂଳକୁ ଧୀରେ ଧୀରେ ଚାଲି ଆସୁଥିଲେ । ଏତେ ସୁନ୍ଦର ଲୋକ ମୁଁ ଆଗରୁ କେବେ ଦେଖି ନଥିଲି । ହେଲେ, ସେ ହସୁଛନ୍ତି—ତାଙ୍କ ଦାନ୍ତ କି ଧଳା—ସେ ସିଗାରେଟ୍ ଖାଉ ନାହାନ୍ତି, ଗୋଟାଏ ଛୋଟ ନଳି ପାଟିରେ ପୂରାଇ ଧୂଆଁ ଛାଡ଼ୁଛନ୍ତି ଓ ତାଙ୍କ ପଛରେ କି ପ୍ରକାଣ୍ଡ କୁକୁର—କୁକୁର ବି ଏତେ ବଡ଼ ଅଛନ୍ତି ? ମୁଁ ବୁଢ଼ୀମାକୁ ପଚାରିଲି, ବୁଢ଼ୀମା, ଏଇଟା କି କୁକୁର ? ବୁଢ଼ୀମା କାହିଁକି କେଜାଣି, ମୋ ପାଟି ଉପରେ ତା ପାପୁଲିଟା ମାଡ଼ି ଦେଇ କହିଲା, ଚୁପ୍ ଚୁପ୍ । ତା'ଆଡ଼େ ଚାହାଁନା । ବାଘୁଆ କୁକୁର ରାଗିଗଲେ ଏକାବେଳେ ତଣ୍ଟି କି ଧରେ ।

ମୁଁ କୁକୁର ଆଡ଼େ ନଚାହିଁ ସମୁଦ୍ରକୁ ଚାହିଁଲି । ସମୁଦ୍ରର ପାହାଡ଼ ପରି ଢେଉମାନଙ୍କ ଭିତରେ ଛୋଟ ଛୋଟ ହଳ ଡଙ୍ଗା ସବୁ ଅବହେଳା କ୍ରମେ ଭାସି ଯାଉଥିଲେ ଓ ଡଙ୍ଗା ଭିତରର କଳା କଳା ମଣିଷମାନେ କାତ ମାରିବାବେଳେ ନାଚିଲା ପରି ଦିଶୁଥିଲେ । ଆଉ କେତେକ ନୋଳିଆ ସମୁଦ୍ର କୂଳେ ଧାଡ଼ି ହୋଇ ଠିଆହୋଇ ସମୁଦ୍ର ଭିତରୁ ଗୋଟାଏ ପ୍ରକାଣ୍ଡ ଦଉଡ଼ି ଟାଣିବାରେ ଲାଗିଥିଲେ ।

'ହେଇଟନେ'—ବୁଢ଼ୀମା ଡାକରେ ଚମକି ପଡ଼ି ଦେଖେତ ବୁଢ଼ୀମା ହାତରେ ଦୁଇଟା ବେଙ୍ଗମୁଆଁ ଧରି ମୋ ଆଡ଼କୁ ବଢ଼ାଇ ଦେଉଛି ଓ ବୁଢ଼ୀମା ପାଖରେ, ମୁଣ୍ଡରେ ଏକ ପ୍ରକାଣ୍ଡ ପସରା ମୁଣ୍ଡାଇ, ଆମ ସାହିର ମଦନା ଗୁଡ଼ିଆ । ଏତେ-ବେଳକେ ଜଣେ ଚିହ୍ନାଲୋକ ଦେଖି ମନରେ ସାହସ ଆସିଲା । ମୁଆଁ ଦୁଇଟା ଦୁଇ ହାତରେ ଧରି ମଦନା ଗୁଡ଼ିଆର ପସରାକୁ ଅନାଇଲି । ପସରାରେ ମଦନା ବହୁ କିସମର ଖାଇବା ଜିନିଷ ରଖିଥିଲା । ଚାହୁଁ ଚାହୁଁ ଆଉ କେତେଜଣ ଲୋକ ମଦନା ପାଖକୁ ଲାଗି ଆସିଲେ ଓ ମଦନା ଆମଠାରୁ ମୁହଁ ବୁଲାଇ ସେମାନଙ୍କୁ ତା ଜିନିଷ ବିକିବାରେ ଲାଗିଲା ।

ମୁଆଁ ଖାଇଲାବେଳେ ମୁଁ ଥରେ ସମୁଦ୍ରକୁ ଓ ଥରେ ଲୋକ ଗହଳକୁ ଅନାଉଥାଏ । ସମୁଦ୍ର ମୁଁ ପ୍ରଥମ ଥର ପାଇଁ ଦେଖୁଚି, ଲୋକ ଗହଳରେ ମଧ୍ୟ କେହି ମୋର ଚିହ୍ନା ନାହିଁ । ଚିହ୍ନା ଲୋକ କେବଳ ମଦନା ଗୁଡ଼ିଆ । ସେ ତାର

ବ୍ୟବସାୟରେ ବ୍ୟସ୍ତ । ଗରାଖମାନଙ୍କୁ ଜିନଷ ଦେଇ ପଇସା ଗଣି ରଖିଲାବେଳେ କେଜାଣି କାହିଁକି ସେ ଅତି ଅସହାୟ ଓ ଦରିଦ୍ର ଦିଶୁଥାଏ । ଅଥଚ ମଦନ ଗୁଡ଼ିଆ ଆମ ସାହିର ଜଣେ ଦାମୀ ଲୋକ, ତାକୁ କେହି କେହି 'ମହାଜନ' ଡାକନ୍ତି । ସକାଳୁ ତାର ନୂଆଁଣିଆ ଚାଳ ଘରର ସିମେଣ୍ଟ ପିଣ୍ଡା ଉପରେ ଚକାମାଲି ପକାଇ ବସି ସେ ଦାନ୍ତ ଘଷୁଥାଏ ଓ ପିଣ୍ଡା ତଳକୁ 'ଅ' 'ଅ' କରି ଛେପ ପକାଉଥାଏ । ତାର ଗୋରା ମାଂସଳ ଦେହ ତାକୁ ଭଲ ମାନେ ଓ ସକାଳେ ପିଣ୍ଡା ଉପରେ ବସି ଦାନ୍ତ ଘଷିଲାବେଳେ ସତରେ ସେ ମହାଜନ ପରି ଦିଶେ । ସେତେବେଳେ ଦୁଇ ଚାରି ଜଣ ଲୋକ ସାଇ ଦାଣ୍ଡରେ ଠିଆ ହୋଇ କିମ୍ବା ନିକଟରେ କାହା ପିଣ୍ଡାରେ ବସିପଡ଼ି ମଦନା ଗୁଡ଼ିଆର ଅନର୍ଗଳ ଭାଷଣ ଶୁଣନ୍ତି । କ'ଣ ସେ ଗପେ, ମୁଁ ଠିକ୍ ଜାଣେ ନାହିଁ । କିନ୍ତୁ ଗୋଟିଏ ଛୋଟ କଥାକୁ ଲମ୍ବାଇ ଓ ସେଥିରେ ନିଜ ମନରୁ କିଛି ମିଶାଇ ତାକୁ ସେ ଏକ ଅତି ଆଶ୍ଚର୍ଯ୍ୟଜନକ ଘଟଣାରେ ପରିଣତ କରିପାରେ । ଚନ୍ଦ୍ରଭାଗା ବୁଡ଼ିବେଳେ ସେ କେମିତି ମୁଣ୍ଡରେ ଠେକା ଭିଡ଼ି ହାତରେ ଠେଙ୍ଗା ଧରି, ଏକୁଟିଆ ଚାଲି ଚାଲି ପୁରୀ ସମୁଦ୍ର କୂଳରୁ 'କଣାରକ' ଦେଉଳଯାଏଁ ଯାଏ, ସେ ଲୋମହର୍ଷଣକାରୀ ବର୍ଣ୍ଣନା ତାଠାରୁ ମୁଁ ଏକାଧିକ ବାର ଶୁଣିଛି । ସାହି ଲୋକଙ୍କ ଆଗରେ ଚନ୍ଦ୍ରଭାଗା ଅଭିଯାନର କାହାଣୀ ସେ ବର୍ଣ୍ଣନା କଲାବେଳେ, ମୁଁ ଓ ମୋର କେତେଜଣ ସାଙ୍ଗ ଦୂରରେ ଠିଆହୋଇ ତାହା ଶୁଣୁ ।

ଆଜି କିନ୍ତୁ ଏଇ ବିସ୍ତୃତ ସମୁଦ୍ର କୂଳ ଓ ଅସରନ୍ତି ଲୋକ ଗହଳି ଭିତରେ, ଆମ ସାହିର 'ମହାଜନ', ଚନ୍ଦ୍ରଭାଗା ଅଭିଯାନର ନାୟକ ମଦନା ଗୁଡ଼ିଆ କେମିତି କରୁଣ ଓ ଅସହାୟ ଦିଶୁଥିଲା । ସେ ତାର ପସରାରୁ ଜିନଷ ଦେଇ ଗରାଖମାନଙ୍କ-ଠାରୁ ପଇସା ରଖିଲା ବେଳେ ମୋତେ ଲାଗୁଥିଲା, ସେ ଯେମିତି ତା' ଗରାଖମାନଙ୍କ-ଠାରୁ ଅନେକ ଛୋଟ । ଆମ ସାହି ଭିତରେ ଯେ ତାର ଗୋରା ମାଂସଳ ଦେହକୁ ହଲାଇ ହଲାଇ ଗଲାବେଳେ ମୁର୍‌ରବୀ ପରି ଦିଶେ, ବାହାରେ ଯେମିତି ସେ ସବୁରି ଦୟାର ପାତ୍ର । କେହି ତା ଭାଷଣ ଶୁଣି ପ୍ରଶଂସା କରୁ ନାହାନ୍ତି । ତା ଠାରୁ ଜିନଷ ନେଇ ଗୋଟିଏ ଦୁଇଟି ପଇସା ପକାଇ ଦେଇ ବେପରୱା ଭାବରେ ଚାଲି-ଯାଉଛନ୍ତି ।

ବୁଢ଼ୀମା ହାତ ଧରି ସମୁଦ୍ର କୂଳରୁ ଘରକୁ ଫେରିଲା ବେଳେ ମୁଁ ବୁଲି ବୁଲି ମଦନା ଗୁଡ଼ିଆକୁ ଅନେକ ଥର ଅନାଇଲି; କିନ୍ତୁ ଅସରନ୍ତି ଲୋକ ଗହଳି ଭିତରେ ସେ ଓ ତାର ପସରା ସେତେବେଳକୁ କୁଆଡ଼େ ହଜି ଯାଇଥିଲେ ।

# ନିଶା

ଶ୍ରୀ ପୂର୍ଣ୍ଣାନନ୍ଦ ଦାନୀ

ୟୁକାଲିପଟସ୍ ଗଛ । ଡେଙ୍ଗା ଡେଙ୍ଗା । ଧାଡ଼ିଏ । ରାସ୍ତା କଡ଼ରେ—କଲେଜ କମ୍ପାଉଣ୍ଡ ରାସ୍ତା । ···ଏବଂ ତା ସାଙ୍ଗକୁ ଦେବଦାରୁ ଗଛ । ମୋଡ଼ି ମୋଡ଼ି ହୋଇ ପଡ଼ି । ଆଉ ଧାଡ଼ିଏ ସେଇ ରାସ୍ତାର ଅନ୍ୟ କଡ଼ରେ ।

ଏବେ ନିଶା କାଳ । କଲେଜ ପଡ଼ିଆ ଉପରେ । ୟୁକାଲିପଟସ୍ ଓ ଦେବଦାରୁ ଗଛ ଉପରେ ରାତି ସବାର ହୋଇଛି । କଲେଜ ବାରଣ୍ଡାରେ, ଗାର୍ଡ଼େନର ଲନ୍‌ମାନଙ୍କ ଉପରେ ରାତି ହାକିମିଗିରି ଚଳେଇଛି । ସହର ଉପରେ ହଣ୍ଟର ଚଳେଇଛି ରାତି । ଚୁପ୍‌ଚାପ ସହର । ସେ କାନ୍ଦିପାରୁ ନାହିଁ ବା ଚୁପ୍ ରହିପାରୁ ନାହିଁ । ଯେ ଆଲୁଅଗୁଡ଼ାକ ଦାନ୍ତ ନିକାଳି ନିଜର ଦୈନ୍ୟ କଥା କହୁଛନ୍ତି, ସେମାନଙ୍କୁ ରାତି ଅନ୍ଧାର ଚାବୁକ ମାଡ଼ରେ ଅକ୍ତିଆର କରୁଛି । କଲେଜ ଶୋଇପଡ଼ିଛି, ଡରରେ ଛୁନିଆ ହୋଇକି ! ଶୋଇଛି ନା ଚେଇଁଛି, ଜାଣି ହେଉନାହିଁ ।

···ଏବଂ ଏଭଳି ଏକ ରାତି । ରାତି ପ୍ରାୟ କେତେ ହେବ ? କେଜାଣି ? ସେ କଥା ରାତି ହିଁ କଥା । ୟୁକାଲିପଟସ ଓ ଦେବଦାରୁ ଗଛରେ ରାତିର ବୋଝ ହିଁ କହିବ । 'ଜୀବନାନନ୍ଦ' ସେ ରାତିରେ ଛିଡ଼ା ହୋଇ, ଚାହୁଁଛି ପଡ଼ିଆକୁ, ୟୁକାଲିପଟସ୍ ଓ ଦେବଦାରୁ ଗଛକୁ । କଲେଜ କରିଡୋରରୁ ତା' ମନ ବେଦୀରେ କୀର୍ତ୍ତନ । ସେ କୀର୍ତ୍ତନ ଯାହାର ବି ହେଉ ଆଓ୍ବାଜ ବେଶ୍ ଶୃଙ୍ଖଳକର—ଝିନ୍ ଝିନ୍···ବୋଲି ନଚେଇ ଗୌର···ବୋଲ···

ଜୀବନାନନ୍ଦ ଏଥରକ ଚାହୁଁଛି ହଷ୍ଟେଲକୁ । ଉଭୟ ହଷ୍ଟେଲରେ ରାତି ପଶିବାକୁ ଚେଷ୍ଟା କରିଛି ଏବଂ ଅର୍ଦ୍ଧାଧିକ ବିଜୟଲାଭ କରି ସାରିଛି । ଅନେକ କୋଠରୀରେ ଆଲୁଅର ଦାନ୍ତ ନିକୁଟିବା ଶବ୍ଦ । ଜୀବନ ଲକ୍ଷ୍ୟ କରୁଛି ।

"ରାତି ! ତମେ ମାୟାବିନୀ । ତମେ ଲଘୁ । ତମେ ଗୁରୁ । ତମେ ସ୍ୱର । ତମେ ସମ୍ଭାର । ତମେ ଯୌବନ । ତମେ କାମା-କାମାୟିନୀ । ରାତି, ତମେ ପୁଣି ଛନ୍ଦା । ତମେ କୁରୂପା । ବିଗତଯୌବନା । ବସ୍ତୁତଃ ତମେ ଏକ ରାସାୟନିକ ମିଶ୍ରଣ···' —ଜୀବନାନନ୍ଦର ମନରେ ନିଶାକାଳ ଆରମ୍ଭ କରିଛି ନର୍ତ୍ତନ । କଥକ । ପଲ୍ଲବ । ବେପଥୁ···

ନୃତ୍ୟର ଅଥୟ ତାଳରେ ଜୀବନର ଇଚ୍ଛା ଏକ ଅଦ୍ଭୁତ ରୂପ ଧାରଣ କଲା । ତା'ପର ଜୀବନ ନିଜ ଦେହକୁ ଚାହିଁଲା । ସେ ଦେହରେ ଉନର୍ବିଶଟି ବନ୍ଧୁର ସବୁଜ ଓ ଲାଲ ଦାଗ । ସେ କଲେଜ ଛାଡ଼ି ସାରିଛି । ଜୀବିକାର ବ୍ୟାକୁଳତା ତା' କଲେଜ ଠାରୁ (ହୁଏତ ନଳଠାରୁ) ଛଡ଼େଇ ନେବାର ଚେଷ୍ଟା କରିଛି ଖୁବ୍ । କିନ୍ତୁ ପାରିଛି କି ? କଲେଜ କାନ୍ଥର ପ୍ରତି ବାଲିକଣା କି କଥା କହି ପାରନ୍ତି ତା' ବିଷୟରେ, ଏବଂ ଆଉ କି କାହାର । ଇନ୍ଦୁହାସର । କାହ୍ନାଣୀର ।

ଜୀବନର ଇଚ୍ଛା ଅସମ୍ଭବ ଭାବରେ ନୃତ୍ୟ ଆରମ୍ଭ କରିଛି । ତା'ର ଇଚ୍ଛା ହେଉଛି କଲେଜ କରିଡୋରରେ ଗଡ଼ିବାକୁ । ପଡ଼ିଆରେ ଗଡ଼ିବାକୁ । କଲେଜ ରାସ୍ତାରେ ଗଡ଼ିବାକୁ । ୟୁକାଲିପଟସ୍ ଗଛରେ ଚଢ଼ିବାକୁ । କଲେଜ ବିଲ୍ଡିଙ୍ଗ୍ ଉପରେ ଦୌଡ଼ିବାକୁ । କିନ୍ତୁ ଦେହ ? ଦେହ ଓ ମନ ପରିପୂରକ କି ? ମନ ମଦ ପିଏ । ଦେହ କି । ନିଶା ତେବେ କାହାର ବେଶୀ ? ଦେହକୁ ମନ ହୁଏତ ଥାପଡ଼ ମାରିପାରେ ।

ତାହାହିଁ ହେଲା ଯେ ଥାପଡ଼ ମାରିଲା ଦେହକୁ ମନ । କରିଡୋରରୁ ପଡ଼ିଆ ଉପରକୁ ଉପରକୁ କୁଦା ମାରିବାକୁ ଇଚ୍ଛା ହେଲା ଜୀବନର । ୟୁକାଲିପଟସ୍ ଗଛର ଡେଙ୍ଗା ଶାଖାରୁ ପକ୍ଷୀମାନେ ହଜାର ହଜାର ସଂଖ୍ୟାରେ ହଜାର ବାର ମନାକଲେ । ଦେବଦାରୁ ଗଛର ପକ୍ଷୀମାନେ ଏଥିରେ ଯୋଗ ଦେଲେ—ନା··· ନା··· । ଜୀବନ ତେଣୁ ସିଧାସଳଖ ପାହାଚ ପରେ ପାହାଚ ଫଡ଼୍ ଫଡ଼୍ ଓହ୍ଲାଇ ଆସି ପଚାରିଲା—"କାହିଁକି ?"

ସେମାନେ ଯେମିତିକି କହିଲେ—"ତମେ ଯେହେତୁ ଜୀବନବାବୁ···"

ଜୀବନାନନ୍ଦବାବୁ । ସେ କବି । ରାସ୍ତା ଉପରେ ଛିଡ଼ା ହୋଇଛି । ତାକୁ ସଲାମୀ ଜଣାଉଛନ୍ତି ଗଛମାନେ । ପକ୍ଷୀମାନେ । ତାରାମାନେ ଆକାଶର ଫୁଲ କି ? ସେ ଜୀବନବାବୁ । ଫୁଲ ତେବେ ଝରିବ କି ?

"ସେ ଜୀବନବାବୁ—ତା' ମନରେ ଆନନ୍ଦର କମ୍ପନ । ଆନନ୍ଦର ଡେଣ୍ଟ୍ରସ୍ ଶବ୍ଦ । ସେ ବାବୁ । ବୁର୍ଜୁଆର ସ୍ୱର । ସେ ବାବୁ···ସେ ତେଣୁ ଇଚ୍ଛାର ପୂରଣ ଲାଗି ଆଗଭର ହୋଇଛି କି ? ଆରମ୍ଭ କରିଛି ପଡ଼ିଆରେ ଗଡ଼ିବାର । ପଡ଼ିଆରେ ଘାସ । ଘାସ ସାମାନ୍ୟ ଶୁଖି ଯାଇଛି । ଜୀବନବାବୁଙ୍କ ଭଳି ଘାସର ଶୁଖିବାଟା ହୁଏତ ହୋଇପାରେ । "ଆଚ୍ଛା, ଏହା କି ଋତୁ ?"—ଜୀବନ ମନେ ପକେଇଲା—"ବସନ୍ତ ଋତୁ ।"

ବସନ୍ତ ଋତୁ ପୁଣି ଆସିଛି । ଆଉଥରେ ଆସିଛି । ସବୁଥର ଭଳି ଆସିଛି । ଜୀବନ ଉପରେ ଖେଆଲ ତୋଳି ତୋଳି ଆସିଛି । ଆରେ, ହଁ, ତା' ସହିତ 'ଜଲି' ଆସିଛି କି ନାହିଁ । ପଚାର ପଚାର ତାକୁ । ଜଲି ଆସିଛି କି ନାହିଁ ଯେହେତୁ ସ୍ୱେ

ବସନ୍ତ ଋତୁ ପୁନଶ୍ଚ କଲେଜ ପଢ଼ଆରେ । ଅଧିକନ୍ତୁ ରାତ୍ରରେ । ନର୍ତ୍ତକୀ ରାତ୍ର । କିଏ ?···ଓ···ତୁମେ !

'ଜଲି' ! ଆଜ ତମେ ଆସିବ ବୋଲି ମୋର ପୂର୍ଣ୍ଣ ବିଶ୍ୱାସ ଥିଲା । ମୁଁ ବି ବସିଛି । ତମେ ବି ବସ ଏ ପଢ଼ଆରେ । କେହି ନାହାନ୍ତି ଏଇଠି । ଭୟ ବା ଲଜ କରିବାର କଣ ଅଛି ? ବୋଉ, ବାପା, ଅପା, ଭାଇ, ପୂଝାରୀ, ବେହେରା ସମସ୍ତଙ୍କୁ ତମେ ଠକିଦେଇ ଆସି ଯାଇଛ ନା ! ସ୍ୱା' କହି ଆସିଛ ଯେ ତମେ ଶିବାନୀ ଘରକୁ ପଢ଼ିବାକୁ ଯାଉଛ । ମଧ୍ୟାହ୍ନରେ ସ୍ୱା ମୋତେ ଜଣେଇଥିଲ ଏବଂ ତମେ ତମ କଥା ଲୁଚିଛ ଭୟ ନାହିଁ ଜଲି, ତମ ଘରେ ମୁଁ ନେଇ ତମକୁ ଛାଡ଼ି ଆସିବି । ଜଲି, ସତେ, ଭାରି ମଜାର କଥା ଗୋଟେ ମନେ ପଡ଼େ । ଶୁଣି, ତମେ ପୁଣି ଥରେ ହସିପାର ।

ଯେ ସେଦିନ ପ୍ରଥମ ସୋ'ରେ ତମ ବାପା, ତମ ବୋଉ ଓ ଅପା ଗଲେ ସିନେମା । କଣ ଗୋଟେ ଭଲ ଖେଳ ଚାଲିଥିଲା ହୁଏତ ? ହଲ ଭିତରେ ମୁଁ ଦେଖି-ପାରିଥିଲି । ଖୋଜୁଥିଲି ତମକୁ । ନା, ତମେ ନଥିଲ । ହଲ ଭିତରେ ଖୁବ୍ ଗରମ ହେଲା । ଉତ୍ତାପ ଜମିଲା ଦେହରେ । ହଲରୁ ବାହାରି ଆସି, ହୋଟେଲର୍ ବହୁ ପାଣି ପିଇଲି । ଗରମ ମରିଲା ନାହିଁ । ଲମ୍ବା ଲମ୍ବା ପାଦ ପକେଇ ସିଧା ତମ କୋଠରୀ-ଝର୍କାରେ ମୁଣ୍ଡ ଟୁଙ୍ଗାଇଲି ।

ତମେ ଗାଉଥିଲ ଗୀତ । ଗୁଣୁଗୁଣୁ । ଯୌବନର ଫୁଲମାନେ ସେ ଗୀତରେ ଫୁଟି ଉଠୁଥିଲେ । ତମେ ଘୂରି ବୁଲୁଥିଲ କୋଠରୀ ଭିତରେ । ଚେୟାର ଉପରେ ବସି କି ଏକ ଇଚ୍ଛାରେ, ଗୋଟିଏ ବାଧା ଟେବୁଲ ଉପରେ ମାରି ଛୁଡ଼ା ହେଲ ପୁଣି ।

ଡାକିଲି—'ଜଲି !' ଧୀରେ । ତମ ଗୁଣୁଗୁଣୁ ଗୀତ ଭଙ୍ଗିଲା । ଚମକି ଉଠିଲ । ଘର ଆଉଜା କବାଟକୁ ଆଉଜେଇ ଆଣି ଝର୍କା ନିକଟକୁ ଆସି କହିଲ—"ତମେ ! ତମେ ଚାଲିଯାଅ···"

"ମୁଁ ଯେ ଚାଲି ଆସିଛି ହଲରୁ "

"ହଁ, ସେଇଠିକି···"

"କିନ୍ତୁ···" × ×

କିନ୍ତୁଟାଇ ଏକ ବିରାଟ କିନ୍ତୁ । ଆଚ୍ଛା, ଏବେ ଏ ପ୍ରସଙ୍ଗଟା ଏଇଠି ଥାଉ ତ !···

ଜଲି ! ତମେ ବର୍ତ୍ତମାନ ଯାହାହେଉ, ଆଜିଭଳି ଢଙ୍ଗରେ ଏଠିକି ଆସି ଯାଇଛ । ମୁଁ ଯଦି ଆଜି ତମକୁ କହିବି—"ଜଲି ତମେ ଚାଲିଯାଅ···"

ଆହା, ସତେ ଚାଲିଗଲ । ମୋ ମନରୁ ଚାଲିଗଲ ବର୍ତ୍ତମାନ ପାଇଁକି ?

ସତରେ···

...ଯେହେତୁ କଲେଜ ପଢ଼ିଆରେ ପଦଶବ୍ଦ । ହତ୍ୟାକାରୀର ? ନା, ଗୋଟାଏ ନିର୍ଯ୍ୟାତ୍ୱ, ଜୀବନ ସଂଗ୍ରାମୀ ଘଣ୍ଟ ପଡ଼ିଆ ଉପରେ ବୁଲୁଛି ହେଉଛି ।

ରାତି ସହ ସେ ବି ଲଢ଼େଇ କରିଛି । ଆହା, ଜଗସ୍ଥ ଯକ୍ଷ ସମ ତମେ କି ବିରହୀ ଶିବଭକ୍ତ । କାହାର ଖୋଜରେ ? କେଉଁ ରାଜରାଣୀର ?

ଘଣ୍ଟ ଟିକିଏ ବି ନଚୁହିଁ, ସେପଟେ ଏକ ନିର୍ବୋଧଭଳି ଛିଡ଼ା ହୋଇଛୁ ।

ଜୀବନ ତାକୁ ଚାହିଁଲା । ତା' ସହିତ ବନ୍ଧୁତ୍ୱ କରିବାର ଇଚ୍ଛା ପୁଣି ଅଭୁତ ହେଲା । "କମ୍ ମାଇ ଡିଅର ଫ୍ରେଣ୍ଡ୍, ମ୍ଳେ କମ୍ରେଡ୍, ଆସ । ତମେ ଏକା । ପାଦ ମିଳେଇ ଚାଲିବା ।"

କିନ୍ତୁ ନିର୍ବୋଧ ଭଳି ଛିଡ଼ା ହୋଇଥିବା ଘଣ୍ଟ କଣ ବୁଝିବ ଜୀବନର ଚିନ୍ତାକୁ ? ଜୀବନ ଏକ ଅନୁଚ୍ଚାରିତ ସ୍ୱର । ସେ ସ୍ୱର ଚିହ୍ନିବା ହେଲେ ସିନା ତା' ପାଇଁ ! ତଥାପି ସେମାନେ ବନ୍ଧୁ । ଆଜି ରାତିକ ପାଇଁ ହେଲେ ବନ୍ଧୁ ।

ୟୁକାଲିପଟାସ୍ ଗଛ ଓ ଦେବଦାରୁ ଗଛର ପତ୍ର ଶିରଶିର କଲେ । ମୁଣ୍ଡ ହଲେଇଲେ । ପବନରେ ଦୋଳି ଖେଳିଲେ । ଜୀବନକୁ ପୁଣି ଡାକିଲେ । ଆସିବା ପାଇଁ । ଘଣ୍ଟକୁ ଅନେଇ ଜୀବନ କହିଲା—"ସଖା, ତମେ ଟିକେ ଅପେକ୍ଷା କର । ସେମାନେ ଡାକୁଛନ୍ତି । ସଖୀମାନେ ଡାକୁଛନ୍ତି । ମୁଁ ଆସେ ଟିକେ..."

"ଆରେ ତମେ ଯେ ଜଲି ! ...କି ମଜା, କି ମଜା । ତମେ ଏ ଦେବଦାରୁ ଗଛ ତଳେ । ତମେ ଚାଲି ଯାଇଥିଲ ପରା ! ପୁଣି ଆସିଗଲ । କି ଲୁଚକାଳି ଖେଳ ଏ ? "

ଜୀବନର ମନରେ ଇଚ୍ଛାର ଉନ୍ମତ୍ତତା । ନୃତ୍ୟ । ମନର ନୃତ୍ୟ । କୁହୁକ । ଜଲି ଛିଡ଼ା ହୋଇଛି ସେମିତି ।

"ଆଚ୍ଛା ଜଲି, ଏଇଠି ଏ ଦେବଦାରୁ ଗଛ ତଳେ ଛିଡ଼ା ହୋଇଥିବ ନା କଲେଜ ବାରଣ୍ଡାରୁ ଯେଉଁଏ ଚକ୍କର ମାରି ଆସିବା ଆମେ । ଭାରି ମଜା ହେବ । ବେଶ୍ ମଜା ହେବ । ତମେ ମୋତେ ଶୁଣୁନାହଁ । ଆଚ୍ଛା, ବର୍ତ୍ତମାନ ଯଦି କ୍ଲାସ ଥାନ୍ତା । ଯଦି ବର୍ତ୍ତମାନ ବ୍ୟାଡ଼ମିଣ୍ଟନ ଖେଳ ଚାଲିଥାନ୍ତା ହଲରେ । ସତ କହ, ଆସନ୍ତ ନାହିଁ ? ମୋ ରାଣ,ଆସନ୍ତ କି ନାହିଁ ? କହିଲ, ମନେ ପଡ଼ୁଛି କି ନାହିଁ,ଏଥର ଡିସେମ୍ବରରେ ହୋଇଥିବା ଇଣ୍ଟର କଲେଜ ବ୍ୟାଡ଼ମିଣ୍ଟନ ସିଙ୍ଗଲ ମ୍ୟାଚ କଥା ।

ତମେ ଅନ୍ତତଃ ମୋତେ ପଚାଶ ଥର କହିଥିବ ଆସିବ । ନିଶ୍ଚୟ ଆସିବ । ଜରୁର ଆସିବ । ଦେଖିବାକୁ । ଚିଅର ଅପ୍ କରିବାକୁ । ତାଳି ମାରିବାକୁ । କହ ?

ମୁଁ ଯାଇଥିଲି । ବ୍ୟାଡ଼ମିଣ୍ଟନ ସିଙ୍ଗଲରେ ତମେ ଜିଣିଲ । ଚାମ୍ପିଅନ୍ ହେଲ । ମୋର କ୍ଲାପିଙ୍ଗ, ଶଅର ଅପ୍, କଙ୍ଗ୍ରାଚୁ୍ୟଲେସନରେ ତମେ ନିଶ୍ଚୟ କିଛିଟା ପ୍ରେରଣା ପାଇଥିବ । ମାଡ଼ ତମେ ହାରିଗଲ । ହଁ, ହାରିଗଲ ଡବଲସ୍ ମ୍ୟାଚରେ । ହୁଏତ ମୁଁ ସେ ଡବଲସ୍ ମ୍ୟାଚରେ ତମର ପାର୍ଟନର ହୋଇଥିଲେ, କିଛିଟା ହୋଇଥାନ୍ତା ବୋଲି ମୁଁ ତୁମକୁ ବିଶ୍ୱାସ ଜନ୍ମାଇ ପାରନ୍ତି । ଯିଏ ପାର୍ଟନର ହୋଇଥିଲା, ସେ କେବେ ଖେଳିଥିଲା ନା ନାହିଁ ?...

ଆଚ୍ଛା, ତମେ ରାଗିଗଲ କି ? ଏମିତି ରାଗିଲେ ହୁଏ । ଚାଲି ଯାଉଛ ଯେ... ହଁ, ଯେ ଚାଲିଯାଏ, ତାକୁ ରୋକିବା ଠିକ୍ ହେବନାହିଁ । ତମେ ଯାଅ..." × ×

ଜଳି ନ ଥିଲା ସତରେ । ଜୀବନର ପୁଣି ଦୌଡ଼ିବାକୁ ଇଚ୍ଛା ହେଲା ପଡ଼ିଆ ଉପରେ । ରାସ୍ତା ଉପରେ । ହଷ୍ଟେଲରେ ତଥାପି ରାତି ତାର ରତି-ନୃତ୍ୟ କରୁଛି । ସବୁଆଡ଼େ ନୃତ୍ୟ କରୁଛି । "କମ୍ରେଡ୍..."—ଜୀବନ ଡାକିଲା । କେହି ନ ଥିଲେ । ଷଣ୍ଢଟା କୁଆଡ଼େ ଗଲାଣି, ସେ କଥା ସେ ହିଁ ଜାଣେ । ତେବେ ? ତେବେ କଣ କଣିକ ଜୀବନ ବର୍ତ୍ତମାନ ? ରାତି ସହିତ ଅରାତି ହେବ ନା ରତି କରିବ ? ନିଶାକାଳ—ରାତି । ଫୁଙ୍ଗୁଲା ରାତି । ରତି ପ୍ରୀତିର ରାତି । ରାତିକୁ ବାରମ୍ବାର ଚୁମ୍ବନ ଦିଆଯାଇ-ପାରେ । ଅନ୍ଧକାରକୁ ନିହାତି ଆଲିଙ୍ଗନ କରାଯାଇ ପାରେ । ଅନ୍ଧାରକୁ ଜାବୋଡ଼ି ରଖିବାରେ ଖୁବ୍ ଉତ୍ତେଜନା ।

ଜୀବନ ତେଣୁ ଜାବୋଡ଼ିବାକୁ ଚେଷ୍ଟା କଲା ଅନ୍ଧାରକୁ, ରାତିକୁ । କୁଣ୍ଢେଇବାକୁ ଚେଷ୍ଟାକଲା । କିନ୍ତୁ ଅନ୍ଧାରର ଏ କି ପ୍ରୀତି ? ଏ କି ଲୁଚକାଳି ? ଧରା ଦେଉନାହିଁ । ଧରିବାକୁ ଧାଇଁଲା ଜୀବନ । ପଡ଼ିଆରେ ଧାଇଁଲା ଇତସ୍ତତଃ । ରାସ୍ତାରେ ବି । ନାହିଁ ଅନ୍ଧାର ? ଅନ୍ଧାର ଅଥଚ ସବୁଠି । କୁହୁକ ରଚି ପାରେ ଅନ୍ଧାର ।

ଜୀବନ ଖୁବ୍ ଅକ୍ଳା ହେଲା । ତାକୁ ଭାରି ଶୋଷ ମାଡ଼ିଲା । ଆଃ...ଅସରନ୍ତି ଶୋଷ । ଜିଭ ଅଠା ଅଠା । ଓଠ ଅଠା ଅଠା । ତଣ୍ଟି ଶୁଖି ଯାଉଛି । ପାଣି—ପାଣି ଦର୍କାର—ପାଣି...

ଦୌଡ଼ିଲା କୂଅକୁ । କୂଅ ଯେ ଶୂନ୍ୟ । ନା, ନା, ପୂର୍ଣ୍ଣ । (ବାଲ୍‌ଟି କାହିଁ ?) ଓଃ...ତଣ୍ଟି ଶୁଖି ଯାଉଚି । ଶୋଷ । ଅସରନ୍ତି । ଟେପ୍‌ଟା ଗଲା କୁଆଡ଼େ ? ଦୌଡ଼ିଲା । ଟେପ୍ ନିକଟକୁ । ନଳ ମୁହଁରେ ମୁହଁ ଦେଲା । ଓଃ.. ପାଣି କାହିଁ ? ପାଣି ? ? ତା'ପାଖରେ ଏକ କୁଣ୍ଡ । ପାଣି ଭରା । ବେକ ଲମ୍ବେଇ ପିଇଲା ପଶୁଙ୍କ ଭଳି । ପେଟେ । ଶୋଷ ହୁଏତ ତଥାପି ମରିବାକୁ ବାକିଅଛି । ଶୋଷ କେବେ ଶେଷ

ହୁଏ ? ତା'ପରେ ଏକ ନିଶ୍ୱାସ ମାରି କୁଣ୍ଡକୁ ଚାହିଁଲା । କୁଣ୍ଡ ଜୀବନାନନ୍ଦର ଜୀବନ ରଖିଛି । କୁଣ୍ଡରେ ଲେଖାଅଛି—"ପଶୁଙ୍କ ପାଇଁ ପିଇବା ପାଣି ।"

ଜୀବନ ହସିଲା । କିଏ ସେ ବଦାନ୍ୟ ବ୍ୟକ୍ତି ଏ କୁଣ୍ଡ ତିଆରି କରେଇଛନ୍ତି ? ସେ ନିଶ୍ଚୟ ବୁଦ୍ଧିମାନ୍—"ପଶୁଙ୍କ ପାଇଁ ପିଇବା ପାଣି ।" ପଶୁ-ପଢ଼ିକି । ତା'ପରେ ପିଇବ । ସେ ପିଇଛି । (ନିଶା ନୁହଁ ।) ପାଣି । କୁଣ୍ଡରୁ । ତା'ହେଲେ ସେ କଣ ପଶୁ ? ସେ ପଶୁ କି ? ଜୀବନର ମନରେ ଅହରହ ବ୍ୟସ୍ତତା । ସେ କି ପଶୁ ? ସେ କି ମାନବ ? ସେ କି ଦାନବ ? ସେ କି ଦେବତା ? ସେ ପଶୁ ବୋଲି ସିନା କୁଣ୍ଡରୁ ପାଣି ପିଇଲା ।

…ଆରେ, ସେ କଲେଜ ବାଉଣ୍ଡ୍ରି ଡେଇଁ, କଲେଜ ଛକ ପାରିହୋଇ, ଖୋଲା ରାସ୍ତାକୁ ଚାଲି ଆସିଛି । ଅନ୍ଧାର ଏଇଠି ସମ୍ପୂର୍ଣ୍ଣ ବିଜୟ ତୂରୀ ଫୁଙ୍କି ପାରିନାହିଁ । ବତୀଖୁଣ୍ଟମାନେ ଦାନ୍ତ ନିକୁଟୁଛନ୍ତି ତଥାପି…ଓ ଦୂରରେ କାହାର ଗାଈ । ଟଳି ଟଳି ଆଗେଇଛି । ନିଶ୍ଚୟ ସେହି କମ୍ରେଡ଼ର । ଷଣ୍ଢର । ସେ ପଶୁ । ପାଣି ପିଇବା ପାଇଁ ଆସୁଛି । ଏ ପରିପ୍ରେକ୍ଷୀରେ ଜୀବନର ଗୋଟିଏକଥା ମନେ ପଡ଼ିଲା । ସେ ହସିଲା । ଜଲି ବି ହସିଥିଲା ଖୁବ୍ । ତାକୁ ପୁଣି ଥରେ କହିଲେ ବି ସେ ହସିବ । ବାଧ ହୋଇ ହସିବ ଯେ ଏକଦା ଜୀବନାନନ୍ଦ ପ୍ରଭୃତି କେତେ ଜଣ ବନ୍ଧୁ ଇଚ୍ଛାକଲେ କୋଣାର୍କରୁ ପୁରୀ ଯିବାପାଇଁ । ବଙ୍ଗୋପସାଗରର କୂଳେ କୂଳେ । ମଜା ହେବ । ଭାରି ମଜା । ସମୁଦ୍ରର ନୀଳଲହରୀମାନେ ସେମାନଙ୍କୁ ଖଟେଇ ହେଲେ ବି ହଟେଇ ପାରିବେ ନାହିଁ, ସେମାନେ ଚାଲିଛନ୍ତି…ଆଃ…ତୃଷା । ତୃଷା ଯେ ଚିରନ୍ତନ । ଶେଷ କାହିଁ ? ତୃଷାର । ସାଗର ତୀରେ ତୃଷା । ପାଣି । ହେ ଇନ୍ଦ୍ର, ବରୁଣ । ପାଣି…ପାଣି ଦିଅ… ପୁରୀ ପହଞ୍ଚିବା ବେଳକୁ ଅଧାପ୍ରାଣ । ପେଟେ ପାଣି ପିଇଥିବେ ସେମାନେ ଟେପ୍‌ରୁ । ଜୀବନମାନ ରହିଲା । ନୀଳ ଲହରୀମାନେ ତଥାପି ଖଟେଇ ହେଉଥିଲେ । ଜଲି ବି ଖଟେଇ ହୋଇଥିଲା । ତୃଷାର ଶେଷ କାହିଁ ? କହିଲେ, ଜଲି ପୁଣି ହସିବ । ଜଲି କିନ୍ତୁ କାହିଁ ? ଏବେ ଜୀବନକୁ ଷଣ୍ଢଟି ପାରି ହୋଇ ସାରିଛି । ବର୍ତ୍ତମାନ ରାସ୍ତାଶୂନ୍ୟ । ଦୋକାନ ବଜାର ଶୂନ୍ୟ । ଶୂନ୍ୟ । ସବୁ ଶୂନ୍ୟ । ପୂର୍ଣ୍ଣ ଏକା ଜୀବନ । ଜଲି ତେବେ କାହିଁ ? ଦୋକାନ ବଜାରରେ ଲୁଚିଛି କି ? ଜୀବନ ଖୋଜିବ । ଖୋଜିବ ତ ସତ; କିନ୍ତୁ ବର୍ତ୍ତମାନ ଖଣ୍ଡେ ସିଗ୍ରେଟ ହେଲେ, ନିତାନ୍ତ ଭଲ ହୁଅନ୍ତା । ଦୋକାନ ବନ୍ଦ । ସବୁ ବନ୍ଦ । ସବୁ ଶୂନ୍ୟ । ସିଗ୍ରେଟ ନହେଲେ, ନହେଉ ଜଲି ହେଲେ, ଆସୁ ।

ସତକୁ ସତ ବୁଢ଼ୀ ଅସୁରଣୀ ଗପରୁ କୁହୁକ ଭଳି ଜଲି ଆସିଲା ।

ସେ କଣ ମନ କଥା ବୁଝି ପାରେ ? ହଁ, ମନ ବୁଝେ ମନ କଥା ।

ଜଲି ଆସିଛି । କଣ କହି ଆଦର କରିବ, ଅଭ୍ୟର୍ଥନା କରିବ ତାକୁ ଜୀବନାନନ୍ଦ ? ହଠାତ୍ ଏ ରାସ୍ତାଟାରେ କେଉଁଠି ବସିବାକୁ ତାକୁ କହିବ ? ନା,

ସେମାନେ ଗୁଲି ଗୁଲି ଗପ ଆରମ୍ଭ କରିବେ । ଦେଖ, ଜଲି କେମିତି ଟିପ୍ ଟପ୍ ହୋଇ ଆସିଛି । ବାହୁ ତା'ର କେତେ ଗୋଲ । ସେ ବାହୁରେ କେବେ ବଳୟ ସୃଷ୍ଟି କରି ସନ୍ଧିବାକୁ ଇଚ୍ଛା କରିଛି କି ସେ ! ତା' ଡ୍ରେସ୍ କାହିଁକି ଏତେ ଟାଇଟ ? ସେଟା ତାର ରୁଚିବୋଧ । ସେ ଭଲ ଡ୍ରେସ ଭଲ ପାଉଥିବ । କେଶ ବିନ୍ୟାସ ପ୍ରତି ତା'ର ଦୃଷ୍ଟି ଖୁବ୍ । ସବୁବେଳେ ସଜାଡ଼ୁଥାଏ । ଏବେ ବି । କ୍ରମଶଃ ଜଲି ପହଞ୍ଚି ଯାଇଛି ପାଖକୁ ।

'ଜଲି···'—ଡାକିଲା ଜୀବନ । ଶୂନ୍ୟ । ଶୂନ୍ୟତାର ଶବ୍ଦମାନେ । ଦୋକାନ ବଜାରରେ । ରାସ୍ତା ଉପରେ । ଶୂନ୍ୟତା ଭିତରେ ଜୀବନ ଏକ ମହାଶୂନ୍ୟ । ଶୂନ୍ୟ ଓ ଶୂନ୍ୟ ଯୋଗରେ ପୂର୍ଣ୍ଣତା କି ? ଜୀବନ ବର୍ତ୍ତମାନ ଆଗେଇଛି ରାସ୍ତା ଉପରେ । ପୁଣି ଦୂରରେ କାହାର ଏକ ଛାଇ ? କାହାର ? କିଏ ସେ ? ସେ ଛାଇ କ୍ରମଶଃ ନିକଟତର ହେଲା । ସେ ପାଖରୁ କୁକୁର-ଗୁଡ଼ାକ ଶୂନ୍ୟତାରେ ଶବ୍ଦ ଯୋଗକରି ରଡ଼ି ଛାଡ଼ିଲେ —ଭୋ···ଭୋ··· (ତମେ କିଏ ?) ଜୀବନ କିଛିଟା ଡରି ଯାଇଛି । ତେଣୁ ପାଖ ଛୋଟିଆ ଗଳିକୁ ହଠାତ୍ ପଶିଗଲା । ସେ ଅନ୍ଧାରରେ ଆତ୍ମୀୟତା ବଢ଼େଇଲା । ରାସ୍ତାକୁ ଚାହିଁଲା । ସେ ଛାଇଠାରୁ ଶୁଭୁଛି —ହ୍ୟାତ୍···ହ୍ୟାତ୍···କୁକୁର-ଗୁଡ଼ା ତଥାପି ରଡ଼ି ଛାଡ଼ୁଛନ୍ତି ତା ପଛେ ପଛେ । ସେ ଛାଇ ଗଳି ପାର ହେଲା ।

ରାତି ଡିଉଟିରେ ଥିବା ଜଣେ ପୋଲିସ କନେଷ୍ଟବଳ ସେ । ଓଃ···ରକ୍ଷା ହୋଇଯାଇଛି । ଜୀବନକୁ ନ ହେଲେ ବର୍ତ୍ତମାନ ଗୁଡ଼ାଏ ପ୍ରଶ୍ନ ଦେଇ ବାଜେକଥା ପଚାରିଥାନ୍ତା ପୋଲିସ । ଡରେଇଥାନ୍ତା । କିଛି ଗୁଞ୍ଜିଥିଲେ ହୁଏତ ଶାନ୍ତ ହୋଇ-ଥାନ୍ତା । ଠିକ୍ ହୋଇଛି, ସେ ପାର ହୋଇ ଯାଇଛି ।

ତେଣୁ ବର୍ତ୍ତମାନ ପାଇଁ ଏକମାତ୍ର ନିରାପଦ ସ୍ଥାନ କଲେଜ ପଡ଼ିଆ । ବହୁ ହର୍ଷ ବିଷାଦର ସାକ୍ଷୀ । କାହାଣୀର ଇତିହାସ । ସେ ରାସ୍ତା ଠିକ୍ ପାର ହେବ ଭାବୁଛି— ଏକ ଟ୍ରକର ଶବ୍ଦ ଶୁଭିଲା । ପୁଣି ଅପେକ୍ଷା କଲା ଜୀବନ । ଟ୍ରକ ଆଗେଇଛି । ବହୁ ବ୍ୟବସ୍ଥାର ଟ୍ରକ୍ । ମାଲ ବୋଝେଇ ହୋଇଛି ଟ୍ରକ୍‌ରେ । ରାତାରାତି କେତେ ଅରଣ୍ୟ ନଗର ପାରକରେ । କଳାକୁ ଧଳା କରେ । ଧଳାକୁ ବି କଳା କରେ । ଏହା ରାତିର କାରାମତି—ଟ୍ରକର ମନ୍ତ୍ର ।

···କ୍ରମଶଃ କଲେଜ ବାଉଣ୍ଡ୍ରେସୀକୁ ପଶିଲା ଜୀବନାନନ୍ଦ (ଆଃ···ଶାନ୍ତି । ବର୍ତ୍ତମାନ । ପିଣ୍ଡରେ ପ୍ରାଣ । ) କଲେଜ ପଡ଼ିଆ । ରାସ୍ତା, ଯୁକାଲିପଟାସ ଗଛ, ଦେବଦାରୁ ଗଛ । ରାତିର ଡରେଇବା ସ୍ୱର । ହଷ୍ଟେଲରେ ତଥାପି ନିଦ । ଜୀବନ କେବେ ହଷ୍ଟେଲରେ ରହି ନାହିଁ । ଜାଣି ଜାଣି ରହି ନାହିଁ । ଘର ଭଡ଼ା ନିଏ । ଏକଲା ରହେ । ଏକାନ୍ତ ଗୀତିରେ ତା'ର ଅନେକ ପସନ୍ଦ । ଜଲି କିନ୍ତୁ ଭଲ ପାଏ

ହୋଇଗଲେ । ଏ ବର୍ଷ ଦଶହରାକୁ ସେ ଭୂଷାକାନ୍ତିରେ ମଣ୍ଡି ହୋଇଥିଲା; ସଜେଇ ହୋଇଥିଲା । ସେତେବେଳେ ଭଉଣୀମାନଙ୍କରେ ବାଜାର ଶବ୍ଦମାନଙ୍କରେ ଜାଗରୂ ହସ୍ତୀ ଭିତରେ ଜଳି ଜଳଉଥିଲା ତା' ଯୌବନକୁ । ସେ ଫୁଲର ଘରେ କେତେ ଭ୍ରମର । ପ୍ରଜାପତିର ବଚନ ବର୍ଷା । ତା' ସମ୍ମତ ସାକ୍ଷୀ ହେଉଥିଲା ଜଳି । କୁହେ ହସି ପାରୁଥିଲେ ଖୁବ୍ ।—ଜୀବନ ବର୍ତ୍ତମାନ କଲେଜର ବାରଣ୍ଡାରେ ବସୁଛି ଓ ପୁଣି ଘାଣ୍ଟି ହେଉଛି ଯେ—ସେ ଜାଣୁ ଏକାନ୍ତ ଗୀତ ଗାଇ, ଇଚ୍ଛା କରିଥିଲା କେବଳ ସେ ଫୁଲର ସୌରଭ ।

ହଁ, ଜଳି ତାକୁ ଦେଖେ । ଖୁବ୍ ଦେଖେ । ତାକୁ । କ'ଣ ଭାବେ—ହସେ । କା ହସ ସେ ? ଜୀବନର ଭିତରଟା କମିତି କ'ଣ ହୋଇଯାଏ ? ସେ ହସ ଦେଖେ-ଥରେ ଖସି ଉଠେ ବିରୋଧାଭାସ ।

ମନେ ପଡ଼େ ସେଇ କଥା । ଜଳିକୁ ସେ ସିଧା ଜଣା ଦେଇ ପାରିଥାନ୍ତା । ନା, ଜଳିର ବା ଏଥିରେ ଦୋଷ କ'ଣ ? ଦୋଷ ସେ ଭିଡ଼ର । ସେ ଭିଡ଼ରେ ଯେଉଁ ତରୁଣମାନଙ୍କ ବୃଥା ରକ୍ତର ଉତ୍ତେଜନା, ସେ ଉତ୍ତେଜନା ବିରୁଦ୍ଧରେ ଦର୍କାର ହଜାର ହଜାର ଗ୍ରେଟ...ଏବକାର କଥା—

ସେ, ରାସ୍ତା କଡ଼ରେ ବସିଥାଏ ବୁଢ଼ୀଟିଏ । କେତେ ବସନ୍ତ, କେତେ ଶୀତ, ବର୍ଷା, ଖରା ନ ଦେଖିଛି ସେ । କେତେ ଭିଡ଼ ନ ଦେଖିଛି ସେ । ତା' ଯୌବନ ସେ କ'ଣ ଉପଭୋଗ କରି ନାହିଁ ? ସେ କ'ଣ ପ୍ରେମ କରି ନାହିଁ ? ସେ କ'ଣ ସଂସାର କରି ନାହିଁ ? ସବୁ କରିଛି । ସବୁ । ଜନ୍ମୁ ଏମିତି । ତଥାପି ପତେଇଛି ହାତ—ଦିଅ, ଯାହା ଦେବ, ଦିଅ ଏ ହାତରେ । ଅମୃତ ଦିଅ । ନେବି । ବିଷ ଦେବ । ଦିଅ । ସେ ସବୁ ନେବି । ସବୁ ଅମୃତ ମଣିବି ।

ସେ ହାତ ପତେଇଛି । ବସ୍ତିପର ପୋଲ୍‌ରେ ବସି । ବସ୍ତୁର ଠେଙ୍ଗା ମାଡ଼ ସେ ସହୁଛି । ସନ୍ଧ୍ୟା ସନ୍ଧ୍ୟା କହୁଚି—ଦିଅ । ଦିଅ । ଏ ହାତରେ ଅନ୍ତତଃ କିଛି ଦିଅ...

କିଏ ଶୁଣୁଛି କଥା ତାର ? ସ୍ୱର ତାର ? ଭିଡ଼ ଭିତରେ ସାଇକେଲର ଟୁଂ ଟାଂ, କାରର୍ ପେଁ...ଚନାଚୁରବାଲାର ଡାକ ଭିତରେ ସ୍ୱର ତାର ମିଳେଇ ଯାଉଛି । କିଏ ଦେଖୁଛି ତାକୁ ? ସେ ଫଙ୍ଗା ପଥର ମର୍ମର । ଅର୍ଦ୍ଧ ଲଙ୍ଗ ତା'ର ଶୁଣା-ଯାଏନା—ଦେହ୍ନ...ଦେହ୍ନ... ତା' ଦୂରପଟେ ଘୂରି ବୁଲେ...

ଅଥଚ ସେ ଭିଡ଼ର ଶୋଭାଯାତ୍ରାରେ ଦଳକୁ ଦଳ ଯୁବକ ଯୁବତୀ । ବୁଟ୍‌ର ଆଓ୍ୱାଜ । ହାଇହିଲର ଆଓ୍ୱାଜ । ଶାମ୍ପୁ, ଶାଢ଼ୀ, ବ୍ଲାଉଜ, ଭେନିଟିର ଆଡ଼ମ୍ବର ।

ସ୍ଥିତ ଚେଷ୍ଟା ହୁଏ । ଆଜି କୁରଙ୍ଗୀ ଯାକେ । ତରଣୀ କି ସାଥ ହୁଏ ? ତରୁଣୀ ଦଳର କଚର ମିଚର ଧ୍ୱନି ଶୁଭେ । ସେମାନେ ମାଗନ୍ତି ନାହିଁ । ଦିଅ ବୋଲି କହନ୍ତି ନାହିଁ । ତରୁଣ ଦଳ, ଦଳକୁ ଦଳ ଗୋଡ଼େଇ ଥାଆନ୍ତି । "ଆମେ ଦେବୁ, ନିଅ, ନିଅ, ତମେ···" ବୋଲି ଘଟେଇ ହୋଇ, ଗୋଡ଼େଇ ଗୋଡ଼େଇ ଥକ୍କା ହେଲେ ବି ଥାଉଁଥାନ୍ତି । (ତା' ଭିତରେ ଜଳ ବି)

ହେ'ଷ ସବୁ ବସ୍ତୁସବ—ଶୂନ୍ୟ ଓ ପୂର୍ଣ୍ଣ : ପୂର୍ଣ୍ଣ ଓ ଶୂନ୍ୟ ।

ଦେହ···ଉତାପ···ଧ୍ୱନି ବସ୍ତୁସବ ।

ଏ ବସ୍ତୁସ କେତେ ଦିନ ? କେତେ ଦିନର ବା ।···

···ଜୀବନ ହାଇ ମାରିଲା । ହାଇ ନିଦର ଅନ୍ୟ ପ୍ରତିଧ୍ୱନି । ନିଦ କ୍ରମଶଃ ମାଡ଼ି ପଡ଼ୁଛି । ନା, ସେ ଶୋଇବ ନାହିଁ । ଶୋଇଲେ ପ୍ରଗତି ହୁଏନା । ନ ଶୋଇଲେ ବି ଆନନ୍ଦ ମିଳେନା । ଏ ରାତିର ଉଦ୍ଦେଶ୍ୟ, କେବଳ ଶୋଇବା ପାଇଁ । ଅଥଚ ଏ ରାତିରେ, ରତିକ୍ରୀଡ଼ା ଚାଲେ । ପୈଶାଚିକ ଲୀଳା ଚାଲେ । କେତେ କାହାଣୀ ଆସେ ଓ ଯାଏ । କେତେ ସ୍ୱପ୍ନ ଆସେ ଓ ଯାଏ । ଯେମିତି କି ଦିନ ଆସେ ଓ ଯାଏ । ରତି କି ଜିନିଷ । ରତିରୁ ରତିଏ ବି ଯଦି ବର୍ତ୍ତମାନ ଛାଡ଼ିକି ଯାଆନ୍ତା, ହୁଏତ ଲୁପ୍ତ ହୁଅନ୍ତା ବର୍ତ୍ତମାନ । କିନ୍ତୁ ରତିର ଇତି କାହିଁ ?

ରତି, ଆରମ୍ଭ ଓ ଶେଷ ।

ରତି ବା କି ଜିନିଷ ।

ରତିକୁ ଦେଖିବାକୁ ଇଚ୍ଛା ହେଲା ଜୀବନର ।

ଓଃ···ତା'ଦେହରେ କାହିଁକି ଏତେ ଉତ୍ତାପ ?

ତା' ମସ୍ତିଷ୍କରେ କାହିଁକି ଏତେ ବ୍ୟସ୍ତତା ?

ତା' ହାତରେ ଯେମିତି କି କାହାକୁ ଦଳିଦେବାର ଇଚ୍ଛା । ତା' ଦେହରେ ଚୁମ୍ବକର ଏକ ଶକ୍ତି । ଟାଣି ଆଣିବାର ପ୍ରବଳ ଆଗ୍ରହ । ରକ୍ତ ପ୍ରବାହ କ୍ରମଶଃ କ୍ଷିପ୍ର ହେଉଛି । ଜୀବନ ଠିଆ ହେଲା । କ'ଣ କହିବ ସେ ? ରତିକୁ କିମିତି ପାଇବ ସେ ? ସେ କେଇଘଣ୍ଟା ତଳେ ଠିକ୍ ଅନୁଭବ କରି ପାରିଥିଲା, ତୃଷା ଚରିତ୍ରନ । ଶୋଷର ଶେଷ କାହିଁ ? ହଁ, ଠିକ୍ ସେଇଥିା । ଠିକ୍ ସେଇଥିା···

ଓଃ··· ମୋତେ ଦେହ ଦିଅ । ମୋତେ ସ୍ପର୍ଶ ଦିଅ । ମୋତେ ଉତ୍ତାପ ଦିଅ । ମୋତେ ରତି ଦିଅ । ରତି ଦିଅ ।

ଅନ୍ଧାରରେ ଆଉ କିଛୁ ଦେଖା ଯାଉନାହିଁ । କେବଳ ଅନ୍ଧାର । ସେ ବର୍ତ୍ତିମାନ ପଡ଼ିଆରେ କେବଳ ଗଡ଼ୁଛି । ଛଟିପିଟି ହେଉଛି କିଛୁକ୍ଷଣ ପାଇଁ । ଉତ୍ତେଜନା । (ଓ···ଜଲ୍ କି ତମେ ଆସନ୍ତ ନାହିଁ ।) ସେ ଅଧିକ କୋଳାହ୍ଳ ହେଉଛି । × × ···ଏବଂ କ୍ରମଶଃ ଉତ୍ତେଜନା ଶାନ୍ତ ହେଉଛି । ଶୋଇ ପଡ଼ୁଛି । ଧୀରେ ଧୀରେ···

( ରାତି ତାହାହେଲେ କ'ଣ ଏସ୍ପା ? )

···ଜୀବନ ବର୍ତ୍ତିମାନ କି ଏକ ପ୍ରଚଣ୍ଡ ଶବ୍ଦ ଶୁଣିପାରୁଛି । ହ୍ୱିସିଲ୍ ଶବ୍ଦ । ସତର୍କ ଧ୍ୱନି । ସେ ଶିଶିର ମାଉ ଜାଣେ । ଇଶାରା କରିବାକୁ ହେଲେ, ଶିଶିର ମାରିବାକୁ ହୁଏ ବୋଲି ସେ ଜାଣିଛି । କିନ୍ତୁ ଏ ସେ ପ୍ରଚଣ୍ଡ ଧ୍ୱନି । ଯାଇରନ ଗର୍ଜନ ନୁହେଁ, ଏକବାର ହ୍ୱିସିଲ୍ । ( କାହାର ?)

ହଁ, ଟ୍ରେନର । ଘୋର ଅଧରେ ଟ୍ରେନ୍ ଏ ଲାଇନରେ ତ ପ୍ରାୟ ଯାଏ ନାହିଁ । କ୍ରମଶଃ ଘର୍ଘର ଶବ୍ଦ ଓ ଧ୍ୱନି ଖୁବ୍ ନିକଟତର ହେଉଛି । ଯେମିତିକି ମାଡ଼ି ଯିବ । ଜୀବନକୁ ମାଡ଼ିଯିବ । ଏ ସହରକୁ ମାଡ଼ିଯିବ ଅନ୍ଧାରକୁ ବିଦୀର୍ଣ୍ଣ କରିବ । ରାତିକୁ ଚିରିଫାଡ଼ି ତା' ଭିତରୁ ଆଲୁଅ ବାହାର କରିବ ।

ଗୁଡ଼ସ୍ ଟ୍ରେନ୍ । କଦବା କେବେ ଆସେ । ନା, ଅନେକ ସମୟରେ ଆସେ । ମାଲ୍ ଘରବହନ ତା'ର କର୍ତ୍ତବ୍ୟ । କର୍ତ୍ତବ୍ୟରେ ହେଲା କଲେ, ରକ୍ଷା ନାହିଁ । ତା'ର ତେଣୁ ବିଶ୍ରାମ କାହିଁ ? କର୍ତ୍ତବ୍ୟ କର । କେବଳ କର । ସେ ମେସିନ୍ ହେଲେ ବି କର୍ତ୍ତବ୍ୟ ଜାଣେ । ତା' ହ୍ୱିସିଲ ତାକୁ ସତର୍କ କରେ । ଓଃ ··ପ୍ରଚଣ୍ଡ ଶବ୍ଦ···

ଯେମିତିକି ପୃଥିବୀ ଫାଟି ପଡ଼ିବ । ତା' ଭିତରୁ ଯେତେକ ଅଗ୍ନିକୁଣ୍ଡ ବାହାରି ଆସିବ । ପୃଥିବୀର ପେଟରୁ ହୁଏତ ଏକ ନୂତନ ସନ୍ତାନ ଆସିବ । ସେ ସନ୍ତାନ କ'ଣ ସୈତାନ ହୋଇ ପାରେ ? ? କିଏ ଜାଣେ ? ? ?

ଶବ୍ଦ କ୍ରମଶଃ ତୀବ୍ର ହେଉଛି ଓ ଧୀରେ ଧୀରେ ଲମ୍ବି ଯାଉଛି ଟ୍ରେନ୍ । ଲାଇନରେ ଡେଇଁ ଡେଇଁ । ନାଚି ନାଚି । ହରିଣୀଟି ପରି । କି ସମ୍ବାଦ ନେଇ ଯାଉଛି ସେ ? କି ଆନନ୍ଦ ନେଇ ଯାଉଛି ସେ ? କି ହଳାହଳ ନେଇ ଯାଉଛି ସେ ? କିଏ ଜାଣେ ?

ଏବଂ କ୍ରମଶଃ ସେ ଶବ୍ଦ ଅପସରି ଯାଉଛି । ଚୁପ୍‌ଚାପ ଦୋଷୀ ଭଳି ସେ ଚାଲି ଯାଉଛି । ଯିବା ତା'ର କର୍ମ । ସେ ଯିବ ।

...କିନ୍ତୁ ଜୀବନାନନ୍ଦ ବର୍ତ୍ତମାନ ପାଇଁ ଏଇଠି ରହିଥିବ । ଯେହେତୁ ବୃକ୍ଷର ରକ୍ତରେ ସେ ପ୍ରୀତ । ଦେବଦାରୁ ଗଛର ପକ୍ଷୀମାନେ ଏବେ ଉଡ଼ିମୋଡ଼ି ହେଉଛନ୍ତି । ଛଟପଟ ହେଉଛନ୍ତି । କାହାର ପ୍ରତୀକ୍ଷାରେ ? ଜୀବନାନନ୍ଦ ପାଇଁ । ଜୀବନ ତ ଅଛି । ଜୀବନ ସବୁଠି ଅଛି ଜୀବନର ନିଶ୍ୱା ଅଛି । ପ୍ରତିନିଶ୍ୱା ଅଛି । ତେବେ ଗଛର ପକ୍ଷୀମାନେ ଛଟପଟ ହେବେ କାହିଁକି ? ସେମାନଙ୍କୁ ବୁଝେଇବାର ଚେଷ୍ଟା କରାଯାଉ—

ହେ ପକ୍ଷୀମାନେ, ଦେଖ, ଆକାଶରେ କେମିତି ଦୀପାବଳୀ ! ତାରାମାନଙ୍କର କେତେ ଫୁଲଝରି !......କେତେ ରୋଷଣୀ......

(ଯେମିତି ଏଥର ଦୀପାବଳୀରେ ଜଲି ସବୁଜ ଶାଢ଼ୀ ପିନ୍ଧି ଫୁଲଝରି ଖେଳୁଥିଲା । ନାଚୁଥିଲା । ଡେଉଁଥିଲା ଖାଲି ଗୋଟେ ଶିଶୁ ଭଳି ।)

ଆହା ପକ୍ଷୀମାନେ, ତମକୁ ଶିଶୁ ଭଳି ମନେଇ ହେବ ନାହିଁ ; ରଜାରାଣୀ ଗପ କହିଲେ, ତମେ ମାନିବ ନାହିଁ । ଚକୋଲେଟ୍ ଦେଲେ, ମାନିବ ନାହିଁ ।

ଆହା, କି ମମତା ଲାଗୁଛି ସତେ ? ତମେ କି ସବୁଦିନ ଏଭଳି ଏଇଠି ଠିଆ ହୋଇଥିବ ? କହିବ ନାହିଁ କଥା ! ଖୋଲିବ ନାହିଁ ଛନ୍ଦ ! ତମେ କ'ଣ ସବୁଦିନ ସବୁଜ ଥିବ ? ତମ ଦେହରେ ବସନ୍ତ ଖାଲି ଆସୁଥିବ ।

ଆହା, ତମେ ଚାଲିଗଲେ, କିଏ ମନେ ରଖିବ ତମକୁ ? କଲେଜ ବିଲଡିଙ୍ଗ୍ ? [illegible] ? ସେମାନେ ବି ମରଣଶୀଳ । ନା, ନା, ପୃଥିବୀ... ପୃଥିବୀ...

ପୃଥିବୀ ତେବେ ବୁଢ଼ୀ ହେବ ନାହିଁ ? ବୟସ ତା'ର ଖସିବ ନାହିଁ ? ବୟସ— ଯେମିତିକା ଦିନ ବଢ଼େ । ପଶ୍ଚିମକୁ ସୂର୍ଯ୍ୟ ଢଳେ । ଛାଇ ଲମ୍ବା ହୁଏ କ୍ରମଶଃ । ମଣିଷର ଛାଇ ଲମ୍ବା ହୁଏ ସିନା, ସେ କିନ୍ତୁ ଛୋଟ ହୁଏ କ୍ରମଶଃ ସମୟକୁ ନେଇ । ମୃତ୍ୟୁକୁ ନିକଟତର ଆତୁର ।

ତେବେ ଜୀବନ ସତ ଆସୁଛି । ତା'ର ଅସ୍ପଷ୍ଟ ପଦଧ୍ୱନି ନିକଟତର ହେଉଛି । ଜୀବନ କ'ଣ ସରିଯିବ ? କିଏ ତାକୁ ସାରିବ ? ସେ ସରିଗଲେ କ'ଣ ହେବ ?

ନା, ନା, ସେ ରହିବାକୁ ଚାହେଁ । ରହିବାକୁ ଚାହେଁ ଜୀବନାନନ୍ଦ ।

କିନ୍ତୁ କାହିଁକି ?

ତା' ନିଜ ପାଇଁ । ଅନ୍ୟ ପାଇଁ ସମସ୍ତଙ୍କ ପାଇଁ । (ଜଲି ପାଇଁ ।)

(ଜଲି ପାଇଁ ?) କାହିଁକି ?

ଜଲି : ଭିକ୍ଟ୍ରି ହୋଟେଲ । ଅଣ୍ଡର୍ ଗ୍ରାଉଣ୍ଡ । ବର୍ଷାର ସନ୍ଧ୍ୟା ।

···ଅଥଚ ଜଲି ଭଲ ଖେଳି ଜାଣେ । ନାଚି ଜାଣେ । କେବଳ ବାନ୍ଧାକୁ ନେଇ ଜାଣେ । ୟୁନିଭର୍ସିଟି ଷ୍ଟୋଟ ଡେ' ଦିନ—ସେ ଦିନ ଜଲିର ସୌରଭ ମାତି ଉଠିଥିଲା । ଗୋଲାପୀ ଶାଢ଼ୀ, ବ୍ଲାଉଜ ପିନ୍ଧି ଯେମିତି କି ଏକ ଗୋଲାପ ପରି ସାଜିଥିଲା । ବହୁ ଜୀବନକୁ ଆକ୍ରାନ୍ତ କରିଥିଲା ସେ ସୌରଭରେ ଥିଲା ବିଷାକ୍ତ ହାଓ୍ବା । ସେ ବିଷକନ୍ୟା ଭାଇରସର ଅଜସ୍ର ବିନ୍ଦୁ । ସେ ଧ୍ୱଂସ କରିପାରେ ଜୀବନକୁ··· ଧ୍ୱଂସ କରିପାରେ ବହୁ ଜୀବନକୁ । ପୁନଶ୍ଚ ଅନ୍ଧାର···

ହେ ଅନ୍ଧାର ! ମୋତେ ଲୁଚେଇ ରଖ । ଲୁଚେଇ ରଖ ତମର ନିସ୍ପନ୍ଦ ଗୁମ୍ଫା ଭିତରେ । ମୁଁ ଅନ୍ଧାରରେ ଜୁଡ଼ୁବୁଡ଼ୁ ହୋଇ ପୋଷା ବିଲେଇଟିଏ ଭଳି ଶୋଇ ପଡ଼ିବି । ଚୁପ୍‌ଚାପ୍ ଶୋଇ ପଡ଼ିବି ।

ଆଃ···ତାହା ହେଲେ ନିଦ କାହିଁ ? ନିଦ । ନିଦ ନ ହେଲେ, ମଣିଷ ଉତ୍ୟକ୍ତ ହୋଇଯାଏ । ପାଗଳ ହୋଇଯାଏ । ମଣିଷ ତେଣୁ ନିଦ ପିଲ୍ସ ଖାଏ । ନିଦର ଛଳନା କରେ । କାୟିକ ପରିଶ୍ରମ କରେ । ମାନସିକ ପରିଶ୍ରମ କରେ । ନିଦର ଛଳନା କରେ । ନହେଲେ ଖାଏ ନିଶା । ନିଶା ଖାଇଲେ, ନିଦ ଖୁବ୍ ହୁଏ । ଜୀବନାନନ୍ଦ ତା'ହେଲେ ନିଶା ଖାଇବ । ସେ କ'ଣ ନିଶା ଖାଇ ନାହିଁ ?

ନା, ଜୀବନାନନ୍ଦ ଶୋଇବ ନାହିଁ । ସେ ନିଦକୁ ଧକ୍କା ମାରି ନିକାଲି ଦେବ । ଶୋଇଲେ, କର୍ତ୍ତବ୍ୟରେ ହେଳା ହେବ ।···ଏବଂ ସେ ଦେଖି ପାରୁଛି ଯେ ହଷ୍ଟେଲରେ କାହାର ଏକ ଝର୍କା ଖୋଲା ହେଉଛି । ଖୋଲା ଝର୍କା ଦେଇ ମେଞ୍ଚାଏ ଆଲୁଅ ପଡ଼ିଆକୁ ଖୁବ୍ ତୀବ୍ର ଭାବରେ ଲମ୍ଫ ପ୍ରଦାନ କରୁଛି । ଯେମିତିକି ଶରତାକାଶରେ ଖଣ୍ଡେ ଧଳା ମେଘ ବା ଛଉର ଦାଗ ଦେହରେ । ସେ ଝର୍କା ଦେଇ ଜଣେ କେହି ବିଦ୍ୟାର୍ଥୀ କଲେଜ ପଡ଼ିଆକୁ ଚାହୁଁଛି ଏବଂ ସିଗ୍ରେଟ୍‌ର ଧୂଆଁ ଗୁଳି ଛାଡ଼ୁଛି । ପରସ୍ତ ପରସ୍ତ ଗୁଳି । ସେ ପଢିବାର ଆରମ୍ଭ କରିବ । କରୁ । କିଏ କହିପାରେ, ସେ ପ୍ରେମ ପତ୍ର ନ ଲେଖିବ ବୋଲି ? କିଏ କହିପାରେ, ସେ କବିତା ନ ଲେଖିବ ବୋଲି...

ଆରେ ସେ ଜୀବନକୁ ଚାହୁଁଛି କି ?

ଜୀବନ ବର୍ତ୍ତମାନ ଅନ୍ଧାର ଭିତରେ ଗୋଟେ ଅନ୍ଧାର । ତାକୁ କିଏ ଚହ୍ନିବ ? କିନ୍ତୁ ଗାର୍ଲ୍‌ସ ହଷ୍ଟେଲର ଛାତ ଉପରେ ଯେଉଁ ଶାଢ଼ୀ, ଶାୟା, ବ୍ଲାଉଜ, ବ୍ରେସିୟର୍, ସଲ୍‌ଓ୍ବାର୍ ଦ୍ୱିପ୍ରହର ଖରାରେ ଖରା ପାଉଥାଏ, ଜୀବନାନନ୍ଦ ଠିକ୍ ଚହ୍ନେ, ସେସବୁ—

କିଏ କାହାର ? ସେ ସବୁ ବିଭିନ୍ନ ଦେଶର ପତାକା ଭଳି ଉଡ଼ୁଥାଏ ଖାଲି ଧାଡ଼ି, ପବନରେ ଫର୍ ଫର୍ । ଅନ୍ତତଃ ଜଣଙ୍କର (ସେ ହୁଏତ ବୋଧ କରେ) ଠିକ୍ ଚହ୍ନେ । ଜୀବନ ଚହ୍ନେ ନିଜ ଦେଶର ପତାକାକୁ ।

କିନ୍ତୁ ତାକୁ ବର୍ତ୍ତମାନ କେହି ଚହ୍ନି ପାରିବେ ନାହିଁ । ଚହ୍ନିଲେ ବି ବିଶ୍ୱାସ କରି ପାରିବେ ନାହିଁ ଯେ ସେ ଜୀବନାନନ୍ଦ !

·····ଏବଂ ଜୀବନର ବର୍ତ୍ତମାନ ଖୁବ୍ ଇଚ୍ଛା ହେଲା, କାହା ସହିତ କଥା ହେବାକୁ । ଗୀତରେ ଆଳାପ, ସଲାପ (ବିଳାପ) କରିବାକୁ । ସ୍କୁକାଲ୍‌ପଂଟସ୍ ଓ ଦେବଦାରୁ ଗଛର ପତ୍ରମାନେ ବର୍ତ୍ତମାନ ନିସ୍ତେଜ ହୋଇ ପଡ଼ିଛନ୍ତି । ସେମାନଙ୍କ ସହି ସେ କଥା ହେବ ନାହିଁ । ଜଲି ତେଣୁ ଯିବ ଆଥାନ୍ତା···

···ଏଠି କାହିଁକି ଯେ ବର୍ତ୍ତମାନ ଭଲ ଲାଗୁ ନାହିଁ । କଲେଜ ବାଉଣ୍ଡେରୀ ବାହାର ହୋଇ ଛକକୁ ଯିବାର ବିଚାର କରୁଛି ସେ । ଦୋକାନ ବଜାରମାନଙ୍କରେ ଜଲିକୁ ଖୋଜିବ । ନ ହେଲେ ସିଗ୍ରେଟ ଖୋଜିବ । ନ ହେଲେ ଖୋଜିବ କଫି ।

ନ ହେଲେ—

ନାଇଁ କାହାକୁ ଖୋଜିବା ଦରକାର ନାହିଁ । ଖୋଜିଲେ, ମିଳେ ନାହିଁ । ନ ଖୋଜିଲେ, ହଠାତ୍ ମିଳିଯାଏ । ଜଲିକୁ ସେ ଖୋଜୁଛି; ଅଥଚ ପାଉ ନାହିଁ । ଜଲି ଲୁଚକାଳି ଖେଳ ଆରମ୍ଭ କରି ଦେଇଛି । ତା'ପର ଛକରେ ବି ଭଲ ଲାଗୁ ନାଇଁ ।

କିଛୁ ଭଲ ଲାଗୁ ନାହିଁ । ଧାଡ଼ି···ଜୀବନ ମୁହଁ ବୁଲେଇବାକୁ ବସିଛି, ଶୁଣିବାକୁ ପାଇଲା କାଶିବାର ଶବ୍ଦ । କାହାର ? ଅନେଇଲା । ହୋଟେଲ ଆଗରେ ଯେଉଁ ଦଦରା ବେଞ୍ଚ ପଡ଼ିଛି, ତା' ଉପରେ କେହି ଛିଣ୍ଡା ଲୁଗା ଘୋଡ଼ି ହୋଇ ପଡ଼ିଛି । ଦୂର ବତୀଖୁଣ୍ଟର ଆଲୁଅଛିଟା ପଡ଼ିଛି ମାତ୍ର ।

ଜୀବନର ଇଚ୍ଛା ହେଲା, ତାକୁ ଦେଖିବାକୁ । ନିକଟକୁ ଗଲା । ବୁଢ଼ା ହେଲା । ସେ ଶୋଇ ପଡ଼ିଛି । ମୁହଁ ଦିଶୁଛି । ବୃଦ୍ଧ । ଶ୍ମଶ୍ରୁର ଜାଲ ତାଙ୍କି ହୋଇଛି । ଧଳା ଧଳା । ଶୋଇଛି । ଶୋଇ ଆଉ । ଜୀବନ ଚହ୍ନିବାକୁ ଚେଷ୍ଟା କଲା । ଚହ୍ନି ପାରିଛି । ସେ ବୁଢ଼ା ମାଗେ ନାହିଁ । ଦେଲେ ନିଏ । ହାତ ପତାଏ ନା । ସେଇ ହୋଟେଲରୁ ଚ' ପିଇବ, ତା ମାଟି ଗ୍ଲାସରେ । ପଇସା ଅଥଚ ଜରୁର ଦେବ । ବୁଢ଼ା କାହାଣୀ କହିବ ତା' ସମସ୍ତର—ତା' ସମସ୍ତରେ···

ଆଚ୍ଛା, ବୁଢ଼ାକୁ ଉଠେଇ, ତା' ସ୍ୱପ୍ନଯୁଗର କାହାଣୀ ଶୁଣିଲେ କେମିତି ହୁଅନ୍ତା ? ଜୀବନ ବସ୍ତୁର କଲା । ମନ୍ଦ ନୁହେଁ ! କିନ୍ତୁ ଆହା; ବୁଢ଼ାଟାକୁ ନିଦ ହୋଇ ଯାଉଛି । ଶୋଇଥାଉ । ତା' ସମସ୍ତର ତାରୁଣ୍ୟ କଥା, ଶକ୍ତିର କଥା ··ଥାଉ । ପରେ ଶୁଣିବ ।

ତା' ହେଲେ ବର୍ତ୍ତମାନ କ'ଣ କରିବ ଜୀବନ ? ସମସ୍ତ ଯେ ସରି ଯାଉଛି । ବସନ୍ତ ଯେ ସରି ଯାଉଛି । ରାତି ଯେ କ୍ରମଶଃ ସରି ସରି ଆସୁଛି । ଓଃ···ଆଉ କିଛି ଭଲ ଲାଗୁନାହିଁ ।

ତେବେ ? ହଁ, ତେବେ ଫର୍ଲଙ୍ଗେ ଦୂରରେ ଥିବା ଛକକୁ ଯିବ କି ଜୀବନ-ନନ୍ଦ ? ଜନାକୀର୍ଣ୍ଣ ଛକ । କେତେ ଗହଳି । କେତେ ଶବ୍ଦ । କେତେ ଚିତ୍କାର । ସବୁ ଶୂନ୍ୟ ବର୍ତ୍ତମାନ । ଶୁନ୍‌ଶାନ ସେ ଛକରେ । ଛକ ମଝିରେ ସେଇ ଷ୍ଟାଣ୍ଡରେ ଟ୍ରାଫିକ ପୋଲିସ ଭଳି ସେ ହୁଇସିଲ ଫୁଙ୍କିବ କି ? ହାତ ଟେକିବ । ନିର୍ଦ୍ଦେଶ ଦେବ କାର୍‌କୁ ରହ । ଆଉ ଏକ କାର୍‌କୁ କହିବ, ଯାଅ । ଶୃଙ୍ଖଳା ରଖିବ । ନ ହେଲେ ଛକ ଯେ ବିଶୃଙ୍ଖଳିତ ହୋଇଯାଏ । ଦୁର୍ଘଟଣାର ସମ୍ଭାବନା ପ୍ରତି ମୁହୂର୍ତ୍ତରେ । ଛକକୁ ବ୍ୟବହାର କରୁଥିବା ପ୍ରତି ମଣିଷ, ଜୀବଜନ୍ତୁ, କାର୍, ଟ୍ରକ, ସାଇକଲ, ରିକ୍‌ସାକୁ ସେ ରକ୍ଷା କରିବ । ପଥ ବତେଇବ । ନିରପେକ୍ଷ ରଖିବ । ସେଇ ଛକ । ଚାରି ଦିଗକୁ ଚାରି ରାସ୍ତା । କେଉଁ ଦିଗକୁ ଗଲେ, ସେ ପାଇ ପାରିବ ତା'ର ଚରମ ସ୍ଥଳ ? କେଉଁ ରାସ୍ତାରେ ? ଆରେ ସେ ନିଜେ ତ ଠିକ୍ କରି ପାରୁନାହିଁ ନିଜ କଥା ! ଦିଗ କଥା ! ରାସ୍ତା କଥା ! ତେବେ ସେ କେମିତି ଛକ ଉପରେ ଠିଆ ହୋଇ ଟ୍ରାଫିକ ଛକକୁ ସମ୍ଭାଳିବ ? ହୁଇସିଲ୍ ଦେବ ? ସତର୍କ କରେଇବ ?

ନା, ସେଠିକି ଯିବା ଏବେ ଠିକ୍ ହେବ ନାହିଁ । ସେଇଠି ଏବେ ଶୁନ୍‌ଶାନ— ସବୁ ଶୂନ୍ୟ । (ଶୂନ୍ୟ ଯେ ସବୁ ଶୂନ୍ୟ । ମହାକାଶଠାରୁ ଶୂନ୍ୟରେ କେବଳ ମହାଶୂନ୍ୟ ।) ଜୀବନ ତେଣୁ କେତେବେଳେ ଯେ କଲେଜ ପଡ଼ିଆକୁ ପଶି ଯାଇଛି, ସେ ନିଜେଇ ଜାଣିପାରୁ ନାହିଁ । ତା'ପରେ ତାକୁ କିଛିଇ ଭଲ ଲାଗୁ ନାହିଁ । ପଡ଼ିଆ ଭଲ ଲାଗୁ ନାହିଁ । ୟୁକାଲିପଟାସ ଗଛ । ଦେବଦାରୁ ଗଛ । ରାସ୍ତା । ରାତି । କିଛି ଭଲ ଲାଗୁ ନାହିଁ ।

ସେ ଆକାଶକୁ ଚାହୁଁଛି । ଆକାଶରେ ଅଗଣିତ ତାରା । ଆଚ୍ଛା, ଚନ୍ଦ୍ର ଆଜି ଆସିଥିଲା କି ନାହିଁ ଆକାଶର ସମୁଦ୍ରରେ ବୋଇତ ଭଳି ? ଆସିଥିଲା ଖଣ୍ଡିଆ ଖାଖାବରା ହୋଇ । ବୁଡ଼ି ଯାଇଛି ବହୁ ପୂର୍ବରୁ । ଜୁଆରରେ ହୁଏତ । ତାରାମାନେ ତେଣୁ

ଜୁଳୁ ଜୁଳୁ ହେଉଛନ୍ତି । କାନ୍ଦ କାନ୍ଦ ଆଖି ଫୁଲି ଯାଇଛୁ ସେମାନଙ୍କର । ପାଣି ତଥାପି ସରି ନାହିଁ । ଜୀବନ ସେମାନଙ୍କୁ ଗୁହିଁଛି ।

ତା'ର ଇଚ୍ଛା ହେଉଛି, ସେମାନଙ୍କ ନିକଟକୁ ଯିବା ପାଇଁ । କଲେଜ ବିଲ୍‌ଡିଙ୍ଗ ଉପରକୁ ଚଢ଼ିଗଲା ସେ । କାରଣ ତାରାମାନେ ଆଉ କିଛି ପାଖ ନିକଟ ହୋଇପାରନ୍ତି । ଓ..... ଜୀବନାନନ୍ଦକୁ କିଛି ଆଉ ଭଲ ଲାଗୁ ନାହିଁ । ତାକୁ କେମିତି ଲାଗୁଛି । କିଛି ଗୋଟେ ଅଜବ ଅନୁଭବ କରିପାରୁଛି ସେ । ତା'ର ବସ୍ତୁତଃ ଇଚ୍ଛା ହେଉଛି, ବିଲ୍‌ଡିଙ୍ଗ ଉପରେ ଦୌଡ଼ିବାକୁ କେବଳ ଦୌଡ଼ିବାକୁ ।

...ଏବଂ ହଠାତ୍ ତା' ଆଖି ପଡ଼ୁଛି 'ସପ୍ତର୍ଷି ମଣ୍ଡଳ' ତାରାମାନଙ୍କ ଉପରେ । ସେ ଖୁବ୍ ନିବିଷ୍ଟ ଭାବରେ ଲକ୍ଷ୍ୟ କରୁଛି 'ବଶିଷ୍ଠ' ତାରାକୁ । ତା'ର ଠିକ୍ ତଳେ 'ଅରୁନ୍ଧତୀ' । 'ବଶିଷ୍ଠ ଓ ଅରୁନ୍ଧତୀ' । ଯୁଗ୍ମ । 'ଜୀବନ ଓ—' କିଏ ପୂରଣ କରିବ ଏ ଶୂନ୍ୟ ସ୍ଥାନ ?

('ଜଲି' ?)

ହସ ମାଡ଼େ । ସେ ପାରିବ ନାହିଁ । ପାରିବ ନାହିଁ । ଜୀବନ କିଏ, ସେ ଜାଣି ନାହିଁ । ଜୀବନ କ'ଣ, ସେ ଜାଣି ନାହିଁ । ଜୀବନ କାହିଁକି, ସେ ଜାଣି ନାହିଁ ।

ସେ ତ ଏବେ ଜଣେ କାହାର ତୃଷା ମେଣ୍ଟାଉଥିବ । ସେହେତୁ ଜଲି ଏକ ଫାଙ୍କା ବା ଶୂନ୍ୟତା ବା ନିଷ୍ଫଳ କାମନା ।

ଜୀବନ ତେଣୁ ବ୍ୟସ୍ତ ହେଉଛି ଶୂନ୍ୟତାର ପୂରଣପାଇଁ । ...ଏବଂ ଦେଖୁଛି ଯେ ପୂର୍ବ ଦିଗ୍‌ବଳୟରୁ କଳଚିଟା ଫର୍ଚ୍ଚା ଦେଖାଗଲାଣି । ପରେ ପରେ ସିନ୍ଦୂର କ୍ରମଶଃ ଫାଟିବାକୁ ଆରମ୍ଭ କରିବ । ରକ୍ତ ଝରିବ । ରକ୍ତ...

ତେବେ ଜୀବନ କ'ଣ କରିବ ଏବେ ?

ସେ ଦୌଡ଼ିବାରେ ଲାଗିଛି କଲେଜ ବିଲ୍‌ଡିଙ୍ଗ ଉପରେ । ଖୁବ୍ ବ୍ୟସ୍ତତା । ଘଣ୍ଟା ଚକଟା ମନରେ...କିଛି ଠିକ୍ କରିପାରି ନାହିଁ ଏ ପର୍ଯ୍ୟନ୍ତ । ନା, ତାକୁ କିଛି ଭଲ ଲାଗୁ ନାହିଁ । କିଛି ହେଲେ...ତାକୁ ସବୁ ଭୁଲି ଯିବାକୁ ହେବ । ଅଭିନୟ ଭୁଲିଯିବାକୁ ହେବ । ଏବେ ତାକୁ ନିଶା ଦରକାର । ଆହୁରି ନିଶା । କଡ଼ା ନିଶା ।

ସେ ଖାଇବ । ପିଇବ । ଶୋଷିବ । ନିଶା ।

ଜୀବନ କ'ଣ ନିଶା ଖାଇ ନାହିଁ ?

( ଖାଇଛି । )

ତା'ପର କ୍ରମଶଃ ଏକ ଆଲୋକବନ୍ଧୁ । ତା' ଆଖିରେ ଦ୍ୟୋତି ଖେଳ ଦେଉଛି । 'ଧ୍ରୁବତାରା' । ସେ ହିଁ ଧ୍ରୁବ । ଜୀବନ ହିଁ ଧ୍ରୁବ । ('ଜୀବନାନନ୍ଦ' ଧ୍ରୁବ ନୁହେଁ । ସେ ମିଥ୍ୟା ।)

ସେ ମିଥ୍ୟା । ତା' ହେଲେ ଅକାରଣରେ ସେ ନିଶା ଖାଇ ଅଭିନୟ କରୁଛି । ଧ୍ରୁବ ହିଁ ଏକମାତ୍ର ଲକ୍ଷ୍ୟ ।

(ଜଳ ଏକ ଜୁଆଖେଳ । ଘୋଡ଼ା ଦୌଡ଼ । ମିଛ । ମିଛ···)

ଧ୍ରୁବକୁ ହିଁ ପାଇବାକୁ ହେବ । ଜୀବନକୁ ତେଣୁ ଆବିଷ୍କାର କରିବାକୁ ହେବ ।···ଏବଂ ଜୀବନାନନ୍ଦ ଦେଖୁଛି ପୂର୍ବାଶାରେ ରକ୍ତ···କେବଳ ରକ୍ତ···

ନା, ନା···ଯାହା ଧ୍ରୁବ, ତାହାହିଁ ଧ୍ରୁବ । ତାକୁ ହିଁ ପାଇବାକୁ ହେବ । ଧ୍ରୁବ ଆଡ଼କୁ ଆଗେଇ ଯାଉଛି ଜୀବନାନନ୍ଦ କ୍ରମଶଃ···

ସେ ନିଶା ଖାଇଛି । ଅଭିନୟ କରିଛି । ରକ୍ତ ଦେଖିଛି । ମିଛ ଦେଖିଛି । ନିଶାରେ ଭୁଲି ଯାଇଛି ସବୁ କିଛି । ଭୁଲି ଯାଇଛି ପୃଥିବୀକୁ । ନିଜକୁ । ଆତ୍ମାକୁ । ଜୀବନକୁ । ସତ୍ୟକୁ ··

ନିଶା ତାକୁ ପାଉଛି । ମାଡ଼ି ଯାଉଛି । କୁମ୍ଭକ ପାଉଛି ।

ଜୀବନ ଧ୍ରୁବକୁ ହିଁ ପାଇବ । ନିଶାକୁ ଭୁଲିବ । ରକ୍ତ ଝରିଲେ, ଝରୁ । ଦେହ ସରିଲେ, ସରୁ । ପୃଥିବୀ ପ୍ରଳୟ ହେଲେ, ହେଉ ।···ସେ ଧ୍ରୁବକୁ ହିଁ କେବଳ ପାଇବ···

କ୍ରମଶଃ ଧ୍ରୁବତାରା ଆଡ଼କୁ ଆଗେଇ ଯାଉଛି ଜୀବନାନନ୍ଦ ।

ନା, ନା, ସେ ଭୁଲ୍ କରିଛି । ନିଶା ଖାଇଛି । ଭୁଲି ଯାଇଛି ନିଜକୁ । ଆତ୍ମାକୁ । ଜୀବନକୁ । ସତ୍ୟକୁ । ବିହ୍ୱଳ ହୋଇଛି । ପାଗଳ ପ୍ରାୟ ହୋଇଛି ।

ଜୀବନ କ'ଣ ନିଶା ଖାଇ ନାହିଁ ? ସେ କ'ଣ ନିଶା ପିଇ ନାହିଁ ।

(ହଁ, ସେ ଖାଇଛି । ପିଇଛି । ନିଶା ।)

କ୍ରମଶଃ ରକ୍ତ ପୂର୍ବାଶାରେ ।

ଜୀବନ ଆଗେଇଛି । ଦୌଡ଼ୁଛି···

× × ×

ସ୍ୱପ୍ନର ରଥ ଶେଷ । ନିଶାକାଳ ଶେଷ । ଅନ୍ଧାରର ବି । ପୁନଶ୍ଚ ପକ୍ଷୀର କାକଳି । ଶୁଭ୍ର ଶଙ୍ଖଧ୍ୱନି ମନ୍ଦିରରୁ···

ଅଥଚ ଏକ ହଇଚଇ । ହଷ୍ଟେଲର ଛାତ୍ରମାନଙ୍କ ମଧ୍ୟରେ । କିଏ ସେ ? ବିଲ୍‌ଡିଙ୍ଗ୍‌ରୁ ପଡ଼ି ଯାଇଛି ! ଉଃ···କେତେ ରକ୍ତ···

ପଡ଼ିଆରେ ପଡ଼ି ରହିଥିବା ଯୁବକର ନାକରେ ଜଣେ କେହି ହାତ ଦେଲା । ନିଃଶ୍ୱାସ ଚାଲିଛି । ଚେତନା ସମ୍ପୂର୍ଣ୍ଣ ଲୋପ ପାଇ ନାହିଁ ।

"ଚେତନାର ଅଭ୍ୟୁଦୟ ପାଇଁ ଚେଷ୍ଟା କର; ଚଞ୍ଚଳ କର···"

ଆଉ ଜଣେ କେହି କହୁଛି—"ଏ ଯେ ଜୀବନାନନ୍ଦ···ଜୀବନ···"

# ଭୂତର ଛାଇ

ଶ୍ରୀ ନାରାୟଣ ପୃଷେଠ୍

॥ ଏକ ॥

ନିରନ୍ଧ୍ର, ନିଃଶବ୍ଦ ଆଉ ନୀରବତା ଭିତରେ ମାଧବବାବୁ ବସି ଚିନ୍ତା କରିବାକୁ ଏବେ ଭଲ ପାଆନ୍ତି । ଏବେ ଶୂନ୍‌ଶାନ୍ କୋଠରୀ, ପାର୍କର ଚୁପ୍ ଚୁପ ସ୍ଥାନ ଇତ୍ୟାଦି ଖୁବ୍ ଭଲ ଲାଗେ । ମାତ୍ର ଏସବୁ ଯେ ମାଧବ ବାବୁଙ୍କର ପିଲାଦିନର ଅଭ୍ୟାସ ତା ନୁହେଁ । ଜୀବନର ବହୁକ୍ଷଣ ସେ ଖାଲି କୋଳାହଳ ଭିତରେ କଟେଇ ଆସିଲେ । ଭାବୁଥିଲେ ବାକି ସମୟ ବି ସେମିତି ଭାବେ କଟିଯିବ, ମାତ୍ର ହେଲାନାହିଁ ।

ଯେତେ କୋଳାହଳପ୍ରିୟ ହେଲେ ବି ମାଧବବାବୁ ଏବେ ନିଜେ ନିଜେ ଚୁପ୍ ରହୁଛନ୍ତି ।

ମାତ୍ର ହେଲାନାହିଁ ।

ଚୌକିଟାକୁ ଆଉର କୋଣକୁ ଟାଣିଦେଲେ ମାଧବବାବୁ । କୋଠରୀର ଏଇ କୋଣିଆ ଅଞ୍ଚଳରେ ଅନ୍ଧାରରେ ବସି ଦେଖିଲେ ଅତୀତ ଖୁବ୍ ଭଲ ଭାବରେ ଦେଖାଯାଏ । ଦିନେ ଦିନେ ମାଧବବାବୁଙ୍କ ମନ ପ୍ରକ୍ଷୋଭ-ପକ୍ଷାଘାତ ହେଲେ କୋଠରୀର ଏଇ କୋଣରେ କାହିଁକି ଗୁମ୍‌ମାରି ବସନ୍ତି ତାହା ବର୍ତ୍ତମାନ ସୁଦ୍ଧା କେହି ଜାଣିନାହାନ୍ତି, କିନ୍ତୁ ମାଧବବାବୁ ଏଇଠି ବସନ୍ତି, ଠିକ୍ ଏଇ ଜାଗାରେ ।

ମାଧବବାବୁ ଅନୁମାନ କଲେ ଝିଅ ଅରୁଣା ଅଫିସରୁ ଫେରିଲା ବୋଧହୁଏ । ଅରୁଣାର ଗୋଟେ ଅଭ୍ୟାସ ଅଫିସରୁ ଫେରିବା ସଙ୍ଗେ ସଙ୍ଗେ ବାବାଙ୍କ ସଙ୍ଗେ କଥାବାର୍ତ୍ତା ହୁଏ । ମାତ୍ର ଏବେ ସେ ଅନ୍ୟମନସ୍କ ହୋଇପଡ଼େ । ଘରେ ପହଞ୍ଚିବା ପରେ ନିଜ ରୁମକୁ ଚାଲିଯାଇ ଶୋଇପଡ଼େ ବା ପୁଣି ବୁଲି ବାହାରେ । ଆଗେ, ଅଫିସରୁ ଫେରିଲାପରେ ବାବାଙ୍କ ସହ ବିଭିନ୍ନ ଆଲୋଚନା କରୁଥିଲା । କିଛିଟା ଅନୁଯୋଗ କରୁଥିଲା । ବେଶୀ ପ୍ରଗଲ୍‌ଭ କଣ୍ଠରେ କିଛି ନ କହିଲେ ସେ, ସେତେଟା ଅପ୍ରଗଲଭ ନଥିଲା । ତାର ସେଇ କଥା, ଚପଳ ଭଙ୍ଗୀକୁ ହଠାତ୍ ଆଘାତ କରି ତା'ର ମନରେ ଦୁଃଖ ଦେବାକୁ ମାଧବବାବୁ କେବେ କିଛି ଚାହିଁ ନାହାନ୍ତି । ଅରୁଣା ଯେବେ ପ୍ରଶ୍ନ କରେ, ବାବା ତମେ ଖାଲି ଏଇ କୋଠରୀର କୋଣରେ ବସି କାହିଁକି

କ'ଣ ସବୁ ଗୁହଁ ? ମାଧବବାବୁ କିଛି କହିବେ ବୋଲି କିଛି କହି ପାରନ୍ତି ନାହିଁ । କଥାର ସୂତ୍ର ଅରୁଣା ଜାଣି ଜାଣି ଚହଲାଇ ଦେଇ କହନ୍ତି—

ଆଜି ତୋର ଅଫିସର କଥା କ'ଣ ? ଏତେ ଶୀଘ୍ର ଚାଲି ଆସିଲୁ ।

ଅରୁଣା ହଠାତ୍ କିଛି କୁହେ ନାହିଁ । ସମଦ୍ରର ଭାସମାନ ତରଙ୍ଗରେ ହସି ହସି କୁହେ, ନାଇଁ ଅଫିସରେ କାମ କରିବା ପାଇଁ ମୋଟେ ମନ ନାହିଁ । ଆଚ୍ଛା ବାବା, ଅଫିସରୁ ଖୁବ୍ କ୍ଳାନ୍ତ ହୋଇ ଫେରିଲା ପରେ ମନ କ'ଣ ହୁଏନି, କିଏ ଜଣେ ଖୁବ୍ ଆନ୍ତରିକତାର ସହ ନିଜର ସବୁ କ୍ଳାନ୍ତି ଶୋଷି ଦେଉ ବୋଲି ? ସେଥିପାଇଁ ତ ବାବା ମୁଁ ଅଫିସରୁ ତୁମ ପାଖକୁ ଶୀଘ୍ର ଚାଲି ଆସେ ।

ସ୍ତବ୍ଧ ହୁଅନ୍ତି ମାଧବବାବୁ । ଅଫିସରୁ ଘରକୁ ଫେରିଲା ପରେ ମନ ଚାହେଁ ଆଉ ଜଣକର ସାନ୍ନିଧ୍ୟ । ଅରୁଣା ଯାହାସବୁ କହିଗଲା ସବୁ ବୁଝି ବି ସେ କିଛି କହିପାରିଲେ ନାହିଁ । କିନ୍ତୁ ଆଶ୍ଚର୍ଯ୍ୟ ହେଲେ । କଥାର ମୋଡ଼ ଘୂରାଇବା ପାଇଁ ନିଜେ ହିଁ ଚେଷ୍ଟା କରିଥିଲେ, ମାତ୍ର ସେଇ ମୋଡ଼ର ଘୂର୍ଣ୍ଣନ ଭିତରେ ଯେ ନିଜେ ପଡ଼ି ଛଟପଟ ହେବେ ତାହା ତାଙ୍କର କଳ୍ପନାତୀତ ଥିଲା ।

କଥାରେ ଅରୁଣା ପାଖରୁ ହାରିଗଲେ ବି ଆନନ୍ଦ ଥାଏ । ଆଦରରେ ତା' ମୁଣ୍ଡ ଉପରେ ସେ ହାତ ରଖନ୍ତି ।

ଆଉ ବା କେବେ କେମିତି ଆରାମ ଚେୟାର ଉପରେ ସେ ଢୁଲାଉ ଢୁଲାଉ ଅରୁଣା କଫି ତିଆରି କରେ । ତାଙ୍କ ହାତକୁ କଫି ବଢ଼ାଉ ବଢ଼ାଉ ସେ ପ୍ରଶ୍ନ କରେ : ବାବା ତମେ ପଢିଲା ବିଜ୍ଞାନର କର୍କଶ ବେଳକୁ ମନୋବିଜ୍ଞାନ କୋଉଁ ବିଷୟଟା ଥିଲା ?

ନାଇଁ ତ ମା, ମୁଁ ଜାଣିନି । କିନ୍ତୁ ଜାଣିଛି ମନକୁ ବିଶ୍ଳେଷଣ ଅପେକ୍ଷା ଅନୁଭବରେ ହିଁ ଆନନ୍ଦ ଥାଏ ।

ସବୁ କଥା ଅନୁଭବ କରି ହୁଏନା ବାବା । ଫ୍ରଏଡ଼ଙ୍କ କଥାନୁସାରେ ମନର ସାତତାଳ ପାଣି ଭିତରେ ଏକ ଅବରୁଦ୍ଧ ଫରୁଆ ଥାଏ । ଥରେ ଥରେ ଆମେ କ'ଣ ଚାହୁଁ ତାହା ଜାଣି ନଥିଲେ ବି ମନ ସେଇ କଥାକୁ ସେଇ ଫରୁଆ ଭିତରେ ସାଇତି ରଖିଥାଏ । ତେଣୁ ପ୍ରତ୍ୟେକ କଥାର ବିଶ୍ଳେଷଣରେ ଆବଶ୍ୟକତା ରହିଛି ।

ଯୁକ୍ତିରେ ମାଧବବାବୁ ଆଗେଇ ପାରନ୍ତି ନାହିଁ । ଅଗତ୍ୟା ଚୁପ୍ ହେବାକୁ ପଡ଼େ ।

କିନ୍ତୁ ଏତେ ସ୍ମୃତି ଭିତରେ ହଜିଯାଇ ଚୁପ୍ ହେବାଟା ତାଙ୍କୁ 'ତୃପ୍ତି କର ଲାଗେ । ଖୁବ୍ ଆମୋଦମୟ । ସେଇ ଆମୋଦମୟ ଅନୁଭୂତିକୁ ଅନୁଭବ କରୁ କରୁ ଅରୁଣାର ଏବକାର ବ୍ୟବହାର ତାଙ୍କୁ ସ୍ତବ୍ଧ କରିଦିଏ ।

ନିଜର ଚୌକିରୁ ଉଠି ଅରୁଣାର କୋଠରୀକୁ ଯିବାପାଇଁ ତାଙ୍କର ଇଚ୍ଛା ହେଲା । ମନ ହେଉଥିଲା, ଅନେକ କିଛି ପଚାରନ୍ତେ । ପିତୃତ୍ୱର ଦାବୀ ନେଇ ମମତାଭରା କଣ୍ଠରେ ଅନୁଯୋଗ କରନ୍ତେ—ମା'ଲୋ କ'ଣ ହୋଇଛି ତୋର ? ମୋତେ କହ ତୁ ମୋ ପାଖରୁ ଦୂରେଇ ରହୁଛୁ କାହିଁକି ? ତୋ ମନ 'ଘର' କିଏ ଭାଙ୍ଗି ଦେଇଛି, ଉଠ୍ ମା, ମୁଁ ତାକୁ ପୁଣି ସଜାଡ଼ି ଦେବି । ତୋର ଘର ଶୂନ୍ୟ କରିବାକୁ ଇଚ୍ଛା ନାହିଁ ମା, ତୁ ଛାଡ଼ିଦେ ମୋ'ର ପେନ୍‌ସନରେ ଆମେ ଦୁଃଖ କଷ୍ଟରେ ଚଳିଯିବା । ତା' ପରେ......

ଚୌକିରୁ ଉଠି ଛିଡ଼ା ହେଲେ ବି ତା' ପରେ ଆଉ କ'ଣ କହିବେ ମାଧବବାବୁ ତାହା ଭାବି ପାରନ୍ତି ନାହିଁ । ତା'ପରେ କ'ଣ କରିବେ ? ଅରୁଣାର ବାହାଘର କଥା ? କପୋଳରେ ଆରକ୍ତିମ କୁଙ୍କୁମର ଟିପା ମାରି ଓଢ଼ଣା ଲମ୍ବାଇ ଗୋଟି ଗୋଟି ପାଦରେ ଅରୁଣା ଅନ୍ୟ ଘରକୁ ଚାଲିଯିବ । ଏଇ କଥା ତ ?

ନିଜକୁ ପୁଣି ନିହାତି ନିଃସଙ୍ଗ ଭାବି ମାଧବବାବୁ ଛେପ ଢୋକିଲେ । ସେଇ ଚୌକିଟାରେ ବସିଲେ । ଆଃ, ଏଇ କୋଣର ଦୁଇଟି ଯୋଗ ଖାଉଥିବା କାନ୍ଥ କିଭଳି ଦିଶୁଛି । ଆଃ... ।

ମନର ଉନ୍ମିଳିତ ଏକ ଉଦୀର୍ଣ୍ଣ ଜ୍ୱାଳାରେ ତାଙ୍କ କଣ୍ଠ ଚୁପି ହୋଇଗଲା ।

॥ ଦୁଇ ॥

ଅନୁଲୋ,

ଚିଠି ଲେଖିବି ବୋଲି ଭାବୁଥିଲି । କ'ଣ କରିବି କହତ ? ଚିଠି ଲେଖିବାକୁ ବାଧ ହେଉଛି । ତୁ କାଲେ ରାଗିବୁ ସେଇ ଡରରେ ଚିଠି ଲେଖୁ ନ ଥିଲି । ଆମେ ପୁରୁଷ ଭଳି ନିଜ ଗୋଡ଼ରେ ଛିଡ଼ା ହୋଇ ସଂସାର ଭିତରେ ବଞ୍ଚି ରହିବା ପାଇଁ ଅକୁଣ୍ଠିତ ଭାବେ କେବେ ଯେଉଁ ପ୍ରତିଜ୍ଞା କରିଥିଲେ ଆଜି ବି ସେଇ କଥା ମୋର ମନେ ଅଛି । କଥାଗୁଡ଼ିକ ମୋର ମନେ ରହିବା ପରଠାରୁ ଦେଖି ଆସୁଛି ବାବାଙ୍କୁ

ଏକାକୀ ଭାବେ । ମୋର ଆଖି ପତା ଉପରେ ହଠାତ୍ ଯଦି କେବେ କେମିତି ଲୁହ ଜକେଇ ଆସିଲେ, ତାଙ୍କ ମନ ଭିତରେ ରକ୍ତ ସବୁ ବୁଦ୍‌ବୁଦ୍ ହୋଇଯାଏ ଯେମିତି । ମୋତେ କେବେ କିଛି କହନ୍ତି ନାହିଁ—ମାତ୍ର ଏବେ ଦେଖୁଛି ତାଙ୍କର ସେଇ ସ୍ୱଚ୍ଛନ୍ଦ ଚୌକିଟା ଟାଣି ନେଇ ତାଙ୍କ କୋଠରୀର ସେଇ କୋଣିଆ ଅଞ୍ଚଳରେ ଗୁମ୍ ମାରି ବସି ରହନ୍ତି ।

ତାଙ୍କୁ ମୁଁ ଅନେକଥର ପଚାରିଚି, ଏଇ କୋଣିଆ ଅଞ୍ଚଳରେ ସେ ବସନ୍ତି କାହିଁକି ?

ସେ କ'ଣ କହନ୍ତି ଜାଣୁ ? କିଛି କହନ୍ତି ନାହିଁ । ମୋତେ ଦେଖି ହସି ଦିଅନ୍ତି । ମୁଁ ଭାବେ, ତାଙ୍କର କ'ଣ ହୋଇଛି ? ତାଙ୍କର କିଛି ହୋଇ ନ ଥିଲେ ବି ମୋର କିଛି ହୋଇଛି । କ'ଣ ହୋଇଛି ମୁଁ ଜାଣିନି । ତଥାପି ବାବାଙ୍କ ପାଖରୁ ଦୂରେଇ ରହୁଛି । ଜାଣି ଜାଣି ନୁହେଁ, ମୋର ଅଜାଣତରେ । ଅଫିସରୁ ଫେରିଲା ପରେ ଖୁବ୍ କ୍ଲାନ୍ତ ଲାଗେ, ନିଜ ଦେହରେ ନୁହେଁ ମନରେ ।

ସେଦିନ ଅଫିସରେ ମୋତେ ଆହୁରି କ୍ଲାନ୍ତ ଲାଗୁଥିଲା । ଭାବୁଥିଲି ବାପାଙ୍କ ପାଖକୁ ଫେରିଯିବି । ଫେରି ପାରିଲି ନାହିଁ । ଆମ ଅଫିସର ମିଃ ରାଉତ ମୋତେ କହିଲେ ତାଙ୍କୁ କ୍ଲବ ଯାଏ ସାଙ୍ଗ ଦେଇ ପାରିବି କି ? ମୋର ଓଠରୁ କିଛି ବାହାରିବା ଆଗରୁ ସେ କହିଲେ : ଆସନ୍ତୁ ମିସ୍ ଦାସ । ଏତେ କ'ଣ ଭାବୁଛନ୍ତି । ଓଃ ··କ୍ଲବ କଥା ଭାବୁଛନ୍ତି । ଏଇଟା ଏକ ସୋସିଆଲ ଗେଦରିଂ । ସୋଫିଷ୍ଟି-କେଟେଡ୍ ସମାଜଠାରୁ ଦୂରେଇ ଯିବେ ଆପଣ ?

ମୁଁ କିଛି କହିଲି ନାହିଁ । ତାଙ୍କ କାର୍‌ରେ ଉଠି ପଡ଼ିଲି ।

ସେ ପୁଣି କହିଲେ : ମିସ୍ ଦାସ···ଅଫିସରେ ଆମେ ନିୟମ, କାନୁନ ଫମୀଲିଟି କରୁ । ବାହାରେ ତ ଆମେ ବନ୍ଧୁ ।

ମିସେସ୍ ରାଉତଙ୍କୁ ସାଙ୍ଗରେ ଆଣିଲେ ନି ? ପରିଚୟଟା ଅନ୍ତତଃ ହୋଇ ଥାଆନ୍ତା । ମୁଁ କହିଲି ।

ମୋର ଏ କଥା ଶୁଣିଲା ବେଳକୁ ମୁଁ ଲକ୍ଷ୍ୟ କଲି ତାଙ୍କ ମୁହଁ ଏକ ମଳା କାଠଚମ୍ପାର ରଙ୍ଗ ଭଳି କେମିତି ଶେତା ପଡ଼ିଗଲା ।

କ୍ଲବ ଘରେ ମିଃ ରାଉତ ଗ୍ଲାସ ପରେ ଗ୍ଲାସ ମଦ ନିଃଶେଷ କଲେ । ଦୁଃଖ ମୋର ହୋଇନାହିଁ, ମନରେ ଆନନ୍ଦ ଜାଗି ନାହିଁ । ମୁଁ ଆଶଙ୍କା କରୁଥିଲି ମୋତେ ମିଃ ରାଉତ କିଛି କହିବେ । ନା, ସୁନା ପିଲାଟି ଭଳି ସେ ଚୁପ ରହିଲେ ।

କାର୍‌ରେ ଫେରିବାବେଳେ ମୋତେ କହିଲେ : ଆପଣ ମୋତେ ଖରାପ, ବଦ୍‌ଚରିତ୍ର ବୋଲି ଭାବୁଥିବେ, ନୁହେଁ ?

: ନା, ସେଇଆ ଭାବିବାର ଦରକାରରେ ଆସିନାହିଁ । ମୁଁ କହିଲି ।

: "ମିସ୍ ଦାସ ।" ସେ କଥା ଆରମ୍ଭ କଲେ, "ଏଇ କ୍ଲବରେ ଯେତେ ଲୋକ ଆଜି ଦେଖିଲେ, ସଭିଏଁ ଭଲ । ସେମାନଙ୍କ ଦୃଷ୍ଟିରେ । ଯେତେବେଳେ ମହିଳା ଥିଲେ ସେମାନଙ୍କ ମଧ୍ୟରେ କ୍ଷଣିକ ବିବାହିତା । ମୁଁ ଯଦି ମିସେସ୍ ରାଉତଙ୍କ ସଂଗରେ ଆସନ୍ତି ସେମାନେ ତାଚ୍ଛଲ୍ୟ କରନ୍ତେ ।" ମୁଁ କିଛି କହିବାକୁ ଚାହୁଁଥିଲି : ତା ହେଲେ··· ।

ହଁ : ମିସେସ ରାଉତ ମୋର ସ୍ତ୍ରୀ । ବାହାରେ ନୁହେଁ । ବାହାର ଦୁନିଆର ଦର୍ପଣରେ ନିଜର ପ୍ରତିଛବି, ନିଜର ଜୀବନକୁ ଦେଖିବାକୁ ହେଲେ ସ୍ତ୍ରୀ ନୁହେଁ··· ଆଉ ଏକ ଉପସାଥୀ ଦରକାର ଏଇଟା ହିଁ ସ୍ପିରିଟ୍ ଅଫ୍ ଟାଇମ୍ · ଅଲଟ୍ରା ମଡର୍ଣ୍ଣ ସିଭିଲାଇଜେସନ୍··· ।

ମିଃ ରାଉତ ମୋତେ ସିଧାସଳଖ କିଛି ନ କହି ଭବିଷ୍ୟତ ପାଇଁ ଆଗପଟର ଏକ ଇଂଗିତ ଦେଲେ । ସତ କହୁଛି ନୋ'ଅନୁ, ସେତେବେଳକୁ ମୁଁ ଆହୁରି କ୍ଲାନ୍ତ ହୋଇ ପଡ଼ିଲି । ମନ ମୋର ଆହୁରି ଅବଶ ହୋଇ ପଡ଼ିଲା । ମୁଁ ଯଦି ବିବାହ କରିଥାଆନ୍ତି ମୋର ଯଦି ସ୍ୱାମୀ ଆନ୍ତେ, ମୁଁ କ୍ଲବକୁ ଘୃଣା କରି ନ ଥାଆନ୍ତି । ହାୟ, ମୋର ବୋଲି କେହି ନାହିଁ । ନିଃସଙ୍ଗୀ । ମୁଁ କାହାରି ସାଥୀ ନୁହେଁ । ଉପସାଥୀ ହେବାପାଇଁ ଅନ୍ୟ ଜଣକର ଅସଂଖ୍ୟ ଅବାଞ୍ଛିତ ଇଂଗିତ ।

କାହାରି ସାଥୀ ହେବା ପାଇଁ ଭାବିଲେ ଖୁବ୍ କାନ୍ଦ ଲାଗେ । କାନ୍ଦ ଲାଗେ, ନିଜ ପାଇଁ ନୁହେଁ । ଅବସର ନେଇ ଘରେ ଏକାକୀ ଥିବା ବାବାଙ୍କ ପାଇଁ ମୁଁ ଚାଲିଗଲେ ଝଡ଼ରେ ପରସ୍ତ ପରସ୍ତ ହୋଇ ଉଡ଼ି ଯାଉଥିବା ପକ୍ଷୀର ଘର ଭଳି ସେ ଛଟପଟ ହେବେ ।

॥ ତଜ ॥

ଅରୁଣାର ନିଜ ଲିଖିତ ଲିପିର ତଳକୁ ଆଉ କ'ଣ ଲେଖା ହୋଇଥିଲା । ମାଧବବାବୁ ତାକୁ ପଢ଼ି ପାରିଲେ ନାହିଁ । ବାର୍ଦ୍ଧକ୍ୟର ଅବକ୍ଷିପ୍ତ ଦେହର ରକ୍ତନଳୀଗୁଡ଼ିକ ଅତି ଜୋରରେ ଚଞ୍ଚଳ ହୋଇ ଉଠିଲା ।

ଦ୍ୱାର ସେ ପାଖରେ ଅରୁଣାର ଘରକୁ ଫେରିବାର ପାଦ ଶବ୍ଦ ପ୍ରଖର ହୋଇ ଆସୁଛି । ମାଧବବାବୁ ଚିଠିଟି ବନ୍ଦ କଲେ । ଆଖି ତଳର କୁଞ୍ଚିତ ଈଷତ୍ କୃଷ୍ଣଚର୍ମ ଉପରେ ଅଜାଡ଼ି ହୋଇ ପଡ଼ୁଥିବା ଲୁହ କେଇ ବୁନ୍ଦାକୁ ରୁମାଲରେ ଶୁଖାଇ ଦେଲେ ।

ଅରୁଣା ଆଜି ଅଫିସରୁ ଫେରିବା ପରେ ତା କୋଠରୀକୁ ସିଧାସଳଖ ଯାଇ ପାରିଲାନି । ମାଧବବାବୁ ଦେଖିଲେ ଅରୁଣା ତାଙ୍କ ଆଗରେ ଛିଡ଼ା ହୋଇଛି । ତା'ର କପୋଳରେ ଘର୍ମାକ୍ତ ସ୍ୱେଦର କଣିକା—କେଶର ଅଳକ ଆଲୁଳାୟିତ ଭାବେ ଉଡ଼ୁଛି । ଅରୁଣା କିଛି କହିବା ଆଗରୁ ପଚାରିଲେ :

'ଆଜି ଏତେ ବ୍ୟସ୍ତ ଜଣାପଡ଼ୁଛୁ ଯେ ? କିଛି କହିବୁ ?'
ହଁ କି ନାହିଁ କିଛିର ଉତ୍ତର ଅରୁଣା ଦେଇ ପାରିଲାନାହିଁ ।

ତୁ ଏବେ ଅଫିସରୁ ଫେରିବା ପରେ ଖୁବ୍ କ୍ଳାନ୍ତ ଜଣା ପଡ଼ୁଛୁ । କିଛି ଦିନ ଛୁଟି ନେଇ ଯା ।

କିଛି ସାହସ ସଞ୍ଚୟ କଲା ଅରୁଣା । 'ମୁଁ ଚାକିରୀ ଛାଡ଼ିଦେବି ବୋଲି ଭାବୁଛି ।'

ଅରୁଣା ଯେତେଟା ଭାବୁଥିଲା ବାବା ତା'ର ଆଶ୍ଚର୍ଯ୍ୟ ହେବେ, ମାଧବବାବୁ ସେତେଟା ଆଶ୍ଚର୍ଯ୍ୟ ହେବାର ଚିହ୍ନ ସେ ଦେଖି ପାରିଲା ନାହିଁ ।

ମୋର ଚାକିରୀ ଛାଡ଼ି ଦେବାରେ ତମେ ଚୁପ ରହିଲ ବାବା ! ମୁଁ ଭାବୁଥିଲି ତମେ ମନା କରିବ । ସେଇ ଯୋରରେ ମୁଁ ପୁଣି କାମ କରିବି—

ନା, ତୋର ସିଦ୍ଧାନ୍ତ ଠିକ୍ ଅଛି । ଅରୁଣା ତୁ ଚାକିରୀ ଛାଡ଼ି ଦେ ।

କିନ୍ତୁ ବାବା—

ହଁ ତୁ ଭାବୁଛୁ ଆମେ ଚଳିବା କେମିତି ? ବର୍ତ୍ତମାନଯାଏ ବଞ୍ଚିବାପାଇଁ ଯେଉଁ ଷ୍ଟାଣ୍ଡାର୍ଡ଼ ରଖି ଆସିଛେ ତାହା କ'ଣ ହେବ ?

ନାଇଁ ବାବା, ମୁଁ ସେଇଆ ଭାବୁନାହିଁ···ଆଉ କିଛି କହିବା ଆଗରୁ [illegible] ରାଗରେ ଅସ୍ତ ହେଲ ଅରୁଣା ।

ଆଉ ଏକ କଥା ଭାବୁଥିବୁ ନାଇଁ ମା ? ବୈକୁଣ୍ଠ ଛାଡ଼ିବା ପଛରେ ଏକ ଅର୍ଥ ଥିବ । ତୋତେ ହାତରୁ ହସ୍ତାନ୍ତ କରିବା ଦାୟିତ୍ୱ ମୁଁ ମୁଣ୍ଡେଇ ପାରିବି କି ନାହିଁ । ତୁ ଅନ୍ୟ ହାତକୁ ଚାଲିଗଲା ପରେ ମୁଁ ନିହାତି ଏକାକୀ ହୋଇଯିବି ? ମୋର ଦୁଃଖରେ ତୁ ଆହୁରି ମ୍ରିୟମାଣ ହୋଇଯିବୁ । ନୁହେଁ ?

ନିଜର ମନ ଭିତରେ କିଛି ସମୟଧରି ସଞ୍ଚୟ କରୁଥିବା ସାହସ ହଠାତ୍ ଅତ୍ୟଧିକ ପବନ ଭରିଯାଇଥିବା ଏକ ବେଲୁନ ଭଳି ଫାଟିଗଲା । ଯେଉଁ କଥାଟା ଉପରେ ଦୃଢ଼ ଓ ଅଟଳ ରହି ସେ ନିଜ ବିଶ୍ୱାସର ଏକ ସୁଦୃଢ଼ ଅଟ୍ଟାଳିକା ତୋଳି-ଥିଲେ, ଅନୁଭବ କଲେ ତାହା ଏକ ତାସର ଘର ଭଳି ଭୁସୁଡ଼ି ପଡ଼ିଛି ।

ଚୌକି ଛାଡ଼ି ଛିଡ଼ାହେଲେ ମାଧବବାବୁ ।

ଉତ୍ତର ଜୀବନରେ ମୋ ଭଳି ପିତା ଏକାକୀ ଅନୁଭବ କରିବା ସ୍ୱାଭାବିକ । ଜୀବନ ସାରା କୋଳାହଳ ଭିତରେ ମୁଁ ସଂଘର୍ଷ କରି ଆସିଛି । ଏବେ ବି ସଂଘର୍ଷମୁକ୍ତ ନୁହେଁ । କିନ୍ତୁ ଏବର ସଂଘର୍ଷ ନୀରବତା ସଙ୍ଗେ । ତୁ କାହା ଘରକୁ ବଧୂ ହୋଇଗଲା ପରେ ନୀରବତା ସଙ୍ଗରେ କେମିତି ବଞ୍ଚିବି ତାହାହିଁ ଅନୁଭବ କରୁଥିଲି ।

ବାବା ତମେ ହଠାତ୍ ମୋତେ ଦୂରେଇ ଦେବାକୁ ଯାଇ ଏତେ ବ୍ୟଥାର କଥା କାହିଁକି କହୁଛ ? ମୁଁ ତମକୁ ଛାଡ଼ି କୁଆଡ଼େ ଯିବି ? ମୋର କିଛି ଦରକାର ନାହିଁ । ତମପାଇଁ ବ୍ୟଥା ଓ ଜ୍ୱଳନର ସବୁ ବିଷ ମୁଁ ଦେହରେ, ମନରେ, କଣ୍ଠରେ ଅବଲେପିତ କରିଛି ଅମୃତ ଭାବେ··· ।

ସହସା ଏକ ଆକଣ୍ଠ ଆବେଗରେ ଅରୁଣା କହିଗଲା ।

ମୋ ଭଳି କୌଣସି ପିତା ତା'ର ଏଇଭଳି ପରିସ୍ଥିତିରେ ନିଜର ଝିଅକୁ ପାଖଛଡ଼ା କରିବା ପାଇଁ ରାଜି ହେବ ନାହିଁ । ବର୍ତ୍ତମାନ ଟାଇମର ସ୍ପିରିଟକୁ ନିଜ

ଦେହରେ ମିଶାଇ ଦେବା ପାଇଁ ଆମେ ଯେତେ ଚେଷ୍ଟା କଲେ ବି ଏଇ ଛିଣ୍ଡିଟାକୁ ମନରେ ମିଶାଇ ହେବ ନାହିଁ । ତମେ ସବୁ ସ୍ୱୀକାର କଲେ ବି…ତମର ଆଉ ଏକ ରୂପ ଅଛି । ତମେ ବଧୂ ହେବ । ପରିବର୍ତ୍ତନଶୀଳ ସମାଜରେ ବହୁ ଚେଷ୍ଟାରେ ତମ ବଧୂତ୍ୱର ଛାଇନା ହୁଏତ ଲୁଚି ରହିଯିବ… ମାତ୍ର ତାର ଗନ୍ଧ ମରିବନି ।

ଅରୁଣା ମାଧବବାବୁଙ୍କର ମୁହଁକୁ ଚାହିଁଲା । ତା'ର ନାଲି ଆଖିର ପ୍ରତ୍ୟେକ ପଲକର ରନ୍ଧ୍ର ଗୁଡ଼ିକ ଲୁହରେ ଭିଜି ଗଲାଣି । ଓଠର ଦୁଇଟି ବନ୍ଧୁଲି ପାଖୁଡ଼ା ଖୁବ୍ ଜୋର୍ କମ୍ପନରେ ଥରି ଉଠିଲା । ପୁଣି ଥରେ ସେ ସାହସ ସଞ୍ଚୟ କଲା କିଛି କହିବା ପାଇଁ । ନାଁ, କଣ୍ଠ ଭିତରେ ଧକ୍କା ଖାଇ ତାହା ଭିତରକୁ ପୁଣି ଚାଲି ଆସିଲା । ଆଃ ସବୁକଥା ଯଦି ବାବାଙ୍କ ଆଗରେ କହି ହୁଅନ୍ତା !!!

ଚଷମା ପୋଛିଲେ ମାଧବବାବୁ । ଚୌକିଟାକୁ ଆହୁରି ପାଖକୁ ଟାଣି ଆଣିଲେ । କହିଲେ—ଯେଉଁ ଝିଅମାନେ ସ୍ୱୀକାର କରନ୍ତି, ସେମାନଙ୍କ ମନରେ ଉଦ୍ଦାମ ପିପାସା ଥାଏ ଜୀବନରେ କାହାର ସାଥୀ ହେବା ପାଇଁ । ପରିସ୍ଥିତିରେ ପଡ଼ି ଅବାଧ ଭାବେ ପରିସ୍ଥିତିକୁ ଏଡ଼ାଇ ନ ପାରି ଉପସାଥୀର ଜ୍ୱଳନରେ ଜଳି ଯାଆନ୍ତି ।

ବାବା ! ତା ମନର ସବୁ ଅଚଞ୍ଚଳତାକୁ ବିଦୀର୍ଣ୍ଣ କରି ଅସଂଖ୍ୟ କନ୍ଦନ-ଭୂମିକମ୍ପର ଲାଭକୁ ରୋକି ପାରିଲା ନାହିଁ ଅରୁଣା !

ହଁ ମା' କାନ୍ଦନା—ଝିଅର ଜ୍ୱାଳାକୁ ଦେଖିସୁଦ୍ଧା ନିଜର ବୃଦ୍ଧ ବୟସର ଭରଣ ପୋଷଣ ପାଇଁ କେହି ବାପ ଏଇ ଦୁଃସାହସ କରିବା ଠିକ୍ ହେବ ନାହିଁ ।

ତାଙ୍କ ଚକ୍ଷୁରୁ ଧାଇଁ ଆସୁଥିବା ଜଳକଣାଗୁଡ଼ିକ ଉପରେ ପୁଣି ଥରେ ରୁମାଲ ଆପିଲେ ମାଧବବାବୁ । ତୁ ମୋତେ ଅନେକ ଥର ପଚାରିଚୁ, ମୁଁ ଏଇ କୋଣରେ ଗୁମ୍‌ମାରି କାହିଁକି ବସେ ବୋଲି । ମୁଁ ଚାହୁଁଥିଲି କହିବିନି ବୋଲି । ଶୁଣିବୁ ??

ଗଭୀର ଭାବାବେଗ ଓ ଅଧୈର୍ଯ୍ୟ ଉଦ୍‌ବେଗରେ ପାଖର ଏକ ଚୌକି ଟାଣିଲା ଅରୁଣା ।

॥ ଚବିଶ ॥

ଜାଣିଲୁ ଲେ ଅନୁ । ଏ ସଙ୍ଗରେ ଥିବା ଚରିଟି ଖଣ୍ଡ ତୋ ପାଖକୁ ମୁଁ ହୁଏତ ପଠାଇ ପାରିଥାନ୍ତି, ଏତେ ଯନ୍ତ୍ରଣା ମୋତେ ହୋଇ ନ ଥାନ୍ତା । କେଜାଣି କେମିତି ମୁଁ ଭୁଲରେ ଘରେ ଚରିଟି ଛାଡ଼ିଗଲି । କଳ୍ପନାରେ ସୁଦ୍ଧା ଭାବି ନଥିଲି ଯେ ମୋର ସମସ୍ତ ଗୋପନୀୟତା ଧରାପଡ଼ି ବାବାଙ୍କ ନିସ୍ତରଙ୍ଗ ମନକୁ ଏତେ ଚଞ୍ଚଳ କରିଦେବ ବୋଲି । ମିଃ ରାଉତଙ୍କ ଅନୁରୋଧ କାଟି ନ ପାରି ଆଉ ଦୁଇଥର କ୍ଲବ ଯାଇଛି । ଖରାପ ବ୍ୟବହାର ନ ଦେଖାଇଲେ ବି ମୋତେ ସଙ୍ଗରେ ନେବା-ପାଇଁ ତାଙ୍କ ପ୍ରେସ୍‌ଟିଜ ଯେ କି ଭଲ ବଢ଼ୁଥିଲା ତାହା ମୁଁ ଜାଣିନି । ମୋର ଅନିଚ୍ଛା ସତ୍ତ୍ୱେ ଅଫିସର ଖାଉଁକାନ୍ତ ମନକୁ ହାଲୁକା କରିବା ପାଇଁ ମୁଁ ତାଙ୍କ ସଙ୍ଗେ ଯିବାପାଇଁ ମନା କରି ପାରିଲି ନାହିଁ । ଛାଡ଼୍...ଅପ୍ରସ୍ତୁତ କଥା ଲେଖିବି କାହିଁକି ?

କାଲି ବାବା ମୋତେ ତାଙ୍କର ବୈଠକଖାନା ପାଖକୁ ଡାକିଲେ । ହସିବୁ ନାହିଁ । ଏଇ କୋଠରିର ଗୋଟିଏ କୋଣ ପାଖରେ ସେ ବସନ୍ତି । ବାରମ୍ବାର ତାଙ୍କୁ ମୁଁ ପଚାରି ଥିଲେ ବି କେବେ କିଛି ସେ କହି ନଥିଲେ । ଆପେ ଆପେ ତାଙ୍କ ମନକୁ ସେ କହିଲେ । ଇସ କେତେ ସେଣ୍ଟିମେଣ୍ଟାଲ ସେ କଥାଗୁଡ଼ିକ ! ଭଲ ବାବା ଯଦି ମୋତେ ନ କହିଥାନ୍ତେ ??? ବାବା ଅତି ଆବେଗର ସହିତ ଯାହା ସବୁ କହିଲେ, ମୁଁ ଭାବୁଛି ଆମଭଳି ଚାକିରି କରୁଥିବା ସ୍ତ୍ରୀମାନଙ୍କ ମନକୁ, ସେମାନଙ୍କ ପରିବେଶକୁ ଅତି ଚୁନ୍ନ ଚୁନ୍ନ କରି ମୋରି ଆଗରେ କହିଗଲେ । ଏଇ କୋଣିଆ ଅଞ୍ଚଳରେ ତାଙ୍କର ଏକୁଟିଆ ବସିବାର କାହାଣୀ କହିଲା ବେଳକୁ ମୁଁ ଏକ ଅଜଣା ଅସ୍ୱସ୍ତି ଭୟରେ ଆପେ ଆପେ ଥରି ଉଠିଥିଲି । କହିଲେ, ଏମିତି ଏକ କୋଳାହଳପୂର୍ଣ୍ଣ କ୍ଲବ ଜୀବନର ମଲାସ୍ତ ଭିତରେ ଡୁବି ରହିବା ପରେ ସେଦିନ ହସି ହସି ସେ ଘରକୁ ଫେରିଥିଲେ । ବାବା ସେଦିନ କିରାଣୀରୁ ସିଲେକ୍‌ସନ ଗ୍ରେଡ଼ ପାଇ ହେଡ଼କ୍ଲର୍କ ହୋଇଥିଲେ । ମା' ବି ତାଙ୍କ ଅଫିସରେ ଜଣେ ମହିଳା କର୍ମଚାରୀ । ମୁଁ ସେତେବେଳେ ନିହାତି ଛୋଟ । କ୍ଲବରୁ ସଦ୍ୟ ଫେରନ୍ତା ବାବାଙ୍କ ଓଠରୁ ଏକ ଉତ୍କଟ ମଦର ଦୁରନ୍ତ ଗନ୍ଧର ଆଭାସରେ ମା' ଆଶ୍ଚର୍ଯ୍ୟାନ୍ୱିତା ହୋଇଥିଲେ । ବାବାଙ୍କ ପାଖରେ ଅଭିଯୋଗ କରିଥିଲେ—ସିଲେକ୍‌ସନ ଗ୍ରେଡ଼ ପାଇଲା ପରେ ଏଇ ଅଭ୍ୟାସଟି ଆରମ୍ଭ କରିଦେଲ ?

ବାବା ହଠାତ୍ କିଛି ନ କହି ମନକୁ ମନ ଏକ ଆରଣ୍ୟ ହସ ହସିଥିଲେ । ମା' ପୁଣି ସେଇ ପ୍ରଶ୍ନଟି ପଚାରିଲେ, ବାବା କେମିତି ଅସ୍ୱାଭାବିକ ଭାବେ ଗମ୍ଭୀର ହୋଇ ପଡ଼ିଥିଲେ । କିଛି ସମୟ ପରେ କହିଲେ—"ଜାଣିଛ, ଅଫିସର ସବୁ

ଦୁର୍ଦ୍ଦାନ୍ତ କ୍ଳାନ୍ତ ଭୁଲିବା ପାଇଁ ଅଫିସରମାନେ କ୍ଲବ ଯା'ନ୍ତି ! କେଉଁ ଦୂରରୁ ଆସିଥିବା ବୋତଲର ଠିପି ଖୋଲି ଗ୍ଲାସ ଗ୍ଲାସ ଦ୍ରାକ୍ଷାରସ ପୀଇବାରେ ଢାଳନ୍ତି । ସ୍ୱପ୍ନର ତରଙ୍ଗରେ ଅନେକ ରଙ୍ଗ ମାଖନ୍ତି । ଏଇଟା ଯୁଗର କଠୋର ଅପରାହ୍ଣର ଝଡ଼...ମୁଣ୍ଡ ନୁଆଁଇ ନ ବସିଲେ—ଅନେକ ଦୂରକୁ ମନକୁ ଫିଙ୍ଗିଦେବ ।"

ମା' ଚହିଁକି ଉଠିଲେ—"ନିଜ କଥା ଭାବୁଛ । ତମର ସ୍ୱଳ୍ପ ବେତନରେ ତମେ ଏ ଝଡ଼ ସାଙ୍ଗରେ ତାଳ ଦେଇ ପାରିବ ନାହିଁ । ଏଇ ଅରୁଣା କଥା ଭାବୁଛ ତ ?"

ବାବା କିଛି ନ କହି ମୁହୂର୍ତ୍ତେ ଗୁମ୍ ମାରି ବସିଲେ । କହିଲେ—ମୁଁ ଯାଇ ନ ଥା'ନ୍ତି । ଓଭରସିଅର ବୈଦ୍ୟନାଥ ବାବୁ ମୋତେ ଡାକିଲେ ।

ବୈଦ୍ୟନାଥବାବୁଙ୍କ ନାଁ ଶୁଣି ମା କିଛି କହିଲେ ନାହିଁ । ସଙ୍କୁଚିତ ଆଖିରେ ମୁହଁ ତଳକୁ କଲେ । ବାବାଙ୍କ କଣ୍ଠରେ ସେଇ କଥା : ବୈଦ୍ୟନାଥବାବୁଙ୍କ କଥା ଶୁଣି ଚୁପ୍ ହୋଇଗଲ ଯେ ?

ସେତେବେଳେ ବୈଦ୍ୟନାଥବାବୁ ମାଙ୍କ ଅନିଚ୍ଛା ସତ୍ତ୍ୱେ, ନାନା ବାରଣ ସତ୍ତ୍ୱେ, ତାଙ୍କ ସହିତ ଗପ କରିବାକୁ ଭଲ ପାଆନ୍ତି । ବିଭିନ୍ନ ଉତ୍ସବରେ ଆମ ଘରକୁ ସେ ନାନା ଉପହାର ପଠାଇ ଦେଉଥିଲେ । ମା ତାହା କେବେ ଗ୍ରହଣ ନ କଲେ ବି ଏପରି ଏକ ସନ୍ଦେହର ପରିସ୍ଥିତିରୁ ମା'ଙ୍କୁ ବାବା ଅବିଶ୍ୱାସ କଲେ । ମୃଗବନ୍ଧନୀ ଭାବେ ମା ନିଜକୁ ହଠାତ୍ ନିର୍ଦ୍ଦୋଷୀ କରି ପାରିଲେ ନାହିଁ । ସେଦିନ ବାବାଙ୍କ କଥାର ଉତ୍ତର ଦେଲେ—"ମୋତେ ସନ୍ଦେହ କରୁଛ ?"—ନାଁ, ସନ୍ଦେହ ନୁହେଁ । ସମ୍ପୂର୍ଣ୍ଣ ଧାରଣା କରିବା ପାଇଁ ବୈଦ୍ୟନାଥବାବୁ ପୂରା ପ୍ରମାଣ ଦେଇଛନ୍ତି ।"

ମା' ଆଉ କିଛି କହିଲେ ନାହିଁ । ଘରର ଯେଉଁ କୋଣରେ ସେ ଛିଡ଼ା ହୋଇଥିଲେ ସେଇଠି ହଠାତ୍ ବସି ପଡ଼ିଲେ । କହିଲେ—ତମ ଘରକୁ ବୋହୂ ହୋଇ ଆସିବା ପରେ ପ୍ରଥମେ ତମେ ସନ୍ଦେହ କରିଛ । ସ୍ୱାମୀସ୍ତ୍ରୀ ଜୀବନରେ ସନ୍ଦେହ ହିଁ ଅବିଶ୍ୱାସର ଅଗ୍ରଦୂତ । କୌଣସି ଦୁର୍ନାମର ଗନ୍ଧ ଯେଭଳି ମୋ ଉପରେ ନ ପଡ଼େ ସେଥିପାଇଁ ବାରମ୍ବାର ମୁଁ ଚେଷ୍ଟା କରିଛି । ସ୍ୱାମୀସ୍ତ୍ରୀ କଲି ପରଠୁଁ ମୁଁ ବୋହୂର ଅଳଙ୍କାର ଦେହରେ ନାଇଁ—ତମ ପ୍ରଦତ୍ତ ସେଇ ବାକ୍ସରେ ରଖିଛି । ମତେ କଥା ଦିଅ, ଅରୁଣା ବଡ଼ ହେଲେ ତାକୁ ସ୍ୱାମୀସ୍ତ୍ରୀ ପାଇଁ ଅନୁମତି ଦେବ ନାହିଁ । ତାକୁ ବଧୂବେଶ ପାଇଁ ଏଇ ଅଳଙ୍କାରଗୁଡ଼ିକୁ ପିନ୍ଧାଇ ଦେବ ।

ଏଁ ଭଳି ମା’ କ’ଣ ଗପୁଛନ୍ତି ବୋଲି ବାବା ଯେତେବେଳେ ମା’ଙ୍କ ପାଖକୁ ଯାଆନ୍ତି, ବାବା କହିଲେ, ମା’ଙ୍କ ହାର୍ଟ ଫେଲୁଅର ହୋଇଥିଲା । ଅନୁରେ, ଆଜି ମୋ ପାଖରେ କେହିଥିଲେ, ମୁଁ ମନଇଚ୍ଛା କାନ୍ଦିଥାଆନ୍ତି । କାହା ପାଖରେ କାନ୍ଦିବି ? କାନ୍ଦି ହେଉ ନାହିଁ । ମୋର କାନ୍ଦ ଦେଖିଲେ ବାବା କ’ଣ ହୋଇଯିବେ । ତୋ ପାଖକୁ ଏତକ ଲେଖିଲା ବେଳକୁ କାନ୍ଦିବି, ବୋଲି କାନ୍ଦିପାରୁ ନାହିଁ । ନିଃସହାୟ ଅବସ୍ଥା ଦେଖ୍ ତ ! ହଁ ସେଇଦିନର ଏ ଘଟଣାପରେ, ବାବା ଯେତେବେଳେ ଜାଣିଲେ ମା ନିର୍ଦ୍ଦୋଷୀ ବୋଲି, ବୈଦ୍ୟନାଥ ବାବୁ ବଦଳି ଯାଇଥିଲେ । ଏକ ଅନୁତପ୍ତ ହୃଦୟରେ ସେ ଏଇ କୋଠରୀରେ ହିଁ ବସିରହନ୍ତି । ଏଇ ଘରର କୋଣିଆ ଅଞ୍ଚଳକୁ ଦେଖିଲେ, ତାଙ୍କର ସବୁକଥା ମନେ ପଡ଼େ । ମନେହୁଏ, ଦୁଇଟି କାନ୍ଥର ମିଳନରେ ହିଁ କୋଣଟିର ଗଠନ । ଏଇ କୋଣରେ ମା ମରିଥିଲେ । ଦୁଇ କାନ୍ଥର ମିଳନ ନ ହେଲେ ଘରର ଆକୃତି ସମ୍ଭବ ହୁଏ ନାହିଁ, ଘରସଂସାର କ୍ଷେତ୍ରରେ ମଧ୍ୟ ଦୁଇଟି ଜୀବନର ମିଳନ ନ ହେଲେ ଘରକରଣା ହୁଏ ନାହିଁ—ଏଇ ଥିଲା ବାବାଙ୍କ ମନର ଧାରଣା । ମୋର ପ୍ରଥମ ଚିଠିଟି ବାବା ପଢ଼ିସାରିଲା ପରେ ଆହୁରି ବ୍ୟସ୍ତ ହୋଇ ପଡ଼ିଲେ ।

ଦେଖ୍ ତ ଅନୁ ! ସମୟର ସ୍ରୋତ ପୁଣି କେମିତି ଏକ ଦୁର୍ଘଟଣା ସୃଷ୍ଟି କରେ । ଏଇ ଦୁର୍ଘଟଣା ବାବାଙ୍କୁ ଖୁବ୍ ଆଘାତ ଦେଇଥିଲା । ବାବା କହିଲେ—‘ଜାଣିଛୁ, ମିଃ ରାଉତ ସେଇ ବୈଦ୍ୟନାଥବାବୁଙ୍କ ପୁଅ ।’ ଆଃ······ଅନୁ, ଏତକ ଲେଖିଲାବେଳକୁ ମୁଁ କେମିତି ଶିହରି ଉଠୁଛି । ବାବାଙ୍କ ଇଚ୍ଛା, ମୁଁ ଚାକିରୀ ଛାଡ଼ିଦିଏ । ବଧୂ ହେବା ଆଗରୁ ମା’ଙ୍କ ସବୁ ଗହଣା ଦେହରେ ଲଗାଇ ଘର ଭିତରେ ବୁଲେ ।

ଏତକ କହିଲାବେଳକୁ ବାବା ନିଜେ ଅସହାୟ ଶିଶୁଭଳି କାନ୍ଦି ଉଠିଥିଲେ । ମୁଁ ତାଙ୍କୁ ସାନ୍ତ୍ୱନା ଦେଉଛି । ଚାକିରୀ ଛାଡ଼ିଦେବି । ବଧୂ ହେବାପାଇଁ ପ୍ରାଗ୍ ପ୍ରସ୍ତୁତି ଲାଗି ମୁଁ ଏଇ ଗହଣାଗୁଡ଼ିକରେ ନିଜେକୁ ସଜାଇ ଦେବି ।

କାହାର ବଧୂ ହେବି ମୁଁ ଜାଣେନା; ତଥାପି ସଜାଇ ହେବି······

## ॥ ପାଞ୍ଚ ॥

ଦର୍ପଣରେ ନିଜର ରୂପ ଦେଖି ଅରୁଣା ଲାଜେଇଗଲା । ଦେହରେ ଏକ ଜରୀଲଗା ଶାଢ଼ୀ । ରଙ୍ଗ ନୀଳ । କପାଳରେ ରକ୍ତ ରଙ୍ଗର ଏଇ ଟିପା । ଲମ୍ବିତ ଆଖିର ଉପର ଧାରରେ ନୀଳ ରଙ୍ଗର ସରୁ ଧାଡ଼ିଟିଏ । ହାତରେ, ବେକରେ,

କାନରେ ସୁନାର କେତେକ ଗହଣା । ନିଜ ଛବି ଦେଖି ଥରେ ହସିଲା ଅରୁଣା । ଯେଉ···ଆଗର ଛବିଟି ତାକୁ ଚିହ୍ନିଛି ।

ଆଖିରେ ଅସଂଖ୍ୟ ମନ୍ଦାରର ଭାରାରେ ପଡ଼ା ନଇଁଗଲା ।

ଅରୁଣା ଅନୁମାନ କଲା ବୋଧହୁଏ ବାବା ତାକୁ ଡାକିଲେ । ତାଙ୍କ କଫି ଖାଇବା ବେଳ ହୋଇଗଲା । ଯେଉ ଏଇ ବେଶରେ ବାବାଙ୍କ ଆଗକୁ ଯିବ କେମିତି ? ଲାଜରେ ମୁହଁ ନଇଁଯିବ ନାହିଁ ।

ତଥାପି, ସାହସର ସହ ଧୀର ପାଦରେ ମାଧବ ବାବୁଙ୍କ କୋଠରୀକୁ ଆଗେଇଲା । ଆଗତ ଲଜ୍ଜାର ବନ୍ଧନରୁ ମୁକୁଳିବା ପାଇଁ ଗ୍ରୀବା ଭିତରେ ଅନେକ ସ୍ପନ୍ଦନ । ପାଦରେ ରୁଣୁଝୁଣୁ ଶବ୍ଦର ଗୁଞ୍ଜରଣ ତୋଳି ତୋଳି ସେ ଆଗେଇଲା । ମାଧବ ବାବୁ ସେଇ କୋଣିଆ ସ୍ଥାନକୁ ମୁହଁ କରି ଚୁପ୍ ହୋଇ ବସିଛନ୍ତି ।

ବାବା···

ମାଧବ ବାବୁ ନିରୁତ୍ତର ।

ବାବା କଫି ନେବ ପରା । ଲଜ୍ଜାରେ ହସିଲା ଅରୁଣା—ଦେଖ ବାବା, ମୁଁ ସବୁ ଗହଣା ପିନ୍ଧିଛି । ଏଇତକ ଦେଖିବାକୁ ତମର ଇଚ୍ଛା । ଅଭିମାନ କରୁଛ ବାବା, ଦେଖନା ତମ ଝିଅ ଅରୁଣା କେମିତି ଦିଶୁଛି ।

ତଥାପି ମାଧବ ବାବୁ ନିରୁତ୍ତର ।

ମାଧବ ବାବୁଙ୍କୁ ହଲାଇ ଦେବାକୁ ଯାଇ ତାଙ୍କ କାନ୍ଧରେ ତା'ର ହାତର ସ୍ପର୍ଶ ଦେଉ ଦେଉ କଫି କପ୍‌ଟି ପଡ଼ି ଭାଙ୍ଗି ଗଲା । ଅରୁଣା କିଛି କହିପାରିଲା ନାହିଁ । ଚିତ୍କାରକରି କାନ୍ଦିବା ପାଇଁ ଛଟପଟି ହେଲା । କାନ୍ଦ ହେଉ ନାହିଁ ।

ମାଧବ ବାବୁ ସେଇ ଚୌକିରେ···ସେଇ କୋଣରେ···ସେମିତି ବସିଛନ୍ତି ନିଶ୍ଚଳ, ନିସ୍ପନ୍ଦ, ନୀରବଭାବେ ।

ଆଖି ତାଙ୍କର ଖାଲି ଗାଢ଼ ନୀଳ ହୋଇଆସୁଛି ।

# ସାଧାରଣ ସଭା

ଶ୍ରୀ ପ୍ରଫୁଲ୍ଲ କୁମାର ତ୍ରିପାଠୀ

ସେଦିନ ସହରମୁହାଁ ଯାନବାହନ ସବୁ ବଡ଼ ପଡ଼ିଆ ନିକଟରେ ପ୍ରସବୁଥାନ୍ତି ଭିଡ଼ । ଜାତି ଜାତିକା ମଣିଷ । ଅଳ୍ପ କେତୋଟି ଯେମିତି ସଦ୍ୟ ଓହ୍ଲାଇ ଆସିଥାନ୍ତି ସୁଟିଂ କନାର ବିଜ୍ଞାପନ ପୃଷ୍ଠାରୁ । ସ୍କୁଲ, କଲେଜ, କାର୍ଯ୍ୟାଳୟ, ସବୁ ଶୂନ୍ୟ । ଟ୍ରେନ, ବସ୍, ଟେକ୍ସି ସବୁ ପୂର୍ଣ୍ଣ । ରିକ୍ସା ଭଡ଼ା ଦ୍ୱିଗୁଣିତ ହୋଇ ଯାଇଥାଏ । ବସ୍‌ଷ୍ଟେଣ୍ଡର ଟିକଟ କାଟି କାଟି ଆହା ବିଚରା କଣ୍ଡକ୍ଟରର ହାତ ବଥେଇ ଯାଇଥିବ । ପଇସା ଗଣି ଗଣି ଥକି ଯାଇଥିବ କ୍ୟାସିଅର । ରେଳ ବାଡ଼ାରୁ ଖସି ପଡ଼ିଥିବେ ସତର ଜଣ ।

ସମସ୍ତେ ବାରମ୍ବାର ଶୁଣି ଶୁଣି ମୁଖସ୍ଥ କରି ପକାଇଥିବା ବହୁ ପ୍ରଚାରିତ କେଇପଦ କଥା କହିବା ଲାଗି ଅଣା ହୋଇଥିଲେ ଯୁବ ନେତା ଓ ଆହୁରି ଶୁଣିବା ପାଇଁ ରୁହୀ ହୋଇଥିଲେ ଜନତା ।

କ୍ଷେତରେ ଲଙ୍ଗଳ ଛାଡ଼ି ଦେଇ ପାଖ ଗାଁର କୃଷୀ ମୂଲିଆମାନେ, ସ୍ୱେଟର ବୁଣା ଅଧାରେ ଛାଡ଼ି ଦେଇ, ବଡ଼ି ପକା ଅଧାରେ ଛାଡ଼ି ଦେଇ ମାଉସୀ ଭାଉଜ ଓ ନାନୀମାନେ, ସ୍କୁଲ ଡେସ୍କରେ ବସ୍ତାନି ଓ ଅଫିସ୍ ଟେବୁଲରେ ଫାଇଲ ଛାଡ଼ି ଦେଇ ଯଥାକ୍ରମେ ଛାତ୍ର ଓ କର୍ମଚାରୀମାନେ ଦେଖିବାକୁ ଆସିଥିଲେ କେତେ ଲୋକ ଆସିଛନ୍ତି ।

ବହୁତ ଲୋକ ଆସିଥିଲେ ।

ନିଜ ନିଜର ଆଠ ଘଣ୍ଟାର କାମ ପଛରେ ପକାଇ ଆଠ ମିନିଟ କଥା ଶୁଣିବା ପାଇଁ ଅସଂଖ୍ୟ ନରନାରୀ ରୁଣ୍ଡ ହୋଇଥିଲେ ।

ଭିଡ଼ର ଲୋକସଂଖ୍ୟା କଳନା କରିବାର କୌଣସି ସୂତ୍ର ମୁଁ ଜାଣେନା । ପ୍ରକୃତରେ ଯାହାକୁ ଯେତେ ଦିଶିଲେ, ସେତିକ ଲୋକ ହିଁ ଆସିଥିଲେ । ଗତକାଲି ସନ୍ଧ୍ୟା ସୁଧା ଯେଉଁ ଖଣ୍ଡିଆ ଖାବରା ପଡ଼ିଆଟିର ଏକ ପାର୍ଶ୍ୱରେ ଗୋଟିଏ ଏକାକିନୀ କୃଷ୍ଣଚୂଡ଼ା ଗଛ ଥିଲା, ତାର ଅନୁଦାର ଛାୟା ତଳେ, ମଞ୍ଚଠାରୁ ଅନେକ ଦୂରରେ, ଚୁନବୋଳା ବ୍ୟାରିକେଡ଼ ନିକଟରେ ମୁଁ ଠିଆ ହୋଇଥିଲି । ମୋ ପାଖରେ ଥିଲେ ଆହୁରି ଅନେକ ଲୋକ : ଚନାବାଦାମ ବାଲା, ଛତାଧାରୀ ବୁଢ଼ାଟିଏ,

ଖବରକାଗଜକନା ସାର୍ଟପିନ୍ଧା ଯୁବକ, ମୁଣ୍ଡରେ ତେଲ ପିଚ ପିଚ କରି ମାଖିଥିବା ମଫଟିଏ......,

ମୁଁ ଭିଡ଼ ଭିତରକୁ ନ ପଶି ସେଇ ଅପରିଚ୍ଛନ୍ନ ଦୂରତ୍ୱରୁ ଦେଖୁଥାଏ ଏକ ମହାନାଟକ ।

ମଞ୍ଚ ଉପରେ ମୁଖ୍ୟ ପାତ୍ରବର୍ଗ ।

ତଳେ ପଡ଼ିଆରେ ଗୌଣ କୁଶୀଳବ ।

ସବୁଆଡ଼ୁ ଲମ୍ବା ଲମ୍ବା ଫୁଙ୍ଗାରୁ ଶୁଭୁଥାଏ ରେକର୍ଡ଼ ଗୀତ :

ଥକାମନ ଖୁଲ ଯିବା, ଚକା ନୟନ ଦେଖିବା...

ସେଇଟା ଶେଷ ହେଲା ପରେ : ଦେଖ୍ ତେରେ ସଂସାରକୀ ହାଲତ୍ କ୍ୟା ହୋ ଗୟା ଭଗବାନ୍, କିତନା ବଦଲ୍ ଗୟା ଇନସାନ୍...

ଗତ ସମୟର ପତ୍ରିକା ସମ୍ପାଦକ, ଶିକ୍ଷକ, ଓକିଲ ଓ ମେକାନିକ କେଇ ଜଣ ମଞ୍ଚ ଉପରେ । ପଡ଼ିଆରେ ମିଶାମିଶି ପେଷା । ମୋତି ଆଇସ୍‌କ୍ରିମ୍ ବାଲା, ରଘୁ ପାମ୍ପଡ଼ବାଲା, କାହ୍ନୁ ଚଣାବାଲା, ଖାର ବାଦାମବାଲା ।

"ଭାଇମାନେ ! ଆମର ପ୍ରିୟ ଯୁବନେତା; କୋଟିଜନ ହୃଦୟର ମଧ୍ୟମଣି ଆଉ ଅଳ୍ପ ସମୟ ମଧ୍ୟରେ ଆସି ଆପଣମାନଙ୍କ ସମ୍ମୁଖରେ ଉପସ୍ଥିତ ହେବେ । ସେ ଆସି ସଭା ମଞ୍ଚରେ ପହଞ୍ଚିବା ମାତ୍ରେ ବିପୁଳ କରତାଳି ଦ୍ୱାରା ତାଙ୍କୁ ସମ୍ବର୍ଦ୍ଧନା ଜଣାଇବାକୁ ମୁଁ ଆପଣମାନଙ୍କୁ ଅନୁରୋଧ କରୁଛି ।" ଆଦେଶ ଦେବା ସ୍ୱରରେ କହିଲା କିଏ ଜଣେ ।

ପୁଣି ଗୀତ :

"ଉଠିଲୁ ଏଡ଼େ ବେଗି କାହିଁକି ରେ

ଦଧି ମନ୍ଥାଇ ଦେଲୁ ନାହିଁକି ରେ......"

"ଭାଇ ଭଉଣୀମାନେ । ଆପଣମାନେ ଯାହାଙ୍କ ପ୍ରତୀକ୍ଷାରେ ଏଠି ରୁଣ୍ଡ ହୋଇଛନ୍ତି, ଆମର ଏଇ ମହାନ ଦେଶର ସେଇ ପ୍ରିୟ ଯୁବନେତା ଗେଷ୍ଟ ହାଉସରୁ ବାହାରି ସାରିଲେଣି । ଅଳ୍ପ ସମୟ ପରେ ସେ ଆସି ଏଠି ପହଞ୍ଚିଯିବେ । ସେ ଆସି ମଞ୍ଚ ଉପରେ ପଦାର୍ପଣ କରିବା ସଙ୍ଗେ ସଙ୍ଗେ ମୁଁ କହିବି "ଆମର ଯୁବନେତାଙ୍କୀ" ଆପଣମାନେ କହିବେ "ଜିନ୍ଦାବାଦ"

"ଅଳ୍ପ ସମୟ ପରେ

ପ୍ରିୟ ଯୁବନେତା

ଆପଣମାନେ କରତାଳି

ସମ୍ବର୍ଦ୍ଧନା ସ୍ୱାଗତ

କହିବେ ଜିନ୍ଦାବାଦ"

ମଞ୍ଚର ପଛ ପାଖରେ ନୂଆ ତିଆରି ହୋଇଥିବା ମୋରମ ରାସ୍ତା ଉପରେ ଧୂଳି ଉଡ଼ାଇ ଅଟକି ଗଲା ଏକ ଲମ୍ବା କାର । ନକେ ଯୁବନେତା ଓ ତାଙ୍କର ସହଚରମାନେ ସେଠୁ ଓହ୍ଲାଇ ତରତର ହୋଇ ମଞ୍ଚ ଉପରକୁ ଚଢ଼ି ଅସିଲେ ।

ମଖମଲ କନା ଆଚ୍ଛାଦିତ ଗଦିଲଗା ସିଂହାସନ ପରି ଦିଶୁଥିବା ଚଉକି ଆଡ଼କୁ ଚଢ଼ିଗଲେ ଯୁବନେତା । ସେ ମୁହଁ ଉପରେ ଦିଶିଥାନ୍ତି ଓଭର ସାଇଜ୍ ହସଟିଏ ।

ପଡ଼ିଆରେ, ଧରନ୍ତୁ, କୋଡ଼ିଏ ହଜାର ଲୋକ । ଚାଳିଶ ହଜାର ପାପୁଲି । ମାତ୍ର ଶହେଟି ପାପୁଲି, ପରସ୍ପର ସହ ପିଟିହେଲେ । ନଜର ବେତନ ପାଇଗଲେ । ଅଉ କାହାର ବା ଫୁର୍ସତ ଅଛି ଯେ ତୁଚ୍ଛାଟାରେ ତାଳି ମାରୁଥିବ ?

ମଞ୍ଚ ଉପରୁ ଶୁଭିଲା "ଆମର ଯୁବ ନେତା କି"

ପଡ଼ିଆରେ ଜନତା ନୀରବ ।

ମଞ୍ଚ ଉପରୁ ପୁଣି ଶୁଭିଲା ଏକ ଚିତ୍କାର : "ଆମର ପ୍ରିୟ ନେତା କି"

ସାମ୍ନାଆଡ଼ୁ ସତେଇଶ ଜଣ ଯୁବକ ସଲଜ୍ଜ ଉଚ୍ଚାରଣ କଲେ :

"ଜିନ୍ଦାବାଦ"

ମଞ୍ଚ ଉପରୁ ପୁଣି ଥରେ : "ଆମର ପ୍ରିୟ ନେତା କି"

ପଛଆଡ଼ୁ ତେର ଜଣ ଯୁବକ ଅତି ମୁମୂର୍ଷୁ ଭାବରେ ଔପଚାରିକତା ସଂପାଦନ କଲାଭଳି କୁଛୁ କୁଛୁ ହୋଇ କହିଲେ : "ଜି ନ୍ଦା ବା ଦ"

ମୋ ପାଖରେ ଠିଆ ହୋଇଥିଲେ ଦୁଇ ଜଣ ସ୍କୁଲ ଛାତ୍ର । ବାଦାମ ଖାଉଥାଏ ଜଣେ । ସେ ଆର ଜଣକୁ ଚିମୁଟି ଦେଇ କହିଲା :

"ଦେଖିଲୁରେ କେହି ଜିନ୍ଦାବାଦ କଲେ ନାହିଁ ।"

ଆର ଜଣକ କହିଲା : "ଚାଲ ଫେରିବା"

ତାପରେ ଆରମ୍ଭ ହେଲା ଭାଷଣ ।

ଜଣେ କହିଲେ : ଆମର ପ୍ରିୟ ଯୁବ ନେତାଙ୍କର ବୈପ୍ଳବିକ କାର୍ଯ୍ୟକ୍ରମକୁ ସଫଳ କରିବା ଲାଗି ଆପଣମାନେ ପ୍ରତିଜ୍ଞାବଦ୍ଧ ହୁଅନ୍ତୁ । ସେ ହେଉଛନ୍ତି ଆମର

ମେଘାଚ୍ଛନ୍ନ ଆକାଶର ଧ୍ରୁବତାରା । ସେ ହେଉଛନ୍ତି ପ୍ରତ୍ୟେକ ଯୁବ ପ୍ରାଣର ସ୍ପନ୍ଦନ । ଆମେ ଆମର ଶେଷ ରକ୍ତବିନ୍ଦୁ ଦାନ କରି ଚାଲନ୍ତୁ, ଏକ ନବୀନ ଚେତନାର ଚାରା ରୋପଣ କରିବା ।

ଆଉ ଜଣେ କହିଲେ : ଦେଶର ସମସ୍ତ ସମସ୍ୟା ହଟାଇବା ପାଇଁ ସମର୍ଥ ଆମର ପ୍ରିୟ ଯୁବ ନେତାଙ୍କୁ ସ୍ୱାଗତ ଜଣାଇବା ପାଇଁ ଏଠି ରୁଣ୍ଡ ହୋଇଥିବା ଭାଇ ଓ ଭଉଣୀମାନେ ! ଆପଣମାନେ ଜାଣନ୍ତି ଆମର ଦେଶ ୧୯୪୭ ଅଗଷ୍ଟ ୧୫ରେ ସ୍ୱାଧୀନତା ଲାଭ କଲା । ମୁଁ ଯେତେବେଳେ ଅନ୍ୟ ରାଜ୍ୟଗୁଡ଼ିକ ସହିତ ଆମ ରାଜ୍ୟକୁ ତୁଳନା କରି ଦେଖେ ସେତେବେଳେ ହତାଶ ହୁଏ । ତେଣୁ ଆମର ପ୍ରିୟ ଯୁବ ନେତାଙ୍କର କାର୍ଯ୍ୟକ୍ରମକୁ ପୂର୍ଣ୍ଣ ପ୍ରାଣରେ ସଫଳ କରିବାପାଇଁ ମୁଁ ଆପଣମାନଙ୍କୁ ଅନୁରୋଧ କରୁଛି । ନିବେଦନ କରୁଛି । ଆଜି ଆକାଶରେ ଯେଉଁ ଯେଉଁ ସୂର୍ଯ୍ୟ ଉଠିଛି, ତାକୁ ସମସ୍ତେ ସ୍ୱାଗତ କରିବା ।

ପୁଣି ଜଣେ କହିଲେ : ମୁଁ ଆପଣମାନଙ୍କର ବେଶୀ ସମୟ ନେବିନାହିଁ । ଅତି ସଂକ୍ଷେପରେ ମୋର କଥା ଶେଷ କରି ବିଦାୟ ନେବି । ଆପଣମାନେ ଯାହାଙ୍କୁ ଦେଖିବା ପାଇଁ ଓ ଶୁଣିବା ପାଇଁ ଏଠି ରୁଣ୍ଡ ହୋଇଛନ୍ତି ସେ ବାସ୍ତବିକ ଆମର ସମସ୍ୟାନ୍ଧକାର ହଟାଇବା ଲାଗି ଏକ ନବୀନ ଉଦ୍ଦୀପନାର ପ୍ରଦୀପ ସଦୃଶ୍ୟ । ଆପଣମାନେ ତାଙ୍କଠାରୁ କେଇପଦ କଥା ଶୁଣିବା ପାଇଁ ବ୍ୟଗ୍ର ହୋଇ ପଡ଼ିଲେଣି । ତେଣୁ······

ଏତିକି କହି ସେ ଜଣକ ଯାଇ ତାଙ୍କର ପ୍ରିୟ ଯୁବନେତାଙ୍କର ବାଁ ପାଖରେ ପଡ଼ିଥିବା ଓ ମଝି ଆସନ ତୁଳନାରେ ଟିକିଏ ଅଳ୍ପ ସୁସଜ୍ଜିତ ଆସନରେ ବସିପଡ଼ିଲେ । ଯୁବନେତାଙ୍କ କାନ ପାଖରେ କଣ କହିଲେ । ଯୁବନେତା ସମର୍ଥନସୂଚକ ମୁଣ୍ଡ ହଲାଇଲେ । ଟିକିଏ ପରେ ଆସନ ଛାଡ଼ି ଉଠିଲେ ଓ ମାଇକ ସାମ୍ନାରେ ଆସି ଯୋଡ଼ହସ୍ତ ହୋଇ ଠିଆହେଲେ । ତାଙ୍କର ଏହି ଭଙ୍ଗୀଟି ବେଶ ପରିଚିତ । ସେଇ ଭଙ୍ଗୀରେ ତାଙ୍କର ଅନେକ ଫଟୋ ପ୍ରକାଶ ପାଇଛି । ତଥାପି କେମେରାମେନ ଦୁଇ ଚାରିଜଣ ମଞ୍ଚ ଉପରେ ବିଧିମତ ଧାଁ ଦଉଡ଼ ଆରମ୍ଭ କରି ଦେଲେ । ଜଣେ କେହି ଆସି ମାଇକର ଉଚ୍ଚତା ବଢ଼ାଇ ଦେଇଗଲା ।

ମଣିଷମାନେ କୋଠା ଛାତ, ଗଛ ଡାଳ, ଟେଲିଫୋନ ଖୁମ୍ବ ଓ ପଡ଼ିଆ । ଲୋକ-ଦେଖାଳୀ ନେତା ଓ ନେତା ଦେଖାଳୀ ଲୋକ ଯେ କି କି ଅଦ୍ଭୁତ ସ୍ଥାନରେ ଠିଆ ହୋଇ ବସି, ଶୋଇ ନ ପାରନ୍ତି କହିବା ମୁସ୍କିଲ । ଅସଂଖ୍ୟ ମୁଣ୍ଡ । କେଉଁଟି ବବୁରି ଓ କେଉଁଟି ହିପିପୀ, କେଉଁଟି ଚନ୍ଦା ଓ ପରିଚୁଳା, କେଉଁଟି ସତ ଓ ଓ କେଉଁଟି ମିଛ କିଛି ବୁଝି ହେଉ ନ ଥାଏ ।

ଲୋକ ସ୍ଥିର ହେଲେ ।

ଲୋକ ଉତ୍କଣ୍ଠା ହେଲେ ।

କେତେ ଲୋକ ତ୍ରସ୍ତ ହୋଇ ସାମର୍ଥ୍ୟିକ ଭାବରେ ନିଜ ନିଜର ଉଚ୍ଚତା ବଢ଼ାଇବାରେ ଲଗିଗଲେ ।

ଯୁବନେତା ଯୋଡ଼ହସ୍ତ ଭାଙ୍ଗିଲେ । ହସିଲେ ।

ତା ପରେ ଶୁଭିଲା

ମାଇକରୁ : ଅନେକ ଦିନ ହେଲା ମୁଁ ଏଠାକୁ ଆସିବାର ଥିଲେହେଁ ଆସି ପାରୁ ନ ଥିଲି । ନାନା କାରଣରୁ । ଏବେ ଏଠାକୁ ଆସିପାରି ଥିବାରୁ ମୁଁ ଖୁସି । ଆମର ଅନେକ ସମସ୍ୟା ଅଛି, ତନ୍ମଧ୍ୟରୁ···ଅତ୍ୟନ୍ତ ଜରୁରୀ···ଗରିବମାନେ ମଧ୍ୟ··· ଖୁବ୍ ଖରାପ କଥା···ସେମାନେ ମିଛ କହୁଛନ୍ତି···

ଲୋକଙ୍କଠାରୁ : ବୋର୍ । ସେଇ ସେଇ କଥା । ଜାଣିଛୁ ଜାଣିଛୁ । ଉଚ୍ଛନ୍ନ ହୋଇଯିବ । ଆହା ହା । ଜିସ୍‌କା ବାପ୍ ଚଢ଼େ ଘୋଡ଼ା, ଉସ୍‌କା ବେଟା ଥୋଡ଼ା ଥୋଡ଼ା । ଦେଖ, ପିଉଛି ଅଙ୍ଗୁର ରସ, ଗାଉଛି ତୋରାଣି ପିଆର ଦୁଃଖ । ଫୁର୍‌କିନି ଉଡ଼ିଯିବ ।

ଯୁବନେତାଙ୍କ ଭାଷଣ ଯନ୍ତ୍ରରୁ ଚାଲିଥାଏ । ମୋ ପାଖରେ ଠିଆ ହୋଇଥିବା ଲୋକଙ୍କର କଥାବାର୍ତ୍ତା ସଲାପ ଓ ସ୍ୱଗତୋକ୍ତିମାନ କାନର ଦରଦାର ଅଭ୍ୟନ୍ତରେ ଆସ୍ତେ କରି ଛୁଇଁ ଯାଉଥାନ୍ତି । ଯୁବନେତା ଯାହା କହୁଥିଲେ ସେ ସବୁ ଟେପ୍ ହେଉଥିଲା ନା ଟେପ୍‌ର କଥା ଅନୁସାରେ ସେ କେବଳ ଓଠ ହଲାଉଥିଲେ ବୁଝି ହେଲା ନାହିଁ । ଟେପ୍ ରେକର୍ଡ଼ର ଯନ୍ତ୍ରରୁ ସୁଇଚ୍ ପ୍ଲେ'ରେ ଥିଲା ନା 'ରେକର୍ଡ଼'ରେ ଥିଲା କଏ ଦେଖିଛି ?

ମୁଁ ମଞ୍ଚଠାରୁ ଦୂରରେ ଥିଲି । ଏତେ ଦୂରରେ ଯେ ମଞ୍ଚ ପର୍ଯ୍ୟନ୍ତ ଢେଲା ବା ପଥର ଖଣ୍ଡେ ସୁଦ୍ଧା ଫିଙ୍ଗିପାରି ନ ଥାନ୍ତି । ଆବଶ୍ୟକତାରୁ ବୋଧହୁଏ ଅଧିକ ସନ୍ଦେହ କରୁଥିଲି ।

ଭିଡ଼ ଖାଲି କୁହୁଉଥାଏ । କୁହୁେଇ କୁହୁେଇ ଲୋକମାନେ ସଭା-ଚ୍ୟୁତ ହୋଇପଡ଼ୁଥାନ୍ତି । ଏଇ କୁହାଣ ଶୁଣିବାକୁ ମୋର କୌତୂହଳ ଜାଗ୍ରତ ହେଲା ।

ଅନେକ ଲୋକ ଚାଲି ଯାଉଥିଲେ । ଆହୁରି ଅନେକ ଲୋକ ଯିବା ଯିବା ହୋଇ ଅଟକି ରହିଥାନ୍ତି । ଭାଷଣ ଶୁଭୁଥାଏ । ମୁଁ ଆଗକୁ ଆଗକୁ ବଢ଼ିଲି । ପଛ ଆଡ଼ର ପତଳା ଭିଡ଼ ପଛରେ ରହିଗଲା । ମୋ ସାମ୍ନାର ଖୁନ୍ଦାଖୁନ୍ଦି ଭିଡ଼ ଆଡ଼କୁ ମୁଁ ବଢ଼ିଲି ।

ଆଉ ବର୍ଣ୍ଣି ପାରିଲି ନାହିଁ ।

ସଭା ଆଡ଼କୁ ପିଠି ଫେରି ଆସୁଥାଏ ଏକ ଚିହ୍ନା ମୁହଁ ।

ପଚାରିଲି : ଆଜ୍ଞା ଆପଣ ଏଠି ?

କହିଲେ : ଆସିଥିଲି ଟିକେ ।

ଆହୁରି ଦୁଇ ପାଦ ଆଗକୁ ବଢ଼ିଲି । ମୋର ଡାହାଣ କଡ଼ରେ ଦୁଇ ଜଣ କଥାବାର୍ତ୍ତା କରୁଥାନ୍ତି :

—ଚାଲନ୍ତୁ ଆଜ୍ଞା !

—ଶିବା ସେ ଭାଷଣଟା ସବୁ

—କଣ ସେ ମିଳିବ ଏଥିରୁ ?

—ତୁମ୍ଭୁନା, ତମକୁ ମିଳିବ ନାହିଁ, ମୋତେ ମିଳିବ । ଯେମିତି ହେଲେ ଫାଷ୍ଟ ପେଜ ପାଇଁ ଚାରି କାଲମ

—ତାରିଖ ନାମ ଓ ତାରିଖ ବଦଳାଇ ଦେଇ ଗତ କାଲିର ସବୁ କଥା ପୁଣି ଥରେ ଦେଇ ଦେଲେ ବି ଚଳିବ । ସେଇ ପୁରୁଣା କଥା ତ ।

—ତା ତ ସତ । ଆଉ ଟିକେ ପରେ ଫେରିବା । ଆମର ଫଟୋଗ୍ରାଫର ବାବୁ ଯାଇଛନ୍ତି ଫଟୋ ଉଠାଇବା ପାଇଁ । ସାଙ୍ଗରେ ନେଇଯାଇଛନ୍ତି ମୋ ସାଇକଲର ଚାବି ।

—ମୁଁ ତା ହେଲେ ଯାଏ

ସେ ଚାଲିଗଲେ । ବର୍ତ୍ତିଗଲେ । ସଭା ନ ହୋଇ ଅନ୍ୟ କିଛି ହୋଇଥିଲେ ଯେମିତି ଅତର୍କିତା ଧାଇଁ ପଳାନ୍ତେ ସମସ୍ତେ ।

ମୁଁ ପଛକୁ ଘୁଞ୍ଚିଲି । ସେଇ ଦୂରତାରୁ ମଞ୍ଚ ଦିଶୁଥାଏ ଏକ ସୁସଜ୍ଜିତ ମେଢ଼ପରି, ବିମାନ ପରି । ମଞ୍ଚ ଉପରେ ତିନି ଜଣ ରକ୍ଷୀ ଧରଣର ମଣିଷ ଠିଆ ହୋଇଥାନ୍ତି ଅଚଳ ମେରୁପରି ।

ଯୁବ ନେତାଙ୍କର ମୁଖମଣ୍ଡଳ କାଠୁଆ ଦିଶିଲା ।

ମୋର ଆଗରେ ବାଁ କଡ଼ରେ ଓ ଡାହାଣ କଡ଼ରେ ଏକା ବଜାର ବସିଥାଏ । ଆଇସ୍‌କ୍ରିମ୍, ଠେଲାଗାଡ଼ି, ଚଣାବାଲା, ବାଦାମବାଲା, ବେଲୁନବାଲା ।

ବିରକ୍ତ ବାପା ଜଣେ କହୁଥାନ୍ତି : ଏଇଟା ବାବା ମେଳା ମଉଛବ ନୁହେଁ । ଚାଲ ଘରେ ଯାଇ ବଢ଼ିଆ ଚକୋଲେଟ ଦେବି ।

ତାଙ୍କ ସାଇକଲର କ୍ୟାରଅରରେ ଗୋଡ଼ ଛନ୍ଦି ବସିଥିବା ପିଲାଟି ଭେଁ କରି କାନ୍ଦଣା ଧରଣର ସାଇରନ୍ ବଜାଇ ଦେଇ କହିଲା : ନାଇଁ

ଆଇସ୍କ୍ରିମ୍ । ନାଇଁ ନାଇଁ ଆଇସ୍କ୍ରିମ୍ ।

ବାପା କହି ପକାଇଲେ : ଓଃ ମୁଁ କାହିଁକି ଯେ ଏ କୁଳାଙ୍ଗାରକୁ

ସାଙ୍ଗରେ ଘିନି ଅଇଲି···

ମୋର କହି ପକାଇବାକୁ ଇଚ୍ଛା ହେଲା ।

ଜିଭ ସଲ୍ ସଲ୍ ହେଲା ।

ତୁମେ କାହାକୁ କହୁଛ ଜନନେତା ?

ଇତିହାସର ଆଲମାରି ଭିତରେ ତୁମର "ବାଣୀ" ସାଇତା ହେବ—କେହି ଜାଣିପାରିବେ ନାହିଁ । ଏ ମାଟିର ପ୍ରତ୍ୟେକ ଗୃହସ୍ଥ ସାଇତି ରଖେ ପାଞ୍ଜି । ତୁମର ବାଣୀ ମୁଦ୍ରିତ ପୁସ୍ତିକାକୁ ତୁମର ଲୋକମାନେ କେଜି ଦରରେ ବିକ୍ରୀ କରିଦେବେ । ଇତିହାସର ଆଲବମ୍ ପୃଷ୍ଠାରେ ତୁମର ମୁଖମୁଦ୍ରା ସୁରକ୍ଷିତ ରହିବ । ଘୁରୁଛି ସ୍ପୁଲ । ଟେଲିପ୍ରିଣ୍ଟର ପହଞ୍ଚାଇ ଦେବ, ବାଣ୍ଟି ଦେବ ସବୁ ଖବର । ସେ ଦିଗକୁ ଧ୍ୟାନ ଦେବାର ପ୍ରୟୋଜନ ନାହିଁ । ସନ୍ତମାନେ ଭୁଲି ଖବରେ ନିଜ ନିଜ କାମ କରିଯିବେ ।

କିନ୍ତୁ ତୁମେ ଏସବୁ କାହାକୁ କହୁଛ ଯୁବନେତା ?

ମୋତେ ଅତିକ୍ରମ କରି ଗଲେ ଦୁଇଜଣ ମହିଳା ।

ଶୁଣି ହୋଇଗଲେ ଗୋଟିଏ ବାକ୍ୟ;

କେଉଁଠୁ କିଣିଲ ?

—ସେ ଆଣିଥିଲେ ଦିଲ୍ଲୀରୁ

—ଫୁଲଗୁଡ଼ା ଟିକେ ବଡ଼ ବଡ଼ ହୋଇଗଲା, ନୁହେଁ ?

—କହିଲେ ଆଜିକାଲି ଏମିତି ଚାଲୁଛି

ମୋ ଠାରୁ ଆଠ ହାତ ଦୂରରେ ଠିଆ ହୋଇଥିଲେ ଦଳେ ଯୁବକ । ସଭାସ୍ଥଳର ମିଳିତ ଗୁଞ୍ଜରଣକୁ ସେମାନେ ଦାନ କରୁଥାନ୍ତି ଅନେକ ବାକ୍ୟ ଓ ଶବ୍ଦ : ହି ଡଜନଟ୍ ନୋ ଦି ଏ ବି ସି ଅଫ୍ ଇକନମିକ୍ସ । ଏତେ ସହଜ ନୁହେଁ । ଦେଆର୍ ଆର୍ ଅଦର୍ ଥିଂସ୍ ଟୁ । ଏମିତି କଲେ ହେବ ନାହିଁ । ସେ ତ ଗାନ୍ଧୀଙ୍କୁ ଭୁଲି ଯାଇଛି । ଇରରେଲେଭେଣ୍ଟ । ବକର୍ ବକର୍ । ଷ୍ଟପ୍ ।

ମୁଁ ଫେରିଗଲି ମୋର ମୂଳ ସ୍ଥାନକୁ ।

ସେଇ କୃଷ୍ଣଚୂଡ଼ା ଗଛ ତଳକୁ ।

ସମସ୍ତେ ଫେରୁଥିଲେ । ପାଖ ରାସ୍ତାରେ ଜାମ୍ । ଲୋକ, ସାଇକେଲ, ରିକ୍‌ସା, ସ୍କୁଟର ଏ ସବୁ ପରସ୍ପରକୁ କାଟି ଆଗକୁ ବଢ଼ିବାକୁ ଚେଷ୍ଟିତ । ନିଷ୍ଫଳ ଟ୍ରକ୍ ଧାଡ଼ିଟିଏ । ମଣିଷମାନେ ଠିଆ ହୋଇଥାନ୍ତି ଟ୍ରକ୍ ଡାଲାରେ ।

ଧୂଳି ଉଡୁଥାଏ ।

ଯେଉଁ ଚୁମ୍ବକ ଖଣ୍ଡିକ ଏତେ ଲୋକଙ୍କୁ ଭିଡ଼ି ଆଣିଥିଲା, ସେଇଟି ଆଉ ଦେଖାଯାଉ ନ ଥାଏ । ମଣ୍ଡପ ଶୂନ୍ୟ ।

ସବୁ ଶେଷ ହୋଇଗଲା । ସଭା ଖତମ ହୋଇଗଲା ।

ସମସ୍ତ ହଜମ୍ ହୋଇଗଲା ।

ବିରାଟ ସାଧାରଣ ସଭାଟିକୁ ସାଫଲ୍ୟମଣ୍ଡିତ କରିବା ଉଦ୍ଦେଶ୍ୟରେ ସେଠାକୁ ଆସିଥିବା ଓ ଅଣା ଯାଇଥିବା ହଜାର ହଜାର ନରନାରୀ ଓ ଅଗଣିତ ଭାଇ ଭଉଣୀମାନେ ନିଜ ନିଜ ଘରକୁ ଫେରିଯିବା ଆଗରୁ ଯୁବନେତା ଶୀତତାପ ନିୟନ୍ତ୍ରିତ ଲମ୍ବା କାରରେ ବସି ଫେରି ଯାଇଥିଲେ ଏରୋଡ୍ରମ ପଡ଼ିଆ ଆଡ଼କୁ ।

ନା କୌଣସି ପ୍ରକାର ଶାନ୍ତିଭଙ୍ଗ ହୋଇ ନ ଥିଲା । ଗଣ୍ଡଗୋଳ ଲଗାଇବାର ଉଦ୍ୟମ ସୁଦ୍ଧା ହୋଇ ନ ଥିଲା । ପାଟି ତୁଣ୍ଡ କିଛି ନାହିଁ ।

ଭିଡ଼ ମଧ୍ୟରୁ କାହାର ହାହାକାର, ଆର୍ତ୍ତ ଚିତ୍କାର, ବିକଳ ବାହୁନା ବା ସେ ଧରଣର କୌଣସି ଅପ୍ରୀତିକର ଧ୍ୱନି ମଧ୍ୟ ଶୁଣାଯାଇ ନ ଥିଲା ।

ସମବେତ ଜନତା ଉପରେ କ୍ଳୀବ ନୀରବତାର ଏକ ଅଦୃଶ୍ୟ ଚାଦର ଚାପି ଦେଇ ଯୁବନେତା ଫେରିଗଲେ । ସେ ଆସିଥିଲେ ଜନତା ଆଗରେ ଦଣ୍ଡେ ଠିଆ ହେବା ପାଇଁ ଓ ମଞ୍ଚ ଉପରୁ ଜନସମୁଦ୍ରର ଢେଉ ଗଣିବାକୁ । ସେ ଆସିଥିଲେ ହଜାର ହଜାର ଲୋକଙ୍କୁ କହିବା ପାଇଁ ଓ ତିନି ବା ପାଞ୍ଚ ତୁଣ୍ଡର କଥା ଶୁଣିବା ପାଇଁ ।

ସେ ଚାଲିଗଲା ପରେ :

"ଶୁଣନ୍ତୁ ହିନ୍ଦୀ ଚଳଚ୍ଚିତ୍ରର ଗୀତ । ଧରମ୍ କରମ୍ ଚିତ୍ରରେ
ଗାଇଛନ୍ତି ମୁକେଶ……
"ଇକ୍ ଦିନ୍ ମିଟ୍ ଯାଏଗା ମାଟିକେ ମୋଲ୍
ଜଗମେ ରହି ଯାଏଙ୍ଗେ ପ୍ୟାରେ ତୋର ବୋଲ୍"

କେହି ଜଣେ ଟ୍ରାଞ୍ଜିଷ୍ଟରଟିଏ କାନ୍ଧରେ ଝୁଲାଇ ମୋତେ ଅତିକ୍ରମ କରିଗଲା ।

କିଏ ଜଣେ ନିଜ ତରଫରୁ ଯୋଗ କଲା :
"କାରମେ ବୈଠକେ ଖୋଲ ବୋତଲ ଖୋଲ"
ଭିଡ଼ ଫେରୁଥିଲା ।
ଧୂଳି ଉଡ଼ୁଥିଲା ।
କିଏ କହିଲା ? କ'ଣ କହିଲା ? କାହିଁକି କହିଲା ?
କିଏ ବା ଶୁଣିଲା ?

ନା ମୋ କଥା ତୁମେ ନା ତୁମ କଥା ମୁଁ ? ତୁମକଥା ଶୁଣିଲେ କଣ ମୋତେ ତୁଇ କିଲୋ ଚାଉଳ ଓ ଅଧ କୁଇଣ୍ଟାଲ ବୋଇଲା କମ୍ବା ନୂଆ ଗୃହକଣ୍ଟିଏ ମିଳିଯିବ ? ନା ଠିକ୍ ସମୟରେ ଛୁଟି ମଞ୍ଜୁର ହୋଇଯିବ ?

କମ୍ବା ତାଙ୍କ କଥା ଶୁଣିଲେ କଣ ଜୋଇଁ ପାଇଁ ସ୍କୁଟର ଓ ପୁତୁରା ପାଇଁ ଗୃହକଣ୍ଟ ଓ ଭଣଜା ପାଇଁ ଲାଇସେନ୍ସ ଓ ସଢୁ ପାଇଁ ପର୍ମିଟ୍ ଓ ସମୁଦ୍ଧି ପାଇଁ ଠିକାଦାରୀ ଓ ମାଁ ପାଇଁ ଔଷଧ ଓ ପତ୍ନୀ ପାଇଁ ଶାଢ଼ୀ ଓ ପୁଅ ପାଇଁ ବନ୍ଧୁ ଓ କେତେ ଗଣିବ ?

ଏମିତି କିଛି ମିଳି ଯାଏ ନାହିଁ ।

ଭିଡ଼ ଖାଲି କୁହୁଉଥାଏ ।

ମନେ ହେଲା, ଭିଡ଼ର ପ୍ରତ୍ୟେକ ମଣିଷ ତା ପାଖର ମଣିଷକୁ କିଛି ନା କିଛି କହୁଥିଲା ଓ ତାଠାରୁ କିଛି ନା କିଛି ଶୁଣୁଥିଲା । ଯୁବ ନେତା କହୁଥିଲେ କେବଳ ଟେପ୍ ରେକର୍ଡର ମାଉଥ୍ ପିସକୁ । ଗୃହୁଁଥିଲେ କ୍ୟାମେରାକୁ ।

ସମସ୍ତେ ଫେରୁଥିଲେ । ମୁଁ ସେଇଠି ଠିଆ ହୋଇ ଏକ ମହା ନାଟକର ପାତ୍ର ପାତ୍ରୀମାନଙ୍କର ପ୍ରସ୍ଥାନ ଦୃଶ୍ୟ ଦେଖୁଥାଏ । ପିଲାଙ୍କ ହାତରେ ବେଲୁନ୍ ନ ହେଲେ ଆଇସ୍ କ୍ରିମ । ସ୍ତ୍ରୀ ଲୋକଙ୍କ କାଖରେ ଶୋଇ ପଡ଼ିଥିବା ଛୁଆ । ଝିଅ କାନ୍ଧରେ ହାତ ଦେଇ ଜଣେ ଅନ୍ଧ ମଧ୍ୟ ।

ସମସ୍ତଙ୍କ ମୁହଁରେ ବିରକ୍ତି ଓ କ୍ଳାନ୍ତିର ଏକ ପ୍ରକାଣ୍ଡ ଛାୟା ପଡ଼ିଥାଏ । ତଥାପି କେତେକ ଦେଶର ଏ ପ୍ରକାର ଅସମୟରେ ସୁଦ୍ଧା ସମୟ କାଢ଼ି ସଭାଟିଏ···ଯୁବ ନେତାଙ୍କର ଅଭୂତପୂର୍ବ ସଭାଟିଏ ଦେଖି ପାରିଥିବାରୁ ଓ ନିଜର ସ୍ତ୍ରୀ-ପିଲା ଝିଲାଙ୍କୁ ଦେଖାଇ ପାରିଥିବାରୁ ଗର୍ବବୋଧ କରୁଥାନ୍ତି ।

ମୁଁ ଠିଆ ହୋଇଥାଏ । ଗୋଟିଏ ନିଶ୍ଚଳ ସାକ୍ଷୀଖୁଣ୍ଟ ପରି । ନିଶ୍ଚଳ ଓ ନୀରବ ।

ମୋର ନାକ ପାଖରେ :

ନୂଆ ପୁରୁଣା ଚିରା ମଇଳା ସବୁ ପ୍ରକାର ଲୁଗାର ବାସ୍ନା, ବାସ୍ନା ତେଲର ମହକ, ଫୁଲର କହ୍ଲର, ଅତରର ସୁରଭି ଓ ଝାଳର ଗନ୍ଧ ଗ୍ରୁଣ୍ଡି ଭିଡ଼ି ମୋତେ ଅତିକ୍ରମ କରି ଯାଉଥାଏ ।

ମୁଁ ସ୍ଥିର, ଅଟଳ

ଘଟନାର କେନ୍ଦ୍ର ପରି ।

ମୋର କାନ ପାଖରେ :

"ବାପ୍‌ରେ କେତେ ଭିଡ଼ । ଏତେ ଲୋକ କେବେ ଦେଖି ନଥିଲି ।

ସିନେମା ଯାଇଥିଲେ ପୋଷେଇ ଥାନ୍ତା । ମୋର ଭାଇ, ପଂଟେ ଚପଲ ହଜିଗଲା । ଦେଖିବୁ କାଲି କାଗଜରେ କଣ ବାହାରିବ । ଖାଲି ଫଟୋ ଉଠିବା ସାର ହେଲା । ଏ ବଦମାସ ଯୋଗୁଁ କିଛି ଶୁଣି ହେଲାନାହିଁ । କିଛି ନଥିଲି ଆଟରୁ । ସ୍ୱାକୁ କାହିଁକି ଯେ ଏତେ ଟେକା ଯାଉଛୁ ?"

ମୋର ଆଖି ଆଗରେ :

ଜାତି ଜାତିକା ମୁହଁ, ଲୁଗା ଓ ମଣିଷ । ନାନା ପ୍ରକାର ଯାନ ବାହନ । କେତେ ଫୁଲ, କେତେ ରଙ୍ଗ, ରୂପ ଓ ଆକାର । ପଡ଼ିଆରେ ବିଚରଣ କରୁଥାନ୍ତି । ଧୋବ ଧାଉଳିଆ ଗୃହ ପାଞ୍ଚଜଣ ଓ ପଚଶ ଛିରଣ ଜଣ ମୂଲିଆ । ଗୃନ୍ଦୁଆ ଫିଟା ଯାଉଥାଏ । ମାଇକ୍ ଫିଟା ଯାଉଥାଏ । ଖମ୍ବ ଓପଡ଼ା ଯାଉଥାଏ ।

ଗୃହୁଁ ଗୃହୁଁ ପଡ଼ିଆଟି ସବୁଦିନଭଳି ଶୂନ୍ୟ ହୋଇଗଲା । ଗୃହୁଁ ଗୃହୁଁ ସନ୍ଧ୍ୟା ଓ ତାପରେ ରାତି ମାଡ଼ି ଆସିଲା । ଆଉ କେହି ଚଳ ପ୍ରଚଳ ହେଉ ନାହାନ୍ତି, ସବୁ ଶାନ୍ତ । ଆକାଶରେ ଚନ୍ଦ୍ର । ତାର କିରଣରେ ଝଲମଲ କରୁଥାଏ ପଡ଼ିଆ । ପାଦ ତଳେ ଏକ ଖଣ୍ଡିଆ ଖାବୁରି ବହୁ ନେତା-ଜନତାଙ୍କାନ୍ତ ପଡ଼ିଆ । ମୁଁ ଆଗକୁ ବଢ଼ିଲି । ମୁଣ୍ଡ ଉପରେ ବିପୁଳ ଆକାଶ । ହଜିଗଲା ପରି ଲାଗିଲା ।

ଏ ଆକାଶ ! ଏ ପୃଥିବୀ ! ଏ ନିର୍ଜନତା ।

ମୋର ଇଚ୍ଛା ହେଲା ମଞ୍ଚ ଉପରେ ଠିଆ ହୋଇ ଟିକେ ଦେଖନ୍ତି ସେ ଉପରୁ ପଡ଼ିଆଟିକୁ ।

ଗଛ ପାଖରୁ ପାହାଚ ଚଢ଼ିଯାଇ ମଞ୍ଚ ଉପରେ ପହଞ୍ଚିବାପରେ ମୋର ମନେ ହେଲା, ଅନ୍ତତଃ ଜଣେ ଶ୍ରୋତା ମିଳିଲେ ମୁଁ କହି ପକାନ୍ତି ମୋର ଅମାପ କଷ୍ଟର କାହାଣୀ ।

ଠିକ୍ ମଞ୍ଚର ପଛରେ ପୋତା ହୋଇଥାଏ ଦୁଇଟି ଖୁଣ୍ଟ । ବିଦ୍ୟୁତ ଶକ୍ତି ବାହୀ ତାର ଓ ଧ୍ୱନିବାହୀ ଟେଲିଫୋନ ତାର ଲମ୍ବି ଆସିଥାଏ ସେଇ ଦୁଇଟି ଖମ୍ବ ପର୍ଯ୍ୟନ୍ତ ।

ହଠାତ୍ ମତେ ମୁତ ମାଡ଼ିଲା । ମୁଁ ପେଣ୍ଟର ଆଗ ବୋତାମ ଖୋଲି ମଞ୍ଚର ପଛ କାନ୍ଥ ଆଡ଼କୁ ମୁହଁ କରି ମୁତି ଦେଲି ଚର ଚର । ଉଶ୍ୱାସ ଲାଗିଲା ।

ଇଚ୍ଛା ହେଲା, ଫେରିବା ଆଗରୁ ଆଜି ଦିନର ଶେଷ ସିଗାରେଟ ଖଣ୍ଡିକ ଖାଇ ଦେବାକୁ । ଅଳ୍ପ ଶୀତୁଆ ପବନ ବୋହୁଥାଏ । ମୁଁ ପକେଟରୁ ସିଗାରେଟ ଓ ଦିଆସିଲି କାଢ଼ିଲି । ପବନ ଦାଉରୁ ନିଆଁକୁ ରକ୍ଷା କରିବା ନିମନ୍ତେ ତଳ ଆଡ଼କୁ ଟିକେ ନଇଁ ପଡ଼ି ଦିଆସିଲି ଜାଳି ସିଗାରେଟ ପକ୍ଷଟାଇଲି । ଡିଆସିଲି କାଠିର ସେଇ ସାମାନ୍ୟ ଆଲୁଅରେ ଦିଶିଲା ଏକ ସ୍ପଷ୍ଟ ଦୃଶ୍ୟ । ମଞ୍ଚର ସିମେଣ୍ଟ ଚଟାଣ ଉପରେ ମୋ ଆଗରୁ କେହି ଜଣେ ଆସି ମଳତ୍ୟାଗ କରିଦେଇ ଯାଇଥିଲା ।

ସେଦିନ ରାତିରେ ଘରକୁ ଫେରି ଖିଆପିଆ ସାରି ଶୋଇଲି ବେଳକୁ ଖୁବ୍ ଡେରି । ତା ପରଦିନ ସକାଳୁ ମନେ ପଡ଼ିଲା ଯେ ଗତ ରାତିରେ ମୁଁ ଏକ ହୁଇ-ନିଦିଆ ସ୍ୱପ୍ନ ଦେଖିଥିଲି ।

ଡୋଲିକାର ଏକ ପ୍ରକାଣ୍ଡ ମାଉଥ୍ ପିସ ଆଗରେ ଯୁବ ନେତାଙ୍କର ମହାନ୍ ଦୁଇଟି ନାଲି ଗୁଲୁ ଗୁଲୁ ଓଠ ହଲୁଥାନ୍ତି ।

କିଛି ଶୁଭୁ ନଥାଏ । ଧ୍ୱନି କାହିଁ ? ଧ୍ୱନି ?

ସାଉଣ୍ଡ ସାଉଣ୍ଡ ।

କେଉଁଠି ଯେମିତି ଭିତରେ ଭିତରେ ଦୁଇଗୋଟି ଶକ୍ତିବାହୀ ତାର ପରସ୍ପର ସହ ଯୋଡ଼ି ହୋଇଗଲେ । ଅଳ୍ପ ସମୟର ଯାନ୍ତ୍ରିକ ଗୁଞ୍ଜରଣ ପରେ ଶୁଭିଲା ଉଠ ଉଠ ।

ମାଇ ଉଠିବା ଥିଲା ସାଧାତୀତ । କାରଣ ମାଂସବସର୍ଜି ଦ୍ୱାରା ନିର୍ମିତ ଯୁବନେତାଙ୍କର କୋମଳ କନ୍ଦୁକୋପମ ଶରୀରଟି ଗଡ଼ିଯାଉଥାଏ ବିଷ୍ଠା ଲେପିତ ପଡ଼ିଆର ଏ ମୁଣ୍ଡରୁ ସେ ମୁଣ୍ଡକୁ ।

# ଦ୍ୱିତୀୟ ଶ୍ମଶାନ

ଶ୍ରୀ ରାମଚନ୍ଦ୍ର ବେହେରା

ଖଟର ଗୋଟିଏ ପାଖରେ ମୁଁ, ଅନ୍ୟପାଖରେ ପ୍ରୀତି । ଦୁହିଁଙ୍କ ମଝିରେ ଚାରିବର୍ଷର ଝିଅ । ଅନେକବେଳୁ ସେ ଶୋଇପଡ଼ିଲାଣି । ମୋ ବେକରେ ହାତଗୁଡ଼ାଇ ସେ ରାଜା, ରାଣୀ, ରାଜକୁମାର, ରାଜକୁମାରୀଙ୍କ କଥା ଶୁଣୁଥିଲା । କୌଣସି ରାତିରେ ମୋ କାହାଣୀ ଶେଷ ହୋଇପାରେ ନାହିଁ । ରାଜାଙ୍କର ସୁନାନାକ ଝିଅ ଖୁବ୍ ବେଶୀ ହେଲେ ନିର୍ଜନ ପୋଖରୀ ତୁଠରେ ଗୋଡ଼ ଘଷି ବାସୀ ଅଳତାର ଦାଗ ଲିଭାଉଥିବ । ଛନଛନ ଆଖିରେ ଚାହୁଁଥିବ ଚାରିଆଡ଼େ । ମନ ଭିତରେ କାରଣ ନ ଥିବା ତୁଙ୍ଗ ଆବେଗ ଏକ ବିଚିତ୍ର ଶିହରଣ ଓ ଯନ୍ତ୍ରଣା ସୃଷ୍ଟି କରୁଥିବ । ଆଉ ବେଶୀ ଆଗେଇବାକୁ ହୁଏନାହିଁ । ମୋ ବେକ ଉପରେ ଝିଅର ହାତ ଶିଥିଳ ହୋଇଯାଏ । ମୋ ଛାତି ଭିତରକୁ ଘୁଞ୍ଚିଆସି ସେ ଶୋଇପଡ଼େ ନିଶ୍ଚିନ୍ତରେ ।

ଜିରୋୱାଟ ବଲ୍ବର କୁହୁଡ଼ିଆ ଆଲୁଅ ଭିତରେ ଅଧା ରହିଯାଏ କଳ୍ପନାର କାହାଣୀ । ଏଭଳି କାହାଣୀ, ଏଭଳି ଏକ ଶ୍ରୋତା ପାଖରେ କହିବାରେ ସତର୍କତା ଅବଲମ୍ବନର ଆବଶ୍ୟକତା କ'ଣ ? ଏ କାହାଣୀ ଲମ୍ବି ଯାଇ ପାରେ ଯେ କୌଣସି ଦିଗରେ, ମୋ ଭାବନା ଭଳି । ଯେଉଁ କାହାଣୀ ଯୁକ୍ତି ଓ ବାସ୍ତବତା ଉପରେ ପ୍ରତିଷ୍ଠିତ ନୁହେଁ, ତାହା କେଡ଼େ ସୁନ୍ଦର ଆଉ କୋମଳ ! ମାତ୍ର ଝିଅ ଶୋଇପଡ଼ିବା ପରେ ମୁଁ ଓ ପ୍ରୀତି ପରସ୍ପରକୁ ଯେଉଁ କାହାଣୀ ଶୁଣାଉ, ତାହା ବେଳେ ବେଳେ ଭାରି ଭୀଷଣ ଓ ଅଟ୍ଟହାସ୍ୟମୟ ଜଣାପଡ଼େ । ଏ କାହାଣୀ ଜୀବନର ମାୟା, କଳ୍ପନାପ୍ରବଣତାକୁ ଗ୍ରାସ କରିଦିଏ । ଆମେ ଦୁହେଁ ଦେଖୁ ଖାଲି ଜୀବନର ସତ୍ୟତା, ସଂସାରର ନିଚ୍ଛକ ରୂପ । ଝିଅ ଯଦି କେବେ କୌତୂହଳ ବଶତଃ ଶୋଇ ରହିଥିବାର ଛଳନା କରି ଆମ ଦୁହିଁଙ୍କ କାହାଣୀ ଶୁଣନ୍ତା, କ'ଣ ବୁଝନ୍ତା ସେ ? ବେଳେ ବେଳେ ଏମିତି ପ୍ରଶ୍ନ ନିଜକୁ ପଚାରେ । ସେ ଶୁଣିଥିବା କାହାଣୀ ଓ ଆମ କାହାଣୀ ଭିତରେ ଯେଉଁ ତାରତମ୍ୟ, ତାହା ସେ କ'ଣ ଅତିକ୍ରମ କରି ପାରନ୍ତା ?

ପ୍ରୀତିର ସ୍ୱର ସେତେବେଳକୁ ତନ୍ଦ୍ରା ବିଜଡ଼ିତ ହୋଇ ଯାଉଥିଲା । ମୁଁ ଦୀର୍ଘଶ୍ୱାସ ତ୍ୟାଗ କରି ତା ମୁହଁରୁ ଦୃଷ୍ଟି ଫେରାଇ କୋଠରୀର ଛାତ ଆଡ଼କୁ

ଶୁଭିଲା । ହାଇମାରି ଆଖିବନ୍ଦ କଲାବେଳକୁ ଆମ ବାରପଟ କବାଟରେ କରାଘାତ ଶୁଣିଲି ।

ସେ କରାଘାତ ଅକ୍ଟୋବର ମାସର ନିସ୍ତବ୍‌ଧ, ଅନ୍ଧକାର ରାତିର ମେରୁ-ଦଣ୍ଡକୁ ଦୋହଲାଇ ଦେଲା ଭୟଙ୍କର ଭାବରେ । ସମସ୍ତ ବ୍ୟାକୁଳତା ଓ ଅସ୍ଥିରତାର ସହିତ ଗୋଟାଏ ବାଷ୍ପାକୁଳ ଆର୍ତ୍ତନାଦ ଶୁଭିଲା—'ଭାଇ ! ଭାଇ ଟିକିଏ ଉଠ । ମୋର ସବୁ ସରିଗଲା ।'

ମୋର ମନେହେଲା, ବାରପଟ କବାଟ ହୁଏତ ଭାଙ୍ଗିଯିବ କରାଘାତର ମାଡ଼ରେ । ଲୋକଟିର କଣ୍ଠ ଫାଟିଯିବ ବ୍ୟାକୁଳତା ଓ ଅସହାୟତାର ତୀବ୍ରତାରେ । ପ୍ରୀତି ଓ ମୁଁ ଏକାସଙ୍ଗେ ଓହ୍ଲାଇ ପଡ଼ିଲୁ ଖଟରୁ । ଝିଅ ଗଲାଫଟାଇ କାନ୍ଦି-ଉଠିଲା, ସତେ ଯେପରି ସେ ବୁଝିପାରିଥିଲା କେଉଁଠି କିଛି ଗୋଟାଏ ଅଘଟଣ ଘଟିଯାଇଛି ।

ବ୍ୟସ୍ତତାର ସହିତ ମୁଁ ବାରପଟକୁ ଆସି କବାଟ ଖୋଲି, ଟର୍ଚ୍ଚ ଟିପିଲି । କୁମର ଦାଦାର ଯନ୍ତ୍ରଣା ଜର୍ଜରିତ ଆର୍ତ୍ତଚିତ୍କାର ଆମ ଗାଁର ଶିରା-ପ୍ରଶିରାରେ ଯନ୍ତ୍ରଣା ଓ ଆଶଙ୍କାର ତଡ଼ିତ୍ ଛୁଟାଇଦେଲା ।

—'କଥା କ'ଣ ? ଏମିତି...'

ମୋ କଥାକୁ ଶେଷ ହେବାକୁ ନ ଦେଇ ସେ ଘୋଷଣା କଲା—'ମୋ ମଞ୍ଜୁକୁ ସାପ କାମୁଡ଼ି ଦେଇଛି ।'

ଅଳ୍ପ କେଇଟା ମୁହୂର୍ତ୍ତ ପାଇଁ ସବୁ ସ୍ତବ୍‌ଧ ଓ ସ୍ଥାଣୁ ହୋଇଗଲା । ବ୍ୟାପକ ଆକାଶର ତାରା, ମୋ ପାଦ ତଳର ମାଟି, ମୁଁ ନିଜେ ଓ କୁମର ଦାଦାର ଅସ୍ତିତ୍ୱ ମିଳେଇଗଲା ଏକ ବିଚିତ୍ର ଶୂନ୍ୟତା ଭିତରେ । ମୋର ଅନୁଭବ କରିବାର ଶକ୍ତି ଓ ବିଚାରବୋଧ ସମ୍ପୂର୍ଣ୍ଣଭାବେ ପୋଛି ହୋଇଗଲା ଏଇ ଦାରୁଣ ଘଟଣାଟିର ଭୟାବହତାରେ । କଥାଟାକୁ ପୁଣିଥରେ ଭାବିବା ବେଳକୁ ଘର-ପାଖୋଟି ନାରୀ କଣ୍ଠର ସମ୍ମିଳିତ କାନ୍ଦଣା ସାରା ଗାଁଟିକୁ ଅସ୍ଥିର କରି ଦେଉଥିବାର ଶୁଣିଲି ।

ବାପାଙ୍କୁ ନିଦରୁ ଉଠେଇବା ଦରକାର ହେଲା ନାହିଁ । ସେ ବଳେ ଉଠି ଆସିଥିଲେ ଏବଂ କୁମରଦାଦାର କଥା ଶୁଣି ପାରିଥିଲେ । ତାଙ୍କୁ ଦେଖିବା କ୍ଷଣି କୁମରଦାଦା ଅସହାୟତାରେ ଭାଙ୍ଗିପଡ଼ିଲା—'ଭାଇ, ମୋର ସବୁ ସରିଗଲା ।'

ଆଉ କିଛି କଥା ନାହିଁ । ପାଗଳଙ୍କ ଭଳି ସେଠାରୁ ସେ ଚାଲିଗଲା । ଆମ ଘରକୁ ଲାଗି ଯଦୁଭାଇର ଘର । ତାଙ୍କ ଦରଜା ଉପରେ ସେଇଭଳି କରାଘାତ କରି

ସେ ଘୋଷଣା କଲା ସେଇକଥା । ସେଠାରୁ ସେ ଗଲା ଆଉ ଏକ ଘରକୁ । ପୁଣି ତା' ପାଖ ଘର ।

କୁମରଦାଦାର କଥା ଆଉ ଭଲକରି ଶୁଣିହେଉ ନ ଥାଏ । ତା'ର ସମଗ୍ର ସତ୍ତା ରୂପାନ୍ତରିତ ହୋଇ ଯାଉଥିଲା ଏକ ଅବ୍ୟକ୍ତ କୋହରେ । ସଂସାରର ସମସ୍ତ ଆଶଙ୍କା ଓ ଆଶାହୀନତା ସତେ ଯେପରି ଠୁଳ ହୋଇ ଏକ ମଣିଷର ଆକାର ଗ୍ରହଣ କରିଥିଲା । ଗୋଟିଏ ଜୀଅନ୍ତା ଆର୍ତ୍ତନାଦ ହୋଇ ସେ ଖାଲି ଧାଉଁଥିଲା ଏ ଘର ଦରଜାରୁ ଅନ୍ୟ ଏକ ଦରଜା ପାଖକୁ । ସେ ହୁଏତ ଭାବୁଥିଲା, ଗାଁର ସବୁ ମଣିଷ ଉଠିଆସନ୍ତୁ ଯେଝା ବିଛଣାରୁ । ସଭିଏଁ ଠିଆହୁଅନ୍ତୁ ସଦ୍ୟ ସାପ କାମୁଡ଼ିଥିବା ମଞ୍ଜୁ ଶରୀରପାଖରେ । ସେମାନଙ୍କର ବ୍ୟୂହ ଭିତରକୁ ଯେପରିକି ମରଣର ଅଶ୍ରାହାତ ପଶି ପାରିବ ନାହିଁ । ଯଦି ମଞ୍ଜୁର ପ୍ରାଣବାୟୁ ପବନର ନିଃଶ୍ୱାସରେ ମିଶିଯିବାକୁ ତତ୍ପର ହୋଇଉଠେ, ତେବେ ସେମାନେ ସେ ପ୍ରାଣବାୟୁକୁ ଏଇ କଥା କହନ୍ତୁ—ଏତେ ଚଞ୍ଚଳ ଥକିଗଲୁ ? ଜମା ଅଠରଟା ବର୍ଷରେ ତୋର ଗୋଡ଼, ନହକା ହେହକୁ ଆଡ଼େଇ ଦେଇ ତୁ କେଉଁଆଡ଼େ ଯାଉଛୁ ଲୋ, ମଞ୍ଜୁ ? ସଞ୍ଜବେଳେ କିଏ ଆଉ ତୁମ ପିଣ୍ଡାରେ ମିଞ୍ଜିମିଞ୍ଜି ଆଲୁଅ ପାଖରେ ବସି ଭାଗବତ ପଢ଼ିବ ? ରାତି ନ ପାହୁଣୁ କିଏ କୂଅରୁ ପାଣି କାଢିବ ? କିଏ ତୁମ ଅଗଣା ଓଳାଇବ, ଗାଈକୁ କୁଣ୍ଡା-ତୋରାଣି ଦେବ ? ତୋର ତ ଯିବା ବେଳ ହୋଇନାହିଁ !

ବାପା ଓ ମୁଁ ଅଣନିଃଶ୍ୱାସୀ ହୋଇ ଧାଇଁଲୁ କୁମର .ଦାଦା ଘର ଆଡ଼େ । ସେତେବେଳକୁ ଗାଁର କେତେ ଲୋକ ସେଠାରେ ଜମା ହୋଇ ସାରିଲେଣି । ମୋର ସମ୍ପର୍କରେ ବଡ଼ ବାପା ହେବେ—ଗୁରୁଚରଣ । ସେ ସାପ ମନ୍ତ୍ର ଜାଣନ୍ତି । ପହଞ୍ଚି ଶୁଣିଲି ସେ କେତେବେଳୁ ମଞ୍ଜୁକୁ ଝଡ଼ା ଫୁଙ୍କା କରୁଛନ୍ତି ।

ସତକୁ ସତ ମଞ୍ଜୁ ଶରୀରପାଖରେ ଗୋଟାଏ ଶକ୍ତ ବ୍ୟୂହ ସୃଷ୍ଟି ହୋଇଥିଲା । ଚଟାଣ ଉପରେ ଧିକ ଧିକ ହୋଇ ଜଳୁଛି ଲଣ୍ଠନର ଶିଖା, କଳାକାଚ ଘୋଡ଼େଇ ହୋଇ । ଝାଳରେ ଜୁଡୁବୁଡୁ ହୋଇ ଯାଇଥିବା ମଞ୍ଜୁ ସାମନାରେ ବସି ଗୁଣିଆଁ ହୁଏତ ଚେଷ୍ଟା କରୁଛନ୍ତି, ଯେପରିକି ସାପର ବିଷ ମଞ୍ଜୁର ଶିରା-ପ୍ରଶିରାର ରକ୍ତକୁ ବିଷାକ୍ତ କରି ନ ଦିଏ । ମଞ୍ଜୁ ବଲବଲ କରି ଚାହିଁଛି, ତା ଶରୀରପାଖରେ ଘେରି ରହିଥିବା ମଣିଷ ମାନଙ୍କର ବିଗଳିତ, କାତର ମୁହଁଗୁଡ଼ିକୁ ।

ବାପାଙ୍କ କଥାମାନି, ସଭିଏଁ ବାହାରି ଆସିଲେ ସେ ଘରୁ । ଘର ଭିତରକୁ ନିର୍ମଳ, ସ୍ୱଚ୍ଛ ପବନ ଯିବା ଖୁବ୍ ଦରକାର । ମଞ୍ଜୁ ଆମ୍ଭମାନଙ୍କର ଶଙ୍କାଗ୍ରସ୍ତ ମୁହଁ ଦେଖିବା ଆଦୌ ଉଚିତ ନୁହେଁ । ଔଷଧ ପ୍ରୟୋଗ ପାଇଁ ବ୍ୟବହାର କରାଯାଉ

ଥିବା ଇଞ୍ଜେକ୍ସନ ସିରଞ୍ଜ୍‌ର ଛୁଞ୍ଚିକୁ ଦେଖି ଯେଉଁ ମଣିଷ ଡରି ଯାଇପାରେ, ତା' ଦେହ ଭିତରେ ସାପର ବିଷ କ୍ରମେ ସଞ୍ଚରିତ ହୋଇଯାଉଛି ବୋଲି ଇଙ୍ଗିତ ଦେଲେ, ତା'ର ଅବସ୍ଥା ହେବ କ'ଣ ? ତୁମେ କେବେ ଦେଖିଛକି ମୃତ୍ୟୁର ଚେହେରା ? ତୁମେ ହୁଏତ କହିଦେଇ ପାର, ମୃତ୍ୟୁ ଏକ ରହସ୍ୟମୟ, ଅନ୍ଧକାର ଇଲାକା ଯା' ଭିତରେ ଆମେ ସମ୍ପୂର୍ଣ୍ଣଭାବେ ହଜିଯାଆନ୍ତି ଏକ ବିଚିତ୍ର ବସ୍ତୁତରେ । ଅଥଚ କେଡ଼େ ଦାରୁଣ ଏ ଶଙ୍କା ! ଲହ ଲହ କରୁଥିବା ସାପର ଜିଭ, କୋକେଇରେ ବନ୍ଧାଯାଉଥିବା ମଣିଷର ଶରୀର ଆମକୁ ଚେତାଇଦିଏ ସେହି ଇଲାକାର ସର୍ବଗ୍ରାସୀ କ୍ଷମତା ସମ୍ପର୍କରେ । ମଞ୍ଜୁକୁ ଏମିତି ନିର୍ମମ ଭାବରେ ଏଇ କଥା ପ୍ରତି ଆମେ ସଚେତନ କରିଦେବା ଠିକ୍ ନୁହେଁ । ଆଶାର କଥା ଏହି ଯେ, ସବୁ ମଣିଷଙ୍କୁ ବିଷ ଘୋଷାରି ନେଇପାରେ ନାହିଁ ମୃତ୍ୟୁର ସାମ୍ରାଜ୍ୟ ଭିତରକୁ । ମଞ୍ଜୁ ସମ୍ପର୍କରେ ଆମେ ଏତେଟା ହତୋତ୍ସାହ ହେବାର କୌଣସି ଯଥାର୍ଥତା ନାହିଁ ।

ସାତ ମାଇଲ ଦୂରରେ ଥିବା ଡାକ୍ତରଖାନାରୁ ଡାକ୍ତରଙ୍କୁ ଡାକିବାପାଇଁ ଲୋକ ପଠାଗଲା । ଅନ୍ୟ ଦିଗକୁ ପଠାଗଲା ଆହୁରି ଦୁଇଜଣ ଲୋକଙ୍କୁ । ସେମାନେ ଜଣେ ଖ୍ୟାତନାମା ଗୁଣିଆଁଙ୍କୁ ଡାକିଆଣିବେ । ସାରା ଗାଁଟା ଅସ୍ଥିର ଓ ଚଞ୍ଚଳ ହୋଇପଡ଼ିଲା । ଗୁଣିଆଁର ମନ୍ତ୍ର ହେଉ ବା ବୈଜ୍ଞାନିକର ଔଷଧ ହେଉ—ଯେଉଁ ବସ୍ତୁ ଉପରେ ଆମ୍ଭମାନଙ୍କର ବିଶ୍ୱାସ ଓ ଆସ୍ଥା ଥିଲା, ସେ ସବୁ ପ୍ରୟୋଗ କରିବା ପାଇଁ ମନରେ ଆଦୌ ଦ୍ୱିଧା କିମ୍ବା ଆଳସ୍ୟ ନଥିଲା । ଆମେ ଯୁଦ୍ଧ ଘୋଷଣା କଲୁ । ଗୋଟିଏ ପାଖରେ ଯମ; ଅନ୍ୟ ପାଖରେ ଆମେ, ମଞ୍ଜୁ ପ୍ରତି ଆମର ମମତା, ଗୁଣିଆର ମନ୍ତ୍ର ।

ତଥାପି ଆମ୍ଭମାନଙ୍କର ହାତମୁଠା ବେଳେ ବେଳେ ଝାଳେଇ ଯାଉଥିଲା । ଅନୁଭବ କରୁଥିଲୁ, ସତେ ଯେପରି ଅନ୍ୟହାତକୁ କ୍ରମେ ଖସିଯାଉଛି, ଆମେ ପ୍ରାଣ-ପଣେ ଧରି ରଖିବାକୁ ଚେଷ୍ଟା କରୁଥିବା ଗୋଟାଏ ଅମୂଲ୍ୟ ଦରବ । କାନ୍ଦଣା କମୁନାହିଁ । ମଞ୍ଜୁର ମା' ଓ ଜେଜେମା' ହେଉକା କାନ୍ଦୁଥାନ୍ତି । ସେମାନଙ୍କର ବୁକୁଫଟା କାନ୍ଦଣାରେ ଥିଲା ରାଗି ରାଗି ପ୍ରତିବାଦ ଓ ନିବେଦନ; ପୁଣି ଥିଲା ବିଶ୍ୱାସ ଓ ଆଶଙ୍କା ।

ଅକ୍ଟୋବର ମାସର ଶନିବାର ରାତି । ରାତିର ଅନ୍ଧକାର ସତ୍ତ୍ୱେ ମୁହୂର୍ତ୍ତ-ଗୁଡ଼ାକ ବାଟବଣା ନହୋଇ ଆଗେଇ ଯାଉଛନ୍ତି । ସମୟ ସେତେବେଳକୁ ବାରଟା ପାଖାପାଖି ।

କୁଁମରଦାଦୀର ଘର ସାମନା ରାସ୍ତାରେ ଅପରାଧୀ ସାପଟିକୁ ଅକ୍ଷତ ଅବସ୍ଥାରେ ରଖାଯାଇଥିଲା । ସେଇଟାକୁ ବନ୍ଦୀ କରାଯାଇଥିଲା ଗୋଟାଏ ବଡ଼

ବାଉଁଶ ଛଆର ବୋଝ ତଳେ । ସାପ ଯଦି ଦଂଶନ କରିବା ପରେ କେଉଁଆଡ଼େ ଖସି ଚାଲିଯାଏ, ତେବେ ମଣିଷ ଦେହରୁ ବିଷ ଓହ୍ଲାଏ ନାହିଁ ବୋଲି ଆମେ ଶୁଣିଛୁ । ମୁଁ ବୋଝଆଡ଼ୁ ଦୃଷ୍ଟି ଫେରାଇ କୁମରଦାଦାର ଚାଳଘର, ଭସ୍ମଙ୍କର ଆକାଶ ଆଡ଼େ ଚାହିଁଲି ।

ଡିସେମ୍ବର ମାସରେ ମଞ୍ଜୁ ଶାଶୁଘରକୁ ଯିବାର ଠିକ୍ ହୋଇଛି । ଦାଦା ଗରିବ ମଣିଷ । ମଞ୍ଜୁ ବାରମ୍ବାର ଘରର ପିଣ୍ଡା ଲିପେ । ତା ସତ୍ତ୍ୱେ ବର୍ଷାଦିନରେ ଚାଳରୁ ପାଣିଗଳି ଗୋବର ଲିପା ପିଣ୍ଡା ଉପରେ ଅସଂଖ୍ୟ ଗାତ ସୃଷ୍ଟି ହୋଇଯାଏ । କାନ୍ଥ ଉପରବାଟେ ବର୍ଷାପାଣି ଗଡ଼ିଆସେ ଦାରିଦ୍ର୍ୟର ଲୁହଭଳି । ଏ ଲୁହ ଠାଏ ଠାଏ ସ୍ଥାୟୀ ଚିହ୍ନ ଛାଡ଼ି ଦେଇଯାଏ କାନ୍ଥର ଗାଲ ଉପରେ । ରୋଷେଇଘରୁ ଦିନେ ଦିନେ ଧୂଆଁ ଉଠେନାହିଁ । ଅଣ୍ଟା ଚୁଲି ଶୋଇଯାଏ । ଏକ ଅଭ୍ୟାସଗତ ବିଶ୍ରାମ । କେଡ଼େ ବେଗି ବୁଢ଼ା ହୋଇଗଲି କୁମରଦାଦା—ବୟସର ମାଡ଼ ଯୋଗୁଁ ନୁହେଁ, ଅଭାବ ଜନିତ ଶୂନ୍ୟତା ଯୋଗୁ । ଗୋଟାଏ ଶୀର୍ଣ୍ଣ, ହାଡ଼ଦିଆ ଦେହଧରି ଅଳସ ଗତିରେ ଯିବା ଆସିବା କରୁଥିବା ସ୍ତ୍ରୀ ଜଣକ ହେଉଛି ମଞ୍ଜୁର ମା' ଖୁଡ଼ୀ । ଗୋଟାଏ ପ୍ରେତାତ୍ମାର ବାସ୍ତବ ଦେହ ।

ଅଭାବ ଅନାଟନର ଝିଅ ହେଉଛି ମଞ୍ଜୁ । ଅଠର ବର୍ଷର ଝିଅ । ଗୋରା, ନହକା; ଅଥଚ ଉଜ୍ଜ୍ୱଳ ଦେହ । ଗାଁ ମାଇନର ସ୍କୁଲରୁ ଶିକ୍ଷା ସମାପ୍ତ କରିଛି । ଡିସେମ୍ବର ମାସରେ ତା'ର ଯିବାର ଅଛି ଆଉ ଏକ ଅଭାବ ଅନାଟନର କୋଳ ଭିତରକୁ । ଆମେ ଭଲଭାବେ ଜାଣିଛୁ ଯେ, ସେ ଯାଉଥିବା ଅନ୍ୟ ଘରେ ଦାରିଦ୍ର୍ୟ ଝୁଲିରହେ, ଘରର ଚାଳ ଉପରୁ, ସେଠାକାର ମଣିଷଙ୍କର ପେଟରୁ, ଫଟା ଲୁଗାର ଧଡ଼ିରୁ । ତେବେ, ଦାରିଦ୍ର୍ୟର ରୂପ, ଘର ଓ ମଣିଷର ପ୍ରକାର ଭେଦରେ ଅଲଗା ନୁହେଁ । ଏଥିପାଇଁ ମଞ୍ଜୁକୁ ମାନସିକ ପ୍ରସ୍ତୁତି ସଂଗ୍ରହ କରିବାକୁ ହୁଏତ ପଡ଼ିନାହିଁ ।

କେତେ ଦିନୁ କୁମରଦାଦା ଜିନିଷ ସଂଗ୍ରହ କରିଛି ମଞ୍ଜୁକୁ ବାଟେଇବା ପାଇଁ । ଖଟ, ପିତଳହାଣ୍ଡି, ଚଟୁ ଇତ୍ୟାଦି । ଏପରିକି କାନ ପାଇଁ ସୁନାରେ ତିଆରି ଇଅରରିଙ୍ଗ । ପିଣ୍ଡାରେ ଚଉଡ଼ା ଖଟ ଉପରେ ଦାଦା ଶୁଏ । ଘର ଭିତରେ ଅନ୍ୟମାନେ । ରାତିରେ ମଞ୍ଜୁ ଅନୁଭବ କଲା, ତା' ବେକ ଉପରେ କିଛି ଗୋଟାଏ କାମୁଡ଼ି ଦେବାର ଯନ୍ତ୍ରଣା । ଡାହାଣ ହାତରେ ନିର୍ଦ୍ଦିଷ୍ଟ ସ୍ଥାନଟିକୁ ଅନୁଭବ କଲାବେଳେ, ଗୋଟାଏ ମସୃଣ, ଲମ୍ବା ଜିନିଷଟିକୁ ସେ ଧରି ପକାଇଲା । ତା'ର ନିଦ ଭାଙ୍ଗିଗଲା । ବ୍ୟସ୍ତତା ଓ ଭୟରେ ସେ ପାଟି କଲାବେଳକୁ ଡାହାଣ ହାତର କହୁଣି ଉପରେ ସେ ଅନୁଭବ କଲା ଆଉ ଏକ ଦଂଶନ ।

ଘରର ସଭିଏଁ ଉଠି ପଡ଼ିଲେ । ଲଣ୍ଠନ ଜଳାଗଲା । ଖୋଜା ଚାଲିଲା ସେହି ନୃଶଂସ ଅପରାଧୀକୁ । କୋଠରୀର ଗୋଟିଏ କଣରେ ମୁହଁମାଡ଼ି ରହିଥିଲା ପିତଳ ହାଣ୍ଡିଟି । ଏଇ ହାଣ୍ଡିକୁ ନେଇ ମଞ୍ଜୁ ଯିବାର କଥା ତା ଶାଶୁଘରକୁ । ଦେଖ, ଯୋଗ ଏମିତି ଯେ, ସେଇ ହାଣ୍ଡି ପଛଆଡ଼େ, ଜାକିଜୁକି ହୋଇ ତିନିଫୁଟ ଲମ୍ବର ଚିତ୍ରାପଟି ଟେରଟିଏ ଭଳି ଲୁଚି ରହିଛି । ଏତେବଡ଼ କାମ କରିସାରିବା ପରେ ତା'ର ବିଶ୍ରାମ ଲୋଡ଼ା ।

ମଞ୍ଜୁର ଜେଜେମା', ମା' ଓ ସାନ ଦୁଇ ଭଉଣୀ ଶୋଇଥିଲେ ତା' ପାଖରେ । ନିଷ୍ଠୁର ସାପଟା ଆଉ କାହାରିକୁ ଦଂଶନ ନକରି ଗୋଟାଏ ସୁନ୍ଦର ଝରମାଖି ବଢ଼ିଲା ଝିଅଟିର ବେକକୁ କାହିଁକି ପସନ୍ଦ କଲା ? ବିଷ ପ୍ରୟୋଗ ପାଇଁ ସାପ କଣ ଯେ କୌଣସି ମଣିଷର ଦେହକୁ ବାଛି ନିଏ ନାହିଁ ? ସାପର କଣ ଏକ ନିର୍ଦ୍ଦିଷ୍ଟ ରୁଚି ଅଛି ?

ଝଡ଼ା-ଫୁଙ୍କା ଚାଲିଛି । ଆମେ ଡାକ୍ତର ଓ ଅନ୍ୟଗୁଣିଆଙ୍କୁ ଅପେକ୍ଷା କରିଛୁ । ଅସ୍ଥିରତା ଓ ଆଶଙ୍କାରେ ଆମେ ସମସ୍ତେ ସଂପୂର୍ଣ୍ଣରୂପେ ଅବସନ୍ନ ହୋଇ ପଡ଼ିଲୁଣି । ମୁଁ ଅନୁଭବ କରୁଥିଲି ଗୋଟାଏ ତୀବ୍ର ଯନ୍ତ୍ରଣା—ମୋର ଶରୀର ଉପରେ, ହୃଦୟରେ, ଆତ୍ମାରେ । ମୋର ସମସ୍ତ ଚେଷ୍ଟା ଓ ବିଜ୍ଞତାରବାଡ଼ ଛିନ୍ନଛିନ୍ନ ହୋଇଗଲା । ଦୁଇ ପାପୁଲିରେ ମୁହଁଘୋଡ଼ାଇ ମୁଁ କାନ୍ଦି ପକାଇଲି ।

କେହିଜଣେ ମୋର ହାତକୁ ଧରି ପକାଇଲା । ଦେଖିଲି, ସାମନାରେ ଠିଆ ହୋଇଛି ଖୁଡ଼ୀ । କରୁଣ ସ୍ୱରରେ କହିଲା—'ବାପରେ, ମଞ୍ଜୁଟା କ'ଣ ଚାଲିଯିବ ? ତୁ ତ କେତେ ପାଠପଢ଼ିଛୁ । ତୁ କ'ଣ ତାକୁ ବଞ୍ଚାଇପାରିବୁ ନାହିଁ ?' ମୋ ଉତ୍ତରକୁ ଅପେକ୍ଷା ନକରି ସେ ଏକରକମ ଚିତ୍କାର କଲା—'ଗାଁର ସବୁ ମଣିଷ ଏଇଠି ଅଛ । କେତେ କାମ କରୁଛ । ତୁମକୁ ସବୁ ଛାଡ଼ିଦେଇ ମଞ୍ଜୁ କ'ଣ ଚାଲିଯିବ ? ତୁମେ କଣ ତାକୁ ଧରି ରଖି ପାରିବ ନାହିଁ ?'

ଖୁଡ଼ୀ ସ୍ୱରରେ ଏହାଠାରୁ ଆହୁରି କେତେକଥା ଲୁଚି ରହିଥିଲା । ପୃଥିବୀର ମଙ୍ଗ ତଳକୁ ଖସି ଯାଉଥିବା ସୂର୍ଯ୍ୟକୁ କିଏ ଭଲା ଉଠେଇ ଆଣି ରଖିଦେଇ ପାରିବ ଆକାଶର ଛାତିରେ ? କିଏ, କହ, ଶୀତ ଋତୁକୁ ବରଖାସ୍ତ କରି ବସନ୍ତର କାକଳି ଟାଣି ଆଣି ପାରିବ ନିର୍ଦ୍ଦିଷ୍ଟ ସମୟ ଆଗରୁ ? ମୋର ଆଉ ବୁଝିବାରେ ବାକି ରହିଲା ନାହିଁ ଯେ, ମଞ୍ଜୁ ଓଟାରି ହୋଇଯାଉଛି ଯମର ଅନ୍ଧାର ହାତ ଭିତରକୁ । ଏବେ ନିବେଦନର ସ୍ୱର ଅର୍ଥହୀନ । ନିର୍ମମତା ପାଇଁ ଆକୁଳିତ ପ୍ରତିବାଦ ବ୍ୟତୀତ ଆମର ଆଉ ଅଧିକ ବା କ'ଣ କରିବାର ଅଛି ?

ଡାକ୍ତର ଓ ଗୁଣିଆଁ ପହଞ୍ଚିଗଲେ । ଆମ ଭିତରେ କେତେ ଆଶାର ପାଖୁଡ଼ା ସୃଷ୍ଟି ହୋଇଗଲା । ସେ ଦୁଇଜଣଙ୍କ ପଛରେ ଆମେ ବି ଗଲୁ ମଞ୍ଜୁ ପାଖକୁ । ସେତେବେଳକୁ ମଞ୍ଜୁ ଆଉ କଥା କହିପାରୁ ନଥାଏ । ତା'ର ବେକ ସଳଖଭାବରେ ଧରି ରଖି ପାରୁ ନଥାଏ ତା'ର ମୁଣ୍ଡକୁ । ତା' ଆଖିପତା ଉପରକୁ ଓହ୍ଲାଇ ଆସୁଥିଲା ଶେଷଶ୍ୱାନ ନିଦର ମାୟା । ତା' ପାଟିରୁ ଝରି ଆସୁଥିଲା ଲାଳ ମିଶ୍ରିତ ଏକ ଅଭୁତପୂର୍ବ ଫେଣ । ଗୁରୁଚରଣ ବଡ଼ବାପା ଅନ୍ୟମନସ୍କ ହୋଇ ପଢ଼ୁଥିଲେ । ମନ୍ତ୍ର ପଢ଼ିବାରେ ତାଙ୍କଠି ଆଉ ଏକାଗ୍ରତା କିମ୍ବା ଉଦ୍‌ବେଗ ନଥିଲା; ତାହା ପଢ଼ିବାରେ ସେ କୌଣସି ଜରୁରୀ କାରଣର ପ୍ରେରଣା ପାଉ ନଥିଲେ ।

ଡାକ୍ତର ନିସ୍ପନ୍ଦ ହୋଇ ଆସୁଥିବା ଶରୀରଟିକୁ ଦେଖିନେଲେ । ସେ ତାଙ୍କର ଔଷଧ ବ୍ୟାଗଟି ଖୋଲିବାକୁ ଉଦ୍ୟତ ହେଲେ, ଚାହିଁଲେ ମଞ୍ଜୁ ଆଡ଼େ । ପୁଣି କ'ଣ ଭାବିଲେ କେଜାଣି ବ୍ୟାଗଟିକୁ ବନ୍ଦକରି ଉଠି ଆସିଲେ ସେଠାରୁ । ସାଇକେଲ ହ୍ୟାଣ୍ଡେଲ୍‌ରେ ବ୍ୟାଗ୍‌ଟି ଝୁଲେଇବା ବେଳେ ବାପାଙ୍କୁ କହିଲେ –'ମୁଁ ନ ଆସିଲେ ଆପଣ କାଳେ ଖରାପ ଭାବିବେ ବୋଲି ଚାଲିଆସିଲି । ମୋର ଆଉ କିଛି କରିବାର ନାହିଁ । ପ୍ରକୃତରେ, କାହାର କିଛି କରିବାର ନାହିଁ ।'

ସେ ଦୀର୍ଘଶ୍ୱାସ ତ୍ୟାଗକରି ଆଉ କିଛି କହିବାପାଇଁ ଉଦ୍ୟତ ହେଲାବେଳେ, ସଦ୍ୟ ଆସିଥିବା ଗୁଣିଆ ଜଣକ କହିଲେ—'କୋକେଇ ପ୍ରସ୍ତୁତ କରନ୍ତୁ ।'

ଗୁଣିଆଁଙ୍କର ଏଇ ପ୍ରସ୍ତାବ ଭାରି ନିର୍ଦ୍ଦୟ ଜଣାପଡ଼ିଲା ଆମ୍ଭମାନଙ୍କୁ । ଦାଦା ଏକଥା ଶୁଣିପାରିଲା କି କ'ଣ । ସେ ଦୃଢ଼ତାର ସହିତ ଘୋଷଣାକଲା—'ମଞ୍ଜୁ ଯଦି ଚାଲିଯାଏ, ତେବେ ମୁଁ ବି ଚାଲିଯିବି । ତୁମେ ଭାବୁଛ ଯେ, ତା' କୋକେଇକୁ କି ମୁଁ କାନ୍ଧରେ ବୋହିବି ? ସେକଥା ହୋଇପାରିବ ନାହିଁ । ଆମେ ଦୁଇ ଜଣଯାକ ଯିବୁ ମଶାଣିକୁ । ଏକା ସଙ୍ଗରେ ।'

ଦାଦାର ପ୍ରଶସ୍ତ ଅଗଣା ଆଡ଼େ ଚାହିଁ, ମୁଁ ବସିପଡ଼ିଲି ପିଣ୍ଡା ଉପରେ । ଚାରିବର୍ଷ ତଳର ଗୋଟାଏ ଅପରାହ୍ନ ଜୀବନ୍ତ ହୋଇ ଠିଆ ହେଲା ମୋ ଆଗରେ । ଶନିବାରର ଅପରାହ୍ନ । ସେତେବେଳକୁ ଆମ୍ଭମାନଙ୍କର ଛାଇଗୁଡ଼ାକ ଲମ୍ବା ହୋଇ-ଯାଉଥିଲା । ଛ'ଶହ ମଣିଷଙ୍କୁ ନେଇ ଗଢ଼ି ଉଠିଥିବା ଆମର କ୍ଷୁଦ୍ର, ପୁରୁଣା ଗାଁ ଉପରକୁ ଓହ୍ଲାଇ ଆସୁଥିଲା ମଳିନ ସନ୍ଧ୍ୟା । ସେ ସନ୍ଧ୍ୟାର ସମସ୍ତ ସ୍ନାୟୁ ଉପରେ ବିକ୍ଷୁବ୍ଧ ଶୋକର ଲୁହ ଅଜସ୍ର ଲହଡ଼ି ହୋଇ ପହଁରି ଯାଉଥିଲା । ଦାଦା ଗାମୁଛାରେ ମୁହଁ ପୋଛି ହୋଇ କାନ୍ଧ ଉପରକୁ ଉଠାଇ ନେଇଥିଲା କୋକେଇର ଓଜନକୁ ।

ସେ'ଦିନ ବି ସେ ଦୃଢ଼ତାର ସହିତ ଘୋଷଣା କରୁଥିଲି ଯେ, ଗୋଲକର ଶବ ମଶାଣିରେ ଭସ୍ମୀଭୂତ ହେବା ଆଗରୁ, ସେ ନିଜକୁ ଭସ୍ମୀଭୂତ କରିଦେଇଥିବ । ସେ ପାରିଲି ନାହିଁ । ଗୋଲକର ଶବ ଗଲା ମଶାଣିକୁ—ଭଙ୍ଗାହାଣ୍ଡି, ଅର୍ଦ୍ଧଦଗ୍ଧ କାଠ, ଛିଣ୍ଡା ମଶିଣା ଓ ଶୁଖିଲା ହାଡ଼ ପରିପୂର୍ଣ୍ଣ ନଈକୂଳର ଅପନ୍ତରାକୁ । ଗୋଲକର ନିସ୍ପନ୍ଦ ଦେହକୁ ସେ ନିଜେ ଥୋଇଦେଲି ଖଞ୍ଜା ଯାଇଥିବା ଶୁଖିଲା କାଠର କୋଳ ଭିତରେ । ସେ ନିଜେ ମୁଖାଗ୍ନି ଦେଇଥିଲି ।

ଅଠର ବର୍ଷରେ ବଡ଼ପୁଅ ଗୋଲକ ଚାଲିଯାଇଥିଲା । ଶନିବାରଦିନ । କ'ଣ ବା ତା'ର ହୋଇଥିଲା ? ସକାଳେ ଆସି କହିଥିଲା ଯେ, ତାକୁ ଭାରି କମ୍ପ ଲାଗୁଛି । ଜ୍ୱର । ଭୀଷଣ ତାତି । ଔଷଧ ପଥ୍ୟର ବ୍ୟବସ୍ଥା କରୁ କରୁ ଦିନ ବାରଟା ସରିକି ସେ ଆଖିବୁଜି ଦେଇଥିଲା ।

ତିନି ଭଉଣୀ ଉପରେ ସେ ଥିଲା ଏକମାତ୍ର ଭାଇ । ଅଠର ବର୍ଷର ଯୁଆନ୍ ପିଲାଟେ । ତାକୁ ଫୁଙ୍କି ଉଡ଼ାଇଦେଲା ସାମାନ୍ୟ ଜ୍ୱର । ଏ ପୃଥିବୀରେ କ'ଣ କାହାରିକୁ ଜ୍ୱର ହେଉନାହିଁ ?

ଦାଦାର ସଂସାର ସେଇଦିନୁ ବିବର୍ଣ୍ଣ ହୋଇଯାଇଥିଲା । ଗୋଲକ ସାଙ୍ଗରେ ମରିବାକୁ ଚାହୁଁଥିବା ଦାଦା ବହୁଦିନ ଯାଏ ନିଜକୁ ସଂଯତ କରି ପାରି ନଥିଲା । କାହିଁକି ସେ ଖଟିବ ? କାହାପାଇଁ ? ଝିଅମାନେ ଶାଶୁଘରକୁ ଚାଲିଗଲା ପରେ, ତା'ର କେଉଁ ସଂଜ୍ଞା ଅବଶିଷ୍ଟ ରହିବ ? ପାହାନ୍ତା ପ୍ରହରର ପୋଡ଼ାଜହ୍ନ ? ବିଧବା ହୋଇ ଯାଇଥିବା ନାରୀର ଶଙ୍ଖା ?

ଗୋଲକ ଚାଲିଗଲା । ଗାଁ ଦାଣ୍ଡରେ ଉଚ୍ଛ୍ୱସିତ ସ୍ୱରରେ ହସ ଶୁଭିଲା ନାହିଁ । ଗୋଲକ କେଡ଼େ ମଜା କଥା କହି ହସାଇ ପାରୁଥିଲା ! ରଜବେଳେ ଗା ମୁଣ୍ଡ ପଡ଼ିଆରେ ଡ୍ରାମା ହୁଏ । ଅଥଚ କେଡ଼େ ନିଃସ୍ୱ, ପ୍ରାଣହୀନ ଜଣାପଡ଼େ ସେ ଡ୍ରାମା ! ଗୋଲକ କାହିଁ ? ଥରେ ହେଲେ ମଶାଣିରୁ ଉଠିଆସି ଏହାକୁ ଜୀବନ୍ତ କରି-ଦିଅନ୍ତା କି ! ବାହାଘର ଭୋଜିରେ ଭାତ-ଡାଲି ପରଷିବାକୁ କିଏ ଆଉ ଅଣ୍ଟାଭିଡ଼ି ବାହାରି ଆସିବ ? ଗୋଲକ ତ ନାହିଁ !

ମୁଁ ଆଦୌ ଚିନ୍ତା କରିପାରୁ ନଥିଲି, ମଞ୍ଜୁ ଯଦି ସତକୁ ସତ ଚାଲିଯାଏ, ତେବେ ତାଙ୍କ ଘରେ ଅନ୍ୟମାନେ ବଞ୍ଚିବେ କିପରି ? ଆମେ କେଉଁ ସାନ୍ତ୍ୱନା ଦେବୁ ? ମୋର ବିବ୍ରତ ଚିନ୍ତାକୁ କଲବଲ କରି ଶୁଭିଲା ଉଚ୍ଚସ୍ୱରରେ ଯନ୍ତ୍ରଣା-ଜର୍ଜରିତ କାନ୍ଦଣା ।

ମଞ୍ଜୁ ମରିଗଲା ।

ସବୁ ଯେପରି ଫଟୋଗ୍ରାଫିକ୍ ଚିତ୍ରର ସ୍ଥିର, ଅଚଞ୍ଚଳ ଆଭାସ ! ଗଛର ପତ୍ର ହଲୁ ନାହିଁ, ଆମେ ପକ୍ଷାଘାତ ରୋଗରେ ଆକ୍ରାନ୍ତ ହୋଇ ପଙ୍ଗୁ ହୋଇ ଯାଇଛୁ, ସମଗ୍ର ବ୍ରହ୍ମାଣ୍ଡ ଖାଲି ଗୋଟାଏ ଗତିହୀନ, କମ୍ପନହୀନ ବିଶାଳ ଧୋକାବାଜି । ଆମେ ଯେ ଯୁଆଡ଼େ ବସି ରହିଥିଲୁ । ଆମ ଭିତରେ, ବାହାରେ କିଛି ଘଟୁ ନଥିଲା । ଏପରିକି ସେଇ କେତୋଟି ମୁହୂର୍ତ୍ତପାଇଁ ଆମ ଗାଁକୁ ଜାବୁଡ଼ି ଧରି ରଖିଥିବା ବିହ୍ୱଳିତ କାନ୍ଦଣାକୁ ଆମେ କେହି ଶୁଣିପାରୁ ନ ଥିଲୁ ।

ଫରସ୍ତ ହୋଇ ଆସିଲାଣି । ଶନିବାରର ସ୍ତବ୍ଧ ଖଣ୍ଡ ଖଣ୍ଡହୋଇ ଫାଟି ଯାଉଛି । ଖୁଣ୍ଟକୁ ଆଉଜି ବସିଥିବା ଗୁରୁଚରଣ ବଡ଼ବାପା ଉଠିଆସିଲେ । ଗୋଟାଏ ଅପମାନବୋଧରେ ସେ ଭାରି ସଙ୍କୁଚିତ ଦେଖା ଯାଉଥାନ୍ତି । ଗୁଣିଆ ଭାବରେ ମାତ୍ର ଦଶଦିନରେ ତାଙ୍କର ଏଇ ତୃତୀୟ ପରାଜୟ । ଏହା ପୂର୍ବରୁ ଅନ୍ୟ ଗାଁର ଦୁଇଜଣଙ୍କୁ ସେ ସାପବିଷ ବିରୁଦ୍ଧରେ ଲଢ଼େଇକରି ବଞ୍ଚାଇ ପାରି ନଥିଲେ । ସେ ଘରଆଡ଼ୁ ଆହତ ଦୃଷ୍ଟି ବୁଲାଇ ଆଣିଲେ । ମନକୁ ମନ କହିଲେ—କ'ଣ ହୋଇଛି ଏ ପୃଥିବୀକୁ ? ଏଠାରେ କ'ଣ ମନ୍ତ୍ର ଆଉ କାମ କରିବ ନାହିଁ ? ସାପକାମୁଡ଼ା ଯୋଗୁଁ ଶୋଇ ପଡ଼ିଥିବା ମଣିଷର ନିଦ କ'ଣ ଭାଙ୍ଗିବ ନାହିଁ, ମନ୍ତ୍ରର ସ୍ପର୍ଶରେ ?

ମୁଁ ବି ଚାହିଁଲି ଘରଆଡ଼କୁ । ସବୁ ତ ଠିକ୍‌ଥିଲା ପରି ଲାଗୁଛି । ମଣିଷ ଜନ୍ମ ହେଉଛି, ସ୍ତନ ଚପୁଡ଼ି କ୍ଷୀର ପିଉଛି । ସୂର୍ଯ୍ୟ ଆଗଭଳି ଚଳପ୍ରଚଳ କରୁଛି । ବର୍ଷା ହେଉଛି । କ'ଣ ତେବେ ହଜିଯାଉଛି ଏଠାରୁ ? ଏବେ ଏଣିକି ଯଦି ସାପର ବିଷ ସତ୍ୟ ହୁଏ, ଝଡ଼ା-ଫୁଙ୍କା ଯଦି ଖାଲି ପ୍ରତାରଣା ହୁଏ, ତେବେ କେମିତି ଆମେ ନିରାପଦ ଅନୁଭବ କରିବା ? କେହି ଜଣେ ତହେଲେ କହିଦିଅ, କ'ଣ ଅଭାବ ରହୁଛି, ଏଠାରେ !

ଦାଦା ଚାରିବର୍ଷ ପରେ ପୁଣି କାନ୍ଦୁଛି । ତଥାପି କେତେ ନୂଆ ଜଣାପଡ଼ୁଛି, ଏ କାନ୍ଦଣା ! ମଣିଷର ମୁହଁ ସିନା ପୁରୁଣା ଦେଖାଯାଏ; ହେଲେ, ତା'ର ଲୁହର ଭାଷା ସବୁବେଳେ ସ୍ୱତନ୍ତ୍ର । ଏ ପୃଥିବୀରେ କେଉଁଠି ଭଲି ଗୋଟିଏ ପ୍ରକାରର ଯନ୍ତ୍ରଣା ରହୁଛି !

ବାପା ତା'ର ଡାହାଣ ବାହାକୁ ଧରିଥାନ୍ତି । ସେ ଅଳି କରୁଥାଏ— 'କେଉଁଠି ମୁଁ ମୋର ଛୁଆମାନଙ୍କୁ ଲୁଚେଇବି ? କାଲିଭଳି ସେମାନଙ୍କୁ ଅଠରବର୍ଷ ହୋଇଯିବ । ମାସରେ ତ ଚାରିଟା ଶନିବାର । କ'ଣ କରିବି ମୁଁ ?'

ଦାଦା ଯଦି ତା' ଛୁଆମାନଙ୍କୁ ଲୁଚେଇବା ପାଇଁ ନିରାପଦ ସ୍ଥାନ ଖଣ୍ଡିଏ ପାଆନ୍ତା, କେତେ ଭଲ ହୁଅନ୍ତା ସେଠାରେ ! କାହାଠାରୁ ସେ ଲୁଚେଇବ

ସେମାନଙ୍କୁ ? ଏମିତି କେଉଁ ଜିନଷ ଅଛି, ଯାହା ଉପରେ ସମୟର ସୁଅ ଘଷି ହୋଇପାରେ ନାହିଁ ? ଦଦରା ଗୃହଘରେ ରହୁଥିବା, ସାତସିଆଁ ଲୁଗା ପିନ୍ଧୁଥିବା ଦାଦା ଖୋଜୁଛି ଏମିତି ଏକ ସ୍ଥାନ, ଯାହା ଉପରେ ଅଷ୍ଟାଦଶ ବର୍ଷ ଓ ଶନିବାରର ଛାଇ ପଡ଼ିବ ନାହିଁ ! କିଏ ବା ସିଧା ସଳଖ ଡେଇଁଯିବ ସତରବର୍ଷରୁ ଊଣେଇଶ ବର୍ଷକୁ, ଶୁକ୍ରବାରରୁ ରବିବାରକୁ ? ମୋତେ ଜଣାଯାଉଥିଲା, ଦାଦା ପାଇଁ ବର୍ତ୍ତମାନ କେବଳ ଗୋଟିଏ ବାରର ଅସ୍ତିତ୍ୱ ଅଛି—ଶନିବାର । ଅନ୍ୟସବୁ ବାର ତାହାମିଛ । ସମସ୍ତଙ୍କ ପାଇଁ ଊଣେଇଶ ବର୍ଷ, ଅପହଞ୍ଚ ସମୟର ଆକାଶ । ସେଠାକୁ ଗୋଲକର ହାତ ପାଏ ନାହିଁ, ମଞ୍ଜୁର ହାତ ପାଏ ନାହିଁ ।

ମାୟାଧର ଦାଦାଙ୍କର ମା' । ସମ୍ପର୍କରେ ମୋର ଜେଜେମା ହେବ । ବୁଢ଼ୀ ହେଲଣି । ସେ ଗୋଟାଏ ଅଭିନବ ପ୍ରସ୍ତାବ ଦେଲା—'କୁମର ଗୋଟାଏ କାମ କରୁ । ଦି'ଟା ସାନ ଝିଅଙ୍କୁ ସେ କାହା ପାଖରେ ବିକଦେଉ । ପାଷାଣ ଯମ ଜାଣୁ ଯେ, କୁମରର ଆଉ କେହି ଛୁଆ ନାହାନ୍ତି । ବୁଢ଼ା ବାପଟା କେତେ ଆଉ ସହିବ ?'

ଏମିତି କଲେ ସାନ ଝିଅ ଦୁଇଟା ରକ୍ଷାପାଇ ପାରିବେ କି ନା, ମୁଁ ଭାବିପାରୁ ନ ଥିଲି । ମୁଁ କେବଳ ଏତିକି ଭାବୁଥିଲି ଯେ ବେଳେବେଳେ ଜନ୍ମିତ ଛୁଆମାନେ ବାପା, ମାଙ୍କୁ ହତଭାଗା କରିଦିଅନ୍ତି । ଏଇତ, ଆମ ଆଖି ଆଗରେ ଦାଦା ଓ ଖୁଡ଼ୀ ସବହରା, ନିଃସ୍ୱ ଦେଖାଯାଉଛନ୍ତି । ଏମାନେ ଛୁଆ ଦି'ଟାଙ୍କୁ ଜନ୍ମ ଦେଇଥିଲେ ସେମାନଙ୍କର ମରଣ ଦେଖିବାକୁ, ନିଜ କୋଳରୁ ଉଠାଇ କୋକେଇର କୋଳରେ ଟେକିଦେବାକୁ । ଗୋଲକ ଓ ମଞ୍ଜୁ ଖାଲି ସେଇଥିପାଇଁ ଜନ୍ମ ହୋଇଥିଲେ କି ନା !

ମୁଁ ଉଠିଲି ଘରକୁ ଫେରିବା ପାଇଁ । ସେତେବେଳେ ସୁଦ୍ଧା ସୂର୍ଯ୍ୟ ଉଠି ନ ଥାଏ । ଗାଁର ଯେଉଁ ଲୋକମାନେ ସାରାରାତି ଜଗି ବସିଥିଲେ, ଅଧିକାଂଶ ଫେରି ଗଲେଣି । କାହାର ବା ମନ ହେବ ସେଠାରେ ବେଶି ସମୟ କଟାଇବାକୁ ?

ବାରଣ୍ଡାର ଦୁଇ ଖମ୍ବରେ ଡେରିହୋଇ ମା' ଓ ପ୍ରୀତି ବସିଥିଲେ । ନିର୍ବାକ୍ ହୋଇ । ମୋତେ କେହି କିଛି ପଚାରିଲେ ନାହିଁ । ମୁଁ ଶୋଇବା ଘରକୁ ଗଲି । ଖଟ ଉପରେ ଝିଅ ଶୋଇଥିଲା । ତା'ର ନିଃଶ୍ୱାସର ଶବ୍ଦ ଭାରି ଆଶ୍ୱାସନାମୟ ଜଣାଗଲା ମୋତେ । ତାକୁ ଦେଖିଲି ସମସ୍ତ ଆବେଗ ଓ ଏକାଗ୍ରତାର ସହିତ; ସତେ ଯେପରି ଏଇ ପ୍ରଥମକରି ଦେଖୁଛି ତାକୁ ।

ମା' ପାଖରୁ ଶୁଣିଛି, ପିଲାଦିନେ କାହାଣୀ ଶୁଣିବାକୁ ମୁଁ ଖୁବ୍ ଜିଦ୍ କରୁଥିଲି । ସଞ୍ଜବେଳେ ଦାଦା ପାଖରେ ମୋତେ ଛାଡ଼ି ଦିଆଯାଏ । ସେ

ଆରମ୍ଭ କରେ ରାଜା-ରାଣୀ କଥା । କାହାଣୀ ସରେ ନାହିଁ । ମୁଁ ଶୋଇପଡ଼େ । ସକାଳେ ମୁଁ ଦେଖେ, ଦାଦାର ଦଉଡ଼ିଆ ଖଟ ଉପରେ ମୁଁ ନାହିଁ । ଆମ ଘରର ପଲଙ୍କ ଉପରେ ମୁଁ ଶୋଇଛି । ଦାଦାର କାହାଣୀ ଅଟକି ଯାଇଥାଏ ରାଜକୁମାରୀ ପାଖରେ । ସେ ଅପେକ୍ଷାକରି ରହିଛି ରାଜକୁମାରକୁ । ଘୋଡ଼ାରେ ଚଢ଼ି ସେ ଆସିବ ପୋଖରୀ ତୁଠକୁ । ରାଜକୁମାରୀ ଛନଛନ ଆଖିରେ ତା'ଆଡ଼େ ଚାହିଁ ଦେବ, ମୁଣ୍ଡରୁ ଖସିଯାଇଥିବା ଓଦା ଲୁଗାରେ ଆବୃତ କରିବାକୁ ଚେଷ୍ଟା କରୁଥିବ, ଥରିଲା ହାତରେ । ତା'ପରେ ଆଉ କ'ଣ ? ମୁଁ ଶୋଇପଡ଼େ । ଦାଦାର କଳ୍ପନାର କାହାଣୀ ରହିଯାଏ ସେଇଠି । ହେଲେ ମଞ୍ଜୁ ତ କଳ୍ପନା ପ୍ରସୂତ ନୁହେଁ—ବାସ୍ତବ; ମୋପରି, ତୁମପରି । ମଞ୍ଜୁ ଆଉ କାହିଁକି ପୋଖରୀ ତୁଠକୁ ଯିବ ? କାହାପାଇଁ ଅପେକ୍ଷା କରିବ ସେ ? ଏ ପୃଥିବୀରେ କଳ୍ପନାର କାହାଣୀ ଓ ବାସ୍ତବତାର କାହାଣୀ ଗୋଟିଏ ବିନ୍ଦୁରେ ମିଳିତ ହୋଇ ପରସ୍ପର ଭିତରେ ହଜିଯାଆନ୍ତି ବୋଲି ମୋର ଆଗରୁ ଧାରଣା ନ ଥିଲା ।

ମଞ୍ଜୁ ଆଉ ନାହିଁ । ଭୋକ କମିଯାଉଛି ବୋଲି ଗୁ' ଖାଇବାକୁ ସେ ମୋତେ ବାରଣ କରିବ ନାହିଁ, ମୋର ଓଦା ଲୁଗା ଶୁଖେଇ ଦେବ ନାହିଁ, ଝିଅ ଆଖିରେ କଜଳ ଲଗାଇ ଦେବ ନାହିଁ । ମୁଁ ଦୀର୍ଘଶ୍ୱାସ ତ୍ୟାଗ କଲି ।

ଗାଁ ଚୌକିଦାର କେତେବେଳୁ ଥାନାରୁ ଫେରିଲାଣି । ସେଠାରେ ସେ ଖବର ଦେଇଛି । ପୋଲିସ୍ ଆସି କଥାଟାର ସତ୍ୟାସତ୍ୟ ଅନୁଧ୍ୟାନ କଲେ ଯାଇ ମଡ଼ା ଉଠିବ । ରାସ୍ତା ଉପରେ, ବାଉଁଶ ଢଆର ବୋଝଁତଳେ ହତ୍ୟାକାରୀ ଚଢ ସାପଟି ବନ୍ଦୀ ହୋଇ ପଡ଼ି ରହିଛି । ଘର ଭିତରେ ବନ୍ଧନସ୍ଥାନହୋଇ ପଡ଼ିଛି ମଞ୍ଜୁର ମୁର୍ଦ୍ଦାର । ଡେରିହୋଇ ଯାଉଛି । ସାରା ଗାଁ ଅନେନଃଶ୍ୱାସୀ ହୋଇ ରୁଦ୍ଧ ହୋଇ ପଡ଼ିଲାଣି ।

କାହିଁ ? ଅପରାହ୍ନ ତିନିଟା ବାଜିଲା । ଏଯାଏଁ ପୋଲିସ୍‌ର ଦେଖାନାହିଁ । ଆମେ ସଭିଏଁ ବିକଳ ହୋଇ ପଡ଼ିଲୁ । ଦୁଇଥର ଲୋକ ପଠାଯାଇଛି ଥାନାକୁ । ହଁ, ଯିବା, ଯିବା ହୋଇ ପୋଲିସ୍ ଆସୁନାହିଁ । ମଡ଼ା ବାସୀହେଲେ ତାଙ୍କର ବା ଯାଏ କ'ଣ ? କେଡ଼େ ଅନାସକ୍ତ ସେମାନେ !

ସାତଟା ବେଳକୁ ବରକ୍ତର ମୁହଁ ନେଇ ସେମାନେ ଆସିଲେ । ମାତ୍ର ପାଞ୍ଚ ମିନିଟ୍‌ର କାମ ।

ପୋଲିସ୍ ଫେରିଗଲା ପରେ, କୋକେଇ ପ୍ରସ୍ତୁତ କରାହେଲା । ବହୁବେଳୁ କାନ୍ଦଣାର ସ୍ୱର ଥମିଯାଇଥିଲା; କିନ୍ତୁ ମଞ୍ଜୁର ଦେହକୁ ଘରୁ କାଢ଼ିଆଣି

କୋକେଇରେ ବାନ୍ଧିବା ବେଳକୁ ସେ ସ୍ୱର ଆହୁରି କରୁଣ, ଆହୁରି ବିଷାଦଗ୍ରସ୍ତ ହୋଇ ଯାଇଥିଲା ।

ଦାଦା ଠିଆ ହୋଇଥିଲା ପାଖରେ; ଅନ୍ୟ ମାଲଭାଇଙ୍କ ସହିତ । ନା, ସେ ମରିନାହିଁ । ସେ ମରିନଥିଲା ଗୋଲକର ମୃତ୍ୟୁପରେ ।

ସେ ବସିପଡ଼ିଲା ତଳେ । କୋକେଇଟିକୁ କାନ୍ଧଉପରକୁ ଉଠାଇବାକୁ ହେବ । ଯନ୍ତ୍ରଣାରେ ମୋର ଆଖି ଆପଣାଛୁଏଁ ବନ୍ଦ ହୋଇଗଲା । ମଞ୍ଜୁ ପାଇଁ ଆହୁରି ଦୁଇଧାର ଲୁହ ଝରି ଆସିଲା ମୋ'ର ଗାଲ ଉପରେ ।

ମଞ୍ଜୁର ମୁର୍ଦ୍ଦାର ଆଉ ଭୁଇଁ ଉପରେ ନାହିଁ । ବର୍ତ୍ତମାନ ତାହା ଦାଦାର କାନ୍ଧରେ, ଅନ୍ୟ ମାଲଭାଇଙ୍କ କାନ୍ଧରେ । ଜଣେ ବାପ ପାଇଁ ନିଜ ଝିଅର ମୁର୍ଦ୍ଦାରଠାରୁ ବଳି ଆଉ କିଛି ଓଜନିଆ ଜିନିଷ ପୃଥିବୀରେ ଅଛି କି ? ତଥାପି ଦାଦାର କମ୍ପିତ କାନ୍ଧ ଉପରୁ କୋକେଇଟା ଖସି ପଡୁନାହିଁ । ନଈକୂଳରେ ଶୁଖିଲା କାଠ ସଜାଡ଼ି ସେ ନିଜର ଦ୍ୱିତୀୟ ସନ୍ତାନକୁ ମୁଖାଗ୍ନି ଦେଇ ଫେରିବ ।

ବୁଧବାର ଆସିଲା । ଗାଁର ଝିଅମାନେ ଗୁଉଳଭଜା ଓଷା କରୁଥିବାର ଦିନ । ସନ୍ଧ୍ୟାରେ ଆମ ଗାଁର ଅଣୁ ପରମାଣୁ ଭିତରେ ଗୋଟାଏ କୋହମିଶା ସ୍ୱର ଜଣକୁ ଖୋଜି ବୁଲିଲା—'ମଞ୍ଜୁ, ଲୋ ବାୟାଣୀ ! କିଲୋ କେଉଁଠି ଶୋଇପଡ଼ିଲୁ କି ? ଉଠ୍ । ଗୁଉଳଭଜା ଓଷାକୁ ସଭିଏଁ ଗଲେଣି । ଉଠ୍, ମା । ଉଠ୍ ।'

ସେ ସ୍ୱରର କ'ଣ ଥିଲା କେଜାଣି, ସମଗ୍ର ଗାଁ କାଙ୍ଗାଳ ସର୍ବହରା ଜଣା ପଡ଼ିଲା । ପାହାଡ଼ର ଶିଳା-ପ୍ରସ୍ତିଳା, ଶିଖ ଉପରେ ଥିବା ମନ୍ଦିରର ପତାକା, ମୁଣ୍ଡ ଉପରର ଆକାଶ—ସମସ୍ତେ ଅପରାଧୀ ଭଳି ନୀରବ ଓ ନତମସ୍ତକ ହୋଇଗଲେ । ଚାଲୁଥିବା ମଣିଷର ଗୋଡ଼, ଖାଉଥିବା ମଣିଷର ହାତ, ଭୁକୁଥିବା କୁକୁର ଓ ପାକୁଳି କରୁଥିବା ଗାଈର ପାଟି ମୋହଗ୍ରସ୍ତ ହେଲାଭଳି ଅଟକି ଗଲା ।

ଏବେ ମଧ୍ୟ ଏ ଡାକ ମଝିରେ ମଝିରେ ଶୁଣାଯାଏ । ଏ ଡାକ କେଉଁଦିନ ସରିଛି ନା ସରିବ ?

# ଚନ୍ଦ୍ରସେଣାର ଦୁଃଖ

**ଶ୍ରୀ ପଦ୍ମଜ ପାଲ**

ଆଃ···ମୁଁ ଚନ୍ଦ୍ରସେଣା । ଚନ୍ଦ୍ରସେଣା । ଚନ୍ଦ୍ର···ସେଣା । ରାଧା ମୋର ସ୍ତ୍ରୀ । ଆଉ ମୁଁ କୁଆଡ଼େ ତାର ସ୍ୱାମୀ । ତା'ର ଦେହର, ମନର ସବୁର ଅଧିକାରୀ ।

ହୁଁ—

ରୂପସୀ ସେ ! ପଦ୍ମିନୀ ନାୟିକା ରାଧାର ଚାଲିରେ ଅଛି ଛନ୍ଦ । ଆଖିର ଚାହାଣୀରେ ଅଛି ଅନ୍ୟକୁ ବିମୋହିତ କରିବାର ମାୟା । ହସରେ ମୁକ୍ତା ଝରେ । ଅଧରରେ କୃଷ୍ଣଚୂଡ଼ାର ଛଟା । ଗଣ୍ଡରେ ରକ୍ତଜବାର ପ୍ରଥମ ଉନ୍ମୋଚନର ଅହଙ୍କାର । କଥା ତା'ର ପଶୁପକ୍ଷୀଙ୍କୁ ତନ୍ମୟ କରେ । ଦୁରନ୍ତ ଏକ ତାମ୍ରଖଣ୍ଡର ମଧୁର ଝଙ୍କାର ଭଳି ଯାହା ପୁଣି ସଙ୍ଗୀତମୟ । ସିଂହକଟୀ ଲାବଣ୍ୟମୟୀ ଷୋଡ଼ଶୀ ରାଧାର ଅଙ୍ଗରେ ଚିରବସନ୍ତର ଲାବଣ୍ୟ ।

ଏସବୁ, ଏସବୁ କିନ୍ତୁ ମୋପାଇଁ ନୁହେଁ । ଚନ୍ଦ୍ରସେଣା ପାଇଁ ନୁହେଁ । ନୁହେଁ ତା'ର ସ୍ୱାମୀ ପାଇଁ । ଚନ୍ଦ୍ରସେଣା ଦୀର୍ଘଶ୍ୱାସ ପକାଏ । ମ୍ଳାନର ସେଇ ଆହତ ଦୃଷ୍ଟି ଲମ୍ବିଯାଏ ଶୂନ୍ୟର ପରଦା ଭେଦି । ପୁଣି କେତେବେଳେ ଚନ୍ଦ୍ରସେଣା ଅତିଷ୍ଠ ହୋଇ ଅନ୍ତର୍ଦାହରେ ସ୍ୱଗତୋକ୍ତି କରେ,—ଆଃ···

ରାଧା !

ରାଧା—କଳଙ୍କିନୀ । ରାଧା—ପରପୁଂଷରତା । ଚନ୍ଦ୍ରସେଣାର ପତ୍ନୀ ହୋଇ ଅନ୍ୟ ପ୍ରେମରେ ଆସକ୍ତା—କୁଳଟା ସେ ।

—ଚନ୍ଦ୍ରସେଣା ବଂଶର କଳଙ୍କ ।

—ପୂର୍ବ ପର ପୁରୁଷଙ୍କର ଜୀବନବ୍ୟାପୀ ନର୍କ ଯନ୍ତ୍ରଣା ଭୋଗର ହେତୁ ।

—ବନ୍ଧୁ ଅନୁଗାମୀଙ୍କ ପାଖରେ ତାର ସମ୍ମାନମାନ୍ୟତାର, ଲଜ୍ଜାର କାରଣ ।

ବିକ୍ଷୁବ୍ଧ ଚନ୍ଦ୍ରସେଣା ଚମକି ପଡ଼େ । ମୁହଁର ରେଖା ଶକ୍ତ ହୋଇ ଉଠେ ।

ନା-ନା-ନା-ନା, ସେ ଏହାର ସମାଧାନ କରିବ । ରୂପଗର୍ବିଣୀ କଳଙ୍କିନୀ ରାଧାର ଆତୁର କାମ ଲିପ୍ସାକୁ ଚିରଦିନ ପାଇଁ ଶେଷ କରିବ । ତା'ର ସେଇ

ଦୀର୍ଘ ନୟନଶ୍ଚ ଘନକୃଷ୍ଣ କେଶ ଧର ପଗ୍ନ ରବ, ଏ ଦେହର କ୍ଷୁଧାର କ'ଣ ଶେଷ ନାହିଁ ?

ସାମାନ୍ୟ ଏହାର ଅନ୍ତର୍ତୃପ୍ତିରେ ମଣିଷ କ'ଣ ସବୁଦିନେ ପଶୁ ? ତା'ର ଗର୍ବ, ଗୌରବ ସମ୍ମାନ ସବୁ କ'ଣ ସେଠି ଅର୍ଥହୀନ ? ଅବାନ୍ତର ?

ସେଦିନ ନୀଳକାନ୍ତ କହୁଥିଲା—ହଁ, ଚନ୍ଦ୍ର—ମୁଁ, ମୁଁ ନିଜେ ଦେଖିଛି । ନିଜକୁ ନିଜେ ଅବିଶ୍ୱାସ କରିବ କେମିତି ?

ଯମୁନା କୂଳର ପତଳା ଅରଣ୍ୟ ଭିତରେ ମୁଁ ଥାଏ ଗୋଟାଏ ବରଗଛ ଗଛର ପଛପଟେ । ରାଧା ଆଉ କୃଷ୍ଣ, ନିର୍ଜନ ସେ କଦମ୍ବ ମୂଳରେ । ଗଛକୁ ଭରା ଦେଇ ଛିଡ଼ା ହୋଇଛି କୃଷ୍ଣ । ହାତ ପାହାନ୍ତାରେ । କାମାସକ୍ତ କୃଷ୍ଣର ଜଳନ୍ତ ଆଖିର ବଳୟ ଭିତରେ କେମିତି ଏକ ନିରୁପାୟ ଭାବେ ଆତ୍ମବିସ୍ମୃତ ଥିଲା ରାଧା ।

ଚାରିଆଡ଼େ ବସନ୍ତର ରଙ୍ଗବେରଙ୍ଗୀ ସୁରଭିତ ଫୁଲର ବାସ୍ନା । ସାମନାରେ ଯମୁନା—ପ୍ରେମ ସଙ୍ଗୀତ ଗାଇ ଯେପରି ଛନ୍ଦହରା ହୋଇ ଉଠୁଛି । ନିବିଡ଼ କା'ର ସ୍ପର୍ଶ ପାଇଁ ।

ପାଖରେ ରାଧା—ନାରୀ ।

ସାମ୍ନାରେ କୃଷ୍ଣ—ଜଣେ ପୁରୁଷ । ଫଗୁଣର ଅରଣ୍ୟରେ ଯୌବନର କୁସୁମିତ ସମ୍ଭାର ନେଇ ପରସ୍ପର ମୁଖାମୁଖୀ । ଧୀରେ କୃଷ୍ଣ ହାତରେ ତା'ର ଟେକି ଧରିଲା ସୁକୁମାରୀ ରାଧାର ଆରକ୍ତ ମୁଖ ।

ଭୀତା କପୋତୀ ଭଳି ଆଉଜି ପଡ଼ିଲା ରାଧା କୃଷ୍ଣର ପ୍ରଶସ୍ତ ନୀଳ ବୁକୁ ଉପରେ । ହାତ ଦୁଇଟା ତାର ବେଢ଼ିଗଲା କଣ୍ଠରେ । ଏକ ଅଭିନବ ମିଳନର ଦୃଶ୍ୟ ସେ । ମନେ ହେଉଥିଲା ରାଧା କୃଷ୍ଣ ସେମାନେ ଯେପରି ଦୁଇଜଣ ନୁହଁନ୍ତି । ଜଣେ ସେମାନେ; ଜଣକୁ ଛାଡ଼ି ଅନ୍ୟ ଜଣେ ଯେତିକି ଅପୂର୍ଣ୍ଣ ପୁଣି ସେତିକି ବିକଳାଙ୍ଗ ।

ମୁହୂର୍ତ୍ତିକ ପରେ କୃଷ୍ଣ ନିଜର ତୃଷ୍ଣ ଅଧରକୁ ଅଧୀର ଭାବେ ଲଗାଇଦେଲା ରାଧାର ଗଣ୍ଡ ଉପରେ ।

ଚୁପ୍ । ଚୁପ୍ । ଯନ୍ତ୍ରଣାରେ ଛଟପଟ ହୋଇ ସେଦିନ ଚତ୍କାର କରି ଉଠିଲା ଚନ୍ଦ୍ରସେଣା । ଉତ୍ତେଜନାରେ ଜଳୁଥାଏ ଚନ୍ଦ୍ରସେଣାର ସେଇ ହିଂସ୍ର ଆଖି ଦୁଇଟା

ଦେଇ ସେଦିନ ନୀଳକାନ୍ତ ଆଗକୁ ପାଦ ବଢ଼ାଉ ବଢ଼ାଉ କହୁଥିଲା—ହେଲେ ଏସବୁ କ'ଣ ମିଛ ?

ପାଗଳଙ୍କ ଭଳି ଚନ୍ଦ୍ରସେଣା ଚିତ୍କାର କଲା—ମିଛ । ମିଛ । ମିଛ । ସବୁ ମିଛ ।

ଅଥଚ ଚନ୍ଦ୍ରସେଣାକୁ ନିଦ ନାହିଁ ।

ଅସହାୟ ବର୍ତ୍ତମାନ ଭିତରେ ଅନାଗତ ଭବିଷ୍ୟତ, ଯା'ପାଇଁ କଳ୍ପନା ବି ଆହୁରି ଯନ୍ତ୍ରଣାପ୍ରଦ । ଆହୁରି ଭୟାବହ, ତାକୁ ନିଦ ବା ଆସିବ କୁଆଡ଼ୁ ?

ବିଛଣାରେ ଚନ୍ଦ୍ରସେଣା କଡ଼ ନେଉଟାଏ । ଛଟପଟ ହୁଏ । ମୁହଁ ଟେକି କଡ଼କୁ ଚାହେଁ । ପାଖରେ ଶୋଇଛି ରାଧା । ତ୍ରୟୋଦଶୀର ଶୀତଳ ଜ୍ୟୋତ୍ସ୍ନା ମୁଠା ମୁଠା ମଲ୍ଲୀ ଫୁଲ ଭଳି ବର୍ଷିହୋଇ ପଡ଼ୁଛି ଖୋଲା ଝରକା ଦେଇ ତା ଉପରେ । ନିଃସଙ୍କୋଚ ନିର୍ଲିପ୍ତ ଭାବେ ଶୋଇଛି ସେ । ଚନ୍ଦ୍ରସେଣା ଦେଖେ ।

ମାୟାବିନୀ ରାଧାର ରୂପ ଲାବଣ୍ୟ ଏଇ ଜ୍ୟୋତ୍ସ୍ନାର ଅନ୍ତରଙ୍ଗ ସ୍ପର୍ଶରେ ଆହୁରି ଶ୍ରୀମନ୍ତ ହୋଇ ଉଠୁଛି । ସତେ ରାଧା···, ରାଧା କେତେ ସୁନ୍ଦରୀ !

ଚନ୍ଦ୍ରସେଣା ଦୀର୍ଘଶ୍ୱାସ ମାରେ । ଭାବେ, ଯେଉଁମାନେ କୁହନ୍ତି କୃଷ୍ଣର ବଂଶୀ ଶୁଣି ରାଧା ଅଭିସାରିଣୀ ସାଜେ ସବୁଗୁଡ଼ାକ ଯେପରି ମିଛ । ରାଧାର ସୌନ୍ଦର୍ଯ୍ୟ ଦେଖି ନପାରି ଈର୍ଷାର ଅଭିବ୍ୟକ୍ତି ।

ନା । ରାଧା, ନିଷ୍ପାପ । ସେ ଏସବୁ କରି ପାରେନା । ଯଦି ପାପାସକ୍ତି ଏତେ ରାଧା ନିଃସଙ୍କୋଚତା, ଏତେ ଶାନ୍ତି, ଏତେ ସ୍ଥିରତା ଆସନ୍ତା କୁଆଡ଼ୁ ?

ଚନ୍ଦ୍ରସେଣା ନିଜ ଚିନ୍ତାର ଅଳକୂଳ ପାଏନା । ଏଇ ମୁହୂର୍ତ୍ତରେ ରାଧା ଜଣାଯାଏ ଆହୁରି ପବିତ୍ର । କାଳିମା ବିହୀନ ।

ରାଧା କଡ଼ ନେଉଟାଇଲା । ଗୁଡ଼ି ଉପରୁ ଖସିଗଲା ତାର ପାଟଣୀ । ପୁଷ୍ଟ ଦୁଇଟି ବୃତ୍ତାକାର ସ୍ତନର ଅହଙ୍କାର ଏକ ବୈଦ୍ୟୁତିକ ଶୃଙ୍ଖଳା ଭରିଦେଲା ଚନ୍ଦ୍ରସେଣାର ସମଗ୍ର ଦେହରେ । ଆଖିରେ ତାର ଭରିଗଲା କ୍ଷୁଧିତ କାମନାର ଲୋଲୁପ ହିଂସ୍ରତା ।

ନିଜକୁ ପୁଣି ସଙ୍କୁଚିତ କରିନିଏ ଚନ୍ଦ୍ରସେଣା । ଏ କାମନାରେ ଆତୁରତା ଥାଇପାରେ । ହେଲେ ପ୍ରତିଶ୍ରୁତି ନାହିଁ । ନିଷ୍ଟୁପ ଭାବରେ ବିଛଣାରେ ପଡ଼ି ପଡ଼ି ସେ ଭାବେ । ହୁଏତ ରାଧାର ବକ୍ଷରେ ଘୋଡ଼ାଇ ଦେଲେ ପାଟଣୀ, ସେ ଉଠିଯାଇ ପାରେ । ପଚାରି ପାରେ ହୁଏତ ତାର ଏ ଯାବନ୍ତ ଅନିଦ୍ରାର କାରଣ ।

ନା, ବରଂ ଭଲ ଚୁପ୍‌ ହୋଇ ରହି ଯିବା । ରାଧା ଯେପରି ସାମାନ୍ୟ ସୁରାକ୍‌ ନ ପାଏ ଚନ୍ଦ୍ରସେଣା ଏ ପର୍ଯ୍ୟନ୍ତ ଶୋଇନାହିଁ ବୋଲି ।

ହଠାତ୍‌ ରାତ୍ରିର ସେଇ ନିସ୍ତବ୍‌ଧତାକୁ ଭଙ୍ଗ କରି ଜ୍ୟୋତ୍ସ୍ନାର କୁଆର ଭିତରେ ଫୁଲ ଫୁଲ ଘର ଭିତରକୁ ପଶି ଆସିଲା ଦୂରାନ୍ତକାର ଏକ ଅସ୍ପଷ୍ଟ ବଂଶୀର ସ୍ୱନ ।

ହଁ, ଚନ୍ଦ୍ରସେଣା କାନ ପାତିଲା—ବଂଶୀ ସ୍ୱନ ତ ।

ଏଇ କ'ଣ ତେବେ ସେଇ ବିରହ ବଂଶୀର ସ୍ୱର ? ରାଧାର ଅନୁପସ୍ଥିତି ପାଇଁ କଣ କୃଷ୍ଣର ଏତେ ବ୍ୟାକୁଳତା । ଚନ୍ଦ୍ରସେଣାର ପାଖରୁ ଛଡ଼ାଇ ନେବାକୁ ରାଧାକୁ । କୃଷ୍ଣର କ'ଣ ଏପରି ଏକ ଇଙ୍ଗିତ ଇଏ !

ଦୂରରୁ, ଅନେକ ଦୂରରୁ, ହୁଏତ ଯମୁନାତୀରସ୍ଥ ସେଇ କଦମ୍ବ ମୂଳରୁ ହେବ । କେଉଁ ପ୍ରିୟାର ଅନୁପସ୍ଥିତିରେ ଆକୁଳ ହୋଇ ପ୍ରିୟତମ ତାର ଅନ୍ତର୍ଦାହକୁ ଛପାଇ ନ ପାରି ବଂଶୀ ବଜାଏ । ଆଉ ସେଇ ସ୍ୱର ରାତ୍ରିର ନିସ୍ତବ୍‌ଧ ପ୍ରହରରେ ବ୍ୟାପିଯାଏ ଅଣୁରୁ ପରମାଣୁକୁ । ଚନ୍ଦ୍ରସେଣାର ରକ୍ତ ତାତି ଉଠେ । ଆଖିରେ ଘୃଣାର ରଙ୍ଗ ଲାଗେ । ସନ୍ଦେହ ଅବିଶ୍ୱାସରେ ଛଟପଟ ହୁଏ ।

ହଁ ଠିକ୍‌ ଏଇ ସମୟ ରାଧାକୁ ପରୀକ୍ଷା କରିବାର । ନଗରବାସୀଙ୍କ ନିନ୍ଦା ଅଭିଯୋଗ ସବୁର ସତ୍ୟାସତ୍ୟ ଜାଣିବାର ।

ବିଛଣାରେ ପଡ଼ି ଚନ୍ଦ୍ରସେଣା ଶୋଇବାର ଛଳନା କରେ ।

ବିଛଣାରେ ପଡ଼ି ରାଧା କଡ଼ ନେଉଟାଏ ।

ଚନ୍ଦ୍ରସେଣା ଗ୍ରୁଡିରୁ ରକ୍ତର ଉଲ୍‌କା ଖସେ ।

ବିଛଣାରେ ରାଧା ଏକ ଅଦୃଶ୍ୟ ଆକର୍ଷଣର ସୁସୁପ୍ତି ଭିତରେ ଛଟପଟ ହୁଏ । ଦୂରରୁ ବ୍ୟାକୁଳତାର ସୀମା ଛୁଇଁ ବଂଶୀର ଲହରି ଛୁଟେ । ଛୁଟେ କରୁଣତମ ରାଗିଣୀରେ ।

ହଠାତ୍‌ ରାଧା ଉଠି ବିଛଣାରେ ବସି ପଡ଼େ । କେଉଁ ତାନ୍ତ୍ରିକର ମହାମନ୍ତ୍ରର ଶକ୍ତି ଯେପରି ଶକ୍ତିସ୍ନାନ କରି ତାକୁ ଉଠେଇ ପକାଉଛି ।

ପାଖରେ ଚନ୍ଦ୍ରସେଣା ସତର୍କ ହୋଇ ଉଠୁଛି । ହାତରେ ଆଖି ଘଷି ରାଧା ନିଦ ଭାଙ୍ଗୁଛି । ସଜାଡ଼ି ନେଇଛି ଦେହରୁ ଖସି ଯାଇଥିବା ବାସ । ଅସଂଯତ କେଶ ଉପରେ ହାତ ଚଲାଇ ସ୍ଥିର କରୁଛି ନିଜକୁ ।

ହଁ, ଶୁଭୁଛି । ଶୁଭୁଛି ତ ସେଇ ବଂଶୀ ।

ଆକୁଳରେ ଯେପରି କହୁଛି—ଆଉ କେତେଦିନ ? କେତେଦିନ ରାଧା ? ପ୍ରତୀକ୍ଷାରେ ଯନ୍ତ୍ରଣା ଅଛି । ହାତ ପାହାନ୍ତାରେ ସେଇ ପ୍ରତୀକ୍ଷିତ ବସ୍ତୁର ଅପ୍ରାପ୍ତିର ଜ୍ୱାଳା ପୁଣି ଅଧିକ ମର୍ମନ୍ତୁଦ । ଆସ···ଆସ···ରାଧା···

ରାଧାର ହୃଦୟତନ୍ତ୍ରୀ ବିଦାରିତ ହୁଏ । ଅଜଣା ଭାବରେ ସେ ହଠାତ୍ ଉଠି ଛିଡ଼ା ହୁଏ ।

ଚନ୍ଦ୍ରସେଣା ତଥାପି ଶୋଇଛି । ରାଧା ପାଦ ଚପି ଚପି ଦ୍ୱାର ଖୋଲୁଛି । ଉନ୍ମୋହନର ଏକ ଅସ୍ଥିର ଆବେଗ ସେ । ପ୍ରିୟତମକୁ ଭେଟିବାର ଏଇ ଅନ୍ଧ ଆବେଗ ସବୁବେଳେ କରେ ପରିବେଶ ପ୍ରତି ନିର୍ଲିପ୍ତ । ରାଧା ଚଞ୍ଚଳ ପାଦରେ ଧାଇଁ ଯାଉଛି । ଶୁଭୁଛି ନିସ୍ତବ୍ଧତା ଭିତରେ ପାଦ ଶବ୍ଦ ତାର ।

ଚନ୍ଦ୍ରସେଣା ଏକ ଆହତ ସିଂହ ଭଳି ନିଶବ୍ଦରେ ଗର୍ଜନ କରି ଉଠିଲା । ସେ ସ୍ଥିର କରି ପାରେନା କ'ଣ ତାର କର୍ତ୍ତବ୍ୟ । ସେ କ'ଣ ଚିତ୍କାର କରି ଡାକ ପକାଇବ ରାଧାକୁ ? ନା' ପଛେ ପଛେ ଯାଇ ଦେଖିବ ସେଇ ଦୃଶ୍ୟ । ଯାହା ସେ ଅନେକଥର ଶୁଣିଛି ।

ଯମୁନାର କୂଳକୁ ଲାଗି ସେଇ କଦମ୍ବ ଗଛଟି । ପ୍ରଥମ ଆଷାଢ଼ରେ ଯାହାର ପ୍ରତିଟି ଶାଖାରେ ଫୁଲ ଫୁଟେ । ଆଉ ଯେଉଁ ଡାଳରେ ଅନେକ ସମୟରେ କୃଷ୍ଣ ବସି ଏକାକୀ ବଂଶୀ ବଜାଏ । ସେଇ ବଂଶୀର ସ୍ୱର ଚହଲ ପକାଏ ଗୋପପୁରର ଅନ୍ତଃପୁରେ ।

କୃଷ୍ଣ ଛିଡ଼ା ହୋଇଛି ସେ ଗଛକୁ ଆଉଜି । ହାତରେ ବଂଶୀ ଅଧର ସ୍ପର୍ଶ କରିଛି । ଚନ୍ଦ୍ରସେଣାକୁ ଜଣାଯାଏ, ରାଧା ଧାଇଁଯାଇ କୃଷ୍ଣର ପାଦତଳେ ଲୋଟି ପଡ଼ୁଛି । କୃଷ୍ଣ ପୁଣି ଉଠାଇ ନେଉଛି ରାଧାକୁ । ସଲଜ ପଦ୍ମଫୁଲ ଭଳି ତା'ର ନଇଁ ଯାଇଥିବା ମୁହଁଟିକୁ ଟେକି ଦେଖୁଛି ତନ୍ମୟ ହୋଇ । ହାତ ବୁଲାଇ ନେଉଛି ପୁଣି ତାର କେଶ ଉପରେ । ପ୍ରେମ ଆନନ୍ଦ ଆତ୍ମ ସମର୍ପଣର ମିଳିତ ଭାବରେ ଅଶ୍ରୁସ୍ତ ରାଧାର ଆଖି ନଇଁ ଆସୁଛି ପୁଲକରେ ଭାରାକ୍ରାନ୍ତ ହୋଇ । ତା'ପରେ ଦୀର୍ଘ ପ୍ରତୀକ୍ଷା ଜନିତ ବ୍ୟାକୁଳତାର ସ୍ମାରକୀ ରୂପେ କୃଷ୍ଣ ଅଧର ସ୍ପର୍ଶ କରୁଛି ବାରମ୍ବାର —ଗଣ୍ଡ ଦେଶରେ । ରକ୍ତାଭ ଅଧରରେ ।

ଇସ୍ !

ଚନ୍ଦ୍ରସେଣା ଘୃଣାରେ ଆଖି ବୁଜି ପକେଇଲା ।

ରାଧା—ମାଇଁ !

କୃଷ୍ଣ—ପୁଣି ତା'ର ଭଣଜା । ଭଣଜା ।

ଉତ୍ତେଜିତ ଭାବେ ଚନ୍ଦ୍ରସେଣା ବିଛଣା ଉପରେ ବସିପଡ଼ିଲା । ଅସ୍ପଷ୍ଟ ଅନ୍ଧକାର ଭିତରେ କ'ଣ ଯେମିତି ଅଖି ବୁଲେଇ ଖୋଜିଲା । ହେଲେ, କ'ଣ ଖୋଜୁଛି ସେ !

ତଥାପି ରାଧା ଆସିନି । ଆସିନି ଏ ଯାବତ୍ ରାତ୍ରିର ଅଭିସାର ପରେ ।

ବାହାରେ ରାତ୍ରିର କେତେଟା ଜାଗର ବିହଙ୍ଗୀ ଚିତ୍କାର କରି ଉଠିଲେ । ହୁଏତ କେଉଁ ବ୍ୟର୍ଥତାକୁ ଛପେଇ ଦେବାକୁ— ଆତ୍ମ ଧୋକାର ଶବ୍ଦ ସେ । ସ୍ୱର ସେ । ଚନ୍ଦ୍ରସେଣା ଭାବେ—ହୁଏତ ରାଧାକୁ ଚୁମ୍ବନରେ କ୍ଳାନ୍ତ କରି ଉତ୍ତେଜିତ—ନିର୍ଭୟରେ କୃଷ୍ଣ ଖୋଲୁଥିବ ତାର ଅଙ୍ଗ ବାସ । ବକ୍ଷ ବନ୍ଧନ । ରାଧା ଧୀରେ ଧୀରେ ଲାଗି ଯାଉଥିବ କୃଷ୍ଣର ଦେହକୁ ।

ଚନ୍ଦ୍ରସେଣା ଉଠି ଆସି ହଠାତ୍ ପାଣି ପିଇ ଯାଏ । ଆଃ ! ଏଇ ଜଳର ଶୀତଳତା କେତେ ଅଧିକ । କେତେ ଅଧିକ ନିରାପଦ ତା'ର ଅନ୍ତରଙ୍ଗ ସ୍ପର୍ଶ । ଅଥଚ ରାଧାର ସ୍ପର୍ଶ କେତେ ଭୟଙ୍କର । ଅଗ୍ନିମୟ !

ଚନ୍ଦ୍ରସେଣା କାନରେ ହଠାତ୍ ପ୍ରତିଧ୍ୱନିତ ହେଲା ବାହାରେ କାହାର ପାଦ ଶବ୍ଦ ।

କିଏ ? ରାଧା ! ରାଧା ଲୁହେଁଇ ' ଆସୁ ନାହିଁ ତ ସେ; ରାତ୍ରିର ଅଭିସାର ପରେ ।

ଘର ଭିତରକୁ ପଶି ଆସି ଉନ୍ମୁକ୍ତ ଝରକା ଦେଇ ଚନ୍ଦ୍ରସେଣା ଦେଖେ—ରାଧା ଫେରୁଛି କ୍ଳାନ୍ତିରେ ଅବଶ, ତାର ପାଦ ଦୁଇଟା ଅସଂଯତ ଭାବେ ପଡ଼ୁଛି । ମୁହଁସାରା ବିକ୍ଷିପ୍ତ ଭାବେ ପଡ଼ିଛି କେଶରାଶି ।

ଚନ୍ଦ୍ରସେଣା କିଛି ସ୍ଥିର କରିପାରେନା । ହଠାତ୍ ବିଛଣାରେ ପଡ଼ି ପୁଣି ଶୋଇବାର ଛଳନା କଲା ।

ଧୀରେ କବାଟ ଖୋଲି ରାଧା ପଶିଲା ଘର ଭିତରକୁ ।

ଚନ୍ଦ୍ରସେଣା ଶୋଇଛି । ଶୋଇଥାଉ । ଗୃହଆଡ଼କୁ ଚାହିଁ ରାଧା ଶୋଇ ପଡ଼ିଲା ବିଛଣା ଉପରେ ।

ଚନ୍ଦ୍ରସେଣାର ସ୍ନାୟୁରେ ବିସ୍ଫୋରଣ ହେଲା । ରାଧା ପାଖରେ ଶୋଇଛି । ଦେହକୁ ଲାଗିଛି ଦେହ । ତାକୁ ଲାଗେ—ଦେହକୁ ତାର ଲାଗିଛି ଗଳିତ କୃଷ୍ଣ

ବ୍ୟାଧିଗ୍ରସ୍ତ ଗୋଟାଏ ଅବାଞ୍ଛିତ ନାରୀ । ସଂକ୍ରମିତ କରୁଛି ସେଇ ଭୟାନକ ରୋଗ ତା'ର ରକ୍ତ ଭିତରକୁ । ସେଇ ଦାହରେ ଜଳୁଛି ତାର ଅଙ୍ଗପ୍ରତ୍ୟଙ୍ଗ ।

ନା । ଆଉ ବିଳମ୍ବର ପ୍ରୟୋଜନ ନାହିଁ । ଟିକକ ପରେ ହୁଏତ ପାହିଯିବ ରାତ୍ରୀ । ସୂର୍ଯ୍ୟସ୍ନାନ ପରେ ରାଧା ପୁଣି ନିଜକୁ ନିଷ୍ପାପ ପବିତ୍ର ମନେକରି ଘୁରି ବୁଲିବ ଗୋପପୁରେ ।

ଏଣିକି ଚନ୍ଦ୍ରସେଣା ଉଠିବ । ଚପି ଧରିବ ରାଧାର ତଣ୍ଟିକୁ । ଯନ୍ତ୍ରଣାରେ ଛଟପଟ ହେଉଥିବା ରାଧାର ମୃତ୍ୟୁକୁ ସେ ଉପଭୋଗ କରିବ ।

ହଂସ ଭଳି ତା'ର ସେଇ ଧବଳ କୋମଳ ଗ୍ରୀବା ଉପରେ ଚନ୍ଦ୍ରସେଣାର ଲୌହକଠିନ ଆଙ୍ଗୁଠି ସବୁ ଖେଳ ଖେଳିବେ । ଜମିଯିବ ରକ୍ତ । ରାଧା ଛଟପଟ ହେବ ଅଥଚ ସେ ଚିତ୍କାର କରିପାରିବ ନାହିଁ ।

ଚନ୍ଦ୍ରସେଣା ଆଖିରେ ହିଂସ୍ରତା ଜମାଟ ବାନ୍ଧେ । ହଁ, ଅନ୍ତତଃ ସେଇ ହେଉ ଗୋଟାଏ କୁତ୍ସିତା ନାରୀର ପ୍ରାପ୍ୟ ।

—ରାଧା ଯଦି ଅକସ୍ମାତ୍ ଚିତ୍କାର କରି ଉଠେ !

କରୁ । କରୁ ଚିତ୍କାର, ଚନ୍ଦ୍ରସେଣା ଭାବେ, ସମସ୍ତେ ଜାଣନ୍ତୁ କୁଳଟା ରାଧାର ଅଭିସାର କଥା । ରୁଗ୍ଣ ତା'ର କାମନାଗ୍ରସ୍ତ ମନର ଛଦ୍ମବେଶ । କିନ୍ତୁ……

କିନ୍ତୁ, ହଠାତ୍ ଚନ୍ଦ୍ରସେଣାର ରାଗରେ ତରଳିଥିବା ରକ୍ତ ବରଫ ପାଲଟିଗଲା । ନିର୍ଜନ ରାତ୍ରିର ଶେଷ ପ୍ରହରରେ ଈର୍ଷା, ରାଗ ଅହଂକାରର ଜ୍ୱଳନ୍ତ ଶିଖା ଉପରେ ସେ ଅନୁଭବ କଲା—ସେ ଗୋଟାଏ ନପୁଂସକ !

ଚନ୍ଦ୍ରସେଣା—ନପୁଂସକ ।

ଅସ୍ଥିର ଏକ ତରଳ ଆବେଗରେ ଚନ୍ଦ୍ରସେଣା ବଳିବଳେଇ ଉଠି ନିଜର ବାହୁ କାମୁଡ଼ି ପକେଇଲା । ନଂପୁସକର ପତ୍ନୀ ହୋଇ ରାଧା କ'ଣ ଭୁଲ କରିଛି ?

ଜୀବନବ୍ୟାପୀ ସାଧନା କଲେ ରାଧାକୁ ଯେଉଁ ଦାହିକ ପ୍ରୀତି ସେ ଦେଇ ପାରିବ ନାହିଁ, ଯେଉଁ ଦେହର ବୟସୋଚିତ ଅବଦମିତ କ୍ଷୁଧାକୁ ମେଣ୍ଟାଇ ପାରିବ ନାହିଁ; ରାଧା ଯଦି ତା ଅନ୍ୟ କେଉଁଠୁ ପାଏ—ସେଥିରେ ତା'ର ପ୍ରତିବାଦ କରିବାର କଣ ଅଛି ?

କ'ଣ ଉତ୍ତର ଦେବ ଚନ୍ଦ୍ରସେଣା ଏ ପ୍ରଶ୍ନର ?

ହଁ, ରାଧା ତ କେବେ ଅନ୍ୟ କୌଣସି କର୍ତ୍ତବ୍ୟରେ ତା'ର ହେଳା କରିନି । ଅବମାନନା କରିନି ଚନ୍ଦ୍ରସେଣାକୁ । ଅସ୍ୱୀକାର କରିନି ତା'ର ଅନ୍ୟ ସମସ୍ତ ସଂପର୍କକୁ ! ଅସହାୟ ଚନ୍ଦ୍ରସେଣାର ଇଚ୍ଛା ହେଉଥିଲା—ରାତ୍ରିର ସେଇ ନିର୍ଜନ ପ୍ରହରରେ ଚିତ୍କାର କରି ଖୋଲି କାନ୍ଦିବାକୁ । କାନ୍ଦିବାକୁ ।

ବାହାରେ ମଳିନ ପଡ଼ି ଆସିଲାଣି ଚନ୍ଦ୍ରକିରଣ । ଚନ୍ଦ୍ରସେଣା କିନ୍ତୁ ସମାଧାନ କରିପାରୁନି—

ରାଧାକୁ ସେ ତାର ପାପ ଲାଗି ହତ୍ୟା କରିବ ନା ନିଜର ଦାହକ ସ୍ମୃତି ଲାଗି ଆତ୍ମହତ୍ୟା କରିବ ।

ଦୂର ଯମୁନା କୂଳର ଗୋଠରୁ ଶୁଭୁଛି ଗୋରୁଙ୍କର ଘାଗୁଡ଼ି ଶବ୍ଦ । ଶେଷ ରାତ୍ରିର ସଙ୍ଗୀତ ଗାଇ ଯାଉଛନ୍ତି କେତେଟା ଜଣା ଅଜଣା ପକ୍ଷୀ । ଆକାଶରେ ଶୁକ୍ରତାରା ଝଲସି ଉଠିଲାଣି । ଶୀତୁଆ ପବନର ନୀରବ ସ୍ପର୍ଶ ଦୂର କରି ଦେଇଛି ରାଧାର ପୂର୍ବ କ୍ଳାନ୍ତି । ହଠାତ୍ ଉଠି ବସି ପଡ଼ିଲା ସେ । ଆଉ ଟିକିଏ ବିଳମ୍ବ କଲେ ଯମୁନା ଘାଟରେ ଘେରିଯିବେ ଅସଂଖ୍ୟ ଗୋପବାସୀ ସ୍ନାନ ପାଇଁ । ରାଧା ସେଠି ନିର୍ଲଜ ଭାବେ ସ୍ନାନ ବା କରିବ କିପରି ?

ମୁହଁ ବୁଲେଇ ରାଧା ଚାହିଁଲା । ବିଛଣାରେ ନିର୍ଜନ ଏକ ଅଜଗର ଭଳି ପଡ଼ିଛି ଚନ୍ଦ୍ରସେଣା । ଦେହରେ ତା'ର ହାତ ମାରି ସେ ଡାକିଲା—ଆରେ, ଉଠନା । ସମସ୍ତ ହେଲାଣି—ମୁଁ ଗାଧୋଇ ଯିବି ଯେ !

ଆହତ ଏକ ସାପ ଭଳି ଚନ୍ଦ୍ରସେଣା ହଠାତ୍ ଉଠି ପଡ଼ିଲା । ଦୂରକୁ ଘୁଞ୍ଚିଗଲା ରାଧା । ଚନ୍ଦ୍ରସେଣାର ହିଂସ୍ର ହାତ ଦୁଇଟା ଲମ୍ବି ଆସୁଛି ରାଧା ପାଖକୁ ।

ଆରେ, ଛାଡ଼ନା—ଅନ୍ୟ ଘରେ ଲୋକମାନେ ଉଠିଲେଣି ଯେ । ରାତି ପାହିଗଲାଣି । ସମସ୍ତ ବଳ ପ୍ରୟୋଗ କରି ଚନ୍ଦ୍ରସେଣାର ହାତରୁ ଖସି ଯାଇ ରାଧା ବାହାରିଗଲା ଯମୁନା କୂଳକୁ ।

ଚନ୍ଦ୍ରସେଣା ଦୀର୍ଘଶ୍ୱାସ ମାରିଲା । ନା, ସେ ଆଉ ପାରିବ ନାହିଁ । ଏ ଯନ୍ତ୍ରଣା । ଏ ଦୀର୍ଘ ଜୀବନର ଜ୍ୱାଳା ! ଏ ଗ୍ଳାନି ନେଇ ସେ ବଞ୍ଚି ପାରିବ ନାହିଁ । କରି ପାରିବ ନାହିଁ ସେ ଆଉ ଛଳନା । ତା'ର ଆତ୍ମହତ୍ୟା କରିବା ଦରକାର । ସେଇ ଏକମାତ୍ର ପନ୍ଥା, ଏକ ମାତ୍ର ବାଟ—ସବୁର ସମାଧାନ କରିବାକୁ ।

ଚନ୍ଦ୍ରସେଣା ଏକ ଅନ୍ଧ ଜ୍ୱଳନ୍ତ ଆବେଗରେ ଅସ୍ଥିର ହୋଇ ଉଠି—ନା, ନା—ସେ ଯମୁନାରେ ଝାସ ଦେଇ ଆତ୍ମହତ୍ୟା କରିବ ।

ଶାନ୍ତ ଯମୁନାର ତରଙ୍ଗହୀନ ନୀଳ ଜଳର ନୀରବ ପ୍ରବାହକୁ ଥରେ ଚନ୍ଦ୍ରସେଣା ଚାହିଁଲା କୂଳରେ କେଉଁ ଯୁଗରୁ ଛିଡ଼ା ହୋଇଥିବା ବୃକ୍ଷରାଜିକୁ । ପିଲାଦିନେ ସେ କେତେ ତାଙ୍କର ଡାଳରେ ଚଢ଼ି ଖେଳିଛି । କେତେଥର ଏଇ ଯମୁନାର ଜଳରେ ମନ ଇଚ୍ଛା ବନ୍ଧୁମାନଙ୍କ ସହ ପହଁରି ପହଁରି କ୍ଳାନ୍ତ ହୋଇଛି ।

ଅଥଚ ଆଜି ସେ ତା'ରି ବୁକୁରେ ଝାସ ଦେଇ ଆତ୍ମହତ୍ୟା କରିବ—ସମସ୍ତ ଗ୍ଳାନିରୁ ବଞ୍ଚିବାପାଇଁ । ଦୂରରେ ରହିଯିବ ରାଧା । ରହିଯିବ ଗୋପପୁର । ରହିଯିବ ପ୍ରିୟ ଏଇ ନିଘଞ୍ଚ ଅରଣ୍ୟ । ଆଉ ତାରି ଜୀବନହୀନ ବରଫ ଭଳି ଦେହଟା ଭାସିଯିବ, ଗୋଟାଏ ଶୁଖିଲା ପତ୍ର ଭଳି ଏଇ ସ୍ରୋତ ଭିତରେ ।

ଚନ୍ଦ୍ରସେଣା ନିଜ ଭିତରେ ସାହସ ସଂଗ୍ରହ କରିନେଲା । ନା ଆଉ ଡେରି କରି ଲାଭ ନାହିଁ ।

କେହି ତ କୁଆଡ଼େ ତାକୁ ଦେଖୁନାହାନ୍ତି ! ଆଖି ବୁଲେଇ ସେ ଚାରି-ଆଡ଼କୁ ଚାହିଁଲା । ପୁଣି ଦୁଇଟା ବେଦନାଗ୍ରସ୍ତ କରୁଣ ଆଖିକୁ ଆଣି ସ୍ଥିର କଲା ଯମୁନାର ସ୍ରୋତ ଉପରେ ।

ପାଣି ଭିତରେ ଏ କି ଦୃଶ୍ୟ । ଚନ୍ଦ୍ରସେଣା ଆତ୍ମବିସ୍ମୃତ ଭାବେ ଚାହିଁ ରହିଲା ।

"ଫୁଲ ଫଳରେ ଭରିଥିବା ଗୋଟାଏ ସୁନ୍ଦର ଅରଣ୍ୟର ସେ କିଛି ଅଂଶ । ବସନ୍ତର ମଧୁର ସ୍ପର୍ଶରେ ଶିହରିତ ସେଇ ଅଂଶରେ ଏକ ଅଭିନବ ନନ୍ଦନକାନନର ରୂପଶ୍ରୀ । ଗ୍ଲେଟିଆ ଖଣ୍ଡେ ଶିଳା ପରେ ବସିଛି ଗୋଟିଏ ଅପରୂପା ନାରୀ । ସୁନାରଙ୍ଗର ଦେହର ଔଜ୍ଜଲ୍ୟ ମୁଗ୍ଧ କରୁଛି ପରିବେଶକୁ । ଆକର୍ଣ୍ଣ ବିସ୍ତୃତ ଆଖି । ଘନକୃଷ୍ଣ କେଶ । ରକ୍ତ ପଦ୍ମ ଭଳି ଅଧର । ଆରକ୍ତ ଗଣ୍ଡଦେଶ । ଉନ୍ନତ ବକ୍ଷ । କୋମଳ କରପଲ୍ଲବ । ସିଂହ କଟି । ଧୀର ଅଥଚ ଶାନ୍ତ ଭାବେ ବସିଛି ସେ ଦିଗ୍‌ବଳୟକୁ ଚାହିଁ, ଯେପରି କାହାର ଅପେକ୍ଷାରେ । ତା'ର ସ୍ମୃତିରେ ଯେପରି ସେ ବିସ୍ମୃତ ।

ଏବଂ ସାମାନ୍ୟ ଦୂରକୁ ଗୋଟାଏ ବାନର । କାମନାର ଘୂର୍ଣ୍ଣ ପ୍ରକାଶରେ ଆଖି ଦୁଇଟା ଜଳୁଛି—ଧ୍ୟାନମଗ୍ନ ଭାବେ ସେଇ ନାରୀ ଉପରେ ପଡ଼ି ।

ଚନ୍ଦ୍ରସେଣା ଚମକି ପଡ଼ିଲା । କିଏ ସେ ବାନର ? ପଛରୁ ନୀଳ ମେଘ ବର୍ଣ୍ଣ ଜଣେ ସୌମ୍ୟ କାନ୍ତ ପୁରୁଷ । ମୁହଁରେ ଲାଗି ରହିଛି ଏକ ଆତ୍ମତୃପ୍ତିର ଉନ୍‌ମୋହନକାରୀ ହସ । ପଛରୁ ତା'ର ଧୀରେ ଧୀରେ ଆସି ଛିଡ଼ା ହେଲା—ସେଇ ବାନର ନିକଟରେ । ମୁହୂର୍ତ୍ତିକରେ ପରେ ସବୁ ଜାଣିଲା ଭଳି । ହଠାତ୍ ସାନ୍ତ୍ୱନାର ମୁଦ୍ରାରେ ଭରିଥିବା ହାତଟାକୁ ଟେକି ନେଇ ପକାଇ ଦେଲା—ସେଇ ବାନରଟା ଉପରେ ।

ଚମକି ପଡ଼ିଲା ସେ ।

ହନୁମାନ ! ତୁମେ କ୍ଲାନ୍ତ ଜଣା ଯାଉଛ ହନୁମାନ । ସେଇ ସୌମ୍ୟ ଦର୍ଶନ ପୁରୁଷଟି ମଧୁର କଣ୍ଠରେ ପ୍ରଶ୍ନକଲା ।

କରପଦ୍ମ ଯୋଡ଼ି ଲଜ୍ଜିତ ହୋଇ ଉଠି ବାନରଟି କହିଲା—ପ୍ରଭୁ ।

—କୁହ, ହନୁ । କ'ଣ ତୁମର କାମନା ?

ପ୍ରଭୁ ! ତୁମ ପାଇଁ ଏଇ ଦେହର ପ୍ରତିଟି ଲୋମରେ ମୁଁ ବାହି ନେଇଛି ଖଣ୍ଡ ଖଣ୍ଡ କରି ଅନେକ ପାହାଡ଼ ।

—ତା' ତ ମୁଁ ଅସ୍ୱୀକାର କେବେ କରିନି ହନୁ ।

ପ୍ରଭୁ, ତୁମର ପାଇଁ ମୋର ଏଇ ଲାଞ୍ଜ ଅଗ୍ନି ସଂଯୋଗ କରି ଦାହନର ଜ୍ୱାଳାକୁ ଭୁଲି ଯାଇ ସମଗ୍ର ଲଙ୍କାରେ ଅଗ୍ନି-ଉତ୍ପାତ କରିଛି । ପୁଣି ଦଉଡ଼ିରେ ବନ୍ଧା ହୋଇ ମରଣାନ୍ତକ ଯନ୍ତ୍ରଣା ଅନୁଭବ କରିଛି ।

—କିନ୍ତୁ, ତୁମେ କ'ଣ କହିବାକୁ ଚାହୁଁଛ ହନୁ ?

—ପ୍ରଭୁ, ଅସୁର ମାନଙ୍କର ତୀକ୍ଷ୍ଣ ଅସ୍ତ୍ରର ଆଘାତ ଏ ଦେହ ଏ ଯାବତ୍ ବହନ କରିଛି । ତୁମ ପାଇଁ; ପ୍ରଭୁ ମୁଁ ସବୁ କରିଛି । ପ୍ରାଣ ଦେଇ କରିଛି । ଆଜି ଏଇ ଦାସ ଅକିଞ୍ଚନ ଗୋଟାଏ ପ୍ରାର୍ଥନା କରୁଛି—ତୁମେ ତା' ପୂରଣ କରିବ—ମୁଁ ଆଉ କିଛି ଚାହେଁନା । କେବଳ··କେବଳ

—କୁହ ହନୁ । '

ହନୁ ଆଙ୍ଗୁଳି ନିର୍ଦ୍ଦେଶ କରି ଦେଖାଇ ଦେଲା ଆଗରେ ବସିଥିବା ସେ ନାରୀଟିକୁ ।

ମୁହୂର୍ତ୍ତିକ ପାଇଁ ଗମ୍ଭୀର ହୋଇ ଉଠିଲେ ସେ ପୁରୁଷ ଜଣକ । ତା'ପରେ ସେଇ ପୂର୍ବର ସ୍ମିତହାସ୍ୟ ଦେଖାଗଲା ମୁହଁରେ । ଧୀର ଅଥଚ କୋମଳ କଣ୍ଠରେ

କହିଲେ—ମୋର ଆପତ୍ତି ନାହିଁ କିନ୍ତୁ । କିନ୍ତୁ ସେ ଜଗଦ୍ଧାତ୍ରୀ ମା' । ତୁମେ ତା'ର ସନ୍ତାନ । ତୁମେ ତାକୁ କେବେ ଉପଭୋଗ କରି ପାରିବନି କିନ୍ତୁ ।

—ମୋତେ ନିରାଶ କରନ୍ତୁ ନାହିଁ ପ୍ରଭୁ । ମୋତେ କ୍ଷମା କରନ୍ତୁ ।

ହଁ, କିନ୍ତୁ ତୁମେ ତାକୁ ପତ୍ନୀ ଭାବେ ପାଇବ । ତୁମେ ହେବ ନପୁଂସକ । ନପୁଂସକ ଚନ୍ଦ୍ରସେଣା ।

ଚନ୍ଦ୍ରସେଣାର ସମଗ୍ର ଦେହରେ ଏକ ବୈଦ୍ୟୁତିକ କମ୍ପନ ଖେଳିଗଲା ।

ଚନ୍ଦ୍ରସେଣା ନପୁଂସକ ।

ନପୁଂସକ ଚନ୍ଦ୍ରସେଣା । ରାଧା—ଜଗଦ୍ଧାତ୍ରୀ—ମା' ।

ଚନ୍ଦ୍ରସେଣା ଆଖିରୁ ଲୁହ ଝରି ପଡ଼ିଲା । ବ୍ୟାକୁଳ ଭାବେ ସେ ଚିତ୍କାର କରି ଉଠିଲା—ପ୍ରଭୁ । ପ୍ରଭୁ, ଯେଉଁମାନେ ସୁନ୍ଦରୀ ନାରୀକୁ ଦେଖି କାମାସକ୍ତ ପାଲଟି ଯାଆନ୍ତି, ମୁହୂର୍ତ୍ତିକରେ ଯେଉଁମାନଙ୍କର ସମସ୍ତ ଚେତନା ବିସ୍ମୃତ ହୋଇ କେବଳ ଦାହିକ କ୍ଷୁଧା ଜାତ ହୁଏ ଗୋଟାଏ ନାରୀକୁ ଦେଖି । ତୁମେ ସେମାନଙ୍କୁ, ନପୁଂସକ କରି ଦିଅ । ସବୁଦିନ ପାଇଁ କରିଦିଅ ।

ଚନ୍ଦ୍ରସେଣା, ନପୁଂସକ । ସେଇ ପାପର ପ୍ରାୟଶ୍ଚିତ୍ତ କରିବ ଆଜି । ଆବେଗରେ ଅସ୍ଥିର, ଦୁଃଖରେ ବ୍ୟାକୁଳ ଚନ୍ଦ୍ରସେଣା ଲମ୍ଫ ଦେବାକୁ ଯମୁନାର ସ୍ଥିର ଜଳ ଭିତରକୁ ନିଜର ବାହୁ ଦୁଇଟାକୁ ଟେକିଲା, ହଠାତ୍ ଅନୁଭବ କଲା, କିଏ ଯେପରି ତାକୁ ଧରି ପକାଇ ହସୁଛି । କିଏ ? ଚନ୍ଦ୍ରସେଣା ମୁହଁ ବୁଲାଇ ଚାହେଁ ।

ମୁହଁରେ ସେଇ ଉନ୍‌ମୋହନକାରୀ ହସ ନେଇ, କୃଷ୍ଣ ମଧୁର କଣ୍ଠରେ କହିଲେ—ମାମୁଁ, ଏ ଅବେଳରେ—ଅକୂଳରେ, ଯମୁନାରେ ଗାଧୋଇଲେ ଚଳନ୍ତା ନାହିଁ ? ଆସ ସାଙ୍ଗ ହୋଇ କୂଳରେ ଗାଧୋଇବା ।

ଚନ୍ଦ୍ରସେଣା କିଛି ଯେପରି ବୁଝିପାରୁ ନ ଥିଲା । କିଛି ଯେପରି ଶୁଣିପାରୁ ନ ଥିଲା । ଆଖି ଆଗରେ ଖାଲି ଦିଶୁଥିଲା—

ଅଦ୍ଭୁତ ଏକ ରହସ୍ୟମୟ ହସ । ଯାହା ଦେଖି ସେ ଆତ୍ମ ବିସ୍ମୃତ ହୋଇ ଉଠୁଥିଲା ।

# ପଦବୀ

ଶ୍ରୀ ପ୍ରସନ୍ନ କୁମାର ପାଟଶାଣୀ

ନୂଆ ବୃକଶ୍ର । ମୁଣ୍ଡରେ ନାଲି ପଗଡ଼ି । ଦେହରେ ଖାକି ପୋଷାକ । ଡ୍ରେସ୍ ଲଗାଇଲା ପରେ ପ୍ରଥମ ସୂର୍ଯ୍ୟ ଦେଖାରେ ଡେଣା ଝାଡୁଥିବା ନାଲି କୁକୁଡ଼ାର ଆବେଗ ଠାରୁ ମନର ଗତି କୌଣସି ଗୁଣରେ ନ୍ୟୂନ ନୁହେଁ । ହେଲେ କୁକୁଡ଼ାର ଚୂଳ ତାର ଜନ୍ମରୁ । ତାର ମଥାର ମୁକୁଟ ପରମ୍ପରାଗତ ।

ପ୍ରଥମ ଦେଖାରେ ମୋ ପଡ଼ୋଶୀର ଗର୍ବ, ସେ ଏକ ବୃକଶ୍ର ପାଇଛି । ଏଥର ଇଲିଶି ମାଛ ଖାଇବ । ଇଲିଶିର ଚୂଳ ହେଲେ ଥାଆନ୍ତା କି ? ନା, ଇଲିଶିର ଚକା ଚକା କାତି ତଳେ ଯେଉଁ ମାଂସ ! କିନ୍ତୁ କଣ୍ଟା କାଢ଼ି ଖାଇଲେ ହେଲା !!...

ସେ ବି ମୋ ଭଳି ଜାର୍ ଭିତରେ ମାଛ ପୋଷିଲେ, କଉ ମାଛ । ଇଲିଶି ନ ମିଳିଲେ କଉରେ ବି କାମ ଚଳେଇ ନେବେ । ତାଙ୍କର ମୋ ଭଳି କୁକୁଡ଼ା ପୋଷିବାକୁ ଭାରି ଇଚ୍ଛା । ଗଣ୍ଡାଟିଏ ରଖିବେ ଯାର ନାଲି ମୁକୁଟ ଥିବ । କିନ୍ତୁ ପ୍ରତ୍ୟହ ସକାଳୁ କୁକୁଡ଼ା ନ ରାବୁଣୁ ବଡ଼ ବାବୁଙ୍କର ଘରେ ହାଜର ନ ହେଲେ ରକ୍ଷା ନାହିଁ । ସକାଳୁଆ ଡିଉଟି ।

ଆଜି ସେ ବିଳମ୍ବରେ ଉଠିଛନ୍ତି ।

ମନରେ କ୍ଳାନ୍ତ ମୁହଁରେ ଅବସାଦର ଛାପ । ଅବସନ୍ନ ଶରୀରକୁ ଦେଖିଲେ ମନେ ହୁଏ, ଗୋଟାଏ ଦିନରେ ସେ ଖୁବ୍ ଭାଙ୍ଗି ପଡ଼ିଛନ୍ତି । ତମର କ'ଣ ହେଇଛି ? ଆଜି ଶୁଖିଲା ଦେଖା ଯାଉଛ ଯେ !!...ବେଳ ଆସି ଏତେ ହେଲାଣି ଡିଉଟିକୁ ଯାଇନ ??......

କୁକୁଡ଼ାଟା ମୋର କଣ୍ଠ ଫଟାଇ ଡେଣାଝାଡ଼ି ଖୁବ୍ ଜୋରରେ ରାବିଲା । ତା'ର ନାଲି ମାଂସର ମୁକୁଟ ପ୍ରତି ଈର୍ଷାନ୍ୱିତ ହୋଇ ସେ ଯେପରି ପ୍ରଳାପ କରୁଥିଲେ । ଏଇ ନାଲି କୁକୁଡ଼ାର ଚୂଳ ହିଁ ମୋର କାନର ରଙ୍ଗିନୀ ଝାଲରକୁ କାଢ଼ିନେଲା । ଏଇ ନାଲିଡେଣାର ଚଞ୍ଚଳତା ମୋର ଜୀବନର ଶୃଙ୍ଖଳାକୁ ହରଣ କରିନେଲା । ହାୟ ! କୁକୁଡ଼ାର ଚୂଳ ତାର ଜନ୍ମରୁ । କଣ୍ଠଫଟା ସକାଳର କୁହାଟ

ତାର ଅଭ୍ୟାସଗତ । ପ୍ରକୃତି ପ୍ରଦତ୍ତ । ପଦ-ପଦବୀ, କ୍ଷମତା, ସ୍ୱୀକୃତି ଗୋଟାଏ ମୁହୂର୍ତ୍ତର । ଗୋଟାଏ ଖୋସାମଦର । ଗୋଟାଏ ସ୍ୱାର୍ଥର ।

...ଆରେ ଆପଣ ଏମିତି କ'ଣ କହୁଛନ୍ତି ? ...କ'ଣ ହେଉଛି ଆପଣଙ୍କର ??...

ହଠାତ୍ ତାଙ୍କର ସ୍ତ୍ରୀ ଆସି କହିଲେ :—ବଡ଼ ବାବୁଙ୍କର କୁକୁଡ଼ାକୁ କିଏ ଚୋରିକରି ଖାଇଲା । ଦୋଷ ହେଲା କାହାର, ନା—ସ୍ୱାଙ୍କର । କୁକୁଡ଼ାଖିଆ ମଣିଷକୁ ନ ଜଗି ଏ ଯେମିତି ମଲା କୁକୁଡ଼ାର ପରକୁ ଜଗୁଥିଲେ ।

# ଗୋଟିଏ ରଜାଙ୍କ ଗପ

ଶ୍ରୀମତୀ ଯଶୋଧାର୍ ମିଶ୍ର

ଚା' ଶେଷକରି ବିକ୍ରମବାବୁ କହିଲେ, "ଏଥର ଖବର କାଗଜଟା ରଖନ୍ତୁ । ଜମାନ୍ତୁ କିଛି ଗପ, ନହେଲେ ସଞ୍ଜ ବେଳଟା ଜମା କଟେନି ।"

ଶିବପ୍ରସାଦ ପେପର ଥୋଇ ଥଣ୍ଡା ପଡ଼ି ଆସୁଥିବା ଚା' ଶୀଘ୍ର ଶେଷ କଲେ । ମଝିରୁ କହିଲେ "ତିନିଦିନ ପୁରୁଣା ଖବର କାଗଜକୁ ବି ଏଠି ଡିଟେକ୍ଟିଭ ବହି ପରି ପଢ଼ିବାକୁ ପଡ଼େ । କଣ ଆଉ କରିବାକୁ ଅଛି କହନ୍ତୁ ନାହାନ୍ତି ଏ ଜଙ୍ଗଲଟାରେ ?

ପୁରୁଣାକାଳିଆ ଡାକବଙ୍ଗଳାଟିଏ, ବାରଣ୍ଡାରେ ଦୁହେଁ ବସିଥିଲେ । ବିକ୍ରମବାବୁ ନୂଆ ତହସିଲଦାର ହୋଇ ଆସିଚନ୍ତି ଏବଂ ଶିବପ୍ରସାଦ ଗତ ତିନିବର୍ଷ ହେଲା ଏଇଠି ଅଛନ୍ତି ଜଙ୍ଗଲ ବିଭାଗ ଏ. ସି ଏଫ୍. ଭାବରେ । ଆଗରେ ଅସଜଡ଼ା ବଗିଚା ଓ ତା ଆଗକୁ ସରୁ ପକ୍କା ରାସ୍ତାଟିଏ, କିଛି ବର୍ଷ ଆଗରୁ ରାସ୍ତାଟି ମନ୍ତ୍ରୀ ଆସିବେ ବୋଲି ଅହରହ ଏ ମୁଣ୍ଡରୁ ସେମୁଣ୍ଡ ଯାଏ ତିଆରି ହୋଇଥିଲା । ଡାକ-ବଙ୍ଗଳା ବି ସେତିକିବେଳେ ମରାମତି ହୋଇଥିଲା ଓ ନୂଆ ପର୍ଦ୍ଦା ଇତ୍ୟାଦି ଲାଗିଥିଲା ।

ଲକ୍ଷ୍ମନ୍‌ପୁର ଅତି ନିଭୃତ ମଫସଲି ସହରଟିଏ । ପୂର୍ବେ ଛତିଶଗଡ଼ର ଛୋଟିଆ ଆଦିବାସୀ ଅଧ୍ୟୁଷିତ ରାଜ୍ୟଟିଏ ଥିଲା । ଏବେ ତହସିଲ ଅଫିସ ହୋଇଛି । ବାସ୍ତବରେ ମଫସଲ ହିଁ କୁହାଯିବ, ମଝି ମଝିରେ ସହରର ହାଉଆ ଦମକାଏ ବାଜି ଫେରିଯାଏ ଯାହା । ସହର ମଝି ରାସ୍ତାରେ ଆଦିବାସୀ ଝିଅ ଲମ୍ବା ବେଣୀରେ ନାଲି, ନେଳି ରିବନ୍ ମାରି ଛୋଟିଆ ଅଣ୍ଟା ଦେଖା ବ୍ଲାଉଜ ଉପରେ ରଙ୍ଗ ରଙ୍ଗ ଶାଢ଼ୀ ପିନ୍ଧି ଦଳ ଦଳ ଗୀତ ଗାଇ ଯାଆନ୍ତି । ଲମ୍ବ ଡେମ୍ଫ ରଙ୍ଗଣୀ ଫୁଲ ଗୁଚ୍ଛା ହେଲାପରି ବାହୁ ବାହୁରେ ଅଣ୍ଟା ବାନ୍ଧି ଛନ୍ଦାଛନ୍ଦି । ଫେରନ୍ତି ଲୋକେ ପକ୍କା ରାସ୍ତା ଉପରେ ବି କ୍ଷେତହିଡ଼ ଅଭ୍ୟାସ ନଭୁଲି ଧାଡ଼ିବାନ୍ଧି ଚାଲନ୍ତି ।

ବିକ୍ରମବାବୁଙ୍କ ପାଇଁ ଉଦ୍ଦିଷ୍ଟ କ୍ୱାର୍ଟର୍ସ୍ ମରାମତି ଚାଲିଥିବାରୁ ସେ ଡାକ-ବଙ୍ଗଳାରେ ରହିଚନ୍ତି ମାସେ ହୋଇଗଲାଣି । ଏ ଭିତରେ ସେ ଲକ୍ଷ୍ମନ୍‌ପୁରରେ ସାମାଜିକ ଜୀବନ ସହିତ ପରିଚିତ ହୋଇଗଲେଣି । ଦେଖିଲେଣି ତାଙ୍କ ପରି

ପରିବାର ଆଣି ଏକୁଟିଆ ରହୁଥିବା ଚାକିରିଆ କେଇଜଣ କେମିତି ଠିକ୍ ତାଙ୍କରି ପରି ଧସ୍ତାଧସ୍ତି କୁହବୋଲା ସତ୍ତ୍ୱେ ଏଠାକୁ ପୋଷ୍ଟିଂ କ୍ୟାନସଲ କରାଇ ନପାରି ଅଗତ୍ୟା ଆସିଛନ୍ତି ଓ ଚହ୍ଲା ପରିଚୟଙ୍କ ମାଧ୍ୟମରେ ବଦଳି ପାଇଁ ଚେଷ୍ଟା କରୁ କରୁ ଆପାତତଃ ଭାଗ୍ୟକୁ ଆଦରି ରହିଛନ୍ତି । ସନ୍ଧ୍ୟାବେଳେ କେତେଜଣ କୋଠରିକିଆ କ୍ଲବ ଘରଟିରେ ବସି ତାସ୍ ଖେଳନ୍ତି । ରାତି ନଅଟା, ଦଶଟା ଯାଏ ଘରଟି ହସ ଖୁସିରେ କମ୍ପୁ ଥାଏ । ମଝି ମଝିରେ ଯାହା ସମସ୍ତେ ହଠାତ୍ ଗମ୍ଭୀର ହୋଇ ହାତର ତାସ୍ ମୁଠାରେ ଧ୍ୟାନ ଦେଲାବେଳେ ପାଖ ଟେବୁଲରୁ ପେଟ୍ରୋମାକସ୍ ଲାଇଟ୍‌ଟିର ସାଁ ସାଁ ଓ ଦୂରରୁ ବିଲୁଆ ବୋବାଳି ଶୁଭେ । ସବୁ ସରକାରୀ ଘରେ ବିଜୁଳିବତୀ ଓ ପଙ୍ଖା ଲଗିଛି । ତେବେ ଗୋଟିଏ ଡିଜେଲ ଜେନେରେଟରରୁ ବିଜୁଳି ସପ୍ଲାଇ କେବଳ ସନ୍ଧ୍ୟାରେ ତିନିଘଣ୍ଟା ପାଇଁ ଆସେ । ରାସ୍ତାର ବତୀ ଖୁଣ୍ଟମାନ ଜଳି ଉଠେ ମିଞ୍ଜି ମିଞ୍ଜି ଲଣ୍ଠନ ପରି । ଡାକବଙ୍ଗଳା ତଥା କ୍ଲବର ଶହେ ପାୱାର୍ ବଲ୍‌ବ ଜଳେ ପନ୍ଦର ପରି, ପଙ୍ଖା ଘୂରେ ସତେକି ଦମକାଏ ପବନରେ ଆପେ ଆପେ ଥରେ ଦି ଥର ଘୁରି ଆସିଲା ।

ନିକଟତମ ବଡ଼ ସହର ଛତିଶ ମାଇଲ ଦୂର, କଚ୍ଚା ରାସ୍ତା, ବାଟରେ ଦୁଇଟା ଅଗଭୀର ନାଲ ପଡ଼େ । ସେଥିରେ ପୋଲ ନାହିଁ, ଗୋଟି ମୋରମ୍ ବିଛା ଯାଇ ଶୀତ ଆରମ୍ଭ ବେଳକୁ ରାସ୍ତା ତିଆରି ହୁଏ ତଡ଼ିରେ । ଗ୍ରୀଷ୍ମ ଶେଷରେ ପ୍ରଥମ ଅସରା ବର୍ଷା ସବୁ ଧୋଇନିଏ । ତାପରେ ସହରକୁ ଯାତାୟତ ବନ୍ଦ ହୋଇଯାଏ ପ୍ରାୟ ।

ଶିବପ୍ରସାଦ ବଖାଣୁଥିଲେ ତାଙ୍କର ଗତବର୍ଷର ଗୋଟିଏ ଶିକାର ଅନୁଭୂତି । ଏଠି କିଛି ଦିନ ରହିଗଲା ପରେ ପ୍ରାୟ ସବୁ ମଧ୍ୟବୟ ଚାକିରିଆ ବନ୍ଧୁକଟିଏ କିଣନ୍ତି ଓ ଶିକାରରେ ମନ ବଳାନ୍ତି । ବିକ୍ରମବାବୁଙ୍କ ପରି ନୂଆ ହୋଇ ଆସିଥିବା ଅଳ୍ପବୟସ୍କ ଲୋକ ପ୍ରଥମେ ଶିକାର ଅଭିଜ୍ଞତା ଶୁଣି ଉତ୍ସାହ ପାଆନ୍ତି ନୂଆ ସଉକ୍‌ଟିଏ ଶିକାର କରିବାକୁ । ଶିବପ୍ରସାଦ ପ୍ରତିଥର ଅଲଗା ସ୍ୱାଦର ଶିକାର କାହାଣୀ ଶୁଣାନ୍ତି । ଏଥରର କାହାଣୀ ଥାଏ, ଥରେ ରାତିବେଳେ ଲୋଡ଼େଡ଼ ବନ୍ଧୁକ ନେଇ ସେ ଗୋଟିଏ ଖାଖ ଘାଟୀ ରାସ୍ତାରେ ଯାଉଥାନ୍ତି ଜିପ୍‌ରେ । ହଠାତ୍ ଖଣ୍ଡେ ଆଗରେ ସ୍ପଷ୍ଟ ଜିପ୍ ଆଲୁଅରେ ପାହାଡ଼ ଗଡ଼ାଣି ପାଖରୁ ବାଘଟିଏ ରାସ୍ତା ଉପରକୁ ଆସି ଧୀର ପାଦୁଲରେ ରାସ୍ତା ଅତିକ୍ରମ କରି ପାହାଡ଼ ପାଖ ଜଙ୍ଗଲ ଆଡ଼କୁ ଚାଲିଲା । ଶିବପ୍ରସାଦ ଲୋଭ ସମ୍ଭାଳି ପାରିଲେ ନାହିଁ । ଡ୍ରାଇଭରକୁ ଗାଡ଼ି ରୋକିବାକୁ କହି ବାଘଟି ଠିକ୍ ଜଙ୍ଗଲ ଭିତରକୁ ପଶିବା ଆଗରୁ ଫାୟାର୍ କଲେ । ତାଙ୍କ ଲକ୍ଷ୍ୟ ବ୍ୟର୍ଥ ଯାଏ ନାହିଁ, ତେବେ ପଛ ପାଖକୁ ଗୁଳି ଯାଇଥିଲା,

ବାଘଟି ସମ୍ଭବତଃ ଘାଇଲା ହୋଇ ଗର୍ଜନ କରି ଦୌଡ଼ି ଅଦୃଶ୍ୟ ହୋଇଗଲା ଜଙ୍ଗଲ ଭିତରେ । କିଛି ବାଟ ଯିବାପରେ ଗୋଟିଏ ଅତି ବଙ୍କା ବୁଲାଣି ସ୍ଥଳକୁ ହଠାତ୍ ସେ ଲକ୍ଷ୍ୟକଲେ ଉପରପାଖ ପାହାଡ଼ର ପଥରଟିଏ କଡ଼ରୁ ଝକ୍ ଝକ୍ ଆଖି ଯୋଡ଼ାଏ ଚାହିଁଛି । ବାଁ ପାଖେ କିଛି ଦିଶୁ ନଥିବା ଅନୁମାନ କରି ହେଉ ନଥିବା ଗମ୍ଭୀର ଅନ୍ଧାର । ସେତେବେଳକୁ ଭାଗ୍ୟକୁ ସେ ନିଜେ ହ୍ୱିଲ୍ ପାଖେ ବସିଥାନ୍ତି, ତତ୍‌କ୍ଷଣାତ୍ ସ୍ପୀଡ଼ ଦେଇ ନେଇ ଯାଉଁ ଯାଉଁ ବାଘ ଡେଇଁଲା ଜିପ୍ ଉପରକୁ, ଠିକ୍ ଜିପ୍ ପାରି ହୋଇଚି ଆଉ ବାଘ ପଡ଼ିଲା ରାସ୍ତା ଉପରେ । ଦେହରୁ ଝାଳ ଶୁଖିନି, ଆଉ ପାଞ୍ଚ ମିନିଟ୍ ଯାଇଥିବ କି ନାହିଁ ଆଗ ମୋଡ଼ରେ ପାହାଡ଼ ଉପରୁ ପୁଣି ସେଇ ଜଳ ଜଳ ଆଖି ।

ଶିବପ୍ରସାଦ ସେଦିନ ନିଜର ବିଭିନ୍ନ ଡ୍ରାଇଭିଂ କାରସାଦି ବଳରୁ ଯେମିତି ବାଘ ସହିତ ଦୁଇଥର ମୁକାବିଲା କରି ବର୍ତ୍ତି ଆସିଥିଲେ, ଶୁଣି ସାରିଲା ବେଳକୁ ବିକ୍ରମବାବୁଙ୍କର ହାତ ଗୋଡ଼ ସବୁ ଲୁହା ଝଲେଇ ଗଣ୍ଠି ମାନଙ୍କରେ ହୋଇଥିଲା ପରି ଲାଗୁଥାଏ । ନିଃଶ୍ୱାସ ଖରତର ବହୁଥାଏ । ଗପ ସରିଲା ପରେ ଭିଡ଼ି ମୋଡ଼ି ହୋଇ ହାତ ଗୋଡ଼ ଲମ୍ବାଇ ସେ ଆରାମରେ ବସିଲେ ଓ ଆଉ ଦି' କପ୍ ଚା' ପାଇଁ ବରାଦ କରି କହିଲେ, "ଆପଣତ ଖାଲି ଶିକାର ଗପ କହୁଛନ୍ତି । କେବେ ସିନା ଭଲ ବନ୍ଧୁ ଶିକାରୀ ଦଳକୁ ନେଇ ଶିକାର ଟ୍ରିପ୍‌ଟିଏର ବ୍ୟବସ୍ଥା କରନ୍ତେ । ଆଉ ମୋ ବନ୍ଧୁକ କଥା କ'ଣ ହେଲା, ବୁଝିବେ ବୋଲି କହିଥିଲେ ?"

ଶିବପ୍ରସାଦ ଟିକିଏ ଭାବିଲା ପରି କହିଲେ, "ଭାବିଥିଲି ରାଜା ସା'ବଠୁ ଆପଣଙ୍କପାଇଁ ବନ୍ଧୁକଟିଏ ଯୋଗାଡ଼ କରିଦେବି । ତେବେ ସେ ବଡ଼ ଅଖାଡ଼ୁଆ ଲୋକ । ଆପଣ ନିଜେ ଯାଆନ୍ତୁ, ସେ ଖୁସି ହେବ । ଆଗରୁ ବି ସେ ଅନେକଙ୍କୁ ବନ୍ଧୁକ ବିକିଛି ।"

ପରଦିନ ବିକ୍ରମବାବୁ ସକାଳୁ ଚପରାଶୀଟିଏ ହାତରେ ଖବରପଠାଇ ଦେଲେ । ଉପରଓଳି ଅଫିସ୍‌ରୁ ଫେରି ସିଧା ଚାଲିଲେ ରାଜା ଉଆସ ଆଡ଼କୁ । ସହର ମଝାମଝି ଉଚ୍ଚ ମାଟିକାନ୍ଥ ପାଚେରୀ ଲମ୍ବିଚି—ଉଆସ ପାଚେରୀ । ପାଚେରୀ ଉପରଯାକ ସବୁ ଖପର ଛାଉଣୀ—ଠାଏ ଠାଏ କାନ୍ଥ ଧସିଯାଇଛି । ଅଧାଅଧି ଉଆସ ଭୁଷୁଡ଼ି ମାଟି ଗଦା ହୋଇ ରହିଚି, କେବଳ ମଝି ଉଚ୍ଚଦରପକ୍କା ଅଂଶଟି ଠିଆ ହୋଇଛି ଆସ୍ଫାଳନ କଲାପରି । ଉଆସ ଆଗକୁ ବଡ଼ ଫାଟକ । ଦାଣ୍ଡରେ କେଉଁଠୁ କୁଆଡ଼େ ନାହିଁ ଧୂଳି, ଗୋବର, ଶୁଖିଲା ପତ୍ର ।

ଖଣ୍ଡେଦୂରରୁ କ'ଣ କରିବେ ଭାବୁଚନ୍ତି, ଦର ଆଉଜା ଫାଟକ ଠେଲି ଠେକାଭଙ୍ଗା ନାଲିଜାମା ପିନ୍ଧା ଦରବୁଢ଼ା ଲୋକଟିଏ ବଡ଼ି ଟାଣି ଟାଣି ଆସିଲା, ନିର୍ଲିପ୍ତରେ ଦୁଆର ବନ୍ଧ ଉପରେ ବସିପଡ଼ି ଧୂଆଁ ଫୁଙ୍କିଲା । ପାଖରେ ପହଞ୍ଚି ବିକ୍ରମବାବୁ ପଚାରିଲେ, "ରାଜାସାହେବ ଅଛନ୍ତି ?"

ଲୋକଟି ବସିରହି ବଡ଼ିଧୂଆଁ ଭିତରୁ ଉତ୍ତର ଦେଲା—"ଶିକାରରେ ଯାଇଛନ୍ତି ।"

"ଏକୁଟିଆ" ?

"ରାଣୀସାହେବା ବି ଯାଇଛନ୍ତି ସାଙ୍ଗରେ ।"

ବିକ୍ରମବାବୁଙ୍କ ଚଢ଼ିଯାଇଥିବା ରାଗ କହିଲା ଏ ବେଖାତିରିଆ ବୁଢ଼ାଟାକୁ ଧମକାଇଦେବେ—ଶଳା ଚିହ୍ନୁନୁ କେବେ ମୋତେ ? କିନ୍ତୁ ତାଙ୍କ ପ୍ରଶ୍ନ ବୁଝିଲା ପରି ପରଳଆ ଆଖି କୁଞ୍ଚାଇ ସାଦାସିଧା ସ୍ୱରରେ ଲୋକଟି କହିଲା "ନୂଆ ଆସିଚନ୍ତି କି ଆଜ୍ଞା ? ଆପଣଙ୍କୁ ତ ଦେଖିନି ଆଗରୁ ?"

ଉତ୍ତର ନଦେଇ ଏଣେତେଣେ ଗୃହିଁ ଫେରି ଯିବା କଥା ଚିନ୍ତା କରୁକରୁ ବିକ୍ରମବାବୁ ଓଲଟି ପଚାରିଲେ, "ଏ ଦିନ ବେଳଟାରେ କୁଆଡ଼େ ଯାଇଚନ୍ତି ଶିକାରରେ ? କେବେ ଫେରିବେ ?"

"ଫେରି ଆସିବେ ।" କହି ଲୋକଟି କ'ଣ ମନେ ପଡ଼ିଗଲା ପରି ଉଠି ବତୀ ଲଗାଇବା ଛଳରେ ଅ.ହିଲା । ତାପରେ ବିକ୍ରମବାବୁ ତା'ର ହଠାତ୍ କୁହାଟ ଓ ଦଉଡ଼ରୁ ଦେଖିଲେ ଦୂରରୁ ଗାଈ ଗୋଠ ଫେରୁଛନ୍ତି—ରଜାଘର ଗାଈ ବୋଧହୁଏ । ଯାଉ ଯାଉ ଲୋକଟି ଫେରିପଡ଼ି ପାଟିକଲା, "ଏଇ ଆଜ୍ଞା ରଜାସା'ବ୍ ଆସିଗଲେ ।"

କୌଣସି ଯାନବାହନ ଉଦ୍ଦେଶ୍ୟରେ ଦୂରକୁ ଦୃଷ୍ଟି ଦେଲା ବେଳେ ସେ ଦେଖିଲେ—ଗୋଧୂଳି ପଟଳ ଭିତରୁ ଉଭିଁ ଆସିଲା ସାଇକେଲ୍‌ଟିଏ । ଦୃଶ୍ୟ ପାଖେଇ ଆସିଲାରୁ ସେ ଲମ୍ବା, ପତଳା ଆରୋହୀଙ୍କୁ ଦେଖିଲେ—କାନ୍ଧରେ ବନ୍ଧୁକ, ହ୍ୟାଣ୍ଡେଲ୍‌ରୁ ଝୁଲୁଚି ମଲା ହଂସଟିଏ । ପଛ କ୍ୟାରିଅର୍‌ରୁ ଜଣେ ନାରୀଙ୍କ ଶାଢ଼ୀ ଦିଶୁଛି ।

ଉଆସ ପାଖେ ବ୍ରେକ୍ ଲାଗିଲାରୁ ପଛପାଖୁ ତରୁଣୀ ଜଣକ ଡେଇଁପଡ଼ି ଓହ୍ଲାଇଲେ । ଆରୋହୀ ରୁମାଲ୍‌ରେ ମୁହଁ ପୋଛୁ ପାଟିକଲେ, "ଆବେ ଶାଲେ ସମ୍ଭୁ । ସାଇକଲ୍‌ଲେ ଲେ ଶାଲେ ।"

କେଉଁଆଡ଼ୁ ନାଲିପିନ୍ଧା ପଗଡ଼ି ଭିଡ଼ା ଟୋକାଟିଏ—ନିଃସନ୍ଦେହରେ ରାମୁ—'ଜୀ ହଜୁର୍ କହି ଧାଇଁ ଆସିଲା ଓ ସାଇକେଲ୍‌ର ଦାୟିତ୍ୱ ନେଲା । ବିକ୍ରମବାବୁଙ୍କ ବସ୍ତୁସ୍ଥ କହିଲା ପରେ ଆଗେଇ ଆସି ପଚାରିଲେ "ଆପଣ ବୋଧହୁଏ ଏଠାକାର ରାଜା ସାହେବ ?"

ଆଧୁନିକ ଫ୍ୟାଶନ୍‌ରେ ଜିନ୍‌ଶାର୍ଟ ପିନ୍ଧା ଢରଣ ଆଖ ପାଖର ଲମ୍ବା, ଦାଢ଼ିଆ ଯୁବକ ରାଜାସାହେବ ଆଖିରୁ କଳା ଚଷମା କାଢ଼ି ବିଶୁଦ୍ଧ ଇଂରାଜୀରେ ପଚାରିଲେ, "ଆପଣ କିଏ ଜାଣିପାରେକି ?"

ପରିଚୟ ଜାଣିଲା ପରେ ଆଉ ଟିକିଏ ବିଲାତି ଢଙ୍ଗର ଇଂରାଜୀରେ ରାଜାସାହେବ୍ ବ୍ୟକ୍ତ କଲେ ସେ ବିକ୍ରମବାବୁଙ୍କ ସହିତ ପରିଚିତ ହୋଇ ଖୁବ୍ ଆନନ୍ଦିତ ହୋଇଚନ୍ତି, ଆଉ ଭିତରକୁ ପାଛୋଟି ନେଲେ ।

ଏତେବେଳକୁ ରାଣୀ ସାହେବା ଅନ୍ତଃପୁରରେ ଅଦୃଶ୍ୟ ହୋଇ ସାରିଥିଲେ । ଦାମୀ ସିନ୍ଥେଟିକ୍ ଶାଢ଼ୀ ସତ୍ତ୍ୱେ ରାଣୀ ଯେ ସ୍ଥାନୀୟ ଜଣେ ଆଦିବାସୀ ତରୁଣୀ, ସେକଥା ତାଙ୍କ ଚଉଡ଼ା ଚକ୍‌କଣ ଚେହେରାରୁ ଓଠତଳ ଓ ନାକ କଡ଼ର ଠୋପାଏ ଲେଖାଏଁ ନେଳୀ ଚିତାକୁଟା ଚିହ୍ନ ସ୍ପଷ୍ଟ ଚିହ୍ନେଇ ଦେଉଥିଲା ।

ଭିତର ଉଚ୍ଚ ଖପର ଛାତ ଉଆସର ଅଧା ଘର ପକ୍‌କା, ଅଧା କଚ୍ଚା । ଆକାଶରେ ବିଜୁଳି ଗାରପରି କାନ୍ଥମାନଙ୍କରେ ଚଉଡ଼ା ଫାଟମାନ, ଚୂନ ପଲସ୍ତରା ଖସିଯାଇଛି ଅନେକଠି । ଏଠି ସେଠି ଜଣେ ଅଧେ ନାଲି ଜାମାପିନ୍ଧା ମୂଲିଆ ଶ୍ରେଣୀର ଲୋକ ଆତଯାତ ହେଉଛନ୍ତି । ବିରାଟ ଅଗଣାର ଚାରିପାଖେ ପ୍ରଶସ୍ତ ବାରଣ୍ଡା ଓ ଘର ପଛ ପାଖ କାନ୍ଥରେ ବଡ଼ ଗୋଟିଏ କବାଟ ଭିତର ଅଗଣାକୁ । ଝାଇଁ ଝାଇଁଆ ନାରୀ କଣ୍ଠଟିଏ ଶୁଭିଲା ଓ ସେଇ ଦ୍ୱାର ବନ୍ଧରେ ଆଉ ଜଣେ ଆଦିବାସୀ ନାରୀ ମୂର୍ତ୍ତି ଉଭା ହୋଇ, ଏ ସୁଟ୍‌ପିନ୍ଧା ଆଗନ୍ତୁକଙ୍କୁ ଦେଖି ମୁହୂର୍ତ୍ତେ ରହିଲେ ଓ ଲେଉଟି ପଡ଼ି ଅଦୃଶ୍ୟ ହୋଇଗଲେ । ବିକ୍ରମବାବୁ ଭାବିଲେ ପଛ ଅଗଣାରେ କ'ଣ ? ଘୂଲଘର ସାହାଯ୍ୟରେ ଆଦିବାସୀ ନାରୀ ସମ୍ବଳିତ ହାରେମ ?

ଉଚ୍ଚ ବାରଣ୍ଡାର କାନ୍ଥଯାକ ଧାଡ଼ି ଧାଡ଼ି ହରିଣ ଓ ମଇଁଷି ମୁଣ୍ଡ ବେକ ଲମ୍ବେଇଚନ୍ତି । ଯତ୍ନ ଅଭାବର ଧୂଳିବୋଳା, ଚମଡ଼ାମାନ ଚେମେଡ଼ା ଫଟା ଫଟା । ବୈଠକ ଖୋଲାଗଲା । ପୁରୁଣା ବିଲାତି ସୋଫା ସେଟ୍‌ର ତେଲିଆ ଗଦିମାନ ଦବି ଗାତ ହୋଇଯାଇଛି । ବଡ଼ ବଡ଼ ଫ୍ରେମ କରା ଫଟୋ, ଗୋଟିଏ ଅଧେ ତୈଳଚିତ୍ର । ଆହୁରି ହରିଣ, ସମ୍ବର, ଚିତା, ମହାବଳ ମୁଣ୍ଡ । ବଡ଼ ବଡ଼ କୋଠିକାମ କବାଟ ।

କିଛି ସମୟପରେ ନିତାନ୍ତ ଆଡ଼ମ୍ବର ବିହୀନ ଭାବରେ ଟୀ' ଆସିଲା । ରାଜା ସାହେବ ଗମ୍ଭୀର ଠାଣିରେ ବସି ଟୀ' ସିପ୍ କଲେ । ଗୋରା ଚେହେରା ଝରାରେ ତମ୍ବାଟିଆ ପଡ଼ିଛି । ଆଧୁନିକ ଫେଶନ୍‌ର ଲମ୍ବାବାଳ, ବେଶ ପୋଷାକ ଅବିନ୍ୟସ୍ତ, ମଦ୍ୟପାନର ଅଭ୍ୟାସରୁ କହୁରା ଆଖି ଯୋଡ଼ିକ ନାଲିରଙ୍ଗର ସୁରମା ଲଗାଇଥିଲା ପରି । ରାଜା ସାହେବଙ୍କଆଡ଼ୁ ଗପସପ ଆରମ୍ଭର କୌଣସି ଆଭାସ ନପାଇ ବିକ୍ରମବାବୁ ନିଜଆଡ଼ୁ କଥା ଜମାଇବାକୁ ଚେଷ୍ଟା କଲେ—"ଚମତ୍କାର ହୋଇଛି ଏ ଶିକାରର ଟ୍ରଫିମାନ । ଏସବୁ ଶିକାର ଆପଣ କରିଛନ୍ତି ।

ରାଜାଙ୍କ ମୁହଁରେ ଅଗ୍ରନିକ ହସ ଫୁଟିଲା । ଆତ୍ମପ୍ରସାଦର ଉଜ୍ଜ୍ୱଳ ହସଟିରେ ସେ ମୁହଁରେ ଟିକିଏ ଆଗରୁ ଖାପିଥିବା କାଠୁ ଆପଣ ଚିକ୍କଣ ହୋଇ ଗଲା । କହିଲେ—ନାଁ, ଏସବୁ ମୋ ବାପାଙ୍କର ପ୍ରାପ୍ୟ, କେତେଟା ଜେଜେ ବାପାଙ୍କର ବି ଅଛି । ମୋ ବାପା ଖୁବ୍ ନାମୀ ଶିକାରୀ ଥିଲେ, କେବଳ ବାଘ ଶହେ ତିରିଶିଟା ମାରିଛନ୍ତି ।"

"ଆପଣଙ୍କରବି ତ ଶିକାରରେ ଅଗ୍ରହ ଅଛି ? ଅଜା ଯାଇଥିଲେ ବୋଧହୁଏ ଶିକାରରେ ।

କହି ଦେଇସାରି ବିକ୍ରମବାବୁ ନିଜର ଭୁଲ୍ ବୁଝିଲେ—ରାଜାଙ୍କ ହସ ମିଳେଇଗଲା । ଟୀ' କପ୍‌କୁ ଅନାଇ ଭ୍ରୂ କୁଞ୍ଚାଇ କହିଲେ "ମୁଁ ଶିକାର କରେ କାଛି କାଛି । ତେବେ ସେ କିଛି ନୁହେଁ । ଖାଲି ସମୟ ଗଡ଼େଇବା କଥା—ଯଷ୍ଟ ଟୁ କିଲ୍ ଟାଇମ୍ । ଆଜିକାଲି ଶିକାର ବି ମନା ହୋଇଯାଇଛି ଶୁଣିଥିବେ ?"

ବିକ୍ରମବାବୁ ରାଜାଙ୍କ ମନକୁ ପାଇଲା ଭଳି ନୂଆ ବିଷୟ ଭାବିଲେ । ସିଧା କଣାବିକା କଥା ଆରମ୍ଭ କରିବା ଭଲ ଜାଗା ଏଇଟା ନୁହେଁ ।—"ଆପଣଙ୍କ ବାପାଙ୍କ ବିଷୟରେ ମୁଁ ଅନେକ ଶୁଣିଛି । ଆପଣଙ୍କର ଷ୍ଟେଟବେଲ କଥାତ ମନେ ଥିବ"—ଇତ୍ୟାଦି ।

ରାଜା ଆଖି ଉଠେଇ ବିକ୍ରମବାବୁଙ୍କୁ ଚାହିଁଲେ ଡହଳ କଲାପରି ଓ ତାଙ୍କ ଭ୍ରୂ ମଝିରୁ ଗାର ଉଭେଇ ମୁହଁରେ ପୁଣି ହସ ଓ ଖୋଲା ଆତ୍ମ-ବିଶ୍ୱାସ ଫୁଟିଲା । ସେ ତା'ପରେ ନିଜେ ଉଠି ବିଭିନ୍ନ ଫଟୋରୁ ତାଙ୍କ ବଂଶର ଲୋକଙ୍କୁ ଚିହ୍ନେଇଦେଲେ, ବିଭିନ୍ନ ହରିଣ, ବାଘମୁଣ୍ଡଙ୍କର ସଂକ୍ଷିପ୍ତ ଇତିହାସ ଶୁଣାଇଲେ । ଫେରି ପୁଣି ଚଉକିରେ ବସି ପ୍ରଶସ୍ତ ଟେରକା ଦେଇ ବାହାରକୁ ଅନେଇଲେ—ଉଆସ ଭିତର କସରା ପୁରୁଣା ଖପରରେ ତେରଛା

ନାଲି ଖଟ୍ଟରେ ବସିଥିବା ଯାଗ୍ର କେତୋଟିଙ୍କ ଉପରେ ଦୃଷ୍ଟି ନିବଦ୍ଧ କରି ସେ କହିଲେ "ପିଲାଦିନ ତାଙ୍କର କଟିଥିଲା ରାୟପୁର ରାଜକୁମାର କଲେଜରେ, ସେଇଠୁ ସେ ସିନିଅର୍ କେମ୍ବ୍ରିଜ୍ ପାସ୍ କରିଛନ୍ତି । ବହୁତ ମିସ୍ କରନ୍ତି ସେ ତାଙ୍କର, ସ୍କୁଲ ଦିନମାନ । ତାଙ୍କ ପ୍ରିନ୍‌ସିପାଲ୍ ଥିଲେ ଜଣେ "ଡ୍ୟାମ୍ ସ୍ମାର୍ଟ ଚ୍ୟାପ୍,' ଆଉ ତାଙ୍କ ଟ୍ୟୁଟର୍ ତ 'ଏ ରିଅଲ୍ ଜିନିଅସ୍, ନିଜେ ତାଙ୍କୁ ବିଭିନ୍ନ ପାଣିଯ୍ରର ମିଶ୍ରଣର ଅନୁପାତ ଶିଖାଇ ଦେଇଥିଲେ, ଶିକାରର ଠିକ ଜାଗି ଟେକ୍‌ନିକ ସବୁବି । ବହୁତ ଦିନୁ ସେ ଆଉ ତାଙ୍କ ପୁରୁଣା ସ୍କୁଲ ଅଡ଼େ ଯାଇପାରି ନାହାନ୍ତି—ବିଦେଶୀ କାର୍ ଯୋଡ଼ିକ ତ ଡିସ୍‌ପୋଜ୍ କରି ଦିଆଗଲା ବାପା ଥାଉ ଥାଉ, ଯିବ ଏବେ କୋଉଥିରେ ମଣିଷ ।"

ବାହାରେ ଟ୍ରୁଡର କାଷରା ଝପର ଉପରେ ଅଉ ପାଗ୍ରମାନେ ନଥିଲେ, ନାଲି ଖଟ୍ଟ ବି କେବେଠୁ ଉଭେଇ ଗ୍ରଲ ଅନ୍ଧାର ଓହ୍ଲେଇ ଅସୁଚି । ବିକ୍ରମବାବୁ ଏଥର ପୁଣି ଶିକାର ଟପିକ୍ ପକାଇଲେ । କିନ୍ତୁ ରାଜା ଚଳକମାଧେକେ ପୁଣି ତାଙ୍କ ବଂଶ-ଗାରିମାକୁ ଫେରି ଗଲେ—"ତାଙ୍କ ଶ୍ୱଶୁର ସାରଙ୍ଗଧର ସାଏ ଛତିଶଗଡ଼ର ସବୁଠାରୁ ପ୍ରତାପୀ ରାଜା ଥିଲେ, ବିଖ୍ୟାତ ଶିକାରି—ନାଁ ନିଶ୍ଚୟ ଶୁଣିଥିବେ ଆପଣ··।"

ରାଜାଙ୍କ ଶ୍ୱଶୁର କଥାରୁ ବିକ୍ରମବାବୁଙ୍କର ମନେ ପଡ଼ିଗଲା ସାଇକେଲ୍‌ରୁ ଓହ୍ଲାଇଥିବା ରାଣୀଙ୍କ ଚେହେରା । ସେହିକ୍ଷଣି ତାଙ୍କର ବି ମନେ ପଡ଼ିଗଲା କାହାଠାରୁ ସେ ଶୁଣିଥିଲେ, କୁମାର ରାଜାସାହେବଙ୍କର ବିବାହ ଅଳ୍ପ ବୟସରେ ସମ୍ପନ୍ନ ହୋଇ ଯାଇଥିଲା । ସାରଙ୍ଗଗଡ଼ର ରାଜକନ୍ୟାଙ୍କ ସହିତ, ସେତେବେଳକୁ ବୁଢ଼ାରାଜା ଯକ୍ଷ୍ମାରେ ଆକ୍ରାନ୍ତ ହେଇ ସାରିଥାନ୍ତି । ବିବାହର ଛ' ମାସପରେ ବୁଢ଼ା ରାଜା ମରି ସାରିଥାନ୍ତି । ବୋହୂରାଣୀ ବାପ ଘରକୁ ଚାଲିଗଲେ କୌଣସି କାରଣରୁ, ଆଉ ଫେରି ନାହାନ୍ତି । ରାଜାସାହେବଙ୍କୁ ବି ଶ୍ୱଶୁର ଘରଆଡ଼େ ଯିବାର କେହି ଦେଖି ନାହାନ୍ତି ।

ଏଥର ରାଜା ସାହେବ ନିଃଶ୍ୱାସ ମାରିବା ପାଇଁ ଗପ ବନ୍ଦ କଲାକ୍ଷଣି ବିକ୍ରମବାବୁ ଦୋ ଦୋ ପାଞ୍ଚ ହେଇ କହିଲେ, "ମୋର ବି ଶିକାରରେ ସଉକ୍ ଅଛି, ତେବେ ବନ୍ଧୁକ ନାହିଁ । ମୁଁ ଶୁଣିଥିଲି ଆପଙ୍କେ ପାଖେ ଗୁଡ଼ାଏ ବନ୍ଧୁକ, ଡିସ୍‌ପୋଜ୍ ଅଫ୍ କରିଦେବାର ଇଚ୍ଛା ବୋଲି ବି ଶୁଣିଛି । ମୋ ଲାଗି ଯଦି ଗୋଟାଏ ସ୍ପେଆର୍ କରି ପାରନ୍ତେ······"

ସନ୍ଧ୍ୟାର ମଳିନ ଆଲୋକ ଓ ରାଜାଙ୍କ ଗମ୍ଭୀର ରହିବାର ଚେଷ୍ଟା ସତ୍ତ୍ୱେ ତାଙ୍କ ଆଖିରେ ହଠାତ୍ ଆଗ୍ରହ ଜଳିଉଠିବା ବଙ୍କିମବାବୁ ସ୍ପଷ୍ଟ ଦେଖିଲେ । ଟିକିଏ ରହି ଗଲା ଖିଙ୍କାର ରାଜା କହିଲେ, "ନିଶ୍ଚୟ, ଆପଣ ନେବାକୁ ଚାହିଁଲେ ନ ଦେବି କେମିତି ? ମୋ ପାଇଁ ଏଇଟା ଅତି ଖୁସିର କଥା ।"

ତାପରେ ସେ ନିଜେ ଉଠି ଭିତରକୁ ଗଲେ ଓ ଖୋଳ ଭିତରେ ଥିବା ବନ୍ଧୁକଟିଏ ଆଣିଲେ । ବଙ୍କିମବାବୁ ହାତକୁ ନେଇ ବନ୍ଧୁକଟି ଖୋଳରୁ କାଢ଼ି ଦେଇ ବିସ୍ମୟ ଓ ନିରାଶାରେ ହତବାକ୍ ହେଲେ । ନିତାନ୍ତ ପୁରୁଣା ରଙ୍ଗଛଡ଼ା ବନ୍ଧୁକଟିଏ, କଳଙ୍କି ଧରି ଆସୁଛି । ତାକୁ ବୁଲେଇ ବାଲେଇ ଦେଖୁ ଦେଖୁ କହିଲେ "ଆଉ କିଛି ନାହିଁ ଆପଣଙ୍କ ପାଖେ ? ଏଇଟା···ଟିକିଏ ପୁରୁଣାତ, କ୍ୟାର୍ଟ୍ରିଜ ମିଳିବାରେ ଅସୁବିଧା ହେବ ।"

ରାଜା ଆଦୌ ଅପ୍ରସ୍ତୁତ ନ ହେଇ କହିଲେ "ଆଉ ନାହିଁ । ବୁଝିଲେ, ଲୋକ ପଛରେ ପଡ଼ି ପଡ଼ି ସବୁ ନେଇଗଲେ । ଷ୍ଟେଟ ଗଲା ପରେ ତ ମୋ ବାପାକୁ ବାଣ୍ଟିଦେବାକୁ ପଡ଼ିଲା ଗୁଡ଼ାଏ । ଆଜିକାଲି ବେଶୀ ହତିଆର ପାଇଁ ଲାଇସେନ୍ସ ମିଳିବାରେ ବି ଅସୁବିଧା ଆପଣ ଜାଣିଥିବେ, ତେଣୁ ମୁଁ ବି ବେଶୀ ରଖିନାହିଁ ।

ବଙ୍କିମବାବୁ ଦୀର୍ଘଶ୍ୱାସ ଛାଡ଼ି ବନ୍ଧୁକଟି ଟେବୁଲରେ ରଖିଦେବାକୁ ଯାଉଥିଲେ, ତାହା ଟେବୁଲ ନ ଛୁଉଁଣୁ ରାଜା ନିଜ ହାତକୁ ନେଇ ଅତି ଆଗ୍ରହରେ ତନ୍ନତନ୍ନ କରି ଦେଖାଇଲେ । କହିଲେ —'ଏ ଅଳ୍ପ ପାଓ୍ୱାରର ଲାଇଟ୍ ଯୋଗୁଁ ଏମିତି ଦିଶୁଛି, ବାସ୍ତବରେ ଏମିତି ମଡ଼େଲ୍‌ର ଜିନିଷ ଆପଣ ଆଉ କୋଉଠି ପାଇବେନି । କ୍ୟାର୍ଟ୍ରିଜ୍ ଆପଣ ପାଇଯିବେ କଲିକତାରେ, ମୁଁ ଏଡ୍ରେସ ଦେବି ଆପଣଙ୍କୁ ।"

ରାଜାଙ୍କ ଆଗ୍ରହରେ ସାହସ ପାଇ ବଙ୍କିମବାବୁ କହିଲେ—"କିଛି ଯଦି ମନେ ନ କରିବେ, ଆଜି ଯେଉଁ ବନ୍ଧୁକଟି ଆପଣ ନିଜେ ନେଇଥିଲେ···"

ହଠାତ୍ ରାଜାଙ୍କ ପ୍ରଗଲ୍‌ଭତାରେ ଭଙ୍ଗା ପଡ଼ିଲା, ଗମ୍ଭୀର ଭ୍ରୂକୁଞ୍ଚିତ ଭାବଟି ମୁହଁରେ ଖାପିଗଲା । ସୋଫା ପଛକୁ ଆଉଜି ଧୀର ସ୍ୱରରେ କହିଲେ—"ସେ ବନ୍ଧୁକଟି ବନ୍ଧୁଦିନୁ ମୋର ବ୍ୟକ୍ତିଗତ । ତାକୁ ଦେବାର ପ୍ରଶ୍ନ ଉଠୁନାହିଁ" ।

ବନ୍ଧମବାବୁ ବୁଝିଲେ ଅଜାଣତରେ ସେ ପୁଣି ଆଘାତ ଦେଇଛନ୍ତି କେଉଁଠି ରାଜାଙ୍କର ଆତ୍ମସମ୍ମାନର ସୀମାରେଖା ଠଉର କରିବା ମୁସ୍କିଲ । କହିଲେ "କ୍ଷମା କରିବେ, ଜାଣିନଥିଲି ।"

ହାତରେ ପୁରୁଣା ବନ୍ଧୁକଟି ଘୁରେଇ ଦେଖୁ ଦେଖୁ ତାଙ୍କୁ ନୂଆ ଚିନ୍ତାଟିଏ ଜୁଟିଲା—ଏମିତି ପୁରୁଣାକାଳର ଜିନିଷ କମ ଲୋକଙ୍କ ପାଖେ ଥିବ । ସେ ଜାଣନ୍ତି ବିଳାସୀ ଲୋକ ବେଶୀ ଦାମ୍ ଦେଇ ପୁରୁଣା ଜିନିଷ କିଣିରଖନ୍ତି ସଉକ୍‌ରେ । ଅଳ୍ପ ଦାମ୍‌ରେ ମିଳିଗଲେ, ହୁଏତ ପରେ ସେମିତି ଲୋକ ଦେଖି ପାରି କରି ଦେଇ ହେବ । କହିଲେ ସମ୍ଭ୍ରମର ସହିତ ଠିକ୍ ଅଛି, ଏଇଟା ନେଉଛି ତେବେ । ଦାମ୍‌ଟା ବିଷୟରେ·· କଥାବାର୍ତ୍ତାଟା ବର୍ତ୍ତମାନ ହେଇଗଲେ···।

ରୌର ଚନ୍ଦ୍ରକା ନକରି ରାଜା ପଚାରିଲେ କେତେ ଦେବେ ଭାବୁଛନ୍ତି ? ବନ୍ଧମବାବୁ ବି ଏ ବେପାରି ସ୍ୱର ଶୁଣି ଦ୍ୱିଧାହୀନ ଉତ୍ତର ଦେଲେ ଦେଖନ୍ତୁ, ପୁରୁଣା ଜିନିଷଟିଏ, ବେଶୀ ଆପଣ କୋଉଟିବି ଚାଇବେନି । ଫାଇଭରୁ ଅଧିକ ମୁଁ ଅଫର୍ କରିପାରୁନି । ପାଞ୍ଚ— । ଏଇଟ୍ । ଏଇଟ୍ ହେଇଯାଉ ।

ବନ୍ଧମବାବୁ ଟିକିଏ ଭାବିଲେ । ଆଠଶହଟଙ୍କା ବିଶେଷ କିଛି ନୁହେଁ, ରଜା ପିଲାଟା । ସାଙ୍ଗରେ ଦର କଷାକଷି କରିବାକୁ ରୁଚିକୁ ବାଧୁଛି । କହିଲେ ଠିକ୍ ଅଛି, ମୁଁ ତାହାହେଲେ ବନ୍ଧୁକଟା ନେଇପାରେ ବର୍ତ୍ତମାନ ? ସୁବିଧା ହେଲେ ସ୍ମାର୍‌କ୍ୟାଟି୍‌କ୍ କେତେଟା ଦେବେ, ଟିକିଏ ପରୀକ୍ଷା କରିନେବି ବନ୍ଧୁକଟା । କାଲି ପଠେଇଦେବି ଆଠଶହ ଟଙ୍କା ।

ରାଜା ବନ୍ଧମବାବୁଙ୍କ ସଙ୍ଗେ ଉଠିବାକୁ ·ଯାଇ ଅଧା ଠିଆ ରହିଯାଇ ପଚାରିଲେ—ଆଜ୍ଞା ? ତାପରେ ପୁଣି ବସିପଡ଼ି ଛେପଢୋକି କହିଲେ—ଅଠଶହ ? କଣ କହୁଛନ୍ତି । ମୁଁ କହିଲି ଏଇଟ୍ ଗ୍ରାଣ୍ଡ—ଆଠ ହଜାର ।

ଟିକିଏ ଅଚ୍‌କା ହେଇ ରହି ବନ୍ଧମବାବୁ ମୁହୂର୍ତ୍ତକରେ ହୁଡ଼ି ପକାଇଲେ— ମାନେ ଆଠ ହଜାର କହୁଛନ୍ତି ଏଇ ପୁରୁଣା ଅବ୍‌ସିଲିଟ୍ ଓ୍ୱପନଟା ପାଇଁ ? ତାପରେ ଜାଣିଶୁଣି ଅଉ ଟିକିଏ ଜୋରରେ ହସିଲେ—ତାହାହେଲେ ଥାଉ ଅଜ୍ଞା ବନ୍ଧୁକଟା । ଶିକାର କରିବା ଇଚ୍ଛାରେ ବନ୍ଧୁକଟାଏ କିଣିବି ଭାବିଥିଲି, ତେବେ ଏଇ ସିପାହୀ ବିଦ୍ରୋହ ବେଳର ବନ୍ଧୁକରେ କି ଶିକାର ବା କରିବ ? ପୁରୁଣା ଜିନିଷଟାଏ ବୋଲି ଖାଲି ରଖିବାକୁ ସଉକ୍ ହେଉଥିଲି । ଅ'ଠହଜାର ଦେଇ ଅଜ୍ଞା କାହିଁକି କିଣିବି, ଥାଉ ।

ରଜାସାହେବ ମୁହଁରେ ଲୁହାର୍ଗ ସାଞ୍ଚୁ ପିନ୍ଧଉଛନ୍ତି ସତେ ଜକ । ଠିଆ ହୋଇ-ପଡ଼ି ଅତି ଶାନ୍ତ ଗଳାରେ କହିଲେ ବେଶ୍ ଭଲକଥା । ମୋର ବି ପ୍ରକୃତରେ ଜିନଷଟା କାହାରିକୁ ଦେବାର ଇଚ୍ଛା ନଥିଲା । ଆପଣ ମାଗିଲେ ବୋଲି···

ପରଦିନ ଅଫିସରୁ ଫେରି ବିକ୍ରମବାବୁ ଲୁଗା ବଦଳାଉଛନ୍ତି । ଚପରାଶୀ ଜଣାଇଲା—ରଜାସା'ବ ଆସିଛନ୍ତି ଦେଖା କରିବାକୁ । ଚପରାଶୀ ମୁହଁରେ ସ୍ଥାନୀୟ ଅନ୍ୟଲୋକଙ୍କ ପରି ରଜାଙ୍କ ପାଇଁ ଅଧା ସମ୍ଭ୍ରମ ଓ କାଣିଚାଏ ଥଟ୍ଟାମିଶା ହସ ।

ବିକ୍ରମବାବୁଙ୍କୁ ଦେଖି ରଜା କହିଲେ—ଏଇ ବାଟେ ଦେଇ ଯାଉ ଯାଉ ଚାଲି ଆସିଲି, ଭାବିଲି ଦେଖାକରି ଆସେ ।

ବିକ୍ରମବାବୁ କହିଲେ ବଡ଼ ଖୁସି ହେଲି ଆଜ୍ଞା, ବସନ୍ତୁ ବସନ୍ତୁ । ଆଉ ଭାବିଲେ—ଏ ରଜାଟି ଯେ ନିତାନ୍ତ ସାମାଜିକ ମଣିଷଟିଏ ନୁହେଁ, ନିଜ ଆଗ୍ରହରେ କାହା ଘରକୁ ଯାଇ ବନ୍ଧୁ କଲା ପରି, ଏକଥା ଏଇଠି କିଏ ନଜାଣେ ? ଡ୍ରାମାରେ ରଜା ପାର୍ଟ୍ କଲାପରି ବିଚରା କାଳିନକ ରଜା ଖୋଲଟିଏ ପିନ୍ଧି ଚାଲିବୁଲି କରୁଥାଏ । ତା ବିଶ୍ୱାସରେ ସେଇ ରଜାଖୋଲ ତା ହକ ନିଜ ଜୀବନ କାଳରେ ଦେଇ ନଥାଉ ପଛକେ, ରଜାର ବ୍ୟଙ୍ଗଚିତ୍ରଟିଏ ପରି । ମୁହଁରେ ଆତ୍ମସମ୍ମାନ, ଅହମିକାର ଘୋଡ଼ଣୀଟିଏ—ପିଲାଙ୍କ ଶସ୍ତା ଖିଲି ମୁଖାପରି ଟିକିଏ ଅସାବଧାନତାରେ ସେଇଟା ଥରକୁ ଥର ଖସି ପଡ଼ୁଥାଏ ବେକଯାଏ" ପୁଣି ହଠାତ୍ ମନେ ପଡ଼ିଗଲେ ତାକୁ ଟେକିଆଣି ମୁହଁ ଉପରେ ସଳଖାଏ ।

ଚା ଓ ଏଣୁତେଣୁ ପାଗ ତଥା ରେଡ଼ିଓ ଖବର ଚର୍ଚ୍ଚା ପରେ ରାଜା କହିଲେ—ଏ ବାହାରଟାରେ ଅଣ୍ଡାଳିଆ ଲାଗୁଛି । ଚାଲନ୍ତୁ, ଡାକବଙ୍ଗଳାରେ ଡ୍ରଇଂରୁମ୍‌ରେ ବସିବା ।

ଅଳ୍ପ ଦୂରରେ ଚୁପ୍ ଚାପ୍ ହେଉଥିବା ଚପରାଶୀ ଢ଼ ଜଣେ ରାଜାଙ୍କର ଏ ହଠାତ୍ ସ୍ଥାନ ପରିବର୍ତ୍ତନର ପ୍ରଧାନ କାରଣ ବୋଲି ବିକ୍ରମବାବୁ ଅନୁମାନ କଲେ ।

ଭିତରେ ବସୁ ବସୁ ରାଜା ଶୁଦ୍ଧ ଇଂରାଜୀରେ କହିଲେ—ଜାଣନ୍ତି କାଲି ଆପଣଙ୍କୁ ନିରାଶ କରିବାର ଇଚ୍ଛା ମୋର ନଥିଲା । ଆଶା, ଆପଣ ମୋତେ ଭୁଲ ବୁଝି ନାହାନ୍ତି ।

ବଙ୍କମବାବୁ କହିଲେ—ନା, ନା, ଆଦୌ ନୁହେଁ । ଏଥିରେ ମୋର ମନେକରିବାର କ'ଣ ଅଛି ? ହଠାତ୍ ସେ ଏ ବନସ୍ପତି ଖାମ୍ଖିଆଲି ଅସହାୟ ରାଜାଟି ପ୍ରତି କରୁଣ ହୋଇ ପଡ଼ିଲେ, କହିଲେ—ଆଜ୍ଞା, ଖୋଲି ଖୋଲି କହିଲେ ଆପଣ ସିନା ରାଜା ରାଜୁଡ଼ା ଲୋକ, ଆମ ପାଇଁ ଆଠ ହଜାର ଟଙ୍କା ବହୁତ ବେଶୀ । ଆମେ ହେଲୁ ଚାକରିଆ ଲୋକ୍ । ଆଠ ହଜାରରେ ବନ୍ଧୁକଟାଏ କିଣିବା ସହଜ କଥା ?

ରାଜା ଆଗକୁ ଝୁଙ୍କି ପଡ଼ି ବ୍ୟଗ୍ର ଗଳାରେ କହିଲେ, "କାହିଁକି ? ଆପଣ ତ ଜିନଷଟା ଦେଖି ପସନ୍ଦ କରିଥିଲେ, ଆଗ୍ରହରେ ନେବାକୁ ଚାହିଁଥିଲେ । ଆପଣଙ୍କ କଥା ରହୁ, ଆପଣ ରଖନ୍ତୁ । ମୋର କ'ଣ ବା ହେବ ସେଇଟା ? ପଡ଼ି ରହିଛି, କଳଙ୍କି ଲାଗିଯିବ ।

ବଙ୍କମବାବୁ କ'ଣ ଉତ୍ତର ଦେବେ ବୁଝି ନପାରି ଚୁପ୍ ରହିଲେ । ରାଜା ସାହେବ ପୁଣି କହିଲେ ଆତ୍ମୀୟ ସ୍ୱରରେ ଆପଣ ସରକାରୀ ଅଫିସର ଭାବେ ଏଇଠିକି ଆସିଛନ୍ତି, ମୁଁ ଆପଣଙ୍କ ପାଇଁ କଣ କରି ପାରୁଛି ? ମୋ ବାପ ଅଜାଙ୍କ ଅମଳରେ ଆପଣ ଷ୍ଟେଟର ଅତିଥି ହୋଇ ରହୁ ଥାଆନ୍ତେ ।

ବଙ୍କମବାବୁ ହଠାତ୍ ଏଇ ଲୋକଟିର ବାପା ବା ଅଜା ପ୍ରତାପୀ ରାଜାଟିଏ ନିଜ ପରି ସରକାରୀ ଚାକରିଆଟିଏ ସହିତ କଥାବାର୍ତ୍ତା କରୁଥିବାର ଦୃଶ୍ୟ ଅନୁମାନ କଲେ ।

ରାଜାସାହେବ ଏଥର ଉଠୁ ଉଠୁ କହିଲେ—ମୁଁ ଆଜି ଆପଣଙ୍କ ପାଖକୁ ପଠାଇ ଦେଉଛି ବନ୍ଧୁକଟା । କାଲି ଆପଣ ଗଲା ପରେ ମୁଁ କମ୍ ଲଜ୍ଜିତ ହୋଇନାହିଁ । ଆପଣ ଜିନଷଟାଏ ନେବାକୁ ଚାହିଁଥିଲେ, ଅଥଚ ମୁଁ ଦେଇପାରିଲି ନାହିଁ ।

ବଙ୍କମବାବୁଙ୍କର ମନ ଗୋଟାଏ ବ୍ୟଥିତ ସମବେଦନାରେ ଭରିଗଲା । କିନ୍ତୁ ରାଜା ସାହେବଙ୍କ ସାଙ୍ଗେ ଉଠି ବାଟେଇ ଦେବାକୁ ଯାଉ ଯାଉ ସଫା ମୁହଁ ବାର ହେଉ ନଥିବା ସେ ଅନ୍ଧାରରେ କୁଆଡୁ କେଜାଣି ଅଜବ ଇଚ୍ଛାଟିଏ ସୁଲୁ ସୁଲୁ ପବନ ପରି ବହି ଆସି ତାଂକ ସମବେଦନାକୁ ଓଲଟ ପାଲଟ କରିଦେଲା, ଖାଲି କୁତୁହଳଟିକୁ ନିଦରୁ ଉଠାଇ କୁତୁକୁତୁ କଲା । ପିଲାଦିନେ ସେ ରଜାପୁଅ ବିଷୟରେ କେତେ ଗପ ପଢ଼ିଛନ୍ତି, ଶୁଣିଛନ୍ତି । ଗରିବ ବ୍ରାହ୍ମଣଟିଏ ସାହସ କୁଳାଇ ରଜା ଉଆସକୁ ଯାଏ । ନିଜକୁ ସେ ସେତେବେଳେ ସେଇ ଗରିବ ବ୍ରାହ୍ମଣଟି

ଦେହରେ ହିଁ ମିଶେଇ ଅନୁଭବ କରିପାରନ୍ତି । ଏବେ ଏ ନଟଖେଳା ସନ୍ଧ୍ୟାରେ ପିଲାଦିନ ମୁହୂର୍ତ୍ତକ ପାଇଁ ଫେରି ଆସନ୍ତାକି—ରଜା ପିଲାଟିଏ ଆପେ ଆସି ତାଙ୍କ ଆଗରେ ଗୋଡ଼ ଭାଙ୍ଗି ଦାନ୍ତ ନେଫଡ଼ି ଠିଆ ହେଇଚ ।

ବିକ୍ରମବାବୁ ମାପିଚୁପି ଧୀରେ ଧୀରେ କହିଲେ, ଦେଖନ୍ତୁ ମୁଁ ବି ଭାବିଛି । କାଲି ହଠାତ୍ ଗୋଟାଏ ଆଗ୍ରହରେ ସିନା ମୁଁ କହିଦେଲି । ବାସ୍ତବରେ ଦରମା ଗଣ୍ଡାକରେ ମୋ ପରିବାର ସାରାକୁ ପୋଷିବାକୁ ହୁଏ ମୋତେ । ଆଠଶହ ଟଙ୍କା ବି ବହୁତ ବେଶୀ ମୋ ପାଇଁ । ପାଞ୍ଚଶହରେ ହେଇ ଯାଆନ୍ତା ଯଦି ।

ଅନ୍ଧାରରେ ରାଜାଙ୍କ ମୁହଁ ଦିଶୁଥିଲା । ସେଇମିତି ନମ୍ର ଗମ୍ଭୀର ଗଳାରେ କହିଲେ—ଆପଣ ଯେତିକି ଖୁସି ହୁଅନ୍ତୁ, ସେଥିରେ କିଛି ମନେ କରିବାର ନାହିଁ । ମୁଁ ଦୁଃଖିତ ଯେ ଆପଣଙ୍କୁ କାନପଟା ଉପହାର ରୂପେ ଦେଇପାରୁନାହିଁ । ଗୁଡ଼ନାଇଟ୍ ।

ରାଜା ଗଲାପରେ ନାଲି ଜାମା ପଗଡ଼ି ଲୋକଟିଏ ବିକ୍ରମବାବୁକୁ ପରିଚିତ ବନ୍ଧୁକଟି ଆଣି ଦେଇଗଲା, କହିଲା—ସଫା କରି ଅଏଲିଂ କରି ଦେଇଛି । କ୍ୟାଟ୍ରିଜ୍ କିଛି ବି ପଠାଇଛନ୍ତି ରାଜାସା'ବ ।

ବିକ୍ରମବାବୁ ବାରଣ୍ଡାରେ ଚୁପହୋଇ ବସିବାର ଅଧଘଣ୍ଟା ଯାଇଥିବ କି ନାହିଁ ବାରଣ୍ଡା ତଳୁ ହରିଶ୍ ଗୁପ୍ତାଙ୍କର କେ—କେଇଁଆ ସ୍ୱର ଶୁଭିଲା—ଆଜ୍ଞା ନମସ୍କାର, ଆଜି କେମିତି କ୍ଲବ ଆଡ଼େ ଯାଇ ନାହାନ୍ତି ?

ଅନ୍ୟଦିନ ପରି ଏଇ ସ୍ଥାନୀୟ ବ୍ୟବସାୟୀ ତଥା ନେତାଟିକୁ ବିକ୍ରମବାବୁ ଶୀତଳ ସମ୍ବର୍ଦ୍ଧନା କଲେ । ପାଖ ଚଉକିରେ ବସି ସେ ଯାଏଁ ଟେବୁଲ ଉପରେ ରହିଥିବା ବନ୍ଧୁକଟି ଉଠାଇ ହରିଶ ଗୁପ୍ତା କହିଲେ—ଏଇ ବନ୍ଧୁକଟି କିଣିଲେ ଆଜ୍ଞା ରାଜା ସା'ବ ଠୁ ?

ବିକ୍ରମବାବୁ ସମ୍ମତିରେ ମୁଣ୍ଡ ଲାଡ଼ିଲେ । ଉଦ୍‌ଗ୍ରୀବ ଆତ୍ମୀୟ ଗଳାରେ ହରିଶ ଗୁପ୍ତା କହିଲେ ଏଇ ଆସୁଆସୁ ରାଜା ସା'ବ ସାଙ୍ଗେ ଦେଖାହେଲା । ଆପଣ ସତରେ ଏମିତି ଠକିଗଲେ ଆଜ୍ଞା ?

ବିକ୍ରମବାବୁ ଏ ଅନଧିକାର ଚର୍ଚ୍ଚାରୁ ଆଗନ୍ତୁକଙ୍କୁ ନିବୃତ୍ତ କରିବାକୁ କହିଲେ—ମୁଁ ଏଇକ୍ଷଣି କ୍ଲବ ଆଡ଼େ ଯିବାକୁ ବାହାରୁଥିଲି । ଚାଲନ୍ତୁ ଯିବା ।

ବିକ୍ରମବାବୁ ଜାଣନ୍ତି ଏ ଭଦ୍ରଲୋକଙ୍କର ରଜାଘରଆସକୁ ତଥା ରଜାର ଶିକାର ଟ୍ରିପ୍‌ମାନଙ୍କୁ ପ୍ରାୟ ଯାତାୟାତ ରହିଥାଏ । ଯିବା କଥାଟା ଶୁଣି ନଥିବା

ପରି ହରଣ୍ ଗୁପ୍ତା ପୁଣି କହିଲେ—ଆପଣଙ୍କଠୁଁ ଆଠହଜାର ଟଙ୍କା ମାଗିନେଲି ଆଜ୍ଞା ଶଳା ଘିଓଟା ଏଇ ଦଦରା ବନ୍ଧୁକଟା ପାଇଁ ।

ବିକ୍ରମବାବୁ ଏଥର ଆଲୋଚନାଟି ଆଗେଇବାକୁ ବାଧ୍ୟ ହେଲେ—ଆଠହଜାର ? କିଏ କହିଲା ଆପଣଙ୍କୁ ?

କାହିଁକି, ନିଜେ କହିଲା ସେ ରଜାର ବେଟା । ମୋଠି ତା'ର ଟଙ୍କା କିଛି ବାକି ଅଛି ତ···

ବିକ୍ରମବାବୁ କହିଲେ—ଆଶ୍ଚର୍ଯ୍ୟ, ପାଞ୍ଚଶହ ବୋଲି କଥା ପଡ଼ିଲା ଏଇଠି ଅଧଘଣ୍ଟା ତଳେ । ଲୋକଟାର ମୁଣ୍ଡଫୁଣ୍ଡ ଖରାପ ନା କ'ଣ ।

ହରଣ୍ ଗୁପ୍ତା ଶେଷ ବାକ୍ୟଟି ଉପରେ ମନ୍ତବ୍ୟ ନଦେଇ ଦାମ୍ ବିଷୟରେ ପୁରା ସମ୍ମତ ହେଲେ । ଟେବୁଲରେ ମୁଠାରଖି କହିଲେ ଠିକ୍ ଆଜ୍ଞା, ସେଇ ପାଞ୍ଚଶହରୁ ପଇସାଟିଏ ବେଶୀ ଦେବେନାହିଁ । ଆଉ ଆପଣ ସିନା ସଉକ୍‌ରେ ନେଉଛନ୍ତି, ଏ ବନ୍ଧୁକଟାର ମୂଲ୍ୟ ବା କ'ଣ । ଆଗରୁ ତା'ର ଭଲ ବନ୍ଧୁକ ସବୁ କେତେ ଶସ୍ତାରେ ନେଇଯାଇଚନ୍ତି ଲୋକ । ସେ ସେମିତି ଦରଦାମ୍ ଦଶ ହଜାରରୁ ଆରମ୍ଭ କଲେ ବୁଝିଲେ, ଦେଶୀ ଠର୍ରା ପିଇ ପିଇ ଯେତେବେଳେ ତା'ର ବିଲାତି ଟୋପେ ପିଇବାକୁ ମନହୁଏ, ତା ଉପାସରୁ କିଛି ଗୋଟାଏ ବିକି ପକାଏ—କିଣିବାକୁ ଲୋକଟିଏ ମିଳିଲେ ହେଲା । ଆଉଥରେ ବିଲାତି ପିଇବା ଝୁଙ୍କ୍ ତା'ର ଚଢ଼ିଛି ମାନେ ଆପଣ ଯେତିକି କହିବେ ସେତିକିରେ ସେ ଦେବ, ଆପଣ ନ ଟଳିଲେ ହେଲା ।

ଚାରି ଛଅ ଦିନ ପରେ ବିକ୍ରମବାବୁ ବୁଲାବୁଲି କରି ସଞ୍ଜବୁଡ଼କୁ ଫେରୁଚନ୍ତି, ରେଷ୍ଟ ହାଉସ୍ ବାରଣ୍ଡାରେ ରାଜାସାହେବଙ୍କ ପତଳା ହାଡ଼ୁଆ ଚେହେରା ବାରିଲେ, ଟିକିଏ ଅଧିକ ଯତ୍ନରେ ପରିଛନ୍ନ ବେଶ ପୋଷାକ ପିନ୍ଧିଛନ୍ତି । ନମସ୍କାର ପରେ ରାଜା ତାଙ୍କ ଅଦ୍ଭୁତ ଭାବେ ଭାବ ବିହ୍ୱଳ ଅଥଚ କାର୍ଟୁନ ପରି ଅକାରଣ ଆମୋଦ୍‌ଜନକ ମୁହଁରେ ସିଠୁଆ ହସଟିଏ ଫୁଟାଇ କହିଲେ—ଗୋଟିଏ ଜରୁରୀ କଥା ଥିଲା ।

ବିକ୍ରମବାବୁଙ୍କୁ କ୍ରମଶଃ ଏ ଅଖାଡ଼ୁଆ ଲୋକଟିର ଗୁମ୍ ସୁମ୍ ଉପସ୍ଥିତି ଆଉ ଭଲ ଲାଗୁ ନଥିଲା । ହାତ ଘଣ୍ଟାକୁ ଅନେଇ ବ୍ୟସ୍ତ ଥିଲା ପରି କହିଲେ—କହନ୍ତୁ ।

ରାଜା ଟିକିଏ ବୋଲଭାବ ଠିକ୍ ଭାଷା ମନେ ମନେ ଅଣ୍ଡାଳିଲା ପରି ବ୍ୟକ୍ତ କଲେ—ବନ୍ଧୁକ ମୁଁ ଆପଣଙ୍କୁ ଉପହାର ଦେଇ ପାରିଲି ନାହିଁ, ଏଇଟା

ମୋ ପାଇଁ ଲଜ୍ଜାର କଥା । ତେବେ ଆପଣ, ମୋ ଭିତରେ ଖୁସିରେ କେତେ ଧାଆ ନଆ ହେଲା, ସେ କଥା ଯଦି ଆମ ଭିତରେ ରହିପାରନ୍ତା...

ବିକ୍ରମବାବୁ ବୁଝି ନପାରିଲା ପରି ରଜାଙ୍କ ମୁହଁକୁ ଚାହିଁଲେ, ଓଦାଳିଆ ହସଟିଏ ତାଙ୍କ ଓଠ ଟିଁ କେବଳ ଭରିଥିଲା । ମୁହଁରେ ଆଉ କୋଉଠି ହସର ଛିଟିକାଏ ବି ନଥାଏ, ଖାଲି ହସର ଭଙ୍ଗୀପଣରେ ଯେମିତି ଓଠ ଦୁଇ କଣ ତଳକୁ ନଇଁ ପଡ଼ୁଥାଏ । କହିଲେ—ଆପଣ ନିଶ୍ଚୟ ଅସ୍ୱୀକାର କରି ପାରିବେ ନାହିଁ ମୋ ବନ୍ଧୁକଟାର ଦାମ୍ ପାଞ୍ଚ ଶହ ନୁହେଁ, ତାର ଅସଲ ଦାମ ଆଠ ହଜାର । ଆପଣ କିଣିଲେ ବୋଲି କହିବେ ଯଦି ସମସ୍ତଙ୍କୁ କହନ୍ତୁ, କିନ୍ତୁ ବନ୍ଧୁକଟାର ଦାମ୍ ଆଜ୍ଞା ଆଠ ହଜାର ।

ରାଜାଙ୍କ ଗଳାରେ ଏତେ ନମ୍ର ନିବେଦନ ଥିଲା ଯେ ତାକୁ ଆଘାତ ଦେବା କଥା ବିକ୍ରମବାବୁ ଭାବିପାରିଲେ ନାହିଁ ।

ଗେଟ ପାଖେ ବିଦାୟ ନେଲା ବେଳକୁ ରାଜାସାହେବଙ୍କ ସଙ୍ଗେ ହାତ ମିଳାଇ ପୁରୁଣା ବନ୍ଧୁ ପରି ବିକ୍ରମବାବୁ କହିଲେ—ଖାମ୍ ଖିଆଲୀ ହେଇ ମୁଁ ସତରେ କେତେବେଳେ କ'ଣ କହି ପକାଏ । ତେବେ ଆପଣ ନିଶ୍ଚିନ୍ତ ରହନ୍ତୁ । ମୁଁ ବନ୍ଧୁକଟି ଉପହାର ପାଇଛି ବୋଲି କହିବ ।

# ବାହାରେ ଠିଆ ହେଉଥିବା ଲୋକମାନେ

**ଶ୍ରୀ ଜଗଦୀଶ ମହାନ୍ତି**

ତାକୁ କେଉଁଠିକୁ ନେଇଯିବା ପାଇଁ କେହି ଯେମିତି କହୁଯାଉଛି ଓ ସବୁଥର ସେ କାହାକୁ ଯେମିତି କହୁଚି; ମୋତେ ଡରମାଡ଼େ । ମୋ'ର ଭୀଷଣ ଭୟ । ଏଇ ଯେ ସେ ଭଙ୍ଗା ତକ୍ତପୋଷ ଉପରେ, ମସିଆ ରେଜେଇ, କନ୍ଥା ଓ ଗୁଦଡ଼, କମ୍ବଳ ଉପରେ, ଗୋଟେ ଧଳା ଚଦର ଗୁଦଡ଼ ଘୋଡ଼େଇ ହୋଇ ବନ୍ଧ ଉପରେ ଝୁଙ୍କି ପଡ଼ିଥିଲା, ଯେତେବେଳେ ପାଖରେ ସାନ ଭଉଣୀ ପରିମିତା ଶୋଇ ପଡ଼ିଥିଲା ଓ ଆର ଘରେ ବଡ଼ ଭଉଣୀ ସଞ୍ଚୟିତା ଲେଖେଇ କରୁଥିଲା—ସେତେବେଳେ ଭୁଲଉ ଚାଲଉ ବି ସ୍ୱପ୍ନ ଦେଖିଥିଲା ମୃଣ୍ମୟକୁ । ତା'ଠୁ ଦ ବର୍ଷର ଜ୍ୟେଷ୍ଠ, ମୃଣ୍ମୟ—ତା'ର ମାମୁଁ ତାକୁ ହାତ ଧରି ନେଇଯାଉଛି କେଉଁ ଏକ ଧଳା କୁହୁଡ଼ିଘେରା ପର୍ବତର ସବୁଜ ସ୍ତର ଉପରକୁ । ଏଭଳି ସ୍ୱପ୍ନ ତ ତା'ର ଜନ୍ମ ଜନ୍ମ-ଆଜନ୍ମ ସହଚର । ଏତେ ସ୍ୱପ୍ନ ପାଇଁ ରାତି କାହିଁ ? ତଥାପି ସ୍ୱପ୍ନ ଦେଖେ ଠିକ୍ ପ୍ରଥମଥରର ସ୍ୱପ୍ନରେ ମୃଣ୍ମୟ ତାକୁ ନେଇଯାଏ କେଉଁ ଦୂର ନିର୍ଜନ ନିକାଞ୍ଚନ ଜାଗାକୁ । ଆଉ ସ୍ୱପ୍ନର ତ ନାହିଁ କୌଣସି ଟ୍ରେନ୍ ଟିକେଟ୍ ଯେ ସେ ମନେରଖିବ—ତାକୁ ପୁଣି ଫେରିବାକୁ ପଡ଼ିବ ଧୂଳି ଓ ଧୂଆଁର ନରକକୁ ବୋଲି । ଦୃଶ୍ୟ ଭଙ୍ଗା ଗଢ଼ାର ଖେଳରେ ସ୍ୱପ୍ନ ଭୁଲିଯାଏ ନିଜକୁ । ଅଥଚ ତଥାପି ନବମିତା ସ୍ୱପ୍ନ ଭିତରେ ବି ବିଳିବିଳେଇ ଉଠେ; ମୋ'ର ଭୀଷଣ ଭୟ । ମୋତେ ଡର ମାଡ଼େ ।

ବିଳିବିଳେଇ ଉଠେ ଓ ନିଦ ଭାଙ୍ଗି ଯାଏ । ନିଜକୁ ଶୁଏଇଦେଇ ଭଙ୍ଗା ଗ୍ରିଲ ତଳେ, ଏଇ ଭଙ୍ଗା ତକ୍ତପୋଷ ଉପରେ, ମସିଆ ବିଛଣାରେ ସେ ବାହାରକୁ ଯାଏ । ଗ୍ରୀଷ୍ମ ରାତି ହୋଇଥିଲେ—ପୁଣି ଏଇଭଳି ଡିସେମ୍ବରର ଶୀତୁଆ ଜହ୍ନର ଜୁଇରେ ତାଳ ଖଜୁରିର ଜୁଇଜୁଇକା ଆଲୁଅ ଯଦି ପଡ଼ିଥାଏ, ସେ ଅସହାୟ ହୋଇପଡ଼େ; ସାଇକ୍ଲୋନ୍ ଭଳି ଧାଇଁଆସେ କୁଆଡ଼ୁ ଗୋଟେ ପବନ ଯେ—ଭାଙ୍ଗି ପଡ଼େ ତା'ର ସବୁ ସ୍ଥିତିଶୀଳତା, ବର୍ତ୍ତମାନର ସବୁ ସ୍ୱପ୍ନ, ସବୁ ସୁଖ । ସବୁ ଅର୍ଥ ଅତୃପ୍ତି ଆଡ଼କୁ ଅଇଁଠା ଗ୍ଲାସ ବଢ଼େଇ ଦିଏ, ତଥାପି ଏତେ ପ୍ରାପ୍ତିର ଜଙ୍ଗଲରେ ଜନ୍ମ ନିଏ ଅପାର୍ଥିବ ଦୀର୍ଘଶ୍ୱାସଭରା ରାତିଟିଏ ।

କ'ଣ କରିବ ଆଉ ? ମଣିଷ ତ ଜନ୍ମ ଦେଇ ସୃଷ୍ଟି କରେ ସ୍ୱପ୍ନ ପାଇଁ ରାତିଟିଏ, ଆଉ କେହି ବାସ୍ତବତାର କୁଢ଼ାରି ଦେଇ କାଟିଦିଏ ଭୌତିକ ଅନ୍ଧାର; କୁହେ : ତିଆରି କି ଲୋକାଳୟ, ପ୍ରେମିକ ସହର, ମଣିଷର ଘର ।

ନବନୀତା ଜାଣେ ଏ ସବୁ । ତା'ର ଅଛି ଅନେକ ଅପାଉଣା ପ୍ରତିଶ୍ରୁତି । ବିତିଯାଉଛି ବାର ମାସ । ସେ ମନକୁମନ କୁହେ : ମୋର ଭୀଷଣ ଭୟ । ମାମୁଁ, ଏଇଟା କ'ଣ ପାପ ? ମୁଁ ବୋଧେ ଖୁବ୍ ଖରାପ ହୋଇଗଲିଣି ।

ଜାଣେ; ଏ ସବୁ କହିଲେ ମୃଣ୍ମୟ ମନ ଦୁଃଖ କରିବ । ମୁହଁଟାକୁ ହାଣ୍ଡି ଭଳି କରି ରଖିବ । ମୃଣ୍ମୟର ଏମିତି ମୁହଁ ଦେଖିଲେ ତାକୁ ଭୀଷଣ ଖରାପ ଲାଗେ । ଗୋଟେ ଅଦ୍ଭୁତ ମମତ୍ୱ ଭାଙ୍ଗି ପଡ଼େ ଅବୁଝା ପିଲାଟା ଉପରେ । କିନ୍ତୁ କେମିତି ବୁଝେଇବ, କେମିତି ବୁଝେଇବ ମୃଣ୍ମୟକୁ ଯେ ତାର ଶିରା ପ୍ରଶିରାରେ ଅଛି କେତେ ଘୃଣା, କେତେ ବ୍ୟଥା, ବିକ୍ଷୋଭ ଓ କେତେ ପ୍ରତାରଣା । ତଥାପି କହି ପାରିନି କେବେ ଏ ବୈରାଗିଣୀ ହୃଦୟ ତଳେ ଅଛି କେତେ ଲୋଭ ।

ମୃଣ୍ମୟ ବେଳେବେଳେ ଯୁକ୍ତି କରିବାକୁ ଯାଇ କୁହେ : ପାପ ପୁଣ୍ୟ ସବୁ ମଣିଷ ଦ୍ୱାରା ତିଆରି, ମଣିଷ ଉପରେ ଲଦାଯାଇଥିବା ମୂଲ୍ୟବୋଧ ।

ନବନୀତା କୁହେ : ମାନୁଚି, ମୂଲ୍ୟବୋଧ, ଆରୋପିତ ମୂଲ୍ୟବୋଧ—କିନ୍ତୁ ମଣିଷ ତ ସଂସ୍କାରର ଦାସ । କେମିତି ସଂସ୍କାରକୁ ଭୁଲିବି ମାମୁଁ ? ଆମ ସମାଜରେ ତ ଏସବୁ ଚଳେନି ।

କିନ୍ତୁ ଯୁକ୍ତି କେତେଦୂର ପର୍ଯ୍ୟନ୍ତ କୁହ ? ଇଚ୍ଛାର ପାହାଡ଼ର ଶୃଙ୍ଗରୁ, କାମନାର ଝରଣା ଓହ୍ଲାଏ, ଶୋଷର ନାଆଁରେ ଢାଳିଦିଏ ଅଲୌକିକ ସେବାର ମମତ୍ୱ । ଏଇ ଧାରୁଆ ପାଣି ସୁଅ ଶୃଙ୍ଗରେ ନେଇ କର୍କଶ ଯୁକ୍ତିର ବ୍ୟାରିକେଡ଼ ପଥର ଉପରେ ବାଲି ହୋଇ ଗଳିଯାଏ ନଦୀ ଖୋଜି ଖୋଜି । ଏତେ ହଁ ହଁ ନାଇଁ ନାଇଁର ଦ୍ୱନ୍ଦ୍ୱ ଭିତରେ ବି ଭଙ୍ଗାରୂଳ ତଳେ ନିଦଭରା ନବନୀତା ଏକୁଟିଆ ଚେଇଁ ରହିଥାଏ । ନିଜକୁ ପ୍ରଶ୍ନ କରେ : ଏଇଟା କ'ଣ ପ୍ରେମ ? ପ୍ରେମ କ'ଣ ଯେ ?

ଆଜକୁ ଚାରି ପାଞ୍ଚ ବର୍ଷ ତଳେ, ହାଇସ୍କୁଲରେ ପଢୁଥିବା ସମୟରେ ହିଁ ଟ୍ୟୁସନ ମାଷ୍ଟରଙ୍କୁ ଭଲ ପାଇ ବସିଥିଲା ଯେ ନବନୀତା, ସେଇଟା କ'ଣ ପ୍ରେମ ଥିଲା ? ଆଜି ତ ସେଇ ଟ୍ୟୁସନ ମାଷ୍ଟର ହେମନ୍ତ ସାରଙ୍କ ପ୍ରତି ଅଛି ଖାଲି ଘୃଣା ଓ ଅଶ୍ରଦ୍ଧା । ସେଇ ପ୍ରେମଟା ମନେହୁଏ ଏବେ ଖାଲି ପିଲାଳିଆମି । କେମିତି ଗୋଟେ ଗ୍ଲାମରର ମୋହ, ଯେମିତି ରାତିର ଟ୍ରେନ୍‌ର ବର୍ଥରୁ ପ୍ରତିଟି ନିକୃଷ୍ଟ ସହର ବି ଆଲୁଅର

ଗ୍ଲାମରରେ, ଝଲମଲ କରି ମହନୀୟ ହୋଇଉଠେ—ଯେମିତି ଥିଲା ତା'ର ହେମନ୍ତ ମାଷ୍ଟର ସହ ପ୍ରେମ । ଅଥଚ ଏଇ ଯେ ମୃଣ୍ମୟ, ତା'ଠୁ ଦ'ବର୍ଷର ସାନ । ତାକୁ ପ୍ରଲୋଭିତ କରି ଡାକି ନେଉଛି ସବୁଜ ସ୍ୱପ୍ନର ଉପତ୍ୟକାକୁ—ଏଇଟା ବି କ'ଣ ମୋହ ନୁହଁ, ପ୍ରେମ ? ହୁଏତ ଏଇଟା ବି; ସବୁ-ପ୍ରେମ ହିଁ ମୋହ । ତଥାପି ମନଟା ମାନିବାକୁ ଚାହେଁ ନା । ନାହିଁ ନାହିଁ କରି କେଉଁଠି ଯେମିତି ପ୍ରେମଟା ଅଛି । ଗ୍ରୁଡ ତଳରେ ଭାସି ଆସେ ପ୍ରତିଧ୍ୱନି : ଅଛି ଅଛି ପ୍ରେମ ଅଛି ଓ ମୃଣ୍ମୟ ତାକୁ ଦେଇଯାଏ ପ୍ରେମର ଗୋଲାପ ଫୁଲ । ଗୋଲାପରେ ଥାଏ ଝାଳର ଉତ୍କଟ ଗନ୍ଧ । ନବନୀତା ବିଲବିଲେଇ ଉଠେ : ଏଇଟା ପାପ । ମୋର ଭୀଷଣ ଭୟ । ପ୍ରେମ ବୋଲି କିଛି ନାହିଁ ଦୁନିଆରେ ।

ଆଉ ଦେଖ, ଠିକ୍ ସେଇ ସମୟରେ ପ୍ରତିଧ୍ୱନି ଉଠେ ଗ୍ରୁଡ ତଳେ : ଅଛି ଅଛି, ପ୍ରେମ କେଉଁଠି ଲୁଚି ବସିଛି । କିନ୍ତୁ କେଉଁଠି ଯେ ? ଗୋଟେ ଅବେଗରେ ବଢ଼େଇନିଏ ସେ ହାତ ମୃଣ୍ମୟ ଆଡ଼କୁ । ମୃଣ୍ମୟ ଯେମିତି ତା'ର ଆଶା ଆକାଂକ୍ଷାର ଟ୍ରେନ୍ ଟିକେଟ । ଓଃ, ସେ ଭୁଲିଯାଇଛି ହେମନ୍ତ ମାଷ୍ଟରଙ୍କୁ । ତାକୁ ନେଇଯାଅ ଫଗୁଣ ମାସର ଦେଶକୁ—ନିର୍ଜନ ଫଗୁଣ ମାସ ଯେଉଁଠି ବର୍ଷସାରା ଭୁଲିବାକୁ ଦିଏ ତା'ର ଅପାଉଣା ପ୍ରତିଶ୍ରୁତି ଓ ବିତିଯାଇଥିବା ଦୀର୍ଘ ବାର ମାସକୁ ।

କିନ୍ତୁ କେମିତି ଭୁଲିବ କୁହ ? କେମିତି ଲିଭେଇଦେବ ମନର ସିଲେଟ ଦେହରୁ ଅତୀତର ସବୁ ଗାର, ସ୍ମୃତିର ସମସ୍ତ ଅକ୍ଷର ? କେମିତି ଭୁଲିବ ତା'ର ସେଇ ସିନେମାର ପ୍ରଚାର ଗାଇ ଗାଇ ଯାଉଥିବା ରିକ୍ସା ପଛରେ କାଗଜ ଟୋଟେଇ ଯାଉଥିବା ଶୈଶବକୁ ? କେମିତି ଭୁଲିବ ସେ ବେଲୁନ୍ ଉପରେ ହାତ ଘଷି ଘଷି ଶବ୍ଦ ତୋଳୁଥିବା ଶୈଶବର ସ୍ମୃତି ? ଏତେ ସ୍ମୃତି—ମା, ଅପା, ଭାଇ ସହ ତା'ର ଏଇ କୋଡ଼ିଏଟା ବର୍ଷ କେମିତି ଭୁଲିବ । ତାକୁ ତ ନିଜ ଅଜାଣତରେ ଫେରି ଯିବାକୁ ପଡ଼ିବ ବର୍ତ୍ତମାନର ଦ୍ରାଘିମାର ଲକ୍ଷ୍ମଣଗାର ପଛରେ ପକେଇ, ସ୍ମୃତିର ନୌକାରେ ଆହୁରି ପଛକୁ ବାରମ୍ବାର । ଅଥଚ ମୃଣ୍ମୟ ତାର ହାତ ଧରି ନେଇଯିବ ଏମିତି ଗୋଟେ ଜାଗାକୁ—ଯେଉଁଠୁ ଦୂରେଇଯିବେ ଆଶୈଶବ ସାଥୀମାନେ—ମା' ଅପା, ଭାଇ ।

ଭୟରେ ଶିହରିଉଠି ନବନୀତା କହିପକେଇବନି କି ଯେ ତା'ର ଭୀଷଣ ଭୟ ହୁଏ ବୋଲି ? କହିପକେଇଲା ଓ ଫେରିଆସିଲା ମଇଳା ଦାଗ ଭର୍ତ୍ତି ଦେବାର ପୋଷ୍ଟର ଏଇ ଭଙ୍ଗା କାନ୍ଥ ଓ ଭଙ୍ଗା ଚୁଲିର ପରିବେଶ ଭିତରକୁ, ଯେଉଁଠି ଭଙ୍ଗା ତକ୍ତପୋଷ ଉପରେ ଧଳା ଚାଦର ଘୋଡ଼େଇ ହୋଇ ସେ ଝୁଙ୍କି ପଡ଼ିଛି ବହି ଉପରେ,

ଆଗରେ ଡିବିରି—ନିଆଁଠୁ ଧୂଆଁ ବେଶୀ ଯା'ର ଓ ପାଖରେ ଶୋଇଛି ପରମିତା, ଇଂରାଜୀ ବହିର ପୃଷ୍ଠା ପିଠିତଳେ ଚାପି ହୋଇ ରହିଚି ।

ନବନୀତା ଉଠି ବସି ଆଖି ମଳିଲା । ଚାରି ପାଞ୍ଚ ବର୍ଷ ହେଲା ଗୋଟିଏ ଶିକାରୀ ଯେ ବାଲ୍ମୀକିର ନଜରକୁ ଫାଙ୍କି ଦେଇ ଚାଲିଆସିଥିଲା, ଏବେ ଝୁଲୁଚି ଭଙ୍ଗା କାନ୍ଥରେ, ଶରାହତ ପକ୍ଷୀଟିଏ ଯନ୍ତ୍ରଣାରେ ଛଟପଟ ହେଉ ହେଉ ଫ୍ରିଜ୍ ହୋଇଯାଇଛି, ପାଦ ତଳରେ ତା'ର ସମଯୂଥର ଶବ । ତା' ତଳକୁ ଭଙ୍ଗା ଟେବୁଲରେ ଗଦା ହୋଇ ରହିଛି ବହିପତ୍ର । ଉପରେ ଗୋଟିଏ ଅଲଗୁଣି, ଚାଳକୁ ଟଙ୍ଗା ହୋଇଚି । ସେଥିରେ କିଛି ଶାଢ଼ୀ—ରେଖାର ପୋଷ୍ଟର ତଳୁ ଯେମିତି ଉଙ୍କି ମାରେ ନକ୍‌ସାକରା ଦାମୀ ପ୍ରାଚୀରର କାନ୍ଥ—କେବଳ ମାତ୍ର ଏଇ ଶାଢ଼ୀ ଛଡ଼ା ଆଉ ଯାହା କିଛି ଚକ୍ ଚକ୍ ଏ ଘରେ ସେମାନେ ତିନି ଜଣ—ପରମିତା—ଶୋଇଚି, ନବନୀତା—ବସିଛି ଓ ସଞ୍ଚୟିତା ରୋଷେଇ ଘରେ । ଟୁଣଟାଣ ଶବ୍ଦ ଆସୁଚି ଯେ ଶୁଣିପାରୁନି ?

ନବନୀତା ହାଇ ମାରିଲା ଓ ପଛକୁ ଅନେଇଲାବେଳକୁ କବାଟ ଠେଲି ପଶୁଚି ସିଏ—ସିଏ ହିଁ ମୃଣ୍ମୟ—ତା'ଠୁ ଦଶ ବର୍ଷର ଜ୍ୟେଷ୍ଠ । ତା'ର ମାମୁଁ । ପ୍ରତି ରାତିରେ ସ୍ୱପ୍ନରେ ଆସି ନେଇଯାଏ ସବୁଜ ସ୍ୱପ୍ନର ଉପତ୍ୟକାକୁ—ଯେଉଁଠି ପଡ଼ି ରହିଛି ଅସରନ୍ତି ସୁଅର ମଣିମୁକ୍ତା ସବୁ—ଅଥଚ, ଏତେ ସୁଅ ଦେଖିଲେ ଭୟରେ ଶିହରି ଉଠେ ସେ । ମଣିଷର ଲୋଭରେ, କ୍ଷୋଭରେ ଛିନ୍ନ ଭିନ୍ନ ବିମର୍ଷ ଶିଶିରର ଲୁହ ଭଳି ସୁଅ ।

ତଥାପି ମୃଣ୍ମୟକୁ ଦେଖିଲେ ତା'ର ଛାତି ଭିତରେ ହ୍ୱିସିଲ ବଜେଇ ଧାଇଁଯାଏ ପ୍ରେମର ରେଲଗାଡ଼ି । ସେ ହସେ ଓ ମନକୁ ମନ କୁହେ : ଏତେ ସ୍ୱପ୍ନ ଯେ ଦେଉଛ ମାମୁଁ, ଏତେ ସ୍ୱପ୍ନ ପାଇଁ ରାତି କାହିଁ ?

ଏଥର ବି ମୃଣ୍ମୟକୁ ଦେଖି ହସିଲା ନବନୀତା, ଶ୍ରୋବ୍‌ର ଫୁଲ ଭଳି ତାଜା ହସ । ମୃଣ୍ମୟ ଠିଆ ହେଲା ଓ ତା'ର ଓଠରେ ବି ସୁଅରେ ଝଲମଲ ହାଃ ହାଃ ନୀରବ ପ୍ରତିଧ୍ୱନି । ମୃଣ୍ମୟ ଆଗେଇ ଆସିଲା ନବନୀତା ଆଡ଼କୁ । ସବୁବେଳେ ସେ ପୃଥିବୀରେ ଗୋଟିଏ ସୁଅ ଖୋଜି ବୁଲୁଚି । ନବନୀତା ତା'ର ବଣାଘର ।

ସଞ୍ଚୟିତାର ଛାତି ଭିତରେ କାନ୍ଥ ଧସି ପଡ଼ିବାର ଶବ୍ଦ । ପାଚିଲା ଧାନର କ୍ଷେତରେ ନିର୍ଲିପ୍ତ ହାଓ୍ୱା ଭଳି ବୁଲୁବୁଲୁ ହଠାତ୍ ଫସଲ ତୋଳା ସରିଥିବା ଖାଁ ଖାଁ ଜମିର ଦୀର୍ଘଶ୍ୱାସ ବ୍ୟାକୁଳ କରି ପକାଏ ଯେମିତି ସେମିତି ବ୍ୟର୍ଥତାର ଘଷରା ଆଖିନେଇ ଅନେଇଲା ସଞ୍ଚୟିତା ଚୁଲି ଉପରର କରେଇକୁ ଓ ଅଯଥାରେ କରଚୁଲି ଧରି ଟେଙ୍ଗ ଟେଙ୍ଗ କଲା । ଗୋଟିଏ ସଙ୍କ୍ଷିପ୍ତ ଆଲୁଅର ଉତ୍ସ ଡିବିରିଟିଏ ଜଳୁଛି ।

କିନ୍ତୁନତ, ଅନ୍ଧାରକୁ ଆହୁରି ବେଶି ଅନ୍ଧାରୁଆ କରି ତୋଳୁଛି । ସଞ୍ଚିତାରି ଆଗରେ ଅନ୍ଧାର, ପଛରେ ଅନ୍ଧାର । ଲକ୍ଷ ଲକ୍ଷ ଯୋଜନ ମାଇଲ୍ ଲମ୍ବ । ଅନ୍ଧାର ଭିତରେ ତା'ର ଚବିଶି ବର୍ଷର ବୟସଟା ଆସ୍ତେ ଆସ୍ତେ ହଜି ଯାଉଛି । ଅନୁଭବ କରିପାରେ ତା' ଭିତରୁ ବେଲଗ୍ରୁରେ କିଏ ମାଟି ଖୋଳି ନେଉଛି । ସବୁବେଳେ ଗୋଟେ ଅସ୍ଥିରତା । ମନଟା ଗୁରେଇ ବୁରେଇ ହେବ । ପାନଅର ଦାନ୍ତ ସନ୍ଧିରେ ଜମୁଥିବା ମଇଳା ଭଳି—ସବୁ ଶୂନ୍ୟତା ବ୍ୟର୍ଥତାରି ଦୁଃଖ ଜମା ହୋଉଥିବ ତା' ଦେହରେ ।

ଅଯଥାରେ, କଚେଇରେ ହଳଦୀପାଣି ଭିତରେ ଶିଝୁଥିବା ଆଳୁକୁ କରଛୁଲିର ବଚ୍ଛାରେ ଦୁ'ଖଣ୍ଡ କରୁ କରୁ ସେ ପ୍ରଶ୍ନ କରିବ ନିଜକୁ : ଜୀବନଟା ଯଦି ଅର୍ଥହୀନ—ବଞ୍ଚିରହି ଲାଭ କ'ଣ ଯେ ?

ଏମିତି ଗୋଟେ ପ୍ରଶ୍ନର ଉତ୍ତରି କେବେ ମିଳେନା ଓ ବେଳେବେଳେ ସେ ଠିକ୍ କରି ନିଏ, ହୋଇଗଲା ଏଥର । ଯା' ପରେ ବଞ୍ଚିରହି କିଛି ଲାଭ ନାହିଁ । ସବୁ ସମ୍ଭାବନାକୁ ପୁରୁଣା ଟିକେଟ ଭଳି ଫିଙ୍ଗିଦେଇ ଗୋଟାରେ ଦଉଡ଼ି ଲଗେଇ ଝୁଲିପଡ଼ିବା ଭଲ ।

ଜୀବନଟା ଏତେ ଅର୍ଥହୀନ, ତଥାପି ମଣିଷ ବଞ୍ଚିରୁହେ—ଧୂସର ହୃଦୟ ନେଇ—ବୈଶାଖର ଆଖି ଭଳି ଉଜୁଡ଼ା ବିଲ ପ୍ରତିଥର ବୃଷ୍ଟି ବର୍ଷିଥାଏ ଯେମିତି ନୂତନ ଫସଲ । ଘୋଡ଼ା ଟାପୁର ଶବ୍ଦ ଭଳି ସ୍ମୃତି ଗୁଡ଼ାକ ରକ୍ତରେ ପ୍ରତିଧ୍ୱନି ତୋଳେ । ଶୂନ୍ୟତାର ମଗ୍ନ ଅନୁଭୂତି,-ସ୍ମୃତିଭରା ଦୂର ଚନ୍ଦନ ବନର ଗନ୍ଧ ଆଣେ । ବର୍ଷା ଭିଜା ବଉଳ ସନ୍ଧ୍ୟାର ଗନ୍ଧରେ ସମୁଦ୍ରର ଢେଉସବୁ ମଣିଷର ହୃଦୟର ରକ୍ତେ ରକ୍ତେ ଅସନ୍ତା ଉଜ୍ଜ୍ୱଳ ଭୋର୍ ଭଳି ତୀବ୍ର ଆଶାରେ ମଣିଷକୁ ବୁଝେଇ ରଖନ୍ତି । ସଞ୍ଚିତା ପ୍ରତିଥର ଗଳାରେ ହାତ ଦେଇ ବି—ପର ମୁହୂର୍ତ୍ତରେ ଦର୍ପଣ ଆଗରେ ଠିଆ ହୁଏ ନିଜର ମୁହଁର ମଇଳାକୁ ଝାଡ଼ିଦେଇ । ଜୀବନଟା ଏମିତି ବିଚିତ୍ର ।

ବିଚିତ୍ର ହିଁ ତ । ସଞ୍ଚିତାକୁ ଦେଖ । ସେ ବଞ୍ଚିରହି କ'ଣ କରିବ ? ଚବିଶି ବର୍ଷ ହେଲାଣି । ବି.ଏ. ପାଶ୍ କରିଥିଲା ଚାରି ବର୍ଷ ତଳେ । ଏବେ ପାଠ ବନ୍ଦ । ଚାକିରି ଖୋଜୁଛି, ମିଳୁନି । ଦୁ'ବର୍ଷ ହେବ ଗାଁରେ ବସିଥିଲା । ଏବେ ଟାଇପ ଶିଖିବାକୁ ସହରକୁ ଆସି, ଏଠି ରୋଷେଇ କରୁଛି । ସକାଳ ଓଳି ଅବଶ୍ୟ ଯାଏ, ରେମିଙ୍ଗଟନ ମେସିନର କଳା'ବ ଅକ୍ଷରଗୁଡ଼ାକ ଉପରେ ଆଙ୍ଗୁଳି ବୁଲେଇ ଆଣେ । ଖୁବ୍ ନିର୍ଲିପ୍ତ ଭାବରେ ଇନ୍ଷ୍ଟିଚ୍ୟୁଟକୁ ଯାଏ ଓ ଫେରେ । ସେ ଜାଣି ପାରୁଛି—ତା'ର ନା ଚାକିରି ହେବ, ନାଁ ବାହାଘର । ତଥାପି ବଞ୍ଚି ରହିଛି ତ ।

ସଞ୍ଚୟିତା ଆଉଜି ବସିଲା କାଠ ଖୁଣ୍ଟକୁ । ତା' ଭିତରେ କେଉଁଠି ଫାଶିରେ ପଥର ପଡ଼ିବା ଭଳି କିଛି ଗୋଟେ ଅନୁଭବ କରିପାରିଲା । ଉପରେ ଝୁଲନ୍ତ ଛିଣ୍ଡା କାନରୁ ଭଙ୍ଗା ସୁପାରି ଭଳି ଝୁଲ, ମଇଳା ମଇଳା ଦେଖାଯାଉଚି । ହଠାତ୍ କାହିଁକି କେଜାଣି ତାଙ୍କୁ ଖୁବ୍ ଏକା ଏକା ଲାଗିଲା । ଏତେବଡ଼ ଦୁନିଆଁ ଭିତରେ ତା'ର ଯେମିତି କେହି ନାହିଁ । ବାପା, ମା, ଭାଇ ଭଉଣୀ—ସମସ୍ତଙ୍କ ଭିତରେ ବି ସେ ପୁରା ଏକା ! ତା'ର ନିଜର କେହି ନାହିଁ ।

ସଞ୍ଚୟିତାର ଚକ୍ଷୁକଣାରେ ଖାଁ ଖାଁ ନିସ୍ତବ୍ଧତାର ପ୍ରତିଧ୍ୱନି । ଧୂଆଁ ଭଳି ବିସ୍ମୃତିର ବର୍ଷାରେ ସବୁ ଚେହେରା ମୁହଁଗୁଡ଼ା ପାଣିହୋଇ ଯାଉଚନ୍ତି । ତା'ର ଅସ୍ତିତ୍ୱ ବାସି ପୋଷ୍ଟର ଭଳି, କିଏ ଛିଣ୍ଡେଇ ଆଣି ଫିଙ୍ଗି ଦେଇ ଯାଇଚି ।

ମନେ ପଡ଼ିଲା ଓ ସେ ଅସହାୟ ହୋଇଗଲା । ଏମିତି ବେଳେବେଳେ ତାଙ୍କୁ ଖୁବ୍ ଏକା ଏକା ମନେହୁଏ ଓ ଗୋଟେ ଅସ୍ଥିରତା ତା'ର ସ୍ମୃତି ଭିତରେ ଉତୁରି ପଡ଼େ । ତା'ର ସବୁ ଯନ୍ତ୍ରଣା ଯେମିତି ହୋଇଯାଇଚି ଜାଜ୍ ସଙ୍ଗୀତ । ଗୋଟେ ବିପର୍ଯ୍ୟସ୍ତ ଛନ୍ଦରେ ତାକୁ ଉତ୍ତେଜିତ କରିବ । ଠିକ୍ ଏମିତି ସମୟରେ ଭାବିବାକୁ ଆରମ୍ଭ କରିବ ଏଆଡ଼ୁ ସେଆଡ଼ୁ । ବିଚ୍ଛିନ୍ନ ହେଲେ ତା'ର କଲେଜ ଜୀବନର ସାଙ୍ଗ-ମାନଙ୍କ କଥା । ସେମାନଙ୍କ କଥା ମନେପଡ଼ିଲେ, ସେମାନଙ୍କୁ ଦେଖିଲେ ସଞ୍ଚୟିତାର ହିଂସା ହୁଏ । ସେମାନଙ୍କର ସବୁ ସୁଖ ପୌଷମାସର ଖରାରେ ଦିଆଯାଇଥିବା ରେଜେଇ ଓ ଗୁଦଡ଼ି ଭଳି । ମନେ ପଡ଼ିଲେ, ପୁଣି ଓଲଟି ପଛକୁ ଅନେଇ ତା'ର ନିଜ ଜୀବନକୁ ଦେଖିବ ସଞ୍ଚୟିତା । ସୋରିଷ ଫୁଲଭଳି ଅତୀତର ଗନ୍ଧ । ସେ ବ୍ୟସ୍ତ ହେବ, ବ୍ୟାକୁଳ ହେବ । ସେ ଭୁଲିଯିବ ଚୁଲି ଉପରର କଡ଼ାଇରେ ଥିବା ତରକାରୀ କଥା । ଅନ୍ୟମନସ୍କ ଭାବରେ ସୁଖ, ଦୁଃଖ ଛିଣ୍ଡେଇ ନେଉନେଉ ଅତୀତର ପିଠିରୁ—ହଠାତ୍ ବର୍ତ୍ତମାନକୁ ଫେରି ଆସି ଦୀର୍ଘଶ୍ୱାସଟେ ଛାଡ଼ିବ । ବଞ୍ଚି ରହିବା ବଡ଼ କଷ୍ଟ ହୁଏ ।

ଦିନେ ଭାବିଥିଲା, ଷୋଳ ସତର ବର୍ଷ ବୟସରେ, ଜୀବନଟେ । ହୀରାଲଟା ମୁଦି ଭଳି ଚମତ୍କାର ଅଭିଜ୍ଞତାଟେ । ଆଜି, ଚବିଶ ବର୍ଷ ବୟସରେ ସେ କ୍ଳାନ୍ତ । ଜାଣେ, ଜୀବନର କୌଣସି ମାନେ ନାହିଁ । ଗୋଟେ ବିବର୍ଣ୍ଣ ପରଟସା ପ୍ରଜାପତି ଭଳି ଅସୁନ୍ଦର ।

ସଞ୍ଚୟିତା ଉଠି ଠିଆହେଲା । ଆର ଘରେ କିଏ କଥା ହେଉଛି କି ? କିଏ ସେ ? ବାପା ଆସିଗଲେ କି ? ବାପାଙ୍କ କଥା ମନେ ପଡ଼ିଲେ ଓ ସେ ଘୃଣାରେ ଭିତରେ ନାକ ଫୁଲେଇ ଦେଲା । କେହି ଜାଣନ୍ତି ନାହିଁ ଈଶ୍ୱର ଓ ସଞ୍ଚୟିତା ଛଡ଼ା

ଯେ, ତା'ର ବାପା ଏଇ ପଚାଶ ବର୍ଷ ବୟସରେ ବି ଅଶ୍ଳୀଳ ଚଟି ବହିସବୁ ଲୁଚେଇ ଲୁଚେଇ ପଢ଼ନ୍ତି ଓ ଗୁଞ୍ଜି ରଖିଥା'ନ୍ତି ଜଉଘର ବୁଲା ସନ୍ଧିରେ । ସଞ୍ଚୟିତାର ସେହି ଦିନଠୁ ସବୁ ବିଶ୍ୱାସ ସମ୍ପର୍କଙ୍କ ଉପରୁ ହଜିଯାଇଛି । ସେଦିନ ବାପାଙ୍କୁ ଦେଖିଥିଲା ନଗ୍ନ ନାଟମୂର୍ତ୍ତିର ଚଳ ସାମ୍ନାରେ ଲୋଭିଲା ଆଖିରେ ।

ସେ ଜଣେ, ଏମିତି ଲୋକର ବାପା ହେବାର ଯୋଗ୍ୟତା ହିଁ ନାହିଁ । ସେ କେବେ ସଞ୍ଚୟିତାର ବାହାଘର କଥା ଭାବିବେନି । ଗାଁରେ ଚାଷ କରୁଥିବା ବଡ଼ପୁଅର ଚାକିରି କଥା ଭାବିବେ ନି କି ଦୀପଇସା ବେଶୀ ରୋଜଗାର କରି ସୁଖରେ ଚଳିବା କଥା ଚିନ୍ତା କରିବେ ନି । ନିଜର ମନମର୍ଜିରେ ସେ ଘୂରିବୁଲିବେ ଓ ଘରକୁ ଆସି ଖାଇବାକୁ ନ ପାଇଲେ ହାଣ୍ଡି ଭାଙ୍ଗିବେ । ଏମିତି ବାପକୁ ଶ୍ରଦ୍ଧା ଭକ୍ତି କରିହୁଏ ?

ସେ ଏବୁର୍ଣ୍ଣି ବନ୍ଦ ପାଖରେ ଯାଇ ତାହାଙ୍କୁ ଦେଖିଲା । ନା, ବାପା ଆସି ନାହାନ୍ତି । ଆସିଥିଲେ ସାଇକେଲଟା ବାହାରେ ଥା'ନ୍ତା । ତେବେ କ'ଣ ମୃଣ୍ମୟ ? ମୃଣ୍ମୟ ତା'ର ମାମୁଁ, ଅଥଚ ଛ'ବର୍ଷରେ ସାନ । ସେ ସଞ୍ଚୟିତାକୁ ଡାକେ ମାଉସୀ । ଅତି ସାନ ପିଲାଟା ।

ସଞ୍ଚୟିତା ପୁଣି ଫେରିଆସିଲା ଚୁଲିଶାଳାକୁ । ମୃଣ୍ମୟ ହିଁ ହୋଇଥିବ ବୋଧେ । ମୃଣ୍ମୟ ତ ଆସେ ଖାଲି ନବନୀତା ପାଖକୁ । କେବେକେବେ ଦେଖା କରିଯାଏ ଖାଲି ସଞ୍ଚୟିତାକୁ । ଆଚ୍ଛା, ମୃଣ୍ମୟ ଓ ସଞ୍ଚୟିତାର କୌଣସି ସମ୍ପର୍କ ଅଛି କି ? ସେମିତି ସେମିତି ?

ସଞ୍ଚୟିତା ବସି ପଡ଼ିଲା ଚୁଲି ପାଖରେ ଓ ମନକୁ ମନ କହିଲା ମୋର ଆଉ କାହାରି ଉପରେ ବିଶ୍ୱାସ ନାହିଁ । କାହାରି ଉପରେ ନାହିଁ ।

କିଛିକ୍ଷଣ ପରେ ଦୀର୍ଘଶ୍ୱାସ ପକେଇ ପୁଣି କହିଲା: ମୋର ମନଟା କି ସାନ । ମୃଣ୍ମୟପରା ମାମୁଁ । ରକ୍ତର ସମ୍ପର୍କ । ଛି ଛି ।

ମୃଣ୍ମୟ ପାଖରେ ନବନୀତା ଗୋଟେ ଅନୁଭୂତି । ଏମିତି ଏକ ଏକ ଅନୁଭୂତି, ପ୍ରେମ ଶବ୍ଦରେ ଯାହାକୁ ଠିକ୍ ବୁଝେଇ ହୁଏନି, ଭଲପାଇବା କହିଲେ ଯାହାର ଦାମ କମିଯାଏ । ଅସଲରେ ନବନୀତାକୁ ନେଇ ତା'ର ଅନୁଭୂତି ଏତେ ମିଠା ଯେ—ଠିକ୍ ଯେମିତି ମାଧୁର୍ଯ୍ୟ ଥାଏ ଫୁଲର ଭିତରେ, ତାରାର ଲୁହରେ, ମୁକ୍ତାରେ । ମୃଣ୍ମୟର ଗମ୍ଭୀରିଆ ଆଖିରେ ଖୋଜୁଛି ନବନୀତା ସବୁ ସମୟରେ । ତା'ର ମୁହଁ ଆଲୁଅ ହେଲେ ମୃଣ୍ମୟର ସକାଳ ସକାଳ ହୁଏ । ନବନୀତାର ଦୁଃଖରେ ତା'ର ରାତି ।

ଏଇ ଯେ ନବନୀତା ଧଳା ଗୁଦର ଘୋଡ଼ିହୋଇ ବସିଛି ଏଇ ଭଙ୍ଗାଘରେ, ଉପରେ ଅସ୍ପଷ୍ଟ ଆଲୁଅରେ ବି ଝଲସି ଉଠୁଛି ସ୍ୱର୍ଗଟେ, ଗଳାରୁ ଛିଣ୍ଡା ପଣତ କାନିରୁ ଦେଖାଯାଉନି କି ହିଁକ ବିଧବା ଜନ୍ମ—ମୃତ୍ୟୁଞ୍ଜୟର ମନେ ହେଲା ପୃଥିବୀର ସବୁ ସୁଖ ଏଠି ଅଛି, ଏଠି—ଏଇଠି ।

ସେ ଭୁଲିଗଲେ ଯେ ପାଖରେ ପରମିତା ଶୋଇଛି, ଯେ କୌଣସି ମୁହୂର୍ତ୍ତରେ ଆଖି ମେଲି ଦେଇପାରେ । ଭୁଲିଗଲେ ଯେ କବାଟଟା ଦରଆଉଜା ଅଛି ଓ ଆରଘରେ କରଚୁଲି ଧରି ଠୁଂ ଠାଂ କରୁଥିବା ସଞ୍ଚୟିତା ଯେ କୌଣସି ମୁହୂର୍ତ୍ତରେ ପଶି ଅସିପାରେ, ନ ହେଲେ ଖାଇ ଅର୍ଥ ତ ନବନୀତାର ବାପା ବି ପହଞ୍ଚି ଯାଇ ପାରନ୍ତି । ଠିକ୍ ଏଇ ମୁହୂର୍ତ୍ତରେ ନବନୀତାକୁ ଚୁମାଦେବାର ଲୋଭ ସମ୍ଭାଳି ପାରିଲେ ନି ଓ ବସନ୍ତର ପ୍ରଥମ ପ୍ରଥମ ବର୍ଷା ବିନ୍ଦୁ ଭଳି ସୁଅରେ ଟଳମଳ ହୋଇ ଝଁଙ୍କି ପଡ଼ିଲା ବେଳେ ଚମକି ଉଠିଲା କି ନବନୀତା ? ପୁଛିଲେ ଓ କହିଲା ମାମୁଁ ଆଜି ମନଟା ଭଲନାହିଁ ମାମୁଁ । ସବୁବେଳେ ମନେ ହେଉଚି—ଏଇଟା ପାପ । ମୁଁ କ'ଣ କରିବି ମାମୁଁ ?

ଏମିତି କଥା ସବୁ ନବନୀତା ପ୍ରାୟ କୁହେ ଓ ପ୍ରତିଥର ମୃତ୍ୟୁଞ୍ଜୟର ଏସବୁ ଶୁଣିଲେ ମନ ଖରାପ ହୋଇଯାଏ । ଏଥର ବି ମନ ଖରାପ ହେଇଗଲା ମେଘୁଆ ଆକାଶ ଭଳି । ନବନୀତାର କଥାଗୁଡ଼ାକରେ ସ୍ତୁପ ତଳେ ବିଷଣ୍ଣ ଅନ୍ଧାର । ତା' ଜୀବନର ସବୁ ବ୍ୟର୍ଥତାର ଲତାଗୁଡ଼ାକ କ୍ରମଶଃ ବଡ଼ ହେଲା ଭଳି ଶକ୍ତ ଓ ମଜବୁତ ।

ନବନୀତା ବୋଧେ ଅନୁମାନ କରିପାରିଲା । କବାଟ ଆଡ଼କୁ ଅନେଇଲା ଡରିଲା ଆଖିରେ, ତାପରେ ଖୁବ୍ ସଂକ୍ଷିପ୍ତ ସମୟ ପାଇଁ ମୃତ୍ୟୁଞ୍ଜୟର କୋଳରେ ମୁଣ୍ଡ ଥୋଇ କହିଲାଃ ମୁଁ ତୁମକୁ ବହୁତ ଦୁଃଖ ଦେଉଛି । ନୁହେଁ ? ମାମୁଁ ?

ମୃତ୍ୟୁଞ୍ଜୟର ସବୁ ଛିଣ୍ଡା ଜାଗାରେ ଯେମିତି ସିଲେଇ କରିଦେଲା ନବନୀତାର କଥା ପଦକ । ଖୁବ୍ ଆଦରରେ ତା' ମୁଣ୍ଡରେ ହାତ ବୁଲେଇ ଅଣି ଅନୁଭବ କରିପାରିଲା ବେଳେ ଲବଙ୍ଗ ଦ୍ୱୀପର ବାସ୍ନା, ନବନୀତା ଉଠେଇନେଲା ମୁଣ୍ଡ ଓ କହିଲାଃ ତମେ କିଆଁ ମୋ ରକ୍ତର ସମ୍ପର୍କ ହେଲ ମାମୁଁ ? କିଆଁ ଆଉ କେହି ହେଲ ନି ?

ମୃତ୍ୟୁଞ୍ଜୟର ସବୁ ରାଗ ସମାଜ ଓ ଈଶ୍ୱର ପ୍ରତି । ଏଇ ମୁହୂର୍ତ୍ତରେ ପାଇଲେ ଈଶ୍ୱରଙ୍କୁ ମଇଲା କାଗଜ ଭଳି ଛିଣ୍ଡାଇ ଟୁକୁରା ଟୁକୁରା କରିଦେବ ଯେମିତି । କହିଲାଃ ମୁଁ ତୋର ମା'ର ବଡ଼ବାପା ପୁଅ ଭାଇ ତ, ଦେଖ ଦକ୍ଷିଣରେ ମାମୁଁ ଭାଣିଜୀର ବିଭାଘର ହୁଏ ।

ନବନୀତ ର ସେଇ ହଁ ନାଁର ଦ୍ୱନ୍ଦ୍ୱ । ମୃଣ୍ମୟ ସବୁବେଳେ ତା' ଆଡ଼କୁ ଏମିତି ହାତ ବଢ଼େଇ ଦେଉଥିବ ସବୁଜ ସ୍ୱପ୍ନର ଉପତ୍ୟକାକୁ ନେଇଯିବା ପାଇଁ ଓ ଆଗ୍ରହରେ ହାତ ବଢ଼ାଇ ବଢ଼ାଇ ନବନୀତା କୁଣ୍ଠରେ କହୁଥିବ, ମୋର ଖୁବ୍ ଭୟ ହୁଏ ମାମୁଁ ।

ଏଥର ବି ସେମିତି । କହିଲା : କିନ୍ତୁ ସେ ସମାଜରେ ଚଳୁଥିଲେ ଚଳୁଥିବ । ଆମ ସମାଜରେ ତ ଚଳେ ନା ।

ମୃଣ୍ମୟର ସ୍ମୃତିଆଡ଼େ ଗୋଟେ ଆକୋଣା ପାଖରେ ଧୂଙ୍ଗୁର ବାନ୍ଧି ଘୂରି ବୁଲୁଛି । ସ୍ୱପ୍ନ ଶିଖରରେ ଗାଳି ପଡ଼ୁଛି ଜନକନନ୍ଦିନୀ । ସ୍ୱର୍ଗ ଯାଉଛି ବନବାଟ । ହାତଠାରି ଡାକୁ ଦେଉଛି କେଉଁ ଏକ ବିଦ୍ରୋହୀ ସନ୍ନ୍ୟାସୀ । କହିଲା : ମୁଁ ସମାଜ ଫମାଜ ମାନେନା, ନବନୀତା ତମକୁ ଚାହେଁ । ତମକୁ କହୁନି ମାତ୍ର, ଆମ ସମ୍ପର୍କ କଥା କଣେଇ ମୁଁ ବୋଉଙ୍କ ପାଖକୁ ଚିଠି ଦେଇ ସାରିଛି—ସପ୍ତାହକ ଆଗରୁ ।

ମୃଣ୍ମୟ ବସିଥିଲା ତକ୍ତପୋଷ ଉପରେ ଗୋଟେ ପାଦଭୋଳି, ପାଖରେ ଶୋଇଥିଲା ପରମିତା, ତା'ର ପିଠି ତଳରେ ଇଂରାଜୀ ବହି ଚାପି ହୋଇଯାଇଛି । ମୃଣ୍ମୟର ସ୍ପନ୍ଦ ଉଚ୍ଛ୍ୱାସ, ମଇଲାକୁ ଭ୍ରୂକ୍ଷେପ ନ କରି ନବନୀତା ନିଜର ଓଠକୁ ରଖିଦେଲା ନିଃସ୍ପନ୍ଦ—ଚୁପି ଧରିଲା ଓ ଗୁଡ଼ାଇଲା ପାଦକୁ । ସେମିତି ଭାବରେ କହିଲା ମୁଁ କେତେ ମେଣ୍ଟାଲ ସଫର୍ କରୁଛି ମାମୁଁ । ସଞ୍ଜୟା ଏବେଠୁ ସସ୍ପେକ୍ଟ କରୁଛି । ଆଉ ଜାଣି ସାରିଲେଣି । ସେ ଯଦି ବାପା ବୋଉଙ୍କୁ କହିଦିଅନ୍ତି ? କହି ଦେବେ ତ ନିଶ୍ଚେ । ଭବିଷ୍ୟତ କଥା ଭାବିଲେ ମୁଁ ଥରିଉଠୁଛି । କ'ଣ ହେବ ଆମର ଭବିଷ୍ୟତ ? ମାମୁଁ କ'ଣ ଅଛି ଭାଗ୍ୟରେ ? ଦୁନିଆଁଯାକ ମୋତେ ନିନ୍ଦିବେ । କହିବେ ମୁଁ ଖରାପ ହୋଇଯାଇଛି । ଖୁବ୍ ଏକେ ଟିଅ ମୁଁ ।

କେଉଁଠି ହେଲେବି ତ ବାଜୁନି ସିତାର କମ୍ବା ଏସ୍ରାଜ । ଅଥଚ ଦୁଃଖର ରାଗିଣୀଟେ ବାରମ୍ବାର କାହିଁକି ମନେ ପକେଇ ଦେଉଛି—ଝଡ଼ ଭଳି ବାଜିଉଠି, ହେମନ୍ତର ପବନଟିଏ ଛୁଉଁଟେ କଥା ? ମୃଣ୍ମୟ କହିଲା ମାତ୍ର, ମୁଁ ତମକୁ ବହୁତ ଦୁଃଖ ଦିଏ, ନୁହଁ ?

ନବନୀତା ମୁହଁ ଉଠେଇ ଅନେଇଲା ମୃଣ୍ମୟ ଆଡ଼କୁ । ଅଭିମାନଭରା ମୃଣ୍ମୟର ଆଖିରେ ଆଖିରେ ଅଜସ୍ର ଅନୁରାଗରେ ରଙ୍ଗ ଦେଇ ନିଜକୁ ସମ୍ଭାଳି ପାରେନି ନବନୀତା କେବେ । ପାରିଲାନି ଏଥର ବି ଓ ଆଗେଇ ଆସି—ମୃଣ୍ମୟର ଓଠ ଭିତରେ ଡୁବିଯିବା ପୂର୍ବରୁ କହିଲା : ଯାହାତ ହୋଇଯାଇଛି—ଯାଇଛି । ଏବେ କହିବାର କ'ଣ ଅଛି ଆଉ ? ମାମୁଁ, ତମେ ମୋତେ ଘୃଣା କରିବନି ତ ?

ମୃଣ୍ମୟ ପୁଣି ଥରେ ହଜିଗଲା ସ୍ୱପ୍ନର ସାମ୍ରାଜ୍ୟରେ । ଶୀତ ଶେଷର ସେଇ କଅଁଳ ପହଡ଼ଆ ଶିଶିରର ପ୍ରସାଧନରେ ନବନୀତାର ସମଗ୍ର ଅସ୍ତିତ୍ୱ ହେଇଯାଇଛି ଯେମିତି । ସେଇ ସକାଳର ସ୍ୱପ୍ନ ଭିତରେ ସେ ଓଦାମାଟିର ଗୀତ ଶୁଣିବାକୁ ଚାହେଁ । ମୃଣ୍ମୟ ଜିଭ ଭର୍ତ୍ତି କରିଦେଲା ନବନୀତାର ମୁହଁ ଭିତରକୁ ଓ ତା'ର ଜିଭ ଛୁଇଁ ଟାଣିନେଲା ସମସ୍ତ ଅମୃତ—ଯେମିତି ଏଇ ମୁହୂର୍ତ୍ତରେ ହିଁ ତା'ର ଅମରତ୍ୱ ଲୋଡ଼ା ହିଁ ଲୋଡ଼ା । ନବନୀତା ସେଇ ମୁହୂର୍ତ୍ତରେ ପ୍ରଚଣ୍ଡ ଉତ୍ତେଜନାରେ ଥର ଥର ହେଇ ନୌକାରେ ଦେଲା ପ୍ରଥମ ପାଦ—ଯେଉଁ ନୌକା ତାକୁ ନେଇଯିବ ସବୁଜ ସ୍ୱପ୍ନର ଉପତ୍ୟକାକୁ ଓ ମୃଣ୍ମୟର ମୁହଁ ସାମ୍ନାରେ ମହମବତୀ ଭଳି ତରଳି ଯାଉ ଯାଉ ଅନୁଭବ କଲା ଶୀତଦିନିଆ ଦ୍ୱିପ୍ରହରର ଖରାର ମସିଣା ଭଳି ଏକ ସୁଖର ରାଜତ୍ୱ ଭିତରେ । ଅନୁଭବ କରୁ କରୁ ଶୁଣିପାରିଲା, ତା' ଓଠରୁ ଓଠ ଅଲଗା କରି ମୃଣ୍ମୟ କହୁଛି : ତମର ପ୍ରତୀକ୍ଷା କରୁକରୁ ମୋର ଦି'ଟା ଆଖି ପଥର ହୋଇଗଲାଣି ନୀତା ।

ଅଥଚ ଆଉ କିଛି କହିବା ପୂର୍ବରୁ ବାପା ଆସୁଚନ୍ତି କହି ପୁଳିଗଲା ନବନୀତା ଓ କିଛି ବିଶେଷ ଶୁଣି ନ ପାରି କିଂକର୍ତ୍ତବ୍ୟବିମୂଢ଼ ଭଳି ବସି ରହିଲା ମୃଣ୍ମୟ । ଅଳ୍ପ ସମୟ ପରେ କବାଟ ଠେଲି ପଶିଲେ ସିଏ, ଉତ୍ତର ପଞ୍ଚାଶର ପ୍ରବୀଣ—ସିଏ ହିଁ ନବନୀତାର ବାପା, ମୃଣ୍ମୟର ଭିଣେଇ । ନବନୀତାର କାନ ଏତେ ପତଳା କେଉଁକୁ କେମିତି ଧରିପାରେ ଯେ ? ମୃଣ୍ମୟ ପାରେନା, ଭାବି ଆଶ୍ଚର୍ଯ୍ୟ ହୁଏ ।

ନବନୀତା କେମିତି ସହଜ ଭାବରେ ପଚାରିଲା : ତମେ କହୁଚ ଫାରାଡ଼େଜ୍ ଲ' ଅଫ୍ ଇଲେକ୍ଟ୍ରି ସିଟିଟା ପରୀକ୍ଷାରେ ଆସିବ ?

ମୃଣ୍ମୟ ନିର୍ଲିପ୍ତ ଭାବରେ କହିଲା : ସିଓର୍ । ତମର ବୋଟ୍ ତିଆରି ହେଇଚ ?

ସେ ପ୍ରବୀଣଟି, ଅବିନାଶ ଯା'ଙ୍କର ନାଁ, ନଜର ବି ଦେଲେନି ମୃଣ୍ମୟ ଓ ନବନୀତା ଆଡ଼କୁ । କାନ୍ଧରେ ସାଇକେଲକୁ ଆଉଜେଇ ଦେଇ ସେ ଟେବୁଲ ପାଖକୁ ଆଗେଇଗଲେ ଓ ଟେବୁଲର ସବୁ ବହିତକ ଗୋଟେ ଧକ୍କାରେ ଫେସେଇ ପକେଇ, ବାହାରିଗଲେ ଏତେ ଶାନ୍ତ ପରିବେଶକୁ ଉତ୍ତେଜନାରେ ଥରଥରେଇ ଦେଇ । ଗଲାବେଳେ କବାଟଟିକୁ ଖୁବ୍ ଜୋର୍‌ରେ ବନ୍ଦ କରି ନ ଥିଲେ ବି ।

ନବନୀତାର ମୁହଁ ମେଘୁଆ ଆକାଶ । ଶ୍ରାବଣର କଳା ମେଘ ତା'ର ଲୁହ ଟଳମଳ ଆଖିରେ । କହିଲା : ବାପା କି ସସ୍‌ପେକ୍ଟ କରୁଛନ୍ତି । ମୋର କ'ଣ ହେବ ମାମୁଁ ? ମୁଁ ବିଷ ଖାଇଦେବି ।

ମୁଣ୍ଡୁସ୍ତୁ ଚିପି ଧରିଲେ ନବନୀତାର ହାତକୁ । ତା'ର ଅଛି ଅନେକ ପ୍ରତିଶ୍ରୁତି । ସେ ହାତରେ ରହିଛି ଦୀର୍ଘ ବାର ମାସ । ସେ ନବନୀତାକୁ ନେଇଯିବ ସବୁଜପ୍ରାନ୍ତର ଉପତ୍ୟକାକୁ, ପାଦରେ ମାଡ଼ି ଦଳି ଚଳନ୍ତି ସମାଜକୁ ସିଗାରେଟ ଟୁକୁରା ଭଳି ।

ଆଉ ଘରୁ ସମ୍ପର୍କିତା ପଚାରିଲେ କିଏ ସେ ? ଝରୁରେ, କିଏ ପଡ଼ିଗଲା ଜାଁ କ'ଣ ତ ?

ଓଲଟ କାଚଟିରେ ପୋଛିଦେଲେ ଆଖି ନବନୀତା । ଜୀବନଟା ଏମିତି ବିଚିତ୍ର । ବିଚିତ୍ର ହିଁ ତ ସବୁ ଅଭିଜ୍ଞତା ।

ଏଇ ଯେ ସେ ବାହାରି ଆସିଲେ ଘରୁ ଓ ଏମିତି ନିର୍ଲିପ୍ତ ଖାମଖେୟାଲି ଭାବରେ ଚାଲୁଛନ୍ତି ରାସ୍ତାରେ ଯେ ଯେମିତି କୌଣସି ନା କୌଣସି ବସ୍ ଚାଲୁନି । ରିକ୍ସାର ଟିଂ ଟାଂ ଶବ୍ଦ ନାହିଁ, ପିଲାମାନଙ୍କର ହୋହଲ୍ଲା ଖେଳ ନାହିଁ । ସବୁ ରେଡ଼ିଓ ବନ୍ଦ ହୋଇଯାଇଛି । ସେ ଏଇଭଳି ନୀରବତା ଭିତରେ ଚାଲି ଚାଲି ଯାଉଛନ୍ତି ଉତ୍ତର ମେରୁରୁ ଦକ୍ଷିଣ ମେରୁକୁ, ପୁଣି ଦକ୍ଷିଣ ମେରୁରୁ ଉତ୍ତର ମେରୁକୁ, ବିଷୁବ ରେଖାର ଠିକଣା ଖୋଜି ଖୋଜି ।

ଜଆଁର ଝଲକ ଭଳି ଉଜ୍ଜ୍ୱଳ ପକ୍ଷୀର ପର ଭଳି କଅଁଳ ଫୁଲର ପାଖୁଡ଼ା ଭଳି ସ୍ନିଗ୍ଧ । ଚାଲୁ ଚାଲୁ କେଉଁ ଏକ ପରିଚ୍ଛନ୍ନ ସକାଳର ଶ୍ମଶାନ ଘାଟରେ । ଏବେ ଆଖିର ପାୱାର କମ୍ । ଚଷମା ତଳରୁ ବି ଜଗତଟା ଲଟି ଲଟି ଯାଏ । ସେ ଚଷମା ଖୋଲି ରୁମାଲରେ ପୋଛି ନିଅନ୍ତି । ଏତେ ସୁନ୍ଦର ସୁନ୍ଦର ଟଢେ ସବୁ କେଉଁଠି ହଜିଗଲା ତ । ପୁଣି ଚଷମା ପିନ୍ଧି ଚାରିଆଡ଼କୁ ଦେଖନ୍ତି । ଚାରିଆଡ଼େ ଜହ୍ନ ରାତି । ସଫେଦ ବାଧବା କୁହୁଡ଼ି । ଝାପ୍ସା ଝାପ୍ସା, ତାରାର ଲୁଆ ବାଣ୍ଟି ବାଣ୍ଟି ଝୋଟିଣି ବନେଇ ପୃଥିବୀ ଯାଉଛି ଚାଲି ରାମନାମ ସତ୍ୟ ହୈ ଗୀତ ଗାଇ ଗାଇ । ସେ ଏମିତି ଚାଲି ଚାଲି ଥକା ହୋଇ ଠିଆହୋଇପଡ଼ନ୍ତି ମନ୍ଦିରାସ୍ତାରେ, ବେଳେବେଳେ । ତାଙ୍କର ନଦୀରେ ଆଉ ସ୍ରୋତ ନାହିଁ, ନାଆରେ ନାହିଁ ନଟ । କ୍ଳାନ୍ତ ରେଟିନାରେ ଝାପ୍ସା ଝାପ୍ସା, ଉଦୟାସ୍ତ ଏକା ।

ସେ ଗୋଟେ ଦୀର୍ଘଶ୍ୱାସ ଛାଡ଼ନ୍ତି ଓ ପୁଣି ଚାଲିବାକୁ ଆରମ୍ଭ କରନ୍ତି । ତାଙ୍କର କଥାମାନେ ନୀରବତା । ଭିଡ଼ ଭିତରେ ଦୂରବୁଲନ୍ତି ଏଆଡ଼େ ସେଆଡ଼େ । କେତେ ଦୃଶ୍ୟ ଆସେ, ଯାଏ, ସେ ଲକ୍ଷ୍ୟ ହିଁ କରନ୍ତି ନାହିଁ । ଛାତି ଭିତରେ ସେତେବେଳେ ଗଭୀର ପ୍ରତିଧ୍ୱନି ଭିତରେ ଧାଇଁ ବୁଲୁଥାଏ ତାଙ୍କ ନୀରବତା, ଭଙ୍ଗାବହନ ସଂଳାପରେ ଲୁହଭରା ବେଦନା ଶବ୍ଦହୀନ ବକ୍ତବ୍ୟରେ ଜଳିପୋଡ଼ି ମରୁଥାଏ ଛାତି ତଳର ତେଲ ଚିଣ । ସେ ତେଲଚିକଟି ତାଙ୍କର ନିଜର । ଏମିତି ଚାଲୁଚାଲୁ ସେ ନିଜ ଅଜାଣତରେ

ଘଣ୍ଟା ଦୋକାନରେ ପଶିଯା'ନ୍ତି, ଯେଉଁଠି ଅନେକଗୁଡ଼ିଏ ସମୟ ହଠାତ୍ ଚୁପ୍ ହୋଇ ଠିଆ ହୋଇ ଯାଇଛନ୍ତି ।

ପୁଣି ଫେରି ଅସନ୍ତି ବୋମ୍ବାର ରାସ୍ତା ଉପରକୁ ଓ ବୁଲିବୁଲନ୍ତି ସେ ସର୍ବନାଶ—ସଙ୍ଗୀତା ପଣ୍ଡିତଙ୍କର ବାପା, ଯେମିତି ବୁଲିବୁଲୁଛନ୍ତି ଏଇ ଡିସେମ୍ବରର କୁହୁଡ଼ିଆ ସନ୍ଧ୍ୟାର ଜନସ୍ରୋତରେ ଉନ୍ମତ୍ତ । ତାଙ୍କ ଗୃହ ଭିତରେ ଗୋଟେ ବୈରାଗୀ ସନ୍ନ୍ୟାସୀ ସବୁବେଳେ ହାତ ଠାରି ଡାକୁନ୍ତି ଓ ସେ ଅଥୟ ହୋଇପଡ଼ୁଛନ୍ତି । ଘରେ ତାଙ୍କର ସ୍ତ୍ରୀ—ବେକାର ବଡ଼ପୁଅ ସେ ଜାଣନ୍ତି, ଦୁଃଖରେ ସମସ୍ତ ବଞ୍ଚୁଛନ୍ତି ସେମାନଙ୍କର । ବଡ଼ ଝିଅଟିର ବାହାଘର ସମସ୍ୟା ବଢ଼ିଯାଉଛି । ମଝିଆଟା ନିଜ ମାମୁଁ ସଙ୍ଗରେ ଲଟର ପଟର ହେଉଛି । ସେ ସବୁ ଜାଣନ୍ତି । କିନ୍ତୁ ଦେଖି ସୁଦ୍ଧା ନ ଦେଖିଲା ଭଳି ନିସ୍ପୃହ ଭାବରେ ରହିଯା'ନ୍ତି - ତାଙ୍କୁ କିଛି ଭଲ ଲାଗେନା । ନା, ନୀରସ ସ୍ତ୍ରୀର ସେବା, ନା—ଏ ବିକାର ଦୁଇ ସୁନ୍ଦରୀ ଝିଅଙ୍କର ଅଳି, ନା ଗୃହକର୍ମ ନା ଜୀବନ । ତାଙ୍କୁ କିଛି ଭଲ ଲାଗେନା । ସେ ନିର୍ବିକାର ଭାବରେ ବୁଲି ବୁଲନ୍ତି ନୀରବତା ଭିତରେ । ବୁଲି ବୁଲି ଅନେକ ଦୂରକୁ ଚାଲିଯା'ନ୍ତି—ଗଛ ବୃକ୍ଷ ଡେଇଁ, ସହର ବଜାର ଡେଇଁ, ମଣିଷ ଓ ଭିଡ଼ ଡେଇଁ । ଗୋଟେ ବନ୍ଦ ଦୋକାନର ବାରଣ୍ଡାରେ ପଡ଼ିଥିବା ବେଞ୍ଚ ଉପରେ ଶୋଇ ଶୋଇ ସେ ଚାଲିଯା'ନ୍ତି ନୀରବତାର ରାଜ୍ୟକୁ । ସେଠି ନୀରବତା କି ମହାନ । କୌଣସି ଶବ୍ଦ ନାହିଁ, ଭାଷା ନାହିଁ, ବକ୍ତବ୍ୟ ନାହିଁ; ସଂଳାପ ନାହିଁ, ସଙ୍ଗୀତ ଦୁଃଖ ନାହିଁ, ସୁଖ ନାହିଁ । ସେ ଚୁପଚାପ ଭାସିବୁଲନ୍ତି ନୀରବତା ଭିତରେ ।

ଜୀବନରୁ ସେ ଆଉ କିଛି ଚାହାନ୍ତି ନାହିଁ । ଯେମିତି ଜୀବନରୁ ଅଲଗା ହୋଇଯାଇଛନ୍ତି । ତାଙ୍କର ଆଉ ନାହିଁ କୌଣସି ଅନୁଭୂତିବୋଧ । ସେ ସୁଖ ଦୁଃଖ, ଆଶା ଆକାଂକ୍ଷା, ପ୍ରାପ୍ତି ଓ ବ୍ୟର୍ଥତାର ଶୃଙ୍ଖଳା ଭୁଲି ଗୋଟେଇ ବୁଲିବେ ପ୍ରତିଟି ସକାଳରେ । ସେ ବୁଲିବୁଲନ୍ତି ଏମିତି ଏମିତି । ସେ ଶୋଇରହନ୍ତି ଏମିତି ଏମିତି । ସେ ଶୋଇ ଶୋଇ ନୀରବତା ଅନୁଭବ କରନ୍ତି ଏମିତି ଏମିତି । ବେଳେବେଳେ ଫିସ୍‌ଫିସ୍ କରି କହନ୍ତି ଆଇ ଆମ୍ ଏନ୍ ଅବସର୍ଭର ମେନ୍ ଅଫ୍ ଷ୍ଟ୍ରେଞ୍ଜର ।

ସତେ ଛଅଶି ବର୍ଷର ଚନ୍ଦ୍ରନାଥ ବହୁରୁ ଓହ୍ଲାଇପଡ଼ି ଯୁବକ ହୋଇଗଲେ । ବୟସ୍କାଣ୍ଡଟା ପ୍ରାୟ ଫାଙ୍କା । ବ୍ରିଆଡ୍ରେ ଜାହାଜ ବନ୍ଦର କୁହୁଡ଼ିର ଧଳା ଶାଢ଼ୀ ପିନ୍ଧି ଥରି ଥରି କଥା କହୁଛି । ସେ ଷ୍ଟ୍ରାଣ୍ଡ ବନ୍ଦରକୁ ଆସିଲେ ଓ ରକ୍‌ସା ଖୋଜିଲେ । ତାଙ୍କ ଆଗ ପାଖରେ ଥିଙ୍ଗ୍ ସ୍ ଦେଶ ଦିଙ୍ଗି କେତେଗୁଡ଼ିଏ ରିକ୍‌ସା ଚାଲିଗଲେ ଯୌବନର ଗୀତ ଗାଇ ଗାଇ । ଏଇ ସୁନ୍ଦର ରାତିରେ ସେ ଶୁଣିପାରିଲେ ସ୍ମୃତିର ପଛରେ ଥିବା କୋଉଁଏ ଏକୋଇଶି ବର୍ଷର ଯୁବକଟିର ଜୀବନରେ ଉଡ଼ି ବୁଲୁଥିବା

ନେ ଖ ଚାଲୁଛି ତାଙ୍କ ଉଠିବାର ବେଳ । ଷ୍ଟିର ସେପଥର ଶକ୍ତ ମୁଠାରେ ନେଇ, କବାଟ ଭଳି କିଛୁ ଉଚ୍ଚାରଣ ସେ ଧରି ରଖିଥିଲେ—ଏଇ ସହରରେ ଆଜିକା ଷୋଳ ସତର ବର୍ଷ ତଳେ, ଭୁଲି ଯାଇଥିଲେ ତ ।

ସେ ରିକ୍ସରେ ବସିଲେ ଓ ମୃତ୍ୟୁଞ୍ଜୟର ମେସ୍‌ର ଠିକଣା କହିଲେ । ଏଇ ସେପେଦ ଗୁଳମର ମୁଠା ଚେର ଚେର ରିକ୍ସାବାଲା ଆଗେଇଲେ ପ୍ୟାଡେଲ ମାରି ମାରି । ହୁଡ଼୍‌ ତଳେ ସେ ଅନୁଭବ କଲେ ଅସ୍ଥା । ସେ ଶିହରି ଉଠିଲେ ଓ ତାଙ୍କର ମନେପଡ଼ିଗଲେ ଏମିତି କେତେ ସନ୍ଧ୍ୟା ସେ ହୋଟେଲରୁ ଖାଇସାରି ତାଙ୍କର ମେସ୍‌କୁ ଫେରୁଥିଲେ ଅସ୍ଥାରେ ଅଳି ଅଳି, ଷୋଳ ସତର ବର୍ଷ ତଳେ । ସେ ଖୁବ୍ ଜୋର୍‌ରେ ନିଶ୍ୱାସ ନେଲେ । ମୁଠାରେ ଭରିଗଲା ପବନ । ପବନରେ ମୃତ୍ତିକାର ଗନ୍ଧ । ମୃତ୍ତିକାରେ ସେ ବନର ଗନ୍ଧ । ଏଇ ସହରରେ ସେ ହଜେଇ ଦେଇଛନ୍ତି କୋଡ଼ିଏ ଏକୋଇଶି ବର୍ଷର ଚନ୍ଦ୍ରନାଥକୁ । କେଉଁଠି ହଜିଗଲା ତ । ଏବେ ଚନ୍ଦ୍ରନାଥ କେମିତି ଅଲଗା ଅଲଗା ଅଟନ୍ତି ସେ କଲେଜ ଗୋଇଂ ପିଲା ସାଙ୍ଗରେ ତ ସେମାନଙ୍କର ସମ୍ପର୍କ ବି ନାହିଁ ।

ଅଜିର ଚନ୍ଦ୍ରନାଥଙ୍କର କ'ଣ ଅଛି ସୁଖ ନାହିଁ ? ସୁଖରେ ନାହିଁ, କେମିତି ଏକଥା କହିବେ ସେ ? ଦୁଇପାଖରେ ଚାହିଁ ଓ ଆକାଶ ମଣି ମନ୍ଦିରେ ଧୀର ପାଦରେ ଗୁଳିପିବା, କୌଣସି ଅଡ଼ିକୁ ନ ଅନେଇ ମୁହଁ ନ ଉଠେଇ, ବ୍ୟଗ୍ର ହାତଠାରୁ ଭୁଲି ରହି, ଅଗଣାରେ ଧୂଳି, ବାଲି ଅଳନ୍ଧୁ, ଅରଖ୍ୟା ଜାତି ଏସବୁ ଏ ବୟସରେ ନିଜ୍‌ ଯୁଆଡ଼େ ନାହିଁ । ପ୍ରିୟ ପୋଷାକ ଭିତରେ ଅଛି ଦେହ ଏବେ ମୁହଁ ଘୋଡ଼ା ବନ୍ଦ ହୋଇଥାଏ । କେମିତି କହିବେ ସେ ସୁଖରେ ନାହାନ୍ତି ? ତଥାପି, ଏଇ ସହରରେ ଓହ୍ଲେଇ ହଠାତ୍‌ ମନେହେଲା ତାଙ୍କର ଲୋମକୂପରେ ଖସିଯାଉଛି ଅସଂଖ୍ୟ ହେରେନ୍‌ ବେଳ ବୁଲି ଯାଉଥାନ୍ତି ସେ ବି ହୋଇଯାଇ ବୁଢ଼ା ଭଳି ଠିଆ ହୋଇରହନ୍ତି ଏକା ଏକା, କିଛି ବୃଦ୍ଧ ବଟ ବୁଦା ଭଳି । ପାହାଡ଼ର ଦାନ୍ତ ସନ୍ଧିରେ ବନ୍ଧ ଯାଉଥିବା ମଇଳା ଭଳି କ୍ରମଶଃ ଏଣ୍ଟ୍ରି କୋଠରି ଦୁଃଖ ଜମା ହୋଇଛି ଦେହ ଭିତରେ । ମୁଠା ଭିତରେ କେଉଁଠି କାନ୍ଦଣା ଝରିପଡ଼ୁଛି । ସେ ଯେମିତି ହଜେଇ ଦେଇଛନ୍ତି କେଉଁ ଏକ ଘଟଣା ସକାଳ ଓ ତା'ପରର ସବୁ ସମ୍ଭାବନା । ଗୋଟେ ସୁନେଲି ଟୋପରେ ତାଙ୍କର ହୃଦଯନ୍ତ୍ର ଖାଁ ଖାଁ ହୋଇଉଠିଲା । ମନେହେଲା ଜୀବନଟା ଏମିତି ବ୍ୟର୍ଥ ହୋଇଗଲା । ପରୀକ୍ଷିତ ଲାଟେରୀ ଟିକେଟ୍ ଭଳି ସେ

ରିକ୍ସାରୁ ଦେଖିପାରିଲେ ଚନ୍ଦ୍ରନାଥ, ଗୋଟେ ଘରର ଦୁଆର ପାଖରେ କବାଟକୁ ଜାବୁଡ଼ି ଧରି ଠିଆହୋଇଛି ଝିଅଟିଏ । ତା' ସାମ୍ନାରେ ରାସ୍ତା ଉପରେ ପିଲାଟିଏ ସାଇକେଲକୁ ଅଟକାଇ ଠିଆହୋଇଛି । ଏଇ ଦୃଶ୍ୟଟି ଦେଖୁଁ ଦେଖୁଁ ଅପସରିଗଲା ଓ ସେ ପୁଣି ଫେରିଗଲେ ଭିତରକୁ ଗୁଳିଗଲେ । ଅଜିକୁ ଷୋଳ ସତର ବର୍ଷ ତଳେ ଏମିତି

ଅନେକ ସନ୍ଧ୍ୟା ସେ କଟାଇଥିଲେ ଯେ କଣ କଣ ଗୋଟେ ଅଠର ବର୍ଷ ଝିଅ ସାଙ୍ଗରେ । ଦିନେ କଲେଜର କରିଡରରେ ବୁଲୁବୁଲୁ ଚନ୍ଦ୍ରନାଥ-ଅଟକି ଠିଆହୋଇ ଯାଉଥିଲେ ଓ ତାକୁ ଦେଖିକି ବ ଝିଅଟା ମୁରୁକି ହସିଥିଲା । ଚନ୍ଦ୍ରନାଥଙ୍କର ସେତେବେଳେ ମନେହେଉଥିଲା, ସେ ଯଉବନର ସୁଗନ୍ଧ ଭିତରେ, ମନେହେଉଥିଲା: ସେଇ ସମୟଟା ତାଙ୍କର ସୁସମୟ ।

ଚନ୍ଦ୍ରନାଥ ଆଉଜି ବସିଲେ ଚେକ୍ସାରେ । ଜୀବନଟା ଏମିତି ହିଁ । ଏ ସୁଗନ୍ଧ ଫୁଗନ୍ଧର କୌଣସି ମାନେ ହିଁ ହୁଏନା । ମାୟା ମାୟା । କହିଁ କଲେଜ କରିଡର୍‌ର ମୁରୁକି ହସିଥିବା ଝିଅଟି ତ ଦିନେ କହିଥିଲା ‘ ତମ ବିନା ମୁଁ ବଞ୍ଚି ପାରିବି ନି, ଚନ୍ଦ୍ର । ଦେଖିବ ତମକୁ ନ ପାଇଲେ ଆତ୍ମହତ୍ୟା କରିପକେଇବି ।

ଅଥଚ କି ସୁଖରେ ସେମାନେ ବିତେଇଦେଲେ ପ୍ରତ୍ୟେକ ପ୍ରତ୍ୟେକକୁ ନପାଇ ବି । ଜୀବନଟା ଏମିତି । ଏସବୁ ସୁଗନ୍ଧ ଫୁଗନ୍ଧ ମାୟାଫାୟା ମନେହୁଏ ସୁନାର ହରିଣ । କୋଷ ସ୍ମୃତିରେ ନେଇ ନଖ ପାରିହୁଏ । ଅଥଚ କୋଷ ମେଣ୍ଟାଇ ପାରେନା । ହୁଏତ ବେଳେବେଳେ କ୍ଲାନ୍ତ ସନ୍ଧ୍ୟାରେ, ଏମିତି ବୁଲଣି ପଥରେ ସେଇ ଝିଅଟିର କଥା ମନେପଡେ—କିଛିକ୍ଷଣ ସ୍ମୃତିର ଦୁଆର ଖୋଲି ସେ ଅସହାୟ ହୋଇପଡନ୍ତି । ସ୍ମୃତିରେ ପଡିଆସିବା ଝେଲିବୁଲୋ ଗୋଧୂଳି ସମୟର ପବନ । କିନ୍ତୁ ତା'ପରେ ହିଁ ସମ୍ଭାଳି ନିଅନ୍ତି ନିଜକୁ । କିଏ ଆମ୍ବ ଖୋସାରୁ ଖସିପଡିଥିବା ଭୁଲ ଫୁଲର ସ୍ମୃତି ଭଲପାଏ ? ଜୀବନଟା ଏମିତି ହିଁ । ପ୍ରେମ ଫ୍ରେମର କିଛି ମାନେ ହୁଏନା । ଜୀବନରେ ବଞ୍ଚି ରହିବାରେ ଅସଲ ଯା' ଲୋଡା—ସେ ସବୁ ଟଙ୍କା, ପଇସା, ସମ୍ମାନ ଓ ପ୍ରତିପତ୍ତି । ଚନ୍ଦ୍ରନାଥ ଆଜିର ଏଇ ବୟସରେ ପହଞ୍ଚି ଏଇ ନିଗୂଢ଼ ବାସ୍ତବ ସତ୍ୟଟିକୁ ଜାଣି-ପାରିଛନ୍ତି । ଯା'ଛଡା ଆଉସବୁ ମାୟା । ବାକି ରହନ୍ତି ମିଛ ଫେଇ ସଜେଇ ସଜେଇ ।

ଚନ୍ଦ୍ରନାଥ ପହଞ୍ଚି ଗଲେ ମୃଣ୍ମୟର ମେସ୍‌ରେ । ଗୋଟେ ପିଲା, କୂଅ ପାଖରେ ବସି ଗୁଡାଖୁ ଘଷୁଥିଲା, ଲୁଙ୍ଗି ପିନ୍ଧି, ଗୁଦର ଘୋଡିହୋଇ । ସେ ପଚାରି ବୁଝିନେଲେ ମୃଣ୍ମୟର ରୁମ୍ ନମ୍ବର ତା' ପାଖରୁ । ମୃଣ୍ମୟର କୋଠରୀରେ ଦୁଇଟି ଗ୍ଲେଟିଆ ତକ୍ତପୋଷ ଥିଲା । ତକ୍ତପୋଷ ପାଖରେ ଗ୍ଲେଟ ଟେବୁଲ ଓ ଚେୟାର । ଦୁ'ଜଣ ପଢୁଥିଲେ ଦୁ'ଟା ଟେବୁଲ ପାଖରେ । ଖାଲିଥିବା ଚେୟାରଟି ହିଁ ମୃଣ୍ମୟର ଓ ମୃଣ୍ମୟ ନ ଥିଲା । ଚନ୍ଦ୍ରନାଥ ଜଣଙ୍କ ପାଖରୁ ଜାଣିନେଲେ—ମୃଣ୍ମୟ ଭଉଣୀଙ୍କ ଘରକୁ ଯାଇଛି ।

ସମୁଦ୍ର କୂଳରେ ଠିଆହେଲେ ଯେମିତି ଢେଉ ଆସି ଛୁଇଁ ଦେଇଯାଏ— ସେମିତି ଛୁଇଁ ଛୁଇଁ ଗଲା ସ୍ମୃତି । କେତେ ଦିନରୁ ସେ ଭୁଲିଥିଲେ ଏମିତି

ଜୀବନକୁ ତ । ଖୋଲା ବଇଁ ତଳେ ତାଙ୍କର ନ ଥିଲା ଜମି କିଣିବାର ମୋହ, ଘର ତୋଳିବାର ସ୍ୱପ୍ନ, ଝିଅ ବାହା କରିବା ପାଇଁ ଟଙ୍କା ସଞ୍ଚୟର ଚିନ୍ତା । ବହୁତ ଦିନରୁ ସେ ଭୁଲି ଯାଇଚନ୍ତି ଜନ୍ମ ଝଡ଼ର ଯୌବନକୁ, ଯେତେବେଳେ ଗୋଟେ ଗ୍ରେଟ ଖଟ, ଟେବୁଲ, ଚେୟାର, ଦି'ଖଣ୍ଡା ପ୍ୟାଣ୍ଟସାର୍ଟ, ଗୋଟେ ଟ୍ରଙ୍କ୍ ଓ ଧୂପକାଠି କିଛି ସାଙ୍ଗରେ କଲେଜର ଗୋଟେ ପଞ୍ଚାର୍ଲିଅର ମୁରୁକି ହସ, ତରଳ ତରଳ ଆଖିରେ ତରତର କରି କହି ପକେଇଥିବା କେତୋଟି କଥା ଜମା ରଖିକୁ ଭରସା କରି ସେ ବଞ୍ଚିଥିଲେ । ସେତେବେଳେ ମୁହଁରେ ସୁଖୀ ସୁଖୀ ପ୍ରେମିକର ଦାଗ ଧରି ସେ ସିଗାରେଟ ଟାଣି ପ୍ରେମିକାର ଘରୁ ଫେରୁଥିଲେ—ସେଇ ଜୀବନକୁ କେମିତି ପଶୋର ଦେଇଥିଲେ ସେ ।

ଚନ୍ଦ୍ରନାଥ ଭାବିଲେ ଓ ଟେବୁଲ ଉପରୁ ଖୋଳିଲେ ବେଲକୁ ସିଗାରେଟ୍ ପ୍ୟାକେଟ୍ଟିଏ । ପ୍ୟାକେଟରେ ମୋଟେ ସିଗାରେଟ ଥିଲା ଓ ଉପର ଭିତରେ ଅଶ୍ଳୀଳ ବହିଟିଏ । ମୃଣ୍ମୟ ସିଗାରେଟ ପିଏ ? ଏସବୁ ପଢେ ? ପ୍ରଥମଥର ପାଇଁ ଧକ୍କା ଖାଇଥିଲେ ସେ । କିନ୍ତୁ ସମ୍ଭାଳି ନେଲେ । ସେ ବି ତ ଦିନେ ଏଇ ବୟସରେ ସିଗାରେଟ ଧରିଥିଲେ, ସେ ବି ତ ଦିନେ ଏଇ ବୟସରେ ଏମିତି ଚଟି ବହି କିଣି ଉତ୍ତେଜନାରେ ଥରି ଉଠି ଭସେଇଦେଇଥିଲେ ନିଜର ବୋଇତ ଲବଙ୍ଗ ଦ୍ୱୀପକୁ । ଅଜି ମୃଣ୍ମୟକୁ ଦେଖି ସେଇ ବୋଇତର ସବାର ଭାବରେ, ଚମକୁଛନ୍ତି କିଆଁ ଯେ— ? କାହିଁ, ଚନ୍ଦ୍ରନାଥ ତ ବାଟ ଭୁଲି ଅବାଟୋଇ ହୋଇଯାଇ ନାହାନ୍ତି । ଏମିତି ତ ହୁଏ । ବୟସର ଦୋଷ । ଦୋଷ କି ?

ଚନ୍ଦ୍ରନାଥ ଉଠି ଠିଆହେଲେ ।

ରାସ୍ତାରେ ଚନ୍ଦ୍ରନାଥ ଭେଟିଲେ ମୃଣ୍ମୟକୁ । ମୃଣ୍ମୟ ଦେଖିଲା ଓ ଆଶ୍ଚର୍ଯ୍ୟ ହେଲା ଓ ନଇଁପଡି ପ୍ରଣାମ କଲା ଓ ପଚାରିଲା : ତମେ କେତେବେଳେ ଆସିଲ ? ତମେ ତ ଖାଇ ନ ଥିବ । ଆମ ମେସ୍‌ରେ ମିଲ୍ ପଡିସାରିଛି । ଆସ ହୋଟେଲରେ ଖାଇନେବା ।

ହୋଟେଲକୁ ଯିବା ରାସ୍ତାରେ ସେଇ ଅକାଂକ୍ଷିତ ପ୍ରଶ୍ନଟି ପଚାରି ପକେଇଲେ ଚନ୍ଦ୍ରନାଥ । କହିଲେ : ମୁଁ ମା'ଙ୍କ ପାଖରୁ ଆସୁଚି । ତୁ ମା'ଙ୍କୁ କ'ଣ ଲେଖିଚୁ ?

ଜହ୍ନ ଲୁଚିଯାଇଚି ମେଘ ଭିତରେ । କୁହୁଡିଆ ଅନ୍ଧାରରେ ସେ ଦେଖି ପାରିଲେନି ମୃଣ୍ମୟର ମୁହଁ । ତା'ର ମୁହଁର ଇମ୍ପ୍ରେସନଟା କେମିତି ଏବେ ଯେ ? ମୃଣ୍ମୟ ଓଲଟି ପଚାରିଲା : କ'ଣ ଲେଖିଚି ?

: ତୁ ନବମିତାକୁ ବାହା ହେବାକୁ ଚାହୁଁ ?

ଏଥର ଲାଇଟ୍‌ପୋଷ୍ଟ ପାଖକୁ ସେମାନେ ଆସିଯାଇଥିଲେ । ଚନ୍ଦ୍ରନାଥ ଅନେଇଲେ ମୃଣ୍ମୟ ଆଡ଼କୁ । ତା'ର ମୁହଁରେ ଅଦ୍ଭୁତ ହସଟିଏ ଲାଗିରହିଚ । ହସ ? ନା—ମଣିଷର ପ୍ରକୃତ ଅନୁଭୂତିର 'ଇମ୍ପ୍ରେସନ' ହିଁ ମୁହଁରେ ପଡ଼େନା ? ମୃଣ୍ମୟ କହିଲା : ଲେଖିଚ ।

ଚନ୍ଦ୍ରନାଥ ଚୁପ୍ ହୋଇଗଲେ । ଶରୀରସାରା ଆକ୍ରୋଶ ଲହରି ଖେଳୁଛି ତାଙ୍କ ଦେହରେ । ଗମ୍ଭୀର ହୋଇ କହିଲେ : ନନ୍ଦିନୀ ତୋର ଭଉଣୀ ।

ମୃଣ୍ମୟ ସେମିତି ହିଁ ଉତ୍ତର ଦେଲା : ହେଲା ବା ।

: ରକ୍ତର ସମ୍ପର୍କ ।

ମୃଣ୍ମୟ ସେମିତି ହିଁ ଉତ୍ତର ଦେଲା : ହେଲା ବା ।

: ଏଇଟା ପାପ ।

ସେ ସେମିତି ହିଁ ଉତ୍ତରଦେଲା : ହେଲା ବା ।

ଏଇ ପାପବୋଧ ତୋତେ ବିବ୍ରତ କରିବ ନି ଭବିଷ୍ୟତରେ ? ନନ୍ଦିନୀକୁ ବିବ୍ରତ କରିବ ନି ? ଭବିଷ୍ୟତରେ ତମେ ଦହେଁ ହିଁ ଭାବିବନି କି ଯେ ତମେ ଭୁଲ କରିଛ ବୋଲି ? ସେତେବେଳେ କ'ଣ କରିବ ?

ମୃଣ୍ମୟ ସଂକ୍ଷିପ୍ତ ସ୍ୱରରେ କହିଲା : ସେତେବେଳେ ଯା' ଭଲ ଭାବିବା କରିବା ।

ଚନ୍ଦ୍ରନାଥ ଚୁପ । ମନ ଭିତରେ ଅରଣ୍ୟର ନିର୍ଜନତା । ସବୁ ପ୍ରଶ୍ନ, ସବୁ ଯୁକ୍ତି ଭାସିଗଲା ଯେମିତି ମୃଣ୍ମୟର ପିଲାଳିଆ ଉତ୍ତରର ଲୁଣିଆ ଢେଉରେ । କିଛିକ୍ଷଣ ଚୁପ ରହି ପଚାରିଲେ : ସମାଜ ? ସମାଜ ମାନିବ କେବେ ?

ମୃଣ୍ମୟର ପାଖରୁ ଯେଉଁ ଉତ୍ତରଟି ପାଇବେ ବୋଲି ସେ ଜାଣିଥିଲେ, ପାଇଲେ । ମୃଣ୍ମୟ କହିଲା : ସମାଜ ଫମାଜ ମୁଁ ମାନେ ନା ।

ଏଥର ଶିମିଳି ତୁଳାର ବାଗ ଫାଟିପଡ଼ି ବାହାରି ହୋଇଗଲା : ତୁ ନ ମାନିଲେ ସମାଜ ମାନିବ ?

ମୃଣ୍ମୟ ଏଥର ମୁହଁ ଉଠାଇ କହିଲା, ଦୃଢ଼ତା-ଶକ୍ତ ହୋଇ : ସମାଜ ମୋର କ'ଣ କରିବ ?

ଭବିଷ୍ୟତରେ ତୋର ପୁଅଝିଅଙ୍କର କେଉଁଠି ବାହାଦେବୁ ଭାବି ଦେଖିଛୁ ? ସେମାନେ ଶେଷରେ ତୋତେ ହିଁ ନିନ୍ଦିବେ ।

ମୃଣ୍ମୟର ମୁହଁରେ ସେମିତି ହସଟିଏ ଲାଗି ରହିଛି । ହସୁଛି କି ? କେଜାଣି । କହିଲା : ନିନ୍ଦିଲେ ବା । ନିନ୍ଦନ୍ତୁ ।

ରକ୍ତର ସମ୍ପର୍କରେ ବାହାଘର ହେଲେ ପୁଅଝିଅମାନେ ରୋଗିଣା ହେବେ ।

: ହେଲେ ହେବେ ।

ଏଥର କ୍ଲାନ୍ତ ହୋଇ ଶେଷ ଅସ୍ତ୍ର ଛାଡ଼ିଲେ ଚନ୍ଦ୍ରନାଥ । କହିଲେ : ତୁ ତେବେ ଜାଣିଶୁଣି ଆତ୍ମଘାତୀ ହେବାକୁ ବସିଛୁ ।

ମୃଣ୍ମୟ ଉତ୍ତରଦେଲେ : ହେଲେ ହେଲା ବା ।

ଚନ୍ଦ୍ରନାଥ ଗମ୍ଭୀର ସ୍ୱରରେ କହିଲେ ? ପସ୍ତେଇବୁ ଜୀବନରେ ।

ଜହ୍ନ ପୁଣି ମେଘ ପଛରେ । ଅନ୍ଧାରୁଆ କୁହୁଡ଼ି ଉପରେ ଝୁଲିରହି ମୃଣ୍ମୟ କହିଲା କିଏ ପସ୍ତେଇନି ଜୀବନରେ ? କିଏ ? କୁହ ତ ? ଜୀବନଟା ତ ଅର୍ଥହୀନ ଅର୍ଥହୀନ ବୋଲି ସମସ୍ତେ ଏତେ କହୁଚନ୍ତି । ଜୀବନରୁ କେହି କିଛି ପାଆନ୍ତି ନାହିଁ । ଯିଏ ଯା' ପାଏ ସେ ସବୁ ତା'ପାଖରେ ମୂଲ୍ୟହୀନ । ବଞ୍ଚିରହି କେହି ମନୁମେଣ୍ଟ ହୋଇ-ଯାଏ ନା କେବେ । ତମେ କୁହ, ତମ ଜୀବନରେ ତମେ ସବୁ ପାଇଛ ? ଜୀବନଟା ତମ ପାଖରେ ଅର୍ଥହୀନ ନୁହଁ ? ତେବେ କିଆଁ ଏତେ ହିସାବ ନିକାଶ ? ତେବେ କିଆଁ ଏତେ ଭବିଷ୍ୟତର ଚିନ୍ତା ?

ଚନ୍ଦ୍ରନାଥର ମନେହେଲା, ପାଖରେ ଝୁଲୁଥିବା ମୃଣ୍ମୟର ଗଳା ଯେମିତି ଭାସି ଆସୁଛି ବହୁତ ଦୂରରୁ । ମୃଣ୍ମୟ ଯେମିତି ବହୁତ ଦୂରେଇ ଯାଉଛି ତାଙ୍କ ପାଖରୁ । ବହୁତ ବହୁତ ବହୁତ ଦୂରକୁ । ସେ ହାତ ବଢ଼େଇଲେ । ମୃଣ୍ମୟ କାହିଁ ? କେଉଁଠି ସେ ?

ରାତି ଅଧରେ ନିଦ ଭାଙ୍ଗିଗଲା ଚନ୍ଦ୍ରନାଥଙ୍କର । ଛଅଫୁଟ ବାଇ ପାଞ୍ଚ ଫୁଟର ଛୋଟିଆ ତକ୍ତପୋଷରେ ମୃଣ୍ମୟ ସାଙ୍ଗରେ ଆଡ଼ଜଷ୍ଟ କରି ଶୋଇଥିଲେ ସେ । ନୂଆଜାଗାରେ ଭଲ ନିଦ ହେଲାନି । ପାଗ୍ରର ନରମ ପରି ଭଳି ସୁଖ କିଛିକୁ ଘେରି-ବସିଛି ଆଜିର ବୟସ । ଏତେ ସଙ୍କୀର୍ଣ୍ଣ ଜାଗାରେ ଶୋଇ ପାରୁନାହାନ୍ତି ।

ସେ ବାହାରକୁ ଆସିଲେ । ଆକାଶର ନୀଳ ଟେବୁଲରେ ଜହ୍ନ ଗୋଟେ ପେପର ୱେଟ୍ ପଥର । ଶୀତୁଆ ରାତି ଫିସ୍ ଫିସ କରି କାନ୍ଦି ଉଠୁଛି । ଚନ୍ଦ୍ରନାଥ ଅନୁଭବ କଲେ ତାଙ୍କ ଛାତି ଭିତରେ କେଉଁଠି କାନ୍ଦଣା ଝରିପଡ଼ୁଛି । କି କାନ୍ଦଣା ସେ ? ଅସହାୟତା ?

ହୋଟେଲରୁ ଖାଇ ଫେରିଲାବେଳେ ମୃଣ୍ମୟ ପଚାରିଥିଲା—ମାଉ'ମାନଙ୍କର ଘରକୁ ଯିବେ କି ନାହିଁ ବୋଲି । ସେ ଟାଳି ଦେଇଥିଲେ ସକାଳେ ଯିବେ କହି ।

ସଞ୍ଜୁ ଓ ନୀତା କେତେ ବଡ଼ ହୋଇଯାଇଥିବେ ଯେ ? ଷୋଳ ସତର ବର୍ଷ ତଳେ ସେ ଦେଖିଥିଲେ ସେମାନଙ୍କୁ ଗ୍ରେଟିଆ ଗ୍ରେଟିଆ ପିଲା ଭାବରେ । ନୀତା ତ ଚଡ଼ିଟିଏ ପିନ୍ଧି ଲଙ୍ଗଳା ହିଁ ଘୁରି ବୁଲୁଥିଲା । କେତେ ବଡ଼ ହୋଇଗଲାଣି କେଜାଣି ।

ସେଇ ଜହ୍ନରାତିରେ ମୃଣ୍ମୟୀର ମେମ୍ ସମା କୂଅମୂଳରେ ଠିଆ ହୋଇ ସେ ହୂରେଇଗଲେ ଅତୀତ ଅଙ୍କରୁ ଶୁଣ୍ଡି ଶୁଣ୍ଡି ଗୋଟେ ନ ସଙ୍ଗୀନର ସ୍ମୃତିଥର ହସିଲା । ଛୁଣ୍ଡା ଛୁଣ୍ଡା ସ୍ମୃତିର ଟୁକୁରାସବୁ ଘରକଟିଆ ଭଳି ମନର ଘର ଭିତରକୁ ଆସି ପୁଣି ଫୁର କରି ଉଡ଼ିଗଲେ । ପୁଣି ଆସିଲେ ପୁଣି ଗଲେ । ତାଙ୍କର ମନେ-ପଡ଼ିଲା କଲେଜ କରିଡ଼ରର ସେଇ ଝିଅଟି କଥା । କେତେ ଅପାଉଣା ପ୍ରତିଶ୍ରୁତି ରହିଗଲାଣି ତା' ସ୍ମୃତି ଭିତରେ । ଏସବୁ ଏମିତି ରହିଥିବ ସବୁଦିନ ପାଇଁ ଅପାଉଣା ହୋଇ ? ବେଳେ ବେଳେ ଗୃଢନୀ ରାତିରେ ବାହାରି ଆସି ମନ ତଳରୁ ଗୋଧୂଳି ପବନରେ ତାଙ୍କୁ ଅସହାୟ କରି ଦେଇଯିବ ।

ସେ ଫେରିଆସିଲେ ଘର ଭିତରକୁ ଟାଣିଦେଇ ସନ୍ ଇମୋସନ୍ । ପ୍ରେମ ପ୍ରେମ ସବୁ ମାୟା । ବ୍ୟଥାର କୌଣସି ନିଜସ୍ୱ ବ୍ୟଥା ଅଛି କି ? କଲେଜ କରିଡ଼ରର ପ୍ରତିଶ୍ରୁତିମୟୀ ସେ ଝିଅଟିକୁ ପାଇ ସେ ଆଉ କ'ଣ ବେଶୀ ସୁଖରେ ରହନ୍ତେ ଯେ ? ସେ ପ୍ରକୃତିସ୍ଥ ହେଲେ ଓ ସ୍ମୃତିକୁ ଟାଣି ଫିଙ୍ଗିଦେଲେ । ସ୍ମୃତି ତ ସୀସା ଭଳି, ଖାଲି ସ୍ମୃତି ଭାରି କରି ଯନ୍ତ୍ରଣାରେ ଅସ୍ଥିର କରିବ ।

କିନ୍ତୁ ହଠାତ୍ ମୃଣ୍ମୟୀକୁ ଦେଖି ଥମକିଗଲେ । ତା'ର ନିଦୁଆ ମୁହଁରେ ସେଇ ଅଦ୍ଭୁତ ହସଟିକିକ ଲାଗି ରହିଛି, ଯେଉଁଟା ଦେଖିଥିଲେ ସେ ସନ୍ଧ୍ୟାବେଳେ, ଲାଇଟପୋଷ୍ଟ ତଳେ । ଏଇ ମୃଣ୍ମୟୀ ତ ସେଦିନ ବି ଛୋଟ ପିଲାଟିଏ ଥିଲା—ଅତି କଅଁଳ ପିଲା । ସମୟ କେତେ ଶୀଘ୍ର ଗଡ଼ିଯାଉଛି—ଏକ୍ସପ୍ରେସ ଟ୍ରେନ ଭଳି ତରତର ହୋଇ ।

ସେ ବସିପଡ଼ିଲେ ମୃଣ୍ମୟୀ ପାଖରେ । ତା'ର ମୁଣ୍ଡ ଆଉଁସିଦେଲେ । ତାଙ୍କ ସ୍ମୃତି ଭିତରର ବନ୍ଧ ଭାଙ୍ଗିଲେ । ଅଦ୍ଭୁତ ମମତାର ଝରଣା ଝରୁଛି ମନରୁ । ସେ ଅସହାୟ । ଭୀଷଣ ଅସହାୟ । ମୃଣ୍ମୟୀ ଯେମିତି ଆତ୍ମହତ୍ୟା କରିବାକୁ ଧାଇଁଯାଉଛି ତାଙ୍କ ଆଖି ଆଗରେ ଅଥଚ ସେ ପଥର ହୋଇଯାଇଛନ୍ତି । ଧାଇଁଯାଇ, ହାତ ବଢ଼ାଇ ତାକୁ ଅଟକାଇ ରଖି ପାରୁନାହାନ୍ତି ।

ସେ ମୃଣ୍ମୟୀର କାନପାଖକୁ ନଇଁପଡ଼ି କହିଲେ : ଜୀବନଟା ବାଉଁଶ ଚଢ଼େ ଭଳି ଫମ୍ପା ହୋଇପାରେ, କିନ୍ତୁ ହାଲୁକା ନୁହଁ । ତୁ ବି ଦିନେ ବୁଝିବୁରେ, ପ୍ରେମ ପ୍ରେମ ବୋଲି କିଛିନାହିଁ । ଅଥଚ—

ଅଥଚ ? ତା'ପରେ କ'ଣ କୁହାଯାଇପାରେ ? ସେ ଭାବ ପାରିଲେ ନାହିଁ । ଏଇ 'ଅଥଚ' ଶବ୍ଦରେ ହିଁ ଯେମିତି ବଞ୍ଚି ରହିବାର ସବୁ ସତ୍ୟ ଲୁଚି ରହିଛି । ସେ ସତ୍ୟକୁ କିଏ ଜାଣେ ? କିଏ ଜାଣିଛି ? କିଏ ?

ଆମ ଗଳ୍ପକୁ ଏଇଠି ବନ୍ଦ ରଖାଯାଇପାରେ, ପାଠକଗଣ ଜୀବନଟା ତ ବଡ଼ ବହୁତ ବଡ଼ । ଗୋଟିଏ ଗାଳ୍ପିକ କେତେ ଆଉ ଧାଇଁପାରିବ ଜୀବନ ପଛେ ପଛେ ? କେଉଁଠି ନା କେଉଁଠି ତ ଅଟକିବାକୁ ପଡ଼ିବ । କାଲି ସକାଳ ହେଲେ ହୁଏତ ଚନ୍ଦ୍ରନାଥ ଯିବେ ନୀତାମାନଙ୍କ ଘରକୁ । ନୀତା ହୁଏତ ଆସି ପ୍ରଣାମ କରିବ । ସଞ୍ଚୟିତା ହୁଏତ ଟାଇପ ଶିଖି ଫେରୁଥିବ । କହିବ : ମାମୁଁ, ଦି'ପହରରେ ଭାତ ଖାଇକି ଯିବ । ଚନ୍ଦ୍ରନାଥ ହୁଏତ ମନା କରିବେ । ନବନୀତା ହୁଏତ କହିବ : ମାମୁଁ ଆମକୁ ଭୁଲିଗଲେଣି । ମାମୁଁ ବଡ଼ ଲୋକ ।

ହୁଏତ— ।

ଏମିତି ଜୀବନ ବିତିବ, ସମସ୍ତେ ବିତିବ । କିନ୍ତୁ ଏ ତ ଜୀବ । ଜୀବନ ତ ଧରାବନ୍ଧା ଫର୍ମୁଲା ନୁହଁ ଯେ କୌଣସି ନିର୍ଦ୍ଦିଷ୍ଟ ପରିଚ୍ଛେଦ ଆଡ଼କୁ ଆଗେଇ ଯାଇ କ୍ଲାଇମେକ୍ସରେ ପହଞ୍ଚି ଅଟକି ଯିବ ? ଜୀବନର କୌଣସି କ୍ଲାଇମେକ୍ସ ନାହିଁ । ତେଣୁ ଏଇଠି ହିଁ ଆମେ ଅଟକିଗଲେ, ବନ୍ଧୁଗଣ ଆପଣଙ୍କର କିଛି ଆପତ୍ତି ଅଛି କି ?

ଆମେ ଜାଣୁ, ସଞ୍ଚୟିତା ଅବିନାଶଙ୍କର, ଅବିନାଶ ନବନୀତାର, ନବନୀତା ମୃଣ୍ମୟର, ମୃଣ୍ମୟ ଚନ୍ଦ୍ରନାଥଙ୍କର ଘରର ବାହାରେ ଠିଆହୋଇ ରହିଛନ୍ତି । ସମସ୍ତେ ପରସ୍ପରର ଘରର ଦୁଆର ବାହାରେ ଅଟକି ଯାଇଛନ୍ତି । ଅନ୍ୟର ଘର ଭିତରକୁ ପଶିବାକୁ ପ୍ରତ୍ୟେକ ନାରାଜ । ସମସ୍ତେ ନିଜ ନିଜ ଜାଗାରେ ଠିକ୍ ବୋଲି ଭାବୁଛନ୍ତି । ସେମାନେ ସମସ୍ତେ ଏମିତି ଠିଆହୋଇ ରହିଥିବେ ନିଜ ନିଜ ଜାଗାରେ, ପରସ୍ପରର ଘର ବାହାରେ, ଯୁଗ ଯୁଗ ଧରି । କିନ୍ତୁ ଦୁଃଖ କରିବାର କିଛି ନାହିଁ, ଭାଇମାନେ, ଜୀବନଟା ହିଁ ଏମିତି । ଏମିତି ବିଚିତ୍ର । ଏମିତି ବିଚିତ୍ର ଜୀବନ ଗଡ଼ିଆସିଛି ଯୁଗ ଯୁଗ ଧରି । ଜୀବନର ସବୁ ସ୍ଥିତିଶୀଳତା ଅନତିକ୍ରମଣୀୟ । ପ୍ରଶ୍ନାତୀତ । ପରସ୍ପରର ଘରର ଏକୁଟିଆ ବନ୍ଦ ବାହାରେ ଠିଆହୋଇ ଯୁଗ ଯୁଗ ଧରି ମଣିଷ ବଞ୍ଚିଆସିଛି । ବଞ୍ଚି ରହିବ । ବି । ତ୍ରି । ଘୋ ।

# କାଦମ୍ବରୀ

### ଶ୍ରୀ ଦାଶ ବେନହୁର

ବୋଧହୁଏ ସେ ଜନ୍ମହେବା ପରଠାରୁ ବୋଉର ବ୍ୟକ୍ତିଗତ କୋହଳା ଜୀବନଟିରେ ବାରମ୍ବାର ଗଣ୍ଠି ପଡ଼ି ଆସିଲା । ନିଜସ୍ୱ ସମସ୍ତ ସମୟ ବୋଉର ଅନ୍ୟଗତ ହେଲା । ନିର୍ଦ୍ଦିଷ୍ଟ ହୋଇଗଲା । ଖୋଲା ଫୁଲଫାଙ୍କିଆ ମାଆ ମନଟି ତା'ର ଏକ ବିଶେଷଭାବେ ନିର୍ଦ୍ଦିଷ୍ଟ ବାଧ୍ୟ ଅଭ୍ୟାସରେ ବାନ୍ଧି ହୋଇଗଲା । ମାଆ ହେଲା ପରେ ପ୍ରତ୍ୟେକ ନାରୀର ଅଧିକାଂଶ ସମୟ ସନ୍ତାନଗତ ହୁଏ । ତଥାପି ତା' ଭିତରେ ବି ଟିକେ କୋହଳାଭାବ ଥାଏ, ଟିକେ ସ୍ୱାଧୀନତା ଥାଏ । କିନ୍ତୁ କାଦମ୍ବରୀର ଜନ୍ମ, ବୋଉର ସେଇ ସ୍ୱାଧୀନତା ଟିକକ ମଧ୍ୟ ଛଡ଼େଇନେଲା ।

ଅଭ୍ୟାସଗତ ତତ୍ପରତା ନେଇ ବୋଉ ମୋର ରାତି ପାଞ୍ଚଟାରୁ ଉଠିପଡ଼େ । କି ବର୍ଷା, କି ଶୀତ; ସବୁ ସମୟରେ ତା'ର ସେଇ ରାତିପାଞ୍ଚଟା । ତତ୍ପର ଦେହଟିରୁ ନିଦ ଝାଡ଼ିଦେଇ, ସେଇ ଅସହଜ ତନ୍ଦ୍ରିଳ ସମୟଟିରେ ସେ ଶେଯରୁ ଉଠିଯାଏ । ମୋତେ ଚିଡ଼ମାଡ଼େ ତା'ର ଏଇ ଜବରଦସ୍ତ ଅଭ୍ୟାସଟି ପାଇଁ । ଶୋଇବାର ସେଇ ସକାଳୁଆ ରାଜକୀୟ ମୁହୂର୍ତ୍ତଟିକୁ ନଷ୍ଟକରିଦେବାରେ ସେ ଯେ କି ଆନନ୍ଦ ପାଏ, ମୁଁ ବୁଝି-ପାରେନା । କିନ୍ତୁ ବ୍ରତକଲାଭଳି ବୋଉ ସେଇ ନିଦଗୁହ୍ଣା ସମୟଟାରେ ହିଁ ଉଠେ । ଏଇ ଉଠିବାର ଅଭ୍ୟାସ ବୋଧେ କାଦମ୍ବରୀ ବୋଉକୁ ଶିଖେଇଥିଲା । ବାଧ୍ୟ କରିଥିଲା । ତେଣୁ ଅପତ୍ୟତାର ବାଧ୍ୟତାରେ ବୋଉ ଉଠିପଡ଼ୁଥିଲା ବୋଲି ମୁଁ ନିଜକୁ ନିଜେ ସଫେଇ ଦଉଥିଲି । କିନ୍ତୁ ସେଇ ବାଧ୍ୟତାଟିକୁ ବୋଉ ନିଜେ ସୃଷ୍ଟି କରିଥିଲା ଖାସ୍ କାଦମ୍ବରୀ ପାଇଁ । ଏଇମିତି ପ୍ରତିଦିନର ପ୍ରଥମ ଜୀବନ, ବୋଉ କାଦମ୍ବରୀ ପାଇଁ କିଛି ନିଦର ନୈବେଦ୍ୟରେ ଆରମ୍ଭ କରୁଥିଲା ।

ଶେଯରୁ ଉଠିପଡ଼ି ବୋଉ ଘରସାରା ବାଣ୍ଟି ହୋଇପଡ଼େ । ଅଗଣାରେ ଗୋବରପାଣି ପକା, ଗୋରୁଙ୍କ ପାଇଁ ଆହାର ଉଷୁଆଁ, ବାସନ ମଜା, ଦାଅଁ ଘର ଲିପା ଆଦି ସବୁକାମରେ ସେ ଯେମିତି ଗୋଟିକପରେ ଗୋଟିଏ ପାହାଚ ଓହ୍ଲେଇ ଯାଏ । ତା'ର ନିଜର ଦାନ୍ତ ଘଷିବା, ଝାଡ଼ାଯିବା ଓ ଗାଧୋଇବାରେ ଯେ କିଛି ସମୟ ଖର୍ଚ୍ଚ ହୁଏ, ସେକଥା ମୁଁ ଅନୁମାନ କରିପାରେନା ଅନ୍ୟ ସମସ୍ତଙ୍କର ସେଇ କାମଗୁଡ଼ାକ ପାଇଁ ଖର୍ଚ୍ଚ ହେଉଥିବା ନିଜପଣିଆଁ ଟା ତା'ପାଖରେ କେମିତି ନଥାଏ କେଜାଣି ?

ବୋଉର ଏଇ ପାହାଚ ପରେ ପାହାଚ ତରତର କାମରେ ମଧ୍ୟ ତା'ର କାନଟି କାନ୍ଦୁଣୀ ପାଖରେ ଲାଗି ରହିଥାଏ । କାଲେ କାନ୍ଦୁଣୀ ଉଠିପଡ଼ିବ ? କାମ ପରେ କାମକୁ ବାଣ୍ଟି ହୋଇଯିବାର ଘରଣୀପଣିଆଁ ବୋଉର କାନ୍ଦୁଣୀ ପ୍ରତି ଦୃଢ଼ ସଚେତନତାର ଅଧସ୍ତନ ହୋଇଯାଇଥିଲା ଯେମିତି । କାନ୍ଦୁଣୀ କାଲେ ଶେଯରୁ ଉଠି ପଡ଼ିବ, ତେଣୁ ବୋଉ, ଅନେକ ଆଗରୁ ଶେଯରୁ ଉଠିପଡ଼ି କାନ୍ଦୁଣୀର ସେବାପାଇଁ ନିଜକୁ ପ୍ରସ୍ତୁତ କରି ଦେଇଥାଏ ।

ମୁଁ ସବୁ ଦିନ ଶେଯରୁ ଉଠିଲାବେଳକୁ, ଶୋଇବା ପୂର୍ବରୁ ଯେଉଁ ସତେଜ ତତ୍ପର ବୋଉଟିକୁ ଦେଖିଥାଏ, ସେଇ ବୋଉଟିକୁ ପୁଣି ଦେଖେ । ଦିନ ଦିନ ଧରି, ଯୁଗ ଯୁଗ ଧରି ସେଇ ଅପରିବର୍ତ୍ତିନୀୟାକୁ ।

ଘରର ଏବଂ ନିଜର ଧାରାବାହିକ କାମଗୁଡ଼ିକ ସରିଯିବାରେ, ବୋଉ କାନ୍ଦୁଣୀକୁ ଉଠେଇ ଦିଏ । ଦିନେ ଦିନେ ସେ ଗାଧୋଇ ସାରି ଆସୁ ଆସୁ, କାନ୍ଦୁଣୀ ଶେଯ ଉପରେ ଶୋଇ ରଡ଼ି କରିବା ଆରମ୍ଭ କରି ଦେଇଥାଏ । ସାମାନ୍ୟ କଥାରେ ରଡ଼ି କରିବାପାଇଁ ଚୁକ୍ତିକରି, ବୋଧେ ସେ ଜନ୍ମ ହୋଇଥିଲା । ଛୋଟ ପିଲାମାନଙ୍କର ସରଳ ନିଷ୍ପାପ ହସଟିଏ, କାନ୍ଦୁଣୀ ଓଠରେ ମୁହୂର୍ତ୍ତିକ ପାଇଁ ଝୁଲିଯିବାର ମଧ୍ୟ ମୁଁ କେବେ ଦେଖିନି । ସବୁବେଳେ ତା'ର ସେଇ କାନ୍ଦ । ଉହୁ ଉହୁ ବିକଳ କାନ୍ଦ । କାନ୍ଦର ଭୀଷଣ ନଈବଢ଼ିଟିଏ ବିସ୍ତାରି ଦେଇ, ସେ ତା'ର ଅନୁଯୋଗ, ଆବଶ୍ୟକତା ଓ ସ୍ଥିତିକୁ ସବୁବେଳେ ସାବ୍ୟସ୍ତ କରୁଥିଲା । ସେଥିପାଇଁ ଜେଜେବାପା, ତାର ନାଁ ଦେଇଥିଲେ କାନ୍ଦୁଣୀ । ତା'ର ବୟସ ବଢ଼ିବା ପରେ ମଧ୍ୟ ଭଲ ନାଁଟିଏ ଦେବା ପାଇଁ କେହି କେବେ ଭାବି ନାହାନ୍ତି । ପ୍ରକୃତରେ ଆବଶ୍ୟକତା ମଧ୍ୟ ପଡ଼ି ନ ଥିଲା । ଛୋଟ ଭଉଣୀ ବା ଛୋଟ ଭାଇକୁ କାଖରେ ଧରି କମ୍ପା ଦେହରେ ଜଡ଼ାଇ ଭାଇପଣିଆର ବୋ'କଟିଏ ତା' ଗାଲରେ ଅଜାଡ଼ି ଦେବାର ବଳବତୀ ଇଚ୍ଛାଟିକୁ, ମୋତେ କାନ୍ଦୁଣୀର ସେଇ ଅସରା ଅସରା କାନ୍ଦର ହାବୁକା ଯୋଗୁଁ ଦୂରେଇ ରଖିବାକୁ ପଡ଼ିଥିଲା । ତାକୁ କାଖରେ ଧରିବାର ସାହସ ମୋର ସେଥିପାଇଁ ସବୁବେଳେ ପରାହତ । କାନ୍ଦୁଣୀ ଖାଲି କାନ୍ଦେନି ତ ; ସତେ ଯେମିତି କାନ୍ଦର ଛନଛତର ଖଣ୍ଡି ଆଖୋବରା ରକ୍ତଛିଟା ପାଖଆଖରେ ବିଞ୍ଚାଡ଼ି ଦିଏ । କାନ୍ଦ ଥିଲା, କାନ୍ଦୁଣୀର ଜନ୍ମଗତ ଅସମ୍ଭବ ରୋଗଟିଏ । ରାମାୟଣର ନାଭିଦୈତ୍ୟ, ତା ମା' ପେଟରେ ଥାଇ ଖାଇବାକୁ ମାଗିଲାପରି, କାନ୍ଦୁଣୀ ବୋଧେ ବୋଉର ପେଟ ଭିତରୁ ରଡ଼ି କରିବା ଆରମ୍ଭ କରି ଦେଇଥିଲା ।

ଘରେ କାନ୍ଦୁଣୀର ଏଇ ଉତୁଆଣି କାନ୍ଦ କେହି ସହିପାରନ୍ତି ନି । ସମସ୍ତେ ଚିଡ଼ି ଚିଡ଼ି ହୁଅନ୍ତି । ହେଲେ ବୋଉ ସହେ । ହାବୁଡ଼ ତା'ର ତୀକ୍ଷ୍ଣ ଅଣ୍ଟାରେ

ଜୀମୂତବାହନକୁ ଖୁର୍ମି ଗଲାପରେ, କାନ୍ଦୁଖିର କାନ୍ଦ, ନିଶ୍ଚିତଭାବରେ ବୋଉକୁ ଛିନଭିନ୍ କରି ପକାଉଥିବ । କିନ୍ତୁ ବୋଉ ନିଶ୍ଚଳ । ସବୁବେଳେ ତା'ର ସେଇ ଅନାଗ୍ରସ୍ତ ମ'ଉଳା ମୁହଁ । ସେଇ ଆଦୁରା ସ୍ୱୀକୃତି । ସବୁବେଳେ ସେଇ ପୁରୁଣା ଚାଲିରେ ଚାଲି । କିଛି ବିକାର ନାହିଁ । ଆଁ ଉଁର ଉଃ ଶବ୍ଦଟିଏ ବି ନାହିଁ । କାନ୍ଦୁଖି କାନ୍ଦର ଉହ ଉହ ଝାମୁ ଗୀତରେ ବୋଉ ତା'ର ସେଇ ଅପ୍ରତିହତ କାମରେ ସବୁବେଳେ ତତ୍ପର ଥାଏ । କାନ୍ଦୁଖିର କାନ୍ଦ; କାନ୍ଦୁଖିର ବିକଳ ସ୍ଥିତି ଯେମିତି, କିଛି ଘଟୁନ । ସବୁ ଯେମିତି ଶୁଭଙ୍କର ।

କାନ୍ଦୁଖିକୁ ଦୁଇ ବରଷ ହେଲାବେଳକୁ, ଜଣାପଡ଼ିଯାଇଥିଲା ଯେ, ସେ କଥା କହି ପାରିବ ନାହିଁ, ତା'କୁ କିଛି ଶୁଭୁନି । ପୁଣି କିଛିଦିନ ପରେ ଜଣାପଡ଼ିଲା, ସେ ଚାଲିବାକୁ ବି ଅକ୍ଷମ । ଅଣ୍ଟାଠାରୁ ଉପରକୁ ଠିକ୍ ଶାରୀରିକ ବୃଦ୍ଧି ହେଉଥିବାବେଳେ, ତା'ର ଗୋଡ଼ ଯୋଡ଼ିକ ସେମିତି ଦୁଇଟା ସଜନା ଛୁଇଁଭଳି ଲମ୍ବି ରହିଥିଲା । ସେଥିରେ ମୋଟେ ମାଂସ ଲାଗୁ ନ ଥିଲା । ସବୁବେଳେ ସେ ମୁଣ୍ଡଟାକୁ ଏପଟ ସେପଟ କରି ଗଡ଼ାଏ । ମୁଣ୍ଡ ଗଡ଼ାଇବା ଓ ଅସମ୍ଭବ ତାଳରେ କାନ୍ଦିବା ଥିଲା, ତା'ର ଦୁଇଟି କାମ । ବାପା ତାକୁ ଦେଖିଲେ, ତାଙ୍କର ମୁହଁ ଶୁଖିଯାଏ । ତାଙ୍କର ବାପପଣିଆର କଳିଜା ଚିରିପଟେ ଅସହାୟତା ଘୁଡ଼େଇ ହୋଇଯାଏ । କାନ୍ଦୁଖିକୁ ଧରିବା ପାଇଁ ସେ କେବେ ହାତ ବଢ଼ାନ୍ତି ନାହିଁ । ତା'ଜନ୍ମ ପରଠାରୁ ବାପାବୋଧେ ତାଙ୍କ ଅଜାଣତରେ ହାରି ଯାଇଥିବାଭଳି, ନିଜ ଭିତରେ ନିଜେ ସଙ୍କୁଚିତ ହୋଇ ଯାଇଥିଲେ । କାନ୍ଦୁଖି ଭଳି ଜନ୍ମ ଅଭାଗୀ ଝିଅର ବାପ ହେବାରେ ଦୁର୍ଭାଗ୍ୟରେ, ବାପଙ୍କ ଜୀବନର ସଫଳତା ନିଶ୍ଚିତଭାବରେ ଚୂର୍ଣ୍ଣ ହୋଇଯାଇଥିଲା । ସେ ଥୁଣ୍ଟା ହୋଇଯାଇଥିଲେ, ଏଇ କାନ୍ଦୁଖିସ୍ଥ ଝଡ଼ ବତାସରେ ।

ଆମ ଘରେ କାନ୍ଦୁଖିକୁ କେହି ଧରନ୍ତି ନି । ତା'କଥା କେହି ବୁଝନ୍ତି ନି । କେବଳ ବୋଉ ବୁଝେ । ତା'କୁ ଚାରି ବରଷ ହେଲାବେଳକୁ, ବୋଉର ବରାଦରେ କାନ୍ଦୁଖି ପାଇଁ ବାପା ଗୋଟିଏ ଝୁଲୁଣି ଚଉକି ତିଆରି କରେଇ ଆଣିଥିଲେ । ଝାଡ଼ା ଯିବା, ଗାଧୋଇବା ଓ ଶୋଇବା ସମୟତକ ଛଡ଼ା, କାନ୍ଦୁଖି ଅଣ୍ଟାରେ ଗୋଟିଏ କନାର ପଟି ବାନ୍ଧି ତା'କୁ ସେଇ ଝୁଲୁଣି ଚଉକିଟିରେ ବାନ୍ଧି ଦିଆଯାଇଥାଏ । ସବୁବେଳେ ସେ ସେଇ ଚଉକିଟିରେ ବସି ଏପଟ ସେପଟ ଝୁଲୁଥାଏ । ତା'କୁ ଅସୁବିଧା ଲାଗିଲେ କିମ୍ବା ତାର କିଛି ଦରକାର ହେଲେ; ଯଥା: ଝାଡ଼ାଯିବା, ପରିସ୍ରା କରିବା, ଖାଇବା, ଶୋଇବା ଦରକାର ପଡ଼ିଲେ, କାନ୍ଦୁଖି କାନ୍ଦର ଅସମ୍ଭବ ଧମକରେ ତା'ର ଆପତ୍ତି ଜଣାଏ । ଯଦି କେହି ନ ଶୁଣନ୍ତି, ତେବେ କାନ୍ଦୁଖି ତାର ହାତ ଦୁଇଟାକୁ କାମୁଡ଼ିକରି, ଲହୁ ଲୁହାଣ କରିଦିଏ । ସମୟ ସମୟରେ ମୁଣ୍ଡ

ବାଲ ବି ଛିଣ୍ଡାଇ ପକାଏ । ସେଥିପାଇଁ ଅଧିକାଂଶ ସମୟରେ ବୋଉ, ତାର ପାଖେ ପାଖେ ଥାଏ ।

କାନ୍ଦୁଣୀର ଆତ୍ମଘାତୀ ସ୍ଥିତିଟାକୁ ସମ୍ଭାଳିବା ପାଇଁ ବୋଉ ଯେ କି କଷ୍ଟ ପାଉଥିଲା, ଦେଖିଲେ ମୋ ମନ ଦୁଃଖରେ ଟପୁଆ ହୋଇଯାଏ । ମୁଁ ଭାବୁଥିଲି, ବୋଉର ସୁଖଟା କ'ଣ ? ଏତେ କଷ୍ଟରେ ବି, ସେ କାନ୍ଦୁଣୀ କାନ୍ଦୁଣୀ ହେଉଛି । କାନ୍ଦୁଣୀ ଉପରେ ବୋଉ କେବେ ରାଗେନା, ତା ବିରୁଦ୍ଧରେ ଆପତ୍ତି କରେନା; ଓଲଟି ନିଜେ କାନ୍ଦେ । ନିଜର ମାତୃତ୍ୱକୁ ନିନ୍ଦା କରେ, ନିଜର ପେଟକୁ ଗାଳିଦିଏ । ବୋଉର ଏ ଅବସ୍ଥା ଦେଖି ମୋତେ ଭୀଷଣ କଷ୍ଟ ଲାଗେ । କାନ୍ଦୁଣୀ ଉପରେ ମୋର ଘୃଣା ବଢ଼ିଯାଏ । ଏ ଚଣ୍ଡାଳୁଣୀଟା ମରି ଯାଆନ୍ତା କି ? ନିଜେତ କାନ୍ଦି କାନ୍ଦି ପ୍ରତି ମୁହୂର୍ତ୍ତରେ ମରୁଛି; ଅନ୍ୟକୁ ମଧ୍ୟ, ମଲା ସମାନ କଷ୍ଟ ଦେଉଛି । ମତେ ଲାଗେ ବୋଉ ତାର ସମସ୍ତ ସ୍ୱାସ୍ଥ୍ୟ, ସମସ୍ତ ମାତୃତ୍ୱକୁ ଜଳାଞ୍ଜଳି ଦେଇ ଗୋଟିଏ ଶବକୁ ଜଗି ବସିଛି । କାନ୍ଦୁଣୀର ଏଇ ଜୀଅନ୍ତା ଶବଟିକୁ ।

କାନ୍ଦୁଣୀ ପ୍ରତି ଅତ୍ୟଧିକ ଦୟା ଯୋଗୁଁ, ବୋଉ ଆମମାନଙ୍କ ପାଖରୁ ଦୂରେଇ ଯାଉଥିଲା । ସବୁବେଳେ କାନ୍ଦୁଣୀର ସେଇ ଜୀଅନ୍ତା ଶବଟା ବୋଉର ସରଳ ସମଗ୍ରତାକୁ ଆମଠାରୁ ଛଡ଼େଇ ନେଇ, ନିଜେ ପୋଷି ପୋଷି ଆଚମନ କରି ଚାଲିଥିଲା । ଆମମାନଙ୍କର ବୋଉ ସମ୍ପର୍କିତ ସବୁଯାକ ବାତ୍ସଲ୍ୟ ସୁସ୍ଥତାକୁ ତା'ର କାନ୍ଦର ଲହୁ ଲହୁ ଜିଭରେ ଚାଟି ଯାଉଥିଲା । ଏଇଥିପାଇଁ ବେଳେବେଳେ ପ୍ରତିବାଦର ବିଷ, ମୋ ଭିତରେ ଫଣା ଟେକୁଥିଲା । କିନ୍ତୁ ପ୍ରତି ଥର ବୋଉ ପାଖେଇ ଆସି, ଗାଲରେ ଚୁମ୍ବା ମୁଣ୍ଡରେ ହାତ ମାରିଦେଲେ ସେ ଫଣା ମଉଳିଯାଏ । ତା' କାନିର ପେଣ୍ଡି ଭିତରେ ମୁଣ୍ଡ ଗୁଞ୍ଜି ସେଇ ଅଭିମାନିଆ ମୁହୂର୍ତ୍ତିକ ଶୋଇଯିବା ପାଇଁ ମନ କଳ କଳ ହୋଇପଡ଼େ ।

କାନ୍ଦୁଣୀ ଜନ୍ମହେବା ପରଠାରୁ, ନିଶ୍ଚିତ ଭାବରେ ବୋଉ ଆମ ଭାଇଭଉଣୀମାନଙ୍କଠାରୁ ଟିକିଏ ଦୂରେଇଯାଇଥିଲା । ଆମେ ସମସ୍ତେ ଅସ୍ଥିରେ, ପଞ୍ଜରାରେ, ମାଂସରେ, ରକ୍ତରେ ଏ କଥାଟି ସତ ବୋଲି ଅନୁଭବ କରୁଥିଲୁ । ଘରର ନିହାତି ଦରକାରୀ କାମଗୁଡ଼ିକ କରି ସାରିବା ପରେ, ସାଧାରଣଭାବେ ଆମମାନଙ୍କ ପାଇଁ ତା'ର ଯେଉଁ ସମୟଗୁଡ଼ିକ ଖର୍ଚ୍ଚ କରିବାର କଥା, ସେ ସମୟଗୁଡ଼ିକ କାନ୍ଦୁଣୀ ପାଇଁ ବୋଉ ପୁରା ଖର୍ଚ୍ଚ କରିଦେଉଥିଲା । ବୋଉର ଏ ପକ୍ଷପାତିତା ପାଇଁ ମୁଁ ଅନେକ ଅଭିମାନ କରିଛି, ରୁଷିଛି । ଆହତ ହେବାବେଳେ, ମୁଁ ଅନ୍ଧାରୁଆ କୌଣସି ଏକ ବଖରା ଭିତରେ ପଶିଯାଇ ଆଖିରେ ଲୁହ ଟେଳାଇ, ମନେ ମନେ ବୋଉକୁ ଅନେକ ଗାଳି କରିଛି ।

କହୁଛି : "ଖାଲି ଏକୁଟିଆ ଇଏ ବୋଉ ହେଇଚି । ଆଉ କେହି ଯେମିତି ବୋଉ ହେଇ ନ ହାନ୍ତି ! ଟୁକୁନା ବୋଉ, ଟୁକୁନା ରୁଷିଲେ କେମିତି ଗୋଡ଼ରେ ବସେଇ ଖୁଆଇ ଦିଏ । ଇଆର କିନ୍ତୁ ସବୁବେଳେ କାନ୍ଦୁଣୀ । ଅମକୁ ଟିକିଏ ପଚାରୁନି ।" ହେଲେ ମନରେ ଯେତେ ରାଗିଲେ ବି, ମୁଁ ବୋଉ ମୁହଁରେ କିଛି କହିପାରେ ନା । ରାଗିବାର କିଛି ସମୟ ପରେ ହୋଇଗଲେ ମତେ ଲାଗେ ଯେମିତି ମୋର ସବୁ ଭୁଲ୍ । ବୋଉର କିଛି ଦୋଷ ନାହିଁ । ସେ କେବେ ବସି ରହୁନାତ ? ସବୁବେଳେ କିଛି ନା କିଛି କାମରେ ଲାଗିଚି । ଦାଣ୍ଡପଟରୁ ବାଡ଼ିପଟକୁ ଦଉଡୁଚି । ବୋଉର ଏ ଖଟଣୀ, ମୋ ମନ ଭିତରେ କେମିତି ଏକ ବୁଝିପାରିବାର ବୁଦ୍ଧି ସୃଷ୍ଟି କରିଦିଏ । ଖରାଦିନେ ଦ୍ୱିପହରରେ ସମସ୍ତେ ଶୁଅନ୍ତି । ହେଲେ ବୋଉ ଶୁଏନା । ଶୋଇବାକୁ ସମୟ ପାଏନା । ଏଇମିତି ଅନେକ କଥା । ମୋ ବୟସର ପ୍ରତିଟି ଆଗୁଆ ପାଦର ତାଲସହ ବୋଉର କାନ୍ଦୁଣୀ ପ୍ରତି ମମତା ମୋ ନିକଟରେ ଅଧିକରୁ ଅଧିକ ମହତ୍ତ୍ୱ ହୋଇ ଉଠୁଥିଲା ।

କିନ୍ତୁ ଭଉଣୀ ହେଲେବି, ତା' ପ୍ରତି ମୋର ମମତା ଜାଗେନା । ମୁଁ ତା'ପାଇଁ ଦୁଃଖ କରିପାରେ ନା । କାହିଁକି ବା କରନ୍ତି ? ଅନ୍ୟ ସାଙ୍ଗସାଥୀମାନଙ୍କ ଘରେ ସେମାନଙ୍କର ବୋଉମାନଙ୍କୁ ଖୁସିଗପ ହେବାର, ବୁଲିବାର, ସିନେମା ଥିଏଟର ଯିବାର ଦେଖିଲାବେଳେ ଘରକୁ ଫେରି ମୁଁ ଦେଖେ କୌଣସି କାମର ଓଜନଟିଏ ପିଠିରେ ପକେଇ ବୋଉ ମୋର ନିସ୍ତେଜ ମୁହଁରେ ସେମିତି ପାଦ ଓଟାରୁଛି । ଦିନଟାକର ଅଧିକାଂଶ ସମୟରେ ସେ ସେଇ କାନ୍ଦୁଣୀ କାମରେ ଲାଗିଛି । ତା' ଗୁଅ, ମୂତ ଲୁଗାପଟା ସଫା କରିବା, ଖୁଆଇବା, ପିଆଇବା, ଶୁଆଇବା ଇତ୍ୟାଦି ଇତ୍ୟାଦି । ସେଥିପାଇଁ ବୟସ ମତେ ବୁଝିଆ କରିବା ସଙ୍ଗେ ସଙ୍ଗେ ବେଶୀ ବେଶୀ ଦୁଃଖୀ ମଧ୍ୟ କରି ଦେଉଥିଲା ।

ବର୍ଷକରେ ଥରେ ଅଧେ ବାପଘରକୁ ଯିବାପାଇଁ ପ୍ରତ୍ୟେକ ବିବାହିତା ସ୍ତ୍ରୀ ଚାହେଁ । ଶ୍ୱଶୁର ଘର ଆପଣାର ଘର ହେଲେ ବି ବାପଘରକୁ ଛାଡ଼ି ହୁଏନା । ରକ୍ତର ପ୍ରେମ ସମ୍ପର୍କଟିକୁ ଛିଣ୍ଡାଇ ହୁଏନା । ତେଣୁ ବୋଉ ମଧ୍ୟ ମାମୁଁ ଘରକୁ ପ୍ରତିବର୍ଷ ପ୍ରାୟ ମାସେ ଲେଖାଏଁ ଯାଉଥିଲା । କିନ୍ତୁ କାନ୍ଦୁଣୀର ଜନ୍ମ ପରଠାରୁ ସେ ଆଉ ମାମୁଁ ଘରକୁ ଯାଇ ପାରିଲା ନି । ମାମୁଁ ଘର ସମ୍ପର୍କର ନଚକେତାଟିକୁ ବୋଉ କାନ୍ଦୁଣୀର ଜୀବନଯଜ୍ଞରେ ଉତ୍ସର୍ଗ କରିଦେଇଥିଲା । ମାମୁଁ ଘରକୁ ଯିବାପାଇଁ ଯେତେବେଳେ ଡାକରା ଆସେ ସେ କହେ "କାନ୍ଦୁଣୀକୁ ଛାଡ଼ି କେମିତି ଯିବି ? ତାକୁ ବି ତ ସାଙ୍ଗରେ ନେଇ ହବନି ।" ଏଇ କାନ୍ଦୁଣୀ ଯୋଗୁଁ, ବୋଉ ଆଉ କେବେ ମାମୁଁ ଘରକୁ ଯାଇପାରିଲା ନି । ତା'କୁ ଗାଈକାଠ ପରି ଗଳାରେ ପକାଇ ସେ ପଡ଼ି ରହିଲା ।

ବାପା ବୋଉଙ୍କର ସସାସ୍ତ ସମ୍ପର୍କରେ ମଧ୍ୟ କାନ୍ଦୁରୀଯୋଗୁଁ ଅନେକ ଝଡ଼ ସୃଷ୍ଟି ହୋଇଥିଲା । ଏହି ଝଡ଼ରେ କିନ୍ତୁ ବୋଉ କେବେ ହାରିଯାଇନି । ସବୁବେଳେ ନିପୁଣାପରି, ସବଳ ଆନ୍ତରିକଭାବରେ ନିଜର ଶକ୍ତି ଓ ସାମର୍ଥ୍ୟକୁ ଖଟାଇ ସେ ପ୍ରତିରୋଧ କରିଛି । ପେଙ୍ଗୁଇନ, ବରଫର ବିସ୍ତୀର୍ଣ୍ଣ ପଡ଼ିଆ ଉପରେ ନିଜର ପାଦର ଉପରି ଭାଗରେ ଅଣ୍ଡାଟିକୁ ଥାପି, ଉଷୁମ ଦେଇ, ନିଜେ ସକଳ ଯନ୍ତ୍ରଣା ସହିଲାଭଳି, ବୋଉ ସବୁ ଦୁଃଖକୁ ନିଜ ଭିତରକୁ ଟାଣି ନେଉଥିଲା ।

କାନ୍ଦୁରୀର ଖାଦ୍ୟ ଥିଲା କେବଳ କ୍ଷୀର । ସେ ନିଜ ହାତରେ କିଛି ଖାଇ ପାରେନା । ପୁଣି, ତା'ର ପିଲାଦିନର ଅଭ୍ୟାସଯୋଗୁଁ ତା'କୁ କ୍ଷୀର ଛଡ଼ା ଅନ୍ୟ କିଛି ଖାଇବାକୁ ଦେଲେ ତା'ର ପେଟ ଫାମ୍ପେ, ବାରି ବିକୃତ ବାହାରେ । ତେଣୁ ସବୁବେଳେ ତା'ର ଖାଦ୍ୟ ଥିଲା କେବଳ କ୍ଷୀର । ଆଠ ବରଷର ହେବାବେଳକୁ ସେ ଦିନକରେ ଚାରି ଲିଟର କ୍ଷୀର ପିଇ ଦେଉଥିଲା । ଘରେ ଆମର ଗାଈ ଥାଆନ୍ତି । ତେଣୁ କିଛି ଅସୁବିଧା ହୁଏ ନାହିଁ । କିନ୍ତୁ ହଠାତ୍ ସେଇ ବର୍ଷ ସବୁ ଗାଈଯାକ ପଡ଼ିଆ ହୋଇଗଲେ । ଘରେ ଆଉ କ୍ଷୀର ଦୁହାଁ ହେଲାନାହିଁ । ସେଥିପାଇଁ କ୍ଷୀର କିଣି କାନ୍ଦୁରୀକୁ ଦେବାକୁ ହେଲା । ପ୍ରତିଦିନ ଚାରି ପାଞ୍ଚ ଲିଟର କ୍ଷୀର କିଣିବା ଆମର ଦୁର୍ବଳ ମଧ୍ୟବିତ୍ତ ପରିବାର ପକ୍ଷରେ କଷ୍ଟକର ହୋଇପଡ଼ିଲା । ଏଇ କଷ୍ଟଟା ବାପାଙ୍କ ମୁହଁରେ ଦିନେ ଖସି ନେଲା । ସେ ବୋଉକୁ କହିଲେ, "କାନ୍ଦୁରୀକୁ ଏଥର ଚାଉଳ ପାୟସ କରି ଖୁଆଅ । ଭାତ ଡାଲିରେ ତାକୁ ଆସ୍ତେ ଆସ୍ତେ ଅଭ୍ୟସ୍ତ କର । ଆଉ କେତେଦିନ ତା'କୁ ଏମିତି ଖାଲି କ୍ଷୀରରେ ଚଳାଇବା । ପୁଣି ଆଜିକାଲି ତ କ୍ଷୀର କେତେ ମହଙ୍ଗା ହେଉଛି । ସବୁବେଳେ କ୍ଷୀର କିଣି କ'ଣ ଖୁଆଇ ହେବ ?" ବାପାଙ୍କର ଏଇ କଥାରେ ବୋଉ ସେଦିନ ଖୁବ୍ ଆହତ ହୋଇଥିଲା । କଥା କହୁ କହୁ ସେ କଇଁ କଇଁ ହୋଇ ଅନେକ କାନ୍ଦିଥିଲା । କହିଥିଲା, "ତମର କେତେଆଡ଼େ କେତେ ଟଙ୍କା ଖର୍ଚ୍ଚ ହେଉଛି । ଜନ୍ମରୁ ତ ସେ ହତଭାଗୀ । ଭଲ ଥିଲେ ତା'ପାଇଁ ଜାମାପଟା, ସ୍କୁଲ ଯିବା, ପଢ଼ିବା ଖେଳିବାରେ କେତେ ଖର୍ଚ୍ଚ ହେଉ ନ ଥାନ୍ତା ? ସବୁବେଳେ ଖାଲି ପଡ଼ିରହିଛି ବୋଲି ତା' ଖାଇବାଟା ତମକୁ ଦିଶୁଛି । ମୁଁ ଅଲକ୍ଷଣୀ ତ ଏମିତି ତାକୁ ହୀନମାନ କରି ଜନ୍ମ ଦେଇଛି, ତାର ଦୋଷ କଣ ? ତାକୁ ଜନ୍ମ କରିବା ପୂର୍ବରୁ ମୁଁ ମରି ନ ଗଲି ଯାହା । ତମ ଗୋଡ଼ ଧରୁଚି, ଏମିତିଆ କଥା କେବେ ଆଉ କହିବ ନି; ଯାହା ଖର୍ଚ୍ଚ ହେଉଚି ପଛେ ହେଉ ।" କେଡ଼େ କାରୁଣ୍ୟପୂର୍ଣ୍ଣ ଏ ବୋଉର ସମ୍ପର୍କ ! କେତେ ଆଶ୍ୱାସନାମୟ ସ୍ୱର ପରିଧି !

ମୁଁ ପାଖରେ ଠିଆ ହୋଇଥିଲି । ବୋଉର ଏ କଥା ସହ କାନ୍ଦ ମତେ ଖୁବ୍ ବିକଳ କରି ପକେଇଥିଲା । ମୁଁ ଅନୁଭବ କରିଥିଲି, ମୋ ଦେହସାରା ରକ୍ତ

ବଦଳରେ ଯେମିତି ଲୁହ ଭରିଯାଉଛି । ବୋଉର ସେଇ ପେଟ ଲୁହରେ ମୁଁ ଭରି ହୋଇ ଯାଇଥିଲି । ଧନ୍ୟ ମୋର ବୋଉ ! ଧନ୍ୟ ତା'ର ମାଆ ପଣିଆ ! ଭଗବାନ କରନ୍ତୁ, ଜନ୍ମେ ଜନ୍ମେ ମତେ ଏଇ ବୋଉ ମିଳୁ । ବିଶେଷକରି, କାନ୍ଦୁଅପରି ପ୍ରତ୍ୟେକ ଅଭାଗିନୀ ଝିଅଙ୍କୁ ଏମିତିଆ ବୋଉ ମିଳୁଥାଆନ୍ତୁ । ମୋର ମନେ ପଡୁଥିଲା, କୋଉଠି ଗୋଟେ ପଢିଥିଲି, "ଭଗବାନ ସବୁ ଜାଗାରେ ସବୁବେଳେ ଉପସ୍ଥିତ ରହି ପାରିବେ ନ ବୋଲି ଏଇ ବୋଉ ଜାତଟାକୁ ସୃଷ୍ଟି କରିଛନ୍ତି ।"

ବୋଉର ସେଇ କଥା ଶୁଣିବା ପରେ, ବାପା ଆଉ ପଦେ କଥା କହି-ନାହାନ୍ତି । କାନ୍ଦୁଅର କ୍ଷୀର ପିଇବା ମଧ୍ୟ କେବେ ବନ୍ଦ ହୋଇନାହିଁ ।

କାନ୍ଦୁଅର ବୟସ ବଢ଼ିଲା, କିନ୍ତୁ ତା'ର ଆଉ କିଛି ଶାରୀରିକ ଉନ୍ନତି ହେଲା ନାହିଁ । ବୟସ ତା' ପାଖରେ ହାରି ଯାଇଥିଲା କି, ସେ ବୟସ ପାଖରେ ହାରିଯାଇ ଥିଲା କେଜାଣି ? ହେଲେ ଜୀବନକୁ ଓ ଜୀବନର ସ୍ଥିତିକୁ ମ୍ଳାନପ୍ରଭ କରି, ସେ ସେଇ ଝୁଲୁଆ ଚଉକିଟିରେ କେବଳ ଝୁଲି ରହିଲା । ଚଉଦ ପନ୍ଦର ବର୍ଷ ହେଲେ ମଧ୍ୟ କାନ୍ଦୁଅ, ଶୁଖୁଆ ପୋକଖିଆ ଫଳଟିଏ ପରି ସେଇ ଝୁଲୁଆ ଚଉକିଟିରେ ଲାଗି ରହି-ଥିଲା । ଖାଲି ଯାହା ଖଣ୍ଡିଆ ଝାବରା ଭଗ୍ନାକ୍ତ ସ୍ଥିତିଟିଏ । ସେଇ ସ୍ଥିତି ଆମ ପରିବାରର ଠିକ୍ ମଝି ଯାଗାରେ ଆସ୍ଥାନ ମାଡ଼ି ବସିଥିଲା । ଆମ ପରିବାରର ସ୍ୱତଃ କୋଳାହଳ ଓ ସୁଖଶାନ୍ତି ଭିତରେ କାନ୍ଦୁଅ ଦୁଃଖ ଯନ୍ତ୍ରଣାର ନିରବଚ୍ଛିନ୍ନ ହାଣ୍ଡୁଆ ଘଣ୍ଟିଟିଏ ପିଟି ଚାଲିଥିଲା ବୋଧେ ।

ଠିକ୍ ପନ୍ଦରବର୍ଷ ବେଳକୁ, କାନ୍ଦୁଅ ଦେହର ହାଡ଼ସବୁ ମିଳେଇ ଯିବାକୁ ଲାଗିଲା । ହାଡ଼ ଭିତର ସବୁ ଫମ୍ପା ହୋଇଗଲା । ତା'ର ଦେହଗତ ଶେଷ ହାଡୁଆ ସ୍ଥିତିଟିକୁ ମଧ୍ୟ ଭଗବାନ ଅସ୍ୱୀକାର କରିବାକୁ ଆରମ୍ଭ କରିଦେଲେ । ଦିନ ପରେ ଦିନ ସେ ସଙ୍କୁଚିତ ହୋଇ ଆସିଲା ଗୋଟିଏ ମାଉଁସ ମେଞ୍ଚାକୁ । ସେଇ ବୟସରେ, ଯୌବନର ଜୁଆର ବଦଳରେ ମୃତ୍ୟୁର ବର୍ତ୍ତିପିକା ତା' ଦେହରେ ଦୋହଲିବାକୁ ଲାଗିଲା । କାନ୍ଦୁଅର ଏ ଅବସ୍ଥା ଘରେ ସମସ୍ତଙ୍କର ମନରେ ଏକ ହତାଶିଆ ବିକଳତା ବୁଣି ଦେଇଥିଲା । ସେ ଦିନକୁ ଦିନ ଘୃଣ୍ୟ ହୋଇଯାଇଥିଲା । ତା' ମରଣ ପାଇଁ ଅସ୍ପଷ୍ଟ ମାଗୁଣୀଟିଏ ଯେମିତି ସମସ୍ତଙ୍କ ଅନ୍ତରରେ, ଏକ ଅଜାଣତ ଅନିବାର୍ଯ୍ୟ ହୋଇଯାଇ-ଥିଲା । ପ୍ରତି ମୁହୂର୍ତ୍ତରେ ବୋଧେ ସମସ୍ତେ କାନ୍ଦୁଅ ମୃତ୍ୟୁର ସତ୍ୟଟିକୁ ବାଟ ଚାହିଁ ବସିଥିଲେ ।

କିନ୍ତୁ ବୋଉ ଏ ସବୁର ବାହାରେ ଥିଲା । ସବୁବେଳେ ବୋଉ ଯେମିତି ଏକ ଅଲୌକିକ ପରିବର୍ତ୍ତନକୁ ଅପେକ୍ଷା କରିଥିଲା । ସେ ଭାବୁଥିଲା କାନ୍ଦୁଅ ବୋଧେ ଏକ

ସାମୟିକ ଭୋଗରେ ସନ୍ତୁଷ୍ଟ ହୁଏଁ ଘରେ ସବୁଦିନ ସେ ମୁଣ୍ଡପିଟି ମାଗୁଣୀ କରେ, ହେ ଭଗବାନ ମୋ କାଦମ୍ବରୀଟିକୁ ଭଲ କରିଦିଅ । ପ୍ରତିଦିନ ଔଷଧ ପାନେ କାଦମ୍ବରୀ ପାଟିରେ ପୂରେଇ ଦେଲାବେଳେ ବୋଉ ମନକୁ ମନ କହେ, ଖାଇଦେ ମୋ ସୁନାଟା ପରା, ଭଲ ହୋଇଯିବୁ । ଅନ୍ୟ ସମସ୍ତେ କାଦମ୍ବରୀର ମୃତ୍ୟୁକୁ ପ୍ରଚ୍ଛନ୍ନ ଭାବେ ଅପେକ୍ଷା କରିଥିବାବେଳେ ବୋଉ କାଦମ୍ବରୀର ଭଲ ହୋଇଯିବାର ସମ୍ଭାବନାକୁ ଦୃଢ଼ ବିଶ୍ୱାସର ସହ ଅପେକ୍ଷା କରିଥିଲା । ତା'ର ଏଇ ଗୋଟିକ ବୋଲି ଝିଅକୁ ମାଆ ହିସାବରେ ଶଙ୍ଖ ହୁଲହୁଲି ଭିତରେ ବିଦାକରିବାର ସମ୍ଭାବନାଟିକୁ ବୋଉ ଅପେକ୍ଷା କରିଥିଲା ମଧ୍ୟ । ମାଆ ଭାବରେ ସେଇ ବିଦାୟଟିକୁ ହିଁ ସେ ଅପେକ୍ଷା କରିଥିଲା, ଅନ୍ୟ କେଉଁ ଆଶଙ୍କିତ ବିଦାୟ ନୁହେଁ ।

ଶାରୀରିକ ସଙ୍କୋଚନ ସତ୍ତ୍ୱେ କାଦମ୍ବରୀର କାନ୍ଦ ସଙ୍କୁଚିତ ହୋଇ ନ ଥିଲା । ବରଂ ଆହୁରି ଅଧିକ ଅନ୍ତରଭେଦୀ ହୋଇ ଯାଇଥିଲା । ଅଧିକ ଅସହ୍ୟ ହୋଇ ଉଠି-ଥିଲା । ଶେଷକୁ ଏବେ ଏବେ ବୋଉ ନିଜକୁ ନିଜେ ବିରକ୍ତ ହୋଇ ପଡ଼ାଉଥିଲା; "ତୁ ମଲେ ନ ଖାଇ ଛାଡ଼ିବୁନି । ଏମିତି କାନ୍ଦ କାନ୍ଦ, ମୋ ହାଡ଼କୁ ମାଉଁସ ମଧ୍ୟ ତୁ ଝଡ଼େଇ ଦବୁ । ତୋ ସହ ମୁଁ ମରିଗଲେ ହାଡ଼ ପାଇଯାଆନ୍ତି । ଭଗବାନ ମୋ ଡାକ କାହିଁକି ଶୁଣୁନାହାନ୍ତି କେଜାଣି ?" ମୁଁ ବୁଝୁଥିଲି, ବୋଉର ଏ ବିରକ୍ତି, କେବଳ ତା' ଦେହର, ମନର ନୁହେଁ । ମଣିଷ ହିସାବରେ ଏକ ସାମୟିକ ବିରକ୍ତି, କିନ୍ତୁ ମାତୃତ୍ୱର ବିରକ୍ତି ନୁହେଁ । କାରଣ ସେଇ ବୋଉ ହିଁ ସମୟ ସମୟରେ କାଦମ୍ବରୀର ମୁଣ୍ଡ କୁଣ୍ଡେଇ ଦେଇ, ଆଖିରେ କଜ୍ଜଳ ଦେଇସାରି କହି ପକାଉଥିଲା, "ମୋ କାଦମ୍ବରୀଟିର ଚାହାଣି ଖୁବ୍ ସୁନ୍ଦର ।"

ସେଇ ବର୍ଷ ମୁଁ ଗାଁ ପାଖ ସରକାରୀ କଲେଜରେ ଅଧ୍ୟାପକ ଭାବେ ଯୋଗ ଦେଇଥାଏ । ସକାଳ ସାଢ଼େ ନଅଟାରେ ଘରୁ ଯାଇ ସନ୍ଧ୍ୟା ସାଢ଼େ ପାଞ୍ଚଟାକୁ ଘରକୁ ଫେରେ । ଦିନେ ଏଇମିତି ଫେରୁଚି, ଏଇ ସମୟରେ ବୋଉର ଛାତିଫଟା କାନ୍ଦଣା ଶୁଣିବାକୁ ପାଇଲି । ବେକ ଛୁଞ୍ଚିଯାଇ ରକ୍ତ ପିଚ୍ ପିଚ୍ ଛୁଟିକି ଆସିବାପରି, ବୋଉର ସମଗ୍ର ସତ୍ତାରୁ ସେ ବିକଳ କାନ୍ଦଣା ଛୁଟିକି ଆସୁଥିଲା । ମୁଁ ହତଭମ୍ବ ହୋଇଗଲି । ପ୍ରଥମେ କିଛି ବୁଝିପାରିଲି ନି । ବହୁଦିନରୁ ଅପେକ୍ଷା କରାଯାଇଥିବା ଏକ ନିଶ୍ଚିତ ମୃତ୍ୟୁର ସତ୍ୟତା ପ୍ରତିପାଦନରେ ଯେ ବୋଉ ଏତେ ବିକଳ ହୋଇ କାନ୍ଦିପାରେ, ସେ ଧାରଣା ମୁଁ କରିପାରି ନ ଥିଲି । କାଦମ୍ବରୀ ମରି ସାରିଥିଲା । ତା କାନ୍ଦର କୋଳାହଳ ବନ୍ଦ ହୋଇ ସାରିଥିଲା ।

ବୋଉ କାଦମ୍ବରୀର ସେଇ ମାଂସର ମେଞ୍ଚା କୁଢ଼ ଉପରେ ନିଜକୁ ସମ୍ପୂର୍ଣ୍ଣ ଅଜାଡ଼ି ଦେଇ, କାନ୍ଦର ରୋଳ ଛୁଟାଇଥିଲା, "ମୋ ଧନରେ, ନୟନର ପସରା, ଏତେ

କଷ୍ଟ କରି ତତେ ଜଗି ବସିଥିଲି, ଶେଷରେ ମତେ ଏକଲା କରି ଚାଲି ଗଲୁରେ ଧନ ! ମୁଁ ଅଭାଗିନୀ ତୋତେ ବଞ୍ଚେଇ ରଖି ପାରିଲି ନା । ତୁ ଚାଲିଯିବା ଆଗରୁ ମୋ ମାଆ-ପଣିଆକୁ ଯାହା ଆଗେ ମରଣ ହେଲାନରେ ମୋ ସୁନା !"

ଏବେ ଧନର କଷ୍ଟର ଅବସାନ ପରେ ମଧ୍ୟ ବୋଉ କାନ୍ଦୁଛି । କନ୍ଦୁରିର କାନ୍ଦମୟ ବଳକା ସ୍ଥିତିକୁ ବଞ୍ଚେଇ ରଖିପାରିଲା ନ ବୋଲି ନିଜକୁ ଧିକ୍କାର କରୁଛି । ଯେମିତି କାନ୍ଦୁରୀ ମରିବ ବୋଲି ସେ ଆଗରୁ ମୋଟେ ଜାଣି ନ ଥିଲା, କି ଭାବି ନ ଥିଲା । ସୁସ୍ଥ ସବଳ ଭେଣ୍ଡାପୁଅଟିଏ ମରିଯାଇଥିବା ପରି ବୋଉ କାନ୍ଦୁଛି ।

ଆଖିରେ ଲୁହ ସହ ମୋ ହୃଦରେ ଏକ ଅଭିଭୂତଭାବ ବଢ଼ି ଯାଉଥିଲା ! ମାତୃତ୍ୱର ସରଳ ସତ୍ୟ ଓ ନିଃସ୍ୱାର୍ଥ ସ୍ନେହ, ବୋଉର ଏଇ ଉଚ୍ଛଳ ବିକଳ କାନ୍ଦଣାକୁ, ମୋ ଭିତରେ ଅଧିକରୁ ଅଧିକ ମଜ୍ଜାଗତ ହେଉଥିଲା ।